# ଉତ୍କଳ ସମ୍ମିଳନୀ

## ୧୯୦୩-୧୯୩୬

ଦେବେନ୍ଦ୍ର କୁମାର ଦାଶ

ପ୍ରଗତି ଉତ୍କଳ ସଂଘ
ରାଉରକେଲା

# ଉତ୍କଳ ସମ୍ମିଳନୀ

[ ୧୯୦୩-୧୯୩୬ ]

## ପ୍ରଥମ ଖଣ୍ଡ

ସଂପାଦନା :

ଦେବେନ୍ଦ୍ର କୁମାର ଦାଶ

ପ୍ରଗତି ଉତ୍କଳ ସଂଘ

ରାଉରକେଲା

ଉତ୍କଳ ସମ୍ମିଳନୀ ( ୧୯୦୩-୧୯୩୬ ): ପ୍ରଥମ ଖଣ୍ଡ
ସଂପାଦକ :
ଦେବେନ୍ଦ୍ର କୁମାର ଦାଶ
ପ୍ରକାଶକ :
ପ୍ରଗତି ଉତ୍କଳ ସଂଘ
ବି/୯, ଫକୀରମୋହନ ନଗର (ସେକ୍ଟର-୭)
ରାଉରକେଲା–୭୬୯୦୦୩
ଫୋନ୍ : ୦୬୬୧-୨୬୪୦୧୪୩
ମୁଦ୍ରଣ :
ଅପ୍‌ଟିମା (ଅଫସେଟ୍) ପ୍ରିଣ୍ଟସ
ସୁତାହାଟ, କଟକ-୭୫୩୦୦୧
ପରିବେଷକ :
ଗ୍ରନ୍ଥମନ୍ଦିର,
ବିନୋଦ ବିହାରୀ, କଟକ–୭୫୩୦୦୨
ପ୍ରଥମ ସଂସ୍କରଣ : ଅକ୍ଟୋବର, ୨୦୦୫
ମୂଲ୍ୟ : ଟ ୩୦୦.୦୦

UTKAL SAMMILANI (1903-1936) : VOL.1
Editor :
Debendra Kumar Dash
Publisher :
Pragati Utkal Sangha
B/9, Fakirmohan Nagar (Sector-7)
Rourkela–769003
Phone : 0661-2640143
Printed at :
Optima (Offset) Prints
Sutahat, Cuttack–753001
Distributor :
Grantha Mandir
Binod Behari, Cuttack–753002
First Edition : October, 2005
Price : Rs.300

## କୃତଜ୍ଞତା-ଜ୍ଞାପନ

ଆଧୁନିକ ଓଡ଼ିଶାର ଜନକ ଉତ୍କଳଗୌରବ ମଧୁସୂଦନଙ୍କର 'ଉତ୍କଳ ସମ୍ମିଳନୀ' ଥିଲା ମାନସ-ସନ୍ତାନ । ଏହ ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର ଏକୀକରଣ ପାଇଁ ସେ କେବଳ ଚେଷ୍ଟା କରି ନଥିଲେ– ତାଙ୍କ ଦୃଷ୍ଟିରେ ଉତ୍କଳ ସମ୍ମିଳନୀ ଥିଲା ଓଡ଼ିଆ ଜାତୀୟତାର ଯଜ୍ଞପୀଠ । ଏହାରି ମାଧ୍ୟମରେ ଓଡ଼ିଆ ଅସ୍ମିତାବୋଧର ଜାଗରଣ ସେ କାମନା କରିଥିଲେ । ଓଡ଼ିଶାର ରାଜନୈତିକ, ଆର୍ଥନୀତିକ ଓ ସାମାଜିକ-ସାଂସ୍କୃତିକ – ସର୍ବବିଧ ବିକାଶ ପାଇଁ ପ୍ରେରଣାଭୂମି ଏହା ହୋଇପାରିବ ବୋଲି ସେ ସ୍ୱପ୍ନ ଦେଖିଥିଲେ । ସେଇଥିପାଇଁ ସମ୍ମିଳନୀକୁ ଉପଲକ୍ଷ୍ୟ କରି ସେ ଆବେଗଭରା କଣ୍ଠରେ ଗାଇଥିଲେ :

''ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ
କୋଟି ପ୍ରାଣବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ,ଭାଇ
ଡେଇଁପଡ଼ି ସିନ୍ଧୁନୀରେ ।''

(ମୁକୁର ୧୦।୭; ଅକ୍ଟୋବର,୧୯୧୫; ପୃ୨୨୨)

ଓଡ଼ିଆ ଜାତୀୟତାର ଅଭ୍ୟୁଦୟ ଓ ବିକାଶ ପ୍ରସଙ୍ଗରେ, ଓଡ଼ିଶା ପ୍ରଦେଶଗଠନର ଇତିହାସ ଅଲୋଚନା କଲାବେଳେ ବା ବିଂଶ ଶତକ ଓଡ଼ିଶାର ରାଜନୈତିକ ଇତିହାସ ରଚନା କଲାବେଳେ ଐତିହାସିକମାନେ ଉତ୍କଳ ସମ୍ମିଳନୀର ଭୂମିକା ଆଲୋଚନା ପରିସରକୁ ଆଣିଥାନ୍ତି । ଉତ୍କଳ ସମ୍ମିଳନୀକୁ କିନ୍ତୁ କେନ୍ଦ୍ରରେ ରଖି କୌଣସି ଇତିହାସଧର୍ମୀ ଆଲୋଚନା ଏପର୍ଯ୍ୟନ୍ତ କରାଯାଇନାହିଁ; ଯଦିବା କରାଯାଇଥାଏ ତାହା ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିନାହିଁ । ଏହାର ଏକ ପ୍ରମୁଖ କାରଣ ହେଲା ଉତ୍କଳ ସମ୍ମିଳନୀ ସଂପର୍କିତ ତଥ୍ୟାବଳୀ ବର୍ଗୀକୃତ ହୋଇ ଏ ପର୍ଯ୍ୟନ୍ତ ସଂକଳିତ ହୋଇନାହିଁ ।'ଉତ୍କଳ-ସମ୍ମିଳନୀ(୧୯୦୩-୧୯୩୬)'ପୁସ୍ତକରେ ପ୍ରଥମ ଖଣ୍ଡରେ ଏଭଳି ମୌଳିକ ଉପାଦାନଗୁଡ଼ିକ ବର୍ଗୀକରଣ କରାଯାଇ କାଳାନୁକ୍ରମରେ ଉପସ୍ଥାପନ କରାଯିବାର ଚେଷ୍ଟା କରାଯାଇଛି ।

ଏଭଳି ଏକ ପୁସ୍ତକର ସଂପାଦନା କରିବା ଏହି ସଂପାଦକର କଳ୍ପନାରେ ମଧ୍ୟ ନଥିଲା । 'ପ୍ରଗତି ଉତ୍କଳ ସଂଘର'ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ଶ୍ରୀଯୁକ୍ତ ବିରୂପାକ୍ଷ ପାଢ଼ୀ ପ୍ରାୟ ଅଢ଼େଇ ବର୍ଷତଳେ ଏହିଭଳି ଏକ ପ୍ରସ୍ତାବ ମୋତେ ଦେଇଥିଲେ ଓ 'ଉତ୍କଳ

ସମ୍ମିଳନୀ 'ର ଶତବାର୍ଷିକୀ ପାଳନ ଉପଲକ୍ଷ୍ୟରେ କିଛି କରିବାପାଇଁ ସେ ମୋତେ ଉତ୍ସାହିତ କରିଥିଲେ । ଅଳ୍ପଦିନପରେ ପ୍ରଗତି ଉତ୍କଳ ସଂଘର ସାଧାରଣ ସଂପାଦକ ଦାୟିତ୍ୱ ନେଲାପରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସେ ସମସ୍ତ ଚେଷ୍ଟା କରିଥିଲେ । ଶ୍ରୀଯୁକ୍ତ ପାତ୍ରୀଙ୍କ ବ୍ୟତୀତ ମୋର ଘନିଷ୍ଠତମ ବନ୍ଧୁ ତଥା ପ୍ରଗତି ଉତ୍କଳ ସଂଘର ଉପସଭାପତି ଡକ୍ଟର ଶ୍ରୀଚରଣ ମହାନ୍ତି, ସଂଘର ସଭାପତି ଶ୍ରୀଯୁକ୍ତ ଭାରତ ଭୂଷଣ ମହାନ୍ତି, ବର୍ତ୍ତମାନର ସାଧାରଣ ସଂପାଦକ ଶ୍ରୀଯୁକ୍ତ ରାଧାମୋହନ ନାୟକ ଓ ପ୍ରଗତି ଉତ୍କଳ ସଂଘର ସମସ୍ତ ସକ୍ରିୟ ସଭ୍ୟ ଓ କର୍ମକର୍ତ୍ତାଗଣ ଏଭଳି ଏକ ଗ୍ରନ୍ଥର ପ୍ରକାଶନରେ ସହଯୋଗ କରିଛନ୍ତି । ଶ୍ରୀଯୁକ୍ତ ପାତ୍ରୀ, ଡକ୍ଟର ମହାନ୍ତି, ଶ୍ରୀଯୁକ୍ତ ମହାନ୍ତି, ଶ୍ରୀଯୁକ୍ତ ନାୟକ ତଥା ପ୍ରଗତି ଉତ୍କଳ ସଂଘର କର୍ମକର୍ତ୍ତାମାନଙ୍କର ପ୍ରତିବଦ୍ଧତା ଓ ସହଯୋଗ ହେତୁ ଆଜି ଏହି ପୁସ୍ତକ ଲୋକଲୋଚନକୁ ଆସିପାରିଛି । ସେମାନଙ୍କର ସହଯୋଗ ପାଇଁ ମୁଁ ସେମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ।

ଏହି ଗ୍ରନ୍ଥର ଉପାଦାନ ବିଭିନ୍ନ ସୂତ୍ର ଓ ଉତ୍ସରୁ ସଂଗୃହୀତ । ସେଥିପାଇଁ ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ସହଯୋଗ ନ ମିଳିଥିଲେ, ଏଭଳି ଏକ ପୁସ୍ତକ କେବେ ସଂକଳିତ ହୋଇ ପାରି ନ ଥାନ୍ତା । 'ଉତ୍କଳ ସାହିତ୍ୟ ସମାଜ'ର ମଧୁସୂଦନ ପାଠାଗାରରେ ଥିବା'ଉତ୍କଳ ଦୀପିକା' 'ସମ୍ବଲପୁର ହିତୈଷିଣୀ', 'ବାଲେଶ୍ୱର ସମ୍ବାଦ-ବାହିକା','ଗଡ଼ଜାତ ବାସିନୀ', ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳ ସେବକ' ଓ 'ନୀଳାଚଳ ସମାଚାର' ଆଦି ସମ୍ବାଦପତ୍ରଗୁଡ଼ିକର ମୁଁ ସାହାଯ୍ୟ ନେଇଛି । ଠିକ୍ ସେହିଭଳି ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଥିବା 'ଉତ୍କଳ ଦୀପିକା','ସମ୍ବଲପୁର ହିତୈଷିଣୀ' ଓ 'ଆଶା' ସମ୍ବାଦପତ୍ରଗୁଡ଼ିକୁ ବ୍ୟବହାର କରିବାର ସୁଯୋଗ ମୁଁ ପାଇଛି । ସେଥିପାଇଁ ସଂପୃକ୍ତ ଅନୁଷ୍ଠାନର କାର୍ଯ୍ୟନିର୍ବାହୀମାନଙ୍କ ନିକଟରେ ମୁଁ କୃତଜ୍ଞ । ବିଶେଷତଃ ଉତ୍କଳ ସାହିତ୍ୟ ସମାଜର ଗ୍ରନ୍ଥାଗାରିକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ କର ଓ କୁମାରୀ ଲକ୍ଷ୍ମୀପ୍ରିୟା ଜେନାଙ୍କ ସାହୁଙ୍କ ସହଯୋଗ ବିସ୍ମୃତ ହେବାର ନୁହେଁ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଅଧୀନରେ ଥିବା ସଂଗ୍ରହାଳୟଟ ମଧ୍ୟ ମୁଁ ସାହାଯ୍ୟ ନେଇଛି, ସେଥିପାଇଁ ତାର ସଂରକ୍ଷକ ଧନ୍ୟବାଦର ପାତ୍ର ।

ପାରିବାରିକ ଜୀବନରେ ଏକ ସଂକଟ ମଧ୍ୟଦେଇ ଗତି କରୁଥିଲାବେଳେ ଏଭଳି ଏକ ପୁସ୍ତକର ସଂପାଦନାରେ ମୁଁ ହାତ ଦେଇଛି । ସେଥିପାଇଁ ମୋର ଗୁରୁଜନ ଓ ଅନୁଜପ୍ରତିମ ବନ୍ଧୁମାନେ ମୋତେ ସବୁପ୍ରକାର ସାହାଯ୍ୟ ନ କରିଥିଲେ, ଏହି ପୁସ୍ତକ କେବେ ସଂକଳିତ ହୋଇ ପାରନଥାନ୍ତା । ସେମାନେ ପ୍ରକୃତରେ ଏ ପୁସ୍ତକରେ ସଂପାଦକବର୍ଗ । ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ତାଙ୍କ ନିକଟରେ ଥିବା ଦୁର୍ଲଭ ଉତ୍କଳ ସମ୍ମିଳନୀର ବିବରଣୀ ସବୁ କେବଳ ଯୋଗାଇ ଦେଇ ନାହାନ୍ତି, ଆଦର ଓ

ଆତିଥ୍ୟ ଦେଇ ତାଙ୍କ ବ୍ୟକ୍ତିଗତ ପାଠାଗାର ବ୍ୟବହାରର ସୁଯୋଗ ଦେଇଛନ୍ତି । ତାଙ୍କର ସ୍ନେହ, ସୌହାର୍ଦ୍ଦ୍ୟ ଓ ସହଯୋଗକୁ କୃତଜ୍ଞତାର ଭାଷାରେ ବ୍ୟକ୍ତ କରାଯାଇ ପାରିବ ନାହିଁ । ମୋର ଅନୁଜ ପ୍ରତିମ ବନ୍ଧୁ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ, ଡକ୍ଟର ନଗେନ ଦାସ ଓ ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ଯେତେବେଳେ ମୁଁ ଯାହା ଚାହିଁଛି ତାହା ନିଜେ ହାତରେ ଲେଖି ବା ସଂଗ୍ରହ କରି ଯୋଗାଇ ଦେଇଛନ୍ତି । ସେମାନଙ୍କର ମୋ ପ୍ରତି ଥିବା ଭଲପାଇବାକୁ ଧନ୍ୟବାଦ ଦେଇ ନ୍ୟୂନ କରିବାକୁ ଚାହେଁନାହିଁ । ଡକ୍ଟର ଗୌରାଙ୍ଗ ଚରଣ ଦାଶ, ଡକ୍ଟର ଦୀପ୍ତିରଞ୍ଜନ ପଟ୍ଟନାୟକ, ଡକ୍ଟର ଲାଲାଟେନ୍ଦୁ ଦାସ ମହାପାତ୍ର, ଡକ୍ଟର ମନୋରଞ୍ଜନ ପ୍ରଧାନ, ଡକ୍ଟର ବିଜୟାନନ୍ଦ ସିଂହ ଓ ଡକ୍ଟର ସ୍ମରଣ କୁମାର ନାୟକ ପ୍ରମୁଖ ଅନୁଜପ୍ରତିମ ବନ୍ଧୁମାନେ ବିଭିନ୍ନ ସମୟରେ ସହଯୋଗର ହାତ ବଢ଼େଇଛନ୍ତି । ସେମାନଙ୍କୁ ମୋର ସସ୍ନେହ ଧନ୍ୟବାଦ । ଆଚାର୍ଯ୍ୟ ଭାବାନନ୍ଦ, ଡକ୍ଟର କୃଷ୍ଣଚରଣ ବେହେରା, ଅଧ୍ୟାପକ ରାଜକିଶୋର ମିଶ୍ର, ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତି, ଡକ୍ଟର ଗଗନେନ୍ଦ୍ରନାଥ ଦାଶ ଓ ଶ୍ରୀଯୁକ୍ତ ସୁରସିଂହ ପଟ୍ଟନାୟକ ପ୍ରମୁଖ ହିତୈଷୀ ପଣ୍ଡିତମାନଙ୍କ ସହ ଆଲୋଚନା କରି ଓ ସେମାନଙ୍କଦ୍ୱାରା ଅନୁପ୍ରେରିତ ହୋଇ ଏହି କ୍ଳାନ୍ତିକର କାର୍ଯ୍ୟ ମୁଁ କରିପାରିଛି । ସେମାନଙ୍କୁ ମୋର ବିନମ୍ର ପ୍ରଣାମ ।

ମୋର ଅନୁଜପ୍ରତିମ ସହକର୍ମୀଦ୍ୱୟ କବି ଅଧ୍ୟାପକ ସନତ ରାୟ ଓ ଡକ୍ଟର ପ୍ରଭାକର ରାଉତ କର୍ମକ୍ଷେତ୍ରରେ ଅଧିକ ଦାୟିତ୍ୱ ନେବାଫଳରେ ଗବେଷଣା ଓ ପ୍ରକାଶନ କାର୍ଯ୍ୟରେ ମୁଁ ଅଧିକ ସମୟ ଦେଇପାରିଛି । ମୋର ଅଗ୍ରଜପ୍ରତିମ ଓ ଇସ୍ପାତ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ମହାନ୍ତି କେବଳ ପ୍ରେରଣା ଦେଇନାହାନ୍ତି, ଆବଶ୍ୟକସ୍ଥଳେ ସହଯୋଗର ହାତ ମଧ୍ୟ ବଢ଼େଇଛନ୍ତି । ସେଥିପାଇଁ ସମସ୍ତଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ।

ଏହି ପୁସ୍ତକର ମୁଦ୍ରଣ ଦାୟିତ୍ୱ ନିର୍ବାହ କରିଛନ୍ତି ଅପ୍ରତିମା ଅଫ୍‌ସେଟ ପ୍ରିଣ୍ଟସ୍‌ର ପରିଚାଳକ ଶ୍ରଦ୍ଧେୟ ଶ୍ରୀମାନ ତପନ କୁମାର ମହାପାତ୍ର । ଶ୍ରୀମାନ ମହାପାତ୍ର ଯେଉଁ ଅନୁରାଗ ଓ ପ୍ରତିବଦ୍ଧତା ନେଇ'ପ୍ରଗତି ଉତ୍କଳ ସଂଘ'ର ଅଧିକାଂଶ ପୁସ୍ତକର ମୁଦ୍ରଣ କାର୍ଯ୍ୟ କରିଛନ୍ତି, ତାହାର ତୁଳନା ନାହିଁ । ଏହି ଅବସରରେ ତାଙ୍କୁ ମୋର ଅଶେଷ ଧନ୍ୟବାଦ ।

ଆଉ ଶେଷରେ ଯାହାଙ୍କ ନାମୋଲ୍ଲେଖ ନ କଲେ ଘୋର ଅନ୍ୟାୟ ହେବ, ସେ ହେଲେ ମୋର ସ୍ତ୍ରୀ ଶ୍ରୀମତୀ ଗୀତାଞ୍ଜଳି । ସେ ଘରର ସମସ୍ତ ଜଞ୍ଜାଳ ସହିତ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତା ମୋ ବୋଉର ସମସ୍ତ ଯତ୍ନନେଇ ମୋତେ ଏଭଳି କାର୍ଯ୍ୟକରିବାର ଅବସର ଦେଇଛନ୍ତି । ତାଙ୍କ ତ୍ୟାଗପାଇଁ କି ପ୍ରକାର କୃତଜ୍ଞତା ବା ଜଣାଯାଇପାରେ ?

ସମ୍ମିଳନୀ ର ଶତବାର୍ଷିକୀ ପାଳନ ଉପଲକ୍ଷ୍ୟରେ କିଛି କରିବାପାଇଁ ସେ ମୋତେ ଉତ୍ସାହିତ କରିଥିଲେ । ଅଳ୍ପଦିନପରେ ପ୍ରଗତି ଉତ୍କଳ ସଂଘର ସାଧାରଣ ସଂପାଦକ ଦାୟିତ୍ୱ ହେଲାପରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସେ ସମସ୍ତ ଚେଷ୍ଟା କରିଥିଲେ । ଶ୍ରୀଯୁକ୍ତ ପାଢ଼ୀଙ୍କ ବ୍ୟତୀତ ମୋର ଘନିଷ୍ଠତମ ବନ୍ଧୁ ତଥା ପ୍ରଗତି ଉତ୍କଳ ସଂଘର ଉପସଭାପତି ଡକ୍ଟର ଶ୍ରୀଚରଣ ମହାନ୍ତି, ସଂଘର ସଭାପତି ଶ୍ରୀଯୁକ୍ତ ଭାରତ ଭୂଷଣ ମହାନ୍ତି, ବର୍ତ୍ତମାନର ସାଧାରଣ ସଂପାଦକ ଶ୍ରୀଯୁକ୍ତ ରାଧାମୋହନ ନାୟକ ଓ ପ୍ରଗତି ଉତ୍କଳ ସଂଘର ସମସ୍ତ ସକ୍ରିୟ ସଭ୍ୟ ଓ କର୍ମକର୍ତ୍ତାଗଣ ଏଭଳି ଏକ ଗ୍ରନ୍ଥର ପ୍ରକାଶନରେ ସହଯୋଗ କରିଛନ୍ତି । ଶ୍ରୀଯୁକ୍ତ ପାଢ଼ୀ, ଡକ୍ଟର  ମହାନ୍ତି, ଶ୍ରୀଯୁକ୍ତ ମହାନ୍ତି, ଶ୍ରୀଯୁକ୍ତ ନାୟକ ତଥା ପ୍ରଗତି ଉତ୍କଳ ସଂଘର କର୍ମକର୍ତ୍ତାମାନଙ୍କର ପ୍ରତିବଦ୍ଧତା ଓ ସହଯୋଗ ହେତୁ ଆଜି ଏହି ପୁସ୍ତକ ଲୋକଲୋଚନକୁ ଆସିପାରିଛି । ସେମାନଙ୍କର ସହଯୋଗ ପାଇଁ ମୁଁ ସେମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ।

ଏହି ଗ୍ରନ୍ଥର ଉପାଦାନ ବିଭିନ୍ନ ସୂତ୍ର ଓ ଉତ୍ସରୁ ସଂଗୃହୀତ । ସେଥିପାଇଁ ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ସହଯୋଗ ନ ମିଳିଥିଲେ, ଏଭଳି ଏକ ପୁସ୍ତକ କେବେ ସଂକଳିତ ହୋଇ ପାରି ନ ଥାନ୍ତା । 'ଉତ୍କଳ ସାହିତ୍ୟ ସମାଜ'ର ମଧୁସୂଦନ ପାଠାଗାରରେ ଥିବା'ଉତ୍କଳ ଦୀପିକା' 'ସମ୍ବଲପୁର ହିତୈଷିଣୀ', 'ବାଲେଶ୍ୱର ସମ୍ବାଦ-ବାହିକା','ଗଡ଼ଜାତ ବାସିନୀ', ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳ ସେବକ' ଓ 'ନୀଳାଚଳ ସମାଚାର' ଆଦି ସମ୍ବାଦପତ୍ରଗୁଡ଼ିକର ମୁଁ ସାହାଯ୍ୟ ନେଇଛି । ଠିକ୍ ସେହିଭଳି ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଥିବା 'ଉତ୍କଳ ଦୀପିକା','ସମ୍ବଲପୁର ହିତୈଷିଣୀ' ଓ 'ଆଶା' ସମ୍ବାଦପତ୍ରଗୁଡ଼ିକୁ ବ୍ୟବହାର କରିବାର ସୁଯୋଗ ମୁଁ ପାଇଛି । ସେଥିପାଇଁ ସଂପୃକ୍ତ ଅନୁଷ୍ଠାନର କାର୍ଯ୍ୟନିର୍ବାହୀମାନଙ୍କ ନିକଟରେ ମୁଁ କୃତଜ୍ଞ । ବିଶେଷତଃ ଉତ୍କଳ ସାହିତ୍ୟ ସମାଜର ଗ୍ରନ୍ଥାଗାରିକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ କର ଓ କୁମାରୀ ଲକ୍ଷ୍ମୀପ୍ରିୟା ଜେନାଙ୍କ ସାହୁଙ୍କ ସହଯୋଗ ବିସ୍ମୃତ ହେବାର ନୁହେଁ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଅଧୀନରେ ଥିବା ସଂଗ୍ରହାଳୟଠ ମଧ ମୁଁ ସାହାଯ୍ୟ ନେଇଛି, ସେଥିପାଇଁ ତାର ସଂରକ୍ଷକ ଧନ୍ୟବାଦର ପାତ୍ର ।

ପାରିବାରିକ ଜୀବନରେ ଏକ ସଂକଟ ମଧଦେଇ ଗତି କରୁଥିଲାବେଳେ ଏଭଳି ଏକ ପୁସ୍ତକର ସଂପାଦନାରେ ମୁଁ ହାତ ଦେଇଛି । ସେଥିପାଇଁ ମୋର ଗୁରୁଜନ ଓ ଅନୁଜପ୍ରତିମ ବନ୍ଧୁମାନେ ମୋତେ ସବୁପ୍ରକାର ସାହାଯ୍ୟ ନ କରିଥିଲେ, ଏହି ପୁସ୍ତକ କେବେ ସଂକଳିତ ହୋଇ ପାରନଥାନ୍ତା । ସେମାନେ ପ୍ରକୃତରେ ଏ ପୁସ୍ତକରେ ସଂପାଦକବର୍ଗ । ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ତାଙ୍କ ନିକଟରେ ଥିବା ଦୁର୍ଲଭ ଉତ୍କଳ ସମ୍ମିଳନୀର ବିବରଣୀ ସବୁ କେବଳ ଯୋଗାଇ ଦେଇ ନାହାନ୍ତି, ଆଦର ଓ

ଆତିଥ୍ୟ ଦେଇ ତାଙ୍କ ବ୍ୟକ୍ତିଗତ ପାଠାଗାର ବ୍ୟବହାରର ସୁଯୋଗ ଦେଇଛନ୍ତି । ତାଙ୍କର ସ୍ନେହ, ସୌହାର୍ଦ୍ଦ୍ୟ ଓ ସହଯୋଗକୁ କୃତଜ୍ଞତାର ଭାଷାରେ ବ୍ୟକ୍ତ କରାଯାଇ ପାରିବ ନାହିଁ । ମୋର ଅନୁଜ ପ୍ରତିମ ବନ୍ଧୁ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ, ଡକ୍ଟର ନଗେନ ଦାସ ଓ ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ଯେତେବେଳେ ମୁଁ ଯାହା ଚାହିଁଛି ତାହା ନିଜେ ହାତରେ ଲେଖି ବା ସଂଗ୍ରହ କରି ଯୋଗାଇ ଦେଇଛନ୍ତି । ସେମାନଙ୍କର ମୋ ପ୍ରତି ଥିବା ଭଲପାଇବାକୁ ଧନ୍ୟବାଦ ଦେଇ ନ୍ୟୁନ କରିବାକୁ ଚାହେଁନାହିଁ । ଡକ୍ଟର ଗୌରାଙ୍ଗ ଚରଣ ଦାଶ, ଡକ୍ଟର ଦୀପ୍ତିରଞ୍ଜନ ପଟ୍ଟନାୟକ, ଡକ୍ଟର ଲଳାଟେନ୍ଦୁ ଦାସ ମହାପାତ୍ର, ଡକ୍ଟର ମନୋରଞ୍ଜନ ପ୍ରଧାନ, ଡକ୍ଟର ବିଜୟାନନ୍ଦ ସିଂହ ଓ ଡକ୍ଟର ସ୍ମରଣ କୁମାର ନାୟକ ପ୍ରମୁଖ ଅନୁଜପ୍ରତିମ ବନ୍ଧୁମାନେ ବିଭିନ୍ନ ସମୟରେ ସହଯୋଗର ହାତ ବଢ଼େଇଛନ୍ତି । ସେମାନଙ୍କୁ ମୋର ସସ୍ନେହ ଧନ୍ୟବାଦ । ଆଚାର୍ଯ୍ୟ ଭାବାନନ୍ଦ, ଡକ୍ଟର କୃଷ୍ଣଚରଣ ବେହେରା, ଅଧ୍ୟାପକ ରାଜକିଶୋର ମିଶ୍ର, ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତି, ଡକ୍ଟର ଗଗନେନ୍ଦ୍ରନାଥ ଦାଶ ଓ ଶ୍ରୀଯୁକ୍ତ ସୁରସିଂହ ପଟ୍ଟନାୟକ ପ୍ରମୁଖ ହିତୈଷୀ ପଣ୍ଡିତମାନଙ୍କ ସହ ଆଲୋଚନା କରି ଓ ସେମାନଙ୍କଦ୍ୱାରା ଅନୁପ୍ରେରିତ ହୋଇ ଏହି କ୍ଳାନ୍ତିକର କାର୍ଯ୍ୟ ମୁଁ କରିପାରିଛି । ସେମାନଙ୍କୁ ମୋର ବିନମ୍ର ପ୍ରଣାମ ।

ମୋର ଅନୁଜପ୍ରତିମ ସହକର୍ମୀଦ୍ୱୟ କବି ଅଧ୍ୟାପକ ସନତ ରାୟ ଓ ଡକ୍ଟର ପ୍ରଭାକର ରାଉତ କର୍ମକ୍ଷେତ୍ରରେ ଅଧିକ ଦାୟିତ୍ୱ ନେବାଫଳରେ ଗବେଷଣା ଓ ପ୍ରକାଶନ କାର୍ଯ୍ୟରେ ମୁଁ ଅଧିକ ସମୟ ଦେଇପାରିଛି । ମୋର ଅଗ୍ରଜପ୍ରତିମ ଓ ଇସ୍ପାତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ମହାନ୍ତି କେବଳ ପ୍ରେରଣା ଦେଇନାହାନ୍ତି, ଆବଶ୍ୟକସ୍ଥଳେ ସହଯୋଗର ହାତ ମଧ୍ୟ ବଢ଼େଇଛନ୍ତି । ସେଥିପାଇଁ ସମସ୍ତଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ।

ଏହି ପୁସ୍ତକର ମୁଦ୍ରଣ ଦାୟିତ୍ୱ ନିର୍ବାହ କରିଛନ୍ତି ଅପ୍ରତିମା ଅଫ୍‌ସେଟ ପ୍ରିଣ୍ଟସ୍‌ର ପରିଚାଳକ ଶ୍ରଦ୍ଧେୟ ଶ୍ରୀମାନ ତପନ କୁମାର ମହାପାତ୍ର । ଶ୍ରୀମାନ ମହାପାତ୍ର ଯେଉଁ ଅନୁରାଗ ଓ ପ୍ରତିବଦ୍ଧତା ନେଇ 'ପ୍ରଗତି ଉତ୍କଳ ସଂଘ'ର ଅଧିକାଂଶ ପୁସ୍ତକର ମୁଦ୍ରଣ କାର୍ଯ୍ୟ କରିଛନ୍ତି, ତାହାର ତୁଳନା ନାହିଁ । ଏହି ଅବସରରେ ତାଙ୍କୁ ମୋର ଅଶେଷ ଧନ୍ୟବାଦ ।

ଆଉ ଶେଷରେ ଯାହାଙ୍କ ନାମୋଲ୍ଲେଖ ନ କଲେ ଘୋର ଅନ୍ୟାୟ ହେବ, ସେ ହେଲେ ମୋର ସ୍ତ୍ରୀ ଶ୍ରୀମତୀ ଗୀତାଞ୍ଜଳି । ସେ ଘରର ସମସ୍ତ ଜଞ୍ଜାଳ ସହିତ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତା ମୋ ବୋଉର ସମସ୍ତ ଯତ୍ନନେଇ ମୋତେ ଏଭଳି କାର୍ଯ୍ୟକରିବାର ଅବସର ଦେଇଛନ୍ତି । ତାଙ୍କ ତ୍ୟାଗପାଇଁ କି ପ୍ରକାର କୃତଜ୍ଞତା ବା ଜଣାଯାଇପାରେ ?

ବହୁଚେଷ୍ଟା ସତ୍ତ୍ୱେ 'ଉତ୍କଳ ସମ୍ମିଳନୀ (୧୯୦୩-୧୯୩୬) : ପ୍ରଥମ ଖଣ୍ଡ'କୁ ମୁଦ୍ରଣ ତ୍ରୁଟିରୁ ରକ୍ଷା କରାଯାଇ ପାରିଲା ନାହିଁ । ଜଣେ ବନ୍ଧୁଙ୍କର ଅସହଯୋଗ ହେତୁ ପଞ୍ଚମ ଅଧିବେଶନର ବିବରଣୀ ପୁସ୍ତିକା ପାଇପାରିଲି ନାହିଁ । ତେଣୁ ସ୍ୱାଭାବିକ ଭାବରେ କେତେକ ଅତ୍ୟାବଶ୍ୟକ ଉପାଦାନ ସଂକଳିତ ହୋଇପାରିଲା ନାହିଁ । ସବୁ ଅପୂର୍ଣ୍ଣତା ଓ ତ୍ରୁଟି ସତ୍ତ୍ୱେ ଗ୍ରନ୍ଥଟି ଯଦି ଗବେଷକ/ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରେ, ତେବେ ମୋର ଶ୍ରମ ସାର୍ଥକ ହେଲା ବୋଲି ମନେ କରିବି ଓ ପରବର୍ତ୍ତୀ ଦୁଇଖଣ୍ଡ ସଂପାଦନା/ରଚନା କରିବାକୁ ଚେଷ୍ଟା କରିବି ।

ରାଉରକେଲା
ଶ୍ରାବଣ ପୂର୍ଣ୍ଣିମା — ଦେବେନ୍ଦ୍ର କୁମାର ଦାଶ
୧୪୧୨ସାଲ

# ସୂଚୀପତ୍ର


| | |
|---|---|
| କୃତଜ୍ଞତା ଜ୍ଞାପନ | ଗ |
| ପ୍ରକାଶକଙ୍କ ନିବେଦନ | ଙ |
| ଗ୍ରନ୍ଥ ପ୍ରବେଶ | ଡ |

## ପ୍ରଥମ ଭାଗ

| | |
|---|---|
| ପ୍ରଥମ ବିଭାଗ : ଉତ୍କଳ ସମ୍ମିଳନୀ-ପରିକଳ୍ପନା ପୃଷ୍ଠଭୂମି ଓ ପ୍ରସ୍ତୁତି | ୧ |
| ଦ୍ୱିତୀୟ ବିଭାଗ : ଉତ୍କଳ ସମ୍ମିଳନୀର ବିବରଣୀ | ୨୯ |
| ତୃତୀୟ ବିଭାଗ : ଉତ୍କଳ ସମ୍ମିଳନୀ ସଂପର୍କରେ ମତ ଓ ମନ୍ତବ୍ୟ | ୧୦୮ |
| ପ୍ରାନ୍ତ ସୂଚନା | ୧୨୯ |

## ଦ୍ୱିତୀୟ ଭାଗ

| | |
|---|---|
| ଦ୍ୱିତୀୟ ଅଧିବେଶନ | ୧୩୯ |
| ତୃତୀୟ ଅଧିବେଶନ | ୧୬୩ |
| ଚତୁର୍ଥ ଅଧିବେଶନ | ୧୮୫ |
| ପଞ୍ଚମ ଅଧିବେଶନ | ୨୦୬ |
| ଷଷ୍ଠ ଅଧିବେଶନ | ୨୧୯ |
| ସପ୍ତମ ଅଧିବେଶନ | ୨୩୫ |
| ଅଷ୍ଟମ ଅଧିବେଶନ | ୨୫୨ |
| ବିଶେଷ ଅଧିବେଶନ | ୨୭୨ |
| ନବମ ଅଧିବେଶନ | ୨୭୪ |
| ଦଶମ ଅଧିବେଶନ | ୩୦୯ |
| ଏକାଦଶ ଅଧିବେଶନ | ୩୪୦ |
| ଦ୍ୱାଦଶ ଅଧିବେଶନ | ୩୬୬ |
| ତ୍ରୟୋଦଶ ଅଧିବେଶନ | ୩୯୫ |
| ବିଶେଷ ଅଧିବେଶନ | ୪୨୧ |
| ଚତୁର୍ଦ୍ଦଶ ଅଧିବେଶନ | ୪୪୯ |
| ପଞ୍ଚଦଶ ଅଧିବେଶନ | ୫୦୦ |
| ଷୋଡ଼ଶ ଅଧିବେଶନ | ୫୨୯ |
| ପ୍ରାନ୍ତ ସୂଚନା | ୫୩୬ |

# ପ୍ରକାଶକଙ୍କ ନିବେଦନ

ସନ ୧୯୫୮ । ସ୍ୱାଧୀନ ଭାରତର ପ୍ରଥମ ଶିଳ୍ପକୋଣାର୍କ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ବୃତ୍ତି ଆରମ୍ଭ କରି, କମ୍ପାନୀରୁ ପ୍ରେରିତ ହୋଇ ଟିସ୍କୋ, ଜାମ୍‌ସେଦ୍‌ପୁରରେ ଶିକ୍ଷାନବିସ୍ ଭାବେ ବୈଷୟିକ ଟ୍ରେନିଂ ନେଉଥିଲେ ଶତାଧିକ ଓଡ଼ିଆଯୁବକ । ମାତୃଭାଷା ଓ ନିଜ ସଂସ୍କୃତି ପ୍ରତି ଗଭୀର ଶ୍ରଦ୍ଧା ଓ ଅଙ୍ଗୀକାରବଦ୍ଧତା ଥିଲା ସେମାନଙ୍କର । ହାଇସ୍କୁଲ ପାଠ୍ୟକ୍ରମରେ ଥିବା 'କବିତା ପ୍ରବେଶ'ରୁ ହୁଏତ ପଢ଼ିଥିଲେ ଉତ୍କଳଗୌରବ ମଧୁସୂଦନ ଦାସ, ସବୁରି ପ୍ରିୟ ମଧୁବାବୁଙ୍କ ରଚିତ 'ଉତ୍କଳ ସନ୍ତାନ'କବିତା । ପୁସ୍ତକାଗାର ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟ ସଂପର୍କିତ କେତେକ ବହି କିଣି ସେଇ ଓଡ଼ିଆ ସଂସ୍କୃତି-ପ୍ରେମୀ ଯୁବକମାନେ, ଅଗଷ୍ଟ ୧୫ (୧୯୫୮)ଦିନ ଆରମ୍ଭ କରିଥିଲେ ଏକ ସାଂସ୍କୃତିକ ଅନୁଷ୍ଠାନ; ନାମ– 'ପ୍ରଗତି ଉତ୍କଳ ସଂଗ' । ନିର୍ଦ୍ଧାରିତ ଟ୍ରେନିଂ ସମାପ୍ତି ପରେ କର୍ମସ୍ଥଳୀ ରାଉରକେଲାକୁ ଫେରି ଆସିଥିଲେ ସେମାନେ । ସାଙ୍ଗରେ ଗୋଟିଏ ଟିଣ ବାକ୍ସରେ ଘେନିଆସିଥିଲେ ସବୁ ବହି ଓ ଅନୁଷ୍ଠାନ ସଂପର୍କୀୟ କାଗଜପତ୍ର । ଅନୁଷ୍ଠାନକୁ ରେଜିଷ୍ଟ୍ରୀଭୁକ୍ତ କରି ଏକ କମ୍ପାନୀ କ୍ୱାର୍ଟର୍‌ସ(ଘର) ପ୍ରାପ୍ତ ହୋଇ ପୂର୍ଣ୍ଣ ପ୍ରାଣରେ ଲାଗିପଡ଼ିଥିଲେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ । ଏହାହିଁ 'ପ୍ରଗତି ଉତ୍କଳ ସଂଘ'ର ଜନ୍ମ ଇତିହାସ ।

ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ଏହି ଅନୁଷ୍ଠାନ ଓଡ଼ିଶାରେ ପ୍ରଥମକରି ପାଳନ କଲା 'ଉତ୍କଳ ଦିବସ' ୧୯୬୮ ଏପ୍ରିଲ୍ ପହିଲାରେ – ମହାସମାରୋହରେ – ଏହି ହିନ୍ଦୀଭାଷାପ୍ରଭାବିତ ଉପାନ୍ତ ସହରରେ । ତା ପରେ ଅବଶ୍ୟ ଓଡ଼ିଶା ସରକାର ଏପ୍ରିଲ ପହିଲାକୁ ଏକ ସରକାରୀ ପର୍ବଭାବେ ଗ୍ରହଣ କରିନେଲେ ଓ ଏ ଉତ୍ସବ ବ୍ୟାପିଗଲା ଓଡ଼ିଶାର ପୁରପଲ୍ଲୀକୁ । ସେତେବେଳେ ସାରା ଓଡ଼ିଶାରେ ମଧୁବାବୁଙ୍କ ବାସସ୍ଥଳୀ, ବର୍ତ୍ତମାନର ଶୈଳବାଳା ମହିଳା ମହାବିଦ୍ୟାଳୟ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନଥିଲା । ସନ ୧୯୭୬ରେ, ରାଉରକେଲାର ଷ୍ଟେସନ ଛକରେ, ଏହି ଅନୁଷ୍ଠାନ ଦ୍ୱାରା ସ୍ଥାପିତ ହେଲା ମଧୁବାବୁଙ୍କର ପୂର୍ଣ୍ଣାବୟବ ବିଶାଳ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଓ ତାହାର ସମ୍ମୁଖ ରାସ୍ତା ସରକାରୀ ଭାବେ ନାମିତ ହେଲା ମଧୁସୂଦନ ମାର୍ଗ ନାମରେ । ପାଠାଗାରର ଅଭିବୃଦ୍ଧି ସଂଗେ ସଂଗେ, ସାହିତ୍ୟ, କଳା, ନାଟକ, ପାଲା ଓ ଏପରିକି କ୍ରୀଡ଼ା ଦିଗରେ ମନୋନିବେଶ କରିଥିଲେ ଏ ଅନୁଷ୍ଠାନର ସଭ୍ୟମାନେ । ପର୍ଯ୍ୟାୟକ୍ରମେ ସଂଘ ସ୍ଥିରକଲା ମଧୁବାବୁଙ୍କର ସମଗ୍ର ବକ୍ତୃତାକୁ ଏକତ୍ରିତ କରି ପୁସ୍ତକ ଆକାରରେ ପ୍ରକାଶ କରିବ । କେତେକ ଉତ୍ସାହୀ ସଭ୍ୟଙ୍କ ଅକ୍ଲାନ୍ତ

ଉଦ୍ୟମରେ ପ୍ରକାଶିତ ହେଲା – 'Madhusudan Das : The Legislator' ପୁସ୍ତକ, ସନ ୧୯୮୦ରେ । ଏହି ସୂତ୍ରରେ ଏହି ଅନୁଷ୍ଠାନରେ ଏକ ପ୍ରକାଶନ ବିଭାଗ ସୃଷ୍ଟି ହୋଇଗଲା । ଏହା ମଧ୍ୟରେ କେତେକ ପୁରାତନ କବି/ଲେଖକଙ୍କର କେତେକ ଅପ୍ରକାଶିତ ବା ବିକ୍ଷିପ୍ତଭାବେ ପ୍ରକାଶିତ ଲେଖାସବୁ ସଂଗ୍ରହ କରି ୧୫ଟି ସଂକଳନ ପ୍ରକାଶିତ ହୋଇଛି ଏହି ପ୍ରକାଶନ ବିଭାଗ ଦ୍ୱାରା ।

ମୁଖ୍ୟତଃ ମଧୁବାବୁଙ୍କ ଦୂରଦୃଷ୍ଟି, ଦେଶାତ୍ମବୋଧ ଓ ଅଭୂତପୂର୍ବ ଏକନିଷ୍ଠ ଉଦ୍ୟମ ଯୋଗୁ ପ୍ରଥମ ଭାଷାଭିତ୍ତିକ ପ୍ରଦେଶରୂପେ ଗଠିତ ହୋଇଥିଲା ଓଡ଼ିଶା ପ୍ରଦେଶ, ସନ ୧୯୩୬ ଏପ୍ରିଲ ପହିଲାରେ । ଓଡ଼ିଶା ପ୍ରଦେଶ ଗଠନ ଓ ତା'ର ସର୍ବାଙ୍ଗୀନ କଲ୍ୟାଣ ସାଧନ ଉଦ୍ଦେଶ୍ୟରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗୋଟିଏ ମଞ୍ଚକୁ ଆଣି ବିଧିବଦ୍ଧ ଉଦ୍ୟମ କରିବା ପାଇଁ ମଧୁବାବୁ ଆରମ୍ଭ କରିଥିଲେ'ଉତ୍କଳ ସମ୍ମିଳନୀ' ୧୯୦୩ ମସିହାରେ । ଗୁଣମାନ୍ ବିପ୍ଳବ (Quality revolution) ଶିଳ୍ପ ସମୃଦ୍ଧ ଆମେରିକାରେ ଆରମ୍ଭ ହେବାପୂର୍ବରୁ କୌଣସି ବୈଷୟିକ ଶିକ୍ଷା ନଥାଇ ମଧ୍ୟ ମଧୁବାବୁ ଉତ୍କଳ ଟ୍ୟାନେରୀରେ ପ୍ରଚଳନ କରିଥିଲେ ଅଭୂତପୂର୍ବ ଗୁଣମାନ (Quality standards) । ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟରେ ଲିଡରସିପ୍ ମ୍ୟାନେଜମେଣ୍ଟର ବିଶେଷ ଶିକ୍ଷା ଲାଭ ନକରି ମଧ୍ୟ ସେ ଥିଲେ ଓଡ଼ିଆ ଜନସମାଜରେ ଅବିସମ୍ବାଦିତ ନେତା । କାରଣ ଅମୃତବଜାର ପତ୍ରିକା ଭାଷାରେ ସେ ଥିଲେ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କ ବିଶ୍ୱସ୍ତ, ସଂପୂର୍ଣ୍ଣ ସଚ୍ଚୋଟ ଓ ନିଃସ୍ୱାର୍ଥପର । ପ୍ରଥମ ଉତ୍କଳ ସମ୍ମିଳନୀରେ କୌଣସି ପଦବୀ ଗହଣ ନକରି ଆଗଧାଡ଼ିରେ ନବସି, ତଳେ ମଝି ସତରଞ୍ଜିରେ ହରିଜନମାନଙ୍କ ଗହଣରେ ବସିଥିଲେ ମଧ୍ୟ ସେ ଥିଲେ ସମ୍ମିଳନୀର ଆତ୍ମା । ସମ୍ମିଳନୀର ସଫଳତାର ଶ୍ରେୟ ତାଙ୍କୁ ଦେଇ ପ୍ରଶଂସାରେ ଶତମୁଖ ହୋଇଥିଲେ ସମସ୍ତ ପତ୍ରପତ୍ରିକା ।

ଉତ୍କଳ ସମ୍ମିଳନୀର ଶତବାର୍ଷିକୀ ଉପଯୁକ୍ତ ଭାବେ ପାଳନ କରିବାପାଇଁ ଓ ସମ୍ମିଳନୀର ଉଦ୍‌ଘାଟନ ଦିନଠାରୁ ସ୍ୱତନ୍ତ୍ର ଉତ୍‌କଳ ଗଠନ ପର୍ଯ୍ୟନ୍ତ ୩୩ ବର୍ଷର ଧାରା ବିବରଣୀର ଏକ ବିଶେଷ ସଂକଳନ ପ୍ରକାଶ କରିବାପାଇଁ ଅନୁଷ୍ଠାନ ସ୍ଥିର କଲା । ୨୦୦୩ ମସିହା ଡିସେମ୍ବର ୨୮ ତାରିଖରେ ସଂଘ ପରିସରରେ 'ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ଜାତୀୟତା' ବିଷୟବସ୍ତୁକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା; ଯେଉଁଥିରେ, ଅନ୍ୟମାନଙ୍କ ମଧ୍ୟରେ ଭାଗ ନେଇଥିଲେ ପ୍ରଫେସର ଗଗନେନ୍ଦ୍ରନାଥ ଦାଶ, ଶ୍ରୀଯୁକ୍ତ ସୁରସିଂହ ପଟ୍ଟନାୟକ, ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ଓ ଅଧ୍ୟାପକ ପ୍ରଭାତ କୁମାର ମଲ୍ଲିକ । ବର୍ଷେ ପରେ ଏହାର ପୂର୍ତ୍ତି ଉତ୍ସବ ମଧ୍ୟ ପାଳିତ ହୋଇଥିଲା । ଉତ୍କଳ ସମ୍ମିଳନୀର ଧାରା ବିବରଣୀ ବହନ କରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସଂପର୍କୀୟ ଅନେକ ମୂଲ୍ୟବାନ୍ ତଥ୍ୟ । ଏହି ଧାରା ବିବରଣୀର ପ୍ରଥମ ଖଣ୍ଡ ଏବେ ପ୍ରକାଶିତ ହୋଇଛି । ଓଡ଼ିଆ ଜାତି ଓ ଉତ୍ତର ପୁରୁଷଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧା ସହ

ଏ ପୁସ୍ତକଟିକୁ ଅର୍ପଣ କରୁଛି 'ପ୍ରଗତି ଉତ୍କଳ ସଂଘ ।' ଯେଉଁ ଅନୁଷ୍ଠାନ ଓ ବନ୍ଧୁମାନଙ୍କ ଅକୁଣ୍ଠ ସାହାଯ୍ୟ ବିନା ଆଲୋଚନାଚକ୍ର ଓ ପୁସ୍ତକ ପ୍ରକାଶନ ସମ୍ଭବ ହୋଇ-ପାରିନଥାନ୍ତା, ଏହି ଅବସରରେ ସେମାନଙ୍କ ନାମ ସ୍ମରଣ ପୂର୍ବକ ଆନ୍ତରିକ କୃତଜ୍ଞତା ଜଣାଇବା ଆମର ପରମ କର୍ତ୍ତବ୍ୟ । ପ୍ରଥମତଃ ବିଭିନ୍ନ ପାଠାଗାରକୁ ଯାଇ ସେଠାରେ ଦିନ ଦିନ ଧରି ବସି ମୂଳଲେଖାରୁ ଉପାଦାନ ସଂଗ୍ରହ କରିବାର ଦୁରୂହ କାର୍ଯ୍ୟ ସମ୍ପାଦନ କରିଛନ୍ତି ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ । ତାଙ୍କର ଗଭୀର ସାଧନା ଓ ନିଷ୍ଠା ପୁସ୍ତକର ସଂପାଦନାରେ ପ୍ରତିଫଳିତ । ସେ ଆମ ଅନୁଷ୍ଠାନର ସକ୍ରିୟ ସଭ୍ୟ, ଗର୍ବ ଓ ଗୌରବ । ତଥାପି ଅନୁଷ୍ଠାନ ତରଫରୁ ତାଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି । ସେ ଓ ତାଙ୍କର ଘନିଷ୍ଠ ବନ୍ଧୁ, ସଂଘର ଉପସଭାପତି ଅଧ୍ୟାପକ ଡକ୍ଟର ଶ୍ରୀଚରଣ ମହାନ୍ତିଙ୍କ ମିଳିତ ଉଦ୍ୟମରେ ଆମର ପ୍ରକାଶନ ବିଭାଗ ଏହା ପୂର୍ବରୁ ପ୍ରକାଶ କରିଛି ମୂଲ୍ୟବାନ୍ ୧୫ଟି ପୁସ୍ତକ । ଶେଷରେ, ଈଶ୍ୱରପ୍ରେରିତ ପରି ଆମର ଆଜୀବନ ସଭ୍ୟ ଓ ସଂଘର ପୂର୍ବତନ ଉପସଭାପତି ତଥା ନାଲ୍‌କୋ, ଭୁବନେଶ୍ୱରର ତତ୍‌କାଳୀନ ଅଧ୍ୟକ୍ଷ ଶ୍ରୀ ଗଦାଧର ଉପାଧ୍ୟାୟ, ରାଉରକେଲା ଗସ୍ତ କାଳରେ ଆମର ଆୟୋଜନ ଓ ପ୍ରକାଶନର ଯୋଜନାକୁ ଉତ୍ସାହିତ କରି, ତା'ର ସମସ୍ତ ଖର୍ଚ୍ଚ ବହନ କରିବାର ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀଯୁକ୍ତ ଉପାଧ୍ୟାୟ ଓ ନାଲ୍‌କୋର ବଦାନ୍ୟତାକୁ ଆମେ ସକୃତଜ୍ଞ ସ୍ମରଣ କରୁଛୁ ।

ଆଶା, ଅନୁଷ୍ଠାନର ଅନ୍ୟ ପୁସ୍ତକମାନଙ୍କ ପରି ଏହି ପୁସ୍ତକ ମଧ୍ୟ ଓଡ଼ିଶାର ପାଠକ ଓ ଗବେଷକମାନଙ୍କ ଦ୍ୱାରା ଆଦୃତ ହେବ ଏବଂ ଏକ ଐତିହାସିକ ସୃଷ୍ଟି ଭାବେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହେବ ।

ବନ୍ଦେ ଉତ୍କଳ ଜନନୀ ।

ବି/୯, ସେକ୍ଟର-୭
ରାଉରକେଲା
ପ୍ରତିଷ୍ଠା ଦିବସ (ଅଗଷ୍ଟ ୧୫), ୨୦୦୫

ଭାରତ ଭୂଷଣ ମହାନ୍ତି
ସଭାପତି
ପ୍ରଗତି ଉତ୍କଳ ସଂଘ

( 2 )

RESOLUTION IV.

That a Central Committee consisting of the following gentlemen (with power to ad their number and to form Local Branch Committees) be formed for the purpose of care educating public opinion concerning measures which may be regarded as expedient for introduction of salutary Social reforms among the Utkaliyas, in response to the need of the pr times, and that an account of the work ... Committee during the year be printed ... the Utkal Union Conference ... annual sitting.

Mover—~~Pandit~~ ... ~~bhushana, Mandassa.~~
~~Seconder~~—Munshi ... Cuttack.
~~Supporters~~—1. Babu ... Mohanty, Berhampore.
~~2.—Babu ... Pujahari, Sambalpur.~~

MEMBERS OF ... ING COMMITTEE.

1. Maharaja of Mourbhanj.
2. Maharaja of Keonjhar.
3. Raja of Atgarh.
4. Raja of Khandpara.
5. ... Atmallik.
10. Raja ... ikud.
11. Raja of ...
12. Raja of Talcher.
13. Raja of Madhupur.
19. Second Prince of Parlakimedi.
20. Prince Bikram Deo of Vizigapatam.
21. Raja of Nursinghpur.
22. Raja of Baramba.
23. Raja of Ranpur.
24. Raja of Boad.
25. Raja of Dasapalla.
26. Raja of Nilgiri.
27. Raja of Dhenkanal.
28. Raja of Pal Lahara.
29. Raja of Redhakhol.
30. Raja of Hindol.
31. Raja of Nayagur.

Raja Baikuntha Nath De Bahadoor, Balasore.
Babu Madhusudan Rao.
Rai Radhanath Rai Bahadoor.
Babu Viswanath Kar.
" Madhusudan Das, B.A.
" Rani Sankar Ray.
" Gouri Sankar Ray.
" Gokulanand Chowdhury, B.A.,
" Gopal Chandra Praharaj, B.A.
" Abhiram Bhunj, M.A., B.L.
" Sudam Charan Naik.
" Gopal Ballabh Das, M.A.
" Fakir Mohan Senapaty.
50. " Nandkishore Bal, B.A.
" J. S. Rao.
" M. L. J. Jachak.
" Brajanand Das, B.A.
" Padmanava Satpathy.
Pundit Parusotum Turkalankar.
" Viswanath Satpathy.
Maulvi Sayud Mahamud Ali.
" Rufiuddin Mohamad.
" Sayed Nurul Huq.
" Ekram Rassul.
Mr. M. S. Das, M.A., B.L.
Babu Gogun Behari Chowdhury.

... ON V.

That this Conference recognises ... of organised measures for the improvement of the Oriya Literature and Language ... to that end appoint a Standing Committee consisting of the following gentlemen ... co-operation with the 'Utkalsahitya Samaj' of Cuttack, will adopt measures ... the above-mentioned object, and that account of the work done by the Standing Committee during the year be printed and laid before the Utkal Union Conference at their next ...

Mover—Rai ... Bahadoor, Cuttack.
Seconder— ... Rao, Cuttack.
Supporters—1. ... 
2. ...

[ଉତ୍କଳ ସମ୍ମିଳନୀ ପ୍ରଥମ ଅଧିବେଶନର ଇଂରାଜୀରେ ପ୍ରସ୍ତୁତ ନିର୍ଦ୍ଧାରଣାବଳୀ ।
ମଧୁସୂଦନ ନିଜ ହସ୍ତାକ୍ଷରରେ ଏଥିରେ କେତେକ ପରିବର୍ତ୍ତନ କରିଛନ୍ତି]

# ଗ୍ରନ୍ଥ-ପ୍ରବେଶ

## ।। ଏକ ।।

୧୮୮୯ ମସିହା ଇଂରାଜୀ ନବବର୍ଷରେ କଟକ ସହରରେ ଗୋଟିଏ ସଭା ଅନୁଷ୍ଠିତ ହୋଇଥିଲା ଓ ଏହି ସଭାର ସିଦ୍ଧାନ୍ତ ଅନୁସାରେ ଯେଉଁ ଅନୁଷ୍ଠାନଟି ଜନ୍ମ ନେଇଥିଲା ତାର ନାମ ଥିଲା 'ଉତ୍କଳ ସମ୍ମିଳନୀ ସଭା' । ସେତେବେଳର ଓଡ଼ିଶା ଡିଭିଜନରେ ଶିକ୍ଷା, ସମ୍ପଦ ଓ ମର୍ଯ୍ୟାଦା – ସବୁଥିରେ ଓଡ଼ିଆମାନଙ୍କ ମଧ୍ୟରେ ଆଗରେ ଥିବା କରଣ ଜାତିର ଏହା ଥିଲା ଏକ ଅନୁଷ୍ଠାନ । କଟକ ସହରରୁ ପ୍ରକାଶିତ 'ଉତ୍କଳ ଦୀପିକା' ତ ଏହି ସଭା ବିଷୟରେ ଦୀର୍ଘ ସମ୍ବାଦ (୨୪।୨୬; ୧୨.୧.୧୮୯୯; ପୃ.୧୧-୧୨) ପ୍ରକାଶ କରିଥିଲା । ବାଲେଶ୍ୱରରୁ ପ୍ରକାଶିତ ହେଉଥିବା 'ବାଲେଶ୍ୱର ସମ୍ବାଦବାହିକା' ମଧ୍ୟ ଏଭଳି ଏକ ଅନୁଷ୍ଠାନ ସଂପର୍କରେ ଔତ୍ସୁକ୍ୟ ପ୍ରକାଶ କରି ଲେଖିଥିଲା :

> ଗତ ପହିଲା ଦିନ କଟକ ନଗରସ୍ଥ କରଣମାନେ ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ଦାସଙ୍କ ଘରଠାରେ ଉପଗତ ହୋଇ ଉକ୍ତ ସଭା ସ୍ଥାପନ କରିଅଛନ୍ତି । ସେ ଦିନର ସଭାରେ ବାବୁ ଗଣେଶ୍ୱର ଦାସ ସଭାପତିଙ୍କ ଆସନ ଗ୍ରହଣ କରିଥିଲେ । ସଭାର ଉଦ୍ଦେଶ୍ୟ ଏହି – ୧ମ, ମୋଫସଲରୁ ଯେଉଁ ଛାତ୍ରମାନେ କଟକ ନଗରସ୍ଥ ଉଚ୍ଚ ବିଦ୍ୟାଳୟମାନଙ୍କରେ ପଢ଼ିବା ନିମନ୍ତେ ଯିବେ ଏବଂ ଯାହାଙ୍କର କେହି ଅଭିଭାବକ କଟକରେ ନ ଥିବେ, ସେହିପରି ଛାତ୍ରଙ୍କର ତତ୍ତ୍ୱାବଧାରଣ କରିବା; ୨ୟ, ଅର୍ଥାଭାବ ବଶତଃ ଯେଉଁ ଛାତ୍ରମାନେ ପଢ଼ିବାକୁ ଅକ୍ଷମ, ସେମାନଙ୍କର ସାହାଯ୍ୟ କରିବା; ୩ୟ, ବିବାହାଦି କ୍ରିୟା ଘଟିତ ଅପରିମିତ ବ୍ୟୟର ନିବାରଣ । କିରୂପେ ଯେ ଉକ୍ତ ତିନି ବିଷୟର ପ୍ରତିକାର କରାଯାଇ ପାରିବ ତାହା ଅବଧାରଣ କରିବା ନିମନ୍ତେ ପୃଥକ୍ ପୃଥକ୍ ତିନୋଟି ସବ୍‌କମିଟୀ ଗଠିତ ହୋଇଅଛି । ଉତ୍କଳ-ସମ୍ମିଳନୀ-ସଭାର ସ୍ଥାୟୀ ସଭାପତି ପଦରେ ନନ୍ଦକିଶୋର ବାବୁ, ସହକାରୀ ସଭାପତି ପଦରେ ବାବୁ ହରେକୃଷ୍ଣ ଦାସ ଏବଂ ସମ୍ପାଦକ ପଦରେ ବାବୁ ରାସବିହାରୀ ନାୟକ ନିଯୁକ୍ତ ହୋଇଅଛନ୍ତି ।
>
> ଉକ୍ତ ସମ୍ମିଳନୀ ସଭା ସହିତ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ଓ ସଭାର ଉଦ୍ୟମକାରିମାନଙ୍କୁ ଧନ୍ୟବାଦ ଦେଉଅଛୁଁ । ଏ ସମ୍ବନ୍ଧରେ ଆମ୍ଭମାନଙ୍କ ମତ କ୍ରମେ କ୍ରମେ ପ୍ରକାଶ କରିବୁଁ । ଏତେବେଳେ ଏତିକିମାତ୍ର ବୋଲୁଅଛୁଁ ଯେ, ଏଥିନିମନ୍ତେ ଓଡ଼ିଶ୍ୟାର ତିନି ଜିଲାରୁ ସଭ୍ୟ ସଂଗ୍ରହ

କରାଯାଉ ଓ ଗୋଟିଏ ପାଣ୍ଠି ସ୍ଥାପିତ ହେଉ । (୩୨।୩; ୧୬.୧.୧୮୮୯; ପୃ.୧୦)

ନନ୍ଦକିଶୋର ଦାସ ଥିଲେ ଓଡ଼ିଆମାନଙ୍କ ମଧ୍ୟରେ ଏକମାତ୍ର ସିଭିଲିଆନ । ତାଙ୍କରି ଉଦ୍ୟମରେ ଏହି 'ଉତ୍କଳ-ସମ୍ମିଳନୀ ସଭା' ପ୍ରତିଷ୍ଠିତ ହୋଇଥିବାରୁ ଏହା ହଠାତ୍ ଝାଉଁଳି ପଡ଼ି ନଥିଲା । ତିନି ମାସ ମଧ୍ୟରେ ତାହାର ଆଉ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । (ଉତ୍କଳ ଦୀପିକା ୨୪।୧୦; ୯.୩.୧୮୮୯ ଓ ୨୪।୧୨; ୨୩.୩.୧୮୮୯) ୧୮୯୪ ମସିହା ଏପ୍ରିଲ ମାସରେ ନନ୍ଦକିଶୋର ଦାସଙ୍କ ଦେହାନ୍ତ ପର୍ଯ୍ୟନ୍ତ କରଣ ସମାଜର ଉନ୍ନତି ନିମନ୍ତେ ଉତ୍କଳ-ସମ୍ମିଳନୀ ସଭା ନିରନ୍ତର କାର୍ଯ୍ୟ କରି ଆସିଥିଲା । ତେଣୁ ୧୮୮୯ରେ ସ୍ଥାପିତ 'ଉତ୍କଳ-ସମ୍ମିଳନୀ-ସଭା' ଯେ ଜାତିଆଣ ଅନୁଷ୍ଠାନ ଥିଲା ତଥା ବୃହତ୍ତର ଓଡ଼ିଶା ଗଠନ ଓ ବିକାଶ ତା'ର ଲକ୍ଷ୍ୟ ନଥିଲା – ଏହା ତାହାର କାର୍ଯ୍ୟାବଳୀରୁ ସ୍ପଷ୍ଟ ।

ଉତ୍କଳ ଗୌରବ ମଧୁସୂଦନଙ୍କର ନନ୍ଦକିଶୋର ଦାସଙ୍କ ସହ ସଂପର୍କ ଥିଲା ଘନିଷ୍ଠ । ନନ୍ଦକିଶୋରଙ୍କ ମୃତ୍ୟୁ ପରେ ମଧୁସୂଦନ 'A Call' ଶୀର୍ଷକରେ ଯେଉଁ ଲେଖାଟି ଉତ୍କଳ ଦୀପିକାରେ (୯।୧୫; ୧୪.୪.୧୮୯୪) ଲେଖିଥିଲେ, ସେଥିରେ ଉଭୟଙ୍କ ମଧ୍ୟରେ ଥିବା ଗଭୀର ଭଲପାଇବା ଅଭିବ୍ୟକ୍ତ । ମଧୁସୂଦନଙ୍କ ଅନୁଜ ଗୋପାଳବଲ୍ଲଭଙ୍କର ଏହି 'ଉତ୍କଳ-ସମ୍ମିଳନୀ ସଭା' ସହ ସଂପୃକ୍ତି ଥିଲା । ମଧୁସୂଦନ ବ୍ୟକ୍ତିଗତ ଭାବରେ ଏହି ସଭା ସହ ଜଡିତ ନଥିଲେ ବି ଏହାର କାର୍ଯ୍ୟକଳାପ ସଂପର୍କରେ ସେ ଯେ ଅବହିତ ନଥିଲେ, ଏକଥା କୁହାଯାଇ ପାରିବ ନାହିଁ । ତେବେ ୧୯୦୩ ମସିହାରେ ସମଗ୍ର ଓଡ଼ିଶାକୁ ଏକୀକରଣ କରିବାପାଇଁ ଯେଉଁ ଅନୁଷ୍ଠାନର ସେ ଶୁଭାରମ୍ଭ କଲେ, ତାହାର ନାମ 'ଉତ୍କଳ ସମ୍ମିଳନୀ' ବୋଲି ସେ କାହିଁକି ଦେଲେ – ଏହା ସହଜରେ ବୁଝି ହୁଏନାହିଁ । ଏହା ନନ୍ଦକିଶୋର ଦାସଙ୍କ ସ୍ମୃତି ପ୍ରତି ତାଙ୍କର ଶ୍ରଦ୍ଧା ନିବେଦନ ନା ଏହା ଏକ  ଉଦ୍ଦେଶ୍ୟରହିତ ନାମକରଣ ?

## ।। ଦୁଇ ।।

୧୮୮୧ ମସିହା ସେପ୍ଟେମ୍ବର ମାସର ମଧ୍ୟବର୍ତ୍ତୀ ସମୟରେ ମଧୁସୂଦନ ସବୁଦିନ ପାଇଁ କଲିକତା ପରିତ୍ୟାଗ କରି କଟକକୁ ଚାଲି ଆସିଲା ପରେ କଟକର ସାଂସ୍କୃତିକ ଓ ରାଜନୈତିକ ଜୀବନ ସହିତ କେବଳ ନିଜକୁ ଓତଃପ୍ରୋତ କରିଦେଇ ନଥିଲେ, ଓଡ଼ିଶାର ସାମଗ୍ରିକ ବିକାଶର ସ୍ୱପ୍ନ ଦେଖିବାକୁ ଆରମ୍ଭ କରିଥିଲେ । କଟକରେ ସେହି ସମୟର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଦ୍ୱାରା ଏକ ସାଂସ୍କୃତିକ ଓ ରାଜନୈତିକ ମଞ୍ଚ ପ୍ରସ୍ତୁତ କରିବାପାଇଁ ଏକ 'ବିଜ୍ଞାପନ' ୧୨.୮.୧୮୮୨ ତାରିଖରେ ପ୍ରକାଶିତ ହୋଇଥିଲା :

ଏହି ଜିଲ୍ଲାରେ ସ୍ଥାନୀୟ ଆତ୍ମଶାସନ ପ୍ରଣାଳୀ ପ୍ରବର୍ତ୍ତିତ କରିବା ଆଉ ସାଧାରଣ ମଙ୍ଗଳକାର୍ଯ୍ୟ ଉଦ୍ଦେଶ୍ୟରେ ଗୋଟିଏ ସଭା ସ୍ଥାପନ କରିବା ଉଚିତ । ଅତଏବ ସର୍ବସାଧାରଣ ଜନମାନଙ୍କ ନିକଟରେ ପ୍ରାର୍ଥନା ଯେ ଚଳିତ ଅଗଷ୍ଟମାସ ତା୧୬ରିଖ ବୁଧବାର ରାତ୍ରୀ ୮ ଘଣ୍ଟା ସମୟରେ ସେମାନେ ଅନୁଗ୍ରହ କରି ଦରଘାବଜାର ଛାପାଖାନା ଦୋ ମହଲାରେ ଉପସ୍ଥିତ ହେବେ । ଇତି ।

କଟକ ହରିବଲ୍ଲଭ ଘୋଷ
୩।୮।୮୨ ବେହାରିଲାଲ ପଣ୍ଡିତ
ମଧୁସୂଦନ ଦାସ
ଚୌଧୁରୀ କାଶୀନାଥ ଦାସ
ଚୌଧୁରୀ ରାଧାମାଧବ ସାମନ୍ତରାୟ ମହାପାତ୍ର
ଚୌଧୁରୀ ଶ୍ୟାମସୁନ୍ଦର ରାୟଗୁରୁ

(ଉତ୍କଳ ଦୀପିକା ୧୭।୩୨; ୧୨.୮.୧୮୮୨)

ଏହି 'ବିଜ୍ଞାପନ' ଅନୁସାରେ କଟକ ପ୍ରିଣ୍ଟିଂ କମ୍ପାନୀ ହଲରେ ଯେଉଁ ସଭା ଅନୁଷ୍ଠିତ ହୋଇଥିଲା, ସେଠାରେ ଜନ୍ମ ନେଇଥିଲା 'ଉତ୍କଳ ସଭା' ନାମକ ଅନୁଷ୍ଠାନ ।* 'ଉତ୍କଳ ସଭା' ଦୀର୍ଘକାଳ ଧରି କଟକର ଥିଲା ପ୍ରମୁଖ ରାଜନୈତିକ ମଞ୍ଚ । ବାଲେଶ୍ୱରର

---

* 'ଉତ୍କଳ ସଭା' ୧୮୮୨ ମସିହା ଅଗଷ୍ଟ ୧୬ ତାରିଖରେ ଗଠିତ ହୋଇଥିଲା ବୋଲି ଉପରୋକ୍ତ ସମ୍ବାଦକୁ ଆଧାର କରି ପ୍ରଭାତ କୁମାର ମୁଖାର୍ଜୀ ପ୍ରମୁଖ ଐତିହାସିକମାନେ ଲେଖିଛନ୍ତି । ପ୍ରବୋଧକୁମାର ମିଶ୍ର ଏହି 'ଉତ୍କଳସଭା' ପ୍ରତିଷ୍ଠାର ତାରିଖକୁ ପଛକୁ ଘୁଞ୍ଚାଇ ନେଇ ତାଙ୍କର ***The Political History of Orissa : 1900-1936*** ପୁସ୍ତକର ଏକ ପାଦଟୀକାରେ ଲେଖିଛନ୍ତି : This refers to the first half yearly meeting of the Utkal Sabha of 1879, where Pyarimohan Acharya delivered a talk on 'National life'. Therefore P. Mukherjee (the author of History of Orissa Vol.VI) is wrong to assume that Utkal Sabha was formed in 1882 (p.67)

ମଜାର କଥା ହେଉଛି ମିଶ୍ର ମୁଖାର୍ଜୀଙ୍କ ଭ୍ରମ ଦେଖାଇବାକୁ ଯାଇ ନିଜେ ଭ୍ରମରେ ପଡିଯାଇଛନ୍ତି । ଗୋପାଳଚରଣ ଦତ୍ତଙ୍କ ସଂପାଦକତ୍ୱରେ ୧୮୭୮ ମସିହା ଫେବ୍ରୁଆରୀ ମାସରେ ଆରମ୍ଭ ହୋଇଥିବା 'ଉତ୍କଳ ସଭା' ସମକାଳୀନ ତରୁଣମାନଙ୍କର ଏକ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ଥିଲା ଓ ସେହି ଅନୁଷ୍ଠାନ ତରଫରୁ 'ଉତ୍କଳ ମଧୁପ' ନାମରେ ଏକ ମାସିକ ସାହିତ୍ୟ ପତ୍ର ପ୍ରକାଶିତ ହେଉଥିଲା । ବିଭିନ୍ନ କାରଣରୁ ୧୮୮୦ ମସିହା ବେଳକୁ ୧୮୭୮ ମସିହାରେ ସ୍ଥାପିତ 'ଉତ୍କଳ ସଭା' ଭାଙ୍ଗି ଯାଇଥିଲା ଓ 'ଉତ୍କଳ ମଧୁପ'ର ପ୍ରକାଶନ ବନ୍ଦ ହୋଇଯାଇଥିଲା ।

'ନେସନାଲ ସୋସାଇଟି' ଭଳି ଓଡ଼ିଶାର ସମସ୍ତ ପ୍ରମୁଖ ସମସ୍ୟାର ସମାଧାନ ପାଇଁ ଏହା ଉଦ୍ୟମ କରିଥିଲା ।

ମଧୁସୂଦନ ୧୮୮୨ ମସିହାରେ ପ୍ରତିଷ୍ଠିତ 'ଉତ୍କଳ ସଭା'ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଥିଲେ ଓ ବିଭିନ୍ନ ଅଧିବେଶନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ୧୮୮୭ ମସିହା ମେ ମାସ ପର୍ଯ୍ୟନ୍ତ ଏହାର କର୍ମକର୍ତ୍ତା ନଥିଲେ । ୧୮୮୭ ମସିହା ମେ ମାସରେ 'ଉତ୍କଳ ସଭା'ର ଅନ୍ୟତମ ସହକାରୀ ସଭାପତି ପଦରୁ ନନ୍ଦକିଶୋର ଦାସ ଇସ୍ତଫା ଦେବାରୁ ସେ ଏହି ପଦପାଇଁ ମନୋନୀତ ହୋଇଥିଲେ । (ଉତ୍କଳ ଦୀପିକା ୨୨।୨୧; ୨୧.୫.୧୮୮୭) ଅନ୍ୟତମ ସହକାରୀ ସଭାପତି ହେଲେ ହେଁ ସେହି ସମୟରୁ 'ଉତ୍କଳ ସଭା' ପ୍ରକୃତ ସଭାପତି ହୋଇଥିଲେ ମଧୁସୂଦନ ଦାସ । 'ଉତ୍କଳ ସଭା'ର ତରଫରୁ ବଙ୍ଗଳାର ଛୋଟଲାଟ ସାର୍ ଷ୍ଟୁଆର୍ଟ କଲ୍‌ଭିନଙ୍କୁ ଯେଉଁ ଅଭିନନ୍ଦନପତ୍ର ତା୧୭.୧୧.୧୮୮୮ରିଖରେ ପ୍ରଦତ୍ତ ହୋଇଥିଲା, ତାହା ପାଠ ଓ ପ୍ରଦାନ କରିଥିଲେ ମଧୁସୂଦନ । ସେହି ଅଭିନନ୍ଦନ ପତ୍ରରେ ଓଡ଼ିଶାର ଏକୀକରଣ ପ୍ରସଙ୍ଗ ଉତ୍‌ଥାପନ କରି କୁହାଯାଇଥିଲା :

> At a time when it is proposed to transfer a portion of the Central Provinces to Bombay Presidency, the tract of the country where Oriyas reside is anomalously placed under the administration of Madras, Bengal and the Central Provinces. We would, therefore, ask Your Honour to place the territorial limits where the Oriya language is spoken under one administration and thus knit together under one administration, a large population who speak one language and have the same traditions and customs.
>
> (ଉତ୍କଳଦୀପିକା ୨୩।୪୫; ୨୪.୧୧.୧୮୮୮)

ଗୌରୀଶଙ୍କରଙ୍କ ସଂପାଦକତ୍ୱରେ ପରିଚାଳିତ ଏହି 'ଉତ୍କଳସଭା' ପ୍ରଥମରୁ ରାଜନୈତିକ ଆସ୍ପୃହା ରଖିଥିଲା । ତେଣୁ ପ୍ରଥମେ 'ଭାରତ ସଭା' ଓ ପରେ 'ଭାରତୀୟ ଜାତୀୟ କଂଗ୍ରେସ'ର କଟକ ଶାଖା ଭାବରେ ଏହା କାର୍ଯ୍ୟ କରିଥିଲା । ୧୮୯୨ ମସିହାରେ ଚୌଧୁରୀ କାଶୀନାଥ ଦାସଙ୍କ ପରେ ମଧୁସୂଦନ 'ଉତ୍କଳ ସଭା'ର ସଭାପତି ହୋଇଥିଲେ ଓ ତାହା ପରଠାରୁ 'ଉତ୍କଳସଭା' ଅଧିକ ଚଳଚଞ୍ଚଳ ହୋଇ ଉଠିଥିଲା । ଓଡ଼ିଶାରେ ରେଳପଥ ନିର୍ମାଣ, ସମ୍ବଲପୁରରୁ ଓଡ଼ିଆ ଭାଷା ଉଚ୍ଛେଦବିରୋଧୀ ଆନ୍ଦୋଳନ ଠାରୁ ଆରମ୍ଭ କରି ଓଡ଼ିଶାର ସକଳ ସମସ୍ୟା ସଂପର୍କରେ 'ଉତ୍କଳ ସଭା' କେବଳ ଆଲୋଚନା ଓ ଆନ୍ଦୋଳନ କରିନାହିଁ, ଆବଶ୍ୟକ ସ୍ଥଳେ ସଂଗଠିତ କାର୍ଯ୍ୟପନ୍ଥାରେ ଅଗ୍ରସର ହୋଇଛି । କର୍ମକର୍ତ୍ତା ଥାଆନ୍ତୁ ବା ନଥାନ୍ତୁ ଏହି ଅନୁଷ୍ଠାନର

ପ୍ରାଣପୁରୁଷ ଥିଲେ ଗୌରୀଶଙ୍କର ଓ ମଧୁସୂଦନ । 'ଉତ୍କଳ-ସମ୍ମିଳନୀ' ପ୍ରତିଷ୍ଠାରେ ମଧୁସୂଦନଙ୍କର ମଧ୍ୟ ଘନିଷ୍ଠ ସହଯୋଗୀ ଥିଲେ ଗୌରୀଶଙ୍କର ।

ତେଣୁ ଏଠାରେ ସ୍ୱାଭାବିକ ପ୍ରଶ୍ନ ଆସେ, 'ଉତ୍କଳସଭା' ଥାଉଁ ଥାଉଁ 'ଉତ୍କଳ ସମ୍ମିଳନୀ' ନାମରେ ମଧୁସୂଦନ ଆଉ ଏକ ଅନୁଷ୍ଠାନ ଆରମ୍ଭ କଲେ କାହିଁକି ? କେବଳ ଏକ ବୃହତ୍ତର ମଞ୍ଚରୁ ଓଡ଼ିଶାର ଏକୀକରଣ ପ୍ରସ୍ତାବ ଉତ୍‌ଥାପନ କରିବା ଲାଗି ? ପୁଣି 'ଉତ୍କଳ-ସମ୍ମିଳନୀ' ପ୍ରତିଷ୍ଠିତ ହେଲାପରେ ବହୁକାଳ ଧରି ଏକ ସମାନ୍ତରାଳ ଅନୁଷ୍ଠାନ ଭାବରେ ଆପଣା ନେତୃତ୍ୱରେ 'ଉତ୍କଳ ସଭା'କୁ କାର୍ଯ୍ୟକ୍ଷମ ରଖିଲେ କାହିଁକି ? ଏଭଳି ପଦକ୍ଷେପ ଓ ସିଦ୍ଧାନ୍ତ ପଛଆଡ଼େ ମଧୁସୂଦନ ଓ ଗୌରୀଶଙ୍କର ପ୍ରମୁଖଙ୍କର ଏକ ସଂହତ ଦୃଷ୍ଟିଭଙ୍ଗୀ କାର୍ଯ୍ୟ କରୁଥିଲା ନା ସେମାନଙ୍କ ବହୁ ବିଭକ୍ତ ବ୍ୟକ୍ତିତ୍ୱର ଏହା ଥିଲା ସ୍ୱାଭାବିକ ଫଳଶ୍ରୁତି ?

## ॥ ତିନି ॥

ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ବମ୍ବେଠାରେ ଉମେଶଚନ୍ଦ୍ର ବାନାର୍ଜୀଙ୍କ ପୌରୋହିତ୍ୟରେ ୨୭.୧୨.୧୮୮୫ ତାରିଖରେ ଅନୁଷ୍ଠିତ ହୋଇଥିଲା । ସେହି ସମୟରେ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ନେତୃତ୍ୱରେ ପ୍ରତିଷ୍ଠିତ ନେସନାଲ କନ୍‌ଫରେନ୍‌ସର ବାର୍ଷିକ ଅଧିବେଶନ କଲିକତାରେ ହେଉଥିବାରୁ ଓ ତାହା ସହ ପୂର୍ବ ସଂପୃକ୍ତି ହେତୁ ମଧୁସୂଦନ ଓ ଗୌରୀଶଙ୍କର ପ୍ରମୁଖ ନେସନାଲ କନଫରେନ୍ସକୁ ଯାଇଥିଲେ । କିନ୍ତୁ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ଶେଷ ହେବାର ପ୍ରାୟ ଦୁଇ ମାସ ପରେ ଏହାର ପ୍ରସ୍ତାବମାନ ଆଲୋଚନା କରିବା ପାଇଁ ଏକ ସଭାର ଆହ୍ୱାନ ହରିଶଚନ୍ଦ୍ର ମୁଖାର୍ଜୀ ଓ ଭୁବନ ମୋହନ ଆଚାର୍ଯ୍ୟ କରିଥିଲେ । ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ତା୩.୩.୧୮୮୬ରିଖରେ ଏହି ସଭା କଟକ ପ୍ରିଣ୍ଟିଂ କମ୍ପାନୀ କୋଠାରେ ଅନୁଷ୍ଠିତ ହୋଇଥିଲା ତଥା ଜାତୀୟ କଂଗ୍ରେସର ବାର୍ତ୍ତା ଓ କାର୍ଯ୍ୟକୁ ଲୋକପ୍ରିୟ କରିବା ଉଚିତ ବୋଲି ଏହି ସଭାରେ ସିଦ୍ଧାନ୍ତ ନିଆଯାଇଥିଲା । (ଉତ୍କଳ ଦୀପିକା-୨୧।୧୦; ୭.୩.୧୮୮୬) ଭାରତୀୟ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନ ୧୮୮୬ ମସିହା ଡିସେମ୍ବର ମାସ ଶେଷ ସପ୍ତାହରେ ଅନୁଷ୍ଠିତ ହେବାର ଥିଲା । ଏଥିରେ ଭାଗନେବା ଓ ଅନ୍ୟାନ୍ୟ ବିଷୟ ଆଲୋଚନା ପାଇଁ 'ଉତ୍କଳ ସଭା'ର ଏକ ଅଧିବେଶନ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ ସଭାପତିତ୍ୱରେ କଟକ ପ୍ରିଣ୍ଟି କୋମ୍ପାନୀ କୋଠାରେ ଅନୁଷ୍ଠିତ ହୋଇଥିଲା । 'ବ୍ୟବସ୍ଥାପକ ଆଦି ସଭାରେ ଦେଶୀୟ ଲୋକମାନେ ଯୋଗଦେବା ଉଚିତ'— ଯୋଗେଶ୍ଚନ୍ଦ୍ର ଚନ୍ଦ୍ରଙ୍କର ଏଭଳି ଏକ ପ୍ରସ୍ତାବର ସମର୍ଥନ କରି ମଧୁସୂଦନ କହିଥିଲେ :

... ଯେଉଁମାନେ ଏ ଦେଶର ଶାସନ ପ୍ରଣାଳୀ ଏବଂ ଆପଣାର ଅବସ୍ଥା କଥା ଚିନ୍ତା କରନ୍ତି ସେମାନଙ୍କ ମଧ୍ୟରେ ଏମନ୍ତ କେହି ହେବ ନାହିଁ ଯେ କି ଏ ପ୍ରସ୍ତାବକୁ ଅନୁମୋଦନ ନ କରିବ, ମାତ୍ର ଦୁଃଖର ବିଷୟ ଯେ ଏ ପ୍ରଦେଶରେ ଏସବୁ ବିଷୟ ଚିନ୍ତା କରିବା ଲୋକଙ୍କ ସଂଖ୍ୟା ଅତ୍ୟନ୍ତ ଊଣା ଏବଂ ଆଜିର ସଭା ସେଥିରେ ପରିଚୟ ଦେଉଅଛି ଅର୍ଥାତ୍ ଅତି ଅଳ୍ପଲୋକ ଉପସ୍ଥିତ ହୋଇଅଛନ୍ତି । ଯେଉଁମାନେ ପେଟର ଚିନ୍ତାରେ ଦିବାରାତ୍ର ବ୍ୟସ୍ତ ସେମାନଙ୍କଠାରୁ ଏ ପ୍ରକାର ଗୁରୁତର ବିଷୟର ଭାବନା ଆଶା କରିବା ଅସଙ୍ଗତ ମାତ୍ର ଯେଉଁମାନଙ୍କୁ ପରମେଶ୍ୱର ଏମନ୍ତ ସଙ୍ଗତିସମ୍ପନ୍ନ ଅବସ୍ଥାରେ ରଖିଅଛନ୍ତି ଯେ ସେମାନଙ୍କୁ ପେଟର ଚିନ୍ତା ଆଦୌ ବାଧଇ ନାହିଁ ଅଥବା ଅଳ୍ପ ସମୟ ସେ ଚିନ୍ତାରେ ବ୍ୟୟ କରିବାକୁ ହୁଅଇ ସେମାନଙ୍କୁ ଏହି ଗୁରୁତର ଚିନ୍ତାରେ ମଗ୍ନ ହେବା ଏବଂ ତହିଁର ବ୍ୟବସ୍ଥା କରିବା ନିତାନ୍ତ କର୍ତ୍ତବ୍ୟ । ଏଠାକାର ସମ୍ଭ୍ରାନ୍ତ ଓ ଧନାଢ୍ୟ ଲୋକମାନେ ଏ ବିଷୟରେ ଅଧିକତର ମନୋଯୋଗୀ ନ ହେଲେ କିପରି ଆମ୍ଭମାନଙ୍କର ଦୁରବସ୍ଥାର ପ୍ରତିକାର ହେବ ? ଯାହା ହେଉ ଏ ନଗରବାସୀ କେତେକ ଲୋକ ଏ ଗୁରୁତର ବିଷୟର ମହତ୍ତ୍ୱ ବୁଝିପାରି ସଭାରେ ଉପଗତ ହୋଇଅଛନ୍ତି ସୁଖର ବିଷୟ ଅଟଇ । (ଉତ୍କଳ ଦୀପିକା ୨୧।୫୧; ୨୫.୧୨.୧୮୮୬)

ପେଟର ଚିନ୍ତା ନଥିବାରୁ ମଧୁବାବୁ ଓଡ଼ିଶା ସହ ଭାରତର ଦୁରବସ୍ଥାର ପ୍ରତିକାର ପାଇଁ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ 'ଉତ୍କଳ ସଭା'ର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ୧୮୮୭ ମସିହା ଡିସେମ୍ବର ମାସରେ ମାଡ୍ରାସ ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସରେ ଗୌରୀଶଙ୍କର ରାୟଙ୍କ ସହ ମଧୁସୂଦନ ମଧ୍ୟ ଯୋଗ ଦେଇଥିଲେ । ଜାତୀୟ କଂଗ୍ରେସର ମୁକ୍ତ ଅଧିବେଶନରେ ଜଣେ ପ୍ରତିନିଧି ମନ୍ତବ୍ୟ ଦେଇଥିଲେ ଯେ ସଂପୃକ୍ତ ଅଧିବେଶନର ଅଧିକାଂଶ ସଭ୍ୟ 'self-constituted delegates' । ଏଭଳି ଆକ୍ଷେପର ଉତ୍ତର ଦେଇ କଂଗ୍ରେସ ଅଧିବେଶନରେ ମଧୁବାବୁ ବକ୍ତୃତା ଦେଇ କହିଥିଲେ :

I am here to hear and not to speak. I am here as a duly elected delegate from the most backward part of Bengal, I mean Orissa. It shows, I am proud to say that even the masses of a backward province do take interest in this movement... I am sure, you will be delighted to hear that two other gentlemen who are present at this meeting, were also elected delegates from the same part of Bengal. One of them is Ramesh Chandra Mandal of Balasore.

The other, Gouri Shankar Ray who has travelled with me to this place has had all the expenses of his journey paid by his constituents... So, are we to be told that this assembly is an assembly of self-constituted delegates... (ଉଦ୍ଧୃତ : Kar, Purushottam – Indian National Congress and Orissa: 1987 : Cuttack; p.42-43).

ମଧୁବାବୁଙ୍କ ବକ୍ତୃତା କଂଗ୍ରେସ ଅଧିବେଶନରେ ଯୋଗଦେଇଥିବା ବହୁ ପ୍ରତିନିଧିଙ୍କ ମନକୁ ଛୁଇଁଥିଲା । ସେହି ବକ୍ତୃତାରେ ସେ ଜୋର ଦେଇ କହିଥିଲେ ଯେ ଭାରତର ଅନ୍ୟାନ୍ୟ ପ୍ରଦେଶ ଭଳି ଓଡ଼ିଶା ମଧ ଜାତୀୟ ସ୍ରୋତରେ ଭାସିଯିବାକୁ ଚାହେଁ । ଆପଣା ବକ୍ତୃତାର ଉପସଂହାରରେ ସେ କହିଥିଲେ :

We are formally accredited representatives of hundreds and thousands of people, who elected us to speak for them and who take an active and keen interest in this great and growing national movement. (ପୃ.୪୩)

ମାଡ୍ରାସ ଅଧିବେଶନରୁ ଫେରିଲାପରେ କଂଗ୍ରେସର ବାର୍ତ୍ତା ଓ କାର୍ଯ୍ୟାବଳୀ ପ୍ରଚାର କରିବାରେ ତଥା ଓଡ଼ିଶାରେ କଂଗ୍ରେସକୁ ଲୋକପ୍ରିୟ କରିବା କ୍ଷେତ୍ରରେ ମଧୁସୂଦନ ଆଗରେ ଥିଲେ ମଧ ୧୯୦୧ ମସିହା ପର୍ଯ୍ୟନ୍ତ ସେ ଅନ୍ୟ କୌଣସି ଅଧିବେଶନରେ ଯୋଗଦେଇନାହାନ୍ତି । ୧୯୦୧ ମସିହାରେ 'ଉତ୍କଳ ସଭା'ର ପ୍ରତିନିଧି ଭାବରେ ସେ କଲିକତା ଅଧିବେଶନରେ ଯୋଗଦେଇ ତାଙ୍କ ଓଡ଼ିଶା ଆର୍ଟଓୟାରରେ ପ୍ରସ୍ତୁତ କଳାବସ୍ତୁଗୁଡ଼ିକର ଏକ ପ୍ରଦର୍ଶନୀ କରିଥିଲେ । ଏହାପରେ ପୁଣି ଦୀର୍ଘ ଦିନ ଧରି ମଧୁସୂଦନ କଂଗ୍ରେସର କୌଣସି ଅଧିବେଶନରେ ଯୋଗଦେଇ ନାହାନ୍ତି । ୧୯୧୨ ମସିହାରେ ପାଟନା ନିକଟବର୍ତ୍ତୀ ବାଙ୍କିପୁରରେ କଂଗ୍ରେସର ଯେଉଁ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଓ ସେଥିପାଇଁ ଯେଉଁ ଅଭ୍ୟର୍ଥନା ସମିତି ଗଠିତ ହୋଇଥିଲା; ସେହି ଅଭ୍ୟର୍ଥନା ସମିତିର ଉପାଧକ୍ଷ ଥିଲେ ମଧୁସୂଦନ । ସେହି ବର୍ଷ ସେପ୍ଟେମ୍ବର ୨୧ ତାରିଖରେ କଂଗ୍ରେସର ଜିଲ୍ଲା ସମିତି ଗଠନ ପାଇଁ ଯେଉଁ ସଭା ଆହ୍ୱାନ କରାଯାଇଥିଲା, ତାହାର ସଭାପତି ଥିଲେ ମଧୁସୂଦନ । ୧୯୧୬ ମସିହାରେ ଲକ୍ଷ୍ନୌଠାରେ ଆହୂତ ହୋଇଥିବା ଜାତୀୟ କଂଗ୍ରେସ ଅଧିବେଶନରେ ମଧୁସୂଦନ ଅଖିଳ ଭାରତ କଂଗ୍ରେସ କମିଟୀର ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ଏଠାରେ ପ୍ରଶ୍ନ ଆସେ ମଧୁସୂଦନଙ୍କର କଂଗ୍ରେସ ସହିତ ଏଭଳି ଅନିୟମିତ ସଂପର୍କ ଆକସ୍ମିକ ନା ଏହା ପଛଆଡେ କିଛି ଯୁକ୍ତିଯୁକ୍ତ କାରଣ ଅଛି ?

ଅନେକ ଐତିହାସିକ ଓ ମଧୁସୂଦନଙ୍କ ଜୀବନୀ-ଲେଖକ ୧୯୦୩ ପରେ ମଧୁସୂଦନଙ୍କର କଂଗ୍ରେସ ସହିତ ସମ୍ପର୍କ ଶିଥିଳ ହେବାର କଥା କହିଥାନ୍ତି ଓ ସେଥିପାଇଁ

ଦୁଇଟି ଯୁକ୍ତି ଦେଖାଇଥାନ୍ତି । ପ୍ରଥମତଃ, ଓଡ଼ିଶାର ମୌଳ ସମସ୍ୟା ସଂପର୍କରେ ବଂଗଳାର ପ୍ରତିନିଧିମାନଙ୍କର ଅନୀହା; ଦ୍ୱିତୀୟତଃ, ଓଡ଼ିଶାର ଏକୀକରଣ ପ୍ରସ୍ତାବ ଦେଇଥିବା ରିସଲେ ସର୍କୁଲାରକୁ ତେଲୁଗୁ ପ୍ରତିନିଧିମାନଙ୍କର ବିରୋଧ ଓ ଏଥିନେଇ କଂଗ୍ରେସ ଅଧିବେଶନରେ ନିର୍ଦ୍ଧାରଣ । 'ଉତ୍କଳ ସମ୍ମିଳନୀ'ର ପ୍ରତିଷ୍ଠା ପଶ୍ଚାତରେ ଏହି ଦୁଇ କାରଣ ମୁଖ୍ୟ ପ୍ରଚୋଦକ ଥିଲା ବୋଲି ପରୋକ୍ଷରେ କୁହାଯାଇଥାଏ । ପ୍ରଥମ ଯୁକ୍ତିଟିର ଅବତାରଣା କରି ସୁରେନ୍ଦ୍ର ମହାନ୍ତି ଲେଖିଛନ୍ତି :

> ...ଏବେ ୧୯୦୩ ସାଲ ବେଳକୁ କଂଗ୍ରେସ ସଂପର୍କରେ ତାଙ୍କର [ମଧୁସୂଦନଙ୍କର] ମୋହ ଭଙ୍ଗ ଘଟିଥିଲା । ଓଡ଼ିଶାର ସମସ୍ୟା ପ୍ରତି ଭାରତୀୟ ଜାତୀୟ କଂଗ୍ରେସ କେବଳ ଯେ ଉଦାସୀନ ରହିଥିଲା ତାହା ନୁହେଁ; ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ଓଡ଼ିଶାର ବହୁ ଘୋଷିତ ଦାବୀ ପ୍ରତି କଂଗ୍ରେସ ମଞ୍ଚରୁ ମଧ ବେଳେବେଳେ ଶୁଣାଯାଇ ଆସୁଥିଲା ବିରୋଧର ସ୍ୱର । ଗତବର୍ଷ କଂଗ୍ରେସ ସଭାପତି ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା ପରଠାରୁ, ଓଡ଼ିଶାର ବିଶେଷ ସମସ୍ୟା ଦୃଷ୍ଟିରୁ, କଂଗ୍ରେସ ପ୍ରତି ମଧୁସୂଦନଙ୍କର ଆଉ ସେ ଆକର୍ଷଣ ନ ଥିଲା । ଏଥର ମାନ୍ଦ୍ରାଜରେ କଂଗ୍ରେସର ଊନବିଂଶ ଅଧିବେଶନ, ମଧୁସୂଦନଙ୍କର ସେ ମୋହଭଙ୍ଗକୁ ଚୁଡାନ୍ତ କରିଦେଲା । (ଶତାବ୍ଦୀର ସୂର୍ଯ୍ୟ : ପୃ.୫୪)

ଏଠାରେ ପ୍ରଶ୍ନ ଆସେ, ମଧୁସୂଦନ ତ ୧୮୮୭ ପରେ ବହୁଦିନ ପର୍ଯ୍ୟନ୍ତ କଂଗ୍ରେସ ଅଧିବେଶନରେ ଯୋଗଦେଇ ନଥିଲେ । ୧୮୮୭ ମସିହାରେ କୌଣସି ପ୍ରତିନିଧିଙ୍କର 'self-constituted delegate' ଆକ୍ଷେପର ମଧୁସୂଦନ ଯେଉଁ ମୁହଁତୋଡ ଜବାବ ଦେଇଥିଲେ, ତାହାପ୍ରତି ଅଧିବେଶନ ମଣ୍ଡପରେ ଉଚ୍ଛ୍ୱସିତ ସମର୍ଥନ ମିଳିଥିଲା । କିନ୍ତୁ ଦୀର୍ଘଦିନ ଧରି ମଧୁସୂଦନ କୌଣସି ଅଜ୍ଞାତ କାରଣରୁ, ୧୯୦୧ ମସିହା ପର୍ଯ୍ୟନ୍ତ, ଅନ୍ୟ କୌଣସି ଅଧିବେଶନକୁ ଯାଇନଥିଲେ କାହିଁକି ? ପ୍ରାଦେଶିକ କଂଗ୍ରେସ ଅଧିବେଶନ ନେଇ ସୁରେନ୍ଦ୍ରନାଥଙ୍କ ସହ ତାଙ୍କର ମତଭେଦର ଶୈଳବାଳା ଦାସ ଯେଉଁ ବିବରଣୀ ଦେଇଛନ୍ତି, ତାହାର ସତ୍ୟତା କେତେ ? ଅନ୍ୟ କୌଣସି ପ୍ରାଥମିକ ଉପାଦାନ ସାହାଯ୍ୟରେ ତାହାର ସତ୍ୟତା କେବେ ପରୀକ୍ଷା କରାଯାଇଛି କି ? କଂଗ୍ରେସ ପ୍ରତି ମଧୁସୂଦନଙ୍କର ଯଦି ସତରେ ମୋହଭଙ୍ଗ ଘଟିଥିଲା ତେବେ ୧୯୧୨ ବାଙ୍କିପୁର ଅଧିବେଶନ ପାଇଁ ଯେଉଁ ଅଭ୍ୟର୍ଥନା ସମିତି ଗଠିତ ହୋଇଥିଲା, ତାହାର ଉପାଧ୍ୟକ୍ଷ ପଦବୀ ସେ ଗ୍ରହଣ କରୁଥିଲେ କାହିଁକି ? ମଧୁସୂଦନ କଂଗ୍ରେସ ସହ ସଂପର୍କ ଛିନ୍ନ କରିବା ପ୍ରସଙ୍ଗକୁ ଶୈଳବାଳା ଭିନ୍ନ ଭିନ୍ନ ସ୍ଥାନରେ ଅଲଗା ଅଲଗା କାରଣ ଅବତାରଣା କରି ଉପସ୍ଥାପନ କରିଛନ୍ତି । ବଡ ଆଶ୍ଚର୍ଯ୍ୟର କଥା ଗ୍ରାଣ୍ଡ ହୋଟେଲରେ ସୁରେନ୍ଦ୍ରନାଥ ଓ ମଧୁସୂନଙ୍କ ମଧରେ ଆଲୋଚନା ହେବା କଥା ଶୈଳବାଳା କହିଛନ୍ତି ଯଦିଓ

ସୁରେନ୍ଦ୍ରନାଥ ଓ ମଧୁସୂଦନ ଉଭୟଙ୍କର କଲିକତାରେ ନିଜସ୍ୱ ଘର ଥିଲା । ୨୮, ବାଲିଗଞ୍ଜରେ ଆପଣାର ନିଜସ୍ୱ ଘର ଥିଲାବେଳେ ମଧୁସୂଦନଙ୍କର ଗ୍ରାଣ୍ଡ ହୋଟେଲରେ ରହିବାର ବିଶେଷ ଆବଶ୍ୟକତା ଥିଲା କି ? ପୁଣି ସୁରେନ୍ଦ୍ରନାଥଙ୍କ ସହ ମତଭେଦ ହୋଇ ମଧୁସୂଦନ କଂଗ୍ରେସ ପରିତ୍ୟାଗ କରିଥିଲାବେଳେ (ଯାହା ସେ କରିଥିଲେ ବୋଲି କୁହାଯାଇଛି) ଉଭୟଙ୍କର ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ସଂପର୍କକୁ ତାହା ପ୍ରଭାବିତ କଲାନାହିଁ କିଭଳି ?

ରିସଲେ ସର୍କୁଲାରରେ ଓଡ଼ିଶାର ଅଞ୍ଚଳଗୁଡ଼ିକୁ ଏକ ଶାସନାଧୀନ କରିବାର ପ୍ରସ୍ତାବକୁ କଂଗ୍ରେସ ଦୃଢ଼ ବିରୋଧ କରିବା ମଧୁସୂଦନଙ୍କର କଂଗ୍ରେସ ସହ ସଂପର୍କ ଛିନ୍ନ କରିବାର ଅନ୍ୟତମ କାରଣ ଭାବରେ ଉପସ୍ଥାପନ କରାଯାଇଥାଏ । ଭାରତ ସରକାରଙ୍କ ଘରୋଇ ବିଭାଗ ସଚିବ ହବର୍ଟ ରିସ୍‌ଲେ ଆପଣା ସର୍କୁଲାରରେ ଓଡ଼ିଶାରୁ ମିଳିଥିବା ସ୍ମାରକପତ୍ର ଉପରେ ମନ୍ତବ୍ୟ ଦେଇ ଲେଖିଥିଲେ :

> It is for unity on the basis of language, not for redistribution on the basis of administrative advantage, that all these memorialists plead... such a scheme would solve the question of language once and for all (ଉଦ୍ଧୃତ, କର : ୧୯୮୭ ପୃ: ୬୪-୬୫)

କୌଣସି ଦୀର୍ଘସ୍ଥାୟୀ ଓ ଜଟିଳ ସମସ୍ୟାର ସରଳ ସମାଧାନ କେବେ ସମ୍ଭବ କି ? ଭାଷାଗତ ସମସ୍ୟା ସେହିଭଳି ଏକ ଜଟିଳ ସମସ୍ୟା । ତେଣୁ ରିସ୍‌ଲେ ସର୍କୁଲାରକୁ କେତେକ ସ୍ଥାନରେ ସ୍ୱାଗତ କରାଯାଇଥିଲାବେଳେ ଅନ୍ୟ କେତେକ ସ୍ଥାନରେ ପ୍ରବଳ ବିରୋଧ କରାଯାଇଛି । ଲାଲମୋହନ ଘୋଷଙ୍କ ସଭାପତିତ୍ୱରେ ଡିସେମ୍ବର ୨୮-୩୦, ୧୯୦୩ରେ ମାଡ୍ରାସଠାରେ ବସିଥିବା କଂଗ୍ରେସର ଊନବିଂଶ ଅଧିବେଶନରେ ରିସ୍‌ଲେ ସର୍କୁଲାରକୁ ବିରୋଧ କରି ପ୍ରସ୍ତାବ ଗ୍ରହଣ କରାଯାଇଛି :

> ...this congress views with deep concern the present policy of the government of India in breaking up territorial divisions which have been of long standing and are closely united by ethnological, legislative, social and administrative relations and deprecates... the separation of the districts of Ganjam and the Agency tracts of Ganjam and Vizagpatnam districts from the Madras Presidency.
>
> (ଉଦ୍ଧୃତ, କର : ୧୯୮୭ ପୃ.୬୫)

କଂଗ୍ରେସରେ ଏହି ପ୍ରସ୍ତାବ ଗୃହୀତ ହେବାପୂର୍ବରୁ ଏହା ବିରୋଧରେ ଯେଉଁ ସ୍ୱର ଉତ୍ତୋଳିତ ହୋଇଥିଲା, ସେଥିରେ ଓଡ଼ିଶାର କୌଣସି ପ୍ରତିନିଧି ଅଂଶଗ୍ରହଣ

କରିନଥିଲେ । ଗଞ୍ଜାମ ଓ ଗଞ୍ଜାମ ତଥା ଭାଇଜାଗପଟମ୍‌ର ଏଜେନ୍ସୀ ଇଲାକା ନେଇ ଏକ ସଂଶୋଧନ ପ୍ରସ୍ତାବ ଆଣିଥିଲେ ତାମିଲଭାଷୀ ଭି. କୃଷ୍ଣସ୍ୱାମୀ ଆୟାର । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାମଶଙ୍କର ରାୟ ଓ ଭାଗବତ ପ୍ରସାଦ ମହାପାତ୍ରଙ୍କ ସମେତ ଓଡ଼ିଶାର ପାଞ୍ଚଜଣ ପ୍ରତିନିଧି ଏହି ଅଧିବେଶନରେ ଯୋଗ ଦେଇଥିଲେ । କଂଗ୍ରେସରେ ଏଭଳି ପ୍ରସ୍ତାବ ଗୃହୀତ ହେବା ଓ 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନର ଅନୁଷ୍ଠାନ ପ୍ରାୟତଃ ଏକ ସମୟରେ ଚାଲିଥିଲା; ତେବେ ଏଠାରେ ପ୍ରଶ୍ନ ଆସେ, ମଧୁସୂଦନ ବା ଓଡ଼ିଶାର ପ୍ରମୁଖ ନେତାଗଣ ଏଭଳି ନିର୍ଦ୍ଧାରଣ ଗୃହୀତ ହେବବୋଲି ଜାଣି ଉତ୍କଳ ସମ୍ମିଳନୀ ଆରମ୍ଭ କଲେ କିଭଳି ? ଦ୍ୱିତୀୟତଃ, ଜାତୀୟ କଂଗ୍ରେସର ଏଭଳି ନିର୍ଦ୍ଧାରଣକୁ 'ଉତ୍କଳ ସମ୍ମିଳନୀ'ରେ ଉପସ୍ଥାପନ କରାଯାଇ ସେ ସଂପର୍କରେ କୌଣସି ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଛି କି ? ଏଠାରେ ସୂଚନାଯୋଗ୍ୟ ଯେ ୧୯୦୪ ମସିହା ଡିସେମ୍ବର ୨୪ ତାରିଖରେ 'ଶିଳ୍ପ ଏବଂ ଶିକ୍ଷୋନ୍ନତିର ସାଧାରଣ ସଭା' ଯେଉଁ ପ୍ରସ୍ତାବ ଗ୍ରହଣ କରିଛି, ତାହାକୁ ଦ୍ୱିତୀୟ ଅଧିବେଶନରେ ବିରୋଧ କରାଯାଇଛି । ତେଣୁ ଜାତୀୟ କଂଗ୍ରେସ ସହିତ ଉତ୍କଳ ସମ୍ମିଳନୀର ସଂପର୍କକୁ ଏକ ସରଳ ସଂପର୍କ ବୋଲି କୁହାଯାଇ ପାରିବ କି ?

## ॥ ଚାରି ॥

୧୯୨୦ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖ ଓ ୧୯୨୧ ମସିହା ଜାନୁଆରୀ ମାସ ୧ ତାରିଖରେ ଚକ୍ରଧରପୁରରେ ଉତ୍କଳ ସମ୍ମିଳନୀର ଷୋଡଶ ଅଧିବେଶନ ବସିଥିଲା । ଏହି ଅଧିବେଶନରେ ଗୋପବନ୍ଧୁ କୁଆଡେ ପ୍ରସ୍ତାବ କରିଥିଲେ ଯେ ସମ୍ମିଳନୀର ଉଦ୍ଦେଶ୍ୟ ଦେଶମିଶ୍ରଣ ନ ହୋଇ ଭାରତର ସ୍ୱରାଜ୍ୟ ହେଉ । ଏହି ପ୍ରସ୍ତାବ ଫଳରେ ଉତ୍କଳ-ସମ୍ମିଳନୀରେ ତୀବ୍ର ଗୋଷ୍ଠୀ ବିବାଦ ଘଟି ସମ୍ମିଳନୀ ପ୍ରାୟତଃ ବିଲୟ ଲଭିଥିଲା । ଏ ସଂପର୍କରେ ହରେକୃଷ୍ଣ ମହତାବ ତାଙ୍କର ଆତ୍ମଜୀବନୀ 'ସାଧନାର ପଥେ'ରେ ଲେଖିଛନ୍ତି :

> ନାଗପୁର କଂଗ୍ରେସ ପରେ ଚକ୍ରଧରପୁରଠାରେ ଯେଉଁ ଉତ୍କଳ ସମ୍ମିଳନୀ ୧୯୨୦ ମସିହା ଡିସେମ୍ବର ମାସରେ ହେଲା ସେଥିରେ ପଣ୍ଡିତ ଗୋପବନ୍ଧୁ ପ୍ରସ୍ତାବ କରିଥିଲେ ଯେ ସମ୍ମିଳନୀର ଉଦ୍ଦେଶ୍ୟ ଦେଶମିଶ୍ରଣ ନ ରହି କଂଗ୍ରେସର ଉଦ୍ଦେଶ୍ୟ ଅନୁସାରେ ସ୍ୱରାଜ୍ୟ ପ୍ରାପ୍ତି ହେବ । ଏ ପ୍ରସ୍ତାବ ଗୃହୀତ ହେବା ଫଳରେ ସମ୍ମିଳନୀରୁ ବହୁ ଲୋକ ଅପସରି ଯାଇଥିଲେ । (ପୃ.୪୪)

କେବଳ ହରେକୃଷ୍ଣ ମହତାବଙ୍କ ଭଳି ରାଜନୈତିକ ନେତା ନୁହନ୍ତି, ପ୍ରବୋଧ କୁମାର ମିଶ୍ରଙ୍କ ଭଳି ଐତିହାସିକ ମଧ୍ୟ ଚକ୍ରଧରପୁର ଅଧିବେଶନ ସଂପର୍କରେ ଏଭଳି ମତାମତ ଦେଇଛନ୍ତି । ମିଶ୍ର ଲେଖିଛନ୍ତି :

> The Chakradharpur Session of Utkal Union Conference was a personal triumph for Gopabandhu. The Satyabadi group succeeded in getting a resolution passed to the effect that the Utkal Union Conference would adopt the Non-cooperation programme of the Congress and join All-India movement. The movement launched by Madhusudan Das for effecting the amalgamation of the Oriya speaking tracts was now suspended in favour of a mass movement for Swaraj led by the Satyabadi group under Gopabandhu Das. (***The Political History of Orissa :*** 1900-1936 : 1979 : p.122)

ଏଠାରେ ପ୍ରଶ୍ନ ଆସେ ଚକ୍ରଧରପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ସତରେ କଣ ଓଡ଼ିଶାର ଏକତ୍ରୀକରଣ ଲକ୍ଷ୍ୟକୁ ସ୍ଥଗିତ ରଖି ଅସହଯୋଗକୁ ସମ୍ମିଳନୀର ଲକ୍ଷ୍ୟଭାବରେ ଗ୍ରହଣ କରାଯାଇଥିଲା ? ଦ୍ୱିତୀୟତଃ ଉତ୍କଳ ସମ୍ମିଳନୀର କ୍ଷମତା ସଂଘର୍ଷରେ (ଯଦି ଥାଏ ?) ଗୋପବନ୍ଧୁଙ୍କ ବିଜୟ କଣ ଆକସ୍ମିକ ଥିଲା ? ତୃତୀୟତଃ, ଏହା ଫଳରେ ସମ୍ମିଳନୀରୁ କେତେଜଣ ଲୋକ ଦୂରେଇ ଗଲେ ଓ କେତେଦିନ ପାଇଁ ? ଚତୁର୍ଥରେ, ପରବର୍ତ୍ତୀ ଅବସ୍ଥାରେ ସମ୍ମିଳନୀର ଅବସ୍ଥା କଣ ହେଲା ? ପଞ୍ଚମରେ, କଂଗ୍ରେସ ସହ ମଧୁସୂଦନ ଓ ନରମପନ୍ଥୀ ନେତାଙ୍କର କିଛି ମୌଳିକ ବିରୋଧ ଥିଲା କି ?

ପ୍ରବୋଧ କୁମାର ମିଶ୍ର ଓ ଅଳ୍ପ କେତେଜଣ ଇତିହାସ-ଲେଖକଙ୍କୁ ଛାଡିଦେଲେ ଉତ୍କଳ-ସମ୍ମିଳନୀର ପରବର୍ତ୍ତୀ ଅଧିବେଶନଗୁଡ଼ିକ ସଂପର୍କରେ ଅନ୍ୟ କେହି ପ୍ରାୟତଃ ଆଲୋଚନା କରିନାହାନ୍ତି । ପରବର୍ତ୍ତୀ ସମୟର ଦୁଇଟି ଅଧିବେଶନ ସଂପର୍କରେ ସୂଚନା ଦେଇଥିଲେ ବି ଚକ୍ରଧରପୁର ଅଧିବେଶନ ପରେ କଂଗ୍ରେସ କର୍ମୀମାନଙ୍କ ଅନୀହାରୁ ଉତ୍କଳ ସମ୍ମିଳନୀ ତା'ର ମର୍ଯ୍ୟାଦା ହରାଇ ବସିଥିଲା ବୋଲି ନିବେଦିତା ମହାନ୍ତି କହିଛନ୍ତି :

> Although the U.U.C. had formally accepted the Congress ideals at Chakradharpur, the promoters of Congress gradually dissociated themselves from this organisation and with that the U.U.C. no longer remained the sole national symbol of the Oriyas; it appeared to function on a subdued note. It did not meet annually as before. (***Oriya Nationalism :*** 1982 : p.104)

ଏଠାରେ ପ୍ରଶ୍ନ ହୁଏ ଓଡ଼ିଶାର ଏକମାତ୍ର ଜାତୀୟ ଅନୁଷ୍ଠାନ ଭାବରେ ଉତ୍କଳ ସମ୍ମିଳନୀର ଯେଉଁ ମର୍ଯ୍ୟାଦା କ୍ଷୁଣ୍ଣ ହେଲା ସେଥିପାଇଁ କ'ଣ କଂଗ୍ରେସିଆମାନେ କେବଳ ଦାୟୀ ?

ଚକ୍ରଧରପୁର ପରବର୍ତ୍ତୀ ଅଧିବେଶନଗୁଡ଼ିକର ଦୀପ୍ତି ମ୍ଳାନ ହୋଇପାରେ, ସେଗୁଡ଼ିକୁ ସଂପୂର୍ଣ୍ଣ ଦୀପ୍ତିହୀନ କୁହାଯାଇ ପାରିବ କି ? ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ୧୯୨୦ ପରବର୍ତ୍ତୀ ଉତ୍କଳ ସମ୍ମିଳନୀର କ'ଣ କୌଣସି ଭୂମିକା ନାହିଁ ?

## ।। ପାଞ୍ଚ ।।

ଉତ୍କଳଗୌରବ ମଧୁସୂଦନଙ୍କର ମାନସ ସନ୍ତାନ ଥିଲା ଉତ୍କଳ ସମ୍ମିଳନୀ – ଏହା ଏକ ବହୁ ପ୍ରଚଳିତ ସିଦ୍ଧାନ୍ତ । ପରେ ଅନେକେ 'ଉତ୍କଳ ସମ୍ମିଳନୀ'କୁ ମଧୁସୂଦନଙ୍କ ଦ୍ୱାରା ପ୍ରସ୍ତୁତ ଏକ ତାମସା ବୋଲି ଅଭିହିତ କରିଛନ୍ତି । ସମସ୍ତ ଓଡ଼ିଆଙ୍କର ସହଯୋଗ ଓ ଅଂଶଗ୍ରହଣ କାମନା କରୁଥିବା ମଧୁସୂଦନ ପ୍ରଥମ ଅଧିବେଶନରୁ ହିଁ ତାଙ୍କର ଏକଛତ୍ର ମନୋଭାବ ପ୍ରକାଶ କରିଥିଲେ । ରମ୍ଭାରୁ ପ୍ରକାଶିତ 'ପ୍ରଜାବନ୍ଧୁ'ର ସଂପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ମଦ୍ୟପାନ କରି ସମ୍ମିଳନୀ ମଣ୍ଡପକୁ ଆସିଥିବାରୁ ମଧୁସୂଦନ କାନ୍ଦି କାନ୍ଦି ବିଦ୍ୟାରତ୍ନଙ୍କୁ ସମ୍ମିଳନୀ ମଣ୍ଡପରୁ ଅପସାରିତ କରିଥିଲେ । ସମ୍ମିଳନୀର ଚିଠା ପ୍ରସ୍ତାବରେ ପଞ୍ଚମ ନିର୍ଦ୍ଧାରଣର ପ୍ରଥମ ସମର୍ଥକ ଥିଲେ ବିଦ୍ୟାରତ୍ନ ମହାଶୟ । କିନ୍ତୁ ତାଙ୍କୁ ପଞ୍ଚମ ପ୍ରସ୍ତାବ ସମର୍ଥନ କରିବାକୁ ଦିଆଯାଇ ନଥିଲା । ସେହି ସ୍ଥାନ ନେଇଥିଲେ ଗୋପାଳବଲ୍ଲଭ ଦାସ । ଗୋପବନ୍ଧୁଙ୍କୁ ନେଇ ସମ୍ମିଳନୀ ମଣ୍ଡପରେ ଯେଉଁ ନାଟକ ଅଭିନୀତ ହୋଇଥିଲା, ତାହା ଆହୁରି ଦୁଃଖଦାୟକ । 'ପ୍ରାର୍ଥନା' ଶୀର୍ଷକ ପୁସ୍ତିକା ଲେଖିଥିବାରୁ ଗୋପବନ୍ଧୁଙ୍କୁ ସମ୍ମିଳନୀ ମଣ୍ଡପରୁ ବହିଷ୍କାର କରିଥିଲେ ମଧୁସୂଦନ । କାରଣ, ସେହି ପୁସ୍ତିକାରେ ମଧୁସୂଦନଙ୍କ ବିରୋଧୀ ମତ ସ୍ଥାନ ପାଇଥିଲା । ଏ ସଂପର୍କରେ ନିଜର ଅନୁଭୂତିରୁ କବି ଚିନ୍ତାମଣି ମହାନ୍ତି ଲେଖିଛନ୍ତି :

> ପ୍ରଥମଦିନ ମଧୁବାବୁ ଗୋପବନ୍ଧୁ ଦାସଙ୍କୁ ସଭାରୁ ବାହାରି ଯିବାକୁ କହିଲେ । ତାଙ୍କର ଅପରାଧ ଏହି ଯେ, ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବାକୁ ସେ ମତ ପ୍ରକାଶ କରିଥିଲେ । ଦଳକର ଇଚ୍ଛା – ବଙ୍ଗ ସଙ୍ଗରେ ଯେଉଁପରି ଅଛି, ସେହିପରି ଥାଉ । ଅପର ଦଳର ମତ, ମଧ୍ୟ ପ୍ରଦେଶରେ ମିଶୁ । ଏହିପରି ଦୁଇଟା ଦଳର ସୃଷ୍ଟି ହୋଇଥିଲା । ଦୁଇଖଣ୍ଡ ପ୍ରତିବାଦ ପୁସ୍ତକ ବାହାରିଥିଲା, ଖଣ୍ଡକର ନାମ 'ଜ୍ଞାନାଞ୍ଜନ ଶଳାକା', ଅନ୍ୟ ଖଣ୍ଡର ନାମ ସ୍ମରଣ ହେଉନାହିଁ । ମଧୁବାବୁ ରାଗିଯାଇ କହିଲେ– ''ତୁମ୍ଭେ ବାହାରି ନ ଗଲେ ମୁଁ ଭଲଣ୍ଟିଅର ଦ୍ୱାରା ତୁମ୍ଭଙ୍କୁ ବାହାର କରିଦେବି ।'' ତହୁଁ ମାତୃପ୍ରାଣ ଗୋପବନ୍ଧୁ ଦାସ କାନ୍ଦି କାନ୍ଦି ସଭାରୁ ଚାଲିଗଲେ । (*ଜୀବନ ପଞ୍ଜିକା* : ୧୯୭୦ : ପୃ.୧୨୦)

ଏଠାରେ ପ୍ରଶ୍ନ ହେଉଛି 'ଉତ୍କଳ ସମ୍ମିଳନୀ'ର ନେତାମାନଙ୍କର ଏଭଳି ବ୍ୟକ୍ତିଗତ ଆଚାର ବିଚାର ଓଡ଼ିଆମାନଙ୍କର ଜାତୀୟ ଜୀବନକୁ କେତେଦୂର ପ୍ରଭାବିତ କରିଥିଲା ? 'ଉତ୍କଳ-ସମ୍ମିଳନୀ' ସହ ମଧୁସୂଦନଙ୍କ ବ୍ୟତୀତ ଅନ୍ୟ କେଉଁମାନେ କେତେମାତ୍ରାରେ ଜଡ଼ିତ ଥିଲେ ଓ ସେମାନଙ୍କ ବିଶିଷ୍ଟ ଅବଦାନ କଣ ? ଯଦି ସେମାନଙ୍କର କିଛି ଅବଦାନ ଥିଲା, ତେବେ ତାହା ପରବର୍ତ୍ତୀ କାଳରେ କେତେଦୂର ସ୍ୱୀକୃତ ? ଯଦି ସ୍ୱୀକୃତ ନ ହୋଇଛି ତେବେ ଏହାର କାରଣ କ'ଣ ?

ଅଧିକାଂଶ ଗବେଷକ ଓ ଐତିହାସିକଙ୍କର ଧାରଣା ଚକ୍ରଧରପୁର ଅଧିବେଶନ ପର୍ଯ୍ୟନ୍ତ 'ଉତ୍କଳ-ସମ୍ମିଳନୀ' ଉପରେ ମଧୁସୂଦନଙ୍କର କର୍ତ୍ତୃତ୍ୱ ଥିଲା ଅଖଣ୍ଡ ଓ ସେ ଏହାର ପ୍ରାଣପୁରୁଷ ଥିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେତେବେଳେ ମଧୁସୂଦନ କବିତାରେ ଲେଖୁଛନ୍ତି, ''ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ/କୋଟି ପ୍ରାଣ ବିନ୍ଦୁ ଧରେ/ ତୋର ପ୍ରାଣବିନ୍ଦୁ ମିଶେଇ ଦେ ଭାଇ/ଡେଇଁପଡ଼ି ସିନ୍ଧୁ ନୀରେ'' (ମୁକୁର-୧୦।୭; ଅକ୍ଟୋବର, ୧୯୧୫; ପୃ.୨୨୨); ଠିକ୍ ତାର ଅଳ୍ପଦିନ ପରେ 'ଉତ୍କଳ-ସମ୍ମିଳନୀ'ରେ ଆପଣାର 'ପ୍ରାଣବିନ୍ଦୁ' ନ ମିଶାଇ, ତାହାକୁ ସେ ମିଶାଇ ଦେଇଥିଲେ ସର୍ବଭାରତୀୟ ଖ୍ରୀଷ୍ଟିଆନ ସମ୍ମିଳନୀରେ । ମଧୁସୂଦନଙ୍କ ଅବର୍ତ୍ତମାନରେ ସମ୍ମିଳନୀକୁ ପରିଚାଳିତ କରୁଥିଲେ କେଉଁମାନେ ? ଉତ୍କଳ-ସମ୍ମିଳନୀର ଇତିବୃତ୍ତ ଆଲୋଚନା କଲାବେଳେ ଦୁଇଜଣଙ୍କର ନାମ ମୁଖ୍ୟତଃ ଆଲୋଚନା ପରିସରକୁ ଆସିଥାଏ – ମଧୁସୂଦନ ତଥା ଗୋପବନ୍ଧୁ । ଏହି ଦୁଇ ଜଣଙ୍କୁ ଛାଡିଦେଲେ ଅନ୍ୟମାନଙ୍କର 'ଉତ୍କଳ-ସମ୍ମିଳନୀ' ପାଇଁ ବିଶେଷ ଅବଦାନକୁ ସ୍ୱୀକାର କରାଯାଇନାହିଁ । କେଉଁ କେଉଁ ଅଧିବେଶନଗୁଡ଼ିକ ସହ ମଧୁସୂଦନ ଜଡ଼ିତ ଓ କେଉଁଗୁଡ଼ିକ ସହ ସେ ସଂଶ୍ଳିଷ୍ଟ ନୁହନ୍ତି; ତାହା ମଧ ତାଙ୍କର ଜୀବନୀଲେଖକ ଓ ଓଡ଼ିଶାର ସେହି ସମୟର ଇତିହାସ ଲେଖିଥିବା ଗବେଷକମାନେ ସ୍ପଷ୍ଟଭାବରେ ଲେଖିନାହାନ୍ତି । ଏଭଳିକି ଗୋପବନ୍ଧୁଙ୍କ ଭୂମିକା ମଧ ଯଥାର୍ଥ ଭାବରେ ଆଲୋଚନାକୁ ଆସିନାହିଁ । ଫଳରେ 'ଉତ୍କଳ-ସମ୍ମିଳନୀ' ଓ ମଧୁସୂଦନ ଦାସ ଅଭିନ୍ନ ହୋଇଯାଇଛନ୍ତି । ଉଭୟଙ୍କ ମଧରେ ଥିବା ସଂପର୍କର ଜଟିଳତା ଆଲୋଚନା ପରିସରକୁ ଆସିନାହିଁ । 'ଉତ୍କଳ-ସମ୍ମିଳନୀ' ସହ ମଧୁବାବୁଙ୍କର ସଂପର୍କ ଆଲୋଚନା କରି ନିବେଦିତା ମହାନ୍ତି ଲେଖିଛନ୍ତି :

> For a long time, the powerful and enigmatic personality of M.S.Das held its sway over the political scene. This grand old man had taken upon his shoulders the onus of unifying the outlying Orissa tracts as well as elevating the general standard of Oriyas to a decent level in all fronts. But in course of the struggle he tended to become too domineering, and this started having its repurcussions.

> With his increasing age and with the gradual change in the political atmosphere in the Indian scene, he started losing his grip on the organisation – the U.C.C., which at one time was a virtual one-man show. (***Oriya Nationalism*** : p.99)

ଏହି ପ୍ରସଙ୍ଗରେ ଓଡ଼ିଶାର ରାଜନୀତି କ୍ଷେତ୍ରରେ ଓ ଉତ୍କଳ-ସମ୍ମିଳନୀ ମଧ୍ୟରେ ଗୋପବନ୍ଧୁଙ୍କ ଆବିର୍ଭାବ କଥା ମହାନ୍ତି କହିଛନ୍ତି । ଏଠାରେ ପ୍ରଶ୍ନ ହୁଏ, କେତେ ଦିନ ପର୍ଯ୍ୟନ୍ତ ଉତ୍କଳ-ସମ୍ମିଳନୀ ଥିଲା ମଧୁବାବୁଙ୍କର 'one-man show'; ଦ୍ୱିତୀୟତଃ, 'ଉତ୍କଳ-ସମ୍ମିଳନୀ'ରେ ମଧୁବାବୁଙ୍କର ପ୍ରଭାବ କ୍ଷୟହେବାକୁ ଆରମ୍ଭ କଲାବେଳକୁ କଣ ଗୋପବନ୍ଧୁଙ୍କର 'ଉତ୍କଳ-ସମ୍ମିଳନୀ'ରେ ଆବିର୍ଭାବ ? ମଧୁବାବୁଙ୍କ ସହିତ ଗୋପବନ୍ଧୁଙ୍କର ସଂପର୍କର ପ୍ରଭାବ ଓଡ଼ିଶାର ଜାତୀୟ ଜୀବନ ତଥା 'ଉତ୍କଳ ସମ୍ମିଳନୀ'କୁ କିଭଳି ଭାବେ ପ୍ରଭାବିତ କରିଛି ? ଚକ୍ରଧରପୁର ଅଧିବେଶନ ପରେ 'ଉତ୍କଳ ସମ୍ମିଳନୀ' ସହ ଏମାନେ ସଂପୃକ୍ତ ହୋଇଛନ୍ତି କି ? ଯଦି ହୋଇଛନ୍ତି ତେବେ କେଉଁ ଭୂମିକାରେ ? ମଧୁସୂଦନ, ଗୋପବନ୍ଧୁ ଓ ସମକାଳୀନ ବ୍ୟକ୍ତିମାନଙ୍କ ଜୀବନୀ ଲେଖିବାକୁ ଯାଇ ଜୀବନୀଲେଖକମାନେ ଚରିତାମୃତ ଲେଖିଥିବାରୁ ଓ ଐତିହାସିକମାନେ ସମୟ, ବ୍ୟକ୍ତି ଓ ଘଟଣାଗୁଡ଼ିକୁ ଯଥାର୍ଥ ପ୍ରଶ୍ନ ପଚାରି ନଥିବାରୁ, ଏହିସବୁ ପ୍ରଶ୍ନର ଯୁକ୍ତିଯୁକ୍ତ ଉତ୍ତର ଏ ପର୍ଯ୍ୟନ୍ତ ମିଳିନାହିଁ ।

## ।। ଛଅ ।।

ରାଜନୈତିକ ଓ ସାମରିକ କାରଣରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ପଞ୍ଚଦଶ ଶତକଠାରୁ ପରସ୍ପର ବିଚ୍ଛିନ୍ନ ହୋଇ ପଡ଼ିଥିଲା । ଏହି ବିଚ୍ଛିନ୍ନତା ହେତୁ ଇଂରେଜମାନଙ୍କ କର୍ତ୍ତୃତ୍ୱକୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ବିଭିନ୍ନ ପର୍ଯ୍ୟାୟରେ ଆସିଥିଲା ଓ ଇଂରେଜମାନଙ୍କର ଅଲଗା ଅଲଗା ପ୍ରଶାସନିକ ଏକକ ସହ ସଂପୃକ୍ତ ହୋଇପଡ଼ିଥିଲା । ଫଳରେ ଓଡ଼ିଆମାନେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲେ ଐତିହାସିକ ପ୍ରକ୍ରିୟାରେ, ଯେଉଁଥିପାଇଁ ଇଂରେଜମାନେ ବା ଅନ୍ୟ କେହି ଦାୟୀ ହୁଅନ୍ତି । ଅଲଗା ଅଲଗା ପ୍ରଶାସନିକ ଏକକ ଅଧୀନରେ ଥିଲେ ବି ଭାଷା, ଧାର୍ମିକ ଚିନ୍ତା ଓ କେତେକ ସାମାଜିକ ସଂପର୍କ ଦୀର୍ଘ ଚାରିଶହ ବର୍ଷ ଧରି ସେମାନଙ୍କୁ ଆପାତତଃ ବାନ୍ଧି ରଖିଥିଲା । ଊନବିଂଶ ଶତକରେ ସଂଖ୍ୟାଲଘୁ ଗୋଷ୍ଠୀର ଗୌଣବୋଧ ହେତୁ ସେମାନେ ପୁଣି ଥରେ ଏକାଠି ହେବାକୁ ସ୍ୱପ୍ନ ଦେଖିଥିଲେ ଓ ସେହି ସ୍ୱପ୍ନ ସାକାର ହୋଇଥିଲା ୧୯୩୬ ମସିହାରେ; ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଥିଲା ସେହି ସ୍ୱପ୍ନର ଫଳଶ୍ରୁତି । ଓଡ଼ିଆମାନେ ଏକୀକରଣ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ଓ କେତେକାଂଶରେ ତାହା ସାକାର ହୋଇଥିଲା ୧୯୩୬ ମସିହାରେ; ତାହା ପଶ୍ଚାତରେ ପ୍ରକୃତରେ ତିନୋଟି କାରଣ

ଥିଲା : (କ) ଓଡ଼ିଆମାନଙ୍କର ନିଜ ଚେଷ୍ଟା, (ଖ) ବୃହତ୍ତର ଐତିହାସିକ ପ୍ରକ୍ରିୟାର ଚାପ (ଗ) ବ୍ରିଟିଶ ପ୍ରଶାସନର ସିଦ୍ଧାନ୍ତ । ଏହି ତିନି କାରଣ ଥିଲା ପରସ୍ପର ଆଶ୍ରିତ । ତେଣୁ ଯେଉଁ ଐତିହାସିକମାନେ ଓଡ଼ିଶା ପ୍ରଦେଶ ଗଠନ ବା ଓଡ଼ିଆ ଜାତୀୟତାର ଇତିହାସ ଲେଖିଛନ୍ତି, ସେମାନେ ଏହି ତିନି କାରଣ ଉପରେ ଗୁରୁତ୍ୱ ଆରୋପ କରିବା ଉଚିତ । କିନ୍ତୁ ପ୍ରକୃତରେ ତାହା ହୋଇଛି କି ?

ଉତ୍କଳ ସମ୍ମିଳନୀ ତଥା ଏହିଭଳି ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠା ଓ ସେଗୁଡ଼ିକର କାର୍ଯ୍ୟପନ୍ଥା ଓଡ଼ିଆମାନଙ୍କ ନିଜଚେଷ୍ଟାର ଅର୍ନ୍ତଭୁକ୍ତ । ଏହି ଚେଷ୍ଟାକୁ 'ଓଡ଼ିଆ ଆନ୍ଦୋଳନ', 'ଓଡ଼ିଆ ଜାତୀୟତାର ବିକାଶ' ତଥା 'ଓଡ଼ିଆ ଅସ୍ମିତାର ସନ୍ଧାନ' ଆଦି ଶୀର୍ଷକ ତଳେ ଆଲୋଚନା କରାଯାଇଛି । ଏହି ସମସ୍ତ ଆଲୋଚନାରେ 'ଉତ୍କଳ ସମ୍ମିଳନୀ'ର ଭୂମିକାକୁ ସମସ୍ତ ଆଲୋଚକ ଉଣା ଅଧିକେ ସ୍ୱୀକାର କରିଛନ୍ତି କିନ୍ତୁ ଯେଉଁ ଗୁରୁତ୍ୱ ଦେଇ ଆଲୋଚନା କରିବା କଥା ତାହା ଅନେକ ସମୟରେ କରାଯାଇନାହିଁ । ଓଡ଼ିଶା ପ୍ରଦେଶ ଗଠନପୂର୍ବରୁ ଏହି ଆନ୍ଦୋଳନର ଏକ ଇତିହାସ ଲେଖିଥିଲେ ଚକ୍ରପାଣି ପ୍ରଧାନ ଓ ନିରଞ୍ଜନ ପଟ୍ଟନାୟକ । ***The Oriya Movement*** ଶୀର୍ଷକରେ ଏହି ଦୁଇ ସ୍ନାତକ ଉପାଧିଧାରୀଙ୍କ ଦ୍ୱାରା ଲିଖିତ ପୁସ୍ତକଟି ଆସ୍କାର ଓଡ଼ିଆ ସମାଜଦ୍ୱାରା ଡିସେମ୍ବର, ୧୯୧୯ରେ ପ୍ରକାଶିତ । ଏହି ପୁସ୍ତକରେ ସେହି ସମୟପର୍ଯ୍ୟନ୍ତ ଓଡ଼ିଆମାନଙ୍କର ଆନ୍ଦୋଳନ ଯେଉଁ ପର୍ଯ୍ୟାୟରେ ପହଞ୍ଚିଥିଲା, ତାହାର ଏକ ବିବରଣୀ ପ୍ରଦାନ କରାଯାଇଛି । ପରବର୍ତ୍ତୀ କାଳରେ ଯେଉଁମାନେ ସଂପୃକ୍ତ ବିଷୟରେ ଆଲୋଚନା/ଗବେଷଣା କରିଛନ୍ତି, ସେମାନେ ସଂପୃକ୍ତ ପୁସ୍ତକକୁ ଏକ ଆକର ଗ୍ରନ୍ଥର ମାନ୍ୟତା ଦେଇଛନ୍ତି । ସଂପୃକ୍ତ ଗ୍ରନ୍ଥରେ 'ଉତ୍କଳ ସମ୍ମିଳନୀ' ପ୍ରଥମ ଅଧିବେଶନ ପାଇଁ ଓଡିଆଜାତିର ପ୍ରତୀକ୍ଷା ଓ ଔତ୍ସୁକ୍ୟ ସଂପର୍କରେ ଲେଖାଯାଇଛି :

> ... the fundamental demand for union was throughout consistent; and the whole people were awaiting with keen interest the first sitting of the Utkal Union Conference which were to be held during the month of December to give united expression to this national desire. (p.35)

ଓଡ଼ିଆମାନଙ୍କ ଜାତୀୟ ଆକାଂକ୍ଷାର ସଂଗଠିତ ରୂପ ଥିଲା 'ଉତ୍କଳ ସମ୍ମିଳନୀ' । ଓଡ଼ିଆ ଆନ୍ଦୋଳନରେ ଅନେକ ବ୍ୟକ୍ତି ଓ ଅନୁଷ୍ଠାନର ଭୂମିକା ଥିଲେ ବି 'ଉତ୍କଳ ସମ୍ମିଳନୀ'ର ଭୂମିକା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆଲୋଚ୍ୟ ପୁସ୍ତକରେ 'History of the Movement' ଅଧ୍ୟାୟରେ ଓ ତିନୋଟି ଦୀର୍ଘ ପରିଶିଷ୍ଟରେ 'ଉତ୍କଳ ସମ୍ମିଳନୀ' ବା ସମ୍ମିଳନୀ ସହ ସଂପୃକ୍ତ ପ୍ରସଙ୍ଗ ଉପସ୍ଥାପିତ । ପରବର୍ତ୍ତୀ ସମୟରେ ନବକିଶୋର ଦାସ, ସୁରେନ୍ଦ୍ର ମହାନ୍ତି ଓ ସୂର୍ଯ୍ୟନାରାୟଣ ଦାଶ ଉତ୍କଳଗୌରବ ମଧୁସୂଦନଙ୍କ ଜୀବନୀରଚନା ଅବସରରେ 'ଉତ୍କଳ ସମ୍ମିଳନୀ'ର ଇତିହାସ ଓ କାର୍ଯ୍ୟାବଳୀ

ଆଲୋଚନା କରିଛନ୍ତି । ବାଇକୋଳି ମହାପାତ୍ର ଦେହାନ୍ତ ପୂର୍ବରୁ *ଓଡ଼ିଆ ଆନ୍ଦୋଳନର ଇତିହାସ* ଶୀର୍ଷକରେ ପୁସ୍ତକ ଲେଖିଛନ୍ତି ଯାହା ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ ଦ୍ୱାରା ୧୯୭୬ ମସିହାରେ ପ୍ରକାଶିତ । ୧୯୭୯ରୁ ୧୯୮୨ ମଧ୍ୟରେ ଶରତଚନ୍ଦ୍ର ପାତ୍ରଙ୍କର ***The Formation of the Province of Orissa,*** ପ୍ରବୋଧ କୁମାର ମିଶ୍ରଙ୍କର ***The Political History of Orissa : 1900-1936*** ଓ ନିବେଦିତା ମହାନ୍ତିଙ୍କର ***Oriya Nationalism*** ଏହି ତିନୋଟି ଚର୍ଚ୍ଚିନିବନ୍ଧ ପ୍ରକାଶିତ । ମହାପାତ୍ରଙ୍କ ପୁସ୍ତକରେ ଉତ୍କଳ ସମ୍ମିଳନୀର ବିବରଣୀ ପ୍ରମୁଖ ସ୍ଥାନ ଅଧିକାର କରିବା ସ୍ୱାଭାବିକ । ଉପରୋକ୍ତ ତିନି ଗବେଷକ ଓଡ଼ିଶା ପ୍ରଦେଶ ଗଠନର ଇତିହାସ, ଓଡ଼ିଶାର ରାଜନୈତିକ ଇତିହାସ ଓ ଓଡ଼ିଆ ଜାତୀୟତାର ବିକାଶ ପ୍ରସଙ୍ଗ ଆଲୋଚନା କଲାବେଳେ 'ଉତ୍କଳ ସମ୍ମିଳନୀ'ର ଭୂମିକା ଉପରେ ଆଲୋକପାତ କରିଛନ୍ତି । ୧୯୮୭ ମସିହାରେ ପ୍ରକାଶିତ ପୁରୁଷୋତ୍ତମ କରଙ୍କ ***Indian National Congress and Orissa*** ପୁସ୍ତକରେ 'ଭାରତୀୟ ଜାତୀୟ କଂଗ୍ରେସ' ସହ 'ଉତ୍କଳ ସମ୍ମିଳନୀ'ର ସଂପର୍କ ବେଶ୍ ନିର୍ମୋହ ଓ ବସ୍ତୁନିଷ୍ଠ ଦୃଷ୍ଟିକୋଣରୁ ଆଲୋଚିତ । ୨୦୦୨ ମସିହାରେ ପ୍ରକାଶିତ ଶୁଭକାନ୍ତ ବେହେରାଙ୍କର ***Construction of an Identity Discourse*** ପୁସ୍ତକରେ ଉତ୍କଳ ସମ୍ମିଳନୀ ବିଷୟରେ ପ୍ରସଙ୍ଗକ୍ରମେ ଆଲୋଚନା କରାଯାଇଛି । ବେହେରାଙ୍କର ମୁଖ୍ୟ ଆଲୋଚ୍ୟ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ଧର୍ମ – ତେଣୁ ସ୍ୱାଭାବିକ ଭାବରେ 'ଉତ୍କଳ ସମ୍ମିଳନୀ' ସେତେଟା ଗୁରୁତ୍ୱ ପାଇନାହିଁ । ଏଠାରେ ତେଣୁ ପ୍ରଶ୍ନ ଆସେ 'ଉତ୍କଳ ସମ୍ମିଳନୀ'ର ଇତିହାସ ଓ ଭୂମିକା ଏହି ସମସ୍ତ ପୁସ୍ତକରେ ଯଥାର୍ଥ ଭାବେ ଆଲୋଚିତ କି ? ଯଦି ତାହା ସମ୍ଭବପର ହୋଇନାହିଁ, ତେବେ କେଉଁଥିପାଇଁ ତାହା ହୋଇପାରିନାହିଁ ? ଏଠାରେ ସୂଚନାଯୋଗ୍ୟ ଯେ ମଧୁସୂଦନଙ୍କର ଜୀବନୀ-ଲେଖକମାନଙ୍କ ମଧ୍ୟରୁ କେବଳ ସୂର୍ଯ୍ୟନାରାୟଣ ଦାଶଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଜଣ 'ଉତ୍କଳ ସମ୍ମିଳନୀ'ର ବିବରଣୀ ପୁସ୍ତିକା ଦେଖିନାହାନ୍ତି । ଫଳରେ ମଧୁସୂଦନଙ୍କ ଜୀବନ ଓ ବ୍ୟକ୍ତିତ୍ୱ ଆଲୋଚନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେତେକ ଅଧିବେଶନର ପ୍ରସଙ୍ଗ ସେମାନେ ଉପସ୍ଥାପିତ କରିପାରିନାହାନ୍ତି । ବାଇକୋଳି ମହାପାତ୍ରଙ୍କ ପୁସ୍ତକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ସଂପର୍କରେ ସବିଶେଷ ତଥ୍ୟ ରହିଛି ମାତ୍ର ଅନ୍ୟ ଅଧିବେଶନଗୁଡ଼ିକ ସଂପର୍କରେ ତାଙ୍କ ନିକଟରେ ବୋଧହୁଏ ବିଶେଷ ତଥ୍ୟ ନଥିଲା । ତେଣୁ ସେଗୁଡ଼ିକର ସମୟ ମଧ୍ୟ ସେ ଠିକ ଭାବରେ ଜାଣିନାହାନ୍ତି । ପରବର୍ତ୍ତୀ ଗବେଷକମାନଙ୍କର ଗବେଷଣା ପୁସ୍ତକ ମଧ୍ୟ ଏଭଳି ତ୍ରୁଟି ବିଚ୍ୟୁତିରୁ ମୁକ୍ତ ନୁହେଁ । ସବୁଠାରୁ ଦୁଃଖର ବିଷୟ 'ଉତ୍କଳ ସମ୍ମିଳନୀ' ସଂପର୍କରେ ଏକ ଗବେଷଣାତ୍ମକ ପୁସ୍ତକ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ସରକାରୀ ନଥି ଓ କେତେଜଣ ସାହିତ୍ୟିକଙ୍କ ରଚନାବଳୀ ସହଜରେ ଉପଲବ୍ଧ

ହେଉଥିବାରୁ ଅଧିକାଂଶ ଗବେଷକ ଓଡ଼ିଆ ଜାତୀୟତା, ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଓଡ଼ିଆ ଅସ୍ମିତା ଆଲୋଚନା କଲାବେଳେ, ସେହି ସମସ୍ତ ତଥ୍ୟ ଓ ରଚନାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଫଳରେ 'ଉତ୍କଳ ସମ୍ମିଳନୀ' ସଂପର୍କରେ ଯଥାଯଥ ଆଲୋଚନା ଏ ପର୍ଯ୍ୟନ୍ତ ହୋଇପାରିନାହିଁ ।

## ॥ ସାତ ॥

ଉତ୍କଳ-ସମ୍ମିଳନୀର ଆରମ୍ଭ, ନାମକରଣ, ଉତ୍କଳ ସଭା ଓ ଭାରତୀୟ ଜାତୀୟ କଂଗ୍ରେସ ସହ ଏହାର ସଂପର୍କ, ଚକ୍ରଧରପୁର ଓ ତାର ପରବର୍ତ୍ତୀ ଅଧିବେଶନଗୁଡ଼ିକର ଭୂମିକା, ଉତ୍କଳ ସମ୍ମିଳନୀ ସହ ସଂପୃକ୍ତ ଓଡ଼ିଆ ନେତାମାନଙ୍କର ବ୍ୟକ୍ତିଗତ ବିଚାରଧାରା, ସେମାନଙ୍କର ଆତ୍ମଦ୍ୱନ୍ଦ୍ୱ ଓ ଓଡ଼ିଶାର ରାଜନୈତିକ ଇତିହାସରେ ସେମାନଙ୍କର ବାସ୍ତବ ଭୂମିକା ତଥା ଓଡ଼ିଆ ଜାତୀୟତା ନିର୍ମାଣରେ ଉତ୍କଳ ସମ୍ମିଳନୀର ଗୁରୁତ୍ୱ ସଂପର୍କରେ ଯେଉଁ ପ୍ରଶ୍ନସବୁ ଉପସ୍ଥାପିତ – ତାହାର ଉତ୍ତର ଉତ୍କଳସମ୍ମିଳନୀ ସଂପର୍କରେ ଏପର୍ଯ୍ୟନ୍ତ ହୋଇଥିବା ପରିଚର୍ଚ୍ଚାରୁ ମିଳେ ନାହିଁ । ଏହାର କାରଣ ହେଲା, ଉତ୍କଳ ସମ୍ମିଳନୀ ସଂପର୍କରେ ଆଲୋଚନା ଯେଉଁସବୁ ତଥ୍ୟ ଉପରେ ନିର୍ଭର କରିବା କଥା, ତାହା ଐତିହାସିକ/ଗବେଷକମାନଙ୍କ ଦୃଷ୍ଟିକୁ ଆସିନାହିଁ । ଫଳରେ ଅନେକ ସମୟରେ ଲେଖକ ଓ ଗବେଷକମାନେ ସହଜରେ ଉପଲବ୍ଧ ତଥ୍ୟ-ଭିତ୍ତିରେ ଆପଣା ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ପୂର୍ବରୁ ସୂଚୀତ, 'ଉତ୍କଳ ସମ୍ମିଳନୀ'ର ଏକ ବିଧିବଦ୍ଧ ଇତିହାସ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । 'ଉତ୍କଳ ସମ୍ମିଳନୀ' ସଂପର୍କିତ ମୌଳିକ ତଥ୍ୟ ରାଜ୍ୟ ଅଭିଲେଖାଗାର ବା ରାଜ୍ୟ ସଂଗ୍ରହାଳୟରୁ ବିଶେଷ ଭାବରେ ମିଳେନାହିଁ । ବିଭିନ୍ନ ବ୍ୟକ୍ତିଙ୍କ ନିକଟରେ ଯେଉଁ ଉପାଦାନ ରହିଛି, ସଂରକ୍ଷଣ ତଥା ପୁନଃମୁଦ୍ରଣ ନ ହେବାରୁ ତାହା କ୍ରମଶଃ ନଷ୍ଟ ହେବାକୁ ଲାଗିଛି ।

ପୂର୍ବୋକ୍ତ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ଦେବାପାଇଁ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ଏକ ଇତିହାସ ରଚନା କରିବାପାଇଁ ବକ୍ଷ୍ୟମାଣ ପୁସ୍ତକ ପରିକଳ୍ପିତ । ଏହି ଗ୍ରନ୍ଥରେ ପାଞ୍ଚଟି ଭାଗ ରହିବାର ପ୍ରସ୍ତାବ ରହିଛି । ପ୍ରଥମ ଭାଗରେ 'ଉତ୍କଳ ସମ୍ମିଳନୀ' ପ୍ରଥମ ଅଧିବେଶନ ସଂପର୍କିତ ତଥ୍ୟାବଳୀ ସଂକଳିତ । ଦ୍ୱିତୀୟ ଭାଗରେ ଦ୍ୱିତୀୟ ଅଧିବେଶନଠାରୁ ଚକ୍ରଧରପୁରରେ ଅନୁଷ୍ଠିତ ଷୋଡଶ ଅଧିବେଶନ ପର୍ଯ୍ୟନ୍ତ ପନ୍ଦରଟି ବାର୍ଷିକ ଅଧିବେଶନ ଓ ଦୁଇଟି ବିଶେଷ ଅଧିବେଶନ ସଂପର୍କିତ ଉପାଦାନ ଉପସ୍ଥାପିତ । ପ୍ରତ୍ୟେକ ଅଧିବେଶନ ସମ୍ପର୍କିତ ସଂକ୍ଷିପ୍ତ ସଂପାଦକୀୟ ବିବରଣୀ ପରେ ସଭାପତି ଅଭିଭାଷଣ ଓ ନିର୍ଦ୍ଧାରଣାବଳୀ ସଂଯୋଜିତ । ଯେଉଁ ଅଧିବେଶନର ଅଭ୍ୟର୍ଥନା ସମିତି ଅଧକ୍ଷଙ୍କ ଅଭିଭାଷଣ ଓ ସମ୍ପାଦକୀୟ ରିପୋର୍ଟ ଉପଲବ୍ଧ ହୋଇଛି, ତାହା ଯଥାସ୍ଥାନରେ ପୁନଃମୁଦ୍ରିତ ହୋଇଛି । ତୃତୀୟ

ଭାଗରେ ସପ୍ତଦଶଠାରୁ ଚତୁର୍ବିଂଶ ଅଧିବେଶନ ଓ ୧୯୩୬ ମସିହା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଶେଷ ଅଧିବେଶନଗୁଡ଼ିକ ସଂପର୍କିତ ଉପାଦାନସମୂହ ମୁଦ୍ରିତ । ଦ୍ୱିତୀୟ ଭାଗରେ ଗୃହୀତ ସଂଯୋଜନା ପଦ୍ଧତି ତୃତୀୟ ଭାଗରେ ମଧ୍ୟ ଅନୁସୃତ । ଚତୁର୍ଥ ଭାଗରେ ଉତ୍କଳ-ସମ୍ମିଳନୀ ସଂପର୍କରେ ହୋଇଥିବା ସମକାଳୀନ ଆଲୋଚନାଗୁଡ଼ିକ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ କେତେକ ଆଲୋଚନା ସଂକଳିତ । ଏହି ଭାଗରେ ଉତ୍କଳ ସମ୍ମିଳନୀ ସଂପର୍କରେ ପାରେଶ୍ୱର ମହାନ୍ତି, ଶଶିଭୂଷଣ ରଥ ରଚନା କରିଥିବା ପୁସ୍ତିକାଗୁଡ଼ିକ ପୁନଃମୁଦ୍ରିତ କରାଯିବ । ପଞ୍ଚମ ଭାଗରେ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଇତିହାସର ପ୍ରେକ୍ଷାପଟରେ ଉତ୍କଳ ସମ୍ମିଳନୀର ପ୍ରଥମ ତେତିଶ ବର୍ଷର ଇତିହାସ ସ୍ଥାନିତ ହେବ । ପ୍ରସଙ୍ଗ କ୍ରମେ ଓଡ଼ିଆ ଜାତୀୟତାର ନିର୍ମାଣ ପ୍ରସଙ୍ଗ ମଧ୍ୟ ଆଲୋଚିତ ହେବ । ପଞ୍ଚମ ଭାଗ ତେଣୁ ଉପାଦାନ-ସଂକଳନ ନ ହୋଇ, ହେବ ଏକ ମୌଳିକ ଐତିହାସିକ ଆଲୋଚନା ଗ୍ରନ୍ଥ ।

ବର୍ତ୍ତମାନ ପ୍ରକାଶ ପାଉଥିବା ପୁସ୍ତକ ପ୍ରସ୍ତାବିତ ଗ୍ରନ୍ଥର ପ୍ରଥମ ଖଣ୍ଡ । ପ୍ରଥମ ଖଣ୍ଡରେ ପୁସ୍ତକର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ସ୍ଥାନ ପାଇଛି । ଏହି ଗ୍ରନ୍ଥର ତୃତୀୟ ଓ ଚତୁର୍ଥ ଭାଗ ଦ୍ୱିତୀୟ ଖଣ୍ଡରେ ଉପସ୍ଥାପିତ ହେବ । ତୃତୀୟ ଖଣ୍ଡରେ ସ୍ଥାନିତ ହେବ ଏହି ଗ୍ରନ୍ଥର ପଞ୍ଚମ ଭାଗ । ଗବେଷକ/ପାଠକ/ଓଡ଼ିଶାପ୍ରେମୀମାନଙ୍କର ଶ୍ରଦ୍ଧାଦୃଷ୍ଟି ଏହି ପ୍ରଥମ ଖଣ୍ଡ ଆକର୍ଷଣ କରିପାରିଲେ ପରବର୍ତ୍ତୀ ଖଣ୍ଡଗୁଡ଼ିକ ଶୀଘ୍ର ପ୍ରକାଶିତ ହୋଇପାରିବ ।

—

# ପ୍ରଥମ ଭାଗ

## ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ

# ଉତ୍କଳ ସମ୍ମିଳନୀ ସଭାର ବିବରଣୀ ।

ସନ ୧୯୦୩ ମସୀହା

କଟକ


CUTTACK,

Printed by the Cuttack Printing Company. Limited

1904.


[ଉତ୍କଳ ସମ୍ମିଳନୀ ପ୍ରଥମ ଅଧିବେଶନର ବିବରଣୀ ପୁସ୍ତିକାର ପ୍ରଚ୍ଛଦ ପୃଷ୍ଠା]

# ପ୍ରଥମ ବିଭାଗ

# ଉତ୍କଳ ସମ୍ମିଳନୀ ପରିକଳ୍ପନା, ପୃଷ୍ଠଭୂମି ଓ ପ୍ରସ୍ତୁତି

## ଉତ୍କଳ ଦୀପିକା

### (୧)

### [ଉତ୍କଳୀୟ ରାଜନ୍ୟ ଓ ଭଦ୍ରମଣ୍ଡଳୀଙ୍କର ସମ୍ମିଳନ]

ତା ୬ରିଖ ମଙ୍ଗଳବାର ସାୟଂକାଳରେ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ଗୃହରେ ଉତ୍କଳୀୟ ଭଦ୍ରମଣ୍ଡଳୀର ଗୋଟିଏ ସମ୍ମିଳନ ହୋଇଥିଲା । ନବ ସମ୍ରାଟଙ୍କ ଘୋଷଣା-ଦରବାର ଉପଲକ୍ଷରେ ଉତ୍କଳର ଚତୁର୍ଦ୍ଦିଗରୁ ସମାଗତ ରାଜା, ଭୂସ୍ୱାମୀ, ଭଦ୍ର ଶିକ୍ଷିତ-ବର୍ଗ ଓ ଅତ୍ର ସହରର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦାସ ମହୋଦୟଙ୍କର ଆମନ୍ତ୍ରଣ ମତେ ସେଠାରେ ସମ୍ମିଳିତ ହୋଇଥିଲେ । ସେମାନଙ୍କ ସମ୍ମାନାର୍ଥେ ଗୃହର ଚତୁର୍ଦ୍ଦିଗ ଆଲୋକିତ ହୋଇଥିଲା । ଗୃହାଭ୍ୟନ୍ତରେ ବାୟସକୋପ ନାମକ ଛାୟାବାଜି ପ୍ରଦର୍ଶିତ ହୋଇଥିଲା । ବାକି ସମୟରେ ସେଠାରେ ଓଡ଼ିଆ ସଙ୍ଗୀତ ହୋଇଥିଲା । ତଦନନ୍ତର ମହିଳା ପରୀବେଶରେ ସଭାମଣ୍ଡପରେ ଉପସ୍ଥିତ ହୋଇ ଅନ୍ୟ ଏକ ଗୀତ ଗାଇଥିଲେ । ତାହା ପରେ ଅଷ୍ଟଦୁର୍ଗାଧିପତି ରାଜା ଜମିଦାର ଓ ଶିକ୍ଷିତବର୍ଗଙ୍କ ସମ୍ମିଳନୀରେ ସନ୍ତୋଷ ଲାଭକରିଥିବା ବିଷୟ ସଭା ସମ୍ମୁଖରେ ଦଣ୍ଡାୟମାନ ହୋଇ ବ୍ୟକ୍ତ କରିଥିଲେ । ଗଡ଼ଜାତ ରାଜାଙ୍କ ପକ୍ଷରେ ଏହା ଏକ ନୂତନ ଘଟଣା । ତଦନନ୍ତର ବାବୁ ମଧୁସୂଦନ ରାଓ ଗୋଟିଏ ପଦ୍ୟ ପାଠକଲେ । ଅନନ୍ତର ବାବୁ ମଧୁସୂଦନ ଦାସ ଏକତାର ଅଭାବ ବିଷୟରେ ଗୋଟିଏ

ସୁଦୀର୍ଘ ବକ୍ତୃତା ପ୍ରଦାନ କରିବା ପରେ ଏକଯୋଗରେ ଜନ୍ମଭୂମିର ସେବା କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ଏବଂ ଦୁଇଜଣ ଗୋଟି ପୁଅ ଜନ୍ମଭୂମି ସମ୍ବନ୍ଧରେ ଗୋଟିଏ ପଦ୍ୟ ତାନପୁରା ଯୋଗେ ଗାନ କରିଥିଲେ । ତହିଁପଛେ ବଙ୍ଗଦେଶର ବାବୁ ଶ୍ରୀଯୁକ୍ତ କାଳିଚରଣ ବାନୁର୍ଯ୍ୟା ବାବୁ ମଧୁସୂଦନ ଦାସଙ୍କ ସାରଗର୍ଭ ଉପଦେଶକୁ ସମର୍ଥନକରି ରାଜନ୍ୟବର୍ଗଙ୍କୁ ପ୍ରଜାବର୍ଗଙ୍କ ସୁପାଳନଦ୍ୱାରା ଦୃଷ୍ଟାନ୍ତ ଦେଖାଇବାର ଉପଦେଶ ପ୍ରଦାନ କରିଥିଲେ । ପରିଶେଷରେ ଆଠଗଡ଼ ରାଜା ପ୍ରସ୍ତାବ କଲେ କି ପ୍ରତିବର୍ଷ ଓଡ଼ିଶାର ମହାନଗରୀ କଟକରେ ଏହି ପରି ସମ୍ମିଳନର ଗୋଟିଏ ଦିବସ ଧାର୍ଯ୍ୟ କରାଯାଉ । ସମସ୍ତ ରାଜନ୍ୟବର୍ଗଙ୍କ ମତ ପଚାରିବାରୁ ସମସ୍ତଙ୍କର ମୁଖ ସ୍ୱରୂପ କେନ୍ଦୁଝଡ଼ର ରାଜା ଉକ୍ତ ଭାର ବାବୁ ମଧୁସୂଦନ ଦାସଙ୍କୁ ଦେବାକୁ କହିଲେ । ଅନନ୍ତର ଫନୋଗ୍ରାଫର ଶ୍ରବଣ ଓ ବାୟସକୋପ ପ୍ରଦର୍ଶନ କରି ସମସ୍ତେ ସ୍ୱଗୃହାଭିମୁଖେ ଯାତ୍ରା କଲେ ।

## (୨)

## ଉତ୍କଳଖଣ୍ଡର ରାଜକୀୟ ସଂଯୋଗ

ଗତ ସପ୍ତାହରେ ଆମ୍ଭେମାନେ ଜଣାଇଅଛୁ ଯେ ଗଞ୍ଜାମଜିଲ୍ଲାର ଓଡ଼ିୟାମାନେ ସେମାନଙ୍କର ଦୁରବସ୍ଥା ମୋଚନାର୍ଥେ ସମଗ୍ର ଉତ୍କଳଭୂମିକୁ ବଙ୍ଗୀୟ ଅଥବା କୌଣସି ଏକ ପ୍ରାଦେଶିକ ଶାସନ ଏବଂ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରିବା କାରଣ ଇଣ୍ଡିୟାଗବର୍ଣ୍ଣମେଣ୍ଟ୍ ସମୀପକୁ ଆବେଦନପତ୍ର ପଠାଇ ଅଛନ୍ତି । 'ଓଡ଼ିୟା ଓ ନବସମ୍ବାଦ'ରୁ ଅବଗତ ହେଲୁ ଯେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ବଙ୍ଗ ମାନ୍ଦ୍ରାଜ ଏବଂ ମଧ୍ୟପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡମାନଙ୍କୁ ଏକତ୍ର କରି ଉକ୍ତ ତିନି ପ୍ରଦେଶ ମଧ୍ୟରୁ କୌଣସି ଏକ ପ୍ରଦେଶର ଅନ୍ତର୍ଗତ କରିବା କାରଣ ମହାମାନ୍ୟ ଗବର୍ଣ୍ଣର୍ ଜେନେରଲଙ୍କ ନିକଟରେ ଆବେଦନ କରିଅଛନ୍ତି । ରାଜା ବାହାଦୁରଙ୍କର ଆବେଦନପତ୍ର ଅଥବା ତହିଁର ସଂକ୍ଷିପ୍ତ ମର୍ମ୍ମ ସହଯୋଗୀ ପ୍ରକାଶ କରି ନାହାନ୍ତି କିମ୍ବା ତାହା ଅନ୍ୟ କୌଣସି ସମ୍ବାଦପତ୍ର ଯୋଗେ ବା ପୃଥକ୍‌ରୂପେ ଉତ୍କଳବାସିଙ୍କୁ ଜଣାଇଦିଆଯାଇ ନ ଥିବାରୁ ରାଜାବାହାଦୁରଙ୍କର ପ୍ରାର୍ଥନାର ହେତୁତକ ବୁଝିବାର ଉପାୟ ନାହିଁ । ଭରସାକରୁଁ ସହଯୋଗୀ ଶୀଘ୍ର ତାହା ପ୍ରକାଶ କରିବେ ଏବଂ ତହିଁରୁ ବଙ୍ଗଶାସନାଧୀନ ଉତ୍କଳଖଣ୍ଡର ବର୍ତ୍ତମାନ ଏମନ୍ତ କି ଅସୁସାର ଅଛି ଯେ ମାନ୍ଦ୍ରାଜ ଅଥବା ମଧ୍ୟପ୍ରଦେଶର ଅଧୀନ ନ ହେଲେ ତହିଁର ପ୍ରତିକାର ହେବ ନାହିଁ ଏ କଥା ଅଥବା କେବଳ ଗଞ୍ଜାମ ଓ ସମ୍ବଲପୁରର ଓଡ଼ିୟାଙ୍କ ହିତାର୍ଥେ ଉକ୍ତ ପ୍ରସ୍ତାବ ହୋଇଅଛି ତାହା ସ୍ପଷ୍ଟ ଜଣାଯିବ । ଆମ୍ଭେମାନେ ଗତ ସପ୍ତାହରେ ଦେଖାଇଅଛୁ ଯେ ବଙ୍ଗାଧୀନ ଉତ୍କଳଖଣ୍ଡ ବୃହତ୍ ଏବଂ ଉନ୍ନତିମାର୍ଗରେ ଅଗ୍ରସର । ଏହି କାରଣରୁ ଅନୁମାନକରୁଁ ସମ୍ବଲପୁରର ଓଡ଼ିୟାମାନେ ବଙ୍ଗର ଶାସନରେ

ଆସିବାର ଇଚ୍ଛା ପୁନଃ ପ୍ରକାଶ କରିଅଛନ୍ତି ଏବଂ ଗଞ୍ଜାମର ଓଡ଼ିୟାମାନଙ୍କର ଆବେଦନ ପତ୍ରର ପ୍ରାର୍ଥନାରେ ଅବାନ୍ତରରୂପେ ଅନ୍ୟ କୌଣସି ପ୍ରଦେଶ ବା ବିଶ୍ୱବିଦ୍ୟାଳୟର ଉଲ୍ଲେଖ ହୋଇଥିଲେହେଁ ବଙ୍ଗ ପ୍ରଦେଶ ସଙ୍ଗେ ଯୋଗ ହେବାର ସ୍ପଷ୍ଟ ଲେଖାଅଛି । ବାସ୍ତବରେ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡମାନ ବୃହତ୍‌ଖଣ୍ଡ ସଙ୍ଗେ ଯୋଗଦେବା ସ୍ୱାଭାବିକ ଏବଂ ଗଞ୍ଜାମ ଓ ସମ୍ବଲପୁରର ଉତ୍କଳଖଣ୍ଡମାନ ମୂଳ ଓଡ଼ିଶା ସଙ୍ଗେ ମିଶି ବଙ୍ଗୀୟ-ଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ହେଲେ ସର୍ବାପେକ୍ଷା ଉତ୍ତମ ଏବଂ ସମସ୍ତ ଓଡିୟାଙ୍କର ସନ୍ତୋଷଜନକ ହେବ ଏହାହିଁ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ।

ଏଥକୁ 'ପାୟୋନିୟର' ନାମକ ଇଂରାଜୀ ଦୈନିକ ସମ୍ବାଦପତ୍ରରେ ଲେଖାଅଛି କି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟ ଅତ୍ୟନ୍ତ ଅଧିକ ହେବାରୁ ବଙ୍ଗପ୍ରଦେଶରୁ ଏକ ଦିଗରେ ଚଟ୍ଟଗ୍ରାମକୁ ଆସାମଭୁକ୍ତ ଏବଂ ଅନ୍ୟଦିଗରେ ଓଡ଼ିଶାକୁ ମଧ୍ୟପ୍ରଦେଶ ଭୁକ୍ତ କରିବାର ପ୍ରସ୍ତାବ କେତେକଦିନରୁ ଇଣ୍ଡିୟା ଗବର୍ଣ୍ଣମେଣ୍ଟ ବିବେଚନା କରୁଅଛନ୍ତି ଏବଂ ସେହି ପ୍ରସ୍ତାବ ସଫଳ କରିବା ଅଭିପ୍ରାୟରେ ମାନ୍ୟବର ଫ୍ରେଜର ସାହେବ ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ ହୋଇଅଛନ୍ତି । ଯେବେ ଏ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୁଏ ତେବେ ସମ୍ବଲପୁରସ୍ଥ ଓଡ଼ିୟାମାନଙ୍କର କେବଳ ଓଡ଼ିଶା ସଙ୍ଗେ ମିଶିବା ବିନା ବିଶେଷ କିଛି ଲାଭ ହେବ ନାହିଁ । କିନ୍ତୁ ଓଡ଼ିଶାର ଅତ୍ୟନ୍ତ ଦୁର୍ଗତି ଉପସ୍ଥିତ ହେବ । ବଙ୍ଗପ୍ରଦେଶ ବହୁକାଳର ଆଇନ ପ୍ରଚଳିତ ରାଜ୍ୟ ଏବଂ ମଧ୍ୟପ୍ରଦେଶର ଶାସନବିଭାଗ ସୃଷ୍ଟି ହେବାର ଅର୍ଦ୍ଧଶତାବ୍ଦୀ ହୋଇନାହିଁ । ଅବଧି ତାହା ଏକପ୍ରକାର ଅର୍ଦ୍ଧଆଇନ ପ୍ରଚଳିତ ରାଜ୍ୟରେ ରହିଅଛି । ପ୍ରଜାବର୍ଗର ସୁରକ୍ଷା ସୁବିଚାର ଏବଂ ଉନ୍ନତି ନିମନ୍ତେ ବଙ୍ଗଳାର ଶାସନଯନ୍ତ୍ର ଯେପରି ସର୍ବାଙ୍ଗୀନ ମଧ୍ୟପ୍ରଦେଶରେ ସେପରି ନାହିଁ । ସେଠାରେ ରେଭେନ୍ୟୁବୋର୍ଡ଼ ନାହିଁ ହାଇକୋର୍ଟ ନାହିଁ ବ୍ୟବସ୍ଥାପକ ସଭା ବିଶ୍ୱବିଦ୍ୟାଳୟ ପ୍ରଭୃତି କିଛି ନାହିଁ । ବଙ୍ଗଳାରେ ଏକାଧିକ ରାଜକର୍ମଚାରି ଏକତ୍ରେ ବସି ଯାହା କରୁଅଛନ୍ତି ମଧ୍ୟପ୍ରଦେଶରେ ଏକ ଏକ ଜଣ ରାଜକର୍ମଚାରୀ ତାହା କରୁଅଛନ୍ତି । ଏକ ହାଇକୋର୍ଟ ଦ୍ୱାରା ଯେତେ ଅବିଚାର ଓ ଅତ୍ୟାଚାରର ପ୍ରତିକାର ହେଉଅଛି । ଏକ ଏକ ଜଣ କମିଶନରଦ୍ୱାରା ତେତେ ହେବାର ଆଶା କରାଯାଇ ନ ପାରେ । ବଙ୍ଗଳାରେ ଏଡ଼େ କାଏଦା କଟକଣା ଥାଇ ସୁଦ୍ଧା ବେଳେ ବେଳେ ଏକ ଏକ ହାକିମର କାଣ୍ଡ ଦେଖି ଅସ୍ଥିର ହେବାକୁ ହୁଏ । କେବଳ ହାଇକୋର୍ଟ ଯୋଗେ ବିଶେଷ ଅନିଷ୍ଟ ଘଟୁ ନାହିଁ । ଏକଜଣ ବିଚାରକାରୀ କମିଶନରଙ୍କ ଅଦାଲତରେ ତେମନ୍ତ ସୁବିଚାର ହୋଇ ପାରିବ କି ? ଏବଂ କଲିକତାରୁ ସୁଯୋଗ୍ୟ ବାରିଷ୍ଟର ବା ଉକୀଲ ନେଇ ନାଗପୁରଠାରେ ମାମଲା ଚଳାଇବାକୁ କେତେଜଣ ସମର୍ଥ ହେବେ ? ଅତଏବ ଯେଉଁଦିଗରୁ ବିବେଚନା କର ଓଡ଼ିଶା ମଧ୍ୟପ୍ରଦେଶରେ ଅନ୍ତର୍ଗତ ହେଲେ ଅବନତି ଭିନ୍ନ ଉନ୍ନତି ହେବନାହିଁ ଏବଂ ଯେବେ ଗଞ୍ଜାମଜିଲାର ଉତ୍କଳାଂଶ ଓଡ଼ିଶା ସଙ୍ଗେ ମିଶି ମଧ୍ୟପ୍ରଦେଶକୁ ଯାଏ ତହିଁର ଅବସ୍ଥା ମଧ ଭଲହେବ ନାହିଁ । ପରନ୍ତୁ ଯେବେ ଓଡିଶା

ମାନ୍ଦ୍ରାଜଭୁକ୍ତ ହେବ ତେବେ ଗଞ୍ଜାମ ଓଡ଼ିୟାଙ୍କର ଦୁଃଖ ଓଡ଼ିଶାବାସିଙ୍କୁ ଭୋଗ କରିବାକୁ ହେବ । ମାନ୍ଦ୍ରାଜର ଶାସନଯନ୍ତ୍ର ବଙ୍ଗଳା ସଙ୍ଗେ ସମାନ ସନ୍ଦେହ ନାହିଁ । ମାତ୍ର ସେଠାର ଆଇନ କାନୁନ ଓ ରାଜସ୍ୱ ବନ୍ଦୋବସ୍ତ ସମ୍ପୂର୍ଣ୍ଣ ବିଭିନ୍ନ ଏବଂ ଓଡ଼ିଶାର ଉପଯୋଗୀ ନୁହେ । ତହିଁ ଉପରେ ଓଡ଼ିଶା ପ୍ରତି କଲିକତା ଅପେକ୍ଷା ମାନ୍ଦ୍ରାଜ ବହୁ ଦୂର ଏବଂ ଓଡ଼ିଶାର କଲିକତା ସଙ୍ଗେ ଯେତେ ପ୍ରକାର ସମ୍ବନ୍ଧ ଅଛି ମାନ୍ଦ୍ରାଜ ସଙ୍ଗେ ତହିଁର କିଛି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେବେ ଓଡ଼ିଆଙ୍କ ମଙ୍ଗଳ ସକାଶେ ସମସ୍ତ ଉତ୍କଳଭାଷାପ୍ରଚଳିତ ରାଜ୍ୟକୁ ଏକ ପ୍ରାଦେଶିକ ଶାସନର ଅଧୀନ କରିବା ଉଚିତ ହୁଅଇ ତେବେ ତାହା ବଙ୍ଗଶାସନାଧୀନ ହେବା ଶ୍ରେୟସ୍କର, ତାହା ଛଡ଼ା ଅନ୍ୟ ଉପାୟ ନାହିଁ । ତାହା ହୋଇ ନ ପାରିଲେ ବରଂ ଯାହା ଅଛି ତାହା ଥାଉ । ଓଡ଼ିଶାକୁ ମଧ୍ୟପ୍ରଦେଶ ବା ମାନ୍ଦ୍ରାଜ ସଙ୍ଗେ ମିଶାଇ ତହିଁର ଉନ୍ନତି ପଥରେ କଣ୍ଟା ପକାଇବା କୌଣସି ମତେ ଭଲ ନୁହେ । ଅତଏବ ଆମ୍ଭେମାନେ ସମସ୍ତ ଉତ୍କଳବାସିଙ୍କ ଦୃଢ଼ରୂପେ ଅନୁରୋଧ କରୁଅଛୁଁ କି ବେଳହୁଁ ଜାଗ୍ରତ ହୋଇ ଓଡ଼ିଶାକୁ ମଧ୍ୟପ୍ରଦେଶରେ ଭରତି କରିବା ପ୍ରସ୍ତାବର ଯଥାଶକ୍ତି ପ୍ରତିବାଦ କରନ୍ତୁ । ଦୈବାତ୍ ଯେବେ ଗବର୍ଣ୍ଣମେଣ୍ଟ ସେ ପ୍ରସ୍ତାବ ଗ୍ରହଣ କରିବେ ତେବେ ପଶ୍ଚାତ୍ ଆପତ୍ତି କରିବା ଅରଣ୍ୟରେ ରୋଦନ କରିବା ତୁଲ୍ୟ ହେବ ।

## (୩)

## ଉତ୍କଳଖଣ୍ଡର ରାଜକୀୟ ସଂଯୋଗ

ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ କି ସମସ୍ତ ଉତ୍କଳଭାଷା ପ୍ରଚଳିତ ରାଜ୍ୟଖଣ୍ଡକୁ ଏକ ଗବର୍ଣ୍ଣମେଣ୍ଟର ଅଧୀନ କରିବା ପ୍ରାର୍ଥନାରେ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଇଣ୍ଡିୟା ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ଆବେଦନପତ୍ର ପଠାଇଅଛନ୍ତି ତାହା ଆମ୍ଭେମାନେ ଦେଖିଥିଲୁ । ଯଦ୍ୟପି କି ରାଜା ମହୋଦୟ ଉକ୍ତ ଆବେଦନପତ୍ର ପ୍ରକାଶ୍ୟଭାବରେ ପ୍ରଚାର କରି ନାହାନ୍ତି ମାତ୍ର କେତେ ଖଣ୍ଡ ପ୍ରତିଲିପି ଆପଣା ବନ୍ଧୁବର୍ଗଙ୍କୁ ପ୍ରଦାନ କରି ଅଛନ୍ତି ଏବଂ ସେହିସୂତ୍ରେ ଆମ୍ଭେମାନେ ତାହା ପାଠ କରି ସମ୍ପ୍ରତି ପାଠକମାନଙ୍କର ସନ୍ଦେହ ଭଞ୍ଜନାର୍ଥେ ତହିଁର ସଂକ୍ଷେପ ମର୍ମ ଉପହାର ଦେଉଅଛୁଁ । ଉକ୍ତ ଆବେଦନପତ୍ରରେ ଉତ୍କଳଭାଷା ପ୍ରଚଳିତ ଭୂମିଖଣ୍ଡର ବହୁ ବିସ୍ତୃତି, ପ୍ରାଚୀନ ଗୌରବ, ଆଶ୍ଚର୍ଯ୍ୟ କୀର୍ତ୍ତି ଏବଂ ପୂର୍ବକାଳର ଓଡ଼ିଆମାନଙ୍କର ଅବସ୍ଥା ବିଦ୍ୟା ବୁଦ୍ଧି ଶିଳ୍ପନୈପୁଣ୍ୟତା ଇତ୍ୟାଦିର ବିଶଦ ବର୍ଣ୍ଣନା ଉତ୍ତାରୁ ବର୍ତ୍ତମାନ୍ ଇଂରେଜ ଗବର୍ଣ୍ଣମେଣ୍ଟଙ୍କର ଶାସନପ୍ରଣାଳୀ ଅନୁସାରେ ଏହା ତିନି ପ୍ରାଦେଶିକ ଶାସନ ଅର୍ଥାତ୍; ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ଭୁକ୍ତ ହେବାରୁ ଏବଂ ସେହି ପ୍ରଦେଶର ମୂଳ ଅଧିବାସିମାନେ ପୂର୍ବରୁ ଗବର୍ଣ୍ଣମେଣ୍ଟଙ୍କ ସୁଶାସନ ଫଳ ଭୋଗଦ୍ୱାରା ଅଧିକତର ଉନ୍ନତି ଲଭିବା ହେତୁ ଓଡ଼ିଆମାନେ ପ୍ରତିଯୋଗିତାରେ

ସେମାନଙ୍କ ସମକକ୍ଷ ହୋଇ ନ ପାରି କ୍ରମେ ଦୁର୍ଗତିକି ଲଭିବାର ଲେଖାଅଛି । ସମଗ୍ର ଉତ୍କଳଭାଷା ପ୍ରଚଳିତ ଭୂଭାଗ ଏକ ଶାସନାଧୀନ ହେଲେ ଓଡ଼ିଆମାନଙ୍କର ଶିକ୍ଷା ଓ ବୈଷୟିକ ଦିଗ ପ୍ରତି ଶାସନକର୍ତ୍ତାଙ୍କର ଏକାନ୍ତ ଯତ୍ନ ଓ ମନୋଯୋଗ ରହିବ, ଅନ୍ୟେ କେହି ତାହାଙ୍କୁ ଭୁଲାଇ ନେଇ ପାରିବେ ନାହିଁ ଏବଂ ସେମାନେ ଏକତ୍ରେ ମିଶି ପରସ୍ପରପ୍ରତି ଅଧିକ ମମତା ଓ ସହାନୁଭୂତି ଦେଖାଇ ପାରିବେ । ସଂକ୍ଷେପରେ ଏହାଦ୍ୱାରା ଏକତାର ସମସ୍ତ ସୁଫଳ ଲାଭ ଏବଂ ବିଭିନ୍ନତାର ସମସ୍ତ ଦୋଷ ଦୂର ହେବ । ଅତଏବ ରାଜା ବାହାଦୁର ଗବର୍ଣ୍ଣମେଣ୍ଟରେ ଏହି ପ୍ରାର୍ଥନା କରିଅଛନ୍ତି କି ଉତ୍କଳଖଣ୍ଡ ନିମନ୍ତେ ଗୋଟିଏ ପୃଥକ୍ ପ୍ରାଦେଶିକ ଶାସନ ଗଠିତ ହେଉ ଅଥବା ବଙ୍ଗ, ମାନ୍ଦ୍ରାଜ ବା ମଧ୍ୟପ୍ରଦେଶ ମଧ୍ୟରୁ କୌଣସି ଏକ ଶାସନାଧୀନରେ ସମସ୍ତ ଉତ୍କଳଖଣ୍ଡକୁ ରଖାଯାଉ ।

ସମସ୍ତ ଉତ୍କଳ ଏକ ଶାସନକର୍ତ୍ତାର ଅଧୀନ ହେଲେ ରାଜା ବାହାଦୁର ଯେ ଶୁଭଫଳର ଆଶା କରନ୍ତି, ଉତ୍କଳବାସୀ ପ୍ରାୟ ସମସ୍ତେ ସେହି ଆଶା କରନ୍ତି ଏହା ବୋଲିବା ବାହୁଲ୍ୟ ଅଟେ ଏବଂ ଅନୁମାନ ହେଉଅଛି ଯେ ତାହା ହୋଇ ପାରିଲେ ଗବର୍ଣ୍ଣମେଣ୍ଟ ଆନନ୍ଦିତ ହେବେ କାରଣ ସମସ୍ତଙ୍କର ମଙ୍ଗଳ କରିବା ଗବର୍ଣ୍ଣମେଣ୍ଟଙ୍କର ଏକମାତ୍ର ଉଦ୍ଦେଶ୍ୟ । ମାତ୍ର ରାଜା ବାହାଦୁରଙ୍କର ସେହି ଏକତା ସାଧନ ସମ୍ବନ୍ଧୀୟ ପ୍ରାର୍ଥନା ଆମ୍ଭମାନଙ୍କ ମନକୁ ଘେନୁ ନ ଥିବାର ପୂର୍ବରୁ ଆମ୍ଭେମାନେ ପ୍ରକାଶ କରିଅଛୁଁ ଏବଂ ଦୁଃଖର ବିଷୟ ଯେ ତାହାଙ୍କର ଆବେଦନପତ୍ର ପଢ଼ି ସେ ମତ ପରିବର୍ତ୍ତନ କରିବାର କୌଣସି ସୁଯୁକ୍ତି ପାଇଲୁ ନାହିଁ । ଉତ୍କଳଖଣ୍ଡର ଆୟତନ ଯେତେ ବିସ୍ତୃତ ହେଉପଛକେ ତାହା ଯେ ଗୋଟିଏ ପୃଥକ୍ ଶାସନ ସ୍ଥାପନ ନିମନ୍ତେ ପ୍ରଚୁର ଏ କଥା କୌଣସିମତେ ବୋଲାଯାଇ ନ ପାରେ । ଏହି ସମସ୍ତ ରାଜ୍ୟଖଣ୍ଡର ଯେତେ ଲୋକସଂଖ୍ୟା ରାଜା ବାହାଦୁର ଆପଣା ଆବେଦନପତ୍ରରେ ଲେଖିଅଛନ୍ତି ତାହା ଠିକ୍ ଥିବାର ସ୍ୱୀକାର କଲେ ମଧ୍ୟ ବଙ୍ଗଳାର ଗୋଟିଏ ବଡ଼ ବିଭାଗକୁ ସରି ନୁହେଁ ଏବଂ ଆୟତନ କୌଣସି ଏକ ବିଭାଗରୁ ଅଧିକ ହେଲେହେଁ ତହିଁର ଅଧିକାଂଶ ଗଡ଼ଜାତ ବା ଜଙ୍ଗଲ ଓ ପର୍ବତମୟ । ସୁତରାଂ ତହିଁର ଆୟରୁ ଗୋଟିଏ ଶାସନ ବ୍ୟୟ ନିର୍ବାହ ହେବା ଅସମ୍ଭବ । ଅତଏବ ଓଡ଼ିଶା ସକାଶେ ଗୋଟିଏ ପୃଥକ୍ ଶାସନର ପ୍ରାର୍ଥନା ଆଦୌ ଅସଙ୍ଗତ । ୨ୟ ପ୍ରାର୍ଥନା ସମ୍ବନ୍ଧରେ ବକ୍ତବ୍ୟ ଏହି କି ସମସ୍ତ ଉତ୍କଳ ଭୂମି ବଙ୍ଗ, ମାନ୍ଦ୍ରାଜ ବା ମଧ୍ୟପ୍ରଦେଶର ଅନ୍ତର୍ଗତ ହେଲେ ସମାନ ଫଳ ହେବ ଏହା ଯୁକ୍ତିସଙ୍ଗତ ବିବେଚିତ ହେଉ ନାହିଁ । ଓଡ଼ିଶା ଯୋଗ ହେଲେ ସେ ସମସ୍ତ ପ୍ରଦେଶର ରାଜଧାନୀ ବଦଳିଯିବ ନାହିଁ ଅର୍ଥାତ୍ ବର୍ତ୍ତମାନ ପରି ଯଥାକ୍ରମେ କଲିକତା, ମାନ୍ଦ୍ରାଜ ଓ ନାଗପୁରରେ ରହିବ ଏବଂ ଓଡ଼ିଶାର ରାଜଧାନୀ କଟକରେ ରହିବ । ଏଥକୁ କଟକରୁ କଲିକତା ମା ୨୩୫ଇଲ ମାନ୍ଦ୍ରାଜ ମା ୭୭୬ଇଲ ଏବଂ ନାଗପୁର ମା ୮୧୧ଇଲ ଅଟେ । ଏଥିଉତ୍ତାରୁ ଯେବେ ଜଟନିଠାରୁ ଓ ସମ୍ବଲପୁରକୁ ଯେଉଁ ରେଲବାଟ ପ୍ରସ୍ତୁତ ହେବାର କଥା ଅଛି, ମାତ୍ର ନିକଟରେ ହେବାର ସ୍ଥିର

ହୋଇନାହିଁ; ଯେବେ ତାହା କୌଣସି କାଳରେ ଫିଟିବ ତେତେବେଳେ କଟକ ଓ ନାଗପୁରର ଦୂରତା ପ୍ରାୟ ମା୧୫୦ଇଲ ଊଣା ପଡ଼ିବ ମାତ୍ର ତାହାହେଲେ ସୁଦ୍ଧା କଟକଠାରୁ ମାନ୍ଦ୍ରାଜ ଓ ନାଗପୁରର ଦୂରତା ପ୍ରାୟ ସମାନ ପଡ଼ିବ ଏବଂ କଲିକତାର ତିନିଗୁଣ ପଡ଼ିବ । ଅତଏବ ଦୂରତା ବିବେଚନାରେ ଦେଖାଯାଏ ଯେ ସମସ୍ତ ଓଡ଼ିଶା ମାନ୍ଦ୍ରାଜ ବା ମଧ୍ୟପ୍ରଦେଶର ଅଧୀନ ହେଲେ ସେହି ସେହି ପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡର କିଛି ଲାଭ ନାହିଁ ସେମାନେ ଯେମନ୍ତ ଏକ ପ୍ରାନ୍ତରେ ପଡ଼ିଅଛନ୍ତି ତେମନ୍ତ ରହିବେ ଏବଂ ତେଲଙ୍ଗା ବା ମହରଟାଙ୍କର ଆଧିପତ୍ୟ ଯେମନ୍ତ ସହୁଅଛନ୍ତି ତେମନ୍ତ ସହିବେ । ମାତ୍ର ବଙ୍ଗାନ୍ତର୍ଗତ ଓଡ଼ିଶା ଯାହା କି ଉତ୍କଳ ଦେଶର ବୃହତ୍ ଓ ପ୍ରଧାନ ଅଂଶ ହେଉଅଛି ତହିଁର ବିଶେଷ କ୍ଷତି ହେବ । କାରଣ ତାହା ମାନ୍ଦ୍ରାଜ ବା ନାଗପୁରଠାରୁ ସେହି ସେହି ପ୍ରଦେଶର ଓଡ଼ିୟାଙ୍କ ଅପେକ୍ଷା ଦୂରତର ପ୍ରାନ୍ତସୀମାରେ ପଡ଼ିବ ଏବଂ ବଙ୍ଗାଳିଙ୍କଠାରୁ ଅଧିକତର ଅପରିଚିତ ତେଲଙ୍ଗା ବା ମହରଟାଙ୍କ ସହିତ ପ୍ରତିଯୋଗିତା କରିବାକୁ ବାଧ ହେବ । ଫଳତଃ ଯେ କୌଣସି ଦିଗରୁ ବିଚାର କର ଏ ପରିବର୍ତ୍ତନରେ ବଙ୍ଗାନ୍ତର୍ଗତ ଓଡ଼ିୟାଙ୍କର ଅପକାର ବିନା ଉପକାରର କୌଣସି ବାଟ ଦିଶୁନାହିଁ ଏବଂ ଓଡ଼ିଶାର ଯାହା କିଛି ବର୍ତ୍ତମାନ ଉନ୍ନତି ହେଉଅଛି ତାହା ଦୀର୍ଘକାଳ ସ୍ଥଗିତ ହୋଇ ପଛକୁ ଘୁଞ୍ଚିଯିବ । ଅନ୍ୟାନ୍ୟ ଅସୁବିଧା ଓ କଷ୍ଟର ବିଷୟ ଏଥିପୂର୍ବେ ଆମ୍ଭେମାନେ ଜଣାଇଅଛୁ । ସେ ସମସ୍ତର ପୁନରାବୃତ୍ତି ଅନାବଶ୍ୟକ । ରାଜା ବାହାଦୁର ମହୋଦୟ ସେ ବିଷୟମାନ ଚିନ୍ତା କରିବାର ତାହାଙ୍କର ଆବେଦନ ପତ୍ରରୁ ଜଣାଯାଉ ନାହିଁ । ଚିନ୍ତା କରିଥିଲେ ସମସ୍ତ ଉତ୍କଳଖଣ୍ଡ ଏକମାତ୍ର ବଙ୍ଗ ପ୍ରଦେଶରେ ଯୋଗ କରିବାର ପ୍ରାର୍ଥନା କରିଥାନ୍ତେ । ତାହା ନ କରି ସେ ବଙ୍ଗ, ମାନ୍ଦ୍ରାଜ ବା ମଧ୍ୟପ୍ରଦେଶ କୌଣସି ଏକ ଶାସନ ସଙ୍ଗେ ଯୋଗ କରିବାର ପ୍ରାର୍ଥନାଦ୍ୱାରା ଏକ ପ୍ରକାରେ ଉତ୍କଳର ହିତାପେକ୍ଷା ଅହିତର ବାଟ ଫିଟାଇ ଦେଉଅଛନ୍ତି । ଯେବେ ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବାର ପ୍ରସ୍ତାବ ପାୟୋନିୟର ସମ୍ବାଦପତ୍ରର ଲେଖାନୁସାରେ ବାସ୍ତବରେ ଗବର୍ଣ୍ଣମେଣ୍ଟଙ୍କର ବିଚାରାଧୀନରେ ଥାଏ ତେବେ ରାଜା ବାହାଦୁରଙ୍କପରି ଉତ୍କଳର ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିର ଏହି ଆବେଦନପତ୍ରରୁ ଗବର୍ଣ୍ଣମେଣ୍ଟ ଅନାୟାସରେ ବୁଝିବେ ଯେ ଉତ୍କଳବାସିଙ୍କର ଏ ପ୍ରସ୍ତାବରେ ସମ୍ପୂର୍ଣ୍ଣ ମତ ଅଛି ଏବଂ ଥରେ ଗବର୍ଣ୍ଣମେଣ୍ଟଙ୍କର ଏ ଧାରଣା ହେଲେ ଯେତେ ଆପତ୍ତି ଓ ପ୍ରତିବାଦ କର ତାହା ତେତେ ପ୍ରବଳ ହେବ ନାହିଁ । ରାଜା ବାହାଦୁର ଆବେଦନପତ୍ର ପଠାଇବା ପୂର୍ବେ ଓଡ଼ିଶାବାସିଙ୍କର ମତ ଗ୍ରହଣ କରିଥିଲେ ଏଡ଼େ ଗରୀଷ୍ଟ ଅନିଷ୍ଟ ହୋଇ ନ ଥାନ୍ତା । ସେ ଅବା ମନେ କରିଥିବେ ଯେ ତାହାଙ୍କୁ ବଳି ଓଡ଼ିଶାର ହିତ ଚିନ୍ତା କରିବାର ଲୋକ ଆଉ କେହି ନାହିଁ । ମାତ୍ର ଉପସ୍ଥିତ ପ୍ରସଙ୍ଗରେ ତାହାଙ୍କର କାର୍ଯ୍ୟ ଦେଖି ଆମ୍ଭେମାନେ ମହା ଦୁଃଖରେ କହୁଅଛୁଁ ପ୍ରଭୁ ଆମ୍ଭମାନଙ୍କର ବନ୍ଧୁଙ୍କଠାରୁ ଆମ୍ଭମାନଙ୍କୁ ତ୍ରାଣ କର ।

## (୪)

## ମୟୂରଭଞ୍ଜ ମହାରାଜାଙ୍କର ଅଭ୍ୟର୍ଥନା

ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବ ଗତ ଦିଲ୍ଲୀ ଦରବାରରେ ମହାରାଜା ପଦ ଲାଭ କଲା ଉତ୍ତାରୁ ବଙ୍ଗେଶ୍ୱରଙ୍କୁ ଏ ନଗରରେ ଭେଟିବା ଉପଲକ୍ଷରେ ଗତ ପୂର୍ବ ସପ୍ତାହରେ ଏ ନଗରକୁ ଶୁଭାଗମନ କରିଥିଲେ । ମହାରାଜାଙ୍କର ସୁଶାସନ, ସୁଚରିତ୍ର ଏବଂ ସୁବ୍ୟବହାର ହେତୁ ଓଡ଼ିଶାବାସିମାନେ ତାହାଙ୍କଠାରେ ପୂର୍ବରୁ ଅତ୍ୟନ୍ତ ପ୍ରୀତ ଓ ଅନୁରକ୍ତ ଥିଲେ । ଗୁଣଗ୍ରାହୀ ଗବର୍ଣ୍ଣମେଣ୍ଟ ସେ ସମସ୍ତ ଅବଗତ ହୋଇ ସମ୍ପ୍ରତି ତାହାଙ୍କୁ ଉଚ୍ଚପଦ ପ୍ରଦାନଦ୍ୱାରା ସମ୍ମାନିତ କରିବାରୁ ଓଡ଼ିଶାବାସିଙ୍କର ବିଶେଷ ଆନନ୍ଦ ହୋଇଅଛି । ସେହି ଆନନ୍ଦ ପ୍ରକାଶ କରିବାକାରଣ ଏ ନଗରରେ କେତେକେ ବର୍ଷ ହେଲା ପ୍ରତିଷ୍ଠିତ ଇଉନିୟନ କ୍ଲବ ବା କ୍ରୀଡ଼ା ସମିତିର ସଭ୍ୟମାନେ ଗତପୂର୍ବ ଶୁକ୍ରବାର ସାୟଂକାଳରେ ସମିତିର ଗୃହଠାକୁ ମହାରାଜା ମହୋଦୟଙ୍କୁ ଆମନ୍ତ୍ରଣ କରିଥିଲେ ଏବଂ ତାହାଙ୍କୁ ଭେଟିବା କାରଣ ନଗରବାସୀ ଅନ୍ୟ କେତେକ ଭଦ୍ରଲୋକଙ୍କୁ ମଧ ଆମନ୍ତ୍ରଣ କରିଥିଲେ । ଆମନ୍ତ୍ରିତବର୍ଗର ପ୍ରମୋଦାର୍ଥେ ବାବୁ ସାମ୍‌ସନ ରାଉତଙ୍କର ଇଂରାଜୀ ବାଦ୍ୟବଳ, ଭୋଜବାଜି ଆତସବାଜି ଇତ୍ୟାଦିର ଆୟୋଜନ ହୋଇଥିଲା । ସମିତିର ସଭାପତି ଏଠାର ଜଜ ସାହେବ ଶ୍ରୀଯୁକ୍ତ ବି,ସି, ମିତ୍ର ଏକ ସୁନ୍ଦର ବକ୍ତୃତା ଦ୍ୱାରା ମହାରାଜାଙ୍କର ଗୁଣ କୀର୍ତ୍ତନ, ତାହାଙ୍କର ଉଚ୍ଚପଦ ଲାଭରେ ସର୍ବସାଧାରଣଙ୍କର ଆନନ୍ଦ ଏବଂ ସମିତି ପ୍ରତି ସୁଦୃଷ୍ଟି ରଖିବା କଥାମାନ ପ୍ରକାଶ କଲେ । ମହାରାଜ ମହୋଦୟ ତହିଁର ଉତ୍ତରରେ ଯଥୋଚିତ ହୃଦୟପୂର୍ଣ୍ଣ ଧନ୍ୟବାଦ ପ୍ରଦାନ ପୂର୍ବକ ସମିତିର ଶୁଭ ଅଭିପ୍ରାୟ ସାଧନ ବିଷୟରେ ଯଥାସାଧ ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହେଲେ । ଅତଃପର କିଛିକ୍ଷଣ ଆମେଦ ପ୍ରମୋଦ ଉତ୍ତାରୁ ଏହି ସମ୍ମିଳନ କାର୍ଯ୍ୟ ଶେଷ ହେଲା ।

ତହିଁ ଆରଦିନ ଅର୍ଥାତ୍ ଗତ ଶନିବାର ଅପରାହ୍ଣ କାଳରେ ଶ୍ରଦ୍ଧାସ୍ପଦ ବାବୁ ମଧୁସୂଦନ ଦାସ ସେହି ଉପଲକ୍ଷରେ ଆପଣା କୋଠିରେ ଏକ ଉଦ୍ୟାନମିଳନ ପ୍ରଦାନ କରିଥିଲେ । ମଧୁବାବୁଙ୍କ ଆମନ୍ତ୍ରଣମତେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ଓ ଖଲ୍ଲିକୋଟ ଏବଂ କନିକାର ରାଜା ଏବଂ ନଗରବାସୀ ଅନେକ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ନାନା ପ୍ରକାର ଖେଳ କୌତୁକରେ ଅପରାହ୍ଣଟି କଟିଗଲା ଉତ୍ତାରୁ ସନ୍ଧ୍ୟା ସମୟରେ କୋଠି ମଧରେ ସମସ୍ତେ ଆସନ ଗ୍ରହଣ କଲାରୁ ଉତ୍କଳ ବନ୍ଦନା, ଉତ୍କଳ ସଙ୍ଗୀତ ପ୍ରଭୃତି ପଦ୍ୟମାନ ପାଠ ହେଲା । ଏହି ସମୟରେ ଆମ୍ଭମାନଙ୍କର ମାନନୀୟ ଶ୍ରୀଯୁତ କମିଶ୍ନର ଗୁପ୍ତ ସାହେବ ସଭାସ୍ଥଳରେ ସମୁପସ୍ଥିତ ହୋଇ ସମସ୍ତଙ୍କର ଆନନ୍ଦ ବର୍ଦ୍ଧନ କରିଥିଲେ । ପଦ୍ୟମାନ ପଠିତ ହେଲା ଉତ୍ତାରୁ ମଧୁବାବୁ ଇଂରାଜୀ ଭାଷାରେ ଗୋଟିଏ ସରସ, ସୁଦୀର୍ଘ ଏବଂ ହୃଦୟଗ୍ରାହୀ ବକ୍ତୃତା କରିଥିଲେ । ବକ୍ତୃତାଟି ଏମନ୍ତ

ସମୟୋଚିତ ଏବଂ ମନୋହର ହୋଇଥିଲା ଯେ ତାହା ଏକ ମୁଖରେ କୁହାଯାଇ ନ ପାରେ । ସେଭଳି ବକ୍ତୃତା ଆମ୍ଭେ ପାଠକମାନଙ୍କୁ ଉପହାର ଦେଇ ନ ପାରି ଆମ୍ଭେମାନେ ଦୁଃଖିତ ହୋଇଅଛୁଁ । ତହିଁର ସାର ମର୍ମ ଏହି ଯେ ମାତାଠାରୁ ଜନ୍ମଭୂମିର ପ୍ରେମ ଗରୀୟାନ୍ ଅଟେ । ପୁତ୍ର ମରିଗଲେ ତାହାର ମୃତଦେହ ସଢ଼ିଯାଏ ଏବଂ ମାତା ଆଉ ତାକୁ ଆଦର କରେ ନାହିଁ ମାତ୍ର ଜନ୍ମଭୂମି ତାହାକୁ ଫିଙ୍ଗି ନ ଦେଇ ଆପଣା କ୍ରୋଡ଼ରେ ଧାରଣ କରେ । ଏଭଳି ଜନ୍ମଭୂମି ଉତ୍କଳର ଅବସ୍ଥା ଅତୀବ ଶୋଚନୀୟ ହୋଇ ଅଛି । ଉତ୍କଳର ଭୂତପୂର୍ବ ଗୌରବମାନ କ୍ରମାଗତ କଷ୍ଟ ହୋଇଅଛି ଏବଂ ଦେଶ ଲୋକେ ଅଳସୁଆ ଓ ନିଶ୍ଚେଷ୍ଟ ହୋଇ ତାହାର ଗୌରବ ସଂରକ୍ଷଣର କୌଣସି ଉପାୟ କରୁ ନାହାନ୍ତି । ଘଡ଼ି ଗୋଟିକର ଚାଳନଶକ୍ତି ତାହାର ମଧ୍ୟ ଭାଗରେ ନିହିତ ଅଛି । ଉପରର ଆବରଣ କୌଣସି କାର୍ଯ୍ୟର ନୁହଇ । ମନୁଷ୍ୟ ଦେହର ଜୀବନୀଶକ୍ତି ସେହିପରି ତାହାର ଅନ୍ତରରେ ନିହିତ ଅଛି । ଉପରର ଆବରଣ ଅକର୍ମଣ୍ୟ । ଦେଶର ଜୀବନ ମଧ୍ୟ ତାହାର ଖଣି ପ୍ରଭୃତି ଉତ୍ପାଦନ ଉପରେ ନ୍ୟସ୍ତ ଅଛି । ଏ ଓଡ଼ିଶା ଖଣ୍ଡର ଗଡ଼ଜାତ ଜୀବନ ଅଟେ । ଗଡ଼ଜାତକୁ ବାବୁ ମହୋଦୟ ପର୍ଦାନାସିନ ସ୍ତ୍ରୀଲୋକ ସଙ୍ଗେ ତୁଳନା କରି କହିଲେ ଯେ ଜର୍ମାନୀ ଦେଶର ଲୋକମାନେ ସ୍ତ୍ରୀଲୋକର ଅର୍ଥ ଯାହା ବୁଝନ୍ତି ସେହି ଅର୍ଥରେ ସେ ଗଡ଼ଜାତକୁ ସ୍ତ୍ରୀଲୋକ ବୋଲି କହିଲେ । ସ୍ତ୍ରୀଲୋକର ଅର୍ଥ ଭବିଷ୍ୟତ୍ ଜାତ ପୁତ୍ରର ମାତା । ସ୍ତ୍ରୀଲୋକ ଯୋଗ୍ୟପୁତ୍ର ପ୍ରସବ କରି ଆପେ ଧନ୍ୟା ହେବା ସଙ୍ଗେ ସଙ୍ଗେ ଦେଶର ମୁଖୋଜ୍ଜ୍ୱଳ କରିବାର କାରଣ ହୁଅଇ । ସେହି ଗଡ଼ଜାତର ଯୋଗ୍ୟପୁତ୍ର ମୟୂରଭଞ୍ଜାଧିପ ଆମ୍ଭମାନଙ୍କ ମଧ୍ୟରେ ସମୁପସ୍ଥିତ । ତାହାଙ୍କର ଗୁଣାବଳୀ ସେ ତାଙ୍କର ପତ୍ରମାନଙ୍କରୁ ସମୁଚିତ ରୂପେ ଅବଗତ ଅଛନ୍ତି । ଉପୃରେ ବାବୁ ମହୋଦୟ ରେବନ୍ସା କଲେଜର ସମୁପସ୍ଥିତ ଛାତ୍ରବୃନ୍ଦଙ୍କୁ ସମ୍ବୋଧନ କରି କହିଲେ ଯେ ମହାରାଜା ସେହି କଲେଜରେ ଅଧ୍ୟୟନ କରି କେଡ଼େ ଯୋଗ୍ୟ ଏବଂ ଚରିତ୍ରବାନ୍ ହୋଇଅଛନ୍ତି । ତାଙ୍କୁ ଅନୁକରଣ କରିବା ସର୍ବଥା ଉଚିତ ଅଟେ । ତାଙ୍କର ମହାରାଜା ପଦବୀ ଅକିଞ୍ଚିତକର ଅଟେ । ସେ ଯେଉଁ ମନୁଷ୍ୟୋଚିତ ଗୁଣମାନଙ୍କରେ ଭୂଷିତ ହୋଇଅଛନ୍ତି ତଦ୍ଦୃଷ୍ଟିରେ ସେ ପଦ କୌଣସି କାର୍ଯ୍ୟର ନୁହଇ । ଛାତ୍ରମାନେ ତାଙ୍କରି ଆଦର୍ଶ ସମ୍ମୁଖରେ ରଖି କାର୍ଯ୍ୟକ୍ଷେତ୍ରରେ ଅବତରଣ କଲେ ଅତି ସୁଖର ବିଷୟ ହେବ । ଏତଦୁତ୍ତାରୁ ମହାରାଜା ଗାତ୍ରୋତ୍ଥାନ କରି ମିଷ୍ଟକଥା ଦ୍ୱାରା ବକ୍ତା ଏବଂ ସମୁପସ୍ଥିତ ଭଦ୍ରଲୋକମାନଙ୍କୁ (ତାଙ୍କୁ ଏତାବତ୍ ସମ୍ମାନ ପ୍ରଦର୍ଶନ କରିଥିବା ହେତୁ) ଧନ୍ୟବାଦ ଦେଇ ସେ ଦିନର କାର୍ଯ୍ୟାବଳୀରେ ଆପଣାର ଆନନ୍ଦ ପ୍ରକାଶ କଲେ ଏବଂ ଉତ୍କଳର ହିତସାଧନରେ ସର୍ବଦା ଯତ୍ନବାନ୍ ହେବା ଏବଂ ଶିକ୍ଷିତ ଉତ୍କଳୀୟଙ୍କ ମଧ୍ୟରେ ଯେଉଁମାନେ ଯୋଗ୍ୟତା ଦେଖାଇବେ ସେମାନଙ୍କୁ ନିଜ ଜିଲ୍ଲାରେ କାର୍ଯ୍ୟ ଦେବାର ଭରସା ଦେଲେ । ତହିଁଉତ୍ତାରୁ କମିଶନର ଗୁପ୍ତ ସାହେବ ମହୋଦୟ ଗାତ୍ରୋତ୍ଥାନ କରି କହିଲେ ଯେ ଜନ୍ମଭୂମି ବୋଲି କେବଳ ଓଡ଼ିଶା ମଧ୍ୟରେ

ଆପଣାର ଚେଷ୍ଟା ନିହିତ କରିବା ଉଚିତ ନୁହଇ । ଆମ୍ଭେମାନେ ସମସ୍ତେ ଭାରତ ସନ୍ତାନ । ସୁତରାଂ ଭାରତ ଆମ୍ଭମାନଙ୍କର ଜନ୍ମଭୂମି । ଉତ୍କଳ ଛାଡ଼ି ସମୁଦାୟ ଭାରତର ଉନ୍ନତିରେ ବ୍ରତୀ ହୋଇ ଉଦାରଭାବର ପରିଚୟ ଦେବା ଉଚିତ । ଅତଃପର ନାନାପ୍ରକାର ଆତସବାଜୀ ସନ୍ଦର୍ଶନ ଓ ଇଚ୍ଛାମତ ଭଦ୍ରମଣ୍ଡଳି ଜଳଯୋଗ କରି ରାତ୍ର ସାତଘଣ୍ଟା ଉତ୍ତାରୁ ବିଦାୟ ଘେନିଗଲେ । ଏ ଦିନର କାର୍ଯ୍ୟ ଆମ୍ଭମାନଙ୍କର ମନକୁ ବଡ଼ ଘେନିଅଛି । ମଧୁବାବୁ ସମୁଦାୟ କାର୍ଯ୍ୟର ଏମନ୍ତ ସୁନ୍ଦର ଭାବରେ ବନ୍ଦୋବସ୍ତ କରିଥିଲେ ଯେ କାହିଁରେ କିଛିମାତ୍ର ତ୍ରୁଟି ଲକ୍ଷିତ ହେଲା ନାହିଁ । ସର୍ବୋପରି ତାଙ୍କର ସେ ଦିନର ବକ୍ତୃତା ସମସ୍ତଙ୍କର ମନକୁ ହରଣ କରିଥିଲା । ଈଶ୍ୱର ଏଭଳି ଯୋଗ୍ୟପୁତ୍ରଙ୍କୁ ଦୀର୍ଘଜୀବୀ କରି ତାହାଙ୍କଦ୍ୱାରା ନାନାପ୍ରକାର ମଙ୍ଗଳବିଧାନ କରନ୍ତୁ, ଏତିକି ଆମ୍ଭମାନଙ୍କର ପ୍ରାର୍ଥନା ।

ଗତ ବୁଧବାର ସନ୍ଧ୍ୟା ଘ୬ଣ୍ଟା ବେଳେ କଟକ ଆଲୋଚନା ସଭାର ଏକ ବିଶେଷ ଅଧିବେଶନ ହୋଇଥିଲା । ସଭାର ସଭ୍ୟବୃନ୍ଦ ଛଡ଼ା ନଗରବାସୀ କେତେଲୋକ ଦେଶୀୟ ଭଦ୍ରଲୋକ ଆମନ୍ତ୍ରଣମତେ ଉପସ୍ଥିତ ହୋଇଥିଲେ । ଯଥାସମୟରେ ମୟୂରଭଞ୍ଜର ମହାରାଜା ପ୍ରବେଶ ହୁଅନ୍ତେ ତାହାଙ୍କୁ ସମ୍ମାନ ସହିତ ଆସନ ଦାନ ଉତ୍ତାରୁ ସଙ୍ଗୀତ ଏବଂ ଉତ୍କଳ ଓ ସଂସ୍କୃତ ରଚନା ପାଠ ହେଲା । ପରେ ସଭାପତି ବାବୁ ମଧୁସୂଦନ ରାଓ ମହାରାଜାଙ୍କ ଛାମୁରେ ଅଭିନନ୍ଦନପତ୍ର ପାଠ କରି ତାହାଙ୍କ କରକମଳରେ ଅର୍ପଣ କଲେ । ତହିଁରେ ମହାରାଜାଙ୍କ ବିବିଧ ଗୁଣକୀର୍ତ୍ତନ ଉତ୍ତାରୁ ସାହିତ୍ୟର ମହାଶକ୍ତି ଜାତୀୟ ସ୍ଥାୟୀ ଉନ୍ନତିର ପ୍ରଧାନ ଉପାୟ ହେଉଥିବାରୁ ଉତ୍କଳସାହିତ୍ୟର ସମୃଦ୍ଧିବର୍ଦ୍ଧକ କାର୍ଯ୍ୟରେ ବ୍ରତୀ ହୋଇ ଦୀନାହୀନା ମାତୃଭାଷାର ଦୁର୍ଗତି ହରଣ କରିବାର ପ୍ରାର୍ଥନା ଥିଲା । ମହାରାଜା ମହୋଦୟ ତହିଁର ଉତ୍ତରରେ ସଭାକୁ ଯଥୋଚିତ ଧନ୍ୟବାଦ ଏବଂ ଉତ୍କଳସାହିତ୍ୟର ଉନ୍ନତି ସକାଶେ ସାଧ୍ୟମତେ ଯତ୍ନବାନ୍ ହେବାର ଆଶ୍ୱାସ ଦେଇ ସଭ୍ୟବୃନ୍ଦଙ୍କର ଆନନ୍ଦ ବର୍ଦ୍ଧନ କଲେ । ପରିଶେଷରେ ଗୋଟିଏ କ୍ଷୁଦ୍ରବାଳକ କୌତୁକଜନକ ଅଙ୍ଗଭଙ୍ଗୀ ସହିତ ଏକ ବଙ୍ଗଳା ପଦ୍ୟ ଆବର୍ତ୍ତନ କଲା ଉତ୍ତାରୁ ସଭା ଭଙ୍ଗ ହେଲା ।

## (୫)

## [ ଗଞ୍ଜାମବାସୀଙ୍କର ଆବେଦନ ]

ଉତ୍କଳଭାଷା ପ୍ରଚଳିତ ସମସ୍ତ ଭୂମିଖଣ୍ଡ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଅଧୀନରେ ଅଥବା ଏକ ଶାସନ ଓ ବିଦ୍ୟାଳୟର ଅଧୀନରେ ରଖିବା କାରଣ ଗଞ୍ଜାମର ଲୋକମାନେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସମୀପକୁ ଏକ ଆବେଦନ ପତ୍ର ପଠାଇଥିବାର ପାଠକମାନଙ୍କୁ ଜଣାଅଛି । ସେହି ଆବେଦନର ଏକପ୍ରସ୍ତ ପ୍ରତିଲିପି ଏଠାର ଉତ୍କଳସଭାର ସମର୍ଥନ ବା ମତ ପ୍ରକାଶ ନିମନ୍ତେ ଆସିଥିବାରୁ ଉତ୍କଳସଭା ସେ ବିଷୟର ବିଚାର

ନିମନ୍ତେ ଆସନ୍ତା ବୁଧବାର ସନ୍ଧ୍ୟା ସମୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ କୋଠାରେ ଗୋଟିଏ ସାଧାରଣ ସଭା ଆହ୍ୱାନ କରିବାର ସ୍ଥିର କରି ଅଛନ୍ତି । ଶୀଘ୍ର ତହିଁର ବିଜ୍ଞାପନ ବାହାରିବ । ବିଷୟଟି ଅତ୍ୟନ୍ତ ଗୁରୁତର ଅଟେ ଏବଂ ଏଥି ଉପରେ ଓଡ଼ିଶାର ଶୁଭାଶୁଭ ବିଶେଷ ରୂପେ ନିର୍ଭର କରୁଥିବାରୁ ଏକାନ୍ତ ଅନୁରୋଧ ଯେ ଏ ସ୍ଥାନର ସକଳ ସମ୍ପ୍ରଦାୟର ଲୋକ ଏ ସଭାରେ ଉପସ୍ଥିତ ହୋଇ ସ୍ୱ ସ୍ୱ ମତ ପ୍ରକାଶ କରିବାକୁ ଅଗ୍ରସର ହେବେ ।

## (୬)

## [ ଗଞ୍ଜାମ ଜାତୀୟ ସମିତ ]

ଗତ ଶନିବାର ଓ ରବିବାର ଗଞ୍ଜାମ ବରହମପୁରଠାରେ ଗଞ୍ଜାମ ଜାତୀୟ ସମିତି ଅଥବା ଉତ୍କଳସମ୍ମିଳନୀ ସଭା ହୋଇଥିଲା । ଏ ନଗରରୁ ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ, ବାବୁ ବିଶ୍ୱନାଥ କର, ବାବୁ ନନ୍ଦକିଶୋର ବଳ, ବାବୁ କୃଷ୍ଣପ୍ରସାଦ ଚୌଧୁରୀ ଏବଂ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ଉକ୍ତ ସଭାରେ ଯୋଗ ଦେବା କାରଣ ଯାଇଥିଲେ ଏବଂ ସେମାନଙ୍କର ଯଥାଯୋଗ୍ୟ ସମାଦର ହୋଇଥିଲା । ଓଡ଼ିୟାମାନଙ୍କର ବିଦ୍ୟାଶିକ୍ଷାର ଉନ୍ନତି, ଉତ୍କଳସାହିତ୍ୟର ଉନ୍ନତି ଏବଂ ପ୍ରାଚୀନ ଓ ଆଧୁନିକ କବିମାନଙ୍କର ସମାଦର ଓ ସ୍ମୃତିରକ୍ଷା, ଶୁଭାଶୁଭ କାର୍ଯ୍ୟ ପ୍ରଭୃତିରେ ଯଥାସମ୍ଭବ ବ୍ୟୟସଙ୍କୋଚ ଇତ୍ୟାଦି ବିଷୟ ଆଲୋଚିତ ହୋଇଥିଲା । ଅଧିବେଶନର ବିସ୍ତାରିତ ବିବରଣ ଏପର୍ଯ୍ୟନ୍ତ ପାଇ ନ ଥିବାରୁ ପାଠକମାନଙ୍କୁ ଜଣାଇବାକୁ ଅକ୍ଷମ ହେଲୁଁ । ଶୁଣିଲୁଁ ଅଧିବେଶନର ସକଳ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହୋଇଥିଲା ଏବଂ ଯେଉଁମାନେ ଯୋଗ ଦେବାକୁ ସ୍ଥାନାନ୍ତରରୁ ଯାଇଥିଲେ, ସେମାନେ ସନ୍ତୁଷ୍ଟ ହୋଇଅଛନ୍ତି । ଗଞ୍ଜାମବାସୀଙ୍କର ସୌଜନ୍ୟତା ଉତ୍ସାହ ଏବଂ ସ୍ୱଦେଶାନୁରାଗର ପ୍ରଶଂସା କରୁଅଛନ୍ତି ।

## (୭)

## ବଙ୍ଗପ୍ରାଦେଶିକ ସମିତି

ବଙ୍ଗପ୍ରାଦେଶିକ ସମିତିର ଅଧିବେଶନ ଗତ ତା ୮ ରିଖ ଅପରାହ୍ଣ ଘ ୨ଣ୍ଟା ବେଳେ ମୁରସିଦାବାଦ ଜିଲ୍ଲାର ବହରମପୁର ସହରରେ ହୋଇଥିଲା । ଅଭ୍ୟର୍ଥନା କମିଟିର ସଭାପତିବାବୁ ମଣିମୋହନ ସେନ ବଙ୍ଗଳାର ନାନା ସ୍ଥାନରୁ ସମାଗତ ପ୍ରତିନିଧିମାନଙ୍କୁ ସମାଦର ସୂଚକ ଅଭ୍ୟର୍ଥନା ପ୍ରଦାନ ପୂର୍ବକ କହିଲେ କି ଗତ ବର୍ଷ ଏହି ସମିତି କଟକ ନଗରରେ ହେବାର ଥିଲା । ତାହା ହୋଇ ନ ପାରିବାରୁ ବହରମପୁରବାସିମାନେ ନିଜ ସ୍ଥାନରେ ସେହି ଅଧିବେଶନ ବସାଇ ଅଛନ୍ତି । ଅଳ୍ପ ସମୟରେ ସମସ୍ତ ଉଦ୍ୟମ କରିବାହେତୁ ଉପଯୁକ୍ତ ଅଭ୍ୟର୍ଥନାର ଯେ ତ୍ରୁଟି ହୋଇଅଛି ସଦାଶୟ ସଭ୍ୟମାନେ ତାହା

କ୍ଷମା କରି ଉଦାରତା ସହିତ ତାହା ଗ୍ରହଣ କରିବେ । ଅନନ୍ତର ସେଠାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ କେରି ସାହେବ ସମିତିର ଅଧିବେଶନ ପ୍ରତି ଯଥାର୍ଥ ସହାନୁଭୂତି ଏବଂ ଆନୁକୂଲ୍ୟ ଦେଖାଇ ସରକାରୀ ଗୃହରେ ଅଧିବେଶନ ହେବାର ଅନୁମତି ଦେବା ଦ୍ୱାରା ଅଭ୍ୟର୍ଥନା କମିଟିର ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଦେଶୀୟ ଲୋକ ଏବଂ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ମଧ୍ୟରେ ଏହିପରି ସଦ୍ଭାବ ରହିବା ଏକାନ୍ତ ବାଞ୍ଛନୀୟ ଏବଂ ଏହା ସାଧାରଣ ହିତ ସାଧନର ପ୍ରକୃତ ଉପାୟ ଅଟେ । କାରଣ ସାଧାରଣ ମଙ୍ଗଳ ସାଧନ ରାଜା ଓ ପ୍ରଜା ଉଭୟଙ୍କର ଏକମାତ୍ର ଲକ୍ଷ୍ୟ ଅଟେ । ରାଜନୈତିକ ବିଷୟରେ ବିଲାତରେ ଲର୍ଡ, କମନସ୍ ଏବଂ ରାଜା ଏହି ତିନି ଶ୍ରେଣୀ ସଙ୍ଗେ ଏ ଦେଶର ସମ୍ଭ୍ରାନ୍ତ ଜମିଦାରବର୍ଗ, ମଧ୍ୟମ ଶ୍ରେଣୀୟ ଶିକ୍ଷିତ ସମାଜ ଏବଂ ଗବର୍ଣ୍ଣମେଣ୍ଟଙ୍କୁ ତୁଳନା କରାଯାଇ ପାରେ । ଏଠାରେ ଆଉ ଏକ ଶ୍ରେଣୀ ଅଛନ୍ତି ଅର୍ଥାତ୍ କୃଷି ଓ ଶିଳ୍ପଜୀବୀ । କୃଷି ଓ ଶିଳ୍ପଜୀବୀ ନିମ୍ନ ଶ୍ରେଣୀର ହେଲେହେଁ ଏମାନଙ୍କୁ ମୂଳ ବୋଲିବାକୁ ହେବ କାରଣ ଏମାନେ ଅନ୍ୟ ସମସ୍ତଙ୍କୁ ପୋଷୁ ଅଛନ୍ତି ଏବଂ ଏହିମାନଙ୍କ ଉନ୍ନତି ଉପରେ ଦେଶର ସମସ୍ତ ମଙ୍ଗଳ ନିର୍ଭର କରେ । ଅତଏବ ସ୍ୱଦେଶୀୟ କୃଷି ଓ ଶିଳ୍ପର ଉନ୍ନତି ଚେଷ୍ଟା ଜାତୀୟ ମହାସମିତି ଏବଂ ପ୍ରାଦେଶିକ ସମିତିମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ହେଉଅଛି ଏବଂ ତହିଁ ନିମନ୍ତେ ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଁଏ ସ୍ଥାୟୀ କମିଟି ହେବା ଆବଶ୍ୟକ । ବିଲାତୀ ରୀତି ଅନୁକରଣରେ ଦେଖା ସୁନ୍ଦର ଅସାର ବିଦେଶଜାତ ଶିଳ୍ପ ଦ୍ରବ୍ୟର ପକ୍ଷପାତୀ ନ ହୋଇ ଏ ଦେଶୀୟ ଲୋକମାନେ ସ୍ୱଦେଶଜାତ ସାରବାନ୍ ମଜବୁତ ଶିଳ୍ପ ଦ୍ରବ୍ୟର ବ୍ୟବହାର ବିଷୟରେ ଏକାନ୍ତ ଦୃଢ଼ପ୍ରତିଜ୍ଞ ହେଲେ ଏବଂ ସେ ସବୁ କ୍ରମଶଃ ଭଲ ହେବା ବିଷୟରେ ଉପଯୁକ୍ତ ଉତ୍ସାହ ପ୍ରଦାନ କଲେ ଦେଶର ଶ୍ରୀବୃଦ୍ଧି ହେବ ଏବଂ ଆମ୍ଭେମାନେ ଦିନ ଦିନ ଯେଉଁ ଦୁର୍ଗତିକୁ ଲଭୁଅଛୁଁ ତହିଁର ପ୍ରତିବିଧାନ ହେବ । ଏହି ବକ୍ତୃତା ଶେଷ ହେଲାରୁ ମାନ୍ୟବର ନାଟୋର ମହାରାଜା ବିଧିମତେ ଏହି ଅଧିବେଶନର ସଭାପତି ପଦରେ ମନୋନୀତ ହେଲେ ଏବଂ ତାହାଙ୍କର ବକ୍ତୃତା ଉତ୍ତାରୁ ଏ ଦିନର କାର୍ଯ୍ୟ ଶେଷ ହେଲା ।

ସଭାପତି ମହାଶୟ ନିଜ ବକ୍ତୃତାରେ ପ୍ରଥମେ ବଙ୍ଗଳାର ଭୂତପୂର୍ବ ଲେଫ୍ଟନଣ୍ଟ ଗବର୍ଣ୍ଣର ସର ଜନ ଉଡ଼ବରନ ଏବଂ ବିଲାତ ପାର୍ଲିୟାମେଣ୍ଟର ମେମ୍ବର ଉବଲିଉ, ଏସ, କେନ ସାହେବଙ୍କର ଗୁଣ କୀର୍ତ୍ତନ ପୂର୍ବକ ସେମାନଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରି ଦିଲ୍ଲୀ ଦରବାରର ବହୁ ବ୍ୟୟତା ଏବଂ ପ୍ରାଦେଶିକ ସମିତିର ଆବଶ୍ୟକତା ପ୍ରତିପନ୍ନ କଲେ । ଅନନ୍ତର ପୁଲୀସ ସଂସ୍କାର, ଶିକ୍ଷା ଏବଂ ଦେଶର ଆର୍ଥିକ ଅବସ୍ଥାର ଆଲୋଚନା କରି କହିଲେ କି ପୁଲୀସ କର୍ମଚାରୀଙ୍କର ବେତନ ବୃଦ୍ଧି, ଭଲଲୋକଙ୍କ ପୁଲୀସରେ ଭରତି ଇତ୍ୟାଦି ଉପାୟଦ୍ୱାରା ଅନେକ ଉପକାର ହୋଇ ପାରେ ମାତ୍ର ଶାସନ ଓ ବିଚାର ବିଭାଗ ସମ୍ପୂର୍ଣ୍ଣରୂପେ ପୃଥକ୍ ନ ହେବା ପର୍ଯ୍ୟନ୍ତ ପୁଲୀସର ପ୍ରକୃତ ସଂସ୍କାର ହେବ ନାହିଁ । ଶିକ୍ଷା ସମ୍ବନ୍ଧରେ ସେ କହିଲେ କି ଶିକ୍ଷା କମିଶନର ପରାମର୍ଶ

ଅନୁସାରେ ବ୍ୟବସ୍ଥା ହେଲେ ଗରୀବ ଲୋକଙ୍କ ପ୍ରତି ଉଚ୍ଚ ଶିକ୍ଷାର ବାଟ ବନ୍ଦ ହେବ ଏବଂ ତହିଁରେ ଅମଙ୍ଗଳ ବିନା ଅନ୍ୟ କିଛି ଫଳ ହେବ ନାହିଁ । ଲେଖା ପଢ଼ା ଯାହାଙ୍କର ଜୀବିକା ସେମାନଙ୍କ ମଧ୍ୟରେ ଅନେକ ଗରୀବ ଅଛନ୍ତି । ବିଦ୍ୟାଶିକ୍ଷାର ସୁବିଧା ନ ପାଇଲେ ଉଚ୍ଛନ୍ନ ହେବେ ଏବଂ ତଦ୍ଵାରା ଦେଶର ଅନିଷ୍ଟ ହେବ । ଦେଶର ଆର୍ଥିକ ଅବସ୍ଥାର ଉନ୍ନତି ସ୍ୱଦେଶୀୟ ଶିଳ୍ପ ଓ ବ୍ୟବସାୟର ଉତ୍କର୍ଷ ସାଧନ ଉପରେ ନିର୍ଭର କରେ । ଦେଶୀୟ ଶିଳ୍ପାଦିର ଦୁର୍ଗତି ସଙ୍ଗେ ସଙ୍ଗେ କ୍ରମେ ଦାରିଦ୍ରତା ବୃଦ୍ଧି ହେଉଅଛି । ଦେଶୀୟ ମୂଳଧନଦ୍ୱାରା ଦେଶୀୟ ବ୍ୟବସାୟ ବିସ୍ତାର ପ୍ରତି ଏକାନ୍ତ ମନୋଯୋଗୀ ହେବା ଉଚିତ । ବିଦେଶୀୟ ମୂଳଧନ ଦ୍ୱାରା ଏ ଦେଶର ବ୍ୟବସାୟାଦିର ଉନ୍ନତିଦ୍ୱାରା ଏ ଦେଶୀୟ ଲୋକଙ୍କର ଦୁର୍ଗତି ଯିବ ନାହିଁ । ସେମାନେ କେବଳ କୁଲି ମଜୁରି ପରି ଦୁଇ ପଇସା ରୋଜଗାର କରିବେ ମାତ୍ର ଭଲ ଅବସ୍ଥାକୁ ଉଠି ପାରିବେ ନାହିଁ । ଧନୀ ସିନା ଯତ୍ନ କଲେ ବଡ଼ଲୋକ ହେବ । ମୂଲିଆ ଭାଗ୍ୟରେ ତାହା କାହୁଁ ଘଟିବ ? ବାସ୍ତବରେ ବିଦେଶୀୟମାନେ ଲକ୍ଷ ଲକ୍ଷ ଟଙ୍କା ମୂଳଧନଦ୍ୱାରା ବଡ଼ ବଡ଼ ବ୍ୟବସାୟ ଏ ଦେଶରେ କରି ତହିଁର ଲାଭ ଘରକୁ ନେଇ ଯାଉଅଛନ୍ତି ଏବଂ ଏ ଦେଶୀୟମାନେ ସେମାନଙ୍କଠାରେ ମୂଲ ଲାଗି କଷ୍ଟରେ କାଳ କଟାଉଅଛନ୍ତି । ଅତଏବ ଶିଳ୍ପ ବାଣିଜ୍ୟାଦି ବ୍ୟବସାୟରେ ଦେଶୀୟ ଲୋକଙ୍କର ଏକାନ୍ତ ଯତ୍ନବାନ୍ ହେବା ଆବଶ୍ୟକ ।

ଗତ ତା ୯ ଓ ୧୦ ରିଖରେ ଅର୍ଥାତ୍ ୨ୟ ଓ ୩ୟ ଦିନରେ ନାନା ବିଷୟର ଚର୍ଚ୍ଚା ହୋଇ ସମିତିର କାର୍ଯ୍ୟ ଶେଷ ହେଲା ।

## (୮)

## [ ଗଞ୍ଜାମ ଜାତୀୟସମିତି ]

ଗତ ୨୨ ତାରିଖର 'ପ୍ରଜାବନ୍ଧୁ' ଗଞ୍ଜାମ ଜାତୀୟସମିତିର ଅଧିବେଶନର ବିବରଣରେ ପୂର୍ଣ୍ଣ ହୋଇଅଛି । ଯେ ସମସ୍ତ ବିଷୟ ଅବଧାରିତ ହୋଇଅଛି ଏ ସପ୍ତାହରେ ପ୍ରକାଶ କରିବାର ସ୍ଥାନ ନାହିଁ । ଅଧିବେଶନ ଦୁଇ ଦିନ ହୋଇଥିଲା ଏବଂ ପ୍ରାୟ ୫୦୦ ଲୋକ ସମବେତ ହୋଇଥିଲେ । ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାୟଗୁରୁ ସଭାପତିର ଆସନ ଗ୍ରହଣ କରିଥିଲେ । ଏ ନଗରରୁ ଯେଉଁମାନେ ଉକ୍ତ ସଭାକୁ ଯାଇଥିଲେ ସେମାନଙ୍କର ନାମ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । କେବଳ ବାବୁ ଫକୀରମୋହନ ସେନାପତିଙ୍କର ନାମ ଛାଡ଼ି ଯାଇଥିଲୁଁ । ସେମାନେ ପ୍ରାୟ ସମସ୍ତେ ଏକ ଏକ ନିର୍ଦ୍ଧାରଣର ପ୍ରସ୍ତାବ ବା ଅନୁମୋଦନରେ ଯୋଗଦାନ କରି ବକ୍ତୃତା କରିଥିଲେ । ପୁରୀରୁ ବାବୁ ରାମଚନ୍ଦ୍ର ଦାସ, ବକ୍‌ସି ଲୋକନାଥ ବିଦ୍ୟାଧର ମହାପାତ୍ର, ବାବୁ ଗୋପବନ୍ଧୁ ଦାସ, ପଣ୍ଡିତ ବାସୁଦେବ କାବ୍ୟତୀର୍ଥ ଏବଂ ବାବୁ ରଘୁନାଥ ରାଓ ଯୋଗଦାନ କରିଥିଲେ । ସମ୍ବଲପୁରର କାହାରି ନାମ ଦେଖିଲୁଁ ନାହିଁ ।

## (୯)

## [ ବ୍ରହ୍ମପୁରରେ ମଧୁସୂଦନ ଦାସଙ୍କର ଅଭ୍ୟର୍ଥନା ]

ଗଞ୍ଜାମ ଜାତୀୟସମିତି ଏ ନଗରର ବିଖ୍ୟାତ ବାବୁ ମଧୁସୂଦନ ଦାସଙ୍କର ଆଦର ଅଭ୍ୟର୍ଥନା ବିଶେଷରୂପେ କରିଥିବାର ପ୍ରଜାବନ୍ଧୁରୁ ଅବଗତ ହେଲୁଁ । ସେ ବରମପୁରକୁ ଯାତ୍ରା କରିବାର ସମ୍ବାଦ ପାଇ ଅନେକ ଲୋକ ତାହାଙ୍କର ଅଭ୍ୟର୍ଥନାର୍ଥେ ରେଳ ଷ୍ଟେସନଠାରେ ସମବେତ ହୋଇଥିଲେ ଏବଂ ସମସ୍ତେ ତାହାଙ୍କର ଗାଡ଼ି ଟାଣି ନେବାର ଇଚ୍ଛା କରିଥିଲେ । ଦାସ ମହାଶୟ ତାହା ଜାଣି ମହାବ୍ୟସ୍ତରେ ବରଂ ଚାଲିଯିବାର କହି ଆଗକୁ ଦୌଡ଼ନ୍ତେ ସେ ସଙ୍କଳ୍ପ ପରିତ୍ୟକ୍ତ ହେଲା । ତହୁଁ ଗାଡ଼ିରେ ଘୋଡ଼ା ଯୋଚା ହେଲା ଏବଂ ସେ ତହିଁରେ ବସି ବସାକୁ ଗଲେ । ପ୍ରଜାବନ୍ଧୁ କହନ୍ତି କି ଏ ଘଟଣାରେ ତାହାଙ୍କର ପ୍ରତି ସେଠା ଲୋକେ ଅଧିକତର ଅନୁରକ୍ତ ହୋଇଥିଲେ । ଅନୁରକ୍ତ ହେବାର କଥା । ଗାଡ଼ି ଟାଣିବାଦ୍ୱାରା ସମ୍ମାନ କରିବା ବିଲାତୀ ପ୍ରଥା । ଏ ଦେଶରେ ଜଣେ ଭଦ୍ରଲୋକ ଗାଡ଼ିରେ ବସି ଅପର ଭଦ୍ରଲୋକଙ୍କ ଦ୍ୱାରା ତାହା ଟଣାଇବାକୁ କେବେ ସୁଖୀ ହେବ ନାହିଁ ! ଏହା ଅତ୍ୟନ୍ତ ମାଡ଼ି ପଡ଼ିବା କଥା ଏବଂ ଏଥିର ପ୍ରଶ୍ରୟ ଦେଲେ କ୍ରମେ ଅନେକ ଭଦ୍ରଲୋକଙ୍କୁ ଏହିପରି ସମ୍ମାନ ଦେଖାଇବାକୁ ଯାଇ ଭଦ୍ରଲୋକମାନେ ଘୋଡ଼ା ପାଲଟି ଯିବେ ନାହିଁ କି ?

## (୧୦)

## ଉତ୍କଳର ସମ୍ମିଳନ

ଗଞ୍ଜାମବାସିଙ୍କର ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁରଙ୍କ ସମୀପକୁ ପ୍ରେରିତ ହୋଇଥିବା ଆବେଦନ ପତ୍ର ସମ୍ବନ୍ଧରେ ଏଠା ଉତ୍କଳସଭାର ଯତ୍ନରେ ଗତ ବୁଧବାର ସନ୍ଧ୍ୟା ସମୟରେ ଯେଉଁ ସାଧାରଣ ସଭା ହେବାର ଥିଲା ବୋଲି ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଥିଲୁଁ ତାହା ନିରୂପିତ ସମୟରେ ଅତି ସୁନ୍ଦରରୂପେ ହୋଇଥିବାର ଆନନ୍ଦ ସହିତ ଜଣାଉଅଛୁଁ । ସଭାସ୍ଥଳରେ ଏ ନଗରବାସୀ ଜଣାଣ ମେମ, ଶ୍ରୀଯୁକ୍ତ ହାବେଲ ଓ ଗ୍ରଣ୍ଡି ପାଦ୍ରି ଏବଂ ଶ୍ରୀଯୁକ୍ତ ହୁଆଇଟ ସାହେମାନେ, କନିକାର ରାଜା, ଜମିଦାର, ଉକିଲ, ଡେପୁଟୀ ପ୍ରଭୃତି ସରକାରୀ କର୍ମଚାରୀ ଏବଂ ଅନ୍ୟାନ୍ୟ ଶ୍ରେଣୀର ଅନେକ ଭଦ୍ରଲୋକ ଓ କଲେଜର ଛାତ୍ର ମିଶି ପ୍ରାୟ ଜ୨୫୦ଣ ସମବେତ ହୋଇଥିଲେ । ଆହୁରି କେତେଲୋକ ଘର ଓ ବାରନ୍ଦାରେ ସ୍ଥାନ ନ ପାଇ ବାହୁଡ଼ି ଯିବାକୁ ବାଧ ହୋଇଥିଲେ । ବାବୁ ଗୌରୀଶଙ୍କର ରାୟଙ୍କର ପ୍ରସ୍ତାବ ଏବଂ ବାବୁ ନିମାଇଚରଣ ମିତ୍ରଙ୍କର ଅନୁମୋଦନକ୍ରମେ ବାବୁ ମଧୁସୂଦନ ଦାସ ସଭାପତି ମନୋନୀତ ହେଲାରୁ

ପ୍ରଥମେ ଉତ୍କଳ ସମ୍ମିଳନ ବିଷୟକ ନବ ରଚିତ ଗୋଟିଏ ସଙ୍ଗୀତ ହାରମୋନିୟମ ଯନ୍ତ୍ର ସହକାରେ ତିନିଜଣ ଯୁବା ସମସ୍ୱରରେ ଗାୟନ କଲେ । ତହୁଁ ସଭାପତି ମହାଶୟ ତାହାଙ୍କର ସ୍ୱାଭାବିକ ରସାଳ ଗଭୀର ଚିନ୍ତାଯୁକ୍ତ ଓଡ଼ିଆ ଭାଷାରେ ଗୋଟିଏ ସୁନ୍ଦର ବକ୍ତୃତାଦ୍ୱାରା ସଭାର ଉଦ୍ଦେଶ୍ୟ ବୁଝାଇଦେଲେ । ସେ ଅତ୍ୟନ୍ତ ବିନୟ ଭାବରେ କହିଲେ କି ଉତ୍କଳରେ ଭାଇ ଶବ୍ଦଟି ବିଶେଷତଃ ବଡ଼ଭାଇଠାରେ ପ୍ରୟୋଗ ହୋଇଥାଏ । ସେ ଏ ସଭାସ୍ଥ ଲୋକଙ୍କୁ ଭାଇ ବୋଲି ସମ୍ବୋଧନ କରି ସେମାନଙ୍କୁ ବଡ଼ ଓ ନିଜକୁ ଛୋଟ ମନେ କରୁଅଛନ୍ତି । ଆଉ ଯେମନ୍ତ ଏକ ମାତାର ସ୍ତନ ପାନରେ ପ୍ରତିପାଳିତ ପୁତ୍ରମାନଙ୍କୁ ଭାଇ କହନ୍ତି ତେମନ୍ତ ଯେଉଁମାନେ ଉତ୍କଳ ମାତାର ସ୍ତନ ପାନ ଦ୍ୱାରା ଦୀର୍ଘକାଳ ବା ଅଳ୍ପକାଳ ଶରୀର ପୋଷଣ କରୁଅଛନ୍ତି ସେମାନେ ଭାଇ ଅଟନ୍ତି ଏବଂ ଉତ୍କଳ ମାତାର ସେବା କରିବା ଏବଂ ଶୁଭ ମନାସିବା ସେମାନଙ୍କର କର୍ତ୍ତବ୍ୟ ଅଟେ । ସମସ୍ତ ଉତ୍କଳକୁ ଏକ ଶାସନାଧୀନ କରିବା କଥା ନୂତନ ନୁହେଁ କିମ୍ବା ଗଞ୍ଜାମବାସିଙ୍କ ଆବେଦନପତ୍ରରୁ ବର୍ତ୍ତମାନ ଉଦ୍ଭବ ହୋଇ ନାହିଁ । ସନ ୧୮୪୧ ସାଲରୁ ସମୟ ସମୟରେ ଏଥିର ଚର୍ଚ୍ଚା ହୋଇଅଛି । ତହିଁ ପୂର୍ବେ ଗଞ୍ଜାମ ଓଡ଼ିଶାର ଅନ୍ତର୍ଗତ ଥିଲା ଏବଂ ସନ ୧୮୬୧ ସାଲ ପର୍ଯ୍ୟନ୍ତ ସମ୍ବଲପୁର ଓଡ଼ିଶା କମିଶନରଙ୍କ ଅଧୀନରେ ଥିଲା । ସନ ୧୮୮୮ ସାଲରେ ଉତ୍କଳସଭା ସମସ୍ତ ଓଡ଼ିଆଭାଷିଙ୍କୁ ଏକ ଶାସନାଧୀନ କରିବାର ପ୍ରସ୍ତାବ କରିଥିଲା ଏବଂ ସନ ୧୮୯୫ ସାଲରେ ଓଡ଼ିଶାର କମିଶନର ଶ୍ରୀଯୁକ୍ତ କୁକ୍ ସାହେବ ସମ୍ବଲପୁରକୁ ଓଡ଼ିଶାଭୁକ୍ତ କରିବା କାରଣ ଗବର୍ଣ୍ଣମେଣ୍ଟକୁ ଲେଖିଥିଲେ । ଏ ଶତାବ୍ଦୀର ଆରମ୍ଭରେ ସମ୍ବଲପୁରବାସିମାନେ ସେହିପରି ପ୍ରାର୍ଥନା କରିଥିଲେ । ସମ୍ପ୍ରତି ଓଡ଼ିଶା ମଧ୍ୟପ୍ରଦେଶକୁ ବାହାରିଯିବା କଥା ଏକ ଏକ ସମ୍ବାଦପତ୍ରରେ ବାହାରିଅଛି । ଅତଏବ ବିଷୟଟି ଅତ୍ୟନ୍ତ ଗୁରୁତର ଏବଂ ଓଡ଼ିଶାର ଭବିଷ୍ୟତ ଶାସନ ଏଥି ଉପରେ ନିର୍ଭର କରୁଥିବାରୁ ଅତ୍ୟନ୍ତ ଧୀରତା ଓ ବିଚକ୍ଷଣତା ସହିତ ଅଦ୍ୟ ତହିଁର ମୀମାଂସା କରିବାକୁ ସଭ୍ୟବୃନ୍ଦଙ୍କୁ ଅନୁରୋଧ କରି ବକ୍ତୃତା ଶେଷ କଲେ । ତଦନନ୍ତର ନିମ୍ନଲିଖିତ ନିର୍ଦ୍ଧାରଣମାନ ବିଧିମତେ ପ୍ରସ୍ତାବିତ ଅନୁମୋଦିତ ଓ ସମର୍ଥିତ ହୋଇ ଧାର୍ଯ୍ୟ ହେଲା ।

୧ । ଗଞ୍ଜାମ ଜିଲାର ଉତ୍କଳଭାଷୀ ଅଧିବାସିମାନେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସମୀପକୁ ସେମାନଙ୍କର ଦୁଃଖ ଜଣାଇ ଯେଉଁ ଆବେଦନପତ୍ର ପଠାଇଅଛନ୍ତି ତହିଁରେ ଏ ସଭାର ସମ୍ପୂର୍ଣ୍ଣ ଓ ଗଭୀର ସହାନୁଭୂତି ଥିବା ବିଷୟ ଲିପିବଦ୍ଧ କରିବା ଏ ସଭାର କର୍ତ୍ତବ୍ୟ, ଏବଂ ମହାମାନ୍ୟ ଗବର୍ଣ୍ଣର ଜେନେରଲ ସମ୍ବଲପୁର ନିବାସୀ ଓଡ଼ିଆମାନଙ୍କୁ ସେମାନଙ୍କ ଭାଷାର ପୁନଃ ପ୍ରଚଳନଦ୍ୱାରା ଯେରୂପ ଅବିଳମ୍ବେ ଅନୁଗୃହୀତ କରିଅଛନ୍ତି ତହିଁରୁ ଗଞ୍ଜାମନିବାସୀ ଓଡ଼ିଆମାନଙ୍କର ଗୁରୁତର ଗୁହାରୀସମ୍ବଳିତ ଆବେଦନପତ୍ର ମହାମାନ୍ୟ ଗବର୍ଣ୍ଣରଙ୍କର ଦିବ୍ୟ ଅବଧାନକୁ ଆସିବାର ଆଶା ଏ ସଭା ସମ୍ପୂର୍ଣ୍ଣ ପୋଷଣ କରନ୍ତି ।

ପ୍ରସ୍ତାବକ– ଶ୍ରୀଯୁକ୍ତ ଜି, ଏଚ୍ ହୁଆଇଟ ସାହେବ
ଅନୁମୋଦକ-ଶ୍ରୀଯୁକ୍ତ ପାଦ୍ରୀ ସେମ ସାହୁ
ସମର୍ଥନକାରୀ– ବାବୁ ଶରତଚନ୍ଦ୍ର ମୁଖୁର୍ଜି ବି.ଏ., ବି.ଏଲ୍.

ଏବଂ

ମୁନ୍‌ସି ସୈୟଦ୍ ନୁରଲ୍ ହକ୍ ।

୨ । ଓଡ଼ିୟା ଲୋକେ ଭିନ୍ନ ଭିନ୍ନ ଶାସନାଧୀନରେ ରହିବାରୁ ତହିଁ ପ୍ରଭାବରେ (କି ଯେଉଁ ପ୍ରଭାବ ଉପରେ ଭାରତର ଜାତିମାନଙ୍କର ଶିକ୍ଷା ଓ ସଭ୍ୟତା ବିଶେଷଭାବରେ ନିର୍ଭର କରେ) ସନ୍ତୋଷଜନକ କିମ୍ବା କ୍ରମିକ ଉନ୍ନତି କରିପାରୁ ନ ଥିବା ହେତୁ ବିବେଚନା କରି ଓଡ଼ିୟାଭାଷୀ ଲୋକମାନଙ୍କୁ ଗୋଟିଏ ଶାସନ ଓ ଶିକ୍ଷାପ୍ରଣାଳୀର ଅଧୀନ ରଖିବାର ଏକାନ୍ତ ଆବଶ୍ୟକତା ଏହି ସଭା ପୂର୍ଣ୍ଣରୂପେ ହୃଦୟଙ୍ଗମ କରୁଅଛନ୍ତି ଏକଥା ଲିପିବନ୍ଧ କରାଯାଉ । କାରଣ ଏ ସଭାର ବିବେଚନାରେ ଏହାଇ ଉକ୍ତ ଜାତିର ଉନ୍ନତିର ବଳବତର ଉପାୟ ଅଟେ ।

ପ୍ରସ୍ତାବକ– ଶ୍ରୀଯୁକ୍ତପାଦ୍ରି ଜି, ଏଚ୍, ହାଉଏଲ୍ ସାହେବ, ବି.ଏ., ବି.ଡ଼ି.
ଅନୁମୋଦକ– ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର
ସମର୍ଥନକାରୀ– ବାବୁ ଅଭିରାମ ଭଞ୍ଜ, ଏମ୍.ଏ., ବି.ଏଲ୍.

ଏବଂ

ବାବୁ ହରିଚରଣ ବାନୁର୍ଜି, ବି.ଏ., ବି.ଏଲ୍.

୩ । ଏ ସଭା ମହାମାନ୍ୟ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନେରଲଙ୍କ ନିକଟକୁ ଖଣ୍ଡିଏ ଆବେଦନପତ୍ର ପଠାନ୍ତୁ, ଏବଂ ଉକ୍ତ ଆବେଦନପତ୍ରରେ, ୧– ସମ୍ବଲପୁର, ଛୋଟନାଗପୁର, ଗଞ୍ଜାମ, ବିଶାଖପଟନମ୍ ଏବଂ ମେଦିନୀପୁର ଜିଲାମାନଙ୍କର ଓଡ଼ିୟାଭାଷୀ ବିଭାଗମାନଙ୍କ ଓଡ଼ିଶା ପ୍ରଦେଶ ସଙ୍ଗେ ମିଳିତ କରାଯାଉ, ୨– ଆସାମପରି ଓଡ଼ିଶାକୁ ଗୋଟିଏ ବିଭିନ୍ନ ଚୀଫ୍ କମିଶନରସିପ୍ ଗଠିତ କରାଯାଉ ଏବଂ ତାହା କଲିକତା ହାଇକୋର୍ଟର ବିଚାରାଧୀନ ଓ କଲିକତା ବିଶ୍ୱବିଦ୍ୟାଳୟର ଶିକ୍ଷାଧୀନ ରଖାଯାଉ । ଗବର୍ଣ୍ଣମେଣ୍ଟଙ୍କ ବିଚାରରେ ଏ ଦୁଇଟି ମଧ୍ୟରୁ ଯେଉଁଟି ଜାତୀୟ ଉନ୍ନତିର ଆନୁକୂଲ୍ୟ ହେବ ସେହି ଗୋଟିକ ଗ୍ରାହ୍ୟ ହେଉ ।

ପ୍ରସ୍ତାବକ– ବାବୁ ଗୋକୁଳାନନ୍ଦ ଚଉଧୁରୀ, ବି.ଏ., ବି.ଏଲ୍.
ଅନୁମୋଦକ– ବାବୁ ରାମଶଙ୍କର ରାୟ,
ସମର୍ଥନକାରୀ– ବାବୁ ମାୟାଧର ଦାସ, ବି.ଏ., ବି.ଏଲ୍.

୪ । ଆବେଦନପତ୍ର ପ୍ରସ୍ତୁତ କରିବା ନିମନ୍ତେ ତଳଲିଖିତ ଭଦ୍ରଲୋକମାନଙ୍କଦ୍ୱାରା ଗୋଟିଏ ଶାଖା ସମିତି ଗଠିତ ହେଉ ।

ଶ୍ରୀ ବାବୁ ମଧୁସୂଦନ ଦାସ
ଶ୍ରୀ ବାବୁ ରାମଶଙ୍କର ରାୟ
ଶ୍ରୀଯୁକ୍ତ ପାଦ୍ରି ଜି.ଏଚ୍. ହାଉଏଲ ସାହେବ
ଶ୍ରୀଯୁକ୍ତ ଜି.ଏଚ୍. ହୁଆଇଟ ସାହେବ
ଶ୍ରୀ ବାବୁ ଗୋକୁଳାନନ୍ଦ ଚୌଧୁରୀ
ପ୍ରସ୍ତାବକ– ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ବି.ଏ., ବି.ଏଲ୍.
ଅନୁମୋଦକ– ଚୌଧୁରୀ ବ୍ରଜସୁନ୍ଦର ଦାସ ବି.ଏ.
ସମର୍ଥନକାରୀ– ମୌଲଭି ରଫିଉଦିନ ମହମ୍ମଦ ।

୫ । ଏହି ଆବେଦନପତ୍ର ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ଛାମୁରେ ପ୍ରଦାନ କରିବା ସଂକ୍ରାନ୍ତରେ ଯାହା ଯାହା କରିବାର ଆବଶ୍ୟକ ସେ ସମସ୍ତ କରିବାର କାରଣ ଉତ୍କଳସଭାକୁ ଭାର ଦିଆଯାଉ ।

ପ୍ରସ୍ତାବକ– ବାବୁ ବନବେହାରି ପାଲିତ, ବି.ଏ., ବି.ଏଲ୍.
ଅନୁମୋଦକ – ବାବୁ ମଦନମୋହନ ପଟ୍ଟନାୟକ
ସମର୍ଥନକାରୀ– ମୁନ୍‌ସି ମହମ୍ମଦ ଅକବର ।

କେବଳ ତୃତୀୟ ନିର୍ଦ୍ଧାରଣ ସମ୍ବନ୍ଧରେ କିଞ୍ଚିତ୍ ମତଭେଦ ଘଟିଥିଲା । ବାବୁ ଜାନକୀନାଥ ବସୁ ଆପତ୍ତି ଉତ୍ଥାପନ କଲେ କି ତହିଁର ଅବାନ୍ତର ୨ୟ ପ୍ରାର୍ଥନା ଏକାବେଳେ ଉଠାଇ ଦିଆଯାଉ । ତାହା ସପକ୍ଷରେ ସେ ଯେଉଁ ହେତୁମାନ ଦର୍ଶାଇଲେ ତହିଁର ସାରମର୍ମ ଏହି ଯେ, ଉତ୍କଳଖଣ୍ଡ ବଙ୍ଗଦେଶରୁ ଚ୍ୟୁତ ହୋଇ ମଧ୍ୟପ୍ରଦେଶର ଅନ୍ତର୍ଗତ ହେବ ଏ ସମ୍ବନ୍ଧରେ ସେ କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ପାଇ ନାହାନ୍ତି, ବରଂ ମାନ୍ୟବର ଛୋଟଲାଟ ମହୋଦୟଙ୍କ ବ୍ୟବସ୍ଥାପକ ସଭାରେ ଏହି ପ୍ରଶ୍ନ ଉତ୍ଥାପିତ ହେଲାରୁ ଗଭର୍ଣ୍ଣମେଣ୍ଟ ଯେଉଁ ଉତ୍ତର ପ୍ରଦାନ କଲେ ସେଥିରେ ଆମ୍ଭମାନଙ୍କର ଆଶଙ୍କିତ ହେବାର କୌଣସି କାରଣ ନାହିଁ, ପାଇଓନିୟର ସମ୍ବାଦପତ୍ରରେ ଏ ସମ୍ବନ୍ଧରେ ଯାହା ବାହାରିଅଛି ତାହା କେବଳ କଳ୍ପନା, ସୁତରାଂ ତହିଁର ଜଳ୍ପନା ବର୍ତ୍ତମାନ ନିଷ୍ପ୍ରୟୋଜନ । ଜଣେ ରୁଗ୍ଣ ଛୋଟଲାଟ ବଙ୍ଗ ଦେଶପରି ଏଡ଼େବଡ଼ ରାଜ୍ୟର ଶାସନ ଭାର ଗ୍ରହଣ କରି ପାରିବେ ନାହିଁ, ଏହା କୌଣସି କାର୍ଯ୍ୟର କଥା ନୁହେ, କାରଣ ଆମ୍ଭେମାନେ ସମସ୍ତେ ଜାଣୁଁ ଯେ ସାର୍ ଚାର୍ଲସ୍ ଇଲିୟଟଙ୍କ ପରି ଆଉ ଜଣେ କେହି ଛୋଟଲାଟ ହେଲେ ଓଡ଼ିଶାର ଦୁଇ ଏତିକି ବଙ୍ଗଦେଶର ସାମିଲ ହେଲେ ସୁଦ୍ଧା ସେ ଉକ୍ତ ରାଜ୍ୟର ଶାସନ ଭାର ଗ୍ରହଣ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ । ବକ୍ତା ମହାଶୟ ସ୍ଥାନୀୟ କର୍ମଚାରିଙ୍କ ମତ ଯେତେ ଦୂର ଜାଣି ପାରିଅଛନ୍ତି ସେଥିରୁ ତାଙ୍କର ଏହି ବିଶ୍ୱାସ ଯେ ଗଞ୍ଜାମ ଓ ସମ୍ବଲପୁର ଓଡ଼ିଶା ଭୁକ୍ତ ହେଲେ ଓଡ଼ିଶା ଶାସନ ସେପରି କିଛି ଦୁରୁହ ବ୍ୟାପାର ହେବ ନାହିଁ । ଏପରି

ସ୍ଥଳରେ ପ୍ରାୟ ଏକ ଶତ ବର୍ଷ ହେଲା ଓଡ଼ିଶା ନିର୍ବିବାଦରେ ବଙ୍ଗଦେଶର ଅନ୍ତର୍ଗତ ହୋଇ ଆସୁଥିବା ସ୍ଥଳେ ବର୍ତ୍ତମାନ ତାହାର ପୃଥକ୍ ଶାସନ ବିଷୟକ ପ୍ରାର୍ଥନା ଆଦୌ ଯୁକ୍ତି ସଙ୍ଗତ ନୁହେଁ, ବରଂ ଗଭର୍ଣ୍ଣମେଣ୍ଟଙ୍କୁ ଏପରି ପ୍ରାର୍ଥନା କଲେ ସେ ବୁଝିବେ ଯେ ଓଡ଼ିଶାବାସି ଏ ପ୍ରକୃତରେ ବଙ୍ଗଦେଶରୁ ପୃଥକ୍ ହେବାକୁ ଚାହାନ୍ତି । ଜାନକୀ ବାବୁଙ୍କ ଆପତ୍ତି ବିରୁଦ୍ଧରେ ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ଯେଉଁ ବକ୍ତୃତା କଲେ, ତାହାର ଭାବ ଏହି ଯେ ଆସାମ ସମୟରେ ବଙ୍ଗଳାପ୍ରଦେଶର ଅନ୍ତର୍ଗତ ଥିଲା । ବର୍ତ୍ତମାନ ଆସାମ ତହିଁରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ । ଚାଟଗାଁ ଆଜିଯାଏ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଅଧୀନ । କିନ୍ତୁ ବର୍ତ୍ତମାନ ତାହାକୁ ସୁଦ୍ଧା ବଙ୍ଗରୁ ବିଚ୍ୟୁତ କରିବାର ସୂଚନା ଦେଖାଯାଉଅଛି । ଏପରି ସ୍ଥଳରେ ପାଇଓନିୟରର ପ୍ରଚାରିତ 'ଓଡ଼ିଶା ମଧ୍ୟପ୍ରଦେଶର ଅନ୍ତର୍ଗତ ହେବା' କଥା ନିତାନ୍ତ ଅମୂଳକ ନୁହେଁ । ଆମ୍ଭମାନଙ୍କର ଏ ବିଷୟରେ ନିତାନ୍ତ ଆଶଙ୍କା ହେବାରୁ ବର୍ତ୍ତମାନ ଆମ୍ଭମାନଙ୍କର ଏପରି ପ୍ରାର୍ଥନା କୌଣସିମତେ ଅସଙ୍ଗତ ନୁହେଁ ଯେ, ନିତାନ୍ତପକ୍ଷେ ଓଡ଼ିଶା ଯେବେ ବଙ୍ଗଦେଶରୁ ବିଚ୍ଛିନ୍ନ ହୁଏ ତେବେ ଏହାର ଏକ ପୃଥକ୍ ଶାସନ କରାଯାଉ । ଛୋଟଲାଟ ନିୟୋଗ କ୍ଷମତା ଆମ୍ଭର କିମ୍ବା ଜାନକୀ ବାବୁଙ୍କର ଅଥବା ଏହି ସଭାର ନାହିଁ । ସୁତରାଂ ଏ ସମ୍ବନ୍ଧରେ ଜାନକୀ ବାବୁଙ୍କର ମତ ଆମ୍ଭେମାନେ ଗ୍ରହଣ କରି ନ ପାରୁ । ପରେ ଜାନକୀ ବାବୁଙ୍କର ଆପତ୍ତି ଶ୍ରୀଯୁକ୍ତ ବାବୁ ସୁରେଶ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ଦ୍ୱାରା ସମର୍ଥିତ ହେଲାରୁ ସଭାପତିଙ୍କ ଆଦେଶକ୍ରମେ ଏଥି ସମ୍ବନ୍ଧରେ ସଭାର ମତାମତ ନିଆଗଲା । ପାଞ୍ଚ ସାତ ଜଣ ମାତ୍ର ଜାନକୀ ବାବୁଙ୍କ ଆପତ୍ତି ସପକ୍ଷରେ ମତ ପ୍ରଦାନ କରିଥିଲେ, ତଦ୍‌ଭିନ୍ନ ପ୍ରାୟ ସମସ୍ତେ ଏହା ବିରୁଦ୍ଧରେ ମତ ପ୍ରଦାନ କଲାରୁ ତାହା ଅଗ୍ରାହ୍ୟ ହୋଇ ଉତ୍ଥାପିତ ପ୍ରସ୍ତାବ ସଭାକର୍ତ୍ତୃକ ଗୃହୀତ ହେଲା ।

## (୧୧)

## [ ଗଞ୍ଜାମ ଜାତୀୟ ସମିତିରେ ଗୃହୀତ ପ୍ରସ୍ତାବାବଳୀ ]

ଗଞ୍ଜାମ ଜାତୀୟ ମହାସମିତିର ଅଧିବେଶନରେ ନିମ୍ନଲିଖିତ ପ୍ରସ୍ତାବମାନ ଅବଧାରିତ ହୋଇଥିଲା ।

୧ । ବ୍ରିଟିଶ ଶାସନରେ ସୁଖ ସ୍ୱଚ୍ଛନ୍ଦତା ଭୋଗ କରୁଥିବା ହେତୁ ଏ ସଭା ଭାରତ ସମ୍ରାଟଙ୍କୁ ଆନ୍ତରିକ ଭକ୍ତି ଓ କୃତଜ୍ଞତା ପ୍ରଦାନ କରୁଅଛି ।

୨ । ଜାତୀୟ ସମିତି କାର୍ଯ୍ୟ ଓଡ଼ିୟାଭାଷାରେ ପରିଚାଳିତ ହେଉ ।

୩ । ସାହିତ୍ୟର ଉନ୍ନତି ନିମନ୍ତେ ପରସ୍ପରର ଆଳାପ ଓ ଲିଖନ ପଠନର ଭାଷା ଓଡ଼ିଆ ହେବା ଆବଶ୍ୟକ ।

୪ । ସଙ୍ଗତିସମ୍ପନ୍ନ ବ୍ୟକ୍ତିଙ୍କ ସାହାଯ୍ୟରେ ଛାତ୍ରବୃତ୍ତି ଏବଂ ବିଦ୍ୟାଳୟ ସ୍ଥାପନଦ୍ୱାରା ଗଞ୍ଜାମବାସୀ ଓଡ଼ିଆମାନଙ୍କୁ ଇଂରାଜୀ ଓ ଓଡ଼ିଆଭାଷାରେ ଉଚ୍ଚଶିକ୍ଷା ଦେବାର ଚେଷ୍ଟା

କରାଯାଉ ଏବଂ ଉକ୍ତ କାର୍ଯ୍ୟ ସାଧନାର୍ଥେ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଘେନି ଗୋଟିଏ କମିଟି ଗଠିତ ହେଉ ।

ଶ୍ରୀଯୁକ୍ତ ଶ୍ରୀବତ୍ସ ପଣ୍ଡା ବି,ଏ — ଶ୍ରୀଯୁକ୍ତ ନରସିଂହ ଦାସ
ଶ୍ରୀଯୁକ୍ତ ଭଗବାନ ରଥ — ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ ବି,ଏ
ଶ୍ରୀଯୁକ୍ତ ହରିହର ତ୍ରିପାଠୀ — ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ
ଶ୍ରୀଯୁକ୍ତ ବଳଭଦ୍ର ମହାପାତ୍ର — ଶ୍ରୀଯୁକ୍ତ ମାଥୁରି ସାହୁ
ଶ୍ରୀଯୁକ୍ତ ବଙ୍ଗାଭଙ୍ଗ ଗୁନେୟା ଶାସ୍ତ୍ରୀ

୫ । ପ୍ରାଚୀନ ଅପ୍ରକାଶିତ ଉତ୍କୃଷ୍ଟ ଗ୍ରନ୍ଥମାନ ସଂଗୃହୀତ ଓ ମୁଦ୍ରିତ ହେବା, ଉତ୍କଳର ସୁଲେଖକମାନଙ୍କଦ୍ୱାରା ଲିଖିତ ବା ସମ୍ପାଦିତ ପୁସ୍ତକାଦି ବହୁଳ ପ୍ରଚାରିତ ହେବା, ସ୍ଥାନେ ସ୍ଥାନେ ପୁସ୍ତକାଗାର ସ୍ଥାପିତ ହେବା ଏବଂ ପୁରସ୍କାର ପୋଷଣାଦିଦ୍ୱାରା ଲେଖକଙ୍କ ସଂଖ୍ୟା ବୃଦ୍ଧି ହେବାର ଚେଷ୍ଟା କରାଯାଉ ।

୬ । ପ୍ରାଚୀନ ଏବଂ ଆଧୁନିକ ପ୍ରତିଭାଶାଳୀ ଲେଖକଙ୍କ ସମାଦର ଓ ସ୍ମୃତିରକ୍ଷାର୍ଥେ ବିହିତ ଉପାୟ କରାଯାଉ ।

୭ । ଶୁଭାଶୁଭ କାର୍ଯ୍ୟରେ ଯଥାସମ୍ଭବ ବ୍ୟୟ ସଙ୍କୋଚ କରାଯାଉ ।

୮ । ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ଓଡ଼ିଆ ପାଠ୍ୟପୁସ୍ତକ ପ୍ରବର୍ତ୍ତିତ ହେବା ବିଷୟରେ ଯତ୍ନ କରିବାର ଭାର ସ୍ଥାୟୀ ସମିତି ଉପରେ ନ୍ୟସ୍ତ ହେଉ ।

୯ । ଜାତୀୟ ଉନ୍ନତି ସାଧନ ନିମନ୍ତେ ଜାତୀୟ ସମିତିର ବାର୍ଷିକ ଅଧିବେଶନ ହେଉ ଓ ଏହି ସମିତି ପ୍ରତିବର୍ଷ ଜିଲ୍ଲାର ବିଭିନ୍ନ ପ୍ରଧାନ ସ୍ଥାନମାନଙ୍କରେ ହେଉ ।

୧୦ । ଉପସ୍ଥିତ ତୈଲଙ୍ଗୀୟ, ବଙ୍ଗୀୟ ଓ ଇଂରାଜ ଭଦ୍ର ବ୍ୟକ୍ତିମାନେ ଏ ସଭାରେ ଯୋଗଦାନ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଉ ।

ପରିଶେଷରେ ସଭାର ସାହାଯ୍ୟଦାତାମାନଙ୍କ ନିକଟରେ କୃତଜ୍ଞତା ସ୍ୱୀକାର ଓ ଧନ୍ୟବାଦ ପ୍ରଦାନ ହେଲା ଉତ୍ତାରେ ଦୁଇଗୋଟି ସଙ୍ଗୀତ ହୋଇଥିଲା । ତଦନନ୍ତର ସଭାପତିଙ୍କୁ ଧନ୍ୟବାଦ ପ୍ରଦାନ କରାହୋଇ ସଭାର କାର୍ଯ୍ୟ ଶେଷ କରାହୋଇଥିଲା ।

## (୧୨)

## ଗଞ୍ଜାମରେ ଓଡ଼ିୟାଭାଷୀ

ଗଞ୍ଜାମବାସିମାନେ ଗଞ୍ଜାମ ଜିଲାକୁ ମାନ୍ଦ୍ରାଜର ଗବର୍ଣ୍ଣମେଣ୍ଟଙ୍କ ଅଧୀନରୁ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କ ଅଧୀନକୁ ଆଣିବାକାରଣ ଗବର୍ଣ୍ଣମେଣ୍ଟ ଇଣ୍ଡିୟାଙ୍କ ନିକଟରେ ଯେଉଁ ଆବେଦନ କରିଅଛନ୍ତି ତହିଁ ବିରୁଦ୍ଧ ସେ ଜିଲାର ତେଲଙ୍ଗାମାନେ ଖଣ୍ଡିଏ ଆବେଦନପତ୍ର ଗବର୍ଣ୍ଣମେଣ୍ଟକୁ ପଠାଇଅଛନ୍ତି ବା ପଠାଇବାର ଚେଷ୍ଟା କରିଅଛନ୍ତି । ସେହି

ଆବେଦନପତ୍ରରେ ସେମାନେ ଲେଖିଅଛନ୍ତି କି ଗଞ୍ଜାମ ଜିଲାରେ ୭ ଲକ୍ଷ ୫୦ ହଜାର ତେଲଙ୍ଗୀ ଏବଂ ୭ ଲକ୍ଷ ୬୫ ହଜାର ଓଡ଼ିଆ ବାସ କରନ୍ତି । ଏଥକୁ ଗତ ତା ୫ ରିଖର 'ପ୍ରଜାବନ୍ଧୁ'ରେ ସେହି ଅଙ୍କମାନଙ୍କର ଗୋଟିଏ ପ୍ରତିବାଦ ବାହାରିଅଛି । ପ୍ରଜାବନ୍ଧୁର ଲେଖକ ତହିଁର ପୋଷକତାରେ ଗତ ସେନସସ୍ ରିପୋର୍ଟରୁ ନିମ୍ନଲିଖିତ ଅଙ୍କମାନ ଉଦ୍ଧାର କରିଅଛନ୍ତି ଯଥା:

| ଜିଲା | ସମଗ୍ର ଜନସଂଖ୍ୟା | ଓଡ଼ିଆଭାଷୀ |
|---|---|---|
| ଗଞ୍ଜାମ | ୧୬,୮୯,୧୪୨ | ୧୨,୭୪,୯୭୫ |
| ମାଳ | ୩,୨୧,୧୧୪ | ୮୭,୬୮୩ |
| ମୋଟ | ୨୦,୧୦,୨୫୬ | ୧୩,୬୨,୬୫୮ |

ସହଯୋଗିଙ୍କର ଉପରଲିଖିତ ତାଲିକାରେ ବିଶାଖପଟଣା ଗୋଦାବରୀ କୃଷ୍ଣା ପ୍ରଭୃତି ଜିଲାର ସମଗ୍ର ଜନସଂଖ୍ୟା ଓ ତହିଁ ମଧ୍ୟରେ ଓଡ଼ିଆଭାଷୀଙ୍କର ସଂଖ୍ୟା ଲେଖାଅଛି । ମାତ୍ର ବିଶାଖପଟନ ଛଡ଼ା ଅନ୍ୟ ଜିଲାମାନଙ୍କରେ ଓଡ଼ିଆଙ୍କ ସଂଖ୍ୟା ଅଳ୍ପ ଥିବା ଏବଂ ବିଶାଖପଟନର ଅଙ୍କରେ ଦୃଷ୍ଟି ମାତ୍ରେ ଛାପା ଭ୍ରମ ଜଣା ଯିବାରୁ ସେ ଅଙ୍କମାନ ଛାଡ଼ିଦେଲୁଁ । ସହଯୋଗିଙ୍କୁ ଅନୁରୋଧ ଯେ ତାହାଙ୍କ ପ୍ରକାଶିତ ଅଙ୍କମାନ ପୁନଃଦୃଷ୍ଟି କରି ସଂଶୋଧିତ ଅଙ୍କ ପ୍ରକାଶ କରିବେ । ଯେମନ୍ତ କି ଗୋଟିଏ ଅଙ୍କର ଭ୍ରମ ଦେଖାଇ ଗଞ୍ଜାମର ଅଙ୍କମାନ ନିର୍ଭରୀୟ ନ ଥିବାର କେହି କହି ପାରିବ ନାହିଁ । ବିଶାଖପଟନର ଲୋକସଂଖ୍ୟା ଏକକୋଟି ୨୦ ଲକ୍ଷରୁ ଅଧିକ ବୋଲି ମନକୁ ଆସୁ ନାହିଁ ଏବଂ କୌଣସି ଜିଲାରେ ମୋଟ ସଂଖ୍ୟା ସଙ୍ଗେ ଓଡ଼ିଆ, ତେଲଙ୍ଗୀ ଓ ତାମିଲଭାଷିଙ୍କର ସମଷ୍ଟି ମିଶୁନାହିଁ । ସମ୍ଭବତଃ ଅନ୍ୟାନ୍ୟଭାଷୀଙ୍କୁ ଛାଡ଼ି ଦିଆଯାଇଅଛି । ତାହାହେଲେ ସେ କଥା ଲେଖିବାର ଉଚିତ ଥିଲା । ଗଞ୍ଜାମ ଜିଲାର ୧୨ ପଣ ଲୋକ ଓଡ଼ିଆ ମାତ୍ର ତଦନ୍ତର୍ଗତ ମାଳ ବା ଗଡ଼ଜାତର ଲୋକଙ୍କ ମଧ୍ୟରେ ଓଡ଼ିଆ ଚାରିପଣ ସୁଦ୍ଧା ନୁହନ୍ତି ଏହା ବଡ଼ ଅଦ୍ଭୁଆ ବୋଧ ହେଉଅଛି । ଦୁଃଖର ବିଷୟ ମାନ୍ଦ୍ରାଜ ଏଲାକାର ସେନସସ ରିପୋର୍ଟ ଆମ୍ଭମାନଙ୍କର ଦେଖିବାର ସୁବିଧା ନାହିଁ । ନତୁବା ଠିକ ଅଙ୍କ ପ୍ରକାଶ କରିବାକୁ ଚେଷ୍ଟା କରନ୍ତୁ ।

## (୧୩)

## ଉତ୍କଳର ସମ୍ମିଳନ

ସମସ୍ତ ଉତ୍କଳ ଖଣ୍ଡକୁ ଏକତ୍ର ଅଥବା ଏକ ଶାସନ ଅନ୍ତର୍ଗତ କରିବା କାରଣ ଗତ ଅପ୍ରେଲ ମାସରେ ଏ ନଗରରେ ଏକ ବିରାଟ ସଭା ହୋଇ ଥିବାର ପାଠକମାନଙ୍କୁ ଜଣା ଅଛି । ଉକ୍ତ ସଭାରେ ଏ ବିଷୟରେ ଗବର୍ଣ୍ଣମେଣ୍ଟକୁ ଆବେଦନ କରିବାର ଧାର୍ଯ୍ୟ ହୋଇ ଆବେଦନପତ୍ର ପ୍ରସ୍ତୁତ କରିବା କାରଣ ଗୋଟିଏ କମିଟି ହୋଇଥିଲା ଏବଂ ତାହା

ପ୍ରଦାନ କରିବାର ଭାର ଉତ୍କଳସଭା ପ୍ରତି ଅର୍ପିତ ହୋଇଥିଲା । ଯଥାସମୟରେ କମିଟି ଆବେଦନପତ୍ର ପ୍ରସ୍ତୁତ କରି ଦେଲେ । ମାତ୍ର ତାହା ଛାପା ହେବା ଏବଂ ପ୍ରଦାନର ବିହିତ ବନ୍ଦୋବସ୍ତ କରିବାରେ ଏତେ ସମୟ ଲାଗିଗଲା । ଯାହା ହେଉ ଗତ ରବିବାର ଉତ୍କଳସଭାର ଅଧିବେଶନରେ ଧାର୍ଯ୍ୟ ହେଲା ଯେ ଉକ୍ତ ଆବେଦନପତ୍ର ଏ ନଗରର ଭିନ୍ନ ଭିନ୍ନ ସମ୍ପ୍ରଦାୟର ପ୍ରତିନିଧି ସ୍ୱରୂପ କେତେ ଜଣ ଭଦ୍ରଲୋକ ଏକତ୍ରେ ଶ୍ରୀଯୁକ୍ତ ବିଭାଗୀୟ କମିଶନର ସାହେବଙ୍କ ସମୀପରେ ଉପସ୍ଥିତ ହୋଇ ସେହି ଆବେଦନପତ୍ର ପ୍ରଦାନ କରିବେ । ତଦନୁସାରେ ଗତ ସୋମବାର ପୂର୍ବାହ୍ଣ ଘ ୯ ଟିକା ସମୟରେ ଶ୍ରୀଯୁକ୍ତ ହବେଲ ସାହେବ, ଶ୍ରୀଯୁକ୍ତ ହୁଆଇଟ ସାହେବ, ଶ୍ରୀଯୁକ୍ତ ରାଜା କିଲେ କନିକା, ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ, ବାବୁ ଗୋକୁଳାନନ୍ଦ ଚୌଧୁରୀ, ବାବୁ ଗୌରୀଶଙ୍କର ରାୟ, ବାବୁ ବାଳକୃଷ୍ଣଅପା, ବାବୁ ରାମଶଙ୍କର ରାୟ, ବାବୁ ଅଭିରାମ ଭଞ୍ଜ, ବାବୁ ଈଶ୍ୱରଲାଲ ପରବାର, ମଉଲଭି ରଫିଉଦ୍ଦୀନ ମହମ୍ମଦ ଓ ମୁନସି ସୟଦ ଏକରାମ ରସୁଲ ଶ୍ରୀଯୁକ୍ତ କମିଶନର ସାହେବଙ୍କୁ ତାହାଙ୍କ କୋଠିରେ ଭେଟିଲେ ଏବଂ ସେମାନଙ୍କର ମୁଖପାତ୍ର ସ୍ୱରୂପ ଉତ୍କଳସଭାର ସଭାପତି ଶ୍ରୀଯୁକ୍ତ ମଧୁସୂଦନ ଦାସ କମିଶନର ସାହେବ ମହୋଦୟଙ୍କୁ ସମ୍ବୋଧନ କରି କହିଲେ କି ଓଡ଼ିଶା ବିଭାଗ ମଧ୍ୟ ପ୍ରଦେଶର ଶାସନଭୁକ୍ତ ହେବାର ଜନରବ ସମ୍ବାଦପତ୍ରରେ ପାଠ କରି ଏ ଉତ୍କଳବାସିମାନେ ଅତ୍ୟନ୍ତ ବ୍ୟସ୍ତ ଓ ତ୍ରସ୍ତ ହୋଇଅଛନ୍ତି । ଜନରବ କେତେଦୂର ସତ୍ୟ ବୋଲା ଯାଇ ନ ପାରେ ମାତ୍ର ଯେପରି ଭାବରେ ସମ୍ବାଦପତ୍ରରେ ଉଦୟ ହୋଇଅଛି ତହିଁରୁ ତାହା ଅସମ୍ଭବ ବୋଲି ଜଣା ଯାଉ ନାହିଁ । ଫଳତଃ ସେପରି ହେଲେ ବଙ୍ଗଦେଶର ଶାସନରେ ଓଡ଼ିଶାର ଯେ ଉନ୍ନତି ହେଉଅଛି ତହିଁର ବିଶେଷ ହାନି ହେବ ଏବଂ ଅନ୍ତତଃ ଅର୍ଦ୍ଧଶତ ବର୍ଷ ପଛକୁ ଘୁଞ୍ଚିଯିବ । ଓଡ଼ିଶାବାସିମାନେ ଗଞ୍ଜାମ ଓ ସମ୍ବଲପୁର ଓ ସେ ଜିଲାର ଗଡ଼ଜାତମାନଙ୍କୁ ଆପଣା ସଙ୍ଗେ ମିଶାଇ ବଙ୍ଗଶାସନର ଅଧୀନ ହେବାକୁ ଚେଷ୍ଟା କରୁଥିବା କାଳରେ ମଧ୍ୟପ୍ରଦେଶର ଅନ୍ତର୍ଗତ ହେବାର ଜନରବ ଗୋଟିଏ ଭାରୀ ବିପଦ ଅଟେ । ଓଡ଼ିଶାର ବଙ୍ଗଳା-ସଙ୍ଗେ ବହୁକାଳର ସମ୍ପର୍କ କେମନ୍ତ ହିତକର ହୋଇଅଛି ଏବଂ ତଦ୍ଦ୍ୱାରା କେମନ୍ତ ଓଡ଼ିଶାର ଉନ୍ନତି ହେଉଅଛି ସ୍ୱୟଂ କମିଶନର ସାହେବ ବହୁକାଳ ଓଡ଼ିଶାରେ କାର୍ଯ୍ୟ କରି ଅନୁଭବ କରିଥିବାରୁ ତାହାଙ୍କୁ ସାକ୍ଷୀମାନି ଓ ତାହାଙ୍କଠାରେ ଓଡ଼ିଶାର ଭାଗ୍ୟାଭାଗ୍ୟ ସମର୍ପଣ କରି ଦାସ ମହାଶୟ ଆବେଦନପତ୍ର କମିଶନର ସାହେବ ମହୋଦୟଙ୍କ କରପଲ୍ଲବରେ ଅର୍ପଣ କଲେ । ସାହେବ ମହୋଦୟ ପ୍ରସନ୍ନ ବଦନରେ ତାହା ଗ୍ରହଣ କରି ପାଠାନ୍ତର ଏହପରି ଉତ୍ତର ପ୍ରଦାନ କଲେ କି ଏ ନଗରର ଭିନ୍ନ ଭିନ୍ନ ସମ୍ପ୍ରଦାୟର ପ୍ରତିନିଧ ସ୍ୱରୂପ ଆପଣମାନଙ୍କୁ ଦେଖି ଆଚମ୍ବିତ ହେଲି । ଆପଣମାନେ ଯେଉଁ ଜନରବର ଉଲ୍ଲେଖ କରିଅଛନ୍ତି ଆମ୍ଭେ ମଧ୍ୟ ସମ୍ବାଦପତ୍ରରେ ତାହା ପଢ଼ିଅଛୁ । ତାହା ଗବର୍ଣ୍ଣମେଣ୍ଟଙ୍କର ପ୍ରକୃତ

ଅଭିପ୍ରାୟ କି ନାହିଁ କହି ନ ପାରୁଁ । ଅନ୍ତତଃ ସରକାରୀ ସମ୍ବାଦ ଏ ପର୍ଯ୍ୟନ୍ତ କିଛି ପ୍ରକାଶ ହେବାର ଜଣାଯାଇନାହିଁ । ମଧ୍ୟପ୍ରଦେଶ ସଙ୍ଗେ ବିରାର ଯୋଗ ହୋଇଅଛି । ମାତ୍ର ସେ ପ୍ରଦେଶ ସକାଶେ ଜଣେ ଲେଫ୍ଟନଣ୍ଟ ଗବର୍ଣ୍ଣର ନିଯୁକ୍ତ ହେଲେ ଅଧିକ ଭୂମିର ପ୍ରୟୋଜନ ଓ ତାହା ଉକ୍ତ ପ୍ରଦେଶର ସୀମାକୁ ଲାଗିଥବା ଅନ୍ୟ ଶାସନରୁ ନେବାକୁ ହେବ । ଏଥକୁ ଓଡ଼ିଶାର ସୀମା ମଧ୍ୟପ୍ରଦେଶକୁ ଲାଗିଅଛି ଏବଂ ଓଡ଼ିଶା ଯୋଗ ହେଲେ ଓଡ଼ିଶାର ପ୍ରଧାନ ମହାନଦୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମୁଦ୍ରକୂଳ ପର୍ଯ୍ୟନ୍ତ ଉକ୍ତ ପ୍ରଦେଶର ଅଧିକାରରେ ଆସିବ ଓ କେତେ ଗୁଡ଼ିଏ ବନ୍ଦର ଲାଭ ହେବ । ଏହା ଉକ୍ତ ପ୍ରଦେଶ ପ୍ରତି ସୁବିଧାଜନକ ଅଟେ । ଅନ୍ୟ ଦିଗରେ ବଙ୍ଗଳା ସଙ୍ଗେ ଓଡ଼ିଶାର ଭାଷା, ଆଚାର ଓ ଧର୍ମଗତ ଗାଢ଼ ସମ୍ବନ୍ଧ ରହିଅଛି । ସଂସ୍କୃତ ଭାଷାରୁ ଉଦ୍ଭବ ହୋଇଥିବା ଓଡ଼ିଆ ଓ ବଙ୍ଗଳା ଭାଷା ମଧ୍ୟରେ ଏମନ୍ତ ମେଳ ଯେ ଅଳ୍ପ ବା ବିନା ଚେଷ୍ଟାରେ ଏକ ଅନ୍ୟର କଥା ବୁଝିପାରେ ଏବଂ ନଦୀୟାର ସେହି ବିଖ୍ୟାତ ପଣ୍ଡିତ ଚୈତନ୍ୟଙ୍କର ପ୍ରଚାରିତ ଧର୍ମ ଓଡ଼ିଶାର ସର୍ବତ୍ରରେ ପ୍ରଚଳିତ ରହିଅଛି । ରୀତିନୀତିରେ ବିଶେଷ ପ୍ରଭେଦ ନାହିଁ ଯଦ୍ୟପି କି କେତେ ଜଣ ଶିକ୍ଷିତ ବଙ୍ଗାଳି ଏବଂ ଓଡ଼ିଆ ମଧ୍ୟରେ କିଛି ଅମେଳ ଦେଖାଯାଏ । ତହିଁର କାରଣ ଏକ ପକ୍ଷର ଅନ୍ୟାୟ ଅଭିମାନ ଏବଂ ଅନ୍ୟ ପକ୍ଷର ଅକାରଣ ଈର୍ଷା ବିନା ଅନ୍ୟ କିଛି ନୁହେଁ ଏବଂ ତାହା କଦାଚ ଅଧିକ ଦିନ ରହି ପାରିବ ନାହିଁ । ଉପସ୍ଥିତ ପ୍ରସଙ୍ଗରେ ଏହିପରି ଦୁଇ ଦିଗ ରହିଅଛି । ଗବର୍ଣ୍ଣମେଣ୍ଟ ତହିଁର ବିଚାରକର୍ତ୍ତା । ସେ ସକଳ ଦିଗ ସୁବିଚାର କରି ଯାହା ଉଚିତ ଜ୍ଞାନ କରିବେ ତାହା କରିବେ ସେଥିରେ ସନ୍ଦେହ ନାହିଁ । ଆମ୍ଭର ଏତିକି ବକ୍ତବ୍ୟ ଯେ ଆପଣମାନଙ୍କ ପ୍ରକାଶିତ ଦୁଃଖରେ ଆମ୍ଭର ଯଥେଷ୍ଟ ସହାନୁଭୂତି ଅଛି ଏବଂ ଓଡ଼ିଶାର ମଙ୍ଗଳକାମନା କରୁଁ । ଉତ୍ତର ଶେଷ ହେଲାରୁ ସାହେବ ମହୋଦୟ ସମାଦର ପୂର୍ବକ ପ୍ରତିନିଧି ବର୍ଗଙ୍କୁ ବିଦାୟ ଦେଲେ ଏବଂ ସାହେବ ମହୋଦୟଙ୍କର ସୌଜନ୍ୟ ଓ ଦୟା ଓ ସହାନୁଭୂତିପୂର୍ଣ୍ଣ ବାକ୍ୟମାନ ହେତୁ ପ୍ରତିନିଧିବର୍ଗ ଅତ୍ୟନ୍ତ କୃତଜ୍ଞ ଆନନ୍ଦିତ ହୋଇ ଯେ ଯାହା ଘରକୁ ଚାଲିଗଲେ ।

## (୧୪)

## ଉତ୍କଳର ସମ୍ମିଳନ

ସମସ୍ତ ଉତ୍କଳରାଜ୍ୟକୁ ଏକ ଶାସନର ଅନ୍ତର୍ଗତ କରିବା ଉଦ୍ଦେଶ୍ୟରେ ୩ମାସତଳେ ଏବଂ ନିକଟରେ କଟକରେ ଯେଉଁ ସଭାମାନ ହୋଇଥିଲା ତହିଁର ବିସ୍ତୃତ ବିବରଣୀ କେହି ପତ୍ରପ୍ରେରକ ଏଠାରୁ କଲିକତାର ବେଙ୍ଗଲି ନାମକ ଇଂରାଜୀ ଦୈନିକ ସାପ୍ତାହିକ ପତ୍ରକୁ ଲେଖି ପଠାଇଥିବାରୁ ବଙ୍ଗାଳୀ ବିନା ଅନୁସନ୍ଧାନ ଓ ବିଚାରରେ ସମ୍ପାଦକୀୟ ସ୍ତମ୍ଭ ମଧ୍ୟରେ ପ୍ରକାଶ କରିଥିଲେ । ପତ୍ର ପଢ଼ିଲେ ସ୍ପଷ୍ଟ ଜଣାଯାଉଅଛି ଯେ କେହି ନବାଗତ

ବଙ୍ଗାଳୀ ରୋଜଗାରସକାଶେ ଏଠାକୁ ଆସି ଏଠା ଲୋକେ ନିଜର ହିତକାମନାରେ ଯତ୍ନବାନ୍ ହେବାର ଦେଖି ମହା ବ୍ୟସ୍ତ ହୋଇଅଛନ୍ତି । ତାହାଙ୍କ ମନରେ ଏହି କୁଚିନ୍ତା ଉଦୟ ହୋଇଅଛି କି ଯେମନ୍ତ ଓଡ଼ିୟାମାନେ ସଭା ସମିତି କରି ଆପଣାର ଅଭାବ ଓ ଆକାଂକ୍ଷା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ତାହାଙ୍କପରି ଲୋକଙ୍କର ଏଠାରେ ପ୍ରତିପତ୍ତି ରହିବ ନାହିଁ ଏବଂ କାଳେ ମଧ୍ୟପ୍ରଦେଶକୁ ଓଡ଼ିଶା ବାହାରି ଗଲେ ତାହାଙ୍କର ରୋଜଗାର ସୁବିଧା ଏଠାରେ ହେବ ନାହିଁ । ତେଣୁ ସେ ଈର୍ଷାଭାବରେ ଲେଖିଥିଲେ ଯେ ଏଠାର ଦୁଇ ଚାରିଜଣ ଅଜଣା ଅଶୁଣା ଲୋକ ଏବଂ କେତେଜଣ କଲେଜର ଛାତ୍ର ଉକ୍ତ ସଭା କରିଥିଲେ ଏବଂ ବିଖ୍ୟାତ ବାବୁ ମଧୁସୂଦନ ଦାସ ସେ ସଭାର ସଭାପତି ହୋଇଥିବାରୁ ତାହାଙ୍କର କେତେ ନିନ୍ଦା କରିଥିଲେ । ବେଙ୍ଗଲିର ସମ୍ପାଦକ ବାବୁ ମଧୁସୂଦନ ଦାସଙ୍କୁ ଉତ୍ତମରୂପେ ଜାଣୁଥିବା ପ୍ରତ୍ୟକ୍ଷେ ତାହାଙ୍କୁ ନ ପଚାରି ବା କିଛି ଅନୁସନ୍ଧାନ ନ କରି ବିନା ଦ୍ୱିଧାରେ ସେ ପତ୍ରମାନ ପ୍ରକାଶ କରିବାର ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇଥିଲୁ । ଯେବେ ଭାରତର ରାଜଧାନୀ କଲିକତାର ଗୋଟିଏ ପ୍ରସିଦ୍ଧ ସମ୍ବାଦପତ୍ରରେ ଈର୍ଷାପୂର୍ଣ୍ଣ ତୁଚ୍ଛ ପତ୍ର ସ୍ଥାନ ପାଏ ତେବେ ଅନ୍ୟର କଥା ଆଉ କି ବୋଲାଯିବ ? ଅଥବା ଓଡ଼ିଶାରେ ସଭ୍ୟତୁଲ୍ୟ ବ୍ୟକ୍ତି ନାହାନ୍ତି ବୋଲି ସମ୍ପାଦକଙ୍କର ଧାରଣା ଅଛି । ଯାହାହେଉ ଆମ୍ଭେମାନେ ଆନନ୍ଦ ସହିତ ଗତ ତା ୧୮ ରିଖର ବେଙ୍ଗଲିରେ ଦେଖିଲୁ ଯେ ଉକ୍ତ ପତ୍ରିକା ଆପଣାର ଭ୍ରମ ବୁଝିପାରି ଅଛନ୍ତି ମାତ୍ର ତାହା ସ୍ପଷ୍ଟ ସ୍ୱୀକାର କରି ଥିଲେ ସୌଜନ୍ୟତାର ପରିଚୟ ଦେଇଥାନ୍ତେ । ଯାହାହେଉ ସେ ଲେଖିଅଛନ୍ତି କି ଶାସନ ପରିବର୍ତ୍ତନ ସମ୍ବନ୍ଧରେ ଓଡ଼ିଶାରୁ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ଆବେଦନ ପତ୍ର ପଠାଯାଇଅଛି ତହିଁର ମର୍ମ ବୁଝିବାରେ ଅନେକ ଲୋକଙ୍କର ଭ୍ରମ ହୋଇଅଛି । ଉତ୍କଳବାସିମାନେ ମଧ୍ୟପ୍ରଦେଶର ଶାସନରେ ଯୋଗ ଦେବାକୁ ଆଦୌ ଚାହାନ୍ତି ନାହିଁ ଏବଂ ସେପରି ପ୍ରାର୍ଥନା କରି ନାହାନ୍ତି । ସେମାନେ ମେଦିନୀପୁରଠାରୁ ଗଞ୍ଜାମ ପର୍ଯ୍ୟନ୍ତ ସମସ୍ତ ଉତ୍କଳଭାଷୀ ଭୂମିକୁ ଏକ ପ୍ରଧାନ କମିଶନରଙ୍କ ଶାସନ ଏବଂ କଲିକତା ବିଶ୍ୱବିଦ୍ୟାଳୟ ଓ ହାଇକୋଟର ଅଧୀନ ହେବାର ଆବେଦନ କରିଅଛନ୍ତି । ଗଞ୍ଜାମ ଓ ସମ୍ବଲପୁର ଓଡ଼ିଶା ସଙ୍ଗେ ମିଶାଇବା ଆବେଦନପତ୍ରର ପ୍ରଧାନ ପ୍ରାର୍ଥନା ଥିବାସ୍ଥଳେ ଯଦ୍ୟପି କି ବେଙ୍ଗଲି ତାହା ଲେଖି ନାହାନ୍ତି ବା ଅବଗତ ହୋଇ ନାହାନ୍ତି ତଥାଚ ସେ ଭ୍ରମ ପରିହାର ନିମନ୍ତେ ତତ୍ପର ଅଛନ୍ତି ଯଥେଷ୍ଟ ଅଟେ ଏବଂ ଆଶା କରୁଁ ତାହାଙ୍କର ପ୍ରକାଶିତ ପ୍ରେରିତ ପତ୍ର ପଢ଼ି ଯେଉଁମାନେ ଭ୍ରମରେ ପଡ଼ିଥିଲେ ସେମାନଙ୍କର ସେ ଭ୍ରମ ଭାଙ୍ଗିଯିବ । ପରନ୍ତୁ ଏହି ସମସ୍ତ ଲେଖାଲେଖିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଓଡ଼ିଶା ମଧ୍ୟପ୍ରଦେଶରେ ଭରତି ହେବାର ସମ୍ବାଦ ଶୁଣି ଓଡ଼ିୟାମାନେ ଯେତେ ଚିନ୍ତିତ ବଙ୍ଗାଳିମାନେ ତହିଁରୁ ଊଣା ଚିନ୍ତିତ ନୁହନ୍ତି । ଏହାଇ ଓଡ଼ିଶାସଙ୍ଗେ ବଙ୍ଗଳାର ବହୁବିଧ ସଂସ୍ରବର ପରିଚୟ ବିନା ଅନ୍ୟ କିଛି ନୁହେଁ । ସୁତରାଂ

ଓଡ଼ିୟାମାନଙ୍କର ଆବେଦନପତ୍ରରେ ବଙ୍ଗାଳିମାନଙ୍କ ଯୋଗଦେବା ଭିନ୍ନ ବାଧାଦେବାର କୌଣସି ହେତୁ ନାହିଁ । କେବଳ ନ ବୁଝିବା ଲୋକମାନେ ବୃଥାରେ ଭ୍ରମରେ ପଡ଼ିଅଛନ୍ତି ।

## (୧୫)

## ଓଡ଼ିୟା ଜାତୀୟ ସମିତି ।

ସମସ୍ତ ଓଡ଼ିଶାବାସୀ ଅର୍ଥାତ୍ ଖାସ ଓଡ଼ିଶା ଏବଂ ରାଜକୀୟ ବିଭାଗମତେ ବର୍ତ୍ତମାନ ଓଡ଼ିଶାରୁ ପୃଥକ୍ ଥିବା ଜିଲାମାନଙ୍କରେ ବାସ କରୁଥିବା ଓଡ଼ିୟାଭାଷୀ ବା ଓଡ଼ିୟାଜାତି ଏବଂ ଯେଉଁମାନଙ୍କର ଓଡ଼ିଶାର ହିତାହିତରେ ଓଡ଼ିୟା ଜାତି ସହିତ ଶାସନ ସମ୍ପର୍କ ଅଛି ସେହିମାନଙ୍କ ପ୍ରତିନିଧି ସ୍ୱରୂପ କେତେକ ଲୋକଙ୍କୁ ଘେନି ଆସନ୍ତା ବଡ଼ଦିନ ଛୁଟି ସମୟରେ ଗୋଟିଏ ଜାତୀୟ ସମିତି ଏ ନଗରରେ ବସିବାର ପ୍ରସ୍ତାବ ହୋଇଅଛି । ଏହି ସମିତିରେ କେବଳ ସମାଜ, ଶିକ୍ଷା ଓ ଶିଳ୍ପାଦି ବ୍ୟବସାୟ ଘଟିତ ଉନ୍ନତିର ଚର୍ଚ୍ଚା ହେବ ଏବଂ ଏଥିରେ ରାଜକୀୟ କାର୍ଯ୍ୟ ଓ ଧର୍ମ ସମ୍ବନ୍ଧୀୟ କୌଣସି ଆଲୋଚନା ହେବ ନାହିଁ । ଏହି ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବାର ଉପାୟ ସ୍ଥିର କରିବା କାରଣ ଏ ନଗରର ବିଖ୍ୟାତ ଉକୀଲ ଶ୍ରୀଯୁକ୍ତ ଶ୍ରୀ ମଧୁସୂଦନ ଦାସଙ୍କର ଆହ୍ୱାନ ମତେ ଗତ ରବିବାର ପୂର୍ବାହ୍ଣ ଘ ୯ ଣ୍ଟା ସମୟରେ ଏ ନଗରର କନିକା ରାଜବାଟିରେ ଗୋଟିଏ ସଭା ଆହୂତ ହୋଇଥିଲା । ନଗରବାସୀ ହିନ୍ଦୁ ମୁସଲମାନ ଖ୍ରୀଷ୍ଟିୟାନ ଭଦ୍ରଲୋକ ପ୍ରାୟ ୨୫/୩୦ ଜଣ ଉପସ୍ଥିତ ଥିଲେ । କନିକା ରାଜାଙ୍କର ପ୍ରସ୍ତାବମତେ ମାନ୍ୟବର କେଉଁଝଡ଼ର ମହାରାଜା ସଭାପତି ମନୋନୀତ ହୋଇ କାର୍ଯ୍ୟାରମ୍ଭ କଲାରୁ ଶ୍ରୀଯୁକ୍ତ ମଧୁସୂଦନ ଦାସ ସଭାର ଉଦ୍ଦେଶ୍ୟ ବୁଝାଇ ଦେଲେ । ସେ କହିଲେ କି ଗତ ବର୍ଷ ଗଞ୍ଜାମ ବରହମପୁରଠାରେ ଗୋଟିଏ ଓଡ଼ିୟାମାନଙ୍କର ସମିତି ହୋଇଥିଲା । ଆମନ୍ତ୍ରଣ ମତେ ଏ ନଗର ଏବଂ ସମ୍ବଲପୁରର କେତେକ ଓଡ଼ିୟା ଭଦ୍ରଲୋକ ତହିଁରେ ଯୋଗ ଦେଇଥିଲେ ଓ ସେମାନଙ୍କ ମଧ୍ୟରେ ସେ ଜଣେ ଥାଇ ସମିତିର କାର୍ଯ୍ୟାବଳୀରେ ବଡ଼ ଆନନ୍ଦ ଲାଭ କରିଥିଲେ । ଏ ବର୍ଷ ମଧ୍ୟ ସେଠାରେ ସେହିପରି ଅଧିବେଶନର ଆୟୋଜନ ହେଉଅଛି ଏବଂ ତହିଁର ସମ୍ବାଦ ସେ ପାଇଅଛନ୍ତି । ଏଥକୁ ସେ ପ୍ରସ୍ତାବ କଲେ କି ଏଥର ଗଞ୍ଜାମ ଏବଂ ଅନ୍ୟ ସ୍ଥାନର ଭାଇମାନଙ୍କୁ ଘେନି ଏ ବର୍ଷ ଏ ନଗରରେ ଅଧିବେଶନ କରିବା ଉଚିତ ହେଉଅଛି । ପରସ୍ପର ପ୍ରତି ସମ୍ମାନ ସମ୍ଭାଷଣ ଭାଇଗିରି ରକ୍ଷା ଓ ବୃଦ୍ଧିର ପ୍ରଧାନ ଉପାୟ ଏବଂ ପ୍ରତିବର୍ଷ ଏକ ଏକ ସ୍ଥାନରେ ବସି ସୁଖ ଦୁଃଖର ଚିନ୍ତା କରିବାଠାରୁ ଉନ୍ନତିର ଅନ୍ୟ ଭଲ ଉପାୟ ନାହିଁ । ବାବୁ ଗୌରୀଶଙ୍କର ରାୟ ଏ ପ୍ରସ୍ତାବ ଅନୁମୋଦନ କରି କହିଲେ ଭାଇ ଭାଇଙ୍କର ସମ୍ମିଳନ ଓ ସମ୍ଭାଷଣ ଅତ୍ୟନ୍ତ ସୁଖ ଓ ହିତକର ବିଷୟ । ଏଥିରେ ଭିନ୍ନମତ ହୋଇ ନ ପାରେ । ବୋଧ ହୁଅଇ ସମସ୍ତେ ଏଥିରେ ସମ୍ମତ ହେବେ ।

କେବଳ ମିଳନର ସମୟ ସମ୍ବନ୍ଧରେ ସେ କହିଲେକି ଜାତୀୟ ମହାସମିତିର ଅଧିବେଶନ ସେହି ବଡ଼ଦିନ ପର୍ବ ସମୟରେ ହେଉଥିବାରୁ ଯେଉଁ ଦିନମାନଙ୍କରେ ସେ ଅଧିବେଶନ ହେବ ସେ ଦିନମାନ ଛାଡ଼ି ଅନ୍ୟ ଦିନରେ ଏହି ଅଧିବେଶନ କରିବା ସେ ଉଚିତ ଜ୍ଞାନ କରନ୍ତି, ଯେପରି ଏମନ୍ତ କେହି କହି ପାରିବ ନାହିଁ ଯେ ସ୍ଥାନୀୟ ସମିତି ହେତୁ ମହାସମିତିରେ କାହାରି ଯୋଗ ଦାନର ଅସୁବିଧା ହେଲା । ସ୍ଥାନୀୟ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମୁନସି ମହମ୍ମଦଅଲି ଏ ପ୍ରସ୍ତାବ ସମର୍ଥନ କଲେ । ଅନ୍ୟାନ୍ୟ କେତେକ ଭଦ୍ରଲୋକ ସମର୍ଥନ ମତ ପ୍ରକାଶ କଲା ଉତ୍ତାରୁ ସମସ୍ତଙ୍କ ସମ୍ମତିରେ ଏ ପ୍ରସ୍ତାବ ଧାର୍ଯ୍ୟ ହେଲା ଏବଂ ଆଗାମୀ ଡିସମ୍ବର ମାସ ୩୦ ଓ ୩୧ ତାରିଖରେ ଅଧିବେଶନର ଦିନ ସ୍ଥିର ହେଲା । ପରିଶେଷରେ ଗୋଟିଏ କାର୍ଯ୍ୟନିର୍ବାହ କମିଟି ଗଠିତ ହୋଇ ସଭାର କାର୍ଯ୍ୟ ଶେଷ ହେଲା । ଶ୍ରୀ ରାଜା କିଲେ କନିକା ଏହି କମିଟିର ସଭାପତି, ଶ୍ରୀଯୁକ୍ତ ମଧୁସୂଦନ ଦାସ ସମ୍ପାଦକ ଏବଂ ବାବୁ ଜୟରାମ ଦାସ, ବାବୁ ସାମସନ ରାଉତ, ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ଏବଂ ବାବୁ ଅଭିରାମ ଭଞ୍ଜ ଯୁକ୍ତ ସମ୍ପାଦକ ମନୋନୀତ ହୋଇଅଛନ୍ତି । ଏହି କମିଟି ସଭାର ଉଦ୍ଦେଶ୍ୟ ସାଧନ ସଂକ୍ରାନ୍ତ ସକଳ ବିଷୟରେ ବନ୍ଦୋବସ୍ତ ଏବଂ ଆୟବ୍ୟୟର ବ୍ୟବସ୍ଥା କରିବେ ।

## (୧୬)

## [ ଉତ୍କଳ ସମ୍ମିଳନୀର ଆଗାମୀ ଅଧିବେଶନ ପାଇଁ ମନୋନୀତ ସଭାପତିଙ୍କ ଦେହାନ୍ତ ]

ବାମଣ୍ଡାଧିପତି ସ୍ୱର୍ଗୀୟ ସୁଢ଼ଳ ଦେବଙ୍କର ବୟସ ବ ୬୦।୬୨ର୍ଷ ଥିବାର ଆମ୍ଭେମାନେ ଭ୍ରମରେ ଗତ ସପ୍ତାହରେ ଲେଖିଥିଲୁଁ । ବର୍ତ୍ତମାନ ସମ୍ବଲପୁର ହିତୈଷିଣୀରୁ ଅବଗତ ହେଲୁ ଯେ ତାହାଙ୍କର ବୟସ ୫୩ ବର୍ଷ ୬ ମାସ ମାତ୍ର ହୋଇଥିଲା । ତାହାଙ୍କ ପୀଡ଼ା ସମ୍ବନ୍ଧରେ ସହଯୋଗୀ ଲେଖିଅଛନ୍ତି କି ମହାରାଜା ବହୁଦିନରୁ ବହୁମୂତ୍ର ରୋଗରେ ପୀଡ଼ିତ ଥିଲେ । ମଧରେ କେତେକ ମାସ ଭଲ ଥିଲେ ମାତ୍ର ୩ ।୪ ମାସ ହେଲା ସେହି ରୋଗ ପୁନର୍ବାର ଆକ୍ରମଣ କଲା ଏବଂ ଅନେକ ସାବଧାନତା ସହିତ ନାନାପ୍ରକାର ଚିକିତ୍ସା ହେଉଥିଲେ ମଧ ମୃତ୍ୟୁର ୭/୮ ଦିନ ପୂର୍ବରୁ ଜ୍ୱର ହୋଇ କ୍ରମଶଃ ବୃଦ୍ଧି ଦିଗକୁ ଚାଲିଲା ଏବଂ ଶରୀର ଦୁର୍ବଳ କରିପକାଇଲା । ପରିଶେଷରେ ଏକ ଦିନ ଅଜ୍ଞାନାବସ୍ଥାରେ ରହି ପ୍ରାଣ ତ୍ୟାଗ କଲେ । ତାହାଙ୍କ ଚିକିତ୍ସା ନିମନ୍ତେ କଲିକତାର ପ୍ରସିଦ୍ଧ ଗବର୍ଣ୍ଣମେଣ୍ଟ ପେନ୍‌ସନପ୍ରାପ୍ତ ଡାକ୍ତର କର୍ଣ୍ଣେଲ ଆର୍, ଏଲ୍, ଦତ୍ତଙ୍କୁ ଅଣାଯାଇଥିଲା ମାତ୍ର ନିଦାନ କାଳରେ କିଏ ରକ୍ଷା କରିବ ? ମହାରାଜାଙ୍କର ଅଳ୍ପବୟସରେ ମୃତ୍ୟୁ ଅଧିକ ଦୁଃଖ ଏବଂ

ଓଡ଼ିଶାର ଅଧିକ ଦୁର୍ଭାଗ୍ୟର କଥା ଅଟେ । ଆଗାମୀ ମାସରେ ଏଠାରେ ଯେଉଁ ଜାତୀୟ ସମିତି ହେବାର ଆୟୋଜନ ହେଉଅଛି ତହିଁର ସଭାପତି ହେବା କାରଣ ତାହାଙ୍କୁ ତାର ସମ୍ବାଦଦ୍ୱାରା ଅନୁରୋଧ କରାଯାଇଥିଲା ମାତ୍ର ତହିଁର ଉତ୍ତରରେ ତାହାଙ୍କ ମୃତ୍ୟୁସମାଚାର ଆସି ପହଞ୍ଚିଥିଲା । ଏଥିରୁ ବଳି ଦୁଃଖର କଥା ଅଛି କି ?

## (୧୭)

## ଉତ୍କଳସମ୍ମିଳନୀ

ଏହିମାସ ତା ୩୦ ଓ ୩୧ ରିଖରେ ଉତ୍କଳ ସମ୍ମିଳନୀର ଅଧିବେଶନ ଏ ନଗରରେ ହେବ । ତହିଁର ଆୟୋଜନ ଚଞ୍ଚଳ ଗତିରେ ଚାଲିଅଛି । ଏଥି ମଧ୍ୟରେ ସଭାଗୃହ ନିର୍ମାଣ ହୋଇଗଲାଣି । ତହିଁରେ ପ୍ରାୟ ଦୁଇହଜାର ଲୋକର ସ୍ଥାନ ହେବ । ପ୍ରଦର୍ଶନୀର ଘର ପ୍ରସ୍ତୁତ ପ୍ରାୟ ଏବଂ ତହିଁରେ ଯଥେଷ୍ଟ ସ୍ଥାନ ଅଛି । ପ୍ରଦର୍ଶନୀକୁ ଦ୍ରବ୍ୟ ପଠାଇବା କାରଣ ଯେଉଁମାନଙ୍କୁ ଅନୁରୋଧ କରାଯାଇଅଛି ସେମାନେ ଯଥା ସମୟରେ ଦ୍ରବ୍ୟ ପଠାଇଲେ ସ୍ଥାନାଭାବର ଅସୁବିଧା କେହି କହିପାରିବେ ନାହିଁ । ସମ୍ମିଳନୀକୁ ସଫଳ କରିବାର ସମସ୍ତ ଚେଷ୍ଟା ହେଉଅଛି ଏବଂ ଗଂଜାମ ଓ ମଧ୍ୟପ୍ରଦେଶର ପ୍ରତିନିଧିମାନଙ୍କୁ ସମ୍ମାନ ପୂର୍ବକ ଆହ୍ୱାନ ଓ ଚର୍ଚ୍ଚାର ବିହିତ ବନ୍ଦୋବସ୍ତ ହେଉଅଛି । ଭଲଣ୍ଟିୟର ବା ସେକିନ ସେବା ନିମନ୍ତେ ଗଂଜାମର କେତେଜଣ କଲେଜ ଛାତ୍ର ସ୍ୱଇଚ୍ଛାରେ ଆସିବାକୁ ପ୍ରସ୍ତୁତ ଅଛନ୍ତି । ଏହାର କାର୍ଯ୍ୟ ନିର୍ବାହକ କମିଟୀ ସମ୍ମିଳନୀର ସମସ୍ତ ସଭ୍ୟ ନିମନ୍ତେ ଗୋଟିଏ ଜାତୀୟ ଶିରସ୍ତ୍ରାବାନବ୍ୟ ପାଗ ମନୋନୀତ କରିଅଛନ୍ତି ଯାହା ସମସ୍ତ ସଭ୍ୟ ବ୍ୟବହାର କରିବେ ଏବଂ ସେହିକାର ୩୦୦ ପାଗ ପ୍ରସ୍ତୁତ କରିବାର ଫରମାସ ଦିଯାଁ ଯାଇଅଛି ଯେ ଯାହାର ଦରକାର ସେ କିଣିନେବ । ଆମ୍ଭେମାନେ ଏକାନ୍ତ ଆଶାକରୁଁକି ଆମନ୍ତ୍ରିତ ମହାଶୟମାନେ ଏଥିରେ ଯୋଗଦାନ କରିବାକୁ ଅବହେଳା କରିବେ ନାହିଁ । ଏହା ଉତ୍କଳରେ ଗୋଟିଏ ନୂତନ କଥା ଏବଂ ଆଶାନୁରୂପ ସଫଳ ହେଲେ ଏହାଦ୍ୱାରା ଅନେକ ମଙ୍ଗଳ ହେବ ।

## (୧୮)

## ଉତ୍କଳ ସମ୍ମିଳନୀ

ଉତ୍କଳ ସମ୍ମିଳନୀ ସଭାର ଅଧିବେଶନ ଏହି ନଗରର ଇଦଗାହ ପଡ଼ିଆରେ ନିର୍ମିତ ମଣ୍ଡପରେ ଆସନ୍ତା ବୁଧବାର ଓ ଗୁରୁବାର ହେବ । ଅଧିବେଶନର ସମୟ ଉଭୟ ଦିନ୍ନ ପୂର୍ବାହ୍ନ ଘ ୧୧ଣ୍ଟାଠାରୁ ଅପରାହ୍ନ ଘ ୪ ଣ୍ଟା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଅଛି । ଠିକ ସମୟରେ କାର୍ଯ୍ୟାରମ୍ଭ ହେବ । ସୁତରାଂ ନିରୂପିତ ସମୟ ପୂର୍ବରୁ ଉପସ୍ଥିତ ହେବା ଆବଶ୍ୟକ ।

ମାନ୍ୟବର ମୟୂରଭଞ୍ଜର ମହାରାଜା ଏହି ଅଧିବେଶନର ସଭାପତିପଦରେ ବରିତ ହୋଇ ଗ୍ରହଣ କରିଅଛନ୍ତି । ସେ ଆସନ୍ତା ମଙ୍ଗଳବାର ପ୍ରାତଃକାଳର ରେଲଗାଡ଼ିରେ ପହୁଞ୍ଚିବେ । ଷ୍ଟେସନଠାରୁ ତାହାଙ୍କୁ ସମାଦରପୂର୍ବକ ନଗର ମଧ୍ୟକୁ ଘେନି ଆସିବାର ଉପଯୁକ୍ତ ବନ୍ଦୋବସ୍ତ ହୋଇଅଛି । ଆଶା ହୁଅଇ ତାହା ଦେଖିବାକୁ ଅନେକ ଲୋକ ଷ୍ଟେସନକୁ ଯିବେ । ଗଞ୍ଜାମ ଓ ସମ୍ବଲପୁର ଓ ମେଦିନୀପୁର ଜିଲ୍ଲାମାନଙ୍କରୁ ବିଶେଷତଃ ପ୍ରଥମ ଲିଖିତ ଜିଲ୍ଲାରୁ ଅନେକ ରାଜା ଓ ଭଦ୍ରଲୋକ ଶୁଭାଗମନ କରିବାକୁ ସମ୍ମତ ହୋଇଥିବାର ଆମ୍ଭେମାନେ ଅବଗତ ହୋଇଅଛୁଁ । ସେମାନଙ୍କର ଯଥାଯୋଗ୍ୟ ଚର୍ଚ୍ଚାର ମଧ୍ୟ ବିହିତ ବନ୍ଦୋବସ୍ତ ହୋଇଅଛି । ଓଡ଼ିଶା ଗଡ଼ଜାତ ଓ ମୁଗଲବନ୍ଦିର ଅନେକ ରାଜା ଜମିଦାର ଓ ଅପର ଭଦ୍ରଲୋକ ଶୁଭାଗମନ କରିବେ ବୋଲି ଶୁଣାଯାଏ । ଅତଏବ ଏ ନଗରରେ ଯଥେଷ୍ଟ ଜନତା ହେବ ଏବଂ ଏତେ ଲୋକ ଯେଉଁ ସଭାରେ ଯୋଗ ଦେବେ ତାହା ସଫଳ ନ ହେବାର କୌଣସି କାରଣ ଦେଖାଯାଉ ନାହିଁ । ବିଶେଷତଃ ଯେତେବେଳେ ପ୍ରଥମରୁ ରାଜନୀତିର ଏବଂ ଧର୍ମସମ୍ବନ୍ଧୀୟ ପ୍ରସଙ୍ଗ ଓ ଆନ୍ଦୋଳନ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରି କେବଳ ସକଳସ୍ଥାନର ଉତ୍କଳଭାଷୀ ଓ ଉତ୍କଳବାସିଙ୍କୁ ଏକତ୍ର କରି ସମାଜ, ଶିକ୍ଷା, କୃଷି, ଶିଳ୍ପ ଓ ବାଣିଜ୍ୟର ଉନ୍ନତି ଚିନ୍ତା କରିବାର ଅଭିପ୍ରାୟରେ ଏ ସଭା ଗଠିତ ହୋଇଅଛି ଏବଂ ଏ ବିଷୟରେ ଗବର୍ଣ୍ଣମେଣ୍ଟ ଏବଂ ପ୍ରଜାଙ୍କ ମଧ୍ୟରେ ମତ ଭେଦ ନାହିଁ ବରଂ ଉଦାର ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ସୁନୀତି ଅନୁସାରେ ପ୍ରଧାନ ରାଜପୁରୁଷମାନେ ପ୍ରଜାବର୍ଗଙ୍କୁ ସେହି ପଥର ପଥିକ କରିବା କାରଣ ସତତ ଚେଷ୍ଟା ଓ ଯତ୍ନ କରୁଅଛନ୍ତି ତେତେବେଳେ ଏ ସଭା ସମସ୍ତଙ୍କର ସାହାଯ୍ୟ ଓ ସହାନୁଭୂତି ଆକର୍ଷଣ କରିବାର ସମ୍ପୂର୍ଣ୍ଣ ଆଶା କରାଯାଏ ।

ଏଥି ମଧ୍ୟରେ କଥା ଉଠିଥିଲା କି ଗବର୍ଣ୍ଣମେଣ୍ଟ କର୍ମଚାରିମାନଙ୍କର ଏହି ସମ୍ମିଳନୀରେ ଯୋଗ ଦେବା ନିଷେଧ ହୋଇଅଛି ଏବଂ ତଦନୁସାରେ କାର୍ଯ୍ୟନିର୍ବାହ କମିଟିରେ ଥିବା କେତେଜଣ ସରକାରୀ କର୍ମଚାରୀ ଇସ୍ତଫା ଦେଇଥିଲେ । କମିଟି ଏଥିରେ ମହାଚିନ୍ତିତ ହୋଇ ଗବର୍ଣ୍ଣମେଣ୍ଟଙ୍କ ଟେଲିଗ୍ରାଫ କରିବାରେ ମାନ୍ୟବର ବଙ୍ଗେଶ୍ୱର ଶ୍ରୀଯୁକ୍ତ କମିଶନର ସାହେବଙ୍କ ନିକଟକୁ ଏହି ଉତ୍ତର ପଠାଇ ଦେଲେ କି ଯେବେ ଟେଲିଗ୍ରାଫ ଲିଖିତ ମତେ ଏ ସଭାରେ ରାଜନୈତିକ ଆନ୍ଦୋଳନ ନ ହୋଇ ସମାଜ, ଶିକ୍ଷା, ଶିଳ୍ପାଦିର ଉନ୍ନତି ବିଷୟକ ହୁଏ ତେବେ ଗବର୍ଣ୍ଣମେଣ୍ଟ କର୍ମଚାରିଙ୍କର ସେ ସଭାରେ ଉପସ୍ଥିତ ହେବା ଏବଂ ଯୋଗଦେବା ଉଚିତ । ତଦନୁସାରେ ଗତକାଲି ଶ୍ରୀଯୁକ୍ତ କମିଶନର ସାହେବ ମହୋଦୟ କାର୍ଯ୍ୟନିର୍ବାହ କମିଟିର କେତେକ ସଭ୍ୟଙ୍କୁ ଡକାଇ ସଭାର ପ୍ରସ୍ତାବମାନ ଦେଖି ସନ୍ତୋଷ ପୂର୍ବକ ସ୍ୱୟଂ ଉପସ୍ଥିତ ହେବା ଓ ପ୍ରଦର୍ଶନୀ ଫିଟାଇବା ଏବଂ ଅଧୀନସ୍ଥ କର୍ମଚାରିମାନଙ୍କ ଉପସ୍ଥିତ ଓ ଯୋଗଦାନ କାରଣ ପତ୍ର

ଲେଖିବାକୁ ପ୍ରତିଶ୍ରୁତ ହେଲେ । ସୁତରାଂ ଏ ସମ୍ବନ୍ଧରେ ଆଉ କାହାରି ଭ୍ରମ ରହିବା ଉଚିତ ନୁହେ ଏବଂ ସରକାରୀ ହାକିମ ଅମଲା ସମସ୍ତେ ପ୍ରଫୁଲ୍ଲ ଚିତ୍ତରେ ଏହି ଶୁଭ ଅନୁଷ୍ଠାନରେ ଯୋଗଦେବେ ।

ଉତ୍କଳର ନାନା ସ୍ଥାନର ଶିଳ୍ପ ଓ କୃଷିଜାତ ଦ୍ରବ୍ୟ ଓ ବାଣିଜ୍ୟୋପଯୋଗୀ ଖଣିଜ ଓ ଜଙ୍ଗଲ ଜାତ ଦ୍ରବ୍ୟାଦି ଏକତ୍ର କରି ଜନ ସାଧାରଣରେ ପ୍ରଚାର କରିବା ଅଭିପ୍ରାୟରେ ଏହି ସଭା ସଙ୍ଗେ ଗୋଟିଏ ପ୍ରଦର୍ଶନୀ ହେବାର ଆୟୋଜନ ହୋଇଅଛି । ସେହି ପ୍ରଦର୍ଶନୀ ଆସନ୍ତା ଶୁକ୍ରବାର ସଭାମଣ୍ଡପର ହତା ମଧ୍ୟରେ ହେବ । ତହିଁପାଇଁ ଯଥୋଚିତ ଦ୍ରବ୍ୟମାନ ସକଳ ସ୍ଥାନରୁ ଆସୁଅଛି । ସେହି ଦିନ ସେହିଠାରେ ନାନାପ୍ରକାର ଏବଂ ଅଭିନବ ମଲ୍ଲକ୍ରୀଡ଼ାଦି ପ୍ରଦର୍ଶିତ ହେବ ।

—

## ଉତ୍କଳ-ସାହିତ୍ୟ

### (୧) ସାଦର ସମ୍ଭାଷଣ –

ଉତ୍କଳୀୟମାନଙ୍କର ମହାଜାତୀୟ ସମ୍ମିଳନୀ ସମ୍ମୁଖରେ – ଉତ୍କଳସାହିତ୍ୟ-ସମାଜର ବାର୍ଷିକ ଅଧିବେଶନ ମଧ ସମ୍ମୁଖରେ । ସମ୍ମିଳନୀ ନିମିତ୍ତ ଚାରିଆଡ଼େ ମହା ଉତ୍ସାହ ଉଦ୍ୟମର ଲକ୍ଷଣ ପ୍ରକାଶ ପାଉଅଛି । ଏହି ମହାଜାତୀୟ ଅନୁଷ୍ଠାନରେ ଯୋଗଦେବା ନିମିତ୍ତ ନାନା ସ୍ଥାନରୁ ପ୍ରତିନିଧିମାନେ ସମାଗତ ହେଉଅଛନ୍ତି– ଉତ୍କଳୀୟମାନଙ୍କ ଛଡ଼ା ଅପରାପର ଜାତୀୟ ବନ୍ଧୁମାନେ ମଧ ଉଦ୍ୟୋକ୍ତମାନଙ୍କ ସାଦର ନିମନ୍ତ୍ରଣ ଗ୍ରହଣ କରି ସମ୍ମିଳନୀରେ ଉପସ୍ଥିତ ହେବାକୁ ଆସୁଅଛନ୍ତି । ସମ୍ମିଳନୀର ଅପୂର୍ବ ଦୃଶ୍ୟ ଆମ୍ଭେମାନେ ଆଜି ମାନସପ୍ରତ୍ୟକ୍ଷ କରି ପୁଲକିତ ହେଉଅଛୁଁ । ଏତେବେଳେ ଅନ୍ୟ ଚିନ୍ତାନାହିଁ । କେବଳ ସମ୍ମିଳନୀର ସକଳ୍ କାର୍ଯ୍ୟ ନିର୍ବିଘ୍ନରେ ସମ୍ପାଦିତ ହେଉ, ସମ୍ମିଳନୀ ଉତ୍କଳୀୟମାନଙ୍କ ପ୍ରାଣରେ ନବ ଜୀବନ ସଞ୍ଚାର କରୁ ଏହାହିଁ ବିଧାତାଙ୍କ ଶ୍ରୀଚରଣ ତଳେ ଏକାନ୍ତ ପ୍ରାର୍ଥନା । ଆମ୍ଭେମାନେ ସମ୍ମିଳନୀର ପ୍ରତିନିଧି ଓ ଅତିଥିମାନଙ୍କୁ ଏବଂ ସାହିତ୍ୟ-ସମାଜର ଦୂରସ୍ଥ ସଭ୍ୟମାନଙ୍କୁ ହୃଦୟର ପ୍ରୀତିପୂର୍ଣ୍ଣ ସାଦର ସମ୍ଭାଷଣ ଜଣାଉଅଛୁଁ ।

### (୨) ଉତ୍କଳଖଣ୍ଡର ରାଜନୈତିକ ସଂଯୋଗ –

ଉତ୍କଳସନ୍ତାନମାନଙ୍କର ବହୁକାଳପୋଷିତ ଆକାଂକ୍ଷା ଆଜି ପୂର୍ଣ୍ଣ ହେବାକୁ ବସିଲା– ସେମାନଙ୍କର ଆଶଙ୍କା ଉଦ୍‌ବେଗ ଆଜି ଦୂରୀଭୂତ ହେବାକୁ ବସିଲା । ବିଭିନ୍ନ

ପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡର ଭିନ୍ନ ଭିନ୍ନ ଅଂଶ ଆଜି ଏକ ଶାସନାଧୀନ ହେବାକୁ ବସିଲା । ଉତ୍କଳର ପ୍ରତି ଗୃହରେ ଆନନ୍ଦଧ୍ୱନି ଉତ୍‌ଥିତ ହେଉ, ଉତ୍କଳ ଗଗନ ଆନନ୍ଦକୋଳାହଳରେ ପୂର୍ଣ୍ଣ ହେଉ । ଯାହାଙ୍କ କରୁଣାବଳରେ ଆଜି ଏହି ସୁଦିନର ସମ୍ଭାବନା ହେଲା ସେହି ବିଶ୍ୱନିୟନ୍ତା ପୁରୁଷଙ୍କ ଶ୍ରୀଚରଣ ତଳେ ଉତ୍କଳବାସୀ ହୃଦୟର କୃତଜ୍ଞତା ଅର୍ପଣ କରନ୍ତୁ ଏବଂ ଯାହାଙ୍କ ସୁବିବେଚନ ଓ ଅନୁଗ୍ରହରୁ ଏହି ସମ୍ମିଳନ ସୁସାଧିତ ହେବାକୁ ବସିଲା, ସେହି ରାଜପ୍ରତିନିଧି ଲର୍ଡ଼ କର୍ଜ୍ଜନ ବାହାଦୁରଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରନ୍ତୁ । ରାଜନୈତିକ ବିଚ୍ଛିନ୍ନତା ଆମ୍ଭମାନଙ୍କ ଅଧୋଗତିର ପ୍ରଧାନ କାରଣ ଏବଂ ଉନ୍ନତିର ପ୍ରଧାନ ଅନ୍ତରାୟ ଥିଲା– ଏବେ ସମଗ୍ର ଉତ୍କଳସନ୍ତାନ ମିଳିତ ହୋଇ ଜାତୀୟ ଉନ୍ନତି ସାଧନରେ ତତ୍ପର ହୁଅନ୍ତୁ– ଆତ୍ମୋନ୍ନତି ଦ୍ୱାରା ଆତ୍ମସମ୍ମାନ ବର୍ଦ୍ଧିତ କରି ଭାରତୀୟ ଅପରାପର ଉନ୍ନତ ଜାତିମାନଙ୍କ ସହିତ ସମ୍ମିଳିତ ହୁଅନ୍ତୁ– ଏବଂ ଭାରତବ୍ୟାପୀ ମହାଜାତୀୟ ସମସ୍ୟା ସାଧନରେ ମନ ପ୍ରାଣ ଢାଳିଦେଇ ଧନ୍ୟ ହେଉନ୍ତୁ । ଆମ୍ଭମାନଙ୍କ ଦୃଷ୍ଟି ପ୍ରସାରିତ ହେଉ, ଆଦର୍ଶ ଉନ୍ନତ ହେଉ । ସମସ୍ତେ ଅନୁଭବ କରନ୍ତୁ, କ୍ଷୁଦ୍ର ପ୍ରାଦେଶିକତା ଆମ୍ଭମାନଙ୍କର ଲକ୍ଷ୍ୟ ନୁହେଁ– ଏହା କେବଳ ଆତ୍ମୋନ୍ନତି ସାଧନର କ୍ଷେତ୍ର ମାତ୍ର । ଲକ୍ଷ୍ୟ ଭାରତବ୍ୟାପୀ ମହାଜାତୀୟତା । କେଉଁ ପ୍ରଦେଶ ସହିତ ମିଳନ ହେଲେ ଉତ୍କଳର ଅଧିକ ମଙ୍ଗଳ ସାଧିତ ହୁଅନ୍ତା ତାହା ଆଲୋଚନା କରିବାର ଏବଂ ସେକଥା ଘେନି ପରସ୍ପର ମଧ୍ୟରେ ତର୍କ ଉତ୍‌ଥାପନ କରିବାର ଆଉ ପ୍ରୟୋଜନ ନାହିଁ । ଆମ୍ଭେମାନେ ଜାଣୁ, ଏ ବିଷୟରେ ସାମାନ୍ୟରୂପେ ମତଭେଦ ରହିଅଛି, ମାତ୍ର ସମ୍ମିଳନର ଉପକାରିତା ସମ୍ବନ୍ଧରେ ସମସ୍ତେ ଏକମତ । ଆମ୍ଭମାନଙ୍କର ସୁଦୃଢ଼ ଧାରଣା ଏହି ଯେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ରହିବା ଉତ୍କଳଖଣ୍ଡ ପକ୍ଷରେ ସର୍ବାପେକ୍ଷା ଶ୍ରେୟସ୍କର ଏବଂ ଏ ସମ୍ବନ୍ଧରେ ଆମ୍ଭମାନଙ୍କର ପ୍ରବଳ ଯୁକ୍ତି ରହିଅଛି । ସେ ସମସ୍ତର ଅବତାରଣା ଆଜି ନିଷ୍ପ୍ରୟୋଜନ । ଗବର୍ଣ୍ଣମେଣ୍ଟ ମଧ୍ୟ ଏ ବିଷୟରେ ସର୍ବସାଧାରଣଙ୍କ ମତ ଜିଜ୍ଞାସା କରିନାହାନ୍ତି । ଭାଗ୍ୟକୁ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବ ଆମ୍ଭମାନଙ୍କ ଉନ୍ନତିର ଅନୁକୂଳ ମାର୍ଗ ଅବଲମ୍ବନ କରିଅଛି । ଆମ୍ଭେମାନେ ଏହି କାରଣରୁ ସମଧିକ ଆନନ୍ଦିତ । ସେ ଯାହା ହେଉ, ଆମ୍ଭେମାନେ ସମ୍ମିଳନ ବାଞ୍ଛା କରିଥିଲୁଁ, ତାହା ଏବେ ହସ୍ତଗତ ହେବାକୁ ବସିଲା । ଶୁଭଯୋଗକୁ ଜାତୀୟ ସମ୍ମିଳନୀରେ ଉତ୍କଳସନ୍ତାନମାନେ ମିଳିତ ହେଉ ଅଛନ୍ତି । ସମସ୍ତେ ମିଳି ଉନ୍ନତିର ଉପାୟମାନ ଆଲୋଚନା କରନ୍ତୁ ଏବଂ ନବ ଆଶା ଓ ଉତ୍ସାହରେ କର୍ମକ୍ଷେତ୍ରରେ ପ୍ରବିଷ୍ଟ ହୁଅନ୍ତୁ । ସକଳ ପ୍ରକାର କ୍ଷୁଦ୍ର ଗଣନା ଏତେବେଳେ ଅନ୍ତର୍ହିତ ହେଉ ।

—

# ଦ୍ୱିତୀୟ ବିଭାଗ

# ଉତ୍କଳ ସମ୍ମିଳନୀର ବିବରଣୀ

## RESOLUTIONS OF FIRST UTKAL UNION CONFERENCE

**Speakers will please note that all discussions on Political and Religious subjects and criticisms of the actions of Government and Government Officials are strictly prohibited.**

## THE UTKAL UNION CONFERENCE

*30th and 31st December 1903*

### RESOLUTION-I

That this Conference, representing the people of the Oriya-speaking tracts under the Bengal, Madras and the Central Provinces Governments respectfully record their deep and sincere feelings of gratitude to His Excellency the Viceroy and Governor-General of India for his beneficent proposal for the administrative union of the whole Oriya-speaking tracts; and that a copy of this resolution be forwarded to the Private Secretary for communication to His Excellency.

Mover– The Maharaja of Keonjhar (*Tributary Chief, Orissa)*

Seconder– The Raja of Khallikote and Atgada, Ganjam.

Supporter– 1. Babu Viswanath Kar, Cuttack.

2. Raja Baikuntha Nath De Bahadoor, Balasore.
3. *Babu Brajamohan Patnaik, Sambalpur*

## RESOLUTION-II

That the sincere thanks of this Conference be conveyed to His Honour the Lieutenant-Governor of Bengal for having restored the use of the Oriya language as the court language in Sambalpur, while His Honour was at the Head of the Central Provinces Administration, and that a copy of this resolution be communicated through the Private Secretary to His Honour the Lieutenant-Governor of Bengal.

Mover– Sri Bikram Deb Burma, Vizag.

Seconder– Babu Chandra Sekhar Behera, Sambalpur. (Pleader)

Supporter– 1. Ram Chandra Das, Puri.

2. Babu Gagan Behari Chowdhury, *B.A., B.L. (Munseff)*

## RESOLUTION-III

That this Conference emphasise the desirability of fostering and strengthening friendly relations between the Utkaliyas and the other people and nations with whom they are in contact.

Mover– Raja Baikuntha Nath De Bahadoor, Balasore.

Seconder– M.R. Ry, Rajgopalachari Rajguru, Mandassa. (Ganjam)

Supporters– 1. Babu Radhanath Paty, *B.A., B.L.,* Midnapur, (Pleader)

2. Babu Ramnarayan Misra, *M.A., B.L.,* Sambalpur. (Pleader)
3. Rev. A.H. Young, *M.A.*
4. Mr. M.S. Das, *M.A., B.L.,* in Oriya and in English.

## RESOLUTION-IV

That a Central Committee consisting of the following gentlemen (with power to add to their number and to form Local Branch Committees) be formed for the purpose of carefully educating public opinion concerning measures which may be regarded as expedient for the introduction of salutary social reforms among the Utkaliyas, in response to the need of the present times, and that an account of the work done by the Committee during the year be printed and laid before the Utkal Union Conference at their next annual sitting.

Mover– Munshi Mahamud Ali, Cuttack.

Seconder– Babu Daniel Mahanty, Berhampore.

## MEMBERS OF THE STANDING COMMITTEE

1. Maharaja of Mourbhanj
2. Maharaja of Keonjhar
3. Raja of Atgarh
4. Raja of Khandpara
5. Raja of Atmallik
6. Raja of Bamra
7. Raja of Sonepur
8. Raja of Gangpur
9. Maharaja of Jaipur
10. Raja Bahadoor of Parikud
11. Raja of Kanika
12. Raja of Talcher
13. Raja of Madhupur
14. Raja of Tigeria
15. Raja of Kallikote and Atgada
16. Raja of Bada Khemidi
17. Raja of Mandassa
18. Raja of Dharakote
19. Second Prince of Parlakhemidi
20. Prince Bikram Deo of Vizagapatam
21. Raja of Nursinghpur
22. Raja of Baramba
23. Raja of Ranpur
24. Raja of Boad
25. Raja of Dasapalla
26. Raja of Nilgiri

27. Raja of Dhenkanal
28. Raja of Pal Lahara
29. Raja of Redhakhol
30. Raja of Hindol
31. Raja of Nayagur
32. Raja Baikuntha Nath De Bahadoor, Balasore
33. Babu Madhusudan Rao
34. Rai Radhanath Rai Bahadoor
35. Babu Viswanath Kar
36. Babu Madhusudan Das, *B.A.*
37. Babu Ram Sankar Ray
38. Babu Gouri Sankar Ray
39. Babu Gokulanand Chowdhury, *B.A., B.L.*
40. Babu Gopal Chandra Praharaj, *B.A., B.L.*
41. Babu Abhiram Bhunj, *M.A., B.L.*
42. Babu Sudam Charan Naik
43. Babu Gopal Ballabh Das, *M.A.*
44. Babu Raj Kishore Das, *B.A., B.L.*
45. Babu Nimai Charan Mitra
46. Babu Ban Behary Palt, *B.A., B.L.*
47. Babu Braja Sundar Das. *B.A.*
48. Babu Damodar Kar
49. Babu Fakir Mohan Senapaty
50. Babu Nandkishore Bal. *B.A.*
51. Babu J.S. Rout
52. Babu M.L.J. Jachak
53. Babu Brajanand Das, *B.A.*
54. Babu Padmanava Satpathy
55. Pundit Purusotum Turkalunkar
56. Pundit Viswanath Satpathy
57. Maulvi Sayud Mahamud Ali
58. Maulvi Ruffiuddin Mohamud
59. Maulvi Sayed Nurul Huq
60. Maulvi Ekram Russul
61. Mr. M.S. Das. *M.A., B.L.*
62. Babu Gagan Behari Chowdhury, *B.A., B.L.*

## RESOLUTION-V

That this Conference recognise the necessity of organised measures for the improvement of the Oriya Literature and Language, and with a view to that end appoint a Standing

Committee consisting of the following gentlemen, who, acting in co-operation with the 'Utkalsahitya Samaj' of Cuttack, will adopt measures calculated to secure the above-mentioned object; and that an account of the work done by the Standing Committee during the year be printed and laid before the Utkal Union conference at their next annual sitting.

Mover– Rai Radhanath Rai Bahadoor, Cuttack

Seconder – Babu Madhusudan Rao, Cuttack

Supporter– 1. Gopal Ballabh Das, *M.A.*

2.Babu Gangadhar Meher, Barapali, Sambalpur

**RESOLUTION-VI**

That with a view to the material improvement of the Utkaliyas, a Central Committee consisting of the following gentlemen (with power to add to their number and to form Branch Committees) be formed for the purpose of improving Agricultural and Industrial condition of the Oriya speaking tracts, and for utilising the natural products thereof, and that steps be taken to have the 'Silponnati Sabha' of Cuttack affiliated to this Conference, and that arrangements be made for holding Annual Exhibition of Agricultural, Industrial and Natural Products in connection with this Conference; and that an account of the work done by the Central Committee during the year be printed and laid before the Utkal Union Conference at their next annual sitting.

Mover – The Raja of Talcher, *(Tributary Chief)*

Seconder – Mr. M.S. Das, *M.A., B.L.*

Supporters – 1. Babu Krishna Chandra Palit, *B.A.* Cuttack

2. Babu Sarat Chandra Mukherjee, *B.A., B.L.*, Cuttack

**MEMBERS OF THE STANDING COMMITTEE**

1. Maharaja of Mourbhanj
2. Maharaja of Keonjhar
3. Maharaja of Jaipur
4. Raja of Atgarh
5. Raja of Khandpara
6. Raja of Atmalik
7. Raja of Bamra
8. Raja of Sonepur

9. Raja of Gangpur
10. Raja of Parikud
11. Raja of Kanika
12. Raja of Talcher
13. Raja of Madhupur
14. Raja of Tigiria
15. Raja of Khallikote and Atgada
16. Raja of Bada Khemidi
17. Raja of Mandassa
18. Raja of Dharakota
19. Raja of Narasingpur
20. Raja of Baramba
21. Raja of Ranpur
22. Raja of Boad
23. Raja of Dasapalla
24. Raja of Nilgiri
25. Raja of Dhenkanal
26. Raja of Pal Lahara
27. Raja of Redhakhol
28. Raja of Hindol
29. Raja of Nayagur
30. Maharaja of Patna
31. Raja of Kharial
32. Raja Baikuntha Nath De Bahadoor, Balasore
33. Second Prince of Parlakhemidi
34. Prince Bikrama Deo of Vizag
35. Babu Sarat Chandra Mukherji, *B.A., B.L.*
36. Babu Krishna Chandra Palit, *B.A.*
37. Mr. M.S. Das, *M.A., B.L.*
38. Babu Gokulanand Choudhury, *B.A., B.L.*
39. Babu Chintamoni Chowdhury
40. Babu Rajnarayan Pandit
41. Babu Mayadhar Das, *B.A., B.L.*
42. Babu Sudam Charan Naik.
43. Babu Gopal Ballabh Das, *M.A.*
44. Babu Rajkisore Das, *B.A., B.L.*
45. Babu Sriram Chandra Bose, *B.A., B.L.*
46. Babu Harekrushna Mahanty, *B.A.*
47. Babu Gourishyam Mahanty, *B.A.*
48. Babu Fakir Mohun Senapaty.
49. Babu Jayaram Das.

50. Babu Braja Sunder Mardaraj.
51. Babu Braja Sunder Das, *B.A.*
52. Babu Ram Sankar Ray.
53. Babu Gouri Sankar Ray.
54. Babu Nemai Charan Mitra.
55. Babu Baikuntha Nath Dutta, *B.A., B.L.*
56. Babu Darpanarayan Das.
57. Babu J.S. Rout
58. Babu Iswerlal Perbar.
59. Babu Damadar Pattanaik
60. Babu Abhiram Bhunj, *M.A., B.L.*
61. Babu Sashi Bhusan Ray.
62. Moulvi Sayad Nurul Huq.
63. Moulvi Raffiuddin Mahomed.

## RESOLUTION-VII

That a Central Committee consisting of the following gentlemen (with power to add to their number and to form Local Branch committees) be formed for the purpose of devising organised measures to help poor deserving students and to provide means for sending qualified young men for Technical Education out of India; and that an account of the work done by the Central Committee during the year be printed and laid before the Utkal Union Conference at their next annual sitting.

Mover – Babu Gokulanand Choudhury, B.A., B.L.
Cuttack

Seconder 1. Babu Sripati Mishra, Sambalpur
Babu Harihar Panda, B.A., Aska

Supporters 2. Babu Gouri Sankar Roy
3. Babu Mayadhar Das, B.A., B.L.

### MEMBERS OF THE CENTRAL COMMITTEE

1. Maharaja of Mourbhanj
2. Maharaja of Keonjhar
3. Maharaja of Jaipur
4. Maharaja of Patna
5. Raja of Atgarh
6. Raja of Khandapara

7. Raja of Atmallik
8. Raja of Bamra
9. Raja of Sonepur
10. Raja of Gangpur
11. Raja of Parikud
12. Raja of Kanika
13. Raja of Taloher
14. Raja of Madhupur
15. Raja of Tigeria
16. Raja of Kallikota & Atgada
17. Raja of Bada Khemidi
18. Raja of Mandassa
19. Raja of Dharakote
20. Raja of Narasingpur
21. Raja of Baramba
22. Raja of Ranpur
23. Raja of Boad
24. Raja of Dasapalla
25. Raja of Nilgiri
26. Raja of Dhenkanal
27. Raja of Pal Lahara
28. Raja of Redhakhol
29. Raja of Hindol
30. Raja of Nayagurh
31. Raja of Kharial
32. Raja Baikuntha Nath De Bahadoor, Balasore
33. The Second Prince of Parlakhemidi
34. Prince Bikram Deo of Vizagpatam
35. Babu Madhusudan Das, B,A.
36. Babu Gokulanand Choudhury, B.A., B.L.
37. Rai Radhanath Rai Bahadoor
38. Babu Madhusudan Rao

39. Babu Abhiram Bhanj, M.A., B.L.
40. Babu Braja Sunder Das, B.A.
41. Babu Rajnarayan Pandit
42. Babu Behari Lal Pandit
43. Babu Rajkishore Das, B.A., B.L.
44. Babu Sudam Charan Naik
45. Babu Gauri Sankar Ray
46. Babu Brajananda Das, B.A.
47. Maulvi Nurul Huq.
48. Babu Vishvanath Kar
49. Babu Ram Sankar Ray
50. Babu Nimai Charan Mitra
51. Babu Mayadhar Das, B.A., B.L.
52. Babu Joyaram Das
53. Babu Radhaprosad Bhagat
54. Babu Mihir Lal Jee Jachek
55. Babu Gopal Ballabh Das, M.A.
56. Babu Sriram Chandra Bose, B.A., B.L.
57. Babu Chintamani Chowdhury
58. Babu Krishna Chandra Palit, B.A.
59. Babu Gobinda Chandra Prusti
60. Mahant Raghunath Puri Gossain
61. Babu Gagan Behari Choudhury

## RESOLUTION-VIII

That a vote of hearty thanks be accorded to the Student Volunteers for the self denying spirit and indefatigable ardour with which they have discharged the onerous duties entrusted to them.

Mover – The President

Seconder – Babu Madhusudan Rao

## RESOLUTION-IX

That a vote of hearty thanks be accorded to all the guests who, at great sacrifices, have honoured the Conference with their presence and hearty co-operation.

Mover – Babu Nimai Charan Mitra

Seconder – Babu Gokulanand Choudhury, *B.A., B.L.*

**RESOLUTION-X**

That the next Conference be held in Cuttack next year on dates to be fixed and notified hereafter and that a standing General Committee consisting of all the members of the present Executive Committee (with power to add to their number) and the following Office-bearers be appointed for giving effect to the resolutions of this Conference.

Mover – Raja of Atgarh (Tributary Chief)

Seconder – Babu Harish Chandra Ghosh, B.A., B.L.

**OFFICE - BEARERS**

Babu Gokulandand Choudhury, *B.A., B.L.*
Babu J.Sampson Rout
Babu Joyaram Das
Babu Abhiram Bhanja, M.A., B.L.
Babu Mayadhar Das, B.A., B.L.
Babu Rajnarayan Pandit, — Secretaries
Babu Gopalchandra Praharaj, B.A., B.L.
Babu Gouri Sankar Roy
Munshi Mahamud Ali
Mr. M.S. Das, M.A., B.L.

**RESOLUTION-XI**

That a vote of cordial thanks be accorded to the Maharaja of Mourbhanj for the honour he has conferred upon this Conference by having presided at the first Utkal Union Conference, and for the excellent tact and ability with which he has guided the proceedings of this Conference.

Mover – Rala of Khandapara (Tributary Chief)

Seconder – Babu Gouri Sankar Roy

Supporter – Babu Abhiram Bhanja, M.A., B.L.

—

# ଉତ୍କଳ ସମ୍ମିଳନୀ ସଭାର ବିବରଣୀ

## ଉତ୍କଳସମ୍ମିଳନୀ ସଭା ୧୯୦୩
## ଉଦ୍ଦେଶ୍ୟ

ଏହି ସମ୍ମିଳନୀ ସଭାମଣ୍ଡପରେ କି କି କାର୍ଯ୍ୟ ହୋଇଥିଲା ତାହା କହିବା ପୂର୍ବରୁ, ଏ ସମ୍ମିଳନୀ କାହିଁକି ଓ କି ଉଦ୍ଦେଶ୍ୟରେ ହୋଇଅଛି ତାହା ସଂକ୍ଷେପରେ ବୁଝାଇଦେବାର ଉଚିତ । ପୂର୍ବେ ଆମ୍ଭମାନଙ୍କର ଏହି ଉତ୍କଳ ଦେଶ ଭାରତବର୍ଷର ଅନ୍ୟାନ୍ୟ ଦେଶମାନଙ୍କ ମଧ୍ୟରେ ଗୋଟିଏ ଉଚ୍ଚ ସ୍ଥାନ ଅଧିକାର କରିଥିଲା । ଉତ୍କଳଦେଶ ଅର୍ଥରେ ଆମ୍ଭେମାନେ ଓଡିଶା, ଗଞ୍ଜାମ ଓ ସମ୍ବଲପୁର ଏବଂ ଯେତେ ସ୍ଥାନରେ ଓଡିଆ ଭାଷା ଚଳୁଅଛି ସେ ସମସ୍ତ ଅଞ୍ଚଳକୁ ନେଇଅଛୁ । ପୂର୍ବେ ଏ ସବୁ ଜିଲା ଉତ୍କଳ ମଧ୍ୟରେ ଗଣାଯାଉଥିଲା । ଏକ ସମୟରେ, ଓଡିଶାର ସୀମା ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଲାଗିଥିଲା । ଆମ୍ଭମାନଙ୍କ ପୂର୍ବ ପୁରୁଷମାନେ ପୂର୍ବେ ଶିଳ୍ପ, ବାଣିଜ୍ୟ, ଧର୍ମ ଓ ସାହିତ୍ୟରେ ଢେର ଉନ୍ନତି କରିଥିଲେ । ଆମ୍ଭମାନଙ୍କ ଦେଶର ରାଜାମାନେ ନିଜ ବାହୁବଳରେ ଉତ୍ତରରେ ଏବଂ ଦକ୍ଷିଣରେ କେତେ ରାଜ୍ୟ ଜୟ କରିଥିଲେ । ଓଡିଶାର ରାଜାମାନେ "ଗଜପତି" ପଦରେ ଭୂଷିତ ହୋଇଥିଲେ । ଆମ୍ଭମାନଙ୍କ ପୂର୍ବପୁରୁଷମାନେ ବାଣିଜ୍ୟ କରିବା ନିମନ୍ତେ ବୋଇତରେ ସମୁଦ୍ର ପାରି ହୋଇ ଯାବା, ବୋର୍ଣ୍ଣିଓ, ବାଲି ଦ୍ୱୀପ ପର୍ଯ୍ୟନ୍ତ ଯାଉଥିଲେ; କଟକ କାଠଯୋଡ଼ୀ ଓ ମହାନଦୀର ପଥର ବନ୍ଧ, ଭୁବନେଶ୍ୱର ଓ ପୁରୀର ବିଚିତ୍ର ଦେଉଳମାନ ତିଆରି କରିଥିଲେ; ପୁରୀଠାରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ଜାତିଭେଦ ଉଠାଇଦେଇଥିଲେ; ହିନ୍ଦୁଧର୍ମ ଓ ବୌଦ୍ଧଧର୍ମ ମଧ୍ୟରେ ଅମେଳ ଭାଙ୍ଗିଥିଲେ; କାରିଗରି ଓ ବୁଦ୍ଧିବଳରେ କଣାରକଠାରେ ଗୋଟିଏ ବିଚିତ୍ର ଦେଉଳ ତିଆରି କରି ତାକୁ ଚକ ଉପରେ ଠିଆ କରାଇଥିଲେ । ଆମ୍ଭମାନଙ୍କ ଦେଶର କାରିଗରମାନେ ବଡ଼ ବଡ଼ ନଗର, ଦୁର୍ଗ ପ୍ରସ୍ତୁତ କରିଅଛନ୍ତି, କଟକର ବାରବାଟୀ କିଲାରେ ନମାହାଲା କୋଠା ତିଆରି କରିଥିଲେ, ଏହିଦେଶର ତନ୍ତିମାନେ ଏପରି ବିଚିତ୍ର ଓ ସରୁ ଲୁଗା ବୁଣୁଥିଲେ ଯେ ଇଉରୋପରୁ ଧନୀ ବେପାରିମାନେ ଆସି ସେ ଲୁଗା କିଣି ନେଉଥିଲେ । ଯାଜପୁରରେ ଯେତେ ଯେତେ ଭଙ୍ଗା ତୁଟା ସ୍ଥାନ ଓ ପଥର ଓ ମୂର୍ତ୍ତିମାନ ଦେଖାଯାଏ ସେଥିରୁ ଉତ୍କଳର ପୂର୍ବ ଗୌରବର କିଞ୍ଚିତ୍ ଇସାରା ମିଳେ । ଆଜି ଭୁବନେଶ୍ୱର ଓ ଖଣ୍ଡଗିରିର କାରିଗରି ଦେଖିବାକୁ ଦୂରଦେଶରୁ ଲୋକେ ଆସୁଅଛନ୍ତି । ପୂର୍ବେ ଆମ୍ଭମାନଙ୍କ ଦେଶର

କାରିଗରଙ୍କର ଏପରି ହାତଯଶ ଥିଲା ଯେ ଏହା ଦେଖି ସାହେବମାନେ ସୁଦ୍ଧା ଆଜି ଆଶ୍ଚର୍ଯ୍ୟ ହେଉଅଛନ୍ତି । ବାଲେଶ୍ୱରର ଲୋକମାନେ ସୁଲୁପ ବୋଟ ତିଆରି କରନ୍ତି ଓ ବାଲେଶ୍ୱରୀ କେଉଟମାନେ ସେହି ସୁଲୁପମାନଙ୍କୁ ସମୁଦ୍ରରେ ଚଳାନ୍ତି । ସୁରକି ମସଲା ନ ଲଗାଇ କେବଳ ଘସା କାମରେ ପଥର ଉପରେ ପଥର ବସାଇ ଏ ଦେଶର କାରିଗରମାନେ ଦେଉଳ ତିଆରି କରିଯାଇଅଛନ୍ତି । ପଥର ଉପରେ ଏପରି ସୂକ୍ଷ୍ମଭାବରେ ମୂର୍ତ୍ତିମାନ ଖୋଳିଅଛନ୍ତି ଯେ କେତେ ଶହ ବର୍ଷ ଗଲାଣି ତେବେ ସୁଦ୍ଧା ବର୍ତ୍ତମାନ ସେ ମୂର୍ତ୍ତି ସବୁ ଅନେକ ଯାଗାରେ ଟିକିଏ ସୁଦ୍ଧା ଖୁଣ ହୋଇନାହିଁ । କେତେକ ସାହେବ ପଣ୍ଡିତମାନେ ଏ ମୂର୍ତ୍ତି ସବୁ ଗ୍ରୀସ, ରୋମ ଓ ମିସରର କାରିଗରି ଅପେକ୍ଷା ଖୁବ୍ ସରସ ବୋଲି ବାରମ୍ୱାର କହିଯାଇଅଛନ୍ତି । ଏକ ସମୟରେ ଚିଲିକା ଓଡିଶାର ଗୋଟିଏ ପ୍ରଧାନ ବନ୍ଦର ଥିଲା ଓ ସେହି ବାଟେ ଏହି ଦେଶର ମହାଜନମାନେ ବୋଇତ ନେଇ ବିଦେଶକୁ ଯାଇ ବେପାର କରୁଥିଲେ । କୋଠଯୋଡୀ ମହାନଦୀର ପଥରବନ୍ଧମାନ କେତେ ଶହ ବର୍ଷ ହେଲା କେତେ ପାଣିର ତୋଡ଼ମାଡ଼ ସହି ଠିଆ ହୋଇଅଛି । ପୂର୍ବେ ଆମ୍ଭମାନଙ୍କ ଦେଶର କାରିଗରମାନେ ଖିଲଣ କାମ ନ ଜାଣି ସୁଦ୍ଧା ଓଲଟ ନିଶୁଣି ପରି ପଥର ଉପରେ ପଥର ଥୋଇ ଶେଷକୁ ଖଣ୍ଡିଏ ଲେଖାଏଁ ଆଡେଣି ପଥର ଦେଇ ନହଡିମୁଦାଦ୍ୱାରା ଅଠରନଳା ପୋଲ ଏପରି କୌଶଳରେ କରିଅଛନ୍ତି ଯେ ସେ ବର୍ତ୍ତମାନର ଖିଲଣ କାମଠାରୁ ବେଶି ମଜଭୁତ ଓ ଶକ୍ତ ହୋଇଅଛି । କେବଳ ପଥର କାମରେ ନୁହେଁ; କାଠ କାରିଗିରିରେ ଉତ୍କଳୀୟମାନେ ପୂର୍ବେ ଖୁବ୍ ଉନ୍ନତି କରିଥିଲେ । ଓଡିଶା ଉପକୂଳରୁ କୈବର୍ତ୍ତମାନେ (କେଉଟ ନୁହନ୍ତି) ତମଲୁକଠାକୁ ଯାଇ ସେଠାରେ ରାଜପଣ କରିଥିଲେ । ଆମ୍ଭମାନଙ୍କ ପୂର୍ବପୁରୁଷମାନେ ମାପ ଓ ଜରୀବ କାର୍ଯ୍ୟରେ ବିଶେଷ ନିପୁଣ ଥିଲେ । ଭୂମି ଖାଲଢିପ ଜାଣିବା ନିମନ୍ତେ ଥାଳିଏ ପାଣି ଓ ଖଣ୍ଡିକେତେ ତାଳପତ୍ର ବ୍ୟବହାର କରୁଥିଲେ । ଏକ ସମୟରେ ଉତ୍କଳ ରାଜାଙ୍କର ସୈନ୍ୟଙ୍କ ମଧ୍ୟରେ ୫୦୦୦୦ ପାଇକ, ୧୦୦୦୦ ଘୋଡ଼ସବାର ଓ ୨୫୦୦୦ ହାତୀ ଥିଲେ । ଏହା ଛଡ଼ା ମୁହୂର୍ତ୍ତକ ମଧ୍ୟରେ ତିରିଶ ଲକ୍ଷ ପାଇକ ଆଜ୍ଞା ପାଇଲେ ଏକତ୍ରିତ ହୋଇ ପାରୁଥିଲେ ।

ଏକ ସମୟରେ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ବାହୁବଳରେ ମୁସଲମାନମାନଙ୍କୁ ଯୁଦ୍ଧରେ ପରାଜୟ କରିଥିଲେ । ଦୂରଦକ୍ଷିଣସ୍ଥ କାଞ୍ଚି ପର୍ଯ୍ୟନ୍ତ ଉତ୍କଳୀୟମାନଙ୍କ ଜୟପତାକା ଉଡୁଥିଲା । ଉତ୍କଳର ଧର୍ମସଂସ୍କାରକ ଜଗନ୍ନାଥ ଦାସ ଧର୍ମ ଓ ଭକ୍ତି ବିଷୟରେ ଚୈତନ୍ୟଦେବଙ୍କଠାରୁ ଉନ୍ନତ ଥିବାର ଦେଖି ନିଜେ ଚୈତନ୍ୟ ଭାବରେ ବିଗଳିତ ହୋଇ ତାଙ୍କୁ 'ଅତିବଡ଼' ଜଗନ୍ନାଥ ଦାସ ବୋଲି ନାମ ଦେଇଥିଲେ । ସେ ଧର୍ମ ଓ ଭକ୍ତିରେ ଜାତିଭେଦ ସ୍ୱୀକାର କରୁ ନ ଥିଲେ । ଆମ୍ଭ ପୂର୍ବପୁରୁଷମାନେ

ସାମାନ୍ୟ ନଳ ପଦିକାରେ ମାପି ଯାହା ସ୍ଥିର କରିଥିଲେ ଇଂରାଜୀ ମାପ ଅନୁସାରେ ଆଜି ତାହା ଠିକ୍ ମିଳୁଅଛି ।

ପୂର୍ବେ ଆମ୍ଭମାନଙ୍କ ଦେଶରେ ସ୍ତ୍ରୀଶିକ୍ଷା ମଧ୍ୟ ପ୍ରଚଳିତ ଥିବାର ପ୍ରମାଣ ଅଛି । ଓଡ଼ିଆ କବି ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କର ଏପରି ମୋହିନୀ ଶକ୍ତି ଥିଲା ଯେ ଆଜିସୁଦ୍ଧା ଲକ୍ଷ ଲକ୍ଷ ଉତ୍କଳୀୟ ତାଙ୍କର ପଦମାନ ପଢ଼ି ପ୍ରେମରେ ମାତି ଉଠୁଅଛନ୍ତି । କବି ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ ଇତ୍ୟାଦି କେତେ କେତେ ଉଚ୍ଚଧରଣର କବି ପୁରାତନ ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀ ବଢ଼ାଇ ଦେଇ ଯାଇଅଛନ୍ତି । ଓଡ଼ିଆମାନେ ସଂସ୍କୃତଚର୍ଚ୍ଚା ଓ ଶାସ୍ତ୍ରଚର୍ଚ୍ଚାରେ ଖୁବ୍ ଉଚ୍ଚସ୍ଥାନ ଅଧିକାର କରିଥିଲେ । ଚୈତନ୍ୟଦେବଙ୍କର ପୂର୍ବପୁରୁଷମାନେ ଯାଜପୁର ନିକଟବର୍ତ୍ତୀ ଏକ ସ୍ଥାନରେ ବାସ କରୁଥିଲେ ଏ ବିଷୟ ବଙ୍ଗାଳି ପଣ୍ଡିତମାନେ ସ୍ୱୀକାର କରନ୍ତି; ଚୈତନ୍ୟଦେବଙ୍କର ପିତାଙ୍କ ନାମ ଜଗନ୍ନାଥ ମିଶ୍ର ଥିଲା । ଭାଷାବିଜ୍ଞାନ, ଅଶ୍ୱଶାସ୍ତ୍ର, ଇତିହାସ ଇତ୍ୟାଦି ଚର୍ଚ୍ଚାରେ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଉନ୍ନତ ଥିବାର ପ୍ରମାଣ ମିଳେ । ଓଡ଼ିଶା ରାଜାମାନଙ୍କ ଶାସନାଧୀନରେ ଥିଲା ସତ୍ୟ, କିନ୍ତୁ ପ୍ରତି ଗ୍ରାମରେ ପଞ୍ଚାଏତ ପ୍ରଥା ପ୍ରଚଳିତ ଥିଲା । ଉତ୍କଳର ଏହିପରି କେତେ ଗୌରବର ବିଷୟ ଅଛି । ଧନ, ଧର୍ମ, ସାହିତ୍ୟ, ଶିଳ୍ପ, ବାଣିଜ୍ୟରେ ଉତ୍କଳୀୟମାନେ ଖୁବ୍ ଉନ୍ନତି କରିଥିଲେ । ଆମ୍ଭେମାନେ ସେହିମାନଙ୍କ ବଂଶଧର । କିନ୍ତୁ ଦୈବବିପାକରୁ ମଝିରେ କେତେଦିନ ଆମ୍ଭମାନଙ୍କ ଭାଗ୍ୟ ଅସ୍ତ ହୋଇଥିଲା । ଶୁଭକ୍ଷଣରେ ଇଂରାଜୀ ସଭ୍ୟତା ଆମ୍ଭମାନଙ୍କ ମାତୃଭୂମିକୁ ଛୁଇଁଅଛି । ଯେତେଦିନ ଆମ୍ଭେମାନେ ଆଖିବୁଜି ଶୋଇଥିଲୁଁ ଶୋଇଥିଲୁଁ । ବର୍ତ୍ତମାନ ସମସ୍ତେ ଅଣ୍ଟାଭିଡ଼ି ପୂର୍ବପୁରୁଷମାନଙ୍କ କୀର୍ତ୍ତି ସୁମରି, ଚାଲ, କାର୍ଯ୍ୟକ୍ଷେତ୍ରକୁ ବାହାରିବା । ଭାରତର ସମସ୍ତ ଜାତି ଇଂରାଜିସଭ୍ୟତା ପାଇ ଦିନକୁଦିନ ଉନ୍ନତି କରୁଅଛନ୍ତି । ଉତ୍କଳର ଅବସ୍ଥା କିପରି ଦିନକୁଦିନ ଉନ୍ନତ ହେବ ଏଥିଲାଗି ଏହି ସମ୍ମିଳନୀ ସଭା ଆରମ୍ଭ ହୋଇଅଛି । ଏପରି ଗୋଟିଏ ଜାତୀୟ ସଭା କରି ଆମ୍ଭେମାନେ ସମସ୍ତେ ଉନ୍ନତି ବାଟରେ ଚାଲିବାପାଇଁ ମନ ପ୍ରାଣ ଦେଇ ଯତ୍ନ କରିବା । ବର୍ତ୍ତମାନ ମଧ୍ୟ ଉପଯୁକ୍ତ ସମୟ ଉପସ୍ଥିତ ହୋଇଅଛି । ଏହି ସମୟ ଉପସ୍ଥିତ ହୋଇ ନ ଥିଲେ ଆଜି ଉତ୍କଳସମ୍ମିଳନୀ ସଭା ଏତେଦୂର କୃତକାର୍ଯ୍ୟ ହୋଇ ନ ଥାନ୍ତା । ସବୁ ଭାଇଯାକ ଏକାଠେଇଁ ହୋଇ ଆପଣାର କିପରି ଦିନକୁ ବଢ଼ତି ହେବ ଏ ବିଷୟ ବସି ଦୁଃଖ ସୁଖ ହେବା ଆମ୍ଭମାନଙ୍କ ପକ୍ଷରେ ବହୁ ଭାଗ୍ୟର କଥା, କିନ୍ତୁ ଖାଲି କଥାବାର୍ତ୍ତାରେ ନିଶ୍ଚିନ୍ତ ହୋଇ ରହିଲେ କିଛି ଫଳ ହେବ ନାହିଁ । ଚାଲ ସମସ୍ତେ ଯେ ଯାହା ଶକ୍ତି ଓ ବଳକୁ ଚାହିଁ କାର୍ଯ୍ୟ କରିବା । ଯେତେବେଳେ ରାମଚନ୍ଦ୍ର ସେତୁବନ୍ଧ ବାନ୍ଧୁଥିଲେ ସେତେବେଳେ ସେହି ସେତୁ ବାନ୍ଧିବାରେ ବଡ଼ ବଡ଼ ବୀରମାନେ ତାଙ୍କର ବଳ ପରାକ୍ରମ ଖଟାଇଥିଲେ, ଗୁଣ୍ଡିଚିମୁଷା ମଧ୍ୟ ତାହାର

ବଳ ଓ ପରାକ୍ରମକୁ ଚାହିଁ ପାଣିରେ ବୁଡି ବାଲିରେ ଗଡି ସେ ବାଲିତକ ଆଣି ବନ୍ଧଉପରେ ଝାଡିଝୁଡ଼ି ହେଉଥିଲା ! ଯାହାର ଯେ ଶକ୍ତି ଅଛି ତାଲ ସମସ୍ତେ ମାତୃଭୂମି ସେବାରେ ଲଗାଇବା । ବଡବଡ ବଡବଡଙ୍କ କର୍ମ କରନ୍ତୁ, ସାନସାନ ସାନସାନଙ୍କ କର୍ମ କରନ୍ତୁ, ଦେଖିବ ଯେ ସମସ୍ତ ଉତ୍କଳ ଦିନକୁଦିନ ଉନ୍ନତି କରିବ ।

ଗଞ୍ଜାମ, ସମ୍ବଲପୁର, ମେଦିନୀପୁର, ଓଡିଶାର ଭାଇମାନେ କାଳକ୍ରମେ ଭିନ୍ନ ଭିନ୍ନ ହୋଇ ଯାଇଅଛନ୍ତି ସତ୍ୟ, କିନ୍ତୁ ସମସ୍ତେତ ଏକ ମାର ପୁଅ । ସମସ୍ତେ ଉତ୍କଳ ମାତାର ସନ୍ତାନ । ଆଜିଯାଏ ଆମ୍ଭେମାନେ ଏକାଠେଇଁ ହୋଇଅଛୁଁ ଈଶ୍ୱର କଲେ ଦିନେ ଆମ୍ଭମାନଙ୍କ ଜାତି ଭାରତବର୍ଷର ଆଉ ଆଉ ଜାତିଙ୍କ ସଙ୍ଗେ ସମକକ୍ଷ ହୋଇ ଠିଆ ହୋଇପାରିବ । କି କି ଉପାୟରେ ଏହା ହେବ ସେଥିପାଇଁ ସମ୍ମିଳନୀରେ ସମସ୍ତେ ରୁଣ୍ଡ ହୋଇଥିଲେ । ଆମ୍ଭମାନଙ୍କୁ ବାହାର କରି କର୍ମକ୍ଷେତ୍ରରେ ଅଣ୍ଟାଭିଡାଇ ଠିଆ କରାଇବା ନିମନ୍ତେ ଏହି ଉତ୍କଳସମ୍ମିଳନୀ ସଭାର କଳ୍ପନା । ବର୍ତ୍ତମାନ ଏପରି ଗୋଟିଏ ଜାତୀୟ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଉପଯୁକ୍ତ ସମୟ ଆସି ଉପସ୍ଥିତ ହୋଇଅଛି, ଏହାର ଢେର ପ୍ରମାଣ ଓ ସୂଚନା ମିଳିଅଛି । କ୍ରମଶଃ ଉତ୍କଳୀୟଙ୍କ ମନରେ ଜାତୀୟଭାବ ଓ ଜାତୀୟ ଅଭିମାନ ଉଦୟ ହୋଇଅଛି । ଉତ୍କଳୀୟମାନେ ବର୍ତ୍ତମାନ ରାଜନୈତିକଭାବରେ ଛିନ୍ନବିଛିନ୍ନ ହୋଇ ସୁଦ୍ଧା ସେହି ରାଜନୈତିକ ବିଚ୍ଛେଦକୁ ପରସ୍ପର ମଧ୍ୟରେ ସହାନୁଭୂତିଦ୍ୱାରା ବୁଡାଇ ପକାଇବାକୁ ଚେଷ୍ଟା କରୁଅଛନ୍ତି; ଏହା ସେହି ଜାତୀୟ ଭାବ ଉଦୟର ପ୍ରଥମ ସୋପାନ । ଏପରି ଜାତୀୟ ଭାବ ଉଦୟ ହୋଇ ନ ଥିଲେ ଆଜି ଉତ୍କଳସମ୍ମିଳନୀ ଏପରି ନିର୍ବିଘ୍ନରେ ସମ୍ପନ୍ନ ହୋଇ ପାରି ନ ଥାନ୍ତା । ସବୁ ଭାଇମାନେ ଏକାଠେଇଁ ହୋଇ ଆପଣାର ଦୁଃଖସୁଖ ବିଷୟ କଥାଭାଷା ହେବା କି କମ୍ ଭାଗ୍ୟ ? ଏଥିପାଇଁ ସୁବିଧା ଓ ମନ ଉଭୟ ଯେ ଆମ୍ଭମାନଙ୍କୁ ଏକାଦିନେ ମିଳିଲା ଏହା ଭାବିଲେ ମନ ସ୍ୱଦେଶ-ପ୍ରେମରେ ବୁଡିଯାଏ । ଭାଇଯାକ ଏହି ପ୍ରଥମ ସମ୍ମିଳନୀରେ ପରସ୍ପର ସଙ୍ଗେ ଦେଖା ସାକ୍ଷାତ ହୋଇଅଛନ୍ତି ମାତ୍ର । ନିଜ ନିଜର ଦୁର୍ଦ୍ଦଶା କିପରି ଘୁଞ୍ଚିବ ଏ ବିଷୟରେ ପଦେ ଅଧେ କଥା ଭାଷା ହୋଇଅଛନ୍ତି ସତ୍ୟ, କିନ୍ତୁ ଏଣୁ ଯାଇ କବାଟ କିଳି ନ ଶୋଇ ଯେଝା ବୁଦ୍ଧି, ବଳ ଓ ଶକ୍ତି ଅନୁସାରେ ସମସ୍ତ ଭାଇମାନଙ୍କୁ ଅଣ୍ଟା ଭିଡିବାକୁ ହେବ । ଏଥିନିମନ୍ତେ ଏଠାରେ ଗୋଟିଏ ଉଦାହରଣ ମନେପଡୁଅଛି । ସେ ଉଦାହରଣଟି ଆଧୁନିକ ସଭ୍ୟତା ଆଲୋକ ଯୁଗର ଉଦାହରଣ ନୁହେଁ କିମ୍ବା ନୂତନ ନୁହେଁ । ଭାରତର ପୂର୍ବକାଳରେ ଯେଉଁ ସଭ୍ୟତା ଥିଲା ସେହି ସମୟରେ ଗ୍ରାମର ଶାସନର ଭାର ଗ୍ରାମ୍ୟ ସମିତି ଅଧୀନରେ ଥିଲା । ସେଥିରେ ଯେଝାର ଯେ ଶକ୍ତି ତାହା ଲାଗୁଥିଲା, ବଡବଡ କାର୍ଯ୍ୟରେ ବଡବଡଙ୍କ ଶକ୍ତି ଅନୁସାରେ ସେମାନେ କାର୍ଯ୍ୟ କରୁଥିଲେ, ସାନସାନ ମଧ୍ୟ ତାଙ୍କ ବଳକୁ ଚାହିଁ ତାଙ୍କ କାର୍ଯ୍ୟ

କରୁଥିଲେ । ଗ୍ରାମ୍ୟ ସମିତିର କାର୍ଯ୍ୟ ଚଳିବା ନିମନ୍ତେ ଯେଖାର ଯେଉଁ କାର୍ଯ୍ୟ ଖଞ୍ଜାଥିଲା ସେ ସେକାର୍ଯ୍ୟ କରୁଥିଲା ଓ କଳଟି ନିୟମିତରୂପେ ଚଳୁଥିଲା । ସେହି ପ୍ରାଚୀନ ସଭ୍ୟତା ଯୋଗୁ ଆଜି ଭାରତ ପୂଜା ପାଉଅଛି । ହାତ ହାତର କାର୍ଯ୍ୟ କରୁ, ଗୋଡ ଗୋଡର କାର୍ଯ୍ୟ କରୁ, ମୁଣ୍ଡ ମୁଣ୍ଡ କାର୍ଯ୍ୟରେ ଲାଗୁ, ଆଖି ଆଖିର କାର୍ଯ୍ୟ କରୁ, ଦେଖିବ ଶରୀରଯାକ ଏକ ହୋଇ ସୁରୁଖୁରୁ ହୋଇ ସୁସ୍ଥ ରହିବ, କୌଣସିଆଡୁ ଟିକିଏ ଖଇଚା ହେଲେ ସମୁଦାୟ ଯନ୍ତ୍ରଟି ବିଗିଡି ଯିବ ।

ଏ ସମ୍ମିଳନୀର ନାମ ଉତ୍କଳସମ୍ମିଳନୀ । ଏଥିରେ ସମସ୍ତ ଉତ୍କଳଭାଷୀ ଅଞ୍ଚଳର ମଙ୍ଗଳଜନକ ପ୍ରସ୍ତାବମାନ ପ୍ରସ୍ତାବିତ ହୋଇ କାର୍ଯ୍ୟରେ ପରିଣତ ହେବ । ବର୍ତ୍ତମାନ ସରକାର ବାହାଦୁରଙ୍କ ରାଜତ୍ୱରେ ଓଡିଶାର ସୀମା ଢେର କମି ଯାଇଅଛି । ଫଳରେ ମଧ୍ୟ ଦେଖା ଯାଉଅଛି ସେ ସମ୍ବଲପୁର, ଛୋଟନାଗପୁର, ମେଦିନୀପୁର, ଗଞ୍ଜାମ ଇତ୍ୟାଦି ସ୍ଥାନମାନ ଓଡିଶାର ବାହାରେ ଥାଇ ସୁଦ୍ଧା ସେ ଅଞ୍ଚଳରେ ଓଡିଆଙ୍କ ସଂଖ୍ୟା ବହୁତ, ସେଥିପାଇଁ ସମସ୍ତ ଉତ୍କଳଭାଷୀ ଅଞ୍ଚଳକୁ "ଉତ୍କଳ" ବୋଲି ନାମ ଦିଆ ହୋଇଅଛି । ଯେଉଁମାନେ ଉତ୍କଳର ସ୍ଥାୟୀ ଅଧିବାସୀ ହୋଇଅଛନ୍ତି ଅର୍ଥାତ୍ ଯେଉଁମାନେ ଉତ୍କଳକୁ ସେମାନଙ୍କ ଗୃହ ସ୍ୱରୂପ ମଣିଅଛନ୍ତି, ସେମାନେ ଭିନ୍ନ ଜାତୀୟ ହେଲେ ସୁଦ୍ଧା ସେମାନଙ୍କୁ ଉତ୍କଳୀୟ ବୋଲି ଗଣନା କରାଯିବ । ଯେଉଁମାନେ ଅନେକଦିନ ହେଲା ଏଠାକୁ ଆସି ଓଡିଶାକୁ ଆପଣାର ମାତୃଭୂମି ସ୍ୱରୂପ ଗ୍ରହଣ ଏବଂ ସ୍ୱୀକାର କରୁଅଛନ୍ତି ଓ ଓଡିଆମାନଙ୍କ ହିତସାଧନକୁ ସ୍ୱଜାତିପ୍ରତି କର୍ତ୍ତବ୍ୟକର୍ମ ବୋଲି ମନେ କରୁଅଛନ୍ତି ସେହିମାନଙ୍କୁ ଆମ୍ଭେମାନେ ଉତ୍କଳୀୟ ବୋଲି ଡାକୁଅଛୁଁ ।

ଏପରି ଗୋଟିଏ ଜାତୀୟକାର୍ଯ୍ୟ ଆରମ୍ଭ କରିବାକୁ ହେଲେ ଆମ୍ଭମାନଙ୍କର କାର୍ଯ୍ୟର ସୀମା କେତେଦୂର ଓ ଆମ୍ଭମାନଙ୍କ ସାମର୍ଥ୍ୟ କଣ ଅଛି ଏହା ପ୍ରଥମେ ଉତ୍ତମରୂପେ ବୁଝିବାକୁ ହେବ । ଏହି ସମ୍ମିଳନୀର ସୀମାମଧ୍ୟରେ ରାଜନୈତିକ ଆନ୍ଦୋଳନ ଓ ଧର୍ମ ସମ୍ବନ୍ଧୀୟ ତର୍କ ଏ ଦୁହେଁ ସ୍ଥାନପାଇ ନାହାନ୍ତି । ଉତ୍କଳୀୟମାନଙ୍କର ବର୍ତ୍ତମାନ ଅବସ୍ଥାକୁ ବିଚାର କରିବାକୁ ଗଲେ ଦେଖାଯିବ ଯେ ଆଜିପର୍ଯ୍ୟନ୍ତ ଉତ୍କଳୀୟମାନେ ଭାରତବର୍ଷର ଅନ୍ୟାନ୍ୟ ଜାତିମାନଙ୍କଠାରୁ ଅନେକ ପଛରେ ପଡିଅଛନ୍ତି । ରାଜନୈତିକ ଆନ୍ଦୋଳନ ପ୍ରତି ମନଦେବା ପୂର୍ବରୁ ପ୍ରଥମେ ଦେଖିବାର ଉଚିତ ଯେ ଉତ୍କଳୀୟମାନେ ରାଜନୈତିକ ଚର୍ଚ୍ଚା କରିବାକୁ ଉପଯୁକ୍ତ ହୋଇଅଛନ୍ତି କି ନାହିଁ ? ରାଜନୈତିକ ଚର୍ଚ୍ଚା କରିବାକୁ ହେଲେ ଅନ୍ୟର ବା ସରକାର ବାହାଦୁରଙ୍କର କାର୍ଯ୍ୟକଳାପର ଦୋଷାଦୋଷ ବିବେଚନା କରିବାକୁ ହେବ; କିନ୍ତୁ ଧୀରଭାବରେ ଉତ୍କଳର ବର୍ତ୍ତମାନ ଅବସ୍ଥା ଭାବିଲେ ସ୍ଥିର ହେବ ଯେ ଅନ୍ୟର ଦୋଷ ଧରିବାପାଇଁ ପଦାକୁ ବାହାରିବା ପୂର୍ବରୁ, ଆପଣାର ଦୋଷ ସଂଶୋଧନ କରି, ଆପଣା ଉପରେ ନିର୍ଭର କରି ଉନ୍ନତି କରିବା ଉଚିତ । ଲୋକେ

କହନ୍ତି ''ଆପଣା ସୁନାତ ଭେଣ୍ଡି ପରସାଙ୍ଗେ କିଆଁ ବାଳ ଧରାଧରି'' । ଆପଣାର ଦୋଷ ସଂଶୋଧନ କରି ଘରେ ଉତ୍ତମରୂପେ ବାଡ଼ବୁଜି ବାହାରକୁ ଅଣ୍ଟା ଭିଡ଼ି ବାହାରିବାର ଉଚିତ । ଏଥିଯୋଗୁଁ କୌଣସି ରାଜନୈତିକ ତର୍କ ବା ସମାଲୋଚନାକୁ ସମ୍ମିଳନୀର ବର୍ତ୍ତମାନ ସୀମା ମଧ୍ୟରୁ ବାହାର କରିଦେବାକୁ ହୋଇଅଛି । ଦ୍ୱିତୀୟ କଥା ଧର୍ମ ସମ୍ବନ୍ଧୀୟ ଆଲୋଚନା; ଏହାଦ୍ୱାରା ଏପରି କେହି ମନେ କରିପାରନ୍ତି ଯେ ଏପରି ବଡ଼ କାର୍ଯ୍ୟରେ ଧର୍ମ ସଙ୍ଗେ ଆଦୌ ସମ୍ପର୍କ ନ ରହିଲେ ଏହି ସମ୍ମିଳନୀର ମୂଳଦୁଆ ବନ୍ଧା ହୋଇପାରିବ ନାହିଁ । କିନ୍ତୁ ପୂର୍ବେ ଯାହା ବୋଲାଯାଇଅଛି ସେଥିରୁ ଉତ୍ତମରୂପେ ବୁଝାଯିବ ଯେ ଉତ୍କଳୀୟମାନଙ୍କ ମଧ୍ୟରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ବ୍ରାହ୍ମ ଇତ୍ୟାଦି ସମସ୍ତେ ଅଛନ୍ତି ଓ ସେମାନଙ୍କର ଧର୍ମ ଭିନ୍ନ ଭିନ୍ନ, ଏପରି ସ୍ଥଳରେ ଧର୍ମ ସମ୍ବନ୍ଧରେ ସେମାନଙ୍କର ମତ ମିଳିପାରିବ ନାହିଁ ଏବଂ ଏ ସମ୍ମିଳନୀରେ ଧର୍ମତର୍କ ପ୍ରବେଶ କଲେ ଆମ୍ଭମାନଙ୍କ ମଧ୍ୟରେ ଗୁରୁତର ମତଭେଦ ହେବାର ସମ୍ଭାବନା । ଏହିକାରଣରୁ ଧର୍ମ ସମ୍ବନ୍ଧୀୟ ତର୍କ ଏ ସମ୍ମିଳନୀର ସୀମା ମଧ୍ୟକୁ ଆସି ନାହିଁ । କିନ୍ତୁ ସବୁ ଧର୍ମର ମୂଳରେ ସେହି ଅନନ୍ତ ମହାମହୀୟାନ୍ ପରମେଶ୍ୱର ବିରାଜମାନ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ୍, ବ୍ରାହ୍ମ, ସମସ୍ତେ ସେହି ଏକ ଅଭୟ ପାଦପଦ୍ମରେ ଶରଣାଗତ ହୁଅନ୍ତି । ଅତଏବ ସମସ୍ତଙ୍କର ଧର୍ମର ମୂଳଭିତ୍ତି ସେହି ବ୍ରହ୍ମାଣ୍ଡଠାକୁର, ତାଙ୍କର ନାମ ଧରି କୌଣସି କାର୍ଯ୍ୟରେ ହାତ ଦେଲେ କେଉଁ ସମ୍ପ୍ରଦାୟର କିଛି ଆପତ୍ତି ନାହିଁ; ବରଂଚ ମୂଳରେ ଏହିପରି ଗୋଟିଏ ଜୀବନ୍ତ ବନ୍ଧନ ନ ରହିଲେ ଏ ସମ୍ମିଳନୀରୂପ ବୃହତ୍ କାର୍ଯ୍ୟ ମଙ୍ଗଳମୟ ହୋଇ ଉଠିବାର ଅସମ୍ଭବ । ସେଥିପାଇଁ ସମ୍ମିଳନୀର ଆରମ୍ଭରେ ମାତୃପୂଜା କରି ବସିବା ପୂର୍ବରୁ ଭଗବାନଙ୍କ ନାମ ସ୍ମରଣ କରି, ସେହି ତେଜୋମୟଙ୍କ ବଳରେ ବଳୀୟାନ୍ ହୋଇ ଆମ୍ଭେମାନେ କାର୍ଯ୍ୟ ଆରମ୍ଭ କରିଅଛୁଁ । ଯାହାଙ୍କ ନାମ କୀର୍ତ୍ତନରେ କେଉଁ ସମ୍ପ୍ରଦାୟର କିଛି ଆପତ୍ତି ହୋଇ ନ ପାରେ, ସେହି ମଙ୍ଗଳମୟଙ୍କ ନାମ ଧରି ଆମ୍ଭେମାନେ ସମ୍ମିଳନୀର କାର୍ଯ୍ୟ ଆରମ୍ଭ କରିଅଛୁଁ । କିନ୍ତୁ ଧର୍ମ ସମ୍ବନ୍ଧୀୟ ତର୍କ କରିବାକୁ ଗଲେ ଏକ ସମ୍ପ୍ରଦାୟଙ୍କ ଚକ୍ଷୁରେ ଯାହା ଯୁକ୍ତି ଓ ବିଶ୍ୱାସ ପୂର୍ଣ୍ଣ ବୋଲି ଜଣାଯିବ, ଅପର ସମ୍ପ୍ରଦାୟଙ୍କ ପକ୍ଷରେ ତାହା ଅଡୁଆ ଲାଗିବ । ଯଦିଚ ସମ୍ମିଳନୀ ମୂଳରେ ସବୁ ଧର୍ମର ପ୍ରବର୍ତ୍ତକ ସେହି ଅନାଦି ଅନନ୍ତ ବିଦ୍ୟମାନ ତଥାଚ ଧର୍ମ ବିଷୟକ ତର୍କ ଏ ସମ୍ମିଳନୀର ସୀମା ମଧ୍ୟକୁ ଆସି ନାହିଁ ।

ଏ ଦୁଇ ବିଷୟର ତର୍କ ନ କରି କିପରି ଉତ୍କଳୀୟମାନଙ୍କର ଉନ୍ନତି ହେବ ଏହାହିଁ ଏହି ସମ୍ମିଳନୀର ଉଦ୍ଦେଶ୍ୟ । କିପରି ଉତ୍କଳୀୟମାନେ ବିଦ୍ୟା, ଧନ, ଶିଳ୍ପ ଓ ସମାଜ ଇତ୍ୟାଦି ବିଷୟରେ ଉନ୍ନତି କରିବେ ଏହାହିଁ ଏ ସମ୍ମିଳନୀର କଳ୍ପନା । ଆଜିପର୍ଯ୍ୟନ୍ତ ଉତ୍କଳୀୟମାନଙ୍କ ଭାଗ୍ୟ ଅନ୍ୟ କେତେ ଜାତିଙ୍କ ଭାଗ୍ୟ ସଙ୍ଗେ ଏକା ଛାଞ୍ଚରେ ଢଳା ହୋଇ ଆସିଅଛି । ଉତ୍କଳୀୟମାନେ କାଳକ୍ରମେ ଅନ୍ୟ ଜାତିମାନଙ୍କ ସଙ୍ଗେ ବଢିଅଛନ୍ତି,

ବଢୁଅଛନ୍ତି ଓ ବଢିବେ, ଉତ୍କଳୀୟମାନଙ୍କ ସଙ୍ଗେ ଯେଉଁ ଜାତିମାନଙ୍କ ସହବାସ ହୋଇଅଛି ସେମାନଙ୍କ ସଙ୍ଗେ ଉତ୍କଳୀୟଙ୍କର କି ସମ୍ପର୍କ ରହିଅଛି ତାହା ଉତ୍ତମରୂପେ ବୁଝିବାର ଉଚିତ । କାରଣ ଅନ୍ୟ ଜାତିମାନଙ୍କଠାରୁ ଉତ୍କଳୀୟମାନେ ଢେର ଶିକ୍ଷାଲାଭ କରିଅଛନ୍ତି ଓ କରିବେ । ଏପରିସ୍ଥଳରେ ଉତ୍କଳୀୟମାନେ ଉପରୋକ୍ତ ଅନ୍ୟାନ୍ୟ ଜାତିମାନଙ୍କର ଶିଷ୍ୟ ସ୍ୱରୂପ । ଶିଷ୍ୟ ହେଲେ ପ୍ରଥମେ ନିଜର ଅଭାବ ଓ ଦୋଷଗୁଡିକ ଉତ୍ତମରୂପେ ବୁଝି ଗୁରୁଙ୍କ ସାହାଯ୍ୟରେ ସେଗୁଡ଼ିକ ସଜାଡି ନେବାକୁ ହେବ । ତାହାହେଲେ ଗୁରୁଙ୍କ ସଙ୍ଗେ ଶିଷ୍ୟର କି ସମ୍ବନ୍ଧ ତାହା ଭଲରୂପେ ବୁଝିବାକୁ ହେବ । ଅତଏବ ଏକ ଜାତିର ଉନ୍ନତି ନିମନ୍ତେ ଅନ୍ୟ ଉନ୍ନତ ଜାତିର ସଙ୍ଗମ ଏକାନ୍ତ ଆବଶ୍ୟକ । ଅନ୍ୟ ଜାତିର ସଙ୍ଗ ହେବାକୁ ଗଲେ ପରସ୍ପର ମଧ୍ୟରେ ବନ୍ଧୁଭାବ ବଢ଼ାଇବାକୁ ହେବ । ଅନ୍ୟ ଜାତିର ଦୁର୍ଗୁଣଗୁଡ଼ିକ ପ୍ରେମଚକ୍ଷୁରେ କ୍ଷମା ଦେଇ ସେଗୁଡ଼ିକ ତ୍ୟାଗ କରି ଗୁଣଗୁଡ଼ିକ ଗ୍ରହଣ କରି ଆପଣା ଜାତିର ଉନ୍ନତି ସାଧନ କରିବାକୁ ହେବ । ଗୁଣଗୁଡ଼ିକ ଗ୍ରହଣ କରିବା ସହଜକଥା ନୁହେ । ବନ୍ଧୁ ଓ ପରମ ମିତ୍ର ଭାବରେ ଅପର ଜାତିଙ୍କ ପ୍ରତି ସମ୍ମାନଦୃଷ୍ଟି ନ କଲେ ଅନ୍ୟର ଗୁଣଗୁଡ଼ିକ ସହଜରେ ଗ୍ରହଣ କରାଯାଇ ନ ପାରେ । ଭିନ୍ନ ଭିନ୍ନ ଜାତୀୟ ଦୁଇଜଣଙ୍କ ମଧ୍ୟରେ କୌଣସି ବିବାଦ ହେଲେ ଲୋକେ ଏହି ବିବାଦକୁ ଦୁଇ ଜାତିଙ୍କ ମଧ୍ୟରେ ବିବାଦ ହେଲା ବୋଲି ସ୍ଥିର କରନ୍ତି, କିମ୍ବା ଏହି ବ୍ୟକ୍ତିଗତ ବିବାଦକୁ ଜାତୀୟ ବିବାଦର ଫଳ ବୋଲି କହି ବୁଲନ୍ତି । ଏହି ଯୋଗୁଁ ଦୁଇ ଜାତି ମଧ୍ୟରେ ବନ୍ଧୁତା ସମୟ ସମୟରେ ଅସମ୍ଭବ ହୋଇଉଠେ । ଏପରି କରିବାଦ୍ୱାରା ଆଜି ଯେଉଁ ନିଆଁ ଟିକିଏ ଦେଖା ଦେଲା କାଲି ସେ ବ୍ରହ୍ମାଣ୍ଡଯାକ ବ୍ୟାପିଯାଇ ଜାତିଙ୍କୁ ଉନ୍ନତି କରାଇ ଦେବ ନାହିଁ । ଏହି ସମ୍ମିଳନୀ ପରି ଜାତୀୟ କାର୍ଯ୍ୟର ଆରମ୍ଭ ହେଲେ ବ୍ୟକ୍ତିଗତ ଦ୍ୱନ୍ଦ୍ୱ ଜାତୀୟ କଳହରେ ପରିଣତ ହୋଇପାରିବ ନାହିଁ; ଏପରି ହେଲେ ଭିନ୍ନ ଭିନ୍ନ ଜାତିର ଦୁଇଜଣଙ୍କ ମଧ୍ୟରେ ବିରୋଧ ହେଲେ ମଧ୍ୟ ତାହା ଜାତି ଜାତି ମଧ୍ୟରେ ବିରୋଧ ବୋଲି ଗଣାଯିବ ନାହିଁ ।

ସମସ୍ତ ଉତ୍କଳଭାଷୀ ପ୍ରଦେଶର ଲୋକମାନେ ଆଜିପର୍ଯ୍ୟନ୍ତ ନାନାଦି କାରଣରୁ ଭିନ୍ନଭିନ୍ନ ହୋଇ, ନିଜ ନିଜକୁ ନ ଚିହ୍ନି ଯେ ଯେଉଁଠାରେ ପଡ଼ିରହିଥିଲେ । ସବୁ ଭାଇଯାକ କିପରି ଥରେ ହେଲେ ଏକାଠେଇଁ ହୋଇପାରିବା ଏ ଭାବ କ୍ରମଶଃ ସମସ୍ତଙ୍କ ମନରେ ଉଦୟ ହୋଇଥିବାର ଢେର ପ୍ରମାଣ ମିଳିଅଛି । ଭାଷା ସୂତ୍ରରେ ଏ ଭାବ ପ୍ରଥମେ ଉଦିତ ହେଲା । ସମ୍ବଲପୁରରୁ କେତେକ ଦିନ ପୂର୍ବେରେ ଯେତେବେଳେ କଚେରିମାନଙ୍କରୁ ଓଡ଼ିଆଭାଷା ଉଠିଗଲା, ସେତେବେଳେ ସମ୍ବଲପୁରର ଓଡିଆମାନେ କାନ୍ଦିଉଠିଲେ ଓ ସେତେବେଳେ ଉତ୍କଳବ୍ୟାପୀ ହାହାକାର ପଡିଗଲା । ପରିଶେଷରେ ସମ୍ବଲପୁର ଭାଇମାନଙ୍କ ଦୃଢଚେଷ୍ଟା, ଏଠାର ଓଡ଼ିଶାର ଭାଇମାନଙ୍କ ମନର ଦୁଃଖ ଓ ସହାନୁଭୂତି, ଓ ଭଗବାନଙ୍କ ଅନୁଗ୍ରହରୁ ବଙ୍ଗଳାର ବର୍ତ୍ତମାନ ଛୋଟଲାଟ ଶ୍ରୀଯୁକ୍ତ

ସର ଆଣ୍ଡ୍ରୁଫ୍ରେଜର ଯେ କି ସେ ସମୟରେ ମଧ୍ୟପ୍ରଦେଶର ଭାଗ୍ୟବିଧାତାରୂପେ ଠିଆ ହୋଇଥିଲେ ସେ ସମ୍ବଲପୁରର ଓଡ଼ିଆମାନଙ୍କୁ ଅଭୟ ବର ଦେଇ ଓଡ଼ିଆଭାଷାକୁ ସମ୍ବଲପୁରର କଚେରିମାନଙ୍କରେ ପୁନର୍ବାର ଚଳାଇଲେ । ଯେତେବେଳେ ମୃତ ଓଡ଼ିଆଭାଷା ସମ୍ବଲପୁରରେ ପୁନର୍ବାର ଜୀଇଁ ଉଠିଲା ସେତେବେଳେ ଉତ୍କଳର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଆନନ୍ଦରେ ମାତି ଉଠିଲା । ସେହିଦିନ ଉତ୍କଳବାସୀ ଅଞ୍ଚଳର ଏକ ସୀମାରେ ବାସ କରୁଥିବା ଓଡିଆଙ୍କ ମଧ୍ୟରେ ଓ ଅନ୍ୟ ସୀମାରେ ବାସ କରୁଥିବା ଓଡିଆଙ୍କ ମଧ୍ୟରେ ଭାଇଭାବ ଥିବାର ପୂର୍ଣ୍ଣ ପ୍ରମାଣ ମିଳିଲା । ଆମ୍ଭେମାନେ ବିଚାରୁଛୁ ସେହିଦିନଠାରୁ ଉତ୍କଳୀୟମାନଙ୍କର ଗୋଟିଏ ନବଯୁଗ ଆରମ୍ଭ ହେଲା । କେତେଦିନ ପରେ ଗଞ୍ଜାମର ଭାଇମାନେ ବ୍ରହ୍ମପୁରଠାରେ ଶୁଭକ୍ଷଣରେ ଗୋଟିଏ ଜାତୀୟ ମେଳାର ସୂତ୍ରପାତ କଲେ । ପ୍ରଥମ ଉଦ୍ୟମରେ ଏହା ପୂର୍ଣ୍ଣରୂପେ କୃତକାର୍ଯ୍ୟ ହେବା ଅସମ୍ଭବ, କିନ୍ତୁ ସେଥିରେ ରାଜନୈତିକ ଓଡିଶାର କେତେକ ଭ୍ରାତା ଆମନ୍ତ୍ରିତ ହୋଇ ପୂର୍ଣ୍ଣ ହୃଦୟରେ ଯୋଗ ଦେଇଥିଲେ । ଯଦିଚ ପୂର୍ବଘଟନାରେ ଜାତୀୟ ଯୁଗପ୍ରଭାତର ଆଗାମୀ ସୂଚନା ଦେଖା ଯାଇଥିଲା, ବ୍ରହ୍ମପୁରର ଜାତୀୟ-ସମ୍ମିଳନୀ-ସତକୁସତ ସେହି ନବଯୁଗର ପ୍ରଭାତ ଉତ୍କଳୀୟମାନଙ୍କୁ ଦେଖାଇଲା । ଯଦିଚ ସମଗ୍ର ଉତ୍କଳୀୟମାନଙ୍କ ମନରେ ପୂର୍ବରୁ ଗୁପ୍ତଭାବରେ ଜାତୀୟଭାବ ବଢୁଥିଲା, ସେହିଦିନ ସେ ଜାତୀୟ ଭାବଟି ବାହାରକୁ ଫୁଟିଉଠିଲା ଓ ଗଞ୍ଜାମ ଜାତୀୟ-ସମିତିର ଛାଞ୍ଚରେ କଟକରେ ଗୋଟିଏ ପ୍ରକାଣ୍ଡ ଉତ୍କଳସମ୍ମିଳନୀ-ସଭା ସ୍ଥାପନର କଳ୍ପନା ହେଲା । କେତେକଦିନ ପୂର୍ବରୁ ସମଗ୍ର ଉତ୍କଳରେ ଏପରି ଗୋଟିଏ ଜାତୀୟ ଅନୁଷ୍ଠାନ ଆବଶ୍ୟକ ବୋଲି କେହି କେହି କଳ୍ପନାଚକ୍ଷୁରେ ଦେଖୁଥିଲେ, ଗଞ୍ଜାମ ଜାତୀୟ ସମିତିରେ ସେହି କଳ୍ପନାପିତୁଳାଟି ସତକୁସତ ନାଚିବାର ଆଶା ଉଇଁ ଉଠିଲା । ଏହି ଜାତୀୟ ଅନୁଷ୍ଠାନର କିଛିଦିନ ପୂର୍ବରୁ ସମଗ୍ର ଉତ୍କଳୀୟମାନେ ଏକ ଶାସନ ଅଧୀନରେ ରହିବେ ବୋଲି ଗଞ୍ଜାମବାସିମାନେ ବଡ଼ଲାଟ ବାହାଦୁରଙ୍କ ନିକଟକୁ ଖଣ୍ଡିଏ ନିବେଦନପତ୍ର ପଠାଇଥିଲେ । ସମଗ୍ର ଉତ୍କଳୀୟଙ୍କ ସଙ୍ଗେ ଯେଉଁପରି ହେଉ ମିଳିତ ହେବା ଗଞ୍ଜାମ ଓଡ଼ିଆମାନଙ୍କର ଏକ ଧ୍ୟାନ ରହିଲା । କେବଳ ତାହାନୁହେଁ, ଗଞ୍ଜାମଅଞ୍ଚଳର ପ୍ରଧାନ ପ୍ରଧାନ ରାଜାମାନେ ଆନନ୍ଦ ସହିତ ଏ ଆବେଦନରେ ଯୋଗଦେଲେ । ଆଜି ଯେଉଁ ଜାତୀୟଭାବ ଉତ୍କଳରେ ଦେଖା ଦେଇଅଛି ସେଥିନିମନ୍ତେ ଆମ୍ଭେମାନେ ସମ୍ବଲପୁର ଓ ଗଞ୍ଜାମବାସୀ ଭାଇମାନଙ୍କଠାରେ ଅନେକପରିମାଣରେ ଋଣୀ ।

ଯାହାହେଉ ସର୍ବତ୍ର ଉତ୍କଳୀୟମାନେ କିପରି ଏକାଠେଇଁ ହେବେ ଏହି ଧ୍ୟାନରେ ଉତ୍କଳୀୟମାନେ ମନ ପ୍ରାଣ ଢାଳିଦେଲେ । ବର୍ତ୍ତମାନ ମଧ୍ୟ ସମସ୍ତେ ଏକାଠେଇଁ ହେବାର ବାଞ୍ଛା ପ୍ରତ୍ୟେକ ଉତ୍କଳୀୟଙ୍କ ମନରେ ଉଦୟ ହୋଇଅଛି ।

ପ୍ରଥମେ ଦେଖିବାର ଉଚିତ ଯେ କି କି ଉପାୟ କଲେ ଆମ୍ଭେମାନେ ଉନ୍ନତି କରିବା ଏବଂ କେଉଁଠାରୁ ଆରମ୍ଭ କଲେ ଓ କାହାକୁ ଧଇଲେ ଏ କାର୍ଯ୍ୟ ସିଦ୍ଧହେବ । ପ୍ରଥମେ ବୁଝିବାର ଉଚିତ ଯେ ଚାଷୀ ଓ କାରିଗରମାନେ ଦେଶର ମୂଳଦୁଆ । ସେହିମାନଙ୍କର ପରିଶ୍ରମରୁ ଭୂମି ଆବାଦ ହେଉଅଛି, ସେହିମାନଙ୍କ ପରିଶ୍ରମରେ ରାଜା କର ପାଉଅଛନ୍ତି, ସେହିମାନେ ଏକା ଦେଶର ବଡ଼ଲୋକମାନଙ୍କୁ ପୋଷୁଅଛନ୍ତି, ସେମାନେ ଦେଶର ଧନ ଉତ୍ପନ୍ନ କରୁଅଛନ୍ତି ଓ ବଡ଼ଲୋକମାନେ ଘରେ ବସି ସେହି ଧନ ଭୋଗ କରୁଅଛନ୍ତି । ସେମାନଙ୍କର ଯେତିକି ଉନ୍ନତି ହେବ ଦେଶର ଓ ଜାତିର ସେତିକି ଧନ ବଢ଼ିବ । ସେମାନେ କିପରି ଆପଣା କାର୍ଯ୍ୟରେ ଶିକ୍ଷିତ ହୋଇ ଦିନକୁଦିନ ଉନ୍ନତି କରିବେ ଏହା ବିଚାର କରିବା ପ୍ରଥମେ ଆବଶ୍ୟକ । ସେମାନେ ଜାତିର ହାତ ଗୋଡ ପିଠି ସ୍ୱରୂପ । ହାତ ଗୋଡ କାମ କରନ୍ତି, ପିଠି ବୋଝ ବୁହେ, କିନ୍ତୁ ପେଟ ବସି ଖାଉଥାଏ । ପେଟ ଯେ ଏତକ ସୁଖ ଭୋଗ କରେ ତାହା କେବଳ ହାତଗୋଡ଼ଙ୍କ କାର୍ଯ୍ୟ ଓ ପରିଶ୍ରମ ଯୋଗୁ ସିନା । ହାତ ଗୋଡ଼ ଉପରେ ସବୁ କାମ । ସେମାନେ ସୁସ୍ଥ ନ ରହିଲେ ସମୁଦାୟ ଶରୀର ଭଲ ରହିବ ନାହିଁ ଓ ପେଟ ଭୋକରେ ମରିବ । ଶେଷରେ ସମୁଦାୟ ଦେହଟି କଣ୍ଟା ହୋଇଯିବ । ଏହି ନ୍ୟାୟରେ ବିଚାର କରିବାକୁ ଗଲେ ଯେଉଁମାନେ ଉନ୍ନତି କଲେ ଜାତୀୟ ଧନ ବଢ଼ିବ ସେହିମାନଙ୍କୁ ସର୍ବ ପ୍ରଥମେ ଉପରକୁ ଉଠାଇବାର ଦରକାର । ଚାଷିମାନଙ୍କୁ ଓ କାରିଗରମାନଙ୍କୁ ଧନଲାଭର ଭଲ ଭଲ ଉପାୟମାନ ଶିଖାଇବାକୁ ହେବ, କିପରି ଉପାୟରେ ଚାଷ କଲେ ଭୂମିର ଉତ୍ପନ୍ନରେ ବେଶି ଲାଭ ହେବ, କେଉଁ ଚାଷ କଲେ ବେଶି ପଇସା ଆମଦାନି ହେବ, ଦେଶ, କାଳ, ପାତ୍ର ଚାହିଁ ଏ ସବୁ ବିଷୟ ଚାଷିମାନଙ୍କୁ ଶିଖାଇବାକୁ ହେବ । ଆଜିକାଲି ଦେଶୀୟ କାରିଗରମାନେ ଦିନକୁ ଦିନ ହୀନଅବସ୍ଥା ଲଭୁଅଛନ୍ତି ଏହାର କାରଣ ଏହି ଯେ ସେମାନେ ବିଲାତି କାରିଗରମାନଙ୍କ ସଙ୍ଗେ ପଟ ପକାଇ ପାରୁନାହାନ୍ତି; ପଟ ନ ପକାଇ ପାରିବାର ଅନେକ କାରଣ ଅଛି । ସେ କାରଣଗୁଡ଼ିକ ଶିକ୍ଷାକରି କାରିଗରମାନଙ୍କୁ ବତାଇବାକୁ ହେବ ଓ ଧନ ଲାଭ ହେବାର ନୂତନ ବାଟମାନ ସେମାନଙ୍କୁ ଶିଖାଇବାକୁ ହେବ ।

ବେପାର ବଣିଜର କିପରି ଉନ୍ନତି ହେବ ତାହା ମଧ୍ୟ ଭାବି ସ୍ଥିର କରିବାକୁ ହେବ । ''ବାଣିଜ୍ୟେ ବସତେ ଲକ୍ଷ୍ମୀଃ''; ବାଣିଜ୍ୟଦ୍ୱାରା ବିଦେଶରୁ ଧନ ଆପଣା ଦେଶକୁ ଆସିପାରେ । ଆଜି ଆମ୍ଭମାନଙ୍କ ଦେଶକୁ ବିଦେଶରୁ ଆସୁଥିବା ଜିନିସ ବେଶି ହେବାରୁ ଦେଶରୁ ଦିନକୁଦିନ ଧନ କ୍ଷୟ ହେଉଅଛି । ଯେବେ ଆମ୍ଭ ଦେଶରୁ ବିଦେଶକୁ ବେଶି ଜିନିସ ରପ୍ତାନି ହେବ ତାହାହେଲେ ଦିନକୁ ଦିନ ଆମ ଦେଶ ଧନୀ ହେବ । କି କି ଜିନିଷ ଆମ ଦେଶରୁ ବହୁତ ପରିମାଣରେ ଯାଇ ବିଦେଶରେ ଦାମ

ଉଠି ଲାଭ ହେବ ତାହା ଭାବି ଚିନ୍ତି ସ୍ଥିର କରିବାକୁ ହେବ ଓ ସେହି ଅନୁସାରେ ବେପାରିମାନଙ୍କୁ ଶିଖାଇ କାମରେ ଲଗାଇବାକୁ ହେବ ।

ତାପରେ ସାହିତ୍ୟର କିପରି ଉନ୍ନତି ହେବ; ସାହିତ୍ୟର ଉନ୍ନତି ନ ହେଲେ ଜାତିର ଉନ୍ନତି ହେବାର ବଡ଼ କଷ୍ଟ । କାରଣ ଚାଷୀ, କାରିଗର ଓ ବେପାରିମାନଙ୍କୁ ଶିକ୍ଷା ଦେବାନିମନ୍ତେ ଓଡ଼ିଆଭାଷା ଦରକାର । ବର୍ତ୍ତମାନର ସଭ୍ୟତା ଓ ବିଦ୍ୟା ଅନୁସାରେ ସେମାନଙ୍କ ମନରେ ନୂଆ ନୂଆ ଭାବମାନ ପୂରାଇବାକୁ ହେବ, ସେଥିପାଇଁ ଇଉରୋପ ଓ ବିଲାତର ଭଲ ଭଲ ନିପୁଣ ଲୋକମାନଙ୍କର ବହି ପଢ଼ି, ତାକୁ ଓଡ଼ିଆ ଭାଷାରେ ବୁଝାଯିବା ଭଳି ତର୍ଜମା କରି ଅଧାପାଠୁଆ ଓ ମୂର୍ଖ ଲୋକଙ୍କୁ ଉତ୍ତମରୂପେ ସମୁଜାଇବାକୁ ହେବ । ଏଥି ନିମନ୍ତେ ଭାଷାର ଉନ୍ନତି କରିବାର ଦରକାର; ସାହିତ୍ୟ ଉନ୍ନତି ନ ହେଲେ ଆମ୍ଭେମାନେ ଉନ୍ନତି କରିପାରିବୁଁ ନାହିଁ । ଏଥିର ଆହୁରି ମଧ ଅନେକ କାରଣ ଅଛି । ସେଗୁଡ଼ିକ ଏଠାରେ ବୁଝାଇବାର ଦରକାର ନାହିଁ ।

ତା'ପରେ ସମାଜର ଉନ୍ନତି କରିବା ବେଶି ଆବଶ୍ୟକ । ଇଂରାଜି ସଭ୍ୟତାରେ ସବୁ ସମାଜ କ୍ରମେ କ୍ରମେ ଉନ୍ନତି କରୁଅଛି । ଆମ୍ଭମାନଙ୍କର ନିଜ ନିଜ ସମାଜର ଯେଉଁ ଦୋଷ ଅଛି ସେଗୁଡ଼ିକ ଅଲଗା କରିଦେବାକୁ ହେବ ଓ ବର୍ତ୍ତମାନ ଦେଶ କାଳ ପାତ୍ରକୁ ବିଚାରି ଯେଉଁ ଯେଉଁ ବାଟ ଫିଟାଇବାର ଦରକାର ସେଗୁଡ଼ିକ କରିବାକୁ ହେବ ।

ଯେଉଁ ଦେଶରେ ପଢ଼ା ଶୁଣା କରିବା ଲୋକଙ୍କ ସଂଖ୍ୟା ଯେତିକି ବେଶି ସେ ଦେଶ ସେତିକି ଉନ୍ନତି କରିବ ଏଥିରେ ସନ୍ଦେହ ନାହିଁ । ପଢ଼ା ଶୁଣା ନ କରି ଆଜି ଓଡ଼ିଆ ପୁଏ ଭାରୀ ହୀନ ଅବସ୍ଥାରେ ଅଛନ୍ତି । ଯେପରି ଉପାୟ କଲେ ଓଡ଼ିଆମାନେ ବେଶି ପଢ଼ାଶୁଣା କରି, ନାନାଦି ଉପାୟରେ ଆପଣା ଦେଶର ମଙ୍ଗଳ କରିବେ ତାହା ବିଚାର କରି କାମ କରିବାକୁ ହେବ ।

ଆମ୍ଭମାନଙ୍କର ଏହି ସମ୍ମିଳନୀ କି କି ମତଲବରେ ପ୍ରତିଷ୍ଠା ହୋଇଅଛି ସେଥିରୁ କେତେଗୋଟି କଥା ଏଥିରେ ଲେଖାଗଲା ।

ଆଜିକାଲି ଆମ୍ଭେମାନେ ଇଂରାଜି ଶିକ୍ଷାଲାଭ କରି ଗୋଟିଏ ଦୋଷରେ ଦୋଷୀ ହୋଇଅଛୁଁ । ସାଧାରଣରେ ଦେଖାଯାଏ ଯେ ଯେଉଁମାନେ ଇଂରାଜି ପାଠ ପଢ଼ି ବେଶି ଶିକ୍ଷିତ ହେଉଅଛନ୍ତି ସେମାନେ ସାଧାରଣ ଲୋକଙ୍କ ସଙ୍ଗେ ମିଶିବାକୁ ଇଚ୍ଛା କରନ୍ତିନାହିଁ । ମଧ ସାଧାରଣ ଲୋକେ ସେମାନଙ୍କ ପାଖ ମାଡ଼ିବାକୁ ଡରନ୍ତି । କିନ୍ତୁ ଏ ଭାବଟା ଯେତେ ଶୀଘ୍ର ଉଚ୍ଚପାଠୁଆଙ୍କ ମନରୁ ଦୂର ହୁଏ ସେତିକି ଦେଶର ମଙ୍ଗଳ । କାରଣ ଦେଶର କୌଣସି କାର୍ଯ୍ୟରେ ଛୋଟଠାରୁ ବଡ଼ ସମସ୍ତେ ନ ମିଶିଲେ ସେ କାର୍ଯ୍ୟ କେବେହେଁ ସିଦ୍ଧ ହେବ ନାହିଁ । ଉଚ୍ଚପାଠୁଆମାନେ ଦେଶର ଲୋକମାନଙ୍କୁ ଶିଖାଇ ବୁଝାଇ ବାଟରେ ଆଣିବାକୁ ଚେଷ୍ଟା କରିବେ ଓ ସାଧାରଣ ଲୋକେ ନିଜ

ନିଜର ଅଭାବଯାକ ସେମାନଙ୍କୁ ନିର୍ଭୟ ହୋଇ ଜଣାଇବେ ଏବଂ ଦୁହେଁ ମିଳି ମିଶି କାର୍ଯ୍ୟ କରିବେ ତାହେଲେ ଦେଶର ଭବିଷ୍ୟତ-ମଙ୍ଗଳର ମୂଳଦୁଆ ବନ୍ଧା ହେବ । ଶିକ୍ଷିତମାନଙ୍କର ଉଚିତ ଯେ ସେମାନେ ଉଚ୍ଚଶିକ୍ଷାର ଫଳକୁ ସହଜଭାବରେ ସାଧାରଣଙ୍କୁ ବୁଝାଇଦେବେ ଏବଂ ବିଦେଶୀ ଶିକ୍ଷାରେ ଯାହା ଯାହା ଭଲ ଗୁଣ ପାଇବେ ସେଗୁଡ଼ିକ ଗ୍ରହଣ କରି ମନ୍ଦଗୁଡ଼ିକ ଛାଡ଼ିବେ । ତାହାହେଲେ ଆମ୍ଭଦେଶରେ ଇଂରାଜି ଶିକ୍ଷାର ସୁଫଳ ଫଳିବାର ଆରମ୍ଭ ହେବ । ଏହି ଉଦ୍ଦେଶ୍ୟରେ ଉତ୍କଳସମ୍ମିଳନୀ ସଙ୍ଗେ ଉତ୍କଳର ରାଜା ମହାରାଜାଙ୍କଠାରୁ ଚାଷୀ ମୂଲିଆ ପର୍ଯ୍ୟନ୍ତ ସମସ୍ତଙ୍କର ସମ୍ବନ୍ଧ ରହିବ ବୋଲି ଆମ୍ଭେମାନେ ସମସ୍ତଙ୍କୁ ହାତଯୋଡ଼ି ପ୍ରାର୍ଥନା କରୁଅଛୁଁ । ଏଥିନିମନ୍ତେ ଉତ୍କଳର ମହାରାଜା, ରାଜା, ଜମିଦାରଙ୍କଠାରୁ ଆରମ୍ଭ କରି ଗ୍ରାମାଧିକାରୀ, କରଣ, କାର୍ଯ୍ୟୀ, ପ୍ରଧାନ, ମକଦ୍ଦମ ସମସ୍ତଙ୍କୁ ପ୍ରାର୍ଥନା ଏହି କି ଯେ ପ୍ରତି ଗ୍ରାମ ସଙ୍ଗରେ ଏ ସମ୍ମିଳନୀର ସମ୍ପର୍କ ରଖିବାକୁ ସେମାନେ ଚେଷ୍ଟା କରିବେ ଓ ଯେପରି ଉତ୍କଳର ପ୍ରତ୍ୟେକ ଅଞ୍ଚଳର ପ୍ରକୃତ ପ୍ରତିନିଧି ଓ ମୁଖିଆମାନେ ଏ ସମ୍ମିଳନୀରେ ଯୋଗ ଦିଅନ୍ତି ଓ ଏ ସମ୍ମିଳନୀ ନାମ ମାତ୍ର କେବଳ "ଉତ୍କଳ-ସମ୍ମିଳନୀ" ନ ହୋଇ କାର୍ଯ୍ୟରେ "ଉତ୍କଳ-ସମ୍ମିଳନୀ" ହୋଇ ସମସ୍ତ ଉତ୍କଳ ଜାତିର ପ୍ରତିନିଧି ସ୍ୱରୂପ ଦାଣ୍ଡରେ ଠିଆ ହେବ ଏହା ପ୍ରତ୍ୟେକ ଉତ୍କଳୀୟଙ୍କ ମନରେ ଉଦୟ ହେବା ଉଚିତ । ପ୍ରତି ସବ୍‌ଡିଭିଜନରେ ଗୋଟିଏ ଗୋଟିଏ ସଭା ହେଉ, ଏହି ସଭାଗୁଡ଼ିକ ଶାଖା ସଭା ସ୍ୱରୂପ ହେଉ । ପ୍ରତି ଜିଲାରେ ଗୋଟିଏ ଗୋଟିଏ ସଭା ହେଉ । ପ୍ରତି ପ୍ରଗନାରୁ ଜଣେ, ଦୁଇଜଣ, ପାଞ୍ଚଜଣ ଲେଖାଏଁ ମୁଖ୍ୟଲୋକ ବଛା ହୋଇ ସବ୍‌ଡିଭିଜନ ସଭାକୁ ପଠାଯାଆନ୍ତୁ । ପ୍ରତି ସବ୍‌ଡିଭିଜନ ସଭାରୁ କେତେଜଣ ମୁଖ୍ୟଲୋକ ବାଛି ଜିଲା ସଭାକୁ ପଠାଯାଉ ଓ ପ୍ରତିଜିଲା ସଭାରୁ ଜଣକେତେ ଲେଖାଏଁ ପ୍ରତିନିଧି ସମ୍ମିଳନୀ ସଭାକୁ ପଠାଯାଆନ୍ତୁ । ଏହିପରି ନିୟମରେ କାର୍ଯ୍ୟ କଲେ ସମ୍ମିଳନୀରେ ଦେଶର ମଙ୍ଗଳ ପାଇଁ ଯେଉଁ କାର୍ଯ୍ୟ କରିବାର ସ୍ଥିର ହେବ ତାହା ପାହାଚକୁ ପାହାଚ ଖସି ଶେଷରେ ପ୍ରତି ଗ୍ରାମର ଅଧିକାରୀ ନିକଟରେ ପହଞ୍ଚୁ ଓ ଗ୍ରାମାଧିକାରିମାନଙ୍କଦ୍ୱାରା ତାହା କାର୍ଯ୍ୟରେ ପରିଣତ କରାଯାଉ । ପ୍ରତ୍ୟେକ ଜିଲାରେ ଗୋଟିଏ ଗୋଟିଏ କେନ୍ଦ୍ରସଭା ବସୁ । ଏହିପରି କଲେ ଏ ସମ୍ମିଳନୀ ଜାତୀୟ ସଭା ହେବ ଓ ଏ ଉପାୟରେ ଦିନକୁଦିନ ଉତ୍କଳଜାତିର ଉନ୍ନତି ହେବ । ଏଥିରେ ଶିକ୍ଷିତମାନେ ମନ ପ୍ରାଣ ଢାଳି କାର୍ଯ୍ୟ କରି ଦେଶର ଅନ୍ୟାନ୍ୟ ଲୋକମାନଙ୍କ ସଙ୍ଗେ ସମ୍ପର୍କ ଓ ବନ୍ଧୁତା ରଖି, ବଡ ବଡ ଭାଇମାନେ ସାନ ସାନ ଭାଇମାନଙ୍କୁ ଉନ୍ନତିଆଡକୁ ଆଣିବାକୁ ଚେଷ୍ଟା କରିବେ । ଯାହାଙ୍କଠାରେ ଧନ ଅଛି ସେ ଧନ ଦେଇ ଏହି ଜାତୀୟ କାର୍ଯ୍ୟରେ ଯୋଗ ଦିଅନ୍ତୁ । ଯାହାଙ୍କଠାରେ ଶକ୍ତି ଅଛି ସେ ଶକ୍ତି ଖରଚ କରନ୍ତୁ । ଯାହାଙ୍କ ହାତରେ କାଗଜ କଲମ ଅଛି ସେ କାଗଜ କଲମ ଧରନ୍ତୁ । ଯାହାଙ୍କଠାରେ

ଯେଉଁ ସୁବିଧା ଅଛି ସେ ତାହା ବ୍ୟୟ କରନ୍ତୁ ଓ ଏହି ଚେଷ୍ଟାରେ ଭଗବାନ୍ ଆମ୍ଭମାନଙ୍କର ଭରସା ହେବେ ଏଥିରେ ସନ୍ଦେହ ନାହିଁ । ବଣରେ କାଠ ମିଳେ, ବିଲରେ ଛଣ ମିଳେ, ବୁଦାରେ ବେତ ମିଳେ, ଗାଁରେ ମୂଲିଆ ମିଳନ୍ତି, ଏ ସମସ୍ତଙ୍କୁ ଏକସ୍ଥାନକୁ ଆଣି ଉପସ୍ଥିତ କରାଇପାରିଲେ ଘରଖଣ୍ଡିକ ତିଆରି ହେବ । ଯେଉଁଠାରେ ଯାହା ପଡିଛି ସେଠାରୁ ସେଗୁଡିକ ଗୋଟାଇ ଆଣି ଏକସ୍ଥାନରେ ରଖି ବଳ ଖରଚ କଲେ ସେ ବଳରେ ଅସାଧ ସାଧ ହେବ ଓ ଉତ୍କଳ ଜାତି ଦିନକୁଦିନ ଉନ୍ନତି କରି ଉତ୍କଳରେ ଯୁଗାନ୍ତର ଉପସ୍ଥିତ କରାଇବ । ଯଦି ଇଂରାଜି ଶିକ୍ଷା ତୁମ୍ଭମାନଙ୍କୁ କିଛି ସାର କଥା ଶିଖାଇ ଥାଏ ତେବେ ତାହା ଏହି : ସାଧାରଣ ଲୋକେ ଦେଶର ମୂଳଧନ । ଯେଉଁପର୍ଯ୍ୟନ୍ତ କୌଣସି ଉଦ୍ୟମରେ ସେମାନେ ଯୋଗ ନ ଦେବେ ସେ ପର୍ଯ୍ୟନ୍ତ ଦେଶର ଉନ୍ନତି ପୂର୍ଣ୍ଣ ହୋଇପାରିବ ନାହିଁ ।

ଯେଉଁ ଉତ୍କଳ ଦେଶର କୀର୍ତ୍ତି ଆଗେ ବର୍ଣ୍ଣନା କରାଯାଇଅଛି, ଯେଉଁ ଉତ୍କଳୀୟମାନଙ୍କର ପୂର୍ବକଥା ଭାବିଲେ ଆଜିକାଲିର ସଭ୍ୟତା ସଙ୍ଗେ ତୁଳିବାକୁ ମନ ବଳେ, ଯେଉଁ ଉତ୍କଳ କେତେ ଦୁରବସ୍ଥାରେ ପଡି ସୁଦ୍ଧା ଆଜିକାଲି ବିଲାତର ମହାପଣ୍ଡିତମାନଙ୍କ ମନକୁ ମୋହିତ କରୁଅଛି, ତୁମ୍ଭେମାନେ ସେହି ଉତ୍କଳର ସନ୍ତାନ, ସେହି ଉତ୍କଳ ଆମ୍ଭମାନଙ୍କର ମାତୃଭୂମି । ମାତୃକୋଳରେ ଥିଲାବେଳେ ବଡ ସାନ ସମସ୍ତେ ସମାନ ଦିଶନ୍ତି, ଅତଏବ ଉଚ୍ଚପଦର ଗର୍ବ ଓ ନିମ୍ନପଦର ଭୟ ଛାଡି ଚାଲ ସମସ୍ତେ ଯେଝା ପାରୁପର୍ଯ୍ୟନ୍ତ କାମରେ ଲାଗିବା । ଏ ବିଷୟରେ ଈଶ୍ୱର ଆମ୍ଭମାନଙ୍କର ସହାୟ ହେବେ, ସରକାର ବାହାଦୁର ଆମ୍ଭମାନଙ୍କୁ ସାହାଯ୍ୟ କରିବେ, ସଭ୍ୟ ଜଗତର ଲୋକେ ଆମ୍ଭମାନଙ୍କୁ ବଳ ଦେବେ, ଏଥିରେ ଆଦୌ ସନ୍ଦେହ ନାହିଁ ।

## ଉତ୍କଳସମ୍ମିଳନୀ ସଭା ୧୯୦୩ : ଆୟୋଜନ

**ତା ୨୫।୧୦।୦୩**— କନିକା ରାଜବାଟିରେ ଗୋଟିଏ ସାଧାରଣ ସଭା ହୋଇଥିଲା, ତହିଁରେ ପ୍ରଥମେ ଧାର୍ଯ୍ୟ ହେଲା ଯେ ଆଗାମୀ ଡିସେମ୍ବର ମାସ ତା ୩୦ ଓ ୩୧ ରିଖରେ କଟକଠାରେ ଉତ୍କଳସମ୍ମିଳନୀ ସଭାର ପ୍ରଥମ ଅଧିବେଶନ ହେଉ; ଏବଂ ପ୍ରଥମେ କେତେକ ବ୍ୟକ୍ତିଙ୍କଦ୍ୱାରା ଗୋଟିଏ କାର୍ଯ୍ୟ ନିର୍ବାହକ ସମିତି ଗଠିତ ହେଲା ।

**ତା ୧୫।୧୧।୦୩**— କାର୍ଯ୍ୟ ନିର୍ବାହକ ସମିତିର ପ୍ରଥମ ଅଧିବେଶନ ହୋଇଥିଲା । ସମ୍ମିଳନୀରେ ଯେଉଁ ଯେଉଁ ବିଷୟମାନ ପଡିବ ତାହା ଏହି ଅଧିବେଶନରେ କେତେକ ପରିମାଣରେ ସ୍ଥିରୀକୃତ ହେଲା । ନିମନ୍ତ୍ରଣପତ୍ର ଓ ସଂକଳ୍ପିତ ପ୍ରଦର୍ଶନୀକୁ ଦ୍ରବ୍ୟ ପଠାଇବା ନିମନ୍ତେ ପ୍ରାର୍ଥନା ପତ୍ରର ଫାରମ ଗଠିତ ହୋଇ

ଗୃହୀତ ହେଲା; ଓ ଆଗାମୀ ଉତ୍କଳସମ୍ମିଳନୀରେ ସଭାପତି ହେବା ନିମନ୍ତେ ବାମଣ୍ଡାର ମହାରାଜା ସର୍ ସୁଢଳ ଦେବ କେ, ସି, ଏସ୍, ଆଇ,ଙ୍କ ନିକଟକୁ ଅନୁରୋଧପତ୍ର ପ୍ରେରିତ ହେବାର ସ୍ଥିର ହେଲା ।

**ତା° ୨୨।୧୧।୦୩– କାର୍ଯ୍ୟ ନିର୍ବାହକ ସମିତିର ଦ୍ୱିତୀୟ ଅଧିବେଶନ :**

ବାମଣ୍ଡାର ମହାରାଜାଙ୍କ ପରଲୋକ ପ୍ରାପ୍ତି ଯୋଗୁଁ ଶ୍ରୀଯୁକ୍ତ ମୟୂରଭଞ୍ଜ ମହାରାଜ ସମ୍ମିଳନୀର ସଭାପତି ହେବା ନିମନ୍ତେ ତାଙ୍କ ନିକଟକୁ ଅନୁରୋଧ ପତ୍ର ପଠାଯିବାର ସ୍ଥିର ହେଲା; ଓ ସମ୍ବଲପୁର, ମେଦିନୀପୁର ଏବଂ ଗଞ୍ଜାମରୁ ପ୍ରତିନିଧିମାନଙ୍କୁ ଆମନ୍ତ୍ରଣ କରିବା ନିମନ୍ତେ ୩ଜଣ ସଭ୍ୟ ମନୋନୀତ ହେଲେ । କଟକର ଇଦିଘା ପଡିଆରେ ଥିବା ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ରାୟ ଚୌଧୁରୀଙ୍କର ବିସ୍ତୃତ ହତାକୁ ଚଉଧୁରୀ ମହାଶୟ ବିନା ଭଡ଼ାରେ ସମ୍ମିଳନୀ ଓ ପ୍ରଦର୍ଶନୀ ମଣ୍ଡପ ପାଇଁ ମା୩ସ ନିମନ୍ତେ ଛାଡ଼ି ଦେଇଥିବାରୁ ତାଙ୍କୁ ଧନ୍ୟବାଦ ପ୍ରେରିତ ହେଲା । ସମ୍ମିଳନୀର ସମସ୍ତ ବ୍ୟୟଭାର କାର୍ଯ୍ୟନିର୍ବାହକ ସମିତି ଉପରେ ନ୍ୟସ୍ତ ରହିଲା ଏବଂ କାହାରିଠାରୁ ଏଥି ନିମନ୍ତେ ସମିତି କିଛି ଯାଚ୍ଞା କରିବେ ନାହିଁ ବୋଲି ଧାର୍ଯ୍ୟ ହେଲା ।

**ତା ୬।୧୨।୦୩– ତୃତୀୟ ଅଧିବେଶନ :**

ମୟୂରଭଞ୍ଜ ମହାରାଜା ମହୋଦୟ ସଭାପତି ହେବାକୁ ସ୍ୱୀକୃତ ହୋଇଥିବା ବିଷୟ କୃତଜ୍ଞତା ସହ ଜ୍ଞାପିତ ହେଲା । ସରକାରୀ ବିଭାଗୀୟ ଉଚ୍ଚ କର୍ମଚାରିମାନେ (ଯଥା କମିଶନର, ଜଜ, ତିନି ଜିଲାର ମାଜିଷ୍ଟ୍ରେଟ, ସୁପରିନ୍‌ଟେଣ୍ଡିଙ୍ଗ ଇନ୍‌ଜିନିୟର, କମାଣ୍ଡିଂ ଅଫିସର, ସଭିଲସର୍ଜନ, କଲେଜର ପ୍ରିନ୍‌ସିପାଲ, ପୁଲୀଶ ସୁପରିନ୍‌ଟେଣ୍ଡେଣ୍ଟ, ଶିକ୍ଷାବିଭାଗ ଇନ୍‌ସ୍ପେକ୍ଟର, ଅନୁଗୁଳର ଡେପୁଟୀ କମିଶନର) ବିଶେଷ ଭାବରେ ସଭାକୁ ଆମନ୍ତ୍ରିତ ହେବାର ସ୍ଥିର ହେଲା; ଏବଂ ନିମନ୍ତ୍ରଣ ପତ୍ର ଘେନି କମିଶନର ସାହେବଙ୍କ ନିକଟକୁ କେତେକ ଜଣ ସଭ୍ୟ ଯିବାର ଧାର୍ଯ୍ୟ ହେଲା । କଟକର କେତେକ ବିଶିଷ୍ଟ ଭିନ୍ନଜାତୀୟ ଭଦ୍ର ବ୍ୟକ୍ତିଙ୍କୁ ସଭାକୁ ବିଶେଷ ଭାବରେ ଆମନ୍ତ୍ରଣ କରାଯିବାର ସ୍ଥିର ହେଲା । ବଜାରର ସର୍ଦ୍ଦାରମାନେ ଆମନ୍ତ୍ରିତ ହେବେ ଏବଂ ଆଖଡ଼ାବାଲା ଓ ସେବକ ଛାତ୍ରମାନଙ୍କଦ୍ୱାରା ସଭାରେ ଶାନ୍ତିରକ୍ଷାର ଉପାୟ କରାଯିବାର ନିର୍ଦ୍ଧାରିତ ହେଲା ।

**ତା ୧୦।୧୨।୦୩– ଚତୁର୍ଥ ଅଧିବେଶନ :**

ଉତ୍କଳୀୟମାନେ ଜାତୀୟ ଚିହ୍ନ ସ୍ୱରୂପ ପିନ୍ଧିବା ନିମନ୍ତେ କେତେକ ପ୍ରକାର ପଗଡି ଉପସ୍ଥିତ ହେଲାରୁ ତହିଁ ମଧ୍ୟରୁ ଏକପ୍ରକାର ପଗଡି ସଭ୍ୟମାନେ ପସନ୍ଦ କଲେ ଏବଂ ତାହା ଗୋଲାପି ରଙ୍ଗର ହେବାର ସ୍ଥିର ହେଲା । ଅତିଥିମାନଙ୍କର ଚର୍ଚ୍ଚା ବୁଝିବା ନିମନ୍ତେ

ସଭ୍ୟମାନଙ୍କଦ୍ୱାରା ଗୋଟିଏ କମିଟି ଗଠିତ ହେଲା । ଆମନ୍ତ୍ରଣ ପତ୍ରମାନ ପଠିତ ହୋଇ ଗୃହୀତ ହେଲା । ଶ୍ରୀଯୁକ୍ତ ରାଧାପ୍ରସାଦ ଭଗତ ଅତିଥିମାନଙ୍କ ବସା ନିମନ୍ତେ ତାଙ୍କର ବକ୍ସିବଜାରରେ ଥିବା ପ୍ରକାଣ୍ଡ ଗୃହ ଛାଡି ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଦିଆଗଲା ।

**ତା ୧୬।୧୨।୦୩– ପଞ୍ଚମ ଅଧିବେଶନ:**

ସମ୍ମିଳନୀ ସଭାର ପରଦିନ ଅତିଥିମାନଙ୍କର ଆମୋଦପ୍ରମୋଦ ନିମନ୍ତେ କେତେ ପ୍ରକାର ଦେଶୀୟ ଖେଳ ହେବାର ସ୍ଥିର ହେଲା । ପ୍ରଦର୍ଶନୀ ଦ୍ରବ୍ୟମାନଙ୍କର ଶ୍ରେଣୀବିଭାଗ ଓ ପୁରସ୍କାର ବିଧାନ କରିବା ନିମନ୍ତେ ସଭ୍ୟମାନଙ୍କଦ୍ୱାରା ଗୋଟିଏ କମିଟୀ ଗଠିତ ହେଲା । ଅତିଥିମାନଙ୍କ ନିମନ୍ତେ କଟକରେ କେତେ ଘର ଭଡାରେ ମିଳିଅଛି ତହିଁର ତାଲିକା ପ୍ରସ୍ତୁତ ହେଲା ଏବଂ ଘରଗୁଡିକର ସୁବିଧାଜନକ ବନ୍ଦୋବସ୍ତ କରିବା ନିମନ୍ତେ କେତେକ ସଭ୍ୟ ନିଯୁକ୍ତ ହେଲେ ।

**ତା ୨୦।୧୨।୦୩– ଷଷ୍ଠ ଅଧିବେଶନ :**

ସମ୍ମିଳନୀର ପ୍ରସ୍ତାବ, ପ୍ରସ୍ତାବକ, ଅନୁମୋଦକ ଓ ସମର୍ଥକମାନଙ୍କ ନାମ ଇତ୍ୟାଦି ସ୍ଥିରହେଲା । ସମଗ୍ର ଉତ୍କଳଖଣ୍ଡକୁ ଏକଶାସନାଧୀନରେ ରଖିବା ପ୍ରସ୍ତାବ ଯୋଗୁ ଭାରତ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେବା ନିମନ୍ତେ ଯେଉଁ ପ୍ରସ୍ତାବ ହୋଇଥିଲା ତାହା କେତେକ ବାଦାନୁବାଦ ପରେ ଗୃହୀତ ହେଲା ।

**ତା ୨୧।୧୨।୦୩– ସପ୍ତମ ଅଧିବେଶନ :**

ସମ୍ମିଳନୀର ଜ୧୦ଣ ଯୁଗ୍ମସମ୍ପାଦକ ସ୍ଥାୟୀଭାବରେ ନିର୍ବାଚିତ ହେଲେ ଏବଂ ପ୍ରସ୍ତାବମାନ ଶେଷଥର ନିମନ୍ତେ ଗୃହୀତ ହୋଇ ଛାପା ହେବା ନିମନ୍ତେ ସ୍ଥିର ହେଲା । ଏବଂ ତା ୧।୧।୦୪ରେ ଫିଟିବା ପ୍ରଦର୍ଶନୀକୁ କମିଶନର ସାହେବ ଫିଟାଇବେ ବୋଲି ତାଙ୍କ ନିକଟକୁ ଅନୁରୋଧ ପତ୍ର ପଠାଯିବାର ସ୍ଥିର ହେଲା ।

**ତା ୨୪।୧୨।୦୩– ଅଷ୍ଟମ ଅଧିବେଶନ :**

କେତେକ ସରକାରୀ କର୍ମଚାରୀ ସଭ୍ୟପଦରୁ ଇସ୍ତଫା ଦେଇଥିବା ଓ ସରକାରୀ କର୍ମଚାରୀମାନେ ସମ୍ମିଳନୀରେ ଯୋଗ ନ ଦେବାକୁ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଆଦିଷ୍ଟ ହୋଇଥିବା ବିଷୟ ଅବଗତ ହୋଇ କାର୍ଯ୍ୟନିର୍ବାହକ ସମିତିର ସମ୍ପାଦକ ଶ୍ରୀ ମଧୁସୂଦନ ଦାସ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କଠାକୁ ତଳଲେଖିତ ମର୍ମରେ ଖଣ୍ଡିଏ ଟେଲିଗ୍ରାମ କରିଥିଲେ ।

**TELEGRAM (ତାରଖବର)**

ଏଠାରେ ଜନରବ ଉଠିଅଛି ଯେ କିରାନିପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରିଙ୍କୁ ସମ୍ମିଳନୀ ଏବଂ ପ୍ରଦର୍ଶନୀରେ ଉପସ୍ଥିତ ହେବାକୁ ଗଭର୍ଣ୍ଣମେଣ୍ଟ ନିଷେଧ କରିଅଛନ୍ତି । ଗତ କାଲିଠାରୁ କେତେକ ସରକାରୀ କର୍ମଚାରୀ ସଭାରେ ଉପସ୍ଥିତ ହୋଇ ନ ପାରିବେ

ବୋଲି ଦୁଃଖ ପ୍ରକାଶ କରି ଆମ୍ଭନିକଟଙ୍କୁ ପତ୍ର ଲେଖିଅଛନ୍ତି । ଆହୁରି ମଧ୍ୟ ଜନରବ ଉଠିଅଛି ଯେ ରାଜାମାନଙ୍କୁ ଏ ସଭାରେ ଯୋଗଦେବା ନିମନ୍ତେ ଗଭର୍ଣ୍ଣମେଣ୍ଟ ନିଷେଧ କରିଅଛନ୍ତି । ଏହି ଜନରବଦ୍ୱାରା ସାଧାରଣଙ୍କ ମନ ଉତ୍ତେଜିତ ଏବଂ ନୈରାଶ୍ୟଜଡିତ ହୋଇଅଛି । ଏପ୍ରକାର ଜାତୀୟ ଆନ୍ଦୋଳନରେ ଗଭର୍ଣ୍ଣମେଣ୍ଟ ହସ୍ତକ୍ଷେପ କରିବେ ନାହିଁ, ଏହି ଆଶାରେ ଆଗନ୍ତୁକମାନଙ୍କ ଚର୍ଚ୍ଚା ନିମନ୍ତେ ବ୍ୟୟସାଧ୍ୟ ବନ୍ଦୋବସ୍ତମାନ କରା ଯାଇଅଛି । ଓଡିଆମାନେ ଅନୁନ୍ନତ ଜାତି; ସେମାନଙ୍କ ମଧ୍ୟରୁ ଅଧିକାଂଶ ସରକାରୀ ଚାକର । ଯଦିଚ ସାମାନ୍ୟ କିରାନୀ ଓ ସ୍କୁଲଶିକ୍ଷକ ଆତ୍ମନିର୍ଭର ପ୍ରଣାଳୀରେ ଆପଣାର ଉନ୍ନତି କରିବାପାଇଁ ସମ୍ମିଳନୀରେ ଯୋଗ ଦେବାକୁ ନିଷିଦ୍ଧ ହୁଅନ୍ତି, ତାହାହେଲେ ଆତ୍ମନିର୍ଭର ପ୍ରଣାଳୀ ମୂଳରେ କୁଠାରାଘାତ ହେବ, ଏବଂ ଆପଣାର ଅବସ୍ଥା ଉନ୍ନତି କରିବା ବିଷୟରେ ଗବର୍ଣ୍ଣମେଣ୍ଟ ବାଧା ଦେଉଅଛନ୍ତି ବୋଲି ମଣି ଓଡିଆମାନେ ଅସନ୍ତୁଷ୍ଟ ଓ ବିରକ୍ତ ହେବେ । ଗଭର୍ଣ୍ଣମେଣ୍ଟଙ୍କର ଏପରି ନିଷେଧକୁ ସାଧାରଣ ଲୋକେ ମନ୍ଦ ଅଭିପ୍ରାୟ ପ୍ରକାଶକ ବୋଲି ଅର୍ଥ କରୁଅଛନ୍ତି । ଏ ବିଷୟରେ ପୁନର୍ବିଚାର କରିବା ନିମନ୍ତେ ଛୋଟଲାଟ ବାହାଦୁରଙ୍କୁ ପ୍ରାର୍ଥନା କରୁଅଛୁଁ । ରାଜନୈତିକ କଂଗ୍ରେସ ସଂଲଗ୍ନ ପ୍ରଦର୍ଶନୀକୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ସାହାଯ୍ୟ କରୁଅଛନ୍ତି । ଯେଉଁ ସମ୍ମିଳନୀ ସଙ୍ଗେ ରାଜନୀତିର ସମ୍ପର୍କ ନାହିଁ, ଏପରି ସମ୍ମିଳନୀରେ ବୋମ୍ବାଇଠାରେ ହାଇକୋଟ ଜଜ ଏବଂ ଗଭର୍ଣ୍ଣମେଣ୍ଟଙ୍କ ସେକ୍ରେଟରୀ ସଭାପତି ହୋଇଅଛନ୍ତି । ଓଡ଼ିଆମାନେ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଅବିଶ୍ୱାସଜନକ ଏପରି କିଛି କାର୍ଯ୍ୟ କରି ନାହାନ୍ତି କି ଯହିଁରେ ଗଭର୍ଣ୍ଣମେଣ୍ଟଙ୍କର ଓଡିଆଙ୍କ ପ୍ରତି ବିଶ୍ୱାସ ଉଠି ଯାଇଅଛି ।

ସମ୍ମିଳନୀର ପ୍ରସ୍ତାବମାନ ଏହି :

୧. ଉତ୍କଳଭାଷୀ ଅଞ୍ଚଳମାନଙ୍କୁ ଏକଶାସନାଧୀନରେ ରଖିବାଯୋଗୁଁ ବଡ଼ଲାଟ୍‌ଙ୍କୁ ଧନ୍ୟବାଦ ।

୨. ସମ୍ବଲପୁରରେ ଓଡିଆଭାଷା ପୁନଃ ପ୍ରଚଳନ କରାଇବା ଯୋଗୁଁ ଛୋଟଲାଟଙ୍କୁ ଧନ୍ୟବାଦ ।

୩. ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗେ ଉତ୍କଳୀୟମାନଙ୍କର ଭ୍ରାତୃଭାବ ସଂବର୍ଦ୍ଧନ ।

୪. ଆବଶ୍ୟକୀୟ ସାମାଜିକସଂସ୍କାର ନିମନ୍ତେ ସ୍ଥାୟୀ କମିଟି ଗଠନ ।

୫. ଓଡ଼ିଆସାହିତ୍ୟର ଉନ୍ନତି ନିମନ୍ତେ କମିଟି ଗଠନ ।

୬. ଦେଶୀୟ ଶିଳ୍ପର ଉନ୍ନତି ଏବଂ ବାର୍ଷିକ ପ୍ରଦର୍ଶନୀର ବ୍ୟବସ୍ଥା ।

୭. ବାଳକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ସୁଚାଳିତ ଉପାୟ ନିର୍ଦ୍ଧାରଣ । ଯେଉଁମାନଙ୍କ ଯୋଗୁଁ ସମ୍ମିଳନୀ ସୁଫଳ ହେବ, ଅନ୍ୟାନ୍ୟ ପ୍ରସ୍ତାବମାନଙ୍କରେ ସେହିମାନଙ୍କୁ ଧନ୍ୟବାଦ ଦିଆଯାଇଅଛି ।''

ଏବଂ ସମ୍ମିଳନୀରେ ରାଜନୈତିକ ଆନ୍ଦୋଳନ ଇତ୍ୟାଦି ନ ହେଉଥିବାର ନିଶ୍ଚୟ ଜାଣି ଜଣେ ସରକାରୀ କର୍ମଚାରିଙ୍କୁ ସମ୍ମିଳନୀରେ ସଭାପତି ହେବା ନିମନ୍ତେ ଗବର୍ଣ୍ଣମେଣ୍ଟ ନିରୂପଣ କରନ୍ତୁ ବୋଲି ପରେ ପ୍ରାର୍ଥନା କରାଯାଇଥିଲା । ଯଦିଚ ଏଥିର ଉତ୍ତର ନ ମିଳେ ତେବେ ଭାରତ ଗବର୍ଣ୍ଣମେଣ୍ଟଙ୍କଠାକୁ ତାର ପଠାଯିବାର ସ୍ଥିର ହେଲା । ତତ୍‌ପରେ ଓଡ଼ିଆ ସଂସ୍କୃତ ସଂଗୀତମାନ ସଭ୍ୟମାନଙ୍କ ସମକ୍ଷରେ ବାଳକମାନଙ୍କ ଦ୍ୱାରା ବୋଲାଗଲା । ଉତ୍କଳର ଦୁଇଜଣ ପ୍ରଧାନ ଓ ପ୍ରତିଭାଶାଳୀ ଲୋକଙ୍କୁ ସମ୍ମିଳନୀରୁ ଉପହାର ଦିଆଯିବା ନିମନ୍ତେ ଗୋଟିଏ ସୁନାର କଲମ ଏବଂ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ଦେବାକୁ ଖଲ୍ଲିକୋଟ ରାଜା ପ୍ରସ୍ତାବ କରିଥିଲେ, କିନ୍ତୁ ଅଧିକାଂଶ ସଭ୍ୟଙ୍କ ମତାନୁସାରେ ସମ୍ମିଳନୀର ମଣ୍ଡପରେ ଏ ଉପହାରମାନ ପ୍ରଦତ୍ତ ହେବାର ସୁବିଧା ହେବ ନାହିଁ ବୋଲି ଉକ୍ତ ପ୍ରସ୍ତାବ ସ୍ଥଗିତ ରହିଲା ।

ତତ୍‌ପର ଦିବସ କମିଶନର ସାହେବଙ୍କ ଆହ୍ୱାନକ୍ରମେ କେତେକ ସଭ୍ୟ କମିଶନର ମହୋଦୟଙ୍କ ନିକଟକୁ ଯିବାରୁ ସାହେବ ମହୋଦୟ ଶୁଣାଇଦେଲେ ଯେ ବଙ୍ଗଳା ଗଭର୍ଣ୍ଣମେଣ୍ଟ ଶ୍ରୀ ମଧୁସୂଦନ ଦାସଙ୍କ ଟେଲିଗ୍ରାମ ପାଇ ସାହେବ ମହୋଦୟଙ୍କ ନିକଟକୁ ଏହି ଉତ୍ତର ପଠାଇ ଦେଇଅଛନ୍ତି କି ଯେବେ ଟେଲିଗ୍ରାମ ଲିଖିତମତେ ସମ୍ମିଳନୀରେ ରାଜନୈତିକ ଆନ୍ଦୋଳନ ନ ହୋଇ ସମାଜ, ଶିକ୍ଷା, ଶିଳ୍ପାଦି ଉନ୍ନତି ବିଷୟରେ ଚର୍ଚ୍ଚା ହୁଏ ତେବେ ଗବର୍ଣ୍ଣମେଣ୍ଟ କର୍ମଚାରିଙ୍କର ସେ ସଭାରେ ଉପସ୍ଥିତ ହେବା ଏବଂ ଯୋଗଦେବା ସର୍ବଥା ଉଚିତ । ସଭ୍ୟମାନଙ୍କ ଅନୁରୋଧରେ କମିଶନର ସାହେବ ସମ୍ମିଳନୀ ସଂଲଗ୍ନ ପ୍ରଦର୍ଶନୀକୁ ଫିଟାଇବାକୁ ଏବଂ ସଭାରେ ଉପସ୍ଥିତ ହେବାକୁ ପ୍ରତିଶ୍ରୁତ ହେଲେ ।

**ସମ୍ମିଳନୀ ସେବକଛାତ୍ର-ବ୍ୟବସ୍ଥା** — ଏଥିମଧ୍ୟରେ ସମ୍ମିଳନୀର କାର୍ଯ୍ୟ କରିବା ନିମନ୍ତେ କେତେଗୁଡ଼ିଏ ଛାତ୍ର ସ୍ୱଇଚ୍ଛାକ୍ରମେ ଗୋଟିଏ ଦଳ ଗଠନ କରିଥିଲେ । ଜଣେ ଶିକ୍ଷିତା ସ୍ତ୍ରୀଲୋକଙ୍କ ଉପରେ ସେମାନଙ୍କୁ ପରିଚାଳନ କରିବାର ସମସ୍ତ ଭାର ନ୍ୟସ୍ତ ହୋଇଥିଲା । ଏବଂ ସୁପରିଚାଳିତ ହେଲେ ସ୍ତ୍ରୀ ପ୍ରତିଭା କେତେଦୂର ଉନ୍ନତି କରିପାରେ ତାହା ସମ୍ମିଳନୀର ସମସ୍ତ ଆୟୋଜନରୁ ସ୍ପଷ୍ଟ ବୁଝା ଯାଉଥିଲା । ସେବକଛାତ୍ରମାନଙ୍କ ମଧ୍ୟରେ ଏମ ଏ କ୍ଲାସର ଛାତ୍ରଠାରୁ ସ୍କୁଲଛାତ୍ର ପର୍ଯ୍ୟନ୍ତ ସମସ୍ତେ ଥିଲେ । ସେମାନେ ତଳଲିଖିତ ବିଭାଗରେ ବିଭକ୍ତ ହୋଇଥିଲେ ।

୧ ମଣ୍ଡପ
୨ ପ୍ରଦର୍ଶନୀ
୩ ସଭାପତି
୪ ଅତିଥିଚର୍ଯ୍ୟା
୫ ଲେଖକ
୬ ଅଭ୍ୟର୍ଥନା

ପ୍ରତ୍ୟେକ ବିଭାଗର କାର୍ଯ୍ୟ ତତ୍ତ୍ୱନେବା ନିମନ୍ତେ ଦୁଇଜଣ ଲେଖାଏଁ ଦଳପତି ଓ କେତେକ ଜଣ ଲେଖାଏଁ କାର୍ଯ୍ୟନିର୍ବାହକ ସମିତିର ସଭ୍ୟ ନିଯୁକ୍ତ ହୋଇଥିଲେ । ସେବକମାନଙ୍କ ସାହାଯ୍ୟରେ ସଭାମଣ୍ଡପ ସଜ୍ଜିତ ହୋଇଥିଲା, ପ୍ରଦର୍ଶନୀପଦାର୍ଥମାନ ସଜ୍ଜିତ ହୋଇଥିଲା, ଶାନ୍ତି ରକ୍ଷା ହୋଇଥିଲା, ଆଗନ୍ତୁକମାନଙ୍କ ଚର୍ଚ୍ଚା ହୋଇଥିଲା, ସଭାପତିଙ୍କ ସାହଚର୍ଯ୍ୟା ହୋଇଥିଲା, ଆମନ୍ତ୍ରଣପତ୍ର, ପ୍ରବେଶ କାର୍ଡ, ଟିକଟ ଇତ୍ୟାଦି ଲିଖିତ ଓ ପ୍ରେରିତ ହୋଇଥିଲା । ସେବକମାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଉତ୍ସାହ ଦେଖି ସମସ୍ତେ ଚମତ୍କୃତ ହୋଇଥିଲେ । ସେବକ ଛାତ୍ରଙ୍କୁ ଚିହ୍ନସ୍ୱରୂପ ଗୋଟିଏ ଲେଖାଏ ରେସମର ରଙ୍ଗ ଫୁଲ ପରିଧାନ କରିବା ନିମନ୍ତେ ପ୍ରଦତ୍ତ ହେଇଥିଲା । (ଏ ରିପୋଟ ଛାପାଖାନାକୁ ପଠାଇବା ସମୟରେ ଆମ୍ଭେମାନେ କଲିକତା ଗେଜେଟରୁ ଜ୍ଞାତ ହେଲୁଁ ଯେ ସେବକ ଛାତ୍ରମାନଙ୍କ ଦଳପତି ଶ୍ରୀ ବାବୁ ଶଶୀଭୂଷଣ ସତପଥୀ ଡିପୋଟି କିଲଟର ପଦରେ ନିଯୁକ୍ତ ହୋଇଅଛନ୍ତି– ଏ ଅତି ଶୁଭ ସଂବାଦ ।)

ଆଗନ୍ତୁକମାନଙ୍କ ବସା ନିମନ୍ତେ ଶ୍ରୀଯୁକ୍ତ ରାଧାପ୍ରସାଦ ଭଗତ ବଲ୍ଵିବଜାର ହାଟ ନିକଟସ୍ଥ ବଡକୋଠାକୁ ବିନାଭଡାରେ ଛାଡିଦେଇଥିଲେ । ତହିଁରେ ଗଞ୍ଜାମର ପ୍ରାୟ ଜ୧୨୦ଣ ପ୍ରତିନିଧି ଥିଲେ । ବଲ୍ଵିବଜାର ଭୀସରାମ ଇବ୍ରାହିମ କୋଠି ଭଡା ନିଆଯାଇଥିଲା । ସେଥିରେ ଗଞ୍ଜାମର ୭୦ଜଣ ଥିଲେ । ବଲ୍ଵିବଜାରର ପଦନସାହୁଙ୍କ କୋଠାରେ ଗଞ୍ଜାମର ୫ଜଣ ତେଲଗୁ ଆମନ୍ତ୍ରିତ ଭଦ୍ରଲୋକ ଥିଲେ । ରାଜା ବନବିହାରୀ କାପୁର ମହୋଦୟ ବର୍ଦ୍ଧମାନ କୋଠି ସମ୍ମିଳନୀ ନିମନ୍ତେ ଛାଡି ଦେଇଥିଲେ । ଶ୍ରୀଯୁକ୍ତ ବର୍ଦ୍ଧମାନ ରାଜାଙ୍କର ଚାଉଳିଆଗଞ୍ଜ କୋଠିରେ ଖଲ୍ଲିକୋଟ ଓ ଆଠଗଡର ରାଜା ଥିଲେ । ବାଖରାବାଦ ଶ୍ରୀନଦିଆ ବାବୁଙ୍କ କୋଠାରେ ମଞ୍ଜୁସାର ପାଟଦେବ ଥିଲେ । ନର୍ମାଲସ୍କୁଲ ଲେନ ଶ୍ରୀ କାର୍ତ୍ତିକ ଭଗତଙ୍କ କୋଠାରେ ଗଞ୍ଜାମର ୫ ଜଣ ମହନ୍ତ, ଖଲ୍ଲିକୋଟ ରାଜାଙ୍କ କୋଠାରେ ଗଞ୍ଜାମର ୧୫ଜଣ, ଶ୍ରୀ ଫକୀରମୋହନ ସେନାପତିଙ୍କ ବସାରେ ବିଶାଖାପଟନର ଶ୍ରୀ ବିକ୍ରମଦେବ, ବାଖରାବାଦ ଶ୍ରୀ ଦ୍ୱାରୀ ବାବୁଙ୍କ କୋଠାରେ ଜ୧୫ଣ ସମ୍ବଲପୁର ପ୍ରତିନିଧି, ତେଲଙ୍ଗାବଜାର ହରିରାମ ମାରଓ୍ୱାଡି କୋଠାରେ ମେଦିନୀପୁର ବାଲ୍ୟାବେଢାର ପ୍ରହରାଜ ମହାଶୟ, କଟକଚଣ୍ଡୀ ଲକ୍ଷ୍ମୀନାରାୟଣ ଚୌଧୁରିଙ୍କ କୋଠିରେ ସଭାପତି, କନିକାରାଜାଙ୍କ କୋଠିରେ ଅମୃତବଜାର ପତ୍ରିକାର ସମ୍ପାଦକ, ଏହା ଛଡ଼ା ଆଉ କେତେଗୁଡ଼ିଏ ଘର ଆଗନ୍ତୁକମାନଙ୍କ ଅପେକ୍ଷାରେ ଭଡ଼ା ନିଆଯାଇଥିଲା । ଆଗନ୍ତୁକମାନଙ୍କୁ ଷ୍ଟେସନରୁ ଆଣି ବସାରେ ରଖାଇବା ନିମନ୍ତେ କାର୍ଯ୍ୟନିର୍ବାହକ୍ କମିଟିର କେତେକ ସଭ୍ୟ ନିଯୁକ୍ତ ହୋଇଥିଲେ । ଅଧିକାଂଶ ଅତିଥିଙ୍କର ଷ୍ଟେସନରୁ ବସାପର୍ଯ୍ୟନ୍ତ ଆସିବାର ଗାଡିଭଡ଼ା, ଆହାରାଦିର ବ୍ୟୟ, ଭୃତ୍ୟ ଇତ୍ୟାଦିର ବ୍ୟୟ,

କାର୍ଯ୍ୟନିର୍ବହକ କମିଟି ବହନ କରିଥିଲେ । ସମ୍ମିଳନୀ ଅତି ଅଳ୍ପ ସମୟ ମଧ୍ୟରେ ଆୟୋଜନ ହୋଇଥିବାରୁ ଆଗନ୍ତୁକମାନଙ୍କ ଚର୍ଚ୍ଚା ଓ ମଣ୍ଡପରେ ବସିବାର ସ୍ଥାନ ଇତ୍ୟାଦିରେ ଢେର ତ୍ରୁଟି ହୋଇଥିଲା । ସେ ତ୍ରୁଟି ନିମନ୍ତେ କାର୍ଯ୍ୟନିର୍ବାହକ ସମିତି ଆଗନ୍ତୁକମାନଙ୍କ ନିକଟରେ କ୍ଷମାପ୍ରାର୍ଥନା କରୁଅଛନ୍ତି ଓ ଭବିଷ୍ୟତରେ ତ୍ରୁଟିମାନ ଯଥାସାଧ୍ୟ ପୂରଣ କରିବା ନିମନ୍ତେ ସଂକଳ୍ପ କରିଅଛନ୍ତି । ରାଜନୈତିକ ଓଡ଼ିଶାରୁ ଆଗତ ପ୍ରତିନିଧି ଓ ଦର୍ଶକମାନଙ୍କ ଚର୍ଚ୍ଚା ନିମନ୍ତେ କମିଟି କୌଣସି ବନ୍ଦୋବସ୍ତ କରି ନ ଥିଲେ । ଅଭ୍ୟାଗତମାନଙ୍କ ନିମନ୍ତେ ଗାଡି ଓ ପାଇଖାନାର ସୁବନ୍ଦୋବସ୍ତ କରି ଦେଇଥିବା ଯୋଗୁଁ କାର୍ଯ୍ୟନିର୍ବାହକ ସମିତିର ସଭ୍ୟମାନେ କଟକ ମିଉନିସିପାଲିଟୀ ଏବଂ କାଣ୍ଟନମେଣ୍ଟର କର୍ତ୍ତୃପକ୍ଷମାନଙ୍କଠାରେ ଋଣୀ ।

**ବ୍ୟୟଭାର** – ସମ୍ମିଳନୀର ବ୍ୟୟ କାର୍ଯ୍ୟନିର୍ବାହକ ସମିତି ବହନ କରିଅଛନ୍ତି । ଏଥିନିମନ୍ତେ କମିଟି କାହାକୁ ଯାଚଞ୍ଚା କରିନାହାନ୍ତି । ତେବେ ସୁଦ୍ଧା ନିମ୍ନଲିଖିତ ବନ୍ଧୁମାନେ ଅଯାଚିତ ଭାବରେ ଯାହା ଦାନ କରିଥିଲେ ତାହା ଏଠାରେ ଉଲ୍ଲେଖ କରାଗଲା ।

ସମ୍ମିଳନୀର ଆୟ ବ୍ୟୟ ରଖା ଯାଇଅଛି । କେହି ଇଚ୍ଛା କଲେ ସମ୍ମିଳନୀର ସ୍ଥାୟୀ କାର୍ଯ୍ୟାଳୟରୁ ତାହା ଦେଖିପାରିବେ । କିନ୍ତୁ କେତେକ କାରଣ ବଶତଃ କମିଟି ଉକ୍ତ ଆୟ ବ୍ୟୟର ହିସାବ ସାଧାରଣରେ ପ୍ରକାଶ କରିବାରୁ ବର୍ତ୍ତମାନ କ୍ଷାନ୍ତ ରହିଲେ ।

| | | |
|---|---|---|
| ଶ୍ରୀ ବାବୁ ପାରେଶ୍ୱର ମହାନ୍ତି | ଟ. | ୫.୦୦ |
| ଶ୍ରୀ ମଧୁପୁର ରାଜା ମହୋଦୟ | ଟ. | ୩୦.୦୦ |
| ଶ୍ରୀ ବାବୁ ରାମଶଙ୍କର ରାୟ | ଟ. | ୫୦.୦୦ |
| ଶ୍ରୀ ବାବୁ ଗଉରୀଶଙ୍କର ରାୟ | ଟ. | ୧୦୦.୦୦ |
| ଶ୍ରୀ ବାବୁ ମଧୁସୂଦନ ରାଓ | ଟ. | ୧୦.୦୦ |
| ଶ୍ରୀ ବାବୁ ବାଳକୃଷ୍ଣ ଅପା | ଟ. | ୨୦.୦୦ |
| ଶ୍ରୀ ବାବୁ ରାଧାପ୍ରସାଦ ଭଗତ | ଟ. | ୪୦.୦୦ |
| ଶ୍ରୀ ବାବୁ କୃଷ୍ଣଚନ୍ଦ୍ର ପାଲିତ | ଟ. | ୨୦.୦୦ |
| ଶ୍ରୀ କନିକା ରାଜା ମହୋଦୟ | ଟ. | ୫୦୦.୦୦ |
| ଶ୍ରୀ କୃଷ୍ଣପ୍ରସାଦ ମହାନ୍ତି ବଲାଙ୍ଗୀର | ଟ. | ୧୦.୦୦ |
| ଶ୍ରୀ ଆଠଗଡ଼ ରାଜା ମହୋଦୟ | ଟ. | ୨୦୦.୦୦ |
| ଶ୍ରୀ ସୟଦ୍ ରୟାଇ ରସୁଲ | ଟ. | ୧୦.୦୦ |
| ଶ୍ରୀ ବାବୁ ନରସିଂହ ପ୍ରହରାଜ | ଟ. | ୨୦.୦୦ |
| ଶ୍ରୀ ରଘୁନାଥ ପୁରିଗୋସାଇଁ | ଟ. | ୨୫.୦୦ |
| ଶ୍ରୀ ନିତ୍ୟାନନ୍ଦ ଯେନା | ଟ. | ୫.୦୦ |

| | | |
|---|---|---|
| ଶ୍ରୀ ପାରିକୁଦ ରାଜା ବାହାଦୁର | ଟ. | ୭୦.୦୦ |
| ଶ୍ରୀ ସିଦ୍ଧେଶ୍ୱରପୁରର ସଭା | ଟ. | ୫.୦୦ |
| ଶ୍ରୀ ଖଣ୍ଡପଡ଼ା ରାଜା ମହୋଦୟ | ଟ. | ୫୦୦.୦୦ |
| ସିଦ୍ଧେଶ୍ୱର ମିଶ୍ର, ସା : ବୀରପ୍ରତାପ ପୁର, ପ୍ରଃ ରାହାଙ୍ଗ, ତାହାଙ୍କ ପୁତ୍ରଙ୍କ ବିବାହ ଉପଲକ୍ଷେ ବାବୁ ବାଳକୃଷ୍ଣ ମହାନ୍ତିଙ୍କଦ୍ୱାରା ପ୍ରେରିତ | ଟ. | ୧୦.୦୦ |
| ବାବୁ ବାଳକୃଷ୍ଣ ମହାନ୍ତି | ଟ. | ୧.୦୦ |
| ବାହାରର ବନ୍ଧୁମାନଙ୍କଠାରୁ ବାବୁ ବିଶ୍ୱନାଥ କରଙ୍କଦ୍ୱାରା | ଟ. | ୩୦.୦୦ |
| ମୋଟ | ଟ. | ୧୬୬୧.୦୦ |

ଉତ୍କଳ କନଫରେନ୍ସର ଅଧିବେଶନ ସନ ୧୯୦୩ ମସିହା ଡିସେମ୍ବର ତା୩୦।୩୧ ରିଖରେ ହୋଇଥିଲା ।

**ସମ୍ମିଳନୀରେ ଉପସ୍ଥିତ ବ୍ୟକ୍ତିଗଣ—** ଶ୍ରୀଯୁକ୍ତ କମିଶନର ମାନ୍ୟବର କେ ଜି ଗୁପ୍ତ ମହୋଦୟ ସମ୍ମିଳନୀରେ ପ୍ରଥମଦିନ ଉପସ୍ଥିତ ହୋଇଥିଲେ ।

କଲିକତାର ଅମୃତବଜାର ପତ୍ରିକାର ସମ୍ପାଦକ
ଶ୍ରୀଯୁକ୍ତ ମୟୂରଭଞ୍ଜ ମହାରାଜା
ଶ୍ରୀଯୁକ୍ତ କେଉଁଝରେ ମହାରାଜା
ଶ୍ରୀଯୁକ୍ତ ତାଳଚେର ରାଜା
ଶ୍ରୀଯୁକ୍ତ ଆଠଗଡ଼ ରାଜା
ଶ୍ରୀଯୁକ୍ତ ଖଲିକୋଟ ରାଜା
ଶ୍ରୀଯୁକ୍ତ ମଞ୍ଜୁଷାର ରାଜକୁମାର
ଶ୍ରୀଯୁକ୍ତ ବିଶାଖାପଟଣାର ବିକ୍ରମଦେବ
ଶ୍ରୀଯୁକ୍ତ କନିକାର ରାଜା
ଶ୍ରୀଯୁକ୍ତ ରାଜା ବୈକୁଣ୍ଠନାଥ ଦେ ବାହାଦୁର
ଶ୍ରୀଯୁକ୍ତ ସୁରଙ୍ଗୀର ରାଜଭ୍ରାତା
ଶ୍ରୀଯୁକ୍ତ ରେଭରେଣ୍ଡ ଇଅଙ୍ଗ
ଶ୍ରୀଯୁକ୍ତ ରେଭରେଣ୍ଡ ହାଉଏଲ୍ସ୍
ଶ୍ରୀଯୁକ୍ତ ରାୟ ଯୋଗେଶ୍ୱର ଚନ୍ଦ୍ର ଚନ୍ଦ୍ର ବାହାଦୁର
ଶ୍ରୀଯୁକ୍ତ ସୁକୁମାର ରାୟ ଚୌଧୁରୀ
ଶ୍ରୀଯୁକ୍ତ ପ୍ରିନ୍ସପଲ ରେଭନ୍ସା କଲେଜ

ଶ୍ରୀମତୀ ଶୈଳବାଳା ଦାସ
ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର ରାୟ
ଗଞ୍ଜାମରୁ– ଜଣ୩୦୦ଣ
ମେଦିନୀପୁର– ଜ୧୦ଣ
ସମ୍ବଲପୁର– ଜ୨୫ଣ
କଟକ, ପୁରୀ, ବାଲେଶ୍ୱର
ଓ ଗଡ଼ଜାତରୁ ଆଗତବ୍ୟକ୍ତିମାନଙ୍କ ତାଲିକା ସଂଗୃହୀତ ହୋଇପାରି ନାହିଁ ।
କଲେଜ ଓ ସ୍କୁଲର ଛାତ୍ର
କଟକର ବାସିନ୍ଦା ଓ ସ୍ଥାନୀୟ ଲୋକ
କଟକବାସୀ ଓ ଅନ୍ୟ ଦେଶୀୟ ଭଦ୍ରଲୋକ

ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ ନିମନ୍ତେ ଶ୍ରେଣୀ ବିଭାଗରେ ଆସନ ପଂକ୍ତି ନିର୍ଦ୍ଦିଷ୍ଟ ହୋଇଥିଲେହେଁ ଆସନବିଭାଗ ଇତ୍ୟାଦିରେ ଅଳ୍ପ ସମୟ ଯୋଗୁଁ ସନ୍ତୋଷଜନକ ବନ୍ଦୋବସ୍ତ ହୋଇ ପାରି ନ ଥିଲା । କେତେକ ଇଂରାଜ ଭଦ୍ରଲୋକ ଆମନ୍ତ୍ରଣ ପତ୍ର ପାଇ ଉତ୍ତର ଦେଇ ନ ଥିବାରୁ ଓ ଅନୁପସ୍ଥିତ ହୋଇଥିବାରୁ କାର୍ଯ୍ୟନିର୍ବାହକ ସମିତି ସେମାନଙ୍କ ଆଚରଣରେ ମର୍ମାନ୍ତିକ ବ୍ୟଥିତ ହୋଇଅଛନ୍ତି । ନିମ୍ନଲିଖିତ ବ୍ୟକ୍ତିମାନେ ସମ୍ମିଳନୀକୁ ପତ୍ର ଓ ଟେଲିଗ୍ରାମ ପଠାଇବାଦ୍ୱାରା ସହାନୁଭୂତି ଦେଖାଇଅଛନ୍ତି;–

ଶ୍ରୀମାନ୍ ରାଜା ଧରାକୋଟ
ଶ୍ରୀମାନ୍ ରାଜା ସୁରଙ୍ଗି
ଶ୍ରୀମାନ୍ ସେକଣ୍ଡ ପ୍ରିନ୍ସ ପାରଳାଖେମୁଣ୍ଡୀ
ଶ୍ରୀମାନ୍ ରାଜା ଖରସୁଆ
ଶ୍ରୀମାନ୍ ରାଜା ହିନ୍ଦୋଳ
ଶ୍ରୀମାନ୍ ରାଜା ସୋନପୁର
ଶ୍ରୀମାନ୍ ରାଜା ଖଣ୍ଡପଡ଼ା
ଶ୍ରୀମାନ୍ ରାଜା ନରସିଂହପୁର
ଶ୍ରୀମାନ୍ ଜମିଦାର ବରପାଲି
ଶ୍ରୀ ଶ୍ୟାମସୁନ୍ଦର ନନ୍ଦ
ଶ୍ରୀ ଜଗନୋହନ ଲାଲା
ଶ୍ରୀ ଅଜୟଚନ୍ଦ୍ର ଦାସ
ଶ୍ରୀଯୁକ୍ତ ରେଭରେଣ୍ଡ ହାଉଏଲସ
ଶ୍ରୀ କ୍ଷୀରୋଦ ନାରାୟଣ ଭୂୟାଁ

ଶ୍ରୀଯୁକ୍ତ କନ୍ଧମାଳର ସବ୍‌ଡିଭିଜନ ଅଫିସର
ଶ୍ରୀଯୁକ୍ତ ପୁରୀ ମାଜିଷ୍ଟ୍ରେଟ
ଶ୍ରୀ ଶ୍ରୀବତ୍ସ ପଣ୍ଡା
ମେଦିନୀପୁରର ଉତ୍କଳଭାଷିମାନଙ୍କ ପକ୍ଷରୁ
ଶ୍ରୀ ଦାଶରଥି ବାନୁର୍ଯ୍ୟା
ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ମାନ୍ୟବର ଡାକ୍ତର ଆଶୁତୋଷ ମୁଖୁର୍ଯ୍ୟା
ପ୍ରଫେସର ଶ୍ରୀ କାଳୀଚରଣ ବାନୁର୍ଯ୍ୟା

**କାର୍ଯ୍ୟନିର୍ବାହକ ସମିତିର ସଭ୍ୟମାନେ**– ଅଧିକାଂଶ ସଭ୍ୟ ସମ୍ମିଳନୀର କାର୍ଯ୍ୟରେ ମନ ପ୍ରାଣ ଢାଳି କାର୍ଯ୍ୟ କରିଅଛନ୍ତି । ଯାହାଙ୍କଠାରେ ଯେଉଁ କାର୍ଯ୍ୟ ନ୍ୟସ୍ତ ଥିଲା ସେ ଉକ୍ତ କର୍ତ୍ତବ୍ୟ ପାଳନରେ ତ୍ରୁଟି କରି ନାହାନ୍ତି । ଭିନ୍ନ ଭିନ୍ନ ବିଭାଗର କାର୍ଯ୍ୟ ଭିନ୍ନ ଭିନ୍ନ ସଭ୍ୟମାନଙ୍କ ଉପରେ ନ୍ୟସ୍ତ ଥିଲା । ସଭ୍ୟମାନଙ୍କ ଜ୍ଞାନକୃତ ତ୍ରୁଟି ବା ଅବହେଳାଯୋଗୁଁ କାହାକୁ କଷ୍ଟ ଭୋଗ କରିବାକୁ ହୋଇ ନାହିଁ । ଏହା ଆନନ୍ଦର ବିଷୟ । ଅନ୍ୟସ୍ଥାନର ସଭ୍ୟମାନେ ଅବଶ୍ୟ ଢ଼େର ସହାନୁଭୂତି ଦେଖାଇଅଛନ୍ତି । କିନ୍ତୁ ସମ୍ମିଳନୀର ଅଧିବେଶନ କଟକରେ ହେବାରୁ କଟକର ସ୍ଥାନୀୟ ସଭ୍ୟମାନଙ୍କ ପ୍ରତି ଆୟୋଜନର ସମସ୍ତ ଭାର ପଡିଥିଲା । କାର୍ଯ୍ୟନିର୍ବାହକ ସମିତି ସେବକ ଛାତ୍ରମାନଙ୍କଠାରୁ ଅନେକ ସାହାଯ୍ୟ ପାଇଅଛନ୍ତି ଓ ସେମାନେ ମନ, ପ୍ରାଣ ଦେଇ ସେବାକାର୍ଯ୍ୟ କରି ନ ଥିଲେ, ଅନେକ ବିଷୟରେ ସଭ୍ୟମାନଙ୍କୁ ଅସୁବିଧା ଭୋଗ କରିବାକୁ ହୋଇଥାନ୍ତା । ଓଡିଶାର ପ୍ରତିଅଞ୍ଚଳରୁ ପୂର୍ଣ୍ଣ ସହାନୁଭୂତିର ସୂଚନା ମିଳିଅଛି । ଏମନ୍ତ କି ଅଶିକ୍ଷିତ ସାଧାରଣ ଲୋକମାନେ ସୁଦ୍ଧା ସମ୍ମିଳନୀରେ ଯୋଗ ଦେବା ନିମନ୍ତେ ବ୍ୟଗ୍ରତା ଓ ସହାନୁଭୂତି ଦେଖାଇଅଛନ୍ତି । ଏତେବଡ ବୃହତ୍ ଆୟୋଜନ ପୁଲୀଶର ବିନା ସାହାଯ୍ୟରେ ନିର୍ବିଘ୍ନରେ ସମ୍ପନ୍ନ ହେଲା ଓ ପୁଲୀଶର ସମୁଦାୟ କାର୍ଯ୍ୟ ସେବକମାନଙ୍କଦ୍ୱାରା ହୋଇଥିଲା ।

**ଜାତୀୟ ପଗଡି**– କାର୍ଯ୍ୟନିର୍ବାହକ ସମିତି ଯେଉଁ ଜାତୀୟ ପାଗ ଚଳାଇଅଛନ୍ତି ସେ ଜାତୀୟ ପାଗ ପ୍ରତି କେତେକ ଉତ୍କଳୀୟଙ୍କର ଦୃଷ୍ଟି ପଡିଅଛି । ଏହା ବଡ଼ ଆନନ୍ଦର ବିଷୟ, କିନ୍ତୁ ଉତ୍କଳୀୟ ସାଧାରଣଙ୍କର ଏଥିପ୍ରତି ପୂର୍ଣ୍ଣ ଦୃଷ୍ଟି ପଡିବାର ଆବଶ୍ୟକ, ଏହି ପାଗ ବହୁଳ ଭାବରେ ପ୍ରଚଳିତ ହେଲେ ଉତ୍କଳୀୟମାନଙ୍କର ଜାତୀୟ ଜୀବନ ଗଠନ ବିଷୟରେ ଅନେକ ସୁବିଧା ହେବ । ସଭା ସମିତି ଇତ୍ୟାଦିରେ ଉତ୍କଳୀୟମାନଙ୍କ ଜାତୀୟ ଚିହ୍ନସ୍ୱରୂପ ଯେପରି ଏହି ପଗଡି ବହୁ ପରିମାଣରେ ବ୍ୟବହୃତ ହୁଏ ଏଥିପ୍ରତି ସମସ୍ତ ଉତ୍କଳୀୟଙ୍କର ଦୃଷ୍ଟି ଓ ଚେଷ୍ଟା ରହିବା ଆବଶ୍ୟକ ।

**ସମ୍ମିଳନୀର କାର୍ଯ୍ୟ ବିବରଣ ପ୍ରକଟନ**— ସମ୍ମିଳନୀର ରିପୋଟ ଲେଖିବା ନିମନ୍ତେ କଲିକତାରୁ ଜଣେ ରିପୋର୍ଟର ଆସିଥିଲେ ଏବଂ ଯଥାସମୟରେ ଷ୍ଟେଟସ୍‌ମାନ, ଅମୃତବଜାର ପତ୍ରିକା ଏବଂ ଇଂଲିସମାନରେ ସମ୍ମିଳନୀର ସଂକ୍ଷିପ୍ତ ବିବରଣ ପ୍ରକାଶିତ ହୋଇଥିଲା । ଉତ୍କଳଦୀପିକାରେ ସମ୍ମିଳନୀର ବିବରଣ ବିଶେଷ ଭାବରେ ପ୍ରକାଶିତ ହୋଇଥିଲା ଏବଂ ଉତ୍କଳର ଅନ୍ୟାନ୍ୟ ସମ୍ବାଦପତ୍ରମାନ ଯଥା ସମୟରେ ସଂକ୍ଷେପ ବିବରଣ ପ୍ରକାଶ କରିଥିଲେ ।

## ଉତ୍‌କଳସମ୍ମିଳନୀର କାର୍ଯ୍ୟବିବରଣ

ଶୁଭକ୍ଷଣରେ ୧୯୦୩ ସାଲ ଡିସେମ୍ବର ମାସ ତା୩୦ରିଖ ବୁଧବାର ପ୍ରଭାତ ହୋଇଥିଲା । ସେ ଦିନ ଘ ୧୧ଣ୍ଟା ବେଳେ ଉତ୍କଳସମ୍ମିଳନୀ ସଭାର ପ୍ରଥମ ଅଧିବେଶନ ହେଲା । ସଭାମଣ୍ଡପଟି ଅତ୍ୟନ୍ତ ମନୋହରରୂପେ ସୁସଜ୍ଜିତ ହୋଇଥିଲା ଏବଂ ଏଡ଼େ ବୃହତ୍ ଥିଲା ଯେ ପ୍ରାୟ ଦୁଇସହସ୍ର ଲୋକ ଅକ୍ଳେଶରେ ତହିଁ ମଧ୍ୟରେ ସ୍ଥାନ ପାଇଲେ । ଆସନର ବନ୍ଦୋବସ୍ତ ଉତ୍ତମ ଥିଲା ଏବଂ ଶାନ୍ତିରକ୍ଷାର କାର୍ଯ୍ୟ ସେବକ ଛାତ୍ରମାନେ ସଉକିନି ସୈନ୍ୟଦଳ ରୂପେ ଅତି ସାବଧାନ ଓ ମନୋଯୋଗ ସହିତ ନିର୍ବାହ କରିଥିଲେ । ସଭାରେ ଯୋଗଦାନ କରିବା କାରଣ ଓଡ଼ିଶା, ଗଞ୍ଜାମ, ସମ୍ବଲପୁର, ମେଦିନୀପୁର ଓ ଗଡ଼ଜାତରୁ ବହୁ ଲୋକ ସମାଗତ ହୋଇଥିଲେ । ମେଦିନୀପୁରର ଜ୧୦ଣ, ସମ୍ବଲପୁରର ଜ୨୫ଣ ଏବଂ ଗଞ୍ଜାମରୁ ଛାତ୍ରବୃନ୍ଦ ସହିତ ଜ୩୦୦ଣ ହେବେ । ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରେ ମୟୂରଭଞ୍ଜ ଓ କେଉଁଝଡ଼ର ମହାରାଜାମାନେ, ତାଳଚେର, ଢେଙ୍କାନାଳ, ଆଠଗଡ଼, ମଧୁପୁର, ଖଲ୍ଲିକୋଟ ଓ କନିକାର ରାଜାମାନେ, ରାଜା ବୈକୁଣ୍ଠନାଥ ଦେ ବାହାଦୁର, ଜୟପୁରର ଶ୍ରୀ ବିକ୍ରମଦେବ ବର୍ମା, ମଞ୍ଜୁଷା ରାଜପୁତ୍ର ଓ ସୁରଙ୍ଗିର ରାଜଭ୍ରାତା, କଲିକତା ଅମୃତବଜାର ପତ୍ରିକାର ସମ୍ପାଦକ ବାବୁ ମତିଲାଲ ଘୋଷ, ଓଡିଶାର କମିଶନର ଶ୍ରୀଯୁକ୍ତ କେ, ଜି, ଗୁପ୍ତ, ପାଦରି ୟଙ୍ଗ ଓ ପାଦରି ହାଉଏଲ୍‌ସ ପ୍ରଭୃତି ଉପସ୍ଥିତ ଥିଲେ । ଆଠଗଡ଼ ରାଜା ଗୋଟିଏ ସଂସ୍କୃତ ସ୍ତବ ପାଠ ପୂର୍ବକ **ସଭାର କାର୍ଯ୍ୟାରମ୍ଭ କଲେ** । ଯଥା—

### ମଙ୍ଗଳାଚରଣ

"ଶ୍ରୀଶୋ ଭ୍ରୂଭଙ୍ଗଲୀଳାକୃତନିଖିଳଜଗତ୍‌ସୃଷ୍ଟିରକ୍ଷାବିନାଶୋ
ଯୋ ବିଶ୍ୱବ୍ୟାପକୋଽଳଂ ଜୟତି ସୁକରୁଣାବାରିଧିଃ ସର୍ବଦର୍ଶୀ ।
ଯାଚେ ତତ୍ପାଦପଦ୍ମେ ସକଳଜନସୁଖାପାଦିକଲ୍ୟାଣରାଶିଂ
ସଭ୍ୟାନାଂ ଶ୍ରୀଯୁତାନାଂ ସ ହୃଦୟକମଳେଷୂପବିଷ୍ଟସ୍ତନୋତୁ ।୧।

କୁର୍ବନ୍ତି ସ ପ୍ରସାଦାଦିହ ପରିମିଳିତା ଔତ୍କଳାମାନ୍ୟଗଣ୍ୟାଃ
ସାମ୍ନାୟାଃ ସୂତ୍ରଭୂମେଶ୍ଚିରମଳିନମୁଖଂ ନିର୍ମଳୀକୃତ୍ୟ ନିତ୍ୟଂ ।
ସନ୍ତୋଽସ୍ୟାଃ କ୍ରୋଡ଼ଦେଶେ ପ୍ରମୁଦିତମନସୋ ଭ୍ରାତୃତା ସୌଖ୍ୟଯୁକ୍ତାଃ
ସୌଜନ୍ୟୈ କତ୍ୱବିଦ୍ୟାଦିଗୁଣଜଯଶସା ଭୂଷିତା ଦୀର୍ଘଖେଳାଂ ।୨।

## ଅର୍ଥ

ଯେଉଁ ଭଗବାନ୍ ସର୍ବବ୍ୟାପକ ସର୍ବଦର୍ଶୀ ଦୟାସାଗର କଟାକ୍ଷ ଲୀଳାରେ ସମଗ୍ର ସଂସାରକୁ ସୃଜନ ପାଳନ ଓ ବିନାଶ କରନ୍ତି ସେହି ଶ୍ରୀପତି ଜୟ କରନ୍ତୁ । ଶ୍ରୀଯୁକ୍ତ ସଭ୍ୟମାନଙ୍କର ହୃଦୟପଦ୍ମରେ ଉପସ୍ଥିତ ହୋଇ ସମସ୍ତ ଜନମାନଙ୍କର ସୁଖକର କଲ୍ୟାଣ ସମୂହକୁ ବିସ୍ତାର କରନ୍ତୁ, ମୁଁ ଏହା ତାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଅଛି ।

ଯାହାଙ୍କ ପ୍ରସାଦରୁ ଔତ୍କଳୀୟ ମାନ୍ୟ ଗଣ୍ୟ ବ୍ୟକ୍ତିମାନେ ଏଠାରେ ସର୍ବତୋଭାବରେ ମିଳିତ ହୋଇ ନିଜ ମାତା ସୂତ୍ର ଭୂମିର ଚିରକାଳର ମଳିନ ମୁଖକୁ ନିର୍ମଳ କରି ସୁଜନତା, ଐକ୍ୟତା ବିଦ୍ୟା ପ୍ରଭୃତି ଯଶଦ୍ୱାରା ଭୂଷିତ, ଭ୍ରାତୃତା ସୌଖ୍ୟଯୁକ୍ତ ଏବଂ ଆନନ୍ଦଚିତ୍ତ ହୋଇ ପ୍ରତ୍ୟହ ଏହି ଜନନୀଙ୍କ କ୍ରୋଡ଼ଦେଶରେ ଦୀର୍ଘକାଳ ଲୀଳା କରୁଅଛନ୍ତି ।

—

କାର୍ଯ୍ୟନିର୍ବାହକ କମିଟୀର ସଭାପତି ଶ୍ରୀଯୁକ୍ତ କନିକା ରାଜା ସଭାରେ ସମୁପସ୍ଥିତ ସଭ୍ୟମାନଙ୍କୁ ସମ୍ବୋଧନ କରି କହିଲେ ଆପଣମାନେ ଏତେ କଷ୍ଟ ସ୍ୱୀକାର କରି ନାନା ସ୍ଥାନରୁ ଶୁଭାଗମନ କରିଅଛନ୍ତି ଓ ଉତ୍କଳ ଭାଇମାନଙ୍କୁ ଏକାଠେ ଦେଖି ମୁଁ ଯେ ପର୍ଯ୍ୟନ୍ତ ଆନନ୍ଦିତ ହୋଇଅଛି ତାହା ବାକ୍ୟରେ ପ୍ରକାଶ କରିପାରୁ ନାହିଁ । ଆପଣମାନଙ୍କର ସୁଯୋଗ୍ୟ ଅଭ୍ୟର୍ଥନା କରିବା ପୁଣି ସମୁଚିତ ଚର୍ଚ୍ଚା କରିବା ମୋହର ସାଧ ନୁହେ । ସେଥିର ସମସ୍ତ ତ୍ରୁଟି ଆପଣମାନେ ଉଦାରତା ସହିତ କ୍ଷମା କରିବେ ଏବଂ ମୋହର ହୃଦୟର ଉପହାର ଗ୍ରହଣରେ ସନ୍ତୁଷ୍ଟ ହେବେ । ଉତ୍କଳର ଉଜ୍ଜ୍ୱଳତମ ନକ୍ଷତ୍ର ସ୍ୱର୍ଗୀୟ ସୁଢଳଦେବଙ୍କୁ ଏ ସଭାରେ ଦେଖିବାର ବଡ ଆଶା ଥିଲା ମାତ୍ର ଈଶ୍ୱରଙ୍କ ବିଚାର ଅନ୍ୟପ୍ରକାର ହେଲା, ଆୟତ୍ତ କାହାର ଅଛି ?

ବାବୁ ମଧୁସୂଦନ ଦାସ କେତେଗୁଡ଼ିଏ ତାରସମ୍ବାଦ ଦେଖାଇ କହିଲେ କି ବଡ଼ଲାଟସଭାର ସଦସ୍ୟ ଶ୍ରୀଯୁକ୍ତ ଡାକ୍ତର ଆଶୁତୋଷ ବାନୁର୍ଯ୍ୟା, କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟର ଶ୍ରୀଯୁକ୍ତ କାଳୀଚରଣ ବାନୁର୍ଯ୍ୟା, ହିନ୍ଦୋଳ, ବୌଦ, ଖଣ୍ଡପଡ଼ା ଓ ସୋନପୁରର ରାଜାମାନେ ଅନିବାର୍ଯ୍ୟ ହେତୁରେ ଉପସ୍ଥିତ ହୋଇ ନ ପାରି ଦୁଃଖ ଏବଂ ସହାନୁଭୂତିସୂଚକ ସମ୍ବାଦ ପଠାଇଅଛନ୍ତି । ଏପରି କଲିକତାସ୍ଥ କେତେଜଣ ଉତ୍କଳୀୟ ଭ୍ରାତା ସଭାକୁ ଆସି ନ ପାରିବା ହେତୁ ଦୁଃଖିତ ହୋଇଅଛନ୍ତି ।

ତଦନନ୍ତର ମହାରାଜା କେନ୍ଦୁଝରାଧିପତି ପ୍ରସ୍ତାବ କଲେ ଯେ ମୟୂରଭଞ୍ଜାଧିପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ଏହି ଶୁଭାନୁଷ୍ଠାନରେ ସଭାପତି ପଦରେ ବରୀତ ହୁଅନ୍ତୁ ଓ ଏହି ପ୍ରସ୍ତାବ ଢେଙ୍କାନାଳର ରାଜା ଅନୁମୋଦନ କଲେ ଏବଂ ସର୍ବସମ୍ମତିକ୍ରମେ ତାହା ଧାର୍ଯ୍ୟ ହୁଅନ୍ତେ ସଭାପତି ଆସନ ଗ୍ରହଣ କରି ଏହି ଶୁଭଘଟନା ଉପଲକ୍ଷରେ ରଚିତ ଓଡିଆ, ବଙ୍ଗଳା, ଉର୍ଦ୍ଦୁ ଓ ସଂସ୍କୃତ ସଂଗୀତମାନ ଯଥାକ୍ରମେ ହାରମୋନିୟମ ଯନ୍ତ୍ରସହ ଗାୟନ ହେଲା ।

(ଓଡିଆ) ରାଗ ଆଶାବରୀ

ଘୋଷୁ ଜନନି ଗୋ, ଭୁବନ ତବ ମହିମା
ଅୟୁତ ରସନା, ଆଜି ମା ଉତ୍କଳ, ରଟଇ ତବ ଗରିମା ।ଘୋଷା।
ଏତେକାଳେ ସତେ ପରତେ ହେଉଛି, ବିହି ଘଟାଇଲା ଆଣି ।
ନିରାଶାକୁହରେ ମୃତସଞ୍ଜୀବନୀ ଆଶା ବୀଣା-ଜିଣା ବାଣୀ ।୧।
ଗିରି ବନ କୁଞ୍ଜ ଲତାଏ ଉଷତ, ଜଡତା ଗଲା କି ଭାଜି ।
ମାତୃପଦଯୁଗେ ବରଷନ୍ତି ଭକ୍ତି ପ୍ରୀତି ପୁଷ୍ପମାଳା ରାଜି ।୨।
ଉତ୍କଳର ବିଷ୍ଣୁପଦୀ ମହାନଦୀ ଉର୍ଦ୍ଧ୍ୱେ ତୋଳି ଉର୍ମ୍ମିଶିଖା ।
ଉତ୍କଳତନୁଜେ ଜନ୍ମଭୂମି-ପ୍ରେମ ମହାମନ୍ତ୍ର ଦିଏ ଦୀକ୍ଷା ।୩।
ଉତ୍କଳଜନନୀ ବିଷାଦଗଞ୍ଜନେ ଉନ୍ମୁଖ ଆଜି ଗଞ୍ଜାମ ।
ସମାଗତ ହର୍ଷେ ସଙ୍ଗେ ଘେନି ସର୍ବ ସମ୍ବଲପୁର ଲଲାମ ।୪।
ବାଞ୍ଛିତ କେବଳ, ଏତିକି ହୃଦୟ ମନ ଦାନ ପ୍ରତିଦାନ ।
ସମକାଳେ ବାଜୁ ଉତ୍କଳର କୋଟିହୃଦ ହୋଇ ଏକତାନ ।୫।
ଲଲାଟ, ଅନଙ୍ଗଭୀମ, ଉପଇନ୍ଦ୍ର, ଦୀନକୃଷ୍ଣ, ଲୀଳାସ୍ଥଳ ।
ଉତ୍କଳର ଭାଗ୍ୟଲତିକା ଦେଇଛି ଦୁଃଖ-ହନ୍ତାବଳଦଳ ।୬।
ପାହି ଆସିଲାଣି ବିଷାଦରଜନୀ, ଭାଗ୍ୟଦିବାକର ଉଦେ ।
ଫୁଟିବ ଉତ୍କଳ-ହୃଦୟ-ସରସେ ମାନସକମଳ ମୁଦେ ।୭।
ବାଞ୍ଛାକଳ୍ପତରୁ ବ୍ରହ୍ମାଣ୍ଡଈଶ୍ୱରପଦେ ପଶିଲୁଁ ଶରଣ ।
ରଖ, ଉତ୍କଳକୁ ଏତିକି ମାଗୁଣି, ପ୍ରଭୁ ଅରକ୍ଷରକ୍ଷଣ ।୮।

(ବଙ୍ଗଳା) ରାଗିନୀ ସିନ୍ଧୁ ଖାମ୍ବାଜ – ତାଲ ଯତ୍

ଜନନୀ ଦୁଃଖିନୀ କେନ ମଲିନ ବଦନ ?
ଅଶ୍ରୁନୀରେ ଭାସେ କେନ କମଲ ନୟନ ?
୧ ବିଶ୍ୱ-ବିମୋହନ କତ ରତନ ଭୂଷନ
ବଙ୍କିମ, କେଶବ, ମଧୁ, ଶ୍ରୀକୃଷ୍ଣ ମୋହନ–

ସାହିତ୍ୟ, ଧରମ, ଗୀତି, ନାନା ଦରଶନ,
ଜଗତେ ଅକ୍ଷୟ ଯଶ କରିତେ ଅର୍ଜ୍ଜନ ।

୨ ଅମର ଭବନେ ତାରା, ଅଭାଗା ଆମରା,
ମାୟେର ନୟନନୀର, ଦେଖିବ କି ମୋରା ?
ଭବିଷ୍ୟତ ଭାବିକରି ଅତୀତ ସ୍ମରନ
ପ୍ରଣମି ବିଭୁରେ, କରି ଏକତା ବନ୍ଧନ ।

୩ ଉଠ, ଜାଗ, ଭାତୃଗନ, ଜନନୀର ତରେ,
କରିତେ କି ପାରି ସବେ ଦେଖାବ ଧରାରେ ।
ଜନନୀର କାଯେ ସାଜ, ଧର୍ମେ କରି ପଣ,
ସଂପହ, ଜନନୀ ପଦେ ଧନ, ପ୍ରାନ, ମନ

(ସଂସ୍କୃତ) ଭାରତ ଗୀତିକା

ଭୈରବୀ ରାଗ— କାବାଳି-ତାଳାଭ୍ୟାଂ ଗୀୟତେ

ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ,
ଜନନୀବତ୍ସଲତନୟଗଣୈସ୍ତତ ସମ୍ୟକ-ଶର୍ମ୍ମ ବିଧେୟମ୍ । ଧ୍ରୁବଂ ।
ହିମଗିରି-ସୀମନ୍ତିତ ମସ୍ତକ ମିଦମମ୍ବୁଧି ପରିଗତପାର୍ଶ୍ୱମ୍
ଅସ୍ମଜ୍ଜନ୍ମଦମନ୍ଦମନିଶଂ ଶ୍ରୌତ ପୁରାତନମାର୍ଷମ୍ ।
ବିଜନିତ ହର୍ଷଂ ଭାରତବର୍ଷଂ ବିଶ୍ୱୋତ୍କର୍ଷ ନିଦାନମ
ଭାରତଶର୍ମଣିକୃତମସ୍ମାଭି ର୍ନବମିଦମୈକ୍ୟବିଧାନମ୍ ।
ଉତ୍କଳଗୌଡାନ୍ଧ୍ରୀୟାଃ ସଂସଦିଯେ ବୟମତ୍ର ସମେତାଃ
ଏତେ ଚାପରଜନପଦଜାଃନନୁ, ଭାରତ-ବିହିତ-ନିକେତାଃ ।
ଭାରତହିତ ସମ୍ପାଦନମେବହିକାର୍ଯ୍ୟମିଷ୍ଟମବିପାକମ୍
ଭାରତବର୍ଜ୍ଜଂ କିମପି ନ କାର୍ଯ୍ୟଂ ନିଶ୍ଚିତମିତ୍ୟସ୍ମାକମ୍ ।
ଭାରତପଙ୍କଜଦଳମିଦମୁତ୍କଳ ମଣ୍ଡଳ ମିତି ବିଦିତଂ ଯତ୍ନ
ତସ୍ୟ କୃତେ ବୟମତ୍ର ସମେତାଃ ବିହିତାତ୍ରୋତ୍କଳ ସଂସତ୍ ।
ଭାରତମେକାଗତିରସ୍ମାକଂ ନାପରାସ୍ତି ଭୁବି ନାମ
ସର୍ବାଦୌ ପରିଷତ୍ କର୍ମଣି ତତ୍ ଭାରତମେବ ନମାମଃ ।

ଉର୍ଦ୍ଦୁ ସଂଗୀତକୁ ଓଡିଆଅକ୍ଷରରେ ଛାପିବାର ଅସୁବିଧା ହେବାରୁ ଦିଆଯାଇ ପାରିନାହିଁ ।

**ତତ୍ପରେ ସଭାପତି ମହୋଦୟ ତାଙ୍କର ବକ୍ତୃତା ପାଠକଲେ :**

ଶ୍ରୀହରିଃ ।

ସଭ୍ୟ ମହୋଦୟମାନେ ! ଅଦ୍ୟତନ ବକ୍ତୃତା ଆରମ୍ଭ କରିବା ପୂର୍ବରୁ ମୋର ନିଜ ସମ୍ବନ୍ଧରେ କେତେକ ବକ୍ତବ୍ୟ ଅଛି, ତାହା ସଂକ୍ଷେପରେ କହୁଅଛି ।

ଏହି ସାର୍ବଜନିକ ସଭାପତିର ଆସନ ଗ୍ରହଣ କରିବା ନିମିତ୍ତ କାର୍ଯ୍ୟ ନିର୍ବାହକାରୀ-ସମିତିର ଆମନ୍ତ୍ରଣ ଯେତେବେଳେ ମୋଠାରେ ଉପଗତ ହେଲା ତେତେବେଳେ ଉକ୍ତ ଆମନ୍ତ୍ରଣକୁ ମୁଁ ଗ୍ରହଣ କରିବି କି ନା ଏହି ବିଷୟରେ ମୋ ମନରେ ସଂଶୟ ହେଲା । ମୁଁ ବିଚାରିଲି ଯେ ଏପରି ସଭା ଉତ୍କଳ ଦେଶର ଇତିହାସରେ ଅଭିନବ କାର୍ଯ୍ୟ ଅଟେ । ଏହି ପ୍ରଦେଶର ସର୍ବସ୍ଥାନରୁ ଗୁଣବିଶାରଦ ପ୍ରତିନିଧିମାନେ ଶୁଭାଗମନ କରିବେ ଓ ସେମାନେ ଯେଉଁ ସବୁ ବିଷୟ ବିଚାର କରିବେ ତାହା ଗରିଷ୍ଠ ଓ ତହିଁପ୍ରତି ଉତ୍କଳଦେଶର ଭବିଷ୍ୟତ୍ ଭଲ ମନ୍ଦ ନିର୍ଭର କରେ । ସୁତରାଂ ସଭାପତିଙ୍କର ଦାୟିତ୍ୱ ମଧ୍ୟ ଊଣା ନୁହେ । ଏପରି କାର୍ଯ୍ୟରେ ମୋର ଅଭ୍ୟାସ ନାହିଁ, ଅଥଚ ମୁଁ ଜାଣେ ଯେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ମୋ ଅପେକ୍ଷା ଅଧିକ ଦକ୍ଷତାର ସହିତ ଏ କାର୍ଯ୍ୟ ନିର୍ବାହ କରିପାରିବେ ।(ଅତଏବ ଆପଣମାନଙ୍କ ଆହ୍ୱାନକୁ ଗ୍ରହଣ କରିବି କି ନା ସନ୍ଦେହଯୁକ୍ତ ହୋଇ ରହିଲି ।) ପରିଶେଷରେ ମୁଁ ବିଚାରିଲି ଯେ କେବଳ ଆପଣମାନଙ୍କ ଆହୂତିକୁ ସ୍ୱୀକାର କଲେ ମୋର କର୍ତ୍ତବ୍ୟ କର୍ମର ଶିଥିଳତା ହେବ, ଏହି କାରଣରୁ ମୁଁ ଆପଣମାନଙ୍କ ଆବାହନରେ ଆପଣାକୁ ସମ୍ମାନିତ ବୋଧ କରି ଆପଣମାନଙ୍କ ସମୀପରେ ଉପସ୍ଥିତ । ଆଶା କରେଁ ଯେ ଆପଣମାନେ ଯେବେ ମୋ କାର୍ଯ୍ୟରେ କୌଣସି ଅଂଶରେ ତ୍ରୁଟି ଲକ୍ଷିତ ହେବ ତେବେ କ୍ଷମା କରିବାକୁ ରୁଚି ହେବ ।

(ପୁନଶ୍ଚ ପ୍ରକୃତ ପ୍ରସ୍ତାବ ଆରମ୍ଭ ପୂର୍ବରୁ ଆଉ ଗୋଟିଏ ବିଷୟ ଉଲ୍ଲେଖ କରିବା ଉଚିତ ବୋଧ କରୁଅଛି) । ବାମଣ୍ଡାଧିପତି ସର ସୁଚ୍ଚଳଦେବ କେ, ସି, ଆଇ, ଇଙ୍କ ସ୍ୱର୍ଗାରୋହଣ ବାର୍ତ୍ତାରେ ଏହି ଦେଶବାସୀ ସମସ୍ତେ ବିଷଣ୍ଣ ହୋଇଅଛନ୍ତି । ସେ ଜଣେ ପ୍ରଶସ୍ତମନା ବିଜ୍ଞ ନୃପତି ଥିଲେ, ନାନା ସଦ୍‌ଗୁଣମାନରେ ଭୂଷିତ ହୋଇ ସର୍ବସାଧାରଣଙ୍କର ମାନ୍ୟାର୍ହ ହୋଇଥିଲେ ଓ ନିଜ ପ୍ରଜାଙ୍କର ଉନ୍ନତିସାଧନାରେ ସର୍ବଦା ନିଯୁକ୍ତ ଥିଲେ । ସଂସ୍କୃତ ସାହିତ୍ୟ ଓ ବିଶେଷତଃ ଉତ୍କଳଭାଷା ତାହାଙ୍କଠାରେ ଚିର ଋଣୀ ଅଟେ । ସେ ନିଜେ ଜଣେ ବିଖ୍ୟାତ ଗ୍ରନ୍ଥକର୍ତ୍ତା ଥିଲେ, ସାହିତ୍ୟ ଓ ଶିଳ୍ପ ବିଦ୍ୟାର ଉନ୍ନତି ନିମିତ୍ତ ସର୍ବଦା ଯତ୍ନ କରୁଥିଲେ । ଗୁଣଗ୍ରାହୀ ଗବର୍ଣ୍ଣମେଣ୍ଟ ତାହାଙ୍କ ପ୍ରତି ଉଚ୍ଚମର୍ଯ୍ୟାଦା ଅର୍ପଣ କରିଥିଲେ । ଏପରି ବ୍ୟକ୍ତି ଅଭାବରେ ବର୍ତ୍ତମାନ ଏହି ଦେଶ ଦରିଦ୍ରତର ହୋଇଅଛି । ଉତ୍କଳ ଦେଶୀୟ ରାଜାଙ୍କର ସେ ଆଦର୍ଶ ଥିଲେ, ତାହାଙ୍କ

ଅନୁକାରୀ ହେଲେ ଆମ୍ଭମାନଙ୍କର ଉପକାର ଅଛି । ଆମ୍ଭେମାନେ ଆଶା କରୁଁ ଯେ ତଦୀୟ ପୁତ୍ର ଓ ଉତ୍ତରାଧିକାରୀ ନିଜ ପିତାଙ୍କ ସଦୃଶ ବରଂ ଅଧିକ ଯୋଗ୍ୟ ହୋଇ ନିଜର ଯୋଗ୍ୟ ପିତାଙ୍କର ପୌରୁଷକୁ ବଳି ଖ୍ୟାତି ଲାଭ କରିବେ ।

ସଭ୍ୟ ମହୋଦୟଗଣ ! ଯେତେ ସ୍ଥାନରେ ଏହି ଉତ୍କଳଭାଷା କଥିତ ହେଉଅଛି, ତହିଁରେ ଯେତେ ଭିନ୍ନ ଭିନ୍ନ ଜାତି ବାସ କରୁଅଛନ୍ତି ସେମାନଙ୍କ ମଧ୍ୟରେ ପରସ୍ପର ବନ୍ଧୁଭାବ ସଂସ୍ଥାପନ କରିବା ଏହି ସଭାର ଗୋଟିଏ ଉଦ୍ଦେଶ୍ୟ ।

(୧) ଶିଳ୍ପଇତ୍ୟାଦିର ଉନ୍ନତି କରିବାଦ୍ୱାରା ଦେଶର ଧନ ବୃଦ୍ଧି କରିବା ଦ୍ୱିତୀୟ ଉଦ୍ଦେଶ୍ୟ,

(୨) ସାଧାରଣ ଜନମାନଙ୍କ ମଧ୍ୟରେ ଶିକ୍ଷା ପ୍ରଚାର କରିବା ତୃତୀୟ ଉଦ୍ଦେଶ୍ୟ,

(୩) ଭାଷା ଓ ସାହିତ୍ୟର ଉନ୍ନତି କରିବା, ସମାଜ ସଂସ୍କାର କରିବା ଏହିପରି ଅନ୍ୟ କେତେଗୁଡ଼ିଏ ଉଦ୍ଦେଶ୍ୟ ଅଛି ।

ମୋ ବିବେଚନାରେ ରାଜନୀତି ଓ ଧର୍ମସମ୍ବନ୍ଧୀୟ ତର୍କକୁ ବର୍ଜିତ କରିବାଦ୍ୱାରା ଏହି ସଭା ପ୍ରବୀଣତାର ପରିଚୟ ଦେଇଅଛନ୍ତି । ରାଜନୀତି କାହାକୁ କହନ୍ତି ? କି କାରଣରୁ ଆମ୍ଭେମାନେ ତାହାକୁ ଏହି ସଭାର ବିଚାର୍ଯ୍ୟ ବିଷୟରୁ ବର୍ଜନ କରିବା ? ରାଜ୍ୟଶାସନବିଜ୍ଞାନକୁ ରାଜନୀତି କହି । କୌଣସି ଦେଶ ଅଥବା ଜାତିର ଶାସନ ନିମିତ୍ତ ତାହାର ଶାନ୍ତି ଓ ସମୃଦ୍ଧି ରକ୍ଷା ନିମିତ୍ତ ଅଥଚ ତଦ୍ଦେଶବାସି-ଜନମାନଙ୍କୁ ବିଦେଶୀୟ ଆକ୍ରମଣରୁ ରକ୍ଷା ନିମିତ୍ତ ମନୁଷ୍ୟ ଜାତିର ଅତିଶୟ ଉଦ୍ୟମକୁ ରାଜନୀତି କହି ।

ଜୀବନ ଓ ଧନ ରକ୍ଷା ବ୍ୟତିରେକେ ମନୁଷ୍ୟସମାଜ ସ୍ଥାୟୀ ହୋଇ ନ ପାରେ । ଅରାଜକ ହେଲେ ସମାଜରେ ବିଘ୍ନ ଓ ଗୋଳ ଉପସ୍ଥିତ ହୁଏ । ଶ୍ରମଜୀବିମାନେ କଷ୍ଟ ପ୍ରାପ୍ତ ହୁଅନ୍ତି ଓ ଶିକ୍ଷା ପ୍ରଦାନ ଅନ୍ତର୍ହିତ ହୁଏ । ଏ ସବୁ ବାସ୍ତବିକ ଘଟନା ଦେଖିବାରେ ଆସେ । ଇତିହାସ ପାଠରୁ ଆମ୍ଭେମାନେ ଜାଣୁଅଛୁ ଯେ ଅସଭ୍ୟ ଦେଶମାନଙ୍କରେ ଶିଳ୍ପ ଓ ଶାସ୍ତ୍ର ବିଦ୍ୟାର ଆଲୋଚନା ଅତି ସାମାନ୍ୟ; ତତ୍ରତ୍ୟ ଲୋକମାନଙ୍କର ଆଚାର ବ୍ୟବହାର ଅନୁନ୍ନତ, ସେପରି ଦେଶରେ ରାଜାମାନେ ଯଥେଚ୍ଛାଚାରୀ ଆପଣାର ପ୍ରଜାମାନଙ୍କ ପ୍ରତି ହୁଏତ ଅତ୍ୟାଚାର କରନ୍ତି ଅଥବା ସେମାନଙ୍କ ଧନ ଓ ଜୀବନରକ୍ଷା କରିବାରେ ଅପଟୁ କିମ୍ବା ଅସମର୍ଥ ହୁଅନ୍ତି । ଦେଶ ମଧ୍ୟରେ ବିଦ୍ରୋହ ହେତୁରୁ ଅଥବା ବହିସ୍ଥ ଶତ୍ରୁର ଭୟରୁ ସେହି ଦେଶବାସିଜନମାନେ ସର୍ବଦା ଉଦ୍‌ବିଗ୍ନ ହୁଅନ୍ତି । କିନ୍ତୁ ସଭ୍ୟ ରାଜ୍ୟର ଅବସ୍ଥା ତାହାର ଠିକ ବିପରୀତ । ସେଠାରେ ଲୋକମାନଙ୍କର ଧନ ପ୍ରାଣ ରକ୍ଷା ନିମିତ୍ତ ଆଇନମାନ ବିଧିବଦ୍ଧ ହୋଇଥାଏ; ନ୍ୟାୟାନୁସାରେ ଦୋଷାଦୋଷ ବିଚାର ହୁଏ । ବିଦେଶୀୟ ଆକ୍ରମଣରୁ ପ୍ରଜାମାନଙ୍କ ରକ୍ଷା ନିମିତ୍ତ ଅଥବା ଦେଶ ମଧ୍ୟରେ ବିଶୃଙ୍ଖଳା କିମ୍ବା ବିଦ୍ରୋହ ନିବାରଣ ନିମିତ୍ତ ସୁଶିକ୍ଷିତ ସେନା ସର୍ବଦା ନିଯୁକ୍ତ

ଥାନ୍ତି । ସେହି ଦେଶରେ ଶିଳ୍ପର ଉନ୍ନତି ହୁଏ ବାଣିଜ୍ୟ ସଂବର୍ଦ୍ଧିତ ହୁଏ, ପ୍ରଜାମାନଙ୍କ ମଧ୍ୟରେ ଶାସ୍ତ୍ର ବିଶେଷରୂପେ ଆଲୋଚିତ ହୁଏ, ସାହିତ୍ୟ, ବିଜ୍ଞାନ, ଚିତ୍ର, ସ୍ଥାପତ୍ୟ ପ୍ରଭୃତିର ଯତ୍ପରୋନାସ୍ତି ଉନ୍ନତି ସାଧିତ ହୁଏ, ଅଭିନବ ଦେଶମାନ ଆବିଷ୍କୃତ ହୁଏ ଓ ନବ ନବ ଯନ୍ତ୍ରମାନ ପ୍ରକାଶିତ ହୋଇ ପ୍ରାଣିମାନଙ୍କର ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧି କରନ୍ତି ।

ଏବେ ଦେଖିବା ହେଉନ୍ତୁ, ଉପରି ଉକ୍ତ ବିଷୟରେ ଆମ୍ଭମାନଙ୍କର କିପରି ଅବସ୍ଥା ହୋଇଅଛି । ଆପଣମାନେ ସମସ୍ତେ ବରଗି ଅମଳ କଥା ଶ୍ରବଣ କରିବା ହୋଇଥିବେ; ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ପ୍ରାନ୍ତ ଭାଗରେ ମହାରାଷ୍ଟ୍ରୀୟମାନେ ଯେପରି ଅତ୍ୟାଚାର କରୁଥିଲେ ସେ ବୃତ୍ତାନ୍ତ ମଧ୍ୟ ଶ୍ରବଣ କରିବା ହୋଇଥିବେ ।

ଉତ୍କଳର ନାନା ସ୍ଥାନମାନଙ୍କରେ ପ୍ରାଚୀନ ଦୁର୍ଗମାନଙ୍କର ଭଗ୍ନାବଶେଷ ଦେଖାଯାଏ । ମୟୂରଭଞ୍ଜର ଅନ୍ତର୍ବର୍ତ୍ତି ଶିମଳିପାଳ ନାମକ ଗିରି ବନରେ ଅତ୍ୟନ୍ତ ନିର୍ଜ୍ଜନ ଓ ମନୁଷ୍ୟର ଅଗମ୍ୟ ସ୍ଥାନରେ ଗୋଟିଏ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଓ କେତେକ କ୍ଷୁଦ୍ର ତୋପ ମୁଁ ଦେଖିଅଛି । ତଦ୍ରୂପ ଦୁରାରୋହ, ଅଗମ୍ୟ ନିର୍ଜ୍ଜନ ଅରଣ୍ୟ ମଧ୍ୟରେ ସୁଦ୍ଧା ସେହି ବରଗିମାନେ ପ୍ରବେଶ କରୁଥିଲେ ଓ ମନୁଷ୍ୟମାନଙ୍କ ପ୍ରତି ଅତ୍ୟାଚାର କରୁଥିଲେ । ଦେବତାମାନଙ୍କ ମନ୍ଦିରମାନ ମଧ୍ୟ ଲୁଣ୍ଠନକାରିଙ୍କର ଅପବିତ୍ର କରରୁ ରକ୍ଷା ପାଉ ନ ଥିଲା ।

ମୁସଲମାନ ରାଜତ୍ୱ ସମୟରେ ଉତ୍କଳ ଦେଶର କିୟଦଂଶ, ଛୋଟନାଗପୁର ଓ ମଧ୍ୟପ୍ରଦେଶକୁ ଝାଡ଼ଖଣ୍ଡ କହୁଥିଲେ; ଅରାଜକ ହେତୁରୁ ସେହି ଅବସ୍ଥା ଘଟିଥିଲା କି ଦସ୍ୟୁମାନଙ୍କଠାରୁ ରକ୍ଷା ପାଇବା ନିମିତ୍ତ ସେ ପ୍ରଦେଶକୁ ଇଚ୍ଛାପୂର୍ବକ ଅରଣ୍ୟମୟ କରି ରଖିଥିଲେ ତାହା ବୋଲାଯାଇ ନ ପାରେ । କିନ୍ତୁ ଯେଉଁ କାରଣରୁ ହେଉ ସେ ପ୍ରଦେଶ ଅରଣ୍ୟମୟ ହୋଇଥିଲା । ବର୍ତ୍ତମାନ କାଳର ସେହି ପ୍ରଦେଶକୁ ତାହାର ପୂର୍ବ ଅବସ୍ଥା ସହିତ ତୁଳନା କଲେ ଜଣାପଡିବ ଯେ ଶାସନ ପ୍ରଣାଳୀର ପ୍ରାଦୁର୍ଭାବରେ ଦେଶର କିପରି ଉନ୍ନତି ହୋଇପାରେ ।

ବିଖ୍ୟାତ କଳାପାହାଡ଼ର ବୃତ୍ତାନ୍ତ କାହାକୁ ଜଣା ନାହିଁ ? ଉତ୍କଳ ଦେଶର ଗୋଟିଏ ସୁଦ୍ଧା ଦେବତା ମନ୍ଦିର ଏହି ବିନାଶକାରୀର ଉପଦ୍ରବରୁ ରକ୍ଷା ପାଇ ନାହିଁ । ପୁନଶ୍ଚ ଅଳ୍ପଦିନ ପୂର୍ବେ 'ଠଗ'ମାନେ ରାଜପଥରେ ଯେପରି ଡକାଏତି କରୁଥିଲେ ତାହା ମଧ୍ୟ ଆପଣମାନେ ଜାଣିବା ହୋଇଥିବେ । ଧନ ତେଣିକି ଥାଉ, କାଳୀଙ୍କଠାରେ ବଳିଦେବା ନିମିତ୍ତ ସେମାନେ ସାନ ସାନ ପିଲାଙ୍କୁ ସୁଦ୍ଧା ଅପହରଣ କରି ନେଇ ଯାଉଥିଲେ । ଉତ୍କଳ ଦେଶର ଉତ୍ତର ଅଞ୍ଚଳରେ ଏହି ଠଗମାନଙ୍କୁ 'ମୁଣ୍ଡବାନ୍ଦରିଆ' କହୁଥିଲେ । ଆଜକୁ କୋଡିଏ ବର୍ଷ ପୂର୍ବେ ମାତାମାନେ ''ମୁଣ୍ଡବାନ୍ଦରିଆ'' କହି ନିଜ ସାନ ସନ୍ତାନମାନଙ୍କୁ ଭୟ ଦେଖାଇ ଶୁଆଇ ପକାଉଥିଲେ ।

ପୂର୍ବ ଅବସ୍ଥାକୁ ବର୍ତ୍ତମାନ୍ ଅବସ୍ଥା ସଙ୍ଗେ ତୁଳନା କରିବା ନିମିତ୍ତ ଉକ୍ତ ପ୍ରକାର କେତେକ ଦୁଷ୍ଟ ବ୍ୟବହାରର ଦୃଷ୍ଟାନ୍ତ ଉଲ୍ଲେଖ କଲି । ତଦ୍‌ବ୍ୟତିରେକେ ଆଉ ଅନେକ ସେହିପରି ଦୃଷ୍ଟାନ୍ତ ଅଛି । ଯେଉଁ ସବୁ ଦୁଷ୍ଟାଚରଣଦ୍ୱାରା ଏହି ଦେଶ ଆଚ୍ଛନ୍ନ ହୋଇଥିଲା ତାହା ଇତିହାସ ଗର୍ଭରେ ନିହିତ ହୋଇଅଛି । ଅଧୁନା ଆମ୍ଭେମାନେ ଏପରି ସୁଖରେ ବାସ କରୁଅଛୁଁ ଯେ ଅଚିରକାଳ ପୂର୍ବେ ଏହି ଦେଶ ଯେଉଁ ଉପଦ୍ରବରାଶିର ବିଳାସ ଭୂମି ଥିଲା ଓ ସର୍ବଦା ରକ୍ତରେ ପ୍ଲାବିତ ହେଉଥିଲା ତାହା ଶୁଣିଲେ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଅଛି, ଓ ବିଶ୍ୱାସ ହେଉନାହିଁ ଯେ ପ୍ରକୃତରେ ଏପରି ଅତ୍ୟାଚାର ହେଉଥିଲା । ଅତୀତକାଳର ଅନ୍ଧକାରମୟ ଅବସ୍ଥା ପରିବର୍ତ୍ତରେ ବର୍ତ୍ତମାନର ଯେ ଆଲୋକ ପ୍ରଚାର ହୋଇଅଛି ତଜ୍ଜନ୍ୟ ଆମ୍ଭେମାନେ ଅନ୍ତଃକରଣ ସହିତ ପରମେଶ୍ୱରଙ୍କୁ ଓ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେଉଅଛୁଁ ।

ପରମେଶ୍ୱରଙ୍କ କୃପାରୁ ସମୁଦ୍ରର ପର ପାରରୁ ସମାଗତ ଗୋଟିଏ ପ୍ରବଳ ପରାକ୍ରମଶାଳୀ ଜାତିଙ୍କ ହସ୍ତରେ ଆମ୍ଭମାନଙ୍କର ଅଦୃଷ୍ଟ ଆବଦ୍ଧ ହୋଇଅଛି । ବ୍ରିଟିସ ଶାସନାଧୀନରେ ସର୍ବତ୍ର ଶାନ୍ତି ବିରାଜମାନ ହୋଇଅଛି, ଦେଶ ମଧ୍ୟର ସମସ୍ତ ବିବାଦ ତିରୋହିତ ହୋଇଅଛି, ଦେଶର ଏକପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ଶାନ୍ତି ବିରାଜୁଅଛି । ଏପରି ଶାନ୍ତି ଏ ଦେଶର ଭାଗ୍ୟରେ ବହୁକାଳରୁ ଘଟି ନ ଥିଲା ।

ସାଧାରଣ ଲୋକମାନଙ୍କ ମଧ୍ୟରେ ଏପରି ପ୍ରବାଦ ଅଛି ଯେ "ବାଘ ଓ ଛାଗ ଏକ ଘାଟରେ ପାଣି ପିଉଅଛନ୍ତି", ଏହାକୁ ବଳି ଆଉ କି ପ୍ରଶଂସାର କଥା ବର୍ତ୍ତମାନ ସୁଶାସନ ସପକ୍ଷରେ ବୋଲାଯାଇ ପାରେ ? ଏବେ ଦେଖିବା ହେଉନ୍ତୁ ଶ୍ରମଜୀବିକା ଓ ଶାସ୍ତ୍ରାଲୋଚନାର ମୂଳାଧାର ଶାନ୍ତି ଓ ସୁଶୃଙ୍ଖଳା ଦେଶର ସର୍ବତ୍ର ବିରାଜିତ ହୋଇଅଛି । ବହୁକାଳର ଅରାଜକତା ହେତୁରୁ ଆମ୍ଭ ଦେଶର ଯେଉଁ କ୍ଷତି ହୋଇଅଛି ତାକୁ ପୂର୍ଣ୍ଣ କରିବାର ଏହି ସମୟ । ଏହି ସମୟରେ ଆମ୍ଭମାନଙ୍କର ଉଦ୍ୟମ କରିବା କର୍ତ୍ତବ୍ୟ । ଅନେକ ବିଷୟ ନିଷ୍ପନ୍ନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ସର୍ବସାଧାରଣରେ ଶିକ୍ଷା ପ୍ରଚାର କାର୍ଯ୍ୟରେ ଗବର୍ଣ୍ଣମେଣ୍ଟଙ୍କର ସହାୟ ହେବା, ଯେଉଁ ଯୁବକମାନେ ଉଚ୍ଚଶିକ୍ଷା ଅଥବା ବିଶେଷ ଶିକ୍ଷା ଲଭିବାକୁ ଅଭିଳାଷୀ ସେମାନଙ୍କୁ ସାହାଯ୍ୟ ଦେଇ ଉତ୍ସାହିତ କରିବା ଆମ୍ଭମାନଙ୍କର ବିଧେୟ । ଏହି ଦେଶ ଯେ ଅନ୍ୟ ଦେଶ ଅପେକ୍ଷା କେଡ଼େ ଦରିଦ୍ର ତାହା ଆପଣମାନଙ୍କୁ ବିଦିତ ଅଛି । ଏହି ଦେଶରେ ଅଧିକାଂଶ ପ୍ରଜା ଯାହା ଉପାର୍ଜ୍ଜନ କରନ୍ତି ତାହା ସେମାନଙ୍କର ଗ୍ରାସାଚ୍ଛାଦନକୁ ନିଅଣ୍ଟ । କେତେକ ଲୋକେ ଦିନ ମଧ୍ୟରେ ଥରେ ମାତ୍ର ଆହାର କରି କାଳକ୍ଷେପଣ କରନ୍ତି, ସେମାନଙ୍କ ଦରିଦ୍ରତା ଦୂର ହେବା ନିମିତ୍ତ ଶ୍ରମଜୀବିକା ମାନ ଅନୁଷ୍ଠିତ ହେଉ ।

କାଳକ୍ରମରେ ଆମ୍ଭମାନଙ୍କ ସମାଜରେ ଅନେକ ଆଚାର ବ୍ୟବହାର ଚଳି ଆସୁଅଛି ଯାହା ହେତୁରୁ ଆମ୍ଭେମାନେ ଉନ୍ନତି ପଥରେ ଅଗ୍ରସର ହୋଇପାରୁ ନାହୁଁ;

ସେହି ସବୁ ଥିବାରୁ ଶ୍ରମଜୀବିକାର ଉନ୍ନତି ଓ ଜାତୀୟ ଏକତାର ଉନ୍ନତି ହୋଇପାରୁ ନାହିଁ, ଅତଏବ ଆବଶ୍ୟକ ପ୍ରମାଣେ ସମାଜର ଉନ୍ନତି କରାଯାଉ । ଅନେକ ଗୁରୁତର ବିଷୟର ସମାଧାନ ଆମ୍ଭମାନଙ୍କ ପ୍ରତି ନିର୍ଭର କରେ । ଅତଏବ ରାଜନୈତିକ ବିଷୟ ବିଚାର ନ କରି ସେହି ସବୁ ବିଷୟର ବିଚାର କରିବା ଉଚିତ । ଯେଉଁସବୁ ଗରିଷ୍ଠ ରାଜନୈତିକ ବିଷୟମାନ ଅଛି, ଯଦ୍ୱାରା ବିଦେଶୀୟ ରାଜ୍ୟ ସଙ୍ଗେ ସନ୍ଧି କି ବିଗ୍ରହ ପ୍ରଭୃତି ବିବେଚିତ ହୁଏ, କିମ୍ବା ଅପର ଯେଉଁ ଗରିଷ୍ଠ ରାଜନୈତିକ ବିଷୟ ନିମିତ୍ତ ଆମ୍ଭ ଦେଶର ସାଧାରଣ ଲୋକେ ଅଧିକାରୀ ହୋଇ ନାହାନ୍ତି ସେ ସବୁ ବିଷୟ ଆଲୋଚନା କରିବାର ପ୍ରୟୋଜନ କ'ଣ ? ଉକ୍ତ ପ୍ରକାର ବଡ଼ ବଡ଼ ତର୍କରେ ଦୋଷ ଅଛି ଓ କିଛି ଫଳ ନାହିଁ । ଆହୁରି ସେ ବିଷୟ ସବୁ ଘେନି ତର୍କ ବିତର୍କ କଲେ ଆଶୁ ପ୍ରୟୋଜନୀୟ ବିଷୟମାନଙ୍କୁ ଅବହେଳା କରିବାକୁ ହେବ ।

ପୂର୍ବେ ମୁଁ କହିଅଛି ଯେ ଧର୍ମ୍ମସଂକ୍ରାନ୍ତ ବିଷୟ ଘେନି ଏହି ସଭାରେ ତର୍କ ହେବ ନାହିଁ । ଏହି କଥା କହିବାରେ ମୋର ଏପରି ଉଦ୍ଦେଶ୍ୟ ନୁହେ ଯେ ଧର୍ମ୍ମସମ୍ବନ୍ଧୀୟ ଉପଦେଶ ପ୍ରତି ଆମ୍ଭେମାନେ ଉଦାସୀନ ହେବା । ବାସ୍ତବରେ ଧର୍ମବିନା ମନୁଷ୍ୟ ସମାଜ ସ୍ଥାୟୀ ହୋଇ ନ ପାରେ । ବିପତ୍ତି ଓ ପ୍ରଲୋଭନ ସମୟରେ ମନୁଷ୍ୟକୁ କିଏ ସତ୍‌ସାହସ ଓ ବଳ ପ୍ରଦାନ କରେ ? ଧର୍ମ୍ମ ତାହା ସମ୍ପନ୍ନ କରେ । ଦୁଃଖିତ ଅଥବା ହତାଶ ହେବାବେଳେ, ଯେତେବେଳେ ମନୁଷ୍ୟ ଆପଣାର ଚତୁଃପାର୍ଶ୍ୱ ଅନ୍ଧକାରମୟ ଦେଖେ, ଯେତେବେଳେ ସଂସାର ତାହାକୁ ଶୂନ୍ୟ ବୋଧ ହୁଏ ଧର୍ମ୍ମ ସିନା ତାହାକୁ ଆଶ୍ୱାସ ପ୍ରଦାନ କରେ, ତାପିତ ଅନ୍ତଃକରଣରେ ଶାନ୍ତି ଆଶା ଓ ସହିଷ୍ଣୁତା ପ୍ରଦାନ କରେ । ଧର୍ମ୍ମ ସୁନୀତିର ମୂଳ ଅଟେ । ଧର୍ମ୍ମବିହୀନ ହେଲେ ସୁନୀତିସତେଜ ହୋଇ ମନୁଷ୍ୟ ସମାଜକୁ ଚଳାଇ ନ ପାରେ । ପୃଥିବୀ ମଧ୍ୟରେ ଏପରି କୌଣସି ଜାତି ନାହିଁ ଯେ କି କୌଣସି ପ୍ରକାର ଧର୍ମ୍ମକୁ ଆଶ୍ରୟ ନ କରେ କି ବିଶ୍ୱାସ ନ କରେ । ମନୁଷ୍ୟ ସମାଜକୁ ଧର୍ମ୍ମ ବନ୍ଧନକରି ରଖିଅଛି । ଶତ ଶତ ଲୋକେ ଏହି ଧର୍ମ୍ମ ନିମିତ୍ତ ନିଜ ଜୀବନକୁ ସ୍ଥିରଭାବରେ ଓ ହୃଷ୍ଟାନ୍ତଃକରଣରେ ବିସର୍ଜ୍ଜନ କରିଅଛନ୍ତି । ଶତ ଶତ ବ୍ୟକ୍ତି ନିଜର ସୁତ, ଦାରା, ଗୃହ, ସ୍ୱଜନ ଓ ଅତି ପ୍ରିୟ ଦ୍ରବ୍ୟମାନଙ୍କୁ ଧର୍ମପ୍ରଚାର ନିମିତ୍ତ ତ୍ୟାଗ କରିଅଛନ୍ତି; ଅଥବା ସେମାନଙ୍କ ସହିତ ସଂସ୍ରବରହିତ ହୋଇ ବନବାସୀ ହୋଇଅଛନ୍ତି । ଯୋଗୀ ଓ ଋଷିଙ୍କର ବାସଭୂମି ଏହି ଭାରତରେ ଉକ୍ତ ରୂପ ଉଦାହରଣର ଅଭାବ ନାହିଁ । ଧର୍ମ ମହାନ୍ ଉଦ୍ଦେଶ୍ୟ ସମ୍ପାଦନ କରେ । କିନ୍ତୁ ଧର୍ମର ନାମରେ ପୂର୍ବକାଳରେ ଲୋକେ ଅନେକ ଅତ୍ୟାଚାର କରିଅଛନ୍ତି, ଅକାରଣରେ ଲୋକଙ୍କୁ କ୍ଲେଶ ପ୍ରଦାନ କରିଅଛନ୍ତି, ଦୁଷ୍କର୍ମ ଓ ରକ୍ତପାତ କରିଅଛନ୍ତି । ସେ ସବୁ ବିଷୟ ଚିନ୍ତା କଲେ ମନୁଷ୍ୟର ମନ ଦୁଃଖରେ ଅଭିଭୂତ ହୁଏ । ଇତିହାସରୁ ପ୍ରମାଣ ମିଳେ ଯେ ଧର୍ମର ନାମ ଘେନି ବୃହତ୍ ଯୁଦ୍ଧମାନ ଘଟିଅଛି । ରାଜାମାନେ କିମ୍ବା ଧର୍ମପ୍ରଚାରକମାନେ

ଏକତ୍ର ହୋଇ ଅପରର ମତକୁ ଖଣ୍ଡନ କରି ଆପଣାର ମତକୁ ସଂସ୍ଥାପନ କରିବାପାଇ ବହୁ ଅତ୍ୟାଚାର କରିଅଛନ୍ତି । ଏପରି କାର୍ଯ୍ୟଦ୍ୱାରା ଧର୍ମର ଅସଦ୍‌ବ୍ୟବହାର ହୋଇଅଛି । ତଦ୍ରୂପ କାର୍ଯ୍ୟଦ୍ୱାରା ସ୍ୱାର୍ଥପର ଲୋକେ ଧର୍ମଦ୍ୱାରରେ ଦାୟୀ ଅଟନ୍ତି । ଧର୍ମ ଆମ୍ଭମାନଙ୍କୁ ଏହି ଶିକ୍ଷା ଦିଏ ଯେ ପରମେଶ୍ୱର ସମସ୍ତଙ୍କର ପିତା ଓ ଆମ୍ଭେ ମନୁଷ୍ୟମାନେ ସମସ୍ତେ ଯେଉଁ ଜାତିରେ ଥାଉ ପରସ୍ପର ଭ୍ରାତା ଅଟୁଁ, ଏହା ନ ବୁଝି ଯେଉଁମାନେ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ଧର୍ମର ନାମ ଧରି ବିବାଦ ଓ ବିଚ୍ଛେଦ ମତାଇ ଦିଅନ୍ତି ସେମାନେ ନିଜ ସ୍ୱଭାବଦୋଷରୁ ଏପରି କରନ୍ତି । ହିନ୍ଦୁଶାସ୍ତ୍ରରେ ଗୋଟିଏ ଉପଦେଶ ଅଛି "ଯେଉଁ ଧର୍ମ ଅପରଧର୍ମକୁ ନିନ୍ଦା କରେ ସେ ଧର୍ମ ଧର୍ମପଦବାଚ୍ୟ ନୁହେ" । ଏହା ଅତି ସତ୍ୟ ଓ ସାରଗର୍ଭ କଥା ।

ବର୍ତ୍ତମାନ ବଡସୁଖର ବିଷୟ ଯେ ଏ ସମୟରେ ଧର୍ମକୁ ନେଇ ଲୋକମାନଙ୍କ ମଧ୍ୟରେ କୌଣସି ଅସଦ୍‌ଭାବ ନାହିଁ । ଧର୍ମର ନାମରେ ଅତ୍ୟାଚାର କରିବା ଅଥବା ନିଜମତକୁ ଅକାଟ୍ୟ ମନେକରି ଅନ୍ୟ ବ୍ୟକ୍ତିଙ୍କୁ ଯନ୍ତ୍ରଣା ଦେବାର କାଳ ଅତୀତ ହୋଇଅଛି । ବ୍ରିଟିସଶାସନାଧୀନରେ ପୃଥକ୍ ପୃଥକ୍ ଧର୍ମାବଲମ୍ବିମାନେ ଏକତ୍ର ନିର୍ବିରୋଧରେ ବାସ କରୁଅଛନ୍ତି । ମନୁଷ୍ୟର ବୁଦ୍ଧିବୃତ୍ତି ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଭୋଗ କରୁଅଛି । ଯେ ଯାହା ଯୁକ୍ତିସଙ୍ଗତ ମନେକରେ ସେ ତାହା ବିଶ୍ୱାସ କରିବାରେ ସମ୍ପୂର୍ଣ୍ଣ ଅଧିକାରୀ ଅଟେ । ଏପରି କେହି କହି ନ ପାରେ ଯେ ସେ ଯାହା ବିଶ୍ୱାସ କରେ ତାହା ସତ୍ୟ ଓ ସମସ୍ତଙ୍କୁ ସେହି ମତ ବିଶ୍ୱାସ କରିବାକୁ ହେବ । ଧର୍ମର ପ୍ରକୃତ ଲକ୍ଷଣ ସତ୍ୟକଥନ, ଦୟା, ସରଳତା ଇତ୍ୟାଦି; ଅପର ଧର୍ମମାନଙ୍କୁ ନିନ୍ଦା କରିବା ଧର୍ମର ଲକ୍ଷଣ ନୁହେ । ଅତଏବ ଆମ ଧର୍ମ ଶ୍ରେଷ୍ଠ ଓ ଅପର ଧର୍ମ ମିଥ୍ୟା କିମ୍ବା ମନ୍ଦ ଏପରି ଗର୍ବ କରିବା ଅନୁଚିତ । ପରମେଶ୍ୱର ଆମ୍ଭମାନଙ୍କୁ ଯେଉଁ ବୁଦ୍ଧି ଦେଇଅଛନ୍ତି, ତଦ୍ଦ୍ୱାରା ଆମ୍ଭେମାନେ ଜାଣୁଅଛୁଁ ଯେ ପ୍ରଚଳିତ ସମସ୍ତ ଧର୍ମମାନଙ୍କ ମଧ୍ୟରେ ସତ୍ୟ ନିଦ୍ରିତ ହୋଇ ରହିଅଛି ।

ସବୁ ଧର୍ମ ଏକ ପରମେଶ୍ୱରଙ୍କୁ ସ୍ରଷ୍ଟା, ପିତା, ନିୟନ୍ତା ସ୍ୱରୂପରେ ପ୍ରତିପାଦନ କରେ । ତାହାଙ୍କୁ ଗଡ୍ କହ, ଖୋଦା କହ, ଈଶ୍ୱର କହ, ବ୍ରହ୍ମ କହ ଅଥବା ଅନ୍ୟ କୌଣସି ନାମରେ ଡାକ ସେ ଏକ ଏବଂ ଅଦ୍ୱିତୀୟ ! ତତ୍ପରେ ସମସ୍ତ ଧର୍ମ ମନୁଷ୍ୟମାନଙ୍କ ମଧ୍ୟରେ ମିତ୍ରଭାବ ପ୍ରତିପାଦନ କରେ, ଅତଏବ ଆମ୍ଭେମାନେ ହିନ୍ଦୁ ହେଉ ଅଥବା ମୁସଲମାନ, କି ଖ୍ରୀଷ୍ଟିଆନ, କି ବୌଦ୍ଧ ଅଥବା ଅପର ଧର୍ମାବଲମ୍ବୀ ହେଉ ସମସ୍ତେ ବିଶ୍ୱାସ କରୁଁ ଯେ ଆମ୍ଭେମାନେ ସମସ୍ତେ ଏକ ପରମେଶ୍ୱରଙ୍କ ପୁତ୍ର ଅଟୁଁ ଓ ଆମ୍ଭେମାନେ ସମସ୍ତେ ପରସ୍ପରର ଭ୍ରାତା ସଦୃଶ । ଅତଏବ ସହୋଦର ପ୍ରାୟ ହୋଇ ଆମ୍ଭେମାନେ କି କାରଣରୁ ଏକତ୍ର ବାସ ନ କରିବା ? ଏକ ପରମେଶ୍ୱରଙ୍କର ସନ୍ତାନ ଓ ପରସ୍ପର ଭ୍ରାତା ଏହି ଧାରଣା

ଆସ୍ମମାନଙ୍କ ମନରେ ସର୍ବଦା ଜାଗ୍ରତ ଥାଉ । ଏହି ବିଶ୍ୱାସରେ ଆସ୍ମମାନଙ୍କର ମିତ୍ର ହେବା ଉଚିତ । ଧର୍ମସମ୍ବନ୍ଧରେ ମୁଁ ଏହି ଅବଧି କହିଲି ।

ସଦସ୍ୟବୃନ୍ଦ ! ଏବେ ଶିକ୍ଷା, ଶ୍ରମଜୀବିକା ଓ ସମାଜ ବିଷୟରେ ମୁଁ କିଛି କହିବି । ଯାହାର ଉନ୍ନତ ହେବାର ବାଞ୍ଛା ଥିବ ସେ ଏହି ତିନି ପଦାର୍ଥରୁ କାହାକୁ ତ୍ୟାଗ କରି ପାରିବ ନାହିଁ । ଏ ତିନିଙ୍କ ମଧ୍ୟରୁ ଗୋଟିଏ ଆଉ ଗୋଟିକ ଉପରେ ନିର୍ଭର କରେ । ସୁସ୍ଥ ଶରୀରରେ ଯେପରି ହସ୍ତ ପଦାଦି ଭଲ ଅବସ୍ଥାରେ ଥିଲେ ମନୁଷ୍ୟ କାର୍ଯ୍ୟକ୍ଷମ ହୁଏ ଓ ସେମାନେ ରୁଗ୍ଣ କି ଅକ୍ଷମ ଥିଲେ ମନୁଷ୍ୟ କିଛି କରି ନ ପାରେ, ସେପରି ମନୁଷ୍ୟସମାଜ ଭଲ ହେବାପାଇଁ କୃଷି, ବାଣିଜ୍ୟ, ଶିଳ୍ପ ଏ ସବୁ ଉନ୍ନତ ହେବାର ଆବଶ୍ୟକ । ଏମାନେ ଭଲ ନ ହେଲେ ସମାଜ ଭଲ ହୋଇ ନ ପାରିବ । ଶରୀରର ଯେପରି ହସ୍ତ ପଦାଦି, ସମାଜର ସେହିରୂପ ବାଣିଜ୍ୟ ଓ ଶିଳ୍ପ ହସ୍ତ ପଦ ସ୍ୱରୂପ । ବ୍ୟାୟାମ କଲେ ଯେପରି ହସ୍ତ ପଦ ବକ୍ଷସ୍ଥଳ ସୁନ୍ଦର ଓ ସବଳ ହୁଏ, ତଦ୍ରୂପ ଅବିଶ୍ରାନ୍ତ ଶ୍ରମ ଓ ସାହସଦ୍ୱାରା କୃଷି, ବାଣିଜ୍ୟ ଓ ଶିଳ୍ପର ଉନ୍ନତ ହୁଅଇ । ପୁନଶ୍ଚ କୌଣସି ବ୍ୟକ୍ତିର ହସ୍ତପଦ ସୁନ୍ଦର ଥିଲେହେଁ ରୋଗ ହେତୁରୁ ସେ ହସ୍ତ ପଦ ଯେପରି କାର୍ଯ୍ୟକ୍ଷମ ନ ହୁଏ, ସେହିପରି ମନୁଷ୍ୟ ସମାଜରେ ଆଚାର ବ୍ୟବହାରର ଦୋଷ ରୋଗ ସ୍ୱରୂପ, ସେହି ଦୋଷ ଥିଲେ ସମାଜର ଲୋକେ କୌଣସି କାର୍ଯ୍ୟ ଭଲକରି ନିଷ୍ପନ୍ନ କରି ପାରନ୍ତି ନାହିଁ । ଆପଣମାନେ ଜାଣନ୍ତି ଯେ ମନୁଷ୍ୟ ଶରୀରରେ ମସ୍ତିଷ୍କ କିପରି କାର୍ଯ୍ୟ କରେ । ମଗଜ ଭଲ ନ ଥିଲେ ମନୁଷ୍ୟ କୌଣସି କାର୍ଯ୍ୟ କରି ପାରଇ ନାହିଁ । ମନୁଷ୍ୟସମାଜ ମଧ୍ୟରେ ଶିକ୍ଷା ଓ ଶାସ୍ତ୍ରାଲୋଚନା ମସ୍ତିଷ୍କର କାର୍ଯ୍ୟ କରେ । ଯେବେ ବୁଦ୍ଧି ନ ଥାଏ ତେବେ ଶରୀରରେ କି ପ୍ରୟୋଜନ ? ମନୁଷ୍ୟସମାଜରେ ସେହିପରି ଯେବେ ଲୋକେ ଶିକ୍ଷିତ ନ ହୁଅନ୍ତି ତେବେ କିପରି ସେମାନେ ଏକତ୍ର ହୋଇ କାର୍ଯ୍ୟ କରି ପାରିବେ ? କିପରି ଅବା ବାଣିଜ୍ୟ କରିବେ ? ଓ କିପରି ଅବା ସେମାନେ ସମାଜର ଦୋଷାଦୋଷ ବିଚାର କରି ପାରିବେ ? ମନୁଷ୍ୟ ସମାଜ ମଧ୍ୟରେ ଶିକ୍ଷା, କୃଷି ବାଣିଜ୍ୟ ଓ ଶିଳ୍ପ କିପରି ଭାବରେ ଥାଏ ଓ କି କି ପ୍ରକାରେ ସେମାନଙ୍କର ଉନ୍ନତି ହୁଏ ଏହା ଦେଖାଇବା ନିମିତ୍ତ ତୁଳନା କରି କହିଲି, ଦୃଷ୍ଟାନ୍ତଦ୍ୱାରା କଥିତ ବିଷୟ ନିର୍ମଳ ବୁଝାଯାଏ ।

ଉପର୍ଯ୍ୟୁକ୍ତ ବିଷୟର ଉନ୍ନତି କରିବା ନିମିତ୍ତ ଆସ୍ମମାନଙ୍କର କି କି ଉପାୟ ଅବଲମ୍ବନ କରିବା ବିଧେୟ ? ଆପଣମାନେ ଏ ପ୍ରଶ୍ନର ଉତ୍ତର ଦେବେ ଯେ ଆସ୍ମେମାନେ ଉଦାସୀନ ନ ହୋଇ କି ହେଳା ନ କରି ଅନ୍ତଃକରଣ ସହିତ କାର୍ଯ୍ୟରେ ପ୍ରବୃତ୍ତ ହେବା । ଆସ୍ମମାନଙ୍କ ଦେଶର ଲୋକଙ୍କର ଗୋଟିଏ ସ୍ୱଭାବ ଅଛି ଯେ ତହିଁ ପ୍ରତି ଆସ୍ମମାନଙ୍କର ସତର୍କ ହେବା କର୍ତ୍ତବ୍ୟ, ଆସ୍ମ ଦେଶୀୟ ଲୋକେ କୌଣସି କାର୍ଯ୍ୟ

କଲେ ତହିଁରେ ବିଶେଷ ପରିଶ୍ରମ ନ କରି ଦୈବ ପ୍ରତି ନିର୍ଭର କରନ୍ତି । ଏହାଦ୍ୱାରା କେତେକ ଉପକାର ଅଛି ସତ୍ୟ, କିନ୍ତୁ ବହୁପରିମାଣରେ ଦୈବ ପ୍ରତି ନିର୍ଭର କଲେ କୌଣସି କାର୍ଯ୍ୟ ସୁସମ୍ପନ୍ନ ହୁଏ ନାହିଁ, ବରଂ ଅପକାର ହୁଏ । ପ୍ରଥମେ ଉପକାର ଏହି ଯେ ଦୈବ ପ୍ରତି ନିର୍ଭର କଲେ ଲୋକେ ଧୀର ଭାବରେ କାର୍ଯ୍ୟ କରନ୍ତି । ପୃଥିବୀ ମଧ୍ୟରେ ଅନ୍ୟ କୌଣସି ଜାତି ଅଛନ୍ତି କି ନା ସନ୍ଦେହ, ଯେଉଁମାନେ କି ଏହି ଗୁଣରେ ଆମ୍ଭମାନଙ୍କଠାରୁ ଅଧିକ । ଅନେକ ଉଚ୍ଚପଦସ୍ଥ ସରକାରୀ କର୍ମଚାରିମାନେ କହିଅଛନ୍ତି ଯେ ଭାରତବାସିଙ୍କର ସହିଷ୍ଣୁତା ଗୁଣ ଅନ୍ୟ ଜାତିରେ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ସେମାନେ କହନ୍ତି ଯେ ଯେତେବେଳେ ଦୁର୍ଭିକ୍ଷ ଉପସ୍ଥିତ ହୁଏ ଓ ଦେଶର ସହସ୍ର ସହସ୍ର ଲୋକେ ଅନାହାରରେ ମୃତ୍ୟୁ ମୁଖରେ ପତିତ ହୁଅନ୍ତି ତେତେବେଳେ ଭାରତବାସିମାନେ ଅସାଧାରଣ ଧୈର୍ଯ୍ୟ ପ୍ରକାଶ କରନ୍ତି । ବିଲାତରେ ଯେଉଁଠାରେ ଲୋକେ ଆମ୍ଭମାନଙ୍କ ଅପେକ୍ଷା ଧନୀ ଓ ସ୍ୱଚ୍ଛନ୍ଦରେ ବାସ କରନ୍ତି, ସେଠାରେ ଆମ୍ଭେମାନେ ଶୁଣୁ ଯେ ଶ୍ରମଜୀବିମାନେ ସମୟ ସମୟରେ ଏକତ୍ରିତ ହୋଇ ବ୍ୟବସାୟିଙ୍କର କାର୍ଯ୍ୟ ବନ୍ଦ କରନ୍ତି ଓ ସେମାନଙ୍କ ପ୍ରତି ଆକ୍ରମଣ କରନ୍ତି । କିନ୍ତୁ ଆମ୍ଭଦେଶରେ ଯେଉଁଠାରେ କୋଟିକୋଟି ଲୋକେ ଦରିଦ୍ରାବସ୍ଥାରେ ଅଛନ୍ତି, ସେମାନେ କଦାପି ଏପରି ଅନିଷ୍ଟ କରନ୍ତି ନାହିଁ କି କାହାରି ପ୍ରତି ଅତ୍ୟାଚାର କରିବାର ଚେଷ୍ଟା ମଧ୍ୟ କରନ୍ତି ନାହିଁ । ଭାରତବାସିଙ୍କର ଏହି ପ୍ରକୃତି କିୟତ୍ ପରିମାଣରେ ହିନ୍ଦୁ ଧର୍ମ ଶିକ୍ଷାର ଫଳ; ଓ କିୟତ୍ ପରିମାଣରେ ପୂର୍ବକାଳର ଅଶାନ୍ତି ଓ ଉପଦ୍ରବର ଫଳ ।

ଧୈର୍ଯ୍ୟ ଓ ସହିଷ୍ଣୁତାଦ୍ୱାରା ଏପ୍ରକାର ଉପକାର ହୁଏ । ମାତ୍ର ଦୈବ ପ୍ରତି ନିର୍ଭର ଅତିଶୟ କଲେ ଲୋକେ ଅଦୃଷ୍ଟବାଦୀ ହୋଇ ସବୁ କାମରୁ ବିରତ ହୁଅନ୍ତି । ହିନ୍ଦୁଶାସ୍ତ୍ର ଅନୁସାରେ ମନୁଷ୍ୟଜୀବକୁ ଦୈବ ଓ ପୁରୁଷକାର ଏ ଦୁହେଁ ପରିଚାଳିତ କରନ୍ତି; ଯେ ଦୈବପ୍ରତି ନିର୍ଭର କରି ପୁରୁଷକାରକୁ ଆଦୌ ସ୍ଥାନ ନ ଦିଏ ସେ ଅଳସୁଆ ଓ ଅନଭିଜ୍ଞ । କିନ୍ତୁ ଯେ ଆପଣାର କାର୍ଯ୍ୟକୁ ଦୃଢ଼ରୂପେ ମନ ଦେଇ କରେ ଅଦୃଷ୍ଟ ତାହାକୁ କୃତକାର୍ଯ୍ୟ କରି ଉତ୍ତମ ଫଳ ଦିଏ । ତାହା ନ ହୋଇ ଯେ ଆପଣାର କର୍ତ୍ତବ୍ୟକର୍ମରେ ତ୍ରୁଟି କରି ନିଶ୍ଚିନ୍ତ ହୋଇ ବସିଥିବ ଅଦୃଷ୍ଟ ତାହାକୁ କୌଣସି ଫଳ ଦେବ ନାହିଁ । ଇଷ୍ଟସିଦ୍ଧି, କାହାରି ଆୟତ୍ତ ନୁହେ କିନ୍ତୁ ଯେ କର୍ତ୍ତବ୍ୟକର୍ମ କରେ ତାହାର ଇଷ୍ଟସିଦ୍ଧି ହୋଇପାରେ ଓ ଯେ କର୍ତ୍ତବ୍ୟକର୍ମ ନ କରେ ତାହାର ଇଷ୍ଟସିଦ୍ଧି କଦାପି ହୋଇ ନ ପାରେ । ଆମ୍ଭେମାନେ ଯେବେ କର୍ତ୍ତବ୍ୟକର୍ମ ନ କରିବା ତେବେ ଆମ୍ଭମାନଙ୍କର କଦାପି ଇଷ୍ଟ ସିଦ୍ଧି ହେବ ନାହିଁ । ଅତଏବ ସାଧ୍ୟାନୁସାରେ ଆମ୍ଭମାନଙ୍କର କର୍ତ୍ତବ୍ୟକର୍ମ କରିବା ବିଧେୟ । କୁରୁକ୍ଷେତ୍ର ଯୁଦ୍ଧରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଅଛନ୍ତି :—

''ନହିକଶ୍ଚିତ୍ କ୍ଷଣ ମପି ଜାତୁ ତିଷ୍ଠତ୍ୟକର୍ମକୃତ୍''

କ୍ଷଣେ ମାତ୍ର କୌଣସି ବ୍ୟକ୍ତି କର୍ମ ନ କରି ରହି ନ ପାରେ ।

''ନିୟତଂ କୁରୁ କର୍ମ ତ୍ୱଂ କର୍ମଜ୍ୟାୟୋ ହ୍ୟକର୍ମଣଃ ।
ଶରୀର ଯାତ୍ରାଽପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ'' ।

ସର୍ବଦା କର୍ମ କର । ଆଳସ୍ୟ ଅପେକ୍ଷା କର୍ମ କରିବା ଶ୍ରେୟସ୍କର, କର୍ମ ନ କଲେ ତୁମ୍ଭର ଶରୀର ରକ୍ଷା ମଧ ହୋଇ ପାରିବ ନାହିଁ । ଏହି ଉପଦେଶ ହିନ୍ଦୁଧର୍ମର ଗୋଟିଏ ପ୍ରଧାନ ଉପଦେଶ ଅଟେ । ଏହାକୁ ସ୍ମରଣ ରଖି ଆମ୍ଭେମାନେ ଯେବେ ଏତଦନୁରୂପ କର୍ମ କରିବା ତେବେ ଆମ୍ଭମାନଙ୍କର ମଙ୍ଗଳ ସ୍ୱୟଂ ଆସି ଉପସ୍ଥିତ ହେବ ।

ପୁନଶ୍ଚ କଥିତ ଅଛି ଯେ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ,' ନିଜର ଜନନୀ ଓ ଜନ୍ମଭୂମି ଏ ଦୁହେଁ ସ୍ୱର୍ଗଅପେକ୍ଷା ଗରିଷ୍ଠ ଅଟନ୍ତି । ଏହି ବାକ୍ୟର ସତ୍ୟତା ପ୍ରତ୍ୟେକ ସହୃଦୟ ବ୍ୟକ୍ତି ଅନୁଭବ କରନ୍ତି ଏହା ପ୍ରମାଣ କରିବାର ଆବଶ୍ୟକ ନାହିଁ । କୌଣସି ବ୍ୟକ୍ତିର ଜନନୀ ଯେବେ ଦୁଃଖରେ ପତିତ ହୋଇଥାଏ ତେବେ ତାହାକୁ ଉଦ୍ଧାର ନ କରିବା ପର୍ଯ୍ୟନ୍ତ ସେ କି ଅନ୍ୟ କୌଣସି କାର୍ଯ୍ୟ କରି ପାରେ ? 'କଦାପି ନୁହେଁ' ବୋଲି ଆମ୍ଭେମାନେ ସମସ୍ତେ ଉତ୍ତର ଦେବା । ତଦ୍ରୂପ ଆମ୍ଭମାନଙ୍କର ମାତୃଭୂମି ଉତ୍କଳଦେଶ ନିଜର ଅଭାବମୋଚନାର୍ଥ ଆମ୍ଭମାନଙ୍କ ସମୀପରେ ଉପସ୍ଥିତ ହୋଇଅଛି । ସଭ୍ୟବୃନ୍ଦ ! ତାହାଙ୍କର ଡାକ ନ ଶୁଣି ଆମ୍ଭେମାନେ କି ନିଶ୍ଚିନ୍ତ ହୋଇ ରହି ପାରୁଁ ? ଯେ ପର୍ଯ୍ୟନ୍ତ ତାହାଙ୍କର ଅଭାବ ମୋଚନ ନ ହୋଇଅଛି, ସେ ପର୍ଯ୍ୟନ୍ତ ଆମ୍ଭେମାନେ କଦାପି ସ୍ଥିର ହୋଇ ରହି ନ ପାରୁଁ । ଆମ୍ଭମାନଙ୍କର ଦାୟିତ୍ୱ ମହାନ୍, ଏହି ପବିତ୍ର କର୍ମ ସିଦ୍ଧ ନୋହିବା ପର୍ଯ୍ୟନ୍ତ ଆମ୍ଭେମାନେ କି ସ୍ଥିର ହୋଇ ରହି ପାରିବା ? ଆମ୍ଭମାନଙ୍କର ଜନ୍ମଭୂମି ଉତ୍କଳଦେଶର ଅଭାବ ମୋଚନ ନ କରି କି ଆମ୍ଭେମାନେ ତାହାର ଯୋଗ୍ୟ ସନ୍ତାନ ବୋଲି ଆପଣାକୁ ଆପେ ମନ ମଧରେ ବୋଧ କରି ପାରିବା ?

ଆପଣମାନଙ୍କୁ ବିଦିତ ଅଛି ଯେ ଏହି ଉତ୍କଳଦେଶରେ ବହୁ ଶତବର୍ଷବ୍ୟାପୀ ଉତ୍ପୀଡ଼ନଦ୍ୱାରା ଲୋକମାନେ ହତସାହସ ଓ ହତୋଦ୍ୟମ ହୋଇଅଛନ୍ତି । ସେମାନଙ୍କର ପୂର୍ବପୁରୁଷମାନଙ୍କର ତେଜ ଓ ବଳ ବର୍ତ୍ତମାନ୍ ଆମ୍ଭମାନଙ୍କଠାରେ ନାହିଁ । କିନ୍ତୁ ଆମ୍ଭେମାନେ ଇଦାନିଂ ଗ୍ରେଟବ୍ରିଟେନର ଶାସନାଧୀନ ହୋଇଅଛୁଁ । ପୁନରୁତ୍ଥାନର ସମୟ ଉପସ୍ଥିତ ହୋଇଅଛି । ସଭ୍ୟବୃନ୍ଦ ! ଭୁବନେଶ୍ୱରର କୀର୍ତ୍ତି ରାଜିର ଭଗ୍ନାବଶେଷ ଆପଣମାନେ ସମସ୍ତେ ଦେଖିବା ହୋଇଥିବେ । କେଶରୀ ବଂଶୀୟ ନରପତି ଲଲାଟେନ୍ଦ୍ର କେଶରିଙ୍କ ଗୌରବ ସେଠାରେ ଦେଦୀପ୍ୟମାନ ହୋଇ ରହିଅଛି । ମହାଦେବଙ୍କ

ଉଦ୍ଦେଶ୍ୟରେ ସେଠାରେ କେତେ କେତେ ଦେବାଳୟ ନିର୍ମିତ ହୋଇ ନ ଥିଲା ? ସେମାନଙ୍କର ଗଠନସୌଷ୍ଠବ ଓ ଚିତ୍ରମାନ ଦେଖି କାହାର ହୃଦୟ ବିସ୍ମୟାଭିଭୂତ ନ ହେବ ? ସେହି କୀର୍ତ୍ତି ସବୁ ଦେଖିଲେ ପ୍ରାଚିନକାଳରେ ଉତ୍କଳଦେଶ କେଡ଼େ ସମୃଦ୍ଧିଶାଳୀ ହୋଇ ଥିଲା ତାହା କେତେକ ପରିମାଣରେ ଉପଲବ୍ଧ ହୁଏ ।

ଖଣ୍ଡଗିରିର ପର୍ବତ ଦେହରେ ଯେଉଁ ସବୁ ଗୁମ୍ଫା ଖୋଳା ହୋଇଅଛି ଓ ଯହିଁରେ ପୂର୍ବକାଳରେ ବୌଦ୍ଧଯୋଗିମାନେ ବାସ କରି ଯୋଗାଭ୍ୟାସ କରୁଥିଲେ, ତାହା ଆପଣମାନେ ଦେଖିବା ହୋଇଥିବେ, ତତ୍ପରେ କୋଣାର୍କର ଭଗ୍ନ ମନ୍ଦିରର ପ୍ରସ୍ତରଖଣ୍ଡ ଦେଖିବା ହୋଇଥିବେ, ତାହା ଦେଖି ମନରେ ବିସ୍ମୟ ଜାତ ହୁଏ ଓ ପ୍ରଶ୍ନ ଉପସ୍ଥିତ ହୁଏ ଯେ ଏହା ଦେବନିର୍ମ୍ମିତ ଅଥବା ମନୁଷ୍ୟନିର୍ମିତ ଏପରି ? ଆପଣମାନେ ଶ୍ରୀକ୍ଷେତ୍ର ଓ ତତ୍ରସ୍ଥ ଶ୍ରୀ ଜଗନ୍ନାଥଙ୍କର ଓ ଅନ୍ୟାନ୍ୟ ଦେବାୟତନମାନଙ୍କୁ ଦେଖିବା ହୋଇଥିବେ । ସେଠାରେ ମନୁଷ୍ୟସମାଜରେ ପରସ୍ପର ବନ୍ଧୁତା ଓ ଅଭେଦ କିପରି ପ୍ରସ୍ଫୁଟ ଭାବରେ ଶ୍ରୀମହାପ୍ରସାଦଦ୍ୱାରା ପ୍ରଚାରିତ ହୋଇଅଛି । ଭାରତ ବର୍ଷର ନାନା ସ୍ଥାନରୁ ସହସ୍ର ସହସ୍ର ଲୋକେ ରୋଗ ବ୍ୟାଧି ସହ୍ୟ କରି ଓ ପଥରେ ଅସହ୍ୟ ଯାତନା ଭୋଗ କରି ସେଠାରେ ଦେବଦର୍ଶନପାଇଁ ଏକତ୍ରିତ ହୁଅନ୍ତି । ଆମ୍ଭ ପୂର୍ବପୁରୁଷମାନଙ୍କର ସଭ୍ୟତା ଯେ କି ପରିମାଣରେ ବଢ଼ିଥିଲା ତାହା ଜଣାପଡ଼େ । ଆମ୍ଭମାନଙ୍କ ପୂର୍ବପୁରୁଷଙ୍କର ତାଦୃଶ ସଭ୍ୟତାର ଉନ୍ନତି ମନରେ କରି ଆମ୍ଭମାନଙ୍କ ମନରେ ଅହଂକାର ହୁଏ ନାହିଁ କି ? ସହସ୍ର ବର୍ଷ ପୂର୍ବେ ସେମାନେ ଯେଉଁ କୀର୍ତ୍ତି ସ୍ଥାପନ କରିଥିଲେ ତାହା ଅଦ୍ୟାବଧି ଅଛି, ସେମାନେ ଯେପରି କାର୍ଯ୍ୟ କରିଥିଲେ ଆମ୍ଭେମାନେ ସେହିପରି କରିବା ବୋଲି ଆମ୍ଭମାନଙ୍କର ଅଭିଳାଷ ହୁଏ ନାହିଁ କି ? ସେମାନଙ୍କ ଦେହରେ ଯେଉଁ ରକ୍ତ ସଂଚଳନ କରୁଥିଲା, ଆମ୍ଭମାନଙ୍କ ଦେହରେ ସେ ରକ୍ତ ପ୍ରବାହିତ ହେଉଅଛି । ଆମ୍ଭମାନଙ୍କର ପୂଜ୍ୟ ପୂର୍ବପୁରୁଷମାନଙ୍କର ଦୃଷ୍ଟାନ୍ତ ଅନୁସାରେ ଆମ୍ଭେମାନେ ଯେବେ କାର୍ଯ୍ୟ କରିବା, ସମସ୍ତେ ମିଶି ଏକତ୍ର ହୋଇ ଉଦ୍ୟମ କରିବା ତେବେ ସେମାନେ ଯେପରି ଉନ୍ନତ ହୋଇଥିଲେ ଆମ୍ଭେମାନେ କି ସେହିପରି ଅଥବା ଅଧିକ ଉନ୍ନତ ନ ହେବା ? ଦେଖିବା ହେଉନ୍ତୁ ବର୍ତ୍ତମାନ କାଳ ଉନ୍ନତିର ସମ୍ପୂର୍ଣ୍ଣ ଅନୁକୂଳ ହୋଇଅଛି । ଲୌହପଥ ସର୍ବତ୍ର ଗୁନ୍ଥି ହୋଇ ହୋଇଅଛି ଓ ଆହୁରି ନୂତନ ନୂତନ ରେଲମାନ ବସୁଅଛି । ତାରମାନ ବିଜୁଳି ବେଗରେ ବାର୍ତ୍ତା ବହନ କରୁଅଛି, ପୃଥିବୀର ସର୍ବ ଦେଶର ଲୋକେ ଏକତ୍ର ହୋଇ ବ୍ୟବସାୟ, ବାଣିଜ୍ୟ କରୁଅଛନ୍ତି । ଏ ସମୟରେ ଯେବେ ଆମ୍ଭେମାନେ ଉଦାସୀନ ହୋଇ ରହିବା ତେବେ ଆଉ କାର୍ଯ୍ୟ କରିବା କେବେ ?

ଶିକ୍ଷା ସମ୍ବନ୍ଧରେ ଆମ୍ଭେ ବର୍ତ୍ତମାନ କିଛି କହିଟୁଁ; ଶିକ୍ଷାଦ୍ୱାରା ଆମ୍ଭେମାନେ କଣ ବୁଝୁଅଛୁଁ ? ଅନେକ ଲୋକ ଅନେକ ପ୍ରକାର ଏହି ପ୍ରଶ୍ନର ଉତ୍ତର ଦେଇ ପାରନ୍ତି ।

କେହି କହିବେ ଯେ ଆମ୍ଭର ଯୁବକମାନଙ୍କୁ ସାହିତ୍ୟ, ଗଣିତ ଓ ଅପରାପର ବିଷୟମାନ ଶିକ୍ଷା ଦେବା, ଯେପରି ବି ସେମାନେ ବଢ଼ିଲେ ସେମାନଙ୍କର ପ୍ରୟୋଜନକୁ ଆସିବ । ଆଉ କେହି କହିପାରନ୍ତି ଯେ ସେମାନଙ୍କୁ ଏପରି ପଢ଼ାଇବ ଯଦ୍ଦ୍ୱାରା ସେମାନେ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଗବର୍ଣ୍ଣମେଣ୍ଟ ଅଧୀନରେ ଅଥବା ଅନ୍ୟତ୍ର ବଡ଼ ବଡ଼ ଚାକରୀ କରିପାରିବେ । ଏ ସବୁ ଉତ୍ତମ, କିନ୍ତୁ ଶିକ୍ଷାର ପ୍ରଶସ୍ତ ଫଳ ଆହୁରି ଅଛି । ଶିକ୍ଷାଲାଭ କରି ମନୁଷ୍ୟ କେବଳ ନିଜର ବିଷୟ ଆଲୋଚନା କରି ପାରିଲେ ଅଥବା ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଗବର୍ଣ୍ଣମେଣ୍ଟରେ ଚାକରି କଲେ ଯେ ତାହାର କର୍ତ୍ତବ୍ୟକର୍ମ୍ମ ସାଧିତ ହେଲା ତାହା ନୁହେ । ପିତା ମାତାଙ୍କପ୍ରତି, ପୁତ୍ର କନ୍ୟାଙ୍କ ପ୍ରତି, ସ୍ତ୍ରୀପ୍ରତି, ପ୍ରତିବାସିଙ୍କ ପ୍ରତି ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ପ୍ରତି, ସମାଜ ପ୍ରତି ତାହାଙ୍କର ଯାହା କର୍ତ୍ତବ୍ୟ ତାହା ତାହାଙ୍କୁ କରିବାକୁ ହେବ । ଶିକ୍ଷାଦ୍ୱାରା ମନୁଷ୍ୟର ଗୁଣମାନେ ବିକଶିତ ହୁଅନ୍ତି । ଶିକ୍ଷା ଅଗ୍ରେ ବୁଦ୍ଧିକୁ ସତେଜ କରେ, ତପୃରେ ସବୁ ବିଷୟରେ ଅନୁସନ୍ଧାନ କରିବାର ଇଚ୍ଛାକୁ ଜାତ କରେ, ଆଚରଣକୁ ଗଠନ କରେ ଅର୍ଥାତ୍ ଶିକ୍ଷିତବ୍ୟକ୍ତି ଆପଣାର ସଦ୍‌ବୁଦ୍ଧିଦ୍ୱାରା ଯେଉଁ ସୁପଥରେ କାର୍ଯ୍ୟ କରିବାର ସ୍ଥିର କରେ ସେହି ପଥରେ ଯାବଜ୍ଜୀବନ କାର୍ଯ୍ୟ କରେ । ମନୁଷ୍ୟପଣ ଯାହାକୁ କହନ୍ତି ଶିକ୍ଷା ତାହା କରାଏ । କି ବଡ଼ କି ସାନ ସମସ୍ତେ ଶିକ୍ଷାଦ୍ୱାରା ଉପକୃତ ହୁଅନ୍ତି । ଅଧିକ କହିବା ନିଷ୍ପ୍ରୟୋଜନ; ଏହି ମାତ୍ର କହୁଅଛି ଯେ ଶିକ୍ଷା ଆପଣାର ଜାତୀୟ ଏକତାକୁ ସ୍ଥାପନ କରେ ଓ ଉନ୍ନତିର ଇଚ୍ଛା ଜାତ କରେ । ସମାଜସ୍ଥିତ ଲୋକଙ୍କଠାରେ ସହାନୁଭୂତି ଜାତ କରାଏ । ସାଧାରଣର ଉପକାର କାର୍ଯ୍ୟରେ ପ୍ରବୃତ୍ତ ଜନ୍ମାଏ । ଅନେକ ଶିକ୍ଷିତ ଲୋକେ ଏପରି ମିଳି ଯେଉଁ କାର୍ଯ୍ୟ କରନ୍ତି ସେ କାର୍ଯ୍ୟର ମୂଳ ଦୃଢ଼ ହୁଏ ଓ ପରିଶେଷରେ ସେ କାର୍ଯ୍ୟ ସଫଳ ହୁଏ । ଆମ୍ଭେମାନେ ଯେଉଁ ଇଂରାଜୀ ଶିକ୍ଷା ଲାଭ କରିଅଛୁ ତଦ୍ଦ୍ୱାରା ଉକ୍ତ ପ୍ରକାର ଫଳ ହେଉଅଛି । ଅତଏବ ଯେଉଁ ଯୁବକମାନେ ଉଚ୍ଚଶିକ୍ଷା କରୁଅଛନ୍ତି ଅଥବା କରିବାର ଅଭିଳାଷୀ ଅଛନ୍ତି ସେମାନଙ୍କୁ ଯଥାଯୋଗ୍ୟ ସାହାଯ୍ୟ ଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

ବର୍ତ୍ତମାନ ଶିକ୍ଷା ପ୍ରଣାଳୀରେ କେତେକ ଦୋଷ ଥିଲେହେଁ ସେ ଶିକ୍ଷା ଆମ୍ଭମାନଙ୍କ ସମାଜରେ ଅନେକ ପରିବର୍ତ୍ତନ ଘଟାଇଅଛି ଓ ଅନେକ ନୂତନ ପ୍ରକାର କର୍ତ୍ତବ୍ୟକର୍ମ୍ମ ଅଛି ବୋଲି, ଅମ୍ଭମାନଙ୍କର ଚକ୍ଷୁ ଉନ୍ମୀଳନ କରିଅଛି । ଇଂରାଜୀ ଶିକ୍ଷାଦ୍ୱାରା ଆମ୍ଭମାନଙ୍କ ମଧରେ ପାଶ୍ଚାତ୍ୟ ସଭ୍ୟତା ଓ ବିଦ୍ୟା ପ୍ରବେଶ କରିଅଛି । ଏମନ୍ତ କି ଭାଷା, ପୋଷାକ ଓ ଆଚାର ବ୍ୟବହାର କେତେକ ପରିମାଣରେ ସୁଦ୍ଧା ପରିବର୍ତ୍ତିତ ହୋଇଅଛି । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଆମ୍ଭମାନଙ୍କର ଏହି ଭାରତ ଭୂମିରେ କେତେ କେତେ ରାଜନୀତିଜ୍ଞ; ସୁବକ୍ତା, ଗ୍ରନ୍ଥକର୍ତ୍ତା, ଧର୍ମ୍ମ ଏବଂ ସମାଜ ସଂସ୍କାରକ ଜାତ

ହୋଇଅଛନ୍ତିଟି ? ତାହାଙ୍କର ଗୁଣ ଓ ପ୍ରଗଲ୍‌ଭତା ଦେଖି ଆମ୍ଭମାନଙ୍କ ହୃଦୟରେ ଅହଂକାର ଜାତ ହେଉଅଛି ଯେ ଆମ୍ଭ ଦେଶରେ ଏପରି କ୍ଷମତାଶାଳୀ ଲୋକେ ଜନ୍ମଗ୍ରହଣ କଲେ, ଆମ୍ଭର ଦେଶ ତନ୍ନିମିତ୍ତ ଧନ୍ୟ ! ଇଂରାଜିଶିକ୍ଷା ଗୁଣରୁ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଓ ଅନ୍ୟତ୍ର କେଡ଼େକେଡ଼େ ବିଜ୍ଞ ଓ ମହାନ୍ ବ୍ୟକ୍ତିମାନେ କର୍ମ୍ମ କରୁଅଛନ୍ତି । ଅଳ୍ପଦିନ ହେଲା ଭାରତବର୍ଷରୁ ଚାରିଜଣ ଲୋକ ଜାପାନକୁ ଯାଇ ସେଠାରୁ ଶିକ୍ଷା କରି ଫେରି ଆସିଅଛନ୍ତି । ଜଣେ ଭୂତତ୍ତ୍ୱରେ, ଜଣେ ସାବିନ ପ୍ରସ୍ତୁତ କରିବାରେ, ଆଉ ଜଣେ ଦିଆସିଲାଇ କାରଖାନାରେ ଓ ଆଉଜଣେ ଆଉ ବିଷୟରେ ଯୋଗ୍ୟତା ଲାଭ କରିଅଛନ୍ତି । କି ରାଜନୀତି, କି ସମାଜର ଉନ୍ନତି, କି ଧର୍ମ୍ମନୀତି ଯାହାସବୁ ଆଜିକାଲି ଉନ୍ନତ ହେଉଅଛି ସେ ସବୁ ଇଂରେଜ ଶିକ୍ଷା ପ୍ରଭାବରୁ ହେଉଅଛି । ଏହି ସଭା ଯେ ଆଦ୍ୟ ସ୍ଥାପନ ହୋଇଅଛି ଓ ଯହିଁରେ ଆମ୍ଭେମାନେ ଇଷ୍ଟସିଦ୍ଧି ନିମିତ୍ତ ସମବେତ ହୋଇଅଛୁଁ ସେ ମଧ ଇଂରାଜି ଶିକ୍ଷା ପ୍ରଭାବରୁ ହୋଇଅଛି ଓ ଏହାର ସ୍ଥାୟିତ୍ୱ ମଧ ସେହି ଶିକ୍ଷାଉପରେ ନିର୍ଭର କରେ ।

ଏତଦ୍‌ବ୍ୟତିରେକେ ଆହୁରି ଅନେକ ବିଷୟ ଅଛି ଯଦ୍ୱାରା ଉଚ୍ଚଶିକ୍ଷା ପ୍ରଭାବରୁ ଆମ୍ଭେମାନେ ବିଶେଷ ଉପକାର ପ୍ରାପ୍ତ ହୋଇଅଛୁଁ । ଯାହା ପ୍ରଭାବରୁ ଆମ୍ଭେମାନେ ଏତେ ଉପକାର ଲଭିଅଛୁଁ ସେହି ବିଦ୍ୟା ଶିକ୍ଷାନିମିତ୍ତ ଆମ୍ଭମାନଙ୍କର କାୟମନୋବାକ୍ୟରେ ଯତ୍ନକରିବା ଶ୍ରେୟସ୍କର । ଆମ୍ଭମାନଙ୍କ ନିମିତ୍ତ ଗବର୍ଣ୍ଣମେଣ୍ଟ ଏହି କାର୍ଯ୍ୟ କରୁଅଛନ୍ତି ବୋଲି କେହି କହିପାରନ୍ତି । ଗବର୍ଣ୍ଣମେଣ୍ଟ ସ୍କୁଲ କଲେଜ ସ୍ଥାପନ କରିଅଛନ୍ତି ସେଠାରେ ଆମ୍ଭମାନଙ୍କର ଯୁବକମାନେ ଅଧ୍ୟୟନ କରୁଅଛନ୍ତି ଆଉ ଆମ୍ଭେ ଅଧିକ କି କରିବା ? ଏହାର ଉତ୍ତରରେ ମୁଁ କହୁଅଛି ଯେ ଆମ୍ଭେମାନେ ନିଜେ ନିଜେ ଯେବେ ତହିଁରେ ଯୋଗ ଦେବା ତେବେ ଗବର୍ଣ୍ଣମେଣ୍ଟଙ୍କର ଉଦ୍ୟମମାନ ବିଶେଷ ସଫଳ ହେବ । ଗବର୍ଣ୍ଣମେଣ୍ଟ ବହୁସଂଖ୍ୟକ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ସତ୍ୟ, କିନ୍ତୁ ଆହୁରି ଅନେକ ସ୍ଥାପିତ ହେବାର ଆବଶ୍ୟକତା ନାହିଁ କି ? ଆମ୍ଭ ଦେଶର ଧନୀ ଓ ବୁଦ୍ଧିମାନ୍ ଲୋକେ ଏକତ୍ର ହେଲେ ଆମ୍ଭ ଦେଶର ଦରିଦ୍ରଲୋକେ ସୁଦ୍ଧା ଶିକ୍ଷିତ ହୋଇ ପାରିବେ, ଓ ଗ୍ରାମ୍ୟ ପାଠଶାଳାମାନ ଅଧିକ ଉନ୍ନତ ହୋଇପାରିବ ।

ସ୍ତ୍ରୀଶିକ୍ଷା ଆଉ ଗୋଟିଏ ବକ୍ତବ୍ୟ ବିଷୟ । ଯଦି ଆମ୍ଭମାନଙ୍କର ଜନନୀମାନେ, ସ୍ତ୍ରୀମାନେ, ଦୁହିତାମାନେ ସୁଶିକ୍ଷିତା ହୁଅନ୍ତି ତେବେ ଆମ୍ଭମାନଙ୍କର ସାଂସାରିକ କାର୍ଯ୍ୟ ବହୁ ପରିମାଣରେ ଲଘୁ ହୋଇପାରିବ । ଜନନୀର ଶିକ୍ଷାଦ୍ୱାରା ସନ୍ତାନର ବହୁ ଉପକାର ହୁଏ, ସହଜରେ ସେ ଅନେକ ବିଷୟ ଶିକ୍ଷା କରିପାରେ ଓ ତାହାର କୋମଳ ହୃଦୟରେ ସେ ଯେଉଁ ଉପଦେଶ ପାଏ ତାହା ଦୃଢ଼ରୂପେ ମନ ମଧରେ ଅଙ୍କିତ ହୋଇ ରହେ । ବର୍ତ୍ତମାନ ପୁରୁଷରେ ସୁଶିକ୍ଷିତା ଜନନୀମାନେ ଯେବେ ନିଜ ନିଜ ସନ୍ତାନମାନଙ୍କୁ

ବିଧିପୂର୍ବକ ଶିକ୍ଷାପ୍ରଦାନ କରନ୍ତି ତେବେ ଭବିଷ୍ୟତ ପୁରୁଷରେ ତାହାର ଫଳ ଫଳିବ ଓ ସନ୍ତାନମାନେ ବିଶେଷ ଉପଯୁକ୍ତ ହେବେ । ଆମ୍ଭମାନଙ୍କ ଦେଶରେ ଶିକ୍ଷାର ପ୍ରଚାର ନିମିତ୍ତ ଯଦି ନିୟମାବଳୀ କରାଯାଏ ତେବେ ତନ୍ମଧ୍ୟରେ ସ୍ତ୍ରୀଶିକ୍ଷା ଅତି ଉଚ୍ଚସ୍ଥାନ ଅଧିକାର କରିବ । ଉତ୍କଳ ଦେଶରେ ସ୍ତ୍ରୀଶିକ୍ଷା ଅଗ୍ରସର ହୋଇ ନାହିଁ । ଅତଏବ ଯହିଁରେ ତାହାର ଉନ୍ନତି ହୁଏ ତାହା ଆମ୍ଭେମାନେ ସମସ୍ତେ ଏକତ୍ର ହୋଇ ସମ୍ପନ୍ନ କରିବା ନାହିଁ କି ?

ପରନ୍ତୁ ବର୍ତ୍ତମାନ ପ୍ରତିଯୋଗିତାର ସମୟ । ଯେ ପାରିଲା, ଯାହାର ଗୁଣ ଅଧିକ ସେ ବଡ଼ ହେଲା, ଏଣୁକରି ବିଦ୍ୟାର୍ଥିମାନଙ୍କୁ ଦେଶାନ୍ତରକୁ ପ୍ରେରଣ କରିବା କର୍ତ୍ତବ୍ୟ । ସେମାନେ ବିଦେଶକୁ ଯାଇ ଯେଉଁଠାରେ ଶିଳ୍ପ ଓ ଶ୍ରମଜୀବିକା ବିଶେଷରୂପେ ଚର୍ଚ୍ଚିତ ହୁଏ ସେଠାରେ ଶିକ୍ଷାଲାଭ କରି ଆତ୍ମଦେଶକୁ ପ୍ରତ୍ୟାଗମନ କରିବେ । ଭାରତବର୍ଷର ଅପର ପ୍ରଦେଶରୁ ଅନେକ ଯୁବକମାନେ ଦେଶାନ୍ତର ଗମନ କରି ସେଠାରେ ଯୋଗ୍ୟତା ଲାଭ କରୁଅଛନ୍ତି ଓ ଅନେକ ଯୋଗ୍ୟତା ଲାଭ କରି ଏଠାକୁ ପ୍ରତିଗମନ କରିଅଛନ୍ତି । କିନ୍ତୁ ଉତ୍କଳପ୍ରଦେଶରୁ ତଦ୍ରୂପ ଯାଇଥିବାର କି ଯାଉଥିବାର ଜଣା ଯାଉନାହିଁ । ଅତଏବ ଆମ୍ଭମାନଙ୍କର ଏ ଦେଶରୁ ବିଦ୍ୟାର୍ଥୀ ପ୍ରେରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେ କି ? ଏହିପରି ଅନ୍ୟାନ୍ୟ ଅଭାବମାନ ଅଛି ଯେଉଁ ସମ୍ବନ୍ଧରେ ଆମ୍ଭେମାନେ ମନୋଯୋଗୀ ହେଲେ ଦେଶର ଶିକ୍ଷୋନ୍ନତି ବିଶେଷରୂପେ ହୋଇ ପାରିବ ।

ରାଜା ଓ ଜମିଦାରମାନଙ୍କର ଶିକ୍ଷା ଭାରତବର୍ଷରେ ଆଉ ଗୋଟିଏ ଗୁରୁତର ବିଷୟ । ସ୍ୱଭାବତଃ ସେମାନେ ସମାଜର ନେତା ଅଟନ୍ତି, ସେମାନଙ୍କ ସ୍କନ୍ଧରେ ବିଶେଷ ଦାୟିତ୍ୱ ଅଛି, ସେମାନେ ଇଚ୍ଛା କଲେ ଅନେକ ଲୋକଙ୍କର ଉପକାର କରିପାରନ୍ତି ଓ ଅପକାର ମଧ କରି ପାରନ୍ତି । ଅତଏବ ସେମାନଙ୍କୁ ଏପରି ଶିକ୍ଷା ଦେବା ବିଧେୟ ଯହିଁରେ ସେମାନେ ନିଜ ନିଜ ରାଜ୍ୟର ଓ ନିଜ ନିଜ ପ୍ରଜାବର୍ଗର ମଙ୍ଗଳ ସାଧନ କରି ପାରିବେ ଓ ଆପଣା ଉପରେ ଯେଉଁ ସବୁ ବିଷୟର ଦାୟିତ୍ୱ ଅଛି ତାହା ଉତ୍ତମରୂପେ ସମାଧାନ କରି ପାରିବେ । ଏହି ବିଷୟରେ ମୋର ନିଜର କେତେକ ଅନୁଭବ ଅଛି । ମୋର ଅଭିମତ ଏହି ଯେ ଭାରତବର୍ଷର ଅନ୍ୟ ସ୍ଥାନମାନଙ୍କରେ ଯେପରି ଅଛି ସେହିପରି ଉତ୍କଳଦେଶରେ ରାଜା ଓ ଜମିଦାରଙ୍କ ସନ୍ତାନମାନେ ସୁଶିକ୍ଷିତ ହେବା ନିମିତ୍ତ ଗୋଟିଏ ସ୍ୱତନ୍ତ୍ର ଶିକ୍ଷାଗାର ସ୍ଥାପିତ ହେବା ଉଚିତ । କେହି କେହି ଏପରି କହନ୍ତି ଯେ ରାଜକୁମାର ଓ ଜମିଦାରମାନଙ୍କ ସନ୍ତାନଙ୍କ ନିମିତ୍ତ ସ୍ୱତନ୍ତ୍ର ଶିକ୍ଷାଗାର ହେଲେ ସେମାନଙ୍କର ସାଧାରଣ ପିଲାଙ୍କ ସହିତ ସଂସ୍ରବ ରହିବ ନାହିଁ ଓ ସେମାନେ ନିଜ ନିଜ ବଡ଼ପଣ ନିମିତ୍ତ ଅହଂକାରୀ ହେବେ, ଓ ଦରିଦ୍ରମାନଙ୍କର ଅବସ୍ଥା ଅବଗତ ହୋଇ ପାରିବେ ନାହିଁ । ମୋ ମତରେ ଶିକ୍ଷକମାନେ ସତର୍କ ହେଲେ ସେପରି ଦୋଷ ଘଟିବାର ସମ୍ଭାବନା ନାହିଁ । ଯେପରି ଡାକ୍ତରି

ବାରିକମିସ୍ତିରି ପ୍ରଭୃତି ବିଶେଷ ଶିକ୍ଷା ନିମିତ୍ତ ବିଶେଷ ବିଦ୍ୟାଳୟମାନ ସ୍ଥାପିତ ହୋଇଅଛି ସେହିପରି ରାଜା ଓ ଜମିଦାରଙ୍କ ପୁତ୍ରମାନଙ୍କର ବିଶେଷ ଯୋଗ୍ୟତା ଓ ଉଚ୍ଚ ଶିକ୍ଷାର ଆବଶ୍ୟକତା ଥିବାରୁ ସେମାନଙ୍କର ସ୍ୱତନ୍ତ୍ର ଶିକ୍ଷାମନ୍ଦିର ହେବାର ପ୍ରୟୋଜନୀୟ । ଏପରି ହେଲେ ପ୍ରଥମ ଆରମ୍ଭରୁ ସେମାନଙ୍କର ଯେପରି ସ୍ୱତନ୍ତ୍ର ଶିକ୍ଷାର ଆବଶ୍ୟକ ସେହି ଅନୁସାରେ ଶିକ୍ଷା ଦିଆଯିବ । ଯେଉଁ ସବୁ ସ୍କୁଲ ଓ କଲେଜ ଆମ୍ଭମାନଙ୍କ ଦେଶରେ ସ୍ଥାପିତ ହୋଇଅଛି ସେ ସର୍ବସାଧାରଣଙ୍କ ସନ୍ତାନମାନଙ୍କ ନିମିତ୍ତ । ସେମାନେ ସାଧାରଣ ରୂପେ ସେଠାରେ ଶିକ୍ଷାଲାଭ କରିପାରିବେ । କୌଣସି ବିଶେଷ ଶ୍ରେଣୀର ଲୋକଙ୍କୁ ବିଶେଷ ଶିକ୍ଷା ଦେବା ନିମିତ୍ତ ସେମାନେ ସ୍ଥାପିତ ହୋଇ ନାହାନ୍ତି । ଅତଏବ ମୋ ମତରେ ରାଜା ଓ ଜମିଦାରମାନଙ୍କ ସନ୍ତାନମାନେ ଯାହାଙ୍କର କେତେକ ବିଷୟରେ ବିଶେଷ ଯୋଗ୍ୟତାର ଆବଶ୍ୟକ ସେମାନେ କିପରି ସାଧାରଣଜନଙ୍କ ନିମିତ୍ତ ସ୍ଥାପିତ ବିଦ୍ୟାଳୟରେ ଅଧ୍ୟୟନ କରି କୃତକାର୍ଯ୍ୟ ହେବେ ? କିଛି ନ ପଢ଼ିବା ଅପେକ୍ଷା ସାଧାରଣ ବିଦ୍ୟାଳୟରେ ପଢ଼ିବା ଶ୍ରେୟସ୍କର । କିନ୍ତୁ ଯେଉଁ ରାଜା ଜମିଦାରଙ୍କ ସନ୍ତାନମାନେ ସେମାନଙ୍କ ପ୍ରୟୋଜନାନୁରୂପ ବିଶେଷ ବିଦ୍ୟାଳୟରେ ଅଧ୍ୟୟନ କରିଥିବେ ସେମାନଙ୍କ ଅପେକ୍ଷା ସାଧାରଣ ବିଦ୍ୟାଳୟର ଛାତ୍ରମାନେ କଦାପି ଭଲ ହେବେ ନାହିଁ । ଅଧିକନ୍ତୁ, ରାଜକୁମାର ଓ ବଡ଼ ବଡ଼ ଜମିଦାରମାନଙ୍କ ସନ୍ତାନମାନେ ଏକତ୍ର ଅଧ୍ୟୟନ କଲେ ସେମାନଙ୍କ ମଧ୍ୟରେ ଅନ୍ୟୋଽନ୍ୟରେ ମିତ୍ରତା ସ୍ଥାପିତ ହେବ । ବଡ଼ ହେଲେ ସେମାନେ ଏକତ୍ର ହୋଇ ଦେଶର ଉପକାରୀ ବୃହତ୍ କାର୍ଯ୍ୟର ଅନୁଷ୍ଠାନ କରିପାରିବେ, ଆହୁରି ମନେ କରିବା ହେଉନ୍ତୁ ଯେ ବାଲ୍ୟକାଳରୁ ସେମାନେ ଯେବେ ଏକତ୍ର ବଢ଼ିବେ ଓ ପଢ଼ିବେ ତେବେ ସେମାନଙ୍କ ମଧ୍ୟରେ ସଦ୍‌ଭାବ ଓ ଏକତା ହେବାର ଖୁବ ସମ୍ଭବ । ସେପରି ସଦ୍‌ଭାବ କି ଏକତା ଅନ୍ୟ କୌଣସି ପ୍ରକାରେ ଘଟିବାର ଜଣା ପଡୁନାହିଁ । ମୁଁ ଆଶା କରେଁ ଯେ ଏହି ଉତ୍କଳଦେଶରେ ଭବିଷ୍ୟତରେ ରାଜା ଓ ଜମିଦାରମାନଙ୍କ ପୁତ୍ରଙ୍କ ନିମିତ୍ତ ଗୋଟିଏ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପିତ ହେବ ।

ଏପର୍ଯ୍ୟନ୍ତ ମୁଁ ବର୍ତ୍ତମାନ ଶିକ୍ଷାର ଉପକାରିତାର ବିଷୟ କହୁଥିଲି, ଏବେ ସେ ଶିକ୍ଷାରେ ଯେଉଁ ଅଭାବ ଅଛି ତାହା କହିବି । ବୁଦ୍ଧିକୁ ସତେଜ ଓ ତୀକ୍ଷ୍ଣ କରିବା ଶିକ୍ଷାର ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ । ବର୍ତ୍ତମାନ ଶିକ୍ଷା ତାହା ସମ୍ପନ୍ନ କରୁଅଛି । କିନ୍ତୁ ଧର୍ମ ଓ ନୀତିଶିକ୍ଷା ପ୍ରଦାନରେ ବର୍ତ୍ତମାନର ଶିକ୍ଷା ସମ୍ପୂର୍ଣ୍ଣ ସମର୍ଥ ନୁହେ । ଆମ୍ଭମାନଙ୍କର ଛାତ୍ରମାନେ ବର୍ତ୍ତମାନ ଯେଉଁ ଶିକ୍ଷାଲାଭ କରୁଅଛନ୍ତି ତାହା କେବଳ ବିଦ୍ୟାଗୃହ ଉପାର୍ଜନ । ସେଠାରୁ ଆସିଲେ ସେମାନଙ୍କ ପ୍ରତି କୌଣସି ଆକଟ ଥାଏ ନାହିଁ । ସେମାନଙ୍କ ଚରିତ୍ର ଗଠନ ସମ୍ବନ୍ଧରେ ବିଶେଷ ଯତ୍ନ ନାହିଁ । ବର୍ତ୍ତମାନ ଶିକ୍ଷାପ୍ରଣାଳୀରେ ଏଇଟି ପ୍ରଧାନ ଦୋଷ । ଇଂଲଣ୍ଡ ଓ ଅନ୍ୟାନ୍ୟ ସଭ୍ୟ ଦେଶରେ ଯେଉଁ ଶିକ୍ଷା ଦିଆଯାଏ

ତାହା କେବଳ ଯେ ବିଦ୍ୟା ପଢ଼ିବା ସମୟରେ ଦିଆଯାଏ, ତାହା ନୁହେଁ । ଦିବା ରାତ୍ର ସବୁ ସମୟରେ ଓ ସବୁ ସ୍ଥାନରେ ଯାହା କରିବେ ସେ ସବୁ ବିଷୟରେ ଛାତ୍ରମାନଙ୍କ ଉପରେ ଶାସନ ଥାଏ । ଯେଉଁ ସବୁ ବିଷୟରେ ଶିକ୍ଷା ଦିଆଯାଏ ତନ୍ମଧ୍ୟରେ ଧର୍ମ୍ମ ଓ ନୀତି ଦୁହେଁ ଅବଶ୍ୟ ଥାନ୍ତି । ଏହି ଉପାୟଦ୍ୱାରା ଛାତ୍ରମାନଙ୍କର ଆଚରଣ ଗଠିତ ହୁଏ । (ଏହି କାରଣରୁ ତଦ୍ଦେଶବାସୀ ଯେଉଁମାନେ ଶିକ୍ଷିତ ହୋଇଥାନ୍ତି ସେମାନଙ୍କର ଚରିତ୍ର ପରିମାର୍ଜିତ ଓ ସ୍ୱାଧୀନ ହୋଇଥାଏ । ସେମାନେ ନିଜେ ନିଜେ ସବୁକାର୍ଯ୍ୟ କରିବାକୁ ସମର୍ଥ ହୁଅନ୍ତି, ପର ଉପରେ ନିର୍ଭର କରନ୍ତି ନାହିଁ ।) ..

ପୂର୍ବକାଳରେ ଭାରତବର୍ଷରେ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟମାନଙ୍କର ସନ୍ତାନମାନେ ଉପନୟନ ହେଲା ପରେ ଗୁରୁଙ୍କ ଗୃହକୁ ପ୍ରେରିତ ହେଉଥିଲେ । ନିଜଗୃହ ଛାଡ଼ି ଛାତ୍ରମାନେ ସେଠାରେ ଅନ୍ୟୂନ ୧୨ ବର୍ଷ, କେହି କେହି ୨୪ ବର୍ଷ ଅଥବା ୩୬ ବର୍ଷ ରହି ସର୍ବଦା ଗୁରୁଙ୍କର ଆଜ୍ଞାକାରୀ ହେଉଥିଲେ । ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ଗୁରୁଙ୍କ ଗୃହରେ ଥାଇ ଅରଣ୍ୟକୁ କାଷ୍ଠ ଆଣିବାନିମିତ୍ତ ଆଉ ଗୋଟିଏ ଶିଷ୍ୟ ସହ ଗମନ କରିଥିଲେ, ବର୍ତ୍ତମାନ ଗୋଟିଏ ବଡ଼ଲୋକର ସନ୍ତାନ କାଷ୍ଠ କାଟିବା ତେଣିକି ଥାଉ ହସ୍ତରେ କୁରାଢ଼ୀ ଧରିବାକୁ ଲଜ୍ଜିତ ହେବେ । ଗୁରୁଙ୍କ ଗୃହରେ ଯେତେକାଳ ରହୁଥିଲେ ତାହାହିଁ ବ୍ରହ୍ମଚର୍ଯ୍ୟ ସମୟ । ଶିଷ୍ୟମାନେ ଏହି ସମୟରେ କଠିନ ଶାସନର ଅଧୀନରେ ରହୁଥିଲେ । ଏହି ସମୟରେ ଶିଷ୍ୟମାନେ କି କି କାର୍ଯ୍ୟ କରିବେ ଓ କି ପ୍ରକାରେ ଜୀବନଯାତ୍ରା ନିର୍ବାହ କରିବେ, ତାହା ସମୁଦାୟ ମନୁଙ୍କ କୃତ ଧର୍ମ୍ମଶାସ୍ତ୍ରରେ ବିବୃତ ହୋଇ ଲେଖାଅଛି । ଗୁରୁ କୁଳରେ ଯେଉଁ ଶିକ୍ଷାଲାଭ କରନ୍ତି ତାହାର ପ୍ରଧାନ ଉଦ୍ଦେଶ୍ୟ ଯେ ଶିଷ୍ୟମାନେ ଆତ୍ମଜୟ କରିବେ ।

"ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ ।
ସଂନିୟମ୍ୟ ତୁ ତାନେବ ତତଃସିଦ୍ଧିଂ ନିୟଚ୍ଛତି ।"

ଅର୍ଥ – ଯେଉଁବ୍ୟକ୍ତି ଇନ୍ଦ୍ରିୟମାନଙ୍କ ହେତୁରୁ ଅପଥରେ ଗମନ କରେ ସେ ଅବଶ୍ୟ ପାପକର୍ମ୍ମ କରିବ । ଇନ୍ଦ୍ରିୟମାନଙ୍କୁ ଦମନ କଲେ ଅବଶ୍ୟ ତାହାର ଇଷ୍ଟସିଦ୍ଧି ହେବ ।

ପ୍ରାଚୀନ ଧର୍ମ୍ମଶାସ୍ତ୍ରରୁ ଆମ୍ଭେମାନେ ଦେଖୁଅଛୁଁ ଯେ ଧର୍ମ୍ମନୀତିର ଶିକ୍ଷା ଆତ୍ମଜୟର ଅନ୍ତର୍ଭୁକ୍ତ । ମୋ ବିଚାରରେ ସେ କଥା ସତ୍ୟ । ଆତ୍ମଦମନ ସବୁ ଧର୍ମ୍ମନୀତି ଶିକ୍ଷାର ମୂଳ ଅଟେ । ବ୍ରହ୍ମଚର୍ଯ୍ୟ ପ୍ରଥା ଯେତେକାଳ ପର୍ଯ୍ୟନ୍ତ ଭାରତବର୍ଷରେ ପ୍ରଚଳିତ ଥିଲା, ତହିଁରେ ସଭ୍ୟତା କେତେକାଳ ପର୍ଯ୍ୟନ୍ତ ବିରାଜୁଥିଲା, ଯେଉଁ କାଳରୁ ବ୍ରହ୍ମଚର୍ଯ୍ୟ କ୍ରମରେ ରହିତ ହେଲା ସେହି ସମୟରୁ ଭାରତୀୟମାନେ କ୍ରମଶଃ ପୈତୃକଗୁଣ ତ୍ୟାଗ କରି ଅପଗତି ଲଭିଲେ ।

ପ୍ରାଚୀନ ବ୍ରହ୍ମଚର୍ଯ୍ୟ ଯେପରି ଥିଲା ଅବିକଳ ସେହିପରି ବ୍ୟବହାରକୁ ପୁନରୁତ୍‌ଥାପନ କରିବା ବର୍ତ୍ତମାନ ସମୟରେ ଅସମ୍ଭବ କିନ୍ତୁ ଧର୍ମ୍ମନୀତି ଶିକ୍ଷା ଦେବାପାଇଁ ଆମ୍ଭେମାନେ ଯେତେ ପ୍ରକାର ନିୟମାବଳୀ ପ୍ରସ୍ତୁତ କରୁଁ ଫଳରେ ଓ ତାତ୍ପର୍ଯ୍ୟରେ ସେହି ବ୍ରହ୍ମଚର୍ଯ୍ୟର ବ୍ୟବହାରମାନଙ୍କୁ ଆଶ୍ରୟ କରିବାକୁ ହେବ । ଭାରତବର୍ଷରେ ସର୍ବତ୍ର ଅଧୁନା ଧର୍ମ୍ମନୀତି ଶିକ୍ଷା ଦେବା ନିମିତ୍ତ ଉଦ୍‌ଯୋଗ ହେଉଅଛି । ହରଦ୍ୱାରଠାରେ ଗୋଟିଏ ଗୁରୁକୁଳ ସ୍ଥାପିତ ହୋଇଅଛି । ସେଠାରେ ଶିଷ୍ୟମାନେ ପୂର୍ବ ଆର୍ଯ୍ୟପ୍ରଥା ଅନୁସାରେ ଶିକ୍ଷିତ ହେଉଅଛନ୍ତି । ବନାରସଠାରେ ଗୋଟିଏ ହିନ୍ଦୁ କଲେଜ ସ୍ଥାପିତ ହୋଇଅଛି । ସେଠାରେ ମିସେସ୍ ବେସନ୍ତଙ୍କ ଯତ୍ନରେ ହିନ୍ଦୁପ୍ରଥା ଅନୁସାରେ ଧର୍ମ୍ମ ଓ ନୀତି ଶିକ୍ଷା ପ୍ରଦତ୍ତ ହେଉଅଛି । ଶ୍ରୀରବୀନ୍ଦ୍ରନାଥ ଠାକୁରଙ୍କ ଯତ୍ନରେ ବଙ୍ଗପ୍ରଦେଶରେ ବୋଲପୁରଠାରେ ଗୋଟିଏ ବ୍ରହ୍ମଚର୍ଯ୍ୟାଶ୍ରମ ସ୍ଥାପିତ ହୋଇଅଛି । ଧର୍ମ୍ମନୀତି ଓ ଧର୍ମ୍ମଶିକ୍ଷା ଦେବା ନିମିତ୍ତ ଉକ୍ତ ଆଶ୍ରମମାନ ସ୍ଥାପିତ ହୋଇଅଛି ଯେ ସେଠାରେ ଉଦ୍ଦେଶ୍ୟ ସଫଳ ହେଲେ ଆମ୍ଭେମାନେ ଆଉ ସେହିପରି ଆଶ୍ରମମାନ ଅନ୍ୟତ୍ର ସ୍ଥାପିତ କରି ପାରିବା । ଅତଏବ ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ ସେହି ବିଦ୍ୟାଳୟମାନଙ୍କୁ ଉତ୍ସାହିତ କରିବା । ଆମ୍ଭେମାନେ ଆଶା କରୁଁ ଯେ ସେହି ବିଦ୍ୟାଳୟମାନ କୃତକାର୍ଯ୍ୟ ହେଲେ ଆମ୍ଭର ଏହି ଉତ୍କଳ ଦେଶରେ କୌଣସି ସ୍ଥାନରେ ତଦ୍ରୂପ ଗୋଟିଏ ଶିକ୍ଷାଶ୍ରମ ସ୍ଥାପିତ ହେବ । ବର୍ତ୍ତମାନ ସମୟରେ ଯେଉଁଠାରେ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରୁ ଛାତ୍ରମାନଙ୍କର ମନ ପ୍ରାଚୀନ ଚିନ୍ତା ପଦ୍ଧତିରୁ ବିଭିନ୍ନ ହୋଇଅଛି ସେହିଠାରେ ଏହି ଧର୍ମ୍ମନୀତିଶିକ୍ଷା ଅତି ପ୍ରୟୋଜନୀୟ । ପାଶ୍ଚାତ୍ୟ ଶିକ୍ଷା ଅନେକ କୁସଂସ୍କାରମାନଙ୍କୁ ଅନ୍ତର କରିଅଛି ସତ୍ୟ, କିନ୍ତୁ ଧର୍ମ୍ମ ଓ ଧର୍ମ୍ମନୀତିଶିକ୍ଷା ଅଭାବରୁ ଆମ୍ଭ ଦେଶୀୟ ବିଦ୍ୟାର୍ଥିମାନଙ୍କ ମନରୁ ଧର୍ମ୍ମ ଓ ଧର୍ମ୍ମଘଟିତ ବୃତ୍ତିମାନଙ୍କୁ ଏକାବେଳକେ ବିନାଶ କରିବାକୁ ଉଦ୍ୟତ ହୋଇଅଛି । ଏହି ବିଷୟ ଭାରତବର୍ଷରେ ସର୍ବତ୍ର ଆନ୍ଦୋଳନ ଲାଗିଅଛି । କିନ୍ତୁ ତହିଁରେ ଅନେକପ୍ରକାର ଧର୍ମ୍ମ ଓ ଅନେକପ୍ରକାର ଜାତି ଥିବାରୁ କି ପ୍ରକାରେ ସେ ଅଭାବ ମୋଚନ ହେବ ତାହା ନିଶ୍ଚିତ ହୋଇ ପାରୁ ନାହିଁ । ଧର୍ମ୍ମ ଓ ନୀତିଶିକ୍ଷା ନିମିତ୍ତ କେତେକ ବିଦ୍ୟାଳୟ ସ୍ଥାପିତ ହୋଇଅଛି । କିନ୍ତୁ ମୁଁ ଏଠାରେ ସେ ବିଦ୍ୟାଳୟ ବିଷୟ କହୁ ନାହିଁ । ଆମ୍ଭର କହିବାର ଉଦ୍ଦେଶ୍ୟ ଯେ ଯେଉଁ ସବୁ ବିଦ୍ୟାଳୟ ସାଂସାରିକ ବିଷୟ ଶିକ୍ଷା ନିମିତ୍ତ ସର୍ବସାଧାରଣଙ୍କ ପ୍ରୟୋଜନ ପାଇଁ ସ୍ଥାପିତ ହୋଇଅଛି ତାହାର ଅଭାବ ବିଷୟ କହୁଅଛି ।

ବର୍ତ୍ତମାନକାଳର ଶିକ୍ଷାର ଅଭାବ ପ୍ରଦର୍ଶନ କରିବା ମୋର ଉଦ୍ଦେଶ୍ୟ ଥିଲା, ତାହା ଏଠାରେ ଏକପ୍ରକାର କହିଲି । ମୁଁ ଆଶା କରେଁ ଯେ ଏ ବିଷୟ ଆମ୍ଭମାନଙ୍କ ମନରୁ ଯେପରି ବିସ୍ମୃତ ନ ହୁଏ । ଏହାପରେ ସମାଜ ସଂସ୍କାର କଥା କହିବାକୁ ଉଦ୍ୟତ ହେଲି ।

ଦେଶଭେଦରେ ଆଚାର ଓ ବ୍ୟବହାରର ମଧ୍ୟ ଅନେକ ଭେଦ ହୁଏ । ଏକଦେଶରେ ଯେତେ ଲୋକ ବାସ କରନ୍ତି ସେମାନଙ୍କର ଏକଭାଷା ଓ ଏକପ୍ରକାର

ପୋଷାକ ଓ ଏକ ଧର୍ମ୍ମକୁ ସେମାନେ ଅବଲମ୍ବନ କରିଥାନ୍ତି । ଏହିପ୍ରକାରେ ଯେଉଁମାନଙ୍କର ଏକଭାଷା ଏକଧର୍ମ୍ମ ଏକପ୍ରକାର କିମ୍ବଦନ୍ତୀ ଓ ଏକପ୍ରକାର ଆଚାରବ୍ୟବହାର ସେମାନଙ୍କୁ "ଏକଜାତିର ଲୋକ" କୁହାଯାଏ ଓ ସେମାନେ ଅନ୍ୟ ଜାତିର ଲୋକଙ୍କଠାରୁ ପୃଥକ୍ । ସମାଜର ସେହି ବନ୍ଧନ ଛେଦନ କଲେ, ଓ ପରମ୍ପରାଗତ ଆଚାର ବ୍ୟବହାରର ବିପରୀତ କାର୍ଯ୍ୟ କଲେ ସମାଜରେ ବିଶୃଙ୍ଖଳା ଜାତ ହୁଏ ଓ ଏକଜାତୀୟ ଲୋକଙ୍କ ମଧ୍ୟରେ ଯେଉଁ ବନ୍ଧୁତା ଥାଏ ତାହା ରହିତ ହୁଏ । ଅତଏବ ସହଜରେ ମନୁଷ୍ୟ କୌଣସି ନିୟମଭଙ୍ଗ କରି ନ ପାରେ ଯଦି ଭଙ୍ଗ କରେ ତେବେ ସମାଜରୁ ବହିର୍ଭୂତ ହୁଏ । ମଧ୍ୟ ମୋ ମତରେ ସେପରି ହେବା ଉଚିତ । ସମାଜର ନିୟମମାନ ସର୍ବଦା ଏକପ୍ରକାର ନ ଥାଏ ମାତ୍ର ଇତିହାସ ପାଠ କଲେ ଜଣାଯାଏ ଯେ କାଳକ୍ରମରେ ଭାଷା ପରିଚ୍ଛଦ ଓ ଧର୍ମ୍ମ ସମ୍ବନ୍ଧୀୟ ମତାମତ ପରିବର୍ତ୍ତିତ ହୁଏ । ବାସ୍ତବରେ ବିଜ୍ଞାନରୁ ଆମ୍ଭେମାନେ ଜାଣୁଅଛୁଁ ଏହି ସଂସାରରେ କୌଣସି ଦ୍ରବ୍ୟ ଏକପ୍ରକାର ହୋଇ ରହେ ନାହିଁ । ଅବଶ୍ୟ ତାହାର ପରିବର୍ତ୍ତନ ହୁଏ । ଜଡ଼ ଜଗତରେ ଯେପରି ପରିବର୍ତ୍ତନ ହୁଏ ସମାଜର ନିୟମମାନଙ୍କର ମଧ୍ୟ ସେହିପରି ପରିବର୍ତ୍ତନ ହୁଏ । ଅତି ପ୍ରାଚୀନକାଳରୁ ଅଦ୍ୟାବଧି ଭାରତବର୍ଷରେ ସାମାଜିକ ପରିବର୍ତ୍ତନ ଅନେକ ହୋଇଅଛି ତନ୍ମଧ୍ୟରୁ କେତେଗୁଡ଼ିଏ ଏଠାରେ ଉଲ୍ଲେଖ କରିବି ।

ଅନେକ ପଣ୍ଡିତମାନଙ୍କ ଗବେଷଣାଦ୍ୱାରା ଏହା ସ୍ଥିର ହୋଇଅଛି ଯେ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଉତ୍ତରଦିଗରୁ ଆସି ଏହି ଦେଶର ଆଦିମନିବାସିଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କରିଦେଇ ଏଠାରେ ବାସକଲେ । ଆର୍ଯ୍ୟମାନେ ଏହି ଦେଶବାସିଙ୍କୁ ଦସ୍ୟୁ ବୋଲି ବୋଲୁଥିଲେ । ଆଦିମ ନିବାସୀ ଦସ୍ୟୁମାନଙ୍କ ସହିତ ଆର୍ଯ୍ୟମାନଙ୍କର ନିରନ୍ତର ଯୁଦ୍ଧ ହେଉଥିଲା । କିନ୍ତୁ ଦସ୍ୟୁମାନେ ଆର୍ଯ୍ୟମାନଙ୍କ ସହିତ ଯୁଦ୍ଧରେ ସମକକ୍ଷ ହୋଇ ପାରୁ ନ ଥିଲେ । ଏହିପ୍ରକାରେ ଆର୍ଯ୍ୟମାନେ ଜୟଲାଭ କଲେ ଓ ଦସ୍ୟୁମାନେ ପରାସ୍ତ ହୋଇ ଆର୍ଯ୍ୟମାନଙ୍କ ଅଧୀନରେ ରହିଲେ । କେହି କେହି କହନ୍ତି ଯେ ସେହି ଦସ୍ୟୁମାନେ ବର୍ତ୍ତମାନ କାଳରେ ଶୂଦ୍ର ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଅଛନ୍ତି ।

ବେଦରେ ଯେଉଁ ସଂସ୍କୃତଭାଷା ଅଛି ସେହିପରି ଭାଷାକୁ ତତ୍କାଳର ଆର୍ଯ୍ୟମାନେ କଥୋପକଥନ କରୁଥିଲେ । ସମାଜ ଆଦିମ ଅବସ୍ଥାରେ ଥିଲା, ଗୋଟିଏ ବଂଶ ମଧ୍ୟରେ ଯେପରି ଜଣେ ବିଜ୍ଞ ଓ ବୃଦ୍ଧ ଥାଇ ଅନ୍ୟମାନଙ୍କୁ ଶାସନ କରେ ସେହିପରି ଶାସନପ୍ରଣାଳୀ ସେ ସମୟରେ ପ୍ରଚଳିତ ଥିଲା । ବେଦଭାଷା ଯେଉଁ ସମୟରେ କଥିତ ହେଉଥିଲା ସେ ସମୟରେ ଜାତିବିଭାଗ ଏତେ ଅଧିକପ୍ରକାର ନ ଥିଲା ଓ ଯାହାଥିଲା ତାହା ପ୍ରଥମ ଆରମ୍ଭ ଅବସ୍ଥାରେ ଥିଲା ।

ତତ୍ପରେ ଆମ୍ଭେମାନେ ଦେଖୁଁ ଯେ ଆଦିମ ଅବସ୍ଥାପରେ ଅତି ଉଚ୍ଚ ସଭ୍ୟତା ଜାତ ହେଲା । ବଡ଼ବଡ଼ ନଗରମାନ ନିର୍ମ୍ମିତ ହେଲା । ଭାରତବର୍ଷର ଦକ୍ଷିଣଭାଗ

ଅର୍ଥାତ୍ ଦାକ୍ଷିଣାତ୍ୟ ଆବିଷ୍କୃତ ଓ ବଶୀଭୂତ ହେଲା । ଶିଳ୍ପ ଓ ଶ୍ରମଜୀବିକାର ଯଥେଷ୍ଟ ଉନ୍ନତି ସାଧିତ ହେଲା । ବୈଦିକ ସଂସ୍କୃତ ଯାଇ ତାହା ସ୍ଥାନରେ ଗୋଟିଏ ସୁନ୍ଦର ଓ ବିଶୁଦ୍ଧ ସଂସ୍କୃତ ଭାଷା ଜାତ ହେଲା । ତହିଁରେ ଅନେକାନେକ ନୂତନ ଶବ୍ଦ ସଂଯୁକ୍ତ ହେଲା ଓ ଯହିଁରେ ଧର୍ମ୍ମଶାସ୍ତ୍ର ଅର୍ଥାତ୍ ଆଇନମାନ ଲିଖିତ ହେଲା । ଦର୍ଶନଶାସ୍ତ୍ରର ବିଶେଷ ଚର୍ଚ୍ଚା ହେଲା ଓ ତାହାର ଅସାଧାରଣ ଉନ୍ନତି ହେଲା । ଜ୍ୟୋତିଷ ଓ ବୈଦ୍ୟଶାସ୍ତ୍ରମାନଙ୍କର ଯତ୍ପରୋନାସ୍ତି ଉନ୍ନତି ହେଲା । ସଂକ୍ଷେପରେ କହିବାକୁ ଗଲେ ଭାରତୀୟ ସଭ୍ୟତା ସର୍ବୋଚ୍ଚସ୍ଥାନ ପ୍ରାପ୍ତ ହେଲା । ରାଜନୀତିରେ, ସମାଜରେ, ସାହିତ୍ୟରେ, ଶ୍ରମଜୀବିକାରେ ଓ ଧର୍ମ୍ମରେ ଯେଉଁ ସବୁ ପରିବର୍ତ୍ତନ ହେଲା ସେ କିଛି ଦିନକେ ହୋଇ ନ ଥିଲା, କିନ୍ତୁ ସହସ୍ର ସହସ୍ର ବର୍ଷରେ ସେହି ଉନ୍ନତି ଓ ପରିବର୍ତ୍ତନ ପ୍ରଫୁଲ୍ଲିତ ହେଲା । ଏହି ସମୟରେ ଭଗବାନ୍ ବୁଦ୍ଧଦେବଙ୍କର ଜନ୍ମ ଓ ଆପଣମାନେ ଜାଣିବା ହୋଇଥିବେ ଯେ ବୌଦ୍ଧଧର୍ମ୍ମ କିପରି ଭାରତବର୍ଷରେ ପ୍ରଚାରିତ ହେଲା । ବୈଦିକ ଧର୍ମ୍ମ ଯାହା ସର୍ବସାଧାରଣରେ ପ୍ରଚଳିତ ଥିଲା ତାହା ସ୍ଥାନରେ ବୌଦ୍ଧଧର୍ମ୍ମ ପ୍ରଚଳିତ ହେଲା । ଏହ ଧର୍ମ୍ମ ଜାତ ହୋଇ ୧୬/୧୭ଶତ ବର୍ଷ ପରେ ଭାରତବର୍ଷରୁ ଲୁପ୍ତ ହେଲା । ବୁଦ୍ଧଦେବଙ୍କର ଉଦ୍ଦେଶ୍ୟ ନ ଥିଲା ଯେ ସେ ଗୋଟିଏ ନୂତନ ଧର୍ମ୍ମସ୍ଥାପନ କରିବେ, କିନ୍ତୁ ଯେଉଁ ଧର୍ମ୍ମ ପ୍ରଚଳିତ ଥିଲା ତାହାର ସଂସ୍କାର ମାତ୍ର କରିବେ । ଭାରତୀୟ ସମାଜରେ ତାହାଙ୍କ ପ୍ରବର୍ତ୍ତିତ ଧର୍ମପ୍ରଭାବରୁ ଅନେକ ପରିବର୍ତ୍ତନ ଘଟିଥିଲା । ଅନେକ ଶାସ୍ତ୍ରଜ୍ଞ ପଣ୍ଡିତମାନେ କହନ୍ତି ଯେ ବୌଦ୍ଧଧର୍ମ୍ମ ଅନ୍ତରିତ ହେଲେହେଁ ବର୍ତ୍ତମାନକାଳର ହିନ୍ଦୁଧର୍ମରେ ସମାଜ ମଧ୍ୟରେ ଓ ସାହିତ୍ୟରେ ବୌଦ୍ଧଧର୍ମ୍ମର ଅନେକ ଚିହ୍ନ ରହିଅଛି ଯାହା କି କେବେ ଲୋପ ହେବାର ନୁହେ ।

ଏହି ବୌଦ୍ଧଧର୍ମ୍ମ ପ୍ରଚାର ସମୟରେ ସୀହିୟ, ହୁଣ ଓ ଶକମାନଙ୍କର ଦଳ ଭାରତବର୍ଷରେ ପ୍ରବେଶ କରି ରାଜ୍ୟମାନ ସ୍ଥାପନ କଲେ । ସେମାନେ ବର୍ତ୍ତମାନ କେଉଁଠାରେ ଅଛନ୍ତି ? ଏ ପ୍ରଶ୍ନର ଉତ୍ତରରେ ଇତିହାସକର୍ତ୍ତାମାନେ କହନ୍ତି ଯେ ସେମାନେ ଭାରତବାସିଙ୍କ ସହିତ ମିଶ୍ରିତ ହୋଇ ଯାଇଅଛନ୍ତି । ସେମାନଙ୍କର ବିଦେଶରୁ ଆସିଥିବାର କୌଣସି ଚିହ୍ନ ମାତ୍ର ନାହିଁ । ଏହି ଘଟନା ବର୍ତ୍ତମାନ ଆମ୍ଭମାନଙ୍କର ସମାଜ ସହିତ ତୁଳନା କରିବାକୁ ଗଲେ ବିସ୍ମୟାବିଷ୍ଟ ହେବାକୁ ହୁଏ । ଖ୍ରୀଷ୍ଟାବ୍ଦର ପ୍ରଥମ ଶତାବ୍ଦୀଠାରୁ ୧୨/୧୩ ଶତ ବର୍ଷ ପର୍ଯ୍ୟନ୍ତ ଭାରତର୍ଷର ଇତିହାସ ତମୋମୟ । ଏହି ସମୟରେ ବୌଦ୍ଧଧର୍ମ୍ମ କ୍ରମରେ ଲୋପ ହେଲା ଓ ତାହା ପରିବର୍ତ୍ତରେ ବର୍ତ୍ତମାନ ହିନ୍ଦୁଧର୍ମ ପୁନରୁତ୍ଥାପିତ ହେଲା । ଅନେକାନେକ ଧର୍ମ୍ମ ସମ୍ପ୍ରଦାୟ ନିଜ ମତ ବିସ୍ତାର ଅଭିପ୍ରାୟରେ ପରସ୍ପର ବିବାଦ କଲେ । ତାନ୍ତ୍ରିକମାନେ ଏହି ସମୟରେ ଦେଖା ଦେଲେ । ଏହି ସମୟର ଇତିହାସ ଓ ମନୁଷ୍ୟମାନଙ୍କର ଆଚାର ବ୍ୟବହାର ସମ୍ବନ୍ଧରେ କେତେକ ବିଷୟ ଧର୍ମଶାସ୍ତ୍ରରୁ ଓ ପୁରାଣରୁ ଓ ନାଟକାଦିରୁ ସଂଗ୍ରହ କରାଯାଇପାରେ; ଏହି ସବୁ

ଗ୍ରନ୍ଥକୁ ପୁଂଖାନୁପୁଂଖରୂପେ ଆଲୋଚନା କଲେ ପ୍ରକାଶ ପାଇବ ଯେ ସେହି ସବୁ ଗ୍ରନ୍ଥମାନ ଯେଉଁ ସମୟରେ ଲେଖା ହୋଇଥିଲା ସେହି ସମୟରେ ଲୋକମାନଙ୍କର କିପରି ଆଚାର ବ୍ୟବହାର ଥିଲା । ମନୁ ଯେଉଁ ସବୁ ବ୍ୟବସ୍ଥା କରି ଯାଇଥିଲେ ସେ ସବୁ ଯାଜ୍ଞବଲ୍‌କ୍ୟଙ୍କ ମତରୁ ପୃଥକ୍,ତପୂରେ ଯାଜ୍ଞବଲ୍‌କ୍ୟ ବିଧି ସମୂହରୁ ପରାଶରଙ୍କ ବିଧିମାନେ ଅନେକ ଅଂଶରେ ଭିନ୍ନ । ପୁନଶ୍ଚ ପରାଶର ଯାହା ଲେଖିଅଛନ୍ତି ଅପର କେତେକ ଧର୍ମ୍ମଶାସ୍ତ୍ର ଲେଖକଙ୍କଠାରୁ ତାହା ପୃଥକ୍ । ଉପର୍ଯ୍ୟୁକ୍ତ ଧର୍ମଶାସ୍ତ୍ର ଲେଖକମାନେ ଯେଉଁ ଯେଉଁ ସମୟରେ ବର୍ତ୍ତମାନ ଥିଲେ ସେମାନେ ସେହି ସେହି ସମୟର ଆଚାର ବ୍ୟବହାର କଥା ଲେଖି ଯାଇଅଛନ୍ତି; ଏଥିରୁ ଜଣା ଯାଉଅଛି ଯେ ସାମାଜିକ ନିୟମ ସବୁ ଚିରକାଳ ସମାନ ନ ଥାଏ କିନ୍ତୁ ଅବସ୍ଥାନୁସାରେ ସ୍ଥାନ ଓ ସମୟ ଭେଦରେ ପରିବର୍ତ୍ତିତ ହୁଏ । କେବଳ ଭାରତବର୍ଷରେ ଯେ ଏପରି ଘଟନା ହୋଇଅଛି ତାହା ନୁହେଁ । ପୃଥିବୀର ଅପରାପର ଦେଶମାନଙ୍କରେ ସୁଦ୍ଧା ଏହି ନିୟମରେ ସାମାଜିକ ପରିବର୍ତ୍ତନ ହୋଇଥାଏ । ପ୍ରାଚୀନ ଶାସ୍ତ୍ରକର୍ତ୍ତାମାନେ ଉତ୍ତମରୂପେ ଅବଗତ ହୋଇଥିଲେ ଯେ ସାମାଜିକ ନିୟମମାନ କାଳକ୍ରମେ ପରିବର୍ତ୍ତିତ ହୁଏ । ମନୁଷ୍ୟ ସମାଜରେ ଯେଉଁ ଯୁଗରେ ଯେପରି ବ୍ୟବହାର ଘଟିଥିଲା ତଦନୁସାରେ ସେମାନେ ସତ୍ୟ,ତ୍ରେତା, ଦ୍ୱାପର ଓ କଳି ଯୁଗମାନଙ୍କଦ୍ୱାରା ସମୟକୁ ବିଭକ୍ତ କରିଥିଲେ ।

ଭାରତସମାଜରେ ମୁସଲମାନମାନଙ୍କର ଶାସନର କେତେକ ଚିହ୍ନ ରହି ଯାଇଅଛି, ଆର୍ଯ୍ୟାବର୍ତ୍ତରେ ଅର୍ଥାତ୍ ଭାରତବର୍ଷର ଉତ୍ତରଭାଗରେ, ଯେଉଁଠାରେ ମୁସଲମାନମାନଙ୍କର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା , ସେଠାରେ ଭାଷାରେ, ପୋଷାକରେ ଓ ଆଚାରରେ ଅନେକ ଚିହ୍ନ ରହିଅଛି । କିନ୍ତୁ ଦକ୍ଷିଣାତ୍ୟରେ ଅର୍ଥାତ୍ ଭାରତବର୍ଷର ଦକ୍ଷିଣଭାଗରେ ମୁସଲମାନମାନଙ୍କର ପ୍ରାଦୁର୍ଭାବ ତେତେ ଅଧିକ ନ ଥିବାରୁ ସେ ପ୍ରଦେଶରେ ତାହାଙ୍କର ରାଜ୍ୟ କରିଥିବାର ଚିହ୍ନ ତେତେ ଜଣାପଡ଼େ ନାହିଁ ।

ତପୂରେ ଶ୍ରୀ ଚୈତନ୍ୟଦେବ, ରାମାନୁଜ ଓ ନାନକ ପ୍ରଭୃତି ଧର୍ମ୍ମ ଓ ସମାଜ ସଂସ୍କାରକମାନେ ଆବିର୍ଭୂତ ହୋଇଥିଲେ । ଚୈତନ୍ୟମହାପ୍ରଭୁ ବଙ୍ଗ, ପୂର୍ବବଙ୍ଗ ଓ ଉତ୍କଳ ଓ ଦକ୍ଷିଣରେ ସୁଦ୍ଧା ନିଜ ଉପଦେଶର ଚିହ୍ନମାନ ରଖି ଯାଇଅଛନ୍ତି । ଏପରେ ନାନକ ପଞ୍ଜାବରେ ଓ ରାମାନୁଜ ଦକ୍ଷିଣରେ ଆପଣା ଆପଣା ମତର ଚିହ୍ନ ରଖିଯାଇ-ଅଛନ୍ତି । ଆଉ ଯେଉଁ ସଂସ୍କାରକମାନେ ଜାତ ହୋଇଥିଲେ ଓ ସମାଜର ନିୟମମାନଙ୍କୁ ପରିବର୍ତ୍ତନ କରିଥିଲେ ତାହା ଏଠାରେ ଉଲ୍ଲେଖ କରିବା ଅନାବଶ୍ୟକ ।

ଏବେ ଆମ୍ଭେମାନେ ଏକଶତବର୍ଷରୁ ଅଧିକ ହେଲା ଇଂରାଜଜାତିଙ୍କ ସହିତ ବ୍ୟବହାର କରୁଅଛୁଁ । ଇଂରାଜୀଶିକ୍ଷା ଓ ସଭ୍ୟତା କେତେକ ପରିମାଣରେ ଆମ୍ଭମାନଙ୍କର ସମାଜକୁ ଅଭିଭୂତ କରିଅଛି । ପଞ୍ଚାଶବର୍ଷ ପୂର୍ବେ ଆମ୍ଭମାନଙ୍କ ସମାଜ ଯେପରି ଥିଲା ବର୍ତ୍ତମାନ ସେପରି ନାହିଁ । ଯେଉଁମାନେ ଇଂରାଜୀଶିକ୍ଷା ଲାଭ କରିଅଛନ୍ତି

ଓ ଇଂରାଜୀ ସଭ୍ୟତାରେ ଚଳବିଚଳ ହେଉଅଛନ୍ତି ସେମାନଙ୍କ ମଧ୍ୟରେ ସାମାଜିକ ପରିବର୍ତ୍ତନ ଯେପରିମାଣରେ ଦୃଶ୍ୟ ହୁଏ ଅନ୍ୟାନ୍ୟ ଲୋକଙ୍କ ମଧ୍ୟରେ ସେ ପରିମାଣରେ ଦୃଶ୍ୟ ହୁଏ ନାହିଁ । ଇଂରାଜୀଶିକ୍ଷା ଆହୁରି ଯେତେ ବୃଦ୍ଧି ହେଉଥିବ ସମାଜ ମଧ୍ୟରେ ପରିବର୍ତ୍ତନ ମଧ୍ୟ ସେହିପରି ବୃଦ୍ଧି ହେଉଥିବ ।

ଏବେ ପ୍ରଶ୍ନ ହେଉଅଛି ଯେ ଏପରି ପରିବର୍ତ୍ତନ ହେଉଥିବାର ଦେଖି ଆମ୍ଭମାନଙ୍କର କି କର୍ତ୍ତବ୍ୟ । କେତେକ ଲୋକେ ସମାଜ ସଂସ୍କାରର ସମ୍ପୂର୍ଣ୍ଣ ବିରୋଧୀ; ଆଉ କେତେକ ଲୋକେ କହନ୍ତି ଯାହା କିଛି ପ୍ରାଚୀନ ଅଛି ସେ ସବୁ ମନ୍ଦ; ସେମାନେ ପ୍ରାଚୀନ ସମାଜର ନିୟମମାନଙ୍କୁ ଉଠାଇ ଦେଇ ନୂତନ ନିୟମ ସ୍ଥାପନ କରିବାକୁ ଅତି ବ୍ୟଗ୍ର ।

ଯେଉଁମାନେ କହନ୍ତି ଯେ ସମାଜସଂସ୍କାର ଆଦୌ କରିବାର ନୁହେଁ ସେମାନଙ୍କପ୍ରତି ମୁଁ କହୁଅଛି ଯେ ପରିବର୍ତ୍ତନ ଅନିବାର୍ଯ୍ୟ, କେହି ତାହାକୁ ଅଟକ କରି ରଖି ପାରିବ ନାହିଁ । ଅତଏବ ଯେଉଁ ସବୁ ସାମାଜିକ ନିୟମରେ ଦୋଷ ଅଛି ସେ ସବୁ ପରିବର୍ତ୍ତନ କରିବା ନିମିତ୍ତ ଆମ୍ଭମାନଙ୍କର ଯତ୍ନ କରିବା ଉଚିତ । କେତେକ ଦୋଷ ଅଛି ଯହିଁର ସଂଶୋଧନ ଶୀଘ୍ର ଆବଶ୍ୟକ । ସେହି ଦୋଷ ସବୁ ଆମ୍ଭ ସମାଜର ବିଶେଷ କ୍ଷତି କରୁଅଛନ୍ତି । ଆମ୍ଭମାନଙ୍କର ଶିକ୍ଷା ସମ୍ବନ୍ଧୀୟ ଓ ଶ୍ରମଜୀବିକା ସମ୍ବନ୍ଧୀୟ ଉନ୍ନତିର ସେମାନେ ସଂପୂର୍ଣ୍ଣ ବିରୋଧୀ; ଆମ୍ଭମାନଙ୍କର ଜାତୀୟ ସଦ୍ଭାବ, ଜାତୀୟ ଏକତା ଓ ଉନ୍ନତିର ବିରୋଧୀ ହୋଇଅଛନ୍ତି । ସେହି ନିୟମମାନଙ୍କ ମଧ୍ୟରୁ କେତେଗୁଡ଼ିଏ ଆମ୍ଭ ସମାଜର ଜୀବନୀ ଶକ୍ତିକୁ ଭକ୍ଷଣ କରୁଅଛନ୍ତି । ଯେଉଁମାନେ ଏ ଦେଶର ହିତ କରିବାକୁ ଇଚ୍ଛା କରନ୍ତି ସେମାନେ ଏପରି କାର୍ଯ୍ୟ କରନ୍ତୁ ଯହିଁରେ ସମାଜର ଅବଶିଷ୍ଟ ଜୀବନୀ ଶକ୍ତି ନଷ୍ଟ ନ ହୁଏ ।

ଯେଉଁମାନେ ଏକାବେଳକେ ସବୁ ସଂସ୍କାର ଯୋଗାଇବାର ଇଚ୍ଛା କରନ୍ତି ଓ ଯେଉଁଠାରେ ସଂସ୍କାର ଅନାବଶ୍ୟକ ସେଠାରେ ସୁଦ୍ଧା ନୂତନ ସଂସ୍କାର ପ୍ରବେଶର ଇଚ୍ଛା କରନ୍ତି ସେମାନଙ୍କ ପ୍ରତି ମୋହର ବକ୍ତବ୍ୟ ଏହି ଯେ ସେମାନେ ଯାହା ପ୍ରସ୍ତାବ କରନ୍ତି ସେ ଆଦୌ ଦେଶହିତୈଷିତା ନୁହେଁ ଓ ତଦ୍ୱାରା ଦେଶର ଉପକାର ହୋଇ ନ ପାରେ । ତାହାର ହେତୁ ଏହି ଯେ ସେମାନେ ଯେବେ ମନ୍ଦ ସହିତ ଭଲକୁ ସୁଦ୍ଧା ବାହାର କରିଦେବାର ଇଚ୍ଛା କରନ୍ତି ତେବେ ସେମାନଙ୍କ ଆଚରଣରୁ ପ୍ରକାଶ ପାଏ ଯେ ସେମାନଙ୍କର ଆପଣାର ସମାଜ ପ୍ରତି, ଆପଣାର ଦେଶପ୍ରତି, ଆପଣା ଦେଶର ଲୋକଙ୍କପ୍ରତି, କିମ୍ବା ଆପଣା ଦେଶର ପରମ୍ପରାଗତ ପ୍ରାଚୀନ ଜନଶ୍ରୁତିପ୍ରତି କୌଣସି ଗୌରବ ନାହିଁ । ଦ୍ୱିତୀୟରେ ସେପରି ସଂସ୍କାର ଅସମ୍ଭବ । ଉକ୍ତପ୍ରକାର ସଂସ୍କାରକୁ ନିଃସନ୍ଦେହରେ ସମସ୍ତ ଲୋକେ ବାଧା ଦେବେ; ମଧ୍ୟ ସେମାନଙ୍କର ତଦ୍ରୂପ ବାଧା ଦେବା କର୍ତ୍ତବ୍ୟ । ଯଦି ସେହି ସଂସ୍କାରକମାନେ ଅତ୍ୟନ୍ତ ସାହସୀ ଓ ଉତ୍ସାହୀ ହୁଅନ୍ତି

ତେବେସୁଦ୍ଧା ଅନେକ ଲୋକେ କଦାପି ତାହାଙ୍କ ମତରେ ମତ ଦେବେ ନାହିଁ । ଅତି ଅଳ୍ପଲୋକ ହୁଏତ ତାହାଙ୍କର ଅନୁକାରୀ ହୋଇ ପାରନ୍ତି କିନ୍ତୁ ସମାଜର ଅଧିକାଂଶ ଲୋକଙ୍କଠାରୁ ତାହାଙ୍କୁ ପୃଥକ୍ ହୋଇ ରହିବାକୁ ହେବ । ଏହି ପ୍ରକାରେ ସେମାନଙ୍କର ସଂସ୍କାର କରିବାର ଇଚ୍ଛା ଏକତା ଉତ୍ପାଦନ ନ କରି ବିବାଦ ଓ କଳହର ବୀଜ ରୋପଣ କରେ । ଅତଏବ ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ ଆମ୍ଭେମାନେ ଦୁଇ ପ୍ରାନ୍ତକୁ ତ୍ୟାଗ କରି ମଧ୍ୟପଥ ଅବଲମ୍ବନ କରିବା । ସମାଜ ମଧ୍ୟରେ ପରିବର୍ତ୍ତନ ଅଜ୍ଞାତଭାବରେ ପ୍ରବେଶ କରୁଅଛି ଓ ପ୍ରବେଶ କରୁଥିବ, ତାହା କେହି ଅଟକ କରି ରଖି ପାରିବ ନାହିଁ । ସମାଜରେ ନୂତନ ଦୋଷ ସବୁ ଯାହା ପୂର୍ବେ ନ ଥିଲା ସେ ସବୁ କ୍ରମଶଃ ପ୍ରବେଶ କରୁଅଛି । ଅତଏବ ଯେଉଁମାନେ ବୁଦ୍ଧିମାନ ଓ କ୍ଷମତାଶାଳୀ, ଯେଉଁମାନେ ବର୍ତ୍ତମାନ ସମାଜର ବିନାଶ ହେତୁ ଓ ଅବସ୍ଥା ଦେଖୁଅଛନ୍ତି ସେମାନଙ୍କର ଉଦାସୀନ ହୋଇ ରହିବା ବର୍ତ୍ତବ୍ୟ ନୁହେ । ସେମାନଙ୍କର କର୍ତ୍ତବ୍ୟ ଯେ ସେମାନେ ଆସି ସଂସ୍କାରର ସହାୟ କରନ୍ତୁ । ଆମ୍ଭମାନଙ୍କ ସମାଜ ମଧ୍ୟରେ ଯେଉଁ ସବୁ ଉତ୍ତମ ନିୟମ ଅଛି ସେ ସବୁ ବଜାୟ ରଖିବା ଓ ଯାହା କି ଦୋଷଜନକ ସେମାନଙ୍କୁ ବାହାର କରିଦେବା । ସମାଜସଂସ୍କାର କରିବାବେଳେ ଯଦି ଆମ୍ଭେମାନେ ଯୁକ୍ତିସଙ୍ଗତ କାର୍ଯ୍ୟ କରୁଁ ଓ ମଧ୍ୟମ କ୍ରମକୁ ଅବଲମ୍ବନ କରୁଁ, ଯଦି ଆମ୍ଭେମାନେ ସମସ୍ତେ ଏକମନା ହୋଇ ସେହି କାର୍ଯ୍ୟ କରୁଁ ତେବେ ଆମ୍ଭମାନଙ୍କର ଇଷ୍ଟସିଦ୍ଧି ଲାଭ ହେବ ।

ସମାଜ ଓ ଶିକ୍ଷା ବିଷୟରେ ଖବରକାଗଜମାନଙ୍କର ଅତ୍ୟନ୍ତ ଦାୟିତ୍ୱ ଅଛି । ସର୍ବସାଧାରଣର ଅଭିମତ ପ୍ରକାଶ କରିବା ଏହାର ଏକ ପ୍ରଧାନ ଉଦ୍ଦେଶ୍ୟ, ମଧ୍ୟ ଖବରକାଗଜମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କର ବିଶେଷ ଶିକ୍ଷା ହୁଏ । ଆମ୍ଭମାନଙ୍କର ଉତ୍କଳଦେଶର ଖବରକାଗଜମାନଙ୍କ ପ୍ରତି ଆମ୍ଭମାନଙ୍କର କୃତଜ୍ଞ ହେବା କର୍ତ୍ତବ୍ୟ । ସେହି କାଗଜର ସମ୍ପାଦକମାନେ ସାଧାରଣର ବିଶେଷ ଉପକାର କରୁଅଛନ୍ତି । ସାଧାରଣର ଉପକାର କିମ୍ବା ଅପକାର ଘଟିତ କୌଣସି ଗୁରୁତର ବିଷୟ ପଡ଼ିଲେ ସେମାନେ ସର୍ବଦା ମଧ୍ୟମକ୍ରମ ଅବଲମ୍ବନ କରି ବିଚାର କରିବାରେ ପ୍ରବୃତ୍ତ ହୁଅନ୍ତି । ଖବର କାଗଜଦ୍ୱାରା ଓ ସାହିତ୍ୟପ୍ରବନ୍ଧମୟ ପତ୍ରିକାଦ୍ୱାରା ସର୍ବସାଧାରଣରେ ସାହିତ୍ୟ ପ୍ରତି ରୁଚି ଜାତ ହୁଏ । ସ୍ୱଦେଶପ୍ରତି ଯେପରି ସ୍ନେହ ସେପରି ମାତୃଭାଷାପ୍ରତି ସ୍ନେହ କରିବା କର୍ତ୍ତବ୍ୟ । ଅଦ୍ୟ ସଭାରୁ ପ୍ରକାଶ ପାଉଅଛି ଯେ ଆମ୍ଭମାନଙ୍କର ଦେଶୀୟ ଲୋକେ ଏ ବିଷୟ ଉତ୍ତମରୂପେ ବୁଝିଅଛନ୍ତି । ଉତ୍କଳ ଭାଷାର ଯେତେଦୂର ଉନ୍ନତି ହେବାର ଉଚିତ ଯଦିଚ ତେତେଦୂର ଉନ୍ନତି ହୋଇ ନାହିଁ, ଯଦିଚ ତାହାର ଭଗିନୀ ବଙ୍ଗଭାଷା ସମାନ ତାହାର ଉନ୍ନତି ହୋଇ ନାହିଁ, ତଥାପି ଉତ୍କଳ ସାହିତ୍ୟର ଆକାଶରେ ଉଜ୍ଜ୍ୱଳ ତାରାର ଅଭାବ ନାହିଁ । କବିବର ରାଧାନାଥ ରାୟ ଓ କବି ମଧୁସୂଦନ ରାଓଙ୍କ

ଲେଖିବା ପଦ୍ଧତିକୁ ଅନେକ ଶିକ୍ଷିତ ଓ ଉପଯୁକ୍ତ ଲୋକେ ଅନୁକରଣ କରୁଅଛନ୍ତି । ଅତଏବ ଉତ୍କଳ ସାହିତ୍ୟର ଅନେକ ବିଷୟରେ ଉନ୍ନତି ଆଶା କରାଯାଏ ।

ତତ୍ପରେ ଦେଶର ଆର୍ଥିକ ଉନ୍ନତି ବିଷୟ କିଛି କହୁଅଛି । ଭାରତବର୍ଷରେ ଅପରାପର ସ୍ଥାନରେ ଯେପରି, ଉତ୍କଳ ଦେଶରେ ମଧ୍ୟ ସେହିପରି ଅଧିକାଂଶ ଲୋକ କୃଷିକାର୍ଯ୍ୟଦ୍ୱାରା ଜୀବନଯାତ୍ରା ନିର୍ବାହ କରନ୍ତି । ଭାରତବର୍ଷ କୃଷି ପ୍ରଧାନ ଦେଶ, ଅତଏବ କୃଷି ଆମ୍ଭମାନଙ୍କର ପ୍ରଧାନ ଆଶ୍ରୟ । ବଡ଼ ଦୁଃଖର ବିଷୟ କୃଷିର ଉନ୍ନତି ବିଷୟରେ ଆମ୍ଭମାନଙ୍କର ପ୍ରବୃତ୍ତି ତେତେ ନାହିଁ । ଯେତେଦୂର ଆବଶ୍ୟକ ତେତେଦୂର ଆମ୍ଭେମାନେ ତହିଁରେ ମନ ଦେଉ ନାହୁଁ । କୃଷିର କିପରି ସମ୍ୟକ୍ ଉନ୍ନତି ହୁଏ ତାହା ଆମ୍ଭେମାନେ ବିଶେଷ ଜାଣୁଁ ନାହୁଁ; ତହିଁରେ ମନ ନ ଦେବାର ଏ ଗୋଟିଏ କାରଣ । କୃଷି ଗୋଟିଏ ବିଜ୍ଞାନ ରୂପରେ ପରିଗଣିତ ହେଉଅଛି, ସେ ବିଜ୍ଞାନକୁ ଅଧ୍ୟୟନ କରିବାକୁ ହେବ ଓ କାର୍ଯ୍ୟରେ ଦେଖିବାକୁ ହେବ ଯେ କେଉଁ କେଉଁ ବିଷୟରେ କୃଷିର ଉନ୍ନତି ଏ ଦେଶରେ କରାଯାଇ ପାରିବ । ଏକେ ନିପୁଣ କୃଷିକାରିଙ୍କର ଅଭାବ, ତହିଁରେ ପୁଣି ଆମ୍ଭମାନଙ୍କର ପ୍ରଜାମାନେ, ବିଶେଷରେ ଗଡ଼ଜାତରେ ଯେଉଁମାନେ ବାସ କରନ୍ତି ସେମାନେ ଏଡ଼େ ଅଜ୍ଞ ଓ ପ୍ରାଚୀନ ରୀତିର ରକ୍ଷଣଶୀଳ ଯେ ସେମାନେ ଆପଣାର ଲାଭକୁ ସ୍ପଷ୍ଟରୂପେ ବୁଝି ସୁଦ୍ଧା କୌଣସି ନୂତନ ଉପାୟ ଗ୍ରହଣ କରନ୍ତି ନାହିଁ । ଏହି ସବୁ ଅଭାବ ହେତୁରୁ ଆମ୍ଭେମାନେ କୃଷି କାର୍ଯ୍ୟ ଭଲ କରି କରି ପାରୁ ନାହୁଁ । ଶିବପୁର ଇଞ୍ଜିନିୟରିଂ କଲେଜରେ ଗୋଟିଏ କୃଷି ବିଭାଗ ସ୍ଥାପିତ ହୋଇଅଛି । ସେଠାରେ ଆମ୍ଭ ଦେଶର ଯୁବକମାନେ ଅଧ୍ୟୟନ କରୁଅଛନ୍ତି, ଉତ୍କଳଦେଶରୁ କତିପୟ ଛାତ୍ର ସେଠାକୁ ପଠାଇବା ଆମ୍ଭମାନଙ୍କର ଉଚିତ ଓ ଆବଶ୍ୟକ, ସେମାନେ ଶିକ୍ଷାଲାଭ କରି ଫେରିଆସିଲେ ଉତ୍କଳଦେଶର ରାଜାମାନେ ଓ ଜମିଦାରମାନେ ଯଦି ସେମାନଙ୍କୁ ନିଜ ନିଜ ରାଜ୍ୟରେ ଓ ଜମିଦାରୀରେ ନିଯୁକ୍ତ କରି ରଖନ୍ତି ତେବେ ବିଶେଷ ଉପକାର ହେବ । କୃଷିର ଉନ୍ନତି ବିଷୟରେ ଏ ଗୋଟିଏ ପ୍ରଧାନ ଉପାୟ ଯାହାକି କାର୍ଯ୍ୟରେ ପରିଣତ ହୋଇପାରେ ଓ ନୂତନ ପ୍ରକାର ଦ୍ରବ୍ୟମାନ ଉତ୍ପନ୍ନକରା ହୋଇପାରେ ଯଦ୍ଦ୍ୱାରା ଭୂମି ଉର୍ବର ହେବ ଓ ରଇତଙ୍କର ଓ ଜମିଦାର ଦୁହିଁଙ୍କର ଲାଭ ହେବ ।

କେତେକ ଗଡ଼ଜାତରେ ଲାକ୍ଷା ଓ ଟସର ଜାତ ହୁଏ, କିନ୍ତୁ ଦିନକୁ ଦିନ ଟସର ଓ ବିଶେଷରେ ଲାକ୍ଷାର ଉତ୍ପତ୍ତି, କୀଟମାନଙ୍କଠାରେ ରୋଗ ହେତୁରୁ ବା ଅନ୍ୟ କାରଣରୁ ହ୍ରାସ ହେଉଅଛି । ଯେ କୃଷି କାର୍ଯ୍ୟ ଶିକ୍ଷା କରିଥିବେ ସେହି ବ୍ୟକ୍ତି ଯେବେ ଟସର ଉତ୍ପାଦନ କରିବାର ଶିକ୍ଷା ପାଇଥିବେ ତେବେ ଯେଉଁ କାରଣରୁ ଟସର କୀଟ ନଷ୍ଟ ହେଉଅଛନ୍ତି ଅଥବା ଲାକ୍ଷା କୀଟ ଜନ୍ମରେ ଦୋଷ ଘଟୁଅଛି ତାହା ସେ ସଂଶୋଧନ କରିପାରିବେ । ରେସମ ଉତ୍ପନ୍ନ କରିବା ମଧ୍ୟ ଗୋଟିଏ ଉତ୍ତମ ବ୍ୟବସାୟ । ଉତ୍କଳ ଦେଶରେ ଯତ୍ନ କଲେ ତୁତ ଗଛ ଉତ୍ତମ ରୂପେ ବଢ଼େ । ରେସମ ଆମଦାନୀ କରିବାର

ଉପାୟ କୃଷିକାରୀଙ୍କୁ ଶିକ୍ଷା ଦେଲେ ଥରେ ଯେବେ ସେମାନେ ସେ କାର୍ଯ୍ୟ କରନ୍ତି ତଦ୍ୱାରା ଗୋଟିଏ ସୁନ୍ଦର ବ୍ୟବସାୟ ସ୍ଥାପିତ ହେବ । ଲାଭ ପାଇଲେ ପ୍ରଜାମାନେ କଦାପି ସେଥିରୁ ନିରସ୍ତ ହେବେ ନାହିଁ ।

ଗୋମହିଷୀମାନଙ୍କର ସଂଖ୍ୟା ଓ ଯୌନ ଉନ୍ନତି ଆଉ ଗୋଟିଏ ପ୍ରଧାନ ବିଷୟ । ବର୍ତ୍ତମାନ ବସନ୍ତ ରୋଗରେ ଓ ଅନ୍ୟାନ୍ୟ ରୋଗରେ ଅନେକାନେକ ଗୋରୁ ମହିଷୀ ସମୟ ସମୟରେ ବିନଷ୍ଟ ହୁଅନ୍ତି, ତଦ୍ୱାରା ପ୍ରଜାମାନେ ଦରିଦ୍ର ହୋଇଯାନ୍ତି । ଏ ବିଷୟ ନିବାରଣ ନିମିତ୍ତ ଗୋଚିକିତ୍ସକ ଆବଶ୍ୟକ । ଯେ କୃଷିକାର୍ଯ୍ୟ ଶିକ୍ଷା କରିଥିବେ ସେ ମଧ୍ୟ ପଶୁଚିକିତ୍ସା ଶିକ୍ଷା କରିବେ ।

ବର୍ତ୍ତମାନ ସମୟରେ ଆମ୍ଭମାନଙ୍କର ଶିକ୍ଷିତ ଯୁବକମାନଙ୍କୁ ଚାକରି ମିଳିବା କଠିନ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କର ଓ ଅପର ବ୍ୟକ୍ତିଙ୍କର କଚେରି କର୍ମଚାରିଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଅଛି । ଉକିଲ ଓ ଡାକ୍ତରି ବ୍ୟବସାୟରେ ବହୁସଂଖ୍ୟକ ଲୋକେ ଶିକ୍ଷିତ ହୋଇଅଛନ୍ତି । କିନ୍ତୁ ମୁଁ ଅନୁମାନ କରେଁ ଯେ କୃଷି, ବିଜ୍ଞାନ ଓ ଶିଳ୍ପ ଜାଣିବା ଲୋକଙ୍କର ଅଭାବ ଅଛି । ଯଦି ଆମ୍ଭମାନଙ୍କର ଶିକ୍ଷିତ ଯୁବକମାନେ ଏହି ସବୁ ବିଷୟ ଶିକ୍ଷା କରନ୍ତି ତେବେ ସେମାନେ ସମ୍ମାନସହ ଆପଣାର ଜୀବିକା ନିର୍ବାହ ଓ ତହିଁ ସଙ୍ଗେ ଦେଶର ଉପକାର ମଧ୍ୟ କରିପାରିବେ ।

ପ୍ରଜାମାନଙ୍କର ରକ୍ଷଣଶୀଳତା ଅର୍ଥାତ୍ ପୁରୁଣା କଥା ନ ଛାଡ଼ିବା ଗୁଣଟି ଇଂରାଜୀ ଶିକ୍ଷା ବିସ୍ତାରଦ୍ୱାରା କ୍ରମଶଃ ହ୍ରାସ ହେଉଅଛି । ମଧ୍ୟ ବିଦେଶୀୟ ଲୋକଙ୍କ ସହିତ ସମାଗମଦ୍ୱାରା ଦିନକୁ ଦିନ ଲୋକେ ନୂତନ କଥା ଶିଖୁଅଛନ୍ତି । ଦିନକୁ ଦିନ ଉପାର୍ଜନ କଠିନ ହେଉଅଛି । ଏହି କାରଣରୁ ସେମାନେ ଉପାର୍ଜନର ନୂତନ ଉପାୟ ଅନ୍ୱେଷଣ କରୁଅଛନ୍ତି ଓ ଅଧିକ ଲାଭ କରିବା ଆଶାରେ ପ୍ରାଚୀନକାଳର କାର୍ଯ୍ୟ ପ୍ରଣାଳୀକୁ କ୍ରମଶଃ ତ୍ୟାଗ କରୁଅଛନ୍ତି । ଏଥି ଉତ୍ତାରୁ ଯଦି କୃଷିକାର୍ଯ୍ୟର ଉନ୍ନତି କରାଯାଏ ତେବେ ପ୍ରଜାମାନେ ଲାଭ ଦେଖି ନୂତନ ଉପାୟମାନ ଆଶ୍ରୟ କରିପାରିବେ । ସ୍ୱର୍ଗତ ବିଚିତ୍ରାନନ୍ଦ ଦାସଙ୍କ କୃଷିବିଜ୍ଞାନ କିମ୍ବା ତଦ୍ରୂପ ଅନ୍ୟ ପୁସ୍ତକ ନୂତନ ଆବିଷ୍କୃତ ବିଷୟମାନଙ୍କ ସହିତ ବର୍ତ୍ତମାନ ଛାପା ହେଲେ ଓ ପ୍ରଧାନ ପ୍ରଧାନ ପ୍ରଜାଙ୍କୁ ଦିଆଗଲେ ଏବଂ ଗ୍ରାମ୍ୟପାଠଶାଳାରେ ବ୍ୟବହୃତ ହେଲେ ଅନେକ ଉପକାର ହୋଇପାରିବ ।

ଗଡ଼ଜାତମାନଙ୍କରେ ଅନେକ ଅନେକ ସ୍ଥାନରେ କୃଷିଯୋଗ୍ୟ ବଡ଼ ବଡ଼ ସ୍ଥାନ ଅଛି, ସେହି ଭୂମିଖଣ୍ଡମାନଙ୍କରୁ ଅରଣ୍ୟ କାଟିଦେଇ ଅଳ୍ପ ପରିଶ୍ରମରେ ଓ ଅଳ୍ପ ବ୍ୟୟରେ ସେଠାରେ କୃଷି କରାଯାଇପାରେ । ଯେଉଁମାନଙ୍କର କୃଷିକାର୍ଯ୍ୟରେ ଆଗ୍ରହ ଅଛି ଓ ଅରଣ୍ୟରେ ରହିବାକୁ କଷ୍ଟ ମନେ ନ କରନ୍ତି ସେମାନେ ଗଡ଼ଜାତ ମଧ୍ୟରେ ବଡ଼ ବଡ଼ ଭୂମିଖଣ୍ଡ ନେଇ ଆପଣାର ବିଶେଷ ଲାଭ କରି ପାରନ୍ତି ।

ଭାରତବର୍ଷ କୃଷିପ୍ରଧାନ ଦେଶ, ସ୍ୱଭାବରେ ତାହାର ଭୂମି ଏପରି ଉର୍ବରା ଯେ କୌଣସି ମନୁଷ୍ୟ ଅଧିକ ଯତ୍ନ ନ କରି ସୁଦ୍ଧା ଆପଣାର ଜୀବନ ରକ୍ଷା କରିପାରେ । କିନ୍ତୁ ଏକପ୍ରକାର କୃଷିପ୍ରତି ନିର୍ଭର କଲେ ଆପଦର ସମ୍ଭାବନା । ଭାରତବର୍ଷରେ ସମୟ ସମୟରେ ଦୁର୍ଭିକ୍ଷ ହୁଏ । ମଧ ପ୍ରତିବର୍ଷ ଶୁଣାଯାଏ ଯେ ତାହାର କୌଣସି ଅଂଶରେ ହେଲେ ଦୁର୍ଭିକ୍ଷ ପଡ଼ିଅଛି । ଏଠାରେ ଉପସ୍ଥିତ ଥିବା ଅନେକ ଲୋକଙ୍କ ମନରେ ୧୮୬୬ ମସୀହାର ଦୁର୍ଭିକ୍ଷ କଥା ଜାଗ୍ରତ ଥିବ । କିନ୍ତୁ ଗବର୍ଣ୍ଣମେଣ୍ଟ ତଦ୍ବିଷୟରେ ସତର୍କ ହୋଇ ବାଣିଜ୍ୟ ବୃଦ୍ଧି କରିବାଦ୍ୱାରା ଓ ନାଳ ଖୋଳାଇବାଦ୍ୱାରା ଦୁର୍ଭିକ୍ଷ ନିବାରଣର ଉପାୟ କରି ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଆଉ ଏପରି ଦୁର୍ଭିକ୍ଷ ଉତ୍କଳରେ ଦେଖାଯିବାର ସମ୍ଭାବନା ନାହିଁ । କିନ୍ତୁ ଦୁର୍ଭିକ୍ଷ ବୃଷ୍ଟିଦୋଷରୁ ହୋଇଥାଏ ଓ କିଏ କହିପାରେ ଯେ ବୃଷ୍ଟିର ଅଭାବ ହେତୁରୁ ପୁନର୍ବାର ଦୁର୍ଭିକ୍ଷ ନ ଘଟିବ ।

ବାଣିଜ୍ୟ ଓ ଶ୍ରମଜୀବିକାର ବିଶେଷ ଉନ୍ନତି ହେଲେ ପ୍ରଜାମାନେ ଭୂମିର ଉତ୍ପନ୍ନ ଦ୍ରବ୍ୟ ପ୍ରତି ବିଶେଷ ନିର୍ଭର କରିବେ ନାହିଁ । ଯଦି କୃଷି ହାନି ହୁଏ ତେବେ ଲୋକେ ଅନ୍ୟ ଉପାୟଦ୍ୱାରା ଜୀବନ ରକ୍ଷା କରିବାକୁ ସମର୍ଥ ହେବେ । ଭାରତବର୍ଷର କେତେକ ସ୍ଥାନରେ ବାଣିଜ୍ୟ ଓ ଶିଳ୍ପର ଉନ୍ନତି ହେଉଅଛି ଯେ ପ୍ରଜାମାନେ ତଦ୍ବାରା ଜୀବନଯାତ୍ରା ନିର୍ବାହ କରିପାରିବେ । ଆମ୍ଭମାନଙ୍କର ଏହି ଉତ୍କଳଦେଶରେ ଅନେକ ନୈସର୍ଗିକ ବୈଭବ ଅଛି ଯାହାର ଉନ୍ନତି ହୋଇପାରେ । ଗଡ଼ଜାତରେ ଅରଣ୍ୟ ସବୁ ଏବେ ପ୍ରାଧାନ୍ୟ ଲାଭ କରିଅଛି । ପୂର୍ବକାଳରେ ସେହି ଅରଣ୍ୟକୁ କେହି ପଚାରୁ ନ ଥିଲା । କିନ୍ତୁ ବର୍ତ୍ତମାନ କଡ଼ିକାଠ, ଜାଳିବାକାଠ ଓ ଜଙ୍ଗଲର ଉତ୍ପନ୍ନ ଦ୍ରବ୍ୟମାନ ବାଣିଜ୍ୟରେ ଲାଗୁଅଛି । ତଦ୍ବାରା ରାଜାମାନଙ୍କର ଆୟ ହେଉଅଛି । ଦୁର୍ଭିକ୍ଷ ସମୟରେ ଗଡ଼ଜାତର ପ୍ରଜାମାନେ ଅରଣ୍ୟ ଉତ୍ପନ୍ନଦ୍ରବ୍ୟ କାରବାର କରି ଜୀବନ ରକ୍ଷା କରିପାରନ୍ତି । ଅରଣ୍ୟ ଅଧିକ ହେଲେ ବୃଷ୍ଟି ଭଲ ହୁଏ, ଏହା ବିଡ଼ିବା ବିଷୟ । ଅତଏବ ଅରଣ୍ୟ ପ୍ରକାରାନ୍ତରେ କୃଷିର ଉପକାର କରେ । ଅରଣ୍ୟର ହ୍ରାସ ହେଲେ କୃଷିର ହାନି ମଧ ହୋଇପାରେ । ଅତଏବ ଅରଣ୍ୟମାନଙ୍କୁ ରକ୍ଷା କରିବା ସର୍ବତୋଭାବେ ବିଧେୟ । ଅରଣ୍ୟଦ୍ୱାରା ଦେଶର ସ୍ଥାୟୀ ଉନ୍ନତି ହୋଇପାରେ ।

ଉତ୍କଳଦେଶରେ ବହୁମୂଲ୍ୟ ଦ୍ରବ୍ୟର ଖଣିମାନେ ଥିବାର ସମ୍ଭବ । ତନ୍ନିମିତ୍ତ ଜଣେ ଭୂତତ୍ତ୍ୱବେତ୍ତାଙ୍କ ଆବଶ୍ୟକ । ସେ ନିଯୁକ୍ତହୋଇ ଦେଶର ସର୍ବସ୍ଥାନ ଭ୍ରମଣ କରି ପରୀକ୍ଷା କଲେ ତଦ୍ବାରା ବିଶେଷ ଉପକାର ହୋଇପାରେ । ବିଶେଷରେ ଗଡ଼ଜାତମାନଙ୍କୁ ବୁଲି ଦେଖିଲେ କେଉଁଠାରେ କି ଦ୍ରବ୍ୟ ଅଛି ତାହା ଆମ୍ଭେମାନେ ଜାଣିପାରିବା । ଏ ବିଷୟରେ କୃତକାର୍ଯ୍ୟ ହେବା ନିମିତ୍ତ ସମଗ୍ର କରଦ ରାଜାଙ୍କର ଓ ବଡ଼ ବଡ଼ ଜମିଦାରଙ୍କର ଏକତ୍ର ହେବାର ଆବଶ୍ୟକ ।

ତତ୍ପରେ ସ୍ୱଦେଶୀୟ ଶିଳ୍ପକାରଙ୍କର କୃତ ଦ୍ରବ୍ୟମାନ ଅଛି । ସେ ସବୁ ଦେଖି ତହିଁର ଉନ୍ନତି କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଏହି କଟକ ନଗର ରୁପାର ତାରକର୍ମ୍ମ ନିମିତ୍ତ ବିଖ୍ୟାତ । ସେ କାର୍ଯ୍ୟ ବର୍ତ୍ତମାନ ମଧ୍ୟମରୂପେ ଚଳୁଅଛି । ଶ୍ରୀଯୁକ୍ତ ମଧୁସୂଦନ ଦାସ ମହାଶୟ ସେ କାର୍ଯ୍ୟର ଉନ୍ନତି ନିମିତ୍ତ ବିଶେଷ ଉଦ୍ୟୋଗୀ ହୋଇଥିବାରୁ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ତାର ବ୍ୟବସାୟ କମିଯାଇଥିଲା, କିନ୍ତୁ ତାଙ୍କର ଯତ୍ନରୁ ତାହାର ପୁନରୁଦ୍ଧାର ହୋଇଅଛି । ଅସୀମ ଉତ୍ସାହ ଓ ଅଧ୍ୟବସାୟଦ୍ୱାରା ମନୁଷ୍ୟ କେତେଦୂର କୃତକାର୍ଯ୍ୟ ହୋଇପାରେ, ଉକ୍ତ ମହାଶୟ ତହିଁର ଜୀବନ୍ତ ଦୃଷ୍ଟାନ୍ତ ଅଟନ୍ତି । ତାହାଙ୍କ ସଦୃଶ ଆମ୍ଭେମାନେ ସମସ୍ତେ ଯେବେ ଉତ୍ସାହଯୁକ୍ତ ହେଉଁ ତେବେ ଆମ୍ଭେମାନେ ବର୍ତ୍ତମାନ ଯେଉଁ ସବୁ ବିଷୟ ଦେଶର ଉପକାର ନିମିତ୍ତ ବିଚାର କରୁଅଛୁଁ ସେ ସମସ୍ତ ବିଷୟ ଅନାୟାସରେ ସୁସମ୍ପନ୍ନ ହୋଇପାରିବ ଓ ଉତ୍କଳର ମୁଖ ଉଜ୍ଜ୍ୱଳ ହେବ ।

କଳକାରଖାନା ଆଉ ଗୋଟିଏ ବିଷୟ, ଯଥା– ଲୁଗାକଳ ପ୍ରଭୃତି । ଏ ଦେଶର ଉତ୍ପନ୍ନ ଦ୍ରବ୍ୟ ଦେଶାନ୍ତରକୁ ଯାଇ ସେଠାରେ ଆମ୍ଭମାନଙ୍କର ବ୍ୟବହାରଯୋଗ୍ୟ ଦ୍ରବ୍ୟମାନ ପ୍ରସ୍ତୁତ ହୋଇ ଆମ୍ଭ ନିକଟକୁ ଆସୁଅଛି । ତାହା ନ ହୋଇ ଏହି ଦେଶରେ ଯେବେ ସେହି ଦ୍ରବ୍ୟ ପ୍ରସ୍ତୁତ ହୁଅନ୍ତା ତେବେ ଏ ଦେଶର ଧନ ଏହି ଦେଶରେ ରହନ୍ତା ଓ ଲୋକେ ଅନେକ ଶସ୍ତାଦରରେ ସେହି ଦ୍ରବ୍ୟମାନ ପାଇପାରନ୍ତେ । କିନ୍ତୁ ସେପରି କାରଖାନା ଏ ଦେଶରେ ସ୍ଥାପନ କରିବାର ସମୟ ହୋଇଅଛି କି ନା ମୁଁ କହି ନ ପାରେ । କିନ୍ତୁ ଏ କାର୍ଯ୍ୟ ଅସମ୍ଭବ ନୁହେଁ । ସମ୍ପ୍ରତି ମଧ୍ୟରେ ଭାରତବର୍ଷରେ କେତେକ ସ୍ଥାନରେ ସେପରି କାରଖାନାମାନ ଫିଟିଅଛି । ଉତ୍କଳଦେଶରେ କି କାରଣରୁ ନୋହିପାରିବ ? ଆଜି ନ ହେଲେ କିଛିକାଳ ପରେ ହେବ ।

ସ୍ଥାୟୀ ଉନ୍ନତି କରିବା ନିମିତ୍ତ ମୂଳଧନ ଆବଶ୍ୟକ । ମୂଳଧନ ନ ହେଲେ କୌଣସି କାର୍ଯ୍ୟ ସିଦ୍ଧ ହୋଇ ନ ପାରେ, ମୂଳଧନ ଖଟାଇଲେ ବାଣିଜ୍ୟର ଓ ଶ୍ରମଜୀବିକାର ବୃଦ୍ଧି ହୁଏ । ପୁନଶ୍ଚ ବାଣିଜ୍ୟ ବୃଦ୍ଧି ଓ ଶିଳ୍ପ ବୃଦ୍ଧିଦ୍ୱାରା ଧନ ବୃଦ୍ଧି ହୁଏ, ଅତଏବ ମୂଳଧନ, ବାଣିଜ୍ୟ ଓ ଶିଳ୍ପ ପରସ୍ପର ପରସ୍ପର ପ୍ରତି ନିର୍ଭର କରନ୍ତି । ଇଂଲଣ୍ଡ ଓ ଆମେରିକା ଏଥିର ଦୃଷ୍ଟାନ୍ତ; ସେହି ଦେଶରେ ବାଣିଜ୍ୟ ଓ ଶିଳ୍ପର ବିଶେଷ ଉନ୍ନତି ହୋଇଅଛି । ଦେଶରେ ଅନେକ ଲୋକ କୋଟୀଶ୍ୱର ଅର୍ଥାତ୍ କୋଟି କୋଟି ଟଙ୍କାର ଅଧିକାରୀ ହୋଇଅଛନ୍ତି । ସେ ଦେଶମାନଙ୍କ ସଙ୍ଗେ ତୁଳନା କଲେ ଭାରତବର୍ଷ ବଡ଼ ଦରିଦ୍ର ।

ଅତଏବ ଭାରତବର୍ଷର ଧନୀଲୋକଙ୍କ ପ୍ରତି ବଡ଼ ଦାୟିତ୍ୱ ଅଛି, ସେମାନେ ଯଦି ନିଜନିଜ ଧନର ସଦ୍‌ବ୍ୟବହାର କରନ୍ତି, ତେବେ ସେମାନଙ୍କର ନିଜର ଓ ସେମାନଙ୍କର ଦେଶର ଉନ୍ନତି ହେବ ଏବଂ ଉପକାର ହେବ । ଯେଉଁ କାର୍ଯ୍ୟରେ ଲାଭ

ନାହିଁ ସେ କାର୍ଯ୍ୟରେ ଧନ ଖଟାଇଲେ କୌଣସି ଲାଭ ହୁଏ ନାହିଁ । ଟଙ୍କାକୁ ନେଇ ଜମାକରି ରଖିବା ମଧ୍ୟ ଉଚିତ ନୁହେଁ । ଯେତେବେଳେ ଅରାଜକ ହୋଇଥିଲା ତେତେବେଳେ ସଞ୍ଚୟ କରି ରଖିବାର ଆବଶ୍ୟକତା ଥିଲା । କିନ୍ତୁ ଇଂରେଜ ଶାସନାଧୀନରେ ସେପରି କରିବାର ବାଞ୍ଛନୀୟ ନୁହେଁ । ଟଙ୍କାକୁ ଚଳପ୍ରଚଳ କରୁଥିଲେ ନିଜର ଲାଭ ଓ ଦେଶର ଉପକାର ହୁଏ । କୌଣସି ସମୟରେ ଏପରି ହୁଏ ଯେ ମୂଳଧନ ଲୋକସାନ ହୋଇଯାଏ, କିନ୍ତୁ ସେ ଲୋକସାନରେ ଆମ୍ଭେମାନେ ହତୋଦ୍ୟମ ନ ହୋଇ ଅଧିକ ଉଦ୍ୟମ ସହିତ କାର୍ଯ୍ୟ କରିବା ଉଚିତ । ଏ ବିଷୟ ଆମ୍ଭମାନଙ୍କର ସ୍ମରଣ ରଖିବା ଉଚିତ ଯେ ପରାଜୟ ନ ଥାଇ କୌଣସି କାର୍ଯ୍ୟ ନାହିଁ, ବାସ୍ତବରେ ପରାଜିତ ହେଲେ ଭବିଷ୍ୟତରେ ଲୋକେ ସାବଧାନ ହୁଅନ୍ତି, ସାବଧାନ ହେବାର ଶିକ୍ଷା ଲାଭ ହୁଏ । ଏହି ପୃଥିବୀରେ ବିଜ୍ଞାନର ଯେତେ ଯେତେ ଆବିଷ୍କାର ହୋଇଅଛି ଓ କଳର ଯେତେ ଆବିଷ୍କାର ହୋଇଅଛି; ସବୁଥିରେ ଲୋକେ ବାରମ୍ବାର ପରାସ୍ତ ହୋଇ ପରିଶେଷରେ କୃତକାର୍ଯ୍ୟ ହୁଅନ୍ତି । କଷ୍ଟମାନଙ୍କୁ ଅତିକ୍ରମ ନ କଲେ ଇଷ୍ଟସିଦ୍ଧିର ମୂଲ୍ୟ କାହୁଁ ହେବ, ଯେଉଁ କାର୍ଯ୍ୟରେ ଲୋକେ ବହୁତଥର ପରାସ୍ତ ହୋଇଥାନ୍ତି ସେହି କାର୍ଯ୍ୟ ସଫଳ ହେଲେ ଚେଷ୍ଟାକାରିଙ୍କର ତଦ୍ଦ୍ୱାରା ବିଶେଷ ଲାଭ ହୁଏ ।

ସଭ୍ୟବୃନ୍ଦ ! ଆପଣମାନଙ୍କ ସମକ୍ଷରେ ଶିକ୍ଷା, ସମାଜ ଓ ଶିଳ୍ପ ସମ୍ବନ୍ଧୀୟ ଉନ୍ନତି ବିଷୟରେ ମୋର ଯେଉଁ ଅଭିପ୍ରାୟ ଥିଲା ତାହା ବ୍ୟକ୍ତ କଲି । ଉନ୍ନତିକୁ ଅଗ୍ରସର କରିବା ନିମିତ୍ତ ଏକତାର ଆବଶ୍ୟକ, ତାହା ଦେଖାଇବାକୁ ମୁଁ ଚେଷ୍ଟା କରୁଅଛି । ଆମ୍ଭମାନଙ୍କ ମଧ୍ୟରେ ଯେଉଁ ମତଭେଦ ଅଛି ତାହା ପରିତ୍ୟାଗ କରି ଆମ୍ଭମାନଙ୍କର ଦେଶପ୍ରତି ଯେଉଁ କର୍ତ୍ତବ୍ୟକର୍ମ୍ମ ଅଛି ତାହା କିପରି ସାଧନ କରିବାକୁ ହେବ ତଦ୍‌ବିଷୟରେ ମୁଁ କେତେକ କଥା କହିଅଛି, ମଧ୍ୟ ଅନ୍ୟାନ୍ୟ ସୁବକ୍ତା ଅଛନ୍ତି ଯେଉଁମାନେ କି ଏ ବିଷୟରେ ନିଜନିଜ ମତ ପ୍ରକାଶ କରିବେ । ଏ ବିଷୟମାନ ଅତି ଗୁରୁତର ଏବଂ ଆପଣମାନେ ଏହାକୁ ଅବଶ୍ୟ ଅତି ମନୋଯୋଗର ସହିତ ଶୁଣିବେ ଓ ଚିନ୍ତାକରିବେ ।

କେହି କେହି କହନ୍ତି ଯେ ବର୍ତ୍ତମାନ ଭାରତବର୍ଷରେ ସମସ୍ତେ ଏକତ୍ର ହୋଇ କାର୍ଯ୍ୟ ସାଧନ କରିବା ଦୁଷ୍କର, କିନ୍ତୁ ମୋ କ୍ଷୁଦ୍ର ବିବେଚନାରେ ଅନ୍ୟ ଦେଶରେ ଯାହା ହେଉ ଆମ୍ଭମାନଙ୍କର ଉତ୍କଳଦେଶରେ ସେପରି ହେବ ନାହିଁ । ଆପଣମାନେ ନିଜର ସମୟ ନଷ୍ଟ କରି, ସୁଖ ଭଙ୍ଗ କରି, ଏତେଦୂର ପଥ ଆଗମନ କରିଅଛନ୍ତି, ଆପଣମାନଙ୍କ ଅନ୍ତଃକରଣରେ ଯେଉଁ ଉତ୍ସାହ ଜାତ ହୋଇଅଛି, ତହିଁରୁ ମୋର ବିଶ୍ୱାସ ହେଉଅଛି ଯେ ଆମ୍ଭମାନଙ୍କର ଉଦ୍ୟମ ସଫଳ ହେବ । ଉତ୍କଳଦେଶର ଇତିହାସରେ ଏପରି ଗୋଟିଏ ସଭା ଅଭିନବ ବ୍ୟାପାର । ଏ ସଭାରେ ଆପଣମାନଙ୍କୁ ସାକ୍ଷାତ କରି ମୋର ଅନିର୍ବଚନୀୟ ଆନନ୍ଦ ଜାତ ହୋଇଅଛି ଓ ଏହି ଦେଶହିତକର କାର୍ଯ୍ୟରେ ଆପଣମାନଙ୍କ ସହିତ ଭାଗୀ ହୋଇଥିବାରୁ ମୁଁ ନିଜକୁ କୃତକୃତ୍ୟ ମନେ କରୁଅଛି ।

ସଭ୍ୟବୃନ୍ଦ ! ପରିଶେଷରେ କହୁଅଛୁ ଯେ ଆମ୍ଭମାନଙ୍କର କର୍ତ୍ତବ୍ୟକର୍ମ ବଡ଼ କଠିନ, ଅତଏବ ମୁଁ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛି ଯେ ସେ କୃପାପୂର୍ବକ ଆମ୍ଭମାନଙ୍କର ଉଦ୍ୟମକୁ ସଫଳ କରନ୍ତୁ ଓ କର୍ତ୍ତବ୍ୟକର୍ମକୁ ସୁସମ୍ପନ୍ନ କରିବା ନିମିତ୍ତ ଶକ୍ତି ପ୍ରଦାନ କରନ୍ତୁ । ଇତି ।

ସଭାପତିଙ୍କ ବକ୍ତୃତା ସମସ୍ତ ସଭ୍ୟବୃନ୍ଦ ଅତି ମନୋଯୋଗ ସହିତ ଓ ସତୃଷ୍ଣ ନୟନରେ ଶୁଣୁଥିଲେ ।

ମହାରାଜା କେନ୍ଦୁଝରର ପ୍ରସ୍ତାବ କଲେ । ଯଥା—

**୧ମ ପ୍ରସ୍ତାବ**— ସମଗ୍ର ଉତ୍କଳଭାଷିଅଞ୍ଚଳକୁ ଏକ ଶାସନାଧୀନରେ ସ୍ଥାପନ କରିବା ନିମନ୍ତେ ମାନ୍ୟବର ଭାରତର ବଡ଼ଲାଟ ବାହାଦୁର ଯେଉଁ କଲ୍ୟାଣକର ପ୍ରସ୍ତାବ କରିଅଛନ୍ତି ସେଥି ନିମନ୍ତେ ଏହି ସମ୍ମିଳନୀ ମାନ୍ୟବର ବଡ଼ଲାଟ ମହୋଦୟଙ୍କୁ ହୃଦୟର ଗଭୀରତମ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ବଡ଼ଲାଟ ମହୋଦୟଙ୍କ ଅବଗତି ନିମନ୍ତେ ଏ ନିର୍ଦ୍ଧାରଣପତ୍ରର ପ୍ରତିଲିପି ପ୍ରାଇଭେଟ ସେକ୍ରେଟରୀଙ୍କ ନିକଟକୁ ଏ ସଭା ପକ୍ଷରୁ ପ୍ରେରିତ ହେଉ ।

ଅନୁମୋଦକ— ଶ୍ରୀଯୁକ୍ତ ରାଜା ଖଲ୍ଲିକୋଟ ଓ ଆଠଗଡ଼, ଗଞ୍ଜାମ ।

ସମର୍ଥକ— ଶ୍ରୀଯୁକ୍ତ ରାଜା ବୈକୁଣ୍ଠନାଥ ଦେ ବାହାଦୁର, ବାଲେଶ୍ୱର ।

ସମର୍ଥକ— ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର, କଟକ ।

ସମର୍ଥକ— ଶ୍ରୀଯୁକ୍ତ ବାବୁ ବ୍ରଜମୋହନ ପଟ୍ଟନାୟକ, ସମ୍ବଲପୁର ।

ସମର୍ଥକମାନେ ଉପରୋକ୍ତ ପ୍ରସ୍ତାବ ସମର୍ଥନ କରି କହିଲେ— "ହେ ମହାରାଜା, ରାଜା, ଜମିଦାର, ସ୍କୁଲ ଛାତ୍ର ଓ ଭଦ୍ର ମହୋଦୟଗଣ ! ଏହି ଉତ୍କଳ ସମ୍ମିଳନୀ ସଭାରେ ଉପସ୍ଥିତ ହୋଇ ଆପଣମାନଙ୍କୁ ଦର୍ଶନ କରି ଆମ୍ଭେମାନେ ପରମ ଆନନ୍ଦ ଲାଭ କରିଅଛୁଁ । ମନୁଷ୍ୟର ଅଙ୍ଗ ବିଚ୍ଛିନ୍ନ ହେବାଦ୍ୱାରା ସେ ଯେପରି ସବଳରୂପେ କାର୍ଯ୍ୟ କରିବାକୁ ଅସମର୍ଥ ହୁଏ, ସେହିପରି ସମଗ୍ର ଓଡ଼ିଆଭାଷୀ ଦେଶସବୁ ଭିନ୍ନ ଭିନ୍ନ ଶାସନ ଅଧୀନରେ ରହି ଆଚାର ବ୍ୟବହାର, ରୀତିନୀତି ଆଦି ପ୍ରତ୍ୟେକ ବିଷୟରେ ଆମ୍ଭମାନଙ୍କୁ ଯେଉଁ ଅସୁବିଧା ଭୋଗ କରିବାକୁ ପଡୁଅଛି, ତାହା ସମସ୍ତଙ୍କ ହୃଦୟଙ୍ଗମ ହୋଇଅଛି; ତାହା ଦୂରୀକରଣଅର୍ଥେ ସମସ୍ତ ଓଡ଼ିଆଭାଷୀ ଦେଶ ସବୁ ଏକତ୍ର କରି କୌଣସି ଏକ ଶାସନାଧୀନରେ ରଖିବାକୁ ବଡ଼ଲାଟ ସାହେବ ବାହାଦୁର ଯେଉଁ କଲ୍ୟାଣକର ପ୍ରସ୍ତାବ କରୁଅଛନ୍ତି, ତହିଁ ନିମନ୍ତେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ଉଚିତ ।

**୨ୟ ପ୍ରସ୍ତାବ** — ମଧ୍ୟପ୍ରଦେଶର ଚିଫ୍ କମିଶନର୍ ପଦରେ ପ୍ରତିଷ୍ଠିତ ଥିବା ସମୟରେ ବଙ୍ଗଦେଶର ବର୍ତ୍ତମାନ ଛୋଟଲାଟ ମହୋଦୟ ସମ୍ବଲପୁରରେ ଓଡ଼ିଆଭାଷାକୁ ଅଦାଲତର ଭାଷାରୂପେ ପୁନଃପ୍ରତିଷ୍ଠିତ କରିଥିବା ଯୋଗୁଁ ଏ ସମ୍ମିଳନୀ

ସଭାର ଆନ୍ତରିକ ଧନ୍ୟବାଦ ମହାମାନ୍ୟ ଛୋଟଲାଟଙ୍କ ଅବଗତି ନିମନ୍ତେ ପ୍ରାଇଭେଟ୍ ସେକ୍ରେଟରୀଙ୍କ ନିକଟ ପ୍ରେରିତ ହେଉ ।

ପ୍ରସ୍ତାବକ– ବିଶାଖାପଟନର ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା କହିଥିଲେ –

"ଚିରକାଳରୁ ସ୍ଥାୟୀ ହୋଇଥିବା ଉତ୍କଳଭାଷା ସମ୍ବଲପୁର ଅଞ୍ଚଳ ସରକାରୀ ଅଦାଲତମାନଙ୍କରୁ ଉଠିଯାଇଥିଲା ଏହା ଆପଣମାନଙ୍କୁ ଅଗୋଚର ନାହିଁ । ଯଦି ସେପରି ଘଟିଥାନ୍ତା ନିଶ୍ଚୟରେ ସେ ପ୍ରଦେଶରେ ଆଉ ଓଡ଼ିଆ ଭାଷା ରହନ୍ତା ନାହିଁ । କାରଣ – କେବଳ ସାହିତ୍ୟାନୁରାଗରେ କୌଣସି ଭାଷା ଗଠିତ ହେଉଥିବାର ପ୍ରାୟ ଦେଖାଯାଏ ନାହିଁ । ପ୍ରୟୋଜନ ବିନା ସର୍ବସାଧାରଣ ପଠନଶ୍ରମ ସ୍ୱୀକାର କରନ୍ତି ନାହିଁ । ବର୍ତ୍ତମାନ ବିଦ୍ୟାଭିବୃଦ୍ଧି ତହିଁର ପରିଚାୟକ ଅଟଇ । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଦେଶ ପ୍ରଚଳିତ ଭାଷାମାନ ଅର୍ଥାତ୍ ତେଲୁଗୁ, ଦ୍ରାବିଡ଼, କର୍ଣ୍ଣାଟକ ପ୍ରଭୃତି ଭାଷାମାନ ବ୍ୟବହୃତ ହେଉଥିବାରୁ ସେଠା ଛାତ୍ରମାନେ ଉକ୍ତ ଭାଷାମାନଙ୍କୁ ନ ପଢ଼ିଲେ ଚଳେ ନାହିଁ । ଏହି କାରଣରୁ ସେ ଅଞ୍ଚଳରେ ସେହି ସେହି ଭାଷାମାନଙ୍କର ଉନ୍ନତି ହେଉଅଛି । ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପ୍ରଭୃତି ଦେଶୀୟ ଭାଷାମାନ ଉଚ୍ଚ ଶ୍ରେଣୀ ଛାତ୍ରମାନଙ୍କୁ ଆବଶ୍ୟକ ହେଉ ନ ଥିବାରୁ ଏଠା ବାଳକମାନେ ଦେଶୀୟ ଭାଷା ପଠନରେ ହେଳା କରୁଅଛନ୍ତି । ଯଦି ଓଡ଼ିଆଭାଷା ସମ୍ବଲପୁର କଚେରୀମାନଙ୍କରୁ ଉଠି ଯାଇଥାଆନ୍ତା ପଠନ ବିଷୟ ଈଶ୍ୱର ଜାଣନ୍ତି ଓଡ଼ିଆ ସମ୍ଭାଷଣ ସୁଦ୍ଧା ଲୋପ ହୋଇଯାନ୍ତା । ଏ ଦୀନ ଦୁଃଖୀ ଉତ୍କଳବାସିଙ୍କଠାରେ କୃପାକରି ସମ୍ବଲପୁର ପ୍ରଦେଶରେ ଓଡ଼ିଆକୁ ପୁନଶ୍ଚ ରାଜକୀୟ ଭାଷା ସ୍ୱରୂପେ ସଂସ୍ଥାପନ କରିବା ହେତୁ, ମାନନୀୟ ଶ୍ରୀ ବଙ୍ଗଳା ଛୋଟଲାଟଙ୍କୁ ଧନ୍ୟବାଦ ଦେବା ନିମିତ୍ତ ଏବଂ ଉକ୍ତ ସମ୍ବାଦ ପ୍ରାଇଭେଟ୍ ସେକ୍ରେଟରୀଙ୍କଦ୍ୱାରା ସେ ମହୋଦୟଙ୍କୁ ଜଣାଇବା ନିମିତ୍ତ ମୁଁ ପ୍ରସ୍ତାବ କରୁଅଛି ।"

ଅନୁମୋଦକ– ଶ୍ରୀଯୁକ୍ତ ବାବୁ ଚନ୍ଦ୍ରଶେଖର ବେହେରା (ସମ୍ବଲପୁର) କହିଲେ–

"ସନ୍ ୧୮୯୬ ସାଲରେ ଭୂତପୂର୍ବ ସାର୍ ଜନ୍ ଉଡ୍‌ବର୍ଣ୍ଣ ସାହେବ ସମ୍ବଲପୁରର ଅଦାଲତମାନଙ୍କରେ ହିନ୍ଦିଭାଷା ପ୍ରଚଳନର ଆଦେଶ ପ୍ରଚାର କରିବାରେ କ୍ରମେ କ୍ରମେ ଓଡ଼ିଆଭାଷାର ଶିକ୍ଷାର ଆଦର ଊଣା ପଡ଼ିଆସିଲା ଓ ଅନ୍ୟାନ୍ୟ-ଜିଲାମାନଙ୍କରୁ ପରିବର୍ତ୍ତିତ ହାକିମମାନେ ଆଦୌ ସେ ଭାଷା ଶିକ୍ଷା ନ କରିବାରୁ ଜନସାଧାରଣଙ୍କ ଭାବ ନ ବୁଝି ତାଙ୍କସଙ୍ଗେ ସହାନୁଭୂତି ପ୍ରକାଶ କରିବାରୁ ବଞ୍ଚିତ ହେଲେ, ଏଥିର ପରିଣାମ ସ୍ୱରୂପ ଏହା ଘଟିଲା ଯେ ବିଦେଶୀୟ ଓ ସ୍ୱଦେଶୀୟ ଲୋକଙ୍କ ମଧ୍ୟରେ ଏକପ୍ରକାର ଘୃଣାଭାବ ଜାତ ହେଲା । କେବଳ ଏହା ନୁହେଁ ବିଦେଶିମାନେ ସକଳ ପ୍ରକାର କାର୍ଯ୍ୟରେ ବେଶି ସଂଖ୍ୟାରେ ନିଯୁକ୍ତ ହେବାକୁ ଲାଗିଲେ । ଏ ସବୁ ପରିଣାମ ଦେଖି କତିପୟ ଭଦ୍ରବ୍ୟକ୍ତି ମାନନୀୟ ଫ୍ରେଜର ସାହେବଙ୍କୁ ଆପଣାର ଦୁଃଖ ଜଣାଇବାରୁ ସେ ସମ୍ବଲପୁର ଅଦାଲତମାନଙ୍କରେ ପୁନର୍ବାର ଓଡ଼ିଆ ପ୍ରଚଳନ ସକାଶେ

ବଡ଼ଲାଟ ବାହାଦୁରଙ୍କୁ ସୁପାରିସ କରି ଆପଣା ପ୍ରସ୍ତାବ କାର୍ଯ୍ୟରେ ପରିଣତ କରିବାରେ କୃତକାର୍ଯ୍ୟ ହୋଇ ସମ୍ବଲପୁରବାସିଙ୍କର ଅଶେଷ ଉପକାର କରି ସେମାନଙ୍କର ଗୃହଦେବତା ସ୍ୱରୂପ ହୋଇଅଛନ୍ତି । ଉକ୍ତ ମାନନୀୟ ମହାଶୟ ଯେ ଉପକାର କରିଅଛନ୍ତି ତନିମିତ୍ତ ସମ୍ବଲପୁରବାସୀ ତାଙ୍କୁ ଏଥିପୂର୍ବେ ଧନ୍ୟବାଦ ଦେଇଅଛନ୍ତି । ବର୍ତ୍ତମାନ ଉତ୍କଳସମ୍ମିଳନୀ ଏହି ଉପକାର ପାଇଁ ଫ୍ରେଜର ସାହେବଙ୍କୁ ଯେଉଁ ଧନ୍ୟବାଦ ଦେବାକୁ ପ୍ରସ୍ତାବ କରିଅଛନ୍ତି ତାହା ମୁଁ ଅନୁମୋଦନ କରୁଅଛି ।''

ସମର୍ଥକ – ପୁରୀର ଶ୍ରୀ ରାମଚନ୍ଦ୍ର ଦାସ କହିଲେ –

''ସମ୍ବଲପୁର ଅଦାଲତମାନଙ୍କରୁ ଉତ୍କଳଭାଷା ଉଠିଯିବାରୁ ସେ ଅଞ୍ଚଳର ଲୋକମାନଙ୍କର ଓ ସମଗ୍ର ଉତ୍କଳଭାଷୀ ପ୍ରଦେଶରେ ଗଭୀର ଦୁଃଖ ଉପସ୍ଥିତ ହୋଇଥିଲା । ଗୋଟିଏ ଲୋକର ଜିହ୍ୱା କର୍ତ୍ତନ କଲେ ସେ ଯେପରି ମନୋଗତ ଭାବ ପ୍ରକାଶ କରି ନ ପାରେ ମାତୃଭାଷା ଉଠିଯିବାରୁ ସମ୍ବଲପୁର ଅଞ୍ଚଳର ଭାଇମାନେ ଅଦାଲତମାନଙ୍କରେ ଆପଣାର ମନୋଗତ ଭାବ ପ୍ରକାଶ କରି ସୁବିଚାର ପାଇବା ଆଶାରୁ ଏକାବେଳକେ ବଞ୍ଚିତ ହୋଇଥିଲେ । ସର ଏଣ୍ଡ୍ରୁ ଫ୍ରେଜର ମହୋଦୟ ଶାସନକର୍ତ୍ତା ଥିବାବେଳେ ସେ ଅଞ୍ଚଳର ସୁଯୋଗ୍ୟ ଭାଇମାନଙ୍କର କାତର ପ୍ରାର୍ଥନାରେ କର୍ଣ୍ଣପାତ କରି ମହାମାନ୍ୟ ଭାରତ ପ୍ରତିନିଧିଙ୍କ ନିକଟକୁ ଲେଖିବାରୁ ପୁନର୍ବାର ଉତ୍କଳଭାଷା ଅଦାଲତର ଭାଷା ହେବାର ଆଦେଶ ହୋଇଅଛି । ସେଥିନିମନ୍ତେ ସେ ଅଞ୍ଚଳର ଭାଇମନେ ତାଙ୍କ (ଫ୍ରେଜର) ନାମ ଚିରସ୍ମରଣୀୟ କରିବା ସକାଶେ ଫ୍ରେଜର କୋମ୍ପାନି, ଫ୍ରେଜର ପ୍ରେସ, ଫ୍ରେଜର ଟାଙ୍କ ପ୍ରଭୃତି ସ୍ଥାପନ କରିଅଛନ୍ତି । କାର୍ଯ୍ୟ ଉପଲକ୍ଷରେ ଉକ୍ତ ମହାତ୍ମା ଏ ନଗରକୁ ଆସିଥିବା ସମୟରେ ଉତ୍କଳଭାଷା ପୁନଃପ୍ରଚଳନରେ ସାହାଯ୍ୟ କରିଥିବାରୁ ତାହାଙ୍କୁ କଟକର ଭାଇମାନେ ଅଭିନନ୍ଦନ ପତ୍ରରେ ଧନ୍ୟବାଦ ପ୍ରଦାନ କରିଥିଲେ । ବର୍ତ୍ତମାନ ସମଗ୍ର ଉତ୍କଳଭାଷୀ ପ୍ରଦେଶର ରାଜା, ମହାରାଜା, ଜମିଦାର, ଗଣ୍ୟମାନ୍ୟ, ସୁଯୋଗ୍ୟ ସନ୍ତାନମାନେ ଆଜି ଏଠାରେ ଏକତ୍ରିତ ହୋଇଅଛନ୍ତି । ମୋହର ଆଶା ପୂର୍ବୋକ୍ତ ଘଟନା ସ୍ମରଣ କରି ଉକ୍ତ ମହାତ୍ମାଙ୍କୁ ଧନ୍ୟବାଦ ଦିଆଯିବାର ଯେ ପ୍ରସ୍ତାବ ହୋଇଅଛି ତାହା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ, ଏବଂ କୃତଜ୍ଞତାର ଏକମାତ୍ର ଉପାୟ । ସୁତରାଂ ମୁଁ ଅନ୍ତରର ସହିତ ସେହି ପ୍ରସ୍ତାବ ଅନୁମୋଦନ କରୁଅଛି । ଆଶାକରେ ସମସ୍ତେ ଏକବାକ୍ୟରେ ଏ ପ୍ରସ୍ତାବକୁ ଅନୁମୋଦନ କରିବେ ।''

ସମର୍ଥକ– ବାଲେଶ୍ୱରର ଶ୍ରୀଯୁକ୍ତ ବାବୁ ଗଗନବିହାରୀ ଚଉଧୁରୀ ବି.ଏ., ବି.ଏଲ.

**୩ୟ ପ୍ରସ୍ତାବ** – ଉତ୍କଳୀୟମାନେ ଅନ୍ୟ ଯେଉଁ ଜାତିମାନଙ୍କ ସଂଶ୍ରବରେ ଆସିଅଛନ୍ତି ସେମାନଙ୍କ ସଙ୍ଗେ ଉତ୍କଳୀୟମାନଙ୍କର ସଖ୍ୟ ଓ ଭ୍ରାତୃଭାବର ସଂରକ୍ଷଣ ଓ ସମ୍ବର୍ଦ୍ଧନ ଏକାନ୍ତ ବାଞ୍ଛନୀୟ ବୋଲି ଏହି ଉତ୍କଳ ସମ୍ମିଳନୀ ସଭା ସ୍ଥିର କରୁଅଛନ୍ତି ।

ପ୍ରସ୍ତାବକ – ରାଜା ବୈକୁଣ୍ଠନାଥ ଦେ ବାହଦୁର, ବାଲେଶ୍ୱର ।

ଅନୁମୋଦକ– ମଞ୍ଜୁଷାର ରାଜଗୁରୁ ଶ୍ରୀଯୁକ୍ତ ରାଜଗୋପାଳ ଆଚାରୀ କହିଲେ–

"ଏହି ମାନବ ଜଗତରେ ନାନାପ୍ରକାର ଶ୍ରେଣୀ ଉଚ୍ଚ ନୀଚ ବ୍ୟବସ୍ଥାରେ ଅବସ୍ଥିତ । ମାତ୍ର କାଳକ୍ରମେ ନୀଚ ଜାତି ଉଚ୍ଚ ହୋଇପାରେ ଓ ଉଚ୍ଚ ଜାତି ନୀଚ ହୋଇପାରେ । ଏହାର ମୂଳ କାରଣ ସଂପର୍କ । ଯାହାର ଉଚ୍ଚ ଶ୍ରେଣୀ ସହିତ ସଂପର୍କ ରହେ ତାହାର ଉଚ୍ଚତା, ଯାହାର ଅବା ନୀଚ ଶ୍ରେଣୀ ସହିତ ସଂପର୍କ ତାହାର ନୀଚତା ଉପାର୍ଜିତ ହୋଇଥାଏ । ଅତଏବ, ବର୍ତ୍ତମାନ ଅବସ୍ଥାରେ ଓଡ଼ିଆମାନେ ସଂପୂର୍ଣ୍ଣ ଉଚ୍ଚ ଶ୍ରେଣୀରେ ପରିଗଣିତ ହୋଇ ପାରି ନାହାନ୍ତି । କିନ୍ତୁ ହେବାକୁ ଚେଷ୍ଟା କରୁଅଛନ୍ତି । ତେବେ ଯଦି ବିଜାତୀୟମାନଙ୍କ ସହିତ ବିଦ୍ୱେଷ ରଖିବାକୁ ହୁଏ ତାହା ହେଲେ ବନ୍ଧୁତା ଉପାର୍ଜନ ହୋଇ ନ ପାରେ । ଏବଂ ଅନ୍ୟୋଽନ୍ୟ ବିଦ୍ୱେଷଦ୍ୱାରା ବହୁ ପରିମାଣରେ ଅନିଷ୍ଟର ଘଟନା ହୋଇପାରେ । ଅତଏବ ଓଡ଼ିଆମାନଙ୍କର ସର୍ବଦା ବିଜାତୀୟମାନଙ୍କ ସହିତ ଦୃଢ଼ତର ସୌଭ୍ରାତ୍ର ଓ ଅଭିମାନ ରଖିବା ଆବଶ୍ୟକ । ପରଂତୁ (ଆପଣାଠାରୁ) ଉଚ୍ଚଶ୍ରେଣୀ ସହିତ ସଂପର୍କ ରଖିବା ଆବଶ୍ୟକ ବୋଲି ନ୍ୟୂନ ଶ୍ରେଣୀରେ ବିଦ୍ୱେଷ ରଖିବାର ମଧ କାର୍ଯ୍ୟ ନୁହେ । କେତେବେଳେ ହେଲେ କାହାରି ଅବା ମିତ୍ରତା ବିଫଳ ହୁଏ ନାହିଁ । ଦେଖ, ମୁ ଜଣେ ଦ୍ରାବିଡ଼ ବୈଷ୍ଣବ । ମୋର କାଞ୍ଚୀ ନଗରରେ ନିବାସ । ପିତୃ ପିତାମହାଦିମାନେ ମଞ୍ଜୁଷାରେ ଆଶ୍ରୟ ଉପାର୍ଜନ କରିଥିବାରୁ ସେହି ସ୍ଥାନରେ ଅଦ୍ୟାପି ନିବାସ କରେ । ସେ ସ୍ଥାନଟି ଉତ୍କଳଭୂୟିଷ୍ଠ । ଉତ୍କଳମାନେ ଗୌଡ଼ ବିଭାଗରେ ଭୁକ୍ତ । ତଥାପି ସେମାନଙ୍କ ସହିତ ମୋର ଘନିଷ୍ଠ ସଂପର୍କ ଥାଏ । ସେହିଯୋଗୁଁ ମୋର ନାନାପ୍ରକାର ଉପକାର ସାଧିତ ହୋଇଥାଏ । ଅତଏବ ଓଡ଼ିଆମାନଙ୍କ ମଧରେ ମୁଁ ଜଣେ ଓଡ଼ିଆ ହୋଇ ରହିଥାଏ । ପ୍ରକୃତ ଉପଦେଶରେ ମୋତେ ନିଦର୍ଶନରୂପେ ଜାଣି ବିଜାତୀୟ ମୈତ୍ରୀରେ ତ୍ରୁଟି ନ କରିବା ଉଚିତ ଓ ଆବଶ୍ୟକ ।

ସମର୍ଥକ – ମେଦିନୀପୁରର ଶ୍ରୀଯୁକ୍ତ ବାବୁ ରାଧାନାଥ ପତୀ ବି ଏଲ ।

ସମର୍ଥକ – ରେଭରେଣ୍ଡ ଏ.ଏଚ. ଇଅଙ୍ଗ, କଟକ ।

ସମର୍ଥକ – ଶ୍ରୀଯୁକ୍ତ ବାବୁ ମଧୁସୁଦନ ଦାସ ଏମ୍.ଏ., ବି.ଏଲ., କଟକ ।

ସରସ ଓ ଉତ୍ସାହପୂର୍ଣ୍ଣ ଓଡ଼ିଆ ଓ ଇଂରେଜୀ ଭାଷାରେ ବକ୍ତୃତା ପ୍ରଦାନ କରିଥିଲେ ତହିଁର ମର୍ମ ଏହି କି – ସ୍ଥିର ସମୁଦ୍ରରେ ଚନ୍ଦ୍ରର ଗୋଟିଏ ପ୍ରତିବିମ୍ୱ ଦେଖାଯାଏ ମାତ୍ର ତରଙ୍ଗ ଉଠିଲେ ଶତ ଶତ ପ୍ରତିବିମ୍ୱ ଦେଖାଯାଏ । ଆଜି ଭାଇମାନଙ୍କୁ ଦେଖି ମୋହର ହୃଦୟରେ ପ୍ରେମତରଙ୍ଗ ଉଠିବାରୁ ମୁଁ ଭାଇମାନଙ୍କୁ ଦେଖି ସେହିପରି ଆନନ୍ଦିତ ହେଉଛି । ଧାତୁ ଅଗ୍ନି ସାହାଯ୍ୟରେ ତରଳି ଯାଇ ଥାଏ ଏବଂ ହିନ୍ଦୁଙ୍କର ବିଶ୍ୱାସ ଯେ ଅଷ୍ଟଧାତୁ ଏକତ୍ରେ ମିଶି ଏମନ୍ତ ଏକ ଧାତୁମୟ ପଦାର୍ଥ ଉତ୍ପନ୍ନ ହୁଏ

ଯାହା କି ଅନେକ ମହତ୍ କାର୍ଯ୍ୟ ସାଧନ କରିଥାଏ । ଅତଏବ ଏହି ଭ୍ରାତୃପ୍ରେମଦ୍ୱାରା ଆମ୍ଭେମାନେ ଏପରି ଭାବରେ ଦ୍ରବୀଭୂତ ହେବୁଁ ଯେ ଏହି ନବଗଠିତ ଉତ୍କଳଖଣ୍ଡ ଅନେକ ଶୁଭ କାର୍ଯ୍ୟ ସମ୍ପାଦନ କରି ପାରିବ । ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ ନାନାସ୍ଥାନର ଲୋକେ ଇଂଲଣ୍ଡକୁ ଆସି ଏକତ୍ରେ ବାସ ଏବଂ ମିଶ୍ରଣଦ୍ୱାରା ଇଂରାଜ ଜାତି ହୋଇଅଛି ଏବଂ ଏହି ଜାତି କିପରି ମହତ କାର୍ଯ୍ୟମାନ ସାଧନ କରୁଅଛନ୍ତି ଏହା ବୋଲିବା ବାହୁଲ୍ୟ । ଆମ୍ଭମାନଙ୍କର ମାତୃଭୂମି ସକାଶେ ସେହିପରି ମିଶିବା ଆବଶ୍ୟକ । ଭାଇମାନଙ୍କ ମଧ୍ୟରୁ ଯଦି କେହି ମାତୃବିୟୋଗ ଦୁଃଖ ଭୋଗ କରିଥାନ୍ତି, ତେବେ ମାତୃବିୟୋଗ ରୂପ ଦାରୁଣ କ୍ଲେଶ ସେ ଅବଶ୍ୟ ବୁଝି ପାରୁଥିବେ । ବର୍ତ୍ତମାନ ଉତ୍କଳ ଜନନୀର ଦୁଃଖ ଦେଖି ଆମ୍ଭମାନଙ୍କ ମନରେ ତତୋଽଧିକ ଗଭୀର ଦୁଃଖ ହେବା ଅବଶ୍ୟଂଭାବି । କିପରି ଜନନୀର ଦୁଃଖ ମୋଚନ ହେବ ଦିବାରାତ୍ରି ଆମ୍ଭମାନଙ୍କର ଏହା ଭାବିବା ଉଚିତ । ଅନ୍ୟାନ୍ୟ ଉନ୍ନତ ଜାତିମାନଙ୍କ ସଙ୍ଗେ ତୁଳନା କରିବାକୁ ଗଲେ ଉତ୍କଳର ଅବସ୍ଥା ଅତି ଶୋଚନୀୟ । ଏହି ଅବସ୍ଥା ଦୂର କରିବା ନିମନ୍ତେ ଆମ୍ଭମାନଙ୍କର ଉନ୍ନତ ଜାତିମାନଙ୍କ ସଙ୍ଗେ ମିଶିବା ଏକାନ୍ତ ଆବଶ୍ୟକ । ମିଶିବାକୁ ଗଲେ ପ୍ରଥମେ ସମସ୍ତଙ୍କ ସଙ୍ଗେ ଭାଇ ଭାବ ରଖିବା ଆବଶ୍ୟକ, ଭ୍ରାତୃ ଚକ୍ଷୁରେ ନ ଦେଖିଲେ ଉନ୍ନତ ଜାତିଙ୍କ ସଙ୍ଗେ ସମକକ୍ଷ ହେବା କାଠିକର ପାଠ ।

ମହାତ୍ମା ମହମ୍ମଦ କହିଅଛନ୍ତି ଯେ ଯେତେବେଳେ ସେ ପିଲା ଥିଲେ ସେ ସମୟରେ ଗୋଟିଏ ସ୍ୱର୍ଗଦୂତ ଆସି ତାହାଙ୍କ ଛାତିକୁ କାଟି ମେଲାକଲା ଏବଂ ହୃଦୟର ପିଣ୍ଡଟି ବାହାରକରି ଆଣିଲା । ସେହି ପିଣ୍ଡରେ ଗୋଟିଏ କଳାଦାଗ ଥିଲା । ସ୍ୱର୍ଗୀୟ ଦୂତ ସେହି କଳାଦାଗଟି ଉଠାଇ ନେଇ ପିଣ୍ଡକୁ ପୁନର୍ବାର ଛାତିରେ ବସାଇ ଦେଲା । ସେହିପରି ଆମ୍ଭେମାନେ ସମସ୍ତେ ହୃଦୟରୁ କଳାଦାଗଟି ଉଠାଇ ଦେବାର ଉଚିତ । କଳାଦାଗ ଗୁଡ଼ିକ ଆଉ କିଛି ନୁହେ, ତାହା ଆମ୍ଭମାନଙ୍କର ଗର୍ବ ଓ ଅଭିମାନ । ଏଗୁଡ଼ିକ ହୃଦୟରୁ ବାହାର କରି ଦେବାକୁ ହେବ । ବିଜ୍ଞାନର ସିଦ୍ଧାନ୍ତ ଏହି ଯେ ମନୁଷ୍ୟ ଦେହର ମାଂସ ଓ ହାଡ଼ର କଣିକାଗୁଡ଼ିକ ସାତବରଷରେ ଥରେ ବଦଳି ଯାଏ । ତଥାପି ଶରୀର ବଢୁଥାଏ । ସେହିପରି ତୁମ୍ଭେ ଆମ୍ଭେ ଉତ୍କଳୀୟ ଜାତିର ମାଂସ ଓ ଅସ୍ଥି କଣିକା ମାତ୍ର । ଆଜି ତୁମ୍ଭେ ଓ ଆମ୍ଭେ ଅଛୁଁ କାଲି ତୁମ୍ଭେ ଆମ୍ଭେ ଚାଲିଯିବା, ତଥାପି ମନୁଷ୍ୟ ଶରୀରପରି ଆମ୍ଭର ଜାତିଟି ଦିନକୁ ଦିନ ବଢୁଥିବ । ଜନନୀ ସେବାରେ ଆତ୍ମଗର୍ବ, ସ୍ୱାର୍ଥପରତା ତ୍ୟାଗ କରିବାକୁ ହେବ, ମୁଁ ବା ତୁମ୍ଭେମାନେ କାଲି ଇହସଂସାରରୁ ଚାଲିଯିବା, କିନ୍ତୁ ଜାତି ଅମର ଓ ଚିରଜୀବି । ସ୍ୱାର୍ଥତ୍ୟାଗ ଓ ପ୍ରେମ ଜାତୀୟ ଉନ୍ନତିର ପ୍ରଧାନ ସହାୟ ।

**୪ର୍ଥ ପ୍ରସ୍ତାବ** – ଉତ୍କଳୀୟମାନଙ୍କ ମଧ୍ୟରେ କାଳୋଚିତ ସାମାଜିକ ସଂସ୍କାରମାନ ପ୍ରବର୍ତ୍ତିତ କରିବା ନିମିତ୍ତ ବିହିତ ଉପାୟମାନ ଅବଧାରଣ କରି କାର୍ଯ୍ୟରେ ତାହା ପରିଣତ କରିବା ଉଦ୍ଦେଶ୍ୟରେ ଲୋକସାଧାରଣଙ୍କ ମତକୁ ଯତ୍ନସହକାରେ ସୁଶିକ୍ଷିତ କରାଇବା ପାଇଁ ତଳଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ଏବଂ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଓ ସ୍ଥାନୀୟ ଶାଖା ସମିତିମାନ ଗଠନ କରିବାର କ୍ଷମତା ଉକ୍ତ ସାମାଜିକ ସମିତି ହସ୍ତରେ ନ୍ୟସ୍ତ ହେଉ । ଉକ୍ତ ସମିତି ସେମାନଙ୍କର ବାର୍ଷିକ କାର୍ଯ୍ୟର ବିବରଣ ସମ୍ମିଳନୀ ସଭାରେ ଆଗାମୀ ବାର୍ଷିକ ଅଧିବେଶନରେ ଉପସ୍ଥିତ କରିବାର ବିଧି ନିର୍ଦ୍ଧାରିତ ହେଉ ।

### ସ୍ଥାୟୀ ସମିତିର ସଭ୍ୟବୃନ୍ଦ

| | |
|---|---|
| ୧ । ମୟୂରଭଞ୍ଜର | ଶ୍ରୀମାନ୍ ମହାରାଜ ମହୋଦୟ |
| ୨ । କେନ୍ଦୁଝରର | ଶ୍ରୀମାନ୍ ମହାରାଜ ମହୋଦୟ |
| ୩ । ଆଠଗଡ଼ର | ଶ୍ରୀମାନ୍ ରାଜା ମହୋଦୟ |
| ୪ । ଖଣ୍ଡପଡ଼ାର | ଶ୍ରୀମାନ୍ ରାଜା ମହୋଦୟ |
| ୫ । ଆଠମଲ୍ଲିକର | ଶ୍ରୀମାନ୍ ରାଜା ମହୋଦୟ |
| ୬ । ବାମଣ୍ଡାର | ଶ୍ରୀମାନ୍ ରାଜା ମହୋଦୟ |
| ୭ । ସୋନପୁର | ଶ୍ରୀମାନ୍ ରାଜା ମହୋଦୟ |
| ୮ । ଗାଙ୍ଗପୁରର | ଶ୍ରୀମାନ୍ ରାଜା ମହୋଦୟ |
| ୯ । ଜୟପୁରର | ଶ୍ରୀମାନ୍ ମହାରାଜା ମହୋଦୟ |
| ୧୦ । ପାରିକୁଦର | ଶ୍ରୀମାନ୍ ରାଜା ମହୋଦୟ |
| ୧୧ । କନିକାର | ଶ୍ରୀମାନ୍ ରାଜା ମହୋଦୟ |
| ୧୨ । ତାଲଚେରର | ଶ୍ରୀମାନ୍ ରାଜା ମହୋଦୟ |
| ୧୩ । ମଧୁପୁରର | ଶ୍ରୀମାନ୍ ରାଜା ମହୋଦୟ |
| ୧୪ । ତିଗିରିଆର | ଶ୍ରୀମାନ୍ ରାଜା ମହୋଦୟ |
| ୧୫ । ଖଲ୍ଲିକୋଟ ଓ ଆଠଗଡ଼ର | ଶ୍ରୀମାନ୍ ରାଜା ମହୋଦୟ |
| ୧୬ । ବଡ଼ଖେମୁଣ୍ଡିର | ଶ୍ରୀମାନ୍ ରାଜା ମହୋଦୟ |
| ୧୭ । ମଞ୍ଜୁଷାର | ଶ୍ରୀମାନ୍ ରାଜା ମହୋଦୟ |
| ୧୮ । ଧରାକୋଟର | ଶ୍ରୀମାନ୍ ରାଜା ମହୋଦୟ |
| ୧୯ । ପାରଳାଖେମୁଣ୍ଡିର | ଶ୍ରୀମାନ୍ ସେକେଣ୍ଡପ୍ରିନ୍ସ |
| ୨୦ । ବିଶାଖାପଟଣାର | ଶ୍ରୀମାନ୍ ଯୁବରାଜ ବିକ୍ରମଦେବ |
| ୨୧ । ନରସିଂହପୁରର | ଶ୍ରୀମାନ୍ ରାଜା |

୨୨ । ବଡ଼ମ୍ବାର ଶ୍ରୀମାନ୍ ରାଜା
୨୩ । ରଣପୁରର ଶ୍ରୀମାନ୍ ରାଜା
୨୪ । ବୌଦର ଶ୍ରୀମାନ୍ ରାଜା
୨୫ । ଦଶପଲ୍ଲାର ଶ୍ରୀମାନ୍ ରାଜା
୨୬ । ନୀଳଗିରିର ଶ୍ରୀମାନ୍ ରାଜା
୨୭ । ଢେଙ୍କାନାଳର ଶ୍ରୀମାନ୍ ରାଜା
୨୭ । ଢେଙ୍କାନାଳର ଶ୍ରୀମାନ୍ ରାଜା
୨୮ । ପାଲଲହଡ଼ାର ଶ୍ରୀମାନ୍ ରାଜା
୨୯ । ରେଢ଼ାଖୋଲର ଶ୍ରୀମାନ୍ ରାଜା
୩୦ । ହିନ୍ଦୋଳର ଶ୍ରୀମାନ୍ ରାଜା
୩୧ । ନୟାଗଡ଼ର ଶ୍ରୀମାନ୍ ରାଜା
୩୨ । ଶ୍ରୀଯୁକ୍ତ ବାବୁ ମଧୁସୁଦନ ରାଓ
୩୩ । ରାୟ ରାଧାନାଥ ରାୟ ବାହାଦୁର
୩୪ । ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର
୩୫ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ
୩୬ । ଶ୍ରୀଯୁକ୍ତ ବାବୁ ରାମଶଙ୍କର ରାୟ
୩୭ । ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ
୩୮ । ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ
୩୯ । ଶ୍ରୀଯୁକ୍ତ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ
୪୦ । ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ
୪୧ । ଶ୍ରୀଯୁକ୍ତ ବାବୁ ସୁଦାମଚରଣ ନାୟକ
୪୨ । ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭ ଦାସ
୪୩ । ଶ୍ରୀଯୁକ୍ତ ବାବୁ ରାଜକିଶୋର ଦାସ
୪୪ । ଶ୍ରୀଯୁକ୍ତ ବାବୁ ନିମାଇଚରଣ ମିତ୍ର
୪୫ । ଶ୍ରୀଯୁକ୍ତ ବାବୁ ବନବିହାରୀ ପାଲିତ
୪୬ । ଶ୍ରୀଯୁକ୍ତ ବାବୁ ବ୍ରଜସୁନ୍ଦର ଦାସ
୪୭ । ଶ୍ରୀଯୁକ୍ତ ବାବୁ ଦାମୋଦର କର
୪୮ । ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି
୪୯ । ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ବଳ
୫୦ । ଶ୍ରୀଯୁକ୍ତ ବାବୁ ଯେ, ଏସ୍ ରାଉତ
୫୧ । ଶ୍ରୀଯୁକ୍ତ ବାବୁ ଏମ୍ ଏଲ୍ ଯେ ଯାଚକ

୫୨ । ଶ୍ରୀଯୁକ୍ତ ବାବୁ ବ୍ରଜାନନ୍ଦ ଦାସ
୫୩ । ଶ୍ରୀଯୁକ୍ତ ବାବୁ ପଦ୍ମନାଭ ଶତପଥୀ
୫୪ । ଶ୍ରୀଯୁକ୍ତ ପଣ୍ଡିତ ପୁରୁଷୋତ୍ତମ ତର୍କାଳଙ୍କାର
୫୫ । ଶ୍ରୀଯୁକ୍ତ ପଣ୍ଡିତ ବିଶ୍ୱନାଥ ଶତପଥୀ
୫୬ । ମୌଲବୀ ସୈୟଦ ମହାମୁଦ ଅଲି
୫୭ । ମୌଲବୀ ରଫିଉଦ୍ଦିନ ମହମ୍ମଦ
୫୮ । ମୌଲବୀ ସୈୟଦ୍ ନୁରୁଲ ହକ୍
୫୯ । ମୌଲବୀ ଏକରାମ୍ ରସୁଲ
୬୦ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାଶ
୬୧ । ଶ୍ରୀଯୁକ୍ତ ରାଜା ବୈକୁଣ୍ଠନାଥ ଦେ ବାହାଦୁର, ବାଲେଶ୍ୱର
୬୨ । ଶ୍ରୀଯୁକ୍ତ ବାବୁ ଗଗନବିହାରୀ ଚୌଧୁରୀ

ଅନୁମୋଦକ— ଶ୍ରୀଯୁକ୍ତ ବାବୁ ଦାନିଏଲ ମହାନ୍ତି (ବ୍ରହ୍ମପୁର) ନିମ୍ନଲିଖିତ ରୂପେ, ସମର୍ଥନ କରିଥିଲେ ।

୧. "କାଳୋଚିତ ସାମାଜିକ ସଂସ୍କାର ଅତି ପ୍ରୟୋଜନୀୟ, କାରଣ ବିଗତ କାଳରେ ଯେ ଯେ ସଂସ୍କାର ଅନୁକରଣ କରିବାର ଆବଶ୍ୟକ ଥିଲା ସମ୍ପ୍ରତି ତାହା ପରିତ୍ୟାଗ କରିବାର ସମୟ ହୋଇଅଛି । ପୂର୍ବେ ଉତ୍ତମ ସଭ୍ୟରୂପେ ପରିଗଣିତ ହେବା ନିମିତ୍ତ ସଭାର ସଭ୍ୟମାନେ ପିନ୍ଧାଟିଏ ପିନ୍ଧି, ପାଛୁଡ଼ି ଖଣ୍ଡେ ଉପରେ ପକାଇ, କାନ୍ଧଉପରେ ପାଣିଗାମୁଛା ଗୋଟିଏ ପକାଇ, କଳରେ ପାନଖିଲେ ଯାକି ସଭାରେ ଉପସ୍ଥିତ ହେଉଥିଲେ । ମାତ୍ର ବର୍ତ୍ତମାନ ଦେଶର ରୁଚି ପରିବର୍ତ୍ତିତ ହୋଇଅଛି ଏଣୁ ସାମୟିକ ବେଶାବଲମ୍ବନ କରିବା କର୍ତ୍ତବ୍ୟ ।

୨. ଯେଉଁ ଦିଗରୁ ପାଣି ପବନ ବହେ ଛତା ଧରି ସେହିଦିଗକୁ ଡେରିବାର ଆବଶ୍ୟକ, ଏବଂ ଉପଯୁକ୍ତ ସମୟରେ ବିହନ ବୁଣିବାକୁ ହୁଏ । ଅଶିଣ ମାସରେ ଧାନୁବୁଣି, କାର୍ତ୍ତିକ ମାସରେ ଶସ୍ୟ ଅପେକ୍ଷା କରିବା ବିଡ଼ମ୍ବନା ମାତ୍ର । ଜ୍ୟେଷ୍ଠ ମାସରେ ବିହନ ବୁଣିବା ଆବଶ୍ୟକ । ଏଣୁ ଏହି ସମୟରେ କାଳୋଚିତ ସାମାଜିକ ସଂସ୍କାର ପ୍ରବର୍ତ୍ତ କରିବା ନିମିତ୍ତ ବିହିତ ଉପାୟମାନ ଅବଧାରଣ ନ କଲେ ଭାବି କାଳରେ ଉତ୍କଳୀୟ ସମାଜର ଗୌରବ ଅପେକ୍ଷିତ ହୋଇ ପାରିବ ନାହିଁ ।

୩. ଉତ୍କଳୀୟମାନଙ୍କ ମଧ୍ୟରେ ଯେ ସାମାଜିକ ସଂସ୍କାର କିଛି ନାହିଁ ଏହା ମୁଁ କହୁ ନାହିଁ, ଅନେକ ସାମାଜିକ ବିଧିବିଧାନ ଅଛି, ତଥାପି ଅନେକଗୁଡ଼ିଏ କୁସଂସ୍କାର ରୀତି ମଧ୍ୟ ପ୍ରବେଶ କରି ଆସୁଅଛି ତାହାସବୁ ତ୍ୟାଗ କରା ଆବଶ୍ୟକ । ସଂସ୍କାର କହିବା ମାତ୍ରକେ କୁସଂସ୍କାର ଦୂର କରିବାର ବୁଝାଏ । କି କି କୁସଂସ୍କାର ଉତ୍କଳୀୟ ସମାଜ ମଧ୍ୟରେ ଅଛି ତାହା କହିଲେ ବାହୁଲ୍ୟ ହେବ । ତାହା ସବୁ ଦୂର କରିବାର

ଭାର ସ୍ଥାୟୀସମିତି ଉପରେ ନ୍ୟସ୍ତ ହେବାର ପ୍ରସ୍ତାବ ହୋଇଅଛି । ଏ ସମ୍ପର୍କରେ ସମିତି ଯାହା କରିବେ ତହିଁରେ ଯେ ଅଭିପ୍ରାୟ ସିଦ୍ଧ ହେବ ତାହା ନୁହେଁ । ଏଠାରେ ଆମ୍ଭେମାନେ ଯେତେ ଉପସ୍ଥିତ ହୋଇଅଛୁଁ ଆମ୍ଭେମାନେ ସମସ୍ତେ ଯତ୍ନ ସହକାରେ ସାଧାରଣ ଉତ୍କଳୀୟ ଭାଇମାନଙ୍କୁ ନିଜ ନିଜ ସହରରେ, ଗ୍ରାମରେ, ସାଇରେ ଓ ଘରେ ସୁଶିକ୍ଷିତ କରାଇବାର ଭାର ଆମ୍ଭ ପ୍ରତ୍ୟେକଙ୍କ ଉପରେ ମଧ୍ୟ ରହିଅଛି ।

୪. ମଧୁମକ୍ଷିକା ଯେମନ୍ତ ଚତୁର୍ଦ୍ଦିଗସ୍ଥ ପୁଷ୍ପମାନଙ୍କରୁ ମକରନ୍ଦ ସଂଗ୍ରହ କରିଆଣି ଆପଣାମାନଙ୍କ ମହୁ ଫେଣାକୁ ପୂର୍ଣ୍ଣ କରୁଥାନ୍ତି ତଦନୁକ୍ରମେ ଦେଖି ଶୁଣି, ପଢ଼ି ଜାଣିଥିବା ପର୍ଯ୍ୟନ୍ତ କି ପ୍ରାଚ୍ୟ, କି ପାଶ୍ଚାତ୍ୟ, କି ଦକ୍ଷିଣ, କି ଉତ୍ତରୀୟ ସର୍ବ ଅଞ୍ଚଳର ସାମାଜିକ ସଂସ୍କାର ଆମ୍ଭେମାନେ ବାଛି ଆମ୍ଭ ଉତ୍କଳୀୟ ଭ୍ରାତାମାନଙ୍କ ସମାଜରେ ପ୍ରବିଷ୍ଟ କରାଇବାକୁ ବାଧ୍ୟ ଅଟୁ ।

୫. ଏ ସମ୍ବନ୍ଧେ କୌଣସି ପତ୍ରିକା ଛାପା କରି ଉତ୍କଳୀୟମାନଙ୍କ ଅନୁକରଣାର୍ଥେ ପ୍ରଚାର କରାଇବାଠାରୁ ଆମ୍ଭେମାନେ ସମସ୍ତେ ଯେ ଯେଉଁ ଅଞ୍ଚଳରେ ବାସ କରୁଅଛନ୍ତି ସେ ସେହି ଅଞ୍ଚଳବାସିମାନଙ୍କୁ ହିତ ବାକ୍ୟ ଉପଦେଶଦ୍ୱାରା ଶିକ୍ଷିତ କରାଇଲେ ଫଳ ଅଧିକତର ହେବ ମୋର ଏ ବିଶ୍ୱାସ ।

୬. ଦେଖିବାକୁ ଗଲେ ଆମ୍ଭମାନଙ୍କର ଏହି ଭାରତ ଖଣ୍ଡରେ ତୈଲଙ୍ଗ-ଭାଇମାନେ, ଦ୍ରାବିଡ଼ ଭାଇମାନେ, ବଙ୍ଗାଳି ଭାଇମାନେ, ମହାରାଷ୍ଟ୍ରି ଭାଇମାନେ ସ୍ୱ ସ୍ୱ ସମାଜରେ କାଳୋଚିତସଂସ୍କାରମାନ ପ୍ରବର୍ତ୍ତାଇବା ନିମିତ୍ତ ଯତ୍ପରୋନାସ୍ତି ସଜାଗର ହୋଇ କାର୍ଯ୍ୟ କରୁଅଛନ୍ତି, ପୁଣି ଦେଖିବା ହେଉନ୍ତୁ ସେମାନଙ୍କର ସମାଜ କେତେ୍ ଉନ୍ନତି ଲାଭ କରିଅଛି । ଆମ୍ଭେମାନେ ସେପରି ନ କଲେ କାଳକ୍ରମେ ସେମାନଙ୍କର ଅଧୀନତା ସ୍ୱୀକାର କରିବାକୁ ହେବ; ଯେମନ୍ତ କଥିତ ଅଛି "ମାରି ବାହାରିଲେ ମହାପାତ୍ର ତାହିଁ ବସିଥିଲେ ଜଳକା" ଏଣୁ ଆମ୍ଭେମାନେ ଜଳକା ତୁଲ୍ୟ ନ ହୋଇ ପ୍ରାଣପଣ ଚେଷ୍ଟା କରିବା । ଏତଦ୍ ବିଷୟରେ ଯେଉଁ ପ୍ରସ୍ତାବ ହୋଇଅଛି ତାହା ମୁଁ ସମ୍ପୂର୍ଣ୍ଣ ଉତ୍ସାହ ଓ ସନ୍ତୋଷସହ ସମର୍ଥନ କରୁଅଛି ।"

**୫ ମ ପ୍ରସ୍ତାବ** – ଓଡ଼ିୟାଭାଷାର ଏବଂ ସାହିତ୍ୟର ଉନ୍ନତି ସାଧନାର୍ଥ ସମ୍ମିଳିତ ଓ ସୁଚାଳିତ ଚେଷ୍ଟାରେ ଆବଶ୍ୟକତା ଏହି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି । ସେହି ଉଦ୍ଦେଶ୍ୟ ସାଧନାର୍ଥ ନିମ୍ନଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ । ଉକ୍ତ ସ୍ଥାୟୀ ସମିତି କଟକର "ଉତ୍କଳ-ସାହିତ୍ୟ-ସମାଜ" ସଙ୍ଗେ ଯୁକ୍ତ ହୋଇ ଉଦ୍ଦେଶ୍ୟ ସାଧନ ନିମନ୍ତେ ବିହିତ ଉପାୟର ବିଧାନ କରନ୍ତୁ, ଉକ୍ତ ସମିତି ସେମାନଙ୍କର ବାର୍ଷିକ କାର୍ଯ୍ୟ ବିବରଣ ସମ୍ମିଳନୀର ଅଧିବେଶନରେ ଉପସ୍ଥାପିତ କରିବାର ବିଧି ନିର୍ଦ୍ଧାରିତ ହେଉ ।

**ସ୍ଥାୟୀ ସାହିତ୍ୟ ସମିତିର ସଭ୍ୟବୃନ୍ଦ :**

୧ ରାୟ ରାଧାନାଥ ରାୟ ବାହାଦୁର
୨ ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ
୩ ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି
୪ ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର
୫ ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ
୬ ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ବଳ
୭ ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାଶ (ଶିକ୍ଷକ)
୮ ଶ୍ରୀଯୁକ୍ତ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ

ପ୍ରସ୍ତାବକ – ରାୟ ରାଧାନାଥ ରାୟ ବାହାଦୁର, କଟକ ।
ଅନୁମୋଦନ – ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ, କଟକ ।
ସମର୍ଥକ – ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭ ଦାସ ଏମ୍.ଏ., କଟକ ।

"ଆମ୍ଭଙ୍କୁ ଏହି ପ୍ରସ୍ତାବ ସମର୍ଥନ କରିବାକୁ ହେଉଅଛି ସେ ଓଡ଼ିଆଭାଷା ଓ ସାହିତ୍ୟର ଉନ୍ନତି ସାଧନପାଇଁ ଗୋଟିଏ ସମିତି ଗଠିତ ହେଉ । ଅବଶ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଚେଷ୍ଟା କରିବାର ସମୟ ଉପସ୍ଥିତ ହୋଇଅଛି ସତ୍ୟ, କିନ୍ତୁ ତାହା ବୋଲି ଓଡ଼ିଆଭାଷା ଓ ସାହିତ୍ୟ ସମ୍ବନ୍ଧରେ ସାଧାରଣଙ୍କର ଯେଉଁପରି ଧାରଣା ଅଛି ତାହା ଯଥାର୍ଥ ନୁହେ । କେହି କେହି କହନ୍ତି ଯେ ଗୋଟାଏ ହାଣ୍ଡିରେ କଡ଼ାକେତେ କଉଡ଼ି ପୂରାଇ ହଲାଇଲେ ଓଡ଼ିଆ ହେଲା । କେହି କେହି କହନ୍ତି ଯେ ବଙ୍ଗଳାଭାଷାର ଗୋଟାକେତେ ଅକ୍ଷର ପରିବର୍ତ୍ତନ କାଟ ଛାଟ କରି ଦେଲେ ଓଡ଼ିଆ ହେଲା । ଏହିପରି କେତେକ କଥା ଶୁଣା ଯାଇଥାଏ । ଆଜି ସବୁ ଭାଇମାନେ ଏକତ୍ରିତ ହୋଇଥିବାରୁ ଏ ଦୁଃଖ ପ୍ରକାଶ କରିବାକୁ ହେଉଅଛି । କିନ୍ତୁ ଏ ଧାରଣା ଅମୂଳକ । ଟିକିଏ ଭାବିଲେ ଦେଖାଯାଏ ବଙ୍ଗଳାଭାଷାଠାରୁ ଓଡ଼ିଆର ସଂସ୍କୃତ ସଙ୍ଗେ ଅଧିକ ସାଦୃଶ୍ୟ । ସଂସ୍କୃତ ନାଟକରେ ସ୍ତ୍ରୀଲୋକମାନଙ୍କର କଥାବାର୍ତ୍ତାକୁ ଓଡ଼ିଆ କଥାବାର୍ତ୍ତା ଅନେକ ମେଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିରକ୍ଷର ଲୋକେ ସୁଦ୍ଧା ଅନେକ ସଂସ୍କୃତ କଥା ବ୍ୟବହାର କରିଥାନ୍ତି – ଗଛ ପତ୍ରର ନାମ ସୁଦ୍ଧା ସଂସ୍କୃତ । ଏହା ଏତେଦୂର ଜଣା ଶୁଣା ଯେ ଏହାର ଉଦାହରଣ ଦେଇ ସମୟ ନଷ୍ଟ କରିବାର ପ୍ରୟୋଜନ ନାହିଁ । ସଂସ୍କୃତ ସଙ୍ଗେ ଏତେ ସାଦୃଶ୍ୟ ଥିଲେ ସୁଦ୍ଧା ଓଡ଼ିଆର ନିଜର ଟିକିଏ ବିଶେଷତ୍ୱ ଅଛି । ସଂସ୍କୃତରେ ମନୁଷ୍ୟତା ସ୍ଥଳେ ଓଡ଼ିଆରେ ମନୁଷ୍ୟପଣିଆ ଉଦାହରଣଟି ଦେଲେ ଯଥେଷ୍ଟ ହେବ ବୋଲି ମନେ କରୁଅଛୁଁ । ପୁଣି ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ଆମ୍ଭମାନଙ୍କର ସୁପରିଚିତ ବିମସ୍ ସାହେବ ପ୍ରମାଣ ଦେଖାଇ ଯାଇଅଛନ୍ତି ଯେ ବଙ୍ଗଳାଭାଷା ସୃଷ୍ଟି

ହେବାର ବହୁକାଳ ପୂର୍ବେ ଓଡ଼ିଆ ସାହିତ୍ୟ ସମୃଦ୍ଧଶାଳିନୀ ଥିଲା । ଆଜି ବଙ୍ଗଳା ଏତେ ସମୃଦ୍ଧଶାଳିନୀ ହୋଇ ସୁଦ୍ଧା ତହିଁରେ ଓଡ଼ିଆପରି ଏତେ ଧର୍ମଶାସ୍ତ୍ରର ପଦ୍ୟାନୁବାଦ ନାହିଁ । ଏହି ଅଭାବ ଦୂର କରିବା ନିମନ୍ତେ ସେ ଦିନ ଓଡ଼ିଆ ଏକାଦଶସ୍କନ୍ଧ ବଙ୍ଗଳା ଅକ୍ଷରରେ ଛାପା ହୋଇଅଛି । ବଙ୍ଗଳାରେ ଭାରତ ଓ ରାମାୟଣର ଏକ ପ୍ରକାର ପଦ୍ୟାନୁବାଦ ଦେଖାଯାଏ । କିନ୍ତୁ ଓଡ଼ିଆରେ ଦୁଇ ତିନିପ୍ରକାର ସେପରି ଅନୁବାଦ ଚଳିଆସୁଅଛି । ଭାରତବର୍ଷରେ ପ୍ରାୟ ସବୁ ପ୍ରାକୃତ ଭାଷାର କାବ୍ୟ ନାଟକାଦି ପୌରାଣିକ ଘଟନା ଅବଲମ୍ବନରେ ଲେଖା ହୋଇଥିବା ଓ ଓଡ଼ିଆ ପଦ୍ମାବତୀ କାବ୍ୟ ଏହି ପ୍ରଚଳିତ ପ୍ରଥା ଅନୁସରଣରେ ଲେଖା ନ ହୋଇ କବିଙ୍କର କପୋଳକଳ୍ପିତ ଘଟଣା ଥିବାରୁ ଗ୍ରୀୟରସନ୍ ସାହେବ ପଦ୍ମାବତୀ ଓ ତାହାର ଗ୍ରନ୍ଥକାରଙ୍କର ଭୂରି ଭୂରି ପ୍ରଶଂସା କରିଅଛନ୍ତି । ଆମ୍ଭ ପୂର୍ବପୁରୁଷମାନେ ଲାବଣ୍ୟବତୀ, ରସିକହାରାବଳି, କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି ରଖି ଯାଇଅଛନ୍ତି । ପ୍ରେମ ଆଶା କିପରି ପ୍ରକାଶ କରାଯାଇ ପାରେ ତାହାର ପ୍ରମାଣ ବିଦଗ୍ଧଚିନ୍ତାମଣିର ଦୁଇଗୋଟି ଛାନ୍ଦରେ ଥୁଆ ହୋଇଅଛି । ଏହିପରି ଦେଖାଯାଏ ଯେ ଆମ୍ଭମାନଙ୍କର ପୂର୍ବପୁରୁଷମାନେ ଯେ ଆମ୍ଭମାନଙ୍କର ଟେକ ପାଇଁ କେବଳ ଶ୍ରୀକ୍ଷେତ୍ର, ଭୁବନେଶ୍ୱରରେ ମାଟି ପଥରର କାମ ରଖିଯାଇଅଛନ୍ତି ତାହା ନୁହେଁ, ଯେପରି ଏକ ଦିଗରେ ମାଟି ପଥର କାମ ରଖିଥିଲେ ସେହପରି ଅନ୍ୟ ଆଡ଼େ ତ୍ରିବେଣିଠାରୁ କାବେରୀ ପ୍ରଦେଶ ଜୟ କରିଥିଲେ । ଆମ୍ଭେମାନେ କେବଳ ଆମ୍ଭମାନଙ୍କର ଅଣ୍ଟିଧନକୁ ନ ଚାହିଁବାରୁ ଆମ୍ଭମାନଙ୍କୁ ଏପରି ଲାଞ୍ଛିତ ଓ ଅପମାନିତ ହୋଇ ନୀରବରେ ଦୁଃସହ ମନୋବେଦନା ଭୋଗ କରିବାକୁ ହୋଇଥାଏ ଓ ଆମ୍ଭେମାନେ ଭ୍ରମରେ ପଡ଼ିଥାଉଁ । ଏହା ବୋଲି ଯେ ଆମ୍ଭେମାନେ ନିଶ୍ଚିନ୍ତ ରହିବା ତାହା ନୁହେ । ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଯେଉଁ ଭାଷା ଓ ସାହିତ୍ୟ ରଖି ଯାଇଅଛନ୍ତି ତହିଁରେ ପାଶ୍ଚାତ୍ୟଭାବ ଓ ବିଜ୍ଞାନ ଓ ପାଶ୍ଚାତ୍ୟ ଦର୍ଶନ ଶାସ୍ତ୍ର ପ୍ରଭୃତିର ଅଭାବ ଅଛି । ସେ ସବୁ ଅଭାବମାନ ସ୍ମରଣ କଲେ ଯେ ଆମ୍ଭମାନଙ୍କରେ ଉନ୍ନତିର ଆଶା ନାହିଁ ଏହା କହିବା ବାହୁଲ୍ୟ ମାତ୍ର । ଏଥିରେ ଏଣିକି ସମସ୍ତେ କାୟମନୋବାକ୍ୟରେ ଯତ୍ନବାନ୍ ହେଲାପରି ଆଶା ହେଉଅଛି – କାରଣ ଆଜି ଏଠାରେ କଟକ, ବାଲେଶ୍ୱର, ମେଦିନୀପୁର, ସମ୍ବଲପୁର, ଗଞ୍ଜାମର ବ୍ରାହ୍ମଣ, କ୍ଷତ୍ରୀୟ, କରଣ, କାୟସ୍ଥ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଏକତ୍ରିତ । ଏମାନଙ୍କର ଦେଶାଚାର କୁଳାଚାର ମାନ ମର୍ଯ୍ୟାଦା ସବୁ ପୃଥକ୍ । ଏପରି କି ଅନେକେ ଅନେକଙ୍କ ହସ୍ତର ଜଳସୁଦ୍ଧା ସ୍ପର୍ଶ କରିବେ ନାହିଁ । ତଥାପି ସମସ୍ତଙ୍କର ମାତୃଭାଷା ଏକବୋଲି ଆଜି ସମସ୍ତେ ଐକ ମନ ପ୍ରାଣ ହୋଇଅଛନ୍ତି । ଆଜି ଯେ ଏପରି ହୋଇଅଛନ୍ତି ତାହା ନୁହେଁ । ଯେତେବେଳେ ଓଡ଼ିଶାରୁ ଓଡ଼ିଆଭାଷା ଉଠାଇ ଦେବାକୁ ଶେଷ ଯୁଦ୍ଧ ଲାଗିଥିଲା ତେତେବେଳେ କି ଗଞ୍ଜାମବାସୀ

କି ସମ୍ବଲପୁରବାସୀ ସମସ୍ତେ ସମବେଦନା ଅନୁଭବ କରିଥିଲେ । ସମ୍ବଲପୁରରୁ ଓଡ଼ିଆଭାଷା ଉଠାଇ ଦିଆଯିବା ବେଳେ ମଧ୍ୟ ସେହିପରି ଭାବ ହୋଇଥିଲା । ଶତ ଶତ କ୍ରୋଶ ଦୂରରେ ଥାଇ ଚିହ୍ନା ପରିଚୟ ନ ଥିଲା ବେଳେ ଯେବେ ତୁଣ୍ଡରୁ ମାତୃସ୍ତନ କାଢ଼ିନେଲା ପରି ସମବେଦନା ଭୋଗ କରିଥିଲୁଁ ତେବେ ଆଜି ଏହି ସମ୍ମିଳନୀ ଦ୍ୱାରା ଆମ୍ଭେମାନେ ତହୁଁ ଅଧିକ ଭାବରେ ବଦ୍ଧ ହେବା, ଏହା ନିଶ୍ଚୟ ।''

ସମର୍ଥକ– ସମ୍ବଲପୁରର ଶ୍ରୀଯୁକ୍ତ ବାବୁ ଗଙ୍ଗାଧର ମେହେର କହିଲେ –

''ପ୍ରତ୍ୟେକ ବିଷୟର ଉନ୍ନତି ନିମନ୍ତେ ଗୋଟିଏ ଗୋଟିଏ ବିଭାଗ କରାଯିବାର ଆବଶ୍ୟକ, ଉନ୍ନତ ଦେଶମାନଙ୍କରେ ତାହା କରା ଯାଇଅଛି । ସାହିତ୍ୟର ଉନ୍ନତି ନିମନ୍ତେ ସଂପ୍ରତି ଆମ୍ଭଦେଶରେ ଗୋଟିଏ ବିଭାଗ ସ୍ଥାପନ କରାଯିବା ବାଞ୍ଛନୀୟ ଏବଂ ଯେପରି ଉତ୍କଳ ସାହିତ୍ୟ ଆବର୍ଜ୍ଜନା ପୂର୍ଣ୍ଣ ନ ହୋଇ ଉତ୍ତମ ଉତ୍ତମ ଅଳଙ୍କାରରେ ପରିଶୋଭିତ ହେବ ତହିଁର ସମ୍ୟକ୍ ଚେଷ୍ଟା ହେଲେ ଅଧିକ ଶ୍ରେୟଃ ହେବ'' ।

**୬ଷ୍ଠ ପ୍ରସ୍ତାବ** – ଉତ୍କଳୀୟମାନଙ୍କର ବୈଷୟିକ ଉନ୍ନତି ଏବଂ ଉତ୍କଳଭାଷୀ ଅଞ୍ଚଳର କୃଷି ଓ ଶିଳ୍ପାଦି ସମ୍ବନ୍ଧୀୟ ଉନ୍ନତି ସାଧନାର୍ଥ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ । ଉକ୍ତ ସମିତି ପ୍ରୟୋଜନାନୁସାରେ ଉତ୍କଳର ବିଭିନ୍ନ ଅଞ୍ଚଳରେ ଶାଖାସମିତିମାନ ଗଠନ କରି ଓ ସଭ୍ୟସଂଖ୍ୟା ବୃଦ୍ଧି କରି ଉଦ୍ଦେଶ୍ୟ ସାଧନାର୍ଥ ଯଥାବିହିତ ଉପାୟ ଅବଲମ୍ବନ କରନ୍ତୁ । ପ୍ରତିବର୍ଷ ସମ୍ମିଳନୀର ଅଧିବେଶନ ସମୟରେ ଗୋଟିଏ ପ୍ରଦର୍ଶନୀ ବସାଇବାର ବ୍ୟବସ୍ଥା କରାଯାଉ ଏବଂ କଟକର ''ଉତ୍କଳ ଶିଳ୍ପୋନ୍ନତି ସଭାକୁ'' ଏହି ସମ୍ମିଳନୀର ଅଙ୍ଗୀଭୂତ କରିବାର ଚେଷ୍ଟା କରାଯାଉ । ସମିତିର ବାର୍ଷିକ କାର୍ଯ୍ୟ ବିବରଣ ସମ୍ମିଳନୀର ଆଗାମୀ ଅଧିବେଶନରେ ଉପସ୍ଥାପିତ ହେବାର ବିଧି ନିର୍ଦ୍ଧାରିତ ହେଉ ।

ପ୍ରସ୍ତାବକ–ତାଳଚେରର ଶ୍ରୀମାନ୍ ରାଜା ମହୋଦୟ

ଅନୁମୋଦକ–ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ, ଏମ.ଏ.ବି.ଏଲ, ସି. ଆଇ.ଇ

ସମର୍ଥକ– ଶ୍ରୀଯୁକ୍ତ ବାବୁ କୃଷ୍ଣଚନ୍ଦ୍ର ପାଲିତ

ସମର୍ଥକ– ଶ୍ରୀଯୁକ୍ତ ବାବୁ ଶରଚ୍ଚନ୍ଦ୍ର ମୁଖୋପାଧ୍ୟାୟ

## ସ୍ଥାୟୀ ସମିତିର ସଭ୍ୟବୃନ୍ଦ

| | | | |
|---|---|---|---|
| ୧ । ମୟୂରଭଞ୍ଜର | ଶ୍ରୀମାନ୍ | ମହାରାଜ | ମହୋଦୟ |
| ୨ । କେନ୍ଦୁଝରର | ଶ୍ରୀମାନ୍ | ମହାରାଜ | ମହୋଦୟ |
| ୩ । ଜୟପୁରର | ଶ୍ରୀମାନ୍ | ମହାରାଜ | ମହୋଦୟ |
| ୪ । ଆଠଗଡ଼ର | ଶ୍ରୀମାନ୍ | ରାଜା | ମହୋଦୟ |
| ୫ । ଖଣ୍ଡପଡ଼ାର | ଶ୍ରୀମାନ୍ | ରାଜା | ମହୋଦୟ |

| | | | |
|---|---|---|---|
| ୬ । ଆଠମଲ୍ଲିକର | ଶ୍ରୀମାନ୍ | ରାଜା | ମହୋଦୟ |
| ୭ । ବାମଣ୍ଡାର | ଶ୍ରୀମାନ୍ | ରାଜା | ମହୋଦୟ |
| ୮ । ସୋନପୁରର | ଶ୍ରୀମାନ୍ | ରାଜା | ମହୋଦୟ |
| ୯ । ଗାଙ୍ଗପୁରର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୦ । ପାରିକୁଦର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୧ । କନିକାର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୨ । ତାଳଚେରର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୩ । ମଧୁପୁରର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୪ । ତିଗିରିଆର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୫ । ଖଲ୍ଲିକୋଟ ଓ ଆଠଗଡ଼ର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୬ । ବଡ଼ଖେମଣ୍ଡିର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୭ । ମଞ୍ଜୁଷାର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୮ । ଧରାକୋଟର | ଶ୍ରୀମାନ୍ | ରାଜା | ମହୋଦୟ |
| ୧୯ । ନରସିଂହପୁରର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୦ । ବଡ଼ମ୍ବାର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୧ । ରଣପୁରର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୨ । ବୌଦର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୩ । ଦଶପଲ୍ଲାର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୪ । ନୀଳଗିରିର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୫ । ଢେଙ୍କାନାଳର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୬ । ପାଲଲହଡ଼ାର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୭ । ରେଢ଼ାଖୋଲର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୮ । ହିନ୍ଦୋଳର | ଶ୍ରୀମାନ୍ | ରାଜା | ମହୋଦୟ |
| ୨୯ । ନୟାଗଡ଼ର | ଶ୍ରୀମାନ୍ | ରାଜା | ମହୋଦୟ |
| ୩୦ । ପଟଣାର | ଶ୍ରୀମାନ୍ | ମହାରାଜା | ମହୋଦୟ |
| ୩୧ । ଖଡ଼ିଆଳର | ଶ୍ରୀମାନ୍ | ରାଜା | ମହୋଦୟ |

୩୨ । ଶ୍ରୀଯୁକ୍ତ ରାଜା ବୈକୁଣ୍ଠନାଥ ଦେ ବାହାଦୁର, ବାଲେଶ୍ୱର

୩୩ । ପାରଳାଖେମୁଣ୍ଡିର ସେକେଣ୍ଡ ପ୍ରିନ୍ସ ମହୋଦୟ

୩୪ । ବିଶାଖାପଟଣାର ଶ୍ରୀମାନ୍ ଯୁବରାଜ ବିକ୍ରମଦେବ

୩୫ । ଶ୍ରୀଯୁକ୍ତ ବାବୁ ଶରଚ୍ଚନ୍ଦ୍ର ମୁଖୁର୍ଯ୍ୟା

୩୬ । ଶ୍ରୀଯୁକ୍ତ ବାବୁ କୃଷ୍ଣଚନ୍ଦ୍ର ପାଳିତ
୩୭ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ
୩୮ । ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ
୩୯ । ଶ୍ରୀଯୁକ୍ତ ବାବୁ ଚିନ୍ତାମଣି ଚୌଧୁରୀ
୪୦ । ଶ୍ରୀଯୁକ୍ତ ବାବୁ ରାଜନାରାୟଣ ପଣ୍ଡିତ
୪୧ । ଶ୍ରୀଯୁକ୍ତ ବାବୁ ମାୟାଧର ଦାସ
୪୨ । ଶ୍ରୀଯୁକ୍ତ ବାବୁ ସୁଦାମଚରଣ ନାୟକ
୪୩ । ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭ ଦାସ
୪୪ । ଶ୍ରୀଯୁକ୍ତ ବାବୁ ରାଜକିଶୋର ଦାସ
୪୫ । ଶ୍ରୀଯୁକ୍ତ ବାବୁ ଶ୍ରୀରାମଚନ୍ଦ୍ର ବୋଷ
୪୬ । ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ମହାନ୍ତି
୪୭ । ଶ୍ରୀଯୁକ୍ତ ବାବୁ ଗୌରଶ୍ୟାମ ମହାନ୍ତି
୪୮ । ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି
୪୯ । ଶ୍ରୀଯୁକ୍ତ ବାବୁ ଜୟରାମ ଦାସ
୫୦ । ଶ୍ରୀଯୁକ୍ତ ବାବୁ ବ୍ରଜସୁନ୍ଦର ମର୍ଦ୍ଦରାଜ
୫୧ । ଶ୍ରୀଯୁକ୍ତ ବାବୁ ବ୍ରଜସୁନ୍ଦର ଦାସ
୫୨ । ଶ୍ରୀଯୁକ୍ତ ବାବୁ ରାମଶଙ୍କର ରାୟ
୫୩ । ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ
୫୪ । ଶ୍ରୀଯୁକ୍ତ ବାବୁ ନିମାଇଚରଣ ମିତ୍ର
୫୫ । ଶ୍ରୀଯୁକ୍ତ ବାବୁ ବୈକୁଣ୍ଠନାଥ ଦତ୍ତ
୫୬ । ଶ୍ରୀଯୁକ୍ତ ବାବୁ ଦର୍ପନାରାୟଣ ଦାସ
୫୭ । ଶ୍ରୀଯୁକ୍ତ ବାବୁ ଯେ. ଏସ୍. ରାଉତ
୫୮ । ଶ୍ରୀଯୁକ୍ତ ବାବୁ ଈଶ୍ୱରଲାଲ ପରବାର
୫୯ । ଶ୍ରୀଯୁକ୍ତ ବାବୁ ଦାମୋଦର ପଟ୍ଟନାୟକ
୬୦ । ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ
୬୧ । ଶ୍ରୀଯୁକ୍ତ ବାବୁ ଶଶୀଭୂଷଣ ରାୟ
୬୨ । ମୌଲବୀ ସୟଦ୍ ନୁରୁଲ ହକ୍
୬୩ । ମୌଲବୀ ରଫିଉଦ୍ଦିନ ମହମ୍ମଦ

**୭ମ ପ୍ରସ୍ତାବ** – ଉପଯୁକ୍ତ ଦରିଦ୍ର ଛାତ୍ରମାନଙ୍କୁ ସାହାଯ୍ୟ କରିବା କାରଣ ଓ ଶିଳ୍ପାଦି ଶିକ୍ଷା ନିମନ୍ତେ ଉପଯୁକ୍ତ ଯୁବକମାନଙ୍କୁ ବିଦେଶକୁ ପଠାଇବାର ଉପାୟ ବିଧାନ କରିବା ନିମିତ୍ତ ନିମ୍ନଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ।

ପ୍ରୟୋଜନ ଅନୁସାରେ ସଭ୍ୟସଂଖ୍ୟା ବୃଦ୍ଧି କରିବାର ଓ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଶାଖାସମିତିମାନ ଗଠନ କରିବାର ଭାର ଉକ୍ତ ସମିତି ଉପରେ ନ୍ୟସ୍ତ ହେଉ । ଉକ୍ତ ସମିତି ସେମାନଙ୍କର ବାର୍ଷିକ ବିବରଣ ସମ୍ମିଳନୀର ଆଗାମୀ ଅଧିବେଶନର ଉପସ୍ଥାପିତ କରିବାର ବିଧି ନିର୍ଦ୍ଧାରିତ ହେଉ ।

ପ୍ରସ୍ତାବକ– ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ ବି.ଏଲ.,କଟକ
ଅନୁମୋଦକ– ଶ୍ରୀଯୁକ୍ତ ବାବୁ ଶ୍ରୀପତି ମିଶ୍ର (ସମ୍ବଲପୁର)
ସମର୍ଥକ – ଶ୍ରୀଯୁକ୍ତ ବାବୁ ହରିହର ପଣ୍ଡା ବି.ଏ., ଗଞ୍ଜାମ
ସମର୍ଥକ – ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ, କଟକ
ସମର୍ଥକ – ଶ୍ରୀଯୁକ୍ତ ବାବୁ ମାୟାଧର ଦାସ ବି.ଏଲ., କଟକ

## ସ୍ଥାୟୀ ସମିତିର ସଭ୍ୟବୃନ୍ଦ

| | |
|---|---|
| ମୟୂରଭଞ୍ଜର | ଶ୍ରୀମାନ୍ ମହାରାଜା ମହୋଦୟ |
| କେନ୍ଦୁଝରର | ଶ୍ରୀମାନ୍ ମହାରାଜା ମହୋଦୟ |
| ଜୟପୁରର | ଶ୍ରୀମାନ୍ ମହାରାଜା ମହୋଦୟ |
| ପଟଣାର | ଶ୍ରୀମାନ୍ ମହାରାଜା ମହୋଦୟ |
| ଆଠଗଡ଼ର | ଶ୍ରୀମାନ୍ ରାଜା ମହୋଦୟ |
| ଖଣ୍ଡପଡ଼ାର | ଶ୍ରୀମାନ୍ ରାଜା ମହୋଦୟ |
| ଆଠମଲ୍ଲିକର | ଶ୍ରୀମାନ୍ ରାଜା ମହୋଦୟ |
| ବାମଣ୍ଡାର | ଶ୍ରୀମାନ୍ ରାଜା ମହୋଦୟ |
| ସୋନପୁରର | ଶ୍ରୀମାନ୍ ରାଜା ମହୋଦୟ |
| ଗାଙ୍ଗପୁରର | ଶ୍ରୀମାନ୍ ରାଜା ମହୋଦାୟ |
| ପାରିକୁଦର | ଶ୍ରୀମାନ୍ ରାଜା ମହୋଦୟ |
| କନିକାର | ଶ୍ରୀମାନ୍ ରାଜା ମହୋଦୟ |
| ତାଳଚେରର | ଶ୍ରୀମାନ୍ ରାଜା ମହୋଦୟ |
| ମଧୁପୁରର | ଶ୍ରୀମାନ୍ ରାଜା ମହୋଦୟ |
| ତିଗିରଆର | ଶ୍ରୀମାନ୍ ରାଜା ମହୋଦୟ |
| ଖଲ୍ଲିକୋଟ ଓ | |
| ଆଠଗଡ଼ର | ଶ୍ରୀମାନ୍ ରାଜା ମହୋଦୟ |
| ବଡ଼ଖେମଣ୍ଡିର | ଶ୍ରୀମାନ୍ ରାଜା ମହୋଦୟ |
| ମଞ୍ଜୁଷାର | ଶ୍ରୀମାନ୍ ରାଜା ମହୋଦୟ |
| ଧରାକୋଟର | ଶ୍ରୀମାନ୍ ରାଜା ମହୋଦୟ |
| ନରସିଂହପୁରର | ଶ୍ରୀମାନ୍ ରାଜା ମହୋଦୟ |

ବଡ଼ାମ୍ବାର ଶ୍ରୀମାନ୍ ରାଜା ମହୋଦୟ
ରଣପୁରର ଶ୍ରୀମାନ୍ ରାଜା ମହୋଦୟ
ବୌଦର ଶ୍ରୀମାନ୍ ରାଜା ମହୋଦୟ
ଦଶପଲ୍ଲାର ଶ୍ରୀମାନ୍ ରାଜା ମହୋଦୟ
ନୀଳଗିରିର ଶ୍ରୀମାନ୍ ରାଜା ମହୋଦୟ
ଢେଙ୍କାନାଳର ଶ୍ରୀମାନ୍ ରାଜା ମହୋଦୟ
ପାଲଲହଡ଼ାର ଶ୍ରୀମାନ୍ ରାଜା ମହୋଦୟ
ରେଢ଼ାଖୋଲର ଶ୍ରୀମାନ୍ ରାଜା ମହୋଦୟ
ହିନ୍ଦୋଳର ଶ୍ରୀମାନ୍ ରାଜା ମହୋଦୟ
ନୟାଗଡ଼ର ଶ୍ରୀମାନ୍ ରାଜା ମହୋଦୟ
ଖଡ଼ିଆଳର ଶ୍ରୀମାନ୍ ରାଜା ମହୋଦୟ
ରାଜା ବୈକୁଣ୍ଠନାଥ ଦେ ବାହାଦୁର, ବାଲେଶ୍ୱର
ପାରଳାଖେମୁଣ୍ଡିର ସେକେଣ୍ଡ ପ୍ରିନ୍ସ ମହୋଦୟ
ବିଶାଖାପଟଣାର ଶ୍ରୀମାନ୍ ଯୁବରାଜ ବିକ୍ରମଦେବ
ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ
ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ
ରାୟ ରାଧାନାଥ ରାୟ ବାହାଦୁର
ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ
ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ
ଶ୍ରୀଯୁକ୍ତ ବାବୁ ବ୍ରଜସୁନ୍ଦର ଦାସ
ଶ୍ରୀଯୁକ୍ତ ବାବୁ ରାଜନାରାୟଣ ପଣ୍ଡିତ
ଶ୍ରୀଯୁକ୍ତ ବାବୁ ବିହାରିଲାଲ ପଣ୍ଡିତ
ଶ୍ରୀଯୁକ୍ତ ବାବୁ ରାଜକିଶୋର ଦାସ
ଶ୍ରୀଯୁକ୍ତ ବାବୁ ସୁଦାମଚରଣ ନାୟକ
ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ
ଶ୍ରୀଯୁକ୍ତ ବାବୁ ବ୍ରଜାନନ୍ଦ ଦାସ
ମୌଲବୀ ନୁରୁଲ ହକ୍
ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର

**୮ମ ପ୍ରସ୍ତାବ** – ଯେଉଁ ସେବକ ଛାତ୍ରବୃନ୍ଦ ଏ ସଭାର କାର୍ଯ୍ୟ ସୁଚାରୁରୂପେ ସମାହିତ ହେବା ଉଦ୍ଦେଶ୍ୟରେ ସେମାନଙ୍କର ପବିତ୍ର ସେବା କାର୍ଯ୍ୟ ନିଃସ୍ୱାର୍ଥ ଓ ଅକ୍ଲାନ୍ତ ଉତ୍ସାହସହକାରେ ସମ୍ପାଦନ କରିଅଛନ୍ତି ସେହି ଛାତ୍ରମାନଙ୍କୁ ଏ ସଭାର ଆନ୍ତରିକ

ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ – ସଭାପତି ।

ଅନୁମୋଦନ – ମଧୁସୂଦନ ରାଓ କଟକ।

ସମର୍ଥକ – ଭୋଳାନାଥ ସାମନ୍ତରାୟ ବାଲେଶ୍ୱର ।

**୯ମ ପ୍ରସ୍ତାବ** – ବହୁକଷ୍ଟ ସ୍ୱୀକାରପୂର୍ବକ ଏହି ସଭାରେ ଉପସ୍ଥିତ ହୋଇ ସଭାକାର୍ଯ୍ୟରେ ସହୃଦୟ ଯୋଗ ପ୍ରଦାନ କରିଥିବା ଯୋଗୁଁ ଶ୍ରଦ୍ଧେୟ ଅତିଥିବର୍ଗଙ୍କୁ ଆନନ୍ଦ ସହକାରେ ସଭାର ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ବାବୁ ନିମାଇଚରଣ ମିତ୍ର, କଟକ

ଅନୁମୋଦକ – ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ ବି.ଏଲ., କଟକ ।

**୧୦ମ ପ୍ରସ୍ତାବ** – ଏହି ସମ୍ମିଳନୀର ଆଗାମୀ ବାର୍ଷିକ ଅଧିବେଶନ ଏହି କଟକ ନଗରରେ ହେଉ; ଏବଂ ସେହି ଅଧିବେଶନର ସମୟ ନିର୍ଦ୍ଧାରିତ ହୋଇ ଯଥା ସମୟରେ ପ୍ରଚାରିତ ହେଉ; ଏବଂ ଏହି ସମ୍ମିଳନୀର ସମସ୍ତ ବିଭାଗର କାର୍ଯ୍ୟ ବିହିତରୂପେ ଚଳାଇବାପାଇଁ ବର୍ତ୍ତମାନ କାର୍ଯ୍ୟନିର୍ବାହିକା ସମିତିର ସମସ୍ତ ସଭ୍ୟ ଓ ନିମ୍ନଲିଖିତ କର୍ମଚାରୀଙ୍କଦ୍ୱାରା ଗୋଟିଏ ସାଧାରଣ ସିମିତ ଗଠିତ ହେଉ । ସଭ୍ୟସଂଖ୍ୟା ବୃଦ୍ଧି କରିବାର ଓ ସ୍ଥାନୀୟ କାର୍ଯ୍ୟନିର୍ବାହକ କମିଟିମାନ ଗଠନ କରିବାର କ୍ଷମତା ଉକ୍ତ ସମିତି ହସ୍ତରେ ନ୍ୟସ୍ତ ହେଉ ।

ପ୍ରସ୍ତାବକ – ତାଳଚେରର ଶ୍ରୀମାନ୍ ରାଜା ମହୋଦୟ ।

ଅନୁମୋଦନ – ଶ୍ରୀଯୁକ୍ତ ବାବୁ ହରିଶ୍ଚନ୍ଦ୍ର ଘୋଷ, ପୁରୀ ।

## କର୍ମଚାରୀବୃନ୍ଦ

ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ
ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ
ଶ୍ରୀଯୁକ୍ତ ବାବୁ ରାଜନାରାୟଣ ପଣ୍ଡିତ
ଶ୍ରୀଯୁକ୍ତ ବାବୁ ସାମସନ ରାଉତ
ଶ୍ରୀଯୁକ୍ତ ବାବୁ ଜୟରାମ ଦାସ — ସମ୍ପାଦକମାନେ
ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ
ଶ୍ରୀଯୁକ୍ତ ବାବୁ ମାୟାଧର ଦାସ
ଶ୍ରୀଯୁକ୍ତ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ
ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ
ମୁନସି ମହେମୁଦ ଅଲି

**୧୧ଶ ପ୍ରସ୍ତାବ** – ମୟୂରଭଞ୍ଜର ଶ୍ରୀମାନ୍ ମହାରାଜା ମହୋଦୟ ଏହି ସଭାର ସଭାପତି ହୋଇ କାର୍ଯ୍ୟାବଳୀ ସୁପରିଚାଳିତ କରି ଏ ସଭାକୁ ସମ୍ମାନିତ କରିଥିବା ଯୋଗୁଁ ମହାରାଜା ମହୋଦୟଙ୍କୁ ଏ ସଭାର ଆନ୍ତରିକ ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ – ତାଳଚେରର ଶ୍ରୀମାନ୍ ରାଜାମହୋଦୟ ।

ଅନୁମୋଦକ– ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ କଟକ ।

ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ ଏମ୍.ଏ., ବି.ଏଲ, କଟକ ।

୩ୟ ପ୍ରସ୍ତାବ ୩୦.୧୨.୦୩ରେ ଶେଷ ହୋଇ ଅନ୍ୟାନ୍ୟ ପ୍ରସ୍ତାବ ଗୁଡ଼ିକ ତା ୩୧ରିଖ ଦିନ ଧାର୍ଯ୍ୟ ହେଲା ଓ ତପ୍ପରେ ସଭାର କାର୍ଯ୍ୟ ଶେଷ ହେଲା ।

—

## ତୃତୀୟ ବିଭାଗ

# ଉତ୍କଳ ସମ୍ମିଳନୀ ସମ୍ପର୍କରେ ମତ
# ଓ
# ମନ୍ତବ୍ୟ

### ଉତ୍କଳଦୀପିକା

(୧)

[ ଗତବର୍ଷର ଉତ୍କଳସମ୍ମିଳନୀ ସଭା ]

ସନ ୧୯୦୩ ସାଲ ଗତ ଗୁରୁବାର ବିଦାୟ ହୋଇ ଗଲା ଓ ଗତ କାଲିଠାରୁ ନୂତନ ବର୍ଷର ଅଭିଷେକ ହେଲା । ନୂତନବର୍ଷ କିପରି ହେବ ଈଶ୍ୱରଙ୍କୁ ଜଣା । ମାତ୍ର ଗତବର୍ଷ ଖୁବ୍ ସୁଖ୍ୟାତି ରହିଗଲା । ସମସ୍ତ ଭାରତରେ ମୁକୁଟୋତ୍ସବଯଜ୍ଞ ହୋଇ ଏହା ଆରମ୍ଭ ହୋଇଥିଲା । ସୁପାଳକଦ୍ୱାରା ଦୁର୍ଭିକ୍ଷର ଚିନ୍ତା ରଖିଦେଲା ନାହିଁ ଏବଂ ଶେଷ ଦୁଇଦିନରେ ଉତ୍କଳ ସମ୍ମିଳନୀର ଅଭିନବ ଦୃଶ୍ୟ ଦେଖାଇ ଏମନ୍ତ ଗୋଟିଏ କାର୍ଯ୍ୟ ଦେଖାଇ ଥିଲା ଯେ ସେହି ସମ୍ମିଳନୀର ସଦୁଦ୍ଦେଶ୍ୟ ସଫଳ ହେଲେ ଉତ୍କଳ ଇତିହାସରେ ତାହାର ଅକ୍ଷୟ କୀର୍ତ୍ତି ରହିଥିବ । ବାସ୍ତବରେ ସନ ୧୯୦୩ ସାଲ ଉତ୍କଳରେ ନବଯୁଗର ସୃଷ୍ଟି କରି ଆମ୍ଭମାନଙ୍କ ଉପରେ ତାହାର ରକ୍ଷାର ଭାର ଲଦିଦେଇ ବିଦାୟ ହୋଇଅଛି, ତହିଁର ସୁଫଳ ଭୋଗ କରି ନ ପାରିଲେ କେବଳ ଆମ୍ଭମାନଙ୍କର ଅଯଶ ଘୋଷିତ ହେବ ।

## (୨)

## ଉତ୍କଳ ସମ୍ମିଳନୀ ସଭା

ଏହି ସଭାର ଅଧିବେଶନ ଗତ ବୁଧବାର ଓ ଗୁରୁବାର ହୋଇଥିଲା । ଓଡ଼ିଶାରେ ଏହା ଗୋଟିଏ ନୂତନ ବ୍ୟାପାର । ପାଠକମାନଙ୍କର ସ୍ମରଣ ଅଛି ଯେ କେବଳ ଦୁଇମାସ ପୂର୍ବେ ବା ଗତ ଅକ୍ଟୋବର ମାସ ତା୨୫ରିଖରେ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ଆହ୍ୱାନମତେ କନିକା ରାଜବାଟୀରେ ଗୋଟିଏ ସଭା ହୋଇ ସେହି ସଭାରେ ଏହି ସମ୍ମିଳନୀ ସଭାର କଥା ସ୍ଥିର ଏବଂ ଗୋଟିଏ କାର୍ଯ୍ୟନିର୍ବାହକ କମିଟି ଗଠିତ ହୋଇଥିଲା । ଏତେ ଅଳ୍ପକାଳରେ କମିଟିର ସମସ୍ତ ଆୟୋଜନ କରି ଏମନ୍ତ ସୁନ୍ଦର ସଭାଟିଏ ଦେଖାଇବେ ତେତେବେଳେ ପ୍ରାୟ କେହି ଏହା ଭାବି ନ ଥିଲେ । କମିଟିର ପ୍ରଧାନ ସେକ୍ରେଟରୀ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କର ଅଦମ୍ୟ ଉତ୍ସାହ ଓ ଗାଢ଼ ପରିଶ୍ରମ ଏବଂ ବିଚକ୍ଷଣ ବୁଦ୍ଧିରେ ଏବଂ କାର୍ଯ୍ୟନିର୍ବାହକ କମିଟିର ଅବିଶ୍ରାନ୍ତ ପରିଶ୍ରମ ଓ ଯତ୍ନରେ ଏହି ସଭା ପୂର୍ଣ୍ଣ ସଫଳତା ଲାଭ କରିବାର ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟ, ଆଶାତୀତ ଆନନ୍ଦ ଲାଭ କରିଅଛୁ ଓ ନଗରବାସିମାନେ ସମସ୍ତେ ମୁକ୍ତକଣ୍ଠରେ ଏହାର ପ୍ରଶଂସା କରୁଅଛନ୍ତି । ଦଶଜଣ ଆନ୍ତରିକ ଶ୍ରଦ୍ଧା ଏବଂ ଅକପଟହୃଦୟରେ ଏକ ମନରେ କାର୍ଯ୍ୟ କଲେ ଅସାଧ ସାଧନ ହୋଇପାରେ ଏ ସଭାର ସଫଳତା ଆମ୍ଭମାନଙ୍କୁ ଏହି ଶିକ୍ଷା ଦେଉଅଛି । କିଏ ଭାବିଥିଲା ଯେ ଓଡ଼ିଶାରୁ ବହୁକାଳରୁ ବିଚ୍ଛିନ୍ନ ସୁଦୂର ବାସୀ ଗଞ୍ଜାମ ଓ ସମ୍ବଲପୁରର ଉତ୍କଳଭ୍ରାତାମାନେ ଆମନ୍ତ୍ରଣ ପାଇବା ମାତ୍ରେ ପ୍ରଫୁଲ୍ଲ ଚିତ୍ତରେ ଭାଇ ମିଳନ ସକାଶେ ଏ ନଗରରେ ଅବିଳମ୍ବେ ଏକତ୍ରିତ ହେବେ ? ଏହି ଶୁଭ ମିଳନରୁ ସ୍ପଷ୍ଟ ଜଣାଯାଉଅଛି କି ମିଳନର ଆଶାଟା ପୂର୍ବରୁ ଏକାନ୍ତ ବଳବତ୍ ହୋଇଥିଲା ଏବଂ ଟିକିଏ ସଙ୍କେତକୁ ଚାହିଁ ବସିଥିଲେ । ଏଥିରୁ ଆଶା ହେଉଅଛି ଯେ ଏହି ମିଳନର ଫଳ ଶୁଭକର ହେବ ଏବଂ ଏତେ ଅନୁରାଗ ଓ ଉତ୍ସାହ ଶୀଘ୍ର ଶୀତଳ ହୋଇଯିବ ନାହିଁ । ସଭାର କାର୍ଯ୍ୟ ବିବରଣୀ ସ୍ଥାନାନ୍ତରେ ପ୍ରକାଶିତ ହେଲା । ତହିଁରୁ ପାଠକମାନେ ବୁଝିବେ ଯେ ଉତ୍କଳୀୟମାନଙ୍କର ପରସ୍ପର ମଧ୍ୟରେ ଏବଂ ଅନ୍ୟ ଯେଉଁମାନଙ୍କର ସଂଶ୍ରବରେ ଆସି ସେମାନଙ୍କ ସଙ୍ଗରେ; ଏକକଥାରେ ଘର ବାସୀଙ୍କୁ ସଭାରେ ସ୍ଥାପନ ଯୋଗରେ ଶିକ୍ଷା ଶିଳ୍ପ ବାଣିଜ୍ୟାଦିର ପ୍ରସାର ଓ ଉନ୍ନତି ସାଧନ ଏସଭାର ଉଦ୍ଦେଶ୍ୟ ଅଟେ । ଏହି ଉଦ୍ଦେଶ୍ୟ ଅତ୍ୟନ୍ତ ମହତ୍ ଏବଂ ସମସ୍ତ ଉତ୍କଳବାସୀ ଏକ ମନରେ ସର୍ବଦା ଏହି ଉଦ୍ଦେଶ୍ୟ ସାଧନରେ ଯତ୍ନବାନ୍ ନ ହେଲେ ସ୍ୱଦେଶରେ ବା ସ୍ୱଜାତିର ଗୌରବ ହେବ ନାହିଁ କି ସଭ୍ୟସମ୍ପ୍ରଦାୟ ମଧ୍ୟରେ ସ୍ଥାନ ପାଇବ ନାହିଁ । କି ଉପାୟରେ ତାହା ସଂଶୋଧିତ ହେବ ଅର୍ଥାତ୍ ଆମ୍ଭମାନଙ୍କର କି କି କର୍ତ୍ତବ୍ୟ ସଭାପତି ମହୋଦୟ ବିସ୍ତାରିତରୂପେ ନିଜ

ବକ୍ତୃତାରେ ନିର୍ଦ୍ଦେଶ କରିଅଛନ୍ତି ଏବଂ ଅନ୍ୟାନ୍ୟ ବକ୍ତାଙ୍କ ମଧ୍ୟରେ ଶ୍ରୀଯୁକ୍ତ ପାଦରି ୟଙ୍ଗସାହେବ ଓ ଶ୍ରୀଯୁକ୍ତ ମଧୁସୂଦନ ଦାସ ସୁନ୍ଦର ଉପଦେଶ ଦେଇଅଛନ୍ତି । ସେ ଉପଦେଶର ମୂଳ ମନ୍ତ୍ର ଏହି କି ସାମ୍ପ୍ରଦାୟିକ ଜାତି ଭାବ ଛାଡ଼ି ଏକଦେଶବାସୀ ସମସ୍ତଙ୍କୁ ଏକଜାତି ବୋଲି ଗ୍ରହଣ କର, ଆତ୍ମସମ୍ମାନ ଲାଭ କାରଣ ସରଳ ପ୍ରତିଯୋଗିତାରେ ପ୍ରବୃତ୍ତ ହୁଅ; ତାହା କ୍ରମଶଃ ଉନ୍ନତିକି ପ୍ରାପ୍ତ ହେବ ଆଉ ସଙ୍କୀର୍ଣ୍ଣତାକୁ ମନରେ ପୋଷଣ କଲେ କଦାଚ ପ୍ରଶସ୍ତତା ଲାଭ କରି ପାରିବ ନାହିଁ । ଆମ୍ଭେମାନେ ଏକାନ୍ତ ଆଶା କରୁଁକି ଏଥିର ଅମୂଲ୍ୟ ଉପଦେଶକୁ ହୃଦୟରେ ଧାରଣ କରିବା ଏବଂ ତଦନୁସାରେ କାର୍ଯ୍ୟ କରିବାକୁ ଉତ୍କଳବାସିମାନେ ସତତ ଚେଷ୍ଟା ଓ ଯତ୍ନ କରିବେ ଏବଂ ଯେ ପରିମାଣରେ ଏ କାର୍ଯ୍ୟରେ ସଫଳତା ଲାଭ କରିବେ ସେ ପରିମାଣରେ ଉତ୍କଳର ଦୁର୍ଦ୍ଦଶା ଘୁଞ୍ଚିବ । କେବଳ ସଭା ଦେଖି କେତେଗୁଡ଼ିଏ ଭଲକଥା ଶୁଣି ଘରକୁ ଫେରିଯାଇ ନିଶ୍ଚିନ୍ତ ବସିଲେ କିଛି ହେବ ନାହିଁ । ଆଗାମୀ ସଭାରେ ଏକବର୍ଷର ଫଳ ଯେବେ କିଛି ଦେଖାଇ ପାରିବୁଁ ତେବେ ଆନନ୍ଦର ବିଷୟ ହେବ । ନତୁବା ଅରଣ୍ୟରେ ରୋଦନ ପ୍ରାୟ ସମସ୍ତ ବ୍ୟର୍ଥ ହେବ ।

## (୩)

## ଉତ୍କଳସମ୍ମିଳନୀ ସଭାର ପ୍ରଦର୍ଶନୀ

ଉତ୍କଳସମ୍ମିଳନୀର ଉଦ୍ୟମରେ ଏହି ପ୍ରଦର୍ଶନୀର ସୃଷ୍ଟି ହୋଇଥିଲା ଏବଂ ସଭାର କାର୍ଯ୍ୟଶେଷ ଉତ୍ତାରୁ ଅର୍ଥାତ୍ ଗତ ତା ୧ରିଖ ଶୁକ୍ରବାର ତାହା ଫିଟିଥିଲା । ସ୍ଥାନ ଏବଂ ଅବସରର ଅଭାବରୁ ଗତ ପତ୍ରିକାରେ ସେ ପ୍ରସଙ୍ଗ ପାଠକମାନଙ୍କୁ ଜଣାଇପାରି ନ ଥିଲୁ । ସେଥିପାଇଁ କ୍ଷମା ପ୍ରାର୍ଥନା କରି ଅଦ୍ୟ ସେ ତ୍ରୁଟି ପୂର୍ଣ୍ଣ କରୁଅଛୁଁ । ପ୍ରଥମ ଏବଂ ଅଳ୍ପ ଦିନର ଆୟୋଜନରେ ଅଧିକ ଦ୍ରବ୍ୟ ପ୍ରଦର୍ଶନୀକି ଆସିବାର ଭରସା ନ ଥିଲା ଏବଂ ତହିଁପାଇଁ ସଭାମଣ୍ଡପର ହତା ମଧ୍ୟରେ ଗୋଟିଏ ଛୋଟ ଘର ପ୍ରସ୍ତୁତ ହୋଇଥିଲା । ଆଶାତୀତ ଦ୍ରବ୍ୟ ଆମଦାନି ଏବଂ ବହୁ ଭଦ୍ରଲୋକର ସମାଗମ ଦେଖି ସଭାମଣ୍ଡପକୁ ପ୍ରଦର୍ଶନୀ କାର୍ଯ୍ୟରେ ଲଗାଇବାର ପ୍ରୟୋଜନ ହେଲା ଏବଂ ତହିଁର କେତେକ ଅଂଶରେ ପ୍ରଦର୍ଶିତ ଦ୍ରବ୍ୟମାନ ରଖାଯିବା ହେତୁ ସ୍ଥାନର ସଂକୀର୍ଣ୍ଣତା ଦୃଷ୍ଟିରେ ସଭାକୁ ନିମନ୍ତ୍ରିତ ହୋଇଥିବା ସମସ୍ତ ଭଦ୍ରଲୋକଙ୍କୁ ନିମନ୍ତ୍ରଣ କରିବାର ସୁବିଧା ହୋଇ ନ ଥିଲା । ତଥାଚ ନିମନ୍ତ୍ରିତଙ୍କ ସଂଖ୍ୟା ନିତାନ୍ତ ଊଣା ନ ଥିଲା ଏବଂ ଯେତେଲୋକ ଅକ୍ଳେଶରେ ବସି ପ୍ରଦର୍ଶନୀ ଉଦ୍‌ଘାଟନ ଅନୁଷ୍ଠାନରେ ଯୋଗଦେଇ ପାରନ୍ତି ତେତେ ଲୋକର ସମାଗମ ହୋଇଥିଲା । ଏହି ଶୁଭ ଉଦ୍‌ଘାଟନ କାର୍ଯ୍ୟ ସମ୍ପନ୍ନ କରିବାର ଭାର ବିଭାଗୀୟ କମିଶନର

ମାନନୀୟ ଶ୍ରୀଯୁକ୍ତ କେ. ଜି. ଗୁପ୍ତ ମହୋଦୟ ଅନୁଗ୍ରହପୂର୍ବକ ସମ୍ମିଳନୀର ଅନୁରୋଧମତେ ଗ୍ରହଣ କରିଥିଲେ । ଠିକ ଅହରାହ୍ନ ଘ ୨ ଣ୍ଟା ବେଳେ ଗୁପ୍ତ ମହୋଦୟ ମଣ୍ଡପ ସମ୍ମୁଖରେ ଉପସ୍ଥିତ ହୁଅନ୍ତେ ବିହିତ ସମାଦର ସହିତ ତାହାଙ୍କୁ ମଣ୍ଡପ ମଧ୍ୟକୁ ଅଣାଯାଇ ବେଦୀ ଉପରେ ପ୍ରସ୍ତୁତ ହୋଇଥିବା ଦିବ୍ୟ ଆସନ ପ୍ରଦତ୍ତ ହେଲା । ତାହାଙ୍କ ଦକ୍ଷିଣପାର୍ଶ୍ୱରେ ରାଜା ଓ ଉପାଧିକାରୀ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଆସନ ପାଇଥିଲେ ଏବଂ ଅନ୍ୟାନ୍ୟ ସମସ୍ତ ଭଦ୍ରଲୋକ ବେଦୀର ନିମ୍ନଭାଗରେ ଆସନ ଗ୍ରହଣ କଲା ଉତ୍ତାରୁ ସମ୍ମିଳନୀର ଜଣେ ସେକ୍ରେଟରୀ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଦର୍ଶନୀର ରିପୋର୍ଟ ପାଠ କଲେ । ତହିଁର ମର୍ମ ଯଥା :—

କେତେକ ବର୍ଷ ହେଲା ଏ ନଗରରେ ପ୍ରତି ବର୍ଷ ପ୍ରଦର୍ଶନୀ ହୋଇଆସୁଅଛି । ତହିଁସଙ୍ଗେ ଏ ପ୍ରଦର୍ଶନୀର ପାର୍ଥକ୍ୟ ଅଛି । ସେ ପ୍ରଦର୍ଶନୀରେ ଫୁଲ ପତ୍ର ଫଳାଦି ଉଦ୍ୟାନଜାତ ସୁଖଭୋଗ୍ୟ ଦ୍ରବ୍ୟ ସଙ୍ଗେ କେବଳ ରାଜକୀୟ ଓଡ଼ିଶାର କୃଷି ଶିଳ୍ପାଦିଜାତ ଦ୍ରବ୍ୟମାନ ପ୍ରଦର୍ଶିତ ହେଉଥିଲା । ଏଥିରେ ପ୍ରଥମଶ୍ରେଣୀର ଦ୍ରବ୍ୟମାନ ପରିତ୍ୟକ୍ତ ହୋଇ ସମସ୍ତ ଉତ୍କଳବାସୀ ସ୍ଥାନ ଯଥା ଓଡ଼ିଶାବିଭାଗ ଓ ଗଞ୍ଜାମ, ସମ୍ବଲପୁର ମେଦିନୀପୁର ଜିଲା ଅନ୍ତର୍ଗତ ଓ ତତ୍‌ସଂଯୁକ୍ତ ସମସ୍ତ ଗଡଜାତର କୃଷି ଶିଳ୍ପ ଓ ପ୍ରକୃତିଜାତ ସମସ୍ତ ବାଣିଜ୍ୟ ବ୍ୟବସାୟୋପଯୋଗୀ ଦ୍ରବ୍ୟମାନ ପ୍ରଦର୍ଶିତ ହୋଇଅଛି କି ଯାହା ଉତ୍କଳର ଲୁକ୍କାଇତ ଧନ ବ୍ୟବସାୟିଙ୍କର ମନୋଯୋଗ ଆକର୍ଷଣ କରିବ ଏବଂ ଶ୍ରମଜୀବିଙ୍କର କାର୍ଯ୍ୟ ସାଧରଣଙ୍କର ନୟନଗୋଚର ହେବ ଓ ବ୍ୟବସାୟ ବୃଦ୍ଧିର ସୂତ୍ରପାତ ହେବ । ଏହି ଉପଲକ୍ଷରେ ଗତବର୍ଷ ଏଠାରେ ଗୋଟିଏ ଶିଳ୍ପୋନ୍ନତି ସମିତି ପ୍ରତିଷ୍ଠିତ ହୋଇଥିଲା । ସମ୍ପ୍ରତି ସେହି ସମିତି ଏହି ସମ୍ମିଳନୀ ସହିତ ଯୋଗ ହେବାର ଗତ କାଲିର ଅଧିବେଶନରେ ଧାର୍ଯ୍ୟ ହୋଇଅଛି । ଏ ସମ୍ବନ୍ଧରେ ସମ୍ମିଳନୀର କାର୍ଯ୍ୟ ଅନେକ ଅଛି । ଏ ପ୍ରଦର୍ଶନୀ କେବଳ କାର୍ଯ୍ୟର ସୂତ୍ରପାତ ମାତ୍ର । ସମ୍ମିଳନୀର ଚେଷ୍ଟା ଯେ ଆଧୁନିକ ରୁଚି ଅନୁସାରେ ଦ୍ରବ୍ୟମାନ ପ୍ରସ୍ତୁତ କରାଇବାଦ୍ୱାରା ଚାଷୀ ଓ ଶ୍ରମଜୀବୀଙ୍କର ଦୁରବସ୍ଥା ମୋଚନ ପ୍ରତି ଯତ୍ନବାନ ହେବେ ଓ ଉତ୍କଳର ଲୁକ୍କାଇତ ଧନର ବାଣିଜ୍ୟଦ୍ୱାରା ଧନାଗମର ବାଟ ଫିଟାଇବେ । ଏ ଚେଷ୍ଟା ଯଥାସାଧ କରିବାକୁ ହେବ ପରନ୍ତୁ ଉତ୍କଳ ସାହିତ୍ୟ ଓ ଭାଷାର ଉନ୍ନତି ନିମନ୍ତେ ଯେଉଁ କମିଟି ଗଠିତ ହୋଇଅଛି ସେହି କମିଟି ଆଶା କରେଁ ଶିଳ୍ପ ଓ କୃଷିଜାତ ଦ୍ରବ୍ୟର ଉନ୍ନତିସାଧକ ବିଷୟକ କ୍ଷୁଦ୍ର କ୍ଷୁଦ୍ର ପୁସ୍ତକାଦି ମୁଦ୍ରଣ ଓ ପ୍ରଚାରଦ୍ୱାରା ସମ୍ମିଳନୀର ବିଶେଷ ସାହାଯ୍ୟ କରିବେ । ଅତଃପର ଏ ଦେଶୀୟ କେତେକ ଲୋକଙ୍କୁ ଶିଳ୍ପାଦି ଶିକ୍ଷା ନିମନ୍ତେ ବିଦେଶକୁ ପଠାଇବାର ଓ ତହିଁର ସାହାଯ୍ୟ ନିମନ୍ତେ ଗୋଟିଏ ପାଣ୍ଠି ସ୍ଥାପନ ବିଷୟରେ ଗୋଟିଏ ନିର୍ଦ୍ଧାରଣ ଅବଧାରିତ ହୋଇଅଛି । ଏହି ସମସ୍ତ ସଂକଳ୍ପ କାର୍ଯ୍ୟରେ ପରିଣତ ହେଲେ ଅନେକ ଉପକାର ହେବ । ପରିଶେଷରେ ଦେଶୀୟ

କୃଷି ବାଣିଜ୍ୟ ଓ ଶିଳ୍ପାଦି ପ୍ରତି ଗବର୍ଣ୍ଣମେଣ୍ଟ ଗତ କେତେକ ବର୍ଷରୁ ସମଧିକ ମନୋଯୋଗୀ ହୋଇ ଉତ୍ସାହ ଦାନରେ ଅଗ୍ରସର ହେବା ହେତୁ ଗବର୍ଣ୍ଣମେଣ୍ଟଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ ଏବଂ ଓଡ଼ିଶାର କମିଶନର ମାନନୀୟ ଶ୍ରୀଯୁକ୍ତ କେ, ଜି ଗୁପ୍ତ ମହୋଦୟ ଉତ୍କଳ ସମ୍ମିଳନୀରେ ଉପସ୍ଥିତ ଏବଂ ଏହି ପ୍ରଦର୍ଶନୀ ଫିଟାଇବାକୁ ସ୍ୱୀକୃତ ହେବା ଦ୍ୱାରା ଆମ୍ଭମାନଙ୍କୁ ଧନ୍ୟ ଧନ୍ୟ କରିଅଛନ୍ତି । ଏଥିରୁ ବଡ଼ ଆଶା ହେଉଅଛି ଯେ ସେ ଆମ୍ଭମାନଙ୍କର ଉଦ୍ଦେଶ୍ୟ ସାଧନରେ ପୂର୍ଣ୍ଣ ସାହାଯ୍ୟ ଓ ସହାନୁଭୂତି ପ୍ରଦାନ କରିବେ । ଏଥିପାଇଁ ସଭା ତାହାଙ୍କ ଠାରେ ଅନ୍ତରର ସହିତ କୃତଜ୍ଞତା ଓ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ରିପୋର୍ଟ ପାଠାନ୍ତେ ଶ୍ରୀଯୁକ୍ତ କମିଶନର ସାହେବ ମହୋଦୟ ଦଣ୍ଡାୟମାନ ହୋଇ ଅତି ସୁନ୍ଦର ଓ ଶିକ୍ଷାପ୍ରଦ ବକ୍ତୃତା ପ୍ରଦାନ କରିଥିଲେ । ତାହା ପ୍ରଦାନରେ ପ୍ରାୟ ଅଧଘଣ୍ଟା କାଳ ଲାଗିଥିଲା ଏବଂ ତାହା ଶ୍ରୋତାମାନଙ୍କ ମନକୁ ଏମନ୍ତ ଘେନିଥିଲା ଯେ ଘନ ଘନ କରତାଳିଦ୍ୱାରା ଆନନ୍ଦ ପ୍ରକାଶ କରିଥିଲେ । ବିଶେଷତଃ ଯେତେବେଳେ ସେ ଓଡ଼ିଶା ପ୍ରତି ତାହାଙ୍କର ଏକାନ୍ତ ସ୍ନେହ ଓ ମମତାର କଥା ଗଦଗଦ ସ୍ୱର ଏବଂ ଛଳଛଳ ନେତ୍ରରେ ପ୍ରକାଶ କରିଥିଲେ ତେତେବେଳେ ସମସ୍ତେ ମୁଗ୍ଧ ହୋଇଥିଲେ । ତାହାଙ୍କର ବକ୍ତୃତାର ସଂକ୍ଷେପ ମର୍ମ ନିମ୍ନେ ପ୍ରକାଶିତ ହେଲା । ଯଥା—

ଗତବର୍ଷର ପ୍ରଥମ ଦିନ ସମ୍ରାଟଙ୍କର ଅଭିଷେକ ଘୋଷଣା ଉତ୍ସବ ଦରବାରରେ ମୟୂରଭଞ୍ଜର ରାଜା ଏବଂ ଏହି ଉତ୍କଳ ସଭାର ସଭାପତି ମହାରାଜା ଉପାଧି ଲାଭ କରିବାର ଆନନ୍ଦ ସହିତ ପ୍ରଚାର କରିଥିଲୁ । ଅଦ୍ୟ ବର୍ଷର ପ୍ରଥମ ଦିନର ଇଣ୍ଡିୟା ଗଜେଟରେ ଏହି ସମ୍ମିଳନୀର ସେକ୍ରେଟରୀ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ, ଉପାଧିରେ ଭୂଷିତ ହେବାର ଦେଖି ଆତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ତାହାଙ୍କୁ ମଙ୍ଗଳବାଦ ପ୍ରଦାନ କରୁଅଛୁଁ । ମୁଁ ସରକାରୀ ଚାକରୀରେ ଦୀର୍ଘକାଳ ଓଡ଼ିଶାରେ କଟାଇଅଛି ଏବଂ ଗ୍ରାମ ଗ୍ରାମ ବୁଲି ଲୋକଙ୍କ ସଙ୍ଗେ ଆଳାପ ପରିଚୟ କରିଅଛି ଏବଂ ସେମାନଙ୍କର ରୀତି ନୀତି ଅବଗତ ହୋଇଅଛି । ଉତ୍କଳୀୟମାନଙ୍କୁ ମୁଁ ଅନ୍ତରର ସହିତ ଦେଖିପାରେଁ ଏବଂ ସେମାନଙ୍କର ମଙ୍ଗଳ କାମନା କରେଁ । କେବଳ ସରକାରୀ ଚାକରୀ ଉପଲକ୍ଷରେ ସେମାନଙ୍କ ପ୍ରତି ମୋହର ସ୍ନେହ ଓ ମମତା ଜନ୍ମିଅଛି ଏମନ୍ତ ନୁହେ ସେମାନଙ୍କ ସଙ୍ଗେ ମୋହର ନିଜର ମିଶାମିଶିଦ୍ୱାରା ମଧ ସେହିଭାବ ଜନ୍ମିଅଛି । ଏହି ସମ୍ମିଳନୀର ପ୍ରଥମ ଅଧିବେଶନ ଦିନ ମୁଁ ସଭାକୁ ଆସି ମନୋଯୋଗ ପୂର୍ବକ ସଭାର କାର୍ଯ୍ୟ କେତେକ ଘଣ୍ଟା ଦେଖି ଅତ୍ୟନ୍ତ ପ୍ରୀତ ହୋଇଅଛି । ଉତ୍କଳବାସିମାନେ ଏକତ୍ର ହୋଇ ଶିକ୍ଷା କୃଷି ଶିଳ୍ପାଦି ବିଷୟର ଉନ୍ନତି ଚିନ୍ତା କରିବାରେ ପ୍ରବୃତ୍ତ ହୋଇଅଛନ୍ତି ବଡ଼ ସୁଖର ବିଷୟ ଅଟେ । ଏଥିରେ ମୋହର ନିଜର ସହାନୁଭୂତି ଅଛି ଏତିକି ନୁହେ

ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ଏଥିରେ ସହାୟ ଓ ସହାନୁଭୂତି ଅଛି ଏବଂ ତାହା ଆନନ୍ଦ ସହିତ ପ୍ରକାଶ କରୁଅଛି । ବଙ୍ଗଳାପରି ଓଡ଼ିଶା କୃଷିପ୍ରଧାନ ଦେଶ । ଗତ ଲୋକସଂଖ୍ୟା ରିପୋର୍ଟ ଅନୁସାରେ ଶତକରା ୬୭୮ ଶରୁ କିଛି ଅଧିକର ଜୀବିକା କୃଷି ଅଟେ । ଅତଏବ କୃଷିର ଉନ୍ନତି ସାଧନ ସର୍ବାଗ୍ରେ କର୍ତ୍ତବ୍ୟ । କୃଷିର ଉନ୍ନତି ସାଧନର ସୁବିଧା ମଧ୍ୟ ଅନ୍ୟାନ୍ୟ ପ୍ରଦେଶାପେକ୍ଷା ଏଠାରେ ଅଧିକ ଅଛି । ଅନେକ ରାଜା ଓ ଜମିଦାରଙ୍କ ହାତରେ ଖମାର ବା ନିଜଚାଷ ଜମି ବିସ୍ତର ଅଛି ଓ ନାନା ପ୍ରକାର ଫସଲ ତହିଁରୁ ଉତ୍ପନ୍ନ କରୁଅଛନ୍ତି । କେତେକ ରାଜା, ଜମିଦାର ମଧ୍ୟ ସୁଶିକ୍ଷା ଲାଭ କରିଅଛନ୍ତି । ସେମାନେ ସର୍ବାଗ୍ରେ ଏହି ଉନ୍ନତି କାର୍ଯ୍ୟରେ ମନୋଯୋଗୀ ହେଲେ ନିଜର ଏବଂ ଅଧୀନସ୍ଥ ପ୍ରଜାବର୍ଗର ଅପାର ହିତସାଧନ କରି ପାରିବେ । ଯତ୍ନ କଲେ ତାହା ପୂର୍ଣ୍ଣ ହେବା ମଧ୍ୟ କଠିନ ନୁହେ । ଶିବପୁର ଇଞ୍ଜିନୀୟରିଂ କଲେଜରେ କୃଷିଶିକ୍ଷା ଦିଆଯାଉଅଛି । ସେଠାକୁ ନିଜ ନିଜ ଏଲାକାର ଏକ ଏକ ଜଣ ପଠାଇ ଶିକ୍ଷା କରାଇ ଆଣି ଖମାର କାର୍ଯ୍ୟରେ ରଖିଲେ ଅନେକ ଉପକାର ହୋଇପାରେ । ଏଠା ଲୋକମାନେ କୃଷିକାର୍ଯ୍ୟରେ ଅପଟୁ ନୁହନ୍ତି । ଆଧୁନିକ ପ୍ରଣାଳୀ ଦେଖି କାର୍ଯ୍ୟରେ ପରିଣତ କରି ପାରିଲେ ଯଥେଷ୍ଟ ହେବ ଏବଂ କୃଷିର ଉନ୍ନତି ସଙ୍ଗେ କୃଷିର ଏକ ଅଙ୍ଗ ସ୍ୱରୂପ ଗୋମେଷାଦିର ଅବସ୍ଥା ଭଲ ହେବ । ବଡ଼ କୃଷକମାନେ କେବଳ ଗୋରୁ ଚରିବା ନିମନ୍ତେ କେତେ ଜମିଛାଡ଼ି ଦିଅନ୍ତି ଓ ତହିଁରେ ଘାସ କରନ୍ତି । ଶିଳ୍ପାଦିର ଉନ୍ନତି ଚେଷ୍ଟା ମଧ୍ୟ ଆବଶ୍ୟକ । ଉତ୍କଳର ଶିଳ୍ପିମାନେ ନିତାନ୍ତ ଅପଟୁ ନୁହନ୍ତି । ସେମାନେ ବଙ୍ଗଳା ଏବଂ ଅନ୍ୟାନ୍ୟ ସ୍ଥାନର କାରଖାନାମାନଙ୍କରେ ଭଲ କାର୍ଯ୍ୟକରିବାର ଏବଂ ସେମାନଙ୍କୁ କାରଖାନାବାଲାମାନେ ଲୋଡୁଥିବାର ଦେଖାଯାଏ । ବର୍ତ୍ତମାନ ଘୋର ପ୍ରତିଯୋଗିତାର ସମୟ ଅଟେ । ଏ କାଳରେ କେବଳ ଭଲଦ୍ରବ୍ୟ ପ୍ରସ୍ତୁତ କଲେ ସଫଳ ହେବ ଏମନ୍ତ ମନେ କରିବା ଉଚିତ ନୁହେ । ଦ୍ରବ୍ୟଟି ଭଲ ହେବ, ପ୍ରୟୋଜନୀୟ ହେବ ଏବଂ ସୁଲଭମୂଲ୍ୟରେ ବିକ୍ରୟ ହେବ । ଏହି ତିନିର ସଂଯୋଗ ବିନା ଦ୍ରବ୍ୟର ଆଦର ବଜାରରେ ହେବନାହିଁ । ବିଦେଶୀୟମାନେ କଳ ଯନ୍ତ୍ରାଦିର ସାହାଯ୍ୟରେ ଅଳ୍ପ ବ୍ୟୟ ଓ ଅଳ୍ପ ସମୟରେ ଅନେକ ଦ୍ରବ୍ୟ ପ୍ରସ୍ତୁତ କରିବାକୁ ସକ୍ଷମ ହେଉଅଛନ୍ତି । ତେଣୁ ସେମାନେ ସୁଲଭ ଦରରେ ବିକ୍ରୟ କରିବାଦ୍ୱାରା ଏ ଦେଶର ଶିଳ୍ପିମାନଙ୍କୁ ହଟାଇ ଦେଉଅଛନ୍ତି । ବିଦେଶୀୟମାନଙ୍କୁ ହଟାଇବାର ପ୍ରଧାନ ଉପାୟ କଳ ଯନ୍ତ୍ରାଦିର ସାହାଯ୍ୟ ନେବା । ଏକକଥାରେ ପ୍ରତିଯୋଗିତାର ପ୍ରତିକାର ପ୍ରତିଯୋଗିତା ଅଟେ । କେହି କେହି କହନ୍ତି କି ଦେଶୀୟଦ୍ରବ୍ୟ ବ୍ୟବହାରର ପ୍ରତିଜ୍ଞା କଲେ ବିଦେଶୀୟ ଦ୍ରବ୍ୟର ଆଦର ଭାଙ୍ଗିଯିବ । ମାତ୍ର ଏହା ଯୁକ୍ତିସଙ୍ଗତ ନୁହେ । ଲୋକମାନେ ସ୍ୱଭାବତ ଶସ୍ତା ଖୋଜନ୍ତି ଏବଂ ଭବିଷ୍ୟତ ପ୍ରତି ତେତେ ଦୃଷ୍ଟି ରଖନ୍ତି ନାହିଁ । ସେହି ହେତୁ ବିଦେଶୀୟ ଦ୍ରବ୍ୟ ତେତେ ସ୍ଥାୟୀ ନ ହେଲେ ସୁଦ୍ଧା ଶସ୍ତା ଦରରେ ଭୁଲାଇ ଦେଉଅଛି । ସମାନ ପ୍ରକାର ଦ୍ରବ୍ୟ ଟିକିଏ ଶସ୍ତା

ଦରରେ ଯୋଗାଇ ନ ପାରିଲେ ବିଦେଶ ସହିତ ପ୍ରତିଦ୍ୱନ୍ଦିତାରେ ନିଶ୍ଚୟ ପରାସ୍ତ ହେବାକୁ ହେବ । ଏତିକି ସ୍ମରଣ ରଖି କାର୍ଯ୍ୟ କଲେ ଦେଶୀୟଦ୍ରବ୍ୟର ବ୍ୟବହାର ନିଶ୍ଚୟ ବଢ଼ିବ ।— ଏହିପରି ଅନ୍ୟ କେତେକ କଥା ବକ୍ତୃତା ଶେଷରେ ମାନନୀୟ ଗୁପ୍ତ ସାହେବ ପ୍ରଦର୍ଶନୀ ଫିଟାଇବାର ଘୋଷଣା କଲେ ଏବଂ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଦୁଇ ଚାରି ସମ୍ମାନସୂଚକ କଥାରେ ଧନ୍ୟବାଦର ପ୍ରସ୍ତାବ କରନ୍ତେ ତାହା ଗୃହୀତ ହୋଇ ସଭା ଭଙ୍ଗ ହେଲା ଏବଂ ସାହେବ ମହୋଦୟଙ୍କ ସହିତ ସଭ୍ୟମାନେ ପ୍ରଦର୍ଶନୀ ଦେଖିବାକୁ ଲାଗିଲେ । ପ୍ରଦର୍ଶନୀରେ ଅନେକ ଦ୍ରବ୍ୟ ଥିଲା ଏବଂ ଅଳ୍ପକାଳର ଆୟୋଜନରେ ସେ ସମସ୍ତ ଏକତ୍ରିତ ହୋଇଥିବାରୁ ମନେ ହେଲା ଯେ ଲୋକଙ୍କର ଏ ବିଷୟରେ ଯଥେଷ୍ଟ ଆଗ୍ରହ ଅଛି । ବନ, ଖନି ଜାତ, ସ୍ୱାଭାବିକ ଏବଂ କୃଷି ଓ ଶିଳ୍ପାଦି ଶ୍ରମଜାତ ଅନେକ ପ୍ରକାର ଦ୍ରବ୍ୟ ଥିଲା ଏବଂ ତହିଁ ମଧ୍ୟରେ କେତେ ଗୁଡ଼ିଏ ଉତ୍କୃଷ୍ଟ ମଧ୍ୟ ଥିଲା । ସେ ସବୁ ସଜାଇ ରଖିବାରେ ମଧ୍ୟ ଯଥା ସାଧ୍ୟ ଯତ୍ନ ହୋଇଥିଲା । ମାତ୍ର ପ୍ରତ୍ୟେକ ଦ୍ରବ୍ୟର ଟିକଟରେ ପ୍ରଦର୍ଶକ ବା କାରିଗରର ନାମ ଧାମ ମୂଲ୍ୟାଦିର ଉଲ୍ଲେଖ ନ ଥିବାରୁ ଦର୍ଶକମାନେ କିଛି ଜାଣି ପାରିଲେ ନାହିଁ ଓ ପ୍ରଦର୍ଶନିର ମୂଳ ଉଦ୍ଦେଶ୍ୟ ଗୋପନରେ ରହିଗଲା । ଆଶା ଅଛି ଏଥି ଉତ୍ତାରୁ ସେ ସମସ୍ତର ତାଲିକା ସର୍ବସାଧାରଣଙ୍କର ଗୋଚରାର୍ଥେ ବାହାରିବ । ଯାହା ହେଉ ପ୍ରଥମ ଉଦ୍ୟମଟା ଅନେକ ଦୂର ସଫଳ ହୋଇଅଛି ବୋଲିବାକୁ ହେବ । ପରଦିନଠାରୁ ଦୁଇ ଦିନ ପ୍ରଦର୍ଶନୀ ସର୍ବସାଧାରଣଙ୍କର ଦେଖିବା କାରଣ ଛାଡ଼ ଥିଲା ଓ ଅନେକ ଲୋକ ଦେଖିଥିଲେ ।

—

## ଓଡ଼ିଆ ଓ ନବସମ୍ବାଦ

## THE UTKAL UNION OR THE ORISSA CONFERENCE

If the Uriya Conference at Cuttack was a success, the credit is due to Mr. M.S. Das. He is well-known in Orissa, so we need not say anything about him. But we quote the following from the ***Amrita Bazar Patrika*** to show our readers what view is taken of Mr. Das by our friends abroad :–

> It is a problem that he, being only a district pleader, could command so much influence. It is because of his character. Though a Christian by faith, he is absolutely trusted by both the Musalmans and the Hindus. He is a man of strong mind, positive in the extreme. and always has his own way

of doing things. But every one knows that he is thoroughly honest, unselfish and philanthropic in his tendencies. He apparently wins confidence from every one.

It was very wise on the part of the promoters of the Cuttack Conference to choose the Maharajah of Mourbhanj, the most enlightened Chief of Orissa, as the president of the conference and we think no better choice could be made. The ***Amrita Bazar Patrika*** has a paragragh on the subject from which we quote the following –

The present Czar of Russia wept when he came to his possession, because the responsibility of his position had over-powered him. In the same manner, small though his principality is, the ruler of Mourbhanj realized, on ascending his Gadee, that he had his duties to his subjects which it was impossible for him to perform to his complete satisfaction. He very easily discovered the fact that the revenue of his State did not belong to him but to those from whom it was raised; and it is doubtful whether he spends more than two shillings per day for his own self. Even this he does on the principle that the labourer is worthy of his hire. The fact is he does not need more than that to keep his body and soul together; for he is utterly unused to luxury of any kind. As for instance, he rarely enjoys the luxury of being served by another man...The prince is a brilliant English scholar; he is a diligent and thoughtful reader of English books and he has a great mastery over that language. What do you think of a sovereign Prince travelling in a bullock cart of the most primitive description. Now there are jungly tracts in his State, which he wanted to inspect for himself. He at first drove in a carriage but the axle broke, and then he hired a cart from the nearest village, and for three days and nights moved by means of this conveyance. Not that he minds these inconveniences much, for he is used to them, for principle and habit. Not that he does all these to be glorified by the newspapers, the public and the Government. If there is a man utterly without vanity in the world, it is perhaps this Prince of Mourbhanj. He is retiring, bashful, unselfish and devoted. He is accessible day and night to the meanest of his subjects, he is accessible even at the dead of night. He has no body-

guard to protect his person, but he leaves the doors ajar so that men, in need of him, can came to him at any time of the day or the night It is not an unusual thing for him to be awakened at dead of night by a subject who has business with him

× × ×

Mr M S Das who addressed the meeting both in Oriya and English, said that they had at last realised the value of unity which was the foundation of all good work The English nation was made up of several nations of Europe Metals mixed with one another only when they were in a molten state, and then each metal lost its individual properties and colour, and in combination with other metals formed a new metal So it was with the different classes of society When the different classes of society were inspired with brotherly love and they were fused into one, they lost their speciality, and the result was an amalgam, which like new metal could do anything which any other of its compoment parts singly could not do Similarly in this assembly which comprised Maharajas and Rajas, Princes who were the descendants of proud Rajputs, who came here and settled centuries ago, Mahomedans and Bengalis, and they identified themselves in interest and everything else with the Uriyas, and so these people had been fused together into one nation, which was no longer a race (Applause) Their common mother Orissa was lying on her death bed She was not now wearing those jewels which had adorned her in ancient times, and her two feet which were washed by the Ganges and Godavery were lying ,motionless The finger at whose touch rocks would shrink and form caves to give shelter to ascetics could no longer move, she could not also speak, and the only person who knew the "mantra' which could have enabled her to recover her voice was Upendro Bhonjo, the great poet of Orissa (Applause) But he was no more They ought to raise another Upendro Bhonjo from amongst themselves If the Uriya-speaking people were to do any great or grand work they must give up their selfish individuality and merge into one nation It was said of Mahomed the Prophet, that when he was a baby an angel opened his heart and removed from it something that was black The physicians of Europe in the present day, when a person was in a very low state of vitality transfused another's blood into the patients veins and thus

restored vitality If the children of Orissa wished to revive their mother they must transfer other's blood into her, but it must be pure blood, the blood from their heart after the black spot in the heart had been removed and that black spot was self-interest selfishness and pride (Loud applause)

The resolution was then put to the meeting and carried unanimously

A Central Committee of sixty members was then appointed (with power to add to their number and to form local branch committees) for the purpose of carefully educating public opinion concerning measures which may be regarded as expedient for the introduction of salutary social reforms among the Utkaliyas in response to the need of the present times An account of the work done during the year to be printed and laid before the Utkal Union Conference at their next an annual sitting

Standing Committees were also appointed for adopting organised measures for the improvement of the Oriya literature and language, in co-operation with the "Utkalsahitya Samaj' of Cuttack A Central Committee was also formed for the purpose of improving the agricultural and industrial condition of the Uriya-speaking tracts, and for utilising the natural products thereof and taking steps to have the "Silponnati Sabha' of Cuttack affiliated to this Conference, and making arrangements for holding an Annual Exhibition of Agricultural, Industrial and the Natural Product, in connection with this Conference

Babu M R Ry Rajgopalchari Rajguru of Mandussa seconded third motion and Babu Radhanath Paty of Midnapore and Ram Narayan Misra of Sambalpur also spoke in support

The Rev Mr A H Young also supported the resolution He was glad to see so many present, and he trusted that their earnestness and enthusiasm showed that there were better days in store for Orissa He fully sympathised with the purpose they had in view, viz a United Orissa He regretted that he was not sufficiently acquainted with the vernacular to be able to address them in it The question was what should be their attitude towards other nations, among them and close to them – the Bangalees from the North, the Telgus from the South the Marwarees and Mussulmans These were all the leading men in their own several departments, and, their number was very likely to increase Should they dislike these men and be against them, or apply to the

Government to stop them from coming these measures would be useless ? The best thing for them to do was to gain respect for themselves, and go in for a fair generous rivalry They should strive hard for the positions hitherto occupied by these people They should remove, as far as possible, all the hindrances to the progress of Orissa They should use their money and position and every effort they are capable of for the purpose of raising Orissa The strong shall not oppress the weak, but help the weak, and the weak should not hate the strong but work with the strong, all for one glorious end This was the secret of the progress and power and position attained by all great nations now They should examine their social customs, and see if there was anything which was hindering their advancement, if so, they should clear them out at once, as nuisances are removed from the streets If there were religious customs which were hindering their progress, they should examine them clearly to see, if they were really religious It was his opinion that no true religion hindered the progress of the people, its nature was to raise and bless From the lowest to the highest, properly graded union was alsolutely necessary With reference to Education, which was very essential for their progress, he exhorted them to educate their girls as well as boys The kind of rivalry he recommended, was the best of feelings towards others, but constant endeavour so to improve, rise and advance, that everyone would respect and honour them and have friendly feelings towards the Uriya nation

The Conference closed on the 1st January with an exhibition, where various articles, consisting of agricultural and industrial products of coure, were displayed, and which was opened with a beautiful speech by Mr K G Gupta the Commissioner In the course of his address Mr Gupta said that, he had known the Uriya people since a long time, and he could testify the fact that, not only they had a glorious past but a bright future also He made several suggestions by which the people might improve themselves, especially in agriculture He said the first duty of the Hindu was not only to revere the cow but feed it well He advised every ryot to keep a plot of pasture land for the maintenance of his cattle He expressed his deep sympathy with the movement, not only in his private but also in his official capacity Mr Gupta was frequently cheered while delivering his speech

## କଟକ ଉତ୍କଳ ସମ୍ମିଳନୀ

ବିଗତ ଡିସେମ୍ବର ମାସ ତା ୩୦/୩୧ ରିଖରେ କଟକ ନଗରେ ଉତ୍କଳ ସମ୍ମିଳନୀ ସଭାର ସନ୍ନିବେଶ ହୋଇଥିଲା । ଏହା ଗୋଟିଏ ଅଭିନବ ବ୍ୟାପାର । ଉତ୍କଳ ପ୍ରଦେଶରେ ଏପରି କୌଣସି ସମ୍ମିଳନୀ ଦୃଷ୍ଟି ଗୋଚର ହୋଇ ନ ଥିଲା । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ଏହି ନୂତନ ବ୍ୟାପାରର ସୃଷ୍ଟିକର୍ତ୍ତା । କଟକ ଇଦଗାପଡ଼ିଆ ଭୂମିରେ ଗୋଟିଏ ସୁବୃହତ ସଭାମଣ୍ଡପ ଗୃହ ପ୍ରସ୍ତୁତ କରାଇଥିଲେ । ତାହା ପତାକା, ଛବି ଓ ତୋରଣ ପ୍ରଭୃତିରେ ଅତୀବ ସୁନ୍ଦର ରୂପେ ସୁସଜ୍ଜିତ କରାଇ ସମସ୍ତ ଉତ୍କଳୀୟମାନଙ୍କର ସମ୍ମିଳନ କରାଇଥିଲେ । ତହିଁରେ ଓଡ଼ିଶା, ମେଦିନୀପୁର, ସମ୍ବଲପୁର, ଗଞ୍ଜାମ ପ୍ରଭୃତି ସ୍ଥାନର ଗଣ୍ୟମାନ୍ୟ ଉତ୍କଳଭାଷୀ ବ୍ୟକ୍ତିମାନେ ଆଦରେ ସମାହୂତ ହୋଇ ସହସ୍ର ସହସ୍ର ଉପସ୍ଥିତ ଥିଲେ । ମୟୂରଭଞ୍ଜ, ତାଳଚେର, ବଡ଼ମ୍ବା, କେନ୍ଦୁଝର, କନିକା, ଢେଙ୍କାନାଳ, ଖଲ୍ଲିକୋଟ, ଧରାକୋଟ, ଆଠଗଡ଼, ବାଲେଶ୍ୱରର ମହାରାଜା, ରାଜା, ଜୟପୁରର ଯୁବରାଜ, ଜମାଦାର, ଉକୀଲ, ହାକୀମ, ସରକାରୀ ଓ ବେସରକାରୀ ମହାଜନ, ସାହେବ, ମେମ, ଓଡ଼ିଆ, ମୁସଲମାନ, ଖ୍ରୀଷ୍ଟିଆନ, ବଙ୍ଗାଳୀ ପ୍ରଭୃତି ସମସ୍ତ ଜାତି, ଧର୍ମ୍ମ, ବ୍ୟବସାୟର ଭଦ୍ର ବ୍ୟକ୍ତିମାନେ ସେହି ସଭାମଣ୍ଡପରେ ସାନନ୍ଦେ ଉପସ୍ଥିତ ଥାଇ ଶୋଭା ବର୍ଦ୍ଧନ କରିଥିଲେ । ମୟୂରଭଞ୍ଜର ମହାରାଜା ବାହାଦୁର ସଭାପତି ପଦରେ ମନୋନୀତ ହୋଇ ସୁଚାରୁରୂପେ କାର୍ଯ୍ୟ ସମାଧା କରିବା ପର ପ୍ରସ୍ତାବିତ ବିଷୟମାନ କ୍ରମଶଃ ଉଦ୍‌ଘାଟିତ କରା ହେଲା । ଅଧିବେଶନର ପ୍ରଥମ ଦିବସ ସଭାପତି ମହାଶୟ ଆସନ ଗ୍ରହଣ କଲାପର କ୍ରମଶଃ ଓଡ଼ିଆ ବଙ୍ଗଳା ଓ ସଂସ୍କୃତ ଭାଷାରେ ତିନିଗୋଟି ମନୋଜ୍ଞ ସଙ୍ଗୀତ ହାରମୋନିୟମ ସାହାଯ୍ୟରେ ସୁକଣ୍ଠ ବାଳକମାନଙ୍କ କର୍ତ୍ତୃକ ଗୀତ ହୋଇ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଆହ୍ଲାଦିତ କରିଥିଲା । ତତ୍ପର ସଭାପତି ମହାଶୟ ଗୋଟିଏ ଅତି ସୁନ୍ଦର ଉତ୍କୃଷ୍ଟ ପ୍ରବନ୍ଧ ପାଠକଲେ । ତତ୍ପର ତିନିଗୋଟି ବିଷୟ ପ୍ରସ୍ତାବିତ ଓ ଅନୁମୋଦିତ ହେବାରୁ ଦିବା ଅପରାହ୍ନ ୪ଟା ସମୟରେ ସେ ଦିନମାନ କାର୍ଯ୍ୟାବଳୀ ସ୍ଥଗିତ ରହିଲା । ତା ୩୧ ରିଖରେ ପୁଣି ବିଧିମତ ୧୧ଟା ସମୟରେ କାର୍ଯ୍ୟାରମ୍ଭ ହେଲା । ବାକୀ ପ୍ରସ୍ତାବମାନ କ୍ରମେ କ୍ରମେ ପ୍ରଚାରିତ ଓ ଅନୁମୋଦିତ ହୋଇ ଅପରାହ୍ନ ୩ଟା ସମୟରେ ସଭା ଭଗ୍ନ ହେଲା । କମିସନର ସାହେବ ମହୋଦୟ ଉକ୍ତ ଦୁଇ ଦିବସ ସଭାପତି ମହାଶୟଙ୍କର ଦକ୍ଷିଣ ଓ ପଶ୍ଚିମରେ ବସି ମନୋଯୋଗପୂର୍ବକ ସମସ୍ତ ବିଷୟ ଶ୍ରବଣ ଓ ଦର୍ଶନ କଲେ । ସମ୍ମିଳନୀର ଉଦ୍ଦେଶ୍ୟ ଅତି ମହତ । ସମସ୍ତ ଉତ୍କଳଭାଷୀମାନଙ୍କୁ ଏକତ୍ରୀଭୂତ କରଣ ଓ ସେମାନଙ୍କର ସାମାଜିକ ଓ ଶିକ୍ଷା ଆଦିର ଉନ୍ନତି ସାଧନ । ବକ୍ତାଙ୍କ ମଧ୍ୟରେ ତାଳଚେର ରାଜା, କନିକା ରାଜା, ରାଜା ବୈକୁଣ୍ଠନାଥ ଦେ ବାହଦୁର, ବାବୁ ରାଧାନାଥ ପତି, ବାବୁ ଗୋକୁଳାନନ୍ଦ ଚୌଧୁରୀ, ବାବୁ ମଧୁସୂଦନ ରାଓ, ବାବୁ

ମଧୁସୂଦନ ଦାସ, ବାବୁ ଶରଚ୍ଚନ୍ଦ୍ର ମୁଖର୍ଯ୍ୟୀ ଓ ବାବୁ କୃଷ୍ଣଚନ୍ଦ୍ର ପାଲିତ, ମହୋଦୟ କିପରି ଉନ୍ନତି ସାଧନ ଓ ନାନାଦି ଅଭାବ ମୋଚନ ହେବ ତତ୍‌ସମ୍ବନ୍ଧେ ବିଶଦଭାବେ ଓଡ଼ିଆ ଭାଷାରେ ବକ୍ତୃତା କରିଥିଲେ । ମିସନରି ୟଙ୍ଗ ସା[illegible] ମଧ୍ୟ ଓଡ଼ିଶାର ଅଭାବ ମୋଚନ ଓ ଉନ୍ନତି ସମ୍ବନ୍ଧେ ଇଂରାଜିରେ ଗୋଟିଏ ସୁନ୍ଦର ହୃଦୟଗ୍ରାହୀ ବକ୍ତୃତା କରି ଉତ୍ତମରୂପେ ବୁଝାଇ ଦେଇଥିଲେ ।

ଅନେକ ସ୍କୁଲ ଓ କଲେଜର ଛାତ୍ରମାନେ ଭଲଣ୍ଟିୟର ମନୋନୀତ କରା ହୋଇଥିଲେ । ସେମାନେ ମଧ୍ୟ କର୍ତ୍ତବ୍ୟନିଷ୍ଠ ହୋଇ ସଭାର କାର୍ଯ୍ୟ ଉତ୍ତମରୂପେ ସମ୍ପନ୍ନ କରିଥିବାରୁ ସେମାନଙ୍କୁ ଏବଂ ସଭାପତି ମହୋଦୟଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା । ଏଦିନ ସମସ୍ତେ ନିଜ ନିଜ ସ୍ଥାନରୁ ପ୍ରତ୍ୟାବୃତ୍ତ ହେଲେ । ଏଡ଼େବଡ଼ ଜନତା ମଧ୍ୟରେ ସମସ୍ତେ ଚିତ୍ରାର୍ପିତ ପ୍ରାୟ ନିରବ ନିଶ୍ଚଳ ହୋଇ ରହିଥିଲେ ସୁତରାଂ ସଭାକାର୍ଯ୍ୟ ଅତ୍ୟନ୍ତ ସୁଶୃଙ୍ଖଳରେ ସମ୍ପନ୍ନ ହୋଇଥିଲା ।

ସଭାର ବିସ୍ତାରୀତ କାର୍ଯ୍ୟ ବିବରଣ ସ୍ଥାନାନ୍ତରରେ ପ୍ରକାଶିତ ହେଲା । ଏଥର ସ୍ଥାନାଭାବ ହେତୁ ସଭାପତି ମହୋଦୟଙ୍କ ସୁଦୀର୍ଘ ବକ୍ତୃତା ଏହି ପତ୍ରିକା ବକ୍ଷରେ ଖୋଦିତ କରିବାକୁ ଅକ୍ଷମ ହେଲୁଁ । ବାରାନ୍ତରେ ବକ୍ତୃତା ପ୍ରଦାନକାରୀମାନଙ୍କ ବକ୍ତୃତା ଏବଂ ପ୍ରଦର୍ଶନୀ ବିଷୟ ବିବୃତ୍ତ କରିବାର ମାନସ ରହିଲା ।

—

## ଉତ୍କଳ-ସାହିତ୍ୟ

### (୧) ଉତ୍କଳ-ସମ୍ମିଳନୀ

ଉତ୍କଳ-ସମ୍ମିଳନୀର ପ୍ରଥମ ଅଧିବେଶନ ଯଥାସମୟରେ ମହାସମାରୋହରେ ସମ୍ପନ୍ନ ହୋଇ ଯାଇଅଛି । ଅତି ଅଳ୍ପକାଳ ମଧ୍ୟରେ ଏତେଦୂର ଆୟୋଜନ ହୋଇପାରିବ ଏବଂ ଉତ୍କଳଖଣ୍ଡର ନାନା ସ୍ଥାନରୁ ଏତେଗୁଡ଼ିଏ ଲୋକ ଆସି ସମ୍ମିଳନୀରେ ଯୋଗଦେବେ, ଏ ବିଶ୍ୱାସ ପ୍ରାୟ ଅନେକଙ୍କର ନ ଥିଲା । ସମଗ୍ର ଉତ୍କଳଭୂମିର ନାନା ଶ୍ରେଣୀର ଲୋକମାନେ ଏକତ୍ର ଉପସ୍ଥିତ ହୋଇ – ରାଜା ପ୍ରଜା, ଧନୀ ଗରିବ, ପଣ୍ଡିତ ମୂର୍ଖ ଏକତ୍ର ସମାସୀନ ହୋଇ ନିଜ ନିଜ ଅବସ୍ଥା ପର୍ଯ୍ୟାଲୋଚନା କରିବା ଏବଂ ଅଭ୍ୟୋନ୍ନତିର ନାନା ସଦୁପାୟମାନ ନିର୍ଦ୍ଧାରଣ କରିବା ଏ ପ୍ରଦେଶରେ ଏହି [illegible]ପ୍ରଥମ । ଗଞ୍ଜାମ ଜାତୀୟ ସମିତିରେ ଏହାର ସୂଚନା ହୋଇଥିଲେ ହେଁ ବ୍ୟାପକତା [illegible] ଏହାହିଁ ଉତ୍କଳର ପ୍ରଥମ ସମ୍ମିଳନୀ । ସମ୍ମିଳନୀର କାର୍ଯ୍ୟରେ ଉତ୍କଳସନ୍ତାନଙ୍କର

ଯେପରି ଅନୁରାଗ, ଉତ୍ସାହ, ଉଦ୍ୟମ ଦୃଷ୍ଟ ହୋଇଅଛି ତାହା ଉତ୍କଳର ଭବିଷ୍ୟତ ପକ୍ଷରେ ଆଶାପ୍ରଦ ସନ୍ଦେହ ନାହିଁ । ବିଭିନ୍ନ ସ୍ଥାନର ଅଧିବାସିମାନେ ଏହାର କାର୍ଯ୍ୟକଳାପ ଦେଖି ଅତ୍ୟନ୍ତ ପରିତୁଷ୍ଟ ହୋଇଅଛନ୍ତି – ଏମନ୍ତ କି ଅନେକ ସ୍ଥାନରେ ଉତ୍କଳ-ସମ୍ମିଳନୀର ଜୟଜୟକାର ପଡ଼ି ଯାଇଅଛି । ଅଧିବେଶନର ସବିଶେଷ କାର୍ଯ୍ୟ ବିବରଣ ପୁସ୍ତକାକାରରେ ପ୍ରକାଶିତ ହୋଇ ସର୍ବତ୍ର ପ୍ରଚାରିତ ହେବାର ଚେଷ୍ଟା ହେଉଅଛି । ଆମ୍ଭେମାନେ ସେ ବିଷୟରେ କିଛି କହିବୁ ନାହିଁ । ଆମ୍ଭମାନଙ୍କ ମତରେ ସମ୍ମିଳନୀର ସଫଳତା ବା ବିଫଳତା ଏହାର ଭବିଷ୍ୟତ କାର୍ଯ୍ୟପ୍ରଣାଳୀ ଉପରେ ନିର୍ଭର କରୁଅଛି । ବର୍ଷଯାକ ନିଦ୍ରିତ ବା ସ୍ୱକାର୍ଯ୍ୟରେ ରତ ରହି ବର୍ଷାନ୍ତେ ଥରେ ଏକତ୍ର ହେଇ 'ହୋହା' କରିବାରେ ସମୟ, ଶକ୍ତି ଓ ଅର୍ଥ ବ୍ୟୟ କରିବାର ପ୍ରୟୋଜନୀୟତା ଆଉ ନାହିଁ । ବର୍ଷବ୍ୟାପୀ ଚେଷ୍ଟା ଓ ଯତ୍ନର ଫଳ ସର୍ବସାଧାରଣଙ୍କୁ ଜଣାଇବା ଏବଂ ଭବିଷ୍ୟତ୍ କାର୍ଯ୍ୟନିମିତ୍ତ ସଦୁପାୟମାନ ନିର୍ଦ୍ଧାରଣ କରିବା କେବଳ ବାର୍ଷିକ ଅଧିବେଶନରେ ଉଦ୍ଦେଶ୍ୟ । କାର୍ଯ୍ୟନିର୍ବାହିକା ସମିତିରେ ନାନା ସ୍ଥାନର ବହୁ ବିଜ୍ଞ ଓ ବିଚକ୍ଷଣ ବ୍ୟକ୍ତି ରହିଅଛନ୍ତି ଏବଂ ସମ୍ମିଳନୀରେ ପ୍ରସ୍ତାବିତ ବିବିଧ ଉନ୍ନତିକର ବିଭାଗମାନଙ୍କରେ ମଧ୍ୟ ବିଶିଷ୍ଟ ବ୍ୟକ୍ତିମାନେ କମିଟିର ସଭ୍ୟ ନିଯୁକ୍ତ ହୋଇଅଛନ୍ତି, ସେମାନଙ୍କୁ ଉପଦେଶ ଦେବା ଆମ୍ଭମାନଙ୍କ ପକ୍ଷରେ ଧୃଷ୍ଟତା ମାତ୍ର । କେବଳ ଏତିକି କହୁଅଛୁଁ, ଆରମ୍ଭରେ ଯେଉଁ ଅନୁରାଗ ଓ ଯେଉଁ ଉତ୍ସାହ ପରିଲକ୍ଷିତ ହୋଇଅଛି ଦୁଇଦିନରେ ଯେପରି ତାହାର ଅବସାନ ନ ହୁଏ ଏବଂ ପ୍ରଥମ ଜୟୋଲ୍ଲାସ ଯେପରି ପରିଣାମରେ ଉପହାସର କାରଣ ନ ହୁଏ । ସମ୍ମିଳନୀର ଉଦ୍‌ଯୋଗୀ ଏବଂ କାର୍ଯ୍ୟ-ନିର୍ବାହକଗଣ ଭୟାନକ ଦାୟିତ୍ୱ ମସ୍ତକରେ ସ୍ୱଇଚ୍ଛାରେ ଗ୍ରହଣ କରିଅଛନ୍ତି । ସେମାନଙ୍କ ମଧ୍ୟରୁ କିଏ କି ଭାବରେ ବର୍ତ୍ତମାନ ଆହାର ନିଦ୍ରା ସମ୍ଭୋଗ କରୁଅଛନ୍ତି, ତାହା ସେହିମାନଙ୍କୁ ଜଣା ଏବଂ ଫଳରେ ଜଣାପଡ଼ିବ । ଆମ୍ଭମାନଙ୍କର ଏ ସମ୍ବନ୍ଧରେ ଯାହା ଯାହା କହିବାର ଅଛି – ସେ ସମସ୍ତ କ୍ରମଶଃ ବ୍ୟକ୍ତ କରିବୁଁ । ନାନ କାରଣରୁ ବର୍ତ୍ତମାନ ସେଥିରୁ କ୍ଷାନ୍ତ ହେଲୁଁ ।

## (୨) ମିଳନରେ ବିବାଦ

ସମଗ୍ର ଉତ୍କଳଭାଷୀ ପ୍ରଦେଶକୁ ଏକତ୍ର କରି ବଙ୍ଗଶାସନାଧୀନ କରିବାର ପ୍ରସ୍ତାବ ଭାରତ ଗବର୍ଣ୍ଣମେଣ୍ଟ ପ୍ରକାଶ କଲା ଉତ୍ତାରେ ଉତ୍କଳବାସୀ କୌଣସି କୌଣସି ବ୍ୟକ୍ତିଙ୍କ ମନରେ ଭିନ୍ନ ଭିନ୍ନ ଚିନ୍ତା ବିଚାର ଜାଗ୍ରତ ହୋଇଅଛି । ସମ୍ମିଳନୀର ଅଧିବେଶନବେଳେ "ପ୍ରାର୍ଥନା" ନାମରେ ଅସାରଯୁକ୍ତିପୂର୍ଣ୍ଣ ଖଣ୍ଡିଏ କ୍ଷୁଦ୍ର ପୁସ୍ତିକା ଏ ନଗରୀରେ ବିତରିତ ହୋଇଥିଲା – ଆମ୍ଭେମାନେ ତାହାକୁ ପିଲାଖେଳ ମନେ କରି ଉପେକ୍ଷା କରିଥିଲୁଁ । ଖେଳଟା ସେତିକିରେ ଶେଷ ନ ହୋଇ ପୁଣି ଭିନ୍ନ ଭିନ୍ନ ଆକାର ଧାରଣ କରିବାକୁ

ଲାଗିଲାଣି । ଇତି ମଧ୍ୟରେ ସମ୍ମିଳିତ ଓଡ଼ିଶାକୁ ସ୍ୱତନ୍ତ୍ର ଶାସନାଧୀନ ଅଥବା ମଧ୍ୟପ୍ରଦେଶର ଅଧୀନ କରିବା ସପକ୍ଷରେ କେତେଗୁଡ଼ିଏ ଯୁକ୍ତି ଇଂରାଜୀରେ ଛାପା ହୋଇ ବିତରିତ ହେଉଅଛି । ଆମ୍ଭେମାନେ ଶୁଣିଲୁଁ ଉକ୍ତ ଛାପାପତ୍ର ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରିତ ହୋଇଅଛି ଏବଂ ଆନୁସଙ୍ଗିକ ଖଣ୍ଡିଏ ଆବେଦନପତ୍ର ମଧ୍ୟ ପ୍ରେରିତ ହେବାର ବ୍ୟବସ୍ଥା ହୋଇଅଛି । ଯୁକ୍ତିଗୁଡ଼ିକ 'ପ୍ରାର୍ଥନା'ର ଯୁକ୍ତିରୁ ଅଧିକ ବିଭିନ୍ନ ନୁହେ — ଅଧିକନ୍ତୁ ଏଥିରେ କେତେଗୁଡ଼ିଏ ଅସରଳ ଉକ୍ତି ଏବଂ ପ୍ରକୃତ ଘଟନାର ବିକୃତ ବ୍ୟାଖ୍ୟାର ଅବତାରଣା ହୋଇଅଛି । ଏହା ଅତ୍ୟନ୍ତ ପରିତାପର ବିଷୟ ସନ୍ଦେହ ନାହିଁ । ଏ ସମସ୍ତ କାଣ୍ଡର ମୂଳ କିଏ, ଆମ୍ଭେମାନେ ଠିକ୍ ଜାଣୁ ନାହିଁ । ଏପ୍ରକାର ଅସରଳ ଓ ଅସାର ଯୁକ୍ତିର ସମାଲୋଚନା କରିବାର ପ୍ରବୃତ୍ତି ମଧ୍ୟ ଆମ୍ଭମାନଙ୍କର ନାହିଁ । ଯେଉଁମାନେ କାର୍ଯ୍ୟକ୍ଷେତ୍ରର ପ୍ରକୃତ ଅବସ୍ଥା ନ ବୁଝି ଅଥବା ବୁଝିବାକୁ ଚେଷ୍ଟା ନ କରି ଆସ୍‌ମାନରେ ସୁଶୋଭନ ଅଟ୍ଟାଳିକା ନିର୍ମାଣରେ ବ୍ୟସ୍ତ, ସାମାନ୍ୟ ଚାକିରୀ ଯେଉଁମାନଙ୍କ ମତରେ ଜାତୀୟ ଜୀବନରେ ଲକ୍ଷ୍ୟ ବା ଜାତୀୟତା ଲାଭର ଚରମ ସାଧନ, ଘର କଣରେ ଲୁଚି ଯେଉଁମାନେ କୋଟି ସଂଖ୍ୟକ ନରନାରୀଙ୍କର ମଙ୍ଗଳାମଙ୍ଗଳର ବିଚାର କରି ମୁହୂର୍ତ୍ତକେ ସିଦ୍ଧାନ୍ତରେ ଉପନୀତ ହୋଇପାରନ୍ତି ଏବଂ ସର୍ବୋପରି ଯେଉଁମାନେ ସର୍ବସାଧାରଣଙ୍କ ଅଜ୍ଞାତରେ ଶାସନପରିବର୍ତ୍ତନରୂପ ଅତି ଗୁରୁତର ବ୍ୟାପାରରେ ସ୍ୱମତକୁ ଅଧିକାଂଶ ବ୍ୟକ୍ତିର ମତ ବୋଲି ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଉପସ୍ଥାପିତ କରିବାକୁ ବିନ୍ଦୁମାତ୍ର ସଙ୍କୁଚିତ ନୁହନ୍ତି, ସେମାନଙ୍କ ସହିତ ଯୁକ୍ତି କରିବା ବିଡ଼ମ୍ବନା ମାତ୍ର — ଯୁକ୍ତିଦ୍ୱାରା ଏ ଶ୍ରେଣୀର ଲୋକଙ୍କ ମତ ପରିବର୍ତ୍ତନ କରିବାର ଆଶା ଦୁରାଶା ମାତ୍ର । ଆମ୍ଭେମାନେ ଶୁଣି ବିସ୍ମିତ ହେଲୁଁ ଯେ ଶ୍ରଦ୍ଧାସ୍ପଦ ପାଦ୍ରି ହାବେଲ ସାହେବ ଏହି କ୍ଷୁଦ୍ର ଦଳର ଅନ୍ୟତର ନେତାସ୍ୱରୂପ କାର୍ଯ୍ୟ କରୁଅଛନ୍ତି । ତାଙ୍କପରି ଜଣେ ବିଜ୍ଞ ଓ ସୁବିବେଚକ ବ୍ୟକ୍ତି କାର୍ଯ୍ୟଟିର ଗୁରୁତ୍ୱ ଓ ଫଳାଫଳ ଚିନ୍ତା କରି ପାରିଲେ ନାହିଁ ଏବଂ କାର୍ଯ୍ୟପ୍ରଣାଳୀର ଗୁରୁତର ଦୋଷଟା ଧରିପାରିଲେ ନାହିଁ, ଏହା ଗଭୀର ପରିତାପର ବିଷୟ । ଇତି ମଧ୍ୟରେ 'ପ୍ରାର୍ଥନା'ର ଉତ୍ତରସ୍ୱରୂପ 'ଜ୍ଞାନାଞ୍ଜନଶଳାକା' ନାମରେ ଖଣ୍ଡିଏ ପୁସ୍ତିକା ପ୍ରକାଶିତ ହୋଇ ବିତରିତ ହେଉଅଛି । ଚିନ୍ତାଶୀଳ ଅବସ୍ଥାଭିଜ୍ଞ ବ୍ୟକ୍ତିମାତ୍ରକେ 'ପ୍ରାର୍ଥନା'ର ଯୁକ୍ତିର ଅସାରତା ବୁଝିପାରିଥିଲେ । ମାତ୍ର ସ୍ୱଳ୍ପଜ୍ଞ ବ୍ୟକ୍ତିମାନଙ୍କୁ ଭ୍ରାନ୍ତିରୁ ରକ୍ଷା କରିବା ପାଇଁ 'ଶଳାକା' ତୁଲ୍ୟ ଖଣ୍ଡିଏ ପୁସ୍ତିକାର ପ୍ରୟୋଜନ ଥିଲା । ଯୁକ୍ତିଗୁଡ଼ିକ ସର୍ବଥା ଉପଯୋଗୀ ହୋଇଅଛି । ମାତ୍ର ଲେଖକ ଯେ ନାନା ସ୍ଥାନରେ ଉପହାସ ବିଦ୍ରୂପର ଅବତାରଣା କରିଅଛନ୍ତି ତାହା ଆମ୍ଭେମାନେ ଆଦୌ ଅନୁମୋଦନ କରି ପାରିଲୁଁ ନାହିଁ । ଏପରି ଗୁରୁତର ବିଷୟରେ ତାହା କୌଣସି ପ୍ରକାରେ ସଙ୍ଗତ ବିବେଚିତ ହୋଇ ନ ପାରେ — ତଦ୍ଦ୍ୱାରା ଯୁକ୍ତିର ବଳ ବଢ଼ିବା ଦୂରେ ଥାଉ

ବରଂ କମିବାର ସମ୍ଭାବନା ଅଧିକ । ସେ ଯାହାହେଉ ଏପ୍ରକାର ବାଦପ୍ରତିବାଦରେ ଅନିଷ୍ଟ ଛଡ଼ା ଇଷ୍ଟ ବିନ୍ଦୁ ମାତ୍ର ନାହିଁ । କ୍ଷୁଦ୍ର ସ୍ୱାର୍ଥ, ନୀଚ଼ ଅହମିକା ପରିତ୍ୟାଗ କରି ଜାତୀୟ ଉନ୍ନତ ଆଦର୍ଶ ସ୍ଥିର ରଖି କାର୍ଯ୍ୟ କରିବା ପରିବର୍ତ୍ତରେ କାଳ୍ପନିକ କ୍ଷୁଦ୍ର ସୁଖର ଛଳନାରେ ପ୍ରତାରିତ ହେବା ସୁବୁଦ୍ଧିର ପରିଚାୟକ ନୁହେ । ଅସାର କଳ୍ପନା ଜଳ୍ପନାରେ ଶକ୍ତି ଓ ସମୟର ଅପଚୟ ନ କରି ଉପସ୍ଥିତ ସୁଯୋଗରେ ଆତ୍ମୋନ୍ନତି ସାଧନର ଉପାୟ ଅବଲମ୍ବନ କରିବା ଉଚିତ ।

## REMISCENCES OF SHOILABALA DAS

### I. FIRST SESSION OF

### UTKAL UNION CONFERENCE

No one knows more intimately the history of the first Utkal Union Conference than myself. How it was originated and why it was originated very few know the cause of it.

In 1902, my late father and late Sir Surendra Nath Banerjee had a great discussion about the difficult problem of Orissa in the Grand Hotel, Calcutta, during X'mas week. Orissa was then connected with Bihar & Bengal and was in minority. Orissa suffered educationally, economically, industrially and socially and was very backward and my father wanted that the Indian National Congress should take up the question of Orissa that the Oriya speaking tracts should be amalgamated as a Province. But Sir Surendra Nath was not in favour of taking up Provincial Questions in the Congress and so my father parted from the National Congress.

He started the Utkal Union Conference. The later part of the year 1903 was mostly devoted in forming the executive committee, resolutions etc. Almost daily the meeting of the executive committee was held at Madhusudan's large drawing room at Cuttack. Government officers and non-officials were members of the Committee. I was also a member of the executive committee. The contractors were engaged to make a pandal at Tulsipur at Mr.Das's land. I was asked to decorate the pandal and look after the comforts of the guests. My father spent a fortune over this Institution and it was successful in rousing the national consciousness of the Oriyas,

vivisected and unconscious, under an alien rule I formed a volunteer board with 200 local College boys They did yeomen service under my supervision to make the conference a great success I held many meeting of these boys on the Tennis Court in Madhu Smriti House and formed many Sections such as Pandal, Guest House, Railway, Traffic, Industry, Exhibition etc etc and I must say I had great pleasure in doing work with these boys I became the Commander of the Volunteer Board A week before the Conference, a Government officer informed at the meeting of the executive committee that all Govt Officers would resign and would not be able to attend the Conference as the then Commissioner of Orissa ( an Indian) had issued a Circular that Govt Servants should not attend the Conference This news came as a bombshell Maharaja of Mayurbhanj would preside and all the feudatory Rajas & Zamindars, Govt officials were invited No one would be able to come when such a Circular was issued One evening when the meeting of the executive committee was held at our drawing room, the Commissioner of the Division came to the house and the servant brought him to me and he remarked to me that he would not be able to see me in my glory as a Commander-in-Chief of the Volunteer band I asked him "why can't he come" He kept silent I said to him again, "You have issued a circular preventing your officers and others to join the Conference " He said, "You are a little girl and must not ask questions My lips are sealed " I again said, Please withdraw the Circular You know it very well that it is not a political conference and you are very much abused by your own officers and people of the town" He said, "I do not like to discuss the question with you " I kept silent, and then sent for our bearer and ordered him to get the carriage of the Commissioner The Commissioner felt insulted and said to me that by ordering his carriage I drove him out of our house I said "No, You are mistaken You should not be in a house where for nights & days the people were discussing about the Conference and your presence would be misconstrued when you had issued such a circular for Government servants and others not to join the Conference " Without a word he left our house I went down straight to the meeting and told the members and my father what discussion I had with the Commissioner There and then it was decided to send a long telegram to the Lt Governor of Bengal giving him all the resolutions of the Conference and showing that it was not a

political conference, and it was not understood why a circular of such a nature should be issued prohibiting Government officers, Rulers and others not to join the conference It would be death blow to the Oriya aspiration The Conference was meant to wake up Oriya nationalism and for the welfare of their country It cost my father a fortune to send the telegram and we waited anxiously two whole days for its reply but none came to him On the 3rd morning an urgent letter came from the Commissioner to my father requesting him to see him at once My father went The Commissioner was in his Office room He held a Government letter in his hand and asked my father 'Mr Das you are my friend, why did you not tell me that you were going to send a telegram to the Government I have been taken into the task by the Government " My father replied, "You never consulted me when you issued a circular knowing fully well that it was not a political conference ( as a copy of the resolutions was sent to you) yet you prohibited the Government officers and others not to join it The conference would be a great failure, not to speak of the great loss I would sustain All the Feudatory chiefs would be my guest and arrangements were made for them and there was no alternative for me after your talk with my daugnter but to send a telegram to the Governor of Bengal asking why the Oriyas should be punished " The Commissioner said that "this is the letter from the Chief Secy of Bengal, which you see in my hand I have been asked to read it to you " The letter says that the Government have got full sympathy with Oriyas' aspiration and for their educational, social, Industrial, economic development and to show the sympathy of the Government, the Commissioner was asked to be present as a representative of the Government daily After this the work of the Conference went on in full swing The college boys were dear coys, they carried out my order with pleasure and were in great discipline No one questioned my right to order them They took me as their leader, we were all brothers The pandal was tastefully decorated The guest houses volunteers were in all attention to the comforts of the guests It was so beautifully managed that even Sir , then Home member of the Government of Bengal, paid compliments to me that the volunteers did very good work in controlling the traffic No policeman controlled the traffic or seen anywhere in the conference ground Volunteers managed all Maharaja of Mayurbhanj presided Feudatory chiefs and others sat on the dias In the middle of the pandal, a Satranchi was spread, where Harijans and other

Schedule caste sat and my father sat with them. All Government officers, Jamidars, people and others sat on the chairs. The business of the conference was conducted in Oriya. I moved a resolution for a girls' school at Cuttack. It was my first maiden extempore speech. I said " I pray to Mother Utkal that she will kindly listen to my prayer though the prayer I uttered in Bengali as from my infancy I have been nursed by Mother Bengal and in my youth I am finding peace and comfort in the embrace of Mother Utkal. One Universal God is worshipped in different forms, in different provinces and the prayers are uttered in provincial languages but they are all accepted by God. I expect that though in infancy, I was brought up in Bengal, now Utkal will treat me as like one of her dear children. Hitherto female education in Bengal has been encouraged by men only. They do a good deal for us and they understand our necessities to a great extent but women are likely to understand their own want better still. I have had some education so I can claim some knowledge of our want. In ancient India, there were many educated Indian ladies,whose names are household word today. I doubt very much if they could leave an immortal memory had they not acquired education. I do not desire to give manly education to women nor do I like that they should compete for University degree only, but I do desire that women should have education to be the mother of great sons. My proposal is to establish a model girl school at Cuttack where there is none with a standing Committee of ladies alone. No doubt from time to time, we shall require the advice of educated men to guide us in the right path and I have confidence that when we shall approach them they will give us free advice. Before approaching you I consulted many ladies on the subject and they gave me every promise to help me in this cause." After the conference was over the late Motilal Ghosh, the editor of Amrita Bazar Patrika, paid a great compliment to my father. The Utkal Union Conference did yeomen service in creating national outlook among Oriyas reminding them the glorious heritage of the people now down trodden. When I recalled in my mind the huge gathering from all parts of Utkal in the first session of the Utkal Union Conference listening to the magnetic oratory of the G.O.M. with rapt attention and when I recollect the tremendous effect the session had, to bring Orissa to the level of other nation, I can not but feel proud what this one man did for Orissa. Motilal Ghosh told my late father "Madhu Oria you have taught us (Bengalis) how to capture the imagination of the masses. All your

proceedings were in the vernacular of the province which the mass could easily follow. Whereas we in Bengal in all our conference use English language, naturally we can not make impression on the masses. Henceforth we shall follow your example in addressing conferences in Bengali (the vernacular of the province). Another thing I notice that all the Oriyas including the president wore the "conference pugri". Everyone paid a glowing tribute to the success of the conference. The first industrial exhibition was also opened and was a great success. The exhibition was not an exhibition in the sense in which it is understood all over the world. It was more a demonstration of the working method and the utility of various looms by experts. It also placed before the public view some specimen of the clothes turned out by handlooms. There were many fancy articles and the exhibition was a great success. The exhibition was opened by the then Divisional Commissioner and it was the first exhibition in Cuttack.

## II. UTKAL UNION CONFERENCE

In 1903 my father left Congress as he found that unless the National Congress took up Orissa matters, it would not be fair for Orissa to join it. As the people of Orissa were very backward in those days and there was no national life, he started the Utkal Union Conference. The father of the present Maharaja of Mayurbhanj, Sri Ram Chandra Bhanja Deo was the President and other Feudatory Chiefs were all present. A large executive Committee was formed and I was one of the members. The officials and non-officials of Cuttack took great interest in this, Just a week before the meeting the then Commissioner of Orissa sent round a Circular asking Government officers not to join this Conference. This news staggered the members of the Executive Committee as this would prevent all the Feudatory Chiefs and Government officers from attending the Conference. The Commissioner came to see me and I being a blunt woman always ask blunt questions. So I asked the Commissioner why he had sent round such a circular, as the Conference was meant to deal with Social and Educational matters only and his circular would harm the Conference a great deal." He told me "You are a little girl and you must not discuss this subject with me as my lips are sealed."

After he left my house I went down to the Committee meeting which was being held in our house and told them what the

Commissioner had said. My father sent a long telegram to the Governor of Bengal, Bihar and Orissa regarding this matter. Three days after, the Commissioner wanted to see my father badly. My father went to him and he showed my father a letter from the then Chief Secretary which was asked to be read out to my father. The contents were that Government was in full sympathy with the Oriya people's welfare movement and the Commissioner was asked to attend the conference on behalf of the Government to give suport to the conference. The Commissioner felt his position very keenly and withdrew the circular.

The great day arrived, great excitement prevailed. Three hundred college boys were made volunteers by me. I organised this volunteer movement and grouped them in different sections, we took no help from Government. Even the duties of the police were undertaken by these volunteers, who regulated the traffic also.

On the platform sat the Rajas and the Commissioner. In the middle of the pandal a "durry" was spread and my father sat down there with the scheduled caste people and the harijans.Everyone who attended the conference had a special headgear Pink pagri which I took great pride to make them in our house by the help of tailors.

Stirring speeches were made in Oriya. Everyone was pleased with the function and a national feeling was developed. So this pandal bacame the birthplace of Oriya nationalism, and it was a great success. Some editors of leading Calcutta newspapers came to the conference at my father's special invitation. They all paid compliments to my father at the signal success of the conference. In other places the speeches they said were all in English, which the masses could not understand, wheras here even the least educated and the mass could take a keen interest in the proceedings of the conference as all the speeches were in Oriya. I moved a resolution on Female Education which was supported by all. For the girl's school I said that many of the Ranis and Rajas and other gentlemen of the town have assured me that they would help me when the school started.

The Calcutta papers called the conference "a one man's show" and congratulated the 'one man' for its signal success.

✡✡✡

# ପ୍ରାନ୍ତସୂଚନା

*ଉତ୍କଳ ସମ୍ମିଳନୀ (୧୯୦୩-୧୯୩୬)* ପୁସ୍ତକର ପ୍ରଥମଭାଗରେ ଉପସ୍ଥାପିତ ଉପାଦାନସମୂହ କେବଳ ପ୍ରଥମ ଅଧିବେଶନ ସମ୍ପର୍କିତ । ପ୍ରଥମ ଅଧିବେଶନର ଐତିହାସିକ ଗୁରୁତ୍ୱ ଦୃଷ୍ଟିରୁ ତାହା ସମ୍ପର୍କରେ ଉପଲବ୍ଧ ହୋଇଥିବା ଅଧିକାଂଶ ଉପାଦାନକୁ ପୁନଃମୁଦ୍ରଣ କରାଯାଇଛି । ଫଳରେ କେତେକ ସ୍ଥଳରେ ପୁନରୁକ୍ତିର ସମ୍ଭାବନା ଦେଖା ଦେଇଛି । ଉପଲବ୍ଧ ଉପାଦାନଗୁଡ଼ିକୁ ତିନୋଟି ବିଭାଗରେ ବିଭକ୍ତ କରାଯାଇଛି : ପ୍ରଥମ ବିଭାଗ : ଉତ୍କଳସମ୍ମିଳନୀର ପରିକଳ୍ପନା, ପୃଷ୍ଠଭୂମି ଓ ପ୍ରସ୍ତୁତି; ଦ୍ୱିତୀୟ ବିଭାଗ : ଉତ୍କଳ ସମ୍ମିଳନୀର ବିବରଣୀ; ତୃତୀୟ ବିଭାଗ; ଉତ୍କଳ ସମ୍ମିଳନୀ ସମ୍ପର୍କରେ ମତ ଓ ମନ୍ତବ୍ୟ । ଏହି ତିନୋଟି ବିଭାଗରୁ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ଏକ ପୂର୍ଣ୍ଣାଙ୍ଗ ଚିତ୍ର ମିଳି ପାରିବ ବୋଲି ଆଶା ।

୧୯୧୯ ମସିହାରେ ପ୍ରକାଶିତ ***The Oriya Movement*** ପୁସ୍ତକର 'History of the Movement' ଅଧ୍ୟାୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ପାଇଁ ହୋଇଥିବା ଆନ୍ଦୋଳନର ଆଦିପର୍ଯ୍ୟାୟ ସମ୍ପର୍କରେ କୁହାଯାଇଛି :

> Early in 1903 a small band of enthusiasts gathered in the town of Rambha under the beneficient auspices of Raja of Khallikote and resolved to establish the Ganjam Jatiya Samiti (National Conference) whose first sitting was proposed to be held in the town of Berhampur in the ensuing Easter. (p.33)

ପରବର୍ତ୍ତୀ ସମୟରେ ଯେଉଁ ଐତିହାସିକ/ଗବେଷକମାନେ ଉତ୍କଳ ସମ୍ମିଳନୀ ବା ଓଡ଼ିଆ ଜାତୀୟତାର ବିକାଶ ଉପରେ ଆଲୋଚନା କରିଛନ୍ତି, ସେମାନେ ସମସ୍ତେ ଉପରୋକ୍ତ ବକ୍ତବ୍ୟକୁ ବେଦବାକ୍ୟ ବୋଲି ଗ୍ରହଣ କରିନେଇଛନ୍ତି । ରମ୍ଭା ରାଜବାଟୀରେ ହୋଇଥିବା ଏହି ବୈଠକ କେଉଁ ତାରିଖରେ ଅନୁଷ୍ଠିତ ହୋଇଥିଲା ଓ ସେଥିରେ କେଉଁମାନେ ଉପସ୍ଥିତ ଥିଲେ, ତାହାର ନିର୍ଦ୍ଦିଷ୍ଟ ପ୍ରମାଣ କେହି ହେଲେ ଉପସ୍ଥାପନ କରିନାହାନ୍ତି । *ଓଡ଼ିଆ ଆନ୍ଦୋଳନର ଇତିହାସ* ପୁସ୍ତକରେ ଘଟଣାଟିକୁ ବର୍ଷେ ପୂର୍ବକୁ ଘୁଞ୍ଚାଇ ନିଆଯାଇ ରମ୍ଭାବୈଠକ ସମ୍ପର୍କରେ ଏକ ପୃଷ୍ଠାବ୍ୟାପୀ ବିବରଣୀ ଦିଆଯାଇଛି । ରମ୍ଭା ବୈଠକ/ସମ୍ମିଳନୀର ବିବରଣୀ ଦେଇ ପୁସ୍ତକର ଲେଖକ ପଣ୍ଡିତ ବାଇକୋଳି ମହାପାତ୍ର ଲେଖିଛନ୍ତି :

> ୧୯୦୨ ମସିହାରେ ପ୍ରାକୃତିକ ଓଡ଼ିଶାର କେତେକ ରାଜା ତଥା ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଗଲା । ସମଗ୍ର ଓଡ଼ିଶା ବିଶେଷରେ ଗଞ୍ଜାମ ଓ

> ଜୟପୁର ଓଡ଼ିଆଙ୍କ ଶିକ୍ଷା, ସରକାରୀ କାର୍ଯ୍ୟକ୍ଷେତ୍ରରେ ପ୍ରବେଶରେ ବାଧା, ବାଣିଜ୍ୟ, ଏପରିକି ସାମାଜିକତାରେ ଯେଉଁ ସବୁ ଅସୁବିଧା ଘଟୁଛି, ସରକାର ଓଡ଼ିଆମାନଙ୍କ ପ୍ରତି ଯେଉଁସବୁ ବୈମାତୃକ ବ୍ୟବହାର ଦେଖାଉଛନ୍ତି, ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା ଚାଲିଲା । ଉତ୍କଳ ଜନନୀଙ୍କର ଖଣ୍ଡବିଖଣ୍ଡିତ ଶରୀର ସମସ୍ତଙ୍କ ଆଖି ଆଗରେ ଭାସି ନାଚିଗଲା । ଧ୍ୱନି ଉଠିଲା 'ଜୟ ଉତ୍କଳର ଜୟ' । ମଧୁବାବୁ ପ୍ରସ୍ତାବ କଲେ ଯେ ବ୍ରହ୍ମପୁରଠାରେ 'ଗଞ୍ଜାମ-ସମ୍ମିଳନୀ' ଅନୁଷ୍ଠିତ ହେଉ । ପ୍ରାକୃତିକ ଓଡ଼ିଶାର ସବୁ ଅଞ୍ଚଳରୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଉ । ଓଡ଼ିଶାର ସମସ୍ତ ଅସୁବିଧା ଦୂର କରିବା ନିମନ୍ତେ ସମସ୍ତେ ଲାଗିବା, ଓଡ଼ିଆମାନେ ବିଭିନ୍ନ ସରକାର ଅଧୀନରେ ରହି ଯେପରି ଅବହେଳିତ ତଥା ନିର୍ଯ୍ୟାତିତ ହେଉଛନ୍ତି ତାହାର ପ୍ରତିବିଧାନ କରାଯିବ । ଏ ମିଳନରେ ମଧୁବାବୁ, ରାଧାନାଥ ରାୟ, ଫକୀରମୋହନ ସେନାପତି, ମୟୂରଭଞ୍ଜ ମହାରାଜା, ପରଶୁରାମ ପାତ୍ର, ଗଦ୍ୟାଧର ବିଦ୍ୟାଭୂଷଣ, ସଦାଶିବ ବିଦ୍ୟାଭୂଷଣ, ବଳରାମ ମହାରଣା, ନରସିଂହ ଦାସ ଆଦି ଯୋଗ ଦେଇଥିଲେ । (ପୃ.୫୫)

ଏହି ବିବରଣୀ ସମ୍ପର୍କରେ ପ୍ରଥମ ପ୍ରଶ୍ନ ହେଲା— ଏହା କେଉଁ ତଥ୍ୟସୂତ୍ର ଉପରେ ଆଧାରିତ ? ଦ୍ୱିତୀୟତଃ, ଏଥିରେ ଯେଉଁମାନେ ଯୋଗ ଦେଇଥିବାର ଉଲ୍ଲେଖ ଅଛି, ସେମାନେ କଣ ସତରେ କଣ ୧୯୦୨ ମସିହାରେ ଏଭଳି ଏକ ସମ୍ମିଳନୀରେ ଯୋଗ ଦେଇଥିଲେ ? କାରଣ ୧୯୦୨ ମସିହା ବେଳକୁ ରାଧାନାଥ ରାୟ ହୁଗୁଳୀରେ ଅବସ୍ଥାନ ଥିଲେ ଓ ୧୯୦୩ ମସିହା ଡିସେମ୍ବର ପୂର୍ବରୁ ଖଲ୍ଲିକୋଟର ରାଜାଙ୍କ ସହ ତାଙ୍କର ସଦ୍‌ଭାବ ନ ଥିଲା । କେଉଁ କାରଣରୁ ମହାପାତ୍ର ରମ୍ଭା ସମ୍ମିଳନୀ/ବୈଠକକୁ ୧୯୦୩ ମସିହାରୁ ୧୯୦୨ ମସିହାକୁ ନେଇ ଆସିଲେ, ତାହା ମଧ୍ୟ ସେ ଯଥାର୍ଥଭାବେ ଉପସ୍ଥାପନ କରିନାହାନ୍ତି । ଏହା ସତ୍ୟ ଯେ ଗଞ୍ଜାମ ଜାତୀୟ ସମ୍ମିଳନୀ ୧୯୦୩ ମସିହା ଏପ୍ରିଲ ୧୧ ଓ ୧୨ ତାରିଖରେ (ଶନିବାର ଓ ରବିବାରଦିନ) ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା ଓ ଏହାର ପୃଷ୍ଠପୋଷକ ଥିଲେ ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ ଦେଓ । ଏଥିପାଇଁ କିନ୍ତୁ ଏକ ପ୍ରାରମ୍ଭିକ ବୈଠକ ସମ୍ମିଳନୀ ପୂର୍ବରୁ ହୋଇଥିବାର ତଥ୍ୟଗତ ପ୍ରମାଣ ବର୍ତ୍ତମାନ ଉପଲବ୍ଧ ହେଉଥିବା କୌଣସି ଉପାଦାନରୁ ମିଳେ ନାହିଁ । ୧୯୦୨ ମସିହା ଡିସେମ୍ବର ମାସରେ ଓଡ଼ିଶାର ଏକୀକରଣ ଉଦ୍ଦେଶ୍ୟରେ ଗଞ୍ଜାମବାସୀମାନେ ଭାରତ ସରକାରଙ୍କୁ ଯେଉଁ ଦୀର୍ଘ ଆବେଦନପତ୍ର ଦେଇଥିଲେ, ତାହା ସହ ରମ୍ଭା-ସମ୍ମିଳନୀ (?)ର କୌଣସି ସମ୍ପର୍କ ଥିବାର ପ୍ରମାଣ ମଧ୍ୟ ସମକାଳୀନ ପତ୍ରପ୍ରତିକାରୁ ମିଳେ ନାହିଁ । ୨୯.୪.୧୯୦୫ ଓ ୩୦.୪.୧୯୦୫ରେ ରମ୍ଭା ରାଜବାଟିରେ 'ଖଲ୍ଲିକୋଟ ଉତ୍କଳସମ୍ମିଳନୀ'ର ଏକ

ଅଧିବେଶନ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସଭାପତିତ୍ୱ କରିଥିଲେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ। (ଉତ୍କଳ ଦୀପିକା-୪୦।୧୯; ୧୩.୫.୧୯୦୫) ପରବର୍ତ୍ତୀ ସମୟରେ ଏହି 'ଖଲ୍ଲିକୋଟ ଉତ୍କଳ ସମ୍ମିଳନୀ'ର ସମୟକୁ ସ୍ଥାନାନ୍ତରିତ କରି ଏହା ୧୯୦୨/୧୯୦୩ ମସିହାରେ ଅନୁଷ୍ଠିତ ହୋଇଥିଲା ବୋଲି ଧାରଣା ସୃଷ୍ଟି ହୋଇ ନାହିଁତ ?

ବହୁ ଗବେଷକଙ୍କ ଧାରଣା ୧୯୦୩ ମସିହା ଏପ୍ରିଲ ୧୧ ଓ ୧୨ ତାରିଖରେ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିବା ଗଞ୍ଜାମ ଜାତୀୟ ସମିତିର ପ୍ରେରଣାରୁ ଉତ୍କଳ-ସମ୍ମିଳନୀର ସୃଷ୍ଟି । ଏସ.ସି.ପାତ୍ର ତାଙ୍କର ଚର୍ଚ୍ଚାନିବନ୍ଧ ***The Formation of the Province of Orissa***ରେ ଏ ସମ୍ପର୍କରେ ଲେଖିଛନ୍ତି :

> This meeting of the "Ganjam Jatiya Samiti" was the first national conference of the Oriya people. It gave birth to the famous "Utkal Samilani" or the Utkal Union Conference which hence-warned took up an active role for the integration of the Oriya-speaking areas. In fact, the Cuttack Session of the "Utkal Samilani" was just an extension of the Berhampore Conference (p.131)

ଆଲୋଚ୍ୟ 'ଗଞ୍ଜାମ ଜାତୀୟ ସମ୍ମିଳନୀ' ଏକ ସଂପୂର୍ଣ୍ଣ ଆଞ୍ଚଳିକ ସମ୍ମିଳନୀ ନଥିଲା । ଏଥିରେ କଟକ, ପୁରୀ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାର ତେରଜଣ ନେତୃସ୍ଥାନୀୟ ବ୍ୟକ୍ତି ଓ ସାହିତ୍ୟିକ ଯୋଗଦେଇଥିଲେ। ଏଥିରେ ଗୃହୀତ ହୋଇଥିବା ଦଶଟି ପ୍ରସ୍ତାବରେ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା । ଏସବୁ ସତ୍ତ୍ୱେ ଉତ୍କଳ-ସମ୍ମିଳନୀକୁ ଏହାର ଏକ ସଂପ୍ରସାରଣ କରିବା ସତ୍ୟର ଅପଳାପ । ପାତ୍ର ଆପଣା ମନ୍ତବ୍ୟର ସମର୍ଥନ ପାଇଁ *ରାଧାନାଥ ଜୀବନୀ* ଓ *ଉତ୍କଳ-ସମ୍ମିଳନୀ ବିବରଣ*କୁ ବ୍ୟବହାର କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଯଥାର୍ଥ ଐତିହାସିକର ନିଷ୍ଠା ନେଇ *ରାଧାନାଥ ଜୀବନୀ* ଲେଖା ହୋଇନାହିଁ – ଏହା ଏକ ଆଧୁନିକ ଚରିତାମୃତ ଗ୍ରନ୍ଥ । *ଉତ୍କଳ ସମ୍ମିଳନୀ ବିବରଣ*ରେ କଟକ ଭିନ୍ନ ଅନ୍ୟାନ୍ୟ ସହରରେ/ଅଞ୍ଚଳରେ ହୋଇଥିବା ଓଡ଼ିଆ ଆନ୍ଦୋଳନକୁ ଗୁରୁତ୍ୱଦେଇ ସେହିସବୁ ଅଞ୍ଚଳର ପ୍ରତିନିଧିମାନଙ୍କ ମନରେ 'ଉତ୍କଳ ସମ୍ମିଳନୀ' ପ୍ରତି ଏକ ଆତ୍ମୀୟଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମଧୁସୂଦନ 'ଗଞ୍ଜାମ ଜାତୀୟ ସମ୍ମିଳନୀ' 'ନବଯୁଗର ନବପ୍ରଭାତ ଉତ୍କଳୀୟମାନଙ୍କୁ ଦେଖାଇଥିଲା' ବୋଲି କହିଛନ୍ତି । 'ଉତ୍କଳ-ସମ୍ମିଳନୀ' 'ଗଞ୍ଜାମ ଜାତୀୟ ସମ୍ମିଳନୀ'ର ସଂପ୍ରସାରଣ ନୁହେଁ ବରଂ ମଧୁସୂଦନ ନିଜେ ସଂପୃକ୍ତ ଥିବା 'ଉତ୍କଳସଭା' ଏହାର ଅଗ୍ରଜ । 'ଉତ୍କଳସମ୍ମିଳନୀ' ଜନ୍ମ ହେବା ପରେ ବହୁଦିନ ପର୍ଯ୍ୟନ୍ତ ଉଭୟ ଅନୁଷ୍ଠାନ – 'ଉତ୍କଳସଭା' ଓ 'ଗଞ୍ଜାମ ଜାତୀୟ ସମ୍ମିଳନୀ'– ଆପଣାର ଅସ୍ତିତ୍ୱ ବଜାୟ ରଖିଛନ୍ତି ।

ଦୁର୍ଗାଚରଣ ରାୟଙ୍କ *ରାଧାନାଥ ଜୀବନୀ*ରେ ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ଭାରତର ବଡ଼ଲାଟଙ୍କୁ ପ୍ରଦର ସ୍ମାରକଲିପି ସଂପର୍କରେ କୁହାଯାଇଛି :

> ରାଧାନାଥ ଗୋଟିଏ ଖସଡ଼ା [ଉକ୍ତ ସ୍ମାରକପତ୍ରର] ପ୍ରସ୍ତୁତ କରି ବୈକୁଣ୍ଠନାଥଙ୍କ ନିକଟକୁ ପ୍ରେରଣ କଲେ । ସେହି ଖସଡ଼ା ସର୍ବଶେଷରେ... ମୁଦ୍ରିତ ହୋଇ ବଡ଼ଲାଟଙ୍କ ନିକଟକୁ ପ୍ରେରିତ ହୋଇଥିଲା... । ବୋଲିବାର ବାହୁଲ୍ୟ, ଏହି ଆବେଦନହିଁ ଉତ୍କଳଦେଶ ମିଶ୍ରଣ ସମ୍ବନ୍ଧୀୟ ସର୍ବପ୍ରଥମ ଆବେଦନ (memorial) ଏବଂ ଉତ୍କଳ ସମ୍ମିଳନୀର ଏକ ବର୍ଷ ପୂର୍ବରୁ ଏହା ବଡ଼ ଲାଟଙ୍କ ସମୀପକୁ ପ୍ରେରିତ ହୋଇଥିଲା– ଆବେଦନ ପ୍ରେରଣର ତାରିଖରୁ ଏହା ସ୍ପଷ୍ଟ । (ପୃ. ୪୨୨)

ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଉଦ୍ଦେଶ୍ୟରେ ମଧୁବାବୁ ଯେଉଁ ଆନ୍ଦୋଳନ ଉତ୍କଳ ସମ୍ମିଳନୀ ମାଧ୍ୟମରେ କରିଥିଲେ, ତାହାର ଐତିହାସିକ ମହିମାକୁ କିଞ୍ଚିତ ଖର୍ବ କରି ରାଧାନାଥ ଓ ବୈକୁଣ୍ଠନାଥଙ୍କୁ ତା'ର ଶ୍ରେୟ ଦେବା ଲାଗି ଦୁର୍ଗାଚରଣ ଚେଷ୍ଟା କରିଛନ୍ତି । ଏଠାରେ ସ୍ପଷ୍ଟ କରିଦେବା ଉଚିତ ଯେ ଡିସେମ୍ବର ୧୫, ୧୯୦୨ରେ ଦସ୍ତଖତ ହୋଇଥିବା ଏହି ସ୍ମାରକପତ୍ର ୧୯୦୩ ମସିହା ଜାନୁଆରୀ ମାସରେ ସର୍ବସାଧାରଣଙ୍କ ଆଲୋଚନା ପରିସରକୁ ଆସିଛି । ସମକାଳରେ ଗଞ୍ଜାମବାସୀମାନେ ହଜାର ହଜାର ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ଓଡ଼ିଶାର ଏକୀକରଣ ପାଇଁ ବଡ଼ଲାଟଙ୍କୁ ଦେଇଛନ୍ତି । ଓଡ଼ିଶାର ଏକୀକରଣ ପାଇଁ ଏଭଳି ସ୍ମାରକପତ୍ର ଦେବାର ପରମ୍ପରା ପୁରୁଣା । ଊନବିଂଶ ଶତକର ଅଷ୍ଟମ ଦଶକରୁ ସେହି ଧାରା ଗଡ଼ି ଆସିଛି । ଈପ୍ସିତ ପୁରୁଷଙ୍କ ଗୁଣକୀର୍ତ୍ତନ ପାଇଁ ଆମର ଲେଖକ/ଗବେଷକମାନେ କିଭଳି ହଠାତ୍ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି, ଦୁର୍ଗାଚରଣ ରାୟଙ୍କ ବକ୍ତବ୍ୟ ତାହାର ଦୃଷ୍ଟାନ୍ତ ।

୧୯୦୩ ମସିହା ପ୍ରାରମ୍ଭରୁ ଓଡ଼ିଶାର ଏକୀକରଣ ପାଇଁ ଯେଉଁସବୁ ବିକ୍ଷିପ୍ତ ଘଟଣା ଘଟିଯାଇଛି, ସେସବୁର ଏକ ସଂଗଠିତ ପରିଣତି ହେଉଛି : ଅକ୍ଟୋବର ୨୫, ୧୯୦୩ରେ ଜନ୍ମଲାଭ କରିଥିବା 'ଉତ୍କଳ-ସମ୍ମିଳନୀ' । ତେଣୁ ଯେଉଁ ପରିପ୍ରେକ୍ଷୀରେ 'ଉତ୍କଳ ସମ୍ମିଳନୀ'ର ସୃଷ୍ଟି ହୋଇଥିଲା ଓ ଏହାର ପ୍ରଥମ ଅଧିବେଶନ ପାଇଁ ଏହାର କର୍ମକର୍ତ୍ତାଗଣ ନିଜକୁ ଯେଭଳି ପ୍ରସ୍ତୁତ କରିଥିଲେ, ସେହି ସମ୍ପର୍କିତ ସମ୍ବାଦ/ମନ୍ତବ୍ୟ ପ୍ରଥମ ବିଭାଗରେ ସ୍ଥାନିତ । ଆଲୋଚ୍ୟ ବିଷୟ ସମ୍ପର୍କିତ ଉପାଦାନ ସମକାଳୀନ ବହୁ ସମ୍ବାଦପତ୍ରରେ ରହିଥିଲେ ବି 'ଉତ୍କଳ ଦୀପିକା' ଓ 'ଉତ୍କଳସାହିତ୍ୟ'ରୁ ମାତ୍ର କୋଡ଼ିଏଟି ସମ୍ବାଦ/ମନ୍ତବ୍ୟ ଏଠାରେ ଉଦ୍ଧୃତ ।

ଉତ୍କଳ ଦୀପିକା :

(୧) ଅଡ଼ତିରିଶ ବର୍ଷ ଦ୍ୱିତୀୟ ସଂଖ୍ୟା; ୧୦.୧.୧୯୦୩ । ସମ୍ବାଦଟିର ଶୀର୍ଷକ ଏହି ପୁସ୍ତକର ସମ୍ପାଦକଙ୍କ ଦ୍ୱାରା ପ୍ରଦତ୍ତ ।

(୨) ଅଡ଼ତିରିଶ ବର୍ଷ ପଞ୍ଚମ ସଂଖ୍ୟା; ୩୧.୧.୧୯୦୩।

(୩) ଅଡ଼ତିରିଶ ବର୍ଷ ଅଷ୍ଟମ ସଂଖ୍ୟା; ୨୧.୨.୧୯୦୩।

(୪) ଅଡତିରିଶ ବର୍ଷ ଦ୍ୱାଦଶ ସଂଖ୍ୟା; ୨୧.୩.୧୯୦୩।

(୫) ଅଡ଼ତିରିଶ ବର୍ଷ ଷୋଡ଼ଶ ସଂଖ୍ୟା; ୧୮.୪.୧୯୦୩। ସମ୍ବାଦପତ୍ରରେ ଏହି ସମ୍ବାଦର କୌଣସି ଶୀର୍ଷକ ନଥିଲା । ଶୀର୍ଷକଟି ସମ୍ପାଦକଙ୍କ ଦ୍ୱାରା ପ୍ରଦତ୍ତ ।

(୬) ଅଡ଼ତିରିଶ ବର୍ଷ ଷୋଡ଼ଶ ସଂଖ୍ୟା; ୧୮.୪.୧୯୦୩। ସମ୍ବାଦର ଶୀର୍ଷକ ସମ୍ପାଦକଙ୍କ ଦ୍ୱାରା ଦିଆଯାଇଛି ।

(୭) ଅଡ଼ତିରିଶ ବର୍ଷ ଷୋଡ଼ଶ ସଂଖ୍ୟା; ୧୮.୪.୧୯୦୩।

(୮) ଅଡ଼ତିରିଶ ବର୍ଷ ସପ୍ତଦଶ ସଂଖ୍ୟା; ୨୫.୪.୧୯୦୩। ଶୀର୍ଷକ ସମ୍ପାଦକଙ୍କ ଦ୍ୱାରା ପ୍ରଦତ୍ତ ।

(୯) ଅଡ଼ତିରିଶ ବର୍ଷ ସପ୍ତଦଶ ସଂଖ୍ୟା; ୨୫.୪.୧୯୦୩। ଶୀର୍ଷକ ସମ୍ପାଦକଙ୍କ ଦ୍ୱାରା ଦିଆଯାଇଛି । ୧୯୦୩ ମସିହା ବେଳକୁ ମଧୁସୂଦନ ପ୍ରାକୃତିକ ଓଡ଼ିଶାର ସର୍ବମାନ୍ୟ ନେତାଭାବେ କିଭଳି ଗୃହୀତ ଓ ସମ୍ମାନିତ ହୋଇଥିଲେ, ଏହି ସମ୍ବାଦରେ ବର୍ଣ୍ଣିତ ଘଟଣାବଳୀ ତାହାର ଦୃଷ୍ଟାନ୍ତ ।

(୧୦) ଅଡ଼ତିରିଶ ବର୍ଷ ସତର ସଂଖ୍ୟା; ୨୫.୪.୧୯୦୩।

(୧୧) ଅଡ଼ତିରିଶ ବର୍ଷ ଅଷ୍ଟାଦଶ ସଂଖ୍ୟା; ୦୨.୫.୧୯୦୩। ଗଞ୍ଜାମ ଜାତୀୟ ସମ୍ମିଳନୀ ଓଡ଼ିଆ ଭାଷା ସାହିତ୍ୟର ବିକାଶ ସଂମ୍ପର୍କରେ ଅଧିକ ସଚେତନ ଥିଲା, ଏହି ପ୍ରସ୍ତାବାବଳୀ ତାହାର ନିଦର୍ଶନ । ଗଞ୍ଜାମ ଜାତୀୟ ସମିତିର ଅନୁପ୍ରେରଣାରୁ 'ଉତ୍କଳ-ସାହିତ୍ୟ-ସମାଜ'ର ଜନ୍ମ ।

(୧୨) ଅଡ଼ତିରିଶ ବର୍ଷ ପଞ୍ଚତିରିଶ ସଂଖ୍ୟା; ୨୯.୮.୧୯୦୩। ଗଞ୍ଜାମବାସୀମାନେ ବୃହତ୍ତର ଓଡ଼ିଆ ଗଠନ ଦିଗରେ ନେଇଥିବା ପଦକ୍ଷେପର ପ୍ରତିବାଦରେ ତେଲେଙ୍ଗାମାନେ ଯେଉଁ ଭୂମିକା ନେଇଥିଲେ, ତାହାର ସୂଚନା ଏହି ସମ୍ବାଦରେ ରହିଛି । ଜନଗଣନା ରିପୋର୍ଟର ତଥ୍ୟକୁ ବ୍ୟବହାର କରି ଉଭୟେ ତେଲେଙ୍ଗା ଓ ଓଡ଼ିଆମାନେ ଆପଣା ଯୁକ୍ତିକୁ କିଭଳି ଉପସ୍ଥାପିତ କରୁଥିଲେ ଓ ସେଥିପାଇଁ ବୃହତ୍ତର ଭିତ୍ତିରେ ପ୍ରତିଷ୍ଠିତ ଅନୁଷ୍ଠାନଦ୍ୱାରା ଆନ୍ଦୋଳନର କିପରି ଆବଶ୍ୟକତା ଥିଲା — ଏହି ସମ୍ବାଦ ତାହାର ଦୃଷ୍ଟାନ୍ତ ।

(୧୩) ଅଡ଼ତିରିଶ ବର୍ଷ ସପ୍ତତ୍ରିଂଶ ସଂଖ୍ୟା; ୧୨.୯.୧୯୦୩। 'ଉତ୍କଳସଭା' ଦ୍ୱାରା ପ୍ରସ୍ତୁତ ଆବେଦନପତ୍ର ପ୍ରସଙ୍ଗ ଏହି ସମ୍ବାଦରେ ଉପସ୍ଥାପିତ ।

(୧୪) ଅଡ଼ତିରିଶ ବର୍ଷ ଅଣଚାଳିଶ ସଂଖ୍ୟା; ୨୬.୯. ୧୯୦୩। ଆଲୋଚ୍ୟ ବର୍ଷରେ ସମଗ୍ର ଉତ୍କଳ ଭାଷାଭାଷୀ ଅଞ୍ଚଳରେ ଏକ ଜାଗରଣ ମୁଣ୍ଡ ଟେକୁଥିଲା ବେଳେ ଅନ୍ୟ ଭାଷାଭାଷୀମାନେ ଏହି ଜାଗରଣକୁ ନିନ୍ଦିତ କରିବାକୁ ଚାହୁଁଥିଲେ, ତାହାର ସୂଚନା ଏହି ସମ୍ବାଦରେ ରହିଛି ।

(୧୫) ଅତିରିଶ ବର୍ଷ ବୟାଳିଶ ସଂଖ୍ୟା; ୩୧.୧୦.୧୯୦୩। 'ଉତ୍କଳସମ୍ମିଳନୀ' ସଭାର ପ୍ରସ୍ତାବ ଓ ପ୍ରତିଷ୍ଠା ସଂପର୍କରେ ଏହା ପ୍ରଥମ ଓ ବିଧିବଦ୍ଧ ସମ୍ବାଦ । ୨୫.୧୦.୧୯୦୩ରିଖ ଯେ 'ଉତ୍କଳ ସମିଳନୀ'ର ଜନ୍ମତିଥି, ତାହା ଏହି ସମ୍ବାଦରୁ ସ୍ପଷ୍ଟ ହୁଏ । ଉତ୍କଳସମ୍ମିଳନୀର ଅଧିବେଶନ ମଧ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଏହି ଦିନ ସ୍ଥିର ହୋଇଛି । ଏହି ସମ୍ବାଦରୁ ସ୍ପଷ୍ଟ ହୁଏ ଯେ ଅକ୍ଟୋବର ୨୫ ତାରିଖ ପୂର୍ବରୁ ମଧୁସୂଦନ-ଗୌରୀଶଙ୍କର 'ଉତ୍କଳସମ୍ମିଳନୀ' ପ୍ରତିଷ୍ଠା ସମ୍ପର୍କରେ କେବଳ ଚିନ୍ତା କରି ନ ଥିଲେ, ସମ୍ମିଳନୀ ସଂକ୍ରାନ୍ତୀୟ ସମସ୍ତ ସିଦ୍ଧାନ୍ତ ଆପଣା ମଧରେ ଗ୍ରହଣ କରି ବକ୍ଷ୍ୟମାଣ ବୈଠକରେ ତାହା ଉପସ୍ଥାପନ କରିଥିଲେ ।

(୧୬) ଅଡ଼ତିରିଶ ବର୍ଷ ଛୟାଳିଶ ସଂଖ୍ୟା; ୨୮.୧୧.୧୯୦୩। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପାଇଁ ସଭାପତି ମନୋନୀତ ହୋଇଥିଲେ ବାମଣ୍ଡାର ରାଜା ବାସୁଦେବ ସୁଢଳଦେବ । କିନ୍ତୁ ଅଧିବେଶନ ପୂର୍ବରୁ ତାଙ୍କର ଦେହାନ୍ତ ହୋଇଥିଲା । ସେହି ସମ୍ବାଦ ଏହି ବିବରଣୀରେ ପ୍ରକାଶିତ ।

(୧୭) ଅଡ଼ତିରିଶ ବର୍ଷ ଅଡଚାଳିଶ ସଂଖ୍ୟା; ୧୨.୧୨ ୧୯୦୩। ଉତ୍କଳ ସମ୍ମିଳନୀ ପ୍ରସ୍ତୁତି ସମ୍ପର୍କିତ ବିବରଣୀ ଏହି ସମ୍ବାଦରେ ପ୍ରକାଶିତ ।

(୧୮) ଅଡତିରିଶ ବର୍ଷ ପଚାଶ ସଂଖ୍ୟା; ୨୬.୧୨.୧୯୦୩। ସମ୍ମିଳନୀର ପ୍ରସ୍ତୁତି, ସେଥିନେଇ ଉପୁଜି ଥିବା ବିଘ୍ନ ଓ ତାହାର ନିରାକରଣ ପ୍ରସଙ୍ଗ ଏହି ସମ୍ବାଦରେ ଉପସ୍ଥାପିତ ।

ଉତ୍କଳ ସାହିତ୍ୟ : ଉତ୍କଳ-ସମ୍ମିଳନୀ ପ୍ରଥମ ଅଧିବେଶନ ପୂର୍ବରୁ 'ଉତ୍କଳ-ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କର 'ବିବିଧ ପ୍ରସଙ୍ଗ' ସ୍ତମ୍ଭର ଦୁଇଟି ଅଂଶରେ 'ଉତ୍କଳ-ସମ୍ମିଳନୀ' ଓ ଉତ୍କଳ-ସମ୍ମିଳନୀର ମୁଖ୍ୟ ସମସ୍ୟା ଆଲୋଚନା କରିଥିଲେ । ପ୍ରଥମ ଅଂଶ 'ଉତ୍କଳସାହିତ୍ୟ'ର ସପ୍ତମ ବର୍ଷ ନବମ ସଂଖ୍ୟା (ଡିସେମ୍ବର, ୧୯୦୩)ର ପ୍ରଥମ ପ୍ରସଙ୍ଗ ହୋଇଥିଲାବେଳେ ଦ୍ୱିତୀୟ ଅଂଶ ସେହି ସଂଖ୍ୟାର ଚତୁର୍ଥ ପ୍ରସଙ୍ଗ ଥିଲା ।

ଦ୍ୱିତୀୟ ବିଭାଗରେ ଉତ୍କଳ-ସମ୍ମିଳନୀ ଦ୍ୱାରା ପ୍ରସ୍ତୁତ ବିବରଣୀ ମୁଦ୍ରିତ । ଉତ୍କଳ-ସମ୍ମିଳନୀର ପ୍ରତ୍ୟେକ ଅଧିବେଶନ ପୂର୍ବରୁ ସେଥିରେ ଗୃହୀତ ହେବାକୁ ଥିବା ନିର୍ଦ୍ଧାରଣଗୁଡ଼ିକର ଏକ ଚିଠା – ପ୍ରସ୍ତାବକ, ଅନୁମୋଦକ ଓ ସମର୍ଥକମାନଙ୍କର ନାମ ସହ – ପ୍ରସ୍ତୁତ ହେଉଥିଲା । ପ୍ରଥମ ଅଧିବେଶନର ଏହି ଚିଠା ପ୍ରସ୍ତାବାବଳୀ 'Resolutions of First Utkal Union Conference' ଶୀର୍ଷକରେ ମୁଦ୍ରିତ । ଏହି ଚିଠା ପ୍ରସ୍ତାବର ଏକ ନକଲ ସମ୍ମିଳନୀ ପୂର୍ବରୁ ବଙ୍ଗଳା ଗଭର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରିତ ହୋଇଥିଲା । ଏହି ଇଂରେଜୀ ଚିଠାରେ ମଧୁବାବୁ ନିଜ ହସ୍ତାକ୍ଷରରେ ସାମାନ୍ୟ କେତେକ ପରିବର୍ତ୍ତନ କରି ଥିଲେ । ମୂଳ ଦଲିଲଟି ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ସଂରକ୍ଷିତ । ଚିଠା ପ୍ରସ୍ତାବାବଳୀ ଓ ଗୃହୀତ ପ୍ରସ୍ତାବାବଳୀରେ କୌଣସି ବିଶେଷ ପରିବର୍ତ୍ତନ ହୋଇ

ନଥିଲେ ମଧ ପ୍ରସ୍ତାବକ, ଅନୁମୋଦକ ଓ ସମର୍ଥକମାନଙ୍କ କ୍ଷେତ୍ରରେ କେତେକ ପରିବର୍ତ୍ତନ ହୋଇଛି । ଦୃଷ୍ଟାନ୍ତ ସ୍ୱରୂପ : 'Resolution-IV'ର Mover ଥିଲେ Pundit Gadadhar Vidyabhusana, Mandasa', Seconder ଥିଲେ 'Munsi Mahamud Ali, Cuttack' ଓ Supporters ଥିଲେ : 'Babu Daniel Mohanty, Berhampur' ତଥା 'Babu B.N. Pujahari, Sambalpur' । କିନ୍ତୁ କୌଣସି କାରଣରୁ ଗଦାଧର ବିଶ୍ୱଭୂଷଣ ଓ ବୈକୁଣ୍ଠନାଥ ପୂଜାହାରୀ ନାମ ପ୍ରସ୍ତାବକ, ଅନୁମୋଦକ ଆଦି ତାଲିକାରୁ ବାଦ ଯାଇଛି । ଠିକ୍ ସେହିଭଳି 'Resolution-V'ର ପ୍ରଥମ Supporter ଥିଲେ 'Pundit Nilomani Vidyaratna, Rambha' କିନ୍ତୁ ତାହା ପରିବର୍ତ୍ତିତ ହୋଇଛି 'Gopal Ballabh Das, M.A.'ରେ । ଏହି ପଞ୍ଚମ ନିର୍ଦ୍ଧାରଣ ଅନୁସାରେ ଗଠିତ ଷ୍ଟାଣ୍ଡିଂ କମିଟିରେ ଆଠଜଣ ସଦସ୍ୟ ଥିଲେ । ସେହି ତାଲିକାଟି ମୁଦ୍ରଣ ବେଳେ ଏଥିରୁ ବାଦ ପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଏହି ଦଲିଲଟିର ଅର୍ଦ୍ଧାଂଶ ପ୍ରୟାତ ସୁରେନ୍ଦ୍ର ମହାନ୍ତିଙ୍କର 'କୁଳବୃଦ୍ଧ' ପୁସ୍ତକରେ ମୁଦ୍ରିତ ହୋଇଥିଲା । ଦ୍ୱିତୀୟ ବିଭାଗରେ ମୁଦ୍ରିତ ଦ୍ୱିତୀୟ ବିବରଣୀ ଉତ୍କଳ ସମ୍ମିଳନୀ ଦ୍ୱାରା ପ୍ରକାଶିତ ବିବରଣୀ ପୁସ୍ତିକାର ପୁନଃମୁଦ୍ରଣ । ଚଉସ୍ତରି ପୃଷ୍ଠା ବିଶିଷ୍ଟ ଏହି ପୁସ୍ତିକା ୧୯୦୪ ମସିହାରେ 'Cuttack Printing Company Limited' ଦ୍ୱାରା *ଉତ୍କଳ ସମ୍ମିଳନୀ ସଭାର ବିବରଣ* ଶୀର୍ଷକରେ ମୁଦ୍ରିତ ହୋଇଥିଲା । ଏହି ବିବରଣୀର ପ୍ରାରମ୍ଭରେ ସମ୍ମିଳନୀର 'ଉଦ୍ଦେଶ୍ୟ' ନେଇ ଏକ ଲେଖା ଉପସ୍ଥାପିତ । ତେର ପୃଷ୍ଠା ବିଶିଷ୍ଟ ଏହି ଲେଖାର ଲେଖକ ଉତ୍କଳଗୌରବ ମଧୁସୂଦନ ।

ତୃତୀୟ ବିଭାଗରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ସମ୍ପର୍କରେ ସମକାଳୀନ ପତ୍ରପତ୍ରିକାରେ ବିବରଣୀମାନ ପ୍ରକାଶିତ ହୋଇଥିଲା । ଦୁଃଖର ବିଷୟ 'ସମ୍ବଲପୁର ହିତୈଷିଣୀ' 'ଗଡ଼ଜାତବାସିନୀ'ଓ 'ବାଲେଶ୍ୱରର ସମ୍ବାଦବାହିକା'ର ୧୯୦୪ ମସିହା ଫାଇଲରୁ ସଂପୃକ୍ତ ବିବରଣୀ ଅଂଶ ନଷ୍ଟ ହୋଇଯାଇଛି । 'ଉତ୍କଳଦୀପିକା'ରେ ସଭାପତି ଅଭିଭାଷଣ, ପ୍ରସ୍ତାବାବଳୀ ସମେତ ଦୀର୍ଘ ବିବରଣୀ ପ୍ରକାଶିତ । ଦ୍ୱିତୀୟ ବିଭାଗରେ ସଭାପତି ଅଭିଭାଷଣ ଓ ପ୍ରସ୍ତାବାବଳୀ ମୁଦ୍ରିତ ହୋଇଥିବାରୁ 'ଉତ୍କଳଦୀପିକା' ବିବରଣୀର ସଂପୃକ୍ତ ଅଂଶ ଏଠାରେ ପୁନଃମୁଦ୍ରିତ ହୋଇନାହିଁ । ଏଠାରେ ଉତ୍କଳଦୀପିକା, 'ଓଡ଼ିଆ ଓ ନବସମ୍ବାଦ' ଓ 'ଉତ୍କଳସାହିତ୍ୟ'ରୁ ସମ୍ମିଳନୀ ସମ୍ପର୍କିତ ବିବରଣୀ ଉଦ୍ଧାର କରାଯାଇଛି । ମଧୁସୂଦନଙ୍କ ପାଳିତାକନ୍ୟା (?) ଶୈଳବାଳା ଭିନ୍ନ ଭିନ୍ନ ପ୍ରସଙ୍ଗରେ ପ୍ରଥମ ଅଧିବେଶନ ସମ୍ପର୍କରେ ଯେଉଁ ସ୍ମୃତିଚାରଣ କରିଛନ୍ତି, ତାହା ମଧ ଉଦ୍ଧାର କରାଯାଇଛି ।

ଉତ୍କଳଦୀପିକା :

(୧) ଅଣଚାଳିଶ ବର୍ଷ ପ୍ରଥମ ସଂଖ୍ୟା; ୦୨.୦୧.୧୯୦୪ । ଏହି ସମ୍ବାଦର କୌଣସି ଶୀର୍ଷକ ନଥିଲା । ଶୀର୍ଷକଟି ଏହି ପୁସ୍ତକର ସମ୍ପାଦକଙ୍କ ଦ୍ୱାରା

ପ୍ରଦତ୍ତ ।

(୨) ଅଣଚାଳିଶ ବର୍ଷ ପ୍ରଥମ ସଂଖ୍ୟା; ୦୨.୧.୧୯୦୪ ।

(୩) ଅଣଚାଳିଶ ବର୍ଷ ଦ୍ୱିତୀୟ ସଂଖ୍ୟା; ୦୯.୧.୧୯୦୪ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଉପଲକ୍ଷେ ସମ୍ମିଳନୀ ପରଦିନ ଏକ ପ୍ରଦର୍ଶନୀ ହୋଇଥିଲା । ଏହି ପ୍ରଦର୍ଶନୀ ସମ୍ପର୍କରେ *ଉତ୍କଳ ସମ୍ମିଳନୀ ସଭାର ବିବରଣ* ପୁସ୍ତିକାରେ ଉଲ୍ଲେଖ ନଥିବାରୁ ଏହି ଦୀର୍ଘ ସମ୍ବାଦଟି ଉଦ୍ଧାର କରାଯାଇଛି ।

ଓଡ଼ିଆ ଓ ନବସମ୍ବାଦ ଏକ ଦ୍ୱିଭାଷିକ ସମ୍ବାଦପତ୍ର ଥିବାରୁ 'ଉତ୍କଳ ସମ୍ମିଳନୀ' ସଂପର୍କରେ ସେଥିରେ ଉଭୟ ଇଂରାଜୀ ଓ ଓଡ଼ିଆରେ ସମ୍ବାଦ ଓ ମନ୍ତବ୍ୟ, ତାହାର ଅଷ୍ଟାଦଶ ବର୍ଷ ପ୍ରଥମ ସଂଖ୍ୟା (୦୬.୦୧.୧୯୦୪)ରେ ପ୍ରକାଶିତ ହୋଇଥିଲା । ଇଂରାଜୀ ସମ୍ବାଦରେ 'ଅମୃତବଜାର ପତ୍ରିକା'ରେ ପ୍ରକାଶିତ ମନ୍ତବ୍ୟ ଉଦ୍ଧୃତ ହୋଇଥିବାରୁ ଓ ସମ୍ମିଳନୀ ସମ୍ପର୍କରେ କେତେକ ନୂତନ ତଥ୍ୟ ଥିବାରୁ ଏହା ଅଧିକ ଗୁରୁତ୍ୱ ଦାବି କରେ । ସମ୍ମିଳନୀର ଏକ ବିସ୍ତୃତ ବିବରଣ ଓଡ଼ିଆ ଅଂଶରେ ମଧ୍ୟ ପ୍ରକାଶିତ ହୋଇଥିଲା, ମାତ୍ର ସେଥିର ବହୁ ଅଂଶ ସମ୍ମିଳନୀ ବିବରଣୀ ପୁସ୍ତିକାରେ ସ୍ଥାନିତ ହୋଇଥିବାରୁ କେବଳ ନିର୍ବାଚିତ ଅଂଶ ପୁନଃମୁଦ୍ରିତ ।

ଉତ୍କଳ-ସାହିତ୍ୟ ପତ୍ରିକାର ସପ୍ତମ ବର୍ଷ ଦଶମ ସଂଖ୍ୟା (ଜାନୁଆରୀ, ୧୯୦୪) 'ବିବିଧ ପ୍ରସଙ୍ଗ' ସ୍ତମ୍ଭର ପ୍ରଥମ ପ୍ରସଙ୍ଗ ଓ ତୃତୀୟ ପ୍ରସଙ୍ଗ ଏଠାରେ ଉଦ୍ଧୃତ । ସମ୍ମିଳନୀ ମଣ୍ଡପ ଯେ ପ୍ରଥମରୁ ଗୋଷ୍ଠୀ-ବିବାଦରୁ ମୁକ୍ତ ନ ଥିଲା 'ମିଳନରେ ବିବାଦ' ପ୍ରସଙ୍ଗ ତାହାର ଉଦାହରଣ ।

ଶୈଳବାଳା ଦାସ ନିଜ ଦ୍ୱାରା ସଙ୍କଳିତ ***Madhusudan Das As Seen by Many Eyes*** ପୁସ୍ତକରେ ପ୍ରଥମ ଅଧିବେଶନ ସମ୍ପର୍କରେ ଏକ ବିବରଣୀ ପ୍ରସ୍ତୁତ କରି ସଂଯୁକ୍ତ କରିଥିଲେ । ପୁଣି ଆପଣାର ଆତ୍ମକଥା ***A Look Before and After*** ପୁସ୍ତକରେ ସମ୍ମିଳନୀର ପ୍ରଥମ ଅଧିବେଶନ ସହ ଆପଣା ସଂପୃକ୍ତି ପ୍ରସଙ୍ଗ ଦୋହରେଇ ଥିଲେ । ଉଭୟ ପୁସ୍ତକର ପ୍ରକାଶକାଳ ହେଉଛି ୧୯୫୬ ମସିହା ଓ ଉଭୟେ କଟକସ୍ଥିତ ଓଡ଼ିଶା ମିଶନ ପ୍ରେସରେ ମୁଦ୍ରିତ । ଶୈଳବାଳାଙ୍କ ସ୍ମୃତିଚାରଣରେ କେତେକ ଅସଂଗତି ଓ ଅତିଶୟୋକ୍ତି ରହିଛି, ଯାହା ରହିବା ସ୍ୱାଭାବିକ ।

ପ୍ରଥମ ଭାଗରେ ଉପସ୍ଥାପିତ ଉପାଦାନଗୁଡ଼ିକୁ ଯଥାର୍ଥ ପ୍ରେକ୍ଷିତରେ ରଖି ଅଧ୍ୟୟନ କଲେ ଉତ୍କଳ ସମ୍ମିଳନୀର ପ୍ରାରମ୍ଭ ଓ ତାହାର ପ୍ରଥମ ଅଧିବେଶନ ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ମିଳିପାରିବ ।

—

# ଦ୍ୱିତୀୟ ଭାଗ

## ଦ୍ୱିତୀୟ ଅଧିବେଶନ ଠାରୁ ଷୋଡଶ ଅଧିବେଶନ ପର୍ଯ୍ୟନ୍ତ
## ସମ୍ମିଳନୀର କାର୍ଯ୍ୟ ବିବରଣୀ

## ଦ୍ୱିତୀୟ ଅଧିବେଶନ

[ ଉତ୍କଳ-ସମ୍ମିଳନୀର ଦ୍ୱିତୀୟ ଅଧିବେଶନ କଟକର ଇଦ୍‌ଗା ପଡ଼ିଆରେ ୨୮ । ୧୨ । ୧୯୦୪ (ବୁଧବାର) ଓ ୨୯ । ୧୨ । ୧୯୦୪ (ଗୁରୁବାର)– ଏହି ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟର ରାଜା ମଦନମୋହନ ସିଂହଦେବ ଏହି ଅଧିବେଶନର ସଭାପତି ପଦରେ ବରିତ ହୋଇଥିଲେ । ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଥିଲେ କେନ୍ଦୁଝରର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେବ ଓ ସଂପାଦକ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ । ଅସୁସ୍ଥତା ହେତୁ ଧନୁର୍ଜୟ ନାରାୟଣ ଭଞ୍ଜଦେବ ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ହୋଇ ନ ପାରିବାରୁ ତାଙ୍କର ଜ୍ୟେଷ୍ଠପୁତ୍ର ଗୋପୀନାଥ ନାରାୟଣ ଭଞ୍ଜଦେବ ଅଭ୍ୟର୍ଥନା ସମିତି ଅଧ୍ୟକ୍ଷଙ୍କ ତରଫରୁ ସ୍ୱାଗତ ଭାଷଣ ଦେଇଥିଲେ । ବିଗତ ବର୍ଷର କାର୍ଯ୍ୟ ବିବରଣୀର ସଂକ୍ଷିପ୍ତସାର ଉପସ୍ଥାପନ କରିଥିଲେ ଅନ୍ୟତମ ସମ୍ପାଦକ ଅଭିରାମ ଭଞ୍ଜ । ଏହି ଅଧିବେଶନରେ ଏକୋଇଶଟି ନିର୍ଦ୍ଧାରଣ ପ୍ରସ୍ତାବିତ ଓ ଗୃହୀତ ହୋଇଥିଲା । ]

### ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ କେନ୍ଦୁଝର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେବଙ୍କ ଅସୁସ୍ଥତା ହେତୁ ତାଙ୍କ ତରଫରୁ କେନ୍ଦୁଝରର ଟୀକାୟତ ଗୋପୀନାଥ ନାରାୟଣ ଭଞ୍ଜଦେବ ଦେଇଥିବା ସ୍ୱାଗତ ଭାଷଣ

ଭ୍ରାତୃଗଣ !

ଆପଣମାନଙ୍କୁ ଅଭ୍ୟର୍ଥନା କରିବାକୁ ଆସି ମୁଁ ଯୁଗପତ୍ ହର୍ଷବିଷାଦ ଅନୁଭବ କରୁଅଛି । ହର୍ଷର କାରଣ– ଅତିଥି-ପରିଚର୍ଯ୍ୟା ଭାରତବାସିଙ୍କର ଅତି ଉତ୍କୃଷ୍ଟ କାର୍ଯ୍ୟ ମଧ୍ୟରେ ଗଣ୍ୟ; ତହିଁରେ ପୁଣି ମୁଁ ବର୍ଷକ ପରେ ଦୂରାଗତ ଭାଇମାନଙ୍କର ପରିଚର୍ଯ୍ୟା କରିବାକୁ ଉପସ୍ଥିତ ହୋଇଅଛି । ମାତ୍ର ବିଷାଦର କାରଣ ଏହି ଯେ ଅଭ୍ୟର୍ଥନା ସଭା ମୋହର ପିତାଙ୍କଠାରେ ଏହି ଭାର ଅର୍ପଣ କରିଥିଲେ । ଅସୁସ୍ଥତା ହେତୁ ସେ ଉପସ୍ଥିତ ହୋଇ ନ ପାରିବାରୁ ମୋ ପରି ଅନଭିଜ୍ଞ ବ୍ୟକ୍ତି ଉପରେ ସେହି ଗୁରୁତର ଭାର ଆସି ପଡ଼ିଲା । ପିତା ମହୋଦୟ ଯେଉଁ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିଥାନ୍ତେ ଅନଭିଜ୍ଞ ହେତୁ ତହିଁରେ ମୋହର ଅନେକ ତ୍ରୁଟି ରହିଯିବ । ତଥାପି

କେତେକ ବିଷୟ ଉପରେ ଭରସା କରି ମୁଁ ଏ କାର୍ଯ୍ୟ କରିବାପାଇଁ ଅଗ୍ରସର ହେଲି । ଉତ୍କଳ ସମ୍ମିଳନୀ ଆଜି ଏକ ବର୍ଷର ଶିଶୁ ସୁତରାଂ ଅପେକ୍ଷାକୃତ ସବଳ ହୋଇଅଛି । ଆହୁରି ଅନେକ ଉତ୍କଳୀୟ ଭାଇମାନେ ମାତୃସେବାରେ ଉତ୍ସାହିତ ହୋଇଥିବା ହେତୁ ଅପରିଚିତ ସ୍ଥାନରେ ଅବଶ୍ୟମ୍ଭାବୀ ଅସୁବିଧାମାନଙ୍କ ପ୍ରତି ଭ୍ରୂକ୍ଷେପ ନ କରି ସେମାନଙ୍କ ପରିଚର୍ଯ୍ୟାର ଭାର ଆମ୍ଭମାନଙ୍କଠାରୁ କାଢ଼ି ନେଇଅଛନ୍ତି । ଏଣୁ କରି ଆମ୍ଭମାନଙ୍କର କାର୍ଯ୍ୟ ଗତ ବର୍ଷଠାରୁ ଅନେକ ପରିମାଣରେ ଲାଘବ ହୋଇଅଛି । ବିଶେଷତଃ ଉତ୍କଳୀୟମାନେ ବୁଝିପାରି ଅଛନ୍ତି ଯେ ସେମାନେ ସମସ୍ତେ ଡାକହାକ ହୋଇ ମା ପାଖକୁ ଆସିଅଛନ୍ତି । ଗତ ବର୍ଷ ଯେଉଁ ସବୁ ପ୍ରତିଜ୍ଞା କରି ଯାଇଥିଲେ, ତାହା କେତେଦୂର କାର୍ଯ୍ୟତଃ ପ୍ରତିପାଳନ କରିଅଛନ୍ତି ଦେଖାଇବେ ଏବଂ ଭବିଷ୍ୟତକୁ କଣ କରିବେ ତାହା ପ୍ରତିଜ୍ଞା କରିଯିବେ । ଏପରି ସ୍ଥଳେ ଆମ୍ଭମାନଙ୍କର କୌଣସି ସାମାନ୍ୟ ତ୍ରୁଟି ଦେଖିଲେ ସେମାନେ ଯେ ତାହା ମନରେ ଧରିବେ ଏହା ଆମ୍ଭେମାନେ ଆଶା କରୁନାହୁଁ । ସାଧାରଣତଃ ଦେଖାଯାଏ ଯେ ଯାହା ଘରେ କୌଣସି ଉତ୍ସବାଦି ହୁଏ ସେ ନିଜର ସ୍ୱଚ୍ଛନ୍ଦତା ପ୍ରତି ଦୃଷ୍ଟି କରେ ନାହିଁ । ଆଗନ୍ତୁକମାନଙ୍କୁ ସୁଖୀ ହେବାର ଦେଖିଲେ ସେ ସୁଖୀ ହୁଏ । ବର୍ତ୍ତମାନ କ୍ଷେତ୍ରରେ ଆପଣମାନେ ଦୂରରୁ ଆସିଅଛନ୍ତି ସତ୍ୟ, ମାତ୍ର ଆପଣମାନଙ୍କୁ ଆଗନ୍ତୁକ ବୋଲି କହିବା ଅସଙ୍ଗତ ହେବ। ଆପଣମାନେ ମାତୃପଦ ପୂଜା କରିବାକୁ ନିଜର ଘରକୁ ଆସିଅଛନ୍ତି । ଅତଏବ ଭାଇ ଯେ ଭାଇର ତ୍ରୁଟି ମାର୍ଜନା କରିବ ଏଥିରେ ସନ୍ଦେହ ନାହିଁ। ମାତ୍ର ଯେଉଁ ମହୋଦୟମାନେ ଆମ୍ଭମାନଙ୍କର ସମ୍ମିଳନୀରେ ଯୋଗଦେଇ ଆମ୍ଭମାନଙ୍କୁ ଉତ୍ସାହିତ କରିବା ସକାଶେ ବହୁଦୂରରୁ କଷ୍ଟ ସ୍ୱୀକାର କରି ଆସିଅଛନ୍ତି ସେମାନଙ୍କର ପରିଚର୍ଯ୍ୟାରେ ଯେ ସମସ୍ତ ତ୍ରୁଟି ହେବ ତାହା ସବୁ ମାର୍ଜନା କରିବାପାଇଁ ସେମାନଙ୍କ-ଠାରେ ଆମ୍ଭେମାନେ ବିଶେଷରୂପେ ପ୍ରାର୍ଥନା କରୁଅଛୁ ।

ବର୍ତ୍ତମାନ ଉତ୍କଳୀୟ ଭ୍ରାତୃଗଣ ଏବଂ ବିଦେଶାଗତ ବନ୍ଧୁଗଣ ! ଆପଣମାନେ ନିଜ ଉଦାର ହୃଦୟଦ୍ୱାରା ସମସ୍ତ ତ୍ରୁଟି ମାର୍ଜନା କରି ଆମ୍ଭମାନଙ୍କର ଆନ୍ତରିକ ଆଦର ସମ୍ଭାଷଣକୁ ଗ୍ରହଣ କରନ୍ତୁ ।

## ସଭାପତି ଧରାକୋଟର ରାଜା ଶ୍ରୀ ମଦନମୋହନ ସିଂହଦେବଙ୍କର ଅଭିଭାଷଣ

ଭ୍ରାତୃବୃନ୍ଦ !

ଆଜି ମୁଁ ଯେଉଁ ଆସନ ଗ୍ରହଣ କରିଅଛି ସେଥି ନିମନ୍ତେ ମୁଁ ଯୋଗ୍ୟ ବୋଲି ମଣେ ନାହିଁ, ବର୍ତ୍ତମାନ ଏଠାରେ ମୋ ଅପେକ୍ଷା ଅନେକ ଯୋଗ୍ୟତର ବ୍ୟକ୍ତି ଉପସ୍ଥିତ

ଅଛନ୍ତି, ଯେଉଁମାନଙ୍କଦ୍ୱାରା ଉକ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥାନ୍ତା, ଏହି ଯେଉଁ ସମ୍ମାନ ମତେ ଆପଣମାନେ ଆଜି ଦେଇଅଛନ୍ତି ସେଥି ନିମନ୍ତେ ମୁଁ ଆପଣମାନଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ପ୍ରଦାନ କରୁଅଛି, କିନ୍ତୁ ଏହି ସମ୍ମାନ ସଙ୍ଗେ ସଙ୍ଗେ ମୋ ଉପରେ ଆପଣମାନେ ଗୁରୁତର ଭାର ଅର୍ପଣ କରୁଅଛନ୍ତି ତାହା ବହନ କରିବା ବିଷୟରେ ମୁଁ କେତେଦୂର କୃତକାର୍ଯ୍ୟ ହେବି ତାହା ସ୍ଥିର କରି ପାରୁନାହିଁ । ବିଗତ ସମ୍ମିଳନୀରେ ଯେଉଁ ସୁଦୀର୍ଘ, ସରସ ଓ ଉତ୍ସାହପୂର୍ଣ୍ଣ ବକ୍ତୃତା ଶୁଣିଥିଲେ, ବର୍ତ୍ତମାନ ସେହିପରି କିଛି ଆଶା କରିଥିଲେ ଆପଣମାନେ ନିଶ୍ଚୟ ଭଗ୍ନ ମନୋରଥ ହେବେ, ଯାହାହେଉ କର୍ତ୍ତବ୍ୟ ମନେ କରି ମୁଁ ଆପଣମାନଙ୍କ ସମ୍ମୁଖରେ କେତେକ ବିଷୟ ଉପସ୍ଥାପିତ କରୁଅଛି । ଭରସା କରେଁ ମୋର କୌଣସି ଅଂଶରେ ତ୍ରୁଟିଥିଲେ ଆପଣମାନେ ନିଜ ନିଜ କ୍ଷମାଗୁଣରେ ମାର୍ଜନା କରିବେ । ସମସ୍ତ ଭାଇମାନଙ୍କୁ ଏକତ୍ରିତ ହେବାର ଦେଖିଲେ ମନରେ ସୁଖ ଦୁଃଖର ଉଦୟ ହୁଏ । ଗତବର୍ଷ ମଧ୍ୟରେ ଉତ୍କଳାକାଶରୁ ଚନ୍ଦ୍ର ସ୍ୱରୂପ ମହାତ୍ମା ଚନ୍ଦ୍ରଶେଖର ସିଂହ ସାମନ୍ତ ମହାମହୋପାଧ୍ୟାୟ ଖସିପଡ଼ି ଆମ୍ଭମାନଙ୍କୁ ଶୋକାନ୍ଧକାରରେ ବୁଡ଼ାଇ ଦେଇଅଛନ୍ତି । ଆହୁରି ମଧ୍ୟ ପାରଳାଖେମୁଣ୍ଡିର ଦ୍ୱିତୀୟ ରାଜକୁମାର ଶ୍ରୀ ପଦ୍ମନାଭ ନାରାୟଣ ଦେବଙ୍କ ଅକାଳମୃତ୍ୟୁଦ୍ୱାରା ଉତ୍କଳର ଓ ବିଶେଷତଃ ଗଞ୍ଜାମର ଯେଉଁ କ୍ଷତି ହୋଇଅଛି ତାହା ଶୀଘ୍ର ପୂରଣ ହେବାର ସମ୍ଭାବନା ନାହିଁ । ଆଉ ଆପଣମାନଙ୍କୁ ଦୁଃଖର କଥା କହିବି ନାହିଁ । ଏ ଦୁଇ ମହାତ୍ମାଙ୍କ ନାମ ସ୍ମରଣ କରି ମୁଁ ମୋହର କର୍ତ୍ତବ୍ୟ ଆରମ୍ଭ କରୁଅଛି ।

**ସଭାର ଉଦ୍ଦେଶ୍ୟ** – ସଭ୍ୟ ମହୋଦୟଗଣ ଏହି ସଭାର ଉଦ୍ଦେଶ୍ୟ ଆପଣମାନଙ୍କୁ ଅଜଣା ନାହିଁ । ରାଜନୈତିକ ଓ ଧର୍ମମତ ସମ୍ବନ୍ଧୀୟ ତର୍କ ବିତର୍କ ଏଠାରେ ହେବ ନାହିଁ । ଏପରି କହିବାଦ୍ୱାରା ଆପଣମାନେ ମନେ କରିବେ ନାହିଁ ଯେ ଏହି ସମ୍ମିଳନୀ ସଙ୍ଗେ ଧର୍ମର କୌଣସି ସମ୍ପର୍କ ନାହିଁ । ଧର୍ମ ବନ୍ଧନ ସଂସାରରେ ସର୍ବୋତ୍କୃଷ୍ଟ ବନ୍ଧନ । ଯେ କୌଣସି ବସ୍ତୁର ମୂଳରେ ଧର୍ମ ବନ୍ଧନ ନ ରହିଲେ ସେ ବସ୍ତୁଟି ବହୁକାଳ ସ୍ଥାୟୀ ରହିବା ଅସମ୍ଭବ । ଆପଣମାନେ ଥରେ ବିଚାର କରିବା ହେଉନ୍ତୁ ଯେ ସମସ୍ତ ଧର୍ମର ଭିତ୍ତି ଅଚିନ୍ତ୍ୟ ଅନନ୍ତ ପରମେଶ୍ୱରଙ୍କ ଉପରେ ନିର୍ମିତ । ଶାଖା, ଉପଶାଖା ଆଦି ବିଭିନ୍ନ ଦିଗରେ ବ୍ୟାପିଅଛନ୍ତି । କିନ୍ତୁ ସମସ୍ତ ଧର୍ମର ମୂଳରେ ସେହି ଅବ୍ୟକ୍ତ ଅନନ୍ତ ଅଚିନ୍ତ୍ୟ ଶକ୍ତି ଈଶ୍ୱର ବିଦ୍ୟମାନ । ଯେଉଁ ବସ୍ତୁର ମୂଳଦେଶରେ ସେହି ଈଶ୍ୱରଙ୍କୁ କଳ୍ପନା କରା ନ ଯାଏ ସେହି ବସ୍ତୁର ସ୍ଥାୟିତ୍ୱ ବିଷୟରେ ଅତ୍ୟନ୍ତ ସନ୍ଦେହ । ଅତଏବ ସମସ୍ତ ଧର୍ମର ମୂଳ ସେହି ଅନାଦି ଈଶ୍ୱରଙ୍କୁ ଆମ୍ଭେମାନେ ବନ୍ଦନା କରି ଏହି ସାର୍ବଜନୀକ ମହାସଭାର କାର୍ଯ୍ୟରେ ହସ୍ତକ୍ଷେପ କରୁଅଛୁଁ । ସେହି ଈଶ୍ୱରଙ୍କୁ ନିୟନ୍ତା

ଓ ରକ୍ଷକରୂପେ ଏହି ସମ୍ମିଳନୀରେ ସ୍ଥାପନ କରି ଆମ୍ଭେମାନେ କାର୍ଯ୍ୟରେ ଅଗ୍ରସର ହେଉଅଛୁଁ । କି ହିନ୍ଦୁ, କି ବ୍ରାହ୍ମ, କି ଖ୍ରୀଷ୍ଟିଆନ, କି ମୁସଲମାନ ସମସ୍ତେ ପରମେଶ୍ୱର ପରଂବ୍ରହ୍ମ, ଗଡ, ଖୋଦା ଇତ୍ୟାଦି ଯେଉଁ ନାମରେ ତାହାଙ୍କୁ ଧ୍ୟାନ କରନ୍ତୁ ଦେଖିବେ, ଯେ ସମସ୍ତଙ୍କ ମଧ୍ୟରେ ସଂଜ୍ଞାଗତ ବାହ୍ୟ ପ୍ରଭେଦ ଥିଲେ ହେଁ ଧ୍ୟାନଗତ ବା ବିଷୟଗତ ପ୍ରଭେଦ ଆଦୌ ନାହିଁ । ବର୍ତ୍ତମାନ ଯାହା କିଛି ବିଚାର ଯୋଗ୍ୟ ତାହା ସଂକ୍ଷେପରେ କହିବାକୁ ପ୍ରବୃତ୍ତ ହେଲି । ପ୍ରଥମତଃ ଏହି ଓଡ଼ିଶା ପ୍ରଦେଶରେ ଯେତେ ଭିନ୍ନ ଭିନ୍ନ ଜାତି ବାସ କରନ୍ତି ସେମାନଙ୍କ ମଧ୍ୟରେ ଐକ୍ୟଭାବ ଏବଂ ପରସ୍ପର ସ୍ନେହଭାବ ସଂସ୍ଥାପନ । ଦ୍ୱିତୀୟ ଉଦ୍ଦେଶ୍ୟ ଏହି ଯେ, କୃଷି ବାଣିଜ୍ୟ ଓ ଶିଳ୍ପାଦିର ବୃଦ୍ଧି । ତୃତୀୟ ଉଦ୍ଦେଶ୍ୟ ଉତ୍କଳବାସିମାନଙ୍କର ଶିକ୍ଷୋନ୍ନତି । ଚତୁର୍ଥ ଉଦ୍ଦେଶ୍ୟ ଭାଷା ଓ ସାହିତ୍ୟର ଉନ୍ନତି, ପଞ୍ଚମ ଉଦ୍ଦେଶ୍ୟ ସମାଜ ସଂସ୍କାର । ଏହି ଉଦ୍ଦେଶ୍ୟ ସମ୍ବନ୍ଧରେ କିଛି କିଛି କହିବାକୁ ମୋହର ମାନସ ହୋଇଅଛି । ମୁଁ ଯେଉଁ ଯେଉଁ ମନ୍ତବ୍ୟ ପ୍ରକାଶ କରେ ସେ ସମସ୍ତ ଯୁକ୍ତିଯୁକ୍ତ ହେବ, ଏହା ମୋହର ଭାବନା ନୁହେଁ ।

**ଜାତୀୟତା** – ଓଡ଼ିଶା ବ୍ରିଟିଶ ଶାସନାଧୀନ ହେଲା ପରେ ତାର ଅଙ୍ଗଚ୍ଛେଦ ହୋଇ ପ୍ରତ୍ୟେକ ଅଙ୍ଗ ଭିନ୍ନ ପ୍ରାଦେଶିକ ଗବର୍ଣ୍ଣମେଣ୍ଟ ଶାସନାଧୀନ ହେଲା । ଫଳତଃ କେତେକ ଓଡ଼ିଆ ସନ୍ତାନ ତେଲେଙ୍ଗା ଓ ଟାମିଲମାନଙ୍କ ସଂଶ୍ରବରେ ରହିବାରୁ ସେମାନଙ୍କର ଆଚାର ବ୍ୟବହାର ଏପରି ପରିବର୍ତ୍ତିତ ହୋଇଯାଇଅଛି ଯେ ସେମାନଙ୍କୁ ହଠାତ୍ ଅବଲୋକନ କଲେ ସେହି ସେହି ବିଜାତୀୟ ଭାଇମାନଙ୍କପରି ଜଣାଯାନ୍ତି । ବରଂ ଆମ୍ଭ ସ୍ୱଜାତୀୟ ଓଡ଼ିୟାମାନେ ବୋଲି ସେମାନଙ୍କୁ ଚିହ୍ନିବା ସମୟେ ସମୟେ ସୁକଠିନ ହୁଏ । ସେହିପରି ଅନ୍ୟ କେତେକ ଓଡ଼ିୟାଭାଇ ବଙ୍ଗାଳିମାନଙ୍କ ପରି ଜଣାଯାନ୍ତି । ସେହିପରି ଆମ୍ଭମାନଙ୍କ ସମ୍ବଲପୁର ଭାଇମାନେ ଆଉ ଏକ ପ୍ରକାର ପରିଚୟ ଦିଅନ୍ତି । ଦେଖିବା ହେଉନ୍ତୁ ଯେ ଆମ୍ଭେମାନେ ଏକ ଶାସନାଧୀନରେ ରହି ନ ପାରିବା ଯୋଗୁଁ ଏପରି ପରିବର୍ତ୍ତନ ଘଟିଅଛି । ମୁଁ ସମ୍ପୂର୍ଣ୍ଣରୂପେ ବିଶ୍ୱାସ କରୁଅଛି ଯେ ଆମ୍ଭମାନଙ୍କ ଜାତୀୟ ପାଗ ଏତାଦୃଶ ପରିବର୍ତ୍ତନରୁ କେତେଦୂର ବଞ୍ଚାଇ ରଖିବ । ଭିନ୍ନ ଶାସନାଧୀନ ହେଲାରୁ ଆମ୍ଭମାନଙ୍କର ପରସ୍ପର ସମ୍ପର୍କ ରହିଲା ନାହିଁ । ସମ୍ପର୍କ-ରହିତ ଗୃହରେ ଭ୍ରାତୃଭାବ କାହୁଁ ଜନ୍ମିବ ? ବର୍ତ୍ତମାନ ଉତ୍କଳ ଦେଶରେ ରେଲ ପଥ ନିର୍ମାଣ ହେବା ଯୋଗୁଁ ଗମନାଗମନର ବିଶେଷ ସୁବିଧା ହୋଇଅଛି । ଏଣୁ ଆମ୍ଭେମାନେ ସହଜରେ ସମ୍ମିଳିତ ହୋଇଥାଉଁ । ଏବଂ ଭାଗ୍ୟବଶତଃ ମହାମାନ୍ୟବର ଭାରତ ଗବର୍ଣ୍ଣମେଣ୍ଟ ଦେଶ ମିଶ୍ରଣ ପ୍ରସ୍ତାବ କରିଅଛନ୍ତି । ତଦ୍ୱାରା ଆମ୍ଭେମାନେ ଏକ ଶାସନାଧୀନରେ ରହିବାର ଆଶାଅଛି । ସୁତରାଂ ଆମ୍ଭମାନଙ୍କର ଭ୍ରାତୃଭାବ ପୁନଃ ସ୍ଥାପିତ ହେବାର ସମ୍ପୂର୍ଣ୍ଣ ସମ୍ଭବ । ଯାହାହେଉ ଆମ୍ଭମାନଙ୍କର ଏକତା ରକ୍ଷାକରିବା

ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାର୍ଥ ତ୍ୟାଗପୂର୍ବକ କେତେକ କର୍ତ୍ତବ୍ୟ ପାଳିବାକୁ ହେବ । ବ୍ୟକ୍ତିଗତ ସୁବିଧା ଉପରେ ନିର୍ଭର ନ କରି ଜାତୀୟ ମଙ୍ଗଳ କାମନା କରିବାକୁ ଆମ୍ଭେମାନେ ଆଜ ପର୍ଯ୍ୟନ୍ତ ଶିକ୍ଷା କରି ନାହୁଁ । ଜାତୀୟ ଜୀବନର ମୂଲ୍ୟ ଆମ୍ଭମାନଙ୍କୁ ସମ୍ୟକ୍‌ରୂପେ ହୃଦୟଙ୍ଗମ କରିବାକୁ ହେବ । ପୃଥିବୀର ସଭ୍ୟ ଜାତିମାନଙ୍କୁ ବିଶଦରୂପେ ପର୍ଯ୍ୟାଲୋଚନା କଲେ ଆମ୍ଭେମାନେ ଦେଖିପାରିବା ଯେ, ଜାପାନୀ, ଇଂରାଜୀ, ଆମେରିକ ଇତ୍ୟାଦି ଜାତୀୟ ଲୋକମାନେ ଜାତୀୟ ଜୀବନର ମହତ୍ତ୍ୱ ହୃଦୟଙ୍ଗମ କରି କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଅଛନ୍ତି । ଜାତୀୟ ଜୀବନ ସମ୍ମୁଖରେ ବ୍ୟକ୍ତିଗତ ଜୀବନର ପ୍ରାଧାନ୍ୟ ଲୋପ ପାଇଅଛି । ଦେଖନ୍ତୁ ଆଜି ଜାପାନୀମାନେ କିପରି ଜାତୀୟ ଟେକ ରଖିବା ପାଇଁ ଅକାତର ଭାବରେ ପ୍ରାଣ, ଧନ ଇତ୍ୟାଦି ବିସର୍ଜ୍ଜନ କରୁଅଛନ୍ତି । ଜାତୀୟ ଉନ୍ନତି ନିମନ୍ତେ ଶତସହସ୍ର ଲୋକେ ପ୍ରବଳ ବିପଦକୁ ଭ୍ରୂକ୍ଷେପ ନ କରି ଆପଣାକୁ ଅଗ୍ନିରେ ନିକ୍ଷିପ୍ତ କରୁଅଚନ୍ତି । ଜାତୀୟ ଜୀବନର ଗଠନ ନିମନ୍ତେ ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ ସର୍ବାଦୌ ଆବଶ୍ୟକ । ବ୍ୟକ୍ତିଗତ ସ୍ୱାର୍ଥକୁ ଜାତୀୟ ସ୍ୱାର୍ଥ ସମ୍ମୁଖରେ ବଳି ଦେବାକୁ ଆମ୍ଭମାନଙ୍କର ଶିକ୍ଷା କରିବା ଉଚିତ । କୌଣସି ବ୍ୟକ୍ତିର ସ୍ୱାର୍ଥ ତ୍ୟାଗଦ୍ୱାରା ଯେବେ ଜାତିର ଲାଭ ହେଲା ତାହା ହେଲେ ସେ ବ୍ୟକ୍ତିର ଜୀବନ ଧନ୍ୟ । ଜାତୀୟ ଜୀବନର ଉତ୍କର୍ଷ ସାଧନ କରିବା ଉଦ୍ଦେଶ୍ୟରେ ସମ୍ମିଳିତ ଚେଷ୍ଟାର ମୂଲ୍ୟ ଉପଲବ୍ଧି କରିବା ଆମ୍ଭମାନଙ୍କର ପ୍ରଥମ କର୍ତ୍ତବ୍ୟ । ସମ୍ମିଳିତ ଚେଷ୍ଟାର ମୂଲ୍ୟ ଉତ୍ତମରୂପେ ବୁଝିପାରି ଆଜି ପୃଥିବୀର ସଭ୍ୟତମ ଜାତିମାନେ ଉନ୍ନତିର ଉଚ୍ଚତମ ସୋପାନରେ ଆରୋହଣ କରିଅଛନ୍ତି । ସମ୍ମିଳିତ ଚେଷ୍ଟା ଓ ଏକତାର ମୂଲ୍ୟ ଆମ୍ଭମାନଙ୍କୁ ଶିକ୍ଷାଦେବା ଏହି ସମ୍ମିଳନୀର ପ୍ରଥମ ଓ ପ୍ରଧାନ ଉଦ୍ଦେଶ୍ୟ । ପ୍ରତ୍ୟେକ ମନୁଷ୍ୟର କ୍ଷୁଦ୍ର ଚେଷ୍ଟାଗୁଡ଼ିକ ସମ୍ମିଳିତ ହୋଇ ଯେତେବେଳେ ଏକ ମହାତିଶୟ ଜାତୀୟ ଚେଷ୍ଟାରେ ପରିଣତ ହୁଏ ତେତେବେଳେ ତାହାର ମହା ବିକ୍ରମଦ୍ୱାରା ଅସାଧ୍ୟ ସାଧନ ହେବ, ସନ୍ଦେହ ନାହିଁ ।

**କୃଷି** – କୃଷିର ଉନ୍ନତି ବିଷୟରେ ଆମ୍ଭମାନଙ୍କୁ ଅନେକ ବିଷୟ କରିବାକୁ ହେବ । ବର୍ତ୍ତମାନ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବିଷୟରେ ଆମ୍ଭମାନଙ୍କର ଏପରି ଚେଷ୍ଟା କରିବା ଆବଶ୍ୟକ କି ଯାହାଦ୍ୱାରା ଆମ୍ଭମାନଙ୍କ ଦେଶର ଆଭ୍ୟନ୍ତରୀଣ ଅଭାବ ପୂର୍ଣ୍ଣ ହେବ ଓ ଦେଶଜାତ ଦ୍ରବ୍ୟ ବିଦେଶ ପ୍ରେରିତ ହେବ, ଏ ସମ୍ବନ୍ଧରେ ବିଭିନ୍ନ ଉପାୟମାନ ଅବଲମ୍ବନ କରିବାକୁ ହେଲେ ସର୍ବ ପ୍ରଥମେ ଉତ୍କଳର ବିଭିନ୍ନ ସ୍ଥାନର ମୃତ୍ତିକାର ବିଭିନ୍ନ ଶସ୍ୟୋତ୍ପାଦିକା ଶକ୍ତି ଜାଣି କେଉଁ ସ୍ଥାନର ମୃତ୍ତିକା କେଉଁ ଫସଲ ନିମନ୍ତେ ଅନୁକୂଳ ତାହା ରାସାୟନିକ ପରୀକ୍ଷା ଏବଂ ବାସ୍ତବ ପରୀକ୍ଷାଦ୍ୱାରା ସ୍ଥିର କରିବାକୁ ହେବ । କେଉଁ ପ୍ରକାର ଖତ ପ୍ରୟୋଗ କଲେ ମୃତ୍ତିକାର ଉର୍ବରତା ବଢ଼ିବ କି

ପ୍ରଣାଳୀରେ କୃଷି କଲେ ପ୍ରଚୁର ଶସ୍ୟ ଉତ୍ପନ୍ନ ହେବ ଏଗୁଡ଼ିକ ସ୍ଥିର କରି କାର୍ଯ୍ୟରେ ପରିଣତ କରିବାକୁ ହେବ। କୃଷିର ଭିନ୍ନ ଭିନ୍ନ ଉନ୍ନତ ଯନ୍ତ୍ରମାନ ଚଳାଇବାକୁ ହେବ। କୃଷିକାର୍ଯ୍ୟରେ ମଧ୍ୟ ସମ୍ମିଳିତ ଚେଷ୍ଟାର ଆବଶ୍ୟକ। ସମ୍ମିଳିତ ଚେଷ୍ଟାଦ୍ୱାରା କୃଷିଜୀବିମାନଙ୍କର କି ପ୍ରକାର ଉନ୍ନତି ସାଧିତ ହୋଇପାରେ ତହିଁର ଉଦାହରଣ ଭାରତବର୍ଷର ନୀଳ, ଚା ଇତ୍ୟାଦି କୃଷିବ୍ୟବସାୟ। ଉପରୋକ୍ତ କୃଷିଦ୍ୱାରା ଶତ ଶତ ଇଉରୋପୀୟାନ୍ ମୂଳଧନାଧିପତି-ମାନେ ବିଶେଷ ଲାଭ କରୁଅଛନ୍ତି। ସମ୍ମିଳିତ ଚେଷ୍ଟା, ମୂଳଧନ, ଉପଯୁକ୍ତ ପରିଚାଳନା ଓ ଉତ୍କୃଷ୍ଟ ଯନ୍ତ୍ର ସାହାଯ୍ୟରେ ଆମ୍ଭ ଦେଶରେ କୃଷିର ଅଚିନ୍ତ୍ୟ ଉନ୍ନତି ସାଧିତ ହୋଇପାରେ, ଏହା ଆମ୍ଭର ବିଶ୍ୱାସ। ଏହି ଭାରତବର୍ଷର ପ୍ରଜାମାନେ ଜୀବନୋପାୟ ପାଇଁ କେବଳ କୃଷି ଉପରେ ସର୍ବଦା ନିର୍ଭର କରନ୍ତି। ବିଶେଷରେ ଉତ୍କଳ ଦେଶର ପ୍ରଜାମାନେ କେବଳ କୃଷିଜୀବୀ ଅଟନ୍ତି। ଏଥି ସମ୍ବନ୍ଧରେ ଗୋମହିଷାଦିର କିପରି ବୃଦ୍ଧି ହେବ ଏବଂ ଗରୀବ କୃଷକମାନେ ଯେପରି ସାହୁକାରମାନଙ୍କ ହସ୍ତଗତ ନ ହୋଇ ସ୍ୱ ସ୍ୱ କୃଷି କାର୍ଯ୍ୟ ନିର୍ବାହ କରି ପାରିବେ ତାହା ବନ୍ଦୋବସ୍ତ କରିବା ଉଚିତ। ବର୍ତ୍ତମାନ ଭାରତ ଗବର୍ଣ୍ଣମେଣ୍ଟଙ୍କ ପ୍ରଚାରିତ Co-operative Credit Society Act, ଅନୁସାରେ କେତେକ ଯୌଥ ଭଣ୍ଡାର ସଂସ୍ଥାପନ କରାଇବା ନିମନ୍ତେ ପ୍ରାଦେଶିକ ଗବର୍ଣ୍ଣମେଣ୍ଟ ଯତ୍ନବାନ୍ ଅଛନ୍ତି। ଆମ୍ଭଦେଶରେ ଏହିପରି ଯୌଥ ଭଣ୍ଡାର କେତେକ ସଂସ୍ଥାପନର ଚେଷ୍ଟା କରିବା ଉଚିତ। ତଦ୍ୱାରା ଗରୀବ କୃଷକମାନେ ନିତାନ୍ତ ଲୋଭୀ ସାହୁକାରମାନଙ୍କ ପ୍ରବଞ୍ଚନାରୁ ମୁକ୍ତ ହେବେ, କୃଷି ଶିକ୍ଷା ସେମାନଙ୍କୁ ପ୍ରଦାନ କରାଇବା ସର୍ବମତରେ ବାଞ୍ଛନୀୟ ଏବଂ ନାନାବିଧ କୃଷି ଯେପରି ସେମାନଙ୍କ ମଧ୍ୟରେ ସାଧିତ ହୋଇ ପାରିବ ସେହିପରି ଉପାୟ ଅବଲମ୍ବନ କରିବା ବିଧେୟ।

**ବାଣିଜ୍ୟ** — ସଭ୍ୟମଣ୍ଡଳି ! ବର୍ତ୍ତମାନ ବାଣିଜ୍ୟ ସମ୍ବନ୍ଧେ କିଛି ମନ୍ତବ୍ୟ ଉଲ୍ଲେଖ କରୁଅଛି, ଆପଣମାନେ ସ୍ପଷ୍ଟରୂପେ ଜାଣିଅଛନ୍ତି ଯେ "ବାଣିଜ୍ୟେ ବସତେ ଲକ୍ଷ୍ମୀ" ଇତ୍ୟାଦି ଉପଦେଶ ବାକ୍ୟ ଆମ୍ଭେମାନେ ସର୍ବଦା ସ୍ମରଣ ରଖିବା ଉଚିତ। ବାଣିଜ୍ୟରେ ଦେଶର ଶ୍ରୀ ବୃଦ୍ଧିହୁଏ, କେବଳ ଏତିକି ମାତ୍ର ମୋହର ବିଶ୍ୱାସ ନୁହେଁ। ବରଂ ବାଣିଜ୍ୟରେ ପ୍ରବୃତ୍ତ ହେଲେ ଇତର ଜାତି ସହିତ ସମ୍ପର୍କ ରହେ ଓ ତଦ୍ୱାରା ଅନ୍ୟ ଦେଶର ସଭ୍ୟତା ଶିଖିବାକୁ ହୁଏ, ଧୀଶକ୍ତି ବୃଦ୍ଧି ହୁଏ। ଉତ୍କଳରେ ବାଣିଜ୍ୟ କିପରି ଉନ୍ନତି ଲାଭ କରିବ ତଦନୁଯାୟୀ ଉପାୟ ଅବଲମ୍ବନ କରିବା କର୍ତ୍ତବ୍ୟ। ମୁଁ ଅପରିମିତ ଆନନ୍ଦ ସହିତ 'ପ୍ରଜାବନ୍ଧୁ' ପତ୍ରିକାରୁ ଅବଗତ ହେଲି ଯେ ଘୁମୁସର ଅନ୍ତର୍ଗତ 'ରସୁଲକୁଣ୍ଡା' ଅଞ୍ଚଳରେ 'ଲକ୍ଷ୍ମୀଭଣ୍ଡାର' ନାମକ ଏକ ପ୍ରକାର ବାଣିଜ୍ୟ ସମିତି ସଂସ୍ଥାପିତ ହୋଇଅଛି, ସେଥିର ଅଭିବୃଦ୍ଧି କିପରି ହେବ ଆମ୍ଭେମାନେ ଦେଖିବାକୁ ହେବ। ଈଶ୍ୱରଙ୍କ କୃପାରୁ ସେହିପରି

ଆଉ କେତେକ ଭଣ୍ଡାର ଉତ୍କଳର ଅନ୍ୟାନ୍ୟ ସ୍ଥାନରେ ସ୍ଥାପିତ ହେବ ବୋଲି ମୁଁ ବିଶ୍ୱାସ କରେ । ଏହା ବ୍ୟତୀତ ଏହି ଉତ୍କଳରେ ନାନା ପ୍ରକାର କାରଖାନା ସ୍ଥାପିତ ହେବା ବାଞ୍ଛନୀୟ । ଯହିଁରେ କି ଉତ୍କଳୀୟମାନେ ନିଜ ନିଜ ଦକ୍ଷତାରେ କାର୍ଯ୍ୟ କରିପାରିବେ । ସମ୍ମିଳିତ ଓ ସୁପରିଚାଳିତ ଚେଷ୍ଟା ବ୍ୟତିରେକେ ବାଣିଜ୍ୟର ଉନ୍ନତି ହେବା ଅସମ୍ଭବ, ଉତ୍କଳରେ ମୂଳଧନର ଅଭାବ ନାହିଁ, କିନ୍ତୁ ଏ ଦେଶରେ ଜାତୀୟ ଜୀବନ ଗଠିତ ହୋଇ ନ ଥିବାରୁ ଲୋକେ ସମ୍ମିଳିତ ଚେଷ୍ଟାର ମୂଲ୍ୟ ବୁଝିପାରି ନାହାନ୍ତି, ତହିଁର ମୂଲ୍ୟ ବୁଝି ନ ପାରିବାରୁ ସମ୍ମିଳିତ ପ୍ରଣାଳୀରେ ନିଜର ମୂଳଧନକୁ ଖଟାଇବାକୁ ସାହସୀ ହୋଇପାରୁନାହାନ୍ତି, ଆପଣମାନେ ଦେଖନ୍ତୁ ଯେ ଉଦାହରଣ ସ୍ୱରୂପ, ଉତ୍କଳରୁ ଯେତେ ଚାଉଳ ରପ୍ତାନି ହୋଇ ବିଦେଶକୁ ଯାଉଅଛି, ତହିଁର ଲାଭ ଉତ୍କଳୀୟମାନଙ୍କ ଭାଗ୍ୟରେ ଘଟୁନାହିଁ । ସାମାନ୍ୟ ମୂଳଧନ ଘେନି ବିଦେଶରୁ କମ୍ପାନୀମାନେ ଆସି ଏ ଦେଶରେ ବାଣିଜ୍ୟ କରି ଏହି ଦେଶର ଲାଭଦ୍ୱାରା ଧନୀ ହେଉଅଛନ୍ତି କିନ୍ତୁ ଆମ୍ଭମାନଙ୍କ ଉତ୍କଳଦେଶରେ ମୂଳଧନାଧିପତିମାନେ ବିଦ୍ୟମାନ ଥାଇ ସୁଦ୍ଧା ସମ୍ମିଳିତ ଉପାୟରେ ମୂଳଧନକୁ ବାଣିଜ୍ୟରେ ଖଟାଇବା ବିଷୟ ଆମ୍ଭେମାନେ ଶିକ୍ଷା କରି ନାହୁଁ । ଆହୁରି ମଧ ବ୍ୟବସାୟ ନୀତିର ସମ୍ୟକ୍ ଜ୍ଞାନ ଅଭାବରୁ ଏ କ୍ଷେତ୍ରରେ ଇଚ୍ଛୁକ ଥିଲେ ମଧ ବିଫଳ ମନୋରଥ ହୋଇଥିବାର ଦେଖାଯାଉଅଛି । ସୁତରାଂ ବ୍ୟବସାୟର ଶ୍ରୀବୃଦ୍ଧି ନିମନ୍ତେ ବଡ଼ ବଡ଼ ବ୍ୟବସାୟୀମାନେ କି କି ବ୍ୟବସାୟ-ନୀତି ଅବଲମ୍ବନ କରି କାର୍ଯ୍ୟ କରୁଅଛନ୍ତି ତାହା ସେମାନଙ୍କଠାରୁ ଶିକ୍ଷା କରି ଆମ୍ଭ ଦେଶରେ ପ୍ରବର୍ତ୍ତିତ କରାଇବା ପାଇଁ କାର୍ଯ୍ୟକ୍ଷମ ଓ ବୁଦ୍ଧିମାନ୍ ବ୍ୟକ୍ତିମାନଙ୍କୁ ଉକ୍ତ କମ୍ପାନିମାନଙ୍କ ଅଧୀନରେ ଶିକ୍ଷାର୍ଥୀ ରୂପେ ନିଯୁକ୍ତ କରାଇବାକୁ ହେବ । ସେପରି ଶୁଭଦିନ କେବେ ଘଟିବ, ଏଥି ପ୍ରତି ଆମ୍ଭମାନଙ୍କ ଦୃଷ୍ଟି ରହିବା ଏକାନ୍ତ ବାଞ୍ଛନୀୟ ।

**ଶିଳ୍ପ** – ଦେଖିବା ହେଉନ୍ତୁ, ଆମ୍ଭମାନଙ୍କ ପୂର୍ବପୁରୁଷମାନେ, ଜଗଦ୍‌ବିଖ୍ୟାତ ଭୁବନେଶ୍ୱର ଦେବାଳୟ ଏବଂ ଏହି ନଗରସ୍ଥ କାଠଯୋଡ଼ିର ପ୍ରସ୍ତର ପାବଚ୍ଛ ପ୍ରଭୃତି କାର୍ଯ୍ୟ ନିର୍ମାଣ କରାଇ ଶିଳ୍ପ କୌଶଳର ପରିଚୟ ଦେଇଯାଇଅଛନ୍ତି । ସେମାନେ ଶିଳ୍ପ ବିଜ୍ଞାନରେ କେତେଦୂର ପାରଦର୍ଶୀ ହୋଇଥିଲେ, ବିଦେଶୀୟମାନଙ୍କ କର୍ତ୍ତୃକ ଇତିହାସରୁ ଜଣାଯାଏ । ସେହି ମହାତ୍ମାମାନଙ୍କର ବଂଶୋଦ୍ଭବ ହୋଇଥିଲେ ସୁଦ୍ଧା, ଆମ୍ଭମାନଙ୍କର ଆଜିକାଲି ତହିଁ ବିଷୟରେ ଆଦୌ କିଛି ଶ୍ରଦ୍ଧା ନାହିଁ । ଉତ୍କଳ ଜନନୀଙ୍କର କେଉଁ ସନ୍ତାନ, ଏହି ଶୋଚନୀୟ ଅବସ୍ଥା ଉପଲକ୍ଷେ ଦୁଃଖ ପ୍ରକାଶ ନ କରିବ ? ମୋ ବିବେଚନାରେ ଜାପାନର ଶ୍ରୀବୃଦ୍ଧି କେବଳ ଶିଳ୍ପକାର୍ଯ୍ୟରେ ନିର୍ଭର । ଏହି ସହରରେ ବଣିଆମାନେ ସୁପ୍ରସିଦ୍ଧ ଅଳଙ୍କାର ଗଠନ କରନ୍ତି । ସେମାନଙ୍କର ସନ୍ତାନମାନେ ସୁଶିକ୍ଷିତ ହୋଇ, ପରମ୍ପରା ଜୀବନୋପାୟ ଯେପରି ଉନ୍ନତି ପଥରେ ଅଗ୍ରସର ହେବ ସେହି ସବୁ ଉପାୟ

ଧାର୍ଯ୍ୟ କରାଇବା ବାଞ୍ଛନୀୟ । ଉତ୍କଳବାସୀ ଏବଂ ଉତ୍କଳଭାଷୀ, କେତେକ ଧନୀ ଓ ସୁଚରିତ୍ର ଜମିଦାର ଓ ବଣିକମାନେ, ଉତ୍କଳଜନ୍ମିତ ଶିଳ୍ପକାର୍ଯ୍ୟ, ଇତର ଦେଶକୁ ପ୍ରେରଣ କରାଇ ଶିଳ୍ପକୌଶଳ ପ୍ରକାଶ କରାଇଲେ, ମୁଁ ବିଶ୍ୱାସ କରେଁ ଯେ ଉତ୍କଳର ଶିଳ୍ପବିଜ୍ଞାନର ବୃଦ୍ଧି ବହୁ ଦୂର କ୍ଷତି ହେବ ନାହିଁ । ବରଂ ଶ୍ରୀବୃଦ୍ଧି ମଧ ହେବ । ଶିଳ୍ପବିଜ୍ଞାନର ଓ ବାଣିଜ୍ୟର ଏକ ପ୍ରକାର ସମ୍ପର୍କ ଥିବା କେହି ନାସ୍ତି କରିପାରିବେ ନାହିଁ । ଶିଳ୍ପର ଉନ୍ନତି ସଙ୍ଗେ ସଙ୍ଗେ ବାଣିଜ୍ୟ ବୃଦ୍ଧି ହେବ । ଏତଦ୍‌ବିଷୟରେ, ଅତ୍ରୋପଗତ ଭଦ୍ର ବ୍ୟକ୍ତିମାନଙ୍କର ମତାନ୍ତର ହେବ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଉତ୍କଳର ଶିଳ୍ପସମ୍ବନ୍ଧୀୟ ଉନ୍ନତି କରିବାକୁ ହେଲେ କେବଳ ଯେ ଲୁପ୍ତଶିଳ୍ପର ପୁନରୁଦ୍ଧାର କରିବାକୁ ହେବ ତାହା ନୁହେଁ, ଦେଶ କାଳ ପାତ୍ର ବିବେଚନା କରି ପୁନରୁଦ୍ଧାର ସଙ୍ଗେ ସଙ୍ଗେ ନୂତନ ଉନ୍ନତିମାନ ସଂଯୋଜିତ କରି ଉତ୍କଳୀୟ ଶିଳ୍ପର ଉନ୍ନତି କରିବାକୁ ହେବ । ଶିଳ୍ପର ଯେ କୌଣସି ଶାଖାର ବର୍ତ୍ତମାନ ଅବସ୍ଥା ପର୍ଯ୍ୟାଲୋଚନା କଲେ ଦେଖାଯିବ ଯେ ସବୁଆଡ଼େ ଉନ୍ନତି କରିବାର ଆବଶ୍ୟକତା ବିଶେଷରୂପେ ଉପଲବ୍ଧି ହେଉଅଛି । କଟକରେ ସ୍ଥାପିତ ଓଡ଼ିଶାର ଶିଳ୍ପାଗାର ଦ୍ୱାରା ସ୍ୱର୍ଣ୍ଣ, ରୌପ୍ୟ, ଶୃଙ୍ଗ, ଦନ୍ତ, କାଷ୍ଠ, ଚର୍ମ ଇତ୍ୟାଦି ବିଷୟକ ଶିଳ୍ପର କେତେକ ପରିମାଣରେ ଉନ୍ନତି ସାଧିତ ହୋଇଅଛି । ଚର୍ମ ପରିଷ୍କାର କାର୍ଯ୍ୟ ଶିକ୍ଷା କରିବା ନିମନ୍ତେ ସମ୍ମିଳନୀ ପକ୍ଷରୁ ଜଣେ ଉତ୍କଳୀୟ ଛାତ୍ରଙ୍କୁ ମାନ୍ଦ୍ରାଜ ଶିଳ୍ପ ବିଦ୍ୟାଳୟକୁ ପ୍ରେରଣ କରାଯାଇଅଛି ଏବଂ ସେ ଏଥିମଧରେ ଚର୍ମପରିଷ୍କାର କାର୍ଯ୍ୟରେ କେତେକ ପରିମାଣରେ ଅଗ୍ରସର ହୋଇଅଛନ୍ତି । ଏହା ଆପଣମାନେ ସମ୍ମିଳନୀର ଗତବର୍ଷ ବିବରଣରୁ ଶୁଣିବେ, ବସ୍ତ୍ରବୟନର ଉତ୍କୃଷ୍ଟ ଏବଂ ଅଳ୍ପବ୍ୟୟସାଧ ପ୍ରଣାଳୀ ଆବିଷ୍କାର କରି ଦେଶୀୟ ତନ୍ତୁବାୟଙ୍କୁ ଶିକ୍ଷା ଦେବା ବିଷୟରେ ସମ୍ମିଳନୀ ବ୍ରତୀ ହୋଇଥିବାର ଆପଣମାନେ ସମ୍ପାଦକଙ୍କ ରିପୋର୍ଟରୁ ଶ୍ରବଣ କରିଲେ । ଉତ୍କଳଦେଶରେ ବାଉଁଶ ପର୍ଯ୍ୟାପ୍ତ ପରିମାଣରେ ମିଳେ, ଦେଶୀୟ ଲୋକେ ଜାପାନରୁ ଏହି ବାଉଁଶଦ୍ୱାରା ଟେବଲ, ଚଉକି ଇତ୍ୟାଦି ଗୃହର ଉପକରଣମାନ ପ୍ରସ୍ତୁତ କରିବା ପ୍ରଣାଳୀ ଶିକ୍ଷା କରି ଆସି ଏ ଦେଶରେ ବାଉଁଶର କାରଖାନା ଫିଟାଇପାରିଲେ ବିଶେଷ ଲାଭବାନ୍ ହୋଇପାରନ୍ତି ।

**ଧାତୁବର୍ଗଖଣୀ –** ସଭ୍ୟ ମହୋଦୟଗଣ ! ଯତ୍ପରୋନାସ୍ତି ଆନନ୍ଦ ସହିତ ନିବେଦନ କରୁଅଛି ଯେ, ମୟୂରଭଞ୍ଜ ପ୍ରଦେଶରେ ଖଣୀ ପ୍ରସ୍ତୁତ ଥିବାରୁ, ତାହା ଅଳ୍ପଦିନ ହେଲା ଆବିଷ୍କାର କରାଯାଇଅଛି, ଖଲ୍ଲିକୋଟ ଏବଂ ଆଠଗଡ଼ ଜମିଦାରୀମାନଙ୍କର ଜଣେ ଧାତୁ ବିଜ୍ଞାନବେତ୍ତା, ଅନେକାନେକ ଧାତ୍ୱାଦିର ଉତ୍ପତ୍ତି ସ୍ଥାନ ସଂଦର୍ଶନ କରି, ତହିଁରେ ଧାତୁ ଦ୍ରବ୍ୟ ଅଛି ବୋଲି ସ୍ଥିର କରିଅଛନ୍ତି । ଏହି

ପ୍ରଦେଶମାନଙ୍କର ଖଣୀ ବ୍ୟବସ୍ଥା ଯେତେବେଳେ କାର୍ଯ୍ୟରେ ପରିଣତ ହେବ, ସେତେବେଳେ ଓଡ଼ିଶାରେ ବହୁବିଧ ଧାତୁ ପ୍ରଚଳିତ ହୋଇପାରିବ । ମୁଁ ବିବେଚନା କରୁଅଛି ଯେ, ଉତ୍କଳର ନାନା ଭାଗରେ ନାନା ଧାତୁପୂର୍ଣ୍ଣ ଖଣୀ ଲୁଚି ରହିଅଛି । ଶ୍ରମ ସ୍ୱୀକାରପୂର୍ବକ ଅନୁସନ୍ଧାନ କରାଗଲେ, ଶ୍ରମ କେବେମାତ୍ର ବିଫଳ ହେବ ନାହିଁ ଏହା ମୋର୍ ଦୃଢ଼ ବିଶ୍ୱାସ । ମାତ୍ର ଏ ସମ୍ବନ୍ଧରେ ଗୋଟିଏ ଘନିଷ୍ଠ ଅଭାବ୍ ଅଛି । ଧାତୁ ଦ୍ରବ୍ୟ ନିରୂପକ ଯେ କି ସେହି ଏତତ୍ସମ୍ବନ୍ଧୀୟ ବିଜ୍ଞାନରେ ଶିକ୍ଷାଲାଭ କରିଥିବାକୁ ହେବେ, ନଚେତ୍ ସେପରି ବ୍ୟକ୍ତିମାନଙ୍କ ଅଭାବରୁ, ଖଣୀ ଅନୁସନ୍ଧାନ କାର୍ଯ୍ୟ ଅତି କଠୋର ବୋଧ ହେବ । ଏଣୁକରି ଆମ୍ଭମାନଙ୍କର କର୍ତ୍ତବ୍ୟ କର୍ମ ଏହି ଯେ, ଉକ୍ତ ବିଜ୍ଞାନରେ କେତେକ ସୁଶିକ୍ଷିତ ଯୁବକଙ୍କୁ ପ୍ରବୀଣ କରାଇବା ଅତ୍ୟାବଶ୍ୟକ ।

**ବିଦ୍ୟାଶିକ୍ଷା** – ବର୍ତ୍ତମାନ ଶିକ୍ଷା ବିଷୟରେ ମୁଁ କିଛି କହୁଅଛି । ଶିକ୍ଷାହିଁ ସମାଜର ସର୍ବସ୍ୱ । ଶିକ୍ଷାହୀନ ମନୁଷ୍ୟମାନେ ଏକତ୍ରିତ ହୋଇ, ଦେଶର ହିତସାଧନ କରିପାରିବେ ନାହିଁ । ବାଣିଜ୍ୟ କଲେ ଅନ୍ୟର ସାହଯ୍ୟବିନା ତାହା ସୂଚାରୁରୂପେ ଚଳାଇପାରିବେ ନାହିଁ, ବରଂ ଶିକ୍ଷାହୀନ ବ୍ୟକ୍ତି ମନୁଷ୍ୟସମାଜରେ ସୁଦ୍ଧା ଗଣିତ ହୁଏ ନାହିଁ, ଏହା ବୋଲିବା ବାହୁଲ୍ୟ ମାତ୍ର । ଆମ୍ଭମାନଙ୍କ ଜାତୀୟ ସ୍ୱଭାବ ଏକପ୍ରକାର ହୋଇଅଛି ଯେ, ଶିକ୍ଷୋନ୍ନତି ପଥରେ ଅଗ୍ରସର ନ ହୋଇ, ତନ୍ମୂଳରୁ ଜ୍ଞାନଶୂନ୍ୟ ହୋଇ ସବୁ କଥାରେଁ ଉଦାସୀନ । ଆପଣମାନଙ୍କୁ ଅବିଦିତ ନାହିଁ ଯେ ଉଦ୍‌ଯୋଗ ନ କଲେ ଈଶ୍ୱର ନିଜେ ଜୀବନୋପାୟ ଲୋକମାନଙ୍କ ଗୃହକୁ ଆଣି ଦିଅନ୍ତି ନାହିଁ । ଶ୍ରମ ସ୍ୱୀକାର କରି କାର୍ଯ୍ୟ ନ କଲେ, କୌଣସି କାର୍ଯ୍ୟ ସୁସମ୍ପନ୍ନ ହୁଏ ନାହିଁ । କାର୍ଯ୍ୟ ସିଦ୍ଧ ନ ହେଲେ ଫଳ କାହୁଁ ହେବ ? ଉପଯୁକ୍ତ ଶିକ୍ଷା ଲାଭ କଲେ ମନୁଷ୍ୟର ଜ୍ଞାନ ବଢ଼େ, ସେ ହିତାହିତ ବିବେଚନା କରିପାରେ ଏବଂ ସମାଜ ସମ୍ବନ୍ଧରେ ଯାହା କିଛି କର୍ତ୍ତବ୍ୟ ତାହା କରିବାକୁ ଉଦ୍ୟମ କରେ । ଶିକ୍ଷିତ ବ୍ୟକ୍ତିମାନଙ୍କ ମଧ୍ୟରେ କି ବଡ଼ କି ସାନ, ସମସ୍ତଙ୍କ ମନରେ ଜାତୀୟ ଭାବ ଉଦ୍ରେକ ହୁଏ ଏବଂ ଦେଶୋପକାର କାର୍ଯ୍ୟରେ ପ୍ରବୃତ୍ତି ଜନ୍ମେ । ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଉଚ୍ଚଶିକ୍ଷା ଲାଭ କରି, ଯେଉଁସବୁ କୀର୍ତ୍ତି ରଖିଯାଇଅଛନ୍ତି ସେ ସବୁ ସ୍ମରଣ କଲେ, ମୋ ମନରେ ଗଭୀର ଦୁଃଖ ଜାତ ହୁଏ ଏବଂ ମୁ ବିସ୍ମିତ ହୁଏ କି, ଆମ୍ଭମାନଙ୍କର ସେପରି ବୁଦ୍ଧି କୌଶଳ କେବେ ହେବ ? ଏହି ଉତ୍କଳ ଦେଶରେ ମତୋଦ୍ଧାରକ ଶ୍ରୀ ଚୈତନ୍ୟ ଠାକୁର ଜନ୍ମ ଗ୍ରହଣ କରିଥିଲେ, ଭୁବନେଶ୍ୱର ଦେଉଳ ନିର୍ମାଣ କରିଥିବା କାରିଗରମାନେ, ଏହି ଉତ୍କଳରେ ଜନ୍ମ ଗ୍ରହଣ କରିଥିଲେ । କାଳକ୍ରମରେ ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କଠାରେ ଯେଉଁ ଧୀଶକ୍ତି ଥିଲା ସେ ସବୁ ଆଜି କାଲି ଲୋପ ପାଇ ଆସୁଅଛି । କେବଳ ଉପଯୁକ୍ତ ଶିକ୍ଷା ନ ପାଇବା କାରଣରୁ ଏହି

ଦୁର୍ଦ୍ଦଶାରେ ପତନ ହୋଇ ରହିଅଛୁଁ । ଆମ୍ଭମାନଙ୍କ ମଧ୍ୟରେ ଏଣିକି ଯୁବକମାନଙ୍କୁ ଏପରି ଶିକ୍ଷା ଦେବାକୁ ହେବ କି, ଯେପରି ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ବୁଦ୍ଧି ସୁତୀକ୍ଷ୍ଣତା ପ୍ରକାଶ ପାଇପାରିବ । ମୋ ବିବେଚନାରେ କେତେକ ବୁଦ୍ଧିଶାଳି ଯୁବକଙ୍କୁ, ଇତରେତର ଦେଶକୁ ପଠାଇ ନାନା ବିଦ୍ୟାରେ ଶିକ୍ଷା ପ୍ରଦାନ କରାଇବା ବର୍ତ୍ତମାନ ଅନିବାର୍ଯ୍ୟ । ଯଥା–

ଉତ୍କଳରେ ଏପରି ଗୋଟିଏ ବିଦ୍ୟାଳୟ ସଂସ୍ଥାପନ କରାଯାଉ କି ଯହିଁରେ ଶିଳ୍ପବିଦ୍ୟା, ଚିତ୍ରନିର୍ମାଣାଦି ଶିକ୍ଷା ପ୍ରଦାନ କରାଯାଇ ପାରିବ । ଏମନ୍ତ କାର୍ଯ୍ୟ ଗବର୍ଣ୍ଣମେଣ୍ଟ କରି ନେବେ, ଏହା ମୋ ଦୃଢ଼ ବିଶ୍ୱାସ ହେଉ ନାହିଁ । ଏହି ସକଳ ବିଷୟ ଆମ୍ଭମାନଙ୍କର ହସ୍ତରେ ନିକ୍ଷେପ । ଯଥାସାଧ୍ୟ ଯତ୍ନ କରି, ଶ୍ରମ ସ୍ୱୀକାରପୂର୍ବକ, ଏହି ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ବାଞ୍ଛନୀୟ । ଏତଦ୍ ବିଷୟରେ ଆପଣମାନଙ୍କୁ ବହୁତଗୁଡ଼ିଏ କହିବା ବାହୁଲ୍ୟ ମାତ୍ର । ଆହୁରି, ଆପଣମାନେ ଜାଣନ୍ତି ଯେ, କେଉଁ କାରଣରୁ ଜାପାନ ଆମେରିକା ପ୍ରଭୃତି ଦେଶମାନଙ୍କରେ ଧନ ଓ ଜ୍ଞାନରେ ଲୋକମାନେ ଉନ୍ନତି ଲାଭ କରିଅଛନ୍ତି; ସେଥିଯୋଗୁଁ ସେହି ଦେଶମାନଙ୍କୁ ଆଦର୍ଶ ସ୍ଥାନ ରୂପେ ମନେ ରଖି ଆମ୍ଭେମାନେ କାର୍ଯ୍ୟରେ ପ୍ରବୃତ୍ତ ହେବା କର୍ତ୍ତବ୍ୟ ।

**ସ୍ତ୍ରୀଶିକ୍ଷା** – ପାଶ୍ଚାତ୍ୟ ଶିକ୍ଷା ସଙ୍ଗେ ସଙ୍ଗେ ସ୍ତ୍ରୀଶିକ୍ଷା ଆରମ୍ଭ ହେଉଅଛି । ସ୍ତ୍ରୀଶିକ୍ଷା ଅତ୍ୟାବଶ୍ୟକ ବିଷୟ । ସ୍ତ୍ରୀଶିକ୍ଷା ନ ଥିଲେ ସମାଜ ବୃଦ୍ଧି ଲାଭ କରିବା ଅସମ୍ଭବ । କାହିଁକିନା ସ୍ତ୍ରୀ ଜାତି ପୁରୁଷ ଜାତିର ଅର୍ଦ୍ଧାଙ୍ଗ, ଏଥିରେ ଦ୍ୱିରୁକ୍ତି ହେବା ନାହିଁ । ବିଚାର କରିବା ହେଉନ୍ତୁ ଯେ, ମନୁଷ୍ୟ ଶରୀରର ଏକ ଭାଗ ସୁସ୍ଥ, ଅପର ଭାଗ ଯଦ୍ୟପି ଅସୁସ୍ଥ ଥାଏ, ସେହି ମନୁଷ୍ୟର ଗତାଗତ ହେବା କଷ୍ଟ । ଏତିକି କହିଲେ ଚଳେ ଯେ ସେହି ମନୁଷ୍ୟ ସର୍ବାଙ୍ଗ ପୀଡ଼ିତ ଅଛି । ଶରୀରର ସୁସ୍ଥ ଭାଗ ଯେପରି, ସୁଶିକ୍ଷିତ ପୁରୁଷ ସେହିପରି, ଶରୀରର ଅସୁସ୍ଥ ଭାଗ ଯେପରି ଅଶିକ୍ଷିତା ସ୍ତ୍ରୀ ସେହିପରି । ସର୍ବାଙ୍ଗ କ୍ଲେଶ ଯେପରି ଶିକ୍ଷିତ ପୁରୁଷ ଓ ଅଶିକ୍ଷିତା ସ୍ତ୍ରୀଙ୍କ ଗୃହ ସେହିପରି । ତେବେ ସର୍ବଦା କ୍ଲେଶଜନକ ଗୃହରେ ରହିପାରିବା ସମ୍ଭବପର କି ? ମୋହର ଏହି ବିଶ୍ୱାସ ଯେ, ଯେତେକାଳ ପର୍ଯ୍ୟନ୍ତ ଆମ୍ଭମାନଙ୍କର ସ୍ତ୍ରୀମାନେ ଶିକ୍ଷିତା ହେବେ ନାହିଁ, ସେତେକାଳ ପର୍ଯ୍ୟନ୍ତ ଆମ୍ଭମାନଙ୍କ ସମାଜ ଉନ୍ନତି ପଥରେ କେବେ ମାତ୍ର ଅଗ୍ରସର ହେବ ନାହିଁ । ଗର୍ଭଧାରୀ ମାତା ଯଦ୍ୟପି ଅଶିକ୍ଷିତା ହୁଅନ୍ତି ତେବେ ସନ୍ତାନମାନଙ୍କର ଶିକ୍ଷା ସୁଚାରୁରୂପେ ସମ୍ପନ୍ନ ହେବା କଠିନ ହୁଏ ଏବଂ ସନ୍ତାନମାନଙ୍କ ବିଦ୍ୟାବୃଦ୍ଧି ବିଷୟରେ ସେମାନଙ୍କୁ ମାତା ଅବା କାହୁଁ ପ୍ରବର୍ତ୍ତାଇପାରିବେ ? ସ୍ତ୍ରୀଶିକ୍ଷା ଯେପରି ଶୀଘ୍ର କାର୍ଯ୍ୟରେ ପରିଣତ ହେବ ସେହି ଉପାୟ ଅବଲମ୍ବନ କରିବା ଆମ୍ଭମାନଙ୍କର ପରମ ଧର୍ମ । ଗଞ୍ଜାମ ଅଞ୍ଚଳର କଥା କହିବାକୁ ଗଲେ ଓଡ଼ିଆ ବାଳିକା ବିଦ୍ୟାଳୟର ଅଭାବ ଏତେ ଦୂର ଅଛି ଯେ

ଗଞ୍ଜାମରେ ବାଳିକା ବିଦ୍ୟାଳୟ ନାହିଁ ବୋଲି କହିଲେ ଚଳେ । ବାଳିକା ବିଦ୍ୟାଳୟ ସ୍ଥାପନ କରିବା ଭାର ଧନୀ ଓ ଜମିଦାରମାନଙ୍କ ଉପରେ ନ୍ୟସ୍ତ, ଏତଦ୍‌ବିଷୟରେ ମୁଁ ସେମାନଙ୍କୁ ପୁନଃ ପୁନଃ ଅନୁରୋଧ କରେ । ସ୍ତ୍ରୀଶିକ୍ଷା ବୋଇଲେ ବି.ଏ., ଏମ୍.ଏ. ପଢ଼ିବା ମୋର ଉଦ୍ଦେଶ୍ୟ ନୁହେ । ସାଧାରଣ ଲେଖାପଢ଼ା ଶିଖି ପୁରାଣାଦି ପଠନ ଓ ଗୃହକାର୍ଯ୍ୟ ନିର୍ବାହ କରିପାରିଲେ ହେଲା । ଆମ୍ଭମାନଙ୍କ ସମାଜରେ ରନ୍ଧନ ଭାର ଓ ଗୃହର ପରିଚ୍ଛନ୍ନତାଦି ସର୍ବଦା ସ୍ତ୍ରୀମାନଙ୍କ ଉପରେ ନ୍ୟସ୍ତ । ଅତଏବ ପାକ ପ୍ରଣାଳୀ, ଚିତ୍ର ବିଦ୍ୟାଦି ଉତ୍କୃଷ୍ଟ ରୀତିରେ ଶିକ୍ଷା ଦେବା ଆବଶ୍ୟକ ।

**ଭାଷା** – ଓଡ଼ିଆ ଭାଷା ଉତ୍କଳରେ ପ୍ରାଚୀନ କାଳରୁ ପ୍ରଚଳିତ, କେହି କେହି କହନ୍ତି ବର୍ତ୍ତମାନ ଉତ୍କଳ ବୋଲି ପରିଚୟ ପାଉଥିବା ଦେଶରେ ମାତ୍ର ଆମ୍ଭମାନଙ୍କ ଭାଷା ଚଳୁଅଛି, ଇତିହାସ ପ୍ରସିଦ୍ଧ, ମହାରାଜା ପୁରୁଷୋତ୍ତମ ଦେବ ଯେତେବେଳେ କାଞ୍ଚି ପର୍ଯ୍ୟନ୍ତ୍ ଦିଗ୍‌ବିଜୟ କରିଥିଲେ ତାହାଙ୍କ ସମଭିବ୍ୟାହରରେ ଅନେକାନେକ ପରିବାରଗଣ ଯାଇଥିଲେ, ତନ୍ମଧ୍ୟରୁ ଦକ୍ଷିଣରେ କୌଣସି କୌଣସି ସ୍ଥାନରେ କେତେ କେତେ ଲୋକ ରହିଯାଇଥିଲେ । ବର୍ତ୍ତମାନ ସେମାନେ ଗୋଦାବରୀ, କୃଷ୍ଣା, ନେଲ୍ଲୁରୁ ଏବଂ ଚେଙ୍ଗଲପାଟଣା ଜିଲାମାନଙ୍କରେ ବାସ କରୁଥିବା ଲକ୍ଷିତ ହୁଅନ୍ତି । ସିଷ୍ଟ କରଣ, ଗୌଡ଼ିଆ ବ୍ରାହ୍ମଣ ଓ ଚାନ୍ଦରା ବୋଲି ଯେଉଁମାନେ ପରିଚୟ ଦିଅନ୍ତି, ସେମାନେ ଉପରୋକ୍ତ ଜିଲାରେ ବାସ କରିଅଛନ୍ତି ଏବଂ ସେମାନଙ୍କ ମାତୃଭାଷା ଓଡ଼ିଆ; ସେମାନଙ୍କର ଭାଷା ଏପରି ଅପଭ୍ରଂଶ ହୋଇଯାଇଛି ଯେ, ତେଲୁଗୁ ଭାଷା ନ ଜାଣିବା ବ୍ୟକ୍ତି ସେମାନଙ୍କର ଭାଷାକୁ ଓଡ଼ିଆ ବୋଲି ଜାଣିପାରିବ ନାହିଁ । ଏହି ଉଦାହରଣରୁ ନିର୍ମଳ ଜଣାଯାଉଅଛି, ଆମ୍ଭମାନଙ୍କ ଭାଷା ପୂର୍ବେ ଦକ୍ଷିଣ୍ରରେ ମଧ ବହୁ ଦୂର ବ୍ୟାପିଥିଲା । ଆପଣମାନଙ୍କୁ ତେଲୁଗୁ ଜିଲାବାସୀ ଓଡ଼ିଆମାନଙ୍କ ବିଷୟ କହିଲି । ଗଞ୍ଜାମ ଜିଲାର ଓଡ଼ିଆ ଭାଷା ସେହି ଅବସ୍ଥାରେ ଥାନ୍ତା, କିନ୍ତୁ ମାଟିବଂଶ ନାୟକମାନେ ଗଞ୍ଜାମ ଜିଲାକୁ ଜୀବନୋପାୟ ପାଇଁ ଯାଇ, ପ୍ରାୟ ପ୍ରତ୍ୟେକ ଗ୍ରାମରେ ଚାଟଶାଳୀ ସ୍ଥାପନ କରିବା ସକାଶୁ ଗଞ୍ଜାମବାସିମାନଙ୍କର ଭାଷା ଏକପ୍ରକାର ଅବସ୍ଥାରେ ଅଛି । ଅବସ୍ଥା ଏପରି ଯେ, ଓଡ଼ିଶାର ଓଡ଼ିଆଭାଷା ସହିତ ତୁଳନା କରିବାକୁ ନିତାନ୍ତ ଅକ୍ଷମ । ସେହି ଗଞ୍ଜାମବାସିମାନଙ୍କ ମଧ୍ୟରୁ ମୁଁ ଜଣେ, ଯେହେତୁ ଭାଷା କହିବାରେ ମୋହର ଯାହାକିଛି ତ୍ରୁଟି ଅଛି ଆପଣମାନେ କ୍ଷମା କରିବାହେବେ, ଏହି ସମ୍ବନ୍ଧରେ ଆପଣମାନଙ୍କୁ ଆଉ ଗୋଟିଏ କଥା କହିବାକୁ ମୋ ମନଟା ବଳିଅଛି । ଯଦ୍ୟପି, ଭାରତ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବ ଅନୁସାରେ ଗଞ୍ଜାମ ଉତ୍କଳରେ ମିଶ୍ରଣ ନ ହୁଏ, ତେବେ ଯେଉଁ ଗଞ୍ଜାମରେ କବିବର ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ଓ କୃଷ୍ଣସିଂହାଦି କବିମାନେ ଜନ୍ମଗ୍ରହଣ କରି, ଓଡ଼ିଆ

ସାହିତ୍ୟର ଆଦିମୂଳ ଅଟନ୍ତି, ସେହି ଗଞ୍ଜାମରେ ପରିଶୁଦ୍ଧ ଓଡ଼ିଆ ଭାଷା ଆଉ ଚଳିପାରିବ ନାହିଁ। ଏହା ମୋହର ଅଭେଦ୍ୟ ବିଶ୍ୱାସ। ବିଶାଖପଟ୍ଟଣା ଜୟପୁର ସର୍ବାଞ୍ଚଳେ ଓଡ଼ିଆଲୋକେ ବାସ କରିଅଛନ୍ତି। ସେମାନଙ୍କ ଓଡ଼ିଆ ଆପଣମାନେ ଶ୍ରବଣ କଲେ, ଆପଣମାନଙ୍କ ମାତୃଭାଷା ବୋଲି ପରିଚୟ ପାଇପାରିବେ ନାହିଁ, ସେହିପରି ଅବସ୍ଥା ଗଞ୍ଜାମରେ ଘଟିବ, ଏଥିରେ ସନ୍ଦେହ ନାହିଁ।

**ସାହିତ୍ୟ** — ପୁରାତନ ଯେତେ ତାଳପତ୍ର ପୁସ୍ତକମାନ ଅଛି ତାହା ସବୁ ସଂଗ୍ରହ କରି ଛପାଇଦେବା କର୍ତ୍ତବ୍ୟ, ଏ ସମ୍ବନ୍ଧରେ ଆମ୍ଭମାନଙ୍କର ଉଦାସୀନତା ପ୍ରତ୍ୟକ୍ଷ ହୁଏ। ଓଡ଼ିଆ ଭାଷାରେ ନଭେଲ ନାହିଁ, ଯେପରି କି, ବଙ୍ଗଳାରେ ଏବଂ ଇତରେତର ଉନ୍ନତ ଭାଷାରେ ଲେଖାଯାଏ। ଏହି ଅଭାବଟି ଗୁରୁତର ବୋଲି ମୁଁ ମନେ କରୁନାହିଁ, କାରଣ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଅନେକ ପୋଥି ଲେଖି ଯାଇଅଛନ୍ତି, ଯେ କି, ନଭେଲ ପ୍ରତି ଉତ୍କୃଷ୍ଟ ଅଟେ। ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକର ଅଭାବ ଢେର୍ ଅଛି। ସଂସ୍କୃତ ବା ଅନ୍ୟ କୌଣସି ଭାଷାରୁ ଓଡ଼ିଆମାନେ ଭାଷାନ୍ତର କରାଇବା କର୍ତ୍ତବ୍ୟକର୍ମ। ସଂପ୍ରତି ଭାରତ ଗବର୍ଣ୍ଣମେଣ୍ଟ ଯେଉଁ ବିଶ୍ୱବିଦ୍ୟାଳୟ ଆଇନ ଜାରୀ କରିଅଛନ୍ତି, ତଦ୍ଵାରା ବିଶ୍ୱବିଦ୍ୟାଳୟମାନଙ୍କରେ ସଂସ୍କୃତ ଅଧ୍ୟୟନ କରିବା ଅନିବାର୍ଯ୍ୟ, ବିଶ୍ୱବିଦ୍ୟାଳୟରେ ପଦାର୍ପଣ କରିବା ପୂର୍ବେ, ମାତୃଭାଷାରେ ସୁଶିକ୍ଷିତ ହେବାକୁ ପଡ଼ିବ। ଏଥିପାଇଁ ଆମ୍ଭମାନଙ୍କର ଯୁବକମାନଙ୍କୁ ମାତୃଭାଷାରେ ସୁଶିକ୍ଷିତ କରାଇବା ଚେଷ୍ଟା କରାଯାଉ। ମୋହର ଏହି ଦୃଢ଼ ବିଶ୍ୱାସ ଯେ ଯେଉଁ ବ୍ୟକ୍ତି ମାତୃଭାଷାରେ ଅନଭିଜ୍ଞ ସେହି ବ୍ୟକ୍ତି ଇତର ଭାଷା ସହଜରେ ଶିଖିପାରିବ ନାହିଁ। ଆଧୁନିକ ଇଂରାଜୀ ଶିକ୍ଷା ପ୍ରଧାନ ଅଟେ। ଏହି ଅବନୀ ମଣ୍ଡଳରେ ସର୍ବତ୍ର ଇଂରାଜୀ ଭାଷା ପ୍ରଚଳିତ ଅଛି କହିବା ଅଯଥାର୍ଥ ନୁହେଁ। ଆମ୍ଭେମାନେ ଇଂରାଜୀ ଶିକ୍ଷାରେ ଅଗ୍ରସର ନ ହେଲେ, ଅନ୍ୟାନ୍ୟ ଉନ୍ନତ ଜାତି ସହିତ ଓଡ଼ିଆ ଜାତି ତୁଳନା କରାଯାଇ ନ ପାରେ, ଏଥିପାଇଁ ଆପଣମାନେ ସତର୍କ ହୁଅନ୍ତୁ, ମୁଁ ଅନୁରୋଧ କରୁଅଛି।

**ସମାଜ-ସଂସ୍କାର** — ସମାଜ ସଂସ୍କାର କରିବାର ଉଚିତ କି ନା ଏ ପ୍ରଶ୍ନର ଉତ୍ତର, ଏହାକି ଯେବେ ସଂସ୍କାର ଆମ୍ଭେମାନେ କରିବା ନାହିଁ, ତେବେ ସଂସ୍କାର ସ୍ୱଚ୍ଛନ୍ଦରେ ଆମ୍ଭମାନଙ୍କୁ ଆକର୍ଷଣ କରିବ, ଆମ୍ଭେମାନେ ସମସ୍ତେ ସଂସ୍କାରାଧୀନ। କାରଣ, ଆପଣମାନେ ନିଜେ ନିଜେ ବିଚାର କରି ଦେଖିବା ହେଉନ୍ତୁ, ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କର ଯେଉଁ ଆଚାର ବ୍ୟବହାର ଓ ନୀତି ଥିଲା ସେ ସବୁ ଆଜି କାଲି ପରିବର୍ତ୍ତିତ ହୋଇଅଛି। ତେବେ "ମହାଜନୋ ଯେନ ଗତଃ ସ ପନ୍ଥାଃ" ବୋଲିବା ସିଦ୍ଧାନ୍ତ, ଆଉ କାହୁଁ ରହିଲା ? ଆମେ ସଂସ୍କାର କରିବୁ ନାହିଁ ବୋଲି, ଆପଣମାନେ ସିଦ୍ଧାନ୍ତ କରନ୍ତୁ କିନ୍ତୁ ସଂସ୍କାର ଆପଣମାନଙ୍କୁ ପରିତ୍ୟାଗ କରିପାରିବ ନାହିଁ।

ଆପଣମାନେ ଯେତେ ତ୍ୟାଗ କରୁଥିବେ, ସେତିକି ପରିମାଣରେ କାଳକ୍ରମେ ଆକର୍ଷଣ କରିବ ବରଂ ଆକ୍ରମଣ କରିପକାଇବ । ଏହି ମୋହର ଏକପ୍ରକାର ସିଦ୍ଧାନ୍ତ । ପ୍ରାୟ ବଷ୫୦ର୍ଷ ତଳେ ଯେଉଁ ବ୍ୟକ୍ତି ଜାପାନ୍ ଦେଖିଥିଲା, ଆଜି ସେହି ବ୍ୟକ୍ତି ସେହି ଜାପାନ ଏହି ବୋଲି କହିପାରିବ ନାହିଁ । ପଡ଼ୋଶି ଉନ୍ନତ ଜାତିମାନଙ୍କ ମଧ୍ୟରେ ସମାଜ ସଂସ୍କାର ଲାଗିଅଛି । ଆମ୍ଭେମାନେ ସେପରି ନ କଲେ କାଳକ୍ରମେ ସେମାନଙ୍କ ସହିତ ଆମ୍ଭର ତୁଳନା କରିବାର ଅଯୋଗ୍ୟତା ସ୍ୱୀକାର କରିବାକୁ ହେବ, ତେଣୁକରି ଆମ୍ଭେମାନେ ସଂସ୍କାର ପ୍ରାଣପଣେ ଚେଷ୍ଟା କରିବା ମୁଁ ଉଚିତ ବୋଧ କରେ, ଆଧୁନିକ ଅବସ୍ଥା ଏବଂ ଆଧୁନିକ ଶାସନ ଦେଖିଲେ କିଏ କହିପାରିବ ଯେ ସମାଜ ସଂସ୍କାର ବିନା ଆମ୍ଭମାନଙ୍କର ଉନ୍ନତି ହେବ ? ଯେତେଦିନ ସମାଜ ସଂସ୍କାର ନ କରି ଆମ୍ଭେମାନେ ଅନ୍ଧକାର ନିର୍ବୋଧତାରେ ମଗ୍ନ ରହିବା, ସେତେଦିନ ପର୍ଯ୍ୟନ୍ତ ଆମ୍ଭେମାନେ ଉନ୍ନତ ପଥରେ ଅଗ୍ରସର ହେବା ଅସମ୍ଭବ । ଆମ୍ଭମାନଙ୍କ ମଧ୍ୟରେ କୁସଂସ୍କାର ଏତେଦୂର ବ୍ୟାପିଯାଇଅଛି ଯେ ତାହା ବର୍ଣ୍ଣନା କରିବାକୁ ମୁଁ ଲଜ୍ଜିତ, ସ୍ୱାସ୍ଥ୍ୟ ଅବସ୍ଥାରେ ବଞ୍ଚିବା ପାଇଁ ପରିଷ୍କାର ରହିବା ଅବଶ୍ୟ କର୍ତ୍ତବ୍ୟ । ଶରୀରକୁ ଆରୋଗ୍ୟରେ ରଖିବାର କି ଅଶ୍ରେୟ କଥା ?

**ସଭା ସଂଗଠନ** — ଏହି ବକ୍ତୃତା ଶେଷ କରିବା ପୂର୍ବେ, ମୋହର କିଛି କହିବାକୁ ଅଛି । ମୁଁ କିଛି ଆପଣମାନଙ୍କୁ ଉପଦେଶ ଦେଉଅଛି ବୋଲି ବିଚାରିବେ ନାହିଁ । ମୋର କ୍ଷୁଦ୍ର ବିବେଚନାରେ ଏହି ସଭା ଏକ ପ୍ରକାର ସଂଗଠନ ହେବା କର୍ତ୍ତବ୍ୟ । ସଂସାରରେ ମନୁଷ୍ୟମାନେ ଯେତେ ପ୍ରକାର କାର୍ଯ୍ୟ କରନ୍ତି, ସେଥିପାଇଁ କୌଣସି ପ୍ରକାର ନିୟମାବଳୀ ତୟାର କରି, ସେହି ନିୟମାନୁସାରେ ଆଚରଣ କରନ୍ତି । ଏହି ମହାଜନ ସଭାର ଯେପରି ସୁଚାରୁରୂପେ ବାର୍ଷିକ ଅଧିବେଶନ ହେବ, ସେଥିପାଇଁ କେତେଗୁଡ଼ିଏ ନିୟମ ଆପଣମାନଙ୍କୁ ଜଣାଇଦେଉଅଛି । ଏହି ନଗରରେ ମାତ୍ର ଅଧିବେଶନ ହେବା ସୁନ୍ଦର ବୋଧ ହେଉନାହିଁ । ପ୍ରତ୍ୟେକ ଓଡ଼ିଆ ଅଞ୍ଚଳରେ, ଅର୍ଥାତ୍ ବରହମପୁର, ପୁରୀ, କଟକ, ବାଲେଶ୍ୱର ଏବଂ ସମ୍ବଲପୁର ଏହି ତମାମ ଓଡ଼ିଆ କେନ୍ଦ୍ରମାନଙ୍କରେ କ୍ରମାନୁସାରେ ଅଧିବେଶନ ହେଉ । ଏକ ଅଞ୍ଚଳରେ ଅଧିବେଶନ ହେଲେ, ଅପର ଅଞ୍ଚଳରୁ ଜଣେ ଜଣେ ପ୍ରଧାନ ବ୍ୟକ୍ତି ସଭାପତିପଦରେ ନିଯୁକ୍ତ ହେଉନ୍ତୁ । ସଭାର ସ୍ଥାୟୀ ସମ୍ପାଦକ ଜଣେ କେହି ନିଯୁକ୍ତ ହେଉନ୍ତୁ । ପ୍ରାୟ ଦଶଜଣ ସହକାରୀ ସମ୍ପାଦକ ରହିବା ଉଚିତ । ତନ୍ମଧ୍ୟରୁ ପ୍ରତ୍ୟେକ କେନ୍ଦ୍ରରୁ ଜଣେ ମନୋନୀତ ହେବେ ଏବଂ ସଦସ୍ୟଗଣଙ୍କ ସଂଖ୍ୟା ଏକପ୍ରକାର ସ୍ଥିର ହେବା ଅନୁଚିତ ନୁହେଁ । ପ୍ରତ୍ୟେକ ଶାଖା ସମିତିରୁ ଜଣେ ବା ଦୁଇଜଣ ସଭ୍ୟ ଶାଖାସମିତିର ପ୍ରତିନିଧି ସ୍ୱରୂପ ନିଯୁକ୍ତ ହେଉନ୍ତୁ । ଏହି ମନ୍ତବ୍ୟ ଆରମ୍ଭ କଲା

ପୂର୍ବେ, ପରାମର୍ଶ ଦେବାକୁ ମୁଁ ବିଚାରିନାହିଁ ବୋଲି, ଆପଣମାନଙ୍କୁ ଜଣାଇ ଦେଇଥିଲି । ଅତଏବ, ଆପଣମାନେ ସେହି ଜ୍ଞାନ କରିବେ ।

ପରିଶେଷରେ ବକ୍ତବ୍ୟ ଏହି ଯେ, ଶୁଭକ୍ଷଣରେ ୧୯୦୩ ସାଲ ଡିସେମ୍ବର ମାସ ତା୩୦ରିଖ ବୁଧବାର ସୁପ୍ରଭାତ ହୋଇଥିଲା । ସେହିଦିନ ଏହି ବିରାଟ ସଭାର ସୂତ୍ରପାତ ହେଲା । ଆଶା କରେଁ ଆମ୍ଭମାନଙ୍କର ଉଦ୍ଦେଶ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତେ ବା କାଳାନ୍ତ ପର୍ଯ୍ୟନ୍ତେ ଏହି ବାର୍ଷିକ ସମ୍ମିଳନୀ ଅଧିବେଶନ ହେଉଥିବ । ବିଗତ ସମ୍ମିଳନୀର ସପ୍ତମ ପ୍ରସ୍ତାବାନୁସାରେ ସୁଖର ବିଷୟ ଏହି ଯେ ଅନେକ ସ୍ଥାନରେ ଶାଖା ସମିତିମାନ ସଂସ୍ଥାପିତ ହୋଇଯାଇଅଛି । ସେହି ସମିତିମାନଙ୍କର ଉଦ୍ଦେଶ୍ୟ ଏହି ଯେ ସ୍ଥାନୀୟ କୃଷି, ବାଣିଜ୍ୟ ଓ ଶିଳ୍ପାଦି ବୃଦ୍ଧି କରିବା ଏବଂ ଆଉ ଯେ କିଛି ସ୍ଥାନୀୟ ଅଭାବ ଅଛି ସେ ସବୁ ଦୂର କରିବା । ବାସ୍ତବରେ ଏହା ଅତି ପ୍ରଶଂସନୀୟ । ଏହିପରି ଶାଖା ସମିତିମାନ ସଂସ୍ଥାପିତ ହୋଇ ଉନ୍ନତି ପଥରେ ଯେଉଁକିଛି କର୍ତ୍ତବ୍ୟ କାର୍ଯ୍ୟ ସେସବୁ ସାଧନ କରୁ ।

ଉପଯୁକ୍ତ ଦରିଦ୍ର ଛାତ୍ରମାନଙ୍କୁ ସାହାଯ୍ୟ କରିବା ବିଧି ମଧ୍ୟ ନିର୍ଦ୍ଧାରିତ ହୋଇଥିଲା । ଏତଦ୍ ବିଷୟରେ ଗଞ୍ଜାମରେ ଛାତ୍ରବୃତ୍ତି ସ୍ଥାପନ କରିବା ସକାଶେ ଚେଷ୍ଟା କରାଯାଉଅଛି । ମୋ ବିବେଚନାରେ, ଏହି ପ୍ରସ୍ତାବଟି ସର୍ବୋତ୍କୃଷ୍ଟ, କାରଣ, ସର୍ବଦା ବିଦ୍ୟାହିଁ ପ୍ରଧାନ । ଏଥି ବିଷୟରେ ଇତି ପୂର୍ବେ ଆପଣମାନଙ୍କୁ କିଛି କହିଥିଲି, କିନ୍ତୁ ପୁନରୁକ୍ତି ଦୋଷ ହେଲେହେଁ ପୁନର୍ବାର ଆଉ ପଦେଅଧେ ନ କହି ରହିପାରିଲି ନାହିଁ । ଓଡ଼ିଆ ଯୁବକମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ, ଉତ୍କଳର ମଙ୍ଗଳ ବୃଦ୍ଧି ହେବା ମୋହର ବିଶ୍ୱାସ ନାହିଁ । ଉନ୍ନତ ଦେଶମାନଙ୍କ ମଧ୍ୟରୁ ବା ଭାରତବର୍ଷର ଉନ୍ନତ ଜାତିମାନଙ୍କ ମଧ୍ୟରୁ, କୌଣସି ଏକ ଦେଶ ବା ଜାତି ଆଦର୍ଶରୂପେ ପରୀକ୍ଷା କରନ୍ତୁ, ଆପଣମାନେ ନିର୍ମଳ ଜାଣିପାରିବେ ଯେ ଶିକ୍ଷା ଆଦିକାରଣ ଅଟେ ଏବଂ ଯେଉଁ ଦେଶରେ ଶିକ୍ଷୋନ୍ନତିରେ ତ୍ରୁଟି ଅଛି, ସେହି ଦେଶ କୃଷି କି ବାଣିଜ୍ୟ କି ଶିଳ୍ପାଦିରେ ଅନୁନ୍ନତ । ଏହି ହେତୁରୁ ଆମ୍ଭମାନଙ୍କର ଯୁବକମାନଙ୍କ ଶିକ୍ଷୋନ୍ନତି ଯେଉଁରୂପେ ହୋଇପାରିବ, ସେହିପରି ଆମ୍ଭେମାନେ ପ୍ରାଣପଣେ ଚେଷ୍ଟା କରିବାଁ ଉଚିତ । ଏଠାରେ ସମବେତ ଗୁଣବିଶାରଦ ଯାବନ୍ତ ଉତ୍କଳୀୟମାନଙ୍କୁ ମୁଁ ଅନୁରୋଧ କରୁଅଛି ଯେ, ଏହି ସମ୍ମିଳନୀରୁ ନିଜଗ୍ରାମକୁ ପ୍ରତ୍ୟାଗମନ କରିବା ପରେ ଯେପରି ସେହି ପ୍ରସ୍ତାବଗୁଡ଼ିକ କାର୍ଯ୍ୟରେ ପରିଣତ ହେବ ସେହିପରି ସଦୁପାୟ ଚେଷ୍ଟା କରିବେ ।

ପରିଶେଷରେ ବକ୍ତବ୍ୟ ଏହି ଯେ ଆମ୍ଭେମାନେ ଯେଉଁ କାର୍ଯ୍ୟରେ ହସ୍ତକ୍ଷେପ କରୁଅଛୁଁ ସେ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟଙ୍କର ସହାନୁଭୂତି ଏକାନ୍ତ ଆବଶ୍ୟକ, ତାହା ହେଲେ କାର୍ଯ୍ୟକ୍ଷେତ୍ରରେ ରାଜକୀୟ ସାହାଯ୍ୟଦ୍ୱାରା ଆମ୍ଭମାନଙ୍କର ପ୍ରଭୂତ ଉପକାର

ହେବ । କେତେକ କାର୍ଯ୍ୟରେ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କଠାରେ କୃତକାର୍ଯ୍ୟ ସ୍ୱୀକାର କରୁଅଛୁଁ । ପ୍ରଜାବର୍ଗଙ୍କ ସୁଖ ସ୍ୱଚ୍ଛନ୍ଦର ବିଧାନ କରିବା ଓ ସେମାନଙ୍କର ଉନ୍ନତି ସାଧନ କରିବା ପ୍ରତ୍ୟେକ ଗବର୍ଣ୍ଣମେଣ୍ଟଙ୍କର ପ୍ରଧାନ କର୍ତ୍ତବ୍ୟ, ଏପରି ସ୍ଥଳରେ ଏହି ସମ୍ମିଳନୀ ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟକୁ ସାଧନ କରିବା ନିମନ୍ତେ ଅଗ୍ରସର ହୋଇଅଛି । ଏହି ଅନୁଷ୍ଠାନରେ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କଠାରୁ ଅଧିକତର ସାହାଯ୍ୟ ପାଇବାର ଆଶା ପୋଷଣ କରୁଅଛୁଁ । କେତେ ଶତାବ୍ଦିରେ ଯାହା ଆମ୍ଭମାନଙ୍କ ଭାଗ୍ୟରେ ଘଟି ନ ଥିଲା ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଆମ୍ଭେମାନେ ନିରବଚ୍ଛିନ୍ନ ଶାନ୍ତି ଉପଭୋଗ କରୁଅଛୁଁ ଓ ଟିକିଏ ସୁସ୍ଥ ହେବାରୁ ଆମ୍ଭେମାନେ ନିଜ ନିଜ ଅବସ୍ଥା ଉନ୍ନତ କରିବାର ସୁଯୋଗ ଓ ସୁବିଧା ପାଉଅଛୁଁ । ବିଶେଷତଃ ଉତ୍କଳୀୟମାନଙ୍କ ପ୍ରତି ଭାରତ ଗବର୍ଣ୍ଣମେଣ୍ଟ ବିଶେଷ ଅନୁଗ୍ରହ ଦେଖାଇଅଛନ୍ତି । ସମଗ୍ର ଉତ୍କଳକୁ ଏକଶାସନାଧୀନ କରିବାପାଇଁ ଭାରତର ବଡ଼ଲାଟ ବାହାଦୁର ଯେଉଁ କଲ୍ୟାଣକର ପ୍ରସ୍ତାବ କରିଅଛନ୍ତି ତାହା ଆମ୍ଭ ଜାତିର ଉନ୍ନତି ନିମନ୍ତେ କିପ୍ରକାର ଅନୁକୂଳ ତଦ୍‌ବିଷୟରେ ଆମ୍ଭମାନଙ୍କ ମଧ୍ୟରେ ଦୁଇମତ ନାହିଁ ଓ ତଦ୍ୱାରା ଆମ୍ଭ ସମସ୍ତଙ୍କ ମନରେ ଆନନ୍ଦ ଓ ଆଶା ଯୁଗପତ୍ ଆବିର୍ଭୂତ ହୋଇଅଛି ।

ଆପଣମାନେ ଶ୍ରମ ସ୍ୱୀକାରପୂର୍ବକ ଦୂର ପଥ ଗମନ କରି, ଏହି ମଣ୍ଡପରେ ସମବେତ ହୋଇଅଛନ୍ତି, ଆପଣମାନଙ୍କୁ ଦର୍ଶନ କରି ମୁଁ ଯତ୍ପରୋନାସ୍ତି ସନ୍ତୁଷ୍ଟ ହେଲି । ଏତାଦୃଶ ବିରାଟ ସମିତି ଅବଲୋକନ କରି, ମଦୀୟ ଚକ୍ଷୁରୁ ପାପ ବିମୋଚନ ହୋଇଯାଇଅଛି । ସକଳ ସୁଖଦାତା ପରମେଶ୍ୱର, ଆପଣମାନଙ୍କ କାମନା ସଫଳ କରନ୍ତୁ, ଏହି ମୋହର ଏକାନ୍ତ ପ୍ରାର୍ଥନା ।

## ଦ୍ୱିତୀୟ ଅଧିବେଶନରେ ଗୃହୀତ ନିର୍ଦ୍ଧାରଣସମୂହ

**ପ୍ରଥମ ନିର୍ଦ୍ଧାରଣ** – ଭାରତର ମହାମାନ୍ୟ ରାଜପ୍ରତିନିଧି ଲର୍ଡ କର୍ଜନ ବାହାଦୁରଙ୍କର ଶାସନାଧୀନ ଉତ୍କଳଭାଷୀ ଅଞ୍ଚଳର ବୈଷୟିକ ଉନ୍ନତି ସମ୍ବନ୍ଧରେ ଆଲୋଚନା କରି ଉପାୟମାନ ସ୍ଥିର କରିବା ନିମିତ୍ତ ଯେଉଁ ଉତ୍କଳସମ୍ମିଳନୀ ସଭା ପ୍ରତିଷ୍ଠିତ ହୋଇଅଛି ତହିଁର ଅଦ୍ୟତନ ବାର୍ଷିକ ଅଧିବେଶନରେ ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଶାସନାଧୀନରେ ବାସ କରୁଥିବା ଲୋକମାନଙ୍କର ପ୍ରତିନିଧି ସ୍ୱରୂପ ମହାରାଜା, ରାଜା, ଜମିଦାର, ମହାଜନ, ଚାଷୀ, କାରିଗର ଓ ଶିକ୍ଷିତ ଲୋକମାନେ ଉପସ୍ଥିତ ହୋଇଅଛନ୍ତି । ଭାରତର ବଡ଼ଲାଟମାନଙ୍କ ମଧ୍ୟରୁ ଯେ ସର୍ବପ୍ରଥମେ ଓଡ଼ିଶାରେ ପଦାର୍ପଣ କଲେ ଏବଂ ଯେ ତାଙ୍କର ଶାସନାଧୀନ ଉତ୍କଳଭାଷୀ ଅଞ୍ଚଳର

ଅବସ୍ଥା ଏବଂ ଶାସନପ୍ରଣାଳୀର ଉନ୍ନତି ବିଧାନ ନିମିତ୍ତ ବିଶେଷ ମନୋଯୋଗୀ ହୋଇଅଛନ୍ତି ସେହି ମହାମାନ୍ୟ ଲର୍ଡ କର୍ଜନଙ୍କର ଭାରତର ରାଜପ୍ରତିନିଧିପଦ ପୁନର୍ଗ୍ରହଣ କରିବା ଉପଲକ୍ଷରେ ଏହି ସଭା କାର୍ଯ୍ୟାରମ୍ଭ କରିବା ପୂର୍ବରୁ ତାହାଙ୍କୁ ଭକ୍ତିଭାବରେ ସାଦର ସଂଭାଷଣ କରିବା କର୍ତ୍ତବ୍ୟ ବୋଲି ବିବେଚନା କରୁଅଛନ୍ତି ।

କିଛିଦିନ ପୂର୍ବେ ମାନନୀୟା ଶ୍ରୀମତୀ ଲେଡ଼ି କର୍ଜନଙ୍କ ପୀଡ଼ା ସମୟରେ ଲର୍ଡ କର୍ଜନ ବାହାଦୁରଙ୍କର ଉତ୍କଣ୍ଠିତ ଓ ବିଷାଦଗ୍ରସ୍ତ ମନକୁ ଶାନ୍ତ୍ୱନା ଦେବା କାରଣ ଏହି ସଭାପକ୍ଷରୁ ବିଲାତର ଉଆମରପ୍ରାସାଦକୁ ଯେଉଁ ସହାନୁଭୂତିସୂଚକ ତାରସମ୍ବାଦ ପ୍ରେରିତ ହୋଇଥିଲା ତାହା ଏହି ସଭା ପୁନର୍ବାର ସମର୍ଥନ କରୁଅଛନ୍ତି ଓ ବର୍ତ୍ତମାନ ଈଶ୍ୱରଙ୍କର ଅପାର କୃପାରୁ ଲେଡ଼ି କର୍ଜନ ଆରୋଗ୍ୟଲାଭ କରିବାରୁ ଏହି ଉତ୍କଳସମ୍ମିଳନୀ ସଭା ଆନନ୍ଦ ପ୍ରକାଶ କରୁଅଛନ୍ତି ଓ ଶ୍ରୀମତୀ ମହୋଦୟା ସମ୍ପୂର୍ଣ୍ଣରୂପେ ସୁସ୍ଥ ହୋଇ ଭାରତକୁ ଫେରି ଆସି ଲର୍ଡ କର୍ଜନ ମହୋଦୟଙ୍କ ସଙ୍ଗେ ସମ୍ମିଳିତ ହୁଅନ୍ତୁ, ସଭା ଈଶ୍ୱରଙ୍କ ନିକଟରେ ଏହାହିଁ ପ୍ରାର୍ଥନା କରୁଅଛନ୍ତି । ମହାମାନ୍ୟ ବଡ଼ଲାଟ ବାହାଦୁରଙ୍କ ଅବଗତି ନିମିତ୍ତ ଏ ସଭାର ସମ୍ପାଦକଙ୍କଦ୍ୱାରା ଏହି ନିର୍ଦ୍ଧାରଣର ପ୍ରତିଲିପି ତାରଯୋଗେ ବଡ଼ଲାଟଙ୍କ ପ୍ରାଇଭେଟ ସେକ୍ରେଟେରୀଙ୍କ ନିକଟକୁ ପ୍ରେରିତ ହେଉ ।

ପ୍ରସ୍ତାବକ — ଶ୍ରୀମନ୍ମହାରାଜ ମୟୂରଭଞ୍ଜ
ଅନୁମୋଦକ — ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର
ସମର୍ଥକ — ରାଜା କନିକା ।

**ଦ୍ୱିତୀୟ ନିର୍ଦ୍ଧାରଣ –** ସମଗ୍ର ଉତ୍କଳଭାଷୀ ଅଞ୍ଚଳକୁ ଏକଶାସନାଧୀନରେ ସମ୍ମିଳିତ କରିବା ନିମନ୍ତେ ମାନ୍ୟବର ଭାରତର ବଡ଼ଲାଟ ବାହାଦୁର ଯେଉଁ କଲ୍ୟାଣକର ପ୍ରସ୍ତାବ କରିଅଛନ୍ତି ସେଥିନିମନ୍ତେ ଏହି ଉତ୍କଳସମ୍ମିଳିନୀ ସଭା ମାନ୍ୟବର ବଡ଼ଲାଟ ମହୋଦୟଙ୍କୁ ହୃଦୟର ଗଭୀରତମ ଧନ୍ୟବାଦ ଅର୍ପଣ କରୁଅଛନ୍ତି ।

ମହାମାନ୍ୟ ବଡ଼ଲାଟ ବାହାଦୁରଙ୍କ ଅବଗତି ନିମିତ୍ତ ଏ ସଭାର ସମ୍ପାଦକଙ୍କଦ୍ୱାରା ଏହି ନିର୍ଦ୍ଧାରଣର ପ୍ରତିଲିପି ତାରଯୋଗେ ବଡ଼ଲାଟଙ୍କ ପ୍ରାଇଭେଟ୍ ସେକ୍ରେଟେରୀଙ୍କ ନିକଟକୁ ପ୍ରେରିତ ହେଉ ।

ପ୍ରସ୍ତାବକ — ଗଞ୍ଜାମର ଶ୍ରୀ ହରିହର ପଣ୍ଡା
ଅନୁମୋଦକ — ପଣ୍ଡିତ ଶ୍ରୀ ନୀଳମଣି ବିଦ୍ୟାରତ୍ନ
ସମର୍ଥକ — ଗଞ୍ଜାମର ପଣ୍ଡିତ ଶ୍ରୀ ବିଶ୍ୱନାଥ ମିଶ୍ର ।

**ତୃତୀୟ ନିର୍ଦ୍ଧାରଣ –** ଉତ୍କଳଭାଷୀ ଅଞ୍ଚଳର ବୈଷୟିକ ଉନ୍ନତି ସମ୍ବନ୍ଧରେ ଆଲୋଚନା କରି ଉପାୟମାନ ସ୍ଥିର କରିବା ନିମିତ୍ତ ଯେଉଁ ଉତ୍କଳ-ସମ୍ମିଳନୀ-ସଭା ପ୍ରତିଷ୍ଠିତ ହୋଇଅଛି ତହିଁର ୨ୟ ବାର୍ଷିକ ଅଧିବେଶନରେ ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ଅଧୀନରେ ବାସକରୁଥିବା ଲୋକମାନଙ୍କ ପ୍ରତିନିଧି ସ୍ୱରୂପ ମହାରାଜା,

ରାଜା, ଜମିଦାର, ମହାଜନ, ଚାଷୀ, କାରିଗର ଓ ଶିକ୍ଷିତ ଲୋକମାନେ ଉପସ୍ଥିତ ହୋଇଅଛନ୍ତି । ଗତବର୍ଷର କେତେଗୁଡ଼ିଏ ନିର୍ଦ୍ଧାରଣକୁ କାର୍ଯ୍ୟରେ ପରିଣତ କରିବାଲାଗି ସମ୍ମିଳନୀ ପକ୍ଷରୁ ଯେଉଁ ଚେଷ୍ଟା ହୋଇଅଛି ତହିଁରେ ମହାମାନ୍ୟ ବଙ୍ଗଳାର ଛୋଟଲାଟ ବାହାଦୁର ଯେଉଁ ସହାନୁଭୂତି ଓ ସାହାଯ୍ୟ ପ୍ରଦାନ କରିଅଛନ୍ତି ତହିଁନିମନ୍ତେ ଏହି ସମ୍ମିଳନୀ ସଭା ବଙ୍ଗଳାର ଛୋଟଲାଟ ବାହାଦୁରଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଅଛନ୍ତି ।

ମହାମାନ୍ୟ ଛୋଟଲାଟ ବାହାଦୁରଙ୍କ ଅବଗତି ନିମିତ୍ତ ଏ ସଭାର ସମ୍ପାଦକଙ୍କ-ଦ୍ୱାରା ଏହି ନିର୍ଦ୍ଧାରଣର ପ୍ରତିଲିପି ତାରଯୋଗେ ଛୋଟଲାଟଙ୍କ ପ୍ରାଇଭେଟ ସେକ୍ରେଟେରୀଙ୍କ ନିକଟକୁ ପ୍ରେରିତ ହେଉ ।

ପ୍ରସ୍ତାବକ — ରାଜା ତାଳଚେର
ଅନୁମୋଦକ — ରାଜା କନିକା
ସମର୍ଥକ — ବାବୁ ଗୋକୁଳାନନ୍ଦ ଚୌଧୁରୀ ।

**ଚତୁର୍ଥ ନିର୍ଦ୍ଧାରଣ** — ଓଡ଼ିଶାର କମିଶନର ଶ୍ରୀଯୁକ୍ତ ଇ.ଏଫ୍. ଗ୍ରାଉସ୍ ସାହେବ ମହୋଦୟଙ୍କର ସାଧାରଣତଃ ଏହି ସମ୍ମିଳନୀ ପ୍ରତି ଯେଉଁ ମମତା ଦୃଷ୍ଟିଅଛି ସେଥିପାଇଁ ଏହି ସମ୍ମିଳନୀ ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଅଛନ୍ତି । ଏହି ସଭାରେ କମିଶନର ମହୋଦୟଙ୍କ ଉପସ୍ଥିତିଦ୍ୱାରା ଯେଉଁ ଶୁଭଫଳ ଫଳିବାର ନିଶ୍ଚିତ ସେଥିପାଇଁ ଏବଂ ଏହି ନୂତନ ଅନୁଷ୍ଠାନର ଭ୍ରମପ୍ରମାଦ ସେ ଯେପରି ସହୃଦୟ ଭାବରେ ଦୃଷ୍ଟି କରିଅଛନ୍ତି ତହିଁନିମନ୍ତେ ଏହି ଉତ୍କଳସମ୍ମିଳନୀ ସଭା ତାହାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛନ୍ତି ।

ପ୍ରସ୍ତାବକ — ରାଜା ଆଠଗଡ଼
ଅନୁମୋଦକ — ବାବୁ ନିମାଇଁଚରଣ ମିତ୍ର
ସମର୍ଥକ — ବାବୁ ରାଜକିଶୋର ଦାସ ।

**ପଞ୍ଚମ ନିର୍ଦ୍ଧାରଣ** — ଉତ୍କଳୀୟମାନେ ଅନ୍ୟ ଯେଉଁ ଜାତିମାନଙ୍କ ସଂଶ୍ରବରେ ଆସିଅଛନ୍ତି ସେମାନଙ୍କ ସଙ୍ଗେ ଉତ୍କଳୀୟମାନଙ୍କର ସଖ୍ୟ ଓ ଭ୍ରାତୃଭାବର ସଂରକ୍ଷଣ ଓ ସମ୍ବର୍ଦ୍ଧନ ଏକାନ୍ତ ବାଞ୍ଛନୀୟ ବୋଲି ଏହି ଉତ୍କଳ-ସମ୍ମିଳନୀ ସଭା ସ୍ଥିର କରୁଅଛନ୍ତି ।

ପ୍ରସ୍ତାବକ — ରାଜା ବୈକୁଣ୍ଠନାଥ ଦେ ବାହାଦୁର
ଅନୁମୋଦକ — ଶ୍ରୀ ଭମର ସାହିବ
ସମର୍ଥକ — ବାବୁ ଜଗନ୍ମୋହନ ଷଡ଼ଙ୍ଗୀ, ଖରସୁଆଁ ।

**ଷଷ୍ଠ ନିର୍ଦ୍ଧାରଣ** — ଉତ୍କଳରେ କୃଷିକାର୍ଯ୍ୟର ଉନ୍ନତି ସାଧନ ଉଦ୍ଦେଶ୍ୟରେ ଉତ୍କଳର ବିଭିନ୍ନ ସ୍ଥାନର ମାଟି ପରୀକ୍ଷା କରିବା ନିମନ୍ତେ ଜଣେ ତତ୍ତ୍ୱଜ୍ଞ ବ୍ୟକ୍ତିଙ୍କୁ ସମ୍ମିଳନୀ ପକ୍ଷରୁ ଅନ୍ତତଃ ୬ ମାସ ନିମନ୍ତେ ନିଯୁକ୍ତ କରାଯାଉ । ଉତ୍କଳର କେଉଁ

ସ୍ଥାନର ମାଟି କେଉଁପ୍ରକାର ଶସ୍ୟ ପକ୍ଷରେ ଉପଯୋଗୀ ତାହା ସ୍ଥିର କରିବାପାଇଁ ବିହିତ ଉପାୟ ଅବଲମ୍ବନ କରାଯାଉ । ଏହି ନିର୍ଦ୍ଧାରଣକୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ତଳଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ଏବଂ ସଭ୍ୟସଂଖ୍ୟା ବୃଦ୍ଧି କରିବାର ଭାର ଉକ୍ତ ସମିତିଠାରେ ନ୍ୟସ୍ତ ହେଉ ।

ପ୍ରସ୍ତାବକ — ବାବୁ ଗୌରୀଶଙ୍କର ରାୟ

ଅନୁମୋଦକ — ବାବୁ ଶରଚ୍ଚନ୍ଦ୍ର ମୁଖୁର୍ଯ୍ୟି

ସମର୍ଥକ — ବାବୁ ମାୟାଧର ଦାସ ।

**ସପ୍ତମ ନିର୍ଦ୍ଧାରଣ** — ଉତ୍କଳୀୟମାନଙ୍କ ମଧ୍ୟରୁ ଯେଉଁମାନେ ଚମଡ଼ା କଷିବା ବ୍ୟବସାୟରେ ଯୋଗଦେବାକୁ ଇଚ୍ଛୁକ ସେମାନଙ୍କୁ ଉକ୍ତ ବ୍ୟବସାୟ ପ୍ରତିଷ୍ଠା ଓ ପରିଚାଳନ କରିବା ବିଷୟରେ ଏହି ସମ୍ମିଳନୀ ପକ୍ଷରୁ ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରାଯାଉ ଏବଂ ସମ୍ମିଳନୀ ବ୍ୟୟରେ ଉକ୍ତ ବ୍ୟବସାୟରେ ଶିକ୍ଷିତ ଲୋକମାନଙ୍କୁ ସେମାନଙ୍କ ଅଧୀନରେ ନିଯୁକ୍ତ କରାଯାଉ । ଏହି ନିର୍ଦ୍ଧାରଣକୁ କାର୍ଯ୍ୟରେ ପରିଣତ କରିବାଲାଗି ତଳଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଭାର ଉକ୍ତ ସମିତି ଉପରେ ନ୍ୟସ୍ତ ହେଉ ।

ସ୍ଥାୟୀ ସମିତିର ସଭ୍ୟବୃନ୍ଦ

ମହାରାଜା ମୟୂରଭଞ୍ଜ

ରାଜା ତାଳଚେର

ରାଜା ବୈକୁଣ୍ଠନାଥ ଦେ ବାହାଦୁର

ମିଃ ମଧୁସୂଦନ ଦାସ, ସି.ଆଇ.ଇ.

ମୁନ୍‌ସି ମାହେମୁଦ୍ ଅଲି

ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ

ପ୍ରସ୍ତାବକ — ରାଜା ତାଳଚେର

ଅନୁମୋଦକ — ରାଜା କନିକା

ସମର୍ଥକ — ମୁନ୍‌ସି ମହେମୁଦ ଅଲ୍ଲି

ବାବୁ ରାଜକୃଷ୍ଣ ଦାସ, ମେଦିନୀପୁର ।

**ଅଷ୍ଟମ ନିର୍ଦ୍ଧାରଣ** — ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଏବଂ ବଙ୍ଗ ଗବର୍ଣ୍ଣମେଣ୍ଟର ଅଧୀନ ସମଗ୍ର ଓଡ଼ିଆଭାଷୀ ପ୍ରଦେଶର ରାଜା, ଜମିଦାର, ଶିକ୍ଷିତ, କୃଷିଜୀବୀ ଏବଂ ଶିଳ୍ପ ବ୍ୟବସାୟୀଙ୍କ କର୍ତ୍ତୃକ ଉପସ୍ଥାପିତ ଏହି ଉତ୍କଳସମ୍ମିଳନୀ ଦୁଃଖର ସହିତ ପ୍ରକାଶ କରୁଅଛନ୍ତି ଯେ ଶିଳ୍ପ ଏବଂ ବିଜ୍ଞାନ ଶିକ୍ଷୋନ୍ନତିର ସାଧାରଣ ସଭାର କଲିକତାସ୍ଥ କାର୍ଯ୍ୟ ନିର୍ବାହକ ସମିତି ଯେ ସେମାନଙ୍କର ୧୯୦୪ ମସିହା ୨୪ ଡିସେମ୍ବର ଲିଖିତ ନିର୍ଦ୍ଧାରଣରେ ଯେଉଁ ବିଷୟମାନ ଲିପିବଦ୍ଧ କରିଅଛନ୍ତି ତାହା ଭ୍ରମ-ପ୍ରଣୋଦିତ ଅଟେ ।

ସମ୍ମିଳନୀର ପଦଧାରିମାନଙ୍କ ଏବଂ ପ୍ରୋକ୍ତ କଲିକତା ସମିତିର ସଭାପତିଙ୍କ ମଧ୍ୟରେ ଯେଉଁ ପ୍ରସଙ୍ଗ ହୋଇଥିଲା ପଦଧାରିମାନେ ସେ ଉପଲକ୍ଷରେ ଡିଷ୍ଟ୍ରିକ୍ଟ କମିଟି ହେବାକୁ ଅଙ୍ଗୀକାର କରି ନ ଥିଲେ । କଲିକତା ସମିତି ଯେଉଁପରି ଭାଷାରେ ସେମାନଙ୍କର ନିର୍ଦ୍ଧାରଣ ଲିପିବଦ୍ଧ କରିଅଛନ୍ତି ତାହା ସମୁଚିତ ହୋଇ ନାହିଁ ଏବଂ ସେଥିସକାଶେ ସମ୍ମିଳନୀ ଦୁଃଖ ପ୍ରକାଶ କରୁଅଛନ୍ତି; ସମ୍ମିଳନୀ ଡିଷ୍ଟ୍ରିକ୍ଟ କମିଟି ସ୍ୱରୂପ ହୋଇ ସମିତିର ଅଧୀନତା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ସମ୍ମିଳନୀ ଏହା ମଧ୍ୟ ସ୍ୱୀକାର କରୁଅଛନ୍ତି ଯେ କଲିକତା ସମିତିର ଉଦାର ଏବଂ ମହତ୍ ଉଦ୍ଦେଶ୍ୟରେ ସମ୍ମିଳନୀର ପୂର୍ଣ୍ଣ ସହାନୁଭୂତି ଅଛି ଏବଂ ଉଚିତ ଭାବରେ ସେମାନଙ୍କର ସାହାଯ୍ୟ ଲୋଡ଼ିଲେ ଓଡ଼ିଶାର ଅବସ୍ଥା, ଅଭାବ ଏବଂ କ୍ଷମତା ଦୃଷ୍ଟିରେ ସମ୍ମିଳନୀ କଲିକତା ସମିତିର ସହଯୋଗୀ ହୋଇ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣରୂପେ ଆଗ୍ରହାନ୍ୱିତ । ସମ୍ମିଳନୀ କାର୍ଯ୍ୟ ନିର୍ବାହକ ସଭା ଏ ବିଷୟରେ କଲିକତା ସମିତି ସହିତ ପତ୍ରବିନିମୟ ଏବଂ ଅନ୍ୟ ଆବଶ୍ୟକୀୟ କାର୍ଯ୍ୟ କରନ୍ତୁ ।

ଏହି ନିର୍ଦ୍ଧାରଣର ଖଣ୍ଡିଏ ପ୍ରତିଲିପି କଲିକତା ସମିତିର ସଭାପତିଙ୍କ ନିକଟକୁ ପ୍ରେରିତ ହେଉ ।

ପ୍ରସ୍ତାବକ — ରାଜା ବୈକୁଣ୍ଠନାଥ ବାହାଦୁର<br>
ଅନୁମୋଦକ — ଶ୍ରୀମନ୍ ମହାରାଜା ମୟୂରଭଞ୍ଜ<br>
ସମର୍ଥକ — ବାବୁ ପର୍ଶୁରାମ ପାତ୍ର<br>
ବାବୁ ଅଭିରାମ ଭଞ୍ଜ<br>
ବାବୁ କ୍ଷୀରୋଦଚନ୍ଦ୍ର ରାୟ ।

**ନବମ ନିର୍ଦ୍ଧାରଣ** — ବିକ୍ରୟ ନିମନ୍ତେ ସଫା ଓ ଗୋଟା ଚାଉଳ ତିଆରି କରିବାର ପ୍ରଣାଳୀ ଉତ୍କଳ ଚାଷିମାନଙ୍କୁ ଶିଖାଇବାର ଉପାୟ ଅବଲମ୍ବନ କରାଯାଉ; ଏହି ପ୍ରଣାଳୀରେ ଚାଉଳ ତିଆରି କରିବାପାଇଁ ଉତ୍କଳୀୟ ଚାଷିମାନଙ୍କୁ ପ୍ରବର୍ତ୍ତାଇବା ନିମିତ୍ତ ସମ୍ମିଳନୀର ଶାଖାସମିତିମାନଙ୍କୁ ଅନୁରୋଧ କରାଯାଉ, ଏବଂ ସମ୍ମିଳନୀ ବ୍ୟୟରେ ଯେଉଁମାନେ ଏହି ଉନ୍ନତ ପ୍ରଣାଳୀ ଶିକ୍ଷା କରିଥିବେ ସେହିମାନେ ଚାଷିମାନଙ୍କୁ ଏହି ପ୍ରଣାଳୀ ଶିକ୍ଷା ଦେବା କାର୍ଯ୍ୟରେ ନିଯୁକ୍ତି ହୁଅନ୍ତୁ । ଏହି ନିର୍ଦ୍ଧାରଣ କାର୍ଯ୍ୟରେ ପରିଣତ କରିବାଲାଗି ତଳଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସମିତି ଗଠିତ ହେଉ ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଭାର ଉକ୍ତ ସମିତିଠାରେ ନ୍ୟସ୍ତ ହେଉ ।

ପ୍ରସ୍ତାବକ — ବାବୁ ଦୈତ୍ୟାରି ପ୍ରସାଦ ଶଙ୍ଖୁଆ<br>
ଅନୁମୋଦକ — ବାବୁ ବ୍ରଜସୁନ୍ଦର ଦାସ<br>
ସମର୍ଥକ — ବାବୁ ଶ୍ୟାମସୁନ୍ଦର ସାହୁ<br>
ବାବୁ ଚିନ୍ତାମଣି ଦାସ ।

**ଦଶମ ନିର୍ଦ୍ଧାରଣ** – ଉତ୍କଳର ଲୁଗାବୁଣାର ଉନ୍ନତି ସାଧନ ଉଦ୍ଦେଶ୍ୟରେ ସାଧାରଣଙ୍କ ବ୍ୟବହାରୋପଯୋଗୀ ଲୁଗାମାନ ବୁଣିବା ନିମନ୍ତେ ସ୍ଥାନୀୟ ତନ୍ତିମାନଙ୍କୁ ନିଯୁକ୍ତ କରିବା କାରଣ ସମ୍ମିଳନୀର ଶାଖାସମିତିମାନଙ୍କୁ ଅନୁରୋଧ କରାଯାଉ; ଏବଂ ଶାଖାସମିତିମାନ ଯେଉଁ ତନ୍ତିମାନଙ୍କୁ ଲୁଗାବୁଣା କାର୍ଯ୍ୟରେ ନିଯୁକ୍ତ କରିବାର ସ୍ଥିର କରିବେ, ନୂତନ ତନ୍ତଦ୍ୱାରା ଲୁଗା ବୁଣିବା ପ୍ରଣାଳୀ ଉକ୍ତ ତନ୍ତିମାନଙ୍କୁ ଏହି ସମ୍ମିଳନୀ ବିନା ଖର୍ଚ୍ଚରେ ଶିକ୍ଷା ଦେବାର ନିର୍ଦ୍ଧାରିତ ହେଉ । ଏହି ନିର୍ଦ୍ଧାରଣକୁ କାର୍ଯ୍ୟରେ ପରିଣତକରିବା ଲାଗି ତଳଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସମିତି ଗଠିତ ହେଉ ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର କ୍ଷମତା ଉକ୍ତ ସମିତିଠାରେ ନ୍ୟସ୍ତ ହେଉ ।

ପ୍ରସ୍ତାବକ – ବାବୁ ରାଜା ମଧୁପୁର
ଅନୁମୋଦକ – ବାବୁ କୃଷ୍ଣଚନ୍ଦ୍ର ପାଲିତ
ସମର୍ଥକ – ବାବୁ ଭଗବାନ ଚରଣ ଦାସ
ମିଃ ମଧୁସୂଦନ ଦାସ ।

**ଏକାଦଶ ନିର୍ଦ୍ଧାରଣ** – ଉତ୍କଳୀୟମାନଙ୍କ ମଧ୍ୟରେ କାଳୋଚିତ ସାମାଜିକ ସଂସ୍କାରମାନ ପ୍ରବର୍ତ୍ତାଇବା ନିମିତ୍ତ ବିହିତ ଉପାୟମାନ ଅବଧାରଣା କରି କାର୍ଯ୍ୟରେ ତାହା ପରିଣତ କରିବା ଉଦ୍ଦେଶ୍ୟରେ ଲୋକସାଧାରଣଙ୍କ ମତକୁ ଯତ୍ନସହକାରେ ସୁଶିକ୍ଷିତ କରାଇବାପାଇଁ ତଳଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ଏବଂ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଭାର ଉକ୍ତ ସମିତିଠାରେ ନ୍ୟସ୍ତ ହେଉ ।

ସ୍ଥାୟୀ ସମିତିର ସଭ୍ୟବୃନ୍ଦ
ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ
ଶ୍ରୀଯୁକ୍ତ ଗଦାଧର ବିଦ୍ୟାଭୂଷଣ
ଶ୍ରୀଯୁକ୍ତ ସଦାଶିବ ବିଦ୍ୟାଭୂଷଣ
ଶ୍ରୀଯୁକ୍ତ ମାୟାଧର ଦାସ
ଶ୍ରୀଯୁକ୍ତ ରାମଶଙ୍କର ରାୟ

ପ୍ରସ୍ତାବକ – ବାବୁ ଗୋପାଳବଲ୍ଲଭ ଦାସ ଏମ୍.ଏ.
ଅନୁମୋଦକ – ବାବୁ କାମପାଳ ମିଶ୍ର
ସମର୍ଥକ – ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମ୍ମା, ପାରଳାଖେମୁଣ୍ଡି ।

**ଦ୍ୱାଦଶ ନିର୍ଦ୍ଧାରଣ** – ଭାରତର ଅନ୍ୟାନ୍ୟ ଅଞ୍ଚଳରେ ସ୍ତ୍ରୀଶିକ୍ଷା ପ୍ରତି ଯେ ପ୍ରକାର ମନୋଯୋଗ ଦିଆଯାଉଅଛି ଏବଂ ବିଷୟଟିର ଗୁରୁତ୍ୱ ବିବେଚନାରେ ସ୍ତ୍ରୀଶିକ୍ଷା ପ୍ରତି ଯେତେଦୂର ମନୋଯୋଗ ଦିଆଯିବାର ଆବଶ୍ୟକ ତାହା ଉତ୍କଳରେ ହୋଇ ନ

ଥିବାର ଏ ସଭା ସିଦ୍ଧାନ୍ତ କରୁଅଛନ୍ତି ଏବଂ ଏହି ଅଭାବ ଦୂର କରିବା ନିମନ୍ତେ ସମୁଚିତ ଉପାୟମାନ ଅବଲମ୍ବନ କରିବା ଏ ସମ୍ମିଳନୀର କର୍ତ୍ତବ୍ୟ ବୋଲି ନିର୍ଦ୍ଧାରିତ ହେଉ ।

ବର୍ତ୍ତମାନ କାଳର ଅଭାବପ୍ରତି ଦୃଷ୍ଟି ରଖି ବାଳିକାମାନଙ୍କୁ ଉପଯୁକ୍ତ ରୂପେ ଶିକ୍ଷାଦେବା କାରଣ ସର୍ବପ୍ରଥମେ କଟକରେ ଗୋଟିଏ ଆଦର୍ଶ ବାଳିକା ବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ତଳଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ଏବଂ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଭାର ଉକ୍ତ ସମିତିଠାରେ ନ୍ୟସ୍ତ ହେଉ ।

ପ୍ରସ୍ତାବକ — ଶ୍ରୀମତୀ ଶୈଳବାଳା ଦାସ
ଅନୁମୋଦକ — ରାଜା ମଧୁପୁର
ସମର୍ଥକ — ଶ୍ରୀ ପାରେଶ୍ୱର ଦାସ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନ
ଶ୍ରୀ ଗୋବିନ୍ଦପ୍ରସାଦ ଦାସ
ଶ୍ରୀ ବୃନ୍ଦାବନଚନ୍ଦ୍ର ମିଶ୍ର, ସିଂହଭୂମ ।

**ତ୍ରୟୋଦଶ ନିର୍ଦ୍ଧାରଣ** — ଓଡ଼ିଆ ଭାଷାର ଏବଂ ସାହିତ୍ୟର ଉନ୍ନତି ସାଧନାର୍ଥ ସମ୍ମିଳିତ ଓ ସୁଚାଳିତ ଚେଷ୍ଟାର ଆବଶ୍ୟକତା ଏହି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି । ସେହି ଉଦ୍ଦେଶ୍ୟ ସାଧନାର୍ଥ ନିମ୍ନଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ । ଉକ୍ତ ସ୍ଥାୟୀ ସମିତି କଟକର "ଉତ୍କଳସାହିତ୍ୟ ସମାଜ" ସଙ୍ଗେ ଯୁକ୍ତ ହୋଇ ଉଦ୍ଦେଶ୍ୟ ସାଧନ ନିମନ୍ତେ ବିହିତ ଉପାୟ ବିଧାନ କରନ୍ତୁ । ଉତ୍କଳଭାଷାର ଇତିହାସ ସଂକଳନ ଏବଂ ପ୍ରାଚୀନ ଉତ୍କଳୀୟ ଗ୍ରନ୍ଥ ସଂଗ୍ରହ ଏବଂ ପ୍ରକାଶ କରିବା ନିମନ୍ତେ ସମ୍ମିଳନୀ ପକ୍ଷରୁ "ଉତ୍କଳସାହିତ୍ୟ ସମାଜ"କୁ ସାହାଯ୍ୟ ଦିଆଯିବାର ନିର୍ଦ୍ଧାରିତ ହେଉ ।

ପ୍ରସ୍ତାବକ — ରାୟ ରାଧାନାଥ ରାୟ ବାହାଦୁର
ଅନୁମୋଦକ — ଶ୍ରୀ ଫକୀରମୋହନ ସେନାପତି
ସମର୍ଥକ — ଶ୍ରୀ ସଦାଶିବ ବିଦ୍ୟାଭୂଷଣ
ଶ୍ରୀ ଶିବନାରାୟଣ ନାୟକ ।

**ଚତୁର୍ଦ୍ଦଶ ନିର୍ଦ୍ଧାରଣ** — ଯେଉଁ ମହାତ୍ମାଙ୍କ ମୃତ୍ୟୁରେ ସମଗ୍ର ଉତ୍କଳ ଶୋକାଭିଭୂତ ହୋଇଅଛି, ସେହି ଭୁବନବିଖ୍ୟାତ ଜ୍ୟୋତିଷ ଖଣ୍ଡପଡ଼ାର ସ୍ୱର୍ଗୀୟ ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ନାମକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟର ଏଫ୍.ଏ. ପରୀକ୍ଷୋତ୍ତୀର୍ଣ୍ଣ ଏବଂ ବି.ଏସ୍‌ସି. ଉପାଧି ନିମନ୍ତେ ପଢ଼ିବାକୁ ଇଚ୍ଛୁକ ଜଣେ ଉପଯୁକ୍ତ ଉତ୍କଳୀୟ ଛାତ୍ରଙ୍କୁ ସମ୍ମିଳନୀ ପକ୍ଷରୁ

ମାସିକ ଟ୪୦ (ଚାଳିଶ ଟଙ୍କା) ବୃତ୍ତି ଦିଆଯିବାର ବିହିତ ବ୍ୟବସ୍ଥା କରାଯାଉ । ଏହି ନିର୍ଦ୍ଧାରଣକୁ କାର୍ଯ୍ୟରେ ପରିଣତ କରିବାଲାଗି ତଳଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସମିତି ଗଠିତ ହେଉ ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଭାର ଉକ୍ତ ସମିତିଠାରେ ନ୍ୟସ୍ତ ହେଉ ।

ସ୍ଥାୟୀ ସମିତିର ସଭ୍ୟବୃନ୍ଦ

ମହାରାଜା ମୟୂରଭଞ୍ଜ

ରାଜା ଖଲ୍ଲିକୋଟ-ଆଠଗଡ଼

ରାଜା ତାଳଚେର

ପ୍ରସ୍ତାବକ — ରାଜା ପାଲଲହଡ଼ା

ଅନୁମୋଦକ — ଶ୍ରୀ ବିଶ୍ୱନାଥ କର

ସମର୍ଥକ — ଶ୍ରୀ ଗଦାଧର ବିଦ୍ୟାଭୂଷଣ ।

**ପଞ୍ଚଦଶ ନିର୍ଦ୍ଧାରଣ** — ଉତ୍କଳର ଆଦର୍ଶ ରାଜକୁମାର ପାରଳାଖେମୁଣ୍ଡିର ସ୍ୱର୍ଗୀୟ ଦ୍ୱିତୀୟ ରାଜକୁମାର ଶ୍ରୀ ପଦ୍ମନାଭ ନାରାୟଣ ଦେବଙ୍କ ଆଦର୍ଶ ଜୀବନକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ ତାହାଙ୍କ ଜୀବନର ଉପଦେଶପୂର୍ଣ୍ଣ ତଥ୍ୟଗୁଡ଼ିକ ସଂଗ୍ରହ କରି ସମ୍ମିଳନୀ ପକ୍ଷରୁ ଖଣ୍ଡିଏ ଉତ୍କୃଷ୍ଟ ଜୀବନଚରିତ ପ୍ରକାଶ କରିବାର ବିହିତ ଉପାୟ ଅବଲମ୍ବନ କରାଯାଉ । ଏହି ନିର୍ଦ୍ଧାରଣକୁ କାର୍ଯ୍ୟରେ ପରିଣତ କରିବାଲାଗି ତଳଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସମିତି ଗଠିତ ହେଉ । ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଭାର ଉକ୍ତ ସମିତିଠାରେ ନ୍ୟସ୍ତ କରାଯାଉ ।

ସ୍ଥାୟୀ ସମିତିର ସଭ୍ୟବୃନ୍ଦ

ଶ୍ରୀଯୁକ୍ତ ଫକୀରମୋହନ ସେନାପତି

ଶ୍ରୀଯୁକ୍ତ ମଧୁସୂଦନ ରାଓ

ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ

ଶ୍ରୀଯୁକ୍ତ ମଧୁସୂଦନ ଦାସ (ଶିକ୍ଷକ)

ପ୍ରସ୍ତାବକ — ଯୁବରାଜ ମଞ୍ଜୁଷା

ଅନୁମୋଦକ — ବାବୁ ଗୋପବନ୍ଧୁ ଦାସ ।

**ଷୋଡ଼ଶ ନିର୍ଦ୍ଧାରଣ** — ଉତ୍କଳସମ୍ମିଳନୀକୁ ବିଶେଷ ସାହାଯ୍ୟ ପ୍ରଦାନପୂର୍ବକ ଉତ୍ସାହିତ କରିଥିବା ଯୋଗୁଁ ବଙ୍ଗଦେଶର କୃଷିବିଭାଗର ଡାଇରେକ୍ଟରଙ୍କ ସହକାରୀ ଶ୍ରୀଯୁକ୍ତ ନୃତ୍ୟଗୋପାଳ ମୁଖୁର୍ଯି ଏବଂ ମାନ୍ଦ୍ରାଜ ଶିଳ୍ପବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଜି.ଇ. ବ୍ରାଣ୍ଡ ସାହେବ ମହୋଦୟମାନଙ୍କୁ ଏ ସଭା ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀ ଅଭିରାମ ଭଞ୍ଜ

ଅନୁମୋଦକ — ଶ୍ରୀ ଜୟରାମ ଦାସ ।

**ସପ୍ତଦଶ ନିର୍ଦ୍ଧାରଣ** – କଟକର ଉତ୍କଳ ଯୁବକ ସମିତିର ସେବକଛାତ୍ରବୃନ୍ଦ ଏ ସଭାର କାର୍ଯ୍ୟ ସୁଚାରୁରୂପେ ସମାହିତ ହେବା ଉଦ୍ଦେଶ୍ୟରେ ସେମାନଙ୍କର ପବିତ୍ର ସେବା କାର୍ଯ୍ୟ ଅକ୍ଲାନ୍ତ ଉତ୍ସାହ ସହକାରେ ସମ୍ପାଦନ କରିଥିବା ଯୋଗୁଁ ସେମାନଙ୍କୁ ଏ ସଭାର ଆନ୍ତରିକ ଧନ୍ୟବାଦ ପ୍ରଦତ୍ତ ହେଉ ।

ପ୍ରସ୍ତାବକ – ସଭାପତି

ଅନୁମୋଦକ – ମିଃ ମଧୁସୂଦନ ଦାସ ।

**ଅଷ୍ଟାଦଶ ନିର୍ଦ୍ଧାରଣ** – ବହୁ କଷ୍ଟ ସ୍ୱୀକାରପୂର୍ବକ ଏ ସଭାରେ ଉପସ୍ଥିତ ହୋଇ ସଭାର କାର୍ଯ୍ୟରେ ସହୃଦୟପୂର୍ବକ ଯୋଗ ଦେଇଥିବାଯୋଗୁଁ ଶ୍ରଦ୍ଧେୟ ଅତିଥିବର୍ଗଙ୍କୁ ଆନନ୍ଦ ସହକାରେ ଏ ସଭାର ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ – ରାଜା ସୁକିନ୍ଦା

ଅନୁମୋଦକ – ଶ୍ରୀ ପୀତବାସ ପଟ୍ଟନାୟକ

ସମର୍ଥକ – ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

**ଊନବିଂଶ ନିର୍ଦ୍ଧାରଣ** – ସମ୍ମିଳନୀର ପ୍ରସ୍ତାବମାନଙ୍କୁ କାର୍ଯ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଅର୍ଥ ସଂଗ୍ରହ କରିବା ନିମନ୍ତେ ତଳଲିଖିତ ବ୍ୟକ୍ତିମାନଙ୍କଦ୍ୱାରା, ଗୋଟିଏ ସମିତି ଗଠିତ ହେଉ ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଭାର ଏହି ସମିତିଠାରେ ନ୍ୟସ୍ତ ହେଉ ।

ସ୍ଥାୟୀ ସମିତିର ସଭ୍ୟବୃନ୍ଦ

ଶ୍ରୀମନ୍‌ମହାରାଜା ମୟୂରଭଞ୍ଜ
ଶ୍ରୀରାଜା ଧରାକୋଟ
ଶ୍ରୀରାଜା ଖଲ୍ଲିକୋଟ-ଆଠଗଡ଼
ମିଷ୍ଟର ମଧୁସୂଦନ ଦାସ, ସି.ଆଇ.ଇ.
ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ
ଶ୍ରୀରାଜା ସୋନପୁର
ଶ୍ରୀରାଜା କନିକା
ଶ୍ରୀରାଜା ମଧୁପୁର
ଶ୍ରୀରାଜା ଖଣ୍ଡପଡ଼ା
ଶ୍ରୀରାଜା ବାହାଦୁର ବାଲେଶ୍ୱର
ଶ୍ରୀଯୁକ୍ତ ମହନ୍ତ ଦକ୍ଷିଣପାର୍ଶ୍ୱ ମଠ
ଶ୍ରୀଯୁକ୍ତ ମହନ୍ତ ଏମାର ମଠ
ଶ୍ରୀ ବାବୁ ଗୋପୀନାଥ ଦାସ, ମେଦିନୀପୁର

ପ୍ରସ୍ତାବକ – ରାଜା ମଧୁପୁର
ଅନୁମୋଦକ – ରାଜା କନିକା ।

**ବିଂଶ ନିର୍ଦ୍ଧାରଣ** – ଏହି ସମ୍ମିଳନୀ-ସଭାର ଆଗାମୀ ବାର୍ଷିକ ଅଧିବେଶନ ବାଲେଶ୍ୱରଠାରେ ବଡ଼ଦିନ ସପ୍ତାହ ମଧ୍ୟରେ ହେଉ ଏବଂ ସେହି ଅଧିବେଶନର ସମୟ ନିର୍ଦ୍ଧାରିତ ହୋଇ ଯଥାସମୟରେ ପ୍ରଚାରିତ ହେଉ । ଏହି ସମ୍ମିଳନୀର ସମସ୍ତ ବିଭାଗର କାର୍ଯ୍ୟ ବିହିତରୂପେ ଚଳାଇବା ପାଇଁ ବର୍ତ୍ତମାନ କାର୍ଯ୍ୟନିର୍ବାହିକା ସମିତିର ସମସ୍ତ ସଭ୍ୟ ଓ ତଳଲିଖିତ ସାଧାରଣ ଏବଂ ସ୍ଥାନୀୟ କର୍ମଚାରୀମାନଙ୍କଦ୍ୱାରା ଗୋଟିଏ ସାଧାରଣ ସମିତି ଗଠିତ ହେଉ । ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଭାର ଏହି ସମିତିଠାରେ ଅର୍ପିତ ହେଉ ।

ପ୍ରସ୍ତାବକ – ରାଜା ବୈକୁଣ୍ଠନାଥ ଦେ ବାହାଦୁର
ଅନୁମୋଦକ – ଶ୍ରୀ ନୀଳମଣି ବିଦ୍ୟାରତ୍ନ ।

**ଏକବିଂଶ ନିର୍ଦ୍ଧାରଣ** – ଧରାକୋଟର ଶ୍ରୀମାନ୍ ରାଜାମହୋଦୟ ଏହି ସଭାର ସଭାପତି ହୋଇ କାର୍ଯ୍ୟାବଳୀ ସୁପରିଚାଳିତ କରି ଏ ସଭାକୁ ସମ୍ମାନିତ କରିଥିବା ଯୋଗୁଁ ରାଜାମହୋଦୟଙ୍କୁ ଏ ସଭାର ଆନ୍ତରିକ ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ – ରାଜା ନୀଳଗିରି
ଅନୁମୋଦକ – ଶ୍ରୀ ଶଶୀଭୂଷଣ ରାୟ
ସମର୍ଥକ – ଶ୍ରୀ ରାମଚନ୍ଦ୍ର ଦାସ ।

—

## ତୃତୀୟ ଅଧିବେଶନ

[ବାଲେଶ୍ୱର ସହରର ପର୍ମିଟ ପଡ଼ିଆରେ ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନ ୧୯୦୬ ମସିହା ଏପ୍ରିଲ ମାସ ୧୩ ଓ ୧୪ ତାରିଖ(ଶୁକ୍ରବାର ଓ ଶନିବାର)ରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନର ସଭାପତି ଥିଲେ ତାଳଚେରର ରାଜା କିଶୋରଚନ୍ଦ୍ର ବୀରବର ହରିଚନ୍ଦନ ଓ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ବାଲେଶ୍ୱରର ପ୍ରସିଦ୍ଧ ଜମିଦାର ଓ ବ୍ୟବସାୟୀ ରାଜା ବୈକୁଣ୍ଠନାଥ ଦେ । ଏହି ଅଧିବେଶନର ପୃଷ୍ଠପୋଷକତା କରିଥିଲେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ । ସଂପୃକ୍ତ ଅଧିବେଶନର ଦୁଇ ଦିନରେ ସତରଟି ପ୍ରସ୍ତାବ ପ୍ରସ୍ତାବିତ ଓ ଗୃହୀତ ହୋଇଥିଲା । କଟକ ବାହାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଏହା ଥିଲା ପ୍ରଥମ ଅଧିବେଶନ ।]

### ଅଭ୍ୟର୍ଥନା ସମିତି ସଭାପତି ବୈକୁଣ୍ଠନାଥ ଦେ'ଙ୍କ ଅଭିଭାଷଣ

ଭାଇମାନେ,

ଆଜି ଆମ୍ଭେ ବାଲେଶ୍ୱର ଓ ମୟୂରଭଞ୍ଜବାସିମାନଙ୍କ ପକ୍ଷରୁ ପ୍ରତିନିଧିସ୍ୱରୂପ ଆପଣମାନଙ୍କୁ ଅଭ୍ୟର୍ଥନା କରିବାପାଇଁ ଏହି ମହାସମାଜରେ ଦଣ୍ଡାୟମାନ । ଆମ୍ଭେ ଜଣେ ସାମାନ୍ୟ ହୋଇଥିଲେ ସୁଦ୍ଧା ଆମ୍ଭ ପ୍ରତି ଅର୍ପିତ ହୋଇଥିବା ଦୁରୂହ କାର୍ଯ୍ୟରେ ଆମ୍ଭେ ଅହଂକାରୀ । ବାଲେଶ୍ୱର ନଗରୀର, ମୟୂରଭଞ୍ଜ କରଦ ରାଜ୍ୟର ସହସ୍ର ସହସ୍ର ବର୍ଷର ଇତିହାସ ଥିଲେ ସୁଦ୍ଧା ଅନ୍ୟ ଜିଲ୍ଲାର ସହିତ ତୁଳନା କଲେ ତାହା ଅତି କ୍ଷୁଦ୍ର । ଆମ୍ଭମାନଙ୍କ ରାଜ୍ୟରେ ଏପରି ଘଟନା ଚାକ୍ଷୁଷ ହେବାର ସ୍ୱପ୍ନରେ ସୁଦ୍ଧା ଆଶା କରି ନ ଥିଲୁଁ । ଭଗବାନଙ୍କ କୃପାରୁ ଆଜି ସେ ଆଶା ସଫଳ ହୋଇଛି ।

୨ । ଆପଣମାନେ ଅନେକ ଦୂରରୁ ଅନେକ ବ୍ୟୟ ଓ କଷ୍ଟ ସ୍ୱୀକାର କରି ଏହି ସଭା ଶୋଭିତ କରିବା ସକାଶେ ଯେ ଯତ୍ନବାନ୍ ହୋଇଅଛନ୍ତି ତହିଁରେ ଆମ୍ଭେମାନେ ଆପଣମାନଙ୍କଠାରେ କୃତଜ୍ଞ ଓ କ୍ରୀତ ।

୩ । ଉତ୍କଳଖଣ୍ଡର ଇତିହାସ ପାଠ କଲେ ଜଣାଯାଏ ଯେ ଏହି ମହାଖଣ୍ଡ ବାସୋପଯୋଗୀ ଓ ବ୍ୟବହାରୋପଯୋଗୀ ଥିବାରୁ ସହସ୍ର ସହସ୍ର ବର୍ଷ ପୂର୍ବରେ

ହିନ୍ଦୁ ଓ ମୁସଲମାନ ରାଜା ଓ ସମ୍ରାଟମାନେ [ଏହି ଦେଶ] ଅଧିକାର କରି ଏବଂ ଦେଶବାସିମାନଙ୍କ ଦ୍ୱାରା ନାନା ଶିଳ୍ପାଦି ଚିରସ୍ଥାୟୀ କୀର୍ତ୍ତିମାନ ସ୍ଥାପନ କରି ଉତ୍କଳଭୂମିକୁ ଗୌରବାନ୍ୱିତ କରିଅଛନ୍ତି; ହିନ୍ଦୁଶାସ୍ତ୍ରର ମର୍ମାନୁସାରେ ଉତ୍କଳରେ ଆର୍ଯ୍ୟଜାତିମାନେ ଶୁଭାଗମନ କରି ଉତ୍କଳର ଉନ୍ନତି କରିଥିଲେ। ଉତ୍କଳର ରାଜାମାନେ ଗଙ୍ଗାତୀରସ୍ଥ ତ୍ରିବେଣୀ, ଦକ୍ଷିଣଭାଗରୁ ଦାକ୍ଷିଣାତ୍ୟର ଗୋଦାବରୀ ଉତ୍ତର ସୀମା ପର୍ଯ୍ୟନ୍ତ ଅଧିକାର ବିସ୍ତାର କରିଥିଲେ। ସେ ସମୟରେ ଉତ୍କଳନିବାସିମାନେ ଯେ କେବଳ ଯୁଦ୍ଧ କୌଶଳରେ ଗୌରବାନ୍ୱିତ ଥିଲେ ତାହା' ନୁହେଁ। ପୃଥିବୀର ସର୍ବତ୍ର ଗୋଟିଏ ନିୟମ ଦେଖାଯାଏ ଯେ ଉନ୍ନତ ଜାତି ଉନ୍ନତ ଅବସ୍ଥାରେ କୌଣସି ଏକ ବିଷୟରେ ଗୌରବାନ୍ୱିତ ହୁଅନ୍ତି ନାହିଁ; ଶିଳ୍ପ, ବାଣିଜ୍ୟ, କୃଷି, ବିଦ୍ୟା ସମସ୍ତ ବିଷୟରେ ଉତ୍କର୍ଷ ସାଧନ କରି ଗୋଟିଏ ଜାତି ବୋଲି ପରିଚିତ ହୁଅନ୍ତି, ସେହି ଜାତିର ଆମ୍ଭେମାନେ ପ୍ରତ୍ୟେକେ ବଂଶଧର। ଯେଉଁ ଜାତି ଭାରତର ପୂର୍ବ ସୀମାକୁ ଉଜ୍ଜ୍ୱଳତର କରିଥିଲେ, ସେହି ଜାତି ଆଜି ଲୁପ୍ତପ୍ରାୟ ହୋଇଅଛନ୍ତି। ଏହାର ମୂଳ କାରଣ ଗୃହବିଚ୍ଛେଦ ଓ ଆତ୍ମଶ୍ଳାଘା, ଅନର୍ଥକ ଗରିମା, ଆଳସ୍ୟ ପ୍ରଭୃତି ଦୁର୍ଗୁଣମାନ। ଆଜି ସେଥିଯୋଗୁଁ ଆମ୍ଭେମାନେ ଭାରତର ଅନ୍ୟାନ୍ୟ ଜାତିଠାରୁ ଅଧିକ ଦରିଦ୍ର, ମୂର୍ଖ ଏବଂ ପରପ୍ରତ୍ୟାଶୀ ହୋଇ କାଳକ୍ଷେପଣ କରୁଅଛୁଁ ଓ ସମାଜରେ ଉତ୍କଳୀୟ ଜାତି ବୋଲି ପରିଚୟ ଦେବାକୁ ଲଜ୍ଜାବୋଧ କରୁଅଛୁଁ। କିନ୍ତୁ ଭାଇମାନେ, ଆମ୍ଭେମାନେ ସେପରି ଘୃଣିତ ବ୍ୟବହାରରେ ଆଉ ଦିନଯାପନ କରିବୁଁନାହିଁ। ପୂର୍ବ ସମୟରେ ଉତ୍କଳୀୟମାନେ ଯେପରି ଗୌରବାନ୍ୱିତ ହୋଇଥିଲେ, ସେହି ଉତ୍କଳଭୂମିରେ ଜନ୍ମଗ୍ରହଣ କରି ଆଜି ଆମ୍ଭେମାନେ ଆତ୍ମମାନଙ୍କର ଦୋଷସମୂହ ବିଦୂରିତ କରି ପୂର୍ବ ଗୌରବ ରକ୍ଷା କରିବାକୁ ଉତ୍ସାହିତ ହୋଇଅଛୁଁ। ପୃଥିବୀର ନୈସର୍ଗିକ ନିୟମ ଯେ ଯାହା ଉତ୍ପନ୍ନ ହୁଅଇ କିଛି ଦିନ ପରେ ତାହା ଲୋପ ପାଇଥାଏ। ବର୍ତ୍ତମାନ ସେହି ଉତ୍କଳୀୟମାନେ ଯେ ପୂର୍ବବତ୍ ଜାତି ବୋଲି ପରିଚୟ ଦେବାକୁ ସମର୍ଥ ନ ହେବେ ତହିଁର ବିଶେଷ କାରଣ ଦେଖୁନାହୁଁ। ପୃଥିବୀ ମଧ୍ୟରେ ବିଭିନ୍ନ ଜାତିର ଇତିହାସ ପାଠ କଲେ ଅତି ସାମାନ୍ୟ ଗୃହସ୍ଥଦ୍ୱାରା ଯେଉଁ ଆଶାତୀତ ଦୁରୂହ କାର୍ଯ୍ୟମାନ ସମ୍ପନ୍ନ ହୋଇଥାଏ; ଜଗତ୍‌ରେ ମନୁଷ୍ୟ ବୋଲି ପରିଚିତ ହୋଇଥାଏ, ସେହି ଜୀବନୀମାନଙ୍କର ପଥ ଅନୁସରଣ କରି ଆଜି ଆମ୍ଭେମାନେ ଏକ ଜାତି ବୋଲି ଅଗ୍ରସର ହୋଇଅଛୁଁ। ପରସ୍ପର ସ୍ୱାର୍ଥତ୍ୟାଗ ଓ ବ୍ୟକ୍ତିଗତ ସ୍ୱାର୍ଥପରତା ଛାଡ଼ିବାକୁ ହେବ, ଜାତି ପାଇଁ ନିଜର ଜୀବନ ଉତ୍ସର୍ଗ କରିବାକୁ ହେବ। ସଞ୍ଚିତ ଧନ ଜାତି ସକାଶେ ବ୍ୟୟ କରିବାକୁ ହେବ। ପ୍ରତିଦିନ ଏହି ବିଷୟ ଆପଣା ମଧ୍ୟରେ ଆନ୍ଦୋଳନ କରିବାକୁ ହେବ। ଯେତେଦିନଯାଏ ଏହି

ସବୁ ଉପାୟ ଅବଲମ୍ବନ ନ କରିବୁଁ ତେତେଦିନ ଆମ୍ଭେମାନେ ଜାତି ବୋଲି ପରିଚୟ ଦେବାକୁ ଅନୁପଯୁକ୍ତ । ଉତ୍କଳୀୟମାନଙ୍କ ମଧ୍ୟରେ ବିଦ୍ୟା, ବୁଦ୍ଧି, ଶାସନ କାର୍ଯ୍ୟ, ବାଣିଜ୍ୟ ପ୍ରଭୃତି ପ୍ରତ୍ୟେକ ଶାଖାରେ ଭାରତ ଇତିହାସରେ ସମୟ ସମୟରେ ଉତ୍କଳବାସିଙ୍କ ଶ୍ରେଷ୍ଠତା ଦେଖାଯାଏ । ଆଜି ସେହି ଶ୍ରେଷ୍ଠତା ଭାଇ ଭାଇ ବିବାଦ କରି ନୀଚତାକୁ ପ୍ରାପ୍ତ ହୋଇଅଛି । ସଦାଶୟ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଆମ୍ଭମାନଙ୍କ ଗତି ଦେଖି ଉତ୍କଳବାସିମାନଙ୍କ ଉନ୍ନତି ସକାଶ ପଶ୍ଚିମ-ଉତ୍କଳ ସମ୍ବଲପୁର ଓ କେତେକ କରଦ ରାଜ୍ୟ ଆମ୍ଭମାନଙ୍କୁ ଫେରାଇ ଦେଇଅଛନ୍ତି । ନଷ୍ଟରତ୍ନ ପ୍ରାପ୍ତି ହେଲେ ଲୋକେ ଯେପରି ଆନନ୍ଦିତ ହୁଅନ୍ତି ଆମ୍ଭେମାନେ ଉତ୍କଳର ସମସ୍ତ ବାସିନ୍ଦାମାନେ ସେହି ଆନନ୍ଦ ଉପଭୋଗ କରି ଉତ୍ସାହିତ ହୋଇଅଛୁଁ । ବଳବାନ୍ ରାଜା ନଷ୍ଟଧନ ଉଦ୍ଧାର କରି ଆମ୍ଭମାନଙ୍କ ନିକଟରେ ଥୋଇଲେ । ବର୍ତ୍ତମାନ ଆମ୍ଭମାନଙ୍କ କର୍ତ୍ତବ୍ୟ ଯେ ଏହି ଯୋଜନାଦ୍ୱାରା ଉତ୍କଳୀୟମାନେ ସମ୍ୟକ୍‌ରୂପେ ବଳବାନ୍ ହୋଇ ଆପଣାର ଲୁପ୍ତ ଗୌରବ ଉଦ୍ଧାର କରିବେ । ସମ୍ବଲପୁରବାସିମାନେ ମଧ୍ୟ ସେହିପରି ବଳବାନ୍ ହେବେ । ସାହିତ୍ୟର ଆଲୋଚନା ବୃଦ୍ଧିରେ ବିଜ୍ଞାନର ଆଲୋଚନା ବୃଦ୍ଧି ହୁଏ, ବିଜ୍ଞାନରୁ ବାଣିଜ୍ୟ ବୃଦ୍ଧି ପାଏ, ବାଣିଜ୍ୟରୁ ଧନ ଆସେ ଏବଂ ସେହି ଧନଦ୍ୱାରା ନିଜର ଜାତିର ଗୌରବ ବୃଦ୍ଧି ହୁଏ ।

ବକ୍ତୃତା କରି ସମୟ ଅତିବାହିତ କରିବାର ଆବଶ୍ୟକ ନାହିଁ । ଭାଇମାନେ, ଉତ୍କଳ-ସମ୍ମିଳନୀ ଯେଉଁ ପଥ ଦେଖାଇଅଛନ୍ତି ସେହି ପଥକୁ ସରଳ ଭାବରେ ଅନୁସରି ଚାଲିଗଲେ ଆମ୍ଭେମାନେ ଜାତି ବୋଲି ପରିଚିତ ହେବୁଁ । ଜାତୀୟ ଉନ୍ନତି କରିବାକୁ ଗଲେ ପୃଥିବୀରେ ଜାତି ବୋଲି ପରିଚୟ ଦେବାକୁ ଗଲେ କେବଳ ପୁରୁଷମାନଙ୍କଦ୍ୱାରା ଜାତୀୟତା ସମ୍ପନ୍ନ ହୁଅଇ ନାହିଁ । ଜାତୀୟତାର ପ୍ରଧାନ ସହାୟ ଉତ୍ତମ ସ୍ତ୍ରୀ । ପୃଥିବୀ ମଧ୍ୟରେ ପୁରୁଷ ଓ ସ୍ତ୍ରୀ ସମାନ ଭାଗରେ ଶିକ୍ଷା ପାଇ ପରସ୍ପରକୁ ସାହାଯ୍ୟ ନ କରିବା ପର୍ଯ୍ୟନ୍ତ ଜାତୀୟତା ସ୍ଥାପନର ସୁବିଧା ହେବ ନାହିଁ । ବିବେଚନା କରି ଦେଖନ୍ତୁ, କୌଣସି ଏକ ଗୃହସ୍ଥ ଦିବାରାତ୍ର ନିଜ ପରିବାରର ମଙ୍ଗଳ କାମନାରେ ପରିଶ୍ରମ ଓ ସମୟ ଅତିବାହିତ କଲେ ଜାତିର ସାହାଯ୍ୟ କରିବାକୁ ସମୟ ମିଳଇ ନାହିଁ । ଶିକ୍ଷିତା ସ୍ତ୍ରୀ ଥିଲେ ଗୃହସ୍ଥଳିର ଅଧିକାଂଶ କାର୍ଯ୍ୟ ତାଙ୍କ ଉପରେ ନ୍ୟସ୍ତ ଥିଲେ ଓ ତାଙ୍କଦ୍ୱାରା ନିର୍ବାହିତ ହେଲେ ସେହି ଗୃହର ପୁରୁଷମାନେ ଜାତିର ଉନ୍ନତି ସକାଶେ ଅବସର ପାଇବେ ଏବଂ ଜୀବନ ମଧ୍ୟ ଉତ୍ସର୍ଗ କରିପାରିବେ । ପୁରୁଷମାନଙ୍କର ଶିକ୍ଷା ପ୍ରଥମେ ଶିକ୍ଷିତା ସ୍ତ୍ରୀମାନଙ୍କ ନିକଟରୁ ଯେଉଁ ଯେଉଁ ଭାବରେ ମିଳଇ ସ୍କୁଲ ବିଦ୍ୟାଳୟମାନଙ୍କରେ ତହିଁରୁ ଅଧିକ ଆଶା କରାଯାଏ ନାହିଁ । ବାଳକମାନଙ୍କର ଚରିତ୍ର ଶିକ୍ଷିତା ସ୍ତ୍ରୀ ନିକଟରେ ଯେପରି ଗଠିତ ହୁଏ, ଅନ୍ୟ ସ୍ଥାନରେ ତାହା ହୋଇ ନ

ପାରେ । ପୃଥବୀରେ ଆଦର୍ଶ ସ୍ତ୍ରୀଚରିତ୍ରର ଅଭାବ ନାହିଁ ଏବଂ ଯେଉଁଠାରେ ଆଦର୍ଶ ସ୍ତ୍ରୀମାନେ ବିରାଜିତା ସେହି ସେହି ପ୍ରଦେଶରେ ପୁରୁଷମାନେ ଭାଗ୍ୟବାନ୍ ଏବଂ ଜାତି ବୋଲି ପରିଚୟ ଦେବାକୁ ସମର୍ଥ । ଏହା ସର୍ବବାଦିସମ୍ମତ ଯେ ଚରିତ୍ରଗଠନର କେତେ ଗୋଟି ନିୟମ ଅଛି; ତାହା ବାଳକ କାଳରୁ ଶିଖିବାର ଆବଶ୍ୟକ ଏବଂ ସେହି ଶିକ୍ଷା ସ୍ତ୍ରୀ-ଶିକ୍ଷା ବ୍ୟତୀତ ଅନ୍ୟତ୍ର ଦେଖାଯାଏ ନାହିଁ । ସେହି ଶିକ୍ଷିତା ସ୍ତ୍ରୀମାନେ ବୀରଜନନୀ ବୋଲି ବିଖ୍ୟାତ ହୋଇଥାନ୍ତି ଏବଂ ସେହି ବୀରମାନେ ପୃଥିବୀ ମଧ୍ୟରେ ଯେଉଁ ଜାତିରେ ଜନ୍ମଗ୍ରହଣ କରିଅଛନ୍ତି ସେହି ପ୍ରଦେଶବାସୀ ଜାତି ବୋଲି ପରିଚୟ ଦେବାକୁ ସମର୍ଥ । ଯେଉଁ ଜାତିରେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ପ୍ରତାପରୁଦ୍ର, ରାୟ ରାମାନନ୍ଦ, ପଠାଣି ସାମନ୍ତ ଓ ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିଲେ ସେହି ଜାତି ଆଜି କଲିକତାର ଶ୍ରମଜୀବୀ ମାତ୍ର । ଇତିହାସରେ ବିଶେଷରୂପେ ପ୍ରମାଣ ମିଳଇ ଯେ ଏହି ମହାପୁରୁଷମାନେ ନିଜ ନିଜ ମାତା ଓ ସ୍ତ୍ରୀଠାରୁ ଉପଦେଶ ପ୍ରାପ୍ତ ହୋଇ ପୃଥିବୀ ମଧ୍ୟରେ ଚରିତ୍ରବାନ୍ ଓ ଜ୍ଞାନବାନ୍ ବୋଲି ବିଖ୍ୟାତ ହୋଇଅଛନ୍ତି । ଦୃଷ୍ଟାନ୍ତ ସ୍ଥଳରେ ଜାପାନୀମାନଙ୍କର ଏହି ଯୁଦ୍ଧରେ ସ୍ତ୍ରୀମାନଙ୍କର ସ୍ୱାର୍ଥତ୍ୟାଗ । ଅନେକ କ୍ଷଣଜନ୍ମା ପରିଶ୍ରମ ସେବା କରି ପୃଥିବୀରେ ଯେଉଁ ଯଶ ଲାଭ କରିଅଛନ୍ତି ତାହା ଅନନୁକରଣୀୟ । ଯେତେଦିନଯାଏ ଆମ୍ଭମାନଙ୍କର ସ୍ତ୍ରୀମାନେ ଶିକ୍ଷିତା ନ ହେବେ ତାବତ୍ ପର୍ଯ୍ୟନ୍ତ ଆମ୍ଭେମାନେ ପୃଥିବୀରେ ଶ୍ରେଷ୍ଠ ଜାତି ବୋଲି ପରିଚୟ ଦେବାକୁ କ୍ଷମ ହେବୁଁ ନାହିଁ । ଆମ୍ଭମାନଙ୍କ ମଧ୍ୟରେ କରଣ ଜାତିରେ ସ୍ତ୍ରୀଶିକ୍ଷା କିଞ୍ଚିତ ପରିମାଣରେ ହେଉଥିବାରୁ ସେମାନେ ଉତ୍କଳ ମଧ୍ୟରେ ଅଗ୍ରଗଣ୍ୟ ।

ଭାଇମାନେ, ଏହି ଗୁରୁତର ପ୍ରଶ୍ନମାନ ଆପଣମାନେ ଆଲୋଚନା କରିବା ନିମନ୍ତେ ଆଜି ସମବେତ ହୋଇଅଛନ୍ତି । ଆମ୍ଭେ ଆପଣମାନଙ୍କ ବହୁମୂଲ୍ୟ ସମୟ ନଷ୍ଟ କରିବାକୁ ଇଚ୍ଛା କରୁନାହୁଁ । କେବଳ ଆମ୍ଭମାନଙ୍କର ପୂର୍ବ ଜାତୀୟ ଗୌରବ ଓ ବର୍ତ୍ତମାନ ଦୁରବସ୍ଥା ଆପଣମାନଙ୍କୁ ସ୍ମରଣ କରାଇଦେଲୁଁ ମାତ୍ର । ଏହାର ଯାଥାର୍ଥ୍ୟ ଆଲୋଚନା କରି କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବା ଆପଣମାନଙ୍କ ଉପରେ ନିର୍ଭର କରେ । ପରିଶେଷରେ ମୋର ପ୍ରାର୍ଥନା ଏହି ଯେ ଆପଣମାନେ ବହୁ ଦୂରରୁ ବହୁ କଷ୍ଟ ସ୍ୱୀକାର କରି ଜାତୀୟ ଜୀବନ ବୈଜୟନ୍ତୀରୂପେ ଏଠାରେ ଉପନୀତ ହୋଇଅଛନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ ଆପଣମାନଙ୍କର ପରିଚର୍ଯ୍ୟା ଆମ୍ଭେମାନେ ସମ୍ୟକ୍‌ରୂପେ କରିପାରିଲୁଁ ନାହିଁ । ଏହି ଦୁଃଖ ଚିରଦିନ ପାଇଁ ହୃଦୟରେ ଅଙ୍କିତ ହୋଇ ରହିଲା ।

ଆପଣମାନଙ୍କ ନିକଟରେ ବିନୀତ ପ୍ରାର୍ଥନା ଏହି ଯେ ଭ୍ରାତୃଭାବରେ ଆମ୍ଭମାନଙ୍କର ସମସ୍ତ ତ୍ରୁଟି କ୍ଷମା କରି ନିଜ ଉଦାରତାର ପରିଚୟ ଦେବା ହେବେ ।

# ଅଧିବେଶନର ସଭାପତି ତାଳଚେର ରାଜା କିଶୋରଚନ୍ଦ୍ର ବୀରବର ହରିଚନ୍ଦନଙ୍କର ଅଭିଭାଷଣ

ମାନନୀୟ ଭ୍ରାତୃମହୋଦୟଗଣ,

ଉତ୍କଳସମ୍ମିଳନୀ ସଭାର ସଭାପତିରୂପେ ବରଣ କରି ଆପଣମାନେ ମୋତେ ଉଚ୍ଚାସନ ଦାନ କରିଅଛନ୍ତି ଓ ବିଶେଷ ସମ୍ମାନ ଦେଖାଇଅଛନ୍ତି । ଆଉ ମାଦୃଶ ଅଳ୍ପବୟସ୍କ ବ୍ୟକ୍ତି, ପ୍ରବୀଣ ସୁଶିକ୍ଷିତ ବିଦ୍ୱଜ୍ଜନସମାକୀର୍ଣ୍ଣ ଏତାଦୃଶ ବିରାଟ ସଭାର ସଭାପତିର ଆସନ ଗ୍ରହଣ କରିବାକୁ ଅଯୋଗ୍ୟ ବୋଲି ମନେକରୁଅଛି ।

ଉତ୍କଳ ଦେଶରେ ମୋ ଅପେକ୍ଷା ଅନେକ ପ୍ରବୀଣ, ବହୁଦର୍ଶୀ ନରପତି ଓ ସମ୍ଭ୍ରାନ୍ତ ଯୋଗ୍ୟତମ ମହୋଦୟମାନେ ଥାଉଁ ଥାଉଁ ଆପଣମାନେ ମୋତେ ସଭାପତି ପଦ ପ୍ରଦାନ କରିବାଦ୍ୱାରା କେତେଦୂର ସୁବିଚାର ଓ ସୁପରାମର୍ଶର କାର୍ଯ୍ୟ କରିଅଛନ୍ତି ତାହା ଆପଣମାନଙ୍କୁ ହିଁ ଜଣା । ମୋଠାରୁ ପ୍ରବୀଣ ଓ ବୟୋଜ୍ୟେଷ୍ଠ ଶ୍ରୀମାନ୍ ବାମଣ୍ଡା, ସୋନପୁର ଓ ପାଟଣାର ନରପତିମାନଙ୍କ ମଧ୍ୟରୁ ଏକଜଣ ଏହି ସଭାପତି ଆସନ ଗ୍ରହଣ କରିଥିଲେ ଅଦ୍ୟ ଏହି ସଭା କିପରି ଶୋଭନୀୟ ହୋଇଥାନ୍ତା ଓ ଆପଣମାନେ ସେମାନଙ୍କ ମଧ୍ୟରୁ ଏକଜଣଙ୍କୁ ସଭାପତି ପଦରେ ଆସୀନ ହୋଇଥିବାର ଦେଖି ଓ ସେମାନଙ୍କର ଉପଦେଶପୂର୍ଣ୍ଣ ବାକ୍ୟାବଳୀ ଶ୍ରବଣ କରି କିପରି ପରିତୃପ୍ତି ଲାଭ କରିଥାନ୍ତେ ? ମାତ୍ର ଆମ୍ଭମାନଙ୍କର ଦୁର୍ଭାଗ୍ୟବଶତଃ ସେମାନଙ୍କ ମଧ୍ୟରୁ କେହି ଏହି ସଭାର ଉଚ୍ଚାସନକୁ ମଣ୍ଡନ କଲେ ନାହିଁ । ଭାଇମାନେ ପୂର୍ବ ଦୁଇ ସଭାରେ ମୟୂରଭଂଜାଧୀଶ୍ୱର ଓ ଧରାକୋଟାଧୀଶ୍ୱର ଅଦ୍ୟ ମୋ ଦ୍ୱାରା ଅଧିକୃତ ହୋଇଥିବା ଉଚ୍ଚାସନକୁ ପବିତ୍ରୀକୃତ କରି ଆପଣମାନଙ୍କୁ ଉପଦେଶପୂର୍ଣ୍ଣ, ଉତ୍ସାହପୂର୍ଣ୍ଣ, ସମୟୋପଯୋଗୀ ସାରଗର୍ଭିକ ବକ୍ତୃତାମାନ ଶୁଣାଇ ଆପଣମାନଙ୍କର ଆଶା ପୂର୍ଣ୍ଣ କରିବାକୁ କ୍ଷମ ହୋଇଥିଲେ । ମୋଦ୍ୱାରା ଆପଣମାନଙ୍କର ସେ ଆଶା ପୂର୍ଣ୍ଣ ହୋଇପାରିବ କି ?

ମୁଁ ତାଳଚେର ଦୁର୍ଗସ୍ଥ ସାହିତ୍ୟ ସମିତିରେ ମୁଷ୍ଟିମେୟ ଭଦ୍ରଲୋକଙ୍କ ସମକ୍ଷେ ଦୁଇ ଚାରିକଥା କହିବା ଭିନ୍ନ ଆପଣାର ଶିକ୍ଷକପ୍ରତିମ, ପ୍ରବୀଣ, ବହୁଦର୍ଶୀ ଶିକ୍ଷିତ ବ୍ୟକ୍ତିଙ୍କ ସମ୍ମୁଖରେ କେବେ ଦଣ୍ଡାୟମାନ ହୋଇ ଦୁଇ ଚାରିକଥା କହିନାହିଁ । ଏହାହିଁ ମୋର ପ୍ରଥମ ଉଦ୍ୟମ – ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ, ସେ ଏହି ଗୁରୁଭାର ନିରାପଦରେ ସାଙ୍ଗ କରିବାକୁ ମୋର ହୃଦୟରେ ବଳ ଦେଉନ୍ତୁ । ଆଶା ଅଛି ଯେ, ଯେତେବେଳେ ମୋତେ ସଭାପତି ପଦରେ ଆପଣମାନେ ବରଣ କରିଅଛନ୍ତି, ଏହି କାର୍ଯ୍ୟ ପରିଚାଳନାରେ କୌଣସି ତ୍ରୁଟି ଘଟିଲେ ଓ ବକ୍ତବ୍ୟ ବିଷୟରେ ଓ ଭାଷାରେ

କୌଣସି ଦୋଷ ପରିଲକ୍ଷିତ ହେଲେ ଆପଣମାନେ ସ୍ୱୀୟ ଉଦାର ଗୁଣଦ୍ୱାରା ତାହା ମାର୍ଜନା କରିବେ ।

ଯେଉଁଦିନଠାରୁ ଉତ୍କଳବାସିମାନେ ଆପଣାର ଦୁରବସ୍ଥା ସ୍ମରଣ କରି ଦେଶର ଉନ୍ନତି କଳ୍ପେ ଏହି ମହାସଭାର ଆୟୋଜନ କରିଆସିଲେ, ସେହିଦିନଠାରୁ ଉତ୍କଳ ଜନନୀର ସୁଯୋଗ୍ୟ ପୁତ୍ରମାନଙ୍କ ମଧ୍ୟରୁ ଅନେକ ଇହଲୀଳା ସମ୍ବରଣ କରି ଅମର ଧାମକୁ ଚାଲିଯାଉଅଛନ୍ତି । ଏହି ଦାରୁଣ ଘଟନାବଳୀ ସ୍ମରଣ କଲେ ହୃଦୟ ବିଦୀର୍ଣ୍ଣ ହୁଏ । ଯେଉଁ ବ୍ୟକ୍ତିମାନେ ପ୍ରବୀଣ, ଯେଉଁମାନଙ୍କଠାରୁ ସଭା ନାନାପ୍ରକାର ସାହାଯ୍ୟ ପାଇପାରିଥାନ୍ତା; ସେମାନେ ଅକାଳ କବଳରେ କାହିଁକି ପଡୁଅଛନ୍ତି ତାହା ଆମ୍ଭମାନଙ୍କର ଜ୍ଞାନର ଅଗୋଚର । ଗତବର୍ଷ ମଧ୍ୟରେ ଗତ କାର୍ଯ୍ୟନିର୍ବାହିକା କମିଟିର ନିର୍ବାଚିତ ସଭାପତି ଶ୍ରୀମାନ୍ କେନ୍ଦୁଝରାଧୀଶ୍ୱର ଧନୁର୍ଜ୍ଜୟ ନାରାୟଣ ଭଞ୍ଜ, ଖଣ୍ଡପଡ଼ାର ରାଜା ନଟବର ଭ୍ରମରବର, ହିନ୍ଦୋଳର ରାଜା ଜନାର୍ଦ୍ଦନ ମର୍ଦ୍ଦରାଜ ଜଗଦ୍ଦେବ, ଗଞ୍ଜାମ ପାରଳାଖେମୁଣ୍ଡିର ରାଜା ଓ କଟକର ଗବର୍ଣ୍ଣମେଣ୍ଟ ଓକିଲ ଓ ଜମିଦାର ରାୟ ହରିବଲ୍ଲଭ ବୋଷ ବାହାଦୁର ଏବଂ ବାଲେଶ୍ୱରର ଜମିଦାର ସାମନ୍ତ ରାଜନାରାୟଣ ଦାସ ଇହସଂସାର ତ୍ୟାଗ କରିଅଛନ୍ତି । ସେମାନଙ୍କଠାରେ ଆମ୍ଭମାନଙ୍କର ଯେ ଆଶାଥିଲା ତାହା ନିର୍ମୂଳ ହୋଇଅଛି, ସେମାନଙ୍କଠାରୁ ଆମ୍ଭେମାନେ ଯେ ସହାନୁଭୂତି ପାଇବାର ଆଶା କରିଥିଲୁଁ ସେ ସହାନୁଭୂତି ଆଉ ପାଇପାରିବା ନାହିଁ । ସଭା ଏହି ବ୍ୟକ୍ତିମାନଙ୍କୁ ହରାଇ ବିଶେଷ କ୍ଷତିଗ୍ରସ୍ତ ଓ କେତେକାଂଶରେ ସହାୟହୀନ ହୋଇଅଛି, ଏହା କହିବାର ବାହୁଲ୍ୟମାତ୍ର । ବିଦେଶୀୟ ରାଜକର୍ମଚାରୀ ହୋଇ ସୁଦ୍ଧା ମହାମାନ୍ୟ ଇ.ଏଫ୍.ଗ୍ରାଉସ୍ ସାହେବ ଆମ୍ଭମାନଙ୍କର ଦେଶର ଉନ୍ନତିକଳ୍ପେ ବିଶେଷ ଯତ୍ନଶୀଳ ଥିଲେ । ସେହି ଦେଶହିତାକାଙ୍‌କ୍ଷୀ ଗ୍ରାଉସ୍ ସାହେବ ମହୋଦୟ ମଧ୍ୟ ଆମ୍ଭମାନଙ୍କୁ ତ୍ୟାଗକରି ଅମରଧାମକୁ ଯାଇଥିବାରୁ ଆମ୍ଭେମାନେ ଜଣେ ପ୍ରଧାନ ଉପଦେଷ୍ଟାଙ୍କୁ ହରାଇ ବସିଅଛୁଁ ।

**ସଭାର ଉଦ୍ଦେଶ୍ୟ** – ଦେଶର ଅବସ୍ଥା ଅବଗତ ହୋଇ ତାହାର ସର୍ବପ୍ରକାର ଉନ୍ନତି ସାଧନରେ ବ୍ରତୀ ହେବା ଏହି ସଭାର ମୂଳ ଉଦ୍ଦେଶ୍ୟ । ଅନେକ ବ୍ୟକ୍ତି ଏକତ୍ରିତ ହୋଇ କୌଣସି ବିଷୟରେ ଆଲୋଚନା କରିବାର ନାମ ସଭା, ଏହା କାହାରିକି ଅବିଦିତ ନାହିଁ । ନାନା ସ୍ଥାନରେ ବ୍ୟକ୍ତିମାନେ ଏକତ୍ରିତ ହୋଇ ଆପଣା ଆପଣା ଭାବ ବ୍ୟକ୍ତ କଲେ ପରସ୍ପରର ଶିକ୍ଷାଲାଭ ହୁଏ । ଆଧୁନିକ ସଭ୍ୟଜଗତରେ ଉନ୍ନତିର ପ୍ରଧାନ ସୋପାନ – ସଭା । ଇଉରୋପ, ଆମେରିକା ପ୍ରଭୃତି ସୁସଭ୍ୟ ଜାତିମାନେ କୌଣସି ଦେଶହିତକର ସତ୍‌କାର୍ଯ୍ୟ କରିବାକୁ ପ୍ରବୃତ୍ତ ହେଲେ ପ୍ରଥମତଃ

ତାହା ସଭାଦ୍ୱାରା ଆଲୋଚନା କରିଥାନ୍ତି । ଆମ୍ଭମାନଙ୍କ ଦେଶରେ ତାହା ହୁଅଇ ନାହିଁ, ସୁତରାଂ କାର୍ଯ୍ୟରେ ସାଧାରଣତଃ ବିଶୃଙ୍ଖଳା ଘଟିଥାଏ । ଆମ୍ଭମାନଙ୍କର ଦେଶବାସିମାନେ ସମିତି ଗଠିତ ହେବା ଓ ତଦ୍ଦ୍ୱାରା ଜନସାଧାରଣଙ୍କର କି ଉପକାର ସାଧିତ ହୁଏ, ତାହା ଆଜିଯାଏ ସମ୍ୟକ୍‌ରୂପେ ବିଦିତ ହୋଇନାହାନ୍ତି । ତଦ୍ରୂପ ଉପଯୁକ୍ତ ସଭା ମଧ୍ୟ ଆମ୍ଭ ଦେଶରେ ନାହିଁ । ଉତ୍କଳ ସମ୍ମିଳନୀ ସଭା ଏକମାତ୍ର ଆଶାସ୍ଥଳ । ପ୍ରତ୍ୟକ୍ଷ ବାକ୍ୟବିନିମୟ, ପରସ୍ପରର ଭାବ ଅଧ୍ୟୟନ, ଏକତ୍ର ସହବାସ ସ୍ନେହର ସମ୍ପାଦକ ଓ ସ୍ନେହବର୍ଦ୍ଧକ । ଉତ୍କଳର ପ୍ରାଚୀନ ଓ ସମ୍ଭ୍ରାନ୍ତବଂଶୀୟ ବ୍ୟକ୍ତିମାନେ ଆପଣା କୁଳମର୍ଯ୍ୟାଦାର ବଶବର୍ତ୍ତୀ ହୋଇ ପରସ୍ପରର ଦେଶକୁ ଯିବାକୁ କିମ୍ବା ନିର୍ଦ୍ଦିଷ୍ଟ ଏକ ସ୍ଥଳରେ ସମବେତ ହେବାକୁ କୁଣ୍ଠିତ । ସୁତରାଂ ଆମ୍ଭମାନଙ୍କର ମଧ୍ୟରେ ସ୍ନେହର ମାତ୍ରା ଅତି କମ୍ । ଆମ୍ଭମାନଙ୍କର ସୌହାର୍ଦ୍ଦ୍ୟ ସମ୍ପାଦନ କରିବା ନିମିତ୍ତ ଏହି ସଭା କେତେକାଂଶରେ ସକ୍ଷମ ହୋଇଥିବାର ଅନୁମାନ ହେଉଅଛି । ସୁତରାଂ ପରସ୍ପର ସୌହାର୍ଦ୍ଦ୍ୟ ଓ ଏକତା ବୃଦ୍ଧି କାମନାରେ ଫଳତଃ ଦେଶର ଉନ୍ନତି କଳ୍ପନାରେ ପ୍ରତ୍ୟେକ ଉତ୍କଳବାସୀ ଓ ଉତ୍କଳଭାଷୀ ଏହି ସମିତିର ଉତ୍ତରୋତ୍ତର ଉନ୍ନତି ଚେଷ୍ଟା କରିବାର କର୍ତ୍ତବ୍ୟ । ମୁଁ ଅନୁମାନ କରେଁ ଉପଦେଶ ଓ ଦେଶହିତକର ପ୍ରସ୍ତାବର ବାରମ୍ବାର ପ୍ରକାଶ କଲେ ସୁଦ୍ଧା ତହିଁର ଚର୍ବିତଚର୍ବଣରେ ଦୋଷ ନାହିଁ । ଉପଦେଶ, ଅଶୀତିବର୍ଷ ବୟସ୍କ ବୃଦ୍ଧ ବ୍ୟକ୍ତିର ମୁଖରୁ ନିଃସୃତ ହେଲେ ଯେପରି ସୁଶ୍ରାବ୍ୟ ଓ ଗ୍ରାହ୍ୟ, ଅଳ୍ପ ବୟସ୍କ ଶିଶୁ ମୁଖରୁ ନିଃସୃତ ହେଲେ ମଧ୍ୟ ତଦ୍ରୂପ ସୁଶ୍ରାବ୍ୟ ଓ ଗ୍ରାହ୍ୟ । ସୁତରାଂ ଯେଉଁ ଯେଉଁ ପ୍ରସ୍ତାବମାନ ଓ ଉପଦେଶମାନ ପୂର୍ବ ସମିତିମାନଙ୍କର ସଭାପତିମାନଙ୍କଦ୍ୱାରା ପ୍ରଚାରିତ ହୋଇଅଛି ତାହା ପୁନର୍ବାର ମୋଦ୍ୱାରା ପ୍ରଚାରିତ ହେବା ଦୋଷାବହ ନୁହେଁ ।

ରାଜନୀତି ଓ ଧର୍ମ ଏ ସମିତିର ଆଲୋଚ୍ୟ ବିଷୟ ନୁହେଁ ବୋଲି ପୂର୍ବ ସଭାମାନଙ୍କରେ ନିର୍ଦ୍ଧାରିତ ହୋଇଯାଇଅଛି, ସୁତରାଂ ଏହି ଦୁଇ ବିଷୟ ନେଇ ବର୍ତ୍ତମାନ ମୁଁ କୌଣସି କଥା କହିବାକୁ ଇଚ୍ଛୁକ ନୁହେଁ । ଏହି ସମିତିର ପ୍ରଧାନ ଆଲୋଚ୍ୟ ବିଷୟ କୃଷି, ଶିଳ୍ପ, ବାଣିଜ୍ୟର ଉନ୍ନତି; ସାହିତ୍ୟ ଓ ଭାଷାର ଉନ୍ନତି ଏବଂ ସମୟୋପଯୋଗୀ ସମାଜ ଓ ରୀତିନୀତିର ସଂସ୍କାର । ଏ ସମସ୍ତ ବିଷୟକ ପ୍ରସ୍ତାବ ଆପଣମାନଙ୍କ ସମକ୍ଷେ ଉପସ୍ଥାପିତ କରିବା ପୂର୍ବରୁ ଦେଶର ଏକତା ଓ ସମ୍ମିଳିତ ଚେଷ୍ଟା ସମ୍ବନ୍ଧେ କିଛି କହିବାକୁ ମନେ କରିଅଛି । ସର୍ବାଦୌ ଆମ୍ଭମାନଙ୍କ ମଧ୍ୟରେ ଏକତାଭାବ ଜାଗ୍ରତ ହେବା ବାଞ୍ଛନୀୟ । ଆମ୍ଭମାନଙ୍କର ଓଡ଼ିଆଭାଷୀ ଭାଇମାନେ ଦୂରବର୍ତ୍ତୀ ନାନା ଦେଶର ଶାସନାଧୀନରେ ରହିଯାଇଥିବାରୁ ସେମାନଙ୍କର ଭାଷା ସହିତ ଆମ୍ଭମାନଙ୍କର ଭାଷାର ଯେପରି ବିଭିନ୍ନତା ଘଟିଅଛି, ରୀତିନୀତି ଓ

ସମାଜବନ୍ଧନ ମଧ୍ୟରେ ମଧ୍ୟ ବିଭିନ୍ନତା ଘଟିଅଛି; ସୁତରାଂ ଆମ୍ଭମାନଙ୍କ ସହିତ ସେମାନଙ୍କର ଐକ୍ୟଭାବ ସହଜରେ ଘଟି ପାରୁ ନ ଥିଲା । ଯାହାହେଉ, ମହାମତି ଲର୍ଡ କର୍ଜନ ବାହାଦୁର ମଧ୍ୟପ୍ରଦେଶରୁ ବାମଣ୍ଡା, ସୋନପୁର, କଳାହାଣ୍ଡି, ପାଟଣା ଓ ରେଢ଼ାଖୋଲ ଏବଂ ଛୋଟନାଗପୁରର ଗାଙ୍ଗପୁର ଓ ବଣେଇ ରାଜ୍ୟମାନ ଆମ୍ଭମାନଙ୍କର ଓଡ଼ିଶା ପ୍ରଦେଶର ଶାସନାଧୀନରେ ଯୋଗ କରିଥିବାରୁ ଆମ୍ଭର ଓଡ଼ିଶାର ଅନେକାଂଶରେ ଶ୍ରୀବୃଦ୍ଧି ହୋଇଅଛି । ଏଥିନିମନ୍ତେ ମହାମାନ୍ୟ ଲର୍ଡ କର୍ଜନ ବାହାଦୁରଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛି ।

ଗଞ୍ଜାମ ଭାଇମାନେ ଓଡ଼ିଶା ଶାସନାଧୀନକୁ ଆସିବା ନିମନ୍ତେ ଉତ୍ସାହିତ ହୋଇ ବିଶେଷ ଚେଷ୍ଟା କରୁଅଛନ୍ତି । ଆଶାହୁଏ ଈଶ୍ୱରଙ୍କ କୃପାରୁ ଏ ଆଶା ଅଚିରେ ପୂରଣ ହେବ । ମାତ୍ର ଦୁଃଖର ବିଷୟ ଯେ, ଆମ୍ଭେମାନେ ସମ୍ବଲପୁର ଓ ମଧ୍ୟପ୍ରଦେଶର ନବାଗତ ରାଜ୍ୟର ଭାଇମାନଙ୍କୁ ପାଇ ଯେପରି ସୁଖୀ ହୋଇଅଛୁଁ, ଆମ୍ଭର ନବାଗତ ଭାଇମାନେ ସେପରି ସୁଖୀ ହୋଇଥିବାର ମୁଁ ଅନୁମାନ କରିପାରୁ ନାହିଁ । ଗଞ୍ଜାମର ଓଡ଼ିଆଭାଷୀ ଭାଇମାନେ ଅକ୍ଳାନ୍ତ ପରିଶ୍ରମ ଓ ଅଦମ୍ୟ ଉତ୍ସାହରେ ଆମ୍ଭମାନଙ୍କର ସହିତ ଐକ୍ୟଭାବ ରଖିବାକୁ ପ୍ରତ୍ୟେକ କାର୍ଯ୍ୟରେ ବିଶେଷ ସହାନୁଭୂତି ଦେଖାଉଅଛନ୍ତି । ଏଣୁ ସେମାନେ ଆମ୍ଭମାନଙ୍କଠାରୁ ପ୍ରଶଂସା ଓ ଧନ୍ୟବାଦ ପାଇବାର ଉପଯୁକ୍ତ ଅଟନ୍ତି । ଗଞ୍ଜାମ ଭାଇମାନଙ୍କ ପରି ସମ୍ବଲପୁର ଭାଇମାନେ ଆମ୍ଭମାନଙ୍କ ସହିତ ସମସ୍ତ କାର୍ଯ୍ୟରେ ଯୋଗଦାନ ଦେଲେ ଅନେକ ମଙ୍ଗଳ ହେବ ସନ୍ଦେହ ନାହିଁ । ଏକତା ଓ ସମ୍ମିଳିତ୍ ଚେଷ୍ଟା ଦେଶଉନ୍ନତିର ମୂଳମନ୍ତ୍ର, ତାହା ଆମ୍ଭମାନଙ୍କଠାରେ ନିତାନ୍ତ ଅଭାବ । ସମଗ୍ର ଉତ୍କଳବାସୀ ଓ ଉତ୍କଳଭାଷିଙ୍କ ମନରେ ଆଜିଯାଏ ଐକ୍ୟଭାବ ଉଦୟ ହୋଇନାହିଁ । ଯେବେ ଉତ୍କଳବାସୀ ଓ ଉତ୍କଳଭାଷିମାନଙ୍କ ମଧ୍ୟରେ ଐକ୍ୟଭାବ ଜାତ ହୋଇଥାନ୍ତା ଏବଂ ସେମାନେ ଦେଶର ଉନ୍ନତିକଳ୍ପେ ଦୃଢ଼ପ୍ରତିଜ୍ଞ ହୋଇଥାନ୍ତେ ତାହାହେଲେ ଦେଶର ଦୁର୍ଦ୍ଦଶା ଅନେକଦିନରୁ ଅନ୍ତର୍ହିତ ହୋଇଥାନ୍ତା ।

ଆମ୍ଭମାନଙ୍କ ମନରେ ଐକ୍ୟଭାବ ଜାତ ହେବାର ଆହୁରି କେତୋଟି ବାଧା ଅଛି । ଆମ୍ଭେମାନେ ସମାଜ ଓ ଧର୍ମର ଦାସ । ଆମ୍ଭମାନଙ୍କର ଏକତାର ପ୍ରତିରୋଧକ କେତେକାଂଶରେ ଜାତି, ସମାଜ, ଶାସ୍ତ୍ର ଓ ପ୍ରାଚୀନ ପ୍ରଥା ଉପରେ ଅନ୍ଧବିଶ୍ୱାସ । ଦେଶର ଉନ୍ନତି ଓ ଶ୍ରୀବୃଦ୍ଧି ସାଧନ ନିମନ୍ତେ ଏହି କେତୋଟି ପ୍ରଥାର ସମୟୋଚିତ ସଂସ୍କାର କଲେ କ୍ଷତି କଣ ? କଥିତ ଅଛି—

''କେବଳଂ ଶାସ୍ତ୍ରମାଶ୍ରିତ୍ୟ
ନ କର୍ତ୍ତବ୍ୟୋହି ନିର୍ଣ୍ଣୟଃ ।

ଯୁକ୍ତିହୀନ ବିଚାରେଣ
ଧର୍ମହାନିଃ ପ୍ରଜାୟତେ ।''

କାଳର ବିବେଚନାରେ ଆପଣାର ଦେଶର ଉନ୍ନତିକଳ୍ପେ ଜାତ୍ୟାଭିମାନ, ଧର୍ମାଭିମାନ କେତେକାଂଶରେ ତ୍ୟାଗକରିବା ନିତାନ୍ତ ପ୍ରୟୋଜନ । ଏହି ଦୁଇପ୍ରକାର ଅଭିମାନ ଆମ୍ଭେମାନେ ଯାବତ୍‌କାଳ ପର୍ଯ୍ୟନ୍ତ ତ୍ୟାଗ କରିବାକୁ ଶିକ୍ଷା ନ କରିବା ତାବତ୍ ଆମ୍ଭମାନଙ୍କ ମଧ୍ୟରେ ଐକ୍ୟଭାବ ଜାତ ହେବା ଅସମ୍ଭବ । ଅତଏବ ଭାଇମାନେ ! ଏକତା ସମ୍ପାଦନ ନିମନ୍ତେ ଦେଶର ଉନ୍ନତି କାମନାରେ ଆମ୍ଭମାନଙ୍କର ସହାୟୋପଯୋଗୀ ସମାଜ ଓ ରୀତିନୀତି ସଂସ୍କାର କରନ୍ତୁ ।

ଯେବେ ସୂକ୍ଷ୍ମତୃଣ ଏକତ୍ର କରିବାଦ୍ୱାରା ମତ୍ତହସ୍ତୀର ବନ୍ଧନ ସମ୍ଭବ, ଏକତା ଥିବା ହେତୁ କ୍ଷୁଦ୍ର ମଧୁମକ୍ଷିକାମାନଙ୍କ ଦ୍ୱାରା ମଧୁଚକ୍ର ନିର୍ମିତ ହେବା ସମ୍ଭବ, ତେବେ ମନୁଷ୍ୟ ଜାତିର ଏକତାଦ୍ୱାରା ଓ ମିଳିତ ଚେଷ୍ଟାଦ୍ୱାରା ଦେଶର ଉନ୍ନତି କାହିଁକି ସମ୍ଭବ ହୋଇପାରିବ ନାହିଁ ? ମାତ୍ର ଉତ୍କଳଦେଶର ରାଜା, ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତି – ଯେଉଁମାନଙ୍କର ମିଳିତ ଚେଷ୍ଟାଦ୍ୱାରା ଦେଶର ମୁଖ ଉଜ୍ଜ୍ୱଳ ହେବାର ସମ୍ଭବ, ସେମାନଙ୍କର ଏ ବିଷୟରେ ମମତା ନାହିଁ । ଆଧୁନିକ ସଭ୍ୟ ଓ ଉନ୍ନତିଶୀଳ ଜାତି-ମାନଙ୍କ ତୁଲ୍ୟ ଆମ୍ଭମାନଙ୍କ ପ୍ରାଣରେ ଏକ୍ୟଭାବ ଜାଗ୍ରତ ହେଉ ଏବଂ ଆମ୍ଭମାନଙ୍କର ମିଳିତ ଚେଷ୍ଟାଦ୍ୱାରା ଦେଶର ଉନ୍ନତି ହେଉ, ଈଶ୍ୱରଙ୍କଠାରେ ଏତିକି ପ୍ରାର୍ଥନା ମାତ୍ର ।

**କୃଷି** – ଓଡ଼ିଶାର କେତେକ ଗଡ଼ଜାତ ପ୍ରତି ଦୃଷ୍ଟିଦେଲେ ଅନୁମାନ ହୁଏ ଯେ, ଏହି ରାଜ୍ୟର ପ୍ରଜାମାନେ କେବଳ କୃଷିଦ୍ୱାରା ଜୀବନ ଯାପନ କରିବାକୁ ସୃଷ୍ଟ ହୋଇଅଛନ୍ତି । ବାଣିଜ୍ୟ ଏତଦ୍ଦେଶବାସିଙ୍କର ଜୀବିକା ନୁହେଁ ବୋଲି ବିବେଚିତ ହୁଏ । ନାବ୍ୟନଦୀ ଓ ପ୍ରଶସ୍ତ ପଥ ନ ଥିଲେ ବାଣିଜ୍ୟର ସୁବିଧା ହୁଏ ନାହିଁ । ନାବ୍ୟ ନଦୀର ଅନେକ ସ୍ଥଳରେ ଅଭାବ, ସୁପ୍ରଶସ୍ତ ପଥ ପାର୍ବତୀୟ ପ୍ରଦେଶମାନଙ୍କରେ ପ୍ରସ୍ତୁତ ହେବା ବହୁକାଳ ସାପେକ୍ଷ । ପଥ ପ୍ରସ୍ତୁତ ହେଲେ ମଧ୍ୟ କୃଷକମାନଙ୍କର କୃଷିଜାତ ଦ୍ରବ୍ୟ ବହୁଳ ପରିମାଣରେ ପାରିବାରିକ ଖର୍ଚ୍ଚରୁ ଉଦ୍‌ବୃତ୍ତ ରହିବାର ଆବଶ୍ୟକ । ତାହା ନ ହେଲେ ବ୍ୟବସାୟ ହୋଇ ନ ପାରେ, ସୁତରାଂ ଏ ଦେଶର ବାଣିଜ୍ୟ କୃଷିସାପେକ୍ଷ । ଅନୁନ୍ନତ ଓଡ଼ିଶାରେ ପ୍ରଥମରୁ କୃଷିକାର୍ଯ୍ୟର ଉନ୍ନତି ପ୍ରତି ଦୃଷ୍ଟିଦେବା କର୍ତ୍ତବ୍ୟ ।

ଆମ୍ଭମାନଙ୍କ ଏ ଦେଶରେ କୃଷିକାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରାଚୀନ ରୀତିରେ ପରିଚାଳିତ । ଏ ଦେଶବାସିମାନଙ୍କର ଧର୍ମ ଓ ସମାଜସଂସ୍କାର ନୀତି ଯେପରି ରକ୍ଷଣଶୀଳ, କୃଷିକାର୍ଯ୍ୟ ମଧ୍ୟ ତଦ୍ରୂପ । ପୂର୍ବରୀତି ଅନୁସାରେ ଭୂମି କର୍ଷଣ ଓ ସାର ପ୍ରୟୋଗ କରନ୍ତି । ବହୁକାଳରୁ ଜମିର ଫସଲ ଗ୍ରହଣ କରି ତହିଁରେ ଉପଯୁକ୍ତ ପରିମାଣ ସାର

ବିନିମୟରେ ପ୍ରଦାନ କରୁ ନ ଥିବାରୁ ଭୂମିର ଉର୍ବରା ଶକ୍ତି ଯେ କ୍ରମାଗତ ହ୍ରାସ ହେଉଅଛି ତତ୍‌ପ୍ରତି ସେମାନଙ୍କର ଦୃଷ୍ଟି ନାହିଁ କିମ୍ବା ଭୂମିରୁ ଫସଲ ଗ୍ରହଣ କରି ତଦ୍‌ବିନିମୟରେ ସାର ନ ଦେଲେ ଯେ ଭୂମିର ଉର୍ବରା ଶକ୍ତି ନଷ୍ଟ ହୁଏ, ତାହା ସେମାନଙ୍କୁ ଜଣାନାହିଁ । ଅନେକ ସ୍ଥଳରେ ଦେଖାଯାଏ ଯେ, କୃଷକମାନଙ୍କର କୃଷିକାର୍ଯ୍ୟରେ ଅଭିଜ୍ଞତା ନ ଥିବାରୁ କ୍ରମାଗତ ଜମିର ଉନ୍ନତି ହେବାର ତେଣିକି ଥାଉ ବରଂ ଜମିର ଉର୍ବରାଶକ୍ତି ହ୍ରାସ ହେଉଅଛି । ଦେଶରେ ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଜମି ପରିମାଣ ଓ ଜମିର ଉର୍ବରାଶକ୍ତି ବୃଦ୍ଧି କରିପାରିଲେ ଆମ୍ଭମାନଙ୍କର ଦେଶବାସି-ମାନେ ସମୃଦ୍ଧଶାଳୀ ହୋଇପାରିବେ । ତାହା ନ ହେଲେ ଆଶୁ ସୁଫସଲ ପ୍ରାପ୍ତ ହେବା ନିମନ୍ତେ ନୂତନ ଜମି ପ୍ରସ୍ତୁତ କରି ଅନୁର୍ବରା ହେତୁ ପୁରାତନକୁ ତ୍ୟାଗ କଲେ ଶ୍ରୀବୃଦ୍ଧି ସମ୍ଭବ କି ? ଜମିର ଉର୍ବରା ଶକ୍ତି ବୃଦ୍ଧି କରି ସୁଫଳ ପ୍ରାପ୍ତିର ଆଶା ଥିଲେ ପ୍ରାଚୀନ ପ୍ରଥା ସହିତ ଆଧୁନିକ ବିଜ୍ଞାନସମ୍ମତ କର୍ଷଣପ୍ରଣାଳୀ ଓ ସାରପ୍ରୟୋଗର ନିୟମ ପ୍ରଚଳିତ କରିବା ନିତାନ୍ତ କର୍ତ୍ତବ୍ୟ । ତେବେ ଏହା କୁହାଯାଇପାରେ ଯେ, ସଂପୂର୍ଣ୍ଣ ବୈଜ୍ଞାନିକ ଓ ପାଶ୍ଚାତ୍ୟ ପ୍ରଣାଳୀର ଚାଷ ନିୟମ ପ୍ରଚଳନ ହେବାର ଉପଯୁକ୍ତ ସମୟ ଉପସ୍ଥିତ ହୋଇନାହିଁ । ନୂତନ ଓ ପ୍ରାଚୀନ ପନ୍ଥାର ମିଶ୍ରିତ ପନ୍ଥା ଆମ୍ଭମାନଙ୍କ ଦେଶରେ ଅନୁକରଣୀୟ ଓ ଆମ୍ଭମାନଙ୍କ ଦେଶର କୃଷିଉନ୍ନତି ନିମନ୍ତେ ପ୍ରଥମରୁ ନିମ୍ନୋକ୍ତ କେତୋଟି ବିଷୟ ଶିକ୍ଷା କରିବା ଉଚିତ । ଜମିର କର୍ଷଣ, ସାର ପ୍ରୟୋଗ, ଶସ୍ୟୋପଯୋଗୀ ଭୂମିର ପରିଚୟ, ଉପଯୁକ୍ତ ପରିମାଣ ଶସ୍ୟ ବପନ ଓ ଜଳଦାନ — ଆପାତତଃ ଏ ସମସ୍ତ ବିଷୟ ସାମାନ୍ୟ ବୋଲି ବିବେଚିତ ହୋଇପାରେ; ମାତ୍ର କୃଷିକାର୍ଯ୍ୟର ଏହି କେତୋଟି ବିଷୟ ମୂଳ ଅଟେ । ଅନ୍ୟାନ୍ୟ କାର୍ଯ୍ୟ କୃଷିକର୍ମର ଶାଖା ମାତ୍ର । କୃଷିକାର୍ଯ୍ୟର ଶିକ୍ଷା ଦେବାକୁ ହେଲେ ତହିଁ ନିମିତ୍ତ ଉତ୍କଳ ଭାଷାରେ ଖଣ୍ଡିଏ ଉପଯୁକ୍ତ ପୁସ୍ତକ ପ୍ରଣୟନ ହେବା ଉଚିତ ଏବଂ ସ୍ଥାନେ ସ୍ଥାନେ ସଭାସମିତି କରି କୃଷି ବିଷୟକ ଆଲୋଚନା କରିବା କର୍ତ୍ତବ୍ୟ ।

ଆମ୍ଭମାନଙ୍କ ଦେଶରେ ସାଧାରଣତଃ ଗୋମୟ ସାର ପ୍ରୟୋଗ ହୋଇଥାଏ । ଏହା ପ୍ରଧାନ ସାର, ସନ୍ଦେହ ନାହିଁ; ତେବେ ସମସ୍ତ ପ୍ରକାର ଫସଲ ପ୍ରତି ଉପଯୁକ୍ତ ନୁହେ । ପୁଣି ତାହା ଯେପରିଭାବେ ଓ ଯେଉଁ ସମୟରେ ପ୍ରୟୋଗ ହୁଏ, ତାହା କୃଷିବିଜ୍ଞାନ ମତରେ ସଂପୂର୍ଣ୍ଣ ଫଳଦାୟକ ନୁହେଁ । ଅସ୍ଥି ସାର ଓ ସୋରା ସାର, ଆଦୌ ପ୍ରୟୋଗ ହେଉନାହିଁ । ସୋରା ସାର ମୂଲ୍ୟବାନ ପଦାର୍ଥ ବୋଲି ସହଜେ ବ୍ୟବହୃତ ହେବାର ଆଶା କରୁନାହିଁ । ଅସ୍ଥି ସାର ଦୁର୍ମୂଲ୍ୟ ନୁହେଁ, ମାତ୍ର ଏ ଦେଶବାସିମାନେ ଅସ୍ଥିସାର ସଂଚୟ କରି କୃଷିର ଉନ୍ନତି ନିମନ୍ତେ ଅଧର୍ମ ସଞ୍ଚୟ ହେବାର ଶଙ୍କା ମନରୁ ଅନ୍ତର କରିପାରିବେ କି ? ଇଂରାଜୀ କୃଷିପୁସ୍ତକ ଅଧ୍ୟୟନ

କଲେ ଦେଖାଯାଏ ଯେ, ପଶୁପାଳନ କୃଷକର ପ୍ରଧାନ କର୍ତ୍ତବ୍ୟ କର୍ମ । କିନ୍ତୁ ଆମ୍ଭମାନଙ୍କ ଦେଶରେ କୃଷକମାନେ ଏହା ପ୍ରଧାନ କର୍ମବୋଲି ମନେ କରନ୍ତି ନାହିଁ । ତାହା ମନେ କରୁଥିଲେ ଗୋରୁ ଜାତି ପ୍ରତି ଏମାନେ ଏତେ ହେଳା କରନ୍ତେ ନାହିଁ । ଯେଉଁ ବଳଦ ଦ୍ୱାରା ଏମାନେ ଏକବର୍ଷର ଖାଦ୍ୟ ଉତ୍ପନ୍ନ କରନ୍ତି, ଏମାନଙ୍କର କୃଷିଜାତ ଦ୍ରବ୍ୟରେ ସେହି ବଳଦମାନଙ୍କର କୌଣସି ଅଂଶ ନାହିଁ । ବଳଦ ନିଜେ ଖାଦ୍ୟ ଅନ୍ୱେଷଣ କରି ଖାଇବ, ଏହାଙ୍କର କାର୍ଯ୍ୟରେ ଉପସ୍ଥିତ ହେବ । ବିଲାତର ଗୋରୁମାନଙ୍କର ଖାଦ୍ୟ ନିମିତ୍ତ କୃଷକ ସ୍ୱତନ୍ତ୍ର ଜମି ରଖି ତହିଁରେ ନାନାପ୍ରକାର ଘାସ ବପନ କରିଥାନ୍ତି । ଆମ୍ଭମାନଙ୍କର ଦେଶର କୃଷକମାନେ ଜମି ପତିତରଖି ଗୋରୁ ଖାଦ୍ୟୋପଯୋଗୀ ଶସ୍ୟ ବପନକରିବା ଦୂରେ ଥାଉ, ହିଡ଼ମାନଙ୍କରେ ଥିବା ଘାସମାନଙ୍କୁ ଗ୍ରୀଷ୍ମକାଳରେ ଜମିର ଉନ୍ନତି ଇଚ୍ଛାରେ ପୋଡ଼ିଦିଅନ୍ତି । ପୁଣି ଗୋରୁମାନଙ୍କର କୃଷି ଉତ୍ପନ୍ନ ନ୍ୟାଯ୍ୟ ପ୍ରାପ୍ୟ ପୁଆଳ ପ୍ରଭୃତି ବିକ୍ରୟ କରି ଆପଣାର ଅନ୍ୟ କାର୍ଯ୍ୟ ନିର୍ବାହ କରିଥାନ୍ତି । ଯାବତ୍ ଗୋରୁମାନଙ୍କ ପ୍ରତି ଆମ୍ଭେମାନେ ବିଶେଷ ଯତ୍ନ ନ କରିବା ଓ ସେମାନଙ୍କୁ ଖାଦ୍ୟପାନୀୟ ଉପଯୁକ୍ତ ରୂପେ ଦେଇ ନ ରଖିବା ତାବତ୍ ଆମ୍ଭମାନଙ୍କ କୃଷିକାର୍ଯ୍ୟର କେବେ ଉନ୍ନତି ହେବ ନାହିଁ ।

**ବାଣିଜ୍ୟ** – "ବାଣିଜ୍ୟେ ବସତେ ଲକ୍ଷ୍ମୀଃ" ଏହି ମହାମନ୍ତ୍ର ଉତ୍କଳଭାଷୀ ସମସ୍ତଙ୍କର ମୁଖସ୍ଥ ମାତ୍ର ବାଣିଜ୍ୟ କି ପଦାର୍ଥ ତାହା ବୋଧହୁଏ ଅଧିକାଂଶ ଲୋକଙ୍କୁ ଜଣାନାହିଁ । ମନେହୁଏ ରାଜାର ଆୟ ସୀମାବଦ୍ଧ ମାତ୍ର ବଣିକର ଆୟ ଅସୀମ । ଇଉରୋପୀୟ ଜଣେ ପ୍ରସିଦ୍ଧ ବଣିକ ଦେଶହିତକର କାର୍ଯ୍ୟରେ ଅମ୍ଳାନ ବଦନରେ ସ୍ୱତଃପ୍ରବୃତ୍ତ ହୋଇ କୋଟି ସଂଖ୍ୟକ ମୁଦ୍ରା ଦାନ କରିବାକୁ ସକ୍ଷମ । ଏହା ଶୁଣିଲେ ଆମ୍ଭେମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥାଉଁ । ଆମ୍ଭମାନଙ୍କର ଦେଶର ରାଜା ଯେଉଁମାନଙ୍କର ରାଜ୍ୟ ବ୍ରିଟନ୍‌ଦ୍ୱୀପର ସମାୟତନ ସେମାନେ ଅର୍ଦ୍ଧକୋଟି ଟଙ୍କା ଦେବାକୁ ଅକ୍ଷମ; ମାତ୍ର ସେହି ବ୍ରିଟନ୍‌ବାସୀ ଭୂମିଶୂନ୍ୟ ବଣିକମାନେ କୋଟି ଟଙ୍କା ଅମ୍ଳାନ ବଦନରେ ଦାନ କରିପାରନ୍ତି, ଏଥିରୁ ବଳି ଆଶ୍ଚର୍ଯ୍ୟର ବିଷୟ କି ? ଆମେରିକା ଅଳ୍ପ କେତେକ ଶତାବ୍ଦୀ ହେଲା ଆବିଷ୍କୃତ ଓ ଉପନିବେଶିତ ହୋଇଅଛି । ବର୍ତ୍ତମାନ ଦେଖିଲେ ସେଠାରେ ବହୁସଂଖ୍ୟକ କ୍ରୋଡ଼ପତି ବିଦ୍ୟମାନ ଅଛନ୍ତି । ଅନାଦି କାଳରୁ ସୁସଭ୍ୟ ଭାରତବର୍ଷରେ ଏ ଦେଶବାସୀ ଜଣେ କ୍ରୋଡ଼ପତି ଥିବେ କି ନା ସନ୍ଦେହ । ବାଣିଜ୍ୟର ସୁସ୍ପଷ୍ଟ ଆଦର୍ଶ ଆମ୍ଭମାନଙ୍କର ନେତ୍ରାଗ୍ରରେ ଥାଉଁ ଥାଉଁ ତାହା ଆମ୍ଭେମାନେ ଅନୁକରଣ କରିବାକୁ ଅକ୍ଷମ । ଏଥିରୁ ବଳି ଦୁଃଖର ବିଷୟ କି ଅଛି ? ଆମ୍ଭ ଦେଶର ଉତ୍ପନ୍ନ ଦ୍ରବ୍ୟଦ୍ୱାରା ବିଦେଶବାସିମାନେ ଧନୀ, କିନ୍ତୁ ଆମ୍ଭେମାନେ ଯେଉଁପରି ଦରିଦ୍ର ସେହିପରି ଦରିଦ୍ର । ବ୍ରିଟିଶ୍‌ଶାସନ ସମୟରେ

ଆମ୍ଭମାନଙ୍କର ସମ୍ୟକ ପ୍ରକାର ବାଣିଜ୍ୟର ସୁପନ୍ଥା ଉନ୍ମୁକ୍ତ ହୋଇ ରହିଅଛି ତଥାପି ଆମ୍ଭେମାନେ ଏତେ ଅପରିଣାମଦର୍ଶୀ ଯେ ଅର୍ଥ ଉପାର୍ଜନଦ୍ୱାରା ଆପଣାର ଶ୍ରୀବୃଦ୍ଧି ସାଧନ କରିବାକୁ ନିଶ୍ଚେଷ୍ଟ ରହିଅଛୁଁ । ଭାଇମାନେ ! ନିଶ୍ଚେଷ୍ଟ ହୋଇ ରହିବାର ସମୟ ଆଉନାହିଁ ।

ମୋହନିଦ୍ରା ତ୍ୟାଗକର, ଆପଣାର ପରିବାର ଓ ଉତ୍ତରାଧିକାରୀଙ୍କର ଏ ଦେଶର ସମ୍ପତ୍ତି ବୃଦ୍ଧି କରିବା ନିମିତ୍ତ ''ବାଣିଜ୍ୟେ ବସତେ ଲକ୍ଷ୍ମୀଃ'' ଏହି ମହାମନ୍ତ୍ର ଜପ ଓ ସାଧନା କର । ଭାଇମାନେ ! ଏହି ଭାରତବର୍ଷ ପ୍ରଥମରୁ ଯୌଥବ୍ୟବସାୟୀ ବଣିକମାନଙ୍କ ଦ୍ୱାରା ଅଧିକୃତ ହୋଇଅଛି, ତାହା ସମସ୍ତେ ଇତିହାସରୁ ପାଠ କରିଅଛ । ଆମ୍ଭେମାନେ ଯେଉଁ ରେଲପଥରେ ଗମନାଗମନ କରୁଅଛୁଁ ଏହି ରେଲପଥ ବହୁ କୋଟି ଟଙ୍କାରେ ନିର୍ମିତ । ଏହି ମୂଳଧନ ଯୌଥକାରବାରୀ ବଣିକ-ମାନଙ୍କର । ଓଡ଼ିଶାରେ ଉଲ୍ଲେଖଯୋଗ୍ୟ ଯୌଥକାରବାର ଅଛି କି ? ଯୌଥ-କାରବାରର ମୂଳମନ୍ତ୍ର ବିଶ୍ୱାସ, ତାହା ଆମ୍ଭମାନଙ୍କ ହୃଦୟରେ ନାହିଁ । ଆମ୍ଭେମାନେ ଯାବତ୍ ସ୍ୱଦେଶବାସିଙ୍କୁ ବିଶ୍ୱାସ କରିବାକୁ ଶିକ୍ଷା ନ କରିବା ତାବତ୍ ଯୌଥକାରବାର ଆରମ୍ଭ ହେବା ଅସମ୍ଭବ । ଯୌଥ କାରବାର ନ ଚଳିବାଯାଏଁ ଦେଶର ଆର୍ଥିକ ଉନ୍ନତି ମଧ୍ୟ ହେବା ଅସମ୍ଭବ ମନେ କରୁଅଛି । ସୁଖର ବିଷୟ ଯେ ଗତବର୍ଷ ମଧ୍ୟରେ ଉତ୍କଳର ଅନେକ ସ୍ଥାନରେ ଯୌଥକାରବାର ଅନୁକରଣରେ ବ୍ୟବସାୟ ଆରମ୍ଭ ହୋଇଅଛି । ସେହି କାରବାରର ଅଂଶୀଦାରମାନେ ପରସ୍ପରକୁ ବିଶ୍ୱାସ କରିବାକୁ ଶିକ୍ଷା କରନ୍ତୁ ଓ ଲାଭବାନ ହେଉନ୍ତୁ, ଏହାହିଁ କାମନା । ଏହି କାରବାରମାନ ସୁଚାରୁରୂପେ ଚଳିଲେ ସେହି ଅନୁକରଣରେ ଅନେକ କୋମ୍ପାନୀ ଗଠିତ ହୋଇ ବ୍ୟବସାୟ ବୃଦ୍ଧି ହେବ । ପ୍ରତ୍ୟେକ ରାଜା ଓ ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ଅନୁରୋଧ ଯେ ସେମାନେ ବ୍ୟବସାୟ ବୃଦ୍ଧି ନିମିତ୍ତ ଯଥେଷ୍ଟ ଚେଷ୍ଟା କରିବେ । ଭାଇମାନେ ! ଆମ୍ଭେମାନେ ସ୍ପଷ୍ଟ ଦେଖିବାକୁ ପାଉଅଛୁ ଯେ ବାଣିଜ୍ୟ ବ୍ୟତିରେକେ ଅର୍ଥୋନ୍ନତିର ଉପାୟାନ୍ତର ନାହିଁ । ସୁତରାଂ ଅର୍ଥ ଉପାର୍ଜ୍ଜନ ନିମନ୍ତେ ସଚେଷ୍ଟ ହୁଅ, ବାଣିଜ୍ୟ ଜାତିଗତ ବ୍ୟବସାୟ ନୁହେଁ । ଲକ୍ଷ୍ମୀ ଚଣ୍ଡାଳ ଓ ବ୍ରାହ୍ମଣ ସମସ୍ତଙ୍କର ଆଶ୍ରୟ ଗ୍ରହଣ କରନ୍ତି । ଉଦ୍‌ଯୋଗରୂପ ପୂଜାରେ ଲକ୍ଷ୍ମୀ ତୃପ୍ତ । ଉଦ୍‌ଯୋଗ କର, ବାଣିଜ୍ୟର ପାଶ୍ଚାତ୍ୟ ରୀତି ଅନୁସାରେ କାରବାର ଆରମ୍ଭ କର, ଲକ୍ଷ୍ମୀ ଅଚିରେ ପ୍ରସନ୍ନ ହୋଇ ଆମ୍ଭର ଓ ଆମ୍ଭ ଦେଶର ସମୃଦ୍ଧି ବର୍ଦ୍ଧନ କରିବେ ।

ଶିଳ୍ପ – ଉତ୍କଳଦେଶ ପୁରାକାଳରୁ ଶିଳ୍ପ ପରାକାଷ୍ଠା ନିମନ୍ତେ ପ୍ରସିଦ୍ଧି ଲାଭ କରିଅଛି । ତାହାର ଜାଜ୍ଜ୍ୱଲ୍ୟମାନ ଉଦାହରଣ ଅଦ୍ୟାପି ଆମ୍ଭମାନଙ୍କର ସମକ୍ଷରେ ବିଦ୍ୟମାନ ରହିଅଛି । ପୁରୀ ବଡ଼ଦେଉଳ, ଭୁବନେଶ୍ୱର ମନ୍ଦିର, କୋଣାର୍କ

ସୂର୍ଯ୍ୟମନ୍ଦିର ଏବଂ କାଠଯୋଡ଼ି ପଥରବନ୍ଧ ଏବଂ ପୁରୀର ଅଠରନଳା ସେତୁ ପ୍ରଭୃତି ଅବଲୋକନ କରି କିଏ ବିଶ୍ୱାସ କରିବ ଯେ, ଏହି ଶିଳ୍ପକାର୍ଯ୍ୟ ଏହି ଉତ୍କଳବାସି-ମାନଙ୍କର ପୂର୍ବପୁରୁଷମାନଙ୍କ ଦ୍ୱାରା ନିର୍ମିତ । ବଡ଼ ଲଜ୍ଜା ଓ ଘୃଣାର ବିଷୟ ଯେ ଆମ୍ଭେମାନେ ଏତାଦୃଶ କାରିଗରି ଦେଖି ଆମ୍ଭମାନଙ୍କର ଦେଶର ଗୌରବ ଗାନ ନ କରି ଏହି କାର୍ଯ୍ୟମାନଙ୍କଠାରୁ ନିତାନ୍ତ ନିକୃଷ୍ଟ ମାତ୍ର ଚାକଚକ୍ୟପୂର୍ଣ୍ଣ ପାଶ୍ଚାତ୍ୟ ଧରଣର ନିର୍ମିତ ଆଧୁନିକ ଗୃହ ବା ଗୀର୍ଜା ଦେଖି ମୁଗ୍ଧ ହୋଇଥାଉଁ । ଦେଶର ଶିଳ୍ପକାର୍ଯ୍ୟ ଅବନତିର କାରଣ କଣ ? ଅନୁସନ୍ଧାନ କଲେ ଜଣାପଡ଼ିବ ଯେ, ଦେଶର ଧନୀ, ରାଜା, ଜମିଦାରମାନଙ୍କର ଅବହେଳା, ଅଶ୍ରଦ୍ଧା ହେତୁରୁ ଓ ଶିଳ୍ପକାରମାନଙ୍କୁ ଉତ୍ସାହ ନ ଦେବାରୁ ଦେଶର ଶିଳ୍ପର କ୍ରମାଗତ ଏତେ ଅବନତି ହୋଇଅଛି । ଅଦ୍ୟାପି ଓଡ଼ିଶାରେ ଅନେକ ଶିଳ୍ପକାର ଅଛନ୍ତି, ସେମାନେ ସମୁଚିତ ଉତ୍ସାହ ଲାଭରୁ ବଞ୍ଚିତ ହୋଇ ଆପଣାର ବ୍ୟବସାୟ ତ୍ୟାଗ କରିବାକୁ ବସିଅଛନ୍ତି । ଆନନ୍ଦର ବିଷୟ ଏହି ଯେ, ମଧୁସୂଦନ ଦାସ ସି.ଆଇ.ଇ. ମହୋଦୟଙ୍କ ଉତ୍ସାହ ଓ ଯତ୍ନ ବଳରେ କଟକର କେତେକ କାରିଗର ବାରାଣସୀ ନଗରସ୍ଥ ଭାରତୀୟ କୃଷିଶିଳ୍ପପ୍ରଦର୍ଶନୀରେ ସୁନା, ରୁପା ଓ ହାତୀଦାନ୍ତର ତାରକଷି କାର୍ଯ୍ୟରେ ସୁଖ୍ୟାତି ଲାଭ କରିଅଛନ୍ତି । ଏହି ମହାଶୟଙ୍କ ଉଦ୍ୟମ, ଯତ୍ନ, ପ୍ରତ୍ୟେକର ଅନୁକରଣୀୟ ।

ସାଧାରଣତଃ ଦେଖାଯାଏ ଯେ, ଶିଳ୍ପକାର୍ଯ୍ୟ ମଧ ଜାତିଗତ ବ୍ୟବସାୟ ହୋଇ ପଡ଼ିଅଛି । ଏ ହେତୁରୁ ମଧ କେତେକାଂଶରେ ଶିଳ୍ପକାର୍ଯ୍ୟର କ୍ରମାଗତ ଅବନତି ଘଟିଅଛି । ଅଧୁନାକାଳରେ ଶିଳ୍ପକାର୍ଯ୍ୟକୁ ଜାତିଗତ ବ୍ୟବସାୟ ରୂପେ ଗଣନା ନ କରି ଯେଉଁ ଶିଳ୍ପକାର୍ଯ୍ୟ ପ୍ରତି ଯାହାର ମମତା ସେହି ବ୍ୟକ୍ତି ସେହି କାର୍ଯ୍ୟ ଶିକ୍ଷା କଲେ ସହଜରେ ଶିଳ୍ପର ଉନ୍ନତି ହେବ ବୋଲି ଅନୁମାନ ହୁଏ । ଶିଳ୍ପଶିକ୍ଷା ନିମନ୍ତେ ନାନା ସ୍ଥାନରେ ସ୍କୁଲ ସ୍ଥାପନ ହେବା ବାଞ୍ଛନୀୟ । ବଡ଼ ଆନନ୍ଦର ବିଷୟ ଏହି ଯେ ମୟୂରଭଞ୍ଜରେ ଗୋଟିଏ ନୂତନ 'ଟେକ୍‌ନିକାଲ୍' ସ୍କୁଲ ମହାନୁଭବ ଯୋଗେଶବାବୁଙ୍କ ଯତ୍ନରେ ସ୍ଥାପିତ ହୋଇଅଛି । ସୁତରାଂ ସେ ମହାଶୟଙ୍କଠାରେ ଓଡ଼ିଶା ଋଣୀ ଅଟେ । ଓଡ଼ିଶାରେ ଓ ଗଡ଼ଜାତମାନଙ୍କରେ କମାର ଓ ବଢ଼େଇ ଅଛନ୍ତି । ସେମାନଙ୍କୁ ଉତ୍ସାହ ଦେଲେ ସେମାନେ ଅତି ସୁନ୍ଦର ସୁନ୍ଦର ପଦାର୍ଥ ନିର୍ମାଣ କରିବାକୁ କ୍ଷମ ହୋଇପାରନ୍ତି । ବୋଧହୁଏ ଏଠାରେ କହିଲେ ଅସଙ୍ଗତ ହେବନାହିଁ ଯେ ମୋର ତାଳଚେର ରାଜ୍ୟରେ କେତେଜଣ କାରିଗର ଅଛନ୍ତି, ସେମାନଙ୍କ ଲୌହ ଓ କାଷ୍ଠକାର୍ଯ୍ୟ ଦେଖି ମୁଁ ବିଶେଷ କୌତୁହଳାକ୍ରାନ୍ତ ହୋଇ ସେମାନଙ୍କୁ ଉତ୍ସାହ ଦେବାରୁ, ସେମାନେ ଅତି ସୁନ୍ଦର ସୁନ୍ଦର ଚାକୁ, ଗୁପ୍ତି ଓ ଭୁଜାଲି ନିର୍ମାଣ କରିବାକୁ କ୍ଷମ ହୋଇଅଛନ୍ତି । ସେମାନଙ୍କଦ୍ୱାରା ଏପରି ସୁଦୃଶ୍ୟ ବସ୍ତୁମାନ ନିର୍ମିତ ହୋଇପାରିବ,

ମୋର ଆଶା ନ ଥିଲା । ମୁଁ ଏହି କାରିଗରମାନଙ୍କ କାର୍ଯ୍ୟରେ ତୁଷ୍ଟ ହୋଇ ଏହି ଲୌହ ଓ କାଷ୍ଠକାର୍ଯ୍ୟର ଉତ୍ତରୋତ୍ତର ଉନ୍ନତି ଇଚ୍ଛାରେ କେତେକ ଅଳ୍ପ ବୟସ୍କ ବ୍ୟକ୍ତିଙ୍କୁ କାର୍ଯ୍ୟ ଶିକ୍ଷା ଦେବା ନିମନ୍ତେ କାରିଗର ନିଯୁକ୍ତ କରିଦେଇଅଛି । ଏତାଦୃଶ ପଦାର୍ଥ ତାଳଚେର ଛଡ଼ା ଅନ୍ୟାନ୍ୟ କେତେକ ଗଡ଼ଜାତରେ ମଧ୍ୟ ସୁଚାରୁରୂପେ ନିର୍ମିତ ହେଉଅଛି । ଅତଏବ ଶିଳ୍ପବିଦ୍ୟା ପ୍ରତି ମନୋଯୋଗ ଆକର୍ଷଣ କରା ସମସ୍ତଙ୍କର ନିତାନ୍ତ କର୍ତ୍ତବ୍ୟ ।

**ବନ୍ୟଜାତ ଦ୍ରବ୍ୟ** – ଆମ୍ଭ ଗଡ଼ଜାତ ଅଞ୍ଚଳର ଜଙ୍ଗଲରେ ନାନା ପ୍ରକାର ଫୁଲ, ଫଳ, ଛାଲି, ପତ୍ର ଓ ଫଳରେଣୁ ପଟ ଇତ୍ୟାଦିର ଅଭାବ ନାହିଁ । ମାତ୍ର ଏହି ପଦାର୍ଥମାନ ଅସଭ୍ୟ ଜାତିମାନେ ଯେପରି ବ୍ୟବହାର କରନ୍ତି, ସେପରି ଏହାର ସଦ୍‌ବ୍ୟବହାର ହୋଇପାରୁନାହିଁ । ଏହି ପଦାର୍ଥ ବ୍ୟବହାର ଶିକ୍ଷା କରିବା କର୍ତ୍ତବ୍ୟ, ତଦ୍ୱାରା ଅନେକ ଉପକାର ଓ ଅର୍ଥୋପାର୍ଜନ ହେବାର ଦେଖାଯାଏ । ମାତ୍ର ଏ ବିଷୟରେ ଆମ୍ଭେମାନେ ନିତାନ୍ତ ନିଶ୍ଚେଷ୍ଟ, ମୋ ମତରେ ଏ ପଦାର୍ଥମାନଙ୍କର ନାମ, ଗୁଣ ଲେଖିରଖିବା ଉଚିତ । ସମୟରେ ଏହି ପଦାର୍ଥମାନଙ୍କର ନାନା ପରୀକ୍ଷା କରାଯିବାର ମଧ୍ୟ ଉଚିତ ।

**ସ୍ତ୍ରୀଶିକ୍ଷା** – ଭାରତ ଗବର୍ଣ୍ଣମେଣ୍ଟଙ୍କ ପ୍ରଚାରିତ ରୀତ୍ୟନୁସାରେ ଆମ୍ଭମାନଙ୍କ ଦେଶରେ ଅନେକ ଦିନରୁ ଶିକ୍ଷାକାର୍ଯ୍ୟ ନିର୍ବାହ ହେଉଅଛି । ଗବର୍ଣ୍ଣମେଣ୍ଟ ଯେଉଁ ନିୟମ ପ୍ରଚାର କରିଅଛନ୍ତି, ତଦନୁସାରେ ପ୍ରାଥମିକ ଶିକ୍ଷା କାର୍ଯ୍ୟ ଚଳୁଅଛି । ଏ ସମ୍ବନ୍ଧେ ଆମ୍ଭମାନଙ୍କର କୌଣସି କଥା କହିବାର ନାହିଁ । ତେବେ ଓଡ଼ିଆ ଭାଷାରେ ଦୁଇ ଚାରିଖଣ୍ଡ ଭିନ୍ନ ଉଚ୍ଚଧରଣର ସାହିତ୍ୟ ପୁସ୍ତକ ନ ଥିବାରୁ ଏବଂ ଅଧୁନା ପ୍ରଚଳିତ ସ୍କୁଲ ପାଠ୍ୟପୁସ୍ତକ ଅଧ୍ୟୟନରୁ ଛାତ୍ରମାନଙ୍କର ଭାଷାଭିଜ୍ଞତା କ୍ରମାଗତ ହ୍ରାସ ହେବାର ଅନୁମାନ କରୁଅଛି । ଛାତ୍ରମାନେ କ୍ରମାଗତ କି ଉପାୟରେ ଓଡ଼ିଆ ଭାଷାରେ ଉତ୍ତମରୂପେ ଅଭିଜ୍ଞତା ଲାଭ କରିପାରିବେ ତତ୍‌ପ୍ରତି ଦୃଷ୍ଟି ଦେବା ଆମ୍ଭମାନଙ୍କ କର୍ତ୍ତବ୍ୟ ।

ବାଳକମାନଙ୍କର ଶିକ୍ଷା ସମ୍ବନ୍ଧରେ ଆମ୍ଭମାନଙ୍କ ଦେଶରେ ଯେତେ ପାଠଶାଳା ସ୍ଥାପିତ ହୋଇଅଛି, ସ୍ତ୍ରୀଶିକ୍ଷା ସମ୍ବନ୍ଧରେ କିଛିମାତ୍ର କରାଯାଇ ନାହିଁ । ପ୍ରାଚୀନ କାଳରେ ସ୍ତ୍ରୀମାନଙ୍କୁ ସୁଶିକ୍ଷା ଦିଆଯାଉଥିଲା । ଏଥିର ଉଦାହରଣ ଇନ୍ଦୁମତୀ ଓ ଲୀଳାବତୀ । ଯେଉଁ ଦିନଠାରୁ ଅବରୋଧ କଠୋର ପ୍ରଥା ପ୍ରଚଳିତ ହେଲା, ସେହି ଦିନଠାରୁ ଆମ୍ଭ ଦେଶର ସ୍ତ୍ରୀମାନେ ଅର୍ଦ୍ଧଶିକ୍ଷିତା ଓ ଅଶିକ୍ଷିତା ହୋଇ ରହିଲେ । ସ୍ତ୍ରୀମାନେ ଶିକ୍ଷା ପ୍ରାପ୍ତ ହେଉଥିଲେ; ଏହା କାହାରି ହୃଦୟରେ ସ୍ଥାନ ପାଇଲା ନାହିଁ । ସ୍ତ୍ରୀମାନେ ଗୃହକର୍ମ କରିବା ନିମନ୍ତେ ସୃଷ୍ଟ; ସେମାନଙ୍କର ଶିକ୍ଷାରେ ନିଷ୍ପ୍ରୟୋଜନ

ଏହି ଭାବ ସମସ୍ତଙ୍କ ହୃଦୟରେ ସ୍ଥାନ ପ୍ରାପ୍ତ ହେଲା । ସୁତରାଂ କ୍ରମାଗତ ସ୍ତ୍ରୀଶିକ୍ଷା ସମାଜରୁ ଅନ୍ତର୍ହିତ ହେଲା । ଆଜିକାଲି ସାଧାରଣ ସ୍ତ୍ରୀଶିକ୍ଷାର କଥା ଉତ୍ତୋଳନ କଲେ ରକ୍ଷଣଶୀଳ ଦଳ ଖଡ୍‌ଗହସ୍ତ ହୋଇଉଠନ୍ତି । ଭାଇମାନେ, ପରମ୍ପରା ରୀତି ଅନୁକରଣ କରିଥିବାରୁ ଆପାତତଃ ସ୍ତ୍ରୀଶିକ୍ଷା ଅସଙ୍ଗତ ବୋଧ ହେଉଅଛି ବୋଲି କି "କନ୍ୟାପ୍ୟେବ ପାଳନୀୟା ଶିକ୍ଷଣୀୟାପି ଯତ୍ନତଃ" ଏହି ଉପଦେଶ ବାକ୍ୟକୁ ହୃଦୟରେ ସ୍ଥାନ ଦେବା ନାହିଁ ? କନ୍ୟାକୁ ଲାଳନପାଳନ କରି ବୟସ୍କା ହେଲାରୁ ପରହସ୍ତ କରିବା ହିଁ କି ପିତାର ଏକମାତ୍ର ଧର୍ମ ? କନ୍ୟାକୁ ଶିକ୍ଷିତା କରିବା କି ତାହାଙ୍କର କର୍ତ୍ତବ୍ୟ କାର୍ଯ୍ୟ ନୁହେଁ ?

ଶୈଶବାବସ୍ଥାରେ କନ୍ୟାକୁ ଯଥାଯୋଗ୍ୟ ଭରଣାଚ୍ଛାଦନ ଦେଇ ପାଳନ ନ କରିବା ଯେପରି ପିତାର ତ୍ରୁଟି ତଦ୍ରୂପ କନ୍ୟାକୁ ଉପଯୁକ୍ତ ଶିକ୍ଷା ନ ଦେବା ପିତାର ଗୁରୁତର ତ୍ରୁଟି ।

ଭାଇମାନେ ! ଯଦିଚ ସ୍ତ୍ରୀଜାତିକୁ ସୁଲକ୍ଷଣୀ କରିବାର ମାନସ ଥାଏ, ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଅ । ଯଦି ଦେଶରେ ସୁ-କନ୍ୟା, ସୁ-ଗୃହିଣୀ, ସୁ-ଜନନୀ ଦେଖିବାକୁ ଇଚ୍ଛାକର, ତେବେ ସ୍ତ୍ରୀଜାତିକୁ ସୁଶିକ୍ଷା ପ୍ରଦାନ କର । ବାଳକର ଜୀବନ ଜନନୀର ଓ ପାଳନକର୍ତ୍ତ୍ରୀର ଅନୁକରଣରେ ଗଠିତ ହୁଏ । ଯେବେ ଶିଶୁ ଆଦର୍ଶ ଜନନୀ ଓ ପାଳନକର୍ତ୍ତ୍ରୀ ପାଏ ତାହାହେଲେ ତାହାର ଜୀବନ ବି ଉଚ୍ଚତର ହୋଇପାରିବ । ଏକଦା ଏକ ମହାତ୍ମା ବ୍ୟକ୍ତ କରିଥିଲେ ଯେ, "ମୋର ଯାହା ସଦ୍‌ଗୁଣ ଅଛି, ତାହା ଜନନୀଙ୍କଠାରୁ ଶିକ୍ଷା କରିଅଛି ।"

ଏତାଦୃଶ ଉପଯୁକ୍ତ ଜନନୀ ପାଇବାକୁ କାହାର ଇଚ୍ଛା ନାହିଁ । ସ୍ତ୍ରୀଶିକ୍ଷା ଦେବା ସମ୍ବନ୍ଧେ ସମସ୍ତେ ବର୍ତ୍ତମାନ ଉତ୍ସୁକ ଥିବାର ଜଣାଯାଏ, ମାତ୍ର ତତ୍‌ବିଷୟରେ କେହି ଉଦ୍‌ଯୋଗୀ ଥିବାର ଦେଖାଯାଉ ନାହିଁ । ଆମ୍ଭମାନଙ୍କ ଦେଶରେ ଦୂର ଭବିଷ୍ୟତରେ ସୁପୁତ୍ର ଜନ୍ମହୋଇ ଦେଶର ମୁଖୋଜ୍ଜ୍ୱଳ କରିବା ଆଶାରେ ସମସ୍ତ ଶୈଥିଲ୍ୟ ତ୍ୟାଗ କରି ସ୍ତ୍ରୀଶିକ୍ଷାର ସୁପନ୍ଥା ଉଦ୍ଭାବନ କରାଯିବା ଏକାନ୍ତ କର୍ତ୍ତବ୍ୟ । ଆଜିଯାଏ ସ୍ତ୍ରୀଶିକ୍ଷାର ପନ୍ଥା କରାଯାଇ ନ ଥିବା ସ୍ଥଳେ ଉଚ୍ଚଶିକ୍ଷା ସମ୍ବନ୍ଧେ କହିବା ନିଷ୍ପ୍ରୟୋଜନ । ମାତ୍ର ସ୍ତ୍ରୀଶିକ୍ଷା ନିମନ୍ତେ ନାନା ସ୍ଥାନରେ ବିଦ୍ୟାଳୟ ସ୍ଥାପନ କରାଯାଇ ସେମାନଙ୍କୁ ଯଥାଯୋଗ୍ୟ ବିଦ୍ୟାଶିକ୍ଷା ଦେବା କର୍ତ୍ତବ୍ୟ । ଆମ୍ଭମାନଙ୍କ ଦେଶରେ ସ୍ତ୍ରୀଶିକ୍ଷା ନିମନ୍ତେ ଗବର୍ଣ୍ଣମେଣ୍ଟ ଅଧୁନା ନାନାସ୍ଥାନରେ ସ୍କୁଲ ସ୍ଥାପନ କରୁଥିବାରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛି । ମଧ ଶୁଣି ଖୁସି ହେଲି ଯେ କଟକର ସ୍ୱର୍ଗୀୟ ସାଧୁଚରଣ ରାୟଙ୍କ ବିଧବା ପତ୍ନୀ ଶ୍ରୀମତୀ ରେବା ରାୟ ମହାଶୟା ନିଜ ଗୃହରେ ଏକ ଆଦର୍ଶ ବାଳିକା ବିଦ୍ୟାଳୟ ସ୍ଥାପନ କରି ଭଦ୍ରମହିଳାମାନଙ୍କୁ ପାକପ୍ରଣାଳୀ,

ଚିତ୍ରବିଦ୍ୟା, ସଙ୍ଗୀତବିଦ୍ୟା ଏବଂ ସିଲାଇ ଶିକ୍ଷାଦାନର ଉପଯୁକ୍ତ ବନ୍ଦୋବସ୍ତ କରିଅଛନ୍ତି । ଏ ମହୋଦୟାଙ୍କର ଅଭିଳାଷ ଅତି ଉଚ୍ଚ ସୁତରାଂ ଅଦ୍ୟ ସଭାରେ ତାଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛି ।

**ଜୀବନଚରିତ –** "ଶତ ଶତ ଶୁଷ୍କ ଉପଦେଶ ଅପେକ୍ଷା ଗୋଟିଏ ସତ ଉଦାହରଣ ଅଧିକ ମୂଲ୍ୟବାନ୍ ।" ଜୀବନ୍ତ ଉଦାହରଣ ସମସ୍ତଙ୍କର ଭାଗ୍ୟରେ ସର୍ବଦା ଘଟିପାରେ ନାହିଁ । ସୁତରାଂ ଉଦାହରଣସ୍ୱରୂପ ଅନୁକରଣ କରି ସୁପଥରେ ଚାଲିବା ନିମନ୍ତେ ଜାତୀୟ ସାହିତ୍ୟରେ ମହଜ୍ଜନମାନଙ୍କର ଜୀବନଚରିତ ଲିଖିତ ହୋଇ ରହିବା ଉଚିତ । ଇୟୁରୋପ ପ୍ରଭୃତି ଦେଶରେ ଯେ କେହି ସତ୍‌କାର୍ଯ୍ୟ କରୁନାହିଁ କାହିଁକି, ତାହାର ଖଣ୍ଡେ ଜୀବନଚରିତ ନିଶ୍ଚୟ ଲେଖାହୋଇ ରହିବ । ମାତ୍ର ଆମ୍ଭମାନଙ୍କ ଦେଶର ସାହିତ୍ୟଭଣ୍ଡାରରେ ଦେଶର ଉପଯୁକ୍ତ ବ୍ୟକ୍ତିମାନଙ୍କର ଜୀବନୀ ନାହିଁ । ସୁତରାଂ ଓଡ଼ିଶାର ମହଜ୍ଜନମାନଙ୍କର ଜୀବନଚରିତ ସଂକଳିତ ହେବାର ନିତାନ୍ତ କର୍ତ୍ତବ୍ୟ ।

ଭାଇମାନେ ! ଉପସଂହାରରେ ବକ୍ତବ୍ୟ ଏହି ଯେ, ଆମ୍ଭମାନଙ୍କର ଓଡ଼ିଶା ଦେଶରେ ନାନାପ୍ରକାର ଅଭାବମାନ ରହିଅଛି ଏବଂ ଏକ ଏକ କରି ପ୍ରକାଶ କଲେ ବହୁ ସମୟସାପେକ୍ଷ । ସୁତରାଂ ସମସ୍ତ ବିଷୟ ବ୍ୟକ୍ତ କରି ସମୟ ଅତିବାହିତ କରିବାକୁ ଇଚ୍ଛାକରେ ନାହିଁ । ଆମ୍ଭମାନଙ୍କର ପ୍ରାଚୀନ ସାହିତ୍ୟ ମଧ୍ୟରେ କେତେକ ପୁସ୍ତକ ଓଜସ୍ୱିନୀ ଭାଷାରେ ଓ ପ୍ରାଞ୍ଜଳ ଭାବରେ ଲିଖିତ ହୋଇଅଛି । ବୋଧହୁଏ ଏହି ସାହିତ୍ୟ ପୁସ୍ତକମାନ ଆଦି-ରସାଶ୍ରିତ ନ ଥିଲେ ଅନ୍ୟାନ୍ୟ ସାହିତ୍ୟମାନଙ୍କ ମଧ୍ୟରେ ଉଚ୍ଚାସନ ପାଇଥାନ୍ତା । ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନଙ୍କ ମୃତ୍ୟୁପରେ କେତେକାଳ ଓଡ଼ିଆ ସାହିତ୍ୟପ୍ରଣେତାଙ୍କର ଦେଖା ନ ଥିଲା ବୋଇଲେ ଅତ୍ୟୁକ୍ତି ନୁହେଁ । ଯାହାହେଉ କବିବର ରାଧାନାଥ ରାୟ ଓ ଭକ୍ତକବି ମଧୁସୂଦନ ରାଓ ପ୍ରଭୃତି ଆଧୁନିକ କବିମାନେ କେତେଖଣ୍ଡ ପୁସ୍ତକ ପ୍ରଣୟନପୂର୍ବକ ସାହିତ୍ୟର ପୁନର୍ଜୀବନ ପ୍ରଦାନ କରିଅଛନ୍ତି । ସାହିତ୍ୟହିଁ ଉନ୍ନତ ଜାତିର ପରିଚାୟକ । ସୁତରାଂ ଉଚ୍ଚ ଧରଣର ସାହିତ୍ୟ ପୁସ୍ତକ ପ୍ରଣୟନ କରି ତାହା ମୁଦ୍ରିତ କରି ରଖିବା ସମସ୍ତ ଉତ୍କଳଭାଷିଙ୍କର କର୍ତ୍ତବ୍ୟ । ଭାଇମାନେ ! ସମସ୍ତ କାର୍ଯ୍ୟର ଉନ୍ନତି କରିବାକୁ ଗଲେ ଏକତାର ଆବଶ୍ୟକ । ଏହା ପୂର୍ବେ ମୁଁ ପ୍ରକାଶ କରିଥିଲେ ମଧ୍ୟ ପୁନର୍ବାର ତାହା ଆପଣମାନଙ୍କ ସମକ୍ଷରେ ପ୍ରକାଶ କରୁଅଛି । ଏକତା ଭିନ୍ନ ଆମ୍ଭମାନଙ୍କର ଉନ୍ନତି ମାର୍ଗ ଉନ୍ମୁକ୍ତ କରିବାର ଅନ୍ୟ ପନ୍ଥା ନାହିଁ । ଏଣୁ ଭାଇମାନେ ! ଦେଶର ଉନ୍ନତି କଳ୍ପନାରେ ସର୍ବପ୍ରକାର ଅଭିମାନ ତ୍ୟାଗକରି ଏକ ହୁଅ । ସ୍ୱାର୍ଥ, ଦ୍ୱେଷ, ହିଂସା ପରିତ୍ୟାଗ କରି ଦେଶରେ ଉନ୍ନତି କାମନାରେ ବଦ୍ଧପରିକର ହୁଅ । ମୋର ଆଜି

କି ସୌଭାଗ୍ୟ ଯେ ଆପଣମାନଙ୍କ ଶୁଭ ଦର୍ଶନ ପାଇ ଆପଣାକୁ ଚରିତାର୍ଥ ମନେ କରିଅଛି । ଆପଣମାନେ ମୋ ପ୍ରତି ଯେ ସମ୍ମାନ ପ୍ରଦର୍ଶାଇ ଅଛନ୍ତି ତହିଁ ନିମନ୍ତେ ଆପଣମାନଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛି । ପୁନର୍ବାର ମଙ୍ଗଳନିଧାନ ପରମେଶ୍ୱରଙ୍କଠାରେ ପ୍ରାର୍ଥନା ଯେ ସେ ସଭାର ହିତୈଷୀମାନଙ୍କୁ ସୁସ୍ଥ ରଖି ସଭାର ଉତ୍ତରୋତ୍ତର ଶ୍ରୀବୃଦ୍ଧି ସାଧନ କରନ୍ତୁ ।

## ତୃତୀୟ ଅଧିବେଶନରେ ଗୃହୀତ ପ୍ରସ୍ତାବାବଳୀ

**ପ୍ରଥମ ପ୍ରସ୍ତାବ** – ବଙ୍ଗଳା ଓ ମାନ୍ଦ୍ରାଜ ପ୍ରେସିଡେନ୍‌ସିଭୁକ୍ତ ଉତ୍କଳଭାଷୀ ପ୍ରଦେଶସମୂହର ରାଜା, ଜମିଦାର ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ସଂଘଟିତ ଏହି ସମ୍ମିଳନୀର, ଭାରତବର୍ଷର ସର୍ବପ୍ରଧାନ ରାଜପ୍ରତିନିଧି ଓ ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଗଭର୍ଣ୍ଣର ଓ ବଙ୍ଗଳା ହତାର ଲେଫ୍ଟନେଣ୍ଟ ଗଭର୍ଣ୍ଣର ମହୋଦୟଗଣ ଭାରତୀୟ କୃଷି, ଶିଳ୍ପ, ବିଜ୍ଞାନ ଓ ସାହିତ୍ୟର ଉତ୍କର୍ଷ ସାଧନ ନିମିତ୍ତ ବିଶେଷ ଚେଷ୍ଟା ଓ ବିହିତ ଉପାୟ ଅବଲମ୍ବନ କରୁଥିବାରୁ ସେମାନଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ପ୍ରଦର୍ଶନ କରୁଅଛନ୍ତି ଏବଂ ପ୍ରସ୍ତାବର ଏକ ଏକ ଖଣ୍ଡ ପ୍ରତିଲିପି ଉକ୍ତ ରାଜପ୍ରତିନିଧିମାନଙ୍କର ପ୍ରାଇଭେଟ୍ ସେକ୍ରେଟରୀମାନଙ୍କ ନିକଟକୁ ପ୍ରେରଣ କରାଯିବାର ନିର୍ଦ୍ଧାରଣ କରନ୍ତି ।

ପ୍ରସ୍ତାବକ – ବାବୁ ହରିହର ପଣ୍ଡା
ଅନୁମୋଦକ – ରାଜା ବୈକୁଣ୍ଠନାଥ ଦେ ବାହାଦୁର
ସମର୍ଥକ – ସାମନ୍ତ ରାଧାଚରଣ ଦାସ

**ଦ୍ୱିତୀୟ ପ୍ରସ୍ତାବ** – ମହାମାନ୍ୟ ଭାରତ ସମ୍ରାଟଙ୍କ ରାଜପ୍ରତିନିଧିମାନେ ଉତ୍କଳ ଓ ସମ୍ବଲପୁର ପ୍ରଦେଶର ଉତ୍କଳଭାଷୀ ଜନସମୂହକୁ ଏକଶାସନାଧୀନ କରିଥିବାରୁ ସେମାନଙ୍କ ପ୍ରତି ଏହି ସମ୍ମିଳନୀ ହୃଦୟର ଗଭୀର କୃତଜ୍ଞତା ପ୍ରଦର୍ଶନ କରୁଅଛନ୍ତି ଏବଂ ଗଞ୍ଜାମ ସହ ସମଗ୍ର ଉତ୍କଳଭାଷୀ ପ୍ରଦେଶମାନ ନିକଟ ଭବିଷ୍ୟତରେ ଏକତ୍ରୀଭୂତ ହୋଇ ଏକଶାସନାଧୀନ ହେବାର ବିଶେଷ ଆଶା କରନ୍ତି ।

ପ୍ରସ୍ତାବକ – ରାଜା ବୈକୁଣ୍ଠନାଥ ଦେ ବାହାଦୁର
ଅନୁମୋଦକ – ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ.
ସମର୍ଥକ – ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର
ଶ୍ରୀଯୁକ୍ତ କଳ୍ପତରୁ ଦାସ
ଶ୍ରୀଯୁକ୍ତ ବନୋୟାରୀଲାଲ ମିତ୍ର, ବି.ଏ.
ଶ୍ରୀଯୁକ୍ତ ଅଭିରାମ ଭଞ୍ଜ, ଏମ୍.ଏ., ବି.ଏଲ୍.

**ତୃତୀୟ ପ୍ରସ୍ତାବ** – ଓଡ଼ିଶା ବିଭାଗର କମିଶନର ଏଫ୍.ଡବ୍ଲିଉ. ଡିଉକ୍,

ଆଇ.ସି.ଏସ୍. ବାଲେଶ୍ୱର ଜିଲାର ଭୂତପୂର୍ବ ମାଜିଷ୍ଟ୍ରେଟ୍-କଲେକ୍ଟର ଡବ୍ଲିଉ୍ ଇଜର୍ଟନ ଆଇ.ସି.ଏସ୍. ଏବଂ ବାଲେଶ୍ୱର ଜିଲାର ବର୍ତ୍ତମାନ ଅସ୍ଥାୟୀ ମାଜିଷ୍ଟ୍ରେଟ୍-କଲେକ୍ଟର ମୌଲବୀ ଅବଦୁସ୍ ସାଲେମ ଏମ୍.ଏ.ଙ୍କର ଏହି ସମ୍ମିଳନୀ ପ୍ରତି ବିଶେଷ ସହାନୁଭୂତି ଥିବାରୁ ସମ୍ମିଳନୀ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ପ୍ରସ୍ତାବକ — ସାମନ୍ତ ରାଧାଚରଣ ଦାସ
ଅନୁମୋଦକ — ରାଜା ବୈକୁଣ୍ଠ ନାଥ ଦେ ବାହାଦୁର
ସମର୍ଥକ — ବାବୁ ଭାଗବତ ପ୍ରସାଦ ମହାପାତ୍ର
ବାବୁ ଲାଲମୋହନ ଦାସ

**ଚତୁର୍ଥ ପ୍ରସ୍ତାବ** — ଏହି ସମ୍ମିଳନୀର ପୃଷ୍ଠପୋଷକ ଓଡ଼ିଶାର ଭୂତପୂର୍ବ କମିଶନର ଇ.ଏଫ୍. ଗ୍ରାଉସ୍, ଆଇ.ସି.ଏସ୍., କେନ୍ଦୁଝରର ଭୂତପୂର୍ବ ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେବ, ପାରଳାଖେମିଡ଼ିର ରାଜା ଗଜପତି ଗୌରଚନ୍ଦ୍ର ନାରାୟଣ ଦେବ ସି.ଆଇ.ଇ., ଖଣ୍ଡପଡ଼ାର ରାଜା ନଟବର ମର୍ଦ୍ଦରାଜ ହରିଚନ୍ଦନ, ହିନ୍ଦୋଳନର ରାଜା ଜନାର୍ଦ୍ଦନ ଜଗଦ୍ଦେବ, ବାଲେଶ୍ୱରର ଜମିଦାର ସାମନ୍ତ ରାଜନାରାୟଣ ଦାସ ଓ କଟକର ଗଭର୍ଣ୍ଣମେଣ୍ଟ ଉକିଲ ଓ ଜମିଦାର ରାୟ ହରିବଲ୍ଲଭ ଘୋଷ ବାହାଦୁର ଗତବର୍ଷ ଅକାଳରେ କାଳଗ୍ରାସରେ ପତିତ ହୋଇଥିବାରୁ ଏହି ସମ୍ମିଳନୀସଭା ଆନ୍ତରିକ ଦୁଃଖ ପ୍ରକାଶ କରୁଅଛନ୍ତି ଏବଂ ଏହି ପ୍ରସ୍ତାବର ଏକ ଏକ ଖଣ୍ଡ ପ୍ରତିଲିପି ସେମାନଙ୍କ ବଂଶଧରମାନଙ୍କ ନିକଟକୁ ପ୍ରେରଣ କରିବାର ନିର୍ଦ୍ଧାରଣ କରୁଅଛନ୍ତି ।

ପ୍ରସ୍ତାବକ — ମିଃ. ମଧୁସୂଦନ ଦାସ ସି.ଆଇ.ଇ.
ଅନୁମୋଦକ — ଶ୍ରୀଯୁକ୍ତ ଫକୀରମୋହନ ସେନାପତି
ସମର୍ଥକ — ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ
ଶ୍ରୀଯୁକ୍ତ ରାମଚନ୍ଦ୍ର ଦାଶ
ଶ୍ରୀଯୁକ୍ତ ଅଭିରାମ ଭଞ୍ଜ
ଶ୍ରୀଯୁକ୍ତ ରାଜା ବୈକୁଣ୍ଠନାଥ ଦେ ବାହାଦୁର

**ପଞ୍ଚମ ପ୍ରସ୍ତାବ** — ଉତ୍କଳ ପ୍ରଦେଶରେ ସ୍ଥାପିତ ପ୍ରାଦେଶିକ କୃଷି ସମିତିର କାର୍ଯ୍ୟ ନିର୍ବାହ ଉଦ୍ଦେଶ୍ୟରେ ଉତ୍କଳର ବିଭିନ୍ନ ସ୍ଥାନର ମୃତ୍ତିକା ପରୀକ୍ଷା, କେଉଁ ମୃତ୍ତିକା କିପରି ଶସ୍ୟୋତ୍ପାଦନର ଉପଯୋଗୀ ଏବଂ କେଉଁ ଶସ୍ୟରେ କିପରି ସାର ପ୍ରଯୋଜ୍ୟ — ତତ୍ସମସ୍ତ ସ୍ଥିର କରିବା ନିମନ୍ତେ ଗଭର୍ଣ୍ଣମେଣ୍ଟ ଇନ୍ସ୍‌ପେକ୍ଟର ନିଯୁକ୍ତ କରୁଅଛନ୍ତି । ଏହି ସୁଯୋଗରେ ତାହାଙ୍କର ବିଶେଷ ସହାୟତା କରିବା ଓ ତାହାଙ୍କ ପରାମର୍ଶାନୁଯାୟୀ କୃଷକମାନଙ୍କୁ ଉତ୍କୃଷ୍ଟ ବୀଜ ବିତରଣ କରିବା ସମ୍ମିଳନୀ ଉଚିତ

ବିବେଚନା କରନ୍ତି ଓ କଟକର ଆଦର୍ଶ କୃଷିକ୍ଷେତ୍ରରେ କୃଷକପୁତ୍ରମାନଙ୍କୁ ଶିକ୍ଷା ଦେବାର ବ୍ୟୟ ବହନ କରିବା ନିମନ୍ତେ ସମ୍ମିଳନୀପକ୍ଷରୁ ଉଚିତ ବିଧାନ ଓ ତତ୍‌ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କ ଅନୁଷ୍ଠିତ ଚେଷ୍ଟାପ୍ରତି ସମ୍ପୂର୍ଣ୍ଣ ସହାନୁଭୂତି ଓ ସହାୟତା ପ୍ରଦର୍ଶନପୂର୍ବକ କାର୍ଯ୍ୟ କରିବା ସମ୍ମିଳନୀ କର୍ତ୍ତବ୍ୟ ବିବେଚନା କରନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ହରେନ୍ଦ୍ର ନାରାୟଣ ରାୟ ମହାଶୟ, ଏମ୍.ଏ.
ଅନୁମୋଦକ — ଶ୍ରୀଯୁକ୍ତ ଅଭିରାମ ଭଞ୍ଜ
ସମର୍ଥକ — ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର
ଶ୍ରୀଯୁକ୍ତ ଶାମସେନ ରାଉତ
ଶ୍ରୀଯୁକ୍ତ ବାସୁଦେବ ପଟ୍ଟନାୟକ

**ଷଷ୍ଠ ପ୍ରସ୍ତାବ —** ସମ୍ମିଳନୀକର୍ତ୍ତୃକ ଚମଡ଼ାର କାରଖାନା ସ୍ଥାପନ କରିବା ନିମିତ୍ତ ଭାରପ୍ରାପ୍ତ ସମିତିର ସଭ୍ୟବୃନ୍ଦ କଟକରେ ଚମଡ଼ାର କାରଖାନା ସ୍ଥାପନ କରିଥିବାରୁ ଏହି ସମ୍ମିଳନୀ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛନ୍ତି ଏବଂ ସମ୍ମିଳନୀ ମତରେ ଉକ୍ତ କାରଖାନାକୁ କୃତକାର୍ଯ୍ୟ ବ୍ୟବସାୟରେ ପରିଣତ କରିବା ନିମନ୍ତେ ପ୍ରତ୍ୟେକ ଉତ୍କଳୀୟଙ୍କର ବିଶେଷ ଚେଷ୍ଟା କରିବା କର୍ତ୍ତବ୍ୟ ଅଟେ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ଦୈତ୍ୟାରୀ ପ୍ରସାଦ ଦାସ, ବି.ଏ., ବି.ଏଲ୍.
ଅନୁମୋଦକ — ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ମୁଖର୍ଜି, ବି.ଏ., ବି.ଏଲ୍.
ସମର୍ଥକ — ଶ୍ରୀଯୁକ୍ତ କାଶୀନାଥ ମହାପାତ୍ର
ଶ୍ରୀଯୁକ୍ତ ଚୌଧୁରୀ ନରେନ୍ଦ୍ରନାରାୟଣ ଦାସମହାପାତ୍ର

**ସପ୍ତମ ପ୍ରସ୍ତାବ —** କଟକରେ ଆଧୁନିକ ଉନ୍ନତ ନୂତନ ଫ୍ଲାଇଶଟଲ୍ ତନ୍ତରେ ଅଳ୍ପ ସମୟ ଓ ପରିଶ୍ରମରେ ଅଧିକ ପରିମାଣ ଲୁଗାବୁଣା କାର୍ଯ୍ୟ ଶିକ୍ଷା ଦେବାର କାରଖାନା ସ୍ଥାପିତ ହୋଇଅଛି । କୌଣସି ବ୍ୟକ୍ତି କୌଣସି ତନ୍ତିକୁ ନିଜ ବ୍ୟୟରେ ଉକ୍ତ କାର୍ଯ୍ୟ ଶିକ୍ଷାଦେବାର ଇଚ୍ଛା କଲେ ସେଠାକୁ ପଠାଇପାରନ୍ତି । ଗରିବ ତନ୍ତିଙ୍କୁ ଉକ୍ତ କାର୍ଯ୍ୟ ଶିକ୍ଷାଦେବା ନିମନ୍ତେ ବୃତ୍ତିବିଧାନ କରିବା ଓ ସେମାନେ ଶିକ୍ଷିତ ହୋଇ ଆସିଲେ ସାହାଯ୍ୟ ପ୍ରଦାନପୂର୍ବକ ସେମାନଙ୍କ ଦ୍ୱାରା ପ୍ରତ୍ୟେକ ଜିଲ୍ଲାରେ ଲୁଗାବୁଣାର କାରଖାନା ସ୍ଥାପନ କରିବା ଏବଂ ତନ୍ନିମିତ୍ତ ଅର୍ଥ ସଂଗ୍ରହପୂର୍ବକ ପାଣ୍ଠି ଗଠନ କରିବା ସମ୍ମିଳନୀ ଉଚିତ ବିବେଚନା କରନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ମୁଖର୍ଜି, ବି.ଏ., ବି.ଏଲ୍.
ଅନୁମୋଦକ — ଶ୍ରୀଯୁକ୍ତ ଯୋଗେଶ୍ଚନ୍ଦ୍ର ରାୟ
ସମର୍ଥକ — ଶ୍ରୀଯୁକ୍ତ ନରସିଂହ ଚରଣ ଦାସ
ଶ୍ରୀଯୁକ୍ତ ବ୍ରଜବନ୍ଧୁ ମିଶ୍ର, ବି.ଏ.

ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକ, ବି.ଏ.

**ଅଷ୍ଟମ ପ୍ରସ୍ତାବ** – ଏତଦ୍ଦେଶରେ ସ୍ତ୍ରୀଶିକ୍ଷା ବିସ୍ତାର ସମ୍ବନ୍ଧରେ ଗଭର୍ଣ୍ଣମେଣ୍ଟ ବିଶେଷ ଯତ୍ନ ଓ ଚେଷ୍ଟା କରୁଥିବା ସ୍ଥଳେ ତତ୍‌ସଂକ୍ରାନ୍ତ ଗଭର୍ଣ୍ଣମେଣ୍ଟଙ୍କ ନୀତି ଓ ଉପାୟପ୍ରଣାଳୀ ଅବଲମ୍ବନପୂର୍ବକ ବାଳିକାମାନଙ୍କୁ ଶିକ୍ଷା ଦେବା ଏହି ସମ୍ମିଳନୀ ଆବଶ୍ୟକ ବୋଧ କରନ୍ତି । ସେଥି ନିମନ୍ତେ ନିମ୍ନଲିଖିତ ବ୍ୟକ୍ତିଙ୍କଦ୍ୱାରା ସବ୍-କମିଟି ଗଠିତ କରି ସଭ୍ୟସଂଖ୍ୟା ବୃଦ୍ଧି କରିବାର କ୍ଷମତା ସମ୍ମିଳନୀ ସେମାନଙ୍କ ପ୍ରତି ଅର୍ପଣ କରନ୍ତି ।

୧. ମହାରାଜା ମୟୂରଭଞ୍ଜ
୨. ମିଃ. ମଧୁସୂଦନ ଦାସ ସି.ଆଇ.ଇ.
୩. ରାଜା ବୈକୁଣ୍ଠନାଥ ଦେ ବାହାଦୁର
୪. ଶ୍ରୀଯୁକ୍ତ ବିଶ୍ୱନାଥ କର
୫. ମିଶେଶ୍ ବାର୍କ ହୋଲ୍‌ଡାର

ପ୍ରସ୍ତାବକ – ମିଶେଶ୍ ବାର୍କ ହୋଲ୍‌ଡାର
ଅନୁମୋଦକ – ରେଭରେଣ୍ଡ ଜି.ଏଚ୍. ବେସ୍‌ଲିନ୍
ସମର୍ଥକ – ରାଜା ବୈକୁଣ୍ଠନାଥ ଦେ ବାହାଦୁର
ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର ।

**ନବମ ପ୍ରସ୍ତାବ** – ଗୃହ ନିର୍ମାଣାଦିର ପ୍ରାଥମିକ ବ୍ୟୟ ନିମନ୍ତେ ସ୍ଥାନୀୟ ଚାନ୍ଦାଦ୍ୱାରା ୨୦ ହଜାର ଟଙ୍କା ଦାନ କଲେ ବଙ୍ଗୀୟ ଗଭର୍ଣ୍ଣମେଣ୍ଟ କଟକରେ ଗୋଟିଏ ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବାର ଇଚ୍ଛା ପ୍ରକାଶ କରୁଥିବା ଓ ତତ୍‌ସକାଶ ଭିକ୍ଟୋରିଆ ମେମୋରିଏଲ୍ ଫଣ୍ଡ ବାବତ କେତେକ ଟଙ୍କା ମହଯୁଦ ଥିବା ସ୍ଥଳେ ସଭ୍ୟମାନଙ୍କର ସଂଖ୍ୟା ବୃଦ୍ଧି କ୍ଷମତାସହ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଏକ ସବ୍ କମିଟି ଗଠିତ ହେବାର ସମ୍ମିଳନୀ ନିର୍ଦ୍ଧାରଣ କରନ୍ତି ।

୧. ମହାରାଜା ମୟୂରଭଞ୍ଜ
୨. ରାଜା ବୈକୁଣ୍ଠନାଥ ଦେ ବାହାଦୁର
୩. ସାମନ୍ତ ରାଧାଚରଣ ଦାସ
୪. ରାଜା ଖଲିକୋଟ
୫. ମିଃ. ଏମ୍.ଏସ୍. ଦାସ ସି.ଆଇ.ଇ.
୬. ରାଜା କନିକା

ପ୍ରସ୍ତାବକ – ମିଃ. ଏମ୍.ଏମ୍. ଦାସ ସି.ଆଇ.ଇ.
ଅନୁମୋଦକ – ରାଜା ବୈକୁଣ୍ଠନାଥ ଦେ ବାହାଦୁର
ସମର୍ଥକ – ସାମନ୍ତ ରାଧାଚରଣ ଦାସ

ଶ୍ରୀଯୁକ୍ତ ହରେନ୍ଦ୍ର ନାରାୟଣ ରାୟ ମହାଶୟ

**ଦଶମ ପ୍ରସ୍ତାବ –** ଉତ୍କଳଭାଷା ଓ ଉତ୍କଳସାହିତ୍ୟର ଉନ୍ନତିସାଧନାର୍ଥ ସମ୍ମିଳିତ ଓ ସୁଚାଳିତ ଚେଷ୍ଟାର ଆବଶ୍ୟକତା ଏହି ସମ୍ମିଳନୀ ବୋଧ କରିଅଛନ୍ତି । ସେହି ଉଦ୍ଦେଶ୍ୟ ସାଧନ ଓ ତନ୍ନିମିତ୍ତ ଉଚିତ ବିଧାନ କରଣାର୍ଥ ଗତବର୍ଷ ସ୍ଥାୟୀ ସମିତି ଗଠିତ ହୋଇଅଛି । ଉତ୍କଳଭାଷାର ଇତିହାସ ସଂକଳନ ଏବଂ ପ୍ରାଚୀନ ଉତ୍କଳୀୟ ଗ୍ରନ୍ଥ ସଂଗ୍ରହ ଓ ପ୍ରକାଶ କରିବା ନିମନ୍ତେ ସମ୍ମିଳନୀ ପକ୍ଷରୁ 'ଉତ୍କଳ ସାହିତ୍ୟ ସମାଜ'କୁ କି ପ୍ରକାରେ ସାହାଯ୍ୟ ଦାନ କରାଯିବ, ତାହାର ନିର୍ଦ୍ଧାରଣ ଭାର କାର୍ଯ୍ୟନିର୍ବାହିକା ସମିତି ପ୍ରତି ଅର୍ପଣ କରାଯାଉ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଫକୀରମୋହନ ସେନାପତି

ଅନୁମୋଦକ – ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି.ଏ., ବି.ଏଲ୍.

ସମର୍ଥକ – ଶ୍ରୀଯୁକ୍ତ କାଶୀନାଥ ରାଜଗୁରୁ ମହାପାତ୍ର

ପଣ୍ଡିତ ଗୋପୀନାଥ ନନ୍ଦଶର୍ମା

**ଏକାଦଶ ପ୍ରସ୍ତାବ –** ପାରଳାଖେମିଡିର ପୂର୍ବଭୂତ ସେକେଣ୍ଡ ପ୍ରିନ୍ସଙ୍କ ଜୀବନଚରିତ ସଙ୍କଳନ ଭାର ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ, ଶ୍ରୀଯୁକ୍ତ ବାବୁ ଶ୍ୟାମସୁନ୍ଦର ରାଜଗୁରୁ ଓ ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାଶ (ଶିକ୍ଷକ)ଙ୍କ ହସ୍ତରେ ନ୍ୟସ୍ତ ହୋଇଥିବାରୁ ତାହା ସମ୍ମିଳନୀର ବ୍ୟୟରେ ଶୀଘ୍ର ପ୍ରକାଶିତ ହେବାର ଯତ୍ନ କରାଯାଉ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଶଶିଭୂଷଣ ରଥ

ଅନୁମୋଦକ – ଶ୍ରୀଯୁକ୍ତ ରାମକୃଷ୍ଣ ମିଶ୍ର

ସମର୍ଥକ – ଶ୍ରୀଯୁକ୍ତ ଗୋପୀନାଥ ମିଶ୍ର

**ଦ୍ୱାଦଶ ପ୍ରସ୍ତାବ –** ସହୃଦୟ ସେବକ ଛାତ୍ରବୃନ୍ଦ ଏହି ସମ୍ମିଳନୀର କାର୍ଯ୍ୟ ଉତ୍ସାହ ସହକାରେ ସୁଚାରୁରୂପେ ସମ୍ପାଦନ କରିଥିବାରୁ ସେମାନଙ୍କୁ ସମ୍ମିଳନୀ ପକ୍ଷରୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରାଯାଉ ।

ପ୍ରସ୍ତାବକ – ରାଜା ତାଳଚେର (ସଭାପତି)

ଅନୁମୋଦକ – ଶ୍ରୀଯୁକ୍ତ ହୀରାଲାଲ ଦେ

ସମର୍ଥକ – ମୌଲବୀ ମଇଲାଲ ହୋସେନ

ଶ୍ରୀଯୁକ୍ତ ଭୋଳାନାଥ ସାମନ୍ତରାୟ

**ତ୍ରୟୋଦଶ ପ୍ରସ୍ତାବ –** ଶ୍ରଦ୍ଧେୟ ଅତିଥିବର୍ଗ ବହୁ କଷ୍ଟ ଓ ବହୁ ବ୍ୟୟ ସ୍ୱୀକାରପୂର୍ବକ ଏହି ବିରାଟ ସଭାରେ ଉପସ୍ଥିତ ହୋଇ ତାହାର କାର୍ଯ୍ୟରେ ଆନ୍ତରିକ ଶ୍ରଦ୍ଧାପୂର୍ବକ ଯୋଗଦେଇଥିବାରୁ ସେମାନଙ୍କୁ ଆନନ୍ଦ ସହକାରେ ଏହି ସମ୍ମିଳନୀର ଧନ୍ୟବାଦ ଅର୍ପଣ କରାଯାଉ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଭଗବାନଚନ୍ଦ୍ର ଦାସ

ଅନୁମୋଦକ – ଶ୍ରୀଯୁକ୍ତ ଶିବନାରାୟଣ ନାୟକ
ସମର୍ଥକ – ଶ୍ରୀଯୁକ୍ତ କହ୍ନେୟାଲାଲ ବୋଷ

**ଚତୁର୍ଦ୍ଦଶ ପ୍ରସ୍ତାବ** – ସମ୍ମିଳନୀ ପ୍ରସ୍ତାବମାନଙ୍କୁ କାର୍ଯ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଅର୍ଥ ସଂଗ୍ରହ ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ଗତ ଅଧିବେଶନରେ ଯେଉଁ ସମିତି ଗଠିତ ହୋଇଥିଲା ସେହି ସମିତି ସ୍ଥିରତର ରଖାଯାଇ ତତ୍ପ୍ରତି ଉକ୍ତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଅର୍ଥ ସଂଗ୍ରହର ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର କ୍ଷମତା ନ୍ୟସ୍ତ କରାଯାଇ ତାହା ଅଚିରେ ଯେପରି କାର୍ଯ୍ୟରେ ପରିଣତ ହୁଏ, ତତ୍ସମ୍ବନ୍ଧରେ ଚେଷ୍ଟା କରାଯାଉ ।

ପ୍ରସ୍ତାବକ – ମିଃ. ଏମ୍.ଏସ୍. ଦାସ ସି.ଆଇ.ଇ.
ଅନୁମୋଦକ – ରାଜା ବୈକୁଣ୍ଠନାଥ ଦେ ବାହାଦୁର
ସମର୍ଥକ – ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ

× × ×

—

## ଚତୁର୍ଥ ଅଧିବେଶନ

[ତୃତୀୟ ବାର୍ଷିକ ଅଧିବେଶନ ଭଳି ଉତ୍କଳ ସମ୍ମିଳନୀର ଚତୁର୍ଥ ବାର୍ଷିକ ଅଧିବେଶନ କଟକ ସହର ବାହାରେ ବ୍ରହ୍ମପୁରଠାରେ ୨୬.୧୨.୧୯୦୬ ଓ ୨୭.୧୨.୧୯୦୬ ତାରିଖରେ (ବୁଧବାର ଓ ଗୁରୁବାର ଦିନ) ଅନୁଷ୍ଠିତ ହୋଇଥିଲା । ଅଭ୍ୟର୍ଥନା ସମିତିର ସଭାପତି ଥିଲେ ବଡ଼ଖେମୁଣ୍ଡିର ରାଜା କୃପାମୟ ଅନଙ୍ଗ ଭୀମଦେବ ଓ ସଂପାଦକ ଥିଲେ ନରସିଂହ ଚରଣ ଦାସ । ଅଧିବେଶନରେ ସଭାପତିତ୍ୱ କରିଥିଲେ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ । ଓଡ଼ିଶା ଡିଭିଜନ ବାହାରେ ଏହା ଥିଲା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ । ଏଥିରେ ବାରଟି ନିର୍ଦ୍ଧାରଣ ପ୍ରସ୍ତାବିତ ଓ ଗୃହୀତ ହୋଇଥିଲା ।]

### ଅଧିବେଶନର ସଭାପତି କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ଅଭିଭାଷଣ

ଭାଇମାନେ,

ଆଜି ଆପଣମାନେ ମୋତେ ଯେଉଁ ଉଚ୍ଚାସନ ଦେଇଅଛନ୍ତି ତହିଁରେ ବସି ମୋହର ହୃଦୟ ବିଷାଦରେ ପରିପୂର୍ଣ୍ଣ । ଉତ୍କଳ ସମ୍ମିଳନୀ ବର୍ତ୍ତମାନ ନବଜାତ ଶିଶୁ ନୁହେଁ । ଯେଉଁ ଦୀର୍ଘ ଚାରିବର୍ଷ କାଳ ଗତ ହୋଇଗଲା ତନ୍ମଧ୍ୟରେ ଆମ୍ଭର ଭାଇମାନେ ହୁଏତ ଅନେକ କାର୍ଯ୍ୟ କରି ଯାଇଅଛନ୍ତି ଯାହାର ସମାଲୋଚନା ମୋ ପରି ଅନଭିଜ୍ଞ ବ୍ୟକ୍ତି ପକ୍ଷରେ ଅସମ୍ଭବ । ସୁତରାଂ ମୁଁ ଏ ସ୍ଥାନ ଅଧିକାର କରିବାର ଅଯୋଗ୍ୟ; କିମ୍ବା ଏହି ଦୀର୍ଘ ସମୟ ମଧ୍ୟରେ ଆମ୍ଭ ଜାତି ଚିର ଅଭ୍ୟସ୍ତ ଆଳସ୍ୟରେ ଶୋଇ ରହି ଅଛନ୍ତି, ଉତ୍କଳ ମାତାଙ୍କର କରୁଣ ଧ୍ୱନି କାହାରି କର୍ଣ୍ଣରେ ପ୍ରବେଶ କରିନାହିଁ, ପ୍ରତିଜ୍ଞା ସବୁ କାଗଜରେ ଲେଖା ହୋଇ ପଡ଼ି ରହିଚି, ନିଦ ଭାଙ୍ଗି ଦେଖିଲେ କିଛି ହେଲା ନାହିଁ, ତଳମୁହଁ ହୋଇ ମୋ ପାଖକୁ ଯିବାକୁ ହେବ; ମାତ୍ର ଲଜ୍ଜାର ଭାର ନେଇ ଆଗକୁ ଯିବାକୁ କେହି ପ୍ରସ୍ତୁତ ନୁହନ୍ତି; ଆପଣମାନେ ଚାରିଆଡ଼େ ଖୋଜି ଖୋଜି ମୋତେ କେବଳ ସେହି ଲଜ୍ଜାର ଭାର ମୁଣ୍ଡାଇବାର ଉପଯୁକ୍ତ ପାଇ ଆଗରେ ଆସି ଠିଆ ହେବାକୁ ଆଦେଶ ଦେଇ ଅଛନ୍ତି କିମ୍ବା ଏ ସବୁ କିଛି ନ ହୋଇ ବାସ୍ତବରେ ଯଦି

ଆପଣମାନେ ମୋତେ ଏହି ଦୁର୍ବହ ପବିତ୍ର କାର୍ଯ୍ୟ କରିବାର ଯୋଗ୍ୟ ବୋଲି ମନେ କରିଥାନ୍ତି, ତଥାପି, ଭାଇମାନେ ମୋପରି ବ୍ୟକ୍ତି ଯେଉଁ ଜାତିରେ ଏପରି କାର୍ଯ୍ୟର ଯୋଗ୍ୟ ବୋଲି ବିବେଚିତ ହେଉଅଛନ୍ତି ସେ ଜାତିର ଅବସ୍ଥା ଯେ ଉନ୍ନତିର କେତେ ଦୂରରେ ପଡ଼ିରହିଅଛି ଭାବିଲେ ହୃଦୟ ଅବସନ୍ନ ହୁଏ । କାରଣ ଏ କାର୍ଯ୍ୟକ୍ଷେତ୍ର, ବକ୍ତୃତାର ସ୍ଥଳ ନୁହେଁ । କର୍ମବୀରମାନେ ଏଠାରେ ଠିଆ ହେବାର ଉପଯୁକ୍ତ ପାତ୍ର ଅଟନ୍ତି । ମୋ ପରି ଅଳସୁଆ ବ୍ୟକ୍ତି ଯେବେ ଏ ସ୍ଥାନ ଅଧିକାର କରେ ତାହା ହେଲେ କଅଣ ଦେଖି ଆମ୍ଭର ଆଳସ୍ୟ ପରାୟଣ ଜାତି କର୍ମ କରିବାକୁ ଉତ୍ସାହିତ ହେବେ ? ସମ୍ମାନଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ମାନ ଦେବାକୁ ଜାଣିବା ଉନ୍ନତି କରିବାର ଆଶାଜନକ ଚିହ୍ନ ଅଟେ । ଏହିପରି ଯେଉଁ ଆଡ଼ୁ ଦେଖୁଚି ନିରାନନ୍ଦର କାରଣ ଛଡ଼ା ଆନନ୍ଦର କାରଣ କିଛି ପାଉନାହିଁ । ତେବେ ନାନାଦି ଭାବ ମନରେ ଉଠିଲେହେଁ ଆପଣମାନେ ନିଜ ଉଦାରତା ଗୁଣରେ ମୋତେ ମାତୃପୂଜାର ଯୋଗ୍ୟ ମନେ କରି ଅଗ୍ରାସନ ଦେଇଥିବା ହେତୁ ମୁଁ ଅନ୍ତର ସହିତ ଆପଣମାନଙ୍କଠାରେ କୃତଜ୍ଞତା ପ୍ରକାଶ କରୁଅଛି ଏବଂ ସେହି ସଙ୍ଗେ ସଙ୍ଗେ ମନେ କରୁଛି ଯେ ମାତୃଭୂମି ସେବାରେ ମନ ପ୍ରାଣ ଦେଇ ଆପଣମାନଙ୍କର ଶ୍ରଦ୍ଧାର ପାତ୍ର ହୋଇଥିଲେ ମୁଁ ଏ ସ୍ଥଳରେ ଅଧିକତର ସୁଖୀ ହୋଇଥାନ୍ତି ।

ସେ ଯାହହେଉ, କୌଣସି ବ୍ୟକ୍ତି ଗୋଟିଏ ଉଚ୍ଚ ସ୍ଥାନରେ ଠିଆହେଲେ ସେ ଯେତେ଼ ଖର୍ବକାୟ ହେଉ ପଛକେ ତାହାର ଦୃଷ୍ଟି ଚାରିଆଡ଼େ ବହୁଦୂର ପର୍ଯ୍ୟନ୍ତ ପଡ଼ିଥାଏ । ବର୍ତ୍ତମାନ ମୋହର ସେହି ଦଶା । ମୁଁ ମାତୃଭୂମି ସେବାରେ ଦିନକ ସକାଶେ ପ୍ରାଣର ଆବେଗ ସହିତ କାର୍ଯ୍ୟ କରି ନ ଥିଲେ ମଧ ଆଜି ଆପଣମାନଙ୍କ ଆଦେଶରେ ଏ ଉଚ୍ଚ ସ୍ଥାନରେ ଠିଆହୋଇ ଗୋଟିଏ ବିଶାଳ କ୍ଷେତ୍ର ଦେଖିପାରୁଅଛି । ଏକ ଆଡ଼େ ଅତୀତର ଅନନ୍ତ ମାର୍ଗ ଏବଂ ତନ୍ମଧ୍ୟରେ ଆମ୍ଭମାନଙ୍କ ଲକ୍ଷ ଲକ୍ଷ ପୁରୁଷମାନଙ୍କର ଆତ୍ମା, ଅନ୍ୟଆଡ଼େ ସୁଦୂର ଭବିଷ୍ୟତ ଏବଂ ତନ୍ମଧ୍ୟରେ ଆମ୍ଭମାନଙ୍କ ଭାବୀ ବଂଶଧର-ମାନଙ୍କର ମୁଖଛବି । ବର୍ତ୍ତମାନ ଆମ୍ଭେମାନେ ଏହି ସନ୍ଧିସ୍ଥଳରେ ଦଣ୍ଡାୟମାନ । ଉଭୟେ ଆମ୍ଭମାନଙ୍କୁ ସତୃଷ୍ଣ ନୟନରେ ଚାହିଁ ଅଛନ୍ତି । ଏକର ଗୌରବ ଅନ୍ୟର ସୁଖ ସମୃଦ୍ଧି ଆମ୍ଭମାନଙ୍କ ଉପରେ ନିର୍ଭର କରେ । ଆମ୍ଭମାନଙ୍କର କର୍ତ୍ତବ୍ୟ କଣ ? ପୂର୍ବପୁରୁଷ-ମାନଙ୍କର ଗୌରବକୁ ନେଇ ବଡ଼େଇ କଲେ ଚଳିବ ନାହିଁ । ଯେଉଁ ସମୟରେ ସେପରି କରିବା ଶୋଭା ପାଉଥିଲା ସେ ସମୟ ଚାଲିଗଲାଣି । ଯେଉଁପରି ଉନ୍ନତି ଲାଭ କରି ସେମାନେ ଏକ ସମୟରେ ଗୌରବାନ୍ୱିତ ହୋଇଥିଲେ ବର୍ତ୍ତମାନ ପୃଥିବୀର ସମସ୍ତ ଜାତି ସେ ଉନ୍ନତିର ଅନେକ ଆଗକୁ ଚାଲିଗଲେଣି । ଏଣୁକରି ସ୍ପର୍ଦ୍ଧା କରିବାର କାରଣ ନାହିଁ । ସେମାନଙ୍କ

ତୁଳନାରେ ଆମ୍ଭେମାନେ କିପରି ଦୀନହୀନ ହୋଇ ପଡ଼ିଅଛୁଁ ଏ କଥା ସର୍ବଦା ମନେ ରଖିବା ଆମ୍ଭମାନଙ୍କର ଉଚିତ। ପୂର୍ବପୁରୁଷମାନେ ବଡ଼ ଥିଲେ ଏକଥା କହି ଆମ୍ଭେମାନେ ଅନ୍ୟ ଉନ୍ନତ ଜାତିଙ୍କର କୃପାର ପାତ୍ର ହୋଇପାରୁଁ, ମାତ୍ର ସମ୍ମାନ ଲାଭ କରିବା ଆମ୍ଭମାନଙ୍କ ନିଜ କୃତିତ୍ୱ ଉପରେ ନିର୍ଭର କରେ। ଆମ୍ଭମାନଙ୍କର ବର୍ତ୍ତମାନ ଶୋଚନୀୟ ଅବସ୍ଥାରେ ପୂର୍ବପୁରୁଷମାନଙ୍କର ଗୌରବ ଦେଖାଇବା ସେମାନଙ୍କୁ ଅନ୍ୟ ଜାତିଙ୍କ ଆଗରେ ଅପମାନିତ କରିବା ଛଡ଼ା ଆଉ କିଛି ନୁହେଁ। କାରଣ ଆମ୍ଭମାନଙ୍କୁ ଦେଖିଲେ କେହି ମନେ କରିବ ନାହିଁ ଯେ ଆମ୍ଭମାନଙ୍କର ପୂର୍ବପୁରୁଷମାନେ ସେମାନଙ୍କ ଶକ୍ତି, ସାମର୍ଥ୍ୟ ଓ ଜୀବନକୁ ମଧ୍ୟ ଆମ୍ଭମାନଙ୍କର ଉନ୍ନତି ସକାଶେ, ସେମାନଙ୍କଠାରୁ ଆମ୍ଭମାନଙ୍କୁ ଉଚ୍ଚତର ଅବସ୍ଥାରେ ରଖିବା ସକାଶେ ବ୍ୟୟ କରିଯାଇଛନ୍ତି ଏବଂ ତାହା କରି ଆମ୍ଭମାନଙ୍କ ପ୍ରତି ସେମାନଙ୍କର ଯାହା କର୍ତ୍ତବ୍ୟ ତାହା ପାଳନ କରିଅଛନ୍ତି। ଆମ୍ଭେମାନେ କେବଳ ନିଜ ଦୋଷରେ ସେମାନଙ୍କର ଉପଯୁକ୍ତ ବଂଶଧର ହୋଇପାରି ନାହୁଁ।

ଆମ୍ଭେମାନେ ଯେଉଁ ସମୟରେ ଜନ୍ମ ହୋଇଥାଇଁ ସେ ସମୟ ବଡ଼ ଶାନ୍ତିର ସମୟ ନୁହେଁ। ଯୁଦ୍ଧ ବିଗ୍ରହ ନାହିଁ, ଚୋରି ଡକାଏତି ନାହିଁ, ଦୁର୍ବଳ ପ୍ରତି ସବଳର ଅତ୍ୟାଚାର ନାହିଁ ସତ୍ୟ, ମାତ୍ର ଯୁଦ୍ଧ ହେଉଛି ଜୀବିକାରେ। ଜୀବିକାର ଚିନ୍ତାରେ ସମସ୍ତେ ବ୍ୟସ୍ତ। ଯେଉଁ ଜାତି ବିଦ୍ୟା, ବୁଦ୍ଧି, ଅଧ୍ୟବସାୟ ବଳରେ ଯେତେ ଅଧିକ, ସେମାନେ ତେତେ ସୁଖରେ ଚଳୁଅଛନ୍ତି, ଆଉ ଯେଉଁମାନେ ତହିଁରେ ହୀନ ସେମାନେ ବିନା ରକ୍ତପାତରେ କ୍ରମଶଃ ଲୀନ ହୋଇଯାଉଅଛନ୍ତି। ଏପରି ସମୟରେ ବେଳ ଥାଉଁ ଯେଉଁମାନେ ସତର୍କ ହୋଇ ନିକଟବର୍ତ୍ତୀ ଉନ୍ନତ ଜାତିଙ୍କର ସମକକ୍ଷ ହେବେ, ସେମାନେ କେବଳ ରହିପାରିବେ; ନଚେତ୍ ଏକା ସ୍ଥାନରେ ହୋଇଥିବା ଦୁଇଟି ଗଛ ମଧ୍ୟରୁ ଗୋଟିଏ ଅଧିକ ବଢ଼ି ପଡ଼ିଲେ ଅନ୍ୟଟି ଯେପରି ତାହାର ଛାଇରେ ଉଧେଇପାରେ ନାହିଁ, ସେହିପରି ଉନ୍ନତ ଜାତିମାନଙ୍କ ପାଖରେ ଅନୁନ୍ନତ ଅବସ୍ଥାରେ ରହିଲେ ବିନାଶ ହେବା ଦିନେ ଅବଶ୍ୟମ୍ଭାବୀ, ଯେହେତୁ ପ୍ରକୃତିର ନିୟମ ଏହି ଯେ ଅବନତ ଜାତି ଉନ୍ନତ ଜାତିର ସଂଶ୍ରବରେ ଆସିଲେ ହୁଏତ ଉନ୍ନତ କିମ୍ବା ବିନାଶ ପ୍ରାପ୍ତ ହୋଇଥାଏ। ଅବନତ ଜାତି ଯଥାସାଧ୍ୟ ଚେଷ୍ଟାକରି ଉନ୍ନତ ଜାତିର ସମକକ୍ଷ ହେବାକୁ ଇଚ୍ଛାକଲେ, ଦିନେ ଉନ୍ନତ ହେବ ନିଶ୍ଚୟ। ତାହା ନ କରି ପଶ୍ଚାତ୍‌ପଦ ହେଲେ ଅକର୍ମଣ୍ୟ ହୋଇ ବିନାଶ ପ୍ରାପ୍ତ ହେବ। ଗୋଟିଏ ଦ୍ରୁତଗାମୀ ଘୋଡ଼ା ସହିତ ଗତିହୀନ ଘୋଡ଼ାକୁ ଯୋଚିଦେଲେ ଗତିହୀନ ଘୋଡ଼ା ଦ୍ରୁତଗାମୀ ହେବାର ଦେଖାଯାଏ। ଆମ୍ଭେମାନେ ଘଟଣାଚକ୍ରରେ ପୃଥିବୀର ସର୍ବାପେକ୍ଷା କର୍ମଠ ଏବଂ ପରାକ୍ରାନ୍ତ ଜାତିର ସଂଶ୍ରବରେ ଆସିଅଛୁଁ। ଏ ସମୟରେ

ଆମ୍ଭେମାନେ ଆମ୍ଭମାନଙ୍କର ସମସ୍ତ ଶକ୍ତି ପ୍ରୟୋଗ କରି ଉନ୍ନତ ନ ହେଲେ ଆମ୍ଭମାନଙ୍କର ଅସ୍ତିତ୍ୱ ଲୋପ ହୋଇଯିବ ।

ଭାଇମାନେ, ଆମ୍ଭେମାନେ ସମସ୍ତେ ମାତୃଭୂମିର ପୂଜା ପାଇଁ ଏକତ୍ରିତ ହୋଇଥାଇ, ମାତ୍ର କଣ ଦେଇ ପୂଜା କରିବା ? କିଏ ବା ପୂଜା କରିବ ? ଯଦି ଆମ୍ଭମାନଙ୍କ ମଧ୍ୟରେ ଏପରି କେହି ଥାଏ ଯେ ନିଜର ଯୋଗ୍ୟତା ବଳରେ ଭିନ୍ନ ଦେଶରୁ କଡ଼ାଏ କଉଡ଼ି ଆଣି ଉତ୍କଳ ମାତାଙ୍କର ଶୂନ୍ୟ ହସ୍ତରେ ଦେଇଥାଏ, ତାହାର ସେହି କଉଡ଼ି କଡ଼ାକ ହେଉଛି ପୂଜାର ଉପଯୁକ୍ତ ଦ୍ରବ୍ୟ ଏବଂ ସେ ହେଉଛି ପୂଜା କରିବାର ଉପଯୁକ୍ତ ସନ୍ତାନ । କିମ୍ବା ଆମ୍ଭମାନଙ୍କ ମଧ୍ୟରେ ଯେବେ ଏପରି କେହି ଅଛି ଯେ, ଆଗେ ପାଞ୍ଚ ଗୌଣୀ ଫଳୁଥିବା ସ୍ଥାନରେ ଆଜି ଦଶ ଗୌଣୀ ଫଳାଇପାରିଚି, ଅଥବା ଯେଉଁ ବ୍ୟବସାୟ ଦ୍ୱାରା ଆଗେ ପାଞ୍ଚଜଣ ପୋଷି ହେଉଥିଲେ ତାହାର ଉନ୍ନତି କରି ତଦ୍ୱାରା ଦଶ ଜଣ ପୋଷି ହେବାର ବାଟ କରିଦେଇ ଅଛି, ତେବେ ସେହି ହେଉଛି ମାତାର ଉପଯୁକ୍ତ ସନ୍ତାନ । ଆମ୍ଭମାନଙ୍କର ଶୈଶବାବସ୍ଥାରେ ମା ଆମ୍ଭମାନଙ୍କୁ ଖାଇବାକୁ ଦେଉଥିଲା । ବର୍ତ୍ତମାନ ଆମ୍ଭେମାନେ ନିଜ ବଳରେ ପୋଷି ନ ହେଲେ ମା ଆମ୍ଭମାନଙ୍କୁ ଖାଇବାକୁ ଦେଇପାରିବ ନାହିଁ ଏବଂ ଆମ୍ଭେମାନେ ତାହା କରୁ ନ ଥିବାରୁ ଅନ୍ୟ ଜାତିର ଅବଜ୍ଞାର ପାତ୍ର ହୋଇଅଛୁଁ ।

ଆମ୍ଭେମାନେ ଇଂରେଜ ରାଜାଙ୍କ ସୁଶାସନରୁ ନିଶ୍ଚିନ୍ତରେ ନିଦ୍ରା ଯାଉଥାଉଁ । ସୁଶାସନର ଫଳ ସମୃଦ୍ଧି । ତେବେ ଆମ୍ଭମାନଙ୍କର ଏ ଦୁରବସ୍ଥା କାହିଁକି ? ଏ ପ୍ରଶ୍ନର ଉତ୍ତର ଅନ୍ୟଠାରୁ ପାଇପାରିବା ନାହିଁ । ଆମ୍ଭେମାନେ ହେଉଛୁ ଏହାର ମୁଖ୍ୟ କାରଣ । ଯେହେତୁ କୃଷିଜାତ ଦ୍ରବ୍ୟ ଏବଂ ଖଣିଜ ଓ ବନ୍ୟ ପ୍ରଭୃତି ପ୍ରକୃତିଦତ୍ତ ଦ୍ରବ୍ୟ ଜାତୀୟ ଧନର ମୂଳ ଅଟେ । ଶିଳ୍ପ ଏବଂ ତତ୍‌ସମ୍ବନ୍ଧୀୟ ବାଣିଜ୍ୟ ସେହି ମୂଳ ଧନର ପରିବର୍ଦ୍ଧକ । ଏମାନଙ୍କ ମଧ୍ୟରୁ ଯେ କୌଣସିଟିକୁ ନେଇ ଦେଖନ୍ତୁ ସବୁଥିରେ ଆମ୍ଭମାନଙ୍କର ପାରଦର୍ଶିତା ବା ପରିଣାମଦର୍ଶିତାର ଚିହ୍ନ ମାତ୍ର ନାହିଁ । କୃଷିର ଅବସ୍ଥା ପୂର୍ବପରି ରହିଅଛି । ଶିଳ୍ପ ବ୍ୟବସାୟ ଲୋପ ପାଇବା ଉପରେ; ଆଉ ପ୍ରକୃତିଦତ୍ତ ଦ୍ରବ୍ୟଗୁଡ଼ିକ ସେମାନଙ୍କ ସହଜାବସ୍ଥାରେ ଏ ଦେଶରୁ ବାହାରିଯାଉଥିବା ହେତୁ ଏତେ ଅଳ୍ପ ମୂଲ୍ୟରେ ଯାଉଅଛି ଯେ ତଦ୍ୱାରା ଆସୁଥିବା ଅର୍ଥର ପରିମାଣ ଅକିଞ୍ଚିତ୍‌କର ଅଟେ । କୌଣସି କୌଣସି ସ୍ଥାନରେ ଯେଉଁ ସମୃଦ୍ଧିର ଚିହ୍ନ ଦେଖାଯାଉ ଅଛି ତାହା ବାସ୍ତବରେ ଜାତୀୟ ସମୃଦ୍ଧି ନୁହେଁ । ଜଣେ ଅନ୍ଧକୁ ନେଇ ଗୋଟିଏ ଶ୍ଳୀପଦ ରୋଗୀର ହାତ କିମ୍ବା ଗୋଡ଼ ଧରାଇଦେଲେ ସେ ହଠାତ୍ ମନେକରେ ଲୋକଟା ଖାଇପିଇ ହୃଷ୍ଟପୁଷ୍ଟ ହୋଇଅଛି । ଆଜିକାଲି ଆମ୍ଭମାନଙ୍କର ସେହି ଅନ୍ଧର ଦଶା । ଲକ୍ଷ ଲକ୍ଷ ଲୋକଙ୍କ ଆଡ଼କୁ ଦୃଷ୍ଟି ନ ଦେଇ ଜଣ କେତେକଙ୍କ ସୁଖ

ସ୍ୱଚ୍ଛନ୍ଦରେ ରହିବାର ଦେଖି ମନେ କରୁଥାଇଁ ଦେଶସ୍ଥ ସମସ୍ତ ଲୋକମାନେ ସୁଖରେ ଅଛନ୍ତି। ନଗର ସବୁ ଦେଶର ହୃତ୍‌ପିଣ୍ଡ ସ୍ୱରୂପ ଏବଂ ହୃତ୍‌ପିଣ୍ଡର କ୍ରିୟା ହେଉଛି ସମସ୍ତ ଶରୀରକୁ ରକ୍ତ ଦେଇ ରକ୍ତ ଗ୍ରହଣ କରିବା। ମାତ୍ର ଯେତେବେଳେ ନଗର କେତେଗୋଟି ଧନଶାଳୀ ହେଉଥିବା ସମୟରେ ଦେଶସ୍ଥ ଗ୍ରାମସମୂହର ଅବସ୍ଥା ଦିନକୁ ଦିନ୍ ଶୋଚନୀୟ ହୁଏ ତାହା ହେଲେ ଜାଣିବାକୁ ହେବ ସେହି ସବୁ ନଗର ଦେଶର ପୁଷ୍ଟି ସାଧନଲାଗି ବର୍ଦ୍ଧନଶୀଳ ନୁହେଁ, ଦେଶକୁ ଶୋଷଣ କରି ବର୍ଦ୍ଧନଶୀଳ। ଉଦାହରଣ ସ୍ୱରୂପ ଗୋଟିଏ ନଗର ନିଅନ୍ତୁ। ହାକିମ, ଓକିଲ, ରାଜା, ଜମିଦାର, ମହାଜନ, ବେପାରୀ ପ୍ରଭୃତି ଧନସମ୍ପନ୍ନ ବ୍ୟକ୍ତିମାନେ ତାହାର ସମୃଦ୍ଧିର ନିଦର୍ଶନ। ମାତ୍ର ଏମାନଙ୍କ ମଧ୍ୟରୁ କୌଣସି ଶ୍ରେଣୀ ଜନସାଧାରଣଙ୍କ ଉନ୍ନତି ସଙ୍ଗେ ସଙ୍ଗେ ନିଜର ଉନ୍ନତି କରିନାହାନ୍ତି। ବିଲୀନ ହେଉଥିବା ଲୋକମାନଙ୍କର ଅର୍ଥରେ ଏମାନେ ଗଠିତ। ଏମାନଙ୍କ ଅବସ୍ଥାରୁ ଦେଶର ପ୍ରକୃତ ପରିଚୟ ହଠାତ୍ ଜଣାପଡ଼ିବ ନାହିଁ, ଏମାନେ ଦେଶର ପ୍ରକୃତ ବଳ ନୁହନ୍ତି। କୃଷକ ଏବଂ ଶିଳ୍ପୀର ଅବସ୍ଥା ଦେଶର ଅବସ୍ଥାର ପରିଚାୟକ। ସେମାନେ ହେଉଛନ୍ତି ଦେଶର ବଳ। ଯେଉଁ କୃଷକ ଓ ଶିଳ୍ପୀମାନଙ୍କୁ ଲୋକେ ଅବଜ୍ଞା ଚକ୍ଷୁରେ ଦେଖିଥାନ୍ତି ସେହିମାନଙ୍କର ବିନ୍ଦୁ ବିନ୍ଦୁ ରକ୍ତ ନେଇ ସମାଜର ଶୀର୍ଷସ୍ଥ ଲୋକମାନେ ଗଠିତ। ଆଜି ସେମାନଙ୍କୁ ନିମ୍ନସ୍ତରରୁ କାଢ଼ି ନିଅନ୍ତୁ, କାଲି ସମାଜର ମୁକୁଟମଣିମାନେ ଧୂଳିରେ ପଡ଼ିବେ। ଆମ୍ଭମାନଙ୍କ ଦେଶର ପ୍ରକୃତ ଅବସ୍ଥା କିପରି ହୋଇଛି ତାହା କହିବାକୁ ହେବନାହିଁ। ଯଦି ଆମ୍ଭମାନଙ୍କ ମଧ୍ୟରେ କେହି ନ ଜାଣିବା ଲୋକ ଥାନ୍ତି, ତାହା ହେଲେ ସେ ଗ୍ରାମରେ ବାସ କରୁଥିବା ଲୋକମାନଙ୍କ ଆଡ଼କୁ ଚାହିଁଲେ ଜାଣିପାରିବେ। ସେ ଶୋଚନୀୟ ଦୃଶ୍ୟର ଚିତ୍ର ପ୍ରଦାନ ଏହିଠାରେ ଅନାବଶ୍ୟକ। କି ଉପାୟ ଅବଲମ୍ବନ କଲେ ତାହା ପରିବର୍ତ୍ତିତ ହୋଇଯିବ ଏବଂ ସେ ସବୁ ଉପାୟମାନଙ୍କର ପ୍ରୟୋଜନୀୟତା କଣ ତାହା ସମ୍ବନ୍ଧରେ କିଛି କହିବା ଆମ୍ଭର ଅଭିପ୍ରାୟ ଅଟେ।

**କୃଷି** – ଆମ୍ଭମାନଙ୍କ ଦେଶ କୃଷିପ୍ରଧାନ ଦେଶ ଅଟେ। ମାତ୍ର ଦୁଃଖର କଥା ସବୁ ଦେଶରେ ସବୁ ବିଷୟର ଉନ୍ନତି ଲକ୍ଷିତ ହେଉଛି କିନ୍ତୁ ଓଡ଼ିଶାର କୃଷକ ଅତି ପ୍ରାଚୀନ କାଳରେ ଯେଉଁ ଲଙ୍ଗଳ ଧରି ଚାଷ କରୁଥିଲା ଆଜି ସେହି ଲଙ୍ଗଳ ତା ହାତରେ ଅଛି, ଏପରିକି ଯେଉଁ କିଆରୀରେ ଯେଉଁ ଧାନ ବୁଣୁଥିଲା, ଆଜି ବୋଧହୁଏ ସେହି କିଆରୀରେ ସେହି ଧାନ ବୁଣା ହେଉଅଛି। କୃଷକମାନଙ୍କର ହୀନାବସ୍ଥାର ଏହି କେତୋଟି ପ୍ରଧାନ କାରଣ।

୧। ଜମିର ଉର୍ବରତା ହ୍ରାସ ଏବଂ କୃତ୍ରିମ ଉପାୟ ଦ୍ୱାରା ଉର୍ବରତା ବୃଦ୍ଧି କରିବାରେ ସେମାନଙ୍କର ଅସାମର୍ଥ୍ୟ।

୨। ପ୍ରଚଳିତ ଫସଲ ପରିବର୍ତ୍ତେ ଅଧିକତର ଲାଭଜନକ ନୂତନ ଫସଲ ଜନ୍ମାଇବାରେ ଅନିଚ୍ଛା।

୩। ଉପଯୁକ୍ତ ସମୟକୁ ଅପେକ୍ଷା ନ କରି ଉତ୍ପନ୍ନ ଫସଲକୁ ଆମଦାନୀ ସଙ୍ଗେ ସଙ୍ଗେ ଅଳ୍ପ ମୂଲ୍ୟରେ ବିକ୍ରୟ କରିଦେବା।

ବର୍ତ୍ତମାନ ପ୍ରଥମ ଦୁଇ କାରଣ ସମ୍ପର୍କରେ ସାମାନ୍ୟ ବିସ୍ତାରିତ ଭାବରେ କହୁଅଛି।

୧। କୃଷକମାନଙ୍କର ଅବସ୍ଥା ବର୍ତ୍ତମାନ ଏତେଦୂର ମନ୍ଦ ହୋଇଅଛି ଯେ ବୈଜ୍ଞାନିକ ସାର ଦ୍ୱାରା ଜମିକୁ ସାରବାନ୍ କରିବା ସେମାନଙ୍କର ଶକ୍ତିର ଅତୀତ ଅଟେ। ଏପରି ସ୍ଥଳେ ଏ ଦେଶଜାତ ଯେଉଁ ପଦାର୍ଥ ସୁଲଭରେ ସାର ସ୍ୱରୂପ ବ୍ୟବହୃତ ହୋଇପାରିବ ଏବଂ କେଉଁ ସାରଦ୍ୱାରା କି ଫସଲ ଭଲ ହୋଇପାରିବ ଏ ବିଷୟ ସ୍ଥିର କରି କୃଷକ ସାଧାରଣଙ୍କୁ ଜଣାଇଦେବା ଉଚିତ। ଅବସ୍ଥାନୁରୂପ କୌଣସି ଉପାୟ ଦେଖାଇଦେଲେ କୃଷକମାନେ ଯେତେ ଆଗ୍ରହ ସହିତ ତାହା ଗ୍ରହଣ କରିବେ ବ୍ୟୟସାଧ୍ୟ ଉପାୟମାନଙ୍କୁ ସେପରି ପାରିବେ ନାହିଁ। ସାଧାରଣ କୃଷକମାନଙ୍କୁ ଜମି ସାରବାନ୍ କରିବାର ଉପାୟ ଶିକ୍ଷା ଦେବା ସଙ୍ଗେ ସଙ୍ଗେ, ସଙ୍ଗତିସମ୍ପନ୍ନ ଚାଷୀମାନଙ୍କୁ ବୈଜ୍ଞାନିକ ସାର ବ୍ୟବହାର କରିବା ଶିକ୍ଷାଦେବା ଉଚିତ; ତାହାହେଲେ ସାଧାରଣ କୃଷକମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଅବସ୍ଥା ଅପେକ୍ଷାକୃତ ଭଲ ସେମାନେ ମଧ୍ୟ କ୍ରମଶଃ ଉତ୍କୃଷ୍ଟ ସାରର ଉପକାରିତା ଦେଖି ତାହାକୁ ବ୍ୟବହାର କରିବେ। କୌଣସି ଗୋଟିଏ ନୂତନ ବିଷୟର ପରୀକ୍ଷା କରିବାରେ ଲୋକେ ଯେଉଁ ତ୍ରୁଟିର ଆଶଙ୍କା କରିଥାନ୍ତି ଓ ସମୟ ସମୟରେ ତ୍ରୁଟିରେ ପଡ଼ିଥାନ୍ତି ତାହା ଅବସ୍ଥାପନ୍ନ ଚାଷୀଙ୍କ ଛଡ଼ା ସାଧାରଣ ଚାଷୀମାନେ ମୁଣ୍ଡକୁ ନେଇପାରିବେ ନାହିଁ।

୨। ସାର ସମ୍ବନ୍ଧରେ ଯାହା କୁହାଗଲା ନୂତନ ଫସଲ ଚାଷ କରିବା ସମ୍ବନ୍ଧରେ ମଧ୍ୟ ତାହା କୁହାଯାଇପାରେ। ଅର୍ଥାତ୍ ଆମ୍ଭଦେଶର କୃଷକମାନେ ଏତେ ରକ୍ଷଣଶୀଳ ଯେ ସ୍ୱଚକ୍ଷୁରେ ଗୋଟିଏ ବିଷୟର ଉପକାରିତା ନ ଦେଖିଲେ ସେମାନେ ତାହା ଗ୍ରହଣ କରିବାକୁ ବଡ଼ ରାଜି ନୁହନ୍ତି। ବିଶେଷତଃ କାଳେ ନୂତନ ଫସଲଦ୍ୱାରା ସେମାନଙ୍କର କିଛି ଲାଭ ନ ହେବ ଏହି ଭୟରେ ପ୍ରଚଳିତ ଫସଲକୁ ଛାଡ଼ିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ।

**ବଣ୍ୟ ଓ ଖଣିଜ ଦ୍ରବ୍ୟ** — ଉତ୍କଳରେ ବଣ୍ୟ ଓ ଖଣିଜ ଦ୍ରବ୍ୟ ବହୁ ପରିମାଣରେ ଅଛି। ଖଣିଜ ଦ୍ରବ୍ୟର ଆବିଷ୍କାର ଏ ପର୍ଯ୍ୟନ୍ତ ହୋଇନାହିଁ। ବର୍ତ୍ତମାନ ବଣ୍ୟପଦାର୍ଥ ବ୍ୟବସାୟ ଅନେକ ପରିମାଣରେ ଚଳୁଅଛି। ମାତ୍ର ସେ ସମ୍ବନ୍ଧରେ ଆମ୍ଭମାନଙ୍କର ଯାହା କର୍ତ୍ତବ୍ୟ ତାହା ଆମ୍ଭେମାନେ କରୁନାହୁଁ। ଯେଉଁ ପଦାର୍ଥ

ଅନାଦୃତ ହୋଇ ପଡ଼ିରହିଛି ତାହା ସକାଶେ ଯେବେ କେହି ସାମାନ୍ୟ ମାତ୍ର ଅର୍ଥ ଯଦି ଆମ୍ଭଦେଶର ଭୂସ୍ୱାମୀଙ୍କୁ ଦିଅନ୍ତି ତାହା ହେଲେ ତେତିକିରେ ସେମାନେ ଖୁସିହୋଇ ବିଦେଶୀୟମାନଙ୍କୁ ସମସ୍ତ ସ୍ୱତ୍ତ୍ୱ ଅର୍ପଣ କରିଦିଅନ୍ତି । ଦଣ୍ଡକ ସକାଶେ ଭାବନ୍ତି ନାହିଁ ଯେ ଅବଶ୍ୟ କୌଣସି ସ୍ଥାନରେ ସେ ପଦାର୍ଥର ଆଦର; ଅତଏବ ସେ ସ୍ଥାନରେ ତାହାର କେତେଦୂର ଆଦର ଅନୁସନ୍ଧାନ ନେଇପାରିଲେ ପ୍ରାପ୍ତ ଅର୍ଥର ଅନେକ ଗୁଣ ପାଇପାରନ୍ତେ କିମ୍ବା ନିଜେ ସେ ବ୍ୟବସାୟରେ ହାତ ଦେଲେ ତାହା ଅପେକ୍ଷା ଆହୁରି ଅଧିକ ଲାଭବାନ୍ ହୋଇପାରନ୍ତେ ।

**ଶିଳ୍ପ –** ଶିଳ୍ପ ଜାତୀୟ ଧନର ସର୍ବପ୍ରଧାନ ପରିପୋଷକ । ଦେଶସ୍ଥ ଲୋକମାନଙ୍କ ଅଭାବ ପୂରଣ କରିବା ସକାଶେ ଶିଳ୍ପର ପ୍ରଥମ ଉତ୍ପତ୍ତି । ଯେତେବେଳେ ମନୁଷ୍ୟ ଆଦିମ ଅବସ୍ଥାକୁ ଅତିକ୍ରମ କରି ସଭ୍ୟଆଡ଼କୁ ଅଗ୍ରସର ହେଲା ସେତେବେଳେ ତାହାର ନାନାବିଧ ଅଭାବ ଉପସ୍ଥିତ ହୋଇ ଶିଳ୍ପର ସୂତ୍ରପାତ କଲା । ସଭ୍ୟତା ବୃଦ୍ଧି ସଙ୍ଗେ ଅଭାବର ବୃଦ୍ଧି ଏବଂ ତହିଁ ସଙ୍ଗେ ସଙ୍ଗେ ଶିଳ୍ପର ଉନ୍ନତି ଏହା ହେଉଛି ସାଧାରଣ ନିୟମ । କୌଣସି ପ୍ରକାର ଅଭାବ ଅନୁଭବ କଲେ ତାକୁ ପରିତୃପ୍ତ କରିବାର ଆକାଙ୍‌କ୍ଷା ମନୁଷ୍ୟ ହୃଦୟରେ ବଳବତୀ ହୋଇଉଠେ । ଯେଉଁ ଦେଶର ଲୋକମାନେ ସ୍ୱଦେଶ ଶିଳ୍ପଜାତ ଦ୍ରବ୍ୟଦ୍ୱାରା ନିଜ ନିଜ ଦୈନିକ ଅଭାବ ଦୂର କରନ୍ତି ସେ ଦେଶର ଉନ୍ନତି ଆଭ୍ୟନ୍ତରିକ ଅଟେ । କୃଷିଜାତ ଓ ପ୍ରକୃତିଦତ୍ତ ଦ୍ରବ୍ୟ ପ୍ରଚୁର ପରିମାଣରେ ଥିଲେ ସେ ଦେଶ ଅନ୍ୟ ଦେଶ ଉପରେ ନିର୍ଭର ନ କରି ସ୍ୱଚ୍ଛନ୍ଦରେ ଚଳିପାରେ । ମାତ୍ର ଏପରି ଭାବରେ ଚଳିବାର ଶକ୍ତି ସବୁ ଦେଶରେ ନାହିଁ । ଏପରି ଅନେକ ଦେଶ ଅଛି ଯେଉଁଠାରେ ଖାଦ୍ୟର ଉତ୍ପାଦନ କମ୍ ଏବଂ ବିଳାସ ସାମଗ୍ରୀର ଉତ୍ପାଦନ ବହୁ ପରିମାଣରେ ଅଛି, କିମ୍ବା ଖାଦ୍ୟର ଉତ୍ପାଦନ ବେଶୀ ଏବଂ ବିଳାସ ସାମଗ୍ରୀର ଉତ୍ପାଦନ କମ୍ ଅଛି । କିନ୍ତୁ ମନୁଷ୍ୟର ପ୍ରକୃତି ଏପରି ଭାବରେ ଗଠିତ ଯେ, ତାହାର ଜୀବନରକ୍ଷାର ଉପଯୋଗୀ ଦ୍ରବ୍ୟ ସଂଗୃହୀତ କରିବା ସଙ୍ଗେ ସଙ୍ଗେ ବିଳାସର ଇଚ୍ଛା ଆସି ଉପସ୍ଥିତ ହୁଏ । ସଭ୍ୟତା ଏବଂ ଉନ୍ନତି ପ୍ରକୃତରେ ବିଳାସର ବିସ୍ତାର ଛଡ଼ା ଆଉ କିଛି ନୁହେଁ । ଭାବି ଦେଖନ୍ତୁ ଜୀବନର ରକ୍ଷା ସକାଶେ ଆମ୍ଭମାନଙ୍କର ଅଭାବ କେତେ ଅଳ୍ପ; ମାତ୍ର କୃତ୍ରିମ ଅଭାବ ସକାଶେ ଆମ୍ଭମାନଙ୍କୁ କେତେ ଦଉଡ଼ିବାକୁ ହେଉଅଛି । ସେ ଯାହା ହେଉ, ସମସ୍ତ ମାନବ ସମାଜର ଗତି ଯେଉଁ ଆଡ଼କୁ ହେଉଅଛି ଆମ୍ଭମାନଙ୍କୁ ସେହି ଆଡ଼କୁ ଯିବାକୁ ହେବ । ଆମ୍ଭମାନଙ୍କ ଚାରିଆଡ଼େ ଯାହା ଘଟୁଅଛି ତାହା ପ୍ରତି ଦୃଷ୍ଟି ନ କରି କୌଣସି ପ୍ରକାର ମୁଠାଏ ଖାଇବାକୁ ମିଳୁଅଛି ବୋଲି କିଛି ନ କଲେ ଚଳିବ ନାହିଁ । ମାତୃଭୂମିର ଉନ୍ନତି ଆମ ଜାତିର ଉନ୍ନତି ଛଡ଼ା ଆଉ କିଛି ନୁହେଁ । କୃଷକ ଏବଂ ଶିଳ୍ପୀ ହେଉଛନ୍ତି ଜାତିର ସ୍ତମ୍ଭ

ସ୍ୱରୂପ । ସୁତରାଂ ଏହି ଦୁଇ ଶ୍ରେଣୀର ଉନ୍ନତି ଉପରେ ଜାତୀୟ ଉନ୍ନତି ନିର୍ଭର କରେ । କୃଷକ ସମ୍ବନ୍ଧରେ କିଛି କହି ଅଛୁଁ । ବର୍ତ୍ତମାନ ଶିଳ୍ପ ହେଉଛି ଆମର ବକ୍ତବ୍ୟର ବିଷୟ ।

ଯେଉଁଦେଶର ଶିଳ୍ପ ସ୍ୱଦେଶୀୟ ଲୋକମାନଙ୍କର ଅଭାବ ପୂରଣ କରି ବିଦେଶୀୟ ଲୋକମାନଙ୍କର ଅଭାବ ପୂରଣ କରିବାକୁ ଯାଏ, ସେହି ହେଉଛି ବର୍ଦ୍ଧନଶୀଳ ଦେଶ । ନିକଟସ୍ଥ ଦେଶ କିମ୍ବା ଯେଉଁ ଦେଶ କୌଣସି କାରଣରୁ ପରସ୍ପର ସଂସ୍ରବରେ ଆସିଅଛି, ସେମାନଙ୍କ ମଧ୍ୟରେ ବାଣିଜ୍ୟ କେବେ ବନ୍ଦ କରିବେ ନାହିଁ । ତେବେ ରାଜଶକ୍ତି ଦ୍ୱାରା ଯେବେ ବନ୍ଦ ହୁଏ ତାହା ହେଲେ ସେ ସ୍ୱତନ୍ତ୍ର କଥା । ମାତ୍ର ଏହିପରି ବାଣିଜ୍ୟରେ ସଂପୃକ୍ତ ଥିବା ଦେଶମାନଙ୍କ ମଧ୍ୟରେ ଯେଉଁ ଦେଶର ଲୋକେ ବିଦେଶରୁ ଯାହା କିଣନ୍ତି ତଦପେକ୍ଷା ଅଧିକ ମୂଲ୍ୟରେ ଦ୍ରବ୍ୟ ବିଦେଶରେ ନେଇ ବିକ୍ରୟ କରନ୍ତି ସେହି ଦେଶ ନିଶ୍ଚୟ ଦିନେ ଧନ ବଳରେ ଅନ୍ୟ ଦେଶମାନଙ୍କୁ ବଳିପଡ଼ିବ । କ୍ରୟବିକ୍ରୟର ହୁଏତ ସମତା ରକ୍ଷାକର କିମ୍ବା ବିକ୍ରୟ ଅପେକ୍ଷା କ୍ରୟ କମ୍ କର । ତାହା ନ ହେଲେ ଅନ୍ୟ ଦେଶ ଜାତ ଦ୍ରବ୍ୟ ଯେତେ ଅଧିକ ପ୍ରଚାର ଲାଭ କରିବ ତେତେ ପରିମାଣରେ ନିଜ ଦେଶ ଅର୍ଥହୀନ ହୋଇ ଉଠିବ ଏବଂ ଆମ୍ଭେମାନେ ଥରେ ବିଦେଶଜାତ ବିଳାସ ଦ୍ରବ୍ୟ ବ୍ୟବହାର କରିବାକୁ ଶିଖିଲେ ତାହାର ପ୍ରଲୋଭନରୁ ରକ୍ଷା ପାଇବା ବଡ଼ ସହଜ ବିଷୟ ହେବ ନାହିଁ ।

ଶିଳ୍ପ ଦୁଇ ପ୍ରକାର । ବ୍ୟବହାରିକ ଶିଳ୍ପ ଏବଂ ସୁକୁମାର ଶିଳ୍ପ । ବର୍ତ୍ତମାନ ଆମ୍ଭମାନଙ୍କର ବ୍ୟବହାରିକ ଶିଳ୍ପ ସଙ୍ଗେ ଯାହା କିଛି ସମ୍ବନ୍ଧ । କାରଣ ଦୈନିକ ଜୀବନରେ ଆମ୍ଭେମାନେ ଯାହା ବ୍ୟବହାର କରୁଥାଉଁ ସେଗୁଡ଼ିକ ସ୍ଥାନୀୟ ଶ୍ରମଦ୍ୱାରା ଉତ୍ପନ୍ନ କରି ନ ପାରି ଅନ୍ୟ ଉପରେ ନିର୍ଭର କଲେ ଜାତୀୟ ଜଡ଼ତା ଉପସ୍ଥିତ ହୋଇ କର୍ମ ପ୍ରତି ଅନିଚ୍ଛା ଏବଂ ଅଶ୍ରଦ୍ଧା ଜାତ କରାଇବ । ଆମ୍ଭମାନଙ୍କ ଦେଶରେ ସେହି ଦଶା ଉପସ୍ଥିତ ହେବାକୁ ଯାଉଛି । ନୂତନ ସଭ୍ୟତା ଦ୍ୱାରା ଆମ୍ଭମାନଙ୍କର ଅଭାବ ବଢୁଅଛି ମାତ୍ର ସେ ଅଭାବ ପୂରଣ କରିବା ପ୍ରତି ଆମ୍ଭେମାନେ ସଂପୂର୍ଣ୍ଣ ଉଦାସୀନ । ବର୍ତ୍ତମାନ ସତର୍କ ହେବା ବାଞ୍ଛନୀୟ । ଅନ୍ୟ ଦେଶର ଶିଳ୍ପସମୂହ ମନୁଷ୍ୟର ହାତ ଧରି ଚାଲିବାକୁ ଘୃଣା କରି ଗର୍ବର ସହିତ ପ୍ରକାଣ୍ଡ ପ୍ରକାଣ୍ଡ ଯନ୍ତ୍ରମାନଙ୍କର ସହାୟତା ନେଲାଣି, ମାତ୍ର ଆମ୍ଭମାନଙ୍କ ଦେଶରେ ଶିଳ୍ପ ଶୈଶବୋଚିତ ଦୁର୍ବଳତାକୁ ଅତିକ୍ରମ କରିପାରି ନାହିଁ । ତାହାର ଫଳ ହେଉଛି ଏହି ଯେ ସେମାନେ ପ୍ରକାଶ୍ୟ କ୍ଷେତ୍ରରୁ ପଳାଇଯାଇ ଅଚିହ୍ନିତ ସ୍ଥାନମାନଙ୍କରେ ମଲାପରି ହୋଇ ପଡ଼ି ରହିଛନ୍ତି । ବର୍ତ୍ତମାନ ଜୀବନ ଥାଉଁ ଥାଉଁ ଯେବେ ଦେଶୀୟ ଶିଳ୍ପକୁ ମୁଣ୍ଡ ଟେକେଇପାରିବା ତାହାହେଲେ ହେବ । ନଚେତ୍ ଆଉ କିଛି ଦିନ ପରେ କିଛି କରିବାର ଉପାୟ ନ ଥିବ । ଧନରେ

ହେଉ ବା ବିଦ୍ୟାରେ ହେଉ ଯେ ଯେତେ ଶକ୍ତିସମ୍ପନ୍ନ ହେଲେ ସୁଦ୍ଧା ପୁରୁଷାନୁକ୍ରମେ ସମସ୍ତ ଜାତି କଥା ଥାଉ, ତାହାର ଗୋଟିଏ ସାମାନ୍ୟ ଅଂଶକୁ ପୋଷିବା ଭଳି ରଖି ଯାଇପାରିବେ ନାହିଁ । ମାତ୍ର ଯେଉଁ ବ୍ୟକ୍ତି ଦଶଜଣଙ୍କୁ ହେଉ ପଛକେ ପୁରୁଷାନୁକ୍ରମେ ପୋଷିବା ଭଳି ଗୋଟିଏ ଜୀବିକାର ଉପାୟ ଦେଖାଇଦେଇ ଯିବ କିମ୍ବା କୌଣସି ଗୋଟିଏ ବ୍ୟବସାୟର ଉନ୍ନତି କରି ଶତ ଶତ ଲୋକଙ୍କ ଅନ୍ନ ସଂସ୍ଥାନ ପଥ ପରିଷ୍କାର କରିଦେବ ସେହି ହେଉଛି ଜନ୍ମଭୂମିର ଉପଯୁକ୍ତ ସନ୍ତାନ ।

**ବାଣିଜ୍ୟ** – ଶ୍ରମ ବିଭାଗ ହେଉଛି ସଭ୍ୟତାର ଚିହ୍ନ ଓ ସଭ୍ୟତାର ପରିବର୍ଦ୍ଧକ । କୃଷି ଓ ଶିଳ୍ପଠାରୁ ବାଣିଜ୍ୟର ସ୍ଥାନ କୌଣସି ଅଂଶରେ ନିକୃଷ୍ଟ ନୁହେଁ । ଆନ୍ତଃ ବାଣିଜ୍ୟ ଦେଶର ଧନ ଦେଶରେ ରକ୍ଷା କରେ, ବହିର୍ବାଣିଜ୍ୟ ବିଦେଶରୁ ଧନ ଆଣି ଦେଶକୁ ଧନବାନ୍ କରେ । ବହିର୍ବାଣିଜ୍ୟ ଆମ୍ଭଦେଶରେ ନୂତନ କଥା ନୁହେଁ, ଅତି ପ୍ରାଚୀନ କାଳରେ ଓଡ଼ିଆମାନେ ବୋଇତରେ ପଣ୍ୟଦ୍ରବ୍ୟ ନେଇ ସମୁଦ୍ର ପାରହୋଇ ବାଣିଜ୍ୟ କରିବାକୁ ଯାଉଥିଲେ । ସେ ବାଣିଜ୍ୟ କେତେ ବହୁଳ ପରିମାଣରେ ଚଳୁଥିଲା ପରମ୍ପରା ପ୍ରଚଳିତ କୌଳିକ କାହାଣୀରୁ ସହଜରେ ଅନୁମିତ ହୁଏ । ସାଧବପୁଅ ବୋଇତରେ ଯିବା କଥା ଅତି ପିଲାଦିନରୁ ସମସ୍ତଙ୍କ କାନରେ ନିଶ୍ଚୟ ପଡ଼ିଥିବ । ବାଳିକାମାନେ ଶ୍ରାବଣ ମାସର ପ୍ରତି ରବିବାର ଦିନ ଯେଉଁ ମଙ୍ଗଳାପୂଜା କରନ୍ତି ସେହି ଓଷାକଥାରେ ସାଧବପୁଅମାନଙ୍କ ବୋଇତ ନେଇଯିବା ପ୍ରଧାନ ଘଟନା ଅଟେ । ଅତଏବ ଯେଉଁ ବିଷୟ ବାଳକ ବାଳିକାମାନଙ୍କର ବୋଧଗମ୍ୟ ହୋଇ ଜନସାଧାରଣରେ ଆଖ୍ୟାୟିକା ରୂପରେ ବିସ୍ତାର ଲାଭ କରିଅଛି ତାହା ଯେ ଏକ ସମୟରେ ଏ ଦେଶରେ ଦୈନିକ ଜୀବନର ଅତି ସାଧାରଣ ଘଟଣା ଥିଲା ଏଥିରେ ସନ୍ଦେହ ନାହିଁ । ଏହିଠାରେ ଭାବି ଦେଖନ୍ତୁ ଆମ୍ଭମାନଙ୍କର କେତେଦୂର ଅବନତି ହୋଇଅଛି । ଅନ୍ୟଦେଶର ଲୋକମାନେ ସେହି ସମୟରେ ଯାହା କରୁଥିଲେ ଆମ୍ଭଦେଶର ଲୋକମାନେ ତାହା କରୁଥିଲେ । ମାତ୍ର ସେମାନେ ଉନ୍ନତି କରି କେତେ ଉପରେ ଯାଇ ଉଠିଲେଣି, ଆମ୍ଭେମାନେ ଉନ୍ନତି କରିବୁଁ କଣ ପୂର୍ବପୁରୁଷମାନଙ୍କର ଶୌର୍ଯ୍ୟାଦି ଗୁଣରେ ଜଳାଞ୍ଜଳି ଦେଇ ବର୍ତ୍ତମାନ ଆଳସ୍ୟପରାୟଣ, କାପୁରୁଷ ପ୍ରଭୃତି କେତେଗୁଡ଼ିଏ ସୁମଧୁର ବିଶେଷଣ ଉପାର୍ଜ୍ଜନ କରି ଆନନ୍ଦରେ ଭାସୁଅଛୁଁ । ଆମ୍ଭର ପୂର୍ବପୁରୁଷମାନେ ସେ ସମୟର ଦୁର୍ବଳ ବୋଇତ ଘେନି ସମୁଦ୍ର ପହଁରିବାକୁ ଯାଇଥିଲେ । ଆଜି ଆମ୍ଭେମାନେ ଉନ୍ନତ ବାଷ୍ପୀୟ ପୋତ ଏବଂ ରେଳପଥ ଯୋଗରେ ଘରୁ ବାହାରି ପାଞ୍ଚକୋଶ ଯିବାକୁ ଅନିଚ୍ଛୁକ । ବିଦେଶରେ ଯାଇ ବ୍ୟବସାୟ କରିବା ତ ଦୂରର କଥା, ଭାରତର ଅନ୍ୟାନ୍ୟ ପ୍ରଦେଶର ଭାଇମାନେ ଆସି ଆମ୍ଭ ଏଠାରେ ଉତ୍ପନ୍ନ ହେଉଥିବା କୃଷିଜାତ ଦ୍ରବ୍ୟ ସବୁ ଆମ୍ଭମାନଙ୍କ ଦ୍ୱାରା ଦେଶରେ ଯୋଗାଇ

ସୁନ୍ଦର ଲାଭବାନ୍ ହେଉଛନ୍ତି । ମାତ୍ର ଉତ୍କଳରେ ଯେଉଁମାନଙ୍କ ହାତରେ ଧନ ଅଛି ସେମାନେ ସ୍ନିଗ୍ଧ ଛାୟାରେ ବସି କଳନ୍ତର କଷିବା ଛଡ଼ା ଆଉ କିଛି ଜାଣନ୍ତି ନାହିଁ । ଶିଳ୍ପଜାତ ଦ୍ରବ୍ୟ ଏ ପ୍ରଦେଶରୁ ବିଦେଶକୁ ଯିବା ପ୍ରାୟ ଉଠିଗଲାଣି, ଯାହା ଯାଉଛି ତାହାର ସୁମାରିର ଅଯୋଗ୍ୟ । କୃଷିଜାତ ଦ୍ରବ୍ୟ ପ୍ରଧାନ ପଣ୍ୟ ଅଟେ । ମାତ୍ର ତାହାକୁ ଆମ୍ଭ ଦେଶରେ ଚାଷୀମାନେ ଦରିଦ୍ରତା ହେତୁରୁ ଅମଳ ସଙ୍ଗେ ସଙ୍ଗେ ବିକ୍ରୟ କରି ଦେଉଥିବାରୁ ଅନ୍ୟ ଦେଶାଗତ ଧନୀମାନେ ଶସ୍ତା ଦରରେ ତାହାକୁ କିଣି ମହାର୍ଘ ସମୟରେ କିମ୍ବା ମହାର୍ଘ ହୋଇଥିବା ଦେଶରେ ବିକି ଧନବାନ୍ ହେଉଛନ୍ତି । ଆମ୍ଭଦେଶର ଲୋକମାନେ ଯେବେ ତହିଁରେ ପ୍ରବୃତ୍ତ ହୁଅନ୍ତେ, ତାହାହେଲେ ସେହି ଅର୍ଥଟା ଆମ୍ଭଦେଶକୁ ଆସନ୍ତା ଏବଂ କୃଷକ ହାତରେ ନ ରହି ତାହା ଦେଶସ୍ଥ ଲୋକଙ୍କ ହାତରେ ରହିଲେ, ସମୟରେ ଅନ୍ୟ ବାଟଦେଇ ତାହା ପାଖକୁ ଆସିପାରନ୍ତା ।

**ଯୌଥ ବ୍ୟବସାୟ –** ଶିଳ୍ପ ଏବଂ ବାଣିଜ୍ୟର ବିଷୟ ଭାବିଲେ ଯୌଥ ବ୍ୟବସାୟର କଥା ସ୍ୱଭାବତଃ ମନରେ ଉଠେ । ସବୁ କ୍ଷେତ୍ରରେ ସମ୍ମିଳିତ ଚେଷ୍ଟା ହେଉଛି ଆଜିକାଲି ଯୁଗର ପ୍ରଧାନ ଲକ୍ଷଣ ଏବଂ ଯେଉଁ ଦେଶରେ ଯୌଥ ବ୍ୟବସାୟ ଯେତେ ଅଧିକ ସେ ଦେଶ ତେତେ ଉନ୍ନତି ଲାଭ କରିଅଛି । ମାତ୍ର ଆମ୍ଭଦେଶର ଲୋକମାନଙ୍କ ମନରେ ସେପରି ବ୍ୟବସାୟର ଧାରଣା ନାହିଁ କହିଲେ ଚଳେ । ଦେଖାଯାଏ କେତେଗୁଡ଼ିଏ ଲୋକ କୌଣସି ଗୋଟିଏ ସ୍ଥାନକୁ ଲକ୍ଷ୍ୟ କରି ବାହାରିଲେ କାହାରି ସହିତ କାହାର ଆଗରୁ ସମ୍ପର୍କ ନ ଥାଏ ତଥାପି ସହଯାତ୍ରୀ ସ୍ୱରୂପ ମିଳିତ ହୋଇ ପରସ୍ପର ସହାୟ ହୋଇଥାନ୍ତି । ବ୍ୟବସାୟରେ ସେହିରୂପ କେତେଗୁଡ଼ିଏ ଲୋକ ଏକ ଉଦ୍ଦେଶ୍ୟବିଶିଷ୍ଟ ହେବାର ଫଳ ହେଉଛି କମ୍ପାନୀ ଗଠନ । ଆମ୍ଭ ଏ ଦେଶରେ କମ୍ପାନୀ କାରବାର ଦେଖା ନ ଯିବାର କାରଣ ହେଉଛି ଏହି ଯେ ବ୍ୟବସାୟ ବାଣିଜ୍ୟକୁ ଆମ୍ଭେମାନେ ବହୁ ସଂକୀର୍ଣ୍ଣ ଦୃଷ୍ଟିରେ ଦେଖୁଅଛୁ । ଆମ୍ଭମାନଙ୍କର ଜୀବିକା ଚଳିଲେ ହେଲା; ବିସ୍ତୀର୍ଣ୍ଣ ବ୍ୟବସାୟ ସହିତ ଦେଶର କି ସମ୍ବନ୍ଧ ତାହା ଆମ୍ଭେମାନେ ଦେଖିପାରି ନାହୁଁ । ସେହି ହେତୁରୁ ବ୍ୟବସାୟକୁ ଉନ୍ନତ ଏବଂ ବିସ୍ତୀର୍ଣ୍ଣ ଭାବରେ ଚଳାଇବାର ଚେଷ୍ଟା ଆମ୍ଭମାନଙ୍କ ମନରେ ଜାଗ୍ରତ ହୋଇନାହିଁ । ତାହା ହୋଇଥିଲେ ବ୍ୟକ୍ତିଗତ ଚେଷ୍ଟା ଯେ ତାହା ସାଧନ କରିବାର ସମ୍ପୂର୍ଣ୍ଣ ଅସମର୍ଥ ଏ କଥା ବୁଝିପାରି କମ୍ପାନୀ ଗଠନ ସକାଶେ ଲୋକମାନଙ୍କ ମନରେ ଗୋଟିଏ ବ୍ୟଗ୍ରତା ଆସନ୍ତାଣି । ବର୍ତ୍ତମାନ କମ୍ପାନୀ ଗଠନ କଥା ଉଠାଇଲେ ଟଙ୍କା କିଛି ଦେଇ ଘରେ ବସି ବର୍ଷ ଶେଷରେ ଲାଭ ପାଇବାର ଭାବ ଛଡ଼ା ଆଉ କିଛି ଭାବ ଲୋକଙ୍କ ମନକୁ ସ୍ପର୍ଶ କରେ ନାହିଁ । ମାତ୍ର ନିଜର ଲାଭ ସହିତ ବ୍ୟବସାୟକୁ ଗୋଟିଏ ବିସ୍ତୃତ ଭିତ୍ତି ଉପରେ ଠିଆ କରିବାର ଆକାଂକ୍ଷା ରହିବାର ଉଚିତ ଏବଂ ସେହି ଆକାଂକ୍ଷା କାର୍ଯ୍ୟରେ ପରିଣତ

କରିବାକୁ ହେଲେ ଜଣକର ବିଦ୍ୟା, ବୁଦ୍ଧି, ଧନ ସାଧାରଣତଃ ଯଥେଷ୍ଟ ନୁହେଁ । ପାଞ୍ଚ ଜଣଙ୍କର ଶକ୍ତି ଏକୀଭୂତ ହେବା ଆବଶ୍ୟକ । ସମ୍ମିଳିତ ଭାବରେ କାର୍ଯ୍ୟ କରିବାର ଉପକାରିତା ହେଉଛି ଏହି ଯେ ତଦ୍ଦ୍ୱାରା ଶିଳ୍ପ ବାଣିଜ୍ୟର ଉନ୍ନତି ସଙ୍ଗେ ଲାଭ ମଧ୍ୟ ଅଧିକ ହୋଇଥାଏ, ଆଉ ଦୈବାତ୍ ବ୍ୟବସାୟରେ କ୍ଷତି ହେଲେ, ସେହି କ୍ଷତି ଜଣକ ଉପରେ ପଡ଼ିଲେ ଯେପରି ବାଧେ, ସେପରି ବାଧେ ନାହିଁ । ଏହା ଛଡ଼ା ଜାତୀୟ ଚରିତ୍ର ଉପରେ ଯୌଥ ବ୍ୟବସାୟର ନୈତିକ ପ୍ରଭାବ ମଧ୍ୟ କମ୍ ନୁହେଁ । ବିଚ୍ଛିନ୍ନ ସମାଜକୁ ଏକୀଭୂତ କରିବାରେ ଯୌଥ ବ୍ୟବସାୟ ଗୋଟିଏ ବାସ୍ତବ ଶକ୍ତି । ଅତଏବ ଯେଉଁମାନେ ଆମ୍ଭମାନଙ୍କ ମଧ୍ୟରେ ସଙ୍ଗତିସମ୍ପନ୍ନ ଏବଂ ଏହାର ଉପକାରିତାକୁ ବୁଝିପାରୁଅଛନ୍ତି ସେମାନେ ମିଳି ଏହାର ଆଦର୍ଶ ଦେଖାଇବା ହେଉଛି ସେମାନଙ୍କର କର୍ତ୍ତବ୍ୟ । ସମ୍ମିଳିତ ଚେଷ୍ଟାଜନିତ ଉପକାରିତାର ପ୍ରମାଣ ଲୋକେ ଆଖି ଉପରେ ଦେଖିପାରିଲେ ସେମାନେ ସେହିପରି କରିବାକୁ ପ୍ରବୃତ୍ତ ହେବେ । ପ୍ରଥମରୁ ଅନିଚ୍ଛୁକ ଲୋକମାନଙ୍କୁ ଗୋଟାଇବାର ଚେଷ୍ଟା କରିବା ଅପେକ୍ଷା ଉତ୍ସାହୀ କେତେ ଜଣ ମିଳି କାର୍ଯ୍ୟ ଆରମ୍ଭ କରିବା ଅଧିକତର ବାଞ୍ଛନୀୟ । ତାହାହେଲେ କାର୍ଯ୍ୟ ସାଙ୍ଗେ ସାଙ୍ଗେ ଏକଥା ଲୋକମାନଙ୍କୁ ଅଭିପ୍ସିତ ଶିକ୍ଷା ଦେଇପାରିବ । ଆମ୍ଭମାନଙ୍କ ଦେଶରେ ଶିଳ୍ପ ଲୁପ୍ତପ୍ରାୟ ହୋଇଅଛି । ତଥାପି ଏପରି ଅନେକ ପଦାର୍ଥ ହେଉଛି ଯାହା ବିଦେଶରେ ନିଶ୍ଚୟ ଆଦର ପାଇବ । ମାତ୍ର ଉତ୍ସାହ ଅଭାବରୁ ସେଗୁଡ଼ିକ ଦିନକୁ ଦିନ ମ୍ରିୟମାଣ ହେଉଅଛି । ସମ୍ମିଳିତ ଚେଷ୍ଟାଦ୍ୱାରା ଯେବେ ସେହି ମୁମୂର୍ଷୁ ଶିଳ୍ପକୁ ନବଜୀବନ ଦିଆଯାନ୍ତା ତାହାହେଲେ ବ୍ୟବସାୟୀ ଲୋକମାନଙ୍କର ଲାଭ ସଙ୍ଗେ ସଙ୍ଗେ ଦେଶୀୟ କାରିଗରମାନଙ୍କର ବନ୍ଦ ହୋଇ ଆସୁଥିବା ଜୀବିକାର ବାଟ ପୁନର୍ବାର ଉନ୍ମୁକ୍ତ ହୋଇଯାନ୍ତା ।

**ସମାଜ ସଂସ୍କାର** – ଆମ୍ଭମାନଙ୍କ ସମାଜରେ ଏପରି ଅନେକ ପ୍ରଥା ପ୍ରଚଳିତ ଅଛି ଯାହାକୁ ସବୁ ମାନି ଚଳିଲେ ବର୍ତ୍ତମାନ ଯୁଗରେ ଆଶାନୁରୂପ ଉନ୍ନତି ହୋଇପାରିବ ନାହିଁ । ଭାରତର ପ୍ରାଚୀନ ଆର୍ଯ୍ୟ ଜାତି ବର୍ତ୍ତମାନ ନାନାଦି ଶାଖା ପ୍ରଶାଖାରେ ବିଭକ୍ତ ହୋଇଅଛନ୍ତି । ସ୍ୱ ସ୍ୱ ଜାତିର ସୀମା ମଧ୍ୟରେ ପ୍ରତ୍ୟେକ ଅନ୍ୟ ସମସ୍ତଙ୍କଠାରୁ ଉତ୍କୃଷ୍ଟ ବୋଲି ମନେକରି କେହି କାହାର ଟାଣ ଛାଡ଼ିବାକୁ ନାହାନ୍ତି । ଏହାର ଫଳ ହେଉଛି ହୃଦୟର ସଂକୀର୍ଣ୍ଣତା ଏବଂ ଯେଉଁ ସାମାଜିକ ଜୀବନ ଜାତୀୟ ଜୀବନ ଗଠନରେ ସହାୟତା କରେ ସେହି ସାମାଜିକ ଜୀବନର ସମ୍ପୂର୍ଣ୍ଣ ଅଭାବ । ଯେଉଁ ସମୟରେ ଲୋକେ ନିଜ ଘର ବା ଗ୍ରାମ ଛାଡ଼ି ବିଦେଶକୁ ବାହାରୁ ନ ଥିଲେ, ସେ ସମୟରେ ଅଧୁନା ପ୍ରଚଳିତ ନିୟମମାନଙ୍କର ଶୃଙ୍ଖଳା ସେମାନେ ଅନୁଭବ କରିପାରୁ ନ ଥିଲେ । ବର୍ତ୍ତମାନ ପ୍ରାଣରକ୍ଷା ସକାଶେ ଦେଶ ବିଦେଶକୁ ଯିବାକୁ ହେବ

ଏବଂ ସେଥି ସକାଶେ ପ୍ରଚଳିତ ପ୍ରଥାମାନ ବଡ଼ ଉପଯୋଗୀ ନୁହେଁ । ଯେଉଁମାନେ ପ୍ରାଚୀନତାର ପ୍ରିୟ କାହିଁକି ନା ତାହା ପ୍ରାଚୀନ ଆମ୍ଭେ ସେମାନଙ୍କୁ ଗୋଟିଏ ସାଧାରଣ ଉଦାହରଣ ଦେଉଅଛୁ । ଯାହା କିଛି ଆମ୍ଭମାନଙ୍କ ସମାଜରେ ପ୍ରଚଳିତ ଅଛି, ତାହା ସବୁ ଯେବେ ବିଧିନିର୍ଦ୍ଦିଷ୍ଟ କିମ୍ବା ଶାସ୍ତ୍ରନିର୍ଦ୍ଦିଷ୍ଟ, ତା ହେଲେ ଆମ୍ଭମାନଙ୍କର ସମାଜ ଦିନକୁ ଦିନ ମ୍ରିୟମାଣ ହେଉଛି କାହିଁକି ? ଆଖି ଖୋଲି ବିସ୍ତୃତଭାବରେ ସମାଜ ଆଡ଼କୁ ଚାହିଁଲେ ପ୍ରାଚୀନତା ଯେ ସମ୍ପୂର୍ଣ୍ଣରୂପେ ବର୍ତ୍ତମାନର ଉପଯୋଗୀ ନୁହେଁ ଏହା ସେମାନେ ବୁଝିପାରିବେ । ଜାତୀୟ ଉନ୍ନତିରେ ସେ ସବୁ ସାମାଜିକ ଅନ୍ତରାୟ କଣ ତାହା ଗୋଟି ଗୋଟି କରି ଏଠାରେ କହିବା ଅନାବଶ୍ୟକ । କାରଣ ଯେଉଁମାନେ ବର୍ତ୍ତମାନ ଯୁଗର ଗତିକୁ ନିରୀକ୍ଷଣ କରୁଅଛନ୍ତି, ସେମାନେ ତାହା ବୁଝିପାରୁଅଛନ୍ତି; ଅତଏବ ସେମାନଙ୍କୁ ଜଣାଇବାର ପ୍ରୟୋଜନ ନାହିଁ । ଆଉ ଯେଉଁମାନେ ତାହା କରିନାହାନ୍ତି, ସେମାନଙ୍କୁ ଆମ୍ଭେ ଅନୁରୋଧ କରୁଅଛୁ, ସେମାନେ ନିଜେ ନିଜେ ତାହା ଦେଖିବାକୁ ଚେଷ୍ଟା କରନ୍ତୁ । ଏଥିରେ ଯେଉଁମାନେ ସଂସ୍କାରର ଆବଶ୍ୟକତା ଅନୁଭବ କରୁଅଛନ୍ତି ସେମାନଙ୍କର ଗୋଟିଏ ବିଶେଷ କର୍ତ୍ତବ୍ୟ ଅଛି । ସେ କର୍ତ୍ତବ୍ୟ ହେଉଛି ଏହି ଯେ ଜନସାଧାରଣଙ୍କର ଚିନ୍ତା ସେହି ଆଡ଼କୁ ଆକର୍ଷଣ କରିବା । ଯେତେଦିନଯାଏ ସମାଜ ଗୋଟିଏ ପ୍ରଥାର ଅପକାରିତା ଅନୁଭବ କରିପାରି ନାହିଁ ତେତେଦିନ ସର୍ବଦା ଚେଷ୍ଟାକରି ତାହାକୁ ଜାଗ୍ରତ କରାଇବା ଉଚିତ ଏବଂ ତହିଁ ସଙ୍ଗେ ସଙ୍ଗେ ଯେଉଁ ବାଟଦେଇ ଗଲେ ଲୋକେ ଅଳ୍ପ ପ୍ରତିବନ୍ଧକର ସମ୍ମୁଖୀନ ହେବେ ସେହି ବାଟରେ ଅଗ୍ରସର ହେବା କର୍ତ୍ତବ୍ୟ । ଅର୍ଥାତ୍ ଆମ୍ଭର କହିବାର ଉଦ୍ଦେଶ୍ୟ ହେଉଛି ଏହି ଯେ, ଯେଉଁ ସବୁ କଥା ବହୁକାଳରୁ ପ୍ରଚଳିତ ହୋଇ ଲୋକମାନଙ୍କ ହୃଦୟରେ ବଦ୍ଧମୂଳ ହୋଇଯାଇ ଅଛି, ତାହା ସବୁ ଚାହିଁବା ମାତ୍ରେ ନିରାକୃତ ହୋଇପାରିବ ନାହିଁ । ଆମ୍ଭମାନଙ୍କର ଏକ ଆଡ଼େ ଉନ୍ନତ ସାମାଜିକ ଆଦର୍ଶ, ଅନ୍ୟ ଆଡ଼େ ଲୋକ ସାଧାରଣଙ୍କର ବର୍ତ୍ତମାନ ମାନସିକ ଅବସ୍ଥା,ଏହି ଦୁଇଟି ପ୍ରତି ଦୃଷ୍ଟି ରଖି ଅଗ୍ରସର ହେବା ବାଞ୍ଛନୀୟ । ଜନସାଧାରଣଙ୍କର ସହାନୁଭୂତି ସହିତ ଯେଉଁ ପରିବର୍ତ୍ତନ କରାଯାଏ ତାହା ହେଉଛି ପ୍ରକୃତ ସଂସ୍କାର । ତାହା ନ କରି ସର୍ବସାଧାରଣଙ୍କୁ ଘୃଣା ଚକ୍ଷୁରେ ଦେଖି ନିଜେ ସାମାଜିକ ବନ୍ଧନରୁ ବାହାରିପଡ଼ିବାକୁ ଗଲେ ଲୋକମାନେ ଅଧିକତର ଦୃଢ଼ତାର ସହିତ ପ୍ରଚଳିତ ପ୍ରଥାମାନଙ୍କ ପ୍ରତି ଅନୁରକ୍ତ ହୋଇ ସଂସ୍କାର ପଥରେ ନାନାପ୍ରକାର ପ୍ରତିବନ୍ଧକ ଦିଅନ୍ତି । ସଂସ୍କାରର ଉତ୍ସାହ ଅବଶ୍ୟ ପ୍ରଶଂସନୀୟ । ମାତ୍ର ତାହା ପାତ୍ର ବିବେଚନାରେ ସଂଯମିତ ଭାବରେ କାର୍ଯ୍ୟ କଲେ ଅଧିକ ଶୁଭ ଫଳର ଆଶା କରାଯାଏ । ଏ କ୍ଷେତ୍ରରେ ବରଂ ଦେଖାଯାଉ ଅଛି ଯେ ନିଶବ୍ଦଭାବରେ ଯାହା ହେଉଅଛି ସଂସ୍କାରକମାନଙ୍କର ଚେଷ୍ଟା ତାହା କରିପାରି ନାହିଁ ଏବଂ

ପ୍ରକାଶ୍ୟରେ ଯେବେ ସେମାନେ ଚେଷ୍ଟା କରିବାକୁ ଯାଉଥାନ୍ତେ ତାହାହେଲେ କେତେଦୂର କୃତକାର୍ଯ୍ୟ ହୋଇଥାନ୍ତେ, କହି ହେଉନାହିଁ । ଉଦାହରଣ ସ୍ୱରୂପ ଦେଖନ୍ତୁ, ଆମ ଦେଶର ବେହେରାମାନେ, ଯେଉଁମାନେ କି ରକ୍ଷଣଶୀଳତାରେ ଅନ୍ୟ ଜାତିଠାରୁ ବଡ଼ କମ୍ ନୁହଁନ୍ତି; ସେମାନେ ଚାକିରୀ କରିବାକୁ ଯାଇ ଚୀନ୍, ଜାପାନ, ଆଫ୍ରିକା ପ୍ରଭୃତି ସ୍ଥାନରେ ବୁଲି ସ୍ୱଚ୍ଛନ୍ଦରେ ସମାଜ ମଧ୍ୟରେ ଗୃହୀତ ହେଉଅଛନ୍ତି । ଏହିପରି ନିଃଶବ୍ଦ ଭାବରେ କାର୍ଯ୍ୟ ହେଉଥିଲେ ସୁଦ୍ଧା ପ୍ରଚଳିତ ପ୍ରଥାମାନଙ୍କ ମଧ୍ୟରୁ ଯେଉଁଗୁଡ଼ିକ ଦୂର କରିବାକୁ ଚେଷ୍ଟା କରିବା ସର୍ବୋତଭାବେ କର୍ତ୍ତବ୍ୟ ଏବଂ ଯେଉଁମାନେ ସଂସ୍କାର କାର୍ଯ୍ୟରେ ବ୍ରତୀ ହେବେ ସେମାନଙ୍କର ନୈତିକ ଜୀବନ ସମ୍ପୂର୍ଣ୍ଣରୂପେ ନିଷ୍କଳଙ୍କ ହେବା ବାଞ୍ଛନୀୟ । ଏପରି କହିବାଦ୍ୱାରା ଆମ୍ଭର ଅଭିପ୍ରାୟ ନୁହେଁ ଯେ ଅନ୍ୟ ଲୋକମାନଙ୍କଠାରେ ଏହା କମ୍ ପରିମାଣରେ ଆବଶ୍ୟକ । ମାତ୍ର କଥା ହେଉଛି ଏହି ଯେ, ଯେଉଁମାନେ ସାମାଜିକ ପ୍ରଥାମାନଙ୍କ ବିରୁଦ୍ଧରେ ଚାଲନ୍ତି ତାଙ୍କର ଗତିବିଧି ପ୍ରତି ରକ୍ଷଣଶୀଳ ଲୋକମାନେ ବିଶେଷଭାବରେ ଦୃଷ୍ଟି ରଖି ଦୋଷ ଅନ୍ୱେଷଣ କରୁଥାନ୍ତି ।

**ଶିକ୍ଷା** – ଶିକ୍ଷା ହେଉଛି ଆମର ପରବର୍ତ୍ତୀ ମନ୍ତବ୍ୟ ବିଷୟ । ପାଶ୍ଚାତ୍ୟ ଦେଶମାନଙ୍କ ଆଡ଼କୁ ଚାହିଁ ଯେବେ କେହି ଆମ୍ଭଙ୍କୁ ପଚାରନ୍ତି ସେ ଦେଶସ୍ଥ ଲୋକମାନେ କାହିଁକି ଏପରି ଉନ୍ନତ ହୋଇଅଛନ୍ତି, କାହିଁକି ଆମଦେଶର କୃଷକମାନେ ସେହି ପ୍ରାଚୀନ କାଳର ଲଙ୍ଗଳ ହାତରେ ଧରି ଅଛନ୍ତି, ମାତ୍ର ପାଶ୍ଚାତ୍ୟ କୃଷକମାନେ ଆଶାତୀତ ଉନ୍ନତି କରିବାରେ ଲାଗିଅଛନ୍ତି; କାହିଁକି ଆମଦେଶର କାରିଗରମାନେ ସେହି ପ୍ରାଚୀନ କାଳର ହାତ ହତିଆର ଧରି ବସିଅଛନ୍ତି ମାତ୍ର ପାଶ୍ଚାତ୍ୟ କାରିଗରମାନେ ପ୍ରକୃତିର ଶକ୍ତିମାନଙ୍କୁ ବଶୀଭୂତ କରି ସ୍ୱଗର୍ବରେ ଆକାଶ, ପୃଥିବୀ, ନଦୀ, ସମୁଦ୍ର, ସମସ୍ତ ସ୍ଥଳକୁ ବ୍ୟବସାୟ କ୍ଷେତ୍ରରେ ପରିଣତ କରୁଅଛନ୍ତି ? କାହିଁକି ଆମଦେଶରେ ବାଣିଜ୍ୟର ନାମ ଧଇଲେ ଲୋକେ ସେହି ମଳିନବେଶୀ ଭାରବାହୀ ବେପାରିମାନଙ୍କ ଛଡ଼ା ଆଉ କିଛି ମନକୁ ଆଣିପାରନ୍ତି ନାହିଁ, ମାତ୍ର ପାଶ୍ଚାତ୍ୟ ଦେଶର ବଣିକମାନେ ଧନ କୁବେର ହୋଇ ଦେଶର ଶାସନ ଶକ୍ତିକୁ ମଧ୍ୟ ହାତମୁଠାରେ ରଖିଲା ପରି ରଖିଅଛନ୍ତି ? କୃଷି, ଶିଳ୍ପ, ବାଣିଜ୍ୟ ବର୍ତ୍ତମାନ ଆମ୍ଭ ଦେଶରେ ଘୃଣାର ବିଷୟ ହୋଇଛି । ମାତ୍ର ପାଶ୍ଚାତ୍ୟ ଦେଶମାନଙ୍କରେ ସେହି ସବୁ ଶକ୍ତି ସମ୍ମାନର ଆଧାର ଅଟେ, ଏହାର କାରଣ କଣ ? ଏହାର ଉତ୍ତର ହେଉଛି ଶିକ୍ଷା ।

ଜ୍ଞାନଚର୍ଚ୍ଚା ପ୍ରଥମେ ସବୁଦେଶର ସୀମାବଦ୍ଧ କ୍ଷେତ୍ରରେ ଜନ୍ମ ଏବଂ ପ୍ରତିପାଳିତ ହୋଇଅଛି । ମାତ୍ର ପାଶ୍ଚାତ୍ୟ ଦେଶମାନଙ୍କରେ ତାହା ଚିରଦିନ ସ୍ଥିର ନ ରହି ତାହାକୁ ଅତିକ୍ରମ କରି ଏବଂ କ୍ରମଶଃ ନିମ୍ନତମ ସ୍ତରରେ ପ୍ରବେଶ ଲାଭକରି ସମସ୍ତ ଜାତିର

ହୃଦୟକୁ ଉନ୍ନତ ଭାବରାଶିର ଉର୍ବର କ୍ଷେତ୍ରରେ ପରିଣତ କଲା । ମାତ୍ର ଆମ୍ଭଦେଶରେ ଚିରକାଳ ସ୍ୱଳ୍ପ ସଂଖ୍ୟକ ଲୋକଙ୍କ ମଧ୍ୟରେ ଆବଦ୍ଧ ରହିବାରୁ ଜନସାଧାରଣ ଜଡ଼ତାର ଅବସ୍ଥାକୁ ଅତିକ୍ରମ କରିପାରିଲେ ନାହିଁ । ସେହିହେତୁ ଗୋଟିକର କ୍ରମିକ ଉନ୍ନତି ଏବଂ ଅନ୍ୟଟିର କ୍ରମିକ ଅବନତି ହୋଇ ଆଜି ପାଶ୍ଚାତ୍ୟ ଜାତିମାନେ ଯାଇଁ ଉନ୍ନତିର ଶୀର୍ଷ ସୋପାନରେ ଉଠିଲେଣି, ଆମ୍ଭେମାନେ ଶୋଚନୀୟ ଅବସ୍ଥାରେ ରହିଅଛୁଁ ।

ସଂସାର ପକ୍ଷରେ ଆଲୋକ ଯେପରି, ମାନବହୃଦୟ ପକ୍ଷରେ ଜ୍ଞାନଚର୍ଚ୍ଚା ସେହିପରି । ଆଜି ଆମ୍ଭମାନଙ୍କର ଜନ୍ମଭୂମି ମଳିନ ମୁଖରେ, ମଳିନ ବେଶରେ ପଡ଼ିରହିଅଛି, ମାତ୍ର ଯେତେବେଳେ ତାହାର ଅଙ୍କସ୍ଥିତ ପ୍ରତ୍ୟେକ ପରିବାରରେ ନିତାନ୍ତପକ୍ଷେ ଜଣେ ସ୍ତ୍ରୀ ଜଣେ ପୁରୁଷ ଶିକ୍ଷିତ ହେବେ ସେ ଦିନ ତାହାର ମଳିନ ମୁଖ ଏବଂ ମଳିନ ବେଶ ରହିବ ନାହିଁ । ଜଣ କେତେକ ପୁତ୍ରଙ୍କ ଦ୍ୱାରା ମାତୃଭୂମିର ଗୌରବ ବଢ଼ିବ ନାହିଁ । ଯେତେବେଳେ ତାହାର ସମସ୍ତ ସନ୍ତାନମାନେ ସୁଶିକ୍ଷିତ ହୋଇ ହୃଦୟର ଆବେଗସହିତ ତାହାର ବିଷୟ ଭାବିବେ ଏବଂ ଖାଲି ଭାବିବେ ନୁହେଁ, ଭାବନା କାର୍ଯ୍ୟରେ ପରିଣତ କରିବାପାଇଁ ପ୍ରାଣ ପର୍ଯ୍ୟନ୍ତ ପଣ କରିବେ, ତେତେବେଳେ ଯାଇଁ ମୁଖରୁ ବିଷାଦର ଚିହ୍ନ ଲିଭିବ । ଶିକ୍ଷାର ଉପକାରିତା କଣ ତାହାର ପ୍ରମାଣ ସକାଶେ ଅଧିକ ଦୂରକୁ ଯିବାର ଆବଶ୍ୟକ ନାହିଁ । ବର୍ତ୍ତମାନ ଆମ୍ଭମାନଙ୍କ 'ଉତ୍କଳ ସମ୍ମିଳନୀ' ଆଡ଼କୁ ଚାହିଁ ଦେଖନ୍ତୁ । ମାତୃଭୂମିର ସୁଖ ଦୁଃଖ ଯେଉଁମାନଙ୍କର ହୃଦୟତନ୍ତ୍ରୀକୁ ସ୍ପନ୍ଦନ କରୁଅଛି, ଏହା ଯଦିଚ ସେହି ସୁପୁତ୍ରମାନଙ୍କ ହୃଦୟ ସ୍ପନ୍ଦନର ଫଳ ତଥାପି ଇଂରେଜ ରାଜାଙ୍କର ଶିକ୍ଷା ଦାନ ସେହି ଅନୁଭବର ମୂଳବର୍ତ୍ତୀ କାରଣ ନୁହେଁ କି ? ସେହି ଶିକ୍ଷା ଯେତେ ବିସ୍ତାର ଲାଭ କରିବ, ତେତେ ଉନ୍ନତିର ଆକାଂକ୍ଷା ବଳବତୀ ହେବ । ବଳବତୀ ହୋଇ ବର୍ତ୍ତମାନ ପରି ବକ୍ତୃତାରେ ଶେଷ ହେବ ତାହା ନୁହେଁ । କାର୍ଯ୍ୟ ହେବ ସେହି ଆକାଂକ୍ଷାର ଫଳ । ଶିକ୍ଷା ବିସ୍ତୃତି ସଙ୍ଗେ ସଙ୍ଗେ ସ୍ୱଦେଶ ଉନ୍ନତିର ଆକାଂକ୍ଷା ଘନିଭୂତ ହେଲେ ଆଉ କଥା କହିବାକୁ ସମୟ ନ ଥିବ । ଆମ୍ଭମାନଙ୍କର ସେ ସମୟ ଉପସ୍ଥିତ ହୋଇନାହିଁ । ଲୋକ-ସାଧାରଣ ଶିକ୍ଷିତ ହେବା ଆବଶ୍ୟକ । ଶିକ୍ଷିତ ହୋଇ ଯେତେବେଳେ ନିଜର ଲକ୍ଷ୍ୟ ସ୍ଥିର କରିବେ, ଯେତେବେଳେ ଗମ୍ଭୀରଭାବରେ କାର୍ଯ୍ୟରେ ରତ ହେବେ ତେତେବେଳେ ଶିକ୍ଷାର ଉଦ୍ଦେଶ୍ୟ ସିଦ୍ଧ ହେବ । ସେ ସମୟକୁ ଆଣିବାକୁ ଚେଷ୍ଟା କରିବା ଆମ୍ଭ-ମାନଙ୍କର କର୍ତ୍ତବ୍ୟ । ଗଭର୍ଣ୍ଣମେଣ୍ଟ ତାହା ଆରମ୍ଭ କରିଅଛନ୍ତି । ଆମ୍ଭମାନଙ୍କର ଯାହା ଶକ୍ତି ଅଛି ଆମ୍ଭେମାନେ ତହିଁରେ ବ୍ୟୟ କରିବା । ବର୍ତ୍ତମାନ ଉଚ୍ଚ ଶିକ୍ଷା ପ୍ରତି ଦୃଷ୍ଟି ଦେବାର ସମୟ ଆମ୍ଭମାନଙ୍କ ପ୍ରତି ଆସି ନାହିଁ । ଗଭର୍ଣ୍ଣମେଣ୍ଟ ଯେତିକି କରୁଅଛନ୍ତି ତେତିକିରେ ସନ୍ତୁଷ୍ଟ ଥାଇଁ ଆମ୍ଭମାନଙ୍କର ଶକ୍ତି ନିମ୍ନ ଶିକ୍ଷାରେ ବ୍ୟୟ କରିବା ଉଚିତ ।

ତାହା ହେଲେ ଦେଶୋନ୍ନତିର ମୂଳ ଭିତ୍ତି ସୁଦୃଢ଼ ହୋଇ ଭବିଷ୍ୟତ ମାର୍ଗକୁ ସୁଗମ କରିବ । ଆଜିକାଲି ଯାହା ଅପର ପ୍ରାଇମେରୀ ବିଦ୍ୟାଳୟର ସୀମା ସ୍ୱରୂପ ନିର୍ଦ୍ଦିଷ୍ଟ ରହିଅଛି, ଉତ୍କଳ ଅନ୍ତତଃ ଶତକରା ୭୫ ଜଣ ଲୋକ ସ୍ତ୍ରୀ ପୁରୁଷ ଉଭୟ ପ୍ରଥମେ ସେ ପର୍ଯ୍ୟନ୍ତ ଉଠିବା ଆବଶ୍ୟକ । କାରଣ ଜନସାଧାରଣ ଶିକ୍ଷିତ ହେଲେ ଉଚ୍ଚ ଶିକ୍ଷା ପ୍ରତି ସେମାନଙ୍କର ମନ ଆପେ ଆପେ ଧାବିତ ହେବ । ତେତେବେଳେ ଉଚ୍ଚ ବିଦ୍ୟାଳୟ ସ୍ଥାପନ ହେବାର ସମୟ ଆସିବ । ଜନସାଧାରଣଙ୍କୁ ପ୍ରାଥମିକ ଶିକ୍ଷାରେ ଶିକ୍ଷିତ କରାଇ ଉଚ୍ଚଶିକ୍ଷା ପ୍ରତି ସେମାନଙ୍କର ଆସ୍ଥା ଆକାଂକ୍ଷା ଜାଗ୍ରତ ନ କରାଇଲେ ଶିକ୍ଷାର ଉଦ୍ଦେଶ୍ୟ ସଫଳ ହେବ ନାହିଁ, କିମ୍ବା ତାହା ନ କରାଇବା ଯାଏ ଶିକ୍ଷାର ମୂଳଭିତ୍ତି ସ୍ଥାପିତ ହେଲା ବୋଲି କୁହାଯାଇ ନ ପାରେ । ଏହି ମୂଳଭିତ୍ତି ସ୍ଥାପନ ଏକଆଡ଼େ ଯେପରି ନିତାନ୍ତ ପ୍ରୟୋଜନ ଅନ୍ୟ ଆଡ଼େ ସେହିପରି ସହଜସାଧ୍ୟ । ଉଚ୍ଚ ବିଦ୍ୟାଳୟମାନ ସ୍ଥାପନ କରିବା ଜନସାଧାରଣଙ୍କ ଶକ୍ତିର ବହିର୍ଭୂତ । ମାତ୍ର ଯେଉଁମାନେ ଟିକିଏ ଭଲ ଅବସ୍ଥାପନ୍ନ ସେମାନଙ୍କ ମଧ୍ୟରୁ ପୁଣି ଦୁଇ ତିନିଜଣ ଏକତ୍ର ହେଲେ ସ୍ୱଚ୍ଛନ୍ଦରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିପାରନ୍ତି । ଆଉ ଯେଉଁମାନେ ସଙ୍ଗତିସମ୍ପନ୍ନ ବ୍ୟକ୍ତି ସେମାନଙ୍କର ଦୃଷ୍ଟି ଯେ ସର୍ବପ୍ରଥମେ ଏଥି ଉପରେ ପଡ଼ିବାର ଉଚିତ ତହିଁରେ କଥା ନାହିଁ । ତେବେ ଆମ୍ଭମାନଙ୍କର ଆଉ ଗୋଟିଏ କଥା ମନେ ରଖିବା କର୍ତ୍ତବ୍ୟ । ବର୍ତ୍ତମାନ ଶିକ୍ଷାର ଅବସ୍ଥା ବିବେଚନାରେ ପ୍ରାଥମିକ ଶିକ୍ଷା ପ୍ରତି ଆମ୍ଭମାନଙ୍କର ବିଶେଷ ଦୃଷ୍ଟି ରଖିବା ସର୍ବପ୍ରଥମ କର୍ତ୍ତବ୍ୟ ହେଲେହେଁ ଯେଉଁ ଯୁବକମାନେ ଉଚ୍ଚଶିକ୍ଷା ଲାଭକରି ଦେଶୀୟ ଶିଳ୍ପର ଉନ୍ନତି ଆଶାରେ କିମ୍ବା ଅନ୍ୟ କୌଣସି ବିଦ୍ୟାରେ ବିଶେଷ ପାରଦର୍ଶିତା ଲାଭ ଆଶାରେ ଅନ୍ୟ ଦେଶମାନଙ୍କୁ ଯାଇ ଉପଯୁକ୍ତ ଶିକ୍ଷା ଲାଭ କରିବାକୁ ଆକାଂକ୍ଷିତ, ସେମାନଙ୍କର ଅବସ୍ଥା ଭଲ ନ ଥିଲେ ସେମାନଙ୍କୁ ସାହାଯ୍ୟ ଦେବା ଆମ୍ଭମାନଙ୍କର ଆଉ ଗୋଟିଏ କର୍ତ୍ତବ୍ୟ । ତାହାହେଲେ ନିମ୍ନଶିକ୍ଷା ଦ୍ୱାରା ଲୋକମାନଙ୍କର ଦୃଷ୍ଟି ଶିକ୍ଷା ପ୍ରତି ଆକୃଷ୍ଟ ହେବାବେଳକୁ ସେମାନଙ୍କର ଆଗରେ ଉଚ୍ଚତର ଆଦର୍ଶ ରହିଥିଲେ ସହଜରେ ସେମାନେ ତେଣିକି ଧାବିତ ହେବେ ଏବଂ ସେପରି ହେବାଦ୍ୱାରା ଶିକ୍ଷାର ସ୍ରୋତ ପ୍ରାଥମିକ ପାଠଶାଳାଠାରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ଏ ଉଦ୍ଦେଶ୍ୟରେ ଧାବିତ ଏବଂ ଚାଳିତ ହେବ ।

**ଉତ୍କଳ ସମ୍ମିଳନୀ** – ଶେଷରେ ଆମ୍ଭମାନଙ୍କର ଏହି ସମ୍ମିଳନୀ ସମ୍ବନ୍ଧରେ କିଛି କହି ଆମ୍ଭର ବକ୍ତବ୍ୟ ଶେଷ କରିବୁ । ଆସି ଚାରିବର୍ଷ ଗତ ହେଲା, ସମ୍ମିଳନୀର ଶୈଶବ ସୁଲଭ ଦୁର୍ବଳତା ଘୁଞ୍ଚିନାହିଁ । ଏ ଗୋଟିଏ ମହତ୍ ଜାତୀୟ ଅନୁଷ୍ଠାନ । ଜାତୀୟ ଉନ୍ନତିକୁ ଜୀବନର ଧ୍ରୁବତାରା କରି ସମ୍ମିଳନୀ ଜନ୍ମ ହୋଇଛି । ମାତ୍ର ସେ ଉଦ୍ଦେଶ୍ୟ ସାଧନୋପଯୋଗୀ କାର୍ଯ୍ୟ କାହିଁ ? ଉତ୍କଳ ସମ୍ମିଳନୀ ଯେବେ ସମସ୍ତ

ଉତ୍କଳ ସନ୍ତାନମାନଙ୍କର ହୃତ୍‌ପିଣ୍ଡ ସ୍ୱରୂପ ହୋଇ ସମସ୍ତଙ୍କଠାରେ ଜୀବନଶକ୍ତି ସଂଚାର କରିବ, ତାହାହେଲେ ତାହାର କ୍ରିୟା ତଦନୁରୂପ ହେବା ଆବଶ୍ୟକ । ତାହାହେଲେ ଯାଇ ଲକ୍ଷ ଲକ୍ଷ ହୃଦୟକୁ ସ୍ପନ୍ଦନ କରି ଲକ୍ଷ ଲକ୍ଷ ବ୍ୟକ୍ତିଙ୍କୁ ଜାତୀୟ ଜୀବନରେ ଅନୁପ୍ରାଣିତ କରିବ । ନଚେତ୍ ବର୍ତ୍ତମାନ ଯେଉଁ ଦୁର୍ବଳ ଜୀବନୀଶକ୍ତିରେ ସମ୍ମିଳନୀ ଜୀବିତ ଅଛି, ତଦ୍ଦ୍ୱାରା ଅନ୍ୟ କଥା କଣ ନିଜେ କେତେଦିନ ଜୀବିତ ରହିବ କହିହେଉ ନାହିଁ । ବର୍ତ୍ତମାନଯାଏ ଉତ୍କଳ ସମ୍ମିଳନୀ ବାସ୍ତବରେ ଜାତୀୟ ଅନୁଷ୍ଠାନରେ ପରିଣତ ହୋଇନାହିଁ । ଥରେ ଏହାର ମୃଦୁ-ହିଲ୍ଲୋଳ ସମସ୍ତ ଉତ୍କଳବାସୀଙ୍କ ହୃଦୟକୁ ସ୍ପର୍ଶ କରି ଆସିଅଛି ଏତିକି ମାତ୍ର । ଲୋକେ ଆଉ ବେଶୀ କିଛି ଜାଣି ନାହାନ୍ତି । ମାତ୍ର ଜାତୀୟ ଜଡ଼ତା ଭାଙ୍ଗିବା ସକାଶେ ତେତିକି ଯଥେଷ୍ଟ ନୁହେଁ । ଯେବେ ଉତ୍କଳ ସମ୍ମିଳନୀର ପ୍ରବଳ ଉଚ୍ଛ୍ୱାସ ଘନ ଘନ ସେମାନଙ୍କ ହୃଦୟରେ ଆଘାତ କରିବ ତେବେ ଯାଇଁ ଜଡ଼ ନିଦ୍ରା ଭାଙ୍ଗିବ । ସେ ଶକ୍ତି ସମ୍ମିଳନୀର କାହିଁ ? ବର୍ତ୍ତମାନ ସମ୍ମିଳନୀ ଯେପରିଭାବରେ ପରିପୁଷ୍ଟ ତାହା ପରିବର୍ତ୍ତିତ ନ ହେଲେ ସେ ଶକ୍ତି ଯେ କୌଣସି ସମୟରେ ଆସିବ ଏପରି ଆଶା ମଧ କରାଯାଇ ନ ପାରେ । ଯେତେଦିନ ଯାଏ ଆମ୍ଭମାନଙ୍କର ଏହି ସମ୍ମିଳନୀ ନାମରେ ଉତ୍କଳ ସନ୍ତାନଙ୍କ ହୃଦୟ ନାଚି ଉଠିନାହିଁ ତେତେଦିନ ଯାଏ ଏହା ଜାତୀୟ ଜୀବନର ପୀଠସ୍ଥାନ ବୋଲି କୁହାଯାଇ ପାରିବ ନାହିଁ । ଉତ୍କଳ ସମ୍ମିଳନୀକୁ ଜାତୀୟ ଜୀବନର କେନ୍ଦ୍ରିକ ଶକ୍ତି ସ୍ୱରୂପ ପ୍ରତିଷ୍ଠିତ କରିବାକୁ ହେଲେ ତାହାର ଭିତ୍ତି ଦୃଢ଼ କରିବାକୁ ହେବ ଏବଂ ତାହାର କାର୍ଯ୍ୟକାରିତା ବୃଦ୍ଧି କରିବାକୁ ହେବ । କି ଉପାୟଦ୍ୱାରା ତାହା କରିବାକୁ ହେବ ଏ ବିଷୟ ସ୍ଥିର ହେବା ଆବଶ୍ୟକ । ବର୍ତ୍ତମାନ ଆମେ ଏତିକି କହିପାରୁ ଯେ, ସମ୍ମିଳନୀର ଭିତ୍ତି ଦୃଢ଼ କରିବାକୁ ହେଲେ ଦୁଇଟି ପ୍ରଧାନ ବିଷୟର ଆବଶ୍ୟକ – (୧) କାର୍ଯ୍ୟ ପ୍ରଣାଳୀ ସ୍ଥିରୀକରଣ, (୨) ନିର୍ଦ୍ଧାରଣମାନ କାର୍ଯ୍ୟରେ ପରିଣତ କରିବା ପାଇଁ ଅର୍ଥ ସଂଗ୍ରହ ।

(୧) କାର୍ଯ୍ୟ ପ୍ରଣାଳୀ – ଉତ୍କଳ ସମ୍ମିଳନୀ ରୂପ ସୁବୃହତ୍ ଅନୁଷ୍ଠାନକୁ କାର୍ଯ୍ୟକାରୀ କରିବା ସକାଶେ କେତେଗୁଡ଼ିଏ ନିୟମ ବିଧିବଦ୍ଧ ହେବା ବାଞ୍ଛନୀୟ । ଯଦ୍ଦ୍ୱାରା ସମ୍ମିଳନୀଠାରୁ ଆରମ୍ଭ କରି ଶାଖା ଉପଶାଖା ପର୍ଯ୍ୟନ୍ତ ସମସ୍ତ ସମିତି ଚାଳିତ ହେବ । ଏପରି କରିବା କାହିଁକି ଆବଶ୍ୟକ – ତା ସମ୍ବନ୍ଧରେ ଆମର କିଛି କହିବା ନିଷ୍ପ୍ରୟୋଜନ । କାରଣ ଗୋଟିଏ ସାଧାରଣ ସଭା ସମିତିର ସୁପରିଚାଳନା ସକାଶେ ସେହିପରି ନିୟମ ଆବଶ୍ୟକ ହେଉଅଛି । ଗୋଟିଏ ଜାତିର ଅଦୃଷ୍ଟକୁ ଫେରାଇବା ତ ହେଉଛି ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ । ବର୍ତ୍ତମାନ ଯଦିଚ ଏହା ଏପରି ଦୁର୍ବଳ ଭାବରେ ଗତି କରୁଅଛି, ଏହାର ଭବିଷ୍ୟତ କେଉଁଠାରେ ନିହିତ ଅଛି ଏବଂ ଏହାର କାର୍ଯ୍ୟକାରୀ ଶକ୍ତି ଯେ କେତେକାଳ ବ୍ୟାପି ହୋଇ ରହିବ ତାହା ବର୍ତ୍ତମାନ କୁହାଯାଇ

ନ ପାରେ । ବର୍ତ୍ତମାନ ଏହା ସାମାଜିକ ମିଳନ ପରି ବୋଧ ହୋଇପାରେ । ମାତ୍ର କିଏ ନାହିଁ କରିବ ଯେ ସମୟରେ ଏହା ଗୋଟିଏ ବର୍ଦ୍ଧିଷ୍ଣୁ ଜାତିର କେନ୍ଦ୍ରୀଭୂତ ଉତ୍ସାହ, ଉଦ୍ୟମ ଏବଂ ଶକ୍ତିର ବିଗ୍ରହ ସ୍ୱରୂପ ଦଣ୍ଡାୟମାନ ହୋଇପାରେ ? ସୁତରାଂ ତାହାର ଗତିକୁ କେତେଗୁଡ଼ିଏ ନିୟମ ଉପରେ ପ୍ରତିଷ୍ଠିତ କରିବା କର୍ତ୍ତବ୍ୟ ।

(୨) ଅର୍ଥ ସଂଗ୍ରହ – ଆଜିକାଲି ଅର୍ଥ ହେଉଛି ଶକ୍ତି – ପ୍ରଧାନ ଅସ୍ତ୍ର । ବ୍ୟକ୍ତି-ଭାବରେ କଣ, ସମଷ୍ଟି ଭାବରେ କଣ, ଯାହା କିଛି କରିବାକୁ ହେବ ତହିଁରେ ଅର୍ଥର ଆବଶ୍ୟକ । ଉପସ୍ଥିତ କ୍ଷେତ୍ରରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନର ନିର୍ଦ୍ଧାରଣମାନ କାର୍ଯ୍ୟରେ ପରିଣତ କରିବା ମଧ୍ୟ ସେହିପରି ବ୍ୟୟସାପେକ୍ଷ । ସୁତରାଂ ଏହି ଆବଶ୍ୟକ ବ୍ୟୟ ନିର୍ବାହୋପଯୋଗୀ ଅର୍ଥ ସଂଗ୍ରହ ସକାଶେ ସମୀଚୀନ ଉପାୟ ଅବଲମ୍ବନ କରିବା ଉଚିତ । ଏ ସମସ୍ତ ବ୍ୟୟ ବହନ କରିବା ଜଣକର ଶକ୍ତି ନୁହେଁ । କାହାରି ଶକ୍ତି ଥିଲେ ମଧ୍ୟ ସେ ତତ୍ସମସ୍ତ ଏକାକୀ ବହନ କଲେ ସମ୍ମିଳନୀର ଉଦ୍ଦେଶ୍ୟ ପ୍ରକୃତ ରୂପେ ସାଧିତ ହେବନାହିଁ । କାରଣ ଆମ୍ଭ ଦେଶର ଲୋକମାନେ ଯେତେଦିନ ଯାଏ ଦେଶର ମଙ୍ଗଳ ଉଦ୍ଦେଶ୍ୟରେ ସାମାନ୍ୟ ତ୍ୟାଗ ସ୍ୱୀକାର କରିବାକୁ ଶିଖିନାହାନ୍ତି, ଯେତେଦିନ ଯାଏ ଜାତୀୟ ଜୀବନ ଗଠିତ ହୋଇନାହିଁ ତେତେଦିନ ଯାଏ ମଧ୍ୟ ଜାତୀୟ ଉତ୍ଥାନର ଆକାଂକ୍ଷା ବିଡ଼ମ୍ବନା ମାତ୍ର । ଆମ୍ଭ ଦେଶର ଲୋକେ ତ୍ୟାଗ କଣ ଜାଣିନାହାନ୍ତି । ତ୍ୟାଗ ମନ୍ତ୍ରରେ ସେମାନଙ୍କୁ ଦୀକ୍ଷିତ କରିବାକୁ ହେବ । ପୂର୍ବପୁରୁଷମାନଙ୍କର କଥା ସେମାନଙ୍କ ମନରେ ଜାଗ୍ରତ କରାଇବାକୁ ହେବ । ଉତ୍କଳ ରାଜାମାନଙ୍କ କୀର୍ତ୍ତି ଆଡ଼କୁ ଚାହିଁ ଦେଖନ୍ତୁ ସେମାନଙ୍କର ଯାହା ଶକ୍ତି, ସାମର୍ଥ୍ୟ, ବିଭବ, ତତ୍ସମସ୍ତ ଆତ୍ମସୁଖରେ ବ୍ୟୟ ନ କରି ଧର୍ମ କାର୍ଯ୍ୟରେ ବ୍ୟୟ କରୁଥିଲେ । ଆଜି ଶତ ଶତ ଭଗ୍ନ ମନ୍ଦିର ଦୃଷ୍ଟିଗୋଚର ହେଉଅଛି । ସେମାନେ ଆତ୍ମସୁଖରେ ଶକ୍ତିର ଅପବ୍ୟୟ କରି ନାହାନ୍ତି । ତାହା ହୋଇଥିଲେ ତାହାର ନିଦର୍ଶନ ଏକାବେଳେ ଅଦୃଶ୍ୟ ହୋଇଯାଇ ଥାନ୍ତା । ତେବେ ସେ ସମୟରେ ସେମାନେ ଧର୍ମକାର୍ଯ୍ୟରେ ତ୍ୟାଗ ସ୍ୱୀକାର କରୁଥିଲେ । ଆଜିକାଲି ଦେଶସେବା ହେଉଛି ଆମ୍ଭମାନଙ୍କର ଧର୍ମ । ଏଥିରେ କାହିଁକି ଆମ୍ଭେମାନେ ତ୍ୟାଗ ସ୍ୱୀକାର ନ କରି ଆମ୍ଭମାନଙ୍କ ପୂର୍ବପୁରୁଷ-ମାନଙ୍କର ଉପଯୁକ୍ତ ବଂଶଧର ନ ହେବା ? ଆମ୍ଭେମାନେ ଦୈନିକ ଜୀବନରେ ଏପରି ଅନେକ ପଦାର୍ଥ ବ୍ୟବହାର କରୁଅଛୁ, ଯାହା ଆମ୍ଭମାନଙ୍କ ଜୀବନରକ୍ଷା ସକାଶେ ଆଦୌ ଆବଶ୍ୟକ ନୁହେଁ । ତହିଁରୁ ଗୋଟିଏ ମାତ୍ର ବିଳାସ ଦ୍ରବ୍ୟ ଛାଡ଼ିଲେ ସମସ୍ତ ଉତ୍କଳ ସନ୍ତାନମାନଙ୍କଠାରୁ ତଦ୍ଵାରା ଯାହା ଅର୍ଥ ସଞ୍ଚିତ ହେବ ତହିଁରେ ଏ ଦେଶର ସେବାବ୍ରତ ସହଜରେ ସାଧିତ ହୋଇପାରିବ । ଯେତେଦିନ ଯାଏ ତାହା ହୋଇନାହିଁ, ଯେତେଦିନ ଯାଏ ସାମାନ୍ୟ କୁଟୀରବାସୀ ପର୍ଯ୍ୟନ୍ତ ପଇସାଟିଏ ଦେଶ ସକାଶେ

ଉତ୍ସର୍ଗ କରିବାକୁ ଶିଖିନାହାନ୍ତି ତେତେଦିନ ଯାଏଁ ଉତ୍କଳ ସମ୍ମିଳନୀ ଜାତୀୟ ଅନୁଷ୍ଠାନ ହେଲାବୋଲି କହିହେବ ନାହିଁ । ଧନପତିମାନଙ୍କର ଶତ ଶତ ଟଙ୍କା ନୁହେଁ ଲକ୍ଷ ଲକ୍ଷ କୁଟୀରବାସିମାନଙ୍କର ହୃଦୟୋଚ୍ଛ୍ୱାସ ମିଶ୍ରିତ କଷ୍ଟସଞ୍ଚିତ ତାମ୍ର ମୁଦ୍ରା ଉତ୍କଳ ସମ୍ମିଳନୀକୁ ଜୀବିତ କରିବ, ଉତ୍କଳ ମାତାଙ୍କର ଉପାଦେୟ ନୈବେଦ୍ୟ ହେବ । ମାତ୍ର ସେ ଦିନ ବହୁଦୂରରେ ଅଛି । ଗୋଟିଏ ସ୍ଥାନରେ ଆଘାତ କଲେ ସମସ୍ତ ଉତ୍କଳ ସନ୍ତାନଙ୍କର ହୃଦୟତନ୍ତ୍ରୀ ସମସ୍ୱରରେ ବାଜି ଉଠିବ, ସେଦିନ ଆସିବାକୁ ଡେରି ଅଛି । ସେ ଦିନ ଆସିଲେ ଉତ୍କଳ ସନ୍ତାନମାନଙ୍କର ଜଡ଼ ନିଦ୍ରା ଭାଙ୍ଗିଯିବ; ଉନ୍ନତିର ସ୍ରୋତ ପ୍ରବଳ ବେଗରେ, ଅବାରିତ ଗତିରେ ବହିତ ହେବ । ମାତ୍ର ସେ ଦିନ ଉପସ୍ଥିତ ହୋଇନାହିଁ । ଏଥିମଧ୍ୟରେ ଆମ୍ଭମାନଙ୍କର କର୍ତ୍ତବ୍ୟ କଣ ? ଶୋଇ ରହିଲେ ସେ ଦିନ ନିଜେ ନିଜେ ଆସି ପହୁଞ୍ଚିବ ନାହିଁ । ଆମ୍ଭମାନଙ୍କର ଆଉ ଭାଇମାନେ ଜଡ଼ ନିଦ୍ରାରେ ଶୋଇ ରହିଅଛନ୍ତି ବୋଲି କି ଆମ୍ଭେମାନେ ଜାଣି ଜାଣି ତାଙ୍କରି ପରି ଶୋଇରହିବା ? ନା ତା କଲେ ଆମ୍ଭେମାନେ କେଭେ ଶାନ୍ତିରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବୁ ନାହିଁ । ଯେଉଁମାନଙ୍କ ହୃଦୟରେ ଦେଶର ଚିନ୍ତା ପଶିନାହିଁ ସେମାନଙ୍କ କଥା ସ୍ୱତନ୍ତ୍ର । ସେମାନେ ଅନ୍ତିମ ଶଯ୍ୟାରେ ବିବେକ ଦଂଶନରେ ଦ୍ରଂଷ୍ଟ ହେବେ ନାହିଁ । ମାତ୍ର ଆମ୍ଭେମାନେ ଜାଣିଶୁଣି ଯେବେ ନିଷ୍କ୍ରିୟ ହୋଇ ଜୀବନ ଅତିବାହିତ କରୁଁ ତାହାହେଲେ ଶେଷ ମୁହୂର୍ତ୍ତରେ ଆମ୍ଭମାନଙ୍କୁ ସାନ୍ତ୍ୱନା ଦେବାପାଇଁ କିଛି ନ ଥିବ । ଏ ହେତୁ ଆସ, ଭାଇମାନେ ! ଯଥାଶକ୍ତି ମାତୃପୂଜାରେ ଯୋଗଦେବା । ଯେଉଁ ମାତାର କ୍ରୋଡ଼ରେ ଆମ୍ଭେମାନେ ପ୍ରତିପାଳିତ, ଯାହାର ବକ୍ଷ ବିଦୀର୍ଣ୍ଣ କରି ଆମ୍ଭେମାନେ ଆହାର ଏବଂ ଉପଭୋଗ ସାମଗ୍ରୀ ସଂଗ୍ରହ କରୁଅଛୁଁ, ତହିଁରୁ କିଛି ତାହା ସକାଶେ ବ୍ୟୟ କରିବା ଏବଂ ଆଉ ଭାଇମାନଙ୍କୁ ଏହି ମନ୍ତ୍ରରେ ଦୀକ୍ଷିତ କରିବା ।

କି ଉପାୟ ଅବଲମ୍ବନ କଲେ ଆବଶ୍ୟକ ଅର୍ଥ ସଂଗୃହୀତ ହେବ ତାହା କାର୍ଯ୍ୟ-ନିର୍ବାହିକା ସମିତି ସ୍ଥିର କରନ୍ତୁ । ଆମ୍ଭେ କେବଳ ଏତିକି କହିପାରୁ ଯେ, ଏହା ଜନସାଧାରଣଙ୍କ ଇଚ୍ଛା ଉପରେ ଛାଡ଼ିଦେଇ ନିଶ୍ଚେଷ୍ଟ ରହିଲେ ଚଳିବ ନାହିଁ । ସେମାନଙ୍କୁ ସମସ୍ତ ବିଷୟ ପୁନଃ ପୁନଃ ବୁଝାଇବାକୁ ହେବ । ସେମାନଙ୍କ ହୃଦୟରେ ସ୍ୱଦେଶବ୍ରତର ଭାବ ଜାଗ୍ରତ କରାଇବାକୁ ହେବ ଏବଂ ତହିଁ ସଙ୍ଗେ ସଙ୍ଗେ ଯଦୃଚ୍ଛା ଦାନ ଆଦର ସହିତ ଗ୍ରହଣ କରିବାକୁ ହେବ । ଏ ବିଷୟରେ ଲୋକସାଧାରଣଙ୍କୁ ନିୟମିତ ରୂପେ ଦୀକ୍ଷିତ କରାଇବାକୁ ହେବ । ସାହାଯ୍ୟ ଦେବା ସକାଶେ ଶାଖା ସମିତି ଏବଂ ଗ୍ରାମ୍ୟ ସମିତିମାନଙ୍କୁ ଆହ୍ୱାନ କରିବାକୁ ହେବ । ସାହାଯ୍ୟ ଦେବାପାଇଁ ଲୋକମାନଙ୍କୁ ଏହିପରିଭାବରେ ପ୍ରବୃତ୍ତ ନ କରାଇଲେ ସମ୍ମିଳନୀର ଆର୍ଥିକ ଅବସ୍ଥା ଭଲ ହେବ ନାହିଁ । ଆର୍ଥିକ ଅଭାବ ଦୂର ନ ହେଲେ କାର୍ଯ୍ୟକାରୀ ଶକ୍ତି ଆସିବ ନାହିଁ

ଏବଂ କାର୍ଯ୍ୟକାରୀ ଶକ୍ତି ନ ଆସିଲେ ଜଡ଼ତା ଦୋଷରେ ଦିନେ ସମ୍ମିଳନୀ ଲୋପ ହୋଇଯିବାର ସମ୍ଭାବନା ।

ସ୍ୱଦେଶ ପ୍ରେମ ଏବଂ ଜାତୀୟ ଭାବ ଜନସାଧାରଣଙ୍କ ହୃଦୟରେ ଯେତେ ଗଢ଼ି ହେବ ତେତେ ଜାତୀୟ ଉନ୍ନତିର ଆକାଂକ୍ଷା ବଳବତୀ ହେବ । ତାହାହେଲେ ଆର୍ଥିକ ଅଭାବ ରହିବ ନାହିଁ । ଏଥି ସକାଶେ ଉତ୍ସାହୀ ପ୍ରଚାରକ ଏବଂ ସୁଚାଳିତ ଖଣ୍ଡେ ପତ୍ରିକାର ଆବଶ୍ୟକ । ଏହାଛଡ଼ା ଜାତୀୟ ଭାବ ଜାଗ୍ରତ କରିବା ଆମ୍ଭଦେଶସ୍ଥ ସମ୍ବାଦପତ୍ରମାନଙ୍କର ଗୋଟିଏ ଉଦ୍ଦେଶ୍ୟ ହେବା ଉଚିତ । ଏ ସବୁ ଦ୍ୱାରା ସମ୍ମିଳନୀର ଉଦ୍ଦେଶ୍ୟ କ୍ରମଶଃ ଜନସାଧାରଣରେ ପ୍ରବେଶ କରି ସେମାନଙ୍କୁ ସ୍ୱଦେଶ ପ୍ରେମରେ ଦୀକ୍ଷିତ କରିବ ଏବଂ ସୁଦୂରବର୍ତ୍ତୀ ପଲ୍ଲୀ ଗ୍ରାମବାସିମାନେ ମଧ୍ୟ ଅନୁଭବ କରିବେ ଯେ, ସେମାନେ ଗୋଟିଏ ଜାତି ଅଟନ୍ତି । ସେ ଜାତି ବର୍ତ୍ତମାନ ନିତାନ୍ତ ଦୁରବସ୍ଥାରେ ପଡ଼ି ରହିଛନ୍ତି । ଏହି ସେହି ଦୁରବସ୍ଥା ଦୂର କରିବାଲାଗି ଉତ୍କଳ ସମ୍ମିଳନୀ ନାମକ ଗୋଟିଏ ଜାତୀୟ ମେଳା ହେଉଅଛି । ସୁତରାଂ ସେହି ଜାତୀୟ ମେଳା ପ୍ରତି ସେମାନଙ୍କର ଗୋଟିଏ କର୍ତ୍ତବ୍ୟ ଅଛି ।

ବର୍ତ୍ତମାନ ଆମର ବକ୍ତବ୍ୟ ଶେଷ କରିବୁଁ । ସମ୍ମିଳନୀ ଆଶା, ନିରାଶାର ମଧ୍ୟଦେଇ ଆସି ଚତୁର୍ଥ ବର୍ଷ ଶେଷ କଲା । ଆଶାର କାରଣ ଏହା ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ନବ ଜୀବନର ସଞ୍ଚାର କରିଅଛି । ନିରାଶାର କାରଣ, ଯେପରି ଭାବରେ ଏହାର ଗତି ହେବାର ଉଚିତ ସେପରି ହେଉନାହିଁ । ସେ ଯାହାହେଉ, ଉତ୍କଳ ସନ୍ତାନଙ୍କର ଜାତୀୟ ଇତିହାସରେ ସମ୍ମିଳନୀ କିପରି ସ୍ଥାନ ଅଧିକାର କରିବ ତାହା ବର୍ତ୍ତମାନ କହିହେଉ ନାହିଁ । ମାତ୍ର ଉତ୍କଳ ସନ୍ତାନମାନେ ଯେ ଏହାର ଗୋଟିଏ ପ୍ରଭାବ ଅନୁଭବ କରିଅଛନ୍ତି ଏଥିରେ ସନ୍ଦେହ ନାହିଁ । ଉତ୍କଳ ସମ୍ମିଳନୀ ଯେ, ଆମ୍ଭମାନଙ୍କର ଚିନ୍ତାସ୍ରୋତକୁ ହଠାତ୍ ଅବରୋଧ କରି ଭିନ୍ନ ମାର୍ଗରେ ନେଇଅଛି, ଏହା କେହି କହିପାରେ ନାହିଁ । ଆମ୍ଭେମାନେ ଗୋଟିଏ ଜାତି, ଆମ୍ଭମାନଙ୍କର ଗୋଟିଏ ଗୌରବାନ୍ୱିତ ଅତୀତ ଥିଲା ସୁତରାଂ ଆମ୍ଭମାନଙ୍କର ଭବିଷ୍ୟତ ଗୌରବାନ୍ୱିତ ହେବା ବାଞ୍ଛନୀୟ, ଏ ଚିନ୍ତା ଜନସାଧାରଣଙ୍କର ମନକୁ ଆଲୋଡ଼ିତ କରୁଅଛି । ଅନୁଭବ ହେଉଛି କାର୍ଯ୍ୟର ପ୍ରଥମ ସୋପାନ । କାର୍ଯ୍ୟ ହେଲା ନାହିଁ ବୋଲି ଯେଉଁମାନେ ନିରୁତ୍ସାହ ହେଉଅଛନ୍ତି ସେମାନେ ଜନସାଧାରଣଙ୍କ ଆଡ଼କୁ ଦୃଷ୍ଟି କରନ୍ତୁ, ସେମାନଙ୍କର ମାନସିକ ଗତିକୁ ଅନୁଭବ କରନ୍ତୁ । ଲୋକମାନଙ୍କର ହୃଦୟରେ ନୂତନ ବିକଶିତ ଏହି ଭାବ ଯେତେବେଳେ ଘନୀଭୂତ ହୋଇଯିବ ତେତେବେଳେ ନିଶ୍ଚୟ କାର୍ଯ୍ୟ ହେବ । ଆଗେ ଆମ୍ଭମାନଙ୍କର ଜାତୀୟ ଦୁର୍ଦ୍ଦଶାକୁ ଲୋକେ ପ୍ରାଣର ସହିତ ଅନୁଭବ କରନ୍ତୁ, ତାହାହେଲେ ଯାଇ ଜଡ଼ତା ଦୂର ହେବ, କାର୍ଯ୍ୟ ସକାଶେ ଉତ୍ସାହ ଜାଗ୍ରତ ହୋଇ ଉଠିବ – ପ୍ରକୃତ ଜାତୀୟ ଜୀବନ ସଞ୍ଚାରିତ ହେବ, ସ୍ୱଜାତିର ଉନ୍ନତି

ହେବ ଏକମାତ୍ର ଉଦ୍ଦେଶ୍ୟ, ଭିନ୍ନ ଭିନ୍ନ ଜାତି ପ୍ରତି ଈର୍ଷା, ଦ୍ୱେଷ ପ୍ରଭୃତି ଅପବିତ୍ର ଭାବମାନ ହୃଦୟରେ ସ୍ଥାନ ପାଇବ ନାହିଁ ।

ବସିବା ପୂର୍ବରୁ ଗୋଟିଏ ଅପରର ଦୁଃଖ ପ୍ରକାଶ ନ କରି ରହିହେଉ ନାହିଁ । ଗଞ୍ଜାମବାସୀ ଭାଇମାନେ, ଆଜି ଏହି ଉତ୍ସବର ଦିନରେ ଆପଣମାନଙ୍କୁ ଦେଖି ମନରେ ଦୁଃଖ ହେଉଅଛି । ଆମ୍ଭେମାନେ ଆପଣଙ୍କର ଘରେ ପହଞ୍ଚିଅଛୁଁ । ଆପଣଙ୍କର ଆନନ୍ଦର ସୀମା ନାହିଁ, ପରିଚର୍ଯ୍ୟାରେ ତ୍ରୁଟି ନାହିଁ ମାତ୍ର ଯେତେବେଳେ ମନେ ପଡୁଅଛି, ଆମ୍ଭେମାନେ ଏକା ମା କୋଳରେ ଜନ୍ମହୋଇ ବର୍ତ୍ତମାନ ଭିନ୍ନ ଭିନ୍ନ ହୋଇ ରହିଅଛୁଁ, ତେତେବେଳେ ହୃଦୟରେ ଦାରୁଣ ବ୍ୟଥା ଉପସ୍ଥିତ ହେଉଅଛି । ଆମ୍ଭ ଦେଶରେ ଗୋଟାଏ କଥା ଅଛି "ଭାଇ ବଳ ଦିଏ" । ବର୍ତ୍ତମାନ ସମୟ ଆମ୍ଭମାନଙ୍କର ଜାତୀୟ ସଂକଟର ସମୟ । ଏହି ତୁମୁଳ ଜୀବନ ସଂଗ୍ରାମରେ ଆମ୍ଭ ଜାତି ପୃଥିବୀରେ ମୁଣ୍ଡ ଟେକି ରହିବ କି, ଏକାବେଳକେ ଲୋପ ହୋଇଯିବ ତାହା ଆମ୍ଭମାନଙ୍କ ଉପରେ ନିର୍ଭର କରୁଅଛି । ଭାଇର ବଳ ଯେବେ କୌଣସି ସମୟରେ ଆବଶ୍ୟକ ଥାଏ, ସେ ହେଉଛି ଏହି ସଂକଟ ସମୟ । ସୁତରାଂ ଆପଣମାନଙ୍କୁ ବିଛିନ୍ନ ହୋଇ ରହିଥିବାର ଦେଖି ହୃଦୟରେ ବ୍ୟଥା ହେଉଅଛି । ଆଶାକରୁ, ଆମ୍ଭମାନଙ୍କର ଦୁଃଖରଂ ଜାତୀୟ ବେଦନା ଦୟାମୟ ଗଭର୍ଣ୍ଣମେଣ୍ଟ ଅନୁଭବ କରି ଆମ୍ଭମାନଙ୍କର ଦୁଃଖର କାରଣ ଘୁଞ୍ଚାଇଦେବେ । ଏଥି ମଧ୍ୟରେ ଆସ ଭାଇମାନେ, ଯେତେଦୂର ପାରିବା ଆମ୍ଭମାନଙ୍କର ଏହି ଶାସନଗତ ବିଚ୍ଛିନ୍ନତାକୁ ଭୁଲିଯାଇ ଭାଇଭାଇ ବୋଲି ଏକତ୍ର ଠିଆ ହେବା, ଆଉ ଏକ ମନ ଏବଂ ଏକ ପ୍ରାଣ ହୋଇ ମାତୃଭୂମି ସେବାରେ ସ୍ୱ ସ୍ୱ ଜୀବନ ଉତ୍ସର୍ଗ କରିବା ।

## ଚତୁର୍ଥ ଅଧିବେଶନରେ ଗୃହୀତ ନିର୍ଦ୍ଧାରଣସମୂହର ସଂକ୍ଷେପ ମର୍ମ

୧. କୃଷି ଉନ୍ନତିରେ ମନୋଯୋଗୀ ହୋଇଥିବାରୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ପ୍ରଦାନ କରାଗଲା ଏବଂ ସମ୍ମିଳନୀ ପ୍ରତି ବିଶେଷ ସହାନୁଭୂତି ପ୍ରଦର୍ଶନ ନିମନ୍ତେ ଗଞ୍ଜାମ କଲେକ୍ଟରଙ୍କୁ ଧନ୍ୟବାଦ ପ୍ରଦାନ କରାଗଲା ।

୨. ଅଧିବେଶନର ବିଷୟ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଅବଗତ କରାଇଥିବା ହେତୁ ଓ ସମ୍ମିଳନୀ ପ୍ରତି ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କର ସହାନୁଭୂତି ସୃଷ୍ଟି ନିମନ୍ତେ ଉଦ୍ୟମ କରିଥିବା ହେତୁ ଗଞ୍ଜାମର କଲେକ୍ଟରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରାଗଲା ।

୩. ଶାଖା ସମିତିମାନ ସ୍ଥାପନ ଓ ସମ୍ମିଳନୀର ଉଦ୍ଦେଶ୍ୟ ଲୋକସାଧାରଣଙ୍କୁ ବୁଝାଇଦେବା କାରଣ ମାସିକ ଏକଶତ ଟଙ୍କା ବ୍ୟୟରେ ପ୍ରଚାରକ ନିଯୋଗ କରାଯିବାର ସିଦ୍ଧାନ୍ତ ନିଆଗଲା ।

୪. ଉତ୍କଳୀୟେତର ଜାତିମାନଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ ଓ ଭ୍ରାତୃଭାବ ପ୍ରତିଷ୍ଠାପାଇଁ ଆନ୍ତରିକ ପ୍ରଚେଷ୍ଟା ଜାରି ରହିବ ।

୫. ଉତ୍କୃଷ୍ଟ ପ୍ରଣାଳୀରେ ଚାଉଳ ପ୍ରସ୍ତୁତ କରିବା ବିଷୟରେ କେତେଜଣଙ୍କୁ ତାଲିମ ଦିଆଯିବ ଓ ଜନସାଧାରଣଙ୍କ ମଧ୍ୟରେ ଏହି ସଚେତନତା ସୃଷ୍ଟିପାଇଁ ଉତ୍କୃଷ୍ଟ ପ୍ରଣାଳୀରେ ଚାଉଳ ପ୍ରସ୍ତୁତ କରିବା ବିଷୟରେ ଉପଯୁକ୍ତ ପ୍ରବନ୍ଧ ପ୍ରଚାର କରାଯିବ । ଏହି ଉଭୟ ପାଇଁ ବ୍ୟୟଭାର ସମ୍ମିଳନୀ ବହନ କରିବ ।

୬. ଉତ୍କଳୀୟ ଛାତ୍ରମଣ୍ଡଳୀଙ୍କୁ ଶିକ୍ଷା ବିଷୟରେ ବିଶେଷ ସୁବିଧା ପ୍ରଦାନ କରିଥିବା ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ପ୍ରଦାନ କରାଗଲା ଓ ଭବିଷ୍ୟତରେ ସେହି ବିଶେଷ ସୁବିଧା ରକ୍ଷା କରିବା କାରଣ ପ୍ରାର୍ଥନା କରାଗଲା ।

୭. ଉତ୍କଳର ମେଧାବୀ ଗରିବ ଛାତ୍ରମାନଙ୍କୁ ଶିକ୍ଷାଲାଭ ନିମନ୍ତେ ସାହାଯ୍ୟ କରିବା ନିମନ୍ତେ ବୃତ୍ତି ପ୍ରଦାନର ସିଦ୍ଧାନ୍ତ ନିଆଯାଇ ଏକ ସ୍କଲାରସିପ୍ ଫଣ୍ଡ ସ୍ଥାପନ କରାଯିବାର ପ୍ରସ୍ତାବ ନିଆଗଲା ।

୮. ସ୍ତ୍ରୀଶିକ୍ଷାର ସମ୍ୟକ ଉନ୍ନତି ଓ ପ୍ରଚାର ନିମନ୍ତେ ଉତ୍କଳର ନାନା ସ୍ଥାନରେ ବାଳିକା ବିଦ୍ୟାଳୟ ସ୍ଥାପନ ପାଇଁ ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା । ଏ ବିଷୟରେ ବିଶେଷ ଯତ୍ନ ଓ ପ୍ରଚେଷ୍ଟା କରିବାପାଇଁ ଏକ ସ୍ଥାୟୀ ସମିତି ପ୍ରତିଷ୍ଠା କରାଗଲା ।

୯. ସମ୍ମିଳନୀର ଜଣେ ଏକାନ୍ତ ଅନୁରାଗୀ ଓ ଦେଶହିତୈଷୀ ପୁରୀର ଶ୍ରୀ ରାମଚନ୍ଦ୍ର ଦାସ ମୁକ୍ତାରଙ୍କ ଅକାଳ ବିୟୋଗ ହେତୁ ଦୁଃଖ ପ୍ରକାଶ କରାଯାଇ ଶୋକ ପ୍ରସ୍ତାବ ଗ୍ରହଣ କରାଗଲା ।

୧୦. ଗଞ୍ଜାମବାସୀ ଏହି ସମ୍ମିଳନୀର ଆୟୋଜନ ସୁଚାରୁରୂପେ କରିଥିବାରୁ ଓ ବହୁସଂଖ୍ୟାରେ ଯୋଗଦାନ କରିଥିବାରୁ ଏବଂ ଉତ୍କଳେତର ଭାଇମାନେ ଓ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରୁ ଆଗତ ଭଦ୍ରବ୍ୟକ୍ତିମାନେ ଅଂଶଗ୍ରହଣ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରାଗଲା ।

୧୧. ଭଲଣ୍ଟିୟରମାନେ ନିଷ୍ଠାର ସହ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦିଆଗଲା ।

୧୨. କନିକାର ରାଜାସାହେବ ସଭାପତି-କାର୍ଯ୍ୟ ସୁଚାରୁରୂପେ ନିର୍ବାହିତ କରିଥିବାରୁ ସମ୍ମିଳନୀ ପକ୍ଷରୁ କୃତଜ୍ଞତା ପ୍ରକାଶ ଓ ଧନ୍ୟବାଦ ଅର୍ପଣ କରାଗଲା ।

—

# ପଞ୍ଚମ ଅଧିବେଶନ

[ଉତ୍କଳ ସମ୍ମିଳନୀର **ପଞ୍ଚମ** ଅଧିବେଶନ ତା ୧୮.୪.୧୯୦୮ (ଶନିବାର) ଓ ୧୯.୮.୧୯୦୮ (ରବିବାର) ଦିନ ପୁରୀ ସହରର ଜଗନ୍ନାଥ ବଲ୍ଲଭ ବଗିଚାରେ ଅନୁଷ୍ଠିତ ହୋଇଥିଲା । ଅଧିବେଶନ ପାଇଁ ସଂପୃକ୍ତ ସ୍ଥାନରେ ଏକ ସାଜସଜ୍ଜାପୂର୍ଣ୍ଣ ମଣ୍ଡପ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନ ପାଇଁ କଟକରୁ ୧୨୦ ଜଣ, ଗଞ୍ଜାମରୁ ୧୦୦ ଜଣ ଓ ବାଲେଶ୍ୱରରୁ ୫ ଜଣ ପ୍ରତିନିଧି ଆସିଥିଲେ । କୌଣସି କାରଣରୁ ସମ୍ବଲପୁର ଓ ବିଚ୍ଛିନ୍ନାଞ୍ଚଳରୁ କୌଣସି ପ୍ରତିନିଧି ଏହି ଅଧିବେଶନରେ ଯୋଗଦାନ୍ କରି ନ ଥିଲେ । ପୁରୀ ଓ ଆଖପାଖର ପ୍ରାୟ ସାତ ହଜାର ଲୋକ ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ହୋଇଥିଲେ । ଏଭଳି ଏକ ସମ୍ମିଳନୀ ପୁରୀ ପାଇଁ ଥିଲା ଅଭିନବ ବ୍ୟାପାର ଓ ପୁରୀରେ ଏହା ଉତ୍କଳ ସମ୍ମିଳନୀର ଥିଲା ପ୍ରଥମ ଅଧିବେଶନ । ସେଇଥିପାଇଁ ଏଭଳି ବିପୁଳ ଜନସମାଗମ ହୋଇଥିଲା ।

ସମ୍ମିଳନୀପାଇଁ ଗଠିତ ଅଭ୍ୟର୍ଥନା ସମିତିର ସଭାପତି ଥିଲେ ପାରିକୁଦର ରାଜା ଗୌରଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟ ଓ ସମ୍ପାଦକ ଥିଲେ ପୁରୀର ଓକିଲ ଜଗବନ୍ଧୁ ସିଂହ । ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ସୁରଙ୍ଗୀର ରାଜା ଚନ୍ଦ୍ରଚୂଡ଼ମଣି ହରିଚନ୍ଦନ ଜଗଦ୍ଦେବ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ସମ୍ମିଳନୀର ସହକାରୀ ସମ୍ପାଦକ ପୀତବାସ ପଟ୍ଟନାୟକ । ସମ୍ମିଳନୀ ପୂର୍ବରୁ ନିମ୍ନୋଦ୍ଧୃତ ନିମନ୍ତ୍ରଣପତ୍ର ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶ ପାଇଥିଲା :

ମହାଶୟ,

ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ ପତ୍ରିକାରେ ସ୍ଥାନ ଦେଇ ବାଧିତ କରିବା ହେବେ ।

ଉତ୍କଳ ସମ୍ମିଳନୀର ୫ମ ବାର୍ଷିକ ଅଧିବେଶନ ଚଳିତ ଅପ୍ରେଲ ମାସ ତା ୧୮/୧୯ ରିଖରେ ପୁରୀରେ ହେବ । ପ୍ରତ୍ୟେକ ଉତ୍କଳୀୟ ଏହି ପବିତ୍ର ମାତୃପୂଜାରେ ଯୋଗଦେବା ଉଚିତ । ଆମ୍ଭେମାନେ ଯଥାସାଧ୍ୟ ନିମନ୍ତ୍ରଣପତ୍ର ପଠାଇଅଛୁଁ । ଭିନ୍ନ ଭିନ୍ନ ସ୍ଥାନକୁ ଭିନ୍ନ ଭିନ୍ନ ଲୋକ ପଠାଇ ନିମନ୍ତ୍ରଣପତ୍ର ବଣ୍ଟନ କରାଇଅଛୁଁ । ଉତ୍କଳର ପ୍ରତ୍ୟେକ ସହୃଦୟ ବ୍ୟକ୍ତି ନିମନ୍ତ୍ରଣପତ୍ର ପାଇବା ସମ୍ଭବ

ନୁହେଁ । ନିଜ କାର୍ଯ୍ୟ ମନରେ କରି ନିମନ୍ତ୍ରଣପତ୍ର ନପାଇ ସୁଦ୍ଧା ପ୍ରତ୍ୟେକ ଉତ୍କଳୀୟଙ୍କର ମାତୃପୂଜାରେ ଯୋଗଦାନ କରିବା କର୍ତ୍ତବ୍ୟ । ଅତଏବ ପ୍ରାର୍ଥନା କରୁଅଛୁଁ ପ୍ରତ୍ୟେକ ଉତ୍କଳୀୟ ନିମନ୍ତ୍ରଣପତ୍ର ପାଉନ୍ତୁ ବା ନ ପାଉନ୍ତୁ ଏହି ପବିତ୍ର ମାତୃପୂଜାରେ ଯୋଗଦେଇ ବାଧିତ କରିବା ହେବେ ।

| | |
|---|---|
| | ବଶମ୍ବଦ |
| ସମ୍ମିଳନୀ କାର୍ଯ୍ୟାଳୟ, ପୁରୀ | ଶ୍ରୀ ଜଗବନ୍ଧୁ ସିଂହ |
| ସମ୍ମିଳନୀ ଶାଖା ସମିତି | ସମ୍ପାଦକ |

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନଠାରୁ ଚତୁର୍ଥ ଅଧିବେଶନ ପର୍ଯ୍ୟନ୍ତ ବିଭିନ୍ନ ଭୂମିକାରେ ପଣ୍ଡିତ ଗୋପବନ୍ଧୁ ଏହା ସହ ସଂପୃକ୍ତ ରହିଛନ୍ତି । କିନ୍ତୁ ଏହି ପଞ୍ଚମ ଅଧିବେଶନଠାରୁ ତାଙ୍କର ଭୂମିକା ଅଧିକ ସ୍ପଷ୍ଟ ହୋଇ ଉଠିଛି । ସମ୍ମିଳନୀର ସଭାପତି କିଏ ହେବେ ସେ ନେଇ କଳ୍ପନାଜଳ୍ପଣା ଚାଲିଥିଲାବେଳେ ସ୍ୱୟଂ ମଧୁବାବୁ ଏହାର ସଭାପତି ହୁଅନ୍ତି ବୋଲି ଏକ ପତ୍ର ମାଧ୍ୟମରେ ସେ ପ୍ରସ୍ତାବ ଦେଇଛନ୍ତି :

ସମ୍ମିଳନୀର ଅଧିବେଶନ ଦିନ ନିକଟାଇ ଆସିଲା । କିନ୍ତୁ ଏ ପର୍ଯ୍ୟନ୍ତ ସଭାପତି ସମସ୍ୟା ନିଷ୍ପତ୍ତି ହେଲା ନାହିଁ କିମ୍ବା ଯେ ସବୁ ପ୍ରସ୍ତାବ ଆଗତ କରାଯିବ ତାହା ସ୍ଥିର ହେଲା ନାହିଁ । ଆଉ ପ୍ରସ୍ତାବ ସବୁଙ୍କୁ କାର୍ଯ୍ୟରେ ପରିଣତ କରିବାର ବ୍ୟବସ୍ଥା ବିଧାନ କରିବା ଦୂରେ ଥାଉ ।...

ମଧୁବାବୁଙ୍କୁ ସଭାପତି କରିବା ଲାଗି ପ୍ରାୟ ଓଡ଼ିଶାର ସର୍ବସାଧାରଣଙ୍କର ମତ ବୋଲି ସମ୍ବାଦପତ୍ରମାନଙ୍କରୁ ପ୍ରକାଶ । କେହି କେହି ପ୍ରବୀଣ ଦେଶକାଳପାତ୍ରଜ୍ଞ ବ୍ୟକ୍ତି ଏ ବିଷୟରେ ହଠାତ୍ ମତଦେବାକୁ ସନ୍ଦିହାନ ହୋଇପାରନ୍ତି; କିନ୍ତୁ ଆମ୍ଭମାନଙ୍କର ବିଶ୍ୱାସ ଯଦି କୋଟିଏ ଉତ୍କଳୀୟଙ୍କ ମତ ଗୋଟି ଗୋଟି କରି ନିଆଯାଏ, ତେବେ ମଧୁବାବୁଙ୍କୁ ସଭାପତି କରିବା ନିମନ୍ତେ ଯେ ଅଧିକାଂଶ, ପ୍ରାୟ ସମସ୍ତେ ମତ ଦେବେ ଏଥିରେ ସନ୍ଦେହ ନାହିଁ ।...

ମାନନୀୟ ମଧୁସୂଦନ ଦାସ ଏମ୍.ଏ., ବି.ଏଲ୍., ସି.ଆଇ.ଇ.ଙ୍କୁ ଉତ୍କଳରେ ବେଶି ଲୋକ ଚିହ୍ନି ନ ପାରନ୍ତି, କିନ୍ତୁ ଏ ବୃଥା ବାହ୍ୟ ଉପାଧି ଆଭରଣଗୁଡ଼ାକ କାଢ଼ି ନିଅ, କେବଳ ମଧୁ ବା ମଧୁବାବୁଙ୍କୁ ଛିଡ଼ା କର । ଉତ୍କଳରେ ତାଙ୍କୁ କିଏ ନ ଜାଣେ, କିଏ ନ ଚିହ୍ନେ ଏବଂ କିଏ ଭଲ ନ ପାଏ ? ମଧୁବାବୁଙ୍କୁ ହାଣ୍ଡିଶାଳକଣ ନୂଆବୋହୂ ଜାଣନ୍ତି, ବିଲର ଚଷା ଜାଣନ୍ତି ।

ମଧୁବାବୁଙ୍କୁ ସମ୍ମିଳନୀର ଜନ୍ମଦାତା କହିଲେ ଚଳେ । ଏଥର ସମ୍ମିଳନୀର ପଞ୍ଚମ ଅଧିବେଶନ ଅର୍ଥାତ୍ ଏହି ସମ୍ମିଳନୀ ଶୈଶାବସ୍ଥା ଛାଡ଼ି ବାଲ୍ୟାବସ୍ଥାରେ

ପଦାର୍ପଣ କରିଅଛି, କରିବ । ଶାସ୍ତ୍ର ନୀତି "ଲାଳୟେତ୍ ପଞ୍ଚବର୍ଷାଣି, ଦଶବର୍ଷାଣି ତାଡ଼ୟେତ୍ ।" ଏ ପାଞ୍ଚବର୍ଷ କୌଣସିମତେ ଶିଶୁ ସମ୍ମିଳନୀ ଲାଳନରେ ଗଲା । ସମ୍ମିଳନୀ ଯେ କୌଣସି ଶୈଶବସୁଲଭ ରୋଗରେ ଆକ୍ରାନ୍ତ ନ ହୋଇ ଏ ପାଞ୍ଚବର୍ଷ ଅତିକ୍ରମ କରିଛି । ତାହାହିଁ ବିଧାତାଙ୍କର ଅପାର କରୁଣା । ଏଣିକି ତାଡ଼ନାର ସମୟ ଆସି ଆରମ୍ଭ ହେଲାଣି । ଅତଏବ ଏହି ଅଧିବେଶନ ସମ୍ମିଳନୀର ଶୈଶବ ଓ ବାଲ୍ୟାବସ୍ଥାର ସନ୍ଧିସ୍ଥଳ । ଏହିଠାରେ ଲାଳନା ଯୁଗର ଶେଷ ଓ ତାଡ଼ନା ଯୁଗର ଆରମ୍ଭ । ଏ ସନ୍ଧିସ୍ଥଳରେ ପ୍ରକୃତ ଦିଗକୁ ବାଗମୋଡ଼ି ପ୍ରକୃଷ୍ଟ ପନ୍ଥାରେ ଚଳାଇବା ନିମନ୍ତେ ଜଣେ ପ୍ରବୀଣ ଓ ବିଚକ୍ଷଣ ଚାଳକ ଆବଶ୍ୟକ । ସିଧା ରାସ୍ତାରେ ସମସ୍ତେ ଚଳାଇପାରନ୍ତି, କିନ୍ତୁ ଛକମୁଣ୍ଡ ସନ୍ଧି ଜାଗାରେ ପ୍ରକୃତ ପଥରେ ଚଳାଇ ନେବା ଯେ ସେ ଲୋକର କାର୍ଯ୍ୟ ନୁହେଁ । ଏ ସମୟରେ ଜନ୍ମଦାତା ସର୍ବୋତ୍କୃଷ୍ଟ ଚାଳକ ଓ ଶିକ୍ଷକ । ଏହି ବିଷୟରେ ଉପଯୁକ୍ତ ଚାଳକ ବା ଶିକ୍ଷକ ଅଭାବରୁ କେତେକ ବାଳକ ବାଳିକାଙ୍କର ଭାବୀ ଜୀବନ ଯେ କିମ୍ଭୂତ କିମାକାର ହେଉଛି, ତାହାର ଇୟତ୍ତା ନାହିଁ ।

...ରାଜା ମହାରାଜାମାନେ ବରାବର ସମ୍ମିଳନୀର ସଭାପତି ହେବେ, ସମ୍ମିଳନୀର ଏପରି କୌଣସି ନିର୍ଦ୍ଧାରଣ ନାହିଁ । କିମ୍ବା ସାଧାରଣଙ୍କ ମଧ୍ୟରୁ କୌଣସି ଉପଯୁକ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସଭାପତି କରାଗଲେ ଉତ୍କଳର ରାଜନ୍ୟବର୍ଗ ପ୍ରତି ଯେ ଅଭକ୍ତି ବା ଅନାସ୍ଥା ପ୍ରଦର୍ଶିତ ହେଲା, ଏହା ଅବଶ୍ୟ କୌଣସି ରାଜା ବା ଅନ୍ୟ କୌଣସି ବ୍ୟକ୍ତି ମନେ କରିବେ ନାହିଁ । ବିଶେଷତଃ ଆମ୍ଭମାନଙ୍କ ଦେଶର ରାଜାମାନେ ମଧ୍ୟ ମଧୁବାବୁଙ୍କୁ ଦେଶର ନେତା ବୋଲି ଶ୍ରଦ୍ଧା ଓ ସମ୍ମାନ କରନ୍ତି ।

ଗୋପବନ୍ଧୁଙ୍କ ଏଭଳି ପ୍ରସ୍ତାବସତ୍ତ୍ୱେ ସୁରଙ୍ଗୀ ରାଜା ପଞ୍ଚମ ଅଧିବେଶନରେ ସଭାପତି ମନୋନୀତ ହୋଇଛନ୍ତି ଓ ଏଭଳି ମନୋନୟନରେ ପ୍ରମୁଖ ଭୂମିକା ନେଇଛନ୍ତି ସ୍ୱୟଂ ମଧୁବାବୁ । ଏହି ପରିପ୍ରେକ୍ଷୀରେ ସମ୍ମିଳନୀକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଗୋପବନ୍ଧୁ 'ସମ୍ମିଳନୀ ଓ ତହିଁର ଉଦ୍ଦେଶ୍ୟକୁ ଲୋକରେ ପରିଚିତ ଓ ପ୍ରିୟ କରିବାର ତିନୋଟି ସହଜ ଉପାୟ' ଶୀର୍ଷକ ପୁସ୍ତିକା ରଚନା ଓ ପ୍ରକାଶ କରି ସମ୍ମିଳନୀ ପୂର୍ବରୁ ଓ ସମ୍ମିଳନୀ ମଣ୍ଡପରେ ବାଣ୍ଟିଛନ୍ତି । ଗୋପବନ୍ଧୁଙ୍କ ଚେଷ୍ଟା ଫଳରେ ପଞ୍ଚମ ଅଧିବେଶନ ପରେ ସମ୍ମିଳନୀର ଏକ ନିୟମାବଳୀ ପ୍ରସ୍ତୁତ ହୋଇଛି ଓ ଷଷ୍ଠ ଅଧିବେଶନରେ ଗୃହୀତ ହୋଇଛି । ଅବଶ୍ୟ ଏହି ନିୟମାବଳୀ କାର୍ଯ୍ୟକାରୀ ହୋଇପାରିନାହିଁ । ତେଣୁ ଚତୁର୍ଦ୍ଦଶ ଅଧିବେଶନରେ ଗୋପବନ୍ଧୁଙ୍କ ସଭାପତିତ୍ୱରେ

ଅନୁଷ୍ଠିତ ଉତ୍କଳ-ସମ୍ମିଳନୀରେ ନିୟମାବଳୀ ପୁନଃ-ପ୍ରସ୍ତୁତ କରାଯାଇ ଗୃହୀତ ହୋଇଛି । ଏହି ଦୃଷ୍ଟିରୁ ପଞ୍ଚମ ଅଧିବେଶନର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି ।]

## ପଞ୍ଚମ ଅଧିବେଶନର ସଭାପତି ସୁରଙ୍ଗୀର୍ ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦ୍ଦେବଙ୍କ ଅଭିଭାଷଣର ସାରତ୍ସାର

ମୁଁ ଏହି ସଭାର ସଭାପତିର ଅଯୋଗ୍ୟ । ଭ୍ରାତୃବୃନ୍ଦ ! ଆପଣମନେ ମୋତେ ଏହି ଗୁରୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ନିଯୁକ୍ତ କରି ମୋହଠାରୁ ବିଶେଷ ବକ୍ତୃତାର ଆଶା କରିଥିବେ; ମାତ୍ର ଆପଣମାନେ ବହୁମୂଲ୍ୟ ସମୟ ବ୍ୟୟ କରି ଦୋଷାଂଶ ବର୍ଜ୍ଜନ କରି ଗୁଣ ମାତ୍ର ଗ୍ରହଣ କରିବେ । ଏ ସଭାରେ ରାଜନୈତିକ କୌଣସି କଥାର ଆଲୋଚନା ହେବ ନାହିଁ । ...ଶିକ୍ଷା ଦୁଇପ୍ରକର – ଆଧାତ୍ମିକ ଓ ବୈଷୟିକ । ଜ୍ଞାନବିଜ୍ଞାନ, ସାହିତ୍ୟ, କୃଷି ଇତ୍ୟାଦି ଦ୍ୱାରା ସାଂସାରିକ କାର୍ଯ୍ୟ ଚଳାଇବା ବୈଷୟିକ ଶିକ୍ଷା । ଆମ୍ଭର ଏହି ଉତ୍କଳରେ ନିମ୍ନଶିକ୍ଷାର ପ୍ରସାର ବୃଦ୍ଧି ଆବଶ୍ୟକ । ଭାଷାର ଉନ୍ନତି ଜାତୀୟ ଉନ୍ନତିର ମୂଳ । ଭାଷାର ବିଶୁଦ୍ଧତା ରକ୍ଷା, ବ୍ୟାକରଣ ଜ୍ଞାନ ସଙ୍ଗେ ଭାଷାର ଦୁର୍ବଳତର ପରିଚାୟକ ଭାଷାମିଶ୍ରଣ ପରିତ୍ୟାଜ୍ୟ । ମୁଦ୍ରାଯନ୍ତ୍ରର ବହୁଳ ପ୍ରଚାର ଦ୍ୱାରା ଲୁପ୍ତ ପ୍ରାୟ ତାଳପତ୍ରାଦି ଗ୍ରନ୍ଥର ପ୍ରକାଶ, ସଂସ୍କୃତ ଶିକ୍ଷା ଅର୍ଥାତ୍ ଗ୍ରାମେ ଗ୍ରାମେ ଟୋଲ୍ ସ୍ଥାପନ ଏବଂ ଭାରତବର୍ଷର ବିଭିନ୍ନ ପ୍ରଦେଶ ଓ ଆମେରିକା ଜାପାନ ପ୍ରଭୃତି ବିଦେଶକୁ ଛାତ୍ର ପ୍ରେରଣର ସୁବ୍ୟବସ୍ଥା କର୍ତ୍ତବ୍ୟ । ମହାତ୍ମାମାନଙ୍କର ଜୀବନୀ ସାଧାରଣର ଆଦର୍ଶ, ସୁତରାଂ ପ୍ରାଚୀନ କବି ଓ ମହାତ୍ମାମାନଙ୍କର ଜୀବନୀ ସଂଗ୍ରହ ପ୍ରତି ମନୋଯୋଗୀ ହେବା ଉଚିତ । ପୂର୍ବେ ଭାରତର ପ୍ରାଚୀନା ମହିଳାମାନେ ଶିକ୍ଷିତା ଥିଲେ । ବାଳିକା ଶିକ୍ଷା ବିଷୟରେ ନିଜେ ନିଜେ ଚେଷ୍ଟା କରନ୍ତୁ । ଧର୍ମପୁସ୍ତକ ପାଠ, ସୁଗୃହିଣୀ ହେବାର ଉପାୟ ଶିକ୍ଷା ଏମାନଙ୍କ ପକ୍ଷେ ଆବଶ୍ୟକ । ଆଦର୍ଶ ବିଦ୍ୟାଳୟରେ ଅଧାପିକା ପ୍ରସ୍ତୁତ ହେଲେ ବାଳିକାମାନଙ୍କର ଶିକ୍ଷାର ପଥ ଉନ୍ମୁକ୍ତ ହେବ । ରେବା ରାୟଙ୍କର କଟକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ଏବଂ କୁମାରୀ ଶୈଳବାଳାଙ୍କର ରେଭେନ୍ସା ବାଳିକା ବିଦ୍ୟାଳୟର ସମ୍ପାଦିକା ଭାର ଗ୍ରହଣ ହେତୁ ସେମାନେ ଧନ୍ୟବାଦାର୍ହ ।

ଭୂମିର ଉତ୍ପାଦିକା ଶକ୍ତି କ୍ରମଶଃ କମିଯାଉଅଛି । କୃଷି ଯନ୍ତ୍ରାଦିର ଅଭାବ, ଅନଭିଜ୍ଞ କୃଷକ ତାହାର ମୂଳ କାରଣ । କୃଷିର ଉନ୍ନତି ସର୍ବଦା ବାଞ୍ଛନୀୟ । ଏହା ଅର୍ଥାଗମର ପ୍ରଧାନ କାରଣ । ବିଦେଶୀୟ ବାଣିଜ୍ୟରେ ଆମ୍ଭ ଦେଶର ବାଣିଜ୍ୟର ହୀନଦଶା ହେଉଅଛି । ସମ୍ମିଳିତ ଶକ୍ତି ଓ ଅର୍ଥଦ୍ୱାରା ବାଣିଜ୍ୟର ଶ୍ରୀବୃଦ୍ଧି ହୁଏ । ଅନେକେ ଏକତ୍ରିତ ହୋଇ କାରବାର କଲେ ବିଶେଷ ସୁବିଧା ହୁଏ । ଉତ୍କଳ

ଟ୍ୟାନେରୀର ଉନ୍ନତି ସର୍ବାଂଶେ ଫଳପ୍ରଦ ହେବ, ଏହା ବାଣିଜ୍ୟର ପ୍ରଧାନ ସହାୟ ।

ପୁରୀ ଜଗନ୍ନାଥ, ଭୁବନେଶ୍ୱର ଓ କୋଣାର୍କର ମନ୍ଦିର ଏବଂ କାଠଯୋଡ଼ିର ପଥର ବନ୍ଧ ଏଥିର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଏ ପର୍ଯ୍ୟନ୍ତ ଓଡ଼ିଶାରୁ ନାନାବିଧ କାରିଗର ଲୁପ୍ତ ହୋଇନାହାନ୍ତି । ବସ୍ତ୍ର ବୟନ ଯନ୍ତ୍ରାଦିର ବହୁଳ ପ୍ରଚାର ଦରକାର । ଦେଶଜାତ ଦ୍ରବ୍ୟମାନଙ୍କର ଏକତ୍ର ସମାବେଶର ନାମ "ପ୍ରଦର୍ଶନୀ" । କଲିକତା ପ୍ରଭୃତି ଅଞ୍ଚଳକୁ ଓଡ଼ିଶାରୁ ନାନା ଶିଳ୍ପ ଦ୍ରବ୍ୟମାନ ପ୍ରେରିତ ହୋଇଥାଏ । ଧନୀ ଓ ରାଜାମାନେ ମନୋଯୋଗୀ ହେଲେ ବିଶେଷ ଉନ୍ନତ ପ୍ରକାରର ଶିଳ୍ପ ଦ୍ରବ୍ୟମାନ ବାହାରିପାରିବ । ଆଳସ୍ୟ ଓ ଜାତି ଯିବାର ଭୟ ହେତୁ ଏଥିରେ ବାଧା ଘଟୁଅଛି । ଏହି ପ୍ରଥାରହିତ ହେବା ବିଷୟରେ ସଚେଷ୍ଟ ହେବା ଉଚିତ । ବାଣିଜ୍ୟୋପଯୋଗୀ ଦ୍ରବ୍ୟ ଗଡ଼ଜାତମାନଙ୍କରେ ଅନେକ ଉତ୍ପନ୍ନ ହୁଏ । ଏହାର ଉନ୍ନତି ପ୍ରତି ଦେଶୀୟ ନରପତିମନେ ଉଦ୍‌ଯୋଗୀ ହୁଅନ୍ତୁ । ଭୂତତ୍ତ୍ୱଶିକ୍ଷାର୍ଥୀ ଦେଶୀୟ ଯୁବକମାନଙ୍କୁ ବିଦେଶ ପଠାଇ ଶିକ୍ଷିତ କରାଇ ଆଣି କାର୍ଯ୍ୟରେ ନିଯୁକ୍ତ କରିବା ବିଷୟରେ ସଚେଷ୍ଟ ହେବା ବିଧେୟ । ଜଙ୍ଗଲ କଟାଇ କୃଷିର ଉନ୍ନତି କରାଯାଇପାରେ । ମାତ୍ର ଗୋଟିଏ ବଡ଼ ଜଙ୍ଗଲ ଚାରିଦିନରେ ନଷ୍ଟ କରାଯାଇପାରେ; କିନ୍ତୁ ସେପରି ଗୋଟିଏ ଜଙ୍ଗଲ ଦୀର୍ଘ କାଳରେ ପ୍ରସ୍ତୁତ ହୋଇଥାଏ । ସୁତରାଂ ଜଙ୍ଗଲରକ୍ଷା ଆବଶ୍ୟକ । ଧନ ଏକାନ୍ତ ମୂଳ ଓ ଅର୍ଥଚିନ୍ତା ଏକାନ୍ତ ପ୍ରୟୋଜନ । ଚାନ୍ଦାଦ୍ୱାରା ପ୍ରସ୍ତାବିତ ବିଷୟ ଯଥାସାଧ କାର୍ଯ୍ୟରେ ପରିଣତ କରିବା ଉଚିତ ଓ ଉତ୍କଳ ବ୍ୟାଙ୍କ ସ୍ଥାପନ ଦ୍ୱାରା ଦେଶ ଓ ଦାତା ଉଭୟଙ୍କର ଲାଭ । ମାଟିରେ ପୋତି ପକାଇବାଠାରୁ କାର୍ଯ୍ୟରେ ଲଗାଇବା ଭଲ । ଏଥିସକାଶେ ନିତାନ୍ତ ବ୍ୟଗ୍ର ହେଲେ ଚଳିବ ନାହିଁ । ଧୈର୍ଯ୍ୟ ଓ ସାହସ ଅବଲମ୍ବନ କରି ଆସ୍ତେ ଆସ୍ତେ କାର୍ଯ୍ୟ କଲେ ଚେଷ୍ଟା ସଫଳ ହେବ ।

ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କର ଅଭାବ ପୂରଣ ହୋଇ ନ ପାରେ । ପୁରୀରେ ଗୋଟିଏ ମାନମନ୍ଦିର ପ୍ରତିଷ୍ଠା ଆବଶ୍ୟକ । ପ୍ରଜାମାନେ ବାର୍ଷିକ ଉଦ୍‌ବୃତ୍ତ ଶସ୍ୟ ସମସ୍ତ ବିକ୍ରି କରିଦେଇଥାନ୍ତି । ତାହା ନ କରି କିୟଦଂଶ ସଞ୍ଚୟ କରି ରଖିଲେ ଅସମୟରେ ଉପକାରରେ ଆସିବ । ସାଧାରଣ ଶିକ୍ଷା ସଙ୍ଗେ ନୈତିକ ଶିକ୍ଷା ଦରକାର । ଉପଦେଶଗର୍ଭକ ଗ୍ରନ୍ଥ ପାଠ ଏବଂ ସ୍କୁଲ ଛାଡ଼ିବା ପରେ ଛାତ୍ରମାନଙ୍କର ସମ୍ବାଦପତ୍ର ପାଠ ବିଷେଶତଃ ଚରିତ୍ର ସଂଶୋଧନ ଆବଶ୍ୟକ । ଇଂରେଜୀ ଶିକ୍ଷାଦ୍ୱାରା ଚରିତ୍ରଦୋଷ ହୁଏ ନାହିଁ । ପୂର୍ବେ ଲୋକେ ଗୋରକ୍ଷା ଓ ଚିକିତ୍ସାରେ ଉଦାସୀନ ନ ଥିଲେ । ଆଜିକାଲି ଆମ୍ଭ ଦେଶରେ କ୍ରମଶଃ ଗୋ-ଜାତିର ଦୁର୍ଦ୍ଦଶା ହେଉଅଛି । ଗୋ-ଚାରଣ ଭୂମି, ଚିକିତ୍ସା ଓ ଉପଯୁକ୍ତ ବୃକ୍ଷାଦିର ଅଭାବ ହୋଇଅଛି । ପୁରୀ, କଟକ ଛଡ଼ା ଏ ବିଷୟରେ କେହି ତତ୍ପର ନ ଥିବା ଜଣାଯାଏ । ଗୋଜାତିର ଉନ୍ନତି ସକଶେ

ଗୋରକ୍ଷିଣୀ ସଭା ନିଜେ ପ୍ରଯତ୍ନ କରିବା ଉଚିତ। ଅନେକେ କହନ୍ତି ଆୟୁର୍ବେଦ ଚିକିତ୍ସାରେ ଅସ୍ତ୍ର ଚିକିତ୍ସା ନାହିଁ। କିନ୍ତୁ ସେମାନେ ଦେଖିବେ ସୁଶ୍ରୁତ ପ୍ରଭୃତି ଚିକିତ୍ସା ଶାସ୍ତ୍ରରେ ଏହାର ବିଶେଷ ଉଲ୍ଲେଖ ଅଛି। ଦେଶ ମଧ୍ୟରେ ଗୋଟିଏ ଆୟୁର୍ବେଦୀୟ ବିଦ୍ୟାଳୟ ପ୍ରତିଷ୍ଠିତ ହେବା ବିଶେଷ ଆବଶ୍ୟକ। ଲକ୍ଷ୍ମୀଭଣ୍ଡାର ଉତ୍କଳ ଆଜି ମରୁଭୂମି ଏବଂ ଅନେକେ ଦୁର୍ଭିକ୍ଷ କଷ୍ଟ ଭୋଗ କରୁଅଛନ୍ତି। ଗବର୍ଣ୍ଣମେଣ୍ଟ ଅନ୍ନଦାନ କରି ଧନ୍ୟବାଦାର୍ହ ହୋଇଅଛନ୍ତି। ଭଦ୍ର ପରିବାରର ରକ୍ଷା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ। କଲିକତାରେ ଏକଲକ୍ଷ ଟଙ୍କା ଚାନ୍ଦା ହୋଇଅଛି। ଉତ୍କଳରେ ଆମ୍ଭମାନଙ୍କର ଏ ମାର୍ଗ ଅବଲମ୍ବନୀୟ। ସହସ୍ର ସହସ୍ର ଟଙ୍କା ବ୍ୟୟରେ ସମ୍ମିଳନୀର ଉପକାରିତା କଣ ? ଏକ ସଞ୍ଜୀବନୀମନ୍ତ୍ର – ଭ୍ରାତୃଭାବ ସ୍ଥାପନ ଓ ଏକତ୍ର ସମ୍ମିଳନ। ଏଥିରେ ବିଧାତାର କିଛି ଗୂଢ଼ ଅଭିପ୍ରାୟ ଅଛି। ପରସ୍ପର ମନୋମାଳିନ୍ୟ ଦୂର, ଏକତା ସ୍ଥାପନ, ଦୁର୍ଗତି ନାଶର ଉପାୟ। ସମ୍ମିଳନୀର ପଞ୍ଚମ ବର୍ଷ ବିଦ୍ୟାରମ୍ଭ ସମୟ ହୋଇଅଛି। ଧୂଳିଖେଳା ସମୟ ଶେଷ ହେଲା। ଜିଲ୍ଲା ଓ ଗ୍ରାମମାନଙ୍କରେ ସଭା ସ୍ଥାପନ ଦୈନିକ ଆୟ ସଂଗ୍ରହ ଏବଂ ମୁଷ୍ଟିଭିକ୍ଷା ପର୍ଯ୍ୟନ୍ତ କର୍ତ୍ତବ୍ୟ।

## ପଞ୍ଚମ ବାର୍ଷିକ ଅଧିବେଶନର ନିର୍ଦ୍ଧାରଣସମୂହ

**ପ୍ରଥମ ନିର୍ଦ୍ଧାରଣ :** ନିମ୍ନଲିଖିତ ସଭ୍ୟମାନଙ୍କୁ ଘେନ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଜିଲ୍ଲା ସମିତି ଗଠନ କରାଯାଇ ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର କ୍ଷମତା ଉକ୍ତ ସମିତିଠାରେ ରହୁ। ସେମାନେ ନିଜ ନିଜ ଜିଲ୍ଲାରେ ଗ୍ରାମ୍ୟ ସମିତିମାନ ସ୍ଥାପନ କରନ୍ତୁ ଓ ଆପଣା ଆପଣା ଜିଲ୍ଲାରୁ ଅର୍ଥ ସଂଗ୍ରହ କରି ସମ୍ମିଳନୀର ଉଦ୍ଦେଶ୍ୟ ସାଧନ ନିମନ୍ତେ ଯଥା ବିହିତ ଉପାୟ ଅବଲମ୍ବନ କରନ୍ତୁ; ଜିଲ୍ଲା ସମିତିମାନଙ୍କର କାର୍ଯ୍ୟପ୍ରଣାଳୀ ତତ୍ତ୍ୱାବଧାରଣ କରିବା ନିମନ୍ତେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସ୍ଥାୟୀ କେନ୍ଦ୍ର ସମିତି ଗଠନ କରାଯାଉ। ସଭ୍ୟସଂଖ୍ୟା ବୃଦ୍ଧି କରାଯିବାର କ୍ଷମତା ଉକ୍ତ ସ୍ଥାୟୀ ସମିତିଠାରେ ନ୍ୟସ୍ତ ହେଉ। ଜିଲ୍ଲା ସମିତିମାନ ସ୍ଥାୟୀ ସମିତିର ଉପଦେଶାନୁସାରେ କାର୍ଯ୍ୟ କରନ୍ତୁ। ସମ୍ମିଳନୀ ନିମନ୍ତେ ଗଠିତ ନିୟମାବଳୀର ପାଣ୍ଡୁଲିପି ପ୍ରଚାର କରିବାର ଭାର, ଆବଶ୍ୟକ ହେଲେ ସର୍ବସାଧାରଣଙ୍କ ମତାନୁଯାୟୀ ଉକ୍ତ ନିୟମମାନ ସଂଶୋଧନ୍ କରି ସଂଶୋଧିତ ନିୟମାବଳୀ ସମ୍ମିଳନୀର ଆଗାମୀ ଅଧିବେଶନରେ ଗୃହୀତ ହେବା ନିମନ୍ତେ ଉପସ୍ଥାପିତ କରିବାର ଭାର ଉକ୍ତ ସ୍ଥାୟୀ ସମିତିଠାରେ ନ୍ୟସ୍ତ ହେଉ।

କଟକ ଜିଲ୍ଲାସମିତିର ସଭ୍ୟ—

୧ । ଶ୍ରୀଯୁକ୍ତ ରାମଶଙ୍କର ରାୟ
୨ । ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ ବି.ଏଲ୍.
୩ । ଶ୍ରୀଯୁକ୍ତ ବିଶ୍ୱନାଥ କର
୪ । ଶ୍ରୀଯୁକ୍ତ ରାଜାବାହାଦୁର । କିଃ । କନିକା
୫ । ଶ୍ରୀଯୁକ୍ତ ବେହାରିଲାଲ ପଣ୍ଡିତ
୬ । ଶ୍ରୀଯୁକ୍ତ ଈଶ୍ୱରଲାଲ ପରୱାଲ
୭ । ଶ୍ରୀଯୁକ୍ତ ରାଧାପ୍ରସାଦ ଭଗତ
୮ । ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାଳିତ
୯ । ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ବି.ଏ.
୧୦ । ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ପୃଷ୍ଟି
୧୧ । ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ
୧୨ । ଶ୍ରୀଯୁକ୍ତ ବ୍ରଜାନନ୍ଦ ଦାସ

ପୁରୀ ଜିଲ୍ଲା ସମିତିର ସଭ୍ୟ –

୧ । ଶ୍ରୀଯୁକ୍ତ ରାଜକିଶୋର ଦାସ ବି.ଏଲ୍.
୨ । ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଘୋଷ ବି.ଏଲ୍.
୩ । ଶ୍ରୀଯୁକ୍ତ ମହନ୍ତ ଭଗବାନ ରାମାନୁଜ ଦାସ
୪ । ଶ୍ରୀଯୁକ୍ତ ମହନ୍ତ ଗଦାଧର ରାମାନୁଜ ଦାସ
୫ । ଶ୍ରୀଯୁକ୍ତ ମହନ୍ତ ରାଧାକୃଷ୍ଣ ଦାସ
୬ । ଶ୍ରୀଯୁକ୍ତ ଭିକାରି ମିଶ୍ର
୭ । ଶ୍ରୀଯୁକ୍ତ ଚୌଧୁରୀ କୁଳମଣି ଦାସ
୮ । ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ
୯ । ଶ୍ରୀଯୁକ୍ତ ନାରାୟଣ ଖୁଣ୍ଟିଆ
୧୦ । ଶ୍ରୀଯୁକ୍ତ ରାମଚନ୍ଦ୍ର ପ୍ରତିହାରୀ
୧୧ । ଶ୍ରୀଯୁକ୍ତ ବେହାରୀ ଓତା
୧୨ । ଶ୍ରୀଯୁକ୍ତ ରାଧାଶ୍ୟାମ ମହାନ୍ତି
୧୩ । ଶ୍ରୀଯୁକ୍ତ ବକ୍ସି ଲୋକନାଥ ବିଦ୍ୟାଧର ମହାପାତ୍ର
୧୪ । ଶ୍ରୀଯୁକ୍ତ ସାଧୁଚରଣ ମହାନ୍ତି
୧୫ । ଶ୍ରୀଯୁକ୍ତ ମଧୁସୂଦନ ଦାସ ବି.ଏ.

ବାଲେଶ୍ୱର ଜିଲ୍ଲା ସମିତିର ସଭ୍ୟ –

୧ । ଶ୍ରୀଯୁକ୍ତ ମହାରାଜା । କିଃ । ମୟୂରଭଞ୍ଜ
୨ । ଶ୍ରୀଯୁକ୍ତ ରାଜାବାହାଦୁର ବୈକୁଣ୍ଠନାଥ ଦେ
୩ । ଶ୍ରୀଯୁକ୍ତ ସାମନ୍ତ ରାଧାଚରଣ ଦାସ
୪ । ଶ୍ରୀଯୁକ୍ତ ଫକୀରମୋହନ ସେନାପତି
୫ । ଶ୍ରୀଯୁକ୍ତ ଦୈତ୍ୟାରି ପ୍ରଦାସ ଦାସ ବି.ଏ.
୬ । ଶ୍ରୀଯୁକ୍ତ ଭୂୟାଁ ଅବଦୁସ ଶୋଭାନ ଖାଁ
୭ । ଶ୍ରୀଯୁକ୍ତ ଭଗବାନଚନ୍ଦ୍ର ଦାସ
୮ । ଶ୍ରୀଯୁକ୍ତ ଶିବନାରାୟଣ ନାୟକ
୯ । ଶ୍ରୀଯୁକ୍ତ ଭୋଳାନାଥ ସାମନ୍ତରାୟ

ଗଞ୍ଜାମ ଜିଲ୍ଲା ସମିତିର ସଭ୍ୟ –

୧ । ଶ୍ରୀଯୁକ୍ତ ରାଜାବାହାଦୁର । କିଃ । ସୁରଙ୍ଗୀ
୨ । ଶ୍ରୀଯୁକ୍ତ ରାଜାବାହାଦୁର । କିଃ । ବଡ଼ଖେମୁଣ୍ଡି
୩ । ଶ୍ରୀଯୁକ୍ତ ରାଜାବାହାଦୁର । କିଃ । ଧରାକୋଟ
୪ । ଶ୍ରୀଯୁକ୍ତ ଯୁବରାଜ ମଞ୍ଜୁଷା
୫ । ଶ୍ରୀଯୁକ୍ତ ନରସିଂହ ଦାସ
୬ । ଶ୍ରୀଯୁକ୍ତ ଶ୍ରୀବସ୍ତ ପଣ୍ଡା
୭ । ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ
୮ । ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ
୯ । ଶ୍ରୀଯୁକ୍ତ ହରିହର ପଣ୍ଡା
୧୦ । ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର

ସମ୍ବଲପୁର ଜିଲ୍ଲା ସମିତିର ସଭ୍ୟ –

୧ । ଶ୍ରୀଯୁକ୍ତ ମହାରାଜ । କିଃ । ବାମଣ୍ଡା
୨ । ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର
୩ । ଶ୍ରୀଯୁକ୍ତ ବାଲୁଙ୍କେଶ୍ୱର ମିଶ୍ର
୪ । ଶ୍ରୀଯୁକ୍ତ ରାୟବାହାଦୁର ରାମକୃଷ୍ଣ ମିଶ୍ର
୫ । ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା
୬ । ଶ୍ରୀଯୁକ୍ତ ତ୍ରିବିକ୍ରମ ପୂଜାହାରୀ

ସ୍ଥାୟୀ ସମିତିର ସଭ୍ୟ –

୧ । ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ.
୨ । ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ
୩ । ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ
୪ । ଶ୍ରୀଯୁକ୍ତ ବିଶ୍ୱନାଥ କର
୫ । ଶ୍ରୀଯୁକ୍ତ ନିମାଇଁଚରଣ ମିତ୍ର
୬ । ଶ୍ରୀଯୁକ୍ତ ମହାରାଜା । କି । ମୟୂରଭଞ୍ଜ
୭ । ଶ୍ରୀଯୁକ୍ତ ରାଜା । କି । ତାଳଚେର
୮ । ଶ୍ରୀଯୁକ୍ତ ରାଜା । କି । କନିକା
୯ । ଶ୍ରୀଯୁକ୍ତ ରାଜା । କି । ସୁରଙ୍ଗୀ
୧୦ । ଶ୍ରୀଯୁକ୍ତ ରାଜା । କି । ଧରାକୋଟ
୧୧ । ଶ୍ରୀଯୁକ୍ତ ରାଜା ବୈକୁଣ୍ଠନାଥ ଦେ ବାହାଦୁର
୧୨ । ଶ୍ରୀଯୁକ୍ତ ସାମନ୍ତ ରାଧାଚରଣ ଦାସ
୧୩ । ଶ୍ରୀଯୁକ୍ତ ମହନ୍ତ ଗଦାଧର ରାମାନୁଜ ଦାସ
୧୪ । ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ, ବି.ଏଲ୍.
୧୫ । ଶ୍ରୀଯୁକ୍ତ ପାରେଶ୍ୱର ମହାନ୍ତି, ବି.ଏ.
୧୬ । ଶ୍ରୀଯୁକ୍ତ ରାଜକିଶୋର ଦାସ, ବି.ଏଲ୍.
୧୭ । ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଘୋଷ, ବି.ଏଲ୍.
୧୮ । ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା
୧୯ । ଶ୍ରୀଯୁକ୍ତ ଫକୀରମୋହନ ସେନାପତି
୨୦ । ଶ୍ରୀଯୁକ୍ତ ରାୟ ମଧୁସୂଦନ ରାଓ ବାହାଦୁର
୨୧ । ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ
୨୨ । ଶ୍ରୀଯୁକ୍ତ ଭୂୟାଁ ଅବଦୁସ ଶୋଭାନ ଖାଁ
୨୩ । ଶ୍ରୀଯୁକ୍ତ ମୁନ୍‌ସି ରଫିଉଦ୍ଦିନ ମହମ୍ମଦ
୨୪ । ଶ୍ରୀଯୁକ୍ତ ନରସିଂହ ଦାସ
୨୫ । ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ
୨୬ । ଶ୍ରୀଯୁକ୍ତ ବିଶ୍ୱନାଥ କର
୨୭ । ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ
୨୮ । ଶ୍ରୀଯୁକ୍ତ ରାମଶଙ୍କର ରାୟ
୨୯ । ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ, ବି.ଏ.
୩୦ । ଶ୍ରୀଯୁକ୍ତ ଦାମୋଦର କର

ପ୍ରସ୍ତାବକ – ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ
ଅନୁମୋଦକ – ଶ୍ରୀଯୁକ୍ତ ବିଶ୍ୱନାଥ କର
ସମର୍ଥକ – ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି.ଆଇ.ଇ.

**ଦ୍ୱିତୀୟ ନିର୍ଦ୍ଧାରଣ :** ସମ୍ମିଳନୀ ପକ୍ଷରୁ ସାମୟିକ ପତ୍ରିକା ପ୍ରକାଶିତ ହେବାର ଉପାୟ ନିର୍ଦ୍ଧାରଣ କରି ଜିଲ୍ଲାସମିତିମାନଙ୍କଠାରୁ ଅର୍ଥ ସାହାଯ୍ୟରେ ଉକ୍ତ ପତ୍ରିକା ପ୍ରକାଶ କରିବା ନିମିତ୍ତ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସମିତି ଗଠିତ ହେଉ ଓ ସଭ୍ୟସଂଖ୍ୟା ବୃଦ୍ଧି କରିବାର ଭାର ଉକ୍ତ ସମିତିଠାରେ ରହୁ ।

ଶ୍ରୀଯୁକ୍ତ ରାମଶଙ୍କର ରାୟ
ଶ୍ରୀଯୁକ୍ତ ଫକୀରମୋହନ ସେନାପତି
ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ – ସମିତିର ସମ୍ପାଦକ
ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ
ଶ୍ରୀଯୁକ୍ତ ପାରେଶ୍ୱର ମହାନ୍ତି
ଶ୍ରୀଯୁକ୍ତ ବିଶ୍ୱନାଥ କର
ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ
ଶ୍ରୀଯୁକ୍ତ ଚନ୍ଦ୍ରଶେଖର ନନ୍ଦ
ଶ୍ରୀଯୁକ୍ତ ବାଳକୃଷ୍ଣ ମହାନ୍ତି

ପ୍ରସ୍ତାବକ – ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ
ଅନୁମୋଦକ – ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ
ସମର୍ଥକ – ଶ୍ରୀଯୁକ୍ତ ନନ୍ଦକିଶୋର ବଳ

**ତୃତୀୟ ନିର୍ଦ୍ଧାରଣ :** କଟକରେ ଗଭର୍ଣ୍ଣମେଣ୍ଟଙ୍କ ସ୍ଥାପିତ ଆଦର୍ଶ କୃଷିକ୍ଷେତ୍ରରେ କୃଷିର ଉତ୍କୃଷ୍ଟ ପ୍ରଣାଳୀମାନ ଶିକ୍ଷା କରିବା ନିମିତ୍ତ ପ୍ରତ୍ୟେକ ଜିଲ୍ଲାସମିତି ଆପଣା ବ୍ୟୟରେ ଦୁଇ ବା ତତୋଧିକ ଉପଯୁକ୍ତ ବ୍ୟକ୍ତିଙ୍କୁ ପଠାନ୍ତୁ ଓ ଉକ୍ତ କୃଷିକ୍ଷେତ୍ର ପ୍ରତି ସାଧାରଣ କୃଷକର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଅନ୍ୟାନ୍ୟ ଉପାୟମାନ ଅବଧାରଣ କରନ୍ତୁ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଶିବନାରାୟଣ ନାୟକ
ଅନୁମୋଦକ – ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର
ସମର୍ଥକ – ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକ

**ଚତୁର୍ଥ ନିର୍ଦ୍ଧାରଣ :** ଉତ୍କଳ ସାହିତ୍ୟର ଉନ୍ନତି ନିମନ୍ତେ ପ୍ରତ୍ୟେକ ଜିଲ୍ଲାସମିତି ଉତ୍କଳ ସାହିତ୍ୟ ସମାଜକୁ ବାର୍ଷିକ ଯଥାଶକ୍ତି ସାହାଯ୍ୟ କରନ୍ତୁ ।

ପ୍ରସ୍ତାବକ – ପଣ୍ଡିତ ହରେକୃଷ୍ଣ ମହାପାତ୍ର
ଅନୁମୋଦକ – ଶ୍ରୀଯୁକ୍ତ ଫକୀରମୋହନ ସେନାପତି
ସମର୍ଥକ – ଶ୍ରୀଯୁକ୍ତ ଭାଗୀରଥୀ ପଦ୍ୟାଳଙ୍କାର, ଗଡ଼ଜାତବାସିନୀର ସମ୍ପାଦକ, ତାଳଚେର ।

**ପଞ୍ଚମ ନିର୍ଦ୍ଧାରଣ :** ବିଦେଶରେ ଶିଳ୍ପବିଦ୍ୟା ଶିକ୍ଷା କରିବା ନିମନ୍ତେ ଉତ୍କଳୀୟ ଛାତ୍ର ପ୍ରେରଣ ପାଇଁ ଅର୍ଥ ସଂଗ୍ରହାଦିର ଭାର ଜିଲ୍ଲାସମିତିମାନେ ଗ୍ରହଣ କରନ୍ତୁ ଏବଂ କଲିକତାର ଶିଳ୍ପ ବିଜ୍ଞାନ ସଭା ସହିତ ସ୍ଥାୟୀ ସମିତି ଏ ବିଷୟରେ ପରାମର୍ଶ କରି ଆବଶ୍ୟକ ହେଲେ ଉକ୍ତ ସଭାଦ୍ୱାରା ଅଥବା ସ୍ୱାଧୀନଭାବେ କାର୍ଯ୍ୟ କରନ୍ତୁ ।
ପ୍ରସ୍ତାବକ – ଶ୍ରୀଯୁକ୍ତ ରାଜା କନିକା
ଅନୁମୋଦକ – ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ଦାସ ଓକିଲ ଯାଜପୁର
ସମର୍ଥକ – ଶ୍ରୀଯୁକ୍ତ ଜଗନ୍ମୋହନ ଲାଲା କଟକ

**ଷଷ୍ଠ ନିର୍ଦ୍ଧାରଣ :** ଫ୍ଲାଇଂ ସଟଲ୍ ଲୁମ ବୟନ କାର୍ଯ୍ୟ ଶିକ୍ଷାଦେବା କାରଣ ପ୍ରତ୍ୟେକ ଜିଲ୍ଲାସମିତି ଆପଣା ବ୍ୟୟରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରନ୍ତୁ ।
ପ୍ରସ୍ତାବକ – ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଘୋଷ, ଓକିଲ, ପୁରୀ
ଅନୁମୋଦକ – ଶ୍ରୀଯୁକ୍ତ ପାରେଶ୍ୱର ମହାନ୍ତି, ଦେୱାନ, ମଧୁପୁର
ସମର୍ଥକ – ଶ୍ରୀଯୁକ୍ତ ନରସିଂହ ଦାସ, ସବ୍-ରେଜିଷ୍ଟ୍ରାର, ପାର୍ବତୀପୁର

**ସପ୍ତମ ନିର୍ଦ୍ଧାରଣ :** ଦେଶର ଉନ୍ନତି ବହୁ ପରିମାଣରେ ସ୍ତ୍ରୀଶିକ୍ଷା ଉପରେ ନିର୍ଭର କରୁଥିବାରୁ ଉତ୍କଳରେ ତାହାର ବୃଦ୍ଧି ଓ ବିସ୍ତାରର ବିହିତ ଉପାୟମାନ ଜିଲ୍ଲାସମିତି ଅବଲମ୍ବନ କରନ୍ତୁ ।
ପ୍ରସ୍ତାବକ – କୁମାରୀ ଶୈଳବାଳା ଦାସ ତରଫ ପ୍ରତିନିଧି ଶ୍ରୀଯୁକ୍ତ ବିଶ୍ୱନାଥ କର ।
ଅନୁମୋଦକ – ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ, ବି.ଏ., ବି.ଏଲ୍., କଟକ
ସମର୍ଥକ – ଶ୍ରୀଯୁକ୍ତ ପଦ୍ମନାଭ ମିଶ୍ର, ପୁରୀ

**ଅଷ୍ଟମ ନିର୍ଦ୍ଧାରଣ :** ଉତ୍କଳ ପ୍ରଦେଶର ବିଭିନ୍ନ ସ୍ଥାନର ଶସ୍ୟ ସଂଗ୍ରହାର୍ଥ ଗୋଟାଏ ଲେଖାଏଁ 'ଧର୍ମ୍ମଗୋଳା' ସ୍ଥାପନ କରିବାପାଇଁ ଜିଲ୍ଲା ସମିତିମାନେ ଉପାୟ ଅବଲମ୍ବନ କରନ୍ତୁ ।
ପ୍ରସ୍ତାବକ – ଶ୍ରୀଯୁକ୍ତ ମଧୁସୂଦନ ଦାସ ହେଡ଼ମାଷ୍ଟର ପୁରୀ ଜିଲ୍ଲା ସ୍କୁଲ
ଅନୁମୋଦକ – ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ ବି.ଏଲ୍., କଟକ

ସମର୍ଥକ – ଶ୍ରୀଯୁକ୍ତ ପୀତାମ୍ବର ପ୍ରହରାଜ, ଆଠଗଡ଼

**ନବମ ନିର୍ଦ୍ଧାରଣ :** କଟକରୁ ବି.ଏଲ୍. କ୍ଲାସ ଉଠିଯାଇଥିବା ହେତୁ ଉତ୍କଳୀୟମାନଙ୍କ ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଆଇନ ପଢ଼ିବା ସମ୍ବନ୍ଧରେ ବିଶେଷ ଅସୁବିଧା ଘଟୁଅଛି । ଉତ୍କଳର ଅବସ୍ଥା ଦୃଷ୍ଟିରେ ଉକ୍ତ ବି.ଏଲ୍. କ୍ଲାସ୍ ପୁନଃ ସ୍ଥାପନ ନିମନ୍ତେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ଜରିୟାରେ ଗଭର୍ଣ୍ଣମେଣ୍ଟଙ୍କୁ ଆବେଦନ କରାଯାଉ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ରାମହରି ଦାସ ଚୌଧୁରୀ ଭିଙ୍ଗାରପୁର

ଅନୁମୋଦକ – ଶ୍ରୀଯୁକ୍ତ ଫକୀରମୋହନ ସେନାପତି

ସମର୍ଥକ – ଶ୍ରୀଯୁକ୍ତ ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ

**ଦଶମ ନିର୍ଦ୍ଧାରଣ :** ସ୍ୱର୍ଗୀୟ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ସ୍ମୃତି ରକ୍ଷାର୍ଥେ ଜଣେ ଉତ୍କଳୀୟ ଛାତ୍ରଙ୍କୁ ବୃତ୍ତି ପ୍ରଦାନ କରୁଥିବାରୁ ମାନନୀୟ କନିକାଧୀଶ୍ୱରଙ୍କୁ ଧନ୍ୟବାଦ ଦିଆଯାଉ । ସମ୍ମିଳନୀ ଆଶା କରନ୍ତି ଯେ ରାଜା ମହୋଦୟ ଉକ୍ତ ବୃତ୍ତିକୁ ସ୍ଥାୟୀ ରଖିବେ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ, ସମ୍ପାଦକ, ଗଞ୍ଜାମ ଗୁଣଦର୍ପଣ

ଅନୁମୋଦକ – ଶ୍ରୀଯୁକ୍ତ ଅପର୍ଣ୍ଣା ପଣ୍ଡା ପାରଳାଖେମୁଣ୍ଡି

ସମର୍ଥକ – ଶ୍ରୀଯୁକ୍ତ ଜଗନ୍ମୋହନ ଲାଲା କଟକ

**ଏକାଦଶ ନିର୍ଦ୍ଧାରଣ :** ଉତ୍କଳର ଅଭାବ ଓ ଅବସ୍ଥା ଓ ବିଲାତର ଜନସାଧାରଣଙ୍କର ମନ ଆକୃଷ୍ଟ କରାଇଥିବା ଏବଂ ଦେଶମିଶ୍ରଣ ସମ୍ବନ୍ଧରେ ବହୁ ଚେଷ୍ଟା କରୁଥିବାରୁ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ. ମହୋଦୟଙ୍କୁ ଧନ୍ୟବାଦ ଦିଆଯାଉ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଫକୀରମୋହନ ସେନାପତି

ଅନୁମୋଦକ – ଶ୍ରୀଯୁକ୍ତ ଦାମୋଦର କର, ବି.ଏ., କଟକ

ସମର୍ଥକ – ଶ୍ରୀଯୁକ୍ତ ନରସିଂହ ଦାସ, ସବ୍-ରେଜିଷ୍ଟ୍ରାର

**ଦ୍ୱାଦଶ ନିର୍ଦ୍ଧାରଣ :** ଉତ୍କଳର ଚତୁର୍ଦ୍ଦିଗରେ ଭୟଙ୍କର ଦୁର୍ଭିକ୍ଷ ହୋଇଥିବାରୁ ତହିଁର ପ୍ରତିକାର ନିମିତ୍ତ ନିମ୍ନଲିଖିତ ସଭ୍ୟମାନଙ୍କୁ ଘେନି ସଭ୍ୟ ସଂଖ୍ୟା ବୃଦ୍ଧି କରିବାର କ୍ଷମତା ସହିତ ଗୋଟିଏ ସମିତି ଗଠନ କରାଯାଉ ।

୧ । ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି.ଆଇ.ଇ., ୨ । ମିସ୍ ଶୈଳବାଳା ଦାସ, ୩ । ଶ୍ରୀଯୁକ୍ତ ପାରେଶ୍ୱର ମହାନ୍ତି, ବି.ଏ., ୪ । ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ, ବି.ଏଲ୍., ୫ । ଶ୍ରୀଯୁକ୍ତ ରାଜାବାହାଦୁର । କି । କନିକା, ୬ । ଶ୍ରୀଯୁକ୍ତ ରାଜା

ବୈକୁଣ୍ଠନାଥ ଦେ ବାହାଦୁର, ୭ । ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଘୋଷ ବି.ଏଲ୍.
୮ । ଶ୍ରୀଯୁକ୍ତ ବୈକୁଣ୍ଠନାଥ ଦତ୍ତ, ୯ । ମିସ୍ ଦିଲବଟ ।
ପ୍ରସ୍ତାବକ — ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ବି.ଏଲ୍.
ଅନୁମୋଦକ — ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ.

**ତ୍ରୟୋଦଶ ନିର୍ଦ୍ଧାରଣ :** ରୁଡ୍ରକି ବା ଶିବପୁର ଇଞ୍ଜିନିୟର ମେଡ଼ିକେଲ କଲେଜରେ ପଠନେଚ୍ଛୁ ଉତ୍କଳୀୟ ଛାତ୍ରଙ୍କ ପାଇଁ ବୃତ୍ତି ସ୍ଥାପନ ସକାଶେ ପ୍ରତ୍ୟେକ ଜିଲ୍ଲା ସମିତି ସ୍ୱତନ୍ତ୍ର ଭାବରେ କିମ୍ୱା ଏକତ୍ରରେ ପରାମର୍ଶ କରି ବିହିତ ଉପାୟ ଅବଲମ୍ବନ କରନ୍ତୁ ।
ପ୍ରସ୍ତାବକ — ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ, ବି.ଏଲ୍.
ଅନୁମୋଦକ — ମୁନ୍‌ସି ସୟଦ୍ ଗୋଲାମ ଫେଜ୍, ଖୋର୍ଦ୍ଧା ହାଇସ୍କୁଲ

**ଚତୁର୍ଦ୍ଦଶ ନିର୍ଦ୍ଧାରଣ :** ଉତ୍କଳର କବିବର ରାୟ ରାଧାନାଥ ରାୟ ବାହାଦୁରଙ୍କ ପରଲୋକ ଗମନ ଦ୍ୱାରା ଉତ୍କଳର ଭୟଙ୍କର କ୍ଷତି ହୋଇଅଛି ଓ ତଜ୍ଜନିତ ଉତ୍କଳୀୟମାନଙ୍କର ଶୋକ ଓ ସମ୍ମିଳନୀ ସଭା ପ୍ରକାଶ କରୁଅଛନ୍ତି ।
ପ୍ରସ୍ତାବକ — ଶ୍ରୀଯୁକ୍ତ ଯୋଗେନ୍ଦ୍ର କାବ୍ୟବିଶାରଦ, ପୁରୀ
ଅନୁମୋଦକ — ଶ୍ରୀଯୁକ୍ତ ରାମକୃଷ୍ଣ ମିଶ୍ର, ପାରଳାଖେମୁଣ୍ଡି
ସମର୍ଥକ — ଶ୍ରୀଯୁକ୍ତ ବିଶ୍ୱନାଥ କର, ସମ୍ପାଦକ ଉତ୍କଳସାହିତ୍ୟ, କଟକ

**ପଞ୍ଚଦଶ ନିର୍ଦ୍ଧାରଣ :** ସମ୍ମିଳନୀର ସେବକମାନଙ୍କୁ ଧନ୍ୟବାଦ ଦିଆଯାଉ ।
ପ୍ରସ୍ତାବକ — ଶ୍ରୀଯୁକ୍ତ ସଭାପତି ମହୋଦୟ

**ଷୋଡ଼ଶ ନିର୍ଦ୍ଧାରଣ :** ସଭାପତି ମହୋଦୟଙ୍କୁ ଧନ୍ୟବାଦ ଦିଆଯାଉ ।
ପ୍ରସ୍ତାବକ — ଶ୍ରୀଯୁକ୍ତ ମହନ୍ତ ଗଦାଧର ରାମାନୁଜ ଦାସ
ଅନୁମୋଦକ — ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ, ବି.ଏଲ୍.

—

## ଷଷ୍ଠ ଅଧିବେଶନ

[ଉତ୍କଳ ସମ୍ମିଳନୀର ଷଷ୍ଠ ଅଧିବେଶନ କଟକଠାରେ ୧୯୦୮ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହୋଇଥିଲା ଓ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ଆଠଗଡର ରାଜା ରାଧାନାଥ ବର୍ମା । ୧୯୦୮ ମସିହାର ଏହା ଦ୍ୱିତୀୟ ଅଧିବେଶନ ହୋଇଥିବାରୁ ନିରାଡମ୍ବର ଭାବରେ ଅନୁଷ୍ଠିତ ହୋଇଥିଲା]

### ଅଧିବେଶନର ସଭାପତି ଆଠଗଡର ରାଜା ରାଧାନାଥ ବର୍ମାଙ୍କର ଅଭିଭାଷଣ

ଓଁ ନମୋ ନାରାୟଣାୟ

ସମବେତ ଭଦ୍ରମଣ୍ଡଳି !

ଆପଣମାନେ ଉତ୍କଳ ସମ୍ମିଳନୀର ଷଷ୍ଠ ଅଧିବେଶନରେ ମୋତେ ସଭାପତି ଭାବରେ ଉପସ୍ଥିତ କରାଇବାରୁ ମୁଁ ଆପଣଙ୍କ ସମୀପରେ ଯେଉଁ ପରିମାଣରେ ଋଣୀ, ଆପଣମାନଙ୍କ ସମ୍ମୁଖରେ ମୋର ଅଯୋଗ୍ୟତା ଉପଲବ୍ଧି କରିବାର ସୁବିଧା ପାଇ ସେହି ପରିମାଣରେ ଲଜ୍ଜିତ । କାରଣ ଏପରି ଗୋଟିଏ ସୁମହତ୍ ଜାତୀୟ ଅନୁଷ୍ଠାନରେ ସର୍ବ ସମକ୍ଷରେ ଦଣ୍ଡାୟମାନ ହୋଇ ଉତ୍କଳୀୟ ଜାତିର ଶିକ୍ଷକ ଓ ନିୟାମକରୂପେ ଏହି ମହତୀ ସଭାର କର୍ଣ୍ଣଧାର ହେବା ଭଳି ଯୋଗ୍ୟତା ମୋର ନାହିଁ । କିନ୍ତୁ ତହିଁ ସଙ୍ଗେ ସଙ୍ଗେ ବୟୋଗତ କେତେଗୁଡ଼ିଏ ସ୍ୱାଭାବିକ ଦୋଷ ଅର୍ଥାତ୍ ଶାରୀରିକ ଦୁର୍ବଳତା ଓ ଉଚ୍ଚାରଣର ଅସ୍ପଷ୍ଟତା ମଧ୍ୟ ମୋତେ ସଂକ୍ରମଣ କରିଅଛି । ସେହି ସବୁ କାରଣରୁ ମୁଁ ପ୍ରଥମେ ଏପରି ଦାୟିତ୍ୱପୂର୍ଣ୍ଣ ପଦ ଗ୍ରହଣ କରିବାପାଇଁ କୁଣ୍ଠିତ ଓ ପଶ୍ଚାତ୍ପଦ ହୋଇଥିଲି । ପରେ ଯେତେବେଳେ ଦେଖିଲି ଯେ, ଏବର୍ଷ ସଭାପତି ପଦରେ ଅନ୍ୟ କେତେକ ମହାନୁଭବ ବ୍ୟକ୍ତିମାନେ ଆହୂତ ହୋଇଥିଲେ ହେଁ ନାନା କାରଣରୁ ସେମାନେ ଉକ୍ତ ପଦ ଗ୍ରହଣ କରିବାପାଇଁ ଅନିଚ୍ଛୁକ ହେଲେ, ସେତେବେଳେ ''ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍'' (ଶ୍ରାଦ୍ଧ ଇତ୍ୟାଦିରେ ବସ୍ତ୍ର ଦେବାର ବିଧି ଥିବା ସ୍ଥଳରେ ବସ୍ତ୍ର ନ ମିଳିଲେ, ଶାସ୍ତ୍ରକାରମାନେ ସୂତ୍ର ଖଣ୍ଡେ ଦେବାର ବ୍ୟବସ୍ଥା କରିଥାନ୍ତି) ଏହି ଦେଶ ପ୍ରଚଳିତ ଉକ୍ତିକୁ ଅନୁସରଣ କରି ଅଗତ୍ୟା ମୁଁ ଉକ୍ତ ପଦ ଗ୍ରହଣ କରିଅଛି । ଆହୁରି ମଧ୍ୟ ଉକ୍ତ ଅଛି ଯେ ''ଖେ ଦ୍ୟୋତମାନାସ୍ୱପି ତାରକାସ୍ତୁ, ଖଦ୍ୟୋତବୃନ୍ଦାନି ନ କି

ସ୍ଫୁରନ୍ତି'' ଅର୍ଥାତ ଆକାଶରେ ତାରକାମାନେ ଉଜ୍ଜ୍ୱଳ ପ୍ରଭା ବିକାଶ କରୁଥିଲେ ମଧ୍ୟ ଜୁଳଜୁଳିଆ ପୋକମାନେ ନିଜର ସ୍ୱଚ୍ଛ ଆଭା ଦେଖାଉଥାନ୍ତି । ଏହି ପଦ ଗ୍ରହଣ କରି ମୁଁ ଆଜି କୃତାର୍ଥ ହୋଇଅଛି । ଏହି ଜାତୀୟ ସମ୍ମାନକୁ ମୁଁ ଅନ୍ୟ ସମସ୍ତ ସାଂସାରିକ ସମ୍ମାନ ଅପେକ୍ଷା ଅଧିକତର ଉଚ୍ଚ ଓ ମୂଲ୍ୟବାନ ବୋଲି ଜ୍ଞାନ କରେଁ ସତ୍ୟ, କିନ୍ତୁ ଆଜି ମୋର ବକ୍ତୃତାଦ୍ୱାରା ଆପଣମାନଙ୍କ ଆଶାଲୁବ୍ଧ କର୍ଣ୍ଣ ଓ ମନ କେତେଦୂର ପରିତୁଷ୍ଟ ହେବ, ତାହା ମୁଁ ନିଜେ ଉତ୍ତମରୂପେ ବୁଝିପାରିଅଛି । ସେ ଯାହା ହେଉ ସଭାପତି କିଏ ହେବେ ତାହା ସମ୍ମିଳନୀର କେନ୍ଦ୍ର ସମିତି ସ୍ଥିର କରେଁ । ସଭାପତି କେହି ନ ହେବା ଯୋଗୁଁ ସମ୍ମିଳନୀର କେନ୍ଦ୍ର ସମିତି କର୍ମକର୍ତ୍ତାଗଣ ଓ ବିଶେଷତଃ ଓଡ଼ିଆ ମାତାର ଯୋଗ୍ୟତମ ପୁତ୍ର ମିଃ ମଧୁସୂଦନ ଦାସ ପୂଜ୍ୟ ମହାଶୟ ବିବ୍ରତ ହେବାର ଦେଖି ତାହାଙ୍କ ସନିର୍ବନ୍ଧ ଅନୁରୋଧରେ ମୁଁ ପୁନର୍ବାର ସଭାପତି ହେବା ପାଇଁ ସ୍ୱୀକୃତ ହୋଇଅଛି । ଆପଣମାନେ ମୋର ସମସ୍ତ ତ୍ରୁଟିକୁ ଦିବ୍ୟ ଚକ୍ଷୁରେ ଦୃଷ୍ଟି କରିବେ ଓ ମହାଜନ... ମହତ୍ ବାକ୍ୟଚୟ ମାଦୃଶ ବ୍ୟକ୍ତି ମୁଖରୁ ଶୁଣି ସେମାନେ ସେଗୁଡ଼ିକ ପ୍ରତି ବୀତଶ୍ରଦ୍ଧ ହେବେ ନାହିଁ ଏହାହିଁ ଆଶା କରେଁ ।

ଓଡ଼ିଶାର ଏହି ମାତୃପୂଜା ଶକ୍ତିପୀଠରେ ସମସ୍ତେ ସମବେତ ହୋଇଅଛୁଁ । ସମସ୍ତଙ୍କର ଗୋଟିଏ ଉଦ୍ଦେଶ୍ୟ – ଜାତୀୟ ଉନ୍ନତି । ଆଜି ଆମ୍ଭେମାନେ ସମସ୍ତ ପ୍ରକାର ଭେଦାଭେଦ ଭୁଲି ଯାଇ ଏକ ମହାଲକ୍ଷ୍ୟ ଆଡ଼କୁ ଏକନିଷ୍ଠ ଦୃଷ୍ଟିପାତ କରି, ବିଭିନ୍ନ ଅଞ୍ଚଳରୁ ବହୁ କଷ୍ଟସ୍ୱୀକାର ପୂର୍ବକ ଏଠାରେ ସମବେତ ହୋଇଅଛୁଁ ।... ଏହି ମାତୃପୂଜା ମଣ୍ଡପରେ ପ୍ରଜ୍ୱଳିତ... ରହିଅଛି । ଅନେକ ଅନେକ ପ୍ରକାରର ଆଶାର ସ୍ୱପ୍ନ ଦେଖୁଅଛୁଁ ଓ ଏକତାର ମୃତ ସଞ୍ଜିବନ ମନ୍ତ୍ରରେ ଦୀକ୍ଷିତ ହୋଇଅଛୁଁ । ଉତ୍କଳୀୟ ଜାତିର ମହାପ୍ରାଣର ତନ୍ତ୍ରୀନିଚୟ ଗମ୍ଭୀର ଭାବରେ ନିନାଦିତ ହେଉଅଛି ।

ଉତ୍କଳ-ସମ୍ମିଳନୀର ଉଦ୍ଦେଶ୍ୟ ସମ୍ବନ୍ଧରେ ପୂର୍ବବର୍ତ୍ତୀ ବର୍ଷମାନଙ୍କରେ ମୋ ଅପେକ୍ଷା ଯୋଗ୍ୟତର ବ୍ୟକ୍ତିମାନେ ଆପଣମାନଙ୍କୁ ଅନେକ ଉପଦେଶ ଶୁଣାଇ ଅଛନ୍ତି । ସେ ସମ୍ବନ୍ଧରେ ପୁନରୁକ୍ତି କରି ଆପଣମାନଙ୍କ ସମୟ ନଷ୍ଟ କରିବା ଓ ନିଜର ବିଦ୍ୱତ୍ତା ଘୋଷଣା କରିବା କଦାପି ମୋର ଉଦ୍ଦେଶ୍ୟ ନୁହେଁ । ସମସ୍ତ ବିଷୟ ଆଲୋଚନା କରି ଆମ୍ଭମାନଙ୍କର ନେତାମାନେ ବହୁ ଚିନ୍ତାପରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ଯେ ରାଜନୈତିକ ଆନ୍ଦୋଳନ ଓ ଧର୍ମ୍ମସମ୍ବନ୍ଧୀୟ ଆଲୋଚନାମାନ ଉତ୍କଳ-ସମ୍ମିଳନୀର ସୀମାନ୍ତର୍ଗତ ନୁହେଁ । ବିଭିନ୍ନ ରାଜନୈତିକ ମତାବଲମ୍ବୀ ଓ ଧର୍ମ୍ମାବଲମ୍ବୀ ବ୍ୟକ୍ତିମାନେ ଉତ୍କଳୀୟ ସଂଜ୍ଞାର ଅନ୍ତର୍ଗତ । ଯେଉଁ ବିଷୟରେ ଆମ୍ଭମାନଙ୍କ ମଧ୍ୟରେ ମତର ପାର୍ଥକ୍ୟ ହୋଇପାରେ, ସେ ବିଷୟର ଆଲୋଚନା କରିବା ଏପରି ଗୋଟିଏ ଜାତୀୟ ଅନୁଷ୍ଠାନର ଅଙ୍ଗ ହେବା ବାଞ୍ଛନୀୟ ନୁହେଁ । ଏ ଦୁଇଟି ବିଷୟର ଆଲୋଚନା ନ କରି ଅନ୍ୟ କି କି ଉପାୟରେ ଆମ୍ଭେ ଉତ୍କଳୀୟମାନେ ଜାତୀୟ ଉନ୍ନତି ପଥରେ ଅଗ୍ରସର ହୋଇପାରିବା

ଓ ଅନ୍ୟାନ୍ୟ ଉନ୍ନତ ଜାତିମାନଙ୍କର ଅନୁଗାମୀ ହୋଇ ଉକ୍ତ ସୋପାନରେ ଆରୋହଣ କରି ଜାତୀୟ ସ୍ୱାସ୍ଥ୍ୟର ଉନ୍ନତି କରିବା, ଏହିସବୁ ବିଷୟ ସିଦ୍ଧାନ୍ତ କରି କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବାଲାଗି ଏହି ଜାତୀୟ ସମ୍ମିଳନୀ ସଭାର କଳ୍ପନା କରା ଯାଇଅଛି । ଏହା ବୋଲି ଏପରି କେହି ମନେ କରିବେ ନାହିଁ ଯେ ସମସ୍ତ ଧର୍ମର ମୂଳଭିତ୍ତି ସେହି ସର୍ବାନ୍ତର୍ଯ୍ୟାମୀ ଭଗବାନ ଆମ୍ଭମାନଙ୍କର ଏହି ମାତୃପୂଜା ମଣ୍ଡପରେ ଉପସ୍ଥିତ ହୋଇ ଆମ୍ଭମାନଙ୍କୁ ଉତ୍ସାହିତ କରୁନାହାନ୍ତି । ଯାହାଙ୍କୁ ବିଭିନ୍ନ ଧର୍ମର ସଂକୀର୍ଣ୍ଣତା ସ୍ପର୍ଶ କରିନାହିଁ, ସେହି ଜ୍ଞାନମୟ ଭଗବାନଙ୍କ ସୁପବିତ୍ର ନାମକୁ ଆଶ୍ରୟ କରି ଆମ୍ଭେମାନେ ଏଠାରେ ସବୁ ପ୍ରଭେଦ ଭୁଲିଯାଇ ଦେଶହିତ ଚିନ୍ତାରେ ମନପ୍ରାଣ ଢାଳି ଦେଉଅଛୁଁ । ପୂର୍ବତନ ଅଧିବେଶନମାନଙ୍କରେ ଜାତୀୟ ଉନ୍ନତିର ନିର୍ଦ୍ଧାରଣମାନ ବିଧିମତେ ପ୍ରସ୍ତାବିତ, ଅନୁମୋଦିତ ଓ ସମବେତ ସଭ୍ୟମାନଙ୍କ କରତାଳିଦ୍ୱାରା ସମର୍ଥିତ ହୋଇଅଛି । କୃଷି, ଶିଳ୍ପ, ବାଣିଜ୍ୟ, ବିଦ୍ୟାଶିକ୍ଷା, ସାହିତ୍ୟ ଏଗୁଡ଼ିକର ଉନ୍ନତି ହେବା ଉଦ୍ଦେଶ୍ୟରେ ଉପଯ୍ୟୁପରି ପ୍ରସ୍ତାବମାନ ଆଗତ ହୋଇଅଛି ଓ ସେଗୁଡ଼ିକ ଯେ ଅତି ହିତକର ପ୍ରସ୍ତାବ ଏଥିରେ କାହାରି ସନ୍ଦେହ ହୋଇ ନ ପାରେ । କିନ୍ତୁ ମୋର କ୍ଷୁଦ୍ର ବୁଦ୍ଧିରେ ମୁଁ ଦେଖି ପାରୁଅଛି ଯେ ଆମ୍ଭେମାନେ ଆଜିପର୍ଯ୍ୟନ୍ତ ''ବୁଭୁକ୍ଷିତଃ କିଂ ଦ୍ୱିକରେଣ ଭୁଂକ୍ତେ'' (ଅର୍ଥାତ ଅତି କ୍ଷୁଧାର୍ତ୍ତ ବ୍ୟକ୍ତି ଦୁଇ ହାତରେ ଗ୍ରାସ କରେ ନାହିଁ) ଏହି ଉକ୍ତିଟି ପ୍ରତି ଆଦୌ ମନୋନିବେଶ କରିନାହୁଁ । ଉତ୍କଳୀୟ ଜାତି ଗୋଟିଏ ଅତି ଅନୁନ୍ନତ ଜାତି ଏଥିରେ ଆମ୍ଭମାନଙ୍କ ମଧ୍ୟରେ ମତପାର୍ଥକ୍ୟ ହୋଇ ନ ପାରେ । କିନ୍ତୁ କ୍ଷୁଧାର୍ତ୍ତ ହୋଇ ଆମ୍ଭେମାନେ ଆମ୍ଭମାନଙ୍କର ନ୍ୟାଯ୍ୟ କ୍ଷମତାର ପରିମାଣ ଇୟତ୍ତା କରି ନ ପାରି ପୃଥିବୀରେ ଜାତୀୟ ଉନ୍ନତିର ଯେତେଗୁଡ଼ିଏ ଉପାୟ ସମ୍ଭବ, ସେଗୁଡ଼ିକୁ ସମ୍ମିଳନୀମଣ୍ଡପରେ ନିବେଶିତ କରି ପ୍ରସ୍ତାବ ଉପରେ ପ୍ରସ୍ତାବମାନ ଠୁଳ କରି ପକାଇଅଛୁଁ ଓ ମୋର କ୍ଷୁଦ୍ର ବୁଦ୍ଧିରେ ମୁଁ ସ୍ଥିର କରି ଅଛି ଯେ ପ୍ରସ୍ତାବଗୁଡ଼ିକର ସଂଖ୍ୟାବୃଦ୍ଧି ସଙ୍ଗେ ସଙ୍ଗେ ଆମ୍ଭମାନଙ୍କ କାର୍ଯ୍ୟକାରୀ କ୍ଷମତା ଖର୍ବତା ଲାଭ କରିଅଛି । ମୁଁ ଆଜି ଅତି ଦୀନଭାବରେ ଆପଣମାନଙ୍କ ସମ୍ମୁଖରେ ଓ ଏହି ସମ୍ମିଳନୀର ନେତାମାନଙ୍କ ନିକଟରେ କୃତାଞ୍ଜଳି ହୋଇ ମୋର ବକ୍ତବ୍ୟ ଉପସ୍ଥାପିତ କରୁଅଛି । ଆପଣମାନଙ୍କ ବିଚାରର ଫଳ ସମଗ୍ର ଉତ୍କଳଜାତି ଚିରକାଳ ଭୋଗ କରିବେ, ଏହା ଆପଣମାନେ ଥରେ ଭାବନ୍ତୁ । ଆପଣମାନଙ୍କ ନିର୍ଦ୍ଦିଷ୍ଟ ମାର୍ଗରେ ଉତ୍କଳୀୟମାନେ ଅଗ୍ରସର ହେବେ । ଉତ୍କଳଜାତିର ଭବିଷ୍ୟତ ଗତି ଆପଣମାନଙ୍କ ପ୍ରସ୍ତାବର ମୂଲ୍ୟ ଉପରେ ନିର୍ଭର କରୁଅଛି । ଏହି ଉତ୍କଳ ସମ୍ମିଳନୀର ନାମ ଉତ୍କଳଜାତିର ଇତିହାସରେ ଅବଶ୍ୟ ଗୋଟିଏ ଉଚ୍ଚ ସ୍ଥାନ ଅଧିକାର କରିବ । ଏପରି ସ୍ଥଳରେ ଆପଣମାନେ ଭାବି ଦେଖନ୍ତୁ ଯେ ଉତ୍କଳ ଜାତିର ଭବିଷ୍ୟତ ଦାୟିତ୍ୱ ଏହି ସମ୍ମିଳନୀ ଉପରେ ଦୃଢ଼ ଭାବରେ ନ୍ୟସ୍ତ । ଆଶା କରେଁ, ଆପଣମାନେ ବିଶେଷ ଭାବରେ ଆଲୋଚନା କରି କର୍ତ୍ତବ୍ୟ ସ୍ଥିର କରିବେ ।

ଆପଣମାନେ ଉତ୍କଳୀୟ ଜାତିର ଯେଉଁ ଦିଗରେ ଦୃଷ୍ଟିପାତ କରିବେ, ସେ ଦିଗରେ ଜାତୀୟ ଅଭାବ ଓ ଅବନତିର ମାତ୍ରା ପୂର୍ଣ୍ଣଭାବରେ ବିଦ୍ୟମାନ । ସେ ଅଭାବଗୁଡ଼ିକ ଦୂର ନ ହେଲେ ଜାତୀୟ ଉନ୍ନତି ସୁଦୂର ପରାହତ, ଏ କଥା ମୁଁ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛି; କିନ୍ତୁ ସେ ଅଭାବଗୁଡ଼ିକ ଏକାଦିନକେ ପୂର୍ଣ୍ଣହେବା ଅସମ୍ଭବ । ବିଗତ ପାଞ୍ଚବର୍ଷ ମଧ୍ୟରେ ଆମ୍ଭେମାନେ ଦେଖି ପାରିଅଛୁ ଯେ ଆମ୍ଭେମାନେ ଅନେକଗୁଡ଼ିଏ କାର୍ଯ୍ୟରେ ହସ୍ତକ୍ଷେପ କରିଅଛୁଁ ଓ ବହୁ ଦେଶହିତକର ପ୍ରସ୍ତାବମାନ ସମ୍ମିଳନୀ ମଣ୍ଡପରେ ଉପସ୍ଥାପିତ କରିଅଛୁ । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଦେଖି ପାରିଅଛୁ ଯେ ଆମ୍ଭେମାନେ ଉକ୍ତ ପ୍ରସ୍ତାବମାନ କାର୍ଯ୍ୟରେ ଆଦୌ ପରିଣତ କରିପାରିନାହୁଁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଆମ୍ଭମାନଙ୍କ ଜାତୀୟ ବଳ ପ୍ରସ୍ତାବରେ ପର୍ଯ୍ୟବସିତ ହୋଇ ରହିଅଛି । ଯାହା ହେଉ ଉତ୍କଳୀୟ ଭ୍ରାତାମାନଙ୍କ ସମ୍ମୁଖରେ ମୋର କ୍ଷୁଦ୍ର ମତ ଉପସ୍ଥାପିତ କରି ଜଣାଉଅଛି ଯେ ଏକା ବେଳକେ ଏତେଗୁଡ଼ିଏ ପ୍ରସ୍ତାବ ପ୍ରତି କର ପ୍ରସାରଣ ନ କରି 'ଶନୈଃ ପନ୍ଥା ଶନୈଃ କନ୍ଥା ଶନୈଃ ପର୍ବତଲଙ୍ଘନ' ଅର୍ଥାତ୍ ଧୀରେ ଧୀରେ ଚାଲି ଚାଲି ପର୍ବତ ଲଙ୍ଘନ କରିବାକୁ ହୁଏ । ଏହି ପନ୍ଥାର ଅନୁସରଣ କରି ଧୀରେ ଧୀରେ ଗୋଟିଏ ଗୋଟିଏ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ଲାଗି ଚେଷ୍ଟା କରିବା ଆମ୍ଭମାନଙ୍କର ସର୍ବତୋଭାବେ ବିଧେୟ । ଉଦାହରଣ ସ୍ୱରୂପ ଆପଣମାନେ ଦେଖିବା ହୁଅନ୍ତୁ ଯେ ସମସ୍ତେ ସମ୍ମିଳନୀର ପାଣ୍ଠିପାଇଁ ଦିନ ଦିନକର ଆୟ ଦେବାର ପ୍ରସ୍ତାବ ବିଗତ କେତେକ ବର୍ଷ ହେଲା ଚଳୁଅଛି । କିନ୍ତୁ ଅତି ଆକ୍ଷେପର ବିଷୟ ଯେ ଆଜି ପର୍ଯ୍ୟନ୍ତ ଆମ୍ଭେମାନେ ସମ୍ମିଳନୀକୁ ଆର୍ଥିକ ସ୍ଥାୟୀ ମୂଳଭିତ୍ତି ଉପରେ ପ୍ରତିଷ୍ଠିତ କରାଇ ପାରିଲୁ ନାହିଁ । ଅପରାପର ଉନ୍ନତ ଜାତିମାନଙ୍କର ଇତିହାସ ପର୍ଯ୍ୟାଲୋଚନା କଲେ ଦେଖାଯିବ ଯେ ଯେଉଁ ଜାତି ସମ୍ମିଳିତ ଭାବରେ କାର୍ଯ୍ୟ କରିବାକୁ ଯେଉଁ ପରିମାଣରେ ସମର୍ଥ, ସେହି ଜାତି ଉନ୍ନତିସୋପାନରେ ସେହି ପରିମାଣରେ ଆରୋହଣ କରିବାରେ ସକ୍ଷମ । ଜାତୀୟ ଉନ୍ନତିମୂଳକ ପ୍ରସ୍ତାବଗୁଡ଼ିକ ସାଧନ କରିବା ସକାଶେ ସମ୍ମିଳିତ ଚେଷ୍ଟା, ସମ୍ମିଳିତ ବଳ ଓ ସମ୍ମିଳିତ ଅର୍ଥର ପ୍ରୟୋଜନ । ତାହା ନ ହେବା ପର୍ଯ୍ୟନ୍ତ ଆମ୍ଭମାନଙ୍କର ଜାତୀୟ ଉନ୍ନତିର ଆଶା ମରୁ-ମରୀଚିକା ସଦୃଶ ପ୍ରତୀୟମାନ ହେବ, ଏଥିରେ ସନ୍ଦେହ ନାହିଁ । ଉତ୍କଳ-ସମ୍ମିଳନୀ କିପରି ସ୍ଥାୟୀ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇପାରିବ, ଏହା ପ୍ରତ୍ୟେକ ଉତ୍କଳୀୟଙ୍କର ଗଭୀର ଚିନ୍ତାର ବିଷୟୀଭୂତ ହେବା ଆବଶ୍ୟକ । ଉତ୍କଳ-ସମ୍ମିଳନୀ ପକ୍ଷରୁ ଯୋଗ୍ୟ ଓ ବିଶ୍ୱାସୀ ପ୍ରଚାରକ ନିଯୁକ୍ତ କରାଯାଇ ସେମାନଙ୍କଦ୍ୱାରା ଉତ୍କଳର ବିଭିନ୍ନ ଅଞ୍ଚଳରୁ ସଭ୍ୟ ଓ ଅର୍ଥସଂଗ୍ରହ କରାଯିବାର ବିହିତ ଉପାୟ ଅବଲମ୍ବନ କରାଯାଉ । ଉତ୍କଳୀୟ ଧନପତିମାନେ ଏ ବିଷୟରେ ସମ୍ପୂର୍ଣ୍ଣ ସହାନୁଭୂତି ଦେଖାଇବା ଆବଶ୍ୟକ । ସେମାନଙ୍କ ଉଦାହରଣ ସାଧାରଣ ଲୋକେ

ଅନୁକରଣ କରିବେ । ଭଗବଦ୍‌ଗୀତାରେ ଭଗବାନ ଅର୍ଜୁନଙ୍କୁ କହିଅଛନ୍ତି, "ଯଦାଯଦାଚରିତ ଶ୍ରେଷ୍ଠସ୍ତତ୍ତଦେବେତରେ ଜନାଃ । ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ।" ଅର୍ଥାତ୍ ଶୀର୍ଷସ୍ଥାନୀୟ ଲୋକେ ଯେଉଁ ଆଚରଣ କରନ୍ତି, ସାଧାରଣ ଲୋକେ ତହିଁର ଅନୁଗାମୀ ହୁଅନ୍ତି । ଏଥିଯୋଗୁଁ ମୁଁ ସର୍ବାଗ୍ରେ ପ୍ରାର୍ଥନା କରୁଅଛି ଯେ ସମ୍ମିଳନୀକୁ ଅର୍ଥବଳ ଦେବାପାଇଁ ସର୍ବପ୍ରଥମେ ଉତ୍କଳର ରାଜା, ମହାରାଜା, ବୃତ୍ତୀଶ୍ୱର ଓ ଧନିମାନେ ସର୍ବସାଧାରଣଙ୍କୁ ଉଦାହରଣ ଦେଖାନ୍ତୁ । କେତେକ ବର୍ଷ ଏହିପରି ଚେଷ୍ଟା କରାଯାଉ ଓ ତଦ୍ଦ୍ୱାରା ଅର୍ଥସଂଗ୍ରହ ହେଲେ ତାହା ଗୋଟିଏ ସ୍ଥାୟୀ ପାଣ୍ଠି ହୋଇ ତହିଁରୁ ପ୍ରଥମେ ଉତ୍କଳୀୟମାନଙ୍କ ମଧ୍ୟରେ ଶିକ୍ଷାବିସ୍ତାର କରିବା ବିହିତ ଉପାୟମାନ ଅବଲମ୍ବନ କରାଯାଉ । ମୋ କ୍ଷୁଦ୍ର ମତରେ ଶିକ୍ଷାବିସ୍ତାର ଜାତୀୟ ଉନ୍ନତିର ସର୍ବପ୍ରଥମ ସୋପାନ ଓ ଆମ୍ଭମାନଙ୍କ ମଧ୍ୟରୁ ମୂର୍ଖତା ଯେଉଁ ପରିମାଣରେ ବିଦୂରିତ ହେବ, ଆମ୍ଭେମାନେ ସେହି ପରିମାଣରେ ଜାତୀୟ ପ୍ରାଣରେ ଅନୁପ୍ରାଣିତ ହୋଇପାରିବା । ଶିକ୍ଷା ଶବ୍ଦ ମୁଁ ପୁରୁଷ-ଶିକ୍ଷା ଓ ସ୍ତ୍ରୀ-ଶିକ୍ଷା ଉଭୟ ଅର୍ଥରେ ଏଠାରେ ମୁଁ ବ୍ୟବହାର କରୁଅଛି । ଶିକ୍ଷା ନାନାପ୍ରକାର ହୋଇପାରେ, ଯଥା – ବୈଷୟିକ ଶିକ୍ଷା, ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ଇତ୍ୟାଦି ।

ଶିକ୍ଷା ସମ୍ବନ୍ଧରେ ଆମ୍ଭମାନଙ୍କର ଏହି ଉତ୍କଳୀୟ ଜାତି ଅନ୍ଧକାରରେ ପଡ଼ି ରହିଅଛି । ଶିକ୍ଷା ଅଭାବରୁ ଏହି ଜାତିର ମନୁଷ୍ୟ ପଦବାଚ୍ୟ ବ୍ୟକ୍ତିଙ୍କ ସଂଖ୍ୟା ଏତାଦୃଶ ଅଳ୍ପ ଯେ, ତାହା ଭାବିଲେ ନୈରାଶ୍ୟଜର୍ଜରିତ ହେବାକୁ ହୁଏ । ମୋର କ୍ଷୁଦ୍ର ମତରେ ଦେଶବ୍ୟାପୀ ଶିକ୍ଷାବିସ୍ତାର ସମ୍ମିଳନୀର ସର୍ବପ୍ରଥମ କର୍ତ୍ତବ୍ୟ ହେବାର ଉଚିତ । ଶିଳ୍ପ ବୋଲ, ବିଜ୍ଞାନ ବୋଲ, ସାହିତ୍ୟ ବୋଲ, କୃଷି ବୋଲ, ବାଣିଜ୍ୟ ବୋଲ ସମସ୍ତ ପ୍ରକାର ଉନ୍ନତି ଶିକ୍ଷାସାପେକ୍ଷ । ଯେଉଁମାନଙ୍କର ଧନ, ସୁବିଧା ଓ ସୁଯୋଗ ଅଛି ସେମାନେ ସ୍ୱ ସ୍ୱ ସନ୍ତାନମାନଙ୍କୁ ଶିକ୍ଷାଦେଇ ସନ୍ତାନମାନଙ୍କର ଭବିଷ୍ୟତକୁ ଆଲୋକମୟ କରିବେ, ତହିଁପାଇଁ ସମ୍ମିଳନୀ ବିଶେଷ ଭାବରେ ଜାଗ୍ରତ ହେବାର ଆବଶ୍ୟକ ନାହିଁ । କିନ୍ତୁ ଯେଉଁଠାରେ ଆବଶ୍ୟକୀୟ ଧନ, ସୁଯୋଗ ଓ ସୁବିଧା ନାହିଁ ସେଠାରେ ଶିକ୍ଷାଦେବା ଓ ଦେଶବ୍ୟାପୀ ଶିକ୍ଷାବିସ୍ତାର କରିବା ପାଇଁ ସମ୍ମିଳନୀ-ପାଣ୍ଠିରୁ ଅର୍ଥ ସାହାଯ୍ୟ ଦିଆଯାଉ ଓ ସୁବିଧା କରାଇ ଦିଆଯାଉ । ଦେଶର ନାନାଦିଗରେ ନାନା ପ୍ରକାର ଅଭାବ, ଅନେକ ଅଭାବ ଜାତି ମଧ୍ୟରେ ରହିଅଛି, ସେଗୁଡ଼ିକ ଏକାଦିନକେ ନିରାକୃତ ହେବାର ଅସମ୍ଭବ । ପ୍ରଥମେ ଗୋଟିଏ ଗୋଟିଏ କାର୍ଯ୍ୟରେ ହସ୍ତକ୍ଷେପ କରି ଶନୈଃ ଶନୈଃ କୃତକାର୍ଯ୍ୟତା ଲାଭ କରିବା ଅପେକ୍ଷା ଦଶଟି କାର୍ଯ୍ୟରେ ହସ୍ତକ୍ଷେପ କରି ବ୍ୟର୍ଥ ହେବା ଅଧିକ କ୍ଷତିକାରକ । ପ୍ରତିବର୍ଷ ସମ୍ମିଳନୀ ମଣ୍ଡପରେ ରୁଣ୍ଡ ହୋଇ ଗତ ବର୍ଷ ମଧ୍ୟରେ କୌଣସି କାର୍ଯ୍ୟ ହୋଇନାହିଁ ବୋଲି ପଶ୍ଚାତାପ କରିବା ଆଦୌ ଶ୍ରେୟସ୍କର ନୁହେଁ । ଏହା ବୋଲି ଯେ ସମ୍ମିଳନୀର ମଣ୍ଡପରେ ଘୋଷିତ ଉଦ୍ଦେଶ୍ୟଗୁଡ଼ିକ ମହତ ନୁହେଁ ଏହା ମୁଁ କଦାପି

କହୁନାହିଁ । ଜାତୀୟ ସାହିତ୍ୟ ଓ ଭାଷାପ୍ରତି ଆମ୍ଭମାନଙ୍କର ଗୁରୁତର କର୍ତ୍ତବ୍ୟ ରହିଅଛି । ଦେଶର ଶ୍ରମଜୀବୀମାନଙ୍କ ଅବସ୍ଥା ଅତି ଶୋଚନୀୟ । ଦିନକୁ ଦିନ ଦେଶୀ ଜିନିଷର ଅବନତି ଓ ଅନାଦର ବୃଦ୍ଧି ପାଉଅଛି । କୃଷକମାନଙ୍କର ଅବସ୍ଥା କ୍ରମଶଃ ଶୋଚନୀୟ ହେଉଅଛି । ଉତ୍କଳୀୟମାନଙ୍କର ବ୍ୟବସାୟ ଓ ବାଣିଜ୍ୟ ପ୍ରତି ଆଦୌ ଆକର୍ଷଣ ନାହିଁ ବୋଲି କହିଲେ ଚଳେ । ଅପରାପର ଜାତିମାନେ ସମ୍ମୁଖରେ ଉଚ୍ଚତମ ଆଦର୍ଶମାନ ସ୍ଥାପନ କରି ଆପଣାର ଉନ୍ନତି ସାଧନରେ ବ୍ୟସ୍ତ, କିନ୍ତୁ ଆମ୍ଭେମାନେ ଗାଢ଼ ନିଦ୍ରାରେ ସୁପ୍ତ ହୋଇ ସୁଖସ୍ୱପ୍ନ ଦେଖୁଅଛୁ । ଭ୍ରାତୃବୃନ୍ଦ ଉଦାସୀନତା ତ୍ୟାଗ କର, ଆମ୍ଭମାନଙ୍କର ପୂର୍ବଗୌରବ ସ୍ମରଣ କର ଓ ଆମ୍ଭମାନଙ୍କର ଜାତୀୟ ଅଯୋଗ୍ୟତା ଉପଲବ୍ଧି କରି ସମ୍ମିଳିତ ଚେଷ୍ଟା କରିବାକୁ ଶିକ୍ଷା କର ।

ମୁଁ ପୂର୍ବେ କହିଅଛି ଯେ ଉତ୍କଳୀୟ ଜାତିର ଏହି ସମ୍ମିଳନୀ ମଣ୍ଡପରେ ନିୟାମକ ଓ ଉପଦେଶକର ପଦରେ ଆରୂଢ଼ ହେବାର ଯୋଗ୍ୟତା ମୋର ନାହିଁ । ମୋର ବ୍ୟକ୍ତିଗତ ଜୀବନର ବିଷୟ ମୁଁ ଚିନ୍ତା କଲେ ଦେଖିପାରେଁ ଯେ ମୋର ଅନେକ କର୍ତ୍ତବ୍ୟ କାର୍ଯ୍ୟ ବାକି ରହିଗଲା, ମୋର ଅନେକ ଦୋଷ ଅଛି ଓ ମୋ ମନରେ ଅନେକ ଦୋଷ ଅଛି ଓ ମୋ ମନର ଅନେକ ବାସନା ମୋ ନିଜ ଦୋଷରୁ ଏ ଜୀବନରେ ଅପୂର୍ଣ୍ଣ ରହିଅଛି । ତଥାପି ଆପଣମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ମୋର ବ୍ୟକ୍ତିଗତ ଚିନ୍ତାର ଫଳ ଆପଣମାନଙ୍କୁ ଜଣାଉଅଛି ମାତ୍ର । ମୋହର ପରମ ମିତ୍ର ସ୍ୱର୍ଗୀୟ କବିବର ରାଧାନାଥ କହିଯାଇ ଅଛନ୍ତି—

ସବୁଠାରୁ ମୁହିଁ କଳୁଛି ଅଧିକ,
ସବୁଠାରୁ ଯେଣୁ ହଲୁଛି ଅଧିକ ।
ତେଣୁ ଆର୍ତ୍ତେ ସିନା ପକାଉଛି ହୁରି,
ନୋହେ ଏହା ଜ୍ଞାନଗୁମାନ ଚାତୁରୀ ।
ସମଦୁଃଖିଠାରେ ଦୁଃଖି-ଆର୍ତ୍ତନାଦ,
ସିନା ଏହା, ନୁହେ ଅଜ୍ଞେ ପ୍ରଜ୍ଞାବାଦ ।

ମୁଁ ଆଜି ଆପଣମାନଙ୍କ ନିକଟରେ ଯେଉଁ ଦୁଃଖଗୁଡ଼ିକ ନିବେଦନ କରିଅଛି, ତାହା ଆପଣମାନେ ପ୍ରସନ୍ନ ହୃଦୟରେ ଗ୍ରହଣ କରି ଜାତିର ଭବିଷ୍ୟତ ବିଷୟ ସୂକ୍ଷ୍ମଭାବରେ ଚିନ୍ତା କରିବେ, ମୁଁ ଏହାହିଁ ଆପଣମାନଙ୍କ ନିକଟରେ ପ୍ରାର୍ଥନା କରୁଅଛି ।

ଆପଣମାନଙ୍କୁ ଉତ୍କଳୀୟ ଜାତିର ଅଭାବ ଜଣାଇଲି । ଆମ୍ଭମାନଙ୍କ ଜାତିମଧ୍ୟରେ ସ୍ୱାର୍ଥତ୍ୟାଗୀ ନିଷ୍ପାପର ଜାତୀୟ ସେବକଙ୍କର ଏକାନ୍ତ ଅଭାବ ବିଶେଷଭାବରେ ପରିଲକ୍ଷିତ ହୁଏ । ଆଜି ଆପଣମାନେ ଉନ୍ନତ ଇଂରାଜମାନଙ୍କମଧ୍ୟରେ ଥରେ ପ୍ରବେଶ କରନ୍ତୁ । ଦେଖି ପାରିବେ ଯେ, ସବୁକ୍ଷେତ୍ରରେ ସ୍ୱାର୍ଥତ୍ୟାଗୀ ବୀରମାନେ ଦେଶସେବାଲାଗି ଆପଣା ଧନ ଓ ଜୀବନକୁ ଉତ୍ସର୍ଗ କରି ଭିନ୍ନ ଭିନ୍ନ ଦିଗରୁ ଜାତିକୁ ଉନ୍ନତି ଆଡକୁ

ଅଗ୍ରସର କରାଉଅଛନ୍ତି । ସମସ୍ତେ ବ୍ୟଷ୍ଟି ଓ ସମଷ୍ଟି ଭାବରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ଉନ୍ନତ ଜାତିକୁ ଉନ୍ନତିର ଲକ୍ଷ୍ୟ ଆଡକୁ ଅଗ୍ରସର କରାଉଅଛନ୍ତି । ମୁଁ ଅନେକ ସମୟରେ ଗୁରୁତର ଚିନ୍ତା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛି ଯେ ଶିକ୍ଷାବିସ୍ତାରହିଁ ଏହି ଜାତୀୟ ଉନ୍ନତିର ମୂଳଦେଶରେ ବିଦ୍ୟମାନ । ଲୋକେ ଶିକ୍ଷିତ ହେଲେ, ଦେଶମଧ୍ୟରେ ଶିକ୍ଷାର ବିସ୍ତାର ହେଲେ ଜାତୀୟ ଉନ୍ନତିବୃକ୍ଷ ପରିବର୍ଦ୍ଧିତ ହୁଏ; ଜାତୀୟ ଅନୁରାଗ ସମସ୍ତ ଜାତିର ଶିରା ପ୍ରଶିରାରେ ପ୍ରଧାବିତ ହୋଇ ଜାତିକୁ ଏକତାମନ୍ତ୍ରରେ ଦୀକ୍ଷିତ କରାଏ । ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କର ଅନେକ ସଞ୍ଚିତ ଧନ ଅଛି, ସେଗୁଡ଼ିକ ବର୍ତ୍ତମାନ ଜୀର୍ଣ୍ଣ ଓ କୀଟଦଂଷ୍ଟ, ସେଗୁଡ଼ିକର ଉଦ୍ଧାର ସାଧନ କରିବାକୁ ହେବ ଓ ଅନ୍ୟାନ୍ୟ ଉଚ୍ଚଜାତିମାନଙ୍କର ଯାହା ଭଲ ତାହା ଗ୍ରହଣ କରିବାକୁ ହେବ । ''ଅଣୁଭ୍ୟଶ୍ଚ ମହଦ୍ଭ୍ୟଶ୍ଚ ଶାସ୍ତ୍ରେଭ୍ୟଃ କୁଶଳୋନରଃ । ସର୍ବେଭ୍ୟଃ ସାରମାଦତ୍ତେ ପୁଷ୍ପେଭ୍ୟ ଇବ ଷଟ୍‌ପଦ ।'' ଅର୍ଥାତ ଭ୍ରମର ଯେପରି ପୁଷ୍ପମାନଙ୍କରୁ ସାର ସଂଗ୍ରହ କରେ, ସେହିପରି ଉପଯୁକ୍ତ ବ୍ୟକ୍ତି ବଡଠାରୁ ସାନପର୍ଯ୍ୟନ୍ତ ସବୁଥିରୁ ସାର ଗ୍ରହଣ କରନ୍ତି । ଜାତୀୟଭାବବିହୀନ ଜାତି ମୂଳୋତ୍ପାଟିତ ବୃକ୍ଷସଦୃଶ । ନିଜର ଜାତୀୟତା ବା ଜାତୀୟ ବିଶେଷତ୍ୱ ପ୍ରତି ଲକ୍ଷ୍ୟ ରଖି ଅନ୍ୟ ଜାତିଠାରୁ ଗ୍ରହଣୀୟ ପଦାର୍ଥ ଗ୍ରହଣ କରିବାହିଁ ଉନ୍ନତ ଜାତିର ସର୍ବପ୍ରଧାନ ଗୁଣମଧ୍ୟରେ ପରିଗଣିତ । ରକ୍ଷଣଶୀଳ ହୋଇ ସୁଖ-ନିଦ୍ରାରେ ସୁପ୍ତ ହେବା ଜାତୀୟତା ନୁହେଁ କିମ୍ବା ଉତ୍କଟ ଉଦାରନୈତିକ ହୋଇ ସମସ୍ତ ପୁରାତନ ଜିନିଷ ଫିଙ୍ଗିଦେବା ଜାତୀୟତା ନୁହେଁ । ଏ ଦୁଇଟିର ସମତା ସ୍ଥାପନ କରି ସମାଜକୁ, ଆପଣାକୁ ଓ ଜାତିକୁ ଅଗ୍ରସର ହେବାକୁ ହେବ । ତାହା ନ ହେଲେ ପତନ ଓ ଅବନତି ଅନିବାର୍ଯ୍ୟ । ସଜୀବ ଜାତି ଓ ନିର୍ଜୀବ ଜାତି ମଧ୍ୟରେ ପ୍ରଭେଦ ଏହି ମୂଳମନ୍ତ୍ରରେ ପ୍ରଚ୍ଛନ୍ନ ଭାବରେ ରହିଅଛି, ଆମ୍ଭେମାନେ ଦେଖିବା ହେଉନ୍ତୁ ।

ସ୍ୱାବଲମ୍ବନ ସଜୀବ ଜାତିର ଗୋଟିଏ ପ୍ରଧାନ ଗୁଣ । ଆଜି ଏହି ଗୁଣକୁ ବକ୍ଷରେ ଧାରଣ କରି ଇଂରାଜ ଜାତି ଭୂମଣ୍ଡଳରେ ପୂଜିତ । ଆଜି ଏହି ବିଶେଷତ୍ୱ ଯୋଗୁଁ ଜାପାନ ପୃଥିବୀର ସଭ୍ୟତମ ଜାତିମାନଙ୍କ ସମକକ୍ଷ ହୋଇ ଦଣ୍ଡାୟମାନ ହେବାପାଇଁ ସମର୍ଥ ହୋଇଅଛି । ପରମୁଖାପେକ୍ଷୀ ନ ହୋଇ ନିଜର ଅନ୍ତର୍ନିହିତ ବଳ ଉପରେ ଦଣ୍ଡାୟମାନ ହେବାକୁ ପଡିବ ।

ବର୍ତ୍ତମାନ ଆମ୍ଭମାନଙ୍କ ଉତ୍କଳୀୟ ଜାତି ସମ୍ବନ୍ଧରେ ଦୃଢ଼ଭାବରେ ଚିନ୍ତା କରିବାର ସମୟ ଉପସ୍ଥିତ ହୋଇଅଛି । ''ଆକରଃ ସ୍ୱପରଭୂରିକଥାନାଂ ପ୍ରାୟଶୋହି-ସୁହୃଦାଂହୃବାସଃ ।'' ଅର୍ଥାତ୍ ସୁହୃଦ ବ୍ୟକ୍ତିମାନେ ଏକତ୍ରିତ ହେଲେ ନିଜର ଓ ପରର ଅନେକ କଥା ମନେ ପଡେ । ଦେଶର ଓ ଜାତିର ଦଶଦିଗ ତମସାଚ୍ଛନ୍ନ, ଦେଶର ନେତାମାନେ ନିରାଶରେ ମ୍ରିୟମାଣ, ଏପରି ବିକାରଗ୍ରସ୍ତ ଅବସ୍ଥାରେ ଜାତି କେତେଦିନ ତିଷ୍ଠି ପାରିବ ? ଆପଣମାନଙ୍କୁ ମୁଁ କୃତାଞ୍ଜଳି ହୋଇ ଏହି ବିଷୟଟି ଚିନ୍ତା କରିବା

ନିମନ୍ତେ ଅନୁନୟ କରୁଅଛି । ଦେଶରେ ଶିକ୍ଷାବିସ୍ତାର ହେଉ । ଦେଶର ଶିକ୍ଷିତ ପୁରୁଷ ଓ ଶିକ୍ଷିତା ସ୍ତ୍ରୀଙ୍କ ସଂଖ୍ୟା ବୃଦ୍ଧି ହେଲେ ଉତ୍କଳୀୟ ଜାତି ଅବଶ୍ୟ ପୁରୁଷାନ୍ତରରେ ସୁପୁତ୍ର ପ୍ରସବ କରିବ ଓ ସେମାନେ ଦେଶର ମୁଖ ଉଜ୍ଜ୍ୱଳ କରିବେ, ଏହା ଆଶା କରିବା ସ୍ୱାଭାବିକ । ଆଜି ଆମ୍ଭେମାନେ ସମସ୍ତେ ଏକତ୍ରିତ ହୋଇ ମାତୃପୂଜାରେ ଯୋଗ ଦେଇଅଛୁଁ । ଆଜି ଆମ୍ଭେମାନେ ଭାଇଭାଇର ଦର୍ଶନ ଲାଭ କରି ପରମାପ୍ୟାୟିତ ହୋଇଅଛୁଁ, ଆଜି ମଧ୍ୟ ଆପଣାର ଅଭାବମାନ ଆଲୋଚନା କରିବାର ଯେଉଁ ସୁଯୋଗ ପଡିଅଛି ତାହା ସବୁଦିନେ ମିଳିବ ନାହିଁ । ଏଥିଯୋଗୁଁ ଆଜି ଆପଣମାନଙ୍କ ନିକଟରେ ଆଶାର କଥା ସଙ୍ଗେ ସଙ୍ଗେ ନିରାଶାର କଥା ପଦେ ଅଧେ କହିଲି, ଏଥିରେ ହତୋତ୍ସାହ ବା ନିରାଶ ହେବାର କୌଣସି କାରଣ ନାହିଁ । ଯେ ଆପଣାର ଅଭାବ ଯେତିକି ବୁଝିପାରେ, ସେ ତେତିକି ସେଗୁଡ଼ିକ ପୂରଣ କରିବାରେ ତତ୍ପର ହୁଏ; ଯେ ସେଗୁଡ଼ିକ ଘୋଡାଇ ରଖିବାକୁ ଇଚ୍ଛା କରେ, ସେ ତେତିକି ଦୁଃଖଭାଗୀ ହେଉଥାଏ । ଏଗୁଡ଼ିକ ଶାସ୍ତ୍ରସିଦ୍ଧ କଥା ।

ଭାତୃବୃନ୍ଦ ! ପରିଶେଷରେ ଆପଣମାନଙ୍କ ଅନୁମତି ସହ ଏଠାରେ ଦିଓଟି ଗୋଟିଏ କଥାର ଅବତାରଣା କରି ମୁଁ ମୋର ବକ୍ତବ୍ୟ ଶେଷ କରିବି ।

ଘଟନାଚକ୍ରରେ ଉତ୍କଳୀୟମାନଙ୍କର ଭାଗ୍ୟ ଅନ୍ୟାନ୍ୟ ଜାତିର ଭାଗ୍ୟ ସଙ୍ଗେ ଜଡିତ ହୋଇଅଛି । ପ୍ରାକୃତିକ ଓଡିଶାର କେତେକ ଅଂଶ ବଙ୍ଗର, କେତେକ ଅଂଶ ମାନ୍ଦ୍ରାଜର, କେତେକ ଅଂଶ ମଧ୍ୟପ୍ରଦେଶର ଅନ୍ତର୍ଗତ ଥିବାରୁ ଉତ୍କଳୀୟମାନେ ବଙ୍ଗୀୟ, ତୈଲଙ୍ଗ ଓ ହିନ୍ଦୁସ୍ଥାନୀ ଭ୍ରାତାମାନଙ୍କ ସଂସ୍ରବରେ ଆସିଅଛନ୍ତି । ଏହିସବୁ ଉନ୍ନତ ଜାତିମାନେ ଉତ୍କଳୀୟମାନଙ୍କର ଜ୍ୟେଷ୍ଠଭ୍ରାତାର ଆସନ ଗ୍ରହଣ କରିଅଛନ୍ତି ଓ ଅନେକ ସମୟରେ ଅନୁନ୍ନତ ଉତ୍କଳୀୟମାନେ ସେମାନଙ୍କ ଠାରୁ ସ୍ନେହ ଓ ସହାନୁଭୂତି ପାଇଅଛନ୍ତି । ସେହି ଜ୍ୟେଷ୍ଠଭ୍ରାତାମାନଙ୍କ ସଙ୍ଗେ ସୌହାର୍ଦ୍ଦ୍ୟକୁ ଦୃଢ଼ତର କରିବା ସମ୍ମିଳନୀର ଗୋଟିଏ ପ୍ରଧାନ ଉଦ୍ଦେଶ୍ୟ ମଧ୍ୟରେ ପରିଗଣିତ । ସ୍ଥୂଳତଃ କହିବାକୁ ଗଲେ କାର୍ଯ୍ୟକ୍ଷେତ୍ରରେ ଉତ୍କଳୀୟମାନେ ଅନ୍ୟ ଯେଉଁ ଜାତୀୟ ଲୋକମାନଙ୍କ ସଂସ୍ପର୍ଶରେ ଆସୁଅଛନ୍ତି, ସେମାନଙ୍କ ସଙ୍ଗେ ସଖ୍ୟଭାବ ସଂରକ୍ଷଣ ଓ ସଂବର୍ଦ୍ଧନ କରିବା ଆମ୍ଭମାନଙ୍କର ପବିତ୍ର କର୍ତ୍ତବ୍ୟ ମଧ୍ୟରେ ପରିଗଣିତ ହେବା ଉଚିତ । ଏହି ଉତ୍କଳ-ସମ୍ମିଳନୀ ସର୍ବପ୍ରଥମରୁ ଏହି ପବିତ୍ର ଓ ମଙ୍ଗଳମୟ କାର୍ଯ୍ୟରେ ହସ୍ତକ୍ଷେପ କରିଅଛନ୍ତି । ଆଜି ମାତୃପୂଜା-ମଣ୍ଡପରେ ଆମ୍ଭେମାନେ ଏତେଗୁଡ଼ିଏ ଜ୍ୟେଷ୍ଠଭ୍ରାତାଙ୍କୁ ଦେଖି ହର୍ଷୋତ୍‌ଫୁଲ୍ଲ ହେଉଅଛୁଁ ଓ ଆଶାକରୁଁ ସେମାନେ ଆମ୍ଭମାନଙ୍କୁ ସଦୁପଦେଶ ଦେଇ ସନ୍ମାର୍ଗ ଓ ଉନ୍ନତିମାର୍ଗରେ ନେବାପାଇଁ କଦାପି ପଶ୍ଚାତ୍‌ପଦ ହେବେନାହିଁ ।

ମୁଁ ଅନେକ ବ୍ୟକ୍ତିଙ୍କଠାରୁ ଶୁଣିଅଛି ଯେ ଉତ୍କଳୀୟ ଜାତି ଭାରତୀୟ ଅନ୍ୟାନ୍ୟ ଜାତିମାନଙ୍କ ଠାରୁ ସ୍ୱତନ୍ତ୍ର, ଏପରି ଧାରଣା ଭ୍ରାନ୍ତ ଅଟେ । ଉତ୍କଳୀୟ ଜାତି ଭାବୀ

ଭାରତୀୟ ମହାଜାତିର ଗୋଟିଏ ଅପରିପୁଷ୍ଟ ଅଙ୍ଗ । ଅନ୍ୟାନ୍ୟ ଜାତିମାନଙ୍କ ଭାଗ୍ୟ ସଙ୍ଗେ ଉତ୍କଳୀୟ ଜାତିର ଭାଗ୍ୟ ବିଜଡ଼ିତ ରହିଅଛି । ତେବେ ଘଟନାଚକ୍ରରେ ଉତ୍କଳୀୟ ଜାତି ବର୍ତ୍ତମାନ ଭାରତୀୟ ଅନ୍ୟାନ୍ୟ ଜାତି ଅପେକ୍ଷା ଅନୁନ୍ନତ । ଏପରି ସ୍ଥଳରେ ଜୀବନସଂଗ୍ରାମରେ ଉତ୍କଳୀୟ ଜାତି ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗେ ପ୍ରତିଯୋଗିତା କରି ନିଜର ଟେକ ବଜାୟ ରଖିବା ବର୍ତ୍ତମାନ ଅସମ୍ଭବ । ଉତ୍କଳୀୟ ଜାତି କ୍ରମଶଃ ଜାତୀୟ ଜୀବନ ଲାଭ କରି ଓ ପୁଷ୍ଟିଲାଭ କରି ଅନ୍ୟାନ୍ୟ ଜାତିମାନଙ୍କଠାରୁ ସଦ୍‌ଗୁଣ ଓ ଶିକ୍ଷଣୀୟ ବିଷୟଗୁଡ଼ିକ ଗ୍ରହଣ କରି ଜାତୀୟ ଉନ୍ନତିର ଅନ୍ତରାୟ ସ୍ୱରୂପ ଦୋଷଗୁଡ଼ିକ ପରିତ୍ୟାଗ କରି ଭାରତୀୟ ମହାଜାତି ମଧ୍ୟରେ ଗୋଟିଏ ଉଚ୍ଚ ସ୍ଥାନ ଅଧିକାର କରିବ, ଏହି ମହାଲକ୍ଷ୍ୟ ପ୍ରତି ଉତ୍କଳ ଜାତିର ଦୃଷ୍ଟି ରହିବା ସର୍ବତୋଭାବରେ ବାଞ୍ଛନୀୟ ।

ଆଜି ମୋର କ୍ଷୁଦ୍ର ହୃଦୟର ଚିନ୍ତାର ଫଳ ଆପଣମାନଙ୍କ ସମକ୍ଷରେ ଉପସ୍ଥାପିତ କରି ଆପଣମାନଙ୍କଠାରୁ ବିଦାୟ ହେଲି । ଏପରି ଜାତୀୟ ଅନୁଷ୍ଠାନର ସଭାପତି ପଦର ଯୋଗ୍ୟ ଉପଦେଶ ଦେବାପାଇଁ ମୁଁ ଅସମର୍ଥ, ଏହା ଆପଣମାନଙ୍କୁ ପୂର୍ବେ କହିଅଛି । ମୋର ବକ୍ତୃତାର ଅଙ୍ଗ ଅପୂର୍ଣ୍ଣ ରହିଅଛି, ଏହା ମୁଁ ଉତ୍ତମରୂପେ ଉପଲବ୍ଧି କରି ପାରୁଅଛି । ଆଶା କରେଁ, ଆପଣମାନେ ସ୍ନେହଚକ୍ଷୁରେ ମୋର ସମସ୍ତ ତ୍ରୁଟି ମାର୍ଜନା କରି ଜାତୀୟ ଉନ୍ନତିରୂପ ମହାଲକ୍ଷ୍ୟ ପ୍ରତି ଦୃଷ୍ଟି ରଖି ନିଜ ନିଜର କାର୍ଯ୍ୟକ୍ଷେତ୍ରରେ କର୍ତ୍ତବ୍ୟ ପାଳନରେ ଅଗ୍ରସର ହେବେ । ଜଗଦୀଶ୍ୱର ଆମ୍ଭମାନଙ୍କୁ ନବବଳରେ ବଳୀୟାନ କରି ଉତ୍କଳୀୟ ଜାତିକୁ ଭାରତୀୟ ମହାଜାତି ମଧ୍ୟରେ ଗୋଟିଏ ସମ୍ମାନିତ ଆସନ ପ୍ରଦାନ କରନ୍ତୁ; ଏହି ପ୍ରାର୍ଥନା ଜଗଦୀଶ୍ୱରଙ୍କ ପାଦପଦ୍ମରେ ଅର୍ପଣ କରି ମୋର ବକ୍ତବ୍ୟର ଉପସଂହାର କଲି । ଏ ବିଷୟରେ ମଧ ଭଗବାନ ଶ୍ରୀକୃଷ୍ଣ କହିଅଛନ୍ତି – ଯେ ସତ୍‌କର୍ମରେ ପ୍ରବୃତ୍ତ ହୁଏ, ଭଗବାନ ତାହାର ଅନୁକୂଳ ହୁଅନ୍ତି । ଇତି ।

## ଷଷ୍ଠ ଅଧିବେଶନରେ ଗୃହୀତ ପ୍ରସ୍ତାବାବଳୀ

**ପ୍ରଥମ ପ୍ରସ୍ତାବ** – ଉତ୍କଳ ସମ୍ମିଳନୀର ପରିଚାଳନା ନିମିତ୍ତ କେନ୍ଦ୍ର ସମିତିଦ୍ୱାରା ପ୍ରସ୍ତୁତ ହୋଇଥିବା ନିୟମାବଳୀ ସମ୍ୟକ ଗୃହୀତ ହେଉ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ, ବି.ଏଲ୍.

ଅନୁମୋଦକ – ଶ୍ରୀଯୁକ୍ତ ବିଶ୍ୱନାଥ କର ।

**ଦ୍ୱିତୀୟ ପ୍ରସ୍ତାବ** – ସ୍ୱଦେଶରେ ଏବଂ ବିଦେଶରେ ଉପଯୁକ୍ତ ଉତ୍କଳୀୟ ଛାତ୍ରମାନଙ୍କର ନାନାବିଧ ଶିକ୍ଷାରେ ସାହାଯ୍ୟ କରିବା ନିମିତ୍ତ ପ୍ରତି ଜିଲ୍ଲାସମିତି ଉପଯୁକ୍ତ ଅର୍ଥ ସଂଗ୍ରହ କରି ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଶିକ୍ଷାପାଣ୍ଠି ସ୍ଥାପନ କରନ୍ତୁ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ସୁଦାମଚନ୍ଦ୍ର ନାୟକ

ଅନୁମୋଦକ – ବାବୁ ବ୍ରହ୍ମାନନ୍ଦ ଦାସ ବି.ଏଲ

ସମର୍ଥକ – ବାବୁ ଗୋପବନ୍ଧୁ ଦାସ ବି.ଏ.ବି.ଏଲ
ବାବୁ ରାମନାରାୟଣ ମିଶ୍ର ଏମ.ଏ.ବି.ଏଲ
ବାବୁ ବିଶ୍ୱନାଥ କର ।

**ତୃତୀୟ ପ୍ରସ୍ତାବ** – ପରଲୋକଗତ ମହାତ୍ମା ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ସ୍ମୃତିରକ୍ଷା ନିମିତ୍ତ ଯେଉଁ ବୃତ୍ତିଦାନର ପ୍ରସ୍ତାବ ହୋଇଅଛି ଏବଂ ଯାହା ଗତ ତିନି ବର୍ଷ ହେଲା କନିକାର ଶ୍ରୀଯୁକ୍ତ କନିକାଧିପତି ମହୋଦୟ ପ୍ରଦାନ କରିଅଛନ୍ତି, ସେହି ବୃତ୍ତିକୁ ସ୍ଥାୟୀ କରିବା ନିମିତ୍ତ ଉପଯୁକ୍ତ ଅର୍ଥ-ସଂଗ୍ରହ କରିବାର ଭାର 'କେନ୍ଦ୍ରସମିତି ଠାରେ ନ୍ୟସ୍ତ ହେଉ ।

ପ୍ରସ୍ତାବକ – ରାଜା, କିଃ ମଧୁପୁର
ଅନୁମୋଦକ – ବାବୁ ବ୍ରଜସୁନ୍ଦର ଦାସ ବି.ଏ.
ସମର୍ଥକ – ବାବୁ ରାମକୃଷ୍ଣ ମିଶ୍ର
ବାବୁ ଗୋପୀନାଥ ରାଜଗୁରୁ

**ଚତୁର୍ଥ ପ୍ରସ୍ତାବ** – କଟକରେ ଗଭର୍ଣ୍ଣମେଣ୍ଟଙ୍କ ସ୍ଥାପିତ ଆଦର୍ଶ କୃଷିକ୍ଷେତ୍ରରେ କୃଷିର ଉତ୍କୃଷ୍ଟ ପ୍ରଣାଳୀମାନ ଶିକ୍ଷା କରିବା ନିମିତ୍ତ ପ୍ରତ୍ୟେକ ଜିଲ୍ଲା-ସମିତି ଆପଣା ବ୍ୟୟରେ ଏକ ବା ତତୋଽଧିକ ଉପଯୁକ୍ତ ବ୍ୟକ୍ତିଙ୍କୁ ପଠାନ୍ତୁ ଓ ଉକ୍ତ କୃଷିକ୍ଷେତ୍ର ପ୍ରତି ସାଧାରଣ କୃଷକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଅନ୍ୟାନ୍ୟ ଉପାୟମାନ ଅବଧାରିତ କରନ୍ତୁ ।

ପ୍ରସ୍ତାବକ – ରାଜାସାହେବ, ସୁରଙ୍ଗୀ
ଅନୁମୋଦକ – ବାବୁ ଶରଚ୍ଚନ୍ଦ୍ର ମୁଖର୍ଯ୍ୟା ବି.ଏଲ.
ସମର୍ଥକ – ବାବୁ ଦୈତାରିପ୍ରସାଦ ଦାସ ବି.ଏଲ.

**ପଞ୍ଚମ ପ୍ରସ୍ତାବ** – ଉତ୍କଳ-ସାହିତ୍ୟର ଉନ୍ନତି ନିମିତ୍ତ ଏହି ସମ୍ମିଳନୀ ଉତ୍କଳ-ସାହିତ୍ୟ ସମାଜ ସହିତ ଯୋଗଦାନ କରି ଉକ୍ତ ସମାଜକୁ ଯଥାଶକ୍ତି ସାହାଯ୍ୟ କରନ୍ତୁ ।

ପ୍ରସ୍ତାବକ – ବାବୁ ଗୌରୀଶଙ୍କର ରାୟ
ଅନୁମୋଦକ – ବାବୁ ଫକୀରମୋହନ ସେନାପତି
ସମର୍ଥକ – ଶ୍ରୀ ଗୋପୀନାଥ ନନ୍ଦ
ମହନ୍ତ, ରାଧାକାନ୍ତ ମଠ, ପୁରୀ

**ଷଷ୍ଠ ପ୍ରସ୍ତାବ** – ଉତ୍କଳ-ସମ୍ମିଳନୀର ପଞ୍ଚମ ଅଧିବେଶନରେ ଉତ୍କଳ ପ୍ରଦେଶର ବିଭିନ୍ନ ସ୍ଥାନରେ "ଧର୍ମଗୋଲା" (ଧାନ୍ୟଭଣ୍ଡାର) ସଂସ୍ଥାପନ କରିବାର ଯେଉଁ ପ୍ରସ୍ତାବ ହୋଇଥିଲା, ନାନା କାରଣରୁ ଗତ ବର୍ଷ ମଧ୍ୟରେ ତାହା କାର୍ଯ୍ୟରେ ପରିଣତ ହୋଇ ନ ଥିବାରୁ ଏବଂ ଉକ୍ତ ଧର୍ମଗୋଲା (ଧାନ୍ୟଭଣ୍ଡାର) ଦୁର୍ଭିକ୍ଷ ବେଳେ ଜନସାଧାରଣଙ୍କ କଷ୍ଟ ନିବାରଣ ପକ୍ଷରେ ପ୍ରଭୂତ କାର୍ଯ୍ୟକାରୀ ବୋଲି ବିବେଚିତ ହେଉଥିବାରୁ ପ୍ରତି

ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ଧର୍ମଗୋଲା (ଧାନ୍ୟଭଣ୍ଡାର) ସ୍ଥାପନ କରିବା ନିମନ୍ତେ ଏହି ସମ୍ମିଳନୀ ଜିଲ୍ଲା-ସମିତିମାନଙ୍କର ସତ୍ୱର ମନଯୋଗ ଆକର୍ଷଣ କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀ ରାମନାରାୟଣ ପ୍ରହରାଜ

ଅନୁମୋଦକ — ଶ୍ରୀ ପାରେଶ୍ୱର ମହାନ୍ତି ବି.ଏ.

ସମର୍ଥକ — ଶ୍ରୀ ସଦାଶିବ ବିଦ୍ୟାଭୂଷଣ

ଶ୍ରୀ ଶିବନାରାୟଣ ନାୟକ

**ସପ୍ତମ ପ୍ରସ୍ତାବ** — ଆଗାମୀ ବର୍ଷରେ ଉତ୍କଳ-ସମ୍ମିଳନୀର କାର୍ଯ୍ୟ ପରିଚାଳନା ନିମିତ୍ତ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଘେନି କେନ୍ଦ୍ର-ସମିତି ଗଠିତ ହେଉ ।

ପ୍ରସ୍ତାବକ୍ — ଶ୍ରୀଯୁକ୍ତ ବିଶ୍ୱନାଥ କର

ଅନୁମୋଦକ — ଶ୍ରୀଯୁକ୍ତ ଭାଗିରଥୀ ପଦ୍ୟାଳଙ୍କାର

ସମର୍ଥକ — ଶେଖ ମନିରୁଦ୍ଦିନ୍

ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକ

**ଅଷ୍ଟମ ପ୍ରସ୍ତାବ** — ଯେଉଁ ସେବକ ଛାତ୍ରବୃନ୍ଦ ଏ ସଭାର କାର୍ଯ୍ୟ ସୁଚାରୁରୂପେ ସମାହିତ ହେବା ଉଦ୍ଦେଶ୍ୟରେ ସେମାନଙ୍କର ପବିତ୍ର ସେବା କାର୍ଯ୍ୟ ନିଃସ୍ୱାର୍ଥ ଓ ଅକ୍ଳାନ୍ତ ଉତ୍ସାହ ସହିତରେ ସମ୍ପାଦନ କରି ଅଛନ୍ତି, ସେହି ଛାତ୍ରମାନଙ୍କୁ ଏ ସଭାର ଆନ୍ତରିକ ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ — ମାନନୀୟ ସଭାପତି

ଅନୁମୋଦକ — ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ.

ସମର୍ଥକ — ଶ୍ରୀ ଭୋଳାନାଥ ସାମନ୍ତରାୟ

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

**ନବମ ପ୍ରସ୍ତାବ** — ବହୁ କଷ୍ଟ ସ୍ୱୀକାରପୂର୍ବକ ଏହି ସଭାରେ ଉପସ୍ଥିତ ହୋଇ ସଭା କାର୍ଯ୍ୟରେ ସହୃଦୟ ଯୋଗ ପ୍ରଦାନ କରିଥିବା ଯୋଗୁଁ ଶ୍ରଦ୍ଧେୟ ଅତିଥିବର୍ଗଙ୍କୁ ଆନନ୍ଦ ସହକାରେ ସଭାର ଧନ୍ୟବାଦ ଅର୍ପିତ ହେଉ । ସଭାପତିଙ୍କୁ ଧନ୍ୟବାଦ ।

ପ୍ରସ୍ତାବକ — ରାଜା, କନିକା

ଅନୁମୋଦକ — ଶ୍ରୀ ଶିବନାରାୟଣ ନାୟକ

ସମର୍ଥକ — ଶ୍ରୀ ଚନ୍ଦ୍ରଶେଖର ନନ୍ଦ ।

## ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ଓ ତତ୍ ପରିଚାଳନାର ନିୟମାବଳୀ

### (ପ୍ରଥମ ପ୍ରସ୍ତାବ ଅନୁସାରେ ଗୃହୀତ)

**ଉତ୍କଳ ସମ୍ମିଳନୀ** — ଯେଉଁମାନଙ୍କର ମାତୃଭାଷା ଓଡ଼ିଆ ଓ ଯେଉଁମାନେ ଓଡ଼ିଶାର ସ୍ଥାୟୀ ଅଧିବାସୀ ଅଟନ୍ତି, ସେମାନେ ଉତ୍କଳୀୟ । ସେମାନଙ୍କର ଉନ୍ନତି ବିଧାନ କରିବା ଉଦ୍ଦେଶ୍ୟରେ ଉତ୍କଳ-ସମ୍ମିଳନୀ ସଭା ସ୍ଥାପିତ ହୋଇଅଛି ।

**ଉଦ୍ଦେଶ୍ୟ** – ଉତ୍କଳୀୟ ସମଶ୍ରେଣୀର ଲୋକଙ୍କ ମଧ୍ୟରେ ଶିକ୍ଷାବିସ୍ତାର, କୃଷି, ଶିଳ୍ପ ଓ ବାଣିଜ୍ୟର ଉନ୍ନତି ସମ୍ପାଦନ, ଉତ୍କଳ-ଭାଷା ଓ ଉତ୍କଳ-ସାହିତ୍ୟର ଶ୍ରୀବୃଦ୍ଧି, ଉତ୍କଳୀୟ ସମାଜ ମଧ୍ୟରେ ସୁସଂସ୍କାର ପ୍ରବର୍ତ୍ତନ, ବିଭିନ୍ନ ଶ୍ରେଣୀ ମଧ୍ୟରେ ସଦ୍‌ଭାବ ସମ୍ପାଦନ, ଦେଶ ମଧ୍ୟରେ ସର୍ବତ୍ର ସ୍ୱାସ୍ଥ୍ୟୋନ୍ନତିର ବିଧି ପ୍ରଚଳନ ଓ ଆତ୍ମୋନ୍ନତି ଚେଷ୍ଟାର ଉଦ୍‌ବୋଧନ ଏବଂ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ଭ୍ରାତୃଭକ୍ତି ସଂସ୍ଥାପନ ଉତ୍କଳ-ସମ୍ମିଳନୀର ଉଦ୍ଦେଶ୍ୟରୂପେ ଗୃହୀତ ହୋଇଅଛି । ରାଜନୈତିକ ଓ ଧର୍ମସମ୍ବନ୍ଧୀୟ ଆଲୋଚନା ସମ୍ମିଳନୀର ଉଦ୍ଦେଶ୍ୟ ନୁହେଁ ।

**ସଭ୍ୟ** – ସମଗ୍ର ଉତ୍କଳଖଣ୍ଡର ସ୍ଥାୟୀ ଅଧିବାସୀଗଣ ଏବଂ ଅନ୍ୟାନ୍ୟ ପ୍ରଦେଶବାସୀ ଉତ୍କଳବାସୀ ବ୍ୟକ୍ତିଗଣ ଜାତି-ଧର୍ମ-ବର୍ଣ୍ଣ-ସଂପ୍ରଦାୟ ନିର୍ବିଶେଷରେ ଉତ୍କଳ-ସମ୍ମିଳନୀର ସଭ୍ୟ ।

**ଅଧିବେଶନ** – ବର୍ଷ ମଧ୍ୟରେ ଉତ୍କଳସମ୍ମିଳନୀର ଗୋଟିଏ ମାତ୍ର ଅଧିବେଶନ ହେବ । ପ୍ରତି ଅଧିବେଶନରେ ପରବର୍ତ୍ତୀ ଅଧିବେଶନରେ ସ୍ଥାନ ସ୍ଥିରୀକୃତ ହେଉଥିବ ।

**ଅଭ୍ୟର୍ଥନା-ସମିତି** – ଯେଉଁବର୍ଷ ଯେଉଁଠାରେ ସମ୍ମିଳନୀର ଅଧିବେଶନ ହେବ, ସେହି ସ୍ଥାନରେ ଜିଲ୍ଲାସମିତି ଅଧିବେଶନର ଚାରି ମାସ ପୂର୍ବରୁ ଗୋଟିଏ ସାଧାରଣ ସଭା ଆହ୍ୱାନ କରି ଜିଲ୍ଲାର ନାନା ଶ୍ରେଣୀୟ ପ୍ରତିନିଧି ସ୍ଥାନୀୟ ବ୍ୟକ୍ତିମାନଙ୍କୁ ଘେନି ଗୋଟିଏ ଅଭ୍ୟର୍ଥନାସମିତି ଗଠନ କରିବେ । ଏଥିରେ ଜଣେ ସଭାପତି, ଜଣେ ସମ୍ପାଦକ, ଦୁଇଜଣ ସହକାରୀ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ନିଯୁକ୍ତ ହେବେ ।

ଅଭ୍ୟର୍ଥନା-ସମିତି ଅଧିବେଶନର ବ୍ୟୟ ନିର୍ବାହ ପାଇଁ ଅର୍ଥସଂଗ୍ରହ କରିବେ ଏବଂ ସମସ୍ତ ଆୟ ବ୍ୟୟର ଗୋଟିଏ ହିସାବ ରଖିବେ ।

ସମ୍ମିଳନୀର ଉଦ୍ଦେଶ୍ୟ, ପୂର୍ବ ଅଧିବେଶନର ପ୍ରସ୍ତାବାବଳୀ ଏବଂ ତାତ୍‌କାଳିକ ବିଶେଷ ପ୍ରୟୋଜନ ପ୍ରତି ଲକ୍ଷ୍ୟ ରଖି ଅଭ୍ୟର୍ଥନା ସମିତି ଅଧିବେଶନ ନିମନ୍ତେ ପ୍ରସ୍ତାବମାନ ସ୍ଥିର କରିବେ ଏବଂ ତାହା ତିନି ମାସ ପୂର୍ବରୁ କେନ୍ଦ୍ରସମିତିର ଅନୁମୋଦନ ନିମିତ୍ତ ପ୍ରେରଣ କରିବେ । ଉକ୍ତ ପ୍ରସ୍ତାବମାନଙ୍କର ଏକ ଏକ ପ୍ରସ୍ତ ନକଲ ଜିଲ୍ଲା-ସମିତି ଏବଂ ଶାଖାସମିତିମାନଙ୍କ ନିକଟକୁ ପ୍ରେରିତ ହେବ । କେନ୍ଦ୍ରସମିତି ସେ ସମସ୍ତ ଆଲୋଚନା କରି ପ୍ରୟୋଜନୀୟ ସଂଶୋଧନ ଓ ପରିବର୍ତ୍ତନ ଆଦି କରିପାରିବେ ।

ଅଧିବେଶନର ଅନ୍ତତଃ ଦୁଇ ମାସ ପୂର୍ବରୁ ଅଭ୍ୟର୍ଥନା-ସମିତି ସମ୍ମିଳନୀର ସଭାପତି ମନୋନୀତ ବ୍ୟକ୍ତିଙ୍କୁ ସଭାପତି ପଦରେ ବରଣ କରିବେ ।

ଅନ୍ତତଃ ଛଅ ସପ୍ତାହ ପୂର୍ବରୁ ଅଭ୍ୟର୍ଥନା-ସମିତି ପ୍ରତି ଜିଲ୍ଲା-ସମିତି ଓ ଶାଖାସମିତି ନିକଟକୁ ପ୍ରତିନିଧି ନିର୍ବାଚନ ନିମିତ୍ତ ଅନୁରୋଧପତ୍ର ପ୍ରେରଣ କରିବେ । ପ୍ରତି ସମିତି ସାଧାରଣ-ସଭା ଆହ୍ୱାନ କରି ସମ୍ମିଳନୀ ନିମିତ୍ତ ନିଜ ନିଜ ପ୍ରତିନିଧି ନିର୍ବାଚନ

କରିବେ ଏବଂ ଅନ୍ତତଃ ୩ ସପ୍ତାହ ପୂର୍ବରୁ ନିର୍ବାଚିତ ପ୍ରତିନିଧିମାନଙ୍କ ନାମ ଅଭ୍ୟର୍ଥନାସମିତି ନିକଟକୁ ପଠାଇଦେବେ ।

ସମ୍ମିଳନୀରେ ପଠିତ ବାର୍ଷିକ ବିବରଣୀ ଏବଂ ସମ୍ମିଳନୀର କାର୍ଯ୍ୟାବଳୀ ଅଭ୍ୟର୍ଥନା-ସମିତି ୩ ମାସ ମଧ୍ୟରେ ପୁସ୍ତକାକାରରେ ପ୍ରକାଶ କରି ପ୍ରଚାର କରିବେ ।

ଅଭ୍ୟର୍ଥନା-ସମିତି କର୍ତ୍ତୃକ ସଂଗୃହୀତ ଅର୍ଥରୁ ସମୁଦାୟ ବ୍ୟୟ ବାଦ ଯାହା ଉଦ୍‌ବୃତ୍ତ ରହିବ, ତହିଁରୁ ଅର୍ଦ୍ଧେକ କେନ୍ଦ୍ର-ସମିତିକୁ ପ୍ରଦତ୍ତ ହେବ ଏବଂ ଅପରାର୍ଦ୍ଧ ସ୍ଥାନୀୟ ଜିଲ୍ଲାସମିତି ହସ୍ତରେ ଅର୍ପିତ ହେବ ।

ସମସ୍ତ କାର୍ଯ୍ୟ ଶେଷରେ ଅଭ୍ୟର୍ଥନା ସମିତି [ବିବରଣୀ] ପ୍ରଦାନ କରିବେ ଏବଂ ସର୍ବସାଧାରଣଙ୍କ ଅବଗତି ନିମିତ୍ତ ସମ୍ବାଦପତ୍ରମାନଙ୍କରେ ପ୍ରକାଶ କରିବେ ।

**କେନ୍ଦ୍ରସମିତି** — ଉତ୍କଳସମ୍ମିଳନୀର ଉଦ୍ଦେଶ୍ୟ ସାଧନ ଓ କାର୍ଯ୍ୟ ପରିଚାଳନ ନିମିତ୍ତ କଟକ ନଗରରେ ଗୋଟିଏ କେନ୍ଦ୍ରସମିତି ରହିବ ।

ସଭ୍ୟ ଓ କର୍ମଚାରୀମାନଙ୍କ ସଂଖ୍ୟା : କେନ୍ଦ୍ରସମିତିର ସ୍ଥାନୀୟ ସଭ୍ୟସଂଖ୍ୟା ୨୫ ଜଣ ହେବେ ଏବଂ ପ୍ରତି ଜିଲ୍ଲା-ସମିତିରୁ ୨ ଜଣ ଲେଖାଏଁ ପ୍ରତିନିଧି କେନ୍ଦ୍ର-ସମିତିରେ ରହିବେ । କେନ୍ଦ୍ରସମିତିରେ ଜଣେ ସଭାପତି, ଜଣେ ସମ୍ପାଦକ, ୩ ଜଣ ସହକାରୀ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ରହିବେ ।

ସଭ୍ୟ ନିର୍ବାଚନ : ପ୍ରତିବର୍ଷ ସମ୍ମିଳନୀର ଅଧିବେଶନ ସମୟରେ କେନ୍ଦ୍ରସମିତିର ସଭ୍ୟମାନେ ପ୍ରତିବର୍ଷ ନିର୍ବାଚିତ ହେଉଥିବେ ।

କର୍ମଚାରୀ ନିର୍ବାଚନ : ଏହିପରି ସମ୍ମିଳନୀର କେନ୍ଦ୍ରସମିତି ଗଠିତ ହେବାର ଅବ୍ୟବହିତ (ଏକ ସପ୍ତାହ ମଧ୍ୟରେ) ନିର୍ବାଚିତ ସଭ୍ୟ ଓ ପ୍ରତିନିଧିମାନେ ମିଳିତ ହୋଇ ବିଧିମତେ ପ୍ରସ୍ତାବ ଅନୁମୋଦନ ଏବଂ ଅଧିକାଂଶ ସଭ୍ୟଙ୍କ ମତ ଅନୁସାରେ କୌଣସି ବ୍ୟକ୍ତିଙ୍କୁ ଉକ୍ତ ସ୍ଥାନରେ ସଭ୍ୟରୂପେ ନିର୍ବାଚନ କରିପାରିବେ ।

କେନ୍ଦ୍ରସମିତିର କାର୍ଯ୍ୟ : (୧) ଜିଲ୍ଲାସମିତିମାନଙ୍କ ନିକଟରୁ ସେମାନଙ୍କ କାର୍ଯ୍ୟବିବରଣ ସଂଗ୍ରହ କରି ସମ୍ମିଳନୀର ଅଧିବେଶନ ପାଇଁ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବା ।

(୨) ସମ୍ମିଳନୀର ଉଦ୍ଦେଶ୍ୟ ପ୍ରଚାର ନିମିତ୍ତ ଖଣ୍ଡିଏ ସୁଲଭ ସମ୍ବାଦପତ୍ର ଓ ସାମୟିକ ପୁସ୍ତିକା ପରିଚାଳନା କରିବା ।

(୩) ଉତ୍କଳ-ଭାଷା ଓ ଉତ୍କଳ-ସାହିତ୍ୟ ଉନ୍ନତି ସାଧନାର୍ଥ 'ଉତ୍କଳ ସାହିତ୍ୟ-ସମାଜ' ସହିତ ପରାମର୍ଶ କରି ପ୍ରୟୋଜନ ସ୍ଥଳରେ ଅର୍ଥ ସାହାଯ୍ୟ କରିବା ।

(୪) ବିଦେଶକୁ କୃଷି ଶିଳ୍ପ ଶିକ୍ଷା ନିମନ୍ତେ ଜିଲ୍ଲା-ସମିତିମାନଙ୍କ ଅର୍ଥ ସାହାଯ୍ୟ-ଦ୍ୱାରା ମନୋନୀତ ଛାତ୍ରମାନଙ୍କ ଅଧ୍ୟୟନ ଓ ବିଦେଶରେ ଅବସ୍ଥାନର ସୁବିଧା କରିବା

ଏବଂ ବିଦେଶରୁ ପ୍ରତ୍ୟାବୃତ୍ତ ଛାତ୍ରମାନଙ୍କୁ ଉପଯୁକ୍ତ କାର୍ଯ୍ୟରେ ନିଯୁକ୍ତ କରିବା ନିମନ୍ତେ ଚେଷ୍ଟା କରିବା ।

(୫) ଉତ୍କଳୀୟମାନଙ୍କ ମଧ୍ୟରେ ଯୌଥ ବ୍ୟବସାୟର ସମ୍ୟକ୍ ବୃଦ୍ଧି ନିମିତ୍ତ ଉପଯୁକ୍ତ ଉପାୟ ଉଦ୍ଭାବନ ଶିକ୍ଷାକରିବା ଏବଂ କୌଣସି ଉତ୍କଳୀୟ ଯୌଥବ୍ୟବସାୟୀ ଦଳ ବା ଶିଳ୍ପଦଳ ପରାମର୍ଶ ମାଗିଲେ ଯଥାଯୋଗ୍ୟ ପରାମର୍ଶ ଦେବା ।

(୬) ଉତ୍କଳୀୟମାନଙ୍କ ମଧ୍ୟରେ ଶିକ୍ଷାବିସ୍ତାର ପାଇଁ ବିଭିନ୍ନ ସମିତିମାନଙ୍କୁ ଉପଦେଶ ବା ଉତ୍ସାହ ଦେବା ଏବଂ ତଦୁଦ୍ଦେଶ୍ୟରେ ପୁରସ୍କାର ଓ ବୃତ୍ତି ପ୍ରଭୃତି ବ୍ୟବହାର କରିବା ଏବଂ ପ୍ରୟୋଜନ ସ୍ଥଳରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବା ।

(୭) ବିଶେଷ ପ୍ରୟୋଜନ ସାଧନ ନିମିତ୍ତ ଚାନ୍ଦା ଆବଶ୍ୟକ ହେଲେ ସମ୍ମିଳନୀର ଉଦ୍ଦେଶ୍ୟ ସାଧନାର୍ଥ ରାଜକର୍ମଚାରିମାନଙ୍କ ସଙ୍ଗେ ପରାମର୍ଶ କରିବା ।

ଜିଲ୍ଲାସମିତି — ଜିଲ୍ଲାସମିତିର ସଭ୍ୟସଂଖ୍ୟା ୨୦ ଜଣ ହେବେ ଏବଂ ଏଥିରେ ଜଣେ ସଭାପତି, ଜଣେ ସମ୍ପାଦକ, ୨ ଜଣ ସହକାରୀ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ରହିବେ ।

କେନ୍ଦ୍ରସମିତିର କୌଣସି ସଭ୍ୟ ବା ପ୍ରତିନିଧି ପ୍ରତି ଜିଲ୍ଲାକେନ୍ଦ୍ରରେ ଉପସ୍ଥିତ ହୋଇ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ପରାମର୍ଶରେ ନିର୍ବାଚନଯୋଗ୍ୟ ସଭ୍ୟମାନଙ୍କ ନାମ ସ୍ଥିର କରିବେ ଏବଂ ଗୋଟିଏ ସାଧାରଣ ସଭା ଆହ୍ୱାନ କରି ବିଧିମତେ ସେମାନଙ୍କ ନାମ ଗୃହୀତ କରାଇବେ ।

ନିର୍ବାଚିତ ସଭ୍ୟମାନେ ମିଳିତ ହୋଇ ବିଧିମତେ ପ୍ରସ୍ତାବ ଅନୁମୋଦନ କରି ଅଧିକାଂଶ ସଭ୍ୟଙ୍କ ମତ ଅନୁସାରେ ଆପଣା ମଧ୍ୟରୁ ସଭାପତି, ସମ୍ପାଦକ, ସହକାରୀ ସମ୍ପାଦକ ଓ କୋଷାଧ୍ୟକ୍ଷ ନିଯୁକ୍ତ କରିବେ ।

ଏହିପରି ଜିଲ୍ଲା-ସମିତି ପ୍ରତି ତିନିବର୍ଷରେ ନୂତନ ଭାବରେ ଗଠିତ ହେଉଥିବ ।

ଜିଲ୍ଲା-ସମିତି କେନ୍ଦ୍ରସମିତି ନିୟମାବଳୀର ଆଦର୍ଶରେ ନିଜର ନିୟମାବଳୀ ପ୍ରସ୍ତୁତ କରିବେ ଏବଂ ତାହା କେନ୍ଦ୍ର-ସମିତିକୁ ଜଣାଇବେ ।

ପ୍ରତିନିଧି ନିର୍ବାଚନ : ସମ୍ମିଳନୀର ଅଧିବେଶନର ଏକମାସ ପୂର୍ବରୁ ପ୍ରତି ଜିଲ୍ଲା-ସମିତି ନିଜ ନିଜ ପ୍ରତିନିଧିମାନଙ୍କ ନାମ କେନ୍ଦ୍ରସମିତି ନିକଟକୁ ପ୍ରେରଣ କରିବେ । ସ୍ଥାନୀୟ ସଭ୍ୟ ନିର୍ବାଚନ ସଙ୍ଗେ ସଙ୍ଗେ ଉକ୍ତ ପ୍ରତିନିଧିମାନଙ୍କ ନାମ ମଧ୍ୟ ସମ୍ମିଳନୀର ଅଧିବେଶନରେ ପଠିତ ଓ ଗୃହୀତ ହେବ ।

ଜିଲ୍ଲାସମିତିମାନଙ୍କର କାର୍ଯ୍ୟ : (୧) ଜିଲ୍ଲାର ଗ୍ରାମମାନଙ୍କରେ ଶାଖା-ସମିତିମାନ ସ୍ଥାପନ କରାଇବା ଓ ଉକ୍ତ ସମିତିମାନଙ୍କର ସବିଶେଷ ବିବରଣ କେନ୍ଦ୍ରସମିତିକୁ ଜଣାଇବା ।

(୨) କେନ୍ଦ୍ରସମିତିର ପରାମର୍ଶ ଅନୁସାରେ ସମ୍ମିଳନୀର ପ୍ରସ୍ତାବଗୁଡ଼ିକ ଦେଶ-କାଳ-ପାତ୍ର ବିବେଚନାରେ କାର୍ଯ୍ୟରେ ପରିଣତ କରିବା ।

(୩) ଜିଲ୍ଲାମଧ୍ୟସ୍ଥିତ ବିଭିନ୍ନ ଗ୍ରାମମାନଙ୍କରେ ବାସ କରୁଥିବା କୃଷକ ଓ ଶିଳ୍ପିମାନଙ୍କୁ ସେମାନଙ୍କ ବ୍ୟବସାୟୋଚିତ ଶିକ୍ଷାଦାନର ବ୍ୟବସ୍ଥା କରିବା ।

(୪) କୃଷି ଏବଂ ବିଭିନ୍ନ ଶିଳ୍ପ ଶିକ୍ଷା କରିବା ନିମନ୍ତେ ନିଜ ବ୍ୟୟରେ ଭିନ୍ନ ଭିନ୍ନ ସ୍ଥାନକୁ କେନ୍ଦ୍ରସମିତି ଜରିଆରେ ଛାତ୍ର ପ୍ରେରଣ କରିବା ।

(୫) ବିଭିନ୍ନ ସ୍ଥାନରେ ବାଳକବାଳିକାମାନଙ୍କ ଶିକ୍ଷାଦି ଶିକ୍ଷାନିମନ୍ତେ ବିଦ୍ୟାଳୟ ସ୍ଥାପନ କରିବାର [ଚେଷ୍ଟା] କରିବା ଏବଂ ପ୍ରୟୋଜନସ୍ଥଳରେ କିଛି କିଛି ଅର୍ଥ ସାହାଯ୍ୟକରିବା ।

(୬) ଜିଲ୍ଲା ମଧ୍ୟରେ ଲୁପ୍ତ ପ୍ରାୟ ଶିଳ୍ପର ପୁନରୁତ୍‌ଥାନ ଏବଂ ନୂତନ ଲାଭଜନକ ଶିଳ୍ପର ପ୍ରବର୍ତ୍ତନ ନିମିତ୍ତ ଯତ୍ନ କରିବା ।

(୭) ସାଧାରଣ ଲୋକମାନଙ୍କୁ କୃଷିର ଉନ୍ନତ ପ୍ରଣାଳୀ ଶିକ୍ଷାଦେବା ଏବଂ ତଦୁଦ୍ଦେଶ୍ୟରେ ଆଦର୍ଶ କୃଷିକ୍ଷେତ୍ର ସ୍ଥାପନ କରିବା ।

(୮) ଗୋପାଳନ ଓ ଗୋଜାତିର ଉନ୍ନତି ବିଷୟରେ କୃଷକକୁଳ ଓ ସାଧାରଣ ଗୃହସ୍ଥମାନଙ୍କୁ ଉପଦେଶ ଦେବା ଓ ସେ ବିଷୟରେ ସାହାଯ୍ୟ କରିବା ।

(୯) ଜିଲ୍ଲା ମଧ୍ୟରେ ଅନ୍ୱେଷଣ କରି ବିନଷ୍ଟପ୍ରାୟ ଅପ୍ରକାଶିତ ଗ୍ରନ୍ଥମାନ ସଂଗ୍ରହ କରିବା ଏବଂ ତତ୍‌ପ୍ରତି ସାହିତ୍ୟସମାଜର ଦୃଷ୍ଟି ଆକର୍ଷଣ କରିବା ।

(୧୦) ଜିଲ୍ଲା ମଧ୍ୟରେ ସମ୍ମିଳନୀର ଉଦ୍ଦେଶ୍ୟ ପ୍ରଚାର ନିମିତ୍ତ ବିହିତ ଉପାୟ ଅବଲମ୍ବନ କରିବା ।

(୧୧) ସେମାନଙ୍କ ସଂଗୃହୀତ ଚାନ୍ଦାର ଶତକରା ୧୦ ଟଙ୍କା ହିସାବରେ କେନ୍ଦ୍ରସମିତିକୁ ପ୍ରଦାନ କରିବା ।

(୧୨) ପ୍ରତ୍ୟେକ ଅଧିବେଶନର କାର୍ଯ୍ୟ ବିବରଣର ଏକ ପ୍ରସ୍ଥ ଲେଖାଏଁ ନକଲ କେନ୍ଦ୍ରସମିତିକୁ ପ୍ରେରଣ କରିବା ।

(୧୩) ଶାଖାସମିତିମାନଙ୍କଠାରୁ ସେମାନଙ୍କ ଆୟ ବ୍ୟୟ ଓ କାର୍ଯ୍ୟବିବରଣ ସଂଗ୍ରହ କରି ତାହା ନିଜ ନିଜ କାର୍ଯ୍ୟବିବରଣରେ ସନ୍ନିବେଶିତ କରି ସମ୍ମିଳନୀର ଅଧିବେଶନର ଏକ ମାସ ପୂର୍ବରୁ କେନ୍ଦ୍ରସମିତିକୁ ପ୍ରେରଣ କରିବା ।

ବିଶେଷ ବିଧି : ସମ୍ମିଳନୀର ଉଦ୍ଦେଶ୍ୟ ସାଧନ ନିମିତ୍ତ କୌଣସି ଜିଲ୍ଲାସମିତିର ଅର୍ଥାଭାବ ହେଲେ କେନ୍ଦ୍ରସମିତି ଜରିଆରେ ଅନ୍ୟ ଜିଲ୍ଲା-ସମିତିକୁ ଅର୍ଥ ସାହାଯ୍ୟ ନିମିତ୍ତ ପ୍ରାର୍ଥନା କରିପାରିବେ ।

ଶାଖା-ସମିତି : ଶାଖାସମିତିରେ ଜଣେ ସଭାପତି, ଜଣେ ସମ୍ପାଦକ, ଜଣେ ସହକାରୀ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିବେ ।

ଶାଖାସମିତିମାନଙ୍କର କାର୍ଯ୍ୟ : (୧) ବିଦ୍ୟାଳୟ ସ୍ଥାପନ କରି ସ୍ଥାନୀୟ ବାଳକ ବାଳିକାମାନଙ୍କର ଶିକ୍ଷାର ବ୍ୟବସ୍ଥା କରିବା ।

(୨) ପ୍ରତିଦିନ କୌଣସି ନିର୍ଦ୍ଦିଷ୍ଟ ସମୟରେ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଗ୍ରାମବାସିମାନଙ୍କୁ ଏକତ୍ର କରି କୃଷି, ଶିଳ୍ପ, ବାଣିଜ୍ୟ, ସ୍ୱାସ୍ଥ୍ୟ, ଗୋପାଳନ ଇତ୍ୟାଦି ବିଷୟ ଆଲୋଚନା କରିବା ଏବଂ ସୁନୀତି ଓ ସତ୍ ଧର୍ମ ବିଷୟରେ ଉପଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପଦେଶ ପ୍ରଦାନ କରାଇବା ।

(୩) ଦୁର୍ଭିକ୍ଷ ନିବାରଣ ବିଷୟରେ ପ୍ରତ୍ୟେକ ଗ୍ରାମବାସିଙ୍କଠାରୁ କିଛି କିଛି ଧାନ୍ୟ ସଂଗ୍ରହ କରି ଏକତ୍ର ଜମା ରଖିବା ଏବଂ ତାହାକୁ ପ୍ରତିବର୍ଷ ଗ୍ରାମବାସିଙ୍କୁ ଅଳ୍ପ ସୁଧରେ ଲଗାଇଦେଇ ଉପଯୁକ୍ତ ସମୟରେ ଆଦାୟ କରି ନିରାପଦରେ ରଖିବା ଏବଂ ଦୁର୍ଭିକ୍ଷ ସମୟରେ ତହିଁରୁ ସାହାଯ୍ୟ ଦେବା ।

(୪) ଦେଶୀୟ ଶିଳ୍ପଜାତ ଦ୍ରବ୍ୟମାନଙ୍କର ପ୍ରଚଳନ ବୃଦ୍ଧି ନିମନ୍ତେ ସାଧାରଣଙ୍କୁ ପ୍ରବର୍ତ୍ତାଇବା ।

(୫) ଗ୍ରାମବାସିଙ୍କ ମଧ୍ୟରେ ପରସ୍ପର ଭ୍ରାତୃଭାବ ବୃଦ୍ଧି, ସୌହାର୍ଦ୍ଦ ଓ ପ୍ରୀତି ସ୍ଥାପନର ଚେଷ୍ଟା କରିବା ।

(୬) ବ୍ୟାୟାମ ପ୍ରବର୍ତ୍ତନ କରିବା ଓ ଶାରୀରିକ ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ନିମନ୍ତେ ବିହିତ ଉପାୟ ଅବଲମ୍ବନ କରିବା ।

(୭) ସମିତିର ଆୟ ବ୍ୟୟ ଓ କାର୍ଯ୍ୟାବଳୀର ସଂକ୍ଷିପ୍ତ ବିବରଣ ଜିଲ୍ଲାସମିତିକୁ ନିର୍ଦ୍ଦିଷ୍ଟ ସମୟରେ ପ୍ରେରଣ କରିବା ।

କେନ୍ଦ୍ରସମିତି, ଜିଲ୍ଲାସମିତି ଏବଂ ଶାଖାସମିତିମାନେ ନିଜ ନିଜ ଆୟର ବିବରଣ ଅନ୍ତତଃ ତିନି ମାସରେ ଥରେ ଲେଖାଏଁ ସାଧାରଣଙ୍କ ଅବଗତି ନିମିତ୍ତ ସମ୍ବାଦପତ୍ରରେ ପ୍ରକାଶ କରିବେ ।

—

# ସପ୍ତମ ଅଧିବେଶନ

[ଷଷ୍ଠ ଅଧିବେଶନ ଭଳି ସପ୍ତମ ଅଧିବେଶନ ମଧ୍ୟ କଟକ ସହରରେ ଅନୁଷ୍ଠିତ ହୋଇଥିଲା । ଷଷ୍ଠ ଅଧିବେଶନର ଦୁଇବର୍ଷ ପରେ ୩୦.୧୨.୧୯୧୦ ଓ ୩୧.୧୨.୧୯୧୦ ତାରିଖରେ ବାଲେଶ୍ୱରର ବିଶିଷ୍ଟ ଜମିଦାର ଓ ବ୍ୟବସାୟୀ ରାଜା ବୈକୁଣ୍ଠନାଥ ଦେଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନ ପାଇଁ ଗଠିତ ଅଭ୍ୟର୍ଥନା ସମିତିର ସଭାପତି ଥିଲେ ମଧୁପୁରର ରାଜା ଓ ସଂପାଦକ ଦାୟିତ୍ୱ ନେଇଥିଲେ ଗୋକୁଳାନନ୍ଦ ଚୌଧୁରୀ ।]

## ଅଧିବେଶନର ସଭାପତି ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେଙ୍କ ଅଭିଭାଷଣ

ଭ୍ରାତୃବୃନ୍ଦ,

ମାତୃପୂଜାର ଏହି ବିରାଟ ସଭାରେ ଉତ୍କଳର ସୁସନ୍ତାନବର୍ଗ ଆଜି ଏକତ୍ରିତ । ଏହି ମହାସଭା ମଧ୍ୟରେ ମୋହ ଭଳି ଅଯୋଗ୍ୟ ସଭାପତିର ସ୍ମୃତିପଥରେ ଗୋଟିଏ କବିତା ଉଦିତ ହେଉଅଛି । ମୋହର ବାଲ୍ୟସଖା ସ୍ୱର୍ଗୀୟ କବିବର ରାଧାନାଥଙ୍କ

"ଜାଣେ ମୁହିଁ ଏହି ସଂଯାତ୍ରିକ ଦଳେ
ହୀନଠାରୁ ହୀନ ମୁହିଁ ଜ୍ଞାନବଳେ ।"

ଏହି ଉକ୍ତିର ସମୀଚୀନ ସାର୍ଥକତା ମୋହଠାରେ ଏକାନ୍ତ ବିଦ୍ୟମାନ । କେବଳ ସେତିକି ନୁହେଁ, ମୋହର ବାକ୍‌ପଟୁତା ଓ ଉତ୍କଳଭାଷାର ଉଚ୍ଚାରଣ ମଧ୍ୟ ଶ୍ରବଣ କରି ମୋହର ଅଯୋଗ୍ୟତା ଉପଲବ୍ଧି କରିପାରିବେ । ଆଜି ଆପଣମାନଙ୍କ ଆହ୍ୱାନରେ ମୁଁ ଏକାନ୍ତ କୃତଜ୍ଞ ଅନ୍ତରେ ଏହି ମଣ୍ଡପରେ ଉପସ୍ଥିତ ହୋଇଅଛି । ମୋହର ବକ୍ତୃତା ପ୍ରତି ସହସ୍ର ଚକ୍ଷୁ ଓ ସହସ୍ର କର୍ଣ୍ଣ ଉନ୍ମୁକ୍ତ ରହିବ, କିନ୍ତୁ ମୋହର ଅଯୋଗ୍ୟତା ଜନିତ ସମସ୍ତ ଅଭାବ ଓ ତ୍ରୁଟି ଭ୍ରାତୃବୃନ୍ଦ ଦୟା ବହି ମାର୍ଜନା କରିବା ହେବେ, ଏହାହିଁ କରପୁଟରେ ଐକାନ୍ତିକ ଭିକ୍ଷା । ଭଗବାନଙ୍କ ନାମ ସ୍ମରଣ କରି ଏହି ସମ୍ମିଳନୀର କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରିବାପାଇଁ ଏବଂ ଏହାର ସଫଳତା ଲାଭ ଉଦ୍ଦେଶ୍ୟରେ ତାଙ୍କର କୃପା ଭିକ୍ଷା କରୁଅଛି ।

ଚଳିତ ବର୍ଷ ମଇ ମାସରେ ଆମ୍ଭମାନଙ୍କର ଦୟାଳୁ ସର୍ବଜନପ୍ରିୟ ଭାରତ ସମ୍ରାଟ ସପ୍ତମ ଏଡୁଆର୍ଡ ମହୋଦୟ ପରଲୋକଗତ ହେବାରୁ ଆମ୍ଭମାନଙ୍କୁ ଯେଉଁ ବିଷାଦସାଗରେ ମଗ୍ନ ହେବାକୁ ହୋଇଥିଲା, ତାହା ସମସ୍ତଙ୍କ ସ୍ମୃତିପଟରେ ଜାଗରୂକ ରହିଅଛି । ସେହି ହୃଦୟ ବିଦାରକ ଘଟଣା ନିମିତ୍ତ ଏଠାରେ ଶୋକପ୍ରକାଶ ନ କରି ରହିପାରୁନାହିଁ ।

ଆମ୍ଭମାନଙ୍କର ଆଶା ଏହି ଯେ, ନୂତନ ଭାରତସମ୍ରାଟ ମହାମହିମାନ୍ୱିତ ପଞ୍ଚମ ଜର୍ଜ୍ଜ ମହୋଦୟ ତାଙ୍କର ସ୍ୱର୍ଗୀୟ ପିତାଙ୍କର ପ୍ରଦର୍ଶିତ ପଥ ଅନୁସରଣ କରି ଭାରତବାସିଙ୍କର ଭକ୍ତିପୂର୍ଣ୍ଣ କୃତଜ୍ଞତା ଅଚିରେ ଲାଭ କରିବେ । ଏ ମହାତ୍ମା ଏହାଙ୍କ ପିତାଙ୍କ ସ୍ୱର୍ଗାରୋହଣ ପରେ ପ୍ରଥମ ବକ୍ତୃତାରେ ଭାରତ କଥା ଉଲ୍ଲେଖ କରି ଭାରତବାସିଙ୍କ ପ୍ରତି ଯେଉଁ ଦୟା ପ୍ରକାଶ କରିଥିଲେ, ସେଥିସକାଶେ କୃତଜ୍ଞତା ପ୍ରକାଶ କରୁଅଛି ।

ଉତ୍କଳୀୟମାନେ ଚିରକାଳ ରାଜଭକ୍ତ, ବ୍ରିଟିଶ ଶାସନାଧୀନରେ ଆମ୍ଭେମାନେ ଯେଉଁଭଳି ଅଖଣ୍ଡ ଶାନ୍ତି ଉପଭୋଗ କରୁଅଛୁଁ ଏବଂ ନିରୁପଦ୍ରବରେ ସ୍ୱ ସ୍ୱ ସ୍ୱତ୍ୱ ସଂରକ୍ଷଣରୂପକ ଭାଗ୍ୟବାନ ପ୍ରଜାରୂପରେ ବାସ କରୁଅଛୁଁ, ତାହା ଅତୀତ ଇତିହାସରେ ସ୍ୱପ୍ନାତୀତ ଥିଲା । ସେହି ବ୍ରିଟିଶ ସାମ୍ରାଜ୍ୟର ଏକଛତ୍ର ସମ୍ରାଟ ପଞ୍ଚମ ଜର୍ଜ୍ଜ ସ୍ୱୀୟ ସାମ୍ରାଜ୍ଞୀଙ୍କ ସହିତ ରାଜ୍ୟାଭିଷେକ ଉପଲକ୍ଷରେ ଦିଲ୍ଲୀର ରାଜସୂୟ ଯଜ୍ଞରେ ଉପସ୍ଥିତ ହେବେ, ଏହି ଆନନ୍ଦ ସମ୍ବାଦରେ ଆମ୍ଭମାନଙ୍କ ହୃଦୟ ଉଲ୍ଲସିତ ହୋଇ ଉଠୁଅଛି । ରାଜଚକ୍ରବର୍ତ୍ତୀ ସ୍ୱୟଂ ତାହାଙ୍କ ସୁବିଶାଳ ସାମ୍ରାଜ୍ୟରେ ଶୁଭ ପଦାର୍ପଣ କରି ଦେବବାଞ୍ଛିତ ମୁକୁଟ ଧାରଣ କରି ଅଭିଷିକ୍ତ ହେବେ, ଏ ଦୃଶ୍ୟ ବ୍ରିଟିଶ ଶାସିତ ଭାରତବର୍ଷରେ ସମ୍ପୂର୍ଣ୍ଣ ଅଭିନବ ଏବଂ ମହାନ୍ ।

ଉପଯୁକ୍ତ ପିତାମହଙ୍କର ଉପଯୁକ୍ତ ପୌତ୍ର ମହାମାନ୍ୟ ଲର୍ଡ ହାର୍ଡିଞ୍ଜ ମହୋଦୟ ସମ୍ରାଟଙ୍କ ପ୍ରତିନିଧିରୂପେ ଭାରତ ସିଂହାସନରେ ଆରୂଢ଼ ହୋଇଅଛନ୍ତି । ତାହାଙ୍କ ପ୍ରତି ଏବଂ ଲେଡି ହାର୍ଡିଞ୍ଜଙ୍କ ପ୍ରତି ଆମ୍ଭମାନଙ୍କର ଭକ୍ତିପୂର୍ଣ୍ଣ ଅଭିବାଦନ ଜ୍ଞାପନ କରୁଅଛୁଁ ।

ଭ୍ରାତୃବୃନ୍ଦ,

ଆଜି ବହୁଦିନ ଉତ୍ତାରୁ ପୁନଶ୍ଚ ପୁଞ୍ଜିଭୂତ ହୋଇ ଜନନୀ ଜନ୍ମଭୂମିର ପୂଜାମଣ୍ଡପରେ ଉପସ୍ଥିତ ହୋଇଅଛୁଁ । ବର୍ତ୍ତମାନ ପ୍ରତ୍ୟେକର ଧମନୀରେ ମାତୃଭକ୍ତି ଓ ଉନ୍ନତିର ଆକାଂକ୍ଷା ପ୍ରବଳ ଭାବରେ ପ୍ରବାହିତ ହେଉଅଛି । କିନ୍ତୁ ଯେତେବେଳଯାଏ ଉକ୍ତ ମଣ୍ଡପରେ ଉପସ୍ଥିତ ଥାଉଁ ଏ ସମସ୍ତ ଭାବର ଉଦୟ ହୁଏ । ମଣ୍ଡପ-ପରିତ୍ୟାଗ ସଙ୍ଗେ ସଙ୍ଗେ ଏ ଧାରଣା ବିଲୀନ ହେବା ଭଣା ଆକ୍ଷେପର କଥା ନୁହେଁ ।

ମୋହର ପୂର୍ବବର୍ତ୍ତୀ ସଭାପତିମାନେ ନାନା ବିଷୟର ଆଲୋଚନା କରି ନାନା ବିଷୟରେ ସାର ସାର ଉପଦେଶ ଦେଇ ଯାଇଅଛନ୍ତି, କିନ୍ତୁ ସେ ଉପଦେଶମାନଙ୍କର

କୌଣସି ଅଂଶ କାର୍ଯ୍ୟରେ ପରିଣତ ହୋଇଥିବା ଏପର୍ଯ୍ୟନ୍ତ ଦେଖାଯାଉନାହିଁ । ମୁଁ ଅଧିକ ଅବା କଣ କହିବି ? ତଥାପି ଏହି ପୂଜାପୀଠରେ ଚର୍ବିତଚର୍ବଣ ହେଲେ ହେଁ ମୋହର ସ୍ଥୂଳ ବୁଦ୍ଧିକୁ ଯାହା ଦିଶିବ ପଦେ ଅଧେ କହୁଅଛି ।

**ପ୍ରଥମତଃ – ଜାତୀୟ ଏକତା** – ଜାତୀୟ ଏକତା ଶବ୍ଦର ଅର୍ଥ ପ୍ରତ୍ୟେକ କ୍ଷୁଦ୍ର କ୍ଷୁଦ୍ର ଜାତି ମଧ୍ୟରେ ଏକତା ନୁହେ, ତାହା ସମଗ୍ର ଉତ୍କଳୀୟମାନଙ୍କର ଏକସୂତ୍ରରେ ହୃଦୟ ବନ୍ଧନ; ଏହା ନ ହେଲେ କଦାପି କୌଣସି ବିଷୟରେ ମଙ୍ଗଳ ହେବ ନାହିଁ । ସମ୍ମିଳନୀ ପ୍ରାରମ୍ଭରୁ ଉତ୍କଳବାସୀ ଓ ଉତ୍କଳଭାଷୀ ମାତ୍ରେ ସୌହାର୍ଦ୍ଦ ବନ୍ଧନରେ ଆବଦ୍ଧ ଥିବା ପୂର୍ବରୁ ସ୍ଥିରୀକୃତ ହୋଇଅଛି । ସୁତରାଂ ଅଙ୍ଗୁଳିରେଖା ସଂଖ୍ୟକ ମାନବଙ୍କର ଗ୍ରାମ ଓ ଜନପଦଘଟିତ ସାମ୍ପ୍ରଦାୟିକ ବିଦ୍ୱେଷ ପ୍ରତି ଭ୍ରୂକ୍ଷେପ ନ ରଖି ମଙ୍ଗଳମୟ ଭଗବାନଙ୍କ ଇଚ୍ଛାରୁ ବର୍ତ୍ତମାନ ପୁନର୍ମିଳିତ ହୋଇଅଛୁ । ତେଣୁ ବିଘ୍ନନାଶକ ଭଗବାନଙ୍କୁ କୋଟି କୋଟି ସାଧୁବାଦ ଦେଇ ଅଙ୍ଗୀକାର କରୁଅଛୁଁ ଯେ, ଯାହାର ଜନ୍ମ ଉତ୍କଳରେ ଏବଂ ଯେ ଉତ୍କଳ ଜନନୀଙ୍କୁ ମା ବୋଲି ସ୍ୱୀକାର କରି ତାଙ୍କ ଦୁଃଖ ଦୂରୀକରଣ ଓ ସୁଖବୃଦ୍ଧି କରିବାକୁ ପ୍ରସ୍ତୁତ; ସେହି ବାସ୍ତବରେ ଉତ୍କଳୀୟ । ସ୍ୱତନ୍ତ୍ର ଜାତି କହିବାର କାହାର ଅଧିକାର ନାହିଁ । ଭାଇମାନେ, ଏହି କଥା ସ୍ମରଣ ରଖି ପରସ୍ପର ଭ୍ରାତୃପ୍ରେମରେ ଆବଦ୍ଧ ହୋଇ ନିଜର ଜାତୀୟ ଉନ୍ନତିର ପଥ ଉନ୍ମୁକ୍ତ କରନ୍ତୁ, ଏଥିପାଇଁ ଆପଣମାନଙ୍କ ନିକଟରେ ମୋହର ଐକାନ୍ତିକ ନିବେଦନ ।

**ଶିଳ୍ପ** – ଉତ୍କଳର ସନ୍ତାନମାନେ ପୂର୍ବପୁରୁଷର ଶିଳ୍ପଗୌରବରେ ଗୌରବାନ୍ୱିତ ହୋଇ ନିଜେ ନିଜକୁ ବଡିମାଗଜରେ.ମାପି ଚଳୁଅଛନ୍ତି । କିନ୍ତୁ ଉନ୍ନତି ସମ୍ବନ୍ଧରେ କାହାରି ଉଦ୍ୟମ ନାହିଁ ବୋଲି ବୋଧହୁଏ । ଏ ସ୍ଥଳରେ ମୋହର ପ୍ରିୟବନ୍ଧୁ ସ୍ୱର୍ଗୀୟ ରାଧାନାଥଙ୍କର ଗୋଟିଏ ଉକ୍ତି ସ୍ୱତଃ ମନରେ ଉଦିତ ହେବା ସ୍ୱାଭାବିକ ।

"ପୂର୍ବ ପୁରୁଷର ପ୍ରତିଷ୍ଠା ବିଶାଳ
ବିକି ଭାଙ୍ଗି ଖାଉଥିବ କେତେ କାଳ ?
ସେ ପ୍ରତିଷ୍ଠା ନିଜେ ତିଳେ ନ ବଢାଇ
କରୁଥିବା ଆଉ କେତେ ତା ବଡାଇ ?"

ସେହି ଶିଳ୍ପଜ୍ଞାନ-ସମୁଦ୍ରକୁ ନେତ୍ରାତିଥି କଲେ ଆଉ ଏଣିକି ଚଳିବ ନାହିଁ । ବେଳାଭୂମିରେ ବିଚରଣ କରି କିଞ୍ଚିତ ଶିଳ୍ପଜ୍ଞାନ ରତ୍ନସଂଗ୍ରହ କରିବା ଆଧୁନିକ ସଂଗ୍ରାମଶୀଳ ଯୁଗର ଲକ୍ଷଣ, କେବଳ ପୂର୍ବପ୍ରତିଷ୍ଠାକୁ ରୋମନ୍ଥନ କରି ଉଦାସୀନ ହୋଇ ରହିବାର ବେଳ ଗଡି ଯାଇଅଛି । ଶିଳ୍ପଶିକ୍ଷା ପାଇଁ ବିଦେଶକୁ କଳାଶକ୍ତି ବିହୀନ ଯେକୌଣସି ଯୁବକକୁ ଅର୍ଥ ବ୍ୟୟ କରି ପଠାଇବାଦ୍ୱାରା ଦେଶର କୌଣସି ପ୍ରକୃତ ଉପକାର ନାହିଁ ବୋଲି ଅନୁମିତ ହୁଏ । ସ୍ୱଦେଶର ପ୍ରତି ସ୍ଥାନରେ ଅନେକ ଶିଳ୍ପୀ ଅଛନ୍ତି, ସେମାନେ ଅର୍ଥାଭାବବଶତଃ ନିଜର ଉଦରାନ୍ନ ନିମିତ୍ତ ସାମାନ୍ୟ ଅର୍ଥଲାଗି ନିଜର ଜୀବନ ବିକ୍ରୟ

କରୁଅଛନ୍ତି । ନିଜର ସ୍ୱାର୍ଥତ୍ୟାଗ କରି ସେମାନଙ୍କୁ ସାହାଯ୍ୟ କଲେ ବିଦେଶାଗତ ଶିଳ୍ପିକୁଳଙ୍କ ଅପେକ୍ଷା ଏତଦ୍ଦେଶୀୟ ଶିଳ୍ପକାରଙ୍କ ଦ୍ୱାରା ଆମ୍ଭେମାନେ ପ୍ରଭୂତ ଉପକାର ପାଇପାରିବୁଁ । ଏହି ଶିଳ୍ପିମାନେ ନିଜ ନିଜର ଶିଳ୍ପଜାତ ଦ୍ରବ୍ୟ ଘେନି ବିଦେଶକୁ ବାଣିଜ୍ୟଯାତ୍ରା ଦ୍ୱାରା ଜୀବନର ନବ ନବ ଉନ୍ନତିରେ ଅଗ୍ରସର ହୋଇପାରନ୍ତି । ନାନା ଦେଶ ଭ୍ରମଣ, ନାନା ଦ୍ରବ୍ୟଦର୍ଶନ ହେତୁରୁ ସ୍ୱ ସ୍ୱ ଶିଳ୍ପର ଉନ୍ନତି କରିପାରିବେ । ସ୍ୱଦେଶର ଶିଳ୍ପିକୁଳଙ୍କୁ ଅନ୍ୱେଷଣ କରି ସେମାନଙ୍କୁ ସମ୍ମିଳନୀ ପକ୍ଷରୁ ସ୍ୱ ସ୍ୱ କାର୍ଯ୍ୟର ଉତ୍କର୍ଷ ବିଧାନ ନିମିତ୍ତ ସାହାଯ୍ୟ କରିବା ଉଚିତ । ଏ କାର୍ଯ୍ୟ କରିବାକୁ ପ୍ରତି ସାହି ବା ପ୍ରତି ଗ୍ରାମରେ ଥିବା ସ୍ଥାନୀୟ ପ୍ରଧାନ ଲୋକ ପ୍ରତି ଉକ୍ତ ଭାର ନ୍ୟସ୍ତ କରି ତାଙ୍କଦ୍ୱାରା ସେହି ସ୍ଥାନର ଯେ କେହି ଶିଳ୍ପୀ ଥାଏ ତାହାର ଉନ୍ନତି ନିମିତ୍ତ ଚେଷ୍ଟା କରିବା କର୍ତ୍ତବ୍ୟ । ଉତ୍କଳରେ ନାନାପ୍ରକାର ଶିଳ୍ପକାର୍ଯ୍ୟ ହେଉଅଛି । ଟୋକେଇ, କୁଲା ବୁଣାଠାରୁ ବସ୍ତ୍ରାଦି ପର୍ଯ୍ୟନ୍ତ ପରିଦର୍ଶନ କରିବା ନିମିତ୍ତ ସେହିପରି ଜଣେ ବହୁଦର୍ଶୀ ଶିଳ୍ପୀ ଆବଶ୍ୟକ, ଶିଳ୍ପଶକ୍ତିସମ୍ପନ୍ନ ବ୍ୟକ୍ତି ନ ହେଲେ ଏଥିରେ ଅନ୍ୟର ମସ୍ତିଷ୍କ ପ୍ରବେଶ କରିବା ସହଜ ନୁହେ । ନଚେତ୍ ଏତଦ୍ଦେଶୀୟ ଶିଳ୍ପିମାନଙ୍କ ଶିଳ୍ପକାର୍ଯ୍ୟ ସମୂହ ସମ୍ମିଳନୀ ପକ୍ଷରୁ କ୍ରୀତ ହୋଇ ବିଦେଶକୁ ବିକ୍ରୟାର୍ଥ ପ୍ରେରିତ ହେଲେ ଉତ୍କଳୀୟ ଶିଳ୍ପିବୃନ୍ଦ ଅବଶ୍ୟ ନୂତନ ନୂତନ କାର୍ଯ୍ୟ କରିବାପାଇଁ ଉତ୍ସାହିତ ହେବେ । କେବଳ ଅର୍ଥାଭାବ ଏମାନଙ୍କୁ ନିସ୍ତେଜ କରିଅଛି ଓ କରୁଅଛି । ଉତ୍କଳର ଗୌରବ ସ୍ଥାନୀୟ ମଧୁସୂଦନ ଦାସ ସି.ଆଇ.ଇ. ମହୋଦୟ କେତେଗୁଡ଼ିଏ ଉତ୍କଳୀୟ ଶିଳ୍ପିଙ୍କୁ ଘେନି ଉନ୍ନତତର ପ୍ରଣାଳୀରେ ନାନାପ୍ରକାର ଦ୍ରବ୍ୟ ନିର୍ମାଣରେ ଯେଉଁ ସଫଳତା ଦେଖାଇଅଛନ୍ତି, ତହିପାଇଁ ସେ ଆମ୍ଭମାନଙ୍କର ବହୁ ଧନ୍ୟବାଦର ପାତ୍ର, ମାତ୍ର ସାଧାରଣଙ୍କ ମଧ୍ୟରେ ସେ ଶିକ୍ଷାର ବିସ୍ତାର ହୋଇ ନ ପାରିବା ଗଭୀର ପରିତାପର ବିଷୟ ।

ଏତ ସ୍ୱଦେଶୀୟ ଶିଳ୍ପର କଥା । ଏହା ବ୍ୟତୀତ ଉତ୍କଳୀୟମାନଙ୍କ ସାମାନ୍ୟ ଚେଷ୍ଟା ଅର୍ଥ ବ୍ୟୟଦ୍ୱାରା ଦିଆଶିଲାଇ, ସାବୁନ, ନାନା ରଙ୍ଗ, ନିବ, ହେଣ୍ଡଲ, ଶିରୀଷ କାଗଜ, କାଚ ଯୋଡାଇ, ସୁନ୍ଦର ବାର୍ଣ୍ଣିସ, କଲେଇ କାର୍ଯ୍ୟ, କଂସା ତମ୍ବାର ମନୋହର ଖେଳଣା, ସୋଲର ନାନାପ୍ରକାର ସୁକୁମାର ଦ୍ରବ୍ୟ, ତୈଳଚିତ୍ର, ମୃତ୍ତିକାର ବାସନ, ସୁବାସିତ ଗନ୍ଧଦ୍ରବ୍ୟ ପ୍ରଭୃତି ବୈଦେଶିକ ଶିଳ୍ପମାନର ପ୍ରସ୍ତୁତି ସହଜସାଧ୍ୟ ହୋଇପାରେ । ମୁଁ ଏହା ଅବଗତ ଅଛି ଯେ ବର୍ତ୍ତମାନ ସୁଦ୍ଧା ଉତ୍କଳରେ ଏହି ସବୁ ଶିଳ୍ପରୁ କେତେକ କାର୍ଯ୍ୟ ସାମାନ୍ୟ ପରିମାଣରେ ଅନୁଷ୍ଠିତ ହେଉଅଛି; ମାତ୍ର ଉତ୍ସାହ ଆନୁକୂଲ୍ୟ ଅଭାବରୁ ଏଗୁଡ଼ିକ 'ଛତ୍ରାକ ପ୍ରାୟେ ଯେ ଉଇଁ ଭଙ୍ଗେ ଲୋପ' ଭଳି ହେବାକୁ ବସିଲାଣି । ବଡ ଦୁଃଖର କଥା ଉତ୍କଳରେ ଯୌଥ କାରକାର ପ୍ରତି ଆସ୍ଥା ଲୋକଙ୍କର ଜନ୍ମିଲା ନାହିଁ । ଗୋଟିଏ ଗୋଟିଏ ପ୍ରଲୋଭନୀୟ ବିଷୟ ଘେନି ଯେବେ କେତେଗୁଡ଼ିଏ ଲୋକ ପ୍ରାଣପଣେ ଲାଗିଯାନ୍ତେ ତେବେ ପ୍ରଭୂତ ଉପକାର ହୁଅନ୍ତା । ସେ ଯାହାହେଉ,

ଉନ୍ନତତର ପ୍ରଣାଳୀରେ ଶିଳ୍ପବିସ୍ତାର ସକାଶେ ମାଣିଖୁଣ୍ଟି ଲଗାଇବାଠାରୁ ଲଣ୍ଡନ ପ୍ରସ୍ତୁତ କରାଇବାଯାଏ ସମସ୍ତ କଳାବିଦ୍ୟାର ଶିକ୍ଷାନିମିତ୍ତ ଯଥାଶୀଘ୍ର ଗୋଟିଏ ପ୍ରାଦେଶିକ ଶିଳ୍ପ-ବିଦ୍ୟାଳୟ ପ୍ରତିଷ୍ଠିତ ହେବାର ନିତାନ୍ତ ଆବଶ୍ୟକ ଏବଂ ଏଥି ନିମିତ୍ତ ଅର୍ଥ ସଂଗ୍ରହର ବିଶେଷ ପ୍ରୟୋଜନ ।

ବିଦେଶରେ ଶିଳ୍ପ ଶିକ୍ଷା ସମ୍ବନ୍ଧରେ ଉପରେ ଯାହା କଥିତ ହୋଇଅଛି, ସେଥିରୁ ଏପରି କେହି ବୁଝିବେ ନାହିଁ ଯେ ମୁଁ ବିଦେଶକୁ ପ୍ରତିଭାଶାଳୀ ଛାତ୍ର ପ୍ରେରଣର ବିରୋଧୀ । ବର୍ତ୍ତମାନ ସମୟରେ ଭାରତରେ ବିଭିନ୍ନ ଅଞ୍ଚଳରୁ ଶତ ଶତ ଯୁବକ ଇଂଲଣ୍ଡ, ଆମେରିକା, ଜାପାନ ପ୍ରଭୃତି ସ୍ଥାନକୁ ଯାଇ ନାନା ଶିଳ୍ପ ଓ ବ୍ୟବସାୟ ଶିକ୍ଷା କରି ଆସୁଅଛନ୍ତି । ବିଦେଶରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ କୃଷି ଶିଳ୍ପାଦିର ଉତ୍କୃଷ୍ଟ ସାଧନ ଦେଖି ସେମାନଙ୍କର ଚକ୍ଷୁ ଫିଟି ଯାଉଅଛି । ପୁଣି ଉନ୍ନତ ଜାତିମାନଙ୍କର ଶ୍ରମଶୀଳତା, କାର୍ଯ୍ୟତତ୍ପରତା ଏବଂ ଉନ୍ନତିପିପାସା ପ୍ରତ୍ୟକ୍ଷ କରି ସେମାନେ ନବ ଜୀବନ ଓ ନବ ଆଲୋକ ଲାଭ କରୁଅଛନ୍ତି । ଅବଶ୍ୟ ପରିତାପର ବିଷୟ ଯେ ସେମାନଙ୍କ ପାଇଁ ସ୍ୱଦେଶରେ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇନାହିଁ, କିନ୍ତୁ କାଳର ଗତି ସଙ୍ଗେ ସଙ୍ଗେ ଏହା ଯେ ଅଚିରେ ପ୍ରତିଷ୍ଠିତ ହେବ ଏବଂ ଏହି ଯୁବକମାନେ ସ୍ୱ ସ୍ୱ ଶିକ୍ଷା ଓ ଅଭିଜ୍ଞତା କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରି ଦେଶର ପ୍ରକୃତ କଲ୍ୟାଣ ସାଧନ କରିପାରିବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଉତ୍କଳ ଦରିଦ୍ର ହେଲେ ହେଁ ଏବଂ ଉତ୍କଳୀୟ ଯୁବକମାନଙ୍କ ସମ୍ମୁଖରେ ନାନା ପ୍ରତିବନ୍ଧକ ଉପସ୍ଥିତ ଥିଲେ ହେଁ କେହି କେହି ଏ ବିଭାଗରେ ପ୍ରବେଶ କରିଅଛନ୍ତି ଏବଂ କ୍ରମେ କ୍ରମେ ଏହି ଆକାଂକ୍ଷା ସେମାନଙ୍କ ମଧ୍ୟରେ ପ୍ରବଳ ହେଉଅଛି । ଏ କ୍ଷେତ୍ରରେ ସେମାନଙ୍କୁ ଯଥାଶକ୍ତି ସାହାଯ୍ୟ କରିବା ସମ୍ମିଳନୀର ଏକାନ୍ତ କର୍ତ୍ତବ୍ୟ ବୋଲି ମୁଁ ବିବେଚନା କରେଁ । ସମୁଦ୍ରଯାତ୍ରା ସମ୍ବନ୍ଧରେ ସମସ୍ତ କୁସଂସ୍କାର ବର୍ତ୍ତମାନ କାଳସ୍ରୋତରେ ଧୌତ ହୋଇ ଯାଇଅଛି । ସୁତରାଂ ସେ ସମ୍ବନ୍ଧରେ ଅଧିକ ବାଗ୍‌ବ୍ୟୟ ଅନାବଶ୍ୟକ ।

**ଶିକ୍ଷା** – ଶିକ୍ଷାବିସ୍ତାର ବିଷୟରେ ଦୟାଳୁ ଗଭର୍ଣ୍ଣମେଣ୍ଟ ସର୍ବଦା ଯତ୍ନଶୀଳ ହେଲେ ହେଁ ସମସ୍ତ ଭାର ଗଭର୍ଣ୍ଣମେଣ୍ଟଙ୍କ ଉପରେ ଅର୍ପଣକରି ଆମ୍ଭମାନଙ୍କର ନିଶ୍ଚିନ୍ତ ରହିବା ଉଚିତ ନୁହେଁ । ଶିକ୍ଷାବିସ୍ତାର ସର୍ବପ୍ରକାର ଉନ୍ନତିର ଭିତ୍ତିସ୍ୱରୂପ, କାରଣ ଶିକ୍ଷାଦ୍ୱାରା ଦୃଷ୍ଟି ପ୍ରସାରିତ ହୁଏ । ଏ ପ୍ରଦେଶରେ ପ୍ରାୟ ଦେଖାଯାଉଅଛି ଯେ, ଯେଉଁଠାରେ ଗଭର୍ଣ୍ଣମେଣ୍ଟଙ୍କ ହସ୍ତରେ ବିଦ୍ୟାଳୟ ପରିଚାଳନାର ସମସ୍ତ ଭାର ନ୍ୟସ୍ତ ଥାଏ, ସେହିଠାରେ ବିଦ୍ୟାଳୟ ଭଲରୂପେ ଚଳେ ଏବଂ ସେଥିରୁ ଆଶାନୁରୂପ ଫଳ ମିଳେ । କିନ୍ତୁ ଯେଉଁସବୁ ବିଦ୍ୟାଳୟ ବିଶେଷତଃ ନିମ୍ନ ଓ ମଧ୍ୟ ଶ୍ରେଣୀର ବିଦ୍ୟାଳୟ ସ୍ଥାନୀୟ ଲୋକଙ୍କ ଦ୍ୱାରା ପରିଚାଳିତ ହୁଏ, ସାଧାରଣତଃ ସେଗୁଡ଼ିକର ପ୍ରକୃତ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବା ଦେଖାଯାଏ । ବିଦ୍ୟାଳୟର ଆର୍ଥିକ ଅବସ୍ଥା ବିଷୟରେ

ଅନେକ ସ୍ଥାନରେ ମିଥ୍ୟା ପ୍ରତାରଣା ମଧ୍ୟ ଦେଖାଯାଏ । ଏହା ଆମ୍ଭମାନଙ୍କ ପକ୍ଷରେ ଅତ୍ୟନ୍ତ କଳଙ୍କର ବିଷୟ । ସାଧୁ ଉଦ୍ଦେଶ୍ୟରେ ଅସାଧୁ ଉପାୟ ଅବଲମ୍ବନ କରିବା ଯୁକ୍ତିଯୁକ୍ତ ନୁହେ ଏବଂ ଅନେକ ସ୍ଥଳରେ ଉଦ୍ଦେଶ୍ୟ ମଧ୍ୟ ସାଧୁ ନ ଥାଏ । ପବିତ୍ର ବିଦ୍ୟାଳୟରେ ଏହି ଅସାଧୁତା ଦୂରୀଭୂତ ନ ହେବା ପର୍ଯ୍ୟନ୍ତ ପ୍ରକୃତ ନୈତିକ ଉନ୍ନତିର ଆଶା ବିଡମ୍ବନା ମାତ୍ର । ଉତ୍କଳୀୟ ଛାତ୍ରମାନଙ୍କର ଆଇନ ଶିକ୍ଷା ନିମିତ୍ତ ଉପଯୁକ୍ତ ବୃତ୍ତି ନିର୍ଦ୍ଧାରଣ କରିଦେଇ ଏବଂ ଇଞ୍ଜିନିୟରିଂ ପ୍ରଭୃତି ଶିକ୍ଷା ପାଇଁ ବୃତ୍ତି ବ୍ୟବସ୍ଥା କରି ଆମ୍ଭମାନଙ୍କ ଛୋଟଲାଟ ମାନ୍ୟବର ସର୍ ଏଡୁଆର୍ଡ ବେକର ମହୋଦୟ ଆମ୍ଭମାନଙ୍କର ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ବର୍ତ୍ତମାନ ଅବସ୍ଥାରେ ଆମ୍ଭମାନଙ୍କର ମଧ୍ୟ ଶିକ୍ଷାର ନାନା ବିଭାଗରେ ଉତ୍କଳୀୟ ଛାତ୍ରମାନଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବା ବିଧେୟ ।

**ସ୍ତ୍ରୀଶିକ୍ଷା** – ନୀତିକାର କହିଅଛନ୍ତି –

କନ୍ୟାପେବଂ ପାଳନୀୟ
ଶିକ୍ଷଣୀୟାତିଯତ୍ନତଃ ।

ଏ ବିଷୟରେ ଉତ୍କଳ ସବୁ ଦେଶ ଅପେକ୍ଷା ପଶ୍ଚାତ୍‌ପଦ ବୋଧହୁଏ । ଏହି ଉତ୍କଳରେ ଏକାନ୍ନବର୍ତ୍ତୀ ପରିବାର ମଧ୍ୟରେ ଜଣେ କେହି ଉପାର୍ଜ୍ଜନ କଲେ ଅନ୍ୟାନ୍ୟ ପରିବାରବର୍ଗ ସର୍ବଦା ଉଦାସୀନ । ବିଶେଷତଃ ସ୍ତ୍ରୀମାନେ ସମୟର ମୂଲ୍ୟ କିଛି ବୁଝି ନ ପାରି ବୃଥା କାଳକ୍ଷେପ କରିଥାନ୍ତି । ଏଥିଲାଗି ପାରିବାରିକ କର୍ତ୍ତୃତ୍ୱ ଯାହା ହସ୍ତରେ ନ୍ୟସ୍ତ ଥାଏ ତାହାକୁ ଅତିଶୟ ଯନ୍ତ୍ରଣା ସହିବାକୁ ହୁଏ । ଉତ୍କଳରେ ସ୍ତ୍ରୀଶିକ୍ଷାର ଆଶାନୁରୂପ ପ୍ରସାର ହେଲେ ସ୍ତ୍ରୀମାନେ ମଧ୍ୟ ଗୃହକର୍ତ୍ତାଙ୍କୁ ଯଥୋପଯୁକ୍ତ ସାହାଯ୍ୟ କରିପାରନ୍ତେ । ଭାରତରେ ପୂର୍ବେ ସ୍ତ୍ରୀଶିକ୍ଷାର ପ୍ରଭୂତ ଉନ୍ନତି ଥିଲା । ଖନା, ବିଶ୍ୱବାରା, ଲୀଳାବତୀ, ପଦ୍ମିନୀ ପ୍ରଭୃତିଙ୍କ କାର୍ଯ୍ୟାବଳୀ ପ୍ରତି କିଞ୍ଚିନ୍ମାତ୍ର ଦୃଷ୍ଟିପାତ କରନ୍ତୁ । ସେମାନେ ଦେଶର ଆଦର୍ଶ ରମଣୀ ଥିଲେ । ଏକ ସମୟରେ ସ୍ୱାମୀ ଓ ପୁତ୍ରମାନଙ୍କୁ ମଧ୍ୟ ସୁଶିକ୍ଷା ଦେଇ ସ୍ୱଦେଶର ମୁଖୋଜ୍ଜ୍ୱଳ କରୁଥିଲେ । ସେଦିନ ବର୍ତ୍ତମାନ କାହିଁ ? ଏହି ଉତ୍କଳରେ ଆଜି କାଲି ଯେଉଁ ଟିକିଏ ନାରୀଶିକ୍ଷା ହେଉଅଛି ତାହା ଅତି ସାମାନ୍ୟ । ଏହି ସ୍ତ୍ରୀଶିକ୍ଷାର ରୀତିମତ ପ୍ରସାର ହେଲେ ନାରୀମାନେ ସୁଗୃହିଣୀ, ସୁମାତା, ସୁକନ୍ୟା ହୋଇ ଦେଶର ମୁଖୋଜ୍ଜ୍ୱଳ କରନ୍ତେ । ଆଜିକାଲି ସ୍ଥାପିତ ବିଦ୍ୟାଳୟମାନଙ୍କରେ ଧର୍ମ୍ମଶିକ୍ଷାର ଏକାନ୍ତ ଅଭାବ । ତଦଭାବେ ନାରୀମାନଙ୍କର ଶିକ୍ଷା ସାଙ୍ଗ ହେଲା ବୋଲି କୁହାଯାଇ ନ ପାରେ । ଯେତେଦିନଯାଏ ବାଳିକା ବିଦ୍ୟାଳୟମାନଙ୍କରେ ସୀତା, ସାବିତ୍ରୀ ପ୍ରଭୃତି ନାରୀମାନଙ୍କ ଚରିତ୍ର ଏବଂ ଲୀଳାବତୀ, ପଦ୍ମିନୀ ପ୍ରଭୃତି ବିଦୁଷୀ ରମଣୀମାନଙ୍କର ଆଖ୍ୟାୟିକା ଶିକ୍ଷା ଦିଆଯାଇନାହିଁ, ଯେତେଦିନଯାଏ ରାମାୟଣ, ମହାଭାରତ ପ୍ରଭୃତିର ସାରଗର୍ଭ ଗଳ୍ପମାନଙ୍କର ଆଲୋଚନା ହୋଇନାହିଁ,

ସେତେଦିନଯାଏ ମୋହ ବିବେଚନାରେ ସ୍ତ୍ରୀଶିକ୍ଷା ଅସଂପୂର୍ଣ୍ଣ । ସହସ୍ର ଖଣ୍ଡ ଉଚ୍ଚପ୍ରାଥମିକ ବିଜ୍ଞାନ ପାଠଦ୍ୱାରା ନାରୀ ଚରିତ୍ର କଦାପି ସୁଗଠିତ ଓ ଦୃଢ଼ୀଭୂତ ହୋଇ ନ ପାରେ ।

ପକ୍ଷାନ୍ତରେ ସ୍ତ୍ରୀଶିକ୍ଷାଦ୍ୱାରା ସାଂସାରିକ ବ୍ୟୟର ମଧ ଲାଘବ ହୋଇଥାଏ । ସନ୍ତାନ ସନ୍ତତିମାନେ ନିଜ ଜନନୀଙ୍କ ନିକଟରେ ଅନେକ ଦିନ ଶିକ୍ଷା କଲେ ତଦ୍ୱାରା ସମଧିକ ବ୍ୟୟ ସଙ୍କୋଚ ମଧ ହୋଇଥାଏ । ସ୍ୱୀୟ କନ୍ୟାମାନଙ୍କୁ ଶିକ୍ଷା, ବିଶେଷତଃ ଧର୍ମଶିକ୍ଷା ଦେଇ ସେମାନଙ୍କ ଚରିତ୍ରକୁ ବଦ୍ଧମୂଳ କଲେ ସାଂସାରିକ ସୁଖ ବହୁ ପରିମାଣରେ ବର୍ଦ୍ଧିତ ହୋଇପାରିବ ।

**ଛାତ୍ରାବାସ** – ଛାତ୍ରାବାସର ପ୍ରୟୋଜନୀୟତା କାହାରିକୁ ବୁଝାଇବାକୁ ହେବନାହିଁ । ଯେଉଁ ଛାତ୍ରମାନେ ଛାତ୍ରାବାସରେ ରହି ଶିକ୍ଷାଲାଭ କରନ୍ତି, ସେମାନଙ୍କ ଚରିତ୍ର ନିଶ୍ଚିତ ଦୃଢ଼ୀଭୂତ ହୋଇଥାଏ । ଛାତ୍ରମାନଙ୍କର ହୃଦୟ ନିତାନ୍ତ ନମନଶୀଳ । ଯେତେଦୂର ସେମାନଙ୍କୁ କଦାଚାର, କୁଆଦର୍ଶ, କୁମାର୍ଗ ଓ କୁସଂସ୍କାରରୁ ଦୂରରେ ରଖାଯାଇପାରେ, ତେତେ ସେମାନଙ୍କର ମଙ୍ଗଳ ।

''ଯନ୍ନବେ ଭାଜନେ ଲଗ୍ନଃ
ସଂସ୍କାରୋ ନାନ୍ୟଥା ଭବେତ୍ ।''

ଅର୍ଥାତ୍ କଞ୍ଚାହାଣ୍ଡିରେ ପ୍ରଥମେ ଅକସ୍ମାତ୍ ଗୋଟିଏ ଦାଗ ରହିଗଲେ ସେ ଯେପରି ଜୀର୍ଣ୍ଣ ହେବାଯାଏ ନିଭେ ନାହିଁ, ସେହିପରି କୋମଳମତି ବାଳକମାନଙ୍କ ହୃଦୟରେ ପ୍ରଥମରୁ ଦାଗ ରହିଲେ ତାହା ଆଜୀବନ ରହିଯାଏ । ହାଟ ବଜାର ଦେଇ ବିଦ୍ୟାଳୟକୁ ଯାଉଁ ଯାଉଁ ନାନାବିଧ ଅସଦାଳାପ, ଅସତ୍ ଦୃଷ୍ଟାନ୍ତ ସେମାନଙ୍କର ନେତ୍ର ସମ୍ମୁଖରେ ଦେଦୀପ୍ୟମାନ ହୋଇ ଚରିତ୍ର କ୍ରମଶଃ ଧ୍ୱଂସ ହୋଇଯାଏ । ସେଥିରୁ ସେମାନଙ୍କୁ ରକ୍ଷା କରିବା ପ୍ରତ୍ୟେକ ଗୃହସ୍ଥର କର୍ତ୍ତବ୍ୟ । ଯାହାଙ୍କ ଅବସ୍ଥା ସାମାନ୍ୟତଃ ସ୍ୱଚ୍ଛଳ ସେ ଅନାୟାସରେ ଛାତ୍ରାବାସରେ ସନ୍ତାନମାନଙ୍କୁ ରଖାଇପାରନ୍ତି । ଆମ୍ଭମାନଙ୍କ ଏହି ଉତ୍କଳରେ ଛାତ୍ରାବାସର ଏକାନ୍ତ ଅଭାବ । ସଦାଶୟ ଗଭର୍ଣ୍ଣମେଣ୍ଟ ପ୍ରତିଷ୍ଠିତ ବିଦ୍ୟାଳୟ ବ୍ୟତୀତ ପ୍ରାୟ ଅନ୍ୟାନ୍ୟ ବିଦ୍ୟାଳୟରେ ଛାତ୍ରାବାସ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । କୁଆଦର୍ଶର ଦୂରରେ ଥିବାରୁ ଏବଂ ଛାତ୍ରାବାସସ୍ଥ ଅନ୍ୟାନ୍ୟ ସହଧ୍ୟାୟିଙ୍କ ବିଦ୍ୟାଲୋଚନାର ନିକଟରେ ଥିବାରୁ ଛାତ୍ରମାନେ ଅନାୟାସରେ ନିଜ ନିଜ ପାଠଲିପ୍ସା ଓ ଚରିତ୍ରକୁ ଦୃଢ଼ତର କରିପାରିବେ । ଏଥିଯୋଗୁଁ ପାର୍ଯ୍ୟମାଣରେ ଯେତେଦୂର ହୋଇପାରେ, ଛାତ୍ରାବାସର ସଂଖ୍ୟା ବଢ଼ାଇବା ସର୍ବତୋଭାବରେ କର୍ତ୍ତବ୍ୟ ଏବଂ ସେଥି ସକାଶେ ଉତ୍କଳୀୟ ଧନୀ ଓ ଶିକ୍ଷିତ ସଂପ୍ରଦାୟଙ୍କର କିଞ୍ଚିତ କିଞ୍ଚିତ ତ୍ୟାଗସ୍ୱୀକାର କର୍ତ୍ତବ୍ୟ ।

କୃଷି – ଗୋଧନରକ୍ଷା, ଉପଯୁକ୍ତ ଜଳଭଣ୍ଡାର, ପ୍ରଚୁର ଗୋଚର ଭୂମିସ୍ଥାପନ, ଗ୍ରାମେ ଗ୍ରାମେ ସବଳକାୟ ବୃଷ ପୋଷଣ, ଭୂମିରେ ଉପଯୁକ୍ତ ସାରପ୍ରଦାନ ଓ ପର୍ଯ୍ୟାୟ ରୋପଣ ଦ୍ୱାରା କୃଷିକାର୍ଯ୍ୟରେ ସମୁଚିତ ଉନ୍ନତି ସାଧିତ ହୋଇଥାଏ । ଏଥିମଧ୍ୟରୁ ଦୁର୍ବିପାକବଶତଃ ଆମ୍ଭମାନଙ୍କ ଏହି ଉତ୍କଳଦେଶ ସମସ୍ତ ବିଷୟରେ ପଶ୍ଚାତ୍ପଦ । ଗୋଚର ଭୂମିର ଧ୍ୱଂସଦ୍ୱାରା ଗୋଧନରକ୍ଷା ଅସମ୍ଭବ । ସୁତରାଂ ଜୀର୍ଣ୍ଣଶୀର୍ଣ୍ଣ ଗୋ-ଜାତିଙ୍କଠାରୁ କୃଷିକାର୍ଯ୍ୟର ଉନ୍ନତି ଆଶାକରିବା ନିତାନ୍ତ ଅର୍ବାଚୀନତା । ସର୍ବାଗ୍ରେ ଗୋଜାତିଙ୍କୁ ଆମ୍ଭମାନଙ୍କର ପୂର୍ବପୁରୁଷଙ୍କ ନିୟମାବଳୀ ଦ୍ୱାରା ରକ୍ଷା କରନ୍ତୁ ସେମାନଙ୍କ ପାଇଁ ପ୍ରଚୁର ଆହାରର ସଂସ୍ଥାନ କରନ୍ତୁ ଏବଂ ସବଳକାୟ ବୃଷ ରକ୍ଷା କରନ୍ତୁ । ତାହାହେଲେ ଭୂମିକର୍ଷଣ ଜନିତ ଦୁରବସ୍ଥା ହ୍ରାସ ହେବ । ତତ୍ପରେ ଜଳରକ୍ଷାର ବ୍ୟବସ୍ଥା ଏବଂ ଯଥୋପଯୁକ୍ତ ସାର ପ୍ରଦାନ । ଆମ୍ଭମାନଙ୍କ ଉତ୍କଳଦେଶ ଦେବମାତୃକ । ସୁବୃଷ୍ଟିର ଅଭାବରେ କୃଷି ହାନି ହୋଇଥାଏ । ସେଥିପାଇଁ ଶ୍ରାବଣ ଓ ଭାଦ୍ରରୁ ସତର୍କରହି ଜଳରକ୍ଷା କରିବା ଆବଶ୍ୟକ । ତାହା ଥିଲେ କୃଷିର କଥଞ୍ଚିତ୍ ଉନ୍ନତିର ଆଶା କରାଯାଇ ପାରେ । ଏତଦ୍‌ବ୍ୟତୀତ ପର୍ଯ୍ୟାୟ ରୋପଣ ଦ୍ୱାରା ମଧ୍ୟ ମହଦୁପକାର ସାଧିତ ହୁଏ । ଆଜି ଯେଉଁ ଜମିରେ ଧାନ ଫସଲ କରାଯାଇଅଛି, ବର୍ଷେ ଦୁଇବର୍ଷ ଉତ୍ତାରୁ ସେଥିରେ ଅନ୍ୟ ଫସଲ ପ୍ରସ୍ତୁତ କଲେ କିମ୍ୱା ଆଖୁ ଓ ଆଳୁ ପ୍ରଭୃତି ବର୍ଷେ ଦୁଇ ବର୍ଷ କରି ତତ୍ପରେ ଅନ୍ୟ ଫସଲ ଉତ୍ପାଦନ କରାଇଲେ ଭୂମିର ସ୍ୱାଭାବିକ ଶକ୍ତି ନଷ୍ଟ ହୁଏନାହିଁ । ଏଥିପ୍ରତି ଦୃଷ୍ଟି ନ ରଖିବାରୁ ଦିନକୁ ଦିନ ଆମ୍ଭମାନଙ୍କର ଅବନତି ହେଉଅଛି । ଏହି ଓଡ଼ିଶା ମଧ୍ୟରେ ପ୍ରାୟ ଶତକଡ଼ା ୮୦ଜଣ କୃଷିଜୀବୀ । ସେମାନଙ୍କର ଉପଯୁକ୍ତ କୃଷିଶିକ୍ଷା ଅଭାବରୁ ଭୂମି କ୍ରମଶଃ ଅନୁର୍ବରା ହେଉଅଛି । ଗୋଟିଏ ଦୃଷ୍ଟାନ୍ତ ଘେନନ୍ତୁ । ବାଲେଶ୍ୱର ଜିଲ୍ଲା କୃଷିପ୍ରଧାନ ସ୍ଥାନ, ନିମ୍ନଶ୍ରେଣୀର ଲୋକ ପ୍ରାୟ ସମସ୍ତେ କୃଷକ, କିନ୍ତୁ ଅଧିକ ପରିମାଣ ଜମି ଯାହାର ନ ଥାଏ କୃଷିକାର୍ଯ୍ୟ ଦ୍ୱାରା ତାହାର ଅଭାବ ମୋଚନ ଅସମ୍ଭବ ହୁଏ । ସେଠାରେ ଜଳ ଜମିର ଖଜଣା ଚବିଶଦସ୍ତି ମାଣ ଅର୍ଥାତ୍ ଏକ ଏକର ପ୍ରତି ତିନିଟଙ୍କାରୁ ଅଧିକ ଦେଖାଯାଏ ନାହିଁ । ପାର୍ଶ୍ୱବର୍ତ୍ତୀ ମେଦିନୀପୁର ଜିଲ୍ଲାର ଉତ୍ତରାଂଶରେ ଏକ ବିଘା ସାଧାରଣ ଜଳ ଜମିର ହାରାହାରି ଖଜଣା ଟ୩ଙ୍କା ପାଞ୍ଚଅଣା ଅଟେ । ଏକ ଏକର ତିନି ବିଘା ଜମିଠାରୁ ଅଧିକ । ସୁତରାଂ ଉକ୍ତ ଜିଲ୍ଲାର ଖଜଣାହାର ହିସାବରେ ଏ ଜିଲ୍ଲାର ଜମିର ଖଜଣାହାର ଧରାଗଲେ ପ୍ରତି ମାଣ ଖଜଣା ଟ୧୦ଙ୍କା ହେବା ଉଚିତ । ଯେଉଁ ଚାଷୀ ରୀତିମତ ଟ୩ଙ୍କା ଦେଇପାରେ ନାହିଁ, ତାହା ପକ୍ଷେ ଟ୧୦ଙ୍କା ଖଜଣା ଦେବା କେତେଦୂର ସମ୍ଭବ, ତାହା ଆପଣମାନେ ବୁଝିପାରିବେ । ଏତେ ନିକଟବର୍ତ୍ତୀ ଦୁଇସ୍ଥାନ ମଧ୍ୟରେ ଏତେ ପ୍ରଭେଦ କାହିଁକି ? ମେଦିନୀପୁର ଜିଲ୍ଲାର ରଇତମାନଙ୍କର ଅବସ୍ଥା ବାଲେଶ୍ୱର ଜିଲ୍ଲାର ଚାଷୀ ଅପେକ୍ଷା କୌଣସି ଅଂଶରେ ହୀନ ନୁହେଁ । ଏଥିରୁ ଆପଣମାନେ ସ୍ପଷ୍ଟ ବୁଝି ପାରିବେ ଯେ

ଆମ୍ଭେ ଯେଉଁସ୍ଥାନ କଥା କହିଲୁଁ, ସେ ସ୍ଥାନର ଜମି ବାଲେଶ୍ୱର ଜିଲ୍ଲା ଜମି ଅପେକ୍ଷା ଉର୍ବର। ଜମିର ଏହି ଅବସ୍ଥା ଯେ ବିନା ଚେଷ୍ଟାରେ ସାଧିତ ହୋଇଅଛି, ଏମନ୍ତ ବୋଲାଯାଇ ନ ପାରେ। ଭିନ୍ନ ପ୍ରକାର ସାରଦ୍ୱାରା ଜମିର ଉର୍ବରାଶକ୍ତି ଯେ ବର୍ଦ୍ଧିତ ହୁଏ, ଏହା ବଙ୍ଗର କୃଷକମାନେ ସ୍ପଷ୍ଟ ବୁଝି ତଦନୁରୂପ କାର୍ଯ୍ୟ କରିଥାନ୍ତି। ପ୍ରଚୁର ଗୋମୟ ସାର ପାଉଁଶ ଲବଣ ପ୍ରଭୃତି ନାନାପ୍ରକାର ସାର ଜମିର ଅବସ୍ଥା ବୁଝି ସେମାନେ ପ୍ରୟୋଗ କରନ୍ତି। କିନ୍ତୁ ଓଡ଼ିଶାର କେତେଜଣ ଚାଷୀ ପ୍ରଚୁର ପରିମାଣରେ ଏହିସବୁ ସାର ଜମିରେ ପ୍ରୟୋଗ କରିଥାନ୍ତି ? ଯେଉଁସବୁ ସ୍ଥଳରେ ବନ୍ୟାଜଳ ମାଡେ ସେ ସବୁ ସ୍ଥାନକୁ ବାଦଦେଲେ ଓଡ଼ିଶାର ଅବଶିଷ୍ଟ ଜମିର ଉର୍ବରତା କ୍ରମଶଃ ହ୍ରାସ ହୋଇ ଯାଉଅଛି। ଏହାର ପ୍ରତିବିଧାନ ନ କଲେ ଓଡ଼ିଶାର ଚାଷୀଙ୍କ ବଂଶଧରମାନେ ଭବିଷ୍ୟତରେ କୃଷି କାର୍ଯ୍ୟଦ୍ୱାରା ଭରଣପୋଷଣ କରି ପାରିବେ ନାହିଁ। ବୈଜ୍ଞାନିକ ପ୍ରଣାଳୀରେ ଚାଷ କଲେ, କୃଷକମାନଙ୍କୁ ସେହି ବିଷୟରେ ଶିକ୍ଷାଦେଲେ ଅଳ୍ପବୃଷ୍ଟି ଓ ଅତିବୃଷ୍ଟି ଜନିତ ଦାରୁଣ ଚିନ୍ତା କଦାପି ଆମ୍ଭମାନଙ୍କର ଚିରସହଚର ହୁଅନ୍ତା ନାହିଁ। ଉତ୍କୃଷ୍ଟ ଲଙ୍ଗଳରେ ଚାଷ କରିବାକୁ ହେଲେ ସବଳକାୟ ବଳୀବର୍ଦ୍ଦ ଆବଶ୍ୟକ। ଆଜକୁ ୨୦/୨୫ ବର୍ଷ ପୂର୍ବରେ ଯେପରି ଗୋ-ମହିଷୀ ଆମ୍ଭମାନଙ୍କର ଦୃଷ୍ଟି ପଥାରୂଢ଼ ହେଉଥିଲେ ଏବଂ ଗୋଶାଳା ମଧ୍ୟରେ ସୁସ୍ଥୁଷ୍ଟ ଯେପରି ବଳୀବର୍ଦ୍ଦ ଦେଖାଯାଉଥିଲେ, ତାହା ସଂପ୍ରତି ସ୍ୱପ୍ନାତୀତ। ପୂର୍ବେ ପିତୃ ଶ୍ରାଦ୍ଧାଦିରେ ବୃଷୋତ୍ସର୍ଗ ବିଧି ଥିଲା। ସେମାନେ ନିଃଶଙ୍କ ଭାବରେ ଇତସ୍ତତଃ ଆହାର ଚର୍ବଣକରି ବୁଲୁଥିଲେ। ବର୍ତ୍ତମାନ ସେଭଳି ବୃଷ କାହିଁ ? ଯାହା ଜୀର୍ଣ୍ଣ ଶୀର୍ଣ୍ଣ କିଛି ଦେଖାଯାଏ ତାହାର ସଂଖ୍ୟା ନାନାକାରଣରୁ ଦିନକୁଦିନ ଊଣା ହେଉଅଛି। ସମ୍ମିଳନୀର ଯେଉଁ ଜିଲ୍ଲା ସମିତିମାନ ହେବାର ବ୍ୟବସ୍ଥା ହୋଇଅଛି, ସେହି ଜିଲ୍ଲା ସମିତି କର୍ତ୍ତୃକ ପ୍ରତି ଜିଲ୍ଲାରେ କଟକର ଅନତିଦୂରରେ ଗଭର୍ଣ୍ଣମେଣ୍ଟଙ୍କ ପ୍ରତିଷ୍ଠିତ ଆଦର୍ଶ କୃଷିକ୍ଷେତ୍ରର ଅନୁରୂପ ଗୋଟିଏ ଲେଖାଏଁ କୃଷିକ୍ଷେତ୍ର ପ୍ରତିଷ୍ଠିତ କରି ଏହି ସମସ୍ତ ବିଷୟ ପ୍ରତି ଦୃଷ୍ଟିଦେଲେ ପୁନରପି କୃଷିର ଉନ୍ନତି ଅବଶ୍ୟମ୍ଭାବୀ।

**କେନାଲ** – ଏହି କୃଷିକାର୍ଯ୍ୟର ଉନ୍ନତି ସକାଶେ ଇରିଗେଶନ ବା କୃତ୍ରିମ ଉପାୟରେ ଜଳସେଚନର ବ୍ୟବସ୍ଥା କରିବାର ଆବଶ୍ୟକ। ଉପର୍ଯ୍ୟୁପରି ୨/୩ ବର୍ଷ ସୁବୃଷ୍ଟି ନ ହେଲେ କୃଷିପ୍ରଧାନ ଦେଶର ଲୋକମାନେ ଦୁର୍ଭିକ୍ଷର କରାଳକବଳରେ ପତିତ ହୁଅନ୍ତି। କଟକ ଜିଲ୍ଲାର କେତେକ ସ୍ଥାନରେ ଇରିଗେଶନ ଅଛି, ପୁରୀ ଜିଲ୍ଲାରେ ଏବଂ ବାଲେଶ୍ୱର ଜିଲ୍ଲାର ଅଧିକାଂଶ ସ୍ଥାନରେ ଇରିଗେଶନର ସୁବିଧା ନାହିଁ। ଭଦ୍ରଖ ହାଇଲେଭଲ କେନାଲ ଉତ୍ତର ଦିଗରେ ବର୍ଦ୍ଧିତ ହୋଇ ମେଦିନୀପୁର କେନାଲ ସଙ୍ଗେ ଯୁକ୍ତ ହେଲେ ଏବଂ ନରାଜ ଠାରୁ ଦକ୍ଷିଣଦିଗକୁ କେନାଲ ଖୋଳାହେଲେ ଉତ୍କଳର ପ୍ରଭୂତ ଉପକାର ସାଧିତ ହୁଅନ୍ତା। ଏ ବିଷୟରେ ସମ୍ମିଳନୀ ପକ୍ଷରୁ ଚେଷ୍ଟାହେବା

ବାଞ୍ଛନୀୟ । ଉଦାର ହୃଦୟ ଗଭର୍ଣ୍ଣମେଣ୍ଟଙ୍କୁ ଏହାର ଉପକାରିତା ଏବଂ ସାମ୍ଭବ୍ୟତା ଭଲରୂପେ ବୁଝାଇଦେଲେ ସଦାଶୟ ଗଭର୍ଣ୍ଣମେଣ୍ଟ ଏଥିରେ କର୍ଣ୍ଣପାତ କରିବେ, ଆଶା କରାଯାଏ ।

**ଗୋଜାତି** – ଏଠାରେ ଆଉ ଗୋଟିଏ ବିଷୟ ଉଲ୍ଲେଖଯୋଗ୍ୟ ମଣୁଅଛି । ବିଶ୍ୱବିଧାତା ଯାବତୀୟ ପ୍ରାଣୀ ପୃଥିବୀ ମଧରେ ସୃଷ୍ଟି କରିଅଛନ୍ତି । ସ୍ୱୀକାର କରିବାକୁ ହେବ ପ୍ରତ୍ୟେକେ ସଂସାରର ହିତସାଧନାର୍ଥ ଅଭିପ୍ରେତ । ସୁତରାଂ ଗୃହପାଳିତ ପଶୁମାନଙ୍କର ଆଧୁନିକ ସେନ୍‌ସସ ପ୍ରଣାଳୀରେ ଗଣନା କାର୍ଯ୍ୟ ଆରମ୍ଭ ହେଲେ ଦେଖାଯିବ ଯେ ଚେଷ୍ଟା ଯତ୍ନର ତାରତମ୍ୟ ଅନୁସାରେ ସେମାନଙ୍କର କେତେଦୂର ହ୍ରାସ ବୃଦ୍ଧି ହେଉଅଛି । ପ୍ରତ୍ୟେକ ଗୃହସ୍ଥଙ୍କର ଉଚିତ ଯେ ଗୃହପାଳିତ ଯାବତୀୟ ପଶୁଙ୍କର ଲାଳନ ପାଳନ ପ୍ରତି ଶୁଭଦୃଷ୍ଟି ରଖିଥିବେ । ଗୋଚିକିତ୍ସା ବିଭାଗ ଆଜିକାଲି କୃଷିବିଭାଗ ସହିତ ମିଳିତ ହୋଇଅଛି । ଗୋଜାତିର ଉନ୍ନତି ଦୁଇଗୋଟି ପ୍ରଧାନ ଉପାୟଦ୍ୱାରା ସାଧିତ ହୋଇପାରେ । ପଶ୍ଚିମ ଦେଶୀୟ ଉତ୍କୃଷ୍ଟ ଷଣ୍ଢ ସହିତ ମିଳନଦ୍ୱାରା ଗୋଜାତିର ଉନ୍ନତି କରିବାକୁ ହେବ ଏବଂ ଦ୍ୱିତୀୟତଃ ପଶୁଚିକିତ୍ସାର ବନ୍ଦୋବସ୍ତ କରି ସଂକ୍ରାମକ ରୋଗଦ୍ୱାରା ଏକ କାଳରେ ଯେପରି ଶତଶତ ଗୋରୁ ନଷ୍ଟ ନ ହୁଅନ୍ତି ତାହାର ଉପାୟ କରିବାକୁ ହେବ । ଆଜିକାଲି ପ୍ରତିଜିଲ୍ଲାରେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ପଶୁ ଚିକିତ୍ସକ ନିଯୁକ୍ତ ହୋଇଅଛନ୍ତି । ମଫସଲର ପ୍ରତି ଗ୍ରାମରେ ୨/୪ ଗୋଟି ଭଲ ଭଲ ଷଣ୍ଢ ରଖିବାର ଆବଶ୍ୟକ ଅଟେ । ଅଧିକ ସଂଖ୍ୟକ ଗୋରୁ ରଖି ସେମାନଙ୍କର ଉପଯୁକ୍ତ ଚର୍ଚ୍ଚାକରି ନ ପାରିଲେ ତାହାଠାରୁ ଅଳ୍ପସଂଖ୍ୟକ ରଖି ସେମାନଙ୍କ ପ୍ରତି ଯଥୋଚିତ ଯତ୍ନ କରିବା ଉଚିତ । ପଶ୍ଚିମାଞ୍ଚଳ ଲୋକମାନେ କି ପ୍ରକାର ଯତ୍ନ ଏବଂ ଖାଦ୍ୟ ଦେଇଥାନ୍ତି ତାହା ଅନେକେ ଜାଣିଥିବେ । ଏଠା ଲୋକେ ଗୋରୁ ରଖି ତାହାକୁ ଯତ୍ନ କରିବାର ଏବଂ ଖାଇବାକୁ ଦେବାର ଦାୟିତ୍ୱ ଅଛି ବୋଲି ମନେ କରନ୍ତି ନାହିଁ । ଏପରି ଭାବରେ ଗୋପାଳନ କରିବାଠାରୁ ନ ରଖିବା ଶତଗୁଣେ ଶ୍ରେୟସ୍କର ଅଟେ । ଗୃହପାଳିତ ପଶୁମାନଙ୍କଠାରେ ପ୍ରତ୍ୟେକ ଗୃହସ୍ଥ ଯେ କେତେଦୂର ଋଣୀ ତାହା କାହାରିକୁ ବୁଝାଇ ଦେବାକୁ ହେବନାହିଁ । ଉପକାରିତା ଦୃଷ୍ଟିରେ ଯେଉଁ ଗୃହସ୍ଥ ବାକ୍‌ଶକ୍ତିହୀନ ପଶୁମାନଙ୍କର ରୀତିମତ ପରିଚର୍ଯ୍ୟାରେ ତ୍ରୁଟି କରନ୍ତି ତାଙ୍କୁ କୃତଘ୍ନାବତାର ବୋଇଲେ ଅତ୍ୟୁକ୍ତି ହେବ ନାହିଁ ।

**ଚିକିତ୍ସା** – ଏ ପ୍ରଦେଶ ମଧରେ ଚିକିତ୍ସାର ସୁବନ୍ଦୋବସ୍ତ ସର୍ବତ୍ର ନାହିଁ । ପଲ୍ଲିଗ୍ରାମରେ ଓଲାଉଠା ପ୍ରଭୃତି ସଂକ୍ରାମକ ବ୍ୟାଧି ଆବିର୍ଭୂତ ହେଲେ ବିନା ଚିକିତ୍ସାରେ ବହୁ ସଂଖ୍ୟକ ଲୋକ ଅକାଳରେ କାଳଗ୍ରାସରେ ପତିତ ହୁଅନ୍ତି । ଅବଶ୍ୟ ଜିଲ୍ଲାର ମାଜିଷ୍ଟ୍ରେଟମାନେ ସହରରୁ ଡାକ୍ତର ପ୍ରେରଣଦ୍ୱାରା ଲୋକକ୍ଷୟ ନିବାରଣର ଯଥାସାଧ ଚେଷ୍ଟା କରିଥାନ୍ତି; କିନ୍ତୁ ଦୂରରୁ ସେ ସମସ୍ତ ବନ୍ଦୋବସ୍ତ ହେଉଁ ହେଉଁ ଅନେକ ଅନିଷ୍ଟ

ହୋଇଥାଏ । ମଫସଲର ପ୍ରଧାନ ପ୍ରଧାନ ସ୍ଥାନମାନଙ୍କରେ ଚିକିତ୍ସାର ସ୍ଥାୟୀ ସୁବନ୍ଦୋବସ୍ତ ରହିବା ଏକାନ୍ତ ଆବଶ୍ୟକ । ଡାକ୍ତରୀ ଔଷଧ ପ୍ରତି ଏ ଦେଶବାସିଙ୍କର ଯେ ଅଭକ୍ତି ଥିଲା ତାହା କ୍ରମଶଃ ଦୂରୀଭୂତ ହେଉଅଛି । ତଥାପି ଆଜିକାଲି ସୁଦ୍ଧା ପଲ୍ଲିଗ୍ରାମର ଲୋକମାନେ ହଠାତ୍ ଡାକ୍ତରୀ ଚିକିତ୍ସା କରିବାକୁ ଚାହାନ୍ତି ନାହିଁ । କବିରାଜୀ ଚିକିତ୍ସାର ପକ୍ଷପାତୀ ଲୋକମାନଙ୍କ ସକାଶେ ଶିକ୍ଷିତ କବିରାଜମାନଙ୍କ ସଂଖ୍ୟା ବୃଦ୍ଧିହେବା ଆବଶ୍ୟକ । ରୋଗ ଯେତେ ଅନିଷ୍ଟ ସାଧନ ନ କରେ ମୂର୍ଖ ହାତୁଡ଼ିଆ କବିରାଜଦ୍ୱାରା ସମୟ ସମୟରେ ତତୋଽଧିକ ଅନିଷ୍ଟ ସାଧିତ ହୋଇଥାଏ । ସ୍ଥାନୀୟ ଜମିଦାରମାନଙ୍କଦ୍ୱାରା ଯେଉଁ ସବୁ ସଂସ୍କୃତ ଟୋଲ ପରିଚାଳିତ ହେଉଅଛି, ତହିଁରେ କବିରାଜୀ ଶିକ୍ଷାର ସୁବନ୍ଦୋବସ୍ତ ହେଲେ କାଳକ୍ରମେ ଏ ଅଭାବ ଦୂରୀଭୂତ ହୋଇପାରେ ।

**ବାଣିଜ୍ୟ** – ବାଣିଜ୍ୟ ଦ୍ୱିବିଧ, ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ । ସ୍ୱଦେଶଜାତ ଦ୍ରବ୍ୟ ସ୍ୱଦେଶୀ ମହାଜନଙ୍କଦ୍ୱାରା ସେହି ଦେଶର ବିକ୍ରୀତ ହେଲେ ତାହାର ନାମ ଅନ୍ତର୍ବାଣିଜ୍ୟ ଏବଂ ସ୍ୱଦେଶଜାତ ଦ୍ରବ୍ୟ ସ୍ୱଦେଶୀ ଅଥବା ବିଦେଶୀ ବଣିକଙ୍କଦ୍ୱାରା ଦେଶାନ୍ତରରେ ବିକ୍ରୀତ ହେଲେ ତାହାର ନାମ ବହିର୍ବାଣିଜ୍ୟ । ଏହି ବହିର୍ବାଣିଜ୍ୟ ବଳରେ ଏକା ଉତ୍କଳ କାହିଁକି ସମଗ୍ର ଭାରତ ଦିନେ ସୌଷ୍ଠବାନ୍ୱିତ ହୋଇଥିଲା । ଅନ୍ତର୍ବାଣିଜ୍ୟ ଅପେକ୍ଷା ବହିର୍ବାଣିଜ୍ୟରେ ପ୍ରଚୁର ଲାଭ ହୁଏ । ଉତ୍କଳୀୟଙ୍କ ଧନ ଅଥବା ଯୌଥ ସମ୍ପତ୍ତି ବହିର୍ବାଣିଜ୍ୟରେ ନିୟୋଜିତ ହେଲେ ଦେଶର ପ୍ରଭୂତ ଉନ୍ନତି ସାଧିତ ହୋଇପାରେ । ସେଥିପାଇଁ ଯେତେ ଦିନଯାଏ ଉତ୍କଳୀୟମାନେ ବଦ୍ଧପରିକର ହୋଇନାହାନ୍ତି, ସେତେ ଦିନଯାଏ ଅନ୍ତତଃ ବିଦେଶାଗତ ଦ୍ରବ୍ୟମାନ ସ୍ୱଦେଶୀୟ ବଣିକଙ୍କଦ୍ୱାରା ଗ୍ରାମେ ଗ୍ରାମେ ବିକ୍ରୀତ ହେଲେ ପୁଷ୍କଳ ଧନରାଶିର ଆଂଶିକ ଲାଭ ଦେଶରେ ରହିଯାଇ ପାରେ ।

**ସାହିତ୍ୟ** – ସାହିତ୍ୟ ସମ୍ବନ୍ଧରେ ଉତ୍କଳ ଶନୈଃ ଶନୈଃ ଅଗ୍ରସର ହେଉଅଛି ସତ୍ୟ, ମାତ୍ର ଏହି ଉନ୍ନତି ଆଶାନୁରୂପ ନୁହେ । ଯେଉଁ ଦେଶର ସାହିତ୍ୟ ଯେତେଦୂର ଉନ୍ନତ, ସେହି ଦେଶର ସମ୍ମିଳିତ କାର୍ଯ୍ୟାବଳୀର ଅନୁଷ୍ଠାନ ସେହିପରି ମହତ୍ ଓ ଉଚ୍ଚ । ଉତ୍କଳ-ସାହିତ୍ୟ ସମାଜକୁ ସମ୍ମିଳନୀର ଅଙ୍ଗ ମନେକରି ଆପଣମାନଙ୍କର ସାହିତ୍ୟ-ରାଜ୍ୟରେ ଦ୍ରୁତ ଅଗ୍ରସର ହେବା ସର୍ବଥା ବାଞ୍ଛନୀୟ । ଏସମ୍ବନ୍ଧରେ ସମ୍ମିଳନୀର ପୂର୍ବ ପୂର୍ବ ସଭାପତିମାନଙ୍କ ଉକ୍ତି ଯଥେଷ୍ଟ ହୋଇଅଛି, ମୁଁ ଅଧିକ କଣ କହିବି ?

ଦେଶୀୟ ସଂବାଦପତ୍ରଗୁଡ଼ିକ ଜନସାଧାରଣଙ୍କ ଶିକ୍ଷାର ପ୍ରଶସ୍ତ ଦ୍ୱାର । ମାତ୍ର ଏହାର ପରିଚାଳନ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ । ଅକ୍ଷେପର କଥା, ଏହି ଦାୟିତ୍ୱ ବହନରେ ଆମ୍ଭମାନଙ୍କ ଦେଶୀୟ ସମ୍ପାଦକବର୍ଗ ସେଭଳି ସଚେଷ୍ଟ ନୁହନ୍ତି । କୃଷି ଏବଂ ଶିଳ୍ପର ସଂରକ୍ଷଣ ଓ କ୍ରମବିକାଶ, ସମସ୍ତ ସମାଜ ମଧ୍ୟରେ ଭ୍ରାତୃଭାବ ସଂବର୍ଦ୍ଧନ ପ୍ରଭୃତି

ନାନା ବିଷୟରେ ସଂବାଦପତ୍ରମାନ ପୂର୍ଣ୍ଣଥିବାର ଉଚିତ । ମାତ୍ର ବ୍ୟକ୍ତିଗତ ବା ସାମ୍ପ୍ରଦାୟିକ କୁତ୍ସା ସର୍ବତୋଭାବରେ ପରିହାର୍ଯ୍ୟ, ଏହା ପ୍ରତ୍ୟେକ ସମ୍ପାଦକଙ୍କର ସ୍ମରଣ ରଖିବା କର୍ତ୍ତବ୍ୟ । କାହାରି ତ୍ରୁଟିଥିଲେ ତାହା ମୃଦୁଭାବରେ ସଂଶୋଧନ ସକାଶେ ଚେଷ୍ଟା କରିବା ଉଚିତ ।

ଶେଷରେ ଗୋଟିଏ କଥା ନ କହି କରିପାରୁ ନାହିଁ । ଗଞ୍ଜାମର ଭାଇମାନେ ଆରମ୍ଭରୁ ଆମ୍ଭମାନଙ୍କ ସହିତ ପୂର୍ଣ୍ଣପ୍ରାଣରେ ଯୋଗଦେଇ ଆସୁଥିଲେ ହେଁ ସେମାନଙ୍କ ସହିତ ସମ୍ପୂର୍ଣ୍ଣ ମିଳନସୁଖରୁ ଆମ୍ଭେମାନେ ବଞ୍ଚିତ ରହିଅଛୁ । ଭଗବାନ ସେ ସୁଦିନ ଶୀଘ୍ର ଆନୟନ କରନ୍ତୁ ।

ଉପସଂହାରରେ ମୋହର ବକ୍ତବ୍ୟ ଏହ ଯେ ଆପଣମାନେ ମୋହପ୍ରତି ଯେଉଁ ସମ୍ମାନ ପ୍ରଦର୍ଶନ କରିଅଛନ୍ତି, ତହିଁ ସକାଶେ ମୋହ ହୃଦୟର ଅନ୍ତରତମ ପ୍ରଦେଶରୁ ଗଭୀର କୃତଜ୍ଞତା ଅର୍ପଣ କରୁଅଛି ଏବଂ ବିନୀତ ଭାବରେ ଭରସା କରିଅଛି ଯେ ମୋହର ନିତାନ୍ତ ଅସଂପୂର୍ଣ୍ଣ ବକ୍ତୃତାକୁ ଆପଣମାନେ ସ୍ନେହ ଚକ୍ଷୁରେ ଦର୍ଶନ କରି ମୋହର ତ୍ରୁଟି ମାର୍ଜ୍ଜନା କରିବେ ।

## ସପ୍ତମ ଅଧିବେଶନରେ ଗୃହୀତ ପ୍ରସ୍ତାବାବଳୀ

**ପ୍ରଥମ ପ୍ରସ୍ତାବ :** ଆମ୍ଭମାନଙ୍କ ମହାମାନ୍ୟ ଭାରତସମ୍ରାଟ ସପ୍ତମ ଏଡୁଓ୍ୱାର୍ଡ଼ଙ୍କ ପରଲୋକଗମନ ହେତୁରୁ ଏହି ସମ୍ମିଳନୀ ଗଭୀର ଦୁଃଖ ପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ – ରାୟ ଶ୍ରୀଯୁକ୍ତ ସୁଦାମଚନ୍ଦ୍ର ନାୟକ ବାହାଦୁର
ଅନୁମୋଦକ – କାଜି ନାଜର ମହମ୍ମଦ
ସମର୍ଥକ – ଶ୍ରୀଯୁକ୍ତ ନରସିଂହ ଦାସ

**ଦ୍ୱିତୀୟ ପ୍ରସ୍ତାବ :** ଭାରତର ନବୀନ ସମ୍ରାଟ ମହାମାନ୍ୟ ପଞ୍ଚମ ଜର୍ଜ୍ଜଙ୍କ ସିଂହାସନାରୋହଣରେ ଏହି ସମ୍ମିଳନୀ ଗଭୀର ଆନନ୍ଦ ପ୍ରକାଶ କରି ତାହାଙ୍କର ଏବଂ ସାମ୍ରାଜ୍ଞୀ ମେରୀ ମହୋଦୟାଙ୍କର ଦୀର୍ଘଜୀବନ କାମନା କରୁଅଛନ୍ତି ଏବଂ ଅଭିଷେକ ନିମିତ୍ତ ଭାରତକୁ ଶୁଭାଗମନ କରିବାକୁ ଅଭିଳାଷୀ ହୋଇଥିବାରୁ ଏହି ସମ୍ମିଳନୀ ଆନନ୍ଦଜ୍ଞାପନ କରୁଅଛନ୍ତି ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ଦାସ
ଅନୁମୋଦକ – ବାବୁ ନିମାଇଁଚରଣ ମିତ୍ର
ସମର୍ଥକ – ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ

**ତୃତୀୟ ପ୍ରସ୍ତାବ :** ଆମ୍ଭମାନଙ୍କର ନୂତନ ରାଜପ୍ରତିନିଧି ମହାମାନ୍ୟ ଲର୍ଡ଼ ହାର୍ଡ଼ିଞ୍ଜ ମହୋଦୟଙ୍କୁ ଓ ତାଙ୍କର ଲେଡ଼ି ହାର୍ଡ଼ିଞ୍ଜ ମହୋଦୟାଙ୍କୁ ଏହି ସମ୍ମିଳନୀ ଭକ୍ତିପୂର୍ଣ୍ଣ

ଅଭିବାଦନ ଜ୍ଞାପନ କରୁଅଛନ୍ତି ଏବଂ ତାଙ୍କର ଶାସନର ସଫଳତା କାମନା କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ମନ୍ମଥନାଥ ଦେ

ସମର୍ଥକ — ଚୌଧୁରୀ ଶ୍ରୀଯୁକ୍ତ ନରହରି ଦାସ

**ଚତୁର୍ଥ ପ୍ରସ୍ତାବ :** ଓଡ଼ିଶାର ଭୂତପୂର୍ବ କମିଶନର ଶ୍ରୀଯୁକ୍ତ ରେଭେନ୍ସା ସାହେବ ମହୋଦୟ ଦୀର୍ଘକାଳ ହେଲା ଉତ୍କଳରୁ ବିଦାୟ ଗ୍ରହଣ କରି ସୁଦ୍ଧା ଉତ୍କଳବାସିଙ୍କ ପ୍ରତି ତାଙ୍କର ସ୍ନେହ ଅକ୍ଷୁଣ୍ଣ ରଖି ସସ୍ନେହରେ ସେମାନଙ୍କୁ ସ୍ମରଣ କରି ଉତ୍କଳୀୟ ବାଳକ ବାଳିକାମାନଙ୍କ ଶିକ୍ଷାରେ ଉତ୍ସାହ ଦେବାପାଇଁ ଟ୧୦୦୦ଙ୍କା ପଠାଇଦେଇଥିବାରୁ ଏହି ସମ୍ମିଳନୀ ଉକ୍ତ ସାହେବ ମହୋଦୟଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛନ୍ତି

ପ୍ରସ୍ତାବକ — ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ.

ଅନୁମୋଦକ — ରାୟ ଶ୍ରୀଯୁକ୍ତ ସୁଦାମଚନ୍ଦ୍ର ନାୟକ ବାହାଦୁର

ସମର୍ଥକ — ଶ୍ରୀଯୁକ୍ତ ନରସିଂହ ଦାସ
ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର

**ପଞ୍ଚମ ପ୍ରସ୍ତାବ :** ସମ୍ମିଳନୀର ସଫଳତା ଅନେକ ପରିମାଣରେ ଜିଲା ସମିତିମାନଙ୍କର ସୁପ୍ରତିଷ୍ଠା ଓ କାର୍ଯ୍ୟକାରିତା ଉପରେ ନିର୍ଭର କରୁଥିବାରୁ ଏବଂ ଗତ ଦୁଇବର୍ଷ ମଧ୍ୟରେ ଜିଲା ସମିତିମାନ କୌଣସି ପ୍ରକାର କାର୍ଯ୍ୟରେ ପ୍ରବୃତ୍ତ ହୋଇ ନ ଥିବାରୁ ଏହି ସମ୍ମିଳନୀ ଉକ୍ତ ସମିତିମାନଙ୍କର ପୁନର୍ଗଠନ ଏକାନ୍ତ ଆବଶ୍ୟକ ବିବେଚନା କରି ନିର୍ଦ୍ଧାରଣ କରୁଅଛନ୍ତି ଯେ ଉକ୍ତ କାର୍ଯ୍ୟଭାର ବିଭିନ୍ନ ଜିଲାର ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଉପରେ ଅର୍ପିତ ହେଉ ଏବଂ ୨ ମାସ ମଧ୍ୟରେ ଜିଲା ସମିତିମାନ ଗଠନ କରି ଉକ୍ତ ବିବରଣୀ କେନ୍ଦ୍ର ସମିତିକୁ ଜଣାଇବା ନିମନ୍ତେ ଉକ୍ତ ଭଦ୍ରବ୍ୟକ୍ତିମାନଙ୍କୁ ଅନୁରୋଧ କରାଯାଉ ।

କଟକ ଜିଲା — ଶ୍ରୀଯୁକ୍ତ ରାମଶଙ୍କର ରାୟ
ଶ୍ରୀଯୁକ୍ତ ଭିକାରୀ ଚରଣ ପଟ୍ଟନାୟକ

ପୁରୀ ଜିଲା — ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ
ଶ୍ରୀଯୁକ୍ତ ମହନ୍ତ ରାଧାକୃଷ୍ଣ ଦାସ

ବାଲେଶ୍ୱର ଜିଲା — ଶ୍ରୀଯୁକ୍ତ ଭୋଳାନାଥ ସାମନ୍ତରାୟ
ଶ୍ରୀଯୁକ୍ତ ଦୈତ୍ୟାରୀ ପ୍ରସାଦ ଦାସ

ଗଞ୍ଜାମ ଜିଲା — ଶ୍ରୀଯୁକ୍ତ ନରସିଂହ ଦାସ
ଶ୍ରୀଯୁକ୍ତ ଗୋରାଚାନ୍ଦ ପଟ୍ଟନାୟକ

ସମ୍ବଲପୁର ଜିଲା – ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର ଏମ୍.ଏ.ବି.ଏଲ୍.
ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା

ପ୍ରସ୍ତାବକ – ଶ୍ରୀଯୁକ୍ତ ବିଶ୍ୱନାଥ କର

ଅନୁମୋଦକ – ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ

ସମର୍ଥକ୍ – ବାବୁ ତାରିଣୀ ଚରଣ ରଥ

**ଷଷ୍ଠ ପ୍ରସ୍ତାବ :** ଆଗାମୀ ବର୍ଷ ନିମନ୍ତେ ଉତ୍କଳ ସମ୍ମିଳନୀର କାର୍ଯ୍ୟ ପରିଚାଳନା ନିମିତ୍ତ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଘେନି କେନ୍ଦ୍ରସମିତି ଗଠିତ ହେଉ –

୧. ଶ୍ରୀଯୁକ୍ତ ରାଜାସାହେବ, କନିକା
୨. ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ
୩. ଶ୍ରୀଯୁକ୍ତ ରାୟ ମଧୁସୂଦନ ରାଓ ବାହାଦୁର
୪. ଶ୍ରୀଯୁକ୍ତ ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର
୫. ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ
୬. ଶ୍ରୀଯୁକ୍ତ ନିମାଇଁଚରଣ ମିତ୍ର
୭. ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ
୮. ଶ୍ରୀଯୁକ୍ତ ଦାମୋଦର କର
୯. ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ
୧୦. ଶ୍ରୀଯୁକ୍ତ କଳ୍ପତରୁ ଦାସ
୧୧. ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ମୁଖୁର୍ଯ୍ୟା
୧୨. ଶ୍ରୀଯୁକ୍ତ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ
୧୩. ଶ୍ରୀଯୁକ୍ତ ବୈକୁଣ୍ଠନାଥ ଦତ୍ତ
୧୪. ଶ୍ରୀଯୁକ୍ତ ନନ୍ଦକିଶୋର ବଳ
୧୫. ଶ୍ରୀଯୁକ୍ତ ବିଶ୍ୱନାଥ କର
୧୬. ଶ୍ରୀଯୁକ୍ତ ସୁଦର୍ଶନ ନନ୍ଦ
୧୭. ଶ୍ରୀଯୁକ୍ତ ରାଧାପ୍ରସାଦ ଭଗତ
୧୮. ଶ୍ରୀଯୁକ୍ତ ଅହମ୍ମଦ ବକ୍ସ
୧୯. ଶ୍ରୀଯୁକ୍ତ କାଜୀ ନାଜର ମହମ୍ମଦ
୨୦. ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ପୃଷ୍ଟି
୨୧. ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ସାହୁ
୨୨. ଶ୍ରୀଯୁକ୍ତ ରେବତୀକାନ୍ତ ଘୋଷ
୨୩. ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ପାଲ
୨୪. ଶ୍ରୀଯୁକ୍ତ ମାୟାଧର ଦାସ

୨୫. ଶ୍ରୀଯୁକ୍ତ ଭିକାରୀ ଚରଣ ପଟ୍ଟନାୟକ
ପ୍ରସ୍ତାବକ — ଶ୍ରୀଯୁକ୍ତ ରେବତୀକାନ୍ତ ଘୋଷ
ଅନୁମୋଦକ — ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ
ସମର୍ଥକ — ଶ୍ରୀଯୁକ୍ତ ଧର୍ମାନନ୍ଦ ପଟ୍ଟନାୟକ

**ସପ୍ତମ ପ୍ରସ୍ତାବ :** ଗତବର୍ଷ କେନ୍ଦ୍ରସମିତିର ଯତ୍ନରେ ଅର୍ଥ ସଂଗୃହୀତ ହୋଇ ସଂବେର କୃଷି କଲେଜରେ ଶିକ୍ଷା କରିବା ନିମିତ୍ତ ଶ୍ରୀ ବିରାଜ ମୋହନ ସେନାପତିଙ୍କୁ ମାସିକ ୨୦ ଟଙ୍କା ହିସାବରେ ଯେଉଁ ବୃତ୍ତି ପ୍ରଦତ୍ତ ହୋଇଅଛି, ତାହା ଚନ୍ଦ୍ରଶେଖର ସାମନ୍ତ ବୃତ୍ତି ନାମରେ ଅଭିହିତ ହେଉ ଏବଂ ଉପଯୁକ୍ତ ଅର୍ଥ ସଂଗ୍ରହ କରି ଉକ୍ତ ବୃତ୍ତିକି ସ୍ଥାୟୀ କରିବାର ଭାର କେନ୍ଦ୍ରସମିତି ଉପରେ ଅର୍ପିତ ହେଉ ।
ପ୍ରସ୍ତାବକ — ଶ୍ରୀଯୁକ୍ତ ନିମାଇଁଚରଣ ମିତ୍ର
ଅନୁମୋଦକ — ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ
ସମର୍ଥକ — ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ
ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ

**ଅଷ୍ଟମ ପ୍ରସ୍ତାବ :** ସ୍ୱଦେଶରେ ଏବଂ ବିଦେଶରେ ଉପଯୁକ୍ତ ଉତ୍କଳୀୟ ଛାତ୍ରଙ୍କର ନାନାବିଧ ଶିକ୍ଷାର ସାହାଯ୍ୟ କରିବା ନିମିତ୍ତ ପ୍ରତି ଜିଲାସମିତି ଉପଯୁକ୍ତ ଅର୍ଥ ସଂଗ୍ରହ କରି ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଶିକ୍ଷାପାଣ୍ଠି ସ୍ଥାପନ କରନ୍ତୁ ।
ପ୍ରସ୍ତାବକ — ଶ୍ରୀଯୁକ୍ତ କୈଳାସଚନ୍ଦ୍ର ଭରତକର
ଅନୁମୋଦକ — ଶ୍ରୀଯୁକ୍ତ କଳ୍ପତରୁ ଦାସ
ସମର୍ଥକ — ଶ୍ରୀଯୁକ୍ତ ଶ୍ରୀଯୁକ୍ତ ଜଗମୋହନ ପଟ୍ଟନାୟକ

**ନବମ ପ୍ରସ୍ତାବ :** ଉତ୍କଳ-ସମ୍ମିଳନୀର ଉଦ୍ଦେଶ୍ୟାଦି ପ୍ରଚାର ନିମିତ୍ତ ସମ୍ମିଳନୀର ମୁଖପତ୍ର ସ୍ୱରୂପ ଖଣ୍ଡିଏ ପତ୍ରିକା ପରିଚାଳନାର ବ୍ୟବସ୍ଥା କରାଯାଉ ।
ପ୍ରସ୍ତାବକ — ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ.
ଅନୁମୋଦକ — ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ
ସମର୍ଥକ — ଶ୍ରୀଯୁକ୍ତ ବିଶ୍ୱନାଥ 'କାବ୍ୟତୀର୍ଥ

**ଦଶମ ପ୍ରସ୍ତାବ :** ଉତ୍କଳ-ସାହିତ୍ୟର ଅଭିବୃଦ୍ଧି ନିମିତ୍ତ ଉତ୍କଳ-ସାହିତ୍ୟ-ସମାଜ ସହ ଯୋଗ ରକ୍ଷା କରି ଯଥାସମ୍ଭବ ଅର୍ଥ ସାହାଯ୍ୟ କରିବାର ଭାର କେନ୍ଦ୍ରସମିତି ହସ୍ତରେ ନ୍ୟସ୍ତ ହେଉ ।
ପ୍ରସ୍ତାବକ — ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ
ଅନୁମୋଦକ — ଶ୍ରୀଯୁକ୍ତ ଦିବ୍ୟସିଂହ ମିଶ୍ର
ସମର୍ଥକ — ଶ୍ରୀଯୁକ୍ତ ବିଶ୍ୱନାଥ କର

**ଏକାଦଶ ପ୍ରସ୍ତାବ :** ଗଞ୍ଜାମର ଭାଇମାନେ ଆମ୍ଭମାନଙ୍କ ସହିତ ସମ୍ମିଳନୀ କ୍ଷେତ୍ରରେ ସର୍ବପ୍ରକାର ଏକ ଯୋଗରେ କାର୍ଯ୍ୟ କରି ଆସୁଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସେମାନଙ୍କ ସଙ୍ଗେ ସମ୍ପୂର୍ଣ୍ଣମିଳନ ହୋଇ ନ ଥିବାରୁ ଏହି ସମ୍ମିଳନୀ ଆନ୍ତରିକ ଦୁଃଖ ପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ
ଅନୁମୋଦକ — ଶ୍ରୀଯୁକ୍ତ ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର
ସମର୍ଥକ — ଶ୍ରୀଯୁକ୍ତ ମହନ୍ତ ରାଧାକୃଷ୍ଣ ଦାସ

**ଦ୍ୱାଦଶ ପ୍ରସ୍ତାବ :** ସମ୍ମିଳନୀର ଏହି ଅଧିବେଶନରେ ତାବତୀୟ ଆୟୋଜନରେ ମନପ୍ରାଣ ଦେଇ ଅକ୍ଳାନ୍ତ ଭାବରେ କାର୍ଯ୍ୟ କରିଥିବା ଯୋଗୁଁ ଶ୍ରୀଯୁକ୍ତ ସୁଦର୍ଶନ ନନ୍ଦଙ୍କୁ ଏବଂ ଏହି ମଣ୍ଡପ ନିର୍ମାଣ ବିଷୟରେ ପ୍ରଭୂତ ସହାୟତା କରିଥିବା ଯୋଗୁଁ ଶ୍ରୀଯୁକ୍ତ ରାଜନାରାୟଣ ଗଚ୍ଛଙ୍କୁ ଏହି ସମ୍ମିଳନୀ ଆନ୍ତରିକ ଧନ୍ୟବାଦ ଦେଉଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ଗୋକୁଳାନନ୍ଦ ଚୌଧୁରୀ
ଅନୁମୋଦକ — ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ପାଳ

**ତ୍ରୟୋଦଶ ପ୍ରସ୍ତାବ :** ଉତ୍କଳ ଯୁବସମିତିର ସଭ୍ୟବୃନ୍ଦ ସ୍ଥାନୀୟ ଛାତ୍ରମାନଙ୍କୁ ଘେନି ଏହି ସମ୍ମିଳନୀର ଅଧିବେଶନ ସୁଚାରୁରୂପେ ନିର୍ବାହ ହେବା ବିଷୟରେ ଯଥେଷ୍ଟ ସହାୟତା କରିଥିବାରୁ ସେମାନଙ୍କୁ ଏହି ସମ୍ମିଳନୀ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛନ୍ତି ।

ପ୍ରସ୍ତାବକ — ସଭାପତି

**ଚତୁର୍ଦ୍ଦଶ ପ୍ରସ୍ତାବ :** ମାନନୀୟ ଶ୍ରୀଯୁକ୍ତ ରାଜା ବୈକୁଣ୍ଠନାଥ ଦେ ବାହାଦୁର ମହୋଦୟ ସଭାପତି ପଦ ଗ୍ରହଣ କରି ଏହି ଅଧିବେଶନର କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିଥିବାରୁ ଏହି ସଭା ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର

—

# ଅଷ୍ଟମ ଅଧିବେଶନ

[୧୯୧୧ ମସିହା ଡିସେମ୍ବର ଶେଷ ସପ୍ତାହରେ ଉତ୍କଳ ସମ୍ମିଳନୀର ଅଷ୍ଟମ ବାର୍ଷିକ ଅଧିବେଶନ ହେବାପାଇଁ ସ୍ଥିରୀକୃତ ହୋଇଥିଲା । ମୁକୁଟୋତ୍ସବ ପରେ ସେହି ସମୟରେ ଇଂଲଣ୍ଡ ରାଜା କଲିକତା ଆସିବାରୁ ଉତ୍କଳ ସମ୍ମିଳନୀର ସଂପୃକ୍ତ ଅଧିବେଶନ ୧୯୧୨ ମସିହା ଏପ୍ରିଲ ୬ ଓ ୭ ତାରିଖରେ ବ୍ରହ୍ମପୁରର ଖଲ୍ଲିକୋଟ ଡାଏମଣ୍ଡ ଜୁବୁଲି ଟାଉନ ହଲରେ ଅନୁଷ୍ଠିତ ହୋଇଥିଲା । ସଂପୃକ୍ତ ଅଧିବେଶନ ପାଇଁ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ମଞ୍ଜୁଷାର ଯୁବରାଜ ଶ୍ରୀନିବାସ ରାଜମଣି ଦେବ ଓ ସଂପାଦକ ମନୋନୀତ ହୋଇଥିଲେ ଚିକିଟିର ରାଜା । ସୁରଙ୍ଗୀର ରାଜା ଚନ୍ଦ୍ରଚୂଡ଼ମଣି ହରିଚନ୍ଦନ ଜଗଦ୍ଦେବ ଏହି ଅଧିବେଶନର ସଭାପତି ହୋଇଥିଲେ ।]

## ଅଭ୍ୟର୍ଥନା ସମିତିର ସଭାପତି ମଞ୍ଜୁଷାର ଯୁବରାଜ ଶ୍ରୀନିବାସ ରାଜମଣି ଦେବଙ୍କ ସ୍ୱାଗତ ଅଭିଭାଷଣ

ଭାଇମାନେ,

ଆଜି ଶୁଭକ୍ଷଣରେ ଆପଣମାନେ ଦୂରଦୂରାନ୍ତରରେ ବହୁ କଷ୍ଟ ଓ ନାନା ବିଘ୍ନକୁ ଅତିକ୍ରମ କରି ଶୋକବିଧୁରା ଉତ୍କଳମାତାଙ୍କ କରୁଣାମୟୀ ମୂର୍ତ୍ତିର ପୂଜା ଉଦ୍ଦେଶ୍ୟରେ ଆମ୍ଭମାନଙ୍କୁ ଦର୍ଶନ ଦେଇ ଏକାନ୍ତ ବାଧିତ ଓ ଅନୁଗୃହୀତ କରିଅଛନ୍ତି । ଆମ୍ଭେମାନେ ଦୈବଗତିରେ ବହୁକାଳରୁ ଆପଣମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଭ୍ରାତୃପୂଜାର ବା ଆପଣମାନଙ୍କର ଉପଯୁକ୍ତ ପରିଚର୍ଯ୍ୟାର ପ୍ରକୃଷ୍ଟପ୍ରଣାଳୀ ବିସ୍ମୃତ ହୋଇ ଯାଇଅଛୁଁ । ଏହି କାରଣରୁ ମୁଁ ଅଭ୍ୟର୍ଥନା ସମିତି ପକ୍ଷରୁ ପ୍ରାର୍ଥନା କରୁଅଛି ଯେ, ଦୟାକରି କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଉଦାର ଭ୍ରାତୃପ୍ରେମର ମୋହରେ ସେ ସବୁ କ୍ଷମା କରିବା ହେବେ । ଆପଣମାନଙ୍କର ପ୍ରଫୁଲ୍ଲ ମୁଖମଣ୍ଡଳ ଦେଖି ମୋହର ବିଶ୍ୱାସ ହେଉଅଛି, ଯୁଗର ଏହି ଜାଗରଣ ଅବସ୍ଥାରେ ଚତୁର୍ଦ୍ଦିଗର ମହଦୁଜ୍ଜଳ ଆଦର୍ଶମାନ ଅବଲୋକନ କରୁଥିବା ସ୍ଥଳେ ସମସ୍ତ ଭେଦାଭେଦ ମାନାପମାନ କର୍ମନାଶାର ଅତଳ ଜଳରେ ନିକ୍ଷେପ କରି ଏକମନରେ ଏକପ୍ରାଣରେ ସ୍ୱଦେଶ ଓ ସ୍ୱଜାତିର ଉନ୍ନତି କଳ୍ପେ ଅଟଳ ପ୍ରତିଜ୍ଞା-ସୂତ୍ରରେ ଆମ୍ଭମାନଙ୍କୁ ଆବଦ୍ଧ କରିବା ପାଇଁ ଆପଣମାନେ ଏଠାରେ ଉପସ୍ଥିତ ହୋଇଅଛନ୍ତି । ବାସ୍ତବିକ ଆଜି ଆପଣମାନଙ୍କୁ ଦେଖି ଆମ୍ଭମାନଙ୍କର ଦୁର୍ବଳ ପ୍ରାଣରେ ବୈଦ୍ୟୁତିକ ଶକ୍ତିର ସଂଚାର ହୋଇଅଛି । କିନ୍ତୁ ହାୟ ଆମ୍ଭମାନଙ୍କର କି ଦୁର୍ଯ୍ୟୋଗ !

ଆମ୍ଭେମାନେ ଆଜି ଯେପରି ଉନ୍ମତ୍ତଭାବରେ ଏହି ପୂଜାମଣ୍ଡପରେ ସମାସୀନ ହୋଇ ଭବିଷ୍ୟତ କର୍ମକ୍ଷେତ୍ରକୁ ଜ୍ୟୋତିର୍ମୟ ଯଶୋଗୌରବମୟ ଦେଖୁଅଛୁଁ, ଠିକ ଦୁଇଦିନ ପରେ ପୂଜା ସମାପନ କରି ସ୍ୱକ୍ଷେତ୍ରକୁ ପ୍ରତ୍ୟାଗମନ କଲାକ୍ଷଣି ଜୀବନକୁ କି ଏକ ଅସ୍ୱାଭାବିକ ଜଡ଼ତା ଆକ୍ରମଣ କରୁଅଛି – କି ଏକ ଅବସାଦ, ଉଦାସ ଓ ସଙ୍କୋଚ ଭାବ ପ୍ରାଣକୁ ଆବଦ୍ଧ କରୁଅଛି ଯେ ଆମ୍ଭେମାନେ ପୁଣି ଏକବର୍ଷ ପୂର୍ଣ୍ଣ ହେବାଯାଏ ଆଉ ସଚେତନ ହେଉନାହିଁ । ସାତ ବର୍ଷ ହେଲା ଏହିପରି ଦେଖିଆସୁଅଛି । ଇତି ମଧ୍ୟରେ କେଉଁଆଡେ କେତେ ପରିବର୍ତ୍ତନ ହୋଇ ଯାଇଅଛି କିନ୍ତୁ ଆମ୍ଭମାନଙ୍କର ପରିବର୍ତ୍ତନ ଦେଖିବାକୁ ଗଲେ କ୍ରମଶଃ ଅଧୋଗମନ ଛଡ଼ା ଅନ୍ୟ କିଛି ବିଶେଷତ୍ୱ ଘଟିବାର ବୋଧ ହେଉନାହିଁ ।

ଭାଇମ୍ମାନେ ! ଆମ୍ଭେମାନେ ଆଳସ୍ୟ ପରିହାର କରି କି ଦେଖିବା ନାହିଁ ଯେ ମା ବଙ୍ଗଜନନୀ, ବୀରପ୍ରସବିନୀ, ସୁଖବିହାରିଣୀ ବିହାର ଜନନୀ, ତୈଲଙ୍ଗପାଳିନୀ ମାନ୍ଦ୍ରାଜଧରଣୀ ଆଦି ଆଜି କିପରି ଦୈନନ୍ଦିନ ଉନ୍ନତି ସୋପାନରେ ଆରୋହଣ କରି ସୁଖଶାନ୍ତିରେ କାଳ ଯାପନ କରୁଅଛନ୍ତି ? ସେମାନେ କିପରି ନାନା ଶୋଭାରେ ବିଭୂଷିତା ହେଉଅଛନ୍ତି ? ଆମ୍ଭେମାନେ ଆମ୍ଭମାନଙ୍କର ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଉତ୍କଳୀୟ ଭ୍ରାତାମାନଙ୍କ ସଙ୍ଗେ କି ଚିରଦିନ ଏହିପରି ପଡ଼ି ରହିଥିବା ? ମା ଉତ୍କଳଜନନୀଙ୍କର ଲୁପ୍ତ ପ୍ରାଚୀନ ଗୌରବ କି ଆମ୍ଭମାନଙ୍କ ଦ୍ୱାରା ରକ୍ଷିତ ହେବନାହିଁ ? ଆମ୍ଭମାନଙ୍କ ଧମନୀରେ କି ଉତ୍କଳୀୟ ଶୋଣିତପ୍ରବାହ ସ୍ଥଗିତ ହୋଇ ଯାଇଅଛି ? ଆମ୍ଭେମାନେ କି ନୀଚ୍ ସ୍ୱାର୍ଥ ଲାଗି, ନୀଚ ବିଳାସବାସନାର ଚରିତାର୍ଥ ଲାଗି, ନୀଚ ଉଦରପୂର୍ତ୍ତିଲାଗି, ସମସ୍ତ ଭବିଷ୍ୟତ ଆଶାଭରସାରେ ଜଳାଞ୍ଜଳି ଦେଇ ନୀରବ ରହିଥିବା ?

ଭାଇମାନେ ! ଆପଣମାନେ ପଥଶ୍ରାନ୍ତ ହୋଇ ବିଶ୍ରାମ କାମନା କରୁଥିବେ । ଆପଣମାନଙ୍କ ପରିଚର୍ଯ୍ୟା ନିମନ୍ତେ ସମିତି ମୋତେ ନିଯୁକ୍ତ କରିଅଛନ୍ତି । ମୁଁ ଆପଣମାନଙ୍କ ମାନସିକ ଅବସାଦ ଦୂର କରିବା କାରଣ ମୋର ମନୋଗତ ଭାବ ବ୍ୟକ୍ତ କରିବାକୁ ଯାଇ ଅପ୍ରାସଙ୍ଗିକ ହେଉ ବା କଥାପ୍ରସଙ୍ଗରେ ହେଉ, ଭିନ୍ନ ବିଷୟର ଅବତାରଣା କରି ଯଦି କଷ୍ଟ ଦେଇଥାଏଁ, ତେବେ ମୋର ବିନୀତ ଭିକ୍ଷା ଯେ, ଆପଣମାନେ ଦୟା କରି ମୋତେ କ୍ଷମା ଦେବେ । ଅନେକ ଦିନ ପରେ ଭାଇର ଭାଇ ସଙ୍ଗେ ଦେଖା ହେଲେ ବ୍ୟାକୁଳ ହୋଇ ପରସ୍ପର ମନୋଦୁଃଖର ଆଦାନ ପ୍ରଦାନ କରି ଆପାତତଃ ପ୍ରଚୁର ଶାନ୍ତି ଅନୁଭବ କରନ୍ତି । ଆଜି ଆମ୍ଭମାନଙ୍କର ସେହି ଦଶା । ଆମ୍ଭେମାନେ ଏକ ମାତାର ସନ୍ତାନ, କାର୍ଯ୍ୟଗତିରେ ବିଭିନ୍ନ ସ୍ଥଳରେ ଅବସ୍ଥାନ କରୁଥିଲେ ସୁଦ୍ଧା ମାତୃପୂଜା କରି ମାତୃଚରଣ ଧୂଳି ମସ୍ତକରେ ରଖିବା ନିମନ୍ତେ ଏକତ୍ରିତ ହୋଇଅଛୁଁ । ଏଠାରେ ସମସ୍ତେ ସମାନ ଅଧିକାରୀ । ଏପରି ପବିତ୍ର କ୍ଷେତ୍ର ଓ ପବିତ୍ର ମୁହୂର୍ତ୍ତରେ

ପରସ୍ପର ମନୋଭାବ ବ୍ୟକ୍ତ କରି ଆତ୍ମା ଶୀତଳ ନ କଲେ ଆଉ କରି ହେବ ନାହିଁ। ତେଣୁକରି ମୋର ହୃଦୟ ଶିଷ୍ଟାଚାରର କୌଣସି ଅଙ୍କୁଶକୁ ଗଣନା କରୁନାହିଁ। ମୁଁ ଆପଣମାନଙ୍କ ନିକଟରେ ଏ କ୍ଷେତ୍ରରେ ଉନ୍ମୁକ୍ତଭାବରେ ମନୋଦୁଃଖ ପ୍ରକାଶପୂର୍ବକ ମାତାଙ୍କର ଦୁର୍ଦ୍ଦଶା ଜଣାଇ ସ୍ମରଣ କରାଇ ଦେଉଅଛି। ଆମ୍ଭେମାନେ ମୌଖିକ ନାନା ଆସ୍ଫାଳନ ଓ ଆନ୍ଦୋଳନଦ୍ୱାରା ସଭାମଣ୍ଡପକୁ ମୁଖରିତ କରି ଆସୁଅଛୁ। ଏ ବର୍ଷ ଯଦି ସେହିପରି ହେବା ସାର ହୁଏ, ତେବେ ପୂଜାର ଏ ପ୍ରତାରଣାମୟୀ ପଦ୍ଧତି ସର୍ବଥା ପରିହାର୍ଯ୍ୟ। ଏଥିରେ କେବଳ ଅର୍ଥନାଶ, ମନସ୍ତାପ ଓ ପଥଶ୍ରାନ୍ତି ସାର ହେବ।

ଭାଇମାନେ ! ଏହି ଦୁଇବର୍ଷ ମଧ୍ୟରେ ଆମ୍ଭେମାନେ ବିଧାତାଙ୍କର ଗୋଟିଏ ଅମୂଲ୍ୟ ଦାନ ହରାଇଥାଇଁ, ସେ କ୍ଷତି ଅଦୂର ଭବିଷ୍ୟତରେ ଆଉ ପୂରଣ ହେବନାହିଁ। ଏହି ପୂଜାର ପ୍ରଥମ ଓ ପ୍ରଧାନ ପୂଜକ ମହାରାଜା ରାମଚନ୍ଦ୍ର ଭଞ୍ଜଦେବ ଆମ୍ଭମାନଙ୍କୁ ଛାଡ଼ି ଯାଇଅଛନ୍ତି। ଏହି ବର୍ଷ ମଧ୍ୟରେ ଉତ୍କଳର ରାଜନୈତିକ ପରିବର୍ତ୍ତନ ଘଟିଅଛି। ଭାଇମାନେ ! ଆମ୍ଭେମାନେ ଏହି ପରିବର୍ତ୍ତନ ମଧ୍ୟରେ ଉତ୍କଳର କଳେବର ପୁଷ୍ଟି ସମ୍ବନ୍ଧରେ ଯେଉଁ ଆଶା ପୋଷଣ କରିଥିଲୁ ତାହା ସଫଳ ହୋଇଥିଲେ ବଡ଼ ଆନନ୍ଦର ବିଷୟ ହୋଇଥାଆନ୍ତା। ମୁଁ ଅନୁମାନ କରେ ସେଥିପାଇଁ ପ୍ରତ୍ୟେକ ଉତ୍କଳବାସୀ ବ୍ୟଗ୍ର ଓ ସଚେଷ୍ଟ ହୋଇଅଛନ୍ତି, ଏହା ଶୁଭ ଲକ୍ଷଣ। ବର୍ତ୍ତମାନ ଦେଶ ମିଶ୍ରଣ ଓ ଶାସନ ବିଭାଗ ଆମ୍ଭମାନଙ୍କର ଉନ୍ନତିର ପ୍ରଧାନ ସୂତ୍ରସ୍ୱରୂପ ଧରିବାକୁ ହେବ। ପ୍ରତି ମୁହୂର୍ତ୍ତରେ ଆମ୍ଭମାନଙ୍କୁ କାଳର ଉପଯୋଗୀ କର୍ମ କରିବାକୁ ହେବ। ଏତେବେଳେ ହଟିଯାଇ ଆଳସ୍ୟ ଔଦାସ୍ୟ ଭୀରୁତାକୁ ଆମନ୍ତ୍ରଣ କଲେ ରକ୍ଷା ନାହିଁ। ବର୍ତ୍ତମାନ କର୍ମକ୍ଷେତ୍ରରେ ବୀରପୁରୁଷପରି ନିଜର ସମ୍ମାନ ରକ୍ଷା କରି ଦୃଢ଼ତାଯଷ୍ଟି ଅବଲମ୍ବନ ପୂର୍ବକ ଅଗ୍ରସର ହେବାକୁ ହେବ। ଆମ୍ଭେମାନେ ଆପଣାକୁ ବର୍ତ୍ତମାନ ଏପରି ପ୍ରସ୍ତୁତ କରିବାକୁ ବାଧ ଯେପରି ବିହାରୀ ଭ୍ରାତାମାନଙ୍କ ସହିତ ସମାନଗତିରେ ସମାନ ବଳରେ ଗତି କରିବା। ସେମାନଙ୍କ ପଛକୁ ପଡ଼ିଗଲେ ଆମ୍ଭମାନଙ୍କୁ ଜାଣିବାକୁ ହେବ ଯେ ସେହି ଅନନ୍ତ ପ୍ରଳୟପରେ ପୁଣି ଉତ୍କଳର ନବଜୀବନ ଲାଭ ହୋଇପାରେ। ଆନନ୍ଦର ବିଷୟ ଯେ ଆମ୍ଭମାନଙ୍କର ଉନ୍ନତି ଲାଗି ଦୟାଶୀଳ ଗବର୍ଣ୍ଣମେଣ୍ଟ ନାନାପ୍ରକାର ପନ୍ଥା ଉଦ୍‌ଘାଟନ କରୁଅଛନ୍ତି ଏବଂ ଆମ୍ଭମାନଙ୍କର ପ୍ରତି କାର୍ଯ୍ୟରେ ନ୍ୟୂନାଧିକ ସହାୟତା ଓ ସହାନୁଭୂତି ପ୍ରକାଶ କରି ରାଜଧର୍ମ ପାଳନ କରୁଅଛନ୍ତି। ଏବର୍ଷ ରାଜାଧିରାଜ ଭାରତସମ୍ରାଟ ଭାରତମାତାର ଅଙ୍ଗ ସ୍ପର୍ଶ କରି ଆମ୍ଭମାନଙ୍କୁ କୃତାର୍ଥ କରିଅଛନ୍ତି। ଆମ୍ଭମାନଙ୍କର ପୂର୍ବପୁରୁଷମାନେ ଏ ଶୁଭ ଘଟଣା କଦାପି ଦେଖି ନ ଥିଲେ। ଦୁଇଶତ ବର୍ଷ ପରେ ଭାରତ ଭାଗ୍ୟରେ ଏ ସୁଯୋଗ ଘଟିଅଛି। କୋଟି କୋଟି ଭାରତବାସୀ ଦେବସ୍ୱରୂପୀ ରାଜାଧିରାଜଙ୍କୁ

ଦର୍ଶନ କରି କୃତାର୍ଥ ହୋଇଅଛନ୍ତି । ଭାରତର ଏହି ଆନନ୍ଦର ଅବସାନ ନ ହେଉଣୁ ଆମ୍ଭେମାନେ ନୂତନ ଆନନ୍ଦ ଲାଗି ଅଗ୍ରସର ହେବା ।

ଅଖିଳକାରଣ ବାଞ୍ଛାନିଧି ପରମେଶ୍ୱରଙ୍କ ଚରଣ ସରୋଜରେ ପ୍ରାର୍ଥନା ଯେ, ଆମ୍ଭମାନଙ୍କର ଏହି ଆକାଂକ୍ଷା ସେ ଶୀଘ୍ର ପୂରଣ କରନ୍ତୁ । ଆମ୍ଭେମାନେ ଏଥର-ଏହି ମିଳନମନ୍ଦିରରେ ଭବିଷ୍ୟତର ଉନ୍ନତି ମାର୍ଗ ନିର୍ମାଣ କରିବାକୁ ସକ୍ଷମ ହେଉଁ । ଜୟ ମାତୃଭୂମିର ଜୟ ହେଉ । ''ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି'', ଆମ୍ଭେମାନେ ଜନ୍ମଭୂମିର ସେବାରେ ସମସ୍ତ ଶକ୍ତି ଢାଳିଦେବାକୁ ସାହାସ ଅର୍ଜନ କରୁଁ । ହେ ଜଗଦୀଶ୍ୱର ! ଆମ୍ଭମାନଙ୍କୁ ଏହି ଆଶୀର୍ବାଦ କରି ଆମ୍ଭମାନଙ୍କ ଜନନୀକୁ ପ୍ରିୟ କନ୍ୟାପରି ଆଲିଙ୍ଗନ କରି, ତାହାର ସନ୍ତାନମାନଙ୍କ ଠାରେ କୃପା କଟାକ୍ଷ ନିକ୍ଷେପ କର । ଇତି ।

## ସମ୍ମିଳନୀ କେନ୍ଦ୍ର ସମିତିର ସହକାରୀ ସଂପାଦକ ଭିକାରୀଚରଣ ପଟ୍ଟନାୟକଙ୍କ ଦ୍ୱାରା ଉପସ୍ଥାପିତ କେନ୍ଦ୍ର ସମିତିର କାର୍ଯ୍ୟ ବିବରଣ –

ମାନନୀୟ ସଭାପତି ମହାଶୟ ଓ ସଭାସଦ୍‌ବର୍ଗ,

ଉତ୍କଳ ସମ୍ମିଳନୀ ନାନା ବାଧା ବିଘ୍ନ ମଧ୍ୟରେ ଅତି ଧୀର ମନ୍ଥର ଗତିରେ ୭ ବର୍ଷ ଅତିକ୍ରମ କରି ୮ମ ବର୍ଷରେ ପଦାର୍ପଣ କଲା । ସମ୍ମିଳନୀ ଜାତୀୟଜୀବନର ମର୍ମସ୍ଥଳ ଏବଂ ଏହିଭାବରେ ଏହା ପଲ୍ଲୀ କୃଷକଠାରୁ ରାଜା ବୃତ୍ତୀଶ୍ୱର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସୁପରିଚିତ । କିନ୍ତୁ ଆପଣମାନେ ଜାଣନ୍ତି କର୍ମ ଏହାର ପ୍ରାଣ, କାର୍ଯ୍ୟ ବିନା ସମ୍ମିଳନୀ ପରି କୌଣସି କୃତ୍ରିମ ବ୍ୟକ୍ତିତ୍ୱର ଅସ୍ତିତ୍ୱ ଏକାବେଳକେ ଅସମ୍ଭବ । ଏହି କର୍ମମୟ ବ୍ୟକ୍ତିତ୍ୱ ଦେଶହିତୈଷୀ ଶିକ୍ଷିତ ଲୋକମାନଙ୍କ ଉପରେ ବିଶେଷଭାବରେ ନିର୍ଭର କରେ ଏବଂ ଏହି ବାର୍ଷିକ ମହୋତ୍ସବରେ ସ୍ୱଭାବତଃ ଉତ୍କଳର ଜନସାଧାରଣ କିଛି କିଛି ନୂତନ କର୍ମଠତା ଓ କାର୍ଯ୍ୟର ବିବରଣ ଶୁଣିବାକୁ ଆଶା କରନ୍ତି । କିନ୍ତୁ ଦୁଃଖର କଥା, ପ୍ରତିବର୍ଷ ଏହିପରି ବାର୍ଷିକ ମହୋତ୍ସବରେ ଆମ୍ଭେମାନେ ନ୍ୟୂନାଧିକ ଦେଶର ଜନସାଧାରଣଙ୍କଠାରୁ ଆରମ୍ଭ କରି ଶିକ୍ଷିତ ଧନାଢ୍ୟ ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜେ ନିଜେ ବା ନିଜର ପ୍ରତିନିଧିଦ୍ୱାରା ସମ୍ମିଳିତ ହୋଇ କେବଳ ''କିଛି ହେଲା ନାହିଁ, କିଛି ହେଲା ନାହିଁ'' ଏହି ଦୁଃଖ ରୋଦନ ବ୍ୟତୀତ ଆଉ କିଛି କରୁ ନାହୁଁ । ବାର୍ଷିକ ମହୋତ୍ସବରେ ଯେପରି ଉତ୍ସାହ ଦେଖାଯାଏ, ବର୍ଷମୟ ସେଥିରୁ ଟିକିଏ ହେଲେ କାର୍ଯ୍ୟରେ ଦେଖାଗଲେ ସମ୍ମିଳନୀର ଏପରି ଦୁରବସ୍ଥା ରହନ୍ତା ନାହିଁ, ଏହା ବୋଧହୁଏ ଆପଣମାନେ ଏକାଧିକଥର ପ୍ରାୟଶଃ ଏହି ଭାଷାରେ ଶୁଣି ଆସିଅଛନ୍ତି । ସେ ସବୁର ଦ୍ୱିରୁକ୍ତି କରି ଆପଣମାନଙ୍କର ସମୟ ନଷ୍ଟ କରିବା ଉଚିତ ନୁହେଁ । ମୁଁ ଆଜି ବାର୍ଷିକ ବିବରଣରେ ଯେ ବେଶି କିଛି ନୂଆ କଥା ଶୁଣାଇବି ବୋଲି

ଆପଣମାନେ ଆଶା କରନ୍ତି, ତାହା ଏହି ନୈରାଶ୍ୟର ଦ୍ୱିରୁକ୍ତିମୟ ଚର୍ବିତଚର୍ବଣରେ ଲେଶମାତ୍ର ଫଳବତୀ ହେବ ନାହିଁ, ତାହା ମୁଁ ଆଗରୁ ଜାଣେ । ତଥାପି ବିଧିର ବଶବର୍ତ୍ତୀ ହୋଇ ଏ ବିବରଣ ପାଠ କରୁଅଛି ଏବଂ ସବିନୟ ପ୍ରାର୍ଥନା କରୁଅଛି ଯେ ସମ୍ମିଳନୀର କାର୍ଯ୍ୟ ଯେପରି ଉତ୍ତରୋତ୍ତର ଉନ୍ନତି ଲାଭ କରେ, ତତ୍‌ପ୍ରତି ସମସ୍ତେ ଯତ୍ନବାନ୍ ହେବେ ।

ଗତ ବର୍ଷ ଏହି ବାର୍ଷିକ ମହୋତ୍ସବ କଟକରେ ହୋଇଥିଲା ଏବଂ ସେଥିରେ ଯେଉଁ ନିର୍ଦ୍ଧାରଣମାନ କରା ଯାଇଥିଲା, ତାହା ମଧ୍ୟରେ ନିମ୍ନଲିଖିତ କେତୋଟି ପ୍ରଧାନ । ଯଥା —

୧. ଜିଲାସମିତିମାନଙ୍କର ପୁନର୍ଗଠନ ।
୨. ଶିକ୍ଷାପାଣ୍ଠି ସ୍ଥାପନ ।
୩. ସମ୍ମିଳନୀରୁ ପତ୍ରିକା ପ୍ରଚାର ।
୪. ସାହିତ୍ୟସମାଜର ଅଭିବୃଦ୍ଧିକଳ୍ପେ ଉଦ୍ୟମ ।

ଏ ସବୁ ବିଷୟରେ ସମିତି ଯାହା କରିଅଛନ୍ତି, ତାହା ନିମ୍ନରେ କ୍ରମାନ୍ୱୟରେ ବିବୃତ ହେଲା ।

୧ — ଜିଲାସମିତିମାନ ପୂର୍ବରୁ ଗଠିତ ହୋଇଥିଲେହେଁ ସେମାନେ ଆଦୌ କୌଣସି କାର୍ଯ୍ୟ କରି ନ ଥିଲେ । ତେଣୁ ଗତବର୍ଷ ପ୍ରତ୍ୟେକ ଜିଲାରୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ଜିଲାସମିତିର ପୁନର୍ଗଠନ ଭାର ଅର୍ପିତ ହୋଇଥିଲା । ତଦନୁସାରେ ପୁରୀ, ଗଞ୍ଜାମ ଏବଂ କଟକରେ ତିନୋଟି ଜିଲାସମିତି ସ୍ଥାପିତ ହୋଇଅଛି । ତନ୍ମଧ୍ୟରୁ ପୁରୀ ସମିତି ଚନ୍ଦ୍ରଶେଖରହଲକୁ ଟ୫୦୦ଙ୍କା ଓ କ୍ଲାର୍କ ଟାଉନ୍‌ହଲକୁ ଟ୨୦୦ଙ୍କା ପ୍ରଦାନ କରିଅଛନ୍ତି । ଗଞ୍ଜାମ ସମିତି ଗୋଟିଏ ଗ୍ରାମ୍ୟସମିତି ଗଠନ କରି ଉନ୍ନତିର ଚେଷ୍ଟା କରୁଅଛନ୍ତି । କଟକରେ ମଧ୍ୟ ଗ୍ରାମ୍ୟସମିତି ସ୍ଥାପନ ନିମନ୍ତେ ପ୍ରଚାରକ ନିଯୁକ୍ତ କରିବାର ଯତ୍ନ କରାଯାଇଥିଲା । କିନ୍ତୁ ଅର୍ଥାଭାବରୁ ତାହା କାର୍ଯ୍ୟରେ ପରିଣତ ହୋଇ ପାରିନାହିଁ । ମାତ୍ର ଦୁଃଖର ବିଷୟ, ବାଲେଶ୍ୱର ଓ ସମ୍ବଲପୁର କେନ୍ଦ୍ର ସମିତିଦ୍ୱାରା ବାରମ୍ବାର ଅନୁରୁଦ୍ଧ ହୋଇ ମଧ୍ୟ ଏପର୍ଯ୍ୟନ୍ତ ଜିଲାସମିତି ଗଠନ କରି ନାହାନ୍ତି ।

୨ — ଶିକ୍ଷାପାଣ୍ଠି ସ୍ଥାପନ ସାକ୍ଷାତ୍‌ଭାବରେ ଜିଲାସମିତିର କାର୍ଯ୍ୟ ହେବ ବୋଲି ନିରୂପିତ ହୋଇଥିଲା । କିନ୍ତୁ ଜିଲାସମିତିମାନଙ୍କରେ ସେ ବିଷୟକ କାର୍ଯ୍ୟ କୌଣସିରୂପେ ଅଗ୍ରସର ହୋଇନାହିଁ । ପୁରୀ ସମିତି ଗତ ବର୍ଷ ମଧ୍ୟରେ ୨ଟି ଦେଶ ହିତକର କାର୍ଯ୍ୟରେ ଟ୭୦୦ଙ୍କା ବ୍ୟୟ କରିବାର କୁହାଯାଇଅଛି । କିନ୍ତୁ ସେ ଅର୍ଥ ଶିକ୍ଷାପାଣ୍ଠିରୂପେ ସଂଗୃହୀତ ହୋଇ ନ ଥିବାରୁ ଏଠାରେ ତାହାର ଉଲ୍ଲେଖ କରିବା ବାଞ୍ଛନୀୟ ନୁହେଁ ।

୩ – ଗୋଟିଏ ସାଧାରଣବୋଧ ସମ୍ମିଳନୀର ମୁଖପତ୍ର ପ୍ରକାଶ କରିବା ପ୍ରସ୍ତାବ ସମ୍ମିଳନୀର ତୃତୀୟ ବର୍ଷରୁ ହୋଇଆସୁଅଛି ଏବଂ ତାହା ଯେ ଅତୀବ ବାଞ୍ଛନୀୟ ଏଥିରେ କାହାରି ମତାନୈକ୍ୟ ହୋଇନପାରେ । କିନ୍ତୁ ଅର୍ଥାଗମ ବିନା ଏପରି କାର୍ଯ୍ୟରେ ହାତ ଦେବା ସମ୍ଭବ ନୁହେ ।

୪ – ସାହିତ୍ୟସମାଜକୁ ସାହାଯ୍ୟ ଦେବା ପ୍ରଶ୍ନର ସମାଧାନ ମଧ ଠିକ୍ ସେହିପରି ଧନାଗମ ଉପରେ ନିର୍ଭର କରେ । ଏଣୁ ସେ ବିଷୟରେ କୌଣସି ଚେଷ୍ଟା କରିବା କେନ୍ଦ୍ର ସମିତି ପକ୍ଷରେ ସମ୍ଭବ ହୋଇ ଉଠିନାହିଁ ।

ଏହା ଛଡ଼ା କେନ୍ଦ୍ରସମିତିର କାର୍ଯ୍ୟ – ଗତ ବର୍ଷ ମଧରେ କେନ୍ଦ୍ରସମିତିର ସର୍ବସୁଦ୍ଧା ୮ଟି ଅଧିବେଶନ ହୋଇଅଛି ଏବଂ ସେଥିର ନିର୍ଦ୍ଧାରଣମାନଙ୍କରେ ଶ୍ରୀମାନ୍ ଲକ୍ଷ୍ମୀନାରାୟଣ ସାହୁ ନାମକ ଜଣେ ଛାତ୍ରଙ୍କୁ ଶିବପୁର ଇଞ୍ଜିନୀୟରିଂ କଲେଜରେ ପଢ଼ିବା ପାଇଁ ମାସିକ ଟ୧୦ଙ୍କା, ମେଡ଼ିକାଲ ସ୍କୁଲ ଛାତ୍ର ଶ୍ରୀମାନ୍ ବାଞ୍ଛାନିଧି ମହାପାତ୍ରଙ୍କୁ ଟ୪୮ଙ୍କା ଶ୍ରୀମାନ୍ ହରିଶ୍ଚନ୍ଦ୍ର ରାଓଙ୍କୁ ଖଣିଜବିଦ୍ୟା ପଢ଼ିବା ନିମନ୍ତେ ମାସିକ ଟ୧୫ଙ୍କା ଏବଂ ଶ୍ରୀମାନ୍ ବିରାଜମୋହନ ସେନାପତିଙ୍କୁ ପୁସ୍ତକ ନିମନ୍ତେ ସାହାଯ୍ୟ ଟ୧୦ଙ୍କା ଦିଆଯାଇଅଛି ।

ଅର୍ଥ ସଂଗ୍ରହ ବିଷୟରେ ନାନା ଉଦ୍ୟମରେ ଯେ ସ୍ୱାକ୍ଷରାଦି କରାଯାଇଥିଲା ତାହା ଏବଂ ବାଲେଶ୍ୱର ସମିତିରେ ସ୍ଥିରୀକୃତ ହୋଇଥିବା ଦୈନିକ ଦେୟ ଆଦାୟ ନିମନ୍ତେ ମଧ ନାନା ଚେଷ୍ଟା ଅବଲମ୍ବିତ ହୋଇଅଛି । ବିଶେଷରେ ଯେଉଁମାନେ ସ୍ୱାକ୍ଷର କରି ଟଙ୍କା ଆଦାୟ ଦେଇ ନାହାନ୍ତି, ସେମାନଙ୍କ ନିକଟକୁ ବାରମ୍ବାର ମୁଦ୍ରିତ ପତ୍ରମାନ ପ୍ରେରଣ କରାଯାଇଥିଲା ଏବଂ କେନ୍ଦ୍ରସମିତିର କେତେଜଣ ସଭ୍ୟଙ୍କୁ ଉକ୍ତ ଚାନ୍ଦା ସଂଗ୍ରହର ଭାର ଦେଇ ବାଲେଶ୍ୱର ପ୍ରଭୃତି ଅଞ୍ଚଳକୁ ପଠା ଯାଇଥିଲା ଓ ସ୍ଥାନୀୟ ପତ୍ରିକାର ସମ୍ପାଦକମାନେ କେନ୍ଦ୍ରସମିତିଦ୍ୱାରା ଅନୁରୁଦ୍ଧ ହୋଇ ପ୍ରାର୍ଥନା କରିଥିଲେ । କିନ୍ତୁ ଏ ସବୁ ସତ୍ତ୍ୱେ ଗତ ବର୍ଷ ମଧରେ ଏକ କପର୍ଦ୍ଦକ ସୁଦ୍ଧା ସମ୍ମିଳନୀର ଧନାଗାରକୁ ଆସି ନାହିଁ ।

ବର୍ଣ୍ଣିତ ବର୍ଷରେ କେନ୍ଦ୍ରସମିତି ହସ୍ତରେ ପୂର୍ବ ବର୍ଷରୁ ଅବଶିଷ୍ଟ

| | |
|---|---|
| ଜମା ଥିଲା | ଟ ୧୧୨୫।୷୧½ |
| ଏ ବର୍ଷ ଆୟ | ଟ ୦ |
| ମୋଟ ଜମା | ଟ ୧୧୨୫।୷୧½ରୁ |
| ଖର୍ଚ୍ଚ; ଶ୍ରୀମାନ୍ ଲକ୍ଷ୍ମୀନାରାୟଣ ସାହୁ | ଟ ୧୦୦ |
| ଶ୍ରୀମାନ୍ ବାଞ୍ଛାନିଧି ମହାପାତ୍ର | ଟ ୪୮ |
| ଶ୍ରୀମାନ୍ ବିରାଜମୋହନ ସେନାପତିଙ୍କୁ ମାସିକ ଟ୨୦ ହିସାବରେ ଓ ପୁସ୍ତକ ସାହାଯ୍ୟ ସମେତ | ଟ ୩୧୩୳ |

| | |
|---|---|
| କର୍ମଚାରୀ ବେତନ | ଟ ୨୨ |
| ଚିଠି ପତ୍ର ପ୍ରଭୃତି | ଟ ୭୪/୬ |
| ଏପରି ଗାଏ ମୋଟ | ଟ ୪୯୨୪/୬ ଯାଇ |
| ବାକି ସମ୍ମିଳନୀ ହାତରେ ଜମା ଅଛି | ଟ ୬୩୪୨/୭୪ |

ଏହିପରି କେନ୍ଦ୍ରସମିତିର ବାର୍ଷିକ ବିବରଣ କେବଳ କେତେଗୁଡ଼ିଏ ନିରାଶାସୂଚକ ବାଣୀରେ ଆପଣମାନଙ୍କୁ ଶୁଣାଇବାକୁ ହେଲା । ଏଥିରେ କାହା ମନରେ କିପରି ଭାବ ହୋଇପାରେ । କିନ୍ତୁ ଆମ୍ଭମାନଙ୍କର ଏ ଦୁର୍ଗତିର ଦିନ ଫେରିବାର ଏକମାତ୍ର ଉପାୟ ଦେଶହିତୈଷୀ ଶିକ୍ଷିତ ଲୋକମାନଙ୍କର ସ୍ୱାର୍ଥହୀନ କର୍ମଦକ୍ଷତା । ତାହା ବ୍ୟତୀତ ଏପରି ବାର୍ଷିକ ଚିତ୍କାରରେ କିଛି ବିଶେଷ ହେବାର ଆଶା ନାହିଁ । ଭଗବାନ୍ କରନ୍ତୁ, ଉତ୍କଳର ଶୁଭ ଦିନ ଶୀଘ୍ର ଆସୁ, ଲୋକେ କର୍ମଦକ୍ଷତାରେ ଜାଗ୍ରତ ହୋଇ ଦେଶର ମୁଖ ଉଜ୍ଜ୍ୱଳ କରନ୍ତୁ । ସମ୍ମିଳନୀ ପ୍ରକୃତ ସମ୍ମିଳନୀ ହେଉ, ଓଡ଼ିଶା ଭାରତର ଜାତୀୟସଙ୍ଗୀତରେ ଅଚିରେ ନିଜର ସ୍ୱତନ୍ତ୍ର ତାନ ଯୋଗ କରୁ ।

## ଅଧିବେଶନର ସଭାପତି ସୁରଙ୍ଗୀ ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦ୍ଦେବଙ୍କ ଅଭିଭାଷଣ

ପ୍ରିୟ ଭ୍ରାତୃବୃନ୍ଦ,

ଆଜି ହର୍ଷ ବିଷାଦ ଚିତ୍ତରେ ଆପଣମାନଙ୍କୁ ସମ୍ବର୍ଦ୍ଧନା କରୁଅଛି । ହର୍ଷର କାରଣ ଏହି ଯେ ଆଜି ଭ୍ରାତୃମିଳନର ଦିନ ଏବଂ ମାତୃପୂଜାର ସୌଭାଗ୍ୟ ଶୁଭ ଦିବସ । ଉତ୍ତାଳ ଭ୍ରାତୃପ୍ରେମରେ ମୋହର ହୃଦୟ ଉଦ୍‌ବେଳିତ ହେଉଅଛି । ମାତ୍ର ବିଷାଦର ବିଷୟ ଏହି ଯେ ମୁଁ ଏହି ଜାତୀୟ ସଭା ମହାସମ୍ମିଳନୀର ଅଦ୍ୟ ସଭାପତି ପଦରେ ଅଧିଷ୍ଠିତ । ବିଶାଳ ଉତ୍କଳ ଖଣ୍ଡରେ ସଭାପତିର ଅଭାବ ଏହାର ଏକମାତ୍ର କାରଣ । ଯେଉଁ ଜିଲ୍ଲାରେ ସମ୍ମିଳନୀର ଅଧିବେଶନ ହୁଏ, ସେହି ଜିଲ୍ଲାରୁ ସଭାପତି ନିର୍ବାଚିତ ନ ହେବା ଏହି ସମ୍ମିଳନୀର ନିୟମ । ମାତ୍ର ଏହି ଅଧିବେଶନରେ ସେହି ନିୟମର ବ୍ୟତ୍ୟୟ ଘଟିଅଛି । ଏହା ଅବଶ୍ୟ ଦୁଃଖ ଏବଂ ପରିତାପର ବିଷୟ । ଏ ବର୍ଷ ଗଞ୍ଜାମରେ ଉତ୍କଳ ସମ୍ମିଳନୀ ହେଉ ବୋଲି ମୁଁ ପ୍ରସ୍ତାବ କରିଥିଲି । ଏ ରୂପ ସ୍ଥଳେ ମୋହର ଏ ସଭାରେ ସଭାପତି ଆସନ ଗ୍ରହଣ କରିବା ଅବଶ୍ୟ ନିୟମ ବହିର୍ଭୂତ ହୋଇଅଛି । ଅଗତ୍ୟା ସମ୍ମିଳନୀଭଙ୍ଗ ଭୟରେ ମୁଁ ଅନିଚ୍ଛାସତ୍ତ୍ୱେ ଏହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟଭାର ଗ୍ରହଣ କରିବାକୁ ବାଧ ହୋଇଅଛି । ଆମ୍ଭମାନଙ୍କ ଦେଶରେ ସଭାପତିଯୋଗ୍ୟ ବିଶିଷ୍ଟ ବ୍ୟକ୍ତିଙ୍କର ଅଭାବ ତାହା ନୁହେ । ସମ୍ଭବତଃ ଏହି ସମ୍ମିଳନୀ ପ୍ରତି ଅଶ୍ରଦ୍ଧା ଏବଂ ଅନାସ୍ଥାଯୋଗୁଁ ଏହିପରି ଘଟନା ଘଟିଅଛି । ଯେଉଁ ଦେଶରେ ଗୋଟିଏ ଜାତୀୟ ସଭା ସକାଶେ

ସଭାପତିର ଅଭାବ, ସେ ଦେଶରେ କୌଣସି ଉନ୍ନତିକର କାର୍ଯ୍ୟରେ ଅଗ୍ରସର ହେବା କିରୂପ ବିଡମ୍ବନାର ବିଷୟ, ତାହା ବୋଲିବା ବାହୁଲ୍ୟ ମାତ୍ର । ଏଥିରୁ ବୋଧ ହେଉଅଛି, ଆମ୍ଭମାନଙ୍କର ଜାତୀୟତା ଏବଂ ଦେଶପ୍ରୀତିଶିକ୍ଷା ଅବଧି ହୋଇନାହିଁ । ଏଥିରୁ କେହି ଏପରି ମନେ କରିବେ ନାହିଁ ଯେ ମୁଁ ଜ୍ଞାନଦର୍ପରେ ଉପଦେଶଦାତାର ଆସନ ଗ୍ରହଣ କରିଅଛି କିମ୍ବା ସାଧାରଣଙ୍କୁ ଅଶିକ୍ଷିତ ମନେ କରୁଅଛି । ବାସ୍ତବରେ ଆମ୍ଭମାନଙ୍କ ଦେଶରେ ଶିକ୍ଷିତ ବ୍ୟକ୍ତିର ଅଭାବ ନାହିଁ । କେବଳ ଅଭାବ ଏତିକି ଯେ, ପ୍ରକୃତ ଶିକ୍ଷିତର କାର୍ଯ୍ୟ ହେଉନାହିଁ । ସାଧାରଣ କାର୍ଯ୍ୟରେ ଅନିଚ୍ଛା ଏବଂ ଆତ୍ମମ୍ଭରିତା ଅଶିକ୍ଷିତ ସମାଜରେ ସଂକ୍ରମିତ ଥିଲା ମାତ୍ର ଏଣିକି ସେ ଭାବ ଶିକ୍ଷିତ ସମାଜରେ ମଧ୍ୟ ବିଷର୍ପିତ ହୋଇ ଉଠୁଅଛି । ଆମ୍ଭମାନଙ୍କ ଦେଶର ଶିକ୍ଷିତ ସମାଜରେ ଦେଶ ସକାଶେ ଆତ୍ମତ୍ୟାଗୀ ଲୋକ ସୁଦ୍ଧା ଅଛନ୍ତି, ଅଧିକନ୍ତୁ ସ୍ୱାର୍ଥପର ଦେଶହିତୈଷୀ ସୁଦ୍ଧା ଅଛନ୍ତି । କେବଳ ଅଭାବ ଏହି ଯେ ସେମାନଙ୍କ ମଧ୍ୟରେ ଏକତା ଏବଂ ସହାନୁଭୂତି ଭାବ ଅତି ଦୁର୍ବଳ । ବିଦ୍ୱେଷ ଏବଂ ସ୍ୱାର୍ଥର ସଂଘର୍ଷଣରେ ଆମ୍ଭମାନଙ୍କର ସମାଜ କ୍ରମଶଃ ଅଧୋଗତି ଲାଭ କରୁଅଛି । ସେ ଯାହାହେଉ ଏ ସମ୍ବନ୍ଧେ ଆହୁରି ଅନେକ କଥା କହିବାକୁ ଥିଲେ ସୁଦ୍ଧା ଆପଣା ଦେଶର ତଥା ଭାଇମାନଙ୍କର ତ୍ରୁଟି ବିଷୟ କୀର୍ତ୍ତନ କରିବାଦ୍ୱାରା ନିଜେ ନିଜକୁ କଳଙ୍କିତ କରିବାକୁ ହେବ । ସୁତରାଂ ନିଜର ଗୃହଚ୍ଛିଦ୍ର ପ୍ରକାଶରୁ ନିବୃତ୍ତ ହୋଇ ବର୍ତ୍ତମାନ ମୋହର କର୍ତ୍ତବ୍ୟ ପଥରେ ଅଗ୍ରସର ହେଉଅଛି ।

ଭାଇମାନେ ! ସଭାପତି ହେଲେ କିଛି ବକ୍ତୃତା ଦେବାକୁ ହୁଏ । ମୋତେ ମଧ୍ୟ ସେହି ପନ୍ଥାରେ ପଥିକ ହେବାକୁ ହେବ । ମାତ୍ର ସେଥିର ଉପଯୋଗିତା ମୁଁ ସମ୍ୟକ ଉପଲବ୍ଧି କରିପାରୁ ନାହିଁ । ଯେହେତୁ ପୂର୍ବ ପୂର୍ବ ଅଧିବେଶନର ସଭାପତିମାନେ ଯେଉଁ ସମସ୍ତ ଅଭାବ ଅସୁବିଧାର ବିଷୟ ବର୍ଣ୍ଣନ କରି ଯାଇଅଛନ୍ତି ତନ୍ମଧ୍ୟରୁ ଅବଧି କୌଣସି ଗୋଟିଏ କାର୍ଯ୍ୟରେ ସୁଦ୍ଧା ହସ୍ତକ୍ଷେପ ହୋଇନାହିଁ, ପୁନଶ୍ଚ ସେହିସବୁ ବିଷୟର ଅବତାରଣା ପିଷ୍ଟପେଷଣ ମାତ୍ର । ତଥାପି କର୍ତ୍ତବ୍ୟାନୁରୋଧରେ ପାରମ୍ପରିକ ରୀତ୍ୟାନୁସାରେ କିଛି କହିବା ଉଚିତ ବୋଧ କରୁଅଛି । ମୁଁ ମୋହର ବକ୍ତବ୍ୟ ଆରମ୍ଭ କରିବା ପୂର୍ବରୁ କହି ରଖିବା ଉଚିତ ଯେ, ସମ୍ମିଳନୀରେ ଧର୍ମଚର୍ଚ୍ଚା ହେବନାହିଁ ।

**ଶିକ୍ଷା :** ଶିକ୍ଷା ସର୍ବବିଧ ଉନ୍ନତିର ମୂଳ । ତାହାର ଅଭାବରେ ଯାବତୀୟ ଉନ୍ନତି ଚେଷ୍ଟା ନିରର୍ଥକ । ଯେ ଦେଶ ଯେଉଁ ପରିମାଣରେ ଶିକ୍ଷିତ, ସେ ଦେଶ ସେହି ପରିମାଣରେ ଉନ୍ନତ ହୋଇଥାଏ । କେବଳ ଭୂଗୋଳ, ଇତିହାସ ଶିକ୍ଷା – ଶିକ୍ଷା ନୁହେଁ । ଯଦ୍ଦ୍ୱାରା ମନୁଷ୍ୟର ଐହିକ ଏବଂ ପାରତ୍ରିକ ଉନ୍ନତି ହୁଏ, ତାହାକୁ ପ୍ରକୃତ ଶିକ୍ଷା ବୋଲାଯାଏ । ଅର୍ଥାତ୍ ଯହିଁରେ ଦେହ, ମନ ଏବଂ ଆତ୍ମାର ବିକାଶ ହୁଏ, ତାହାହିଁ ପ୍ରକୃତ ଶିକ୍ଷାପଦବାଚ୍ୟ । ''ବିଦ୍ୟାବିହୀନେ ପଶୁ'' ଏହି କଥା ଆମ୍ଭର ନୀତିଶାସ୍ତ୍ର

ବଜ୍ରନିର୍ଘୋଷରେ ଉପଦେଶ ଦେଉଅଛି । ସେଦିନ ଆମ୍ଭମାନଙ୍କ ସ୍ୱନାମଧନ୍ୟ ଭାରତ ଚକ୍ରବର୍ତ୍ତୀ ପଞ୍ଚମ ଜର୍ଜ ମହୋଦୟ କଲିକତା ପରିତ୍ୟାଗ ସମୟରେ ଶିକ୍ଷା ସମ୍ବନ୍ଧେ ଏହି ରୂପ କହିଥିଲେ ଯେ, ''ଜାଲ ଛନ୍ଦିଲାପରି ଦେଶବ୍ୟାପୀ ସ୍କୁଲ ଓ କଲେଜମାନ ସ୍ଥାପିତ ହେଉ । ସେହି ସମସ୍ତ ବିଦ୍ୟାଳୟରୁ ରାଜଭକ୍ତ, ସାହସୀ, କର୍ମଠ, ଦେଶାନୁରାଗୀ ଏବଂ ଶିଳ୍ପ, କୃଷି ପ୍ରଭୃତି ବିଦ୍ୟାବିଶାରଦ ବ୍ୟକ୍ତିଗଣ ବାହାର ହେଉନ୍ତୁ ଏହାହିଁ ଆମ୍ଭର ପୂର୍ଣ୍ଣ ବାସନା । ଆହୁରି ମଧ୍ୟ ଆମ୍ଭର ଆନ୍ତରିକ ଇଚ୍ଛା ଏହି ଯେ ଜ୍ଞାନାଲୋକ ବିକୀର୍ଣ୍ଣ ହୋଇ ତଦୁପସର୍ଗ ଉଚ୍ଚଚିନ୍ତା, ସ୍ୱାଚ୍ଛନ୍ଦ୍ୟ ଏବଂ ସ୍ୱାସ୍ଥ୍ୟ ଦ୍ୱାରା ସେମାନଙ୍କ ପରିଶ୍ରମ ମଧୁମୟ ହେଉ ଏବଂ ସେମାନଙ୍କର ପାରିବାରିକ ଜୀବନ ଉଜ୍ଜ୍ୱଳ ହେଉ । କେବଳ ଏହି ଶିକ୍ଷାଦ୍ୱାରା ମୋହର ସମସ୍ତ ଅଭିଳାଷ ସାଧିତ ହେବ । ଭାରତରେ ଶିକ୍ଷାବିସ୍ତାର ଆମ୍ଭର ପ୍ରଧାନ ଚିନ୍ତନୀୟ ବିଷୟ ।'' ଏହି ସାର ସୁବର୍ଣ୍ଣ ଉକ୍ତିଗୁଡ଼ିକ ଯେ ଅକ୍ଷରେ ଅକ୍ଷରେ ସତ୍ୟ, ଏଥିରେ ଦ୍ୱିରୁକ୍ତି ନାହିଁ । ବାସ୍ତବିକ ଶିକ୍ଷା ବ୍ୟତୀତ କୌଣସି ପ୍ରକାର ଉନ୍ନତି ଅସମ୍ଭବ । ଶିକ୍ଷା ଉଚ୍ଚଚିନ୍ତାର ଜନନୀ । ତଦ୍ଦ୍ୱାରା ହୃଦୟ ପ୍ରଶସ୍ତ ହୁଏ ଏବଂ ସାର୍ବଜନୀନ ଉଦାରତା ପରିସ୍ଫୁଟ ହୁଏ । ଶିକ୍ଷାର ଉପକାରିତା ସମୁଦ୍ରବତ୍ ଗଭୀର ଏବଂ ଅସୀମ । ତାହା ସମ୍ୟକ୍ ହୃଦୟଙ୍ଗମ କରାଇବା ଅଳ୍ପ ସମୟସାପେକ୍ଷ ନୁହେଁ । ସୁତରାଂ ଏହି ଗୋଟିଏ ବିଷୟର ଆଲୋଚନାରେ ସଭାର ଉଦ୍ଦେଶ୍ୟ ସାଧିତ ହେବନାହିଁ । ବହୁବିଷୟର ଅବତାରଣା କରିବାକୁ ହେବ ବୋଲି ତହିଁରୁ କ୍ଷାନ୍ତ ହୋଇ ଅନ୍ୟ ପ୍ରସଙ୍ଗ ଆଲୋଚନାରେ ପ୍ରବୃତ୍ତ ହେଲି ।

**ସମ୍ବାଦପତ୍ର :** ଉନ୍ନତିର ଆଉ ଗୋଟିଏ ଅଙ୍ଗ ସମ୍ବାଦପତ୍ର । ସମ୍ବାଦପତ୍ର ପରି ସୁଶିକ୍ଷକ ଜଗତରେ ନାହିଁ । କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା, ସଭ୍ୟତା, ସାହିତ୍ୟ, ଦର୍ଶନ, ବିଜ୍ଞାନ, ଇତିହାସ ପ୍ରଭୃତି ସମ୍ବାଦପତ୍ରରୁ ଏକାଧାରରେ ଶିକ୍ଷା ହୁଏ । ଅଧିକନ୍ତୁ ଉନ୍ନତ ଦେଶର ରୀତି, ନୀତି, ଆଚାର, ବ୍ୟବହାର, ବ୍ୟକ୍ତି ବିଶେଷର ବା ଜାତି ବିଶେଷର ଉଚ୍ଚ ଚିନ୍ତା ଉଚ୍ଚ ଆଦର୍ଶ ସମ୍ବାଦପତ୍ର ମୁକୁରରେ ପ୍ରତିଫଳିତ ଥାଏ । ଏଣୁ ଉନ୍ନତ ଦେଶମାନଙ୍କରେ ସମ୍ବାଦପତ୍ରର ଆଦର ଓ ପ୍ରଚାର ସମଧିକ । ଇଂଲଣ୍ଡରେ କ୍ଷୁଦ୍ର ପଲ୍ଲୀଗ୍ରାମରୁ ସୁଦ୍ଧା ଅନେକ ଦୈନିକ, ସାପ୍ତାହିକ ଏବଂ ମାସିକ ପତ୍ରିକା ପ୍ରକାଶିତ ହୁଏ । ସେ ଦେଶର ଯେ ଯେ ସ୍ଥାନର ଲୋକସଂଖ୍ୟା ୭/୮ ଲକ୍ଷ ସେହି ସେହି ସ୍ଥାନରେ ଦୈନିକ, ସାପ୍ତାହିକ ଏବଂ ମାସିକ ପତ୍ରପତ୍ରିକା ଚାଳିଶ ଖଣ୍ଡରୁ ଉର୍ଦ୍ଧ ପ୍ରକାଶିତ ହେବାର ଦେଖା ଯାଇଅଛି । ସଭ୍ୟ ଦେଶମାନଙ୍କରେ ସମ୍ବାଦପତ୍ରର ଆଦର କିରୂପ ତାହା ଏଥିରୁ ସହଜରେ ଅନୁମାନ କରା ଯାଇପାରେ । ସମ୍ବାଦପତ୍ର ପାଠ ଇଂଲଣ୍ଡବାସିମାନଙ୍କର ପ୍ରାତଃସ୍ମରଣ ମନ୍ତ୍ର ତୁଲ୍ୟ । ସେମାନେ ଶଯ୍ୟାରୁ ଉଠି ପ୍ରଥମତଃ ସମ୍ବାଦପତ୍ର ପାଠ କରି ପରେ ଅନ୍ୟ କାର୍ଯ୍ୟରେ ପ୍ରବୃତ୍ତ

ହୁଅନ୍ତି । ଆମ୍ଭମାନଙ୍କ ଦେଶର ଗୋଟିଏ ଗୋଟିଏ ଜିଲା ସୁଦ୍ଧା ସମ୍ବାଦପତ୍ରଶୂନ୍ୟ । ଏ ଅଭାବ ଆଶୁ ପୂରଣ ହେବା ବାଞ୍ଛନୀୟ । ପୁନଶ୍ଚ ଏହା ମଧ ସତ୍ୟ ଯେ ସମ୍ବାଦପତ୍ରର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଦେଶରେ ପାଠକ ସଂଖ୍ୟା ବୃଦ୍ଧି କରିବାକୁ ହେବ । ସାଧାରଣ ମନରେ ସମ୍ବାଦପତ୍ର ପ୍ରତି ଆସ୍ଥା ଓ ଆଗ୍ରହ ଜନ୍ମାଇବାକୁ ହେବ । ସମ୍ମିଳନୀର ପ୍ରଚାରକମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସୁବିଧାରେ ହୋଇପାରିବାର ଆଶା କରାଯାଏ । ସମ୍ବାଦପତ୍ର ପରିଚାଳନ ବହୁ ବ୍ୟୟସାଧ କାର୍ଯ୍ୟ ହେଲେହେଁ ଯୌଥଗଠନ ଦ୍ୱାରା ତାହା ସହଜରେ ହୋଇପାରେ ।

**ସାହିତ୍ୟ :** ଯାହାଦ୍ୱାରା ସମ୍ୟକ ହିତ ସାଧିତ ହୁଏ ତାହାକୁ ସାହିତ୍ୟ କହନ୍ତି । ସୁତରାଂ ସାହିତ୍ୟ ଉନ୍ନତିର ଗୁରୁ । ଜାତୀୟସାହିତ୍ୟ ଏବଂ ଜାତୀୟଉନ୍ନତି ଏ ଉଭୟର ସଂପର୍କ ନିବିଡତର । ଯେଉଁ ଜାତି ଯେଉଁ ପରିମାଣରେ ଉନ୍ନତ, ସେହି ଜାତିର ସାହିତ୍ୟ ମଧ ସେହି ପରିମାଣରେ ଉନ୍ନତ । ସୁତରାଂ ଜାତୀୟସାହିତ୍ୟ ଜାତୀୟଉନ୍ନତିର ପରିମାପକ ଅଟେ । ସାହିତ୍ୟରେ ମହାତ୍ମାମାନଙ୍କର ଜୀବନୀ ଏବଂ କାର୍ଯ୍ୟକଳାପ ଲିପିବଦ୍ଧ ଥାଏ । ସେଥିର ଅନୁଧାନ ଦ୍ୱାରା ମହାଜନ ସଦ୍‌ଗୁଣାନୁକୃତିର ଇଚ୍ଛା ଜାଗ୍ରତ ହୋଇଉଠେ । ସାହିତ୍ୟପାଠରେ ଚରିତ୍ର ମାର୍ଜିତ ହୁଏ, ନୈତିକବଳ ବୃଦ୍ଧିପ୍ରାପ୍ତ ହୁଏ ଏବଂ ଅନୁସନ୍ଧିତ୍ସାପ୍ରବୃତ୍ତି ହୃଦୟରେ ଜାଗ୍ରତ ହୁଏ । ଅତଃ ଜାତୀୟସାହିତ୍ୟ କିରୂପ ମହୋପକାରୀ, ତାହା ଉପରୋକ୍ତ ଉକ୍ତିରୁ ଅନୁମେୟ । ମାତ୍ର ଦୁଃଖର ବିଷୟ, ଉତ୍କଳ ସାହିତ୍ୟର ଅବସ୍ଥା ବର୍ତ୍ତମାନ ନିସ୍ତବ୍ଧ ଏବଂ ନିସ୍ତରଙ୍ଗ । ବର୍ତ୍ତମାନ ଦେଶରେ ଯେଉଁ ମୁଷ୍ଟିମେୟ ସାହିତ୍ୟିକ ଅଛନ୍ତି, ଉତ୍ସାହ ଏବଂ ସହାନୁଭୂତି ଅଭାବରୁ ସେମାନେ ହତାଶ ହୋଇ ରହିଅଛନ୍ତି । ସାହିତ୍ୟର ଉନ୍ନତି କରିବାକୁ ଗଲେ ସେମାନଙ୍କୁ ସମ୍ୟକ ଉତ୍ସାହିତ କରିବାକୁ ହେବ ଏବଂ ସେମାନଙ୍କ ପ୍ରଣୀତ ପୁସ୍ତକ ଘରେ ଘରେ ପଢ଼ିବାର ବ୍ୟବସ୍ଥା କରିବାକୁ ହେବ । ନଚେତ୍ କେବଳ ସଭାସମିତିରେ ସାହିତ୍ୟୋନ୍ନତି ସମ୍ବନ୍ଧରେ ଆଡମ୍ବରପୂର୍ଣ୍ଣ ବକ୍ତୃତା ଦେଇ କର୍ତ୍ତବ୍ୟ ପର୍ଯ୍ୟବସିତ କଲେ ଚଳିବ ନାହିଁ । ସମ୍ପ୍ରତି ଦେଶରେ ଯେ କେତେଜଣ ସାହିତ୍ୟିକ ଅଛନ୍ତି, ସେମାନେ ପ୍ରାୟ ଦାରିଦ୍ର୍ୟ-ପ୍ରପୀଡ଼ିତ । ସେମାନଙ୍କ ସକାଶେ ସାହିତ୍ୟିକ ପାଣ୍ଠି ସ୍ଥାପନ କରି ସେଥିରୁ ସାହାଯ୍ୟ ପ୍ରଦାନପୂର୍ବକ ସେମାନଙ୍କ ହାତରୁ ବିବିଧ ସାହିତ୍ୟ ପୁସ୍ତକ ଲେଖାଇ ନେବାକୁ ହେବ । ଏରୂପ ସୁରୀତି ପୂର୍ବରେ ଏ ଦେଶରେ ପ୍ରଚଳିତ ଥିଲା । ସେକାଳର ରାଜା ଓ ଏବଂ ଧନୀମାନେ ସାହିତ୍ୟିକ ବା କବିମାନଙ୍କର ଭରଣପୋଷଣର ଉପାୟ କରିଦେଇ ସେମାନଙ୍କୁ ସାହିତ୍ୟସେବାରେ ସୁବିଧା ପ୍ରଦାନ କରୁଥିଲେ । ମାତ୍ର ଏବେ ଆଉ ସେ ସୁରୀତି ନାହିଁ । ଯାହାହେଉ ସେହି ପୂର୍ବରୀତିର ଅନୁସରଣ ନ କଲେ ସାହିତ୍ୟୋନ୍ନତିର ଉପାୟାନ୍ତର ନାହିଁ ।

**କୃଷି :** କୃଷି ସର୍ବବିଧ ଉନ୍ନତିର ମୂଳ । ଖାଦ୍ୟ ଏବଂ ଧନ ଦାନକରି ତାହା ସମସ୍ତ ଉନ୍ନତିର ମାର୍ଗ ପରିଷ୍କାର କରିଦିଏ । ପୂର୍ବେ ଏ ଦେଶରେ ଉନ୍ନତ ପ୍ରଣାଳୀରେ ଚାଷ ହେଉଥିଲା । ଫଳତଃ ଭୂମିରୁ ବହୁ ପରିମାଣରେ ଶସ୍ୟ ଉତ୍ପନ୍ନ ହେଉଥିଲା । ମାତ୍ର ବର୍ତ୍ତମାନ *ଆଉ ସେ ଋଷିପ୍ରଣୀତ କୃଷିପ୍ରଣାଳୀ ଅନୁସାରେ କୃଷି ହେଉନାହିଁ ।* କୃଷିକାର୍ଯ୍ୟ କେବଳ ଦେଖାଶିଖା ଭାବରେ ଚଳୁଅଛି । କ୍ଷେତ୍ରରେ ସାର ଦେବାର ବିଧି ଅଛି, ସେଥିପାଇଁ ସାର ଦିଆଯାଏ । ମାତ୍ର ତାହା କାହିଁକି ଦେବାକୁ ହୁଏ, ଏ ଅଭିଜ୍ଞତା ଆଧୁନିକ କୃଷକକୁଳର ନାହିଁ। କୃଷକମାନଙ୍କର ଆଉ ଗୋଟିଏ ତ୍ରୁଟି ଏହି ଯେ, ସେମାନେ ଆବହମାନ ପ୍ରଚଳିତ କୃଷି ବ୍ୟତୀତ କୌଣସି ପ୍ରକାର ନୂତନ କୃଷି କରିବାକୁ ପରାଙ୍ମୁଖ । ଗୋଟିଏ ବା ଦୁଇଟି କୃଷି ଉପରେ ନିର୍ଭର କଲେ ଅତି ବୃଷ୍ଟି ବା ଅନାବୃଷ୍ଟିରେ ଶସ୍ୟ ନଷ୍ଟ ହେଲେ କୃଷକ ସର୍ବସ୍ୱାନ୍ତ ହୁଏ । ମାତ୍ର ୪/୫ଟି ଫସଲ ଉପରେ ନିର୍ଭର କଲେ ସେଥିରୁ ଗୋଟାଏ ଦୁଇଟା ନଷ୍ଟ ହୋଇଗଲେ ସୁଦ୍ଧା ଅବଶିଷ୍ଟ ସେ କ୍ଷତି ପୂରଣ କରିଦିଏ ।

ଅନେକ ଶିକ୍ଷିତ ଲୋକ କୃଷିକାର୍ଯ୍ୟକୁ ନୀଚ କାର୍ଯ୍ୟ ଜ୍ଞାନ କରନ୍ତି । ମାତ୍ର ତାହା ସେମାନଙ୍କର ଗୋଟିଏ ବିଷମ ଭ୍ରମ । ଯେଉଁ କାର୍ଯ୍ୟ ଉପରେ ମାନବ ଜୀବନ ଏକାନ୍ତ ନିର୍ଭର କରେ, ତାହା କଦାଚ ନୀଚ ହୋଇପାରେ ନାହିଁ । ପ୍ରତ୍ୟୁତ ତାହା ଉତ୍କୃଷ୍ଟ ଏବଂ ପବିତ୍ର । ଦେଶର ଶିକ୍ଷିତ ଲୋକମାନେ କୃଷିର ମୂଲ୍ୟ ବୁଝି ନବୋଦ୍ଭାବିତ ପ୍ରଣାଳୀରେ ବିବିଧ କୃଷି ପୁସ୍ତକ ଲେଖି ପ୍ରଚାର ନ କଲେ କିମ୍ବା କୃଷକମାନଙ୍କୁ ଉତ୍ସାହ ଦେଇ କର୍ମରେ ନ ପ୍ରବର୍ତ୍ତାଇଲେ କୃଷିର ଅବସ୍ଥା ଉନ୍ନତ ହେବନାହିଁ ।

*ଶିଳ୍ପ : ପଦାର୍ଥକୁ ରୁଚିସଙ୍ଗତରୂପେ ପ୍ରସ୍ତୁତ କରି ବ୍ୟବହାରୋପଯୋଗୀ କରିବାର* ନାମ ଶିଳ୍ପ ବା କଳାବିଦ୍ୟା । ଏହା ଧନାଗମର ଏକ ମହତ୍ ପନ୍ଥା । ମାତ୍ର ଏ ଦେଶର ଶିଳ୍ପ ସମ୍ପ୍ରତି ନିତାନ୍ତ ହୀନପ୍ରଭ । ସେହି କଳାବିଦ୍ୟାର ପୁନରୁତ୍ଥାନ ନ ହେଲେ ଦେଶରୁ ଅବନତିକଳା ଛାଡ଼ିବ ନାହିଁ । କୃଷକ ଏବଂ ଶିଳ୍ପୀ ଏ ଉଭୟେ ଦେଶର ମୂଳଭିତ୍ତି ସ୍ୱରୂପ । ପୂର୍ବେ ଶିଳ୍ପକଳାରେ ଏ ଦେଶ ଜଗତର ଶୀର୍ଷସ୍ଥାନ ଅଧିକାର କରିଥିଲା । କୋଣାର୍କର ଭଗ୍ନ ମୁଖଶାଳା, ପୁରୀ ଏବଂ ଭୁବନେଶ୍ୱରର ଅପୂର୍ବ ଭାସ୍କର୍ଯ୍ୟପୂର୍ଣ୍ଣ ଦେଉଳ, ଭୁବନେଶ୍ୱରର ପ୍ରସ୍ତର ଚନ୍ଦ୍ରାତପ ପ୍ରଭୃତି ପୁରାକାଳୀନ ଉତ୍କଳଶିଳ୍ପିମାନଙ୍କର ଶିଳ୍ପଚାତୁରୀ ନୀରବରେ ଘୋଷଣା କରୁଅଛି । କିନ୍ତୁ ପରିତାପର ବିଷୟ, ବର୍ତ୍ତମାନ ସେ ଶିଳ୍ପିମାନଙ୍କର ବଂଶଧରମାନେ ସ୍ୱୀୟ ଜାତୀୟ ବିଦ୍ୟା ଏକାବେଳକେ ବିସ୍ମୃତ ହୋଇ ଅତି ଦୀନଦଶାରେ କାଳହରଣ କରୁଅଛନ୍ତି । ଦେଶୀୟ ଶିଳ୍ପର ଆଦର ପ୍ରଚାର ଅଭାବରୁ ଏହି ଶୋଚନୀୟ ଅବସ୍ଥା ଘଟିଅଛି । ଦେଶୀୟ ପଦାର୍ଥ ଦେଶରେ ପ୍ରଚଳିତ ହେଲେ ସେଥିର ମୂଲ୍ୟ ଦେଶରେ ରହିଥାଏ । ବ୍ୟବସାୟ ବାଣିଜ୍ୟ ସୂତ୍ରରେ ସେହି ଅର୍ଥ

ଦେଶରେ ଖେଳି ବୁଲି ଦେଶୀୟ ଲୋକମାନଙ୍କର ଅବସ୍ଥା ସ୍ୱଚ୍ଛଳ କରେ । ଆଉ ଯଦି ସେହି ଅର୍ଥ ବିଦେଶକୁ ବାହାରିଯାଏ, ତେବେ ଦେଶର ଦାରିଦ୍ର୍ୟ ଅନିବାର୍ଯ୍ୟ । ଅତଃ ଦେଶୀୟ ଶିଳ୍ପର ଆଦର ବ୍ୟବହାର କରିବାକୁ ହେବ । ବୃତ୍ତିଦାନଦ୍ୱାରା ଦେଶୀୟ ଶିଳ୍ପିମାନଙ୍କୁ ବିଦେଶକୁ ପଠାଇ ନାନା ପ୍ରକାର ନୂତନ ଶିଳ୍ପ ଶିଖାଇ ଆଣିବାର ବ୍ୟବସ୍ଥା କରିବା ଉଚିତ ।

**ବାଣିଜ୍ୟ :** ବାଣିଜ୍ୟ ଆମ୍ଭମାନଙ୍କର ଦେଶରେ ପୁରାକାଳରେ କିପରି ଉନ୍ନତିଲାଭ କରିଥିଲା ଏବଂ ଦେଶର ଲୋକମାନେ ଯାଭା, ସିଂହଳ ପ୍ରଭୃତି ଦୂରବର୍ତ୍ତୀ ସ୍ଥାନକୁ ଗମନ କରି କିପରି ବାଣିଜ୍ୟ କରୁଥିଲେ ତାହା କାହାରିକୁ ଅବିଦିତ ନୁହେଁ । ଆମ୍ଭମାନଙ୍କ ଦୁର୍ଭାଗ୍ୟକ୍ରମେ ଲୋକମାନଙ୍କର ସେ ପ୍ରବୃତ୍ତି ଏକାବେଳକେ ତିରୋହିତ ହୋଇଅଛି । ବହିର୍ବାଣିଜ୍ୟଦ୍ୱାରା ଦେଶ କିପରି ଉନ୍ନତ ହୁଏ, ତହିଁର ଉଦାହରଣ ଅନାବଶ୍ୟକ । ଇଂରାଜ ଓ ଜାପାନିମାନେ ଏବଂ ସେମାନଙ୍କର ଦେଶ ଏ ବିଷୟର ପ୍ରକୃଷ୍ଟ ଉଦାହରଣ ସ୍ଥଳ । ଆମ୍ଭମାନଙ୍କ ଦେଶର ଧନଶାଳୀ ବ୍ୟକ୍ତିମାନେ ନିଜର ଉପାର୍ଜିତ ଧନ ମୃତ୍ତିକା ଗର୍ଭରେ ପ୍ରୋଥିତ କରି ରଖିବାକୁ ଯେପରି ସୁପଟୁ, ବାଣିଜ୍ୟାଦିରେ ତାହା ବିନିଯୋଗ କରିବା ନିମନ୍ତେ ତାଦୃଶ ନୁହନ୍ତି । ଦୁଇ ଏକଜଣ ଧନୀ ଲୋକ କେବଳ ଯେ ସେମାନଙ୍କର ସମଗ୍ର ଧନ ଦେବେ, ତାହା ନୁହେଁ । ''ସଂହତିଃ କାର୍ଯ୍ୟସାଧିକା ।'' ଦେଶର ଯାବତୀୟ ଧନୀଲୋକ କିଛି କିଛି ଧନ ପ୍ରଦାନ କରି ସେହି ସମଷ୍ଟି ଧନଦ୍ୱାରା ନାନାବିଧ ବାଣିଜ୍ୟର ଅନୁଷ୍ଠାନ କଲେ ନାନା ବିଷୟର ଉନ୍ନତି ଅଚିରେ ଆମ୍ଭମାନଙ୍କର କରଗତ ହୁଅନ୍ତା । ମାତ୍ର ଗଭୀର ଦୁଃଖର ବିଷୟ ବକ୍ତା ଓ ନେତାମାନଙ୍କର ଏ ସମ୍ବନ୍ଧୀୟ ଉକ୍ତିମାନ କେବଳ ଅରଣ୍ୟରୋଦନରେ ପର୍ଯ୍ୟବସିତ ହେଉଅଛି ।

**ସମାଜ ସଂସ୍କାର :** ସମାଜର କୁରୀତି ଏବଂ କୁନୀତିର ନିରାକରଣକୁ ସମାଜ-ସଂସ୍କାର କହନ୍ତି । ଆମ୍ଭମାନଙ୍କ ଦେଶରେ କେତେଗୁଡ଼ାଏ ଦେଶାଚାର ଏବଂ ଭ୍ରମବିଶ୍ୱାସ ରାଜତ୍ୱ ବିସ୍ତାର କରି ଉନ୍ନତି ପଥ କଣ୍ଟକିତ କରିଅଛି । ସମାଜରୁ ସେଥିର ମୂଳୋତ୍ପାଟିତ ନ ହେଲେ ଉନ୍ନତି ଦୁରାଶା ମାତ୍ର । ଜ୍ଞାନାର୍ଜନ ସକାଶ ବିଦେଶ ଯାତ୍ରାକଲେ ଜାତି ଯିବ, ବ୍ରାହ୍ମଣ ବ୍ୟତୀତ ବେଦପାଠରେ ଅନ୍ୟର ଅଧିକାର ନାହିଁ, ଛଦିନରେ ଘରକୁ ଆସିଲେ ଜ୍ୱର ହେବ, ଏରୂପ ଭ୍ରାନ୍ତ ଧାରଣା ଏ ଦେଶରେ ଯଥେଷ୍ଟ । କିନ୍ତୁ ସୁଖର ବିଷୟ ଯେ, ବର୍ତ୍ତମାନ ଶିକ୍ଷା ପ୍ରଭାବରେ ଅନେକ କୁରୀତି ଦେଶରୁ ସ୍ୱତଃ ଦୂରୀଭୂତ ହୋଇଅଛି । ସମାଜସଂସ୍କାର ଆବଶ୍ୟକ ମାତ୍ର ଉଚ୍ଛୃଙ୍ଖଳ ସଂସ୍କାର ଆବଶ୍ୟକ ନୁହେ । ସେହିପରି ମୁହଁରେ ସଂସ୍କାରର ପକ୍ଷପାତୀ ହୋଇ କାର୍ଯ୍ୟରେ ଭିନ୍ନ ବ୍ୟବହାର କରିବା ମଧ୍ୟ ଭଲ ନୁହେଁ । ସେରୂପ କପଟ ସଂସ୍କାରରେ ସମାଜ କ୍ଷତବିକ୍ଷତ ହୁଏ । ସଂସ୍କାରକର କାର୍ଯ୍ୟ ଏବଂ କଥା ଏକ ହେବା ଉଚିତ ।

**ଜୀବନଚରିତ :** ଦେଶର ସନ୍ତାନମାନଙ୍କୁ ଚରିତ୍ରବାନ କରିବା ସକାଶେ ଅନ୍ୟାନ୍ୟ ବିଷୟ ପରି ମହଦ୍‌ବ୍ୟକ୍ତିମାନଙ୍କର ଜୀବନଚରିତ ପାଠ ଏବଂ ଦେଶୀୟ ଇତିହାସରେ ଅଭିଜ୍ଞତା ଲାଭ ଅତ୍ୟାବଶ୍ୟକ । ଚରିତ୍ରଗଠନ ବିଷୟରେ ଯଶସ୍ୱୀ, ମନସ୍ୱୀ ତଥା କର୍ମବୀର ଓ ଦାନବୀରମାନଙ୍କର ପୁଣ୍ୟ ଚରିତାବଳୀ ସୁବିମଳ ଦର୍ପଣସ୍ୱରୂପ । ଏହାର ଉପକାରିତା ଅନ୍ୟାନ୍ୟ ଦେଶବାସିମାନେ ସମ୍ୟକ ଉପଲବ୍ଧି କରିଥିବାରୁ ଉକ୍ତ ବିଷୟର ଅଭାବ ଦୂର ନିମନ୍ତେ ପ୍ରାଣପଣରେ ଲାଗିଛନ୍ତି । ମାତ୍ର ଦୁର୍ଭାଗ୍ୟର ବିଷୟ ସୁଢ଼ଳଦେବ, ପଦ୍ମନାଭ ଦେବ, ରାଧାନାଥ ରାୟ, ଅଭିରାମ ଭଞ୍ଜ ଓ ଚନ୍ଦ୍ରଶେଖର ସାମନ୍ତ ଇତ୍ୟାଦି ଯଶସ୍ୱୀ ମହାତ୍ମାମାନଙ୍କର ଜୀବନୀ ପ୍ରକାଶ କରିବା ସକାଶେ ଅବଧି କାହାରିକୁ ଯତ୍ନବାନ ହେବାର ଦେଖାଗଲା ନାହିଁ । ପଦ୍ମନାଭ ଦେବଙ୍କର ଜୀବନୀ ପ୍ରକାଶ କରିବା ସକାଶେ ପ୍ରାୟ ଆଠ ଦଶ ବର୍ଷ ହେଲା ସମଗ୍ର ଉତ୍କଳବାସୀ ପ୍ରତିଶ୍ରୁତ ହୋଇ ଅବଧି ନିଜର ପ୍ରତିଜ୍ଞା ପାଳନ କରିପାରି ନାହାନ୍ତି । ଶିକ୍ଷିତ ବ୍ୟକ୍ତିମାନେ ଏକ ଏକ ବିଷୟ ଲେଖିବାକୁ ମନୋଯୋଗୀ ହେଲେ ଏହି ଗୁରୁତର ଅଭାବ ଦିନେ ନିରାକୃତ ହୁଅନ୍ତା । ଏହି ପ୍ରୟୋଜନୀୟ ବିଷୟରେ ଏପରି ଉଦାସୀନତା ସର୍ବଥା ଅଶୋଭନୀୟ ଓ ଅବାଞ୍ଛନୀୟ ଅଟେ । ଆମ୍ଭ ଦେଶବାସୀ ମଧ୍ୟରେ ଅନେକେ ଦେଶର ଇତିହାସାଦି ଜ୍ଞାନରେ ନିତାନ୍ତ ଦୁର୍ବଳ । ଦେଶର କେଉଁ ଅଂଶରେ କି ଦର୍ଶନୀୟ ଓ ଶିକ୍ଷଣୀୟ ବିଷୟ ଅଛି, ଦେଶର କେଉଁ ରାଜା କି ବଂଶୀୟ, ତାହାଙ୍କର ଆଚାର ବ୍ୟବହାର କିପରି, ଏ ସବୁ ବିଷୟରେ ଅଭିଜ୍ଞତା ଏକାନ୍ତ ଆବଶ୍ୟକ । ଏହି ଅଭିଜ୍ଞତା ଲାଭ ନିମନ୍ତେ ସମଗ୍ର ଉତ୍କଳର ଐତିହାସିକ, ଭୌଗୋଳିକ ବିବରଣପୂର୍ଣ୍ଣ ପୁସ୍ତକମାନ ପ୍ରଚାରିତ ହେବା ଶ୍ରେୟସ୍କର ।

**ସ୍ତ୍ରୀଶିକ୍ଷା :** କେବଳ ସ୍ତ୍ରୀଶିକ୍ଷା ଉପରେ ଉନ୍ନତିର ଅର୍ଦ୍ଧାଂଶ ନିର୍ଭର କରେ । ସ୍ତ୍ରୀ ପୁରୁଷ ଉଭୟ ଘେନି ସଂସାର । ସେଥିମଧ୍ୟରୁ ଗୋଟିଏ ପକ୍ଷ ଦୁର୍ବଳ ହେଲେ ସଂସାର ସୁଖମୟ ହୁଏ ନାହିଁ । ଉନ୍ନତି-ପକ୍ଷିର ଦୁଇଗୋଟି ଡେଣା । ଗୋଟିଏ ପୁରୁଷଶିକ୍ଷା ଏବଂ ଅପରଟି ସ୍ତ୍ରୀଶିକ୍ଷା । ଉଭୟ ଡେଣାର ସାହାଯ୍ୟ ନ ପାଇଲେ ପକ୍ଷୀ ଉଡ଼ିପାରେ ନାହିଁ । ତଦ୍ରୂପ ସ୍ତ୍ରୀ ପୁରୁଷ ଉଭୟ ଶିକ୍ଷା ବ୍ୟତୀତ ଉନ୍ନତି ସମ୍ୟକ ବିକଶିତ ହୋଇପାରେ ନାହିଁ । ଅଶିକ୍ଷିତା ସ୍ତ୍ରୀ ସୁମାତା ବା ସୁଗୃହିଣୀ ହୋଇପାରେ ନାହିଁ । ସ୍ତ୍ରୀ ଶିକ୍ଷିତା ହେଲେ ପୁରୁଷର ଗାର୍ହସ୍ଥ୍ୟ ଚିନ୍ତା ଲଘୁ ହୁଏ ଏବଂ ସନ୍ତାନସନ୍ତତିଗଣର ପ୍ରାଥମିକ ଶିକ୍ଷା ଗ୍ରହଣରେ ସୁବିଧା ହୁଏ । କଠୋରତା ଅପେକ୍ଷା କୋମଳତାର ମୂଲ୍ୟ ସମଧିକ, ଏହା ଗୋଟିଏ ସୁବର୍ଣ୍ଣ ସତ୍ୟ ଉକ୍ତି । ବିଦ୍ୟାଳୟର କଠୋର ଶାସନରେ ଯାହା ନ ହୁଏ, ଶିକ୍ଷିତା ମାତାର କୋମଳ ଉପଦେଶରେ ତାହା ଅକ୍ଳେଶରେ ସାଧିତ ହୋଇପାରେ । ଶିଶୁ ମାତାଠାରୁ ଯେଉଁ ଶିକ୍ଷା ପାଏ, ତାହା ତାହାର କୋମଳ ଅନ୍ତଃକରଣରେ ଆଜୀବନ ଅଙ୍କିତ ହୋଇରହେ । ଏହିପରି ନାନାକାରଣରୁ ଦେଖା ଯାଉଅଛି ଯେ, ପୁରୁଷଶିକ୍ଷା ପରି

ସ୍ତ୍ରୀଶିକ୍ଷା ସୁଦ୍ଧା ଏକାନ୍ତ ଆବଶ୍ୟକ । ଅତଏବ ସ୍ତ୍ରୀଶିକ୍ଷାର ପକ୍ଷପାତୀ ହୋଇ ଦେଶର, ଜାତିର ତଥା ନିଜର ଉନ୍ନତି ସାଧନରେ ବ୍ରତୀ ହେବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

**ବାଲ୍ୟ ଏବଂ ବୃଦ୍ଧବିବାହ :** ବାଲ୍ୟବିବାହ ଏବଂ ବୃଦ୍ଧବିବାହଦ୍ୱାରା ସମାଜର ଅକଥନୀୟ କ୍ଷତି ସାଧିତ ହେଉଅଛି । ଜନକ ଜନନୀଙ୍କର ଅପରିଣତ ବୟସରେ ସନ୍ତାନ ଜାତ ହେଲେ, ସେମାନେ ସ୍ୱଭାବତଃ ଦୁର୍ବଳ ଏବଂ ଅଳ୍ପାୟୁ ହୁଅନ୍ତି । ଏହି କାରଣରୁ ଦେଶରେ ବାଲ୍ୟମୃତ୍ୟୁ କ୍ରମଶଃ ବୃଦ୍ଧିପ୍ରାପ୍ତ ହେଉଅଛି ଏବଂ ସଙ୍ଗେ ସଙ୍ଗେ ବାଳବିଧବାର ସଂଖ୍ୟା ମଧ୍ୟ ବଢୁଅଛି । ବାଳବିଧବା ସଂଖ୍ୟା ବୃଦ୍ଧିର ଅନ୍ୟତମ କାରଣ ବୃଦ୍ଧବିବାହ । ଏହି ଦୁଇ କୁପ୍ରଥା ରହିତ ହେଲେ ଦେଶର ଅସୀମ ମଙ୍ଗଳ ସାଧନ ସଙ୍ଗେ ସଙ୍ଗେ ବାଳବିଧବାର ସଂଖ୍ୟା କ୍ରମଶଃ ହ୍ରାସ ହୋଇ ଆସିବ । ତାହାହେଲେ ବିଧବାର ପ୍ରତ୍ୟନ୍ତରଗ୍ରହଣର ଆବଶ୍ୟକତା ପ୍ରାୟ ରହିବ ନାହିଁ । ଏହି କ୍ଷତିକର କୁପ୍ରଥା ନିରାକରଣ ପ୍ରତି ସାଧାରଣଙ୍କର ସର୍ବଦା ଲକ୍ଷ୍ୟ ରହିବା ଉଚିତ ।

**ବନଜାତ ଦ୍ରବ୍ୟ :** ପ୍ରାକୃତିକ ଉତ୍କଳର ଅରଣ୍ୟମୟ ପ୍ରଦେଶରେ ଲାକ୍ଷା, ଟସର, ଝୁଣା, ଖଇର, ମହୁ ଓ ମହମ ପ୍ରଭୃତି ପ୍ରୟୋଜନୀୟ ନାନା ଦ୍ରବ୍ୟ ଉତ୍ପନ୍ନ ହୋଇଥାଏ । ଏ ସମ୍ବନ୍ଧୀୟ ବ୍ୟବସାୟ କୌଣସି କୌଣସିଠାରେ ପ୍ରବର୍ତ୍ତିତ ହୋଇଥିଲେ ସୁଦ୍ଧା ତହିଁରେ କାହାରି ଆଶାନୁରୂପ ଯତ୍ନ ଦେଖାଯାଏ ନାହିଁ । ଲାକ୍ଷା ଓ ଟସରର ଚାଷ କୀଟମାନଙ୍କ ଯୋଗେ ଦିନକୁ ଦିନ ହ୍ରାସପ୍ରାପ୍ତ ହେଉଅଛି । ଏହାର କାରଣ ଏହି ଯେ ଉକ୍ତ ବ୍ୟବସାୟରେ କୌଣସି ପ୍ରକାର ବିଘ୍ନ ଉପସ୍ଥିତ ହେଲେ ସୁଶିକ୍ଷା ଅଭାବରୁ ତହିଁର ପ୍ରତୀକାର ହେଉନାହିଁ । ବିଦେଶକୁ ଲୋକ ପଠାଇ କେତେଜଣ ସୁଶିକ୍ଷିତ ହୋଇଆସିଲେ ସେହି ଉଦ୍ଭିଦ ଓ ଭୂତତ୍ତ୍ୱବିଦ୍‌ମାନଙ୍କ ଦ୍ୱାରା ଦେଶର ମଙ୍ଗଳ ବହୁ ପରିମାଣରେ ସାଧିତ ହୋଇଥାନ୍ତା । ଦୁଃଖର ବିଷୟ ଯେ ଦୁଇ ଏକ ଜଣ ଏହିସବୁ ବିଦ୍ୟାରେ ଶିକ୍ଷିତ ହୋଇ ଆସିଛନ୍ତି । କିନ୍ତୁ ଧନ ଏବଂ ଉତ୍ସାହ ଅଭାବରୁ ସେମାନଙ୍କର ସେ ବିଦ୍ୟା ଅକାରଣ ହୋଇଅଛି । ମୟୂରଭଞ୍ଜରେ ଆକରୀୟ ଦ୍ରବ୍ୟର ବ୍ୟବସାୟ କିୟତ୍ ପରିମାଣରେ ଦେଖାଯାଏ ସତ୍ୟ, ମାତ୍ର ସମଗ୍ର ଉତ୍କଳର ଆକାର ତୁଳନାରେ ତାହା କିଛି ନୁହେଁ । ଆମ୍ଭମାନଙ୍କ ଦେଶରେ ନାନାପ୍ରକାର ଖଣିଜଦ୍ରବ୍ୟ ଭୂଗର୍ଭରେ ବିଦ୍ୟମାନ ଅଛି । ଏହା ଅନ୍ୟ ଦେଶରେ ଥିଲେ ଏହାର ଉପଯୁକ୍ତ ବ୍ୟବସାୟ ହେଉଥାନ୍ତା । ମାତ୍ର ପରିତାପର ବିଷୟ, ଅଭିଜ୍ଞତା ଅଭାବରୁ ଉତ୍କଳ ବହୁ ଆକରୀୟ ଦ୍ରବ୍ୟ ସଂଚୟ କରି ରଖି ସୁଦ୍ଧା ମରଣାଧିକ ଦାରିଦ୍ର୍ୟ ଦଶା ଉପଭୋଗ କରୁଅଛି । ଏ ସମ୍ବନ୍ଧେ ବର୍ତ୍ତମାନ ଦେଶବାସିଙ୍କର ମନୋଯୋଗ ଆଦୌ ନାହିଁ ।

**ଚିକିତ୍ସା :** ପୁରାକାଳରେ ଆମ୍ଭମାନଙ୍କର ନମସ୍ୟ ଆର୍ଯ୍ୟମହର୍ଷିଗଣ ଆମ୍ଭମାନଙ୍କ ସ୍ୱାସ୍ଥ୍ୟରକ୍ଷା ସକାଶେ ବିପୁଳ ଚିକିତ୍ସାଗ୍ରନ୍ଥମାନ ରଖି ଯାଇଅଛନ୍ତି । ତାହାର ସାହାଯ୍ୟରେ ଦୁରାରୋଗ୍ୟ ବ୍ୟାଧି ହସ୍ତରୁ ଆମ୍ଭେମାନେ ସହଜରେ ପରିତ୍ରାଣ ଲାଭ କରିଥାଉଁ ।

ବର୍ତ୍ତମାନ ସେହି ପ୍ରୟୋଜନୀୟ କବିରାଜୀ ଚିକିତ୍ସା ଏକପ୍ରକାର ଲୋପ ପାଇଅଛି। ଉପଯୁକ୍ତ ଶାସ୍ତ୍ରଜ୍ଞାନ ସମ୍ପନ୍ନ ଚିକିତ୍ସକର ଏକାନ୍ତ ଅଭାବ ଘଟିଅଛି। ଜ୍ଞାନହୀନ କତିପୟ ଅଳ୍ପ ଶିକ୍ଷିତ ବ୍ୟକ୍ତି ଚିକିତ୍ସକର ପବିତ୍ର ଆସନ କଳଙ୍କିତ କରି ଚିକିତ୍ସାରାଜ୍ୟରେ ବିଷମ ବିଭ୍ରାଟ ଉପସ୍ଥିତ କରୁଅଛନ୍ତି ଏବଂ ଦେଶବାସିମାନେ ଦେଶୀୟ ଚିକିତ୍ସାକୁ ଅନିଷ୍ଟକର ଜ୍ଞାନ କରୁଅଛନ୍ତି। ବୈଦେଶିକ ଚିକିତ୍ସା ଦ୍ୱାରା ଆମ୍ଭେମାନେ ବହୁ ପରିମାଣରେ ଉପକୃତ ସତ୍ୟ ମାତ୍ର ଯେ ଚରକ, ଶୁଶ୍ରୁତାଦି ସାହାଯ୍ୟରେ ବୈଦେଶିକମାନେ ବହୁ ଉନ୍ନତି ଲାଭ କରୁଅଛନ୍ତି, ଆମ୍ଭେମାନେ ସେହି ଅମୂଲ୍ୟ ଚିକିତ୍ସାପ୍ରତି ଅଶ୍ରଦ୍ଧା ଓ ଅନିଚ୍ଛା ପ୍ରକାଶ କରି ଉଚିତ ଫଳ ଭୋଗ କରୁଅଛୁଁ। ଦେଶର ନରପତିମାନେ ଦେଶୀୟ ଚିକିତ୍ସକ ରଖି ପ୍ରଜାସନ୍ତାନମାନଙ୍କର ଶିକ୍ଷାର ବ୍ୟବସ୍ଥା କଲେ ଆୟୁର୍ବେଦର ପୁନରୁତ୍‌ଥାନ ହୋଇପାରନ୍ତା। ଯେଉଁମାନେ ଶିକ୍ଷିତ ହୋଇ ଧନ ଓ ସହାନୁଭୂତି ଅଭାବରୁ କିଛି କରିପାରୁ ନାହାନ୍ତି, ସେମାନଙ୍କ ପ୍ରତି ଯଥୋଚିତ ସାହାଯ୍ୟର ବ୍ୟବସ୍ଥା ହେବା ଏକାନ୍ତ ଆବଶ୍ୟକ।

**ଗୋ-ରକ୍ଷା :** ଗୋଜାତି ଆମ୍ଭମାନଙ୍କ ଜୀବନଯାତ୍ରା ନିର୍ବାହର ଏକ ପ୍ରଧାନ ଅବଲମ୍ବନ। ସେମାନଙ୍କ ଅଭାବରେ କୃଷିକାର୍ଯ୍ୟରେ ମହା ବ୍ୟାଘାତ ଜାତ ହୁଏ। ଯେ ଗାଭୀ ଦୁଗ୍ଧ ଦାନ କରି ଆମ୍ଭମାନଙ୍କର ଜୀବନ ରକ୍ଷା କରେ ଯେ ଗୋଜାତି ଗୃହସ୍ଥର ସହାୟ ସମ୍ବଳ, ବର୍ତ୍ତମାନ ସେମାନଙ୍କର ଅବସ୍ଥା ଅବଲୋକନ କଲେ ହୃଦୟ ବିଦୀର୍ଣ୍ଣ ହୁଏ। ବୋଧହୁଏ ଏହି ଭାବରେ ଆଉ କେତେକାଳ ଅତିବାହିତ ହେଲେ ମହୋପକାରୀ ଗୋକୁଳ ଏକାବେଳକେ ନିର୍ମୂଳ ହେବେ। ବସନ୍ତ ଏବଂ ଅନ୍ୟାନ୍ୟ ରୋଗରେ ଗୋବଂଶର ବିନାଶ ଘଟୁଅଛି ଏବଂ ପ୍ରଜାମାନେ କୃଷିର ପ୍ରଧାନ ସହାୟ ଗୋରୁ ଅଭାବରେ ଦରିଦ୍ର ହେଉଅଛନ୍ତି। ଏହି ସମସ୍ତ ରୋଗ ନିବାରଣ ସକାଶ ଉପଯୁକ୍ତ ପଶୁଚିକିତ୍ସକ ଏବଂ ଗୋବଂଶର ଉନ୍ନତି ସାଧନାର୍ଥ ସବଳ ଓ ସୁସ୍ଥକାୟ ବୃଷଭ ପାଳନ ଆବଶ୍ୟକ। ସ୍ଥାନେ ସ୍ଥାନେ ଗୋରକ୍ଷିଣୀ ସଭା, ଅନାଥ ଓ ଅକ୍ଷମ ଗୋପାଳନ ନିମିତ୍ତ ପଶୁଶାଳା ଏବଂ ବିସ୍ତୃତ ଗୋଚର ଭୂମି ରଖିବା ଆବଶ୍ୟକ। ଗ୍ରେଟ ବ୍ରିଟନ ଅନ୍ତର୍ଗତ ଇଂଲଣ୍ଡର ଉତ୍ତରାଞ୍ଚଳ ସ୍କଟଲାଣ୍ଡ ନାମକ ଦେଶର ୧୯୧୦ ସାଲର ପଶୁ ସଂଖ୍ୟାରୁ ଜଣାଯାଏ ଯେ ଉକ୍ତ ବର୍ଷ ଦେଶରେ ପ୍ରାୟ ପଞ୍ଚଦଶ ଲକ୍ଷ ଗାଭୀ ଥିଲେ। ସେହି ଗୋଜାତି ସେ ଦେଶର ଅଧିବାସୀମାନଙ୍କ ଦ୍ୱାରା ଯେପରି ଯତ୍ନ ଓ ପ୍ରେମରେ ପାଳିତ ହେଉଅଛନ୍ତି ଆମ୍ଭେମାନେ ଗୋଜାତିକୁ ସାକ୍ଷାତ ଦେବତା ଏବଂ ନିଜକୁ ଗୋଜାତିର ପରମଭକ୍ତ ବୋଲି ପରିଚୟ ଦେଇ ଯେପରି ପାଳନ କରୁଥାଇଁ ତାହା ତୁଳନା କଲେ ମନରେ ଘୋର ବିସ୍ମୟ ଜାତ ହେବ। ସେଠାରେ ଗୋଟିଏ ଗୋଟିଏ ଗାଭୀ ଦୈନିକ ବାର ସେର ପର୍ଯ୍ୟନ୍ତ ଦୁଗ୍ଧ ଦାନ କରୁଥିବାର ଦେଖା ଯାଉଅଛି।

ଗୋଜାତି ପ୍ରତି ସେଠାର ଅଧିବାସିମାନଙ୍କ ଦ୍ୱାରା ପଶୁର ଚିକିତ୍ସା ଓ ଲାଳନପାଳନ ବିଷୟରେ ଯେପରି ସୁବ୍ୟବସ୍ଥା ହୋଇଅଛି, ଏ ଦେଶରେ ଆମ୍ଭମାନଙ୍କ ଦ୍ୱାରା ଦୁର୍ଲ୍ଲଭ ମାନବଜୀବନ ସକାଶେ ମଧ୍ୟ ସେହିପରି ସୁବ୍ୟବସ୍ଥା କରାଯାଇ ଅଛି କି ନା ସନ୍ଦେହ ।

**ଏକତା :** ଏକତା ପରି ଜାତୀୟବଳ ଆଉ ନାହିଁ । ଏକତା ବଳରେ କଠୋର ଉନ୍ନତିର ପଥ ସୁଦ୍ଧା ସରଳ ହୋଇଥାଏ । ନାନାକାରଣରୁ ବର୍ତ୍ତମାନ ଆମ୍ଭମାନଙ୍କ ମଧ୍ୟରେ ଏକତା ନାହିଁ । ଏ ବର୍ଷ ଗଞ୍ଜାମରେ ସମ୍ମିଳନୀ ହେବାର ଉଦ୍ଦେଶ୍ୟ ମଧ୍ୟ ସେହି ଏକତା ସାଧନ । ଗଞ୍ଜାମ ଉତ୍କଳରୁ ବିଚ୍ଛିନ୍ନ ହୋଇଥିଲେ ହେଁ ଜାତି, ଆଚାର ବ୍ୟବହାର, ପୂଜା, ପାର୍ବଣ ଓ ବିବାହ ପ୍ରଭୃତିରେ ଗଞ୍ଜାମ ଓ ଉତ୍କଳ ମଧ୍ୟରେ ଅଚ୍ଛେଦ୍ୟ ବନ୍ଧନ ଅଛି ଏବଂ ତାହା ଚିରକାଳ ଥିବ । କେହି କଟକରେ ବାସ କରୁ ବା ପଞ୍ଜାବରେ ବାସ କରୁ ମାତ୍ର ସମସ୍ତଙ୍କ ଶରୀରରେ ଏକ ଓଡ଼ିଆ ରକ୍ତ ପ୍ରବାହିତ । ଭାଇ ଭାଇ ଏକ ହୋଇ ଏହି ରୂପ ଜାତୀୟତା ଏବଂ ଏକତାର ଶୁଭାଦର୍ଶ ଦେଖାଇବା ଅବଶ୍ୟ ମଙ୍ଗଳର ବିଷୟ, ସନ୍ଦେହ ନାହିଁ ।

**ସମ୍ମିଳନୀର ବର୍ତ୍ତମାନ ସ୍ଥିତି :** କି ମହତ ଉଦ୍ଦେଶ୍ୟ ଘେନି ଉତ୍କଳ ସମ୍ମିଳନୀର ଜନ୍ମ, ତାହା ଇତିପୂର୍ବେ ଏକାଧିକ ଥର ଘୋଷିତ ହୋଇଅଛି । କିପରି ଉତ୍କଳୀୟ-ମାନଙ୍କ ମଧ୍ୟରେ ଭ୍ରାତୃଭାବ ଏବଂ ଏକତା ବର୍ଦ୍ଧିତ ହେବ, କିପରି ସେମାନେ ଧନ, ମାନ, ଶିକ୍ଷା, ସଭ୍ୟତାଦି ସର୍ବବିଧ ଉନ୍ନତି ଦ୍ୱାରା ସମାଜକୁ ଉନ୍ନତ କରିବେ ଏହାହିଁ ଉତ୍କଳ ସମ୍ମିଳନୀର ଲକ୍ଷ୍ୟ । ସେହି ଲକ୍ଷ୍ୟ ପଥରେ ସେ କେତେଦୂର ଅଗ୍ରସର ହୋଇଅଛି ତାହା କାହାରିକୁ ଅବିଦିତ ନାହିଁ । ପ୍ରଥମ କେତେବର୍ଷ ସମ୍ମିଳନୀ ପୂର୍ଣ୍ଣ ଆଡମ୍ବରରେ ଦେଖାଦେଇ ଆଶାର ଉଜ୍ଜ୍ୱଳ ଆଲେଖ୍ୟ ପ୍ରଦର୍ଶନ କରିଥିଲା । ମାତ୍ର ତାହା ଏଣିକି "ବହ୍ୱାରମ୍ଭେ ଲଘୁକ୍ରିୟା"ରେ ପରିଣତ ହେଲା । କାହିଁ ସମ୍ମିଳନୀ ଉତ୍କଳର ସମବେତ ଶକ୍ତି ରୂପେ ଦଣ୍ଡାୟମାନ ହୋଇ ଉତ୍କଳୀୟମାନଙ୍କୁ ଆତ୍ମ-ନିର୍ଭରଶୀଳ ଏବଂ କର୍ମଠ କରିବ ନା ଶିଶୁଜୀବନରେ ଦାରୁଣ ଆଘାତ ପାଇ ମ୍ରିୟମାଣ ହୋଇ ରହିବ ? ଏହା କି ମର୍ମ୍ମାନ୍ତିକ ଦୁଃଖ ଏବଂ ଦୁର୍ଭାଗ୍ୟର ବିଷୟ ନୁହେଁ ? ବ୍ୟକ୍ତିଗତ ମନୋମାଳିନ୍ୟ ଏହି ଦୁର୍ଘଟନାର କାରଣ । ବ୍ୟକ୍ତିଗତ ବିଦ୍ୱେଷ ଅନେକଙ୍କର ଥାଇପାରେ, ମାତ୍ର ସାଧାରଣ କାର୍ଯ୍ୟବେଳେ ସେ ଭାବ ମନରେ ରଖିବା ଉଚିତ ନୁହେଁ । ଭାଇ ଭାଇ ମଧ୍ୟରେ ମନୋଭେଦ ଘଟିଲେ କି ଗୃହକାର୍ଯ୍ୟ ବନ୍ଦ ହୋଇଯାଏ ? ଗୃହ ଯେ ସମସ୍ତଙ୍କର, ଏହା ଭାବି ସେମାନେ ସମଭାବରେ କାର୍ଯ୍ୟ କରନ୍ତି । ଅଶିକ୍ଷିତ ସମାଜ ଏହା ବୁଝିଥିବା ସ୍ଥଳେ ଦେଶର ଆଶା ଭରସାର ସ୍ଥଳ ଶିକ୍ଷିତ ସମାଜ ନ ବୁଝିବା କି ଗଭୀର ପରିତାପର ବିଷୟ ନୁହେଁ ? ଆମ୍ଭମାନଙ୍କର ଏ ରୂପ ବ୍ୟବହାର ଦେଖିଲେ ସଭ୍ୟ ଜାତିମାନେ ଆମ୍ଭମାନଙ୍କୁ କଅଣ ବୋଲି ସମ୍ବୋଧନ

କରିବେ ? ତେତେବେଳେ ଲଜ୍ଜାରେ ମସ୍ତକ ଅବନତ କରିବା ବ୍ୟତୀତ ଆମ୍ଭମାନଙ୍କର ଉପାୟାନ୍ତର ଥିବ କି ? ଏହି ଦ୍ୱୈଧଭାବ ହେତୁ ଆମ୍ଭମାନଙ୍କ ଭବିଷ୍ୟତ ବଂଶଧରମାନେ କି ଆମ୍ଭମାନଙ୍କୁ ନିର୍ବୋଧ ବୋଲି ଘୃଣା କରିବେ ନାହିଁ ? ଅତଏବ ସମସ୍ତ ବିବାଦ ବିସମ୍ବାଦ ବିସ୍ମୃତ ହୋଇ ଭ୍ରାତୃଭାବରେ ପରସ୍ପରକୁ ଆଲିଙ୍ଗନ ପ୍ରଦାନପୂର୍ବକ ଅଖଣ୍ଡ ଉତ୍ସାହ ଏବଂ ଅଦମ୍ୟ ଚେଷ୍ଟାରେ ପୁନଃ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବା ଆମ୍ଭମାନଙ୍କ ପକ୍ଷରେ ଶ୍ରେୟସ୍କର । ସ୍ୱର୍ଗସମା ମାତୃଭୂମିର ପୂଜାରେ ଆଳସ୍ୟ କଲେ ପ୍ରତ୍ୟବାୟଭାଗୀ ହେବାକୁ ହେବ । ଶାଖା ସମ୍ମିଳନୀଗୁଡ଼ିକୁ ପୁନର୍ଜୀବିତ କରି ସମ୍ମିଳନୀକୁ ଦୃଢ଼ ଭିତ୍ତିଉପରେ ସ୍ଥାପନ କରିବା ବର୍ତ୍ତମାନ ସମୟୋଚିତ କାର୍ଯ୍ୟ । ନଚେତ୍ ସମ୍ମିଳନୀର ପ୍ରକୃତ କର୍ମଜୀବନ ଲାଭ ଅସମ୍ଭବ । ସ୍ୱାର୍ଥତ୍ୟାଗ ନ କଲେ କୌଣସି କାର୍ଯ୍ୟ ହୋଇପାରେ ନାହିଁ । ସୁତରାଂ ଦେଶ ଏବଂ ଜାତିର ହିତ ସକାଶେ କିଛି କିଛି ସ୍ୱାର୍ଥତ୍ୟାଗ କରିବାକୁ ପଡ଼ିବ । ସମ୍ମିଳନୀ ଓଡ଼ିଆ ଜାତି ମାତ୍ରର ସମ୍ପତ୍ତି, ସେହି ସମ୍ପତ୍ତିର ରକ୍ଷଣାବେକ୍ଷଣ ସମସ୍ତଙ୍କର କର୍ତ୍ତବ୍ୟ । ସମ୍ମିଳନୀର ଅଧିବେଶନ ଦିବସଦ୍ୱୟ ଉତ୍କଳରେ ପର୍ବଦିବସ ତୁଲ୍ୟ ପାଳିତ ହେବାର ବ୍ୟବସ୍ଥା କରିବା ଏବଂ ସମ୍ମିଳନୀପ୍ରତି ସାଧାରଣର ଭକ୍ତି ଏବଂ ଅନୁରାଗ ଆକର୍ଷଣ କରିବା ଦେଶର ଶିକ୍ଷିତ ବ୍ୟକ୍ତିମାନଙ୍କର ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟ । ସମ୍ମିଳନୀର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ଯେପରି ଘରେ ଘରେ ପ୍ରଚାରିତ ହୁଏ ତାହା ସୁଦ୍ଧା ସେମାନଙ୍କୁ କରିବାକୁ ହେବ । ବେତନଭୋଗୀ ପ୍ରଚାରକ ନିଯୁକ୍ତିର ପ୍ରସ୍ତାବ ଅନେକ ଦିନରୁ ହୋଇଥିଲା ମାତ୍ର ତାହା ଅବଧି ସେହିପରି ପ୍ରସ୍ତାବରେ ମାତ୍ର ଅଛି । ପ୍ରକୃତପକ୍ଷରେ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ହେବ । ଏହିପରି ଉନ୍ନତିର ନାନା ଶାଖା ପ୍ରଶାଖା ଅଛି । ସେ ସମସ୍ତର ଆଲୋଚନା ବହୁ ଗବେଷଣା ଏବଂ ବହୁ ସମୟସାପେକ୍ଷ । ଅତଃ ମଙ୍ଗଳମୟ ପରମେଶ୍ୱରଙ୍କ ନିକଟରେ ସମ୍ମିଳନୀ ପାଇଁ ଆଶୀର୍ବାଦ ଭିକ୍ଷା କରି ମୁଁ ମୋର ବକ୍ତବ୍ୟ ଏହିଠାରୁ ଉପସଂହାର କଲି ।

## ଅଧିବେଶନରେ ଗୃହୀତ ପ୍ରସ୍ତାବାବଳୀ :

**ପ୍ରଥମ ପ୍ରସ୍ତାବ :** ପ୍ରାକୃତିକ ଓଡ଼ିଶାର ଆଦର୍ଶ ନରପତି ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜାଧୀଶ୍ୱର ଶ୍ରୀ ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କର ଅକାଳ ଓ ଆକସ୍ମିକ ବିୟୋଗରେ ଉତ୍କଳୀୟମାନଙ୍କର ଯେ ଭୟାନକ କ୍ଷତି ହୋଇଅଛି ସେଥିପାଇଁ ଏହି ସମ୍ମିଳନୀ ଗଭୀର ଶୋକ ପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀ ବିକ୍ରମଦେବ ବର୍ମ୍ମା
ଅନୁମୋଦକ — ଶ୍ରୀ ରାଜା ସାହେବ ଟିକିଟି
ସମର୍ଥକ — ଶ୍ରୀ ଜଗବନ୍ଧୁ ସିଂହ

**ଦ୍ୱିତୀୟ ପ୍ରସ୍ତାବ :** ଯେଉଁ ସୁନିୟମାନୁଯାୟୀ ବିଭିନ୍ନ ବଙ୍ଗପ୍ରଦେଶକୁ ତହିଁର ସର୍ବାଙ୍ଗୀନ ଉନ୍ନତି ସାଧନ ଉଦ୍ଦେଶ୍ୟରେ ପ୍ରବଳ ପ୍ରତାପ ଭାରତେଶ୍ୱର ଏକ ଶାସନାଧୀନ କରିଅଛନ୍ତି, ତଦନୁଯାୟୀ ନାନାବିଧ ଅସୁବିଧାରେ ବିଭିନ୍ନ ଶାସନାଧୀନରେ ବାସ କରୁଥିବା ଗଞ୍ଜାମ ଓ ଉତ୍କଳର ପାର୍ଶ୍ୱବର୍ତ୍ତୀ ସମସ୍ତ ଉତ୍କଳଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବା ଏକାନ୍ତ ଉଚିତ୍ ବିବେଚନା କରି ଉକ୍ତ ପ୍ରଦେଶମାନଙ୍କୁ ଏକ ଶାସନାଧୀନ କରିବାକୁ ଏହି ସମ୍ମିଳନୀ ଭାରତ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରୁଅଛନ୍ତି ।

ପ୍ରସ୍ତାବକ – ମାନ୍ୟବର ଶ୍ରୀ ମଧୁସୂଦନ ଦାସ
ଅନୁମୋଦକ – ଶ୍ରୀ ମହମ୍ମଦ ୟସାଫ୍ ସାହେବ
ସମର୍ଥକ – ୧- ଶ୍ରୀ ଗୋପୀନାଥ ରାଜଗୁରୁ
୨- ଶ୍ରୀ ଅପର୍ଣ୍ଣା ପଣ୍ଡା
୩- ଶ୍ରୀ ବିଶ୍ୱନାଥ କର

**ତୃତୀୟ ପ୍ରସ୍ତାବ :** ସମସ୍ତ ଉତ୍କଳୀୟମାନେ ବିଭିନ୍ନ ଭାବରେ ବିଭିନ୍ନ ଶାସନାଧୀନରେ ବାସ କରୁଥିବା ପ୍ରଯୁକ୍ତ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇ ନ ପାରିବା ବିଷୟ ହୃଦୟଙ୍ଗମ କରି ଗଞ୍ଜାମ ପ୍ରଭୃତି ସମସ୍ତ ଉତ୍କଳଭାଷିମାନଙ୍କୁ ଏକ ଶାସନାଧୀନରେ ଆଣିବା ନିମିତ୍ତ ପାର୍ଲିୟାମେଣ୍ଟ ମହାସଭାରେ ଉକ୍ତ ମହାସଭାର ସଭ୍ୟ ଶ୍ରୀଯୁକ୍ତ ସ୍କଟ ସାହେବ ଓ ଲର୍ଡ କର୍ଜ୍ଜନ ସାହେବ ତଦ୍ ବିଷୟକ ପ୍ରଶ୍ନ ଉତ୍ଥାପନ କରି ଉତ୍କଳବାସିମାନଙ୍କ ପ୍ରତି ବିଶେଷ ସହାନୁଭୂତି ପ୍ରକାଶ କରିଥିବାରୁ ଏହି ସମ୍ମିଳନୀ ଉକ୍ତ ସାହେବ ମହୋଦୟଦ୍ୱୟଙ୍କୁ ଧନ୍ୟବାଦ ଅର୍ପଣ କରୁଅଛନ୍ତି ।

ପ୍ରସ୍ତାବକ – ରାୟ ବାହାଦୁର ଶ୍ରୀ ସୁଦାମଚରଣ ନାୟକ
ଅନୁମୋଦକ – ମାନ୍ୟବର ଶ୍ରୀ ରାଜାସାହେବ ଧରାକୋଟ
ସମର୍ଥକ – ଶ୍ରୀ ବ୍ରଜସୁନ୍ଦର ଦାସ

**ଚତୁର୍ଥ ପ୍ରସ୍ତାବ :** ସମ୍ମିଳନୀର ବର୍ତ୍ତମାନ ନିୟମାବଳୀ ରହିତ କରାଯାଇ ସମ୍ମିଳନୀର କାର୍ଯ୍ୟନିର୍ବାହ ନିମିତ୍ତ ପୂର୍ବ ପ୍ରାୟ ଗୋଟିଏ କାର୍ଯ୍ୟନିର୍ବାହିକା ସମିତି ନିଯୁକ୍ତ ହେଉ । ଉକ୍ତ ସମିତିରେ ୨୭ଜଣ ସଭ୍ୟ ହେଉନ୍ତୁ ଏବଂ ତନ୍ମଧ୍ୟରୁ ଜଣେ ସମ୍ପାଦକ ଓ ଦୁଇଜଣ ସହକାରୀ ସମ୍ପାଦକ ନିଯୁକ୍ତ ନୁଅନ୍ତୁ । ସମିତିର କାର୍ଯ୍ୟକାଳ ଏକ ବର୍ଷ ହେଉ । ସମିତି ପ୍ରୟୋଜନ ବୁଝି ନିୟମମାନ ସ୍ଥିର କରନ୍ତୁ । ସମିତିର ସମ୍ପାଦକ ଯେଉଁ ସ୍ଥାନରେ ରହିବେ ସମିତିର କାର୍ଯ୍ୟାଳୟ ସେହି ସ୍ଥାନରେ ରହୁ । ନିମ୍ନଲିଖିତ ବ୍ୟକ୍ତିମାନେ ଉକ୍ତ ସମିତିର ସଭ୍ୟ ହେଉନ୍ତୁ । ସହକାରୀ ସମ୍ପାଦକ ନିର୍ବାଚନଭାର ସମିତି ଉପରେ ନ୍ୟସ୍ତ ହେଉ ।

ଶ୍ରୀଯୁକ୍ତ ରାଜାସାହେବ ଚିକିଟି – ସମ୍ପାଦକ

| | |
|---|---|
| ଶ୍ରୀ ରାଜା ଧରାକୋଟ | |
| ଶ୍ରୀ ରାଜା ସୁରଙ୍ଗୀ | |
| ଶ୍ରୀ ଯୁବରାଜା ମଞ୍ଜୁଷା | |
| ଶ୍ରୀ ଅପର୍ଣ୍ଣା ପରୀକ୍ଷା | ଗଞ୍ଜାମ |
| ଶ୍ରୀ ତାରିଣୀଚରଣ ରଥ | |
| ଶ୍ରୀ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ | |
| ଶ୍ରୀ ଜୟକୃଷ୍ଣ ଚ୍ୟାଉ ପଟ୍ଟନାୟକ | |
| ଶ୍ରୀ ଗୋପୀନାଥ ରାଜଗୁରୁ | |
| ଶ୍ରୀ ଜଗବନ୍ଧୁ ସିଂହ | |
| ମହନ୍ତ ରାଧାକାନ୍ତ ଦାସ ଗୋସ୍ୱାମୀ | ପୁରୀ |
| ଶ୍ରୀ ଗୋପବନ୍ଧୁ ଦାଶ | |
| ମାନ୍ୟବର ଶ୍ରୀ ଏମ.ଏସ୍. ଦାସ | |
| ଶ୍ରୀ ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର | |
| ଶ୍ରୀ ଗୌରୀଶଙ୍କର ରାୟ | |
| ଅନରେବଲ ରାଜା ସାହେବ କନିକା | |
| ଶ୍ରୀ ପୀତବାସ ପଟ୍ଟନାୟକ | କଟକ |
| ଶ୍ରୀ ବ୍ରଜସୁନ୍ଦର ଦାସ | |
| ଶ୍ରୀ ବିଶ୍ୱନାଥ କର | |
| ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ | |
| ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ | |
| ସାମନ୍ତ ରାଧାଚରଣ ଦାସ | |
| ଶ୍ରୀ ଶ୍ୟାମସୁନ୍ଦର ବିଶ୍ୱାଳ | ବାଲେଶ୍ୱର |
| ରାଜା ବୈକୁଣ୍ଠନାଥ ଦେବ ବାହାଦୁର | |
| ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର | |
| ଶ୍ରୀ ଚନ୍ଦ୍ରଶେଖର ବେହେରା | ସମ୍ବଲପୁର |

ପ୍ରସ୍ତାବକ – ମାନ୍ୟବର ଶ୍ରୀ ମଧୁସୂଦନ ଦାସ

ଅନୁମୋଦକ – ଶ୍ରୀ ବ୍ରଜସୁନ୍ଦର ଦାସ

**ପଞ୍ଚମ ପ୍ରସ୍ତାବ :** ବ୍ରହ୍ମପୁରର ଓଡ଼ିଆ ଟ୍ରେନିଂ ସ୍କୁଲକୁ ତେଲଙ୍ଗୁ ସ୍କୁଲରେ ପରିଣତ କରିବାର ଯେଉଁ ପ୍ରସ୍ତାବ ହୋଇଛି ତାହା କାର୍ଯ୍ୟରେ ପରିଣତ ହେଲେ ଓଡ଼ିଆ ଶିକ୍ଷକମାନଙ୍କୁ ଅନେକ ଅସୁବିଧା ଭୋଗ କରିବାକୁ ପଡ଼ିବ ଏବଂ ଫଳରେ ଓଡ଼ିଆ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ବିସ୍ତାରରେ ବ୍ୟାଘାତ ଘଟିବ । ଅତଏବ ଏହି ପ୍ରସ୍ତାବ ରହିତ ହେବା କାରଣ କର୍ତ୍ତୃପକ୍ଷଙ୍କୁ ପ୍ରାର୍ଥନା କରାଯାଉ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ଗଣେଶ ମହାପାତ୍ର
ଅନୁମୋଦକ — ଶ୍ରୀଯୁକ୍ତ ଯୁବରାଜ ମଞ୍ଜୁଷା
ସମର୍ଥକ — ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ

**ଷଷ୍ଠ ପ୍ରସ୍ତାବ :** ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ବିଦ୍ୱାନ ଉପାଧି ପରୀକ୍ଷା ଅନ୍ୟାନ୍ୟ ଭାଷାରେ ଗୃହୀତ ହେଉଥିବାଠାରେ ଓଡ଼ିଆ ଭାଷାରେ ଗୃହୀତ ହେଉ ନ ଥିବାରୁ ଓଡ଼ିଆମାନେ ବିଶେଷ ଅସୁବିଧା ଭୋଗ କରୁଅଛନ୍ତି । ଏଣୁ ଉକ୍ତ ପରୀକ୍ଷାରେ ଓଡ଼ିଆ ଭାଷା ଗୃହୀତ ହେବା ସକାଶେ ସମ୍ମିଳନୀ କର୍ତ୍ତୃପକ୍ଷଙ୍କୁ ପ୍ରାର୍ଥନା କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ତାରିଣୀଚରଣ ରଥ
ଅନୁମୋଦକ — ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ
ସମର୍ଥକ — ଶ୍ରୀଯୁକ୍ତ ମହନ୍ତ ରାଧାକୃଷ୍ଣ ଦାସ

**ସପ୍ତମ ପ୍ରସ୍ତାବ :** ଜାତିର ଉନ୍ନତି ଅନେକ ପରିମାଣରେ ସ୍ତ୍ରୀଶିକ୍ଷା ଉପରେ ନିର୍ଭର କରୁଥିବାରୁ ସ୍ତ୍ରୀମାନଙ୍କୁ ଶିକ୍ଷା ଦେବା ନିମିତ୍ତ ବିହିତ ଉପାୟ ଅବଲମ୍ବନ କରାଯାଉ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ନୀଳକଣ୍ଠ ଦାଶ
ଅନୁମୋଦକ — ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ
ସମର୍ଥକ — ଶ୍ରୀଯୁକ୍ତ ବିଶ୍ୱନାଥ କର
ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ

**ସପ୍ତମ (କ) ପ୍ରସ୍ତାବ :** ଏ ସଭାରେ ସୁମଧୁର ସଙ୍ଗୀତ ଗାୟନ ନିମନ୍ତେ କୁମାରୀ ଅନ୍ନପୂର୍ଣ୍ଣାଙ୍କୁ ଗୋଟିଏ ସ୍ୱର୍ଣ୍ଣ ପଦକ ପୁରସ୍କାର ପ୍ରଦତ୍ତ ହେଉ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର
ଅନୁମୋଦକ — ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ
ସମର୍ଥକ — ଶ୍ରୀଯୁକ୍ତ ବିଶ୍ୱନାଥ କର

**ଅଷ୍ଟମ ପ୍ରସ୍ତାବ :** ରସଲକୋଣ୍ଡାରେ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିବା ସକାଶେ କର୍ତ୍ତୃପକ୍ଷଙ୍କୁ ପ୍ରାର୍ଥନା କରାଯାଉ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ମଧୁସୂଦନ ପାଣିଗ୍ରାହୀ

ଅନୁମୋଦକ — ଶ୍ରୀଯୁକ୍ତ ଗୋପବନ୍ଧୁ ଦାଶ
ସମର୍ଥକ — ଶ୍ରୀଯୁକ୍ତ ଦୟାନିଧି ଦାସ

**ନବମ ପ୍ରସ୍ତାବ :** ଗଞ୍ଜାମ ଓଡ଼ିଆମାନଙ୍କର ବର୍ତ୍ତମାନ ଅବସ୍ଥାରେ ଗଞ୍ଜାମର ମୁସଲମାନ ଭାଇମାନେ ଆନ୍ତରିକ ସହାନୁଭୂତି ପ୍ରକାଶ କରୁଥିବାରୁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦତ୍ତ ହେଉ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ଗୋପୀନାଥ ରାଜଗୁରୁ
ଅନୁମୋଦକ — ଶ୍ରୀଯୁକ୍ତ ଲାଲମୋହନ ପତି
ସମର୍ଥକ — ଶ୍ରୀଯୁକ୍ତ ରଘୁନାଥ ପାଠୀ

**ଦଶମ ପ୍ରସ୍ତାବ :** ବିଦେଶାଗତ ଉତ୍କଳୀୟ ଭାଇ ଏବଂ ଅନ୍ୟ ଜାତିମାନଙ୍କୁ ଧନ୍ୟବାଦ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ରାମକୃଷ୍ଣ ମିଶ୍ର
ଅନୁମୋଦକ — ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦାସ ଗୋସ୍ୱାମୀ
ସମର୍ଥକ — ଶ୍ରୀଯୁକ୍ତ ଲକ୍ଷ୍ମୀଶରଣ ଭଞ୍ଜ

**ଏକାଦଶ ପ୍ରସ୍ତାବ :** ସ୍ୱେଚ୍ଛାସେବକମାନଙ୍କୁ (Volunteers) ଧନ୍ୟବାଦ ।

ପ୍ରସ୍ତାବକ — ସଭାପତି ମହୋଦୟ

**ଦ୍ୱାଦଶ ପ୍ରସ୍ତାବ :** ସଭାପତି ମହୋଦୟଙ୍କୁ ଧନ୍ୟବାଦ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ
ଅନୁମୋଦକ — ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ
ସମର୍ଥକ — ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା

—

# ବିଶେଷ ଅଧିବେଶନ

[ଉତ୍କଳ ସମ୍ମିଳନୀର ଏକ ବିଶେଷ ଅଧିବେଶନ ତା ୨୨.୯.୧୯୧୨ ରିଖ ରବିବାର ଅପରାହ୍ଣରେ ବ୍ରହ୍ମପୁର ଟାଉନ ହଲ ଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ସଭା ପାଇଁ ଏକ ଆହ୍ୱାନ ସମ୍ମିଳନୀର ସମ୍ପାଦକ ଚିକିଟିର ରାଜାଙ୍କ ସ୍ୱାକ୍ଷରରେ ପ୍ରଚାରିତ ହୋଇଥିଲା। ଏ ସଭାରେ ସଭାପତିତ୍ୱ କରିଥିଲେ ସୁରଙ୍ଗୀର ରାଜା ଚନ୍ଦ୍ରଚୂଡ଼ମଣି ହରିଚନ୍ଦନ ଜଗଦ୍ଦେବ। ଉତ୍କଳଗୌରବ ମଧୁସୂଦନ, ପଣ୍ଡିତ ଗୋପବନ୍ଧୁ ଓ ବ୍ରଜସୁନ୍ଦର ଦାସ ପ୍ରମୁଖ ଏ ସଭାରେ ଯୋଗଦେଇଥିଲେ ଓ ମଧୁସୂଦନ ଉଦ୍‌ବୋଧନ ମଧ ଦେଇଥିଲେ। ଓଡ଼ିଶା ସହ ଗଞ୍ଜାମ ମିଶ୍ରଣକୁ ବିରୋଧ କରି ଭାରତ ସରକାର ନେଇଥିବା ପଦକ୍ଷେପ ଓ ଦେଇଥିବା ପ୍ରତିକୂଳ ମନ୍ତବ୍ୟକୁ ଆହ୍ୱାନ ଜଣାଇବା ଥିଲା ଏହି ଅଧିବେଶନର ଉଦ୍ଦେଶ୍ୟ – ଅଧିବେଶନରେ ଗୃହୀତ ହୋଇଥିବା ଦୁଇଟି ପ୍ରସ୍ତାବରୁ ଏହା ସ୍ପଷ୍ଟ। ଭାରତ ସରକାରଙ୍କୁ ଏହି ଅଧିବେଶନର ନିର୍ଦ୍ଧାରଣ ପ୍ରେରିତ ହେବାର ଥିବାରୁ ଏହା ଇଂରାଜୀରେ ଚିଠା କରାଯାଇଥିଲା ଓ ତାହାର ଓଡ଼ିଆ ଅନୁବାଦ ମଧ ଦିଆଯାଇ-ଥିଲା। ଏହି ଅଧିବେଶନରେ ପ୍ରଦତ୍ତ ସଭାପତି ଅଭିଭାଷଣ ଲିଖିତ ନ ଥିଲା – ଥିଲା ମୌଖିକ। ଉତ୍କଳ ସମ୍ମିଳନୀ ଯେ କ୍ରମଶଃ ଏକ ଗଣ ଆନ୍ଦୋଳନ ଆଡ଼କୁ ଆଗଉଥିଲା, ଏହି ଅଧିବେଶନ ତାହାର ଦୃଷ୍ଟାନ୍ତ।]

## ବିଶେଷ ଅଧିବେଶନରେ ଗୃହୀତ ପ୍ରସ୍ତାବାବଳୀ

**ପ୍ରଥମ ପ୍ରସ୍ତାବ :** ରାଜା, ଜମିଦାର, ମହନ୍ତ, ବଣିକ, ଓକିଲ, ରୟତ ପ୍ରଭୃତି ପ୍ରାୟ ଚାରି ସହସ୍ର ଲୋକଙ୍କର ଏହି ସଭା ଶଙ୍କା କରନ୍ତି କି ସନ ୧୯୧୨ ସାଲ ଅଗଷ୍ଟ ୧୧ ତାରିଖରେ ଗଞ୍ଜାମ ଜିଲ୍ଲା କଲେକ୍ଟରଙ୍କର ପତ୍ର ଲିଖିତ ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆଭାଷୀ ଅଞ୍ଚଳ ସବୁ ବିହାର ଏବଂ ଓଡ଼ିଶାରେ ମିଶାଇବା ବାଞ୍ଛନୀୟ ନୁହେଁ ଓ ଆବଶ୍ୟକୀୟ ନୁହେ ବୋଲି ଭାରତ ଗବର୍ଣ୍ଣମେଣ୍ଟ ଯେଉଁ ସିଦ୍ଧାନ୍ତ କରିଅଛନ୍ତି ସେହି ସିଦ୍ଧାନ୍ତ ଯେଉଁ ଯେଉଁ କାରଣରୁ ଓଡ଼ିଆ ଜାତିର ସାଧାରଣ ଉନ୍ନତିରେ ବାଧା ଘଟୁଅଛି ସେହି ସେହି କାରଣ ଭାରତ ଗବର୍ଣ୍ଣମେଣ୍ଟ ଜାଣିପାରି ନାହାନ୍ତି ଏବଂ ଏହି ନିଷ୍ପତ୍ତି ଜାତୀୟ ଉନ୍ନତିର ସୁବିଧା ସକାଶେ ଗବର୍ଣ୍ଣମେଣ୍ଟ ଯେଉଁ ପ୍ରକାଶ୍ୟ ନୀତି ଅବଲମ୍ବନ କରିଅଛନ୍ତି

ତାହାର ବିରୁଦ୍ଧ ଅଟେ । ଅତଏବ ଏହି ସଭା ଭାରତ ଗବର୍ଣ୍ଣମେଣ୍ଟଙ୍କ ଏହି ନିଷ୍ପତ୍ତି ଠିକ୍ ହୋଇନାହିଁ ବୋଲି ବିହିତ ସମ୍ମାନ ସହିତ ନିଶ୍ଚୟ କରିଅଛନ୍ତି ।

ଏହି ନିର୍ଦ୍ଧାରଣର ନକଲ ମହାମାନ୍ୟ ଭାରତ ସରକାରଙ୍କ ଗୋଚରାର୍ଥେ ଓ ସମସ୍ତ ସମ୍ବାଦପତ୍ରମାନଙ୍କୁ ପ୍ରକାଶାର୍ଥେ ପ୍ରେରଣ କରାଯାଉ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ସଦାଶିବ ବିଦ୍ୟାଭୂଷଣ
ଅନୁମୋଦକ — ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ
ସମର୍ଥକ — ଶ୍ରୀଯୁକ୍ତ ବିଶ୍ୱନାଥ ପଣ୍ଡା
ଶ୍ରୀଯୁକ୍ତ ହରିହର ପଣ୍ଡା

**ଦ୍ୱିତୀୟ ପ୍ରସ୍ତାବ :** ସମଗ୍ର ଓଡ଼ିଆ ଜାତିର ଶ୍ରେୟ ସ୍ୱାର୍ଥ ଜଗି ସେମାନଙ୍କ ହାନି ଲାଭ ଜଗିବାଲାଗି ବଡ଼ଲାଟ ମହୋଦୟଙ୍କ ବ୍ୟବସ୍ଥାପନା ସଭାରେ ଜଣେ ଓଡ଼ିଆ ବେସରକାରୀ ସଭ୍ୟ ରୁହନ୍ତୁ ।

ଏହି ନିର୍ଦ୍ଧାରଣ ନକଲ ଟେଲିଗ୍ରାମ ଯୋଗ୍ୟ ବଡ଼ଲାଟଙ୍କ ପ୍ରାଇଭେଟ ସେକ୍ରେଟରିଙ୍କ ନିକଟକୁ ପଠାଯାଉ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ
ଅନୁମୋଦକ — ଶ୍ରୀଯୁକ୍ତ ତାରିଣୀଚରଣ ରଥ
ସମର୍ଥକ — ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ

—

# ନବମ ଅଧିବେଶନ

[ଉତ୍କଳ ସମ୍ମିଳନୀର ନବମ ଅଧିବେଶନ ୧୯୧୩ ମସିହା ଡିସେମ୍ବର ମାସ ୨୮ ଓ ୨୯ ତାରିଖରେ ପୁରୀର ରାମଚଣ୍ଡୀ ଠାକୁରାଣୀଙ୍କ ସମ୍ମୁଖରେ ଥିବା ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନ ଲାଗି ଗଠିତ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଏମାର ମଠର ମହନ୍ତ ଗଦାଧର ରାମାନୁଜ ଦାସ ଓ ସଂପାଦକ ଥିଲେ ଜଗବନ୍ଧୁ ସିଂହ । ଉତ୍କଳଗୌରବ ମଧୁସୂଦନ ଅଧିବେଶନରେ ସଭାପତିତ୍ୱ କରିଥିଲେ ।]

## ଅଭ୍ୟର୍ଥନା ସମିତିର ସଭାପତି ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସଙ୍କ ସ୍ୱାଗତ ଭାଷଣ

ଭାଇମାନେ,

ଆଜି ଆମ୍ଭେମାନେ ଆପଣମାନଙ୍କୁ ଏହି ପୁରାଣ ପ୍ରସିଦ୍ଧ ପୁରୀ ନଗର ପ୍ରତି ଅଭ୍ୟର୍ଥନା କରୁଅଛୁଁ । ଉତ୍କଳ ସମ୍ମିଳନୀ ତୁଲ୍ୟ ଜାତୀୟ ପ୍ରତିଷ୍ଠାନର ଅଧିବେଶନ ପୁରୀପକ୍ଷେ ନୂତନ ନୁହେଁ । ସମ୍ମିଳନୀର ପଞ୍ଚମ ଅଧିବେଶନ ଏହିଠାରେ ହୋଇଥିଲା । ବର୍ତ୍ତମାନ ଯୁଗରେ ପୁରୀ ସାଧାରଣ କାର୍ଯ୍ୟରେ ପଶ୍ଚାତ୍‌ପଦ ହେଲେହେଁ ଏହାର ଅତୀତ ଗୌରବକାହାଣୀ ଅଦ୍ୟାପି ଓଡ଼ିଆ ଜାତିର ଅହଙ୍କାରର ବସ୍ତୁ । ନାନାପ୍ରଭାବ ଦ୍ୱାରା ଭାରତୀୟ ଆର୍ଯ୍ୟମାନଙ୍କ ଅବସ୍ଥାରେ କ୍ରମାଗତ ବହୁବିଧ ପରିବର୍ତ୍ତନ ଘଟିଥିଲେ ସୁଦ୍ଧା ପୁରୀ ଏକତା ଏବଂ ସାମ୍ୟବାଦର କେନ୍ଦ୍ରଭୂମିରୂପେ ଅଦ୍ୟାପି ବିଦ୍ୟମାନ୍ ରହି ଭାରତ ଜାତିର ପ୍ରାଣରେ ଆଶା ଓ ଆଶ୍ୱାସନା ଦେଉଅଛି । ଯୁଗେ ଯୁଗେ ଜ୍ଞାନୀ, ଯୋଗୀ, ସିଦ୍ଧ, ସାଧକମାନେ ଏହି ପୁଣ୍ୟଧାମର ଅଙ୍କ ଆଶ୍ରୟକରି ଏଠାରେ ଆପଣାର ପ୍ରବର୍ତ୍ତିତ ମତମାନ ପ୍ରଚାର କରିଅଛନ୍ତି । ଏକତା ଏବଂ ମିଳନ ଏ ପୁଣ୍ୟକ୍ଷେତ୍ରର ମୂଳମନ୍ତ୍ର । ଆଜି ଭିନ୍ନ ଭିନ୍ନ ସ୍ଥାନର ରାଜା, ପ୍ରଜା, ଶିକ୍ଷିତ ସାଧାରଣ ସକଳ ଶ୍ରେଣୀୟ ଉତ୍କଳୀୟମାନଙ୍କର ସମ୍ମିଳନ ଉଦ୍ଦେଶ୍ୟରେ ଆପଣମାନଙ୍କର ଏ ନଗରରେ ସମାବେଶ ଆମ୍ଭମାନଙ୍କୁ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହ ଦେଉଅଛି । ଗତ ବ୍ରହ୍ମପୁର ଅଧିବେଶନଠାରେ ଆମ୍ଭେମାନେ ଏହି ନଗରକୁ ସମ୍ମିଳନୀକୁ ଆହ୍ୱାନ କରିଥିଲୁ । ଯଥା ସମୟରେ ଅଧିବେଶନ ନିମନ୍ତେ ଚେଷ୍ଟା ମଧ କରାଯାଇଥିଲା କିନ୍ତୁ

ଅତ୍ୟନ୍ତ ଆକ୍ଷେପର ବିଷୟ ଯେ ଉପଯୁକ୍ତ ସଭାପତି ଅଭାବରୁ ଅଧିବେଶନ ହୋଇପାରିନାହିଁ। ଏଥିନିମନ୍ତେ ଆମ୍ଭେମାନେ ସମ୍ପୂର୍ଣ୍ଣ ଦାୟୀ ନ ହେଲେହେଁ ଯେ କୌଣସି ପ୍ରକାରେ ଅଧିବେଶନ କରିପାରି ନ ଥିବା ଯୋଗେ ଲଜ୍ଜିତ ଅଛୁଁ। ଏଥିଲାଗି ଆପଣମାନଙ୍କ ନିକଟରେ କ୍ଷମାଭିକ୍ଷା ମଧ କରୁଅଛୁଁ। ଯଥା ସମୟରେ ସମ୍ମିଳନୀର ଅଧିବେଶନ ନ ହେବା ଏବଂ ନିର୍ଦ୍ଧାରଣମାନ କାର୍ଯ୍ୟରେ ପରିଣତ କରାଯିବା ବିଷୟରେ ସମୁଚିତ ଯତ୍ନ ହୋଇ ନ ଥିବା ଦେଖି ଅନେକେ ଏହି ଜାତୀୟ ଅନୁଷ୍ଠାନ ପ୍ରତି ଉଦାସୀନ ଏବଂ ବୀତଶ୍ରଦ୍ଧହେବା ବିଚିତ୍ର ନୁହେ। କିନ୍ତୁ ଆମ୍ଭମାନଙ୍କ ମତରେ ଯେ କୌଣସି ଜାତୀୟ ଅନୁଷ୍ଠାନର କୃତିତ୍ୱ ସମୟ ସାପେକ୍ଷ ଅଟେ। ଧୈର୍ଯ୍ୟ ଆଶା ଅବଲମ୍ବନ ନ କଲେ ଜାତୀୟ ଜୀବନ ଗଠନ କାର୍ଯ୍ୟରେ ହସ୍ତକ୍ଷେପ କରିବା ବିଡ଼ମ୍ବନାମାତ୍ର। ସମ୍ମିଳନୀର ଦଶବର୍ଷ ଆସି ଗତ ହେଲା। ଅବଶ୍ୟ ଏହି ସମୟ ମଧ୍ୟରେ ସମ୍ମିଳନୀ କର୍ତ୍ତୃକ ଏପରି କୌଣସି କାର୍ଯ୍ୟ ହୋଇନାହିଁ, ଯାହାପ୍ରତି ଅଙ୍ଗୁଳି ନିର୍ଦ୍ଦେଶକରି ସମ୍ମିଳନୀର ଉଦ୍ୟୋକ୍ତାମାନେ ସମ୍ମିଳନୀର କାର୍ଯ୍ୟବୋଲି ଲୋକ ସାଧାରଣଙ୍କୁ ଦେଖାଇ ଦେଇପାରିବେ। କିନ୍ତୁ ମନେ ରଖିବାକୁ ହେବ ଦେଉଳତୋଳା, ପୋଖରୀଖୋଳା ଅଥବା ଜମିଚାଷ କରିବାଭଳି କାର୍ଯ୍ୟମାନ ସମ୍ମିଳନୀର କାର୍ଯ୍ୟ ନୁହେଁ ଯେ ଦଶବର୍ଷ ମଧ୍ୟରେ ଦେଉଳ ଏତେ ତିଆରି ହେଲା ବା ପୋଖରୀ ଏତେ ହାତ ଗଭୀର ଖୋଳାହେଲା ବା ଏତେବାଟୀ ଜମି ଚାଷ ହେଲାବୋଲି କୁହାଯାଇ ପାରିବ। ସମ୍ମିଳନୀର କାର୍ଯ୍ୟ ଗୁରୁତର ଓ ସୂକ୍ଷ୍ମ। ଗୋଟିଏ ଜାତିର ଦୀର୍ଘକାଳର ଜଡ଼ତା ଦୂରକରି ତାହାର କର୍ତ୍ତବ୍ୟ ବୋଧ ଜନ୍ମାଇବା ବା ସ୍ୱାର୍ଥପରତା ନିରାକରଣ କରି ତ୍ୟାଗଧର୍ମରେ ଦୀକ୍ଷିତ କରାଇବା, ବ୍ୟକ୍ତିଗତ ଅଭିମାନକୁ ଜାତୀୟ ଅହଂକାରରେ ପରିଣତ କରାଇବା, ଆତ୍ମବିସ୍ମୃତ ପ୍ରାଣରେ ଆତ୍ମମର୍ଯ୍ୟାଦା ଉଦ୍ରେକ କରାଇବା, ମୃତ୍ପ୍ର ବିଶ୍ୱାସ ଓ ନିରାଶ ହୃଦୟରେ ଆଶା, ଉତ୍ସାହ ଏବଂ ଅଟଳବିଶ୍ୱାସ ଜାଗ୍ରତ କରାଇବା ପ୍ରଭୃତି କାର୍ଯ୍ୟମାନ ଦିନକର ବ୍ୟାପାର ନୁହେଁ, ବର୍ଷକର ବ୍ୟାପାର ନୁହେ; କିମ୍ବା ଦଶବର୍ଷରେ ବ୍ୟାପାର ନୁହେ। ଏଥି ନିମନ୍ତେ ଦୀର୍ଘକାଳ ଅପେକ୍ଷା ଆବଶ୍ୟକ। କଠିନ ଅଧ୍ୟବସାୟ, ଅଭାବନୀୟ ସ୍ୱାର୍ଥତ୍ୟାଗ ଏବଂ ବିପୁଳ ଶକ୍ତିବ୍ୟୟ ଏବଂ ସମୟ ସମୟରେ ମଧ୍ୟ ଅପବ୍ୟୟର ପ୍ରୟୋଜନ। ସମ୍ମିଳନୀ ପ୍ରାରମ୍ଭରୁ ଏପର୍ଯ୍ୟନ୍ତ ଦଶବର୍ଷ ମଧ୍ୟରେ କି କାର୍ଯ୍ୟ କରିଅଛି ତାହା ଓଡ଼ିଆ ଜାତିର ଭବିଷ୍ୟତ ଇତିହାସ ଲେଖକ ସ୍ଥିର କରିବେ। କିନ୍ତୁ ଆମ୍ଭେମାନେ ବିଶ୍ୱାସ କରୁ ଯେତେ ସାମାନ୍ୟ ହେଉ ପଛକେ ଏମନ୍ତକି ଅତି ସୂକ୍ଷ୍ମ ରାସାୟନିକ ମାନଦଣ୍ଡରେ ତୋଳାର ଯୋଗ୍ୟ ହୋଇ ନ ପାରିଲେ ସୁଦ୍ଧା ସମ୍ମିଳନୀ କିଛି ନା କିଛି ଫଳ ପ୍ରସବ କରିଅଛି। ଉଦାହରଣ ସ୍ଥଳେ କୁହାଯାଇପାରେ ସମ୍ମିଳନୀତ କିଛି କାର୍ଯ୍ୟ କରିନାହିଁ, ମନ୍ଦରୁ ମନ୍ଦତର ହେଉଅଛି; ଅନେକେ ଏଥିପ୍ରତି

ହତାଶ, ଅନେକେ ସନ୍ଦିହାନ ଏବଂ ଥୋକେ ଉଦାସୀନ, ତେବେ କାହିଁକି ଆଜି ଏଠାରେ ଉତ୍କଳର ସୁଦୂର ପ୍ରାନ୍ତରୁ ବହୁ ଅର୍ଥବ୍ୟୟ କରି ଏବଂ ଶ୍ରମସ୍ୱୀକାର କରି ଦାରୁଣ ଶୀତର ପ୍ରକୋପ ନ ଗଣି ଆବାଳ ବୃଦ୍ଧ, ଧନୀ, ରାଜା, ଜମିଦାର, ଛାତ୍ର, ଶିକ୍ଷକ, ନାନା ଶ୍ରେଣୀ ଓ ସଂପ୍ରଦାୟର ପ୍ରତିନିଧିସ୍ୱରୂପ ଆପଣମାନେ ଏଠାରେ ଉପସ୍ଥିତ ? ଆମ୍ଭେମାନେ ନ ଜାଣିପାରୁ କିନ୍ତୁ କେଜାଣି ସମ୍ମିଳନୀ ପ୍ରାଣର କେଉଁ ତନ୍ତ୍ରୀରୁ କି ସ୍ୱର ଦେଇଅଛି, ହୃଦୟକୁ କେଉଁ ମୋହନମୂରଲୀ ଧ୍ୱନିରେ ମୋହିତ କରିଅଛି ଯେ ଆମ୍ଭମାନଙ୍କର ତହିଁ ପ୍ରତି ପ୍ରଗାଢ଼ ମମତା ଜନ୍ମିଅଛି । ଏହି ମମତା ଜାତୀୟ ଜୀବନର ମୂଳ ସୋପାନ ଅଟେ । ଦଶବର୍ଷ ନିମନ୍ତେ ଏହା ଉତ୍ତମ ଆଶାଜନକ ଫଳ ବୋଲି ଧରାଯାଇପାରେ । କେହି କେହି ସମ୍ମିଳନୀର ଭବିଷ୍ୟତ ସମ୍ବନ୍ଧେ ନାନା ଆଶଙ୍କା କରିବାର ଶୁଣାଯାଏ । କିନ୍ତୁ ଆମ୍ଭେମାନେ କହୁଁ ଏତାଦୃଶ ଆଶଙ୍କାର କୌଣସି ଭିତ୍ତି ନାହିଁ । ସମ୍ମିଳନୀ ଜାତୀୟ ଆକାଂକ୍ଷାର ଗୋଟିଏ ମୂର୍ତ୍ତି । ଏହା କଦାପି ଲୋପ ପାଇବାର ନୁହେଁ । ଜାତୀୟ ଆକାଂକ୍ଷାର ପରିତୃପ୍ତି ଏବଂ ଉତ୍ତରୋତ୍ତର ବୃଦ୍ଧି ସଙ୍ଗେ ସଙ୍ଗେ ତାହାର ଏହି ବାହ୍ୟ ବିକାରର କ୍ରମୋନ୍ନତି ଓ ସୌଷ୍ଠବ ସାଧିତ ହେଉଥିବ । ଆମ୍ଭମାନଙ୍କ କର୍ମ୍ମପଥରେ ଅନେକ ବାଧା ବିଘ୍ନ ଘଟିବା ଅବଶ୍ୟଂଭାବି । କିନ୍ତୁ ସେସବୁକୁ ବିଧାତାଙ୍କର ନିର୍ଦ୍ଦେଶ ବୋଲି ମନେକରି ଭବିଷ୍ୟତରେ ବିଶ୍ୱାସ ଏବଂ ଈଶ୍ୱରଙ୍କ ଉପରେ ନିର୍ଭର ରଖି ଧୀରନିର୍ଭୀକ ଭାବରେ କର୍ତ୍ତବ୍ୟପଥରେ ଅଗ୍ରସର ହେବାକୁ ହେବ । ଆଜି ଆପଣମାନଙ୍କର ଏ ଶୁଭ ସମ୍ମିଳନୀରେ ସମ୍ମିଳନୀର ପ୍ରଧାନ ଭକ୍ତ ସ୍ୱଦେଶପ୍ରାଣ ଗଞ୍ଜାମର କୃତିସନ୍ତାନ ନରସିଂହ ଦାସଙ୍କର ଆଶା ଉତ୍‌ଫୁଲ୍ଲ ମୁଖଶ୍ରୀ ଦିଶୁନାହିଁ । ଉତ୍କଳଗୌରବ ଭକ୍ତକବି ପୂତପ୍ରାଣ ମଧୁସୂଦନଙ୍କ ଉଦାର ଗମ୍ଭୀର କଣ୍ଠଧ୍ୱନି ଶୁଭୁନାହିଁ । ଏହି ସମ୍ମିଳନୀର ଭୂତପୂର୍ବ ସଭାପତି ପ୍ରବୀଣନୀତିଜ୍ଞ ବୈକୁଣ୍ଠନାଥଙ୍କର ପରାମର୍ଶ ଚିରଦିନ ଲାଗି ଆଉ ମିଳିବନାହିଁ । ଏମାନଙ୍କ ବିୟୋଗ ସକଳହୃଦୟରେ ଦାରୁଣ ଆଘାତ ଦେଇଅଛି ଏବଂ ଆମ୍ଭମାନଙ୍କ ଜାତୀୟ ଉନ୍ନତି ପ୍ରୟାସରେ ଗୁରୁତମ ବ୍ୟାଘାତ ଘଟାଇଅଛି । କିନ୍ତୁ ସେମାନଙ୍କ କାର୍ଯ୍ୟ ଆମ୍ଭମାନଙ୍କୁ କରିବାକୁ ହେବ, ସୁତରାଂ ସେମାନଙ୍କ ବିୟୋଗ ଦ୍ୱାରା ଆମ୍ଭମାନଙ୍କ ଦାୟିତ୍ୱ ଦ୍ୱିଗୁଣିତ ହୋଇଅଛି ବୋଲି ମନେକରି କାର୍ଯ୍ୟରେ ଅଗ୍ରସର ହେବାକୁ ହେବ । କିନ୍ତୁ ସୁଖର କଥା ମଙ୍ଗଳମୟଙ୍କ ବିଧାନରୁ ଅଶୁଭ ସଙ୍ଗେ ଶୁଭ, ମନ୍ଦ ସଙ୍ଗେ ଭଲ, ଅନ୍ଧାର ସଙ୍ଗେ ଆଲୋକତୁଲ୍ୟ ନିରନ୍ତର ରହି ମାନବୀ ବିଷାଦକୁ ଅନେକ ପରିମାଣରେ ଉପଶମିତ କରିଥାଏ । ବିଗତବର୍ଷ ଆମ୍ଭମାନଙ୍କ ପକ୍ଷେ ଶୋକସମ୍ବଳ ହୋଇଥିଲେହେଁ ଏକାବେଳକେ ଶୁଭଘଟନା ଶୂନ୍ୟ ନୁହେ । ଭାରତର ପ୍ରଜାପ୍ରତିନିଧି ମହାମତି ଲର୍ଡ଼ ହାର୍ଡ଼ିଞ୍ଜଙ୍କ ଶତାଧିକବର୍ଷ ଇଂରାଜ ଶାସନ

ପରେ ଉତ୍କଳକୁ ଶୁଭାଗମନ କରି ଉତ୍କଳ ଇଂରେଜ ଶାସନରେ ନିତାନ୍ତ ହେୟ ବା ନଗଣ୍ୟ ଭୂଖଣ୍ଡ ନୁହେବୋଲି ପ୍ରମାଣିତ କରିଅଛନ୍ତି ଏବଂ ଆମ୍ଭମାନଙ୍କ ହୃଦୟରେ ନାନା ଆଶାର ସଞ୍ଚାର କରାଇଅଛନ୍ତି । ଜାତୀୟ ଜୀବନର ପ୍ରଧାନ ନିୟାମକ ଜାତୀୟ ସାହିତ୍ୟର ଉନ୍ନତି ନିମନ୍ତେ, ଜାତିର ମେରୁଦଣ୍ଡକଳ୍ପ ରାଜା ମହାରାଜାମାନେ ଆପଣାର କର୍ତ୍ତବ୍ୟ ବୁଝି ସାହାଯ୍ୟ ଦାନ କରିବା ଅଳ୍ପ ଆଶାର କଥାନୁହେଁ । ଏ ସମ୍ପର୍କରେ ଆମ୍ଭେମାନେ ସୋନପୁର ଏବଂ ବାମଣ୍ଡା ମହାରାଜାମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛୁଁ । ସର୍ବାପେକ୍ଷା ଅଧିକ ଆହ୍ଲାଦର ବିଷୟ ସତ୍ୟବାଦୀ ବିଦ୍ୟାଳୟ । ଏହା ସମ୍ପ୍ରତି ଗୋଟିଏ ପ୍ରବେଶିକା ବିଦ୍ୟାଳୟ ଅର୍ଥାତ୍ ଏଣ୍ଟ୍ରାନ୍ସ ସ୍କୁଲ ସ୍ଥାପନର ପ୍ରୟାସ ହେଲେହେଁ ଏହା ଯେଉଁ ଆତ୍ମୋତ୍ସର୍ଗ ଓ ଆତ୍ମନିର୍ଭର ନୀତି ଉପରେ ପ୍ରତିଷ୍ଠିତ ତାହା ଉତ୍କଳ-ଶିକ୍ଷା-ଇତିହାସରେ ଏକ ଅଭିନବ ଅଧ୍ୟାୟ ।

ଏହି ବିଦ୍ୟାଳୟଟି ଦୃଢ଼ ହୋଇପାରିଲେ ଏବଂ ତହିଁର ଉଦ୍‌ଯୋକ୍ତାମାନଙ୍କ କଳ୍ପିତ ବ୍ୟାବହାରିକ ଶିକ୍ଷାର ବ୍ୟବସ୍ଥା ତହିଁ ସଙ୍ଗେ କରାଯାଇ ପାରିଲେ ଏହା ଏକ ନୂତନ ରୀତିର ଶିକ୍ଷା ପ୍ରତିଷ୍ଠାନ ହେବ । ଭିନ୍ନ ଭିନ୍ନ କ୍ଷେତ୍ରରେ ଏହିପରି ବ୍ୟକ୍ତିଗତ ଚେଷ୍ଟାଦ୍ୱାରା ଯେଉଁସବୁ ଶୁଭାନୁଷ୍ଠାନ ହେଉଅଛି, ତାହା ମୁଖ୍ୟ ଭାବରେ ହେଉ ବା ଗୌଣ ଭାବରେ ହେଉ ଜାତୀୟ ଜୀବନର ପୁଷ୍ଟିବିଧାନ କରୁଅଛି । ଦେଶରେ ଏହିପରି ଅଧିକ ସଂଖ୍ୟକ ଅନୁଷ୍ଠାନ ନ ହେଲେ, ଏବଂ ଆମ୍ଭେମାନେ ସେ ସବୁରେ ନିଜ ନିଜ ଶକ୍ତି ଯଥାସାଧ ନିୟୋଜିତ ନ କଲେ ସର୍ବତୋମୁଖୀ ଜାତୀୟ ଉନ୍ନତି ସମ୍ଭବ ନୁହେଁ । ସମ୍ମିଳନୀର ପ୍ରକୃତି ଅର୍ଥାତ୍ ତାହା ରାଜନୈତିକ କି ନୁହେଁ ଏ ବିଷୟରେ କେତେକ ଲୋକଙ୍କର ସନ୍ଦେହ ଉପସ୍ଥିତ ହୋଇଥିବାର ଆଭାସ ଏଥିମଧ୍ୟରେ ମିଳିଅଛି । ସମ୍ମିଳନୀ ପ୍ରଥମ ଗଠିତ ହେଲାବେଳେ ତାହା ରାଜନୈତିକ ନ ଥିଲା କିମ୍ବା ବର୍ତ୍ତମାନ ମଧ ରାଜନୈତିକ ନୁହେଁ । ଅତଏବ ଏସମ୍ବନ୍ଧେ ସନ୍ଦେହର କୌଣସି କାରଣ ନାହିଁ । ଏହାଛଡ଼ା ସମ୍ମିଳନୀର ଅନ୍ୟାନ୍ୟ ଅନେକ ବିଭାଗ ଅଛି । ସମ୍ମିଳନୀ ସମସ୍ତ ଓଡ଼ିଆଙ୍କର ସଭା ଅର୍ଥାତ୍ ବର୍ଣ୍ଣ, ଧର୍ମ, କର୍ମ, ବ୍ୟବସାୟ, ଅବସ୍ଥା ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆର ଏଥିରେ ସମାନ ଅଧିକାର । ସୁତରାଂ ସମ୍ମିଳନୀର ଆକୃତି ପ୍ରକୃତି ଏପରି ହେବା ଉଚିତ ଯେ, ଯେପରି କୌଣସି ଓଡ଼ିଆ ସେଥିରୁ ବଞ୍ଚିତ ନ ହୁଅନ୍ତି । ସମ୍ମିଳନୀ ତାହାର ମୌଳିକ ପ୍ରକୃତି ଏପର୍ଯ୍ୟନ୍ତ ରଖି ଆସିଅଛି ଏବଂ ଏହାର ସଂରକ୍ଷଣ ସର୍ବଥା ବାଞ୍ଛନୀୟ । ଆମ୍ଭେମାନେ ଆଜିଯାଏ ଯେପରି ପ୍ରତିବନ୍ଧକ ବିହୀନ ପ୍ରଣାଳୀରେ କାର୍ଯ୍ୟକରି ଆସୁଅଛୁ ସେହିପରି କ୍ରମାଗତ କରିବାକୁ ହେବ ।

## ନବମ ଅଧିବେଶନର ସଭାପତି ଉତ୍କଳଗୌରବ ମଧୁସୂଦନଙ୍କ ମୌଖିକ ଅଭିଭାଷଣ

ପ୍ରେମଭାଜନ, ଶ୍ରଦ୍ଧାଭାଜନ, ଉତ୍କଳର ସନ୍ତାନସନ୍ତତିବର୍ଗ !

ସଭାପତିଙ୍କର ପୂର୍ବ ପ୍ରଥା ଅନୁସାରେ ବକ୍ତୃତାକରିବା ଆବଶ୍ୟକ ଏବଂ ପୂର୍ବ ପ୍ରଥାନୁସାରେ ସେ ବକ୍ତୃତା ପଶ୍ଚାତ୍ ଛାପା ହୁଏ । ମୋହର ବକ୍ତୃତା ଲେଖିବାର କ୍ଷମତା ବା ଅଭ୍ୟାସ ନାହିଁ । କିନ୍ତୁ ବର୍ତ୍ତମାନ ଲେଖିବାକୁ ହେବ ବୋଲି କେହି କେହି ଭାଇ ବାଧ କରିବାରୁ ଲେଖୁଅଛି । ଏହା ମୋର ପ୍ରିୟବନ୍ଧୁ ଶ୍ରୀମାନ୍ ପାରେଶ୍ୱର ମହାନ୍ତି ଲେଖିଅଛନ୍ତି । ଗ୍ରାମୋଫୋନ ଯନ୍ତ୍ର ପରି ମୁଁ ପୁଣି ଏହା ବାହାରକରି ପାରିବି ନାହିଁ । ଅତଏବ ଯଦି ଖବର କାଗଜମାନଙ୍କର ଛାପା ଏବଂ ମୁଁ କହିବା କଥାରେ କିଛି ପ୍ରଭେଦ ଘଟେ ତାହାହେଲେ ମତେ କ୍ଷମା କରିବେ । କାରଣ, ମୁଁ ତ ଜୀବିତ ମନୁଷ୍ୟ, ଗ୍ରାମୋଫୋନ୍ ଯନ୍ତ୍ର ନୁହେଁ । କେଉଁ କାରଣରୁ ଏବଂ କି ଅବସ୍ଥାରେ ମୁଁ ଆପଣମାନଙ୍କ ନିକଟରେ ଉପସ୍ଥିତ ସେ ସମ୍ବନ୍ଧେ ଗୋଟିଏ ଦୁଇଗୋଟି କଥା କହିବି । ଦିନେ ମୟୂରଭଞ୍ଜ ମହାରାଜା ଏ ଆସନ ଅଧିକାର କରିଥିଲେ । ବିଦ୍ୟା, ଗୁଣ, ଚରିତ୍ର ଓ କ୍ଷମତାରେ ସେ ସୁଖ୍ୟାତି ଲାଭ କରିଥିଲେ ଏବଂ ଓଡ଼ିଶାରେ ଅଦ୍ୱିତୀୟ ଥିଲେ । ଜଣେ ଲେଫ୍‌ଟନେଣ୍ଟ ଗଭର୍ଣ୍ଣରଙ୍କ ସଙ୍ଗେ ସେ କଥାଭାଷା ହେଲା ବେଳେ ସାହେବ ଏତେଦୂର ଖୁସି ହୋଇଥିଲେ ଯେ ସେ ମତେ କହିଥିଲେ 'ରାଜାମାନଙ୍କ ମଧ୍ୟରେ ଏପରି ସୁଶିକ୍ଷିତ ଲୋକ ଅଛନ୍ତି, ପୂର୍ବେ ମୋହର ଏ ଧାରଣା ନ ଥିଲା ।' ସଭାପତି ଅଭାବରୁ ଗତବର୍ଷ ସମ୍ମିଳନୀ ହୋଇ ପାରିନାହିଁ । ଏଥିରୁ ଜଣାଯାଏ ସଭାପତିର ସ୍ଥାନ ଆଗେ ମାନ୍ୟର ସ୍ଥାନ ଥିଲା, ବର୍ତ୍ତମାନ ଅପମାନର ସ୍ଥାନ ହୋଇଅଛି, ତେଣୁ କେହି ସଭାପତି ହେବାକୁ ଇଚ୍ଛୁକ ନୁହନ୍ତି । ଏହି ଅଭାବ ଯୋଗେ କେବଳ କର୍ତ୍ତବ୍ୟ ଅନୁରୋଧରେ ଏ ଭାର ଗ୍ରହଣ କରି ଆପଣମାନଙ୍କ ସମକ୍ଷରେ ଠିଆ ହୋଇଅଛି ।

ସମ୍ମିଳନୀର ପୂର୍ବ ଅଧିବେଶନମାନଙ୍କରେ ଅନେକ ପ୍ରସ୍ତାବ ହୋଇଥିଲା । ସେ ସବୁ ଆଦୌ କାର୍ଯ୍ୟରେ ପରିଣତ ହୋଇନାହିଁ ବୋଲି ମୁଁ ଶୁଣିଅଛି । ଏହା ସତ୍ୟ କି ମିଥ୍ୟା ମୁଁ ଜାଣେନାହିଁ । ଯଦି କାର୍ଯ୍ୟରେ ପରିଣତ ହୋଇଥାଏ ତେବେ ଉତ୍କଳର ଉନ୍ନତି ହୋଇଅଛି, ସଂଦେହ ନାହିଁ । ଯଦି ହୋଇ ନ ଥାଏ ତେବେ ମୁଁ ଆଉ ବିଶେଷ କିଛି ଆଶା ଦେଖୁନାହିଁ । ରାଜା, ମହାରାଜା, ଧନୀ ଓ ଜ୍ଞାନୀମାନଙ୍କ ଦ୍ୱାରା ପରିପୋଷିତ ଓ ସମର୍ଥିତ ବିଷୟମାନ ଯଦି କାର୍ଯ୍ୟରେ ପରିଣତ ହୋଇ ନ ଥାଏ ତେବେ ମୋଦ୍ୱାରା ବା କି ହୋଇପାରେ ? ଉତ୍କଳ ସମ୍ମିଳନୀର ଅର୍ଥ କଣ ? ପୃଥିବୀରେ ନାନା ପ୍ରକାର ମିଳନ ହୁଏ – ଜଡ଼ ପଦାର୍ଥର ମିଳନ, ପଶୁପକ୍ଷୀମାନଙ୍କର ମିଳନ,

ବୃକ୍ଷମାନଙ୍କର ମିଳନ ଓ ମନୁଷ୍ୟମାନଙ୍କର ମିଳନ ହୁଏ । ବଢ଼ାଇ ଦୁଇଖଣ୍ଡ କାଷ୍ଠ ଏକତ୍ରିତ କରି ଦୁଇଟି ଜଡ଼ ପଦାର୍ଥର ମିଳନ କରାଏ । ଏକ ଗୋଷ୍ଠରେ ପଶୁମାନେ ଏକତ୍ରିତ ହେଲେ ସେମାନଙ୍କର ମିଳନ ହୁଏ । ବରଗଛ ତା ପାଖ ଗଛକୁ କ୍ରୋଡ଼ସ୍ଥ କରିନିଏ ଏବଂ ଗୋଲାପ ଗଛର ମିଳନରେ ନାନାବର୍ଣ୍ଣର ଫୁଲ ଫୁଟିଥାଏ । କିନ୍ତୁ ମିଳନ ଓ ସମ୍ମିଳନ ଏକଥା ଏକନୁହେଁ । ରାସାୟନିକ Compoundର ଗୁଣ element ଠାରୁ ସମ୍ପୂର୍ଣ୍ଣ ରୂପେ ପୃଥକ; ବ୍ୟକ୍ତିଗତ ଜୀବନ ଜାତୀୟ ଜୀବନରେ ନ ମିଳିବା ଯାଏ ସମ୍ମିଳନ ହୁଏନାହିଁ (କରତାଳି) । ଯେଉଁମାନେ ଜାତିର ଉନ୍ନତି ଇଚ୍ଛା କରନ୍ତି ସେମାନେ ପ୍ରଥମେ ଆପଣାକୁ ପରୀକ୍ଷା କରି ଦେଖିବା ଉଚିତ ଯେ ହୃଦୟ୍‌ରେ ସେମାନଙ୍କର ଜାତୀୟ ଭାବ ପୂର୍ଣ୍ଣ ଭାବରେ ଅଛି କି ନାହିଁ । ଏହି ପରୀକ୍ଷା ବଡ଼ କଠିନ କାର୍ଯ୍ୟ । ଜାତୀୟ ଜୀବନର ସଂପର୍କ ଆତ୍ମା ସଙ୍ଗରେ ଏବଂ ବ୍ୟକ୍ତିଗତ ଜୀବନର ସମ୍ପର୍କ ପ୍ରାଣ ସଙ୍ଗରେ । ଜାତିର ମନ୍ଦ ସମାଲୋଚନା ଶୁଣିଲେ ଶତ ଶତ ଆତ୍ମାରେ ବ୍ୟଥା ଲାଗେ । ପ୍ରତ୍ୟେକ ବ୍ୟକ୍ତିର ଯେପରି ଦୋଷଗୁଣ ଅଛି ପ୍ରତ୍ୟେକ ଜାତିର ମଧ୍ୟ ସେପରି ଅଛି । ଇଂରେଜ ସାହସୀ ଜାତି, ଦଶହଜାର ଇଂରେଜ Rule Britania କହିଲେ ସେମାନଙ୍କ ମୁଖର ବର୍ଣ୍ଣ କିପରି ପ୍ରଫୁଲ୍ଲିତ ହୋଇଉଠେ ? ସେମାନଙ୍କ ଜାତୀୟ ଜୀବନ ବଡ଼ ଉଚ୍ଚ, ସେମାନେ କେବେ ଦାସତ୍ୱ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ । ମହାବଳ ବାଘକୁ ଦେଖିଲେ ମଧ୍ୟ, ଇଂରେଜ ଅଗ୍ରସର ହୁଏ । କେବଳ ମାରିବା ଆଶାରେ ନୁହେଁ । ମାରିବାକୁ ଚେଷ୍ଟାକରି ମରିବା ଆଶାରେ । (କରତାଳି) ସେମାନେ ଚାହାନ୍ତି, ଆମ୍ଭେ ପଛେକେ ମରିବୁ କିନ୍ତୁ ଜାତୀୟ ସମ୍ମାନ ନଷ୍ଟ କରିପାରିବୁ ନାହିଁ । ଯଦି ଆମ୍ଭମାନଙ୍କ ମଧ୍ୟରେ କୌଣସି ଏକ ବିଶିଷ୍ଟ ଗୁଣ ନ ଥାଏ ତେବେ ବୁଝିବାକୁ ହେବ ଯେ ଆମ୍ଭେମାନେ ଏକ ଜାତି ନୋହୁଁ । ପରିବାରର ମଙ୍ଗଳ ଚେଷ୍ଟାରେ ସ୍ୱାର୍ଥପରତାର ହ୍ରାସ ଦେଖାଯାଏ ସତ୍ୟ ମାତ୍ର ତାହା ଶେଷ ନୁହେଁ । ସ୍ୱାର୍ଥଚେଷ୍ଟା, ସହଚରମାନଙ୍କ ଉନ୍ନତି, ତତ୍‌ପରେ ଜାତୀୟ ଉନ୍ନତି । ଜାତୀୟ ଜୀବନ ଓ ବ୍ୟକ୍ତିଗତ ଜୀବନର ଯେପରି ପ୍ରଭେଦଅଛି, ଜାତୀୟ ଉନ୍ନତି ଓ ବ୍ୟକ୍ତିଗତ ଉନ୍ନତି ମଧ୍ୟରେ ସେହିପରି ପ୍ରଭେଦ ଅଛି ।

ଶିଳ୍ପ ଆମ୍ଭମାନଙ୍କର ଗୋଟିଏ ପ୍ରଧାନ ଅଭାବ । କିନ୍ତୁ କେତେଜଣ ଏଥିପ୍ରତି ଚେଷ୍ଟିତ ଅଛନ୍ତି । ଆଧୁନିକ ଯୁବକମାନେ ଓକାଲତି ବା ଚାକରୀଛଡ଼ା ଆଉ କିଛି ଚାହାନ୍ତି ନାହିଁ । ବି.ଏ.ଏମ୍.ଏ. ପାସ କଲେ ଜାତୀୟ ଉନ୍ନତି ହୁଏନାହିଁ । ସାଧାରଣ ଚକ୍ଷୁ ଅପେକ୍ଷା ସୁଶିକ୍ଷିତ ଚକ୍ଷୁ ଅଧିକ କାର୍ଯ୍ୟକରେ, ଏହିପରି ହସ୍ତ, ପଦ, କାନ ଇତ୍ୟାଦି । ଜର୍ମନି ଜାତିଙ୍କର କାନ ପ୍ରସିଦ୍ଧ, ସେମାନେ ସଙ୍ଗୀତ ଦ୍ୱାରା ଅଜସ୍ର ଅର୍ଥଲାଭ କରୁଅଛନ୍ତି । କେବଳ ମାନସିକ ପ୍ରବୃତ୍ତିଗୁଡ଼ିକୁ ନୁହେଁ, ଶରୀରର ପ୍ରତ୍ୟେକ

ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକୁ ଚାଳିତ କଲେ ମଧ୍ୟ ଜାତୀୟ ଉନ୍ନତି ସାଧିତ ହୁଏ । ଭୁବନେଶ୍ୱର ପ୍ରଭୃତିରେ ଯେଉଁ ମୂର୍ତ୍ତି ସବୁ ଅଛନ୍ତି ତାହା ଏବେ ଆଉ ନିର୍ମିତ ହୋଇପାରିବକି ? ସେହି ହାତ ଅଛି ସେହି ପଥୁରିଆ ଅଛନ୍ତି, କିନ୍ତୁ ସେହି ହାତର ମୂଲ୍ୟ ଆଉନାହିଁ । ଧୈର୍ଯ୍ୟ, ଚେଷ୍ଟା ଓ ଅର୍ଥ ବଳରେ ତାହା କେବଳ ଫେରିପାରେ । ପିପିଲି ପ୍ରଭୃତିରେ ଆଗେ ଯେଉଁସବୁ କାରଖାନା ଥିଲା ତହିଁରୁ ଆମ୍ଭେମାନେ ବିଲାତ ପ୍ରଭୃତିରୁ ମଧ୍ୟ ବହୁତ ଅର୍ଥ ପାଉଥିଲୁ କିନ୍ତୁ ବର୍ତ୍ତମାନ ଅବସ୍ଥା ସମ୍ପୂର୍ଣ୍ଣ ଭିନ୍ନ । ସୁରୁବୁଲି ଘାସର ରଙ୍ଗରେ ସୁତାବୁଡ଼ାଇ ରଙ୍ଗକରି ସୁରିବୁଲି ଖଦି ତିଆର କରୁଥିଲେ, ରଙ୍ଗବର୍ଣ୍ଣଟା ଆମ୍ଭର ବଡ଼ ପ୍ରିୟ ଥିଲା । ମାତ୍ର ବର୍ତ୍ତମାନ ତାହା ଆଦରଣୀୟ ନୁହେଁ; ଏଣୁ ଜଣାଯାଉଅଛି ବର୍ତ୍ତମାନ ରୁଚିର ପରିବର୍ତ୍ତନ ହୋଇଅଛି । ଆମ୍ଭମାନଙ୍କୁ ଶିଳ୍ପୋନ୍ନତି କରିବାକୁ ହେଲେ ବିଦେଶୀୟ ଶିଳ୍ପସଙ୍ଗେ ପ୍ରତିଦ୍ୱନ୍ଦିତା ପ୍ରୟୋଜନ । ଇଉରୋପରେ ଧନ, ଜନ, ମନ ଏହି ତିନିଶକ୍ତି ଏକତ୍ରିତ ହୋଇ ଶିଳ୍ପର ଉନ୍ନତି କରିଅଛି । ଯେଉଁମାନେ ଧନ ଦିଅନ୍ତି ସେମାନେ ଲାଭ ଆଶାରେ ଦିଅନ୍ତି ନାହିଁ, କେବଳ ଶିଳ୍ପିମାନଙ୍କୁ ସାହାଯ୍ୟ ଓ ଶିକ୍ଷାଦେଇ ଜାତୀୟ ଉନ୍ନତି ସାଧନ କରିବାପାଇଁ । ଆମେରିକାରେ ଶତ ଶତ କମ୍ପାନୀ ଫେଲ ହେଉଅଛି ଓ ପରଦିନ ପୁଣି ଶତ ଶତ କମ୍ପାନୀର ସୃଷ୍ଟି ହେଉଅଛି । ଏଥିରେ କୌଣସି କ୍ଷତିନାହିଁ । କାରଣ ଏତଦ୍ୱାରା ଜାତୀୟ ଶିକ୍ଷା ବା ଉନ୍ନତି ସାଧିତ ହେଉଅଛି । ଏଦେଶରେ ଗୋଟିଏ କାରଖାନା ଫେଲ ହେଲେ, ଆଉ ସେହିପରି କାରଖାନା ଖୋଲିବାକୁ କେହି ସାହସ କରନ୍ତି ନାହିଁ ।

ଇଉରୋପର ଶିଳ୍ପ ଅନୁକରଣରେ ଆମ୍ଭମାନଙ୍କୁ ଶିଳ୍ପଶିକ୍ଷା କରିବାକୁ ହେବ । ଓଡ଼ିଶାରେ ବର୍ତ୍ତମାନ ବୁଦ୍ଧି ଓ କାର୍ଯ୍ୟକାରିକାଶକ୍ତି ଉପରେ ଧନିମାନଙ୍କର ବିଶ୍ୱାସନାହିଁ । ଶିଳ୍ପରେ ଯେପରି କ୍ଷତି ହେବାର ଆଶଙ୍କା ଅଛି କୃଷିରେ ମଧ୍ୟ ସେହିପରି ଆଶଙ୍କା ଅଛି । ମାତ୍ର ଲୋକେ ଓକିଲ ମୁକ୍ତାରମାନଙ୍କ ପ୍ରରୋଚନାରେ ପଡ଼ି କେବଳ ଜମି କ୍ରୟକରିବାଲାଗି ବ୍ୟସ୍ତ । ମାଲିମକଦ୍ଦମାଦ୍ୱାରା ଯେଉଁ କ୍ଷତିହୁଏ ତାହା ଉପଲବ୍ଧି ନକରି କେବଳ ଶିଳ୍ପରେ ଯେଉଁ କ୍ଷତି ହେବାର ଆଶଙ୍କାଅଛି ତାହାକୁ ବିଶେଷ ଭୟ କରୁଅଛନ୍ତି । ଏହାର କାରଣ ଅଶିକ୍ଷା । ୬୦ ବର୍ଷ ପୂର୍ବେ ବିଲାତରେ ଜାତୀୟ ଧନ କେବଳ ଶିଳ୍ପଦ୍ୱାରା ବର୍ତ୍ତମାନ ଶତଗୁଣ ବର୍ଦ୍ଧିତ ହୋଇଅଛି । ଅନାବୃଷ୍ଟି ପ୍ରଭୃତି ଆକସ୍ମିକ ଦୁର୍ଘଟଣାସବୁ ଶିଳ୍ପର କୌଣସି କ୍ଷତି କରିପାରିବ ନାହିଁ । ଶିଳ୍ପଦ୍ୱାରା ଦେଶର ଉନ୍ନତି ହେବ ଏକଥା ଯେ ବୁଝିପାରୁ ଅଛି, ସେ ତାହାର ସର୍ବସ୍ୱଧନ ଓ ଶକ୍ତି ଉତ୍ସର୍ଗ କରୁ । ସେ ସମୟରେ ଗରିବହୋଇ ମରିପାରେ, କିନ୍ତୁ ଯେଉଁ ଉନ୍ନତିର ବୀଜ ବପନ କରିଗଲା ତାହା ଯୁଗେ ଯୁଗେ ବର୍ଦ୍ଧିତ ହେବ । କାଳିଦାସ ପ୍ରଭୃତି ପ୍ରକୃତ ଜାତୀୟ ସନ୍ତାନଙ୍କର ପିତାମାତାଙ୍କୁ କେହି ଜାଣନ୍ତି ନାହିଁ । ଅଥଚ ପିତାମାତା

ତାଙ୍କୁ ଲାଳନପାଳନ କରିଥିଲେ, ଜାତି କିଛି କରିନାହିଁ। ତଥାପି ସମସ୍ତେ ତାଙ୍କୁ ଜାତୀୟ ସନ୍ତାନବୋଲି ଜାଣନ୍ତି। ଏହି ଜଗନ୍ନାଥ ମନ୍ଦିରପରି କାର୍ଯ୍ୟ ଯେଉଁମାନଙ୍କ ସାହାଯ୍ୟ ଦ୍ୱାରା ହୋଇଥିଲା, ଆଶାକରେ ସେହିପରି ଲୋକେ ବର୍ତ୍ତମାନ ମଧ୍ୟ ଏହି ଉତ୍କଳରେ ଅଛନ୍ତି।

ସ୍ତ୍ରୀମାନେ ''ଜାତି''ର ଅନ୍ତର୍ଗତ। ଇଂଲଣ୍ଡର ଉନ୍ନତି ଏଲିଜାବେଥ ଓ ଭିକ୍ଟୋରିଆଙ୍କ ଦ୍ୱାରା ବିଶେଷଭାବରେ ହୋଇଅଛି। କି ବାଳିକା, କି ଯୁବତୀ, କି ବୃଦ୍ଧା ସମସ୍ତେ ମାନବ ଜାତିର ମାତା। ଅତଏବ ସମସ୍ତ ନାରୀଜାତି ଜାତିମାତା, ଆମ୍ଭେମାନେ ସମସ୍ତେ ଧନ ସଞ୍ଚିତ କରିବାଲାଗି ସ୍ତ୍ରୀମାନଙ୍କ ହସ୍ତରେ ଅର୍ପଣ କରୁଁ। କାରଣ ତାହାହେଲେ ସନ୍ତାନମାନେ ନିରାପଦରେ ସେ ଧନ ପାଇପାରିବେ।

ଯେ ବ୍ୟକ୍ତି ବିଦ୍ୱାନ୍ ହୋଇ ସୁଦ୍ଧା ଅର୍ଥ ଉପାର୍ଜନ ମଧ୍ୟ ନ କରି ବିଦ୍ୟାଦାନ କରିବା ପାଇଁ ବୈରାଗ୍ୟ ଧାରଣ କରେ ସେମାନଙ୍କୁ ପ୍ରକୃତ ଅର୍ଥୋପାର୍ଜନ କୁହାଯାଏ। ଯଦି ଆମ୍ଭେମାନେ ସ୍ତ୍ରୀମାନଙ୍କୁ ସଞ୍ଚିତ ଧନ ନ ଦେଇ ସଞ୍ଚିତ ବିଦ୍ୟାଦାନ କରୁଁ ତେବେ ତାହା କେହି ଅପହରଣ କରି ପାରିବେ ନାହିଁ ଏବଂ ତାହା ସନ୍ତାନମାନେ ମଧ୍ୟ ନିର୍ବିଘ୍ନରେ ମାତାମାନଙ୍କଠାରୁ ପାଇପାରନ୍ତି। ଶିଶୁ ଅବସ୍ଥାରେ ସନ୍ତାନ ମାତାଠାରୁ ଯାହା ଶିକ୍ଷା କରେ ତାହା ଜାତିର ମୂଳଧନ ବୋଲି କହିବାକୁ ହେବ। ଇଉରୋପରେ ଛୋଟ ଛୋଟ ପିଲେ ଯାହା ଜାଣନ୍ତି ଆମ୍ଭ ଦେଶରେ ବି.ଏ., ଏମ୍.ଏ. ପାଶ କରିସୁଦ୍ଧା ତାହା ଜାଣନ୍ତି ନାହିଁ। ଅତଏବ ସ୍ତ୍ରୀଶିକ୍ଷା ପ୍ରକୃତ ଜାତୀୟ ଉନ୍ନତିର କାରଣ। ଆମ୍ଭମାନଙ୍କର ଦେଶର ଶିକ୍ଷା ଭଲ ନୁହେଁ ବୋଲି କହନ୍ତି, ଏହାର କାରଣ ସ୍ତ୍ରୀଶିକ୍ଷାର ଅଭାବ। ମାତାର ଉପଯୁକ୍ତ ଚିକିତ୍ସା ଅଭାବରେ ଶିଶୁ ପ୍ରାଣତ୍ୟାଗ କରେ। ଏହା ଅପେକ୍ଷା ଶୋଚନୀୟ କଥା ଆଉ କଅଣ ଥାଇପାରେ ?

ଯେବେ ଆପଣମାନେ କହନ୍ତି ଯେ ରାଜା ମହାରାଜା ପ୍ରଭୃତି ପୂର୍ବ ସଭାପତି-ମାନଙ୍କର ଉପଦେଶ ଅନୁସାରେ କାର୍ଯ୍ୟ ହୋଇନାହିଁ ତେବେ ମୋପରି ଦରିଦ୍ର ଲୋକର ଉପଦେଶ ଦେବା ବିଡ଼ମ୍ବନା ମାତ୍ର।

ଏହି ସମ୍ମିଳନୀ ପରି ଅନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ପ୍ରତ୍ୟେକେ ଜାତୀୟ ଜୀବନର ମାହାତ୍ମ୍ୟ ଉପଲବ୍ଧି କରିବା ଉଚିତ। ଯେ ବୁଝିପାରେ ଯେ ତାର ଦୁର୍ଗନ୍ଧମୟ ମୃତ ଦେହକୁ ମାତା ନିଜେ ପରିତ୍ୟାଗ କରେ କିନ୍ତୁ ଉତ୍କଳମାତା ପରିତ୍ୟାଗ କରିପାରେ ନାହିଁ। ସେହି ଏକା ଓଡ଼ିଶାର ପ୍ରକୃତ ସନ୍ତାନ। ଡେପୁଟି ବା ଓକିଲ କେବଳ ବ୍ୟକ୍ତିଗତ କାର୍ଯ୍ୟ କରନ୍ତି। କିନ୍ତୁ ତଦ୍ଦ୍ୱାରା ଜାତିର ବଡ଼ ବେଶି କିଛି ଉପକାର ହୁଏ ନାହିଁ। ମାୟାର ଅର୍ଥ ଏହି ଯେ ଯେଉଁମାନଙ୍କୁ ଆମ୍ଭେ ଆପଣାର ବୋଲି ଜ୍ଞାନ କରୁ ସେମାନେ ପ୍ରକୃତ ପର। ଈଶ୍ୱରଙ୍କ ନିୟମରେ ସ୍ୱାର୍ଥପର ହେବା

ଅସମ୍ଭବ । ମାତା ମୋତେ ନିଜ ହୃଦୟର ରକ୍ତ ଦେଇ ବର୍ଦ୍ଧିତ କରିଥିଲେ । କାହିଁକି ? କାରଣ ସେମାନେ ଆତ୍ମମଙ୍ଗଳ ନ ଚାହିଁ ପରର ମଙ୍ଗଳ ଇଚ୍ଛା କରନ୍ତି । ଶତ ଶତ ସ୍ଥାନର ଜଳ ବିଭିନ୍ନ ରଙ୍ଗ ଧରି ଯାଆନ୍ତି ସତ୍ୟ, ମାତ୍ର ସମୁଦ୍ର ସେମାନଙ୍କୁ ଏକରଙ୍ଗ କରିଦିଏ । ସମ୍ମିଳନୀ ଗୋଟିଏ ସମୁଦ୍ର । ସମ୍ମିଳନୀ ସମୁଦ୍ର ଗର୍ଜନରେ କହୁଅଛି ଏକବର୍ଣ୍ଣ ନ ହେଲେ ତୁମ୍ଭେମାନେ ମୋ ସହିତ ମିଳିପାରିବନାହିଁ । (କରତାଳି) । ଜଗନ୍ନାଥ ମନ୍ଦିର ଓ ସ୍ୱର୍ଗଦ୍ୱାର ପ୍ରଭୃତି ସ୍ଥାନରେ ଯେଉଁ ଏକତାର ଅନୁଷ୍ଠାନ ରହିଅଛି, ତାହା ପୁନଃ ପୁନଃ ମନରେ ଆଲୋଚନା କର । ପ୍ରତ୍ୟହ ୧୦ ମିନିଟ ଦେଶ କଥା ଚିନ୍ତା କଲେ ଆନନ୍ଦ ମିଳିବ । କ୍ରମେ ୨୦ ମିନିଟ୍, ୨୦ ଘଣ୍ଟା; ତାହାହିଁ ଆମ୍ଭମାନଙ୍କର ବ୍ୟବସାୟ ହୋଇପଡ଼ିବ । ତାହାହେଲେ ଦେଶ ମିଶ୍ରଣ ଓ ସମାଜ ସଂସ୍କାର ପ୍ରଭୃତି ସମସ୍ତ କାର୍ଯ୍ୟ କ୍ରମେ କ୍ରମେ ସହଜରେ ସାଧିତ ହେବ । ଯେଉଁ ପ୍ରଦେଶରୁ ଉପେନ୍ଦ୍ର ଭଞ୍ଜ ଜନ୍ମହୋଇ ଓଡ଼ିଶାକୁ ଚମତ୍କୃତ କରିଥିଲେ ତାହା ବର୍ତ୍ତମାନ ଓଡ଼ିଶାରୁ ଭିନ୍ନ । ଏହା ଅବଶ୍ୟ ବଡ଼ ଦୁଃଖର ବିଷୟ । ସମାନ ଭାବ ଜାତୀୟ ଜୀବନର ମୂଳ କାରଣ ।

ରାମ ମହାରାଜା ବୋଲି ଆଜିକାଲି ପରିଚିତ ନୁହନ୍ତି । ସୀତା ଓ ସାବିତ୍ରୀ ମହାରାଣୀ ବୋଲି ବିଖ୍ୟାତ ନୁହନ୍ତି । ଅତଏବ ସାଂସାରିକ ଗୌରବ କିଛି ନୁହେଁ । ନାମ ରଖିଯିବା ବା ଚିରସ୍ମରଣୀୟ ହେବାପାଇଁ ଯେଉଁମାନେ ଚେଷ୍ଟାକରନ୍ତି, ସେମାନେ ଭ୍ରାନ୍ତ ।

ଭାଇମାନେ, ମୁଁ ବର୍ତ୍ତମାନ ଅତ୍ୟନ୍ତ ବୃଦ୍ଧ । ଶୀଘ୍ର ମୃତ୍ୟୁଶଯ୍ୟାରେ ଶୟନ କରିବାକୁ ହେବ । ଯେତେବେଳେ ଈଶ୍ୱର ପଚାରିବେ ତୁ ସମାଜ ପାଇଁ କଅଣ କରିଛୁ ସେତେବେଳେ ମୁଁ ଯଦି କହିପାରେ ଯେ ମୁଁ ମୋର କର୍ତ୍ତବ୍ୟ ସାଧନ କରିଅଛି, ତେବେ ମୁଁ ବୀର; ମୋର ଆଉ ମୃତ୍ୟୁକୁ ଭୟ କଅଣ ? ଆପଣମାନଙ୍କୁ ଏହିକଥା ସ୍ୱତନ୍ତ୍ର ଭାବରେ ବିବେଚନା କରିବାକୁ ହେବ ।

ବତୀ ନିଜେ ପୋଡ଼ିଯାଇ ପରର ଉପକାର କରୁଥିବା ଦେଖି ଶତ ଶତ କୀଟ ପତଙ୍ଗ ପୋଡ଼ିଯିବାକୁ ସୁଦ୍ଧା ଭୟ କରନ୍ତିନାହିଁ । ସେହିପରି କ୍ରମେ କ୍ରମେ ଆଦର୍ଶ ସ୍ଥାପନ କରି ଓ ନିଜେ ଅନୁକରଣ କରି ସମସ୍ତ ଜାତି ଲାଗି ପ୍ରତ୍ୟେକ ବ୍ୟକ୍ତି ନିସ୍ୱାର୍ଥପର ହେବା ଉଚିତ ।

ଏମାର ମଠର ମହନ୍ତ ପଶ୍ଚିମାହୋଇ ସୁଦ୍ଧା ଓଡ଼ିଶାକୁ ତାଙ୍କର ମାତୃଭୂମି ବୋଲି ମଣୁଅଛନ୍ତି ଏହା ଅତ୍ୟନ୍ତ ସୌଭାଗ୍ୟ ବିଷୟ । ବର୍ତ୍ତମାନ ସେ ପ୍ରକୃତ ବୁଝିଅଛନ୍ତି ଯେ ସେ ଓଡ଼ିଶାର ସନ୍ତାନ (କରତାଳି) । ସତ୍ୟବାଦୀର ଯୁବକବୃନ୍ଦ ଯେଉଁ ଆତ୍ମୋତ୍ସର୍ଗ କରି ଅଛନ୍ତି ତାହା ଅନୁକରଣୀୟ । ସେମାନଙ୍କ ଦ୍ୱାରା ଜାତୀୟ ଜୀବନ ଗଠିତ ହୋଇପାରିବ ବୋଲି ସମ୍ପୂର୍ଣ୍ଣ ଆଶା କରାଯାଏ । [ଅସମ୍ପୂର୍ଣ୍ଣ]

# ଅଧିବେଶନର ସଭାପତି ଉତ୍କଳଗୌରବ ମଧୁସୂଦନଙ୍କ ଲିଖିତ ଅଭିଭାଷଣ

ପ୍ରେମଭାଜନ ଶ୍ରଦ୍ଧାଭାଜନ ଭାଇ ଉତ୍କଳର ସନ୍ତାନସନ୍ତତିବର୍ଗ !

ସଭାପତିଙ୍କର ପୂର୍ବ ପ୍ରଥାନୁସାରେ ବକ୍ତୃତା କରିବା ଆବଶ୍ୟକ ଏବଂ ପୂର୍ବ ପ୍ରଥାନୁସାରେ ସେ ବକ୍ତୃତା ଛପା ହୁଏ । ମୋହର ବକ୍ତୃତା ଲେଖିବାର କ୍ଷମତା ବା ଅଭ୍ୟାସ ନାହିଁ । କିନ୍ତୁ ବର୍ତ୍ତମାନ ଲେଖିବାକୁ ହେବ ବୋଲି କେହି କେହି ଭାଇ ବାଧ କରିବାରୁ ଲେଖିଅଛି, ଏହା ମୋହର ପ୍ରିୟବନ୍ଧୁ ଶ୍ରୀମାନ୍ ପାରେଶ୍ୱର ମହାନ୍ତି ଲେଖିଅଛନ୍ତି । ଗ୍ରାମୋଫୋନ ଯନ୍ତ୍ରପରି ମୁଁ ପୁଣି ଏହା ବାହାର କରିପାରିବି ନାହିଁ, ଅତଏବ ଯଦି ଖବର କାଗଜମାନଙ୍କରେ ଛାପା ଏବଂ ମୁଁ କହିବା କଥାରେ କିଛି ପ୍ରଭେଦ ଘଟେ ତାହାହେଲେ ମୋତେ କ୍ଷମା କରିବେ । କାରଣ ମୁଁ ତ ଜୀବିତ ମନୁଷ୍ୟ, ଗ୍ରାମୋଫୋନ ଯନ୍ତ୍ର ନୁହେଁ ।

ମୁଁ କି କାରଣରୁ ସଭାପତି ଦାୟିତ୍ୱ ଗ୍ରହଣ କରିଅଛି, ତତ୍‌ସମ୍ବନ୍ଧେ ପ୍ରଥମେ ଗୋଟିଏ ଦୁଇଟି କଥା କହିବା ଆବଶ୍ୟକ । ସମ୍ମିଳନୀର ପ୍ରଥମ ଅଧିବେଶନରେ ମୟୂରଭଞ୍ଜର ମହାରାଜା ସଭାପତି ହୋଇଥିଲେ । ସେ ବର୍ତ୍ତମାନ ସ୍ୱର୍ଗରେ ଅଛନ୍ତି । ଅଳ୍ପ ବୟସରେ ମୟୂରଭଞ୍ଜ ମହାରାଜା ଯେ ପ୍ରକାର ମାନସଂଭ୍ରମ ଓ ପୂଜ୍ୟପଦ ପ୍ରାପ୍ତ ହୋଇଥିଲେ ସେ ପ୍ରକାର ଖ୍ୟାତି ଓଡ଼ିଶାର ଅନ୍ୟ କେହି ରାଜା ପାଇଥିବାର ମୁଁ ଜାଣେନାହିଁ । ବଙ୍ଗଦେଶର ଜଣେ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ତାଙ୍କ ସଙ୍ଗରେ କୌଣସି ସ୍ଥାନରେ ପ୍ରାୟ ଏକଘଣ୍ଟା ନାନାବିଷୟକ କଥୋପକଥନ କରିଥିଲେ ଏବଂ ତାଙ୍କର ପାଣ୍ଡିତ୍ୟ ଓ ବୁଦ୍ଧି ଦେଖି ଅତିଶୟ ଆଶ୍ଚର୍ଯ୍ୟ ହୋଇଥିଲେ । ତାଙ୍କ ମନର ଆଶ୍ଚର୍ଯ୍ୟ ଭାବ ମୋ ନିକଟରେ ଥରେ ପ୍ରକାଶକରି କହିଥିଲେ କି ରାଜାମାନଙ୍କ ମଧ୍ୟରେ ଯେ ଏପ୍ରକାର ବିଦ୍ୟା ଏବଂ ବୁଦ୍ଧି ସମ୍ପନ୍ନଲୋକ ଅଛନ୍ତି ଏହା ତାଙ୍କ ମନରେ ବିଶ୍ୱାସ ନ ଥିଲା । ସମ୍ମିଳନୀର ପ୍ରଥମ ଅଧିବେଶନରେ ଉତ୍କଳ ମାତାର ବରପୁତ୍ର ସଭାପତି ହୋଇଥିଲେ । ମୁଁ ଶୁଣିଅଛି ସଭାପତିର ଆସନ ଗ୍ରହଣ କରିବାକୁ କେହି ଇଚ୍ଛୁକ ନ ହେବାରୁ ଗତବର୍ଷ ସମ୍ମିଳନୀର ଅଧିବେଶନ ହୋଇନାହିଁ । ଏଥିରୁ ପ୍ରକାଶ ହେଉଅଛି ସମ୍ମିଳନୀ ପ୍ରତି ଉତ୍କଳବାସୀମାନଙ୍କର ଯେ ପ୍ରକାର ଶ୍ରଦ୍ଧା, ଭକ୍ତି ଓ ସ୍ନେହ ପ୍ରଥମାବସ୍ଥାରେ ଥିଲା ତାହା ବର୍ତ୍ତମାନ ନାହିଁ । ପୂର୍ବେ ସଭାପତିର ଆସନ ସମ୍ମାନସୂଚକ ଥିଲା । ବର୍ତ୍ତମାନ ତାହା ଅସମ୍ମାନର ସ୍ଥାନ ହୋଇଅଛି । ସେହି ହେତୁରୁ ଉତ୍କଳର କେହି କୃତୀସନ୍ତାନ ସେ ସ୍ଥାନରେ ବସିବାକୁ ଚାହାନ୍ତିନାହିଁ । ମନେକରନ୍ତି ଏହା ଅଯୋଗ୍ୟଲୋକର ଉପଯୁକ୍ତ ସ୍ଥାନ । ଏଣୁକରି ଉତ୍କଳମାତାର ମୁଁ ଜଣେ ଅଯୋଗ୍ୟ ସନ୍ତାନ ଥିବାରୁ କର୍ତ୍ତବ୍ୟାନୁରୋଧେ ବାଧହୋଇ ଏ ସ୍ଥାନରେ ମୁଁ ଉପସ୍ଥିତ ହେଲି । ଏତଦ୍ୱାରା ଉତ୍କଳର

ମଙ୍ଗଳ ହେବକି ଅମଙ୍ଗଳ ହେବ ତାହା ଆପଣମାନେ ବିଚାର କରିବେ । ସମ୍ମିଳନୀର ପ୍ରତ୍ୟେକ ଅଧିବେଶନରେ ଉତ୍କଳର ଉନ୍ନତିସାଧନ ସକାଶେ ଅନେକ ପ୍ରସ୍ତାବ ଏଥିପୂର୍ବେ ହୋଇଥିଲା । ସେ ସବୁ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇନାହିଁ ବୋଲି ମୁଁ ଶୁଣିଅଛି । ତାହା ସତ୍ୟ କି ମିଥ୍ୟା ବିଚାର କରିବାର ଅଧିକାର ମୋହର ନାହିଁ । କିନ୍ତୁ ଯେଉଁସବୁ କାର୍ଯ୍ୟ କରିବାର ପ୍ରସ୍ତାବ ହୋଇଥିଲା ସେ ସବୁ ଉନ୍ନତିପଥରେ ଉତ୍କଳବାସୀମାନେ ଯେ ଗତ ଦଶବର୍ଷ ମଧ୍ୟରେ ଅଗ୍ରସର ହୋଇଅଛନ୍ତି ତାହା କୌଣସି ପ୍ରକାରେ କୁହାଯାଇ ନ ପାରେ । ଉତ୍କଳବାସୀଙ୍କ ମଧ୍ୟରେ ଯେଉଁମାନେ ଉଚ୍ଚଶ୍ରେଣୀସ୍ଥ ଅଟନ୍ତି ସେମାନେ ପ୍ରତ୍ୟେକ ଅଧିବେଶନରେ ସମ୍ମିଳନୀର କାର୍ଯ୍ୟରେ ଯୋଗଦାନ କରିଥିଲେ ଏବଂ ଉତ୍କଳର ଉନ୍ନତି ସମ୍ବନ୍ଧେ ଅନୁରାଗ ଓ ଉତ୍ସାହ ପ୍ରକାଶ କରିଥିଲେ । କିନ୍ତୁ କାର୍ଯ୍ୟରେ କୌଣସି ଉନ୍ନତି ହୋଇନାହିଁ । ଯଦ୍ୟପି ପ୍ରକୃତରେ ଉତ୍କଳର ଉନ୍ନତିସାଧନ କରିବାକୁ ଆପଣମାନଙ୍କର ଇଚ୍ଛା ହୁଏ ତାହାହେଲେ କି କାରଣରୁ ବିଗତ ଚେଷ୍ଟାସବୁ ସଫଳ ହୋଇନାହିଁ ବର୍ତ୍ତମାନ ଅଧିବେଶନରେ ତହିଁର ଅନୁସନ୍ଧାନ କରିବା ଆବଶ୍ୟକ । ଏପ୍ରକାର ଅନୁସନ୍ଧାନ କରିବାକୁ ହେଲେ ପ୍ରଥମେ 'ଉତ୍କଳ ସମ୍ମିଳନୀ'ର ଅର୍ଥ ବୁଝିବା ଉଚିତ ଏବଂ 'ଉତ୍କଳ ସମ୍ମିଳନୀ'ର ଅର୍ଥ ବୁଝିବାପୂର୍ବେ 'ସମ୍ମିଳନୀ'ର ଅର୍ଥ ବୁଝିବା ଆବଶ୍ୟକ ।

ପୃଥିବୀରେ ନାନାପ୍ରକାର ମିଳନ ହୁଏ । ଜଡ଼ ପଦାର୍ଥର ମିଳନ ହୁଏ । ପଶୁମାନଙ୍କର ମିଳନ ହୁଏ । ବୃକ୍ଷାଦିର ମିଳନ ହୁଏ । ଏବଂ ମନୁଷ୍ୟର ମିଳନହୁଏ । ବଢ଼େଇ ଦୁଇଖଣ୍ଡ କାଠକୁ ମିଳନ କରାଏ । ଏହା ଜଡ଼ ପଦାର୍ଥ ମିଳନର ଗୋଟିଏ ଉଦାହରଣ । କେତେକ ପଶୁଜାତି ଗୋଠବାନ୍ଧି ରହନ୍ତୁ । ଏ ପଶୁଜାତିର ମିଳନ । ଆପଣମାନେ ଦେଖିଥିବେ ବରଗଛ ନିକଟରେ ଅନ୍ୟ କୌଣସି ଗଛ ଥିଲେ ବରଗଛ ତାହାକୁ ଚାରିପାଖରେ ବ୍ୟାପି ଏକ ପ୍ରକାର ଆପଣାର କ୍ରୋଡ଼ସ୍ଥ କରିନିଏ । ବୃକ୍ଷ ମିଳନର ଏ ଗୋଟିଏ ଉଦାହରଣ । ଆହୁରିମଧ୍ୟ ଆପଣମାନେ ଦେଖିଥିବେ ଗୋଲାପ ଗଛର କଲମ ଦ୍ୱାରା ଏକପ୍ରକାର ମିଳନ ହୁଏ ଯେ ଏକ ବୃକ୍ଷରେ ନାନା ରଙ୍ଗର ଫୁଲଫୁଟେ । ମନୁଷ୍ୟ ଜାତିର ମିଳନ ମଧ୍ୟ ନାନା ଅଭିପ୍ରାୟରେ ହୁଏ । ଏ ସମୁଦାୟ ଉଦାହରଣରୁ ମିଳନ କାହାକୁ କହନ୍ତି ତାହା ଆମ୍ଭେମାନେ ବୁଝିପାରୁଅଛୁଁ । କିନ୍ତୁ ମିଳନ ଓ ସମ୍ମିଳନ ଏକ ଶବ୍ଦ ନୁହେଁ କିମ୍ବା ଏକ ଅର୍ଥ ବୁଝାଏନାହିଁ । କାଠ ଦୁଇଖଣ୍ଡ ଏକାଠି କରିବାକୁ ବଢ଼େଇ କଣ୍ଟାମାରେ କିମ୍ବା ଶିରୀଷ ଲଗାଏ । ଦୁଇଟି ଗଛ ଏକ ଦେଖାଗଲେ ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ଫଳ ଫଳନ୍ତି । ପଶୁମାନଙ୍କର ମିଳନ ଶତ୍ରୁ ଭୟରେ ହୋଇଥାଏ । ଏପରି ସମ୍ମିଳନଦ୍ୱାରା ଉଭୟ ପଦାର୍ଥମଧ୍ୟରୁ କାହାରି ପ୍ରକୃତିର ପରିବର୍ତ୍ତନ ହୁଏନାହିଁ । ରସାୟନଶାସ୍ତ୍ରରୁ ଆପଣମାନେ ଜାଣନ୍ତି ଯେ ଏପ୍ରକାର ପଦାର୍ଥ ଅଛି ଯହିଁରୁ ଦୁଇଗୋଟି ମିଶାଇଦେଲେ ଯେ ପଦାର୍ଥ ଉତ୍ପନ୍ନ ହୁଏ ତାହାର ଗୁଣ ଓ ପ୍ରକୃତି ସଂପୂର୍ଣ୍ଣରୂପେ ପୃଥକ୍ ।

ଯେଉଁ ଦୁଇ ପଦାର୍ଥ ମିଳନରେ ତାହା ଉତ୍ପନ୍ନ ହୋଇଅଛି ସେ ଦୁଇ ପଦାର୍ଥର ଗୁଣ ଓ ଲକ୍ଷଣ ଏକପ୍ରକାର ଏବଂ ଉକ୍ତ ମିଳନଦ୍ୱାରା ଯେଉଁ ପଦାର୍ଥ ଜାତ ହୁଏ ତାହାର ଗୁଣ ସମ୍ପୂର୍ଣ୍ଣରୂପେ ଅନ୍ୟ ପ୍ରକାର । ଉଦାହରଣ ସ୍ୱରୁପ ଉଲ୍ଲେଖ କରୁଅଛି, ପାଣି ଦୁଇଗୋଟି ବାଷ୍ପରୁ ଉତ୍ପନ୍ନ ହୁଏ । ବାଷ୍ପକୁ ଏକପ୍ରକାର ବାୟୁ କୁହାଯାଇପାରେ । ମାତ୍ର ଦୁଇଗୋଟି ବାଷ୍ପର ସମ୍ମିଳନରେ ଯାହା ଉତ୍ପନ୍ନ ହେଲା ତାହା ପାଣି । ବାଷ୍ପ ଦୃଷ୍ଟିର ଅଗୋଚର, ପାଣି ଦୃଶ୍ୟମାନ, ବାଷ୍ପ ଉର୍ଦ୍ଧ୍ୱଗାମୀ, ପାଣି ନିମ୍ନଗାମୀ । ଏହିପରି ଦୁହିଁଙ୍କର ଗୁଣ ଓ ଲକ୍ଷଣ ସଂପୂର୍ଣ୍ଣରୂପେ ପୃଥକ୍ । ଅତଏବ ସମ୍ମିଳନର ଅର୍ଥ ଏପ୍ରକାର ମିଳିବା ଯେ ମିଳିତ ପଦାର୍ଥମାନଙ୍କର ପୃଥକ୍ ଅସ୍ତିତ୍ୱ ଓ ଗୁଣ ଲୋପହୋଇ ଏକ ନୂତନ ପଦାର୍ଥ ଉତ୍ପନ୍ନ ହେବ । ବ୍ୟକ୍ତିଗତ ଜୀବନ ଲୋପହୋଇ ଜାତୀୟ ଜୀବନରେ ପରିଣତ ନହେବାଯାଏ ପ୍ରକୃତ ମିଳନ ଅସମ୍ଭବ ।

ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ସମସ୍ତ ଉତ୍କଳବାସିଙ୍କର ମଙ୍ଗଳ ସାଧନ । ସମଗ୍ର ଉତ୍କଳବାସୀ କହିଲେ ଏକ ଜାତି ବୁଝାଏ । ଜାତିଶବ୍ଦ ସାଧାରଣତଃ ବ୍ରାହ୍ମଣାଦି ବର୍ଣ୍ଣଙ୍କୁ ବୁଝାଇ ଥାଏ । କିନ୍ତୁ ସେ ଅର୍ଥରେ ମୁଁ ଜାତିଶବ୍ଦ ବ୍ୟବହାର କରୁନାହିଁ । ଯେଉଁ ଅର୍ଥରେ ଇଂରେଜ ଜାତି, ଜାପାନି ଜାତି, ବଙ୍ଗାଳିଜାତି ଏହି ଶବ୍ଦମାନ ଆମ୍ଭେମାନେ ବ୍ୟବହାର କରିଥାଉଁ ସେହି ଅର୍ଥରେ ମୁଁ ଜାତିଶବ୍ଦ ବ୍ୟବହାର କରୁଅଛି । ଉତ୍କଳଜାତିର ଅର୍ଥ ଯେଉଁମାନେ ଆପଣାକୁ ଉତ୍କଳସନ୍ତାନ ବୋଲି ମନେ କରନ୍ତି ଏବଂ ଉତ୍କଳର ଅତୀତ ଗୌରବରେ ଯେଉଁମାନେ ଆପଣାକୁ ଗୌରବାନ୍ୱିତ ମନେ କରନ୍ତି ଏବଂ ଭାବଗୌରବକୁ ଆକାଂକ୍ଷା କରନ୍ତି ସେମାନଙ୍କୁ ମୁଁ ଉତ୍କଳଜାତି ବୋଲି ଜ୍ଞାନକରେ । କୌଣସି ଜାତିର ଉନ୍ନତି ସାଧନ କରିବା ନିମନ୍ତେ ଯେଉଁବ୍ୟକ୍ତିମାନେ ଇଚ୍ଛା କରନ୍ତି ସେମାନଙ୍କର ପ୍ରଥମେ ଆପଣାକୁ ଆପେ ପରୀକ୍ଷା କରିବା ଉଚିତ । ପରୀକ୍ଷାର ଉଦ୍ଦେଶ୍ୟ ଯେ ତାଙ୍କ ହୃଦୟରେ ଜାତୀୟ ଜୀବନର ଉତ୍ପତ୍ତି ହୋଇଅଛି କି ନା ? ଆପଣାକୁ ଆପେ ପରୀକ୍ଷା କରିବାକୁ ହେବ । ଯେ ପରୀକ୍ଷା କରିବେ ଓ ଯାହାଙ୍କର ପରୀକ୍ଷାହେବ ସେମାନେ ଏ ସ୍ଥଳରେ ପୃଥକ୍ ବ୍ୟକ୍ତି ନହୋଇ ଏକ ବ୍ୟକ୍ତି ଅଟନ୍ତି । ଆପଣାକୁ ଆପେ ପରୀକ୍ଷାକରିବା ଏକଭାବରେ ବଡ଼ ସହଜ କାର୍ଯ୍ୟ ମାତ୍ର ପ୍ରକୃତରେ ବଡ଼ କଠିନ ଅଟେ । ମନୁଷ୍ୟ ସ୍ୱଭାବତଃ ପରର ଦୋଷ ସହଜରେ ଦେଖିପାରେ । ନିଜର ଦୋଷ ଦେଖିବା ତାହା ପକ୍ଷରେ ସହଜ ନୁହେଁ । ଅନ୍ଧକାର ରାତ୍ରରେ ଚନ୍ଦ୍ରର ଉଦୟହେଲେ ଅନ୍ଧକାର ଦୂରହୁଏ । ମାତ୍ର ମନୁଷ୍ୟ ଚନ୍ଦ୍ରର କଳଙ୍କ ଦେଖିବାକୁ ଛାଡ଼େନାହିଁ । ଆପେ ଯେ ଅନ୍ଧକାରରେ ଥିଲା ଏକଥା ସେ ଭୁଲିଯାଏ । ମଇଁଷିଟା ନିଜେ କଳା ମାତ୍ର କାଳିଆ ବସ୍ତ୍ର ଦେଖିଲେ କ୍ରୋଧ ପ୍ରକାଶ କରେ । ଯେ ପିନ୍ଧିଥାଏ ତାକୁ ମାରିବାକୁ ଦଉଡ଼େ । ସୁତରାଂ ଦେଖାଯାଏ ଆତ୍ମପରୀକ୍ଷା ବଡ଼ ସହଜ ନୁହେ । ତହିଁରେ ପୁଣି ଆତ୍ମପରୀକ୍ଷାଦ୍ୱାରା ଆମ୍ଭେମାନେ ଯାହା ସ୍ଥିର କରିବୁଁ ତାହାକୁ ଯେ ଜାତି ପ୍ରକୃତ ବୋଲି ଗ୍ରହଣ କରିବେ ଏହା ଆଶା କରାଯାଇ ନ ପାରେ ।

ଆତ୍ମନିରୀକ୍ଷାର ଫଳ ଠିକ୍ କି ନା ଜାତି ତାହାର ବିଚାର କରିବେ। ସେମାନେ ଆମ୍ଭମାନଙ୍କର କାର୍ଯ୍ୟରୁ ଦେଖିବେ ଯେ ଜାତୀୟଜୀବନ ଆମ୍ଭମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥପରତାକୁ ବିକାଶ କିମ୍ବା ସଙ୍କୁଚିତ କରିଅଛି କି ନା।

ପ୍ରତ୍ୟେକ ବ୍ୟକ୍ତିର ଦୁଇଗୋଟି ଜୀବନ ଅଛି। ଗୋଟିଏ ହେଉଛି ବ୍ୟକ୍ତିଗତ ଜୀବନ୍; ଅନ୍ୟଟି ହେଉଅଛି ଜାତୀୟଜୀବନ୍। ମୋତେ ଯେବେ କୁବାକ୍ୟ ଦ୍ୱାରା କେହି ସମ୍ବୋଧନ କରେ ମୋହର ତହିଁରେ ବିରକ୍ତି ଜାତ ହେବ। କିନ୍ତୁ ଯଦି କେହି ଓଡ଼ିଆ ଜାତିପ୍ରତି କୁବାକ୍ୟ ପ୍ରୟୋଗକରି ମୋତେ ସମ୍ବୋଧନ କରେ ତାହାହେଲେ ତଦ୍ଦ୍ୱାରା ମୋହର ବିରକ୍ତି ହେବ ଏବଂ ଆପଣମାନଙ୍କ ମଧ୍ୟରୁ ସମସ୍ତଙ୍କ ମନରେ ବିରକ୍ତି ଜାତ ହେବ। ପ୍ରଥମ ଦୃଷ୍ଟାନ୍ତରେ ବ୍ୟକ୍ତିଗତ ଜୀବନରେ ଆଘାତ ଲାଗିଲା। ଦ୍ୱିତୀୟ ଦୃଷ୍ଟାନ୍ତରେ ଜାତୀୟଜୀବନରେ ଆଘାତ ଲାଗିଲା। ଏଥିରୁ ଆପଣମାନେ ବୁଝିପାରିବେ ଯେ ପ୍ରତ୍ୟେକ ବ୍ୟକ୍ତିର ଦୁଇଗୋଟି ଜୀବନ ଅଛି ଏବଂ ଯେଉଁପରିମାଣରେ ସେ ଏହିଦୁଇ ଜୀବନର ପରିଚାଳନ କରିବ ତଦନୁସାରେ ସେ ନିଜର ଉନ୍ନତି ପଥରେ କିମ୍ବା ଜାତିର ଉନ୍ନତିପଥରେ ଅଗ୍ରସର ହେବ।

ପ୍ରତ୍ୟେକ ବ୍ୟକ୍ତିର ଯେ ପ୍ରକାର ଗୁଣ ଓ ଦୋଷ ଅଛି, ପ୍ରତ୍ୟେକ ଜାତିର ମଧ୍ୟ ସେହିପ୍ରକାର ଗୁଣ ଓ ଦୋଷ ଅଛି। ଯେଉଁଗୁଣ ଜାତିର ଅଧିକାଂଶ ଲୋକଙ୍କ ମଧ୍ୟରେ ଦେଖାଯାଏ ତାକୁ ଜାତୀୟ ଗୁଣ କହନ୍ତି। ସେହି ଗୁଣ ଉପାର୍ଜନରେ ସମସ୍ତ ଲୋକମାନେ ଚେଷ୍ଟା କରିଥିବାରୁ ତାହା ଜାତୀୟ ଗୁଣ ହୋଇଅଛି। ସେପ୍ରକାର ଚେଷ୍ଟା କରିବା ସମୟରେ ଲୋକମାନଙ୍କୁ କଷ୍ଟ ସ୍ୱୀକାର କରିବାକୁ ହୋଇଅଛି; ବିପଦାପନ୍ନ ହେବାକୁ ହୋଇଅଛି। ମାତ୍ର ସେମାନଙ୍କ ମଧ୍ୟରେ ଜାତୀୟଜୀବନ ଥିବାରୁ ସେମାନେ ପରାଙ୍ମୁଖ ହୋଇନାହାନ୍ତି। ଇଂରେଜ ସାହସୀ ଜାତି। ଦଶହଜାର ଇଂରେଜଙ୍କୁ ଏକତ୍ରକରି ତାଙ୍କ ସମ୍ମୁଖରେ

"Rule Britania rule the waves,
Britons, never never shall be slaves..."

ଏହି ପଦଟି ବୋଲ, ଦେଖିବ ଏହାର ଶବ୍ଦ ସେମାନଙ୍କ କର୍ଣ୍ଣରେ ପଡ଼ିଲାକ୍ଷଣି ଜାତୀୟ ଜୀବନ ଉତ୍ତେଜିତ ହୋଇ ସେମାନଙ୍କ ମୁଖର ବର୍ଣ୍ଣରେ ପ୍ରତିଭାତ ହେବ, ଇଂରେଜ କେବେ କାହାର ଦାସତ୍ୱ ସ୍ୱୀକାର କରିବ ନାହିଁ।

ଏକ ସମୟରେ କେତେକ ଜାପାନୀ ବିଲାତ ଯାଇଥିଲେ। ସେ ସମୟରେ ଜାପାନ ଦେଶର ଲୋକମାନେ ଚୀନ ଦେଶର ଲୋକମାନଙ୍କପରି ଚୁଟି ରଖୁଥିଲେ। ବିଲାତର ଲୋକମାନେ ସେମାନଙ୍କୁ ଚୀନଦେଶର ଲୋକବୋଲି ମନେ କରିବାରୁ ସେମାନେ ଅନ୍ୟ ଜାତି ବୋଲି ପରିଚିତ ହେବା ଲଜ୍ଜାର ବିଷୟ ଜ୍ଞାନକରି ସମସ୍ତ ଜାତି ଚୁଟି କାଟି ପକାଇଲେ। ଡାହାଳକୁକୁର ଛୁଆ ମହାବଳ ବାଘକୁ ଦେଖି

ପଳାଇବାକୁ ଚେଷ୍ଟା ନକରି ଆକ୍ରମଣ କରିବାକୁ ଦୌଡ଼ିବ । ଏହାର କାରଣ କଣ ? ତାହାର ଜାତୀୟ ଜୀବନ ସେ ରକ୍ଷା କରିବାକୁ ଚାହେଁ – "ବାଘ ପଛେ ମୋତେ ମାରୁ, ମୁଁ ମୋହର ଜାତିର ଗୁଣ ରକ୍ଷା ପାଇଁ ପ୍ରାଣ ଦେବି" । ଚଳିତ ଡିସମ୍ବର ତା ୨୦ରିଖ 'ଉତ୍କଳଦୀପିକା'ରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି କେତେକ ଓଡ଼ିଆମାନେ ଆପଣାକୁ ବଙ୍ଗାଳି ବୋଲି ପରିଚୟ ଦିଅନ୍ତି । ଏବିଷୟରେ ମୁଁ କୌଣସି ମତ ପ୍ରକାଶ କରିବାକୁ ଚାହେଁନାହିଁ । ଜାତିର ବିଚାର କରିବା ଜଣେ ବ୍ୟକ୍ତିର ଉଚିତ ନୁହେଁ ଏବଂ ସେପ୍ରକାର କରିବାର ଅଧିକାର ମଧ୍ୟ କାହାରିନାହିଁ । କିନ୍ତୁ ଉତ୍କଳ ସମ୍ମିଳନୀ ଜାତିର ସଭା; ଏଠାରେ ଜାତି ଉପସ୍ଥିତ । ପଶୁ ପକ୍ଷିମାନଙ୍କର ମଧ୍ୟ ଜାତୀୟ ଗୁଣ ଅଛି କାରଣ ସେମାନଙ୍କର ଜାତୀୟ ଜୀବନ ଅଛି । ବର୍ତ୍ତମାନ ମୁଁ ଏହି ମହାସଭାରେ ଆପଣମାନଙ୍କଠାରୁ ଜାଣିବାକୁ ଚାହେଁ ଆମ୍ଭ ଜାତିର କି ଗୁଣ ଅଛି ଯେଉଁ ଗୁଣ ବିଶେଷରୂପେ ଉତ୍କଳୀୟମାନଙ୍କର ଅଟେ ? ଯଦି ଏ ପ୍ରକାର କୌଣସି ଗୁଣ ନଥାଏ ତାହାହେଲେ ବୁଝିବାକୁ ହେବ ଆମ୍ଭମାନଙ୍କ ମଧ୍ୟରେ ଜାତୀୟ ଜୀବନର କେବେ ସଞ୍ଚାର ହୋଇନାହିଁ ।

ମନୁଷ୍ୟ ଭୂମିଷ୍ଠ ହେବା ସମୟରେ କେବଳ ମାଂସପିଣ୍ଡ ପ୍ରାୟ ଜୀବନ ଆରମ୍ଭ କରେ । ଶିଶୁକାଳରେ ସ୍ୱାର୍ଥପରତା ପ୍ରବଳ ଥିବାର ଦେଖାଯାଏ । ଶିଶୁ ଆପଣାର ସୁଖ ବ୍ୟତିରେକେ ଆଉ କିଛି କାମନା କରେ ନାହିଁ । ପରର ଦ୍ରବ୍ୟକୁ ଆପଣାର ମନେ କରେ ଏବଂ ତାହା ନପାଇଲେ କ୍ରୋଧରେ ରୋଦନ କରେ । କ୍ରମେ ବାଲ୍ୟକାଳ ଉପସ୍ଥିତ ହେଲେ କ୍ରୀଡ଼ାଭୂମିରେ କିମ୍ବା ବିଦ୍ୟାଳୟରେ ଖେଳିବା ଓ ପଢ଼ିବାର ସଙ୍ଗିମାନଙ୍କର ସୁଖ କିୟତ୍ ପରିମାଣରେ କାମନା କରେ ଏବଂ ଯେଉଁ ପରିମାଣରେ ପରର ସୁଖ କାମନା କରେ ସେହି ପରିମାଣରେ ତାହାର ସ୍ୱାର୍ଥପରତାର ହ୍ରାସ ହୁଏ । ବିବାହକଲେ ଏବଂ ସନ୍ତାନ ସନ୍ତତି ହେଲେ ପରର ମଙ୍ଗଳ ଚିନ୍ତା, ପରର ସୁଖଚିନ୍ତା କ୍ରମେ ବୃଦ୍ଧିପାଏ । ଆପେ କଷ୍ଟ ସ୍ୱୀକାର କରି, ଛିନ୍ନବସ୍ତ୍ର ପରିଧାନକରି, ଆବଶ୍ୟକ ହେଲେ ଅନାହାରରେ ଥାଇ ସ୍ତ୍ରୀ ଓ ସନ୍ତାନ ସନ୍ତତିମାନଙ୍କୁ ସୁଖରେ ରଖିବାର ଚେଷ୍ଟାକରେ । ଏଥିରୁ ଦେଖାଯାଏ ସ୍ୱାର୍ଥପରତାର ହ୍ରାସ, ପରୋପକାରିତାର ବୃଦ୍ଧି ହେଉଛି ମନୁଷ୍ୟ ଜୀବନର ଈଶ୍ୱରକୃତ ନିୟମ । ଅଧିକାଂଶ ଲୋକଙ୍କର ଜୀବନରେ ପରିବାରର ମଙ୍ଗଳଚେଷ୍ଟା ଉନ୍ନତିର ଶେଷସୀମାପରି ଦୃଷ୍ଟିହୁଏ । କିନ୍ତୁ ଯେଉଁମାନେ ମନୁଷ୍ୟ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିଅଛନ୍ତି ସେମାନଙ୍କ ପକ୍ଷରେ ନିଜ ପରିବାରର ସୁଖ ସାଧନ ଜୀବନର ଶେଷ ସୀମାନୁହେଁ । ଏପ୍ରକାର ବ୍ୟକ୍ତିମାନେ ସମାଜର ମଙ୍ଗଳ, ଜାତିର ମଙ୍ଗଳ ଏବଂ କେହି କେହି ପୃଥିବୀର ସମସ୍ତ ଜାତିଙ୍କର ମଙ୍ଗଳ ସାଧନରେ ଆପଣାର ଜୀବନ ଉତ୍ସର୍ଗ କରନ୍ତି ।

ଏଥିରୁ ଦେଖାଯାଏ ମାନବ ଉନ୍ନତିର ସର୍ବ ନିମ୍ନସୋପାନ ହେଉଛି ସ୍ୱାର୍ଥପରତା । ତତ୍ପରେ ସହଚରମାନଙ୍କର ମଙ୍ଗଳ ସାଧନ; ତତ୍ପରେ ପାରିବାରିକ ଜୀବନ, ତତ୍ପରେ

ଜାତୀୟ ଜୀବନ । ଜାତୀୟଜୀବନ ଉଦ୍ଭବ ହେବାପୂର୍ବେ ଜାତିର ଉନ୍ନତିସାଧନ ସକାଶେ କାର୍ଯ୍ୟ ଆରମ୍ଭ କଲେ ସେ କାର୍ଯ୍ୟ ସଫଳ ହେବାର ସମ୍ଭବନୁହେଁ । ଯେବେ ଉତ୍କଳବାସୀ ମଧ୍ୟରୁ ପ୍ରଧାନ ପ୍ରଧାନ ବ୍ୟକ୍ତିମାନଙ୍କର ଜାତୀୟଜୀବନ ଥାନ୍ତା ଏବଂ ସେମାନେ ଯେବେ ଉତ୍କଳସମ୍ମିଳନୀ କାର୍ଯ୍ୟରେ ମନୋଯୋଗୀ ହୋଇଥାନ୍ତେ ତାହାହେଲେ ସମ୍ମିଳନୀର ପ୍ରସ୍ତାବମାନ କି ଫଳ ହୋଇନଥାନ୍ତା ?

ଜାତୀୟଜୀବନ ଏବଂ ବ୍ୟକ୍ତିଗତ ଜୀବନ ଏ ଦୁଇ ମଧ୍ୟରେ ପ୍ରଭେଦ ବୁଝାଇବାକୁ ଆମ୍ଭେମାନେ ଚେଷ୍ଟା କରିଅଛୁଁ । ଆଶାକରେ ଏ ପ୍ରଭେଦ ମନରେ ରଖି ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ହୃଦୟରେ ଜାତୀୟଜୀବନର ପ୍ରବାହ ବର୍ଦ୍ଧନକରି କାର୍ଯ୍ୟରେ ତାହାର ଫଳ ଦେଖାଇବାକୁ ଚେଷ୍ଟା କରିବେ ।

ଜାତୀୟଜୀବନ ଏବଂ ବ୍ୟକ୍ତିଗତ ଜୀବନର ଯେପ୍ରକାର ପ୍ରଭେଦଅଛି, ଜାତୀୟ ଉନ୍ନତି ଓ ବ୍ୟକ୍ତିଗତ ଉନ୍ନତିର ମଧ୍ୟ ସେହିପ୍ରକାର ପ୍ରଭେଦ ଅଛି । ଏ ପ୍ରଭେଦ ଉତ୍କଳ-ସମ୍ମିଳନୀର ମଙ୍ଗଳାକାଂକ୍ଷୀମାନେ ସ୍ମରଣରଖିବା ଉଚିତ । ବର୍ତ୍ତମାନ ଭାରତବର୍ଷରେ ଶିଳ୍ପର ଉନ୍ନତି ସମ୍ବନ୍ଧେ ଅନେକ ବକ୍ତୃତା ଓ ଅନେକ ଉଦ୍‌ଯୋଗ ଦେଖାଯାଏ । ସୁଶିକ୍ଷିତ ବ୍ୟକ୍ତିମାନେ ସ୍ୱୀକାର କରନ୍ତି ଯେ ଶିଳ୍ପର ଉନ୍ନତି ନହେଲେ ଭାରତବର୍ଷର ଉନ୍ନତି ହେବା ଅସମ୍ଭବ । ସମ୍ମିଳନୀ ଅଧିବେଶନରେ ମଧ୍ୟ ଏ ସମ୍ବନ୍ଧେ ଅନେକ ପ୍ରସ୍ତାବ ହୋଇଅଛି ଓ ଦୀର୍ଘ ବକ୍ତୃତାମାନ ହୋଇଅଛି । କିନ୍ତୁ ଯେଉଁମାନେ ବକ୍ତୃତା କରନ୍ତି ସେମାନେ ନିଜେ ଶିଳ୍ପୀ ହେବାର ଚେଷ୍ଟା କରନ୍ତିନାହିଁ । ଅଧୁନା ଓଡ଼ିଶାର ସୁଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ସର୍କାରି ଚାକିରୀ କିମ୍ବା ଓକାଲତି ଜୀବନର ଉଦ୍ଦେଶ୍ୟ ଦେଖାଯାଏ । ଏପ୍ରକାର ହେବାର କାରଣ କଣ ? ମୋ କ୍ଷୁଦ୍ର ବିବେଚନାରେ ଏହାର କାରଣ ଆମ୍ଭେମାନେ ଆତ୍ମୋନ୍ନତି ଓ ଜାତୀୟ ଉନ୍ନତିର ପ୍ରଭେଦ ବୁଝିନାହୁଁ ।

ଜାତିର ଶିକ୍ଷା ଓ ବ୍ୟକ୍ତିଗତ ଶିକ୍ଷା ଦୁଇଟି ସମ୍ପୂର୍ଣ୍ଣରୂପେ ପୃଥକ୍ ଉପାୟ ଦ୍ୱାରା ସମ୍ପାଦିତ ହୁଏ । ଉଚ୍ଚ ଶିକ୍ଷା ଅର୍ଥାତ୍ କଲେଜରେ ବି.ଏ., ଏମ୍.ଏ. ପାଶ କରିବା ଦ୍ୱାରା ଜାତିର ଉନ୍ନତି ହୋଇପାରେ ନାହିଁ । କାରଣ ଏପ୍ରକାର ଶିକ୍ଷାର ଉଦ୍ଦେଶ୍ୟ ସର୍କାରି-ଚାକିରି, ଓକାଲତି, ଡାକ୍ତରୀ, ବାରିଷ୍ଟରି କିମ୍ବା ଅନ୍ୟ କୌଣସି ବ୍ୟବସାୟ, ଯଦ୍ଦ୍ୱାରା ଯେଉଁ ବ୍ୟକ୍ତି ସେ ବ୍ୟବସାୟ ଅବଲମ୍ବନ କରେ ସେ କେବଳ ତାହାର ବିଦ୍ୟା ଓ ବୁଦ୍ଧିର ମୂଲ୍ୟ ପାଏ । କୌଣସି ଜାତିରେ ସମସ୍ତ ଲୋକମାନେ ଏପ୍ରକାର ଉଚ୍ଚ ଶିକ୍ଷା ଲାଭ କରିବାର ଏପର୍ଯ୍ୟନ୍ତ ଦେଖାଯାଇ ନାହିଁ । ଏବଂ ଏହା ହେବାର ସମ୍ଭବ ନୁହେଁ । ଯଦି କୌଣସି ସମାଜରେ ଏପ୍ରକାର ଅବସ୍ଥା ହୁଏ ତାହାହେଲେ ସେ ସମାଜ ନିଶ୍ଚୟ ଶୀଘ୍ର ବିନାଶ ପ୍ରାପ୍ତହେବ । ଜାତିର ସମସ୍ତ ଲୋକମାନେ ଡାକ୍ତର କି ଓକୀଲ ହେଲେ ସେ ଜାତିର କିପ୍ରକାର ଶୋଚନୀୟ ଅବସ୍ଥାହେବ ତାହା ବ୍ୟାଖ୍ୟା କରିବା ଅନାବଶ୍ୟକ । ଯେଉଁମାନେ ଅତି ଉଚ୍ଚଶିକ୍ଷାର ପକ୍ଷପାତୀ ସେମାନଙ୍କର ସ୍ମରଣ

ରଖିବା ଉଚିତ ଯେ ମନୁଷ୍ୟର ଶରୀର ଅଛି ଓ ବୁଦ୍ଧି ଅଛି । କେତେକ ଲୋକଙ୍କଠାରେ ବୁଦ୍ଧିର ପ୍ରଖରତା ଦେଖାଯାଏ । ସେମାନେ ମାନସିକ ଶକ୍ତିର ଚାଳନା ଦ୍ୱାରା ଉନ୍ନତି ଲାଭ କରିପାରନ୍ତି । କିନ୍ତୁ ଏପ୍ରକାର ଲୋକମାନଙ୍କ ସଂଖ୍ୟା ଅତି ଅଳ୍ପ । ସମସ୍ତ ମନୁଷ୍ୟଙ୍କର ହାତ, ଆକ୍ଷି, କାନ, ନାକ ଓ ଜିଭ ଅଛି । ଶିକ୍ଷାଦ୍ୱାରା ବୁଦ୍ଧିର ଯେପ୍ରକାର ଉନ୍ନତି ହୋଇପାରେ, ପରିଚାଳନା ଦ୍ୱାରା ହସ୍ତାଦିମାନଙ୍କର ମଧ୍ୟ ସେହିପ୍ରକାର ଉନ୍ନତି ହୋଇପାରେ । ସାଧାରଣ ଚକ୍ଷୁ ଅପେକ୍ଷା ସୁଶିକ୍ଷିତ ଚକ୍ଷୁର ମୂଲ୍ୟ ଅଧିକ ହୁଏ । ଯେଉଁ ହାତ କୋଡ଼ି ଧରି ମାଟିହାଣି ସାରାଦିନ ପରିଶ୍ରମ କରି ଦୁଇଅଣା ପଇସା ରୋଜଗାର କରୁଅଛି ସେହି ହାତ, ଶିଳ୍ପୀର ହାତ ହେଲେ ଦିନରେ ଦୁଇଟଙ୍କା ରୋଜଗାର କରିପାରେ । ହସ୍ତାଦି-ମାନଙ୍କର ଶିକ୍ଷାଦ୍ୱାରା ଯେ ଜାତିର ଆର୍ଥିକ ଅବସ୍ଥା ଭଲ ହୋଇପାରେ ତାହାର ଦୃଷ୍ଟାନ୍ତ ପୃଥିବୀରେ ଅନେକ ଦେଖାଯାଏ । ଜର୍ମାନ ଜାତିର କାନ ସୁଶିକ୍ଷିତ । ଏମାନେ ସଙ୍ଗୀତ ବିଦ୍ୟାରେ ଅତି ନିପୁଣ । ଏହାର ଫଳ ଏହିଯେ ପୃଥିବୀର ସମସ୍ତ ଦେଶରେ ଜର୍ମାନୀ ନିର୍ମିତ ବାଦ୍ୟଯନ୍ତ୍ରର ବିକ୍ରୟ ହେଉଅଛି ଏବଂ ତଦ୍ୱାରା ସେ ଜାତି କୋଟି କୋଟି ଧନ ଉପାର୍ଜନ କରୁଅଛନ୍ତି । ଫ୍ରେଞ୍ଚଜାତି ଚକ୍ଷୁ ନାସିକା ଓ ଜିହ୍ୱାକୁ ସୁଶିକ୍ଷିତ କରିଅଛନ୍ତି । ଫ୍ରେଞ୍ଚଜାତୀୟ ଲୋକଙ୍କର ସୁଶିକ୍ଷିତ ଚକ୍ଷୁଥିବାରୁ ସେମାନେ କେଉଁ କେଉଁ ପଦାର୍ଥ ସୁନ୍ଦର, କେଉଁ ରଙ୍ଗସଦୃଶ୍ୟ ଏବିଷୟ ଭଲ ବିବେଚନା ଓ ପ୍ରଚାର କରିପାରନ୍ତି । ଏହି ହେତୁରୁ ଫ୍ରାନ୍ସ ଦେଶରୁ ସବୁ ଜାତିର ପରିଧେୟ ବସ୍ତ୍ର, ଟୋପି ଏବଂ ଅନ୍ୟାନ୍ୟ ପଦାର୍ଥ ବିଳାସପ୍ରିୟ ଲୋକମାନେ ବହୁମୂଲ୍ୟରେ କ୍ରୟ କରୁଅଛନ୍ତି । ଆହୁରି ମଧ୍ୟ ଫ୍ରେଞ୍ଚଜାତି ସେମାନଙ୍କର ଜିହ୍ୱା ଓ ନାସିକାକୁ ସୁଶିକ୍ଷିତ କରିଥିବାରୁ ଫ୍ରେଞ୍ଚପାଚକମାନେ ବେଶି ବେତନରେ ନାନାଦେଶରେ କାର୍ଯ୍ୟ ପାଉଅଛନ୍ତି । ଅଧିକ ଉଦାହରଣ ଦେବାର ଆବଶ୍ୟକ ନାହିଁ । ଯାହା ଉଲ୍ଲେଖ କରାଗଲା ତହିଁରୁ ଆପଣମାନେ ବୁଝି ପାରିବେ ଯେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ସୁଶିକ୍ଷିତ ହେବାଦ୍ୱାରା ଜାତିର ଉନ୍ନତି ସମ୍ପାଦନ ହୋଇପାରେ ଓ ଜାତୀୟ ଧନ ବୃଦ୍ଧି ହୋଇପାରେ । ମୁଁ ବୋଧକରେ ଉପସ୍ଥିତ ଉତ୍କଳବାସିଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଭୁବନେଶ୍ୱରର ରାଜାରାଣୀ ମନ୍ଦିରରେ ଥିବା ପ୍ରସ୍ତର ଖୋଦିତ ମୂର୍ତ୍ତିମାନ ଦେଖିଥିବେ । ଓଡ଼ିଶାର ଯେଉଁ ହାତ ସେ ମୂର୍ତ୍ତି ନିର୍ମାଣ କରିଥିଲା ସେ ହାତ ଆଜି ଥିଲେ ମର୍ମର ପଥରରେ ଯେଉଁ ମୂର୍ତ୍ତି ପ୍ରସ୍ତୁତ କରିଥାନ୍ତା ତାହା ବହୁମୂଲ୍ୟ ହୋଇଥାନ୍ତା । କିନ୍ତୁ ଯେ ବ୍ୟକ୍ତି ସେହିସବୁ ମୂର୍ତ୍ତି ପ୍ରସ୍ତୁତ କରିଥିଲା ତାହାର ବଂଶଧରମାନେ ବର୍ତ୍ତମାନ ପଥରରେ ଶିଳଟକି ତୟାର କରି ଦିନରେ ଦୁଇଅଣା ପଇସା ରୋଜଗାର କରୁଅଛନ୍ତି । କିଛିଦିନ ପୂର୍ବେ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ମୋତେ କହିଥିଲେ ଯେ ପଥରର ସେପ୍ରକାର ମୂର୍ତ୍ତି ଓଡ଼ିଶାରେ କରାଇପାରିଲେ କଲିକତାରେ ଏବଂ ଅନ୍ୟାନ୍ୟ ସ୍ଥାନରେ ଗଭର୍ଣ୍ଣମେଣ୍ଟ ଯେଉଁ

ବହୁମୂଲ୍ୟ ଅଟ୍ଟାଳିକାମାନ ନିର୍ମାଣ କରୁଅଛନ୍ତି ତହିଁରେ ସେହିସବୁ ମୂର୍ତ୍ତି ଅଟ୍ଟାଳିକାର ଶୋଭା ନିମନ୍ତେ ବ୍ୟବହାର କରାଯାଇପାରେ। କିନ୍ତୁ ତାହାହେବା ବର୍ତ୍ତମାନ ଅସମ୍ଭବ। କି କାରଣରୁ ଅସମ୍ଭବ ? ଓଡ଼ିଶାରେ ପଥର ଅଛି, ଯେଉଁମାନେ ମୂର୍ତ୍ତି ତୟାର କରୁଥିଲେ ସେମାନଙ୍କର ବଂଶୋଦ୍ଭବ ବ୍ୟକ୍ତିମାନେ ଅଛନ୍ତି। ସେମାନଙ୍କର ହାତ ଅଛି। ମାତ୍ର ସେ ହାତ କାର୍ଯ୍ୟ କରିପାରୁ ନାହିଁ। ଯେଉଁ ହାତ ଅଛି ତାହା ପଥୁରିୟାର ହାତ – ପଥୁରିୟା ଜାତିର ଅବନତ ଅବସ୍ଥାର ହାତ। ଉନ୍ନତ ଅବସ୍ଥାରେ ପଥୁରିୟା ଜାତିର ଯେଉଁ ହାତ ଥିଲା ସେ ହାତ ବର୍ତ୍ତମାନ ନାହିଁ; ସେ ହାତ ପୁନର୍ବାର ଉନ୍ନତ କରିବାକୁ ହେଲେ ଶିକ୍ଷା ଓ ଅଭ୍ୟାସର ଆବଶ୍ୟକ। ଉନ୍ନତ ଅବସ୍ଥାର ହାତ ଯେଉଁ କାର୍ଯ୍ୟ ସହଜରେ କରୁଥିଲା ବର୍ତ୍ତମାନ, ଅବନତ ହାତ କଷ୍ଟରେ ମଧ୍ୟ ସେ କାର୍ଯ୍ୟ କରିପାରିବ ନାହିଁ। ଏହି ଉଦାହରଣରୁ ଆପଣମାନେ ବୁଝିବେ ଜାତିର ହାତର ମୂଲ୍ୟ କିପରି ବଢ଼ିପାରେ ଓ କମିପାରେ।

ଇଂରେଜ ଜାତି ବାଣିଜ୍ୟ କରିବାକୁ ଯେତେବେଳେ ଭାରତବର୍ଷକୁ ପ୍ରଥମେ ଆସିଥିଲେ, ବଙ୍ଗ ଓ ଓଡ଼ିଆ ପ୍ରଦେଶରେ ସେମାନଙ୍କର ବାଣିଜ୍ୟ ସ୍ଥାନ ପ୍ରଥମେ ପିପିଲି ଓ ବାଲେଶ୍ୱର ଥିଲା। ତେତେବେଳେ ସେମାନେ ଓଡ଼ିଶାରୁ ଓ ଭାତରବର୍ଷରୁ ଏଦେଶୀୟ ଶିଳ୍ପିମାନଙ୍କ ତିୟାରି ପ୍ରସ୍ତୁତ ପଦାର୍ଥମାନ ତାଙ୍କ ଦେଶକୁ ନେଇଯାଉ ଥିଲେ। ତଦ୍ୱାରା ବିଲାତର ଟଙ୍କା ଏଦେଶକୁ ପ୍ରଚୁର ପରିମାଣରେ ଆସୁଥିଲା। ବର୍ତ୍ତମାନ ଅବସ୍ଥା ସମ୍ପୂର୍ଣ୍ଣରୂପେ ତଦ୍ ବିପରୀତ। କୌଣସି ସୁଶିକ୍ଷିତ ବ୍ୟକ୍ତିର ବୈଠକଖାନାରେ ପ୍ରବେଶ କରି ତହିଁସ୍ଥିତ ଦ୍ରବ୍ୟମାନଙ୍କର ଯଦି ତାଲିକା କର ତାହାହେଲେ ଦେଖିବ ପ୍ରାୟ ସମସ୍ତ ପଦାର୍ଥ ବିଦେଶୀ। ଶଏବର୍ଷ ପୂର୍ବେ ଯଦି ଏହି ସଭା ହୋଇଥାନ୍ତା ତାହାହେଲେ ସଭାପତି ଚୌକି ମେଜ ନେଇ ବସି ନ ଥାଆନ୍ତେ; କିମ୍ବା ଆପଣମାନେ ଯେପ୍ରକାର ଆସନରେ ବସିଅଛନ୍ତି ତହିଁରେ ମଧ୍ୟ ବସି ନ ଥାନ୍ତେ। ଏ ପରିବର୍ତ୍ତନ ଇଂରେଜ ଜାତି କୌଣସି ଆଇନଦ୍ୱାରା କି ପରାମର୍ଶ ଦ୍ୱାରା କି ଅନୁରୋଧ ଦ୍ୱାରା କରାଇନାହାନ୍ତି। ଦୁଇଜାତିର ସମ୍ମିଳନ ହେଲେ ଅପେକ୍ଷାକୃତ ଅନୁନ୍ନତ ଜାତି ଉନ୍ନତ ଜାତିର ଅନୁକରଣ କରିବ ଏହା ହେଉଅଛି ମାନବ ପ୍ରକୃତିର ଅନିବାର୍ଯ୍ୟ ନିୟମ। ଆମ୍ଭେମାନେ ଇଂରେଜ ଜାତିର ଅନୁକରଣ କରି ପରିଧେୟବସ୍ତ୍ର, ବସିବାର ଆସନ, ଚଳାଚଳ ହେବାର ଯାନବାହାନ ଏବଂ ଜୀବନର ଆବଶ୍ୟକୀୟ ସମସ୍ତ ପଦାର୍ଥର ପରିବର୍ତ୍ତନ କରିଅଛୁଁ। ଆପଣମାନେ ଜାଣନ୍ତି ପୁରୀରେ ସୁରୁବୁଲି ନାମେ ଏକପ୍ରକାର ଘାସ ଜନ୍ମେ। ତହିଁରୁ ଲାଲରଙ୍ଗ ପ୍ରସ୍ତୁତ ହେଉଥିଲା। ସେହି ରଙ୍ଗରେ ସୁତାରଙ୍ଗେଇ ଯେଉଁ ବସ୍ତ୍ର ପ୍ରସ୍ତୁତ ହେଉଥିଲା ତାହାର ନାମ ସୁରୁବୁଲି ଶାଢ଼ି ଥିଲା। ଇଂରେଜମାନେ ଲାଲରଙ୍ଗ ପସନ୍ଦ କରନ୍ତିନାହିଁ। ସେମାନଙ୍କର ଅନୁକରଣ କରି ଆମ୍ଭେମାନେ ମଧ୍ୟ ରଙ୍ଗଲୁଗା ପରିତ୍ୟାଗ କରିଅଛୁଁ। ମୁଁ ବାଲ୍ୟକାଳରେ ଘୋର

ଲାଲ୍ ରଙ୍ଗର ବନାରସ ଶାଲ ବ୍ୟବହାର କରିଅଛି । କିନ୍ତୁ ବର୍ତ୍ତମାନ ତଦ୍ରୂପ ଶାଲ ବ୍ୟବହାର କଲେ ସୁଶିକ୍ଷିତ ସମ୍ପ୍ରଦାୟଙ୍କର ହାସ୍ୟାସ୍ପଦ ହେବି । ଏପ୍ରକାର ଉଦାହରଣ ମୁଁ ଏଠାରେ ଦେବାର ଉଦ୍ଦେଶ୍ୟ ଏହିକି ଆମ୍ଭମାନଙ୍କୁ ବର୍ତ୍ତମାନ ଶିଳ୍ପ ଉନ୍ନତ କରିବାକୁ ହେଲେ ବିଦେଶୀୟ ପଦାର୍ଥ ପ୍ରସ୍ତୁତ କରିବାକୁ ହୁଏ । ବର୍ତ୍ତମାନ ଶିଳ୍ପୋନ୍ନତି କ୍ଷେତ୍ରରେ ଇଉରୋପ ସହିତ ପ୍ରତିଯୋଗିତା ଅନିବାର୍ଯ୍ୟ । ଇଉରୋପରେ ତିନୋଟି ଶକ୍ତି ଏକତ୍ର ହେବାଦ୍ୱାରା ଶିଳ୍ପର ଉନ୍ନତି ହୋଇଅଛି । ସେ ତିନୋଟି ଶକ୍ତି ଧନ, ଜନ; ମନ ଅର୍ଥାତ୍ ଅର୍ଥ, କାୟିକ ପରିଶ୍ରମ, ଓ ବୁଦ୍ଧି । ଏହି ତିନି ଶକ୍ତି ଏକତ୍ର ହେବାଦ୍ୱାରା ଇଉରୋପରେ ଶିଳ୍ପର ଉନ୍ନତି ହୋଇଅଛି । କୌଣସି ଏକ ବ୍ୟକ୍ତିଠାରେ ଏ ତିନିଶକ୍ତି ଯଥେଷ୍ଟ ପରିମାଣରେ ମିଳିବା ଅସମ୍ଭବ । ଏହି ହେତୁର ତିନିଶ୍ରେଣୀର ଲୋକ ଏକତ୍ର ହୋଇ ଇଉରୋପରେ ଶିଳ୍ପର ଉନ୍ନତି କରିଅଛନ୍ତି । ଇଉରୋପରେ ଯେଉଁ ସୁବୃହତ୍ କାରଖାନାମାନ ଅଛି ତାହା କୌଣସି ଏକ ବ୍ୟକ୍ତିର ସତ୍ତ୍ୱ ନୁହେଁ । ପ୍ରଥମତଃ, ଉକ୍ତ ପ୍ରକାର କାରଖାନାରେ ଯେ ବହୁଧନର ଆବଶ୍ୟକ ତାହା ଜଣେ ଦେବା ଅସମ୍ଭବ । ଦ୍ୱିତୀୟତଃ, ଶିଳ୍ପୋନ୍ନତିର ପ୍ରଥମ ଅବସ୍ଥାରେ ବିଶେଷତଃ ଯେତେବେଳେ ଏକଜାତିକୁ ଅନ୍ୟଜାତିର ଶିଳ୍ପ ଅନୁକରଣ କରିବାକୁ ହୁଏ ତେତେବେଳେ କ୍ଷତିହେବାର ଖୁବ୍ ସମ୍ଭବ । ଏହି ଉଭୟ ବିପଦ ନିବାରଣ ଇଚ୍ଛାରୁ, ଯୌଥକାରବାରର ଉତ୍ପତ୍ତି । ଯେଉଁମାନେ ଧନୀ ଯୌଥ-କାରବାରରେ ସେମାନେ ଟଙ୍କା ଦିଅନ୍ତି । ଯେ ବାଣିଜ୍ୟର ସୂତ୍ରମାନ ଶିକ୍ଷାକରିଅଛି ସେ ବୁଦ୍ଧିଦ୍ୱାରା କାରବାର ଚଳାଏ । ଏବଂ ଯେଉଁମାନଙ୍କର ହାତ ଓ ଆଖି ସୁଶିକ୍ଷିତ ସେମାନେ କାରିଗର ସ୍ୱରୂପ କାର୍ଯ୍ୟ କରନ୍ତି । କିନ୍ତୁ ଯେଉଁମାନେ ଧନ ଦିଅନ୍ତି ସେମାନେ କେବଳ ଲାଭ ଇଚ୍ଛାରେ ଦିଅନ୍ତି ନାହିଁ । ପ୍ରଥମ ଉଦ୍ଦେଶ୍ୟ ଶିଳ୍ପିମାନଙ୍କ ଅବସ୍ଥାର ଉନ୍ନତି କାରଣ ତଦ୍ଦ୍ୱାରା ଜାତିର ଉନ୍ନତି ହୁଏ । ଏ ଉଦ୍ଦେଶ୍ୟ ସାଧନରେ ଲୋକସାନ ହେଲେ ମଧ୍ୟ ଶିଳ୍ପୀ ଶ୍ରେଣୀର ଶିକ୍ଷାହେବ ଏବଂ ସମୟରେ ସେହି ବାଣିଜ୍ୟରେ ଲାଭ ହେବ । ଆପଣମାନେ ଜାଣିଥିବେ ଯେ ଇଉରୋପରେ ଗୋଟିଏ କମ୍ପାନୀ "ଫେଲ" ହେଲେ ସେହି କମ୍ପାନୀର କଳ ଓ ଦ୍ରବ୍ୟମାନ ଅନ୍ୟକେତେକ ଲୋକ କିଣି ନେଇ ତହିଁରେ ଆହୁରି ଧନ ସଂଯୋଗ ଦ୍ୱାରା ପୁନର୍ବାର ସେହି କାର୍ଯ୍ୟ ଚଳାଇବାକୁ ଚେଷ୍ଟା କରନ୍ତି । ଆମେରିକାର ଯୁକ୍ତ ରାଜ୍ୟରେ ପ୍ରତିଦିନ ଶତଶତ କମ୍ପାନୀ "ଫେଲ୍" ହେଉଅଛି । ଦ୍ୱିଗୁଣ ସଂଖ୍ୟକ କମ୍ପାନୀ ପରବର୍ତ୍ତୀ ଦିନ ଗଠିତ ହେଉଅଛି । କମ୍ପାନୀ "ଫେଲ" ହେଲାବୋଲି ଲୋକଙ୍କର ଭ୍ରୂକ୍ଷେପ ନାହିଁ କାରଣ ସେମାନେ ବୁଝନ୍ତି ଯେ ତଦ୍ଦ୍ୱାରା ଜାତିର ଶିକ୍ଷା ହେଉଅଛି ଓ ଜାତିର ଅଭିଜ୍ଞତା ବୃଦ୍ଧି ପାଉଅଛି । ତେଣୁ କମ୍ପାନୀ "ଫେଲ" ହେବାରେ ଯେଉଁଧନ ଲୋକସାନ ହେଲା ତାହାକୁ ସେମାନେ ଲୋକସାନ ତଳେ ନିଅନ୍ତି ନାହିଁ; ଜାତିର ଶିକ୍ଷାରେ ବ୍ୟୟ କରାଗଲା ବୋଲି ମନେକରିଥାନ୍ତି ।

ଏପ୍ରକାର ଭାବ ଏ ଦେଶର ବର୍ତ୍ତମାନ ଅବସ୍ଥାରେ ହେବା ଅସମ୍ଭବ । ତହିଁର କାରଣ ଏହିକି ଇଉରୋପରେ ବ୍ୟକ୍ତିଗତ ଲାଭେଚ୍ଛା ସଙ୍ଗରେ ଜାତୀୟ ଉନ୍ନତିର ଇଚ୍ଛା ରହିଅଛି । ଏହି ହେତୁରୁ ଯେଉଁ ଅର୍ଥ କ୍ଷତିହୁଏ ତାକୁ ସେମାନେ ଜାତୀୟ ଶିକ୍ଷାର ବ୍ୟୟସ୍ୱରୂପ ଜ୍ଞାନ କରନ୍ତି । କାରଣ ତଦ୍ଵାରା ଅନେକ ଶିଳ୍ପିଙ୍କର ଶିକ୍ଷାଲାଭ ହୁଏ; ଏବଂ ଜାତିରେ କାରିଗରମାନଙ୍କର ସଂଖ୍ୟା ଓ ନିପୁଣତା ବୃଦ୍ଧିହୁଏ ଓ ଆର୍ଥିକ ଅବସ୍ଥାର ଉନ୍ନତି ହୁଏ । ଏଦେଶରେ ଗୋଟାଏ କାରଖାନାରେ କ୍ଷତିହେଲେ ସେ କାରଖାନାରେ ଯେଉଁ ଶିଳ୍ପକାର୍ଯ୍ୟ ହେଉଥିଲା ସେକାର୍ଯ୍ୟ କରିବାକୁ ଆଉ କେହି ସମ୍ମତ ହେବେନାହିଁ । ଏରୂପ ଭାବ ଯେତେଦିନ ଥିବ ତେତେକଦିନ ଏଦେଶରେ ଶିଳ୍ପର ଉନ୍ନତିହେବା ଅସମ୍ଭବ । ଆମ୍ଭମାନଙ୍କର ସ୍ମରଣରଖିବା ଉଚିତ ଯେ ଶିଳ୍ପକ୍ଷେତ୍ରରେ ଆମ୍ଭମାନଙ୍କୁ ଇଉରୋପ ସହିତ ପ୍ରତିଯୋଗିତା କରିବାକୁ ହେବ ଏବଂ ଇଉରୋପ ନିର୍ମିତ ପଦାର୍ଥ ଅନୁକରଣରେ ଏଠାରେ ପଦାର୍ଥମାନ ପ୍ରସ୍ତୁତ କରିବାକୁ ହେବ । ଇଉରୋପର ଶିଳ୍ପ ବର୍ତ୍ତମାନ ଯେ ଉନ୍ନତି ଲାଭ କରିଅଛି ତାହା ପ୍ରାୟ ଏକଶତ ବର୍ଷ ଚେଷ୍ଟାରେ ହୋଇଅଛି । ସେହି ଉନ୍ନତି ଅବସ୍ଥାରେ ସେଠାରେ ଯେ ପ୍ରକାର ପଦାର୍ଥ ପ୍ରସ୍ତୁତ ହେଉଅଛି ସେପ୍ରକାର ପଦାର୍ଥ ପ୍ରସ୍ତୁତକରିବା ବଡ଼ ଗୁରୁତର କାର୍ଯ୍ୟ ।

ଓଡ଼ିଶାରେ ଅର୍ଥନାହିଁ ଏହା କୁହାଯାଇନପାରେ । କିନ୍ତୁ ବର୍ତ୍ତମାନ ଭୂସମ୍ପତ୍ତିରେ ଲୋକେ ଅର୍ଥ ନ୍ୟସ୍ତ କରିବାକୁ ପ୍ରସ୍ତୁତ । ମନୁଷ୍ୟର ଆଦିମ ଅବସ୍ଥାରେ ଯେତେବେଳେ ସମାଜର ସୃଷ୍ଟି ହୋଇଥିଲା ତେତେବେଳେ ମନୁଷ୍ୟଜାତି ଭୂମିକୁ ସର୍ବାପେକ୍ଷା ମୂଲ୍ୟବାନ ମନେ କରୁଥିଲେ । ଇତିହାସ ପାଠରେ ଜଣାଯାଏ ମନୁଷ୍ୟ ଜାତିର ଆଦିମ ଅବସ୍ଥାରେ ଜମିଘେନି ସବୁପ୍ରକାର ବିବାଦ ଓ ଦ୍ୱନ୍ଦ୍ୱ ହେଉଥିଲା । କ୍ରମେ ଆଇନ ଓ ନିୟମଦ୍ୱାରା ସେପ୍ରକାର ଦ୍ୱନ୍ଦ୍ୱ ଓ ବିବାଦର ହ୍ରାସ ହେଉଅଛି । ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ମନୁଷ୍ୟର ବୁଦ୍ଧିରେ ଓ କାର୍ଯ୍ୟକାରୀ ଶକ୍ତିରେ ଧନିମାନଙ୍କର ବିଶ୍ୱାସ ନାହିଁ । ଭୂମିର ଉତ୍ପାଦିକା ଶକ୍ତିରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି । ଅନାବୃଷ୍ଟି ଓ ନଦୀବଢ଼ିରେ ଭୂମିର ଉତ୍ପାଦିକା ଶକ୍ତି ନଷ୍ଟହେବାରୁ ସମୟ ସମୟରେ ଭୂମିରୁ ଆୟ ନହୋଇ କ୍ଷତିହୁଏ, ଏକଥା ସମସ୍ତେ ଜାଣନ୍ତି । ତଥାପି ଭୂମିକ୍ରୟରେ ସମସ୍ତେ ତତ୍ପର । ଯେଉଁ ବ୍ୟକ୍ତି କାରଖାନା ଚଳାଇବ ତାହାର ବିବେଚନା ଓ ବୁଦ୍ଧିର ତ୍ରୁଟିରେ କ୍ଷତିହେବାର ଆଶଙ୍କାକରି ଶିଳ୍ପକାର୍ଯ୍ୟରେ ଅର୍ଥ ନ୍ୟସ୍ତ କରିବାକୁ ଲୋକେ ଅନିଚ୍ଛୁକ । ଅଥଚ ଦେଖାଯାଏ ଶିଳ୍ପକାର୍ଯ୍ୟରେ ଯେପ୍ରକାର କ୍ଷତିର ଆଶଙ୍କା ଅଛି ଭୂମିରେ ମଧ୍ୟ ସେପ୍ରକାର କ୍ଷତିର ଆଶଙ୍କା ଅଛି । ପ୍ରକୃତରେ ବୁଝିବାକୁ ଗଲେ ଶିଳ୍ପକାର୍ଯ୍ୟରେ ଯେ ପରିମାଣରେ କ୍ଷତିର ଆଶଙ୍କା ଅଛି, ଭୂମିନ୍ୟସ୍ତ ଅର୍ଥରେ ତାହା ଅପେକ୍ଷା ଅଧିକ ପରିମାଣରେ

କ୍ଷତିହେବାର ଆଶଙ୍କା ଅଛି । କାରଣ ମନୁଷ୍ୟର ବିଚାର ଦୋଷରେ ଯେଉଁକ୍ଷତି ହୁଏ ତାହା ଦୁଇଥର ହେବନାହିଁ । ତାହା ସଂଶୋଧନ କରିବା ମନୁଷ୍ୟର ଆୟତ୍ତ । କିନ୍ତୁ ନଦୀବୃଦ୍ଧି ଓ ଅନାବୃଷ୍ଟି ମନୁଷ୍ୟର ଆୟତ୍ତ ନୁହେଁ । ପୁନଶ୍ଚ ଲୋକେ ମନୁଷ୍ୟର ବୁଦ୍ଧି କୌଶଳ ଉପରେ ନିର୍ଭର କରି ଶିଳ୍ପକାର୍ଯ୍ୟରେ ଅର୍ଥନ୍ୟସ୍ତ କରିବାକୁ ଅନିଚ୍ଛୁକ । ମାତ୍ର ସେହିମାନେ ଓକିଲ, ବାରିଷ୍ଟରଙ୍କର ବୁଦ୍ଧି ଉପରେ ନିର୍ଭର କରି ଭୂସମ୍ପତ୍ତି କ୍ରୟକରୁଅଛନ୍ତି । ଆହୁରି ମଧ୍ୟ ମାଲିମୋକଦ୍ଦମାକୁ ବଳି ଅଧିକ ଅନିଶ୍ଚିତକଥା ଖୁବ୍ ଅଳ୍ପଅଛି । ମାତ୍ର ଭାବିଲେ ବିସ୍ମିତ ହେବାକୁ ହୁଏ – ଲୋକେ ତହିଁରେ ଅକାତରେ ଅର୍ଥବ୍ୟୟ କରିଥାନ୍ତି । ସେହି ଅର୍ଥବ୍ୟୟର ଫଳ ଜଣେଲୋକର ବିଚାର ଉପରେ ନିର୍ଭରକରେ, ତହିଁରେ ସର୍ବସ୍ୱାନ୍ତ ହେବାକୁ ହେଲେ ମଧ୍ୟ ଲୋକେ ତହିଁରୁ ବିରତ ହୁଅନ୍ତି ନାହିଁ । ଲୋକେ ଯେବେ ମାଲିମୋକଦ୍ଦମାର ଅନିଶ୍ଚିତ ଫଳଲାଭ ଆଶାରେ ଏତେଦୂର କ୍ଷତିଗ୍ରସ୍ତ ହେବାକୁ ପ୍ରସ୍ତୁତ, ତାହାହେଲେ ଶିଳ୍ପକାର୍ଯ୍ୟ କରିବାକୁ ଯାଇ କିଛି କ୍ଷତିଗ୍ରସ୍ତ ହେବାକୁ ଡରୁଛନ୍ତି କାହିଁକି ? ଏହାର କାରଣ ଆଉ କିଛିନୁହେଁ । ଲୋକେ କେବଳ ଏବିଷୟ ବୁଝିନାହାନ୍ତି । ବିଲାତରେ ଗୋଟିଏ କମ୍ପାନୀ ହେବାମାତ୍ରେ ବହୁକଷ୍ଟ ସଞ୍ଚିତ ଅର୍ଥକୁ ମଧ୍ୟ ଜଣେ ସହାୟଶୂନ୍ୟା ବିଧବା କମ୍ପାନୀରେ ଦେବାକୁ ପ୍ରସ୍ତୁତ । ସେ କ୍ଷଣକାଳପାଇଁ ଭାବେନାହିଁ ଯେ କମ୍ପାନୀ ଦ୍ୱାରା ଲାଭ ହେବ କି କ୍ଷତିହେବ । ଆମ୍ଭ ଦେଶର ଲୋକେ ନାନାପ୍ରକାର ଅନିଶ୍ଚିତ ବିଷୟରେ ଅର୍ଥ ଦେବାକୁ ପ୍ରସ୍ତୁତ । କିନ୍ତୁ ଶିଳ୍ପ କିମ୍ବା ବ୍ୟବସାୟ ସକାଶେ ଟଙ୍କାଟିଏ ବ୍ୟୟକରିବାକୁ କୁଣ୍ଠିତ, କାଳେ ତାହା ବୁଡ଼ିଯିବ ।

କେହି କେହି କହିପାରନ୍ତି କି ଶିଳ୍ପରେ ସମସ୍ତ ମୂଳଧନ ବୁଡ଼ିଯାଇ ପାରେ ମାତ୍ର ଭୂମିରେ ଲାଭ ହୋଇନପାରିଲେ ମୂଳଧନ ବୁଡ଼ିବାର ଆଶଙ୍କାନାହିଁ । ଆପଣମାନେ ଜାଣିଥିବେ ଯେ ନଦୀବଢ଼ିରେ ବାଲି ଚରିଯିବା ଦ୍ୱାରା ଅନେକ ସମୟରେ ବହୁ ପରିମାଣର ଭୂମି ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଅଛି । ବର୍ତ୍ତମାନ ବିଲାତରେ ଅନେକ ଜମି ପଡ଼ିଆ ରହି ତହିଁରେ କେବଳ ଘାସ ହେଉଅଛି । ବିଲାତରେ ରେଳରେ ଯିବାବେଳେ ଦେଖାଯାଏ ରେଳର ଦୁଇପାର୍ଶ୍ୱସ୍ଥ ଜମି ପଡ଼ିଆ ପଡ଼ି ରହିଅଛି । ଗତ ଷାଠିଏ ବର୍ଷ ପୂର୍ବେ ଯେତେ ଜମିରେ କୃଷି ହେଉଥିଲା ତହିଁରୁ ଚାରିଭାଗରୁ ଭାଗେ ବର୍ତ୍ତମାନ କୃଷିକାର୍ଯ୍ୟରେ ବ୍ୟବହୃତ ହେଉଅଛି । ତାହାର କାରଣ ହେଉଛି ଏହି କି ସେ ସ୍ଥାନର ଲୋକେ ଅନୁଭବ ଦ୍ୱାରା ଜାଣିଅଛନ୍ତି ଯେ କୃଷିକାର୍ଯ୍ୟରେ ଯେ ପ୍ରକାର ଲାଭ ହେଉଥିଲା ଶିଳ୍ପରେ ତାହା ଅପେକ୍ଷା ଅନେକ ଅଧିକ ଲାଭ ହେଉଅଛି ଏବଂ ଷାଠିଏବର୍ଷ ପୂର୍ବେ ବିଲାତର ଧନ ଯେପରିମାଣରେ ଥିଲା, ତାହା ଅନେକ ଗୁଣରେ ବୃଦ୍ଧି ପାଇଅଛି ।

ଓଡ଼ିଶାରେ ସମୟ ସମୟରେ ଦୁର୍ଭିକ୍ଷ ହେବାର ଦେଖାଯାଏ । ଦୁଇ କାରଣରୁ ଦୁର୍ଭିକ୍ଷ ହୁଏ – ଅନାବୃଷ୍ଟି ଏବଂ ନଦୀ ବଢ଼ି । ଲୋକସଂଖ୍ୟା ଓଡ଼ିଶାରେ ବଢୁଅଛି, ଜମିର ପରିମାଣ ବଢୁନାହିଁ କିମ୍ବା ବଢ଼ିବାର ସମ୍ଭାବନା ନାହିଁ । ଚଷାର ପରିବାରସ୍ଥ ସମସ୍ତେ ଚାଷ କର୍ମରେ ବର୍ଷଯାକ ପରିଶ୍ରମକରି, ବର୍ଷ ଶେଷରେ ପରିଶ୍ରମର ଫଳ ପାଇବାକୁ ଆଶା କରିଥାନ୍ତି । ଅନାବୃଷ୍ଟି କିମ୍ବା ନଦୀବଢ଼ିରେ କୃଷି ନଷ୍ଟହେଲେ ପରିବାରର ସମସ୍ତେ ଅନାହାରରେ କଷ୍ଟପାନ୍ତି । କିନ୍ତୁ ସେହି ପରିବାରସ୍ଥ କେତେକ ବ୍ୟକ୍ତି ଯଦି ଶିଳ୍ପୀ ହୋଇଥାନ୍ତି ତାହାହେଲେ ସମସ୍ତ ପରିବାର ଅନାହାରରେ କଷ୍ଟଭୋଗ କରନ୍ତି ନାହିଁ । କାରଣ ଶିଳ୍ପୀ ତାହାର ହସ୍ତ ଦ୍ୱାରା ପ୍ରତ୍ୟହ କିଛି ଉପାର୍ଜନ କରିବ ।

ମୁଁ ଆଶାକରୁନାହିଁ ଯେ ଏଦେଶର ବର୍ତ୍ତମାନ ଅବସ୍ଥାରେ ମୋହର କହିବା ଦ୍ୱାରା ଓଡ଼ିଶାର ଲୋକମାନେ ଶିଳ୍ପୋନ୍ନତିର ଆବଶ୍ୟକତା ବୁଝିବେ । କୌଣସି ଜାତିକୁ ବକ୍ତୃତା ଦ୍ୱାରା ଅନଭ୍ୟସ୍ତ କାର୍ଯ୍ୟରେ ପ୍ରବୃତ୍ତ କରାଯାଇ ନ ପାରେ । ଏହାର ଏକମାତ୍ର ଉପାୟ ବ୍ୟକ୍ତିଗତ ତ୍ୟାଗସ୍ୱୀକାରଦ୍ୱାରା ବାଟ ଦେଖାଇବା । ବର୍ତ୍ତମାନ ଯେ ବ୍ୟକ୍ତି ବିଶ୍ୱାସ କରେକି ଶିଳ୍ପୋନ୍ନତି ଦ୍ୱାରା ଓଡ଼ିଶାର ଉନ୍ନତିହେବ ସେ ଆପଣାର ପରିଶ୍ରମ, ବୁଦ୍ଧି ଓ ଧନକୁ ବଳିଦାନ ସ୍ୱରୂପ ସେକାର୍ଯ୍ୟରେ ଅର୍ପଣକରୁ, ଲାଭର ଆଶା ତ୍ୟାଗକରୁ । ହୋଇପାରେ ସେ ଦରିଦ୍ରାବସ୍ଥାରେ ପ୍ରାଣତ୍ୟାଗକରିବ । କିନ୍ତୁ ଯେଉଁ ଉନ୍ନତିର ବୀଜ ସେ ବପନ କରିଯିବ ତହିଁର ଫଳ ଉତ୍କଳସନ୍ତାନମାନେ ପଶ୍ଚାତ୍ ଆସ୍ୱାଦନ କରିବେ । ଯେଉଁ ଶିଳ୍ପୀର ହାତର ମୂଲ୍ୟ ଥରେ ବୃଦ୍ଧିହେଲା ସେ ହ୍ରାସ ପାଇବନାହିଁ; ବରଂ ସେ ପ୍ରକାର ହାତର ସଂଖ୍ୟା କ୍ରମଶଃ ବୃଦ୍ଧିହେବ । ଜଣକର ମୃତ୍ୟୁରେ ଜାତିର ଜୀବନ ବୃଦ୍ଧିହୁଏ ଏହା ପ୍ରକୃତିର ନିୟମ ଅଟେ । ବୃକ୍ଷର ଫଳଟି ମାଟିରେ ପଡ଼ି ନଷ୍ଟ ହେଲେ ତହିଁରୁ ଅନ୍ୟ ଏକବୃକ୍ଷ ଉତ୍ପନ୍ନହୁଏ ଏବଂ ତଦ୍ଦ୍ୱାରା ସେହି ଜାତୀୟ ବୃକ୍ଷର ସଂଖ୍ୟା ପୃଥିବୀରେ ବୃଦ୍ଧିପାଏ । ଯେଉଁମାନଙ୍କଦ୍ୱାରା ଜାତିର ଉନ୍ନତି ହୋଇଅଛି ସେମାନେ ଜାତିର ସନ୍ତାନ ବୋଲି ଖ୍ୟାତିଲାଭ କରି ଅଛନ୍ତି । ତାଙ୍କର ପିତାମାତାଙ୍କର ସନ୍ତାନବୋଲି ପରିଚିତ ନୁହନ୍ତି । କାଳିଦାସ ଜାତିର ସନ୍ତାନ; ଜାତିର ଗୌରବ ସ୍ଥାନ । ତାଙ୍କର ପିତା ମାତାଙ୍କର ନାମ କିଏ ଜାଣେ ? ଅଥଚ ତାଙ୍କ ପିତାମାତା ତାଙ୍କର ଲାଳନ ପାଳନ ଭାର ଗ୍ରହଣ କରିଥିଲେ । ଜାତି ଚାନ୍ଦାକରି ସେଥିର ବ୍ୟୟ ବହନ କରିନଥିଲେ । ବିଲାତର ସୁବିଖ୍ୟାତ କବି ସେକ୍ସପିୟର ଓ ମିଲ୍‌ଟନ ଜୀବଦଶାରେ ଅର୍ଥାଭାବେ ବହୁକଷ୍ଟ ଭୋଗ କରିଥିଲେ । ଇଂରେଜ ଜାତି ତାଙ୍କୁ ସେ ବିଷୟରେ କୌଣସି ସାହାଯ୍ୟ ପ୍ରଦାନ କରିନଥିଲେ । କେବଳ ତାଙ୍କର ପିତାମାତାମାନେ ଲାଳନ ପାଳନ ଭାର ବହନ କରିଥିଲେ । ବର୍ତ୍ତମାନ ସେମାନେ

ଇଂରେଜ ଜାତିର ବରପୁତ୍ର । ତାଙ୍କର ପିତାମାତାଙ୍କର ନାମ କେହି ଜାଣେ ନାହିଁ । ଓଡ଼ିଶାର ବର୍ତ୍ତମାନ ଅବସ୍ଥାରେ ଯଦି କେହି ବିଶ୍ୱାସକରେ ଯେ ଶିଳ୍ପଦ୍ୱାରା ଜାତିର ଉନ୍ନତି ହେବ ସେ ଶିଳ୍ପକୁ ଆପଣାର ସନ୍ତାନ ସ୍ୱରୂପ ଜ୍ଞାନ କରି ଶୈଶବାବସ୍ଥାରେ ତାହାର ଲାଳନ ପାଳନ ଭାର ଗ୍ରହଣକରୁ ପଶ୍ଚାତ୍ ଓଡ଼ିଶାର ତଦ୍ୱାରା ମଙ୍ଗଳହେଲେ ସେ ଶିଳ୍ପକାର୍ଯ୍ୟ ଓଡ଼ିଶାର ଶିଳ୍ପକାର୍ଯ୍ୟ ବୋଲି ଜଗତରେ ବିଖ୍ୟାତ ହେବ । ଓଡ଼ିଶାର ଶିଳ୍ପିମାନଙ୍କ ଅବସ୍ଥା ଉନ୍ନତ ହେବ । ଯେପରି କାଳିଦାସଙ୍କର ପିତାମାତାଙ୍କ ନାମ ଲୋପ ହୋଇଅଛି ସେହିପରି ଯେ ଶିଳ୍ପକୁ ପିତାସ୍ୱରୂପ ପାଳନ କରିଥିବେ ତାଙ୍କର ନାମ ଲୋପ ହୋଇ ଓଡ଼ିଶାର ନାମ ଖ୍ୟାତ ହେବ ଏବଂ ଶିଳ୍ପ ଉତ୍କଳ ସନ୍ତାନସ୍ୱରୂପ ବିଖ୍ୟାତ ହେବ । ମୋ କ୍ଷୁଦ୍ର ବିବେଚନାରେ ବର୍ତ୍ତମାନ ଅବସ୍ଥାରେ ଏହି ହେଉଛି ଏକମାତ୍ର ଉପାୟ । ଏପରି କାର୍ଯ୍ୟରେ ନିଃସ୍ୱାର୍ଥଭାବେ ପ୍ରବୃତ୍ତହେବା ଲୋକଙ୍କର ସଂଖ୍ୟା କେତେହେବ ତାହା ମୁଁ କହି ପାରିବିନାହିଁ । କିନ୍ତୁ ଯେଉଁ ଦେଶରେ କୋଟି କୋଟି ଅର୍ଥବ୍ୟୟକରି ରାଜାମାନେ ସମସ୍ତ ଭାରତବର୍ଷର ଉପକାରାର୍ଥେ ଜଗନ୍ନାଥଙ୍କର ମନ୍ଦିର ପ୍ରସ୍ତୁତ କରିଥିଲେ; ଆଶାକରାଯାଏ ସେହି ଉତ୍କଳ ଭୂମିରେ ସେପ୍ରକାର ପରୋପକାରୀ ବ୍ୟକ୍ତିମାନେ ବର୍ତ୍ତମାନ ଅଛନ୍ତି ଓ ସେମାନେ ତାଙ୍କର ଜନ୍ମଭୂମିପ୍ରତି କର୍ତ୍ତବ୍ୟ ସାଧନରେ ତ୍ରୁଟି କରିବେ ନାହିଁ ।

ସ୍ତ୍ରୀଶିକ୍ଷା ବିଷୟରେ ଅନେକେ ବକ୍ତୃତା ଓ ଅନେକ ପ୍ରକାର ମତ ସମ୍ବାଦପତ୍ର ଓ ପୁସ୍ତକମାନଙ୍କରେ ବାହାରିଅଛି । ତଥାପି ତହିଁର ଆବଶ୍ୟକତା ସମ୍ବନ୍ଧେ କିଛି କହିବା ବାଞ୍ଛନୀୟ । କାରଣ ମୋ ଅପେକ୍ଷା ଜ୍ଞାନୀ ଓ ମାନ୍ୟବାନ୍ ବ୍ୟକ୍ତିମାନେ ତହିଁର ଆବଶ୍ୟକତା ଦର୍ଶାଇ ଥିଲେ ସୁଦ୍ଧା ସ୍ତ୍ରୀଶିକ୍ଷା ସମ୍ବନ୍ଧେ ଉତ୍କଳରେ ଉପଯୁକ୍ତ ପରିମାଣରେ ଯତ୍ନ, ଉଦ୍ୟୋଗ, ଓ ଉତ୍ସାହ ଦେଖାଯାଏ ନାହିଁ । ମୁଁ ସେ ସମ୍ବନ୍ଧେ ଏତିକି ମାତ୍ର କହବାକୁ ଇଚ୍ଛାକରେ ଯେ ସ୍ତ୍ରୀଜାତିର ଶିକ୍ଷାଭିନ୍ନ ଜାତିର ଉନ୍ନତି ସମ୍ଭବ ନୁହେଁ । ଇତିହାସ ଲିଖିତ ପୁରାକାଳରେ ଆମ୍ଭମାନଙ୍କର ଗୌରବାନ୍ୱିତ ଅବସ୍ଥା ସ୍ମରଣ କରି ଆମ୍ଭେମାନେ ଆସ୍ଫାଳନ କରିଥାଉ । କିନ୍ତୁ ତେତେବେଳେ ଜାତି ବୋଇଲେ ସ୍ତ୍ରୀ ଓ ପୁରୁଷ ତହିଁର ଅନ୍ତର୍ଗତ ବୋଲି ବୁଝାଉଥିଲା । ବର୍ତ୍ତମାନ ଜାତି ବୋଇଲେ କେବଳ ପୁରୁଷମାନଙ୍କୁ ବୁଝାଏ । ଜାତିର କୌଣସି କାର୍ଯ୍ୟରେ ସ୍ତ୍ରୀମାନେ ଯୋଗ ଦିଅନ୍ତି ନାହଁ କିମ୍ବା ସେରୂପ କାର୍ଯ୍ୟରେ ସେମାନେ ଆମ୍ଭଙ୍କୁ ସାହାଯ୍ୟ କରିବା ଆମ୍ଭେମାନେ ଇଚ୍ଛା କରୁନାହୁଁ । ଓଡ଼ିଶାର ବର୍ତ୍ତମାନ ସୁଶିକ୍ଷିତ ଲୋକମାନଙ୍କ ମଧ୍ୟରେ ପୁସ୍ତକ ଲେଖିବାର ଇଚ୍ଛା ଅତିଶୟ ବଳବତୀ ହେବାର ଦେଖାଯାଏ । ଅନେକ କବିତା ରଚିତ ହେଉଅଛି । ନାଟକ ଲେଖିବାର ଇଚ୍ଛା ମଧ୍ୟ ପ୍ରବଳ ହୋଇଥିବାର ବୋଧହୁଏ । ମୁଁ ଗ୍ରନ୍ଥକର୍ତ୍ତାମାନଙ୍କ ଅନୁଗ୍ରହରୁ ପୁସ୍ତକ ସବୁ ପାଇଥାଏ । ସେସବୁ ପୁସ୍ତକ ମଧ୍ୟରୁ ଅଧିକାଂଶରେ

ଦେଖାଯାଏ ଯେ ଲେଖକ ମାନସିକ ଚିତ୍ରପଟରେ ସ୍ତ୍ରୀଜାତିର ମାଧୁର୍ଯ୍ୟ ପ୍ରକୃତି ସ୍ଥାପନ କରି ଲେଖନୀ ପରିଚାଳନ କରିଅଛନ୍ତି । ଅଥଚ ଅନୁସନ୍ଧାନ କଲେ ଦେଖାଯାଏ ଯେ ଅନେକ ସ୍ଥଳରେ ଲେଖକ କାର୍ଯ୍ୟରେ ସ୍ତ୍ରୀଶିକ୍ଷାର ବିରୋଧୀ । ଧନ ଓ ବିଦ୍ୟା ମନୁଷ୍ୟର ଜୀବନଯାତ୍ରାରେ ବହୁମୂଲ୍ୟ ଅସ୍ତ୍ରସ୍ୱରୂପୀ । ଏହି ଦୁଇ ଅସ୍ତ୍ରଦ୍ୱାରା ମନୁଷ୍ୟ ତାହାର ଉନ୍ନତି ପଥରେ ସମସ୍ତ ବାଧା ବିଘ୍ନ ବିନାଶ କରି ଅଗ୍ରସର ହେଉଅଛି । ଯେଉଁ ଜାତି ଏପ୍ରକାର ଦୁଇ ଅସ୍ତ୍ରକୁ ସ୍ତ୍ରୀରୂପିଣୀ ଲକ୍ଷ୍ମୀ ସରସ୍ୱତୀ ରୂପରେ ପୂଜା କରୁଅଛନ୍ତି ସେମାନେ ଯେ ସ୍ତ୍ରୀଶିକ୍ଷାର ବିରୋଧୀ ହେବେ ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ । ବାଲ୍ମୀକି ଓ ବେଦବ୍ୟାସଙ୍କର କଳ୍ପଣା ଶକ୍ତିକୁ ଦୁଇଗୋଟି ସ୍ତ୍ରୀଚରିତ୍ର ଜାଗ୍ରତ ଓ ଚାଳିତ କରିଥିଲା । ସୀତା ନଥିଲେ ରାମାୟଣ ହୋଇନଥାନ୍ତା । ଇଂଲଣ୍ଡ ବର୍ତ୍ତମାନ ଯୁଗରେ ଯେଉଁ ଖ୍ୟାତି ଲାଭକରିଅଛି ଓ ଯେପ୍ରକାର ଇଂଲଣ୍ଡର ରାଜ୍ୟ ବିସ୍ତାର ହୋଇଅଛି ତାହା ସେ ଦେଶର ଦୁଇଜଣ ରାଣ୍ଣୀ ଏଲିଜାବେଥ୍ ଓ ଭିକ୍ଟୋରିୟାଙ୍କ ଦ୍ୱାରା ହୋଇଅଛି । ଏଲିଜାବେଥ୍ଙ୍କର ରାଜତ୍ୱ ସମୟରେ ଇଂଲଣ୍ଡର ପ୍ରତାପ, ଐଶ୍ୱର୍ଯ୍ୟ ଓ ଜ୍ଞାନର ଆରମ୍ଭ ହେଲା । ସେହି ସମୟରୁ ଇଂଲଣ୍ଡର ଉନ୍ନତି ରବି ଉଦୟ ହୋଇ ଭିକ୍ଟୋରିୟାଙ୍କ ରାଜତ୍ୱ ସମୟରେ ତାହାର ମଧାହ୍ନ ଜ୍ୟୋତି ପୃଥିବୀର ଚତୁର୍ଦ୍ଦିଗରେ ବିକୀରଣ କଲା । କି ବୃଦ୍ଧା, କି ଯୁବତୀ, କି ବାଳିକା, ସମସ୍ତ ନାରୀଜାତି ମାନବ ଜାତିର ମାତା । ଯେ ବୃଦ୍ଧା ତାହାର ସନ୍ତାନମାନେ ଜାତୀୟ କର୍ମକ୍ଷେତ୍ରରେ ବର୍ତ୍ତମାନ ଠିଆ ହୋଇଅଛନ୍ତି । ଯେ ଯୁବତୀ ତାହାର ଶିଶୁ ସନ୍ତାନମାନେ ସେହି କ୍ଷେତ୍ରରେ ଉପସ୍ଥିତ ହେବାପାଇଁ ପ୍ରସ୍ତୁତ ହେଉଅଛନ୍ତି । ଯେ ବାଳିକା ସେ ଭବିଷ୍ୟତରେ ସନ୍ତାନର ମାତା ହେବା ସକାଶ ପ୍ରସ୍ତୁତ ହେଉଅଛି । ଅତଏବ ସମସ୍ତ ନାରୀଜାତି ଜାତିର ମାତା । ଜାତିର ଗତି ନଦୀସ୍ରୋତ ସ୍ୱରୂପ । ଯେପ୍ରକାର କୋଟି କୋଟି ଜଳବିନ୍ଦୁ ଏକତ୍ରିତ ହୋଇ ନଦୀର ଆକାର ଧାରଣକରି ସମୁଦ୍ରାଭିମୁଖେ ଧାବମାନ ହେଉଅଛି ତଦ୍ରୂପ କୋଟି କୋଟି ମନୁଷ୍ୟ ସେମାନଙ୍କର ବଳ ପରାକ୍ରମ ଏକତ୍ର କରି ଜାତି ରୂପରେ ଉନ୍ନତି ମାର୍ଗରେ ଧାବମାନ ହେଉଅଛନ୍ତି । କିନ୍ତୁ ନଦୀସ୍ରୋତ ଯେପ୍ରକାର ନଦୀର ଉତ୍ପତ୍ତି ସ୍ଥାନରୁ ଅଧିକ ଉଚ୍ଚ ସ୍ଥାନକୁ ଉଠି ନ ପାରେ ସେହିପ୍ରକାର କୌଣସି ଜାତି ସେ ଜାତିର ମାତାମାନଙ୍କୁ ଅର୍ଥାତ୍ ନାରୀଜାତିକୁ ନୀଚ ଅବସ୍ଥାରେ ରଖି ଆପେ ଉନ୍ନତ ଅବସ୍ଥାକୁ ଉଠି ନପାରେ ।

ଆମ୍ଭ ଦେଶରେ ଅନେକେ ସଞ୍ଚିତଧନକୁ ରକ୍ଷା କରିବା ନିମନ୍ତେ ସ୍ତ୍ରୀମାନଙ୍କର ହସ୍ତରେ ଅର୍ପଣ କରନ୍ତି । ସେ ସଞ୍ଚିତଧନ ସ୍ତ୍ରୀମାନଙ୍କ ହସ୍ତରେ ଅର୍ପଣ କରିବାର ଉଦ୍ଦେଶ୍ୟ ହେଉଅଛି ଏହିଯେ ସେମାନଙ୍କ ହାତରେ ଥିଲେ ସନ୍ତାନମାନେ ନିର୍ବିଘ୍ନରେ ତାହା ପାଇପାରିବେ । ଆମ୍ଭମାନଙ୍କ ମଧରେ ସମସ୍ତେ ବର୍ତ୍ତମାନ ବିଦେଶୀ ବିଦ୍ୟା ଉପାର୍ଜନ କରିବାରେ ବ୍ୟସ୍ତ । ଏଥିରେ ଯୁବକମାନେ ବିଶେଷ ପରିଶ୍ରମ ଓ ଅର୍ଥ ବ୍ୟୟ

କରୁଅଛନ୍ତି । ଏସବୁ ପରିଶ୍ରମର ଫଳ ହେଉଛି ବିଦେଶୀ ସାହିତ୍ୟ, ବିଦେଶୀ ବିଜ୍ଞାନ, ବିଦେଶୀ ଇତିହାସ ପ୍ରଭୃତିର ଜ୍ଞାନଲାଭ । ଏ ଜ୍ଞାନ ଉପାର୍ଜନରେ ଜୀବନର ପ୍ରାୟ ପ୍ରଥମ ଅର୍ଦ୍ଧାଂଶ ବ୍ୟୟିତ ହେଉଅଛି । ଏ ଉପାର୍ଜନ ସର୍ବାପେକ୍ଷା ବହୁମୂଲ୍ୟ ଉପାର୍ଜ୍ଜନ । କାରଣକି ଏହାଦ୍ୱାରା ଜୀବନର ଶେଷ ଅର୍ଦ୍ଧାଂଶରେ ଅର୍ଥୋପାର୍ଜନ ହୁଏ । ଯାହାଦ୍ୱାରା ଅର୍ଥୋପାର୍ଜ୍ଜନ ହୁଏ ତାହା ଉପାର୍ଜିତ ଅର୍ଥ ଅପେକ୍ଷା ଅଧିକତର ମୂଲ୍ୟବାନ ଏଥିରେ ସନ୍ଦେହ ନାହିଁ । ଯେଉଁ ବିଦ୍ୱାନ ଲୋକ ଅର୍ଥୋପାର୍ଜନରେ ତାଙ୍କର ବିଦ୍ୟା ପରିଚାଳନ ନକରି ବିନାମୂଲ୍ୟରେ ସେହି ବିଦ୍ୟା ଅନ୍ୟକୁ ଦାନକରି ବୈରାଗ୍ୟଭାବରେ ଜୀବନ ଧାରଣ କରେ ସେପ୍ରକାର ବ୍ୟକ୍ତିଙ୍କୁ ଆମ୍ଭେମାନେ ଅର୍ଥ ଉପାର୍ଜ୍ଜନ ବିଦ୍ୟା ଅପେକ୍ଷା ଅଧିକ ମାନ୍ୟକରୁଁ । ଏଥିରୁ ସ୍ପଷ୍ଟ ଦେଖାଯାଏଯେ ବିଦ୍ୟାର ମୂଲ୍ୟ ଅର୍ଥ ଅପେକ୍ଷା ଅଧିକ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ବିଦ୍ୟାଦ୍ୱାରା ଉପାର୍ଜ୍ଜିତ ଧନକୁ ସନ୍ତାନମାନଙ୍କର ପ୍ରାପ୍ତି ଆଶାରେ ସ୍ତ୍ରୀଜାତିଙ୍କର ହସ୍ତରେ ଅର୍ପଣ କରୁଥିବା ସ୍ଥଳେ ଯେ ବିଦ୍ୟାଦ୍ୱାରା ସେ ଅର୍ଥ ଉପାର୍ଜ୍ଜିତ ହେଲା ତାହା ଆମ୍ଭର ସନ୍ତାନମାନେ କିପ୍ରକାର ପାଇପାରିବେ ତହିଁର କୌଣସି ବ୍ୟବସ୍ଥା ଆମ୍ଭେମାନେ କରୁନାହୁଁ । ଉପାର୍ଜ୍ଜିତଧନକୁ ସ୍ତ୍ରୀମାନେ ରକ୍ଷାକରୁଅଛନ୍ତି; ଏବଂ ସେମାନଙ୍କଠାରୁ ଆମ୍ଭର ସନ୍ତାନମାନେ ପାଇବେ ଏହା ଆମ୍ଭେମାନେ ଆଶାକରୁଁ । କିନ୍ତୁ ଆଶା ବିଫଳ ହେବାର ମଧ ଆଶଙ୍କା ଅଛି । କାରଣ ଉକ୍ତ ଧନ ଚୋରଦ୍ୱାରା ଅପହୃତ ହୋଇପାରେ । କିନ୍ତୁ ଆମ୍ଭେମାନେ ଯେଉଁ ଜ୍ଞାନ ଉପାର୍ଜନ କରୁଅଛୁଁ ସେହି ଜ୍ଞାନ ଆମ୍ଭମାନଙ୍କର ଗୃହସ୍ଥିତା ସ୍ତ୍ରୀଲୋକମାନେ ଲାଭ କରିଥିଲେ ତାହା କେହି ଅପହରଣ କରିପାରିବେ ନାହିଁ ଏବଂ ସେମାନଙ୍କଠାରୁ ତାଙ୍କର ସନ୍ତାନମାନେ ନିଶ୍ଚୟ ପାଇପାରିବେ ।

ପ୍ରତ୍ୟେକ ପିତାର ଏକାନ୍ତ ବାସନା ଯେ ତାଙ୍କର ସଞ୍ଚିତଧନ ତାହାର ସନ୍ତାନ-ସନ୍ତତିମାନେ ପାଇବେ । ସେ ଧନ ସନ୍ତାନର ପୈତୃକ ମୂଳଧନ ହୁଏ ଓ ସନ୍ତାନର ଉପାର୍ଜିତ ଧନ ସେ ଧନରେ ଯୋଗକଲେ ସନ୍ତାନ ପିତା ଅପେକ୍ଷା ଅଧିକ ଧନୀ ହୁଏ । ଏହା ହେଉଛି ବ୍ୟକ୍ତିଗତ ଆର୍ଥିକ ଉନ୍ନତିର ନିୟମ । ଏହି ନିୟମ ଜାତୀୟ ଜ୍ଞାନ ସମ୍ବନ୍ଧେ ପ୍ରୟୋଗ କରିବା ଉଚିତ । ତାହା ନକରିଲେ ଜାତିର ଉନ୍ନତି ହୋଇପାରିବ ନାହିଁ । ଆମ୍ଭେମାନେ ଯେଉଁ ବିଦେଶୀୟ ଜ୍ଞାନ ଲାଭ କରିଅଛୁଁ ସେ ବିଷୟରେ ଆମ୍ଭମାନଙ୍କର ସହଧର୍ମିଣୀମାନେ ଅଜ୍ଞଥିବାରୁ ସେ ଜ୍ଞାନ ସନ୍ତାନମାନଙ୍କର ମୂଳଧନ ହୋଇପାରୁ ନାହିଁ । ଆମ୍ଭମାନଙ୍କୁ ଯେପରି କଷ୍ଟ ସହିବାକୁ ହୋଇଥିଲା ସେହିପରି କଷ୍ଟ ସହି ଓ ସେହି ପରିମାଣରେ ସମୟ ବ୍ୟୟ କରି ଆମ୍ଭମାନଙ୍କର ସନ୍ତାନମାନଙ୍କୁ ସେହି ଜ୍ଞାନଲାଭ କରିବାକୁ ହେବ, ଏଥିରୁ ଜାତିର ଉନ୍ନତି ହେବା ପକ୍ଷେ ବିଶେଷ ବାଧା ଜନ୍ମେ । ଶିଶୁ ମାତା ନିକଟରୁ ଅନେକ ବିଷୟ ଶିକ୍ଷା କରେ । ଏବଂ ସେ ଅବସ୍ଥାରେ

ଯାହା ଶିକ୍ଷାକରେ ତାହା ଜାତିର ମୂଳଧନ ସ୍ୱରୂପ ଜ୍ଞାନ କରାଯାଏ । ଇଉରୋପର ସଭ୍ୟ ଜାତିମାନଙ୍କ ମଧ୍ୟରେ ବାଳକ ବାଳିକାମାନେ ୭/୮ ବର୍ଷରେ ଯେ ସବୁ କଥା ଜାଣନ୍ତି ତାହା ଆମ୍ଭର ଏଦେଶରେ ବି.ଏ କ୍ଲାସରେ ପଢୁଥିବା ଯୁବକମାନେ ଜାଣନ୍ତିନାହିଁ । ତହିଁର କାରଣ ଏହିଯେ ତାଙ୍କର ମାତାମାନେ ସୁଶିକ୍ଷିତା ଏବଂ ଶିଶୁକାଳରେ ସେସବୁ ବିଷୟ ମାତାଙ୍କର ଦୈନିକ କାର୍ଯ୍ୟକଳାପରୁ ସେମାନେ ଶିକ୍ଷା କରିଅଛନ୍ତି । କ୍ରମେ ଏପ୍ରକାର ସୁଶିକ୍ଷିତା ମାତାର ସଂଖ୍ୟା ବୃଦ୍ଧି ହେବାରୁ ଜାତିର ସମସ୍ତ ଲୋକମାନେ ଏ ବିଷୟ ଜାଣନ୍ତି । ଏହିହେତୁରୁ ଜାତିର ଜ୍ଞାନ ବୃଦ୍ଧି ହୋଇଅଛି । ସ୍ତ୍ରୀମାନଙ୍କର ଶିକ୍ଷା ନହେଲେ ଏହା କଦାପି ସମ୍ଭବ ନୁହେଁ । ଇଉରୋପରେ ଓଲାଉଠା କିମ୍ବା ବସନ୍ତ ରୋଗ ସଂକ୍ରାମକ ଭାବରେ ପ୍ରବଳ ହେବା ସମ୍ଭବ ନୁହେଁ । କାରଣ ସମସ୍ତେ ଏହାର ଗତିରୋଧ କରିବାର ଉପାୟ ଜାଣନ୍ତି । ଏହି ଜ୍ଞାନ ବ୍ୟକ୍ତିଗତ ଜ୍ଞାନ ନୁହେଁ, ଜାତିର ଜ୍ଞାନ । ଅତଏବ ଜାତିର ଉନ୍ନତି କରିବାକୁ ହେଲେ ମୋ କ୍ଷୁଦ୍ର ବିବେଚନାରେ ସ୍ତ୍ରୀଶିକ୍ଷାରେ ସର୍ବାନ୍ତଃକରଣ ସହିତ ଉଦ୍‌ଯୋଗୀ ହେବା ଉଚିତ । ଆଜିକାଲି ସମସ୍ତେ ସ୍ୱୀକାର କରୁଅଛନ୍ତି କି ଆମ୍ଭଦେଶରେ ଯେଉଁ ଶିକ୍ଷା ହେଉଅଛି ତାହା ବିଲାତରେ ହେଉଥିବା ଶିକ୍ଷା ଅପେକ୍ଷା ନିକୃଷ୍ଟ ଅଟେ । ଏହି କାରଣରୁ ଅନେକ ଲୋକ ବର୍ତ୍ତମାନ ବିଲାତକୁ ଶିକ୍ଷା ନିମନ୍ତେ ଯାଉଅଛନ୍ତି । ଆହୁରି ବର୍ତ୍ତମାନ ଶିକ୍ଷାରେ ଚରିତ୍ରଗଠନ ହେଉନାହିଁ ଏହାମଧ ଅନେକ ସ୍ୱୀକାର କରନ୍ତି । ଏଥିର କାରଣ ସ୍ତ୍ରୀଶିକ୍ଷାର ଅଭାବ । ଏପ୍ରକାର ଦେଖାଯାଏ ଯେ ଜଣେ ପୀଡ଼ିତ ଶିଶୁର ପିତା ସୁଶିକ୍ଷିତ, ସେ ଡାକ୍ତର ଆଣି ଚିକିତ୍ସା କରିବାକୁ ଚାହେଁ । ମାତା ଅଶିକ୍ଷିତା ସେ ଗୁଣିଆ ଆଣି ଝାଡ଼ିବାକୁ ଚାହେଁ । ଏପରି ବିପଦ ଅବସ୍ଥାରେ ମାତା ପିତାଙ୍କର ମତଭେଦ ହେତୁରୁ ହତଭାଗ୍ୟ ଶିଶୁ ଉପଯୁକ୍ତ ଚିକିତ୍ସା ଅଭାବରେ ପ୍ରାଣତ୍ୟାଗ କରେ । ଏହା ଅପେକ୍ଷା ଅଧିକ ଶୋଚନୀୟ ଅବସ୍ଥା କଳ୍ପଣା କରିବା ଅସମ୍ଭବ ।

ଆପଣମାନେ ବୋଧହୁଏ ଆଶା କରନ୍ତି ପୂର୍ବ ପ୍ରଥାନୁସାରେ ମୁଁ ଆପଣଙ୍କଠାରେ ଓଡ଼ିଶାର ନାନା ବିଷୟକ ଉନ୍ନତି ସମ୍ବନ୍ଧେ କି ଉପାୟ ଅବଲମ୍ବନ କରିବା ଉଚିତ ତାହା ବ୍ୟକ୍ତ କରିବି । ସମାଜ ସଂସ୍କାର, ଦେଶମିଶ୍ରଣ, ଉଚ୍ଚଶିକ୍ଷା ପ୍ରଭୃତି ବିଷୟରେ ଏଥି ପୂର୍ବେ ପ୍ରତ୍ୟେକ ଅଧିବେଶନରେ ସଭାପତିମାନେ ଯଥେଷ୍ଟ ଉପଦେଶ ଦେଇଅଛନ୍ତି । ସେସବୁ ଉପଦେଶ ଦ୍ୱାରା କାର୍ଯ୍ୟ ହୋଇଅଛି କି ନା ତାହା ଆପଣମାନେ ନିଜ ନିଜ ବିବେକ ଶକ୍ତିକୁ ପଚାରି ଆପଣା ମନକୁ ଉତ୍ତର ଦେଉନ୍ତୁ । ଯଦି ଆପଣମାନଙ୍କର ବିବେକଶକ୍ତି କହେ ସେହି ଅନୁସାରେ ଓଡ଼ିଶାରେ କାର୍ଯ୍ୟ ହୋଇଅଛି ତାହାହେଲେ ମୋହର ଅଧିକ କିଛି କହିବାର ନାହି, ତାହାହେଲେ ବୁଝିବାକୁ ହେବ ଯେ ଓଡ଼ିଶା ଏ ସବୁ ବିଷୟରେ ଯାହା କରିଅଛି ତାହା ଯଥେଷ୍ଟ । କିନ୍ତୁ ଯଦି ଆପଣମାନେ

ବିବେକଶକ୍ତି ଦ୍ୱାରା ବୁଝିପାରନ୍ତି ଯେ ପୂର୍ବ ସଭାପତିମାନଙ୍କର ଉପଦେଶ ଅନୁସାରେ କାର୍ଯ୍ୟ ହୋଇନାହିଁ ତାହା ହେଲେ ମଧ୍ୟ ମୋହର କିଛି କହିବା ଅନୁଚିତ, କାରଣ ଏଥିପୂର୍ବେ ଯେଉଁମାନେ ସଭାପତିର ଆସନ ଗ୍ରହଣ କରିଥିଲେ ସେମାନେ ସମସ୍ତେ ରାଜକୁଳୋଦ୍ଭବ। ବୁଝିବାକୁ ହେବ ଯେ ସେମାନଙ୍କ ଉପଦେଶ ଅନୁସାରେ କାର୍ଯ୍ୟହେବା ସେମାନଙ୍କର ଆନ୍ତରିକ କାମନା ଥିଲା; ଏବଂ ସେମାନଙ୍କର ଉପଦେଶ କାର୍ଯ୍ୟରେ ପରିଣତ ହେବା ସକାଶେ ସେମାନେ ଆଶାନୁରୂପ ସାହାଯ୍ୟ ପ୍ରଦାନ କରିଅଛନ୍ତି। ତାହାସବୁ ହୋଇ ଯେବେ ସେମାନଙ୍କର ଉପଦେଶ କାର୍ଯ୍ୟରେ ପରିଣତ ହୋଇପାରିନାହିଁ ତାହାହେଲେ ମୋପରି ସାମାନ୍ୟ ଦରିଦ୍ର ବ୍ୟକ୍ତିର ଉପଦେଶ ଯେ କାର୍ଯ୍ୟରେ ପରିଣତ ହେବ ଏହା ଆଶା କରାଯାଏନାହିଁ। ଅତଏବ ସେସବୁ ବିଷୟରେ ଉପଦେଶ ଦେବା ମୋ ପକ୍ଷରେ ଧୃଷ୍ଟତା ହେବ। ଏବଂ ଜାତୀୟ ସଭାରେ ମୁଁ ଏ ପ୍ରକାର ଅପରାଧରେ ଅପରାଧୀ ହେବାକୁ ଇଚ୍ଛାକରେ ନାହିଁ। ଆପଣମାନଙ୍କଠାରେ ମୋହର ଅନୁରୋଧ ଓ ବିନୟ ବାକ୍ୟ ଶେଷକରିବା ପୂର୍ବରୁ ମୁଁ ଗୋଟିଏ କଥା କହିବାକୁ ଇଚ୍ଛାକରେ।

ସମ୍ମିଳନୀ ଜାତିର ସମ୍ମିଳନ ନିମନ୍ତେ ସମସ୍ତ ଉତ୍କଳବାସିଙ୍କ ହୃଦୟରେ ଜାତୀୟ ଜୀବନ ସଞ୍ଚାର କରିବାନିମନ୍ତେ ସ୍ଥାପିତ ହୋଇଅଛି। ଏ ସମ୍ମିଳନୀ କୌଣସି ଏକ ସମ୍ପ୍ରଦାୟସ୍ଥ ବ୍ୟକ୍ତିମାନଙ୍କର ଉନ୍ନତି ସାଧନ ନିମନ୍ତେ ହୋଇନାହିଁ। ଯାହାଦ୍ୱାରା ସମସ୍ତ ଉତ୍କଳବାସିଙ୍କର ଉନ୍ନତି ହେବ ସେହିପ୍ରକାର ବିଷୟସବୁ ଆଲୋଚନା କରିବା ନିମନ୍ତେ ସମ୍ମିଳନୀର ସୃଷ୍ଟି। ଏରୂପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜାତୀୟ ଜୀବନର ସଞ୍ଚାର ହୃଦୟରେ ଜାଗ୍ରତହେବା ଉଚିତ। ମୁଁ ଉତ୍କଳ ମାତାର ସନ୍ତାନ; ଏବଂ ଉତ୍କଳ ଭୂମିରେ ଯେଉଁମାନେ ଜନ୍ମଗ୍ରହଣ କରିଅଛନ୍ତି ଓ ଯେଉଁମାନେ ମରଣାନ୍ତେ ତାଙ୍କର ମୃତଦେହକୁ ଉତ୍କଳମାତାର କ୍ରୋଡ଼ରେ ଅର୍ପଣକରିବାକୁ ଇଚ୍ଛାକରନ୍ତି, ସେମାନେ ଯେଉଁ ଜାତି ହେଉନ୍ତୁ, କି ବଙ୍ଗାଳି, କି ମୁସଲମାନ, କି ବ୍ରାହ୍ମଣ, କି କରଣ, କି କଣ୍ଡରା, କି ପାଣ, କି ପଞ୍ଜାବି, କି ମାନ୍ଦ୍ରାଜି, ଏସମସ୍ତେ ଉତ୍କଳ ସନ୍ତାନ; ଯେ ଉତ୍କଳମାତାର କ୍ରୋଡ଼ରେ ଜନ୍ମଗ୍ରହଣ କରିଅଛି ଏବଂ ଯେ ବିଶ୍ୱାସକରେକି ମୃତ୍ୟୁପରେ ଦୁର୍ଗନ୍ଧହେତୁ ତାହାର ମୃତଦେହକୁ ଜନ୍ମଦେଇଥିବା ମାତା ଘରୁ ବାହାର କରିଦେଲେ ସେହି ଦୁର୍ଗନ୍ଧ ଶରୀରକୁ ଉତ୍କଳମାତା ଆପଣାର କ୍ରୋଡ଼ରେ ଗ୍ରହଣ କରିବେ ସେହି ହେଉଛି ଉତ୍କଳ ସନ୍ତାନ। ଉଚ୍ଚ ଶିକ୍ଷାଦ୍ୱାରା ଓକିଲ ଡେପୁଟି କଲେକ୍ଟରଙ୍କ ସଂଖ୍ୟା ବଢ଼ାଇବା ଏସମ୍ମିଳନୀର ଉଦ୍ଦେଶ୍ୟ ନୁହେଁ। ଏ ଶ୍ରେଣୀର ଲୋକମାନଙ୍କଦ୍ୱାରା ବ୍ୟକ୍ତିଗତ ଉନ୍ନତି ହୁଏ, ଜାତୀୟ ଉନ୍ନତି ହୁଏ ନାହିଁ। ଅବଶ୍ୟ ଏପ୍ରକାର ହୋଇପାରେ ଯଦି ଏଶ୍ରେଣୀସ୍ଥ ଲୋକମାନଙ୍କ ମଧ୍ୟରେ ଜାତୀୟଜୀବନ ସଞ୍ଚାରିତ ହୁଏ ଏବଂ ଜାତିର

ଉନ୍ନତି କରିବାଲାଗି ଏଶ୍ରେଣୀର ଲୋକମାନେ କୃତସଂକଳ୍ପ ହୁଅନ୍ତି ତାହାହେଲେ ସେ ଉଦ୍ଦେଶ୍ୟ ସମ୍ପାଦନ କରିବା ନିମନ୍ତେ ଏଶ୍ରେଣୀର ଲୋକମାନଙ୍କର ବିଶେଷ ଯେ ସୁବିଧା ଅଛି ଏହା ସ୍ୱୀକାର କରିବାକୁ ହେବ। କିନ୍ତୁ ଉଚ୍ଚଶିକ୍ଷିତ ହେଲେ କିମ୍ବା ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ଉଚ୍ଚପଦ ପ୍ରାପ୍ତହେଲେ ଯେ ଜାତୀୟ ଜୀବନ ବୃଦ୍ଧିହେବ ଏହା କୁହାଯାଇ ନ୍ପାରେ। ଜାତୀୟ ଜୀବନର ସଞ୍ଚାର ଓ ବୃଦ୍ଧି ପ୍ରତ୍ୟେକ ବ୍ୟକ୍ତିଙ୍କର ଜୀବନ୍ର ଉଦ୍ଦେଶ୍ୟ ଉପରେ ନିର୍ଭର କରେ। ମୁଁ ବିଶ୍ୱାସ କରେ ଯେ ଜଗଦୀଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କର ଉଦ୍ଦେଶ୍ୟ ପାଳନ କରିବା ନିମନ୍ତେ ଜନ୍ମ ଦେଇଅଛନ୍ତି। ମନୁଷ୍ୟ ଜନ୍ମର ଉଦ୍ଦେଶ୍ୟ ଆତ୍ମସୁଖ ଉପାର୍ଜନ ନୁହେଁ। ମନୁଷ୍ୟ ନିଜ ସୁଖ ସମ୍ପାଦନରେ ଜୀବନଯାପନ କରିବ ଏହା ଜଗତପିତାଙ୍କର ଉଦ୍ଦେଶ୍ୟ ନୁହେଁ। ମୋ ଜୀବନ କେବଳ ମୋ ସକାଶେ ଈଶ୍ୱର ଦେଇନାହାନ୍ତି। ପରର ଉପକାର ନିମନ୍ତେ ମନୁଷ୍ୟର ଜୀବନ ହୋଇଅଛି। ସଂସାରର ମାୟାବୋଲି ଯାହା ଲୋକେ ସଚରାଚର କହନ୍ତି ତାହାର ଅର୍ଥ ଏହିକି ଯେଉଁମାନଙ୍କୁ ଆମ୍ଭେମାନେ ଆପଣାର ବୋଲି ଜ୍ଞାନ କରୁଅଛୁଁ ସେମାନେ ବାସ୍ତବରେ ପର ଅଟନ୍ତି। ପରଙ୍କ ସକାଶେ ମନୁଷ୍ୟ ଜୀବନ ଧାରଣ କରୁଅଛି। ପ୍ରକୃତିର ପ୍ରତି ଦୃଷ୍ଟିକର ଦେଖିବ ପ୍ରକୃତିର ଜୀବନ ପରୋପକାର ପାଇଁ। ସଂସାରକୁ ତାପ ଦାନକରି ସୁଖୀ କରିବା ନିମନ୍ତେ ସୂର୍ଯ୍ୟ ନିତ୍ୟ ଉଦୟ ହେଉଅଛି। ଆମ୍ରଗଛ ଗୋଟିଏ ସମସ୍ତ ବର୍ଷ ମାଟିରୁ, ସୂର୍ଯ୍ୟତାପରୁ, ଜଳରୁ ଏବଂ ପବନରୁ ନିଜର ଆହାର ଟାଣିନେଇ ଶରୀର ପୁଷ୍ଟ କରୁଅଛି। ଏହାର ଉଦ୍ଦେଶ୍ୟ କଣ ? ଫଳ ମନୁଷ୍ୟ ଭୋଗ କରିବ। ଈଶ୍ୱରଙ୍କ ନିୟମରେ ସ୍ୱାର୍ଥପର ହେବା ଅସମ୍ଭବ। ମୁଁ ଯେତେବେଳେ ମାତୃଗର୍ଭରେ ଥିଲି ତେତେବେଳେ ମୋହର ମାତା ତାହାର ରକ୍ତଦ୍ୱାରା ମୋହର ଶରୀରକୁ ପୋଷଣ କରୁଥିଲା। ଯେତେବେଳେ ଭୂମିଷ୍ଠ ହେଲି, ଯେତେବେଳେ କଥା କହିବାର ଶକ୍ତି ନଥିଲା, ତେତେବେଳେ ମୋହର ମାତା ସର୍ବପ୍ରଥମେ ତାଙ୍କର କାର୍ଯ୍ୟଦ୍ୱାରା ମୋହର ଜୀବନର କର୍ତ୍ତବ୍ୟକର୍ମ ଶିଖାଇଥିଲେ। ତାଙ୍କର ବକ୍ଷସ୍ଥଳର ରକ୍ତଦେଇ – ଯେଉଁ ରକ୍ତ ଅସୀମ ସ୍ନେହ ସଂଯୋଗରେ ଶୁଭ୍ର ବର୍ଣ୍ଣ ଧାରଣ କରିଥିଲା, ସେହି ରକ୍ତଦ୍ୱାରା ମୋତେ ପ୍ରତିପୋଷଣ କରିଥିଲେ। ଏ ଶିକ୍ଷାର ଅର୍ଥ କଣ ? ''ତୋ ଜୀବନ ପର ସକାଶେ, ତାହା ମୋହର ସ୍ତନ୍ୟପାନରୁ ଶିକ୍ଷାକର''। ଭାଇମାନେ, ଯଦ୍ୟପି ସମ୍ମିଳନୀକୁ ଜୀବିତ କରିବାକୁ ଇଚ୍ଛା କର ପ୍ରଥମ ମାତୃଶିକ୍ଷା ଭୁଲନାହିଁ। ପର ସକାଶେ ବଞ୍ଚିବାକୁ ଶିକ୍ଷାକର। ମୋହର ଜୀବନ ଏକା ମୋହର ନୁହେଁ – ଏ ଜୀବନରେ ସମସ୍ତ ଉତ୍କଳ ଜାତିର ଅଧିକାର ଅଛି; ସତ୍ୱ ଅଛି। ଏହି ମନ୍ତ୍ର ଜପିବା ଆରମ୍ଭକର – ''ମୁଁ ଜଣେ ଉତ୍କଳସନ୍ତାନ, ମୋହର ଲକ୍ଷ ଲକ୍ଷ ଭାଇଭଉଣୀ ଅଛନ୍ତି, ସେମାନଙ୍କର ଜୀବନରେ ମୋହର ଜୀବନ ମିଶିଯାଇ ଲୀନ

ହୋଇଯାଉ, ଏକ ଜୀବନହୋଇ ଜାତୀୟ-ଜୀବନରୂପେ ପ୍ରବଳ ବେଗରେ ପ୍ରବାହିତ ହେଉ ।'' ସମୁଦ୍ରର ଜଳରାଶି ଏକବର୍ଣ୍ଣ ଧାରଣ କରିଅଛି । ଶତ ଶତ ନଦ ନଦୀର ଜଳରାଶି ନାନାରଙ୍ଗ ଧାରଣକରି ସମୁଦ୍ର ନିକଟରେ ପହୁଞ୍ଚିଲେ ସମୁଦ୍ର କହେ ''ତୁମ୍ଭର ନିଜ ନିଜ ରଙ୍ଗ ଛାଡ଼, ଏହି ଏକ ରଙ୍ଗ ଧାରଣକର, ତାହା ହେଲେ ମୋ ସଙ୍ଗରେ ମିଶିପାରିବ; ଏବଂ ମୋ ସଙ୍ଗରେ ମିଶିଲେ ମୋହର ବଳ ପରାକ୍ରମ ଲାଭ କରିବ ।'' ସମ୍ମିଳନୀ ହେଉଛି ଜାତିର ସମୁଦ୍ର । ଯଦି କେହି ଉଚ୍ଚପଦର ଅଭିମାନ ନେଇ ଏଠାରେ ଉପସ୍ଥିତ ହୋଇଥାଅ, ସମ୍ମିଳନୀ କହୁଛି ''ତୁମ୍ଭର ଅଭିମାନ ଛାଡ଼, ନୋହିଲେ ମୋ ସଙ୍ଗରେ ତୁମ୍ଭେ ମିଶି ପାରିବନାହିଁ'' । ଯଦି ବ୍ରାହ୍ମଣ କି କରଣ ବୋଲି ଜାତ୍ୟଭିମାନନେଇ ଏଠାରେ କେହି ଉପସ୍ଥିତ ହୋଇଥାଅ, ଏ ଉତ୍କଳ ଜାତିର ସମୁଦ୍ର ତୁମ୍ଭମାନଙ୍କୁ କହୁଛି, ''ଏକ ରଙ୍ଗ ନହେଲେ ମୋ ସଙ୍ଗରେ ମିଶିପାରିବନାହିଁ ଏବଂ ମୋହର ପ୍ରକୃତ ପ୍ରତାପ ଓ କ୍ଷମତାର ପରିଚୟ ପାଇବନାହିଁ ।'' ଏହି ଉତ୍କଳଭୂମିରେ ଉତ୍କଳ ସନ୍ତାନମାନେ ବହୁକାଳ ପୂର୍ବେ ଏକତାର ମୂଲ୍ୟ ଓ ଆବଶ୍ୟକତା ଯେ ବୁଝିଥିଲେ ତହିଁର ପ୍ରମାଣ ଜଗନ୍ନାଥଙ୍କ ମନ୍ଦିର । ଏଠାରେ ଜାତିର ମାନ ନାହିଁ । ରାଜାକୁ ମଧ୍ୟ ଏ ପ୍ରକାର କାର୍ଯ୍ୟକରିବାକୁ ହୁଏ ଯାହା ସ୍ଥାନାନ୍ତରେ ନିକୃଷ୍ଟ ବ୍ୟକ୍ତି କରିଥାଏ । ଜଗନ୍ନାଥଙ୍କର ମନ୍ଦିର ପ୍ରତି ଦୃଷ୍ଟିକର ସେଠାରେ ଏକତାର ଜ୍ୱଳନ୍ତଶିକ୍ଷା ପାଇବ । ସମୁଦ୍ର ପ୍ରତି ଦୃଷ୍ଟିକର ସେଠାରେ ଏକତାର ଉଦାହରଣ ପାଇବ । ଏହିଠାରେ ସ୍ୱର୍ଗଦ୍ୱାର ଅଛି । ମନୁଷ୍ୟ ଏହି ସ୍ୱର୍ଗଦ୍ୱାର ବାଟେ ଉନ୍ନତି ଓ ସୁଖର ସ୍ଥାନକୁ ଲାଭ କରିପାରେ । ଏପ୍ରକାର ସ୍ଥାନରେ ଏସମ୍ମିଳନୀର ଅଧିବେଶନ । ମୋହର ବକ୍ତୃତା ଦେବାର ଆବଶ୍ୟକ ନାହିଁ । ଶତଶତ ବର୍ଷପୂର୍ବେ ଆମ୍ଭମାନଙ୍କର ପୂଜନୀୟ ପୂର୍ବପୁରୁଷମାନେ ଉନ୍ନତିର ଯେଉଁ ଶିକ୍ଷା ଦେଇଥିଲେ ତାହା ସ୍ପଷ୍ଟାକ୍ଷରରେ ଜଗନ୍ନାଥଙ୍କ ମନ୍ଦିରରେ ଲେଖାଅଛି । ପ୍ରକୃତି ସ୍ଥାନେ ସ୍ଥାନେ ନିଃଶବ୍ଦ ଭାବରେ ଯେଉଁ ଶିକ୍ଷା ଦେଉଛି ତାହା ସମୁଦ୍ର କ୍ରୋଧରେ ଗର୍ଜନକରି ଶିକ୍ଷା ଦେଉଅଛି । କ୍ରୋଧର କାରଣ ଏହିକି ଏତେକାଳଯାଏ ଏ ଶିକ୍ଷା ଆମ୍ଭେମାନେ ଗ୍ରହଣ କଲୁନାହିଁ । ଜାତିର ଉନ୍ନତି, ଜାତିର ଗୌରବ ବିଷୟ, ଯେତେବେଳେ ଅବକାଶ ପାଅ, ଚିନ୍ତାକର । ରୋଜ ୧୦ ମିନିଟ ମାତ୍ର ଚିନ୍ତାକଲେ ଦେଖିବ ସେ ଚିନ୍ତାରୁ ମନରେ ସୁଖଲାଭ ହେବ ଏବଂ ସେ ସୁଖ ଲାଭହେତୁ ୧୦ ମିନିଟ୍‌କୁ ୨୦ ମିନିଟ୍ କରିବାକୁ ଇଚ୍ଛାହେବ । ଜାତୀୟ ବିଷୟ ଚିନ୍ତାକରିବା ଦ୍ୱାରା କ୍ରମେ ଜାତୀୟ ଜୀବନ ହୃଦୟରେ ଜାଗ୍ରତହେବ, ଶେଷରେ ସେହିଜୀବନ ତୁମ୍ଭର ହୃଦୟ ସ୍ଥଳରୁ ଆରମ୍ଭକରି ସମୟରେ ରକ୍ତମାଂସ ଏବଂ ସମସ୍ତ ଶରୀରକୁ ଜାତୀୟ ଜୀବନରେ ଉତ୍ତେଜିତ କରିବ । ଏହିଭାବ ସମସ୍ତ ଉତ୍କଳବାସିଙ୍କ ମନରେ ଜନ୍ମାଇବାର ପ୍ରଥମେ ଚେଷ୍ଟାକର । ସହସ୍ର ସହସ୍ର ଉତ୍କଳ ସନ୍ତାନଙ୍କର

କର୍ଣ୍ଣକୁହରରେ ଜାତୀୟ ଜୀବନର ମନ୍ତ୍ର ପ୍ରବେଶକରୁ ଏବଂ ସହସ୍ର ସହସ୍ର ହୃଦୟ ସେହି ମନ୍ତ୍ରଦ୍ୱାରା ଉତ୍ତେଜିତ ହେଉ । ଅଳ୍ପ ଦିନ ମଧ୍ୟରେ ଦେଖିବ ସମ୍ମିଳନୀ ଜାତୀୟ ମହାସମୁଦ୍ରରୂପ ଧାରଣ କରି ତାହାର ଉନ୍ନତି ପଥରେ ଯେଉଁ ବାଧା ବିଘ୍ନ ପଡ଼ିବ ତତ୍‌ସମସ୍ତ ଅବଲୀଳା କ୍ରମେ ଅତିକ୍ରମ କରି ଉତ୍କଳ ଜାତିକୁ ସୁଖମୟ ସ୍ଥାନରେ ପହୁଞ୍ଚାଇବ । ଆମ୍ଭମାନଙ୍କର ଯେ ବର୍ତ୍ତମାନ ଆକାଂକ୍ଷା, ଦେଶମିଶ୍ରଣ ସମ୍ବନ୍ଧେ କୁହ, ସମାଜ ସଂସ୍କାର ସମ୍ବନ୍ଧେ କୁହ, ସମସ୍ତ ପୂର୍ଣ୍ଣହେବ । ଉତ୍କଳମାତାଙ୍କର ଶରୀର ବର୍ତ୍ତମାନ ଛିନ୍ନ, ଅବସ୍ଥା ଅତିଶୟ ଶୋଚନୀୟ । ଯେଉଁ ପ୍ରଦେଶରୁ ଉପେନ୍ଦ୍ରଭଞ୍ଜଙ୍କର କଣ୍ଠଧ୍ୱନିଉଠି ଏକ ସମୟରେ ଉତ୍କଳଜାତିର ହୃଦୟକୁ ଆହ୍ଲାଦରେ ନଚାଉଥିଲା ସେ ପ୍ରଦେଶ ବର୍ତ୍ତମାନ ଉତ୍କଳ ଜନନୀଙ୍କର ଶରୀରରୁ ବିଚ୍ଛିନ୍ନ । କିଏ ଏପରି ଉତ୍କଳ ସନ୍ତାନଅଛି ଯେ ଏହାର ମିଳନ ଆକାଂକ୍ଷା ନକରେ ? କିନ୍ତୁ ଦୁଃଖର ସହିତ ସ୍ୱୀକାର କରିବାକୁ ହେବ ଯେ ଆମ୍ଭମାନଙ୍କ ନିଜ ଦୋଷରୁ କିୟଦଂଶରେ ଆମ୍ଭେମାନେ ବର୍ତ୍ତମାନ ହୀନାବସ୍ଥା ଲାଭ କରିଅଛୁଁ । ଗତ ଦୋଷମାନ ବ୍ୟାଖ୍ୟାକରିବାର ବର୍ତ୍ତମାନ ଆବଶ୍ୟକ ନାହିଁ । ଜାତୀୟ ଜୀବନର ସଞ୍ଚାର ହେଲେ ଦେଶମିଶ୍ରଣ ନିମନ୍ତେ ପ୍ରସ୍ତାବ କରିବା,. ମେମୋରିଏଲ୍ କରିବା, ଆବଶ୍ୟକ ହେବନାହିଁ । ଜାତୀୟ ଜୀବନଦ୍ୱାରା କି ଆଶ୍ଚର୍ଯ୍ୟ କାର୍ଯ୍ୟମାନ ହୋଇପାରେ ତାହା ଜାପାନ ଦେଶର ଇତିହାସରୁ ଶିକ୍ଷାକର । ଜାତୀୟ-ଜୀବନକୁ ପ୍ରବଳ କରିବାକୁ ସର୍ବଦା ଚେଷ୍ଟାକର । କେହି ସେ ଜୀବନର ଗତିକୁ ରୋଧ କରିପାରିବନାହିଁ । ଈଶ୍ୱର କରନ୍ତୁ ଆଗାମୀବର୍ଷ ସମ୍ମିଳନୀ ଅଧିବେଶନ ସମୟରେ ଜାତୀୟ ଜୀବନର ସ୍ପଷ୍ଟ ପ୍ରମାଣ ଦୃଶ୍ୟ ହେଉ । କେହି କେହି ପଚାରି ପାରନ୍ତି ଜାତୀୟ ଜୀବନର ଲକ୍ଷଣ କଣ ? କି କି ଲକ୍ଷଣ ଦ୍ୱାରା ଜାତୀୟଜୀବନର ପରିଚୟ ମିଳିବ ? ଜାତୀୟଜୀବନ ଏପ୍ରକାର ଯେ ପ୍ରତି ମନୁଷ୍ୟଠାରେ ତାହା ରହିଅଛି । ମନୁଷ୍ୟ ଜୀବନର ପ୍ରଥମ ଓ ଶେଷସୀମା ସମାନଭାବ ଧାରଣକରେ । ଏ ସାଦୃଶ୍ୟ କି ରାଜା ଭିକ୍ଷୁକ, କି ବ୍ରାହ୍ମଣ, କି ନୀଚଜାତି ସମସ୍ତଙ୍କ ଜୀବନରେ ଦେଖାଯାଏ । ମାତୃଗର୍ଭରେ ଜୀବନର ଆରମ୍ଭ ସମୟେ ସମାଜ ସହିତ କିମ୍ବା ବହିର୍ଜଗତ ସହିତ କୌଣସି ସଂସ୍ରବ ନଥାଏ । ଶରୀରର ଯେଉଁ ସବୁ ଦୈନିକ କ୍ରିୟାଦ୍ୱାରା ମନୁଷ୍ୟ ଜୀବିତ ଅଛି ମାତୃଗର୍ଭରେ ସେସବୁ କ୍ରିୟାମଧ୍ୟ ଶରୀରର ନଥାଏ । ଚକ୍ଷୁ କର୍ଣ୍ଣ ଆଦି ଇନ୍ଦ୍ରିୟମାନଙ୍କର ପରିଚାଳନାଦ୍ୱାରା ବହିର୍ଜଗତ ସହିତ ମନୁଷ୍ୟର ସମ୍ପର୍କ ସଂସ୍ଥାପିତ ହୁଏ । ଏହିସବୁ ଇନ୍ଦ୍ରିୟମାନଙ୍କର ଚାଳନା ନହେଲେ ମନୁଷ୍ୟ କୌଣସି କାର୍ଯ୍ୟ କରିପାରେନାହିଁ । ମୃତ୍ୟୁଶଯ୍ୟାରେ ମନୁଷ୍ୟର ଅବସ୍ଥା ଠିକ ଏହିପ୍ରକାର । ମୃତ୍ୟୁଶଯ୍ୟାରେ ଆଖି ଦେଖିବନାହିଁ; କାନ ଶୁଣିବନାହିଁ; ମୁହଁ କଥାକହିବନାହିଁ; କିମ୍ବା ଖାଇବନାହିଁ; ଗୋଡ଼ ହାତ କିଛି କାମ କରିବନାହିଁ । ଏପରି

ଅବସ୍ଥାରେ ମନୁଷ୍ୟର ଆତ୍ମା ଶରୀର ମଧ୍ୟରେ ଥାଏ । ବହିର୍ଜଗତ କିମ୍ବା ସଂସାର ସହିତ କୌଣସି ସମ୍ପର୍କ ନଥାଏ । ଏଥିରୁଁ ସ୍ପଷ୍ଟ ପ୍ରମାଣିତ ହେଉଛି ଏହି ମନୁଷ୍ୟ ମଧ୍ୟରେ ଯେଉଁ ଆତ୍ମାଅଛି ସେହି ହେଉଛି ମନୁଷ୍ୟର ଜୀବନ । ସେହି ଆତ୍ମାର ଉନ୍ନତି ଓ ଅବନତି ଅନୁସାରେ ପ୍ରତ୍ୟେକ ମନୁଷ୍ୟର ଉନ୍ନତ ଓ ଅବନତି ହେବ । ସମସ୍ତ ମନୁଷ୍ୟଙ୍କର ଜୀବନ ଆରମ୍ଭ ଓ ଶେଷ ଏହି ଦୁଇ ସୀମାର ମଧ୍ୟବର୍ତ୍ତୀ ସମୟରେ ପାର୍ଥକ୍ୟ ଦେଖାଯାଏ । ସେହି ପାର୍ଥକ୍ୟ ହେଉଛି ବ୍ୟକ୍ତିଗତ ଜୀବନ । ସମାଜ ଓ ସଂସାର ସେହି ପାର୍ଥକ୍ୟ ଘଟାଏ । ମନୁଷ୍ୟ ଭୂମିଷ୍ଠ ହେଲାଦିନୁଠାରୁ ଜୀବନର ଶେଷସୀମା ମୃତ୍ୟୁଶଯ୍ୟାରେ ପହୁଞ୍ଚିବା ନିମନ୍ତେ ଧାବମାନ ହେଉଅଛି । ଯଦି କୌଣସି ମନୁଷ୍ୟକୁ ପଚାର ଭାଇ କେଉଁଠାକୁ ଯାଉଅଛ ? ବିବେଚକ ବ୍ୟକ୍ତିମାତ୍ରେ କହିବେ ମୃତ୍ୟୁଶଯ୍ୟାକୁ ଯାଉଅଛି । ଏହି ସୀମାରେ ଉପସ୍ଥିତ ହେବାକୁ କେହି ରାଜସିଂହାସନ ଉପରେ ବସିଯାଉଅଛି; କେହି ଅଶ୍ୱ ହସ୍ତୀ ଉପରେ ଆସୀନ ହୋଇ ଯାଉଅଛି; କେହି ବା ଭିକ୍ଷୁକ ଭାବରେ ଯାଉଅଛି । କିନ୍ତୁ ସମସ୍ତେ ସେହି ଶେଷ ପରୀକ୍ଷାର ସ୍ଥାନ ମୃତ୍ୟୁଶଯ୍ୟାଆଡ଼କୁ ଯାଉଅଛନ୍ତି । ଏହି ଦୁଇସୀମାରେ ବିଷୟ ଧୀର ଭାବରେ ଚିନ୍ତା କଲେ ଜାତୀୟଜୀବନ ଲକ୍ଷଣ ଅନାୟାସରେ ପାଇବେ ।

ଜାତୀୟଜୀବନ ସଂସାରର କିମ୍ବା ସମାଜର ପୁରସ୍କାର ପ୍ରତ୍ୟାଶାରେ କାର୍ଯ୍ୟ କରେନାହିଁ । ସଂସାରିକ ମାନ୍ୟ, ସାଂସାରିକ ପୁରସ୍କାର, ମାନ୍ୟସୂଚକ ପଦ କି ଖେତାବ୍ ଏସବୁ ତାହାର ଉଦ୍ଦେଶ୍ୟ ନୁହେଁ । ଏସବୁ ଆତ୍ମାର ଅଳଙ୍କାର ସ୍ୱରୂପ ବ୍ୟବହୃତ ହୋଇପାରେନାହିଁ । ଆତ୍ମା ଈଶ୍ୱରଙ୍କ ତୁଲ୍ୟ ଜ୍ୟୋତିର୍ମୟ । ଈଶ୍ୱରଙ୍କୁ କୌଣସି ଜାତି ମାନ୍ୟସୂଚକ ପଦ ସହିତ ସମ୍ବୋଧନ କରନ୍ତିନାହିଁ । ଏହାର କାରଣ କଣ ? ଏହାର କାରଣ ଏହିକି ମନୁଷ୍ୟ ଜାତି ଯାହାକୁ ପ୍ରକୃତ ଏବଂ ପ୍ରଗାଢ଼ଭକ୍ତି ଓ ଶ୍ରଦ୍ଧା ଭାବରେ ଦେଖନ୍ତି ତାଙ୍କ ପ୍ରତି ସମ୍ମାନସୂଚକବାକ୍ୟ ବ୍ୟବହାର କରନ୍ତିନାହିଁ । ଆମ୍ଭମାନଙ୍କ ମଧ୍ୟରେ କେହି ଗର୍ଭଧାରିଣୀ ମାତାଙ୍କୁ ଆପଣ ବୋଲି ସମ୍ବୋଧନ କରେନାହିଁ । ଅଯୋଧ୍ୟାରେ ଅନେକ ମହାରାଜା ରାଜତ୍ୱ କରିଥିଲେ । ତାଙ୍କର ନାମ କେହି ଜାଣନ୍ତି ନାହିଁ । କେବଳ ଜଣଙ୍କର ନାମ ଜଗଦବିଖ୍ୟାତ । ସେ ନାମ 'ରାମ' ନାମ । ମହାରାଜାଧିରାଜ ଆଦି ଶବ୍ଦ ସେ ନାମ ସହିତ କେହି ସଂଯୋଗ କରେନାହିଁ । ସୀତା କିମ୍ବା ସାବିତ୍ରୀ ରାଣୀକି ମହାରାଣୀ ବୋଲି ବିଖ୍ୟାତ ନୁହନ୍ତି । ପୃଥିବୀରେ ଅନେକ ମୁସଲମାନ ବାଦ୍‌ଶା ନାନା ଖେତାବ୍ ଓ ପଦଧାରଣକରି ରାଜତ୍ୱ କରିଅଛନ୍ତି । ଇଉରୋପରେ ମଧ୍ୟ ଅନେକ ଖ୍ରୀଷ୍ଟଧର୍ମାବଲମ୍ବୀ ରାଜାମାନେ ଲମ୍ବା ଲମ୍ବା ଖେତାବ୍ ଘେନି ବର୍ତ୍ତମାନ ରାଜତ୍ୱ କରିଅଛନ୍ତି । କିନ୍ତୁ ମହମ୍ମଦ ଓ ଯୀଶୁଖ୍ରୀଷ୍ଟଙ୍କର କୌଣସି ଖେତାବ୍ ନାହିଁ । ପୁରାତନ କଥା ଛାଡ଼ିଦେଲେ ଅଧୁନାତନ ଇତିହାସରେ ମଧ୍ୟ

ଏପ୍ରକାର ଦେଖାଯାଏ । ରାମମୋହନ ରାୟ ଜୀବିତଥିବା ସମୟରେ "ରାଜା" ବୋଲି ପରିଚିତ ଥିଲେ । ବର୍ତ୍ତମାନ ରାମମୋହନ ରାୟବୋଲି ପରିଚିତ । ସମାଜ ଓ ସଂସାର ବ୍ୟକ୍ତିଗତ ଜୀବନର ଯେପ୍ରକାର ପୁରସ୍କାର ଦିଅନ୍ତି ଜାତୀୟ ଜୀବନର ପୁରସ୍କାର ତଦ୍‌ବିପରୀତ । ଯଦି ଜାତୀୟ ଉନ୍ନତି କାର୍ଯ୍ୟରେ ପ୍ରବୃତ୍ତହେବାକୁ ଇଚ୍ଛାକର ସାଂସାରିକ ପୁରସ୍କାର ଆଶା ପରିତ୍ୟାଗ କର – "ନାମ ରଖିବି" ଏପ୍ରକାର ଅଭିଳାଷକୁ ମନରେ ସ୍ଥାନ ଦିଅନାହିଁ । ଯେଉଁମାନେ ନାମରଖିଯିବାର ଆଶା କରନ୍ତି ମୋ କ୍ଷୁଦ୍ର ବିବେଚନାରେ ସେମାନେ ଅବୋଧ । ଯେଉଁ ବ୍ୟକ୍ତି ନାମ ରଖିଯିବାର ଆଶା କରେ ସେ ଧୀରଭାବରେ ବିବେଚନା କଲେ ଦେଖିବ ସେ ଯେଉଁ ନାମ ଧାରଣ କରିଅଛି ତାହାର ଜନ୍ମପୂର୍ବରୁ ସହସ୍ର ସହସ୍ର ଲୋକ ସେହି ନାମ ଧାରଣ କରିଥିଲେ ଏବଂ ତାହାର ମୃତ୍ୟୁର ପର ସହସ୍ର ସହସ୍ର ଲୋକ ସେହି ନାମ ଧାରଣ କରିବେ । କିନ୍ତୁ ସେ ତାହାର ନାମ ନୁହେଁ । ଅନ୍ୟ ବ୍ୟକ୍ତିଙ୍କର ନାମ । ଆତ୍ମାର ନାମ ନାହିଁ । ତାକୁ ନାମଧରି ଡାକିବା ଅସମ୍ଭବ । ଯଦି ଏ ଜଗତରେ ମୁଁ ଜନ୍ମଗ୍ରହଣ କରିଥିଲି, ଏବଂ ମୋହର ଅନ୍ତେ ଯଦି ମୋହର ଅସ୍ତିତ୍ୱର କୌଣସି ଚିହ୍ନରହେ, ସେହି ଚିହ୍ନ ଅଟ୍ଟାଳିକାରେ କିମ୍ବା କୀର୍ତ୍ତିସ୍ତମ୍ଭରେ ରହିବା ଅସମ୍ଭବ । ଆତ୍ମାର କାର୍ଯ୍ୟ ଚିହ୍ନ ଆତ୍ମାରେ ଦର୍ଶିତ ହେବ । "ମୋହ ଆତ୍ମାର କର୍ତ୍ତବ୍ୟଜ୍ଞାନ ଓ ଜାତୀୟ ଉନ୍ନତିର ଆଶାକୁ ଅନ୍ୟ ଲୋକଙ୍କର ଆତ୍ମା ଗ୍ରହଣ କଲେ ସେହି ପ୍ରକୃତରେ ମୋ ଆତ୍ମାର କୀର୍ତ୍ତିସ୍ତମ୍ଭହେବ ।" ମୁଁ ଏଠାରେ ମୁଁ ଶବ୍ଦ ବ୍ୟବହାର କରିବାର ଉଦ୍ଦେଶ୍ୟ ଏହି । ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛିକି ପ୍ରତ୍ୟେକ ଭାଇ ନିଜ ନିଜ ମନରେ ଆପଣାକୁ ଆପେ ଏହି ଭାବରେ ସମ୍ବୋଧନ କରି ଏ ଗୁରୁତର ବିଷୟ ଚିନ୍ତାକରନ୍ତୁ । ଭାଇମାନେ, ଆପଣମାନଙ୍କ ଅନୁଗ୍ରହରୁ ମୁଁ ଏଠାରେ ବର୍ତ୍ତମାନ ସଭାପତି ସ୍ୱରୂପ ଆପଣମାନଙ୍କ ସମ୍ମୁଖରେ ଦଣ୍ଡାୟମାନ । କିନ୍ତୁ ବର୍ତ୍ତମାନ ମୋହର ବୃଦ୍ଧାବସ୍ଥା । ଗୋଟିଏ ଗୋଡ଼ ଶ୍ମଶାନରେ ଏବଂ ଅନ୍ୟ ଗୋଡ଼ ଜନ ସମାଜରେ । ଏବୟସରେ ମୃତ୍ୟୁଶଯ୍ୟା ମାନସିକ ଚିତ୍ରପଟରେ, ଆତ୍ମାର ଚକ୍ଷୁର ସମ୍ମୁଖରେ ସର୍ବଦା ଦୃଶ୍ୟମାନ । ମୁଁ ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ଜାତିପ୍ରତି ମୋହର କର୍ତ୍ତବ୍ୟ କର୍ମ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଅଛି । ଯେତେବେଳେ ମୃତ୍ୟୁଶଯ୍ୟାରେ ସଂସାର ସହିତ ମୋହର ସମ୍ପର୍କ ଛିନ୍ନ ହେବ ଏବଂ ମୋହର ଆତ୍ମାକୁ ଈଶ୍ୱର ପଚାରିବେ "ତୁ ତୋହର ଜାତିପ୍ରତି କର୍ତ୍ତବ୍ୟକର୍ମ କି ପ୍ରକାର କରିଅଛୁ" ତେତେବେଳେ ମୋହର ଆତ୍ମା ଯଦି କହିପାରେ ଯଥାସାଧ ମୁଁ ମୋହର ଜାତିର ସେବା କରିବାକୁ ଚେଷ୍ଟା କରିଅଛି ତାହାହେଲେ ଦୀନଦରିଦ୍ର ଅବସ୍ଥାରେ ଏବଂ ଜନଶୂନ୍ୟ ସ୍ଥାନରେ ମୋହର ଶଯ୍ୟା ଥିଲେ ମଧ ମୁଁ ଆପଣାକୁ ସୁଖୀଜ୍ଞାନ କରିବି । ଜଣେ ପାରସ୍ୟ କବି କହିଅଛନ୍ତି କି ଯେତେବେଳେ

କର୍ତ୍ତବ୍ୟପରାୟଣ ଆତ୍ମା ଏ ସଂସାର ତ୍ୟାଗ କରିବାକୁ ପ୍ରସ୍ତୁତ ହୁଏ ତେତେବେଳେ ତାହାପକ୍ଷରେ ମୃତ୍ୟୁଶଯ୍ୟା ରାଜସିଂହାସନ ହେଉ ଅବା ପାଉଁଶଗଦା ହେଉ ଏ ଦୁଇରେ କିଛି ପ୍ରଭେଦ ନାହିଁ ।

## ନବମ ଅଧିବେଶନର ନିର୍ଦ୍ଧାରଣମାନ

**ପ୍ରଥମ ନିର୍ଦ୍ଧାରଣ :** ବିହାର-ଓଡ଼ିଶାପ୍ରଦେଶରେ ଏବଂ ମାନ୍ଦ୍ରାଜପ୍ରଦେଶରେ ବାସକରୁଥିବା ଓଡ଼ିଆମାନଙ୍କ ପକ୍ଷରୁ ଏହି ସମ୍ମିଳନୀ ମହାମାନ୍ୟ ଲର୍ଡ଼ ହାର୍ଡ଼ିଂଜଙ୍କ ପ୍ରାଣ ଉପରେ ଯେଉଁ ନୃଶଂସ ଆକ୍ରମଣ ହୋଇଥିଲା ତହିଁପ୍ରତି ଆନ୍ତରିକ ଘୃଣା ବ୍ୟକ୍ତ କରୁଅଛନ୍ତି ଏବଂ ଦୈବବଳରୁ ସେ ଉଦ୍ଧାର ଲାଭ କରିଥିବାରୁ ଏ ସମ୍ମିଳନୀ ଦୟାମୟ ଈଶ୍ୱରଙ୍କୁ କୃତଜ୍ଞତା ଅର୍ପଣ କରୁଅଛନ୍ତି ।

ପ୍ରସ୍ତାବକ – ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ, ଏମାରମଠ, ପୁରୀ
ଅନୁମୋଦକ – ମାନ୍ୟବର ଶ୍ରୀ ରାଜାସାହେବ, ଧରାକୋଟ ।
ସମର୍ଥକ – ମିଃ ବି. ଏନ୍. ମିଶ୍ର, ବାରିଷ୍ଟର ।

**ଦ୍ୱିତୀୟ ନିର୍ଦ୍ଧାରଣ :** ଉତ୍କଳସାହିତ୍ୟସେବକ ଋଷିପ୍ରତିମ ଧର୍ମପ୍ରାଣ ଶ୍ରୀଯୁକ୍ତ ରାୟ ମଧୁସୂଦନ ରାଓ ବାହାଦୁର, ସ୍ୱଦେଶପ୍ରେମିକ ଶ୍ରୀଯୁକ୍ତ ନରସିଂହ ଦାସ ଏବଂ ଉତ୍କଳସମ୍ମିଳନୀର ଭୂତପୂର୍ବ ସଭାପତି ମହାରାଜା ବୈକୁଣ୍ଠନାଥ ଦେ ଏମାନଙ୍କର ହଠାତ୍ ବିୟୋଗହେତୁ ଉତ୍କଳସାହିତ୍ୟ ତଥା ଉତ୍କଳଜାତିର ଯେଉଁ ବିଶେଷ କ୍ଷତି ହୋଇଅଛି ସେଥିନିମନ୍ତେ ଏ ସମ୍ମିଳନୀ ଗଭୀରଶୋକ ପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ – ମାନ୍ୟବର ଶ୍ରୀ ରାୟ ସୁଦାମଚରଣ ନାୟକ ବାହାଦୁର
ଅନୁମୋଦକ – ଶ୍ରୀ ଦ୍ୱାରିକାନାଥ ଦାସ ।
ସମର୍ଥକ – ଶ୍ରୀ ରାମକୃଷ୍ଣ ମିଶ୍ର ।
ଶ୍ରୀ ରାମକୃଷ୍ଣ ପଟ୍ଟନାୟକ ବି.ଏ., ବି.ଏଲ୍. ।

**ତୃତୀୟ ନିର୍ଦ୍ଧାରଣ :** ଏହି ଜିଲାର ସତ୍ୟବାଦୀଠାରେ ଯେଉଁ କତିପୟ ଉଚ୍ଚଶିକ୍ଷିତ ଯୁବକମାନେ ଦେଶର ଶିକ୍ଷୋନ୍ନତି ସାଧନନିମନ୍ତେ ନିଃସ୍ୱାର୍ଥଭାବେ ପ୍ରାଣପଣେ ପରିଶ୍ରମକରି ଉତ୍କଳରେ ଯେଉଁ ନୂତନ ଉଚ୍ଚ ଆଦର୍ଶ ଦେଖାଉ ଅଛନ୍ତି ସେଥିପାଇଁ ଏ ସମ୍ମିଳନୀ ସେମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଦେଉଅଛନ୍ତି ।

ପ୍ରସ୍ତାବକ – ମାନ୍ୟବର ଶ୍ରୀ ରାଜାସାହେବ, କନିକା ।
ଅନୁମୋଦକ – ଶ୍ରୀ ଫକୀରମୋହନ ସେନାପତି ।

ସମର୍ଥକ — ରାୟ ଶ୍ରୀ ସୁଦାମଚରଣ ନାୟକ ବାହାଦୁର ।
ଟିକିଲି ଯୁବରାଜ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଦେବ ।
ଶ୍ରୀ ବ୍ରଜସୁନ୍ଦର ଦାସ ବି.ଏ. ।

**ଚତୁର୍ଥ ନିର୍ଦ୍ଧାରଣ :** ଶତାଧିକ ବର୍ଷ ଇଂରାଜ ଶାସନ ପରେ ଭାରତ ରାଜପ୍ରତିନିଧି ମହାମାନ୍ୟ ଲର୍ଡ଼ ହାର୍ଡ଼ିଞ୍ଜ ଓଡ଼ିଶାକୁ ଶୁଭାଗମନ କରିବାଦ୍ୱାରା ଓଡ଼ିଆମାନଙ୍କ ପ୍ରତି ତାଙ୍କର ସହାନୁଭୂତି ପ୍ରକାଶ କରିବା ହେତୁ ଏହି ସମ୍ମିଳନୀ, ତାଙ୍କ ନିକଟରେ କୃତଜ୍ଞ । କିନ୍ତୁ ତାଙ୍କ ଅବସ୍ଥାନ ଅତ୍ୟନ୍ତ ଅଳ୍ପକ୍ଷଣ ହୋଇଥିବାରୁ ଓଡ଼ିଆ-ମାନଙ୍କ ପ୍ରତି ଏତାବତ୍ କାଳ ଗଭର୍ଣ୍ଣମେଣ୍ଟଙ୍କ ଅବହେଳାର ପରିଣାମ ସେ ସ୍ୱୟଂ ଆଲୋଚନା କରିବାର ଯଥେଷ୍ଟ ଅବକାଶ ହୋଇନାହିଁ ବୋଲି ଏହି ସମ୍ମିଳନୀ ବିବେଚନା କରନ୍ତି । ମହିମାନ୍ୟ ଲାଟ ମହୋଦୟ ଅନ୍ତତଃ ଆଉଥରେ ଶୁଭାଗମନ-କରି ଗୌରବାନ୍ୱିତ କରିବେ ।

ପ୍ରସ୍ତାବକ — ଶ୍ରୀ ଦୈତ୍ୟାରି ପ୍ରସାଦ ଦାସ ବି.ଏଲ୍. ।
ଅନୁମୋଦକ — ଶ୍ରୀ ବିଚିତ୍ରାନନ୍ଦ ଦାସ ବି.ଏଲ୍. ।
ସମର୍ଥକ — ମହନ୍ତ ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀ, ରାଧାକାନ୍ତମଠ, ପୁରୀ ।

**ପଞ୍ଚମ ନିର୍ଦ୍ଧାରଣ :** ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆମାନେ ବିହାର ଓ ଓଡ଼ିଶା ପ୍ରଦେଶର ଓଡ଼ିଆମାନଙ୍କ ସହିତ ଏକଶାସନାଧୀନ ନରହିବା ପର୍ଯ୍ୟନ୍ତ ଓଡ଼ିଆମାନଙ୍କର ପ୍ରକୃତ ଉନ୍ନତି ସାଧିତ ହୋଇ ପାରିବ ନାହିଁ ବୋଲି ଏ ସମ୍ମିଳନୀ ବିଶ୍ୱାସ କରନ୍ତି ।

ପ୍ରସ୍ତାବକ — ମାନ୍ୟବର ରାଜା ସାହେବ, ଧରାକୋଟ ।
ଅନୁମୋଦକ — ମାନ୍ୟବର ରାୟ ଗୋକୁଳାନନ୍ଦ ଚୌଧୁରୀ ବାହାଦୁର ।
ସମର୍ଥକ — ଶ୍ରୀ ଡି. ନରସିଂହରାଓ ପାଠକ ।
ରାୟ ସୁଦାମଚରଣ ନାୟକ ବାହାଦୁର ।
ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ବି.ଏଲ୍. ।
ଶ୍ରୀ ଗୋପବନ୍ଧୁ ଦାସ, ବି.ଏଲ୍. ।

**ଷଷ୍ଠ ନିର୍ଦ୍ଧାରଣ :** ପ୍ରତିବର୍ଷ ବଡ଼ଦିନ ଛୁଟି ସମୟରେ ସମ୍ମିଳନୀର ଅଧିବେଶନ କରାଯାଉ ଏବଂ ଏହି ଅଧିବେଶନରେ ଯୋଗ ଦେବା କାରଣ ତହିଁ ପୂର୍ବରୁ ଅକ୍ଟୋବର ମାସ ପ୍ରଥମ ରବିବାର ଦିନ ଉତ୍କଳର ପ୍ରଧାନ ପ୍ରଧାନ କେନ୍ଦ୍ରସ୍ଥଳମାନଙ୍କରେ ପ୍ରତିନିଧି ନିର୍ବାଚନ କରାହେଉ ।

ପ୍ରସ୍ତାବକ — ଶ୍ରୀ ନିତ୍ୟାନନ୍ଦ ପଟ୍ଟନାୟକ ।

ଅନୁମୋଦକ— ଶ୍ରୀ ଲକ୍ଷ୍ମୀଧର ମହାନ୍ତି, ବି.ଏଲ୍. ।
ସମର୍ଥକ — ଶ୍ରୀ ଗୋରାଚାନ୍ଦ ପଟ୍ଟନାୟକ, ବି.ଏଲ୍. ।
ଶ୍ରୀ ରେବତୀକାନ୍ତ ଘୋଷ ।

**ସପ୍ତମ ନିର୍ଦ୍ଧାରଣ :** ଓଡ଼ିଶାର ଗୋଟିଏ ଇଂଜିନିୟରିଂ ସ୍କୁଲର ଅଭାବ ସମ୍ମିଳନୀ ଏକାନ୍ତ ଉପଲବ୍ଧି କରୁଅଛନ୍ତି ଏବଂ ଏହି ଅଭାବ ପୂରଣ ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରାଯାଉ ।

ପ୍ରସ୍ତାବକ — ରାୟ ସୁଦାମଚରଣ ନାୟକ ବାହାଦୁର ।
ଅନୁମୋଦକ— ମିଃ ବିଶ୍ୱନାଥ ମିଶ୍ର, ବାରିଷ୍ଟର ।
ସମର୍ଥକ — ଶ୍ରୀ ମଧୁସୁଦନ ପାଣିଗ୍ରାହୀ ।

**ଅଷ୍ଟମ ନିର୍ଦ୍ଧାରଣ :** ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଘେନି ଚଳିତ ବର୍ଷ ନିମନ୍ତେ ପୁରୀରେ ଗୋଟିଏ କାର୍ଯ୍ୟନିର୍ବାହିକା ସମିତି ଗଠିତ ହେଉ । ସମ୍ମିଳନୀ ନିମନ୍ତେ ଅର୍ଥ ସଂଗ୍ରହକରି ବେତନଭୋଗୀ କର୍ମଚାରୀ ନିୟୋଗ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟ କରିବାର ଭାର ସେମାନଙ୍କ ଉପରେ ରଖାଯାଉ । ଆବଶ୍ୟକ ହେଲେ ସଭ୍ୟ ସଂଖ୍ୟା ବଢ଼ାଇବାର ଭାର ସେମାନଙ୍କ ଉପରେ ନ୍ୟସ୍ତ ରହୁ ।

ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ, ଏମାରମଠ ।
ମହନ୍ତ ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀ, ରାଧାକାନ୍ତ ମଠ ।
ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ।
ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ ।
ଶ୍ରୀଯୁକ୍ତ ଗୋପୀନାଥ ମିଶ୍ର ।
ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ, ବି.ଏଲ୍. ।

ପ୍ରସ୍ତାବକ — ଶ୍ରୀ ବଟକୃଷ୍ଣ ମହାପାତ୍ର ।
ଅନୁମୋଦକ— ଶ୍ରୀ ନୀଳାମ୍ବର ମହାନ୍ତି ।

**ନବମ ନିର୍ଦ୍ଧାରଣ :** ସିଂହଭୂମ ଜିଲାରେ ଓଡ଼ିଆ କଚେରିଭାଷା ନୋହି ଥିବାରୁ ସେଠାର ଓଡ଼ିଆମାନେ ଘୋର ଅସୁବିଧା ଭୋଗ କରୁଅଛନ୍ତି । ଉକ୍ତ ଅସୁବିଧାର ନିବାରଣ ନିମନ୍ତେ ବିହିତ ଉପାୟ ଅବଲମ୍ବନ କରାଯାଉ ।

ପ୍ରସ୍ତାବକ — ଶ୍ରୀ ରାଜାସାହେବ, ସୁରଙ୍ଗୀ ।
ଅନୁମୋଦକ— ମିଃ ବିଶ୍ୱନାଥ ମିଶ୍ର, ବାରିଷ୍ଟର ।
ସମର୍ଥକ — ଶ୍ରୀ ରାମକୃଷ୍ଣ ମିଶ୍ର ।

**ଦଶମ ନିର୍ଦ୍ଧାରଣ :** ଓଡ଼ିଶାରେ ଏମ୍.ଏ., ବି.ଏଲ. କ୍ଲାସ ନ ଥିବାରୁ ଉଚ୍ଚ-ଶିକ୍ଷାଭିଳାଷୀ ଛାତ୍ରମାନଙ୍କର ବିଶେଷ ଅସୁବିଧା ବିବେଚନାରେ କଟକରେ ଏମ୍.ଏ.

ଓ ବି.ଏଲ୍. ଶ୍ରେଣୀମାନ ରଖିବା କାରଣ ସରକାରଙ୍କୁ ପ୍ରାର୍ଥନା କରାଯାଉ ଏବଂ ଏହି ପ୍ରସ୍ତାବର ନକଲ ପ୍ରାଦେଶିକ ଗଭର୍ଣ୍ଣମେଣ୍ଟ ଏବଂ ଇଉନିଭର୍ସିଟି କମିଶନଙ୍କ ନିକଟକୁ ପଠାଯାଉ ।

ପ୍ରସ୍ତାବକ — ଶ୍ରୀ ମୁକୁନ୍ଦ ପ୍ରସାଦ ଦାସ ।

ଅନୁମୋଦକ— ଶ୍ରୀ ଉମେଶଚନ୍ଦ୍ର ରାୟ ।

ସମର୍ଥକ — ଶ୍ରୀ ଗଣେଶ ମହାପାତ୍ର ।

**ଏକାଦଶ ନିର୍ଦ୍ଧାରଣ :** ଗଞ୍ଜାମ ଜିଲାର ଘୁମୁସର ତାଲୁକାରେ ଓଡ଼ିଆକୁ ଏକମାତ୍ର କଚେରୀ ଭାଷା କରିଥିବା କାରଣରୁ ଗଞ୍ଜାମଜିଲ୍ଲା କଲେକ୍ଟର ମ୍ୟାକ୍ ମାଇକେଲ ଏବଂ ମାନ୍ଦ୍ରାଜପ୍ରଦେଶର ଶାସନକର୍ତ୍ତା ଲର୍ଡ଼ ପେଟଲାଣ୍ଡଙ୍କୁ ଏ ସମ୍ମିଳନୀ ଧନ୍ୟବାଦ ଅର୍ପଣ କରୁଅଛନ୍ତି ।

ପ୍ରସ୍ତାବକ — ମାନ୍ୟବର ରାଜା, କନିକା ।

ଅନୁମୋଦକ— ରାୟ ସୁଦାମଚରଣ ନାୟକ ବାହାଦୁର ।

ସମର୍ଥକ — ଶ୍ରୀ ଅପର୍ଣ୍ଣା ପଣ୍ଡା ।

□□□

# ଦଶମ ଅଧିବେଶନ

[ଉତ୍କଳ-ସମ୍ମିଳନୀର ଦଶମ ଅଧିବେଶନ ୧୯୧୪ ମସିହା ଡିସେମ୍ବର ମାସ ୨୬ ତାରିଖ ଓ ୨୭ ତାରିଖରେ ଓଡ଼ିଶାର ଏକ ଉପାନ୍ତ ଅଞ୍ଚଳ ପାରଳାଖେମଣ୍ଡିରେ ଅନୁଷ୍ଠିତ ହୋଇଥିଲା । ପାରଳାଖେମଣ୍ଡିର ନୂତନ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଉଦ୍‌ଯୋଗରେ ରାଜକଲେଜର ଦକ୍ଷିଣପାର୍ଶ୍ୱରେ ଥିବା 'ଗୁଣ୍ଡିଚା ବାଡି' ପଡ଼ିଆରେ ସମ୍ମିଳନୀର ମଣ୍ଡପ ପ୍ରସ୍ତୁତ ହୋଇଥିଲା । ଜୟପୁର ମହାରାଜାଙ୍କ ଭାଇ (ପରେ ମହାରାଜା) ବିକ୍ରମଦେବ ବର୍ମା ଏହି ଅଧିବେଶନର ଥିଲେ ସଭାପତି । ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଥିଲେ ସ୍ଥାନୀୟ ବଡ ରାଧାକାନ୍ତ ମଠର ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ ଓ କାର୍ଯ୍ୟ ନିର୍ବାହିକା ସମିତିର ସଂପାଦକ ଥିଲେ ନିତ୍ୟାନନ୍ଦ ପଟ୍ଟନାୟକ । ଉପାନ୍ତ ଅଞ୍ଚଳରେ ଅନୁଷ୍ଠିତ ହେବା ଦୃଷ୍ଟିରୁ ଏହା କେବଳ ପ୍ରଥମ ଅଧିବେଶନ ନ ଥିଲା, ରାଜପୃଷ୍ଠପୋଷକତାରେ ସମାହିତ ହୋଇଥିବାରୁ ଏହା ବେଶ୍ ଆଡମ୍ବର ସହିତ କରାଯାଇଥିଲା ।]

## ସମ୍ମିଳନୀ ପୂର୍ବରୁ ଅଭ୍ୟର୍ଥନା ସମିତିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଦେଇଥିବା ବକ୍ତୃତା

ଉପସ୍ଥିତ ସଭ୍ୟ ମହୋଦୟଗଣ,

ସଭାପତି ଆସନରୁ ଏହି ସଭାର ପ୍ରଥମ ନିର୍ଦ୍ଧାରଣଟି ପ୍ରସ୍ତାବ କରିବା ପୂର୍ବେ ଦୁଇ ଚାରି କଥା କହିବା ବାଞ୍ଛନୀୟ ବୋଧକରେ । ସମ୍ମିଳନୀରୂପ ଗୁରୁତର କାର୍ଯ୍ୟ ନିର୍ବିଘ୍ନରେ ସାଧନ କରିଦେବା ସହଜ ନୁହେଁ । ବିଶେଷତଃ ଏପରି ସ୍ଥାନରେ ଏଥି ପୂର୍ବେ କେବେ ସମ୍ମିଳନୀର ଅଧିବେଶନ ହୋଇ ନ ଥିଲା । ଅତଏବ ଆପଣମାନେ ଏହି ଜାତୀୟ ଶୁଭ ଅନୁଷ୍ଠାନରେ ନିଜ ନିଜର ସାଧ୍ୟାନୁଯାୟୀ କାର୍ଯ୍ୟକରି ସମ୍ମିଳନୀର ଅଧିବେଶନ ସୁଚାରୁରୂପେ ସମାଧା କରିବାରେ ସଚେଷ୍ଟ ହେବା ବାଞ୍ଛନୀୟ ।

ଏପରି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପ କରିବା ପୂର୍ବେ ଜାତୀୟ ଓ ବ୍ୟକ୍ତିଗତ ଜୀବନର ପ୍ରଭେଦ ସ୍ପଷ୍ଟରୂପେ ବୁଝିବାକୁ ହେବ । ଜାତୀୟ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ମନୋମାଳିନ୍ୟକୁ ମନରେ ସ୍ଥାନ ଦେଲେ ଜାତୀୟ କାର୍ଯ୍ୟରେ ବ୍ୟାଘାତ ଘଟିପାରେ । ଜାତୀୟ କାର୍ଯ୍ୟସାଧନ କରିବା ସମୟରେ ବ୍ୟକ୍ତିଗତ ମନୋମାଳିନ୍ୟ ପରିତ୍ୟାଗ କରିବା ପ୍ରତ୍ୟେକ ଦେଶହିତୈଷୀଙ୍କର କର୍ତ୍ତବ୍ୟ । ଇତିହାସରୁ ଜଣାଯାଏ

ଯେ ଯେଉଁ ଦେଶରେ ବ୍ୟକ୍ତିଗତ ଭାବର ଆଧିକ୍ୟତା ଥାଏ, ସେହି ଦେଶର ପତନ ଘଟିଥାଏ ଏବଂ ଯେଉଁ ଦେଶରେ ଜାତୀୟ ଭାବର ଆଧିକ୍ୟତା ଥାଏ ସେହି ଦେଶ ଉନ୍ନତି ପଥରେ ଅଗ୍ରସର ହୁଏ । ଅତଏବ ଏହା ମନେ ରଖି ସମସ୍ତେ ମିଳିମିଶି କାର୍ଯ୍ୟ କରିବା ନିତାନ୍ତ ଆବଶ୍ୟକ ।

କେହି କେହି କହିପାରନ୍ତି ଯେ ମୁଁ [ଅଭ୍ୟର୍ଥନା ସମିତିରେ] ଯୋଗଦେଲେ ସମ୍ମିଳନୀର ଅଧିବେଶନ ନିର୍ବିଘ୍ନରେ ସମାଧାନ ହେବ । ମୋ ବିଷୟରେ ଏହା କେବଳ ଭ୍ରମ ଧାରଣା ମାତ୍ର । ସମ୍ମିଳନୀ ଗୋଟିଏ ଜାତୀୟ ଅନୁଷ୍ଠାନ, ଜାତିର କାର୍ଯ୍ୟ ସମସ୍ତଙ୍କର କାର୍ଯ୍ୟ; ସମସ୍ତେ ନିଜ ନିଜର କର୍ତ୍ତବ୍ୟ ପାଳନ ନ କଲେ ଏକ ବା ଦୁଇଜଣଙ୍କ ଦ୍ୱାରା ଏହି କାର୍ଯ୍ୟ ସୁଚାରୁରୂପେ ସାଧିତ ହେବା ଅସମ୍ଭବ । ଏଥି ସମ୍ବନ୍ଧରେ ଯାହା ମୋର କର୍ତ୍ତବ୍ୟ ବୋଧକରେ ସେସବୁ କରିବାରେ ମୁଁ ପ୍ରସ୍ତୁତ, କିନ୍ତୁ ଆପଣମାନଙ୍କରେ ଏଥିରେ ଅଧିକ ଦାୟିତ୍ୱ ଅଛି ।

ସମ୍ମିଳନୀର କାର୍ଯ୍ୟ ସମସ୍ତଙ୍କର କାର୍ଯ୍ୟ ହେଲେ ମୁଖ୍ୟ ପୂର୍ବ ପ୍ରଚଳିତ ପ୍ରଥାନୁଯାୟୀ ଗୋଟିଏ ଅଭ୍ୟର୍ଥନା ସମିତି ଗଠିତ ହୋଇ ସେଥିର ସଭ୍ୟମାନଙ୍କ ଦ୍ୱାରା ସମ୍ମିଳନୀର କାର୍ଯ୍ୟ ଚାଳିତ ହୋଇଥାଏ । କିନ୍ତୁ ଆପଣମାନେ ନୀରବ ନ ରହି ସେମାନଙ୍କୁ ସାଧ୍ୟାନୁଯାୟୀ ସାହାଯ୍ୟ ପ୍ରଦାନ କରି ଉତ୍ସାହିତ କରିବାକୁ ହେବ ।

## ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ୱାଗତ ଅଭିନନ୍ଦନ ଓ ଧନ୍ୟବାଦ ଅର୍ପଣ

ଭାଇମାନେ,

ଆପଣମାନଙ୍କୁ ଧନ୍ୟବାଦ ଦେବା ଇଚ୍ଛା କରି ମୁଁ ଠିଆ ହେଲି । କିନ୍ତୁ କି ଧନ୍ୟବାଦ ଦେବି ଜାଣିପାରୁନାହିଁ । ଉତ୍କଳର ଏ ଦୀର୍ଘ ପରିତ୍ୟକ୍ତ ପ୍ରାନ୍ତଭୂମିକୁ ପଥଶ୍ରମ ଓ ନାନା କ୍ଳେଶ ସ୍ୱୀକାର କରି ଅନୁଗ୍ରହପୂର୍ବକ ଶୁଭାଗମନ କରିବାଦ୍ୱାରା ପାରଳା ତଥା ପାରଳାବାସୀଙ୍କୁ ଆପଣମାନେ ଆପ୍ୟାୟିତ କରିଅଛନ୍ତି । ପାରଳାର ଜାତୀୟ ଇତିହାସରେ ଆପଣମାନଙ୍କ ଅନୁଗ୍ରହରୁ ଗୋଟିଏ ନୂତନ ଯୁଗର ଅବତାରଣା ହୋଇଅଛି ବୋଲି ମୋହର ବିଶ୍ୱାସ । ଆପଣମାନେ ବହୁ କଷ୍ଟ ସ୍ୱୀକାର କରିଅଛନ୍ତି । ଧନ୍ୟବାଦ କଦାପି ତାର ପ୍ରତିଦାନ ନୁହେ । ଏ ଜାତୀୟ କାର୍ଯ୍ୟରେ ଏତେ କଷ୍ଟ ସ୍ୱୀକାର କରି ପାରଳାକୁ ଅନୁଗୃହୀତ କରିବାରେ ଆପଣମାନେ ଯେ ତ୍ୟାଗସ୍ୱୀକାର କରି ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖାଇଲେ ଆମ୍ଭେମାନେ ଯଦି ଜାତିପାଇଁ ସେହିପରି ତ୍ୟାଗରେ ଅବିଚଳିତ ରହିବାକୁ କାର୍ଯ୍ୟତଃ ଶିକ୍ଷାଲାଭ କରିବୁଁ ମୋର ବିଶ୍ୱାସ ସେହି ଦିନ ହିଁ ପାରଳା ପ୍ରକୃତରେ ଆପଣମାନଙ୍କୁ ଧନ୍ୟବାଦ ଦେବାକୁ ସମର୍ଥ ହୋଇଅଛି

ବୋଲିବାକୁ ହେବ। ଅତଏବ ପାରଳାବାସୀ କାର୍ଯ୍ୟରେ ଏହି ସମ୍ମିଳନୀର ଶକ୍ତି ଓ ଜାତୀୟଭାବ ମନେ ରଖିବେ, ଏହି ମୋର ଧାରଣା।

ମୁଁ ଜାଣେ ଆପଣମାନଙ୍କ ମଧ୍ୟରୁ କେହି କେହି ଗୁରୁତର ପାରିବାରିକ ବିପଦ୍‌ଗ୍ରସ୍ତ ହେଲେ ମଧ ଜାତୀୟ ଭାବରେ ଅନୁପ୍ରାଣିତ ହୋଇ ବିପତ୍ତିକୁ ଜ୍ଞାନ ନ କରି ସମ୍ମିଳନୀରେ ଯୋଗଦାନ କରିଅଛନ୍ତି। ଏହା ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ସମସ୍ତେ ଏହି ଭାବରେ ଜାତୀୟ କାର୍ଯ୍ୟରେ ଯୋଗଦାନ କଲେ ଅଚିରାତ୍ ଏ ଜାତିର ସମସ୍ତ କଷ୍ଟ ନିବାରିତ ହେବା ଅନିବାର୍ଯ୍ୟ। ଆଉ ଗୋଟିଏ କଥା, ମୁଁ ଜାଣେ ଆପଣମାନେ ଏଠାରେ ଅନେକ କଷ୍ଟ ଓ ଅସୁବିଧା ଭୋଗ କରୁଥିବାର ଆମ୍ଭେମାନେ ପ୍ରତ୍ୟକ୍ଷ କରିଅଛୁଁ। ଆପଣ ସଦୟ ହୃଦୟରେ ଆମ୍ଭମାନଙ୍କର ସକଳ ତ୍ରୁଟି ମାର୍ଜନ କରିବେ ବୋଲି ମୋର ବିଶ୍ୱାସ। ମୁଁ ଏତିକି କହି ଆପଣମାନଙ୍କୁ ଅଜସ୍ର ଧନ୍ୟବାଦ ଅର୍ପଣ କରୁଅଛି।

## ଅଭ୍ୟର୍ଥନା ସଭାର ସଭାପତି

## ମହନ୍ତ ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀଙ୍କ ବକ୍ତୃତା

ଭାଇମାନେ,

ଅଭ୍ୟର୍ଥନା ସମିତିପକ୍ଷରୁ ଆପଣମାନଙ୍କୁ ଅଭ୍ୟର୍ଥନା କରିବା ସକାଶେ ମୁଁ ଆପଣମାନଙ୍କ ସମ୍ମୁଖୀନ ହୋଇଅଛି। କିନ୍ତୁ ଆପଣମାନଙ୍କ ସମୁଚିତ ଅଭ୍ୟର୍ଥନା କରିବାକୁ ଅକ୍ଷମ ହୋଇ ଲଜ୍ଜିତ ଅଛି। ଆପଣମାନେ ନାନା ବାଧା, ବିଘ୍ନ ସହି କରି ଏ ନିଦାରୁଣ ଶୀତର ପ୍ରତାପ ପ୍ରତି ଭ୍ରୂକ୍ଷେପ ନ କରି କୀର୍ତ୍ତିକିରୀଟିନୀ ଉତ୍କଳ ଜନନୀଙ୍କ ପୂଜା କରିବା ସକାଶେ ପ୍ରାକୃତିକ ଉତ୍କଳର ଏହି ପ୍ରାନ୍ତ ଦେଶରେ ଉପସ୍ଥିତ ହୋଇ ଅଛନ୍ତି। ଆଜି ଆପଣମାନଙ୍କ ହୃଦୟ ମାତୃଭକ୍ତି ଓ ଭ୍ରାତୃ ପ୍ରେମରେ ପରିପୂର୍ଣ୍ଣ ହୋଇଅଛି। ଏହି କାରଣରୁ ଆଜି ଆପଣମାନେ କଷ୍ଟକୁ କଷ୍ଟ ଜ୍ଞାନ କରୁନାହାନ୍ତି। ଆପଣମାନଙ୍କ ବଦନ ମୁକୁରରେ ଭ୍ରାତୃ ପ୍ରେମର ସମୁଜ୍ଜ୍ୱଳ ପ୍ରତିବିମ୍ବ ଦେଖି ମୋହର ଦୃଢ଼ ବିଶ୍ୱାସ ହେଉଅଛି, ଅଭ୍ୟର୍ଥନା ସମିତିର ସକଳ ତ୍ରୁଟି ଆପଣମାନେ ମହୋଦାର ଭ୍ରାତୃ ପ୍ରେମର ବଶବର୍ତ୍ତୀ ହୋଇ କ୍ଷମା କରିବାକୁ କୁଣ୍ଠିତ ହେବେ ନାହିଁ।

ପାରଳା ପ୍ରାକୃତିକ ଉତ୍କଳର ଏକପ୍ରାନ୍ତରେ ଅବସ୍ଥିତ। ରାଜନୀତି ସୂତ୍ରରେ ଏହି ପ୍ରଦେଶ ଉତ୍କଳରୁ ବିଚ୍ଛିନ୍ନ ହୋଇ ପଡ଼ିଅଛି। ଏହାର ଗୌରବ ସମ୍ବନ୍ଧରେ ଇତିହାସ ନୀରବ ଥିଲେ ମଧ କବିଙ୍କ ଦୃଷ୍ଟିରେ ଏହା ଫଳ, ପୁଷ୍ପ ଶସ୍ୟ ଶାଳିନୀ; 'ଚପଳା ଚପଳା' ଏଠାରେ 'ଅଚପଳା'। ଅନ୍ୟାନ୍ୟଙ୍କ ପକ୍ଷରେ ପାରଳାର ଗୌରବ ନ ଥାଇ

ପାରେ କିନ୍ତୁ କବି ଗୋପାଳକୃଷ୍ଣ, ଗୌରହରି ପ୍ରଭୃତି ଭାଷା ଭକ୍ତମାନଙ୍କୁ ବକ୍ଷରେ ଧାରଣ କରିଥିଲା ବୋଲି ଓଡ଼ିଆ ଜାତି ପାରଳାକୁ ଗୌରବ ଦେବାକୁ ପଶ୍ଚାତ୍‌ପଦ ନୁହେ ।

ଭାଇମାନେ, ଆଜି କବି ପ୍ରସୂତି ପାରଳାରେ, ଶସ୍ୟ ସୁଶ୍ୟାମଳା, ଶିଳ୍ପକଳା ବିଭୂଷିତା, ତୀର୍ଥାବଳୀ ମଣ୍ଡିତା, ଗିରିକାନନ ଶୋଭିନୀ, ଯଯାତି, ଅନଙ୍ଗ, ଉପେନ୍ଦ୍ରାଦି ସୁପୁତ୍ରଶାଳିନୀ ଉତ୍କଳ ଜନନୀଙ୍କ ପୂଜାର ଦଶମ ବାର୍ଷିକୋତ୍ସବ । ଏହିପରି ମହୋତ୍ସବ ପାରଳାର ଏହା ସର୍ବ ପ୍ରଥମ । ଜନନୀଙ୍କ ପଦପୂଜା କରି ଧନ୍ୟ ହେବା ସକାଶେ ଆଜି ବିଶାଳ ଉତ୍କଳର ସକଳ ସ୍ଥାନରୁ ମୁକୁଟଧାରୀଠାରୁ କୁଟୀରବାସୀ ପର୍ଯ୍ୟନ୍ତ ଏହି ପୂଜା ମନ୍ଦିରରେ ଉପସ୍ଥିତ ହୋଇ ଅଛନ୍ତି । ଏହିପରି ଆନନ୍ଦ ଦିବସରେ ଗୋଟିଏ ଶୋଚନୀୟ ଘଟନା ମନରେ ଉଦିତ ହେଉଅଛି । ଆଜି ଯଦି କେହି ଉତ୍କଳ ଗତପ୍ରାଣ ଏକ ଜ୍ୟେଷ୍ଠ ଭାଷା-ଭକ୍ତ ଶ୍ରୀ ପଦ୍ମନାଭ ନାରାୟଣ ଦେବ ବିଦ୍ୟମାନ ଥାଆନ୍ତେ ତାହାହେଲେ ଏହି ଉତ୍ସବ ଏହି ଆନନ୍ଦ ବହୁ ପରିମାଣରେ ବର୍ଦ୍ଧିତ ହୋଇଥାଆନ୍ତା ଏବଂ ଏହା ଏଠାର ଆଜି ସର୍ବ ପ୍ରଥମ ନ ହୋଇ ଦ୍ୱିତୀୟ ବା ତୃତୀୟ ଉତ୍ସବ ହୋଇଥାନ୍ତା ।

ଭାଇମାନେ, ଆମ୍ଭମାନଙ୍କର ପବିତ୍ର ଜନ୍ମଭୂମି ଉତ୍କଳ ଜନନୀ ଦିନେ ଗୌରବଶାଳିନୀ ଥିଲେ । ଦିନେ ଗଙ୍ଗା ଓ ଗୋଦାବରୀ ଉତ୍କଳ ଜନନୀଙ୍କ ପଦ ପ୍ରକ୍ଷାଳନ କରୁଥିଲେ । କୃଷି, ଶିଳ୍ପ, ବାଣିଜ୍ୟ, ସମାଜ, ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ଉତ୍କଳ ପୁତ୍ର ଅପାରଗ ନ ଥିଲା । କିନ୍ତୁ ଆଜି ଆମ୍ଭମାନଙ୍କ ଜନନୀଙ୍କ ସେହି ପୂର୍ବ ଗୌରବ ନାହିଁ । ସେ ଆଜି ଛିନ୍ନ ବିଚ୍ଛିନ୍ନ, ଆଜି ତାହାଙ୍କର ମୁଣ୍ଡ ଟେକି ତୁଣ୍ଡ ଫିଟାଇବା ଶକ୍ତି ନାହିଁ । ସର୍ବତ୍ର ସେ ଅନାଦୃତା ଓ ଲାଞ୍ଛିତା ।

ଉତ୍କଳ ନିଜ ପୂର୍ବ ଗୌରବ ଫେରି ପାଇବ, ଉତ୍କଳର ଛିନ୍ନ ବିଚ୍ଛିନ୍ନ ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକ ଏକତ୍ରିତ ହେବ, କୋଣାର୍କ ଓ ଭୁବନେଶ୍ୱର ପ୍ରଭୃତିର ଶିଳ୍ପକଳା ଉତ୍କଳ ସନ୍ତାନର ନୈରାଶ୍ୟ ଜର୍ଜ୍ଜରିତ ପ୍ରାଣରେ ମୃତସଞ୍ଜିବନୀ ମନ୍ତ୍ର ପ୍ରଦାନ କରିବ, କୃଷି ବାଣିଜ୍ୟ ପ୍ରଭୃତିରେ ଉତ୍କଳ ପୁତ୍ରର ହୀନତା ପ୍ରକଟିତ ନ ହେବ ଉତ୍କଳ ସମାଜ ଭାରତୀୟ ଅନ୍ୟାନ୍ୟ ସମାଜର ସମକକ୍ଷ ହେବ ସମୁଜ୍ଜ୍ୱଳ ରତ୍ନ ରାଜିରେ ଉତ୍କଳ ସାହିତ୍ୟଭଣ୍ଡାର ପରିପୂର୍ଣ୍ଣ ହେବ, ଏହି ମହତ୍ ଉଦ୍ଦେଶ୍ୟମାନ ବହନ କରି ଉତ୍କଳ ସମ୍ମିଳନୀର ଜନ୍ମ । କିନ୍ତୁ ଦିନକରେ 'ରୋମ' ସହର ଗଠିତ ହୋଇ ନ ଥିଲା । ଦିନକରେ କୌଣସି ଦେଶ ସର୍ବାଙ୍ଗୀନ ଉନ୍ନତି ଲାଭ କରି ନ ପାରେ । ଦିନକରେ କୌଣସି ଜାତିର ଜାତୀୟ ଜୀବନ ଗଠିତ ହୋଇ ନ ପାରେ । ଶତାବ୍ଦୀବ୍ୟାପୀ ସାଧନ ନ କରି ସିଦ୍ଧି ଲାଭ ଆଶା କରିବା ବାତୁଳତା ମାତ୍ର ।

ଆଜି ଅନେକ ବ୍ୟକ୍ତି ସମ୍ମିଳନୀ ପ୍ରତି ଉଦାସୀନ ଓ ସମ୍ମିଳନୀର କାର୍ଯ୍ୟ ପ୍ରତି ସନ୍ଦିହାନ; ମାତ୍ର ଟିକିଏ ସ୍ଥିର ଓ ଧୀର ଚିତ୍ତରେ ଆଲୋଚନା କଲେ ଜଣାଯିବ ଯେ ଉତ୍କଳ ସମ୍ମିଳନୀ ଉତ୍କଳ ଜାତିକୁ ନବ ଜୀବନ ପ୍ରଦାନ କରିଅଛି । ଏପରି ଏକଦିନ ଥିଲା ରାଜନୈତିକ ଓଡ଼ିଶାର ଭାଇମାନେ ଜାଣି ନ ଥିଲେ ଗଞ୍ଜାମ, ଜୟପୁର ଓ ସିଂହଭୂମ ଅଞ୍ଚଳରେ ସେମାନଙ୍କର ଅସଂଖ୍ୟ ଭାଇ ଅଛନ୍ତି ଏବଂ ଗଞ୍ଜାମର ଭାଇମାନେ ଓଡ଼ିଆ ଅଞ୍ଚଳରେ ବୁଝୁଥିଲେ କେବଳ "ପୁରୀ"; ଆଜି "ଓଡ଼ିଶାର" ଅର୍ଥ ଯେ ପର୍ଯ୍ୟନ୍ତ ବୁଝାଉଅଛି । ଭାଷା, ନୀତି, ଆଚାର ବ୍ୟବହାର ଗତ ପାର୍ଥକ୍ୟ ସତ୍ତ୍ୱେ ମଧ୍ୟ ଆଜି ଯେ ସିଂହଭୂମର ଓଡ଼ିଆ ଓ ଗଞ୍ଜାମ ଓଡ଼ିଆ ଭ୍ରାତୃ ପ୍ରେମରେ ପରସ୍ପରକୁ ପ୍ରଗାଢ଼ ଆଲିଙ୍ଗନ କରୁଅଛନ୍ତି, ଏହା କି ଉତ୍କଳ ସମ୍ମିଳନୀର ଅମୃତମୟ ଫଳ ନୁହେ ? ଯେ ନିଜର ଭାଇକୁ ଚିହ୍ନି ନ ଥିଲା ନିଜେ ନିଜର ବଳ କେତେ ଜାଣି ନ ଥିଲା ସେ ଆଖିକି ଦିଶିବାଭଳି ବା ହାତକୁ ଲାଗିବାଭଳି କାର୍ଯ୍ୟ କଅଣ କରି ପାରନ୍ତା ? ସମ୍ମିଳନୀ ବିଗତ ଦଶବର୍ଷ ମଧ୍ୟରେ ଯେଉଁ କାର୍ଯ୍ୟ କରିଅଛି ତାହା ସାମାନ୍ୟ ନୁହେ । ଏ କର୍ମ ଓ ସାଧନର ଯୁଗରେ ନୈରାଶ୍ୟର ବାଣୀ ଶୁଣାଇବା ନିତ୍ୟାନ୍ତ ଅନୁଚିତ ।

ଭାଇମାନେ, ଏହି ବର୍ଷକ ମଧ୍ୟରେ ଉତ୍କଳର ଭାଗ୍ୟରେ ଅନେକ ଦୁଃଖାବହ ଘଟଣା ଘଟିଯାଇଛି । ଉକ୍ତ ଘଟଣାଗୁଡ଼ିକ ମଧ୍ୟରୁ ପ୍ରଧାନ ଘଟଣା ଆମ୍ଭମାନଙ୍କର ପରମ ମାନ୍ୟବର ଭାରତ ସମ୍ରାଟଙ୍କ ସଙ୍ଗେ ଜର୍ମାନ ପ୍ରଭୃତି କେତୋଟି ସମ୍ରାଟଙ୍କର ଯୁଦ୍ଧ । ଏଥିର ସବିଶେଷ ଆପଣମାନେ ଅବଗତ ଥିବାରୁ ସେଥିରେ ବିସ୍ତାରିତ ବିବରଣ ବାହୁଲ୍ୟ ମନେ କରି କ୍ଷାନ୍ତହେଲି । ଏଥିରେ ସ୍ୱାର୍ଥ ସାଧନ ସକାଶେ ଆମ୍ଭମାନଙ୍କର ସମ୍ରାଟ ମହୋଦୟ ପ୍ରବୃତ୍ତ ହୋଇନାହାନ୍ତି, ସତ୍ୟ ଓ ନ୍ୟାୟର ମର୍ଯ୍ୟାଦା ରକ୍ଷା ସକାଶେ ବାଧ୍ୟ ହୋଇ ଯୁଦ୍ଧ କରୁଅଛନ୍ତି । ଏହି ଯୁଦ୍ଧ ଉପଲକ୍ଷେ ସମଗ୍ର ଭାରତ ଧନ ପ୍ରାଣ ପ୍ରଦାନ କରି ପ୍ରଗାଢ଼ ରାଜଭକ୍ତି ଦେଖାଉ ଅଛନ୍ତି । ଉତ୍କଳ ରାଜନୈତିକ ସୂତ୍ରରେ ଛିନ୍ନ ବିଛିନ୍ନ ହୋଇ ପଡ଼ିଥିଲେ ମଧ୍ୟ ବିଭିନ୍ନ ପ୍ରାଦେଶିକ ଶାସନାଧୀନରେ ରହି ଉତ୍କଳ ସନ୍ତାନର କଣ୍ଠସ୍ୱର ବିକୃତ ହୋଇଥିଲେ ମଧ୍ୟ ସମ୍ମିଳିତ ଭାବରେ ନ ହେଉ ପଛକେ ଓଡ଼ିଆମାନେ ସ୍ୱୀୟ ଜାତୀୟ ସ୍ୱଭାବ ସୁଲଭ ରାଜଭକ୍ତି ଦେଖାଇବାକୁ ବିସ୍ମୃତ ହୋଇନାହାନ୍ତି । ତଥାପି ଆଜି ସମ୍ମିଳିତ ଭାବରେ ପ୍ରକୃତ ଉତ୍କଳର ସନ୍ତାନଗଣ ରାଜଭକ୍ତି ଦେଖାଇବା ସୁବିଧା ଲାଭ କରିଅଛନ୍ତି । ଈଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା ଆମ୍ଭମାନଙ୍କର ପ୍ରଜାବତ୍ସଳ ସମ୍ରାଟ ମହୋଦୟ ଜୟଯୁକ୍ତ ହୁଅନ୍ତୁ ।

ଏତଦ୍‌ବ୍ୟତୀତ ଆଉ କେତେ ଗୁଡ଼ିଏ ଘଟଣା ମଧ୍ୟ ଉଲ୍ଲେଖଯୋଗ୍ୟ। ଆମ୍ଭମାନଙ୍କର ସୁଶାସକ ଭାରତର ରାଜପ୍ରତିନିଧି ମହାମାନ୍ୟ ଲର୍ଡ଼ ହାର୍ଡିଞ୍ଜଙ୍କ ପତ୍ନୀ ଓ ପୁତ୍ର ବିୟୋଗ ଏ ଦେଶବାସୀଙ୍କ ହୃଦୟରେ ଦାରୁଣ ଦୁଃଖ ପ୍ରଦାନ କରିଅଛି। ଉତ୍କଳର ଉଚ୍ଚଶିକ୍ଷାର ପ୍ରବର୍ତ୍ତକ, ଉତ୍କଳର ଏକାନ୍ତ ହିତୈଷୀ ବନ୍ଧୁ, କଟକ ରେଭନ୍ସା କଲେଜ ଓ ବାଳିକା ବିଦ୍ୟାଳୟର ପ୍ରତିଷ୍ଠାତା, ଓଡ଼ିଶାର ଭୂତପୂର୍ବ କମିଶନର ମହାମତି ରେଭନ୍ସା ସାହେବଙ୍କ ମୃତ୍ୟୁ ଉତ୍କଳ ପକ୍ଷେ ଗୋଟିଏ ଗୁରୁତର ଶୋକମୟ ଘଟନା। ସେ ଦୀର୍ଘ କାଳାବଧି ଓଡ଼ିଶା ପରିତ୍ୟାଗ କରି ସୁଦୂର ବିଲାତରେ ଅବସ୍ଥାନ କରୁଥିଲେ ମଧ୍ୟ ଓଡ଼ିଶାକୁ ପାସୋରି ନ ଥିଲେ। ତିନି ବର୍ଷ ପୂର୍ବେ ଉତ୍କଳୀୟମାନଙ୍କ ଶିକ୍ଷା ବ୍ୟୟ ସକାଶେ ସେ ସ୍ୱଦେଶରୁ ଏକ ସହସ୍ର ମୁଦ୍ରା ପଠାଇ ଦେଇଥିଲେ। ଏପରି ସହୃଦୟ ବନ୍ଧୁଙ୍କୁ ହରାଇ ଉତ୍କଳ ମ୍ରିୟମାଣ ହୋଇଅଛି। ମଞ୍ଜୁଷାର ସାହିତ୍ୟ ସେବୀ ରାଜା ବାସୁଦେବ ରାଜମଣି ରାଜଦେବଙ୍କ ମୃତ୍ୟୁରେ ଗଞ୍ଜାମର ବିଶେଷ କ୍ଷତି ହୋଇଅଛି। ତାଙ୍କର ଆଡ଼ମ୍ବରଶୂନ୍ୟ ବେଶ, ନିରହଙ୍କାର ଜୀବନ ସର୍ବଥା ଅନୁକରଣୀୟ। ଓଡ଼ିଶାର ସୁଯୋଗ୍ୟ ସନ୍ତାନ ଶ୍ରୀଯୁକ୍ତ ମଧୁସୂଦନ ଦାସ C.I.Eଙ୍କ ସହୋଦର ସାହିତ୍ୟ ସେବକ ଗୋପାଳବଲ୍ଲଭ ଦାସଙ୍କ ମୃତ୍ୟୁରେ ସମସ୍ତେ ଶୋକାକୁଳିତ ହୋଇଅଛନ୍ତି ଏବଂ ତଦ୍‌ବ୍ୟତୀତ କେତେଗୁଡ଼ିଏ ଉଚ୍ଚ ଶିକ୍ଷିତ ଯୁବକ ବିଗତ ବର୍ଷରେ ମାତୃଭୂମିର ସକଳ ଆଶା ବୁଡ଼ାଇ ଦେଇ କାଳକବଳିତ ହୋଇଅଛନ୍ତି। ଏ ସବୁ ବିଧାତାଙ୍କ ବିଧାନ। ଏହା ଅନ୍ୟଥା କରିବା ଶକ୍ତି ମନୁଷ୍ୟର ନାହିଁ। ଏଣୁ ଶୋକରେ ବ୍ୟସ୍ତ ହୋଇ କର୍ତ୍ତବ୍ୟ କର୍ମରେ ତ୍ରୁଟି କରିବା ବାଞ୍ଛନୀୟ ନୁହେ।

ଭାଇମାନେ, ସୁଖ ଦୁଃଖ ଜଗତର ନିୟମ। ଉତ୍କଳ ଭାଗ୍ୟରେ ମଧ୍ୟ ଏ ନିୟମର ବ୍ୟତିକ୍ରମ ହେବନାହିଁ। ଏ କର୍ମମୟ ଯୁଗରେ ନିଶ୍ଚେଷ୍ଟତା ଅଶୋଭନୀୟ। ଆପଣମାନେ ଯୁଗୋଚିତ କର୍ମ କରିବା ସକାଶେ ମାତୃଭୂମିର ସକଳ ଉନ୍ନତି ସାଧନ ସକାଶେ ବଦ୍ଧପରିକର ହୋଇ ଏହି ମାତୃପୂଜା ମନ୍ଦିରରେ ଉପସ୍ଥିତ ହୋଇଅଛନ୍ତି। ଆଶା ହୁଏ ଆପଣମାନଙ୍କ ଅଦମ୍ୟଚେଷ୍ଟା ଓ ଅକ୍ଲାନ୍ତପରିଶ୍ରମରେ ହୃତଗୌରବା ଉତ୍କଳ ଜନନୀ ପୂର୍ବବତ୍ ସୌଭାଗ୍ୟଶାଳୀନୀ ହେବେ।

ଆପଣମାନଙ୍କୁ ଆଉ ଅଧିକ କଥାକହି ଆପଣମାନଙ୍କ ଅମୂଲ୍ୟ ସମୟ ନଷ୍ଟ କରିବିନାହିଁ। ଅଭ୍ୟର୍ଥନା ସମିତିପକ୍ଷରୁ ଆପଣମାନଙ୍କୁ ସାଦର ସମ୍ଭାଷଣ ଜଣାଇ ବିଦାୟ ଗ୍ରହଣ କରୁଅଛି।

## ସମ୍ମିଳନୀ-କାର୍ଯ୍ୟନିର୍ବାହିକା ସମିତିର ସଂପାଦକ ଜଗବନ୍ଧୁ ସିଂହଙ୍କ ଦ୍ୱାରା ଉପସ୍ଥାପିତ ସମିତିର ବାର୍ଷିକ ରିପୋର୍ଟ

ଗତ ନବମ ଅଧିବେଶନ ଉତ୍କଳର ପବିତ୍ର କ୍ଷେତ୍ର ପୁରୀଧାମରେ ହୋଇଥିଲା । ଉକ୍ତ ଅଧିବେଶନର ପ୍ରସ୍ତାବାନୁସାରେ କାର୍ଯ୍ୟ-ନିର୍ବାହିକା ସମିତି ପୁରୀଠାରେ ରଖା ଯାଇଥିଲା । ଏହି ଗୁରୁ ଭାର ଆମ୍ଭମାନଙ୍କ ଉପରେ ଅର୍ପିତ ହେବା ବେଳୁଁ ଆମ୍ଭେମାନେ କିଂ କର୍ତ୍ତବ୍ୟମୂଢ଼ ହୋଇଥିଲୁଁ । ଏହି ଅଳ୍ପଦିନ ମଧ୍ୟରେ ଆମ୍ଭେମାନେ ଯେ ଯତ୍ ସାମାନ୍ୟ କାର୍ଯ୍ୟ କରିଅଛୁଁ, ତହିଁର ସଂକ୍ଷିପ୍ତ ବିବରଣ ଆପଣମାନଙ୍କ ସମକ୍ଷରେ ଆଗତ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

ସମ୍ମିଳନୀ କିଛି କରୁନାହିଁ, କିଛି କରୁନାହିଁ ବୋଲି ଅନେକ କାଳରୁ ଶୁଣି ଆସୁଅଛୁଁ । ତଥାଚ ସମ୍ମିଳନୀ ଆଜି ପର୍ଯ୍ୟନ୍ତ ବଞ୍ଚି ରହି ଦଶମ ବର୍ଷ ଅତିକ୍ରମ କରିଥିବାର ଅବଶ୍ୟ ସମ୍ମିଳନୀପକ୍ଷରେ ଗୋଟିଏ ଅଭିନବ ବ୍ୟାପାର । ଅବଶ୍ୟ ସମ୍ମିଳନୀ ଯେ କୌଣସି ହାତରେ ଲାଗିବା ଭଳି କିମ୍ବା ଆଖିରେ ଦେଖିବା ଭଳି କିଛି କାର୍ଯ୍ୟ କରିନାହିଁ ବୋଲି ଆମ୍ଭେମାନେ ସ୍ୱୀକାର କରୁଅଛୁଁ । ମାତ୍ର ସମ୍ମିଳନୀ ଯେ କିୟତ୍ ପରିମାଣରେ ଜାତୀୟ ଜୀବନ ଅଧିକାଂଶ ଲୋକଙ୍କ ହୃଦୟରେ ଜାଗରଣ କରିଅଛି ଏହା ଅନେକ ଲୋକ ସ୍ୱୀକାର କରିବେ । ଉତ୍କଳୀୟ ଭାଇମାନଙ୍କ ହୃଦୟରେ ସୁଷୁପ୍ତ ଜାତୀୟ ଜୀବନକୁ ଜାଗ୍ରତ କରାଇବା ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରିଲେ କାର୍ଯ୍ୟ ଆପଣା ମନକୁ ହେବ । ସମ୍ମିଳନୀ ଯେ ଗୋଟିଏ ଜାତୀୟ ମେଳା ଏ କଥା ଅନେକଲୋକଙ୍କୁ ଏ ପର୍ଯ୍ୟନ୍ତ ଜଣାନାହିଁ । ଯେଉଁ କେତେଜଣ ସମ୍ମିଳନୀ ମଣ୍ଡପରେ ଦୁଇଦିନିଆ ଉତ୍ସବରେ ଯୋଗ ଦେଇଥାନ୍ତି ସେମାନେ ଯାହା କିଛି ବୁଝନ୍ତି, ଶୁଣନ୍ତି ସେ ସମସ୍ତ ତାତ୍କାଳିକ ଭାବଗୁଡ଼ିକୁ ''ଯତ୍ ପଠିତଂ ତତ୍ ଗୁରୁବେ ନିବେଦିତ'' ନିୟମାନୁସାରେ ସେହି ମଣ୍ଡପ ପାଖରେ ରଖି ଦେଇଯାନ୍ତି । ଯେଉଁମାନେ ମଣ୍ଡପ ଉପରେ ଲମ୍ବା ଲମ୍ବା ବକ୍ତୃତା କରି ପ୍ରସ୍ତାବଗୁଡ଼ିକ ସମର୍ଥନ ଅନୁମୋଦନ କରିଥାନ୍ତି ସେମାନେ ମଧ୍ୟ ଆଉ ଏକବର୍ଷ ପର୍ଯ୍ୟନ୍ତ ସମ୍ମିଳନୀର ନାମ ତୁଣ୍ଡରେ ଧରନ୍ତି ନାହିଁ । ସୁତରାଂ ସମ୍ମିଳନୀ ପରି ଗୋଟିଏ ଉତ୍କଳବ୍ୟାପୀ ସମିତି ଯେ କିପରି କାର୍ଯ୍ୟ କରିବାକୁ ସମର୍ଥ ହେବ ମୁଁ ଏହାର ଆଦି ଅନ୍ତ ଭାବି ଠିକଣା କରି ପାରୁନାହିଁ । ପ୍ରତ୍ୟେକ ଲୋକ ଯେବେ ଆପଣାକୁ ପ୍ରଶ୍ନ କରେ ''ମୁଁ ସମ୍ମିଳନୀ ପାଇଁ ଏକବର୍ଷ ଭିତରେ କଣ କଲି'' ତେବେ ସମ୍ମିଳନୀ କାହିଁକି କିଛି କାର୍ଯ୍ୟକରି ପାରିଲାନାହିଁ ଏହାର କଇଫିୟତ୍ ସହଜରେ ପାଇ ପାରିବ ।

ଆମ୍ଭେମାନେ ବାରମ୍ବାର ଲେଖି ମଧ ପୂର୍ବ ସମ୍ପାଦକମାନଙ୍କଠାରୁ ଏ ପର୍ଯ୍ୟନ୍ତ କୌଣସି ହିସାବ କିମ୍ବା ଟଙ୍କା ପାଇ ପାରିଲୁ ନାହିଁ ।

ଗତବର୍ଷ ଉତ୍କଳର ଜ୍ୟେଷ୍ଠ ଶ୍ରେଷ୍ଠ ପୁତ୍ର ଶ୍ରୀଯୁତ ମଧୁସୂଦନ ଦାସ ସି.ଆଇ.ଇ. ମହୋଦୟ ସଭାପତିର ଆସନ ଅଳଂକୃତ କରିଥିଲେ । ସେ ମହୋଦୟ ସମ୍ମିଳନୀର ଜନ୍ମଦାତା ଏବଂ ତାଙ୍କ ସଭାପତିତ୍ୱରେ ସମ୍ମିଳନୀ ପୁନର୍ଜୀବନ ଲାଭ କରି ଉତ୍କଳରେ ନବଶକ୍ତି ବିତରଣ କରିବ ବୋଲି ସମସ୍ତଙ୍କର ଆଶା ଥିଲା ।

ଯେ କୌଣସି କାର୍ଯ୍ୟ କରିବାକୁ ହେଲେ ପ୍ରଥମେ ଅର୍ଥ ଆବଶ୍ୟକ । ଅର୍ଥାଭାବ ହେତୁ ଆମ୍ଭେମାନେ ସନ୍ତୋଷଜନକ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିଲୁ ନାହିଁ । ବର୍ଷ ଆରମ୍ଭରୁ ଆମ୍ଭେମାନେ ଅର୍ଥ ସାହାଯ୍ୟ ପାଇଁ ଖବର କାଗଜମାନଙ୍କରେ ବହୁବାର ଚିତ୍କାର କରିଥିଲୁଁ । ମାତ୍ର ଦୁଃଖର ବିଷୟ ଯେ ଆମ୍ଭମାନଙ୍କର ଚିତ୍କାର ପ୍ରତି ଉତ୍କଳର ଶିକ୍ଷିତ ସମାଜ ମଧ୍ୟ କର୍ଣ୍ଣପାତ କଲେନାହିଁ । ବରଂ କେତେକ ଅଶିକ୍ଷିତ ଅର୍ଦ୍ଧଶିକ୍ଷିତ ପ୍ରଭୃତି ହୃଦୟବାନ ବନ୍ଧୁମାନଙ୍କଠାରୁ ଯତ୍‌କିଞ୍ଚିତ ଅର୍ଥ ସାହାଯ୍ୟ ପାଇଥିବାରୁ ସେମାନଙ୍କଠାରେ ଆମ୍ଭେମାନେ କୃତଜ୍ଞତା ପ୍ରକାଶ କରୁଅଛୁଁ । ଯେଉଁ ଅର୍ଥ ପାଇଥିଲୁଁ ତହିଁର ପରିମାଣ ଅତି ସାମାନ୍ୟ । ତଦ୍ଦ୍ୱାରା ଆମ୍ଭେମାନେ ଯେ କି କାର୍ଯ୍ୟ କରିପାରନ୍ତୁ ତାହା ଆପଣମାନେ ଅନୁମାନ କରିପାରିବେ ।

ଅନନ୍ୟୋପାୟ ହୋଇ ଆମ୍ଭମାନଙ୍କ ହସ୍ତରେ ଗଚ୍ଛିତ ଥିବା ଟଙ୍କା ମଧରୁ ଖର୍ଚ୍ଚ କରି ଜଣେ ପ୍ରଚାରକ ନିଯୁକ୍ତ କରିଥିଲୁ । ପ୍ରଚାରକ ମହାଶୟ ବାବୁ ଅନନ୍ତ ମିଶ୍ର ଚଳିତ ବର୍ଷ ପ୍ରଚାରକ କାର୍ଯ୍ୟ କରିଥିଲେ । ସୁଖର ବିଷୟ ଯେ ସେ ମହାଶୟ ବହୁ ବାଧା ବିଘ୍ନ ଅତିକ୍ରମ କରି, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ, ସ୍ୱଦେଶ ପ୍ରେମରେ ପ୍ରେମିକ ହୋଇ ଉତ୍କଳଭାଷୀ ସ୍ଥାନମାନଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନକୁ ଯାଇ ପ୍ରଚାର କାର୍ଯ୍ୟ କରିଥିଲେ । ନାନାସ୍ଥାନକୁ ଯାଇ ସଭାସମିତି କରାଇ ଦେଶୋନ୍ନତିକର କାର୍ଯ୍ୟ କରିବା ପାଇଁ ଲୋକମାନଙ୍କୁ ଉପଦେଶ ଦେଇଅଛନ୍ତି । ସମ୍ମିଳନୀର ଉଦ୍ଦେଶ୍ୟ ବୁଝାଇବାକୁ ଯଥାସାଧ ଚେଷ୍ଟା କରିଅଛନ୍ତି । ପ୍ରଚାରକଙ୍କ ବକ୍ତୃତା, ସଦ୍‌ବ୍ୟବହାର ଓ ସୌଜନ୍ୟତା ଦ୍ୱାରା ଅନେକ ଲୋକ ଅତୀବ ପ୍ରୀତ ଓ ମୁଗ୍ଧ ହୋଇଥିବାର ମତ ପ୍ରକାଶ କରିଅଛନ୍ତି ଏବଂ ସାଦରରେ ପ୍ରଚାରକଙ୍କ ବକ୍ତୃତା ଶ୍ରବଣ କରିଅଛନ୍ତି । ଅକ୍ଟୋବର ମାସ ପ୍ରଥମ ରବିବାର ଦିନ ସମ୍ମିଳନୀ ସମ୍ବନ୍ଧୀୟ ଆଲୋଚନା ପ୍ରତ୍ୟେକ ସ୍ଥାନରେ ହେବା ସମ୍ବନ୍ଧେ ଯେଉଁ ପ୍ରସ୍ତାବ ହୋଇଥିଲା ତଦନୁସାରେ ଉକ୍ତ ରବିବାର ପୂର୍ବରୁ ସ୍ମାରକ ପତ୍ର ନାନାସ୍ଥାନକୁ ପଠା ଯାଇଥିଲା । ତଦନୁସାରେ ଅନେକ ସ୍ଥାନରେ ସଭା ହୋଇ ପ୍ରତିନିଧି ନିର୍ବାଚନ ଓ ଆସନ୍ତା ଅଧିବେଶନରେ ଆଲୋଚିତ ବିଷୟ ସମ୍ବନ୍ଧରେ ଅନେକ ସ୍ଥାନରୁ ପତ୍ର ପାଇଥିଲୁ । ସେଗୁଡ଼ିକ ଯଥାସମୟରେ ଅଭ୍ୟର୍ଥନା ସମିତିର ସମ୍ପାଦକଙ୍କଠାକୁ

ପଠା ଯାଇଅଛି । ପ୍ରଚାରକ ମହାଶୟ ତାହାଙ୍କ କାର୍ଯ୍ୟାବଳୀ 'ଆଶା' ଖବର କାଗଜରେ ବରାବର ପ୍ରକାଶ କରୁଅଛନ୍ତି । ତାହା ସମସ୍ତେ ଅବଗତ ଥିବେ । ପ୍ରଚାରକ ମହାଶୟ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ପ୍ରଭୃତି ଜିଲ୍ଲାମାନଙ୍କୁ ଯାଇଥିଲେ । ଅତଏବ ଅଳ୍ପସମୟ ମଧ୍ୟରେ ଉତ୍କଳଭାଷୀ ପ୍ରଦେଶର ଏକପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ ଯାଇ କୃତିତ୍ୱ ସହିତ କାର୍ଯ୍ୟ ସମାଧାନ କରିଥିବାରୁ ସେ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର । ସେ ମୋଟରେ ୯୨ଗୋଟି ସ୍ଥାନକୁ ଯାଇ ପ୍ରଚାର କାର୍ଯ୍ୟ କରିଥିଲେ । ଏଥିରୁ ଦେଖାଯିବ ଯେ ଅକ୍ଟୋବର ପ୍ରଥମ ସପ୍ତାହରେ ଉତ୍କଳର ସର୍ବତ୍ର ସମ୍ମିଳନୀର ପ୍ରତିନିଧି ନିର୍ବାଚନ ନିମନ୍ତେ ଯେଉଁ ସବୁ ସଭା କରିବାର ଗତବର୍ଷ ପ୍ରସ୍ତାବ ହୋଇଥିଲା ତାହା ପ୍ରଚାରକ ନିଯୋଗ ଦ୍ୱାରା ବହୁପରିମାଣରେ ଆଶାନୁରୂପ କାର୍ଯ୍ୟରେ ପରିଣତ ହୋଇଅଛି ଏବଂ ଏହି ପ୍ରଚାରକ ନିଯୁକ୍ତି ଦ୍ୱାରା ମଧ୍ୟ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଉତ୍କଳର ସର୍ବତ୍ର ପ୍ରଚାର କରି ଜାତୀୟ ଜାଗରଣ ଜୀବନ୍ତ ରଖିବାର କଳ୍ପନା, ଏକ ପ୍ରକାର କାର୍ଯ୍ୟରେ ପରିଣତ ହୋଇ ଆସୁଅଛି । ଗତବର୍ଷର ପ୍ରସ୍ତାବମାନଙ୍କ ମଧ୍ୟରେ ସତ୍ୟବାଦୀ ବିଦ୍ୟାଳୟ ସମ୍ବନ୍ଧୀୟ ପ୍ରସ୍ତାବ ଅନ୍ୟତମ ଅଟେ । ସେ ପ୍ରସ୍ତାବ ସମ୍ବନ୍ଧେ ଗତବର୍ଷ ସମ୍ମିଳନୀ ମଣ୍ଡପରେ ଯେ ଉତ୍ସାହ ଓ ଆଗ୍ରହ ଦେଖା ଯାଇଥିଲା ତାହା ଓଡ଼ିଆ ଜାତୀୟ ଜୀବନରେ କ୍ୱଚିତ୍ ଦେଖାଯାଏ । ସଭାମଣ୍ଡପରେ ଟ୩୭୦୪ଙ୍କା ସ୍ୱାକ୍ଷରିତ ହୋଇଥିଲା । ସେଥି ମଧ୍ୟରୁ ଗତବର୍ଷ ମଧ୍ୟରେ ଟ୨୫୪୮ଙ୍କା ଆଦାୟ ହୋଇଅଛି । ସମସ୍ତେ ଅଙ୍ଗୀଭୂତ ଟଙ୍କା ଦେଇ ଯାଇଥିଲେ ଉଦ୍ୟୋକ୍ତାମାନଙ୍କ କାର୍ଯ୍ୟରେ ବିଶେଷ ସୁବିଧା ହୋଇଥାନ୍ତା । ସୁଖର କଥା, ଏହି ବର୍ଷ ସ୍କୁଲଟି କଲିକତା ବିଶ୍ୱବିଦ୍ୟାଳୟ କର୍ତ୍ତୃକ ମାଟ୍ରିକୁଲେଶନ୍ (Matriculation) ପର୍ଯ୍ୟନ୍ତ ଗୃହୀତ ହୋଇଅଛି ଏବଂ ଶ୍ରୀମାନ୍ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କ ସହିତ ଶ୍ରୀମାନ୍ କୃପାସିନ୍ଧୁ ମିଶ୍ର ଏମ୍.ଏ. ପାଶକରି ବିଦ୍ୟାଳୟରେ ଯୋଗ ଦେଇଅଛନ୍ତି । ସମ୍ମିଳନୀର ଗତ ଅଧିବେଶନ ପରେ ଚଳିତ ବର୍ଷ ମଧ୍ୟରେ ଏହି ସ୍କୁଲର କର୍ତ୍ତୃପକ୍ଷମାନେ ଆଉ ଯେଉଁମାନଙ୍କଠାରୁ ସାହାଯ୍ୟ ପାଇଅଛନ୍ତି ସେମାନଙ୍କ ମଧ୍ୟରେ ଚିକିଟୀର ରାଜାସାହେବ ଟ୧୫୦୦ଙ୍କା, ଟିକିଲିର ରାଜାସାହେବ ଟ୩୦୦ଙ୍କା, ପରମାନନ୍ଦ ସାହୁ ଟ୨୦୦ଙ୍କା, ମଞ୍ଜୁଷା ରାଜାସାହେବଙ୍କ ଟ୨୦୦ଙ୍କା ଉଲ୍ଲେଖଯୋଗ୍ୟ । ଏମାନଙ୍କ ଛଡ଼ା ଖରସୁଆଁର ଠାକୁର ରାଜାସାହେବ ଲୋକମୁଖରେ ମାତ୍ର ବିଦ୍ୟାଳୟର କଥା ଶୁଣି ୪୦ଟଙ୍କା ଅଯାଚିତ ଭାବରେ ପଠାଇ ଦେଇଥିଲେ । ଏ ବିଦ୍ୟାଳୟର ଶିକ୍ଷାପ୍ରଣାଳୀ ଓ ପରିଚାଳନା ସମ୍ବନ୍ଧରେ ବିହାର-ଓଡ଼ିଶା ଶିକ୍ଷାବିଭାଗର ଡିରେକ୍ଟର ସାହେବ ଅନୁକୂଳ ମତ ପ୍ରକାଶ କରିଥିବା ସମ୍ମିଳନୀ ପକ୍ଷରେ ଅବଶ୍ୟ ଆହ୍ଲାଦର

କଥା । ଏ ବିଦ୍ୟାଳୟର ଛାତ୍ରାବାସର ସୁପରିଚାଳନା ଏବଂ ଅନ୍ୟାନ୍ୟ କାରଣରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଅନେକ ଗଡ଼ଜାତରୁ ବିଶେଷତଃ ଗଞ୍ଜାମରୁ ଅନେକ ଆକୃଷ୍ଟ ହୋଇ ଏହି ବିଦ୍ୟାଳୟରେ ପଢ଼ିବା ଦ୍ୱାରା ଏହାକୁ ବାସ୍ତବରେ ସମ୍ମିଳନୀର ବିଦ୍ୟାଳୟରେ ପରିଣତ କରିଅଛନ୍ତି ।

## ଦଂଶମ ଅଧିବେଶନର ସଭାପତି ଜୟପୁରର [ପରେ ମହାରାଜା] ବିକ୍ରମଦେବ ବର୍ମାଙ୍କ ଅଭିଭାଷଣ

ସମ୍ମାନାସ୍ପଦ ରାଜନ୍ୟ ବୃନ୍ଦ, ପ୍ରତିନିଧିବର୍ଗ ଓ ଆଗନ୍ତୁକ ଭାଇମାନେ,

ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଆ ଦେଶର ମହୋଚ୍ଚ ଏବଂ ସର୍ବୋତ୍କୃଷ୍ଟ ଜାତୀୟ ଅନୁଷ୍ଠାନ । ତାହାର ସଭାପତିରୂପେ ଆଜିଯାଁଏ ଗଣ୍ୟମାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ବରିତ ହୋଇ ଆସିଅଛନ୍ତି । ବିଗତ ପୁରୀ ଅଧିବେଶନରେ ଆମ୍ଭମାନଙ୍କ ଗୌରବର ଆଶ୍ରୟ ସ୍ୱନାମଧନ୍ୟ ମାନ୍ୟବର ମଧୁସୂଦନ ଦାସ ସି.ଆଇ.ଇ ସଭାପତିର ଆସନ ଅଳଂକୃତ କରିଥିଲେ । ତାଙ୍କ ପରେ ମୋପରି ନଗଣ୍ୟ ବ୍ୟକ୍ତିର ନିର୍ବାଚନ କୌଣସି ଅଂଶରେ ସମ୍ମିଳନୀର ଗୌରବ ଓ ଗରିମା ବୃଦ୍ଧି କରିବ ନାହିଁ । ଅଧିକନ୍ତୁ ସଭାପତିଙ୍କ ଆସନ ତଦ୍ୱାରା ଲୋକ ଦୃଷ୍ଟିରେ ମୂଲ୍ୟହୀନ ଥିବାର ପ୍ରତିପାଦିତ ହେବ ବୋଲି ମୋହର ଆଶଙ୍କା ଜନ୍ମିଅଛି । ଏହି ଆଶଙ୍କା କରି ଏବଂ ନିଜ ଅପାରଗତା ଓ ଅନୁପଯୁକ୍ତତା ସମ୍ବନ୍ଧେ ଆତ୍ମଜ୍ଞାନ ହେବାରୁ ମୁଁ ପ୍ରଥମତଃ ଅଭ୍ୟର୍ଥନା ସମିତିର ସାଗ୍ରହ ପ୍ରାର୍ଥନା ରକ୍ଷା କରିବାକୁ ଅସମ୍ମତ ଥିଲି । ଦେଶରେ ଅନେକ ଯୋଗ୍ୟତର ଏବଂ ପ୍ରବୀଣ ବ୍ୟକ୍ତି ଥାଉଁ ଥାଉଁ ମତେ କାହିଁକି ନିର୍ବାଚନ କଲେ ଏହାର କାରଣ ମନ ମଧ୍ୟରେ ଖୋଜିବାକୁ ବସିଲି । ବୁଝିଲି, ଅଭ୍ୟର୍ଥନା ସମିତି ଏ ଗୌରବ ମତେ ଦେଇନାହାନ୍ତି । ଯେଉଁ ଓଡ଼ିଆ ଜାତି ଜୟପୁର ଓ ବିଶାଖପାଟଣାରେ ନିଜର ବ୍ୟକ୍ତିତ୍ୱ, ନିଜର ମାତୃଭାଷା ପର୍ଯ୍ୟନ୍ତ ଭୁଲିଯିବାକୁ କାଳକ୍ରମେ ଏବଂ ଅବସ୍ଥାର ବିପର୍ଯ୍ୟୟରେ ବାଧ ହୋଇଅଛନ୍ତି, ସେମାନଙ୍କ ସଞ୍ଜ୍ଞାପ୍ରାପ୍ତିନିମିତ୍ତ, ମାତୃସ୍ତନ୍ୟପାନରୁ ବଞ୍ଚିତପ୍ରାୟ ମାତୃଭାଷାର ଅନବରତ ଚର୍ଚ୍ଚାରୁ ବିରତ ମୋପରି ତାଙ୍କର ଜଣେ ଦୁର୍ବଳ ପ୍ରତିନିଧିଙ୍କୁ ସଭାପତି ନିର୍ବାଚନ କରିଅଛନ୍ତି । ମତେ ବର୍ତ୍ତମାନ ଆପଣମାନେ ଯେଉଁ ସମ୍ମାନରେ ଗୌରବାନ୍ୱିତ କରିଅଛନ୍ତି ତାହା ବାସ୍ତବିକ ମୋହର ବ୍ୟକ୍ତିଗତ ଗୌରବ ନୁହେଁ, ଏହା ମନେକରି ଅଭ୍ୟର୍ଥନା ସମିତିର ଆମନ୍ତ୍ରଣ ଗ୍ରହଣ କଲି । ବିଶାଖପାଟଣାର ଓଡ଼ିଆମାନଙ୍କ ପ୍ରତି ଆପଣଙ୍କ ମମତା ପ୍ରଶଂସନୀୟ । ମୋ ପକ୍ଷରୁ ଏବଂ ଜୟପୁର ବିଶାଖପାଟଣା ଓଡ଼ିଆମାନଙ୍କ ପକ୍ଷରୁ ମୁଁ ଏଥିପାଇଁ ଆପଣମାନଙ୍କୁ ଅନ୍ତରର ଧନ୍ୟବାଦ ଦେଉଅଛି । ବିଗତ ବର୍ଷ ସମ୍ମିଳନୀ ସଭାରେ ଡଃ ନରସିଂହରାଓ ପାଠକ ନାମକ ଜଣେ ବିଶାଖପାଟଣାର ଓଡ଼ିଆ ସେହି ଅଞ୍ଚଳର

ଓଡ଼ିଆମାନଙ୍କ ଦୁରବସ୍ଥାର ପରିବର୍ତ୍ତନ ନିମନ୍ତେ ଯେଉଁ କରୁଣ ନିବେଦନ ପ୍ରକାଶ କରିଥିଲେ ତାହାର ଫଳରେ ସମ୍ଭବତଃ ଆଜି ବିଶାଖପାଟଣାର ସୋଦରମାନଙ୍କ ପ୍ରତି ଆପଣମାନଙ୍କର ଦୃଷ୍ଟି ପଡ଼ିଅଛି । ମୋହର ନିର୍ବାଚନର ଅନ୍ୟ ଅର୍ଥ, ଅପର କାରଣ ମୁଁ ପାଇ ପାରୁନାହିଁ । ଯାହାହେଉ, ଏହା ଆପଣମାନଙ୍କର ଗଭୀର ହୃଦୟତା ଓ ଉଦାରତାର ପରିଚୟ ଦେଉଅଛି ।

**ଯୁଦ୍ଧ :** ସାମ୍ରାଜ୍ୟର ଘୋର ଅସମୟରେ, ପୃଥିବୀର ସର୍ବବିଧ୍ୱଂସକାରୀ ବିପ୍ଳବ ବ୍ୟୁତ୍ପାତ କାଳରେ ଆମ୍ଭମାନଙ୍କର ଏହି ସମ୍ମିଳନୀର ଦଶମ ଅଧିବେଶନ ହୋଇଅଛି । ଇଉରୋପର ମହାଯୁଦ୍ଧ ବିଂଶତି ଶତାବ୍ଦୀର ଏକ ବିଶେଷ ଘଟଣା । ପୁନର୍ବାର କୁରୁକ୍ଷେତ୍ରର ଆବିର୍ଭାବ ହୋଇଅଛି । କୁରୁକ୍ଷେତ୍ର ଫ୍ରାନସ, ବେଲଜିଏମକୁ ସ୍ଥାନାନ୍ତରିତ ହୋଇଅଛି ମାତ୍ର । ଉପସ୍ଥିତ ମହାଯୁଦ୍ଧର କାରଣ ଅନୁସନ୍ଧାନ କଲେ ଜଣାଯାଏ ଯେ ଜର୍ମାନୀ ନିଜର ଅନ୍ୟାୟ ଲାଭ ଆଶାରେ, ଅନ୍ୟ ରାଜ୍ୟମାନଙ୍କର ସ୍ୱାଧୀନତା ନଷ୍ଟକରି ନିଜ ରାଜ୍ୟ-ବୃଦ୍ଧି-ପିପାସା ଚରିତାର୍ଥ କରିବା ଉଦ୍ଦେଶ୍ୟରେ, ଏହି ଯୁଦ୍ଧ ଆରମ୍ଭ କରିଅଛି । ଜର୍ମାନୀ କ୍ଷୁଦ୍ର ରାଜ୍ୟ ସମୂହର ସ୍ୱାଧୀନତା ଓ ଅସ୍ତିତ୍ୱ ପର୍ଯ୍ୟନ୍ତ ଲୋପ କରିବାକୁ ଉଦ୍ୟମ କରିଅଛି, ଅନ୍ତର୍ଜାତୀୟ ପବିତ୍ର ସନ୍ଧି ସରତମାନ ଲଙ୍ଘନକରି ବିଶ୍ୱାସଘାତୁକାତାର ପରାକାଷ୍ଠା ଦେଖାଇଅଛି, ମାନବର ସଭ୍ୟତାକୁ ବହୁଦୂର ଏବଂ ବହୁ ବର୍ଷ ନିମନ୍ତେ ପଛକୁ ପକାଇ ଦେଇଅଛି । ଜଗତର ଶାନ୍ତି ଓ ସଭ୍ୟତାର ପଥରେ ମହା ଅନର୍ଥ, ଘୋର ବ୍ୟାଘାତ ଘଟାଇ ଅଛି । ଜର୍ମାନୀ କେବଳ ଇଂଲଣ୍ଡର ଶତ୍ରୁନୁହେଁ । ସେ ଯେଉଁ କାଣ୍ଡ ସବୁ କରିଅଛି, ଯୁଦ୍ଧରେ ସେ ଯେଉଁ ଅମାନୁଷୀ ଓ ଅତିମାନୁଷୀ ଦୌରାତ୍ମ୍ୟ ଓ ଦୁରାଚାର ପନ୍ଥା ଅନୁସରଣ କରୁଅଛି ସେଥିରେ ସେ ସମଗ୍ର ମାନବ ଜାତିର ଶତ୍ରୁ ବୋଲି ମୁଁ କହିପାରେ । ଜର୍ମାନୀର ଏଭଳି ଦୌରାତ୍ମ୍ୟପୂର୍ଣ୍ଣ କାର୍ଯ୍ୟରେ ସଭ୍ୟ ଇଂଲଣ୍ଡର କି କର୍ତ୍ତବ୍ୟ ? ସେ ନୀରବ ନିଶ୍ଚଳ ରହିପାରେ କି ? ସେପରି ନୀରବ ରହିଲେ ଜଗତର ଇତିହାସରେ ସଭ୍ୟ ଇଂଲଣ୍ଡର, ଶାନ୍ତିପ୍ରିୟ ଇଂରେଜ ଜାତିର ଆଉ ଗୌରବ ରହନ୍ତା କି ? ଯେଉଁ ଜାତି ଚିରକାଳ ନ୍ୟାୟ ଓ ଶାନ୍ତି ନିମନ୍ତେ ଜଗତରେ ସୁପ୍ରସିଦ୍ଧ, ଯେଉଁ ଜାତି ଶିକ୍ଷା ସଭ୍ୟତାର ପ୍ରସାର ପ୍ରଚାର ନିମନ୍ତେ ସର୍ବଦା ତତ୍‌ପର, ଯେଉଁ ଦେଶରେ ନ୍ୟାୟ ଓ ସତ୍ୟର ଧ୍ୱଜା ନିରନ୍ତର ଉଡୁଅଛି, ସେହି ଦେଶ ଓ ଜାତି କି ଜର୍ମାନୀର ଅନାଚାର ଅତ୍ୟାଚାର ସହନ କରିବ ? ସନ୍ଧି ସ୍ଥାପନ ନିମନ୍ତେ ଆମ୍ଭମାନଙ୍କର ସମ୍ରାଟ ପଞ୍ଚମ ଜର୍ଜ ପ୍ରଭୂତ ଯତ୍ନ କରିଥିଲେ । କିନ୍ତୁ ଜର୍ମାନୀର ଦୁରଭିସନ୍ଧି ସମକ୍ଷରେ ସେ ସକଳ ଉଦ୍ୟମ ବୃଥାହେଲା । ଯେଉଁ ଜର୍ମାନୀ ଏହି ଅଶାନ୍ତିକର ଯୁଦ୍ଧ ନିମନ୍ତେ ବହୁବର୍ଷ ଆଗରୁ ଅବୈଧ ଯତ୍ନ କରୁଥିଲା ସେ ଶାନ୍ତିର ପ୍ରସ୍ତାବ ଗ୍ରହଣ କରିବ କାହିଁକି ? ଏପରି ଅବସ୍ଥାରେ ଯୁଦ୍ଧ ଘୋଷଣା କରିବା ଛଡ଼ା

ଇଂଲଣ୍ଡର ଉପାୟାନ୍ତର କଣ ? ବେଲଜିଏମର ଧ୍ୱଂସ ସ୍ୱଚକ୍ଷୁରେ ଦେଖି ନୀରବ ହୋଇ ଇଂଲଣ୍ଡ ରହିପାରନ୍ତାକି ? ଚତୁର୍ଦ୍ଦିଗରେ ପରିଖାସମ ଜଳରାଶିରେ ପରିବେଷ୍ଟିତ ଦ୍ୱୀପ ମଧ୍ୟରେ ଔଦାସ୍ୟରେ ବସି ଅନ୍ତର୍ଜାତୀୟ ନିୟମ ଭଙ୍ଗ ହେବାର ଦେଖୁଥିଲେ ଇଂଲଣ୍ଡର ଅହଙ୍କାର, ଇଂରେଜ ଜାତିର ବିଶେଷତ୍ୱ ଆଉ ରହନ୍ତା କେଉଁଠାରେ ? ମନ୍ତ୍ରୀ ଆସ୍‌କ୍ୱୁଥ ସେଦିନ କହିଥିଲେ ''ଇଂଲଣ୍ଡ ଏପରି ଭୀରୁ, ନୀରବ, ଉଦାସୀନ ଭାବରେ ରହିବା ଅପେକ୍ଷା ତାହାର ନାମ ଜଗତର ଇତିହାସ ପୃଷ୍ଠାରୁ ଏକାବେଳେକେ ଲୋପ ପାଇବା ବରଂ ଶ୍ରେୟସ୍କର'' । ନ୍ୟାୟ, ଧର୍ମ, ଶାନ୍ତି ନିମନ୍ତେ, ସମଗ୍ର ଜଗତର ଉପକାର ନିମନ୍ତେ, ମାନବ ଜାତିର ସ୍ୱାଧୀନତା ଅକ୍ଷୁଣ୍ଣ, ଅପ୍ରତିହତ ରଖିବା ନିମନ୍ତେ ଇଂଲଣ୍ଡ ଅନ୍ୟ ଉପାୟ ନ ଦେଖି ଅବଶେଷରେ ଯୁଦ୍ଧ ଘୋଷଣା କରିଅଛି । ''ଯତୋଧର୍ମ ସ୍ତତୋଜୟଃ'' ଏହା ନିଶ୍ଚୟ । କିନ୍ତୁ କେବଳ ନୀତିବାକ୍ୟ ଖୋଲିଦେଇ ନୀରବ ରହିଲେ ଆମ୍ଭମାନଙ୍କର ଧର୍ମ ପ୍ରତି, ସତ୍ୟ ପ୍ରତି, ଶୃଙ୍ଖଳା ପ୍ରତି ବିଶେଷ ଆସ୍ଥା ଅଛି ବୋଲି କୁହାଯିବ ନାହିଁ । ନ୍ୟାୟପକ୍ଷର ଜୟକାମନା ମଧ୍ୟ ଯଥେଷ୍ଟ ନୁହେଁ । ସମାଜରେ ଶାନ୍ତି ସ୍ଥାପନନିମନ୍ତେ ଯେ ବ୍ୟାକୁଳ, ସେ ନ୍ୟାୟପକ୍ଷରେ ସାହାଯ୍ୟ କରିବାକୁ ହେବ । ଭାରତ ସଦା ଶାନ୍ତିପ୍ରିୟ । ଭାରତୀୟମାନେ ସର୍ବଦା ନ୍ୟାୟର ପକ୍ଷପାତୀ । ରାଜଭକ୍ତି ସେମାନଙ୍କର ଅସ୍ଥିମଜ୍ଜାରେ ଏକୀଭୂତ ହୋଇ ଶତ ଶତ ବର୍ଷ ପର୍ଯ୍ୟନ୍ତ ଅବିଚଳିତ ଭାବରେ ରହିଅଛି । ଅତଏବ ଦେଶର ସକଳ ଶ୍ରେଣୀ, ସକଳ ସମ୍ପ୍ରଦାୟର ଲୋକେ ଯୁଦ୍ଧରେ ଇଂରେଜଙ୍କ ଜୟକାମନା କରୁଅଛନ୍ତି । ଭାରତର ଯେଉଁଆଡ଼କୁ ଚାହଁ, ଯୁଦ୍ଧ ନିମନ୍ତେ ଯଥାଶକ୍ତି ସାହାଯ୍ୟ ଦେବାକୁ ସମସ୍ତେ ବ୍ୟାକୁଳ । ସମସ୍ତେ ଏହି ବିଷୟରେ ଏକମତ । ଏପରି ମତୈକ୍ୟ, ଏପରି ରାଜଭକ୍ତିର ସରଳ ସ୍ୱାଭାବିକ ଅଭିବ୍ୟକ୍ତି ଅନ୍ୟ କୌଣସି ଘଟଣାରେ, ଦେଖାଯାଇଅଛି କି ନା ସନ୍ଦେହ । ଦାନର ପ୍ରତିଦାନ ଅଛି । ଇଂରେଜ ଜାତି ଭାରତର ଏହି ସହାନୁଭୂତି ହୃଦୟଙ୍ଗମ କରିଅଛନ୍ତି ।. ଏବଂ ଗୋରାଙ୍କ ପାର୍ଶ୍ୱରେ କଳା ସିପାହୀ ଏକ ଲକ୍ଷ, ଏକ ସାମ୍ରାଜ୍ୟ ରକ୍ଷା ଚେଷ୍ଟାରେ, ଏକ ପ୍ରବଳ ଚକ୍ରବର୍ତ୍ତୀଙ୍କ ନିମନ୍ତେ ଯୁଦ୍ଧ କରୁଅଛନ୍ତି ଏହାହିଁ ଭାରତର ଗୌରବ ।

**ଯୁଦ୍ଧ ଓ ଓଡ଼ିଶା :** ବିଚ୍ଛିନ୍ନହୋଇ ବିଭିନ୍ନ ଶାସନାଧୀନରେ ରହିଥିବାରୁ ଓଡ଼ିଆ-ମାନଙ୍କର ସମୂହ ଶକ୍ତିର ବିକାଶ ପାଇ ପାରୁନାହିଁ । ଉତ୍କଳ ନାନାକାରଣରୁ ଶିକ୍ଷା ସମ୍ପଦରେ ପଛରେ ପଡ଼ିଅଛି । ତାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେ । ତାହାର ପୂର୍ବ ଗୌରବ ନାହିଁ – ପୁରାତନ ଐଶ୍ୱର୍ଯ୍ୟରେ ସେ ଗର୍ବକରିବାକୁ ଆହୁରି ଶିକ୍ଷା କରିନାହିଁ । ପୂର୍ବ ଯଶ ଆଣିବାକୁ ତାହାର ଉଦ୍ୟମ ନାହିଁ । ନୋହିଲେ କି ଆଜି ଏହି ଯୁଦ୍ଧବେଳେ ତାହାର ଇତିହାସ ପ୍ରସିଦ୍ଧ ପାଇକ ସେନାକୁ ସେ ଯୁଦ୍ଧକୁ ପଠାଇ ନ ଥାନ୍ତା ? ଯେଉଁ କୃଷକ

ସେନାବଳରେ ଗଙ୍ଗାଠାରୁ ଗୋଦାବରୀଯାଁଏ ଉତ୍କଳ ଅଖଣ୍ଡ ରାଜ୍ୟ ସଂସ୍ଥାପନ କରିଥିଲା, ଯେଉଁମାନଙ୍କର ପ୍ରବଳ ସ୍ୱାର୍ଥତ୍ୟାଗ ପ୍ରଭାବ୍‌ରେ ଓଡ଼ିଶା ତିନିଶତ ବର୍ଷ ପର୍ଯ୍ୟନ୍ତ ମୁସଲମାନ ସୈନ୍ୟଙ୍କ ଆକ୍ରମଣ ପ୍ରତିହତ କରିବାକୁ ସମର୍ଥ ହୋଇଥିଲା; ସେମାନେ କାହାନ୍ତି ? ଆଜି ସେହି ସେନାନୀକୁ ଉତ୍କଳ ଯୁଦ୍ଧକ୍ଷେତ୍ରକୁ ପଠାଇ ପାରିଥିଲେ ନିଜକୁ କୃତାର୍ଥ ମଣିଥାନ୍ତା । ସେ ଯାହାହେଉ, ତାହାର ବର୍ତ୍ତମାନ ଅବସ୍ଥାରେ ସେ ଯାହା କରିପାରେ ଉତ୍କଳ ଯୁଦ୍ଧର ସାହାଯ୍ୟାର୍ଥେ ତାହା କରିଅଛି, ଏଥିରେ କୌଣସି ସନ୍ଦେହନାହିଁ । ଦେଶର ବିଭିନ୍ନ କେନ୍ଦ୍ରରେ ସଭା ସମିତିମାନ ହୋଇ ଯାଇଅଛି । ଅନ୍ୟାନ୍ୟ ଭାରତୀୟ ଜାତିଙ୍କ ସହ ଓଡ଼ିଆ ଇଂରେଜଙ୍କ ଜୟ କାମନା କରୁଅଛି । କିନ୍ତୁ ଛିନ୍ନ ବିଚ୍ଛିନ୍ନ ହୋଇ ରହିଥିବାରୁ ଉତ୍କଳର ଅଂଶ ବିଶେଷର ସହାନୁଭୂତି ଓ ସାହାଯ୍ୟର ଫଳ ପରିସ୍ଫୁଟ ହେଉନାହିଁ । ବ୍ରହ୍ମପୁରଠାରେ ଦିନକ ସଭାରେ ପ୍ରାୟ ୩୦୦୦୦ଟଙ୍କା ସ୍ୱୀକୃତ ହୋଇଅଛି । ଏକା ପାରଳା ରାଜାସାହେବ ଏକଲକ୍ଷ ଟଙ୍କା ଦାନ କରିଅଛନ୍ତି । ଜୟପୁର, ଗଞ୍ଜାମ, ଓଡ଼ିଶା, ସିଂହଭୂମ ସକଳସ୍ଥାନର କି ରାଜା କି ପ୍ରଜା ସମସ୍ତେ ଯଥାଶକ୍ତି ଚାନ୍ଦା ଦେଇଅଛନ୍ତି । ଏହିସବୁ ଦାନର ପରିମାଣ ଭାରତର ଅନ୍ୟାନ୍ୟ ପ୍ରବଳ ଜାତିଙ୍କ ଦାନର ସ୍ରୋତରେ ସମ୍ମିଳିତ ହେବାରୁ ଉତ୍କଳ ତାହାର ବିଶେଷତ୍ୱ ଦେଖାଇବାକୁ ସୁବିଧା ପାଇନାହିଁ । ଯାହାହେଉ ମୁଁ ଆଶାକରେ ଯେ ଭାରତର ସମୂହ ରାଜଭକ୍ତି ଓ ସାହାଯ୍ୟର ଭିତରେ ଉତ୍କଳର ଅଂଶ ସରକାର ବାହାଦୁର ସ୍ଥିର କରିନେବେ । ସେ ଅଂଶ ସାମାନ୍ୟ ନୁହେଁ, ଏହା ଅନୁସନ୍ଧାନ କଲେ ସରକାର ବୁଝିପାରିବେ ବୋଲି ମୋହର ବିଶ୍ୱାସ । କିନ୍ତୁ ଏସବୁ ଅପେକ୍ଷା ଓଡ଼ିଆମାନେ ଏକତ୍ରିତହୋଇ ଏକ ସ୍ୱରରେ ଏହି ସମ୍ମିଳନୀ ରୂପ ପବିତ୍ର ମଞ୍ଚରୁ ପ୍ରବଳ ପ୍ରତାପ ସମ୍ରାଟଙ୍କର ପ୍ରତି ଯେଉଁ ରାଜଭକ୍ତି ଦେଖାଇବେ ତାହା ଅତୁଳନୀୟ । ଏହାହିଁ ଓଡ଼ିଆଙ୍କ ସମୂହ ରାଜଭକ୍ତିର ବିକାଶ ବୋଲି ଧରିବାକୁ ହେବ । ଆମ୍ଭେମାନେ ଇଂରେଜଙ୍କ ଜୟକାମନା କରିବା ଏବଂ ତାଙ୍କ ବିଜୟ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବା । ସମ୍ମିଳନୀ ପ୍ରତିବର୍ଷ ହେଉଅଛି; କିନ୍ତୁ ଯୁଦ୍ଧ ଯୋଗୁଁ ଏବର୍ଷର ଅଧିବେଶନ ସ୍ଥଗିତ ନ ହେବା ସମୀଚୀନ ହୋଇଅଛି, ଯେହେତୁ ଆମ୍ଭେମାନେ ସମସ୍ତେ ମିଳିତ ହୋଇ ଏକତ୍ର ରାଜଭକ୍ତି ଦେଖାଇବାକୁ ସମର୍ଥ ହୋଇଥାଉଁ । ଏବଂ ସମ୍ମିଳନୀର ନିମନ୍ତେ ପାରଳା ପ୍ରକୃଷ୍ଟ ସ୍ଥାନ । ଯେଉଁ ଓଡ଼ିଆ ରାଜା ଅକାତରରେ ଏକଲକ୍ଷ ଟଙ୍କା ଦାନ କଲେ, ସେହି ରାଜାଙ୍କର ରାଜ୍ୟରେ ସମ୍ମିଳନୀ ହେବା ବଡ଼ ସୁନ୍ଦର ଓ ଉପଯୁକ୍ତ ହୋଇଅଛି । (କରତାଳି)

ଯୁଦ୍ଧ ଏକ ମହା ଦୁଃଖର କାରଣ । ରାଜା ଓ ପ୍ରଜା ଉଭୟଙ୍କର ପକ୍ଷରେ ଅଶେଷ କ୍ଷତିକାରକ । ଏହି ସାଧାରଣ କ୍ଷତି ଓ କ୍ଷୋଭର ବିଷୟ ଉଲ୍ଲେଖ କରୁକରୁଁ

ଆମ୍ଭମାନଙ୍କର ଯେଉଁ ବିଶେଷ ଦୁଃଖ ଏବର୍ଷ ମଧ୍ୟରେ ଦୈବିଦୁର୍ବିପାକରୁ ସଂଘଟିତ ହୋଇଅଛି, ତାହା ଉଲ୍ଲେଖ କରିବା ଆବଶ୍ୟକ ମନେକର ।

**ସ୍ୱର୍ଗୀୟ ରାଜା ବାସୁଦେବ ରାଜମଣି ରାଜଦେବ :** ଦୁଃଖର ବିଷୟ ପ୍ରତି ସମ୍ମିଳନୀସଭାର କାର୍ଯ୍ୟାବଳୀ ଭିତରେ ଆମ୍ଭମାନଙ୍କୁ ଗୋଟିଏ ଶୋକପ୍ରକାଶ ନିର୍ଦ୍ଧାରଣ ଗୃହୀତ କରିବାକୁ ହେଉଅଛି । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଆମ୍ଭମାନଙ୍କର ମାତୃଭୂମି ଚିରଦୁଃଖିନୀ । ତାର ଶୋକୋଚ୍ଛ୍ୱାସର ବିରାମ ନାହିଁ । ବର୍ଷକୁବର୍ଷ ତାହାର କେହି ନା କେହି ଯୋଗ୍ୟ ସନ୍ତାନ ତାକୁ ଛାଡ଼ି ଯାଉଅଛନ୍ତି । ସ୍ୱର୍ଗୀୟ ବାସୁଦେବ ରାଜମଣି ରାଜଦେବଙ୍କୁ ହରାଇ କିଏ ଶୋକ ବିହ୍ୱଳ ନ ହେବ ? ମଞ୍ଜୁଷାରେ ତାଙ୍କର ସୁଖ୍ୟାତି ସୀମାବଦ୍ଧ ନ ଥିଲା । ରାଜା ବାସୁଦେବ ଜଣେ ନିରଭିମାନୀ ରାଜ ପୁରୁଷ ଥିଲେ । କ୍ଷତ୍ରିୟ ଧର୍ମ ତାଙ୍କର ପ୍ରତି କାର୍ଯ୍ୟରେ ପରିଲକ୍ଷିତ ହେଉଥିଲା । ସଂସ୍କୃତ, ତେଲୁଗୁ ଓ ଓଡ଼ିଆ ସାହିତ୍ୟରେ ତାଙ୍କର ନିପୁଣତା ଥିଲା । ସେ ନିଜେ କୌଣସି ପୁସ୍ତକାଦି ଲେଖିଅଛନ୍ତି କି ନାହିଁ, ସନ୍ଦେହ । ଯେ ଖଣ୍ଡିଏ କୋଇଲି ଲେଖିଅଛି ଏହି ଯୁଗରେ ସେ କବିବୋଲି ମନରେ ଗର୍ବ କରୁଅଛି । ଯେଉଁ ବ୍ୟକ୍ତି ସାହିତ୍ୟ ପତ୍ରିକାରେ ଖଣ୍ଡିଏ ପ୍ରବନ୍ଧ ଲେଖିଅଛି ସେ ଆଧୁନିକ ଜଗତରେ ସାହିତ୍ୟିକ ଓ ଲେଖକ ବୋଲି ପରିଚିତ । ଏହିପରି ସ୍ଥଳରେ ଯେଉଁ ରାଜା ଏପରି ବାହ୍ୟାଡ଼ମ୍ବରର ଆଭାସ କିଛିହିଁ ଦେଖାଇ ନାହାନ୍ତି ତାଙ୍କୁ ସାହିତ୍ୟିକ ବୋଲି ଧରିବାକୁ ଆଧୁନିକ ଶିକ୍ଷିତ ମଣ୍ଡଳୀ କାହିଁକି ଅଗ୍ରସର ହେବେ ? କିନ୍ତୁ ରାଜା ବାସୁଦେବଙ୍କ ଚରିତ୍ର ଯେ ଜାଣିଅଛି ମୁକ୍ତକଣ୍ଠରେ ସେ ସ୍ୱୀକାର କରିବ ଯେ ସ୍ୱର୍ଗୀୟ ରାଜା ମହୋଦୟଙ୍କ ପକ୍ଷରେ ସାହିତ୍ୟଚର୍ଚ୍ଚା ଏକପ୍ରକାର ବ୍ୟସନ ହୋଇ ପଡ଼ିଥିଲା । ଦିନରେ ପ୍ରାୟ ୮ ଘଣ୍ଟା କାଳ ଛାନ୍ଦ, ଚୌପଦୀ, କାବ୍ୟ, ନାଟକ, ପଦ୍ୟ ଇତ୍ୟାଦିର ଚର୍ଚ୍ଚା କରୁଥିଲେ । ସାହିତ୍ୟ ପାଇଁ ଆମ୍ଭମାନଙ୍କରୁ କେତେଜଣ ସେଥିର ଅଷ୍ଟମାଂଶ ସମୟ ବ୍ୟୟ କରିଥାଉଁ ? ସେ ଜଣେ ଉଚ୍ଚ ଧରଣର କାବ୍ୟ ମୀମାଂସକ ଥିଲେ । ଛାନ୍ଦ, ବ୍ୟାକରଣ ଓ ଅଳଙ୍କାରରେ ତାଙ୍କର ଜ୍ଞାନ ବଡ଼ ଗଭୀର ଥିଲା । ଗୋଟିଏ ଛାନ୍ଦ ବା ପଦ୍ୟ ପାଠ ହେବାମାତ୍ରେ ଅନ୍ୟାନ୍ୟ ଭାଷାର ସାହିତ୍ୟ ମଧ୍ୟରେ ଉକ୍ତ ଭାବର କବିତା ସେ ଆବୃତ୍ତି କରି ଏକର ସହିତ ଅନ୍ୟର ଯେ ତୁଳନା କରି ପାରୁଥିଲେ, ତାହା ଅତି ଅଳ୍ପ ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ । ତାଙ୍କ ସ୍ମରଣଶକ୍ତିର ପ୍ରଶଂସାକରି ଜଣେ ପଣ୍ଡିତ ଦିନେ କହିଥିଲେ "ମଞ୍ଜୁଷାର ରାଜା ନିଜେ ଗୋଟିଏ ଜୀବନ୍ତ encyclopaedia ବା ବିଶ୍ୱକୋଷ ।" ଏହିପରି ଜଣେ ବିଶିଷ୍ଟ ବ୍ୟକ୍ତି, କୃତି ସନ୍ତାନକୁ ହରାଇ ଉତ୍କଳମାତାର ବଦନ ଆଜି ବିଷଣ୍ଣ, ମଳିନ ହୋଇଅଛି ।

ପରିବାରରେ କୌଣସି ଦୁଃଖ ଦୁର୍ବିପାକର ଘଟନା ଘଟିଲେ ବନ୍ଧୁ ବାନ୍ଧବମାନେ ସହାନୁଭୂତି ପ୍ରକାଶକରି ସେହି ଦୁଃଖର ଲାଘବ କରିଥାଆନ୍ତି । କିନ୍ତୁ ଦୁଃଖର ବିଷୟ ଓଡ଼ିଶାର ଏବର୍ଷ ସେ ଭାଗ୍ୟ ମଧ ନାହିଁ । ତାହାର ବନ୍ଧୁବର୍ଗଙ୍କ ଭିତରୁ ଶ୍ରଦ୍ଧେୟ ରେଭନ୍ସା ସାହେବ ମଧ ଇହ ଜଗତରୁ ଅନ୍ତର୍ହିତ ହୋଇଅଛନ୍ତି । ଯେଉଁ ବିଦେଶୀୟ-ମାନେ ଶାସକ ରୂପେ ଆମ୍ଭମାନଙ୍କ ଦେଶକୁ ଆସିଅଛନ୍ତି ସେମାନଙ୍କ ମଧରୁ ଉତ୍କଳ ବନ୍ଧୁ ରେଭନ୍ସା ସାହେବଙ୍କ ନାମ ଚିରସ୍ମରଣୀୟ । ଯେ କୌଣସି ସ୍ଥାନରେ ହେଉନା କାହିଁକି, ଯେଉଁ ବ୍ୟକ୍ତି ଓଡ଼ିଆ ଭାଷା ଓ ଓଡ଼ିଆ ଜାତି ପ୍ରତି ସଦୟ ସେ ଆମ୍ଭମାନଙ୍କ ଭକ୍ତି ଓ କୃତଜ୍ଞତାର ପାତ୍ର । ଉତ୍କଳର ଯେ କୌଣସି ଅଂଶରେ ହେଉ, ଯେଉଁମାନେ ଓଡ଼ିଆ ପ୍ରତି ସାଦର ସହାନୁଭୂତି ପ୍ରକାଶ କରୁଅଛନ୍ତି ବା କରିଅଛନ୍ତି ସେମାନେ ଓଡ଼ିଆ ଜାତିର ପ୍ରକୃତ ବନ୍ଧୁ । ପୂର୍ବେ ଜନ୍ ବିମ୍‌ସ ସାହେବ ସାହିତ୍ୟ କ୍ଷେତ୍ରରେ ଓଡ଼ିଆମାନଙ୍କ ପାଇଁ ଯାହା କରି ଯାଇଥିଲେ ଶିକ୍ଷା ପ୍ରସାର ଓ ଆର୍ଥିକ ଉନ୍ନତି ନିମନ୍ତେ ତାହା ରେଭନ୍ସା ସାହେବ କରିଅଛନ୍ତି । ମହାଦୁର୍ଭିକ୍ଷ ନଅଙ୍କ ସମୟରେ ରେଭନ୍ସା ସାହେବ ଓଡ଼ିଶାର କମିଶନର ଥିଲେ । ୧୩ ବର୍ଷ କାଳ ସେ କମିଶନର ରୂପେ କାର୍ଯ୍ୟକରି ଓଡ଼ିଶାର ସକଳ ପ୍ରକାର ଭବିଷ୍ୟତ ଉନ୍ନତିର ମୂଳଭିତ୍ତି ସ୍ଥାପନ କରିଥିଲେ । ତାଙ୍କ ପ୍ରତିଷ୍ଠିତ ରେଭନ୍ସା କଲେଜ ହେତୁ ଓଡ଼ିଶାରେ ଉଚ୍ଚ ଇଂରେଜ ଶିକ୍ଷାର ପ୍ରଚାର । ଯେତେବେଳେ ଓଡ଼ିଆ ଭାଷା ଉଠିଯାଇ ତାହାର ବଦଳରେ ବଙ୍ଗାଳି ଭାଷା ପ୍ରଚଳିତ ହେବାର ପ୍ରସ୍ତାବ ହୋଇଥିଲା ରେଭନ୍ସା ସାହେବ ତେତେବେଳେ ନିର୍ଭୀକଭାବରେ ଓଡ଼ିଆ ଭାଷାର ପକ୍ଷ ସମର୍ଥନ କରିଥିଲେ । ତାଙ୍କର ମତାନୁକୂଲ୍ୟରେ ଓଡ଼ିଶାରେ ଆମ୍ଭମାନଙ୍କ ସ୍ୱଭାଷାର ମହତ୍ୱ ଓ ଅସ୍ତିତ୍ୱ ରହିଲା । କଟକର ପ୍ରିଣ୍ଟିଂକୋମ୍ପାନୀ ଛାପାଖାନା ତାଙ୍କ ସାଧୁ ଉଦ୍ୟମର ଫଳ । କଟକର ବାଳିକା ବିଦ୍ୟାଳୟ ପ୍ରଭୃତି ନାନାବିଧ ଶିକ୍ଷାନୁଷ୍ଠାନ ତାଙ୍କର ଉଦ୍ୟମରେ ପ୍ରତିଷ୍ଠିତ । ସ୍ଥୂଳରେ କହିଲେ, ବର୍ତ୍ତମାନ ଓଡ଼ିଶାର ସକଳ ପ୍ରକାର ଉନ୍ନତି ମୂଳରେ ରେଭନ୍ସା ସାହେବଙ୍କର ଯତ୍ନ ଓ ଉଦ୍ୟମ ବିଦ୍ୟମାନ । ଓଡ଼ିଆମାନେ ତାଙ୍କ ଭାଷାର ଅସ୍ତିତ୍ୱ ନିମନ୍ତେ ରେଭନ୍ସା ସାହେବଙ୍କ ଠାରେ ଋଣୀ । ଓଡ଼ିଶା ଛାଡ଼ିଗଲେ ସୁଦ୍ଧା ଓଡ଼ିଆମାନଙ୍କର ହିତଚିନ୍ତା ତାଙ୍କ ହୃଦୟରେ ଜାଗରୁକ ଥିଲା । ଦୁଇ ତିନିବର୍ଷ ପୂର୍ବେ ଓଡ଼ିଆଙ୍କ ଶିକ୍ଷୋନ୍ନତି ନିମନ୍ତେ ସେ ଏକ ସହସ୍ର ଟଙ୍କା ପଠାଇ ଦେଇଥିଲେ । ଏ ଶ୍ରେଣୀର 'ମା ବାପ' ଶାସନକର୍ତ୍ତା ଆଜିକାଲି ଅତି କ୍ୱଚିତ୍ ଦେଖାଯାନ୍ତି । ପ୍ରଜାମାନଙ୍କ ପ୍ରତି ମାୟା ମମତା ପ୍ରକାଶ କରି ତାଙ୍କ ହୃଦୟ କିଣି ନେବାଭଳି ଶାସନ-କର୍ମଚାରୀ ଖୋଜି ପାଇବା ସହଜ ନୁହେଁ । ଅନ୍ୟାନ୍ୟ ମହାପୁରୁଷଙ୍କ ପରି ରେଭନ୍ସା ସାହେବ ନିଜ ସ୍ମୃତି ନିଜେ ଗଢିଯାଇ ଅଛନ୍ତି । କାଳକ୍ରମେ ଉକ୍ତ ସ୍ମୃତିର

ଉତ୍ତରୋତ୍ତର ବୃଦ୍ଧି ହେଉଅଛି । ରେଭନ୍ସା କଲେଜ ଥିବାଯାଏଁ ପ୍ରଜା-ପ୍ରିୟ ରେଭନ୍ସା ସାହେବଙ୍କ ସ୍ମୃତି ଓଡ଼ିଆଙ୍କ ହୃଦୟରେ ସଦା ଜାଗରୁକ ଥିବ । ତାଙ୍କ ନିଜ କୃତ ସ୍ମୃତି ଚିହ୍ନ ଅପେକ୍ଷା ଓଡ଼ିଆମାନେ ଉନ୍ନତତର ସ୍ମୃତିର ବ୍ୟବସ୍ଥା କରିବା ସମ୍ଭବପର ନୁହେଁ । ସ୍ୱଚ୍ଛ ଏବଂ ପବିତ୍ର ହୃଦୟର ସରଳ ଭକ୍ତି ବ୍ୟଞ୍ଜକ କୌଣସି ଉପାୟରେ ସମ୍ମିଳିତ ସମଗ୍ର ଓଡ଼ିଆ ଜାତି ଏକ ସମୟରେ ତାଙ୍କ ପ୍ରତି ଆନ୍ତରିକ ସ୍ନେହ ଓ କୃତଜ୍ଞତା ଦେଖାଇପାଇଲେ ଓଡ଼ିଆମାନେ ନିଜକୁ ଧନ୍ୟ ଓ କୃତାର୍ଥ ମନେ କରନ୍ତେ । ତାହାର ଅଭାବରେ ଆମ୍ଭେମାନେ ବର୍ତ୍ତମାନ ସେହି ସମୂହ ଭକ୍ତିର ସୂଚନା ଏହି ସମ୍ମିଳନୀରେ ଦେଖାଇବାକୁ ବସିଅଛେ । ସମ୍ମିଳନୀରେ ରାଜନୈତିକ ଓଡ଼ିଶାର ଜଣେ ବନ୍ଧୁଙ୍କ ବିୟୋଗରେ ଦୁଃଖ ପ୍ରକାଶ କରା ହେଉଅଛି । ଏଥିରୁ ସ୍ପଷ୍ଟ ହେଉଅଛି ଯେ ଓଡ଼ିଆର ଜାତୀୟ ପ୍ରାଣ ଅଖଣ୍ଡ ଓ ଅବିଚ୍ଛିନ୍ନ । ଯେ କୌଣସି ଅଞ୍ଚଳର ସୁଖ ଦୁଃଖରେ ସମଗ୍ର ଓଡ଼ିଆ ଜାତି ସୁଖ ଦୁଃଖ ଅନୁଭବ କରୁଅଛି । ଓଡ଼ିଆ ହୃଦୟର ଏକ ସ୍ୱାଭାବିକ ଅନୁଭୂତି ବିରୁଦ୍ଧରେ ଶାସନ ଭେଦ ନୀତି ସୁଦ୍ଧା ଅନ୍ତରାୟ ହୋଇ ଛିଡ଼ା ହୋଇ ପାରୁନାହିଁ, ଏହା ଚିହ୍ନି ରଖିବା ଦରକାର ।

ଭାଷା ସୂତ୍ରରେ ଓଡ଼ିଆମାନେ ଏକ ଶାସନାଧୀନରେ ରହିବା ବାଞ୍ଛନୀୟ, ଏହା ଏମାନେ ଅନେକ ଦିନରୁ କହି ଆସୁଅଛନ୍ତି । କୌଣସି କୃତ୍ରିମ ରୀତିରେ ଏହା ଭାଷା ମିଳନର ଅନ୍ତରାୟ ହେଲେ ତାହା ସମାଜର ହିତକାରକ ହୁଏନାହିଁ ଏହି କଥା ଆମ୍ଭମାନଙ୍କର ସହାଶୟ ବଡ଼ଲାଟ ଲର୍ଡ଼ ହାର୍ଡିଂ ତାହାଙ୍କର ୨୬ ତାରିଖ ଅଗଷ୍ଟ ୧୯୧୧ର ସୁପ୍ରସିଦ୍ଧ ଉଲ୍ଲେଖରେ ପ୍ରତିପାଦନ କରିଅଛନ୍ତି ।

ଭାଷା, ଜାତି, ପୂର୍ବ ପରମ୍ପରା ଇତ୍ୟାଦିରେ ଯେଉଁମାନେ ଏକ ଓ ଅବିଚ୍ଛିନ୍ନ ସେମାନେ ଏକ ପ୍ରାଦେଶିକ ଶାସନାଧୀନ ହୋଇ ରହିବା ବାଞ୍ଛନୀୟ, ଏହି ନୀତି ଆମ୍ଭମାନଙ୍କର ସଦାଶୟ ବଡଲାଟ ଲର୍ଡ ହାର୍ଡିଂ ଦେଖାଇ ଅଛନ୍ତି । ପୁଣି ଏହି ସୂତ୍ରରେ ପ୍ରତ୍ୟେକ ପ୍ରାଦେଶିକ ଶାସନର ସ୍ୱାତନ୍ତ୍ର୍ୟ ସମ୍ପାଦିତ ଓ ସଂରକ୍ଷିତ ହେବାର ସେ ସୂଚନା ଦେଇଅଛନ୍ତି । ବଙ୍ଗାଳୀମାନଙ୍କ ଚିତ୍କାର କିମ୍ବା ରାଜନୈତିକ ଦୁର୍ବିନୀତତାର ଫଳରେ ବଙ୍ଗର ପୁନର୍ମିଳନ ହୋଇନାହିଁ । ତାଙ୍କର ଏହି ସିଦ୍ଧାନ୍ତ ଏକ ଉନ୍ନତ ରାଜନୀତି ଉପରେ ପ୍ରତିଷ୍ଠିତ ବୋଲି ମୋହର ଆନ୍ତରିକ ଧାରଣା । ପ୍ରାଦେଶିକ ଶାସନ ସ୍ୱାତନ୍ତ୍ର୍ୟ ଭାରତବାସୀଙ୍କ ପକ୍ଷେ ପ୍ରଧାନ ଆକାଙ୍କ୍ଷାର କଥା । ଲର୍ଡ ହାର୍ଡିଂଙ୍କ ଶାସନରେ ସମସ୍ତ ଘଟଣାବଳୀ ସେହି ଦିଗକୁ କ୍ରମେ ଅଗ୍ରସର ହେଉଅଛି, ଏଥିରେ କୌଣସି ସନ୍ଦେହ ନାହିଁ । ଦିଲ୍ଲୀ ବୋମା ଆଘାତ, କାନପୁର ଗୋଳମାଳ, କୋମାଗାତାମାରୁ ପ୍ରକରଣ, ଦକ୍ଷିଣ ଆଫ୍ରିକାରେ ଭାରତବାସୀଙ୍କ ସମସ୍ୟା ଇତ୍ୟାଦିରେ ଲର୍ଡ ହାର୍ଡିଂ ଯେଉଁ ଉଦାରତା ଓ ଉଚ୍ଚ ହୃଦୟବତ୍ତା ଦେଖାଇ ଅଛନ୍ତି ତାହା ଭାରତ ଇତିହାସରେ ଚିର

ସ୍ମରଣୀୟ ହୋଇରହିବ। ତାଙ୍କ ଶାସନକାଳରେ ସେ ଯେଉଁ ସବୁ ନୀତି ପ୍ରବର୍ତ୍ତନ କରିଅଛନ୍ତି, ଶାସକ ଶାସିତମାନଙ୍କ ମଧ୍ୟରେ ଯେଉଁ ସହାନୁଭୂତି ଓ ସାହଚର୍ଯ୍ୟ ସଂସ୍ଥାପନର ଚେଷ୍ଟା କରୁଅଛନ୍ତି, ସେ ସବୁର ଫଳ କ୍ରମେ ଭାରତରେ ଫଳିବ ଏବଂ ଦେଶବାସିମାନେ କ୍ରମେ ଉନ୍ନତ ହେବେ। ସେ ଯେଉଁ ଶାସନ ସଂସ୍କାରର ସୂତ୍ରପାତ କରିଅଛନ୍ତି ତାହା କାର୍ଯ୍ୟକାରୀ ହେବାପାଇଁ କେତେକ କାଳ ଲାଗିବ। ଅତଏବ ତାହାଙ୍କର ଶାସନ କାଳ ବଢ଼ାଇବା ପାଇଁ କେତେକ ଦିନ ପୂର୍ବେ ଯେଉଁ ଆନ୍ଦୋଳନ ହୋଇଥିଲା ସେଥିରେ ଓଡ଼ିଆମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ବୋଲି ମୋହର ବିଶ୍ୱାସ। ଅନ୍ୟାନ୍ୟ ଭାରତୀୟ ଜାତିଙ୍କ ସହ ଓଡ଼ିଆମାନେ ସାଧାରଣ ଭାବରେ ଲର୍ଡ ହାର୍ଡିଂଙ୍କର ଉଦାର ଶାସନର ସୁଫଳ ଭୋଗ କରୁଅଛନ୍ତି। କେବଳ ସେଥିନିମନ୍ତେ ନୁହେଁ, ଓଡ଼ିଆମାନେ ଲର୍ଡ ହାର୍ଡିଙ୍କଠାରେ କୃତଜ୍ଞ ରହିବାର ବିଶେଷ କାରଣ ଅଛି। ଏଥିପୂର୍ବେ କୌଣସି ବଡ଼ଲାଟ ଓଡ଼ିଶାର ରାଜଧାନୀରେ ପଦାର୍ପଣ କରି ନ ଥିଲେ। ଲର୍ଡ଼ ହାର୍ଡିଞ୍ଜଙ୍କ ସମୟରେ ଓଡ଼ିଆମାନେ ତାଙ୍କ ରାଜଧାନୀରେ ପ୍ରବଳ ପ୍ରତାପ ସମ୍ରାଟଙ୍କ ପ୍ରତିନିଧି ଅଭ୍ୟର୍ଥନା ଓ ଅଭିନନ୍ଦନ କରିବାକୁ ସମର୍ଥ ହୋଇଥିଲେ। ଏହି କାରଣରୁ ଓଡ଼ିଆମାନେ ବଡ଼ଲାଟଙ୍କ ଠାରେ ଚିରକୃତଜ୍ଞ। ଓଡ଼ିଆମାନେ ଆଶାକରନ୍ତି ଯେ ବଡ଼ଲାଟ ମହୋଦୟ ତାଙ୍କ ଅଳ୍ପକାଳ ଅବସ୍ଥାନରେ ସୁଦ୍ଧା ଓଡ଼ିଆଙ୍କ ବ୍ୟକ୍ତିତ୍ୱ ଓ ବିଶେଷତ୍ୱ ସମ୍ବନ୍ଧେ କିଛି ଅନୁଭବ ସଂଗ୍ରହ କରିଯାଇ ଅଛନ୍ତି। କଟକ ନଗର ପ୍ରତି ତାଙ୍କର ଶୁଭାଗମନ ଘଟନା ଓଡ଼ିଆଙ୍କ ଇତିହାସରେ ଜଡ଼ିତ ରହିବ। ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହେବା ନିମନ୍ତେ ଓଡ଼ିଆମାନେ ଉଦ୍ବେଗପୂର୍ଣ୍ଣ ପ୍ରାଣରେ ଆଶା କରୁଅଛନ୍ତି। ଦୁଃଖର ବିଷୟ ଏପରି ମହାନ୍ ସଦାଶୟ ବ୍ୟକ୍ତିଙ୍କର କ୍ରମାନ୍ୱୟରେ ଦୁଇଗୋଟି ଶୋକର ଘଟଣା ହୋଇ ଯାଇଅଛି। ତାଙ୍କ ପତ୍ନୀ ବିୟୋଗରେ ଯେଉଁ ଦୁଃଖ ହୋଇଥିଲା ତାହା ତାଙ୍କ ପୁତ୍ର ନିହତରେ ଦ୍ୱିଗୁଣିତ ହୋଇଅଛି। ଭଗବାନ ତାଙ୍କ ଶୋକସନ୍ତପ୍ତ ହୃଦୟରେ ଶାନ୍ତିବାରି ସେଚନ କରନ୍ତୁ। ଓଡ଼ିଆମାନେ ତାଙ୍କର ଏହି ଦୁଃଖରେ ଦୁଃଖୀ, ଏହା ଉଲ୍ଲେଖ କରିବା ବାହୁଲ୍ୟ ମାତ୍ର।

ଦେଶ ମିଶ୍ରଣ : ଲର୍ଡ ହାର୍ଡିଂଙ୍କ ପରି ଉଦାର, ଉନ୍ନତମନା ଶାସନକର୍ତ୍ତାଙ୍କ ସମୟରେ [ଏହା] ସମ୍ଭବ ହୋଇପାରେ। ଓଡ଼ିଆମାନଙ୍କ ଅବସ୍ଥା ସେ ଉତ୍ତମ ରୂପେ ହୃଦୟଙ୍ଗମ କଲେ ଏବଂ ଏତାଦୃଶ ଅବସ୍ଥା ପ୍ରଜାଙ୍କ ପକ୍ଷେ ଓ ଶାସନ ପକ୍ଷେ ଶ୍ରେୟସ୍କର ନୁହେଁ ବୋଲି ସେ ଥରେ ଜାଣିପାରିଲେ କୌଣସି ପ୍ରାଦେଶିକ ଶାସନ କର୍ତ୍ତୃପକ୍ଷଙ୍କ ଆପତ୍ତି ଅଥବା ସ୍ୱାର୍ଥପର ଲୋକମାନଙ୍କର ଚିତ୍କାର ପ୍ରତି ଭ୍ରୂକ୍ଷେପ ନ କରି ସେ ତାଙ୍କ ପ୍ରବର୍ତ୍ତିତ ଭାଷାସୂତ୍ରରେ ଭ୍ରାତୃସଂଯୋଗ ନୀତି ବିଚ୍ଛିନ୍ନ ଓଡ଼ିଆମାନଙ୍କ ପ୍ରତି ପ୍ରୟୋଗ କରିବେ ବୋଲି ମୋହର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି। ଓଡ଼ିଆମାନେ ନିଜର ବ୍ୟକ୍ତିତ୍ୱ

ଲୋପର ଆଶଙ୍କା କରୁଥିବାରୁ ସେମାନଙ୍କର ଉକ୍ତ ଆଶଙ୍କା ନିରାକରଣ ନିମନ୍ତେ ସେମାନଙ୍କୁ ବଙ୍ଗଳାରୁ ପୃଥକ ରଖାଯିବା ଆବଶ୍ୟକ ବୋଲି ଗଭର୍ଣ୍ଣମେଣ୍ଟ ତାଙ୍କର ଏକ ଡେସପାଚରେ ଉଲ୍ଲେଖ କରିଥିଲେ । କେବଳ ବଙ୍ଗଳାରୁ ପୃଥକ୍ ରହିବାଦ୍ୱାରା ସେମାନଙ୍କ ଆଶଙ୍କା ନିରାକରଣ ହେଲାକି ? ପ୍ରବଳ ଜାତିଙ୍କ ନିଷ୍ପେଷଣ ଓ ନିର୍ଯ୍ୟାତନରେ, ଆଧିପତ୍ୟ ଓ ଆକ୍ରମଣରେ ଆଜି ଲକ୍ଷ ଲକ୍ଷ ଓଡ଼ିଆଙ୍କ ବ୍ୟକ୍ତିତ୍ୱ ସଂସ୍ଥାପନ ଓ ସଂରକ୍ଷଣ ଆଶା ବହୁଦୂରକୁ ଚାଲିଯାଇ ନାହିଁ କି ? ତାଙ୍କର ମାତୃଭାଷା ନାନା ଭାବରେ ବିକୃତ, ଦୂଷିତ ହେଉନାହିଁ କି ? ଆକୃତି, ପ୍ରକୃତି, ଆଚାର, ବ୍ୟବହାର, ଭାଷା, ଭାବ ଇତ୍ୟାଦି ସକଳ ବିଷୟରେ ଭାରତର ଅନ୍ୟାନ୍ୟ ଜାତିଙ୍କ ଠାରୁ ଓଡ଼ିଆମାନେ ପୃଥକ୍ ବୋଲି ବଡ଼ ବଡ଼ ଶାସକ କର୍ମଚାରୀ ଏବଂ ଘଟନା ବିଶେଷରେ ଗଭର୍ଣ୍ଣମେଣ୍ଟ ସୁଦ୍ଧା ଘୋଷଣା କରି ଆସିଅଛନ୍ତି । ଓଡ଼ିଆଙ୍କର ଏହି ପାର୍ଥକ୍ୟ ଓ ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଗଭର୍ଣ୍ଣମେଣ୍ଟଙ୍କ କର୍ତ୍ତବ୍ୟ ନୁହେଁକି ? ବଙ୍ଗରୁ ବିଚ୍ଛିନ୍ନ *ରଖିବା ମାତ୍ରକେ ଓଡ଼ିଆମାନଙ୍କର ଏହି ସ୍ୱାତନ୍ତ୍ର୍ୟ ରକ୍ଷା ବିଧାନ ସମ୍ପୂର୍ଣ୍ଣ ହେଲା କି ?* ମାନ୍ଦ୍ରାଜ ଅନ୍ତର୍ଗତ ଓଡ଼ିଆ ପ୍ରଦେଶ, କି ଜୟପୁର କି ଗଞ୍ଜାମ ପ୍ରାକୃତିକ ଓଡ଼ିଶାର ଏକ ଅବିଚ୍ଛିନ୍ନ ଅଂଶ । ପ୍ରାୟ ସମସ୍ତ ଗଞ୍ଜାମ ଜିଲା ଓ ଜୟପୁର ଓଡ଼ିଆ ରାଜାମାନଙ୍କ ଦ୍ୱାରା ଅଧିକୃତ ଏବଂ ଓଡ଼ିଆ ଲୋକଙ୍କ ଦ୍ୱାରା ଅଧ୍ୟୁଷିତ ହେଲେ ସୁଦ୍ଧା, ଦୁଃଖର ବିଷୟ, କ୍ଷମତାଶାଳୀ ତୈଲଙ୍ଗମାନଙ୍କ ପ୍ରଭାବରେ ଓଡ଼ିଆ ଶକ୍ତି ଏକାବେଳେକେ ମ୍ରିୟମାଣ ହୋଇଅଛି – ଓଡ଼ିଆ ଆଜି ମୁଣ୍ଡଟେକି ଚାଲି ପାରୁନାହିଁ । ବିଦ୍ୟାଳୟରେ, ଅଫିସରେ, ରାଜକାର୍ଯ୍ୟରେ ଓଡ଼ିଆ ଏକପ୍ରକାର ବର୍ଜିତ । ଓଡ଼ିଆ ଛାତ୍ର ନିଜ ଜାତୀୟ ଭାଷା ଅଧ୍ୟୟନ, ନିଜ ଜାତୀୟ ସାହିତ୍ୟ ଚର୍ଚ୍ଚାରୁ ବଞ୍ଚିତ । ରାଜଦ୍ୱାରରେ ଓଡ଼ିଆ ଅଚିହ୍ନିତ ଓ ଅପମାନିତ । ସିଂହଭୂମର ଅବସ୍ଥା ତଥୈବଚ । ଓଡ଼ିଆ ଦେଶ ଆଜି ଖଣ୍ଡ ବିଖଣ୍ଡିତ । ଏଥିରେ ଓଡ଼ିଆ କିପରି ତାହାର ପାର୍ଥକ୍ୟ ରଖିପାରିବ । ପ୍ରାୟ ଦଶବର୍ଷ ହେଲା ଓଡ଼ିଆମାନେ ଏହି ବିଚ୍ଛିନ୍ନ ଉତ୍କଳ ପ୍ରଦେଶର ଏକୀକରଣ ନିମନ୍ତେ ଆନ୍ଦୋଳନ କରି ଆସୁଅଛନ୍ତି । ସଭା ସମିତି ହୋଇ ଯାଇଅଛି – ନିବେଦନ ଆବେଦନର ବିରାମ ନାହିଁ । କିନ୍ତୁ ଦୁଃଖର ବିଷୟ ସରକାର ବାହାଦୁର ନିଶ୍ଚଳହୋଇ ରହିଅଛନ୍ତି । ସେଦିନ ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଗତ ଥିବାରୁ ଯେ ଅସହ୍ୟ ଅସୁବିଧା ଭୋଗ କରୁଥିଲା ତାହା ଆପଣମାନଙ୍କର ସ୍ମୃତିର ଅତୀତ ନୁହେଁ । କେତେକ କାଳଯାଁଏ ସେମାନେ କିପରି ନିର୍ଯ୍ୟାତନା ଓ ନିଷ୍ପେଷଣା ଭୋଗ କରିଥିଲେ ତାହା ପାସୋର ହୋଇନାହିଁ । ଆଜିଯାଁଏ ମେଦିନୀପୁର ଅଞ୍ଚଳର ଓଡ଼ିଆମାନେ ବଙ୍ଗଳା ଅକ୍ଷରରେ ଜଗନ୍ନାଥ ଦାସ ଭାଗବତ ରଖୁଅଛନ୍ତି । ଉନ୍ନତ ବଙ୍ଗସହିତ ସଂଶ୍ଳିଷ୍ଟ ଥାଇ ମେଦିନୀପୁର ଓଡ଼ିଆଙ୍କର କିଛି ଅଭିବୃଦ୍ଧି ହୋଇପାରିନାହିଁ । ଯେଉଁମାନେ କହନ୍ତି ଉନ୍ନତତର ଜାତିମାନଙ୍କ

ସଂଶ୍ରବ ଜାତି ପକ୍ଷରେ ଶ୍ରେୟସ୍କର ସେମାନେ ଏଥିର କି ଉତ୍ତର ଦେବେ ? ଏହିପରି ଭାବରେ ପ୍ରବଳ ଜାତିଙ୍କର ଆଧିପତ୍ୟରେ ଜୀବନ ଯାପନ କଲେ ଆତ୍ମବିସ୍ମୃତି ଘଟିବ ନାହିଁ କି ? ଏହି ଆତ୍ମ-ବିସ୍ମୃତି ରୂପ ରୋଗ ଥରେ ଆକ୍ରମଣ କଲେ ଜାତିର ଆଉ ଗତ୍ୟନ୍ତର ରହିବନାହିଁ। ମେଦିନୀପୁର କାନ୍ଥି ଅଞ୍ଚଳ ଓଡ଼ିଆଙ୍କର ଦୁରବସ୍ଥା ଶୀଘ୍ର ନିରାକରଣ ହେବାର ନୁହେଁ। କୌଣସି ବ୍ୟକ୍ତି ବା ସମାଜ ବଳହୀନ ହେଲେ ତାହାର ଆତ୍ମବୋଧ ରହେନାହିଁ। ଆଜି ମେଦିନୀପୁର ଅଞ୍ଚଳସ୍ଥ ଓଡ଼ିଆମାନେ ନିର୍ବାସିତର ପ୍ରାୟ ଓଡ଼ିଆଦେଶ ବାହାରରେ ପଡିଅଛନ୍ତି। ଶାସନ ସମ୍ପର୍କ ବିଚ୍ଛେଦହେବା ସଙ୍ଗେ ସଙ୍ଗେ ଅନ୍ୟ ଓଡ଼ିଆଙ୍କ ସହ ସେମାନଙ୍କ ସାମାଜିକ ବନ୍ଧନ ଶିଥିଳ ହୋଇ ଯାଉଅଛି। ସେହି ପ୍ରଦେଶ ଓଡ଼ିଆଙ୍କର କିପରି ସଂଜ୍ଞାପ୍ରାପ୍ତି ହେବ, ସେମାନେ କିପରି ନିଜ ଜାତିର ଲୋକଙ୍କୁ ଚିହ୍ନିବେ ଏବଂ ତାଙ୍କ ପିତୃ ପିତାମହ ପ୍ରତି ଗୌରବରେ, ତାଙ୍କ ଇତିହାସରେ ଶ୍ରଦ୍ଧା ପ୍ରକାଶ କରିବେ, ଏହା ସମ୍ମିଳନୀର ଗୋଟିଏ ବିଶିଷ୍ଟ କାର୍ଯ୍ୟ ହେବା ଉଚିତ ବୋଲି ମୁଁ ମନେକଲେ। ସେମାନଙ୍କୁ ବୁଝାଇଦେବାକୁ ହେବ, ଓଡ଼ିଆଜାତିର ଇତିହାସଅଛି, ଗୌରବଅଛି। ପୁରୀ, କୋଣାର୍କ ଭୁବନେଶ୍ୱର ଯେଉଁ ଓଡ଼ିଆହସ୍ତର ନୈପୁଣ୍ୟ, ବୁଦ୍ଧିର ବିଚକ୍ଷଣତା, ହୃଦୟର ପ୍ରଶସ୍ତତାର ପରିଚୟ ଦେଉଅଛି ସେ ଓଡ଼ିଆର ଶକ୍ତି, ତାହାର ବ୍ୟକ୍ତିତ୍ୱ ଲୋପ ହେବନାହିଁ। ଓଡ଼ିଆବୋଲି ପରିଚୟ ଦେବାରେ ସେମାନଙ୍କର ଅପମାନ ଓ ଲଜ୍ଜାର କିଛି କାରଣନାହିଁ। ବର୍ତ୍ତମାନର ଓଡ଼ିଆ ପାଲିକି ବାହାକ ହୋଇପାରେ କିନ୍ତୁ ତାହାର ପୂର୍ବ ପୁରୁଷମାନେତ ପାଲିକି ପରିବର୍ତ୍ତରେ ଦେଉଳର ଯେଉଁ ସବୁ ପ୍ରସ୍ତର ଉତ୍ତୋଳନ କରି ପାରିଅଛନ୍ତି ତାହା ଦେଖି ଆଧୁନିକ ବୈଜ୍ଞାନିକ ଯୁଗ ମଧ ଆଶ୍ଚର୍ଯ୍ୟରେ ଅବାକ୍ ହେଉଅଛି। ସେହି ଓଡ଼ିଆଙ୍କର ବଂଶଧର ବୋଲି ପରିଚୟ ଦେବାକୁ ଲଜ୍ଜା କାହିଁକି ? ଆମ୍ଭେମାନେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରସ୍ଥ ହେବା ସଙ୍ଗେ ସଙ୍ଗେ ଦେଶରେ ଦେଶମିଶ୍ରଣ ସମ୍ବନ୍ଧେ ନ୍ୟାୟସଙ୍ଗତ ଓ ଆଇନାନୁମୋଦିତ ଆନ୍ଦୋଳନ କରିବାକୁ ହେବ। ଯେଉଁମାନେ ବୁଝିନାହାନ୍ତି ସେମାନଙ୍କୁ ବୁଝାଇବାକୁ ହେବ। ପ୍ରତି ଗ୍ରାମରେ ପ୍ରତି ସହରରେ ଏହି ଦେଶମିଶ୍ରଣ ଆନ୍ଦୋଳନର ସୂତ୍ରପାତ କରିବାକୁ ହେବ। ଏହି ଆନ୍ଦୋଳନ କେତେକ ଶିକ୍ଷିତ ବ୍ୟକ୍ତିଙ୍କ ମଧରେ ଆବଦ୍ଧ ନାହିଁ, ଏହା ଓଡ଼ିଆର ସରଳ ସ୍ୱାଭାବିକ ଆକାଂକ୍ଷା ଏବଂ ଓଡ଼ିଆର ଘରେ ଘରେ ଦେଶମିଶ୍ରଣ ଆଶା ଉଦ୍ରେକ ହୋଇଅଛି, ଏହିକଥା ସରକାର ଜାଣନ୍ତୁ। ପ୍ରଚାରକ ଯାଇ ଏହି ଆନ୍ଦୋଳନ ଦୃଢ଼ୀଭୂତ କରନ୍ତୁ। ଦେଖିବେ ଲୋକଙ୍କର ପ୍ରାର୍ଥନା ସରକାର ଅଗ୍ରାହ୍ୟ କରିବେ ନାହିଁ। ଯୁକ୍ତି ଅକାଟ୍ୟ ହେଉପଛକେ, ତାହାର ପାଶ୍ଚାତ୍ ଦେଶରେ ଲୋକସମୂହର ଆର୍ତ୍ତନାଦ ସମର୍ଥନ କରିବାକୁ ନ ଥିଲେ ଯେ କୌଣସି ବିଷୟ 'ଅବାଞ୍ଛନୀୟ ଓ ଅନାବଶ୍ୟକ' ବୋଲି ସରକାର କହି

ଦେଇପାରନ୍ତି । ସମ୍ମିଳନୀ ରାଜନୈତିକ ଅନୁଷ୍ଠାନ ନୁହେ । ଅତଏବ ଭିନ୍ନ ଭିନ୍ନ ଶାସନରେ ରହିଥିବାରୁ ଓଡ଼ିଆଙ୍କର ଶାସନ ସମ୍ବନ୍ଧୀୟ କି ଅଭାବ ଅଭିଯୋଗ ଅଛି ସେ ସକଳର ଆଲୋଚନା ମୁଁ ଏଠାରେ କରିବାକୁ ପ୍ରସ୍ତୁତ ନୁହେଁ । କିନ୍ତୁ ସ୍ଥୂଳଭାବରେ ଏତିକି ଜଣାଇପାରେ ଯେ ଶାସନ ସମ୍ପର୍କୀୟ ଅନେକ ତ୍ରୁଟି, ଅନେକ ପ୍ରକାର ଅସନ୍ତୋଷ ଦେଶମିଶ୍ରଣ ହେଲେ ଆଉ ରହନ୍ତା ନାହିଁ । ସରକାର ଯାହା କରନ୍ତୁ, ଗଞ୍ଜାମର ତେଲଙ୍ଗା ଭାଇମାନେ ଯାହା କହନ୍ତୁ, ରକ୍ତର ଆକର୍ଷଣ କଦାପି ଶିଥିଳ ହେବାର ନୁହେ । ଯେଉଁମାନଙ୍କର ପ୍ରାଣର ଆଶା ଭରସା, ଆଚାର ବ୍ୟବହାର, ସାମାଜିକ ରୀତିନୀତି ବହୁ ଶତାବ୍ଦୀର ଇତିହାସରେ ଦୃଢ଼ଭାବରେ ଗଠିତ ଓ ଗ୍ରଥିତହୋଇ ଆସିଅଛି ସେମାନଙ୍କୁ ବିଚ୍ଛିନ୍ନ ରଖିବା ପ୍ରକୃତିର ବିରୁଦ୍ଧାଚରଣ ମାତ୍ର । ଭାରତପରି ମହାଦେଶରେ ପ୍ରାଦେଶିକ ଜାତୀୟ ବ୍ୟକ୍ତିତ୍ୱ ଏକ ଭାଷାଭାଷୀ ଭୂମିଖଣ୍ଡରେ ସୀମାବଦ୍ଧ ନ ହେଲେ ପ୍ରାଦେଶିକ ଜାତୀୟକଲ୍ୟାଣ ତଥା ଭବିଷ୍ୟତରେ ଭାରତୀୟ ମହାଜାତୀୟଭାବର ଆଶା ସୁଦୂର ପରାହତ । ସରକାର ଯେ ଏହିକଥା ବୁଝି ନାହାନ୍ତି, ଏହାନୁହେ । ଏହି ଉଦ୍ଦେଶ୍ୟରେ ପଣ୍ଡିତ ପ୍ରବର ଗ୍ରିଏରସନ ସାହେବ ଭାରତର ସମସ୍ତ ସ୍ଥାନ ନିଜେ ଦେଖି ଭାଷା ଭିତ୍ତିରେ ପ୍ରାଦେଶିକତା ସ୍ଥିର କରି ଭାରତର ଗୋଟିଏ ନୂତନ ମାନଚିତ୍ରର ସୃଷ୍ଟି କରିଅଛନ୍ତି । ଓଡ଼ିଆଭାଷୀ ବୋଲି ଗ୍ରିଏରସନ ସାହେବ ଯେଉଁ ଭୂଭାଗ ନିର୍ଣ୍ଣୟ କରିଅଛନ୍ତି ତାହା ଓଡ଼ିଆଙ୍କର ଅଭିପ୍ରାୟ ସମ୍ପୂର୍ଣ୍ଣରୂପେ ସମର୍ଥନ କରୁଅଛି । ଗ୍ରିଏରସନଙ୍କ ମାନଚିତ୍ର ପାଖରେ ପକାଇ ଓଡ଼ିଆଙ୍କ ଆବେଦନ ଆଲୋଚନା କଲେ ସରକାର ଦେଖିବେ ଯେ ତାଙ୍କ ଦାବି କୌଣସି ପ୍ରକାରେ ଅପ୍ରାକୃତ ଓ ଅସମୀଚୀନ ନୁହେ । ରାଜା ପ୍ରଜା ସମସ୍ତେ ଏକସ୍ୱରରେ ଏହି ମିଳନ ପ୍ରାର୍ଥନା କରିଅଛନ୍ତି । ପାରଳାର ସ୍ୱର୍ଗୀୟ ପଦ୍ମନାଭ ନାରାୟଣ ଦେବ ଏହି ମିଳନ ଆକାଂକ୍ଷା ପୋଷଣ କରିଥିଲେ । ବଳରାମ ମହାରଣାଙ୍କଠାରୁ ଆରମ୍ଭକରି ନରସିଂହ ଦାସ ପର୍ଯ୍ୟନ୍ତ ସମସ୍ତେ ଏହି ମିଳନପାଇଁ ବ୍ୟାକୁଳ ଥିଲେ । କବି ମଧୁସୂଦନ ଏହି ମିଳନର 'ଶୁଭ ଶଙ୍ଖଧ୍ୱନି' ବଜାଇ ଅଛନ୍ତି । ଚେଷ୍ଟାକଲେ ଏହି ମିଳନ ଯେ ଦିନେ ସମ୍ପୂର୍ଣ୍ଣ ସିଦ୍ଧହେବ, ଏଥିରେ ସନ୍ଦେହର କାରଣ କିଛି ନାହିଁ । ନୂତନ ଆଶାରେ ପ୍ରାଣକୁ ଉଜ୍ଜୀବିତରଖି କାର୍ଯ୍ୟକ୍ଷେତ୍ରରେ ପ୍ରବେଶ ହେବାକୁ ହେବେ । ସମ୍ବାଦପତ୍ରମାନେ ଏହି ବିଷୟରେ ସର୍ବଦା ଆନ୍ଦୋଳନ କରନ୍ତୁ ଏବଂ ଲୋକେ ଏହି ମିଳନପାଇଁ ବ୍ୟାକୁଳତା ଦେଖାନ୍ତୁ । କବି ଏହି ମିଳନ କବିତା ଲେଖନ୍ତୁ । ବକ୍ତା ଏହି ମିଳନ ବକ୍ତୃତା ଦିଅନ୍ତୁ । ଦେଖିବେ ଏହି ହୃଦୟର ଆବେଗପୂର୍ଣ୍ଣ ଆକାଂକ୍ଷା ସରକାର ଦିନେ ପୂରଣ କରିବେ ଏବଂ ଭଗବାନ ଆମ୍ଭମାନଙ୍କର ନିଶ୍ଚୟ ସାହାଯ୍ୟ ହେବେ ।

କିନ୍ତୁ ନିଜ ନିଜ ଗୋଡ଼ରେ ଛିଡ଼ାହେବାକୁ ନ ଶିଖିଲେ ବାହାରର କେଡ଼େ

ସାହାଯ୍ୟ ଓ ଅବଲମ୍ବନ ହେଉନା କାହିଁକି ସେଥିଦ୍ୱାରା କିଛି ହେବ ନାହିଁ। ସ୍ୱାବଲମ୍ବନଶୀଳ ବ୍ୟକ୍ତିର ଖୋଦ ଭଗବାନ ସାହାଯ୍ୟ ହୁଅନ୍ତି। ପ୍ରଥମେ କୌଣସି ବିଷୟରେ ଯୋଗ୍ୟ ନ ହେଲେ ଅପରର ଦୟା ଦାକ୍ଷିଣ୍ୟ, ସାହାଯ୍ୟ ସହାନୁଭୂତି କିଛି କାର୍ଯ୍ୟକାରୀ ହେବନାହିଁ। ଅତଏବ ଆମ୍ଭ ଜାତି ଅନ୍ୟାନ୍ୟ ଜାତିଙ୍କ ସମାସୀନ ହେବାକୁ ହେଲେ ପ୍ରଥମତଃ ସେମାନଙ୍କପରି ଯୋଗ୍ୟ ହେବାକୁ ହେବ। ଏହି ଯୋଗ୍ୟତା ସମ୍ପାଦନପାଇଁ ଯେତେଗୁଡ଼ିଏ ଉପକରଣ ଆବଶ୍ୟକ ତନ୍ମଧ୍ୟରେ – ଶିକ୍ଷା ସର୍ବପ୍ରଥମ ଓ ସର୍ବ ପ୍ରଧାନ ! ଶିକ୍ଷାବିହୀନ ହେଲେ ଆମ୍ଭେମାନେ ସଭ୍ୟ ହେବାର ତେଣେ ଥାଉ କ୍ରମେ ପଶ୍ଚାତ ପ୍ରାପ୍ତ ହେବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ଅଛି। ଓଡ଼ିଆ ଜାତି ପୂର୍ବ କାଳରେ ଶିକ୍ଷା ଦୀକ୍ଷାରେ ପ୍ରବୀଣ ଥିଲା। ହୃଦୟକୁ ଉନ୍ନତ କରିବା, ମନୁଷ୍ୟର ଦେବତାସୁଲଭ ଗୁଣର ବିକାଶ କରିବା ଏବଂ ମନକୁ ସଂସ୍କାର କରିବା ଯେ କୌଣସି ଶିକ୍ଷାର ଉଦ୍ଦେଶ୍ୟ। ଯେଉଁ ଭାଷାରେ, ଯେଉଁ ଭାବରେ ଦିଆଯାଉ, ଶିକ୍ଷାର ପ୍ରଧାନ ଲକ୍ଷ୍ୟ ମନୁଷ୍ୟତା ପ୍ରାପ୍ତି। ପୁରାକାଳରେ ଓଡ଼ିଆମାନେ ଏହି ମନୁଷ୍ୟତା ପ୍ରାପ୍ତି ନିମନ୍ତେ ଯେ ଶିକ୍ଷିତ ହେଉଥିଲେ ଏହାର ଭୂରିଭୂରି ପ୍ରମାଣ ମିଳୁଅଛି। କିନ୍ତୁ ଆଧୁନିକ ଯୁଗରେ ସେମାନଙ୍କ ଶିକ୍ଷାର ଅବସ୍ଥା କଅଣ ? ସେମାନେ ନବ୍ୟ ଶିକ୍ଷାର ବହୁଦୂରେ ପଡିଅଛନ୍ତି ଏବଂ ପୁରାତନ ଯାହା ଟିକିଏ ଥିଲା ତାହା ମଧ୍ୟ ଲୋପ ପାଇଅଛି। ଅବଧାନ ଚାହାଳୀ ଦେଖିବାକୁ ନାହିଁ – କି ସ୍କୁଲ-କଲେଜର ମଧ୍ୟ ଯଥେଷ୍ଟ ଆଭାସ ନାହିଁ। ଏପରି ଜାତିଟା 'ନନୀରେ ନତୀରେ' ହୋଇ ପଡ଼ିଅଛି। କୌଣସି ଲୋକକୁ ସାକ୍ଷର କରିବା ମାନେ ଶିକ୍ଷା ଦିଆଗଲା ବୋଲି କୁହାଯିବ ନାହିଁ। ଭାରତବର୍ଷରେ ଓଡ଼ିଶାରେ ଯେତେ ସାକ୍ଷର ବ୍ୟକ୍ତି ଅଛନ୍ତି ବୋଧହୁଏ ଅନ୍ୟ କୌଣସି ପ୍ରଦେଶରେ ନାହାନ୍ତି। ଏହି କଥା ସରକାର ରିପୋର୍ଟାଦିରୁ ମଧ୍ୟ ଜଣାଯାଏ। ଏହା ମଧ୍ୟ ଆଧୁନିକ ଶିକ୍ଷା ବିସ୍ତାର ଚେଷ୍ଟାର ଫଳ ବୋଲି ବୋଧ ହେଉନାହିଁ। ଉତ୍କଳରେ ଯେଉଁ ସବୁ ଅବଧାନ ଚାଟଶାଳୀ, ଚୌପାଠୀର ବ୍ୟବସ୍ଥା ଥିଲା ଏବଂ ବର୍ତ୍ତମାନ ଉଠିଯାଇ ଅଛି ତାହାର ଫଳରେ ଦେଶରେ ଅସ୍ପର୍ଶ ଜାତିର ଲୋକମାନେ ମଧ୍ୟ ଭାଗବତ ପଢ଼ିବା ଭଳି ସାକ୍ଷର ହୋଇଥିଲେ। କିନ୍ତୁ ବର୍ତ୍ତମାନ ଯେଉଁ ସବୁ ଶିକ୍ଷା ସଂସ୍କାର ପ୍ରବେଶ କଲାଣି ସେଥିରେ ଓଡ଼ିଶାର ଏହି ପୂର୍ବରୀତି ଆଉ ଅଧିକଦିନ ସକାଶେ ରହିବ କି ନାହିଁ, ସନ୍ଦେହର ବିଷୟ। ଅଧିକାଂଶ ସାକ୍ଷର ବୋଲି ଯଦି ଧରାଯାଏ ତାହା ହେଲେ ମଧ୍ୟ ଜାତି ଶିକ୍ଷିତ ବୋଲି କୁହାଯିବ ନାହିଁ। ବର୍ତ୍ତମାନ ଆମ୍ଭଦେଶରେ ଯେ ଶିକ୍ଷା ଅନୁଷ୍ଠାନର ଅଭାବ ଅଛି, ଏଥିରେ କୌଣସି ଦ୍ୱିରୁକ୍ତି ହୋଇ ନ ପାରେ। ଜୟପୁର ବିଶାଖପାଟଣା ଅଞ୍ଚଳର ଓଡ଼ିଆ-ପ୍ରଧାନ ସ୍ଥାନମାନଙ୍କରେ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟର ଏକାନ୍ତ ଅଭାବ ପରିଲକ୍ଷିତ ହେଉଅଛି। ସେହିଠାରେ ଓଡ଼ିଆ ପରିବର୍ତ୍ତେ ଓଡ଼ିଆ ବାଳକ-

ମାନେ ତେଲୁଗୁ ଶିଖିବାକୁ ବାଧ ହେଉଅଛନ୍ତି । ଏଥିପ୍ରତି ସରକାର କିମ୍ବା ଲୋକଙ୍କର ଦୃଷ୍ଟି ଅଦ୍ୟାବଧି ପଡ଼ିନାହିଁ। ପାଦ୍ରି ମିସେନାରୀମାନେ ଯାହା କରୁଅଛନ୍ତି .ତାହା ବାଦ୍‌ଦେଲେ ଓଡ଼ିଆ ଶିକ୍ଷା ପ୍ରଚାର ନିମନ୍ତେ ସେହି ଅଞ୍ଚଳରେ କୌଣସି ଉତ୍ସାହ, କୌଣସି ଉଦ୍ୟମ ନାହିଁ। ଏହିପରି ଚତୁର୍ଦ୍ଦିଗରେ ଶିକ୍ଷାର ଅଭାବ ପରିଲକ୍ଷିତ ହେଉଅଛି । ଏହିପରି ଅବସ୍ଥାରେ କେଉଁ ପ୍ରଣାଳୀର ଶିକ୍ଷା ଦିଆଯିବା ଉଚିତ, ଏହି ବିଷୟର ଆଲୋଚନାରେ ପ୍ରବୃତ୍ତ ହେଲେ କି ଲାଭ ହେବ ? 'ଶିରୋନାସ୍ତି କୁତୋବ୍ୟଥା' ? ଶିକ୍ଷା ତ ନାହିଁ, ସେଥିରେ ପ୍ରଣାଳୀ ନିରୂପଣ ପାଇଁ ଏତେ ବ୍ୟାକୁଳତା କାହିଁକି ? ତଥାପି କେବଳ ଶିକ୍ଷାର ପରିମାଣ ପ୍ରତି ଦୃଷ୍ଟିଦେଲେ ଚଳିବ ନାହିଁ। କ୍ଷୁଧାରେ ପ୍ରପୀଡ଼ିତ ବୋଲି ଏଣୁ ତେଣୁ ଆହାର ଯୋଗାଇଲେ ଚଳିବ ନାହିଁ । ଖାଦ୍ୟ ଏପରି ହେବା ଉଚିତ ଯଦ୍ୱାରା ରକ୍ତବୃଦ୍ଧି ହେବ, ଅଙ୍ଗ ସବଳ, ସତେଜ ହେବ । ତା ନହେଲେ ଅଜୀର୍ଣ୍ଣ ରୋଗରେ ଆକ୍ରାନ୍ତ ହେବା ଅସମ୍ଭବ ନୁହେ । ଶିକ୍ଷାର ପ୍ରକୃତି ପ୍ରତି ଦୃଷ୍ଟି ନଦେଲେ ତାହା ଅଶିକ୍ଷାଠାରୁ ଭୟଙ୍କର ହୋଇଉଠିବ ଏବଂ ଜାତି ମାନସିକ ଅଜୀର୍ଣ୍ଣ ରୋଗରେ ଗ୍ରସ୍ତହେବା ବିଚିତ୍ର ନୁହେ। ଏହି କଥା ଆମ୍ଭ ଦେଶର ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ କରି ସାଧାରଣ ଗ୍ରାମୀୟ ବୋର୍ଡ଼ ପାଠଶାଳା ପର୍ଯ୍ୟନ୍ତ ସକଳ ସ୍ଥାନ୍‌ରେ ପ୍ରଯୁଜ୍ୟ ।

ସବୁ କଥାପରି ଶିକ୍ଷାର ମଧ ଗୋଟିଏ଼ ଆଦର୍ଶ ରଖିବାକୁ ହେବ । ସେ ଆଦର୍ଶ ଜାତିର ପାରିପାର୍ଶ୍ୱିକ ଅବସ୍ଥା, ଜାତିର ପୂର୍ବ ପରମ୍ପରାର ଅନୁକୂଳ ହେବା ଆବଶ୍ୟକ । ଏକ କଥାରେ ଆଦର୍ଶ ଏପରି ହେବା ଉଚିତ ଯେ ତାହା ଗ୍ରହଣ କରି ତଦ୍ୱାରା ଅନୁପ୍ରାଣିତ ହୋଇ ଜାତି ଉପରକୁ ଉଠିପାରିବ । ବର୍ତ୍ତମାନ ଓଡ଼ିଆଙ୍କର ଭାଗ୍ୟରେ ଦୁଇଗୋଟି ବିଶ୍ୱବିଦ୍ୟାଳୟ ପଡ଼ିଅଛି। ଆଉ କେତେଦିନ ପରେ ପାଟଣା ବିଶ୍ୱବିଦ୍ୟାଳୟ ମଧ ସଂସ୍ଥାପିତ ହେବ। ଗୋଟିଏ ଜାତି ତିନିଗୋଟି ବିଶ୍ୱ-ବିଦ୍ୟାଳୟରେ ବିଭକ୍ତ ହୋଇ ଶିକ୍ଷିତ ହେଲେ ଜାତିର ଗୋଟିଏ ଆଦର୍ଶ ରହିବ କି ? ଅନ୍ୟ ବିଷୟମାନଙ୍କରେ ଯେପରି ଶିକ୍ଷାରେ ମଧ ସେପରି ଏକ Common Standard ସମାନ ପ୍ରଣାଳୀ ଓ ଆଦର୍ଶ ରହିବା ଆବଶ୍ୟକ। ମାନ୍ଦ୍ରାଜ ଅଞ୍ଚଳରେ ବିଶ୍ୱବିଦ୍ୟାଳୟରେ ସଂସ୍କୃତକୁ ଯେ ସ୍ଥାନ ଦିଆଯାଇ ଅଛି କଲିକତାରେ ତାହା ନୁହେ । ଜଣେ କଟକର ଗ୍ରାଜୁଏଟ ଜଣେ ଗଞ୍ଜାମର ଗ୍ରାଜୁଏଟଙ୍କ ଅପେକ୍ଷା ସଂସ୍କୃତରେ ଅଧିକ ପାରଦର୍ଶୀ ଓ ମାତୃଭାଷାରେ ଅଧିକ ପ୍ରବୀଣ । ଏହିପରି ଯେ ପାର୍ଥକ୍ୟ ଅନ୍ୟତ୍ର ରହୁନାହିଁ, ଏହା କହିବା ମୋହର ଅଭିପ୍ରେତ ନୁହେ। କିନ୍ତୁ ଏହି ଜାତି ନିମନ୍ତେ ଏକ ବିଶ୍ୱବିଦ୍ୟାଳୟ, ଏକ ଆଦର୍ଶ, ଏକ ଶିକ୍ଷାପ୍ରଣାଳୀ ଅଧିକତର ଉପଯୋଗୀ ଓ ସ୍ୱାସ୍ଥ୍ୟକର ବୋଲି ମୋହର ଧାରଣା । କିନ୍ତୁ ଏହା କେତେଦୂର ସମ୍ଭବ ସରକାର ଏବଂ

ବିଶିଷ୍ଟ ବ୍ୟକ୍ତିମାନଙ୍କର ଆଲୋଚନାର ବିଷୟ । କେତେକଦିନ ପୂର୍ବେ ଧରାକୋଟର ମାନ୍ୟବ୍‌ର ରାଜାସାହେବ ସମସ୍ତ ଓଡ଼ିଆଭାଷୀ ପ୍ରଦେଶର ଶିକ୍ଷାନୁଷ୍ଠାନ୍‌ଗୁଡ଼ିକ ଏକ ଶିକ୍ଷା କର୍ତ୍ତୃପକ୍ଷଙ୍କ ଅଧୀନରେ ରହିବା ବାଞ୍ଛନୀୟ ବୋଲି ବ୍ୟବସ୍ଥାପକ ସଭାରେ ଯେଉଁ ପ୍ରସ୍ତାବ ଉତ୍ଥାପନ କରିଥିଲେ ତାହା ଗୃହୀତ ହେଲେ ଅନେକାଂଶରେ ଶିକ୍ଷାର ଆଦର୍ଶ ଏକ ଓ ସମାନ ହୋଇପାରେ ।

ଶିକ୍ଷାର ଆଦର୍ଶ ସମ୍ବନ୍ଧେ କହୁଁ କହୁଁ ସତ୍ୟବାଦୀର ଆଦର୍ଶ ହାଇସ୍କୁଲର କଥା ମନେପଡ଼ିଲା । ସତ୍ୟବାଦୀ ସ୍କୁଲ ମୁଁ ନିଜେ ଦେଖିନାହିଁ । କିନ୍ତୁ ଲୋକମୁଖରେ ଓ ସମ୍ବାଦପତ୍ରାଦି ଦ୍ୱାରା ତାହାର ପରିଚୟ ପାଇପାରି ଅଛି । ତ୍ୟାଗର ଜ୍ୱଳନ୍ତ ଆଦର୍ଶ ଦେଖାଇ ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠାତାମାନେ ଏହି ନୂତନ ସ୍କୁଲ, ନୂତନ ଧରଣରେ, ନୂତନ ଆଦର୍ଶରେ ଚଳାଉ ଅଛନ୍ତି । ଶୁଣିପାରି ଅଛି ସେଠାରେ ସେମାନେ 'ମନୁଷ୍ୟ ଗଢୁଅଛନ୍ତି' । ଶିକ୍ଷକମାନେ ପ୍ରାଚୀନ ପୁରାଣ କଥିତ ଆଚାର୍ଯ୍ୟାଦିର କାର୍ଯ୍ୟ କରୁଅଛନ୍ତି । ଶିକ୍ଷକ ଆଚାର୍ଯ୍ୟ ନହେଲେ, ଅର୍ଥାତ୍ ଶିକ୍ଷା ଆଚରଣରେ ପରିଣତ ନହେଲେ ତାହାର ଫଳ କିଛି ହୁଏନାହିଁ । ମନୁଷ୍ୟତା ପ୍ରାପ୍ତି ନିମିତ୍ତ ସେମାନେ ଛାତ୍ରମାନଙ୍କୁ ଯେଉଁ ମାର୍ଗରେ ଚଳାଉଥିବାର ଜଣାଯାଏ ତାହା ସର୍ବଥା ଅନୁକରଣୀୟ । ଆମ୍ଭମାନଙ୍କ ଦେଶରେ ଏହିପରି ସ୍କୁଲର ସଂଖ୍ୟା, ଏପରି ସ୍ୱାର୍ଥତ୍ୟାଗୀଙ୍କ ସଂଖ୍ୟା ବୃଦ୍ଧି ହେଉ ଏବଂ ସତ୍ୟବାଦୀର ଉଚ୍ଚ ଉଜ୍ଜ୍ୱଳ ଆଦର୍ଶରେ ଦେଶର ଶିକ୍ଷାନୁଷ୍ଠାନ ସକଳ ଚାଳିତ ହୁଅନ୍ତୁ, ଏହା ମୋହର ଆନ୍ତରିକ ଇଚ୍ଛା ଏବଂ ଭଗବାନ ଏହି ସ୍କୁଲର ଅନୁଷ୍ଠାତାମାନଙ୍କ କାର୍ଯ୍ୟରେ ସାହାଯ୍ୟ ହୁଅନ୍ତୁ, ଏହାହିଁ କାମନା ।

ସିଂହଭୂମ ଅଞ୍ଚଳରେ ଓଡ଼ିଆ ଶିକ୍ଷା ପ୍ରଚାରର ଯେପରି ଅଭାବ ଅଛି, ଗଞ୍ଜାମ ବିଶାଖପାଟଣାରେ ମଧ୍ୟ ତଦ୍ରୂପ । ସିଂହଭୂମିରେ ଯେପରି ଓଡ଼ିଆ ଶିକ୍ଷକଙ୍କ ଅଭାବ ଅଛି, ଏହି ଅଞ୍ଚଳରେ ମଧ୍ୟ ସେହିପରି ଅଭାବ ରହିଅଛି । ଏଥିପ୍ରତି ଗବର୍ଣ୍ଣମେଣ୍ଟଙ୍କ ଶୁଭଦୃଷ୍ଟି ନପଡ଼ିଲେ ଓଡ଼ିଆଙ୍କର ଉନ୍ନତି ଆଶା ବିଡ଼ମ୍ବନା ମାତ୍ର । ତେଲୁଗୁମାନେ ଯେତେ ଶିକ୍ଷିତ ହୁଅନ୍ତୁ ସେମାନେ ଓଡ଼ିଆରେ ଶିକ୍ଷା ଦେଇପାରିବେ ନାହିଁ । ଏବଂ ଓଡ଼ିଆ, ଆଦର୍ଶ ଓଡ଼ିଆର ବ୍ୟକ୍ତିତ୍ୱ ଓ ବିଶେଷତ୍ୱ ତେଲୁଗୁମାନେ ରକ୍ଷା କରିବେ ବା କିପରି ? ସମ୍ମିଳନୀ ଚେଷ୍ଟାକଲେ କେତେକ ଓଡ଼ିଆ ଶିକ୍ଷକ ଏ ଅଞ୍ଚଳକୁ ଆମଦାନୀ କରାଇପାରନ୍ତି । ସେଥିପାଇଁ ଗଞ୍ଜାମ ଓଡ଼ିଆ ସମାଜ ପ୍ରଭୃତ ଉଦ୍ୟମ କରୁଥିବାର ଜଣାଯାଏ । ଅନ୍ୟମାନଙ୍କୁ ସେହି କାର୍ଯ୍ୟରେ ସାହାଯ୍ୟ ଦେବାକୁ ହେବ । ରସୁଲକୋଣ୍ଡାଠାରେ ଓଡ଼ିଆ ହାଇସ୍କୁଲ ପ୍ରତିଷ୍ଠିତ ହୋଇଅଛି । ଏହା ଗବର୍ଣ୍ଣମେଣ୍ଟଙ୍କ ବିଶେଷ ଅନୁକମ୍ପାର ଫଳ । ମୁଁ ସେଥିପାଇଁ ଲର୍ଡ଼ ପେଣ୍ଟଲାଣ୍ଡଙ୍କ ଗଭର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେଉଅଛି । ପରନ୍ତୁ ଓଡ଼ିଆ ଶିକ୍ଷକ ନିଯୋଗ ପ୍ରତି ବିଶେଷ ମନଯୋଗ

ନଦେଲେ ସରକାର ଯେଉଁ ଉଦ୍ଦେଶ୍ୟରେ ରସୁଲକୋଣ୍ଡାଠାରେ ହାଇସ୍କୁଲ ବସାଇଅଛନ୍ତି ସେହି ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିବ । ଅନ୍ୟତ୍ର ଶିକ୍ଷକାଭାବ ପୂରଣ କରିବା ନିମନ୍ତେ ବ୍ରହ୍ମପୁର ଟ୍ରେନିଂ ସ୍କୁଲ ଉଚ୍ଚ ଗ୍ରେଡ ସ୍କୁଲରେ ପରିଣତ ହୋଇଅଛି, ଏହା ଅବଶ୍ୟ ଆନନ୍ଦର କଥା । ଆଶା କରାଯାଏ, ସରକାର ବାହାଦୁର ଜୟପୁର ପ୍ରତି ଶିକ୍ଷାର ସୁବିଧା କରିଅଛନ୍ତି, ଆମ୍ଭମାନଙ୍କର ସାହିତ୍ୟିକ ଅନୁଷ୍ଠାନଗୁଡ଼ିକ ମଧ୍ୟ ତଦ୍ରୂପ କରିବାକୁ ହେବ । ଜ୍ଞାନର ବିଭିନ୍ନ ବିଭାଗରେ ଭିନ୍ନ ଭିନ୍ନ ଧରଣର ପୁସ୍ତକମାନ ପ୍ରକାଶ କରିବାକୁ ହେବ । ପୁରାତନ ସାହିତ୍ୟ ପ୍ରତି ଲୋକଙ୍କର ଆଗ୍ରହ ଓ ଆସ୍ଥା ଉଦ୍ରେକ କରି ଆଧୁନିକ ସାହିତ୍ୟ ଅନୁଶୀଳନରେ ମଣିକାଞ୍ଚନ ସଂଯୋଗର ଯତ୍ନ କରିବାକୁ ହେବ । ନୂତନ ଧରଣର ନବ୍ୟଯୁଗର ଉପଯୋଗୀ କବିତା-ରଚନାରେ ସ୍ୱର୍ଗତ ରାଧାନାଥ ଯେଉଁ ମାର୍ଗ ଦେଖାଇ ଅଛନ୍ତି, ଗଦ୍ୟ ଲେଖାରେ ସ୍ୱର୍ଗତ ମଧୁସୂଦନ ଯେଉଁ ପ୍ରତିପତ୍ତି ସଂସ୍ଥାପନ କରିଅଛନ୍ତି, ନାଟକ ପ୍ରଣୟନରେ ଶ୍ରୀଯୁକ୍ତ ରାମଶଙ୍କର ରାୟ ଯେଉଁ କୃତିତ୍ୱର ପରିଚୟ ଦେଇଅଛନ୍ତି, ଉପନ୍ୟାସରେ ଭକ୍ତିଭାଜନ ଫକୀରମୋହନ ଉଚ୍ଚ ସାହିତ୍ୟର ଯେଉଁ ମାର୍ଗ ଦର୍ଶାଇଅଛନ୍ତି ସେସମସ୍ତ ଆମ୍ଭ ଓଡ଼ିଆ ଜାତିକୁ ଏକପ୍ରକାର ଉଜ୍ଜୀବିତ ରଖିଅଛନ୍ତି । ଓଡ଼ିଆ ଜାତି ବର୍ତ୍ତମାନ ଯୁଗରେ ଏମାନଙ୍କ ଲେଖାରୁ ତାଙ୍କର ମାନସିକ ଖାଦ୍ୟ ସଂଗ୍ରହ କରୁଅଛନ୍ତି । କିନ୍ତୁ ଗୋଟିଏ ପ୍ରକାଣ୍ଡ ଜାତି ନିମନ୍ତେ — ଏକକୋଟିରୁ ଅଧିକ ଓଡ଼ିଆ ଜୀବଙ୍କ ନିମନ୍ତେ ଏହି ଚାରିଜଣଙ୍କ ଦ୍ୱାରା ବହୁ ଯତ୍ନରେ ସଞ୍ଚିତ ସୁମିଷ୍ଟ ଖାଦ୍ୟ ମଧ୍ୟ ଯଥେଷ୍ଟ ନୁହେଁ । ନାନାପ୍ରକାର ଗ୍ରନ୍ଥ, ବିଭିନ୍ନ ପ୍ରକାର ଉପନ୍ୟାସ, କାବ୍ୟ, ନାଟକ ଆବଶ୍ୟକ । ବର୍ତ୍ତମାନ ସବୁ ବିଭାଗରେ ଅଭାବ । ଦୁଃଖର ବିଷୟ ଆଜିଯାଏଁ ଓଡ଼ିଆରେ ଖଣ୍ଡିଏ ଉଚ୍ଚଧରଣର ଅଭିଧାନ ସଂକଳିତ ହୋଇନାହିଁ । ଏହି ପାରଳାର ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦ ବହୁ ପରିଶ୍ରମ କରି ଖଣ୍ଡିଏ ଅଭିଧାନ ପ୍ରଣୟନ କରିଅଛନ୍ତି । ତାହା ଅଦ୍ୟାବଧି ପ୍ରକାଶ ହୋଇପାରି ନାହିଁ । ନିଜେ ସେ ପ୍ରଭୂତ ଉଦ୍ୟମ କଲେଣି । କେଉଁଥିରେ ନପାରି ଉତ୍କଳ-ସାହିତ୍ୟ ସମାଜ ହାତରେ ସେ କାର୍ଯ୍ୟଟି ଦେଇଅଛନ୍ତି । ସମାଜର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଅଭିଧାନ ଖଣ୍ଡି ଛପା ହୋଇପାରି ନାହିଁ । ଆଶା କରାଯାଏ ଆମ୍ଭମାନଙ୍କ ଜୀବନରେ ତାହା ଦେଖିବାକୁ ପାଇବୁ । ଆଜିଯାଏଁ ସାହିତ୍ୟ ସମାଜ କୌଣସି ଗ୍ରନ୍ଥ ପ୍ରକାଶ କରିଥିବାର ମୁଁ ଜାଣିନାହିଁ । ଅନ୍ତତଃ ଏହି ଅଭିଧାନ ଖଣ୍ଡି ଛପାଇଲେ ସମାଜର ଗୌରବ ବଢ଼ନ୍ତା । ଆନନ୍ଦର ବିଷୟ, କେତେକ ରାଜାମାନେ ଓଡ଼ିଆ ସାହିତ୍ୟ ଚର୍ଚ୍ଚାରେ ମନଯୋଗ ଦେଇଥିବାର ଆଭାସ ମିଳିଅଛି । ସେମାନେ ଯେ ଯାହା କ୍ଷେତ୍ରରେ କିଛିନା କିଛି କରୁଅଛନ୍ତି, ଏହା ଅବଶ୍ୟ ଶୁଭର ଲକ୍ଷଣ । ଅଳ୍ପ କେତୋଟି ହେଉ ପଛକେ, ସହରମାନଙ୍କରେ ବାଳିକା ବିଦ୍ୟାଳୟ

ସ୍ଥାପିତ ହୋଇଅଛି । କିନ୍ତୁ ତଦ୍ୱାରା ଅଧିକ କିଛି ଉନ୍ନତି ହୋଇଅଛି ବୋଲି ମୋହର ବିଶ୍ୱାସ ହେଉନାହିଁ । କରଣ, କ୍ଷତ୍ରିୟ, ବ୍ରାହ୍ମଣ ଇତ୍ୟାଦି ସମ୍ଭ୍ରାନ୍ତଙ୍କ ଘରେ ସ୍ତ୍ରୀମାନେ ଶିକ୍ଷା ପାଉଥିବାର ଶୁଣା ଯାଇଥାଏ । କିନ୍ତୁ ସେମାନଙ୍କର ଅଧିକାଂଶ ସାକ୍ଷରା ମାତ୍ର । ଅକ୍ଷର ଚିହ୍ନିବା ମାତ୍ରେ ସେମାନେ ଯେ ଶିକ୍ଷିତାଙ୍କ ମଧ୍ୟରେ ଗଣ୍ୟହେବେ, ତାହା ନୁହେଁ । ନାରୀଗଣଙ୍କୁ ଏପରି ଶିକ୍ଷା ଦିଆଯିବା ଉଚିତ, ଯଦ୍ୱାରା ସେମାନେ ନାରୀ ସୁଲଭ ଦୟା, ପ୍ରୀତି, ମାୟା, ମମତା, ସୁଶ୍ରୁଷା ଇତ୍ୟାଦି ସଦ୍‌ଗୁଣ ପ୍ରତି ସମଧିକ ଆସ୍ଥାବତୀ ହେବେ ଏବଂ ମାନବ ସମାଜକୁ ସମସ୍ତ ସୁଖ, ଶାନ୍ତି ଓ ମଙ୍ଗଳ ଆନୟନ କରିବେ । ଆମ୍ଭେମାନେ ସ୍ତ୍ରୀଶିକ୍ଷା ପ୍ରତି ଯେଉଁ ଉଦାସୀନତା ଦେଖାଉ ଅଛେ ତାହା ଦେଶ ପକ୍ଷରେ ଘୋର ଅମଙ୍ଗଳର ଲକ୍ଷଣ । ସ୍ତ୍ରୀ ଶିକ୍ଷା ପ୍ରତି ଉଦାସୀନତା ଯେପରି ନିନ୍ଦନୀୟ ଏବଂ କ୍ଷତିକାରକ, ସାହିତ୍ୟ ପ୍ରତି ଅସ୍ଥାବାନ୍ ନହେବା ତେତିକି କ୍ଷୋଭର ବିଷୟ । ସୁଖାଦ୍ୟ ଯେପରି ଶରୀରକୁ ସବଳ, ସତେଜ କରେ ସୁସାହିତ୍ୟ ସେପରି ଜାତିର ମାନସିକ ତେଜ ବିକାଶ କରେ । ଜାତିର ମସ୍ତିଷ୍କ ସତେଜ ନରଖିଲେ ତାହାର ମଜ୍ଜାଗତ ଶକ୍ତି କ୍ଷୀଣ ହୋଇଯାଏ । ଜାତି କ୍ରମେ ଦୁର୍ବଳ ହୋଇଉଠେ । ସର୍ବତ୍ର ସର୍ବ ସମୟରେ ସାହିତ୍ୟିକମାନେ, କବି ଓ ଲେଖକଗଣ ଜାତିର ନେତା ହୋଇଥାଆନ୍ତି । ଅର୍ଥାତ୍ ମନ ଯେପରି ଶରୀରକୁ ଚାଳନ କରେ ପ୍ରତିଭାଶାଳୀ ସାହିତ୍ୟିକମାନେ ସେପରି ଜାତିକୁ ଚାଳନ କରିଥାଆନ୍ତି । ଆମ୍ଭମାନଙ୍କର ଏହି ମାନସିକ ଉନ୍ନତିପାଇଁ ଜାତୀୟ ସାହିତ୍ୟର ଅଭିବୃଦ୍ଧି ନିମନ୍ତେ ବିଶେଷ ଭାବରେ ଯତ୍ନ କରିବା ନିତାନ୍ତ ଆବଶ୍ୟକ ମନେକରେ । ଉନ୍ନତ ବଙ୍ଗ ଏହି କ୍ଷେତ୍ରରେ ଯାହା କରିଅଛି ତାହା ଆମ୍ଭମାନଙ୍କର ସର୍ବତୋଭାବେ ଅନୁକରଣୀୟ । କେବଳ ବଙ୍ଗଳାରେ ସାହିତ୍ୟ ପରିଷଦ ଅଛି ବୋଲି ଆମ୍ଭେମାନେ ନାମରେ ମାତ୍ର ସାହିତ୍ୟ ସମାଜମାନ ସ୍ଥାପନ କଲେ ଚଳିବ ନାହିଁ । ଆନ୍ଧ୍ରମାନେ ଏହି କେତେକ ବର୍ଷ ମଧ୍ୟରେ ଯାହା କରୁଅଛନ୍ତି ବର୍ତ୍ତମାନ ସେମାନଙ୍କର ଏକାଡ଼େମୀ ଓ ସାହିତ୍ୟିକସଙ୍ଘମାନେ ଯାହା ନିମନ୍ତେ ଏପରି କିଛି ସୁବନ୍ଦୋବସ୍ତ କରିବେ । ଗଞ୍ଜାମ ଓଡ଼ିଆମାନେ ଟିକିଏ ସଞ୍ଜ୍ଞାପ୍ରାପ୍ତି ହୋଇଅଛନ୍ତି । ସେମାନେ ନିଜ ଅଭାବ ଅସୁବିଧା କହିବାକୁ ଉଦ୍ୟମ କଲେଣି । କିନ୍ତୁ ଜୟପୁର, ସିଂହଭୂମ ଓଡ଼ିଆମାନଙ୍କର ତାହା ମଧ୍ୟ ନାହିଁ । ଅତଏବ ସରକାର ବାହାଦୁର ଏହି ବିଭାଗମାନଙ୍କ ପ୍ରତି ବିଶେଷ ଦୃଷ୍ଟି ନଦେଲେ ଉନ୍ନତି ଅସମ୍ଭବ । ଯେଉଁଠାରେ ବାଳକମାନଙ୍କ ଶିକ୍ଷାର ଏପରି ଅବସ୍ଥା ସେଠାରେ ସ୍ତ୍ରୀ ଶିକ୍ଷା ସମ୍ବନ୍ଧେ ବିଶେଷ କହିବା ନିଷ୍ପ୍ରୟୋଜନ । କିନ୍ତୁ ଯେଉଁମାନେ ମନୁଷ୍ୟର ଅର୍ଦ୍ଧାଙ୍ଗ ସ୍ୱରୂପ ଗୃହୀତ ହୁଅନ୍ତି, ଯେଉଁମାନଙ୍କ ଉପରେ ଆମ୍ଭମାନଙ୍କ ପୁତ୍ର କନ୍ୟାଙ୍କ ଭାବୀ ଜୀବନର ଭାର ରହିଅଛି ସେମାନେ ପ୍ରକୃତ ମାତା, ପ୍ରକୃତ ଭଗିନୀ ଓ ପ୍ରକୃତ ପତ୍ନୀ ନହୋଇ ପାରିଲେ ଦେଶର

ଉନ୍ନତି କେଉଁଆଡୁ ହେବ ? ପକ୍ଷିର ଗୋଟିଏ ଡେଣା ବାନ୍ଧିଦେଇ ତାକୁ ଉଡିବାକୁ ଦେଲେ ସେ ଉଡିପାରିବ କି ? ସେହିପରି ଜାତିର ଏତେଗୁଡ଼ିଏ ପ୍ରାଣୀ ଶିକ୍ଷାବିହୀନ ହୋଇ ରହିଲେ ସେହି ଜାତିର ଉନ୍ନତି ଅସମ୍ଭବ । ପୁରାକାଳରେ ହିନ୍ଦୁ ରମଣୀମାନେ ସୁଶିକ୍ଷିତା ଥିଲେ । ସୀତା, ସାବିତ୍ରୀ, ଦମୟନ୍ତୀ ହିନ୍ଦୁ ଚରିତ୍ରର ଚରମ ଦୃଷ୍ଟାନ୍ତ । ଲୀଳାବତୀଙ୍କ ପରି ବିଦ୍ୟାବତୀଙ୍କୁ ପାଇ ଯେ କୌଣସି ଦେଶ ଗର୍ବ କରିବ । କିନ୍ତୁ ସେସବୁ ପୁରାଣର କଥା ହୋଇଯାଇ ଅଛି । ପ୍ରାଚୀନ କାଳର ରମଣୀଗଣଙ୍କ ଚରିତ୍ରର ରମଣୀୟତା ଆଣିବାକୁ ଅନେକ କାଳ ଲାଗିବ । ପୁରାଣ କଥା ଛାଡ଼ନ୍ତୁ । ଓଡ଼ିଶାର କରଣକୁଳମଣ୍ଡନା ମାଧବୀ ଦାସୀଙ୍କ କଥା କିଏ ନଜାଣେ ? ଯେଉଁ ମହାତ୍ମା ଚୈତନ୍ୟ ଦେବ ନାରୀମୁଖ ସନ୍ଦର୍ଶନ କରିବେନାହିଁ ବୋଲି ପ୍ରତିଜ୍ଞା କରିଥିଲେ, ସେ ମାଧବୀଙ୍କ ଶିକ୍ଷା ଦୀକ୍ଷାରେ ମୁଗ୍ଧହୋଇ ନିୟମ ଭଙ୍ଗକରି ତାଙ୍କୁ ଦର୍ଶନ ଦେଇଥିବାର ଶୁଣାଯାଏ । ଆଉ ଜଣେ ଏହି ଆଧୁନିକ ଯୁଗରେ ସାହିତ୍ୟ ଚର୍ଚ୍ଚାକରି ସଂସ୍କୃତ ପ୍ରଭୃତିରେ ନିପୁଣତାର ପରିଚୟ ଦେଇଅଛନ୍ତି । ରାଧାନାନୀ ଧରାକୋଟର ଜଣେ ବ୍ରାହ୍ମଣ ଘରର ବିଧବା । ତାଙ୍କର ସେହି ଶିକ୍ଷାର ଆଭାସ ବର୍ତ୍ତମାନ ସ୍ତ୍ରୀ ସମାଜରେ କାହିଁ ? ସ୍କୁଲମାନ ଯଥେଷ୍ଟ ରୂପରେ ନହେଉ ବୋଲିବାକୁ ହେବ । ଭୋଜ ବିକ୍ରମାଦିତ୍ୟଙ୍କ ଠାରୁ ଆରମ୍ଭକରି ସୁଢଳ ରାମଚନ୍ଦ୍ର ପର୍ଯ୍ୟନ୍ତ ରାଜାମାନଙ୍କ ଦ୍ୱାରା ଭାରତର ସଂସ୍କୃତ ତଥା ପ୍ରାଦେଶିକ ଭାଷାର ସାହିତ୍ୟ ପରିପୁଷ୍ଟ ହୋଇ ଆସିଥିବାର ଜଣାଯାଏ । ଓଡ଼ିଶାର ନରପତିମାନଙ୍କ ମଧ୍ୟରୁ କେତେକଙ୍କ ଠାରେ ଏହି ସାହିତ୍ୟାନୁରାଗ ଦେଖାଯାଏ, ଏହା ଅତି ଆନନ୍ଦର କଥା । ରାଜା ଏବଂ ବୃତ୍ତୀଶ୍ୱରମାନେ ନିଜେ ସାହିତ୍ୟଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶକ୍ତିଶାଳୀ ସାହିତ୍ୟିକମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ପ୍ରକାରେ ସାହାଯ୍ୟ ଦେଇ ସାହିତ୍ୟ ଚର୍ଚ୍ଚା କ୍ଷେତ୍ର ବଢ଼ାଇଲେ ଆହୁରି ଭଲ ହୁଅନ୍ତା ।

**ସଂସ୍କାର :** ଆଜିକାଲି ଆମ୍ଭମାନଙ୍କ ଦେଶରେ ସଂସ୍କାର କରିବାକୁ କେତେକଙ୍କର ପ୍ରୟାସ ଦେଖା ଯାଉଅଛି । କିନ୍ତୁ କାହିକି ଯେ ସଂସ୍କାର ଆବଶ୍ୟକ ତାହା କେହି ସ୍ଥିର କଲାପରି ଜଣାଯାଏ ନାହିଁ । ଦେଶର ବର୍ତ୍ତମାନ ଅବସ୍ଥାରେ ଆମ୍ଭମାନଙ୍କର ଆଚାର, ବ୍ୟବହାର ସାମାଜିକ ରୀତି ନୀତିରେ କୌଣସି ପରିବର୍ତ୍ତନ ଘଟାଇବା ସମୀଚୀନ ନୁହେ । ବରଂ ପୁରାତନ ପ୍ରତି, ପ୍ରାଚୀନ ସାମାଜିକ ରୀତି-ନୀତି ପ୍ରତି ଲୋକଙ୍କର ଆସ୍ଥା ଓ ଆଗ୍ରହ ବଢ଼ାଇବା ଆବଶ୍ୟକ ବୋଲି ମୁଁ ମନେକରେ । ଜାତିର ଯାହା ସମ୍ବଳ, ତାହା ଛାଡ଼ିଦେଇ କେବଳ ଅନୁକରଣର ପାଶ୍ଚାଦ୍ଧାବନ କଲେ କିଛି ଫଳ ହେବନାହିଁ । ଏଥିଦ୍ୱାରା ମୁ ପ୍ରକାଶ କରୁନାହିଁ ଯେ, ଆମ୍ଭମାନଙ୍କ ସମାଜରେ କୌଣସି ତ୍ରୁଟି ବା ଦୋଷ ନାହିଁ । କେଉଁ ସମାଜରେ ବା ତାହା ନାହିଁ ? ଆମ୍ଭମାନଙ୍କ ସମାଜ ପରି ପ୍ରାଚୀନ ସମାଜ ନାନା ଅବସ୍ଥା ଅତିକ୍ରମ

କରି ଆସିଥିବାରେ କାଳକ୍ରମେ ତହିଁରେ ସେପରି ଅନେକ ତ୍ରୁଟି ବା କୁସଂସ୍କାର ପ୍ରବେଶ କରିବା ସ୍ୱାଭାବିକ୍ । ସେ ସବୁର ନିରାକରଣ ସର୍ବଥା ବାଞ୍ଛନୀୟ । କିନ୍ତୁ ତାହା କରିବାବେଳେ "ଶନୈଃ ପନ୍ଥା, ଶନୈଃ କନ୍ଥା, ଶନୈଃ ପର୍ବତ ଲଙ୍ଘନ" ନୀତି ଅବଲମ୍ବନ କରିବା ଶ୍ରେୟସ୍କର ।

**ଉପସଂହାର :** ଏହିପରି ଦେଶର ଉନ୍ନତି ବିଧାୟକ ଅନ୍ୟାନ୍ୟ ବିଭାଗ ଅର୍ଥାତ୍ କୃଷି, ବାଣିଜ୍ୟ ସମ୍ବନ୍ଧରେ ପୂର୍ବବର୍ତ୍ତୀ ସମ୍ମିଳନୀରେ ସଭାପତିମାନେ ବିଶେଷଭାବରେ କହିଦେଇ ଯାଇଅଛନ୍ତି । ସେ ସମସ୍ତର ଆମ୍ରେଡନ ବର୍ତ୍ତମାନ ନିଷ୍ପ୍ରୟୋଜନ । ଗୋଟିଏ ଜାତିକୁ ଉନ୍ନତିପଥରେ ଅଗ୍ରସର କରାଇବାକୁ ହେଲେ ତାହାର ଏହି ସମସ୍ତ ବିଭାଗରେ ଉତ୍କର୍ଷ ସମ୍ପାଦନ କରିବାକୁ ହେବ । କିନ୍ତୁ ଏହିସବୁ କାର୍ଯ୍ୟ ବର୍ଷକରେ ବା ଦଶବର୍ଷରେ ହେଲାନାହିଁ ବୋଲି କ୍ଷୋଭ ପ୍ରକାଶକରି କାର୍ଯ୍ୟକ୍ଷେତ୍ରରୁ ନିବୃତ୍ତହେଲେ ଚଳିବନାହିଁ । ଶତବର୍ଷବ୍ୟାପୀ ଉଦ୍ୟମ, ଆନ୍ଦୋଳନ ଆବଶ୍ୟକ । କଠୋର ସ୍ୱାର୍ଥତ୍ୟାଗ, ପ୍ରତିଭାଶାଳୀମାନଙ୍କର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ ଆବଶ୍ୟକ ।

ଉତ୍କଳର ସ୍ଥାନେ ସ୍ଥାନେ କୌଣସି କୌଣସି ବ୍ୟକ୍ତି ବିଶେଷଙ୍କ କାର୍ଯ୍ୟରେ ଏହି ଜାତୀୟକଲ୍ୟାଣ ନିମନ୍ତେ ଯେତେ ସାମାନ୍ୟ ହେଉପଛକେ, ଉତ୍ସାହ ଏବଂ ଅତ୍ମୋତ୍ସର୍ଗ ସମ୍ପ୍ରତି ଦେଖାଯିବା ବିଶେଷ ଆଶାପ୍ରଦ । ଲୋକଙ୍କ ମଧ୍ୟରେ ସମ୍ମିଳନୀ ଯେ ପ୍ରବୃତ୍ତି ଜାଗରଣ କରାଇନାହିଁ ଏହା କୁହାଯାଇ ନ ପାରେ । ସମ୍ମିଳନୀ କଣ କାର୍ଯ୍ୟ କଲାବୋଲି ସମ୍ମିଳନୀ ଅଧିବେଶନ ପରେ ପଚାରିବା, କିମ୍ୱା ବର୍ଷକପରେ ଅନ୍ୟ ଅଧିବେଶନ ସମୟରେ ସେସମ୍ବନ୍ଧେ କେତେଗୁଡ଼ି ନିରାଶା ଅବାଣୀ କହି ବୀତଶ୍ରଦ୍ଧ ହେବା ବିଶ୍ୱାସୀ ମାନବର କର୍ତ୍ତବ୍ୟ ନୁହେ ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

## ଅଧିବେଶନରେ ଆଲୋଚିତ ଓ ଗୃହୀତ ପ୍ରସ୍ତାବାବଳୀ

**ପ୍ରଥମ ପ୍ରସ୍ତାବ :** ପ୍ରବଳ ପ୍ରତାପ ମହାମହିମ ଆସ୍ମମାନଙ୍କର ସମ୍ରାଟ ନ୍ୟାୟ ଓ ସତ୍ୟ ନିମନ୍ତେ ଯେଉଁ ଇଉରୋପୀୟ ମହାସଂଗ୍ରାମରେ ଯୋଗଦେବାକୁ ବାଧ ହୋଇଅଛନ୍ତି, ସେଥିରେ ବିଭିନ୍ନ ଶାସନାଧୀନସ୍ଥ ଓଡ଼ିଆମାନଙ୍କର ଏହି ସମ୍ମିଳନୀ ଈଶ୍ୱରଙ୍କ ଠାରେ ତାଙ୍କର ବିଜୟ ପ୍ରାର୍ଥନା କରୁଅଛନ୍ତି ଏବଂ ସାମ୍ରାଜ୍ୟର ଏହି ସଂକଟରେ ସମ୍ରାଟଙ୍କ ପ୍ରତି ଗଭୀର ରାଜଭକ୍ତି ପ୍ରକାଶ କରୁଅଛନ୍ତି । ଯୁଦ୍ଧକ୍ଷେତ୍ରରେ ଆହତ ସୈନିକଙ୍କ ଚିକିତ୍ସାର୍ଥେ ଜଣେ ଡାକ୍ତରଙ୍କ ବ୍ୟୟ ମାସିକ ଟ୩୦ଙ୍କା ଦେବାକୁ ଏହି ସମ୍ମିଳନୀ ସ୍ଥିର କରୁଅଛନ୍ତି ।

ପ୍ରସ୍ତାବକ - ମାନ୍ୟବର ମିଃ ଏମ୍.ଏସ୍. ଦାସ, ସି.ଆଇ.ଇ.

ଉନ୍ନତି କେଉଁଆଡୁ ହେବ ? ପକ୍ଷିର ଗୋଟିଏ ଡେଣା ବାନ୍ଧିଦେଇ ତାକୁ ଉଡିବାକୁ ଦେଲେ ସେ ଉଡିପାରିବ କି ? ସେହିପରି ଜାତିର ଏତେଗୁଡ଼ିଏ ପ୍ରାଣୀ ଶିକ୍ଷାବିହୀନ ହୋଇ ରହିଲେ ସେହି ଜାତିର ଉନ୍ନତି ଅସମ୍ଭବ । ପୁରାକାଳରେ ହିନ୍ଦୁ ରମଣୀମାନେ ସୁଶିକ୍ଷିତା ଥିଲେ । ସୀତା, ସାବିତ୍ରୀ, ଦମୟନ୍ତୀ ହିନ୍ଦୁ ଚରିତ୍ରର ଚରମ ଦୃଷ୍ଟାନ୍ତ । ଲୀଳାବତୀଙ୍କ ପରି ବିଦ୍ୟାବତୀଙ୍କୁ ପାଇ ଯେ କୌଣସି ଦେଶ ଗର୍ବ କରିବ । କିନ୍ତୁ ସେସବୁ ପୁରାଣର କଥା ହୋଇଯାଇ ଅଛି । ପ୍ରାଚୀନ କାଳର ରମଣୀଗଣଙ୍କ ଚରିତ୍ରର ରମଣୀୟତା ଆଣିବାକୁ ଅନେକ କାଳ ଲାଗିବ । ପୁରାଣ କଥା ଛାଡ଼ନ୍ତୁ । ଓଡ଼ିଶାର କରଣକୁଳମଣ୍ଡନା ମାଧବୀ ଦାସୀଙ୍କ କଥା କିଏ ନଜାଣେ ? ଯେଉଁ ମହାତ୍ମା ଚୈତନ୍ୟ ଦେବ ନାରୀମୁଖ ସନ୍ଦର୍ଶନ କରିବେନାହିଁ ବୋଲି ପ୍ରତିଜ୍ଞା କରିଥିଲେ, ସେ ମାଧବୀଙ୍କ ଶିକ୍ଷା ଦୀକ୍ଷାରେ ମୁଗ୍ଧହୋଇ ନିୟମ ଭଙ୍ଗକରି ତାଙ୍କୁ ଦର୍ଶନ ଦେଇଥିବାର ଶୁଣାଯାଏ । ଆଉ ଜଣେ ଏହି ଆଧୁନିକ ଯୁଗରେ ସାହିତ୍ୟ ଚର୍ଚ୍ଚାକରି ସଂସ୍କୃତ ପ୍ରଭୃତିରେ ନିପୁଣତାର ପରିଚୟ ଦେଇଅଛନ୍ତି । ରାଧାନାନୀ ଧରାକୋଟର ଜଣେ ବ୍ରାହ୍ମଣ ଘରର ବିଧବା । ତାଙ୍କର ସେହି ଶିକ୍ଷାର ଆଭାସ ବର୍ତ୍ତମାନ ସ୍ତ୍ରୀ ସମାଜରେ କାହିଁ ? ସ୍କୁଲମାନ ଯଥେଷ୍ଟ ରୂପରେ ନହେଉ ବୋଲିବାକୁ ହେବ । ଭୋଜ ବିକ୍ରମାଦିତ୍ୟଙ୍କ ଠାରୁ ଆରମ୍ଭକରି ସୁଢଳ ରାମଚନ୍ଦ୍ର ପର୍ଯ୍ୟନ୍ତ ରାଜାମାନଙ୍କ ଦ୍ୱାରା ଭାରତର ସଂସ୍କୃତ ତଥା ପ୍ରାଦେଶିକ ଭାଷାର ସାହିତ୍ୟ ପରିପୁଷ୍ଟ ହୋଇ ଆସିଥିବାର ଜଣାଯାଏ । ଓଡ଼ିଶାର ନରପତିମାନଙ୍କ ମଧ୍ୟରୁ କେତେକଙ୍କ ଠାରେ ଏହି ସାହିତ୍ୟାନୁରାଗ ଦେଖାଯାଏ, ଏହା ଅତି ଆନନ୍ଦର କଥା । ରାଜା ଏବଂ ବୃତ୍ତୀଶ୍ୱରମାନେ ନିଜେ ସାହିତ୍ୟଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶକ୍ତିଶାଳୀ ସାହିତ୍ୟିକମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ପ୍ରକାରେ ସାହାଯ୍ୟ ଦେଇ ସାହିତ୍ୟ ଚର୍ଚ୍ଚା କ୍ଷେତ୍ର ବଢ଼ାଇଲେ ଆହୁରି ଭଲ ହୁଅନ୍ତା ।

**ସଂସ୍କାର :** ଆଜିକାଲି ଆମ୍ଭମାନଙ୍କ ଦେଶରେ ସଂସ୍କାର କରିବାକୁ କେତେକଙ୍କର ପ୍ରୟାସ ଦେଖା ଯାଉଅଛି । କିନ୍ତୁ କାହିକି ଯେ ସଂସ୍କାର ଆବଶ୍ୟକ ତାହା କେହି ସ୍ଥିର କଲାପରି ଜଣାଯାଏ ନାହିଁ । ଦେଶର ବର୍ତ୍ତମାନ ଅବସ୍ଥାରେ ଆମ୍ଭମାନଙ୍କର ଆଚାର, ବ୍ୟବହାର ସାମାଜିକ ରୀତି ନୀତିରେ କୌଣସି ପରିବର୍ତ୍ତନ ଘଟାଇବା ସମୀଚୀନ ନୁହେ । ବରଂ ପୁରାତନ ପ୍ରତି, ପ୍ରାଚୀନ ସାମାଜିକ ରୀତି-ନୀତି ପ୍ରତି ଲୋକଙ୍କର ଆସ୍ଥା ଓ ଆଗ୍ରହ ବଢ଼ାଇବା ଆବଶ୍ୟକ ବୋଲି ମୁଁ ମନେକରେ । ଜାତିର ଯାହା ସମ୍ବଳ, ତାହା ଛାଡ଼ିଦେଇ କେବଳ ଅନୁକରଣର ପାଶ୍ଚାତ୍ୟାବନ କଲେ କିଛି ଫଳ ହେବନାହିଁ । ଏଥିଦ୍ୱାରା ମୁ ପ୍ରକାଶ କରୁନାହିଁ ଯେ, ଆମ୍ଭମାନଙ୍କ ସମାଜରେ କୌଣସି ତ୍ରୁଟି ବା ଦୋଷ ନାହିଁ । କେଉଁ ସମାଜରେ ବା ତାହା ନାହିଁ ? ଆମ୍ଭମାନଙ୍କ ସମାଜ ପରି ପ୍ରାଚୀନ ସମାଜ ନାନା ଅବସ୍ଥା ଅତିକ୍ରମ

କରି ଆସିଥିବାରେ କାଳକ୍ରମେ ତହିଁରେ ସେପରି ଅନେକ ତ୍ରୁଟି ବା କୁସଂସ୍କାର ପ୍ରବେଶ କରିବା ସ୍ୱାଭାବିକ୍। ସେ ସବୁର ନିରାକରଣ ସର୍ବଥା ବାଞ୍ଛନୀୟ। କିନ୍ତୁ ତାହା କରିବାବେଳେ ''ଶନୈଃ ପନ୍ଥା, ଶନୈଃ କନ୍ଥା, ଶନୈଃ ପର୍ବତ ଲଙ୍ଘନ'' ନୀତି ଅବଲମ୍ବନ କରିବା ଶ୍ରେୟସ୍କର।

**ଉପସଂହାର :** ଏହିପରି ଦେଶର ଉନ୍ନତି ବିଧାୟକ ଅନ୍ୟାନ୍ୟ ବିଭାଗ ଅର୍ଥାତ୍ କୃଷି, ବାଣିଜ୍ୟ ସମ୍ବନ୍ଧରେ ପୂର୍ବବର୍ତ୍ତୀ ସମ୍ମିଳନୀରେ ସଭାପତିମାନେ ବିଶେଷଭାବରେ କହିଦେଇ ଯାଇଅଛନ୍ତି। ସେ ସମସ୍ତର ଆମ୍ରେଡନ ବର୍ତ୍ତମାନ ନିଷ୍ପ୍ରୟୋଜନ। ଗୋଟିଏ ଜାତିକୁ ଉନ୍ନତିପଥରେ ଅଗ୍ରସର କରାଇବାକୁ ହେଲେ ତାହାର ଏହି ସମସ୍ତ ବିଭାଗରେ ଉତ୍କର୍ଷ ସମ୍ପାଦନ କରିବାକୁ ହେବ। କିନ୍ତୁ ଏହିସବୁ କାର୍ଯ୍ୟ ବର୍ଷକରେ ବା ଦଶବର୍ଷରେ ହେଲାନାହିଁ ବୋଲି କ୍ଷୋଭ ପ୍ରକାଶକରି କାର୍ଯ୍ୟକ୍ଷେତ୍ରରୁ ନିବୃତ୍ତହେଲେ ଚଳିବନାହିଁ। ଶତବର୍ଷବ୍ୟାପୀ ଉଦ୍ୟମ, ଆନ୍ଦୋଳନ ଆବଶ୍ୟକ। କଠୋର ସ୍ୱାର୍ଥତ୍ୟାଗ, ପ୍ରତିଭାଶାଳୀମାନଙ୍କର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ ଆବଶ୍ୟକ।

ଉତ୍କଳର ସ୍ଥାନେ ସ୍ଥାନେ କୌଣସି କୌଣସି ବ୍ୟକ୍ତି ବିଶେଷଙ୍କ କାର୍ଯ୍ୟରେ ଏହି ଜାତୀୟକଲ୍ୟାଣ ନିମନ୍ତେ ଯେତେ ସାମାନ୍ୟ ହେଉପଛକେ, ଉତ୍ସାହ ଏବଂ ଆତ୍ମୋତ୍ସର୍ଗ ସମ୍ପ୍ରତି ଦେଖାଯିବା ବିଶେଷ ଆଶାପ୍ରଦ। ଲୋକଙ୍କ ମଧ୍ୟରେ ସମ୍ମିଳନୀ ଯେ ପ୍ରବୃତ୍ତି ଜାଗରଣ କରାଇନାହିଁ ଏହା କୁହାଯାଇ ନ ପାରେ। ସମ୍ମିଳନୀ କଣ କାର୍ଯ୍ୟ କଲାବୋଲି ସମ୍ମିଳନୀ ଅଧିବେଶନ ପରେ ପଚାରିବା, କିମ୍ବା ବର୍ଷକପରେ ଅନ୍ୟ ଅଧିବେଶନ ସମୟରେ ସେସମ୍ବନ୍ଧେ କେତେଗୁଡ଼ି ନିରାଶା ଅବାଣୀ କହି ବୀତଶ୍ରଦ୍ଧ ହେବା ବିଶ୍ୱାସୀ ମାନବର କର୍ତ୍ତବ୍ୟ ନୁହେ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ।

## ଅଧିବେଶନରେ ଆଲୋଚିତ ଓ ଗୃହୀତ ପ୍ରସ୍ତାବାବଳୀ

**ପ୍ରଥମ ପ୍ରସ୍ତାବ :** ପ୍ରବଳ ପ୍ରତାପ ମହାମହିମ ଆମ୍ଭମାନଙ୍କର ସମ୍ରାଟ ନ୍ୟାୟ ଓ ସତ୍ୟ ନିମନ୍ତେ ଯେଉଁ ଇଉରୋପୀୟ ମହାସଂଗ୍ରାମରେ ଯୋଗଦେବାକୁ ବାଧ୍ୟ ହୋଇଅଛନ୍ତି, ସେଥିରେ ବିଭିନ୍ନ ଶାସନାଧୀନସ୍ଥ ଓଡ଼ିଆମାନଙ୍କର ଏହି ସମ୍ମିଳନୀ ଈଶ୍ୱରଙ୍କ ଠାରେ ତାଙ୍କର ବିଜୟ ପ୍ରାର୍ଥନା କରୁଅଛନ୍ତି ଏବଂ ସାମ୍ରାଜ୍ୟର ଏହି ସଂକଟରେ ସମ୍ରାଟଙ୍କ ପ୍ରତି ଗଭୀର ରାଜଭକ୍ତି ପ୍ରକାଶ କରୁଅଛନ୍ତି। ଯୁଦ୍ଧକ୍ଷେତ୍ରରେ ଆହତ ସୈନିକଙ୍କ ଚିକିତ୍ସାର୍ଥେ ଜଣେ ଡାକ୍ତରଙ୍କ ବ୍ୟୟ ମାସିକ ଟ୩୦୦ଙ୍କା ଦେବାକୁ ଏହି ସମ୍ମିଳନୀ ସ୍ଥିର କରୁଅଛନ୍ତି।

ପ୍ରସ୍ତାବକ - ମାନ୍ୟବର ମିଃ ଏମ୍.ଏସ୍. ଦାସ, ସି.ଆଇ.ଇ.

ଅନୁମୋଦକ - ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ
ସମର୍ଥକ - ଶ୍ରୀଯୁକ୍ତ ରାଜାସାହେବ ଟେକଲ୍ଲି
ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା

**ଦ୍ୱିତୀୟ ପ୍ରସ୍ତାବ :** ମହାମାନ୍ୟ ସଦାଶୟ ଭାରତର ବଡଲାଟ ଲର୍ଡ ହାର୍ଡିଞ୍ଜଙ୍କ ପତ୍ନୀ ଓ ପୁତ୍ର ବିୟୋଗ ଶୋକରେ ଏହି ସମ୍ମିଳନୀ ଦୁଃଖପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ - ବାରିଷ୍ଟର ଶ୍ରୀଯୁକ୍ତ ବି.ଏନ୍.ମିଶ୍ର
ଅନୁମୋଦକ - ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକ, ବି.ଏଲ୍.
ସମର୍ଥକ - ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ବି.ଏଲ

**ତୃତୀୟ ପ୍ରସ୍ତାବ :** ଓଡ଼ିଶାରେ ଶିକ୍ଷା ପ୍ରବର୍ତ୍ତକ, ଓଡ଼ିଆମାନଙ୍କର ଉନ୍ନତିରେ ସାହାଯ୍ୟକାରୀ ଓଡ଼ିଶାର ଭୂତପୂର୍ବ କମିଶନର ମହାମତି ରେଭନ୍ସା ସାହେବ ଏବଂ ସାହିତ୍ୟାନୁରାଗୀ ମଞ୍ଜୁଷାର ରାଜା ଶ୍ରୀ ବାସୁଦେବ ରାଜମଣି ରାଜଦେବଙ୍କ ଅକାଳ ବିୟୋଗରେ ଏହି ସମ୍ମିଳନୀ ଦୁଃଖ ପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ବି.ଏ.
ଅନୁମୋଦକ - ଶ୍ରୀଯୁକ୍ତ ଗଣେଶ ମହାପାତ୍ର ବି.ଏଲ.
ସମର୍ଥକ - ଶ୍ରୀଯୁକ୍ତ ବଳଭଦ୍ର ନନ୍ଦ

**ଚତୁର୍ଥ ପ୍ରସ୍ତାବ :** ସମ୍ମିଳନୀ ପ୍ରତିଷ୍ଠାତା ସ୍ୱଦେଶପ୍ରାଣ ମାନନୀୟ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ଏହି ବୃଦ୍ଧ ବୟସରେ ଭ୍ରାତୃବିୟୋଗ ଘଟିଥିବାରୁ ଏହି ସମ୍ମିଳନୀ ତାହାଙ୍କ ଶୋକରେ ଗଭୀର ଦୁଃଖ ପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ସଦାଶିବ ବିଦ୍ୟାଭୂଷଣ
ଅନୁମୋଦନ - ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ବି.ଏ.
ସମର୍ଥକ - ଶ୍ରୀମାନ ଯୁବରାଜ, ତରଳା

**ପଞ୍ଚମ ପ୍ରସ୍ତାବ :** ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆମାନେ ବିହାର, ଓଡ଼ିଶା ପ୍ରଦେଶର ଓଡ଼ିଆମାନଙ୍କ ସହିତ ଏକ ଶାସନାଧୀନରେ ନରହିବା ପର୍ଯ୍ୟନ୍ତ ଉତ୍କଳର ପ୍ରକୃତ ଉନ୍ନତି ସାଧିତ ହୋଇପାରିବ ନାହିଁ ବୋଲି ଏହି ସମ୍ମିଳନୀ ବିଶ୍ୱାସ କରନ୍ତି ।

ପ୍ରସ୍ତାବକ - ମାନ୍ୟବର ମିଃ ଏମ୍. ଏସ୍. ଦାସ ସି.ଆଇ.ଇ.
ଅନୁମୋଦକ - ଶ୍ରୀମାନ୍ ରାଜାସାହେବ, ମଞ୍ଜୁଷା
ସମର୍ଥକ - ଶ୍ରୀଯୁକ୍ତ ହରିହର ପଣ୍ଡା ବି.ଏ.
ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର ଏମ.ଏ. ବି.ଏଲ
ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପଟ୍ଟନାୟକ ବି.ଏ.

**ଷଷ୍ଠ ପ୍ରସ୍ତାବ :** ବିହାର-ଓଡ଼ିଶା ଅନ୍ତର୍ଗତ ସିଂହଭୂମ, ମାନ୍ଦ୍ରାଜ ଅନ୍ତର୍ଗତ ଜୟପୁର ଏବଂ ମଧ୍ୟପ୍ରଦେଶ ଅନ୍ତର୍ଗତ ଫୁଲଝର, ପଦ୍ମପୁର, ଚନ୍ଦ୍ରପୁର ପ୍ରଭୃତି ଓଡ଼ିଆ

ଅଞ୍ଚଳରେ ଓଡ଼ିଆ କଚେରୀ ଭାଷା ରୂପେ ଗୃହୀତ ହେବା ଏବଂ ଓଡ଼ିଆ ଶିକ୍ଷା ବିସ୍ତାର ନିମନ୍ତେ ବହୁଳ ବ୍ୟବସ୍ଥା ହେବାର ପ୍ରୟୋଜନୀୟତା ଏହି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି ।

ପ୍ରସ୍ତାବକ - ମିଃ ବି.ଏନ୍. ମିଶ୍ର ବାରିଷ୍ଟର

ଅନୁମୋଦକ - ଶ୍ରୀଯୁକ୍ତ ଗଣେଶ ମହାପାତ୍ର ବି.ଏଲ.

ସମର୍ଥକ - ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ବି.ଏ.

**ସପ୍ତମ ପ୍ରସ୍ତାବ :** ବିଭିନ୍ନ ପ୍ରାଦେଶିକ ଶାସନାଧୀନ ସମଗ୍ର ଓଡ଼ିଆଭାଷୀ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଏହି ସମ୍ମିଳନୀ ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରୁଅଛନ୍ତି । ଏବଂ ଏହା କାର୍ଯ୍ୟରେ ପରିଣତ ହେବାଯାଏ ସେମାନଙ୍କୁ କୌଣସି ଏକ ବିଶ୍ୱବିଦ୍ୟାଳୟର ଅଧୀନ କରାଯିବା ଉଚିତ ବୋଲି ସମ୍ମିଳନୀ ହୃଦୟଙ୍ଗମ କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ବି.ଏଲ.

ଅନୁମୋଦକ - ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର ଏମ.ଏ,

ସମର୍ଥକ - ଶ୍ରୀଯୁକ୍ତ ଦୈତ୍ୟାରିପ୍ରସାଦ ଦାସ ବି.ଏଲ.

ଶ୍ରୀଯୁକ୍ତ ସଦାନନ୍ଦ ମହାନ୍ତି ବି.ଏଲ.

ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକ ବି.ଏଲ୍.

**ଅଷ୍ଟମ ପ୍ରସ୍ତାବ :** ଓଡ଼ିଆ ଅଞ୍ଚଳର ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ଶିକ୍ଷକ ଓ ଓଡ଼ିଆ ତତ୍ତ୍ୱାବଧାରକ ନିଯୁକ୍ତ ନ ହେଲେ ଓଡ଼ିଆ ଛାତ୍ର ଛାତ୍ରୀଙ୍କ ଶିକ୍ଷାର ଉନ୍ନତି ସୁଦୂର ପରାହତ ବୋଲି ଏହି ସମ୍ମିଳନୀ ବିଶ୍ୱାସ କରନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ନୀଳକଣ୍ଠ ଦାସ ଏମ.ଏ.

ଅନୁମୋଦକ - ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର ବାରିଷ୍ଟର

ସମର୍ଥକ - ଶ୍ରୀଯୁକ୍ତ ଦୟାନିଧି ଦାସ

**ନବମ ପ୍ରସ୍ତାବ :** ଯାତାୟାତ ଓ ବାଣିଜ୍ୟାଦିର ସୁବିଧା ଏବଂ ଦେଶର ଅନ୍ୟାନ୍ୟ ବୈଷୟିକ ଉନ୍ନତିସାଧନ ସମ୍ପାଦନାର୍ଥେ ଖୋରଧା ରୋଡ଼ ଷ୍ଟେସନଠାରୁ ସମ୍ବଲପୁର ପର୍ଯ୍ୟନ୍ତ ସିଧା ରେଳପଥ ଶୀଘ୍ର ଖୋଲାହେବା ଆବଶ୍ୟକ ବୋଲି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ଦାଶରଥି ମିଶ୍ର

ଅନୁମୋଦକ - ଶ୍ରୀଯୁକ୍ତ ମୁକୁନ୍ଦପ୍ରସାଦ ଦାସ

ସମର୍ଥକ - ଶ୍ରୀମାନ୍ ଯୁବରାଜ, ଟେକଲି

**ଦଶମ ପ୍ରସ୍ତାବ :** ସମଗ୍ର ଉତ୍କଳଭାଷୀ ଅଞ୍ଚଳରେ ବହୁ ସଂଖ୍ୟକ ପ୍ରାଥମିକ ଏବଂ ମଧ୍ୟଶ୍ରେଣୀୟ ଶିକ୍ଷାର ବହୁଳ ବିସ୍ତାର ନିମନ୍ତେ ସର୍କାର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସମ୍ମିଳନୀ ମନେ କରନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ବି.ଏଲ.
ଅନୁମୋଦକ - ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ
ସମର୍ଥକ - ଶ୍ରୀଯୁକ୍ତ ସନ୍ୟାସୀରାଜ ପାଠକ

**ଏକାଦଶ ପ୍ରସ୍ତାବ :** ବିଶାଖପାଟଣା ଅନ୍ତର୍ଗତ ଜୟପୁର ଏଜେନ୍ସିକି ନେଇ ଗୋଟିଏ ପୃଥକ ଓଡ଼ିଆ ଜିଲ୍ଲା ଗଠିତ ନ ହେବାଯାଏ ସେହି ଅଞ୍ଚଳସ୍ଥ ଓଡ଼ିଆମାନଙ୍କ ସର୍ବାଙ୍ଗୀନ ଉନ୍ନତି ସୁଦୂର ପରାହତ ବୋଲି ସମ୍ମିଳନୀ ବିଶ୍ୱାସ କରନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ଅପଲ ନରସିଂହ ପଟ୍ଟନାୟକ
ଅନୁମୋଦକ - ଶ୍ରୀଯୁକ୍ତ ବଟକୃଷ୍ଣ ମହାପାତ୍ର
ସମର୍ଥକ - ଶ୍ରୀଯୁକ୍ତ ହନୁମନ୍ତ ରାଓ ପାଠକ
ଶ୍ରୀଯୁକ୍ତ ଅପର୍ଣ୍ଣା ପଣ୍ଡା

**ଦ୍ୱାଦଶ ପ୍ରସ୍ତାବ :** ନିମ୍ନଲିଖିତ ଦଶଜଣ ଏବଂ ପ୍ରତ୍ୟେକ ଜିଲ୍ଲାରୁ ନିର୍ବାଚିତ ଜଣେ ଜଣେ ସଭ୍ୟଙ୍କୁ ଘେନି ଆଗାମୀବର୍ଷ ସକାଶେ ପାରଳାଖେମଣ୍ଡିରେ କାର୍ଯ୍ୟ ନିର୍ବାହିକା ସମିତି ସଂସ୍ଥାପିତ ହେଉ ଏବଂ ପାର୍ଶ୍ୱଲିଖିତ ବ୍ୟକ୍ତିମାନଙ୍କ ଉପରେ ସେହି ସେହି ଜିଲ୍ଲାର ଜିଲ୍ଲାକମିଟି ଭାର ଅର୍ପିତ ହେଉ ।

୧. ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ବି.ଏଲ.
୨. ଶ୍ରୀଯୁକ୍ତ ଗୌରଚନ୍ଦ୍ର ପଟ୍ଟନାୟକ ବି.ଏ.
୩. ଶ୍ରୀଯୁକ୍ତ ହରିହର ପଣ୍ଡା ବି.ଏ.
୪. ଶ୍ରୀଯୁକ୍ତ ସଦାଶିବ ବିଦ୍ୟାଭୂଷଣ
୫. ଶ୍ରୀଯୁକ୍ତ ଶଶିଭୂଷଣ ରଥ
୬. ଶ୍ରୀଯୁକ୍ତ ନୀଳକଣ୍ଠ ମହାପାତ୍ର
୭. ଶ୍ରୀଯୁକ୍ତ ବଟକୃଷ୍ଣ ମହାପାତ୍ର
୮. ଶ୍ରୀଯୁକ୍ତ ବ୍ରଜକିଶୋର ବେବର୍ତ୍ତା
୯. ଶ୍ରୀଯୁକ୍ତ ବଳଭଦ୍ର ନନ୍ଦ
୧୦. ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ- ସମ୍ପାଦକ

ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା - ବିଶାଖପାଟଣା
ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ବି.ଏଲ.- ପୁରୀ
ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ବି.ଏ. - କଟକ

ଶ୍ରୀଯୁକ୍ତ ଦୈତ୍ୟାରିପ୍ରସାଦ ଦାସ ବି.ଏଲ. - ବାଲେଶ୍ୱର
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ - ସିଂହଭୂମ
ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର ଏମ.ଏ. ବି.ଏଲ. - ସମ୍ବଲପୁର

ପ୍ରସ୍ତାବକ - ସଭାପତି ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା

ଏହି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଧାର୍ଯ୍ୟ ହେଲା ।

ଅଧିବେଶନ ପାଇଁ ସ୍ୱେଚ୍ଛାସେବକ କାର୍ଯ୍ୟ କରିଥିବା ସେବକ ଛାତ୍ରଦଳଙ୍କୁ ଧନ୍ୟବାଦ ଦେଇ ସଭାପତି ବିକ୍ରମଦେବ ବର୍ମାଙ୍କ ବକ୍ତୃତା :

ସେବକ ଛାତ୍ରଦଳ ସମ୍ମିଳନୀର କାର୍ଯ୍ୟ ଅତୀବ ଉତ୍ସାହ ଓ ଆନନ୍ଦ ସହିତ ସୁଚାରୁରୂପେ ସମ୍ପାଦନ କରିଅଛନ୍ତି । ପାରଳାଖେମଣ୍ଡି ଛାତ୍ରମାନେ ମନପ୍ରାଣ ସଂଯୋଗକରି କାର୍ଯ୍ୟ ନିର୍ବାହ କରିଅଛନ୍ତି । ଏହା ସମସ୍ତେ ଏକ ବାକ୍ୟରେ ସ୍ୱୀକାର କରିବେ, ସନ୍ଦେହ ନାହିଁ । ଅତଏବ ମୁଁ ଅତୀବ ଆନନ୍ଦ ସହକାରେ ସମ୍ମିଳନୀ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ।

## ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ମେଲାଣି ଭାଷଣ/ ଧନ୍ୟବାଦ ଅର୍ପଣ :

ସଭାପତି ମହୋଦୟଙ୍କ ସଦ୍‌ଗୁଣାବଳୀ ଆପଣମାନଙ୍କୁ ଜଣାଇ ଦିଆଯାଇଅଛି । ସେ ଏହି ମହାସଭାର କାର୍ଯ୍ୟାବଳୀ ଯେପରି ଦକ୍ଷତା ସହକାରେ ଚଳାଇଅଛନ୍ତି ସେଥିରୁ ତାହାଙ୍କ କାର୍ଯ୍ୟକାରିତାର ପରିଚୟ ମିଳୁଅଛି । ନାନାବିଧ ବୈଷୟିକ କାର୍ଯ୍ୟରେ ବ୍ୟସ୍ତ ଥିଲେ ସୁଦ୍ଧା ଆମ୍ଭମାନଙ୍କର ଅନୁରୋଧ ରକ୍ଷାକରି ଦାୟିତ୍ୱପୂର୍ଣ୍ଣ ଏହି ସମ୍ମିଳନୀର ସଭାପତି ଆସନ ଗ୍ରହଣ କରିଥିବାରୁ ତାହାଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛି ।

ଆଗନ୍ତୁକ ପ୍ରତିନିଧି ଓ ଦର୍ଶକମାନେ ବହୁଶ୍ରମ ସ୍ୱୀକାର କରି ଏହି ମହାସଭାରେ ଯୋଗଦେଇ ଅଛନ୍ତି । ସେମାନଙ୍କ ସକାଶେ ଯଥାଶକ୍ତି ବନ୍ଦୋବସ୍ତ କରିବା ଆୟୋଜନ କରାଯାଇ ଥିଲେ ସୁଦ୍ଧା ସେମାନଙ୍କର ନାନାବିଧ ଅସୁବିଧା ଘଟିଅଛି, ଏଥିରେ ସନ୍ଦେହ ନାହିଁ । ଆଶା କରେ ସେମାନେ ଆମ୍ଭମାନଙ୍କର ଏହି ତ୍ରୁଟି ମାର୍ଜ୍ଜନା କରିବେ । ସେମାନଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରୁଅଛି ।

—

# ଏକାଦଶ ଅଧିବେଶନ

[ଉତ୍କଳ-ସମ୍ମିଳନୀର ଏକାଦଶ ଅଧିବେଶନ ୧୯୧୫ ମସିହା ଡିସେମ୍ବର ମାସ ୨୭ ଓ ୨୮ ତାରିଖରେ ସମ୍ବଲପୁର ସହରର ଉତ୍ତରରେ ଥିବା ବୁଢ଼ାରଜା ପର୍ବତର ପାଦଦେଶରେ ଏକ ବିସ୍ତୃତ ପଡିଆରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନ ପାଇଁ ଗଠିତ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଥିଲେ ବରଗଡ଼ର ଓକିଲ ବାଲୁଙ୍କେଶ୍ୱର ମିଶ୍ର ଓ ଅଧିବେଶନର ସଭାପତି ଥିଲେ ସିଂହଭୂମ ଅନ୍ତର୍ଗତ କେରାର ଜମିଦାର/ରାଜା ଲକ୍ଷ୍ମୀନାରାୟଣ ସିଂହଦେବ । ସମ୍ମିଳନୀର ମୁଖ୍ୟ ବ୍ୟୟଭାର ବହନ କରିଥିଲେ ପାଟନା(ବଲାଙ୍ଗୀର) ମହାରାଜା ପୃଥ୍ୱୀରାଜ ସିଂହଦେବ ଓ ସମ୍ମିଳନୀର ସଂପାଦକ ଥିଲେ ନିତ୍ୟାନନ୍ଦ ପଟ୍ଟନାୟକ । ପଶ୍ଚିମ ଓଡ଼ିଶାରେ ଏହା ଥିଲା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ । ସେଥିପାଇଁ ପଶ୍ଚିମ ଓଡ଼ିଶାର, ବିଶେଷତଃ ସମ୍ବଲପୁରର ଲୋକମାନଙ୍କ ମଧ୍ୟରେ ଏହା ଅଭୂତପୂର୍ବ ଉନ୍ମାଦନା ସୃଷ୍ଟି କରିଥିଲା ଓ ସଭାମଣ୍ଡପରେ ଗ୍ରାମାଞ୍ଚଳରୁ ହଜାର ହଜାର ଲୋକ ଆସି ସମବେତ ହୋଇଥିଲେ । ଫଳରେ ଏହା ଏକ ବିରାଟ ମେଳାର ରୂପ ନେଇଥିଲା । ବୟସାଧିକ୍ୟ ହେତୁ ସଭାପତି ଆପଣା ଅଭିଭାଷଣ ପାଠ କରିପାରି ନ ଥିଲେ ଓ ତାହା ଉପସ୍ଥାପନ କରିଥିଲେ ପଣ୍ଡିତ ଗୋପବନ୍ଧୁ ଦାସ । ସର୍ବଭାରତୀୟ ଖ୍ରୀଷ୍ଟିଆନ ସମ୍ମିଳନୀରେ ଯୋଗଦେବାକୁ ଯାଇ-ଥିବାରୁ ଉତ୍କଳଗୌରବ ମଧୁସୂଦନ ଏହି ଅଧିବେଶନରେ ଯୋଗ ଦେଇ ନ ଥିଲେ ।]

## ଅଭ୍ୟର୍ଥନା ସଭାର ସଭାପତି ବରଗଡର ବାଲୁଙ୍କେଶ୍ୱର ମିଶ୍ରଙ୍କ ଅଭିଭାଷଣ ।

ସମ୍ମାନାସ୍ପଦ ରାଜନ୍ୟବୃନ୍ଦ ଓ ଭ୍ରାତୃବୃନ୍ଦ !

ଆମ୍ଭେ ଏହି ସମ୍ବଲପୁର ଜିଲ୍ଲାର ଅଧିବାସୀଗଣ ଆପଣମାନଙ୍କୁ ହୃଦୟର ଅତ୍ୟୁତ୍ତମ ପ୍ରୀତି ସହକାରେ ଅତି ସାଦରେ ଅଭ୍ୟର୍ଥନା ଓ ଅଭିନନ୍ଦନ କରୁଅଛୁଁ । ବହୁ କାଳ ପରେ ଆପଣମାନଙ୍କର ଦର୍ଶନ ଲାଭ କରି ଆମ୍ଭେମାନେ ଯେ କେତେ ଦୂର ଉତ୍ସାହିତ ଓ ଆନନ୍ଦିତ ହୋଇଅଛୁଁ, ତାହା ଭାଷାରେ ବ୍ୟକ୍ତ କରି ନ ପାରୁଁ । ବିଗତ କେତେକ ବର୍ଷ ମଧ୍ୟରେ ଓଡ଼ିଆ ପ୍ରାଣରେ ଜାତୀୟ ମିଳନ ଓ ଭାଷା ସୂତ୍ରେ ପ୍ରଦେଶ ଗଠନ ଭାବ ଜାଗି ଉଠିଥିଲେ ମଧ୍ୟ ବର୍ତ୍ତମାନ ବର୍ଷରେ ତାହା ସମ୍ୟକ ଉତ୍କର୍ଷ ଲାଭ

କରିଥିବାର ଆପଣମାନଙ୍କୁ ଅବିଦିତ ନାହିଁ। ଏହି ଜିଲ୍ଲା ପ୍ରାକୃତିକ ଓଡ଼ିଶାର ଅଂଶ ବିଶେଷ, ଏ ରାଜ୍ୟର ବିଲୁପ୍ତ ଇତିହାସପ୍ରସିଦ୍ଧ ରାଜବଂଶ, ପ୍ରଜାବର୍ଗ, ଚତୁଃପାର୍ଶ୍ୱବର୍ତ୍ତୀ କରଦମିତ୍ର ରାଜଗଣ ଓ ସେମାନଙ୍କର ପ୍ରଜାପୁଞ୍ଜ ସମସ୍ତେ ବିଶୁଦ୍ଧ ଓଡ଼ିଆ । ଏ ଅଞ୍ଚଳର ଆଚାର, ବ୍ୟବହାର, ରୀତି, ନୀତି, ଓଷା, ବ୍ରତ କଥା କାହାଣୀ ପ୍ରତ୍ୟେକ ବିଷୟରେ ବିଶୁଦ୍ଧ ଓଡ଼ିଆ ଛଡ଼ା ଆଉ କିଛି ଦେଖିବାକୁ ମିଳିବ ନାହିଁ । ଏ ଜିଲ୍ଲାର ପ୍ରଧାନତମ ଜାତି ବ୍ରାହ୍ମଣ କରଣମାନେ ସେମାନଙ୍କ ପୂର୍ବ ପୁରୁଷଗଣ କେତେକ ବର୍ଷ ତଳେ ପୁରୀ ଜିଲ୍ଲାର କୌଣସି ନା କୌଣସି ଏକ ବ୍ରାହ୍ମଣ ଶାସନ ବା କରଣ ବସତିରୁ ଆସି ଏଠାରେ ଉପନିବେଶ ସ୍ଥାପନ କରିଥିବାର ଅଦ୍ୟାପି ସ୍ମରଣ ରଖି ନିଜ ନିଜକୁ ଗୌରବାନ୍ୱିତ ମନେ କରୁଅଛନ୍ତି । ଏପରି ଅବସ୍ଥାରେ ଭାଗ୍ୟ ବିପର୍ଯ୍ୟୟ କ୍ରମେ ରାଜନୈତିକସୂତ୍ରେ ଏ ଜିଲ୍ଲା ଉତ୍କଳ ପ୍ରଦେଶରୁ ବିଚ୍ଛିନ୍ନ ହୋଇ ବହୁକାଳ ମଧ୍ୟପ୍ରଦେଶ ଶାସନାନ୍ତର୍ଗତ ରହି ଯେଉଁ ଭୟାନକ ଅତୁଳନୀୟ ଓ ଅନିର୍ବଚନୀୟ ଅଭାବ ଓ ଅସୁବିଧା ଭୋଗ କରିବାକୁ ବାଧ୍ୟ ହୋଇଥିଲା ସେ ମଧ୍ୟରେ ଭାଷା ସମ୍ବନ୍ଧୀୟ ଅସୁବିଧା ସର୍ବଶ୍ରେଷ୍ଠ ଓ ସର୍ବବ୍ୟାପୀ । ଜାତୀୟ ଭାଷାର ଉଚ୍ଛେଦ ସାଧନ ପୂର୍ବକ ଜାତିର ଅସ୍ତିତ୍ୱ ଲୋପ କରିବାକୁ ଉପକ୍ରମ ହୋଇଥିଲା । ଯେଉଁ ଜାତିର ଜାତୀୟ ଭାଷା ନାହିଁ; ଜାତୀୟ ସାହିତ୍ୟ ନାହିଁ – ସେ ଜାତି ଜୀବିତ ରହି ନ ପାରେ । ଏ ଧ୍ରୁବ ସତ୍ୟପ୍ରତି ସର୍ବଦା ଜାଗରୁକ ଯେଉଁ ମହାତ୍ମାମାନେ ବ୍ୟାକୁଳିତ ପ୍ରାଣରେ ନିଜ ନିଜ ମାନ ସମ୍ଭ୍ରମ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରଭୃତିକୁ ଜାତୀୟ ଅନୁଷ୍ଠାନରେ ବଳି ଦେଇ ମାତୃଭାଷାକୁ ପୁନର୍ଜନ୍ମ ପ୍ରଦାନ କରିଅଛନ୍ତି ସେମାନଙ୍କର ଓ ଶ୍ରଦ୍ଧେୟ କବି ଗଙ୍ଗାଧରଙ୍କ ଜନ୍ମଭୂମି ଓ କର୍ମକ୍ଷେତ୍ର, ପୁଣ୍ୟତୋୟା ଚିତ୍ରୋତ୍ପଳା ପୁଳିନବିହାରିଣୀ ଶ୍ରୀ ଶ୍ରୀ ସମଲେଶ୍ୱରୀ ଠାକୁରାଣୀଙ୍କର ପବିତ୍ର ଲୀଳାଭୂମି ଏହି ସମ୍ବଲ ନଗରୀ ବର୍ତ୍ତମାନ ସମୟ ଓ ଅବସ୍ଥାରେ ଓଡ଼ିଆ ଜାତିର ଜାତୀୟ ମହାଯଜ୍ଞର ଏକାଦଶ ପୀଠ ହେବାର ଆଦୌ ଅନୁପଯୁକ୍ତ ନୁହେଁ ବୋଲି ଆମ୍ଭେମାନେ ସଦମ୍ଭରେ କହିପାରୁଁ । ଏ ଜିଲ୍ଲାର ପୂର୍ବ ଗୌରବ ବର୍ତ୍ତମାନ ଲୁପ୍ତ ପ୍ରାୟ ହେଲେ ମଧ୍ୟ ପ୍ରାଚୀନ ଇତିହାସରେ ଏହାର ସ୍ଥାନ ଯେ ନିତାନ୍ତ ସାମାନ୍ୟ ନ ଥିଲା ତାହା ଐତିହାସିକମାନେ ଅବଗତ ଅଛନ୍ତି । ସମ୍ବଲପୁରୀ ଚାଉଳ, ସମ୍ବଲପୁରୀ ମୁଗ, ସମ୍ବଲପୁରୀ ହରଡ଼ ଅଦ୍ୟାପି ଓଡ଼ିଶା ଖଣ୍ଡର ପ୍ରତ୍ୟେକ ଜିଲ୍ଲାବାସୀଙ୍କ ମୁଖରେ ଶୁଣିବାକୁ ମିଳେ । ଆମ୍ଭମାନଙ୍କର ଯାହା ସମ୍ବଳ ଅଛି ତାହା ଏ ଜିଲ୍ଲା ଓ ସହରର ନଦୀ, ନାଳ, ବନ, ଉପବନ, ଜଙ୍ଗଲ, ପର୍ବତ ପ୍ରଭୃତି ପ୍ରାକୃତିକ ଦୃଶ୍ୟ ଓ ମଠ ଦେବାଳୟ ପ୍ରଭୃତିରେ ନିହିତ ଅଛି । ସେ ସବୁ ଓ ଆମ୍ଭମାନଙ୍କର ଦୁଃଖ, କଷ୍ଟ, ଅଭାବ, ଅସଦ୍‌ଭାବ ଗୁଡ଼ିକ ନିଜ ସ୍ଥାନରେ ଦେଖାଇ ଆପଣମାନଙ୍କର ପଥ ଶ୍ରାନ୍ତି କିଞ୍ଚିତ୍ ପରିମାଣରେ ଦୂର କରି ପାରିବା ଆଶାରେ ଏ

ବର୍ଷ ସମ୍ମିଳନୀର ଆୟୋଜନ ଏଠାରେ ହୋଇଅଛି । ନତୁବା ଆପଣମାନଙ୍କୁ ପୌଷ ମାସର ଦାରୁଣ ଶୀତ ମଧ୍ୟରେ ଏତେ ଦୂର ବାଟ ନିମନ୍ତ୍ରଣ କରି ଆଣିବାର ଅନ୍ୟ କୌଣସି କୈଫିୟତ ନାହିଁ । ପକ୍ଷାନ୍ତରେ ଘରେ ବସି ଅକ୍ଳେଶରେ ଆପଣମାନଙ୍କର ଦର୍ଶନ ଲାଭ କରି ଆମ୍ଭେମାନେ ପ୍ରକୃତରେ ଧନ୍ୟ ହୋଇ ଅଛୁଁ । ଆମ୍ଭମାନଙ୍କ ହୃଦୟରେ ଯେଉଁ ଅକୃତ୍ରିମ ଆନନ୍ଦ ସ୍ରୋତ ନାଚି ଉଠୁଅଛି ତାହା ଭାଷା ବ୍ୟକ୍ତ କରି ନ ପାରେ ।

ଭାଇମାନେ ! ଭାରତୀୟ ଜାତୀୟ ମହାବୃକ୍ଷର ଯେଉଁ ଶାଖା ଓଡ଼ିଆ ଭୂଖଣ୍ଡରେ ବିସ୍ତୃତ ହୋଇଅଛି ସେହି ଶାଖାର ସମ୍ବଲପୁର ଅଞ୍ଚଳକୁ ଆସିଥିବା ମୃତ ପ୍ରାୟ ପ୍ରଶାଖାର ପୁନର୍ଜନ୍ମଦାତା ପରଲୋକଗତ ଦେଶହିତୈଷୀ ବାବୁ ବ୍ରଜମୋହନ ପଟ୍ଟନାୟକ, ପଣ୍ଡିତ ମଦନମୋହନ ପୁଜାରୀ ଜୀବିତ ଥିଲେ ଆଜି ଆପଣମାନଙ୍କୁ ତଦ୍‌ଗତ ପ୍ରାଣରେ ଅଭ୍ୟର୍ଥନା କରି ଅପାର ଆନନ୍ଦ ଲାଭ କରିଥାନ୍ତେ । ଉକ୍ତ ମହାତ୍ମାମାନଙ୍କର ଅଦମ୍ୟ ଉତ୍ସାହ ଓ ଅଧ୍ୟବସାୟ ପ୍ରଭାବରେ ଆଜି ଓଡ଼ିଶାର କିଞ୍ଚିତ୍ ପରିମାଣରେ ସୌଭାଗ୍ୟୋଦୟ ହୋଇଅଛି । ଉକ୍ତ ମହାତ୍ମାମାନଙ୍କର ସହଯୋଗୀଗଣ ''ଉତ୍କଳ ଦର୍ପଣ''ର ଭୂତପୂର୍ବ ସୁଯୋଗ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀପତି ମିଶ୍ର, ପଣ୍ଡିତ ବଳଭଦ୍ର ସୁଆର ଓ ମହନ୍ତ ବିହାରୀ ଦାସ ଅସୀମ ଉତ୍ସାହ ସହିତ ଏହି ସମ୍ମିଳନୀର ଆୟୋଜନ, ଆପଣମାନଙ୍କର ଅଭ୍ୟର୍ଥନା କରି ଅପାର ଆନନ୍ଦ ଉପଲବ୍ଧି କରିଅଛନ୍ତି । ଯେଉଁ ମହାତ୍ମାଗଣ ଉତ୍କଳର ଗୌରବ ବୃଦ୍ଧି ସକାଶେ ପ୍ରାଣପଣେ ଆଜୀବନ ନିଃସ୍ୱାର୍ଥ ଯତ୍ନ କରିଅଛନ୍ତି; ସେମାନଙ୍କ ମଧ୍ୟରେ କାର୍ଯ୍ୟ ନିର୍ବାହିକା ସମିତିର ଉପସଭାପତି ପଣ୍ଡିତ ଧରଣୀଧର ମିଶ୍ର ସମ୍ବଲପୁରରେ ସର୍ବ ପ୍ରଧାନ । ପୁତ୍ର ବିୟୋଗ ହେତୁରୁ କିୟତ୍‌କାଳ ଦେଶ ସେବାରୁ ବିରତ ହେଲେ ସୁଦ୍ଧା ସେ ଦେଶସେବା ବ୍ରତରେ ଯେଉଁ ଆତ୍ମ ସର୍ମର୍ପଣ ଓ ସ୍ୱାର୍ଥତ୍ୟାଗର ପରାକାଷ୍ଠା ଦେଖାଇଅଛନ୍ତି ତଦ୍ୱାରା ଅନୁପ୍ରାଣିତ ହୋଇ ପୂର୍ବୋକ୍ତ ମହାତ୍ମାଗଣ ଉତ୍କଳର ଅନ୍ୟାନ୍ୟ ବୀରପୁତ୍ରମାନଙ୍କ ସହିତ ମିଳିତ ହୋଇ ଓଡ଼ିଶାରୁ ବିଚ୍ଛିନ୍ନ ସମ୍ବଲପୁର ଓ ତତ୍‌ପାର୍ଶ୍ୱବର୍ତ୍ତୀ ଗଡଜାତ ସମୂହକୁ ତାହାର ଅନ୍ତର୍ଭୁକ୍ତ କରାଇଅଛନ୍ତି । କିନ୍ତୁ ଭାଇମାନେ ଉତ୍କଳର ଭାଷାସୂତ୍ରେ ଦେଶମିଶ୍ରଣ ଗୌରବ ସଂପୂର୍ଣ୍ଣ ଉଦ୍ଧାର କରିବା ସକାଶେ ଆମ୍ଭମାନଙ୍କୁ ସମବେତ ଭାବରେ ଆହୁରି ପ୍ରଗାଢ଼ ପରିଶ୍ରମ କରିବାକୁ ପଡ଼ିବ । ଅଦ୍ୟାପି ଓଡ଼ିଶାର ଅନେକାଂଶ ମାନ୍ଦ୍ରାଜ, ବଙ୍ଗ ଓ ମଧ୍ୟପ୍ରଦେଶରେ ପଡ଼ି ରହିଅଛି । ଫୁଲଝର, ମାଳଖୁରଦା, ପଦ୍ମପୁର, ଚନ୍ଦ୍ରପୁର, ଖଡିଆଳ ଜମିଦାରୀମାନ ଓ ସାରଙ୍ଗଡ, ରାୟଗଡ ଗଡ଼ଜାତ ମାନଙ୍କର ବିଚ୍ଛେଦରେ ଏହି ସମ୍ବଲପୁର ଜିଲ୍ଲା ଯେ କେବଳ ହୀନଶ୍ରୀ, ହୀତବଳ ଓ ହୀନପ୍ରଭ ହୋଇଅଛି ଏପରି ନୁହେ କିନ୍ତୁ ବିଚ୍ଛିନ୍ନ ଖଣ୍ଡମାନ ସାମାଜିକ ଓ ଅନ୍ୟାନ୍ୟ ଅନେକ ପ୍ରକାର ଅସୁବିଧା ଭୋଗ

କରୁଅଛନ୍ତି । ଉତ୍କଳର ଗଞ୍ଜାମ ଖଣ୍ଡ ପ୍ରଥମେ ଇଂରାଜ ସରକାରଙ୍କର ହସ୍ତଗତ ହେବା କାଳରେ ନିକଟବର୍ତ୍ତୀ ମାନ୍ଦ୍ରାଜ ସଙ୍ଗେ ରଖି ଶାସନ କରିବାର ସୁବିଧାଜନକ ହେବାରୁ ସେଠାରେ ରଖାଗଲା । ମେଦିନୀପୁର ଖଣ୍ଡ ସର୍ବ ପ୍ରଥମେ ଓଡ଼ିଶା ନାମରେ ଅଭିହିତ ହୋଇ ଅଦ୍ୟାବଧି ବଙ୍ଗ ସଙ୍ଗରେ ରହିଅଛି । ସମ୍ବଲପୁର ୧୮୪୯ ଖ୍ରୀଷ୍ଟାବ୍ଦରେ ଇଂରାଜ ଅଧୀନକୁ ଆସି ଏହି କେତେକ ବର୍ଷ ମଧ୍ୟରେ କ୍ରମାନ୍ୱୟରେ ବଙ୍ଗ, ମଧ୍ୟପ୍ରଦେଶ, ପୁନର୍ବାର ବଙ୍ଗ ଓ ବର୍ତ୍ତମାନ ବିହାର-ଓଡ଼ିଶା ଶାସନର ଅନ୍ତର୍ଭୁକ୍ତ ହୋଇଅଛି । ଓଡ଼ିଶାର ଏହି ଅଙ୍ଗଚ୍ଛେଦ ବହୁକାଳ ସ୍ଥାୟୀ କଦାପି ହୋଇପାରିବ ନାହିଁ । ଯେହେତୁ ଏହା ସମ୍ପୂର୍ଣ୍ଣ ଅସ୍ୱାଭାବିକ ସୁତରାଂ ସୁଶାସନ ପକ୍ଷେ ସୁବିଧାଜନକ ଏବଂ କଲ୍ୟାଣକର ନୁହେ । ରାଜନୈତିକ ଓଡ଼ିଶାର ଅଧିବାସୀ ଓଡ଼ିଆର ଧମନୀରେ ଯେଉଁ ରକ୍ତ ପ୍ରବାହିତ ହେଉଅଛି, ଏ ଅଞ୍ଚଳ ସବୁରେ ଓଡ଼ିଆ ଭାଇମାନଙ୍କର ପ୍ରତ୍ୟେକ ଶିରା ପ୍ରତିଶିରାରେ ଠିକ୍ ସେହି ରକ୍ତ ଅବିକୃତ ଭାବରେ ବହୁଅଛି । ରକ୍ତର ସମ୍ପର୍କ କସ୍ମିନ୍ କାଳେ ଶିଥିଳ ହୋଇ ନ ପାରେ; ସମ୍ପୂର୍ଣ୍ଣ ତୁଟିବାରତ ଏକାବେଳକେ ଅସମ୍ଭବ । ସେଥି ସକାଶେ ସେ ଦିନ ମହାମତି ଲର୍ଡ ହାର୍ଡିଞ୍ଜ କଟକରେ ପଦାର୍ପଣ କରିଥିବା କାଳେ ମଧ୍ୟପ୍ରଦେଶ ଶାସନଯୁକ୍ତ ଓଡ଼ିୟାଖଣ୍ଡ ଫୁଲଝର ଜମିଦାରୀର ଅନେକାନେକ ଲୋକ ତାର ଯୋଗେ ଭାଷାସୂତ୍ରରେ ଓଡ଼ିୟା ଦେଶର ପୁନର୍ଗଠନ ନିମନ୍ତେ ପ୍ରାର୍ଥନା କରିଥିଲେ । ବିଗତ ଦୁର୍ଗୋତ୍ସବରେ ଓଡ଼ିଶାର ବ୍ରାହ୍ମଣଗଣ ଜଗଜ୍ଜନନୀ ଆଦ୍ୟାଶକ୍ତିଙ୍କର ନବରାତ୍ର ତ୍ରିରାତ୍ର ପୂଜା ଯେ ଯେ ସକଳ ବିଧି ବିଧାନ ଓ ଉପଚାରରେ ନିଷ୍ପନ୍ନକରି ଅଛନ୍ତି ଉପରୋକ୍ତ ଅଞ୍ଚଳର ବ୍ରାହ୍ମଣମାନେ ଠିକ୍ ସେହିପରି କରିଅଛନ୍ତି । ଜଗନ୍ନାଥ ଦାସଙ୍କର ଶ୍ରୀମଦ୍ ଭାଗବତ ସର୍ବତ୍ର ସମାନ ଭାବରେ ପଠିତ ହେଉଅଛି । ସେହି ସତ୍ୟନାରୟଣ ପାଲା ସର୍ବତ୍ର ସମାନ ଭାବରେ ଅନୁଷ୍ଠିତ ହେଉଅଛି । ସମଗ୍ର ଓଡ଼ିଆ ଜାତିର ଧର୍ମମୂଳକ ବିଶ୍ୱାସ ଦିନେ ସେମାନଙ୍କୁ ରାଜନୈତିକ ସୂତ୍ରରେ ଏକ କରିଦେବ । ସେ ଦିନ ଓଡ଼ିଶାର ପୂର୍ବ ଗୌରବ ଫେରି ଆସିବ । ମାନନୀୟ ସରକାର ବାହାଦୁର ଏଥିରେ ଆମ୍ଭମାନଙ୍କର ଅନୁକୂଳ ନ ହେଲେ ଗତ୍ୟନ୍ତର ନାହିଁ । ଭାଇଠାରୁ ଭାଇ କେତେ ଦିନ ବିଚ୍ଛିନ୍ନ ରହିପାରେ ଏବଂ ସେଭଳି ବିଚ୍ଛେଦରେ ଯେ କି ଅସୁବିଧା, କଷ୍ଟ ଓ ବେଦନା ହୁଏ ତାହା ଅନୁଭବୀ ବିନା ଅନ୍ୟ କେହି ଜାଣେ ନାହିଁ । ଓଡ଼ିୟାମାନେ ବହୁଦିନ ଏହି କଷ୍ଟ ଭୋଗି ଅଛନ୍ତି ଏବଂ ଅଦ୍ୟାପି ଭୋଗୁ ଅଛନ୍ତି । ସରକାରଙ୍କ ନିକଟରେ ବାରମ୍ବାର ଦୁଃଖ ଗୁହାରି କରିଛନ୍ତି । ସରକାର ଯେ ଏ ଦୁଃଖ ନ ବୁଝିଛନ୍ତି ତାହା ନୁହେ । ମହାମତି ଲର୍ଡ କର୍ଜନ ଓ ସର୍ ଏଣ୍ଡ୍ରୁ ଫ୍ରେଜର ତ ଏହି ଦୁଃଖ ଓ ଅସୁବିଧା ଦୂର କରିବା ଲାଗି ସ୍ଥିର କରିଥିଲେ । ନାନା ପ୍ରତିବନ୍ଧକରୁ ଉକ୍ତ ଦୁଇ ମହାତ୍ମାଙ୍କ ସାଧୁ ପ୍ରସ୍ତାବ କାର୍ଯ୍ୟରେ

ବର୍ଷ ସମ୍ମିଳନୀର ଆୟୋଜନ ଏଠାରେ ହୋଇଅଛି । ନତୁବା ଆପଣମାନଙ୍କୁ ପୌଷ ମାସର ଦାରୁଣ ଶୀତ ମଧ୍ୟରେ ଏତେ ଦୂର ବାଟ ନିମନ୍ତ୍ରଣ କରି ଆଣିବାର ଅନ୍ୟ କୌଣସି କୈଫିୟତ ନାହିଁ । ପକ୍ଷାନ୍ତରେ ଘରେ ବସି ଅକ୍ଳେଶରେ ଆପଣମାନଙ୍କର ଦର୍ଶନ ଲାଭ କରି ଆମ୍ଭେମାନେ ପ୍ରକୃତରେ ଧନ୍ୟ ହୋଇ ଅଛୁଁ । ଆମ୍ଭମାନଙ୍କ ହୃଦୟରେ ଯେଉଁ ଅକୃତ୍ରିମ ଆନନ୍ଦ ସ୍ରୋତ ନାଚି ଉଠୁଅଛି ତାହା ଭାଷା ବ୍ୟକ୍ତ କରି ନ ପାରେ ।

ଭାଇମାନେ ! ଭାରତୀୟ ଜାତୀୟ ମହାବୃକ୍ଷର ଯେଉଁ ଶାଖା ଓଡ଼ିଆ ଭୂଖଣ୍ଡରେ ବିସ୍ତୃତ ହୋଇଅଛି ସେହି ଶାଖାର ସମ୍ବଲପୁର ଅଞ୍ଚଳକୁ ଆସିଥିବା ମୃତ ପ୍ରାୟ ପ୍ରଶାଖାର ପୁନର୍ଜନ୍ମଦାତା ପରଲୋକଗତ ଦେଶହିତୈଷୀ ବାବୁ ବ୍ରଜମୋହନ ପଟ୍ଟନାୟକ, ପଣ୍ଡିତ ମଦନମୋହନ ପୂଜାରୀ ଜୀବିତ ଥିଲେ ଆଜି ଆପଣମାନଙ୍କୁ ତଦ୍‌ଗତ ପ୍ରାଣରେ ଅଭ୍ୟର୍ଥନା କରି ଅପାର ଆନନ୍ଦ ଲାଭ କରିଥାନ୍ତେ । ଉକ୍ତ ମହାତ୍ମାମାନଙ୍କର ଅଦମ୍ୟ ଉତ୍ସାହ ଓ ଅଧ୍ୟବସାୟ ପ୍ରଭାବରେ ଆଜି ଓଡ଼ିଶାର କିଞ୍ଚିତ୍ ପରିମାଣରେ ସୌଭାଗ୍ୟୋଦୟ ହୋଇଅଛି । ଉକ୍ତ ମହାତ୍ମାମାନଙ୍କର ସହଯୋଗୀ-ଗଣ "ଉତ୍କଳ ଦର୍ପଣ"ର ଭୂତପୂର୍ବ ସୁଯୋଗ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀପତି ମିଶ୍ର, ପଣ୍ଡିତ ବଳଭଦ୍ର ସୁଆର ଓ ମହନ୍ତ ବିହାରୀ ଦାସ ଅସୀମ ଉତ୍ସାହ ସହିତ ଏହି ସମ୍ମିଳନୀର ଆୟୋଜନ, ଆପଣମାନଙ୍କର ଅଭ୍ୟର୍ଥନା କରି ଅପାର ଆନନ୍ଦ ଉପଲବ୍ଧି କରିଅଛନ୍ତି । ଯେଉଁ ମହାତ୍ମାଗଣ ଉତ୍କଳର ଗୌରବ ବୃଦ୍ଧି ସକାଶେ ପ୍ରାଣପଣେ ଆଜୀବନ ନିଃସ୍ୱାର୍ଥ ଯତ୍ନ କରିଅଛନ୍ତି; ସେମାନଙ୍କ ମଧ୍ୟରେ କାର୍ଯ୍ୟ ନିର୍ବାହିକା ସମିତିର ଉପସଭାପତି ପଣ୍ଡିତ ଧରଣୀଧର ମିଶ୍ର ସମ୍ବଲପୁରରେ ସର୍ବ ପ୍ରଧାନ । ପୁତ୍ର ବିୟୋଗ ହେତୁରୁ କିୟତ୍‌କାଳ ଦେଶ ସେବାରୁ ବିରତ ହେଲେ ସୁଦ୍ଧା ସେ ଦେଶସେବା ବ୍ରତରେ ଯେଉଁ ଆତ୍ମ ସର୍ମର୍ପଣ ଓ ସ୍ୱାର୍ଥତ୍ୟାଗର ପରାକାଷ୍ଠା ଦେଖାଇଅଛନ୍ତି ତଦ୍ୱାରା ଅନୁପ୍ରାଣିତ ହୋଇ ପୂର୍ବୋକ୍ତ ମହାତ୍ମାଗଣ ଉତ୍କଳର ଅନ୍ୟାନ୍ୟ ବୀରପୁତ୍ରମାନଙ୍କ ସହିତ ମିଳିତ ହୋଇ ଓଡ଼ିଶାରୁ ବିଚ୍ଛିନ୍ନ ସମ୍ବଲପୁର ଓ ତତ୍‌ପାର୍ଶ୍ୱବର୍ତ୍ତୀ ଗଡଜାତ ସମୂହକୁ ତାହାର ଅନ୍ତର୍ଭୁକ୍ତ କରାଇଅଛନ୍ତି । କିନ୍ତୁ ଭାଇମାନେ ଉତ୍କଳର ଭାଷାସୂତ୍ରେ ଦେଶମିଶ୍ରଣ ଗୌରବ ସଂପୂର୍ଣ୍ଣ ଉଦ୍ଧାର କରିବା ସକାଶେ ଆମ୍ଭମାନଙ୍କୁ ସମବେତ ଭାବରେ ଆହୁରି ପ୍ରଗାଢ଼ ପରିଶ୍ରମ କରିବାକୁ ପଡ଼ିବ । ଅଦ୍ୟାପି ଓଡ଼ିଶାର ଅନେକାଂଶ ମାନ୍ଦ୍ରାଜ, ବଙ୍ଗ ଓ ମଧ୍ୟପ୍ରଦେଶରେ ପଡ଼ି ରହିଅଛି । ଫୁଲଝର, ମାଳଖୁରଦା, ପଦ୍ମପୁର, ଚନ୍ଦ୍ରପୁର, ଖଡିଆଳ ଜମିଦାରୀ-ମାନ ଓ ସାରଙ୍ଗଡ, ରାୟଗଡ ଗଡ଼ଜାତ ମାନଙ୍କର ବିଚ୍ଛେଦରେ ଏହି ସମ୍ବଲପୁର ଜିଲ୍ଲା ଯେ କେବଳ ହୀନଶ୍ରୀ, ହୀତବଳ ଓ ହୀନପ୍ରଭ ହୋଇଅଛି ଏପରି ନୁହେ କିନ୍ତୁ ବିଚ୍ଛିନ୍ନ ଖଣ୍ଡମାନ ସାମାଜିକ ଓ ଅନ୍ୟାନ୍ୟ ଅନେକ ପ୍ରକାର ଅସୁବିଧା ଭୋଗ

କରୁଅଛନ୍ତି । ଉତ୍କଳର ଗଞ୍ଜାମ ଖଣ୍ଡ ପ୍ରଥମେ ଇଂରାଜ ସରକାରଙ୍କର ହସ୍ତଗତ ହେବା କାଳରେ ନିକଟବର୍ତ୍ତୀ ମାନ୍ଦ୍ରାଜ ସଙ୍ଗେ ରଖି ଶାସନ କରିବାର ସୁବିଧାଜନକ ହେବାରୁ ସେଠାରେ ରଖାଗଲା । ମେଦିନୀପୁର ଖଣ୍ଡ ସର୍ବ ପ୍ରଥମେ ଓଡ଼ିଶା ନାମରେ ଅଭିହିତ ହୋଇ ଅଦ୍ୟାବଧି ବଙ୍ଗ ସଙ୍ଗରେ ରହିଅଛି । ସମ୍ବଲପୁର ୧୮୪୯ ଖ୍ରୀଷ୍ଟାବ୍ଦରେ ଇଂରାଜ ଅଧୀନକୁ ଆସି ଏହି କେତେକ ବର୍ଷ ମଧ୍ୟରେ କ୍ରମାନ୍ୱୟରେ ବଙ୍ଗ, ମଧ୍ୟପ୍ରଦେଶ, ପୁନର୍ବାର ବଙ୍ଗ ଓ ବର୍ତ୍ତମାନ ବିହାର-ଓଡ଼ିଶା ଶାସନର ଅନ୍ତର୍ଭୁକ୍ତ ହୋଇଅଛି । ଓଡ଼ିଶାର ଏହି ଅଙ୍ଗଚ୍ଛେଦ ବହୁକାଳ ସ୍ଥାୟୀ କଦାପି ହୋଇପାରିବ ନାହିଁ । ଯେହେତୁ ଏହା ସମ୍ପୂର୍ଣ୍ଣ ଅସ୍ୱାଭାବିକ ସୁତରାଂ ସୁଶାସନ ପକ୍ଷେ ସୁବିଧାଜନକ ଏବଂ କଲ୍ୟାଣକର ନୁହେ । ରାଜନୈତିକ ଓଡ଼ିଶାର ଅଧିବାସୀ ଓଡ଼ିଆର ଧମନୀରେ ଯେଉଁ ରକ୍ତ ପ୍ରବାହିତ ହେଉଅଛି, ଏ ଅଞ୍ଚଳ ସବୁରେ ଓଡ଼ିଆ ଭାଇମାନଙ୍କର ପ୍ରତ୍ୟେକ ଶିରା ପ୍ରତିଶିରାରେ ଠିକ୍ ସେହି ରକ୍ତ ଅବିକୃତ ଭାବରେ ବହୁଅଛି । ରକ୍ତର ସମ୍ପର୍କ କସ୍ମିନ୍ କାଳେ ଶିଥିଳ ହୋଇ ନ ପାରେ; ସମ୍ପୂର୍ଣ୍ଣ ତୁଟିବାରତ ଏକାବେଳକେ ଅସମ୍ଭବ । ସେଥି ସକାଶେ ସେ ଦିନ ମହାମତି ଲର୍ଡ ହାର୍ଡିଞ୍ଜ କଟକରେ ପଦାର୍ପଣ କରିଥିବା କାଳେ ମଧ୍ୟପ୍ରଦେଶ ଶାସନଯୁକ୍ତ ଓଡ଼ିୟାଖଣ୍ଡ ଫୁଲଝର ଜମିଦାରୀର ଅନେକାନେକ ଲୋକ ତାର ଯୋଗେ ଭାଷାସୂତ୍ରରେ ଓଡ଼ିୟା ଦେଶର ପୁନର୍ଗଠନ ନିମନ୍ତେ ପ୍ରାର୍ଥନା କରିଥିଲେ । ବିଗତ ଦୁର୍ଗୋତ୍ସବରେ ଓଡ଼ିଶାର ବ୍ରାହ୍ମଣଗଣ ଜଗଜନନୀ ଆଦ୍ୟାଶକ୍ତିଙ୍କର ନବରାତ୍ର ତ୍ରିରାତ୍ର ପୂଜା ଯେ ଯେ ସକଳ ବିଧି ବିଧାନ ଓ ଉପଚାରରେ ନିଷ୍ପନ୍ନକରି ଅଛନ୍ତି ଉପରୋକ୍ତ ଅଞ୍ଚଳର ବ୍ରାହ୍ମଣମାନେ ଠିକ୍ ସେହିପରି କରିଅଛନ୍ତି । ଜଗନ୍ନାଥ ଦାସଙ୍କର ଶ୍ରୀମଦ୍ ଭାଗବତ ସର୍ବତ୍ର ସମାନ ଭାବରେ ପଠିତ ହେଉଅଛି । ସେହି ସତ୍ୟନାରୟଣ ପାଲା ସର୍ବତ୍ର ସମାନ ଭାବରେ ଅନୁଷ୍ଠିତ ହେଉଅଛି । ସମଗ୍ର ଓଡ଼ିଆ ଜାତିର ଧର୍ମମୂଳକ ବିଶ୍ୱାସ ଦିନେ ସେମାନଙ୍କୁ ରାଜନୈତିକ ସୂତ୍ରରେ ଏକ କରିଦେବ । ସେ ଦିନ ଓଡ଼ିଶାର ପୂର୍ବ ଗୌରବ ଫେରି ଆସିବ । ମାନନୀୟ ସରକାର ବାହାଦୁର ଏଥିରେ ଆମ୍ଭମାନଙ୍କର ଅନୁକୂଳ ନ ହେଲେ ଗତ୍ୟନ୍ତର ନାହିଁ । ଭାଇଠାରୁ ଭାଇ କେତେ ଦିନ ବିଚ୍ଛିନ୍ନ ରହିପାରେ ଏବଂ ସେଭଳି ବିଚ୍ଛେଦରେ ଯେ କି ଅସୁବିଧା, କଷ୍ଟ ଓ ବେଦନା ହୁଏ ତାହା ଅନୁଭବୀ ବିନା ଅନ୍ୟ କେହି ଜାଣେ ନାହିଁ । ଓଡ଼ିୟାମାନେ ବହୁଦିନ ଏହି କଷ୍ଟ ଭୋଗି ଅଛନ୍ତି ଏବଂ ଅଦ୍ୟାପି ଭୋଗୁ ଅଛନ୍ତି । ସରକାରଙ୍କ ନିକଟରେ ବାରମ୍ବାର ଦୁଃଖ ଗୁହାରି କରିଛନ୍ତି । ସରକାର ଯେ ଏ ଦୁଃଖ ନ ବୁଝିଛନ୍ତି ତାହା ନୁହେ । ମହାମତି ଲର୍ଡ କର୍ଜନ ଓ ସର୍ ଏଣ୍ଡ୍ରୁ ଫ୍ରେଜର ତ ଏହି ଦୁଃଖ ଓ ଅସୁବିଧା ଦୂର କରିବା ଲାଗି ସ୍ଥିର କରିଥିଲେ । ନାନା ପ୍ରତିବନ୍ଧକରୁ ଉକ୍ତ ଦୁଇ ମହାତ୍ମାଙ୍କ ସାଧୁ ପ୍ରସ୍ତାବ କାର୍ଯ୍ୟରେ

ପରିଣତ ହୋଇପାରିଲା ନାହିଁ । ତଦାନୀନ୍ତନ ଭାରତ ସରକାର ଓଡ଼ିଆମାନଙ୍କର ଯେ ଅସୁବିଧା ଓ କଷ୍ଟ ହେଉ ଥିବାର ସ୍ୱୀକାର କରିଅଛନ୍ତି, ଓଡିୟାମାନେ ଏକ ଶାସନାଧୀନ ନ ହେବା ଯାଏ ତାହା ସେହିପରି ରହିବ । ସେମାନଙ୍କ ଯୁକ୍ତମାନ ଆଜି ମଧ ଓଡ଼ିୟାମାନଙ୍କ ମିଶ୍ରଣ ପକ୍ଷେ ପୂର୍ଣ୍ଣ ବଳବତ୍ତର ରହିଅଛି । ତେଣୁ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଆଶା ଅଛି ଲର୍ଡ଼ କର୍ଜନ ଏବଂ ସର ଫ୍ରେଜର ସମ୍ବଲପୁରକୁ ଓଡ଼ିଶା ସଙ୍ଗେ ମିଶାଇ ଯେଉଁ ସାଧୁ କ୍ରିୟାର ସୂତ୍ରପାତ କରିଅଛନ୍ତି ଭାରତ ସରକାର ଶୀଘ୍ର ତାହା ପୂର୍ଣ୍ଣକରି ଓଡ଼ିଆ ଜାତିର ଚିର କୃତଜ୍ଞତା ଭାଜନ ହେବେ ।

ଭାଇମାନେ ଏ ଅଞ୍ଚଳ ବଡ଼ ପାହାଡ଼ିଆ । କୃଷି କାର୍ଯ୍ୟ ନିମନ୍ତେ ଅନେକ ସ୍ଥଳରେ ବୃଷ୍ଟି ଜଳ ଉପରେ ବହୁଳ ପରିମାଣରେ ନିର୍ଭର କରିବାକୁ ପଡ଼େ । ଚଳିତ ବର୍ଷ ପ୍ରଥମରୁ ବୃଷ୍ଟି ଅଭାବରେ ଏପରି ହାହାକାର ଉପସ୍ଥିତ ହୋଇଥିଲା ଯେ ଏ ଅଧିବେଶନର ଆୟୋଜନକାରୀମାନେ ଅଧିବେଶନ ହୋଇ ପାରିବା ବିଷୟରେ ଅନେକ ଦିନ ପର୍ଯ୍ୟନ୍ତ ଘୋର ସନ୍ଦିହାନ ହୋଇଥିଲେ । ମା ଭଗବତୀଙ୍କ କରୁଣାରୁ ପରେ ଏକପ୍ରକାର ସୁବୃଷ୍ଟି ହେବାରୁ ଦେଶର ଦୁରବସ୍ଥା ବହୁ ପରିମାଣରେ ଘୁଞ୍ଚିଗଲା ।

ପୁନଶ୍ଚ ୟୁରୋପୀୟ ଭୀଷଣ ସଂଗ୍ରାମ ବ୍ରିଟିଶ ସାମ୍ରାଜ୍ୟର ତଥା ଆମ୍ଭମାନଙ୍କର ଘୋର ଚିନ୍ତା ଓ ଭାବନାର କାରଣ ହୋଇଅଛି । ବ୍ରିଟିଶଜାତିର ଭାଗ୍ୟ ସଙ୍ଗେ ଆମ୍ଭମାନଙ୍କର ଭାଗ୍ୟ ଏକାନ୍ତ ଜଡିତ ଏବଂ ବ୍ରିଟିଶ ସାମ୍ରାଜ୍ୟର ସମ୍ପଦ ବିପଦରେ ଆମ୍ଭମାନଙ୍କର ସମ୍ପଦ ବିପଦ ସମ୍ପୂର୍ଣ୍ଣରୂପେ ନିର୍ଭର କରେ । ଏଣୁ ସମ୍ମିଳନୀର ଏ ଅଧିବେଶନରେ ବିଷାଦର ଛାୟା ଓ ସମାରୋହ ଏବଂ ସୌଷ୍ଠବରେ କେତେକ ଅଭାବ ଆପଣମାନଙ୍କର ଦୃଷ୍ଟିଗୋଚର ହୋଇପାରେ । ''ଧର୍ମର ଜୟ' ଏହି ଐଶ୍ୱରିକ ବାଣୀରେ ହିନ୍ଦୁର ଅଟଳ ବିଶ୍ୱାସ ରହିଅଛି । ଇଂରାଜ ଜାତି ଧର୍ମ ରକ୍ଷା ନିମନ୍ତେ ୟୁରୋପୀୟ ସମରାଙ୍ଗଣରେ ଅବତୀର୍ଣ୍ଣ ହୋଇଥିବାରୁ ସମସ୍ତ ଓଡ଼ିଆ ଜାତିର ପ୍ରତିନିଧି ଏହି ସମ୍ମିଳନୀ ଏକ ମନରେ ଏକ ପ୍ରାଣରେ ଭାରତ ସମ୍ରାଟଙ୍କର ଯୁଦ୍ଧରେ ଜୟ କାମନା କରି ଲୋକ କ୍ଷୟକାରୀ ଯୁଦ୍ଧ ଅତିଶୀଘ୍ର ସାଙ୍ଗ ହେବା ସକାଶେ ସମସ୍ୱରରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଁ । ଯୁଦ୍ଧର ଅବସାନ ପରେ ଯେତେବେଳେ ବ୍ରିଟିଶ ବିଜୟ ବୈଜୟନ୍ତି ଅପ୍ରତିଦ୍ୱନ୍ଦ ଭାବରେ ଜଗତରେ ଉଡିବ, ଇଂରାଜ ସରକାର ଭାରତର ରାଜନୈତିକ ଅଧିକାର ବଢ଼ାଇବେ ବୋଲି ଭାରତବାସୀ ଦୃଢ଼ ଆଶା ପୋଷି ରଖିଛନ୍ତି । ଓଡ଼ିଆମାନେ ମଧ ସମ୍ପୂର୍ଣ୍ଣ ଆଶା ରଖିଛନ୍ତି ଯେ ସେମାନଙ୍କର ଚିରାଭିଳଷିତ ଭ୍ରାତୃମିଳନ ସୁଖ ଇଂରାଜ ସରକାର ସେମାନଙ୍କୁ ଅବଶ୍ୟ ପ୍ରଦାନ କରିବେ । ଏହି ମିଳନ ଆକାଂକ୍ଷା କୌଣସି ସାମୟିକ ଉଦ୍‌ବେଗଜନିତ ନୁହେ । ଏହା ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ବଦ୍ଧମୂଳ ହୋଇ ରହିଅଛି ।

**ଆମ୍ଭମାନଙ୍କ କୈଫିୟତ୍ :** ସମ୍ବଲପୁରୀ ଭାଇମାନେ ସମ୍ମିଳନୀ ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ, ଆମ୍ଭେମାନେ ଏ ଅଭିଯୋଗରେ ଅନେକବାର ଅଭିଯୁକ୍ତ ହୋଇଅଛୁଁ। ଏଥି ନିମନ୍ତେ ଆମ୍ଭେମାନେ ନିରତିଶୟ ଲଜ୍ଜିତ ଓ ଦୁଃଖିତ ଅଛୁଁ। ମୁଁ ଆପଣଙ୍କ ନିକଟରେ ନିବେଦନ କରୁଅଛି ଯେ ସମ୍ମିଳନୀପ୍ରତି ଆମ୍ଭମାନଙ୍କର ପୂର୍ଣ୍ଣ ସ୍ନେହ, ସହାନୁଭୂତି, ମାୟା ମମତା ରହିଅଛି। ଆମ୍ଭେମାନେ ଯେ ସମ୍ମିଳନୀରେ ଆଦୌ ଯୋଗଦାନ କରିନାହୁଁ ଏହା କେହି କହିପାରିବେ ନାହିଁ। ତେବେ ସମ୍ବଲପୁରକୁ ଓଡ଼ିଶାର ଅନ୍ତର୍ଭୁକ୍ତ କରିବା ଲାଗି ସମ୍ବଲପୁରବାସୀ ଯେଉଁ ଅଦମ୍ୟ ଉତ୍ସାହ ଓ ପ୍ରଗାଢ଼ ଅଧ୍ୟବସାୟ ଦେଖାଇଅଛନ୍ତି ତହିଁର ତୁଳନାରେ ସମ୍ମିଳନୀର ବିଗତ ଅଧିବେଶନ ମାନଙ୍କରେ ସେମାନଙ୍କର ଅଂଶ ଅତି ସାମାନ୍ୟ ବୋଧ ହୋଇପାରେ। ସୁତରାଂ ସେମାନଙ୍କ ଉପରେ ଦୋଷାରୋପ ହେବା ବିଚିତ୍ର ନୁହେ।

ଏଣୁ ସତ୍ୟର ଅନୁରୋଧରେ ପ୍ରକୃତ ଘଟଣା ଅତି ସଂକ୍ଷେପରେ ଆପଣମାନଙ୍କ ନିକଟରେ ଉପସ୍ଥାପିତ କରିବାକୁ ପ୍ରୟାସୀ ହୋଇ ଆପଣମାନଙ୍କର ବହୁମୂଲ୍ୟ ସମୟ ନଷ୍ଟ କରୁଅଛିଁ, କ୍ଷମା କରିବେ। ସମ୍ମିଳନୀର ବିଗତ ଇତିହାସ ପାଠ କଲେ ସ୍ପଷ୍ଟ ଜଣାପଡ଼ିବ ଯେ କଟକଠାରେ ସମ୍ମିଳନୀର ଜନ୍ମ ସମୟର ସମ୍ବଲପୁରର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗେ ନେତାମାନେ ମହା ଉତ୍ସାହରେ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରୁ କେହି କେହି ପ୍ରଥମ ଅଧିବେଶନ ଓ ତତ୍‌ସଂପୃକ୍ତ କୃଷି ଓ ଶିଳ୍ପ ପ୍ରଦର୍ଶନୀର ଆୟୋଜନରେ ଅନ୍ୟାନ୍ୟ ଭାଇମାନଙ୍କ ସହିତ ନେତୃତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ଅଧିବେଶନମାନଙ୍କରେ ସମ୍ବଲପୁରର ଅନେକ ଛାତ୍ର, କେତେକ ଜମିଦାର, ସ୍ଥାନୀୟ ଅନ୍ୟାନ୍ୟ ଭୂସ୍ୱାମୀ ଓ ସାଧାରଣ ଲୋକ ଯେ ଯୋଗଦାନ କରିନାହାନ୍ତି, ସେପରି ମଧ୍ୟ ନୁହେ। ଏ ଅଞ୍ଚଳରେ ସାଧାରଣ ଲୋକ ଅଧିକ ପରିମାଣରେ ଅଶିକ୍ଷିତ। ସେମାନେ ଅଧିକ ସଂଖ୍ୟାରେ ସମ୍ମିଳନୀରେ ଯୋଗଦାନ କରିବାକୁ ସାହସ କରନ୍ତି ନାହିଁ। ଏହା ମଧ୍ୟ ଅତି ସ୍ୱାଭାବିକ। ଏ ଜିଲ୍ଲାର ଶିକ୍ଷିତ ସଂଖ୍ୟା ମୁଷ୍ଟିମେୟ। ଉକ୍ତ ଶିକ୍ଷିତଙ୍କ ମଧ୍ୟରୁ ଅନେକେ ସରକାରୀ କର୍ମଚାରୀ। ସମସ୍ତଙ୍କର ସମାନ ଭାବରେ ସୁବିଧା ନ ଥାଏ। ସମୟ ମଧ୍ୟ ନିତାନ୍ତ ନିଅଣ୍ଟ ପଡ଼େ। ସମ୍ବଲପୁରର ଭୌଗଳିକ ଅବସ୍ଥାନ ଓଡ଼ିଶାରୁ ଅସଂଲଗ୍ନ କହିଲେ ଚଳେ। ଯେଉଁ ରେଲ ଲାଇନଟି ଅଛି ତଦ୍ୱାରା ଗମନାଗମନର ଏକାନ୍ତ ଅସୁବିଧା। ଶୀତର ପ୍ରଖରତା, ସମ୍ମିଳନୀର ପୂର୍ବବର୍ତ୍ତୀ ଯଜ୍ଞପୀଠମାନଙ୍କର ସମ୍ବଲପୁରଠାରୁ ଦୂରତା, ଗଡ଼ଜାତ ସହିତ ଜିଲ୍ଲା ମଧ୍ୟରେ ଶୀଘ୍ରଗାମୀ ଯାନର ଅଭାବ ପ୍ରଭୃତି କାରଣମାନଙ୍କରୁ ଆମ୍ଭେମାନେ ବହୁଳ ପରିମାଣରେ ଯୋଗଦାନ କରିବାକୁ ଅସମର୍ଥ ହୋଇଅଛୁଁ। ମୁଁ ମୋର ଭାଇମାନଙ୍କ ପକ୍ଷରୁ ସରଳ ଭାବରେ ପ୍ରକାଶ କରିପାରେ ଯେ ଏହା ଛଡ଼ା

ଅନ୍ୟ କୌଣସି କାରଣ ନାହିଁ । ଭୁକ୍ତଭୋଗୀ ମାତ୍ରେ ଆମ୍ଭମାନଙ୍କ ସଙ୍ଗେ ଏକମତ ହେବେ ଯେ କାରଣ ନିତାନ୍ତ ଅଳିକ ଓ ଅସାର ନୁହେଁ । ଆପଣମାନେ ଆମ୍ଭମାନଙ୍କର ଏହି କୈଫିୟତ ସନ୍ତୋଷଜନକ ମନେ କଲେ ଆମ୍ଭେମାନେ କୃତାର୍ଥ ହେବୁଁ । ଏଠାରେ ମୁଁ ଆଉ ଗୋଟିଏ କଥା କହି ରଖିବାକୁ ଇଚ୍ଛା କରେ । ସମ୍ବଲପୁରଠାରୁ ଖୋରଧା ପର୍ଯ୍ୟନ୍ତ ମହାନଦୀର ପାର୍ଶ୍ୱଦେଇ ଗୋଟିଏ ନୂତନ ରେଲ ଲାଇନ ସ୍ଥାପିତ ହୋଇ ନ ଥିବା ଯାଏ ଉତ୍କଳର ଏକପ୍ରଧାନ ଅଭାବ ରହିଅଛି ବୋଲି ଜାଣିବାକୁ ହେବ । ଏତଦ୍ୱାରା ଯେ କେବଳ ସମ୍ବଲପୁର ଜିଲ୍ଲାର ସମ୍ପର୍କ ପ୍ରାକୃତିକ ଉତ୍କଳର ଅନ୍ୟାନ୍ୟ ଅଂଶ ସହିତ ଘନିଷ୍ଠତର ହେବ ତାହା ନୁହେ, ସଙ୍ଗେ ସଙ୍ଗେ ଅନେକ ଗଡ଼ଜାତ ରାଜ୍ୟର କୃଷି ଓ ବାଣିଜ୍ୟର ଉନ୍ନତି ସାଧନ ହୋଇ ଦେଶର ଉତ୍ତରୋତ୍ତର ଶ୍ରୀବୃଦ୍ଧି ଓ କଲ୍ୟାଣ ସାଧିତ ହେବ ।

**ସମ୍ମିଳନୀର ଉଦ୍ଦେଶ୍ୟ ଓ କାର୍ଯ୍ୟ :** ବର୍ତ୍ତମାନ ସମ୍ମିଳନୀ କଣ; ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟ ମଧ୍ୟ କି ପ୍ରକାର ସେ ବିଷୟରେ ଦୁଇ ଏକ କଥା କହିବାର ଅଭିଳାଷ ରଖିଅଛି । ଏ ବିଷୟ ନୂତନ ନ ଥିବାର ଓ ଇତି ପୂର୍ବ ସମ୍ମିଳନୀ ସଭା ମଣ୍ଡପରେ ଓ ସମ୍ବାଦ ପତ୍ରମାନଙ୍କରେ ବିଶଦ ଭାବରେ ଆଲୋଚିତ ହୋଇଥିବାର ସ୍ୱୀକାର କରୁଅଛୁଁ । ତଥାପି ଏ ଜିଲ୍ଲାରେ ସମ୍ମିଳନୀର ପ୍ରଚାର କାର୍ଯ୍ୟ ଏକ ପ୍ରକାର ଆଦୌ ହୋଇ ନ ଥିବାରୁ ଓ ଅଧିକାଂଶ ଲୋକ ସମ୍ମିଳନୀ ଓ ସମ୍ବାଦପତ୍ର ସଙ୍ଗେ ବହୁଳ ସମ୍ପର୍କ ରଖୁ ନ ଥିବାରୁ ମଧ୍ୟ ସମ୍ମିଳନୀ ସଭା ବଡ଼ ଲୋକଙ୍କ ସ୍ଥାନ ଏହି ଭ୍ରାନ୍ତ ଧାରଣା ଅନେକଙ୍କ ମନରେ ବଦ୍ଧମୂଳ ହୋଇଥିବାରୁ ସେ ବିଷୟର ସଂକ୍ଷିପ୍ତ ଆଲୋଚନାରେ ପ୍ରବୃତ୍ତ ହେଲି । ଏହି ସମ୍ମିଳନୀ କିଂଭୂତ କିମାକାର ବସ୍ତୁ ନୁହେ । ଏହାକୁ ଚିହ୍ନିବାକୁ ବହୁଦୂର ଯିବାକୁ ହେବନାହିଁ । ଆମ୍ଭେମାନେ ପ୍ରତ୍ୟେକେ ଜଣେ ଜଣେ କୁଟୁମ୍ବୀ । ପ୍ରତି ପୁରୁଷଙ୍କ ରକ୍ତ ଯେତେ ଜଣଙ୍କ ଶିରାରେ ପ୍ରବାହିତ ସେ ସମସ୍ତେ ଏକ ପରିବାରର ବା କୁଟୁମ୍ବର ଅନ୍ତର୍ଗତ । ଉତ୍କଳ ସମ୍ମିଳନୀ ସେହିପରି ଏକ ବଡ଼ ଆକାରର ପରିବାର । ଏହାର ଆଦି ପୁରୁଷ ମୂର୍ତ୍ତିମାନ ଓଡ଼ିଆ ଜାତି । ଏହା କ୍ରମେ ବହୁ ଶାଖା ପ୍ରଶାଖା ଯୁକ୍ତ, ସତତ ବିସ୍ତୃତିଶୀଳ ମହାଦ୍ରୁମରେ ପରିଣତ ହେଉଅଛି ।

ସମ୍ମିଳନୀ ସମସ୍ତ ଓଡ଼ିଆଙ୍କ ସଭା । କୌଣସି ଏକ ଦଳ ବା ଶ୍ରେଣୀର ଲୋକ କୌଣସି ଜିଲ୍ଲା ଦାବି କରି ନ ପାରନ୍ତି । ଜାତି, ଧର୍ମ, ଅବସ୍ଥା, ବ୍ୟବସାୟ, ପଦ, ମର୍ଯ୍ୟାଦା ନିର୍ବିଶେଷରେ ଏଥିରେ ପ୍ରତ୍ୟେକ ଓଡ଼ିଆର ସମାନ ଅଧିକାର ରହିଅଛି । ଏହି ସମ୍ବଲପୁର ତଥା ଉତ୍କଳର ଅନ୍ୟାନ୍ୟ ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଗୋଟିଏ ଗୋଟିଏ ଗ୍ରାମୀୟ ପଞ୍ଚାୟତ ଅଛନ୍ତି । ଏହି ସମ୍ମିଳନୀ ସମଗ୍ର ଓଡ଼ିଆ ଜାତିର ଗ୍ରାମୀୟ

ପଞ୍ଚାୟତ ଛଡ଼ା ଆଉ କିଛି ନୁହେ। ଗ୍ରାମୀୟ ପଞ୍ଚାୟତରେ ଗ୍ରାମର ସର୍ବାଧିକ କ୍ଷମତାଶାଳୀ ଗୌନ୍ତିଆଙ୍କର ଯେତେ ଅଧିକାର ଓ କ୍ଷମତା ଅଛି, ତାଙ୍କର ଅଧୀନସ୍ଥ ନିତାନ୍ତ ଦରିଦ୍ର ପ୍ରଜାର ମଧ ତେତିକି ଅଧିକାର ଅଛି। ଉତ୍କଳ ସମ୍ମିଳନୀରେ ମହାରାଜାଙ୍କର ଯେତିକି ଅଧିକାର ରହିଅଛି, ସାଧାରଣ କୃଷକର ମଧ ତେତିକି ଅଧିକାର ରହିଅଛି। ଗ୍ରାମବାସୀମାନଙ୍କର ବିବାଦ ବିସମ୍ବାଦ ନିଷ୍ପତ୍ତିକରି ଶାନ୍ତି ସ୍ଥାପନ କରିବା, ଗ୍ରାମୀୟ ଜଳାଶୟରୁ କୃଷିକାର୍ଯ୍ୟ ନିମନ୍ତେ ନିରପେକ୍ଷ ଭାବରେ ସମସ୍ତଙ୍କୁ ଜଳ ବଣ୍ଟନ କରିବା, ସମସ୍ତଙ୍କ ଧନ ପ୍ରାଣ ରକ୍ଷା କରିବାକୁ ଯତ୍ନ କରିବା ଓ ପରସ୍ପର ମଧରେ ଭ୍ରାତୃଭାବ ଜାଗରିତ କରିବା ପ୍ରଭୃତି ଗ୍ରାମୀୟ ପଞ୍ଚଙ୍କର ଉଦ୍ଦେଶ୍ୟ ଓ କାର୍ଯ୍ୟ ଅଟେ। ସମ୍ମିଳନୀର ଉଦ୍ଦେଶ୍ୟ ଓ କାର୍ଯ୍ୟ ଏହାଠାରୁ କୌଣସି ମତେ ପୃଥକ୍ ନୁହେ। ସାହିତ୍ୟ ସମାଜର ମଧବର୍ତ୍ତିଭାବେ ଜାତୀୟ ସାହିତ୍ୟ ଓ ଜାତୀୟ ଜୀବନ ନିୟନ୍ତ୍ରିତ କରିବା, ଦେଶର ସାମାଜିକ ସଂସ୍କାର, ଶିକ୍ଷା, କୃଷି, ଶିଳ୍ପ, ବାଣିଜ୍ୟ ପ୍ରଭୃତିର ଜାତୀୟ ବିଧାନରେ ଉନ୍ନତି କରିବା, ଉତ୍କଳୀୟ ଛାତ୍ରବୃନ୍ଦଙ୍କୁ ଦେଶସେବା-ରୂପ ମହାମନ୍ତ୍ରରେ ଦୀକ୍ଷିତ କରିବା; ଯେଉଁ ଧନଶାଳୀ ମହାତ୍ମାମାନେ ରୋଗୀର ଚିକିତ୍ସାର ସୌକାର୍ଯ୍ୟାର୍ଥେ ବହୁ ଅର୍ଥ ବ୍ୟୟ କରି ଔଷଧାଳୟ ପ୍ରତିଷ୍ଠିତ କରୁଅଛନ୍ତି; ସେମାନଙ୍କ ସାହାଯ୍ୟରେ ପ୍ରତ୍ୟେକ ଓଡ଼ିଆର ଦୂର ଦେଶରେ ସ୍ୱାସ୍ଥ୍ୟ ସାଧନର ସହଜ ଓ ସରଳ ନିୟମଗୁଡ଼ିକ ପ୍ରଚାର କରିବା, ପରସ୍ପର କଳି କଜିଆକରି ଆଇନ ଅଦାଲତର ଆଶ୍ରୟ ଗ୍ରହଣ ପୂର୍ବକ ସର୍ବସ୍ୱାନ୍ତ ହେବାରୁ ଲୋକମାନଙ୍କ କ୍ଷାନ୍ତ କରାଇବା, ସମ୍ମିଳନୀର କାର୍ଯ୍ୟ ମଧରେ ପରିଗଣିତ ଅଟେ। ସେ ଦିନ ମୋର ବଡ଼ ଝିଅଟି ସ୍କୁଲରୁ ପାଠ ପଢ଼ି ଫେରୁଥିବାର ଦେଖି ତାର ସାନ ଭାଇ ତା ନିକଟକୁ ଧାଇଁ ଯାଉଁ ଯାଉଁ ପଡ଼ିଗଲା। ପଡ଼ିଯିବାର ଦେଖି ନାନୀ ସସବ୍ୟସ୍ତରେ ଧାଇଁ ଆସି ଲୋତକପୂର୍ଣ୍ଣ ଚକ୍ଷୁରେ ବସ୍ତାନୀ ତଳେପକାଇ ଦେଇ ଭାଇକୁ ଗୋଟାଇ ଧରି ଲୁଗା କାନିରେ ଅତି ଯତ୍ନପୂର୍ବକ ସର୍ବାଙ୍ଗରୁ ଧୂଳି ଝାଡ଼ି ଦେଇ, ଭାଇର କ୍ରନ୍ଦନରେ ନିଜର କ୍ରନ୍ଦନ ରୋଳ ମିଶାଇ ଦେଲା। କେତେ ପ୍ରକାରେ କେତେ କୋମଳ କଥା କହି ପ୍ରଥମେ ଭାଇକୁ ସାନ୍ତ୍ୱନା କରି ପରେ ଆପେ ଆଶ୍ୱସ୍ତ ହେଲା। ମୋର ଝିଅଟି ନିଜର ଭାଇକୁ ସ୍ନେହ କରି ନିଜର ଭାଇର ଦୁଃଖରେ ଦୁଃଖିତ ହେବାକୁ ଶିଖିଛି। କିନ୍ତୁ ପଡ଼ୋସୀ ଘରର ପିଲାର ଦୁଃଖ ଦେଖି ଦୁଃଖିତ ହେବାକୁ ଶିଖିନାହିଁ। ଯେଉଁ ଦିନ ଏହି ଶୁଭ ସମ୍ମିଳନୀ ଉତ୍କଳୀୟ ଭାଇ ସକାଶେ ପ୍ରତ୍ୟେକ ଉତ୍କଳୀୟ ପ୍ରାଣରେ ସମବେଦନା ସମପ୍ରାଣତାର ବୀଜ ଅଙ୍କୁରିତ କରାଇବ ସେ ଦିନ ତାହାର ଉଦ୍ଦେଶ୍ୟର ସଫଳତା ଓ କାର୍ଯ୍ୟର ପୂର୍ଣ୍ଣତା ଲାଭ କରିବ। ଏହି କେତେକ ବର୍ଷ ମଧରେ ସମ୍ମିଳନୀ ଏହି ଲକ୍ଷ୍ୟ ଦିଗରେ ଯେ କେତେକ ପରିମାଣରେ ଅଗ୍ରସର ହୋଇ ନାହିଁ, ତାହା ନୁହେ।

ନୋହିଥିଲେ ଆପଣମାନେ ଏତେ କଷ୍ଟ ସ୍ୱୀକାର କରି ଉତ୍କଳର ବହୁ ଦୂରବର୍ତ୍ତୀ ସ୍ଥାନମାନଙ୍କରୁ ଏଠାକୁ କାହିଁକି ଶୁଭାଗମନ କରିଥାନ୍ତେ ? ଅଥବା ଆପଣମାନଙ୍କର ଏହି ଦୁଇ ଏକ ଦିନର ସୁଖ ସ୍ୱାଚ୍ଛନ୍ଦ୍ୟପ୍ରତି ଆମ୍ଭମାନଙ୍କର ଯତ୍ନ ନିତାନ୍ତ ଶିଥିଳ ଥିବାର ଅନୁଭବ କରି ଆମ୍ଭମାନଙ୍କର ପ୍ରାଣ ବ୍ୟାକୁଳିତ ହେଉଥବାର କି କାରଣ ଥିଲା ? ରୋମ ନଗରୀ ଏକ ଦିନରେ ନିର୍ମିତ ହୋଇପାରିଲା ନାହିଁ ବୋଲି ହତାଶ, ହତୋଦ୍ୟମ ଓ ହତୋତ୍ସାହ ହେବା ଆମ୍ଭମାନଙ୍କର ଉଚିତ ନୁହେ । ଆଶା ଏବଂ ବିଶ୍ୱାସ ପ୍ରାଣରେ ସର୍ବଦା ନୂତନ ବଳ ସଞ୍ଚାର କରିଥାଏ ।

**ଭୂସ୍ୱାମୀଗଣଙ୍କ ସହାନୁଭୂତି :** କିନ୍ତୁ ଭାଇମାନେ ! ସମ୍ମିଳନୀର ଉପରୋକ୍ତ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବାକୁ ଗଲେ ଉତ୍କଳର ରାଜା, ଜମିଦାର ଓ ଅନ୍ୟାନ୍ୟ ଭୂସ୍ୱାମୀଗଣଙ୍କର ସାହାଯ୍ୟ ଓ ସହାନୁଭୂତି ବିଶେଷ ପରିମାଣରେ ଆବଶ୍ୟକ । ପ୍ରକୃତ ପକ୍ଷେ ସେମାନେ ସମ୍ମିଳନୀର ନେତା ଓ ଅଧିନାୟକ ହେବା ବାଞ୍ଛନୀୟ । ସମ୍ମିଳନୀର କାର୍ଯ୍ୟରେ ଏମାନଙ୍କର ଉତ୍ସାହ ନ ଜନ୍ମିବା ଯାଏ କୌଣସି ସୁଫଳ ଆଶା ବିଡ଼ମ୍ବନା ମାତ୍ର । ସମ୍ମିଳନୀର ଉଦ୍ଦେଶ୍ୟ ଅତି ସାଧୁ ଓ ମହତ । କାର୍ଯ୍ୟ ଅତି ଗୁରୁତର ଓ ନିଷ୍ପତ୍ତି ସମସ୍ୟାପୂର୍ଣ୍ଣ । ଏହା ଶିଶୁର ଖେଳା ନୁହେ । ବର୍ଷ ମୁଣ୍ଡରେ ଥରେ ଏକତ୍ରିତ ହୋଇ ହୈ ଚୈ କଲେ କୌଣସି ଉପକାର ହେବନାହିଁ । ଗଭୀର ଚିନ୍ତା ଅନୁଶୀଳନ ଓ ଅନୁଧାବନର ଆବଶ୍ୟକ । ଏଥି ସକାଶେ ପ୍ରୟୋଜନୀୟ ଅର୍ଥ ଓ ସମୟ ଇତର ଲୋକଙ୍କର ନ ଥାଏ । କେବଳ ଏହି ଶ୍ରେଣୀର ଲୋକଙ୍କର ସେ ସୁବିଧା ଅଛି । ଗଭୀର ଆକ୍ଷେପର ବିଷୟ ଯେ ଯେଉଁ ରାଜା, ମହାରାଜା ଓ ଜମିଦାରମାନଙ୍କଠାରୁ ଉତ୍କଳ ଜନନୀ ଅନେକ ଅନେକ ଆଶା କରନ୍ତି ସେମାନଙ୍କ ମଧ୍ୟରୁ ଅନେକେ ଏଠାରେ ଦୃଷ୍ଟିଗୋଚର ହେଉନାହାନ୍ତି । ତେବେ ସମ୍ମିଳନୀ ଯେ କେତେକଙ୍କୁ ନିଜପ୍ରତି ଆକୃଷ୍ଟ କରି ପାରିଅଛି, ଏହା ବଡ଼ ସୌଭାଗ୍ୟର ବିଷୟ । ପାଟଣା ମହାରାଜା ଶ୍ରୀମାନ ପୃଥ୍ୱୀରାଜ ସିଂହଦେବ ସ୍ୱତଃ ପ୍ରବୃତ୍ତ ହୋଇ ସମ୍ମିଳନୀ ପ୍ରତି ଯେ ଆଗ୍ରହ ପ୍ରଦର୍ଶନ କରିଅଛନ୍ତି ତାହା ଏଠାରେ ଉଲ୍ଲେଖଯୋଗ୍ୟ । ଏହି ଅଧିବେଶନରେ ଅଧିକାଂଶ ବ୍ୟୟ ଭାର ସେ ମହାତ୍ମା ବହନ କରି ଉଦ୍ୟୋକ୍ତାମାନଙ୍କୁ ଚିରକୃତଜ୍ଞତା ପାଶରେ ଆବଦ୍ଧ କରିଅଛନ୍ତି । ଅନ୍ୟ ଅତ୍ୟନ୍ତ ଜରୁରୀ ଓ ଅନୁପେକ୍ଷଣୀୟ କାର୍ଯ୍ୟ ବାଧା ଦେଇ ନ ଥିଲେ ସେ ଏ ଅଧିବେଶନରେ ଆପଣମାନଙ୍କୁ ସମ୍ବଲପୁରବାସୀଙ୍କ ପକ୍ଷରୁ ଅଭ୍ୟର୍ଥନା କରି ପରମାହ୍ଲାଦିତ ହୋଇଥାନ୍ତେ । ଅନ୍ୟାନ୍ୟ ପ୍ରକାରରେ ମଧ୍ୟ ଏ ଅଧିବେଶନର ଶୋଭା ବୃଦ୍ଧି ସକାଶେ ଉକ୍ତ ମହାତ୍ମା ସମ୍ୟକ୍ ଯତ୍ନ ଓ ସାହାଯ୍ୟ କରିବାରେ ତ୍ରୁଟି କରିନାହାନ୍ତି ।

**ସମ୍ମିଳନୀ ପାଣ୍ଠି :** ସମ୍ମିଳନୀ କାର୍ଯ୍ୟର ସୁଚାରୁ ନିର୍ବାହ ସକାଶେ ଆଉ ଏକ ବିଷୟର ନିତାନ୍ତ ପ୍ରୟୋଜନ – ଚିରସ୍ଥାୟୀ ପାଣ୍ଠିର ସୃଷ୍ଟିକରଣ । ଆଜି କାଲି ସମସ୍ତ

ବିଷୟ ଅର୍ଥସାପେକ୍ଷ । କୌଣସି କାର୍ଯ୍ୟରେ ଯେତେ ସାମାନ୍ୟ ହେଉ ପଛକେ, ହସ୍ତକ୍ଷେପ କଲା ମାତ୍ରକେ ପ୍ରଭୂତ ଅର୍ଥର ଆବଶ୍ୟକ ହେଉଅଛି । ଉତ୍କଳବାସୀ ଏକ ମନ ଓ ଏକପ୍ରାଣ ହେଲେ ଆବଶ୍ୟକୀୟ ଅର୍ଥ ସଂଗ୍ରହ ନିଶ୍ଚୟ ବଡ଼ ସହଜ ବ୍ୟାପାର ହେବ । ଆମ୍ଭେମାନେ ଆମୋଦ ପ୍ରମୋଦରେ, ଭୋଗ ବିଳାସରେ, ନାନା ଅସତ୍ କାର୍ଯ୍ୟରେ ଅନେକ ଅର୍ଥ ଅକାତରରେ ବ୍ୟୟ କରୁଅଛୁଁ । ବହୁ ରାଜା ଜମିଦାର ପରିବ୍ୟାପ୍ତା ଶସ୍ୟଶ୍ୟାମଳା ଉତ୍କଳ ଜନନୀର ସନ୍ତାନଗଣ ଏଡ଼େ ଦରିଦ୍ର ଓ ନିରନ୍ନ ନୁହନ୍ତି ଯେ ଇଚ୍ଛା କଲେ ଆବଶ୍ୟକୀୟ ଅର୍ଥ ସଂଗ୍ରହ କରି ପାରିବେ ନାହିଁ । ସମ୍ମିଳନୀର ବ୍ୟୟ ନିର୍ବାହ ପାଇଁ ପ୍ରତ୍ୟେକ ଉତ୍କଳବାସୀ ଏକ ଏକ ଦିନର ଆୟ ଦେବା ବିଷୟ ଇତିପୂର୍ବେ ବହୁବାର ଆଲୋଚିତ ହୋଇ ସାରିଅଛି । ଟଙ୍କା ହାତକୁ ଆସିଲେ ସମ୍ପର୍କୀୟ ସମସ୍ତ ବିଷୟର ଆଲୋଚନା ଯଥା ସମୟରେ ଅବଶ୍ୟ ହୁଅନ୍ତା । ଆଶା କରେ ଉତ୍କଳୀୟ ଭ୍ରାତୃବୃନ୍ଦ ''ଅଙ୍ଗୀକୃତଂ ସୁକୃତିନଃ ପରିପାଳୟନ୍ତି'' ଏହି ନୀତି ବାକ୍ୟର ଅନୁସରଣ କରିବେ ଏବଂ ସମ୍ମିଳନୀ ଅର୍ଥ ସଂଗ୍ରହର ପ୍ରକୃଷ୍ଟ କାର୍ଯ୍ୟକାରୀ ଉପାୟ ଆଶୁ ଅବଲମ୍ବନ କରିବେ ।

**ଶୋକ ପ୍ରକାଶ :** ଭାଇମାନେ ! ଗଭୀର ଦୁଃଖର ବିଷୟ ଯେ ସମ୍ମିଳନୀ ଇତିହାସର ସମ୍ବଲପୁର ପୃଷ୍ଠା ରାୟ ଗୋକୁଳାନନ୍ଦ ଚୌଧୁରୀ ବାହାଦୁରଙ୍କ ଅକାଳ ମୃତ୍ୟୁରେ ମଳିନ ହୋଇଅଛି । ସମସ୍ତ ଉତ୍କଳବାସୀ ତାଙ୍କୁ ହରାଇ ନିତାନ୍ତ ପରିତପ୍ତ ହୋଇଅଛନ୍ତି । ଏହି ଦାରୁଣ ଘଟନା ଆମ୍ଭମାନଙ୍କର ଜାତୀୟ ଉନ୍ନତିରେ ଗୁରୁତର ବ୍ୟାଘାତ ଘଟାଇଅଛି । ତାହାଙ୍କର ଆତ୍ମା ପବିତ୍ର ସ୍ୱର୍ଗରାଜ୍ୟରୁ ଜାତୀୟ ଅନୁଷ୍ଠାନରେ ସର୍ବପ୍ରକାର ନୀଚ ପ୍ରାର୍ଥକୁ ବଳି ଦେବା ନିମନ୍ତେ ଆମ୍ଭମାନଙ୍କୁ ଆହ୍ୱାନ କରୁଥିବା ବିଶ୍ୱାସ କରି ଦ୍ୱିଗୁଣିତ ଦାୟିତ୍ୱ ଜ୍ଞାନରେ ତାଙ୍କ ଦ୍ୱାରା ଓ ଅନ୍ୟାନ୍ୟ ସମ୍ମିଳନୀ ଭକ୍ତଙ୍କଦ୍ୱାରା ଆରବ୍ଧ କାର୍ଯ୍ୟ ଆମ୍ଭମାନଙ୍କୁ ପୂର୍ଣ୍ଣ କରିବାକୁ ପଡ଼ିବ ।

**ପ୍ରଚାର କାର୍ଯ୍ୟ :** ଏହି ଅଶୁଭ ମଧ୍ୟରେ ସମ୍ବଲପୁରବାସୀଙ୍କ ପକ୍ଷରେ ଗୋଟିଏ ଶୁଭ ସୁଯୋଗ ଚଳିତ ବର୍ଷ ମଧ୍ୟରେ ଘଟିଥିବା ଏଠାରେ ପ୍ରକାଶ ନ କଲେ ନିଶ୍ଚୟ ଜ୍ଞାତବ୍ୟ ବିଷୟର ଅନୁଜ୍ଞାପନ ଦୋଷରେ ଦୋଷୀ ହେବାକୁ ହେବ । ଶ୍ରଦ୍ଧେୟ ବାବୁ ଅନନ୍ତ ମିଶ୍ରଙ୍କ ପରି ନିରଳସ, ନିରଭିମାନୀ, କଷ୍ଟସହିଷ୍ଣୁ, ପ୍ରଚାର-ପଟୁ, ଲୋକ-ମନୋରଞ୍ଜନକାରୀ, ମିଷ୍ଟାଳାପୀ, ନିଃସ୍ୱାର୍ଥ ସଂମ୍ମିଳନୀ ଭକ୍ତ ଆମ୍ଭେମାନେ ତାଙ୍କ ପୂର୍ବେ ଦେଖି ନ ଥିଲୁଁ । ସେ ଚଳିତ ବର୍ଷର ଶେଷ ଆଡ଼କୁ ଏ ଜିଲ୍ଲାର କେତେକ ପ୍ରଧାନ ଗ୍ରାମ ଓ ଗଡ଼ଜାତ ଏବଂ ଜମିଦାରୀ ରାଜଧାନୀରେ ପ୍ରଚାର କାର୍ଯ୍ୟ ଆରମ୍ଭ କରି ଲୋକମାନଙ୍କୁ ସମ୍ମିଳନୀପ୍ରତି କିଞ୍ଚିତ୍ ଆକୃଷ୍ଟ କରିବାରେ ସମର୍ଥ ହୋଇଅଛନ୍ତି । କିନ୍ତୁ ତାଙ୍କର କାର୍ଯ୍ୟ ଏକ ସୁମହତ୍ କାର୍ଯ୍ୟର ପ୍ରାରମ୍ଭ ମାତ୍ର । ଅନନ୍ତ ବାବୁ ଓ ତାଙ୍କ

କାର୍ଯ୍ୟକଳାପ ସଙ୍ଗେ ମୋର ଘନିଷ୍ଠ ସମ୍ପର୍କ ହେବାର ସୁବିଧା ଘଟିଅଛି । ମୋର ଦୃଢ଼ ବିଶ୍ୱାସ ଜନ୍ମିଅଛି ଯେ ସମ୍ମିଳନୀ ଯଦି ଅନନ୍ତ ବାବୁଙ୍କ ପରି ହୃଦୟବାନ୍ ଆଉ ଚାରି ଛଅ ଜଣ ପ୍ରଚାରକ ପାଇ ପାରନ୍ତେ ତାହା ହେଲେ ଅଳ୍ପ ଦିନ ମଧ୍ୟରେ ଦେଶର ଅବସ୍ଥା ଭିନ୍ନ ପ୍ରକାର ହୋଇଯାନ୍ତା । ଏ ଅଧିବେଶନର ସମାରୋହରେ ଅନନ୍ତ ବାବୁଙ୍କ ଭାଗଥିବା ଆମ୍ଭେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଅଛୁଁ ।

ଉପସଂହାର : ପରିଶେଷରେ; ମାନନୀୟ ରାଜନ୍ୟଗଣ ଓ ସ୍ନେହାସ୍ପଦ ଭ୍ରାତୃବୃନ୍ଦ ! ଆମ୍ଭେମାନେ ଆପଣମାନଙ୍କ କନିଷ୍ଠ ଭାଇ । ଗୁରୁଜନଙ୍କୁ ଭକ୍ତି ଓ ଭାଇମାନଙ୍କୁ ସ୍ନେହ କରିବା ଶିଖି ନାହୁଁ । ଅଧିକ କଥା ଦୂରେ ଥାଉ, ଆପଣମାନଙ୍କ ସୁବିଧା ପ୍ରତି ଦୃଷ୍ଟି ଦେବାକୁ ଅସମର୍ଥ ହୋଇଅଛୁଁ । ଆପଣମାନଙ୍କୁ ଏତେ ଦୂର ବାଟ ପ୍ରଖର ଶୀତର ଦୌରାତ୍ମ୍ୟ ମଧ୍ୟରେ ଟାଣି ଆଣି ବଡ଼ କଷ୍ଟ ଦେଇଅଛୁଁ, ସେଥିସକାଶେ କ୍ଷମା ଭିକ୍ଷା କରୁଅଛୁଁ । ଆପଣମାନଙ୍କ ପ୍ରତି ବ୍ୟବହାରରେ ଯେଉଁ ସବୁ ତ୍ରୁଟି ପରିଲକ୍ଷିତ ହୋଇଅଛି, ଆଶାକରୁଁ ଉଦାର ଗୁଣରେ ସେ ସବୁ ମାର୍ଜ୍ଜନା କରିବେ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ !!!

## ଏକାଦଶ ଅଧିବେଶନର ସଭାପତି କେରା ରାଜା ଲକ୍ଷ୍ମୀନାରାୟଣ ସିଂହଦେବଙ୍କ ଅଭିଭାଷଣ

ଭାଇମାନେ,

ମତେ ଆଜି ଉତ୍କଳ ସମ୍ମିଳନୀର ସଭାପତି କରିଅଛନ୍ତି । ପ୍ରାଣ ଫେଡ଼ି ସମସ୍ତଙ୍କୁ ଭାଇ ବୋଲି ଡ଼ାକିବା ଲାଗି ସୁଯୋଗ ମିଳିଅଛି । ଏ ସୁଯୋଗ ସାମାନ୍ୟ ସୁଯୋଗ ନୁହେ । ବିଶେଷତଃ ଜଣେ ସିଂହଭୂମବାସୀ ପକ୍ଷରେ । ମନୁଷ୍ୟ ଭାଗ୍ୟରେ ଅନେକ ପ୍ରକାର ସମ୍ମାନ ଘଟେ । ଧନର ସମ୍ମାନ, ଶିକ୍ଷାର ସମ୍ମାନ, ରାଜ ସରକାରର ସମ୍ମାନ ପ୍ରଭୃତିଦ୍ୱାରା ମନୁଷ୍ୟର ଆହ୍ଲାଦ ଓ ଅହଙ୍କାର ହୁଏ । କିନ୍ତୁ ନିଜ ଜାତିର ଲୋକଙ୍କଠାରୁ ଯେ ସମ୍ମାନ ମିଳେ, ତହିଁର ଗୌରବକୁ ମୁଁ ସର୍ବୋତ୍କୃଷ୍ଟ ମଣେ । ମୁଁ ଏ ସମ୍ମାନର ସମ୍ପୂର୍ଣ୍ଣ ଅଯୋଗ୍ୟ । ମୋର ଯୋଗ୍ୟତା ବିବେଚନା ନ କରି ମୋ ଜାତି ମୋତେ ଏ ପଦ ଲାଗି ଆଦେଶ କରିଅଛି । ଜାତିର ଆଦେଶ ନ ମାନିବାକୁ ସାଧ କାହାର ? ବୟସ, ବିଦ୍ୟା, ବିଷୟ ବୋଧ ସମସ୍ତ ଦୃଷ୍ଟିରେ ମୋର ସଙ୍କୋଚର ଯଥେଷ୍ଟ କାରଣ ଥିଲେ ହେଁ ଜାତିର ଆଦେଶ ପାଳନରେ ମୋର ଗୌରବ ଏବଂ ଆହ୍ଲାଦ ଅନୁଭବ କରିବାର ମଧ୍ୟ ଯଥେଷ୍ଟ କାରଣ ଅଛି । ସିଂହଭୂମ ବହୁଦିନ ହେଲା ଓଡ଼ିଶାରୁ ବିଚ୍ଛିନ୍ନ । ବିଚ୍ଛିନ୍ନ ସତ, କିନ୍ତୁ ବିସ୍ମୃତ ନୁହେ ବୋଲି ଏବେ ସ୍ପଷ୍ଟ ଜଣାଗଲା । ଅନ୍ୟାନ୍ୟ ବିଚ୍ଛିନ୍ନ ଓଡ଼ିଆ

ଅଞ୍ଚଳର ଯେ ଦଶା, ସିଂହଭୂମର ଦଶା ତହିଁରୁ ବଳେ । ଗଞ୍ଜାମରେ ଭାଷା ନିଷ୍ପେଷିତ, ସିଂହଭୂମରେ ଭାଷା ନିର୍ବାସିତ । ନିର୍ବାସିତ ହେଲେହେଁ ସିଂହଭୂମ ଓଡ଼ିଆ ଆଜି ସୁଦ୍ଧା ମମତା ଛାଡ଼ିନାହିଁ । ନିଜ ଜାତିର ଗୌରବ ଭୁଲି ନାହିଁ । ଏବେ ସୁଦ୍ଧା ଜଗନ୍ନାଥ, ବଳରାମ ଗୃହେ ଗୃହେ ଗଠିତ । ମୋର ଜୀବନ କାଳରେ ସିଂହଭୂମରେ ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷାର ନାନା ଦୁର୍ଗତି ଦେଖିଛି । ଘର କଣରେ ବସି ସେଥିଲାଗି ବହୁତ ଭାବିଛି । ନିଜର କ୍ଷୀଣ ଶକ୍ତି ମଧ୍ୟ ମାତୃଭାଷାର ସେବାରେ ଯଥାସାଧ୍ୟ ଲଗାଇବାକୁ ପ୍ରୟାସ କରିଅଛି । କିନ୍ତୁ ମୋର ବା ମୋ ଭଳି କ୍ଷୀଣକର୍ମୀମାନଙ୍କର ଯତ୍ନ ଏ ଜାତୀୟ ବିପତ୍ତିର ଗତିରୋଧ କରି ପାରିବ କି ? ଆତ୍ମ ପ୍ରତ୍ୟୟ ନ ଥିଲେ ସୁଦ୍ଧା ଜାତୀୟ ଆତ୍ମାର ଅମରତ୍ୱରେ ମୋର ବରାବର ବିଶ୍ୱାସ ଥାଏ । କୌଣସି ଏକ ଅଞ୍ଚଳରୁ ଗୋଟିଏ ଜାତି ଏକାବେଳକେ ଲୋପ ପାଇଯିବ, ଏକ ଜାତି ଜାତ୍ୟନ୍ତରର ପ୍ରଭାବରେ ନିଜର ସତ୍ତା ଓ ସଞ୍ଜ୍ଞା ହରାଇ ପିତୃପିତାମହଙ୍କ ଗୌରବ ଏକାବେଳକେ ଭୁଲିଯିବ, ଏ କଥା ସ୍ୱାଭାବିକ ନୁହେ । ସିଂହଭୂମ ଜଗନ୍ନାଥ, ବଳରାମ, ଉପେନ୍ଦ୍ର, କବିସୂର୍ଯ୍ୟ ଅନଙ୍ଗ, ନରସିଂହଙ୍କୁ ମୋର ବୋଲି ନ କହିବ; ପୁରୀ, ଭୁବନେଶ୍ୱର ଆଡ଼କୁ ଚାହିଁ ଛାତି ନ ଫୁଲାଇବ; ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ଚିତ୍ରୋତ୍ପଳା, ଋଷିକୁଲ୍ୟାର ଜଳକୁ ତୀର୍ଥବାରି ବୋଲି ନ ବିଚାରିବ, ସ୍ଥୂଳରେ ସିଂହଭୂମରୁ ଓଡ଼ିଆର ନାମ ସତ୍ତା ଓ ସ୍ମୃତି ଏକାବେଳକେ ଲୋପ ପାଇବ ଏହା ଭାବିଲାବେଳେ ମୋର ଆତ୍ମା ଶୁଖିଯାଏ । ମୁଁ ଏହା ଭାବିପାରେ ନାହିଁ । ସନ୍ଦେହ ଏବଂ ନିରାଶା ମଧ୍ୟରେ ମୋର ବରାବର ଆଶା ଏବଂ ବିଶ୍ୱାସ ଥାଏ; ଓଡ଼ିଆ ଜାତି ଧ୍ୱଂସ ପାଇବାର ନୁହେ । ଭାରତ ଇତିହାସରେ ତାହାର ବ୍ୟକ୍ତିତ୍ୱ ଅଛି ଏବଂ ଭାରତ ଭାଗ୍ୟ ବିଧାନରେ ତାହାର ସ୍ୱତନ୍ତ୍ର କର୍ତ୍ତବ୍ୟ ଅଛି । ମୋହର ଏହି ଆଶା ଏବଂ ବିଶ୍ୱାସ ଆଜି ପୂର୍ଣ୍ଣ ହୋଇଅଛି । ଉତ୍କଳ ଜାତୀୟ ଅଭ୍ୟୁତ୍ଥାନର ଲକ୍ଷଣମାନ ଆଜି ଚାରିଆଡ଼େ ଫୁଟିଅଛି । ନିର୍ବାସିତ ସିଂହଭୂମ ମଧ୍ୟ ସଂଜ୍ଞା ଲାଭ କରିଅଛି । ଓଡ଼ିଆ ଜାତି ମଧ୍ୟ ତାହାର ନିଜର ବୋଲି ଅଙ୍କରେ ସ୍ଥାନ ଦେଇଅଛି । ମୋ ପ୍ରତି ଆଜି ଯେ ସମ୍ମାନ ଦେଖା ହୋଇଅଛି, ତାହା ଏକା ମୋର ନୁହେ; ଏହା ଉପେକ୍ଷିତ ସିଂହଭୂମ ପ୍ରତି ସମଗ୍ର ଓଡ଼ିଆ ଜାତିର ସ୍ନେହ ବୋଲି ମୁଁ ଆନ୍ତରିକ ଆଦର ଓ ସମ୍ମାନର ସହିତ ଶିରୋଧାର୍ଯ୍ୟ କରୁଅଛି ।

ସମ୍ମିଳନୀ ସମ୍ବନ୍ଧରେ କିଛି କହିବାର ପୂର୍ବରୁ ଆମ୍ଭମାନଙ୍କୁ ଅତି ଦୁଃଖର ସହିତ ପ୍ରକାଶ କରିବାକୁ ହେଉଅଛି ଯେ ସାମ୍ରାଜ୍ୟର ଘୋର ଦୁର୍ଦ୍ଦିନ ବେଳେ ଏହି ସମ୍ମିଳନୀର ଗତ ଅଧିବେଶନ ପାରଳାଠାରେ ହୋଇଥିଲା । ଏକ ବର୍ଷ ଚାଲିଗଲା ଦୁର୍ଦ୍ଦିନର ଅବସାନ ହୋଇନାହିଁ । ଓଡ଼ିଶାରୁ ବହୁ ଦୂରରେ ଯୁଦ୍ଧ ହେଉଅଛି । ହୁଏତ ଯୁଦ୍ଧ ସମ୍ବନ୍ଧରେ ଓଡ଼ିଶାବାସୀଙ୍କର କିଛିମାତ୍ର ଭାବରେ ଜାଣିବାର ବା ଭାବିବାର ଘଟନା

ହୋଇ ନାହିଁ । କିନ୍ତୁ ତାହା ବୋଲି ଓଡ଼ିଆମାନେ ଏଥିରେ ଉଦାସୀନ ରହିପାରନ୍ତି କି ? ଓଡ଼ିଆ ନିଜଠାରୁ ନିଜେ ବିଚ୍ଛିନ୍ନ । କିନ୍ତୁ ସାମ୍ରାଜ୍ୟରୁ ବିଚ୍ଛିନ୍ନ ନୁହେ । ଯେଉଁ ମଙ୍ଗଳମୟ ନିୟତି ବଳରେ ଭାରତ ବ୍ରିଟିଶ ସାମ୍ରାଜ୍ୟ ସଙ୍ଗେ ସମ୍ପର୍କରେ ଆସିଅଛି, ସେହି ନିୟତିର ଫଳରେ କ୍ଷୁଦ୍ର ଉତ୍କଳ ଭାଗ୍ୟ ସାମ୍ରାଜ୍ୟ ସଙ୍ଗେ ଜଡ଼ିତ । ଓଡ଼ିଶା ଗୋଟିଏ କ୍ଷୁଦ୍ର ରାଜ୍ୟ ହୋଇପାରେ, ବିଶାଳ ସାମ୍ରାଜ୍ୟ ଦୃଷ୍ଟିରେ ନଗଣ୍ୟ ହୋଇପାରେ କିନ୍ତୁ ଏହା ସାମ୍ରାଜ୍ୟ ଶରୀରର ଗୋଟିଏ ଅଙ୍ଗ । ସାମ୍ରାଜ୍ୟର ସୁଖ ଦୁଃଖରେ ଏହାର ଭାଗ ଅଛି, ସାମ୍ରାଜ୍ୟର ଭବିଷ୍ୟତରେ ଏହାର ଆଶା ଓ ଅବସ୍ଥା ସର୍ବଥା ଜଡ଼ିତ ରହିଅଛି ।

ଅତି କ୍ଷୁଦ୍ର ଅବୟବର ସ୍ୱାସ୍ଥ୍ୟ ସମସ୍ତ ଶରୀରର ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । କ୍ଷୁଦ୍ର ଉତ୍କଳର ସୁଖ ସମୃଦ୍ଧି ସର୍ବତୋଭାବରେ ବିରାଟ ସାମ୍ରାଜ୍ୟର ସମ୍ପଦ ଓ ସୌଭାଗ୍ୟରେ ଅପେକ୍ଷା ରଖେ । ଓଡ଼ିଆମାନଙ୍କର କିମ୍ବା ଭାରତର ସାମ୍ରାଜ୍ୟର କୌଣସି ଜାତି ସମ୍ପ୍ରଦାୟ ବା ସଂଘ ବିଶେଷର କୌଣସି ଜାତୀୟ ବା ସମୂହ ଅନୁଷ୍ଠାନରେ ସାମ୍ରାଜ୍ୟର ସମ୍ପଦ ବିପଦ ବିଷୟ ସମସ୍ତଙ୍କ ମନକୁ ପ୍ରଥମ ଆସିବା ସ୍ୱାଭାବିକ । ଏହି ହେତୁରୁ ଉପସ୍ଥିତ ଯୁଦ୍ଧ ଘେନି ଆମ୍ଭମାନଙ୍କର ଗତ ସମ୍ମିଳନୀ ଓଡ଼ିଆ ଜାତିର ଗଭୀର ରାଜଭକ୍ତି ଓ ହୃଦୟର ଆବେଗ ଦେଖାଇଥିଲେ । ନିଜର ଯତ୍ କିଞ୍ଚିତ୍ କର୍ତ୍ତବ୍ୟ ସ୍ୱରୂପ ଜଣେ ଡ଼ାକ୍ତରଙ୍କୁ ଯୁଦ୍ଧ କ୍ଷେତ୍ରକୁ ପଠାଇବାର ପ୍ରସ୍ତାବ କରିଥିଲେ । ଗତ ବର୍ଷ ମଧ୍ୟରେ ତାହାଙ୍କୁ ପଠାଇଅଛନ୍ତି । ସୁଖର କଥା ଉତ୍କଳ ଗୌରବ ଶ୍ରୀମାନ୍ ମଣିପାତ୍ର ରାମମୂର୍ତ୍ତି ପଟ୍ଟନାୟକ ଡ଼ାକ୍ତର ସ୍ୱରୂପ ଭଲ କାର୍ଯ୍ୟ ଓ ସେବାଦି କରୁଥିବାର ସମ୍ବାଦ ମିଳୁଅଛି । ସେ ଆଜି ବର୍ଷକର କଥା । କିନ୍ତୁ କେହି ବୋଧ ହୁଏ ଆଶା କରି ନ ଥିଲେ ଏ ବର୍ଷ ମଧ୍ୟ ଆମ୍ଭମାନଙ୍କୁ ଏହି ଘୋର ବିଷାଦ ମଳିନତାରେ ସମ୍ମିଳନୀର ଅଧିବେଶନ ଫିଟାଇବାକୁ ହେବ । ଜଗତର ଘଟନାବଳୀ ଦେଖିଲେ ମନେ ହୁଏ ଏହାର ସମସ୍ତ କାର୍ଯ୍ୟ ବିଧାତାଙ୍କର ମଙ୍ଗଳମୟୀ ଇଚ୍ଛାରେ ଚାଳିତ ହେଉଅଛି । ଜଗତର କୌଣସି ଘଟନା ଯେତେ ମନ୍ଦ ଓ ବିଷାଦମୟ ହେଉ ପଛକେ ଏକାବେଳକେ କଲ୍ୟାଣହୀନ ନୁହେଁ ଏବଂ ପ୍ରତ୍ୟେକ ଘଟନାର ସେହି ଏକ ସୁମହତ ଶୁଭ ପରିଣାମ ଆଡ଼କୁ ଉପସ୍ଥିତ [ଅଗ୍ରଗତି] । ସାମ୍ରାଜ୍ୟବ୍ୟାପୀ ବିସମ୍ବାଦଦ୍ୱାରା ସାମ୍ରାଜ୍ୟ ଭିନ୍ନ ଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ପରସ୍ପର ସହିତ ଘନିଷ୍ଠତା ବଢ଼ିଅଛି । ସାମ୍ରାଜ୍ୟର ଶକ୍ତି ପ୍ରକଟିତ ହୋଇଅଛି ଏବଂ ଆମ୍ଭମାନଙ୍କ ଏହି ସୂତ୍ରରେ ରାଜଭକ୍ତ ଓ ସାମ୍ରାଜ୍ୟ-ପ୍ରୀତି ସ୍ପଷ୍ଟ ଭାବରେ ଦେଖାଇବାର ସୁଯୋଗ ମିଳିଅଛି । ଏହି ଯୁଦ୍ଧ ଫଳରେ ମାନବ ସଭ୍ୟତା କେତେ ଯୁଗ ପଛକୁ ପଡ଼ିଅଛି ଓ ପଡିବ ତାହା କିଏ କହିପାରେ ? କିନ୍ତୁ ଆମ୍ଭମାନଙ୍କର ପ୍ରବଳ ପ୍ରତାପ ମହାମହିମ ସମ୍ରାଟ ଯେ ନ୍ୟାୟର ଅନୁରୋଧରେ ସତ୍ୟର ସମର୍ଥନ ନିମନ୍ତେ ଏହି ବିରାଟ ବିଗ୍ରହରେ ବିଜଡ଼ିତ ହୋଇ ସଭ୍ୟ ଜଗତରେ ଆଦର୍ଶ

ଦେଖାଇଅଛନ୍ତି, ତାହା ବହୁଦିନ ପର୍ଯ୍ୟନ୍ତ ମାନବ ଇତିହାସରେ ରହିବ ଏବଂ ସେଥିରେ ସାମ୍ରାଜ୍ୟର ଯଦି କିଛି ଗୌରବ ଓ ଅହଙ୍କାରର କାରଣ ଥାଏ ତେବେ ଓଡ଼ିଶାର ସେଥିରେ ଅଂଶ ଅଛି ।

ଅନ୍ୟାନ୍ୟ ବିଷୟ ମଧ୍ୟରେ ଉପସ୍ଥିତ ଯୁଦ୍ଧରୁ ଓଡ଼ିଆମାନଙ୍କର ଗୋଟିଏ ବିଷୟ ବିଶେଷ ଭାବରେ ଶିଖିବାର ଅଛି । ଜାତିର ଗୌରବ ନିମନ୍ତେ ଇଂରେଜ ଆଜି ଜାତି ବର୍ଣ୍ଣ ସମ୍ପ୍ରଦାୟର ନିର୍ବିଶେଷରେ କିପରି ଆତ୍ମପ୍ରଦାନ କରୁଅଛନ୍ତି, ତାହା ଆମ୍ଭମାନଙ୍କର ଆଲୋଚନୀୟ ଏବଂ ଶିକ୍ଷଣୀୟ । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ବଳରେ ଆମ୍ଭମାନଙ୍କ ଜାତୀୟ ଭାବରେ ପରିବର୍ତ୍ତନ ଘଟିଅଛି । ଜାତି ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ଆମ୍ଭେମାନେ ଏକ ଜାତି ବୋଲି ସମ୍ମିଳିତ ହେବାକୁ ଶିକ୍ଷା କରିଅଛୁଁ । ତେଣୁ ସମୂହ ଭାବରେ ଜାତିର ଉନ୍ନତି ଏବଂ କଲ୍ୟାଣ ସାଧନ କରିବାକୁ ହେଲେ ଜାତିର ବ୍ୟକ୍ତି ବିଶେଷଙ୍କୁ ଆତ୍ମୋତ୍ସର୍ଗ କରିବାକୁ ହେବ । ଧନ, ମନ, ପ୍ରାଣ ସମସ୍ତ ଜାତି ପଦରେ ସମର୍ପି ଦେବାକୁ ହେବ । ପୃଥିବୀର ଯେଉଁ ସବୁ ଜାତି ନିଜର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବାର ଜଣାଅଛି, ସେମାନଙ୍କ ଇତିହାସ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ କେତେ ଶକ୍ତିଶାଳୀ, ଧନୀ, ଜ୍ଞାନୀ, ମହାତ୍ମା, ସାଧକଙ୍କର ତ୍ୟାଗ ଓ ଆତ୍ମୋତ୍ସର୍ଗ ତାହା ମୂଳରେ ରହିଅଛି । ଭାରତର ମଧ୍ୟ ଦିନ ଥିଲା ଯେତେବେଳେ ଏହି ଦେଶର ତ୍ୟାଗୀ ସନ୍ନ୍ୟାସୀମାନେ ନିଜର ଆତ୍ମବଳି ଦେଇ ଜାତୀୟ ଶକ୍ତିକୁ ବଞ୍ଚାଇ ରଖିଥିଲେ । ନିଃସ୍ୱ ବ୍ରାହ୍ମଣର ନିଃସ୍ୱାର୍ଥ ଲୋକ ସେବା, କ୍ଷତ୍ରିୟର ଦେଶରକ୍ଷା ପାଇଁ ଜୀବନୋତ୍ସର୍ଗ; ଏପରି କି ଶୂଦ୍ରର ନିଃସ୍ୱାର୍ଥ ସେବାଧର୍ମ୍ମ ପର୍ଯ୍ୟନ୍ତ ସବୁ ଭାରତର ଜାତୀୟତାପାଇଁ ଆତ୍ମବଳି ଓ ଅଜ୍ଞାତ ସ୍ୱାର୍ଥତ୍ୟାଗର ଜ୍ୱଳନ୍ତ ଉଦାହରଣ ବ୍ୟତୀତ ଆଉ କିଛି ନୁହେ ।

ଏସବୁ ପ୍ରାଚୀନ କଥା ଏବେ ଆଉ ନାହିଁ । ଆମ୍ଭମାନଙ୍କୁ ଏବେ ଶିଖିବାକୁ ପଡୁଅଛି । ଶିଖିଲେ ସୁଦ୍ଧା ସେ ଭାବ ସହଜରେ ଜାଗୁନାହିଁ । ସମ୍ମିଳନୀ ଭଳି ଅନୁଷ୍ଠାନମାନ ଏହି ଜାତୀୟଭାବ ଶିକ୍ଷାର କେନ୍ଦ୍ର । କିନ୍ତୁ ଦୁଃଖର କଥା ଅନେକ ଏହିସବୁ ଅନୁଷ୍ଠାନ ମାନଙ୍କର ପ୍ରାଣ ଓ ପ୍ରକୃତି ନ ବୁଝି ସେଥିରୁ ସଦ୍ୟ ଫଳ ପାଇବାକୁ ଚାହାନ୍ତି । ଲାଭ ହାତରେ ଧରିବାକୁ ଲୋଡ଼ନ୍ତି । ଏହି ହେତୁରୁ କେହି କେହି ବେଳେ ବେଳେ ସମ୍ମିଳନୀର କାର୍ଯ୍ୟକାରିତା ସମ୍ବନ୍ଧେ ଆଶଙ୍କା କରି ପଚାରିଥାନ୍ତି "ସମ୍ମିଳନୀ କି କାର୍ଯ୍ୟ କରୁଅଛି ?" କେବଳ ସମ୍ମିଳନୀ ସମ୍ବନ୍ଧରେ ନୁହେ, ଭାରତର ଜାତୀୟ ମହାସମିତି ପରି ଅନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଲୋକେ ଅନେକ ଦିନଯାଏ ଏପରି ପ୍ରଶ୍ନ ପଚାରିବାର ଶୁଣା ଯାଉଥିଲା । ଏବେ ମଧ୍ୟ କେହି କେହି ପଚାରି ଥାଆନ୍ତି । ଆମ୍ଭମାନଙ୍କ ସମ୍ମିଳନୀର ଲାଭାଲାଭ ସମ୍ବନ୍ଧେ ପର୍ବ ପର୍ବ ଅଧିବେଶନ ମାନଙ୍କରେ

କୌଣସି ବକ୍ତା ସ୍ପଷ୍ଟ ଭାବରେ ବୁଝାଇ ଦେଇଅଛନ୍ତି । ତହିଁର ପୁନରାବୃତ୍ତି ଏଠାରେ ନିଷ୍ପ୍ରୟୋଜନ । କିନ୍ତୁ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ ଜାତିର ପ୍ରାଣ ଜଗାଇବାହିଁ ସମ୍ମିଳନୀର କେବଳ ମାତ୍ର କାର୍ଯ୍ୟ । ଅର୍ଥାତ୍ ସମ୍ମିଳନୀ ଫଳରେ ଓଡ଼ିଆମାନେ ଆପଣାର ପୂର୍ବ ଗୌରବରେ ଗୌରବାନ୍ୱିତ ହୋଇ ବର୍ତ୍ତମାନ ଯୁଗରେ ଆତ୍ମ ସମ୍ମାନ ଓ ଆତ୍ମ ମର୍ଯ୍ୟାଦା ରକ୍ଷା କରି ନିଜର ଉଜ୍ଜ୍ୱଳ ଓ ଗୌରବାବହ ଭବିଷ୍ୟତ ଗଠନ କରିବାକୁ ସମର୍ଥ ହେବେ । ଆତ୍ମ ଶକ୍ତିରେ ପ୍ରତ୍ୟୟ ରଖି ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବେ ଏବଂ ମାନବ ଜାତିର କଲ୍ୟାଣରେ ସେହି ବ୍ୟକ୍ତିତ୍ୱର ସଫଳତା ଅନୁଭବ କରିବେ । ଏ ଦିନକର କାର୍ଯ୍ୟ ନୁହେ, ବର୍ଷକର କାର୍ଯ୍ୟ ନୁହେ କିମ୍ବା ଦଶ ବର୍ଷର କାର୍ଯ୍ୟ ନୁହେ । ଗୋଟିଏ କାରଖାନା ସ୍ଥାପନ କରି ଦେଲେ ଏହା ହେବ ନାହିଁ । ଦଶ ପାଞ୍ଚ ଜଣ ଓଡ଼ିଆ ଉଚ୍ଚ ରାଜକର୍ମ ପାଇଲେ ହେବ ନାହିଁ । କାଉନ୍‌ସିଲରେ ତିନିଜଣ ମେମ୍ବର ବସିଲେ ହେବ ନାହିଁ । ଏମନ୍ତ କି ସମସ୍ତ ଓଡ଼ିଆଙ୍କୁ ଏକ ରାଜନୈତିକ ସୂତ୍ରରେ ବାନ୍ଧି ଦେଲେ ମଧ୍ୟ ହୋଇ ନ ପାରେ । ଏହାର ପନ୍ଥା ସ୍ୱତନ୍ତ୍ର । ଜାତୀୟ ଭାବର ସ୍ଫୁରଣ ପ୍ରାଣରେ ହୁଏ । ଜାତିର ବ୍ୟକ୍ତି ବିଶେଷଙ୍କ ହୃଦୟ ଏଥିରେ ନାଚେ । ସ୍ଥୂଳରେ ସମସ୍ତ ଜାତି ମଧ୍ୟରେ ଯେପରି କି ଏକ ପବିତ୍ର ପ୍ରେମ ପୂର୍ଣ୍ଣ ଉନ୍ମାଦ ଆସେ । ଏହି ଉଦ୍ଦେଶ୍ୟରେ ଉତ୍କଳ ସମ୍ମିଳନୀର ସୃଷ୍ଟି । ଏହାହିଁ ଉତ୍କଳ ସମ୍ମିଳନୀର କାର୍ଯ୍ୟ । ଏହି ଦଶବର୍ଷ ମଧ୍ୟରେ ଏ କାର୍ଯ୍ୟ କେତେଦୂର ସାଧିତ ହୋଇ ଅଛି ତାହା ବିଶା କାଠିରେ ତୁଳିବା ବସ୍ତୁ ନୁହେ । ପ୍ରତ୍ୟେକ ହୃଦୟ ଏଥିର ସାକ୍ଷୀ, ଅନୁଭବହିଁ ଏହାର ପ୍ରମାଣ ।

ଆଜି ଦଶବର୍ଷ ପରେ ସମ୍ମିଳନୀ ଅଧିବେଶନ ସମ୍ବଲପୁରରେ । ସମ୍ବଲପୁର ଓଡ଼ିଶାର ଗୋଟିଏ ବିଶିଷ୍ଟ ସ୍ଥାନ । ଏହା ଏକ ପୂରା ଓଡ଼ିଆ ଜିଲ୍ଲା । ଓଡ଼ିଶାର ଗୌରବାବହ ଇତିହାସରେ ଏହାର ସ୍ଥାନ ନଗଣ୍ୟ ନୁହେ । ଆଧୁନିକ ସଭ୍ୟତାରେ ଏହାର ଆଶା ଓ ଉଦ୍ୟମ ମଧ୍ୟ ସାମାନ୍ୟ ନୁହେ । ତେବେ ଆଜିଯାଏ ଏଠାରେ ସମ୍ମିଳନୀ ହୋଇ ନ ଥିଲା କାହିଁକି ? ଅଭ୍ୟର୍ଥନା ସଭାର ସଭାପତି ଶ୍ରୀମାନ୍ ପଣ୍ଡିତ ବାଲୁଙ୍କେଶ୍ୱର ମିଶ୍ର ତହିଁର କୈଫିୟତ ଦେଇ ଅଛନ୍ତି । ଦୂରତା ନିବନ୍ଧନ ଯାତାୟାତରେ ଅସୁବିଧାରୁ ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ ସମ୍ବଲପୁରରେ ସମ୍ମିଳନୀ ଆଜିଯାଏ ହୋଇପାରି ନ ଥିବା ହେତୁ ସମ୍ବଲପୁର ଭାଇମାନଙ୍କର ସମ୍ମିଳନୀ ପ୍ରତି ଆସ୍ଥା ଓ ଆଦର ସମ୍ବନ୍ଧେ କାହାରି କାହାରି ମନରେ ଯେ ସନ୍ଦେହ ଉପୁଜିଥିଲା, ତାହା ଆଜି ଏକାବେଳକେ ଚାଲି ଯାଇଅଛି । ସମ୍ବଲପୁର ଭାଇମାନେ ଯେ ଆଗ୍ରହ ଉତ୍ସାହ ଦେଖାଉଅଛନ୍ତି ଓ ସ୍ନେହ ସୋଦରତା ସହକାରେ ଆମ୍ଭମାନଙ୍କ ଅଭ୍ୟର୍ଥନା କରିଅଛନ୍ତି ସେଥିରୁ ସେମାନଙ୍କର ଜାତୀୟ ପ୍ରୀତି ଓ ପ୍ରାଣର ମମତାର ଅଭ୍ରାନ୍ତ ପରିଚୟ

ମିଳୁଅଛି । ପୁଣି ଆଜି ପୁରୀ କଟକ ଗଞ୍ଜାମ ଗଡ଼ଜାତ ପ୍ରଭୃତି ଦୂରବର୍ତ୍ତୀ ଓଡ଼ିଆ ରାଜ୍ୟମାନଙ୍କରୁ ଆପଣମାନେ ଯେ କୌଣସି ଅସୁବିଧା ନ ଗଣି ଏ ସମ୍ମିଳନୀରେ ଯୋଗ ଦେଇଛନ୍ତି, ଏହାର ବା ଅର୍ଥ କଅଣ ? ସମ୍ମିଳନୀ ଦଶବର୍ଷ ମଧ୍ୟରେ କି କାର୍ଯ୍ୟ କରିଅଛି ତାହାର ହିସାବ ଏହିଠାରେ । ଏ ହିସାବ ଦେଖିଲେ ପ୍ରାଣରେ ଆଶା ହୁଏ ନାହିଁକି ? ସନ୍ଦେହର ବିଶେଷ ଅବକାଶ ରହେ କି ? ଆଜି ଯେ ଫଳ ପ୍ରତ୍ୟକ୍ଷ ହେଉଅଛି ସେଥିରେ କିଏ କହିବ ଯେ ସମ୍ମିଳନୀ ୧୦ ବର୍ଷ ମଧ୍ୟରେ କିଛି କାର୍ଯ୍ୟ କରିନାହିଁ ?

ଆଜି ଯେଉଁମାନେ ସମ୍ମିଳନୀକୁ ଆସିଅଛନ୍ତି ସେମାନେ ନିଜ ନିଜର ହୃଦୟକୁ ପଚାରନ୍ତୁ, "କାହିଁକି ଆସିଅଛନ୍ତି ?" କିଛି କାରଣ ବୁଝି ପାରିବେ ନାହିଁ । କେଜାଣି କି ମୋହିନୀ ଶକ୍ତି ଆଜି ଲୋକଙ୍କୁ କାହିଁ ପାରଳା କାହିଁ ପୁରୀ କାହିଁ ବାଲେଶ୍ୱର କାହିଁ ତାଳଚେର ଚାରିଆଡୁ ସମ୍ବଲପୁରକୁ ଟାଣି ଆଣିଅଛି । ଏହି ଶକ୍ତି ଜାତୀୟ ଶକ୍ତି । ଏହି ଆକର୍ଷଣ ଜାତିର ଆହ୍ୱାନ । ଏହି ଉଦ୍ୟମ ଜାତୀୟ ଜୀବନର ସ୍ଫୁରଣ । ତେଣୁ କହେ ଦଶ ବରଷର ଉଦ୍ୟମ ବୃଥା ହୋଇନାହିଁ । ଦଶ ବରଷ ଜାତୀୟ ଜୀବନ ପକ୍ଷରେ କିଛି ନୁହେ । ଶତବର୍ଷ ମଧ କିଛି ନୁହେ । ଜାତୀୟ ଜୀବନର ବିକାଶ ଦେଖି ଜାଣି ପାରିବା ଗୋଟିଏ ମନୁଷ୍ୟର ଜୀବନରେ ଘଟି ନ ପାରେ । କିନ୍ତୁ ଜାତିର ଯେ ମନୁଷ୍ୟପରି ଜୀବନ-କ୍ରିୟା ଓ ଅଭିବୃଦ୍ଧିର ପରିପାଟୀ ରହିଅଛି ଏହା ଅସ୍ୱୀକାର କରିବାର ବସ୍ତୁ ନୁହେ । ଏଥିରେ ଆମ୍ଭମାନଙ୍କୁ ବିଶ୍ୱାସ କରିବାକୁ ହେବ ଏବଂ ଏହି ବିଶ୍ୱାସରେ ଜାତୀୟ ଜୀବନର ବିକାଶ ଓ ପ୍ରକଟନ ନିମନ୍ତେ ଏହି ସମ୍ମିଳନୀ ରୂପ ଉଦ୍ୟମକୁ ଚଳାଇବାକୁ ହେବ । ଏହି ସୂତ୍ରରେ ଓଡ଼ିଆ ପ୍ରାଣକୁ ଜଣାଇବାକୁ ହେବ । ବିଭିନ୍ନ ଅଂଶର ଲୋକେ କିପରି ନିଜ ନିଜର ସୌହାର୍ଦ୍ଦ୍ୟ ଓ ସୋଦରତା ଅନୁଭବ କରିବାର ସୁବିଧା ପାଇବେ ସେଥିପ୍ରତି ଅନ୍ତରର ଆବେଗ ଓ ନୈସର୍ଗିକ ମମତା ଦେଖାଇବାକୁ ହେବ । ଏହି ଭାବ ଥରେ ଜାଗିଲେ, ଏହି ପ୍ରାଣ ଥରେ ଚେଇଁଲେ କାରଖାନା ଆପେ ବସିଯିବ, ସ୍କୁଲ ଆପେ ଫିଟିଯିବ, ଜାତୀୟ ଉତ୍ଥାନର ବିଭିନ୍ନ ଲକ୍ଷଣମାନ ଦେଶର ଚାରିଆଡ଼େ ଫୁଟି ବିକଶିବ ।

ତେବେ ଏହା ଅବଶ୍ୟ ସବୁବେଳେ ବୁଝି ରଖିବା ଉଚିତ ଯେ ଜାତୀୟ ଭାବ ଆକାଶ କୁସୁମ ବା ମରୁ ମରୀଚିକା ନୁହେ । ଶୂନ୍ୟରେ ଏହାର ଉତ୍ପତ୍ତି ବା ଅଭିବୃଦ୍ଧି ହୋଇ ନ ପାରେ । ଜାତିର ଗଣ୍ଡି ମଧ୍ୟରେ ବସ୍ତୁ ବା ଘଟନାକୁ ଅବଲମ୍ବନ କରି ଏହାର ବିକାଶ ଦେଖାଯାଏ । ଅନେକ ସମୟରେ ଅଗ୍ନିସ୍ଫୁଲିଙ୍ଗ ବାରୁଦ ଉପରେ ପଡ଼ି ହଠାତ୍ ଯେପରି ଜଳିଉଠେ ଗୋଟିଏ ଗୋଟିଏ ଘଟନା ସେହିପରି କୌଣସି କୌଣସି ଜାତିର ଜୀବନରେ ଅଭାବନୀୟ ଶକ୍ତିର ପ୍ରକଟନ କରିବାର ଦେଖାଯାଏ । ନିୟତିର

କୌଣସି ବକ୍ତା ସ୍ପଷ୍ଟ ଭାବରେ ବୁଝାଇ ଦେଇଅଛନ୍ତି । ତହିଁର ପୁନରାବୃତ୍ତି ଏଠାରେ ନିଷ୍ପ୍ରୟୋଜନ । କିନ୍ତୁ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ ଜାତିର ପ୍ରାଣ ଜଗାଇବାହିଁ ସମ୍ମିଳନୀର କେବଳ ମାତ୍ର କାର୍ଯ୍ୟ । ଅର୍ଥାତ୍ ସମ୍ମିଳନୀ ଫଳରେ ଓଡ଼ିଆମାନେ ଆପଣାର ପୂର୍ବ ଗୌରବରେ ଗୌରବାନ୍ୱିତ ହୋଇ ବର୍ତ୍ତମାନ ଯୁଗରେ ଆତ୍ମ ସମ୍ମାନ ଓ ଆତ୍ମ ମର୍ଯ୍ୟାଦା ରକ୍ଷା କରି ନିଜର ଉଜ୍ଜ୍ୱଳ ଓ ଗୌରବାବହ ଭବିଷ୍ୟତ ଗଠନ କରିବାକୁ ସମର୍ଥ ହେବେ । ଆତ୍ମ ଶକ୍ତିରେ ପ୍ରତ୍ୟୟ ରଖି ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବେ ଏବଂ ମାନବ ଜାତିର କଲ୍ୟାଣରେ ସେହି ବ୍ୟକ୍ତିତ୍ୱର ସଫଳତା ଅନୁଭବ କରିବେ । ଏ ଦିନକର କାର୍ଯ୍ୟ ନୁହେ, ବର୍ଷକର କାର୍ଯ୍ୟ ନୁହେ କିମ୍ବା ଦଶ ବର୍ଷର କାର୍ଯ୍ୟ ନୁହେ । ଗୋଟିଏ କାରଖାନା ସ୍ଥାପନ କରି ଦେଲେ ଏହା ହେବ ନାହିଁ । ଦଶ ପାଞ୍ଚ ଜଣ ଓଡ଼ିଆ ଉଚ୍ଚ ରାଜକର୍ମ ପାଇଲେ ହେବ ନାହିଁ । କାଉନ୍‌ସିଲରେ ତିନିଜଣ ମେମ୍ବର ବସିଲେ ହେବ ନାହିଁ । ଏମନ୍ତ କି ସମସ୍ତ ଓଡ଼ିଆଙ୍କୁ ଏକ ରାଜନୈତିକ ସୂତ୍ରରେ ବାନ୍ଧି ଦେଲେ ମଧ୍ୟ ହୋଇ ନ ପାରେ । ଏହାର ପନ୍ଥା ସ୍ୱତନ୍ତ୍ର । ଜାତୀୟ ଭାବର ସ୍ଫୁରଣ ପ୍ରାଣରେ ହୁଏ । ଜାତିର ବ୍ୟକ୍ତି ବିଶେଷଙ୍କ ହୃଦୟ ଏଥିରେ ନାଚେ । ସ୍ଥଳରେ ସମସ୍ତ ଜାତି ମଧରେ ଯେପରି କି ଏକ ପବିତ୍ର ପ୍ରେମ ପୂର୍ଣ୍ଣ ଉନ୍ମାଦ ଆସେ । ଏହି ଉଦ୍ଦେଶ୍ୟରେ ଉତ୍କଳ ସମ୍ମିଳନୀର ସୃଷ୍ଟି । ଏହାହିଁ ଉତ୍କଳ ସମ୍ମିଳନୀର କାର୍ଯ୍ୟ । ଏହି ଦଶବର୍ଷ ମଧରେ ଏ କାର୍ଯ୍ୟ କେତେଦୂର ସାଧିତ ହୋଇ ଅଛି ତାହା ବିଶା କାଠିରେ ତୁଳିବା ବସ୍ତୁ ନୁହେ । ପ୍ରତ୍ୟେକ ହୃଦୟ ଏଥିର ସାକ୍ଷୀ, ଅନୁଭବହିଁ ଏହାର ପ୍ରମାଣ ।

ଆଜି ଦଶବର୍ଷ ପରେ ସମ୍ମିଳନୀ ଅଧିବେଶନ ସମ୍ବଲପୁରରେ । ସମ୍ବଲପୁର ଓଡ଼ିଶାର ଗୋଟିଏ ବିଶିଷ୍ଟ ସ୍ଥାନ । ଏହା ଏକ ପୂରା ଓଡ଼ିଆ ଜିଲ୍ଲା । ଓଡ଼ିଶାର ଗୌରବାବହ ଇତିହାସରେ ଏହାର ସ୍ଥାନ ନଗଣ୍ୟ ନୁହେ । ଆଧୁନିକ ସଭ୍ୟତାରେ ଏହାର ଆଶା ଓ ଉଦ୍ୟମ ମଧ ସାମାନ୍ୟ ନୁହେ । ତେବେ ଆଜିଯାଏ ଏଠାରେ ସମ୍ମିଳନୀ ହୋଇ ନ ଥିଲା କାହିଁକି ? ଅଭ୍ୟର୍ଥନା ସଭାର ସଭାପତି ଶ୍ରୀମାନ୍ ପଣ୍ଡିତ ବାଲୁଙ୍କେଶ୍ୱର ମିଶ୍ର ତହିଁର କୈଫିୟତ ଦେଇ ଅଛନ୍ତି । ଦୂରତା ନିବନ୍ଧନ ଯାତାୟାତରେ ଅସୁବିଧାରୁ ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ ସମ୍ବଲପୁରରେ ସମ୍ମିଳନୀ ଆଜିଯାଏ ହୋଇପାରି ନ ଥିବା ହେତୁ ସମ୍ବଲପୁର ଭାଇମାନଙ୍କର ସମ୍ମିଳନୀ ପ୍ରତି ଆସ୍ଥା ଓ ଆଦର ସମ୍ବନ୍ଧେ କାହାରି କାହାରି ମନରେ ଯେ ସନ୍ଦେହ ଉପୁଜିଥିଲା, ତାହା ଆଜି ଏକାବେଳକେ ଚାଲି ଯାଇଅଛି । ସମ୍ବଲପୁର ଭାଇମାନେ ଯେ ଆଗ୍ରହ ଉତ୍ସାହ ଦେଖାଉଅଛନ୍ତି ଓ ସ୍ନେହ ସୋଦରତା ସହକାରେ ଆମ୍ଭମାନଙ୍କ ଅଭ୍ୟର୍ଥନା କରିଅଛନ୍ତି ସେଥିରୁ ସେମାନଙ୍କର ଜାତୀୟ ପ୍ରୀତି ଓ ପ୍ରାଣର ମମତାର ଅଭ୍ରାନ୍ତ ପରିଚୟ

ମିଳୁଅଛି । ପୁଣି ଆଜି ପୁରୀ କଟକ ଗଞ୍ଜାମ ଗଡ଼ଜାତ ପ୍ରଭୃତି ଦୂରବର୍ତ୍ତୀ ଓଡ଼ିଆ ରାଜ୍ୟମାନଙ୍କରୁ ଆପଣମାନେ ଯେ କୌଣସି ଅସୁବିଧା ନ ଗଣି ଏ ସମ୍ମିଳନୀରେ ଯୋଗ ଦେଇଛନ୍ତି, ଏହାର ବା ଅର୍ଥ କଅଣ ? ସମ୍ମିଳନୀ ଦଶବର୍ଷ ମଧ୍ୟରେ କି କାର୍ଯ୍ୟ କରିଅଛି ତାହାର ହିସାବ ଏହିଠାରେ । ଏ ହିସାବ ଦେଖିଲେ ପ୍ରାଣରେ ଆଶା ହୁଏ ନାହିଁକି ? ସନ୍ଦେହର ବିଶେଷ ଅବକାଶ ରହେ କି ? ଆଜି ଯେ ଫଳ ପ୍ରତ୍ୟକ୍ଷ ହେଉଅଛି ସେଥିରେ କିଏ କହିବ ଯେ ସମ୍ମିଳନୀ ୧୦ ବର୍ଷ ମଧ୍ୟରେ କିଛି କାର୍ଯ୍ୟ କରିନାହିଁ ?

ଆଜି ଯେଉଁମାନେ ସମ୍ମିଳନୀକୁ ଆସିଅଛନ୍ତି ସେମାନେ ନିଜ ନିଜର ହୃଦୟକୁ ପଚାରନ୍ତୁ, ''କାହିଁକି ଆସିଅଛନ୍ତି ?'' କିଛି କାରଣ ବୁଝି ପାରିବେ ନାହିଁ । କେଜାଣି କି ମୋହିନୀ ଶକ୍ତି ଆଜି ଲୋକଙ୍କୁ କାହିଁ ପାରଳା କାହିଁ ପୁରୀ କାହିଁ ବାଲେଶ୍ୱର କାହିଁ ତାଳଚେର ଚାରିଆଡ଼ୁ ସମ୍ବଲପୁରକୁ ଟାଣି ଆଣିଅଛି । ଏହି ଶକ୍ତି ଜାତୀୟ ଶକ୍ତି । ଏହି ଆକର୍ଷଣ ଜାତିର ଆହ୍ୱାନ । ଏହି ଉଦ୍ୟମ ଜାତୀୟ ଜୀବନର ସ୍ଫୁରଣ । ତେଣୁ କହେ ଦଶ ବରଷର ଉଦ୍ୟମ ବୃଥା ହୋଇନାହିଁ । ଦଶ ବରଷ ଜାତୀୟ ଜୀବନ ପକ୍ଷରେ କିଛି ନୁହେ । ଶତବର୍ଷ ମଧ କିଛି ନୁହେ । ଜାତୀୟ ଜୀବନର ବିକାଶ ଦେଖି ଜାଣି ପାରିବା ଗୋଟିଏ ମନୁଷ୍ୟର ଜୀବନରେ ଘଟି ନ ପାରେ । କିନ୍ତୁ ଜାତିର ଯେ ମନୁଷ୍ୟପରି ଜୀବନ-କ୍ରିୟା ଓ ଅଭିବୃଦ୍ଧିର ପରିପାଟୀ ରହିଅଛି ଏହା ଅସ୍ୱୀକାର କରିବାର ବସ୍ତୁ ନୁହେ । ଏଥିରେ ଆମ୍ଭମାନଙ୍କୁ ବିଶ୍ୱାସ କରିବାକୁ ହେବ ଏବଂ ଏହି ବିଶ୍ୱାସରେ ଜାତୀୟ ଜୀବନର ବିକାଶ ଓ ପ୍ରକଟନ ନିମନ୍ତେ ଏହି ସମ୍ମିଳନୀ ରୂପ ଉଦ୍ୟମକୁ ଚଳାଇବାକୁ ହେବ । ଏହି ସୂତ୍ରରେ ଓଡ଼ିଆ ପ୍ରାଣକୁ ଜଣାଇବାକୁ ହେବ । ବିଭିନ୍ନ ଅଂଶର ଲୋକେ କିପରି ନିଜ ନିଜର ସୌହାର୍ଦ୍ଦ୍ୟ ଓ ସୋଦରତା ଅନୁଭବ କରିବାର ସୁବିଧା ପାଇବେ ସେଥିପ୍ରତି ଅନ୍ତରର ଆବେଗ ଓ ନୈସର୍ଗିକ ମମତା ଦେଖାଇବାକୁ ହେବ । ଏହି ଭାବ ଥରେ ଜାଗିଲେ, ଏହି ପ୍ରାଣ ଥରେ ଚେଇଁଲେ କାରଖାନା ଆପେ ବସିଯିବ, ସ୍କୁଲ ଆପେ ଫିଟିଯିବ, ଜାତୀୟ ଉତ୍ଥାନର ବିଭିନ୍ନ ଲକ୍ଷଣମାନ ଦେଶର ଚାରିଆଡ଼େ ଫୁଟି ବିକଶିବ ।

ତେବେ ଏହା ଅବଶ୍ୟ ସବୁବେଳେ ବୁଝି ରଖିବା ଉଚିତ ଯେ ଜାତୀୟ ଭାବ ଆକାଶ କୁସୁମ ବା ମରୁ ମରୀଚିକା ନୁହେ । ଶୂନ୍ୟରେ ଏହାର ଉତ୍ପତ୍ତି ବା ଅଭିବୃଦ୍ଧି ହୋଇ ନ ପାରେ । ଜାତିର ଗଣ୍ଡି ମଧ୍ୟରେ ବସ୍ତୁ ବା ଘଟନାକୁ ଅବଲମ୍ବନ କରି ଏହାର ବିକାଶ ଦେଖାଯାଏ । ଅନେକ ସମୟରେ ଅଗ୍ନିସ୍ଫୁଲିଙ୍ଗ ବାରୁଦ ଉପରେ ପଡ଼ି ହଠାତ୍ ଯେପରି ଜଳିଉଠେ ଗୋଟିଏ ଗୋଟିଏ ଘଟନା ସେହିପରି କୌଣସି କୌଣସି ଜାତିର ଜୀବନରେ ଅଭାବନୀୟ ଶକ୍ତିର ପ୍ରକଟନ କରିବାର ଦେଖାଯାଏ । ନିୟତିର

ଅଭାବନୀୟ ଗତିରେ ଏପରି ଘଟନା ବେଳେ ବେଳେ ଆପେ ଆସି ଦେଖାଦିଏ । ମାତ୍ର ଅନେକ ସମୟରେ ସ୍ୱତନ୍ତ୍ର ଆୟୋଜନ ଦ୍ୱାରା ଏପରି ଘଟନା ସୃଷ୍ଟି କରିବାକୁ ହୁଏ । ସୁତରାଂ ଯତ୍ନ ଓ ଉଦ୍ୟମ ଦ୍ୱାରା ଜାତୀୟ ଜୀବନର ଭିନ୍ନ ଭିନ୍ନ ବିଭାଗରେ ଆମ୍ଭମାନଙ୍କୁ ନୂତନ ଆନ୍ଦୋଳନ ସୃଷ୍ଟି କରିବାକୁ ହେବ । ଓଡ଼ିଆ ଜାତିର ଆର୍ଥିକ ଅବସ୍ଥା ଦିନକୁଦିନ ଅତୀବ ଶୋଚନୀୟ ହେଉଅଛି । ଆଜି ଏ ଅଞ୍ଚଳରେ କାଲି ସେଠାରେ — ଏପରି କ୍ରମାଗତ ଅନ୍ନ କଷ୍ଟ ଲାଗିଅଛି । ଲକ୍ଷପୋଷୀ ଓଡ଼ିଆ କୃଷକ ଅନେକ ସ୍ଥଳରେ ହଳ ଲଙ୍ଗଳ ବିକି ହା ଅନ୍ନ, ହା ଅନ୍ନ, ବୋଲି ଦ୍ୱାରେ ଦ୍ୱାରେ ବୁଲୁଅଛି । ଓଡ଼ିଶାର ତନ୍ତୀକୁଳ ପ୍ରାୟ ଆସି ଲୋପ ପାଇଲାଣି ।

କମାର ବଢ଼େଇ ପ୍ରଭୃତି ଅନ୍ୟାନ୍ୟ ଶ୍ରମଜୀବୀମାନେ ଅନେକେ ପଥର ଭିଖାରୀ ହେଲେଣି । ଦେଶର ଏହି ଦାରୁଣ ବିପଦ ସମୟ ଜାତୀୟ ଜୀବନର ବିକାଶ ପକ୍ଷରେ ପ୍ରଶସ୍ତ ସମୟ ନୁହେ ବୋଲି ଅନେକେ କହିପାରନ୍ତି । କିନ୍ତୁ ଯଥାର୍ଥରେ ଏହାହିଁ ଶୁଭ ମୁହୂର୍ତ୍ତ । ବିପଦରେ ଓ ଅଭାବରେ ପଡ଼ିଲେ ବ୍ୟକ୍ତି ବିଶେଷର ଯେପରି, ଜାତିର ମଧ୍ୟ ସେହିପରି ଶକ୍ତି ବିକାଶରେ ଆତ୍ମବୋଧ ଆସେ । ପ୍ରାଣରେ ଆବେଗ ଏବଂ ଉଦ୍ୟମ ଦେଖାଯାଏ । ସେଥିପାଇଁ କହେ ଏହି ଅଭାବ ଓ ଆର୍ଥିକ ଦୁରବସ୍ଥା ମଧ୍ୟରେ ଆମ୍ଭମାନଙ୍କୁ ଜାତୀୟ ଶକ୍ତି ଉଦ୍ରେକ କରିବାର ପ୍ରକୃତ ପନ୍ଥା ଆଣିବାକୁ ହେବ । ଏପରି ପନ୍ଥା ଜାତି ଲୋଡୁଛି । ଦେଖାଇଦେଲେ ସେ ତାହା ଧରିବ । ବର୍ତ୍ତମାନ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ନୂତନ ନୂତନ କର୍ମ କେନ୍ଦ୍ରମାନ ଫିଟାଇବା ଆବଶ୍ୟକ ।

ଆଦର୍ଶ କୃଷି କ୍ଷେତ୍ର ଖୋଲା ଯାଉ । କଳା ଶାଳା ବସୁ । ଦେଶରେ ଯୌଥ ଭଣ୍ଡାର ଓ କାରବାରର ସୃଷ୍ଟି ହେଉ । ଆଜିକାଲି କୃଷି ଶିଳ୍ପ ବାଣିଜ୍ୟର ଉନ୍ନତି ଲାଗି ଚାରିଆଡ଼େ ଚହଳ ପଡ଼ିଅଛି । କିନ୍ତୁ ଫଳ ବିଶେଷ ହେଉ ନାହିଁ ବୋଲି ବିଶେଷ ଆକ୍ଷେପ କରୁଛନ୍ତି । ଫଳ ହେଉ ନାହିଁ ସତ କିନ୍ତୁ ଆଲୋଚନା ବା ଆନ୍ଦୋଳନ ନିଷ୍ଫଳ ନୁହେଁ । ଓଡ଼ିଶା ସମକ୍ଷରେ ଯାହା ହେଉ, ଅନ୍ୟାନ୍ୟ ଦେଶରେ ପ୍ରଦେଶରେ ଓ ସକଳ କ୍ଷେତ୍ରରେ ପ୍ରଥମେ ଅନେକ୍ ଦିନ ଯାଏ ଆଲୋଚନା ଆନ୍ଦୋଳନ ହୋଇ ବାକ୍ୟ ପରେ କାର୍ଯ୍ୟର ଯୁଗ ଉପସ୍ଥିତ ହୋଇଥିବାର ଦେଖା ଯାଇଅଛି । ଆମ୍ଭମାନଙ୍କର ମଧ୍ୟ ତାହାହିଁ ହେବ । କିନ୍ତୁ ଅନ୍ୟାନ୍ୟ ପ୍ରଦେଶର ଅଭିଜ୍ଞତାରୁ ଆମ୍ଭମାନଙ୍କର ଏ ସମ୍ବନ୍ଧରେ ଗୋଟିଏ ପ୍ରଧାନ ବିଷୟ ଶିଖିବାର ଅଛି । ତାହା ଏହି । ପାଶ୍ଚାତ୍ୟ ଛାଞ୍ଚରେ ବଡ଼ ଦରର କଳ କାରଖାନା ଶିଳ୍ପ ସଙ୍ଘାଦି ଆୟୋଜନ କରିବାକୁ ପ୍ରଥମରୁ ଯତ୍ନ ନ କରି ଦେଶରେ ଯାହା ଅଦ୍ୟାପି ଅଛି କିମ୍ବା ଯାହା ଲୋପ ପାଇ ଯାଇଅଛି ଅଥବା ଆମ୍ଭମାନଙ୍କ ଅବସ୍ଥା ଦୃଷ୍ଟିରେ ଯାହା ସୁସାଧ ସେହିପରି ଗ୍ରାମ୍ୟ ଛୋଟ ପ୍ରକାରର ଶିଳ୍ପ ଅନୁଷ୍ଠାନପ୍ରତି ପ୍ରଥମେ ମନୋଯୋଗୀ ହେବା ଉଚିତ । ବିସ୍ତୀର୍ଣ୍ଣ ଆଦର୍ଶ କୃଷିକ୍ଷେତ୍ର ବସାଇବା ପୂର୍ବରୁ

ପ୍ରତ୍ୟେକ କୃଷକ କିପରି ନିଜର ସ୍ୱଳ୍ପ ଭୂମିକୁ ସୁନ୍ଦର ବ୍ୟବହାରରେ ଆଣିପାରିବ, ପାଞ୍ଚଟି ଧାନ ଶିଷା ସ୍ଥାନରେ କିପରି ୧୦ଟି ଫଳାଇବ; ତହିଁ ପ୍ରତି ଶିକ୍ଷିତ ଏବଂ ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ପ୍ରଥମେ ଦୃଷ୍ଟି ଦେବା ଉଚିତ । ବଡ଼ ଆକ୍ଷେପର କଥା ଯେ ଆମ୍ଭେମାନେ ଅନେକ ସମୟରେ ସଭା ସମିତିକରି ବହୁତ ବଡ଼ ବଡ଼ କଥା କହୁ । ଇଉରୋପ, ଆମେରିକା, ଜାପାନ ପ୍ରଭୃତିର ଆଦର୍ଶରେ ଦେଶର କୃଷି ଶିଳ୍ପ ବ୍ୟବସାୟ ପ୍ରଭୃତିର ଉନ୍ନତି କଳ୍ପନା କରୁଁ । କିନ୍ତୁ ସେତେବେଳେ ନିଜ ଘର ଆଡ଼କୁ ଚାହୁଁ ନାହିଁ । ଘରର ଅବସ୍ଥା ବୁଝୁନାହିଁ । ଗାଁ ବଢ଼େଇ, ଚଷା, କମାର ପ୍ରଭୃତିଙ୍କର ପାଣ୍ଠି ପ୍ରକୃତି ଓ ଅଭାବ ସବୁ ଆଲୋଚନା କରୁନାହିଁ । ସ୍ଥୂଳରେ ଆମ୍ଭମାନଙ୍କ ଦେଶର ଅବସ୍ଥା ନ ଜାଣି, ଦେଶ ଭାଇଙ୍କ ଠାରୁ ଗୋଟିଏ ସ୍ୱତନ୍ତ୍ର ରାଜ୍ୟରେ ବାସ କଲା ଭଳି କଥା କହୁଁ । ସୁଖର କଥା ଆମ୍ଭମାନଙ୍କ ସମ୍ମିଳନୀ ଏ ବିଭାଗରେ ବିଶେଷ କିଛି କାର୍ଯ୍ୟ କରି ଥାଉ ବା ନ ଥାଉ ଜାତୀୟ କାର୍ଯ୍ୟର ଆରମ୍ଭ ଯେ ପଲ୍ଲିରେ ହେବା ଆବଶ୍ୟକ ଏହା ପ୍ରଥମରୁ ବୁଝିଅଛନ୍ତି । ସମ୍ମିଳନୀର ପ୍ରଥମ ଦୁଇ ବର୍ଷର କାର୍ଯ୍ୟ ମଧ୍ୟରେ ଗ୍ରାମ୍ୟ ସମିତି ପ୍ରଧାନ । ସେହି ସମୟରୁ ଏହି ପଲ୍ଲି ସମିତି ଗୁଡ଼ିକର କାର୍ଯ୍ୟକାରିତା ପ୍ରତି ଦୃଷ୍ଟି ଦିଆ ଯାଇଥିଲେ ବହୁଳ ଫଳ ଦେଖାଯାଇ ଥାଆନ୍ତା । ଗତ ଦୁଇବର୍ଷ ମଧ୍ୟରେ ପ୍ରଚାରକ ଅନନ୍ତ ମିଶ୍ରଙ୍କ ଉଦ୍ୟମରେ କେତେକ ସ୍ଥାନରେ ଏହି ଗ୍ରାମ୍ୟ ସମିତିମାନ ଜାଗିଥିବାର ଜଣାଯାଏ । ଏହି ଗ୍ରାମ୍ୟ ସମିତିମାନଙ୍କ ସୂତ୍ରରେ ସମ୍ମିଳନୀର ଭାବ ପଲ୍ଲିବାସିମାନଙ୍କୁ ପହୁଞ୍ଚିବ ଏବଂ ଏହି ସୂତ୍ରରେ ମଧ ପଲ୍ଲିର ଅବସ୍ଥା ସମ୍ମିଳନୀର ସମ୍ୟକ୍ ଜ୍ଞାନ ଓ ଆଲୋଚନାରେ ଆସି ପାରିବ । ଗ୍ରାମର ସ୍ୱାସ୍ଥ୍ୟ, କୃଷିର ଅବସ୍ଥା, ଶିଳ୍ପର ଉନ୍ନତି, ଶିକ୍ଷାର ଉପାୟ ପ୍ରଭୃତି ଗ୍ରାମ ଉନ୍ନତିର ନାନା ବିଷୟରେ ଚେଷ୍ଟା କରିବା ଲାଗି ଗ୍ରାମ୍ୟ ସମିତିମାନଙ୍କୁ ପରାମର୍ଶଦେଇ ତିଆର କରିବାକୁ ହେବ । ଯେତେ ଅସମ୍ପୂର୍ଣ୍ଣ ବା ଅସ୍ପଷ୍ଟ ହେଉ, ଏହି ସବୁ ସମ୍ବନ୍ଧରେ କେନ୍ଦ୍ର ସମ୍ମିଳନୀ ଗ୍ରାମ୍ୟ ସମିତିଠାରୁ ସମ୍ବାଦ ପାଇଲେ ଆଉ କିଛି ହେଉ ବା ନ ହେଉ ଦେଶର ପ୍ରକୃତ ଅବସ୍ଥା ଜଣାପଡ଼ିବ । କୌଣସି ବ୍ୟବସ୍ଥା କରିବା ପୂର୍ବରୁ ଅବସ୍ଥା ଜାଣିବା ଦରକାର । କୃଷି ଶିଳ୍ପ ଆଦି ବିଷୟରେ ପ୍ରାୟ ସବୁ ସମ୍ମିଳନୀରେ କୁହା ହୋଇ ଆସୁଅଛି, କିନ୍ତୁ ସେ ସବୁ ବିଷୟରେ କିଛି ହୋଇ ନ ଥିବା ସ୍ଥଳେ ମୋର ପୁନରାବୃତ୍ତି ନିରର୍ଥକ ବିବେଚିତ ହୋଇପାରେ । ମାତ୍ର ମୁଁ କହେ, ସମିତି ସ୍ଥାପନ ଏବଂ ସେମାନଙ୍କୁ କର୍ତ୍ତବ୍ୟ ଶିକ୍ଷା-ଦେଇ ଜାତିର ସକଳ ଶ୍ରେଣୀର ଲୋକଙ୍କ ହୃଦୟରେ ଦେଶୀୟ ଶିଳ୍ପପତି ମମତା ଜନ୍ମାଇଲେ ତହିଁର ଫଳରେ ଶିଳ୍ପ କୃଷିର ଉନ୍ନତି ଆପେ ଆପେ ଆସିବ । ନିଜର ସ୍ୱାର୍ଥ କେଉଁ ପଥରେ, ଲୋକ ଥରେ ଏହା ଭଲରୂପେ ବୁଝିଲେ ସମୂହ ସ୍ୱାର୍ଥ ଲାଗି ଅଧିକ ଚିନ୍ତା କରିବାକୁ ହେବନାହିଁ । ସମ୍ମିଳନୀର ପ୍ରଥମ ଅଧିବେଶନମାନଙ୍କରେ ଦେଶୀୟ

ଶିଳ୍ପଜାତ ଦ୍ରବ୍ୟର ବ୍ୟବହାର ଲାଗି ଅନେକ ସଂକଳ୍ପ କରିଥିଲେ । ସେମାନେ ଆଜି ସେ ସଂକଳ୍ପ ସକଳ କେତେଦୂର କାର୍ଯ୍ୟରେ ପାଳନ କରୁଛନ୍ତି ମୁଁ ଜାଣେ ନାହିଁ । କିନ୍ତୁ ସେପରି ସଙ୍କଳ୍ପ ବାରମ୍ବାର କରିବା ଅସଙ୍ଗତ ହେବନାହିଁ । ସଙ୍କଳ୍ପ, ସାଧନାର ପ୍ରଥମ ସୋପାନ, ଏବଂ ସାଧନାରେ ସିଦ୍ଧି ଆସିବ । ଦେଶପ୍ରତି ମମତା ଜନ୍ମିଲେ, ଦେଶୀୟ ଶିଳ୍ପର ଉନ୍ନତି ଲାଗି ପ୍ରାଣ ବ୍ୟାକୁଳ ହେବ । ଦେଶୀୟ ଶିଳ୍ପଜାତ ଦ୍ରବ୍ୟର ବ୍ୟବହାର ପାଇଁ ସଙ୍କଳ୍ପ ସ୍ୱତଃ କାର୍ଯ୍ୟରେ ପରିଣତ ହେବ । ଶିଳ୍ପ ବାଣିଜ୍ୟ କୃଷି ପ୍ରଭୃତି ଜାତୀୟ ଉନ୍ନତିରେ ଗୋଟିଏ ବିଭାଗ ମାତ୍ର । ବୋଲିବା ବାହୁଲ୍ୟ ଏ ସମସ୍ତ ମୂଳରେ ଶିକ୍ଷା । ସମାଜ ସଂସ୍କାର ବୋଲ, ସ୍ତ୍ରୀ ଶିକ୍ଷା ବୋଲ, ଶିଳ୍ପମୟ ବାଣିଜ୍ୟ ବୋଲ, ଏମନ୍ତ କି ଜାତି ନିମନ୍ତେ ଆତ୍ମୋତ୍ସର୍ଗ ବୋଲ ସମସ୍ତେ ଶିକ୍ଷାର ଅପେକ୍ଷା ରଖନ୍ତି । ଦେଶର ଚାରିଆଡ଼େ ଅଜ୍ଞାନ ଅନ୍ଧାର ଘୋଟି ରହିଅଛି । ଦେଶ ବୋଇଲେ ଯାହା ବୁଝାଯାଏ, ଜାତି ବୋଇଲେ ପଲ୍ଲିର ଯେଉଁ ନିରୀହ କୁଟୀରବାସୀର ଚିତ୍ର ଆଖିରେ ନାଚେ; ସେମାନେ ଏହି ଜଡ଼ତା ଅନ୍ଧାରରେ ପଡ଼ି ରହିଥିବା ଯାଏ ଆମ୍ଭମାନଙ୍କର ଶତ ଆନ୍ଦୋଳନ ଓ ଆସ୍ଫାଳନ ଅରଣ୍ୟ ରୋଦନ ମାତ୍ର । କେତେ ଜଣ ଦେଶରେ ବି.ଏ., ଏମ୍.ଏ., କାବ୍ୟତୀର୍ଥ, ତର୍କତୀର୍ଥ ପାଶ କଲେ, କେତେ ଗୋଟା ବଡ଼ ବଡ ଓକୀଲ ହେଲେ ଜାତି ଉଠିବ ନାହିଁ । କୌଣସି ଜାତି ଉଠି ନାହିଁ । ଜାତୀୟ ଆତ୍ମବୋଧ ସକଳ ପ୍ରାଣରେ ଆଣିବାକୁ ହେବ । ଜ୍ଞାନର ଉଜ୍ଜ୍ୱଳ ଆଲୋକରେ ଜଡ଼ତା ଅନ୍ଧାର ଭେଦ କରିବାକୁ ହେବ । ସ୍ଥୂଳରେ ସାହିତ୍ୟିକ ହେଉ ବା ବୈଷୟିକ ହେଉ, ବୈଜ୍ଞାନିକ ହେଉ ବା ଶିଳ୍ପ ସମ୍ବନ୍ଧୀୟ ହେଉ, ପତ୍ରିକା ସାହାଯ୍ୟରେ ହେଉ ବା ବିଦ୍ୟାଳୟ ସାହାଯ୍ୟରେ ହେଉ, ପୁରାଣ ପାଠରେ ହେଉ ବା ପ୍ରଚାରକ ସାହାଯ୍ୟରେ ହେଉ ଯେ କୌଣସି ପ୍ରକାର ଶିକ୍ଷାଦ୍ୱାରା ଜାତୀୟ ଆତ୍ମ ମର୍ଯ୍ୟାଦା ଓ ସମ୍ମାନରେ ଜାତିକୁ ଜଗାଇବାକୁ ହେବ । ଜାତୀୟ ଚରିତ୍ରର ଗୌରବ ଏବଂ ଉଦାରତା ସମ୍ପାଦନ କରିବାକୁ ହେବ । ଓଡ଼ିଶାର ସ୍ଥାନେ ସ୍ଥାନେ ବ୍ୟକ୍ତିଗତ ଚେଷ୍ଟାରେ ବା ସ୍ଥାନୀୟ ଉଦ୍ୟମରେ ବିଦ୍ୟାଳୟ ସ୍ଥାପିତ ହେଉଅଛି । ସେ ସବୁର ସ୍ଥାୟିତ୍ୱ ଏବଂ ପୂର୍ଣ୍ଣତା ପ୍ରତି ସମସ୍ତଙ୍କର ସହାନୁଭୂତି ଆବଶ୍ୟକ । କିନ୍ତୁ ଲୋକ ଶିକ୍ଷା ନିମନ୍ତେ ଏହା ଯଥେଷ୍ଟ ନୁହେ । ସାହିତ୍ୟ ଓ ସମ୍ବାଦପତ୍ରମାନ ଦେଶରେ ପ୍ରଚାର କରି ଜନ ସାଧାରଣର ଭାବ ଏବଂ ଚିନ୍ତାରେ ଉନ୍ନତି ଓ ପରିବର୍ତ୍ତନ ଘଟାଇବାର ବ୍ୟବସ୍ଥା ନ ହେବା ଯାଏ ଶିକ୍ଷାର ଫଳ ଦେଶବ୍ୟାପୀ ହୋଇପାରିବ ନାହିଁ । ଭାରତର ଚିନ୍ତାଶୀଳ ନେତାମାନେ ଆଜି ସମସ୍ତେ ବୁଝିଛନ୍ତି ଯେ ଜାତିର ପ୍ରାଣରେ ଭାବର ଆବେଗ ନ ହେଲେ ଜାତୀୟ ଉନ୍ନତି ହେବ ନାହିଁ । ଆମ୍ଭମାନଙ୍କର ଉତ୍କଳ ସମ୍ମିଳନୀ କେବଳ ସେହି ଭାବର ଉଦ୍‌ବୋଧନ ଲାଗି କ୍ଷୀଣ ବା ପ୍ରଖର ଭାବରେ ହେଉ ଆଦ୍ୟରୁ ଉଦ୍ୟମ କରି ଆସୁଅଛି ଏବଂ ମୁଁ ବାରମ୍ବାର

କହୁଅଛି ଏହି ଉଦବୋଧନାହିଁ ଏହାର କାର୍ଯ୍ୟ । ପୁସ୍ତକଦ୍ୱାରା, ପତ୍ରିକାଦ୍ୱାରା, ପ୍ରଚାରକଦ୍ୱାରା ଆଳାପ ଏବଂ ଆଲୋଚନାଦ୍ୱାରା ଗୃହେ ଗୃହେ ଏହି ଭାବର ବିକୀରଣ ହେଉ । ଉତ୍କଳୀୟ ଶିକ୍ଷିତ ଯୁବକଗଣ ଯେଉଁ ଶିକ୍ଷା ଲାଭକରି ବିଦ୍ୟାଳୟରେ, ଦେଶ ଭ୍ରମଣରେ ଉଚ୍ଚ ଚିନ୍ତାଶୀଳ ଲୋକଙ୍କ ସହବାସ ଓ ସଙ୍ଗ ସଂସ୍ରବରେ ଯେଉଁ ଆଲୋକ ପାଇଛନ୍ତି; ପଲ୍ଲିରେ ଓ ନଗରରେ, କୁଟୀରରେ ଓ ପ୍ରାସାଦରେ ତାଙ୍କ ପ୍ରତିବେଶୀ-ମାନଙ୍କୁ ସେହି ଆଲୋକ ବିତରଣ କରନ୍ତୁ । ଗ୍ରାମ୍ୟ ସମିତିମାନଙ୍କୁ ସେମାନଙ୍କ କର୍ତ୍ତବ୍ୟରେ ଶିକ୍ଷିତ କରାନ୍ତୁ । କୃଷି, ଶିଳ୍ପ, ବାଣିଜ୍ୟ ବିଷୟକ କ୍ଷୁଦ୍ର କ୍ଷୁଦ୍ର ପତ୍ରିକା ଓ ପୁସ୍ତକମାନ ସହଜ ସୁବୋଧ ଭାଷାରେ ଦେଶର ଚାରିଆଡ଼େ ପ୍ରଚାରିତ ହେଉ । ଜାତିର ପୂର୍ବ ଗୌରବ ଓ ଜାତିର ଭବିଷ୍ୟତରେ ପ୍ରତ୍ୟେକ ପ୍ରାଣ ଭାବାନ୍ୱିତ ହେଉ । ଏହାହିଁ ଆମ୍ଭମାନଙ୍କର କର୍ତ୍ତବ୍ୟ । ଏହାହିଁ ଆମ୍ଭମାନଙ୍କର ଜାତୀୟ ଶିକ୍ଷା, ଆମ୍ଭ-ମାନଙ୍କର ଜାତୀୟ ମୁକ୍ତିର ପନ୍ଥା ।

ଏ ପ୍ରସଙ୍ଗରେ ମତେ ଗଭୀର ଦୁଃଖର ସହିତ କହିବାକୁ ହେଉଅଛି ଯେ ଏହି ଜାତୀୟ ଶିକ୍ଷା ପଥରେ ସିଂହଭୂମରେ ଅନେକ ଅନ୍ତରାୟ ଅଛି । ଗଞ୍ଜାମ ମଧ୍ୟ ସେ ଅନ୍ତରାୟ ଅନେକ ଦିନ ଭୋଗିଅଛି । ଅଦ୍ୟାପି ଏକାବେଳକେ ମୁକ୍ତି ପାଇନାହିଁ । ବହୁ କଷ୍ଟରେ ମୁଣ୍ଡ ଟେକିଅଛି ମାତ୍ର । ଏହି ଦୁଇ ଓଡ଼ିଆଭାଷୀ ଅଞ୍ଚଳରେ ଓଡ଼ିଆ-ମାନଙ୍କ ଭାଷାର ଦୁର୍ଗତି କଥା ମୁଁ ପୂର୍ବେ ସୂଚନା କରିଅଛି । ସିଂହଭୂମ ସମ୍ବନ୍ଧେ ଭୁକ୍ତଭୋଗୀ । ଆଦିମ ଅଧିବାସୀଙ୍କୁ ଛାଡ଼ିଦେଲେ ସିଂହଭୂମର ପ୍ରାୟ ସମଗ୍ର ଅଧିବାସୀ ଓଡ଼ିଆ । ପ୍ରତି ଘରେ ଏ ପର୍ଯ୍ୟନ୍ତ ଓଡ଼ିଆ ପୁରାଣ ପୁସ୍ତକମାନ ପୂଜା ପାଉଛନ୍ତି । ଓଡ଼ିଆ ପୁଣ୍ୟ ପର୍ବର ଶଙ୍ଖ ମହୁରୀରେ ସିଂହଭୂମିର ପଲ୍ଲି ଧ୍ୱନିତ ହେଉଅଛି । କିନ୍ତୁ ବିଚାର ଅଦାଲତରେ ଓଡ଼ିଆଭାଷା ଶିକ୍ଷାର ସୁବିଧା ନାହିଁ । ମାତୃଭାଷାର ଏହିପରି ଦୁରବସ୍ଥାରେ ଲୋକ ଶିକ୍ଷା ସହଜ ଆଉ ସମ୍ଭବ କି ? ଏହି ଦୂରବସ୍ଥା ଘୁଞ୍ଚାଇବା ଲାଗି ସିଂହଭୁମବାସୀମାନେ ଏବେ ଉଦ୍ୟମୀ ହୋଇଅଛନ୍ତି । ସୁଖର କଥା ସରକାରୀ କର୍ତ୍ତୃପକ୍ଷମାନେ ମଧ୍ୟ ସେମାନଙ୍କ ଅଭାବ ବୁଝି ଏ ଉଦ୍ୟମରେ ସହାନୁଭୂତି ପ୍ରକାଶ କରୁଅଛନ୍ତି । ଏ ବୃଦ୍ଧ ବୟସରେ ଏହି ଶୁଭ ଲକ୍ଷଣ ଏବଂ ଆଶାର ଚିହ୍ନମାନ ଦେଇ ମୋ ପ୍ରାଣରେ ନବ ଉତ୍ସାହ ଏବଂ ସାହସ ଆସିଅଛି । ମୁଁ ଆଉ ସିଂହଭୂମ ଓଡ଼ିଆଙ୍କ ଭବିଷ୍ୟତ ସମ୍ବନ୍ଧରେ ନିରାଶ ବା ସନ୍ଦିହାନ ନୁହେ । କିନ୍ତୁ ମୋର ଏତିକି ଅନୁରୋଧ ଓଡ଼ିଆ ଭାଇମାନେ ଯେ ସ୍ନେହ ମମତା ଦେଖାଇ ମୋତେ ଆଜି ଏହି ସମ୍ମାନ ଦେଇଅଛନ୍ତି, ସିଂହଭୂମପ୍ରତି ସେହି ମମତା ରଖି ତହିଁର ଲୋକ ଶିକ୍ଷା ନିମନ୍ତେ ଶୀଘ୍ର ବିହିତ ଉପାୟ ଅବଲମ୍ବନ କରନ୍ତୁ । ମୁଁ ବୋଧ କରୁଅଛି ସିଂହଭୂମର ଶୁଭ ମୁହୂର୍ତ୍ତ ଆସିଅଛି । ଲୋକଙ୍କର ମନରେ

ବ୍ୟାକୁଳତା ଓ ଉଦ୍‌ବେଗ ଦେଖା ଦେଇଅଛି । ଏହି ବେଳ ଜାଣି କାର୍ଯ୍ୟ ଆରମ୍ଭ କଲେ ସିଂହଭୂମ ଧ୍ୱଂସ ମୁଖରୁ ନିଶ୍ଚୟ ତ୍ରାଣ ପାଇବ ।

ମୁଁ ମୋ ବକ୍ତବ୍ୟ ଶେଷ କରିବା ପୂର୍ବରୁ ସମ୍ମିଳନୀ ସମ୍ବନ୍ଧେ ଗୋଟିଏ ବିଷୟ ବିଶେଷରୂପେ ଉଲ୍ଲେଖ କରିବା ଆବଶ୍ୟକ ବୋଧ କରୁଅଛି । ଗତ କେତେକ ସପ୍ତାହ ହେଲା ଓଡ଼ିଶାର ପତ୍ରିକାମାନଙ୍କରେ ସମ୍ମିଳନୀ ରାଜନୈତିକ କି ନୁହେ, ଏ ପ୍ରଶ୍ନର ଅବତାରଣା ଏବଂ ଆଲୋଚନା ହୋଇଥିବାର ଦେଖା ଯାଉଅଛି । କୌଣସି କୌଣସି ବ୍ୟକ୍ତି ବିଶେଷ ମଧ ବିଶେଷତଃ ସରକାରୀ ଶିକ୍ଷିତ ଓଡ଼ିଆମାନେ ଏ ସମ୍ବନ୍ଧରେ ପ୍ରଶ୍ନ ପଚାରି ଥାଆନ୍ତି । ଶୁଣିଲି ଏ ବର୍ଷ ସମ୍ମିଳନୀର ଏହି ଅଧିବେଶନରେ ଛାତ୍ର ଏବଂ ରାଜକର୍ମଚାରୀମାନେ ଯୋଗ ନ ଦେବା ନିମନ୍ତେ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ପ୍ରଥମେ ଆଦେଶ ହୋଇଥିଲା । ଓଡ଼ିଶାର କମିଶନର ମାନନୀୟ ଗ୍ରୁନିଙ୍ଗଙ୍କୁ ଧନ୍ୟବାଦ । ସେ ସମସ୍ତ ବିଷୟ ବୁଝି ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କର ଶଙ୍କା ଓ ସନ୍ଦେହ ଦୂର କରିଅଛନ୍ତି । ମୁଁ ଏଠାରେ ଏତିକି କହିବା ଆବଶ୍ୟକ ମନେ କରୁଅଛି, ସମ୍ମିଳନୀ ରାଜନୈତିକ ନୁହେ, ଶିଳ୍ପ ସାହିତ୍ୟ ବିଷୟକ ନୁହେ — ଏହା ଜାତୀୟ ଅନୁଷ୍ଠାନ । ଓଡ଼ିଆ ଜାତିର ଯେଉଁ ସତ୍ତା ଓ ସ୍ୱାତନ୍ତ୍ର୍ୟ ରଖିବା ସରକାର କର୍ତ୍ତବ୍ୟ ବୋଧ କରୁଅଛନ୍ତି, ଷ୍ଟେଟ୍ ସେକ୍ରେଟରୀ ଯେଉଁ କାରଣ ଦେଖାଇ ନୂତନ ପ୍ରଦେଶ ଗଠନରେ ଓଡ଼ିଶାର ସ୍ଥାନ ନିର୍ଦ୍ଦେଶ କରିଅଛନ୍ତି, ସେହି ସତ୍ତା ସେହି ସ୍ୱାତନ୍ତ୍ର୍ୟ ରଖିବା ଲାଗି ଉତ୍କଳ ସମ୍ମିଳନୀର ସୃଷ୍ଟି । ଏହି ସମ୍ମିଳନୀ ଓଡ଼ିଆ ଜାତୀୟ ଆକାଂକ୍ଷାର ମୂର୍ତ୍ତି । ଔପନିବେଶିକ ଶାସନ ଏହାର ଆଲୋଚ୍ୟ ନୁହେ । ଜାତିବିଭାଗ, ବିଧବା ବିବାହ ଆଦି ଏହା ନିର୍ଘଣ୍ଟର ଅନ୍ତର୍ଭୁକ୍ତ ନୁହେ । କୌଣସି ଧର୍ମ୍ମ ପ୍ରଚାର ଏହାର ପ୍ରସଙ୍ଗର ଅଙ୍ଗୀଭୂତ ନୁହେ । ଜାତୀୟ ଭାଷାର ପ୍ରତିଷ୍ଠା, ଦେଶୀ ଶିଳ୍ପର ଅଭିବୃଦ୍ଧି ପ୍ରଭୃତି କେବଳ ଗୋଟିଏ ଗୋଟିଏ ବିଭାଗ ଏହାର ସର୍ବସ୍ୱ ନୁହେ । ଯେ ସବୁ ବିଷୟ ଜାତୀୟ ଆକାଂକ୍ଷା ପରିତୃପ୍ତିର ଉପାଦାନ ସେ ସମସ୍ତ ଏହି ସମ୍ମିଳନୀ କାର୍ଯ୍ୟର ଅଂଶ । ଓଡ଼ିଆଭାଷୀ ପ୍ରଦେଶମାନଙ୍କର ମିଳନ ପ୍ରସଙ୍ଗ ଦୂରେ ସମ୍ମିଳନୀର କୌଣସି ସ୍ୱତନ୍ତ୍ର ପ୍ରକୃତି ନିର୍ଦ୍ଦେଶ କରିବା ସଙ୍ଗତ ନୁହେ । ତାହା ସେହି ଜାତୀୟ ଆକାଂକ୍ଷାର ଅଙ୍ଗମାତ୍ର । କୌଣସି ବ୍ୟକ୍ତି ବିଶେଷକୁ ତୁମ୍ଭେ ରାଜନୈତିକ ସାମାଜିକ ବା ସାହିତ୍ୟିକ, ବ୍ୟବହାରିକ ବା କେବଳ ଧାର୍ମିକ ବୋଲି କହି ନ ପାର । ସେ ଏକ ବ୍ୟକ୍ତି ଅନେକଗୁଡ଼ିଏ ଗୁଣଧର୍ମ ଆକାଂକ୍ଷା ଅଭିଳାଷର ପ୍ରକୃତି ପ୍ରେରଣାର ସମଷ୍ଟି । ବ୍ୟକ୍ତି ଯାହା ଜାତି ତାହା । ଜାତି ଯାହା, ତାହାହିଁ ତାହାର ମୂର୍ତ୍ତି ବା ବିକାଶ । ଓଡ଼ିଆ ଯାହା, ଉତ୍କଳ ସମ୍ମିଳନୀ ତାହାର ପ୍ରକୃତି ଏବଂ ପ୍ରକ୍ରିୟାରେ ତିଳେ ଭିନ୍ନ ହୋଇ ନ ପାରେ । ଓଡ଼ିଆ ରାଜଭକ୍ତ; ସମ୍ମିଳନୀ ପ୍ରକୃତିରେ ରାଜଭକ୍ତି ନିଶ୍ଚୟ ରହିବ । ଓଡ଼ିଆ ଚିରକାଳ ଇତିହାସର ଯୁଗେ ଯୁଗେ ଭିନ୍ନ ଭିନ୍ନ ପ୍ରଦେଶର

ସୁଧୀ ମନୀଷୀ ବୀର ବିପନ୍ନ ବ୍ୟକ୍ତିମାନଙ୍କୁ ଆଶ୍ରୟ ଦେଇଅଛି ଓ ଆଦର କରିଅଛି । ଆଜି ସେହି ସାମ୍ୟବାଦ ଓ ପ୍ରେମ ନୀତିକୁ ଉତ୍କଳର କେନ୍ଦ୍ର ମହାଭାରତ ଜାତିର ପ୍ରାଣସ୍ୱରୂପ ନୀଳାଚଳ ଧାମ ନିଜ ବକ୍ଷରେ ରହିଅଛି । ସେହି ବଳରେ ବିଶାଳ ଭାରତ ଆର୍ଯ୍ୟ ଜାତିକୁ ଉଦାରତାଦ୍ୱାରା ଉଦ୍‌ବୁଦ୍ଧ କରୁଅଛି । ଏହି ସାର୍ବଜନୀନତା ଏହି ମାନବପ୍ରୀତି ଓଡ଼ିଆର ପ୍ରକୃତି । ସମ୍ମିଳନୀର ପ୍ରକୃତି ଏଥିରୁ ଅନ୍ୟଥା ହୋଇ ନ ପାରେ ।

ଭାରତ ସୁଲଭ ରକ୍ଷଣଶୀଳତା ମଧ୍ୟରେ ଉତ୍କଳ ପ୍ରାଣରେ ଯୁଗେ ଯୁଗେ ଉଦାରତାର ପରିଚୟ ମିଳିଅଛି । ବୁଦ୍ଧଯୁଗରୁ ଆରମ୍ଭକରି ବର୍ତ୍ତମାନ ପର୍ଯ୍ୟନ୍ତ ଯେ ସମସ୍ତ ସାଧୁ ସାଧକ ମହାପୁରୁଷମାନେ ଭାରତର ବିଭିନ୍ନ ମତବାଦ ପ୍ରତିଷ୍ଠା କରିଅଛନ୍ତି; ଉତ୍କଳର ମାଧୁର୍ଯ୍ୟ, ଉତ୍କଳର ଉଦାରତା, ଉତ୍କଳର ପବିତ୍ରତା ଓ ଉତ୍କଳ କମଳାଙ୍କର ଶ୍ରୀ ସୌଷ୍ଠବ ଦେଖି ଏହି ପୁଣ୍ୟଭୂମି ଉତ୍କଳକୁ ନିଜର କାର୍ଯ୍ୟ କ୍ଷେତ୍ର ବୋଲି ନିର୍ଦ୍ଦେଶ କରିଥିଲେ । ଉତ୍କଳ ମଧ୍ୟ ସେମାନଙ୍କର ଗୁଣ ଗୌରବ ବୁଝି ସେମାନଙ୍କ ମତର ଯଥୋଚିତ ସମ୍ମାନ କରିଅଛି । ନାନା ଧର୍ମ, ନାନା ମତବାଦକୁ ଅବକାଶ ଦେଇ ସେହି ସମସ୍ତର ମହାସମନ୍ୱୟ ଘଟାଇଅଛି । ଏହି ଉଦାରତା, ଏହି ଉନ୍ମୁକ୍ତ ପ୍ରାଣତା ଓଡ଼ିଆ ଜାତିର ପ୍ରକୃତି । ଏହାହିଁ ସମ୍ମିଳନୀର ଧର୍ମ ।

ସମ୍ମିଳନୀର ପ୍ରକୃତି ନିର୍ଦ୍ଦେଶ ପରେ ତାହାର ଗତି ଓ ପନ୍ଥା ବିଷୟରେ ଟିକିଏ ସୂଚନା ଆବଶ୍ୟକ । ବ୍ୟକ୍ତିର ଉନ୍ନତି ଯେପରି ତାହାର ନିଜ ଯତ୍ନ, ନିଜ ଉଦ୍ୟମ ଏବଂ ଆତ୍ମ-ନିର୍ଭର ଉପରେ ନିର୍ଭର କରେ, ଜାତିର ଉନ୍ନତି ମଧ୍ୟ ସେହିପରି । ଅନ୍ୟ କାନ୍ଧରେ ବସି, ଅନ୍ୟ ଉପରେ ଭାର ଦେଇ କେହି କେବେ ବଡ଼ ହୋଇନାହିଁ । ଆମ୍ଭକୁ ଉଠାଇ ନିଅ ବୋଲି ଅନ୍ୟର ସାହାଯ୍ୟ ଅପେକ୍ଷା କରି କେହି କେବେ ଉପରକୁ ଉଠିନାହିଁ । ଏହି ଆତ୍ମନିର୍ଭର ନୀତି ସମ୍ମିଳନୀ ମୂଳରୁ ଅବଲମ୍ବନ କରିଅଛି । ରାଜନୀତିର ସମାଲୋଚନା କରିବା, ଅନ୍ୟ ସମାଜ ବା ଜାତିର ସହିତ ଈର୍ଷା ବା ବିଦ୍ୱେଷ କରିବା ସମ୍ମିଳନୀର ନୀତି ନୁହେ । ଏହି ଉଦାର ଆତ୍ମନିର୍ଭର ନୀତି ଦୃଢ଼ ଭାବରେ ରଖିପାରିଲେ ଆମ୍ଭମାନଙ୍କ ଜାତୀୟ ଗୌରବ ରହିବ । ଜାତୀୟ ଉନ୍ନତି ପ୍ରଶସ୍ତ ହେବ । ତୁମ୍ଭେ ନିଜକୁ ସାହାଯ୍ୟ ନ କଲେ ଅନ୍ୟ ଆଡକୁ [କେହି] ସାହାଯ୍ୟ କରିବେ ନାହିଁ । ଥରେ ନିଜ ଗୋଡ଼ରେ ଛିଡ଼ା ହୁଅ । ଜାତୀୟ ଉନ୍ନତି ବିମାନ ଟେକିବାରେ ନିଜ କାନ୍ଧ ଲଗାଇ ଦିଅ । ଜାତୀୟ ଉନ୍ନତି ମହାସ୍ରୋତରେ ଆପଣାକୁ ଭସାଇ ଦିଅ, ଜାତୀୟତାରେ ବ୍ୟକ୍ତିତ୍ୱ ଦେଖ, ଦେଖିବ ଅଦ୍ୟ ତୁମ୍ଭ ଆଡ଼କୁ ଚାହିଁବ, ଅଦ୍ୟ ତୁମ୍ଭ ଆଡ଼କୁ ଧାଇଁବ, ଅଦ୍ୟ ତୁମ୍ଭଙ୍କୁ ସାହାଯ୍ୟ କରିବ । ତୁମ୍ଭର ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦରେ ତୁମ୍ଭେ ବଳୀୟାନ୍ ହେବ ଏବଂ ଆମ୍ଭମାନଙ୍କ କଣ୍ଟକମୟ ଜାତୀୟ ଉନ୍ନତିର ପଥ ବିଧାତାଙ୍କ କଲ୍ୟାଣ କୁସୁମରେ କୁସୁମିତ ହେବ ।

## ଏକାଦଶ ଅଧିବେଶନର ନିର୍ଦ୍ଧାରଣାବଳୀ

**ପ୍ରଥମ ନିର୍ଦ୍ଧାରଣ** – ଆମ୍ଭମାନଙ୍କର ପ୍ରବଳ ପ୍ରତାପ ମହାମହିମ ସମ୍ରାଟ ଯେଉଁ ଜଗତ୍‌ବ୍ୟାପୀ ମହାସମରରେ ବାଧ ହୋଇ ନ୍ୟାୟ ନିମନ୍ତେ ଯୋଗ ଦେଇଅଛନ୍ତି, ବିଭିନ୍ନ ଅଞ୍ଚଳବାସୀ ଓଡ଼ିଆମାନଙ୍କର ଏହି ଜାତୀୟ ସମ୍ମିଳନୀ ସେହି ସଂଗ୍ରାମରେ ସମ୍ରାଟଙ୍କର ଜୟକାମନା କରୁଅଛନ୍ତି ଏବଂ ସମସ୍ତ ଓଡ଼ିଆ ଜାତିର ଆନ୍ତରିକ ଭକ୍ତି ଓ ଶ୍ରଦ୍ଧା ଜ୍ଞାପନ କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀ ରାଜାସାହେବ, ମଧୁପୁର
ଅନୁମୋଦକ - ମହନ୍ତ ଶ୍ରୀ ବିହାରୀ ଦାସ
ସମର୍ଥକ - ଶ୍ରୀ ଅପର୍ଣ୍ଣା ପଣ୍ଡା

**ଦ୍ୱିତୀୟ ନିର୍ଦ୍ଧାରଣ** – ଭାରତର କୃତିସନ୍ତାନ ମହାମତି ଗୋପାଳକୃଷ୍ଣ ଗୋଖଲେ, ସର୍ ଫିରୋଜସାହା ମେହତା ଓ ଭାରତବନ୍ଧୁ ସର୍ ହେନରୀ କଟନଙ୍କର ଅକାଳ ବିୟୋଗରେ ଏହି ସମ୍ମିଳନୀ ଗଭୀର ଶୋକ ପ୍ରକାଶ କରୁଅଛନ୍ତି ଏବଂ ସମ୍ମିଳନୀର ଭୂତପୂର୍ବ ସମ୍ପାଦକ ରାୟ ଗୋକୁଳାନନ୍ଦ ଚଉଧୁରି ବାହାଦୁରଙ୍କ ମୃତ୍ୟୁରେ ଓଡ଼ିଶାର ବିଶେଷ କ୍ଷତି ହୋଇଥିବା ଏହି ସମ୍ମିଳନୀ ଅନୁଭବ କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀ କଳ୍ପତରୁ ଦାସ ଓକୀଲ
ଅନୁମୋଦକ - ଶ୍ରୀ ବିଚିତ୍ରାନନ୍ଦ ଦାସ ବି.ଏଲ୍.
ସମର୍ଥକ - ଶ୍ରୀ ଭାଗିରଥୀ ପଦ୍ୟାଳଙ୍କାର

**ତୃତୀୟ ନିର୍ଦ୍ଧାରଣ** – ସମ୍ବଲପୁର ଜିଲ୍ଲା ରାଜନୈତିକ ଓଡ଼ିଶାର ଅନ୍ତର୍ଭୁକ୍ତ ହେଲେହେଁ ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳ ସହିତ ଏହାର ଯାତାୟାତ ଏବଂ ଅନ୍ୟାନ୍ୟ ଅସୁବିଧା ଦୃଷ୍ଟିରେ ଖୋର୍ଦ୍ଧା ରୋଡ଼ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ରେଲରାସ୍ତା ଶୀଘ୍ର ଖୋଲାଯିବାର ଆବଶ୍ୟକତା ଏହି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି ।

ପ୍ରସ୍ତାବକ - ପଣ୍ଡିତ ଶ୍ରୀ ଧରଣୀଧର ମିଶ୍ର
ଅନୁମୋଦକ - ଶ୍ରୀ ଜଗବନ୍ଧୁ ସିଂହ
ସମର୍ଥକ - ଶ୍ରୀ ଭାଗବତ ପ୍ରସାଦ ମହାପାତ୍ର
ଶ୍ରୀ ବୃନ୍ଦାବନ ତ୍ରିପାଠୀ

**ଚତୁର୍ଥ ନିର୍ଦ୍ଧାରଣ** – ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗପ୍ରଦେଶମାନଙ୍କରେ ଥିବା ଓଡ଼ିଆ ଅଞ୍ଚଳମାନ ବିହାର-ଓଡ଼ିଶା ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳ ସହିତ ଏକ ସ୍ୱତନ୍ତ୍ର ଶାସନରେ କିମ୍ବା ତାହା ନ ହେବାଯାଏ ବିହାର-ଓଡ଼ିଶା ଶାସନର ଅନ୍ତର୍ଭୁକ୍ତ

ନ ହେଲେ ଓଡ଼ିଆ ଜାତିର ପ୍ରକୃତ ଉନ୍ନତି ସାଧିତ ହୋଇପାରିବ ନାହିଁ ବୋଲି ଏହି ସମ୍ମିଳନୀ ବିଶ୍ୱାସ କରନ୍ତି ।

ପ୍ରସ୍ତାବକ - ମାନ୍ୟବର ରାୟ ଶ୍ରୀ ସୁଦାମଚରଣ ନାୟକ ବାହାଦୁର
ଅନୁମୋଦକ - ମିଃ ଜେ. ଏନ୍. ସେନ୍ ଏମ୍.ଏ.ବି.ଏଲ୍.
ସମର୍ଥକ - ଶ୍ରୀ ଫକୀରମୋହନ ସେନାପତି
ଶ୍ରୀ ମହନ୍ତ ରାଧାକୃଷ୍ଣଦାସ ଗୋସ୍ୱାମୀ
ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ଓକୀଲ
ପଣ୍ଡିତ ଶ୍ରୀ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ
ଶ୍ରୀ ହନୁମନ୍ତ ରାଓ ପଟ୍ଟନାୟକ
ଶ୍ରୀ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ବି.ଏଲ୍.
ଶ୍ରୀ ମଦନମୋହନ ରଥ ବି.ଏ.ଏଲ୍.ଟି.
ଶ୍ରୀ ସମସେର ସିଂହ

**ପଞ୍ଚମ ନିର୍ଦ୍ଧାରଣ** – ବିଭିନ୍ନ ପ୍ରାଦେଶିକ ଶାସନାଧୀନ ସମଗ୍ର ଓଡ଼ିଆ ଭାଷୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଏହି ସମ୍ମିଳନୀ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କରୁଅଛନ୍ତି ଓ ଏବଂ ଏହା କାର୍ଯ୍ୟରେ ପରିଣତ ନ ହେବା ଯାଏ ସେମାନଙ୍କୁ ବିଶ୍ୱବିଦ୍ୟାଳୟରେ ସମାନ ଶିକ୍ଷାର ସୁବିଧା ଆବଶ୍ୟକ ବୋଲି ହୃଦୟଙ୍ଗମ କରନ୍ତି ।

ପ୍ରସ୍ତାବକ - ଶ୍ରୀ ଜଗବନ୍ଧୁ ସିଂହ
ଅନୁମୋଦକ - ଶ୍ରୀ ବ୍ରଜସୁନ୍ଦର ଦାସ ବି.ଏ.
ସମର୍ଥକ - ଶ୍ରୀ ମଧୁସୂଦନ ପାଣିଗ୍ରାହୀ ବି.ଏ.
ଶ୍ରୀ କୃପାସିନ୍ଧୁ ମିଶ୍ର ଏମ୍. ଏ.

**ଷଷ୍ଠ ନିର୍ଦ୍ଧାରଣ** – ବିହାର-ଓଡ଼ିଶା ଅନ୍ତର୍ଗତ ସିଂହଭୂମ, ମଧ୍ୟ ପ୍ରଦେଶ ଅନ୍ତର୍ଗତ ଫୁଲଝର, ଚନ୍ଦ୍ରପୁର, ପଦ୍ମପୁର ପ୍ରଭୃତି ଓଡ଼ିଆ ଅଞ୍ଚଳରେ ଓଡ଼ିଆ କଚେରୀ ଭାଷାରୂପେ ଗୃହୀତ ହେବା ଏବଂ ଓଡ଼ିଆଶିକ୍ଷା ବିସ୍ତାର ନିମନ୍ତେ ବହୁଳ ବ୍ୟବସ୍ଥା ହେବାର ପ୍ରୟୋଜନୀୟତା ଏହି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀ ଗୋପବନ୍ଧୁ ଦାସ ବି.ଏଲ୍.
ଅନୁମୋଦକ - ମିଃ ବି.ଏନ୍. ମିଶ୍ର, ବାରିଷ୍ଟର
ଶ୍ରୀ ଅନାମଚନ୍ଦ୍ର ପାତ୍ର
ସମର୍ଥକ - ଶ୍ରୀ ଭଗବାନ ଷଡ଼ଙ୍ଗୀ
ଶ୍ରୀ ଦାଶରଥି ମିଶ୍ର

**ସପ୍ତମ ନିର୍ଦ୍ଧାରଣ** – ଉତ୍କଳୀୟମାନଙ୍କର ଆଶା ଆକାଂକ୍ଷା ଓ ଅଭାବମାନ ସରକାରଙ୍କୁ ଗୋଚର କରାଇବା ଲାଗି ଜଣେ ଉତ୍କଳୀୟ ଭାରତୀୟ ବ୍ୟବସ୍ଥାପକ ସଭାରେ ସଦସ୍ୟ ମନୋନୀତ ବା ନିର୍ବାଚିତ ହେବାର ଆବଶ୍ୟକତା ଏ ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀ ଗୌରୀଶଙ୍କର ରାୟ

ଅନୁମୋଦକ - ଶ୍ରୀ ଗଣେଶ ମହାପାତ୍ର ବି.ଏଲ୍.

ସମର୍ଥକ - ଶ୍ରୀ ଚନ୍ଦ୍ରଶେଖର ବେହେରା, ଓକିଲ

**ଅଷ୍ଟମ ନିର୍ଦ୍ଧାରଣ** — ପ୍ରାକୃତିକ ଓଡ଼ିଶାର ବୈଷୟିକ ଶିକ୍ଷା ପ୍ରସାର ଉଦ୍ଦେଶ୍ୟରେ କଟକରେ ଗୋଟିଏ ଏଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠିତ ହେବା ନିତାନ୍ତ ଆବଶ୍ୟକ ବୋଲି ସମ୍ମିଳନୀ ହୃଦୟଙ୍ଗମ କରୁଅଛନ୍ତି ।

ପ୍ରସ୍ତାବକ - ଶ୍ରୀ ପାରେଶ୍ୱର ମହାନ୍ତି ବି.ଏଲ୍.

ଅନୁମୋଦକ - ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର ବି.ଏଲ୍.

ସମର୍ଥକ - ଶ୍ରୀ ଦୟାନିଧି ଦାସ

**ନବମ ନିର୍ଦ୍ଧାରଣ** – ଓଡ଼ିଆଭାଷୀ ଛାତ୍ରମାନଙ୍କ ସୁବିଧା ନିମନ୍ତେ କଟକ ରେଭେନ୍ସା କଲେଜରେ ବି.ଏଲ୍. କ୍ଲାସ ଖୋଲାଯିବାର ପ୍ରୟୋଜନୀୟତା ସମ୍ମିଳନୀ ଉପଲବ୍ଧି କରନ୍ତି ।

ପ୍ରସ୍ତାବକ - ବାରିଷ୍ଟର ମି: ବି. ଏନ୍. ମିଶ୍ର

ଅନୁମୋଦକ - ଶ୍ରୀ ଗଣେଶ ମହାପାତ୍ର ବି.ଏଲ୍.

ସମର୍ଥକ - ଶ୍ରୀ ରାମନାରାୟଣ ମିଶ୍ର ଏମ୍. ଏ. ବି.ଏଲ୍.

**ଦଶମ ନିର୍ଦ୍ଧାରଣ** – ନିମ୍ନଲିଖିତ ବ୍ୟକ୍ତିଙ୍କୁ ନେଇ କିମ୍ବା ଇଚ୍ଛା ହେଲେ ଅନ୍ୟ କାହାକୁ ମିଶାଇ ସମ୍ବଲପୁରରେ ଆଗାମୀ ବର୍ଷ ନିମନ୍ତେ କାର୍ଯ୍ୟ ନିର୍ବାହିକା ସମିତି ଅଧିଷ୍ଠିତ ହେଉ ।

ଶ୍ରୀ ରାମନାରାୟଣ ମିଶ୍ର ଏମ.ଏ. ବି.ଏଲ୍. – ସମ୍ପାଦକ

ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର ବି.ଏଲ୍.

ଶ୍ରୀ ଚନ୍ଦ୍ରଶେଖର ବେହେରା, ଓକୀଲ

ଶ୍ରୀ ବିଦ୍ୟାଧର ମିଶ୍ର

ଶ୍ରୀ ମହନ୍ତ ବିହାରୀ ଦାସ

ଶ୍ରୀ ଦାଶରଥି ମିଶ୍ର

ଶ୍ରୀ ଅନନ୍ତରାମ ସୂପକାର

ପ୍ରସ୍ତାବକ - ଶ୍ରୀ ଲକ୍ଷ୍ମୀଧର ମହାନ୍ତି ବି.ଏଲ୍.

ଅନୁମୋଦକ - ଶ୍ରୀ ଗୋଦାବରୀଶ ମିଶ୍ର ଏମ୍.ଏ.

ସମର୍ଥକ - ଶ୍ରୀ ରାଧାଶ୍ୟାମ ମହାନ୍ତି

**ଏକାଦଶ ନିର୍ଦ୍ଧାରଣ–** ପ୍ରାୟ ପଞ୍ଚାଶ ବର୍ଷକାଳ ଏକାଦିକ୍ରମେ ଉତ୍କଳ ଦୀପିକାର ସମ୍ପାଦକ କାର୍ଯ୍ୟ କୃତିତ୍ୱର ସହିତ କରିଥିବା ଯୋଗୁଁ ବାବୁ ଗୌରୀଶଙ୍କର ରାୟଙ୍କୁ ଏହି ସମ୍ମିଳନୀ ଧନ୍ୟବାଦ ଦେଉଅଛନ୍ତି ।

ପ୍ରସ୍ତାବକ - ଶ୍ରୀ ଶଶିଭୂଷଣ ରଥ

ଅନୁମୋଦକ - ଶ୍ରୀ ନୀଳକଣ୍ଠ ଦାଶ ଏମ୍.ଏ.

ସମର୍ଥକ- ଶ୍ରୀ ବିଦ୍ୟାଧର ମିଶ୍ର

ଶ୍ରୀ କୃଷ୍ଣମୋହନ ପଟ୍ଟନାୟକ

**ଦ୍ୱାଦଶ ନିର୍ଦ୍ଧାରଣ –** ଏହି ସମ୍ମିଳନୀରେ ସମ୍ବଲପୁର ଛାତ୍ରମାନେ ଏବଂ ସରକାରୀ କର୍ମଚାରିମାନେ ଦର୍ଶକ ଭାବରେ ଯୋଗ ଦେବା ସମ୍ବନ୍ଧେ ସହାନୁଭୂତି ସହିତ ବିଚାର କରିଥିବା ଯୋଗୁଁ ଓଡ଼ିଶାର କମିଶନର ମାନନୀୟ ମିଃ ଗ୍ରୁନିଂ ସାହେବଙ୍କୁ ଏହି ସମ୍ମିଳନୀ ଧନ୍ୟବାଦ ଦେଉଅଛନ୍ତି ।

ସଭାପତିଙ୍କ ଦ୍ୱାରା ପ୍ରସ୍ତାବିତ

**ତ୍ରୟୋଦଶ ନିର୍ଦ୍ଧାରଣ–** ସ୍ଥାନୀୟ ଛାତ୍ରମାନେ ନାନା କଷ୍ଟ ସହ୍ୟ କରି ଏହି ଅଧିବେଶନରେ ସ୍ୱେଚ୍ଛାସେବକ ହୋଇ କାର୍ଯ୍ୟ କରିଥିବାରୁ ସମ୍ମିଳନୀ ସେମାନଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

ସଭାପତିଙ୍କ ଦ୍ୱାରା ପ୍ରସ୍ତାବିତ

**ଚତୁର୍ଦ୍ଦଶ ନିର୍ଦ୍ଧାରଣ –** ସଭାପତିଙ୍କୁ ଧନ୍ୟବାଦ

ପ୍ରସ୍ତାବକ - ରାଜା ମଧୁପୁର

ଅନୁମୋଦକ - ରାୟ ସାହେବ ଭୁବନେଶ୍ୱର ବହିଦାର

ସମର୍ଥକ - ପଣ୍ଡିତ ପ୍ରଭାକର ମିଶ୍ର

ଜମିଦାର, କୁଳାବିରା

—

# ଦ୍ୱାଦଶ ଅଧିବେଶନ

[ଉତ୍କଳ-ସମ୍ମିଳନୀର ଦ୍ୱାଦଶ ଅଧିବେଶନ ବାଲେଶ୍ୱର ସହରରେ ୧୯୧୬ ମସିହା ଡିସେମ୍ବର ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିଲାଗି ଗଠିତ ପ୍ରସ୍ତୁତି କମିଟୀର ସଭାପତି ଥିଲେ ବ୍ୟାସକବି ଫକୀରମୋହନ ଓ ସଂପାଦକ ଥିଲେ ଦୈତ୍ୟାରୀ ପ୍ରସାଦ ଦାସ । ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ରାଧାଗୋବିନ୍ଦ ଦାସ । ମଞ୍ଜୁଷାର ରାଜା ଶ୍ରୀନିବାସ ରାଜମଣି ରାଜଦେବ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ । ବାଲେଶ୍ୱରର କିଛି ବଙ୍ଗାଳୀ ଅଧିବେଶନ ପୂର୍ବରୁ ତିକ୍ତ ବାତାବରଣ ସୃଷ୍ଟି କରିଥିଲେ, ଏଥିପାଇଁ ଅଧିବେଶନର ପ୍ରାରମ୍ଭରେ ପ୍ରସ୍ତୁତି କମିଟୀର ସଭାପତି ଫକୀରମୋହନ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । କାର୍ଯ୍ୟନିର୍ବାହିକା ସମିତିର ସମ୍ପାଦକ ରାମନାରାୟଣ ମିଶ୍ରଙ୍କ ପ୍ରସ୍ତୁତ ବିବରଣୀ ତାଙ୍କ ଅନୁପସ୍ଥିତିରେ ପାଠ କରାଯାଇଥିଲା । ଏସବୁ ସତ୍ତ୍ୱେ ଅଧିବେଶନଟି ସୁରୁଖୁରୁରେ ଶେଷ ହୋଇଥିଲା । ଏହି ଅଧିବେଶନରେ ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ ଉଭୟେ ଯୋଗଦେଇ ପାରିନଥିଲେ ।]

## ଅଭ୍ୟର୍ଥନା ସମିତିର ସଭାପତି ରାଧାଗୋବିନ୍ଦ ଦାସଙ୍କ ସମ୍ଭାଷଣ

ଭାଇମାନେ,

ଆଜି ଆମ୍ଭମାନଙ୍କର ଅତି ଶୁଭ ଦିବସ । ଉତ୍କଳଖଣ୍ଡର ସୁଦୂର ପ୍ରାନ୍ତ ଦେଶ-ମାନଙ୍କରୁ ଉତ୍କଳର ବରେଣ୍ୟ ସନ୍ତାନଗଣ ଆଜି ଏହି ପବିତ୍ର ମଣ୍ଡପରେ ସମବେତ ହୋଇଅଛନ୍ତି । ରାଜା, ପ୍ରଜା, ଧନୀ, ଦରିଦ୍ର, ପ୍ରଭୁ, ଭୃତ୍ୟ ସମସ୍ତେ ନିଜ ନିଜର ସ୍ୱତନ୍ତ୍ରତା ଭୁଲି ଏକ ଅଭାବନୀୟ ମହାମନ୍ତ୍ର-ଶକ୍ତିରେ ଅନୁପ୍ରାଣିତ ହୋଇ ପରସ୍ପର ଭାଇ ଭାଇ ବୋଲି ଆଲିଙ୍ଗନ କରୁଅଛନ୍ତି । ସମସ୍ତଙ୍କ ହୃଦୟରେ ଏକ ଉଦାର ଆକର୍ଷଣ, ଏକ ଅଭିନବ ଆଶା, ଏକ ଜୀବନ୍ତ ଜାତୀୟତା ଜାଗରିତ ହୋଇଅଛି । ଏହା ଦର୍ଶନ କରି କେଉଁ ନିଦ୍ରିତ, ଅନ୍ଧ ଉତ୍କଳପୁତ୍ରର ହୃଦୟ ଉତ୍‌ଫୁଲ୍ଲ ହୋଇ ନ ଉଠିବ ? କାହାର ପ୍ରାଣ ପବିତ୍ର ଜାତୀୟତାର ଅମୃତରସରେ ପ୍ଲାବିତ ହୋଇ ନ ଯିବ ?

ଆମ୍ଭମାନଙ୍କର ସ୍ମୃତିପଟରେ ଏହି ମାହେନ୍ଦ୍ର ଯୋଗର ବିରାଟ ଅନୁଷ୍ଠାନ ଚିରସ୍ମରଣୀୟ ହୋଇ ରହିଲା । ବାଲେଶ୍ୱରର ଇତିହାସ ଏହି ବାର୍ତ୍ତା ଭବିଷ୍ୟତ୍

ବଂଶଧରମାନଙ୍କ ନିକଟରେ ବଜ୍ର ନିର୍ଘୋଷରେ ଘୋଷଣା କରିବ । ଆମ୍ଭମାନଙ୍କର ଏ ସୌଭାଗ୍ୟ ଯେ ଏହି ମହାମିଳନ ଆମ୍ଭମାନଙ୍କର କୁଟୀର-ପ୍ରାଙ୍ଗଣରେ ସଂଘଟିତ ହେଉଅଛି । ଏହାଠାରୁ ବଳି ଆନନ୍ଦର କଥା, ଗୌରବର କଥା, ଗର୍ବର କଥା ଆଉ କଣ ହୋଇପାରେ ? କିନ୍ତୁ ଏହି ଆନନ୍ଦ ଉତ୍ସବ ଆମ୍ଭମାନଙ୍କ ମନରେ ବିଷାଦର ବିଗତ ବାର୍ତ୍ତା ଆନୟନ କରୁଅଛି । ଆଜି ଯଦି ବାଲେଶ୍ୱରର ପ୍ରକୃତ ଜନନାୟକ, ଉତ୍କଳଜନନୀର ବରପୁତ୍ର, ପବିତ୍ରାତ୍ମା ମହାରାଜା ବୈକୁଣ୍ଠନାଥ ଥାନ୍ତେ, ତାହାହେଲେ ଏହି ଉତ୍ସବର ବିରାଟ ଶଙ୍ଖ ନିନାଦରେ ଦିଗଦିଗନ୍ତ ଉଚ୍ଛୁଳି ଉଠନ୍ତା । ଦୂରାଗତ ଭାଇମାନଙ୍କର ସମ୍ବର୍ଦ୍ଧନା ପାଇଁ ଅତିଥିବତ୍ସଳ ମହାରାଜା ପଞ୍ଚୋପଚାରରେ ଆୟୋଜନ କରିଥାନ୍ତେ – ଆଜି ହୁଏତ ବୈକୁଣ୍ଠନାଥଙ୍କର ଆତ୍ମା ବୈକୁଣ୍ଠରେ ରହି ଆମ୍ଭମାନଙ୍କର ଏହି ଦୀନତା ଅଯୋଗ୍ୟତା ସନ୍ଦର୍ଶନ କରି କେବଳ କ୍ଷୁବ୍ଧ ହେଉଥିବ । ମୋର ପୂଜ୍ୟପାଦ ଜ୍ୟେଷ୍ଠଭ୍ରାତା ରାୟବାହାଦୁର ସାମନ୍ତ ରାଧାଚରଣ ଜୀବିତ ଥିଲେ ମହାରାଜାଙ୍କର ଅଭାବ ଏତେଦୂର ବାଧି ନ ଥାନ୍ତା । ରାଧାଚରଣଙ୍କର ଇଚ୍ଛା ଓ ଆଗ୍ରହ ଅନୁଯାୟୀ ଆମ୍ଭେମାନେ ଗତବର୍ଷ ସମ୍ମିଳନୀକୁ ବାଲେଶ୍ୱର ନଗରକୁ ନିମନ୍ତ୍ରଣ କରିବାରେ ସାହସୀ ହୋଇଥିଲୁଁ । ସେତେବେଳେ କିଏ ଜାଣିଥିଲା ଯେ କ୍ରୂରକାଳ ତାହାଙ୍କୁ ଅକାଳରେ ଛଡ଼ାଇ ଘେନିଯିବ – କିଏ ଜାଣିଥିଲା ଯେ ମାତୃପୂଜାର ମହୋତ୍ସବ ମଣ୍ଡପରେ ତାହାଙ୍କର ମୁହଁ ଲୁଚିଯିବ ! ଆମ୍ଭେମାନେ ସେହି ମହାତ୍ମା-ମାନଙ୍କର ଏପରି ଅଯୋଗ୍ୟ ବଂଶଧର ଯେ ସେମାନଙ୍କର ପବିତ୍ର ଆସନରେ ସମାସୀନ ହେବାକୁ ନିଜକୁ ଲଜ୍ଜାବୋଧ ହେଉଅଛି । ସେମାନଙ୍କର ଅଭାବରେ ହତଶ୍ରୀ ବାଲେଶ୍ୱର ଆହୁରି ଶ୍ରୀହୀନ ହୋଇ ପଡ଼ିଅଛି । ଆଜି ବାଲେଶ୍ୱରର ଦେଖାଇବାର କିଛି ନାହିଁ । ଦିନେ ଯେଉଁ ବୁଢ଼ାବଳଙ୍ଗ ସମୁଦ୍ରବାହୀ ପୋତାବଳୀର ଚୀରାଳମାଳାରେ ବିଭୂଷିତ ହେଉଥିଲା, ଯେଉଁ ବାଲେଶ୍ୱର ଉତ୍କଳର ନୌବାଣିଜ୍ୟର ସର୍ବପ୍ରଧାନ କେନ୍ଦ୍ରସ୍ଥଳୀ ଥିଲା, ଯେଉଁ ସ୍ଥଳ ଶତ ସହସ୍ର ଶିଳ୍ପୀ ଓ ବଣିକମାନଙ୍କର ସମୃଦ୍ଧି ବିପଣୀ ଶ୍ରେଣୀରେ ପରିଶୋଭିତ ଥିଲା ଆଜି ତାହାର ଦଶା ଆପଣମାନେ ସ୍ୱଚକ୍ଷୁରେ ଥରେ ଦର୍ଶନ କରି ଯାଉନ୍ତୁ । ଧନିକମାନଙ୍କର ବିହାର ଧ୍ୱନିମୁଖରିତ ଉତ୍ସବମୟୀ ନଗରୀ ଆଜି ଦାରିଦ୍ର୍ୟର କାତର-କ୍ରନ୍ଦନ-ଶ୍ମଶାନରେ ପରିଣତ ହୋଇଅଛି । ଏହା ଆମ୍ଭମାନଙ୍କର ମନ୍ଦଭାଗ୍ୟ ଛଡ଼ା ଆଉ କିଛି ନୁହେଁ ।

ଭାଇମାନେ ! ଆମ୍ଭମାନଙ୍କର ସମ୍ରାଟ ବର୍ତ୍ତମାନ ପୃଥିବୀର ଇତିହାସରେ ବୃହତ୍ତମ ସମରକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଅଛନ୍ତି । ବର୍ବର ଶତ୍ରୁପକ୍ଷୀୟମାନଙ୍କର ନିଷ୍ଠୁର ନରହତ୍ୟା ଓ ଧ୍ୱଂସର ପ୍ରବୃତ୍ତି ଚିରକାଳ ପୃଥିବୀର ଇତିହାସର ପୃଷ୍ଠା କଳଙ୍କିତ କରି ରଖିବ । ଆମ୍ଭମାନଙ୍କର ବିଶ୍ୱାସ ଏହି ପୃଥିବୀବ୍ୟାପୀ ମହାସମରରେ

ବ୍ରିଟିଶ୍‌କେଶରୀ ଓ ମିତ୍ରରାଜଗଣ ଜୟଲାଭ କରିବେ । ଜଗଦୀଶ୍ୱରଙ୍କ ନିୟମ କଦାଚ ଲଙ୍ଘିତ ହେବନାହିଁ । ସତ୍ୟ, ଧର୍ମ ଓ ନ୍ୟାୟ ଯେଉଁ ପକ୍ଷରେ, ବିଜୟଲକ୍ଷ୍ମୀ ସର୍ବଦା ସେହି ପକ୍ଷର ଅନୁକୂଳ । ଚିର ରାଜଭକ୍ତ ଓଡ଼ିଆଜାତି ସାମ୍ରାଜ୍ୟର ରକ୍ଷା ଓ ଶାନ୍ତି ନିମନ୍ତେ ସମସ୍ତ ତ୍ୟାଗ କରିବାକୁ ପ୍ରସ୍ତୁତ । ମୋର ବିଶ୍ୱାସ ଓଡ଼ିଆର ବୀରରକ୍ତ ଆଜି ଏପରି ନିର୍ଜ୍ଜୀବ ହୋଇ ନାହିଁ ଯେ ସେ ରାଜକାର୍ଯ୍ୟସାଧନ ନିମନ୍ତେ ରକ୍ତ ବିସର୍ଜ୍ଜନ କରିବାରେ ପରାଙ୍‌ମୁଖ ହେବ । ଆଜି ସମଗ୍ର ଓଡ଼ିଆ ଜାତି ଏହି ମଣ୍ଡପରେ ସମବେତ ହୋଇ ଶାନ୍ତିବିଧାତା ଜଗଦୀଶ୍ୱରଙ୍କର ନିକଟରେ ପ୍ରାର୍ଥନା କରୁଅଛୁଁ ଯେ ଆମ୍ଭମାନଙ୍କର ସାକ୍ଷାତ ଦେବତାସ୍ୱରୂପ ସମ୍ରାଟଙ୍କର ପ୍ରବଳ ପରାକ୍ରାନ୍ତ ତରବାରୀ ଜୟଯୁକ୍ତ ହେଉ ।

ଯଦି କେହି କହେ ଯେ ବିଗତ ଦ୍ୱାଦଶ ବର୍ଷ କାଳ ଏହି ସମ୍ମିଳନୀ ଉତ୍କଳର କୌଣସି ବିଶିଷ୍ଟ ଉନ୍ନତି କରିନାହିଁ, ସେ କଥା ବିଶ୍ୱାସ କରିବାକୁ ମୁଁ ପ୍ରସ୍ତୁତ ନୁହେଁ । ଆଜି ଉତ୍କଳର ଦୂରଦୂରାନ୍ତରରୁ ଭାଇମାନେ ଏକ ସ୍ଥାନରେ ବସି ପରସ୍ପର ଦୁଃଖସୁଖ କଥାବାର୍ତ୍ତା ହେଉଅଛନ୍ତି, ବିରାଟ ଓଡ଼ିଆ ଜାତିର ଗୋଟିଏ ଅଂଶ ବୋଲି ନିଜକୁ ଭାବିବାକୁ ଶିଖିଅଛନ୍ତି । ମୁଁ କହେଁ ଏହାଠାରୁ ବଳି ଲାଭର କଥା ଆଉ କଣ ହୋଇପାରେ । ଆତ୍ମମର୍ଯ୍ୟାଦା-ଜ୍ଞାନ ଜାତିର ମେରୁଦଣ୍ଡ ସ୍ୱରୂପ । ଓଡ଼ିଆ ଯେଉଁଦିନ ଦମ୍ଭର ସହିତ ଗର୍ବର ସହିତ ନିଜକୁ ଓଡ଼ିଆ ବୋଲି କହିବାକୁ ଜାଣିବ – ସେହି ଅଦୂର ଅତୀତର ଭାରତବିଜୟୀ ସମୁଦ୍ରବାହିନୀ ଶିଳ୍ପଗୁରୁ, ସାହିତ୍ୟ, ବିଜ୍ଞାନ ଓ ଧର୍ମର ଉଚ୍ଚତମ ସୋପାନରେ ଆରୂଢ଼ ସୁମହାନ ଓଡ଼ିଆ ଜାତିର ବଂଶଧର ବୋଲି ପରିଚୟ ଦେବାକୁ ଶିଖିବ, ସେହିଦିନ ଉତ୍କଳର ଏ ଦୁର୍ଦ୍ଦିନ ଆଉ ରହିବ ନାହିଁ । ଆମ୍ଭମାନଙ୍କର ଦେଶ ଉତ୍କଳଭୂମି ଶିଳ୍ପ ଓ ବାଣିଜ୍ୟ ପକ୍ଷରେ ସମ୍ପୂର୍ଣ୍ଣ ଉପଯୋଗୀ ଓ ସ୍ୱଭାବତଃ ପ୍ରଶସ୍ତ । ଉତ୍କଳଖଣ୍ଡ ଶିଳ୍ପ ଓ ବାଣିଜ୍ୟର ଉପାଦାନରେ ପରିପୂର୍ଣ୍ଣ । ସମସ୍ତ ଭାଇ-ମାନଙ୍କୁ ଏ ବିଷୟରେ ଦୃଷ୍ଟିପାତ କରିବାକୁ ମୁଁ ଅନୁରୋଧ କରୁଅଛି । ଆମ୍ଭମାନଙ୍କର ସଦାଶୟ ଗଭର୍ଣ୍ଣମେଣ୍ଟ ମଧ ସାହାଯ୍ୟ କରିବାକୁ ପ୍ରସ୍ତୁତ । ଭରସା ଅଛି ସରକାର ବାହାଦୁର ଯୁଦ୍ଧର ଅବସାନ ପରେ ବାଣିଜ୍ୟାଦିର ସୁବିଧା ନିମନ୍ତେ ଉତ୍କଳରେ ଗୋଟିଏ ବାଣିଜ୍ୟ ବନ୍ଦର ପ୍ରତିଷ୍ଠା କରିବେ ଏବଂ କେନେଲ ଓ ରେଳପଥର ବୃଦ୍ଧି କରିବେ ।

ଦେଶର ଏବଂ ଜାତିର ସର୍ବାଙ୍ଗୀନ ଉନ୍ନତି ଶିକ୍ଷା ଉପରେ ନିର୍ଭର କରେ । ଯେଉଁ ପ୍ରଣାଳୀରେ ପ୍ରାଥମିକ ଶିକ୍ଷା ଚାଲୁଅଛି, ତାହା ଦେଶର ଉନ୍ନତିକଳ୍ପେ ସମ୍ପୂର୍ଣ୍ଣ ଉପଯୋଗୀ ନୁହେଁ । ଆଶା କରୁଁ ଆମ୍ଭମାନଙ୍କର ଉଦାର ଗଭର୍ଣ୍ଣମେଣ୍ଟ ଅଦୂର ଭବିଷ୍ୟତରେ ସେହି ଅଭାବମାନ ମୋଚନ କରିବେ । କିନ୍ତୁ ଉଚ୍ଚଶିକ୍ଷାର ଅସଂକୁଳତା ସର୍ବଥା ଜାତୀୟ ଉନ୍ନତିର ପ୍ରଧାନ ପ୍ରତିବନ୍ଧକ । ଆଶା କରୁଁ ଗବର୍ଣ୍ଣମେଣ୍ଟ ଏଥିର

ଯଥୋଚିତ ସୁବିଚାର କରିବେ । କିନ୍ତୁ ଏ ବିଷୟରେ ଦେଶବାସୀଙ୍କର ମଧ ଅନେକ କର୍ତ୍ତବ୍ୟ ଅଛି ।

ସମଗ୍ର ଓଡ଼ିଆଭାଷୀ ପ୍ରଦେଶମାନ ବିଭିନ୍ନ ଶାସନାଧୀନରେ ବିଚ୍ଛିନ୍ନ ଭାବରେ ରହିଥିବାରୁ ଜାତିର ସର୍ବାଙ୍ଗୀନ ଉନ୍ନତି ପକ୍ଷରେ ଅନ୍ତରାୟ ଘଟୁଅଛି । ଓଡ଼ିଆଜାତି ନିଜର ସମସ୍ତ ବଳ ପୁଞ୍ଜୀଭୂତ କରି ସମଷ୍ଟି ଭାବରେ ଛିଡ଼ା ହେବାକୁ ସକ୍ଷମ ହୋଇପାରୁ ନାହାନ୍ତି । ଏ ବିଷୟରେ ଆମ୍ଭେମାନେ ବାରମ୍ବାର ଆବେଦନ ନିବେଦନ କରି ଆସୁଅଛୁଁ; କିନ୍ତୁ ଅଦ୍ୟାବଧି ତହିଁର ଆଶାନୁରୂପ ଫଳ ପାଇ ନ ଥିଲେ ସୁଦ୍ଧା ହତାଶ ହେବାର କୌଣସି କାରଣ ନାହିଁ । ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଆଶା ଓ ବିଶ୍ୱାସ ଅଛି ଯେ ଉନ୍ନତିକାମୀ, ପ୍ରଜାରଞ୍ଜକ ବ୍ରିଟିଶ ଗବର୍ଣ୍ଣମେଣ୍ଟ ଦିନେ ଆମ୍ଭମାନଙ୍କର ଦୁଃଖର କାହାଣୀ ଶୁଣିବେ । ସେଥିପାଇଁ ନିଶ୍ଚେଷ୍ଟ ହୋଇ ରହିଲେ ହେବ ନାହିଁ । ଯତ୍ନ ଓ ଉଦ୍ୟମର ଫଳ ଅବଶ୍ୟମ୍ଭାବୀ । ନିଶ୍ଚୟ ସେଦିନ ଆସିବ ଯେଉଁଦିନ ସମସ୍ତ ଓଡ଼ିଆଭାଷୀ ପ୍ରଦେଶମାନ ଏକ ସ୍ୱତନ୍ତ୍ର ଶାସନାଧୀନରେ ସମ୍ମିଳିତ ହୋଇ କୋଟି କଣ୍ଠରେ ବ୍ରିଟିଶ୍ ନ୍ୟାୟପରତାର ଗୁଣ କୀର୍ତ୍ତନ କରିବେ ।

ଭାଇମାନେ ! ଆଉ ଆପଣମାନଙ୍କର ବହୁମୂଲ୍ୟ ସମୟ ନଷ୍ଟ କରିବି ନାହିଁ । ଆପଣମାନଙ୍କ ସେବାରେ ଆମ୍ଭମାନଙ୍କର ଅଯୋଗ୍ୟତା ଓ ଅପୂର୍ଣ୍ଣତା ଆମ୍ଭେମାନେ ବୁଝି ପାରୁଅଛୁଁ । ଆପଣମାନେ କେତେ କଷ୍ଟ କରି ଆମ୍ଭମାନଙ୍କ ଦରିଦ୍ର କୁଟୀରରେ ପଦାର୍ପଣ କରିଅଛନ୍ତି; କିନ୍ତୁ ଆମ୍ଭେମାନେ ତାହାଙ୍କ ଯଥାଯୋଗ୍ୟ ପରିଚର୍ଯ୍ୟା କରିବାକୁ ଅକ୍ଷମ । ପ୍ରାର୍ଥନା କରୁଅଛୁଁ ଯେ ଆପଣମାନେ ନିଜର ଉଦାରଗୁଣରେ ଏହି ଅଯୋଗ୍ୟ ଭାଇମାନଙ୍କର ଶତ ତ୍ରୁଟି ଏବଂ ସହସ୍ର ଦୋଷ ମାର୍ଜନା କରିବେ ।

## ଉତ୍କଳ-ସମ୍ମିଳନୀ କାର୍ଯ୍ୟନିର୍ବାହିକା କମିଟିର ସମ୍ପାଦକ ରାମନାରାୟଣ ମିଶ୍ରଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟବିବରଣୀ

ଆପଣମାନଙ୍କୁ ଅବିଦିତ ନାହିଁ ଯେ, ଆମ୍ଭମାନଙ୍କ ଏହି ମାତୃପୂଜା ମହୋତ୍ସବର ଏକାଦଶ ଅଧିବେଶନ ଗତ ବର୍ଷ ସମ୍ବଲପୁର ନଗରୀରେ ଅନୁଷ୍ଠିତ ହୋଇଥିଲା । ଦଶବର୍ଷ ପରେ ସମ୍ବଲପୁର ଅଧିବାସୀ ଏହି ପବିତ୍ର ଜାତୀୟ ଅନୁଷ୍ଠାନର ଆୟୋଜନ କରିବାକୁ ସୁବିଧା ପାଇ ଏବଂ ତହିଁରେ ନିଜକୁ କାୟମନୋବାକ୍ୟରେ ନିୟୋଜିତ କରି ଧନ୍ୟ ହୋଇଅଛନ୍ତି । ଆମ୍ଭମାନଙ୍କ ସେହି ନଗଣ୍ୟ ଉତ୍ସାହ ଓ ଅନୁରାଗର ନିଦର୍ଶନ ପ୍ରତ୍ୟକ୍ଷ କରି ଦେଶର କିଛି କାର୍ଯ୍ୟହେବା ଆଶାରେ ସମ୍ମିଳନୀ କର୍ତ୍ତୃପକ୍ଷମାନେ ଗତବର୍ଷ କାର୍ଯ୍ୟନିର୍ବାହିକା କମିଟି ସମ୍ବଲପୁରରେ ସଂସ୍ଥାପନ କରିଥିଲେ । କିନ୍ତୁ

ଆମ୍ଭମାନଙ୍କ ଦୁରଦୃଷ୍ଟବଶରୁ ହେଉ ଅଥବା ଦୁର୍ଲ୍ଲକ୍ଷଣରୁ ହେଉ କାର୍ଯ୍ୟନିର୍ବାହିକା କମିଟି ଆଶାତୀତ କାର୍ଯ୍ୟ କରିବା ଦୂରେ ଥାଉ, ଆଶାନୁରୂପ କିଛି କାର୍ଯ୍ୟ କରିପାରି ନାହିଁ। ସୁତରାଂ ଏହି କାର୍ଯ୍ୟହୀନ ଓ ମୂଲ୍ୟହୀନ ବିବରଣୀ ପାଠ କରିବାକୁ ଯାଇ, ଆପଣମାନଙ୍କ ଅମୂଲ୍ୟ ସମୟ ନଷ୍ଟ ହେଉଅଛି ଭାବି ଅତିଶୟ ସଙ୍କୁଚିତ ହେଉଅଛି। କେବଳ ଏତିକି କହିପାରେ ଯେ ସମ୍ବଲପୁରରେ ସମ୍ମିଳନୀ ଅଧିବେଶନ ହେବା ଏବଂ କାର୍ଯ୍ୟନିର୍ବାହିକା କମିଟି ରହିବା ଦ୍ୱାରା ସେ ଅଞ୍ଚଳର ଆକୁଟୀର ସୌଧ ବିହାରୀ ପର୍ଯ୍ୟନ୍ତ ସମ୍ମିଳନୀର ପ୍ରାଣ ଓ ପ୍ରକୃତି କଥଞ୍ଚିତ ହୃଦୟଙ୍ଗମ କରିବାକୁ ସକ୍ଷମ ହୋଇଅଛନ୍ତି। ଯେଉଁ ଦେଶର ଜନସାଧାରଣ ସମ୍ମିଳନୀକୁ କିମ୍ଭୂତ କିମାକାର ଅନୁଷ୍ଠାନ ବୋଲି ଭାବୁଥିଲେ ଏବଂ ଅନେକେ ସମ୍ମିଳନୀର ନାମ ସୁଦ୍ଧା ଶୁଣି ନ ଥିଲେ, ସେ ଦେଶରେ ପଲ୍ଲୀ ନଗରରେ, ଘରେ ଘରେ, ପ୍ରାଣେ ପ୍ରାଣେ ସମ୍ମିଳନୀର ମହିମା ବିଘୋଷିତ ହୋଇଅଛି। ଏହା ଅଳ୍ପ ଆନନ୍ଦର ବିଷୟ ନୁହେ।

କାର୍ଯ୍ୟନିର୍ବାହିକା କମିଟି ସମ୍ବଲପୁରରେ ଅବସ୍ଥାପିତ ହୋଇ ଉଲ୍ଲେଖଯୋଗ୍ୟ କୌଣସି ବିଶେଷ କାର୍ଯ୍ୟ କରିବାକୁ ପାରି ଉଠି ନ ଥିଲେ ସୁଦ୍ଧା କେଉଁ ପନ୍ଥା ଅବଲମ୍ବନ କଲେ ଯେ କୌଣସି ସ୍ଥାନରେ କାର୍ଯ୍ୟନିର୍ବାହିକା କମିଟି ଭବିଷ୍ୟତକୁ କିଛି କରିପାରିବେ ତତ୍‌ସମ୍ବନ୍ଧେ କିଞ୍ଚିତ୍ ଅଭିଜ୍ଞତା ଲାଭ କରିଅଛନ୍ତି। ଆଶାକରେ ସେ ସମ୍ବନ୍ଧେ ଦୁଇ ଏକ ପଦ ଏ ସ୍ଥଳରେ ପ୍ରକାଶ କରିବା ନିତାନ୍ତ ଅପ୍ରାସଙ୍ଗିକ ବିବେଚିତ ହେବନାହିଁ। ସମ୍ମିଳନୀ ଦିନେ ଦୁଇଦିନର ବା ବର୍ଷେ ଦୁଇବର୍ଷର କାର୍ଯ୍ୟ ନୁହେ, ଏଥିପାଇଁ ଆମ୍ଭ-ମାନଙ୍କୁ ଆଜୀବନ ମସ୍ତିଷ୍କ ଆଲୋଡ଼ନ କରିବାକୁ ପଡ଼ିବ। ଅପରନ୍ତୁ ଆମ୍ଭମାନଙ୍କ ପୁତ୍ର ପୌତ୍ରାଦି ବଂଶଧରଗଣ ମଧ ସମ୍ମିଳନୀ ଆୟୋଜନରେ ନିଜ ନିଜର ଶକ୍ତି ଲଗାଇ ଜୀବନ କୃତାର୍ଥ କରିବେ। ସୁତରାଂ ଏଥିପାଇଁ ଯେ ଚିରସ୍ଥାୟୀ ଶୃଙ୍ଖଳା ଓ ପାଣ୍ଠିର ନିତାନ୍ତ ପ୍ରୟୋଜନ, ଏହା ବୋଲା ବାହୁଲ୍ୟ। କେବଳ ଏତିକି ନୁହେ; ଗଡ଼ଜାତ ସମେତ ଧରି ପଲ୍ଲିଠାରୁ ସହର ପର୍ଯ୍ୟନ୍ତ ସର୍ବତ୍ର ସର୍ବଦା ସମ୍ମିଳନୀର କାର୍ଯ୍ୟ ଓ ପ୍ରଚାରର ପ୍ରସାର କରିବା ଶ୍ରେୟସ୍କର। ଏଥିପାଇଁ କାର୍ଯ୍ୟନିର୍ବାହିକା କମିଟି ଦାୟୀ ଅଟନ୍ତି ସତ୍ୟ,କିନ୍ତୁ ସେମାନେ କାର୍ଯ୍ୟକ୍ଷେତ୍ରରେ ଅଣ୍ଟାଭିଡ଼ି ଅଗ୍ରସର ହେବା ସବୁବେଳେ ସମସ୍ତଙ୍କ ପକ୍ଷେ ସୁବିଧାଜନକ ହୋଇ ନ ପାରେ। ସମ୍ମିଳନୀରେ ଦିନେ ଦୁଇଦିନ ଯାବତୀୟ ଦୁଃଖ ଚିନ୍ତାକୁ ପଛକୁ ପକାଇ ମହାନନ୍ଦରେ ସମସ୍ତେ ଯୋଗ-ଦିଅନ୍ତି। ତତ୍‌ପରେ ଜଞ୍ଜାଳମୟ ଜଗତକୁ ବାହୁଡ଼ି ଯେ ଯାହାର ଜୀବିକା ଉପାର୍ଜନରେ ପ୍ରାଣ ଉତ୍ସର୍ଗ କରିପକାନ୍ତି। ସମ୍ମିଳନୀ କଥା ଆଉ କାହାରି ମନେ ପଡ଼େ ନାହିଁ। କିନ୍ତୁ କେବଳ କାର୍ଯ୍ୟନିର୍ବାହିକା ସମିତିର ସଦସ୍ୟବର୍ଗ ସମ୍ମିଳନୀ ଚିନ୍ତା କଥଞ୍ଚିତ କରିବାକୁ ବାଧ ହୋଇଥାନ୍ତି। ତଥାପି ସର୍ବସାଧାରଣଙ୍କ ପରି ସେମାନେ ନିଜ ନିଜ

କର୍ମକ୍ଷେତ୍ରରେ ନିର୍ଲିପ୍ତ ନ ହୋଇ ରହିପାରନ୍ତି ନାହିଁ । ଏହି ସବୁ କାରଣରୁ ସୁଦୀର୍ଘ ବାରବର୍ଷ ମଧ୍ୟରେ କୌଣସି ସ୍ଥାନର କାର୍ଯ୍ୟନିର୍ବାହିକା କମିଟି ଆଖିକି ଦିଶିବାଭଳି ଗୋଟିଏ କାର୍ଯ୍ୟ କରିଅଛନ୍ତି ବୋଲି ମୁଁ ଜାଣିନାହିଁ । ଏଥିପାଇଁ ମୁଁ ବିଶ୍ୱାସ କରେ ଯେ କୌଣସି ସ୍ଥାନରେ କାର୍ଯ୍ୟନିର୍ବାହିକା କମିଟି ନ ରହି ଆମ୍ଭମାନଙ୍କର ଜାତୀୟତାର କେନ୍ଦ୍ରସ୍ଥଳୀ ପୁରୀ ନଗରୀରେ ସ୍ଥାୟୀଭାବେ ରହିଲେ ଏବଂ ଓଡ଼ିଶାର ବିଭିନ୍ନ କେନ୍ଦ୍ରରେ ତାହାର ଶାଖା ସମିତି ଗଠିତ ହେଲେ ଭଲ ହୁଅନ୍ତା । ଉକ୍ତ କମିଟି ତାଙ୍କର ପାଣ୍ଠି ବୃଦ୍ଧି, ସମ୍ମିଳନୀର ଉଦ୍ଦେଶ୍ୟ ଓ ଲକ୍ଷ୍ୟ, ତାହାର ପ୍ରଚାର, ସର୍ବତ୍ର ଶାଖାସଭା ଗଠନ ଏବଂ ସିଂହଭୂମ, ଜୟପୁର, ମଧ୍ୟପ୍ରଦେଶ ପ୍ରଭୃତି ଭୁକ୍ତ ଓଡ଼ିଆ ଅଧ୍ୟୁଷିତ ସ୍ଥାନ ସମୂହରେ ଓଡ଼ିଆ ଶିକ୍ଷାର ସୁବିଧା ନିମନ୍ତେ ବିଦ୍ୟାଳୟ ପାଠାଗାର ଓ ସମ୍ବାଦପତ୍ର ପ୍ରଚାର ଆଦି କରିବାପାଇଁ ପ୍ରୋତ୍ସାହିତ କରିବାକୁ ଜଣକେତେ ଉପଯୁକ୍ତ ସ୍ୱଦେଶ-ବତ୍ସଳ ପ୍ରଚାରକ ନିଯୁକ୍ତ କରିବା ନିତାନ୍ତ ବାଞ୍ଛନୀୟ । ପ୍ରଚାରକ ନିଯୁକ୍ତ ନ ହେଲେ ସତ୍ୟ ସତ୍ୟ ସମ୍ମିଳନୀ ଏ ଦେଶରେ କିଛି କାର୍ଯ୍ୟ କରିବା ବିଡ଼ମ୍ବନା ମାତ୍ର । ସମ୍ପ୍ରତି ଜଣେ ମାତ୍ର ପ୍ରଚାରକ ସ୍ୱେଚ୍ଛାକ୍ରମେ ଦେଶ ସେବା ବ୍ରତରେ ବ୍ରତୀ ହୋଇଥିବାରୁ ଯେ ଉପକାର ହେଉଅଛି, ତାହା ଆପଣମାନଙ୍କୁ ଅବିଦିତ ନାହିଁ । ଅତ୍ୟନ୍ତ ପରିତାପର ବିଷୟ ଯେ, ଅନନ୍ତ ମିଶ୍ର ତାଙ୍କର ପାଥେୟ ନିମନ୍ତେ ସମ୍ମିଳନୀରୁ ନିୟମାନୁସାରେ କିଛି ପାଇବାର ଏପର୍ଯ୍ୟନ୍ତ ସୁବ୍ୟବସ୍ଥା ହୋଇନାହିଁ ।

ଏ ସ୍ଥଳରେ ମୁଁ ଏହା ପ୍ରକାଶ କରିବାକୁ ଆନନ୍ଦ ବୋଧ କରେ ଯେ ୧୯୧୫ ଅଗଷ୍ଟରୁ ୧୯୧୬ ଅଗଷ୍ଟ ପର୍ଯ୍ୟନ୍ତ ସମ୍ବଲପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ତଥା ସିଂହଭୂମର କେତେକାଞ୍ଚଳରେ ପ୍ରଚାର କାର୍ଯ୍ୟ କରି ଅନନ୍ତ ମିଶ୍ର ମହାଶୟ ସମ୍ବଲପୁର କାର୍ଯ୍ୟନିର୍ବାହିକା ସମିତିରୁ ହାରାହାରୀ ମାସିକ ୨୫ ଟଙ୍କା ଦରମାରେ ତାଙ୍କର ପଥଖର୍ଚ୍ଚା ପାଇଅଛନ୍ତି ଏବଂ ଗତ ପାଞ୍ଚ ମାସ ହେଲା ବାଲେଶ୍ୱର ଜିଲ୍ଲାରେ ପ୍ରଚାର କରି ବାଲେଶ୍ୱର କାର୍ଯ୍ୟନିର୍ବାହିକା କମିଟିରୁ ଏକଶତ ଟଙ୍କା ପାଇଅଛନ୍ତି । ବର୍ତ୍ତମାନ ଏହାଙ୍କ ବେତନ ପରିମାଣ ନିଶ୍ଚୟ କରି ଚାନ୍ଦା ସଂଗ୍ରହ ଆଦି କାର୍ଯ୍ୟ ନିମନ୍ତେ ନ୍ୟୂନତଃ ଏ ବର୍ଷ ଆଉ ଜଣେ ଅଧିକ ପ୍ରଚାରକ ନିଯୁକ୍ତ କରିବା ବାଞ୍ଛନୀୟ ବୋଧ କରେଁ । ଏହାଛଡ଼ା କାର୍ଯ୍ୟନିର୍ବାହିକା କମିଟିରେ ଜଣେ ସୁଯୋଗ୍ୟ କ୍ଲାର୍କ ରହିବା ପ୍ରୟୋଜନ । କେହି କେହି କହିପାରନ୍ତି ଏମାନଙ୍କ ବେତନ ଯୋଗାଇବା କଠିନ ହୋଇ ଉଠିବ । କିନ୍ତୁ ତଦୁତ୍ତରରେ ମୁଁ କହିପାରେ ଯେ ଓଡ଼ିଆଜାତି ଏଡ଼େ ଦରିଦ୍ର ଓ ନିରନ୍ନ ନୁହନ୍ତି ଯେ ତିନିଜଣ ବ୍ୟକ୍ତିଙ୍କର ସାମାନ୍ୟ ବେତନ ଯୋଗାଇବାକୁ ଅକ୍ଷମ ହେବେ । ମୋର ଦୃଢ଼ ବିଶ୍ୱାସ ପ୍ରଚାରକମାନେ ପ୍ରାକୃତିକ ଉତ୍କଳର ଏକ ପ୍ରାନ୍ତର ଅପର ପ୍ରାନ୍ତ ପର୍ଯ୍ୟନ୍ତ ଭ୍ରମଣ କରି ବର୍ଷରେ ଦିନଦିନକର ଆୟ ପ୍ରତି ଓଡ଼ିଆ ଭାଇଙ୍କଠାରୁ ପାଇପାରିବେ । ଅର୍ଥ ହେଉଛି ସମସ୍ତ ସତ୍‌କାର୍ଯ୍ୟର ମୂଳ ଉପାଦାନ । ତତ୍‌ନିମନ୍ତେ ଘରକୁ ଘର ନ

ବୁଲିଲେ କୃତକାର୍ଯ୍ୟ ହେବା ଅସମ୍ଭବ । ଅର୍ଥାଭାବରୁ ସମ୍ମିଳନୀ କିଛି କରିନାହିଁ, ପାରିବ ମଧ ନାହିଁ । ଚାନ୍ଦା ଆଦାୟର ସୁବ୍ୟବସ୍ଥା ନ ଥିବାରୁ ଉପସ୍ଥିତ ଭୀଷଣ ଯୁଦ୍ଧରେ ଓଡ଼ିଶାରୁ ବ୍ୟକ୍ତିଗତ ଭାବରେ ଓ ଓଡ଼ିଆଜାତି ଅନେକ ସାହାଯ୍ୟ ଦେଇଥିଲେ ସୁଦ୍ଧା, ସମ୍ମିଳିତ ଭାବେ ଯେଉଁ ଜଣେ ଡାକ୍ତରଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇଅଛନ୍ତି – ତାଙ୍କର ବେତନ ଦେଇପାରୁ ନାହାନ୍ତି । ଏହାଦ୍ୱାରା ସମ୍ମିଳନୀର ଗୌରବ ହାନିହେବା ବିଚିତ୍ର ନୁହେ । ଡାକ୍ତର ମଣିପାତ୍ରଙ୍କ ସମ୍ବନ୍ଧେ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାରେ ଗଞ୍ଜାମ ମେଡ଼ିକେଲ ଅଫିସରଙ୍କ ଠାରୁ ବିଶେଷ ଚିଠି ଆସିଛି, ଯେଉଁ ବିଷୟର ମୀମାଂସା କି ବର୍ତ୍ତମାନ ଅଧିବେଶନରେ ହେବାକୁ ଉତ୍ତର ଦିଆଯାଇଅଛି । ସମ୍ମିଳନୀ ଏ ବିଷୟରେ ସୁବିଚାର କରିବା ବାଞ୍ଛନୀୟ ।

ସମ୍ମିଳନୀର ଗତ ଅଧବବେଶନରେ ସିଂହଭୂମରେ ଓଡ଼ିଆ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ଯେଉଁ ପାଣ୍ଠି ସୃଷ୍ଟି କରାଯାଇଥିଲା ତହିଁରେ କେବଳମାତ୍ର ଟ୫...ଙ୍କା ଗଚ୍ଛିତ ହୋଇଅଛି ଏବଂ ମାନ୍ୟବର ଗୋପବନ୍ଧୁ ଦାସ ଏମ.ଏଲ.ସି. ମହୋଦୟ ବର୍ଷା-ଋତୁରେ ସିଂହଭୂମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ପ୍ରଚାର କାର୍ଯ୍ୟ କରିଅଛନ୍ତି । ଉକ୍ତ ମହୋଦୟ ଚକ୍ରଧରପୁରରେ ଗୋଟିଏ ଓଡ଼ିଆ ବିଦ୍ୟାଳୟ ସଂସ୍ଥାପନ କରିବା ଚେଷ୍ଟାରେ ଏକପ୍ରକାର କୃତକାର୍ଯ୍ୟ ହୋଇଥିବା ଜଣାଯାଏ । ସମ୍ବଲପୁର କାର୍ଯ୍ୟ-ନିର୍ବାହିକା କମିଟି ଯେଉଁ ଆବଶ୍ୟକୀୟ ଖରଚ କରିଅଛନ୍ତି, ତହିଁର ତାଲିକା ନିମ୍ନରେ ସଂକ୍ଷେପତଃ ବିବୃତ ହେଲା ।

| | | |
|---|---|---|
| ଚାନ୍ଦା ସଂଗ୍ରହ | ୩୭୨୫ | ଟଙ୍କା ଛଅ ଅଣା ଦୁଇ ପଇସା |
| ପାରଲାରୁ ଜମା | ୩୫ | ଟଙ୍କା ଏଗାର ଅଣା |
| ଯୁଦ୍ଧଫଣ୍ଡ ଜମା | ୯୬ | ଟଙ୍କା ଚାରିଅଣା |
| ମୋଟ | ୩୮୫୭ | ଟଙ୍କା ପାଞ୍ଚ ଅଣା ଦୁଇ ପଇସା |
| ଖର୍ଚ୍ଚ | ୩୩୬୯ | ଟଙ୍କା ଏକ ଅଣା ତିନି ପଇସା |
| ଉଦ୍‌ବୃତ୍ତ | ୪୮୮ | ଟଙ୍କା ତିନି ଅଣା ତିନି ପଇସା । |

ଖର୍ଚ୍ଚ

| | | |
|---|---|---|
| ପେଣ୍ଡଲ ବାବତ | ୬୭୭ | ଟଙ୍କା.... |
| ଚିଠିପତ୍ର | ୫୩ | ଟଙ୍କା.... |
| ଛାପା ଖର୍ଚ୍ଚ | ୩୬୧ | ଟଙ୍କା.... |
| କର୍ମଚାରି ପ୍ରଭୃତିଙ୍କ ବେତନ | ୪୧୨ | ଟଙ୍କା.... |
| ଆଗନ୍ତୁକମାନଙ୍କର ଚର୍ଚ୍ଚା ପ୍ରଭୃତି | ୧୮୬୬ | ଟଙ୍କା.... |
| | ୩୩୬୯ | ଟଙ୍କା ଏକଅଣା ତିନି ପଇସା । |

ଉପସଂହାରରେ ବକ୍ତବ୍ୟ ଏହି ଯେ, ଗତ ଅଧିବେଶନରେ ବକ୍ତାମାନଙ୍କର ବକ୍ତୃତାର ସାରମର୍ମ ଲେଖିବାକୁ କୌଣସି ବ୍ୟକ୍ତି ନିଯୁକ୍ତ ହୋଇ ନ ଥିଲେ । କେହି ଜଣେ ଦୁଇଜଣ ସ୍ୱେଚ୍ଛାକ୍ରମେ ଲେଖିଥିଲେ, ସେସବୁ ନ ମିଳିବାରୁ ଓ ପତ୍ର ଲେଖି ଭଦ୍ରବ୍ୟକ୍ତିମାନଙ୍କଠାରୁ ସେମାନଙ୍କ ବକ୍ତୃତାର ସାରମର୍ମ ମଗାଇବା ଚେଷ୍ଟାକରି ଅକୃତକାର୍ଯ୍ୟ ହେବାରୁ ଗତ ବର୍ଷର ସମ୍ମିଳନୀ କାର୍ଯ୍ୟ ବିବରଣୀ ସର୍ବାଙ୍ଗସୁନ୍ଦର ହୋଇପାରି ନାହିଁ । ଆଶା କରେଁ ଏହି ତ୍ରୁଟି ଭ୍ରାତୃଗଣ କ୍ଷମା କରିବେ ।

## ଅଧିବେଶନର ସଭାପତି ମଞ୍ଜୁଷା ରାଜା ଶ୍ରୀନିବାସ ରାଜମଣି ରାଜଦେବଙ୍କ ଅଭିଭାଷଣ

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"

ଭାଇମାନେ,

ପୁଣି ବର୍ଷକ ପରେ ଆଜି ସାକ୍ଷାତ । ମାତୃପୂଜା ବେଦୀରେ ଏହି ବାର୍ଷିକ ମିଳନ କେଡ଼େ ସୁଖକର କେଜାଣି କିପାଇଁ ଏହି ଶୁଭଦିନ ଲାଗି, ଏହି ମଙ୍ଗଳ ମିଳନରେ ଯୋଗଦେବା ପାଇଁ କେତେ ପ୍ରାଣ ଅଧୀର ହୋଇ ଅନାଇ ରହିଥିଲା । କେଜାଣି କି ଶକ୍ତିରେ ଆକୃଷ୍ଟ ହୋଇ ଆଜି କେତେ ଅଞ୍ଚଳରୁ କେତେ ସହୃଦୟ ସ୍ୱଦେଶସେବକ ଏହି ଯଜ୍ଞପୀଠରେ ଆସି ସମ୍ମିଳିତ ହୋଇଅଛନ୍ତି । ଏହି ମହା ମିଳନରେ ମତେ ସଭାପତି ଆସନ ଦିଆଯାଇଅଛି । ଏହା ଯେକୌଣସି ବ୍ୟକ୍ତି ପକ୍ଷେ ଗୌରବର ପଦ । ଲୋକ ଯେଡ଼େ ଧନୀ ହେଉ, ଜ୍ଞାନୀ ହେଉ, ଯେତେ ଅସାମାନ୍ୟ ଶକ୍ତି ଓ ପ୍ରତିଭାଶାଳୀ ହେଉପଛକେ, ସମଗ୍ର ଜାତିର ଶ୍ରଦ୍ଧା ଓ ସମ୍ମାନ ଭାଜନ ହେବା ତା ପକ୍ଷରେ ଅଳ୍ପ ସୌଭାଗ୍ୟର ବିଷୟ ନୁହେଁ । ପୁଣି ମୋପରି ଅକିଞ୍ଚନ ପାଇଁ ଏ ସମ୍ମାନ କଳ୍ପନାର ଅତୀତ । ମୁଁ ଜାଣେ ମୁଁ ଏ ପଦର ସଂପୂର୍ଣ୍ଣ ଅଭାଜନ । ଜାତୀୟ କାର୍ଯ୍ୟକ୍ଷେତ୍ରରେ ମୋହର ସାଧନା ନାହିଁ । ସେପରି ମଧ ଶିକ୍ଷା ନାହିଁ । ଅଛି କେବଳ ମୋହର ଜାତି ପ୍ରତି ଭକ୍ତି, ଜାତିର ଭବିଷ୍ୟତରେ ବିଶ୍ୱାସ ଏବଂ ଜାତିର ଉନ୍ନତି ନିମନ୍ତେ ପ୍ରାଣରେ କାମନା । କେଜାଣି କାହିଁକି ଏହି ଅଭାଜନ ଉପରେ ଏହିପରି ଗୌରବମୟ ଗୁରୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟର ଭାର ନ୍ୟସ୍ତ ହେଲା । ଏହା ସମସ୍ତ ଜାତିର ଆଦେଶ, ସୁତରାଂ ଅଲଙ୍ଘନୀୟ । ଏହି ବିଚାରରେ ମୋହର ଶତ ତ୍ରୁଟି, ଦୁର୍ବଳତା ଓ ଅଯୋଗ୍ୟତା ସତ୍ତ୍ୱେ ଏଭାର ଶିରୋଧାର୍ଯ୍ୟ କଲି । ଜାଣି ଶୁଣି ଯେଉଁମାନେ ମୋ ଅଯୋଗ୍ୟ ହସ୍ତରେ ଏହି ଭାର ନ୍ୟସ୍ତ କରିଅଛନ୍ତି, ତାହାର ନିର୍ବାହରେ ଯେ ଭ୍ରମ ପ୍ରମାଦ ତ୍ରୁଟି ଆଦି ଘଟିବ – ଅବଶ୍ୟ ଘଟିବ – ସେମାନେ ତାହା ସବୁ ମାର୍ଜନା

କରିବେ । ଏହା ମୋହର ସଂପୂର୍ଣ୍ଣ ଭରସା । ଆପଣମାନଙ୍କ କ୍ଷମାଗୁଣ, ସହୃଦୟତା ଏବଂ ସହାନୁଭୂତି ଉପରେ ମୋହର ପ୍ରଧାନ ନିର୍ଭର ଓ ସମସ୍ତ ଭରସା ।

**ରାଷ୍ଟ୍ରୀୟ ଦୁର୍ଘଟଣା :** ଉତ୍କଳ ସମ୍ମିଳନୀର ବିଗତ ଦୁଇ ଅଧିବେଶନ ଯେଉଁ ରାଷ୍ଟ୍ରୀୟ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଥିଲେ ଆଜି ସୁଦ୍ଧା ତାହା ଘୁଞ୍ଚିନାହିଁ— କେବେ ଯେ ଘୁଞ୍ଚିବ କିଏ ନିଶ୍ଚୟ କରି କହିପାରେ ? ମାତ୍ର ଏହି ଇଉରୋପୀୟ ବିପ୍ଳବର ବିରାମ ନ ହେବାଯାଏଁ ଆମ୍ଭମାନଙ୍କ ମନରୁ ଉଦ୍‌ବେଗ ଦୂର ହେବନାହିଁ । ବିରାଟ ବ୍ରିଟିଶ ସାମ୍ରାଜ୍ୟ ସଙ୍ଗେ ବିଧିବଶରେ ଭାରତର ଭାଗ୍ୟ ଆବଦ୍ଧ । ସାମ୍ରାଜ୍ୟ-ସମ୍ମିଳନୀରେ ଭାରତର ସ୍ଥାନ ଯାହା ହେଉ ପଛକେ ଭାରତ ବ୍ରିଟିଶ ସାମ୍ରାଜ୍ୟର ଗୋଟିଏ ବିଶିଷ୍ଟ ଓ ଆବଶ୍ୟକୀୟ ଅଙ୍ଗ, ତାହା କଦାପି ଅସ୍ୱୀକାର କରାଯାଇ ନ ପାରେ । ସାମ୍ରାଜ୍ୟରେ ଭାରତର ପ୍ରୟୋଜନୀୟତା ଉପସ୍ଥିତ ଘଟଣାରେ ବିଶଦରୂପେ ପ୍ରମାଣିତ ହୋଇଅଛି । ଭାରତ ପ୍ରତ୍ୟକ୍ଷ ଭାବରେ ଆକ୍ରାନ୍ତ ହୋଇ ନ ଥିଲେ ହେଁ ଯୁଦ୍ଧହେତୁ ତାହାର ଉନ୍ନତି ବହୁ ପରିମାଣରେ ପ୍ରତିହତ ହୋଇଅଛି । ସାମାନ୍ୟ ପଲ୍ଲିବାସୀ ଆଜି ତାହାର ପ୍ରୟୋଜନୀୟ ବ୍ୟବହାର୍ଯ୍ୟ ପଦାର୍ଥ କିଣିବାରେ ଯୁଦ୍ଧର ବିଷମୟ ଫଳ ଅନୁଭବ କରୁଅଛି । ରାଜଭକ୍ତି ଭାରତର ସ୍ୱଭାବ ସିଦ୍ଧ ଗୁଣ । ତାହା ବର୍ତ୍ତମାନ ଘଟଣାରେ ଯେତେଦୂର ପ୍ରକାଶ ପାଇଅଛି ଇତିପୂର୍ବେ ସେପରି ଫୁଟି ବାହାରିବାର ସୁଯୋଗ ଘଟିପାରି ନ ଥିଲା । ଏହା ଦୁର୍ଯ୍ୟୋଗରେ ସୁଯୋଗ । ଇଂରେଜରାଜ ସଂପ୍ରତି ଭାରତର ଉପାଦେୟତା ଏବଂ ମୂଲ୍ୟ ଉତ୍ତମରୂପେ ବୁଝି ଅଛନ୍ତି ବୋଲି ବିଶ୍ୱାସ ହୁଏ ।

**ରାଜଭକ୍ତି :** ଭାରତ ଭକ୍ତିର ଭୂମି — ଉତ୍କଳ ସେହି ଭୂମିର କେନ୍ଦ୍ର (କରତାଳି) । ଭକ୍ତିଧର୍ମ ପ୍ରଚାରକ ମହାପୁରୁଷମାନେ ଉତ୍କଳକୁ ପ୍ରିୟ ପୁଣ୍ୟ ତୀର୍ଥ ମଣି ଉତ୍କଳର ପବିତ୍ର ଧୂଳି-ରାଶିରେ ନିଜ ନିଜର ଅଙ୍ଗ ମିଳାଇ ଦେଇଅଛନ୍ତି । ରାଜଭକ୍ତି, ଗୁରୁଭକ୍ତି, ମାତୃଭକ୍ତି, ପିତୃଭକ୍ତି ଇତ୍ୟାଦି ଭଗବତ୍ ଭକ୍ତିର ଭିନ୍ନ ଭିନ୍ନ ପାର୍ଥିବ ବିକାଶ ମାତ୍ର; ସୁତରାଂ ଭକ୍ତିର ଏହି ପାର୍ଥିବ ବିକାଶମାନ ଓଡ଼ିଶାର ଯେ ଗରିଷ୍ଠ ଏହା ବୋଲିବା ବାହୁଲ୍ୟମାତ୍ର ।

ଭାରତର ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ଓଡ଼ିଶା ଅତ୍ୟନ୍ତ ଦରିଦ୍ର । ଖଣ୍ଡ ବିଖଣ୍ଡ ହୋଇ ଭିନ୍ନ ଭିନ୍ନ ପ୍ରାଦେଶିକ ଶାସନାଧୀନ ହୋଇ ରହିଥିବାରୁ ଏହାର ସମୂହଶକ୍ତିର ପୂର୍ଣ୍ଣ ବିକାଶ ହୋଇପାରୁ ନାହିଁ । ସୁତରାଂ ଉପସ୍ଥିତ ରାଷ୍ଟ୍ରୀୟ ଦୁର୍ଦ୍ଦିନରେ ଓଡ଼ିଆମାନେ ମନ ଅନୁସାରେ ସାହାଯ୍ୟ ଦେବାକୁ ଅସମର୍ଥ । ପୁଣି ବ୍ୟଷ୍ଟିଭାବରେ ସ୍ଥାନ ବିଶେଷର ଓଡ଼ିଆମାନେ ଯେ ଯତ୍‌କିଞ୍ଚିତ୍ ସାହାଯ୍ୟ କରୁଅଛନ୍ତି, ଓଡ଼ିଆ ଜାତିର ଶାସନ ଏକତା ଅଭାବରୁ ସେ ସବୁର ସମଷ୍ଟି ଫଳ ଏକତ୍ର ଆଖିକୁ ଦିଶୁନାହିଁ । ସେ ଯାହାହେଉ ଏ କ୍ଷେତ୍ରରେ ଆମ୍ଭେମାନେ ଯାହା କରିବାକୁ ମନ କରିଅଛୁଁ ବା ଯାହା କରିପାରି ଥାନ୍ତୁ,

ସେସବୁ ସଂପୂର୍ଣ୍ଣ କରିପାରି ନ ଥିଲେ ହେଁ ଆମ୍ଭମାନଙ୍କର ଅଟଳ ରାଜଭକ୍ତି ଓ ସାମ୍ରାଜ୍ୟର ଆପ୍ରାଣ କଲ୍ୟାଣ କାମନା ବାରମ୍ବାର ଜଣାଇଅଛୁ ଏବଂ ଆଜି ମଧ୍ୟ ଏହି ଜାତୀୟ ସମ୍ମିଳନୀ ମଣ୍ଡପରୁ ପୁନରାୟ ବ୍ୟକ୍ତ କରୁଅଛୁଁ । ଓଡ଼ିଆମାନଙ୍କର ଅତିରିକ୍ତ ରାଜଭକ୍ତିକୁ କେହି କେହି ବ୍ୟଙ୍ଗ କରି "Orissa is the hotbed of loyalty" ବୋଲି କହିବାର ଶୁଣା ଯାଇଥାଏ । ମାତ୍ର ଉତ୍କଳର ପ୍ରକୃତି ଏବଂ [ଏହି] ବ୍ୟଙ୍ଗ ବିଦ୍ରୂପରେ ବିଚଳିତ ହେବାର ନୁହେଁ । ସାମ୍ରାଜ୍ୟ ନିମନ୍ତେ ଆମ୍ଭମାନଙ୍କର ଆତ୍ମୋତ୍ସର୍ଗ ଏହି ଉକ୍ତିର ସମୁଚିତ ପରିଚ୍ୟ ଦିଅନ୍ତା । ଉପସ୍ଥିତ ଯୁଦ୍ଧରେ ଏହିଭଳି ପ୍ରତ୍ୟକ୍ଷ ଆତ୍ମୋତ୍ସର୍ଗର ପରିଚ୍ୟ ଦେବା ଲାଗି ବଙ୍ଗାଳିମାନେ ସୁବିଧା ଓ ସୁଯୋଗ ପାଇଅଛନ୍ତି – ଏହା ଅବଶ୍ୟ ଅତ୍ୟନ୍ତ ସୁଖର ବିଷୟ । ଭାରତର ବିଭିନ୍ନ ଅଞ୍ଚଳର କୌଣସି କୌଣସି ରାଜା ମହାରାଜାମାନେ ନିଜ ନିଜର ବିଳାସ ବିଭବ ତ୍ୟାଗକରି ସମରାଙ୍ଗଣରେ ଅବତୀର୍ଣ୍ଣ ହେବାର ଅବକାଶ ପାଇଲେ କିନ୍ତୁ ଓଡ଼ିଆମାନଙ୍କ ଭାଗ୍ୟରେ ଏ ସୁଯୋଗ ଅଦ୍ୟାପି ଘଟିନାହିଁ (କରତାଳି) । ପ୍ରାଚୀନ ଓଡ଼ିଆ ପାଇକମାନଙ୍କର ବଂଶଧରମାନେ ଅଦ୍ୟାପି ଲୋପ ପାଇନାହାନ୍ତି । ଉତ୍କଳୀୟ କ୍ଷତ୍ରିୟ ରାଜନ୍ୟବର୍ଗ ବଂଶର ପୂର୍ବ ମର୍ଯ୍ୟାଦା ଓ ସମ୍ମାନ ଅଦ୍ୟାପି ଭୁଲିନାହାନ୍ତି । ଉପଯୁକ୍ତ ସାମରିକ ଶିକ୍ଷାପାଇଲେ ଏମାନେ ଯେ ସାମ୍ରାଜ୍ୟର ବିଶେଷ ଶ୍ରେୟରେ ଆସିବେ, ଏଥିରେ କୌଣସି ପ୍ରକାର ଶଙ୍କା ସନ୍ଦେହ ନାହିଁ । ମୁଁ ନିଜେ ଯୁଦ୍ଧରେ ଯୋଗଦେବା ନିମନ୍ତେ କର୍ତ୍ତୃପକ୍ଷମାନଙ୍କୁ ମୋହର ଇଚ୍ଛା ଜଣାଇଥିଲି । ସେ ଇଚ୍ଛାଲାଗି ମୁଁ କେବଳ ଧନ୍ୟବାଦ ପାଇଛି । ମାତ୍ର ଇଚ୍ଛା ଚରିତାର୍ଥ କରିବାର ସୁଯୋଗ ପାଇଲେ ମୁଁ କୃତକୃତ୍ୟ ହୁଅନ୍ତି । ଓଡ଼ିଶାରେ ଏହିପରି ଅପ୍ରକାଶିତ ଓ ପ୍ରକାଶିତ ରୂପରେ ଏହି ଇଚ୍ଛା ରହିଅଛି । ଉତ୍ସାହ ଓ ସୁଯୋଗ ମିଳିଲେ ଓଡ଼ିଆମାନେ ନିଶ୍ଚୟ ଏକ ସୈନ୍ୟଦଳ ଗଠନ କରିପାରନ୍ତେ ଏବଂ ପ୍ରତ୍ୟକ୍ଷ ଭାବରେ ଆତ୍ମୋତ୍ସର୍ଗ କରି ଗୌରବାନ୍ୱିତ ହୁଅନ୍ତେ । ସମର କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ ଆତ୍ମଦାନ ଦ୍ୱାରା ରାଜଭକ୍ତିର ପରିଚୟ ପ୍ରଦର୍ଶାଇବାର ସୁଯୋଗ ପାଇ ନ ଥିଲେ ସୁଦ୍ଧା ଓଡ଼ିଆମାନେ ତାଙ୍କ ସଂକୀର୍ଣ୍ଣ କ୍ଷେତ୍ରରେ ଓ ନିଜ ଘରପାଖରେ ସେଦିନ ରାଜଭକ୍ତିର ଯେଉଁ ପରିଚୟ ଦେଇଅଛନ୍ତି ତାହା ଆଶାକରେଁ କିଏ ଅଦ୍ୟାପି ଭୁଲିନାହାନ୍ତି । ବାଲେଶ୍ୱର ଜିଲାକୁ ଧନ୍ୟବାଦ ।

**ବାଲେଶ୍ୱର ଘଟଣା :** ବାଲେଶ୍ୱରର ନିରୀହ ଓଡ଼ିଆ ପ୍ରଜାମାନେ ନିଜ ଜୀବନକୁ ବିପଦାପନ୍ନ କରି ଦୁର୍ବୃତ୍ତ ରାଜଦ୍ରୋହୀ ବଙ୍ଗୀୟ ଯୁବକମାନଙ୍କୁ ଧରିବାରେ ଯେପରି ସାହାଯ୍ୟ କରିଥିଲେ ତାହା ସେମାନଙ୍କ ପକ୍ଷେ ବିଶେଷ ପ୍ରଶଂସାର ବିଷୟ । ମାତ୍ର ଆକ୍ଷେପର କଥା ସେହି ରାଜଦ୍ରୋହୀମାନଙ୍କ ବିଚାର ନିମନ୍ତେ ବାଲେଶ୍ୱରରେ ଯେ Defence of India Act ପ୍ରବର୍ତ୍ତିଲା, ବିଚାର ପରେ ତାହା ଆଜିଯାଏଁ ସୁଦ୍ଧା ରହିଅଛି । କୌଣସି ଉତ୍କଳୀୟ ଅଂଚଳରେ ଏହି ଆଇନ ଜାରିହେବା ଓଡ଼ିଆ ଚରିତ୍ର

ସଙ୍ଗେ ମେଳ ଖାଉନାହିଁ (Hear, Hear)। ଯେ ବିଶେଷ ଘଟଣାରେ ଏହି ଆଇନର ପ୍ରବର୍ତ୍ତନ ହୋଇଥିଲା ସେ ଘଟଣା ଶେଷ ହୋଇଥିବାରୁ ଏ ବିଧାନ ଶୀଘ୍ର ଉଠାଇ ଦିଆଯିବାର ବାଞ୍ଛନୀୟ। ଯୁଦ୍ଧ ଅନ୍ତେ ଭାରତବାସିଙ୍କୁ କି ଅଧିକ ମିଳିବ ତାହା ଭାରତରେ ଏବଂ ବିଲାତରେ ଅନେକ ବଡ଼ ବଡ଼ ବ୍ୟକ୍ତିଙ୍କର ଆଲୋଚ଼ନାର ବିଷୟ ହୋଇଅଛି। ଓଡ଼ିଆମାନେ ଅବଶ୍ୟ ଏପରି ବିଚାରର ବହୁ ଦୂରରେ। ମାତ୍ର ଓଡ଼ିଆମାନଙ୍କର ଏହା ବିଶ୍ୱାସ ଯେ ଭାରତୀୟ ରାଜଭକ୍ତିର ଯଥୋଚିତ ପୁରସ୍କାର ଅବଶ୍ୟ ମିଳିବ ଏବଂ କ୍ଷୁଦ୍ର ଓଡ଼ିଆ ମଧ ତାହାର ନ୍ୟାଯ୍ୟ ଅଂଶରୁ ବଞ୍ଚିତ ହେବନାହିଁ।

**ଦେଶମିଶ୍ରଣ :** ଅନ୍ୟାନ୍ୟ ଲାଭମଧରେ ଯୁଦ୍ଧଅବସାନ ପରେ ଓଡ଼ିଆମାନଙ୍କର ଚିର ଇପ୍ସିତ ଦେଶ ମିଶ୍ରଣ ସମସ୍ୟାର ସମାଧାନ ହେବ ବୋଲି ଓଡ଼ିଆମାନେ ଆଶା ପୋଷଣ କରିଅଛନ୍ତି। ଭିନ୍ନ ଭିନ୍ନ ଓଡ଼ିଆ ଅଞ୍ଚଳମାନ ଶାସନ ସୂତ୍ରରେ ଖଣ୍ଡ ବିଖଣ୍ଡ ହୋଇ ପଡ଼ି ରହିଥିବାରୁ ଓଡ଼ିଆ ଜାତିର ଯେ କି ଅବନତି ଏବଂ ଦୁରବସ୍ଥା ଘଟିଅଛି ତାହା ଏହି ସମ୍ମିଳନୀ ପ୍ରାରମ୍ଭରୁ ଆଜିଯାଏ ପ୍ରତିବର୍ଷ ଏହି ମଣ୍ଡପରେ ଆଲୋଚିତ ହୋଇ ଓଡ଼ିଆ ପ୍ରାଣକୁ ଆଲୋଡ଼ିତ ଓ ଆନ୍ଦୋଳିତ କରୁଅଛି। ସମ୍ବାଦପତ୍ରମାନଙ୍କରେ ଏବଂ ବ୍ୟକ୍ତି ବିଶେଷର ଚିନ୍ତାରେ, ସ୍ଥୂଳତଃ ଓଡ଼ିଆ ଜାତିର ସ୍ୱପ୍ନ ଜାଗରଣ ସମସ୍ତ ଅବସ୍ଥାରେ, ଏହି ଦେଶମିଶ୍ରଣ ପ୍ରସଙ୍ଗ ନିରନ୍ତର ଗଭୀର ଭାବନାର ବିଷୟ ହୋଇଅଛି। ଏହି ସମ୍ବନ୍ଧେ ଯଥେଷ୍ଟ କୁହାଯାଇଅଛି। ଏ ବିଷୟର ପୁନରାବୃତ୍ତି ହେଲେ ସୁଦ୍ଧା ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆମାନେ ଏକ ଶାସନରେ ଅବସ୍ଥାପିତ ହୋଇନାହାନ୍ତି ତେତେଦିନ ଯାଏଁ ବାରମ୍ବାର ଏହାର ଆବୃତ୍ତି ଓ ଆନ୍ଦୋଳନ କରିବାକୁ ପଡୁଥିବ। (Hear, Hear) ସାହିତ୍ୟ ଇତ୍ୟାଦି ଜାତୀୟ ଶକ୍ତିର ଭିନ୍ନ ଭିନ୍ନ ଉପାଦାନମାନ ଶାସନ ବାହୁଲ୍ୟ ହେତୁ କାର୍ଯ୍ୟକାରୀ ହୋଇପାରୁନାହିଁ। ଗଞ୍ଜାମର ଓଡ଼ିଆ ଶିଶୁ ଏବଂ ପୁରୀ ଓଡ଼ିଆ ଶିଶୁ ଉଭୟଙ୍କ ପାରିବାରିକ ଲାଳନପାଳନ ପ୍ରଣାଳୀ, ଗାର୍ହସ୍ଥ୍ୟ ଶିକ୍ଷା, ସାମାଜିକ ଆଚାର ବ୍ୟବହାର ପ୍ରଭୃତି ସମାନ ହେଲେ ହେଁ ବିଦ୍ୟାଳୟରେ ଉଭୟଙ୍କର ଗତି, ମାନସିକ ଚାଳନାର ପ୍ରଣାଳୀ, ନିରୂପିତ ପୁସ୍ତକାଦି ଓ ପାରିପାର୍ଶ୍ୱିକ ଅବସ୍ଥା ସମାନ ନୁହେଁ। ସେହିପରି ସିଂହଭୂମ ଓ ସମ୍ବଲପୁର ଓଡ଼ିଆ ଶିଶୁର ଭାଷା ପରିବାର ଗତ ଶିକ୍ଷା ଶାସନାଦିର ପାର୍ଥକ୍ୟ ନ ଥିଲେ ସୁଦ୍ଧା ବିଦ୍ୟାଳୟରେ ପନ୍ଥା ସ୍ୱତନ୍ତ୍ର। ଏହି ଶୋଚ଼ନୀୟ ଅବସ୍ଥାର ବିଷୟ ବିଚାର କଲେ ପ୍ରାଣରେ କି ଦାରୁଣ ବେଦନା ହୁଏ ! ଏହିପରି କ୍ରମାଗତ ଚାଲିଲେ ଓଡ଼ିଆ ତାହାର ସ୍ୱାତନ୍ତ୍ର୍ୟ ବା କେତେ ଦିନ ରଖିପାରିବ ? ଶିକ୍ଷା ଛଡ଼ା ଶାସନ ପାର୍ଥକ୍ୟ ହେତୁ ଅନ୍ୟାନ୍ୟ ବିଷୟରେ ଓଡ଼ିଆମାନଙ୍କର କଷ୍ଟ ଓ ଅସୁବିଧା ହେଉଅଛି – ତାହା ସମ୍ମିଳନୀର ପୂର୍ବ ଅଧିବେଶନମାନଙ୍କର ବକ୍ତା ଓ ସଭାପତିମାନେ ବିଶଦ ରୂପେ ଆଲୋଚ଼ନା କରିଅଛନ୍ତି। ସରକାରଙ୍କ କାନରେ

ମଧ୍ୟ ଆମ୍ଭମାନଙ୍କର ଏ ଗୁହାରି ବାରମ୍ବାର ପଡ଼ିଅଛି । ଫଳ ନ ମିଳିବା ଯାଏଁ ଆମ୍ଭେମାନେ ବାରମ୍ବାର ଏକଥା କାନରେ ପକାଉଥିବୁଁ । ଭାଷାସୂତ୍ରରେ ପ୍ରଦେଶ-ଗଠନ-ନୀତି ଭାରତରେ ଏକପ୍ରକାର ମହାମହିମ ସମ୍ରାଟ ନିଜେ ପ୍ରତିଷ୍ଠା କରି ଯାଇଛନ୍ତି । ନୂତନ ପ୍ରଦେଶ ଗଠନରେ ଏ ନୀତିର ପ୍ରବର୍ତ୍ତନ ପୂର୍ବରୁ ଓଡ଼ିଆମାନେ ଏଥିଲାଗି ଗୁହାରି କରି ଆସୁଅଛନ୍ତି । ସମ୍ପ୍ରତି ମାନ୍ଦ୍ରାଜ ପ୍ରଦେଶରେ ଆନ୍ଧ୍ରମାନେ ଭାଷାସୂତ୍ରରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନର ଯତ୍ନରେ ଅଛନ୍ତି । ଆନ୍ଧ୍ରଜାତିର ଉଦାର ହୃଦୟବିଶିଷ୍ଟ ନେତାମାନେ ଓଡ଼ିଆମାନଙ୍କର ଦେଶମିଶ୍ରଣ ପ୍ରସ୍ତାବରେ ସହାନୁଭୂତି ପ୍ରକାଶ କରୁଅଛନ୍ତି । ଏପରି ସହାନୁଭୂତି ଆମ୍ଭମାନଙ୍କ ଉଦ୍ୟମର ଅନୁକୂଳ ବୋଲି ମୁଁ ମନେକରେ । ଆମ୍ଭମାନଙ୍କୁ ଭିନ୍ନ ଭିନ୍ନ କରି ରଖିବାରେ ଗଭର୍ଣ୍ଣମେଣ୍ଟଙ୍କର କୌଣସି ସ୍ୱାର୍ଥ ଥାଇ ନ ପାରେ । ଘଟଣାକ୍ରମେ ଯେତେବେଳେ ଯେଉଁ ଓଡ଼ିଆ ଅଞ୍ଚଳ ଯେପ୍ରଦେଶ ସଙ୍ଗେ ଏକକାଳୀନ ଇଂରେଜ ଶାସନାଧୀନରେ ଆସିଅଛି ତାହା ଏକାଦିକ୍ରମେ ସେହିପରି ଚିରଦିନରୁ ରହି ଯାଇଅଛି । ଇଂରେଜ ଶାସକମାନଙ୍କର ରକ୍ଷଣଶୀଳ ନୀତି । ବିଶେଷ ଅସୁବିଧା ନ ଦେଖିଲେ ପ୍ରଚଳିତ ନୀତି ପରିବର୍ତ୍ତନ କରିବାକୁ ମନ ବଳାନ୍ତି ନାହିଁ । ଭିନ୍ନ ଭିନ୍ନ ଓଡ଼ିଆ ଅଞ୍ଚଳ କୌଣସି କୌଣସି ପ୍ରାଦେଶିକ ଶାସନ ପ୍ରତି ଯେ ଅସୁବିଧା ଘଟାଉଅଛି ତାହା ରାଜପୁରୁଷମାନେ ବେଳେ ବେଳେ ଉପଲବ୍ଧି କରି ପାରୁଅଛନ୍ତି । ଏଭଳି ଅସୁବିଧା ନିଶ୍ଚୟ ଘଟିବ । ତେଣୁ ଲର୍ଡ କର୍ଜନ ମାନ୍ଦ୍ରାଜ ଓଡ଼ିଆ ଅଞ୍ଚଳକୁ ସେହି ଶାସନର "Troublesome excrescence" ବା ବିରକ୍ତିକର ଲଥା ବା ପିଟକ ବୋଲି ବର୍ଣ୍ଣନା କରିଅଛନ୍ତି । ବାସ୍ତବିକ ଏହିପରି ଖଣ୍ଡେ ଖଣ୍ଡେ ଭିନ୍ନ ଶାସନରେ ଲଥା ରୂପେ ରହି ସେହି ସେହି ଶାସନମାନଙ୍କର ସୁପରିଚାଳନା କାର୍ଯ୍ୟକୁ ଅଯଥା ଜଟିଳ ଓ ଭାରାକ୍ରାନ୍ତ କରୁଅଛି ଏବଂ ନିଜ ଓଡ଼ିଶା ପ୍ରଦେଶକୁ କ୍ଷୀଣ ଓ କ୍ଷୁଦ୍ର କରୁଅଛି । ସରକାର କେବେ ଏ ଅସୁବିଧା ଦୂରକରି ଓଡ଼ିଆମାନଙ୍କୁ ଏକ ଶାସନାଧୀନରେ ରଖିବାର ବ୍ୟବସ୍ଥା କରିବେ ଆମ୍ଭେମାନେ ବ୍ୟାକୁଳ ପ୍ରାଣରେ ସେହି ଶୁଭ ଦିନକୁ ଅନାଇ ରହିଅଛୁଁ ।

**ବିଶିଷ୍ଟ ବ୍ୟକ୍ତିଙ୍କ ତିରୋଧାନ :** ଏପରି ଅନାଇଁ ଅନାଇଁ ଆମ୍ଭମାନଙ୍କରୁ କେତେ ଚାଲିଗଲେଣି । ଏହି ବାଲେଶ୍ୱରର ସ୍ୱର୍ଗୀୟ ମହାରାଜା ଶ୍ରୀ ବୈକୁଣ୍ଠନାଥ ଦେ ବାହାଦୁର ଓଡ଼ିଆଭାଷୀ ପ୍ରଦେଶମାନଙ୍କୁ ଏକ ଶାସନାଧୀନ କରିବାଲାଗି ନାନା ପ୍ରକାର ଆୟୋଜନ ଓ ଆବେଦନ କରିଥିଲେ । ସେ କେବଳ ସମ୍ବଲପୁର ଓଡ଼ିଶା ସହ ସଂଯୋଗ ଦେଇ ଯାଇଛନ୍ତି । ଗଞ୍ଜାମର ନରସିଂହ ଦାସ ଏହି ମିଶ୍ରଣ ଆନ୍ଦୋଳନରେ ସମସ୍ତ ଶକ୍ତି ସାମର୍ଥ୍ୟ ଢାଳି ଦେଇଥିଲେ । ସେ ଆଉ ନାହାନ୍ତି । ଏହି ମିଳନ କାମନାରେ ସ୍ୱର୍ଗୀୟ ମଧୁସୂଦନଙ୍କ ଭକ୍ତିପୂର୍ଣ୍ଣ ହୃଦୟରୁ କେତେ ଜାତୀୟ ସଂଗୀତ ନିଃସୃତ ହୋଇଥିଲା । ପୁରୀର ରାମଚନ୍ଦ୍ର ଦାସ ପ୍ରାଣର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି

ଚିନ୍ତାରେ କାନ୍ଦି କାନ୍ଦି ଗଲେ । ଏହିପରି ପ୍ରକାଶରେ ହେଉ ବା ଅପ୍ରକାଶରେ ହେଉ, ମୁଖ୍ୟ ଭାବରେ ହେଉ ବା ଗୌଣ ଭାବରେ ହେଉ, ରାଜନୈତିକ, ସାମାଜିକ ବା ସାହିତ୍ୟିକ ସୂତ୍ରରେ ଯେଉଁମାନେ ଓଡ଼ିଆ ଜାତିର ଏକତ୍ୱ ଏବଂ ସମ୍ମିଳିତ ଶକ୍ତି ରକ୍ଷା କରିବା ଲାଗି ଯତ୍ନ କରିଅଛନ୍ତି ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଟିଏ କ୍ରମେ କ୍ରମେ କାର୍ଯ୍ୟ କ୍ଷେତ୍ରରୁ ଚାଲିଯିବା ଦେଶ ପକ୍ଷେ ଘୋର କ୍ଷତିର ବିଷୟ ।

ପ୍ରତିବର୍ଷ ଆମ୍ଭମାନଙ୍କୁ ଏହି ସମ୍ମିଳନୀ ମଣ୍ଡପରେ କାହାରି ନା କାହାରି ନିମନ୍ତେ ଶୋକ ପ୍ରକାଶ କରିବାକୁ ହେଉଅଛି । ବାଲେଶ୍ୱର ଯାହାଙ୍କ ଦମ୍ଭ ଓ ପରାମର୍ଶରେ ଗତ ବର୍ଷ ସମ୍ବଲପୁରରୁ ସମ୍ମିଳନୀକୁ ଆମନ୍ତ୍ରଣ କରିଥିଲା ଆଜି ସେ ସାମନ୍ତ ରାଧାଚରଣଙ୍କୁ ଦେଖିବାକୁ ପାଉ ନାହୁଁ । ଯେଉଁ ସଚ୍ଚିଦାନନ୍ଦ ଓଡ଼ିଆ ଭାଷା ଓ ସାହିତ୍ୟ ନିମନ୍ତେ ଏତେ ଯତ୍ନ ଓ ସାଧନା କରୁଥିଲେ, ଉତ୍କଳ ସାହିତ୍ୟର ଉନ୍ନତି ନିମନ୍ତେ ବ୍ୟକ୍ତିଗତ ଯତ୍ନ ଛଡା ଆର୍ଥିକ ଓ ଅନ୍ୟାନ୍ୟ ପ୍ରକାର ସାହାଯ୍ୟ କରୁଥିଲେ, ବାମଣ୍ଡାର ସେହି ସୁଯୋଗ୍ୟ ନରପତି ଅକାଳରେ ଆମ୍ଭମାନଙ୍କ ମଧ୍ୟରୁ ଚାଲିଯାଇ ଅଛନ୍ତି । ଏମାନଙ୍କୁ ହରାଇବା ଆମମାନଙ୍କ ପକ୍ଷେ ଘୋର ଜାତୀୟ କ୍ଷତି । ଭଗବାନ ସେମାନଙ୍କ ଆତ୍ମାର ସଦ୍‌ଗତି କରନ୍ତୁ । ଏଭଳି କ୍ଷତି ଅବଶ୍ୟମ୍ଭାବୀ – ନିୟତି ପାଖରେ କାହାର କି ଆୟତ୍ତ ? ମାତ୍ର ଏଥିରେ ହତାଶ ନ ହୋଇ, ଜାତୀୟ କଲ୍ୟାଣରେ ବିଶ୍ୱାସ ରଖି ଆମ୍ଭମାନଙ୍କୁ କାର୍ଯ୍ୟରେ ଅଗ୍ରସର ହେବାକୁ ହେବ । ନାନା ବିଭାଗରେ ଓଡ଼ିଶାର ଅଭାବ ରହିଅଛି । ରାଜକୀୟ ଏବଂ ସାମାଜିକ ପ୍ରଭୃତି ଭିନ୍ନ ଭିନ୍ନ କ୍ଷେତ୍ରରେ ନବ ନବ ଅବସ୍ଥା ଏବଂ ଘଟଣା ଉପସ୍ଥିତ ହେଉଅଛି । ଆମ୍ଭମାନଙ୍କୁ ସେ ସବୁର ସମ୍ମୁଖୀନ ହେବାକୁ ହେବ ଏବଂ ସେସବୁ ମଧ୍ୟରେ ସାଧ୍ୟାନୁସାରେ ଆମ୍ଭମାନଙ୍କର ସୁବିଧା କରିଦେବାକୁ ହେବ ।

**ପାଟଣା ବିଶ୍ୱବିଦ୍ୟାଳୟ :** ଉପସ୍ଥିତ ଏପରି ଘଟଣାମାନଙ୍କ ମଧ୍ୟରେ ପାଟଣା ବିଶ୍ୱବିଦ୍ୟାଳୟ ବ୍ୟବସ୍ଥା ଅନ୍ୟତମ । ଭାରତରେ ଶିକ୍ଷା ପ୍ରସାର ନିମନ୍ତେ ଚାରିଆଡ଼େ ବ୍ୟାକୁଳତା ଦେଖାଯାଉଅଛି । ନୂତନ ନୂତନ ବିଶ୍ୱବିଦ୍ୟାଳୟର ସୃଷ୍ଟି ହେଉଅଛି । କାଶୀର ହିନ୍ଦୁ ବିଶ୍ୱବିଦ୍ୟାଳୟ ଭାରତୀୟ ଶିକ୍ଷା ବିଧାନରେ ଏକ ନୂତନ ପନ୍ଥା । ଦେଶୀୟ ରାଜ୍ୟ ମହିଶୂରର ବିଶ୍ୱବିଦ୍ୟାଳୟ ଦେଶୀୟ ରାଜ୍ୟମାନଙ୍କ ପକ୍ଷରେ ଏକ ନୂତନ ଆଦର୍ଶ । ଏମାନଙ୍କ ସଙ୍ଗେ ସଙ୍ଗେ ବିହାର-ଓଡ଼ିଶା ପ୍ରଦେଶରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ ଆୟୋଜନ ହେଉଅଛି । ଏହାର ଆକାର ପ୍ରକାର ଉପରେ ଓଡ଼ିଆମାନଙ୍କର ଭାଗ୍ୟ ବହୁ ପରିମାଣରେ ନିର୍ଭର କରେ । ଆଜି ଯାଏଁ ଓଡ଼ିଶା କଲିକତା ବିଶ୍ୱବିଦ୍ୟାଳୟର ଅଧୀନ ଅଛି । ସେହି ସମ୍ବନ୍ଧ ଓଡ଼ିଶା ପକ୍ଷେ ଶୁଭକର ହୋଇଅଛି । ସେ ସଂପର୍କ ଛାଡ଼ିବାକୁ ଓଡ଼ିଆଙ୍କର ଇଚ୍ଛା ନାହିଁ – ଛାଡ଼ିବାର ପ୍ରୟୋଜନ ମଧ୍ୟ ଦେଖାଯାଉ ନାହିଁ । ତଥାପି ସରକାର ନୂତନ ପ୍ରଦେଶ ପାଇଁ ଏତେବେଳେ ନୂତନ

ବିଶ୍ୱବିଦ୍ୟାଳୟ କରୁ ଅଛନ୍ତି ଏବଂ ଓଡ଼ିଆଙ୍କର ଇଚ୍ଛା ଥାଉ ବା ନଥାଉ ଯେତେବେଳେ ସେମାନଙ୍କ ଭାଗ୍ୟ ନୂତନ ପ୍ରଦେଶ ସହିତ ଯୋଡ଼ା ହୋଇ ସାରିଲାଣି, ଏହି ନୂତନ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସେମାନେ ବାଧ୍ୟ ବୋଲି ଅନେକ ମନେକରନ୍ତି । କିନ୍ତୁ ଶାସନ-ନୀତି ସଙ୍ଗେ ବିଶ୍ୱବିଦ୍ୟାଳୟର ପ୍ରତ୍ୟକ୍ଷ ସମ୍ବନ୍ଧ ଭାରତବର୍ଷରେ ଅଦ୍ୟାପି ତେତେ ଘନୀଭୂତ ହୋଇନାହିଁ ଏବଂ ସେପରି ନହେବା ମଧ୍ୟ ସର୍ବଥା ବାଞ୍ଛନୀୟ । ନୂତନ ପ୍ରଦେଶର ଶାସନ ଅଧୀନରେ ଥାଇ ଓଡ଼ିଶା ଉଚ୍ଚଶିକ୍ଷା ନିମନ୍ତେ କଲିକତା ବିଶ୍ୱବିଦ୍ୟାଳୟ ତଳେ ଥିଲେ କି ଅନିଷ୍ଟ ଓ ଅସୁବିଧା ହେବ ଜଣା ଯାଉନାହିଁ । କଟକ ରାଭେନ୍‌ସା କଲେଜର ଭାଗ୍ୟ ଉଭୟଥା ସମାନ । ବରଂ ନୂତନ ପ୍ରସ୍ତାବରେ ଅଧିକତର ଶୋଚନୀୟ । ବିଶ୍ୱବିଦ୍ୟାଳୟର କେନ୍ଦ୍ର ହେବ ବାଙ୍କିପୁର । ବାଙ୍କିପୁର ଅପେକ୍ଷା କଲିକତା କଟକର କେବଳ ନିକଟବର୍ତ୍ତୀ ନୁହେଁ, ଅନ୍ୟାନ୍ୟ ନାନା ବିଷୟରେ ବେଶି ସୁବିଧାଜନକ । ନୂତନ ବିଶ୍ୱବିଦ୍ୟାଳୟରେ ରାଭେନ୍‌ସା କଲେଜ ହେବ ''ବାହାଦୁର କଲେଜ ।'' ଭିତର କଲେଜ ଅର୍ଥାତ୍ ବାଙ୍କିପୁରରେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ କଲେଜ ମାନଙ୍କଠାରୁ ଏହାର ଅନେକ ବିଷୟରେ ପାର୍ଥକ୍ୟ ରହିବ । କିନ୍ତୁ କଲିକତା ଅଧୀନରେ ଏ ଦଶା ଘଟିବାର ଆଶଙ୍କା ନାହିଁ । ଯୋଗ୍ୟତା ଓ ପ୍ରତିଯୋଗିତାରେ ପାରିଲେ ଏବଂ ସ୍ଥାନୀୟ ଆଗ୍ରହ ଉତ୍ସାହ ଅଧିକ ଦେଖାଗଲେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଅନ୍ୟାନ୍ୟ କଲେଜ ପରି କଟକ କଲେଜର କ୍ରମୋନ୍ନତି ସମ୍ଭବ ଏବଂ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ନୂତନ କଲେଜ ପ୍ରତିଷ୍ଠାର ସମ୍ଭାବନା ମଧ୍ୟ ଅଛି । ମାତ୍ର ପାଟଣା ବିଶ୍ୱବିଦ୍ୟାଳୟ ପ୍ରସ୍ତାବିତ ବ୍ୟବସ୍ଥାଦି ଅନ୍ୟ ପ୍ରକାର । ଲକ୍ଷେ ଉତ୍ସାହ ଆୟୋଜନ ହେଲେ ସୁଦ୍ଧା ଏ ବ୍ୟବସ୍ଥା ଦ୍ୱାରା କଟକ କେବେ ବାଙ୍କିପୁରର ସୁଯୋଗ ପାଇବ ନାହିଁ । ଫଳରେ କଟକ କଲେଜ ବାଙ୍କିପୁର କଲେଜ ସଙ୍ଗେ ପ୍ରତିଯୋଗିତା କରିବାର ସୁଯୋଗ ସୁବିଧା କେବେ ପାଇବ ନାହିଁ । କେବଳ ଦୂରତା ହେତୁ ନୁହେଁ, ଓଡ଼ିଆ ଛାତ୍ରମାନଙ୍କ ଦରିଦ୍ରତା ହେତୁ ସେମାନଙ୍କ ମଧ୍ୟରୁ କେହି ବାଙ୍କିପୁର ଯାଇପାରିବେ ନାହିଁ । ଫଳରେ ଏକ ପ୍ରଦେଶରେ ଦୁଇ ଜାତିର ଶିକ୍ଷାର ବ୍ୟବସ୍ଥା ହେଲା ଏବଂ ବିଶ୍ୱବିଦ୍ୟାଳୟର ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରେ ସ୍ଥାନ ଭେଦରେ ଉଚ୍ଚନୀଚ ବିଚାର ଯେ ନ ହେବ ତାହା କିଏ କହିବ ? ବାଙ୍କିପୁରସ୍ଥ ବିଶ୍ୱବିଦ୍ୟାଳୟ ''ଭିତର କଲେଜ'' ମାନଙ୍କରୁ ଉତ୍ତୀର୍ଣ୍ଣ ବି.ଏ. ଉପାଧିଧାରୀ କଟକ କଲେଜର ବି.ଏ. ଉପାଧିଧାରୀଠାରୁ ଆପଣାକୁ ଉତ୍କୃଷ୍ଟତର ମଣିବା ସ୍ୱାଭାବିକ ଏବଂ ତଦନୁସାରେ ତାଙ୍କ ମଧ୍ୟରେ ତାରତମ୍ୟ ରହିବା ମଧ୍ୟ ଖୁବ୍ ସମ୍ଭବ । ନୂତନ ପ୍ରସ୍ତାବିତ ବିଧାନ ଅନୁସାରେ ଭବିଷ୍ୟତ କଲେଜମାନଙ୍କ ନିମନ୍ତେ ସୀମା ନିର୍ଦ୍ଦିଷ୍ଟ ହୋଇଅଛି । ଅର୍ଥାତ୍ କଟକ ସହରର ଏକମାଇଲ ଭିତରେ ନୂତନ କଲେଜ ହେବତ ହେବ,

ନହେଲେ ତାହା ବିଶ୍ୱବିଦ୍ୟାଳୟ ଦ୍ୱାରା ଗୃହୀତ ହେବନାହିଁ । ଭାରତୀୟ ବିଶ୍ୱ-ବିଦ୍ୟାଳୟ ବିଧାନରେ ଏହା ଏକ ଅଭିନବ ନିୟମ । କର୍ତ୍ତାମାନେ ଏହାଦ୍ୱାରା ଭବିଷ୍ୟତରେ ଗୋଟିଏ ନୂତନ ଧରଣର ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାର ଆଶା ରଖିଛନ୍ତି । ମାତ୍ର ଏପରି ଏକ ସ୍ଥାନରେ ଶିକ୍ଷାର କେନ୍ଦ୍ର ସୀମାବଦ୍ଧ ହୋଇ ରହିଲେ ଲୋକେ କିପରି କେବେ ବା ଶିକ୍ଷିତ ହେବେ ଏବଂ ଉଚ୍ଚ ଶିକ୍ଷାପ୍ରତି କାହିଁକି ଆଗ୍ରହ ବଢ଼ିବ ଯେ ନୂତନ କଲେଜ ପ୍ରତିଷ୍ଠାର ପ୍ରୟୋଜନ ହେବ ? ଏ ବିଧାନରେ ଅବଶ୍ୟ ବିହାରର ତେତେ କ୍ଷତି ହେବନାହିଁ । ବିହାର ମୋଟରେ ସାତ ଗୋଟି କଲେଜ ପାଇବ – ଓଡ଼ିଶାରେ ରହିବ ଗୋଟିଏ ମାତ୍ର । ଓଡ଼ିଶା ବୋଇଲେ ଆମ୍ଭେମାନେ ମୋଗଲବନ୍ଦୀ ଓ ଗଡ଼ଜାତକୁ ହିସାବରେ ନେଉଅଛୁଁ । ଉଚ୍ଚ ଶିକ୍ଷା ସମ୍ବନ୍ଧେ ସେପରି ହିସାବ ଧରିବାକୁ ହେବ । କାହିଁକି ନା ଶାସନ ସମ୍ବନ୍ଧେ ଗଡ଼ଜାତ ରାଜ୍ୟମାନେ ପୃଥକ ହେଲେ ସୁଦ୍ଧା ଶିକ୍ଷା ବିଷୟରେ ରାଜନୈତିକ ଓଡ଼ିଶା ସହିତ ସେମାନଙ୍କର ସଂପର୍କ ଅବଶ୍ୟ ରହିବ ଏବଂ ଅନ୍ୟଥା ସେମାନଙ୍କର ଶିକ୍ଷାର ସ୍ୱାତନ୍ତ୍ର୍ୟ ଅସମ୍ଭବ । ପୁଣି ଓଡ଼ିଶା ଗଡ଼ଜାତମାନଙ୍କ ନିମନ୍ତେ କେବେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସଂସ୍ଥାପନର ସମ୍ଭାବନା ନାହିଁ ଏବଂ ତାହା ମଧ୍ୟ ବାଞ୍ଛନୀୟ ନୁହେଁ । ପୁଣି ପ୍ରତ୍ୟେକ ଗଡ଼ଜାତ ରାଜ୍ୟ ଏପରି କ୍ଷୁଦ୍ର କ୍ଷୁଦ୍ର ଯେ ସେମାନେ ନିଜେ ନିଜେ ଗୋଟିଏ ଗୋଟିଏ କଲେଜ ଚଳାଇବା ଅସମ୍ଭବ – ଚଳାଇପାରିଲେ ବା ନୂତନ ବିଧାନାନୁସାରେ ସେପରି କଲେଜ ସ୍ଥାପନର ଅଧିକାର ରହିଛି କାହିଁ ? ଏ ସମସ୍ତ ଗଡ଼ଜାତ ରାଜ୍ୟମାନଙ୍କୁ ମିଶାଇ ଓଡ଼ିଶାର ଲୋକସଂଖ୍ୟା ବିହାର ଲୋକସଂଖ୍ୟା ସଙ୍ଗେ ସମାନ । ସମାନ ସଂଖ୍ୟକ ଲୋକ-ମାନଙ୍କ ଶିକ୍ଷାଭାବ ଦୂର କରିବା ସକାଶେ ଏକ ସ୍ଥାନରେ ସାତୋଟି କଲେଜ ରହିବା ସ୍ଥଳେ, ଓଡ଼ିଶାରେ ଗୋଟିଏ ମାତ୍ର କଲେଜ ରହିବା ନ୍ୟାୟ ସଙ୍ଗତ ସୁବିଚାର ବୋଲି କହି ହେବନାହିଁ । ଏ ପ୍ରସଙ୍ଗରେ ପୁଣି ଗଞ୍ଜାମ ଓ ଜୟପୁରର ବିଷୟ ବିଚାର କରିବା ଉଚିତ । ଗଞ୍ଜାମ ମାନ୍ଦ୍ରାଜରେ ଅଛି ସତ୍ୟ, ମାତ୍ର ଶିକ୍ଷା, ସାହିତ୍ୟ, ସମାଜ, ରୀତି, ନୀତି ସକଳ ବିଷୟରେ ଏହା ଓଡ଼ିଶାର । ମାନ୍ଦ୍ରାଜ ସରକାର ଓଡ଼ିଆଭାଷାକୁ ସ୍ୱୀକାର କରିଅଛନ୍ତି । ଓଡ଼ିଆମାନଙ୍କର ଆପତ୍ତି ଆବେଦନ ଅନୁସାରେ ସେମାନଙ୍କର ଶିକ୍ଷା ସମ୍ବନ୍ଧେ କ୍ରମେ କେତେକ ସୁବିଧା କରି ଦେଉଅଛନ୍ତି । ମାତ୍ର ସେସବୁ ସୁବିଧା ମାନ୍ଦ୍ରାଜ ଅଧୀନରେ ସୁତରାଂ ପୂର୍ଣ୍ଣାଙ୍ଗ ବା ଆଶାନୁରୂପ ଫଳ କିପରି ହେବ ? ରାଜନୈତିକ ଓଡ଼ିଶାରେ ଗଞ୍ଜାମ ଓଡ଼ିଆ ଯେପରି ନିଜ ଘରର ସୁବିଧା ପାଇଲାପରି ମନେକରେ, ମାନ୍ଦ୍ରାଜରେ ଏତେଦିନ ରହି ସୁଦ୍ଧା ସେଭଳି ସୁବିଧା ଅନୁଭବ କରି ପାରୁନାହିଁ । ରେଳ ସଂପର୍କ ହେବା ଦିନରୁ ଓଡ଼ିଶା ସ୍କୁଲ କଲେଜମାନଙ୍କରେ ଗଞ୍ଜାମର ଛାତ୍ର ସଂଖ୍ୟା ଦିନକୁ ଦିନ ବଢୁଅଛି । ଯାହାର ଟିକିଏ ସୁବିଧା ଅଛି ସେ ଶିକ୍ଷା ନିମନ୍ତେ ଓଡ଼ିଶାକୁ

ଚାଲି ଯାଉଅଛି । ବିଶ୍ୱବିଦ୍ୟାଳୟର ଉଚ୍ଚଶିକ୍ଷା ନିମନ୍ତେ ଗଞ୍ଜାମ ଓଡ଼ିଆମାନେ ମାନ୍ଦ୍ରାଜକୁ ନ ଯାଇ ଓଡ଼ିଶାକୁ ଯିବା ଶ୍ରେୟସ୍କର ଓ ସୁବିଧାଜନକ ମନେ କରୁଅଛନ୍ତି । ଓଡ଼ିଶା ସହିତ ଏକ ଶାସନାଧୀନ ହେଉ ବା ନ ହେଉ ଶିକ୍ଷା ବିଷୟରେ ଗଞ୍ଜାମ ଓଡ଼ିଶା ସହିତ ଏକସୂତ୍ରରେ ଆବଦ୍ଧ ହୋଇ ଚଳିବାକୁ ହେବ । ବିଶେଷତଃ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥା ଭାରତୀୟ ସରକାରଙ୍କ ବିଚାର ବିଷୟ ଥିବା ସ୍ଥଳେ ଭିନ୍ନ ଭିନ୍ନ ପ୍ରଦେଶର ଓଡ଼ିଆମାନଙ୍କ ସୁବିଧା ଅସୁବିଧାମାନ ଉପଯୁକ୍ତ ଭାବେ ବିବେଚିତ ହେବା ଉଚିତ । ଭାଷାସୂତ୍ରରେ ପ୍ରଦେଶ-ଗଠନ-ନୀତି ଗୃହୀତ ହେବା ସଙ୍ଗେ ସଙ୍ଗେ ସେହି ନୀତି ଅନୁସାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ଅନେକ ଉପଲବ୍ଧି କରୁଅଛନ୍ତି । ପାଟଣା ବିଶ୍ୱବିଦ୍ୟାଳୟ କମେଟି ମଧ୍ୟ ଭବିଷ୍ୟତରେ ଓଡ଼ିଆମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ହେବାର ଆଶା ଦେଇଅଛନ୍ତି । ମାତ୍ର ନୂତନ ବ୍ୟବସ୍ଥା ଦେଖି ଏହି ଆଶା କେବଳ କୁହେଳିକା ବୋଲି ଆଶଙ୍କା ହେଉଅଛି । କଟକ କଲେଜ ଯାହା ଅଛି ବହୁଦିନ ପର୍ଯ୍ୟନ୍ତ ତାହାହିଁ ରହିବ, ଆଉ ଅଧିକ କିଛି ଉନ୍ନତି ହେବନାହିଁ । ପ୍ରସ୍ତାବିତ ଆଇନର ପାଣ୍ଡୁଲିପିରେ ଏପରି କିଛି ନଥିଲେ ସୁଦ୍ଧା ଆଇନ ପ୍ରବର୍ତ୍ତକ ମାନ୍ୟବର ଶଙ୍କର ନାୟରଙ୍କ ବକ୍ତୃତାରୁ ଏହା ଜଣାପଡୁଅଛି । ଆରମ୍ଭରୁ କଟକ କଲେଜର ଅବସ୍ଥା ଏପରି ହେଲେ ଭବିଷ୍ୟତରେ ତାକୁ ଧରି ବିଶ୍ୱବିଦ୍ୟାଳୟ ହେବ ବୋଲି ଆଶା ରଖିବା ବିଡମ୍ବନା ନୁହେଁ କି ? ଏ ଆଶାର ସଫଳତା ଲାଗି ଆରମ୍ଭରୁ ଭିତ୍ତି ସ୍ଥାପିତ ହେବା ସମୁଚିତ । ଆମ୍ଭେମାନେ ଏହି ସମ୍ମିଳନୀ ମଣ୍ଡପରୁ ବାରଂବାର କଟକ କଲେଜରେ ଉଚ୍ଚ ଆଇନ ଶିକ୍ଷା, ଏମ୍.ଏ. ଓ ଅନ୍ୟାନ୍ୟ ଉଚ୍ଚ ବିଷୟମାନଙ୍କରେ ଶିକ୍ଷାର ପ୍ରୟୋଜନୀୟତା ଉପଲବ୍ଧି କରି ମନୋମତ ଭାବ ବ୍ୟକ୍ତ କରିଅଛୁଁ । ଅଦ୍ୟାପି ସେ ଅଭାବମାନ ପୂରଣ ହୋଇନାହିଁ । ମାନ୍ୟବର ଶଙ୍କର ନାୟର ବକ୍ତବ୍ୟରୁ ସେ ଅଭାବମାନ ପୂରଣ ହେବ କି ନାହିଁ ସନ୍ଦେହ । ଏ ଅବସ୍ଥାରେ ଓଡ଼ିଆମାନେ ଭବିଷ୍ୟତରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପାଇବାର ଆଶାରେ କିପରି ଆଶ୍ୱସ୍ତ ହୋଇରହିବେ ? କଟକ କଲେଜକୁ ଶୀଘ୍ର ସମସ୍ତ ବିଷୟରେ ପୂର୍ଣ୍ଣାଙ୍ଗ ନ କଲେ ଓଡ଼ିଆମାନଙ୍କ ପ୍ରତି ଅନ୍ୟାୟ ହେବ ଏବଂ ଭବିଷ୍ୟତରେ ଓଡ଼ିଶାରେ ଅଧିକ କଲେଜ ସ୍ଥାପନର ବ୍ୟବସ୍ଥା ନ ରହିଲେ ଓଡ଼ିଆମାନଙ୍କର ଉଚ୍ଚ ଶିକ୍ଷା ଚିରଦିନ ସୀମାବଦ୍ଧ ହୋଇରହିବ । ନୂତନ ବିଶ୍ୱବିଦ୍ୟାଳୟ ପ୍ରସ୍ତାବରେ ବୈଷୟିକ ଶିକ୍ଷା ନିମନ୍ତେ କୌଣସି ପ୍ରକାର ବ୍ୟବସ୍ଥା ନାହିଁ । ଆଜି ସୁଦ୍ଧା ଓଡ଼ିଆମାନଙ୍କ ମଧ୍ୟରେ ଡାକ୍ତର ଇଞ୍ଜିନିଏରଙ୍କ ସଂଖ୍ୟା ଅଙ୍ଗୁଳି ରେଖାରେ ଗଣାଯାଇ ପାରିବ । ଆଜିଯାଏ ଓଡ଼ିଶାରେ ସେପରି ଶିକ୍ଷାର ବ୍ୟବସ୍ଥା ନଥିବା ସେଥିର କାରଣ । ନୂତନ ଶାସନରେ ଓଡ଼ିଶା ବିଶେଷ ମନୋଯୋଗ ପାଇବ, ସୁତରାଂ ଶିକ୍ଷା ବିଷୟରେ ଉନ୍ନତି କରିବ ବୋଲି ଅନେକେ

ଆଶା ରଖିଥିଲେ । ମୂଳରୁ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟରେ ଏ ବିଷୟରେ କୌଣସି ବ୍ୟବସ୍ଥା ରହୁନାହିଁ । ବୈଷୟିକ ଉଚ୍ଚ ଶିକ୍ଷା ନିମନ୍ତେ କଲେଜ କଥା ବାଦ୍ ଦେଲେ ସୁଦ୍ଧା ଓଡ଼ିଶାରେ ସେ ସମ୍ବନ୍ଧୀୟ ସ୍କୁଲମାନ ଆଦୌ ନାହିଁ, କହିଲେ ଚଳେ । ଓଡ଼ିଶାରେ ଫରେଷ୍ଟ୍ରି; ଏଞ୍ଜିନିଏରିଂ, କୃଷି ଓ ଅନ୍ୟାନ୍ୟ ପ୍ରକାର ଶ୍ରମଜୀବୀ ବିଦ୍ୟାଳୟ ନରହିଲେ କେବଳ ମାଟ୍ରିକୁଲେସନ, ଏଫ୍.ଏ., ବି.ଏ. ପାସ୍ ବଳରେ ଅନ୍ନ ସଂସ୍ଥାନର ବ୍ୟବସ୍ଥା କରିବାକୁ ହେଲେ ଦରିଦ୍ର ଓଡ଼ିଆ ଛାତ୍ରମାନଙ୍କର ଭବିଷ୍ୟତ ବଡ଼ ଅଶାନ୍ତଜନକ ହେବ । ବିଭିନ୍ନ ବିଭାଗରେ ଏପରି ମାର୍ଗ ଉନ୍ମୁକ୍ତ ରହିବା ଉଚିତ ଯେ ଯାହାର ରୁଚି ଓ ସାମର୍ଥ୍ୟ ଅନୁସାରେ ଶିକ୍ଷାଲାଭ କରିପାରିବେ । ସମସ୍ତଙ୍କୁ ଗୋଟିଏ ବାଟରେ ଚଳାଇବା ପ୍ରକୃତି ଅନୁମୋଦିତ ନୁହେଁ କିମ୍ବା ଆର୍ଥିକ ହିସାବରେ ଦେଖିଲେ ଦେଶ ପକ୍ଷରେ ଲାଭଜନକ ମଧ୍ୟ ନୁହେଁ ।

**ଶିକ୍ଷା ପ୍ରସଙ୍ଗ :** ଶିକ୍ଷା ପ୍ରସଙ୍ଗରେ ପ୍ରାଥମିକ ଶିକ୍ଷାର ପ୍ରୟୋଜନ ମଧ୍ୟ ଅତୀବ ଆବଶ୍ୟକ । ସରକାର ମଧ୍ୟ ଦେଶର ପ୍ରାଥମିକ ଶିକ୍ଷାର ବହୁଳ ପ୍ରଚାରର ଆବଶ୍ୟକତା ସ୍ୱୀକାର କରୁଅଛନ୍ତି । ଏଇ ହିସାବରେ ଦେଖିଲେ ଦେଶର ଉନ୍ନତି ନିମନ୍ତେ ଉଚ୍ଚ ଶିକ୍ଷାର ଯେପରି ଆବଶ୍ୟକ ପ୍ରାଥମିକ ଶିକ୍ଷା ମଧ୍ୟ ସେପରି ବା ତତୋଽଧିକ ପ୍ରୟୋଜନ । ଜନସାଧାରଣ ଶିକ୍ଷିତ ନହେଲେ ଶାସନ ପକ୍ଷେ ସୁବିଧା ନୁହେଁ କିମ୍ବା ଲୋକଙ୍କ ପକ୍ଷେ କଲ୍ୟାଣକର ନୁହେଁ । ଅନେକ ସମୟରେ ଏପରି ଶୁଣିବାକୁ ପାଇଥାଉଁ କି ଓଡ଼ିଶାର ସାକ୍ଷରଙ୍କ ସଂଖ୍ୟା ଅନ୍ୟାନ୍ୟ ଅନେକ ପ୍ରଦେଶର ସାକ୍ଷର ବ୍ୟକ୍ତିଙ୍କ ସଂଖ୍ୟା ତୁଳନାରେ ଅଧିକ । ଏହାର କାରଣ ଅଛି ମାତ୍ର ସେ କାରଣ ଦୂର ହୋଇଆସୁଛି । ଫଳରେ ଓଡ଼ିଆମାନଙ୍କ ମଧ୍ୟରେ ସାକ୍ଷର ସଂଖ୍ୟା ଏଣିକି ଊଣା ପଡିବ । କାରଣ ଏଥି ପୂର୍ବେ ପ୍ରତି ଗ୍ରାମରେ ଚାଟଶାଳୀ ଥିଲା । ଚାଟଶାଳୀ ସ୍ଥାପନ ନିମନ୍ତେ ଲୋକଙ୍କୁ ବେଶି କିଛି ବ୍ୟୟ ବହନ କରିବାକୁ ପଡୁ ନ ଥିଲା । ଆଧୁନିକ ଶିକ୍ଷା ପ୍ରଣାଳୀ ବଡ଼ ବ୍ୟୟସାପେକ୍ଷ । ସ୍କୁଲ ଘରର ଆକାର ପ୍ରକାରଠାରୁ ଆରମ୍ଭକରି ପିଲାଙ୍କ ପୋଷାକ ପର୍ଯ୍ୟନ୍ତ ସବୁଥିରେ କଟକଣା । ଅବଶ୍ୟ ଏସବୁ ବିଷୟ ଯେ ପାଳନୀୟ ନୁହେଁ ତାହା କୁହା ଯାଇନାହିଁ । କିନ୍ତୁ ଲୋକଙ୍କ ବର୍ତ୍ତମାନ ଅବସ୍ଥାରେ ନିରକ୍ଷରତା ଦୂର କରିବା ସକାଶେ ସୁଲଭ ସୁଗମ ପନ୍ଥା ଅବଲମ୍ବନୀୟ । ଯେଉଁ ଶିକ୍ଷା ପ୍ରଣାଳୀ ଜାତିର ପ୍ରକୃତିର ଅନୁରୂପ ନୁହେଁ, ତାହା କାର୍ଯ୍ୟକାରୀ ହେବା କଠିନ । ପୂର୍ବେ ଚାଟଶାଳୀମାନଙ୍କରେ ଯେଉଁ ପ୍ରକାର ଗଣିତାଦି ଶିକ୍ଷା ଦିଆ ଯାଉଥିଲା ବା ସାଧାରଣ ପାଠ ପଢ଼ା ହେଉଥିଲା ତାହା ଏକାବେଳେକେ ନିର୍ଦ୍ଦୋଷ ନହେଲେ ସୁଦ୍ଧା, ସେ ସବୁପ୍ରତି ଲୋକଙ୍କର ଗୋଟିଏ ମମତା ଉଦ୍ରେକ ହେଉଥିଲା ଏବଂ ଛାତ୍ରମାନେ ଚାଟଶାଳୀରୁ ଉତ୍ତୀର୍ଣ୍ଣ ହୋଇ ତାଙ୍କର ଆବଶ୍ୟକୀୟ ଲେଖା ପଢ଼ା କରି ପାରୁଥିଲେ ।

ସେହି ଚାଟଶାଳୀରୁ ବାହାରିବା ଲୋକେ ବ୍ୟବହାର ଜ୍ଞାନ, ଜମି ଜରୀବ, ହିସାବ ରକ୍ଷା ଇତ୍ୟାଦି ଏବଂ ପୁରାଣ ପାଠ ଠାରୁ ଆରମ୍ଭ କରି ଚିଠି ଲେଖାଲେଖି ଆଦି ନିତ୍ୟ ଆବଶ୍ୟକୀୟ କାର୍ଯ୍ୟ ସୁଚାରୁରୂପେ କରି ପାରୁଥିଲେ । ବର୍ତ୍ତମାନ ଶିକ୍ଷାପ୍ରଣାଳୀ ଦ୍ୱାରା ଛାତ୍ରମାନେ ନିଜର ପରମ୍ପରାଗତ ସରଳ ଜୀବନର ମାଧୁରୀ ପାସୋରି ପକାଉ ଅଛନ୍ତି ଏବଂ ବ୍ୟବସାୟ ଉପଯୋଗୀ ଜ୍ଞାନ ଉପାର୍ଜନ କରି ପାରୁନାହାନ୍ତି । ଅନେକ ସ୍ଥାନରେ ଛାତ୍ରମାନେ କାୟିକ ପରିଶ୍ରମ କରିବାକୁ ବା ପୂର୍ବ ଜାତିଗତ ବ୍ୟବସାୟରେ ହାତ ଦେବାକୁ ନୀଚ କାର୍ଯ୍ୟ ବୋଲି ମନେ କରୁଅଛନ୍ତି । ଦେଶର ଶିକ୍ଷା ପ୍ରଣାଳୀ ଭିନ୍ନ ପ୍ରକାର ନହେଲେ ଦେଶର ଅଜ୍ଞାନ ଘୁଞ୍ଚିବ ନାହିଁ କିମ୍ବା ଶିକ୍ଷାର ପ୍ରସାର ହେବନାହିଁ । ପୂର୍ବେ ଲୋକେ ଚାଟଶାଳୀକୁ ପିଲାଙ୍କୁ ପଠାଇବାକୁ ଯେପରି ଶ୍ରଦ୍ଧା କରୁଥିଲେ, ବର୍ତ୍ତମାନ ନାହିଁ । ଅଛି କେବଳ ଶିକ୍ଷା ଦ୍ୱାରା ଚାକିରୀ କରି ଅର୍ଥ ଉପାର୍ଜନ କରିବାର ଲାଳସା । ତଦୁପରି ଆମ୍ଭ ଉତ୍କଳ ଦେଶର କେଉଁ କେଉଁ ଅଞ୍ଚଳରେ କୋମଳମତି ବାଳକମାନଙ୍କ ଶିକ୍ଷା ଅନ୍ୟଭାଷାଭାଷୀ ଓଡ଼ିଆ ଅନଭିଜ୍ଞ ଶିକ୍ଷକମାନଙ୍କ ହାତରେ ଅଛି । ଗଞ୍ଜାମ ଓ ଜୟପୁର ଅଞ୍ଚଳର ଓଡ଼ିଆ ବାଳକମାନେ ଅନେକ ସ୍ଥାନରେ ତେଲଗୁ ଶିକ୍ଷକମାନଙ୍କଠାରୁ ଓଡ଼ିଆ ଭାଷାରେ ଶିକ୍ଷା ପାଉଅଛନ୍ତି । ଏ ଶିକ୍ଷା ଯେ କିପରି ହେଉଥିବ ସହଜରେ ଅନୁମାନ କରା ଯାଇପାରେ । ସିଂହଭୂମର ଓଡ଼ିଆ ଶିଶୁମାନେ ଓଡ଼ିଆଭାଷାରେ ପ୍ରାଥମିକ ଶିକ୍ଷା ପାଉନାହାନ୍ତି । କେହି ହିନ୍ଦିରେ କେହିବା ବଙ୍ଗଳାରେ ପ୍ରାଥମିକ ପୁସ୍ତକମାନ ପଢୁଅଛନ୍ତି ।

**କଚେରିଭାଷା :** ସିଂହଭୂମର ବିଚାର ଅଦାଲତମାନଙ୍କରେ ଓଡ଼ିଆ ଭାଷା ବ୍ୟବହାର ନିମନ୍ତେ ସେ ଜିଲା ଓଡ଼ିଆ ରାଜା, ଜମିଦାର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ପ୍ରାଦେଶିକ ସରକାରଙ୍କଠାରେ ଆବେଦନ କରିଥିଲେ । ସରକାର ସେ ଆବେଦନର କଥା ନାମଞ୍ଜୁର କରିଅଛନ୍ତି । ଶୁଣାଯାଏ ସରକାର କହିଅଛନ୍ତି ଯେ ସିଂହଭୂମ କଚେରି ଭାଷାର ସଂଖ୍ୟା ବଢ଼ାଇବା ନିମନ୍ତେ କୌଣସି କାରଣ ଦେଖାଯାଉନାହିଁ । ଯେଉଁମାନେ କଷ୍ଟ ଅନୁଭବ କରୁଅଛନ୍ତି ସେମାନଙ୍କ ଗୁହାରି ଯଥେଷ୍ଟ କାରଣ ବୋଲି ବିବେଚିତ ହେବାର ଉଚିତ ଥିଲା । କାରଣ ନାହିଁ କହିଲେ ''ବଡ଼ ଲୋକଙ୍କୁ ଉତ୍ତର ନାହିଁ'' ନୀତିରେ ଜନସାଧାରଣ ଅବଶ୍ୟ ନୀରବ ରହିବେ । ମାତ୍ର ଏହି ଉତ୍ତରରେ ଅସୁବିଧା ଘୁଞ୍ଚିବ ନାହିଁ କିମ୍ବା କାରଣ ନାହିଁ ବୋଲି ସରକାର କହିବା ମାତ୍ରେ ଯଥାର୍ଥରେ ଲୋକଙ୍କ କଷ୍ଟ ଓ ଅସୁବିଧାର ଯେ କାରଣ ଅଛି ତାହା ମଧ୍ୟ ଘୁଞ୍ଚିବ ନାହିଁ । ସିଂହଭୂମରେ ଏକାଧିକ କଚେରି ଭାଷା ଅଛି । ତହିଁ ସଙ୍ଗେ ଓଡ଼ିଆ ଭାଷାକୁ ଯୋଡ଼ିଥିଲେ ବିଶେଷ କିଛି ଅସୁବିଧା ହୋଇଥାନ୍ତା ବୋଲି ବୋଧ ହେଉନାହିଁ । ଅବଶ୍ୟ ଏ ବିଷୟରେ ସରକାରଙ୍କଠାରେ ବାରଂବାର ଗୁହାରି ହେବ

ଆଶା ରଖିଥିଲେ । ମୂଳରୁ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟରେ ଏ ବିଷୟରେ କୌଣସି ବ୍ୟବସ୍ଥା ରହୁନାହିଁ । ବୈଷୟିକ ଉଚ୍ଚ ଶିକ୍ଷା ନିମନ୍ତେ କଲେଜ କଥା ବାଦ୍ ଦେଲେ ସୁଦ୍ଧା ଓଡ଼ିଶାରେ ସେ ସମ୍ବନ୍ଧୀୟ ସ୍କୁଲମାନ ଆଦୌ ନାହିଁ, କହିଲେ ଚଳେ । ଓଡ଼ିଶାରେ ଫରେଷ୍ଟ୍ରି; ଏଞ୍ଜିନିଏରିଂ, କୃଷି ଓ ଅନ୍ୟାନ୍ୟ ପ୍ରକାର ଶ୍ରମଜୀବୀ ବିଦ୍ୟାଳୟ ନରହିଲେ କେବଳ ମାଟ୍ରିକୁଲେସନ, ଏଫ୍.ଏ., ବି.ଏ. ପାସ୍ ବଳରେ ଅନ୍ନ ସଂସ୍ଥାନର ବ୍ୟବସ୍ଥା କରିବାକୁ ହେଲେ ଦରିଦ୍ର ଓଡ଼ିଆ ଛାତ୍ରମାନଙ୍କର ଭବିଷ୍ୟତ ବଡ଼ ଅଶାନ୍ତିଜନକ ହେବ । ବିଭିନ୍ନ ବିଭାଗରେ ଏପରି ମାର୍ଗ ଉନ୍ମୁକ୍ତ ରହିବା ଉଚିତ ଯେ ଯାହାର ରୁଚି ଓ ସାମର୍ଥ୍ୟ ଅନୁସାରେ ଶିକ୍ଷାଲାଭ କରିପାରିବେ । ସମସ୍ତଙ୍କୁ ଗୋଟିଏ ବାଟରେ ଚଳାଇବା ପ୍ରକୃତି ଅନୁମୋଦିତ ନୁହେଁ କିମ୍ବା ଆର୍ଥିକ ହିସାବରେ ଦେଖିଲେ ଦେଶ ପକ୍ଷରେ ଲାଭଜନକ ମଧ୍ୟ ନୁହେଁ ।

**ଶିକ୍ଷା ପ୍ରସଙ୍ଗ :** ଶିକ୍ଷା ପ୍ରସଙ୍ଗରେ ପ୍ରାଥମିକ ଶିକ୍ଷାର ପ୍ରୟୋଜନ ମଧ୍ୟ ଅତୀବ ଆବଶ୍ୟକ । ସରକାର ମଧ୍ୟ ଦେଶର ପ୍ରାଥମିକ ଶିକ୍ଷାର ବହୁଳ ପ୍ରଚାରର ଆବଶ୍ୟକତା ସ୍ୱୀକାର କରୁଅଛନ୍ତି । ଏଇ ହିସାବରେ ଦେଖିଲେ ଦେଶର ଉନ୍ନତି ନିମନ୍ତେ ଉଚ୍ଚ ଶିକ୍ଷାର ଯେପରି ଆବଶ୍ୟକ ପ୍ରାଥମିକ ଶିକ୍ଷା ମଧ୍ୟ ସେପରି ବା ତତୋଽଧିକ ପ୍ରୟୋଜନ । ଜନସାଧାରଣ ଶିକ୍ଷିତ ନହେଲେ ଶାସନ ପକ୍ଷେ ସୁବିଧା ନୁହେଁ କିମ୍ବା ଲୋକଙ୍କ ପକ୍ଷେ କଲ୍ୟାଣକର ନୁହେଁ । ଅନେକ ସମୟରେ ଏପରି ଶୁଣିବାକୁ ପାଇଥାଉଁ କି ଓଡ଼ିଶାର ସାକ୍ଷରଙ୍କ ସଂଖ୍ୟା ଅନ୍ୟାନ୍ୟ ଅନେକ ପ୍ରଦେଶର ସାକ୍ଷର ବ୍ୟକ୍ତିଙ୍କ ସଂଖ୍ୟା ତୁଳନାରେ ଅଧିକ । ଏହାର କାରଣ ଅଛି ମାତ୍ର ସେ କାରଣ ଦୂର ହୋଇଆସୁଛି । ଫଳରେ ଓଡ଼ିଆମାନଙ୍କ ମଧ୍ୟରେ ସାକ୍ଷର ସଂଖ୍ୟା ଏଣିକି ଊଣା ପଡ଼ିବ । କାରଣ ଏଥି ପୂର୍ବେ ପ୍ରତି ଗ୍ରାମରେ ଚାଟଶାଳୀ ଥିଲା । ଚାଟଶାଳୀ ସ୍ଥାପନ ନିମନ୍ତେ ଲୋକଙ୍କୁ ବେଶି କିଛି ବ୍ୟୟ ବହନ କରିବାକୁ ପଡୁ ନ ଥିଲା । ଆଧୁନିକ ଶିକ୍ଷା ପ୍ରଣାଳୀ ବଡ଼ ବ୍ୟୟସାପେକ୍ଷ । ସ୍କୁଲ ଘରର ଆକାର ପ୍ରକାରଠାରୁ ଆରମ୍ଭକରି ପିଲାଙ୍କ ପୋଷାକ ପର୍ଯ୍ୟନ୍ତ ସବୁଥିରେ କଟକଣା । ଅବଶ୍ୟ ଏସବୁ ବିଷୟ ଯେ ପାଳନୀୟ ନୁହେଁ ତାହା କୁହା ଯାଇନାହିଁ । କିନ୍ତୁ ଲୋକଙ୍କ ବର୍ତ୍ତମାନ ଅବସ୍ଥାରେ ନିରକ୍ଷରତା ଦୂର କରିବା ସକାଶେ ସୁଲଭ ସୁଗମ ପନ୍ଥା ଅବଲମ୍ବନୀୟ । ଯେଉଁ ଶିକ୍ଷା ପ୍ରଣାଳୀ ଜାତିର ପ୍ରକୃତିର ଅନୁରୂପ ନୁହେଁ, ତାହା କାର୍ଯ୍ୟକାରୀ ହେବା କଠିନ । ପୂର୍ବେ ଚାଟଶାଳୀମାନଙ୍କରେ ଯେଉଁ ପ୍ରକାର ଗଣିତାଦି ଶିକ୍ଷା ଦିଆ ଯାଉଥିଲା ବା ସାଧାରଣ ପାଠ ପଢ଼ା ହେଉଥିଲା ତାହା ଏକାବେଳେକେ ନିର୍ଦ୍ଦୋଷ ନହେଲେ ସୁଦ୍ଧା, ସେ ସବୁପ୍ରତି ଲୋକଙ୍କର ଗୋଟିଏ ମମତା ଉଦ୍ରେକ ହେଉଥିଲା ଏବଂ ଛାତ୍ରମାନେ ଚାଟଶାଳୀରୁ ଉତ୍ତୀର୍ଣ୍ଣ ହୋଇ ତାଙ୍କର ଆବଶ୍ୟକୀୟ ଲେଖା ପଢ଼ା କରି ପାରୁଥିଲେ ।

ସେହି ଚାଟଶାଳୀରୁ ବାହାରିବା ଲୋକେ ବ୍ୟବହାର ଜ୍ଞାନ, ଜମି ଜରୀବ, ହିସାବ ରକ୍ଷା ଇତ୍ୟାଦି ଏବଂ ପୁରାଣ ପାଠ ଠାରୁ ଆରମ୍ଭ କରି ଚିଠି ଲେଖାଲେଖି ଆଦି ନିତ୍ୟ ଆବଶ୍ୟକୀୟ କାର୍ଯ୍ୟ ସୁଚାରୁରୂପେ କରି ପାରୁଥିଲେ । ବର୍ତ୍ତମାନ ଶିକ୍ଷାପ୍ରଣାଳୀ ଦ୍ୱାରା ଛାତ୍ରମାନେ ନିଜର ପରମ୍ପରାଗତ ସରଳ ଜୀବନର ମାଧୁରୀ ପାସୋରି ପକାଉ ଅଛନ୍ତି ଏବଂ ବ୍ୟବସାୟ ଉପଯୋଗୀ ଜ୍ଞାନ ଉପାର୍ଜନ କରି ପାରୁନାହାନ୍ତି । ଅନେକ ସ୍ଥାନରେ ଛାତ୍ରମାନେ କାୟିକ ପରିଶ୍ରମ କରିବାକୁ ବା ପୂର୍ବ ଜାତିଗତ ବ୍ୟବସାୟରେ ହାତ ଦେବାକୁ ନୀଚ କାର୍ଯ୍ୟ ବୋଲି ମନେ କରୁଅଛନ୍ତି । ଦେଶର ଶିକ୍ଷା ପ୍ରଣାଳୀ ଭିନ୍ନ ପ୍ରକାର ନହେଲେ ଦେଶର ଅଜ୍ଞାନ ଘୁଞ୍ଚିବ ନାହିଁ କିମ୍ବା ଶିକ୍ଷାର ପ୍ରସାର ହେବନାହିଁ । ପୂର୍ବେ ଲୋକେ ଚାଟଶାଳୀକୁ ପିଲାଙ୍କୁ ପଠାଇବାକୁ ଯେପରି ଶ୍ରଦ୍ଧା କରୁଥିଲେ, ବର୍ତ୍ତମାନ ନାହିଁ । ଅଛି କେବଳ ଶିକ୍ଷା ଦ୍ୱାରା ଚାକିରୀ କରି ଅର୍ଥ ଉପାର୍ଜନ କରିବାର ଲାଳସା । ତଦୁପରି ଆମ୍ଭ ଉତ୍କଳ ଦେଶର କେଉଁ କେଉଁ ଅଞ୍ଚଳରେ କୋମଳମତି ବାଳକମାନଙ୍କ ଶିକ୍ଷା ଅନ୍ୟଭାଷାଭାଷୀ ଓଡ଼ିଆ ଅନଭିଜ୍ଞ ଶିକ୍ଷକମାନଙ୍କ ହାତରେ ଅଛି । ଗଞ୍ଜାମ ଓ ଜୟପୁର ଅଞ୍ଚଳର ଓଡ଼ିଆ ବାଳକମାନେ ଅନେକ ସ୍ଥାନରେ ତେଲଗୁ ଶିକ୍ଷକମାନଙ୍କଠାରୁ ଓଡ଼ିଆ ଭାଷାରେ ଶିକ୍ଷା ପାଉଅଛନ୍ତି । ଏ ଶିକ୍ଷା ଯେ କିପରି ହେଉଥିବ ସହଜରେ ଅନୁମାନ କରା ଯାଇପାରେ । ସିଂହଭୂମର ଓଡ଼ିଆ ଶିଶୁମାନେ ଓଡ଼ିଆଭାଷାରେ ପ୍ରାଥମିକ ଶିକ୍ଷା ପାଉନାହାନ୍ତି । କେହି ହିନ୍ଦିରେ କେହିବା ବଙ୍ଗଳାରେ ପ୍ରାଥମିକ ପୁସ୍ତକମାନ ପଢୁଅଛନ୍ତି ।

**କଚେରିଭାଷା :** ସିଂହଭୂମର ବିଚାର ଅଦାଲତମାନଙ୍କରେ ଓଡ଼ିଆ ଭାଷା ବ୍ୟବହାର ନିମନ୍ତେ ସେ ଜିଲା ଓଡ଼ିଆ ରାଜା, ଜମିଦାର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ପ୍ରାଦେଶିକ ସରକାରଙ୍କଠାରେ ଆବେଦନ କରିଥିଲେ । ସରକାର ସେ ଆବେଦନର କଥା ନାମଞ୍ଜୁର କରିଅଛନ୍ତି । ଶୁଣାଯାଏ ସରକାର କହିଅଛନ୍ତି ଯେ ସିଂହଭୂମ କଚେରି ଭାଷାର ସଂଖ୍ୟା ବଢ଼ାଇବା ନିମନ୍ତେ କୌଣସି କାରଣ ଦେଖାଯାଉନାହିଁ । ଯେଉଁମାନେ କଷ୍ଟ ଅନୁଭବ କରୁଅଛନ୍ତି ସେମାନଙ୍କ ଗୁହାରି ଯଥେଷ୍ଟ କାରଣ ବୋଲି ବିବେଚିତ ହେବାର ଉଚିତ ଥିଲା । କାରଣ ନାହିଁ କହିଲେ ''ବଡ଼ ଲୋକଙ୍କୁ ଉତ୍ତର ନାହିଁ'' ନୀତିରେ ଜନସାଧାରଣ ଅବଶ୍ୟ ନୀରବ ରହିବେ । ମାତ୍ର ଏହି ଉତ୍ତରରେ ଅସୁବିଧା ଘୁଞ୍ଚିବ ନାହିଁ କିମ୍ବା କାରଣ ନାହିଁ ବୋଲି ସରକାର କହିବା ମାତ୍ରେ ଯଥାର୍ଥରେ ଲୋକଙ୍କ କଷ୍ଟ ଓ ଅସୁବିଧାର ଯେ କାରଣ ଅଛି ତାହା ମଧ୍ୟ ଘୁଞ୍ଚିବ ନାହିଁ । ସିଂହଭୂମରେ ଏକାଧିକ କଚେରି ଭାଷା ଅଛି । ତହିଁ ସଙ୍ଗେ ଓଡ଼ିଆ ଭାଷାକୁ ଯୋଡ଼ିଥିଲେ ବିଶେଷ କିଛି ଅସୁବିଧା ହୋଇଥାନ୍ତା ବୋଲି ବୋଧ ହେଉନାହିଁ । ଅବଶ୍ୟ ଏ ବିଷୟରେ ସରକାରଙ୍କଠାରେ ବାରଂବାର ଗୁହାରି ହେବ

ଏବଂ ଆମ୍ଭର ବିଶ୍ୱାସ ସରକାର ଦିନେ ସିଂହଭୂମ ଓଡ଼ିଆମାନଙ୍କର ନ୍ୟାଯ୍ୟ ପ୍ରାର୍ଥନା ମଞ୍ଜୁର କରିବେ । କଚେରିରେ ଓଡ଼ିଆ ଭାଷା ଚଳୁ ନ ଥିବାରୁ, ପ୍ରାଥମିକ ବିଦ୍ୟାଳୟମାନଙ୍କରେ ତାହାର ଶିକ୍ଷା ବୃଦ୍ଧି ବିଷୟରେ ଲୋକଙ୍କର ଏକାନ୍ତ ଇଚ୍ଛା ଥିଲେ ସୁଦ୍ଧା ଜୀବନ କ୍ଷେତ୍ରରେ ତେତେ ଆବଶ୍ୟକତା ନଥିବା ହେତୁ ତହିଁ ପ୍ରତି ଆସ୍ଥାବାନ ନହେବା ବିଚିତ୍ର ନୁହେ । ଗଞ୍ଜାମ ଏବଂ ଜୟପୁର ଅଞ୍ଚଳର କୋର୍ଟ କଚେରିମାନଙ୍କରେ ତେଲଗୁ ଭାଷା ସଙ୍ଗେ ଓଡ଼ିଆର ବ୍ୟବହାର ନିମନ୍ତେ ସରକାରଙ୍କର ଆଦେଶ ଥିଲେ ସୁଦ୍ଧା ସ୍ଥାନୀୟ କର୍ମଚାରିମାନଙ୍କର ଅନେକ ସ୍ଥାନରେ ଅନାଦର ଏବଂ ସ୍ୱାର୍ଥପରତା ହେତୁ କାର୍ଯ୍ୟରେ ଓଡ଼ିଆ ଭାଷାର ଯଥୋଚିତ ବ୍ୟବହାର ହୋଇ ପାରୁନାହିଁ ଏବଂ ଏହାର ଫଳରେ ଓଡ଼ିଆ ଶିକ୍ଷାରେ ବାଧା ଘଟୁଅଛି ।

ଯେ ଯାହାର ମାତୃଭାଷା ବ୍ୟବହାର କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ । ବରଂ ତାହାହିଁ ତାଙ୍କର ଇଚ୍ଛା । ଅନେକ ସ୍ଥଳରେ ସେଥିପାଇଁ ସରକାର ଉତ୍ସାହ ଦେଉଅଛନ୍ତି । ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦଙ୍କ 'ଶବ୍ଦତତ୍ତ୍ୱବୋଧ' ଉତ୍କଳାଭିଧାନ ଛପାଇବା ନିମନ୍ତେ ମାନ୍ଦ୍ରାଜ ଓ ବିହାର-ଓଡ଼ିଶାର ପ୍ରାଦେଶିକ ସରକାରମାନେ ଯେ ସାହାଯ୍ୟ ଦେଇଅଛନ୍ତି ତାହା ଏହି ଉତ୍ସାହର ଅନ୍ୟତମ ପ୍ରମାଣ । ମାତ୍ର ଓଡ଼ିଆମାନେ ଦୁର୍ଭାଗ୍ୟବଶତଃ ଭିନ୍ନ ଭିନ୍ନ ହୋଇ ପଡ଼ିଥିବାରୁ ସେହି ସେହି ପ୍ରଦେଶର ଅନ୍ୟ ଜାତୀୟ ଅଧିବାସୀମାନଙ୍କ ଅଯଥା ଅତ୍ୟଧିକ ପ୍ରଭାବରେ ଓଡ଼ିଆଭାଷା ଉଧେଇ ପାରୁନାହିଁ । ସେସବୁ ସ୍ଥାନରେ ଓଡ଼ିଆ ଭାଷା କିପରି ଅକ୍ଷୁଣ୍ଣ ରହିବ ଏବଂ ଉତ୍ତରୋତ୍ତର ଉନ୍ନତି କରିବ ସେଥିପାଇଁ ଓଡ଼ିଆ ଜନସାଧାରଣଙ୍କର ଅଣ୍ଟାଭିଡ଼ି କାର୍ଯ୍ୟକରିବା ବିଧେୟ । ବୋଲିବା ବାହୁଲ୍ୟ ଯେ ଓଡ଼ିଆ ଭାଷାର ଲୋପ ସଙ୍ଗେ ଓଡ଼ିଆ ଜାତିର ଲୋପ ହେବ ଏବଂ ଆଜି ସେହି ଭାଷା ବଳରେ ବିଚ୍ଛିନ୍ନ ଓଡ଼ିଆ ଜାତିର ଏକତ୍ୱ ରହିଅଛି । ଆମ୍ଭ-ମାନଙ୍କର ଯତ୍ନ ଓ ଉଦ୍ୟମ ଦେଖିଲେ ସରକାର ଆମ୍ଭମାନଙ୍କର ସହାୟ ହେବେ ଏଥିରେ ସନ୍ଦେହ ନାହିଁ । ଆମ୍ଭେ ଶୁଣି ଖୁସି ହୋଇଅଛୁଁ ଯେ ମାନ୍ୟବର ପଣ୍ଡିତ ଶ୍ରୀ ଗୋପବନ୍ଧୁ ଦାସ ମହାଶୟ ସିଂହଭୂମ ଜିଲାରେ ଓଡ଼ିଆ ଶିକ୍ଷା ବିଷୟରେ ଅନୁସନ୍ଧାନ କଲାବେଳେ ସେଠା ଡେପୁଟି କମିଶନର ପ୍ରଭୃତି କର୍ତ୍ତୃପକ୍ଷଙ୍କଠାରୁ ସହାନୁଭୂତି ପାଇଥିଲେ । ଲୋକମାନଙ୍କ ଆନ୍ତରିକ କାର୍ଯ୍ୟ ତତ୍ପରତା ଦେଖିଲେ ଯେକୌଣସି ସ୍ଥାନର କର୍ତ୍ତୃପକ୍ଷମାନେ ସେଥିରେ ସହାନୁଭୂତି ଦେଖାଇବେ । ଗତବର୍ଷ ସମ୍ମିଳନୀରେ ରାଜନୈତିକ ଓଡ଼ିଶାର ବାହାରରେ ଥିବା ଓଡ଼ିଆ ଅଞ୍ଚଳମାନଙ୍କରେ ଓଡ଼ିଆ ଶିକ୍ଷାର ପ୍ରସାର ନିମନ୍ତେ ଗୋଟିଏ ସ୍ଥାୟୀ ଆନ୍ଦୋଳନ ହେବା କଥା ପଡ଼ିଥିଲା ଏବଂ ସମ୍ମିଳନୀ ମଣ୍ଡପରେ ସଙ୍ଗେ ସଙ୍ଗେ ଯତ୍‌ସାମାନ୍ୟ ଅର୍ଥ ସଂଗ୍ରହ ହୋଇଥିଲା । ସେହି ଆନ୍ଦୋଳନକୁ ପରିପୁଷ୍ଟ ଓ ସୁଦୃଢ଼ କରି ପାରିଥିଲେ ଏ ବର୍ଷକ ମଧ୍ୟରେ ଏ

କ୍ଷେତ୍ରରେ କାର୍ଯ୍ୟ ଅନେକ ଦୂର ଅଗ୍ରସର ହୋଇ ପାରିଥାଆନ୍ତା । ସିଂହଭୂମ ପରି ଜୟପୁର ଅଞ୍ଚଳରେ ବା ମେଦିନୀପୁରରେ ଏପରି କାର୍ଯ୍ୟ ନିମନ୍ତେ ପ୍ରଶସ୍ତ କ୍ଷେତ୍ର ଅଛି । ସମ୍ମିଳନୀର ପ୍ରସ୍ତାବାନୁସାରେ ଓଡ଼ିଆ ଶିକ୍ଷା ପ୍ରଚାର ସମ୍ବନ୍ଧେ ସେପରି ଶୃଙ୍ଖଳାବଦ୍ଧ ଭାବରେ ଉଦ୍ୟମ ହୋଇ ନ ଥିଲେ ସୁଦ୍ଧା ଗତ ବର୍ଷ ମଧ୍ୟରେ ମାନ୍ୟବର ଗୋପବନ୍ଧୁ ଦାସ ମହାଶୟ ସିଂହଭୂମରେ କାର୍ଯ୍ୟର ଯେଉଁ ସୂତ୍ରପାତ କରିଅଛନ୍ତି ସେ କାର୍ଯ୍ୟ କ୍ରମାଗତ କିପରି ସ୍ଥାୟୀ ଭାବରେ ଚାଲିବ ତାହାର ବ୍ୟବସ୍ଥା ଅନ୍ତତଃ ବର୍ଷକପରେ ଏ ସମ୍ମିଳନୀ ବେଳେ ହେଜିବା ଉଚିତ ବୋଲି ମନେକରେ । ବଡ଼ ସୁଖର ବିଷୟ ଖରସୁଆଁ ଏବଂ ଷଢ଼େଇକଳା ଷ୍ଟେଟ ଦ୍ୱୟର କଚେରିରେ ଓଡ଼ିଆ ଭାଷା ପ୍ରଚଳନ ସରକାର ମଞ୍ଜୁର କରିଅଛନ୍ତି ଏବଂ ଚକ୍ରଧରପୁରଠାରେ ଗୋପବନ୍ଧୁ ବାବୁଙ୍କ ଉଦ୍ୟମର ଫଳ ସ୍ୱରୂପ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଓ ଗୋଟିଏ ଭାଗବତ ମନ୍ଦିର ସ୍ଥାପିତ ହୋଇଅଛି ବୋଲି ସମ୍ବାଦପତ୍ରାଦିରୁ ଜଣାଯାଏ । ବର୍ତ୍ତମାନ ସିଂହଭୂମ ଓଡ଼ିଆମାନଙ୍କର ଜାଗ୍ରତ ହେବା ଆବଶ୍ୟକ । ଗଞ୍ଜାମବାସିମାନେ ନିଜ ଭାଷା ରକ୍ଷା କରିବା ଲାଗି ବହୁବିଧ ଯତ୍ନ ଅନେକ ଦିନରୁ କରିଆସୁଛନ୍ତି ଏବଂ ସେହି ଯତ୍ନ ଫଳରେ ଘୁମୁସର ବିଭାଗରେ ଓଡ଼ିଆ ଏକମାତ୍ର କଚେରୀ ଭାଷାରୂପେ ଗୃହୀତ ହୋଇଅଛି । ଗଞ୍ଜାମର ଅନ୍ୟାନ୍ୟ ବିଶୁଦ୍ଧ ଓଡ଼ିଆଭାଷୀ ବିଭାଗ ଓ ତାଲୁକାମାନଙ୍କରେ ଏକମାତ୍ର ଓଡ଼ିଆ ପ୍ରଚଳନ ନହେବାଯାଏଁ ଓଡ଼ିଆ ଭାଷା ଓ ଶିକ୍ଷାର ସ୍ଥାନ ଦୃଢ଼ ହେଲା ବୋଲି କୁହାଯାଇ ନ ପାରେ । ଅନ୍ୟ କୌଣସି ଗୋଟିଏ ବିଭାଗରେ କେବଳ ଓଡ଼ିଆ ପ୍ରଚଳନ ନିମନ୍ତେ ଆଗାମୀ ବର୍ଷ ଗଞ୍ଜାମ ନେତୃବର୍ଗମାନଙ୍କର ମନୋଯୋଗ ସୀମାବଦ୍ଧ ରହିଲେ ବିଶେଷ ଉପକାରର ସମ୍ଭାବନା ଅଛି ।

**ସ୍ୱତନ୍ତ୍ର ଜିଲାଗଠନ :** ଏହାଛଡ଼ା ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆମାନଙ୍କ ହିତ ନିମନ୍ତେ ଆଉ ଗୋଟିଏ ବିଷୟ କରାଯିବା ଶୀଘ୍ର ଆବଶ୍ୟକ । ବର୍ତ୍ତମାନ ଜୟପୁର ଅଞ୍ଚଳ ବିଶାଖାପଟ୍ଟନ ଜିଲାର ଅନ୍ତର୍ଗତ । ମାତ୍ର ସେ ଜିଲାର ମୋଟ କ୍ଷେତ୍ରଫଳ ୧୭ ହଜାର ବର୍ଗ ମାଇଲରୁ କେବଳ ଜୟପୁର ୧୧ ହଜାର ବର୍ଗମାଇଲ । ଏହି ମାଳ ପ୍ରଦେଶର ମହାରାଜା ଜଣେ ଓଡ଼ିଆ, ଆଦିମ ଅଧିବାସିମାନଙ୍କ ଛଡ଼ା ସେଠାର ଆଉ ସମସ୍ତ ଅଧିବାସୀ ଓଡ଼ିଆ । ଆଦିମ ଅଧିବାସିମାନେ ପଡ଼ୋଶୀମାନଙ୍କ ସଂଶ୍ରବରେ କ୍ରମେ ଓଡ଼ିଆ ହେଉଅଛନ୍ତି । ସ୍ଥୂଳରେ କହିବାକୁ ଗଲେ ଏହି ସୁବିସ୍ତୀର୍ଣ୍ଣ ରାଜ୍ୟ ଓଡ଼ିଆ ଭାଷୀ ଗଞ୍ଜାମର ସ୍ୱାଭାବିକ ସମ୍ପ୍ରସାରଣ ମାତ୍ର । ବିଶାଖାପଟ୍ଟନ ଜିଲାର ଅବଶିଷ୍ଟ ୬୦୦୦ ବର୍ଗ ମାଇଲ ଜୟପୁର ରାଜ୍ୟଠାରୁ ଦେଖିଲା ମାତ୍ରେ ପୃଥକ ବୋଲି ଜଣାଯାଏ । ଅଧିବାସିମାନଙ୍କର ଜାତି ଓ ଭାଷା ପୃଥକ; ପୁଣି ସରକାରଙ୍କର ବ୍ୟବସ୍ଥା ଓ ଶାସନ ନୀତି ମଧ୍ୟ ପୃଥକ । ଜୟପୁର ବେଆଇନ ବା Non-regulated ମୁଲୁକ ।

ଏବଂ ଆମ୍ଭର ବିଶ୍ୱାସ ସରକାର ଦିନେ ସିଂହଭୂମ ଓଡ଼ିଆମାନଙ୍କର ନ୍ୟାଯ୍ୟ ପ୍ରାର୍ଥନା ମଞ୍ଜୁର କରିବେ । କଚେରିରେ ଓଡ଼ିଆ ଭାଷା ଚଳୁ ନ ଥିବାରୁ, ପ୍ରାଥମିକ ବିଦ୍ୟାଳୟମାନଙ୍କରେ ତାହାର ଶିକ୍ଷା ବୃଦ୍ଧି ବିଷୟରେ ଲୋକଙ୍କର ଏକାନ୍ତ ଇଚ୍ଛା ଥିଲେ ସୁଦ୍ଧା ଜୀବନ କ୍ଷେତ୍ରରେ ତେତେ ଆବଶ୍ୟକତା ନଥିବା ହେତୁ ତହିଁ ପ୍ରତି ଆସ୍ଥାବାନ ନହେବା ବିଚିତ୍ର ନୁହେ । ଗଞ୍ଜାମ ଏବଂ ଜୟପୁର ଅଞ୍ଚଳର କୋର୍ଟ କଚେରିମାନଙ୍କରେ ତେଲଗୁ ଭାଷା ସଙ୍ଗେ ଓଡ଼ିଆର ବ୍ୟବହାର ନିମନ୍ତେ ସରକାରଙ୍କର ଆଦେଶ ଥିଲେ ସୁଦ୍ଧା ସ୍ଥାନୀୟ କର୍ମଚାରିମାନଙ୍କର ଅନେକ ସ୍ଥାନରେ ଅନାଦର ଏବଂ ସ୍ୱାର୍ଥପରତା ହେତୁ କାର୍ଯ୍ୟରେ ଓଡ଼ିଆ ଭାଷାର ଯଥୋଚିତ ବ୍ୟବହାର ହୋଇ ପାରୁନାହିଁ ଏବଂ ଏହାର ଫଳରେ ଓଡ଼ିଆ ଶିକ୍ଷାରେ ବାଧା ଘଟୁଅଛି ।

ଯେ ଯାହାର ମାତୃଭାଷା ବ୍ୟବହାର କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ । ବରଂ ତାହାହିଁ ତାଙ୍କର ଇଚ୍ଛା । ଅନେକ ସ୍ଥଳରେ ସେଥିପାଇଁ ସରକାର ଉତ୍ସାହ ଦେଉଅଛନ୍ତି । ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦଙ୍କ 'ଶବ୍ଦତତ୍ତ୍ୱବୋଧ' ଉତ୍କଳାଭିଧାନ ଛପାଇବା ନିମନ୍ତେ ମାନ୍ଦ୍ରାଜ ଓ ବିହାର-ଓଡ଼ିଶାର ପ୍ରାଦେଶିକ ସରକାରମାନେ ଯେ ସାହାଯ୍ୟ ଦେଇଅଛନ୍ତି ତାହା ଏହି ଉତ୍ସାହର ଅନ୍ୟତମ ପ୍ରମାଣ । ମାତ୍ର ଓଡ଼ିଆମାନେ ଦୁର୍ଭାଗ୍ୟବଶତଃ ଭିନ୍ନ ଭିନ୍ନ ହୋଇ ପଡ଼ିଥିବାରୁ ସେହି ସେହି ପ୍ରଦେଶର ଅନ୍ୟ ଜାତୀୟ ଅଧିବାସୀମାନଙ୍କ ଅଯଥା ଅତ୍ୟଧିକ ପ୍ରଭାବରେ ଓଡ଼ିଆଭାଷା ଉଧେଇ ପାରୁନାହିଁ । ସେସବୁ ସ୍ଥାନରେ ଓଡ଼ିଆ ଭାଷା କିପରି ଅକ୍ଷୁଣ୍ଣ ରହିବ ଏବଂ ଉତ୍ତରୋତ୍ତର ଉନ୍ନତି କରିବ ସେଥିପାଇଁ ଓଡ଼ିଆ ଜନସାଧାରଣଙ୍କର ଅଣ୍ଟାଭିଡ଼ି କାର୍ଯ୍ୟକରିବା ବିଧେୟ । ବୋଲିବା ବାହୁଲ୍ୟ ଯେ ଓଡ଼ିଆ ଭାଷାର ଲୋପ ସଙ୍ଗେ ଓଡ଼ିଆ ଜାତିର ଲୋପ ହେବ ଏବଂ ଆଜି ସେହି ଭାଷା ବଳରେ ବିଚ୍ଛିନ୍ନ ଓଡ଼ିଆ ଜାତିର ଏକତ୍ୱ ରହିଅଛି । ଆମ୍ଭ-ମାନଙ୍କର ଯତ୍ନ ଓ ଉଦ୍ୟମ ଦେଖିଲେ ସରକାର ଆମ୍ଭମାନଙ୍କର ସହାୟ ହେବେ ଏଥିରେ ସନ୍ଦେହ ନାହିଁ । ଆମ୍ଭେ ଶୁଣି ଖୁସି ହୋଇଅଛୁଁ ଯେ ମାନ୍ୟବର ପଣ୍ଡିତ ଶ୍ରୀ ଗୋପବନ୍ଧୁ ଦାସ ମହାଶୟ ସିଂହଭୂମ ଜିଲାରେ ଓଡ଼ିଆ ଶିକ୍ଷା ବିଷୟର ଅନୁସନ୍ଧାନ କଲାବେଳେ ସେଠା ଡେପୁଟି କମିଶନର ପ୍ରଭୃତି କର୍ତ୍ତୃପକ୍ଷଙ୍କଠାରୁ ସହାନୁଭୂତି ପାଇଥିଲେ । ଲୋକମାନଙ୍କ ଆନ୍ତରିକ କାର୍ଯ୍ୟ ତତ୍ପରତା ଦେଖିଲେ ଯେକୌଣସି ସ୍ଥାନର କର୍ତ୍ତୃପକ୍ଷମାନେ ସେଥିରେ ସହାନୁଭୂତି ଦେଖାଇବେ । ଗତବର୍ଷ ସମ୍ମିଳନୀରେ ରାଜନୈତିକ ଓଡ଼ିଶାର ବାହାରରେ ଥିବା ଓଡ଼ିଆ ଅଞ୍ଚଳମାନଙ୍କରେ ଓଡ଼ିଆ ଶିକ୍ଷାର ପ୍ରସାର ନିମନ୍ତେ ଗୋଟିଏ ସ୍ଥାୟୀ ଆନ୍ଦୋଳନ ହେବା କଥା ପଡ଼ିଥିଲା ଏବଂ ସମ୍ମିଳନୀ ମଣ୍ଡପରେ ସଙ୍ଗେ ସଙ୍ଗେ ଯତ୍‌ସାମାନ୍ୟ ଅର୍ଥ ସଂଗ୍ରହ ହୋଇଥିଲା । ସେହି ଆନ୍ଦୋଳନକୁ ପରିପୁଷ୍ଟ ଓ ସୁଦୃଢ଼ କରି ପାରିଥିଲେ ଏ ବର୍ଷକ ମଧ୍ୟରେ ଏ

କ୍ଷେତ୍ରରେ କାର୍ଯ୍ୟ ଅନେକ ଦୂର ଅଗ୍ରସର ହୋଇ ପାରିଥାଆନ୍ତା । ସିଂହଭୂମ ପରି ଜୟପୁର ଅଞ୍ଚଳରେ ବା ମେଦିନୀପୁରରେ ଏପରି କାର୍ଯ୍ୟ ନିମନ୍ତେ ପ୍ରଶସ୍ତ କ୍ଷେତ୍ର ଅଛି । ସମ୍ମିଳନୀର ପ୍ରସ୍ତାବାନୁସାରେ ଓଡ଼ିଆ ଶିକ୍ଷା ପ୍ରଚାର ସମ୍ବନ୍ଧେ ସେପରି ଶୃଙ୍ଖଳାବଦ୍ଧ ଭାବରେ ଉଦ୍ୟମ ହୋଇ ନ ଥିଲେ ସୁଦ୍ଧା ଗତ ବର୍ଷ ମଧ୍ୟରେ ମାନ୍ୟବର ଗୋପବନ୍ଧୁ ଦାସ ମହାଶୟ ସିଂହଭୂମରେ କାର୍ଯ୍ୟର ଯେଉଁ ସୂତ୍ରପାତ କରିଅଛନ୍ତି ସେ କାର୍ଯ୍ୟ କ୍ରମାଗତ କିପରି ସ୍ଥାୟୀ ଭାବରେ ଚାଲିବ ତାହାର ବ୍ୟବସ୍ଥା ଅନ୍ତତଃ ବର୍ଷେକପରେ ଏ ସମ୍ମିଳନୀ ବେଳେ ହେଜିବା ଉଚିତ ବୋଲି ମନେକରେ । ବଡ଼ ସୁଖର ବିଷୟ ଖରସୁଆଁ ଏବଂ ଖଡ୍ରେଇକଳା ଷ୍ଟେଟ ଦ୍ୱୟର କଚେରିରେ ଓଡ଼ିଆ ଭାଷା ପ୍ରଚଳନ ସରକାର ମଞ୍ଜୁର କରିଅଛନ୍ତି ଏବଂ ଚକ୍ରଧରପୁରଠାରେ ଗୋପବନ୍ଧୁ ବାବୁଙ୍କ ଉଦ୍ୟମର ଫଳ ସ୍ୱରୂପ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଓ ଗୋଟିଏ ଭାଗବତ ମନ୍ଦିର ସ୍ଥାପିତ ହୋଇଅଛି ବୋଲି ସମ୍ବାଦପତ୍ରାଦିରୁ ଜଣାଯାଏ । ବର୍ତ୍ତମାନ ସିଂହଭୂମ ଓଡ଼ିଆମାନଙ୍କର ଜାଗ୍ରତ ହେବା ଆବଶ୍ୟକ । ଗଞ୍ଜାମବାସିମାନେ ନିଜ ଭାଷା ରକ୍ଷା କରିବା ଲାଗି ବହୁବିଧ ଯତ୍ନ ଅନେକ ଦିନରୁ କରିଆସୁଛନ୍ତି ଏବଂ ସେହି ଯତ୍ନ ଫଳରେ ଘୁମୁସର ବିଭାଗରେ ଓଡ଼ିଆ ଏକମାତ୍ର କଚେରୀ ଭାଷାରୂପେ ଗୃହୀତ ହୋଇଅଛି । ଗଞ୍ଜାମର ଅନ୍ୟାନ୍ୟ ବିଶୁଦ୍ଧ ଓଡ଼ିଆଭାଷୀ ବିଭାଗ ଓ ତାଲୁକାମାନଙ୍କରେ ଏକମାତ୍ର ଓଡ଼ିଆ ପ୍ରଚଳନ ନହେବାଯାଏଁ ଓଡ଼ିଆ ଭାଷା ଓ ଶିକ୍ଷାର ସ୍ଥାନ ଦୃଢ଼ ହେଲା ବୋଲି କୁହାଯାଇ ନ ପାରେ । ଅନ୍ୟ କୌଣସି ଗୋଟିଏ ବିଭାଗରେ କେବଳ ଓଡ଼ିଆ ପ୍ରଚଳନ ନିମନ୍ତେ ଆଗାମୀ ବର୍ଷ ଗଞ୍ଜାମ ନେତୃବର୍ଗମାନଙ୍କର ମନୋଯୋଗ ସୀମାବଦ୍ଧ ରହିଲେ ବିଶେଷ ଉପକାରର ସମ୍ଭାବନା ଅଛି ।

**ସ୍ୱତନ୍ତ୍ର ଜିଲାଗଠନ :** ଏହାଛଡ଼ା ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆମାନଙ୍କ ହିତ ନିମନ୍ତେ ଆଉ ଗୋଟିଏ ବିଷୟ କରାଯିବା ଶୀଘ୍ର ଆବଶ୍ୟକ । ବର୍ତ୍ତମାନ ଜୟପୁର ଅଞ୍ଚଳ ବିଶାଖାପତ୍ତନ ଜିଲାର ଅନ୍ତର୍ଗତ । ମାତ୍ର ସେ ଜିଲାର ମୋଟ କ୍ଷେତ୍ରଫଳ ୧୭ ହଜାର ବର୍ଗ ମାଇଲରୁ କେବଳ ଜୟପୁର ୧୧ ହଜାର ବର୍ଗମାଇଲ । ଏହି ମାଳ ପ୍ରଦେଶର ମହାରାଜା ଜଣେ ଓଡ଼ିଆ, ଆଦିମ ଅଧିବାସିମାନଙ୍କ ଛଡ଼ା ସେଠାର ଆଉ ସମସ୍ତ ଅଧିବାସୀ ଓଡ଼ିଆ । ଆଦିମ ଅଧିବାସିମାନେ ପଡ଼ୋଶୀମାନଙ୍କ ସଂଶ୍ରବରେ କ୍ରମେ ଓଡ଼ିଆ ହେଉଅଛନ୍ତି । ସ୍ଥୂଳରେ କହିବାକୁ ଗଲେ ଏହି ସୁବିସ୍ତୀର୍ଣ୍ଣ ରାଜ୍ୟ ଓଡ଼ିଆ ଭାଷୀ ଗଞ୍ଜାମର ସ୍ୱାଭାବିକ ସମ୍ପ୍ରସାରଣ ମାତ୍ର । ବିଶାଖାପତ୍ତନ ଜିଲାର ଅବଶିଷ୍ଟ ୬୦୦୦ ବର୍ଗ ମାଇଲ ଜୟପୁର ରାଜ୍ୟଠାରୁ ଦେଖିଲା ମାତ୍ରେ ପୃଥକ ବୋଲି ଜଣାଯାଏ । ଅଧିବାସିମାନଙ୍କର ଜାତି ଓ ଭାଷା ପୃଥକ; ପୁଣି ସରକାରଙ୍କର ବ୍ୟବସ୍ଥା ଓ ଶାସନ ନୀତି ମଧ୍ୟ ପୃଥକ । ଜୟପୁର ବେଆଇନ ବା Non-regulated ମୁଲୁକ ।

ଜୟପୁର ଛଡ଼ା ଜିଲାର ଅବଶିଷ୍ଟାଂଶର ଏହି ଆଇନ କାନୁନ୍ ଭିନ୍ନ ପ୍ରକାର । ଏତିକି ନୁହେଁ, ଜୟପୁର ନିମନ୍ତେ ଜିଲା ବୋର୍ଡ଼, ପୋଲିଶ ଓ ଫରେଷ୍ଟ ଇତ୍ୟାଦିର ବନ୍ଦୋବସ୍ତ ସ୍ୱତନ୍ତ୍ର । ଅବଶିଷ୍ଟ ୬ ହଜାର ବର୍ଗ ମାଇଲରେ ଏ ସବୁର ବନ୍ଦୋବସ୍ତ ଅନ୍ୟ ରକମର । ଏହିପରି ଦୁଇଗୋଟି ଅସମାନ ବିଭାଗକୁ ଏକାଠାରେ ଯୋଡ଼ି ଏଡ଼େ ବିଶାଳ ଜିଲା ଗଢ଼ିବା ଶାସନ ପକ୍ଷେ ସୁବିଧା ବୋଲି ବୋଧ ହେଉନାହିଁ । ପୁଣି ଏ ଦୁଇ ବିଭାଗର ଅଧିବାସିମାନଙ୍କୁ ଏକତ୍ର ଆବଦ୍ଧ ରଖିବା ଉଭୟ ପକ୍ଷେ ହିତକର ନୁହେଁ । ତେଣୁ ଜୟପୁର ଏଜେନ୍ସିକୁ ଗୋଟିଏ ସ୍ୱତନ୍ତ୍ର ଜିଲାରେ ପରିଣତ କରିଦେବା ଶ୍ରେୟସ୍କର । କ୍ଷେତ୍ରଫଳ ଓ ଲୋକସଂଖ୍ୟା ଅନୁପାତରେ ଜୟପୁର ଗୋଟିଏ ସ୍ୱତନ୍ତ୍ର ଜିଲା ହେବା ପକ୍ଷେ କୌଣସି ଆପତ୍ତି ଥାଇ ନ ପାରେ ପୁଣି ବିଶାଖାପତ୍ତନର ଅବଶିଷ୍ଟ ୬ହଜାର ବର୍ଗ ମାଇଲ ସଙ୍ଗେ ଗଞ୍ଜାମର ଖାଣ୍ଟି ତେଲୁଗୁ ତାଲୁକାଦ୍ୱୟ ନାଚସେନାପେଣ୍ଟ ଓ ଶ୍ରୀକୂଳ ସମ୍ମିଳିତ ହେଲେ ବିଶାଖାପତ୍ତନ ଜିଲା ଗୋଟିଏ ପୂର୍ଣ୍ଣାଙ୍ଗ ତେଲୁଗୁ ଜିଲା ହୋଇ ରହିବ । ଏହି ସାମାନ୍ୟ ପରିବର୍ତ୍ତନ ପରିବର୍ଦ୍ଧନ ଫଳରେ ମାନ୍ଦ୍ରାଜ ଅଞ୍ଚଳରେ ଓଡ଼ିଆଙ୍କର ଦୁଇଗୋଟି ପୃଥକ ଜିଲା ରହିବ ଏବଂ ଗଞ୍ଜାମର ସ୍ୱଳ୍ପ ଖାଣ୍ଟି ତେଲୁଗୁ ଅଞ୍ଚଳ ବିଶାଖାପତ୍ତନରେ ଅଧିକ ସୁବିଧା ଓ ସୁଶାସନ ପାଇବ । ଜୟପୁର ଗୋଟିଏ ପୃଥକ ଜିଲା ହୋଇ ରହିବାରେ ଶାସନ ପକ୍ଷେ କୌଣସି ଅସୁବିଧା ହେବ ବୋଲି ଆଶଙ୍କା ହେଉନାହିଁ । ଅତଏବ ଏହି ପ୍ରସ୍ତାବ ସରକାରଙ୍କଠାରେ ଆଗତ କରି ସେଥିନିମନ୍ତେ ଶୀଘ୍ର ଆବେଦନ ଆନ୍ଦୋଳନ କରିବା ଯୁକ୍ତିସଙ୍ଗତ ମନେ କରେ । ମାନ୍ଦ୍ରାଜର ଓଡ଼ିଆମାନେ ଏହି ସ୍ୱଳ୍ପ ଅନୁଗ୍ରହ ପାଇଲେ ଅନେକ ଦୂର ଆଶ୍ୱସ୍ତ ହୁଅନ୍ତେ ସନ୍ଦେହ ନାହିଁ ।

**ବ୍ୟବସ୍ଥାପକ ସଭାରେ ଓଡ଼ିଆ ସଦସ୍ୟ :** ଜୟପୁର ଜିଲା ଗଠନ ମାନ୍ଦ୍ରାଜ ସରକାରଙ୍କ ବିଚାରର ବିଷୟ । ସିଂହଭୂମରେ ଓଡ଼ିଆ କଚେରି ଭାଷା କରିବା ବିହାର-ଓଡ଼ିଶା ପ୍ରାଦେଶିକ ସରକାରଙ୍କ ବିଚାର କଥା । ପଦ୍ମପୁର ଫୁଲଝର ପ୍ରଭୃତି ସ୍ଥାନରେ ସ୍କୁଲମାନଙ୍କରେ ଓଡ଼ିଆ ପ୍ରଚଳନ କରିବା ମଧ୍ୟପ୍ରଦେଶ ଶାସନ କର୍ତ୍ତୃପକ୍ଷଙ୍କ ବିଚାରାଧୀନ । ମେଦିନୀପୁର ଓଡ଼ିଆମାନଙ୍କର ଅଭାବ ଅଭିଯୋଗମାନ ବଙ୍ଗଳା ପ୍ରାଦେଶିକ ସରକାରଙ୍କ ବିଚାର୍ଯ୍ୟ । ଏହିପରି ବିଚ୍ଛିନ୍ନ ଓଡ଼ିଆ ଅଂଶମାନଙ୍କର ଦୁଃଖ ଗୁହାରିମାନ ସେ ସେ ଅଂଶର ଶାସନ କର୍ତ୍ତୃପକ୍ଷଙ୍କ ବିଚାରର ବିଷୟ ଥିବା ହେତୁ କୌଣସିଠାରେ ଓଡ଼ିଆମାନେ ସେମାନଙ୍କର ଦାବି ଦୃଢ଼ଭାବରେ ଆଗତ କରି ପାରୁନାହାନ୍ତି । ଓଡ଼ିଆମାନେ ବର୍ତ୍ତମାନ ଯେପରି ଭାବରେ ଅବସ୍ଥିତ ସେଥିରେ କୌଣସି ପ୍ରଦେଶରେ ସେମାନେ ଶକ୍ତିଶାଳୀ ହୋଇ ପ୍ରାଧାନ୍ୟ ଲାଭ କରିପାରିବା ସମ୍ଭବପର ନୁହେଁ । ଫଳରେ କୌଣସି ପ୍ରାଦେଶିକ ଗଭର୍ଣ୍ଣମେଣ୍ଟ ତାଙ୍କ ଅଧୀନସ୍ଥ ଅଳ୍ପ

ସଂଖ୍ୟକ ଓ ଅପେକ୍ଷାକୃତ ଅନୁନ୍ନତ ଓଡ଼ିଆମାନଙ୍କ ଅଭାବ ଅସୁବିଧା ନିବାରଣ ପକ୍ଷେ ତେତେ ଆସ୍ଥାବାନ୍ ହେଉ ନାହାନ୍ତି । ଏଥିଲାଗି ଭାରତ ଗଭର୍ଣ୍ଣମେଣ୍ଟଙ୍କ ସଭାରେ ସମସ୍ତ ଓଡ଼ିଆମାନଙ୍କ ପକ୍ଷରୁ ଜଣେ ସଭ୍ୟ ରହିବା ଆବଶ୍ୟକ । ସେ ଭିନ୍ନ ଭିନ୍ନ ପ୍ରଦେଶସ୍ଥ ଓଡ଼ିଆମାନଙ୍କ ଅଭାବ ଅସୁବିଧା, ଦୁଃଖ ଗୁହାରିମାନ ସେଠାରେ ଜଣାଇପାରିବେ । ଓଡ଼ିଆମାନଙ୍କ ମଧ୍ୟରୁ ଜଣେ ସ୍ୱତନ୍ତ୍ର ସଭ୍ୟ ଭାରତ ବ୍ୟବସ୍ଥାପକ ସଭାରେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ମନୋନୀତ ହୋଇ ନ ରହିଲେ ନିର୍ବାଚନ ବିଧାନ ଓଡ଼ିଆଙ୍କ ଭାଗରେ ପଡ଼ିବା ସହଜ ନୁହେଁ । ଅବଶ୍ୟ ଗତ ତିନିବର୍ଷ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରତିନିଧି ରୂପେ ଓଡ଼ିଶାର ପ୍ରବୀଣ ନେତା ମାନ୍ୟବର ମଧୁସୂଦନ ଦାସ ମହୋଦୟ ଯାଇଥିଲେ । ଏଥର ବିହାର-ଓଡ଼ିଶାର ଜମିଦାରମାନଙ୍କ ପକ୍ଷରୁ ଓଡ଼ିଆ ଜମିଦାର "ଆଶାୟୀ ଉତ୍କଳ ଆଶା କିଶୋର ପାଦପ" ମାନ୍ୟବର କନିକାର ରାଜା ମହୋଦୟ ଭାରତ ଗଭର୍ଣ୍ଣମେଣ୍ଟଙ୍କ ସଭାକୁ ନିର୍ବାଚିତ ହୋଇଅଛନ୍ତି । ଏ ଦୁଇ ଘଟଣାରେ ବିହାରିମାନଙ୍କର ବଦାନ୍ୟତା ପ୍ରକାଶ ପାଇଅଛି । ମାତ୍ର ଭିନ୍ନ ଭିନ୍ନ ପ୍ରଦେଶରେ ଓଡ଼ିଆମାନଙ୍କ ସ୍ଥାନ ଯେପରି ତହିଁରେ ସବୁବେଳେ ଏ ସୁଯୋଗ ଘଟିବା କଦାପି ସମ୍ଭବ ନୁହେଁ । ଓଡ଼ିଆମାନଙ୍କୁ ଏକ ଶାସନାଧୀନରେ ନରଖିବା ଯାଏଁ ସେମାନଙ୍କ ମଧ୍ୟରୁ ଜଣେ ପ୍ରତିନିଧି ଭାରତ ବ୍ୟବସ୍ଥାପକ ସଭାରେ ରହିବା ନ୍ୟାୟସଙ୍ଗତ ଏବଂ ଦୁର୍ବଳ ସମ୍ପ୍ରଦାୟର ସ୍ୱାର୍ଥରକ୍ଷା ପ୍ରତି ଅନୁକୂଳ ।

**ଲୁଣ ପୋକ୍ତାନ :** ଆଜିକାଲି ଭାରତର ଚାରିଆଡେ ଶିଳ୍ପ ବାଣିଜ୍ୟର ଉନ୍ନତି ନିମନ୍ତେ ବଡ଼ ଚହଳ ପଡ଼ିଛି । ଲୋକେ ବୁଝିଲେଣି ଯେ କେବଳ ସରକାରୀ ଚାକିରିରେ ଏଣିକି ଆଉ କର୍ମ ଚଳିବ ନାହିଁ । କ୍ରମେ ଶିକ୍ଷିତ ଲୋକେ ଦେଶରେ ଶିଳ୍ପ ବାଣିଜ୍ୟ କୃଷିର ଉନ୍ନତି ଆବଶ୍ୟକ ବୋଲି ହୃଦୟଙ୍ଗମ କରୁଅଛନ୍ତି ଏବଂ କେହି କେହି ମଧ୍ୟ ସେଆଡ଼େ ଉଦ୍ୟମ ଆରମ୍ଭ କଲେଣି । ବିଶେଷତଃ ଇଉରୋପୀୟ ଯୁଦ୍ଧ ହେତୁ ବୈଦେଶିକ ଶିଳ୍ପଜାତ ପଦାର୍ଥମାନଙ୍କର ଆମଦାନି ଊଣା ହୋଇଯିବାରୁ ଭାରତୀୟ ଶିଳ୍ପର ପ୍ରୟୋଜନୀୟତା ସରକାର ଉପଲବ୍ଧି କରୁଥିବାର ଜଣାଯାଏ । Industrial Commission ବସି ଭାରତର ଭିନ୍ନ ଭିନ୍ନ ଅଞ୍ଚଳର ଅବସ୍ଥା ଅନୁସନ୍ଧାନ କରୁଅଛନ୍ତି । ଏ ଅନୁସନ୍ଧାନ ଫଳ କେବେ ବାହାରିବ ଏବଂ ପରିଣାମ ଯେ କି ହେବ ତାହା ବର୍ତ୍ତମାନ କୁହାଯାଇ ନ ପାରେ । ତହିଁ ପ୍ରତି ଅପେକ୍ଷା ରଖିବା ନିଷ୍ପ୍ରୟୋଜନ । ବଡ ଭାବରେ ହେଉ ବା ଛୋଟ ଭାବରେ ହେଉ ଶିଳ୍ପ ଅନୁଷ୍ଠାନ ଆରମ୍ଭ ନହେଲେ ଲକ୍ଷ ଲକ୍ଷ ଦରିଦ୍ର ଓଡ଼ିଆଙ୍କର ଅନ୍ନସଂସ୍ଥାନ ଅସମ୍ଭବ ହୋଇପଡ଼ିବ । ଓଡ଼ିଶାର ଆଜି ଏ ଅଞ୍ଚଳରେ ମରୁଡ଼ି ସେ ଅଞ୍ଚଳରେ ବନ୍ୟା । କାହିଁ ମଡକ କାହିଁ ଦୁର୍ଭିକ୍ଷ କ୍ରମାଗତ ଲାଗି ରହିଛି । ଓଡ଼ିଆମାନଙ୍କର ଶାରୀରିକ ବଳ

ଦିନକୁଦିନ ଊଣା ହୋଇଆସୁଛି । ନିୟମିତ ଖାଦ୍ୟାଭାବ ଏଥିର କାରଣ । ନିଜ ନିଜ ଅଞ୍ଚଳରେ ଓଡ଼ିଆମାନଙ୍କୁ କାମ ମିଳୁ ନ ଥିବାରୁ ପ୍ରତିଦିନ ଘର ଗ୍ରାମ ଛାଡ଼ି ବହୁତ ସଂଖ୍ୟକ ଓଡ଼ିଆ ରେଙ୍ଗୁନ, କଲିକତା, ଆସାମ ପ୍ରଭୃତି ସ୍ଥାନକୁ ଯାଉଛନ୍ତି । ସେମାନଙ୍କ ପିଲା କୁଟୁମ୍ବ ଘରେ ଦାରୁଣ କଷ୍ଟ ଭୋଗୁଅଛନ୍ତି । ଦେଶରେ ସେମାନଙ୍କୁ କାମ ଦିଆଯାଇ ପାରିଲେ ସେମାନଙ୍କର ଉପକାର ହୁଅନ୍ତା ଏବଂ ଦେଶର ଆର୍ଥିକ ଅବସ୍ଥାର ଉନ୍ନତି ହୁଅନ୍ତା । ସରକାରଙ୍କ ସାହାଯ୍ୟରେ ଏ କ୍ଷେତ୍ରରେ ବହୁ କାର୍ଯ୍ୟ ହୋଇପାରେ । ଏକା ଓଡ଼ିଶାରେ କାହିଁକି ଭାରତରେ ବିନା ସରକାରୀ ସାହାଯ୍ୟରେ କୌଣସି ଗୁରୁତର ଉଦ୍ୟମ କୃତକାର୍ଯ୍ୟ ହେବା ସହଜ ନୁହେଁ । ଓଡ଼ିଶା ଉପକୂଳ ଲୁଣ ପୋକ୍ତାନ ନିମନ୍ତେ ପ୍ରଶସ୍ତ କ୍ଷେତ୍ର । ପ୍ରାୟ ୨୦ବର୍ଷ ତଳେ ବାଲେଶ୍ୱର ସମୁଦ୍ର କୂଳରେ, ମରିଚ୍ଛପୁର ଏବଂ ଚିଲିକା କୂଳବର୍ତ୍ତୀ ସ୍ଥାନ ମାନଙ୍କରେ ଲୁଣ ଆମଦାନି ହେଉଥିଲା । ସେଥିରେ ଅନେକଗୁଡ଼ିଏ ଲୋକ ନିର୍ବାହିତ ହେଉଥିଲେ । ସମୁଦ୍ର କୂଳରେ ଅବସ୍ଥାନ ଓଡ଼ିଶା ପକ୍ଷେ ଏକ ପ୍ରାକୃତିକ ସୁବିଧା । ଏ ସୁବିଧାର ଅପଚୟ ହେବା ଅତ୍ୟନ୍ତ ଆକ୍ଷେପର ବିଷୟ । ଲୁଣ ପୋକ୍ତାନ ବନ୍ଦ ହେବା ଦିନୁ ପାରିକୁଦ, ମାଲୁଦ ଓ ଅନ୍ୟାନ୍ୟ ଲୁଣ ପୋକ୍ତାନ ହେଉଥିବା ଅଞ୍ଚଳର ପ୍ରଜାମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଅଛି । ଧୋଇ ମରୁଡ଼ି ହେତୁ କୌଣସି ବର୍ଷ ଫସଲ ନଷ୍ଟ ହୋଇଗଲେ ସେମାନେ ଏକାବେଳେକେ ଉତ୍ସନ୍ନ ହୋଇ ଯାଉଅଛନ୍ତି । ବର୍ତ୍ତମାନ ପାରିକୁଦ ମାଲୁଦ ଅଞ୍ଚଳରେ ଅନ୍ନାଭାବ ଘଟିଥିବା ବିଷୟ ଅନେକେ ସମ୍ବାଦ-ପତ୍ରାଦିରୁ ଅବଗତ ଥିବେ । ପୁରୀର ବର୍ତ୍ତମାନ ମାଜିଷ୍ଟ୍ରେଟ ଡିକ୍‌ସନ ସାହେବ ଏହି ଅବସ୍ଥା ଦେଖି ସାଧାରଣ ଚାନ୍ଦା ଦ୍ୱାରା ଏବଂ ରିଲିଫ୍ କାର୍ଯ୍ୟ ଖୋଲି ଅନ୍ନକ୍ଳିଷ୍ଟ ପ୍ରଜା ସାଧାରଣଙ୍କୁ ସାହାଯ୍ୟ କରୁଅଛନ୍ତି । କୃଷିହାନି ହେଲେ ଏ ଅଞ୍ଚଳ ଲୋକଙ୍କର ଅନ୍ୟ କୌଣସି ଉପାୟ ନାହିଁ କିମ୍ବା କାମକରିବାକୁ ଅନ୍ୟ କିଛି ବ୍ୟବସାୟ ନାହିଁ । ଚିଲିକାରୁ ପାଣି ନିଆ ହୋଇ ଗଞ୍ଜାମର ହୁମା ନାମକ ସ୍ଥାନରେ ଲୁଣ ଆଦାୟ କରା ଯାଉଅଛି । ଗଞ୍ଜାମର ଅନ୍ୟ ସ୍ଥାନମାନଙ୍କରେ, ସୁରଲା ଓ ନୌପଡ଼ାଠାରେ, ଲୁଣ ମରା ଯାଉଅଛି । ଗଞ୍ଜାମର ଲୁଣ ଓଡ଼ିଶାକୁ ବିଶେଷ ପରିମାଣରେ ରପ୍ତାନି ହେଉଅଛି । ଓଡ଼ିଶା ଉପକୂଳରେ ବିଶେଷତଃ ଚିଲିକା ପାଖରେ ଏହି ଲୁଣ ପୋକ୍ତାନ ବ୍ୟବସାୟର ପୁନରୁଦ୍ଧାର ହେଲେ ବିହାର-ଓଡ଼ିଶା ସରକାରଙ୍କ ଅର୍ଥାଗମର ଯେପରି ଏକ ପନ୍ଥା ଖୋଲିବ ସେପରି ଶ୍ରମଜୀବୀମାନଙ୍କୁ ମଧ୍ୟ ମଜୁରି ମିଳିବ ।

**ସମୁଦ୍ର ସୁବିଧା :** ସମୁଦ୍ର ସନ୍ନିଧାନ ହେତୁ ଓଡ଼ିଶାର ଲୁଣ ପୋକ୍ତାନ ହେବା ଯେପରି ଆବଶ୍ୟକ ବାଣିଜ୍ୟ ନିମନ୍ତେ ବନ୍ଦର ଖୋଲାଯିବା ମଧ୍ୟ ସେପରି ବା ତତୋଽଧିକ ବାଞ୍ଛନୀୟ । ବିହାର-ଓଡ଼ିଶା ପ୍ରଦେଶଗଠନ ପ୍ରସ୍ତାବ ବେଳେ

ଗଭର୍ଣ୍ଣମେଣ୍ଟ ଡେସପାଚରେ (Despatch) କହିଥିଲେ ଯେ ବିହାରକୁ ସମୁଦ୍ର ରାସ୍ତା ଯୋଗାଇବା ନିମନ୍ତେ ତା ସଙ୍ଗେ ଓଡ଼ିଶାକୁ ଯୋଡ଼ାଯିବା ଉଚିତ । ଓଡ଼ିଶାର ହାନି ଲାଭର ବିଚାର କିଛି ନାହିଁ, ବିହାରର ଯହିଁରେ ଲାଭ ତାହାହିଁ ହେଲା । କିନ୍ତୁ କାହିଁ ଏ ସମୁଦ୍ର ରାସ୍ତା ଦ୍ୱାରା ବିହାର କୌଣସି ପ୍ରକାରେ ଉପକୃତ ହେବାର ତ ଜଣାଗଲା ନାହିଁ ? ବିହାର ଉପକୃତ ହେଲେ ଅବାନ୍ତର ଭାବରେ ଓଡ଼ିଶା ମଧ ଉପକୃତ ହୁଅନ୍ତା । ଚାନ୍ଦବାଲି ଓଡ଼ିଶାରେ ଏକ ପୁରାତନ ବନ୍ଦର । ତାହାକୁ Harbour ବା ଜାହାଜର ସୁବିଧାଜନକ ଆଶ୍ରୟସ୍ଥଳ ଯୋଗାଇବା ବିଷୟରେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ପ୍ରଶ୍ନ ଉଠିଥିଲା । ସନ୍ତୋଷଜନକ ଉତ୍ତର ମିଳିନାହିଁ । କିମ୍ବା ଓଡ଼ିଶା ଉପକୂଳର ଅନ୍ୟ କୌଣସି ସ୍ଥାନରେ ଉପଯୁକ୍ତ ବନ୍ଦର ବା ହାରବାର ଖୋଲାଯିବାର ଉଦ୍ୟମ ହେଉନାହିଁ । ସରକାରୀ ଡ଼େସପାଚରେ ଲିଖିତ ହେତୁ କେବଳ ସାମୟିକ କାର୍ଯ୍ୟ ଚଳାଇବା ସକାଶେ ହୋଇଥିଲା ବୋଲି ବିଶ୍ୱାସ କରାଯାଇ ନ ପାରେ । ବନ୍ଦର ଖୋଲିବା ଭଳି କାର୍ଯ୍ୟରେ ଲୋକସାଧାରଣଙ୍କର କରିବାର କିଛି ନାହିଁ । ଗଞ୍ଜାମର ନଉପଡ଼ାଠାରୁ ବାଲେଶ୍ୱର ସୀମା ଶେଷ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଉପକୂଳରେ ହାର୍ବର ନିମନ୍ତେ ଏକାଧିକ ଉପଯୁକ୍ତ ସ୍ଥାନ ମିଳିବ ବୋଲି ଆଶା କରାଯାଏ । ସେ ବିଷୟରେ ଆନ୍ତରିକ ଯତ୍ନ ହେଲେ ପ୍ରାକୃତିକ ଅନ୍ତରାୟମାନ ସ୍ୱହଜରେ ଦୂର କରା ଯାଇପାରେ । ବର୍ତ୍ତମାନ ସାମ୍ରାଜ୍ୟର ଦୁର୍ଦ୍ଦିନ । ଚାରିଆଡେ ଅର୍ଥର ଟଣାଟଣି । ଏହା କୌଣସି ବ୍ୟୟସାଧ ଅନୁଷ୍ଠାନର ଦାବି ନିମନ୍ତେ ଉପଯୁକ୍ତ ସମୟ ନୁହେଁ । ତଥାପି କହିରଖିବା ଉଚିତ । ଆଶାହୁଏ ଯୁଦ୍ଧର ଅବସାନ ପରେ ସରକାର ଓଡ଼ିଶାର ପ୍ରାକୃତିକ ସୁବିଧାର ସଦ୍‌ବ୍ୟବହାର କରିବାକୁ ପ୍ରୟାସୀ ହେବେ ।

**ଉପସଂହାର :** ଆମ୍ଭେମାନେ ଅନେକ ବିଷୟରେ ସରକାରଙ୍କ ଉପରେ ନିର୍ଭର କରୁଁ । ନିର୍ଭର ନ କଲେ ନ ଚଳେ । ମାତ୍ର ଆତ୍ମନିର୍ଭରତା ସମସ୍ତ ଜାତୀୟ ଉନ୍ନତିର ମୂଳ । ଜାତିର ଆତ୍ମଶକ୍ତି ହିଁ ଜାତୀୟ ଶକ୍ତି । ସେହି ଆତ୍ମଶକ୍ତିର ବିକାଶ ନହେଲେ ଜାତୀୟ ଜୀବନ ଲାଭ ହୋଇ ନ ପାରେ । ମୁଁ ସ୍ଥୂଳରେ ଉପସ୍ଥିତ କେତେକ ପନ୍ଥାର ଆଲୋଚ଼ନା କରିଛି ମାତ୍ର । କିନ୍ତୁ ଜାତୀୟ ଉନ୍ନତି ନିମନ୍ତେ ସହସ୍ର ପନ୍ଥା ଉନ୍ମୁକ୍ତ ରହିଅଛି । ଆମ୍ଭମାନଙ୍କର ନାନା ଦିଗରେ ଅସଂଖ୍ୟ ଅଭାବ ରହିଅଛି । ମୁଁ ପୂର୍ବେ କହିଅଛି ଆମ୍ଭମାନଙ୍କର ଶାରୀରିକ ବଳ ଦିନକୁ ଦିନ କ୍ଷୀଣ ହେଉଅଛି । ପଲ୍ଲିଗ୍ରାମର ସ୍ୱାସ୍ଥ୍ୟ କ୍ରମେ ବିନଷ୍ଟ ହେଉଅଛି । ଲୋକମାନଙ୍କର ସରଳତା ଓ ଧର୍ମଭାବ କ୍ରମେ ଊଣା ହୋଇ ଆସୁଅଛି । କଳହ ବିବାଦ, ଦାବି ଦାବା ବଢୁଅଛି । ଅନ୍ନାଭାବ ଦିନକୁ ଦିନ ବେଶି ହେଉଅଛି । ଶିକ୍ଷାପ୍ରତି ଦେଶରେ ଆଦର ବଢ଼ିଥିଲେ ହେଁ, ତାହା କେବଳ ସରକାରୀ ଚାକିରୀ ଆଶାରେ – ଜ୍ଞାନପାଇଁ ଜ୍ଞାନାର୍ଜନର ପିପାସା ନାହିଁ । ଜାତୀୟ ସାହିତ୍ୟ ଉନ୍ନତି ନିମନ୍ତେ ବ୍ୟକ୍ତିଗତ ଭାବରେ ବା ଶୃଙ୍ଖଳାବଦ୍ଧ ଉପାୟରେ ନିଷ୍ଠାପର

ଉଦ୍ୟମ ନାହିଁ । ଯେ କ୍ଷୀଣ ଉଦ୍ୟମ ହେଉଅଛି ତାହା କୋଟିପ୍ରାଣ ଏକ ବିଶାଳ ଜାତି ପକ୍ଷରେ କିଛି ନୁହେଁ । ଶିକ୍ଷିତ ଓ ସାଧାରଣଙ୍କ ମଧ୍ୟରେ ମିଳନର ସୁଯୋଗ କ୍ରମେ କମୁଅଛି । ପ୍ରାଚୀନ ଶୁଭକର ଅନୁଷ୍ଠାନ ଗୋଟିଏ ଗୋଟିଏ ଲୋପ ହୋଇ ଯାଉଅଛି । ଦେଶର ପୂର୍ବ ଶିଳ୍ପ ସବୁ ପ୍ରାୟ ମରିଗଲାଣି । ଏହିସବୁ ଅସଂଖ୍ୟ ଅସୁବିଧା ମଧ୍ୟରେ ଜାତୀୟ ଜୀବନ ଗଠନ ଘୋର ନିରାଶା ଜନକ ପ୍ରୟାସ ବୋଲି ମନେ ହେବା ସ୍ୱାଭାବିକ । କଟକ କଲେଜରେ କେବଳ ଏମ୍.ଏ., ବି.ଏଲ. କ୍ଲାସ ହେଲେ ସିଂହଭୂମ ଓ ଗଞ୍ଜାମ କଚେରିମାନଙ୍କରେ ଓଡ଼ିଆଭାଷା ଚଳିଲେ କିମ୍ବା ଜୟପୁର ଗୋଟିଏ ସ୍ୱତନ୍ତ୍ର ଜିଲା ହୋଇଗଲେ ଆମ୍ଭମାନଙ୍କର ଜାତୀୟ ଆକାଂକ୍ଷା ଯେ ପୂର୍ଣ୍ଣହେବ ତାହା ନୁହେଁ । ଜାତୀୟ ଜୀବନ ଗଠନ ନିମନ୍ତେ ସହସ୍ର ପନ୍ଥାରେ ସହସ୍ର ପ୍ରକାର ଉଦ୍ୟମ କରିବାକୁ ହେବ । ଅନୁର୍ବର ଭୂମିର ଚାଷ, ଗ୍ରାମ୍ୟ କାହାଣୀର ସଂଗ୍ରହ ଓ ଗ୍ରାମ୍ୟ ପୁଷ୍କରିଣୀ ପଙ୍କୋଦ୍ଧାରଠାରୁ ଆରମ୍ଭକରି ଧର୍ମ ରାଜନୀତି ଓ ସମାଜନୀତି ପ୍ରଭୃତି ବିସ୍ତୀର୍ଣ୍ଣ କ୍ଷେତ୍ରରେ ବିପୁଳ ଆନ୍ଦୋଳନ ପର୍ଯ୍ୟନ୍ତ ବହୁମୁଖୀ କ୍ରିୟାନୁଷ୍ଠାନ କରିବାକୁ ହେବ । ଆମ୍ଭମାନଙ୍କର ଲୋଡ଼ା, କେବଳ ସହୃଦୟ ଆନ୍ତରିକ କର୍ମନିଷ୍ଠ ଦେଶସେବକ । ଜଣେ ଅନନ୍ତ ମିଶ୍ରେ କେବଳ ସମ୍ମିଳନୀ ଅଧିବେଶନର ଚାରି ଛଅମାସ ପୂର୍ବରୁ ଜିଲାର ଗ୍ରାମେ ଗ୍ରାମେ ଚହଲ ପକାଇଲେ ହେବନାହିଁ । ପ୍ରଚାର, ଆଚାର ଓ ବିଚାର ସର୍ବୁପ୍ରକାର କ୍ରିୟାରେ କର୍ମୀ ପୁରୁଷମାନଙ୍କୁ ଜୀବନବ୍ୟାପୀ ସାଧନା କରିବାକୁ ହେବ । ସମ୍ମିଳନୀର ଦିନକର ଅଧିବେଶନରେ ଜାତି ସ୍ୱର୍ଗକୁ ଉଠିବ ନାହିଁ । ଏହା କେବଳ ଜାତିର ମିଳନ ମଣ୍ଡପ । ଏହିଠାରେ ପରସ୍ପର ସହିତ ଭାବ ବିନିମୟ କରି ମାତୃସେବା ନିମନ୍ତେ ଅନୁପ୍ରାଣିତ ହୋଇ ନବବର୍ଷରେ ପୁଣି କର୍ମୀମାନେ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରିବେ । ପ୍ରକୃତ ନିଷ୍ପାପର କର୍ମୀ ସଂଖ୍ୟା ଦେଶରେ ବଢ଼ୁ । ମହାଭାରତୀୟ ଜାତୀୟ କାର୍ଯ୍ୟରେ ଓଡ଼ିଆମାନେ ସେମାନଙ୍କର ଲକ୍ଷ୍ୟ ସାଧନ କରନ୍ତୁ । ଓଡ଼ିଆ ଜାତୀୟ ଜୀବନରେ ମଙ୍ଗଳମୟଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।

## ଅଧିବେଶନର ନିର୍ଦ୍ଧାରଣ ସମୂହ

**ପ୍ରଥମ ନିର୍ଦ୍ଧାରଣ :** ଉପସ୍ଥିତ ମହାସମରରେ ବ୍ରିଟିଶ ରାଜଙ୍କର ଅଚିର ବିଜୟ ନିମନ୍ତେ ବିଶ୍ୱପତିଙ୍କ ନିକଟରେ ଏହି ସମ୍ମିଳନୀ ଆନ୍ତରିକ ଭକ୍ତିସହ ପ୍ରାର୍ଥନା କରନ୍ତି ।

ପ୍ରସ୍ତାବକ - ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ
ଅନୁମୋଦକ - ରାୟ ସୁଦାମଚରଣ ନାୟକ ବାହାଦୁର
ସମର୍ଥକ - ବାବୁ ଶ୍ରୀ ମଧୁସୂଦନ ପାଣିଗ୍ରାହୀ ବି.ଏ.
ମହନ୍ତ ବିହାରୀ ଦାସ

**ଦ୍ୱିତୀୟ ନିର୍ଦ୍ଧାରଣ :** ଏହି ସମ୍ମିଳନୀ ଉତ୍କଳ ହିତାକାଙ୍କ୍ଷୀ ବାମଣ୍ଡାଧିପତି ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓ ରାୟ ବାହାଦୁର ସାମନ୍ତ ରାଧାଚରଣ ଦାସଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରୁଅଛନ୍ତି।

ପ୍ରସ୍ତାବକ - ଶ୍ରୀଯୁକ୍ତ ଫକୀରମୋହନ ସେନାପତି

ଅନୁମୋଦକ - ମିଃ ବି.ଏନ୍. ମିଶ୍ର ବାରିଷ୍ଟର

ସମର୍ଥକ - ବାବୁ ଶ୍ରୀଯୁକ୍ତ ଶିବନାରାୟଣ ନାୟକ

**ତୃତୀୟ ନିର୍ଦ୍ଧାରଣ :** ମାନ୍ଦ୍ରାଜ ଅନ୍ତର୍ଗତ ଜୟପୁର ଏଜେନ୍‌ସିକୁ ଗୋଟିଏ ସ୍ୱତନ୍ତ୍ର ଜିଲାରେ ପରିଣତ କରି ତହିଁରେ ଓଡ଼ିଆଭାଷା ପ୍ରଚଳନ କରିବା ନିତାନ୍ତ ଆବଶ୍ୟକ ବୋଲି ଏହି ସମ୍ମିଳନୀ ବିବେଚନା କରନ୍ତି ଏବଂ ଏଥିପ୍ରତି ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟଙ୍କ ମନୋଯୋଗ ଆକର୍ଷଣ କରନ୍ତି।

ପ୍ରସ୍ତାବକ - ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା

ଅନୁମୋଦକ - ଶ୍ରୀଯୁକ୍ତ ସଦାନନ୍ଦ ମହାନ୍ତି, ବି.ଏଲ

ସମର୍ଥକ - ମିଃ. ବି.ଏନ୍. ମିଶ୍ର ବାରିଷ୍ଟର

**ଚତୁର୍ଥ ନିର୍ଦ୍ଧାରଣ :** ଓଡ଼ିଶା ଉପକୂଳରେ ଚିର ପ୍ରଚଳିତ ଲବଣ ପୁଲ୍ଲାନ ଉଠାଇଦେବା ଦ୍ୱାରା ଗରିବ ଉତ୍କଳବାସିଙ୍କର ଏକ ପ୍ରଧାନ ଜୀବିକା ନିର୍ବାହର ଉପାୟ ବନ୍ଦ ହୋଇଯିବାରୁ ବର୍ତ୍ତମାନ ତାର ପୁନଃ ପ୍ରଚଳନ ନିମନ୍ତେ ଭାରତୀୟ ଓ ପ୍ରାଦେଶିକ ଗଭର୍ଣ୍ଣମେଣ୍ଟଙ୍କୁ ଏହି ସମ୍ମିଳନୀ ପ୍ରାର୍ଥନା କରନ୍ତି।

ପ୍ରସ୍ତାବକ - ମାନ୍ୟବର ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ରାଜାସାହେବ କନିକା

ଅନୁମୋଦକ - ବାବୁ ଶ୍ରୀଯୁକ୍ତ ଭଗବାନ ଚନ୍ଦ୍ର ଦାସ, ବାଲେଶ୍ୱର

ସମର୍ଥକ - ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ, ଓକୀଲ ପୁରୀ<br>ଶ୍ରୀଯୁକ୍ତ କଳ୍ପତରୁ ଦାସ, ଓକୀଲ

**ପଞ୍ଚମ ନିର୍ଦ୍ଧାରଣ :** ପ୍ରାକୃତିକ ଓଡ଼ିଶାରେ ବୈଷୟିକ ଶିକ୍ଷା ପ୍ରସାର ଉଦ୍ଦେଶ୍ୟରେ କଟକରେ ଗୋଟିଏ ଇଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠା ହେବା ନିତାନ୍ତ ଆବଶ୍ୟକ ବୋଲି ସମ୍ମିଳନୀ ହୃଦୟଙ୍ଗମ କରୁଅଛନ୍ତି।

ପ୍ରସ୍ତାବକ - ମାନ୍ୟବର ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ, ବି.ଏ

ଅନୁମୋଦକ - ଶ୍ରୀଯୁକ୍ତ ଗଣେଶ ମହାପାତ୍ର, ବି.ଏଲ

ସମର୍ଥକ - ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ, ଓକୀଲ ପୁରୀ<br>ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ଦାସ ବି.ଏଲ<br>ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ

**ଷଷ୍ଠ ନିର୍ଦ୍ଧାରଣ :** ମାନ୍ଦ୍ରାଜ ମଧ୍ୟପ୍ରଦେଶ ଓ ବଙ୍ଗପ୍ରଦେଶମାନଙ୍କରେ ଥିବା ଓଡ଼ିଆ ଅଞ୍ଚଳମାନ ବିହାର-ଓଡ଼ିଶା ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳ ସହିତ ଏକ ସ୍ୱତନ୍ତ୍ର ଶାସନ ଅନ୍ତର୍ଭୁକ୍ତ ନହେଲେ ଓଡ଼ିଆଜାତିର ପ୍ରକୃତ ଉନ୍ନତି ସାଧିତ ହୋଇପାରିବ ନାହିଁ ବୋଲି ସମ୍ମିଳନୀ ଉପଲବ୍ଧି କରନ୍ତି ଏବଂ ଏହି ସମ୍ମିଶ୍ରଣ କାର୍ଯ୍ୟରେ ପରିଣତ ହେବା ନିମିତ୍ତ ଗଭର୍ଣ୍ଣମେଣ୍ଟଙ୍କ ମନୋଯୋଗ ଆକର୍ଷଣ କରିବା ଲାଗି ଯେଉଁ ବିହିତ ଉପାୟ ଆବଶ୍ୟକ ସେସବୁ ବିଷୟ ଅବଲମ୍ବନ ନିମିତ୍ତ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗଠିତ କମିଟି ଉପରେ ସଂପୂର୍ଣ୍ଣ ଭାର ସମ୍ମିଳନୀ ଅର୍ପଣ କରୁଅଛନ୍ତି ।

୧ - ମାନ୍ୟବର ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ରାଜାସାହେବ କନିକା

୨ - ମାନ୍ୟବର ମିଷ୍ଟର ଏମ୍.ଏସ୍. ଦାସ ସି.ଆଇ.ଇ

୩ - ମାନ୍ୟବର ବ୍ରଜସୁନ୍ଦର ଦାସ, ବି.ଏ (ସେକ୍ରେଟାରୀ)

୪ - ମାନ୍ୟବର ଗୋପବନ୍ଧୁ ଦାସ, ବି.ଏଲ

୫ - ମାନ୍ୟବର ଶୋଭାଚନ୍ଦ୍ର ସିଂହ, ରାଜାସାହେବ ଶେରଗଡ଼

୬ - ଶ୍ରୀଯୁକ୍ତ ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର

୭ - ଶ୍ରୀଯୁକ୍ତ ହରିହର ପଣ୍ଡା, ବି.ଏ. ଗଞ୍ଜାମ

ପ୍ରସ୍ତାବକ - ମାନ୍ୟବର ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ଭଂଜଦେଓ
ଅନୁମୋଦକ - ଶ୍ରୀଯୁକ୍ତ ଗଣେଶ ମହାପାତ୍ର ବି.ଏଲ
ସମର୍ଥକ - ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ
ଶ୍ରୀଯୁକ୍ତ ରାମକୃଷ୍ଣ ପଟ୍ଟନାୟକ ବି.ଏଲ
ଶ୍ରୀଯୁକ୍ତ ଅପର୍ଣ୍ଣା ପଣ୍ଡା
ଶ୍ରୀଯୁକ୍ତ ରାଜଗୋପାଳ ଆଚାରୀ

**ସପ୍ତମ ନିର୍ଦ୍ଧାରଣ :** ଉତ୍କଳୀୟମାନଙ୍କର ଆଶା ଆକାଙ୍‌କ୍ଷା ଓ ଅଭାବମାନ ସରକାରଙ୍କୁ ଗୋଚର କରାଇବା ଲାଗି ଜଣେ ଓଡ଼ିଆ ଭାରତୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ମନୋନୀତ ବା ନିର୍ବାଚିତ ହେବାର ଆବଶ୍ୟକତା ଏହି ସମ୍ମିଳନୀ ଉପଲବ୍ଧି କରନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ରାୟ ସୁଦାମ ଚରଣ ନାୟକ ବାହାଦୁର
ଅନୁମୋଦକ - ଶ୍ରୀଯୁକ୍ତ ଲାଲମୋହନ ପତି
ସମର୍ଥକ - ଶ୍ରୀଯୁକ୍ତ ଗୋଲକ ଚନ୍ଦ୍ର ଦାସ ବି.ଏଲ

**ଅଷ୍ଟମ ନିର୍ଦ୍ଧାରଣ :** ଭାରତୀୟ ବ୍ୟବସ୍ଥାପକ ସଭାରେ ଉପସ୍ଥାପିତ ପାଟଣା ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଗୃହୀତ ହେଲେ ଓଡ଼ିଶାର ଶିକ୍ଷୋନ୍ନତିରେ ବିଶେଷ ବାଧା

ଘଟିବ ଏବଂ ପ୍ରାକୃତିକ ଓଡ଼ିଶା ନିମନ୍ତେ ପୃଥକ ବିଶ୍ୱବିଦ୍ୟାଳୟ ସ୍ଥାପିତ ନହେବା ପର୍ଯ୍ୟନ୍ତ ଓଡ଼ିଆଙ୍କର ଉଚ୍ଚଶିକ୍ଷାର ପନ୍ଥା ଉନ୍ମୁକ୍ତ ହେବନାହିଁ ବୋଲି ଏ ସମ୍ମିଳନୀ ଉପଲବ୍ଧି କରନ୍ତି ଏବଂ ଉପସ୍ଥିତ (Bill) ପାଣ୍ଡୁଲିପି ଓଡ଼ିଆଙ୍କ ସୁବିଧାନୁଯାୟୀ ପରିବର୍ତ୍ତନ ନହେବାଯାଏଁ ବା ପୃଥକ ବିଶ୍ୱବିଦ୍ୟାଳୟ ସ୍ଥାପିତ ନହେବା ଯାଏଁ ଶିକ୍ଷା ବିଷୟରେ ଓଡ଼ିଶା କଲିକତା ବିଶ୍ୱବିଦ୍ୟାଳୟର ଅଧୀନରେ ଯେପରି ଅଛି ସେହିପରି ରଖିବା ନିମିତ୍ତ ଗଭର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରନ୍ତି ।

ପ୍ରସ୍ତାବକ - ମାନ୍ୟବର ବ୍ରଜସୁନ୍ଦର ଦାସ ବି.ଏ.
ଅନୁମୋଦକ - ଶ୍ରୀଯୁକ୍ତ ମଧୁସୂଦନ ପାଣିଗ୍ରାହୀ ବି.ଏଲ୍.
ସମର୍ଥକ - ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ ଦାସ, ଏମ.ଏ., ବି.ଏଲ୍.

**ନବମ ନିର୍ଦ୍ଧାରଣ :** ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଘେନି ଆଗାମୀ ବର୍ଷ ନିମନ୍ତେ କାର୍ଯ୍ୟ ନିର୍ବାହିକା ସମିତି ଗଠିତ ହେଉ ଏବଂ ଆବଶ୍ୟକ ହେଲେ ସଭ୍ୟ ସଂଖ୍ୟା ବୃଦ୍ଧି ନିମନ୍ତେ ସେମାନଙ୍କୁ କ୍ଷମତା ଦିଆଯାଉ ଏବଂ ସେହି କମିଟି ସମ୍ମିଳନୀ ସମ୍ବନ୍ଧୀୟ ନିୟମାବଳୀ ପ୍ରସ୍ତୁତ କରି ଆଗାମୀ ବାର୍ଷିକ ଅଧିବେଶନରେ ଆଗତ କରନ୍ତୁ ।

୧ - ଶ୍ରୀଯୁକ୍ତ ଫକୀରମୋହନ ସେନାପତି
୨ - ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ର
୩ - ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ ଦାସ, ଏମ.ଏ., ବି.ଏଲ୍.
୪ - ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ
୫ - ଶ୍ରୀଯୁକ୍ତ ଦୈତାରୀ ପ୍ରସାଦ ଦାସ, ବି.ଏଲ୍.
୬ - ଶ୍ରୀଯୁକ୍ତ ଲାଲମୋହନ ଦାସ
୭ - ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ
୮ - ଶ୍ରୀଯୁକ୍ତ ରାମନାରାୟଣ ପ୍ରହରାଜ

ପ୍ରସ୍ତାବକ - ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ଷଡଙ୍ଗୀ
ଅନୁମୋଦକ - ଶ୍ରୀଯୁକ୍ତ ଲକ୍ଷ୍ମୀଧର ମହାନ୍ତି, ବି.ଏଲ୍,
ସମର୍ଥକ - ଶ୍ରୀଯୁକ୍ତ ପାରେଶ୍ୱର ମହାନ୍ତି, ବି.ଏଲ୍.
ଶ୍ରୀଯୁକ୍ତ ଭିକାରୀଚରଣ ପଟ୍ଟନାୟକ, ବି.ଏଲ୍.

**ଦଶମ ନିର୍ଦ୍ଧାରଣ :** ବିହାର-ଓଡ଼ିଶା ଅନ୍ତର୍ଗତ ସିଂହଭୂମ ମଧ୍ୟପ୍ରଦେଶ ଅନ୍ତର୍ଗତ ଫୁଲଝର, ଚନ୍ଦ୍ରପୁର, ପଦ୍ମପୁର ପ୍ରଭୃତି ଓଡ଼ିଆ ଅଞ୍ଚଳରେ ଓଡ଼ିଆ କଚେରୀ ଭାଷା ରୂପେ ଗୃହୀତ ହେବା ଏବଂ ଓଡ଼ିଆ ଶିକ୍ଷା ବିସ୍ତାର ନିମନ୍ତେ ବହୁଳ ବ୍ୟବସ୍ଥା ହେବାର ପ୍ରୟୋଜନୀୟତା ଏହି ସମ୍ମିଳନୀ ଉପଲବ୍ଧି କରନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ
ଅନୁମୋଦକ - ଶ୍ରୀଯୁକ୍ତ ଶଶିଭୂଷଣ ରଥ

ସମର୍ଥକ - ଶ୍ରୀଯୁକ୍ତ ଦୁଲାଲ ଚନ୍ଦ୍ର ପାଣି

**ଏକାଦଶ ନିର୍ଦ୍ଧାରଣ :** ବିଶାଖାପତ୍ତନ ଜିଲାସ୍ଥିତ କରଣମାନେ ଓଡ଼ିଆ ହୋଇଥିଲେ ସୁଦ୍ଧା ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷମାନେ ସେମାନଙ୍କୁ ଓଡ଼ିଆ ବୋଲି ଗ୍ରହଣ କରୁ ନ ଥିବା ଅତି ଶୋଚ୍ନୀୟ ବିଷୟ ବୋଲି ଏହି ସମ୍ମିଳନୀ ଉପଲବ୍ଧି କରନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା

ଅନୁମୋଦକ - ଶ୍ରୀଯୁକ୍ତ ଉପେନ୍ଦ୍ର କର

**ଦ୍ୱାଦଶ ନିର୍ଦ୍ଧାରଣ :** ଓଡ଼ିଶାରେ ଆୟୁର୍ବେଦୀୟ ଶିକ୍ଷୋନ୍ନତି ପକ୍ଷେ ଉତ୍କଳୀୟ ସମ୍ମିଳନୀ ସମୁଚିତ ଉପାୟ ଅବଲମ୍ବନ କରିବା ପ୍ରୟୋଜନୀୟ ବୋଲି ମନେ କରନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ କଳ୍ପତରୁ ଦାସ

ଅନୁମୋଦକ - ଶ୍ରୀଯୁକ୍ତ ପରୀକ୍ଷିତ ଦାସ

ସମର୍ଥକ - ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ଷଡଙ୍ଗୀ

**ତ୍ରୟୋଦଶ ନିର୍ଦ୍ଧାରଣ :** ସ୍ୱେଚ୍ଛାସେବକମାନେ ନିଷ୍ଠାପର ଭାବରେ ସମସ୍ତ କାର୍ଯ୍ୟ ନିର୍ବାହ କରିଥିବାରୁ ସେମାନଙ୍କୁ ସମ୍ମିଳନୀ ପକ୍ଷରୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରାଯାଉ ।

ପ୍ରସ୍ତାବକ - ସଭାପତି ମହୋଦୟ

**ଚତୁର୍ଦ୍ଦଶ ନିର୍ଦ୍ଧାରଣ :** ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଉ ।

ପ୍ରସ୍ତାବକ - ଶ୍ରୀଯୁକ୍ତ ରାମନାରାୟଣ ପ୍ରହରାଜ, ବାଲେଶ୍ୱର

ଅନୁମୋଦକ - ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ

ସମର୍ଥକ - ମାନ୍ୟବର ବ୍ରଜସୁନ୍ଦର ଦାସ, ବି.ଏ. କଟକ

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା, ସମ୍ବଲପୁର

—

## ତ୍ରୟୋଦଶ ଅଧିବେଶନ

[ଉତ୍କଳ ସମ୍ମିଳନୀର ତ୍ରୟୋଦଶ ଅଧିବେଶନ ୧୯୧୮ ମସିହା ମାର୍ଚ୍ଚ ୩୦ ଓ ୩୧ ତାରିଖରେ କଟକର ଇଦ୍‌ଗା ପଡ଼ିଆରେ ନିର୍ମିତ ସ୍ୱତନ୍ତ୍ର ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ଗଠିତ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ଓ ସମ୍ପାଦକ ଥିଲେ ଉତ୍କଳଗୌରବ ମଧୁସୂଦନ । ବହୁଦିନ ପରେ ସମ୍ମିଳନୀର ବାର୍ଷିକ ଅଧିବେଶନ କଟକର ଇଦ୍‌ଗା ପଡ଼ିଆରେ କେବଳ ଅନୁଷ୍ଠିତ ହୋଇନାହିଁ, ଏହାର ପରିଚାଳନାରେ ମଧୁସୂଦନ ପୁଣି ଥରେ ମୁଖ୍ୟ ଭୂମିକା ନେଇଛନ୍ତି । ଏହି ଅଧିବେଶନ ପାଇଁ ପାରଳାଖେମଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ସଭାପତି ପଦରେ ମନୋନୀତ ହୋଇଥିଲେ । ସମ୍ମିଳନୀର ଦୁଇ ଚାରିଦିନ ପୂର୍ବରୁ ତାଙ୍କର ପାଟପ୍ରିୟା ଭୟଙ୍କର ରୋଗାକ୍ରାନ୍ତ ହେବାରୁ ଗଜପତି ଆପଣାର ଅସୁବିଧା ଜଣାଇଲେ ଓ ଅଭ୍ୟର୍ଥନା ସମିତି ଶେରଗଡ଼ର ରାଜା ଶୋଭାଚନ୍ଦ୍ର ସିଂହ ଦେବଙ୍କୁ ସଭାପତି ହେବାପାଇଁ ଅନୁରୋଧ କଲେ । ଶୋଭାଚନ୍ଦ୍ର ସେହ ସମୟରେ ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାରେ ଯୋଗଦେବାକୁ ଯାଉଥିବାରୁ ଆପଣାର ଅସାମର୍ଥ୍ୟ ଜଣାଇଲେ । ପରିଶେଷରେ ଅଭ୍ୟର୍ଥନା ସମିତି କବିଶେଖର ଫକୀରମୋହନ ସେନାପତିଙ୍କୁ ସଭାପତି ହେବାକୁ ଅନୁରୋଧ କଲେ ଓ ଫକୀରମୋହନଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ତ୍ରୟୋଦଶ ଅଧିବେଶନ ସମୟକୁ ଉତ୍କଳ ସମ୍ମିଳନୀ କାର୍ଯ୍ୟନିର୍ବାହକ ସମିତିର ସମ୍ପାଦକ ଥିଲେ ବାଲେଶ୍ୱରର ଓକିଲ ଦୈତ୍ୟାରି ପ୍ରସାଦ ଦାସ ।]

### ଅଭ୍ୟର୍ଥନା ସମିତିର ସମ୍ପାଦକ ଉତ୍କଳଗୌରବ ମଧୁସୂଦନଙ୍କ ମାତୃଆବାହନ

ସଭାପତି ମହାଶୟ, ଭାଇ ଓ ଭଉଣୀମାନେ !

ମୋତେ ସଭାପତି ମହାଶୟ ମା'ଙ୍କ ଆବାହନର କାର୍ଯ୍ୟ ଦେଇ ଅଛନ୍ତି । ଏ ମଣ୍ଡପ ମାତୃପୂଜାର ମଣ୍ଡପ । ଅନ୍ୟାନ୍ୟ ସ୍ଥାନମାନଙ୍କରେ ଯେପରି Conference (ସମ୍ମିଳନୀ) ହୁଏ – ସେଠାରେ ମାତୃପୂଜା ହୁଏ ନାହିଁ – ସେ ସବୁ, ଭାଇମାନେ, ଏକତ୍ର ମିଳିତ ହୋଇଥାନ୍ତି ପରସ୍ପର ମନର ଭାବ ପ୍ରକାଶ କରିବାକୁ । ଏ

ଉତ୍କଳବାସୀଙ୍କ Conference (ସମ୍ମିଳନୀ) – ଜନନୀ ଜନ୍ମଭୂମିଙ୍କ ପୂଜାମଣ୍ଡପ । ପୂଜା କାର୍ଯ୍ୟ ଆରମ୍ଭ ପୂର୍ବରୁ ମାତାଙ୍କର ଆବାହନ ଆବଶ୍ୟକ । ଆବାହନ ବ୍ୟତିରେକେ ପୂଜା ଆରମ୍ଭ ହୋଇ ନ ପାରେ । ବର୍ତ୍ତମାନ ଏଠାରେ ଯେତେ ଭାଇ ଭଉଣୀ ଉପସ୍ଥିତ, ସମସ୍ତଙ୍କ ହୃଦୟରେ ଜନନୀ ଜନ୍ମଭୂମିଙ୍କ ପ୍ରତିମୂର୍ତ୍ତି ବା ପିତୁଳା ସ୍ଥାପନ କରିବା ଉଚିତ । ଭାଇମାନେ, ସମସ୍ତେ ଥରେ ତାଙ୍କ ପୁଣ୍ୟ ପିତୁଳା ହୃଦୟରେ ସ୍ଥାପନ କର । ଏହି କାର୍ଯ୍ୟ ପାଇଁ ମୁଁ ଆପଣମାନଙ୍କୁ ଅନୁନୟ ବିନୟ କରୁଅଛି, ମାତାଙ୍କ ନାମରେ ଆଜ୍ଞା ଦେଉଛି (କରତାଳି) । ଆମ୍ଭେମାନେ ସମସ୍ତେ ବର୍ତ୍ତମାନ ମାତାଙ୍କ କ୍ରୋଡ଼ରେ ବସିଅଛୁଁ । ଯଦି କେହି ପଚାରନ୍ତି ସେ ମାତାଙ୍କ କ୍ରୋଡ଼ରେ ବସିଥିବାର କିପରି ଅନୁଭବ କରାଯାଇ ପାରେ; ତାଙ୍କର ପିତୁଳା ହୃଦୟରେ କିପରି ସ୍ଥାପନ କରାଯାଇ ପାରେ; ତେବେ କେବଳ ଏହି ଉପରେ ଲେଖା ହୋଇଥିବା "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବି । ଏ ବାକ୍ୟଟି ବହୁକାଳରୁ ଶୁଣାଅଛି କିନ୍ତୁ ତାହାର ଅର୍ଥ ବୁଝିବାକୁ ବୋଧହୁଏ କେହି ଚେଷ୍ଟା କରନ୍ତି ନାହିଁ । ଦେଖନ୍ତୁ ପ୍ରଥମେ 'ଜନନୀ', ଦ୍ୱିତୀୟରେ 'ଜନ୍ମଭୂମି'; ତୃତୀୟରେ 'ସ୍ୱର୍ଗ' । ମନୁଷ୍ୟ ଜନ୍ମରେ ପ୍ରତ୍ୟେକ ମନୁଷ୍ୟ ଜୀବନକୁ ଗୋଟିଏ ସ୍ରୋତ ମନେକଲେ ଦେଖିବେ; ଏହି ସ୍ରୋତର ଆଦ୍ୟରେ ଜନନୀ, ମଧ୍ୟରେ ଜନ୍ମଭୂମି, ଶେଷରେ ସ୍ୱର୍ଗ; ପ୍ରତ୍ୟେକ ଆତ୍ମାର ଏହି ଗତି । ମନୁଷ୍ୟ ଜୀବନରେ ଆଦ୍ୟ ଜନନୀ, କାର୍ଯ୍ୟ ଜନ୍ମଭୂମି, ପୁରସ୍କାର ମୁକ୍ତି ବା ସ୍ୱର୍ଗ । (କର ତାଳି) ଏଥିପାଇଁ ଜନନୀ, ଜନ୍ମଭୂମି ସ୍ୱର୍ଗଠାରୁ ଗରୀୟସୀ ।

ପ୍ରତ୍ୟେକ ମନୁଷ୍ୟର ଗୋଟିଏ ଆତ୍ମା ଅଛି, ତାହା ଈଶ୍ୱରଙ୍କ ଅଂଶ । ଏହି ଆତ୍ମା ପୃଥିବୀରେ କାର୍ଯ୍ୟ କରି ଈଶ୍ୱରଙ୍କଠାରେ ମିଶିଯିବ । ଏ ଆତ୍ମା କେଉଁଠାରେ କାର୍ଯ୍ୟ କରୁଛି ? କିପରି ସ୍ୱର୍ଗଲାଭ କରୁଛି ? ଏ ଆତ୍ମା ଜନ୍ମଭୂମିରେ କାର୍ଯ୍ୟ କରେ । ଏ ପୃଥିବୀରେ ହିଁ ମନୁଷ୍ୟ ଦୟା, ଧର୍ମ, ପରୋପକାର କରି ସ୍ୱର୍ଗପ୍ରାପ୍ତ ହୁଏ । ମନେ କରନ୍ତୁ, ଆଜି ପୃଥିବୀ ସମୁଦ୍ରରେ ମିଶିଯିବ, ତେବେ କେଉଁଠାରେ ଠିଆ ହୋଇ ମୁକ୍ତିମାର୍ଗ – ସ୍ୱର୍ଗଲାଭର ଉପାୟ ଖୋଜିବା । ଅତଏବ କହେ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ।

ଆମ୍ଭେମାନେ ସମସ୍ତେ ଦିନେ ମାତୃଗର୍ଭରେ ଥିଲୁଁ, ସେତେବେଳେ ଆମ୍ଭ-ମାନଙ୍କର ଜ୍ଞାନ ନ ଥିଲା, ଜ୍ଞାନ ଚକ୍ଷୁ ନ ଥିଲା; ସେତେବେଳେ ଆମ୍ଭମାନଙ୍କର ଏପରି ଏକ ଅବସ୍ଥା ଥିଲା ଯେ ସଂସାର ସଙ୍ଗେ ଆମ୍ଭମାନଙ୍କର ସମ୍ପର୍କ କିଛି ଜାଣୁ ନ ଥିଲୁଁ । ଯେଉଁ ବାୟୁ ଆମ୍ଭମାନଙ୍କ ଜୀବନ ରକ୍ଷା କରୁଅଛି ତାହାର ପରିଚୟ ପାଇ ନ ଥିଲୁଁ, ଯେଉଁ ଚକ୍ଷୁରେ ସମସ୍ତ ବସ୍ତୁ ଦେଖୁଥାଇଁ, ଯେଉଁ କର୍ଣ୍ଣରେ ସମସ୍ତ ଶୁଣୁଥାଇଁ ଏ ସବୁ

ସେତେ ଉପକାର କରି ନ ଥିଲେ । ସେ ଜୀବନ ମାତୃଗର୍ଭରେ ଥିଲା । ଅଥଚ ପୁଣି ମନୁଷ୍ୟର ଅନ୍ତିମ ଅବସ୍ଥା ଭାବନା କର । କେହି ପ୍ରିୟଜନର ମୃତ୍ୟୁକାଳରେ ଉପସ୍ଥିତ ଥିଲେ ଦେଖିଥିବ, କ'ଣ ହେଲା – ସେତେବେଳେ ଆଦି ଅବସ୍ଥାରେ ଯେପରି ସେପରି – କାନ୍‌କୁ ଶୁଭିଲା ନାହିଁ, ଚକ୍ଷୁକୁ ଦିଶିଲା ନାହିଁ, ଭିତରେ ଯେଉଁ ଈଶ୍ୱର ଅଂଶ ଅଛି, ସେହି ଅବସ୍ଥା ଉପସ୍ଥିତ ହେଲା; ସେହି ଅବସ୍ଥା ମାତୃଗର୍ଭର ଅବସ୍ଥା ସହ ସମାନ । ଯେଉଁ ଅବସ୍ଥାରେ ପ୍ରତ୍ୟେକେ ଅନ୍ୟର ମୃତ୍ୟୁ ଦେଖି ଅଛନ୍ତି, ସେହି ଅବସ୍ଥା ଦିନେ ସମସ୍ତଙ୍କର ହେବ । ଭାବ ଦେଖି, ଯେତେବେଳେ କାନ ଶୁଣୁ ନାହିଁ, ଆଖି ଦେଖୁ ନାହିଁ – କେବଳ ମାତ୍ର ଆତ୍ମା ଜାଗ୍ରତ ରହିଅଛି – ସେ ଅବସ୍ଥା କିପରି ? ମୃତ୍ୟୁ ଉତ୍ତାରୁ ଏ ମାଟିର ଦେହ ମାଟିରେ ମିଶିଯିବ । ପ୍ରାଣବାୟୁ ବାହାରି ଯିବା ପୂର୍ବରୁ ତାହା ମଧ ମାଟି ତୁଲ୍ୟ । ପ୍ରିୟଜନମାନେ ଏ ମୃତ ପିଣ୍ଡକୁ ମାଟିରେ ପକାଇ ଦେବେ । ଯେତେବେଳ ଯାଏ ମୃତବ୍ୟକ୍ତିର ମଧ୍ୟରେ ଜୀବନ ଥାଏ, ସେତେବେଳ ଯାଏ ମଧ ତାହାର ଦେହ ମୃତ୍ତିକା ସହିତ ସମାନ । ମୃତ୍ତିକା ଠାରୁ ତାହାର ତଫାତ୍ କଣ ? ସେତେବେଳର ଦେହ, ଏତେ ଯତ୍ନରେ ଲାଳନ ପାଳନର ଏ ଶରୀର ଆଉ ମାଟିର ପ୍ରଭେଦ କଣ ? ସେତେବେଳେ କେବଳ ଈଶ୍ୱରଙ୍କ ଅଂଶ ସେହି ଆତ୍ମା ଶରୀର ମଧରେ ଥାଏ । ବାହ୍ୟରେ ତାହାର କୌଣସି ଚିହ୍ନ ନାହିଁ । ଆଉ ଚାରି ପାଞ୍ଚଘଣ୍ଟା ପରେ ଏ ଦେହ ମାଟିରେ ମିଶିଯିବ । ସେ ସମୟରେ ଦେହ, ମାଟି ସମାନ । ଅର୍ଥାତ୍ ଆତ୍ମା ସେ ଶରୀର ମଧରେ ବା ମାଟିରେ ବସିଛି । ଅର୍ଥାତ୍ ସେହି ମାତୃଭୂମିର କୋଳରେ ପିଣ୍ଡ ଥାଉ ଥାଉ ଆତ୍ମା ବାହାରି ଯିବ । ଦିନେ ଆମ୍ଭମାନଙ୍କର ସମସ୍ତଙ୍କର ଏହି ଅବସ୍ଥା ହେବ । ସେତେବେଳେ ବୁଝିପାରିବ ତୁମ୍ଭେ ମାତୃକୋଳରେ ବସିଅଛ ।

ପ୍ରଥମେ ମାତା ରକ୍ତ ଦେଇଥିଲେ । ସେହି ରକ୍ତ ବୃଦ୍ଧି କରିବାପାଇଁ ମୋ ଜନ୍ମଭୂମି ମୋତେ ଶସ୍ୟାଦି ଦେଉଅଛି । ଅତଏବ ଶରୀରର ଆଦ୍ୟ ପଦାର୍ଥ ଦିଏ ମାତା, ତାହାର ରକ୍ଷକ ଓ ବର୍ଦ୍ଧକ ଜନ୍ମଭୂମି । ଆମ୍ଭେମାନେ ପ୍ରଥମେ ପ୍ରସବ ହେଲାବେଳେ ଭୂମିଷ୍ଠ ହେଲୁ ବୋଲି କହନ୍ତି ଅର୍ଥାତ୍ ଆମ୍ଭମାନଙ୍କୁ ମାତା ଜନ୍ମଭୂମି କ୍ରୋଡ଼ରେ ଅର୍ପଣ କରି ସେହି ଜନ୍ମଭୂମିର ପୂଜା କରିବାକୁ ଆଦେଶ ଦିଅନ୍ତି । ଏହି କଥା ଥରେ ଅନ୍ତଃକରଣରେ ଭାବ, ଶେଷ ଅବସ୍ଥା ସ୍ମରଣ କର । ମାତା ଯେଉଁ ରକ୍ତ ଦେଇଥିଲେ, ତାହା ନିଃଶେଷ ହେଲାଣି । କେବଳ ସେ ଶରୀର ଅଛି, ତାହା ମାତୃଭୂମିର ମାଟି ସମାନ । ମାତୃଭୂମି ଉତ୍କଳ ଦେହରେ ଆତ୍ମା ରହିଛି, ମା ଉତ୍କଳ କ୍ରୋଡ଼ରେ ଚକ୍ଷୁ ବୁଜି ଥରେ ପ୍ରାର୍ଥନା କର । ହୃଦୟରେ ଜନ୍ମଭୂମିର ପିତୁଳା ଆପେ ଜାଗ୍ରତ ହେବ । (କରତାଳି) 'ଚକ୍ଷୁ ବନ୍ଦକର', ଦେଖିବ, ତୁମ୍ଭ ଭିତରେ ମା' ଅଛନ୍ତି । ଏହି ତ ମାତୃଭୂମିର ପୂଜା । ଭାଇମାନେ, ପୂଜା ନିମନ୍ତେ ଜନନୀ ଜନ୍ମଭୂମି ଉତ୍କଳ ମାତାଙ୍କର ଆହ୍ୱାନ କର । ସମସ୍ତେ କହ ''ବନ୍ଦଇ ଜନ୍ମଭୂମି'' ।

# ଅଭ୍ୟର୍ଥନା ସମିତି ସଭାପତି କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ସ୍ୱାଗତ ଅଭିଭାଷଣ

ଭାଇମାନେ,

ସମ୍ମିଳନୀର ଅଭ୍ୟର୍ଥନା ସମିତି ପକ୍ଷରୁ ଆପଣମାନଙ୍କୁ ଅଭ୍ୟର୍ଥନା କରିବାପାଇଁ ମୁଁ ଆଜି ଆପଣମାନଙ୍କ ସମ୍ମୁଖରେ ଛିଡ଼ା ହୋଇଅଛି । ଆପଣମାନେ ଯେତେ ବାଧା ବିଘ୍ନ ଲଙ୍ଘନ ଓ କଷ୍ଟସ୍ୱୀକାର କରି ଆଜି ମାତୃପୂଜାରେ ଯୋଗ ଦେବା କାରଣ ଏଠାକୁ ଆସିଅଛନ୍ତି ତହିଁର ଉପଯୁକ୍ତ ଅଭ୍ୟର୍ଥନା କରିବାପାଇଁ ମୁଁ ଅକ୍ଷମ ।

ମୁଁ ଦେଖୁଅଛି ଆପଣମାନଙ୍କ ମଧ୍ୟରୁ କେହି କେହି ସୁଦୂର ଗଞ୍ଜାମ, ଭିଜାଗାପଟ୍ଟମ, ସିଂହଭୂମ ଏବଂ ଅନ୍ୟାନ୍ୟ ଦୂରବର୍ତ୍ତୀ ସ୍ଥାନମାନଙ୍କରୁ ସ୍ୱଚ୍ଛ ଓ ଭକ୍ତିର ସହିତ୍ର ମାତୃପୂଜା କରିବା ଉଦ୍ଦେଶ୍ୟରେ ଏଠାରେ ଉପସ୍ଥିତ ହୋଇଅଛନ୍ତି । ଆଜି ବଡ଼ ସୁଖର ଦିନ ଯେ ମାତୃପୂଜା ଉଦ୍ଦେଶ୍ୟରେ ନାନାସ୍ଥାନରୁ ଆପଣମାନେ ସମସ୍ତ କଷ୍ଟକୁ ତୁଚ୍ଛ କରି ଏଠାରେ ସମ୍ମିଳିତ ହୋଇଅଛନ୍ତି । ଆପଣମାନେ ଆମ୍ଭମାନଙ୍କ ଅନୁରୋଧ-କ୍ରମେ ନାନାପ୍ରକାର କଷ୍ଟ ସ୍ୱୀକାର କରି ଆଜି ଏଠାରେ ଉପସ୍ଥିତ ହୋଇଥିବାରୁ ଆପଣମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ ଓ ପ୍ରାର୍ଥନା କରୁଅଛୁଁ କି ଆପଣମାନେ ଆମ୍ଭମାନଙ୍କର ସମସ୍ତପ୍ରକାର ତ୍ରୁଟି ମାର୍ଜ୍ଜନା କରିବା ହେବେ ।

**ମାତୃପୂଜା :** ମୁଁ ବର୍ତ୍ତମାନ କହିଲି ଯେ ଆମ୍ଭେମାନେ ଏଠାରେ ମାତୃପୂଜାପାଇଁ ଉପସ୍ଥିତ ହୋଇଅଛୁଁ । ଏଥିର ଏପରି ଅର୍ଥ ନୁହେଁ ଯେ ଆମ୍ଭେମାନେ ବର୍ଷ ମଧ୍ୟରେ ଏକଥର ମାତ୍ର ଦୁଇ ଏକଦିନ ପାଇଁ ଏକତ୍ର ହୋଇ ଉତ୍କଳ ମାତାଙ୍କର ପୂଜା କରିବା ଓ ତହିଁପରେ ଯେ ଯାହାର ଘରକୁ ଫେରିଯାଇ ଏକ ବର୍ଷ ପର୍ଯ୍ୟନ୍ତ ଆଉ ସେ ଚିନ୍ତା କରିବା ନାହିଁ । ମାତୃପୂଜା ସମ୍ବନ୍ଧେ ମୋହର ଅଭିପ୍ରାୟ ଏହି ଯେ ଆମ୍ଭେମାନେ ଉତ୍କଳ ମାତାଙ୍କର ଉନ୍ନତି ସାଧନ ପାଇଁ ସର୍ବଦା ଚିନ୍ତା କରିବା ଓ ତହିଁର ଉପାୟ ଅବଲମ୍ବନ କରିବା । ଏହିପରି ପ୍ରତିଦିନ ଆମ୍ଭେମାନେ ଯାହା କରିବା ବର୍ଷ ଶେଷରେ ଏକଥର ଏକତ୍ର ହୋଇ ତହିଁର ଆଲୋଚନା କରିବା । ଏହା ପ୍ରକୃତ ମାତୃପୂଜା । ଏକ ସମୟରେ ଉତ୍କଳ ଦେଶ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଓଡ଼ିଆମାନଙ୍କୁ ଆଫଗାନ, ମୋଗଲ ପ୍ରଭୃତି ଜାତିମାନେ ଦମନ କରି ପାରି ନ ଥିଲେ । ଶିଳ୍ପ ଓ ବାଣିଜ୍ୟ ଦ୍ୱାରା ଓଡ଼ିଆମାନେ ଏକ ସମୟରେ ପୃଥିବୀର ଗୋଟିଏ ଉନ୍ନତ ଜାତି ବୋଲି ପରିଗଣିତ ହେଉଥିଲେ । ବର୍ତ୍ତମାନ ଉତ୍କଳର ସେହି ଅବସ୍ଥା ଅଛି କି ? ନ ଥିଲେ କେଉଁ କାରଣରୁ ନାହିଁ ? ଉତ୍କଳ ମାତାଙ୍କର ବର୍ତ୍ତମାନ ମୁମୂର୍ଷ ଅବସ୍ଥା ପାଇଁ

ଆମ୍ଭେମାନେ ଦାୟୀ କି ଅନ୍ୟ କେହି ଦାୟୀ ? ଏହି ସମସ୍ତ ବିଷୟର ଆଲୋଚନା କରି ଉତ୍କଳମାତା ପୂର୍ବ ଗୌରବ କିପରି ପ୍ରାପ୍ତ ହେବେ ତହିଁର ଉପାୟ ଅବଲମ୍ବନ କରିବା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ । ଉତ୍କଳ ଦେଶର ବର୍ତ୍ତମାନ ଅବସ୍ଥା ନଦୀ ବଢ଼ି ପରେ ଦେଶର ଅବସ୍ଥା ସଙ୍ଗେ ତୁଳନା କରାଯାଇପାରେ । ନଦୀ ବଢ଼ି ଦ୍ୱାରା ଯେପରି କୂଳ ଉଛୁଳିପଡ଼େ ବଢ଼ି ଛାଡ଼ିଗଲେ ପାଣି ବାହାରିଯାଇ କେବଳ ଖାଲ ଜାଗାମାନଙ୍କରେ ପାଣି ରହିଯାଏ, ଏହି ପାଣି ପୁନରାୟ ନଦୀଜଳ ସଙ୍ଗେ ମିଶିବା ପାଇଁ ବଢ଼ିର ଆବଶ୍ୟକ ହୁଏ, ସେହିପରି ଉତ୍କଳ ମାତାଙ୍କ ପ୍ରତି ତାହାର ସନ୍ତାନମାନଙ୍କର ଗଭୀର ଭକ୍ତି ନିର୍ଝରରୁ ଯେଉଁ ପ୍ରବଳ ସ୍ରୋତ ବହିବ ତାହା ବଢ଼ିଜଳ ପ୍ରାୟ ଉତ୍କଳର ଭିନ୍ନ ଭିନ୍ନ ଖଣ୍ଡମାନ ଏକତ୍ର କରିଦେବ । ସମସ୍ତ ଭାଇମାନଙ୍କର ବର୍ଷ ମଧ୍ୟରେ ଏକଥର ମିଳିତ ହୋଇ ଏହି ସମସ୍ତ ବିଷୟ ଆଲୋଚନା କରିବାପାଇଁ କେତେକ ବର୍ଷ ହେଲା ଏହି ସମ୍ମିଳନୀର ଉତ୍ପତ୍ତି ହୋଇଅଛି । ମାତୃପୂଜା ଦ୍ୱାରା ଆମ୍ଭେମାନେ ମାତାଙ୍କର ଉନ୍ନତି ସାଧନ କରିବା । ଉତ୍କଳ ମାତାଙ୍କର ଉନ୍ନତିରେ ଆମ୍ଭମାନଙ୍କର ଉନ୍ନତି; ତାହାଙ୍କର ଅବନତିରେ ଆମ୍ଭମାନଙ୍କର ଅବନତି । ଏହି ବିଷୟ ସର୍ବଦା ମନେ ରଖିବା ଉଚିତ । ଉତ୍କଳର ପ୍ରକୃତ ଉନ୍ନତି ସାଧନ କରିବାକୁ ଗଲେ ପ୍ରଥମେ ନିଜର ଉନ୍ନତିସାଧନ ଆବଶ୍ୟକ । ନିଜର ଉନ୍ନତି ଦ୍ୱାରା ଏକା ମୋହର ଅଥବା ଜଣକର ଉନ୍ନତିସାଧନ ମୋହର ଅଭିପ୍ରାୟ ନୁହେଁ । ଉତ୍କଳମାତାଙ୍କର ଉନ୍ନତି ସାଧନ ପାଇଁ ସମସ୍ତ ଉତ୍କଳବାସିଙ୍କର ଉନ୍ନତି ଆବଶ୍ୟକ । ପ୍ରତ୍ୟେକର ଉନ୍ନତି ନ ହେଲେ ଗୋଟିଏ ଜାତିର ବା ଦେଶର ଉନ୍ନତି ହୋଇ ନ ପାରେ । ଯେପରି ଶରୀରର ସମସ୍ତ ଅଙ୍ଗ ସମାନ ଭାବରେ ପରିପୁଷ୍ଟ ନ ହେଲେ ଶୋଭା ପାଏ ନାହିଁ ବା ସୁସ୍ଥ ଶରୀର ବୋଲି କୁହାଯାଏ ନାହିଁ, ସେହିପରି ଉତ୍କଳମାତାଙ୍କର ସମସ୍ତ ସନ୍ତାନ ଉନ୍ନତ ନ ହେଲେ ତାହାଙ୍କର ପ୍ରକୃତ ଉନ୍ନତି ହୋଇ ନ ପାରେ ।

**ଅଧିବେଶନର ସମୟ ପରିବର୍ତ୍ତନ :** ଇତିପୂର୍ବେ ସମ୍ମିଳନୀର ଅଧିବେଶନ ପୌଷ ମାସରେ ଅର୍ଥାତ ବଡ଼ଦିନ ଛୁଟି ସମୟରେ ହେଉଥିଲା । କିନ୍ତୁ ଗତ ବଡ଼ଦିନ ଛୁଟି ସମୟରେ କଲିକତାରେ କଂଗ୍ରେସ ପ୍ରଭୃତି କେତେକ ଜାତୀୟ ସମ୍ମିଳନୀ ହେଉଥିବାରୁ ତହିଁରେ ଯୋଗ ଦେବା ପକ୍ଷେ ଅସୁବିଧା ଘଟିବା ବିବେଚନାରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ ଏହି ବର୍ଷ ଇଷ୍ଟର ଛୁଟି ମଧ୍ୟରେ ହେବାର ସ୍ଥିର କରାଯାଇ ଥିଲା । ଏବର୍ଷ ଇଷ୍ଟର ସଙ୍ଗେ ଉତ୍କଳର ଏକ ପ୍ରଧାନ ପର୍ବ ଦୋଳଯାତ୍ରା ପଡ଼ିବାରୁ ଅନେକ ଭାଇମାନେ ଉପସ୍ଥିତ ହୋଇ ନ ପାରିବାର ଆଶଙ୍କା କରାଯାଉଥିଲା । କିନ୍ତୁ ଅତ୍ୟନ୍ତ ସୁଖର ବିଷୟ ଏହି ଯେ ଆଜି ଅନେକ ଭାଇମାନେ ଏଠାରେ ଉପସ୍ଥିତ ହୋଇଅଛନ୍ତି । ଏଥିରୁ ପ୍ରମାଣିତ ହେଉଅଛି ଯେ ଦୋଳପର୍ବ

ମାତୃପୂଜାରେ ବାଧାଦେଇ ପାରି ନାହିଁ ଓ ଭାଇମାନେ ଆପଣା ଆପଣା କର୍ତ୍ତବ୍ୟ ଉତ୍ତମରୂପେ ବୁଝିପାରି ଅଛନ୍ତି ।

**ମୃତ ଗୌରୀଶଙ୍କର :** ବଡ଼ ଦୁଃଖର ବିଷୟ ଗତବର୍ଷ ମଧ୍ୟରେ ଉତ୍କଳମାତାଙ୍କର ଏକ ସୁଯୋଗ୍ୟ ସନ୍ତାନ ରାୟ ଗୌରୀଶଙ୍କର ରାୟ ବାହାଦୁର ଇହ ସଂସାର ତ୍ୟାଗ କରିଅଛନ୍ତି । ଏ ମହାଆତ୍ମା ଆପଣମାନଙ୍କ ନିକଟରେ ବିଶେଷ ପରିଚିତ । ଏ ଯୋଗୁଁ ଏହାଙ୍କର ପରିଚୟ ଦେବା ଅନାବଶ୍ୟକ । ସେ ଆପଣାକୁ ଓଡ଼ିଆ ବୋଲି ପରିଚୟ ଦେଉଥିଲେ । ଓଡ଼ିଶାର ଉନ୍ନତି ପାଇଁ ସେ ଯେତେ ଯେତେ କାର୍ଯ୍ୟ କରିଯାଇ ଅଛନ୍ତି ତାହା ସମସ୍ତ ଭାବି ଦେଖିଲେ ତାହାଙ୍କ ପ୍ରତି ବିଶେଷ ଭକ୍ତି ଓ ଶ୍ରଦ୍ଧା ଜାତ ହୁଏ । ଆଜି ଯେଉଁ "ଉତ୍କଳ ଦୀପିକା" ଓଡ଼ିଆମାନଙ୍କ ଘରେ ଘରେ ପଢ଼ା ହେଉଅଛି, ତାହା ଗୌରୀଶଙ୍କରଙ୍କର ଅକ୍ଷୟ କୀର୍ତ୍ତିର ଏକ ଚିହ୍ନ ଅଟେ । ଯେଉଁ ଟାଉନହଲରେ ଆଜିକାଲି ଶତ ଶତ ସଭା ସମିତି ହେଉଅଛି ତାହା ସେ ମହାତ୍ମା ସର୍ବସାଧାରଣଙ୍କୁ ଦାନ କରି ଯାଇଅଛନ୍ତି । ଏହିପରି ଆହୁରି ଅନେକ ସତ୍‌କାର୍ଯ୍ୟମାନ ସେ କରିଯାଇ ଅଛନ୍ତି ଓ ତହିଁପାଇଁ ସେ ଚିରସ୍ମରଣୀୟ ହୋଇ ଆମ୍ଭମାନଙ୍କର ଶ୍ରଦ୍ଧା ଓ ଭକ୍ତିଭାଜନ ହୋଇଅଛନ୍ତି ।

**ଉତ୍କଳୀୟ ବଙ୍ଗାଳିମାନଙ୍କ ସଭା :** ସମ୍ମିଳନୀର ଉତ୍ପତ୍ତି ସମୟରେ ସ୍ଥିର ହୋଇଥିଲା ଯେ ଉତ୍କଳମାତାଙ୍କର ସମସ୍ତ ସନ୍ତାନମାନେ ମାତୃପୂଜାରେ ଯୋଗ ଦେଇପାରିବେ କିନ୍ତୁ କେତେକ ମନୋମାଳିନ୍ୟ ଯୋଗୁଁ ଓଡ଼ିଶାର ସ୍ଥାୟୀ ବଙ୍ଗାଳିମାନେ କେତେକ ସମୟ ଯୋଗ ଦେଇ ନ ଥିଲେ । ଅତିଶୟ ଆନନ୍ଦର ବିଷୟ ଏହି ଯେ ଓଡ଼ିଶାର ସ୍ଥାୟୀ ବଙ୍ଗାଳିମାନଙ୍କର ସଭା ଇତିମଧ୍ୟରେ ଏହି ସମ୍ମିଳନୀର ଅନ୍ତର୍ଭୂତ ହୋଇଅଛି । ବୋଲିବା ବାହୁଲ୍ୟ ଯେଉଁ ବଙ୍ଗାଳିମାନେ ଏଠାରେ ପୁରୁଷାନୁକ୍ରମେ ଅଛନ୍ତି ଓ ରହିବେ ସେମାନଙ୍କର ଓ ଆମ୍ଭମାନଙ୍କର ସ୍ୱାର୍ଥ ସମାନ ଅଟେ ଓ ଉତ୍କଳମାତାଙ୍କର ଉନ୍ନତିସାଧନ ପାଇଁ କି ଓଡ଼ିଆ, କି ବଙ୍ଗାଳି, କି ମୁସଲମାନ ସମସ୍ତ ସନ୍ତାନମାନଙ୍କର ସମାନ ଭାବରେ ଚେଷ୍ଟା କରିବା ଉଚିତ, କାରଣ ତହିଁପାଇଁ ସମସ୍ତେ ସମାନ ଭାବରେ ଦାୟୀ ଅଟନ୍ତି ।

**ଇଉରୋପୀୟ ମହାଯୁଦ୍ଧ :** ପ୍ରାୟ ଚାରିବର୍ଷ ହେଲା ଯେଉଁ ପୃଥିବୀବ୍ୟାପୀ ଘୋର ଯୁଦ୍ଧ ଲାଗିଅଛି ତହିଁ ସମ୍ବନ୍ଧେ ଅବଶ୍ୟ ଆପଣମାନେ ସମସ୍ତେ କିଛି କିଛି ଜାଣନ୍ତି, ସେ ସମ୍ବନ୍ଧେ ବିଶେଷ କିଛି କହିବା ଅନାବଶ୍ୟକ । ଏହି ଯୁଦ୍ଧ ଦ୍ୱାରା କେତେ ମହାପ୍ରାଣୀ ନଷ୍ଟ ଓ ଆହତ ହୋଇଅଛନ୍ତି ଓ କେତେ କୋଟି କୋଟି ଅର୍ଥ ବ୍ୟୟ ହୋଇଅଛି ତାହା ଭାବି ଦେଖିଲେ ଗୋଟିଏ ଭୟାନକ ଚିତ୍ରପଟ ଦେଖାଯାଏ । ନୃଶଂସ ଓ ବର୍ବର ଜର୍ମାନମାନେ ଏହି ଯୁଦ୍ଧ ପାଇଁ ଦାୟୀ ଅଟନ୍ତି । ଧର୍ମ ଓ ନ୍ୟାୟର ପକ୍ଷ

ସମର୍ଥନ କରିବା ପାଇଁ ବ୍ରିଟିଶରାଜ ଏହି ଯୁଦ୍ଧରେ ଲିପ୍ତ ହୋଇଅଛନ୍ତି । ଏହି ଯୁଦ୍ଧର ଫଳ ଉପରେ ଆମ୍ଭମାନଙ୍କ ଭବିଷ୍ୟତ ମଙ୍ଗଳ ନିର୍ଭର କରେ । ଏଥି ଯୋଗୁଁ ସରକାର ବାହାଦୁରଙ୍କୁ ଧନ ଓ ଜନ ଦ୍ୱାରା ଯଥାସାଧ୍ୟ ସାହାଯ୍ୟ କରିବା ଆମ୍ଭମାନଙ୍କର ଉଚିତ ଓ ତାହାଙ୍କ ଜୟଲାଭ ପାଇଁ ସର୍ବଦା ପରମପିତା ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ବିଧେୟ । ସୁଖର ବିଷୟ ଓଡ଼ିଶାବାସିମାନେ ଯୁଦ୍ଧରେ ଯଥାଶକ୍ତି ସାହାଯ୍ୟ ଦେଇଅଛନ୍ତି ।

**ଲୁଣ ପୋକ୍ତାନି :** ଏହି ଦୀର୍ଘକାଳବ୍ୟାପୀ ଯୁଦ୍ଧ ଯୋଗୁଁ ଲୁଣର ମୂଲ୍ୟ କ୍ରମଶଃ ବୃଦ୍ଧି ହୋଇଅଛି । ଏଥିର କାରଣ ଏହି ଯେ ଲୁଣ ସୁବିଧାମତେ ଆମଦାନୀ ଓ ରପ୍ତାନୀ ହୋଇ ପାରୁନାହିଁ । ଇତିପୂର୍ବେ ଓଡ଼ିଶାର କେତେକ ସ୍ଥାନରେ ଲୁଣ ପ୍ରସ୍ତୁତ ହେଉଥିଲା । ସେ ସମୟରେ କେତେ ଗରିବ ଦୁଃଖୀ ମୂଲ ଲାଗି ପ୍ରତିପୋଷଣ ହେଉଥିଲେ ଓ ମଧ୍ୟ ଶସ୍ତାଦରରେ ଲୁଣ ପାଉଥିଲେ । ବର୍ତ୍ତମାନ ଲୁଣର ମୂଲ୍ୟ ବେଶୀ ହୋଇଥିବାରୁ ଗରିବ ଦୁଃଖିମାନେ ବିଶେଷ କଷ୍ଟ ଭୋଗ କରୁଅଛନ୍ତି । ଲୁଣ ଅନ୍ୟମାନଙ୍କ ଅପେକ୍ଷା ଗରିବମାନଙ୍କର ବିଶେଷ ପ୍ରୟୋଜନୀୟ ପଦାର୍ଥ ଅଟେ । କେବଳ ଲୁଣ ସାହାଯ୍ୟରେ ସେମାନେ ସେମାନଙ୍କର ଏକମାତ୍ର ଖାଦ୍ୟ ଭାତ ଖାଇ ଚଳି ପାରିବେ । ପଶୁମାନେ ମଧ୍ୟ ଜୀବନ ଧାରଣ ପାଇଁ ଲୁଣ ଖାନ୍ତି । ବନ୍ୟ ପଶୁମାନେ ଲୁଣ ପରିବର୍ତ୍ତେ ଲୁଣ ମାଟି ଚାଟି ଖାଆନ୍ତି । ଜୀବନ ଧାରଣ ପକ୍ଷେ ଲୁଣ ବିଶେଷ ପ୍ରୟୋଜନ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । କିନ୍ତୁ ଦୁଃଖର ବିଷୟ ଆମ୍ଭ ଦେଶରେ ଲୁଣ ପୋକ୍ତାନିର ସୁବିଧା ଥିଲେହେଁ ଆମ୍ଭେମାନେ ବିଦେଶରୁ ଆମଦାନୀ ଲୁଣ ବ୍ୟବହାର କରୁଅଛୁଁ । ସୁସ୍ଥ ଶରୀରରୁ ରକ୍ତ ଜାତ ହୋଇ ଜୀବନ ରକ୍ଷା କରେ । କେବଳ ମୁମୂର୍ଷୁ ଅବସ୍ଥାରେ ଡାକ୍ତରମାନେ ରୋଗୀର ଶରୀରରେ ପଶୁମାନଙ୍କର ରକ୍ତ ପ୍ରବେଶ କରାନ୍ତି କିନ୍ତୁ ଏହି ରକ୍ତ ଦ୍ୱାରା ସ୍ଥାୟୀ ଉପକାର ହୁଏ ନାହିଁ । ସେହିପରି ଆମ୍ଭେମାନେ ଅନ୍ୟ ଦେଶ ଜାତ ଲୁଣ ଖାଉଅଛୁଁ ତଦ୍ଦ୍ୱାରା ଆମ୍ଭମାନଙ୍କର ବିଶେଷ ଉପକାର ହେଉନାହିଁ । ପ୍ରକୃତ ପକ୍ଷେ ଆମ୍ଭମାନଙ୍କର ଗଭର୍ଣ୍ଣମେଣ୍ଟ ଏଥିପାଇଁ ଦାୟୀ ଅଟନ୍ତି । ଗଭର୍ଣ୍ଣମେଣ୍ଟ ଆମ୍ଭମାନଙ୍କୁ ଲୁଣ ପୋକ୍ତାନ କରିବାର ଅନୁମତି ଦେଉନାହାନ୍ତି । ବିଦେଶ ଜାତ ଲୁଣ ଉପରେ ମହାସୁଲ ନେଉଅଛନ୍ତି । ଏପ୍ରକାର ମହାସୁଲ ଅନ୍ୟ କୌଣସି ଦେଶରେ ଆଦାୟ ହୁଏ ନାହିଁ । ମହାସୁଲ ଦେବା ପକ୍ଷେ ଆମ୍ଭମାନଙ୍କର ବିଶେଷ ଆପତ୍ତି ନାହିଁ କିନ୍ତୁ ଲୁଣ ପୋକ୍ତାନ କରିବା ପାଇଁ ଅନୁମତି ଦେବା ଏକାନ୍ତ ବିଧେୟ ଓ ଯୁକ୍ତି ସଙ୍ଗତ ଅଟେ ।

ଗତବର୍ଷ କଣ ପୋକ୍ତାନିସମ୍ବନ୍ଧେ ଯେଉଁ ନିର୍ଦ୍ଧାରଣଟି ଧାର୍ଯ୍ୟ ହୋଇଥିଲା ତଦ୍ଦ୍ୱାରା ମୋ ପ୍ରତି ଯେଉଁ ଭାର ଦିଆ ଯାଇଥିଲା ତହିଁ ସମ୍ବନ୍ଧେ ମୁଁ କେତେକ ବିଷୟର ଅନୁସନ୍ଧାନ କରିଥିଲି ଓ ମଧ୍ୟ କର୍ତ୍ତୃପକ୍ଷମାନଙ୍କୁ ଜଣାଇ ଥିଲି । ସେ ବିଷୟରେ ଅନେକ

ସୁବିଧା ଓ ଅସୁବିଧା ରହିଅଛି । ସୁଖର ବିଷୟ ମାନ୍ୟବରଂ ଶ୍ରୀ ବାବୁ ଗୋପବନ୍ଧୁ ଦାଶ ମହାଶୟ ଚିଲିକା ପ୍ରଭୃତି କେତେକ ସ୍ଥାନ ଦେଖି ଅନେକ ବୃତ୍ତାନ୍ତ ସଂଗ୍ରହ କରି ମାନ୍ୟବର ଛୋଟଲାଟ ସାହେବ ବାହାଦୁରଙ୍କ ସଭାରେ ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ । ତହିଁର ଉତ୍ତରରେ ଗଭର୍ଣ୍ଣମେଣ୍ଟ କହି ଅଛନ୍ତି ଯେ ଚିଲିକାରେ ଲୁଣ ପୋକ୍ତାନି ବିଷୟ ବିଚାର କରାଯାଇ କୌଣସି କମ୍ପାନୀ ସହିତ ବନ୍ଦୋବସ୍ତ କରାଯିବ । ତାହା ହୋଇ ନ ପାରିଲେ ପାରିକୁଦର ରାଜା ନିଜେ ଅନୁମତି ନେଇ ଲୁଣ ପୋକ୍ତାନ କରି ପାରିବେ କି ନା ବିଚାର କରାଯିବ । ଏଥିରୁ ଆଶା କରାଯାଏ ଅଳ୍ପ ସମୟ ମଧ୍ୟରେ ଓଡ଼ିଶାରେ ଲୁଣ ପୋକ୍ତାନି କାର୍ଯ୍ୟ ପୁନରାୟ ଚଳିବ ।

**ସମସ୍ତ ଓଡ଼ିଆଙ୍କୁ ଏକ ଶାସନାଧୀନକରଣ :** ଆମ୍ଭମାନଙ୍କ ମଧ୍ୟରୁ କେତେକ ବଙ୍ଗଶାସନାଧୀନ, କେତେକ ମାନ୍ଦ୍ରାଜ ଶାସନାଧୀନ, କେତେକ ମଧ୍ୟପ୍ରଦେଶ ଶାସନାଧୀନ ଓ କେତେକ ବିହାର-ଓଡ଼ିଶା ନୂତନ ପ୍ରଦେଶ ଶାସନାଧୀନ ଥିବାରୁ ନାନା ପ୍ରକାର ଅସୁବିଧା ଭୋଗ କରିବାକୁ ହେଉଥିବା ବିଷୟ ଆପଣମାନେ ଉତ୍ତମରୂପେ ଜାଣନ୍ତି । ଅଙ୍ଗ ବିଚ୍ଛିନ୍ନ ହେଲା ପ୍ରାୟ ଆମ୍ଭେମାନେ ବର୍ତ୍ତମାନ ଖଣ୍ଡ ଖଣ୍ଡ ହୋଇ ରହିଅଛୁଁ ଓ ସେହି କାରଣରୁ ସମସ୍ତ ଅଙ୍ଗମାନଙ୍କ ସମାନ ଭାବରେ ପରିପୁଷ୍ଟି ହୋଇ ପାରୁନାହିଁ । ଆହୁରି ଦୁଃଖର ବିଷୟ ଏହି ଯେ ଓଡ଼ିଆମାନେ ଭିନ୍ନ ଭିନ୍ନ ସ୍ଥାନରେ ରହିବାରୁ ସେମାନଙ୍କ ମଧ୍ୟରୁ କେତେକ ଓଡ଼ିଆଭାଷା ଭୁଲି ଗଲେଣି । ଗତ ୨୦ ବର୍ଷ ମଧ୍ୟରେ ମେଦିନୀପୁର ଜିଲାର ଓଡ଼ିଆଭାଷିଙ୍କ ସଂଖ୍ୟା ପ୍ରାୟ ଚାରିଲକ୍ଷ କମି ଯାଇଅଛି । ସେମାନେ ବର୍ତ୍ତମାନ ଅନ୍ୟ ଜାତିରେ ପରିଗଣିତ ହୋଇଅଛନ୍ତି । ସିଂହଭୂମ ପ୍ରଭୃତି ଜାଗାରେ ଓଡ଼ିଆ ପରିବର୍ତ୍ତେ ହିନ୍ଦି ପ୍ରଚଳନ ଥିବା ଯୋଗୁଁ ପିଲାମାନେ ଓଡ଼ିଆ ଭାଷାକୁ ହିନ୍ଦିରେ ତରଜମା କରି ଶିଖୁଛନ୍ତି ।

ସମସ୍ତ ଓଡ଼ିଆମାନଙ୍କୁ ଏକ ଶାସନାଧୀନ କରି ଏହି ଅସୁବିଧା ନିବାରଣ ନିମିତ୍ତ ସମ୍ମିଳନୀ ବାରମ୍ବାର କର୍ତ୍ତୃପକ୍ଷମାନଙ୍କୁ ଜଣାଇ ଆସୁଥିଲେହେଁ ଅବଧି କିଛି ମାତ୍ର ଫଳ ହୋଇନାହିଁ । ସମ୍ମିଳନୀର ଗତ ଅଧିବେଶନରେ ଏହି କାର୍ଯ୍ୟପାଇଁ ଗୋଟିଏ କମିଟି ଗଠିତ ହୋଇଥିଲା । ଉକ୍ତ କମିଟି ଉପରେ ଏ ସମ୍ବନ୍ଧେ ଯାହା ଭଲ ବିବେଚନା କରିବେ ତାହା କରିବାର ଭାର ଦିଆ ଯାଇଥିଲା । ସେମାନେ ଗତ ବର୍ଷ ମଧ୍ୟରେ ଦୁଇଗୋଟି କାର୍ଯ୍ୟ କରିଅଛନ୍ତି ।

**(୧) ଇଂରେଜୀ ଖବରକାଗଜ :** ଇଂରେଜୀ ଖବର କାଗଜର ଅଭାବ ସମସ୍ତ ଶିକ୍ଷିତ ଓଡ଼ିଆମାନେ ଅନୁଭବ କରୁଥିଲେ । ଇଂରାଜୀ ଖବରକାଗଜ ନ ଥିବାରୁ ଆମ୍ଭମାନଙ୍କର ଗୁହାରି ସର୍ବ-ସାଧାରଣଙ୍କୁ ଓ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ପାରି ନ ଥିଲୁଁ । ଇଂରେଜୀ ଖବର କାଗଜ ଦ୍ୱାରା ଆମ୍ଭମାନଙ୍କର ଅଭାବ ଅସୁବିଧା ଓ ସମସ୍ତ ପ୍ରକାର

ଦୁଃଖ ସରକାରଙ୍କୁ ଜଣାଇ ଦିଆ ଯାଇଅଛି । ଏହି ଖବର କାଗଜଟି ନୂତନ ଆରମ୍ଭ କରା ଯାଇଅଛି । ଏହା ଓଡ଼ିଆ ଜାତିର ମୁଖ ସ୍ୱରୂପ । ମୁଁ ଆଶାକରେ ଏହି କାଗଜଟି ଚିରସ୍ଥାୟୀ କରିବା କାରଣ ଆପଣମାନେ ଯଥାଶକ୍ତି ସାହାଯ୍ୟ କରିବେ । ଇଂରେଜୀ ଖବର କାଗଜ ନ ଥିଲେ କେବଳ ଓଡ଼ିଆରେ ଯେତେ ବକ୍ତୃତା କଲେ ଓଡ଼ିଶାର ବାହାରେ କେହି ବୁଝିବେ ନାହିଁ ।

**(୨) ଭାରତ ସଚିବଙ୍କ ନିକଟ ଆବେଦନ :** ଭାରତ ସଚିବ ମହୋଦୟ ଭାରତବର୍ଷର ଶାସନ ପ୍ରଣାଳୀର ପରିବର୍ତ୍ତନ ଉଦ୍ଦେଶ୍ୟରେ କେତେକ ଦିନ ଭାରତବର୍ଷକୁ ଆସିଅଛନ୍ତି । ଭାରତବାସିମାନେ ଆତ୍ମ-ଶାସନ ପ୍ରଣାଳୀର ପୂର୍ଣ୍ଣ ଦାୟିତ୍ୱ ବୁଝି ପାରିଛନ୍ତି କି ନା ଓ ବୁଝି ପାରିଥିଲେ ସେମାନେ ଶାସନ କାର୍ଯ୍ୟର ଭାର କେତେଦୂର ଗ୍ରହଣ କରି ପାରିବେ ତାହା ଜାଣିବା ତାହାଙ୍କର ଆସିବାର ପ୍ରଧାନ ଉଦ୍ଦେଶ୍ୟ ଅଟେ । ଏହି ସମୟରେ ଅନ୍ୟାନ୍ୟ ଜାତିମାନେ ଓ ଦେଶବାସିମାନେ ଆତ୍ମଶାସନର ଅଧିକାର ପାଇବା ପାଇଁ ତାହାଙ୍କ ନିକଟ ଉପସ୍ଥିତ ହୋଇଅଛନ୍ତି । କିନ୍ତୁ ଆମ୍ଭେମାନେ ଦେଖିଲୁଁ ଯେ ପ୍ରକୃତରେ ଆମ୍ଭର ଦେଶ ନାହିଁ । ଆମ୍ଭର ଦେଶ ଖଣ୍ଡ ଖଣ୍ଡ ଓ ଭିନ୍ନ ଭିନ୍ନ ଶାସନାଧୀନ ହୋଇ ରହିଅଛି । ଏପରିସ୍ଥଳେ ଶାସନପ୍ରଣାଳୀର ପରିବର୍ତ୍ତନ ଚିନ୍ତା କରିବା ବୃଥା ! ସେଥିଯୋଗୁଁ ସର୍ବ ପ୍ରଥମେ ସମସ୍ତ ଓଡ଼ିଆମାନଙ୍କୁ ଏକତ୍ର ଓ ଏକ ଶାସନାଧୀନ କରିବା କାରଣ ଆମ୍ଭେମାନେ ଭାରତ ସଚିବଙ୍କ ନିକଟ ଆବେଦନ କରୁଅଛୁଁ । ଆମ୍ଭମାନଙ୍କର ଏହି ପ୍ରାର୍ଥନାଟି ସିଦ୍ଧ ହେଲେ, ପରେ ଶାସନ-ପ୍ରଣାଳୀ ବିଷୟ ଆଲୋଚନା କରିବାକୁ ହେବ । ଆବେଦନର କି ଫଳ ହେବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାଯାଇ ନାହିଁ । ବର୍ତ୍ତମାନ କିଛି ଫଳ ହେଉ ବା ନ ହେଉ ଯେ ପର୍ଯ୍ୟନ୍ତ ସମସ୍ତ ଓଡ଼ିଶା ଏକତ୍ର ହୋଇନାହିଁ ସେପର୍ଯ୍ୟନ୍ତ ଆମ୍ଭମାନଙ୍କର ଆଶା ପୂର୍ଣ୍ଣ ହେବ ନାହିଁ ଓ ଆମ୍ଭେମାନେ ବରାବର ଆବେଦନ, ନିବେଦନ ଓ ଆନ୍ଦୋଳନ କରୁଥିବୁଁ ।

**କପାଚାଷ :** ଏହି ଭୀଷଣ ଯୁଦ୍ଧ ଯୋଗୁଁ ଲୁଗା ମଧ ଦୁର୍ମୂଲ୍ୟ ହୋଇଅଛି । ଓଡ଼ିଶାରେ ଇତିପୂର୍ବେ ବହୁପରିମାଣରେ କପାଚାଷ ହେଉଥିଲା । ସେ ସମୟରେ ଓଡ଼ିଶାବାସିମାନଙ୍କର ସମସ୍ତ ଆବଶ୍ୟକୀୟ ଲୁଗାମାନ ଏହିଠାରେ ପ୍ରସ୍ତୁତ ହେଉଥିଲା । ଗରିବ ଓ ଆଶ୍ରୟହୀନା ବିଧବାମାନେ ଅର୍ଟ୍ଟ ଦ୍ୱାରା ସୂତାକାଟି ଜୀବିକା ନିର୍ବାହ କରୁଥିଲେ । କ୍ରମଶଃ, ବିଲାତ ଲୁଗାର ଆମଦାନୀ ଆରମ୍ଭ ହେଲା । ଓଡ଼ିଆମାନେ ଦେଶୀଲୁଗା ଛାଡ଼ି ବିଲାତ ଲୁଗା ପିନ୍ଧିବାକୁ ଆରମ୍ଭ କଲେ । କ୍ରମେ ଦେଶୀ ଲୁଗାର କାରବାର କମିଯାଇ ବିଲାତ ଲୁଗାର ବିଶେଷ ବ୍ୟବହାର ହେଲା । ଶେଷରେ ଦେଶୀଲୁଗାର କାରବାର ବିଶେଷ କମିଗଲା । କପାଚାଷ କ୍ରମଶଃ ବନ୍ଦ

ହେଲା । ତହିଁ ସଙ୍ଗେ ସୂତାକଟା ମଧ ବନ୍ଦ ହେଲା । ବର୍ତ୍ତମାନ କୌଣସି ଗ୍ରାମରେ ପହୁଞ୍ଚି ଗୋଟିଏ ଅର୍ଟୀ ଖୋଜିଲେ ପାଇବା କଠିଣ । ପୂର୍ବପରି କପାଚାଷ ପ୍ରଚଳିତ ଥିଲେ ବର୍ତ୍ତମାନ ଲୁଗାର ଦୁର୍ମୂଲ୍ୟ ସମୟରେ ଆଦୌ କଷ୍ଟ ହୁଅନ୍ତା ନାହିଁ । ବିଲାତ ଲୁଗା ଅଭାବରେ ଦେଶୀଲୁଗା ଦ୍ୱାରା ଲୋକେ ସୁବିଧାରେ ଚଳିପାରନ୍ତେ । ଚାଷୀମାନେ ସୂତା କାଟି ଜୀବିକା ନିର୍ବାହ କରିପାରନ୍ତେ । ତନ୍ତିମାନେ ଲୁଗାବୁଣି ସୁଖରେ ଦିନପାତ କରନ୍ତେ ଓ ବ୍ୟବସାୟୀମାନେ ଲୁଗା ବିକ୍ରୟକରି କିଛିକିଛି ଲାଭକରି ପାରନ୍ତେ ।

ଏ ସମ୍ବନ୍ଧେ ଗୋଟିଏ କଥା କହିବା ଆବଶ୍ୟକ । ମନୁଷ୍ୟମାନଙ୍କର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଜ୍ଞାନୋଦୟ ହୁଏ । ଜ୍ଞାନୋଦୟ ସଙ୍ଗେ ସଙ୍ଗେ ଲଜ୍ଜା ଉପସ୍ଥିତ ହୁଏ । ଏ ଲଜ୍ଜା ସଙ୍ଗେ ସଙ୍ଗେ ଲଜ୍ଜା ନିବାରଣ ପାଇଁ ଲୁଗା ପିନ୍ଧିବା ଆବଶ୍ୟକ ବୋଧ ହୁଏ । ଏହି ଲଜ୍ଜା ନିବାରଣର ଉପାୟ ଆମ୍ଭେମାନେ ନିଜେ ନିଜେ କରି ନ ପାରି ବିଦେଶୀୟ-ମାନଙ୍କ ପରେ ନିର୍ଭର କଲେ ଅନୁମାନ କରିବାକୁ ହେବ ଯେ ଆମ୍ଭମାନଙ୍କର ବୟସ ହୋଇଥିଲେହେଁ ଜ୍ଞାନୋଦୟ ବା ଲଜ୍ଜା ନିବାରଣ ଶକ୍ତି ହୋଇ ନାହିଁ ।

ଅତଏବ ବର୍ତ୍ତମାନ ସମୟ ଓ ଅବସ୍ଥାଦୃଷ୍ଟିରେ ଯଥେଷ୍ଟ ପରିମାଣରେ କପାଚାଷ ହେବାପକ୍ଷେ ଆମ୍ଭମାନଙ୍କର ଯତ୍ନବାନ୍ ହେବା ଉଚିତ । ସରକାର ବାହାଦୁର କୃଷି ସମ୍ବନ୍ଧେ ଉନ୍ନତି ସାଧନ ପାଇଁ ଅନେକ ପ୍ରକାର ଚେଷ୍ଟା ଓ ଯତ୍ନ କରୁଅଛନ୍ତି ଓ ତହିଁପାଇଁ ଆମ୍ଭେମାନେ ବିଶେଷରୂପେ କୃତଜ୍ଞ ଅଛୁଁ କିନ୍ତୁ ଯେପର୍ଯ୍ୟନ୍ତ ଆମ୍ଭେମାନେ ନିଜେ ନିଜେ ଚେଷ୍ଟା ଓ ଯତ୍ନ ନ କରିବା ସେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫଳଲାଭ ଅସମ୍ଭବ ।

ଆପଣମାନଙ୍କର ଆଉ ଅଧିକ ସମୟ ନଷ୍ଟ କରିବା ଉଚିତ ବୋଧ କରୁ ନାହିଁ । ଏଯୋଗୁଁ ଏହିଠାରେ କ୍ଷାନ୍ତ ହେଲି । ଆପଣମାନେ ଏତେ କଷ୍ଟ ସ୍ୱୀକାର କରି ଆଜି ଏଠାରେ ଉପସ୍ଥିତ ହୋଇଥିବାରୁ ଆପଣମାନଙ୍କୁ ପୁନରାୟ ଅନ୍ତରର ସହିତ ଅଶେଷ ଧନ୍ୟବାଦ ଦେଇ ସବିନୟ ପ୍ରାର୍ଥନା କରୁଅଛି କି ଅନୁଗ୍ରହ ପୂର୍ବକ ଆମ୍ଭମାନଙ୍କ ଶ୍ରଦ୍ଧା ଓ ଭକ୍ତି ଗ୍ରହଣକରି ସମସ୍ତ ତ୍ରୁଟି ମାର୍ଜନା କରିବା ହେବେ ।

## ଅଧିବେଶନର ସଭାପତି କବିଶେଖର ଫକୀରମୋହନଙ୍କ ଅଭିଭାଷଣ

ମୁଁ ଯେତେବେଳେ ବାଲେଶ୍ୱରରେ ସମ୍ମିଳନୀର ସଭାପତି ହେବାର ଅନୁରୋଧ ପାଇଲି, ସେତେବେଳେ ମୁଁ ମନେ କଲି ମୋତେ — ଏହି ଜରାଜୀର୍ଣ୍ଣ ବୁଢ଼ାଟାକୁ କାହିଁକି ଟଣା ଓଟରା କଲେ ? ଏ ସମ୍ମିଳନୀରେ ସମସ୍ତଙ୍କର ସମାନ ଅଧିକାର; ଯୁକ୍ତରାଜ୍ୟରେ ଜଣେ ସାମାନ୍ୟ ନାଉରୀ ଥରେ President (ସଭାପତି) ହୋଇଥିଲା; କାରଣ ତାହା ସାଧାରଣତନ୍ତ୍ର ରାଜ୍ୟ । ମୁଁ ମୋର ଅଭିଭାଷଣରେ ଯାହା

ଲେଖିଛି, ଅଭ୍ୟର୍ଥନା ସଭାର ସଭାପତି କନିକାରାଜା ସାହେବ ସବୁ ଆଲୋଚନା କରିଅଛନ୍ତି; ମୋର ଅଭିଭାଷଣ ପୁନରୁକ୍ତି ମାତ୍ର—

ଭାଇମାନେ !·

୧ । ଉତ୍କଳ-ସମ୍ମିଳନୀ ସଭାପତି ପଦରେ ନିଯୁକ୍ତ ସମ୍ବନ୍ଧେ ସମ୍ମିଳନୀ ପକ୍ଷରୁ ଖଣ୍ଡିଏ ଟେଲିଗ୍ରାଫ ପାଇବାର ମୁଁ କେତେକ ଘଣ୍ଟାପୂର୍ବେ ଜ୍ୱରରୋଗରୁ ଉଠି ବସିଥିଲି । ପ୍ରଥମରେ ଯେପରି ଟେଲିଗ୍ରାମର ଅର୍ଥ ବୁଝି ପାରିଲି ନାହିଁ । ସମ୍ମିଳନୀର ଆରମ୍ଭଠାରୁ ଗତବର୍ଷ ପର୍ଯ୍ୟନ୍ତ ଯେଉଁ ସିଂହାସନ ରାଜା, ମହାରାଜା ଏବଂ ମହା ମହା ବିଦ୍ୱାନ ସମ୍ଭ୍ରାନ୍ତ ମହାପୁରୁଷମାନଙ୍କ ଦ୍ୱାରା ଶୋଭିତ ହୋଇ ଆସୁଥିଲା ଆଜି ହଠାତ୍ ସର୍ବ ବିଷୟରେ ଶକ୍ତିହୀନ ଜରାଜୀର୍ଣ୍ଣ ରୋଗ ଭୋଗରେ ବିଚଳିତ ମତି ଗୋଟାଏ ଲୋକକୁ ଆହ୍ୱାନ କି ସକାଶେ ? ଟେଲିଗ୍ରାମରେ ମାନନୀୟ ଦାସ ମହାଶୟଙ୍କ ସ୍ୱାକ୍ଷର ଦେଖିଲି, ଅନ୍ୟଥା ମୋତେ କେହି ବିଦ୍ରୂପ କରୁଅଛି ବୋଲି ମନରେ କରିଥାନ୍ତି । ଯାହାହେଉ ମନରେ କଲି ବର୍ତ୍ତମାନ ମୋ ପକ୍ଷରେ କର୍ତ୍ତବ୍ୟ କଣ ? ପରମୁହୂର୍ତ୍ତରେ ଭାବିଲି ଏହି ସମ୍ମିଳନୀ ଉତ୍କଳର ରାଜା, ମହାରାଜା କିମ୍ବା ଶିକ୍ଷିତ ଧନବନ୍ତ ଲୋକମାନଙ୍କର ନୁହେ । ରାଜା ମହାରାଜାଠାରୁ ଦୀନ ଦରିଦ୍ର ପର୍ଯ୍ୟନ୍ତ ସର୍ବଜାତୀୟ ସର୍ବଶ୍ରେଣୀୟ ଲୋକଙ୍କର ମଙ୍ଗଳ କାମନାରେ ଏହା ପ୍ରତିଷ୍ଠିତ । ସୁତରାଂ ଉତ୍କଳବାସୀ ପ୍ରତ୍ୟେକ ଲୋକର ଏଥିରେ ସମାନ ଅଧିକାର ଅଛି । ଏହି କଥା ସମ୍ମିଳନୀ ପକ୍ଷରୁ ବାରମ୍ବାର ବୁଝାଇ ଦିଆ ଯାଉଅଛି । ମାତ୍ର ବାକ୍ୟଠାରୁ କାର୍ଯ୍ୟର ଦୃଷ୍ଟାନ୍ତ ଅଧିକ ଫଳ ଦାୟୀ ଅଟେ — ଏହା ପ୍ରମାଣ କରାଇବା ନିମନ୍ତେ ମୁଁ ନିମ୍ନ ଶ୍ରେଣୀରୁ ବାହାରି ଆସି ସଭାପତି ଆସନ ଅଧିକାର କରି ବସିବାକୁ ସାହସ କରିଅଛି । ଉତ୍ତର-ଆମେରିକାର ଯୁକ୍ତରାଜ୍ୟରେ ଏକ ସମୟରେ ଜଣେ ନାଉଡ଼ି ପ୍ରେସିଡେଣ୍ଟ ଅର୍ଥାତ୍ ରାଜକୀୟ ପ୍ରଧାନ ପଦରେ ନିଯୁକ୍ତ ହୋଇଥିଲେ — ଯେହେତୁ ତାହା ସାଧାରଣତନ୍ତ୍ରାଧୀନ ଥିଲା । ଭାଇମାନେ ! ଭାରତଭୂମି ପକ୍ଷରେ ବର୍ତ୍ତମାନ ବିଷମ ଦୁର୍ଦ୍ଦିନ ଉପସ୍ଥିତ । ପ୍ରତ୍ୟକ୍ଷରେ ଭାରତରେ କୌଣସି ଦୁର୍ଯ୍ୟୋଗ ଉପସ୍ଥିତ ନାହିଁ ସତ୍ୟ ମାତ୍ର ଭାରତର ରାଜରାଜେଶ୍ୱର ବର୍ତ୍ତମାନ ଦାରୁଣ ଯୁଦ୍ଧରେ ଲିପ୍ତ । ବିଲାତରେ ଯୁଦ୍ଧକ୍ଷେତ୍ର । ଭାରତବାସୀ ଆନନ୍ଦ ମନରେ ଅନେକ କ୍ଷେତ୍ରରେ ରାଜକୀୟ ବିନା ଆହ୍ୱାନରେ ଧନ ପ୍ରାଣ ଉତ୍ସର୍ଗ କରୁଅଛନ୍ତି ଏବଂ କରିବାକୁ ପ୍ରସ୍ତୁତ । ପ୍ରତ୍ୟେକ ଭାରତବାସୀ ଯେ ରାଜରାଜେଶ୍ୱରଙ୍କ ମଙ୍ଗଳ କାମନା କରୁଅଛନ୍ତି, ଏହା ନିଶ୍ଚୟ ଦୃଢ଼ରୂପେ ବୋଲିବାକୁ ଆମ୍ଭେମାନେ ପ୍ରସ୍ତୁତ । କାରଣ ଆମ୍ଭମାନଙ୍କର ରାଜରାଜେଶ୍ୱର ନିଜର ରାଜ୍ୟ ବା ଧନ ବିସ୍ତାର ନିମନ୍ତେ ଲୋଭପରବଶ ହୋଇ ଏହି ଯୁଦ୍ଧରେ ପ୍ରବୃତ୍ତ ହୋଇନାହାନ୍ତି । ଅକାରଣ ବା ଅନ୍ୟାୟ ରୂପେ ଶତ୍ରୁ ଦ୍ୱାରା ଆକ୍ରାନ୍ତ ନିର୍ଦ୍ଦୋଷ ପ୍ରତିବେଶୀ ବନ୍ଧୁମାନଙ୍କ ରକ୍ଷା ଏବଂ

ଜଗତରେ ଶାନ୍ତି ସ୍ଥାପନ ନିମନ୍ତେ ରାଜରାଜେଶ୍ୱର ଏହି ଧର୍ମଯୁଦ୍ଧରେ ପ୍ରବୃତ୍ତ ହୋଇ ଅଛନ୍ତି । ଏଥକୁ "ଯତୋଧର୍ମ ସ୍ତତୋଜୟଃ" । ଆମ୍ଭମାନଙ୍କ ପକ୍ଷରେ ଜୟ ନିଶ୍ଚିତ ଏହା ପ୍ରତ୍ୟେକ ଭାରତବାସୀ ଆଶା, କାମନା ଏବଂ ପ୍ରାର୍ଥନା କରୁଅଛନ୍ତି । ରାଜରାଜେଶ୍ୱର ସମରରେ ପ୍ରବୃତ୍ତହେବା ଦିନଠାରୁ ଭାରତର ରାଜା ମହାରାଜାଠାରୁ ଦୀନ ଦୁଃଖୀ ପର୍ଯ୍ୟନ୍ତ ପ୍ରତ୍ୟେକ ଲୋକ ବିବିଧ ପ୍ରକାରେ କଷ୍ଟ ଭୋଗ କରୁଅଛନ୍ତି ଏହା ପ୍ରତ୍ୟକ୍ଷ ବିଷୟ ଅଟେ । ରାଜା ପ୍ରଜା ମଧ୍ୟରେ ନିତ୍ୟ ସମ୍ବନ୍ଧ । ପ୍ରଜା ଚେର ଏବଂ ରାଜା ବୃକ୍ଷ ସ୍ୱରୂପ ଅଟନ୍ତି । ଝଞ୍ଜା ବାୟୁରେ ବୃକ୍ଷ ଆନ୍ଦୋଳିତ ହେଲେ ଚେର କମ୍ପିତ ତ୍ରସ୍ତ ଏବଂ ଇତସ୍ତତଃ ହୋଇଯାଏ । ଦୟାମୟ ପ୍ରଭୁ ଏହି ମାରାତ୍ମକ ସମର ଶେଷ ଏବଂ ଜଗତରେ ଶାନ୍ତି ସ୍ଥାପନ କରନ୍ତୁ ।

**୨ । ଦେଶ ମିଶ୍ରଣ :** ଭାଇମାନେ ! ଆମ୍ଭେମାନେ ମାତୃଭୂମିର ମଙ୍ଗଳ ଏବଂ ଉନ୍ନତିକାମନାରେ ଏକତ୍ରିତ ହୋଇଅଛୁଁ । ଉପସ୍ଥିତ ଦୁଃଖ ସୁଖ ବିଷୟରେ ବନ୍ଧୁମାନଙ୍କ ସହିତ ଆଲୋଚନା କରିବାର ମାନବଜାତିର ଧର୍ମ ଅଟେ । ଏହି ଆଲୋଚନା ଯୋଗେ ଦେଶର ଦୁର୍ଗତିମୋଚନ ଏବଂ ମଙ୍ଗଳସାଧନର ଉପାୟ ଆବିଷ୍କୃତ ହୋଇଥାଏ । ସମ୍ପ୍ରତି ଆମ୍ଭମାନଙ୍କର କଣ ଆଲୋଚ୍ୟ ବିଷୟ ହୋଇପାରେ ? ଯେପରି ସ୍ୱର୍ଗରୁ ଗୋଟିଏ ଦେବତା ହାତରେ ଦୁଇଗୋଟି ବର ସ୍ୱରୂପ ଫଳ ଧରି ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହେବେ ତାହାଙ୍କର ଗୋଟିଏ ହସ୍ତରେ ଉତ୍କଳର ଦେଶମିଶ୍ରଣ ଏବଂ ଅନ୍ୟ ଗୋଟିଏ ହସ୍ତରେ ସ୍ୱର୍ଗୀୟ ସୁଖମୟ ଫଳ ଥିବ – ଦେବତା ପଚାରିବେ "ତୁମ୍ଭମାନଙ୍କର କେଉଁ ଫଳ ଲୋଡ଼ା ?" ଅବଶ୍ୟ ଓଡ଼ିଶାବାସୀ ପ୍ରତ୍ୟେକ ଲୋକ ଦେଶମିଶ୍ରଣ ଫଳ ନିମିତ୍ତ ହାତ ବଢ଼ାଇବେ । ସେଥିରେ କିଛି ସନ୍ଦେହ ନାହିଁ । ଯେହେତୁ ମାନବଜାତିର ସ୍ୱାଭାବିକ ଧର୍ମ ଅଗ୍ରେ କଷ୍ଟରୁ ବିମୁକ୍ତି, ତହିଁ ଉତ୍ତାରେ ସୁଖଭୋଗ କରିବାକୁ ଇଚ୍ଛା କରେ । ଯେହେତୁ ରାଜକୀୟ ଶାସନସମ୍ପର୍କେ ଉତ୍କଳଭୂମି ଛିନ୍ନ ବିଛିନ୍ନ ଅବସ୍ଥାରେ ଥିବାରୁ ତତ୍ କୁଫଳଜନିତ ଯନ୍ତ୍ରଣା ଉତ୍କଳବାସୀ ଭୋଗ କରୁଅଛନ୍ତି ସେଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଶିକ୍ଷା-ଜ୍ଞାନ-ସଭ୍ୟତା ଓ ମାତୃଭାଷାର ଗୌରବ-ପ୍ରସାରଣ, ବିଶେଷ ରୂପେ ବାଣିଜ୍ୟ ବିସ୍ତାର, କୌଣସି ବିଷୟରେ ଉନ୍ନତି ଲାଭ କରିପାରୁ ନାହାନ୍ତି । ଉତ୍କଳଭୂମି ଶାସନ ସମ୍ବନ୍ଧେ ପାର୍ଥକ୍ୟ ହେତୁ କି ଭାବରେ ଉନ୍ନତିର ଅନ୍ତରାୟ ଘଟୁଅଛି ତାହା ବିଶଦରୂପେ ବୁଝାଇବାକୁ ଗଲେ ବହୁ ସମୟ ଆବଶ୍ୟକ, ଅନେକ ଶ୍ରୋତାଙ୍କର ଧୈର୍ଯ୍ୟଚ୍ୟୁତି ହେବାର ସମ୍ଭାବନା । ପ୍ରତ୍ୟେକ ଶିକ୍ଷିତ ଲୋକ କାରଣ ଜାଣି ପ୍ରାଣରେ କଷ୍ଟ ଅନୁଭବ କରୁଅଛନ୍ତି । ଉତ୍କଳରେ ଯେଉଁ ସମସ୍ତ ବିଷୟର ଉନ୍ନତିର ଅନ୍ତରାୟ ବିଷୟ ଉଲ୍ଲେଖ କଲି, ମାନବଜାତିର ସୁଖ ସ୍ୱାଚ୍ଛନ୍ଦ୍ୟ ବର୍ଦ୍ଧନ ନିମନ୍ତେ ପ୍ରତ୍ୟେକ ବିଷୟ ଆବଶ୍ୟକ

ଅଟେ । ଯେପରି ଗୋଟିଏ ବୃହତ୍ ତେଜସ୍ୱୀ ବୃକ୍ଷର ଆଶ୍ରୟରେ ଗୋଟିଏ ସାନଗଛ ଥିଲେ କ୍ରମଶଃ ଉନ୍ନତି ଲାଭ ନ କରି ସଙ୍କୋଚିତ ହୋଇପଡ଼େ, ସେହିପରି ଉତ୍କଳଖଣ୍ଡମାନ ଅନ୍ୟ ଶାସନାଧୀନରେ ଥିବାରୁ କ୍ରମଶଃ ଦୁର୍ବଳରୁ ଦୁର୍ବଳତର ହୋଇ ପଡୁଅଛି । ଶାରୀରିକ ଉନ୍ନତି ସମ୍ବନ୍ଧେ ମଧ ଉତ୍କଳ ଜାତି କ୍ଷୀଣରୁ କ୍ଷୀଣତର ହୋଇ ପଡୁଅଛନ୍ତି । ବିଲାତସ୍ଥ ସୁବିଖ୍ୟାତ ଚିକିତ୍ସକମାନେ ନାନାପ୍ରକାର ଯୁକ୍ତି ଦେଖାଇ ସ୍ଥିର କରିଅଛନ୍ତି କି ଯୌନ-ନିର୍ବାଚନ ସମାଜ ଅପ୍ରଶସ୍ତ ଥିଲେ ମାନବଜାତିର ଭବିଷ୍ୟତ ବଂଶଧରମାନେ କ୍ଷୀଣତର ହୋଇ ପଡ଼ନ୍ତି । ଉତ୍କଳର ଗୋଦାବରୀଠାରୁ କଂସାବତୀ କୂଳ ପର୍ଯ୍ୟନ୍ତ ଉତ୍କଳୀୟ ବ୍ରାହ୍ମଣ, କରଣ ଓ ଖଣ୍ଡାଏତ ପ୍ରଭୃତି ବିବିଧ ଜାତୀୟ ସମାଜର ବାସ । କିନ୍ତୁ ଉତ୍କଳ ଭିନ୍ନ ଭିନ୍ନ ଶାସନରେ ଥିବାରୁ ସେହିସବୁ ସମାଜ ମଧ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ ହୋଇଯାଇଅଛି । ଗଞ୍ଜାମୀ କରଣ, କଟକୀ କରଣ ବା ସମ୍ବଲପୁରୀ କରଣ ଏକଜାତୀୟ ହେଲେ ମଧ ବୈବାହିକ ଆଦାନ ପ୍ରଦାନ ପରସ୍ପର ହିତହେତୁ ଅତି ସଙ୍କୀର୍ଣ୍ଣ ସୀମାମଧରେ ଆବଦ୍ଧ । ଫଳରେ ସେମାନଙ୍କର ବୈବାହିକ ଆଦାନପ୍ରଦାନ କ୍ଷେତ୍ର ଅପ୍ରଶସ୍ତ ହୋଇ ପଡ଼ିଅଛି । ଉତ୍କଳବାସୀ ସମସ୍ତ କରଣ ଏକତ୍ରିତ ହେଲେ ଗୋଟିଏ ଗୋଟିଏ ଶକ୍ତିଶାଳୀ ଜାତି ହୋଇପାରନ୍ତେ । ଏହିପରି ଅବସ୍ଥା ପ୍ରତ୍ୟେକ ଜାତିର ଅଟେ ।

ଭାଇମାନେ ! ଯେପର୍ଯ୍ୟନ୍ତ ସମସ୍ତ ଉତ୍କଳ ଏକତ୍ରିତ ହୋଇନାହିଁ, ଏହାର ଉନ୍ନତିର ପ୍ରତ୍ୟାଶା ବିଡ଼ମ୍ବନା ମାତ୍ର — ଏହା ଆପଣମାନେ ଜାଣି ପାରୁଅଛନ୍ତି । ସମ୍ମିଳନୀ ଆରମ୍ଭଠାରୁ ଏପର୍ଯ୍ୟନ୍ତ ମନୋଦୁଃଖ ସହିତ ଏହି ବିଷୟ ଆଲୋଚନା କରି ଆସୁଅଛନ୍ତି ଏବଂ କୃତକାର୍ଯ୍ୟ ହେବା ପର୍ଯ୍ୟନ୍ତ ଚେଷ୍ଟା କରୁଥିବେ ଏହା ନିଶ୍ଚୟ ଅଟେ । ଆମ୍ଭେମାନେ ରାଜସରକାରରେ ପୁନଃ ପୁନଃ ଆବେଦନ କରି ଅକୃତକାର୍ଯ୍ୟ ହେଉଅଛୁଁ ସତ୍ୟ କିନ୍ତୁ ନିବୃତ୍ତ ହେବୁଁ ନାହିଁ । କୋଟିସଂଖ୍ୟକ ଦୁର୍ବଳ ଉତ୍କଳ ସନ୍ତାନର ଆକୁଳ ରଡ଼ି କେତେବେଳେ ହେଲେ ବିଲାତର ରାଜାଧିରାଜାଙ୍କର କର୍ଣ୍ଣଗୋଚର ହେବ ।

୩ । ବସ୍ତ୍ର : ଆମ୍ଭମାନଙ୍କର ସଂସାରିକ ବ୍ୟବହାର ନିମନ୍ତେ ଯେଉଁ ସବୁ ପଦାର୍ଥ ପ୍ରୟୋଜନ, ସେଥିମଧରେ ଅନ୍ନ, ବସ୍ତ୍ର ଓ ଲବଣ ଏହି ତିନିଗୋଟି ପ୍ରଧାନ । ଅନ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଅଭାବ କିମ୍ବା ଦୁର୍ମୂଲ୍ୟତା ହେତୁ କୌଣସି ପ୍ରକାର ହେଲେ ସଂସାର ଚଳିପାରେ ମାତ୍ର ଏ ତିନିରୁ ଗୋଟିଏ ଅଭାବ ହେଲେ ଆମ୍ଭମାନଙ୍କର ସଂସାର ଯାତ୍ରା ନିର୍ବାହ ନିତାନ୍ତ ଦୁର୍ଘଟ ହୋଇପଡ଼ିବ । ବିଲାତରେ ମାରାତ୍ମକ ସମର ହେତୁ ବସ୍ତ୍ର ଓ ଲବଣ ଦୁଇଗୋଟି ପଦାର୍ଥ ନିତାନ୍ତ ଦୁର୍ମୂଲ୍ୟ ହୋଇ ପଡ଼ିଅଛି । ବସ୍ତ୍ରର ଦୁର୍ମୂଲ୍ୟତା ହେତୁ କି ନିମ୍ନଶ୍ରେଣୀ, କି ମଧବର୍ତ୍ତିଶ୍ରେଣୀ ଏମାନେ ଦାରୁଣ କଷ୍ଟ ଅନୁଭବ

କରୁଅଛନ୍ତି । ବିଲାତି ବସ୍ତ୍ରର ଅବସ୍ଥା ଯେ ପ୍ରକାର ଦେଖାଯାଉଅଛି, ତାହା ଏ ଉତ୍ତାରେ ନିତାନ୍ତ ଦୁଷ୍ପ୍ରାପ୍ୟ ହୋଇପଡ଼ିବ । ସୁତରାଂ ଲୋକସାଧାରଣ ଯେ କି କଷ୍ଟ ଅନୁଭବ କରିବେ ତାହା ସହଜରେ ଅନୁମିତ ହୋଇପାରେ । ବିଲାତି ବସ୍ତ୍ରର ଚାକଚକ୍ୟ ଏବଂ ସୁଲଭତା ହେତୁ ଦେଶୀୟ ବସ୍ତ୍ର ଉତ୍ପନ୍ନ ଏକପ୍ରକାର ବିଲୁପ୍ତ ହୋଇଗଲାଣି । ଯାହାହେଉ ଦେଶୀୟ ବସ୍ତ୍ରର ଉତ୍ପନ୍ନ ସମ୍ବନ୍ଧେ ବର୍ତ୍ତମାନ ଆମ୍ଭେମାନେ ଜାଗ୍ରତ ନ ହେଲେ ଆମ୍ଭମାନଙ୍କର ଦୁର୍ଦ୍ଦଶାର ସୀମା ରହିବନାହିଁ । ଦଶବର୍ଷ ପୂର୍ବେ ଆମ୍ଭମାନଙ୍କର ଏହି ସମ୍ମିଳନୀ ଭବିଷ୍ୟତ୍ ନେତ୍ରରେ ଦେଶୀୟ ବସ୍ତ୍ରର ଆବଶ୍ୟକତା ବୁଝିଥିଲେ । ସମ୍ମିଳନୀର Managing Committee ସ୍ଥିର କରିଥିଲେ ଯେ ଅନ୍ତତଃ ଆମ୍ଭେମାନେ ପ୍ରତ୍ୟେକେ ଦେଶୀୟ 'ପଖାଳକରା' ପିନ୍ଧିବୁ । ଆମ୍ଭମାନଙ୍କର ମାନନୀୟ ମଧୁସୂଦନ ଦାସ ମହୋଦୟ ଠକଠକି ଓ ତନ୍ତ ପ୍ରଚଳନ ଏବଂ ଅନେକତନ୍ତିଙ୍କୁ ଶିକ୍ଷିତ କରାଇ ଅନେକ 'ପଖାଳକରା' ପ୍ରସ୍ତୁତ କରାଇଥିଲେ । ମାତ୍ର ଆମ୍ଭେମାନେ ବିଦେଶୀ ଲୁଗାର ଚାକଚକ୍ୟରେ ଭୁଲିଯାଇ ଅଛୁଁ । ପୁଣି ତଥାକଥିତ ସଭ୍ୟତା ବୃଦ୍ଧି ସହିତ ଆମ୍ଭମାନଙ୍କର ବିଳାସିତା ବଢ଼ି ଯାଇଅଛି । ଆମ୍ଭମାନଙ୍କର ବର୍ତ୍ତମାନ ଆୟର ସଂକୀର୍ଣ୍ଣତାବସ୍ଥା ବିଷୟ ନ ଭାବି ନୂଆ ନୂଆ ଫେସନର ନାନାପ୍ରକାର ଲୁଗା ପ୍ରସ୍ତୁତ କରି ଦୁର୍ଦ୍ଦଶା ମାର୍ଗରେ ଅଗ୍ରସର ହେଉଅଛୁଁ । ବର୍ତ୍ତମାନ ଆମ୍ଭମାନଙ୍କୁ ଦେଶୀ ମୋଟାଲୁଗା ରୁଚିବ କିପରି ? ମାନନୀୟ ମଧୁସୂଦନ ବାବୁ ବିବିଧ ପ୍ରକାର ବାହୁଲ୍ୟ କର୍ମକ୍ଷେତ୍ରରେ ବୁଡି ରହି ମଧ୍ୟ ଦେଶର ମଙ୍ଗଳସାଧନ ନିମନ୍ତେ ସ୍ଥବିରାସ୍ଥାରେ ମଧ୍ୟ ଦେଶୀୟ ବସ୍ତ୍ରର ପ୍ରଚଳନ ସମ୍ବନ୍ଧେ ଆପଣାର ମୂଲ୍ୟବାନ୍ ସମୟ କଷ୍ଟ କରି ଯେପରି ଲାଗିଯାଇଥିଲେ, ଦେଶର ଅନ୍ୟ କ୍ଷମତାଶାଳୀ ଲୋକ ସାଧାରଣ ସେହିପରି ଲାଗି ଯାଇଥିଲେ ଆଜି ଆମ୍ଭମାନଙ୍କୁ ବସ୍ତ୍ର ସମ୍ବନ୍ଧେ ଭାବିବାକୁ ହୋଇ ନ ଥାନ୍ତା । ଦେଶୀୟ ବସ୍ତ୍ର ଯେପରି ସୁଲଭ ସେହିପରି ବହନ୍ତି ଅଟେ, ସେହି ବସ୍ତ୍ରର ବ୍ୟବହାର ଯୋଗୁଁ ଆମ୍ଭମାନଙ୍କର ସଂକୀର୍ଣ୍ଣ ଆୟରୁ ଗୋଟିଏ ବିଶେଷ ବ୍ୟୟ କେତେକ ପରିମାଣରେ ସଂକୋଚ ହୋଇ ପଡ଼ନ୍ତା.। ସେ ବିଷୟରେ ଭାବିବାପାଇଁ କିଛିମାତ୍ର ଚେଷ୍ଟା କରିନାହୁଁ । ସେଥିର କର୍ମଫଳ ବର୍ତ୍ତମାନ ଭୋଗ କରୁଅଛୁଁ ଏବଂ କରିବାକୁ ହେବ ।

ଆମ୍ଭମାନଙ୍କର ନିଜ ନିଜ ବିଷୟ ଛାଡ଼ି ଦେଶବିଷୟ ମଧ୍ୟ ଚିନ୍ତା କରିବା ଉଚିତ । ଆମ୍ଭେମାନେ ଦେଶପ୍ରତି ଦୃଷ୍ଟି ନିକ୍ଷେପ କଲେ ଦେଖିବାକୁ ପାଉଁ ଯେ ଏହି ଦେଶରୁ ତୁଳା ଏବଂ ଝୋଟ ଯାଇ ବିଲାତରୁ ଲୁଗା ପ୍ରସ୍ତୁତ ହୋଇ ଆସୁଅଛି । ଆମ୍ଭେମାନେ ତୁଳା ବିକି ବିଲାତୀଲୁଗା ପିନ୍ଧୁଅଛୁଁ । ଏହି ସୂତ୍ରେ ଜାହାଜ ଅଧିକାରୀ, ବିଦେଶୀ ତନ୍ତି ଓ କୋମ୍ପାନୀ ମହାଜନମାନଙ୍କୁ ଆମ୍ଭେମାନେ ପ୍ରତିବର୍ଷ କେତେ କୋଟି କୋଟି ଟଙ୍କା ଦେଉଅଛୁଁ । ପୁଣି ଦେଶର ସହସ୍ର ସହସ୍ର ତନ୍ତୁଜୀବିଶ୍ରେଣୀ ଲୋକମାନଙ୍କର ବଂଶ

ଉଚ୍ଛନ୍ନ ହୋଇଗଲାଣି । ଏହା ମୋର କଳ୍ପନାର ବିଷୟ ନୁହେଁ, ଅନୁଭବ ବିଷୟ ଅଟେ । ମୋ ଘର ସମୀପରେ ମାକଲପୁର ନାମରେ ଗୋଟିଏ ଗ୍ରାମ ଅଛି । ମୁଁ ବାଲ୍ୟକାଳରେ ଦେଖିଥିଲି ସେଠାରେ ପ୍ରାୟ ଶତାବଧି ତନ୍ତି ଘର ଥିଲା । ସେମାନଙ୍କ ଘରର ସ୍ତ୍ରୀଲୋକମାନେ ସୁନା ରୁପା ଅଳଙ୍କାରରେ ଭୂଷିତା ଥିଲେ । ଗ୍ରାମରେ ଅନେକ ତନ୍ତି ମହାଜନ ମଧ୍ୟ ଥିଲେ । ବର୍ତ୍ତମାନ ସେହି ଗ୍ରାମ କ୍ରମଶଃ ପଡ଼ିଆ ପଡ଼ିଲାଣି । ଯେଉଁ ୧୦/୨୦ ଘର ତନ୍ତି ଅଛନ୍ତି ସେମାନଙ୍କ ଘରର ଚାଳରେ କୁଟା ନାହିଁ ଏବଂ ଘର ଭଙ୍ଗା; ସମସ୍ତେ ପ୍ରାୟ ଭିଖାରୀ, ଯେହେତୁ ତନ୍ତିଜାତି କୋଡ଼ିଧରା କାମ କରିବାକୁ ଅକ୍ଷମ ଏବଂ କୁସଂସ୍କାର ହେତୁ ମଧ୍ୟ ହଳ ଧରିଲେ ସେମାନଙ୍କର ଜାତି ଯାଏ । ମୁଁ ଯେଉଁ ତନ୍ତିଗ୍ରାମ କଥା କହିଲି, ସେମାନେ 'ପୋଷାକୀ' ଲୁଗା ବୁଣା ତନ୍ତି ଅଟନ୍ତି । ବଙ୍ଗଦେଶ, ସିମଳା, ଶାନ୍ତିପୁରୀ ଲୁଗାଠାରୁ ମଧ୍ୟ ଦଶ ପନ୍ଦର ଟଙ୍କା ମୂଲ୍ୟର ଯୋଡ଼ା ଲୁଗା ବୁଣା କେତେ ଘର ତନ୍ତି ବୁଣୁଥିଲେ ।

ତିନିବର୍ଷ ପୂର୍ବେ ସେହିପରି ଉତ୍କୃଷ୍ଟ ଲୁଗାବୁଣା ଗୋଟିଏ ତନ୍ତି ସଙ୍ଗରେ ବାଟରେ ଦେଖା ହୋଇଥିଲା । ତାହା କାଖରେ ଯୋଡ଼ାଏ ଲୁଗା ବନ୍ଧା ଥିଲା । ସେ ଦୁଃଖିତ ହୋଇ କହିଲା "ବାବୁ, ଏହି ମୋର ଶେଷ ଲୁଗା ବୁଣା; ଏ ଗ୍ରାମରେ ଏ ଲୁଗା ବୁଣିବା ଭଳି ପାନିଆ ତୟାରକରିବା ପାଇଁ କାରିଗର ମଧ୍ୟ ନାହାନ୍ତି ।" ଭାଇମାନେ ! ଲୁଗାକିଣା ହଇରାଣରୁ ରକ୍ଷା ପାଇବା ଓ ଆମ୍ଭମାନଙ୍କ ସମାଜରୁ ତଥାକଥିତ ନିମ୍ନଶ୍ରେଣୀ ଅତି ପ୍ରୟୋଜନୀୟ ତନ୍ତିବଂଶକୁ ରକ୍ଷା କରିବା ଏବଂ ଲୁଗାକିଣା ସୂତ୍ରରେ ଦେଶର ବିପୁଳ ସମ୍ପତ୍ତି ଦେଶରୁ ବାହାର କରି ନ ଦେବାର ଆମ୍ଭମାନଙ୍କ ପକ୍ଷରେ ଉଚିତ କି ନାହିଁ ଥରେ ଚିନ୍ତା କରିବା ନିମନ୍ତେ ସମ୍ମିଳନୀର ପ୍ରଥମ ପ୍ରସ୍ତାବ ଅନୁସାରେ ଆମ୍ଭମାନଙ୍କ ଅତି ନିକୃଷ୍ଟରେ 'ପଖାଳକରା' ପିନ୍ଧିବାର ଉଚିତ କି ନାହିଁ, ଥରେମାତ୍ର ବିଚାର କରି ଦେଖନ୍ତୁ । ଆମ୍ଭେମାନେ ଆଶାକରୁଁ କେହି କେହି ମହାତ୍ମା ଲୋକ ସମ୍ମିଳନୀରୁ ଗୃହକୁ ବାହୁଡ଼ି ଯାଇ କେବଳ ନିଜେ 'ପଖାଳକରା' ପିନ୍ଧିବେ ତାହା ନୁହେଁ, ଗ୍ରାମସ୍ଥ ଲୋକମାନଙ୍କ 'ପକାଳକରା' ପିନ୍ଧାଇବାର ଉପକାରିତା ବୁଝାଇ ଦେବେ । ଦେଶୀୟ ଲୁଗା ବ୍ୟବହାର କରିବାକୁ ଗଲେ ପୂର୍ବେ ଯେପରି ପ୍ରତ୍ୟେକ କୃଷକର ତୁଳା ଚାଷ ଥିଲା ସେହିପରି ପୁନର୍ବାର କପା ଫସଲ ତୟାର କରିବାକୁ ଚେଷ୍ଟା କରିବେ । ଅଭାବପକ୍ଷରେ ଆମ୍ଭେମାନେ ଦେଖିଅଛୁଁ ବାଡ଼ ପାଖରେ ଲୋକଙ୍କ ବାଡ଼ିରେ ଏକପ୍ରକାର ବଡ଼ ବଡ଼ କପାଗଛ ହୁଏ । ୫/୭ ବର୍ଷ ପର୍ଯ୍ୟନ୍ତ ବିନା ଯତ୍ନରେ ପ୍ରତ୍ୟେକ ଗଛରୁ ଦୁଇସେର ପର୍ଯ୍ୟନ୍ତ ତୁଳା ଆଦାୟ ହୁଏ । ସେପରି କପାଗଛ ୨୦/୩୦ଟା ବାଡ଼ିରେ ଲଗାଇଦେଲେ ବର୍ଷରେ ମହଣେ ତୁଳା ପାଇପାରିବେ ।

ଲବଣ : ଆମ୍ଭମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଅନ୍ୟତମ ଶ୍ରେଷ୍ଠ ବସ୍ତୁ ଲବଣ

ଅଟେ । ଉତ୍କଳରୁ ଲବଣପୋକ୍ତାନ ଉଠିଯିବାରୁ ବିଦେଶୀୟ ଲବଣ ଆମ୍ଭମାନଙ୍କର ଅବଲମ୍ବନ ଥିଲା । ସମରହେତୁ ତାହାର ଆମଦାନି ବନ୍ଦ ହୋଇ ଯାଇଅଛି । କେବେ ପୁଣି ଆସିବ ତାହାର ସ୍ଥିରତା ନାହିଁ । ଉତ୍କଳର ଅଭ୍ୟନ୍ତରୀଣ ଅବସ୍ଥା ମୁଁ କିଞ୍ଚିତ୍ ଜାଣେ । ଅନେକ ଦରିଦ୍ର ଲୋକଙ୍କର ଆହାର ସମୟରେ ଲବଣ ମାତ୍ର ଅବଲମ୍ବନ — ତରକାରୀର ସହିତ କଦାଚିତ୍ ଭେଟ ହୁଏ । ତୁଳନାରେ ବଙ୍ଗଦେଶଠାରୁ ଲବଣର ଦର ଉତ୍କଳରେ କିଞ୍ଚିତ୍ ସୁଲଭ, ଅର୍ଥାତ୍ ସେରକୁ ଛଅପଇସା ମୂଲ୍ୟ । କିନ୍ତୁ ଦରିଦ୍ର ଉତ୍କଳପକ୍ଷରେ ଏହା ନିତାନ୍ତ ଅତିରିକ୍ତ ଅଟେ । ପୂର୍ବେ ବାଲେଶ୍ୱରରେ ଲବଣ ପୋକ୍ତାନି ହେଉଥିଲା । ଦେଶର ଖରଚ ବାଦ୍ ପ୍ରାୟ ଆଠଲକ୍ଷ ମହଣ ଲୁଣ ବଙ୍ଗଦେଶରେ ବ୍ୟବହାର ପାଇଁ କଲିକତା ଯାଉଥିଲା । ପ୍ରାୟ ୫୦/୬୦ ବର୍ଷ ହେଲା ପୋକ୍ତାନ ଉଠି ଯାଇଅଛି । ଏହି ଲୁଣ ପୋକ୍ତାନ ଉଠିଯିବା ସହିତ ବାଲେଶ୍ୱରର ଯେମନ୍ତ ଲକ୍ଷ୍ମୀ ଚାଲି ଯାଇଛନ୍ତି । ବଙ୍ଗଦେଶକୁ ଲୁଣ ବହି ଘେନିଯିବା ନିମନ୍ତେ ପ୍ରାୟ ଚାରିଶତ ଜାହାଜ ନିଯୁକ୍ତ ଥିଲା । ମୁଁ ନିଜେ ଦେଖିଅଛି ତିନି ଚାରି ହଜାର ଟଙ୍କା ମୂଲ୍ୟର ଜାହାଜସବୁ ଦୁଇ ତିନିଶତ ଟଙ୍କାରେ ଜାଳନିକାଠ ରୂପେ ବିକ୍ରୀତ ହୋଇଅଛି ଏବଂ ଅନ୍ୟ ବାଣିଜ୍ୟ ଚଳାଇବା ନିମନ୍ତେ ମହାଜନମାନଙ୍କ ହାତରେ ଯଥେଷ୍ଟ ଅର୍ଥ ନ ଥିବାରୁ ସମୁଦ୍ରଗାମୀ ଜାହଜ ସମସ୍ତ ବିନଷ୍ଟ ହେତୁ ବାଲେଶ୍ୱରର ମହାଜନମାନେ ଉଚ୍ଛନ୍ନ ହୋଇ ଯାଇଅଛନ୍ତି ? ସେମାନଙ୍କର ବଡ଼ ବଡ଼ କୋଠାଘରର କାନ୍ଥଡ଼ାସବୁ ପୂର୍ବ ଗୌରବର ପରିଚୟ ଦେବା ନିମନ୍ତେ ଦଣ୍ଡାୟମାନ ରହିଅଛନ୍ତି । ପୁଣି ଏହି ଲୁଣପୋକ୍ତାନରେ ସହସ୍ର ସହସ୍ର ମଳିଙ୍ଗ ଅର୍ଥାତ୍ ଲୁଣ ମାରିବା ଲୋକ ଥିଲେ । ପୁଣି ଜାହାଜ ତୟାରି ଓ ମରାମତି ନିମନ୍ତେ ବଢ଼େଇ, କମାର ସହସ୍ରାବଧି ନିଯୁକ୍ତ ଥିଲେ । ମଫସଲର ଚାଟିପାଇକଠାରୁ ସଦରର ଦାରୋଗା ଦେବାନ ଓ ଏସିଷ୍ଟେଣ୍ଟ ସଲ୍ଟ ଏଜେଣ୍ଟ ପର୍ଯ୍ୟନ୍ତ ଶତ ଶତ ଅମଲା ନିଯୁକ୍ତ ଥିଲେ । ପୁରୁଷାନୁକ୍ରମେ ଏହି କାର୍ଯ୍ୟ କରି ଆସୁଥିବା ସୁତରାଂ ଅନ୍ୟକିଛି କାର୍ଯ୍ୟ ନ ଜାଣିଥିବା ହେତୁ ଅଧିକାଂଶ ଲୋକର ବଂଶ ବିଲୁପ୍ତ ହୋଇଅଛି । ଗବର୍ଣ୍ଣମେଣ୍ଟ ଅନୁଗ୍ରହ କରି ଦେଶର ବ୍ୟବହାର ନିମନ୍ତେ ଲୁଣପୋକ୍ତାନ ନିମନ୍ତେ ଅନୁମତି ଦେଲେ କେବଳ ଯେ ପ୍ରଜାମାନେ ରକ୍ଷା ପାଇଯାନ୍ତେ ତାହା ନୁହେଁ, ଗବର୍ଣ୍ଣମେଣ୍ଟଙ୍କର ମଧ ଏଥିରେ ବିଶେଷ ଲାଭ ହୁଅନ୍ତା । ଅବଶ୍ୟ ମୋତେ ଅନ୍ୟ ଦେଶର ଲୁଣ ଆମଦାନି ବିଷୟ ଜଣାନାହିଁ । ମାତ୍ର ବାଲେଶ୍ୱରର ପୂର୍ବାଞ୍ଚଳ ସମୁଦ୍ର ଉପକୂଳବର୍ତ୍ତୀ ଲବଣଉତ୍ପନ୍ନ ସ୍ଥାନମାନଙ୍କର ଅବସ୍ଥା ମୋତେ ଜଣାଅଛି । ଲବଣ ପୋକ୍ତାନ କରିବା କିଛି ଗୁରୁତର ବିଷୟ ନୁହେଁ । ସେଥିପାଇଁ ମୂଳଧନ ମଧ ବିଶେଷ ଲୋଡ଼ା ନାହିଁ । ପ୍ରଜାମାନେ ଲୁଣ ଉତ୍ପନ୍ନ କରି ଖାଉନ୍ତୁ, ଏହି ଉଦ୍ଦେଶ୍ୟରେ ଦୟାମୟ ପରମେଶ୍ୱର ଯେମନ୍ତ ଲୁଣ ପ୍ରାପ୍ତ ହେବାର

ସହଜ ଉପାୟ କରି ଦେଇଅଛନ୍ତି, ସମୁଦ୍ରୋପକୂଳ ସ୍ଥାନମାନଙ୍କରେ ସ୍ଥାନେ ସ୍ଥାନେ ଅନେକ ନୂଆଁଣ ଭୂମି ଅଛି। ଦ୍ୱାଦଶୀ ତିଥିଠାରୁ ପଞ୍ଚମୀ ତିଥିପର୍ଯ୍ୟନ୍ତ ସେହିସବୁ ଖାଲରେ ଉଠିଆ ଜୁଆରର ପାଣି ପ୍ରବେଶ କରେ। ପଞ୍ଚମୀଠାରୁ ଦ୍ୱାଦଶୀପର୍ଯ୍ୟନ୍ତ ସେହିସବୁ ଜଳ ଅର୍ଥାତ୍ ନିମ୍ନଭୂମି ଶୁଷ୍କ ଅବସ୍ଥାରେ ପଡ଼ିଥାଏ। ସେହି ସମୟରେ ଉକ୍ତ ଭୂମିରୁ ୨/୩ ଆଙ୍ଗୁଳି ବହଳରେ ମାଟି ଚାଞ୍ଛିଆଣି ଗୋଟିଏ ହାଣ୍ଡିରେ ପାଣି ଓ ମାଟି ଗୋଳାଇ ରଖିଲେ ମାଟିସବୁ ତଳକୁ ବସିଯାଏ, ନିର୍ମ୍ମଳ ପାଣି ଉପରେ ରହେ। ସେହି ପାଣି ଚୁଲିରେ ବସାଇ ଜାଳ ଦେଲେ ଲୁଣ ବସିଯାଏ। ସେହି ଲୁଣ ଅତି ଶୁକ୍ଳ ଏବଂ ତାହାକୁ 'ପଙ୍ଗାଲୁଣ' କହନ୍ତି। ସେହି ଲୁଣ ମାରିବା ନିମନ୍ତେ କାଠଜାଳ ପ୍ରୟୋଜନ ନାହିଁ। ସେହି ନିମ୍ନ ଭୂମିର ଚତୁର୍ଦ୍ଦିଗରେ ତିନି ଚାରିହାତ ଲମ୍ବର ଏକପ୍ରକାର ଘାସ ଜାତ ହୁଏ। ଲୁଣ ମାରିବା ସକାଶ ସେହି ଘାସ-ଜାଳ ପ୍ରୟୋଜନ ହୁଏ। ସେହି ଘାସ ବିନା ଅନ୍ୟ ତୃଣ ବା ବୃକ୍ଷ ସେଠାରେ ଜାତ ହୁଏ ନାହିଁ। ପରମେଶ୍ୱର ଲୁଣ ପ୍ରସ୍ତୁତ ଉଦ୍ଦେଶ୍ୟରେ ଯେମନ୍ତ ସେ ଭୂମି ସୃଷ୍ଟି କରିଅଛନ୍ତି। ଲୁଣ ପୋକ୍ତାନ ଉଠିଯିବାରୁ ଚୋରା ପୋକ୍ତାନ ଅର୍ଥାତ୍ କେହି କାଳେ ଦରିଦ୍ର ପ୍ରଜା ତାହା ପଲ୍ଲିଘର ପଛଆଡୁ ମାଟିମେଞ୍ଚାଏ ଆଣି ଖାଇଦେବ, ତାହା ନିବାରଣ ନିମନ୍ତେ ସରକାର ବାହାଦୁର ପୋଲିଶ ପ୍ରହରୀ ନିଯୁକ୍ତ କରିଅଛନ୍ତି। ସମୁଦ୍ର ଉପକୂଳବାସୀ ପ୍ରଜାଗୁଡ଼ାକ ନିତାନ୍ତ ଦରିଦ୍ର। ସଚରାଚର ସେମାନଙ୍କ ହାତରେ ପଇସା ଥାଏ ନାହିଁ। ପୁଣି ସେମାନଙ୍କର ଘରଠାରୁ ଲୁଣ ଦୋକାନ ବା ହାଟ ଦୁଇ ତିନି କ୍ରୋଶ ଦୂର। ବର୍ଷାକାଳରେ ଘରୁ ବାହାରି ଦୋକାନକୁ ଯିବା ତଳହଟି ପ୍ରଜାମାନଙ୍କ ପକ୍ଷରେ କି କଷ୍ଟସାଧ ତାହା ଅନୁଭବୀ ବିନା ଅନ୍ୟକୁ ବୁଝାଇଦେବା କଠିନ ବିଷୟ ଅଟେ। ସେହି ସମୟରେ ଦରିଦ୍ର ଲୋଭୀ ପ୍ରଜାଗୁଡ଼ାକ ଓଳି ପଛଆଡୁ ମେଞ୍ଚା ମେଞ୍ଚା ମାଟି ଆଣି ଖାଇଦେଇ ପ୍ରତିବର୍ଷ ଶତ ଶତ ଲୋକ ଜେଲଖାନାରେ କଷ୍ଟ ଭୋଗ କରୁଅଛନ୍ତି। ଆମ୍ଭେମାନେ ଯେପରି ପ୍ରସ୍ତାବ କରୁଁ ଗବର୍ଣ୍ଣମେଣ୍ଟ ସେହିପରି ଆଦେଶ କଲେ ଚୋରା ଲୁଣ ମାରିବା ନିମନ୍ତେ ପୋଲିଶ ପ୍ରହରୀ ରଖିବାଦ୍ୱାରା ସହସ୍ର ସହସ୍ର ଟଙ୍କା ବ୍ୟୟ କରିବାକୁ ହେବନାହିଁ। କେବଳ ଉତ୍କଳବାସିଙ୍କୁ ଆପଣା ଆପଣା ବ୍ୟବହାର ନିମନ୍ତେ ଲବଣ ପୋକ୍ତାନ କରିବାକୁ ଅଧିକାର ଦିଆଯାଉ। ତାହାହେଲେ ଚୋରାଲୁଣ ବନ୍ଦ ହୋଇଯିବ। ଅବଶ୍ୟ ସେହି ପ୍ରଜାମାନଙ୍କୁ ଆପଣା ଆପଣା ପୋକ୍ତାନ ଲୁଣ ନେଇ ସ୍ଥାନାନ୍ତରେ ବିକ୍ରୟ କରିବାର ଅଧିକାର ଦିଆଯିବ ନାହିଁ। ପୂର୍ବ ଭାରତର ମୈମନସିଂ ଏବଂ ଆଉ କେତେ ଜିଲାରେ ବିନା କରରେ ଏହି ପ୍ରକାର ଲୁଣପୋକ୍ତାନ କରିବାକୁ ଅନୁମତି ଦେଇଅଛନ୍ତି। ଏହା ଆମ୍ଭେମାନେ ସମ୍ବାଦ ପତ୍ରିକାରେ ପାଠ କରିଅଛୁଁ।

**୪ । ମାତୃଭାଷା :** ମାତୃଭାଷାର ଉନ୍ନତି ଚେଷ୍ଟା ଆଜି ପ୍ରତ୍ୟେକ ଉତ୍କଳୀୟର ପରମ କର୍ତ୍ତବ୍ୟ ହୋଇପଡ଼ିଛି । ଅନ୍ୟାନ୍ୟ ପ୍ରାଣୀଠାରୁ ଯେ ମାନବଜାତି ଏତେ ଦୂର ଶ୍ରେଷ୍ଠତା ଲାଭ କରିଅଛନ୍ତି ଭାଷାହିଁ ସେଥିର ମୂଳ କାରଣ ଅଟେ । ଦେଶୀୟ ଜଳବାୟୁ, ଭୂମିର ଅବସ୍ଥା ଏବଂ ଅନ୍ୟ କେତେକ ପ୍ରାକୃତିକ ନିୟମର ପାର୍ଥକ୍ୟାନୁସାରେ ଏହି ପୃଥିବୀମଧରେ ବିବିଧ ପ୍ରକାର ଲୋକ ସୃଷ୍ଟ ହୋଇଅଛନ୍ତି । ଆମ୍ଭେମାନେ ଲୋକମାନଙ୍କର ଆକୃତି, ପ୍ରକୃତି ଦେଖି, କିଏ କେଉଁ ଦେଶର ଲୋକ ତାହା ସହଜରେ ଚିହ୍ନିବାକୁ ପାରୁଁ । ସେମାନଙ୍କ ଶରୀର-ଗଠନ ଆକୃତି ଅନୁସାରେ ସମସ୍ତଙ୍କ ପାଇଁ ପୃଥକ୍‌ରୂପେ ଗୋଟିଏ ଗୋଟିଏ ଭାଷା ନିରୂପିତ ଅଛି, ଏହା ସ୍ୱଭାବ ଦତ୍ତ ଅଟେ । ମାନବଶିଶୁ ସର୍ବପ୍ରଥମେ ଜନନୀ କୋଳରେ ଶୋଇ ସେହି ଭାଷା ଶୁଣିବାକୁ ପାଏ, ଏଥିପାଇଁ ଏହାର ନାମ 'ମାତୃଭାଷା' । ଦେଶ ଭେଦରେ ମାତୃଭାଷା ପୃଥକ୍ ପୃଥକ୍ ଥିବାରୁ ଦେଶବାସିମାନଙ୍କର ବାକ୍ୟଯନ୍ତ୍ର ସେହିପରି ନିର୍ମିତ ହୋଇଅଛି । ସୁତରାଂ ଅନ୍ୟ ଦେଶଭାଷା ଆୟତ୍ତ କରିବା ସହଜସାଧ୍ୟ ନୁହେଁ । ଗ୍ରୀସ ଓ ଇଟାଲୀଦେଶୀୟ ଲୋକମାନେ 'ଟ', ଇଂଲଣ୍ଡ ଫ୍ରାନସ ଓ ଜର୍ମାନୀର ଲୋକମାନେ 'ତ' ଅକ୍ଷର ଉଚ୍ଚାରଣ କରିବାକୁ ଅକ୍ଷମ । ଆମ୍ଭମାନଙ୍କ ନିକଟ ପ୍ରତିବାସୀ ବଙ୍ଗାଳିମାନେ 'ଳ' ଓ 'ଣ' ଉଚ୍ଚାରଣ କରିପାରନ୍ତି ନାହିଁ । ଚୀନା ଯାପାନୀ ଓ ଫରାଶି-ମାନଙ୍କ ଭାଷା ସାନୁନାସିକ । ପାରସ୍ୟ କାବୁଲ ଓ ଆରବ ଦେଶୀୟ ଲୋକମାନଙ୍କ ଭାଷାରେ 'ସ' ଅକ୍ଷର ଅଭାବ । ଏଥିରୁ ଆମ୍ଭେ ସ୍ପଷ୍ଟ ବୁଝୁଅଛୁଁ ଯେ 'ସ' ଅକ୍ଷର ସ୍ପଷ୍ଟ ଉଚ୍ଚାରଣ ନିମନ୍ତେ ସେମାନଙ୍କର ବାକ୍ୟଯନ୍ତ୍ର ସୃଷ୍ଟି ହୋଇନାହିଁ । ଆମ୍ଭେମାନେ ପୂର୍ବେ କହିଅଛୁଁ ଭାଷାହିଁ ମାନବଜାତିର ଜ୍ଞାନ, ସଭ୍ୟତା ଓ ଉନ୍ନତିର ଏକମାତ୍ର କାରଣ ଅଟେ । ଏହାହିଁ ବିଧାତାଙ୍କର ବିଧାନ । ଏକଦେଶର ଭାଷା ଘେନି ଅନ୍ୟ ଗୋଟିଏ ଜାତି ଉନ୍ନତି ଲାଭ କରିଅଛନ୍ତି ଏଥିର ପ୍ରମାଣ କଦାଚିତ୍ ମିଳେ । ଅବଶ୍ୟ ଲୋକବିଶେଷେ ଭିନ୍ନ ଦେଶୀୟ ଭାଷା ଆୟତ୍ତ କରି ଉନ୍ନତି ଲାଭ କରିଅଛନ୍ତି ଏହା ସଚରାଚର ଦେଖାଯାଏ । କିନ୍ତୁ ସେହି ଜ୍ଞାନ ସେହି ଲୋକଠାରେ ଆବଦ୍ଧ ଥିବାର ଦେଖାଯାଏ । କିନ୍ତୁ ସେଥିପାଇଁ ଦେଶସ୍ଥ ଜାତିସାଧାରଣ ଜ୍ଞାନୀ ହୋଇପାରନ୍ତି ନାହିଁ । ଆମ୍ଭେମାନେ ପୂର୍ବେ କହିଅଛୁଁ ମାନବଜାତିର ସଭ୍ୟତା ବୃଦ୍ଧିର କାରଣ ଏକମାତ୍ର ଭାଷା ଅଟେ । ବିଶେଷତଃ ମାତୃଭାଷା ଯେଉଁ ଦେଶରେ ଯେତେ ଉନ୍ନତ ଏବଂ ବିସ୍ତୃତ ସେ ସେ ଦେଶର ଲୋକେ ସେହି ଅନୁସାରେ ଜ୍ଞାନୀ ଏବଂ ଉନ୍ନତ । ଆମ୍ଭମାନଙ୍କର ବନ୍ୟ ପ୍ରତିବାସୀ ସାନ୍ତାଳ ଭୂମିଜ ପ୍ରଭୃତି ଜାତିଠାରୁ ଆମ୍ଭେମାନେ ଯେ ଉନ୍ନତ ଏଥିରେ କୌଣସି ସନ୍ଦେହ ନାହିଁ । ତାହାର କାରଣ ଆମ୍ଭମାନଙ୍କର ଭାଷା ଉନ୍ନତ । ଏହି ଭାଷା ଉନ୍ନତାବନତ ଅବସ୍ଥାନୁପାତରେ ଇଂରେଜ, ଜର୍ମାନ ପ୍ରଭୃତି ପାଶ୍ଚାତ୍ୟ ଜାତି

ଆମ୍ଭମାନଙ୍କଠାରୁ ସଭ୍ୟ ଓ ଜ୍ଞାନୀ; ଏହା ଆମ୍ଭେମାନେ ପ୍ରତ୍ୟକ୍ଷରେ ଦେଖୁଅଛୁଁ । ସେହି କାରଣରୁ ମଧ୍ୟ ଗୋଟିଏ ଗୋଟିଏ ଜାତି ଅନ୍ୟାନ୍ୟ ଜାତିମାନଙ୍କଠାରେ ସମ୍ମାନିତ ଏବଂ ପୂଜ୍ୟ ହୋଇଥାନ୍ତି । ପ୍ରକୃତରେ ମାତୃଭାଷା ସହାୟତା ବିନା ଜାତି ସାଧାରଣ ମଧ୍ୟରେ ଜ୍ଞାନୀ ହେବା ସହଜସାଧ୍ୟ ନୁହେଁ । ଭିନ୍ନ ଭାଷା ସମ୍ବନ୍ଧେ ଜ୍ଞାନ ଜାତିମଧ୍ୟରେ ପ୍ରବେଶ କରିବା ଜଳ ଉପରେ ଘୃତବିନ୍ଦୁ ପତନ ପରି ଅର୍ଥାତ୍ ସେହି ଜ୍ଞାନିଠାରୁ ଅନ୍ୟ ଲୋକ ଜ୍ଞାନଲାଭ କରିପାରନ୍ତି ନାହିଁ । ମାତୃଭାଷାରେ ସମାଜ ମଧ୍ୟରେ ଜ୍ଞାନ ବିସ୍ତାର ଉପାୟ ଅବଲମ୍ବନ ଜଳ ଉପରେ ତୈଳବିନ୍ଦୁ ସମାନ ଅଟେ, ଯେହେତୁ ସେପ୍ରକାର ଜ୍ଞାନିଠାରୁ ପାର୍ଶ୍ୱବର୍ତ୍ତୀ ଲୋକମାନେ ଜ୍ଞାନ ସଂଗ୍ରହ କରିବାକୁ ସକ୍ଷମ ହୁଅନ୍ତି । ଶିକ୍ଷାର ଅନେକ ବିଭାଗ ଅଛି । ସେଥିମଧ୍ୟରୁ କୃଷି, ଶିଳ୍ପ, କାବ୍ୟ ସାହିତ୍ୟାଦି ଲଳିତ ବିଦ୍ୟା ଦେଶୀୟ ଭାଷାରେ ପ୍ରଚାର ହେବା ଉଚିତ । ଯେହେତୁ ସେହିସବୁ ବ୍ୟବସାୟୀମାନଙ୍କୁ ବିଦେଶୀ ଭାଷାରେ ଶିକ୍ଷାଦାନ କରିବା ସହଜସାଧ୍ୟ ନୁହେଁ ଏବଂ ଅନେକ ସ୍ଥଳରେ ଅସାଧ୍ୟ ଅଟେ । ଦେଶରେ ଶିକ୍ଷା ବିସ୍ତାର କରାଇବାର ଆବଶ୍ୟକ ହେଲେ ପ୍ରଥମେ ଜନନୀମାନଙ୍କୁ ସୁଶିକ୍ଷିତା କରାଇବା ଉଚିତ । ଆମ୍ଭମାନଙ୍କର ଦେଶୀୟ କନ୍ୟାଗଣ ୮/୯ ବର୍ଷ ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ ହୋଇଥାନ୍ତି । ଏହି ଅତ୍ୟଳ୍ପ ସମୟରେ ସୁଶିକ୍ଷିତା ହେବା ଅସମ୍ଭବ । ପିତା ଏବଂ ଅଭିଭାବକମାନେ ପୁତ୍ରମାନଙ୍କ ସକାଶେ ପାଠ୍ୟପୁସ୍ତକ କିଣିବା ପାଇଁ ଯେତେ ଅର୍ଥ ବ୍ୟୟ କରନ୍ତି, କନ୍ୟାମାନଙ୍କ ପାଇଁ ତାହା କରନ୍ତି ନାହିଁ । ଆମ୍ଭମାନଙ୍କ ବିବେଚନାରେ କନ୍ୟାମାନଙ୍କୁ ଶିକ୍ଷିତ କରାଇବା ପାଇଁ ସେମାନଙ୍କ ଶିକ୍ଷାର ଉପଯୁକ୍ତ ପୁସ୍ତକ ସେମାନଙ୍କୁ କିଣି ଦିଆଯାଉ । କିମ୍ବା ଗ୍ରାମସ୍ଥ ଲୋକମାନଙ୍କ ଦତ୍ତ ଭେଦାରେ ପୁସ୍ତକ କିଣାଯାଇ କ୍ଷୁଦ୍ର କ୍ଷୁଦ୍ର ପୁସ୍ତକାଳୟ ସ୍ଥାପନ କରାଯାଉ । ସେହି ସ୍ଥାନରୁ ପୁସ୍ତକ ନେଇ ସେମାନେ ଆପଣା ଆପଣା ଘରେ ପଢ଼ିବାକୁ ସକ୍ଷମା ହେବେ ।

ଦ୍ୱିତୀୟ ପ୍ରସ୍ତାବ – ଗ୍ରାମ ମଧ୍ୟରେ କିଞ୍ଚିତ ଅଧିକ ଶିକ୍ଷିତା ସ୍ତ୍ରୀବିଶେଷଙ୍କୁ ମାସିକ କିଛି କିଛି ବୃତ୍ତି ଦିଆଯାଉ । ସେ ଘରେ ଘରେ ବୁଲି କିମ୍ବା ଏକସ୍ଥାନରେ କେତେଗୋଟି ବଧୂ ବା କନ୍ୟାଙ୍କୁ ବସାଇ ପ୍ରତିଦିନ ସାୟାହ୍ନ ସମୟରେ ରାମାୟଣ, ମହାଭାରତ ଓ ଭାଗବତ ପ୍ରଭୃତି ପୁସ୍ତକ ପଢ଼ାଇ ଶୁଣାଇବେ । ଏହିପରି ଉପାୟ ଅବଲମ୍ବନ ଦ୍ୱାରା ପ୍ରତିଦିନ ଆଲୋଚନା ଯୋଗେ ପୁସ୍ତକ ପାଠ ବିଷୟରେ କନ୍ୟାମାନେ ଅଭ୍ୟସ୍ତା ହୋଇଯିବେ ।

"ଓଡ଼ିଆ" : ଆମ୍ଭମାନଙ୍କର ଗଭର୍ଣ୍ଣମେଣ୍ଟ ଇଂରାଜୀ ଜାତି । ଆମ୍ଭମାନଙ୍କର ଅଭାବ ଅଭିଯୋଗମାନ ତାହାଙ୍କୁ ଇଂରାଜୀ ଭାଷାରେ ଜଣାଇବା ଆବଶ୍ୟକ । ସଚରାଚର ଆଭ୍ୟନ୍ତରୀଣ ଘଟଣାମାନ ରାଜପୁରୁଷଙ୍କୁ ଜଣାଇବାକୁ ହେଲେ ଇଂରାଜୀ ପତ୍ରିକାର ସହାୟତା ଆବଶ୍ୟକ । ଆମ୍ଭମାନଙ୍କ କଥାର ଯାଥାର୍ଥ୍ୟ ପ୍ରମାଣ ନିମନ୍ତେ

ନିମ୍ନଲିଖିତ ଦୃଷ୍ଟାନ୍ତ ଉଲ୍ଲେଖ କରିବା ନିମନ୍ତେ ଇଚ୍ଛାକରୁଁ । କେତେକ ବର୍ଷ ପୂର୍ବେ ବଙ୍ଗଦେଶ ଶାସନ ସମ୍ପର୍କେ ଦୁଇ ଭାଗରେ ବିଭକ୍ତ ହେବାରୁ ଦେଶସ୍ଥ ଇଂରାଜୀ ସମ୍ବାଦ ପତ୍ରିକାମାନ ଭୟଙ୍କରରୂପେ ଆନ୍ଦୋଳନ କରି ବିଲାତବାସୀମାନଙ୍କୁ ବିଚଳିତ କରାଇ ଦେଇଥିଲେ । ଫଳସ୍ୱରୂପ ଅବିଳମ୍ବେ ପ୍ରତିକାର କରିବାକୁ ସମର୍ଥ ହୋଇଥିଲେ । କିନ୍ତୁ ଆମ୍ଭମାନଙ୍କର ଉତ୍କଳଖଣ୍ଡ ଚତୁର୍ଧା ବିଭକ୍ତ । ମାତୃଭାଷା ଏବଂ ଜାତୀୟ ଶକ୍ତି କ୍ରମଶଃ ହ୍ରାସ ପାଉଥିଲେ ମଧ ଆମ୍ଭମାନଙ୍କର ପ୍ରକୃତ ଅବସ୍ଥା ରାଜପୁରୁଷ କିମ୍ବା ବିଲାତବାସୀମାନଙ୍କୁ ଜଣାଇ ପାରୁନାହୁଁ । ଆମ୍ଭମାନଙ୍କର ପ୍ରତିବାସୀ ବଙ୍ଗାଳି, ବିହାରି ଓ ଆନ୍ଧ୍ରଜାତିମାନଙ୍କ ମଧ୍ୟରେ ଅନେକ ଗୁଡ଼ିଏ ଦୈନିକ ସାପ୍ତାହିକ ଇଂରାଜୀ ପତ୍ରିକା ଥିଲେ ମଧ ଆମ୍ଭମାନଙ୍କ ଉତ୍କଳଦେଶରେ ନିତାନ୍ତ ଅଭାବ ଥିଲା । ଏହା ଜାତି ପକ୍ଷରେ ନିତାନ୍ତ ଲଜ୍ଜା ଏବଂ କଳଙ୍କର ବିଷୟ ଅଟେ ।

ଅତ୍ୟନ୍ତ ଆନନ୍ଦ ଏବଂ ଆଶାର ବିଷୟ ଗତବର୍ଷଠାରୁ 'ଓଡ଼ିଆ' ନାମକ ଗୋଟିଏ ସାପ୍ତାହିକ ଇଂରାଜୀ ପତ୍ରିକା ପ୍ରକାଶିତ ହୋଇଅଛି । ଏହି ଅଳ୍ପକାଳ ମଧ୍ୟରେ ଦେଶର ଅନେକ ହିତକର ବିଷୟ ଏବଂ ଉତ୍କଳ ମିଳନ ସମ୍ବନ୍ଧେ କେତେକ ପ୍ରୟୋଜନୀୟ ପ୍ରବନ୍ଧ ପ୍ରକାଶିତ ହୋଇଗଲାଣି । ଏହାକୁ ଦୀର୍ଘ କଳେବର ଏବଂ ଦୈନିକ ରୂପ ଧାରଣ କରାଇବା ନିମନ୍ତେ ପ୍ରତ୍ୟେକ ଶିକ୍ଷିତ ଯୁବକ ଉତ୍କଳବାସୀ ପକ୍ଷରେ ଉଚିତ ଅଟେ । ଆମ୍ଭେମାନେ ଅନୁମାନ କରୁ ଏହି "Oriya" ପତ୍ରିକା ପ୍ରତି ଶିକ୍ଷିତ ଲୋକମାନଙ୍କର ସହାନୁଭୂତି ଅଛି । କାରଣ ଏହାର ଗ୍ରାହକ ହେବା ନିମନ୍ତେ ଆମ୍ଭେମାନେ ଯେତେଜଣଙ୍କୁ ଅନୁରୋଧ କରିଅଛୁଁ ସମସ୍ତେ ସ୍ୱୀକୃତ ହୋଇ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଅଛନ୍ତି ଏବଂ ଅନ୍ୟ ଗ୍ରାହକ ସଂଗ୍ରହ କରାଇଦେବା ନିମନ୍ତେ ଆମ୍ଭମାନଙ୍କ ନିକଟରେ ପ୍ରତିଶ୍ରୁତ ହୋଇ ଯାଇଅଛନ୍ତି । ଦୟାମୟ ପରମେଶ୍ୱର ଏହି କ୍ଷୁଦ୍ର ପତ୍ରିକାଖଣ୍ଡ ପ୍ରତି ଆଶୀର୍ବାଦ ପ୍ରଦାନ କରନ୍ତୁ ।

''ଉତ୍କଳର ସୈନ୍ୟ'' : ଆମ୍ଭମାନଙ୍କର ମହାମାନ୍ୟ ଗଭର୍ଣ୍ଣମେଣ୍ଟ ଏ ଦେଶୀୟ ଯୁବକମାନଙ୍କୁ ସୈନ୍ୟ-ଶ୍ରେଣୀଭୁକ୍ତ ହେବା ନିମନ୍ତେ ସୁଯୋଗ ଦେଇ ଗୋଟିଏ ବିଶେଷ ଉପକାର ସାଧନ କରିଅଛନ୍ତି । ଆମ୍ଭେମାନେ ଆଶାକରୁଁ ଦେଶୀୟ ଶିକ୍ଷିତ ଯୁବକଗଣ ଏହି ସୁଯୋଗ ପରିତ୍ୟାଗ କରିବେ ନାହିଁ । ବଙ୍ଗଦେଶରୁ ଅନେକ ଯୁବକ ଯୁଦ୍ଧବିଦ୍ୟା ଶିଖି ଆସି ଦେଶ ମଧ୍ୟରେ କେତେ ସମ୍ମାନ ଲାଭ କରୁଅଛନ୍ତି । ମେସପଟାମିଆ ଏବଂ ଫ୍ରାନସ୍ ଯୁଦ୍ଧରେ କୃତିତ୍ୱ ଦେଖାଇବା ଦ୍ୱାରା ସେମାନଙ୍କର ଗୌରବ ସମ୍ବାଦପତ୍ରିକାରେ ଘୋଷିତ ହୋଇଅଛି ।

ନିଜସ୍ୱ ଏବଂ ସ୍ୱଦେଶର ସମ୍ପତ୍ତି ତସ୍କରମାନଙ୍କ ହସ୍ତରୁ ରକ୍ଷା କରିବା ନିମନ୍ତେ ବୀରତ୍ୱ ଏବଂ ଯୁଦ୍ଧବିଦ୍ୟା ଆୟତ୍ତ ରଖିବା କିମ୍ବା ଅତ୍ୟାଚାରୀ ବଳିଷ୍ଠ ଲୋକ ହସ୍ତରୁ

ସମାଜର ଧନ ପ୍ରାଣ ରକ୍ଷା କରିବା ଆବଶ୍ୟକ । ଏଥିପାଇଁ ବୀରମାନେ ଜଗତରେ ପୂଜ୍ୟ । ଗଡ଼ଜାତମାନଙ୍କରେ ପାଇକମାନଙ୍କର ଯେମନ୍ତ ବୀରତ୍ୱ ଏବଂ କୌଶଳ ଦେଖିଅଛୁଁ, ଆଶାକରେ ଏମାନେ ଯୁଦ୍ଧବିଦ୍ୟା ଶିକ୍ଷାକଲେ କିଛିଦିନ ଉତ୍ତାରେ ଗୋଟିଏ ଯୋଦ୍ଧାଦଳ ପ୍ରସ୍ତୁତ ହୋଇପାରିବେ । ମଞ୍ଜି ପୋତିଲେ ସେଥିରୁ ଯେଉଁ ବୃକ୍ଷ ଜାତ ହୁଏ ସେ ଗଛଟି ବଢ଼ିବାକୁ ଏବଂ ମୋଟା ହେବାକୁ ଯେତେଦିନ ପ୍ରୟୋଜନ ହୁଏ, ଗୋଟିଏ ପ୍ରାଚୀନ ଘଟଣା ବିଶେଷରେ ଭଗ୍ନ ଛିନ୍ନ ଭିନ୍ନ ବୃଦ୍ଧ ଗଛମୂଳରୁ ଯେଉଁ ଗଜାଟିଏ ବାହାରେ ତାହା ଅଳ୍ପଦିନ ମଧ୍ୟରେ ଖୁବ୍ ବଡ଼ ଓ ମୋଟା ହୋଇଯାଏ । ଓଡ଼ିଆ ଜାତି ଚାରିଶତ ବର୍ଷ ପର୍ଯ୍ୟନ୍ତ ମରହଟ୍ଟା ଏବଂ ମୁସଲମାନମାନଙ୍କ ସହିତ ଯୁଦ୍ଧରେ ଯେପରି ବୀରତ୍ୱ ଦେଖାଇଥିଲେ ତାହା ଇଂରାଜୀ ଏବଂ ପାର୍ଶିମାନଙ୍କ ଲିଖିତ ଇତିହାସରୁ ପ୍ରମାଣ ମିଳେ । ଆମ୍ଭେମାନେ ଢେଙ୍କାନାଳ, ହିନ୍ଦୋଳ, ତାଳଚେର ଓ ଅନୁଗୁଳ ପ୍ରଭୃତି କେତେକ ଗଡ଼ଜାତସ୍ଥିତ ପାଇକମାନଙ୍କ ପାରିଧି ଏବଂ କୃତ୍ରିମ ରଣକୌଶଳ ୩୦/୪୦ ବର୍ଷ ପୂର୍ବେ ଦେଖିଥିଲୁଁ । ସେମାନେ ଯେ ଐତିହାସିକ ବୀରପୁରୁଷମାନଙ୍କର ବଂଶଧର ସେମାନଙ୍କର କାର୍ଯ୍ୟ ଦେଖିଲେ ସହଜରେ ଅନୁମିତ ହୁଏ । ଶିକ୍ଷିତ ଉତ୍କଳର ଉଚ୍ଚ ବଂଶଜ ଯୁବକମାନେ ରୀତିମତ ଶିକ୍ଷା ପ୍ରାପ୍ତ ହେଲେ ଉପଯୁକ୍ତ ବୀର ଏବଂ ଯୁଦ୍ଧକୁଶଳୀ ହୋଇପାରିବେ ଏଥିରେ କିଛି ସନ୍ଦେହ ନାହିଁ । ପୁନର୍ବାର ଆମ୍ଭେମାନେ ଆଶା ଏବଂ ଅନୁରୋଧ କରୁଅଛୁଁ ଉତ୍କଳ ଯୁବକ ଏହି ସୁଯୋଗ ନ ଛାଡ଼ନ୍ତୁ । ଅତ୍ୟନ୍ତ ଆନନ୍ଦର ବିଷୟ ସତ୍ୟବାଦୀ ସ୍କୁଲ ଏବଂ କଟକ କଲେଜରୁ ଉଚ୍ଚ ବଂଶଜ ଶିକ୍ଷିତ ଯୁବକ ଉକ୍ତ ପ୍ରକାର ସୈନ୍ୟ-ଶ୍ରେଣୀଭୁକ୍ତ ହୋଇ ଆମ୍ଭମାନଙ୍କର ମାନ ସମ୍ଭ୍ରମ ରକ୍ଷା କରିବାରୁ ଭବିଷ୍ୟତ ଇତିହାସରେ ସେମାନଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିଖିତ ରହିବ ।

## ତ୍ରୟୋଦଶ ଅଧିବେଶନର ନିର୍ଦ୍ଧାରଣାବଳୀ

**ପ୍ରଥମ ନିର୍ଦ୍ଧାରଣ :** ଉପସ୍ଥିତ ଇୟୁରୋପୀୟ ମହାସମରରେ ଆମ୍ଭମାନଙ୍କ ସମ୍ରାଟ ତାହାଙ୍କର ମିତ୍ରଶକ୍ତିମାନଙ୍କୁ ଘେନି ମାନବ ଜାତିରେ ନ୍ୟାୟର ଟେକ ରଖିବା ସକାଶ ଜର୍ମ୍ମାନ ସମ୍ରାଟଙ୍କ ସହିତ ଯେଉଁ ଯୁଦ୍ଧରେ ଲିପ୍ତ ଅଛନ୍ତି ତହିଁରେ ସେ ଜୟଲାଭ କରନ୍ତୁ, ସେଥିସକାଶ ଏହି ସମ୍ମିଳନୀ ଈଶ୍ୱରଙ୍କଠାରେ ପ୍ରାର୍ଥନା କରନ୍ତି ଏବଂ ଏହି ଭୀଷଣ ଯୁଦ୍ଧ ସମୟରେ ବ୍ରିଟିଶ ରାଜସିଂହାସନ ପ୍ରତି ଉତ୍କଳ ପ୍ରଜାମାନଙ୍କର ଚିରନ୍ତନ ଗଭୀର ରାଜଭକ୍ତି ଅକ୍ଷୁଣ୍ଣ ଥିବାର ଲିପିବଦ୍ଧ କରୁଅଛନ୍ତି ।

ପ୍ରସ୍ତାବକ - ଯୁବରାଜ ସାହେବ, ଟେକାଲୀ

ଅନୁମୋଦକ - ମହନ୍ତ, ରାଧାକାନ୍ତ ମଠ, ପୁରୀ

ସମର୍ଥକ - ଶ୍ରୀଯୁକ୍ତ ଗୋବିନ୍ଦପ୍ରସାଦ ବସୁ
ସେଖ୍ ମନ୍‌ସୁର
ମିଃ. ବି. ଏନ୍. ମିଶ୍ର

**ଦ୍ୱିତୀୟ ନିର୍ଦ୍ଧାରଣ :** ରାୟ ବାହାଦୁର ଗୌରୀଶଙ୍କର ରାୟଙ୍କ ପରଲୋକ ଗମନରେ ସମଗ୍ର ଉତ୍କଳଭାଷୀ ପ୍ରଦେଶର ଯେଉଁ କ୍ଷତି ହୋଇଅଛି, ସେଥିସକାଶ ସମ୍ମିଳନୀ ହୃଦୟର ଦୁଃଖ ପ୍ରକାଶ କରୁଅଛନ୍ତି ଏବଂ ପରଲୋକଗତ ଆତ୍ମା ଶାନ୍ତିରେ ରହନ୍ତୁ ଏଥି ସକାଶ ପ୍ରାର୍ଥନା କରୁଅଛନ୍ତି ।

ପ୍ରସ୍ତାବକ - ମିଃ. ମଧୁସୂଦନ ଦାସ
ଅନୁମୋଦକ - ରାୟ ବାହାଦୁର ସୁଦାମଚରଣ ନାୟକ
ସମର୍ଥକ - ଶ୍ରୀଯୁକ୍ତ ବାବୁ ରାମକୃଷ୍ଣ ପଟ୍ଟନାୟକ

**ତୃତୀୟ ନିର୍ଦ୍ଧାରଣ :** ଉତ୍କଳ ସମ୍ମିଳନୀର ନିର୍ଦ୍ଧାରଣମାନ କାର୍ଯ୍ୟରେ ପରିଣତ କରିବା ସକାଶେ ଗୋଟିଏ କାଉନସିଲ ଓ ଗୋଟିଏ କାର୍ଯ୍ୟନିର୍ବାହିକା ସମିତି ଗଠିତ ହେବାର ଆବଶ୍ୟକ ଏବଂ ସେ ସବୁର ସଭ୍ୟମାନେ ଏହି ସମ୍ମିଳନୀରେ ନିର୍ବାଚିତ ହେବାର ଉଚିତ ବୋଲି ସମ୍ମିଳନୀ ମନେ କରନ୍ତି । ଆଗାମୀ ଅଧିବେଶନ ପର୍ଯ୍ୟନ୍ତ ଏହି କାଉନସିଲର ସଭ୍ୟମାନଙ୍କ ସଂଖ୍ୟା ୬୮ ଜଣ ସ୍ଥିର କରାଯାଉ । ତନ୍ମଧ୍ୟରୁ ନିମ୍ନ-ଲିଖିତମତେ ପ୍ରତି ଜିଲାରୁ ସଭ୍ୟ ଗ୍ରହଣ କରାଯାଉ ।

କଟକ-୧୫, ସମ୍ବଲପୁର-୫, ସିଂହଭୂମି-୨, ମଧ୍ୟପ୍ରଦେଶ-୩,
ପୁରୀ-୧୦, ଗଞ୍ଜାମ-୧୦, ଗଡ଼ଜାତ-୧୦, ଅନୁଗୁଳ-୧,
ବାଲେଶ୍ୱର-୮, ମେଦିନୀପୁର-୧, ଭିଜାଗାପଟ୍ଟାମ-୩

ଶ୍ରୀଯୁକ୍ତ ରାଜାସାହେବ କନିକାଙ୍କୁ ସଭାପତି ଓ ମାନ୍ୟବର ମଧୁସୂଦନ ଦାସଙ୍କୁ ସମ୍ପାଦକ ନିଯୁକ୍ତ କରାଯାଉ । କାଉନସିଲର ଖର୍ଚ୍ଚ ସକାଶ ପ୍ରତ୍ୟେକ ସଭ୍ୟ ବାର୍ଷିକ ଅନ୍ୟୂନ ୫ଟଙ୍କା ଚାନ୍ଦା ଦେଉନ୍ତୁ ।

କାଉନସିଲ ତାହାଙ୍କ ନିୟମାବଳୀ ପ୍ରସ୍ତୁତ କରନ୍ତୁ ଏବଂ ଗତବର୍ଷ ନବମ ନିର୍ଦ୍ଧାରଣ ଅନୁସାରେ ହୋଇଥିବା ନିୟମାବଳୀ ଉକ୍ତ କାଉନସିଲ ସମୀପରେ ବିଚାର ନିମନ୍ତେ ଆଗତ କରାଯାଉ ।

ପ୍ରସ୍ତାବକ - ସଭାପତି

**ଚତୁର୍ଥ ନିର୍ଦ୍ଧାରଣ :** ଆଗାମୀ ବର୍ଷ ଉତ୍କଳ ସମ୍ମିଳନୀର ଅଧିବେଶନ କଟକଠାରେ ହେବ । ନିମ୍ନଲିଖିତ ୧୦ ଜଣ ସଭ୍ୟଙ୍କୁ ନେଇ ଗୋଟିଏ କାର୍ଯ୍ୟ ନିର୍ବାହିକା ସମିତି ଗଠିତ ହେଉ ।

ବାବୁ କଳ୍ପତରୁ ଦାସ – ସମ୍ପାଦକ

ବାବୁ ରେବତୀକାନ୍ତ ଘୋଷ

ବାବୁ ଲକ୍ଷ୍ମୀଧର ମହାନ୍ତି

ମାନ୍ୟବର ବାବୁ ବ୍ରଜସୁନ୍ଦର ଦାସ

ବାବୁ ରାଧାକୃଷ୍ଣ ବସୁ

ବାବୁ ଚନ୍ଦୁଲାଲ

ବାବୁ ବିଚିତ୍ରାନନ୍ଦ ଦାସ

ରେଃ. ବ୍ରଜାନନ୍ଦ ଦାସ

ବାବୁ ପାରେଶ୍ୱର ମହାନ୍ତି

ମୌଲବି ଆଲା ବକସ

ପ୍ରସ୍ତାବକ - ବାବୁ ରାଧାକୃଷ୍ଣ ବସୁ ଏମ.ଏ.

ଅନୁମୋଦକ - ବାବୁ ବିମ୍ବାଧର ଦାସ

**ପଞ୍ଚମ ନିର୍ଦ୍ଧାରଣ :** ଉତ୍କଳଭାଷୀ ପ୍ରଦେଶରେ କପାଚାଷର ବିସ୍ତାର ସକାଶେ ବିହିତ ଉପାୟମାନ ସ୍ଥିର କରି ତାହା କାର୍ଯ୍ୟରେ ପରିଣତ କରିବାର ଭାର କାର୍ଯ୍ୟ-ନିର୍ବାହିକା ସମିତି ଉପରେ ଅର୍ପିତ ହେଉ ।

ପ୍ରସ୍ତାବକ - ବାବୁ କଳ୍ପତରୁ ଦାସ

ଅନୁମୋଦକ - ବାବୁ ଲାଲମୋହନ ପତି

**ଷଷ୍ଠ ନିର୍ଦ୍ଧାରଣ :** ଓଡ଼ିଶା ଉପକୂଳରୁ ଲବଣ ପୋକ୍ତାନି ଉଠିଯିବାଦ୍ୱାରା ବହୁସଂଖ୍ୟକ ଶ୍ରମଜୀବୀମାନଙ୍କର ଜୀବିକା ନିର୍ବାହରେ ବିଶେଷ ବ୍ୟାଘାତ ଘଟିଥିବାର ସମ୍ମିଳନୀ ଉପଲବ୍ଧି କରନ୍ତି ଏବଂ ଉପସ୍ଥିତ ଯୁଦ୍ଧ ଯୋଗେ ଲବଣର ମୂଲ୍ୟବୃଦ୍ଧି ହୋଇଥିବାରୁ ସେମାନଙ୍କର ବିଶେଷ କଷ୍ଟ ହେଉଥିବାର ସମ୍ମିଳନୀ ହୃଦୟଙ୍ଗମ କରନ୍ତି । ଏହି କଷ୍ଟ ଦୂରକରିବା ସକାଶ ଲବଣପୋକ୍ତାନ ପୁନଃପ୍ରବର୍ତ୍ତନ କରିବାସକାଶ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରାଯାଉ ।

ପ୍ରସ୍ତାବକ - ବାବୁ ଜଗବନ୍ଧୁ ସିଂହ

ଅନୁମୋଦକ - ମୌଲବି ସେଖ ମନିରୁଦ୍ଦିନ

ସମର୍ଥକ - ବାବୁ ପାରେଶ୍ୱର ମହାନ୍ତି

**ସପ୍ତମ ନିର୍ଦ୍ଧାରଣ :** ସମଗ୍ର ଉତ୍କଳଭାଷୀ ପ୍ରଦେଶ ଏକଶାସନାଧୀନ ନ ରହି ଭିନ୍ନ ଭିନ୍ନ ଶାସନାଧୀନ ଥିବାରୁ ଓଡ଼ିଆଜାତି ଭାରତର ଅନ୍ୟାନ୍ୟ ଜାତିଙ୍କପରି ଉନ୍ନତି ମାର୍ଗରେ ଅଗ୍ରସର ହୋଇପାରୁ ନ ଥିବାର ଏହି ସମ୍ମିଳନୀ ହୃଦୟଙ୍ଗମ କରନ୍ତି ଏବଂ ଭିନ୍ନ ଭିନ୍ନ ଶାସନାଧୀନରେ ଥିବାହେତୁ ଯେତେପ୍ରକାର ଅସୁବିଧା ଘଟୁଅଛି ତାହା ବିଶେଷ ଭାବରେ ଜାଣିବା ଓ କେଉଁ କେଉଁ ଅଞ୍ଚଳର ଓଡ଼ିଆମାନେ ଏକଶାସନାଧୀନ

ହେବାକୁ ଇଚ୍ଛା କରନ୍ତି ତାହା ଅନୁସନ୍ଧାନଦ୍ୱାରା ସ୍ଥିର କରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା ଏହି ସମ୍ମିଳନୀ ଆବଶ୍ୟକ ମନେକରନ୍ତି ।

ପ୍ରସ୍ତାବକ - ରାଜାସାହେବ, ଧରାକୋଟ

ଅନୁମୋଦକ - ବାବୁ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ

ବାବୁ ରେବତୀକାନ୍ତ ଘୋଷ

ସମର୍ଥକ - ସେଖ ଅସାଦୁଲ୍ଲ

ମାନ୍ୟବର ବାବୁ ଗୋପବନ୍ଧୁ ଦାଶ

**ଅଷ୍ଟମ ନିର୍ଦ୍ଧାରଣ :** ଓଡ଼ିଶାପକ୍ଷରୁ ମହାମାନ୍ୟ ବଡ଼ଲାଟଙ୍କ ବ୍ୟବସ୍ଥାପକ-ସଭାରେ ଦୁଇଜଣ ସଦସ୍ୟ ଏବଂ ବିହାର-ଓଡ଼ିଶା ଗବର୍ଣ୍ଣମେଣ୍ଟଙ୍କ ମନ୍ତ୍ରୀସଭାରେ ଓଡ଼ିଶା ପକ୍ଷରୁ ଜଣେ ଅତିରିକ୍ତ ବେସରକାରୀ ସଦସ୍ୟ ନିଯୁକ୍ତ କରିବା ସକାଶ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରାଯାଉ ।

ପ୍ରସ୍ତାବକ - ସଭାପତି

**ନବମ ନିର୍ଦ୍ଧାରଣ :** ପୁରୀର ଜଗନ୍ନାଥମନ୍ଦିର ଓ ଅନ୍ୟାନ୍ୟ ତୀର୍ଥମାନଙ୍କର ଜୀର୍ଣ୍ଣସଂସ୍କାର ନିମନ୍ତେ ସମସ୍ତ ଭାରତବର୍ଷରୁ ଅର୍ଥ ସଂଗ୍ରହ ପାଇଁ ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଗୋଟିଏ କମିଟି ଗଠିତ ହେଉ ଓ ସଭ୍ୟ ସଂଖ୍ୟା ବୃଦ୍ଧି କରିବା କ୍ଷମତା କମିଟି ଉପରେ ନ୍ୟସ୍ତ ହେଉ ।

ରାଜା ମୁକୁନ୍ଦଦେବ

ଢେଙ୍କାନାଳର ରାଜାସାହେବ

ରାଜା ବାହାଦୁର ଆଠଗଡ଼

ମହାରାଜା ସୋନପୁର

ମାନ୍ୟବର କନିକାର ରାଜାସାହେବ

ପାରଳାର ରାଜାସାହେବ

ମହନ୍ତ ଏମାରମଠ

ମହନ୍ତ ଦକ୍ଷିଣପାର୍ଶ୍ୱ ମଠ

ମହନ୍ତ ରାଧାକାନ୍ତ ମଠ

ମହନ୍ତ ମହୀପ୍ରକାଶ

ପୁରୀଦେଉଳ ମେନେଜର

ମହନ୍ତ ଉତ୍ତରପାର୍ଶ୍ୱ ମଠ

ମାନ୍ୟବର ପଣ୍ଡିତ ଗୋପବନ୍ଧୁ ଦାଶ

ମହାମହୋପଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠ

ରାଜାବାହାଦୁର ପାରିକୁଦ
ମାନ୍ୟବର ବ୍ରଜସୁନ୍ଦର ଦାସ
ରାୟ ବାହାଦୁର ସୁଦାମଚରଣ ନାୟକ
ମାନ୍ୟବର ଗଣେଶଲାଲ ପଣ୍ଡିତ
ଚୌଧୁରୀ ଦୀନକୃଷ୍ଣ ଦାଶ
ପଣ୍ଡିତ ଜୟକୃଷ୍ଣ ମିଶ୍ର କାବ୍ୟତୀର୍ଥ ।

ପ୍ରସ୍ତାବକ - ପଣ୍ଡିତ ଜୟକୃଷ୍ଣ ମିଶ୍ର କାବ୍ୟତୀର୍ଥ
ଅନୁମୋଦକ - ରାଜାସାହେବ, କନିକା
ସମର୍ଥକ - ମହନ୍ତ, ଏମାରମଠ
ବାବୁ ନୀଳକଣ୍ଠ ଦାଶ ଏମ୍. ଏ.

**ଦଶମ ନିର୍ଦ୍ଧାରଣ :** ଯେଉଁ ମୁସଲମାନ ଯୁବକମାନେ ତ୍ୟାଗସ୍ୱୀକାର କରି କଟକ ମସ୍ଲେମ ସେମିନାରୀ ସ୍ଥାପନ କରିଅଛନ୍ତି ତଦ୍ଦ୍ୱାରା ହିନ୍ଦୁ ଓ ମୁସଲମାନ ଉଭୟ ସମାଜର ବାଳକମାନଙ୍କର ବିଶେଷ ଉପକାର ସାଧିତ ହେଉଥିବା ଓ ଉଭୟ ସମାଜର ସୌହାର୍ଦ୍ଧ୍ୟ ବୃଦ୍ଧି ହେଉଥିବାରୁ ଉତ୍କଳସମ୍ମିଳନୀ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଉ ।

ପ୍ରସ୍ତାବକ - ମାନ୍ୟବର ଶ୍ରୀ ବ୍ରଜସୁନ୍ଦର ଦାସ
ଅନୁମୋଦକ - ବାବୁ ଲକ୍ଷ୍ମୀଧର ମହାନ୍ତି
ସମର୍ଥକ - ବାବୁ ରାଧାକୃଷ୍ଣ ବସୁ ଏମ୍. ଏ.

**ଏକାଦଶ ନିର୍ଦ୍ଧାରଣ :** ବିହାର-ଓଡ଼ିଶା ଅନ୍ତର୍ଭୁକ୍ତ ସିଂହଭୂମ; ମଧ୍ୟପ୍ରଦେଶ ଅନ୍ତର୍ଗତ ଫୁଲଝର, ଚନ୍ଦ୍ରପୁର, ପଦ୍ମପୁର ପ୍ରଭୃତି ଓଡ଼ିଆ ଅଞ୍ଚଳରେ ଓଡ଼ିଆ କଚେରୀଭାଷାରୂପେ ଗୃହୀତ ହେବା ଏବଂ ଓଡ଼ିଆ ଶିକ୍ଷାବିସ୍ତାର ନିମନ୍ତେ ବହୁଳ ବ୍ୟବସ୍ଥା ହେବାର ପ୍ରୟୋଜନୀୟତା ଏହି ସମ୍ମିଳନୀ ଉପଲବ୍ଧି କରନ୍ତି ।

ପ୍ରସ୍ତାବକ - ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ
ଅନୁମୋଦକ - ମାନ୍ୟବର ବାବୁ ଗୋପବନ୍ଧୁ ଦାଶ
ସମର୍ଥକ - ବାବୁ ଗୋଲକଚନ୍ଦ୍ର ଦାସ
ବାବୁ ଜଗନ୍ନାଥ ମହାନ୍ତି
ବାବୁ ସୂର୍ଯ୍ୟନାରାୟଣ ପଟ୍ଟନାୟକ

**ଦ୍ୱାଦଶ ନିର୍ଦ୍ଧାରଣ :** ସମ୍ମିଳନୀ ପକ୍ଷରୁ ପ୍ରକାଶିତ 'ଓଡ଼ିଆ' ଇଂରାଜି ସମ୍ବାଦ ପତ୍ରିକାର ପରିଚାଳନ ସକାଶ ବିହିତ ବନ୍ଦୋବସ୍ତ କରାଯାଉ ଏବଂ ସମ୍ମିଳନୀ ପକ୍ଷରୁ ମେସୋପଟାମିଆକୁ ପଠାଯାଇଥିବା ଡାକ୍ତରଙ୍କ ବ୍ୟୟ ବହନ କରିବା ସକାଶ ଅର୍ଥ

ସଂଗୃହୀତ ହେଉ ।

ପ୍ରସ୍ତାବକ - ରାଜାସାହେବ ମଧୁପୁର

ଅନୁମୋଦକ - ରାୟ ବାହାଦୁର ସୁଦାମଚରଣ ନାୟକ

ସମର୍ଥକ - ବାବୁ ପୀତବାସ ପଟ୍ଟନାୟକ

ବାବୁ କୃପାସିନ୍ଧୁ ମିଶ୍ର

ବାବୁ ଲକ୍ଷ୍ମୀଧର ମହାନ୍ତି

**ତ୍ରୟୋଦଶ ନିର୍ଦ୍ଧାରଣ :** ବିଶାଖାପତ୍ତନ ଜିଲାସ୍ଥିତ କରଣମାନେ ଓଡ଼ିଆ ହୋଇଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷମାନେ ସେମାନଙ୍କୁ ଓଡ଼ିଆବୋଲି ଗ୍ରହଣ କରୁ ନ ଥିବା ଅତି ଶୋଚନୀୟ ବିଷୟ ବୋଲି ଏହି ସମ୍ମିଳନୀ ଉପଲବ୍ଧି କରନ୍ତି ।

ପ୍ରସ୍ତାବକ - ସଭାପତି

**ଚତୁର୍ଦ୍ଦଶ ନିର୍ଦ୍ଧାରଣ :** ଉତ୍କଳସମ୍ମିଳନୀର କାର୍ଯ୍ୟନିର୍ବାହିକା ସମିତି ଓ ଓଡ଼ିଶାରେ ବହୁକାଳ ପୁରୁଷାନୁକ୍ରମେ ବାସକରୁଥିବା *(Domiciled)* ବଙ୍ଗାଳିମାନଙ୍କ ସଭାର ଯଥାକ୍ରମେ ୧୮।୩।୧୮ ଓ ୨୦।୩।୧୮ ତାରିଖମାନଙ୍କରେ ହୋଇଥିବା ଅଧିବେଶନମାନଙ୍କରେ ଉତ୍କଳସମ୍ମିଳନୀ ସହିତ ଉପରୋକ୍ତ ବଙ୍ଗାଳିମାନଙ୍କ ସଭାର ଯେଉଁ ସମ୍ବନ୍ଧ ନିର୍ଦ୍ଧାରିତ ହୋଇଅଛି ତାହିଁ ଏହି ସମ୍ମିଳନୀ ଅନୁମୋଦନ କରୁଅଛନ୍ତି । ଯେଉଁ ବଙ୍ଗାଳିମାନେ ପୁରୁଷାନୁକ୍ରମେ ଓଡ଼ିଶାରେ ବାସ କରି ଆସୁଅଛନ୍ତି ଏବଂ ଯେଉଁମାନଙ୍କର ଓଡ଼ିଶା ବାହାରେ ଗୃହ (home) ନାହିଁ – ଏବଂ ଓଡ଼ିଶାବାସିମାନଙ୍କ (indigenous population) ସହିତ ସର୍ବତୋଭାବେ ଅଙ୍ଗୀଭୂତ ହୋଇଅଛନ୍ତି (become part and parcel of)– ସେମାନେ ଉଭୟ ସମାଜର ଉନ୍ନତି ସାଧନ ନିମିତ୍ତ ଓଡ଼ିଆଙ୍କ ସହିତ ସଦ୍‌ଯୋଗରେ କାର୍ଯ୍ୟ କରିବେ ଏହା ସମ୍ମିଳନୀ ସ୍ଥିର କରୁଅଛନ୍ତି ।

ପ୍ରସ୍ତାବକ - ମାନ୍ୟବର ମିଃ ମଧୁସୂଦନ ଦାସ

ଅନୁମୋଦକ - ବାବୁ ଗୋବିନ୍ଦପ୍ରସାଦ ବୋଷ

**ପଞ୍ଚଦଶ ନିର୍ଦ୍ଧାରଣ :** ସ୍ୱେଚ୍ଛାସେବକମାନଙ୍କୁ ଧନ୍ୟବାଦ ।

ପ୍ରସ୍ତାବକ - ସଭାପତି

—

# ବିଶେଷ ଅଧିବେଶନ

[ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ଶାସନସଂସ୍କାର ରିପୋର୍ଟ ପ୍ରକାଶ ପାଇବାପରେ, ସେଥିର ୨୪୬ ଅନୁଚ୍ଛେଦରେ ଓଡ଼ିଶା ସଂପର୍କରେ ଥିବା ପ୍ରସଙ୍ଗ ଆଲୋଚନା କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଉତ୍କଳ-ସମ୍ମିଳନୀର ଏକ ବିଶେଷ ଅଧିବେଶନ ଉତ୍କଳଗୌରବ ମଧୁସୂଦନଙ୍କ ସଭାପତିତ୍ୱରେ କଟକରେ ୧୯୧୮ ମସିହା ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ହୋଇଥିଲା । ଉତ୍କଳ-ସମ୍ମିଳନୀର ଏହା ଥିଲା ଦ୍ୱିତୀୟ ବିଶେଷ ଅଧିବେଶନ । ଏହି ବିଶେଷ ଅଧିବେଶନ ବେଳେ ଉତ୍କଳ-ସମ୍ମିଳନୀର ସମ୍ପାଦକ ଥିଲେ ବ୍ରଜସୁନ୍ଦର ଦାସ । ଏହି ଅଧିବେଶନର ପ୍ରସ୍ତାବାବଳୀ ଇଂରେଜୀରେ ପ୍ରସ୍ତୁତ ହୋଇଥିଲାବେଳେ ସଭାପତି ଅଭିଭାଷଣ ମଧ ଇଂରାଜୀରେ ପ୍ରଦତ୍ତ ହୋଇଥିଲା । ସଭାପତି ଅଭିଭାଷଣ ଓଡ଼ିଆ ଭିନ୍ନ ଅନ୍ୟ ଭାଷାରେ ପ୍ରଦତ୍ତ ହେବା ଏକ ବ୍ୟତିକ୍ରମ ଥିଲା । ଏହି ଅଭିଭାଷଣ ଓ ପ୍ରସ୍ତାବାବଳୀ ଭାରତ ସରକାରଙ୍କ ନିକଟକୁ ପ୍ରେରଣ କରାଯିବାର ଥିବାରୁ ଇଂରାଜୀ ଭାଷାର ସାହାଯ୍ୟ ନିଆଯାଇଛି ।]

## ବିଶେଷ ଅଧିବେଶନରେ ଉତ୍କଳଗୌରବ ମଧୁସୂଦନଙ୍କ ସଭାପତି ଅଭିଭାଷଣ

Dear Brothers,

We have met here with an object, which is well defined; that object is a consideration of the Report on Constitutional Reform. The policy of His Majesty's Government with regard to India is contained in the announcement of 20th August 1917. We are all familiar with the terms of the announcement. That is the foundation of the future constitution of India. In his speech in the Imperial Council on the 4th instant, His Excellency the Viceroy described the nature and value of the announcement. His Excellency said :–

*I regard the announcement of August 20th as the terms of reference in accordance with which the Secretary of State and*

*I had to do the duty laid upon us. I regard it now as the touch-stone that must be applied to our proposals.*

In the same speech His Excellency said :–

*Am I far wrong when I suggest there are two schools of critics who write and speak as if the announcement of August 20th had never been made at all? Those who reject its basal pledge and those who reject the limitations whereby that pledge was conditioned.*

Criticisms on the scheme contained in the Report should be within the bounds named by the Viceroy. It is not within the power of the Viceroy and the Secretary of State to alter the terms of the announcement of 20th August or to assume powers in excess of that announcement. Those who maintain that the policy of His Majesty's Government announced on 20th August, is not sufficiently liberal, that it falls short of the just and legitimate claims and aspirations of India, have to appeal to the British Cabinet and the Parliament for more liberal concessions. This is not the place for a discussion of the questions whether the concessions made, the policy announced and the sympathy with Indian aspirations are adequate. Our criticism should be confined to the contents of the Report before the public.

Scope of criticism

In his speech in Council His Excellency the Viceroy remarked :–

*Far be it from me to claim any infallibility for our proposals. ... If they fall short of the policy embodied in it (the announcement of August 20th) then those who complain of their inadequacy have good ground for asking for a further extension of the scheme.*

In these words of His Excellency will be found the line public criticism should take.

In a speech in the House of Commons on August 6th the Right Hon'ble Mr. Montague made the following remark with reference to the proposals :–

*The House if it wished could tear up the proposals contained in the report in order to find better, but it could not, without perpetrating the grossest breach of faith in the history of the world, depart from the announcement of August 20th.*

In these words we find the solemn character with which one of the authors of the report clothes the announcement. The

announcement is the Magna Charta granted by His Majesty to his Indian subjects. Authorities on England's constitutional history maintain that "*the great Charter although drawn up in the form of a royal grant, was really a treaty between the king and his subjects.*" The Magna Charta was a grant from an unwilling king. Infraction of its terms by the king was apprehended. To prevent any such infraction a committee of 25 nobles was appointed, any four of whom might claim redress for infraction of the terms, and upon refusal proceed to make war upon the King. The Magna Charta of the British Constitution was extorted from a King, who had no sympathy with the aspirations of the people, no respect for their just and legitimate rights; but the Magna Charta of the Indian Constitution was the free gift of a constitutional monarch announced by his ministers in the national Parliament.

> Political significance of the announcement of 20th August.

King John "*was an oriental despot, a tyrant of the worst sort.*" His personal character inspired distrust and aversion in his people. He lost Normandy, he wished to proceed to the continent to regain the lost territory. The nobility refused to follow John to France. This ended in an open quarrel with the barons. Soon after the barons in arms presented their demands to the king. The prestige and honour of the King was not the concern of the people; they were on the contrary interested in the loss of such prestige and honour. The above are the historical settings of the British Magna Charta. Let us compare it with the historical settings of India's Magna Charta.

> British Magna Charta; its historical settings.

The historical settings of political documents are aids to their interpretation, they throw a light which reveals the significance of the documents when there is any doubt on the subject. The historical settings of the announcement of August 20th is of an opposite character. India had always expressed an earnest desire for partnership in the Empire, for elevation from a dependency to an integral part of the British Empire. But India's millions were considered disloyal at heart; distrust and want of confidence were India's share in the Imperial Policy.

> Indian Magna Charta and its settings.

In this state of things Germany declared war against liberty and freedom. The object of the war was to crush small and weak

War and India's part in it.

nations under the heel of militarism and lay the foundation of despotic power throughout the world. Our noble King Emperor declared war against Germany. England espoused the cause of freedom and liberty. Just at this moment India volunteered her services. Resolutions to that effect were moved in the Imperial Council by non-official members. They voiced the sentiments of the nation.

The Indian soldiers arrived in the western front in a critical moment of the war. Their services arrested the progress of the enemy's forces. Both England and Germany were undeceived.

England and India face to face.

Germany expected to strengthen her position by India's disloyalty to the British throne. England entertained similar apprehensions. The mist of distrust, which stood between England and India melted away and they saw one another face to face.

The British administration in India had produced a revolutionary spirit among a small section of the people. They formed a microscopic minority, but a revolutionary spirit had shown itself.

The revolutionary spirit.

The world's history shows political changes are the result sometimes of evolution and sometimes of revolution. Napolean III said : "*In France we make revolutions but no reforms, in England they make reforms but not revolutions.*" This is a correct enunciation of the British policy.

I have detailed the circumstances in which the announcement of August 20th was made. The announcement was made at a time

Lessons of war.

when the Indian and the Englishman were shedding their life-blood to preserve the liberty and freedom of the human race, to secure to the weakest nations the right to shape their destiny. The remarks made above find support in the following extract from the Reform Report :-

*The war has come to be regarded and more and more clearly as a struggle between liberty and despotism, a struggle for*

New spirit in India

*the right of small nations and for the right of all people to rule their own destinies. Attention is repeatedly called to the fact that in Europe Britain is fighting on the side of liberty, and it is urged that Britain cannot deny to the people of India that for which she is*

*herself fighting in Europe and in the fight for which she has been helped by India's blood and treasure.*

Again the illustrious authors of report say :–

*The war has given to India a new sense of self-esteem, a feeling of profound pride that she has not fallen behind other portions of the British Empire, but has stood shoulder to shoulder with them in the hour of their sorest trial. We find a general belief that India has proved herself worthy of further trust and of a more liberal form of government.*

I shall give yet another extract :–

*The speeches of English and American statesmen proclaim the necessity for conceding the right of self-determination to the nations.*

The above extracts show the considerations, which influenced His Majesty's Government to announce the new policy of August 20th, They are (1) The recognition of the right of all people to rule their own destiny, (2) the concession of the right of self-determination to nations, (3) the necessity to gratify the new sense of self-steem and pride in the Indian national consciouness by the grant of "a *more liberal form of government.*" We have now the historical settings of the new policy and the objects it was meant to serve. These ought to be of great help in our attempts to interpret the text of this new policy.

Objects of the announcement of August 20th

The announcement of August 20th contains a promise of responsible Government. The responsiblity of the Executive to the Legislature is the cardinal principle of a responsible Government. That is the differential characteristic of responsible Government. The ultimate result of the contest, during the seventeenth, of the Executive to the Legislature. In the Reform Report responsiblity centres in England and the responsibility is defined "*as consisting primarily in amenability to constituents and in the second in amenability to assembly.*" But the illustrious authors of the Report have eschewed this principle. It is not to be found in the initial reforms. It is held out as the ultimate goal to be reached by successive stages of progress. His Excellency the Viceroy in his speech on 4th September quoted a passage from the report. The words are :

What is responsible Government.

*"We have carried the advance right up to the line beyond which our principles forbid us to go, but within that line we are prepared to consider criticisms and suggestions."*

Is the installation of Responsible Government with reference to the transferred subjects in excess of the announcement of 20th August ? The number of transferred subjects may be reduced, if that is considered expedient, but the immediate introduction of responsible Government is necessary to fulfill the promise contained in the announcement of August 20th. A reasonable construction of the promise by His Majesty's Government should cover the grant of Responsible Government (however small be the area of administration alloted to it) in the initial step of reform. The further expansion of the area would depend on the result of the initial consession. It is note worthy that the Viceroy's words are "*beyond which our principles forbid us to go*" and not "*beyond which the terms of the announcement forbid us to go.*"

Transferred subjects.

The announcement speaks of India as an "*integral part of the British empire.*" When is India to be raised to the status of an integral part of the British Empire from her present status of a dependency ? At the commencement of the reform or when the distant goal of responsible Government is reached ? "*Progressive realization*" ought to mean the progressive extension of responsible Government to several departments of administration. It can hardly mean the realization of responsible Goverment under another form of Government, in which the responsibility of administration does not rest on the people. The historical settings, the objects aimed at and the considerations which necessitated the new policy enunciated in the announcement of August 20th are in conflict with the proposals with regard to "*transferred subjects.*"

Construction of promise.

The lessons of the war pointed to a recognition of the "*rights of all people to rule their own destinies.*" Britain was fighting, and is doing so even now for a world-wide recognition of this right of self-determination. Inconsistency in national character strikes at the root of national prestige and honour. These considerations and, above all, a recognition of end response to the newly developed national self-esteem and pride in India led to the announce-

ment of August 20th. The new policy was the free gift of a country, proud of its achievements in the cause of liberty and freedom, to a dependency, which had shared with her the suffering and loss of the war. In that message of August 20th we see Britanias hand stretched out to raise India to the dignified position of an integral part of the Empire. India sees the out-stretched hand. Woe be to the man who prevents Indiana to lay hold of the out-strtched hand of fellowship. Sure as the sun will rise tomorrow, India will become an integral part of the British Empire; but those who from prejudice, distrust, or unworthy motives postpone that auspicious day are the worst enemies of the British empire in the greatest crisis to the Empire. The new policy was not a grant to his hostile subjects by an unwilling king, as the Magna Charta of King John was. It was the free voluntary and spontaneous gift of the King and the nation to the people of a dependency. There was no motive for niggardliness and a construction of the announcement which implies niggardliness is an unjustifiable imputation to the King and the Parliament.

Niggardly construction.

We have to deal with a report on Indian Constitutional reforms. It is necessary to clear the ground for criticism on the proposals contained in the Report.

The proposals affect the well-being of the largest population under any single Government in the history of the world. Criticisms have already on the proposals been made in the National Congress, in Conferences, and a Committee of the non-official members of the Imperial Council is now deliberating with a view to suggest alterations in the reform scheme. My observations are meant for the people of Orissa, and they will deal primarily with the proposals affecting the Provincial Government. That is my excuse for inviting your attention to certain general principles.

I should ask you to proceed first to have an intelligent conception of constitution generally; next to understand what the present constitution of India is, and lastly to judge whether the proposals suggested can be grafted on the existing constitution so as to produce an organism having inherent vitality for present action and future development.

Nature of criticism.

What is a constitution ? Austin defines constitution "*as that which fixes the structure of the supreme Government.*" Sir George

Cornewall Lewis defines it *"as the arrangment and distribution of the sovereign power in the community."*

From the earliest date in the history of the human race constitutions have been classed under three general heads. When the sovereign power is centred in one person it is monarchy, when it is wielded by a few it is aristorcracy or oligarchy, when it descends to many it is democracy. This is a quantitative classification. There are at the present day constitutions which cannot be classed under any of these three heads. The English constitution is an instance of this. It has therefore been called a mixed constitution. This quantitative classification having been found unsatisfactory, attempts have been made to differentiate the existing constitutions on a qualitative basis. We need not go into an examination of these classification, for though the quantitative classification may not apply to all forms of Government now in operation, the numerical differentia hold good now as they did when Hobbes wrote the follwing lines :–

Classification of construction

> *The difference of commonwealths consisteth in the difference of the Sovereign or the Person representative of all and every one of the multitude. It is manifest there can be but three kinds of Commonwealth. For the representative must need be one man or more; and if more then it is the Assembly of all, or but of a part. When the Representative is one man then is Commonwealth a Monarchy; when an assembly of all that will come together, then it is a Democracy or Popular Commonwealth; when an assembly of a part only, then it is called an Aristocracy. Other kind of Commonwealth there can be none; for either one or more or all must have the Sovereign power. ...For they that are discontented under Monarcy call it Tyranny; and they that are displeased with Aristocracy call it Oligarchy; so also they which find themselves grieved under a Democracy call it Anarchy (which signifies want of Government) : ...and yet I think' ... no man believes that want of Government is any new kind of Government; nor by the same reason ought they to believe that the Government is of one kind when*

Hobbes classification

*they like it, and another when they dislike it, or are oppressed by the Governors.*

The Government of India in which I include the Provincial administration is run by the Indian Civil Service (by which I mean the esperit de corps and traditions of the service and not the individuals who belong to the service). Remove the Indian Civil Service from the administrative machinery and you are left with the head of the Imperial Government and the heads of the administrations in the major provinces. The Civil Service is the heart, which circulates vital activity through all parts of this huge organism. It has been entrusted with this responsibility for over a century but it is still a foreign organ. A century's juxtaposition notwithstanding, this heart has not developed any ligament to form a bond of union with the organism, which it is meant to nourish and develop. The representatives of the Civil Service are born and educated in the United Kingdom. They breathe the atmosphere of responsible government till they embark for India to fill the responsible office of the heart of the British Indian Empire. Men who were descendants of the noble British nation and who spent the most impressionable period of life amidst British institutions, have after a century's labour given India a Government, which has been described by the illustrious authors of the report in the following terms, which are to be found in different parts of the report :– "*an absolute Government,*" "*It is bureaucratic and naturally less anxious to move than resonsible Government.*" One of the authors of the Report, namely the Right Hon'ble Secretary of State said on a memorable occasion in the House of Commons :– "*The Government of India is too wooden, too iron, too inelastic, too antedeluvian to be of any use for the modern purposes we have in view.*"

The nature India's constitution

Indian Civil Service

The Indian Civil servant is an exception to the poet's words "*the child is the father of the man*". The child of democracy develops into a bureaucrat, When the average Civil servant retires, his experience in Indian administration is not of any value to the Empire. We do not know any instance where experience of the Indian Civil Service has been considered as a qualification for a minister in the United Kingdom or in the Dominions of the

Empires. While in service he is a stranger in India, on his retirement he is a stranger to political life in his mother country.

Here we have men recruited for a service in a foreign country wielding the executive power of a Government. They have no abiding interest in the country. They come for pay and pension. While in the country they lead an exclusive life. It is due to this love of exclusiveness that we have in every town a part set apart as 'European quarter'. Yet these foreigners, these birds of passage wield the executive power. The history of civilized nations does not furnish a parallel to this. Where is the nation, which has by progressive stages developed a responsible Government out of such a constitution ?

I have compared the Indian Civil Service to the heart of this immense political organism. This heart has grown in extent and power to the loss of activity and virility in the extremities of the organism. The inherent property of contraction necessary for the supply of blood to the extremities is wanting, the result is the growth of the heart and inanimation in the lower extremities and loss of activity in the upper.

Compare the powers which the Indian Civil Service had in old days with what it has now. This will give us an idea of the developments of its power. The blue books of the Parliament in the early decades of the last century contain frequent discussion in the Parliament on matters relating to Orissa; but now the Indian budget is presented to empty benches. I can vouch for the truth of the statement that some prominent members in the House of Commons are not aware of the existence of Orissa.

Problem unusually difficult.

The ancient indigeneous institutions, which distributed power and responsibility to competent people have disappeared. It is proposed in the Reforms report to develop the panchayet system. Who is responsible for the contraction of its sphere of responsibility ? The Panchayet system is not a western institution. Its responsibilities and powers even now are in full operation as regards social matters, but it has been disarmed of its powers over matters – Civil and Criminal. These powers have been absorbed by the local representative of the Civil Service. The present Chowkidari arrangment in Orissa has proved

Panchayats.

a source of universal discontent. Go to any village and talk to the people and in five minutes you will find out that the Chowkidari arrangement is a running sore in their life. The introduction of the change has resulted in adding to the power of the foreign agency.

Chowkidari.

There is not the slightest doubt that His Excellentcy the Viceroy and the Secretary of State had a task before them, which, whether we take its magnitude, the number of difficult questions to be grappled, the nature and number of conflicting interests to be reconciled and the complexity, which each of these subjects presented in the effort to work out the details, has no parallel in the history of statesmanship in the world. Hercules is admired for merely clearing the accumulations of a negligent age. The task before the illustrious authors of the report was not of a destructive charcater only, it was neither entirely constructive. The difficulties of the task were enhanced in a considerable degree by the necessity to preserve an existing fabric and at the same time make it serve a different purpose by additions and slight alterations. I shall be able to give you an idea of the difficulties of thier task by a few extracts from the Report :-

Problem unusually difficult.

*As the principle of popular control is admitted into the Government through the medium of the legislative councils, some means must be devised of enabling the established service to fall in with the new order of things. Naturally there will be many men to whom the change will be irksome.*

In another part of the report occurs, the following passage :

*We shall discuss the case of the public services in a latter chapter. But we have definitely to secure their essential interests because we believe that they are indispensable to the future of India and also because, as has always been recognised at similar periods of transition, His Majesty's services have the strongest possible right to be secured by His Majesty's Government. At a time when great changes are coming in India, the possible consequences and reactions of which no one can foresee, the element of experience and continuity which the services supply will be of such value that in the interests of India herself they must be secured.*

*Moreover in the educative work of the immediate future they have an important part to play. Not only will they provide the executive machinery of Government, it will be their part to assist, as only they can do, in the training of the rural classes for self-government, their help will be greatly needed to explain the new principles of Government to many who will find them strange. Meanwhile we repeat that the government must recognise its responsibilities to those whom it has recruited, and must retain the power to protect and support them in the discharge of the duties imposed upon them.*

Here we find that men to whom the proposed change in administration will be 'irksome' will provide the executive machinery of Government, assist in the training of the rural classes for self-government and explain the principles of Government to men who will find them strange.

The periodical commissions will enquire into the administration of the transferred subjects. If it is found unsatisfactory the concessioin will be withdrawn. Will the commission make enquiries to find out how far the services did the duties entrusted to them. What will be the result if it is found that they failed in due discharge of their duties ? The penal provisions of the scheme are one-sided. There is a good deal in the scheme, which will bring on disgrace on the people for the neglect, and recalcitrant attitude of individual members of the services.

The present administration of India is a pyramid resting on its apex. A foreign service bears the burden of the Indian Empire. The present line of political centre of gravity has to be maintained and yet provision has to be made for a distribution of the growing weight over a wider area. The problem presents difficulties, which can be measured only by those who try to solve them.

The report contains an illustrative list of transferred subjects. The guiding principle in the selection of these subjects, laid down in the report, is :

Selection of transferred subjects

*Include in the transferred list those departments, which afford most opportunity for local knowledge and social service, those in which Indians have shown themselves to be keenly interested, those in which*

*mistakes, which may occur, though serious, would not be irremediable, and those which stand most in need of development.*

It is admitted that the Indians have evinced keen interest and special aptitude to administer the transferred subjects. Mistakes in administration are not irremediable. What reasonable objection can there be to make the people responsible for the administration of these subjects. It is admitted that those subjects stand most in need of development, which means that the present administration has failed to produce the desired development, and yet it is proposed that the authorities of an unsuccessful administration should select the ministers, who would be responsible for an experiment, and the result of which after five years, would decide whether the initial concessions made to the Province should be kept untouched or withdrawn. Is there any item in the list of transferred subjects where even gross mis-management would mean danger to the British Empire ? The answer to this question must be in the negative.

The minister should be elected by the Legislative Council, which also have the power to remove him if he fails to give satisfaction. It should be remembered that the position of a minister in the scheme before us has no precedent in the history of the world. On the success or otherwise of the administration entrusted to him depends the future progress of the people. The scheme provides for the removal of a subject from the transferred to the reserved list in case of unsatisfactory administration. This means that the people should be deprived of a privilege for the mistakes of one over whom they have no control through their representatives in Council. This reminds one of Piso's Justice. Piso condemned a man to death for having murdered a man. When the condemned man was about to be executed the man alleged to have been murdered turned up. Thereupon the centurion sent the condemned man to Piso. Thereupon Piso passed sentences of death on all three, that is, the condemned man, the centurion and the man supposed to have been murdered. The condemned man was to be executed because a sentence of death had been passed on him. The centurion was to be executed because he disobeyed orders, and

Piso's Justice.

the man supposed to have been murdered was to be executed because he had been the cause of death of two innocent men. The people are to be punished because the reform proposals ordain their punishment, the minister is to be punished because he failed to fulfil the expectations of the Governor who appointed him, and the transferred subject is to be retransferred to the reserved list because that has been the cause of punishment of two innocent parties.

Nomination of member and minister

The following extract from to Reforms Report relating to the appointment by nomination of minister into Executive Council hows show the nomination system has worked.

*We are aware that the nominations made to the executives have not always given satisfaction. There has been a disposition to regard the men appointed as chosen because they are safe and not likely to give Government trouble, and if the legislature and the executive are to work smoothly together; it is, we agree, necessary to make appointments which command confidence and ensure efficiency and ability.*

The confidence, efficiency and ability necessary can be secured by election. The members of the Executive Council as well as the ministers should be elected by the Legislature. The Legislature's power of removal should be resticted to ministers and should not apply to the members in Council who will deal with the reserved subjects. If this be not acceptable to the authorities an alternative method may be adopted. The members in Council and the ministers should be nominated by the standing committees connected with the reserved and transferred subjects respectively, the Governor having the power to direct a second nomination, if he has sufficient reasons to disapprove of the nominatins in the first instance.

Election not nomination : Reasons.

The reasons on which Council government is preferred to administration by a single man apply, with ėqual force to the appointment of the members of Council. These reasons are given in the report in the following words :–

*Collective decisions which are the result of bringing together different points of view are more likely to be judicial and well weighed than those of a single mind.*

Hitherto the official designation of Governor was restricted to the rulers of the major provinces. In other cases the Indian Civil Service supplied the Provincial rulers whose official designation was 'Lieutenant Governor'. It seems from para 219 and 220 of the Reform Report that with the introduction of the reform scheme all Provincial rulers should be called Governors. Governors have generally been gentlemen who have experience in the working of responsible Government in other parts of the British Empire. This experience is wanting in the Indian Civil Servant, whose experience have been gained under what the Reform Report calls '*a system of absolute Government.*'

Qualification of Executive Member.

The ultimate goal is responsible Government in all the departments of administration. The reserved subjects will in future be included in the list of transferred subjects. The scheme contained in the Report is '*a transitional constitution containing within itself potentialities of advance.*' The words are taken from the speech of His Excellency the Viceroy. In a province where the governor is a member of the Civil Service it is desirable that the non-Indian member of the Executive Council should not be a member of that service. He should be an outsider who has experience of administration either in the United Kingdom or in the Dominions. The services of a person with knowledge of the principles of responsible Government and their application to the problems before the Provincial Government, would not only be of immense help to the ministers, but it would also develop the potentialities of advance of whcih the Viceroy spoke in his speech. Without this the bureaucratic part of the Provincial Government will not have any potentiality to advance. It is open to the Governor to appoint members without porfolios, so he would not be without official help.

Gentlemen outside the Indian Civil Service have been appointed members of the Viceregal Executive Council. English lawyers without Indian experience are appointed as His Majesty's judges in the High Courts of India. This serves the useful purpose of ensuring uniformity in the standard of justice in the two countries, it also keeps Indians abreast of the English Courts of justice in their application of legal principles to particular cases.

The Highest Court of appeal sits in England. The proposals in the Report contain provisions for the appointment of a Parliamentary Committee. It is desirable that persons with some knowledge of the procedures and conventions of the British constitution should be members of the Executive Government. Very great stress has been laid on the fact that the principles of responsible Government are foreign to the Indian, and this has been urged as a reason why responsible government is not given at once even with regard to the transferred subjects. But we fail to find the slightest reference to the *ignorance* on the part of the European official of the principles of a democratic government.

Blind leading the blind.

When the Governor and the European member are members of the Indian Civil Service, who are not only ignorant of the principles of a democratic government, but have carried on a bureaucratic government for nearly a quarter of a century, constitute the Executive government, it is bound to be proof against democracy. The addition of an Indian councillor and a minister will only serve to intensify the ignorance. The reform proposals appoint these officials as the people's guide to lead them to the goal and along the road, which leads to it. Verily, verily, this is an instance of "*blind leading the blind.*"

The history of responsible Government in Canada.

The system of an elected assembly without the responsibility, which comes *from participation in the executive Government* was tried in Canada. Pitt's Canada Constitutional Act of 1791 introduced this system. But the difficulty of working proved a rock on which Pitt's scheme for Canadian Government foundered. All Canada was in ferment, Lower Canada was in open rebellion. Sir Robert Peel wrote to Wellington in terms, which would suggest that "*the immediate loss of Canada was not a remote contingency.*" Lord Durham was sent out by the government. It is true that Lord Durham was recalled but his report is a valuable document on the constitutional evolution of the over-sea Dominion. It contained recommendations, which formed the basis of the Canadian Union Act, which made the executive responsible to the Legislature. Durham Report makes a responsible executive the corner-stone of the constitution. The

key-note of the Durham Report is that the Crown must consent to carry on the Government through those in whom the representative members have confidence and ministers must be responsible to the local Legislature. Dr. Keeth says that "*the immediate cause of the origin of responsible government in the Dominions was the outbreak of rebellion in Canada.*" These principles should govern the transferred subjects and the ministers.

I now come to the portion of the Reforms Report which deals with the interests of Orissa. The burning question with us for some years has been the emancipation from the subordination to which the Oriya people have been subjected by reason of the Oriya-speaking tracts having been annexed to the tail end of territories under several Provincial administrations. Representations on the subject have been made, the proceedings of public meetings have been communicated to the authorities. A deputation waited on His Excellency the Viceroy and the Secretary of State and presented a memorial on the subject. It is not necessary now to repeat our arguments, to describe our loss or to paint the injustice, which British administration has done to us. My reason for abstaining to go over the old ground is to be found in the following words of the Report:–"*In Orissa and Berar at all events it seems to us that the possibility of instituting sub-provinces need not be excluded from consideration at a very early date.*" The conception of the eventual future of India, which the illustrious authors of the reform proposals had in their mind, is *...a sister-hood of states, self-government in all matters of purely local or Provincial interests, in some cases corresponding to existing provinces, in others parhaps modified in* area according to the character and economic interests of their people.

Reforms in Orissa.

The acquisition of territories in the days of the East India Company was piece-meal. The conception of a vast Empire was foreign to them. The problems which now loom large in connection with a responsible Government ahead were not dreamt of. A company of merchants became rulers of a great Empire. The process by which this was done will not be intelligible to or approved by British Statesmanship of the present day. Equally unintelligible to the statesmen of those days would have been the reform proposals now before us.

Adam Smith said: "*The trading spirit of the East India Company makes them very bad sovereigns.*" The reasons which weighed with the East India Company lost their weight with the termination of their rule. Consideration of an opposite character now dominate the policy of Government. Those considerations arise from a desire to promote the well-being of the people, and what is more to train them to realize their responsibilities as citizens of the Empire at a time when the Empire is involved in a world-war. Imagine for a moment that the Viceroy and the Provincial rulers with their Councillors engaged in private trade for thier personal gain, what will be the result at the end of one year ? How would the English and other civilized nations view the result of this ? The British Cabinet, both the houses of Parliament would be ablaze with indignation. The heat of the indignation will within a few minutes be felt at this end of the telegraphic line. In no time the grievances of the people, which were due to this combination of sovereign power with commercial activities will be redressed at once. The rulers and their councillors will have condign punishments meted out to them, and what is more – disgrace, dishonour and public contempt will be heaped on their heads; consequenes any one who knows the Britishers sense of honour, can predict with the inspired confidence of a prophet. But is it consistent with the British sense of honour to perpetuate the effects of a wrong policy in the past, when they can be remedied without injury to others and with decided advantage to the people whom they affect ? It is admitted that the business of Government would be simplified if administrative units were smaller and homogeneous. There is no doubt that this advantage would be gained by forming an administrative unit of the Oriya-speaking tracts. As regards to the advantages to be gained by this measure I cannot do better than reproduce the words of the statemen who are the authors of the Report :–

*We have seen how historical reasons brought them about. We cannot doubt that the business of Government would be simplified if administrative units were both smaller and more homogeneous; and when we bear in mind the prospect of the immense burdens of Government in India being transferred to comparatively inexperienced hands, such considerations ac-*

*quire additional weight. It is also a strong argument in favour of linguistic or racial units of government, that by making it possible, to conduct the business of legislation in the vernacular, they would contribute to draw into the arena of public affairs men who were not acquainted with English.*

Advantages of small units on linguistic basis.

The Report disapproves of redistribution of official areas by official action, but they recommend such redistribution by consent.

The position of Orissa in the province of Bihar and Orissa was assigned to it without consulting Orissa. The despatch on the subject clearly proves that the interests of Orissa were not at all consulted in the scheme, which resulted in undoing the partition of Bengal and in *carving out a new province.*

Orissa under Bihar.

The despatch from the Government of India which resulted in the creation of the new Province shows the relics, if not the survival, of the old policy of expediency which treats millions of people as a pawn on the chess board. Millions of people are moved about with no more attention to their interest that is paid to the pawn by the player.

Lord Hardinge's despatch.

The despatch of the Government of India which resulted in the birth of the province of Bihar and Orissa fully illustrates these observations. The people of Orissa were not consulted. No one except the signatories to the despatch knew that any such redistribution of territories was in contemplation. None of the signatories knew Orissa. The unusual spelling of the word show their ignorance of the people. What are the reasons given in the despatch for the transfer of Orissa ? I shall quote the portion of the despatch which relates to Orissa.

*The Oriyas, like the Biharies, have little in common with the Bengalies, and we propose to leave Orissa with Bihar and Chotanagpur. We believe that this arrangment will well accord with popular sentiment in Orissa and will be welcome to Bihar as presenting a seaboard to the Province. We need hardly add that we have considered various alternatives such as making over of Chotanagpur or of Orissa to the Central*

*Provinces and the creation of a Chief Commissionership instead of Lieutenant Governorship for Bihar, Chotanagapur and Orissa.*

Let us examine the reasons given here. The Oriyas like the Biharees have little in common with the Bengalees. A school boy would give this argument the following syllogistic form. The tiger has nothing in common with the cow. The goat has nothing in common with the cow. Therefore the tiger and the goat can live together comfortably.

The statement is opposed to historical facts. Chaitanya the great reformer of Bengal was an Oriya and he spent the last days of his life in Orissa. There is a domiciled Bengalee community to be found in the villages of Orissa; their social intercourse with Oriyas are intimate and pleasing to both. A large number of Oriyas find employment in Bengal. None of these conditions exist when we consider the relation of Orissa with Bihar. I have said that the signatories of the despatch did not evidently care to know the popular sentiment in Orissa on the subject. If they cared to take any note of Orissa's sentiment, they would have found it in memorials to authorities and even in papers published under the authority of the House of Commons. But it suited the immediate object they had in view to avoid fact and resort to *belief.* The prospect of a seaboard to Bihar loomed large in the imagination of the authors of the proposal. Has any step been taken to build a harbour in Puri ? This is another instance of their ignorance of the condition of the province. One does not know whether in making these statements and proposals the authors of the despatch counted. on the credulity or the ignorance of the India Office. The truth, as subsequent events have proved, seems to be that Bihar occupied a subordinate position under the Bengal Government. It was anxious to be elevated to higher position and have another people over whom they might exercise the powers of an intermediary ruling race. It seems from the despatch that there was an alternative proposal to place Bihar under a Chief Commissionership. To avoid the latter and gain the former object it was necessary to increase the territorial area and population in the proposed new province. These were the reasons for including

Nativity of baby province.

Orissa in the new Province. All this becomes intelligible when we remember a distinguished patriot of Bihar was one of the signatories of the despatch.

The Reform proposals are in response to a new sense of self-esteem which the war had awakened. The past history of Orissa is replete with achievements in various fields of human activity. They have always been a source of inspiration to the present generation. This inspiration feeds the national conscious-ness, which is gaining in intensity with the advance of education and fresh evidence of past national progress, which the labours of men engaged in research work bring to light. Orissa will not yield to the Biharees the position of an intermediary ruling race. If the present position is not improved, there will be friction, which is not desirable in the interests of both Bihar and Orissa. Law abiding and peaceful citizenship is recommended in school books but potentiality for creating unrest and start agitation carry the prizes. Orissa has yet to learn this. The concessions to Bihar were the price paid to prevent agitation. The despatch says "*this belief will, unless a remedy be found, give rise to agitation in the near future.*"

Orissa's national consciousness.

The demands of the war and of the proposed responsible government have put a higher value on loyalty combined with development of a spirit of sacrifice in the interests of the Empire. A potential spirit of unrest must have a discount put on it. National consciousness and self-esteem ought to develop into national pride and sustain the spirit of sacrifice. Realization of the responsibilities, which the new atmosphere has given birth to, is an impossibility without the growth of the national consciousness. Allow a group of people to occupy the position of an intermediary ruling race and you store up trouble for the future from the dominant race and deprive the empire of the loyal support from another race. Allow one race to exercise a dominant influence over another and you mar the glorious picture of a sister-hood of states in India of the future.

Intermediary ruling races.

In their conception of the eventual Indian Empire the authors of the report see, as any statesman ought to see, alteration of the territorial areas of the provinces in existence.

Redistribution inevitable

The growth of population, not to speak of numerous other causes which may supervene, will necessitate contraction of the present territorial area of Provincial administration. The introduction of reforms will be the dawn of a new life. The reforms will open out a new field of activity and impose fresh responsibilities, in the discharge of which unanimity of thought and unity of purpose will be greatly in requisition. Our thoughts and opinions are the result of our past experiences reflected in the consciousness of the present moment. Our experiences are the result of the action on self-consciousness by the environments of life. Similar experiences ensure convergence of thought. Traditions and past history are unfailing sources of inspiration. They supply powerful motives for action in criticial moments in a nation's life, and guard the nation's honour with the courage and readiness to sacrifice, with which the gallant British soldier guards the Union Jack in the battle field. A population which has developed a common national consciousness is better equipped for progress. The mixing up for administrative purposes of populations whose national consciousness is fed by separate springs in their past history is a huge mistake in statesmanship. Lord Curzon's artition was grave error, because it aimed a blow at the national consciousness of a population. For a long time before that it had been felt that Bengal had grown too big for a Lieutenant-Governor. Successive heads of Government felt it and complained of it, but no steps were taken to remedy this. In the meantime the national consciousness gained both in volume and intensity. An attempt to split up, as it were this national consciousness and thereby reduce its volume added to its intensity, and unforeseen results followed. The Mahamedans of Bengal had never asked for a separate administration. They complained of having been left in the cold. I fear the events which followed the partition of Bengal have produced a political nervousness in some quarters. Every change of administration is shelved as fraught with unrest. It is unfortunate that the Hon'ble Mr. Sarma moved a general resolution

Responsibilities of reform.

Lord Curzon's partition andOfficial nervousness

Common language

Insistent distinctive national consciousness.

for redistribution of the whole country on a wrong basis. A common language is an additional facility in the pursuit of common object. English has been adopted as the common language by educated India. It is becoming the political language of India. One should look for an insistent distinctive national consciousness as the basis of administrative unit. This distinctive national consciousness of the present moment must have a continuity with the past, and resemble a running stream showing a continuity with its original spring in a distant land. The reform proposals when introduced will, form what I have said, add to the importance of a distinctive national conscious-ness. What I have said above shows its importance in supplying motives and facilities for action. This is so in a population actuated by the same national consciousness, but its deterrent influences should also be noted. India is ruled by a foreign nation. A foreign rule labours under certain disadvantages. Birtish rule in India is a record of mistakes committed, attempts to minimise the irritation inherent in a foreign rule and bring it into line with the legitimate feelings of Indians. The proposed reforms are a notable and laudable attempt in that direction. The creation of intermediary ruling races aggravates in a great measure the national feeling towads a foreign rule. The national consciousness determines the boundary line between national and foreign. Other consideratins such as distance, language make the line thicker and more distinct. Where the population under an administration is moved by divergent national consciousness there is the risk of one section rising to the position of an intermediary ruling race by occupying positions of influence in the administra-tive machinery. This had been so in the past. It is so now.

Impellant and deterrent.

Foreign rule.

Creation of intermediatary rulers.

Under the new scheme the minister will have under his administration those departments which deal with the concerns of daily life such as primary education, sanitation &c. He will also have the power of fresh taxation. When the minister comes from a different race, the irritation of an intermediate rule which was hitherto felt only by the educated classes will be extended to the

Minister from an intermediary ruling race.

masses. Racial feeling among the masses has a religious import. An Oriya Kayasta will not eat with the Kayasta of Bihar. The administration of the transferred subject is bound to be a failure and friction and discontent and irritation must follow, unless timely regard be paid to the national consciousness of the Oriyas. It is our duty to bring this to the notice of the authorities with all the emphasis which the importance of the subject demands. This will form the subject matter of resolutions.

A council Government has been decided. The head of each administrative unit should be a Governor in Council, the pay of the Governor is to be regulated by the financial position of the area to be administered. Prospective taxation for the ministerial administration forms a new contribution in it. These considerations diminish the force of the reasons for the creation of a subprovince. Provincial autonomy is introduced to promote provincial development. Provincial progess to be deserving of the name and to be in unison with the main object the illustrious authors of the reforms have in view, should ensure and equal distribution of the opportunities for progress to the different sections of the population. The Legislative Council will influence the executive. The influence will depend on the numerical strength of the representative of each race in the council. This will affect the interests of the Oriyas in the Madras as well as Bihar administration. Their representatives will be a microscopic minority in these councils. The creation of a subprovince will not improve their position in this respect. What objects the authors of the reforms have in view in recommending a subprovince is not known. It is perhaps intended that the administration should be confined to the transferred subjects, if so this will introduce complications, which will be avoided by raising Orissa to the status of an administrative unit and annexing the Oriya tracts of Ganjam to it.

Reasons against Subprovince.

I need not refer to some of the proposals in the report on which the non-official members of the province have expressed an opinion, and where I agree with their opinion. One of these is the proposal for the institution of a Grand Committee. This is an unnecessary addition to the powers of the executive government, which are sufficient to check any of the powers by the people's representative in council.

Grand Commitee.

The authors of the reforms in discussing communal representation draw upon an analogy from the history of Europe. The analogy does not hold good, because the division of the population into sections in India has been brought about by causes over which the inmates of the section have no control, These causes have imposed disabilities on certain sections of the population. The untouchable classes are not responsible for the disabilities of their present social position. The removal of these disabilities depends on the development of liberal notions in the higher classes and not on their own efforts. There is no doubt that an educated man belonging to the untouchable class will covet the position of being a member of the Legislative Council. The difficulties to his attaining this position will be raised not from his caste but from other castes. It is not correct that communal representations will stereotype existing relations. I believe they will produce contrary result. Co-operation in a common cause induced by unavoidable circumstances gives opportunities for reciprocal appreciation and under the influence of this feeling, prejudice born of ancient custom, disappears in time. The Congress Musalman league has a lesson on this subject.

Communal represantion.

I do not think the representation of minorities by nomination will remove the barrier between the classes. It will on the contrary strengthen the dividing wall. Public opinion is opposed to the principle of nomination. The nominated members are always considered as an addition to the official element in the Council. The proposal contained in the last part of para 232 of the report is the wisest, simplest and best fitted. A number of seats should be reserved for the minorities in plural constituencies but with a general electorate.

Minority representation.

Considering the interest of the non-official European community have in this country, this principle should also apply to them. There are Europeans who have friendly attitude towards Indian aspirations and justice and our own interests demand that we should have thier co-operation and fellowship in the field of politics.

European community.

The illustrious authors of the reform proposals have placed Indians under an everlasting debt of gratitude by looking at the political aspects of the economic condition of the country. The

economic questions had hitherto been out of the range of the politician's eye-glass. The Government of India neglected to protect the economic interests of the country. India was considered a proper field for the exploitation of all Europeans. It is due to this that Germany got to dominate over the mines and markets of India. The war has opened the eyes of our rulers. They now see the importance of conserving the resources of India for the benefit of the British Empire.

Economic condition.

The reforms report contains a chapter on the native states. This province has several Feudatory States. The contents of the chapter deserve the serious consideration of the rulers of the Orissa States, their subjects and of the people of Orissa, for we are impelled by a common national consciousness.

Feudatory states.

×

## ବିଶେଷ ଅଧିବେଶନରେ ଗୃହୀତ ନିର୍ଦ୍ଧାରଣସମୂହ

1. That this Conference desires to express its joy at the recent successes of the allied arms in the Western Front and prays for their ultimate victory.

   Proposed by the President

2. That this Conference deplores the irreparable loss Orissa has sustained by the death of Saraswati Fakir Mohan Senapaty, the President of the last session of the Conference.

   Proposed by the President

3. That this Conference records its sincere sense of appreciation of the genuine efforts on the part of His Excellency the Viceroy and the Right Hon'ble Secretary of State for India to place India on the way to progressive realization of responsible Governments and respectfully suggests the following modification in the scheme.

   (a) That this certain departments the people of India should "at once" be given complete responsible government. Unless this is done the object which the announcement of the 20th August has in view to

raise India to the status of an integral part of the British Empire, will not be fulfilled.

(b) That the Indian members of the Executive Council and the ministers should, instead of being nominated by the government as proposed in the scheme be elected by the nonofficial members of the Legislative Assembly.

(c) That in any provincial government where the head of the administrations is a member of the Indian Civil Service, the official member of the Executive Council should be selected outside the service with administrative experience in responsible government either in the United Kingdom or in the overseas dominions.

(d) That the system of nomination of members to represent ministers to the Legislative Assembly be abandoned and in all cases where nomination is deemed necessary, a definite number of seats be reserved for a community in plural consituencies in the general electorate roll as suggested in the last part of para 232 the report.

That seats be reserved for the non-official European Community and this rule be applicable in their case.

Proposed by - Hon'ble Babu Gopabandhu Das, B.L.
Seconded by - Rai Sudam Charan Naik Bahadur
Supported by - Babu Sashibhusan Rath
Mr. Mihir Laljee Jachauk
Babu Kailash Chandra Sen Gupta, B.A.
Babu Radhashyam Das, Zemindar
Babu Kalpataru Das, Pleader
Moulvi Basiruddin
Babu G. Surjya Narayan, B.L.

4. That while thanking the Right Honourable the Secretary of State and His Excellency the Viceroy of India for recognising the necessity and importance of the principle of constituting homogeneous administrative units on the basis of language and race which the Oriya-speaking people have been urging for many years past, this Conference places on

record its deep sense of disappointment in finding no definite provision in the Report for the amalgamation of the Oriya-speaking tracts under one administration and is of opinion that unless the desired amalgamation precedes or accompanies the reform, the Oriyas will not only be deprived of the benefits of the scheme itself but will also be placed under serious disadvantages owing to their being in the minority under several existing administrations.

Proposed by - Hon'ble Babu Braja Sundar Das, B.A.
Seconded by - Babu Mukunda Prasad Das, Muktar.
Supported by - Mr. Mandhata Gorachand Patnaik, B.A, B.L.
Mr. B. N. Misra, Bar-at-Law.

(5) Believing as it does in the sympathetic recognition of the special claims of the Oriyas for a separate administration as evidenced by the illustrious authors of the scheme in their proposal for constituting a sub-province for Orissa, this Conference desires to place on record its conviction that unless a separate province under a Governor in council and legislative assembly with an elected non-official majority be given to the united Oriya-speaking tracts, the proper solution of the question cannot be satisfactorily reached and the legitimate aspirations of the people concerned cannot be fulfilled and that early steps be taken for the formation of such an administrative unit as indicated in para 246 in the Reform Report.

Proposed by - Babu Jagabandhu Sinha, Pleader.
Seconded by - Babu Madhusudan Panigrahi, B.A., B.L.
Supported by - Babu Sashibhusan Rath.

(6) That copies of Resolution Nos. 1,3,4,&,5 be communicated to the Right Hon'ble the Secretary of State and His Excellency the Viceroy and the Lieutenant Governor of Bihar & Orissa.

Proposed by the President

---

# ଚତୁର୍ଦ୍ଦଶ ଅଧିବେଶନ

[୧୯୧୯ ମସିହା ଏପ୍ରିଲ ମାସ ୧୯ ଓ ୨୦ ତାରିଖରେ ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନ କଟକର ମ୍ୟୁନିସିପାଲିଟି ବଗିଚା ମଧ୍ୟରେ ପ୍ରସ୍ତୁତ ଏକ ସୁବିସ୍ତୃତ ଓ ସୁସଜ୍ଜିତ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀର ବାର୍ଷିକ ଅଧିବେଶନ ପୂର୍ବରୁ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ ବ୍ରଜସୁନ୍ଦର ଦାସ ଓ ଉତ୍କଳଗୌରବ ମଧୁସୂଦନ ମଧ ସମ୍ମିଳନୀର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ଓ ଉନ୍ନତିର ସମ୍ଭାବନା ଦେଖା ନ ଯିବାରୁ ଅଭିମାନରେ ସମ୍ମିଳନୀଠାରୁ ଆପଣାକୁ ଦୂରେଇ-ନେବାକୁ ଚେଷ୍ଟା କରିଥିଲେ । ତଥାପି ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଏହି ଅଧିବେଶନ ଆରମ୍ଭ ହୋଇଥିଲା । ତିନି ହଜାରରୁ ଅଧିକ ପ୍ରତିନିଧି ଓ ଦର୍ଶକ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସି ସଭାରେ ସମବେତ ହୋଇଥିଲେ । ଏହି ଅଧିବେଶନ ପାଇଁ ଗଠିତ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଥିଲେ ଜଗତବଲ୍ଲଭ ଘୋଷ ଓ ଅଧିବେଶନରେ ସଭାପତିତ୍ୱ କରିଥିଲେ ପଣ୍ଡିତ ଗୋପବନ୍ଧୁ ଦାସ । ଅଧିବେଶନରେ ଆଠଟି ପ୍ରସ୍ତାବ ଆଗତ ଓ ଗୃହୀତ ହୋଇଥିଲା । ମେସୋପଟାମିଆ ମେଡ଼ିକାଲ ରିଲିଫ ଫଣ୍ଡ ପାଇଁ ସମ୍ମିଳନୀ ମଣ୍ଡପରେ ୧୩୦୦ ଟଙ୍କା ସଂଗୃହୀତ ହୋଇଥିଲା । ଏହି ଅଧିବେଶନରେ ଉତ୍କଳ-ସମ୍ମିଳନୀର କାର୍ଯ୍ୟାବଳୀକୁ ଶୃଙ୍ଖଳିତ କରିବାପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ନିୟମାବଳୀ ଗୃହୀତ ହୋଇଥିଲା ।]

## ଚତୁର୍ଦ୍ଦଶ ଅଧିବେଶନର
## ସଭାପତି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଭିଭାଷଣ

ଭାଇମାନେ,

ଆଜି ଓଡ଼ିଆ ଜାତିର ଏହି ସମ୍ମିଳନୀରେ ଆପଣମାନେ ମୋତେ ନାୟକ ପଦରେ ବସାଇ ଅଛନ୍ତି, ସେଥିଲାଗି ମୁଁ ଧନ୍ୟବାଦ ଦେଉଅଛି; କେବଳ ଏତିକି କହିଲେ ବିଧି ରକ୍ଷା ହେଲା ମାତ୍ର ମୋ ପ୍ରାଣର କଥା ପ୍ରକାଶ ପାଇଲା ନାହିଁ । ମୋର ଅକିଂଚନତା ଯେବେ ଜୀବନରେ କେବେ ବୁଝି ଥାଏଁ ଏ ଘଟନାରେ ଆଜି ତାହା ବିଶେଷରୂପେ ବୁଝିଅଛି । ସେଥି ସଙ୍ଗେ ସଙ୍ଗେ ଦେଶବାସୀ ମୋତେ ଯେଉଁ ସମ୍ମାନ ଦେଇଛନ୍ତି ତାହାର ଗୁରୁତ୍ୱ ମଧ୍ୟ ବୁଝୁଅଛି । ବୟସ ବିଷୟ-ବୋଧଦୃଷ୍ଟିରେ ମୁଁ ଯେ ଏ ସମ୍ମାନର ଏକାନ୍ତ ଅଭାଜନ ଏହା ମୋର ବିଶ୍ୱାସ । ଏ ସମ୍ମାନ ଯେ କାହାରି

ପକ୍ଷରେ ପରମ ଗୌରବ । ଉତ୍କଳମାତାଙ୍କର ଯେତେ ସ୍ନେହ ଆଦର ଥିଲା ସେ ଆଜି ମୋତେ ତାହାସବୁ ଦେଇଅଛନ୍ତି, ଓଡ଼ିଆଜାତିର ହାତରେ ଯେ ସମ୍ମାନ ଦେବାର ଥିଲା ତାହା ମୁଁ ସମୁଦାୟ ପାଇଅଛି । ମାତ୍ର ଆମ୍ଭମାନଙ୍କର ଯେ ସମସ୍ତ ଜାତୀୟ ସମସ୍ୟା ରହିଅଛି, ଜାତିର ଯେ ଶତ ଶତ, ସହସ୍ର ସହସ୍ର, ଅଭାବ ଦୂର କରିବାର ଦାୟିତ୍ୱ ଆମ୍ଭମାନଙ୍କର ସମ୍ମୁଖୀନ ତାହା ସବୁ ଭାବି ଥରେ ଥରେ ମୁଁ ଜଡ଼ପ୍ରାୟ ହୋଇ ଯାଏଁ । ଯଥାର୍ଥରେ ପ୍ରାୟ ମାସକ ତଳେ ସମ୍ମିଳନୀର ମନ୍ତ୍ରଣା ସଭା ଯେତେବେଳେ ସମ୍ବାଦପତ୍ରମାନଙ୍କରେ ସଭାପତି ସମ୍ପର୍କୀୟ ପ୍ରସ୍ତାବ ପ୍ରକାଶ କଲେ, ମୋ ନାମର ପ୍ରସ୍ତାବ ଉଠାଇ ଦେବା ଲାଗି ଲେଖିବି ବୋଲି ଭାବିଲି; ମାତ୍ର ପରେ ବିଚାରିଲି ମୋ ପର୍ଯ୍ୟନ୍ତ ଆସିବ ନାହିଁ । ଦେଖୁ ଦେଖୁ ଆଜକୁ ଠିକ୍ ଏକ ସପ୍ତାହ ପୂର୍ବେ ହଠାତ୍ ସମ୍ମିଳନୀର ଦୂତ ମୋ ଦ୍ୱାରରେ ଉପସ୍ଥିତ । ଅବାକ୍ ହେଲି, କ୍ଷଣେ କିଛି କରି ନ ପାରିଲା ଭଳି ହୋଇଗଲି, ତେଣେ ପୁଣି ମୁଁ ଆଉ କେତେଗୁଡ଼ିଏ ଉପସ୍ଥିତ ଜଞ୍ଜାଳରେ ଉଦ୍‌ବ୍ୟସ୍ତ । ସେ ଦୂତ ସମ୍ମିଳନୀ ପକ୍ଷରୁ ଯେ ଅନୁରୋଧ ପତ୍ର ନେଇ ଯାଇଥିଲେ ତାହାକୁ ଏକାଧିକ ଥର ପଢ଼ିଲି, ସେ ମୋତେ ମା'ଙ୍କର ଡାକ ପରି ଲାଗିଲା । ସେ ଡାକ ଏଡ଼ିବ କିଏ ? ଟିକିଏ ଇତସ୍ତତ ହୋଇ ହିଁ ଭରିଲି ।

ମା ଉତ୍କଳଜନନି ! ଏ ଅଧମ ସନ୍ତାନଠାରେ ତୁମ୍ଭର ଯଦି ଏତେ ଦୟା ଏହାର କର୍ତ୍ତବ୍ୟ ପଥରେ ତୁମେଇ ସହାୟ ହୁଅ । ମା, ମୁଁ ଉପସ୍ଥିତ ଘଟନାରେ ଦେଶର ନାୟକ ନୁହେଁ, ତାହା ମୋର କେବେ ବାଞ୍ଛା ନୁହେଁ, ତୁମ୍ଭର ନିୟତସେବକ ହେବାହିଁ ମୋ ଜୀବନର ଚିର ଆକାଙ୍‌କ୍ଷା । ଆଜି ବିଶେଷ ଭାବରେ ସେ ସେବା କରିବାକୁ ମୋତେ ସୁଯୋଗ ଦେଇଅଛ, ତହିରେ ମୁଁ ଧନ୍ୟ ଏବଂ ପୁଣ୍ୟ ହୋଇଅଛି । ମା, ଏ ଅଧମ ଅଜ୍ଞାନ ସନ୍ତାନ ତୋର କି ସେବା କରିବ ?

ତୋତେହିଁ ତୁହି ରକ୍ଷା କର । ମୁଁ ଛାର ମନୁଷ୍ୟ ମାତର ।

ଭାଇମାନେ,

ସ୍ୱଦେଶସେବାହିଁ ପ୍ରକୃତରେ ମନୁଷ୍ୟପକ୍ଷରେ ଭଗବତ୍‌ସେବା । ଏହି ପୁଣ୍ୟ ଜାତୀୟପୀଠରେ ସେହି ସେବାକାର୍ଯ୍ୟରେ ମୋତେ ଆପଣମାନେ ପ୍ରଧାନପୂଜକର ଭାର ଦେଇଅଛନ୍ତି । ଆପଣମାନଙ୍କର ସାହାଯ୍ୟ, ସହାନୁଭୂତି, ସୁଦୟା ଓ ସହଯୋଗିତା ବିନା ତାହା ନିର୍ବ୍ବାହ କରିବା ମୋର ସାଧ୍ୟ ନୁହେଁ ।

ଭାଇମାନେ,

ଏହି ଆସନରେ ବସିବା ସଙ୍ଗେ ସଙ୍ଗେ ପ୍ରଥମେ ମୋ ମନେ ପଡୁଛି ସରସ୍ୱତୀ ଫକୀରମୋହନ ଆରବର୍ଷ ଠିକ୍ ଏହି ସମୟରେ ଏହିଠାରେ ବସିଥିଲେ । ସେ ଆଜି ନାହାନ୍ତି । ଓଡ଼ିଆର ପ୍ରାଣର କଥା, ହୃଦୟର ଗୀତି ସାହିତ୍ୟଭୂମିରେ ଆଉ ଶୁଣା ଯାଉ

ନାହିଁ । କ୍ରମେ ଆମ୍ଭମାନଙ୍କର ପ୍ରବୀଣ ନେତା ଏବଂ କର୍ମ୍ମୀ ଗୋଟିଏ ଗୋଟିଏ ଏହିପରି ଚାଲି ଯାଉଛନ୍ତି; ଗତବର୍ଷ ମଧ୍ୟରେ ଓଡ଼ିଶାର ରାଜକୁଳରେ ଯେ ବିପତ୍ତି ଘଟିଅଛି ତାହା ଭାବିଲେ ଦାରୁଣ ଦୁଃଖ ହୁଏ । ପ୍ରବୀଣ କିଶୋର ରାଜା, ରାଣୀ, ଯୁବରାଜ ମାନେ ଚାହୁଁ ଚାହୁଁ କେତେଗୁଡ଼ିଏ ଚାଲି ଗଲେ । ଏହି ସମ୍ମିଳନୀର ଭୂତପୂର୍ବ ସଭାପତି ଆଠଗଡ଼ର ରାଜା ବାହାଦୁର ଏବଂ ପ୍ରଜାବତ୍ସଳ ଧର୍ମ୍ମପ୍ରାଣ ଶୂରପ୍ରତାପଙ୍କ ବିୟୋଗ ସମ୍ମିଳନୀକି ବିଶେଷ ଭାବରେ ବାଧିବ । ଉତ୍କଳ ନାରୀସମାଜରେ ସୁପରିଚତ ବିଦୁଷୀ ରାଣୀ କନକମଞ୍ଜରୀଙ୍କ ସ୍ଥାନ ଅନେକ ଦିନ ଖାଲି ରହିବ । ଏହା ଛଡ଼ା ଦେଶର କେଉଁ ଅଜ୍ଞାତ କୋଣରେ ଅଭାବ ଅନ୍ନକଷ୍ଟରେ କାତର ରୋଗବ୍ୟାଧିରେ ଜର୍ଜରିତ ହୋଇ ନିରାଶ୍ରୟ ଏବଂ ନିରାଶରେ କେତେ ଲୋକ ପ୍ରତିଦିନ ଅସମୟରେ ଚାଲି ଯାଉଛନ୍ତି । ସବଳ ସୁସ୍ଥ ଶରୀରରେ ଦୀର୍ଘଜୀବୀ ହୋଇ ରହିଥିଲେ ସେମାନେ ଯେ ଦେଶର କେତେ ଶକ୍ତି ବଢ଼ାଇ ଥାଆନ୍ତେ, ସେମାନଙ୍କ ମଧ୍ୟରେ କାହାଠାରେ କି ପ୍ରତିଭା ଲୁଚି ରହିଥିଲା ଯଥାସମୟରେ ବିକାଶ ପାଇଥିଲେ ମାନବସମାଜର କି କଲ୍ୟାଣ ସାଧିତ ହୋଇଥାନ୍ତା କିଏ କହି ପାରେ ? ଆଜି ଉତ୍କଳର ସେହି ସମସ୍ତ ଅନାଶ୍ରିତ ଅଜ୍ଞାନ ମୃତବ୍ୟକ୍ତିମାନଙ୍କ ନିମନ୍ତେ ଆମ୍ଭମାନଙ୍କ ପ୍ରାଣରେ ଗଭୀର ଶୋକ ହେଉ ଅଛି । ସେମାନଙ୍କ ମୃତ୍ୟୁରେ ଉତ୍କଳ ଯେ ବଳହୀନ ହୋଇଅଛି ବୋଲିବା ବାହୁଲ୍ୟ । ସେମାନେ ପ୍ରତ୍ୟେକେ ମୁଖ୍ୟଭାବରେ ହେଉ ବା ଗୌଣଭାବରେ ହେଉ ଆମ୍ଭମାନଙ୍କର ଏହି ଜାତୀୟ ସମ୍ମିଳନୀର ଶକ୍ତି ।

ଏହି ସମ୍ମିଳନୀ ଓଡ଼ିଆ ଜାତିର । ଆମ୍ଭେମାନେ ଯେ କେତେଜଣ ଏଠାରେ ଉପସ୍ଥିତ ଥାଇ କିମ୍ବା ଯେଉଁମାନେ ଆସି ନ ପାରି ସହାନୁଭୂତି ପତ୍ର ଲେଖିଅଛନ୍ତି ସମ୍ମିଳନୀ କେବଳ ସେହିମାନଙ୍କର ନୁହେ । ଏମନ୍ତ କି ବର୍ତ୍ତମାନ ଓଡ଼ିଆ ଜାତିର ଆବାଳବୃଦ୍ଧବନିତା ସମସ୍ତ ଜୀବିତ ବ୍ୟକ୍ତିଙ୍କର କେବଳ ଏ ସମ୍ମିଳନୀ ନୁହେ । ଅଦ୍ୟାପି ଯେଉଁମାନେ ଜନ୍ମହୋଇ ନାହାନ୍ତି ଶତ ଶତ ବର୍ଷ ପରେ ଆମ୍ଭମାନଙ୍କର ଯେଉଁମାନେ ଉତ୍ତରାଧିକାରୀ ହେବେ ସେମାନଙ୍କର ମଧ୍ୟ ଏହି ସମ୍ମିଳନୀ । ଓଡ଼ିଆଜାତିର ଏହା ନିରବଚ୍ଛିନ୍ନ ପ୍ରାଣପ୍ରବାହ । ସମ୍ମିଳନୀକୁ ଏହିଭାବରେ ନ ଦେଖିଲେ ଏହା ସମ୍ମିଳନୀ ନୁହେ । ଏହା କେବଳ Conference ମାତ୍ର ଅର୍ଥାତ୍ ଓଡ଼ିଶାର ବା ଓଡ଼ିଆ ଜନସାଧାରଣଙ୍କର ହିତାହିତ ବିଚାର କରିବା ଲାଗି କେତେଜଣ ଜାଣିବା ଶୁଣିବା ଲୋକଙ୍କର ଏକ ବୈଠକ ମାତ୍ର ଏବଂ ମିଳନର ପବିତ୍ରଭାବ, ଜାତୀୟତାର ଅଖଣ୍ଡମୂର୍ତ୍ତି ଏଥିରେ ପ୍ରକାଶ ପାଏ ନାହିଁ ।

ମୋର ଆଶଙ୍କା ହୁଏ ଆମ୍ଭମାନଙ୍କ ମଧ୍ୟରୁ ଅନେକେ ସମ୍ମିଳନୀର ସ୍ୱରୂପ ଏପର୍ଯ୍ୟନ୍ତ ବୁଝିନାହାନ୍ତି । ଏହାକୁ କେବଳ Conference ବୋଲି ମନେ କରନ୍ତି ।

ତେଣୁ ସମୟେ ସମୟେ ପଚାରିଥାନ୍ତି "ସମ୍ମିଳନୀ ଏତେଦିନ ହେଲା କଣ କଲା ?" ସେମାନେ ମନେକରନ୍ତି ସମ୍ମିଳନୀ ଯେପରି କି ଏକ ପ୍ରକାର ସମବାୟ ଋଣସମିତି ବା ଯୌଥ ଭଣ୍ଡାର, ଦୁଇବର୍ଷ ବା ପାଞ୍ଚବର୍ଷ ପରେ ସମସ୍ତ ଦେଶବାସିଙ୍କ ହାତରେ କିଛି କିଛି ଲାଭ ଦିଅନ୍ତା ।

ସମ୍ମିଳନୀ ଆମ୍ଭମାନଙ୍କ ଜାତିର କି କଲ୍ୟାଣ ସାଧନ କରିଅଛି ତାହା କହିବା ପୂର୍ବରୁ ସମ୍ମିଳନୀର ଉଦ୍ଦେଶ୍ୟ, ପ୍ରକୃତି, ପ୍ରକ୍ରିୟା, କ୍ଷେତ୍ର, ଲକ୍ଷ, ଭିତ୍ତିଆଦିର ଆଲୋଚନାର ପ୍ରୟୋଜନ ବୋଲିବା ବାହୁଲ୍ୟ । ସମ୍ମିଳନୀର ଲକ୍ଷଲକ୍ଷଣମାନ ନିରୂପିତ ହୋଇ ନ ଥିବାରୁ ତାହା ଆଶାନୁରୂପ କାର୍ଯ୍ୟ କରିପାରି ନାହିଁ ଏବଂ ତହିଁସମ୍ବନ୍ଧେ ଅନେକ ସମୟରେ ଅନେକପ୍ରକାର ମତଭେଦ ଘଟୁଅଛି । ସମ୍ମିଳନୀର ପରିଚାଳନ ନିମନ୍ତେ ନିୟମମାନ ପ୍ରଣୀତ ହୋଇଅଛି ପୁଣି ତାହା ଭାଙ୍ଗିଅଛି, କାର୍ଯ୍ୟର ପନ୍ଥା ଏବଂ ପ୍ରଣାଳୀରେ ବାରମ୍ବାର ପରିବର୍ତ୍ତନ ଘଟିଅଛି – ଏଥିଲାଗି ଅନେକଙ୍କର ଆପତ୍ତି । ଏ ଆପତ୍ତି ଅସଙ୍ଗତ ନ ହୋଇ ପାରେ ମାତ୍ର ବୁଝି ରଖିବାକୁ ହେବ ଯେ ଅନେକ ଭଙ୍ଗାଗଢ଼ା ମଧ୍ୟରେ, ପରିବର୍ତ୍ତନ ପ୍ରତ୍ୟାବର୍ତ୍ତନ ମଧ୍ୟରେ ଯେ କୌଣସି ବ୍ୟକ୍ତି ବା ଜାତିକୁ ପୂର୍ଣ୍ଣତା ଆଡ଼କୁ ଯିବାକୁ ହୁଏ । ମତଭେଦ ଅବଶ୍ୟ ଘଟିବ । ସମ୍ମିଳନୀ ଅଦ୍ୟାପି ଅଳ୍ପଦିନର ଅନୁଷ୍ଠାନ । ଏହା ଏକାଦିନକେ କୌଣସି ସୁନିଶ୍ଚିତ ପଥ ଧରିପାରିବ ନାହିଁ । କିନ୍ତୁ ତାହାବୋଲି ଯଦି କେହି କେହି ସମ୍ମିଳନୀରୁ ଅନ୍ତର ହୁଅନ୍ତି ଏବଂ ସମ୍ମିଳନୀର ଅନ୍ୟାନ୍ୟ କର୍ମିମାନଙ୍କୁ ବ୍ୟଙ୍ଗବିଦ୍ରୂପ ଭାବରେ କଟାକ୍ଷ କରିନ୍ତି ତା ଅବଶ୍ୟ ଅତ୍ୟନ୍ତ ପରିତାପର ବିଷୟ ଏବଂ ଆମ୍ଭମାନଙ୍କର ଜାତୀୟ କଲ୍ୟାଣ ପଥରେ ଅନ୍ତରାୟ । ଏ ଅଧିବେଶନରେ ସମ୍ମିଳନୀର ଗଠନ ଏବଂ କାର୍ଯ୍ୟପରିଚାଳନ ପ୍ରଭୃତି ବିଷୟରେ ନିୟମମାନ ଆଲୋଚିତ ହୋଇ ଧାର୍ଯ୍ୟ କରାଯିବ ମାତ୍ର ସମ୍ମିଳନୀର ଉଦ୍ଦେଶ୍ୟ ଓ ଆକାଙ୍‌କ୍ଷା ଉତ୍ତମରୂପେ ସର୍ବପ୍ରଥମେ ନିରୂପିତ ନ ହେଲେ କେବଳ କାର୍ଯ୍ୟ ପରିଚାଳନର ନୀରସ ନିୟମରେ କିଛି ଫଳ ହେବ ନାହିଁ ।

ଅନେକେ ମନେକରନ୍ତି ବିଚ୍ଛିନ୍ନ ଓଡ଼ିଆଭାଷୀ ପ୍ରଦେଶମାନଙ୍କର ମିଳନ ଘଟାଇବା ସମ୍ମିଳନୀର ଲକ୍ଷ୍ୟ । ଓଡ଼ିଆଭାଷୀ ପ୍ରଦେଶର ମିଳନ ସମ୍ମିଳନୀର ଅବାନ୍ତର କ୍ରିୟା । ଖଣ୍ଡ ବିଖଣ୍ଡିତ ହେଲେ ସୁଦ୍ଧା ଓଡ଼ିଆଜାତି ବର୍ତ୍ତମାନ ବିଦ୍ୟମାନ ରହିଅଛି । ରାଜନୈତିକ ବିଚ୍ଛେଦ ତାହାର ବାହ୍ୟ କଳେବରର ବିଭଙ୍ଗ ଘଟାଇଅଛି ମାତ୍ର କିନ୍ତୁ ଜାତୀୟ ଆତ୍ମା ଅଦ୍ୟାପି ଅକ୍ଷୁଣ୍ଣ । ମୁଁ ଅନ୍ୟାନ୍ୟ ଘଟଣାରେ କହିଥାଏଁ, ଆଜି ମଧ୍ୟ କହୁଅଛି ବ୍ୟକ୍ତିଗତାତ୍ମା ଯେପରି ଅବିନଶ୍ୱର,

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।

ଅର୍ଥାତ୍ ବ୍ୟକ୍ତିଗତ ଆତ୍ମା ଯେପରି ଅସ୍ତ୍ରରେ ଛିଣ୍ଡେ ନାହିଁ, ଅଗ୍ନିରେ ପୋଡ଼େ ନାହିଁ, ଜଳରେ ବୁଡ଼େ ନାହିଁ, ପବନରେ ଶୁଖେ ନାହିଁ, ସ୍ଥୂଳରେ କୌଣସିପ୍ରକାର ବାହ୍ୟଶକ୍ତି ଦ୍ୱାରା ଏହାର ବିନାଶ ହୁଏ ନାହିଁ, ଜାତୀୟଆତ୍ମା ସେହିପରି ରାଜନୈତିକ ହେଉ ବା ଅନ୍ୟ ଯେ କୌଣସି ପ୍ରକାର ବାହ୍ୟ ଅସ୍ୱାଭାବିକ ପ୍ରଭାବରେ ସହଜରେ ଲୋପ ପାଏ ନାହିଁ । ଉତ୍କଳସମ୍ମିଳନୀ ଓଡ଼ିଆଜାତିର ଏହି ଅଖଣ୍ଡ ଅବିନଶ୍ୱର ଆତ୍ମାର ଇନ୍ଦ୍ରିୟଗ୍ରାହ୍ୟ ମୂର୍ତ୍ତି, ସୁତରାଂ ଆମ୍ଭମାନଙ୍କର ଜାତୀୟ ଆକାଙ୍କ୍ଷାର ପ୍ରକାଶକ ।

ଓଡ଼ିଆ ଜାତି କିଏ ? ପୃଥିବୀରେ ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସ୍ୱତଃ ମାୟା ମମତା ଜନ୍ମେ, ସେମାନଙ୍କର ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ୍ ଏକ ଶ୍ରେୟଃସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଏବଂ ଅଭିନ୍ନ; ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମଭୂମି । ସେମାନଙ୍କ ଦୃଷ୍ଟିରେ 'ସ୍ୱର୍ଗାଦପି ଗରୀୟସୀ' । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡ ନାମାନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାରେ ସମାନ ଆଶା, ଆକାଙ୍କ୍ଷା ଧରି ଜନ୍ମ ମରଣରେ, ସମାନ ଶ୍ରେୟଃ ସ୍ୱାର୍ଥରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆଜାତି ।

କେହି କେହି ପୁଣି ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଯଥାର୍ଥରେ ଏ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ କିମ୍ବା ରହିବା ଉଚିତ ନୁହେଁ । ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାରବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ ଯେ ଉତ୍କଳ ବା ଓଡ଼ିଶାସଙ୍ଗେ ଆପଣାର ସମସ୍ତ ସ୍ୱତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଅଛନ୍ତି, ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର । ଆଜିକାଲି ସମୟରେ ଏକସ୍ଥାନରେ ଯେ କେବଳ ଏକପ୍ରକାର ଲୋକ ରହିବେ ତାହା ଅସମ୍ଭବ । ପୃଥିବୀରେ ଏପରି ପ୍ରାୟ ସ୍ଥାନ ନାହିଁ ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲୋକ ଏକତ୍ର ବାସ କରୁନାହାନ୍ତି । ମାତ୍ର ସେମାନଙ୍କର ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ କାଳକ୍ରମେ ଏକୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଏବଂ ଶ୍ରେୟସ୍କର । ଆମେରିକାର ଇଉନାଇଟେଡ୍ ଷ୍ଟେଟସ ଏହି ଜାତୀୟତା ଗଠନ ବିଷୟରେ ଉଦାହରଣ ସ୍ଥଳ ।

ଭଗବାନ ଏକ ଏକ ଜାତି ନିମନ୍ତେ ସ୍ୱତନ୍ତ୍ର ଏକ ଏକ ଦେଶ ନିରୂପଣ କରିଥିଲାପରି ଜଣାଯାଏ ମାତ୍ର ଏକ ଦେଶ ବା ପ୍ରଦେଶର ଜାତିବିଶେଷ କାଳକ୍ରମେ ଅନ୍ୟ ଜାତିର ସଂଶ୍ରବରେ ଆସିଲେ ସେହି ଦେଶର ଭାଷା, ଆଶା, ଶିକ୍ଷା,

ସଭ୍ୟତାରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ । ଏହି ନବପରିବର୍ତ୍ତିତ ସଭ୍ୟତା ସେ ଦେଶର ତଥା ସେ ଦେଶର ନୂତନ ଏବଂ ପୁରାତନ ଅଧିବାସିଙ୍କର ସଭ୍ୟତା ହୁଏ ।

ପ୍ରାକୃତିକ ଅବସ୍ଥାନଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ – ଆଜିକାଲିର ରାଜନୈତିକ ଓଡ଼ିଶା ନୁହେ, ସ୍ୱାଧୀନ ଓଡ଼ିଶା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଗଙ୍ଗା ନଦୀଠାରୁ ଗୋଦାବରୀପର୍ଯ୍ୟନ୍ତ ମହୋଦଧିଠାରୁ ମଧ୍ୟପ୍ରଦେଶର ପର୍ବତଶ୍ରେଣୀ ପର୍ଯ୍ୟନ୍ତ ସେହି ବିଶାଳ ରାଜ୍ୟ ଯେ ଏକ ସ୍ୱତନ୍ତ୍ର ପ୍ରାକୃତିକ ଭୂଖଣ୍ଡ ଏହା ଦେଖିବାମାତ୍ରେ ଯେ କେହି ସ୍ୱୀକାର କରିବାକୁ କୁଣ୍ଠିତ ହେବେ ନାହିଁ । ଓଡ଼ିଆମାନେ ଏଠାରେ ବାସ କରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ । କାଳକ୍ରମେ ଅନ୍ୟାନ୍ୟ ଧର୍ମ୍ମ ଓ ଜାତିର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ଏକତ୍ର ବାସ କରିଅଛନ୍ତି । ଏହି ବିଭିନ୍ନ ଶ୍ରେଣୀର ସମ୍ମିଳନରେ ଆଜି ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଅଛି ଏହା ବୋଲିବା ବାହୁଲ୍ୟ ।

ଭାଇ ଉତ୍କଳବାସୀ, ତୁମ୍ଭେ ଯେ ହୁଅ – ବଙ୍ଗାଳି, ଓଡ଼ିଆ, ତେଲଙ୍ଗା, ହିନ୍ଦୁସ୍ଥାନି, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟାନ୍, ମୁସଲମାନ ଯେ ହୁଅ – ଉତ୍କଳଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳି ଅର୍ଦ୍ଦଳି ସହୁଛନ୍ତି । ତୁମ୍ଭର ହେଉ ବା ତୁମର ଶିଶୁସନ୍ତାନମାନଙ୍କର ହେଉ ଏହା ଶୈଶବର ଲୀଳାଭୂମି, ଯୌବନର କର୍ମ୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମସ୍ଥାନ ଏବଂ ଅନ୍ତିମକାଳର ଆଶ୍ରୟ । ଏ ଦେଶକୁ ଏପରି ଭାବରେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ରସୂତ୍ରରେ ଏ ଦେଶର ଅନ୍ୟାନ୍ୟ-ମାନଙ୍କ ସଙ୍ଗେ ଯଦି ଭାଗ୍ୟ ଆବଦ୍ଧ କରିଥାଅ ଏବଂ ଏ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରି ଥାଅ ତେବେ ଏ ଦେଶ ଅନୁସାରେ ତୁମର ଜାତି, ଏ ଦେଶର ଇତିହାସ ଓ ସଭ୍ୟତା ତୁମର, କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମ୍ଭେ ଭୋଗକରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ୍ ଗଠନରେ ତୁମ୍ଭେ ଯୋଗଦେଉଛ, ସୁତରାଂ ତୁମ୍ଭେ ଓଡ଼ିଆ, ତୁମ୍ଭେ ଉତ୍କଳୀ । ଉତ୍କଳ ସମ୍ମିଳନୀରେ ତୁମ୍ଭନିମନ୍ତେ ପ୍ରଶସ୍ତସ୍ଥାନ ରହିଅଛି, ଉତ୍କଳମାତା ମଧ୍ୟ ତୁମ୍ଭର ସେବା ପୂଜା ଗ୍ରହଣ କରିବାକୁ ସତୃଷ୍ଣରେ ଅନାଇ ରହିଅଛନ୍ତି ।

ଭାରତରେ ଜାତୀୟତା ଗଠନର ନାନ ଅନ୍ତରାୟ ରହିଅଛି, ନାନା ଭାଷା ନାନା ଧର୍ମ୍ମ ନାନାବିଧ ଆଚାର ବ୍ୟବହାର ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଅଛି ଯେ ଭାରତ ଜାତୀୟତା ଏକାବେଳକେ କେହି କେହି ଅସମ୍ଭବ ମନେକରନ୍ତି, ସେଥିରେ ପୁଣି କୌଣସି ଏକ ପ୍ରଦେଶ ବା ଅଞ୍ଚଳରେ ସେହି ପ୍ରକାର ଭେଦ ଘଟିଲେ ଭାରତ ଜାତୀୟ ସମସ୍ୟା ଅଧିକ ଦୁଃସାଧ ଏବଂ ଜଟିଳ ହେବ । ଏକ ପ୍ରଦେଶରେ ବାସକରି ସମସ୍ତ ଶ୍ରେୟ ସ୍ୱାର୍ଥ ମାୟା ମମତା ତହିଁସଙ୍ଗେ ମିଶାଇ ନ ଦେଇ

ଯେଉଁମାନେ ସ୍ୱତନ୍ତ୍ର ସ୍ୱାର୍ଥ ଏବଂ ସର୍ତ୍ତ ଦାବୀ କରନ୍ତି ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ; ନିଜର ସଂକୀର୍ଣ୍ଣ, ଆପତ ସ୍ୱାର୍ଥଲାଗି ଅନ୍ୟଜାତିର ଉନ୍ନତିରେ ଅନ୍ତରାୟ ଏବଂ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବା ଦ୍ୱାରା ଭାରତର ସମୂହ କଲ୍ୟାଣର ଶତ୍ରୁ ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ଶ୍ରେଣୀ ସଂପ୍ରଦାୟର ଲୋକେ ବାସକରି ଏହାକୁ ନିଜ ଦେଶବୋଲି ଗ୍ରହଣ କରିଅଛନ୍ତି ସେ ସମସ୍ତଙ୍କର ସମ୍ମିଳନରେ ଯେଉଁ ଓଡ଼ିଆଜାତି ସଂଗଠିତ ତାହାର ଜାତୀୟତା ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।

ଅନେକଥର ପ୍ରଶ୍ନ ଉଠିଛି ସମ୍ମିଳନୀ ରାଜନୈତିକ କି ନୁହେଁ, ଭିନ୍ନ ଭିନ୍ନ ଘଟଣାରେ ଏ ପ୍ରଶ୍ନର ମୀମାଂସା ଭିନ୍ନ ଭିନ୍ନ ପ୍ରକାରର ହୋଇଅଛି, ମାତ୍ର ସମ୍ମିଳନୀରେ ବେଳେବେଳେ ଯେ ସବୁ ବିଷୟ ଆଲୋଚନା କରାଯାଇଥାଏ ତାହା ସବୁ ରାଜନୈତିକ । ସେ ଯାହାହେଉ ଗତ ବିଶେଷ ଅଧିବେଶନରେ ଶାସନ-ସଂସ୍କାର ପ୍ରସ୍ତାବମାନଙ୍କର ଆଲୋଚନା କରିବା ଦ୍ୱାରା ସମ୍ମିଳନୀ ଯେ ରାଜନୈତିକକ୍ଷେତ୍ରରେ ପ୍ରବେଶ କରିଅଛି ଏହା ଅସ୍ୱୀକାର କରାଯାଇ ନ ପାରେ । ସମ୍ମିଳନୀ ଯଦି ଆମ୍ଭମାନଙ୍କର ଜାତୀୟ ଆକାଙ୍କ୍ଷାର ପ୍ରକାଶକ ହୁଏ ଏହା ଜାତୀୟ କାର୍ଯ୍ୟର ସକଳ ବିଭାଗ ଅବଶ୍ୟ ଆଲୋଚନା କରିବ; ଜାତୀୟ ପ୍ରବୃତ୍ତି, ଜାତୀୟ ପ୍ରଭାବ ଓ ଜାତୀୟ ଅଭାବ, ଇଚ୍ଛା ସକଳର ପୂରଣ ନିମନ୍ତେ ପ୍ରୟାସ କରିବ । ଶିଳ୍ପ, କୃଷି, ସାହିତ୍ୟ, ଶିକ୍ଷା ପ୍ରଭୃତି ଜାତୀୟ-ଉନ୍ନତିନିମନ୍ତେ ଯେପରି ପ୍ରୟୋଜନ, ରାଜନୈତିକ ଅଧିକାର ତତୋଽଧିକ ପ୍ରୟୋଜନ । ବସ୍ତୁତଃ ରାଜନୈତିକ ଅଧିକାର ବିନା ଅନ୍ୟାନ୍ୟ କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ ସୀମା ପରେ ଅଧିକଦୂର ଉନ୍ନତି ଅସମ୍ଭବ; ଶିକ୍ଷା, ଶିଳ୍ପ, ବାଣିଜ୍ୟ ଏମନ୍ତ କି ଧର୍ମ ଏବଂ ସମାଜ ଗତ ପ୍ରସଙ୍ଗମାନ କେତେବେଳେ ନା କେତେବେଳେ ହେଲେ ରାଜନୀତି ସଂଘର୍ଷରେ ଅବଶ୍ୟ ଆସିବ । ତେଣୁ କେହି କେହି ପଣ୍ଡିତ ମନୁଷ୍ୟଙ୍କୁ ରାଜନୈତିକ ପ୍ରାଣୀ ବୋଲି କହିଅଛନ୍ତି । ଯେଉଁମାନେ କହନ୍ତି ପରାଧୀନ ଜାତିର ରାଜନୀତି ନାହିଁ, ସେମାନେ ମାନବ-ଜୀବନକୁ ପୂର୍ଣ୍ଣଭାବରେ ଦେଖନ୍ତି ନାହିଁ । ପରାଧୀନ ହେଉ ବା ସ୍ୱାଧୀନ ହେଉ ଯେଉଁ ଜାତି ବା ସମାଜ କୌଣସି ରାଜ୍ୟରେ ବାସକରେ ଏବଂ କୌଣସି ସୁଗଠିତ ଏବଂ ଶୃଙ୍ଖଳାବଦ୍ଧ ଶାସନଶକ୍ତିର କର୍ତ୍ତୃତ୍ୱ ସ୍ୱୀକାର କରେ ତାହାର କୌଣସି ନା କୌଣସି ପ୍ରକାରରେ ରାଜନୀତି ରହିବ । ପରାଧୀନ ଜାତିର ରାଜନୀତି ସ୍ୱାଧୀନ ଜାତିର ରାଜନୀତିଠାରୁ ପୃଥକ୍ ହୋଇପାରେ କିନ୍ତୁ ତାହାର ରାଜନୀତି ନାହିଁ ବୋଲି କୁହାଯାଇ ପାରିବନାହିଁ । ସମ୍ମିଳନୀପରି ଜାତୀୟ ଅନୁଷ୍ଠାନ ରାଜନୀତିର ଚର୍ଚ୍ଚା ଛାଡ଼ିଦେଲେ ତାହାର ଉଦ୍ଦେଶ୍ୟ ଚିରଦିନ ଅସମ୍ପୂର୍ଣ୍ଣ ରହିବ । ଏ ସମ୍ବନ୍ଧେ କୌଣସି

ସୁନିଶ୍ଚିତ ସିଦ୍ଧାନ୍ତ କରିବା ଆମ୍ଭମାନଙ୍କର ଜାତୀୟ ଦୁର୍ବଳତାର ପରିଚୟ । ମୋ ମତରେ ସମ୍ମିଳନୀ କେବଳ ସାହିତ୍ୟିକ ସାମାଜିକ ବା ରାଜନୈତିକ ଅନୁଷ୍ଠାନ ନୁହେଁ; କେବଳ କୃଷି, ବାଣିଜ୍ୟ, ଶିକ୍ଷା ଏହାର କାର୍ଯ୍ୟ ନୁହେଁ; ସମ୍ମିଳନୀ ଆମ୍ଭ-ମାନଙ୍କର ଜାତୀୟ ଅନୁଷ୍ଠାନ ସୁତରାଂ ଜାତୀୟ ଉନ୍ନତି ନିମନ୍ତେ ଯାହା ପ୍ରୟୋଜନ ସମ୍ମିଳନୀର ତାହା କର୍ତ୍ତବ୍ୟ । ଏହିପରି ବ୍ୟାପକଭାବରେ ସମ୍ମିଳନୀର କାର୍ଯ୍ୟ ନିରୂପିତ ନ ହେଲେ ଜାତିର ତହିଁରେ ପ୍ରତ୍ୟୟ ଜନ୍ମିବ ନାହିଁ ।

ପ୍ରାକୃତିକ ଓଡ଼ିଶା ସମ୍ମିଳନୀର କାର୍ଯ୍ୟକ୍ଷେତ୍ର ବୋଲି ମୂଳରୁ ନିରୂପିତ ହୋଇଅଛି । ମାତ୍ର ଆମ୍ଭମାନଙ୍କର ଆକାଙ୍‌କ୍ଷା ସେହିଠାରେ ସୀମାବଦ୍ଧ ହୋଇ ରହିବା ଉଚିତ ନୁହେଁ । ସଂକୀର୍ଣ୍ଣ ସୀମା ମଧ୍ୟରେ ପ୍ରକୃତ ଜାତୀୟତାର ପୂର୍ଣ୍ଣ ବିକାଶ ଅସମ୍ଭବ । ଯେ ଯେଉଁ ଜାତିର ହୁଅନ୍ତୁ ସେ ସର୍ବ ପ୍ରଥମେ ମନୁଷ୍ୟ, ଈଶ୍ୱରଙ୍କର ସନ୍ତାନ । ଏହି ସମତା ଏବଂ ଭ୍ରାତୃଭାବ ପ୍ରତ୍ୟେକ ଜାତିର ଧର୍ମଶାସ୍ତ୍ରରେ ପ୍ରତିପାଦିତ ହୋଇଅଛି ଏବଂ ଏହାହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ । ମାନବସମାଜ କ୍ରମେ ବଢ଼ିବାକୁ ଲାଗିଲା । ଭିନ୍ନ ଭିନ୍ନ ଭୂଖଣ୍ଡରେ ବିଭିନ୍ନ ଦଳର ମନୁଷ୍ୟ ବାସ କରି ସେଠାରେ ସେମାନେ କେତେଗୁଡ଼ିଏ ସ୍ୱାତନ୍ତ୍ର୍ୟ ଲାଭ କଲେ । ଏହି ସ୍ୱାତନ୍ତ୍ର୍ୟ ସେମାନଙ୍କର ଜାତୀୟ ଚରିତ୍ର । ଏହି ଜାତୀୟ ଚରିତ୍ର ଛଡ଼ା ପୁଣି ବ୍ୟକ୍ତି ବିଶେଷର କେତେଗୁଡ଼ିଏ ସ୍ୱତନ୍ତ୍ର ପ୍ରବୃତ୍ତି, ଅଭ୍ୟାସ, ଇଚ୍ଛା, ଅନୁରାଗ, ଅଭିପ୍ରାୟ ରହିବା ସ୍ୱାଭାବିକ । ଆମ୍ଭେମାନେ ବ୍ୟକ୍ତିଗତଭାବରେ ବା ଜାତିଗତଭାବରେ ଯାହା କରୁ ତାହା ମାନବ ଧର୍ମର ଅନୁକୂଳ ନ ହେଲେ, ଉଦାର ମାନବଭାବର ପରିପୋଷକ ନ ହେଲେ ଆମ୍ଭମାନଙ୍କର ଅକର୍ତ୍ତବ୍ୟ । ମାନବ ଆତ୍ମାର କ୍ରମେ ବିକାଶ ହେଉଅଛି, ମାନବ-ସମାଜ କ୍ରମେ ବିଧାତାଙ୍କର ସୃଷ୍ଟି ନିୟମର ନୂତନ ଅଧ୍ୟାୟ ଫିଟାଉ ଅଛି, ମାନବ ଜୀବନରେ କ୍ରମେ ଭଗବାନଙ୍କର ଇଚ୍ଛା ଅଧିକରୁ ଅଧିକତର ଭାବରେ ପରିସ୍ଫୁଟ ହେଉଅଛି, ମାନବ ଜାତିର ଏହି କ୍ରମ ଉନ୍ନତି ଓ ମାନବ ଧର୍ମର ଏହି ଅଭ୍ୟୁଦୟ ଫଳରେ ପ୍ରତ୍ୟେକ ଜାତିର ଉନ୍ନତି । ସୁତରାଂ ଉଦାର ମାନବିକତା ପ୍ରତ୍ୟେକ ଜାତୀୟ ଅନୁଷ୍ଠାନର ଲକ୍ଷ୍ୟ ହେବା ଉଚିତ । ଅନେକ କ୍ଷୁଦ୍ର ଜଳପ୍ରବାହର ମିଳନରେ ନଦୀର ଉତ୍ପତ୍ତି ପୁଣି ଏହି ଏହି ପରି ଅନେକଗୁଡ଼ିଏ ନଦୀ ମିଶି ମହାନଦୀରେ ପରିଣତ ଏବଂ ପରିଶେଷରେ ସମସ୍ତ ମହାନଦୀର ପ୍ରବେଶ ମହାସମୁଦ୍ରରେ । ଆମ୍ଭମାନଙ୍କର ବ୍ୟକ୍ତିଗତ ଏବଂ ଜାତିଗତ ଆତ୍ମାର ପୂର୍ଣ୍ଣ ପରିଣତି ମାନବ ଆତ୍ମାର ମିଳନରେ । ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ଏପରି ହେବା ଉଚିତ ଯେ ସମସ୍ତ ବ୍ୟକ୍ତିଗତ କ୍ରିୟାର ସମଷ୍ଟିରେ ସମୂହ ଜାତିର କଲ୍ୟାଣ ସାଧିତ ହେବ; ପୁଣି ଭିନ୍ନ ଭିନ୍ନ ଜାତିର କାର୍ଯ୍ୟ ଏବଂ ଗତି ପରିଣାମରେ ସମଗ୍ର ମାନବଜାତିର କଲ୍ୟାଣରେ ସହାୟ ହେବ । ଏହି

ଲକ୍ଷ୍ୟରେ ଜାତୀୟ ଆକାଙ୍କ୍ଷା ପରିଚାଳିତ ଏବଂ ନିୟମିତ ନ ହେଲେ ଜାତୀୟ ଉନ୍ନତି ଏବଂ ପୂର୍ଣ୍ଣତାଦିଗରେ ଜାତିର ଗତି ଅସମ୍ଭବ ।

ସାର୍ବଜନୀନ ମାନବ ସମାଜ ଭଗବାନଙ୍କର ଅଭିବ୍ୟକ୍ତି । ମାନବ ସେବାହିଁ ଭଗବତ୍‌ସେବା । ମାତ୍ର ବ୍ୟକ୍ତି ବିଶେଷର ଶକ୍ତି କ୍ଷୀଣ, ବାହୁ କ୍ଷୁଦ୍ର, ଦୃଷ୍ଟି ସଂକୀର୍ଣ୍ଣ, ଗତି ସୀମାବଦ୍ଧ ସୁତରାଂ ବିଶ୍ୱଜନୀନ ସମଗ୍ର ମାନବସମାଜର ସେବା ତା ପକ୍ଷରେ ଅସମ୍ଭବ । ସେ ଯେଉଁ ନିର୍ଦ୍ଦିଷ୍ଟ ଦେଶରେ ଏବଂ ନିର୍ଦ୍ଦିଷ୍ଟ ଜାତି ମଧ୍ୟରେ ବାସ କରନ୍ତି ସେହି ଦେଶ ତାଙ୍କର ପୂଜାପୀଠ ଏବଂ ସେହି ଜାତିର ସେବାରେହିଁ ତାଙ୍କର ମାନବ ସେବା ।

ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ।

ଏହି ଉଦାର ମାନବିକତାକୁ ଲକ୍ଷ୍ୟ କରି ଜାତୀୟ ଉନ୍ନତି-ପଥରେ ଅଗ୍ରସର ହେବାକୁ ହେବ । ଏଥିରେ କୌଣସି ଭୟ ନାହିଁ, ଅକଲ୍ୟାଣ ନାହିଁ ।

ନହି କଲ୍ୟାଣକୃତ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି ।

ହୃଦୟରେ ଏହି ବିଶ୍ୱାସ ଜାଗ୍ରତ ଥିଲେ ଏହି ଉଦାରନୀତିରେ ଜୀବନର ଗତି ନିୟମିତ ହେଲେ କ୍ଷୁଦ୍ର ପଲ୍ଲୀରେ ସୀମାବଦ୍ଧ କାର୍ଯ୍ୟ କ୍ଷେତ୍ରରେ ରହି ମନୁଷ୍ୟ ସମସ୍ତ ମାନବକଲ୍ୟାଣରେ ଆତ୍ମବିନିଯୋଗ କରିପାରେ । ଏହି ବିଶ୍ୱାସ, ଏହି ମହାଲକ୍ଷ୍ୟ ବିଭିନ୍ନ ପ୍ରକୃତିର ବିଭିନ୍ନ ଜାତିର ଲୋକମାନଙ୍କୁ ଏକ ସୂତ୍ରରେ ଆବଦ୍ଧ କରି ସମଗ୍ର ମାନବସମାଜରେ ମଧୁମୟ ସମନ୍ୱୟ ସ୍ଥାପନ କରିବ । ଏହି ବିଶ୍ୱାସ ଦୃଢ଼ ନ ହେଲେ ମନୁଷ୍ୟ ନିଜ ଜାତିରେ ଦେବତ୍ୱ ଦେଖିବ ନାହିଁ । ଉତ୍କଳଜାତିର ପବିତ୍ରମୂର୍ତ୍ତି ଆମ୍ଭମାନଙ୍କର ଏହି ସମ୍ମିଳନୀ ଆମ୍ଭମାନଙ୍କର ଆରାଧ୍ୟ ଈଶ୍ୱର । ଏହି ସ୍ଥାୟୀ ଜ୍ଞାନ ହୃଦୟରେ ଜାଗ୍ରତ ରହିବ କେବଳ ଉଦାର ମାନବିକତା ଆଡ଼କୁ ଲକ୍ଷ୍ୟ ରଖି ଆମ୍ଭମାନଙ୍କର ଜାତୀୟ ଜୀବନ ଗଠନ କରିବାରେ ।

ମାନବ ଭଗବାନଙ୍କର ସନ୍ତାନ ଏବଂ ଉଦାର ମାନବୀୟ ପୂର୍ଣ୍ଣପ୍ରାଣତା ପ୍ରତ୍ୟେକ ଜାତିର ଲକ୍ଷ୍ୟ । ଏହା ସ୍ଥିର ବିଶ୍ୱାସ ନ ହେଲେ ବ୍ୟକ୍ତି ବିଶେଷର ସମତା ଏବଂ ଏକତା ସମ୍ଭବପର ନୁହେଁ । ଏହା ନ ହେଲେ ଜାତୀୟତା ଆଭିଜାତ୍ୟରେ ପରିଣତ ହେବ । ବୋଲିବା ନିଷ୍ପ୍ରୟୋଜନ ଯେ କୌଣସି କାରଣରୁ ହେଉ, ଓଡ଼ିଶାରେ ତଥା ଭାରତରେ ଆଭିଜାତ୍ୟର ପ୍ରଭାବ ଆମ୍ଭମାନଙ୍କର ଜାତୀୟ ଶକ୍ତିକୁ ଅତ୍ୟନ୍ତ ହୀନବଳ କରିଅଛି । ମାତ୍ର ସମ୍ମିଳନୀ ପରି ଜାତୀୟତା ଗଠନ ଉଦ୍ୟମରେ ଆଭିଜାତ୍ୟ ନିମନ୍ତେ କୌଣସି ପ୍ରକାର ଅବକାଶ ରହିବା ବାଞ୍ଛନୀୟ ନୁହେ । ଏ ମାତୃପୂଜାମଣ୍ଡପରେ ସମସ୍ତଙ୍କର ସମାନ ଅଧିକାର, ସମାନ ଆସନ । ତାହା ନ ହେଲେ ସମ୍ମିଳନୀର ଉଦ୍ଦେଶ୍ୟ କଦାପି ସିଦ୍ଧ ହେବ ନାହିଁ ।

ଉଦାର ମାନବିକତା ସମ୍ମିଳନୀର ଲକ୍ଷ୍ୟ ହେଲେ ଭାରତର ଜାତୀୟ ଆନ୍ଦୋଳନରୁ ଆମ୍ଭେମାନେ ପୃଥକ୍ ହୋଇ ରହିଲେ ଚଳିବ ନାହିଁ। ଓଡ଼ିଶା ନଦୀ ବନ ପର୍ବତାଦି ପ୍ରାକୃତିକ ଅବଚ୍ଛେଦ ଦ୍ୱାରା ଭାରତର ଅନ୍ୟାନ୍ୟ ପ୍ରଦେଶରୁ ବିଚ୍ଛିନ୍ନ ଥିଲାପରି ବୋଧ ହେଲେ ସୁଦ୍ଧା ଏହା ଅନ୍ୟାନ୍ୟ ପ୍ରଦେଶପରି ବିଶାଳ ଭାରତର ଅଙ୍ଗବିଶେଷ। ଭାରତୀୟ ଆକାଙ୍କ୍ଷା ସଙ୍ଗେ ଉତ୍କଳ ଆକାଙ୍କ୍ଷାର ସାମଞ୍ଜସ୍ୟ ରହିବା ଉଚିତ। ଭାରତସଙ୍ଗେ ଉତ୍କଳର ନିତ୍ୟସମ୍ବନ୍ଧ ରହିବହି ରହିବ; ଏହି ସମ୍ବନ୍ଧ ଚିରଦିନ ରହିଅଛି। ସମ୍ମିଳନୀ କାର୍ଯ୍ୟରେ ଭାରତୀୟ ଆନ୍ଦୋଳନରୁ ପୃଥକ୍ ଥିଲେ ସୁଦ୍ଧା ମହାଭାରତ ଜାତୀୟତା ସହିତ ଏହାର ସଂଯୋଗ ମୂଳମନ୍ତ୍ର। ବର୍ଷକୁ ବର୍ଷ ସମ୍ମିଳନୀର ପ୍ରାରମ୍ଭରେ ଆମ୍ଭେମାନେ ପୂତପ୍ରାଣରେ ଅବହିତ ହୋଇ ପ୍ରଥମେ ଗାଉଁ

''ସର୍ବେଷାଂ ନୋ ଜନନୀ ଭାରତଧରଣୀ କଳ୍ପଲତେୟଂ''

ଏହି ଜାତୀୟ ଗୀତିରେ ''ଭାରତମେକାଗତିରସ୍ମାକଂ'' ବୋଲି ଆମ୍ଭେମାନେ ଯାହା କହୁଅଛୁଁ ଜାତୀୟ ଜୀବନରେ ତଥା ଜାତୀୟ କାର୍ଯ୍ୟରେ ତାହାର ସାର୍ଥକତା କରିବା ବିଧେୟ। ଉଦାର ମାନବୀୟତା ଲାଭ କରିବା ପଥରେ ଭାରତଭାବ ଆମ୍ଭମାନଙ୍କୁ ଅବଶ୍ୟ ସହାୟ ହେବ। ମନେ ରଖିବାକୁ ହେବ ଆମ୍ଭେମାନେ ଭାରତଜାତିର ଅନ୍ତର୍ଗତ। ଭାରତ ଏକ ମହାଦେଶ। ତେଣୁ ସେଥିରେ ଅନେକ କ୍ଷୁଦ୍ର ଜାତି ପ୍ରାଦେଶିକ ପାର୍ଥକ୍ୟ ଅନୁସାରେ କାଳକ୍ରମେ ଉଦ୍ଭବ ହୋଇଅଛନ୍ତି। ମାତ୍ର ସେ ସମସ୍ତଙ୍କର ଭାଗ୍ୟ ଭାରତଭାଗ୍ୟ ସଙ୍ଗେ ସମାବଦ୍ଧ। ଆମ୍ଭେମାନେ ଭାରତୀୟ ଅନୁଷ୍ଠାନ ସଙ୍ଗେ ସଂଯୁକ୍ତ ହେଉ ବା ନ ହେଉ ଭାରତର ସୁଖଦୁଃଖରେ ଆମ୍ଭମାନଙ୍କୁ ଅଳ୍ପାଧିକ ପରିମାଣରେ ଭାଗୀ ହେବାକୁ ପଡ଼ିବ। ଏକ ଶରୀରର ଅବୟବ ବିଶେଷ ଶରୀରର ସମୂହ କ୍ରିୟାରେ ନିଜର କର୍ମ କରୁ ବା ନ କରୁ, ସର୍ବ ଶରୀରର ରୋଗ ବ୍ୟାଧି ସ୍ୱାସ୍ଥ୍ୟ ସୁଖରେ ତାହାର ଭାଗ ରହିବହି ରହିବ। ଭାରତୀୟ ରାଜନୈତିକ ଆନ୍ଦୋଳନରେ ଆମ୍ଭମାନଙ୍କର ଯୋଗ ନାହିଁ। ଆମ୍ଭମାନଙ୍କର ଏ ଉଦାସୀନତାରେ ଯେ ରାଜଭକ୍ତିର ପରିଚୟ ମିଳୁଅଛି ତାହାର ବିଶେଷ କିଛି ମୂଲ୍ୟ ଅଛି କି ନାହିଁ ସନ୍ଦେହ। କେହି ରାଜପୁରୁଷ ଏପର୍ଯ୍ୟନ୍ତ ମଧ୍ୟ କହିଛନ୍ତି ଯେ "Orissa is hot-bed of loyalty." ଅର୍ଥାତ୍ ଓଡ଼ିଶା ରାଜଭକ୍ତିରେ ସଢ଼ି ଯାଉଛି। ଏ ଭକ୍ତିର ବା ଦେବତାଙ୍କ ନିକଟରେ ଆତ୍ମସମର୍ପଣର ଆଦର କଣ ? ଏତେ ଭକ୍ତି ସତ୍ତ୍ୱେ India Defence Act ଓଡ଼ିଶାରେ ଜାରି ହେଲାତ ? Press Act ବିଧାନରୁ ଓଡ଼ିଶା ମୁକ୍ତ କି ? ଆଜି ଯେ Rowlatt Bill ଘେନି ଭାରତରେ ଏତେ ଆନ୍ଦୋଳନ ଲାଗିଅଛି, ସ୍ଥାନେ ସ୍ଥାନେ ତୁମୁଳ ଉତ୍ପାତ ଘଟୁଅଛି, ସାଧାରଣ ମନୁଷ୍ୟର ପ୍ରାଥମିକ ନ୍ୟାୟସଙ୍ଗତ ଅଧିକାରରୁ ଭାରତର ପ୍ରଜାସାଧାରଣ ବଞ୍ଚିତ ହେବା ଭୟରେ ଅସାମାନ୍ୟ ସ୍ୱାର୍ଥତ୍ୟାଗ କରି ଯେ ଆଇନର

ତୀବ୍ର ପ୍ରତିବାଦ କରୁଅଛନ୍ତି, ଓଡ଼ିଶା ଛଡ଼ା ଆଉ ସର୍ବତ୍ର ଏହା ଜାରୀ ହେବ ବୋଲି କିଛି ବିଧାନ ଅଛି କି ? ଘଟଣାଚକ୍ରରେ Defence of India Act ପରି ଏହା ଦିନେ ଓଡ଼ିଶାରେ ଜାରୀ ହେବା ଅସମ୍ଭବ କି ? ପୁଣି ସମଗ୍ର ଭାରତର ଆନ୍ଦୋଳନରେ ଭାରତ ଯାହା ସମୂହଭାବରେ ଲାଭ କରୁଅଛି ଓଡ଼ିଶା ବା ଓଡ଼ିଆଜାତି ତହିଁର ଫଳଭୋଗୀ ହେଉ ନାହାନ୍ତି କି ? ଅତଏବ ଭାରତୀୟ ଆକାଙ୍କ୍ଷା ସଙ୍ଗେ ଆମ୍ଭମାନଙ୍କର ଜାତୀୟ ଆକାଙ୍କ୍ଷା ମିଳାଇ ସମଗ୍ର ଭାରତ ମହାଜାତିର କଲ୍ୟାଣରେ ଯଥାଶକ୍ତି ଆତ୍ମା ବିନିଯୋଗ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ମନେ ରଖିବାକୁ ହେବ ଆମ୍ଭେମାନେ ପ୍ରଥମେ ମନୁଷ୍ୟ । ପରେ ଭାରତୀୟ ଏବଂ ସର୍ବଶେଷରେ ଓଡ଼ିଆ । ଏହିଭାବ ମନରେ ନ ରଖିଲେ ଜାତୀୟ କ୍ରମବିକାଶ ଅସମ୍ଭବ । ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି ମାତ୍ର ସାମାଜିକ ଭିତ୍ତି ବିନା ସେ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏନାହିଁ । ସେହିପରି ଓଡ଼ିଆଜାତିର ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଭାରତୀୟ ଜାତୀୟତା କ୍ଷେତ୍ରରେ ଏବଂ ଉଦାର ସାର୍ବଜନୀନ ମାନବିକତାରେ ।

ଓଡ଼ିଆମାନେ ଯେ ଏହି ଉଦାର ମାନବଧର୍ମରେ ଚିରଦିନ ଦୀକ୍ଷିତ ଏବଂ ଭାରତ ସହିତ ଉତ୍କଳର ନିତ୍ୟ ସମ୍ବନ୍ଧ ଅନୁଭବ କରିଅଛନ୍ତି ଓଡ଼ିଆ ଜାତିର ଇତିହାସ ଅଭ୍ରାନ୍ତ ଭାବରେ ଏହା ପ୍ରମାଣ କରୁଅଛି । ଓଡ଼ିଶାର ଯଥାର୍ଥ ଇତିହାସ ଏ ପର୍ଯ୍ୟନ୍ତ ଲେଖା ହୋଇ ନାହିଁ । ଏହାର ଗିରିବନକନ୍ଦରାରେ ସେ ସମସ୍ତ ଉପାଦାନ ବିକ୍ଷିପ୍ତଭାବରେ ପଡ଼ିରହିଅଛି, ଭଗ୍ନମନ୍ଦିରରେ ସେ ସମସ୍ତ ସ୍ମୃତି ଏବଂ ସଂସ୍କାର ଜଡ଼ିତ ଅଛି; ପୁଣ୍ୟପର୍ବମାନଙ୍କରେ ଏମନ୍ତ କି ଯେ ସମସ୍ତ ଅନୁଷ୍ଠାନ ଆଜି ଅନେକଙ୍କ ନିକଟରେ କୁସଂସ୍କାର ସେ ସବୁର ମଜ୍ଜାରେ ଯେ ସତ୍ୟସାର ନିହିତ ଅଛି, ପ୍ରବାଦପ୍ରବଚନ ପରମ୍ପରାରେ ଜୀବନର ଯେ ସମସ୍ତ ତଥ୍ୟ ପ୍ରକାଶ ପାଉଅଛି, ସେ ସବୁର ଭିତରକୁ ଦେଖିଲେ ଜଣାଯାଏ ଓଡ଼ିଆଜାତି ଇତିହାସରେ କେବେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନ ଥିଲେ । ନଦୀ ପର୍ବତଦ୍ୱାରା ଓଡ଼ିଶାର ସୀମା ଆବଦ୍ଧ ହେଲେ ସୁଦ୍ଧା ଓଡ଼ିଆମାନେ ସର୍ବଦା ସେ ସୀମା ଅତିକ୍ରମ କରି ବିଶାଳତା ଆଡ଼କୁ ଗତି କରିଅଛନ୍ତି । ଜାତୀୟତାର ଲକ୍ଷ୍ୟ ଯେ ଉଦାର ମାନବିକତା ସମଗ୍ର ଭାରତରେ ତାହା ଓଡ଼ିଆ ହିଁ ବୁଝିଥିଲେ । ବିଶ୍ୱପ୍ରୀତିହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା । ଓଡ଼ିଆର ଏ ଜାତୀୟତା, ଦେଶାନୁରାଗ କେବେ ଜଡ଼, ନିର୍ଜୀବ, ନୀରସ ଓ ସ୍ୱାର୍ଥ କଳୁଷିତ ନୁହେଁ, ରାଜ୍ୟଲାଭ ବା ରକ୍ତପାତରେ ଏହାର ପ୍ରତିଷ୍ଠା ନୁହେଁ, ଗଭୀର ଧର୍ମଭାବ ଏବଂ ଦୃଢ଼ବିଶ୍ୱାସ ଏହାର ଭିତ୍ତି; ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଏହାର ବିଗ୍ରହ । ଓଡ଼ିଆର ଏହି ଭାବ ନୀଳାଚଳଧାମରେ ପ୍ରକଟିତ । ତେଣୁ ଜଗନ୍ନାଥ ଓଡ଼ିଆର ଜାତୀୟ-ଦେବତା । ବଦ୍ରିନାଥ, ରାମନାଥ, ଦ୍ୱାରକାନାଥ ସ୍ଥାନବିଶେଷର ନାଥ ମାତ୍ର ଜଗତର

ନାଥ ନୁହନ୍ତି । ପ୍ରାଚୀନ କାଶୀଧାମରେ ବିଶ୍ୱନାଥ ଅଛନ୍ତି । କିନ୍ତୁ ସମସ୍ତ ବିଶ୍ୱକୁ ଆଲିଙ୍ଗନ କରିବାର ଉଦାରତା ସେଠାରେ ନାହିଁ । କାଳକ୍ରମେ ଆମ୍ଭମାନଙ୍କ ଜାତୀୟ ଅଧୋଗତି ସଙ୍ଗେ ସଙ୍ଗେ ନୀଳାଚଳର ମୌଳିକ ଉଦାରଭାବ ଆଜି ବହୁ ସଙ୍କୁଚିତ ହୋଇଅଛି ସତ୍ୟ କିନ୍ତୁ ଧର୍ମ ଜୀବନରେ ସାର୍ବଜନୀନ ଉଦାରତା ଯେ ଏକମାତ୍ର ସତ୍ୟ ଏ ଭାବ ଓଡ଼ିଶାରୁ ଲୋପ ପାଇନାହିଁ । ନୀଳାଚଳର ନୀତିରେ କ୍ଷୁଦ୍ର ବୃହତ୍ ନାହିଁ, ରାଜା ପରଜା ନାହିଁ, ବ୍ରାହ୍ମଣ ଚଣ୍ଡାଳ ନାହିଁ, ପାମର ପ୍ରେମିକ ନାହିଁ, ଏମନ୍ତ କି ହିନ୍ଦୁ ବୌଦ୍ଧର ଭେଦ ନାହିଁ । ପରବର୍ତ୍ତୀ ଚୈତନ୍ୟଯୁଗରେ ମଧ୍ୟ ହିନ୍ଦୁ ମହମ୍ମଦୀୟ ଭେଦ ପର୍ଯ୍ୟନ୍ତ ଏଠାରେ ଲୁଚି ଯାଇଥିଲା । ଏହି ଉଦାର ମାନବିକତା ଏବଂ ମହାଭାରତ ଜାତୀୟତାର ବୀଜ ନୀଳାଚଳଧାମରେ ଅଛି ବୋଲିତ କାଳେ କାଳେ ଭାରତର ଦିଗଦିଗନ୍ତରରୁ ସିଦ୍ଧ ସାଧକ ମହାପୁରୁଷମାନେ ଆକୃଷ୍ଟ ହୋଇ ଆସିଅଛନ୍ତି । ଜଗନ୍ନାଥତ ସାକ୍ଷାତ୍ ବୌଦ୍ଧାବତାର । ଶଙ୍କରଙ୍କର ପ୍ରଧାନ ମଠ ପୁରୀରେ । ରାମାନୁଜଙ୍କର ଏହା ପୁଣି ଏକ ପ୍ରଧାନ ଧର୍ମକେନ୍ଦ୍ର । ନାନକ ପୁରୀର ସାଗର-ସୈକତରେ ନିଜର ସର୍ବୋତ୍କୃଷ୍ଟ ମଧୁମୟ ସଙ୍ଗୀତ ଗାଇଥିଲେ । କବୀରଙ୍କର ମଧ୍ୟ ଆସ୍ଥାନ ଏହିଠାରେ । ଅବଶେଷରେ ପ୍ରେମର ଅବତାର ଭଗବାନ୍ ଶ୍ରୀକୃଷ୍ଣ ଚୈତନ୍ୟ ସମଗ୍ର ଭାରତର ସମସ୍ତ ତୀର୍ଥ ଭ୍ରମି ଏହି ସାର୍ବଜନୀନ ପ୍ରେମଧାମରେ ସ୍ଥାୟୀ ନିବାସ କରି ଗାଇଲେ, "ଜଗନ୍ନାଥସ୍ୱାମୀ ନୟନପଥଗାମୀ ଭବତୁ ମେ" । ମୁସଲମାନଭକ୍ତ ହରିଦାସ, ଶାଲବେଗ ପ୍ରଭୃତିଙ୍କର ସମାଧି ଏହି ପୁରୀରେ ପ୍ରତିଷ୍ଠିତ ।

ବାସ୍ତବିକ ଉତ୍କଳଭୂମି ସଂକୀର୍ଣ୍ଣ ଭୂମି ନୁହେ । ଓଡ଼ିଆ କେବେ କ୍ଷୁଦ୍ରରେ ସୀମାବଦ୍ଧ ନୁହେ । ପୁରୀ, ଭୁବନେଶ୍ୱର, କୋଣାର୍କ ମନ୍ଦିରର ବିଶାଳତା ଏହାର ପରିଚୟ । ମନୁଷ୍ୟ ହାତଗଢ଼ା ଏ ଶିଳ୍ପଛଡ଼ା ଓଡ଼ିଶାର ପାରିପାର୍ଶ୍ୱିକ ବେଷ୍ଟନୀ ଓଡ଼ିଆର ସେହି ବିଶାଳଭାବ ଓ ଉଦାରତାର ପ୍ରମାଣ । ଯେଉଁ ଦେଶର ଦେବତା ଜଗନ୍ନାଥ ସେ ଦେଶର ନଦୀଗିରି ସାଗର ଶ୍ମଶାନରେ ଯେ ସେହି ମହା ଉଦାରଭାବ ବିକାଶ ପାଇବ ତାହା ସ୍ୱାଭାବିକ । ଓଡ଼ିଶାର ନଦୀ ମହାନଦୀ, ସମୁଦ୍ର ମହୋଦଧି, ଗିରି ମହେନ୍ଦ୍ର, ବୃକ୍ଷ କଳ୍ପବଟ, ଏମନ୍ତ କି ଶ୍ମଶାନ ମାନବର ଅନ୍ତିମ ସ୍ଥାନ ନୁହେ, ଦିବ୍ୟ ଅନନ୍ତ ଧାମର ପ୍ରବେଶଦ୍ୱାର – ସ୍ୱର୍ଗଦ୍ୱାର । ଏହି ନାମ ସବୁ କି ପ୍ରକାଶ କରୁଅଛି ? ଓଡ଼ିଆ ପ୍ରାଣ ଯେ ମହାଭାବ କଳ୍ପନା କରିଅଛି ଚତୁର୍ଦ୍ଦିଗରେ ତାହାହିଁ ଦେଖିବାକୁ ପ୍ରୟାସୀ ହୋଇଅଛି । ଗୋଟିଏ ଗୋଟିଏ ଶବ୍ଦ ଏକ ଏକ ଜାତିର ଇତିହାସ ପଟ ଫିଟାଇଦେଇ ଅତୀତ ଅନ୍ଧାରରେ ଆଲୋକ ଦେଉଅଛି, ମହାନଦୀ ମହୋଦଧି ପ୍ରଭୃତି ଓଡ଼ିଆପ୍ରାଣର ବିଶାଳତା ଏବଂ ପୂର୍ଣ୍ଣତା ନିମନ୍ତେ ଓଡ଼ିଆ ହୃଦୟର ଆକାଙ୍କ୍ଷା ପ୍ରକାଶ କରୁନାହିଁ କି ? ଶିଳ୍ପରେ ଏବଂ ଦେବମୂର୍ତ୍ତିରେ ଓଡ଼ିଆ ହୃଦୟରୁ ଯେ ଭାବ

ବ୍ୟକ୍ତ କରିଅଛି ଏହିପରି ଗୋଟିଏ ଗୋଟିଏ ଶବ୍ଦରେ ତାହାର ପ୍ରାଣର କବିତା ସେହି ଉଦାର ମହାଭାବ ପ୍ରକାଶ କରିଅଛି ।

କବିତାଶିଳ୍ପ ବା ଦେବତାକଳ୍ପନାରେ ଯେ ଭାବର ସୂଚନା ଦେଖାଯାଉଅଛି, ଓଡ଼ିଆ ଜୀବନକ୍ରିୟାରେ ଇତିହାସର ଯୁଗେ ଯୁଗେ ତାହାହିଁ ପ୍ରକଟିତ ହୋଇଅଛି । ହିନ୍ଦୁ, ବୌଦ୍ଧ, ଶବର, ସାମନ୍ତ, ଶିଖ, ଶୈବ, ଶାକ୍ତ, ପରମାର୍ଥ ନାନା ଶାଖା ସମ୍ପ୍ରଦାୟର ମହାସମନ୍ୱୟସ୍ଥଳୀ ପବିତ୍ର ଉତ୍କଳଭୂମି । ଓଡ଼ିଆ କେବେ କାହାକୁ ବିଦ୍ୱେଷଦୃଷ୍ଟିରେ ଦେଖି ନାହିଁ । ଧର୍ମକ୍ଷେତ୍ର ଛଡ଼ା ଶାସନ ଏବଂ ସାମାଜିକ କ୍ଷେତ୍ରରେ ଓଡ଼ିଆ ମଧ୍ୟ ଏହି ଉଦାରତା ବରାବର ଦେଖାଇ ଆସିଅଛି । ମୁଁ ଏଠାରେ ଏ ସମ୍ବନ୍ଧେ ଅଧିକ କିଛି ନ କହି ଶ୍ରଦ୍ଧେୟ କୃପାସିନ୍ଧୁ ମିଶ୍ରଙ୍କ ବିରଚିତ ବାରବାଟୀ ଦୁର୍ଗରୁ ଏକ ପଂକ୍ତି ଉଦ୍ଧାର କଲି ।

> ଭାରତ ଇତିହାସରେ ତେଜସ୍ୱୀ ଓଡ଼ିଆର ଦାନ ହେୟ ନୁହେ । ବୀର ଓଡ଼ିଆ ବଦାନ୍ୟତାରେ ପ୍ରସିଦ୍ଧ ଥିଲା । ଚିରକାଳ ଓଡ଼ିଆ ଆତ୍ମନିର୍ଭରଶୀଳ । କେବେ କାହାର ଅନୁଗ୍ରହ ଭିକ୍ଷା କରିବାର ପ୍ରମାଣ ନାହିଁ । ଯଶୋନାଶୀ କାଳଗର୍ଭରେ ବିଲୁପ୍ତ ପ୍ରାୟ ହେଲେହେଁ, ଏକଥା ସତ୍ୟ ଏବଂ ଅନୁସନ୍ଧାନସେବୀଙ୍କର ସ୍ୱୀକାର୍ଯ୍ୟ ଯେ ଅନୁଗ୍ରହ ଦେଖାଇବା ନିମନ୍ତେ ଓଡ଼ିଆ ଭାରତ ଇତିହାସରେ ପ୍ରସିଦ୍ଧ । ଅନେକେ ଜାଣିଥିବେ କିପରି ୧୨୦୩ ଖ୍ରୀଷ୍ଟାବ୍ଦରେ ମହମ୍ମଦ ବକ୍ତିଆର ଖିଲଜିଙ୍କଦ୍ୱାରା ସିଂହାସନରୁ ବିତାଡ଼ିତ ହୁଅନ୍ତେ ବଙ୍ଗଦେଶର ଶେଷ ହିନ୍ଦୁରାଜା ଲକ୍ଷ୍ମଣ ସେନ ଓଡ଼ିଆଙ୍କ ଅନୁଗ୍ରହ ଭିକ୍ଷା କରି ପୁରୀରେ ନିରାପଦରେ ଶେଷ ଜୀବନ ଯାପନ କରିଥିଲେ ଏବଂ ୧୪୫୭ ଖ୍ରୀଷ୍ଟାବ୍ଦରେ ବାହାମଣି ରାଜ୍ୟର ସୁଲତାନ ହୁମାୟନଙ୍କ ଦ୍ୱାରା ବାରମ୍ବାର ପରାସ୍ତ ହୋଇ ତେଲଙ୍ଗା ହିନ୍ଦୁରାଜା ନରସିଂହଦେବଙ୍କ ରାଜତ୍ୱକାଳରେ ଓଡ଼ିଆଙ୍କ ଦ୍ୱାରେ ସାହାଯ୍ୟ ଭିକ୍ଷା କରିଥିଲେ । ପୁଣି କପିଳେନ୍ଦ୍ରଦେବଙ୍କ ରାଜତ୍ୱ କାଳରେ ୧୪୭୦ ଖ୍ରୀଷ୍ଟାବ୍ଦରେ ହିମ୍ବରଙ୍କ ପରିବର୍ତ୍ତେ ସ୍ୱୟଂ ରାଜା ହେବା ନିମନ୍ତେ ମଙ୍ଗଳ ରାୟ ଏହି ବାରବାଟୀର ଆଶ୍ରୟ ଲୋଡ଼ିଥିଲେ । ଓଡ଼ିଆମାନେ ଫେରିବା ପରେ ମଲବା ସୁଲତାନ ମହମ୍ମଦସାହଙ୍କ ଆଶ୍ରୟରେ ହିମ୍ବର ପୁଣି ରାଜା ହୋଇ ଯେତେବେଳେ ମୁସଲମାନ ଦୌରାତ୍ମ୍ୟରେ ପ୍ରପୀଡ଼ିତ ହେଲେ, ସେତେବେଳେ ଉପହାରସହ ସେହି ପୂର୍ବ ଶତ୍ରୁ ଓଡ଼ିଆ ରାଜାଙ୍କ ସାହାଯ୍ୟ ମାଗି ପଠାଇଥିଲେ ଏବଂ ଉତ୍କଳ ରାଜା ମଧ ଆଶ୍ରିତକୁ ରକ୍ଷା କରିଥିଲେ । ଉତ୍ତର ଭାରତରେ ବି ଓଡ଼ିଆମାନେ ଏହିପରି ସାହାଯ୍ୟଦାନ ପାଇଁ ପ୍ରସିଦ୍ଧ ଥିଲେ । ଖ୍ରୀଷ୍ଟୀୟ ୧୬ଶ ଶତାବ୍ଦିର ମଧଭାଗରେ ସୁଲେମାନଙ୍କ କର୍ତ୍ତୃକ ପରାଭୂତ ଓ ଦୂରୀକୃତ ବଙ୍ଗର ସୁଲତାନ

ଇବ୍ରାହିମ ଜୀବନ ରକ୍ଷା ନିମନ୍ତେ ଇତସ୍ତତଃ ହୋଇ ପରିଶେଷରେ ଓଡ଼ିଆଙ୍କ ଦ୍ୱାରେ ସାହାଯ୍ୟପ୍ରାର୍ଥୀ ହୋଇଥିଲେ ଏବଂ ସେତେବେଳେ ସ୍ୱଦେଶ ତଥା ସ୍ୱଜାତିର ଗୌରବ ରକ୍ଷା କରି ଓଡ଼ିଆମାନେ ଆପଣାର ସହଜାତ ବଦାନ୍ୟ-ଗୁଣରେ ଆଶ୍ରୟପ୍ରାର୍ଥୀଙ୍କୁ ଯଥୋପଯୁକ୍ତ ଭିକ୍ଷାଦାନ କରିଥିଲେ । ପୁଣି ଦୁର୍ଦ୍ଧାନ୍ତ ବଙ୍ଗ ନବାବ ସୁଲେମାନଙ୍କ ଦମନାର୍ଥ ଅହର୍ନିଶ ବହୁ ଅର୍ଥ ଓ ସାମର୍ଥ୍ୟ ବ୍ୟୟ କରି ଅକୃତକାର୍ଯ୍ୟ ହେଲା ପରେ ସ୍ୱୟଂ ମୋଗଲ ସମ୍ରାଟ ଆକବର ଦିନେ ଓଡ଼ିଆଙ୍କ ସାହାଯ୍ୟ ଲୋଡ଼ିଥିଲେ ଏବଂ ଓଡ଼ିଆମାନେ ସେ ସାହାଯ୍ୟର ଯଥାର୍ଥ ଦାନ କରି ଜନ୍ମଭୂମିକୁ ଦେଶବିଦେଶବ୍ୟାପୀ ମହାଗୌରବରେ ମହୀୟାନ୍ କରିଥିଲେ । ରାଜନୈତିକ ସ୍ୱାଧୀନତାର ବିଲୋପ ପରେ ମଧ୍ୟ ୧୬୩୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ପ୍ରଥମ ଇଂରେଜ ବଣିକ କାଟ୍‌ରାଇଟ୍ ଓ ତାହାଙ୍କର ପାଞ୍ଚୋଟି ମାତ୍ର ସହଚରଙ୍କ ପ୍ରତି ହରୀଶପୁରଠାରେ ତତ୍‌କାଳୀନ ପ୍ରତାପୀ ପର୍ତ୍ତୁଗୀଜମାନଙ୍କ ଆକ୍ରମଣରୁ ତାହାଙ୍କୁ ରକ୍ଷା କରି ଓଡ଼ିଆମାନେ ଯେ ମାନବପ୍ରୀତି ଓ ବଦାନ୍ୟତା ଦେଖାଇ ଥିଲେ ତାହା ମଧ୍ୟ ସ୍ମରଣୀୟ ।

ଏହି ସମସ୍ତ ଐତିହାସିକ ଘଟନାରୁ କେବଳ ଯେ ଓଡ଼ିଆମାନଙ୍କର ଉଦାରତାର ପରିଚୟ ମିଳୁଅଛି ତାହା ନୁହେ, ଭାରତୀୟ ରାଜନୀତିରେ ସେମାନେ ପୂର୍ବେ ବରାବର ଯୋଗ ରଖିଥିଲେ ଏହା ମଧ୍ୟ ପ୍ରମାଣିତ ହେଉଅଛି । ଧର୍ମ, ରାଜନୀତି ପ୍ରଭୃତି ସକଳ ବିଷୟରେ ଭାରତସଙ୍ଗେ ଓଡ଼ିଶାର ଏହି ଯେ ଚିର ସମ୍ବନ୍ଧ ରହିଅଛି ତାହା ଅସ୍ୱୀକାର କରାଯାଇ ନ ପାରେ । ଭାଇ ଓଡ଼ିଆ, ବର୍ତ୍ତମାନ ତୁମ୍ଭେ ଯାହା ହୁଅ କିମ୍ବା ତୁମ୍ଭଙ୍କୁ ଅନ୍ୟ ଯାହା ବୋଲି ମନେ କରୁପଛକେ, ଯେତେଦିନଯାଏ ନୀଳାଚଳରେ ସାମ୍ୟ ମୈତ୍ରୀର ଧ୍ୱଜା ଉଡୁଥିବ ତେତେଦିନଯାଏ ଓଡ଼ିଶା ସମଗ୍ର ଭାରତର ଏକତାର କେନ୍ଦ୍ରଭୂମି ହୋଇ ବିରାଜୁଥିବ । ତୁମ୍ଭେ ଏହି ଭାରତଜାତୀୟତା କେନ୍ଦ୍ରର ଅଧିକାରୀ । ଏ ଅଧିକାରର ଉପଯୁକ୍ତ କାର୍ଯ୍ୟ ନ କଲେ ଆମ୍ଭମାନଙ୍କୁ ଭାରତ ନିକଟରେ ଅପମାନିତ ହେବାକୁ ହେବ ଏବଂ ଭବିଷ୍ୟତ୍ ପୁରୁଷମାନେ ଆମ୍ଭମାନଙ୍କର ସଂକୀର୍ଣ୍ଣତା ଓ ଅଦୂରଦର୍ଶିତାର ନିନ୍ଦା କରିବେ । ଭାରତରେ ବର୍ତ୍ତମାନ ଉପର୍ଯ୍ୟୁପରି କେତେ ଘଟନା ଘଟିଯାଉଅଛି କିନ୍ତୁ ସେସବୁରେ ଆମ୍ଭେମାନେ ଉଦାସୀନ । ସରଳଭାବରେ କହ ଦେଖି, ଏ ଉଦାସୀନତା ଆମ୍ଭମାନଙ୍କର ବିଚକ୍ଷଣତା ନା ଦୁର୍ବଳତା ? କେହି କେହି କହନ୍ତି ଭାରତର ବୃହତ୍ତର ଜାତୀୟ ସମସ୍ୟାରେ ଯୋଗ ଦେବାଭଳି ଆମ୍ଭମାନଙ୍କର ଶକ୍ତି ଜନ୍ମି ନାହିଁ । କିନ୍ତୁ ଜାତୀୟତା ଗଠନର ଯେ ନିୟମ ଏଠାରେ ନିର୍ଦ୍ଦେଶ କରାଗଲା ତାହା ଦୃଷ୍ଟିରେ ଏହି ସବୁ ଆପତ୍ତି ସଙ୍ଗତ ନୁହେ । ଆମ୍ଭମାନଙ୍କର ଉପଯୋଗିତା ଯାହା ହେଉ ନା କାହିଁକି, ଆମ୍ଭେମାନେ ଯେ ଶରୀରର ଅଙ୍ଗ ବିଶେଷ, ତାହାର ସମୂହ

କାର୍ଯ୍ୟରେ ସମ୍ପର୍କ ରଖି ଯାହା ପାରିବା ତାହା ନ କଲେ ଆମ୍ଭେମାନେ ଆତ୍ମଘାତୀ । ଆମ୍ଭମାନଙ୍କ ମଧ୍ୟରେ ବର୍ତ୍ତମାନ ଯେ ଜାତୀୟ ଚୈତନ୍ୟ ଜାଗିଅଛି ଏହା ସମସ୍ତେ ଆମ୍ଭେମାନେ ଅନୁଭବ କରୁଅଛୁଁ । ଏହି ଜାତୀୟ ଚୈତନ୍ୟର ଜାଗରଣ ସଙ୍ଗେ ସଙ୍ଗେ ଜାତୀୟତାର ଉପଯୋଗୀ କାର୍ଯ୍ୟଲାଗି ଆମ୍ଭମାନଙ୍କର ଶକ୍ତି ଜନ୍ମି ଅଛି । ମାତ୍ର ସେହି ଆତ୍ମଶକ୍ତିରେ ପ୍ରତ୍ୟୟ ଜନ୍ମି ନାହିଁ । ଅଲଗାହୋଇ ରହିଥିଲେ ଏ ପ୍ରତ୍ୟୟ କଦାପି ଜନ୍ମିବ ନାହିଁ । ଚିଲ୍କାସଙ୍ଗେ ସମୁଦ୍ରର ସଂଯୋଗ ଲାଗିଥିବାଯାଏ ଚିଲ୍କା ସୀମାବଦ୍ଧ କ୍ଷୁଦ୍ର ଜଳାଶୟ ନୁହେ । ଏହା ହ୍ରଦ ହେଲେ ସୁଦ୍ଧା ସମୁଦ୍ରର ଅଙ୍ଗ । ମୁହାଣ ବନ୍ଦ ହୋଇଗଲେ ବଢ଼ିପାଣିରେ ଏହା ଆପାତତଃ ବଡ଼ ଦିଶିପାରେ କିନ୍ତୁ ସେ ବୃଦ୍ଧି କେବଳ ପଟୁସଞ୍ଚୟ ପାଇଁ ଏବଂ ଶେଷରେ ଏହା ଚିଲ୍କାକୁ ପୋତିପକାଇବ ।

ମୁଁ ଜାଣେ ସମ୍ମିଳନୀ ଭାରତୀୟ ଆନ୍ଦୋଳନରୁ ଅଲଗା ହୋଇ ରହିବା ଅନେକ ଓଡ଼ିଆ ଯୁବକଙ୍କ ଇଚ୍ଛା ନୁହେ । ସମ୍ମିଳନୀ ଏହି ଅବସ୍ଥାରେ ଥିଲେ କେବେ ବିଶେଷ କିଛି କାର୍ଯ୍ୟ କରିପାରିବ ନାହିଁ ଏ ଧାରଣା ମଧ୍ୟ ଅନେକଙ୍କର ଜନ୍ମିଅଛି । ଗତ ପନ୍ଦରବର୍ଷ ମଧ୍ୟରେ ସମ୍ମିଳନୀର କାର୍ଯ୍ୟରେ ଦେଶବାସୀ ଅଧିକାଂଶ ଯେ ସନ୍ତୁଷ୍ଟ ନୁହନ୍ତି ଏହା ଅଧିକକରି କହିବା ନିଷ୍ପ୍ରୟୋଜନ । ସମ୍ମିଳନୀ କିଛି କରିନାହିଁ ବୋଲି ମୁଁ ଅବଶ୍ୟ କହିବାକୁ ପ୍ରସ୍ତୁତ ନୁହେ । ସମ୍ମିଳନୀ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟଭାବ ଜଗାଇଛି ଏବଂ ଜାତୀୟ ଏକତାଲାଗି ଆକାଙ୍କ୍ଷା ଜନ୍ମାଇଛି; ଅନ୍ୟାନ୍ୟ ଅନେକ ଭାରତୀୟ ଘଟଣା ଯେ ଏ ବିଷୟରେ ସାହାଯ୍ୟ କରିଅଛି ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ମୋ ମତରେ ସମ୍ମିଳନୀ କଅଣ କରୁଛି – ଏହି ଯେ ପ୍ରଶ୍ନ ଆଜି ସମସ୍ତଙ୍କ ମନକୁ ଯାଇଛି ଏହା ପନ୍ଦରବର୍ଷର ଫଳ । ପୁଣି ଓଡ଼ିଆଭାଷୀ ପ୍ରଦେଶର ଭିନ୍ନଭିନ୍ନ ଅଞ୍ଚଳମାନଙ୍କର ପରିଚୟ ସ୍ନେହ ଆଦର ଘନିଷ୍ଠତର ହୋଇଅଛି । ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ଓଡ଼ିଆ ଜାତୀୟ ଅଭାବ ଅଭିପ୍ରାୟର ଆଲୋଚନା ଅଧିକ ହେବାର ଦେଖାଯାଉଅଛି । ସମ୍ମିଳନୀ କିଛି କରୁନାହିଁ ବୋଲି ସମସ୍ତେ କହିଲେ ସୁଦ୍ଧା ତାକୁ ତ ଭାଙ୍ଗିଦେବାକୁ କାହିଁକି କାହାରି ମନକୁ ଯାଉନାହିଁ । ଜାତିପ୍ରତି ଯେ ମମତା ଦୃଢ଼ ହୋଇଅଛି ଏହାହିଁ ତାହାର ପ୍ରମାଣ । ଅନେକ ଦିନଯାଏ ଭାରତ ଜାତୀୟ ମହାସମିତି ସମ୍ବନ୍ଧେ ଲୋକେ ଏହିପରି କହୁଥିଲେ । ଏମନ୍ତ କି ଭାରତ ମହାସମିତିର ଏକୋଇଶବର୍ଷପରେ କାଶୀ ଅଧିବେଶନର ସଭାପତି ସ୍ୱର୍ଗୀୟ ଗୋଖେଲ ଲୋକମାନଙ୍କର ଏହି ଅପ୍ରତ୍ୟୟ ଏବଂ ଆପତ୍ତି ଖଣ୍ଡନ କରିବାଲାଗି ତାଙ୍କ ଅଭିଭାଷଣରେ ପ୍ରୟାସ କରିଥିଲେ । ଏଥିରେ ଅବଶ୍ୟ ଉତ୍କଳସମ୍ମିଳନୀ ସମ୍ବନ୍ଧେ ଆମ୍ଭମାନଙ୍କର ଆଶ୍ୱସ୍ତ ଏବଂ ନିଶ୍ଚିନ୍ତ ରହିବା ଉଚିତ ବୋଲି ମୁଁ କଦାପି କହୁନାହିଁ । ଆମ୍ଭମାନଙ୍କର ଯେ ଅଭିଜ୍ଞତା ହୋଇଅଛି ଏବଂ ହୃଦୟରେ ଯେ ଉନ୍ନତି ଅଭିମୁଖୀ

ଅଶାନ୍ତି ଜନ୍ମିଅଛି ଏହା ସାମାନ୍ୟ ଲାଭ ନୁହେଁ । ଯେ କ୍ରମ, ବିଧାନ ଏବଂ ଉଦ୍ଦେଶ୍ୟରେ ସମ୍ମିଳନୀର କାର୍ଯ୍ୟ ଏପର୍ଯ୍ୟନ୍ତ ଚାଲିଅଛି ତାହାର ପରିବର୍ତ୍ତନ ନ ହେଲେ ବିଶେଷ କିଛି ଲାଭ ହେବ ନାହିଁ, ଏହି ବିଶ୍ୱାସ ଏଣିକି ଆମ୍ଭମାନଙ୍କର ଭବିଷ୍ୟତ ପଥ ପରିଷ୍କାର କରିବ ସନ୍ଦେହ ନାହିଁ । ଭାରତୀୟ ଆନ୍ଦୋଳନ ସଙ୍ଗେ ସମ୍ମିଳନୀର ସମ୍ବନ୍ଧ ଓ ସହଯୋଗିତା ରହିଲେ ଆମ୍ଭମାନଙ୍କ କାର୍ଯ୍ୟରେ ନୂତନ ଜୀବନ ଏବଂ ନୂତନ ଉତ୍ସାହ ଆସିବ । ଏହି ଭାରତ ମିଳନ ଛଡ଼ା ଆମ୍ଭମାନଙ୍କ ପକ୍ଷେ – ‘‘ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟଃ ।’’

ବର୍ତ୍ତମାନ ଦେଖାଯାଉ ଆମ୍ଭମାନଙ୍କର ଏହି ଉତ୍କଳ ସମ୍ମିଳନୀର ଭିତ୍ତି କଅଣ ? ଆମ୍ଭେମାନେ ବରାବର କହି ଆସୁଅଛୁ ସମ୍ମିଳନୀ ସମଗ୍ର ଓଡ଼ିଆ ଜାତିର । ମାତ୍ର ଜାତିର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗରେ ଏହାର ଭାବ ପ୍ରବେଶ କରିଅଛି କି ? ଜାତିର ଭିତ୍ତି କେଉଁଠାରେ ? ଏହା ଏପର୍ଯ୍ୟନ୍ତ ଆମ୍ଭମାନଙ୍କର ଉତ୍ତମରୂପେ ହୃଦୟଙ୍ଗମ ହୋଇନାହିଁ । ଜାଣିଲେ ସୁଦ୍ଧା ତହିଁର ଦୃଢ଼ତା ସଂପାଦନ ନିମନ୍ତେ ଉଦ୍ୟମ ନାହିଁ । ଏକା ଓଡ଼ିଶାର କାହିଁକି ଭାରତର ଅନ୍ୟାନ୍ୟ ଜାତୀୟ ଆନ୍ଦୋଳନରେ ମଧ ଜାତୀୟ ଭିତ୍ତିର ସୁଗଠନ ନିମନ୍ତେ ଏ ପର୍ଯ୍ୟନ୍ତ ତେତେ ଦୃଷ୍ଟି ଦିଆଯାଇ ନାହିଁ ବୋଲି କୁହାଯାଇ ପାରେ । ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କର ସମସ୍ତ ଜାତୀୟ ଆନ୍ଦୋଳନ କେତେକ ବିଶିଷ୍ଟ ଏବଂ ପଦସ୍ଥ ବ୍ୟକ୍ତିଙ୍କ ମଧରେ ସୀମାବଦ୍ଧ ଥିଲା । କିନ୍ତୁ ବର୍ତ୍ତମାନ ଏହା ଲୋକ ସାଧାରଣଙ୍କ ମଧରେ ପ୍ରବେଶ କରିବାକୁ ଆରମ୍ଭ କରିଅଛି । କ୍ରମେ ଦେଶର ଜନସାଧାରଣ ଜାତିର ସମସ୍ୟାମାନ ବୁଝୁଅଛନ୍ତି ଏବଂ ଦେଶର ଚିନ୍ତାଶୀଳ ଶିକ୍ଷିତ ନେତୃଗଣଙ୍କ ସଙ୍ଗେ ସେମାନଙ୍କର ସଂସ୍ରବ ଘନିଷ୍ଠ ହେଉଅଛି । ଏହା ହିଁ ହେବାର କଥା । ସମାଜ ବା ଜାତିକୁ ଅନେକ ଦେବାଳୟ ବା ପିରାମିଡ଼ ସ୍ୱରୂପ ବର୍ଣ୍ଣନା କରି ଥାନ୍ତି । ଏହାର ଅଗ୍ରଭାଗ କ୍ରମେ ସୂକ୍ଷ୍ମ ଏବଂ ତଳକୁ ତଳକୁ କ୍ରମେ ବେଶି ରୋଟ ଏବଂ ପ୍ରଶସ୍ତ । ଆକାଶରୁ ଜଳବିନ୍ଦୁ ବଡ଼ଦେଉଳର ନୀଳ ଚକ୍ର ଉପରେ ପ୍ରଥମେ ପଡ଼େ । କ୍ରମେ ତାହା ଦେଉଳର ଏକ ପିଢ଼ଉପରେ ପଡ଼ି ଅନ୍ୟ ପିଢ଼କୁ ଆସେ ଏବଂ ଅବଶେଷରେ ଦେଉଳର ପାଦଦେଶରେ ପହୁଞ୍ଚେ । ପରେ ପୁଣି ମାଟି ଭେଦ କରି ତଳକୁ ଯାଏ ଏବଂ ଏହାଦ୍ୱାରା ଦେଉଳର ଭିତ୍ତି ଶକ୍ତ ହୁଏ । ଏଥିରେ ଅବଶ୍ୟ ସମୟ ଲାଗିବ କିନ୍ତୁ ଏହାହିଁ ପ୍ରାକୃତିକ ପ୍ରକ୍ରିୟା । ଯେ କୌଣସି ନୂତନ ଭାବ ପ୍ରଥମେ ଜାତିର ଜଣେ ଦୁଇଜଣଙ୍କ ମନକୁ ଆସେ; ସେ ଭାବ ସମ୍ବନ୍ଧେ ସେମାନେହିଁ ଜାତୀୟ ଦେଉଳର ନୀଳଚକ୍ର । ମୋର ବିଶ୍ୱାସ ଚିନ୍ତା କୌଣସି ବ୍ୟକ୍ତିବିଶେଷର ନୁହେ । ଆମ୍ଭମାନଙ୍କର ପ୍ରତ୍ୟେକ ଚିନ୍ତା ବିଶେଷତଃ ଯେଉଁ ସବୁ ଉଚ୍ଚଭାବମାନ ମାନବ ସମାଜରେ ପରିବର୍ତ୍ତନ ଘଟାଇ କଲ୍ୟାଣ ସାଧନ କରୁଅଛି ଏହା ସେହି ସମସ୍ତ ଚିନ୍ତାର

ଆଧାର ଭଗବାନଙ୍କଠାରୁ ଆସେ । କୌଣସି ପବିତ୍ର ପ୍ରାଣରେ ପ୍ରଥମେ ସ୍ଥାନ ପାଏ । ଏପରି କୌଣସି ଭାବ ଥରେ ମାନବ ସମାଜରେ ଅବତୀର୍ଣ୍ଣ ହେଲେ ସହଜରେ ଲୋପ ପାଏ ନାହିଁ । ହଠାତ୍ ତାହାର ତେତେ ଉନ୍ନତି ବା ସଂପ୍ରସାରଣ ନ ହୋଇ ପାରେ; ଏମନ୍ତ କି, ମୂଳରେ ଏହା ଅନେକ ବାଧା ପାଇପାରେ । କିନ୍ତୁ ଏହା ନଷ୍ଟ ହେବାର ନୁହେ । କ୍ଷୁଦ୍ର ବୀଜରୁ ବିଶାଳ ବଟବୃକ୍ଷପରି କାଳକ୍ରମେ ଏହି ଭାବକଣିକା ବିକାଶ ହୋଇ ବିରାଟ କର୍ମବୃକ୍ଷରେ ପରିଣତ ହେବ, ପୁଣି ଏହାର କାର୍ଯ୍ୟ ଶେଷ ହେଲେ ଏହା ଅନ୍ୟ ନୂତନ ଭାବରେ ଏବଂ ଅନ୍ୟ ନୂତନ କ୍ରିୟାରେ ପ୍ରକଟିତ ହେବ । ଏହି ପରି ଭାବର କ୍ରମ ଏବଂ କ୍ରିୟାର କ୍ରମ ମାନବ ସମାଜରେ ଚିରଦିନ ଚାଲିଅଛି ଏବଂ ମାନବଜାତିର ସଭ୍ୟତା କ୍ରମେ ଏକସ୍ତରରୁ ଅନ୍ୟସ୍ତରକୁ ଉଠୁଅଛି ।

ସମ୍ମିଳନୀର ନିନ୍ଦୁକ କେହି କେହି ଏହାକୁ ଜଣକର ସୁଆଙ୍ଗ ବୋଲି କଟାକ୍ଷ କରିଥାନ୍ତି । ମାନବ ସମାଜର ପ୍ରତ୍ୟେକ ଉଚ୍ଚ ଅନୁଷ୍ଠାନ ବ୍ୟକ୍ତି ବିଶେଷର ଚିନ୍ତା ଏବଂ କ୍ରିୟାର ଫଳ । ପୃଥିବୀରେ ଯେ ସମସ୍ତ ଧର୍ମ ବର୍ତ୍ତମାନ ପ୍ରବର୍ତ୍ତିତ ସେ ସବୁକି ଜଣେ ମହାପୁରୁଷର ସୁଆଙ୍ଗ ନୁହେ ? ଭାବ ପ୍ରଥମେ ସେମାନଙ୍କ ପ୍ରାଣରେ ପ୍ରକାଶ ପାଇଅଛି । ତାହାର ପ୍ରସାର ଏବଂ ପରିରତି ନିମନ୍ତେ ସେମାନେ ପାଗଲ ହୋଇଅଛନ୍ତି; ଲାଞ୍ଛିତ ଓ ଦଣ୍ଡିତ ହୋଇଅଛନ୍ତି । କିନ୍ତୁ ପରିଣାମରେ ସେମାନେହିଁ ଜୟୀ । ମାନବ ସମାଜ ସେହିମାନଙ୍କ ଭାବରେ ଦୀକ୍ଷିତ ଏବଂ ଭାବାନ୍ୱିତ । ଯେ ଯାହା କହନ୍ତୁ ଓଡ଼ିଆ ଜାତୀୟ ମିଳନର ଭାବ ପ୍ରଥମେ ଯାହାଙ୍କ ହୃଦୟରେ ସ୍ଥାନ ପାଇଥିଲା ଏବଂ ସେହି ଭାବକୁ କ୍ରିୟାରେ ପରିଣତ କରିବା ନିମନ୍ତେ ଯେ ଆମ୍ଭମାନଙ୍କର ଏହି ଉତ୍କଳ-ସମ୍ମିଳନୀର ସୂତ୍ରପାତ କରିଅଛନ୍ତି, ଓଡ଼ିଆ ଜାତିର ଇତିହାସ ଯେ ତାଙ୍କର ମହତ୍ତ୍ୱ ଚିରଦିନ ସ୍ୱୀକାର କରିବ ଏହା ନିଃସନ୍ଦେହ । ଏହି ଅଳ୍ପସମୟ ମଧ୍ୟରେ ସମ୍ମିଳନୀ ଓଡ଼ିଆ ପ୍ରାଣରେ ଅଧିକାର ବିସ୍ତାର କରିଅଛି । ବର୍ତ୍ତମାନ ଜଳବିନ୍ଦୁ ପରି ଏହି ସମ୍ମିଳନୀର ଭାବ ଜାତିର କ୍ରମନିମ୍ନ ସ୍ତରକୁ ପ୍ରବେଶ କରିବାର ସମୟ ଆସିଅଛି । ଏହା ସ୍ୱଚ୍ଛନ୍ଦଭାବରେ ତଳକୁ ଗଡ଼ିଆସି ମାଟି ଭେଦ କରି ଦେଉଳର ମୂଳପତନରେ କିପରି ପହଞ୍ଚିବ ଏବଂ ତଦ୍ଦ୍ୱାରା ମୂଳଭିତ୍ତି କିପରି ଶକ୍ତ ଓ ସବଳ ହେବ ଏହାହିଁ ଆମ୍ଭମାନଙ୍କର ଦେଖିବା ଏକାନ୍ତ ପ୍ରୟୋଜନ । ତଳକୁ ଗଡ଼ି ନ ଆସି ଉପରର କୌଣସି ପୀଢ଼ରେ ଯଦି ବନ୍ଦ ହୋଇ ରହେ ଫଳ କଣ ହେବ ? ହୁଏତ ସେ ପୀଢ଼ର କୌଣସି ଛିଦ୍ରରେ ବା ରନ୍ଧ୍ରରେ ପାଣି ଭେଦି ସମୟରେ ଦେଉଳକୁ ଫଟାଇବ । ଏକ ପୀଢ଼ ସହିତ ଅନ୍ୟ ପୀଢ଼ର ଯୋଡ଼ା ଠିକ ଥିଲେ ଏପରି ଅବଶ୍ୟ କଦାପି ଘଟିବ ନାହିଁ । ଏହା ଅବଶ୍ୟ ଓଡ଼ିଆମାନଙ୍କ ପକ୍ଷେ ପ୍ରଶଂସା ଏବଂ ସୌଭାଗ୍ୟର କଥା ଯେ ସମ୍ମିଳନୀର ଆଦ୍ୟରୁ ଏଥିପ୍ରତି ଦୃଷ୍ଟି ରଖାଯାଇଅଛି । ତେଣୁ ସମ୍ମିଳନୀର କାର୍ଯ୍ୟାବଳୀ

ଜାତୀୟ ଭାଷାରେ ପରିଚାଳିତ । "ଭାବ ମିଚ୍ଛନ୍ତି ଦେବତାଃ" କଥା ସତ ମାତ୍ର ମା'ଙ୍କ ପୂଜା ମା'ଙ୍କ ଭାଷାରେ ହେବା ସୁନ୍ଦର ଏବଂ ସୁସଂଗତ । ଓଡ଼ିଆ ଜନସାଧାରଣ ମଧ୍ୟରେ ସମ୍ମିଳନୀର ଭାବ ପ୍ରଚାର ପ୍ରଥମରୁ ଉଦ୍ଦେଶ୍ୟ ରହିଅଛି । ଏହି ସମ୍ମିଳନୀର କୌଣସି କୌଣସି ଅଧିବେଶନରେ ପଲ୍ଲିର ଜନସାଧାରଣ ଆସି ମଧ୍ୟ ଯୋଗଦେଇ ଅଛନ୍ତି ମାତ୍ର ନିୟତ ଯତ୍ନ ଏବଂ ଉଦ୍ୟମ ଅଭାବରୁ ସେମାନଙ୍କର ଏଥି ସହିତ ଯେପରି ସଂଯୋଗ ରହିବା ଉଚିତ ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ।

ଜାତିର ଜନସାଧାରଣ ଯେ ଜାତିର ଗଣ୍ଡି କ୍ରମେ ଏହା ଅଧିକରୁ ଅଧିକ ବୁଝା ଯାଉଅଛି । ପାଶ୍ଚାତ୍ୟ ଦେଶରେ ଜନସାଧାରଣଙ୍କ ଶକ୍ତି ଅନ୍ୟାନ୍ୟ ସମସ୍ତ ଶକ୍ତିକୁ ଲୋପ କରିସାରିଲାଣି । ଗଛର ଡାଳପତ୍ର ଉପରୁ ଆଲୋକ, ପବନ ଆଦି ଗ୍ରହଣ କରେ, ମୂଳ, ଚେର ପ୍ରଭୃତି ମାଟିରେ ଲୁଚି ରହିଥିଲେ ସୁଦ୍ଧା ମାଟିରୁ ରସ ଗ୍ରହଣ କରି ଗଛକୁ ସଜୀବ ଏବଂ ପରିପୁଷ୍ଟ ରଖେ । ଜାତୀୟବୃକ୍ଷର କ୍ରିୟା ମଧ ଏହିପରି । ଯେଉଁମାନେ ଉପରେ ଅଛନ୍ତି ସେମାନେ ଚିନ୍ତାର ଆଲୋକରେ ଜାତୀୟ ବୃକ୍ଷକୁ ସତେଜ ରଖିବେ ସତ ମାତ୍ର ତଳୁ ରସ ନ ପାଇଲେ ଗଛ ମରିଯିବ । ମୂଳ ନ ଥିଲେ ଡାଳ ପତ୍ର ଅସମ୍ଭବ । ମାତ୍ର ଡାଳପତ୍ର ନ ଥାଇ କେବଳ ମୂଳ ଥିଲେ ସମୟରେ ଗଛ ବଢ଼ି ତହିଁରୁ ଶାଖା ପ୍ରଶାଖା ବାହାରିବ ଏବଂ ତାହା ସୁନ୍ଦର ଫଳ ଫୁଲରେ ଭୂଷିତ ହେବ । ମୂଳ ନ ଥାଇ ଗଛ ନାହିଁ । ମୂଳ ନ ଥିବା ଉଦ୍ଭିଦ ମଲାଙ୍ଗ, ଅନ୍ୟ ଗଛ ଉପରେ ନିର୍ଭରକରି ଅନ୍ୟର ରସ ଖାଇ ଏହା ବଞ୍ଚେ । ଏହାର ସ୍ୱାତନ୍ତ୍ର୍ୟ ନାହିଁ, ସେହିପରି ଜାତୀୟ ସ୍ୱାତନ୍ତ୍ର୍ୟ ରଖିବାକୁ ହେଲେ ଜାତିର ମୂଳ ଠିକ ରଖିବାକୁ ହେବ । ଏହା ମାଟିତଳେ ଲୁଚି ରହିଛି ସତ ମାତ୍ର ଏହାହିଁ ମୂଳଶକ୍ତି, ଏହାହିଁ ଜାତୀୟ ମନ୍ଦିରର ଭିତ୍ତି । ସେ ମୂଳ ଯେପରି ପୋକ ନ ଖାଏ ବା ସଢ଼ି ନ ଯାଏ ସେ ବିଷୟରେ ସାବଧାନ ରହିବାକୁ ହେବ ।

ଆଜି ଆମ୍ଭମାନଙ୍କର ପଲ୍ଲିର ଜନସାଧାରଣଙ୍କର ଅବସ୍ଥା ଦେଖିଲେ ହୃଦୟ ଫାଟିଯାଏ । ଏହି ଅବସ୍ଥା ଅଧିକଦିନ ଚାଲିଲେ ଆମ୍ଭମାନଙ୍କ ଜାତିର କି ଦୁର୍ଗତି ହେବ ଭାବି ହୃଦୟରେ ବେଳେ ବେଳେ ନିରାଶା ଆସେ, ଶ୍ରମଜୀବିକୁଳ କ୍ରମେ ଛାରଖାର ହୋଇଯାଉଛନ୍ତି — ଖାଦ୍ୟର ଅଭାବ, ଜଳର ଅଭାବ, ବସ୍ତ୍ରର ଅଭାବ । ସ୍ୱାସ୍ଥ୍ୟ ନାହିଁ, ଶିକ୍ଷା ନାହିଁ ଏବଂ ସାହସ ନାହିଁ, ଯେଉଁ ଜାତିର ପନ୍ଦରଅଣା ଲୋକ ଏହିପରି ଯନ୍ତ୍ରଣାରେ ଜୀବନ କଟାଉଛନ୍ତି ଅଭାବରେ ପେଶି ହୋଇ ହାହାକାର କରି ନିରାଶାରେ ନାନାରୋଗ ବ୍ୟାଧିରେ ପ୍ରତିଦିନ ଶତ ଶତ ସହସ୍ର ସହସ୍ର ମରି ଯାଉଛନ୍ତି, ଯେଉଁ ଜାତିରେ ଦୀନ ଦରିଦ୍ର ପ୍ରଜାକୁଳ ସ୍ଥଳବିଶେଷରେ ବିରାଡ଼ି କୁକୁରପରି କ୍ଷମତାଶାଳୀ ଲୋକଙ୍କ ଦୌରାତ୍ମ୍ୟ ଓ ନିଗ୍ରହ ଭୋଗି ପଡ଼ି ରହିଛନ୍ତି ସେ

ଜାତିର ମୂଳ ଭିତ୍ତି ଶକ୍ତ ଓ ସୁଦୃଢ଼ ଆଉ କେତେଦିନ ରହିବ ? ମାତ୍ର ସେହିମାନଙ୍କ ପ୍ରାଣ ଉପରେ ପ୍ରତିଷ୍ଠିତ ନ ହେବା ଯାଏ ଆମ୍ଭମାନଙ୍କର ଏହି ସମ୍ମିଳନୀ ପ୍ରକୃତ ଓଡ଼ିଆ ଜାତିର ସମ୍ମିଳନୀ ନୁହେ । ନଗର, ଗ୍ରାମ, ପଡ଼ା, ପାଟଣା, ବିଲ, ହାଟ, ବାଟ, ରାଜପଥ ସର୍ବତ୍ର ଜାତୀୟତାର ଭାବ ସ୍ରୋତରେ ଭସାଇବାକୁ ହେବ, ଏବଂ ଆମ୍ଭମାନଙ୍କର ଏହି ଜାତୀୟ ଆନ୍ଦୋଳନରେ ରାଜା, ପ୍ରଜା, ଜମିଦାର, ରୟତ, ମହାଜନ, ଖାତକ, ବ୍ରାହ୍ମଣ, ଚଣ୍ଡାଳ, ଉଚ୍ଚ, ନୀଚ, ଧନୀ, ଦରିଦ୍ର, ବଡ଼ ସାନ ପ୍ରଭୃତି ଭେଦ ଭାଙ୍ଗିବାକୁ ହେବ । ଜାତୀୟତା କ୍ଷେତ୍ରରେ ଏହି ଅଭେଦ ନୀତି ଓଡ଼ିଆମାନେ ଦିନେ ବୁଝିଥିଲେ । ତେଣୁ ଓଡ଼ିଶାର ମହାରାଜା ଶ୍ରୀଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱରମାନେ ମାହାରର କାର୍ଯ୍ୟ ପର୍ଯ୍ୟନ୍ତ କରୁଥିଲେ । ଜାତୀୟ କାର୍ଯ୍ୟରେ ମାହାର ମହାରାଜା ମଧ୍ୟରେ ଭେଦ ରହିବା ଉଚିତ ନୁହେଁ । ଓଡ଼ିଆମାନଙ୍କର ଏ ନୀତି ସମ୍ମିଳନୀର କାର୍ଯ୍ୟ ନିୟାମକ ନୀତି ହେବା ଉଚିତ ।

ଏହି ଅଭେଦ ନୀତିରେ ଆମ୍ଭମାନଙ୍କର ଜାତୀୟତାର ମୂଳଭିତ୍ତି ସୁଦୃଢ଼ କରିବାଲାଗି ବର୍ତ୍ତମାନ ଯତ୍ନ ଏବଂ ଅଧ୍ୟବ୍ୟସାୟ ଆବଶ୍ୟକ । ଜନସାଧାରଣଙ୍କର ଅବସ୍ଥା କିପରି ପରିବର୍ତ୍ତିତ ହେବ, ସେମାନେ ନିଜର ଅଧିକାର ବୁଝିବାକୁ କିପରି ସମର୍ଥ ହେବେ, ସେମାନଙ୍କର କର୍ତ୍ତବ୍ୟ ଜ୍ଞାନ କିପରି ଜନ୍ମିବ, ସେମାନଙ୍କ ପ୍ରାଣରେ ଆଶା, ମୁଖରେ ଜ୍ୟୋତି, ଶରୀରରେ ବଳ ଓ ହୃଦୟରେ ବିଶ୍ୱାସ କିପରି ପ୍ରକାଶ ପାଇବ ଏଥିଲାଗି ଆମ୍ଭମାନଙ୍କର ଶକ୍ତି ନିୟୋଜିତ ହେବା ଉଚିତ । ଅବଶ୍ୟ କୃଷି, ଶିଳ୍ପ, ସାହିତ୍ୟ, ଶିକ୍ଷା, ବାଣିଜ୍ୟାଦି ସକଳ ବିଷୟରେ ଉନ୍ନତି ନ ହେଲେ ଏ ଅବସ୍ଥାରେ ପରିବର୍ତ୍ତନ ସମ୍ଭବପର ନୁହେ ମାତ୍ର ବର୍ତ୍ତମାନ ଅବସ୍ଥାରେ ଏକାବେଳକେ ବହୁବିଧ ଉଦ୍ୟମ ଆମ୍ଭମାନଙ୍କ ପକ୍ଷରେ ଅସାଧ୍ୟ । ପୁଣି ସମ୍ମିଳନୀର ଉଦ୍ୟମରେ କୌଣସିଠାରେ ଗୋଟିଏ କାରଖାନା ବସିଲେ କିମ୍ବା ଆଦର୍ଶ କୃଷିକ୍ଷେତ୍ର ଖୋଲାଗଲେ ଯଥେଷ୍ଟ ହେବ ନାହିଁ । ଜାତୀୟତା ଗଠନର ଏହା କାର୍ଯ୍ୟକ୍ରମ ନୁହେ । ଆମ୍ଭମାନଙ୍କର ପ୍ରଥମ କାର୍ଯ୍ୟ ଜାତୀୟ ହୃଦୟରେ ଭାବର ପରିବର୍ତ୍ତନ ଘଟାଇବା । ଭାବ ଆସିଲେ ଆଶା ଏବଂ ଉତ୍ସାହରେ ପ୍ରାଣ ଜାଗ୍ରତ ହେଲେ ଲୋକେ ନିଜର କର୍ତ୍ତବ୍ୟ ନିଜେ ବୁଝିବେ । ସେତେବେଳେ କୃଷି କର ବୋଲି ଉପଦେଶ ଦେବା ପ୍ରୟୋଜନ ହେବ ନାହିଁ । ଜାତୀୟ କର୍ମ କ୍ଷେତ୍ରରେ ଭିନ୍ନ ଭିନ୍ନ ବିଭାଗ ଆପେ ଆପେ ଫିଟିବ । ଏହି ଭାବ ପରିବର୍ତ୍ତନର ଉପାୟ ଶିକ୍ଷା ।

ମୁଁ ଜାତୀୟ ଶିକ୍ଷାର କଥା କହୁଛି, ଏହା କେବଳ ସ୍କୁଲ କଲେଜର ଶିକ୍ଷା ନୁହେଁ । ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ଉପାୟରେ ଏହି ଶିକ୍ଷାର ବିସ୍ତାର କରାଯାଇପାରେ ।

ଜାତିର ଯେଉଁ ସବୁ ପ୍ରାଚୀନ ଅନୁଷ୍ଠାନ ଅଛି, ଧର୍ମ କର୍ମର ଯେ ନାନା କେନ୍ଦ୍ର ଅଛି ସେ ସବୁ ସୂତ୍ରରେ ଜାତୀୟ ଶିକ୍ଷା ପ୍ରଚାର କରାଯାଇପାରେ । ଆଜି କାଲି ଶିକ୍ଷାର ଉନ୍ନତି ନିମନ୍ତେ ଭାରତରେ ନାନାବିଧ ଉଦ୍ୟମ ଲାଗିଅଛି । କେଉଁଠାରେ ଶ୍ରମଜୀବିମାନଙ୍କ ନିମନ୍ତେ ନୈଶ ବିଦ୍ୟାଳୟ ବସୁଅଛି, କେଉଁଠାରେ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଉଅଛି କେଉଁଠାରେ ବା ପୂର୍ବ ବ୍ରହ୍ମଚର୍ଯ୍ୟ ବିଧାନର ପୁନରୁଦ୍ଧାର କରାଯାଉଅଛି, ବୈଷୟିକ ଶିକ୍ଷା ନିମନ୍ତେ ଶିକ୍ଷାଗାର ପ୍ରଦର୍ଶନମାନ ସ୍ଥାନେ ସ୍ଥାନେ ଫିଟୁଅଚି କିନ୍ତୁ ଏସବୁରେ ଜାତୀୟ ଆକାଂକ୍ଷା ପୂର୍ଣ୍ଣ ହେଉ ନାହିଁ, ଜାତୀୟ ଅଭାବ ଦୂର ହେଉ ନାହିଁ, ଏ ଦେଶରେ ଗଭୀର ଅଜ୍ଞାନ ଅନ୍ଧକାର ଏବଂ ଜଡ଼ତା ଯେପରି ଲୋକସାଧାରଣଙ୍କୁ ଗ୍ରାସି ରହିଅଛି ସେଥିରେ ଶିକ୍ଷା ପ୍ରଚାର ଲାଗି ଆମ୍ଭମାନଙ୍କର ପ୍ରାଣାନ୍ତକ ଯତ୍ନ ଏବଂ ଅଧ୍ୟବସାୟ ସୁଦ୍ଧା ଯଥେଷ୍ଟ ନୁହେ । ଭାରତର ଉନ୍ନତତର ପ୍ରଦେଶରେ ଯେତେବେଳେ ଏହି ଅବସ୍ଥା ସେଠାରେ ଓଡ଼ିଶାର କଥା ବା କଣ ? କେହି କେହି କହିଥାନ୍ତି ଓଡ଼ିଶାରେ ଅକ୍ଷର ଚିହ୍ନିବା ଲୋକଙ୍କ ସଂଖ୍ୟା ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ବେଶି, ଅନ୍ୟାନ୍ୟ-ମାନଙ୍କ ନିକଟରେ ଆମ୍ଭମାନଙ୍କର ଜାତୀୟ ଗୌରବ ପରିଚୟ ଦେଲାବେଳେ କିମ୍ୱା ସେହି ଗୌରବରେ ସରକାରଙ୍କଠାରୁ କିଛି ଅଧିକାର ଦାବି କଲାବେଳେ ଏଭଳି କଥାର କିଛି ପ୍ରୟୋଜନ ଥାଇପାରେ କିନ୍ତୁ ବାସ୍ତବରେ ଆମ୍ଭେମାନେ ଯାହା ଦେଖୁଁ ଦେଶର କୌଣସି କୌଣସି ପଲ୍ଲି ପ୍ରାନ୍ତରରେ କ୍ରମାଗତ ଗ୍ରାମ ପରେ ଗ୍ରାମ ଅତିକ୍ରମ କରି ଚାଲିଯାଉଥିଲେ ଲୋକସାଧାରଣଙ୍କର ଦୁର୍ଗତି ଯେ ସବୁ ଆଖିରେ ପଡ଼େ ସେଥିରେ ଏ ଭଳି କଥା ସାନ୍ତ୍ୱନା ଦିଏ କି ? ପଲ୍ଲି ଗ୍ରାମରେ ଚୌକିଦାରୀ ପଞ୍ଚାଏତର ସୃଷ୍ଟି ହେଲା, ଅଧିକାଂଶ ସ୍ଥାନରେ ଲୋକସାଧାରଣଙ୍କ ଶିକ୍ଷା ଅଭାବରୁ ତହିଁର କି ଫଳ ହୋଇଅଛି ତାହା ସମସ୍ତେ ଜାଣନ୍ତି । ସ୍ୱାସ୍ଥ୍ୟରକ୍ଷାର ସାମାନ୍ୟ ନିୟମ ପାଳନ କଲେ ଲୋକେ କେତେ ରୋଗ, ବ୍ୟାଧି ଯନ୍ତ୍ରଣାରୁ ମୁକ୍ତି ପାନ୍ତେ, ନିଜର ଅଧିକାର ଜାଣି ପାରିଲେ କେତେ ଅତ୍ୟାଚାରରୁ ନିଷ୍କୃତି ଲଭନ୍ତେ । ଶିକ୍ଷା ଅଭାବରୁ ଏହିପରି ପଦେ ପଦେ ଲୋକସାଧାରଣଙ୍କୁ ଯେ କେତେ ବିପଦ ନିର୍ଯ୍ୟାତନା ଭୋଗିବାକୁ ପଡୁଅଛି ତାହାର ଇୟତ୍ତା ନାହିଁ । ସରକାର ମଧ୍ୟ ଲୋକଶିକ୍ଷାର ପ୍ରୟୋଜନୀୟତା ଦିନୁ ଦିନ ଅଧିକ ହୃଦୟଙ୍ଗମ କରୁଅଛନ୍ତି । ଶାସନର ଉଦାରତା ନିମନ୍ତେ ଶିକ୍ଷିତ ପ୍ରଜାମାନେ ତାଡ଼ନା କରିପାରନ୍ତି ମାତ୍ର ଅଶିକ୍ଷିତ ପ୍ରଜାମାନେ ତହିଁ ଉନ୍ନତିରେ ଅନ୍ତରାୟ, ସେମାନଙ୍କଠାରୁ ହିଁ ଅଧିକ ବିପଦର ଆଶଂକା । ଶିକ୍ଷାଲାଗି ଆର୍ଥିକ ସାହାଯ୍ୟ ସରକାର କ୍ରମେ ବଢ଼ାଉଥିବା ସୁଖର କଥା, ତଥାପି ଯେଉଁ ଗତିରେ କାର୍ଯ୍ୟ ଚାଲିଛି ସେଥିରେ ପ୍ରୟୋଜନ ପୂରଣ ହେବାକୁ କେତେ ସମୟ ଚାଲିଯିବ । ସରକାରଙ୍କର କାର୍ଯ୍ୟରେ ଲୋକସାଧାରଣଙ୍କର ସହଯୋଗିତା ଦେଖାଇବା ଆବଶ୍ୟକ । ସେ ଦିନ

ବିଲାତର କୌଣସି ବକ୍ତୃତାରେ ଭାରତ ସେକ୍ରେଟରୀ ମଣ୍ଟାଗୁ ସାହେବ କହିଥିଲେ ଶିକ୍ଷା, ଶିଳ୍ପ, ବାଣିଜ୍ୟ ପ୍ରଭୃତି ଦିଗରେ ଭାରତୀୟମାନଙ୍କ ଶକ୍ତି ନିୟୋଜିତ ହେବାଲାଗି ପ୍ରଶସ୍ତ କ୍ଷେତ୍ର ପଡ଼ି ରହିଅଛି, ଏବଂ ଏଥିରେ ଉନ୍ନତି ଲାଭ କଲେ ଭାରତବାସୀ ପୂର୍ଣ୍ଣାଙ୍ଗ ସ୍ୱାୟତ୍ତ-ଶାସନର ଯେ ଉପଯୋଗୀ ହେବେ ତହଁରେ ସନ୍ଦେହ କଣ ?

ନିକଟରେ ଯେ ଶାସନ ସଂସ୍କାର ହେବ ତାହାମଧ୍ୟ ଆମ୍ଭମାନଙ୍କ ନିମନ୍ତେ ଶିକ୍ଷାର କ୍ଷେତ୍ର । ଆମ୍ଭମାନଙ୍କର ଜନସାଧାରଣ ଏ ପର୍ଯ୍ୟନ୍ତ ଶାସନ ସମ୍ପର୍କରେ ଆଦୌ ଆସି ନାହାନ୍ତି । ଗବର୍ଣ୍ଣମେଣ୍ଟ ହୁଅନ୍ତୁ ବା ଦେଶର ବିଶିଷ୍ଟ ନାୟକମାନେ ହୁଅନ୍ତୁ କୌଣସି କାର୍ଯ୍ୟ କଲାବେଳେ ଲୋକସାଧାରଣଙ୍କ ନାମରେ ଦ୍ୱାହି ଦେଇ କରିଥାନ୍ତି । କିନ୍ତୁ ସେ ଲୋକସାଧାରଣ ମୂକ । ଶାସନରେ କୌଣସି ସମ୍ପର୍କ ଅନୁଭବ କରନ୍ତି ନାହିଁ । ତେଣୁ ଇଂରେଜ ଶାସନ ଏତେକାଳ ହେଲେ ସୁଦ୍ଧା ଏ ଦେଶରେ ତାହାର ଉଦ୍ଦେଶ୍ୟ ସାଧନ କରିପାରି ନାହିଁ । ଏଦେଶରେ ଏହି ଆପତ୍ତି ବାରମ୍ବାର ଉଠୁଅଛି । ଇଂରାଜଜାତି ମଧ୍ୟ ଏହା ବୁଝୁଅଛି । ତେଣୁ ଆଜି ସଂସ୍କାର ପ୍ରବର୍ତ୍ତନ ପ୍ରୟୋଜନ । ଏହି ଶାସନ ସଂସ୍କାରର ଉଦ୍ଦେଶ୍ୟ ସଫଳ କରିବା ଲାଗି ଲୋକମାନଙ୍କୁ ଶିକ୍ଷିତ କରିବାର ଦରକାର । ସେମାନେ ମତ ଦେଇ ଆପଣା ଆପଣାର ପ୍ରତିନିଧି ନିର୍ବାଚନ କରିବେ, ଶାସନର କାର୍ଯ୍ୟ କଳାପକୁ ଜଗିବେ, ସମାଲୋଚନା କରି ସେ ସମ୍ବନ୍ଧେ ନିଜର ମତ ଗଠନ କରିବେ । ଏ ସବୁ ଗୁରୁତର କାର୍ଯ୍ୟ ନିମନ୍ତେ ସେମାନଙ୍କୁ ଉପଯୋଗୀ କରିବାକୁ ହେବ ।

ସଂସ୍କାର ପ୍ରବର୍ତ୍ତନ ପୂର୍ବରୁ ଗବର୍ଣ୍ଣମେଣ୍ଟ ଏ ଦାୟିତ୍ୱ ବୁଝିବା ଉଚିତ । ମାତ୍ର ସରକାରଙ୍କ ସାହାଯ୍ୟ ଯଥେଷ୍ଟ ହେଉନାହିଁ । ଲୋକେ ନିଜର ଶିକ୍ଷା ନିଜ ହାତରେ ନେବା ଆବଶ୍ୟକ ହୋଇଅଛି ।

ସୁଖର କଥା ଓଡ଼ିଶାରେ ଶିକ୍ଷା ପ୍ରତି କ୍ରମେ ଲୋକଙ୍କର ଅନୁରାଗ ଦେଖା ଯାଉଅଛି । ନାନାସ୍ଥାନରେ ବିଦ୍ୟାଳୟ ସ୍ଥାପନର ଉଦ୍ୟମ ଦେଉଅଛି । ମାତ୍ର ଉପଯୁକ୍ତ ସହଯୋଗିତା ସୁପରାମର୍ଶ ଏବଂ ସାହାଯ୍ୟ ବିନା ଅନେକ ଉଦ୍ୟମ ବିଫଳ ହେଉଅଛି । ଲୋକସାଧାରଣଙ୍କ ପକ୍ଷରୁ ଏହିପରି ସ୍ଥାନେ ସ୍ଥାନେ ଯେ ଶିକ୍ଷାର ଉଦ୍ୟମ ହେଉଅଛି ସେ ସବୁ ଏକ ସ୍ଥାୟୀ ସୁଗଠିତ ଓ ସୁପରିଚାଳିତ ସଂଘ ବା ସମିତିର ଅନ୍ତର୍ଭୁକ୍ତ ହେଲେ ଅଧିକ ଫଳଲାଭର ଆଶା କରାଯାଇପାରେ । ଏଥିଲାଗି ଆମ୍ଭେମାନେ ଏକ ବିଶ୍ୱଜନୀନ ଶିକ୍ଷା ସଂଘ Universal Education Leagueର କଳ୍ପନା କରିଅଛୁଁ । ସତ୍ୟବାଦୀ ସ୍କୁଲର ଛାପା ରିପୋର୍ଟରେ ଏ ସମ୍ବନ୍ଧେ କେତେକ ଆଭାସ ଦିଆଯାଇଅଛି । ''ସଂହତିଃ କାର୍ଯ୍ୟସାଧିକା''; ଜଣେ ବହୁ ଯତ୍ନ କରି ଏକ

ସ୍ଥାନରେ ଯାହା କରିବାକୁ ସମର୍ଥ ହେଉ ନାହାନ୍ତି ସଂଘର ଉଦ୍ୟମରେ ତାହା ଅପେକ୍ଷାକୃତ ସହଜ ହେବ । ଏହି ସଂଘର ଏକ ଶ୍ରେଣୀର ସଭ୍ୟ ରହିବେ ଯେଉଁମାନେ ଅର୍ଥ ସାହାଯ୍ୟ କରିବେ ଏବଂ କାର୍ଯ୍ୟ ପରିଚାଳନର ତତ୍ତ୍ୱ ନେବେ, ଆଉ ଏକ ଶ୍ରେଣୀର ସଭ୍ୟ ରହିବେ ଯେଉଁମାନେ ସଂଘ ଅଧୀନସ୍ଥ ବିଦ୍ୟାଳୟରେ ଅନ୍ତତଃ କୋଡ଼ିଏ ବର୍ଷ ଶିକ୍ଷା କାର୍ଯ୍ୟ କରିବେ । ସକଳ ପ୍ରକାର ଶିକ୍ଷାର ବ୍ୟବସ୍ଥା ରହିବ ଏବଂ ସକଳ ଶ୍ରେଣୀର ଲୋକଙ୍କୁ ସମାନ ସୁଯୋଗ ଓ ଅଧିକାର ଦିଆଯିବ । ପ୍ରତିଭାଶାଳୀ ଛାତ୍ରମାନଙ୍କୁ ବିଦେଶରେ ଶିକ୍ଷାଦେବାର ବ୍ୟବସ୍ଥା ମଧ ଏଥିରେ ରହିବ । ଏହି ସଂଘ ଅଧୀନରେ କାର୍ଯ୍ୟ ପରିଚାଳନ ନିମନ୍ତେ କାର୍ଯ୍ୟନିର୍ବାହିକା ସମିତି ଆଦି ରହିବ । ସଂଘ ଗଠନ ସ୍ଥିର ହେଲେ ବିସ୍ତାରିତ ନିୟମ ଓ କ୍ରିୟା ପ୍ରଣାଳୀ ପରେ ସ୍ଥିର ହୋଇ ପାରିବ । ଏହି କଳ୍ପିତ ଶିକ୍ଷାସଂଘ କାର୍ଯ୍ୟରେ ପରିଣତ ହେଲେ ସତ୍ୟବାଦୀ ବିଦ୍ୟାଳୟକୁ ସର୍ବପ୍ରଥମେ ଏହା ଅଧୀନରେ ଦେବା ନିମନ୍ତେ ଆମ୍ଭେମାନେ ପ୍ରସ୍ତୁତ ଅଛୁଁ ।

ସମ୍ମିଳନୀ ଆଜି ପର୍ଯ୍ୟନ୍ତ ଯଦି କିଛି କାର୍ଯ୍ୟ କରି ନ ଥାଏ ତାହାର କାରଣ ଏହି ଯେ ଆମ୍ଭମାନଙ୍କର ବ୍ୟାପକ ଭାବରେ କୌଣସି କାର୍ଯ୍ୟ ନିର୍ଘଣ୍ଟ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ । ସ୍ତ୍ରୀଶିକ୍ଷା ହେଉ, ନୈଶବିଦ୍ୟାଳୟ ବସୁ, କପାଚାଷ ହେଉ ଏହିପରି ଦେହକୁ ନ ଲାଗିବା ଭଳି କେବଳ କେତେଗୁଡ଼ିଏ ପ୍ରସ୍ତାବରେ ଆମ୍ଭମାନଙ୍କର ଉଦ୍ୟମ ଶେଷ ହେଲେ କାର୍ଯ୍ୟ ହେବ କାହୁଁ ? ଏଣିକି ଶୃଙ୍ଖଳାବଦ୍ଧଭାବରେ କୌଣସି ସୁନିଶ୍ଚିତ କାର୍ଯ୍ୟର ପନ୍ଥା ଫିଟିବା ଉଚିତ । ଶିକ୍ଷାର ଅତୀବ ପ୍ରୟୋଜନୀୟତା ଦୃଷ୍ଟିରେ ସମ୍ମିଳନୀ ଏହି ବିଶ୍ୱଜନୀନ ଶିକ୍ଷା ସଂଘ ଗଠନ କରି ତାହା ଉପରେ ଶିକ୍ଷାର ଭାର ଦେବା ଅସଂଗତ ହେବ ନାହିଁ । ନିଷ୍ଠା ଏବଂ ଦୃଢ଼ତାର ସହିତ କାର୍ଯ୍ୟହେଲେ, ମୋର ବିଶ୍ୱାସ, କାର୍ଯ୍ୟ କରିବା ଲାଗି ତ୍ୟାଗୀ କର୍ମୀ ଶିକ୍ଷିତ ଲୋକଙ୍କର ଅଭାବ ହେବ ନାହିଁ କିମ୍ବା ଅର୍ଥାଭାବ ଏ କାର୍ଯ୍ୟ ପଥରେ ବାଧା ଦେବ ନାହିଁ ।

ପଲ୍ଲିର ଭାଗବତ ଘର ଆମ୍ଭମାନଙ୍କ ଜାତୀୟ ଶିକ୍ଷାର ଅନ୍ୟ ଏକ କ୍ଷେତ୍ର । ସରକାର ପ୍ରାଥମିକ ଶିକ୍ଷା ବଢ଼ାଉଥିଲେ ସୁଦ୍ଧା ଓଡ଼ିଶାରେ ଅକ୍ଷର ଚିହ୍ନା ଲୋକଙ୍କ ସଂଖ୍ୟା ଗଲା ସେନସସ୍‌ର ପୂର୍ବେ ଯାହା ଥିଲା ଗଲା ସେନସେସରେ ତହିଁରୁ ଲୋକସଂଖ୍ୟା ଅନୁପାତରେ ଊଣା ହୋଇଅଛି । ଏହାର କାରଣ କଣ ? ଇତିପୂର୍ବେ ଚାଟଶାଳୀମାନଙ୍କରେ ଯେ ଶିକ୍ଷା ଦିଆଯାଉଥିଲା ଲୋକେ ସେଥିରେ ଚିର ଅଭ୍ୟସ୍ତ ହେଉଥିଲେ । ଓଡ଼ିଆ ଜନସାଧାରଣଙ୍କର ଧର୍ମରେ ବିଶେଷ ଆସ୍ଥା ଥିଲା । ଓଡ଼ିଆ ଭାଗବତ ଓ ଅନ୍ୟାନ୍ୟ ପୁରାଣର ବହୁଳ ପ୍ରଚାର ଥିଲା । ପୁଅର ବର୍ଣ୍ଣପରିଚୟ କରାଇ ଭାଗବତ ପଢ଼ିବାଲାଗି ତାକୁ ସମର୍ଥ କରାଇବା ପ୍ରତ୍ୟେକ ପିତା ଆପଣାର କର୍ତ୍ତବ୍ୟ ମଣୁଥିଲେ । ଏମନ୍ତ କି, ଉପେକ୍ଷିତ ଅସ୍ପର୍ଶ ବର୍ଣ୍ଣମାନେ କେବଳ ଏହି ଉଦ୍ଦେଶ୍ୟରେ

ପିଲାଙ୍କୁ ପଢ଼ାଉଥିଲେ । ବାଉରି କଣ୍ଡରା ସାହୀରେ ଲୋକେ ତୁଳସୀଗଛ ମୂଳରେ ଭାଗବତ ବୋଲୁଥିଲେ; ବର୍ତ୍ତମାନ ସୁଦ୍ଧା ଏହା କ୍ୱଚିତ୍ ସ୍ଥାନେ ସ୍ଥାନେ ଦେଖାଯାଏ । ଜୀବନର ଶେଷ ମୁହୂର୍ତ୍ତରେ ମୃତ୍ୟୁଶଯ୍ୟାରେ ପୁଅ ମୁହଁରୁ ଭାଗବତ ଶୁଣି ପାରିଲେ ଓଡ଼ିଆ କୃଷକ ପରମଶାନ୍ତି ଲାଭ କରୁଥିଲା । ଗ୍ରାମେ ଗ୍ରାମେ ଘରେ ଘରେ ଭାଗବତ ପୁସ୍ତକ ପାଠ ଓ ପୂଜା ହେଉଥିଲା । ପାଠ ପଢ଼ି ଚାକରୀ କରିବା ଉଦ୍ଦେଶ୍ୟରେ ସାଧାରଣ ଓଡ଼ିଆ ପୁଅ ପୁତୁରାଙ୍କୁ ପଢ଼ାଉ ନ ଥିଲେ । ପଢ଼ାଉ ଥିଲେ କେବଳ ଭାଗବତ ଶୁଣିବାଲାଗି । ଆଧୁନିକ ସଭ୍ୟତା ଓ ଶିକ୍ଷା ପ୍ରଣାଳୀରେ ଏ ଧର୍ମଭାବର କୌଣସି ସ୍ଥାନ ନାହିଁ । ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଭାଗବତ ଆଉ ପଢ଼ା ହୁଏ ନାହିଁ । ଏଥିଲାଗି ଅନେକେ ପିଲାଙ୍କୁ ସ୍କୁଲରେ ପାଠ ପଢ଼ାଇବାକୁ ନାରାଜ । ଆଗେ ଗ୍ରାମରେ ସ୍କୁଲ ଥିଲେ ସୁଦ୍ଧା ସେଠାରେ ପୁଅକୁ ନ ପଢ଼ାଇ ଅନେକେ ସ୍ୱତନ୍ତ୍ର ଅବଧାନ ରଖି ପଢ଼ାଉଥିଲେ, ମାତ୍ର ଆଜିକାଲି କ୍ରମେ ଧର୍ମ ଭାବ କମି ଯାଉଅଛି । ଭାଗବତ ପ୍ରତି ପୂର୍ବପରି ତେତେ ଆଦର ନାହିଁ । ଗ୍ରାମରେ ଯେଉଁ ସ୍ଥାନ ପୂର୍ବେ ଭାଗବତଧ୍ୱନିରେ ମୁଖରିତ ହେଉଥିଲା ଆଜି କଳହ ବିବାଦ ମାମଲା ମୋକଦ୍ଦମାରେ ସେ ସ୍ଥାନ ଗରମ । ସୁତରାଂ ଭାଗବତ ପାଠ ଲାଗି ଶିଶୁସନ୍ତାନମାନଙ୍କୁ ଚାଟଶାଳୀରେ ଲୋକେ ଆଗେ ଯେପରି ପ୍ରାଥମିକ ଶିକ୍ଷା ଦେଉଥିଲେ ଏବେ ଆଉ ସେପରି ଦେଖାଯାଏ ନାହିଁ । ପୁଣି ବର୍ତ୍ତମାନ ସମୟର ନୂତନ ଶିକ୍ଷାରେ ପ୍ରବର୍ତ୍ତିବା ଲାଗି ସେମାନେ ଶ୍ରେୟ ବା ସ୍ୱାର୍ଥ ତେତେ ଅନୁଭବ କରୁ ନାହାନ୍ତି । ଏ ଅବସ୍ଥାରେ ସାକ୍ଷର ଲୋକଙ୍କ ସଂଖ୍ୟା କମିବା ବିଚିତ୍ର ନୁହେଁ ।

ଏ ପ୍ରଦେଶରେ ସରକାର ବାଧ୍ୟତାମୂଳକ ଶିକ୍ଷା ଆଇନ ଜାରୀ କରିଅଛନ୍ତି । ଏ ଆଇନ ଉପସ୍ଥିତ କେବଳ ମ୍ୟୁନିସିପାଲିଟି ଏବଂ ମୋଫସଲର କୌଣସି କୌଣସି ନିର୍ଦ୍ଦିଷ୍ଟ ସ୍ଥାନପ୍ରତି ଖଟିବ । ଏହା ନ ହୋଇ ସମସ୍ତ ପ୍ରଦେଶପ୍ରତି ଖଟିଲେ ସୁଦ୍ଧା ସେଥିରେ ବିଶେଷ କୌଣସି ଲାଭର ଆଶା ନାହିଁ । ସରକାର ଯାହା ଟଙ୍କା ଦେବାର ତାହାହିଁ ଦେବେ । ତାଙ୍କର ଯେ ନିୟମରେ ଯେ ବ୍ୟୟରେ ଶିକ୍ଷା ଦିଆଯାଉଅଛି ଠିକ୍ ସେହିପରି ଦିଆଯିବ । ବାଧ୍ୟ ହୋଇ ଅଧିକ ଲୋକେ ପଢ଼ିଲେ ଯେ ଅଧିକ ବ୍ୟୟ ଲାଗିବ ତାହା ଜିଲାବୋର୍ଡ଼ ବା ମ୍ୟୁନିସିପାଲିଟି ଦେଇ ପାରିବେ ତ ଉତ୍ତମ, ନ ହେଲେ ଲୋକଙ୍କ ଉପରେ ଟିକସ ବସିବ । ଏ ବିଧାନରେ ନୂତନ ଆଇନ କୌଣସିଠାରେ କେବେ କାର୍ଯ୍ୟକାରୀ ହେବ କି ନାହିଁ ସନ୍ଦେହ । କୌଣସି ଉଦ୍ଦେଶ୍ୟ ନ ଥିଲେ କିମ୍ବା କୌଣସି ଶ୍ରେୟ ସ୍ୱାର୍ଥ ଅନୁଭବ ନ କଲେ କେହି କୌଣସି କାର୍ଯ୍ୟରେ ପ୍ରବୃତ୍ତ ହୁଏ ନାହିଁ । ବର୍ତ୍ତମାନ ଦେଶରେ ପ୍ରାୟ ସମସ୍ତେ ବୁଝନ୍ତି ଯେ ପାଠ ପଢ଼ାଯାଏ କେବଳ ଚାକରୀ ଲାଗି । ପୁଣି ଚାକରୀ ଉପଯୋଗୀ ପାଠ ଏତେ ବ୍ୟୟସାଧ୍ୟ ଯେ ସାଧାରଣ

ପଲ୍ଲି କୃଷକ ସେ ବିଷୟରେ ଏକାବେଳକେ ଆଶା ଛାଡ଼ି ଦେଇଛନ୍ତି । ଏଣେ ଚାକରୀ ଆଶା ନାହିଁ କି ଧର୍ମର ପ୍ରେରଣା ନାହିଁ । ଚାରିବର୍ଷ ପ୍ରାଥମିକ ବିଦ୍ୟାଳୟରେ ବାଧ ହୋଇ ସେ କିପାଇଁ ପିଲାକୁ ପଢ଼ାଇବ ? ଏପରି ଅବସ୍ଥାରେ ବାଧତାମୂଳକ ଶିକ୍ଷା ଆଇନ ଦ୍ୱାରା ଆମ୍ଭମାନଙ୍କର ବିଶେଷ କୌଣସି ଲାଭ ନାହିଁ । ଯାହା ହେଉଛି ହେଉ ମାତ୍ର ଜନସାଧାରଣଙ୍କୁ ସାକ୍ଷର କରାଇବା ଲାଗି ଆମ୍ଭମାନଙ୍କର ସ୍ୱତନ୍ତ୍ର ଆୟୋଜନ କରିବାକୁ ହେବ । ଏଥିଲାଗି ଗ୍ରାମ ଭାଗବତ ଘରର ସଂସ୍କାର ପ୍ରୟୋଜନ ।

ଭାଗବତଘର ଓଡ଼ିଆ ଗ୍ରାମୀୟ ଜୀବନର ଏକ ବିଶେଷତ୍ୱ । ପୂର୍ବେ ଭାଗବତ ଘର ନ ଥିବା ଗ୍ରାମ ପ୍ରାୟ ନ ଥିଲା । ଆଜିକାଲି ଅନେକ ଗ୍ରାମରେ ଭାଗବତ ଘର ମଧ ଅଛି । ଭାଗବତ ଗାଦି ପୂଜା ପାଉଛନ୍ତି । କେହି ଶୁଣନ୍ତୁ ବା ନ ଶୁଣନ୍ତୁ ସେଠାରେ ପ୍ରତି ସନ୍ଧ୍ୟାରେ ଅଧ୍ୟାଏ ଗୀତ ହେଉଛି । ଜନସାଧାରଣଙ୍କର ଏଥିରୁ ଏକାବେଳକେ ଆସ୍ଥା ଏବଂ ବିଶ୍ୱାସ ତୁଟି ନାହିଁ । ଭାଗବତ ଓଡ଼ିଆ ହୃଦୟରେ କି ଅପ୍ରତିହତ ପ୍ରଭାବ ବିସ୍ତାର କରି ଆସିଅଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଓଡ଼ିଶା ଆଜି ଖଣ୍ଡ ବିଖଣ୍ଡ ହୋଇ ପଡ଼ିଅଛି, କିନ୍ତୁ ଜଗନ୍ନାଥ ଦାସଙ୍କର ମଧୁମୟ ପ୍ରାଣସ୍ପର୍ଶୀ ଭାଗବତ ପଦାବଳି ଓଡ଼ିଆ ପିଣ୍ଡର ଏକତା, ଓଡ଼ିଆ ଭାବର ପୂର୍ଣ୍ଣତା ଅକ୍ଷୁଣ୍ଣ ରଖିଅଛି । "କହଇ ଜଗନ୍ନାଥ ଦାସ" ଏହି ଦୁହା ମହେନ୍ଦ୍ର ଶିଖରରୁ ରୂପନାରାୟଣ କୂଳ ପର୍ଯ୍ୟନ୍ତ ବିଶାଳ ଭୂଭାଗରେ ସର୍ବତ୍ର ଧ୍ୱନିତ ହେଉଅଛି । ମେଦିନିପୁରର ଓଡ଼ିଆମାନେ ଶାସନ ପ୍ରଭାବରୁ ମାତୃଭାଷା ଭୁଲି ଯାଉଛନ୍ତି କିନ୍ତୁ ଓଡ଼ିଆ ଭାଗବତ ବଙ୍ଗଳା ଅକ୍ଷରରେ ଛାପା ହୋଇ ସେଠାରେ ପଠିତ ହେଉଅଛି । ମଧ୍ୟପ୍ରଦେଶର ଓଡ଼ିଆ ବାଧ ହୋଇ ହିନ୍ଦି ପଢୁଅଛି । ମାତ୍ର ଭାଗବତ ଛାଡ଼ି ନାହିଁ । ଏହିପରି ଯେଉଁଠାରେ ଓଡ଼ିଆ ସେଠାରେ ଭାଗବତର ଧ୍ୱନି । ଭାଗବତ ଓଡ଼ିଆ ଜନସାଧାରଣଙ୍କର ଦେବତା । ଏହାହିଁ କେବଳ ଓଡ଼ିଆର ଜାତୀୟତା ରଖିଅଛି ବୋଇଲେ ଅତ୍ୟୁକ୍ତ ହେବନାହିଁ । ଏହି ଭାଗବତ ଆମ୍ଭମାନଙ୍କର ଜାତୀୟ ଏକତା ବିଧାନରେ ପ୍ରଧାନ ଅବଲମ୍ବନ ହେବା ଉଚିତ । ଗ୍ରାମମାନଙ୍କରେ ସେ ସବୁ ଭାଗବତ ମନ୍ଦିର ବର୍ତ୍ତମାନ ଅଛି ତହିଁର ସଂସ୍କାର ହେଉ, ଯେଉଁଠାରେ ନାହିଁ ସେଠାରେ ନୂତନ ସ୍ଥାପିତ ହେଉ । ଭାଗବତପ୍ରତି ଲୋକସାଧାରଣଙ୍କର ଯେପରି ଭକ୍ତି ସେଥିରେ ଏ ଉଦ୍ୟମ ଅନାୟାସରେ କୃତକାର୍ଯ୍ୟ ହେବା ସମ୍ଭାବନା । ଭାଗବତଘରକୁ ଗ୍ରାମ୍ୟ ଜୀବନର କେନ୍ଦ୍ର ଭୂମି କରିବାକୁ ହେବ । ଧର୍ମଚର୍ଚ୍ଚା ସଙ୍ଗେ ସଙ୍ଗେ ଏହା ଗ୍ରାମର ପରାମର୍ଶ ସ୍ଥାନ ହେବ । ଗ୍ରାମର ବିବାଦ ଏହିଠାରେ ମେଣ୍ଟିବ । ଗ୍ରାମର ହିତାହିତ ଚର୍ଚ୍ଚା, କୃଷି ଶିଳ୍ପର ଉନ୍ନତି ଅନ୍ୟାନ୍ୟ ସାମାଜିକ ଭଲ ମନ୍ଦ କଥା ଏହିଠାରେ ପଡ଼ିବ । ଫଳରେ ଗ୍ରାମର ଲୋକସାଧାରଣଙ୍କର ସକଳ ବିଷୟରେ ଏହା ଶିକ୍ଷାର ସ୍ଥାନ ହେବ । ମୁଁ ଭାଗବତଘରର କଥା କହିଲାବେଳେ ଓଡ଼ିଶାର କେବଳ ହିନ୍ଦୁ ଗ୍ରାମର କଥା କହୁ

ନାହିଁ । ମୁସଲମାନ ଗ୍ରାମର ମସ୍‌ଜିଦ, ଖ୍ରୀଷ୍ଟାନ ଗ୍ରାମର ଗିର୍ଜା ମଧ୍ୟ ଭାଗବତଘର । ଯେଉଁଠାରେ ଭଗବାନଙ୍କର ପ୍ରାର୍ଥନା ହୁଏ ତାହାହିଁ ଭାଗବତ ମନ୍ଦିର । ମୋର ବିଶ୍ୱାସ ଯେ ଭାଗବତଘର ବିସ୍ତାର ନିମନ୍ତେ ଉପଯୁକ୍ତ ଉଦ୍ୟମ ହେଲେ ଅନେକ ବୟସ୍କ ଲୋକ ମଧ୍ୟ ଭାଗବତ ପଢ଼ିବାଲାଗି ବର୍ଣ୍ଣପରିଚୟ କରିବାକୁ ପ୍ରୟାସୀ ହେବେ । ଭାଗବତଘର ସଂଲଗ୍ନରେ ସେଥିଲାଗି ନୈଶବିଦ୍ୟାଳୟ ଖୋଲିବାକୁ ହେବ । ନାନା ଧର୍ମ ଓ ବର୍ଣ୍ଣର ଲୋକଙ୍କର ସମ୍ମିଳନୀ ବୋଲି ଏଥିରେ କୌଣସି ଧର୍ମର ଆଲୋଚନା ହୁଏ ନାହିଁ । ଏ ନୀତି ସୁସଙ୍ଗତ । ମାତ୍ର ମୋ ମତରେ ତାହା କେବଳ ଏହି ସମ୍ମିଳନୀ ମଣ୍ଡପରେ ପରିପାଳନୀୟ । ଦେଶର ଜନସାଧାରଣଙ୍କ ମଧ୍ୟରେ ସେମାନଙ୍କର ନିଜ ନିଜ ଧର୍ମର ଆଦର ସର୍ବଥା ବାଞ୍ଛନୀୟ । ବୈଦିକ ବୌଦ୍ଧଧର୍ମରୁ ଆରମ୍ଭ କରି ଭୀମା ଭୋଇଙ୍କ ମହିମା ଧର୍ମ ପର୍ଯ୍ୟନ୍ତ ଅସଂଖ୍ୟ ଶାଖା ସମ୍ପ୍ରଦାୟଙ୍କର ଓଡ଼ିଶାରେ ସ୍ଥାନ ରହିଅଛି । ଅଥଚ ଓଡ଼ିଶାର ଇତିହାସରେ କେବେହେଲେ ଧର୍ମ-ବିପ୍ଳବ ଘଟିନାହିଁ । ସାମ୍ୟବାଦ ଓଡ଼ିଆର ଜାତୀୟ ନୀତି, ପରସ୍ପର ପ୍ରତି ସମ୍ମାନ, ସହାନୁଭୂତି, ଆସ୍ଥା ଏବଂ ଅନୁରାଗ ରଖି ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ଓଡ଼ିଆମାନେ ନିଜ ନିଜ ଧର୍ମ ଆଲୋଚନା କରନ୍ତୁ ଏବଂ ଅନ୍ୟ କୌଣସି କାରଣରୁ ନ ହେଲେ କେବଳ ସେହି ଉଦ୍ଦେଶ୍ୟରେ ଶିକ୍ଷିତ ହୁଅନ୍ତୁ । ଏହା ମୋହର ଏକାନ୍ତ କାମନା । ମୋର ବିଶ୍ୱାସ ଧର୍ମବଳରେ ବଳୀୟାନ ନ ହେଲେ ଆମ୍ଭମାନଙ୍କର ଦେଶାନୁରାଗ ବା ଜାତୀୟତାର କୌଣସି ଶକ୍ତି ନାହିଁ । ବସ୍ତୁତଃ ଜାତୀୟତାହିଁ ଆମ୍ଭମାନଙ୍କର ଧର୍ମ । ଈଶ୍ୱର ଆମ୍ଭର ଜାତିରୂପରେ ଆମ୍ଭନିକଟରେ ଉପସ୍ଥିତ । ନରନାରାୟଣଙ୍କ ରୂପ ଛଡ଼ା ଅନ୍ୟ କୌଣସି ପ୍ରକାରେ ତାଙ୍କର ଧାରଣା ଆମ୍ଭମାନଙ୍କ ପକ୍ଷେ ଅସମ୍ଭବ ।

ପଲ୍ଲିର ପ୍ରତ୍ୟେକ ଭାଗବତଘରକୁ ଅନ୍ତତଃ ଖଣ୍ଡିଏ ଲେଖାଏଁ ଓଡ଼ିଆ ସାପ୍ତାହିକ ପତ୍ରିକା ଯିବା ଆବଶ୍ୟକ; ସୁଲଭ ସମ୍ବାଦପତ୍ର ଲୋକଶିକ୍ଷାରେ ପ୍ରଭୂତ ସାହାଯ୍ୟ କରେ । ଇତିପୂର୍ବେ ଲୋକବୋଧ ଭାଷାରେ ସମ୍ମିଳନୀ ପକ୍ଷରୁ ଖଣ୍ଡିଏ ପତ୍ର ବାହାରିବାର ପ୍ରସ୍ତାବ ବହୁବାର ହୋଇଅଛି ମାତ୍ର ଏହାର ମଧ୍ୟ ଅନ୍ୟାନ୍ୟ ପ୍ରସ୍ତାବର ଦଶା ଘଟିଅଛି । ସ୍ୱାସ୍ଥ୍ୟ, ଶିକ୍ଷା, ସମବାୟ ସମିତି, କୃଷି, ଶିଳ୍ପ, ଗ୍ରାମ୍ୟପଞ୍ଚାଏତ ପ୍ରଭୃତି ପଲ୍ଲିବାସୀର ଶିକ୍ଷଣୀୟ ବିଷୟମାନ ଏ ପତ୍ରିକାର ପ୍ରଧାନ ଆଲୋଚ୍ୟ ବିଷୟ ହେବା ଆବଶ୍ୟକ ଏବଂ ଏଥି ସଙ୍ଗେ ସଙ୍ଗେ ବାହ୍ୟ ଜଗତର ଖବର ମଧ୍ୟ ଥିବ । ଯେଉଁଦିନୁ ଏ ପ୍ରସ୍ତାବ ସମ୍ମିଳନୀରେ ଆଗତ ହେଲାଣି କାର୍ଯ୍ୟରେ ପରିଣତ ହୋଇଥିଲେ ଆଜି ଆମ୍ଭମାନଙ୍କର ଲୋକସାଧାରଣଙ୍କ ଅବସ୍ଥା ଅନେକ ପରିବର୍ତ୍ତିତ ହୋଇଥାନ୍ତା ଏବଂ ସମ୍ମିଳନୀର ବାର୍ତ୍ତା ଲୋକରେ ବହୁଳ ପ୍ରଚାରିତ ହୋଇ ଆମ୍ଭମାନଙ୍କ ଜାତୀୟ ଜୀବନର ଶକ୍ତି ବଢ଼ାଇ ଥାଆନ୍ତା । ଅନ୍ୟାନ୍ୟ ଦେଶରେ ଏ

ଶ୍ରେଣୀର ସୁଲଭ ପତ୍ରିକା ଅଭାବନୀୟ ଫଳ ଘଟାଇ ଅଛି । ଲୋକସାଧାରଣର ମତ ଗଠନ ଏବଂ ସେହି ମତର ଅଭିବ୍ୟକ୍ତି ନିମନ୍ତେ ଏ ଭଳି ସୁଲଭ ପତ୍ରିକା ଏକ ପ୍ରକୃଷ୍ଟ ଉପାୟ ।

ସୁଲଭ ପତ୍ରିକା ପ୍ରଚାରକର କାର୍ଯ୍ୟ କରିବ ତଥାପି ତାହାଛଡ଼ା ସ୍ୱତନ୍ତ୍ର ପ୍ରଚାରକ ମଧ୍ୟ ଜାତୀୟ ଶିକ୍ଷା ନିମନ୍ତେ ଆବଶ୍ୟକ । ସେ ଗ୍ରାମେ ଗ୍ରାମେ ଲୋକମାନଙ୍କର ପ୍ରୟୋଜନୀୟତା ବିଷୟରେ ଉପଦେଶ ଦେବେ, ଭାଗବତ ମନ୍ଦିରର ସଂସ୍କାର କରାଇବେ, ସୁଲଭ ପତ୍ରିକା ପ୍ରଚାରରେ ସାହାଯ୍ୟ କରିବେ, ଗ୍ରାମ୍ୟ ବିଦ୍ୟାଳୟର ଉନ୍ନତି ନିମନ୍ତେ ଲୋକମାନଙ୍କୁ ଉତ୍ସାହିତ କରିବେ । ସ୍ଥଳବିଶେଷରେ ବିଦ୍ୟାଳୟ ସ୍ଥାପନ କରାଇବେ, ସମବାୟ-ସମିତିର ଉପକାରିତା ବୁଝାଇ ତହିଁର ସ୍ଥାପନରେ ସାହାଯ୍ୟ ଦେବେ । ପ୍ରଚାର କାର୍ଯ୍ୟର ଆବଶ୍ୟକତା ସମସ୍ତେ ମୂଳରୁ ସ୍ୱୀକାର କରୁଅଛନ୍ତି । ଏହି କାର୍ଯ୍ୟ ମଧ୍ୟ କେତେକ ପରିମାଣରେ କରାଯାଇଅଛି ମାତ୍ର ଜଣେ ଦୁଇଜଣଙ୍କର ଦୁଇଚାରିବର୍ଷର ଏହା କାର୍ଯ୍ୟ ନୁହେଁ । ଜଗନ୍ନାଥଙ୍କ ପଣ୍ଡାମାନେ ବର୍ଷକୁ ବର୍ଷ ଭାରତର ନଗରେ ନଗରେ ଗ୍ରାମେ ଗ୍ରାମେ ବୁଲିଲାପରି ସମ୍ମିଳନୀର ପ୍ରଚାରକ-ମାନଙ୍କୁ କ୍ରମାଗତ ଦେଶର ଜନସାଧାରଣଙ୍କ ମଧ୍ୟରେ ବୁଲି କାର୍ଯ୍ୟ କରିବାକୁ ହେବ । ଅର୍ଥର ଅଭାବ ଏବଂ ଉପଯୁକ୍ତ ଲୋକର ଅଭାବହେତୁ ଏ ପ୍ରଚାର କାର୍ଯ୍ୟ ନିରବଚ୍ଛିନ୍ନ-ଭାବରେ ଚଳିପାରିନାହିଁ । ଏଣିକି ଜିଲାସମିତିମାନ ନିୟମିତରୂପେ ଗଠିତ ହୋଇ କାର୍ଯ୍ୟ କରିବାର ଆଶା କରାଯାଏ । ପ୍ରତ୍ୟେକ ଜିଲାସମିତି ଅଧୀନରେ ଜଣେ ଲେଖାଏ ବେତନଭୋଗୀ ପ୍ରଚାରକ ରହିଲେ କାର୍ଯ୍ୟ ଏକପ୍ରକାର ଚଳିବ । ଏହାଛଡ଼ା ଜିଲାସମିତିର ସଭ୍ୟମାନେ ଜିଲାର ନିଜ ନିଜ ଅଞ୍ଚଳରେ ନିଜେ ହେଉନ୍ତୁ ବା ଅନ୍ୟ କୌଣସି ଉପଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ଅବୈତନିକ ଭାବରେ ସମୟ ସମୟରେ ପ୍ରଚାର କାର୍ଯ୍ୟରେ ସାହାଯ୍ୟ କରିପାରନ୍ତି ।

ଏ ପ୍ରସଙ୍ଗରେ ଆଉ ଗୋଟିଏ ବିଷୟ ବିଶେଷ ଉଲ୍ଲେଖଯୋଗ୍ୟ । ସମ୍ମିଳନୀର ଏ ପର୍ଯ୍ୟନ୍ତ ପ୍ରକୃତରେ କାର୍ଯ୍ୟକାରିଣୀ ଜିଲାସମିତି ବା ଗ୍ରାମ୍ୟସମିତି ନାହିଁ । ଆରମ୍ଭରୁ ପ୍ରଥମ ଦୁଇଚାରିବର୍ଷ ମଧ୍ୟରେ ଏପରି କେତେକ ସମିତି ଗଠିତ ହୋଇଥିଲା ମାତ୍ର କାର୍ଯ୍ୟତତ୍ପରତା [ତଥା] ଶୃଙ୍ଖଳାଅଭାବରୁ ସେସବୁ ଆଉ ଦେଖାଯାଉନାହିଁ । ଯାହାହେଉ, ସେଥିଲାଗି ହତାଶ ହେବାର ନୁହେଁ । ପୁନରାୟ ନୂତନ ଶାଖା-ସମିତିମାନ ବସାଇବାକୁ ହେବ । ସେମାନଙ୍କ ଛଡ଼ା ଦେଶର ଅନେକ ସ୍ଥାନରେ ଅନ୍ୟାନ୍ୟ ଅନେକ ପ୍ରକାରର ସଭାସମିତିମାନ ଅଛି । ମୁଁ ଜାଣେ ଓଡ଼ିଶାର ଅନେକ ପଲ୍ଲିଗ୍ରାମରେ ଗ୍ରାମର ହିତସାଧନ ଉଦ୍ଦେଶ୍ୟରେ ସ୍ଥାନୀୟଲୋକଙ୍କ ଯତ୍ନରେ ସମିତି ସ୍ଥାପିତ ହୋଇଅଚି, ଏହାଛଡ଼ା ସହରମାନଙ୍କରେ ମଧ୍ୟ ଶିକ୍ଷା, ସାହିତ୍ୟର ଉନ୍ନତିକଳ୍ପେ

କିମ୍ବା ସକାରଙ୍କଠାରେ ଆପତ୍ତି ଅଭିଯୋଗ କରିବା ଉଦ୍ଦେଶ୍ୟରେ ଏବଂ ସାମୟିକ ରାଜନୈତିକ ପ୍ରସଙ୍ଗର ଆଲୋଚନା ନିମନ୍ତେ ସଭା-ସମିତିମାନ ବିଦ୍ୟମାନ ଅଛି। ଏହିସବୁ ସ୍ଥାନୀୟ ସମିତି ନିଜ ନିଜର କାର୍ଯ୍ୟ କରନ୍ତୁ, ମୋର ବିଶ୍ୱାସ ସେମାନେ ପ୍ରକାରାନ୍ତରରେ ସମ୍ମିଳନୀର କାର୍ଯ୍ୟ କରୁଅଛନ୍ତି। ସେମାନଙ୍କୁ ସମ୍ମିଳନୀର ଅନ୍ତର୍ଭୁକ୍ତ କରାଗଲେ ସମ୍ମିଳନୀର କାର୍ଯ୍ୟ ପ୍ରସାରର ସୁବିଧା ହୁଅନ୍ତା, ଆଉ ଅଧିକ କିଛି ନ ହେଲେ ହେଁ ଏହି ସ୍ଥାନୀୟ ସଭା-ସମିତିମାନ ସମ୍ମିଳନୀର ବାର୍ଷିକ ଅଧିବେଶନକୁ ନିଜ ନିଜ ଅଞ୍ଚଳରୁ ପ୍ରତିନିଧି ନିର୍ବାଚନ କରି ପଠାଇବେ। ଶୃଙ୍ଖଳା, ସୁନିୟମ ଏବଂ ସଜୀବତାର ସହିତ କାର୍ଯ୍ୟ ଚଳିଲେ ଏହି ସ୍ଥାନୀୟ ସମିତିମାନଙ୍କର ସମ୍ମିଳନୀ ପ୍ରତି ମମତା ଜନ୍ମିବ ଏବଂ ଏହି ସୂତ୍ରରେ ସମ୍ମିଳନୀର କାର୍ଯ୍ୟ ଦେଶ ମଧରେ ବହୁଳ ପ୍ରଚାରିତ ହେବ। ଏହାଛଡ଼ା ଆପଣମାନେ ଜାଣନ୍ତି ଓଡ଼ିଶାରେ ପ୍ରାୟ ସମସ୍ତ ପାଟକ ଜାତିଙ୍କର ଜାତିୟାଣ ସଭା ଅଛି, ସେମାନଙ୍କୁ ମଧ ସମ୍ମିଳନୀର ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ସେମାନଙ୍କର କୁଳ ବ୍ୟବସାୟ ସମ୍ବନ୍ଧେ ସମ୍ମିଳନୀରୁ ସମୟେ ସମୟେ ଉତ୍ସାହ ପରାମର୍ଶ ଏବଂ ସାହାଯ୍ୟ ପାଇଲେ ଗ୍ରାମ୍ୟଶିଳ୍ପର ଯେ ଉନ୍ନତି ହେବ ଏହା ବୋଲିବା ବାହୁଲ୍ୟ।

ଜାତୀୟ ଶିକ୍ଷା ପ୍ରସଙ୍ଗରେ Co-operative Society ବା ସମବାୟ ସମିତିର ବିଷୟ କୁହାଯିବା ଉଚିତ। ଓଡ଼ିଶାରେ ସୁଧର ଦର ଯେପରି ଚଢ଼ା, ଲୋକେ ଯେପରି ଦରିଦ୍ର ଏବଂ ସମ୍ମିଳିତ ଉଦ୍ୟମର ଯେପରି ଅଭାବ; ସେଥିରେ ସମବାୟ ଋଣ ସମିତିର ଆବଶ୍ୟକତା ବିଶେଷ ବୁଝାଇ କହିବା ନିଷ୍ପ୍ରୟୋଜନ। ଅବଶ୍ୟ ଏ ପର୍ଯ୍ୟନ୍ତ ଯେ ଭାବରେ ଏ ଆନ୍ଦୋଳନ ଚାଲିଅଛି ଏବଂ ଗ୍ରାମ୍ୟ ସମିତିମାନ ଗଠିତ ହେଉଅଛି ତାହା ଏକାବେଳକେ ତ୍ରୁଟି ବା ପ୍ରମାଦହୀନ ବୋଲି କୁହାଯାଇ ନ ପାରେ। ଏ ଆନ୍ଦୋଳନ ଅଦ୍ୟାପି ଏ ଦେଶରେ ନୂତନ। ସରକାର ଏହାକୁ ଲୋକସାଧରଣଙ୍କ ହାତରେ ସଂପୂର୍ଣ୍ଣ [ଭାବରେ] ରଖି ଆବଶ୍ୟକମତେ ସାହାଯ୍ୟ ଏବଂ ସହଯୋଗିତା ଦେବା ଲାଗି ପ୍ରସ୍ତୁତ। କାଳକ୍ରମେ କାର୍ଯ୍ୟରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଆନ୍ଦୋଳନର ତ୍ରୁଟି ଓ ଅଭାବମାନ ପୂରଣ ହେବ ସନ୍ଦେହ ନାହିଁ ଏବଂ ଏହା ଏକ ବିସ୍ତୃତ ବିରାଟ ଲୋକଶକ୍ତିରେ ପରିଣତ ହେବାର ଆଶା କରାଯାଏ। ଦଶଜଣ ମିଳି ନିର୍ଦ୍ଦିଷ୍ଟ ନିୟମ ଅନୁସାରେ କାର୍ଯ୍ୟ କରିବା ଏବଂ ନିଜର ଦାୟିତ୍ୱ ବୁଝି ଯଥା ସମୟରେ ତାହା ସମ୍ପାଦନ କରିବା, ନିଜର ଚରିତ୍ର ଓ ପତିଆରାର ମୂଲ୍ୟ ବୁଝିବା ଆମ୍ଭମାନଙ୍କର ଦେଶବାସିଙ୍କ ପକ୍ଷେ ସାମାନ୍ୟ ଶିକ୍ଷା ନୁହେ। ସରକାର ସମବାୟ ଋଣସମିତି ସ୍ଥାପନରେ ବିଶେଷ ମନୋଯୋଗୀ। କେବଳ ଋଣ ନିମନ୍ତେ ନୁହେ; ଶିଳ୍ପ, ବ୍ୟବସାୟ, ବାଣିଜ୍ୟର ଉନ୍ନତି ଲାଗି ସମବାୟ ସମିତି ପ୍ରୟୋଜନ। ପ୍ରତ୍ୟେକ ଗ୍ରାମରେ ସମବାୟ ସମିତି ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ କିପରି ଗଠିତ ହେବ ଏବଂ ଏହାର

ସାହାଯ୍ୟରେ ଗ୍ରାମବାସିମାନେ କିପରି ନିଜର ଆର୍ଥିକ ଅବସ୍ଥା ଭଲ କରିପାରିବେ, ସେଥିଲାଗି ଆମ୍ଭମାନଙ୍କୁ ଦୃଷ୍ଟି ରଖିବାକୁ ହେବ । ଗ୍ରାମର ଏହି ସମବାୟସମିତିମାନଙ୍କୁ ସମ୍ମିଳନୀର ଅଙ୍ଗୀଭୂତ କରିବାରେ କୌଣସି ଆପତ୍ତି ହୋଇ ନ ପାରେ ।

ଏହିପରି ନୂତନ ଓ ପୁରାତନ ଯେତେ ଅନୁଷ୍ଠାନ ଅଛି, ଦେଶରେ ଏହି ପ୍ରକାର ଯେତେ ଦଳଗତ ଉଦ୍ୟମ ବର୍ତ୍ତମାନ ଅଛି ସେ ସମସ୍ତଙ୍କୁ ସର୍ବପ୍ରଥମେ ସମ୍ମିଳନୀର ଅଙ୍ଗୀଭୂତ କରି ସେମାନଙ୍କ ସାହାଯ୍ୟରେ ନାନାସୂତ୍ରରେ ଏବଂ ନାନା ଉପାୟରେ ଜାତୀୟ ଶିକ୍ଷା ପ୍ରଚାର କରିବାକୁ ହେବ ।

ଜାତୀୟ ଶିକ୍ଷା ବିଧାନରେ ସ୍ତ୍ରୀ ଜାତିର ଶିକ୍ଷା ନିମନ୍ତେ ବିହିତ ବ୍ୟବସ୍ଥା ନ ରହିଲେ ତାହା ପୂର୍ଣ୍ଣାଙ୍ଗ ନୁହେ । ସ୍ତ୍ରୀ ଶିକ୍ଷା ସମ୍ବନ୍ଧେ ଆମ୍ଭମାନଙ୍କ ଦେଶରେ ନାନାପ୍ରକାର ପ୍ରତିବନ୍ଧକ ଅଛି । ତାହା ସବୁ ହଠାତ୍ ଏକାଦିନକେ ଘୁଞ୍ଚିବ ନାହିଁ । ଶିକ୍ଷାର ପ୍ରଭାବରୁ କ୍ରମେ କ୍ରମେ ତାହା ସବୁ ଶିଥିଳ ହୋଇ ଆସିଅଛି । ବର୍ତ୍ତମାନ ଅବସ୍ଥାରେ ସ୍ତ୍ରୀ ଜାତିର ଶିକ୍ଷା ନିମନ୍ତେ ଯେ ବ୍ୟବସ୍ଥା କରାଯାଇପାରେ ତାହା ପୂର୍ଣ୍ଣଭାବରେ ହେବା ବାଞ୍ଛନୀୟ । ମୁଁ ଇତିପୂର୍ବେ ଯେ ଭାଗବତ ପ୍ରଚାରର ସୂଚନା କରିଅଛି ତାହା କାର୍ଯ୍ୟରେ ପରିଣତ ହେଲେ ସ୍ତ୍ରୀ ଜାତି ପ୍ରାଥମିକ ଶିକ୍ଷା ପାଇବା ନିମନ୍ତେ ମନ ବଳାଇବେ । ପୁସ୍ତକ ପଢ଼ି ଯେ କେବଳ ସ୍ତ୍ରୀମାନଙ୍କର ଜାତୀୟ ଶିକ୍ଷା ହେବ ତାହା ନୁହେ । Rowlatt ବିଲର ପ୍ରତିବାଦଠାରୁ ଶିଶୁପାଳନ ପର୍ଯ୍ୟନ୍ତ ଜାତୀୟ କାର୍ଯ୍ୟର ସଂଖ୍ୟା ନାହିଁ । ସ୍ତ୍ରୀମାନେ ଆମ୍ଭମାନଙ୍କର ଗୃହର ଲକ୍ଷ୍ମୀ, ପାରିବାରିକ ଜୀବନର ଦେବତା, ସେମାନଙ୍କ ଜୀବନରେ ସୀତା, ସାବିତ୍ରୀଙ୍କ ଚରିତ୍ର ପ୍ରତିଫଳିତ କରାଇବା ଜାତୀୟ ସ୍ତ୍ରୀ ଶିକ୍ଷାର ଲକ୍ଷ୍ୟ ହେବା ଉଚିତ ।

ଓଡ଼ିଆମାନଙ୍କ ଶିକ୍ଷାପଥରେ କେତେକ ଅଞ୍ଚଳରେ ବହୁ ଅନ୍ତରାୟ ରହିଅଛି । ଜାତୀୟ ଶିକ୍ଷା ଯେ ଜାତୀୟଭାଷାରେ ଦିଆଯିବା ଉଚିତ ଏହା ସର୍ବବାଦୀସମ୍ମତ । ମାତ୍ର କେତେକ ଓଡ଼ିଆ ଅଞ୍ଚଳରେ ଓଡ଼ିଆଭାଷା ବ୍ୟବହାର ପକ୍ଷେ ତେତେ ଯେ ସୁବିଧା ନାହିଁ ତାହା ନୁହେ; ଅନେକ ବାଧା ମଧ୍ୟ ଅଛି । କେତେକବର୍ଷ ପୂର୍ବେ ଓଡ଼ିଆଭାଷା ଓ ସାହିତ୍ୟର ବିଳାସଭୂମି ଗଞ୍ଜାମର ସ୍କୁଲ, କଲେଜ ଏବଂ ବିଚାର ଅଦାଲତରୁ ଓଡ଼ିଆ ଏକ ପ୍ରକାର ବିତାଡ଼ିତ ହୋଇଥିଲା । ଓଡ଼ିଆମାନେ ନିଜ ମାତୃଭାଷା ପଢ଼ିବାର ସୁଯୋଗ ପାଉ ନ ଥିଲେ । ଆଜି ସେ ଅବସ୍ଥା ବଦଳିଛି । ଗଞ୍ଜାମରେ ଓଡ଼ିଆର ସତ୍ତ୍ୱ ଓ ଅଧିକାର ସରକାର ସ୍ୱୀକାର କରିଅଛନ୍ତି । ଓଡ଼ିଆ ସ୍କୁଲର ସଂଖ୍ୟା ଦିନଦିନ ବଢୁଅଛି । ମାତ୍ର ବିଚାର ଅଦାଲତରେ ଓଡ଼ିଆ ଏପର୍ଯ୍ୟନ୍ତ ଉପଯୁକ୍ତ ସ୍ଥାନ ପାଇନାହିଁ । କେବଳ ଘୁମୁସର ତାଲୁକାରେ ଓଡ଼ିଆ ଏକମାତ୍ର କଚେରୀଭାଷା ରୂପେ ଜାରୀ ହୋଇଅଛି । ଅନ୍ୟାନ୍ୟ ପୂରା ଓଡ଼ିଆଭାଷା ତାଲୁକାରେ ଏପର୍ଯ୍ୟନ୍ତ ପୂର୍ଣ୍ଣ ଅଧିକାର ମିଳିନାହିଁ । ଗଞ୍ଜାମର ନ୍ୟାୟପରାୟଣ ନିରପେକ୍ଷ କଲେକ୍ଟର କଟରେଲ ସାହେବ

ଛତ୍ରପୁର ତାଲୁକାରେ ପୂରା ଓଡ଼ିଆ ଜାରୀ କରିବାଲାଗି ଗବର୍ଣ୍ଣମେଣ୍ଟଙ୍କୁ ଲେଖିଥିଲେ ସୁଦ୍ଧା ଗବର୍ଣ୍ଣମେଣ୍ଟ ଓଡ଼ିଆର ନ୍ୟାୟସଙ୍ଗତ ଦାବୀ ବିବେଚନା କରିନାହାନ୍ତି । ଏହା ଓଡ଼ିଆମାନଙ୍କ ପକ୍ଷେ ନିତାନ୍ତ ଅବିଚାର । ଅନେକସ୍ଥଳେ ଓଡ଼ିଆଶିକ୍ଷା ଯେପରି ହେବା ଉଚିତ ଓଡ଼ିଆମାନଙ୍କର ଅଦ୍ୟାପି ତେତେ କର୍ତ୍ତୃତ୍ୱ ନ ଥିବାରୁ ସେପରି ହୋଇପାରୁ ନାହିଁ । ଗଞ୍ଜାମରେ ଓଡ଼ିଆ ଜାତୀୟପ୍ରାଣ ଜାଗିଅଛି । ସେ ଏଣିକି କୌଣସି ବାଧା ମାନିବ ନାହିଁ । ମୋର ବିଶ୍ୱାସ ଓଡ଼ିଆଭାଷା ସେଠା ବିଦ୍ୟାଳୟ ଓ ବିଚାର ଅଦାଲତରେ ସମ୍ପୂର୍ଣ୍ଣ ଅଧିକାର ପାଇବାକୁ ଆଉ ଅଧିକ ଦିନ ଲାଗିବ ନାହିଁ ।

ମାନ୍ଦ୍ରାଜ ପ୍ରଦେଶରେ ଭିଜାଗାପଟମ ଏଜେନ୍‌ସି ପୂରା ଓଡ଼ିଆ ଅଞ୍ଚଳ । ସେଠାରେ ଓଡ଼ିଆଭାଷାର ଅବସ୍ଥା ଶୋଚନୀୟ । ଓଡ଼ିଆମାନଙ୍କ ପକ୍ଷେ ଓଡ଼ିଆଭାଷା ବ୍ୟବହାର ସରକାର ନାମକୁ ମାତ୍ର ସ୍ୱୀକାର କରୁଛନ୍ତି ସତ୍ୟ ମାତ୍ର କାର୍ଯ୍ୟରେ ଯଥାର୍ଥ ଓଡ଼ିଆଶିକ୍ଷା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମେଦିନୀପୁରରେ ଓଡ଼ିଆସଂଖ୍ୟା କ୍ରମେ ଏପରି ଊଣା ହୋଇଆସୁଅଛି ଯେ ଆଉ ଅଳ୍ପଦିନ ମଧ୍ୟରେ ଓଡ଼ିଆ ନାମ ସେଠାରୁ ଲୋପପାଇବ । ତିନି ସେନ୍‌ସେସ୍ ଆଗେ ସେଠାରେ ଓଡ଼ିଆ ସଂଖ୍ୟା ଥିଲା ୬ ଲକ୍ଷ, ତହିଁପର ସେନ୍‌ସେସ୍‌ରେ ୩ ଲକ୍ଷ, ବର୍ତ୍ତମାନ ଏହା ଦେଢ଼ଲକ୍ଷ ମାତ୍ର । ଯେପରି ଗତିରେ କମୁଛି ଆଗାମୀ ସେନ୍‌ସେସ୍ ବେଳକୁ ଓଡ଼ିଆବୋଲି ପରିଚୟ ଦେବାକୁ ସେଠାରେ କେହି ନ ଥିବା ବିଚିତ୍ର ନୁହେଁ ।

ସିଂହଭୂମରେ ଆଦିମ ଅଧିବାସିମାନଙ୍କୁ ଛାଡ଼ିଦେଲେ ଓଡ଼ିଆମାନଙ୍କ ସଂଖ୍ୟା ଅନ୍ୟାନ୍ୟମାନଙ୍କ ଅପେକ୍ଷା ଅଧିକ ! ସେ ଜିଲାର ଏକ ଅଞ୍ଚଳରେ ପଢ଼ା ହୁଏ.ହିନ୍ଦି, ଅନ୍ୟ ଅଞ୍ଚଳରେ ବଙ୍ଗଳା । କଚେରୀରେ ଏହି ଦୁଇ ଭାଷା ଚଳେ । ଓଡ଼ିଆର କୌଣସିଠାରେ ସ୍ଥାନ ନାହିଁ । ମୁଁ ନିଜେ ହିନ୍ଦି ଓ ବଙ୍ଗଳାସ୍କୁଲମାନଙ୍କରେ ଓଡ଼ିଆ ପିଲାଙ୍କର ଶିକ୍ଷା ଦେଖିଅଛି । ଶିଶୁମାନେ ପ୍ରାଥମିକ ପୁସ୍ତକର ପାଠ ଆଦୌ ବୁଝିପାରୁ ନାହାନ୍ତି । ଯେଉଁଠାରେ ଓଡ଼ିଆ ଶିକ୍ଷକ ଅଛନ୍ତି, ସେମାନେ ଘରୋଇ ଓଡ଼ିଆ ଭାଷାରେ ବୁଝାଇଦିଅନ୍ତି । ଯେଉଁଠାରେ ସେ ସୁବିଧା ନାହିଁ ଶିଶୁମାନେ ଶୁଆପରି କିଛି ନ ବୁଝି ମୁଖସ୍ଥ କରନ୍ତି । କୌଣସି ବିଦେଶୀଭାଷା ଶିଖିବାରେ ଯେତେ ଶ୍ରମ ଓ ଅଧ୍ୟବସାୟ ପଡ଼େ ଅତି ଶୈଶବାବସ୍ଥାରୁ ଓଡ଼ିଆଛାତ୍ରମାନଙ୍କୁ ସେହି କଷ୍ଟ ସ୍ୱୀକାର କରିବାକୁ ହେଉଅଛି । ସିଂହଭୂମର ଓଡ଼ିଆମାନେ ପ୍ରାୟ ୩ ବର୍ଷ ପୂର୍ବେ ବିହାର-ଓଡ଼ିଶା ଗଭର୍ଣ୍ଣମେଣ୍ଟଙ୍କଠାରେ କଚେରୀ ଏବଂ ସ୍କୁଲରେ ଓଡ଼ିଆଭାଷା ଚଳନ ନିମନ୍ତେ ଦରଖାସ୍ତ ଦେଇଥିଲେ । ସରକାର ତହିଁରେ ଆଦେଶ କଲେ କି ସିଂହଭୂମରେ କଚେରୀ ଭାଷା ସଂଖ୍ୟା ଅଧିକ ବଢ଼ାଇବା ଉଚିତ ଓ ଆବଶ୍ୟକ

ନୁହେଁ । ଆଉ ମଧ କହିଥିଲେ ଯେ ଓଡ଼ିଆମାନଙ୍କ ଶିକ୍ଷା ବିଷୟରେ ସରକାର ମନୋଯାଗୀ ଅଛନ୍ତି ।

ସରକାର କିଭଳି ମନୋଯୋଗ ଦେଉଅଛନ୍ତି କେଜାଣି, ମୁଁ କୌଣସି ମାଇନର ସ୍କୁଲରେ ଦେଖୁଅଛି ୧୩୮ ଜଣ ଛାତ୍ର ମଧ୍ୟରୁ ୧୨୧ ଜଣ ଓଡ଼ିଆ ଘରେ ଓଡ଼ିଆକଥା କହନ୍ତି, ଓଡ଼ିଆ ତାଳପତ୍ର ପୋଥି ସମ୍ପାଦି ରଖିଅଛନ୍ତି ମାତ୍ର ସ୍କୁଲରେ ଆସି ପଢ଼ନ୍ତି ବଙ୍ଗଳା । ଅଧିକାଂଶ ହିନ୍ଦି ସ୍କୁଲରେ ଓଡ଼ିଆମାନଙ୍କ ସଂଖ୍ୟା ଏହିପରି ଦେଖାଯିବ । ଦୁଇ ତିନୋଟି ସ୍କୁଲଛଡ଼ା ଆଉ କୌଣସି ହିନ୍ଦି ବିଦ୍ୟାଳୟରେ ପ୍ରକୃତ ହିନ୍ଦିଭାଷୀ ଛାତ୍ର ଆଦୌ ନାହାନ୍ତି । ଅଛନ୍ତି କେବଳ ଓଡ଼ିଆ ଏବଂ ସିଂହଭୂମର ଆଦିମ ଅଧିବାସୀ । ଆଦିମ ଅଧିବାସିମାନେ ଓଡ଼ିଆମାନଙ୍କ ସଙ୍ଗେ ବହୁଦିନ ରହି କ୍ରମେ ଓଡ଼ିଆଭାଷା ଶିଖିଯାଉଅଛନ୍ତି । କୌଣସି ଆର୍ଯ୍ୟ ପ୍ରାକୃତଭାଷାରେ ସେମାନଙ୍କ ଶିକ୍ଷାଦେବାକୁ ହେଲେ ଓଡ଼ିଆଭାଷାର ଦାବୀ ଅଗ୍ରଗଣ୍ୟ । ମାତ୍ର ସେମାନଙ୍କୁ ଓଡ଼ିଆ ପରିବର୍ତ୍ତେ ହିନ୍ଦି ଶିକ୍ଷା ଦିଆଯାଉଅଛି ।

ରାୟପୁର ଜିଲା ଅନ୍ତର୍ଗତ ଫୁଲଝର, ପଦ୍ମପୁର, ଖଡ଼ିଆଳ ପ୍ରଭୃତି ଅଞ୍ଚଳରେ ଓଡ଼ିଆମାନେ ହିନ୍ଦି ପଢ଼ିବାକୁ ବାଧ । କଚେରୀରେ ଓଡ଼ିଆଭାଷାର ନାମ ମାତ୍ର ରହିଛି । ତଥାପି ଲୋକେ ନିଜ ନିଜର ସ୍ୱତନ୍ତ୍ର ଚାଟଶାଳୀ ବା ସ୍କୁଲ ବସାଇ ପିଲାମାନଙ୍କୁ ଓଡ଼ିଆଭାଷା ଶିଖାଉ ଅଛନ୍ତି । ଏହା ଆଉ କେତେଦିନ ରହିବ ?

ଓଡ଼ିଆଭାଷାର ପରିସର କ୍ରମେ ଏହିପରି ସଙ୍କୋଚିତ ହୋଇ ଯାଉଅଛି । ଓଡ଼ିଆ ଜାତିର ଅଙ୍ଗ ଖଣ୍ଡ ବିଖଣ୍ଡିତ ହୋଇଅଛି, ପୁଣି ଜିଭ କଟାହୋଇଅଛି । ଏ ଦୁରବସ୍ଥା ନ ଘୁଞ୍ଚିବା ଯାଏ ଓଡ଼ିଆର ଜାତୀୟ ଶିକ୍ଷାପଥ ପରିଷ୍କୃତ ହେବ ନାହିଁ କିମ୍ବା ଓଡ଼ିଆ ପ୍ରାଣର ସ୍ୱଚ୍ଛନ୍ଦ ଏବଂ ସ୍ୱାଭାବିକ ବିକାଶ ହେବ ନାହିଁ ।

ସମ୍ବଲପୁର ସମ୍ମିଳନୀରେ ସିଂହଭୂମରେ ଓଡ଼ିଆଶିକ୍ଷା ପ୍ରଚାର ନିମନ୍ତେ ଉଦ୍ୟମ କରିବା ଲାଗି ମୁଁ ପ୍ରତିଶ୍ରୁତ ହୋଇଥିଲି । ସେହିଦିନୁ ସେ ବିଷୟରେ ମୁଁ କେତେକ କାର୍ଯ୍ୟ କରିବାକୁ ଚେଷ୍ଟା କରିଅଛି । ମାତ୍ର ମୋ ପରି କ୍ଷୀଣଶକ୍ତି ଲୋକର ଏକାକୀ ହାତରେ ହଠାତ୍ କାର୍ଯ୍ୟର ସଫଳତା ଆଶା କରାଯାଇ ନ ପାରେ । ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ଓଡ଼ିଆ ଭାଷାର ପୁନରୁଦ୍ଧାର ଏବଂ ପ୍ରଚଳନ ନିମନ୍ତେ ବିସ୍ତର ଲୋକ ଓ ଅର୍ଥ ଆବଶ୍ୟକ । ସମ୍ମିଳନୀ ନିର୍ଦ୍ଧାରଣ କରୁଛନ୍ତି, ସରକାରଙ୍କୁ ଅନ୍ୟାନ୍ୟ ବିଷୟରେ କୁହାଯାଉଛି ଏବଂ ଭବିଷ୍ୟତ୍‌ରେ କୁହାଯିବ କିନ୍ତୁ ମୋର ବିଶ୍ୱାସ ଆମ୍ଭେମାନେ ନିଜ ଗୋଡ଼ରେ ଠିଆହେବାକୁ ଉଦ୍ୟତ ନ ହେବା ଯାଏ ଏ ସବୁରେ ବିଶେଷ କିଛି ଫଳ ହେବନାହିଁ । ଏ କ୍ଷେତ୍ରରେ ଓଡ଼ିଆମାନଙ୍କର Passive resistance ବା ସତ୍ୟାଗ୍ରହନୀତି ଅବଲମ୍ବନ କରିବା ଉଚିତ । ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ହିନ୍ଦି, ବଙ୍ଗଳା ବା

ତେଲଙ୍ଗ ସ୍କୁଲରେ ନ ପଢ଼ିବା । ଦୃଢ଼ତାର ସହିତ ଏହି ନୀତି କାର୍ଯ୍ୟରେ ଅନୁସରଣ କଲେ ମୋର ବିଶ୍ୱାସ ଓଡ଼ିଆ ଅଞ୍ଚଳରେ ଥିବା ଭିନ୍ନ ଭାଷାର ସ୍କୁଲମାନ ଆପେ ଆପେ ଉଠାଯିବ । ଯଦି ନ ଉଠିଲା ତ ନାହିଁ, ଓଡ଼ିଆ ଅଞ୍ଚଳରେ ଯଦି କୌଣସି ବିଶେଷ କାରଣରୁ ସେ ସବୁ ସ୍କୁଲ ରଖିବା ସରକାରଙ୍କର ଆବଶ୍ୟକ ହୁଏ, ରଖନ୍ତୁ; ଆମ୍ଭେମାନେ ନିଜର ଓଡ଼ିଆ ସ୍କୁଲ କରି ପିଲାଙ୍କୁ ପଢ଼ାଇବୁଁ । ମନେ ରଖିବାକୁ ହେବ ଯେ ଓଡ଼ିଆଭାଷା ଉପରେ ଆମ୍ଭମାନଙ୍କର ଜାତୀୟସତ୍ତା ନିର୍ଭର କରେ । ଭାଷା ଲୋପ ପାଇଲେ ଓଡ଼ିଆଜାତି ଲୋପ ପାଇବ । ସୁତରାଂ ଭାଷା ଆମ୍ଭମାନଙ୍କ ପକ୍ଷେ ଜୀବନ ମରଣର ସମସ୍ୟା । ଅବଶ୍ୟ ଭାରତରେ ସମସ୍ତଙ୍କ ଏକ ସାଧାରଣ ଭାଷା ହୋଇପାରିଲେ ପରମ ସୌଭାଗ୍ୟର ବିଷୟ ହୁଅନ୍ତା । ସେଥିଲାଗି ଓଡ଼ିଆ ଭାଷାକୁ ତ୍ୟାଗ କରିବା ନିମନ୍ତେ ମୁଁ କୁଣ୍ଠିତ ନୁହେ । ଭାରତରେ ଏକ ଭାଷା ପ୍ରଚାର ନିମନ୍ତେ ଯେ କୌଣସି ସ୍ୱାର୍ଥତ୍ୟାଗ ବ୍ୟକ୍ତିବିଶେଷ ବା ପ୍ରଦେଶବିଶେଷ ପକ୍ଷେ କଦାପି ଅତ୍ୟଧିକ ହୋଇ ନ ପାରେ । ଭାରତର ସମୂହ କଲ୍ୟାଣରେ ପ୍ରାଦେଶିକ ସ୍ୱାର୍ଥର ବଳି ଦେବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ । ମାତ୍ର ଯେତେଦିନଯାଏ ଭାରତରେ ଏକ ସାଧାରଣ ଭାଷାର ସମ୍ଭବ ହୋଇନାହିଁ, ଭାରତରେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ବିଦ୍ୟମାନ ରହିଅଛ; ତେତେଦିନଯାଏ ଓଡ଼ିଆ ଅକାରଣ ତାହାର ସ୍ୱାତନ୍ତ୍ର୍ୟ ହରାଇବାକୁ ପ୍ରସ୍ତୁତ ନୁହେ । ସିଂହଭୂମରେ ଓଡ଼ିଆଶିକ୍ଷା ପ୍ରଚାର ନିମନ୍ତେ ଆମ୍ଭେମାନେ ଓଡ଼ିଆ ଶିକ୍ଷାପାଣ୍ଠି ଖୋଲିଅଛୁଁ । ବର୍ତ୍ତମାନ ମୁଁ ଭାବି ଦେଖୁଛି କେବଳ ସିଂହଭୂମଲାଗି ନୁହେଁ ଓଡ଼ିଶାର ବାହାରେ ଯେ ସମସ୍ତ ଓଡ଼ିଆ ଅଞ୍ଚଳରେ ଓଡ଼ିଆମାନେ ନିଜର ମାତୃଭାଷା ବ୍ୟବହାରରୁ ବଞ୍ଚିତ ହୋଇଅଛନ୍ତି ସେ ସମସ୍ତ ଅଞ୍ଚଳରେ ଓଡ଼ିଆଭାଷାର ଶିକ୍ଷା ଏବଂ ବ୍ୟବହାର ଯେପରି କ୍ରମେ ବଢ଼ିବ, ଓଡ଼ିଆର ନ୍ୟାଯ୍ୟ ଅଧିକାର ଓଡ଼ିଆ ଯେପରି ପାଇବ; ତହିଁର ବିହିତ ପ୍ରତିକାର କରିବା ନିମନ୍ତେ ସିଂହଭୂମ ଓଡ଼ିଆ ଶିକ୍ଷାପାଣ୍ଠି ଓଡ଼ିଆରକ୍ଷା ସମାଜରେ ପରିଣତ ହେବା ଉଚିତ ।

ଏଠାରେ ପ୍ରଶ୍ନ ହୋଇପାରେ ଓଡ଼ିଶା ବାହାରେ ଭିନ୍ନ ଭିନ୍ନ ପ୍ରଦେଶ ବା ଜିଲାରେ ଥିବା ଓଡ଼ିଆମାନେ ଯେବେ ସେ ପ୍ରଦେଶ ବା ଜିଲାର ଭର୍ଣ୍ଣାକୁ୍ୟଲର ବା ଦେଶିକ ଭାଷା ନ ପଢ଼ି ଓଡ଼ିଆ ପଢ଼ିବା ଲାଗି ଦାବୀ କରାଯାଏ ତେବେ ଓଡ଼ିଶାରେ ଯେଉଁ ସବୁ ବିଭିନ୍ନ ଜାତୀୟ ଲୋକେ ଅଛନ୍ତି ସେମାନେ ବା ଓଡ଼ିଆ ପଢ଼ିବେ କାହିଁକି ? ଯେ ଯେଉଁ ଦେଶରେ ବାସ କରିବେ ସେହି ଦେଶର ଭାଷା କ୍ରମେ ତାଙ୍କର ଭାଷା ହେବା ଉଚିତ, ତା ନ ହେଲେ କୌଣସି ଏକଦେଶରେ ଦୃଢ଼ ଜାତୀୟତା ଜନ୍ମିବ ନାହିଁ । ମାତ୍ର ରାଜନୈତିକ ଓଡ଼ିଶାର ସଂଲଗ୍ନ ଅଥଚ ଶାସନଭେଦରେ ଓଡ଼ିଶାରୁ ବିଚ୍ଛିନ୍ନ ଅଞ୍ଚଳମାନ ସ୍ୱାଭାବିକ ଓଡ଼ିଆ ଅଞ୍ଚଳ । ସେ ସବୁ ଅଞ୍ଚଳମାନ ଓଡ଼ିଶା ସଙ୍ଗେ ଏକଶାସନରେ

ରହିବା ଲାଗି ଆମ୍ଭେମାନେ ଦାବି କରୁଁ । ସେହି ସବୁ ସ୍ଥାନରେ ଓଡ଼ିଆ ଅଧିବାସିଙ୍କ ସଂଖ୍ୟା ଅଧିକ । ଓଡ଼ିଆହିଁ ସେହି ସବୁ ସ୍ଥାନର ଦୈଶିକ ଭାଷା । ଶାସନ ଭେଦ ଘଟି ନ ଥିଲେ, ଏମନ୍ତ କି ଶାସନ ଭେଦରେ ସୁଦ୍ଧା ଶିକ୍ଷା ଆଦି ବିଷୟରେ ଲୋକମାନଙ୍କର ସଂପୂର୍ଣ୍ଣ ସ୍ୱାଚ୍ଛନ୍ଦ୍ୟ ଏବଂ ସ୍ୱାଧୀନତା ଥିଲେ ଏବଂ Principle of Self Determination ବା ଆତ୍ମନିର୍ଣ୍ଣୟ ସେହି ସବୁ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲେ ଆଜି ସେଠାରେ କେବଳ ଓଡ଼ିଆ ଭାଷା ଅକ୍ଷୁଣ୍ଣ ଭାବରେ ଥାଆନ୍ତା, ଅନ୍ୟ କୌଣସି ଭାଷା ପ୍ରବେଶର ଅବକାଶ ପାଇ ନ ଥାନ୍ତା । ଅନ୍ୟ ଭାଷାଭାଷୀ ଅଳ୍ପସଂଖ୍ୟକ ଲୋକ ସମସ୍ତେ ଆଜି ସେଠାରେ ଓଡ଼ିଆ ଭାଷା ଗ୍ରହଣ କରିଥାନ୍ତେ । ତ୍ରିହୁତ୍ ଜିଲାରେ ଅନେକ ଓଡ଼ିଆ ଅଛନ୍ତି । ସେମାନେ ସେଠାର ସ୍ଥାୟୀ ଅଧିବାସୀ । ବ୍ୟବହାର, କ୍ରିୟା, ରୀତି ନୀତି, ପ୍ରଥା ପଦ୍ଧତି ଆଦି ସ୍ୱାଭାବିକ ପ୍ରକିୟାରେ କ୍ରମେ କେତେ ବଦଳି ଗଲାଣି । ତଥାପି ଏ ଦେଶର ସ୍ଥାୟୀ ଅଧିବାସୀ ବଙ୍ଗାଳିମାନଙ୍କ ପରି ଘରେ ଭଙ୍ଗା ଓଡ଼ିଆ କହୁଛନ୍ତି ଏବଂ ଓଡ଼ିଆ ସ୍ମୃତି ସାମାଜିକ ବିଧାନରେ ଚଳୁଛନ୍ତି । କିନ୍ତୁ ତାହା ବୋଲି ସେଠାର ବହୁଦୂର ବିଚ୍ଛିନ୍ନ ଅଳ୍ପସଂଖ୍ୟକ ଓଡ଼ିଆଙ୍କ ଲାଗି ଓଡ଼ିଆଭାଷା କେହି ଦାବୀ କରୁନାହିଁ । ତାହା ସଙ୍ଗତ ବା ସ୍ୱାଭାବିକ ନୁହେ । ଭାରତର ହିନ୍ଦୁସମାଜର ନିଗଡ଼ସାମାଜିକ ବନ୍ଧନ ଯୋଗୁଁ ସେମାନେ ଓଡ଼ିଆ ସଙ୍ଗେ ବୈବାହିକ ସୂତ୍ରରେ ଆବଦ୍ଧ ହେଉ ଅଛନ୍ତି ମାତ୍ର ଓଡ଼ିଶାର କନ୍ୟା ତ୍ରିହୁତର ବଧୂ ହେଲେ ସେଠାରେ ତାଙ୍କୁ ହିନ୍ଦି ଶିଖିବାକୁ ଏବଂ କହିବାକୁ ହେବ ଏବଂ ତ୍ରିହୁତ କନ୍ୟା ଓଡ଼ିଶାକୁ ଆସିଲେ ସେ ଅବଶ୍ୟ ଓଡ଼ିଆ କହିବେ । ଭାଷାର ବାହୁଲ୍ୟ ଭାରତର ଏକତା ପଥରେ ପ୍ରଧାନ ପ୍ରତିବନ୍ଧକ । ଏହା ସମସ୍ତେ ଅନୁଭବ କରୁଛନ୍ତି । ଏ ଅସୁବିଧା ସହଜରେ ନିକଟରେ ଘୁଞ୍ଚିବାର ନୁହେ । ତାହା ବୋଲି ଏ ପ୍ରତିବନ୍ଧକକୁ ବଢ଼ାଇବାର କାହାରି କର୍ତ୍ତବ୍ୟ ନୁହେ । ଯେଉଁ ସ୍ଥାନ ବା କାଳରେ ଯେଉଁ ଭାଷା ଲୋକଙ୍କର ସ୍ୱାଭାବିକ ଭାଷା, ଅଥବା ଅଧିକ ସଂଖ୍ୟକ ଲୋକଙ୍କ ଭାଷା, ସେହି ଭାଷା ସେହି ସ୍ଥାନର ସର୍ବସାଧାରଣଙ୍କର ଭାଷା ହେବା ଉଚିତ । ଇଂରେଜ ରାଜତ୍ୱରେ ଓଡ଼ିଆମାନେ ଭାଷା ସମ୍ବନ୍ଧରେ ଯେ ବାଧା ପାଇଛନ୍ତି ଓ ପାଉଛନ୍ତି, ତାହା କଠୋର ନିର୍ଦ୍ଦୟତା ଏବଂ ଉତ୍କଟ ଅନ୍ୟାୟ ବୋଲି ମୁଁ ଅସଙ୍କୋଚ ଭାବରେ କହିପାରେ । ମାତୃଭାଷା ମନୁଷ୍ୟ ହୃଦୟର ସ୍ୱାଭାବିକ ପ୍ରବାହ । ତାହାକୁ ମାତୃଭାଷାରୁ ବଞ୍ଚିତ କରିବା ଅର୍ଥ ତାହାର ହୃଦୟର ଗତିରୋଧ କରିବା, ହୃଦୟର ଦ୍ୱାର ମୁଖ ବନ୍ଦ କରିବା ଏବଂ ଅନ୍ତରର ଚାବି ଜିଭ କାଟିଦେବା । ଏହି ନିଗ୍ରହ ଓ ନିର୍ଯାତନା ଆମ୍ଭମାନଙ୍କୁ ଏ ରାଜତ୍ୱରେ ଏକପ୍ରକାର ପ୍ରାରମ୍ଭରୁ ଆଜିଯାଏ ସହିବାକୁ ହୋଇଛି । ଗତ ଶତାବ୍ଦିର ମଧ୍ୟଭାଗରେ ରାଜନୈତିକ ଓଡ଼ିଶାରେ ବଙ୍ଗଳା ଚଳିବାର ଉଦ୍ୟମ ହୋଇଥିଲା, ମଧ୍ୟ କେତେକ ସ୍କୁଲରେ ଚଳିଥିଲା । ବିଚିତ୍ରାନନ୍ଦ ଗୌରୀଶଙ୍କର

ପ୍ରଭୃତି କ୍ଷଣଜନ୍ମା ଉତ୍କଳପୁତ୍ରଙ୍କ ଯତ୍ନରେ ସେ ଉଦ୍ୟମ ବିଫଳ ହେଲା । ତାହା ନ ହୋଇଥିଲେ ଓଡ଼ିଶାରେ ମଧ୍ୟ ଓଡ଼ିଆର ସତ୍ତା ଆଜି ନ ଥାନ୍ତା ଏବଂ ଓଡ଼ିଆ ଜାତିର ନାମ ବୋଧ ହୁଏ ଲୁପ୍ତ ହୋଇଥାନ୍ତା । ଗଙ୍ଗାମୁହାଣ ପର୍ଯ୍ୟନ୍ତ ଓଡ଼ିଶାର ନୈସର୍ଗିକ ସୀମା ବିସ୍ତୃତ ଥିଲାବେଳେ ମେଦିନୀପୁର ଓଡ଼ିଶାର ଅନ୍ତର୍ଗତ ଥିଲା । ଓଡ଼ିଶା ସେଠାର ଭାଷା ଥିଲା । ବାସ୍ତବରେ ମେଦିନୀପୁର ଇଂରେଜମାନଙ୍କର ସାବକ କାଗଜପତ୍ରରେ ଓଡ଼ିଶାର ବୋଲି ଉଲ୍ଲେଖ ହୋଇଅଛି ମାତ୍ର ସେଠାରୁ ଓଡ଼ିଆ ବର୍ତ୍ତମାନ ଲୋପପାଇଲାଣି । ଗଞ୍ଜାମ, ଭାଇଜାଗପଟ୍ଟମର କଥା ପୂର୍ବରୁ କୁହାଯାଇଅଛି । ସମ୍ବଲପୁର ହିନ୍ଦି ଓଡ଼ିଆ ମଧ୍ୟରେ କେତେ ଆଘାତ ପ୍ରତିଘାତ ସହି ଅବଶେଷରେ ନିଜଭାଷା ପାଇଅଛି ମାତ୍ର ଏଥିଲାଗି ତାକୁ ଯେ ସଂଗ୍ରାମ କରିବାକୁ ପଡ଼ିଥିଲା ଓ ସଂଗ୍ରାମ ଫଳରେ ତାହାର ଯେ ଅଙ୍ଗହାନି ଘଟିଅଛି, ତାହାର କେତେକ ଅଞ୍ଚଳ ଯେ ହିନ୍ଦିଭାଷୀ ପ୍ରଦେଶ ସଙ୍ଗେ ରହିଗଲା ତାହା ଓଡ଼ିଶାପକ୍ଷେ ଗୁରୁତର କ୍ଷତି । ସିଂହଭୂମ ହିନ୍ଦି ବଙ୍ଗଳା ଉଭୟ ସଂକଟ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ପଡ଼ିରହିଅଛି । ସ୍ଥୂଳରେ କହିବାକୁ ଗଲେ ସମଗ୍ର ଉତ୍କଳପ୍ରଦେଶରେ ଏପରି ସ୍ଥାନ ବା ଜିଲା ନାହିଁ, ଯେଉଁଠାରେ କୌଣସି କୌଣସି ସମୟରେ ଓଡ଼ିଆମାନଙ୍କ ଭାଷା ଉପରେ ଅଯଥା ଆକ୍ରମଣ ଏବଂ ଅତ୍ୟାଚାର ହୋଇ ନାହିଁ, ଏବଂ ସେଥିଯୋଗୁଁ ଓଡ଼ିଆମାନେ କଷ୍ଟ ଏବଂ ଦୁଃଖ ଭୋଗୁନାହାନ୍ତି । ଓଡ଼ିଆମାନଙ୍କ ଶାସନରେ ଇଂରେଜ ସରକାର ସେମାନଙ୍କର ପ୍ରକୃତ ଅବସ୍ଥା ବୁଝିବାକୁ ଚେଷ୍ଟା କରିଥିଲେ ଏ ଅନ୍ୟାୟ ଏବଂ ଅତ୍ୟାଚାର କଦାପି ଘଟି ନ ଥାନ୍ତା ।

କେବଳ ଭାଷା ବିଷୟରେ ନୁହେ, ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଇଂରେଜ ସରକାରଙ୍କର ଓଡ଼ିଆମାନଙ୍କପ୍ରତି ଏହିପ୍ରକାର ଅନବଧାନତା ଏବଂ ଉଦାସୀନତା ଦେଖାଯାଉଅଛି । ଆଜି ଯେ ଓଡ଼ିଶାର ଅଧିକାଂଶ ବଡ଼ ବଡ଼ ଜମିଦାରୀ ଅନ୍ୟ ସ୍ଥାନର ଲୋକଙ୍କ ହାତରେ ରହିଅଛି ତାହାର କାରଣ ଅନୁସନ୍ଧାନ କଲେ ଜଣାଯିବ ଯେ ଓଡ଼ିଆଙ୍କର ଭାଷା ନ ବୁଝି, ଓଡ଼ିଶାର ଅବସ୍ଥା ନ ଜାଣି, ଶାସନ ପ୍ରବର୍ତ୍ତିତ ନିୟମମାନ ଓଡ଼ିଆମାନଙ୍କୁ ଜାଣିବାର ସୁଯୋଗ ନ ଦେଇ ସମୁଦ୍ରର ଆରପାଖରେ କଲିକତାରୁ ଓଡ଼ିଶାର ଭାଗ୍ୟ ନିଷ୍ପତ୍ତି କରିବା ଦ୍ୱାରା ଓଡ଼ିଶାର ଏହି ଗତି ଘଟିଅଛି । ବୋଲିବା ବାହୁଲ୍ୟ ଓଡ଼ିଆମାନଙ୍କର ସେତେବେଳେ ସମୁଚିତ ସଂଜ୍ଞା ଏବଂ ଶିକ୍ଷା ଥିଲେ, ଏବଂ ଶାସନଚକ୍ରରେ ସେମାନେ କ୍ରମେ କେଉଁଆଡ଼କୁ ତଡ଼ିହୋଇ ଯାଉଅଛନ୍ତି ତାହା ବୁଝିବାର ଶକ୍ତି ଥିଲେ; ସେମାନେ ଏ ଶାସନ ବିଧାନକୁ କଦାପି ଗ୍ରହଣ କରି ନ ଥାନ୍ତେ । ବସ୍ତୁତଃ ୧୮୦୩ ମସୀହାରେ ଯେଉଁ ଓଡ଼ିଆ ତାହାର ଜାତୀୟ ସର୍ବସ୍ୱ ଜଗନ୍ନାଥଙ୍କୁ ଇଂରେଜମାନଙ୍କଠାରେ ସମର୍ପଣ କରି ସେମାନଙ୍କୁ ଆମନ୍ତ୍ରଣ କରି

ଆଣିଥିଲେ, ୧୮୧୭ ମସୀହାରେ ସେହି ରାଜଭକ୍ତ ଓଡ଼ିଆ ବାଧ୍ୟ ହୋଇ ଯେ ବିଦ୍ରୋହ ଆରମ୍ଭ କଲେ, ତାହା ଏହି ପ୍ରକାର ବ୍ୟବହାରର ଫଳ। ଓଡ଼ିଆମାନଙ୍କ ପ୍ରତି ଅତୀତରେ ଯେ ଉତ୍କଟ ଅନ୍ୟାୟ କରାଯାଇଅଛି ବର୍ତ୍ତମାନ ସଂଜ୍ଞା ଲାଭ କରି ସେମାନେ ତାହା ଜାଣୁଅଛନ୍ତି, ମାତ୍ର ଇଂରେଜ ସରକାର ଅଦ୍ୟାପି ଏହା ସମ୍ପୂର୍ଣ୍ଣ ବୁଝିଥିଲା ପରି ବୋଧ ହେଉନାହିଁ। ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ଓଡ଼ିଆମାନଙ୍କ ପ୍ରତି ଯେ ସବୁ ଅନ୍ୟାୟ ହୋଇଅଛି ସେଥିରୁ ବର୍ତ୍ତମାନ ଯେ ସବୁର ପ୍ରତିକାର କରାଯାଇ ପାରେ, ଅତୀତରେ ଓଡ଼ିଆର ଯେ ସବୁ କ୍ଷତି ହୋଇଅଛି ତହିଁରୁ ଯେତେ ପରିମାଣରେ ବର୍ତ୍ତମାନ ପୂରଣ କରାଯାଇ ପାରେ ସରକାର ତାହା କରିବାକୁ ପ୍ରସ୍ତୁତ ହେଲେ ଓଡ଼ିଆମାନଙ୍କର ଆଉ ତେତେ ଦୁଃଖର କାରଣ ରହନ୍ତା ନାହିଁ।

କିନ୍ତୁ ଉତ୍କଳ ଭୂମି ଯେ ଖଣ୍ଡବିଖଣ୍ଡିତ ସେହିପରି, ଭାଷାର ଯେ ଦଶା ସେହି ଦଶା, ଓଡ଼ିଆ ଦେଶମିଶ୍ରଣ ସମସ୍ୟା ବର୍ତ୍ତମାନ ସୁଦ୍ଧା ଅପୂର୍ଣ୍ଣ, ଏ ସମ୍ମିଳନୀର ଆରମ୍ଭ ପୂର୍ବରୁ ଅର୍ଥାତ୍ ଓଡ଼ିଆଜାତୀୟ ସଂଜ୍ଞା ଜାଗିବାଦିନୁଁ ଶାସନସୂତ୍ରରେ ଓଡ଼ିଆ ଜାତିର ମିଳନ ନିମନ୍ତେ ଚିତ୍କାର ଉଠୁଅଛି, ତହିଁର ଫଳରେ ଲର୍ଡ଼ କର୍ଜନଙ୍କ ଗଭର୍ଣ୍ଣମେଣ୍ଟ ଓଡ଼ିଆଭାଷୀ ଦେଶମିଶ୍ରଣର ପ୍ରସ୍ତାବ କରିଥିଲେ। ତାହା କାର୍ଯ୍ୟରେ ପରିଣତ ହୋଇଥିଲେ ଓଡ଼ିଆ ଆଜି ବିକଳାଙ୍ଗ ହୋଇ ପଡ଼ି ରହି ନ ଥାନ୍ତା, ମାତ୍ର ପରିଣାମରେ ତାହା ଘଟିଲା ନାହିଁ। ଗଞ୍ଜାମ, ଭାଇଜାଗ ସିଂହଭୂମ ପ୍ରଭୃତି ଓଡ଼ିଆ ଅଞ୍ଚଳମାନ ଲର୍ଡ଼ କର୍ଜନଙ୍କ ପ୍ରଥମ ପ୍ରସ୍ତାବ ମତେ ଓଡ଼ିଶା ସଙ୍ଗେ ମିଶିଲା ନାହିଁ ମାତ୍ର ଓଡ଼ିଆମାନେ ସେହିଦିନୁ ନୀରବ ନାହାନ୍ତି। ଉତ୍କଳ ସମ୍ମିଳନୀର ଆରମ୍ଭରୁ ଏହି ଦେଶମିଶ୍ରଣ ପ୍ରସ୍ତାବ କ୍ରମାଗତ ଆନ୍ଦୋଳିତ ହୋଇ ଆସୁଅଛି; ଆବେଦନ, ନିବେଦନ, ନିର୍ଦ୍ଧାରଣ ପ୍ରଭୃତି ନାନାଭାବରେ ଏହି ପ୍ରସଙ୍ଗ ସରକାରଙ୍କର କର୍ଣ୍ଣଗୋଚର କରାଇବାର ପ୍ରସ୍ତାବ ହୋଇଅଛି। କେତେବେଳେ ସରକାର କହୁଅଛନ୍ତି ଓଡ଼ିଆମାନଙ୍କର ଦେଶମିଶ୍ରଣ ବାଞ୍ଛନୀୟ ବା ଆବଶ୍ୟକ ନୁହେଁ, ପୁଣି କେତେବେଳେ କହୁଅଛନ୍ତି ଯଥେଷ୍ଟ ପ୍ରମାଣ ମିଳିଲେ ଏହାର ବିଚାର କରାଯିବ, ପ୍ରମାଣର ଯଥେଷ୍ଟତା ଏବଂ ଦେଶମିଶ୍ରଣର ବାଞ୍ଛନୀୟତା ବା ଆବଶ୍ୟକତା ବିଚାର କରିବାର କ୍ଷମତା ତ ସରକାରଙ୍କଠାରେ, ମାତ୍ର ଯେଉଁମାନେ ଶାସିତ ହେବେ ସେମାନଙ୍କର ବାଞ୍ଛା କଣ, ସେମାନେ କଣ ଆବଶ୍ୟକ ମଣୁଛନ୍ତି; ଏହା କି ବିଚାରର ବିଷୟ ନୁହେଁ। ବୋଲିବା ବାହୁଲ୍ୟ, ସରକାରଙ୍କ ବାଞ୍ଛନୀୟତା ଏବଂ ଆବଶ୍ୟକତା ବୋଧରେ ଲୋକଙ୍କର ସେତେ ବିଶ୍ୱାସ ନାହିଁ; ଲର୍ଡ଼ କର୍ଜନଙ୍କ ପ୍ରଥମ ପ୍ରସ୍ତାବ ବେଳେ ଯାହା ଆବଶ୍ୟକ ଓ ବାଞ୍ଛନୀୟ ବୋଧ ହେଉଥିଲା ଲର୍ଡ଼ ମିଣ୍ଟୋଙ୍କ ବେଳକୁ ଯଦି ତାହା ଏକାବେଳକେ ଅବାଞ୍ଛନୀୟ ଏବଂ ଅନାବଶ୍ୟକ ହେଲା ତେବେ ଏଥିରୁ ଲୋକେ ବୁଝିବେ କଣ ? ପୁଣି ଅନ୍ୟ ଏକ

କର୍ତ୍ତାଙ୍କ ବିଚାରରେ ବିହାରର ସମୃଦ୍ଧ ସଙ୍ଗେ ସଂଯୋଗ ରଖିବା ଲାଗି ତହିଁ ସହିତ ଓଡ଼ିଶାର ସଂଯୋଗ ଏବେ ବାଞ୍ଛନୀୟ ଓ ଆବଶ୍ୟକ ହୋଇ ପଡ଼ିଲା । ଇଂରାଜ ଶାସନର ପ୍ରାରମ୍ଭରୁ ଆଜିଯାଏ ଓଡ଼ିଆମାନଙ୍କ ପ୍ରତି ନାନାବିଷୟରେ ଏହିପରି କ୍ରମାଗତ ଯେ ବ୍ୟବହାର କରାଯାଇ ଅଛି ସେ ସବୁ ଦୃଷ୍ଟିରେ ଇଂରେଜ ସରକାର ସରଳ ଅସଙ୍କୋଚ ଚିତ୍ତରେ କହି ପାରିବେ କି ଓଡ଼ିଶାର ଶାସନ ପ୍ରବର୍ତ୍ତନ ପରିଚାଳନ ଓ ପରିବର୍ତ୍ତନ ଓଡ଼ିଆମାନଙ୍କର ସୁବିଧା ଅସୁବିଧା ଓ ହିତାହିତ ବିବେଚନାରେ କରାଯାଇଅଛି ?

ଦେଶମିଶ୍ରଣ ସମ୍ବନ୍ଧେ ଯଥେଷ୍ଟ କୁହାଯାଇଅଛି ଏବଂ ଓଡ଼ିଆ ଜନସାଧାରଣ ନାନା ଭାବରେ ସେମାନଙ୍କର ଏହି ଆକାଙ୍‌କ୍ଷା ବ୍ୟକ୍ତ କରିଅଛନ୍ତି । ଓଡ଼ିଆମାନଙ୍କ ଏହି ଦାବୀ ଯେ ନ୍ୟାୟସଙ୍ଗତ ଏବଂ ଓଡ଼ିଆର ସ୍ୱାତନ୍ତ୍ର୍ୟ ରକ୍ଷା ନିମନ୍ତେ ଏହା ଯେ ଆବଶ୍ୟକ ଗଭର୍ଣ୍ଣମେଣ୍ଟ ଏହା ଅବଶ୍ୟ ବୁଝି ପାରିଅଛନ୍ତି, ଏବଂ ସମୟ ବିଶେଷରେ ଏହା ମଧ୍ୟ ସ୍ୱୀକାର କରିଅଛନ୍ତି, କିନ୍ତୁ ଏଣିକି ଏହିପରି ସାମୟିକ ଆଶ୍ୱାସନାଜନକ ସ୍ୱୀକାର ଓଡ଼ିଆମାନଙ୍କୁ ଆଉ ଶାନ୍ତି ଦେବ ନାହିଁ ।

ସମସ୍ତଙ୍କର ଆଶା ଥିଲା ମଣ୍ଟାଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାରରେ ଓଡ଼ିଆ ସମସ୍ୟାର କିଛି ମୀମାଂସା ହେବ । ରିପୋର୍ଟରେ ମଧ୍ୟ ଏ ବିଷୟରେ ଯେ ଉଲ୍ଲେଖ ଅଛି ସେଥିରୁ ଓଡ଼ିଆମାନଙ୍କ ଦାବୀ ପ୍ରତି ସହାନୁଭୂତି ଥିବାର ଜଣାଯାଏ ମାତ୍ର ଯେ Sub-Provinceର ସୂଚନା ଦିଆଯାଇଅଛି ତାହାର ଆକାର ପ୍ରକାର ସମ୍ବନ୍ଧେ ଇଙ୍ଗିତ ପର୍ଯ୍ୟନ୍ତ ନାହିଁ । ସେ Sub-province ପୁଣି ବର୍ତ୍ତମାନର କଥା ନୁହେ । ଭାରତ ବ୍ୟବସ୍ଥାପକ ସଭାରେ ମାନ୍ୟବର କନିକାରାଜା ସାହେବଙ୍କ ପ୍ରଶ୍ନରେ ଏ ସମ୍ବନ୍ଧେ ସରକାରଙ୍କ ଉତ୍ତରରୁ ଜଣାଯାଏ ଶାସନ-ସଂସ୍କାର ପ୍ରବର୍ତ୍ତିତ ନ ହେବା ଯାଏ ଏ ବିଷୟ ନ ଉଠାଇବାଲାଗି ପ୍ରାଦେଶିକ ଗଭର୍ଣ୍ଣମେଣ୍ଟମାନଙ୍କୁ ଆଦେଶ ଦିଆଯାଇଅଛି । ଏହିପରି କ୍ରମେ "ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି" ଦେଖି ଓଡ଼ିଆମାନଙ୍କର ପ୍ରତ୍ୟୟ ଊଣା ହୋଇ ଆସିବା ସ୍ୱାଭାବିକ । ତଥାପି ଆଶା ସହଜରେ ତୁଟୁ ନାହିଁ । Sub-Province ପ୍ରସଙ୍ଗରେ ଓଡ଼ିଆମାନଙ୍କର ଦେଶମିଶ୍ରଣ ପ୍ରଶ୍ନର ବିଚାର ହେବ ବୋଲି ଆଶା କରାଯାଏ ।

ଓଡ଼ିଆମାନଙ୍କର ସ୍ୱତନ୍ତ୍ର ଶାସନର ଦାବୀ ଅସଙ୍ଗତ ନୁହେ । ସ୍ୱତନ୍ତ୍ର ଶାସନ ନିମନ୍ତେ ଓଡ଼ିଆଭାଷୀ ପ୍ରଦେଶ ନିତାନ୍ତ ସାମାନ୍ୟ ନୁହେ । ବସ୍ତୁତଃ ଗଭର୍ଣ୍ଣମେଣ୍ଟ ନିଜେ ମଧ୍ୟ ସେପରି କେତେ ଥର ପ୍ରସ୍ତାବ କରିଥିବା ଜଣାଯାଏ; ମାତ୍ର ଅନ୍ୟାନ୍ୟ ନାନା ପ୍ରକାର ପ୍ରଭାବରୁ ସେ ପ୍ରସ୍ତାବ ପରିତ୍ୟାଗ କରିବାକୁ ପଡ଼ିଅଛି । ଓଡ଼ିଆଭାଷୀ ପ୍ରଦେଶକୁ ଏକ ଶାସନାଧୀନରେ ରଖିବା ଲାଗି ଆମ୍ଭମାନଙ୍କର ହିସାବ କିତାପର ଅଧିକ ପ୍ରମାଣ ଦେବା ପ୍ରୟୋଜନ ନାହିଁ । ସରକାର ସ୍ଥିର କଲେ ତାଙ୍କୁ ଯୁକ୍ତି ଅଭାବ

ହେବନାହିଁ । ତାହା ପୁଣି ସେତେବେଳେ ପ୍ରୟୋଜନୀୟ ଏବଂ ବାଞ୍ଛନୀୟ ନୁହେ । ଏ ବିଷୟରେ ଆମ୍ଭମାନଙ୍କର ଯେ କ୍ରମେ ନିରାଶା ଜନ୍ମୁଅଛି ଏବଂ ପ୍ରତ୍ୟୟ କମୁଅଛି ଏଣିକି ମୁଁ ବୋଧକରେ ସରକାର କେବଳ ଏହାରି ପ୍ରମାଣ ପାଇବେ ।

ବର୍ତ୍ତମାନ ଇଉରୋପର ମହାସମର ଶେଷ ହୋଇଅଛି । ବ୍ରିଟିଶ ମିତ୍ରପକ୍ଷର ବିଜୟବାନା ଜଗତରେ ଉଡୁଅଛି । ନ୍ୟାୟ ଓ ସତ୍ୟର ଜୟ ଏହି ଦୁହା ସର୍ବତ୍ର ଘୋଷିତ ହେଉଅଛି । ଏହି ବିଜୟରେ ଭାରତବାସୀ ଆପଣାକୁ ଗୌରାବାନ୍ୱିତ ମଣୁଅଛି, ଏହା ଓଡ଼ିଆ ହୃଦୟରେ ଆଶା ଓ ଆଶ୍ୱାସନା ଜନ୍ମାଇ ଅଛି । କ୍ଷୁଦ୍ର ଏବଂ କ୍ଷୀଣବଳ ଜାତିମାନଙ୍କର ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟ ରକ୍ଷା ଇଂରେଜଙ୍କ ଯୁଦ୍ଧରେ ପ୍ରବେଶର ଅନ୍ୟତମ କାରଣ । ଭାରତଶାସନରେ ଏହି କାରଣ ପ୍ରବର୍ତ୍ତିତ ହେଲେ ଓଡ଼ିଆ-ପ୍ରଶ୍ନସମାଧାନରେ ଆଉ କୌଣସି କଷ୍ଟ ରହନ୍ତା ନାହିଁ । ପ୍ରତ୍ୟେକ ଜାତି ତାର ନିଜର ସ୍ୱାତନ୍ତ୍ର୍ୟ ରଖୁ ଏବଂ ଉକ୍ତ ସ୍ୱାତନ୍ତ୍ର୍ୟର କ୍ରମ ନୈସର୍ଗିକ ବିକାଶ ନିମନ୍ତେ ସମ୍ପୂର୍ଣ୍ଣ ସୁବିଧା ଓ ସୁଯୋଗ ପାଉ । ଇଉରୋପରେ ଏ ନୀତି ଯେପରି ଉଚିତ ଏବଂ ଉପାଦେୟ ଏ ଦେଶରେ ମଧ୍ୟ ସେପରି ପ୍ରଶସ୍ତ ଏବଂ ପ୍ରୟୋଜନୀୟ । ସାମ୍ରାଜ୍ୟ ବିଜୟରେ ଆମ୍ଭେମାନେ ଆଜି ହୃଦୟର ଅଶେଷ ଆନନ୍ଦ ପ୍ରକାଶ କରୁଅଛୁଁ । ପୂର୍ବେ ରାଜାମାନେ ବିଜୟୋତ୍ସବରେ ନାନାବିଧ ଦାନ କରୁଥିଲେ । ଆଜିକାଲି ଏବିଧି ମଧ୍ୟ ପ୍ରଚଳିତ ଅଛି । ଉପସ୍ଥିତ ବିଜୟ ଉତ୍ସବର ଦାନ ସ୍ୱରୂପ ଓଡ଼ିଆ ଜାତି ତାହାର ଶାସନ ସମ୍ମିଳନ ପ୍ରାର୍ଥନା କରେ ।

ମୁଁ ସତ୍ୟରେ ଏବଂ ନ୍ୟାୟରେ ଯେପରି ବିଶ୍ୱାସ କରେ, ଓଡ଼ିଆମାନଙ୍କ ଶାସନ ମିଳନରେ ସେହିପରି ବିଶ୍ୱାସ କରେ । ଶୀଘ୍ର ହେଉ ବା ବିଳମ୍ବ ହେଉ ଏହା ଯେ ନିଶ୍ଚୟ ଦିନେ ହେବ ଏଥିରେ ମୋହର ଲେଶ ସନ୍ଦେହ ନାହିଁ । କାରଣ ଓଡ଼ିଆମାନଙ୍କର ଏ ଦାବୀ ସତ୍ୟ ଏବଂ ନ୍ୟାୟସଙ୍ଗତ । କିନ୍ତୁ ଶାସନସଂସ୍କାର ପ୍ରବର୍ତ୍ତନ ପୂର୍ବରୁ ଏ ସମ୍ବନ୍ଧେ କିଛି ହେଉନାହିଁ । ସୁତରାଂ ଦେଶମିଶ୍ରଣ ପୂର୍ବରୁ ଶାସନସଂସ୍କାର ବିଧାନରେ ଓଡ଼ିଆମାନଙ୍କ ସ୍ୱାତନ୍ତ୍ର୍ୟ ରକ୍ଷା ନିମନ୍ତେ କୌଣସି ସୁବ୍ୟବସ୍ଥା ହେବା ଉଚିତ । ଏ ସମ୍ବନ୍ଧେ Franchise କମିଟିଙ୍କ ନିକଟରେ ଉତ୍କଳସମ୍ମିଳନୀ ପକ୍ଷରୁ ଯେ ମତବ୍ୟକ୍ତ କରାଯାଇଅଛି, ଆଶା କରାଯାଏ ତହିଁର ସୁବିଚାର ହେବ । ବିହାର-ଓଡ଼ିଶା ପ୍ରଦେଶରେ ଓଡ଼ିଶାକୁ କେବଳ ଏକ କମିଶନିବିଭାଗ ବୋଲି ବିଚାର କରିବା ନ୍ୟାୟସଙ୍ଗତ ହେଉନାହିଁ । ଏ ପ୍ରଦେଶ ମଧ୍ୟରେ ନାନାପ୍ରକାରେ ଓଡ଼ିଶାର ଯେ ସ୍ୱତନ୍ତ୍ର ସତ୍ତ୍ୱ ଓ ସ୍ୱାର୍ଥ ଅଛି ତାହା ବିବେଚିତ ହେବା ଉଚିତ । ଲୋକସଂଖ୍ୟା ଆଦି ଦୃଷ୍ଟିରେ ଇଂଲଣ୍ଡର ପାର୍ଲାମେଣ୍ଟ ମହାସଭାକୁ ଆୟର୍ଲାଣ୍ଡ ଯେ ସଂଖ୍ୟକ ସଭ୍ୟ ପଠାଇବା ଉଚିତ ସେ ତଦପେକ୍ଷା ୩୦ ଜଣ ଅଧିକ ପଠାଇଥାଏ ।

ଆୟର୍ଲାଣ୍ଡପକ୍ଷେ ଯେ କାରଣ ଓଡ଼ିଶାପକ୍ଷେ ମଧ ସେହି କାରଣ ବିଦ୍ୟମାନ । ମାନ୍ଦ୍ରାଜଙ୍କ ଓଡ଼ିଆଭାଷୀ ଅଞ୍ଚଳ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳ ଗଠନଲାଗି ଲୋକସଂଖ୍ୟା ଓ ପରିମାଣରେ ଯଥେଷ୍ଟ ହେବ । ଅନ୍ୟାନ୍ୟ ଶାସନାଧୀନରେ ଯେ ସମସ୍ତ ଓଡ଼ିଆ ଅଛନ୍ତି ଶାସନସଂସ୍କାରରେ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ବାଞ୍ଛନୀୟ । ମୁଁ ନିଜେ ବ୍ୟକ୍ତିଗତଭାବରେ ସାମ୍ପ୍ରଦାୟିକ ନିର୍ବାଚନର ପକ୍ଷ ନୁହେଁ । ମାତ୍ର ବର୍ତ୍ତମାନ ଅବସ୍ଥା ଯେପରି ସେଥିରେ ଏକାବେଳକେ ସେଭଳି ବ୍ୟବସ୍ଥା ଉଠାଇ ଦିଆଗଲେ ଅନେକଙ୍କର ଅଶାନ୍ତି ଏବଂ ଅସନ୍ତୋଷ ଜନ୍ମିବ । ପରିଣାମରେ ସାମ୍ପ୍ରଦାୟିକ ନିର୍ବାଚନ ବିଧାନର ଆବଶ୍ୟକତା ଯେ ରହିବ ନାହିଁ ଏବଂ ରହିବା ଉଚିତ ନୁହେଁ ଏହା ମୋହର ବିଶ୍ୱାସ ।

ଭାଇମାନେ, ଆମ୍ଭେମାନେ ଏହି ସମ୍ମିଳନୀମଣ୍ଡପରେ ନାନାବିଧ ଜାତୀୟ ସମସ୍ୟାର ଆଲୋଚନା କରୁଥିବା ସମୟରେ ଓଡ଼ିଶାର ଚାରିଆଡ଼େ ଯେ ବର୍ତ୍ତମାନ ଦାରୁଣ ଅନ୍ନକଷ୍ଟ ଘଟିଅଛି ତାହା ସ୍ୱତଃ ପ୍ରାଣକୁ ଆଲୋଡ଼ିତ କରେ । ଏ ଅନ୍ନକଷ୍ଟ ପୃଥିବୀର ଚାରିଆଡ଼େ ଅଳ୍ପାଧିକ ପରିମାଣରେ ବ୍ୟାପିଛି । ଭାରତର ପ୍ରାୟ ପ୍ରତ୍ୟେକ ପ୍ରଦେଶରେ ଅବସ୍ଥା ପ୍ରାୟ ଶୋଚନୀୟ । ଓଡ଼ିଶା ଏକେ ଦରିଦ୍ର, ସେଥିରେ ପ୍ରତିବର୍ଷ କୌଣସି ନା କୌଣସି ଅଞ୍ଚଳରେ ଶସ୍ୟହାନି ଘଟୁଅଛି । ଏବର୍ଷ ଓଡ଼ିଆ ରାଜ୍ୟର ଚତୁର୍ଦ୍ଦିଗରେ ଶସ୍ୟହାନି; ଗଞ୍ଜାମ, ଅନୁଗୁଳ ଏବଂ ଗଡ଼ଜାତର କେତେକ ରାଜ୍ୟରେ ବର୍ତ୍ତମାନ ଦାରୁଣ ଦୁର୍ଭିକ୍ଷ । ଅନ୍ୟାନ୍ୟ ସ୍ଥାନରେ ସେତେ ଉତ୍କଟ ନ ହେଲେ ହେଁ ଖାଦ୍ୟଜିନିସର ଭାଉ ଯେପରି ଚଢ଼ିଅଛି ସାଧାରଣ ଶ୍ରମଜୀବୀ ପକ୍ଷରେ ଚଳିବା ଦୁଃସାଧ୍ୟ । ପ୍ରତ୍ୟେକ ଜିଲ୍ଲାରୁ ଏବଂ ଗଡ଼ଜାତର ପ୍ରତ୍ୟେକ ରାଜ୍ୟରୁ କେହି ବା ସ୍ତ୍ରୀ ପୁତ୍ର କନ୍ୟା ଧରି କେହି ବା ପରିବାର ଘରଦ୍ୱାର ଛାଡ଼ି ଆସାମ ଓ ଅନ୍ୟାନ୍ୟ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ପେଟବିକଳରେ ଚାଲିଯାଉଅଛନ୍ତି । ଏଣେ ଦେଶରେ ସେପରି ଶିଳ୍ପ ବାଣିଜ୍ୟର ବ୍ୟବସ୍ଥା ନାହିଁ ଯହିଁରେ ସେମାନେ ନିଯୁକ୍ତ ହୋଇ ପାରିବେ । ଗ୍ରାମ-ମାନଙ୍କରେ ଏହିଦିନୁ ଜଳକଷ୍ଟ ପଡ଼ିଲାଣି, କୌଣସି କୌଣସି ଅଞ୍ଚଳରେ ଲୋକେ ସମୟେ ସମୟେ ଧାନ ଚାଉଳ କିଣିବାକୁ ପାଉନାହାନ୍ତି, ବସ୍ତ୍ରକଷ୍ଟ ଯୁଦ୍ଧ ଆଦ୍ୟରୁ ତ ବରାବର ଲାଗି ରହିଅଛି । ଆଜିକାଲି ପଲ୍ଲିର ଲୋକେ ଯେପରିଭାବରେ କାଳକଟାଉ ଅଛନ୍ତି ତା ଦେଖିଲେ ହୃଦୟ ଫାଟିଯାଏ । ଜ୍ୱର, ବିସୂଚିକା, ବସନ୍ତ ଗ୍ରାମମାନଙ୍କୁ ଛାରଖାର କରିସାରିଲେଣି । ମୃତ୍ୟୁ ରେଜେଷ୍ଟରୀରେ ମୃତ୍ୟୁ କାରଣ ଯାହା ଲେଖା ହେଉ ନା କାହିଁକି ଅଧିକାଂଶ ମୃତ୍ୟୁର ମୂଳ ନିଦାନ ଯେ ଅନ୍ନକଷ୍ଟ ଏଥିରେ କୌଣସି ସନ୍ଦେହ ନାହିଁ । ଆଉ ଦୁଇମାସ ମଧ୍ୟରେ ଅବସ୍ଥା ବଡ଼ ଭୟଙ୍କର ହୋଇ ପଡ଼ିବ । ଅବଶ୍ୟ ଏ ଚତୁର୍ଦ୍ଦିଗ ବ୍ୟାପୀ ଅନ୍ନକଷ୍ଟ ନିମନ୍ତେ ବିଶେଷ କିଛି କରିପାରିବାଭଳି କ୍ଷମତା

ସମ୍ମିଳନୀର ନାହିଁ । ବିଶେଷଭାବରେ ବାଧିଥିବା କୌଣସି କୌଣସି ସ୍ଥାନ ନିମନ୍ତେ ସମ୍ମିଳନୀ କିଛି କରିପାରିଲେ ବଡ଼ ଭଲ ହୁଅନ୍ତି । ଲୋକମାନଙ୍କର ଇଚ୍ଛା ଯେ କେନ୍ଦ୍ର ସ୍ଥାନମାନଙ୍କରେ ସରକାରଙ୍କ ତରଫରୁ ଚାଉଳ ବା ଧାନ ଗୋଦାମ ବସି ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରି ହେଉ ଯେପରି କି ସ୍ଥାନୀୟ ମହାଜନମାନେ ମନଇଚ୍ଛାରେ ଅତ୍ୟଧିକ ଲାଭବାନ୍ ହୋଇ ପାରିବେ ନାହିଁ । ସରକାରଙ୍କ ତରଫରୁ ଏପରି ଗୋଦାମ ବସିଲେ ସମ୍ମିଳନୀ ଅବଶ୍ୟ ସେଥିରେ ସହଯୋଗିତା ପ୍ରକାଶ କରିବେ ସନ୍ଦେହ ନାହିଁ । ଏହା ଛଡ଼ା ସମ୍ମିଳନୀ ପକ୍ଷରୁ ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା କିମ୍ବା ଅନ୍ୟ ଉପାୟରେ ସ୍ଥାନୀୟ ମହାଜନମାନଙ୍କୁ ଅନୁରୋଧ କରାଯାଉ ଯେ ସେମାନେ ବେପାରୀମାନଙ୍କୁ ଧାନ ଚାଉଳ ଶ୍ରମଜୀବୀ କିଣିଖିଆ ନିକଟବର୍ତ୍ତୀ ଲୋକଙ୍କୁ ଟିକିଏ କୋହଳ ଦରରେ ବିକନ୍ତୁ ।

ଏ ପ୍ରସଙ୍ଗରେ ଦେଶର ସ୍ୱାସ୍ଥ୍ୟ ଦିନକୁଦିନ ଯେ କିପରି ନଷ୍ଟ ହେଉଅଛି ତାହା ବିଚାରକରିବା ଆବଶ୍ୟକ । ଅନ୍ନରୁ ରୋଗ ଆକାଶରୁ ମହର୍ଗ । ପଲ୍ଲିର ଲୋକ-ସାଧାରଣଙ୍କ ମଧ୍ୟରେ ଅଧିକାଂଶସ୍ଥଳେ ଖାଦ୍ୟାଭାବ ସ୍ୱାସ୍ଥ୍ୟଭଙ୍ଗ ଏବଂ ଦୁର୍ବଳତାର କାରଣ । ଏହାଛଡ଼ା ଅନ୍ୟାନ୍ୟ କାରଣ ମଧ୍ୟ ଅଛି । ଗ୍ରାମମାନଙ୍କରେ ପାଣିର ଅଭାବ, ଏପରିକି କୌଣସି କୌଣସି ଗ୍ରାମରେ ଗାଧୋଇବାକୁ ମଧ୍ୟ ବର୍ଷର କେତେକମାସ ପାଣି ମିଳେନାହିଁ । ସ୍ୱାସ୍ଥ୍ୟ ରକ୍ଷାର ନିୟମ ନ ଜାଣି ଲୋକେ ଘର ଏବଂ ଗ୍ରାମର ଅବସ୍ଥା ଏପରି କରିଥାନ୍ତି ଯେ ଗ୍ରାମର ଚତୁର୍ଦ୍ଦିଗରେ ରୋଗର ବୀଜ ଏପରି ବୁଣା ହୋଇଥାଏ । ସର୍ବାପେକ୍ଷା ଅଧିକ ପରିତାପର ବିଷୟ ଯେ ଚିକିତ୍ସାର କୌଣସି ପ୍ରକାରେ ବ୍ୟବସ୍ଥା ନାହିଁ । ଭାଗ୍ୟ ଆଦରି ଲୋକେ ରୋଗର ଯନ୍ତ୍ରଣା ଭୋଗନ୍ତି । ପରମାୟୁ ଥିଲେ କେବଳ ବଞ୍ଚନ୍ତି । ସରକାର ବା ଜିଲାବୋର୍ଡ଼ ଡାକ୍ତରୀ ଚିକିତ୍ସାକୁ ସାହାଯ୍ୟ କରିଥାନ୍ତି ମାତ୍ର ଲୋକସଂଖ୍ୟା ଦୃଷ୍ଟିରେ କେତେଜଣ ଡାକ୍ତର କେତେଟା ବା ଡାକ୍ତରଖାନା ? ପୁଣି ଡାକ୍ତରୀ ଚିକିତ୍ସା ଯେପରି ବ୍ୟୟସାଧ୍ୟ ଏବଂ ଡାକ୍ତର ଏ ଦେଶରେ ଯେପରି ଦୁର୍ଲ୍ଲଭ, ଦରିଦ୍ର ପଲ୍ଲିବାସୀ ଓଡ଼ିଆଙ୍କ ନିମନ୍ତେ ସେ ଚିକିତ୍ସା କେବେ ହେଲେ ଉପଯୁକ୍ତ ହେବନାହିଁ । ପଲ୍ଲିରେ ଶୀଘ୍ର ଚିକିତ୍ସାର କିଛି ବନ୍ଦୋବସ୍ତ ନ ହେଲେ କେତେକ ବର୍ଷ ମଧ୍ୟରେ ଅନେକ ଗ୍ରାମ ଜନଶୂନ୍ୟ ହୋଇଯିବା ବିଚିତ୍ର ନୁହେ । ଦେଶୀୟ କବିରାଜି ଚିକିତ୍ସାର ପୁନରୁଦ୍ଧାର ଅତୀବ ପ୍ରୟୋଜନ । ପୁରୀ ନୂତନ ସଂସ୍କୃତ କଲେଜରେ କବିରାଜି ଶିକ୍ଷାର ବ୍ୟବସ୍ଥା ହୋଇଅଛି । ଏହି କଟକ ସହରରେ ଏ ସମ୍ବନ୍ଧେ କେତେକ ସୁହୃଦୟ ବ୍ୟକ୍ତି ଉଦ୍ୟମ କରୁଅଛନ୍ତି, ତାହା ପ୍ରଶଂସନୀୟ । ଅନ୍ୟାନ୍ୟ କୌଣସି କୌଣସି ସ୍ଥାନରେ ମଧ୍ୟ ଆୟୁର୍ବେଦ ବିଦ୍ୟାଳୟ ଅଛି; ମାତ୍ର ଏ ସବୁର ସଂଖ୍ୟା ପ୍ରୟୋଜନ ଅନୁରୂପ ନୁହେଁ । ଶିକ୍ଷାମଧ୍ୟ ସେପରି ଉତ୍କୃଷ୍ଟ ପ୍ରଣାଳୀରେ ଦିଆଯାଏ

ନାହିଁ। ପୁସ୍ତକ ଶିକ୍ଷା ସଙ୍ଗେ ସଙ୍ଗେ ଔଷଧାଦିର ପ୍ରୟୋଗରେ ଅଭ୍ୟାସ ଲାଭ କରିବା ଲାଗି ବ୍ୟବସ୍ଥା ନାହିଁ। କବିରାଜ ଚିକିତ୍ସାର ପ୍ରୟୋଜନୀୟତା ଦୃଷ୍ଟିରେ ସରକାର ଏହାର ବିସ୍ତାର ନିମନ୍ତେ ସାହାଯ୍ୟ କରିବା ଉଚିତ। ଅନ୍ତତଃପକ୍ଷେ ଜିଲା ବୋର୍ଡ଼ ଏବଂ ମ୍ୟୁନିସପାଲିଟିମାନେ ନିଜ ନିଜ ଇଲାକା ମଧ୍ୟରେ ଏ ପ୍ରକାର ଚିକିତ୍ସା ଲାଗି ବାର୍ଷିକ କିଛି ବ୍ୟୟ ନିରୂପଣ କରିବା ଅତ୍ୟନ୍ତ ଆବଶ୍ୟକ। ଏହାଛଡ଼ା ଯେଉଁ ସ୍ଥାନମାନଙ୍କରେ ଟୋଲ ଅଛି ସେଠାରେ କବିରାଜ ଶିକ୍ଷାର ବ୍ୟବସ୍ଥା ରହିଲେ କ୍ରମେ କବିରାଜ ସଂଖ୍ୟା ବଢ଼ନ୍ତେ। ମୋ ମତରେ ସାଧାରଣ କେତେକ ରୋଗ ନିମନ୍ତେ ଆୟୁର୍ବେଦୀୟ ଚିକିତ୍ସାର ବ୍ୟବସ୍ଥା ଖଣ୍ଡେ ଖଣ୍ଡେ କାଗଜରେ ଛପା ହୋଇ ପ୍ରତ୍ୟେକ ଗ୍ରାମକୁ ଗଲେ କିଛି ଉପକାର ମଧ୍ୟ ହୋଇ ପାରନ୍ତା। ମୋର ପୂର୍ବକଥିତ ଭାଗବତ ଘର ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ ସେହିଠାକୁ ଏ କାଗଜମାନ ପଠାଯାଇ ପାରନ୍ତା। ରୋଗ, ବ୍ୟାଧି, ଅନାହାର ପ୍ରଭୃତି ନାନା ଦୁଃଖ ଦୁର୍ଗତି ଲୋକେ ଭୋଗୁଅଛନ୍ତି ମାତ୍ର ସେମାନଙ୍କୁ କୌଣସି ପ୍ରକାରେ ଯେତେ ସାମାନ୍ୟ ହେଉ ପଛକେ ସାହାଯ୍ୟ କରିବା ଲାଗି ସେପରି କିଛି ବ୍ୟବସ୍ଥା ନାହିଁ। ଅନ୍ୟାନ୍ୟ ପ୍ରଦେଶରେ ସେବା ସମିତି ପ୍ରଭୃତି ସ୍ଥାପିତ ହୋଇ ନାନା ଭାବରେ ଜନସାଧାରଣଙ୍କର ହିତ ବିଧାନ କରୁଅଛି। ୧୯୦୭ ମସୀହାରେ କେନ୍ଦ୍ରାପଡ଼ା, ଯାଜପୁର ଦୁର୍ଭିକ୍ଷ ସାହାଯ୍ୟ କରିବା ଲାଗି ଓଡ଼ିଆ ଛାତ୍ରସମାଜ ଯେଉଁ ଦଳଗତ ଉଦ୍ୟମ କରିଥିଲେ ତାହା ଭାବିଲେ ଏବେ ସୁଦ୍ଧା ମୋ ମନରେ କମ୍ ଆହ୍ଲାଦ ଜାତ ହୁଏ ନାହିଁ। ଉତ୍କଳଯୁବକ ସମିତିର ସେହି ଉତ୍ସାହୀ ଯୁବକମାନଙ୍କ ଉଦ୍ୟମ ଆଜିଯାଏ ଅକ୍ଷୁଣ୍ଣ ଚାଲିଥିଲେ ଦେଶରେ ଏକ ସ୍ଥାୟୀ ଶକ୍ତି ହୋଇଥାନ୍ତା। ଯାହାହେଉ ଆବଶ୍ୟକ ହେଲେ ବ୍ୟକ୍ତିଗତ ଭାବରେ ବା କ୍ଷୁଦ୍ର-ଦଳବଦ୍ଧ ହୋଇ କୌଣସି କୌଣସି ସ୍ଥାନରେ କେତେକ ଯୁବକ ସମୟ ବିଶେଷରେ ସ୍ୱେଚ୍ଛାସେବକ ହୋଇ କାର୍ଯ୍ୟକରିବାର ଦେଖା ଯାଉଅଛି। ପୁରୀ, ଗଞ୍ଜାମ ଉଭୟ ଜିଲାର କୌଣସି କୌଣସି ପଲ୍ଲିରେ ଏପରି ସ୍ୱେଚ୍ଛାସେବକଦଳ ଥିବାର ମୁଁ ଜାଣେ। ସୁଖର କଥା ଏହି କଟକରେ କେତେକଯୁବକ ଅଳ୍ପଦିନ ହେଲା ଗୋଟିଏ ସେବାସମିତି ଆରମ୍ଭ କରିଛନ୍ତି। ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସମୟ ସମୟରେ ଏପରି ସମିତି ଗଠିତ ହୋଇଥାଏ। କିନ୍ତୁ ଧୈର୍ଯ୍ୟ ନୈଷ୍ଠିକତା ଏବଂ ଶୃଙ୍ଖଳାବଦ୍ଧ ସୁପରିଚାଳନ ଅଭାବରୁ ଏହାସବୁ ଅଧିକ ଦିନ ସ୍ଥାୟୀ ହୁଏ ନାହିଁ। ସମଗ୍ର ଓଡ଼ିଆ ପ୍ରଦେଶରେ ଗୋଟିଏ ବିରାଟ ସେବା ସଂଘ ଗଠିତ ହେଲେ ଏସବୁ ସ୍ଥାନୀୟ ଉଦ୍ୟମମାନ ତହିଁର ଅନ୍ତର୍ଭୁକ୍ତ ହୁଅନ୍ତା। ମହାତ୍ମାଗାନ୍ଧିଙ୍କ ଯତ୍ନରେ ଯେଉଁ ନିଖିଳ ଭାରତ ସେବା ସଂଘ ବା Social Service League ଗଠିତ ହୋଇଅଛି ଉତ୍କଳ ସେବା ସଂଘ ତହିର ଅନ୍ତର୍ଭୁକ୍ତ ହେବା ଉଚିତ। ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏପରି ସଂଘ ଗଠିତ ହୋଇଅଛି।

ଏସମୟରେ ଆମ୍ଭମାନଙ୍କର ନିଖିଳ ଭାରତୀୟ ଆନ୍ଦୋଳନରୁ ଅଲଗା ହୋଇ ରହିବା ଅଶୋଭନୀୟ ଏବଂ ହାନିଜନକ। ଏ ଶ୍ରେଣୀର ସେବା ସମିତିମାନ କାର୍ଯ୍ୟ ଶୃଙ୍ଖଳା ନିମନ୍ତେ ନିର୍ଦ୍ଦିଷ୍ଟ ସ୍ଥାନ ବିଶେଷରେ ସ୍ଥାପିତ ହେଲେ ସୁଦ୍ଧା ମାନବପ୍ରୀତି ଏ ସବୁ ଅନୁଷ୍ଠାନର ମୂଳମନ୍ତ୍ର। ମନୁଷ୍ୟକୁ କେବଳ ମନୁଷ୍ୟ ବୋଲି ଭାବି ମାନବସେବାହିଁ ଭଗବତ୍‌ସେବା ଏହି ବିଶ୍ୱାସରେ ସେବା ସମିତିର ସଭ୍ୟମାନଙ୍କୁ କାର୍ଯ୍ୟ କରିବାକୁ ହେବ। ଏଠାରେ ପ୍ରାଦେଶିକତା ବା ସାମ୍ପ୍ରଦାୟିକତା ନାହିଁ। ଦେଶର ଦୀନଦରିଦ୍ର ଜନସାଧାରଣ ଜାତିର ବା ସମାଜର ଗଣ୍ଡି, ମାତ୍ର ସେମାନଙ୍କ ମଧ୍ୟରେ ଏବଂ ସହରବାସୀ ପଦସ୍ଥ ଲୋକଙ୍କ ମଧ୍ୟରେ ଭାବର ତେତେ ଘନିଷ୍ଠତା ଏବଂ ହୃଦୟର ସେତେ ଅଭିନ୍ନ ମିଳନ ଅଛି କି ? ସେମାନଙ୍କ ମଧ୍ୟରେ ରହି ସେମାନଙ୍କ ଲାଗି କାର୍ଯ୍ୟ ନ କଲେ, ସେମାନଙ୍କ ଦୁଃଖ ଦୁର୍ଗତିରେ ସହାୟ ନ ହେଲେ ଆମ୍ଭମାନଙ୍କର ଜାତୀୟ ଜୀବନ ଗଠନର ପ୍ରୟାସ ପ୍ରତାରଣା ମାତ୍ର।

ଭାଇମାନେ ମୁ ମୋର ବକ୍ତବ୍ୟ ପ୍ରାୟ ଶେଷ କରୁଅଛି। ଜାତୀୟ ଜୀବନର ବିଭାଗ ଅନେକ, କାର୍ଯ୍ୟ ଅସୀମ। ସେ ସବୁର ବିସ୍ତୃତ ଆଲୋଚନା ଏଠାରେ ଅସମ୍ଭବ। ପୁଣି ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥାରେ ନିଷ୍ପ୍ରୟୋଜନ। ମୂଳନୀତି ଦୃଢ଼ ରଖି ଲକ୍ଷ୍ୟ ସ୍ଥିର କରି କର୍ତ୍ତବ୍ୟ-ପଥରେ ଚାଲିଲେ ସେ ସବୁ ଯଥାସମୟରେ ଏବଂ ଯଥାସ୍ଥାନରେ ଆମ୍ଭମାନଙ୍କ ସାଧନପଥରେ ପ୍ରକାଶ ପାଇବ। ତେଣୁ ମୁ ସ୍ଥୂଳରେ କେତୋଟି ମାତ୍ର ବିଷୟର ଅବତାରଣା କରିଅଛି। ସମ୍ମିଳନୀର ସ୍ୱରୂପ ନିର୍ଦ୍ଦେଶ କରିବାକୁ ପ୍ରୟାସ କରିଅଛି। ଏକ କଥାରେ ଏହା ଆମ୍ଭମାନଙ୍କର ଜାତୀୟ ଆତ୍ମାର ବିଗ୍ରହ, ଜାତୀୟ ଆକାଙ୍‌କ୍ଷାର ବିକାଶ। ଜାତୀୟ ଉନ୍ନତି ଏହାର କାର୍ଯ୍ୟ। ସାମ୍ୟ ମୈତ୍ରୀ ସ୍ୱାଧୀନତା ଏହାର ମନ୍ତ୍ର। ସ୍ୱାର୍ଥତ୍ୟାଗ ଏବଂ ଧର୍ମବିଶ୍ୱାସ ଏହାର ଭିତ୍ତି। ପୂର୍ଣ୍ଣପ୍ରାଣ ମାନବିକତା ଏହାର ଲକ୍ଷ। ଆମ୍ଭମାନଙ୍କର ଜାତୀୟ ପ୍ରବୃତ୍ତି ଏବଂ ଜାତୀୟ ଇତିହାସ ଏହି ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି କର୍ତ୍ତବ୍ୟ ଦେଖାଇ ଦେଉଅଛି। ଏ ସାଧନାପଥରେ ଆମ୍ଭମାନଙ୍କର ପ୍ରଥମ କାର୍ଯ୍ୟ ଶିକ୍ଷା ଓ ସଙ୍ଘ। ନାନା କ୍ଷେତ୍ରରେ ଏବଂ ନାନା ଉପାୟରେ ଶିକ୍ଷା ପ୍ରଚାର କରି ଜାତୀୟ ହୃଦୟରେ ନୂତନ ଭାବ ଜଗାଇବାକୁ ହେବ। ଏଥିରେ କେହି କଡ଼ଛଡ଼ା ଦେଇ ରହିଲେ ଚଳିବ ନାହିଁ। ଯେ କୌଣସି କାରଣ ଘଟୁପଛକେ ଏହି ସମ୍ମିଳନୀରୁ ଦୂରରେ ରହିବା ଉତ୍କଳସନ୍ତାନ ମାତ୍ରର ଅକର୍ତ୍ତବ୍ୟ। ଉତ୍କଳମାତା ପ୍ରତ୍ୟେକ ସନ୍ତାନଠାରୁ ତାଙ୍କର କର୍ତ୍ତବ୍ୟ ଆଶା କରନ୍ତି। କାର୍ଯ୍ୟ-କ୍ଷେତ୍ରରେ, ନାନା ଘଟନାରେ ମତାନ୍ତର ଘଟିପାରେ, ଏମନ୍ତ କି ମନାନ୍ତର ମଧ୍ୟ ଘଟିପାରେ; ତାହା ବୋଲି ମା'ଙ୍କର ଏ ପୂଜାପୀଠରୁ କେହି ଅନ୍ତର ହେଲେ ତାହା ଉତ୍କଳମାତାଙ୍କ ପକ୍ଷରେ ଦାରୁଣ କ୍ଷୋଭର ବିଷୟ ହେବ। ତୁମ୍ଭେ ଛାଡ଼ିପାର କିନ୍ତୁ

ମନେରଖ ମା ତୁମ୍ଭଙ୍କୁ ଛାଡ଼ିବେ ନାହିଁ । ନନ୍ଦିଘୋଷ ରଥ ନିଶ୍ଚୟ ଲକ୍ଷ ସ୍ଥାନକୁ ଯିବ । ବର୍ଣ୍ଣ, ଧର୍ମ, ଜାତି ଭେଦ ଭୁଲି ବ୍ୟକ୍ତିଗତ ଅହଂକାର ଅଭିମାନ ପଛକୁ ପକାଇ ଆସ ଭାଇ ସମସ୍ତେ ଏ ରଥ ଦଉଡ଼ି ଟାଣିବା ପ୍ରାଣପଣେ ।

ଆମ୍ଭମାନଙ୍କ ସମ୍ମୁଖରେ ଅସଂଖ୍ୟ କାର୍ଯ୍ୟ ରହିଅଛି । ଜୀବନର ଯେ କୌଣସି କ୍ଷେତ୍ରକୁ ଦେଖିଲେ ତାହା ବିସ୍ତୃତ ପତିତ ପ୍ରାନ୍ତର ହୋଇ ପଡ଼ିଅଛି । ଟୈଲାଶୋଧ କରିବାକୁ ହେବ, ଭୂମି ଚଷିବାକୁ ହେବ, ଖତ ଦେବାକୁ ହେବ, ପରେ ମଞ୍ଜି ବୁଣିବାକୁ ହେବ; ଏଥିରେ ପୁଣି କେତେ ବାଧା ବିପତ୍ତି ଅଛି ସେ ସବୁ ସହିବାକୁ ହେବ । ପ୍ରାଣରେ ଧୈର୍ଯ୍ୟ ଏବଂ ବିଶ୍ୱାସ ରଖି କ୍ରମାଗତ ଚାଲିବାକୁ ହେବ । ଏଥିରେ ବିଶ୍ରାମ ନାହିଁ, କର୍ମର ବିରାମ ନାହିଁ । ଜାତୀୟକାର୍ଯ୍ୟ ପଥରେ ସାଧନ ସହଜ ନୁହେଁ ।

"ଦୁର୍ଗମ ପଥ ଏ ଭଜନ ଭୟେ ଭାଜିଲେ ଯୋଗୀଜନ"

କିନ୍ତୁ ଏହା ବୋଲି ଅବିଶ୍ୱାସ, ଅବସାଦ, ନିରାଶାରେ ବିଜଡ଼ିତ ହେବାର ନୁହେ । ଭାଇ, ବହୁ ଦୂରରେ ଏହି ଯେ ନୀଳଚକ୍ର ଉପରେ ଧ୍ୱଜା ଉଡୁଅଛି ତାହାରି ଉପରେ ଲୟ ରଖି ଚାଲିବାକୁ ହେବ । ପଥ ଅନେକ ସ୍ଥଳେ ଦୁସ୍ତର ଏବଂ ଦୁର୍ଗମ ।

"ଗଲେ ପଛେ ଯାଉ ଜୀବ ଯାହା ହେବ ଦେଖାଯିବ"

ଏହି ପଣ କରିବାକୁ ହେବ । ଏ ଦୁସ୍ତର କର୍ମ ପଥରେ କେତେ କର୍ମୀଙ୍କୁ ଜୀବନ ବଳି ଦେବାକୁ ହେବ । ବ୍ୟକ୍ତି ବିଶେଷର ତ୍ୟାଗରେ ଜାତୀୟଶକ୍ତି ପ୍ରତିଷ୍ଠିତ ହେବ । ଏହାହିଁ ଆମ୍ଭମାନଙ୍କର ଆତ୍ମଲାଭର ଉପାୟ । ଭୟ ନାହିଁ, ନିରାଶା ନାହିଁ । ମା ଭୈ ମା ଭୈ ନାଦରେ ଉତ୍କଳ ଜନନୀ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଅଛନ୍ତି । ବିଶ୍ୱାସ କର, ଓଡ଼ିଆ ଜାତି ନାନା ବାଧା ବିଘ୍ନ ବହୁ ଅତ୍ୟାଚାର ମଧ୍ୟରେ ଆଜି ଯେ ବର୍ତ୍ତିଅଛି ଏହା ନିରର୍ଥକ ନୁହେଁ । ମହାଭାରତର ସମସ୍ୟାରେ ଏହାର ଗୁରୁ କର୍ତ୍ତବ୍ୟ ଅଛି । ଭାରତର ସିଦ୍ଧ ସାଧକ ପ୍ରଚାରକ ମହାପୁରୁଷମାନେ ଏହି ଉତ୍କଳଭୂମିରେ ଯେଉଁ ତତ୍ତ୍ୱ ଅନୁସନ୍ଧାନ କରିଅଛନ୍ତି ତାହା ଏ ପର୍ଯ୍ୟନ୍ତ ପୂର୍ଣ୍ଣ ପ୍ରକଟିତ ହୋଇ ନାହିଁ । ଉତ୍କଳ ସନ୍ତାନ, ବର୍ତ୍ତମାନ ତୁମ୍ଭର ପ୍ରଚାରର ପାଳି ଆସିଅଛି, ସେବାର ସମୟ ଉପସ୍ଥିତ ହୋଇଅଛି, ଯାଅ ଗ୍ରାମେ ଗ୍ରାମେ, ବୁଲ ଦେଶେ ଦେଶେ, କହ ଲୋକ କାନେ କାନେ, ଉତ୍କଳର ଶୁଭ ସମାଚାର । କେତେ ସାଧୁ ସନ୍ନ୍ୟାସୀଙ୍କୁ ଏ ପୂଣ୍ୟ ଭୂମି ଯୁଗଯୁଗେ ଆକର୍ଷଣ କରିଅଛି । ବର୍ତ୍ତମାନ ଏହାର ସନ୍ତାନମାନଙ୍କର ସନ୍ନ୍ୟାସୀ ହେବାର ସମୟ ଆସିଅଛି, ପ୍ରୟୋଜନ ହୋଇଅଛି । ସନ୍ନ୍ୟାସୀର ତପସ୍ୟା ଏବଂ ସାଧନା ବିନା ଜଗତରେ କେବେ କୌଣସି ଗୁରୁ କାର୍ଯ୍ୟ ସାଧିତ ହୋଇନାହିଁ । ସନ୍ନ୍ୟାସୀର ସାଧନାରେହିଁ ଆମ୍ଭମାନଙ୍କର ଜାତିର ମୁକ୍ତି ।

## ଚତୁର୍ଦ୍ଦଶ ଅଧିବେଶନରେ ଗୃହୀତ ନିର୍ଦ୍ଧାରଣସମୂହ

**ପ୍ରଥମ ନିର୍ଦ୍ଧାରଣ :** ଦୀର୍ଘକାଳଧରି ଓ ପୃଥିବୀବ୍ୟାପୀ ଯେଉଁ ମହାସମର ଚାଲିଥିଲା ତାହାର ଅବସାନ ହୋଇଛି ଓ ସେଥିରେ ବ୍ରିଟିଶ ସାମ୍ରାଜ୍ୟ ତଥା ମିତ୍ରଶକ୍ତିମାନେ ଜୟଲାଭ କରିଥିବା ଏବଂ କ୍ଷୁଦ୍ର ଓ ଦୁର୍ବଳ ଜାତିମାନଙ୍କର ସତ୍ତ୍ୱ, ସ୍ୱାର୍ଥ ଓ ସ୍ୱାତନ୍ତ୍ୟ ରକ୍ଷା ଦ୍ୱାରା ପୃଥିବୀରେ ଶାନ୍ତି ଓ ସଭ୍ୟତା ସ୍ଥାପନ କରିଥିବାରୁ ଏହି ସମ୍ମିଳନୀ ଅକୃତ୍ରିମ ଆନନ୍ଦ ପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ – ସଭାପତି [ଗୋପବନ୍ଧୁ ଦାସ]

**ଦ୍ୱିତୀୟ ନିର୍ଦ୍ଧାରଣ :** କନଫରେନ୍‌ସର ଭୂତପୂର୍ବ ସଭାପତି ଆଠଗଡ଼ର ଭୂତପୂର୍ବ ବଦାନ୍ୟ ରାଜାବାହାଦୁର ବିଶ୍ୱନାଥ ଦେବବର୍ମା ଓ ଢେଙ୍କାନାଳର ଯୁବକ ନୃପତି ଶ୍ରୀମାନ୍ ଶୂରପ୍ରତାପ ମହୀନ୍ଦ୍ର ବାହାଦୁର ଓ ଖଲିକୋଟର ରାଜାମାତା ଶ୍ରୀମତୀ କନକମଞ୍ଜରୀ ଦେବୀ ପ୍ରମୁଖଙ୍କ ଅକାଳ ବିୟୋଗରେ ଏ ସମ୍ମିଳନୀ ଗଭୀର ଶୋକପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ – ସଭାପତି [ଗୋପବନ୍ଧୁ ଦାସ]

**ତୃତୀୟ ନିର୍ଦ୍ଧାରଣ :** ଉତ୍କଳରୁ ଛିନ୍ନ ହୋଇ ଅନ୍ୟାନ୍ୟ ପ୍ରାଦେଶିକ ଗଭର୍ଣ୍ଣମେଣ୍ଟମାନଙ୍କ ଶାସନାଧୀନରେ ଥିବା ଉତ୍କଳଭାଷୀ ଜିଲ୍ଲାମାନ ରାଜନୈତିକ ଓଡ଼ିଶା ସଙ୍ଗେ ଏକତ୍ରୀକରଣ ନିମନ୍ତେ ପୂର୍ବ ପୂର୍ବ ସମ୍ମିଳନୀମାନେ ଗଭର୍ଣ୍ଣମେଣ୍ଟରେ ବହୁବାର ଅନୁନୟ ଓ ବିନୟପୂର୍ବକ ପ୍ରାର୍ଥନା କରିଥିଲେ ହେଁ ସେଥି ସମ୍ବନ୍ଧେ ଗଭର୍ଣ୍ଣମେଣ୍ଟ କୌଣସି କାର୍ଯ୍ୟ କରି ନାହାନ୍ତି । ସୁତରାଂ ସମ୍ମିଳନୀ ଗଭୀର କ୍ଷୋଭ ପ୍ରକାଶ କରୁଅଛନ୍ତି ଓ ଏହି ସମ୍ମିଳନୀ ଦୃଢ଼ତାର ସହିତ ଗଭର୍ଣ୍ଣମେଣ୍ଟରେ ଉପରୋକ୍ତ ଏକତ୍ରୀକରଣ କାର୍ଯ୍ୟ ସମ୍ବନ୍ଧେ ଯେତେ ଶୀଘ୍ର ସମ୍ଭବ ବିହିତ ପ୍ରତିକାର କରିବା ନିମନ୍ତେ ଦୃଢ଼ ଦାବୀ ଜଣାଉ ଅଛନ୍ତି ।

ପ୍ରସ୍ତାବକ – ଶ୍ରୀ ମଧୁସୂଦନ ପାଣିଗ୍ରାହୀ
ଅନୁମୋଦକ – ଶ୍ରୀ ଜଗବନ୍ଧୁ ସିଂହ
ସମର୍ଥକ – ଶ୍ରୀ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ

**ଚତୁର୍ଥ ନିର୍ଦ୍ଧାରଣ :** ରାଜନୈତିକ ଓଡ଼ିଶାର ଓଡ଼ିଆମାନଙ୍କୁ ଓ ଅପର ପ୍ରାଦେଶିକ ଶାସନରେ ବାସ କରୁଥିବା ଓଡ଼ିଆମାନଙ୍କୁ ସମାନ ସରକାରୀ କର୍ମ, ଶିକ୍ଷା ଓ ରାଜକୀୟ ସୁବିଧାର ସୁଯୋଗ ଓ ଅଧିକାର ଦେବାପାଇଁ ଭିନ୍ନ ଭିନ୍ନ ପ୍ରାଦେଶିକ ଗଭର୍ଣ୍ଣମେଣ୍ଟଙ୍କୁ ଏ ସମ୍ମିଳନୀ ପ୍ରାର୍ଥନା କରୁଅଛି ।

ପ୍ରସ୍ତାବକ – ଶ୍ରୀ ଶଶିଭୂଷଣ ରଥ

ଅନୁମୋଦକ – ଶ୍ରୀ ଭଗବାନ ଷଡ଼ଙ୍ଗୀ

ସମର୍ଥକ – ଶ୍ରୀ ପଦ୍ମଚରଣ ପଟ୍ଟନାୟକ

**ପଞ୍ଚମ ନିର୍ଦ୍ଧାରଣ :** ଉତ୍କଳ ସମ୍ମିଳନୀର କାଉନ୍‌ସିଲ୍ ସଭା ଓ ବିଷୟ ନିର୍ଦ୍ଧାରଣ କମିଟୀ ଉଭୟଙ୍କ ଦ୍ୱାରା ଯଥାକ୍ରମେ ପ୍ରସ୍ତାବିତ ଓ ସଂଶୋଧିତ ସମ୍ମିଳନୀର ନିୟାମାବଳୀ ଗ୍ରହଣ କରାଯାଉ ।

ପ୍ରସ୍ତାବକ – ଶ୍ରୀ ଲାଲମୋହନ ପତି

× × ×

**ଷଷ୍ଠ ନିର୍ଦ୍ଧାରଣ :** ସିଂହଭୂମ ଜିଲା ଓ ମଧ୍ୟପ୍ରଦେଶସ୍ଥ ପଦ୍ମପୁର, ଚନ୍ଦ୍ରପୁର ଓ ଫୁଲଝର ଜମିଦାରୀ ମାନଙ୍କରେ ଓଡ଼ିଆ ଭାଷାକୁ କଚେରୀର ଭାଷାରେ ପରିଣତ କରିବା ଏବଂ ଏହି ପ୍ରଦେଶମାନଙ୍କରେ ଓଡ଼ିଆ ଭାଷାର ଶିକ୍ଷାବୃଦ୍ଧି କରିବା ନିତାନ୍ତ ଆବଶ୍ୟକ ଥିବା ଏହି ସମ୍ମିଳନୀ ଉପଲବ୍ଧି କରୁଥିବା ବିଷୟ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇ ଦିଆଯାଉ ।

**ସପ୍ତମ ନିର୍ଦ୍ଧାରଣ :** ନାନାଦି ଅସୁବିଧାବଶତଃ ଏହି ସମ୍ମିଳନୀ 'ଓଡ଼ିଆ' ସମ୍ବାଦପତ୍ରକୁ ଏଣିକି ସମ୍ମିଳନୀର ମୁଖପତ୍ର ସ୍ୱରୂପ ରଖିବାର ଅସୁବିଧା ବୋଧ କରୁଥିବାରୁ ଉକ୍ତ ପତ୍ରିକାର ପରିଚାଳନ ଭାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ହସ୍ତରେ ଅର୍ପଣ କରୁଅଛନ୍ତି ।

**ଅଷ୍ଟମ ନିର୍ଦ୍ଧାରଣ :** ବର୍ତ୍ତମାନ ସମୟରେ ସମସ୍ତ ଓଡ଼ିଶା ପ୍ରଦେଶରେ ଯେପରି ଦୁର୍ଭିକ୍ଷ ପଡ଼ିବାକୁ ଆରମ୍ଭ ହୋଇଅଛି, ସେଥିରେ ସମ୍ମିଳନୀ ତରଫରୁ ଓଡ଼ିଶାର ସମସ୍ତ ଜିଲାରେ ଏକ ଏକ କମିଟୀ ନିଯୁକ୍ତ କରାଯାଇ ଉକ୍ତ କମିଟୀମାନଙ୍କ ଦ୍ୱାରା ଚାନ୍ଦା ସଂଗୃହୀତ ହୋଇ ସ୍ୱେଚ୍ଛାସେବକମାନଙ୍କ ସାହାଯ୍ୟରେ ଦୁର୍ଭିକ୍ଷପୀଡ଼ିତ ଅଞ୍ଚଳମାନଙ୍କରେ ସାହାଯ୍ୟ ଦିଆଯାଉ । ମଧ୍ୟ ଗଭର୍ଣ୍ଣମେଣ୍ଟ ଓ ଡିଷ୍ଟ୍ରିକ୍ଟ ବୋର୍ଡ଼ମାନଙ୍କୁ ଅନୁରୋଧ କରାଯାଉ ଯେ ସେମାନେ ଦୁର୍ଭିକ୍ଷପୀଡ଼ିତ ଅଞ୍ଚଳମାନଙ୍କରେ ଧାନ ଓ ଖାଦ୍ୟାଦିର ଗୋଦାମ ସ୍ଥାପନ କରନ୍ତୁ ।

## ଉତ୍କଳ ସମ୍ମିଳନୀର ନିୟମାବଳୀ

**ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ :**

(୧) ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ ଓ ସର୍ବାଙ୍ଗୀନ ଉନ୍ନତି ସାଧନ ।

(୨) ସମ୍ମିଳନୀ ଓ ତଦନ୍ତର୍ଗତ ସମିତିର ସଭ୍ୟମାନଙ୍କୁ ଏହି ବ୍ରତ ଗ୍ରହଣ କରିବାକୁ ହେବ ।

**ଜିଲାସମିତି :**

(୧) ପ୍ରତ୍ୟେକ ଜିଲାରେ ଗୋଟିଏ ସମିତି ସ୍ଥାପିତ ହେବ ।

(୨) ଉକ୍ତ ସମିତିର ନାମ ଜିଲା-ସମ୍ମିଳନୀ ସମିତି ହେବ ।

(୩) ଯେ ଜିଲାର ସମିତି ସ୍ଥାପିତ ହେବ ସେହି ଜିଲାର ସ୍ଥାୟୀ ଅଧିବାସୀମାନେ ସମିତିର ସଭ୍ୟ ହୋଇପାରିବେ ।

(୪) ଜିଲାସମିତିର ସଭ୍ୟମାନେ ପ୍ରତ୍ୟେକ ବାର୍ଷିକ ୩ ଟଙ୍କା ଭେଦା ଦେବେ ।

(୫) ଜିଲାସମିତି ଜିଲାର ବିଭିନ୍ନ କେନ୍ଦ୍ରରେ ଶାଖାସମିତିମାନ ସ୍ଥାପନ କରାଇବେ ।

(୬) ଜିଲାରେ ସମ୍ମିଳନୀର ଉଦ୍ଦେଶ୍ୟ ପ୍ରଚାର ଓ ସାଧନ, ଶାଖାସମିତି ସ୍ଥାପନ, ଶାଖାସମିତିମାନଙ୍କ କାର୍ଯ୍ୟ-ପର୍ଯ୍ୟବେକ୍ଷଣ, ପ୍ରୟୋଜନସ୍ଥଳେ ଶାଖାସମିତି-ମାନଙ୍କୁ ସହାୟତା କରିବା ଜିଲାସମିତିର ପ୍ରଧାନ କାର୍ଯ୍ୟ ।

(୭) ଜିଲାର ଅଭାବ ଓ ଅଭିଯୋଗମାନ କର୍ତ୍ତୃପକ୍ଷଙ୍କ ଗୋଚରୀକରଣ ଓ ତହିଁର ପ୍ରତିକାର ଲାଭ ମଧ୍ୟ ଜିଲାସମିତିର କାର୍ଯ୍ୟ ଅଟେ ।

(୮) ଜିଲାସମିତିର କାର୍ଯ୍ୟମାନ ନିର୍ବାହ କରିବା ନିମିତ୍ତ ଗୋଟିଏ କାର୍ଯ୍ୟନିର୍ବାହିକା ସମିତି ହେବ ।

(୯) ଉକ୍ତ କାର୍ଯ୍ୟନିର୍ବାହିକା ସମିତିର ସଦସ୍ୟ ସଂଖ୍ୟା ଓ କାର୍ଯ୍ୟ ବିଭାଗ ଜିଲାସମିତି ନିରୂପଣ କରିବେ ।

ପ୍ରତିନିଧି ନିର୍ବାଚନ :

(୧୦) ଜିଲାସମିତି ସମ୍ମିଳନୀକୁ ପ୍ରତିନିଧି ନିର୍ବାଚନ କରି ପଠାଇବେ ।

(୧୧) ଅଭ୍ୟର୍ଥନା ସମିତି ପ୍ରତିନିଧି ନିୟୋଗର ନିରୂପଣ କଲାରୁ ଜିଲାସମିତି ଶାଖାସମିତିମାନଙ୍କୁ ପ୍ରତିନିଧି ନିର୍ବାଚନ କରିବା ସକାଶେ ଆହ୍ୱାନ କରିବେ ।

(୧୨) ଶାଖାସମିତିମାନ ନିରୂପିତ ଦିବସର ଦୁଇ ସପ୍ତାହ ପୂର୍ବରୁ ପ୍ରତିନିଧି ନିର୍ବାଚନ କରି ସେମାନଙ୍କର ନାମ ଅଭ୍ୟର୍ଥନା ସମିତି ପ୍ରେରିତ ଫାରମରେ ପୂରଣ କରି ଜିଲାସମିତିକୁ ପଠାଇବେ ।

(୧୩) ଶାଖାସମିତିଙ୍କ ନିର୍ବାଚିତ ପ୍ରତିନିଧି ଓ ଜିଲାସମିତି ଯେ ପ୍ରତିନିଧିମାନ ମନୋନୀତ କରିବେ ସେ ସମୁଦାୟର ତାଲିକା ଜିଲାସମିତି ଅଭ୍ୟର୍ଥନା-ସମିତିଙ୍କୁ ଯଥାସମୟରେ ଜଣାଇବେ ।

(୧୪) ଶାଖାସମିତି ସ୍ଥାପିତ ହୋଇ ନ ଥିଲେ, ଜିଲାସ୍ଥ ବିଭିନ୍ନ ସ୍ଥାନରେ ଦେଶ-ହିତୈଷୀ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କୁ ପ୍ରତିନିଧି ହେବା ସକାଶେ ଜିଲାସମିତି ଆହ୍ୱାନ କରିବେ । ଉକ୍ତ ପ୍ରକାର ଆହୂତ ବ୍ୟକ୍ତିମାନଙ୍କଠାରୁ ସମ୍ମତି ପାଇଲାରୁ ସେମାନଙ୍କ ନାମ ଅଭ୍ୟର୍ଥନା ସମିତିକୁ ଯଥାସମୟରେ ପଠାଇବେ ।

ସମ୍ମିଳନୀ ଆହ୍ୱାନ :

(୧୫) ସମ୍ମିଳନୀର ବିଷୟ ନିର୍ବାଚନ ସମିତି ସଭ୍ୟମାନଙ୍କ ସହିତ ପରାମର୍ଶ କରି ଜିଲାସମିତି ସମ୍ମିଳନୀକୁ ନିଜ ଜିଲାରେ ଅଧିବେଶନ କରିବା ସକାଶେ ଆହ୍ୱାନ କରିବେ ।

ଅଭ୍ୟର୍ଥନା ସମିତି :

(୧୬) ଜିଲାସମିତି ସମ୍ମିଳନୀକୁ ଆହ୍ୱାନ କଲାପରେ ଜିଲାର ପ୍ରଧାନ ନଗରୀରେ ଅଥବା ଅନ୍ୟକୌଣସି ସୁବିଧାଜନକ ସାଧାରଣ ସ୍ଥାନରେ ଗୋଟିଏ ସାଧାରଣ ସଭା ଆହ୍ୱାନ କରି ଗୋଟିଏ ଅଭ୍ୟର୍ଥନା ସମିତି ଗଠନ କରିବେ ।

(୧୭) ଅଭ୍ୟର୍ଥନାସମିତିର ସଭ୍ୟମାନଙ୍କ ମଧ୍ୟରେ ଜିଲାସମିତିର କାର୍ଯ୍ୟନିର୍ବାହିକା ସମିତିର ସଭ୍ୟମାନେ ରହିବେ ।

(୧୮) ଅଭ୍ୟର୍ଥନାସମିତିର ସଭ୍ୟମାନେ ପ୍ରତ୍ୟେକ ଅନ୍ୟୂନ ୧୦ ଟଙ୍କା ଭେଦା ଦେବେ । ସମ୍ମିଳନୀର ଅଧିବେଶନ ନିମିତ୍ତ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବାର ଭାର ଅଭ୍ୟର୍ଥନାସମିତି ଉପରେ ରହିବ । ଅଭ୍ୟର୍ଥନା-ସମିତି ସମ୍ମିଳନୀ ପ୍ରତିନିଧିମାନଙ୍କର ଖାଦ୍ୟ ଇତ୍ୟାଦିର ବ୍ୟୟ ବହନ କରିବେ । ବିଦେଶାଗତ ଦର୍ଶକ (ଭିଜିଟର)ମାନେ ୩ ଟଙ୍କା ଫିଜ୍ ଦେଲେ ଓ ଅନ୍ତତଃ ସମ୍ମିଳନୀର ଅଧିବେଶନର ଏକ ସପ୍ତାହ ପୂର୍ବରୁ ଅଭ୍ୟର୍ଥନାସମିତିର ସଭାପତିଙ୍କୁ ଜଣାଇଲେ ଅଭ୍ୟର୍ଥନାସମିତି ଦର୍ଶକମାନଙ୍କ ନିମନ୍ତେ ଖାଦ୍ୟାଦିର ବନ୍ଦୋବସ୍ତ କରିପାରିବେ ।

(୧୯) ସମ୍ମିଳନୀର ସଭାପତି ହେବା ନିମିତ୍ତ ଅଭ୍ୟର୍ଥନାସମିତି କେତେଗୁଡ଼ିଏ ଉପଯୁକ୍ତ ବ୍ୟକ୍ତିଙ୍କୁ ମନୋନୀତ କରି ସେମାନଙ୍କର ସମ୍ମତି ସକାଶେ ପତ୍ର ଲେଖିବେ ।

(୨୦) ସେମାନଙ୍କଠାରୁ ସମ୍ମତିପତ୍ର ପାଇଲାରୁ ସେମାନଙ୍କର ଲିଷ୍ଟ ସମସ୍ତ ଜିଲା ସମିତିଙ୍କ ନିକଟକୁ ସମ୍ମିଳନୀର ଅଧିବେଶନର ଦୁଇମାସ ପୂର୍ବରୁ ପଠାଇବେ ।

(୨୧) ଅଧିକାଂଶ ଜିଲାସମିତି ଦ୍ୱାରା ନିର୍ବାଚିତ ବ୍ୟକ୍ତି ସମ୍ମିଳନୀର ସଭାପତି ହେବେ ।

(୨୨) ଦୁଇ ବା ତତୋଽଧିକ ବ୍ୟକ୍ତି ଯଦି ସମାନସଂଖ୍ୟକ ଜିଲାସମିତି ଦ୍ୱାରା ମନୋନୀତ ହୁଅନ୍ତି ସେପରି ସ୍ଥଳେ ଉକ୍ତ ପ୍ରକାର ମନୋନୀତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯାହାଙ୍କୁ ଅଭ୍ୟର୍ଥନାସମିତି ଅନୁମୋଦନ କରିବେ ସେ ସମ୍ମିଳନୀର ସଭାପତି ହେବେ ।

(୨୩) ସଭାପତି ନିରୂପିତ ହେଲାରୁ ସଭାପତିତ୍ୱରେ ବରିତ ବ୍ୟକ୍ତିଙ୍କ ନାମ ଅଭ୍ୟର୍ଥନାସମିତି ଅନ୍ୟାନ୍ୟ ସମିତିକୁ ପଠାଇଦେବେ ।

(୨୪) ଅଭ୍ୟର୍ଥନାସମିତି ଗୋଟିଏ ସମୟ ନିରୂପଣ କରି ସେହିସମୟ ମଧ୍ୟରେ ପ୍ରତିନିଧି ନିର୍ବାଚନ କରିବାପାଇଁ ଜିଲାସମିତିମାନଙ୍କୁ ଆହ୍ୱାନ କରିବେ ।

(୨୫) ଅଭ୍ୟର୍ଥନାସମିତି ସମ୍ମିଳନୀରେ ଉପସ୍ଥିତ ଜିଲାସମିତିର ପ୍ରତିନିଧିମାନଙ୍କୁ ବିଷୟନିର୍ବାଚନ-ସମିତିକୁ ସଭ୍ୟ ନିଯୁକ୍ତ କରିବାକୁ ଅନୁରୋଧ କରିବେ ।

**ଶାଖାସମିତି**

(୧) ପ୍ରତ୍ୟେକ ସବ୍‌ଡିଭିଜନ୍, ଥାନା, ଇଉନିୟନମାନଙ୍କରେ ଶାଖାସମିତି ସ୍ଥାପନ କରାଯିବ ।

(୨) ଶାଖାସମିତି ସଭ୍ୟମାନଙ୍କ ମଧ୍ୟରୁ ଜଣେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ନିଯୁକ୍ତ ହେବେ ।

(୩) ଶାଖାସମିତିର ସଭ୍ୟମାନେ ସେମାନଙ୍କର ପ୍ରତିବେଶିମାନଙ୍କୁ ସମ୍ମିଳନୀର ଉଦ୍ଦେଶ୍ୟ, ପ୍ରୟୋଜନୀୟତା ପ୍ରଭୃତି ବୁଝାଇବେ ।

(୪) ସମିତି ଅନ୍ତର୍ଗତ ଗ୍ରାମମାନଙ୍କ ହିତକଳ୍ପେ ଗ୍ରାମବାସୀମାନଙ୍କଠାରୁ ଭେଦା ସଂଗ୍ରହ କରିବେ ।

(୫) ସଂଗୃହୀତ ଅର୍ଥଦ୍ୱାରା ଗ୍ରାମର ସ୍ୱାସ୍ଥ୍ୟୋନ୍ନତି ପ୍ରଭୃତି ହିତକର କାର୍ଯ୍ୟମାନ ସମ୍ପାଦନ କରିବେ ।

(୬) ଋଣଗ୍ରସ୍ତ କୃଷକ ଓ ଶିଳ୍ପଜୀବିମାନଙ୍କର ଉପକାରାର୍ଥେ ସମବାୟ ଋଣଦାନ ସମିତି ସ୍ଥାପନ କରିବେ ।

(୭) ନିରକ୍ଷର ଦରିଦ୍ର ଶ୍ରମଜୀବିମାନଙ୍କ ମଧ୍ୟରେ ବିନା ବ୍ୟୟରେ ଶିକ୍ଷାଦାନ୍‌ର ବ୍ୟବସ୍ଥା କରିବେ ।

(୮) ଏହି ସମସ୍ତ କାର୍ଯ୍ୟ ସମ୍ପାଦନ ନିମିତ୍ତ ଜିଲାସମିତି ଯେପରି ନିୟମ ନିର୍ଦ୍ଧାରଣ କରିବେ ସେହି ନିୟମାନୁଯାୟୀ କାର୍ଯ୍ୟ କରିବାକୁ ଶାଖାସମିତି ବାଧ ହେବେ ।

(୯) ପ୍ରୟୋଜନସ୍ଥଳେ ଶାଖାସମିତି ଜିଲାସମିତିଙ୍କ ସାହାଯ୍ୟ ଲୋଡ଼ିବେ; ଜିଲାସମିତି ମଧ୍ୟ ଉକ୍ତ ପ୍ରକାର ସାହାଯ୍ୟ ଦେବେ ।

(୧୦) ଶାଖାସମିତି ତାଙ୍କର ଆୟବ୍ୟୟ ହିସାବ ପ୍ରତିବର୍ଷ ଜିଲାସମିତିକୁ ଦେବେ । ଶାଖାସମିତିର ସଭ୍ୟମାନେ ଜିଲାସମିତିର ସଭ୍ୟ ହୋଇପାରିବେ ।

(୧୧) ଶାଖାସମିତି ଜିଲାସମିତିର ଆହ୍ୱାନମତେ ସମ୍ମିଳନୀକୁ ଯଥାସଂଖ୍ୟକ ପ୍ରତିନିଧି ନିର୍ବାଚନ କରିବେ ।

(୧୨) ଶାଖାସମିତିଙ୍କ ଦ୍ୱାରା ନିର୍ବାଚିତ ବ୍ୟକ୍ତି ଜିଲାସମିତିଙ୍କ ଦ୍ୱାରା ଅନୁମୋଦିତ ହେଲେ ଜିଲାସମିତିର ପ୍ରତିନିଧି ବୋଲି ଗଣ୍ୟ ହେବେ ।

**ସମ୍ମିଳନୀ :**

(୧) ପ୍ରତିବର୍ଷ ନିରୂପିତ ସମୟରେ ସମ୍ମିଳନୀର ଅଧିବେଶନ ହେବ ।

(୨) ପୂର୍ବବର୍ଷ ସମ୍ମିଳନୀରେ ନିର୍ଦ୍ଦିଷ୍ଟ ହୋଇଥିବା ପ୍ରାକୃତିକ ଉତ୍କଳର କୌଣସି ସ୍ଥାନରେ ସମ୍ମିଳନୀର ଅଧିବେଶନ ହେବ ।

(୩) ଦୈବାତ୍ ଯଦି ଅଧିବେଶନରେ କାଳ ବା ସ୍ଥାନ ବା ଉଭୟର ପରିବର୍ତ୍ତନ ଅନିବାର୍ଯ୍ୟ ହୁଏ, ତେବେ ସମ୍ମିଳନୀର କାଉନ୍‌ସିଲ ଅନ୍ୟ ସ୍ଥାନ ବା ସମୟ ବା ଉଭୟ ନିରୂପଣ କରିବେ ।

(୪) ଉପରୋକ୍ତ କୌଣସିପ୍ରକାର ପରିବର୍ତ୍ତନ ଅନ୍ତତଃ ଦୁଇମାସ ପୂର୍ବରୁ ସର୍ବସାଧାରଣଙ୍କୁ ଓ ଜିଲାସମିତିମାନଙ୍କୁ ଜ୍ଞାପିତ କରାହେବ ।

(୫) ଜିଲାସମିତିଙ୍କ ଦ୍ୱାରା ନିର୍ବାଚିତ ବ୍ୟକ୍ତି ଓ ଅଭ୍ୟର୍ଥନା ସମିତିର ସଭ୍ୟଙ୍କ ବ୍ୟତୀତ ଅନ୍ୟ କେହି ସମ୍ମିଳନୀର ପ୍ରତିନିଧି ହୋଇ ନ ପାରିବେ ।

(୬) ପ୍ରତିନିଧିମାନଙ୍କର ସମ୍ମିଳନୀରେ ଆଲୋଚିତ ବିଷୟରେ ଭୋଟ ଦେବାର ଅଧିକାର ରହିବ ।

(୭) କୌଣସି ପ୍ରତିନିଧିଙ୍କର ଏକରୁ ଅଧିକ ଭୋଟ ଦେବାର କ୍ଷମତା ନ ରହିବ ।

(୮) ସମ୍ମିଳନୀର ପ୍ରତିନିଧିମାନେ କୌଣସି ପ୍ରସ୍ତାବରେ ସମାନଭାବରେ ବିଭକ୍ତ ହେଲେ କେବଳ ସଭାପତି ଗୋଟିଏ ଅଧିକା ଭୋଟ ଦେଇପାରନ୍ତି ।

(୯) ଯେଉଁ ପକ୍ଷରେ ଅଧିକ ଭୋଟ ହେବ ତାହାହିଁ ସମ୍ମିଳନୀର ମତ ବୋଲି ଗ୍ରହଣ କରାଯିବ ।

(୧୦) କୌଣସି ପ୍ରତିନିଧି ପାଞ୍ଚଜଣ ପ୍ରତିନିଧିଙ୍କ ଦ୍ୱାରା ସମର୍ଥିତ ହେଲେ କୌଣସି ନିର୍ଦ୍ଧାରଣ ବିରୁଦ୍ଧେ ପ୍ରସ୍ତାବ ବା ସଂଶୋଧନ ଆଗତ କରିପାରନ୍ତି ।

(୧୧) କୌଣସି ପ୍ରତିନିଧିଙ୍କର ଉକ୍ତ ପ୍ରକାର ପ୍ରସ୍ତାବ ବା ସଂଶୋଧନ ଆଗତ କରିବାକୁ ହେଲେ ସେ ପ୍ରସ୍ତାବ ବା ସଂଶୋଧନ୍ ଲେଖି ନିଜର ସ୍ୱାକ୍ଷର ଓ ସମର୍ଥନକାରିଙ୍କ ସ୍ୱାକ୍ଷର ସହିତ ମୂଳ ପ୍ରସ୍ତାବ ଆଗତ ହେବା ୩ ଘଣ୍ଟା ପୂର୍ବରୁ ଅଭ୍ୟର୍ଥନାସମିତିର ସମ୍ପାଦକଙ୍କ ନିକଟକୁ ପଠାଇବେ ।

(୧୨) ସମ୍ପାଦକ ଉକ୍ତ ପ୍ରେରିତପତ୍ର ପାଇବାପରେ ତାହା ସମ୍ମିଳନୀର ସଭାପତିଙ୍କୁ ଦର୍ଶାଇବେ । ତାଙ୍କ ଅନୁମତି ସହ ପ୍ରସ୍ତାବକାରିଙ୍କୁ ତାଙ୍କ ପ୍ରସ୍ତାବ ଉତ୍‌ଥାପନର ସମୟ ନିରୂପଣ କରି ଜଣାଇବେ ।

(୧୩) ବିରୋଧୀୟ ପ୍ରସ୍ତାବଟି ଯଥାବିହିତ ପ୍ରସ୍ତାବିତ, ଅନୁମୋଦିତ ଓ ସମର୍ଥିତ ହେବାପରେ ପ୍ରସ୍ତାବକାରୀ ଇଚ୍ଛା କଲେ ସଭ୍ୟଙ୍କୁ ବିଭକ୍ତ କରିପାରନ୍ତି ।

(୧୪) ପ୍ରସ୍ତାବ ଉଠାଇଦେବାକୁ ହେଲେ ସଭାପତିଙ୍କ ବିନାନୁମତିରେ କେହି ଉଠାଇ ନେଇ ନ ପାରନ୍ତି ।

(୧୫) ପ୍ରତିନିଧିମାନେ ଜିଲାସମିତିଙ୍କ ପ୍ରଦତ୍ତ ପ୍ରତିନିଧି ସାର୍ଟିଫିକେଟ୍ ଦର୍ଶାଇବେ ।

(୧୬) ପ୍ରତିନିଧିମାନଙ୍କୁ ଡେଲିଗେଟ୍ ଫିଃ ପାଞ୍ଚଟଙ୍କା ଲେଖାଏଁ ଦେବାକୁ ପଡ଼ିବ । ଉକ୍ତ ଫିଃ ନ ଦେବା ପର୍ଯ୍ୟନ୍ତ କେହି ପ୍ରତିନିଧି ବୋଲି ଗଣ୍ୟ ହେବେ ନାହିଁ ।

**ଉତ୍କଳସମ୍ମିଳନୀ କାଉନ୍ସିଲ :**

(୧) ଉତ୍କଳସମ୍ମିଳନୀ କାଉନ୍ସିଲ୍ ନିମ୍ନଲିଖିତ ସଂଖ୍ୟାନୁଯାୟୀ ପ୍ରତି ଜିଲାରେ ପ୍ରତିନିଧିଙ୍କ ଦ୍ୱାରା ଗଠିତ ହେବ : କଟକ-୧୫, ଗଞ୍ଜାମ-୧୦, ବାଲେଶ୍ୱର-୮, ପୁରୀ-୧୦, ଭିଜାଗାପଟନମ-୩, ମଧ୍ୟପ୍ରଦେଶ-୩, ସମ୍ବଲପୁର-୫, ସିଂହଭୂମ-୨, ମେଦିନୀପୁର-୧, ଅନୁଗୁଳ-୧, ଗଡ଼ଜାତସମୂହ-୧୦ ।

(୨) ଉକ୍ତ କାଉନ୍ସିଲର କାର୍ଯ୍ୟାଳୟ ଉତ୍କଳର ରାଜଧାନୀ କଟକ ନଗରରେ ଅବସ୍ଥିତ ହେବ ।

(୩) ଏହି କାଉନ୍ସିଲ୍‌ର ସମ୍ପାଦକ, କୋଷାଧ୍ୟକ୍ଷ ଓ ସଭାପତି ସମ୍ମିଳନୀଦ୍ୱାରା ନିଯୁକ୍ତ ହେବ ।

(୪) ସମ୍ମିଳନୀର ପୂର୍ବ ଅଧିବେଶନର ସଭାପତିମାନେ ଇଚ୍ଛା କଲେ ଏହି କାଉନ୍ସିଲ୍‌ର ସଭ୍ୟ ହୋଇପାରିବେ ।

(୫) ବର୍ଷର ପ୍ରାରମ୍ଭ ଅର୍ଥାତ୍ ଜାନୁୟାରୀ ମାସ ମଧ୍ୟରେ ଜିଲା ସମିତିମାନ ସମ୍ମିଳନଙ୍କ ନିଯୁକ୍ତ ସମ୍ପାଦକଙ୍କ ଆହ୍ୱାନମତେ ସଦସ୍ୟ ମନୋନୀତ କରି ସେମାନଙ୍କ ନାମ ସମ୍ପାଦକଙ୍କଠାକୁ ପଠାଇବେ ।

(୬) ସଭ୍ୟ ନିଯୁକ୍ତ ହେବା ପର ସମ୍ପାଦକ କାଉନ୍ସିଲ ଆହ୍ୱାନ କରି ତହିଁର କାର୍ଯ୍ୟ ଆରମ୍ଭ କରିବେ ।

(୭) କାଉନ୍ସିଲ୍‌ର କାର୍ଯ୍ୟ –

କ. ସମ୍ମିଳନୀରେ ନିର୍ଦ୍ଧାରିତ ନିର୍ଦ୍ଧାରଣମାନଙ୍କୁ କାର୍ଯ୍ୟରେ ପରିଣତ କରିବା ।

ଖ. ପ୍ରାକୃତିକ ଉତ୍କଳ ବା ତାହାର କୌଣସି ଅଂଶ ପାଇଁ ନିର୍ଦ୍ଦିଷ୍ଟ ଆଇନ୍‌ର ପାଣ୍ଡୁଲିପି ବା ସର୍କୁଲାରମାନଙ୍କର ସମାଲୋଚନା ଓ ମତପ୍ରକାଶ କରିବା ।

ଗ. ପ୍ରାକୃତିକ ଉତ୍କଳ ବା ତାହାର କୌଣସି ଅଂଶର ଅଭାବ ଓ ଅଭିଯୋଗମାନ କର୍ତ୍ତୃପକ୍ଷଙ୍କ ନିକଟରେ ଆଗତ କରିବା ଓ ତହିଁର ପ୍ରତିକାର ଲୋଡ଼ିବା ।

ଘ. ଉତ୍କଳର ଉନ୍ନତି କଳ୍ପେ ନାନାବିଧ ସାହିତ୍ୟ ରଚନା କରିବା ଓ ତାହା ସମଗ୍ର ଉତ୍କଳରେ ପ୍ରଚାର କରିବା ଓ ଅପ୍ରକାଶିତ ପୁସ୍ତକମାନ ପ୍ରକାଶ କରିବା ।

(୮) କାଉନ୍‌ସିଲ୍, ପ୍ରୟୋଜନ ଅନୁସାରେ ସମ୍ମିଳନୀର ବିଶେଷ ଅଧିବେଶନ ଆହ୍ୱାନ କରିପାରିବେ ।

(୯) ବିଶେଷ ଅଧିବେଶନର ସ୍ଥାନ ଓ ସମୟ କାଉନ୍‌ସିଲ୍ ଦ୍ୱାରା ନିରୂପିତ ହେବ ।

(୧୦) ବିଶେଷ ଅଧିବେଶନକୁ ଆଗତ ପ୍ରତିନିଧିମାନଙ୍କୁ ଫିଃ ଦେବାକୁ ପଡ଼ିବ ନାହିଁ ।

(୧୧) ବିଶେଷ ଅଧିବେଶନର ସଭାପତି ଉପସ୍ଥିତ ପ୍ରତିନିଧିମାନଙ୍କ ମଧ୍ୟରୁ ମନୋନୀତ ହେବେ ।

(୧୨) ବିଶେଷ ଅଧିବେଶନ ଦ୍ୱାରା କାଉନ୍‌ସିଲ୍‌ର କୌଣସି ପରିବର୍ତ୍ତନ ଘଟିବ ନାହିଁ ।

(୧୩) କାଉନ୍‌ସିଲ କୋଷାଧକ୍ଷ ସମ୍ମିଳନୀକୁ ଆୟ ବ୍ୟୟ ହିସାବ ବୁଝାଇବାର ଦାୟୀ ଅଟନ୍ତି ଓ ସମ୍ପାଦକ କାର୍ଯ୍ୟ ବିବରଣୀ ବୁଝାଇବାର ଦାୟୀ ଅଟନ୍ତି ।

(୧୪) କୋଷାଧକ୍ଷଙ୍କ ହିସାବ କାଉନ୍‌ସିଲଙ୍କ ଦ୍ୱାରା ନିଯୁକ୍ତ ୫ଜଣ ସଭ୍ୟଙ୍କ ଦ୍ୱାରା ଆଲୋଚିତ ହେବ । ସଭ୍ୟମାନେ ଆଲୋଚନା କରି ତହିଁର ଗୋଟିଏ ଲିଖିତ ମନ୍ତବ୍ୟ ଦେବେ ଓ ଉକ୍ତ ମନ୍ତବ୍ୟାନୁସାରେ କୋଷାଧକ୍ଷ କାର୍ଯ୍ୟକାରକ ହେଉଥିବେ ।

(୧୫) କୋଷାଧକ୍ଷ ଉକ୍ତ ମନ୍ତବ୍ୟ ସହିତ ହିସାବକୁ ସମ୍ମିଳନୀରେ ଦାଖଲ କରିବେ ।

(୧୬) ଅଭ୍ୟର୍ଥନାସମିତିଙ୍କ ପ୍ରଦତ୍ତ ଧନାପେକ୍ଷା ଅଧିକ ଧନ କାଉନ୍‌ସିଲଙ୍କ ବ୍ୟୟ ନିମିତ୍ତ ପ୍ରୟୋଜନ ହେଲେ କାଉନ୍‌ସିଲ୍ ତହିଁର ସବିଶେଷ କାରଣ ସହିତ ଜିଲାସମିତିଙ୍କୁ ପ୍ରୟୋଜନୀୟ ଧନ ଚାହିଁବେ ଓ ଜିଲାସମିତିମାନେ ତାହା ଯୋଗାଇବେ ।

(୧୭) ଏହି ପ୍ରକାରେ ସଂଗୃହୀତ ଧନର ହିସାବ ପୃଥକ୍ ଭାବରେ କୋଷାଧକ୍ଷ ସମ୍ମିଳନୀରେ ଆଗତ କରିବେ ।

(୧୮) କାଉନ୍‌ସିଲ୍ ଜିଲାସମିତିଙ୍କ ଦ୍ୱାରା ପ୍ରାର୍ଥିତ ହେଲେ କିମ୍ବା କାଉନ୍‌ସିଲ ନିଜେ ଇଚ୍ଛା କଲେ ଜିଲାସମିତିଙ୍କ ହିସାବ ଅଡ଼ିଟ୍ କରାଇବେ ।

(୧୯) କାଉନ୍‌ସିଲ୍‌ର ସଭ୍ୟମାନେ ଅନ୍ୟୂନ ୧୦ ଟଙ୍କା ଲେଖାଏଁ ଭେଦା ଦେବେ ।

(୨୦) କାଉନ୍‌ସିଲର କେହି ସଭ୍ୟ ପଦ ତ୍ୟାଗ କଲେ ବା ମୃତ ହେଲେ ତାଙ୍କ ଜିଲ୍ଲାର ଜିଲ୍ଲାସମିତି ତାଙ୍କ ସ୍ଥାନରେ ଏକ ମାସ ମଧ୍ୟରେ ନୂତନ ପ୍ରତିନିଧି ନିଯୁକ୍ତ କରିବେ । ତାହା ନ କଲେ କାଉନ୍‌ସିଲ ନୂତନ ପ୍ରତିନିଧି ନିଯୁକ୍ତ କରିବେ ।

(୨୧) କାଉନ୍‌ସିଲ୍‌ର ଅବସ୍ଥିତିର ସମୟ ସମ୍ମିଳନୀର ଆଗାମୀ ଅଧିବେଶନ ପର୍ଯ୍ୟନ୍ତ ରହିବ ।

**ବିଷୟନିର୍ବାଚନ ସଭା :**

(୧) ଅଭ୍ୟର୍ଥନା ସମିତି ସମସ୍ତ ଜିଲ୍ଲାର ଉପସ୍ଥିତ ପ୍ରତିନିଧିମାନଙ୍କୁ ବିଷୟ-ନିର୍ବାଚନ ସଭାର ସଭ୍ୟ ନିର୍ବାଚନ କରିବାକୁ ଆହ୍ୱାନ କରିବେ ।

(୨) ପ୍ରତିନିଧିମାନେ ନିରୂପିତ ସଂଖ୍ୟକ ସଦସ୍ୟ ମନୋନୀତ କରି ଅଭ୍ୟର୍ଥନା-ସମିତିର ସମ୍ପାଦକଙ୍କୁ ଜଣାଇବେ ।

(୩) ନିମ୍ନଲିଖିତ ଜିଲ୍ଲାମାନେ ସେମାନଙ୍କ ପାର୍ଶ୍ୱଲିଖିତ ସଂଖ୍ୟକ ସଭ୍ୟ ମନୋନୀତ କରିବେ ।

କଟକ-୧୦, ଗଞ୍ଜାମ-୧୦, ପୁରୀ-୧୦, ବାଲେଶ୍ୱର-୫, ମେଦିନୀପୁର-୧, ସିଂହଭୂମ-୨, ଅନୁଗୁଳ-୧, ସମ୍ବଲପୁର-୩, ଗଡ଼ଜାତ-୩, ଭିଜଗାପଟ୍ଟମ-୧, ମଧ୍ୟପ୍ରଦେଶ-୧ ।

(୪) ସମ୍ମିଳନୀ ସଭାପତି ବିଷୟନିର୍ବାଚନ ସଭାର ସଭାପତି ହେବେ ଓ ତାଙ୍କ ଅନୁପସ୍ଥିତିରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରୁ ଏକ ଜଣଙ୍କୁ ବିଷୟ-ନିର୍ବାଚନ ସଭା ନିର୍ବାଚନ କରିବେ ।

(୫) ଅଭ୍ୟର୍ଥନାସଭାର ସମ୍ପାଦକ ଏହି ସଭାର ସମ୍ପାଦକ କାର୍ଯ୍ୟ କରିବେ ଓ ସମ୍ମିଳନୀର ଆଲୋଚନାଯୋଗ୍ୟ ପ୍ରସ୍ତାବମାନଙ୍କ ପାଣ୍ଡୁଲିପି ସଭାରେ ଆଗତ କରିବେ ।

(୬) ସଭ୍ୟମାନେ ମଧ୍ୟ ସମ୍ମିଳନୀର ଆଲୋଚନାଯୋଗ୍ୟ ପ୍ରସ୍ତାବମାନ ସଭାରେ ଆଗତ କରିପାରିବେ ।

(୭) ଆଗତ ପ୍ରସ୍ତାବମାନ ଅଧିକାଂଶ ସଭ୍ୟଙ୍କ ଦ୍ୱାରା ମନୋନୀତ ହେଲେ ସମ୍ମିଳନୀର ନିର୍ଦ୍ଧାରଣ ସ୍ୱରୂପ ସମ୍ମିଳନୀ ମଣ୍ଡପରେ ଉପସ୍ଥାପିତ ହେବ ।

(୮) ଆଗତ ନିର୍ଦ୍ଧାରଣର ଆଂଶିକ ପରିବର୍ତ୍ତନ ବା ସଂଶୋଧନର ପ୍ରସ୍ତାବ କୌଣସି ସଭ୍ୟ ଆଗତ କରିପାରିବେ ମାତ୍ର ଉକ୍ତ ପ୍ରସ୍ତାବ ଅନ୍ୟ ଏକ ଜଣ ସଭ୍ୟଙ୍କ ଦ୍ୱାରା ଅନୁମୋଦିତ ନ ହେଲେ ପ୍ରସ୍ତାବ ବୋଲି ଗଣ୍ୟ କରାଯିବ ନାହିଁ ।

(୯) ଉକ୍ତ ପ୍ରକାର ପରିବର୍ତ୍ତନ ବା ସଂଶୋଧନ ଅଧିକାଂଶ ସଭ୍ୟଙ୍କଦ୍ୱାରା ଗୃହୀତ ହେଲେ ନିର୍ଦ୍ଧାରଣ ତଦନୁଯାୟୀ ପରିବର୍ତ୍ତିତ ହେବ ।

(୧୦) ବିଷୟନିର୍ବାଚନ ସଭାଦ୍ୱାରା ଗୃହୀତ ନିର୍ଦ୍ଧାରଣଗୁଡ଼ିକ ମୁଦ୍ରିତ ହୋଇ ସମ୍ମିଳନୀର ଆରମ୍ଭରେ ପ୍ରତିନିଧିମାନଙ୍କୁ ଦିଆଯିବ ।

(୧୧) ନିର୍ଦ୍ଧାରଣମାନଙ୍କର ପ୍ରସ୍ତାବକ, ସମର୍ଥକ ଓ ଅନୁମୋଦକଙ୍କ ନାମ ବିଷୟ-ନିର୍ବାଚନ ସଭା ଦ୍ୱାରା ନିରୂପିତ ହୋଇ ନିର୍ଦ୍ଧାରଣ ନିମ୍ନରେ ସେମାନଙ୍କ ନାମ ମୁଦ୍ରିତ ହେବ ।

(୧୨) ବିଷୟନିର୍ବାଚନ, ସଭା କୌଣସି ପ୍ରୟୋଜନୀୟ ନିର୍ଦ୍ଧାରଣ ସମ୍ମିଳନୀ ମଣ୍ଡପରେ ଆଗତ କରି ନ ଥିଲେ ସମ୍ମିଳନୀରେ ଉପସ୍ଥିତ ପ୍ରତିନିଧିମାନଙ୍କ ଅନୁମତି ସହ ନୂତନ ପ୍ରସ୍ତାବ ଆଗତ କରିପାରିବେ ଓ ତାହା ଅଧିକାଂଶ ପ୍ରତିନିଧିଙ୍କ ଦ୍ୱାରା ଗୃହୀତ ହେଲେ ସମ୍ମିଳନୀର ନିର୍ଦ୍ଧାରଣ ରୂପେ ଗୃହୀତ ହେବ ।

(୧୩) ସମ୍ମିଳନୀ ମଣ୍ଡପରେ ସମସ୍ତ କାର୍ଯ୍ୟ ସଭାପତିଙ୍କ ଆଦେଶାନୁଯାୟୀ ପରିଚାଳିତ ହେବ ।

(୧୪) ସମ୍ମିଳନୀର ଏହି ନିୟମମାନ ବା ପରିବର୍ତ୍ତିତ ସଂଶୋଧିତ ନିୟମମାନ କୌଣସି ସମୟ ପରିବର୍ତ୍ତିତ ହେବାର ପ୍ରୟୋଜନ ହେଲେ ସମ୍ମିଳନୀରେ ଉପସ୍ଥିତ ପ୍ରତିନିଧିମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ପ୍ରତିନିଧି ଅନୁମୋଦନ ନ କଲେ ସମ୍ମିଳନୀର ନିୟମ ସ୍ୱରୂପ ଗୃହୀତ ହେବ ନାହିଁ ।

—

# ପଞ୍ଚଦଶ ଅଧିବେଶନ

[ଉତ୍କଳ ସମ୍ମିଳନୀ ପଞ୍ଚଦଶ ବାର୍ଷିକ ଅଧିବେଶନ ୧୯୧୯ ମସିହା ଡିସେମ୍ବର ମାସ ୨୬ ଓ ୨୭ ତାରିଖରେ (ଶୁକ୍ରବାର ଓ ଶନିବାର ଦିନ) ପୁରୀ ସହରର ରାମଚଣ୍ଡୀ ସାହିତରେ ଥିବା ଜଗନ୍ନାଥ କ୍ଲବରେ ଆୟୋଜିତ ହୋଇଥିଲା । ପୁରୀ ସହରରେ ଆୟୋଜିତ ଏହା ଥିଲା ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନ । ରାଜାରାଜୁଡ଼ାମାନେ ଏହି ସମ୍ମିଳନୀରୁ ଆପଣାକୁ ଦୂରେଇ ରଖିଥିଲେ ମଧ ପୁରୀ ସହର ଓ ଆଖପାଖ ଅଞ୍ଚଳରୁ ପ୍ରାୟ ପାଞ୍ଚ ହଜାର ଲୋକ ଏଥିରେ ଯୋଗ ଦେଇଥିଲେ । ଏଥିଲାଗି ଗଠିତ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଏମାରମଠର ମହନ୍ତ ଗଦାଧର ରାମାନୁଜ ଦାସ ଓ ସମ୍ପାଦକ ଥିଲେ ପୁରୀର ଓକିଲ ଜଗବନ୍ଧୁ ସିଂହ । ଏଥିଲାଗି ପ୍ରସ୍ତୁତ ନିମନ୍ତ୍ରଣ ପତ୍ର ସମ୍ପାଦକଙ୍କ ସ୍ୱାକ୍ଷରରେ ହିଁ ପ୍ରଚାରିତ ହୋଇଥିଲା । ବାସ୍ତବରେ ଏହି ଅଧିବେଶନରେ କର୍ତ୍ତା ଥିଲେ ପଣ୍ଡିତ ଗୋପବନ୍ଧୁ । ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ସମ୍ବଲପୁରର ଓକିଲ ଶ୍ରୀ ଚନ୍ଦ୍ରଶେଖର ବେହେରା ।]

## ପଞ୍ଚଦଶ ଅଧିବେଶନର ସଭାପତି ଚନ୍ଦ୍ରଶେଖର ବେହେରାଙ୍କ ଅଭିଭାଷଣ

### (୧) ଆତ୍ମନିବେଦନ :

ଭାଇମାନେ,

ଆଜି ଓଡ଼ିଆଜାତିର ଏହି ଜାତୀୟ ମହାଯଜ୍ଞରେ ଆପଣମାନେ ମାଦୃଶ ଅକିଞ୍ଚନ ଓ ଅଳ୍ପଜ୍ଞ ବ୍ୟକ୍ତିକୁ ପୁରୋଧାସ୍ୱରୂପ ବରଣ କରିଥିବାର କାରଣ ମୁଁ କିଛି ବୁଝି ପାରୁନାହିଁ । ମୁଁ ଏହି ଗୁରୁତ୍ୱ ବହନ ଓ ସମ୍ମାନ ଗ୍ରହଣର ସମ୍ପୂର୍ଣ୍ଣ ଅନୁପଯୁକ୍ତ ବୋଲି ନିଜେ ବୁଝିଲେ ହେଁ ମୋର ଜାତିଭାଇମାନେ ମୋ'ପ୍ରତି ବିଶେଷ ସଦାଶୟତା ପରବଶ ହୋଇ ମୋତେ ଏହି ଅପୂର୍ବ ସମ୍ମାନ ପ୍ରଦାନକରିଥିବା ଜାଣି ମୁଁ ଅନିର୍ବଚନୀୟ ଆତ୍ମପ୍ରସାଦ ଅନୁଭବ କରୁଅଛି । ମୁଁ ଆଜି ମୁକ୍ତ କଣ୍ଠରେ ସ୍ୱୀକାର ନକରି ରହି ପାରୁନାହିଁ ଯେ, ଯେଉଁମାନଙ୍କର ନିଃସ୍ୱାର୍ଥ ପ୍ରୟାସରେ ଅବହେଳିତ ମାତୃକୋଳବିଚ୍ୟୁତ ସମ୍ବଲପୁର ଜିଲ୍ଲା ତାର ହରାଇଥିବା ମାତୃଭାଷା ଫେରାଇଆଣି

ସୌନ୍ଦର୍ଯ୍ୟ ଲାଭ କରିବାକୁ ସକ୍ଷମ ହୋଇଅଛି, ସେମାନେ ହିଁ ଏହି ସମ୍ମାନର ଏକମାତ୍ର ଅଧିକାରୀ । ମୁଁ ବୋଧକରେଁ, ଆପଣମାନେ ସେମାନଙ୍କର ପୂତ ପ୍ରଯତ୍ନର ପ୍ରତିଦାନ ମୋର ପ୍ରତିନିଧିତ୍ୱରେ ପଠାଇବା ସକାଶେ ମୋତେ ଆହ୍ୱାନ କରିଅଛନ୍ତି ।

ଭାଇମାନେ,

ମୁଁ ଯେତେବେଳେ ଅଭ୍ୟର୍ଥନା ସମିତିର ସଭାପତି ମହାଶୟଙ୍କ ପ୍ରେରିତ ତାର ପାଇଲି ମୋର ମନରେ ପରସ୍ପର ବିରୋଧୀ ଦୁଇଟି ଭାବ ଯୁଗପତ୍ ଉଦିତ ହେଲା । ଏକପକ୍ଷରେ ମୁଁ ଯଦି ଭାଇମାନଙ୍କର ଆଜ୍ଞା ପାଳନ ନ କରେଁ ତେବେ ମୋର ଜାତୀୟଗର୍ବ କରିବାଟା ବ୍ୟର୍ଥହେବ, ଅନ୍ୟପକ୍ଷରେ ମୁଁ ଯଦି ଏହି ଗୁରୁତର ଭାର ବହନ କରିବାକୁ ସ୍ୱୀକାର କରେଁ, ତେବେ ମୋର ଯେ ଜ୍ଞାନ ଅଛି ତହିଁରେ କିପରି କୃତକାର୍ଯ୍ୟ ହୋଇ ପାରିବି ? ସୁତରାଂ ମୁଁ କିଛିକ୍ଷଣ କିଂକର୍ତ୍ତବ୍ୟ-ବିମୂଢ଼ ହୋଇଗଲି; କିନ୍ତୁ କିୟତ୍ କ୍ଷଣପରେ ପ୍ରକୃତିସ୍ଥ ହୋଇ ଭାବିଲି ଯେ ମୋର ଯେଉଁ ଭାଇମାନେ ମୋର ଅବସ୍ଥା ଜାଣି ସୁଦ୍ଧା ମୋତେ ଇଦୃଶ ଗୁରୁଦାୟିତ୍ୱ ଦେଉଛନ୍ତି, ସେମାନେ ଅବଶ୍ୟ ମୋର ତ୍ରୁଟି ମାର୍ଜ୍ଜନା କରିବେ ।

ଭାଇମାନେ,

ମୋର ପ୍ରଥମ ଓ ପ୍ରଧାନ ତ୍ରୁଟି ଭାଷାଜ୍ଞାନ-ଦୌର୍ବଲ୍ୟ ମୋର ଅଭିଭାଷଣରୁ ବୁଝିପାରିବେ । ମୁଁ ଏବଂ ମୋର ସହାଧ୍ୟାୟିମାନେ ପଠଦ୍ଦଶାରେ ଦ୍ୱିଭାଷା-ଶିକ୍ଷା-ସମସ୍ୟାରେ 'ନ ନୀରଂ ନ ତୀରଂ' ପ୍ରବାଦରେ ପଡ଼ିବାକୁ ବାଧ ହୋଇଥିଲୁଁ । ସିଂହଭୂମ, ମେଦିନୀପୁର, ବିଶାଖାପଟ୍ଟନ, ଫୁଲଝର, ଚନ୍ଦ୍ରପୁର, ରାୟଗଡ଼, ସାରଙ୍ଗଗଡ଼ ଅଞ୍ଚଳବାସୀ ଓଡ଼ିଆ ଭାଇମାନେ ଆଜି ଯେପରି ମର୍ମାନ୍ତିକ ଭାଷା ଜନିତ ବେଦନା ଉପଲବ୍‌ଧି କରୁଅଛନ୍ତି, ଆମ୍ଭେମାନେ ମଧ୍ୟ ସେହିପରି କଷ୍ଟ ଭୋଗରୁ ତ୍ରାହି ପାଇ ନ ଥିଲୁଁ । ଭାଷା-ବିକଳାଙ୍ଗ ହେଲେ ମାନବର ଜ୍ଞାନ କିପରି ଅପରିପକ୍ୱ ହୁଏ ତାହାତ ଆପଣମାନେ ଭଲ ରୂପେ ଜାଣନ୍ତି; ଅତଏବ ମୁଁ ବିଶ୍ୱାସ ଓ ଭରସା କରେଁ, ଆପଣମାନେ ମୋର ସର୍ବବିଧ ତ୍ରୁଟି ଉପେକ୍ଷା କରି ମୋତେ ଉତ୍ସାହିତ କରିବେ ।

**(୨) ଯୁଦ୍ଧଶାନ୍ତି :** ମୁଁ ସମ୍ମିଳନୀ ପ୍ରସଙ୍ଗରେ କିଛି କହିବା ପୂର୍ବରୁ ଅତ୍ୟନ୍ତ ଆନନ୍ଦର ସହିତ ପ୍ରକାଶ କରୁଅଛିଁ ଯେ, ସେହି ବିଶ୍ୱ-ଧ୍ୱଂସକାରୀ ଜର୍ମାନ ରଣ-ରଙ୍ଗର ଚରମ-ଯବନିକା ପତନ ହୋଇ ଯାଇଅଛି । ପ୍ରାୟ ପାଞ୍ଚବର୍ଷ କାଳ ସୁବିଶାଳ ବ୍ରିଟିଶ ସାମ୍ରାଜ୍ୟ ମହାଯୁଦ୍ଧରେ ବ୍ୟାପୃତ ହୋଇ ଧନପ୍ରାଣରେ ବିଶେଷ କ୍ଷତିଗ୍ରସ୍ତ ଓ ବ୍ୟତିବ୍ୟସ୍ତ ହୋଇଅଛି । ଯୁଦ୍ଧ ସଙ୍ଗେ ସଙ୍ଗେ ମହାର୍ଘ୍ୟ ଦୁର୍ଭିକ୍ଷ, ସମରଜ୍ୱର ଓ ମଡ଼କ ଆବିର୍ଭୂତ ହୋଇ ଲକ୍ଷ ଲକ୍ଷ ମହାପ୍ରାଣୀଙ୍କର ମର୍ତ୍ତ୍ୟ ଲୀଳା ସାଙ୍ଗ କରି ଦେଇଅଛନ୍ତି ।

ବର୍ଷାଧିକକାଳ ହେଲା ଯୁଦ୍ଧ ବନ୍ଦ ହୋଇଥିଲେହେଁ ତଦାନୁଷଙ୍ଗିକ ଉପସର୍ଗଗୁଡ଼ିକର ଉପଶମ ହୋଇନାହିଁ। ଆଜି ସୁଦ୍ଧା ଅନବସ୍ତର ବିଷମ ସମସ୍ୟା ଭାରତବ୍ୟାପୀ ହୋଇପଡ଼ିଅଛି। ବ୍ରିଟିଶ ଭାରତର ଉତ୍ତମାଙ୍ଗ ସ୍ୱରୂପ ପଞ୍ଚନଦ ପ୍ରଦେଶର ଆକସ୍ମିକ ବେଦନା ଦୂରୀଭୂତ ହୋଇ ନାହିଁ। ଖଲିଫା ପ୍ରାସଙ୍ଗିକ ସମସ୍ୟା ନେଇ ଭାରତର ନାନା ସ୍ଥାନରେ ବିମର୍ଷ ପୂର୍ଣ୍ଣମାତ୍ରାରେ ରହିଅଛି। ତତ୍ରାଚ ମହାଯୁଦ୍ଧର ଶାନ୍ତିରେ ଭାରତ ଶାନ୍ତିସୁଖ ଅନୁଭବ କରୁଅଛି। ଆମ୍ଭମାନଙ୍କର ଏହି ଓଡ଼ିଶା ସେହି ବିରାଟ ସାମ୍ରାଜ୍ୟ-ବିଗ୍ରହର ଗୋଟିଏ କ୍ଷୁଦ୍ର ଅଙ୍ଗ ହେଲେହେଁ ସାମ୍ରାଜ୍ୟ ଶରୀରର ସୁଖ ଦୁଃଖରେ ସମଯୋଗୀ ହେବା ତାପକ୍ଷରେ ସ୍ୱାଭାବିକ। ସୁଖର ବିଷୟ ଯେ ଓଡ଼ିଶା ସର୍ବତ୍ର ଶାନ୍ତିଉତ୍ସବ ସୋତ୍ସାହ ଓ ସମାନ ଭାବରେ ପ୍ରତିପାଳନ କରି, ତାହାର ଚିର ବିମଳ ରାଜଭକ୍ତିର ପରିଚୟ ପ୍ରଦାନ କରିଅଛି।

**(୩) ଓଡ଼ିଶା ଓ ଓଡ଼ିଆ :** ଆଧୁନିକ ରାଜନୈତିକ ଓଡ଼ିଶା କ୍ଷୁଦ୍ରାବୟବ ହେଲେ ହେଁ ଏହାର ପ୍ରାକୃତିକ ଅବୟବ ଦେଖିଲେ ସ୍ପଷ୍ଟ ବୁଝାଯାଏ ଯେ, ଏହା ଗୋଟିଏ ବିଶାଳ ଏବଂ ସ୍ୱତନ୍ତ୍ର ଭୂଖଣ୍ଡ। ଏହାର ନଦୀ ପର୍ବତ, ଏହାର ଉପତ୍ୟକା ଅବବାହିକା, ପ୍ରକୃତି-ଦେବୀଙ୍କର ପ୍ରଶସ୍ତ ଲୀଳାଭୂମିର ପରିଚୟ ପ୍ରଦାନ କରୁଅଛି। ଉତ୍ତରରେ ସ୍ୱଚ୍ଛନୀରା ସୁବର୍ଣ୍ଣରେଖା ଠାରୁ ଦକ୍ଷିଣରେ ପୁଣ୍ୟତୋୟା ଗୋଦାବରୀ ପର୍ଯ୍ୟନ୍ତ ଏବଂ ପଶ୍ଚିମରେ ଦଣ୍ଡକାରଣ୍ୟ ଅନ୍ତର୍ଗତ ପର୍ବତଶ୍ରେଣୀଠାରୁ ପୂର୍ବରେ ମହୋଦଧି ପର୍ଯ୍ୟନ୍ତ ବିଶାଳ ପ୍ରଦେଶ ଆଦି-ଓଡ଼ିଆ ଜାତିର କର୍ମକ୍ଷେତ୍ର ଥିଲା। କାଳକ୍ରମେ ଏହି ପ୍ରଦେଶରେ ନାନା ଜାତି ଓ ନାନା ଧର୍ମାବଲମ୍ବୀ ମନୁଷ୍ୟଗଣ ଆସି ନିଜ ନିଜ ଜୀବନ ମରଣ, ସୁଖ ଦୁଃଖ ସମସ୍ତ ସେହି ଆଦିଓଡ଼ିଆ ଜାତିର ସହିତ ସଂଶ୍ଳିଷ୍ଟ କରି ଅଛନ୍ତି। ପୃଥିବୀର କୌଣସି ଅଞ୍ଚଳର ଜାତି ଗଠନ ଉକ୍ତ ନିୟମର ବହିର୍ଭୂତ ନୁହେଁ। କାନ୍ୟକୁବ୍ଜରୁ ଆସିଥାନ୍ତୁ ବା ବଙ୍ଗଦେଶରୁ ଆସିଥାନ୍ତୁ, ମହାରାଷ୍ଟ୍ରରୁ ଆସିଥାନ୍ତୁ କି ତୈଲଙ୍ଗରୁ ଆସିଥାନ୍ତୁ, ହିନ୍ଦୁ ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ବ୍ରାହ୍ମ ଯେ କୌଣସି ଧର୍ମୀ ହେଉନ୍ତୁ କିମ୍ବା ଭାରତର ଆଦିମନିବାସୀ ବା ଆର୍ଯ୍ୟ ଜାତି ହେଉନ୍ତୁ, ଯେଉଁମାନେ ଜନ୍ମ ମରଣରେ ସୁଖ ଦୁଃଖରେ ଭାଷା ସଭ୍ୟତାରେ ଓଡ଼ିଶା ସଙ୍ଗେ ସଂପୃକ୍ତ ସେମାନେହିଁ ଓଡ଼ିଆ ବା ଉତ୍କଳୀ; ପୁଣି ସେହି ବିବର୍ଦ୍ଧିତ ଓଡ଼ିଆ ଜାତିର ବାସଭୂମିର ନାମ ଓଡ଼ିଶା ବା ଉତ୍କଳ ଦେଶ। ଏହି ସମ୍ମିଳନୀ ସେହି ସ୍ୱାଭାବିକ ଓଡ଼ିଆ ଜାତିର।

ପ୍ରାଚୀନ ଗୌରବିତ, ବିଶ୍ୱପ୍ରଖ୍ୟାତ, କଳା-କୌଶଳୀ ଉତ୍କଳୀୟମାନଙ୍କର ହୃଦୟର ପ୍ରଶସ୍ତତା ଏବଂ ବିଶ୍ୱଜନୀନ ପ୍ରେମପ୍ରବଣତାର ଜୀବନ୍ତ ମୂର୍ତ୍ତିସ୍ୱରୂପ ଜଗନ୍ନାଥ ମନ୍ଦିର ଏବଂ ଓଡ଼ିଆ କାରୁକାର୍ଯ୍ୟର ପରାକାଷ୍ଠା ଭୁବନେଶ୍ୱର ଓ କୋଣାର୍କ ମନ୍ଦିର ପ୍ରଭୃତି ଆଜି ପର୍ଯ୍ୟନ୍ତ ଓଡ଼ିଆ ଜାତିର ଅତୀତ ସଭ୍ୟତା ଓ ଉନ୍ନତିର

ମୂକସାକ୍ଷୀ ରୂପେ ବିଦ୍ୟମାନ ରହିଅଛି। ଅତୁଳ ଶୌର୍ଯ୍ୟବୀର୍ଯ୍ୟସମ୍ପନ୍ନ ଓଡ଼ିଆ-କ୍ଷାତ୍ର-ରବି, ବହୁକାଳ ହେଲା ଅସ୍ତମିତ ହୋଇ ଯାଇଥିଲେ ହେଁ ଅଦ୍ୟାପି ତାହାର ପ୍ରୋଜ୍ଜ୍ୱଳ-ଅରୁଣିମା, ଇତିହାସ ବାରୁଣୀରେ ଫୁଟି ଦିଶୁଅଛି। ନାନାଜାତି ନାନାଧର୍ମକୁ ଆଶ୍ରୟ ଦେବାର ନୈସର୍ଗିକ ପ୍ରବୃତ୍ତି ଆଜି ସୁଦ୍ଧା ଓଡ଼ିଶାର ଅନ୍ତଃକରଣରୁ ଅନ୍ତରିତ ହୋଇ ପାରିନାହିଁ। ଓଡ଼ିଆ ଜାତି ଯେ ବିଶ୍ୱକୁ ନିଜର ବୋଲି ଜ୍ଞାନ କରୁଥିଲା, ତହିଁର ନାନା ଜ୍ୱଳନ୍ତ ଦୃଷ୍ଟାନ୍ତ ଓଡ଼ିଶାର ଧର୍ମ ରାଜଧାନୀ ପୁରୀ-ଧାମରେ, ଓଡ଼ିଶାର ପଲ୍ଲୀ ପଲ୍ଲୀରେ, ଓଡ଼ିଆର ଧର୍ମଶାସ୍ତ୍ର, ପୁରାଣ ଓ ଭାଗବତ ମନ୍ଦିରରେ ଅବଧି ଅକ୍ଷୁଣ୍ଣ ରହିଅଛି। ଓଡ଼ିଆର ହୃଦୟ କସ୍ମିନ୍ କାଳରେ ନୀଚ ସ୍ୱାର୍ଥପରତା-ମଳରେ କଳୁଷିତ ହୋଇନାହିଁ। ଓଡ଼ିଆର ଏହି ସାର୍ବଜନୀନ-ମୈତ୍ରୀ ଦେଖି ଭାରତର ବିଭିନ୍ନାଞ୍ଚଳର କର୍ମଯୋଗୀ ଓ ଧର୍ମ-ଯୋଗିଗଣ ଓଡ଼ିଶାକୁ ଆସି ସ୍ୱଚ୍ଛନ୍ଦରେ ଓ ସହର୍ଷରେ ବାସ କରୁଥିଲେ।

ଭାଇମାନେ,

ଏଠାରେ ମୁଁ ଆତ୍ମକୀର୍ତ୍ତିଗାନ ବା ବିସ୍ମୃତି-ପଦବୀ ଲେହନ କରୁନାହିଁ। ସମ୍ମିଳନୀର ଅତୀତ ଷୋଳ ବର୍ଷ ଧରି କେହି କେହି ଯେ ପଚାରି ଆସୁଅଛନ୍ତି;— ''ସମ୍ମିଳନୀ କେଉଁ ମାନଙ୍କର' ? ''ଓଡ଼ିଆ କେଉଁମାନେ'' ? — ମୁଁ ସେମାନଙ୍କର ହୃଦୟରୁ ଏହି ବୃଥା ଭ୍ରାନ୍ତି ନିରାକରଣ କରିବା ସକାଶେ ଓଡ଼ିଆ ଓ ଓଡ଼ିଆ ଜାତିର ଅତୀତ କାହାଣୀର ଟିକିଏ ଆଭାସ ଜଣାଇ ଦେଲି।

**(୪) ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ :** ଅନେକ ସମୟରେ ଅନେକଙ୍କ ମୁହଁରୁ ଶୁଣିବାକୁ ମିଳେ ଯେ — 'ଉତ୍କଳ ସମ୍ମିଳନୀ' କିଛି କାର୍ଯ୍ୟ କରୁନାହିଁ। ଏହା କେବଳ ବ୍ୟକ୍ତି ବିଶେଷର ଖାମ୍ ଖିଆଲ ମାତ୍ର। ବାସ୍ତବରେ ସମ୍ମିଳନୀ ଆଜିଯାଏ ଚକ୍ଷୁକୁ ଦିଶିବା ଭଳି କାର୍ଯ୍ୟ ଦେଖାଇ ପାରି ନାହିଁ। ତେବେ ସମ୍ମିଳନୀ ଯେ ଗୋଟାଏ ଛିନ୍ନବିଚ୍ଛିନ୍ନ ଅବନତି କୂପର ନିମ୍ନତମତଳ ନିପତିତ ଜାତିକୁ ଗୋଟାଇ ଏକ ସଙ୍ଗରେ ତୋଳିବାର ପ୍ରୟାସ କରୁଅଛି, ବୋଧହୁଏ ତାହା କେହି ଅସ୍ୱୀକାର କରି ପାରିବେ ନାହିଁ। ବର୍ତ୍ତମାନ ଓଡ଼ିଆ କୃତବିଦ୍ୟ ଯୁବକଠାରୁ ନିରକ୍ଷର କୁଲି ପର୍ଯ୍ୟନ୍ତ ନିଜ ଜାତିର ଅତୀତ ବିସ୍ମୃତି ସ୍ମରଣ କରି ଉଦ୍‌ବୁଦ୍ଧ ହେଉଅଛନ୍ତି। ବିସ୍ମୃତିର ସ୍ମରଣ ଯେ ଛିନ୍ନକାଣ୍ଡ ଜାତୀୟତା ତରୁମୂଳର ନବୀନ ସରଳ ସୁନ୍ଦରକାଣ୍ଡ ଉତ୍ପାଦନରେ ପ୍ରଧାନ ସହାୟ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ। 'ଉତ୍କଳ ସମ୍ମିଳନୀ' ଭାରତର ବିଭିନ୍ନ ଅଞ୍ଚଳବାସୀ ଏକ କୋଟି ଓଡ଼ିଆ ହୃଦୟରେ ଜାତୀୟ ପ୍ରୀତିର ବୈଦ୍ୟୁତିକ ଶକ୍ତି ପ୍ରବେଶ କରି ଦେଇଅଛି। ଆଶା ହୁଏ ସେହି ଜାତୀୟ ଜାଗରଣ ଦିନେ ଏକ ବିଲୁପ୍ତ-ଗୌରବ-ଓଡ଼ିଆ ଜାତିକୁ ଜଗଜ୍ଜୀବନ-ସଂଗ୍ରାମରେ ନିୟୋଜିତ କରି ଦେବ।

ନିପତିତ ବ୍ୟକ୍ତି ଉତ୍‌ଥାନ ଲାଭ କରି ପ୍ରଧାବିତ ହେବାରେ ଯେପରି ସମୟ ଓ ସହିଷ୍ଣୁତାର ପ୍ରୟୋଜନ, ସେହିପରି ଏହି ପ୍ରତିଯୋଗିତା ଯୁଗରେ ପତିତ ଓଡ଼ିଆ ଜାତିର ଉଠିବାରେ ଧୈର୍ଯ୍ୟ ଓ ସମୟ ଆବଶ୍ୟକ । 'ଉତ୍କଳ ସମ୍ମିଳନୀ' ନିୟମିତ କାର୍ଯ୍ୟ କରୁଁ କରୁଁ, ଦିନେ ଏହି ଓଡ଼ିଆ ଜାତିକୁ ଭାରତୀୟ ଜାତିସଙ୍ଘରେ ଯେ ମିଳାଇ ନ ଦେବ, ଏହା କିଏ କହିପାରେ ? ଏଠାରେ ମୋର ଏହା କହିବା ଉଦ୍ଦେଶ୍ୟ ଯେ — ଅନେକେ ''ଉତ୍କଳ ସମ୍ମିଳନୀ''କୁ ଭାରତୀୟ ମହା-ଜାତୀୟ ପାଶରୁ ବିଚ୍ଛିନ୍ନ ବୋଲି ମନେ କରିଥାନ୍ତି ଏବଂ ସମ୍ମିଳନୀ ରାଜନୈତିକ ଆନ୍ଦୋଳନରେ ସମ୍ବନ୍ଧ ସମ୍ପର୍କ ରଖିନାହିଁ ବା ରଖିବ ନାହିଁ ବୋଲି କହିଥାନ୍ତି । ଏହା ସେମାନଙ୍କର ଭ୍ରାନ୍ତ ଧାରଣା ମାତ୍ର । କୌଣସି ମନୁଷ୍ୟ ବା କୌଣସି ଅନୁଷ୍ଠାନ ରାଜନୈତିକତାରୁ ପୃଥକ ରହି ତିଷ୍ଠି ପାରେ ନାହିଁ । ରାଜନୀତି ସହିତ ପ୍ରଜାମାନେ ହିଁ ସଂପୃକ୍ତ । ରାଷ୍ଟ୍ରୀୟ ସଂଶ୍ଳିଷ୍ଟତା ମନୁଷ୍ୟର ପ୍ରକୃତି ସୁଲଭ ଧର୍ମ ବା ଗୁଣ । ''ଉତ୍କଳ ସମ୍ମିଳନୀ'' ଯେ ରାଜନୈତିକ ସଂସ୍ରବରୁ ବିଭିନ୍ନ ବା ବିମୁକ୍ତ ହୋଇ ରହି ପାରିବ, ଏହା କଦାଚ ସମ୍ଭବପର ନୁହେଁ ।

''ଉତ୍କଳ ସମ୍ମିଳନୀ'' ପ୍ରତ୍ୟକ୍ଷ ଭାବରେ ରାଜନୀତି କ୍ଷେତ୍ରରେ ଉପସ୍ଥିତ ହୋଇ ନାହିଁ ବୋଲି ଅନେକେ ମନେ କରନ୍ତି ଯେ, ଏହା କେବଳ ଜଣ କେତେକଙ୍କର ସୁଆଙ୍ଗ ମାତ୍ର; କିନ୍ତୁ ଗତବର୍ଷ ସମ୍ମିଳନୀର ବିଶେଷ ଅଧିବେଶନ ସେହି ଅମୂଳକ ଆଶଙ୍କା ଅନେକତଃ ଦୂର କରିଅଛି । ନିରକ୍ଷର ଜନସାଧାରଣ ସୁଶିକ୍ଷିତ ନ ହେଲେ ରାଜନୀତିର ଉଦ୍ଦେଶ୍ୟ ବୁଝିବାରେ ଏକାବେଳକେ ଅକ୍ଷମ । ସୁତରାଂ ରାଷ୍ଟ୍ରୀୟ ନୀତିର ମଧୁମୟ ଫଳଭୋଗୀ କରାଇବାକୁ ହେଲେ ଜନସାଧାରଣଙ୍କୁ ପ୍ରଥମତଃ ଶିକ୍ଷିତ କରାଇବା ଉଚିତ । ସମ୍ମିଳନୀ ଓଡ଼ିଆ ଜାତିର ସେହି ସାଧାରଣ ଶିକ୍ଷା ଆଡ଼କୁ କ୍ଷୀଣ ଉଦ୍ୟମ ଲଗାଇଅଛି । ଲୋକଶିକ୍ଷା ସଙ୍ଗେ ସଙ୍ଗେ ସମୁନ୍ନତ ସୁମାର୍ଜିତ ଓ ସୁପବିତ୍ର ରାଜନୀତି ସ୍ୱତଃ ସାଧାରଣର ଅବଲମ୍ବନୀୟ ହୋଇଯିବ । ସେତେବେଳେ ରାଜା ପ୍ରଜାର, ଶାସକ ଶାସିତର ପବିତ୍ର ସ୍ନେହସମ୍ବନ୍ଧ ମହୋତ୍ସବରେ ଦେଶ ମାତି ଉଠିବ ।

**(୫) ଓଡ଼ିଶାର ଅବସ୍ଥା :** ଭାରତର ଅନ୍ୟାନ୍ୟ ଖଣ୍ଡର ତୁଳନାରେ ଓଡ଼ିଶାର ଆଧୁନିକ ଅବସ୍ଥା ଅତୀବ ଶୋଚନୀୟ । ଶିକ୍ଷା ବ୍ୟତୀତ କୌଣସି କାଳରେ କୌଣସି ଦେଶ ଉନ୍ନତି ଲାଭ କରିନାହିଁ । ଆଧୁନିକ ପାଶ୍ଚାତ୍ୟ ଶିକ୍ଷା ଧନ ସାପେକ୍ଷ । ଯେଉଁ ଦେଶର ବା ଯେଉଁ ଜାତିର ଧନବଳ ନାହିଁ, ଆଜିକାର ଯୁଗରେ ସେହି ଦେଶ ବା ସେହି ଜାତି ଉଚ୍ଚଶିକ୍ଷିତ ହେବା ସମ୍ଭାବନା ଅତି କମ୍ । ଅର୍ଥ ସମସ୍ୟା ଓଡ଼ିଶା ପ୍ରତି ବରାବର ଲାଗି ରହିଛି । ପ୍ରାଚୀନ ଓଡ଼ିଶା ଯେ ଐଶ୍ୱର୍ଯ୍ୟଶାଳୀ ହୋଇ ପାରିଥିଲା, ତହିଁର ଏକମାତ୍ର କାରଣ ହେଉଛି, ସେକାଳର ଓଡ଼ିଆମାନଙ୍କର ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ । ଏକ ସମୟରେ ଓଡ଼ିଆ ଶିଳ୍ପ ଆଗରେ ପୃଥିବୀ ପରାଜୟ ସ୍ୱୀକାର

କରିଥିଲା । ଓଡ଼ିଶାରେ ଯେତେ ଜାତି ବିଭାଗ ଦେଖାଯାଏ, ପୃଥିବୀର କୌଣସି ଅଂଶରେ ସେତେ ଦେଖାଯାଏ ନାହିଁ । ଏଥିର କାରଣ ଏହି ଯେ ଭିନ୍ନ ଭିନ୍ନ ଶିଳ୍ପକାର୍ଯ୍ୟ ବଂଶପରମ୍ପରାକ୍ରମେ କରୁଁ କରୁଁ, କାଳକ୍ରମେ ଓଡ଼ିଆମାନେ ବହୁ ଉପଜାତିରେ ପରିଣତ ହୋଇଯାଇଅଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ କୌଣସି ଦ୍ରବ୍ୟ ସାମଗ୍ରୀ ପାଇଁ ଓଡ଼ିଶାକୁ କେବେ ପରମୁଖାପେକ୍ଷୀ ହେବାକୁ ପଡ଼ି ନ ଥିଲା । ଓଡ଼ିଶାର ବଣିକଗଣ ଜଳଯାନରେ ନାନା ଦେଶ ଓ ଦ୍ୱୀପକୁ ଯାତାୟାତ କରି ଓଡ଼ିଶାର ଶିଳ୍ପଜାତ ଦ୍ରବ୍ୟର ବ୍ୟବସାୟ କରୁଥିଲେ; କିନ୍ତୁ ବହୁ ବର୍ଷ ହେଲା ପାଶ୍ଚାତ୍ୟ ଚାକଚକ୍ୟର ମୋହରେ ଲୋକଙ୍କର ରୁଚି ପରିବର୍ତ୍ତନ ସଙ୍ଗେ ସଙ୍ଗେ ଓଡ଼ିଆ ଶିଳ୍ପିକୁଳର ଦୁର୍ଗତି ଉପସ୍ଥିତ ହୋଇଅଛି । ଆଜି ବଢ଼ାଇ ସ୍ୱୀୟ ପୈତୃକ ବୃତ୍ତି ଛାଡ଼ି ହଳିଆ ହୋଇଅଛି; ତନ୍ତୀ ତନ୍ତ ଛାଡ଼ି ଚାଷୀ ହୋଇଅଛି, ବଣିକ ବାଣିଜ୍ୟ ଛାଡ଼ି ପିଆଦା ହୋଇଅଛି, କ୍ଷତ୍ରିୟ କ୍ଷାତ୍ରବୃତ୍ତି ଛାଡ଼ି ଦାସତ୍ୱ କରୁଅଛି, ବ୍ରାହ୍ମଣ ବ୍ରହ୍ମତ୍ୱ ଛାଡ଼ି ଭିକ୍ଷାଜୀବୀ ହୋଇଅଛି । ଏହି ବୃତ୍ତି ବିପର୍ଯ୍ୟୟ ଓଡ଼ିଆ ଜାତିର ଉନ୍ନତି ପଥରେ ଅନ୍ତରାୟ ହୋଇ ଉଠିଅଛି । ଏଣେ ବଂଶ ବୃଦ୍ଧି, ତେଣେ ସମାଜର ନୂତନ ନୂତନ ଅପରିମିତ ବ୍ୟୟିତାର ପ୍ରସାର, ବିଶେଷତଃ ଦାରିଦ୍ର୍ୟ ବୃଦ୍ଧିର କାରଣ ହୋଇ ପଡ଼ିଛି ।

ସାଧାରଣତଃ ଲୋକେ କୃଷିକର୍ମକୁ ସୁବିଧାଜନକ ଭାବି କୃଷିଜୀବୀ ହେଉଅଛନ୍ତି; କିନ୍ତୁ ଓଡ଼ିଶାର ପ୍ରାକୃତିକ ଅବସ୍ଥାନ କୃଷିର ଉପଯୋଗୀ ହୋଇ ରହି ନାହିଁ । ଓଡ଼ିଶାର ଅଧିକାଂଶ ଭୂମି ପ୍ରସ୍ତର ବା ପର୍ବତମୟ । ଯେଉଁ ଅଳ୍ପ ପରିମିତ ସମତଳ ଭୂମି ଅଛି, ତହିଁର କେତେକାଂଶ ଜଳଜମି ବା ବନ୍ୟାପ୍ଲାବିତ ଭୂମି । ଅବଶିଷ୍ଟାଂଶ ଭୂମିରେ କୃଷି ପାଇଁ ଜଳର ଏକାନ୍ତ ଅଭାବ । ଏହି ସବୁ କାରଣରୁ ଓଡ଼ିଶାକୁ କୃଷିପ୍ରଧାନ ଦେଶ ବୋଲି ବୋଲାଯାଇ ନ ପାରେ । ଆଦି ଓଡ଼ିଆମାନେ ତାହା ଭଲ କରି ବୁଝି ପାରିଥିଲେ ବୋଲି ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟକୁ ଓଡ଼ିଶାର ମୁଖ୍ୟ ବୃତ୍ତି ଏବଂ କୃଷିକୁ ଗୌଣବୃତ୍ତି କରିଥିଲେ ।

ଓଡ଼ିଶାର ଦୁଇ ତୃତୀୟାଂଶ ଗଡ଼ଜାତ । ନାନା ପ୍ରତିବନ୍ଧକତା ଯୋଗୁଁ ଗଡ଼ଜାତର କୃଷକଗଣ କୃଷିରୁ କିଛି ଲାଭ କରିପାରୁ ନାହାନ୍ତି । ଯେ ପର୍ଯ୍ୟନ୍ତ ଗଡ଼ଜାତମାନଙ୍କରେ ପ୍ରଚଳିତ ଶାସନନୀତିର ସଂସ୍କାର ନ ହୁଏ ଅର୍ଥାତ ଗଡ଼ଜାତୀ ପ୍ରଜାମାନଙ୍କୁ ବ୍ରିଟିଶ ପ୍ରଜା ପରି ସ୍ୱତ୍ୱ ଦିଆ ନ ହୁଏ, ସେ ପର୍ଯ୍ୟନ୍ତ ଗଡ଼ଜାତୀ କୃଷକଠାରୁ କୃଷିର ଉନ୍ନତି ଆଶା କରିବା ଆକାଶକୁସୁମ ପରି ନିରର୍ଥକ ମାତ୍ର ।

ଓଡ଼ିଶାର ଦଶପଣରୁ ଅଧିକ ଭାଗ ଦେଶୀୟ ରାଜ୍ୟମାନଙ୍କର ସାର୍ବଦୈଶିକ ପଶ୍ଚାତ୍‌ପଦତା, ଓଡ଼ିଶାର ବ୍ରିଟିଶ୍ ଶାସିତ ପ୍ରାୟ ଛଅ ପଣର ଅଗ୍ରଗତିର ପ୍ରତିବନ୍ଧକ । ସେଥିସକାଶେ ଓଡ଼ିଶାଦେଶ ବା ଓଡ଼ିଆଜାତି ଭାରତୀୟ ମହାଜାତୀୟ

ପ୍ରତିଯୋଗିତାରେ ସମକକ୍ଷ ହୋଇ ପାରୁନାହିଁ । ରାଜାମାନେ ଗଡ଼ଜାତର ସର୍ବେସର୍ବା । ସେମାନେ ଇଚ୍ଛା କଲେ ନିଜ ନିଜ ରାଜ୍ୟକୁ ଆଦର୍ଶ ସ୍ଥାନୀୟ କରି ପାରନ୍ତେ । ପ୍ରଜାପୁଞ୍ଜ ଶିକ୍ଷିତ ଓ ଉନ୍ନତ ହେଲେ ରାଜାସନ ଅଟଳ ଓ ଗୌରିବାନ୍ୱିତ ହୁଏ । ଦୁଃଖର ବିଷୟ ଯେ ଏ ଯୁଗରେ ଅଧିକାଂଶ ରାଜା ବା ରାଜପୁରୁଷଙ୍କ ଏ ସମ୍ବନ୍ଧରେ ବିପରୀତ ଧାରଣା ଦେଖାଯାଏ । ସେମାନେ ମନେ କରିଥାନ୍ତି, ପ୍ରଜାଗଣ ଶିକ୍ଷିତ ଓ ସମୃଦ୍ଧିମନ୍ତ ହେଲେ ସେମାନଙ୍କର ସର୍ବତୋମୁଖୀ ରାଜକ୍ଷମତାର ହ୍ରାସ ହେବ; କିନ୍ତୁ ଏହା ସେମାନଙ୍କର ବୁଝିବା ଭ୍ରମ । ଯେହେତୁ ଦେଖାଯାଉଅଛି ଯେ ବଡ଼ୋଦା, ମହୀଶୂର ପ୍ରଭୃତି ରାଜ୍ୟର ସୁଶିକ୍ଷିତ ରାଜାମାନେ ପ୍ରଜାସାଧାରଣଙ୍କୁ ଉନ୍ନତ କରି ସେମାନଙ୍କର ରାଜ୍ୟମାନ ବ୍ରିଟିଶଶାସିତ ଦେଶ ଅପେକ୍ଷା ଅନେକାଂଶରେ ଉପରକୁ ଟେକି ପାରିଅଛନ୍ତି । ଏଥିରେ ସେହି ରାଜାମାନଙ୍କର ଗୌରବ ବର୍ଦ୍ଧିତ ହେଉଅଛି ।

ଗଡ଼ଜାତରେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟର ସମଧିକ ସୁବିଧା ଏବଂ କଳ-କାରଖାନା ସ୍ଥାପନର ଉପଯୁକ୍ତ ଓ ପ୍ରଚୁର ଉପକରଣ ରହିଅଛି ।

ମୁଁ ଆଶାକରେଁ, ଗଡ଼ଜାତର ହର୍ତ୍ତାକର୍ତ୍ତାଗଣ ସେହି ପୁରାଣ ପ୍ରସିଦ୍ଧ ''ରାମଯୁଗ''ର ଗୌରବ କାହାଣୀ ମନେ କରିବେ ।

ଓଡ଼ିଶାର ଅନେକ କୃଷିପ୍ରଧାନ ଜମିଦାରୀ ଲାଟବନ୍ଦୀର ନିଲାମ ସୂତ୍ରରେ ହସ୍ତାନ୍ତରିତ ହୋଇ ଯାଇଅଛି । ଏହାଛଡ଼ା ବାରବାର ବନ୍ଦୋବସ୍ତ ଯୋଗୁଁ ଓଡ଼ିଆ କୃଷକକୁଳ ମୁଣ୍ଡଟେକି ପାରୁନାହାନ୍ତି । ପ୍ରାକୃତିକ ସାରର ଅଭାବ ଏବଂ ବୈଜ୍ଞାନିକ ପ୍ରଣାଳୀରେ କୃଷିକାର୍ଯ୍ୟର ଅନଭିଜ୍ଞତା ହେତୁ କୃଷିଭୂମି ଗୁଡ଼ିକ ଦିନୁଁ ଦିନ ନିର୍ବୀର୍ଯ୍ୟା ଏବଂ ନୀରସ ହୋଇ ପଡୁଅଛି । ସୁତରାଂ ଓଡ଼ିଶା ଭାଗ୍ୟରେ ଦୁର୍ଭିକ୍ଷ କ୍ରମାଗତ ଲାଗି ରହିଅଛି ।

ପ୍ରାଗୁକ୍ତ କାରଣାବଳୀରୁ ଓଡ଼ିଶା ନିର୍ଦ୍ଧନ ହୋଇ ପଡୁଅଛି । ଲୋକେ ଜୀବିକା ଅଭାବରେ କୁଲିକର୍ମରେ ଆସାମ, ବଙ୍ଗ, ବର୍ମା ପ୍ରଭୃତି ଅଞ୍ଚଳକୁ ଚାଲି ଯାଉଅଛନ୍ତି । ଅତଏବ ଓଡ଼ିଶାକୁ ଉନ୍ନତ କରିବାକୁ ହେଲେ, ଆଗେ ଯଥାମାର୍ଗରେ ପନ୍ଥା ପ୍ରଶସ୍ତ କରିବାକୁ ହେବ । ଧନ ବଢ଼ିଲେ ମନ ବଢ଼ିଥାଏ ।

''ଧନ ଅର୍ଜିଲେ ଧର୍ମ କରି ।
ଧର୍ମେ ପ୍ରାପତ ନରହରି''

ଓଡ଼ିଶା ଧନୀ ହେଲେ ଜ୍ଞାନୀହୋଇ ପାରିବ ଏବଂ ସେତେବେଳେ ରାଜନୈତିକ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ନିର୍ଦ୍ଦିଷ୍ଟ ହୋଇଯିବ ।

**(୬) ଦେଶ ମିଶ୍ରଣ :** ଭାରତ, ସୁସଭ୍ୟ ବ୍ରିଟିଶ ଜାତିର ସଂସ୍ରବରେ ଆସିଲା ଦିନରୁ ଉନ୍ନତି ପଥରେ ଅଗ୍ରସର ହେଉଅଛି; କିନ୍ତୁ ଓଡ଼ିଶା ୧୮୦୩ ମସିହାରୁ ବ୍ରିଟିଶ ଶାସନଭୁକ୍ତ ହୋଇଥିଲେହେଁ ଅତୀତ ୧୧୬ ବର୍ଷ ମଧ୍ୟରେ ତାହାର କୌଣସି ବିଶେଷ ପରିବର୍ତ୍ତନ ଦେଖାଯାଉ ନାହିଁ କାହିଁକି ? ଆମ୍ଭମାନଙ୍କର ପ୍ରତିବେଶୀ ଭାଇଗଣ ବ୍ରିଟିଶ ଶାସନରେ ବେଶ ଲାଭ କରି ନେଲେଣି, କିନ୍ତୁ ଆମ୍ଭେମାନେ ଏ ପର୍ଯ୍ୟନ୍ତ "ଯେ ତିମିରେ ସେ ତିମିରେ" ପଡ଼ି ରହିଅଛୁଁ । ଏଥିର କାରଣ ଆଉ କିଛି ନୁହେ; ଓଡ଼ିଶା ବ୍ରିଟିଶ ଶାସନକୁ ଆସି ଛିନ୍ନବିଚ୍ଛିନ୍ନ ହୋଇ ଯାଇଅଛି । ଗୋଟିଏ ଜାତି ଚାରୋଟି ପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇ ଜାତୀୟ ଜୀବନୀଶକ୍ତି ହରାଇ ବସିଅଛି । ଓଡ଼ିଶା କର-ଚରଣ-ମସ୍ତକ-ବିହୀନ କବନ୍ଧ ପରି ଯେତେଦିନ ପଡ଼ି ରହିଥିବ, ସେତେଦିନ ପର୍ଯ୍ୟନ୍ତ ତାହାର ଜାତୀୟ ଜୀବନ ପ୍ରତ୍ୟାଶା ସଙ୍କଟାପନ୍ନ । ଭାଷା, ଶିକ୍ଷା, ସଭ୍ୟତା, ସ୍ୱତ୍ୱ, ସ୍ଥାୟିତ୍ୱ କି ଗୋଟାଏ କବନ୍ଧ ପକ୍ଷରେ ଲାଭ କରିବା ସମ୍ଭବପର ? "ଉତ୍କଳ ସମ୍ମିଳନୀ" ତାହାର ଜନ୍ମାବଧି ସମସ୍ତ ଉତ୍କଳଭାଷୀ ଅଞ୍ଚଳ ଏକ ଶାସନଭୁକ୍ତ କରିବା ସକାଶେ ଗବର୍ଣ୍ଣମେଣ୍ଟଙ୍କଠାରେ କାତର ପ୍ରାର୍ଥନା କରି ଆସୁଅଛି । ଓଡ଼ିଆ ଜାତିର ଏହି ଏକମାତ୍ର ନ୍ୟାଯ୍ୟଦାବୀ ଯେତେକାଳ ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟ ପ୍ରଦାନ ନ କରିବେ ସେତେକାଳ ଓଡ଼ିଆ ଜାତିର ଉନ୍ନତି ସୁଦୂର ପରାହତ । ଆଶାର ବିଷୟ ଯେ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ଶାସନ ସଂସ୍କାରରେ ଓଡ଼ିଶା ଗୋଟିଏ ସବ୍-ପ୍ରଭିନ୍‌ସ ହେବାର ପ୍ରସ୍ତାବ ରହିଅଛି, କିନ୍ତୁ ଉକ୍ତ ମନ୍ତବ୍ୟରୁ ପ୍ରାକୃତିକ ଓଡ଼ିଶାର ଏକତ୍ରୀକରଣର କୌଣସି ସ୍ପଷ୍ଟ ଆଭାସ ଜଣା ଯାଉନାହିଁ । ବର୍ତ୍ତମାନ ସଂସ୍କାର ବିଲ୍ ଆଇନରେ ପରିଣତ ହେବାରେ ଆଉ ଅଧିକ ବିଳମ୍ବ ନାହିଁ । ଓଡ଼ିଶାର ଦେଶମିଶ୍ରଣ ପ୍ରସ୍ତାବ ପ୍ରାଦେଶିକ ଗବର୍ଣ୍ଣମେଣ୍ଟଙ୍କ ବିଚାର୍ଯ୍ୟ ବୋଲି ନିରୂପିତ ହୋଇଅଛି । ଏପରି ଅବସ୍ଥାରେ ଗଞ୍ଜାମ ଓ ଜୟପୁର ଏଜେନ୍‌ସି ଏବଂ ମେଦିନୀପୁର ଓ ମଧ୍ୟପ୍ରଦେଶ ଅନ୍ତର୍ଗତ ଓଡ଼ିଆଭାଷୀ ଅଞ୍ଚଳ ସମୂହ ପ୍ରତି କୌଣସି ସୁବିଚାରର ଆଶା ଦିଶୁନାହିଁ । ଉକ୍ତ ବିଷୟ ଭାରତ ଗବର୍ଣ୍ଣମେଣ୍ଟଙ୍କ ବିଚାର୍ଯ୍ୟ ହୋଇ ନ ରହିଲେ, ଓଡ଼ିଆ ଜାତିର ଦେଶମିଶ୍ରଣ ଗୁହାରି ଅରଣ୍ୟ-ରୋଦନରେ ପର୍ଯ୍ୟବସିତ ହେବ ବୋଲି ସନ୍ଦେହ ହେଲାଣି । କାରଣ ବିଭିନ୍ନ କାଉନ୍‌ସିଲ୍‌ମାନଙ୍କରେ ସ୍ୱଳ୍ପସଂଖ୍ୟକ ଓଡ଼ିଆ ପ୍ରତିନିଧିମାନେ ଅକୃତକାର୍ଯ୍ୟ ହେବା ଅସମ୍ଭବ ହେବନାହିଁ । ତାହା ହେଲେ ଓଡ଼ିଆ ଯେପରି ଅଛି, ସେହିପରି ରହିବାକୁ ବାଧ୍ୟ ହେବ । ଫଳତଃ ଓଡ଼ିଶା ଶାସନସଂସ୍କାରର ଫଳଭାଗୀ ହୋଇ ପାରିବ ନାହିଁ । ସୁତରାଂ ଏ ବିଷୟରେ ସମ୍ମିଳନୀର ପ୍ରାଣପଣ ଉଦ୍ୟମ କରିବା ନିତାନ୍ତ ଆବଶ୍ୟକ ।

**(୭) ଓଡ଼ିଆଭାଷା ପ୍ରଚାର :** ଯେଉଁ ଓଡ଼ିଆ ଭାଇମାନେ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗପ୍ରଦେଶରେ ରହି ଅଛନ୍ତି, ସେମାନେ ଯେ କିପରି ନିଜର

ଜାତୀୟତା ହରାଇ ନିର୍ଯ୍ୟାତିତ ହେଉଅଛନ୍ତି, ତାହା ବୁଝାଇ କହିବା ନିଷ୍ପ୍ରୟୋଜନ। ଅନ୍ୟ ପ୍ରଦେଶର କଥା ଥାଉ, ଆମ୍ଭ ନିଜ ପ୍ରଦେଶରେ ସିଂହଭୂମ ଜିଲ୍ଲାବାସୀ ଓଡ଼ିଆମାନଙ୍କୁ ମାତୃଭାଷା ପରିବର୍ତ୍ତେ ବଙ୍ଗଳା ଓ ହିନ୍ଦୀଶିକ୍ଷା ଦିଆଯାଉଅଛି। ଯେଉଁମାନଙ୍କର ମାତୃଭାଷା ଘରୋଇଭାଷା ଓଡ଼ିଆ, ସେମାନଙ୍କୁ ଅଦାଲତରେ ଓଡ଼ିଆ କହିବା ମନା ! ସମ୍ମିଳନୀ ଗବର୍ଣ୍ଣମେଣ୍ଟଙ୍କୁ କେତେ ଆବେଦନ କରି କୌଣସି ଉପକାର ପାଇନାହିଁ। ମୋହର ବିଶ୍ୱାସ ଯେ ଏ ବିଷୟରେ ଆତ୍ମନିର୍ଭରତା ଛଡ଼ା ଉପାୟାନ୍ତର ନାହିଁ। ପରୀକ୍ଷାସ୍ୱରୂପ ପ୍ରତିଷ୍ଠିତ "ସିଂହଭୂମ ଶିକ୍ଷାପାଣ୍ଠି" କିୟତ୍ ପରିମାଣରେ କୃତକାର୍ଯ୍ୟ ହୋଇଥିବାର ଦେଖାଯାଉଅଛି। ସେହି ଶିକ୍ଷାପାଣ୍ଠିକୁ ଦୃଢ଼ିଷ୍ଠ ଓ ବଳିଷ୍ଠ କରି ଅନ୍ୟାନ୍ୟ ପ୍ରଦେଶାନ୍ତର୍ଗତ ଓଡ଼ିଆ ଅଞ୍ଚଳମାନଙ୍କରେ ଦୁଇ ଏକଟି ଲେଖାଏଁ ନିମ୍ନ ପ୍ରାଥମିକ ବିଦ୍ୟାଳୟ ବସାଇବା ପ୍ରୟୋଜନ। ଶିକ୍ଷାପାଣ୍ଠିକୁ ସଂବର୍ଦ୍ଧିତ କରିବା ସକାଶେ ସ୍ଥାୟୀ ପ୍ରଚାରକ ନିଯୁକ୍ତି ବାଞ୍ଛନୀୟ। ସେହି ଅଞ୍ଚଳର ଅଦାଲତମାନଙ୍କରେ ଓଡ଼ିଆଭାଷା ପ୍ରଚଳନ କରିବା ପାଇଁ ସରକାରଙ୍କୁ ଆବେଦନ କରିବା ଉଚିତ।

**(୮) ଶିଳ୍ପ, ବାଣିଜ୍ୟ ଓ କୃଷି :** ବର୍ତ୍ତମାନ ପୃଥିବୀରେ ଶିଳ୍ପଯୁଗ ଉପସ୍ଥିତ ହୋଇଅଛି। ସାଂସାରିକ, ରାଜନୈତିକ, ସାମାଜିକ ସମସ୍ତକାର୍ଯ୍ୟରେ ଶିଳ୍ପର ପ୍ରୟୋଜନୀୟତା ପ୍ରତ୍ୟକ୍ଷୀଭୂତ ହେଉଅଛି। ଆଧୁନିକ ଯୁଦ୍ଧପ୍ରଣାଳୀ ଶିଳ୍ପବିଜ୍ଞାନର ଚରମୋନ୍ନତିର ପରିଣାମ। ଶିଳ୍ପୋନ୍ନତି ସହିତ ଜାତୀୟ ଉନ୍ନତିର ଆନୁପାତିକ ସମ୍ବନ୍ଧ ବିଦ୍ୟମାନ। ଅର୍ଥାତ୍ ଯେଉଁ ଜାତି ଶିଳ୍ପକଳାରେ ଯେ ପରିମାଣରେ କୃତକାର୍ଯ୍ୟତା ଲାଭକରି ପାରିଅଛି, ସେହିଜାତି ସେହିପରିମାଣରେ ସମୃଦ୍ଧିଶାଳୀ। ଏକସମୟରେ ଉତ୍କଳ ଶିଳ୍ପକାର୍ଯ୍ୟରେ ଅନନ୍ୟ ସାଧାରଣ ପ୍ରତିପତ୍ତି ଲାଭକରି ତାହାର 'ଉତ୍କଳ' ନାମକୁ ସାର୍ଥକ କରିଥିଲା। ଓଡ଼ିଶାରେ ଶିଳ୍ପୋନ୍ନତିର ଯେତେ ସୁବିଧା ଅଛି, ଭାରତର ଅନ୍ୟତ୍ର ତେତେ ଦେଖାଯାଏ ନାହିଁ। ଓଡ଼ିଶାର ନଦୀ, ପର୍ବତ,. ବନ, ଉପତ୍ୟକା ଶିଳ୍ପୋତ୍ପାଦନରେ ପରିପୂର୍ଣ୍ଣ। ଆମ୍ଭେମାନେ ସ୍ୱଦେଶୀୟ ସ୍ଥାୟୀ ଅସଲ ଶିଳ୍ପଜାତ ଉପକରଣମାନ ପରିହାର କରି ବିଦେଶୀୟ କ୍ଷଣଭଙ୍ଗୁର ନକଲର ମୋହରେ ଭୁଲି ଯାଇଅଛୁଁ। ଆମ୍ଭ ଦେଶୀୟ ଶିଳ୍ପିଗଣ ଉତ୍ସାହ ସାହାଯ୍ୟ-ସହାନୁଭୂତି ନ ପାଇ ଶିଳ୍ପକାର୍ଯ୍ୟ ଛାଡ଼ି ବ୍ୟବସାୟାନ୍ତର ଗ୍ରହଣ କରୁଅଛନ୍ତି। ଏଥିସକାଶେ ଓଡ଼ିଶା ଧନବାନ୍ ହୋଇ ପାରୁନାହିଁ। ଓଡ଼ିଶାର ସୁନାରି, କଂସାରି, ତନ୍ତୀ, ପାଟରା, କୋଷ୍ଟା, ବଢ଼ାଇ ଓ ଚିତ୍ରକର ପ୍ରଭୃତି ଶିଳ୍ପଜୀବୀ ଜାତିଙ୍କୁ ନ ଉଠାଇଲେ ଓଡ଼ିଶାର ଚିରସହଚର ଦୁର୍ଭିକ୍ଷ ଘୁଞ୍ଚିବ ନାହିଁ। ଆମ୍ଭଦେଶରେ ଉତ୍କୃଷ୍ଟ ଶିଳ୍ପୀ ଓ ଶିଳ୍ପୋପକରଣ ପ୍ରଚୁର ପରିମାଣରେ ଥାଉଁ ଥାଉଁ ଆମ୍ଭେମାନେ ବିଦେଶର ମୁହଁକୁ ଅନାଇଁ ରହିଅଛୁଁ।

ବିଗତ ଯୁଦ୍ଧରେ ଆମ୍ଭମାନଙ୍କର ଯେଉଁ ଅବସ୍ଥା ଘଟିଅଛି, ତାହା ଏଠାରେ କହିବା ବାହୁଲ୍ୟ ମାତ୍ର ।

ଶାସନସଂସ୍କାର ବିଲରେ ବ୍ୟବସାୟ ବିଭାଗ ମନ୍ତ୍ରିମାନଙ୍କ ହସ୍ତରେ ରହିବା ପ୍ରସ୍ତାବ ଅଛି । ଓଡ଼ିଶାରେ ଶିଳ୍ପଶିକ୍ଷା ପାଇଁ ସ୍କୁଲ ରହିବା ନିତାନ୍ତ ଆବଶ୍ୟକ । ଏ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କୁ ଦୃଢ଼ଭାବରେ ଜଣାଇବାକୁ ହେବ । ପ୍ରତି ଜିଲ୍ଲାର ସ୍ଥାନେ ସ୍ଥାନେ ସମବାୟ ସମିତି ସ୍ଥାପନକରି ଦେଶୀୟ ଶିଳ୍ପର ଉନ୍ନତି ବିଧାନ କରିବାକୁ ହେବ । ଅଧୁନା ଦେଶୀୟ ଶିଳ୍ପୋନ୍ନତିକଳ୍ପେ ଗବର୍ଣ୍ଣମେଣ୍ଟଙ୍କ ସୁଦ୍ଧା ଦୃଷ୍ଟି ଆକୃଷ୍ଟ ହୋଇଅଛି । କାରଣ ଏବେ ସରକାର ସୁଦ୍ଧା ବୁଝି ପାରିଲେଣି ଯେ ରତ୍ନପ୍ରସୂ ଭାରତବର୍ଷର ଶିଳ୍ପୋନ୍ନତି ନ କଲେ, ଭାରତ ବ୍ରିଟିଶ ସାମ୍ରାଜ୍ୟର ଗୋଟିଏ ବୋଝ ହୋଇ ପଡ଼ିବ । ଏହା ମଧ୍ୟ କହିବାକୁ ହେଉଅଛି ଯେ ଆମ୍ଭେମାନେ ସମସ୍ତ କଥାରେ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ନିର୍ଭରକରି ଉଦାସୀନ ରହିଲେ ଆଉ ଚଳିବନାହିଁ । ଆମ୍ଭମାନଙ୍କର ସନ୍ତାନଗଣଙ୍କର ଶିକ୍ଷା ଶିଳ୍ପ ବାଣିଜ୍ୟାଦି ଦିଗରେ ଅଗ୍ରସର କରାଇବାକୁ ହେବ । ଆମ୍ଭମାନଙ୍କର ଏହିପରି ପ୍ରବୃତ୍ତି ଦେଖିଲେ ଗବର୍ଣ୍ଣମେଣ୍ଟ ମଧ୍ୟ ସାହାଯ୍ୟ ନ କରି ରହି ପାରିବେ ନାହିଁ ।

ବର୍ତ୍ତମାନ କୃଷିହିଁ ଓଡ଼ିଶାର ପ୍ରଧାନ ସମ୍ବଳ ହୋଇଅଛି । ରାଜାଠାରୁ ରଙ୍କ ପର୍ଯ୍ୟନ୍ତ ସମସ୍ତେ କୃଷି କରିବାକୁ ପ୍ରୟାସୀ; କିନ୍ତୁ ଆଜିକାଲିର ଚଷା ଆଉ ଲକ୍ଷପୋଷା ହୋଇ ପାରୁନାହିଁ । ଦେଶର କୃଷକକୁଳ ନିଜ ପରିବାର ପୋଷଣରେ ଅକ୍ଷମ ହେଉଅଛନ୍ତି । ଆଧୁନିକ କୃଷିର ଅବନତିର ଅନେକ ଗୁଡ଼ିଏ କାରଣ ଦେଖାଯାଉଅଛି । ସେ ସବୁ ଗୋଟି ଗୋଟି କରି କହିବାକୁ ବର୍ତ୍ତମାନ ମୋ ପକ୍ଷରେ ସମୟ ସୁବିଧା ନାହିଁ । ଏଠାରେ ଏତିକି କହିଲେ ଯଥେଷ୍ଟ ହେବ ଯେ କୃଷକ ସନ୍ତାନମାନଙ୍କୁ ଉନ୍ନତ ପ୍ରଣାଳୀରେ କୃଷିଶିକ୍ଷା ଦେବାକୁ ହେବ । ପ୍ରତିଜିଲ୍ଲାରେ କୃଷି ସ୍କୁଲ ବସାଇବାକୁ ହେବ । ଗବର୍ଣ୍ଣମେଣ୍ଟ କେତେକ ସ୍ଥାନରେ ଆଦର୍ଶ କୃଷିକ୍ଷେତ୍ର ପ୍ରତିଷ୍ଠିତ କରିଅଛନ୍ତି ସତ୍ୟ; କିନ୍ତୁ ସେଥିରୁ ବ୍ୟୟ ହିସାବରେ ଆୟ କିଛି ହେଉନାହିଁ । ସାର, କୃଷି ଅସ୍ତ୍ରଶସ୍ତ୍ର, ବିହନ ଓ ହଳ ଅଭାବରେ କୃଷକମାନେ ଉପଯୁକ୍ତ ଭାବରେ କୃଷି କରି ପାରୁନାହାନ୍ତି । ଭାରତୀୟ କୃଷିର ପ୍ରଧାନ ଅଙ୍ଗ ଗୋବଂଶ ଦିନୁଦିନ ଧ୍ୱଂସ ପ୍ରାପ୍ତ ହେଉଅଛି । ପ୍ରତ୍ୟେକ ଗ୍ରାମରେ ଆବଶ୍ୟକତାନୁଯାୟୀ ନିଷ୍କର ଗୋଚର ଭୂମି ରଖିବାକୁ ସରକାରଙ୍କ ଦୃଷ୍ଟି ରହୁ ନାହିଁ । ପୂର୍ବକାଳର ଗୋଚର ଭୂମିଗୁଡ଼ିକ ଏପରି ଆବାଦୀ ହୋଇ ଯାଉଅଛି ଯେ ଅଧିକାଂଶ ଗ୍ରାମରେ ଗୋରୁମାନଙ୍କର ଛିଡ଼ା ହେବାକୁ ସ୍ଥାନ ନାହିଁ । ଗୋଚର୍ମ ଠିକା ଦିଆହେବାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଗୋ ମହିଷ ହତ ହେଉଅଛନ୍ତି । ବିଶେଷତଃ ଆମ୍ଭମାନଙ୍କର ଗଡ଼ଜାତର ରାଜାମାନେ ଗୋଚର୍ମ

ବ୍ୟବସାୟକୁ ରାଜକୋଷ ବୃଦ୍ଧିର ଗୋଟିଏ ପନ୍ଥା ବୋଲି ସ୍ଥିର କରିଥିବାରୁ ଦେଶରେ ଭୟଙ୍କର ଗୋହତ୍ୟା ହେଉଅଛି । କି ହିନ୍ଦୁ, କି ମୁସଲମାନ, କି ଖ୍ରୀଷ୍ଟିଆନ କେହି କୃଷିଜାତ ଦ୍ରବ୍ୟ ନ ଖାଇ ବଞ୍ଚି ପାରନ୍ତି ନାହିଁ । ବେଳେବେଳେ ହିନ୍ଦୁ-ମୁସଲମାନ ମଧ୍ୟରେ ଯେଉଁ ମନୋମାଳିନ୍ୟ ଘଟିଥାଏ, ତାହା ଏହି ଗୋହିଂସା ଘେନି । ହିନ୍ଦୁ ମୁସଲମାନ ଆନ୍ତରିକଭାବରେ ସମ୍ମିଳିତ ନ ହେଲେ, ଭାରତବାସୀଙ୍କର ଚିରପୁଷ୍ଟ ଉଚ୍ଚାକାଂକ୍ଷା ପୂର୍ଣ୍ଣହେବା ଦୁର୍ଘଟ । ସୁତରାଂ ମୁଁ କ୍ଷମାପ୍ରାର୍ଥନା ସହ ବିନୀତଭାବରେ ଅନୁରୋଧ କରେଁ ଯେ, ମୋର ଅଭିଭାଷଣରେ ଯଦି କାହାରି ବିରାଗ ଜନ୍ମିଥାଏ, ତେବେ ତାହା ପରିହାରକରି ସମସ୍ତ ଓଡ଼ିଶାବାସୀ ଗୋବଂଶରକ୍ଷା ଓ କୃଷିର ଉନ୍ନତି ନିମନ୍ତେ ଗୋଟିଏ ସାଧାରଣ ସିଦ୍ଧାନ୍ତରେ ଉପନୀତ ହେବେ ।

**(୯) ଶିକ୍ଷା :** ଓଡ଼ିଶାର ଅବନତିର ମୂଳକାରଣ ଶିକ୍ଷାର ଅଭାବ ବା ଅସୁବିଧା । ଅନ୍ୟାନ୍ୟ ପ୍ରଦେଶରେ ଶିକ୍ଷା ପ୍ରତି ସର୍ବସାଧାରଣଙ୍କର ଯେପରି ପ୍ରାଣର ଆବେଗ ପରିଦୃଷ୍ଟ ହେଉଅଛି, ଓଡ଼ିଶା ଅବଧି ସେଥିର ବହୁ ଦୂରବର୍ତ୍ତୀ ହୋଇ ରହିଅଛି । କେହି କେହି କହି ପାରନ୍ତି, ଅନ୍ୟାନ୍ୟ ପ୍ରଦେଶର ତୁଳନାରେ ଓଡ଼ିଶାରେ ସାକ୍ଷର ଲୋକଙ୍କର ସଂଖ୍ୟା ଅଧିକ; କିନ୍ତୁ ଏହି 'ସିଦ୍ଧିରସ୍ତୁ' ପଢ଼ା ବା ଅକ୍ଷରଚିହ୍ନା ସାକ୍ଷର ବ୍ୟକ୍ତିଙ୍କ ସଂଖ୍ୟା ଘେନି ପ୍ରଦର୍ଶନୀ-ଖାତାର ଖାନା ପୂର୍ଣ୍ଣ କରା ଯାଇପାରେ । ପଲ୍ଲୀପରେ ପଲ୍ଲୀ ଗ୍ରାମପରେ ଗ୍ରାମ ବୁଲି ଦେଖନ୍ତୁ, ସେସବୁ କିପରି ଭାବରେ ରହିଅଛି । ଜନସାଧାରଣ ଶିକ୍ଷାର ଅଭାବରେ ନିଜକୁ ମନୁଷ୍ୟ ସନ୍ତାନ ବୋଲି ସୁଦ୍ଧା ବୁଝିପାରୁ ନାହାନ୍ତି । ସେମାନଙ୍କର ଯେ ଗୋଟିଏ ମନୁଷ୍ୟତା ଅଛି, ବ୍ୟକ୍ତିଗତ ସ୍ୱାଧୀନତା ଅଛି, ସେମାନେ ରାଷ୍ଟ୍ରୀୟ ଶକ୍ତିର ପ୍ରଧାନ ଅଙ୍ଗ, ସେମାନଙ୍କୁ ଘେନି ରାଜାଙ୍କର ରାଜଶକ୍ତି, ସେମାନଙ୍କର ମତରେ ରାଜଦଣ୍ଡ ପରିଚାଳିତ ହେବ, ଏ ସମସ୍ତ ସମସ୍ୟା ସେମାନଙ୍କ ମଧ୍ୟରୁ କେତେଜଣ ବୁଝି ପାରିଛନ୍ତି ? ବର୍ତ୍ତମାନ ଯେଉଁ ଶାସନ ସଂସ୍କାର ସ୍ୱାୟତ୍ତଶାସନ ବିଷୟ ନେଇ ଭାରତ ଓ ଇଂଲଣ୍ଡରେ ହୁଲସ୍ଥୂଲ ପଡ଼ି ଯାଉଛି; ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରୁ କେତେଜଣ ତାହାର ପ୍ରକୃତକଥା ବୁଝିଛନ୍ତି ? ଯେତେଦିନ ପର୍ଯ୍ୟନ୍ତ ସାଧାରଣ ଶିକ୍ଷାର ଅବସ୍ଥା ସ୍ୱଚ୍ଛଳ ନ ହେବ, ତେତେଦିନ ପର୍ଯ୍ୟନ୍ତ ସ୍ୱାୟତ୍ତଶାସନର ଲାଭ ଜନସାଧାରଣ କିଛି ପାଇ ପାରିବେ ନାହିଁ । ମୁଁ ଏତିକି କହିପାରେ ଯେ, ବର୍ତ୍ତମାନ ଶିକ୍ଷାଦିଗରେ ଲୋକଙ୍କର ଆଗ୍ରହ ଦେଖାଯାଉଅଛି । ଲୋକଙ୍କ ଉଦ୍ୟମରେ ନାନା ପ୍ରକାର ସ୍କୁଲ ସ୍ଥାପିତ ହେବାର ଦେଖାଯାଉଅଛି, କିନ୍ତୁ ଅର୍ଥ ଓ ଏକାଗ୍ରତାର ଅଭାବ ହେତୁ ଲୋକସାଧାରଣ-ପ୍ରତିଷ୍ଠିତ ଅନୁଷ୍ଠାନମାନ କୃତକାର୍ଯ୍ୟ ହୋଇ ପାରୁନାହିଁ । ପ୍ରତିବର୍ଷ ଶତଶତ ସ୍କୁଲ ପିଲାମାନଙ୍କର ଧୂଳିଘରପରି ଭଙ୍ଗାଗଢ଼ା, ଗଢ଼ାଭଙ୍ଗା ହେଉଅଛି । ଓଡ଼ିଶାରେ ସମସ୍ତ ପ୍ରକାର ସ୍କୁଲର

ସଂଖ୍ୟାମଧ ନିତାନ୍ତ ନ୍ୟୂନ ରହିଅଛି । ଯାହା ଅଛି, ତାହା ସୁଦ୍ଧା ନାନା କାରଣରୁ ଆଶାନୁରୂପ ଫଳପ୍ରସୂ ହୋଇ ପାରୁନାହିଁ । ମଧ୍ୟଶ୍ରେଣୀୟ ବିଦ୍ୟାଳୟଗୁଡ଼ିକର ନିୟମାବଳୀ ଜନସାଧାରଣଙ୍କର ଆର୍ଥିକ ଅବସ୍ଥାର ଅନୁକୂଳ ନୁହେଁ । ହାଇସ୍କୁଲର ସଂଖ୍ୟା ଓ ସେଥିର କଟକଣା ମଧ ତଦନୁରୂପ । ଶିଳ୍ପ, ବାଣିଜ୍ୟ, ଆୟୁର୍ବେଦ ଆଦି ଶିଖିବା ପାଇଁତ କ୍ଷେତ୍ର ନାହିଁ । କୋଟିଏ ଓଡ଼ିଆ ପାଇଁ ଗୋଟିଏ କଲେଜ ବିଦ୍ୟମାନ । ତାହା ସୁଦ୍ଧା ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ ।

ଶିକ୍ଷା ସଭ୍ୟତାରେ ଓଡ଼ିଆମାନଙ୍କର ପ୍ରାଚୀନ ଗୌରବ ଓ ବିଶେଷତ୍ୱ ଅଛି । ଭାଷା, ଆଚାର, ବ୍ୟବହାର ଆଦି ସମସ୍ତ ବିଷୟରେ ଓଡ଼ିଆ ଏକ ସ୍ୱତନ୍ତ୍ର ଜାତି । ଓଡ଼ିଆଜାତିର ଶିକ୍ଷା, ସେମାନଙ୍କର ଜାତୀୟ ସ୍ୱାତନ୍ତ୍ର୍ୟ ରକ୍ଷଣୋପଯୋଗୀ ହେବା ବାଞ୍ଛନୀୟ । ଅତଏବ ଓଡ଼ିଆମାନଙ୍କ ସକାଶେ ଗୋଟିଏ ପୃଥକ୍ ବିଶ୍ୱବିଦ୍ୟାଳୟ ସ୍ଥାପିତହେବା ଅତ୍ୟାବଶ୍ୟକ । ଆମ୍ଭେମାନେ ସରକାରଙ୍କଠାରୁ ଏ ବିଷୟରେ ଆଶ୍ୱାସନା ବାଣୀମାତ୍ର ପାଇଅଛୁଁ, କିନ୍ତୁ ତାହା କାର୍ଯ୍ୟରେ ପରିଣତ ହେବା ନିମନ୍ତେ କେତେଯୁଗ ଲାଗିବ, ଏହା ସେହି ଭାଗ୍ୟବିଧାତାଙ୍କୁ ଜଣା ।

ଉକ୍ତ କଳ୍ପିତ ବିଶ୍ୱବିଦ୍ୟାଳୟର ଛାତ୍ର ସଂସ୍ଥାନ ନିମନ୍ତେ ଓଡ଼ିଶାର ପ୍ରତିଜିଲାରେ ସେକେଣ୍ଡାରୀ କଲେଜ ରହିବା ଆବଶ୍ୟକ । ବଙ୍ଗଦେଶରେ ଏହି ପ୍ରସ୍ତାବ ଗୃହୀତ ହୋଇ ଯାଇଅଛି । ବିହାର ଓ ଓଡ଼ିଶା ପ୍ରଦେଶ ସେଥିର ଅନୁକରଣ କଲେ, ଓଡ଼ିଶାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ହୋଇ ପାରିବ ବୋଲି ମୋର ଦୃଢ଼ ବିଶ୍ୱାସ ହେଉଅଛି ।

ସ୍ତ୍ରୀଶିକ୍ଷା ସକାଶେ ଲୋକମାନଙ୍କର ବଦ୍ଧମୂଳ କୁସଂସ୍କାର ତିରୋହିତ ହୋଇନାହିଁ । ସ୍ତ୍ରୀଶିକ୍ଷାପାଇଁ ଗବର୍ଣ୍ଣମେଣ୍ଟ ପ୍ରଚୁର ଅର୍ଥ ବ୍ୟୟ କରୁଛନ୍ତି ସତ୍ୟ; କିନ୍ତୁ ସେ ବିଭାଗର କାର୍ଯ୍ୟକ୍ରମ ଦେଶକାଳୋଚିତ ଭାବରେ ବିଧିବଦ୍ଧ ନ ହୋଇଥିବା ହେତୁ ଜନସାଧାରଣଙ୍କର ପ୍ରିୟ ଓ ଶ୍ରେୟଃ ହୋଇ ପାରୁନାହିଁ ।

ସ୍ତ୍ରୀମାନେ ସମସ୍ତ କାର୍ଯ୍ୟରେ ପୁରୁଷମାନଙ୍କର ଅର୍ଦ୍ଧାଙ୍ଗିନୀ । ଭାରତୀୟ ଆର୍ଯ୍ୟଜାତି ଆମ୍ଭମାନଙ୍କର ପୂର୍ବପୁରୁଷଗଣ ଏହା ଉତ୍ତମ ରୂପେ ବୁଝି ପାରିଥିଲେ ବୋଲି ନାରୀ-ଜାତିଙ୍କର ଶିକ୍ଷାବିଧାନ କରି ସେମାନଙ୍କୁ ସ୍ୱାଧୀନତା ପ୍ରଦାନ କରିଥିଲେ । ଆମ୍ଭେମାନେ ପୁରୁଷର ବାମଅଙ୍ଗ ସ୍ୱରୂପ ନାରୀ ଜାତିର ସହକାରିତ୍ୱ ଅଭାବରେ ଓଡ଼ିଆ ସମାଜକୁ ବିକଳାଙ୍ଗ ଓ ହୀନବଳ କରିଅଛୁଁ । ବର୍ତ୍ତମାନ ଶିକ୍ଷିତ ଯୁବକ ଭାଇମାନେ ନାରୀଶିକ୍ଷା ଓ ସ୍ତ୍ରୀ ସ୍ୱାଧୀନତା ପ୍ରସଙ୍ଗରେ ଦୀର୍ଘ ଦୀର୍ଘ ପ୍ରବନ୍ଧ ଓ ବକ୍ତୃତା ଝାଡ଼ିଥାନ୍ତି; କାର୍ଯ୍ୟକ୍ଷେତ୍ରରେ କାହାରି ସାହସ ଥିଲାପରି ବୋଧହୁଏ ନାହିଁ । ଆମ୍ଭମାନଙ୍କର ଏହି ସାହାସହୀନତାର କାରଣ ଆମ୍ଭମାନଙ୍କର ନୈତିକ ଶିକ୍ଷାର

ଅଭାବ । ଏକା ସ୍ତ୍ରୀଶିକ୍ଷା ନୁହେଁ, ସମସ୍ତ ବିଷୟରେ ଆମ୍ଭେମାନେ ନୈତିକ ସାହାସହୀନ ହୋଇ ପଡୁଅଛୁଁ । ଯେ ପର୍ଯ୍ୟନ୍ତ ଆମ୍ଭମାନଙ୍କର ହୃଦୟରେ ସେହି ବଳ ଆସି ନାହିଁ, ଯେ ପର୍ଯ୍ୟନ୍ତ ଓଡ଼ିଆ ଜାତୀୟ ଶିକ୍ଷାପାଇ ନାହିଁ, ସେ ପର୍ଯ୍ୟନ୍ତ ଆମ୍ଭମାନଙ୍କର ଜାତୀୟ ଜୀବନ ଜାଗ୍ରତ ହେବ ନାହିଁ ।

ଏହି ଜାତୀୟ ଶିକ୍ଷାହିଁ ଜାତିର ଅଭ୍ୟୁତ୍ଥାନର ନିଦାନ ହେତୁ । ଆମ୍ଭେମାନେ ଯେଉଁ ରୂପେ ଏହି ଜାତୀୟ ଶିକ୍ଷା ଲାଭ କରିବୁ, ତହିଁର ପ୍ରକୃଷ୍ଟ ଉପାୟ ଅନ୍ୱେଷିତ ଓ ଅବଲମ୍ବିତ ହେବା ଆବଶ୍ୟକ ।

ଆମ୍ଭେମାନେ ଜାତୀୟ ଶିକ୍ଷାରେ ଶିକ୍ଷିତ ହୋଇ ପାରିଲେ ଅନ୍ୟ କୌଣସି ଶିକ୍ଷାଳୟର ପ୍ରୟୋଜନୀୟତା ରହିବ ନାହିଁ । ଦେଶରେ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଚାକିରି ବୋଲି ବିବେଚିତ ହେଉଥିବା ଯାଏ, କୌଣସି ଜାତି ଜାତୀୟ ଜୀବନ ଲାଭ କରି ପାରିନାହିଁ, କି ପାରିବ ନାହିଁ । ଜାତିକୁ ଜାତୀୟ ଶିକ୍ଷାରେ ଉତ୍ତୀର୍ଣ୍ଣ କରିବାକୁ ହେଲେ କେତେ ଗୁଡ଼ିଏ ସ୍ୱାର୍ଥ-ପଶୁ-ବଳି ଆବଶ୍ୟକ । ଜାତୀୟ ଯଜ୍ଞାନଳରେ କତିପୟ ମହାପ୍ରାଣର ପୂର୍ଣ୍ଣାହୁତି ନ ହେଲେ ଜାତୀୟ ଶିକ୍ଷା ଲାଭ ହେବ ନାହିଁ । ସତ୍ୟବାଦୀ ଠାରେ ଜାତୀୟ ଶିକ୍ଷାଳୟର ଯେଉଁ ଶିଶୁ ଶ୍ରେଣୀ ଉଦ୍‌ଘାଟିତ ହୋଇଅଛି, ମୁଁ ବିଶ୍ୱାସ କରେଁ ତାହା ପୂର୍ଣ୍ଣତାପ୍ରାପ୍ତ ହେଲେ ଜାତୀୟ ଶିକ୍ଷାର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଜାତିକୁ ଆଉ ଭାବିବାକୁ ହେବ ନାହିଁ ।

**(୧୦) ଭାରତୀୟ ଆନ୍ଦୋଳନରେ ଓଡ଼ିଆମାନଙ୍କର ଯୋଗଦାନ :** ପ୍ରାକୃତିକ ଉତ୍କଳର ସୀମା ଅତ୍ୟଳ୍ପ ନୁହେଁ । ଭାରତର ଏହା ଗୋଟିଏ ପ୍ରସିଦ୍ଧ ପ୍ରଦେଶ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତର ସୁଖ ଦୁଃଖ ସଙ୍ଗେ ଉତ୍କଳର ସୁଖ ଦୁଃଖ ସନ୍ନିବିଷ୍ଟ । ଭାରତକୁ ଉନ୍ନତ କରିବାକୁ ହେଲେ ଉତ୍କଳର ଉନ୍ନତି ପ୍ରତି ସମସ୍ତେ ମନୋନିବେଶ କରନ୍ତୁ; କିନ୍ତୁ ଦୁଃଖର କଥା, କି ରାଜନୈତିକ, କି ସାମାଜିକ, କି ଆର୍ଥିକ ସକଳ ବିଭାଗରେ ଓଡ଼ିଆ ବର୍ତ୍ତମାନ ପଶ୍ଚାତ୍‌ପଦ । ତାହାର ଅଭ୍ୟୁତ୍ଥାନ ନିମନ୍ତେ ଏହି ଉତ୍କଳ ସମ୍ମିଳନୀର ସୂତ୍ରପାତ । ମାତ୍ର ଉତ୍କଳ ସମ୍ମଳନୀର ବୈଠକ ପରେ କୂପ ମଣ୍ଡୁକବତ୍ ବସି ରହିଲେ ଆମ୍ଭମାନଙ୍କର ଉନ୍ନତିର ଆଶା ବିଡ଼ମ୍ବନା ମାତ୍ର । ଏହି ସମ୍ମିଳନୀର ବାଲ୍ୟାବସ୍ଥା ତିରୋହିତ ହେଲା । ବର୍ଷର କତିପୟ ଦିବସ ମାତ୍ର ଜାତୀୟ କାର୍ଯ୍ୟରେ ଯୋଗ ଦେଲେ ଆମ୍ଭମାନଙ୍କର କର୍ତ୍ତବ୍ୟ ଶେଷ ହୋଇ ନ ପାରେ । ବର୍ତ୍ତମାନ ସମ୍ମିଳନୀର କାର୍ଯ୍ୟ ପ୍ରସାରଣ କରିବାର ପ୍ରକୃଷ୍ଟ ସମୟ ଉପସ୍ଥିତ । ଭାଇମାନେ, ଶାସନସଂସ୍କାର ଲିପିବଦ୍ଧ ହେଲା । ଯେ ଯାହା କଥା ସେ ଆବୋରି ବସିଲା । ଆମ୍ଭମାନଙ୍କର କି ଲାଭ ହେଲା ? ଅବଶ୍ୟ ସାଧାରଣ ଲାଭରୁ ଆମ୍ଭେମାନେ ବଞ୍ଚିତ ନୋହୁଁ, ମାତ୍ର ସାଧାରଣ ପ୍ରତିଦ୍ୱନ୍ଦିତାରେ

ଉତ୍କଳବାସୀଙ୍କର ମସ୍ତକୋତ୍ତୋଳନ ସମ୍ପୂର୍ଣ୍ଣ ଅସମ୍ଭବ। ଅବନତ ଜାତିର ପକ୍ଷ ସମର୍ଥନ ଉଦାର ବ୍ରିଟିଶ ଜାତିର ମୂଳମନ୍ତ୍ର ଥିବାସତ୍ତ୍ୱେ ଆମ୍ଭମାନଙ୍କର ନ୍ୟାଯ୍ୟଦାବୀ ସମସ୍ତ କ୍ଷେତ୍ରରେ ଉପେକ୍ଷିତ ହେଉଥିବାର ଦେଖି କେଉଁ ଭାବୁକର ହୃଦୟରେ ଦାରୁଣ ଯନ୍ତ୍ରଣା ଜାତ ନ ହେବ ? ଭାଇମାନେ ଏହାର ପ୍ରତିକାର ପ୍ରତି ଆପଣ-ମାନଙ୍କର ପ୍ରଣିଧାନ ହେଉ। ଆମ୍ଭମାନଙ୍କର ସମ୍ମିଳନୀ ଭାରତୀୟ ଯଜ୍ଞପାଠ ଜାତୀୟ ମହାସମିତି (Indian National Congress) ପ୍ରଭୃତିରେ ସଂଯୁକ୍ତ ରହି ସେଠାରେ ଓଡ଼ିଆମାନଙ୍କର ଆଧୁନିକ ଅବସ୍ଥା ଉପସ୍ଥାପନ କରୁଁ। ତାହାହେଲେ ଆମ୍ଭେମାନେ ଆମ୍ଭମାନଙ୍କର ଉତ୍କଳେତର ଭାରତୀୟ ଭାଇମାନଙ୍କର ମନୋଯୋଗ ଆକର୍ଷଣ କରି ପାରିବା ଓ ତଦ୍ଦ୍ୱାରା ଆମ୍ଭମାନଙ୍କର ନ୍ୟାଯ୍ୟ ଦାବୀର ସୁବିଚାର ହୋଇ ପାରିବ। ପ୍ରତ୍ୟେକ ବର୍ଷ ସମ୍ମିଳନୀର ପ୍ରତିନିଧି ସ୍ୱରୂପ କେତେକ ବିଶିଷ୍ଟ କର୍ମବୀର ଭାରତୀୟ ଜାତୀୟ ମହାସମିତିରେ ଯୋଗଦେବା ଉଚିତ। ଭାରତର ବିଭିନ୍ନ ପ୍ରଦେଶର ପ୍ରତିନିଧିଙ୍କଦ୍ୱାରା ସେହି ମହାସମିତିର ମଣ୍ଡପ ଅଳଂକୃତ ହେଉଛି, ମାତ୍ର ଆମ୍ଭମାନଙ୍କ ଓଡ଼ିଆ ଜାତିର କେବଳ ସେଠାରେ ସ୍ଥାନ ରହୁନାହିଁ। ପଞ୍ଜାବରୁ ପଞ୍ଜାବୀ, ବିହାରରୁ ବିହାରୀ, ବଙ୍ଗରୁ ବଙ୍ଗାଳୀ, ମାନ୍ଦ୍ରାଜରୁ ମାନ୍ଦ୍ରାଜୀ, ଆସାମରୁ ସୁଦ୍ଧା ଆସାମୀ ଗଲେ, ମାତ୍ର ଓଡ଼ିଆଙ୍କ ନାମରେ ଖଡ଼ୀ ପଡ଼ିଲା ନାହିଁ। ଏହାଠାରୁ ବଳି କ୍ଷୋଭର ବିଷୟ କିଛି ହୋଇ ପାରେ କି ? ଭାଇମାନେ, ଆପଣମାନେ ମୋର ଏହି ସାମାନ୍ୟ ପରାମର୍ଶ ଟିକିଏ ଭାବନ୍ତୁ; ପ୍ରତିଧ୍ୱନି ଛଳେ ହୃଦୟାଭ୍ୟନ୍ତରରୁ ଉତ୍ତର ମିଳିବ ଯେ ବର୍ତ୍ତମାନ ନୀରବ ନିଶ୍ଚଳ ହୋଇ ରହିବାର ସମୟ ନୁହେଁ, ସମସ୍ତଙ୍କର ଅବଶ୍ୟ ଭାରତୀୟ ଆନ୍ଦୋଳନରେ ଯୋଗଦାନ ସର୍ବାଦୌ ବାଞ୍ଛନୀୟ। ଆପଣମାନେ ଏ ବିଷୟରେ ମୋଠାରୁ ଅଧିକ ଅଭିଜ୍ଞତା ଲାଭ କରୁଥିବା ସ୍ଥଳେ ଆପଣମାନେ ହିଁ ଏହି ବିଷୟରେ କର୍ତ୍ତବ୍ୟାବଧାରଣ କରିବେ।

**(୧୧) ସମାଜ ସଂସ୍କାର :** ଆମ୍ଭେମାନେ ଶାସନ ସଂସ୍କାର ସମ୍ବନ୍ଧରେ ଅନେକ ଚର୍ଚ୍ଚା କରିଥାଉ; କିନ୍ତୁ ଆମ୍ଭମାନଙ୍କର ସମାଜ ଯେ କିମାକାରଧାରଣ କରୁଅଛି, ତତ୍ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ଆଦୌ ଯାଉନାହିଁ। ସମସ୍ତ ଯୁଗରେ ସମାଜର ମାର୍ଜ୍ଜନା ରହିଅଛି। ସମାଜକୁ ସମୟୋପଯୋଗୀ କରିବା ପାଇଁ ସଂସ୍କାରର ଆବଶ୍ୟକତା ହୋଇଥାଏ। ନାନା କାରଣରେ ସମାଜଦେହରେ ନାନା କୁପ୍ରଥା-ମଳି ମିଳିଯାଇ ସମାଜକୁ ଦୂଷିତ ଓ ରୁଗ୍ଣ କରିଦିଏ। ବର୍ତ୍ତମାନ ଆମ୍ଭମାନଙ୍କର ସମାଜ ସେହି ଅବସ୍ଥାରେ ଅବସ୍ଥିତ; ସମାଜ ସଂସ୍କୃତ ବା ମାର୍ଜିତ ନ ହେଲେ ଆମ୍ଭେମାନେ ପାଶ୍ଚାତ୍ୟ ଶାସନ ପ୍ରଣାଳୀର ଭାର ବହନ କରିପାରିବା ନାହିଁ। ମୋ' କ୍ଷୁଦ୍ର ମତରେ ବର୍ତ୍ତମାନ ନିମ୍ନୋକ୍ତ କେତେକ ବିଷୟର ସଂସ୍କାରରେ ଦୃଷ୍ଟି ଦେବା ବାଞ୍ଛନୀୟ।

କ। ବ୍ରହ୍ମଚର୍ଯ୍ୟ ରକ୍ଷାର ପ୍ରଧାନ ଅନ୍ତରାୟ ବାଲ୍ୟବିବାହ ପ୍ରଥା ବର୍ଜନ କରିବା।

ଖ। ଭିନ୍ନ ଭିନ୍ନ ଜିଲ୍ଲା ବା ପ୍ରଦେଶବାସୀ ସବର୍ଣ୍ଣ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ କରିବା। ଯେପର୍ଯ୍ୟନ୍ତ ଏହି ବୈବାହିକ ସମ୍ବନ୍ଧ ସ୍ଥାପିତ ନ ହୁଏ, ସେ ପର୍ଯ୍ୟନ୍ତ ଜାତି ଜାତି ମଧ୍ୟରେ, ଜିଲ୍ଲା ଜିଲ୍ଲା ମଧ୍ୟରେ ସହର ମଫସଲ ମଧ୍ୟରେ ଆନ୍ତରିକ ମିଶ୍ରଣ ଘଟିବା କଠିନ। ଏହି ହେତୁ ମୋଗଲବନ୍ଦୀ, ଗଡ଼ଜାତୀ, କଟକୀ, ସମ୍ବଲପୁରୀ ଆଦିର ପାର୍ଥକ୍ୟ ରହି ଯାଉଅଛି। ଏହି ପ୍ରଭେଦରୁ ଓଡ଼ିଆଜାତିର ପରିପୁଷ୍ଟି ହେଉନାହିଁ।

ଗ। ସାମାଜିକ ବ୍ୟୟ ଭାର ଲାଘବ କରିବା।

ଘ। ବିଦ୍ୟା, ନୀତି ଓ ଧର୍ମଶିକ୍ଷାରେ ସନ୍ତାନସନ୍ତତିମାନଙ୍କୁ ଅଧିକତର ଯତ୍ନ-ସହକାରେ ଅଭିନିଯୁକ୍ତ କରାଇବା।

ଙ। ନିମ୍ନଶ୍ରେଣୀୟ ଲୋକମାନଙ୍କୁ ସମ୍ମାନସହ ଶିକ୍ଷିତ କରିବାର ବ୍ୟବସ୍ଥା କରିବା।

**(୧୨) ଶାସନ ସଂସ୍କାରରେ ଓଡ଼ିଆମାନଙ୍କର ଦାବୀ :** ଦେଢ଼ଶତାଧିକ ବର୍ଷପରେ ଆଜି ଭାରତବାସୀ ନିରପେକ୍ଷ ବ୍ରିଟିଶ ରାଜାଙ୍କର ଅନୁଗ୍ରହର ପାତ୍ର ହୋଇଅଛି ବୋଲି ପ୍ରତ୍ୟେକ ଦେଶହିତୈଷୀ ମୁକ୍ତକଣ୍ଠରେ ସ୍ୱୀକାର କରିବେ। ୧୯୧୭ ସାଲ ଅଗଷ୍ଟ ମାସ ୨୦ ତାରିଖ ଭାରତ ପକ୍ଷରେ ଗୋଟିଏ ସ୍ମରଣୀୟ ଦିବସ। ସେହିଦିନ ଆମ୍ଭମାନଙ୍କର ଭାରତବନ୍ଧୁ ମାନ୍ୟବର ମଣ୍ଟେଗୁ ସାହେବଙ୍କର ମୁଖରୁ ଭାରତର ଭାବୀଦଶାର ସୂଚନା ପ୍ରକାଶ ପାଇଲା। ସେହି ଦିନ ବ୍ରିଟିଶ ଜାତିର ନିରପେକ୍ଷ ଓ ନ୍ୟାୟ ବିଚାର ଭାରତବାସୀଙ୍କର ଉପଲବ୍ଧି ହେଲା। ଆହୁରି ଅଧିକ ଆନନ୍ଦର ବିଷୟ ଯଥେଚ୍ଛାଚାରିତାପ୍ରିୟ ଶତ୍ରୁଦଳର ଗର୍ବ ଖର୍ବ ହୋଇଅଛି। ସେମାନଙ୍କର ଅଦମ୍ୟ ଘାତ-ପ୍ରତିଘାତ ପ୍ରତି ଭ୍ରୂକ୍ଷେପ ନ କରି ଆମ୍ଭମାନଙ୍କର ମାନ୍ୟବର ବଡ଼ଲାଟଙ୍କ ଇଙ୍ଗିତ କ୍ରମେ ଷ୍ଟେଟ ସେକ୍ରେଟେରୀ ପାର୍ଲିୟାମେଣ୍ଟ ମହାସଭାରେ ମଞ୍ଜୁର କରାଇ ନେଇ କୋଟି କୋଟି ନରନାରୀଙ୍କର ସତୃଷ୍ଣ ନୟନର ତୃଷ୍ଣା ମେଣ୍ଟାଇ ଦେଲେ। ଆଗାମୀ ବର୍ଷ ନଭେମ୍ବର ମାସରେ ଭାରତବାସୀ ତାହାର ଫଳଭୋଗୀ ହେବେ। ସେହି ସମୟରେ ନୂତନ ନିୟମରେ ସମସ୍ତ ଅଞ୍ଚଳରୁ ସଦସ୍ୟ ନିର୍ବାଚିତ ହେବେ। ମାତ୍ର ସେଥିପୂର୍ବରୁ କେତେକ ଅନୁନ୍ନତ ଜାତି ନିମନ୍ତେ ବିଶିଷ୍ଟ ନିୟମ ପ୍ରଣୟନର ଭାର ଆମ୍ଭମାନଙ୍କର ବଡ଼ଲାଟଙ୍କ ପରେ ନ୍ୟସ୍ତ ଅଛି। ସେଥି ନିମନ୍ତେ ଆମ୍ଭେମାନେ ବେଳହୁଁ ସଚେଷ୍ଟ ନ ରହିଲେ ଅଦ୍ୟାବଧି ଆମ୍ଭମାନଙ୍କର ଯେପରି ଦାବୀ ଉପେକ୍ଷିତ ହେଉଅଛି, ସେହିପରି ଅବଶ୍ୟ ଉପେକ୍ଷିତ ହୋଇଯିବ। ଆପଣମାନେ ଶାସନସଂସ୍କାରପଦ୍ଧତି ପାଠକରି ବିଚାର କରନ୍ତୁ। ଆମ୍ଭମାନଙ୍କର ନ୍ୟାଯ୍ୟ ଦାବୀ ପ୍ରତି ସୁବିଚାର ହୋଇଅଛି କି ? ଦେଖନ୍ତୁ ମରହଟ୍ଟାମାନଙ୍କ ପ୍ରତି ସ୍ୱତନ୍ତ୍ର

ବ୍ୟବସ୍ଥା ରଖାଗଲା, କିନ୍ତୁ ଓଡ଼ିଆମାନଙ୍କ ସ୍ୱତନ୍ତ୍ର ସ୍ଥାନ ନାହିଁ। ଏକକୋଟି ଓଡ଼ିଆ ଜାତିର ସଂଖ୍ୟା ଓ ଭାବୀ ଉନ୍ନତି ପକ୍ଷେ କାହାରି ଭ୍ରୂକ୍ଷେପ ନାହିଁ। ଯେତିକି ପରିମାଣରେ ଆମ୍ଭମାନଙ୍କର ନ୍ୟାଯ୍ୟଦାବୀ ଉପେକ୍ଷିତ ହେଉଅଛି, ସେତିକି ପରିମାଣରେ ଆମ୍ଭେମାନେ ଆନ୍ଦୋଳନ ଓ ଆବେଦନ ଦ୍ୱାରା ସରକାରଙ୍କଠାରେ ଅଳି ନ କଲେ ଆମ୍ଭମାନଙ୍କର ଭାବୀଦଶା ଅତୀବ ଶୋଚନୀୟ ହୋଇ ପଡ଼ିବ। ଆମ୍ଭମାନଙ୍କର କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି ହେତୁ ଉତ୍କଳ ପତନୋନ୍ମୁଖ ହୋଇ ରହିବ। ତଦ୍ଦ୍ୱାରା ଆମ୍ଭେମାନେ କେବଳ ନିଜର ଅପକାର କରିବା ନାହିଁ ଆମ୍ଭମାନଙ୍କର ପରପୁରୁଷର ମଧ୍ୟ ଅମଙ୍ଗଳ ଘଟାଇବା। ଭାଇମାନେ, ଆପଣମାନଙ୍କୁ ଅବଗତ ଥିବ ଭାରତର ବିଭିନ୍ନ ଅଞ୍ଚଳର ଲୋକେ ବିଲାତକୁ ଗତବର୍ଷ ଧାଇଁ ଯାଇ ଭାରତ ପକ୍ଷ ସମର୍ଥନ କରିଥିଲେ। ସେମାନେ ନିଜ ନିଜ ଦଳର ଅଭୀଷ୍ଟ ସାଧନ କେତେକାଂଶରେ କରି ପାରିଅଛନ୍ତି, ମାତ୍ର ଆମ୍ଭମାନଙ୍କର ଓଡ଼ିଆମାନଙ୍କ ପକ୍ଷରୁ କେହି ବିଲାତ ନ ଯିବା ବଡ଼ ଦୁଃଖର ବିଷୟ ହୋଇଅଛି। ମୋର କ୍ଷୁଦ୍ର ମତରେ ଉକ୍ତ କାର୍ଯ୍ୟ ସାଧନ ନିମନ୍ତେ ଉତ୍କଳରେ ଯୋଗ୍ୟ ବ୍ୟକ୍ତିଙ୍କର ଅଭାବ ନ ଥିଲା। କେହି ଗଲେନାହିଁ ବା କିଛି ମିଳିଲା ନାହିଁ ଏକଥା ଭାବିବା ମାତ୍ରକେ ମୋର ମନ ଦୁଃଖସାଗରରେ ନିମଗ୍ନ ହୋଇ ଯାଉଅଛି। ଆମ୍ଭେମାନେ ନିଜେ ଚେଷ୍ଟା ନ କଲେ କିଏ ଆମ୍ଭ ପାଇଁ କରି ଦେବ ? ଉଦ୍‌ଯୋଗର ଅଭାବ ଅଲକ୍ଷ୍ମୀ ଆଣେ। ସୁପ୍ତ ଜାତିର ଭାଗ ନାହିଁ। ଶୋଇବା ପୁଅର ଭାଗଅଛି କି ? କେବଳ ଭାରତରେ ଶାସନସଂସ୍କାର ସମିତି ସମକ୍ଷରେ ଆବେଦନ ଫଳରେ ଓଡ଼ିଶା ଗୋଟିଏ (Sub-Province) ହେବାର ସୂଚନା ମିଳିଅଛି। ମାତ୍ର ତାହା କେବେ ହେବ, କିପରି ହେବ, ତଦ୍ଦ୍ୱାରା ମଙ୍ଗଳ କି ଅମଙ୍ଗଳ ହେବ ଏହାର ଶେଷ ସିଦ୍ଧାନ୍ତରେ କେହି ଉପନୀତ ହୋଇ ପାରି ନାହାନ୍ତି। ଏ ବିଷୟରେ ଶୀଘ୍ର ବିହିତ ବ୍ୟବସ୍ଥା ହେବା ଉଚିତ। ଶାସନସଂସ୍କାର ପ୍ରଚଳନ ସଙ୍ଗେ ସଙ୍ଗେ ଓଡ଼ିଆ ଜାତିର ଉନ୍ନତିର ଅନ୍ତରାୟ ବିଦୂରିତ ନ ହେଲେ ଓଡ଼ିଆମାନେ ସେ ଗୁଡ଼ିକର ଶୁଭ ପରିଣାମ ଅନୁଭବ କରି ପାରିବେ ନାହିଁ ବୋଲି ମୋର ପୂର୍ଣ୍ଣବିଶ୍ୱାସ। ଓଡ଼ିଆମାନେ ବିଭିନ୍ନ ଅଞ୍ଚଳରେ ରହିବା ଦ୍ୱାରା ଯେଉଁ ନିର୍ଯ୍ୟାତନ ସହ୍ୟ କରି ଆସୁଛନ୍ତି, ତାହା ଦେଖି ପାଷାଣ ହୃଦୟ ତରଳି ଯିବ। ଆମ୍ଭେମାନେ କ'ଣ ଏହିପରି ଦୈବ ବିପର୍ଯ୍ୟୟ ହେତୁ ଦାରୁଣ ଯନ୍ତ୍ରଣା ଭୋଗ କରୁଥିବା, ଏହା କଣ ଆମ୍ଭମାନଙ୍କର କପାଳରେ ବିଧାତା ଯୁଗେ ଯୁଗେ ଲେଖୁଅଛନ୍ତି ? ଭାଇମାନେ, ଏକପକ୍ଷରେ ଭ୍ରାତୃବିଚ୍ଛେଦ ଜନିତ କ୍ଳେଶ, ଅନ୍ୟପକ୍ଷରେ ପ୍ରତିବେଶିଙ୍କର ଉନ୍ନତାବସ୍ଥା ହେତୁ ଆମ୍ଭମାନଙ୍କ ପ୍ରତି ଜାତିଗତ ଲାଞ୍ଛନା କଣ ସହ୍ୟ କରିବାକୁ ବିଧାତା ଓଡ଼ିଆର ଲଲାଟରେ ଚିରକାଳ ପାଇଁ ଲେଖି ଦେଇଅଛନ୍ତି ? ଆମ୍ଭେମାନେ ସମ୍ବଲପୁରବାସୀ ଓଡ଼ିଆମାନେ ମଧ୍ୟପ୍ରଦେଶରେ ରହି ଯେଉଁପରି କଷଣ ସହ୍ୟ କରିଅଛୁଁ ତାହା ମୁଁ ବାକ୍ୟରେ ବ୍ୟକ୍ତ କରିବାକୁ ସମ୍ପୂର୍ଣ୍ଣ

ଅକ୍ଷମ । ବାକ୍ୟ ଅଭିବ୍ୟକ୍ତି ନିମନ୍ତେ ଶବ୍ଦରାଶିର ଅଭାବ ଓ ଶ୍ୱାସର ପ୍ରତିରୋଧ । ଭାଇମାନେ, ଆମ୍ଭେମାନେ ଶୀଘ୍ର ସମ୍ମିଳିତ ନ ହେଲେ ଆମ୍ଭମାନଙ୍କର ବିଭିନ୍ନ ପ୍ରଦେଶପ୍ରବାସୀ ଯଥା ଗଞ୍ଜାମ, ସିଂହଭୂମ, ପଦ୍ମପୁର, ଫୁଲଝର ପ୍ରଭୃତି ଅଞ୍ଚଳର ଭାଇମାନଙ୍କ ଅସ୍ତିତ୍ୱ ଲୋପ ପାଇଯିବ । ସେମାନେ ଯେଉଁ ଲାଞ୍ଛନା ସହ୍ୟ କରୁଅଛନ୍ତି, ଆମ୍ଭେମାନେ ତାହା ନିଜ ଅଙ୍ଗରେ ଭୋଗ କରିଥିଲୁଁ । ଆମ୍ଭେମାନେ ବର୍ତ୍ତମାନ ସେହିମାନଙ୍କ ଉଦ୍ଧାର ନିମନ୍ତେ ଯପୂରୋନାସ୍ତି ଚେଷ୍ଟା ନ କଲେ ଉତ୍କଳ ଜନନୀର କୁପୁତ୍ର ବୋଲି ପରିଚିତ ହେବା । ଶାସନସଂସ୍କାର-ପଦ୍ଧତି ଲିପିବଦ୍ଧ ହେବା ପୂର୍ବରୁ ଓଡ଼ିଆମାନଙ୍କର ସମ୍ମିଳନ ସର୍ବାଦୌ ବାଞ୍ଛନୀୟ । ଏହା ପ୍ରତ୍ୟେକ ଓଡ଼ିଆର ମୁଖ୍ୟ କର୍ତ୍ତବ୍ୟ । ଆମ୍ଭମାନଙ୍କର ପୃଥକ ପ୍ରଦେଶ ହୋଇ ପାରିଲେ ବା ଆମ୍ଭମାନେ ସମସ୍ତେ ଏକପ୍ରଦେଶରେ ମିଳିମିଶି ରହିଲେ ଆମ୍ଭମାନଙ୍କର ପାଇଁ ଆଉ ନୂତନ ବ୍ୟବସ୍ଥା ଆବଶ୍ୟକ ହେବ ନାହିଁ । ପ୍ରଥମତଃ ଓଡ଼ିଆମାନଙ୍କୁ ମାନ୍ଦ୍ରାଜ, ବଙ୍ଗ ଓ ମଧ୍ୟପ୍ରଦେଶରୁ ଆଣି ଏକପ୍ରଦେଶରେ ରଖିବା ଉଚିତ ଓ ସେମାନଙ୍କ ନିମନ୍ତେ ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାରେ ପୃଥକ ସଦସ୍ୟ ନିର୍ବାଚନ-ଅଧିକାର ଦାନର ବ୍ୟବସ୍ଥା କରିବା ଉଚିତ । ଯେତେଦିନ ପର୍ଯ୍ୟନ୍ତ ଏହି ପ୍ରସ୍ତାବ ସରକାର କାର୍ଯ୍ୟରେ ପରିଣତ ନ କରିବେ, ଯେତେଦିନ ପର୍ଯ୍ୟନ୍ତ ଆମ୍ଭେମାନେ ଏକତ୍ର ରହିବାର ସୁବ୍ୟବସ୍ଥା ନ ପାଉଁ, ସେତେଦିନ ପର୍ଯ୍ୟନ୍ତ ବର୍ତ୍ତମାନ ରାଜନୈତିକ ଓଡ଼ିଶା ନିମନ୍ତେ ପୃଥକ୍ ସଦସ୍ୟର ବ୍ୟବସ୍ଥା ଓ ବଙ୍ଗଦେଶ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶବାସୀ ଓଡ଼ିଆମାନଙ୍କର ନିମନ୍ତେ ମଧ୍ୟ ପୃଥକ ବ୍ୟବସ୍ଥା ହେଉ । ସେମାନଙ୍କ ପାଇଁ ମରହଟ୍ଟା ପ୍ରଭୃତି ଜାତିଙ୍କ ପରି ପୃଥକ ପ୍ରତିନିଧି ନିର୍ବାଚନ ପ୍ରଭୃତି ବ୍ୟବସ୍ଥା କରିବା ଉଚିତ । ତାହା ନ ହେଲେ ଆମ୍ଭମାନଙ୍କ ଘୋର ଅମଙ୍ଗଳ ଓ ଭାବୀ ପରିଣାମ ଅତୀବ ଶୋଚନୀୟ ହୋଇଯିବ । ଆପଣମାନେ ଏବିଷୟ ପ୍ରତି ବିହିତ ବ୍ୟବସ୍ଥା କରନ୍ତୁ । ଆପଣମାନଙ୍କ ମଧ୍ୟରୁ ଅନେକ ମୋ ଠାରୁ ଅଧିକ ଏ ବିଷୟ ଭାବୁଅଛନ୍ତି, ସେହିମାନଙ୍କର ଭାବନାର ପ୍ରତିଫଳ ଉପରେ ଉତ୍କଳର ଭାବୀ ବଂଶଧରମାନଙ୍କର ଦଶା ସମ୍ପୂର୍ଣ୍ଣ ନିର୍ଭର କରେ ।

**(୧୩) ଦୁର୍ଭିକ୍ଷ ଓ ମହାମାରୀ :** ଭାଇମାନେ, ମୋହର ଅଭିଭାଷଣର ଉପସଂହାର କରିବା ପୂର୍ବରୁ ମୋ ଅନ୍ତରର ଅନ୍ତରତମ ପ୍ରଦେଶର ଗୋଟିଏ ଆବେଗ ଆପଣମାନଙ୍କ ସମ୍ମୁଖରେ ନ କହି ରହି ପାରିଲି ନାହିଁ । ଆମ୍ଭେମାନେ ଆଉ ପାଞ୍ଚଦିନ ପରେ ଯେଉଁ ବର୍ଷକୁ ବିଦାୟ ଦେବୁଁ, ସେହି ୧୯୧୯ ସାଲର ଭାରତ ବ୍ୟାପୀ ଦୁର୍ଭିକ୍ଷର କାହାଣୀ କଦାଚ ଆମ୍ଭମାନଙ୍କର ସ୍ମୃତିପଟରୁ ତିରୋହିତ ହେବନାହିଁ । ୧୮୬୬ ସାଲ ନଅଙ୍କ କଥା ଓଡ଼ିଶାରେ କାହାରି ମନରୁ ଯାଇନାହିଁ । ସେହି ନ'ଅଙ୍କର ଚିତ୍ର ଆଜି ଇତିହାସରେ ପାଠ କଲେ ରୋମାଞ୍ଚ ଉପସ୍ଥିତ ହୁଏ । ୧୯୧୯ ସାଲର ଦୁର୍ଭିକ୍ଷ ମଧ୍ୟ ସେହି ନ'ଅଙ୍କର ଜ୍ୱଳନ୍ତ ନିଦର୍ଶନ । ସେତେବେଳେ

ଲୋକଙ୍କୁ ଅନ୍ନ କଷ୍ଟ ବାଧିଥିଲା; କିନ୍ତୁ ବର୍ତ୍ତମାନ ସମସ୍ତ ପ୍ରକାର ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଲାଭ କରିଅଛି । ଲୋକମାନଙ୍କର ଦୁଃସହ କଷ୍ଟ ଯନ୍ତ୍ରଣା ଦେଖି ଆମ୍ଭମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଅଛି । ଏତିକି ମାତ୍ର ଆଶ୍ୱାସନାର ବିଷୟ ଯେ, ଲୋକେ ସମୂଳେ ବିନଷ୍ଟ ନ ହୋଇ ଥୋକେ ବର୍ତ୍ତମାନ ଯୁଗରେ ସମସ୍ତ ପ୍ରକାର କଷ୍ଟ ସହି ପାରିଲେ । ଅନାବୃଷ୍ଟି ହେତୁ ଚତୁର୍ଦ୍ଦିଗବ୍ୟାପୀ ଅନ୍ନକଷ୍ଟ, ଯୁଦ୍ଧ ନିମନ୍ତେ ବସ୍ତ୍ର ଓ ଯାବତୀୟ ଦୈନିକ ବ୍ୟବହାର୍ଯ୍ୟ ଉପକରଣର ମହାର୍ଘ୍ୟଜନିତ ବିଶେଷ ଦୁଃଖ । ସେହିହେତୁ ଏହି ବର୍ଷ ଦୁର୍ଭିକ୍ଷ ସମ୍ୱତ୍ସର ବୋଲି ବୁଝିବାକୁ ହେବ । ''ସମାଜ'' ପତ୍ରିକାରେ ବିବରଣ ପାଠକରି ସରକାରୀ କର୍ମଚାରୀମାନଙ୍କର ବିହିତ ପ୍ରତିକାର ଅଭାବ ପରିଲକ୍ଷିତ ହେଉଅଛି । ବଙ୍ଗଦେଶର ପ୍ରବଳ ପ୍ରଭଞ୍ଜନ ପ୍ରତି ସରକାରୀ ଓ ବେସରକାରୀ ଲୋକେ ମନ ପ୍ରାଣ ଢାଳି କାର୍ଯ୍ୟ କରିବାଦ୍ୱାରା ସହି ଅଞ୍ଚଳର ଲୋକମାନଙ୍କର କଷ୍ଟ କେତେକାଂଶରେ ଲାଘବ ଘଟୁଅଛି, ମାତ୍ର ପୁରୀଜିଲ୍ଲାର ଧୋଇ ଓ ମରୁଡ଼ିର ଭୀଷଣ ଆର୍ତ୍ତନାଦ ସରକାରଙ୍କ କର୍ଣ୍ଣଗୋଚର ହେଲା ନାହିଁ ବା ତଦନ୍ତ ସମିତି ବସିଲା ନାହିଁ । କେବଳ ସମ୍ବାଦପତ୍ରରେ ଆନ୍ଦୋଳନ କରିବା ପରେ କେତେକ ତଦନ୍ତ ସରକାରୀ ଲୋକଙ୍କ ଦ୍ୱାରା ହେଉଅଛି । ସେଥିରେ ବା ପ୍ରକୃତ ଘଟନା କଅଣ ପ୍ରକାଶ ପାଇବ ? କି କାରଣରୁ ପୁରୀର ଜନସାଧାରଣ-ସଭାର ସମୟୋଚିତ ପ୍ରସ୍ତାବ ଉପେକ୍ଷିତ ହୋଇ ପୁରୀର ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳରେ ଦୁର୍ଭିକ୍ଷ ଘୋଷଣା ନ ହେଲା, ଆମ୍ଭମାନଙ୍କ ବୋଧର ଅନଧିଗମ୍ୟ ହେଉଅଛି । ମଧ-ପ୍ରଦେଶରେ ଦୁର୍ଭିକ୍ଷନିବାରଣ କଳ୍ପେ ବିଶେଷ କର ଆଦାୟର ଗୋଟିଏ ଆଇନ ଅଛି । ସେହି ଆଇନ ଓଡ଼ିଶାରେ ପ୍ରଚଳିତ ଅଛି କି ନା, ମୋତେ ଜଣାନାହିଁ । ଓଡ଼ିଶାର ଅନେକ ଜିଲ୍ଲାରେ ଚାଉଳ ଟଙ୍କାକେ ଦୁଇ ଅଢ଼ାଇ ସେର ଭାଉରେ ବିକ୍ରିତ ହେଲା, ତେବେ ମଧ ସରକାର ଦୁର୍ଭିକ୍ଷ ଘୋଷଣା କଲେ ନାହିଁ । ଗତ ଦୁର୍ଭିକ୍ଷରେ ଓଡ଼ିଶାର ଯେଉଁ କ୍ଷତି ହୋଇଅଛି, ତାହା ବର୍ଣ୍ଣନା କରିବାକୁ ମୋ'ଠାରେ ବାଣୀର ଅଭାବ । ଦୁର୍ଭିକ୍ଷହେତୁ ଓଡ଼ିଆ ଜାତି କ୍ରମଶଃ ଧ୍ୱଂସପ୍ରାପ୍ତ ହେଉଅଛି । ଗତ କେତେ ବର୍ଷଧରି ଯେ ଓଡ଼ିଆକୁଲି ରପ୍ତାନୀର ସ୍ରୋତ ଚାଲିଅଛି, ସେହି ପ୍ରବଳ ସ୍ରୋତରେ ବାଧା ନ ଘଟିଲେ ଓଡ଼ିଶା ଜନଶୂନ୍ୟ ହୋଇଯିବା ଆଶ୍ଚର୍ଯ୍ୟ କ'ଣ ? ଖାଇବାକୁ ନ ପାଇ ପ୍ରତିବର୍ଷ ସହସ୍ର ସହସ୍ର ଲୋକ ମରୁଅଛନ୍ତି । ଅଳ୍ପାହାର, ଅଖାଦ୍ୟାହାରରେ ଅର୍ଦ୍ଦିତ ହୋଇ ଓଡ଼ିଶାର ଅୟୁତାୟୁତ ନରନାରୀ ନାନାରୋଗରେ ପ୍ରପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପତିତ ହେଉଅଛନ୍ତି ।

ବର୍ତ୍ତମାନ ଦେଖାଯାଉଅଛି କେତେଗୁଡ଼ିଏ ମହାମାରୀ ରୋଗ ଭାରତବର୍ଷରେ ଘରକରି ରହୁଅଛି । ଏଥିର କାରଣ ଭାରତର ସ୍ଥାୟୀ ଦାରିଦ୍ର୍ୟ । କ୍ଷୁଧାନଳ-

ଦହ୍ୟମାନ-ଜନସାଧାରଣ ରୋଗ ନିରାକରଣର ଔଷଧ ଓ ପଥ୍ୟ ଯୋଗାଇ ପାରୁ ନାହାନ୍ତି; ସୁତରାଂ ଅରଣ୍ୟର ପଶୁଗୋଷ୍ଠୀ ପ୍ରାୟ ଓଡ଼ିଶାରେ ଲୋକମରୁଡ଼ି ଲାଗିଅଛି। ଗବର୍ଣ୍ଣମେଣ୍ଟଙ୍କର ମୃତ୍ୟୁହିସାବ ରେଜିଷ୍ଟରୀରେ ମୃତ୍ୟୁର କାରଣ ଜ୍ୱର ଅତିସାର ପ୍ରଭୃତି ଯାହା ଲେଖାହେଉଥିଲେ ହେଁ, ଚିନ୍ତାଶୀଳ ବ୍ୟକ୍ତିମାନେ ସେହି କୈଫିୟତ୍‌ରେ ସନ୍ତୁଷ୍ଟ ହୋଇ ପାରିବେ ନାହିଁ। ମୋହର ବିଶ୍ୱାସ ଯେ ଖାଇବା ପିନ୍ଧିବାର ଅନାଚାର ଅତ୍ୟାଚାର ହେତୁ ଗରିବ ଶ୍ରେଣୀରୁ ଅଧିକାଂଶ ଲୋକ ମରୁଅଛନ୍ତି।

ଶରୀର ରକ୍ଷାପାଇଁ ଆମ୍ଭମାନଙ୍କ ସାମର୍ଥ୍ୟ ନାହିଁ। ସ୍ୱାସ୍ଥ୍ୟନିୟମ ପାଳନ କରିବା ସକାଶେ ଗବର୍ଣ୍ଣମେଣ୍ଟ ଆଦେଶ ପ୍ରଚାର କରି କର୍ତ୍ତବ୍ୟ ସାଙ୍ଗ କରିଥାନ୍ତି; କିନ୍ତୁ ଯେଉଁମାନେ ଦାନାକନା ସମସ୍ୟାରେ ପତିତ, ସେମାନେ ସ୍ୱାସ୍ଥ୍ୟର ମୂଲ୍ୟ ବୁଝିବେ କ'ଣ ? ବୁଝିଲେ ବା କରିବେ କ'ଣ ? ପଲ୍ଲୀବାସୀ ଓ ଗ୍ରାମବାସିଙ୍କ ଗାଧୋଇବା, ପିଇବା ପାଇଁ ଯଥେଷ୍ଟ ବିଶୁଦ୍ଧ ଜଳ ମିଳୁନାହିଁ।

ଭାଇମାନେ, ଆମ୍ଭେମାନେ ନିଜଦେହ କଥା, ନିଜ ଘର କଥା, ନିଜ ଗ୍ରାମ କଥା, ନିଜ ଜାତି କଥା ନ ବୁଝିଲେ ତାହା ବୁଝିବ କିଏ ? ଲୋକ ନିଜବଳରେ ଛିଡ଼ା ନ ହେଲେ କେହି ତାକୁ ଟେକି ଚଳାଇ ପାରେ ନାହିଁ। ଆତ୍ମନିର୍ଭରତା-ଦୀକ୍ଷାହିଁ ଏହିସବୁ ମାରାତ୍ମକ ରୋଗର ନିଦାନ ମହୌଷଧ।

**ଉପସଂହାର :** ଭାଇମାନେ, ମୋର ଆଉ ବେଶୀ କହିବାର ଶକ୍ତି ନାହିଁ। ମନ ମଧ୍ୟରେ ନାନା ଭାବରାଶିର ଉଦୟ ହେଉଥିଲେ ହେଁ, ସେସବୁ ପ୍ରକାଶିତ କରିବାକୁ ମୋର ଜ୍ଞାନ ଓ ଭାଷାର ଏକାନ୍ତ ଅଭାବ। ମୁଁ କର୍ତ୍ତବ୍ୟାନୁରୋଧରେ ମୋର କ୍ଷୁଦ୍ର ଶକ୍ତିରେ କେତେକ କଥା କହି ଆପଣମାନଙ୍କର ବହୁମୂଲ୍ୟ ସମୟ ନେଇଅଛି। ମୁଁ ଆଗରୁ ହୃଦୟ ଖୋଲି କହିଅଛି ଯେ ମୁଁ ଏହି ସୁପବିତ୍ର ସୁଭଦ୍ର ଆସନର ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଆପଣମାନେ ନିମ୍ନଶ୍ରେଣୀରୁ ଜଣକୁ ଆଣି ସମ୍ମାନିତ କରିବା ଦ୍ୱାରା "ସମ୍ମିଳନୀ"ର ଆକ୍ଷରିକାର୍ଥ ସାର୍ଥକ କରିଛନ୍ତି। ମୁଁ ଏବେ ନିଜ ହୃଦୟକୁ ପଚାରି ବୁଝି ପାରୁଛି, "ଉତ୍କଳ ସମ୍ମିଳନୀ"ର ଅର୍ଥ କ'ଣ ? ଉତ୍କଳର କେତେଜଣ ରାଜା, ମହାରାଜା, ଧନୀ ବା ଜ୍ଞାନୀ ମିଳିତ ହେବା "ଉତ୍କଳ ସମ୍ମିଳନୀ"ର ପ୍ରକୃତ ଲକ୍ଷ୍ୟ ନୁହେଁ। ଉତ୍କଳର ସକଳଶ୍ରେଣୀ – ଆଚାଣ୍ଡାଳ ବ୍ରାହ୍ମଣ, ଆଦୀନଧନୀ, ଆରାଜାପ୍ରଜା ଆବାଳବୃଦ୍ଧଙ୍କର ସମ୍ମିଳନ ହିଁ 'ଉତ୍କଳ ସମ୍ମିଳନୀ'ର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଜାତି, ବର୍ଣ୍ଣ, ଧନ ମନ ବା ପଦ ଗୌରବର ଭେଦାଭେଦ ରହିବା କୌଣସି ରୂପେ ବାଞ୍ଛନୀୟ ନୁହେଁ। ଏ କ୍ଷେତ୍ର୍‌ରେ ରାଜା ପ୍ରଜା ଶିକ୍ଷିତ ଅଶିକ୍ଷିତ ସମସ୍ତଙ୍କର ସମାନ ସମ୍ମାନ ଓ ସମାନ ଅଧିକାର

ଅଛି । ପବିତ୍ର ସାମ୍ୟନୀତିର ଚିର ରମ୍ୟଭୂମି ଉତ୍କଳ ଜନନୀଙ୍କ ଉଦାର ଓ ସୁପ୍ରଶସ୍ତ କୋଳରେ ଯେଉଁମାନେ ଲାଳିତ ପାଳିତ, ସେ ସମସ୍ତେହିଁ ଏକ ଭାଇ ଏବଂ ଜନନୀଙ୍କର ସମସ୍ନେହଭାଜନ । ତୁଳସୀ ବୃକ୍ଷ ଖତକୁଢ଼ରେ ଥିଲେ ସୁଦ୍ଧା ଜଗତ୍‌ପିତା ଜଗନ୍ନାଥଙ୍କର ମଥାଲାଗି ହୋଇଥାଏ । କଥାରେ ଅଛି "ତୁଳସୀପତ୍ରର ସାନ ବଡ଼ ନାହିଁ ।" ଆସ ଭାଇ, ଥରେ ସେହି ବିଶ୍ୱସାମ୍ୟମନ୍ତ୍ରରେ ଦୀକ୍ଷିତ ହୋଇ ସକଳ ଭେଦଜ୍ଞାନ-ସ୍ୱାର୍ଥସଂକୀର୍ଣ୍ଣତା-ରହିତା-ଜନନୀ-ଜନ୍ମଭୂମିର ଚରଣ ବନ୍ଦନା କରୁଁ । ମାତୃପାଦୁକା ସ୍ପର୍ଶରେ ଆମ୍ଭମାନଙ୍କର ବୃଥା ଅହମିକା ନୀଚ ସ୍ୱାର୍ଥପରତା-ମହାପାପ-ପଙ୍କ ପ୍ରକ୍ଷ୍ୟାଳିତ ହୋଇଯାଉ । ମୁଁ ବଡ଼ ସେ ସାନ, ମୁଁ ସାମନ୍ତ ସେ ପତିତ, ମୁଁ ନାଗରିକ ସେ ଜାନପଦ, ମୁଁ ଶାସକ ସେ ଶାସିତ, ମୁଁ ପଣ୍ଡିତ ସେ ମୂର୍ଖ, ଆଦି ଜଘନ୍ୟ ମୁକାର ରୋଗର ଉପଶମ ହେଉ । ମନେ ରଖ, ଜାତି-ଗଙ୍ଗାର ଜଳ ସର୍ବଦା ସର୍ବତ୍ର ପୁଣ୍ୟପୂତ । ଆସ ଭାଇ ଏହି ଉତ୍କଳ ସମ୍ମିଳନୀରୂପ ଜାହ୍ନବୀ-ସଲିଳରେ ଅବଗାହନ ପୂର୍ବକ ସଞ୍ଚିତ ଭେଦ-ଆଳସ୍ୟ ପାପ ତାପ ଦୂର କରି ଦେଉଁ ।

ଯେଉଁ ଶିକ୍ଷାର ପରିସୀମା ଉପାଧି, ଉଚ୍ଚପଦ ବା ଧନୋପାର୍ଜ୍ଜନରେ ଆବଦ୍ଧ ନୁହେ, ତାହାହିଁ ଜାତୀୟଶିକ୍ଷା । ସହାନୁଭୂତି, ସମବେଦନା ସେହିଶିକ୍ଷାର ଇଷ୍ଟମନ୍ତ୍ର; ପରାର୍ଥସାଧନ, ସୌହାର୍ଦ୍ଦ୍ୟ ସେହି ଇଷ୍ଟମନ୍ତ୍ରର ମୂଳବୀଜ; ମୈତ୍ରୀ, ଏକାଗ୍ରତା ସେହି ବୀଜର ଆଦିବର୍ଣ୍ଣ ଓଁକାର । ଆସ ଭାଇ, ଏକାସନରେ ସେହି ପ୍ରଣବ ଇଷ୍ଟମନ୍ତ୍ର ଜପ କରି ଜାତିର ଇଷ୍ଟ ସାଧନରେ ଲାଗିଯାଉଁ ।

ଆମ୍ଭେମାନେ କର୍ମଦୋଷରେ ଆଜି ହେୟ ଏବଂ ନିତାନ୍ତ ଅପଦାର୍ଥ ହୋଇ ପଡ଼ିଅଛୁଁ । ଆମ୍ଭର ସେହି ଅତୀତକୁ ସ୍ମରଣ କରୁଁ, ଯାହା ଏକ ସମୟରେ ଅତୁଳନୀୟ ଗୌରବମୟ ଥିଲା, "ଯାର ଅତୀତଅଛି, ତାର ଭବିଷ୍ୟତ ମଧ୍ୟ ଅଛି" ଏହି ଚିର ସତ୍ୟ ବିଶ୍ୱନିୟମର ପ୍ରତି ଦୃଢ଼ ବିଶ୍ୱାସ ରଖି ଉଠୁଁ । ଆମ୍ଭେମାନେ ସେହି ବୀରବର୍ଯ୍ୟ ଆର୍ଯ୍ୟ ଜାତିର ବଂଶଧର, ଯେଉଁମାନଙ୍କର ମହତୀକୀର୍ତ୍ତିବୈଜୟନ୍ତୀ ଆଜିପର୍ଯ୍ୟନ୍ତ ନୀଳଚକ୍ରରେ ଉଡ୍‌ଡ଼ୀୟମାନ ହେଉଅଛି, ସେହି ଉଚ୍ଚ ଲକ୍ଷ୍ୟ ସ୍ଥିର ରଖି କର୍ମମୟ ସଂସାର ସାଗରରେ କର୍ମଜୀବନତରୀ ଭସାଇ ଦେଉଁ ।

ଏହି ପ୍ରବଳ ଦୁର୍ଭିକ୍ଷ-ମଡ଼କ-ଝଟିକା ମଧ୍ୟରେ ମଧ୍ୟ ଅବଧି ଏକକୋଟି ପୁତ୍ର ଜୀବିତ ଅଛନ୍ତି । ଆସ ଭାଇ, ପରସ୍ପର ସଙ୍ଖୋଳାସଙ୍ଖୋଳି ହୋଇ ଜନନୀଙ୍କର ଦୈନ୍ୟ ଦୁର୍ଦ୍ଦଶା ଘୁଞ୍ଚାଇ ଦେଉଁ । ହେଜି ରଖ, ଆମ୍ଭମାନଙ୍କର ସଂଖ୍ୟା ଭାରତୀୟ ଜାତୀୟ ସଙ୍ଘର ତ୍ରିଂଶାଂଶରୁ ନ୍ୟୂନ ନୁହେଁ । ଆମ୍ଭେମାନେ କାନ୍ଧକୁ କାନ୍ଧ ଲଗାଇ ଠିଆ ହେଲେ ଜନନୀଙ୍କ ବିଷଣ୍ଣ ହୃଦୟ ଉତ୍‌ଫୁଲ୍ଲ ହୋଇ ଉଠିବ ।

ଭୀରୁତା, କୁସଂସ୍କାର, ମନୋମାଳିନ୍ୟ ଓ ଅଜ୍ଞାନତା ଆମ୍ଭମାନଙ୍କର ଅନ୍ତଃରାଗ ହୋଇଅଛି । ଆସ ଭାଇ, ଏକତାସୁଧାପାନ କରି ସେହି ଦୁଶ୍ଚିକିତ୍ସ୍ୟ ବ୍ୟାଧିର ମୂଳୋତ୍ପାଟନ କରି ଦେଉଁ । ''ଓଡ଼ିଆ ଏକଘରିଆ'' ଏହି ପ୍ରବାଦ ମୂଳରେ ଗୂଢ଼ ସତ୍ୟ ନିହିତ ଅଛି । ଓଡ଼ିଆ ଯେ ଯେଉଁଠି ଥାଉଁ, ଓଡ଼ିଶାକୁ ଯେ ଯେଉଁଠୁଁ ଆସିଥାନ୍ତୁ ସେ ସମସ୍ତେହିଁ ଏକଘରିଆ ଅର୍ଥାତ୍ ଏକ ଘରର ଲୋକ । ଏହି ସାରତତ୍ତ୍ୱ ଆମ୍ଭମାନଙ୍କର ସାରସ୍ୱତ ସାରତତ୍ତ୍ୱ ନ ହେଲେ ଆମ୍ଭମାନଙ୍କର ଜାତୀୟ ଲାଞ୍ଛନା ଦୂରୀଭୂତ ହେବ ନାହିଁ ।

ଏହି 'ଉତ୍କଳ ସମ୍ମିଳନୀ' ଜଣକର ବା କ୍ଷଣକର ନୁହେଁ । ବାରମାସ ନିଶ୍ଚିନ୍ତ ରହି ବା ଜଣେ ଦୁଇଜଣ ଉପରେ ନିନ୍ଦା ସ୍ତୁତିର ବୋଝା ପକାଇ ଦେଇ ବର୍ଷକରେ ଦୁଇଦିନ ଥରେ ମିଳି ହୋ' ହା କଲେ ସମ୍ମିଳନୀର ଉଦ୍ଦେଶ୍ୟ ସାଧିତ ହେବନାହିଁ । ସମସ୍ତେ ତିଳେ ତିଳେ ଶକ୍ତି ଦାନ କରି ଶକ୍ତିମତୀ ତିଲୋତ୍ତମା ଦେବୀଙ୍କୁ ମୂର୍ତ୍ତିମତୀ ଓ ସଂଜୀବିତ କରୁଁ; ଆମ୍ଭମାନଙ୍କର ଜାତୀୟ ଶତ୍ରୁ ଜାଡ୍ୟ ବୈରୋଚନ ଦୈତ୍ୟ ବର୍ତ୍ତି ପାରିବ ନାହିଁ ।

ଆସ ଭାଇ, ଏହି ପୁଣ୍ୟଧାମରେ ପୁଣ୍ୟଦିନରେ ହୃଦୟରେ ଶକ୍ତି, ଭକ୍ତି ଓ ପ୍ରୀତି ପାଇବାକୁ ସେହି ଶକ୍ତିରୂପିଣୀ ଜଗଜ୍ଜନନୀଙ୍କ ନିକଟରେ ବର ପ୍ରାର୍ଥନା କରୁଁ । ଜାତୀୟତା ମନ୍ତ୍ରପୂତ ତପଶ୍ଚରଣରୁ ଲକ୍ଷ୍ୟଭ୍ରଷ୍ଟ ନ ହେବା ପାଇଁ କୃତସଂକଳ୍ପ ହେଉଁ । ଆତ୍ମନିର୍ଭରତା ସମାଧିରେ ତନ୍ମୟ ହୋଇ ରହିଲେ ଦ୍ୱେଷ, ମୋହ, ପ୍ରଲୋଭନ, ପ୍ରଭୃତି ଭୂତ ପ୍ରେତଗଣ ଆମ୍ଭମାନଙ୍କୁ କଦାଚ ବିଚଳିତ କରିପାରିବେ ନାହିଁ ।

ଆମ୍ଭମାନଙ୍କର ଦୃଢ଼ନିଷ୍ଠା ଦେଖିଲେ ଆମ୍ଭର ସନାତନ ପୂର୍ବଜଗଣ ଆମ୍ଭମାନଙ୍କ ମସ୍ତକୋପରି ସ୍ୱର୍ଗ ଧାମରୁ ନନ୍ଦନକାନନଜାତ ପାରିଜାତ କୁସୁମ ବୃଷ୍ଟି କରିବେ, ଆମ୍ଭମାନଙ୍କର ତପସ୍ୟା ସିଦ୍ଧିରେ ଆମ୍ଭର କୁଳବଧୂଗଣ ମଙ୍ଗଳ ହୁଳହୁଳି ଦେବେ, ସେତେବେଳେ ଜାତୀୟ ଶୁଭଶଙ୍ଖ ଏକକୋଟି କଣ୍ଠରେ ବାଜି ଉଠିବ ''ଜୟ ଉତ୍କଳ ଜନନୀଙ୍କର ଜୟ'' ।

ସେହି କୋଟିକଣ୍ଠୋତ୍ଥିତ ଜୟରୋଳ ପ୍ରାକୃତିକ ଉତ୍କଳର ବନ ପର୍ବତର କନ୍ଦରେ କନ୍ଦରେ ସରିତ ସାଗରର ବନ୍ଦରେ ବନ୍ଦରେ ପୁର ପଲ୍ଲୀର ଅନ୍ଦରେ ଅନ୍ଦରେ ପ୍ରତିହତ ହୋଇ ପ୍ରତିଧ୍ୱନି ଉଠିବ ''ଜୟ ଉତ୍କଳ ଜନନୀଙ୍କର ଜୟ'' ।

ଯୁଗପତ୍ ସେହି ପୃଥୁଳିତ ଜୟ ନିନାଦ ଆକୁମାରିକା ହିମାଳୟର ମନ୍ଦିର ମସ୍‌ଜିଦର ସନ୍ଧିରେ ସନ୍ଧିରେ ନିଖିଳଭାରତର ତେତ୍ରିଶ କୋଟି ନରନାରୀଙ୍କର ଉଦ୍‌ବୋଧିତ ହୃଦୟର କନ୍ଦରେ କନ୍ଦରେ ନିନାଦିତ ହୋଇ ଗାଇ ଉଠିବ ''ଜୟ ଭାରତମାତାଙ୍କର ଜୟ'' ।

## ପଞ୍ଚଦଶ ଅଧିବେଶନରେ ଗୃହୀତ ପ୍ରସ୍ତାବାବଳୀ

**ପ୍ରଥମ ପ୍ରସ୍ତାବ :** ଭାରତରେ ସୁଶାସନ ଓ ଭାରତବାସୀଙ୍କ ଶାନ୍ତି ସନ୍ତୋଷ ବିଧାନ ନିମନ୍ତେ ଭାରତ ସଂସ୍କାର ଆଇନ ଜାରି ହେବା ପକ୍ଷେ ମହାମାନ୍ୟ ଭାରତସମ୍ରାଟ ଯେଉଁ ଆଶା ଓ ଆଶ୍ୱାସନାର ବାଣୀ ତାଙ୍କ ରାଜକୀୟ ଘୋଷଣାରେ ବ୍ୟକ୍ତ କରିଅଛନ୍ତି, ଏହି ସମ୍ମିଳନୀ ତାହା କୃତଜ୍ଞତା ଓ ଆଦରର ସହିତ ଗ୍ରହଣ କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର ବାରିଷ୍ଟର, ଗଞ୍ଜାମ
ଅନୁମୋଦକ —ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ, ବାଲେଶ୍ୱର
ସମର୍ଥକ — ଶ୍ରୀଯୁକ୍ତ ପ୍ୟାରୀମୋହନ ପାଣିଗ୍ରାହୀ, ଗଞ୍ଜାମ

**ଦ୍ୱିତୀୟ ପ୍ରସ୍ତାବ :** ସାମରିକ ଆଇନ ଯଥେଚ୍ଛା ଓ ବିଚାରଶୂନ୍ୟ ଭାବରେ ଜାରି ହେବା ଫଳରେ ପଞ୍ଜାବବାସିମାନଙ୍କୁ ଯେଉଁ ନିର୍ଯ୍ୟାତନ ଭୋଗ କରିବାକୁ ହୋଇଅଛି, ସେଥିରେ ଏହି ସମ୍ମିଳନୀ ଗଭୀର ଦୁଃଖ ପ୍ରକାଶ କରୁଅଛନ୍ତି ଏବଂ ହତଭାଗୀ ପଞ୍ଜାବୀଭାଇମାନଙ୍କୁ ସମସ୍ତ ଦୁଃଖ ଦୁର୍ବିପାକରେ ସମବେଦନା ଜଣାଉଅଛନ୍ତି ।

ପ୍ରସ୍ତାବକ — ଶ୍ରୀ ଯୁକ୍ତ ଲିଙ୍ଗରାଜ ପାଣିଗ୍ରାହୀ ଏମ.ଏ.,ବି.ଏଲ., ଗଞ୍ଜାମ
ଅନୁମୋଦକ —ଶ୍ରୀଯୁକ୍ତ ଦାଶରଥି ମିଶ୍ର, ସମ୍ବଲପୁର
ସମର୍ଥକ — ଶ୍ରୀଯୁକ୍ତ ଶଶିଭୂଷଣ ରଥ, ଗଞ୍ଜାମ

**ତୃତୀୟ ପ୍ରସ୍ତାବ :** ମହାମହିମ ସମ୍ରାଟ ଭାରତରେ ରାଜନୈତିକ ବନ୍ଦିମାନଙ୍କୁ ଯେଉଁ ମୁକ୍ତିଦାନର ଘୋଷଣା କରିଅଛନ୍ତି, ସେଥିପାଇଁ ଏହି ସମ୍ମିଳନୀ ସେହି ରାଜୋଚିତ ଉଦାରତା ଉପଲବ୍ଧି କରୁଅଛନ୍ତି ଏବଂ ଆଶା କରନ୍ତି ଯେ ମହାମାନ୍ୟ ବଡ଼ଲାଟ ମହୋଦୟ ମହାମହିମ ସମ୍ରାଟଙ୍କ ମହାନୁଭବ ଉଦ୍ଦେଶ୍ୟ ଓ ଅଭିପ୍ରାୟକୁ ଏପରି ଭାବରେ ସମାଧା କରିବେ ଯଦ୍ଦ୍ୱାରା ଭାରତର ସକଳ ଅଶାନ୍ତି ଓ ଅସନ୍ତୋଷ ଦୂରୀଭୂତ ହେବ ।

ପ୍ରସ୍ତାବକ — ସଭାପତି [ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା]

**ଚତୁର୍ଥ ପ୍ରସ୍ତାବ :** (କ) ୧୯୧୯ ସାଲର ଭାରତ ସଂସ୍କାର ଆଇନ ଭାରତୀୟ-ମାନଙ୍କୁ ଯଥାର୍ଥରେ ଶାସନ ପରିଚାଳନାରେ କେତେକ ଦାୟିତ୍ୱ ଓ କ୍ଷମତା ଦେବାର ଉଦ୍ୟମ ବୋଲି ଏ ସମ୍ମିଳନୀ ଗ୍ରହଣ କରୁଅଛନ୍ତି । ମାତ୍ର ଓଡ଼ିଆମାନଙ୍କର ଏକ ଶାସନରେ ରହିବାର ଦୃଢ଼ ନ୍ୟାଯ୍ୟ ଦାବି ପୂରଣ କରିବା ସକାଶେ ଏ ଆଇନରେ କୌଣସି ନିଶ୍ଚିତ ବ୍ୟବସ୍ଥା ନ ଥିବା ହେତୁ ଏଥିରେ ଓଡ଼ିଆମାନେ କୌଣସି ଆଶା ବା ସନ୍ତୋଷର କାରଣ ଦେଖୁ ନାହାନ୍ତି । କାରଣ ଓଡ଼ିଆମାନଙ୍କର ଶାସନ ଏକତା

ବ୍ୟତିରେକେ ଶାସନ ସଂସ୍କାର ଆଇନର କୌଣସି ଶୁଭଫଳ ସେମାନେ ଲାଭ କରି ପାରିବେ ନାହିଁ ।

(ଖ) ଓଡ଼ିଆମାନଙ୍କର ଶାସନ ଏକତା ସମ୍ପାଦିତ ନ ହେବାପର୍ଯ୍ୟନ୍ତ ଓଡ଼ିଆ-ମାନଙ୍କୁ ଆଜିଯାଏ ଯେ ଅନ୍ୟାୟ ଭୋଗିବାକୁ ହୋଇଅଛି ଏବଂ ଶାସନସଂସ୍କାର ଆଇନର ଯେ ଅସୁବିଧା ଭୋଗିବାକୁ ହେବ ତାହା କେତେକ ପରିମାଣରେ ନିବାରଣ କରିବା ନିମନ୍ତେ ଏ ସମ୍ମିଳନୀ ସରକାରଙ୍କଠାରେ ଏହି ଆବେଦନ କରୁଅଛନ୍ତି କି ନୂତନ ଶାସନ ସଂସ୍କାର ଆଇନକୁ କାର୍ଯ୍ୟକାରୀ କରିବା ଲାଗି ସେ ଯେଉଁ ନିୟମମାନ ପ୍ରଣୟନ କରିବେ ସେଥିରେ ଏପରି ବ୍ୟବସ୍ଥା ରଖାଯାଉ ଯଦ୍ୱାରା ଭିନ୍ନ ଭିନ୍ନ ପ୍ରଦେଶବାସୀ ଓଡ଼ିଆମାନଙ୍କ ନିମନ୍ତେ କେତେ ଜଣ ନିର୍ଦ୍ଦିଷ୍ଟ ପ୍ରତିନିଧି ଭାରତ ବଡ଼ଲାଟଙ୍କ ସଭାରେ ରହିପାରିବେ ଏବଂ ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗଳା ପ୍ରଦେଶବାସୀ ଓଡ଼ିଆମାନଙ୍କ ନିମନ୍ତେ ସେହି ସେହି ପ୍ରଦେଶର ବ୍ୟବସ୍ଥାପକ ସଭାରେ ପ୍ରତିନିଧିଙ୍କ ସ୍ଥାନ ନିରୂପିତ ହୋଇ ରହିବ ।

(ଗ) ଭାରତ ବଡ଼ଲାଟ ସଭାରେ ଓଡ଼ିଆ ପ୍ରତିନିଧି ମାନ୍ୟବର ସଚ୍ଚିଦାନନ୍ଦ ସିଂହ ଏବଂ ମାନ୍ୟବର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କୁ ଅନୁରୋଧ କରାଯାଉ ଯେ ସେମାନେ ଯେପରି ଉଚିତ ବିବେଚନା କରନ୍ତି ଓଡ଼ିଆମାନଙ୍କର ଦେଶମିଶ୍ରଣ ପ୍ରସଙ୍ଗ ବଡ଼ଲାଟଙ୍କ ଆଗେ ଆଗତ କରିବେ ଏବଂ ତାହା ନ ହେବାଯାଏ ଏହି ନିର୍ଦ୍ଧାରଣର (ଖ) ଦଫାରେ ଯେ ବ୍ୟବସ୍ଥା ସୂଚନା କରାଯାଇଅଛି ତାହା କାର୍ଯ୍ୟରେ ପରିଣତ କରାଇବା ନିମନ୍ତେ ଯତ୍ନ କରିବେ ।

ପ୍ରସ୍ତାବକ — ମାନ୍ୟବର ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ବି.ଏ.
ଅନୁମୋଦକ —ମାନ୍ୟବର ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା, ଜୟପୁର
ସମର୍ଥକ — ଶ୍ରୀଯୁକ୍ତ ମଧୁସୂଦନ ପାଣିଗ୍ରାହୀ, ଗଞ୍ଜାମ
ଶ୍ରୀଯୁକ୍ତ ନୀଳକଣ୍ଠ ଚୌଧୁରୀ, ପୁରୀ
ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ର, ବାଲେଶ୍ୱର
ଶ୍ରୀଯୁକ୍ତ କାହ୍ନୁକିଶୋର ପାଣି, ମାନଭୂମ
ଶ୍ରୀଯୁକ୍ତ ସମସେର ସିଂହ, ମଧ୍ୟପ୍ରଦେଶ
ଶ୍ରୀଯୁକ୍ତ ସ୍ୱପ୍ନେଶ୍ୱର ଦାସ, ସମ୍ବଲପୁର

**ପଞ୍ଚମ ପ୍ରସ୍ତାବ :** ଶାସନ ସଂସ୍କାର ଆଇନର ଉଦେଶ୍ୟ ଲୋକଙ୍କୁ ବୁଝାଇବା, ନୂତନ ଶାସନ ବିଧିର ଉପଯୋଗୀ କରିବା ଏବଂ ଓଡ଼ିଆଭାଷୀ ପ୍ରଦେଶର ପ୍ରକୃତ ଅଭାବ ଓ ଆକାଂକ୍ଷା ହୃଦୟଙ୍ଗମ କରାଇବା କାରଣ ଜିଲା ସମିତିମାନେ ବିହିତ ଉପାୟ ଅବଲମ୍ବନ କରନ୍ତୁ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର, ସିଂହଭୂମ
ଅନୁମୋଦକ –ଶ୍ରୀଯୁକ୍ତ ଲାଲମୋହନ ପତି, ମୟୂରଭଞ୍ଜ
ସମର୍ଥକ – ଶ୍ରୀଯୁକ୍ତ ରାଧାନାଥ ମହାନ୍ତି, ବାଲେଶ୍ୱର

**ଷଷ୍ଠ ପ୍ରସ୍ତାବ :** (କ) ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଶେଷତଃ ପୁରୀର ସଦର ସବ୍‌ଡ଼ିଭିଜନର ବନ୍ୟା ଓ ଦୁର୍ଭିକ୍ଷ ଦ୍ୱାରା ଯେ ଭୟଙ୍କର କ୍ଷତି ଓ ଲୋକକ୍ଷୟ ହୋଇଅଛି, ଲୋକ ସାଧାରଣଙ୍କ ପକ୍ଷରୁ ନାନା ସୂତ୍ରରେ ସରକାରଙ୍କୁ ତାହା ଗୋଚର କରାଯାଇଥିଲେ ସୁଦ୍ଧା ସେଥିପ୍ରତି ସରକାରଙ୍କ ତରଫରୁ କୌଣସି ପ୍ରତିକାର ହୋଇ ନ ଥିବା, ଆତୁର ଓ ବିପନ୍ନ ପ୍ରଜାମାନଙ୍କ ପ୍ରତି ସରକାରଙ୍କ ତ୍ରୁଟି ବୋଲି ଏ ସମ୍ମିଳନୀ ଦୃଢ଼ଭାବରେ ବ୍ୟକ୍ତ କରୁଅଛନ୍ତି ।

(ଖ) ବନ୍ୟାପୀଡ଼ିତ ଅଞ୍ଚଳ ଲୋକମାନଙ୍କ ଦୁରବସ୍ଥା ଅଦ୍ୟାପି ପୂର୍ବପରି ରହିଅଛି । ତହିଁର ପ୍ରକୃତ ଅବସ୍ଥା ଜାଣି ବିହିତ ପ୍ରତିକାର ବିଧାନ ନିମନ୍ତେ ସରକାରୀ ଏବଂ ବେସରକାରୀ ସଭ୍ୟମାନଙ୍କ ଦ୍ୱାରା ଗଠିତ ଏକ କମେଟୀ ଦ୍ୱାରା ଅନୁସନ୍ଧାନ କରାଯିବା ଉଚିତ ବୋଲି ଏ ସମ୍ମିଳନୀ ବିବେଚନା କରନ୍ତି ଏବଂ ଏଥି ନିମନ୍ତେ ନିମ୍ନଲିଖିତ ବେସରକାରୀ ସଭ୍ୟମାନଙ୍କୁ ସମ୍ମିଳନୀ ନିର୍ବାଚନ କରୁଅଛନ୍ତି । ଏହି ଅନୁସନ୍ଧାନ କାର୍ଯ୍ୟ ସମ୍ପାଦନ ନିମନ୍ତେ କର୍ତ୍ତୃପକ୍ଷଙ୍କୁ ଜଣାଇବା ଏବଂ ଅନ୍ୟାନ୍ୟ ପ୍ରୟୋଜନୀୟ ବିହିତପନ୍ଥା ଅବଲମ୍ବନ କରିବାର କ୍ଷମତା ତାଙ୍କ ଉପରେ ରହିଲା ।

୧. ମାନ୍ୟବର ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ
୨. ଶ୍ରୀଯୁକ୍ତ ଶଶିଭୂଷଣ ରଥ
୩. ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ
୪. ଶ୍ରୀଯୁକ୍ତ ବନମାଳୀ ଦାସ
୫. ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ

(ଗ) ଉକ୍ତ ଅଞ୍ଚଳମାନଙ୍କରେ ଉପଯୁକ୍ତ ଦୁର୍ଭିକ୍ଷ ସାହାଯ୍ୟ ଦିଆଯିବା ଏବଂ ବର୍ତ୍ତମାନ ଅବସ୍ଥା ପରିବର୍ତ୍ତନ ନ ହେବାଯାଏ ଚୌକିଦାରୀ ଟିକସ ଓ ରାଜସ୍ୱ ଆଦାୟ ଛାଡ଼ ଦେବା ନିମନ୍ତେ ଏ ସମ୍ମିଳନୀ ସରକାରଙ୍କୁ ପ୍ରାର୍ଥନା କରୁଅଛନ୍ତି ।

(ଘ) ବନ୍ୟାପୀଡ଼ିତ ସ୍ଥାନମାନଙ୍କରେ ଯେଉଁ ସ୍ୱେଚ୍ଛାସେବକମାନେ କଷ୍ଟ ସହି ସାହାଯ୍ୟ ବାଣ୍ଟିଥିଲେ ଏବଂ ଯେଉଁମାନେ ଅର୍ଥ ସାହାଯ୍ୟ କରିଥିଲେ ସେମାନଙ୍କୁ ସମ୍ମିଳନୀ ଧନ୍ୟବାଦ ଅର୍ପଣ କରୁଅଛନ୍ତି ।

ପ୍ରସ୍ତାବକ – ମାନ୍ୟବର ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ
ଅନୁମୋଦକ –ଶ୍ରୀଯୁକ୍ତ କଳ୍ପତରୁ ଦାସ
ଶ୍ରୀଯୁକ୍ତ ପୀତାମ୍ବର ଚନ୍ଦ୍ର ଦେ
ସମର୍ଥକ – ଶ୍ରୀଯୁକ୍ତ ବନମାଳୀ ଦାସ

**ସପ୍ତମ ପ୍ରସ୍ତାବ :** ମାନ୍ଦ୍ରାଜ ପ୍ରଦେଶର ବିଶାଖାପାଟଣା ଜିଲ୍ଲାନ୍ତର୍ଗତ ଜୟପୁର ଏଜେନ୍ସିକୁ ଗୋଟିଏ ଭିନ୍ନ ଜିଲ୍ଲାରୂପେ ଗଠନ କରି ତହିଁରେ ଏବଂ ଗଞ୍ଜାମ ଜିଲାନ୍ତର୍ଗତ ଛତ୍ରପୁର ଓ ବ୍ରହ୍ମପୁର ଅଞ୍ଚଳରେ ଓଡ଼ିଆ ଭାଷାକୁ ଏକମାତ୍ର କଚେରୀଭାଷାରୂପେ ଗ୍ରହଣ କରିବାକୁ ଏ ସମ୍ମିଳନୀ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଦୃଢ଼ ଭାବରେ ଦାବି କରୁଅଛନ୍ତି ।

ପ୍ରସ୍ତାବକ – ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ

ଅନୁମୋଦକ –ଶ୍ରୀଯୁକ୍ତ ରାମକୃଷ୍ଣ ମିଶ୍ର

ସମର୍ଥକ – ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପଟ୍ଟନାୟକ

**ଅଷ୍ଟମ ପ୍ରସ୍ତାବ :** ମାନ୍ଦ୍ରାଜ ଅଞ୍ଚଳରେ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକମାନଙ୍କ ନିମନ୍ତେ କଟଲର ସାହେବଙ୍କ ଯତ୍ନରେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ୪୦ ଲକ୍ଷ ଟଙ୍କା ବ୍ୟୟ କରି ଦୁର୍ଭିକ୍ଷ କଷ୍ଟ ନିବାରଣ କରିଥିବାରୁ ସମ୍ମିଳନୀ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଓ କଟଲର ସାହେବଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

ପ୍ରସ୍ତାବକ – ସଭାପତି [ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା]

**ନବମ ପ୍ରସ୍ତାବ :** ମାନ୍ଦ୍ରାଜର ଶିଷ୍ଟ କରଣମାନେ ଓଡ଼ିଆ ଥିଲେ ସୁଦ୍ଧା କେହି କେହି ବିଶେଷତଃ ସ୍କୁଲ ବେତନ ଗ୍ରହଣ କରିବା ବିଷୟରେ ମାନ୍ଦ୍ରାଜ ଶିକ୍ଷାବିଭାଗ ସେମାନଙ୍କୁ ଯେ ଓଡ଼ିଆରୂପେ ଗ୍ରହଣ କରୁନାହାନ୍ତି ସେଥିରେ ସମ୍ମିଳନୀ ତୀବ୍ର ଆକ୍ଷେପ କରୁଅଛନ୍ତି ଏବଂ ଉପଲବ୍ଧି କରୁଅଛନ୍ତି ଯେ ଓଡ଼ିଆମାନଙ୍କର ଯେପରି ଦାବି, ଶିଷ୍ଟ କରଣମାନଙ୍କର ଦାବି ସେହିପରି ଗୃହୀତ ହେଉ ।

ପ୍ରସ୍ତାବକ – ସଭାପତି [ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା]

**ଦଶମ ପ୍ରସ୍ତାବ :** (କ) ଓଡ଼ିଶା ବାହାରରେ ବଙ୍ଗଦେଶ, ଛୋଟନାଗପୁର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶରେ ଥିବା ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଓଡ଼ିଆ ଶିକ୍ଷା ଓ ଓଡ଼ିଆଭାଷା ପ୍ରଚାରର ବହୁଳ ଅବସ୍ଥା କରିବା ନିମନ୍ତେ ସମ୍ମିଳନୀ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରୁଅଛନ୍ତି ।

(ଖ) ଏହି ସବୁ ଅଞ୍ଚଳରେ ଓଡ଼ିଆ ଶିକ୍ଷା ଓ ଭାଷା ପ୍ରଚାର ନିମନ୍ତେ ଓଡ଼ିଆ ରକ୍ଷାପାଣ୍ଠିର ପରିପୁଷ୍ଟି ନିମନ୍ତେ ନିମ୍ନଲିଖିତ ବ୍ୟକ୍ତିଙ୍କୁ ନେଇ ଗୋଟିଏ କମେଟୀ ଗଠିତ ହେଉ ।

୧. ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା

୨. ଶ୍ରୀଯୁକ୍ତ ଶଶିଭୂଷଣ ରଥ

୩. ମାନ୍ୟବର ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ, ସମ୍ପାଦକ ଓ କୋଷାଧ୍ୟକ୍ଷ

୪. ଶ୍ରୀଯୁକ୍ତ ଅନନ୍ତ ମିଶ୍ର

୫. ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ର
୬. ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ
୭. ଶ୍ରୀଯୁକ୍ତ କାହ୍ନୁ କିଶୋର ପାଣି
୮. ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା
୯. ଶ୍ରୀଯୁକ୍ତ ରାମେଶ୍ୱର ସିଂହ
୧୦. ଶ୍ରୀଯୁକ୍ତ ପଞ୍ଚାନନ ଷଡ଼ଙ୍ଗୀ

ପ୍ରସ୍ତାବକ — ଶ୍ରୀଯୁକ୍ତ ଅନନ୍ତ ମିଶ୍ର
ଅନୁମୋଦକ —ଶ୍ରୀଯୁକ୍ତ ଭଗବାନ ଷଡ଼ଙ୍ଗୀ

**ଏକାଦଶ ପ୍ରସ୍ତାବ :** ବର୍ତ୍ତମାନ ଲୁଗାପଟା ଯେପରି ମହର୍ଗ ହୋଇଅଛି, ସେଥିରେ ଚରକା ବ୍ୟବହାରଦ୍ୱାରା ଦେଶରେ ସୂତା ତିଆରି ଓ ଲୁଗାବୁଣା ନିତାନ୍ତ ପ୍ରୟୋଜନ ବୋଲି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି ଏବଂ କିପରି ଗ୍ରାମେ ଗ୍ରାମେ ଚରକା ବ୍ୟବହାର ବିସ୍ତାର ହୋଇପାରିବ ସେ କଥାର ବିଚାର ଏବଂ ତାହା କାର୍ଯ୍ୟରେ ପରିଣତ କରିବା ନିମନ୍ତେ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଗୋଟିଏ କମେଟୀ ଗଠିତ ହେଉ ।

୧. ମାନ୍ୟବର ଗୋପବନ୍ଧୁ ଦାସ
୨. ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା
୩. ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ
୪. ଶ୍ରୀଯୁକ୍ତ କଳ୍ପତରୁ ଦାସ
୫. ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ
୬. ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା

ପ୍ରସ୍ତାବକ — ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର
ଅନୁମୋଦକ —ଶ୍ରୀଯୁକ୍ତ ଭୋଳାନାଥ ସାହୁ

**ଦ୍ୱାଦଶ ପ୍ରସ୍ତାବ :** ସମ୍ବଲପୁର ରାଜନୈତିକ ଓଡ଼ିଶାର ଅନ୍ତର୍ଗତ ହେଲେହେଁ ଭଲ ରାସ୍ତାର ଅଭାବ ଯୋଗୁ ଯାତାୟତରେ ଯେ ଅସୁବିଧା ହେଉଅଛି ତାହା ଦୂରୀକରଣ ନ ହେଲେ ସମ୍ବଲପୁର ସଙ୍ଗେ ଓଡ଼ିଶା ମିଳନର ସୁଫଳ ମିଳିପାରିବ ନାହିଁ । ଖୋରଧା ରୋଡ୍ ସଙ୍ଗେ ସମ୍ବଲପୁରକୁ ମିଶାଇ ଏକ ରେଲ ରାସ୍ତା କରିବା ସକାଶେ ଏ ସମ୍ମିଳନୀ ଗବର୍ଣ୍ଣମେଣ୍ଟଙ୍କ ସମୀପରେ ପ୍ରାର୍ଥନା କରୁଅଛନ୍ତି ।

ପ୍ରସ୍ତାବକ — ମହନ୍ତ ଶ୍ରୀ ରାଧାକୃଷ୍ଣ ଦାସ ଗୋସ୍ୱାମୀ
ଅନୁମୋଦକ — ଶ୍ରୀଯୁକ୍ତ ଧରଣୀଧର ମିଶ୍ର

**ତ୍ରୟୋଦଶ ପ୍ରସ୍ତାବ :** ଖୋରଧା ଜଙ୍ଗଲର ନିୟମସବୁ ଯେପରି ଗଠିତ ଏବଂ ସୀମା ଯେପରି ନିର୍ଦ୍ଦେଶ କରା ଯାଇଅଛି ସେଥିରେ ସେଠାର ପ୍ରଜାସାଧାରଣଙ୍କର

ବିଶେଷ ଅସୁବିଧା ହେଉଅଛି, ସେହି ଅସୁବିଧା ଦୂରୀକରଣ ନିମନ୍ତେ ସରକାରଙ୍କ ନିକଟରେ ଏହି ସମ୍ମିଳନୀ ଜଣାଉଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ

ଅନୁମୋଦକ — ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ

**ଚତୁର୍ଦ୍ଦଶ ପ୍ରସ୍ତାବ :** ଯେଉଁ ସହରମାନଙ୍କରେ ବେଶୀ ଶ୍ରମଜୀବିମାନେ ବାସ କରନ୍ତି, ସେଠାରେ ସେମାନଙ୍କ ସାହାଯ୍ୟ ନିମନ୍ତେ ଗୋଟିଏ ଗୋଟିଏ ଅନୁଷ୍ଠାନ ସ୍ଥାପନ କରିବାର ଆବଶ୍ୟକତା ଏ ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି ଏବଂ ସରକାର ଯେ ଶ୍ରମଜୀବିମାନଙ୍କର କଲ୍ୟାଣ ନିମନ୍ତେ ଉଦ୍ୟମ କରୁଅଛନ୍ତି, ତାହାର ଉପକାରିତା ସ୍ୱୀକାର କରିବା ସଙ୍ଗେ ସଙ୍ଗେ କଲିକତା, ରେଙ୍ଗୁନ, ଜାମସେଦପୁର ପ୍ରଭୃତି ଯେଉଁ ସ୍ଥାନମାନଙ୍କରେ ଅନେକ ଓଡ଼ିଆ ଶ୍ରମଜିବୀ କାମ କରନ୍ତି, ସେହି ସେହିଠାରେ ଶ୍ରମଜିବୀ ବିଦ୍ୟାଳୟ ଓ ଶ୍ରମଜିବୀ ସମିତି ଗଠିତ କହିବାର ଆବଶ୍ୟକତା ହୃଦୟଙ୍ଗମ କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର

ଅନୁମୋଦକ — ଶ୍ରୀଯୁକ୍ତ ହରିହର ମିଶ୍ର

**ପଞ୍ଚଦଶ ପ୍ରସ୍ତାବ :** ଓଡ଼ିଆ ପରୀକ୍ଷାର୍ଥୀମାନଙ୍କୁ ସଂସ୍କୃତ ପରୀକ୍ଷା ଦେବନାଗରୀ ଅକ୍ଷରରେ ଲେଖିବାକୁ ହେବ ବୋଲି ପାଟଣା ବିଶ୍ୱବିଦ୍ୟାଳୟ ଯେ ପ୍ରସ୍ତାବ କରିଅଛନ୍ତି, ତାହା ବିରୁଦ୍ଧରେ ଏହି ସମ୍ମିଳନୀ ତୀବ୍ର ପ୍ରତିବାଦ କରୁଅଛନ୍ତି, ଏବଂ ଓଡ଼ିଆ ପରୀକ୍ଷାର୍ଥୀମାନେ ପୂର୍ବବତ୍ ଓଡ଼ିଆ ଅକ୍ଷରରେ ସଂସ୍କୃତ ପରୀକ୍ଷା ଦେବାନିମନ୍ତେ ଦୃଢ଼ଭାବେ ଦାବି କରୁଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ

ଅନୁମୋଦକ — ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମିଶ୍ର,

**ଷୋଡ଼ଶ ପ୍ରସ୍ତାବ :** ସମ୍ମିଳନୀ ନିୟମାବଳୀରେ ନିମ୍ନଲିଖିତମତେ ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଗଲା ।

ପ୍ରସ୍ତାବକ — ମହନ୍ତ ଶ୍ରୀଯୁକ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ

ଅନୁମୋଦକ — ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ

ଉଦ୍ଦେଶ୍ୟ — ପ୍ରାକୃତିକ ଉତ୍କଳ ବା ଓଡ଼ିଆ ଭାଷୀ ଅଞ୍ଚଳମାନଙ୍କର ଶାସନ ଆଦି ସକଳ ବିଷୟରେ ଏକତା ସ୍ଥାପନ; କୃଷି, ଶିଳ୍ପ, ଶିକ୍ଷା ପ୍ରଭୃତି ବିଭିନ୍ନ ଦିଗରେ ସର୍ବାଙ୍ଗୀନ ଉନ୍ନତି ସାଧନ ଏବଂ ଏହି ଉପାୟରେ ଭାରତର ଜାତୀୟ ଆକାଂକ୍ଷା ଅନୁମୋଦିତ ଏବଂ ପରିପୋଷକ ଉତ୍କଳ ଜାତୀୟତା ଗଠନ ।

୧. ଜିଲ୍ଲାର ସ୍ଥାୟୀ ଅଧିବାସିମାନେ ଜିଲ୍ଲା ସମିତିର ସଭ୍ୟ ହୋଇପାରିବେ । ଏହା ଛଡ଼ା ପ୍ରାକୃତିକ ଉତ୍କଳର ଅନ୍ୟ କୌଣସି ଜିଲ୍ଲା ବା ଅଞ୍ଚଳର ଅଧିବାସିଙ୍କର

ଅନ୍ୟ ଜିଲ୍ଲାରେ ସ୍ଥାୟୀ ଅଧିବାସ ନ ଥିଲେ ସୁଦ୍ଧା ଯେବେ ବିଶେଷ ସମ୍ପର୍କ ଥାଏ, ତାହା ହେଲେ ସେହି ଜିଲ୍ଲା ସମିତିର ସଭ୍ୟ ହୋଇପାରିବେ ।

୨. ଅଭ୍ୟର୍ଥନା ସମିତିର ସଭ୍ୟମାନଙ୍କର ଚାନ୍ଦା କେତେ ହେବ, ତାହା ସ୍ଥିର କରିବାର ଭାର ଅଭ୍ୟର୍ଥନା ସମିତି ହାତରେ ରହିଲା ।

୩. ସଭାପତି ନିର୍ବାଚନ କରିବାର ଭାର ଜିଲ୍ଲା ସମିତିର ଅଟେ । ଯେଉଁ ଲୋକଙ୍କୁ ବେଶୀ ସଂଖ୍ୟକ ଜିଲ୍ଲା ସମିତି ମତ ଦେବେ ସେ ସଭାପତି ହେବେ । ଜିଲ୍ଲା ସମିତିମାନେ ସ୍ଥାୟୀ ସଭାକୁ ସେମାନଙ୍କ ମତ ଜଣାଇବେ । ସ୍ଥାୟୀ ସଭାର ମତ ସଂଗ୍ରହ କରି ଯାହା ପ୍ରତି ଅଧିକ ସଂଖ୍ୟକ ମତ ହେବ, ତାଙ୍କ ନାମ ଅଭ୍ୟର୍ଥନା ସମିତିକୁ ଜଣାଇବେ । ଏ ନିର୍ବାଚନ ସମ୍ମିଳନୀ ଅଧିବେଶନର ତିନିମାସ ଆଗରୁ ହେବ ।

୪. ନିୟମ ପରିବର୍ତ୍ତନ ଲାଗି କୌଣସି ଜିଲ୍ଲା ସମିତି ପ୍ରସ୍ତାବ କରି ସ୍ଥାୟୀ ସମିତିକୁ ଜଣାଇବେ ।

୫. ସ୍ଥାୟୀସଭାର ଗୋଟିଏ କାର୍ଯ୍ୟନିର୍ବାହକ ସମିତି ରହିବ । ସଭାପତି, ସମ୍ପାଦକ ବ୍ୟତୀତ ଅନ୍ୟ ପାଞ୍ଚଜଣ ସଭ୍ୟ ଏ ସମିତିରେ ରହିବେ । ଯେଉଁଠି ସ୍ଥାୟୀ ସଭା ରହିବ, ସେହି ସ୍ଥାନୀୟ ସଭ୍ୟଙ୍କୁ ନେଇ କାର୍ଯ୍ୟନିର୍ବାହିକା ସମିତି ରହିବ । ଏମାନେ ଅନ୍ୟାନ୍ୟ ସଭ୍ୟଙ୍କ ମତ ନେଇ କାର୍ଯ୍ୟ କରିବେ । ଲିଖିତ ମତ ଗ୍ରହଣ କରାଯାଇ ପାରିବ ।

୬. ପ୍ରାକୃତିକ ଉତ୍କଳ ବାହାରେ ଥିବା ଓଡ଼ିଆମାନେ ସଭା ସମିତି କଲେ ସେମାନେ ଜିଲ୍ଲା ସମିତିର କତିଆନ ପରିଚାଳନା କରିପାରିବେ । ଏପରି ପ୍ରତ୍ୟେକ ସ୍ଥାନରେ ଥିବା ଓଡ଼ିଆମାନେ ସମ୍ମିଳନୀର ବିଷୟ-ନିର୍ବାଚନ-ସଭାକୁ ପ୍ରତିନିଧି ପଠାଇ ପାରିବେ ।

୭. ଯେଉଁ ଜିଲ୍ଲାରେ ସମ୍ମିଳନୀ ହେବ ସେହି ଜିଲ୍ଲାର ଲୋକ ସଭାପତି ହେବା ବାଞ୍ଛନୀୟ ନୁହେ, ମାତ୍ର ଅଭାବ ସ୍ଥଳେ ହୋଇପାରେ ।

୮. ସ୍ଥାୟୀ ସଭାର ସଭ୍ୟମାନେ ସମ୍ମିଳନୀର ପ୍ରତିନିଧି ବୋଲି ଗଣ୍ୟ ହେବେ ।

୯. ତିନିଗୋଟି ଜିଲ୍ଲା ସମିତି ମତ ଦେଲେ ସ୍ଥାୟୀ ସଭା ସମ୍ମିଳନୀର ଅଧିବେଶନ ଡାକି ପାରିବେ ।

୧୦. ବିଷୟ-ନିର୍ବାଚନ-ସଭାକୁ କୌଣସି ଜିଲ୍ଲାର ପ୍ରତିନିଧି ଆସି ନ ଥିଲେ କିମ୍ବା ପ୍ରତିନିଧିମାନଙ୍କ ମଧ୍ୟରୁ ଅନ୍ୟ କୌଣସି ପ୍ରବୀଣ ପରାମର୍ଶଦାତାଙ୍କୁ ବିଷୟ-ନିର୍ବାଚନ-ସଭାକୁ ଡାକିବାକୁ ଆବଶ୍ୟକ ମନେ କଲେ ସଭାପତି ପାଞ୍ଚଜଣ ପର୍ଯ୍ୟନ୍ତ ସଭ୍ୟ ନେଇପାରିବେ ।

୧୧. ଯେଉଁ ଜିଲ୍ଲାରେ ସମ୍ମିଳନୀ ହେବ, ସେ ଜିଲ୍ଲାରୁ ଅଭ୍ୟର୍ଥନା ସମିତିର ସମ୍ପାଦକଙ୍କର ବିଷୟ-ନିର୍ବାଚନ-ସଭାରେ ମତ ଦେବାର କ୍ଷମତା ରହିବ ଏବଂ ଜିଲ୍ଲାରୁ ଅଧିକ ଚାରିଜଣ ସଭ୍ୟ ନିଆଯାଇପାରିବ ।

୧୨. ସମ୍ମିଳନୀ ଇଚ୍ଛା କଲେ ସ୍ଥାୟୀ ସଭାକୁ କଟକ ବ୍ୟତୀତ ଅନ୍ୟ ସ୍ଥାନରେ ରଖିପାରନ୍ତି ।

୧୩. ସ୍ଥାୟୀ ସଭାର ସଭ୍ୟ ସଂଖ୍ୟା ନିମ୍ନଲିଖିତ ମତେ ହେବ । କଟକ – ୧୨ଜଣ, ପୁରୀ – ୧୨ଜଣ, ବାଲେଶ୍ୱର – ୧୨ଜଣ, ଗଞ୍ଜାମ – ୧୨ଜଣ, ସମ୍ବଲପୁର – ୧୨ଜଣ, ସିଂହଭୂମି – ୫ଜଣ, ମଧ୍ୟପ୍ରଦେଶ – ୩ଜଣ, ମେଦିନୀପୁର – ୧ଜଣ, ଅନୁଗୁଳ – ୧ଜଣ, ଗଡ଼ଜାତ – ୫ଜଣ, କଲିକତା ଓଡ଼ିଆ ସମାଜ – ୫ଜଣ, ଅନ୍ୟାନ୍ୟ ସ୍ଥାନର ଓଡ଼ିଆ – ୪ଜଣ, ବିଶାଖାପାଟନା – ୫ଜଣ ।

୧୪. ବିଷୟ-ନିର୍ବାଚନ-ସଭାର ସଭ୍ୟ ସଂଖ୍ୟା ନିମ୍ନଲିଖିତ ମତେ ହେବ । କଟକ – ୭ଜଣ, ପୁରୀ – ୭ଜଣ, ବାଲେଶ୍ୱର – ୭ଜଣ, ଗଞ୍ଜାମ – ୭ଜଣ, ସମ୍ବଲପୁର – ୭ଜଣ, ବିଶାଖାପାଟଣା – ୩ଜଣ, ସିଂହଭୂମି – ୫ଜଣ, ମେଦିନୀପୁର – ୧ଜଣ, ମଧ୍ୟପ୍ରଦେଶ – ୨ଜଣ, କଲିକତା ଓଡ଼ିଆ ସମାଜ – ୨ଜଣ, ଅନୁଗୁଳ – ୧ଜଣ, ଗଡ଼ଜାତ – ୨ଜଣ ।

**ସପ୍ତଦଶ ପ୍ରସ୍ତାବ :** ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ସମ୍ମିଳନୀ ସ୍ଥାୟୀସଭାର ସଭାପତି ଓ ସମ୍ପାଦକ ନିଯୁକ୍ତ ହେଲେ ଏବଂ ଆସନ୍ତା ବର୍ଷ ଲାଗି ସ୍ଥାୟୀ ସଭା ପୁରୀରେ ରହିଲା ।

ମାନ୍ୟବର ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ – ସଭାପତି

ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ – ସମ୍ପାଦକ

ସଭାପତିଙ୍କ ପ୍ରସ୍ତାବକ୍ରମେ ସମସ୍ତଙ୍କ ଦ୍ୱାରା ଗୃହୀତ ହେଲା

**ଅଷ୍ଟାଦଶ ପ୍ରସ୍ତାବ :** ସ୍ୱେଚ୍ଛାସେବକମାନଙ୍କୁ ଧନ୍ୟବାଦ

ପ୍ରସ୍ତାବକ – ସଭାପତି

**ଊନବିଂଶ ପ୍ରସ୍ତାବ :** ସଭାପତିଙ୍କୁ ଧନ୍ୟବାଦ

ପ୍ରସ୍ତାବକ – ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ ।

—

## ଷୋଡ଼ଶ ଅଧିବେଶନ

[ଉତ୍କଳ ସମ୍ମିଳନୀର ଷୋଡଶ ବାର୍ଷିକ ଅଧିବେଶନ ୧୯୨୦ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖ ତଥା ୧୯୨୧ ମସିହା ଜାନୁଆରୀ ୧ ତାରିଖରେ ଚକ୍ରଧରପୁର ସହର ମଧ୍ୟସ୍ଥ ଏକ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ଗଠିତ ଅଭ୍ୟର୍ଥନା ସଭାର ଅଧ୍ୟକ୍ଷ ଥିଲେ ଠାକୁର ଉଦିତ ନାରାୟଣ ସିଂହଦେବ । ଏହି ଅଧିବେଶନରେ ଉତ୍କଳଗୌରବ ମଧୁସୂଦନ ଦାସ ସଭାପତିତ୍ୱ କରିବାର ଥିଲା ମାତ୍ର ସେ ଉପସ୍ଥିତ ନ ହେବାରୁ ସମ୍ମିଳନୀ ସ୍ଥାୟୀ ସମିତିର ସମ୍ପାଦକ ଜଗବନ୍ଧୁ ସିଂହ ସଭାପତି ରୂପେ ମନୋନୀତ ହେଲେ । ସେଥିପାଇଁ ସ୍ଥାୟୀ ସମିତିର ସଭାପତି ପଣ୍ଡିତ ଗୋପବନ୍ଧୁ ଦାସ ସମ୍ପାଦକ ବିବରଣୀ ଉପସ୍ଥାପନ କରିଥିଲେ । ଅପର ପକ୍ଷରେ ଅଭ୍ୟର୍ଥନା ସମିତି ତରଫରୁ ଅଧ୍ୟକ୍ଷ ଠାକୁର ଉଦିତ ନାରାୟଣ ସିଂହଦେବଙ୍କ ସ୍ୱାକ୍ଷରରେ ସମସ୍ତଙ୍କୁ ଆମନ୍ତ୍ରଣ କରାଯାଇଥିଲା ମାତ୍ର ନାନା କାରଣରୁ ସେ ଉପସ୍ଥିତ ହୋଇ ନ ପାରିବାରୁ ତାଙ୍କ ବକ୍ତବ୍ୟ ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ପାଠ କରିଥିଲେ । ବିଚ୍ଛିନ୍ନାଞ୍ଚଳରେ ଏହା ଥିଲା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ । ବିଭିନ୍ନ ଗୋଷ୍ଠୀ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଏହି ଅଧିବେଶନ ପରେ କିଛି ସମୟ ପାଇଁ ସମ୍ମିଳନୀର ଭବିଷ୍ୟତ ଅନିଶ୍ଚିତ ହୋଇ ପଡ଼ିଥିଲା । ଅଧିବେଶନରେ ବାରଟି ନିର୍ଦ୍ଧାରଣ ପ୍ରସ୍ତାବିତ ଓ ଗୃହୀତ ହୋଇଥିଲା । ଦ୍ୱିତୀୟ ପ୍ରସ୍ତାବ ସଂପର୍କରେ ବାଦାନୁବାଦ ହୋଇ ଶେଷରେ ଭୋଟ ଦ୍ୱାରା ତାହା ନିର୍ଦ୍ଧାରିତ ହୋଇଥିଲା ।]

### ଅଧିବେଶନର ସଭାପତି ଜଗବନ୍ଧୁ ସିଂହଙ୍କ ସଭାପତି ଅଭିଭାଷଣର କିୟଦଂଶ (ସମ୍ମିଳନୀର ପ୍ରକୃତି ସମ୍ପର୍କରେ)

ସମ୍ମିଳନୀର ପ୍ରକୃତି ନିର୍ଦ୍ଦେଶ ବହୁବାର ହୋଇ ସାରିଛି । ପଣ୍ଡିତ ଗୋପବନ୍ଧୁ ଦାସ ଗତଥର ସଭାପତି ଆସନରୁ ବିସ୍ତୃତ ଭାବରେ ସମ୍ମିଳନୀର ପ୍ରକୃତି ବ୍ୟାଖାନ କରିଥିଲେ । ସମ୍ମିଳନୀ ଯେ ସମଗ୍ର ଉତ୍କଳବାସୀ ଓ ଉତ୍କଳଭାଷୀ ଲୋକମାନଙ୍କର ଏଥିରେ ଦ୍ୱିମତ ନାହିଁ । ଓଡ଼ିଆଭାଷୀ ପ୍ରଦେଶର ଏକତ୍ରିକରଣ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏ ମିଳନ ମନ୍ଦିରରେ ସମସ୍ତଙ୍କର ସମାନ ଅଧିକାର । ମାତ୍ର ଦେଶମିଶ୍ରଣ ପରେ ଯେ ଏ ସମ୍ମିଳନୀର ଆଉ କିଛି କାର୍ଯ୍ୟ ନାହିଁ ତାହା ନୁହେ । ସମ୍ମିଳନୀର ମୁଖ୍ୟ

ଉଦ୍ଦେଶ୍ୟ ଯାହା ଥାଉ ଏବଂ ଗୌଣ ଉଦ୍ଦେଶ୍ୟ ଯାହା ଥାଉ, ଏହାର ମୂଳ ଉଦ୍ଦେଶ୍ୟ ମିଳନ, ଅର୍ଥାତ୍ ଉତ୍କଳୀୟମାନଙ୍କ ମଧ୍ୟରେ ଏକତା ସମ୍ପାଦନ । ମିଳନ ଅର୍ଥରେ କେବଳ ଏକାଠି ବର୍ଷକେ ଥରେ ସମ୍ମିଳନୀ ମଣ୍ଡପ ତଳେ ବସିବାର ନୁହେ । ମିଳନ ଅର୍ଥରେ ଏକର ହୃଦୟ ସହିତ ଅନ୍ୟର ହୃଦୟର ମିଳନ । ବ୍ୟକ୍ତିଗତ ମତ ଯାହା ଥାଉ ପରସ୍ପର ମଧ୍ୟରେ ବୈଷୟିକ ବ୍ୟାପାରରେ ଯାହା ମତଭେଦ ଥାଉ, କିନ୍ତୁ ଉତ୍କଳ-ଜନନୀଙ୍କ ପୂଜାମଣ୍ଡପରେ ସେସବୁ ଭୁଲି ଯିବାକୁ ହେବ । ଅଧିକାଂଶଙ୍କ ମତରେ ଯାହା କର୍ତ୍ତବ୍ୟ ବୋଲି ସ୍ଥିର ହେବ ତାହା ପାଳିବାକୁ ହେବ । ଏହି ନୀତିରେ କାର୍ଯ୍ୟ ନ କଲେ ଆମ୍ଭେମାନେ ଜାତୀୟ ଉନ୍ନତି କରିବାକୁ ଅକ୍ଷମ ହେବା । ଦେଶମିଶ୍ରଣ କରାଇବାକୁ ଇଚ୍ଛାଥିଲେ ସମସ୍ତେ ଏକମନ ଏକ ପ୍ରାଣରେ କାର୍ଯ୍ୟ କରିବାକୁ ହେବ । କାହାରି ପ୍ରତି ଦ୍ୱେଷଭାବ ମନରେ ସ୍ଥାନ ଦେବାକୁ ହେବ ନାହିଁ । ଆମ ଉନ୍ନତି ଆମେ ଦେଖିବା; ଅନ୍ୟ ଜାତି ପ୍ରତି ରାଗ ବିଦ୍ୱେଷ ଅହଙ୍କାର କରିବା ଆମର ଧର୍ମ ନୁହେ । ଆଜି 'ଅହିଂସା ପରମଧର୍ମ' ନୀତି ଅବଲମ୍ବନ କରି ଭାରତରେ ଜାତୀୟ ଜୀବନ ଗଠିତ ହେବାର ଉଦ୍ୟମ ଚାଲିଛି । ଆମ୍ଭମାନଙ୍କୁ ସେହି ପନ୍ଥାବଲମ୍ବୀ ହେବାକୁ ହେବ । ଆମ୍ଭମାନଙ୍କ ଉଦ୍ଦେଶ୍ୟ ସତ୍ ଥିଲେ ଦିନେ ଅନ୍ୟମାନେ ଆମ୍ଭମାନଙ୍କ ସହିତ ସହଯୋଗ କରିବେ । ଅନ୍ୟମାନଙ୍କ ସଙ୍ଗେ ସୋଦର ଭାବ ରଖି ଆମ୍ଭେମାନେ କାର୍ଯ୍ୟ କରିବା ଶ୍ରେୟସ୍କର । ସୁତରାଂ ସମ୍ମିଳନୀର ଏହି ଯେ ମୂଳ ପ୍ରକୃତି ଏହା ଅଧିକାଂଶଙ୍କ ମନକୁ ଛୁଇଁ ନାହିଁ ବୋଲି କାର୍ଯ୍ୟକ୍ଷେତ୍ରରେ ଅନୁମାନ କରାଯାଏ । ମାତ୍ର ସମ୍ମିଳନୀ ଯେ ଏକାବେଳକେ ଆମ୍ଭର ଜଡ଼ତା ଭାଙ୍ଗି ନାହିଁ ଏକଥା ମୁଁ କହି ନ ପାରେ । କେତେଜଣଙ୍କ ମନରେ ସମ୍ମିଳନୀ ଯେ ନୂତନ ଭାବ ଆଣି ଦେଇନାହିଁ ଏକଥା କୁହାଯାଇ ନ ପାରେ । ତଥାପି ଆଶାନୁରୂପ କାର୍ଯ୍ୟ ହୋଇ ନାହିଁ ବୋଲି ମୋର ବିଶ୍ୱାସ । ସମ୍ମିଳନୀର ଗତବର୍ଷ ଯେପରି ନିୟମ ପରିବର୍ତ୍ତନ ହୋଇଛି ସେଥିରୁ ଜଣାଯାଏ ଏହାର କାର୍ଯ୍ୟକ୍ଷେତ୍ର କ୍ରମେ ପ୍ରସାରିତ ହେଉଛି । ଭାରତ ଜାତୀୟ ଆକାଂକ୍ଷା ଅନୁମୋଦିତ ଏବଂ ପରିପୋଷକ ଉତ୍କଳ ଜାତୀୟତା ଗଠନ ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ସ୍ଥିର କରାଯାଇଛି — ଏଥିର ଅର୍ଥ ଏହି ଯେ ଭାରତଠାରୁ ଉତ୍କଳ ପୃଥକ୍ ନୁହେଁ । ଭାରତର ସୁଖ ଦୁଃଖରେ ଉତ୍କଳ ଦାୟୀ । ଭାରତଗୀତିକା ମାତୃପୂଜା ମଣ୍ଡପରେ ପ୍ରଥମେ ଗୀତ ହୁଏ । 'ସର୍ବେଷାଂ ନୋ ଜନନୀ ଭାରତ' ତେଣୁ ଭାରତ ଜାତୀୟ ଆନ୍ଦୋଳନରୁ ପୃଥକ୍ ହୋଇ ରହିବା ସମ୍ମିଳନୀର ପ୍ରକୃତି ନୁହେ ବୋଲି ନିୟମରୁ ଜଣାଯାଏ । ଉତ୍କଳ ଜାତୀୟ ଜୀବନ ଏପରି ଭାବରେ ଗଠନ କରିବାକୁ ହେବ ଯେ ତାହା ଭାରତ ଜାତୀୟ ଆକାଂକ୍ଷାର ପରିପୋଷକ ହେବ । ସ୍ଥୂଳତଃ ଭାରତ ଜାତୀୟ ଆକାଂକ୍ଷା ଯେତେବେଳେ ଯେଉଁ ଦିଗରେ ଗତି କରିବ ଉତ୍କଳ ଜାତୀୟତା ସେହି ଦିଗରେ ଗତି କରିବା ଏହାର ଉଦ୍ଦେଶ୍ୟ

ବୋଲି ଜଣାଯାଏ । ବର୍ତ୍ତମାନ ପ୍ରଶ୍ନ ଭାରତ ଜାତୀୟ ଆକାଂକ୍ଷା କ'ଣ ? ଭାରତ ଜାତୀୟ ମହାସମିତି ଭାରତ ଜାତୀୟ ଆକାଂକ୍ଷାର ନିୟାମକ । ଭାରତ ଜାତୀୟ ମହାସମିତି ଯେତେବେଳେ ଯାହା ନିର୍ଦ୍ଧାରଣ କରିବେ ତହିଁରୁ ଜାତୀୟ ଆକାଂକ୍ଷାର ପରିଚୟ ମିଳିବ । ବର୍ତ୍ତମାନ ଅନେକ ଲୋକ ପ୍ରସ୍ତାବ କରନ୍ତି ଯେ ସମ୍ମିଳନୀକୁ ଭାରତର ଜାତୀୟ ମହାସମିତିର ଅଙ୍ଗୀଭୂତ କରାଯାଉ; ଏ ସମ୍ବନ୍ଧେ ସମ୍ମିଳନୀରେ ପ୍ରସ୍ତାବ ଆଗତ କରାଯାଉ ବୋଲି କେତେଲୋକଙ୍କର ମତ । କେତେକ ଖବର କାଗଜରେ ମଧ୍ୟ ଏପରି ମତ ପ୍ରକାଶିତ ହୋଇଛି । ଗତ ଦୁଇ ଅଧିବେଶନର ସଭାପତିମାନେ ସେହି ମତ ପ୍ରକାଶ କରିଥିଲେ । ସମ୍ମିଳନୀ ଅବଶ୍ୟ ସେ ବିଷୟ ବିଚାର କରିବେ । ମୁଁ ଏତିକି କହିପାରେ ଯେ ଏପରି ପ୍ରସ୍ତାବ ଆଗତ ହେଲେ ତାହା ସମ୍ମିଳନୀ ନିୟମର ବିହର୍ଭୂତ ହେବ ନାହିଁ । ସମ୍ମିଳନୀ ସାକ୍ଷାତ୍ ଭାବରେ ରାଜନୈତିକ ଆନ୍ଦୋଳନ କରେ ନାହିଁ ବୋଲି ଅନେକଙ୍କର ବିଶ୍ୱାସ; ମାତ୍ର ଏହା କେବଳ ଭ୍ରମ ବୋଲି ମତେ ଜଣାଯାଏ । ଆଜିକାଲି ଯୁଗରେ କେଉଁ କଥା ରାଜନୀତିର ଅନ୍ତର୍ଭୁକ୍ତ ନୁହେ, ଏକଥା ମୁଁ ବୁଝି ପାରୁନାହିଁ । ଯେଉଁ କଥାର ରାଜାଙ୍କ ସହିତ ସମ୍ପର୍କ ଅଛି ବା ଯେଉଁ କଥାର ରାଜ୍ୟଶାସନ ସହିତ ସମ୍ପର୍କ ଅଛି – ତାହା ରାଜନୈତିକ । ମୋର ଆଦ୍ୟ ଧାରଣା ଥିଲା ଯେ ରାଜନୀତି ତେତେବେଳେ ଦୋଷାବହ ଯେତେବେଳେ ରାଜବିଦ୍ରୋହର କଥା ଉଠିବ । ମାତ୍ର ବର୍ତ୍ତମାନ ଦେଖୁଛି ପ୍ରଜାପ୍ରତି ରାଜପ୍ରତିନିଧିମାନେ ଅନ୍ୟାୟ ଅତ୍ୟାଚାର କଲେ ପ୍ରଜା ଯଦି ତାର ପ୍ରତିବାଦ କରିବ ତାହା ରାଜନୈତିକ, ପ୍ରଜାଶାସନ ସମ୍ବନ୍ଧେ ସତ୍ୟ କଥା କହିଲେ ତାହା ମଧ୍ୟ ରାଜନୈତିକ ପ୍ରଶ୍ନର ଅଙ୍ଗୀଭୂତ । ତେବେ ସମ୍ମିଳନୀର ଆଦ୍ୟରୁ ଆଜି ପର୍ଯ୍ୟନ୍ତ ଯେ ବିଷୟ ଚର୍ଚ୍ଚା କରାଯାଇଛି ତାହା ଯେ ରାଜନୈତିକ ଚର୍ଚ୍ଚାର ଅଙ୍ଗୀଭୂତ ନୁହେଁ ଏକଥା କୁହାଯାଇ ନ ପାରେ । ଦେଶମିଶ୍ରଣ ପ୍ରଶ୍ନ କଣ ରାଜନୀତି ସମ୍ପର୍କୀୟ ମତ ନୁହେ ? ପଞ୍ଜାବ ଅତ୍ୟାଚାରରେ ସହାନୁଭୂତି ପ୍ରକାଶ କରିବା କି ରାଜନୈତିକ ପ୍ରଶ୍ନ ନୁହେ ? ଏସବୁ ପ୍ରଶ୍ନ ସମ୍ମିଳନୀରେ ଆଲୋଚିତ ହେଉଥିବା ସ୍ଥଳେ ସମ୍ମିଳନୀ ରାଜନୀତି ଚର୍ଚ୍ଚା କରୁନାହିଁ ବୋଲି କିପରି କୁହାଯିବ ?

## ଅଧିବେଶନରେ ଆଗତ ଓ ଗୃହୀତ ନିର୍ଦ୍ଧାରଣସମୂହ

**ପ୍ରଥମ ନିର୍ଦ୍ଧାରଣ :** ଦେଶର ଏହି ସନ୍ଧି ସମୟରେ ଯାହାଙ୍କର ଶକ୍ତି ଓ ସହାୟତା ଅତ୍ୟନ୍ତ ଆବଶ୍ୟକ ଥିଲା ସେହି ସାଧୁ ଶକ୍ତିଶାଳୀ ଦେଶନେତା ଲୋକମାନ୍ୟ ବାଳଗଙ୍ଗାଧର ତିଳକଙ୍କ ବିୟୋଗରେ ଏ ସମ୍ମିଳନୀ ଗଭୀର ଦୁଃଖ ପ୍ରକାଶ କରୁଅଛନ୍ତି ।

ପ୍ରସ୍ତାବକ – ସଭାପତି [ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ]

**ଦ୍ୱିତୀୟ ନିର୍ଦ୍ଧାରଣ :** ସମ୍ମିଳନୀର ବର୍ତ୍ତମାନ ଯେ ଉଦ୍ଦେଶ୍ୟ ନିରୂପିତ ହୋଇଅଛି, ତାହା ସ୍ଥିର ରଖାଯାଇ, ଭାରତ ଜାତୀୟ ମହାସମିତିର ଯେ ଉଦ୍ଦେଶ୍ୟ ଓ ଆକାଂକ୍ଷା ତାହା ଏହି ସମ୍ମିଳନୀର ଉଦ୍ଦେଶ୍ୟ ଓ ଆକାଙ୍‌କ୍ଷା ରୂପେ ଗୃହୀତ ହେଉ ।

ପ୍ରସ୍ତାବକ – ପଣ୍ଡିତ ଗୋପବନ୍ଧୁ ଦାସ

ଅନୁମୋଦକ – ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା

**ତୃତୀୟ ନିର୍ଦ୍ଧାରଣ :** ଭାରତ ଜାତୀୟ ମହାସମିତିର ପ୍ରକୃତି ଏବଂ ଗଠନ ବଦଳାଇବାକୁ ନିଯୁକ୍ତ ହୋଇଥିବା ସବ୍‌କମିଟି ତାଙ୍କ ରିପୋର୍ଟରେ ଭାଷାସୂତ୍ରରେ କଂଗ୍ରେସ ପ୍ରଦେଶ ଗଠନର ଯେ ବିଧାନ ଗ୍ରହଣ କରିଅଛନ୍ତି, ଏ ସମ୍ମିଳନୀ ତାହା ସର୍ବାନ୍ତଃକରଣରେ ସମର୍ଥନ କରୁଅଛନ୍ତି ।

ପ୍ରସ୍ତାବକ – ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ

ଅନୁମୋଦକ – ପଣ୍ଡିତ ନୀଳକଣ୍ଠ ଦାସ

ସମର୍ଥକ – ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା

**ଚତୁର୍ଥ ନିର୍ଦ୍ଧାରଣ :** ଓଡ଼ିଶାର ଗଡ଼ଜାତମାନଙ୍କର ଉନ୍ନତି ନିମନ୍ତେ କି କି ଉପଯୁକ୍ତ ବ୍ୟବସ୍ଥା କରାଯାଇପାରେ, ଗଡ଼ଜାତରେ ରାଜା ଏବଂ ପ୍ରଜାସାଧାରଣଙ୍କ ସହିତ ପରାମର୍ଶ କରି ତାହା ନିରୂପଣ କରିବା ଲାଗି ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଘେନି ଗୋଟିଏ କମିଟି ଗଠିତ ହେଉ ଏବଂ ଆବଶ୍ୟକ ଅନୁସାରେ ସଭ୍ୟସଂଖ୍ୟା ବଢ଼ାଇବାର ଭାର କମିଟି ଉପରେ ନ୍ୟସ୍ତ ରହୁ ।

କମିଟିର ସଭ୍ୟବୃନ୍ଦ :

୧. ପଣ୍ଡିତ ଗୋପବନ୍ଧୁ ଦାସ

୨. ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ

୩. ଶ୍ରୀଯୁକ୍ତ ବ୍ରଜମୋହନ ତ୍ରିପାଠୀ

୪. ଶ୍ରୀଯୁକ୍ତ ସ୍ୱପ୍ନେଶ୍ୱର ଦାସ

୫. ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ

ପ୍ରସ୍ତାବକ – ଶ୍ରୀଯୁକ୍ତ ବ୍ରଜମୋହନ ତ୍ରିପାଠୀ

ଅନୁମୋଦକ – ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ

ସମର୍ଥକ – ଶ୍ରୀଯୁକ୍ତ ବ୍ରଜବନ୍ଧୁ ମିଶ୍ର

**ପଞ୍ଚମ ନିର୍ଦ୍ଧାରଣ :** (କ) ସମ୍ମିଳନୀର ଗତ ପୁରୀ ଅଧିବେଶନରେ ନିଯୁକ୍ତ ହୋଇଥିବା ଦୁର୍ଭିକ୍ଷ ଅନୁସନ୍ଧାନ ସମିତିର ଶେଷ ରିପୋର୍ଟ ଏ ସମ୍ମିଳନୀ ଗ୍ରହଣ କରୁଅଛନ୍ତି । (ଖ) ପୁରୀ ଦୁର୍ଭିକ୍ଷ ସମ୍ପର୍କରେ ବିହାର-ଓଡ଼ିଶା ସରକାରଙ୍କ

ଭାବନା ଏବଂ କାର୍ଯ୍ୟକଳାପକୁ ଏ ସମ୍ମିଳନୀ ନିନ୍ଦନୀୟ ମଣୁ ଅଛନ୍ତି ।
(ଗ) ପୁରୀ ଦୁର୍ଭିକ୍ଷ ସାହାଯ୍ୟ ବିଷୟରେ ମହାତ୍ମାଗାନ୍ଧୀଙ୍କ ସହାନୁଭୂତି ଓ ମମତାଯୋଗୁଁ ତାଙ୍କ ନିକଟରେ ଏ ସମ୍ମିଳନୀ ଗଭୀର କୃତଜ୍ଞତା ପ୍ରକାଶ କରୁଅଛନ୍ତି ଏବଂ ଯେଉଁସବୁ ସଦାଶୟ ବ୍ୟକ୍ତିମାନେ ଏଥି ନିମନ୍ତେ ଅର୍ଥ ସାହାଯ୍ୟ ଓ କାୟିକ ପରିଶ୍ରମ କରିଅଛନ୍ତି ସେମାନଙ୍କୁ ଏବଂ ବିଶେଷତଃ ଭାରତ ସେବକ ସମିତି ଅମୃତ ଲାଲ ଠକ୍କର ଓ ଲକ୍ଷ୍ମୀନାରାୟଣ ସାହୁଙ୍କୁ ଦୁର୍ଭିକ୍ଷ ସାହାଯ୍ୟ ସକାଶେ ପଠାଇ ଥିବାରୁ ଏବଂ ସେମାନେ ସୁଦକ୍ଷ ଭାବରେ କାର୍ଯ୍ୟ କରିଥିବାରୁ ଭାରତ ସେବକ ସମିତିକୁ ଧନ୍ୟବାଦ ଦେଉଅଛନ୍ତି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ବନମାଳୀ ଦାସ
ଅନୁମୋଦକ — ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ
ସମର୍ଥକ — ଶ୍ରୀଯୁକ୍ତ ସ୍ୱପ୍ନେଶ୍ୱର ଦାସ

**ଷଷ୍ଠ ନିର୍ଦ୍ଧାରଣ :** ସମ୍ମିଳନୀର ପୂର୍ବ ଅଧିବେଶନମାନଙ୍କରେ ଓଡ଼ିଶାର ଦେଶ ମିଶ୍ରଣ ସମ୍ବନ୍ଧେ ନିର୍ଦ୍ଧାରିତ ହୋଇଥିବା ପ୍ରସ୍ତାବମାନ ଏ ସମ୍ମିଳନୀ ସ୍ୱୀକାର କରୁଅଛନ୍ତି ଏବଂ ପ୍ରକାଶ କରୁଅଛନ୍ତି ଯେ ଦେଶମିଶ୍ରଣରେ ଯେତେ ଅଧିକ ବିଳମ୍ବ ହେବ, ଓଡ଼ିଆ ଜାତିର ପ୍ରାଣର ବେଦନା ଏବଂ ଅସନ୍ତୋଷ ସେତିକି ବଢ଼ିବ ।

ପ୍ରସ୍ତାବକ — ମହନ୍ତ ଶ୍ରୀ ବିହାରୀ ଦାସ
ଅନୁମୋଦକ — ଶ୍ରୀଯୁକ୍ତ ରାମକୃଷ୍ଣ ମିଶ୍ର
ସମର୍ଥକ — ଶ୍ରୀଯୁକ୍ତ ସୁରେନ୍ଦ୍ର ନାରାୟଣ ଆଚାର୍ଯ୍ୟ

**ସପ୍ତମ ନିର୍ଦ୍ଧାରଣ :** ନିମ୍ନଲିଖିତ ସ୍ଥାନମାନ ପ୍ରକୃତରେ ଓଡ଼ିଶାଦେଶଥିବାରୁ ସେ ସ୍ଥାନମାନଙ୍କରେ ସ୍କୁଲ ଅଦାଲତ ଓ ଅଫିସର ଭାଷା ଓଡ଼ିଆ ହେବା ଉଚିତ ବୋଲି ଏ ସମ୍ମିଳନୀ ମତ ପ୍ରକାଶ କରୁଅଛନ୍ତି : ମାନ୍ଦ୍ରାଜର ଗଞ୍ଜାମ ଓ ଜୟପୁର ଏଜେନ୍ସି; ମଧ୍ୟ ପ୍ରଦେଶର ଖଡ଼ିଆଳ, ଫୁଲଝର, ପଦ୍ମପୁର, ଚନ୍ଦ୍ରପୁର, ରାୟଗଡ଼, ସାରଙ୍ଗଗଡ଼ ଆଦି; ଛୋଟନାଗପୁରର ସିଂହଭୂମ; ବଙ୍ଗର ମେଦିନୀପୁର ଅନ୍ତର୍ଗତ କାନ୍ଥି ।

ପ୍ରସ୍ତାବକ — ଶ୍ରୀଯୁକ୍ତ ସୁରେଶଚନ୍ଦ୍ର ଷଡ଼ଙ୍ଗୀ
ଅନୁମୋଦକ — ଶ୍ରୀଯୁକ୍ତ ଦୁଲାଲଚନ୍ଦ୍ର ପାଣି
ସମର୍ଥକ — ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର

**ଅଷ୍ଟମ ନିର୍ଦ୍ଧାରଣ :** ଓଡ଼ିଶା ବାହାରେ ଥିବା ଓଡ଼ିଆଭାଷୀଅଞ୍ଚଳମାନଙ୍କର ସକଳ ପ୍ରକାର ସ୍ୱାର୍ଥରକ୍ଷାଲାଗି ଆୟୋଜନ କରିବା କାରଣ ଗୋଟିଏ ଜାତୀୟ ପାଣ୍ଠି

ଗଠିତ ହେଉ, ଉକ୍ତ ପାଣ୍ଠିର ପରିଚାଳନା ନିମନ୍ତେ ଗୋଟିଏ କମିଟି ଗଠିତ ହେଉ ଏବଂ ବାବୁ ଗୋପବନ୍ଧୁ ଦାସଙ୍କ ଯତ୍ନରେ ସଂଗୃହୀତ ହୋଇଥିବା ପଇସାଫଣ୍ଡ ଯାହାକି ବର୍ତ୍ତମାନ ରାଭେନ୍ସା କଲେଜର ଭୂତପୂର୍ବ ପ୍ରିନ୍ସିପାଲ ଲମ୍ୱଟ ସାହେବଙ୍କ ନାମରେ ଗଚ୍ଛିତ ଅଛି ତାହା ଓ ଓଡ଼ିଆ ରକ୍ଷା ପାଣ୍ଠି ଏହାର ଅନ୍ତର୍ଭୁକ୍ତ କରାଯାଉ ।

କମିଟିର ସଭ୍ୟବୃନ୍ଦ :

୧. ଶ୍ରୀ ରାଜାସାହେବ, କଳିକା
୨. ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ (ସମ୍ପାଦକ)
୩. ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ
୪. ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବେହେରା
୫. ଶ୍ରୀଯୁକ୍ତ ଶ୍ରୀବତ୍ସ ପଣ୍ଡା
୬. ଶ୍ରୀଯୁକ୍ତ ଅନନ୍ତ ମିଶ୍ର
୭. ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ର
୮. ଶ୍ରୀଯୁକ୍ତ ଲାଲମୋହନ ପତି

ପ୍ରସ୍ତାବକ — ଶ୍ରୀଯୁକ୍ତ ଅନନ୍ତ ମିଶ୍ର
ଅନୁମୋଦକ — ଶ୍ରୀଯୁକ୍ତ ରାଧାନାଥ ଷଡ଼ଙ୍ଗୀ
ସମର୍ଥକ — ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ

**ନବମ ନିର୍ଦ୍ଧାରଣ :** ମାନ୍ଦ୍ରାଜ, ମଧ ପ୍ରଦେଶ, ଛୋଟନାଗପୁର ଓ ବଙ୍ଗପ୍ରଦେଶ-ମାନଙ୍କରେ ଯେଉଁସବୁ ଭିନ୍ନ ଭାଷାଭାଷୀ ଲୋକମାନଙ୍କ ସହିତ ବିନା ବିଘ୍ନରେ ଓଡ଼ିଆମାନେ ବାସକରୁଅଛନ୍ତି ସେମାନଙ୍କ ପ୍ରତି ସମ୍ମିଳନୀ ଭ୍ରାତୃଭାବ ଏବଂ ଆନ୍ତରିକ ସ୍ନେହ ମମତା ପ୍ରକାଶ କରୁଅଛନ୍ତି ଏବଂ ଆଶା କରନ୍ତି ଯେ ସେମାନେ ଓଡ଼ିଆମାନଙ୍କ ପ୍ରତି ସେହି ଭାବ ରଖିବେ ଏବଂ ଓଡ଼ିଆମାନଙ୍କ ଜାତୀୟ ଆକାଂକ୍ଷା ପୂରଣରେ ସହାୟତା କରିବେ ।

ପ୍ରସ୍ତାବକ — ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର
ଅନୁମୋଦକ — ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦାସ
ସମର୍ଥକ — ଶ୍ରୀଯୁକ୍ତ ବୈକୁଣ୍ଠନାଥ ବଡ଼ପଣ୍ଡା

**ଦଶମ ନିର୍ଦ୍ଧାରଣ :** ଜାମସେଦପୁର ଶିଳ୍ପ କାରଖାନାର ଉପଯୋଗୀ ହେବାଲାଗି ନିକଟବର୍ତ୍ତୀ ଜିଲ୍ଲା ଏବଂ ଷ୍ଟେଟମାନଙ୍କର ବାଳକମାନଙ୍କୁ ଶିଳ୍ପଶିକ୍ଷା ଦେବା-ନିମନ୍ତେ ଶିଳ୍ପ ବିଦ୍ୟାଳୟ ସ୍ଥାପନ ଓ ଟାଟାଙ୍କ ଅଧୀନରେ ଥିବା ସ୍କୁଲମାନଙ୍କରେ ଓଡ଼ିଆ ଛାତ୍ରମାନଙ୍କ ସକାଶେ ଓଡ଼ିଆ ପଢ଼ିବାର ବ୍ୟବସ୍ଥା କରିବା ଲାଗି ଏ ସମ୍ମିଳନୀ ଟାଟା କୋମ୍ପାନିଙ୍କୁ ଅନୁରୋଧ କରୁଅଛନ୍ତି ।

ପ୍ରସ୍ତାବକ – ଶ୍ରୀଯୁକ୍ତ ଲାଲମୋହନ ପତି
ଅନୁମୋଦକ – ଶ୍ରୀଯୁକ୍ତ ବାଳକୃଷ୍ଣ ମିଶ୍ର
ସମର୍ଥକ – ଶ୍ରୀଯୁକ୍ତ ମଦନମୋହନ ଦାସ

**ଏକାଦଶ ନିର୍ଦ୍ଧାରଣ :** ସମ୍ମିଳନୀର ନିୟମାବଳୀ ପରିବର୍ତ୍ତନ କରି ଆଗାମୀ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ମିଳନୀ କାଉନସିଲ ନିକଟରେ ରିପୋର୍ଟ ଦାଖଲ କରିବା ନିମନ୍ତେ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଘେନି ଗୋଟିଏ ସବ୍‌କମିଟି ଗଠିତ ହେଉ ।

ସବ୍‌କମିଟିର ସଦସ୍ୟ ବୃନ୍ଦ :

୧. ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ
୨. ଶ୍ରୀଯୁକ୍ତ ବନମାଳୀ ଦାସ
୩. ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର
୪. ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ଦାସ

ପ୍ରସ୍ତାବକ – ଶ୍ରୀଯୁକ୍ତ ପଞ୍ଚାନନ ପାଣି
ଅନୁମୋଦକ – ଶ୍ରୀଯୁକ୍ତ ଲକ୍ଷ୍ମଣ ପଟ୍ଟନାୟକ
ସମର୍ଥକ – ଶ୍ରୀଯୁକ୍ତ ଅଟଳବିହାରୀ ଆଚାର୍ଯ୍ୟ ।

**ଦ୍ୱାଦଶ ନିର୍ଦ୍ଧାରଣ :** ସମ୍ମିଳନୀର ସ୍ଥାୟୀସଭା ପୂର୍ବବର୍ଷର କର୍ମଚାରୀ ଓ ସଭ୍ୟଙ୍କୁ ନେଇ ଗଠିତ ହେଉ ଓ ଏବର୍ଷ ଲାଗି ପୁରୀରେ ରଖାଯାଉ ।

ପ୍ରସ୍ତାବକ – ଶ୍ରୀଯୁକ୍ତ ବ୍ରଜମୋହନ ତ୍ରିପାଠୀ
ଅନୁମୋଦକ – ଶ୍ରୀଯୁକ୍ତ ଜଗନ୍ନାଥ ପାଣିଗ୍ରାହୀ
ସମର୍ଥକ – ଶ୍ରୀଯୁକ୍ତ କୃତ୍ତିବାସ ନନ୍ଦ ।

—

# ପ୍ରାନ୍ତସୂଚନା

ଉତ୍କଳ ସମ୍ମିଳନୀ (୧୯୦୩-୧୯୩୬) ପୁସ୍ତକର ଦ୍ୱିତୀୟ ଭାଗରେ – ଦ୍ୱିତୀୟ ଅଧିବେଶନଠାରୁ ଷୋଡ଼ଶ ଅଧିବେଶନ – ପନ୍ଦରଟି ବାର୍ଷିକ ଅଧିବେଶନ ଓ ଦୁଇଟି ବିଶେଷ ଅଧିବେଶନର ସଂକ୍ଷିପ୍ତ ପରିଚୟ, ସଭାପତି ଅଭିଭାଷଣ ଓ ଗୃହୀତ ପ୍ରସ୍ତାବବଳୀ ସଂକଳିତ। କେତେକ ଅଧିବେଶନର ଅଭ୍ୟର୍ଥନା ସମିତି ସଭାପତିଙ୍କ ଅଭିଭାଷଣ, ସଂପାଦକଙ୍କ ବିବରଣୀ ମଧ୍ୟ ସଂକଳିତ। ପ୍ରତ୍ୟେକ ଅଧିବେଶନ ସଂପର୍କରେ ଏକ ସାଧାରଣ ଧାରଣା ସହ ଉତ୍କଳ ସମ୍ମିଳନୀର ବିବର୍ତ୍ତିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଏକ ପରିଚୟ – ସଂଗୃହୀତ ଉପାଦାନ-ଗୁଡ଼ିକ ଦେଇପାରିବ। ସଂକଳିତ ଉପାଦାନ ବିଭିନ୍ନ ଆକରରୁ ସଂଗୃହୀତ। ତେଣୁ ସେଗୁଡ଼ିକରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଉଛି।

**ଦ୍ୱିତୀୟ ଅଧିବେଶନ :** ଅଭ୍ୟର୍ଥନା ସମିତିର ସଭାପତିଙ୍କ ଅଭିଭାଷଣ ***ଉତ୍କଳ ସମ୍ମିଳନୀ ସଭା ୧୯୦୪ର ବିବରଣ*** (କଟକ ପ୍ରିଣ୍ଟିଂ କମ୍ପାନୀରେ ମୁଦ୍ରିତ : ୧୯୦୬)ରୁ ଗୃହୀତ। ସଭାପତି ଅଭିଭାଷଣ ଓ ଗୃହୀତ ନିର୍ଦ୍ଧାରଣ ସମୂହ 'ଉତ୍କଳ ଦୀପିକା' (ଅଣଚାଳିଶ ବର୍ଷ ଏକାବନ ସଂଖ୍ୟା, ୩୧.୧୨.୧୯୦୪)ରେ ପ୍ରକାଶିତ 'ଉତ୍କଳ ସମ୍ମିଳନୀର ବିବରଣୀ'ରୁ ପୁନଃମୁଦ୍ରିତ। ଅଳ୍ପ କେତେକ ସ୍ଥଳରେ 'ଉତ୍କଳ ସମ୍ମିଳନୀ ସଭା ୧୯୦୪ର ବିବରଣ' ପୁସ୍ତିକାର ସାହାଯ୍ୟ ନିଆଯାଇଛି।

**ତୃତୀୟ ଅଧିବେଶନ :** ଅଭ୍ୟର୍ଥନା ସମିତି ସଭାପତିଙ୍କ ଅଭିଭାଷଣ ସମ୍ମିଳନୀ ଦ୍ୱାରା ପ୍ରକାଶିତ ପୁସ୍ତିକା ***ଉତ୍କଳ ସମ୍ମିଳନୀର ବିବରଣ : ତୃତୀୟ ଅଧିବେଶନ : ୧୯୦୬ ମସିହା*** (The Utkal Sahitya Press, Cuttack)ରୁ ଗୃହୀତ। ସଭାପତି ଅଭିଭାଷଣର ପାଠ 'ଉତ୍କଳ ଦୀପିକା' (ଏକଚାଳିଶ ବର୍ଷ ପନ୍ଦର ସଂଖ୍ୟା; ୧୪.୪.୧୯୦୬)ରୁ ପୁନଃମୁଦ୍ରିତ। ଆବଶ୍ୟକ ସ୍ଥଳେ ପୂର୍ବ ସୂଚୀତ ପୁସ୍ତିକା ପାଠର ସାହାଯ୍ୟ ନିଆଯାଇଛି। ଗୃହୀତ ପ୍ରସ୍ତାବାବଳୀର ପାଠ ଗ୍ରହଣ କରାଯାଇଛି ସମ୍ମିଳନୀର ବିବରଣୀ ପୁସ୍ତିକାରୁ। ଏହି ପୁସ୍ତକର ସଂପାଦକଙ୍କୁ ଉପଲବ୍ଧ ହୋଇଥିବା ବିବରଣୀ ପୁସ୍ତିକାର ଶେଷ କେତେ ପୃଷ୍ଠା ନଥିଲା। ତେଣୁ ଶେଷ ତିନୋଟି ପ୍ରସ୍ତାବ ଦିଆ ଯାଇପାରିନାହିଁ। ଯେତେଦୂର ମନେ ହୁଏ ଶେଷ ତିନୋଟି ପ୍ରସ୍ତାବ ଔପଚାରିକ ପ୍ରସ୍ତାବ ଥିଲା।

**ଚତୁର୍ଥ ଅଧିବେଶନ :** ଉତ୍କଳ ସମ୍ମିଳନୀ ଦ୍ୱାରା ପ୍ରକାଶିତ ଚତୁର୍ଥ ଅଧିବେଶନରେ ବିବରଣୀ ପୁସ୍ତିକା ଏହି ସଂପାଦକ ସଂଗ୍ରହ କରିପାରିନାହିଁ। ଏଥିରେ ସଂଯୋଜିତ ସଭାପତି ଅଭିଭାଷଣ ଏକ ସ୍ୱତନ୍ତ୍ର ପୁସ୍ତିକା ଆକାରରେ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ୧୯୦୬ ମସିହା ଡିସେମ୍ବର ମାସରେ ପ୍ରକାଶିତ। ନିର୍ଦ୍ଧାରଣ-ଗୁଡ଼ିକ ପ୍ରକାଶିତ ହୋଇଥିଲା 'ଉତ୍କଳ ଦୀପିକା'ର ବୟାଳିଶ ବର୍ଷ ପ୍ରଥମ ସଂଖ୍ୟା (୦୫.୦୧.୧୯୦୭) ଓ 'ଗଡ଼ଜାତ ବାସିନୀ'ର ପଞ୍ଚମ ବର୍ଷ ପ୍ରଥମ ସଂଖ୍ୟା (୦୫.୧.୧୯୦୭)ରେ। ଏଥିରେ ମୁଦ୍ରିତ ପ୍ରସ୍ତାବବଳୀ ଉପରୋକ୍ତ ଦୁଇ ସମ୍ବାଦପତ୍ରରେ ପ୍ରକାଶିତ ବିବରଣୀର ଏକ ସମନ୍ୱିତ ରୂପ।

**ପଞ୍ଚମ ଅଧିବେଶନ :** ଉତ୍କଳ ସମ୍ମିଳନୀଦ୍ୱାରା ପ୍ରକାଶିତ ପଞ୍ଚମ ଅଧିବେଶନର ବିବରଣୀ ପୁସ୍ତିକା ବର୍ତ୍ତମାନ ପୁସ୍ତକର ସଂକଳନ ଓ ମୁଦ୍ରଣ ସମୟରେ ସମ୍ପାଦକଙ୍କୁ ଉପଲବ୍ଧ ହେଲାନାହିଁ। ଦୁଃଖର ବିଷୟ ଏହି ଅଧିବେଶନର ସଭାପତି ଅଭିଭାଷଣ ସମ୍ପୂର୍ଣ୍ଣଭାବେ 'ଉତ୍କଳ ଦୀପିକା' ସମେତ କୌଣସି ସମ୍ବାଦପତ୍ରରେ ମୁଦ୍ରିତ ହୋଇନାହିଁ। ତାଳଚେରରୁ ପ୍ରକାଶିତ 'ଗଡଜାତ ବାସିନୀ' ଓ ପୁରୀରୁ ପ୍ରକାଶିତ 'ନୀଳାଚଳ ସମାଚାର'ରେ ସମ୍ମିଳନୀର ପଞ୍ଚମ ଅଧିବେଶନ ସଂପର୍କରେ ଅନେକ ସମ୍ବାଦ ଓ ଏହି ଅଧିବେଶନର ବିସ୍ତୃତ ବିବରଣୀ ସ୍ଥାନ ପାଇଥିଲେ ବି ସଭାପତି ଅଭିଭାଷଣ ମୁଦ୍ରିତ ହୋଇନାହିଁ। ସୂଚନା ଅଂଶରେ ସ୍ଥାନିତ ଜଗବନ୍ଧୁ ସିଂହଙ୍କ ନିମନ୍ତ୍ରଣ ପତ୍ର ପ୍ରକାଶିତ ହୋଇଥିଲା 'ଗଡଜାତ ବାସିନୀ'ର ଷଷ୍ଠ ବର୍ଷ ପଞ୍ଚଦଶ ସଂଖ୍ୟା (୧୧.୪.୧୯୦୮)ରେ। ଏହି ସଂକଳନରେ ପ୍ରକାଶିତ 'ସଭାପତି ଅଭିଭାଷଣର ସାରତ୍‌ସାର' 'ଉତ୍କଳ ଦୀପିକା'ର ତେୟାଳିଶ ବର୍ଷ ସତର ସଂଖ୍ୟା (୨୫.୪.୧୯୦୮)ରୁ ଗୃହୀତ। 'ନିର୍ଦ୍ଧାରଣ ସମୂହ'ର ପାଠ 'ଗଡଜାତ ବାସିନୀ'ର ଷଷ୍ଠ ବର୍ଷ ସପ୍ତଦଶ ସଂଖ୍ୟା (୨୫.୪.୧୯୦୮)ରେ ପ୍ରକାଶିତ ବିବରଣୀରୁ ପୁନଃମୁଦ୍ରିତ।

**ଷଷ୍ଠ ଅଧିବେଶନ :** ଏହି ଅଧିବେଶନର ବିବରଣୀ ପୁସ୍ତିକା ଆକାରରେ ସମ୍ମିଳନୀ ଦ୍ୱାରା ପ୍ରକାଶିତ ହୋଇନଥିଲା। ସଭାପତି ଅଭିଭାଷଣ ସଂଗ୍ରହ କରାଯାଇଛି 'ବାଲେଶ୍ୱର ସମ୍ବାଦବାହିକା'ର ବୟାଳିଶ ବର୍ଷ ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା (୭.୧.୧୯୦୯ ଓ ୧୪.୧.୧୯୦୯)ରୁ। କେତେକ ସ୍ଥାନରେ ପାଠ ନଷ୍ଟ ହୋଇ ଯାଇଥିବାରୁ ସେହି ଶୂନ୍ୟସ୍ଥାନ '...' ଭାବରେ ଚିହ୍ନିତ। ଅଧିବେଶନରେ ଗୃହୀତ ପ୍ରସ୍ତାବବଳୀ ସେହି 'ବାଲେଶ୍ୱର ସମ୍ବାଦ-ବାହିକା'ର ବୟାଳିଶ ବର୍ଷ ତୃତୀୟ, ଚତୁର୍ଥ ଓ ପଞ୍ଚମ ସଂଖ୍ୟା (୭.୧.୧୯୦୯, ୨୮.୧.୧୯୦୯ ଓ ୪.୨.୧୯୦୯)ରେ ମୁଦ୍ରିତ ହୋଇଥିଲା। 'ଗଡ଼ଜାତ ବାସିନୀ'ର ପଞ୍ଚମ ବର୍ଷ ଦ୍ୱିତୀୟ ସଂଖ୍ୟା

(୯.୧.୧୯୦୯)ରେ ମଧ୍ୟ ନିର୍ଦ୍ଧାରଣ ସମୂହ ପ୍ରକାଶିତ ହୋଇଥିଲା । ଏହି ସଂକଳନରେ 'ବାଲେଶ୍ୱର ସମ୍ବାଦବାହିକା'ର ପାଠ ବିଶେଷଭାବେ ଗୃହୀତ । ଆବଶ୍ୟକ ସ୍ଥଳେ 'ଗଡଜାତ ବାସିନୀ'ର ସାହାଯ୍ୟ ନିଆଯାଇଛି । ଷଷ୍ଠ ଅଧିବେଶନରେ ଗୃହୀତ ହୋଇଥିବା 'ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ଓ ତତ୍‌ପରିଚାଳନାର ନିୟମାବଳୀ' ପୂର୍ବରୁ ଜଗବନ୍ଧୁ ସିଂହ ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଓ ତାହା 'ଗଡ଼ଜାତ ବାସିନୀ'ର ସପ୍ତମ ବର୍ଷ ଅଣଚାଶ ସଂଖ୍ୟା (୫.୧୨.୧୯୦୮)ରେ ପ୍ରକାଶିତ ହୋଇଥିଲା । 'ଗଡ଼ଜାତ ବାସିନୀ' ପୃଷ୍ଠାରୁ ଉଦ୍ଧାର କରାଯାଇ ଏଠାରେ ତାହା ପୁନଃମୁଦ୍ରିତ ।

**ସପ୍ତମ ଅଧିବେଶନ :** ଷଷ୍ଠ ଅଧିବେଶନ ଭଳି ସପ୍ତମ ଅଧିବେଶନର ବିବରଣୀ ମଧ୍ୟ ଉତ୍କଳ ସମ୍ମିଳନୀଦ୍ୱାରା ପୁସ୍ତିକା ଆକାରରେ ପ୍ରକାଶିତ ହୋଇନଥିଲା । ଏହି ଅଧିବେଶନର ସଭାପତି ଅଭିଭାଷଣ ଦେବଗଡରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ'ର ବାଇଶ ବର୍ଷ ଦ୍ୱାଦଶ ଓ ତ୍ରୟୋଦଶ ସଂଖ୍ୟା (୦୭.୧.୧୯୧୧ ଓ ୧୪.୧.୧୯୧୧)ରେ ପ୍ରକାଶିତ ହୋଇଥିଲା । 'ସମ୍ବଲପୁର ହିତୈଷିଣୀ'ରୁ ଉଦ୍ଧାର କରାଯାଇ ସଭାପତି ଅଭିଭାଷଣ ଏଠାରେ ପୁନଃମୁଦ୍ରିତ । ଗୃହୀତ ପ୍ରସ୍ତାବବଳୀ ସଂଗ୍ରହ କରାଯାଇଛି ବାଲେଶ୍ୱରରୁ ପ୍ରକାଶିତ 'ଓଡ଼ିଆ ଓ ନବସମ୍ବାଦ'ର ପଚିଶ ବର୍ଷ ଚତୁର୍ଥ ସଂଖ୍ୟା (୦୪.୧.୧୯୧୧)ରୁ ।

**ଅଷ୍ଟମ ଅଧିବେଶନ :** ଏହି ଅଧିବେଶନର ଅଭ୍ୟର୍ଥନା ସମିତି ସଭାପତିଙ୍କ ଅଭିଭାଷଣ, ସଭାପତି ଅଭିଭାଷଣ ଓ ଗୃହୀତ ପ୍ରସ୍ତାବବଳୀ 'ଉତ୍କଳ ଦୀପିକା'ର (୪୭/୧୫; ୧୩.୪.୧୯୧୨)ରେ ପ୍ରକାଶିତ ହୋଇଥିଲା । ଦୁଇଟି ଅଧିବେଶନରେ ବ୍ୟବଧାନ ପରେ ଉତ୍କଳ ସମ୍ମିଳନୀ ତରଫରୁ ଏହି ଅଧିବେଶନର ବିବରଣୀ ପୁସ୍ତିକା ଉତ୍କଳ ସାହିତ୍ୟ ପ୍ରେସ, କଟକରେ ୧୯୧୩ ମସିହାରେ ମୁଦ୍ରିତ ହୋଇଥିଲା । ବକ୍ଷ୍ୟମାଣ ସଂକଳନରେ ପ୍ରକାଶିତ ଉପାଦାନଗୁଡ଼ିକର ପାଠ 'ଉତ୍କଳ-ଦୀପିକା'ର ଉପରୋକ୍ତ ସଂଖ୍ୟା ଓ ସମ୍ମିଳନୀର ବିବରଣୀ ପୁସ୍ତିକାରୁ ଗୃହୀତ । ଅଭ୍ୟର୍ଥନା ସମିତି ସଭାପତିଙ୍କ ଅଭିଭାଷଣ, ସଭାପତି ଅଭିଭାଷଣ ଓ ପ୍ରସ୍ତାବାବଳୀର ପାଠ ମୁଖ୍ୟତଃ 'ଉତ୍କଳ ଦୀପିକା'ରୁ ଗୃହୀତ ହେଲାବେଳେ ସହକାରୀ ସଂପାଦକଙ୍କ ବିବରଣୀ ସମ୍ମିଳନୀର ବିବରଣୀ ପୁସ୍ତିକାରୁ ଉଦ୍ଧୃତ ।

**ବିଶେଷ ଅଧିବେଶନ :** ଏହି ଅଧିବେଶନରେ କୌଣସି ବିବରଣୀ ପୁସ୍ତିକା ଉତ୍କଳ ସମ୍ମିଳନୀ ତରଫରୁ ପ୍ରକାଶିତ ହୋଇନଥିଲା । ସଂପୃକ୍ତ ଅଧିବେଶନରେ ବିବରଣୀ 'ଉତ୍କଳ ଦୀପିକା' (୪୭/୩୯;୨୮.୯.୧୯୧୨)ରେ 'ବ୍ରହ୍ମପୁରରେ ଉତ୍କଳ ପ୍ରତିବାଦ ସଭା ଶୀର୍ଷକରେ ପ୍ରକାଶିତ । ଗୃହୀତ ପ୍ରସ୍ତାବଦ୍ୱୟ 'ଉତ୍କଳ ଦୀପିକା'ର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ।

**ନବମ ଅଧିବେଶନ :** ସଂପୃକ୍ତ ଅଧିବଶେନରେ ଅଭ୍ୟର୍ଥନା ସମିତି ସଭାପତି ଅଭିଭାଷଣ ବ୍ରହ୍ମପୁରରୁ ପ୍ରକାଶିତ 'ଆଶା' ସମ୍ବାଦପତ୍ରର ପ୍ରଥମ ବର୍ଷ ସପ୍ତଦଶ ସଂଖ୍ୟା (୦୫.୧.୧୯୧୪)ରୁ ଗୃହୀତ । ଆବଶ୍ୟକ ସ୍ଥଳେ ସମ୍ମିଳନୀଦ୍ୱାରା ପ୍ରକାଶିତ ବିବରଣୀ ପୁସ୍ତିକା (ଆଶା ପ୍ରେସ, ବ୍ରହ୍ମପୁର ୧୯୧୪)ର ସାହାଯ୍ୟ ନିଆଯାଇଛି । ସଭାପତିଙ୍କ ମୌଖିକ ଅଭିଭାଷଣ 'ଆଶା' ସମ୍ବାଦପତ୍ରର ସଂପୃକ୍ତ ସଂଖ୍ୟାରେ ମୁଦ୍ରିତ ହୋଇଥିଲା । ସଭାପତିଙ୍କ ଲିଖିତ ଅଭିଭାଷଣ ପ୍ରକାଶିତ ହୋଇଥିଲା ବିବରଣୀ ପୁସ୍ତିକାରେ । ଏହି ଉଭୟ ଉତ୍ସରୁ ଯଥାକ୍ରମେ ସଭାପତିଙ୍କ ମୌଖିକ ଓ ଲିଖିତ ଅଭିଭାଷଣ ସଂଗୃହୀତ । ଗୃହୀତ ନିର୍ଦ୍ଧାରଣମାନ ମଧ୍ୟ 'ଆଶା'ର ସଂପୃକ୍ତ ସଂଖ୍ୟାରୁ ଗୃହୀତ ।

**ଦଶମ ଅଧିବେଶନ :** ଏହି ଅଧିବେଶନରେ ଅଭ୍ୟର୍ଥନା ସମିତିରେ କୃଷ୍ଣଚନ୍ଦ୍ର ଗଜପତି ଦେଇଥିବା ଅଭିଭାଷଣ 'ଉତ୍କଳ ସମ୍ମିଳନୀ ଦଶମ ଅଧିବେଶନର ବିବରଣୀ' (ପ୍ରକାଶକ : ନିତ୍ୟାନନ୍ଦ ପଟ୍ଟନାୟକ; ଆଶା ପ୍ରେସ, ବ୍ରହ୍ମପୁର; ୧୯୧୫) ପୁସ୍ତିକାରୁ ଗୃହୀତ । କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ୱାଗତ ଅଭିଭାଷଣ 'ଆଶା' ସମ୍ବାଦପତ୍ରର ୦୪.୧.୧୯୧୫ ତାରିଖରେ ପ୍ରକାଶିତ ସଂଖ୍ୟାରୁ ଉଦ୍ଧୃତ । ଅଭ୍ୟର୍ଥନା ସମିତି ସଭାପତିଙ୍କ ଅଭିଭାଷଣ ଓ ସଂପାଦକଙ୍କ ବିବରଣୀର ପାଠ ସମ୍ମିଳନୀର ବିବରଣୀ ପୁସ୍ତିକାରୁ ଉଦ୍ଧୃତ । ସଭାପତି ଅଭିଭାଷଣ 'ଆଶା' ସମ୍ବାଦପତ୍ରର ତା ୧୧.୧.୧୯୧୫ରିଖ ସଂଖ୍ୟାର 'supplement" ଭାବରେ ପ୍ରକାଶିତ ହୋଇଥିଲା । ତାହାର ଉପରରେ ଲେଖାଥିଲା : "The Utkal Union Conference (Parlakimedi): 10th sitting : Presidential Address by Sri Vikram Dev Verma : Printed and Published by Sashi Bhusan Ruth at The Asha Press, Berhampur, 1915 : Supplement to the Asha Dated 11-1-1915." ପ୍ରସ୍ତାବାବଳୀ ପୁନଃମୁଦ୍ରିତ ହୋଇଛି ବିବରଣୀ ପୁସ୍ତିକାରୁ । ଏଠାରେ ସୂଚନାଯୋଗ୍ୟ ଯେ 'ଆଶା' (୦୪.୧.୧୯୧୫)ରେ ପ୍ରକାଶିତ ପ୍ରସ୍ତାବାବଳୀ ଓ 'ବିବରଣୀ'ରେ ପ୍ରକାଶିତ ପ୍ରସ୍ତାବାବଳୀ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି । ଦୃଷ୍ଟାନ୍ତ ସ୍ୱରୂପ ଅଷ୍ଟମ ପ୍ରସ୍ତାବର ପ୍ରସ୍ତାବକ ଭାବରେ 'ଆଶା'ରେ ନିତ୍ୟାନନ୍ଦ ପଟ୍ଟନାୟକଙ୍କର ନାମ ଥିଲାବେଳେ ବିବରଣୀ ପୁସ୍ତିକାରେ ନୀଳକଣ୍ଠ ଦାସ, ଏମ.ଏ.ଙ୍କ ନାମ ରହିଛି । ଅନୁମୋଦକ ଭାବରେ 'ଆଶା'ରେ ଦୟାନିଧି ଦାସଙ୍କ ନାମ ଥିଲାବେଳେ 'ବିବରଣୀ'ରେ ରହିଛି ବିଶ୍ୱନାଥ ମିଶ୍ର ବାରିଷ୍ଟରଙ୍କ ନାମ ଓ ସମର୍ଥକ ଭାବରେ 'ଆଶା'ରେ ତ୍ରିଲୋଚନ ଶୂରଙ୍କ ନାମ ଥିଲାବେଳେ 'ବିବରଣୀ'ରେ ରହିଛି ଦୟାନିଧି ଦାସଙ୍କ ନାମ । ସେହିଭଳି ଏକାଦଶ ପ୍ରସ୍ତାବର ସମର୍ଥକ ଭାବରେ ଅପର୍ଣ୍ଣା ପଣ୍ଡାଙ୍କ ନାମ 'ବିବରଣୀ' ପୁସ୍ତିକାରେ ଥିଲାବେଳେ

'ଆଶା'ରେ ସମର୍ଥକ ଭାବରେ ତାଙ୍କର ନାମୋଲ୍ଲେଖ କରାଯାଇନାହିଁ । କୃଷ୍ଣଚନ୍ଦ୍ର ଗଜପତିଙ୍କ ମେଲାଣି ଭାଷଣ ଉଦ୍ଧୃତ ହୋଇଛି ବିବରଣୀ ପୁସ୍ତିକାରୁ ।

**ଏକାଦଶ ଅଧିବେଶନ :** ଏହି ଅଧିବେଶନରେ ପ୍ରଦତ୍ତ ଅଭ୍ୟର୍ଥନା ସମିତି ସଭାପତିଙ୍କ ଅଭିଭାଷଣ, ସଭାପତି ଅଭିଭାଷଣ ଓ ପ୍ରସ୍ତାବାବଳୀ ସମ୍ବଲପୁରରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର 'ଉତ୍କଳ ସେବକ'ର ୧୯୧୬ ମସିହାର ଜାନୁଆରୀ ମାସର ତିନୋଟି ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ବ୍ରହ୍ମପୁରରୁ ପ୍ରକାଶିତ 'ଆଶା' ୦୩.୧.୧୯୧୬ ସଂଖ୍ୟାରେ ମଧ ସଭାପତି ଅଭିଭାଷଣର କିୟଦଂଶ ଓ ପ୍ରସ୍ତାବାବଳୀ ପ୍ରକାଶିତ। ଏହି ପୁସ୍ତକରେ ପୁନଃମୁଦ୍ରିତ ଅଭ୍ୟର୍ଥନା ସମିତି ସଭାପତିଙ୍କ ଅଭିଭାଷଣ, ସଭାପତି ଅଭିଭାଷଣ ଓ ନିର୍ଦ୍ଧାରଣାବଳୀ 'ଉତ୍କଳ ସମ୍ମିଳନୀ' ତରଫରୁ ରାମନାରାୟଣ ମିଶ୍ରଙ୍କ ଦ୍ୱାରା ପ୍ରକାଶିତ ଓ ଫ୍ରେଜର ପ୍ରିଣ୍ଟିଂ ପବ୍ଲିଶିଂ କମ୍ପାନୀ, ସମ୍ବଲପୁରରେ ୧୯୧୬ ମସିହାରେ ମୁଦ୍ରିତ ସମ୍ମିଳନୀର 'ବିବରଣୀ' ପୁସ୍ତିକାରୁ ଗୃହୀତ । ଆବଶ୍ୟକ ସ୍ଥଳେ 'ଉତ୍କଳ ସେବକ'ରେ ପ୍ରକାଶିତ ପାଠର ସାହାଯ୍ୟ ନିଆଯାଉଛି । ଏଠାରେ ସୂଚନାଯୋଗ୍ୟ ଯେ ନିର୍ଦ୍ଧାରଣଗୁଡ଼ିକର ପ୍ରସ୍ତାବକ, ଅନୁମୋଦକ ଓ ସମର୍ଥକ ଭାବରେ ଯେଉଁମାନଙ୍କର ନାମ 'ଆଶା' ସମ୍ବାଦପତ୍ରରେ ପ୍ରକାଶିତ ତାହା 'ବିବରଣୀ'ରେ ବେଳେ ବେଳେ ପରିବର୍ତ୍ତିତ । ଦୃଷ୍ଟାନ୍ତ ସ୍ୱରୂପ ପ୍ରଥମ ନିର୍ଦ୍ଧାରଣର ଅନୁମୋଦକ ଓ ସମର୍ଥକ ଭାବରେ 'ଆଶା'ରେ ବ୍ରଜସୁନ୍ଦର ଦାସ ଓ ଗଣେଶ ମହାପାତ୍ରଙ୍କ ନାମ ଥିଲାବେଳେ 'ବିବରଣୀ' ପୁସ୍ତିକାରୁ ସେମାନଙ୍କ ନାମ ବାଦ ପଡିଛି । 'ଆଶା' ଅନୁସାରେ ଅନ୍ୟତମ ସମର୍ଥକ ଥିବା ବିହାରୀ ଦାସ ଅନୁମୋଦକ ହେଲାବେଳେ ସମର୍ଥକ ଭାବରେ କେବଳ ଅପର୍ଣ୍ଣା ପଣ୍ଡାଙ୍କ ନାମ 'ବିବରଣୀ' ପୁସ୍ତିକାରେ ରହିଛି । ସେହିଭଳି 'ଆଶା' ଅନୁସାରେ ଦ୍ୱିତୀୟ ନିର୍ଦ୍ଧାରଣର ଅନ୍ୟତମ ସମର୍ଥକ ହେଉଛନ୍ତି ପଣ୍ଡିତ ଗୋପବନ୍ଧୁ ଦାସ । କିନ୍ତୁ ସମ୍ମିଳନୀ ପୁସ୍ତିକାରୁ ତାଙ୍କର ନାମ ବାଦ ପଡିଛି । 'ଆଶା'ରେ ଅଷ୍ଟମ ନିର୍ଦ୍ଧାରଣର ଅନ୍ୟତମ ସମର୍ଥକ ବ୍ରଜାନନ୍ଦ ଦାସ ଓ ଦଶମ ନିର୍ଦ୍ଧାରଣର ଅନ୍ୟତମ ସମର୍ଥକ ଦେବେନ୍ଦ୍ର ନାଥ ଦାସ ଥିଲାବେଳେ 'ବିବରଣୀ' ପୁସ୍ତିକାରେ ସଂପୃକ୍ତ ନିର୍ଦ୍ଧାରଣଗୁଡ଼ିକରେ ସେମାନଙ୍କ ନାମ ଦେଖିବାକୁ ମିଳେ ନାହିଁ ।

**ଦ୍ୱାଦଶ ଅଧିବେଶନ :** ଉତ୍କଳ ସମ୍ମିଳନୀ ତରଫରୁ ପ୍ରକାଶିତ ଏହି ଅଧିବେଶନର ବିବରଣୀ ପୁସ୍ତିକା ଏହି ସଂପାଦକର ଦୃଷ୍ଟିକୁ ଆସିନାହିଁ । ତେଣୁ ବକ୍ଷ୍ୟମାଣ ପୁସ୍ତକରେ ସଂକଳିତ ଉପାଦାନ 'ବ୍ରହ୍ମପୁର'ରୁ ପ୍ରକାଶିତ 'ଆଶା' ଓ ବାଲେଶ୍ୱରରୁ ପ୍ରକାଶିତ 'ବାଲେଶ୍ୱର ସମ୍ବାଦବାହିକା'ରୁ ସଂଗୃହୀତ । ଅଭ୍ୟର୍ଥନା ସମିତି ସଭାପତିଙ୍କ ଅଭିଭାଷଣ ସଂଗ୍ରହ କରାଯାଇଛି 'ବାଲେଶ୍ୱର ସମ୍ବାଦବାହିକା'ର

ପଚାଶ ଭାଗ ପ୍ରଥମ ସଂଖ୍ୟା (୦୪.୧.୧୯୧୭)ରୁ । କାର୍ଯ୍ୟନିର୍ବାହିକା ସମିତି ସଂପାଦକଙ୍କ ବିବରଣୀ 'ଆଶା'ର ୦୫.୨.୧୯୧୭ ସଂଖ୍ୟାରୁ ଉଦ୍ଧୃତ । ସଭାପତି ଅଭିଭାଷଣ ଓ ନିର୍ଦ୍ଧାରଣ ସମୂହ 'ଆଶା'ର ୦୧.୧.୧୯୧୭ ଓ ୪.୧.୧୯୧୭ ସଂଖ୍ୟାରୁ ଗୃହୀତ । ଆବଶ୍ୟକ ସ୍ଥଳେ 'ବାଲେଶ୍ୱର ସମ୍ବାଦବାହିକା'ରେ ପ୍ରକାଶିତ ସଭାପତି ଅଭିଭାଷଣ ଓ ନିର୍ଦ୍ଧାରଣ ସମୂହର (୦୪.୧.୧୯୧୭, ୧୧.୧.୧୯୧୭ ଓ ୧୮.୧.୧୯୧୭ରେ ପ୍ରକାଶିତ) ସାହାଯ୍ୟ ନିଆଯାଇଛି ।

**ତ୍ରୟୋଦଶ ଅଧିବେଶନ :** ଏହି ଅଧିବେଶନର ବିବରଣୀ ଉତ୍କଳ ସମ୍ମିଳନୀର ସମ୍ପାଦକ ବ୍ରଜସୁନ୍ଦର ଦାସଙ୍କ ଦ୍ୱାରା ମୁକୁର ପ୍ରେସ, କଟକରେ ୧୯୧୯ରେ ମୁଦ୍ରିତ ହୋଇଥିଲା । ସଭାପତି ଅଭିଭାଷଣ ଓ ପ୍ରସ୍ତାବବଳୀ 'ବାଲେଶ୍ୱର ସମ୍ବାଦବାହିକା'ର ଏକାବନ ବର୍ଷ ଅଠର ଓ ଉଣେଇଶ ସଂଖ୍ୟା (୦୨.୫.୧୯୧୮ ଓ ୦୯.୫.୧୯୧୮) ଓ 'ଉତ୍କଳ ଦୀପିକା'ର ତେପନ ବର୍ଷ ସତର ଓ ଅଠର ସଂଖ୍ୟାରେ (୨୦.୪.୧୯୧୮ ଓ ୨୭.୪.୧୯୧୮) ପ୍ରକାଶିତ ହୋଇଥିଲା । ଏଠାରେ ଉଦ୍ଧୃତ ଉପାଦାନସକଳ ବିବରଣୀ ପୁସ୍ତିକାରୁ ଗୃହୀତ । ଅଳ୍ପ କେତେକ ସ୍ଥାନରେ 'ବାଲେଶ୍ୱର ସମ୍ବାଦବାହିକା' ଓ 'ଉତ୍କଳ ଦୀପିକା' ପାଠର ସାହାଯ୍ୟ ନିଆଯାଇଛି ।

**ବିଶେଷ ଅଧିବେଶନ :** ଏହି ଅଧିବେଶନର ସଭାପତି ଅଭିଭାଷଣ ଓ ପ୍ରସ୍ତାବାବଳୀ 'ଉତ୍କଳ ଦୀପିକା'ର ତେପନ ବର୍ଷ ଅଣଚାଳିଶ ଓ ଚାଳିଶ ସଂଖ୍ୟା (୨୮.୯.୧୯୧୮ ଓ ୫.୧୦.୧୯୧୮)ରେ ପ୍ରକାଶିତ ହୋଇଥିଲା । ଏହି ଉଭୟର ମୁଦ୍ରିତ ନକଲ ସହ 'ଉତ୍କଳ-ସମ୍ମିଳନୀ'ର ସମ୍ପାଦକ ବ୍ରଜସୁନ୍ଦର ଦାସ ଏକ ଆବେଦନପତ୍ର ତା୨୬.୯.୧୯୧୮ରିଖରେ ଭାରତ ସରକାରଙ୍କ ଘରୋଇ ସଚିବଙ୍କ ନିକଟକୁ ପଠାଇଥିଲେ । ବ୍ରଜସୁନ୍ଦର ଦାସଙ୍କ ଆବେଦନପତ୍ର ସହ ସଂଯୁକ୍ତ ସଭାପତି ଅଭିଭାଷଣ ଅସଂପୂର୍ଣ୍ଣ ଥିବା ମନେ ହୁଏ । ସଂପୃକ୍ତ ଆବେଦନପତ୍ରରେ ବ୍ରଜସୁନ୍ଦର ଲେଖିଥିଲେ :

> I have the honour to submit herewith advanced copies of the Presidential Address and the Resolutions passed at a *special sitting of the Utkal Union Conference* which met at Cuttack on the 21st and 22nd istant. It was attended by delegates from Orissa proper and other Oriya-speaking tracts under Provincial Administration.
>
> The Utkal Union Conference is a national institution of the Oriya people placed under several provincial ad-

ministrations. It meets every year and has been doing so far the last 14 years.

ଉପରୋକ୍ତ ନଥିରେ ସଂଯୁକ୍ତ ସଭାପତି ଅଭିଭାଷଣ ଅସଂପୂର୍ଣ୍ଣ ଥିବାରୁ ଓ ୧୯୧୮ ମସିହାର ଉପଲବ୍ଧ 'ଉତ୍କଳ ଦୀପିକା'ର ପୂର୍ବୋକ୍ତ ସଂଖ୍ୟାଗୁଡ଼ିକ କେତେକାଂଶରେ ନଷ୍ଟ ହୋଇଯାଇଥିବାରୁ ଏଠାରେ ମୁଦ୍ରିତ ସଭାପତି ଅଭିଭାଷଣ ମଧ୍ୟ ଖଣ୍ଡିତ ଓ କେତେକ ସ୍ଥାନରେ ପାଠ ମଧ୍ୟ ଅସ୍ପଷ୍ଟ।

**ଚତୁର୍ଦ୍ଦଶ ଅଧିବେଶନ :** ଏହି ଅଧିବେଶନର. ବିବରଣୀ ପୁସ୍ତିକା ହସ୍ତଗତ ନ ହେବାରୁ ବକ୍ଷ୍ୟମାଣ ପୁସ୍ତକରେ ପୁନଃମୁଦ୍ରିତ ଉପାଦାନ ବିଭିନ୍ନ ସୂତ୍ରରୁ ସଂଗ୍ରହ କରାଯାଇଛି। ସଭାପତି ଅଭିଭାଷଣ ସଂଗ୍ରହ କରାଯାଇଛି ଗୋପବନ୍ଧୁ ଦାସଙ୍କ ଦ୍ୱାରା ସଂପାଦିତ ମାସିକ ସାହିତ୍ୟପତ୍ର 'ସତ୍ୟବାଦୀ'ର ଚତୁର୍ଥ ଖଣ୍ଡ ଅଷ୍ଟମ-ନବମ-ଦଶମ-ଏକାଦଶ-ଦ୍ୱାଦଶ ମିଳିତ ସଂଖ୍ୟା(ବିଛା-ମୀନ, ୧୩୨୫-୨୬)ରୁ। ଏହି ଦୀର୍ଘ ଅଭିଭାଷଣ ମଧ୍ୟ ଆଶାର ଷଷ୍ଠ ବର୍ଷ ଚଉତିରିଶ ଓ ପଞ୍ଚତିରିଶ ସଂଖ୍ୟା (୨୧.୪.୧୯୧୯ ଓ ୨୮.୪.୧୯୧୯) ଓ ସମ୍ବଲପୁରରୁ ପ୍ରକାଶିତ 'ଉତ୍କଳ ସେବକ'ର ଷଷ୍ଠ ବର୍ଷ ସତେଇଶ, ଅଠେଇଶ ଓ ଅଣତିରିଶ ସଂଖ୍ୟା (୦୮.୫.୧୯୧୯, ୧୫.୫.୧୯୧୯ ଓ ୨୨.୫.୧୯୧୯)ରେ ପ୍ରକାଶିତ ହୋଇଥିଲା। ଆବଶ୍ୟକ ସ୍ଥଳେ 'ସତ୍ୟବାଦୀ'ରେ ପ୍ରକାଶିତ ସଭାପତି ଅଭିଭାଷଣର ପାଠକୁ ଏହି ସମ୍ବାଦପତ୍ରଦ୍ୱୟର ପାଠଦ୍ୱାରା ସଂଶୋଧନ କରାଯାଇଛି। ପ୍ରସ୍ତାବାବଳୀ ସଂଗ୍ରହ କରାଯାଇଛି 'ଉତ୍କଳ ସେବକ'ର ଷଷ୍ଠ ବର୍ଷ ଛବିଶ ସଂଖ୍ୟା (୦୧.୫.୧୯୧୯)ରୁ। 'ଉତ୍କଳ ସମ୍ମିଳନୀର ନିୟମାବଳୀ' 'ଆଶା' ସମ୍ବାଦପତ୍ରର ଷଷ୍ଠ ବର୍ଷ ବତିଶ ସଂଖ୍ୟା(୭.୪.୧୯୧୯)ରୁ ସଂଗୃହୀତ।

**ପଞ୍ଚଦଶ ଅଧିବେଶନ :** ଉତ୍କଳ ସମ୍ମିଳନୀଦ୍ୱାରା ପ୍ରକାଶିତ ଏହି ଅଧିବେଶନରେ ବିବରଣୀ ପୁସ୍ତିକା ସଂକଳିତ ଗ୍ରନ୍ଥର ସଂପାଦକର ଦୃଷ୍ଟିକୁ ଆସିନାହିଁ। ସଂପୃକ୍ତ ଅଧିବେଶନରେ ସଭାପତି ଅଭିଭାଷଣ ପ୍ରକାଶିତ ହୋଇଥିଲା 'ଆଶା' ସମ୍ବାଦପତ୍ରର ସପ୍ତମ ବର୍ଷ ଅଠର ଓ ଉଣେଇଶ ସଂଖ୍ୟା (୨୯.୧୨.୧୯୧୯ ଓ ୦୫.୧.୧୯୨୦)ରେ। ତାହା ମଧ୍ୟ ପ୍ରକାଶିତ ହୋଇଥିଲା 'ଉତ୍କଳ ସେବକ'ର ସପ୍ତମ ବର୍ଷ ନବମ ସଂଖ୍ୟା(୦୧.୧.୧୯୨୦)ରେ। ଏଠାରେ ପୁନଃମୁଦ୍ରିତ ସଭାପତି ଅଭିଭାଷଣ 'ଉତ୍କଳ ସେବକ'ରୁ ଗୃହୀତ। 'ଉତ୍କଳ ସେବକ'ର ଅଳ୍ପ କେତେକ ସ୍ଥାନ ନଷ୍ଟ ହୋଇଯାଇଥିବାରୁ 'ଆଶା'ରେ ପ୍ରକାଶିତ ପାଠର ସାହାଯ୍ୟ ସେହି ସ୍ଥାନରେ ନିଆଯାଇଛି। 'ପ୍ରସ୍ତାବାବଳୀ'ର ପାଠ ମଧ୍ୟ 'ଉତ୍କଳ ସେବକ'ରୁ ଗୃହୀତ ଓ ତାହା 'ଉତ୍କଳ ସେବକ'ର ସପ୍ତମ ବର୍ଷ ଦଶମ ସଂଖ୍ୟା (୦୮.୧.୧୯୨୦)ରେ ପ୍ରକାଶିତ ହୋଇଥିଲା।

**ଷୋଡଶ ଅଧିବେଶନ :** ଉତ୍କଳ ସମ୍ମିଳନୀ ଦ୍ୱାରା ଏହି ଅଧିବେଶନର ବିବରଣୀ ପ୍ରକାଶିତ ହୋଇଥିଲା କି ନାହିଁ, ତାହା କୌଣସି ସୂତ୍ରରୁ ଜଣାଯାଏ ନାହିଁ। ସଭାପତିଙ୍କ ଅଭିଭାଷଣ ପୂର୍ଣ୍ଣାଙ୍ଗରୂପରେ 'ଆଶା', 'ଉତ୍କଳ ସେବକ' ଓ 'ଉତ୍କଳ ଦୀପିକା' ଆଦି କୌଣସି ସମ୍ବାଦପତ୍ରରେ ପ୍ରକାଶିତ ହୋଇନଥିଲା। ଏଠାରେ ପୁନଃମୁଦ୍ରିତ 'ସଭାପତି ଅଭିଭାଷଣର କିୟଦଂଶ' ପ୍ରକାଶିତ ହୋଇଥିଲା 'ଆଶା' ସମ୍ବାଦପତ୍ରର ଅଷ୍ଟମ ବର୍ଷ ଉଣେଇଶ ସଂଖ୍ୟା (୩୦.୧.୧୯୨୧)ରେ। ପ୍ରସ୍ତାବାବଳୀ ସଂଗ୍ରହ କରାଯାଇଛି 'ଉତ୍କଳ ସେବକ'ର ଅଷ୍ଟମ ବର୍ଷ ଦଶମ ସଂଖ୍ୟା (୧୦.୧.୧୯୨୧)ରୁ। ଆବଶ୍ୟକ ସ୍ଥଳେ 'ଆଶା'ର ଅଷ୍ଟମ ବର୍ଷ ଷୋଡଶ ସଂଖ୍ୟା (୧୦.୧.୧୯୨୧)ରେ ପ୍ରକାଶିତ ସମ୍ମିଳନୀ ବିବରଣୀର ସାହାଯ୍ୟ ନିଆଯାଇଛି।

ପୁନଃମୁଦ୍ରଣ କଲାବେଳେ ଉପାଦାନଗୁଡ଼ିକର ମୌଳିକ ରୂପକୁ ଅକ୍ଷୁଣ୍ଣ ରଖିବାକୁ ଚେଷ୍ଟା କରାଯାଇଛି। ସେଇଥିପାଇଁ ବାକ୍ୟଗଠନ, ବନାନ ଆଦିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଅତ୍ୟାବଶ୍ୟକ ସ୍ଥଳେ ଯତି ଚିହ୍ନରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି କେବଳ। ଏଠାରେ ସଂଗୃହୀତ ଉପାଦାନଗୁଡ଼ିକ ଐତିହାସିକମାନଙ୍କୁ ଉତ୍କଳ-ସମ୍ମିଳନୀର ପ୍ରାମାଣିକ ଇତିହାସ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା ବୋଲି ଆଶା।

—